

ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍

Digitized by srujanika@gmail.com

ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ

Digitized by srujanika@gmail.com

ପଣ୍ଡିତ ମୃତ୍ୟୁଞ୍ଜୟ ରଥ

ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ

ପ୍ରଥମ ଖଣ୍ଡ

[illegible]

Digitized by srujanika@gmail.com

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର : କଟକ-୨

ପ୍ରଥମ ସଂସ୍କରଣ
ଶିବରାତ୍ରି-୧୯୭୧

ପ୍ରଚ୍ଛଦ
ଶ୍ରୀ ଅସିତ ମୁଖାର୍ଜୀ

ମୁଦ୍ରାକର
ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର
ପ୍ରସାଦ ପ୍ରେସ, କଟକ-୨

ମୂଲ୍ୟ
ବନ୍ଧାଇ : ପଞ୍ଚତିରିଶ ଟଙ୍କା
ଅବନ୍ଧା : ତିରିଶ ଟଙ୍କା

Mrutyunjaya Granthabali

Works of
Pandit Mrutyunjaya Rath

1st Edition, 1971

Publisher
Sri Anant Misra
Cuttack Students' Store
Balubazar, Cuttack-2

Printer
Sri Raghunath Prasad Misra
Prasad Press : Cuttack-2

Price
Bound Rs. 35/-
Unbound Rs. 30/-

Digitized by srujanika@gmail.com



ସ୍ୱର୍ଗତ ପଣ୍ଡିତ ମୃତ୍ୟୁଞ୍ଜୟ ରଥ

ଜନ୍ମ – ୧୮୮୨ ମସିହା　　　　ମୃତ୍ୟୁ—୧୯୨୪ ମସିହା

Digitized by srujanika@gmail.com

ମୁଖପଦ

ପଣ୍ଡିତ ମୃତ୍ୟୁଞ୍ଜୟ-ବାଣୀଭୂଷଣ ମୃତ୍ୟୁଞ୍ଜୟ ରଥ-କହିଲେ ଆଧୁନିକ ପାଠକମାନଙ୍କ ହୃଦୟରେ କେଉଁ ଆବେଗ, କେଉଁ ଭାବନା ସୃଷ୍ଟି ହୁଏ କେଜାଣି; କିନ୍ତୁ ଦିନେ 'ଶାରଳା ଚରିତ', 'ନାରୀ ଦର୍ପଣ', 'କର୍ମଯୋଗୀ ଗୌରୀ ଶଙ୍କର' ପ୍ରଭୃତି ଜୀବନୀର ଲେଖକ ମୃତ୍ୟୁଞ୍ଜୟଙ୍କ ନାମୋଚ୍ଚାରଣ ମାତ୍ରକେ ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଆଦର ଓ ଶ୍ରଦ୍ଧାର ଭାବନା ଉଦ୍ରେକ ହେଉଥିଲା । ଏହି ଗବେଷକଙ୍କ ପ୍ରବନ୍ଧଗୁଡ଼ିକୁ ନ ପଢ଼ିଲେ ଶିକ୍ଷା ଅସମ୍ପୂର୍ଣ୍ଣ ରହିଲା ବୋଲି ଲୋକେ ଭାବୁଥିଲେ । ଆଧୁନିକ ପାଠକମାନଙ୍କୁ ସେମାନଙ୍କର ପୂର୍ବ ସୂରିମାନଙ୍କ ସହିତ ପରିଚୟ କରାଇ ଦେବା, ପୁରାତନ କ୍ଲାସିକ୍‌ଗୁଡ଼ିକୁ ସହଜଲଭ୍ୟ କରିବା ଏବଂ ପୁରାତନ ଓ ନୂତନ ଲେଖକମାନଙ୍କ ମଧ୍ୟରେ ଯୋଗସୂତ୍ର ପ୍ରତିଷ୍ଠା ପାଇଁ, ଏହି ଅନୁଷ୍ଠାନ ପକ୍ଷରୁ ସତତ ଚେଷ୍ଟା କରା ଯାଇଛି । ପରମେଶ୍ୱରଙ୍କ କୃପାରୁ ଓଡ଼ିଆ ଭାଷା ଓ ସାହିତ୍ୟର ଅନ୍ୟତମ ମହାନ ସାଧକ ମୃତ୍ୟୁଞ୍ଜୟଙ୍କ ଲେଖାଗୁଡ଼ିକ ଆଜି ଗ୍ରନ୍ଥାବଳୀ ଆକାରରେ ପ୍ରକାଶିତ ହେଉଥିବାରୁ ମୁଁ ଆନନ୍ଦିତ ।

ମୋର ଶ୍ରଦ୍ଧେୟ ବନ୍ଧୁ ଅଧ୍ୟାପକ ଡକ୍ଟର ଗୋପାଳଚନ୍ଦ୍ର ମିଶ୍ର ଏହି ଗ୍ରନ୍ଥାବଳୀ ପ୍ରକାଶନ ନିମନ୍ତେ ବହୁ ଉପାଦାନ ସହିତ କେତେକ ପାଣ୍ଡୁଲିପି ଯୋଗାଇ ଦେଇଛନ୍ତି ଏବଂ ଉଦାର ହୃଦୟରେ ଶ୍ରମ ସ୍ୱୀକାର କରି ସ୍ୱର୍ଗତ ମୃତ୍ୟୁଞ୍ଜୟ ରଥଙ୍କ ସଂକ୍ଷିପ୍ତ ଜୀବନୀ ଲେଖିଛନ୍ତି । ଏଥିପାଇଁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦସହିତ ଆଶୀର୍ବାଦ ଦେଉଛି ।

ସ୍ୱର୍ଗତ ମୃତ୍ୟୁଞ୍ଜୟ ରଥଙ୍କର ସମସ୍ତ ଲେଖା ପତ୍ରପତ୍ରିକାରୁ ସଂଗ୍ରହ କରିବା ନିମନ୍ତେ ବହୁ ଚେଷ୍ଟା କରି ମଧ୍ୟ ଅଧିକାଂଶ ଆମର ହସ୍ତଗତ ହୋଇ ପାରିଲା ନାହିଁ । ମୁକୁର ପତ୍ରିକାରେ ଟିପ୍‌ପଣୀ ଇତ୍ୟାଦି ଲେଖାଗୁଡ଼ିକର ପୂର୍ବ ଲେଖା ନ ମିଳିଲେ ମଧ୍ୟ ଯାହା ମିଳିଲା, ସେତକ କେତେକ ପ୍ରବନ୍ଧ ସହିତ ପରିଶିଷ୍ଟରେ ସନ୍ନିବେଶିତ ହୋଇଛି; କିନ୍ତୁ ଆଉ କେତେକ ପ୍ରବନ୍ଧ କେବଳ ଆଂଶିକ ଭାବରେ ଆମର ହସ୍ତଗତ ହୋଇଥିବାରୁ ସେଗୁଡ଼ିକ ଏଥିରେ ଦେବା ସମୀଚୀନ ମନେ କଲୁ ନାହିଁ । ଭବିଷ୍ୟତରେ ଅନ୍ୟାନ୍ୟ ଲେଖାଗୁଡ଼ିକ ପାଇଲେ ଗ୍ରନ୍ଥାବଳୀର ଦ୍ୱିତୀୟ ଖଣ୍ଡରେ ସେ ସବୁ ଲେଖା ପ୍ରକାଶ କରିବା ପାଇଁ ମନସ୍ଥ କରିଛୁ ।

ସ୍ୱର୍ଗତ ପଣ୍ଡିତଙ୍କର ପୁତ୍ର ଶ୍ରୀ ଭୋଳାନାଥ ରଥ ଆମ ସହିତ ସହଯୋଗ କରି ପୁସ୍ତକ ଇତ୍ୟାଦି ଯୋଗାଇ ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି ।

ପରିଶେଷରେ, ଯେଉଁ ବନ୍ଧୁ ଓ ହିତୈଷୀଗଣ ଏହି ଗ୍ରନ୍ଥାବଳୀ ପ୍ରକାଶନପାଇଁ ଆମକୁ ଅକୁଣ୍ଠିତ ସାହାଯ୍ୟ କରିଛନ୍ତି—ସେମାନଙ୍କୁ ଏହି ଅବସରରେ ଧନ୍ୟବାଦ ଦେଉଛି ।

କଟକ : ଶିବରାତ୍ରି
ତା ୨୩।୨।୧୯୭୧

ଅନନ୍ତ ମିଶ୍ର

Digitized by srujanika@gmail.com

ସୂଚୀ

ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ସଂକ୍ଷିପ୍ତ ଜୀବନୀ ୧
ନରକ ୨୭
ରସାବଳୀ ୪୫

ରାଜାରାଣୀ (୪୭), ରସାବଳୀ (୪୭), ମୁଁ କଏ (୪୮), ଲୁଣ (୪୮), ଲୁନ (୪୯), ବେଙ୍ଗରଜା (୪୯), ଫୁଲ (୫୦), ବଲୁଆ ରଜା (୫୦), କାକମୁକୁଟ (୫୧), ଖଣ୍ଡଖିର (୫୧) ମଶା ଓ ମହୁମାଛି (୫୨), ମୁଁ ହେବ (୫୩)

କୁମାର ସମ୍ଭବ ୫୫
ବଜ୍ରମୋବଂଶୀ ୯୭
ମୁଦ୍ରାରାକ୍ଷସ ୧୩୭
ଶାରଳା ଚରିତ ୧୯୧
ନାରୀ ଦର୍ପଣ (ପ୍ରଥମ ଖଣ୍ଡ) ୨୩୯

ସାବିତ୍ରୀ (୨୪୩), ସୀତା (୨୫୧), ଶୈବ୍ୟା (୨୫୮), ସୁକନ୍ୟା (୨୬୨), ମୈତ୍ରେୟୀ (୨୬୪), ମାଳତୀ (୨୬୭), ଖନା (୨୬୯), ପଦ୍ମିନୀ (୨୭୧), କର୍ମଦେବୀ (୨୭୫), ପାନ୍ନା (୨୭୮), ରାଣୀ ଶୁକଦେଈ (୨୮୦), ମହାରାଣୀ ସ୍ୱର୍ଣ୍ଣମୟୀ (୨୮୬), ସୁଲକ୍ଷଣା (୨୮୯)

ନାରୀ ଦର୍ପଣ (ଦ୍ୱିତୀୟ ଖଣ୍ଡ) ୨୯୧

ଦମୟନ୍ତୀ (୨୯୩), ଚନ୍ଦ୍ରା ଓ ଭଦ୍ରା (୩୦୨), ଗାନ୍ଧାରୀ (୩୧୦), ଗାର୍ଗୀ (୩୧୫), ଲୀଳାବତୀ (୩୧୮), ସଂଯୁକ୍ତା (୩୨୦), କୃଷ୍ଣକୁମାରୀ (୩୨୩), ରାଣୀ ଦୁର୍ଗାବତୀ (୩୨୬), ମାଧବୀ (୩୨୮), ରାଣୀ ଅହଲ୍ୟାବାଈ (୩୩୦), ସରସ୍ୱତୀ (୩୩୪), ନାରୀ-ଧର୍ମ (୩୩୬),

Digitized by srujanika@gmail.com

କର୍ମଯୋଗୀ ଗୌରୀଶଙ୍କର ୩୪୩

ଜନ୍ମ-ବଂଶ ପରିଚୟ ଓ ବାଲ୍ୟ ଶିକ୍ଷା (୩୪୭),ସ୍କୁଲଶିକ୍ଷା (୩୪୯),ରାଜକାର୍ଯ୍ୟ (୩୫୧), ଓଡ଼ିଆଭାଷା ଏବଂ ସାହିତ୍ୟ ଚର୍ଚ୍ଚା (୩୫୪), କଟକ ପ୍ରିଣ୍ଟିଂ କମ୍ପାନୀ (୩୫୬), 'ଦୀପିକା' ଏବଂ ଦେଶସେବା (୩୬୦), ଉତ୍କଳ ଭାଷାର ସ୍ୱତ୍ୱରକ୍ଷା (୩୬୪), ପାଠ୍ୟପୁସ୍ତକ ନିର୍ବାଚନ (୩୮୧), ଉତ୍କଳ ସଭା (୩୮୫), ସଙ୍ଗୀତ ଚର୍ଚ୍ଚା (୩୮୯), ଗାର୍ହସ୍ଥ୍ୟ ଜୀବନ ଏବଂ ଦାନକୀର୍ତ୍ତି (୩୯୧), ବ୍ରହ୍ମୋପାସନା ଓ ସମାଜ ସଂସ୍କାର (୩୯୪), ନାନା କଥା (୩୯୬), ଶେଷଜୀବନ ଓ ମୃତ୍ୟୁ (୩୯୯), କୀର୍ତ୍ତିର୍ଯସ୍ୟ ସ ଜୀବତି(୪୦୧),

ଉତ୍କଳ ପତ୍ରିକା : ଊନବିଂଶ ଶତାବ୍ଦୀ ୪୦୩

ଉତ୍କଳ ଦୀପିକା (୪୦୬), ସମ୍ବାଦ ବାହିକା (୪୦୮), ଉତ୍କଳ ହିତୈଷିଣୀ (୪୦୮), ଉତ୍କଳ ଦର୍ପଣ (୪୦୯),ଉତ୍କଳ ପୁତ୍ର (୪୦୯), ସ୍ୱଦେଶୀ (୪୧୦), ଶିକ୍ଷକ (୪୧୦), ଧର୍ମବୋଧିନୀ (୪୧୦), ସ୍ୱଦେଶୀ (୪୧୦), ଉତ୍କଳ ମଧୁପ (୪୧୦), ଓଡ଼ିଆ ଗେଜେଟ୍ (୪୧୦), ମୟୂର ଭଞ୍ଜ (୪୧୦), କୋହିନୂର (୪୧୧), ପୁରୁଷୋତ୍ତମ ଦୀପିକା (୪୧୧), ପୁରୁଷୋତ୍ତମ ପତ୍ରିକା (୪୧୧), ପ୍ରଜାବନ୍ଧୁ (୪୧୧), ସେବକ (୪୧୧), ସଂସ୍କାରକ (୪୧୧), ଧୂମକେତୁ (୪୧୨),ତାରକା (୪୧୨),ପ୍ରଦୀପ (୪୧୨), ଶିକ୍ଷାବନ୍ଧୁ (୪୧୨),ନବସମ୍ବାଦ (୪୧୩), ଓଡ଼ିଆ (୪୧୩), ସାମ୍ୟବାଦୀ (୪୧୪), ବ୍ୟବସାୟୀ (୪୧୪), Orissa Students (୪୧୪), Orissa Patriot (୪୧୪), ଆଶା (୪୧୪), ସମାଲୋଚନା (୪୧୫), ଦୀପକ (୪୧୫), ସମ୍ବଲପୁର ହିତୈଷିଣୀ (୪୧୫), ଉତ୍କଳପ୍ରଭା (୪୧୬), ଇନ୍ଦ୍ରଧନୁ (୪୧୬), ବିଜୁଳି (୪୧୮), ବ୍ରାହ୍ମ (୪୧୮), ଉତ୍କଳ ଶିକ୍ଷକ (୪୧୮), ଉତ୍କଳବନ୍ଧୁ (୪୧୯), ପ୍ରଭାତୀ ତାରା (୪୧୯), Ganjam News (୪୧୯), ଉତ୍କଳ ସାହିତ୍ୟ (୪୧୯), ଗଞ୍ଜାମ ଓଡ଼ିଆ ହିତବାଦିନୀ (୪୨୦), ଆଲୋଚନା (୪୨୦),

ପ୍ରବନ୍ଧ ପାଠ ୪୨୩

ବିଦ୍ୟା (୪୨୭), ମୁଦ୍ରାଯନ୍ତ୍ର (୪୨୯), ପ୍ରତାପ ସିଂହ (୪୩୪), ଲୋକ-ଚରିତ (୪୪୨), ଉଇଲିୟମ୍ ହଣ୍ଟର (୪୪୩), ଘଟୀଯନ୍ତ୍ର (୪୪୬), ଅଭ୍ୟାସ (୪୫୨), ଏଲିଫାଣ୍ଟା ବା ଗଜଦ୍ୱୀପ (୪୫୪), ସର୍ ଉଇଲିୟମ୍

Digitized by srujanika@gmail.com

ଜୋନ୍ସ୍ (୪୫୭), ଆଡ଼ମ୍ବର (୪୬୦), ଭୂମିକମ୍ପ (୪୬୨), ରାଣୀ ଅହଲ୍ୟାବାଈ (୪୬୪), ଆଲୋକ ସହିତ ଉଦ୍ଭିଦର ସମ୍ବନ୍ଧ (୪୬୭), ସ୍ୱାସ୍ଥ୍ୟରକ୍ଷା (୪୭୦), ଶଙ୍କରାଚାର୍ଯ୍ୟ (୪୭୪), ମାନସ ହ୍ରଦ (୪୮୦), ଭାଷା ରହସ୍ୟ (୪୮୨), ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର (୪୮୬), ମୃତ୍ୟୁ-ଚିନ୍ତା (୪୯୩), ତୃଷ୍ଣା (୪୯୭), ମଙ୍ଗଳ (୪୯୯), ସନ୍ତୋଷ (୫୦୨),

ଅଦ୍ଭୁତ ପରିଣାମ ୫୦୫

ପାଦ୍ରି ସାହେବ (୫୦୯), ଶୀତଳପୁର ଗ୍ରାମ (୫୧୧), ପାଦ୍ରିସାହେବଙ୍କ କୋଠି (୫୧୪), କଟକ ପିଠିନ ସାହ୍ୱ (୫୧୬), କାଠଯୋଡ଼ୀ ବନ୍ଧ-ସନ୍ଧ୍ୟା (୫୧୮), କଟକ ପିଠିନ ସାହ୍ୱ-ଗଳି (୫୨୦), ଅଦାଲତ କଚେରୀ-ବିଗ୍ରହ (୫୨୨), ମହାନଦୀ କୂଳ-ମନ୍ତ୍ରଣା (୫୨୬), ଗୀର୍ଜାଘର ବିବାହ (୫୨୭), ପ୍ରବାସ (୫୩୦), ସିଦ୍ଧାନ୍ତ (୫୩୨), ସମୁଦ୍ରକୂଳ-ପ୍ରତିହିଂସା (୫୩୩), ଶେଷଫଳ (୫୩୫),

ପରିଶିଷ୍ଟ ୫୩୭

ଜଗନ୍ନାଥ ଶିଳାଲିପି (୫୩୯), ଲୀଳାବତୀ (୫୪୨), ପୁରାତନ ପୋଥି (୫୪୩) ଟିପ୍ପଣୀ (୫୪୫), ଟିପ୍ପଣୀ (୫୫୦), ଟିପ୍ପଣୀ (୫୫୫), ଟିପ୍ପଣୀ (୫୫୮), ଟିପ୍ପଣୀ (୫୬୩), ଅରକ୍ଷିତ ଓ ମହାମଣ୍ଡଳ ଗୀତା (୫୬୭)

Digitized by srujanika@gmail.com

ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ

ସଂକ୍ଷିପ୍ତ ଜୀବନୀ

ଓଡ଼ିଶାର ପୁରୀଜିଲ୍ଲାର ମାନଚିତ୍ରରେ ଭାର୍ଗବୀ ନଦୀର ବକ୍ର କୁଟିଳ ଧାରା ସର୍ବପ୍ରଥମେ ପଥିକର ଦୃଷ୍ଟି ଆକର୍ଷଣ କରିଥାଏ । ସେହି ନଦୀର ଦୁଇ ତଟଦେଶରେ ଦିଗନ୍ତବିସ୍ତୃତ ଟୋଲଙ୍ଗ ବନ, ଆମ୍ରକୁଞ୍ଜର ସ୍ନିଗ୍ଧ ଛାୟା, ତାଳ ନାରିକେଳ ବୃକ୍ଷର ପ୍ରସାର, ଭାର୍ଗବୀ ନଦୀର ବନ୍ୟା ପ୍ଲାବନ, ସତେ ଅବା ପୁରୀ ଜିଲ୍ଲାର ପଲ୍ଲୀ ଗ୍ରାମର ଅପୂର୍ବ ପ୍ରତିନିଧି ସ୍ଥାନୀୟ ଶୋଭାସମ୍ଭାର । ସେହି ଭାର୍ଗବୀ ନଦୀର ପୂର୍ବପାର୍ଶ୍ୱ ନଦୀବନ୍ଧ ନିକଟରେ ଗ୍ରାମଦେବତା ନାରାୟଣୀଙ୍କର ବିଜେ ଆସ୍ଥାନ । ଓଡ଼ିଶାର ପଲ୍ଲୀ ଗ୍ରାମର କାବ୍ୟ ଚର୍ଚ୍ଚାଗତ ପରମ୍ପରା ବଜାୟ ରଖି ସେହି ଗ୍ରାମରେ ପ୍ରତି ବର୍ଷ ପାଲା ଅନୁଷ୍ଠିତ ହୋଇଥାଏ । ପ୍ରାଚୀନ ଓଡ଼ିଶାର ସାହିତ୍ୟ ଓ ସଙ୍ଗୀତର ପରମ୍ପରା ଏହି ପାଲା ମାଧ୍ୟମରେ ହିଁ ଏପର୍ଯ୍ୟନ୍ତ ରହି ଆସିଛି । ବିଶେଷତଃ ବ୍ରାହ୍ମଣ ଶାସନମାନଙ୍କରେ ପ୍ରାଚୀନ କାବ୍ୟ, ସଂସ୍କୃତଶାସ୍ତ୍ର ଓ ରାଗରାଗିଣୀର କମ୍ ଚର୍ଚ୍ଚା ହୁଏ ନାହିଁ । ସେହି ପରମ୍ପରା ଓଡ଼ିଆ ଭାଷା ଓ ସାହିତ୍ୟକୁ ବହୁକାଳରୁ ପରିପୁଷ୍ଟ କରିଆସିଅଛି । ଗ୍ରାମ୍ୟ ଚତୁଃଷ୍ପାଠୀର ଶାସ୍ତ୍ର ଚର୍ଚ୍ଚା ଓ ପ୍ରଭାବ ଓଡ଼ିଶାର ସାଂସ୍କୃତିକ ଇତିହାସର ଏକ ପ୍ରଧାନ ଅଧ୍ୟାୟ ।

ସେହି ଗ୍ରାମର ନାମ ଦକ୍ଷିଣରାଜସ । ଗଜପତି ରାଜାମାନଙ୍କର କୌଣସି ଦାନପତ୍ରରେ ଏହି ଗ୍ରାମର ନାମୋଲ୍ଲେଖ ଦେଖାଯାଏ ।

ସେହି ଗ୍ରାମର ଅଧିବାସୀ ଆତ୍ରେୟ ଗୋତ୍ରୀ ବ୍ରାହ୍ମଣ ଦାମୋଦର ରଥଙ୍କ ପୁତ୍ର ହେଉଛନ୍ତି ମୃତ୍ୟୁଞ୍ଜୟ ରଥ । ତାଙ୍କର ମାତାଙ୍କର ନାମ କମଳା ଦେବୀ । ୧୮୮୨ ମସିହା, ମେ ମାସ ୧୪ ତାରିଖ, ସୋମବାର ଦିନ ମୃତ୍ୟୁଞ୍ଜୟଙ୍କର ଜନ୍ମ । ପିତାମାତାଙ୍କର ଜ୍ୟେଷ୍ଠପୁତ୍ର ହୋଇଥିବାରୁ ତାଙ୍କ ପକ୍ଷରେ ପରିବାରର ସମସ୍ତ ସ୍ନେହ ଶ୍ରଦ୍ଧା ଲାଭ କରିବାର ସୌଭାଗ୍ୟ ଘଟିଥିଲା ।

ସେହି ସମୟରେ ଓଡ଼ିଶାରେ ଶିକ୍ଷାପ୍ରସାର ବିଶେଷ ହୋଇ ନଥିଲା । ବିଶେଷତଃ ଆଜିକାଲି ପରି ପ୍ରତ୍ୟେକ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ କିମ୍ବା ଉଚ୍ଚ ବିଦ୍ୟାଳୟ ନଥିଲା । କ୍ରମପ୍ରସାରଣଶୀଳ ଶିକ୍ଷାର ସଙ୍କେତ ସ୍ୱରୂପ ଦକ୍ଷିଣ ରାଜସ ଗ୍ରାମରେ ସେହି ସମୟରେ ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଗ୍ରାମର ପଣ୍ଡିତ ନୀଳକଣ୍ଠ ରଥ ମୃତ୍ୟୁଞ୍ଜୟଙ୍କୁ ବାଲ୍ୟଶିକ୍ଷାର ପ୍ରଥମ ତାଲିମ ଦେଇଥିଲେ; ଅର୍ଥାତ୍ ସିଦ୍ଧିରସ୍ତୁ ପ୍ରଦାନ କରିଥିଲେ । ଶିଶୁବୟସରେ ମୃତ୍ୟୁଞ୍ଜୟଙ୍କର ପଢ଼ାପଢ଼ିପ୍ରତି ବିଶେଷ ଆଗ୍ରହ ପ୍ରକାଶ ପାଇଥିଲା । ଭକ୍ତକବି ମଧୁସୂଦନ ରାଓଙ୍କର ବହୁପଠିତ ଲୋକପ୍ରିୟ 'ବର୍ଣ୍ଣବୋଧ' ସେତେ-ବେଳେ ଶିଶୁଶ୍ରେଣୀମାନଙ୍କରେ ବିଶେଷ ପ୍ରଚଳିତ ଥିଲା । ମୃତ୍ୟୁଞ୍ଜୟ ସେହି 'ବର୍ଣ୍ଣବୋଧ' ପଢ଼ି ପରୀକ୍ଷା ଦେଇ ଛାତ୍ରମାନଙ୍କ ମଧ୍ୟରେ ଶୀର୍ଷସ୍ଥାନ ଅଧିକାର କରିଥିଲେ । ଏହି ଘଟଣା ଯୋଗୁଁ ସେ ଶିକ୍ଷକମାନଙ୍କର ଦୃଷ୍ଟି

Digitized by srujanika@gmail.com

ଆକର୍ଷଣ କରି ପାରିଥିଲେ । ତୃତୀୟ ଶ୍ରେଣୀ ଓ ପଞ୍ଚମ ଶ୍ରେଣୀ ସାଧାରଣ ପରୀକ୍ଷାମାନଙ୍କରେ ମୃତ୍ୟୁଞ୍ଜୟ କୃତିତ୍ୱ ସହ ବୃତ୍ତିଲାଭ କରିଥିବାର ଜଣାଯାଏ ।

ମୃତ୍ୟୁଞ୍ଜୟଙ୍କ ବାଲ୍ୟଶିକ୍ଷା ଜୀବନର ଦ୍ୱିତୀୟ ପର୍ଯ୍ୟାୟ ହେଉଛି, ରୂପଦେଇପୁର ଶାସନ ଗ୍ରାମ ମିଡ଼ିଲ ଭର୍ଣ୍ଣାକୁଲର ସ୍କୁଲରେ ତାଙ୍କର ଅଧ୍ୟୟନ । ରୂପଦେଇପୁର ଶାସନ ଗ୍ରାମରେ ମୃତ୍ୟୁଞ୍ଜୟଙ୍କ ମାତୁଳାଳୟ । ସେହି ଠାରେ ମୃତ୍ୟୁଞ୍ଜୟ ଦୁଇବର୍ଷ କାଳ ଅଧ୍ୟୟନ କରିଥିଲେ । ସେଠାରେ ଅଧ୍ୟୟନ କାଳରେ ସୁଆଣ୍ଡୋବାସୀ ଗୋପବନ୍ଧୁ ଦାସଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ଉପରୋକ୍ତ ବିଦ୍ୟାଳୟରେ ମଧ୍ୟ ଗୋପବନ୍ଧୁ ଅଧ୍ୟୟନ କରିଥିଲେ । ସେହି ସମୟରେ ମୃତ୍ୟୁଞ୍ଜୟଙ୍କ ବୟସ ମାତ୍ର ତେର ବର୍ଷ । ମିଡ଼ିଲ ଭର୍ଣ୍ଣାକୁଲର ପାଠ ପରେ ମୃତ୍ୟୁଞ୍ଜୟଙ୍କ ଜୀବନରେ ଶିକ୍ଷାଲାଭର ଆଭିମୁଖ୍ୟ ପରିବର୍ତ୍ତିତ ହୋଇଯାଇଥିଲା । କାରଣ ଏହି ସମୟରେ ପରିବାରର ଆର୍ଥିକ ଦୁଃସ୍ଥିତି ତାଙ୍କର ଭବିଷ୍ୟତ ଶିକ୍ଷାଲାଭ ପଥରେ ପ୍ରଧାନ ପ୍ରତିବନ୍ଧକ ଭାବରେ ଠିଆ ହୋଇଥିଲା । ଆଉ ମଧ୍ୟ ସେତେବେଳେ କେବଳ ସହର ଏବଂ ଜିଲ୍ଲା ମହକୁମାମାନଙ୍କରେ ସ୍ୱଳ୍ପସଂଖ୍ୟକ ଇଂରେଜୀ ସ୍କୁଲ ଗଢ଼ିଉଠିଥିଲା ।

ନିୟତିର ନିର୍ଦ୍ଦେଶ ହେଉ, ଅଥବା ପରିସ୍ଥିତିର କୃପାରେ ହେଉ, ମୃତ୍ୟୁଞ୍ଜୟ ୧୮୯୫ ମସିହାରେ ବୃତ୍ତି ସହିତ ମିଡ଼ିଲ ଭର୍ଣ୍ଣାକୁଲର ପାଶ୍ କରିବା ପରେ କଟକ ଯାତ୍ରା କରିଥିଲେ । ଏହି ପରୀକ୍ଷାରେ ମୃତ୍ୟୁଞ୍ଜୟଙ୍କର ବୃତ୍ତିଲାଭ ସମ୍ବାଦ ଦକ୍ଷିଣରାଜସରେ ଏବଂ ଆଖ ପାଖ ଗ୍ରାମରେ ଗୋଟିଏ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଗ୍ରାମବାସୀମାନେ ନିଜନିଜ ମଧ୍ୟରେ କଥାବାର୍ତ୍ତା ହେଉଥିଲେ, "ଏହି ପିଲାଟିର ବାପା ମା ଧନ୍ୟ; କାରଣ ମଫସଲ ଅଞ୍ଚଳରେ ଏ ପିଲାଟି ଗୋଟିଏ ରତ୍ନ ।"

"ଶ୍ରେୟାଂସି ବହୁ ବିଘ୍ନାନି" ନ୍ୟାୟରେ କୌଣସି କାର୍ଯ୍ୟ କରିବାକୁ ମନ ଥିଲେ ଅନେକ ସମୟରେ ଦାରିଦ୍ର୍ୟ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ମୃତ୍ୟୁଞ୍ଜୟଙ୍କ ଜୀବନରେ ତାହାହିଁ ଘଟିଥିଲା । ସେ ଯେତେବେଳେ କୌଣସି ସହରରେ ରହି ଉଚ୍ଚଶିକ୍ଷା ଲାଭ କରିବାକୁ ପ୍ରସ୍ତାବ ଦେଇଥିଲେ, ସେତେବେଳେ ତାଙ୍କ ବାପ ମା'ଙ୍କ ତରଫରୁ ପ୍ରଥମେ ଆପତ୍ତି ହୋଇଥିଲା । ବହୁତ ଯୁକ୍ତିତର୍କ ପରେ କଟକ ଯାଇ ପଢ଼ିବାର ସ୍ଥିର ହୋଇଥିଲା । ସେତେବେଳେ ମଫସଲ ଗ୍ରାମବାସୀଙ୍କ ମଧ୍ୟରେ ଜ୍ୟୋତିଷଶାସ୍ତ୍ରର କମ୍ ପ୍ରଚଳନ ନଥିଲା । ପୁଣି ମୃତ୍ୟୁଞ୍ଜୟଙ୍କର ପିତାମାତା ମଧ୍ୟ ଏହି ପାରମ୍ପରିକ ବିଦ୍ୟାରେ ବିଶ୍ୱାସ କରୁଥିଲେ । ତେଣୁ ମୃତ୍ୟୁଞ୍ଜୟଙ୍କର କଟକ ଯାତ୍ରାପାଇଁ ଶୁଭଦିନ ଗଣନା କରାଯାଇଥିଲା ।

ମୃତ୍ୟୁଞ୍ଜୟଙ୍କର ରାଶି ନକ୍ଷତ୍ରକୁ ଧରି ପାଞ୍ଜି ସାହାଯ୍ୟରେ ଗଣନା କରାଯାଇଥିଲା । ଅଶ୍ୱିନୀ ମେଷ-ରାଶିକୁ ବୁଧବାର ଭୋର ବ୍ରାହ୍ମ ମୁହୂର୍ତ୍ତ, ପୃଷ୍ଟଯୋଗିନୀ, ଅମୃତ ବେଳା । ମା' ନାରାୟଣୀଙ୍କ କରୁଣାରୁ କଟକଯାତ୍ରା ତିଥି ଏହିପରି ଭାବରେ ସ୍ଥିର ହୋଇଥିଲା ।

ଊନବିଂଶ ଶତାବ୍ଦୀର ଶେଷପାଦରେ ଓଡ଼ିଶାର ରାସ୍ତାଘାଟ ସେତେ ସୁବିଧାଜନକ ନଥିଲା, ଯାନ ବାହନର ବ୍ୟବସ୍ଥା ତ ଦୂରର କଥା । ସେତେବେଳେ ପାଲିଙ୍କି, ସବାରି ବଳଦଗାଡ଼ି, ଏହାହିଁ ଥିଲା ମୁଖ୍ୟ ଯାନବାହନ । ଗ୍ରାମମାନଙ୍କରେ ଭାରୁଆମାନେ ଦୂରଦେଶକୁ ଯିବା-ଆସିବାରେ ଖୁବ୍ ସାହାଯ୍ୟ କରୁଥିଲେ ।

ଫଳରେ ଊନବିଂଶ ଶତାବ୍ଦୀର ଶେଷ ପାଦରେ ଓଡ଼ିଶାରେ ରେଳରାସ୍ତା ନିର୍ମାଣ ପାଇଁ ପ୍ରବଳ ଆନ୍ଦୋଳନ ଦେଖା ଦେଇଥିଲା । ଗମନାଗମନର ବିଶେଷ ଅସୁବିଧା ଯୋଗୁ ଇଂରେଜ ଶାସନରେ ପ୍ରଥମରୁ ବହୁଦିନ ଧରି ଓଡ଼ିଶାରେ କୌଣସି ଉନ୍ନତିକର କାର୍ଯ୍ୟ ସମ୍ଭବ ହୋଇ ନଥିଲା । ଓଡ଼ିଶାରେ ୧୮୬୬ 'ନଅଙ୍କ' ଦୁର୍ଭିକ୍ଷ ହେବା ମୂଳରେ ଏହି ଯାନବାହନର ଅଭାବ ହିଁ ଥିଲା ଅନ୍ୟତମ କାରଣ । ଏହି ସମ୍ପର୍କରେ ଦୁର୍ଭିକ୍ଷ କମିଶନରଙ୍କ ମତାମତ

Digitized by srujanika@gmail.com

ଅନୁସନ୍ଧେୟ । ବାଲେଶ୍ୱରରେ ବୈକୁଣ୍ଠ ନାଥ ଦେଙ୍କ ସମ୍ପାଦକତ୍ୱରେ ଯେଉଁ ରେଳବାଇ କମିଟି ଗଠନ ହୋଇଥିଲା, ତାର ଏକମାତ୍ର ଦାୟିତ୍ୱ ଥିଲା ଓଡ଼ିଶାରେ ରେଳରାସ୍ତା ନିର୍ମାଣ କରିବାର ପ୍ରସ୍ତାବକୁ ତ୍ୱରାନ୍ୱିତ କରିବା । ଉତ୍କଳ ଦୀପିକା, ସମ୍ବାଦବାହିକା ପ୍ରଭୃତି ଉତ୍କଳୀୟ ପତ୍ରପତ୍ରିକାମାନେ ସେତେବେଳେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇଥିଲେ । ୧୮୮୩ ମସିହା ଆରମ୍ଭରୁ ଓଡ଼ିଶାରେ ରେଳରାସ୍ତା ନିର୍ମାଣ ଉଦ୍ଦେଶ୍ୟରେ ଜଗନ୍ନାଥ ସଡ଼କର ଉଭୟ ପାର୍ଶ୍ୱରେ ସର୍ଭେ କାର୍ଯ୍ୟମାନ ଚାଲିଥିଲା । ୧୮୯୧-୯୨ ମସିହା ବେଳକୁ ଓଡ଼ିଶାରେ ସର୍ଭେ କାର୍ଯ୍ୟମାନ ଆରମ୍ଭ ହୋଇସାରିଥିଲା । ମହାନଦୀ ଓ କାଠଯୋଡ଼ିକୁ ସଂଯୋଗ କରି ନୂତନ ରେଳ ପୋଲ ନିର୍ମିତ ହେବାର ନକ୍ସା ପ୍ରସ୍ତୁତ ହୋଇଥିଲା । କ୍ରମେ କ୍ରମେ ଓଡ଼ିଶାରେ ରେଳ ଚଳାଚଳ ଆରମ୍ଭ କରାଗଲା । ଜଟଣୀରୁ ପୁରୀ, କାଡ଼ଙ୍ଗରୁ କଟକ, କଟକରୁ କଲିକତା ଏହିପରି "ଇଷ୍ଟକୋଷ୍ଟ ରେଳଲାଇନ୍" ପୁରାରେ ଖୋଲୁହେଲା । ଏହି ରେଳରାସ୍ତା ଓ ରେଳଚଳାଚଳ ସହିତ ଊନବିଂଶ ଶତାବ୍ଦୀରେ ଓଡ଼ିଶାର ବୈଷୟିକ ଉନ୍ନତି ବହୁ ପରିମାଣରେ ଜଡ଼ିତ ହୋଇଥିଲା ।

କଟକ ଟ୍ରେନିଂସ୍କୁଲର ପ୍ରାଥମିକ ରୂପ ହେଉଛି ନର୍ମାଲ କ୍ଲାସ । ତାହା ୧୮୬୯ ମସିହାରେ ଆରମ୍ଭ ହୋଇଥିଲା । ୧୮୭୦ ମସିହା ବେଳକୁ କଟକର ନର୍ମାଲ କ୍ଲାସ ନର୍ମାଲ ସ୍କୁଲରେ ପରିଣତ ହୋଇ ଦୁଇ ଭାଗରେ ବିଭକ୍ତ ହୋଇଥିଲା । ପ୍ରଥମ ଭାଗ ହୋଇଥିଲା ଗୁରୁ ଟ୍ରେନିଂ କ୍ଲାସ ଏବଂ ଦ୍ୱିତୀୟ ଭାଗ ହୋଇଥିଲା ପଣ୍ଡିତ ଟ୍ରେନିଂକ୍ଲାସ । ଏହି ସବୁ କ୍ଲାସମାନଙ୍କର ଏକ ମାତ୍ର ଉଦ୍ଦେଶ୍ୟ ଥିଲା, ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରମାନେ ଗ୍ରାମଗହଳର ବିଦ୍ୟାଳୟମାନଙ୍କରେ ଶିକ୍ଷକତା କରି ଶିକ୍ଷାବିସ୍ତାର କାର୍ଯ୍ୟରେ ସହାୟତା କରିବେ । ଗୁରୁ ଟ୍ରେନିଙ୍ଗ୍ ବିଭାଗରେ ବର୍ଷିକିଆ ପାଠ୍ୟକ୍ରମ ଓ ପଣ୍ଡିତ ଟ୍ରେନିଙ୍ଗ ବିଭାଗରେ ତିନି ବର୍ଷିଆ ପାଠ୍ୟକ୍ରମ ନିର୍ଦ୍ଦିଷ୍ଟ ଥିଲା । କ୍ରମଶଃ ଏହି ଅନୁଷ୍ଠାନ ସମ୍ପ୍ରସାରିତ ହୋଇ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଏକ ନବଯୁଗର ସୂତ୍ରପାତ କରିଥିଲା । ଓଡ଼ିଶାର ଶିକ୍ଷା ଇତିହାସରେ ଏହା ସର୍ବପ୍ରଥମ ଅନୁଷ୍ଠାନ ।

ପଣ୍ଡିତ ମୃତ୍ୟୁଞ୍ଜୟଙ୍କ ପୂର୍ବରୁ ପଣ୍ଡିତ ବିଶ୍ୱମ୍ଭର ବିଦ୍ୟାଭୂଷଣ, ପ୍ରଭାକର ବିଦ୍ୟାରତ୍ନ, ସମ୍ପାଦକ ଗୌରୀଶଙ୍କର ରାୟ, ସଂପାଦକ ପ୍ୟାରୀମୋହନ ଆଚାର୍ଯ୍ୟ, କପିଳେଶ୍ୱର ବିଦ୍ୟାଭୂଷଣ, ଜଗମୋହନ ଲାଲା, ରାମଶଙ୍କର ରାୟ, ବୈଦ୍ୟନାଥ ଦେ, କୃଷ୍ଣପ୍ରସାଦ ଚୌଧୁରୀ ପ୍ରଭୃତି କୃତବିଦ୍ୟ ବ୍ୟକ୍ତିମାନେ ଭିନ୍ନଭିନ୍ନ ଭାବରେ ଏହି ଅନୁଷ୍ଠାନମାନଙ୍କର ପୃଷ୍ଠପୋଷକତା କରିଥିଲେ । ସଂକ୍ଷେପରେ କହିବାକୁ ଗଲେ କଟକ ଟ୍ରେନିଂ ସ୍କୁଲ ସେତେବେଳେ ସାରା ଓଡ଼ିଶାରେ ଶିକ୍ଷାରାଜ୍ୟରେ ଦୀପସ୍ତମ୍ଭ ସଦୃଶ କାର୍ଯ୍ୟ କରୁଥିଲା । ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଆବିର୍ଭାବ ପର୍ଯ୍ୟନ୍ତ ବହୁ ପାଠ୍ୟପୁସ୍ତକ ଲେଖକ ଓଡ଼ିଆ ଭାଷା ଓ ସାହିତ୍ୟକୁ ବିଭିନ୍ନ ପୁସ୍ତକ ଲେଖି ସମୃଦ୍ଧ କରିଥିବା ଜଣାଯାଏ । ସେମାନେ ସମସ୍ତେ କଟକ ଟ୍ରେନିଂସ୍କୁଲ ଦ୍ୱାରା ନିଶ୍ଚୟ ପ୍ରଭାବିତ ହୋଇଥିବେ । ଏପରି କେତେକ ପାଠ୍ୟପୁସ୍ତକ ଲେଖକଙ୍କ ନାମ ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ । ଏହି ସମସ୍ତ ପୁସ୍ତକର ବିବରଣୀ ସେହି ସମୟରେ ଓଡ଼ିଶାରେ ପ୍ରକାଶିତ ବିଭିନ୍ନ ପତ୍ରପତ୍ରିକା ଯଥା ଉତ୍କଳ ଦୀପିକା । ସମ୍ବାଦ ବାହିକା, ଦୀପକ, ଉତ୍କଳ ପୁତ୍ର, ଉତ୍କଳ ଦର୍ପଣ, ଉତ୍କଳ-ମଧୁପ ପ୍ରଭୃତି ପତ୍ରିକାରୁ ଜଣାଯାଏ । ବର୍ଣ୍ଣବୋଧ, ରାମବିଳାସ, ପାଠମାଳା, ଶିଶୁପାଠ, ବସ୍ତୁବିଚାର, ବୋଧୋଦୟ, ବର୍ଣ୍ଣବିଜ୍ଞାନ, ବାଳବୋଧିନୀ, କବିତାବଳୀ, କବିତା କଳାପ, ସରଳ ଭୂଗୋଳ, କ୍ଷେତ୍ର ପରିମାଣ, ଓଡ଼ିଶା ଭୂଗୋଳ ଇତ୍ୟାଦି ପୁସ୍ତକ ପ୍ରଭୃତିର ନାମ ଉଲ୍ଲେଖ ଯୋଗ୍ୟ । ଆଖ୍ୟାନ ମଞ୍ଜରୀ, ଭୂଗୋଳତତ୍ତ୍ୱ, ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଓଡ଼ିଶା ଇତିହାସ, ମଧୁସୂଦନ ରାଓଙ୍କ ପ୍ରବନ୍ଧମାଳା, ଏ ପ୍ରସଙ୍ଗରେ ମଧ୍ୟ ଉଲ୍ଲେଖଯୋଗ୍ୟ ପୁସ୍ତକ ।

ଢେଙ୍କାନାଳ ମହାରାଜା ଭଗୀରଥ ମହେନ୍ଦ୍ର ବାହାଦୁର ପ୍ରାଥମିକ ସାହାଯ୍ୟ ସ୍ୱରୂପ ଯେଉଁ ଟ୯୦୦୦ (ନଅ ହଜାର ଟଙ୍କା) ଦାନ କରିଥିଲେ, ତାହାର କେତେକାଂଶ ଓଡ଼ିଆ ପାଠ୍ୟପୁସ୍ତକ ଲେଖକମାନଙ୍କୁ

Digitized by srujanika@gmail.com

ଉତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ ଥିଲା । ଅନେକ ଓଡ଼ିଆ ଲେଖକ ଏତାଦୃଶ ପୁରସ୍କାର ଲାଭ ଆଶାରେ ପାଠ୍ୟ-ପୁସ୍ତକ ରଚନା କରିଥିଲେ । କାରଣ କଲିକତା ସ୍କୁଲ ସୋସାଇଟି ଯେପରି ଭାବରେ ଓଡ଼ିଆ ପୁସ୍ତକ ମନୋନୟନ କରୁଥିଲେ, ତାହା ସନ୍ତୋଷଜନକ ହେଉ ନ ଥିଲା । ସେଥିପାଇଁ ଜାତୀୟ ସାହିତ୍ୟପ୍ରୀତି ଦ୍ୱାରା ଉଦ୍‌ବୁଦ୍ଧ ହୋଇ ସ୍ଥାନୀୟ ନେତୃବର୍ଗ ଏହି ଉଦ୍ୟମ ଆରମ୍ଭ କରିଥିଲେ । ଦ୍ୱାରକାନାଥ ଚକ୍ରବର୍ତ୍ତୀ ୧୮୬୯ରୁ ୧୮୯୩ ପର୍ଯ୍ୟନ୍ତ ନର୍ମାଲ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ନର୍ମାଲ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟଙ୍କ ତତ୍ତ୍ୱାବଧାନରେ ଏମ୍. ଇ. ସ୍କୁଲ ଏବଂ ଭର୍ଣ୍ଣାକୁଲର ସ୍କୁଲ ଅବସ୍ଥାପିତ ହୋଇଥିଲା । ୧୮୭୦ ମସିହାରେ ଓଡ଼ିଆ ଭାଷା ଓଡ଼ିଶାର ବିଦ୍ୟାଳୟମାନଙ୍କ ପାଇଁ ଶିକ୍ଷାର ମାଧ୍ୟମ ରୂପେ ସରକାରଙ୍କ ଦ୍ୱାରା ଗୃହୀତ ହୋଇଥିଲା । ଏହା ସହିତ ଭାଷାରାଜ୍ୟରେ ଦେଖା ଦେଇଥିବା ବିବାଦର ସବୁଦିନ ପାଇଁ ଅବସାନ ଘଟିଥିଲା । ସେହିବର୍ଷ ସରକାର ବାହାଦୁର ଓଡ଼ିଶାର ବିଦ୍ୟାଳୟମାନଙ୍କ ପାଇଁ ଓଡ଼ିଆ ପାଠ୍ୟପୁସ୍ତକ ମନୋନୟନ କରିବା ଲାଗି କମିଟି ଗଠନ କରିଥିଲେ । ସେହି ସମୟରେ ନର୍ମାଲ ସ୍କୁଲ ପରୀକ୍ଷାର୍ଥୀମାନଙ୍କ ପାଇଁ ଯେଉଁ ପୁସ୍ତକ ମନୋନୀତ ହୋଇଥିଲା, ତାହା ପ୍ରଦତ୍ତ ହେଲା ।

ପ୍ରଥମ ଷାଣ୍ମାସିକ ପରୀକ୍ଷା

ଗଦ୍ୟ—ରଘୁବଂଶ
ପଦ୍ୟ—ବିଜ୍ଞାନ, କାବ୍ୟ ଏବଂ ବ୍ୟାକରଣ
ଅଳଙ୍କାର—ମୁକ୍ତାବଳି ଏବଂ ସାହିତ୍ୟ
ଓଡ଼ିଆ—ଓଡ଼ିଆ ରଚନା, ପଦ୍ୟ ସଂଗ୍ରହ

ଦ୍ୱିତୀୟ ଷାଣ୍ମାସିକ ପରୀକ୍ଷା

ଗଣିତ—ଗଣିତ, ବିଜ୍ଞାନ ସମାପ୍ତ
ଜ୍ୟାମିତି—ସହଜ ଅନ୍ତିକେନ୍ଦ୍ର ୨ୟ ପରିଚ୍ଛେଦ
ବୀଜଗଣିତ—ପ୍ରସନ୍ନ କୁମାରଙ୍କ କୃତ

ତୃତୀୟ ଷାଣ୍ମାସିକ ପରୀକ୍ଷା

ଭୂଗୋଳ ଓ ଇତିହାସ

ଇତିହାସ—ଭାରତ ଇତିହାସ (ତାରଣୀ ଚରଣ)
ରୋମୀୟ ଇତିହାସ (ଭୂଦେବ)
ଭୂଗୋଳ—ଭୂବୃତ୍ତାନ୍ତ (ହରମୋହନ)
ଭୂଗୋଳତତ୍ତ୍ୱ—(ଗୌରୀଶଙ୍କର)

ଚତୁର୍ଥ ଷାଣ୍ମାସିକ ପରୀକ୍ଷା

ଶିକ୍ଷାବିଧାନ—ଦ୍ୱାରକାନାଥ (ସାହିତ୍ୟ)
ଶିକ୍ଷା ପଦ୍ଧତି—ଗୋପାଳ ବନ୍ଦୋପାଧ୍ୟାୟ

ଏହାପୂର୍ବରୁ ବଙ୍ଗଳା ସରକାର ମହୋଦୟ ନିମ୍ନଲିଖିତ ପ୍ରକାରରେ ଶ୍ରେଷ୍ଠ ପାଠ୍ୟପୁସ୍ତକ ଲେଖକଙ୍କୁ ଟ ୩୦୦୦ ପୁରସ୍କାର ଦେବାପାଇଁ ଘୋଷଣା କରିଥିଲେ—ପାଟୀଗଣିତ, ଜୀବତତ୍ତ୍ୱ, କୃଷିବିଜ୍ଞାନ, ଭାରତବର୍ଷ ଇତିହାସ, ବୃହତ୍-ଭୂଗୋଳ ପୁସ୍ତକ, ପ୍ରାକୃତିକ ଭୂଗୋଳ, ଗଣିତ, ପଦଲିଖନ, ଓଡ଼ିଆ-ମାନଚିତ୍ର ଓ ଓଡ଼ିଆ ଅଭିଧାନ ।

କଟକ ଟ୍ରେନିଂ ସ୍କୁଲ ସେହି ସମୟରେ ଉଚ୍ଚାଭିଳାଷୀ ଦରିଦ୍ର ଛାତ୍ରମାନଙ୍କ ପକ୍ଷେ ପ୍ରଧାନ ସାଧନାର ପୀଠ-ଥିଲା । କଟକ ଟ୍ରେନିଂ ସ୍କୁଲକୁ ବ୍ରାହ୍ମଣମାନେ ବ୍ରାହ୍ମଣୀୟ ପଣ୍ଡିତ ବିଭାଗ ନାମରେ ନାମିତ କରିଥିଲେ ।

ପଞ୍ଚଦଶ ବର୍ଷୀୟ ବାଳକ ମୃତ୍ୟୁଞ୍ଜୟ ଗୃହରୁ ପିତାଙ୍କ ସହ ବହିର୍ଗତ ହୋଇଥିଲେ ଏବଂ ଗୁଲି ଗୁଳି କଟକରେ ଯାଇ ପହଞ୍ଚିଥିଲେ । ଦକ୍ଷିଣରାଜସରୁ କଟକ ଯାତ୍ରା ବାଳକ ମୃତ୍ୟୁଞ୍ଜୟଙ୍କ ପକ୍ଷରେ ସେହି ସମୟରେ ବଡ଼ କୌତୂହଳପ୍ରଦ ହୋଇଥିଲା । ପୂର୍ବରୁ ସୂଚିତ ହୋଇଅଛି ଯେ, ପିତୃଦେବ ପୁତ୍ରର ରାଶି ନକ୍ଷତ୍ର ବିଗ୍ରହ କରି ଯାତ୍ରାର ଦିନ ଅଶ୍ୱିନୀ ମେଷରାଶିକୁ ବୁଧବାର ଭୋର ବ୍ରାହ୍ମ ମୁହୂର୍ତ୍ତକୁ ଗଣନା କରିଥିଲେ । ସେତେ-ବେଳର ପ୍ରଚଳିତ ପ୍ରଥା ଅନୁସାରେ ଭରୁଆ ବିଦାୟ କରାଯାଇଥିଲା । କିଛି ଟଙ୍କା, ଗୁଡ଼ଲ, ଡାଲି ଓ ଚୁଡ଼ା, ଭରୁଆ ଏପରି ବୋଝେ ଧରିଥିଲା । ଦକ୍ଷିଣ-ରାଜସରୁ କଟକ ୩୦ ମାଇଲ ରାସ୍ତାରୁ ଅଧିକ । ବାଟରେ ତେଲେଙ୍ଗାପେଣ୍ଠଠାରେ ସନ୍ଧ୍ୟା ହୋଇଯାଇଥିଲା ।

Digitized by srujanika@gmail.com

ରାତ୍ରରେ ଘରୁଆ, ମୃତ୍ୟୁଞ୍ଜୟ ଆଉ ତାଙ୍କ ପିତା ଦେବ ଟେଲେଙ୍ଗାପେଣ୍ଟରେ ବିଶ୍ରାମ କରିଥିଲେ । ସେତେବେଳର ଅବର୍ଦ୍ଧିତ ଜନଶୂନ୍ୟ ଟେଲେଙ୍ଗାପେଣ୍ଟର ଅଦୂରରେ କୁଆଖାଈ ନଦୀର ସ୍ରୋତ, ଆମ୍ର ତାଳ ବୃକ୍ଷ ଗହଳରେ ଛୋଟ ଛୋଟ ପଲ୍ଲୀଗ୍ରାମ । ଏପରି ପରିବେଶରେ ସେହି ଅନ୍ଧକାର ରାତିଟି ସେମାନେ ସେଠାରେ ଅତିବାହିତ କରିଥିଲେ । ତତ୍ ପରବର୍ତ୍ତୀ ଦିନ ସକାଳ ୮ଟାରେ ସେମାନେ କଟକ ସହରରେ ପହଞ୍ଚିଥିଲେ । କଟକ ସହର ଧୂଆଁ ପଟିଆ ସାହିରେ ସେମାନଙ୍କ ବସା ସ୍ଥିର ହୋଇଥିଲା । ଧୂଆଁପଟିଆ ଗଳିର ଏପରି ନାମକରଣର ମଧ୍ୟ ଗୋଟିଏ ଇତିହାସ ଅଛି । ସେହି ସମୟରେ ବନମାଳୀପୁରର ଧୂଆଁପତ୍ର ବ୍ୟବସାୟୀମାନେ କଟକର ଏହି ଗଳିରେ ସାଧାରଣତଃ ଆଡ୍ଡା ବାନ୍ଧି ରହୁ-ଥିଲେ । ସେହିମାନଙ୍କ ଆଡ୍ଡାର ସ୍ମୃତିରେ ଗଳିର ନାମ ଧୂଆଁପଟିଆ ଗଳି ହୋଇଛି ।

ସେତେବେଳେ କଟକର ଟ୍ରେନିଂସ୍କୁଲରେ କାବ୍ୟତୀର୍ଥ କ୍ଲାସ ଥିଲା । ମୃତ୍ୟୁଞ୍ଜୟ, କବିବର ରାଧାନାଥ ରାୟ ଏବଂ ଭକ୍ତକବି ମଧୁସୂଦନ ରାଓଙ୍କ ସାହାଯ୍ୟରେ ସେହି କାବ୍ୟତୀର୍ଥ କ୍ଲାସରେ ଭର୍ତ୍ତି ହୋଇଥିଲେ । ସେ ସ୍କୁଲରେ ତିନିବର୍ଷ ଅଧ୍ୟୟନ କରି ପରୀକ୍ଷା ଦେଇଥିଲେ । ପରୀକ୍ଷାରେ ତିରିଶ ଜଣ ଛାତ୍ରଙ୍କ ମଧ୍ୟରେ ସେ ଶୀର୍ଷସ୍ଥାନ ଅଧିକାର କରିଥିଲେ । ମୃତ୍ୟୁଞ୍ଜୟଙ୍କୁ ଅଧ୍ୟୟନ କାଳ ମଧ୍ୟରେ ମାସିକ ଦୁଇଟଙ୍କା ବୃତ୍ତି ମଧ୍ୟ ମିଳୁଥିଲା । ସେତେବେଳେ କଟକ ନର୍ମାଲ ସ୍କୁଲ ଉଚ୍ଚ ଶିକ୍ଷାର ଏକମାତ୍ର କେନ୍ଦ୍ର ଥିଲା । ଓଡ଼ିଶାରେ ଉଚ୍ଚଶିକ୍ଷାର କ୍ରମିକ ଉନ୍ନତି ୧୮୮୮ ମସିହା ପର୍ଯ୍ୟନ୍ତ ଯେପରି ଥିଲା, ତାହା ନିମ୍ନ ଉଲ୍ଲେଖରୁ ବେଶ୍ ଜଣାପଡ଼େ ।

"ପୁଣି ଆନନ୍ଦର ସହିତ ପ୍ରକାଶ କରୁଅଛୁଁ ଯେ, ଏବର୍ଷ ଓଡ଼ିଶାର ଉଚ୍ଚଶିକ୍ଷାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ପୂର୍ବ ଦୁଇବର୍ଷ ଅପେକ୍ଷା ଅଧିକ ଅଟଇ । କଟକ ହାଇ-ସ୍କୁଲରୁ ପ୍ରବେଶିକା ଶ୍ରେଣୀରୁ ୨୦ ଜଣ ଓ ଏଫ୍.ଏ. କ୍ଲାସରୁ ୫ଜଣ, ଏରୂପେ ୨୫ ଜଣ, କଟକ ଉର୍ଦ୍ଧ୍ୱ ସ୍କୁଲରୁ ୭ ଜଣ, ପୁରୀ ସ୍କୁଲରୁ ୫ ଜଣ ଓ ବାଲେଶ୍ୱର ସ୍କୁଲରୁ ୮ ଜଣ, ଏକୁନ ୪୪ ଜଣ ଛାତ୍ର ମନୋନୀତ ହୋଇଛନ୍ତି । ଯେବେ ତିନିଭାଗରୁ ଦୁଇଭାଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି, ତେବେ ଆନନ୍ଦର ସୀମା ରହିବ ନାହିଁ ।

ଏତେବେଳେ ଉଚ୍ଚଶିକ୍ଷା ନିମନ୍ତେ ଓଡ଼ିଶାରେ ଚାରୋଟି ସ୍କୁଲ ଅଛି । ସେଥି ମଧ୍ୟରୁ ତିନୋଟି ସରକାରୀ ଜିଲ୍ଲା ସ୍କୁଲ, ଅପରଟି ସାହାଯ୍ୟକୃତ । ଯେବେ କି ସାହାଯ୍ୟକୃତ ସ୍କୁଲଟିରେ ଅଳ୍ପଦିନ ହେଲେ ଉଚ୍ଚଶିକ୍ଷାର କ୍ଲାସ ଫିଟିଅଛି, ତଥାପି ତାହା ଆଧୁନିକ ହେଡ୍-ମାଷ୍ଟର ମହାଶୟଙ୍କ ଯତ୍ନରୁ ଜିଲ୍ଲା ସ୍କୁଲମାନଙ୍କ ସହିତ ଟକ୍କର ଦେବାକୁ ଉଦ୍ୟତ । ଏହା ଅଳ୍ପ ଆନନ୍ଦର ବିଷୟ ନୁହେଁ । ଗତବର୍ଷରେ ସେହି ସ୍କୁଲର ଯେତୋଟି ପିଲା ପରୀକ୍ଷାର୍ଥୀ ହୋଇଥିଲେ, କେହି କୃତକାର୍ଯ୍ୟ ହୋଇ ପାରିନାହାନ୍ତି ସତ୍ୟ; ମାତ୍ର ଏବର୍ଷ ଯେତୋଟି ପିଲା ମନୋନୀତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ପିଲା କୃତକାର୍ଯ୍ୟ ହୋଇଥିବାର ଆମ୍ଭେମାନେ ଅନୁମାନ କରୁଅଛୁଁ ।

ସେଦିନ ଲକ୍ଷ୍ମଣନାଥର ସାହାଯ୍ୟକୃତ ସ୍କୁଲଟିରେ ଉଚ୍ଚଶିକ୍ଷାର କ୍ଲାସ ଫିଟିଅଛି । ଅନୁମାନ ଦୁଇତିନି ବର୍ଷ ଉତ୍ତାରେ ପ୍ରବେଶିକା ପରୀକ୍ଷା ଦେବା ନିମନ୍ତେ ସେହି ସ୍କୁଲରୁ ପିଲା ବାହାରିବେ । ସାଧାରଣଙ୍କ ଅନୁମାନରେ ଏହି ସ୍କୁଲରେ ଯେବେ କି ଅଧିକାଂଶ ମେଦିନୀପୁର ଜିଲ୍ଲାର ଛାତ୍ର ପଢ଼ିବେ; ତଥାପି ଓଡ଼ିଶାର ଉତ୍ତରାଂଶର ଓଡ଼ିଆ ପିଲାଙ୍କ ସଂଖ୍ୟା ସେଥିରେ ଅଧିକ ଥିବ । ଏଥିରେ ସନ୍ଦେହ ନାହିଁ । ମଧ୍ୟ ନିଜ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ବାଲିଆପାଳ ଥାନା ଇଲାକାରୁ ଅନେକ ଛାତ୍ର ସେହି ସ୍କୁଲରେ ପଢ଼ିବେ ।

ଏହିମାନ ଦେଖି ଆମ୍ଭେମାନେ ବୋଲୁଅଛୁଁ ଯେ, ପାଞ୍ଚବର୍ଷ ପୂର୍ବେ ଦଶବର୍ଷ ମଧ୍ୟରେ ଓଡ଼ିଶାରେ ଉଚ୍ଚ-ଶିକ୍ଷାର ଯେପରି ଉନ୍ନତି ହୋଇନଥିଲା, ଏହି କେତେବର୍ଷ ମଧ୍ୟରେ ଅନେକ ଉନ୍ନତି ହୋଇଅଛି । କିନ୍ତୁ ମଧ୍ୟମ ଶ୍ରେଣୀ ସ୍କୁଲମାନ ଯେଉଁ ପରିମାଣରେ

Digitized by srujanika@gmail.com

ଫଳପ୍ରଦାନ କରୁଅଛି, ଉଚ୍ଚଶିକ୍ଷାର ଫଳ ସେତେ ହେଉନାହିଁ । ଉଚ୍ଚଶିକ୍ଷା ନିମନ୍ତେ ଅତି ଅଳ୍ପସଂଖ୍ୟକ ସ୍କୁଲ ଥିବା ତାହାର ଏକମାତ୍ର କାରଣ ବୋଲି ଆମ୍ଭେମାନେ ନିର୍ଦ୍ଦେଶ କରୁଁ । ବର୍ତ୍ତମାନ ଉଚ୍ଚଶିକ୍ଷା ନିମନ୍ତେ ଓଡ଼ିଶାରେ ଆଉ ଯୋଡ଼ିଏ ସ୍କୁଲ ସ୍ଥାପିତ ହେବା ଆବଶ୍ୟକ ହେଉଅଛି । ଭଦ୍ରକରେ ଯେଉଁ ମାଇନର ସ୍କୁଲ ଅଛି, ସେଥିରେ ମାସିକ ଅଳ୍ପ ଟଙ୍କା ଖର୍ଚ୍ଚ ହେଉନାହିଁ, ମଧ୍ୟ ସେହି ସ୍କୁଲରେ ହେଡ୍‌ମାଷ୍ଟର ମହାଶୟ, ଜଣେ ବି.ଏ. ଉପାଧିଧାରୀ ଅଟନ୍ତି । କେବଳ ଆଉ ଜଣେ ଏଲ୍.ଏ. ଉପାଧିଧାରୀ ଶିକ୍ଷକ ନିଯୁକ୍ତ ହେଲେ ଅନାୟାସରେ ସେହି ସ୍କୁଲଟି ଉଚ୍ଚଶିକ୍ଷାର ସ୍କୁଲ ହୋଇ ପାରିବ । ପକ୍ଷାନ୍ତରେ ଆମ୍ଭେମାନେ ବିଶ୍ୱାସ କରୁ, ଏତେବେଳେ ସେହି ସ୍କୁଲରେ ଯେଉଁ ସେକେଣ୍ଡ ହେଡ୍ ମାଷ୍ଟର ମହାଶୟ ନିଯୁକ୍ତ ଅଛନ୍ତି, ତାଙ୍କଦ୍ୱାରା ଉଚ୍ଚଶିକ୍ଷାର ଦ୍ୱିତୀୟ କ୍ଲାସର ଶିକ୍ଷା କାର୍ଯ୍ୟ ଚଳିପାରିବ । କେବଳ ମାସିକ ଆଉ ଅଧିକ କୋଡ଼ିଏ ଟଙ୍କା ଖର୍ଚ୍ଚ ହେଲେ ଭଦ୍ରକ ସ୍କୁଲଟି ଅନାୟାସରେ ହାୟର କ୍ଲାସ ଇଂଲିଶ୍ ସ୍କୁଲ ହୋଇପାରିବ, ଏଥିରେ ସନ୍ଦେହ ନାହିଁ । ଆମ୍ଭେମାନେ ପ୍ରାର୍ଥନା କରୁ, ସେହି ସ୍କୁଲର ଶିକ୍ଷା କମିଟି ଏ ବିଷୟରେ ଯତ୍ନବାନ୍ ହୁଅନ୍ତୁ । ଚେଷ୍ଟାକଲେ ଖୋରଧା ସ୍କୁଲଟିକୁ ଉଚ୍ଚଶିକ୍ଷାର ସ୍କୁଲ କରାଯାଇପାରେ । ("ସମ୍ବାଦବାହିକା" ୧୮୭୭ ମସିହା ୧ଲା ନଭେମ୍ବର ୯ ଭାଗ ୬ଷ୍ଠ ସଂଖ୍ୟା ପୃଷ୍ଠା ୪୧)

ଏହି ସମୟର ଜାତୀୟ ପ୍ରାଣ ସ୍ପନ୍ଦନର ଯଥାର୍ଥ ସାମୂହିକ ବିକାଶ ଦିଗରେ ଉଦ୍ଦିଷ୍ଟ ହୋଇଥିଲା । ଭାଷା ଓ ସାହିତ୍ୟ, ସମାଜ, ସଂସ୍କୃତି, ପ୍ରତ୍ୟେକ କ୍ଷେତ୍ରରେ ଏକ ଅପୂର୍ବ ପ୍ରାଣସ୍ପର୍ଶ, ଏକ ସ୍ପନ୍ଦନ ଅନୁଭୂତ ହେଉଥିଲା । ସେହି ଜାତୀୟ ଆକାଙ୍କ୍ଷା ଏବଂ ଅଭିଳାଷର ପ୍ରତିଫଳନ ସ୍ୱରୂପ ଆମେ ମୃତ୍ୟୁଞ୍ଜୟଙ୍କ ସଦୃଶ ବହୁ-ଉତ୍ସାହୀ ସଂସ୍କୃତ ପ୍ରେମୀ ଛାତ୍ରମାନଙ୍କର ପରିଚୟ ପାଇଥାଉଁ ।

୧୮୯୬ ମସିହାରେ ମୃତ୍ୟୁଞ୍ଜୟ ମଧ୍ୟ-ଭର୍ଣ୍ଣାକୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକ ଟ୍ରେନିଂସ୍କୁଲରେ ଭର୍ତ୍ତି ହୋଇଥିଲେ । ସେତେବେଳେ ପୁଣ୍ୟାତ୍ମା ମଧୁସୂଦନ ରାଓ କଟକ ଟ୍ରେନିଂସ୍କୁଲର ପ୍ରଧାନ ଆଚାର୍ଯ୍ୟ ପଦରେ ଅଧିଷ୍ଠିତ ଥିଲେ । ମଧୁସୂଦନଙ୍କର ଛାତ୍ରବତ୍ସଳ ପ୍ରାଣ ଏହି ତେଜୋଦୀପ୍ତ ତରୁଣ ପ୍ରତିଭା ପାଇଁ ଯେପରି ଉଦ୍‌ବେଳିତ ହୋଇ ଉଠିଥିଲା । ସେ ଆନନ୍ଦରେ ମୃତ୍ୟୁଞ୍ଜୟଙ୍କୁ ନିଜର ଶିଷ୍ୟରୂପେ ଗ୍ରହଣ କରିଥିଲେ । କଟକ ଟ୍ରେନିଂସ୍କୁଲରେ ଅନ୍ୟାନ୍ୟ ବାଳକମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା, ପଣ୍ଡିତ ଗଦାଧର ତ୍ରିପାଠୀ ଓ ମଧୁସୂଦନ ଦାସ ସହକାରୀ ଶିକ୍ଷକ ଥିଲେ । ୪ ଟଙ୍କା ବୃତ୍ତିରେ କଟକ ସହରରେ ଅବସ୍ଥାନ କରି ଯୁବକ ମୃତ୍ୟୁଞ୍ଜୟ ଟ୍ରେନିଂସ୍କୁଲରେ ଶିକ୍ଷା ଆରମ୍ଭ କରିଥିଲେ । କବିବର ରାଧାନାଥ ରାୟଙ୍କର ସୁଦୃଷ୍ଟି ମଧ୍ୟ ଏହି ଉଚ୍ଚଶିକ୍ଷାଭିଳାଷୀ ଯୁବକଙ୍କ ଉପରେ ପଡ଼ିଥିଲା ।

ଛାତ୍ର ଅବସ୍ଥାରେ ମୃତ୍ୟୁଞ୍ଜୟ ଅଧ୍ୟବସାୟୀ, ସ୍ପଷ୍ଟବାଦୀ ଏବଂ ନିରହଙ୍କାର ଥିଲେ । ତାଙ୍କର ବୁଦ୍ଧିମତ୍ତା, ଅଧ୍ୟବସାୟ କ୍ରମେ କ୍ରମେ ଶିକ୍ଷକ ଓ ସହପାଠୀମାନଙ୍କର ଦୃଷ୍ଟି ଆକର୍ଷଣ କଲା । ପ୍ରତି ଶ୍ରେଣୀୟ ପରୀକ୍ଷାରେ ସେ ଶୀର୍ଷସ୍ଥାନ ଅଧିକାର କରିଥିଲେ ଏବଂ ତୃତୀୟ ବର୍ଷୀୟ ଶ୍ରେଣୀର ଶେଷ ପରୀକ୍ଷାରେ ପ୍ରଥମ ବିଭାଗରେ ପ୍ରଥମସ୍ଥାନ ଲାଭକରି ସେ ଉତ୍ତୀର୍ଣ୍ଣ ହୋଇଥିଲେ । କଟକ ଟ୍ରେନିଂସ୍କୁଲରୁ ସେହି ସମୟରେ ପ୍ରଥମ ବିଭାଗରେ ଉତ୍ତୀର୍ଣ୍ଣ ହେବା ଆଦୌ ସହଜ ନଥିଲା । ସେଥିପାଇଁ ଯେଉଁମାନେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଉଥିଲେ, ସେମାନେ ସମସ୍ତେ ପ୍ରଶଂସା ଓ ଗୌରବର ଅଧିକାରୀ ହେଉଥିଲେ । ପଠିତ ବିଷୟମାନଙ୍କର ଜଟିଳତା ଓ କଠୋର ପରୀକ୍ଷା ପ୍ରଣାଳୀ ଯୋଗୁଁ ଅନେକ ଛାତ୍ର ଈପ୍ସିତ ଫଳ ଲାଭ କରି ପାରୁନଥିଲେ । ପୁଣ୍ୟାତ୍ମା ମଧୁସୂଦନ ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ଟ୍ରେନିଂସ୍କୁଲର ଆଚାର୍ଯ୍ୟରୂପେ କାର୍ଯ୍ୟ କରିଥିଲେ । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ପ୍ରାୟ ଚାରି ପାଞ୍ଚଜଣ ଛାତ୍ର ଶେଷପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାର ଜଣାଯାଏ । ମୃତ୍ୟୁଞ୍ଜୟ ସେମାନଙ୍କ ମଧ୍ୟରୁ ଜଣେ । ଏଥିରୁ ସହଜରେ ଅନୁମିତ ହୁଏ ଯେ,

Digitized by srujanika@gmail.com

ମଧୁସୂଦନ କାହିଁକି ମୃତ୍ୟୁଞ୍ଜୟଙ୍କୁ ଏପରି ଗଭୀର ଶ୍ରଦ୍ଧା କରୁଥିଲେ । ଉଭୟ ମଧୁସୂଦନ ଓ ରାଧାନାଥ ଓଡ଼ିଶାର ପୁରୀ ଜିଲ୍ଲାର ଗ୍ରାମଗହଳରେ ଏହି ଦରିଦ୍ର ଛାତ୍ରଟିକୁ ଆବିଷ୍କାର କରିଥିଲେ । ପରବର୍ତ୍ତୀ କାଳରେ ମୃତ୍ୟୁଞ୍ଜୟଙ୍କ ସମସ୍ତ ସାହିତ୍ୟିକ କ୍ରିୟାକଳାପ ଓ ସାଧନା ଏହି ଦୁଇ ମନୀଷୀଙ୍କ ପ୍ରୋତ୍ସାହନ ଓ ପ୍ରେରଣାରେ ପରିଚାଳିତ ହୋଇଥିଲା ।

କଟକ ଟ୍ରେନିଂସ୍କୁଲର ପ୍ରଚଳିତ ପାଠ୍ୟ ପୁସ୍ତକ

ଇଷ୍କୁଲ ଛାତ୍ରମାନଙ୍କୁ ଶିକ୍ଷାକ୍ଷେତ୍ରରେ ତାଲିମ ଦେବା ଥିଲା ଟ୍ରେନିଂସ୍କୁଲର ପ୍ରଧାନ ଲକ୍ଷ୍ୟ । ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ହେଉ କଟକ ଟ୍ରେନିଂସ୍କୁଲ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରସାର କ୍ଷେତ୍ରରେ ଅସାଧାରଣ କାର୍ଯ୍ୟ ସାଧନ କରିଥିଲା । ଏହି ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ଛାତ୍ରମାନେ ନିଜ ନିଜ ଗ୍ରାମକୁ ଫେରିଯାଇ ବିଦ୍ୟାଳୟମାନଙ୍କରେ ଶିକ୍ଷକତା କରି ଶିକ୍ଷାର ବିସ୍ତାର କରିବେ—ଏହାହିଁ ଥିଲା ସରକାରଙ୍କ ଲକ୍ଷ୍ୟ । ବାସ୍ତବିକ୍ ଏହି ଟ୍ରେନିଂସ୍କୁଲ ସ୍ଥାପନ ଦ୍ୱାରା ଓଡ଼ିଶାରେ ଶିକ୍ଷାପ୍ରସାରର କାର୍ଯ୍ୟ ସହଜ ଓ ତ୍ୱରାନ୍ୱିତ ହୋଇଥିଲା । ଏହାର ପାଠ୍ୟକ୍ରମରେ ଇତିହାସ, ଅର୍ଥନୀତି, ଭୂଗୋଳ ପ୍ରଭୃତି ଅନ୍ତର୍ଭୁକ୍ତ ଥିଲା । ଗଣିତ ଓ ସାହିତ୍ୟ ପାଠ ମଧ୍ୟ ଏହାର ଅନ୍ତର୍ଭୁକ୍ତ । ଓଡ଼ିଆ ଓ ସଂସ୍କୃତ ଅଧ୍ୟୟନ ପାଇଁ ବିଧିବଦ୍ଧ ବ୍ୟବସ୍ଥା ଥିଲା । ଏହି ସୂତ୍ରରେ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ଓ ଆଲୋଚନା କରିବା ପାଇଁ ଟ୍ରେନିଂସ୍କୁଲ ଯେପରି ଧୀରେ ଧୀରେ ଏକ ଜାତୀୟ କର୍ତ୍ତବ୍ୟ ଗ୍ରହଣ କରିଥିଲା ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ୧୮୭୦-୧୯୦୦ ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଓଡ଼ିଶାରେ ଯେତେ ଅନୁଷ୍ଠାନ ସ୍ଥାପିତ ହୋଇଥିଲା, ଯଥା, ଉତ୍କଳ ଉଲ୍ଲାସିନୀ ସଭା, କଟକ ସୋସାଇଟି, ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା, କଟକ ଡିବେଟିଂ କ୍ଲବ, ଗଞ୍ଜାମ-ଉତ୍କଳ ହିତବାଦିନୀ କ୍ଲବ, ବାଲେଶ୍ୱର ସଭା, ଓଡ଼ିଆ ତାଳପତ୍ର ଉଦ୍ଧାରଣ କମ୍ପାନୀ, ଉତ୍କଳ ସାହିତ୍ୟ ସମ୍ମିଳନୀ (୧୮୮୬), ବାଲେଶ୍ୱର ସଂସ୍କୃତ ସମିତି (୧୮୯୩)ର ଆଲୋଚନା ସଭା । ତାଳଚେରର କିଶୋରଚନ୍ଦ୍ର ସାହିତ୍ୟ ଚକ୍ରର ସମାଲୋଚନା ସଭା (୧୮୯୫) । ସେ ସବୁ ଅନୁଷ୍ଠାନମାନଙ୍କ ମଧ୍ୟରେ କଟକ ଟ୍ରେନିଂ ସ୍କୁଲରେ ସ୍ଥାପିତ ଆଲୋଚନା ସଭା ସର୍ବାଦୌ ଉଲ୍ଲେଖଯୋଗ୍ୟ । ଏହି ଆଲୋଚନା ସଭାର ଏକମାତ୍ର ଉଦ୍ଦେଶ୍ୟ ଥିଲା ସାହିତ୍ୟାଲୋଚନା ଓ ସେହି ଆଲୋଚନାରେ ଟ୍ରେନିଂ ସ୍କୁଲର ଛାତ୍ରମାନଙ୍କୁ ବିଭିନ୍ନ ବିଷୟରେ ଆଲୋଚନା କରିବାପାଇଁ ବରାବର ସୁବିଧା ଦିଆଯାଉଥିଲା । ଏହି ଆଲୋଚନା ସଭାର ପ୍ରତିଷ୍ଠାତା ଥିଲେ ତତ୍କାଳୀନ ଅଧ୍ୟକ୍ଷ ଉତ୍କଳର ଭକ୍ତକବି ମଧୁସୂଦନ ରାଓ ଏବଂ ଏହାର ଆଲୋଚନା ପରିଚାଳନା କରୁଥିଲେ ଚନ୍ଦ୍ରମୋହନ ମହାରଣା । ସେ ମଧ୍ୟ ଏହାର ସମ୍ପାଦକ ଥିଲେ । ନର୍ମାଲ ସ୍କୁଲର ଶିକ୍ଷକ ଓ ଛାତ୍ରମାନେ ଏହି ଆଲୋଚନା ସଭାରେ ସମବେତ ହେଉଥିଲେ ସପ୍ତାହରେ ପ୍ରତି ଶନିବାର ଦିନ । ଏହି ଆଲୋଚନା ସଭାର ପ୍ରଥମ ଅଧିବେଶନରେ ଚନ୍ଦ୍ରମୋହନ ମହାରଣା "ସାହିତ୍ୟ" ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ । ଏହାର ଦ୍ୱିତୀୟ ଅଧିବେଶନରେ ବିଶ୍ୱନାଥ କର "ଶିକ୍ଷକ" ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ । ସୁତରାଂ ଟ୍ରେନିଂ ସ୍କୁଲର ସାହିତ୍ୟିକ ଆଭିମୁଖ୍ୟ ସେତେବେଳେ ସ୍ପଷ୍ଟ ହୋଇଉଠୁଥିଲା । ଯୁବଶକ୍ତିକୁ ଶିକ୍ଷା ଦାନ ରୂପକ ପବିତ୍ର-କାର୍ଯ୍ୟ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କ ହୃଦୟରେ ସାହିତ୍ୟିକ ଲିପ୍ସା ଜାଗ୍ରତ କରାଇବା ଟ୍ରେନିଂସ୍କୁଲ ଓ ତତ୍‌ସମ୍ପର୍କିତ ଶିକ୍ଷକମାନଙ୍କର ଥିଲା ଉଦ୍ଦେଶ୍ୟ । ସେତେବେଳେ ଅନୁମୋଦିତ ଓ ପଠିତ ପାଠ୍ୟପୁସ୍ତକ-ମାନଙ୍କ ମଧ୍ୟରେ ଏହି ପବିତ୍ର ଉଦ୍ଦେଶ୍ୟ ମଧ୍ୟ ପ୍ରତିଫଳିତ । ୧୮୦୦ ମସିହା ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ନୂତନ ରୁଚି ଓ ଆଦର୍ଶ ସମନ୍ୱିତ କୌଣସି ପାଠ୍ୟପୁସ୍ତକର ସନ୍ଧାନ ମିଳେନାହିଁ । ପ୍ରଥମ ଅବସ୍ଥାରେ ପାଦ୍ରୀମାନଙ୍କଦ୍ୱାରା ଲିଖିତ କିମ୍ବା ଅନୂଦିତ କେତେଗୁଡ଼ିଏ ପୁସ୍ତକ ଦେଖିବାକୁ

Digitized by srujanika@gmail.com

ମିଳେ । ବିଜ୍ଞାନ, ଇତିହାସ, ଭୂଗୋଳ, ପର୍ଯ୍ୟଟନ ବିଷୟକ ପୁସ୍ତକର ଘୋର ଅଭାବ ଥିଲା । ପ୍ରକୃତରେ ୧୮୬୦ ମସିହା ପରେ ଫକୀରମୋହନ ସେନାପତିଙ୍କ ଦ୍ୱାରା ଲିଖିତ ଭାରତ ବର୍ଷ ଇତିହାସ ଓ ଆଉ କେତେଖଣ୍ଡି ପୁସ୍ତକ ପଢ଼ିବାକୁ ମିଳିଥିଲା ।

ଉଇଲିୟମ୍ କେରିଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ New Testament, ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ ଲିଖିତ ଖ୍ରୀଷ୍ଟଧର୍ମ ଗ୍ରନ୍ଥ ମୂଳକ କେତେକ ରଚନା ଓଡ଼ିଆ ଗଦ୍ୟର ସୂଚନା ଦେଇଥାଏ । ୧୮୨୦ ମସିହା ପରେ ପାଦ୍ରୀମାନଙ୍କ ଚେଷ୍ଟାରେ ପ୍ରତିଷ୍ଠିତ ବିଦ୍ୟାଳୟମାନଙ୍କର ପ୍ରସାର ଯୋଗୁଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ମାତ୍ର ସମ୍ମତ ଜ୍ଞାନମୁଖୀ ପାଠ୍ୟପୁସ୍ତକର ଆବଶ୍ୟକତା ଅଧିକ ଅନୁଭୂତ ହେଲା । କ୍ରମେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା, ଅଧିକ ବିଦ୍ୟାଳୟ ପ୍ରତିଷ୍ଠା, ପାଠ୍ୟପୁସ୍ତକ ରଚନା କାର୍ଯ୍ୟକ୍ଷମ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା । ୧୮୩୧ ମସିହାର ସଟନ୍ ସାହେବଙ୍କର ଓଡ଼ିଶା ଇତିହାସ, ପଦାର୍ଥ ବିଦ୍ୟାସାର ୧୮୩୨, ଇତିହାସ ପୁସ୍ତକ ୧୮୩୯, ଓଡ଼ିଆ ଅଭିଧାନ ୧୮୪୧, ପଣ୍ଡିତ ବିଶ୍ୱମ୍ଭର ବିଦ୍ୟା ଭୂଷଣଙ୍କର ଓଡ଼ିଆ ବ୍ୟାକରଣ (୧୮୪୧) ଉଲ୍ଲେଖଯୋଗ୍ୟ ।

ଓଡ଼ିଶାରେ ଓଡ଼ିଆରେ ଉପଯୁକ୍ତ ପାଠ୍ୟ ପୁସ୍ତକର ଅଭାବ ଯୋଗୁ ପ୍ରତ୍ୟେକ ଆଧୁନିକ ଶିକ୍ଷାପ୍ରେମୀ ବ୍ୟକ୍ତି ସେତେବେଳେ ଦୁଃଖ ପ୍ରକାଶ କରୁଥିଲେ । ବଙ୍ଗ ଦେଶରେ ସ୍ଥାପିତ ଶିକ୍ଷା କାଉନ୍ସିଲ୍ ପାଠ୍ୟପୁସ୍ତକ ଅର୍ଥାତ୍ ଭର୍ଣ୍ଣାକୁଲର କ୍ଲାସ୍‌ବୁକ୍‌ମାନ ପ୍ରସ୍ତୁତ କରିବା ପାଇଁ ସ୍ଥାନୀୟ ଶିକ୍ଷାବିଭାଗୀୟ କର୍ତ୍ତୃପକ୍ଷମାନଙ୍କୁ ଅନୁରୋଧ କରିଥିଲେ । ଏହାଛଡ଼ା ଗଣିତ, ଇଂରାଜୀ, ବ୍ୟାକରଣ, ଅଭିଧାନ ପ୍ରଣୟନ, ସ୍ଥାନୀୟ ଭାଷାରେ ସ୍ୱଦେଶର ଇତିହାସ ପୁସ୍ତକ ସଙ୍କଳନ ପ୍ରଭୃତି କାର୍ଯ୍ୟ ଏମାନଙ୍କର ଯୋଜନାର ଅନ୍ତର୍ଭୁକ୍ତ ଥିଲା ।

ସେଥିପାଇଁ ୧୮୬୦ ମସିହା ଭିତରେ ଲିଖିତ ପୁସ୍ତକମାନଙ୍କ ମଧ୍ୟରେ ଓଡ଼ିଶାର ଇତିହାସ (୧୮୪୬), ଓଡ଼ିଆ ପ୍ରାଇମର, ନୀତିକଥା, ଓଡ଼ିଆ ଗଣିତ (୧୮୪୨), ଓଡ଼ିଆ ବ୍ୟାକରଣ (୧୮୫୫) (ଲେଖକ ଲେସି ସାହେବ), ବତିଶ ସିଂହାସନ (୧୮୫୦), ଗୀତଗୋବିନ୍ଦ (୧୮୪୦), ଭର୍ଣ୍ଣାକୁଲର କ୍ଲାସବୁକ ରିଡ଼ର (୧୮୪୬), ବର୍ଣ୍ଣବୋଧ (୧୮୫୮) ଏହିସବୁ ପୁସ୍ତକ ବିଭିନ୍ନ ଶ୍ରେଣୀରେ ଓଡ଼ିଶାର ସ୍କୁଲମାନଙ୍କରେ ପଠିତ ହେଉଥିଲା । ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନ ବିଷୟକ ପୁସ୍ତକମାନ କ୍ରମେ କ୍ରମେ ଲିଖିତ ଓ ପଠିତ ହେଲା ଏବଂ ଏ ଦେଶର ଛାତ୍ରମାନଙ୍କ ମନକୁ ସେସବୁ ବିଶେଷ ଭାବରେ ପ୍ରଭାବିତ କଲା । ୧୮୬୫-୬୬ ମସିହା ଓଡ଼ିଶା ଇତିହାସରେ ଏକ ଘଡ଼ସନ୍ଧି ସମୟ । ଅନାବୃଷ୍ଟିଯୋଗୁଁ ସେହି ଅଶୁଭ ସମ୍ବତ୍ସର ଓଡ଼ିଶାରେ ଦୁର୍ଭିକ୍ଷ ସୃଷ୍ଟିକରି ସହସ୍ର ସହସ୍ର ନରନାରୀଙ୍କର ପ୍ରାଣହାନିର କାରଣ ହୋଇଥିଲା । ସେହି ଦୁର୍ଭିକ୍ଷ, ଧ୍ୱଂସ, ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରୁ ଉଜ୍ଜ୍ୱଳ ଭବିଷ୍ୟତର ଯେଉଁ ସମ୍ଭାବନା ଦେଖା ଦେଇଥିଲା, ତାହାର ପ୍ରଥମ ସଙ୍କେତ ଏ ଦେଶର ସମ୍ବାଦପତ୍ରର ଜନ୍ମଲାଭ, ଆଧୁନିକ ଶିକ୍ଷାର ଅଧିକ ପ୍ରଚାର, ଉଚ୍ଚଶିକ୍ଷାର ଅସୁମାରମ୍ଭ, ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅଧିକ ମୌଳିକ ପୁସ୍ତକ ରଚନା ।

ଏ ଦେଶର ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀର ଆବିର୍ଭାବ ଯୋଗୁଁ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ବିଶେଷ ତତ୍ପରତା ଦେଖା ଦେଇଥିଲା । ଓଡ଼ିଆ ବ୍ୟାକରଣ, ଓଡ଼ିଶାର ଇତିହାସ, ହିତୋପଦେଶ, ପଦାର୍ଥ ବିଦ୍ୟାସାର, ବତିଶ ସିଂହାସନ, ଗୀତଗୋବିନ୍ଦ, ପାଟୀ ଗଣିତ ଇତ୍ୟାଦି ପୁସ୍ତକ ଆହୁରି ମାର୍ଜିତ, ପରିବର୍ତ୍ତିତ ଓ ସଜ୍ଜିତ ହୋଇ ଲେଖା ହୋଇଥିଲା । ସେହି ୧୮୬୯-୭୦ ମସିହାରେ କଟକ ନର୍ମାଲ ସ୍କୁଲରେ ପ୍ରଚଳିତ ପାଠ୍ୟ ପୁସ୍ତକର ଧାରା ଦେଖିଲେ ଏ ଦେଶରେ ଦେଶୀୟ ସାହିତ୍ୟର ପାଶ୍ଚାତ୍ୟ ଢଙ୍ଗରେ ନବକଳେବର ପାଇଁ କିପରି ଉଦ୍ୟମ ଚାଲିଥିଲା, ତାହା ସହଜରେ ଅନୁମେୟ । ପ୍ରଥମ ବର୍ଷ ପାଇଁ ଓଡ଼ିଆ ସାହିତ୍ୟର ମହାଭାରତ, ଗୁରୁପାଠ ୩ୟ ଭାଗ, ପଦ୍ୟପାଠ—ଶକୁନ୍ତଳା, ଲେହାଗମଙ୍କ ବ୍ୟାକରଣ, ଫକୀର ମୋହନଙ୍କ ଭାରତ-

Digitized by srujanika@gmail.com

ବର୍ଷ ଇତିହାସ, ଗଣିତ, ଭୂଗୋଳ, ପଦାର୍ଥ ବିଦ୍ୟା, ଶିକ୍ଷାଦାନ ବିଷୟକ ବିଭିନ୍ନ ପୁସ୍ତକ, ୩ୟ ବର୍ଷର ପାଠ୍ୟକ୍ରମ ଭିତରେ ରଘୁବଂଶ, ଓଡ଼ିଆ ବ୍ୟାକରଣ, ମହାଭାରତ, ସୀତାବନବାସ, ବ୍ୟାକରଣ କୌମୁଦୀ, ପାଟୀଗଣିତ, ଇତିହାସ, ଭୂଗୋଳ, ବିଜ୍ଞାନ ବିଷୟକ ବିଭିନ୍ନ ପୁସ୍ତକ । ଶେଷବର୍ଷ ପାଇଁ ଇତିହାସ, ଭୂଗୋଳ, ହିତୋପଦେଶ, ମେନ୍‌ସୁରେସନ୍ (Mensuration), ଶ୍ରୁତିଲିଖନ, ରଚନା, ପତ୍ରଲିଖନ ପ୍ରଭୃତି ଏହି ପରୀକ୍ଷାର ଅନ୍ତର୍ଗତ ଥିଲା ।

ଛାତ୍ରାବସ୍ଥାରେ ମୃତ୍ୟୁଞ୍ଜୟ ଚିତ୍ରବିଦ୍ୟା (Drawing) ନାମକ ଏକ ପ୍ରବନ୍ଧ ଲେଖିଥିଲେ । ତାହା ଛାତ୍ରବତ୍ସଳ, ଗୁଣଗ୍ରାହୀ ମଧୁସୂଦନଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇଥିଲା ଏବଂ ତାଙ୍କର ସୁପାରିଶ ଅନୁସାରେ 'ଉତ୍କଳ ସାହିତ୍ୟ' ପାଇଁ ତାହା ମନୋନୀତ ହୋଇଥିଲା । ସାଧାରଣତଃ ଛାତ୍ର ଜୀବନରେ ଏପରି ଗୌରବ କ୍ୱଚିତ୍ ମିଳିଥାଏ । ୧୮୯୫ ମସିହାରେ କଟକ ନର୍ମାଲ ସ୍କୁଲରେ ତତ୍କାଳୀନ ଅଧ୍ୟକ୍ଷ ଭକ୍ତକବି ମଧୁସୂଦନ ରାଓଙ୍କ ଯତ୍ନରେ ଯେଉଁ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା, ତାହା ୧୯୦୩ ମସିହା ମଇ ୭ ତାରିଖରୁ "ଉତ୍କଳ ସାହିତ୍ୟ ସମାଜ" ନାମରେ ରୂପାନ୍ତରିତ ହେଲା । ଏହାର ପ୍ରଥମ ସଭାପତି ଥିଲେ ଭକ୍ତକବି ମଧୁସୂଦନ ରାଓ, ଆଦ୍ୟ ସମ୍ପାଦକ ଥିଲେ ବିଶ୍ୱନାଥ କର । ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ଓ ଉନ୍ନତି କାର୍ଯ୍ୟକ୍ରମରେ କଟକ ଟ୍ରେନିଂ-ସ୍କୁଲରେ ସ୍ଥାପିତ "ଆଲୋଚନା ସଭା"ର ଦାନ ଏହିପରି ଉଲ୍ଲେଖ ଯୋଗ୍ୟ । ଯୁବକ ମୃତ୍ୟୁଞ୍ଜୟ ଏହି ଆଲୋଚନା ସଭାର ସମ୍ପାଦକତ୍ୱ ଗ୍ରହଣ କରିଥିଲେ । ସାହିତ୍ୟସେବୀ ବିଶ୍ୱନାଥ କରଙ୍କ ପରାମର୍ଶରେ ହିଁ ଆଲୋଚନା ସଭା ଉତ୍କଳ ସାହିତ୍ୟ ସମାଜରେ ପରିଣତ ହୋଇଥିଲା । ଟ୍ରେନିଂ ସ୍କୁଲର ଆଲୋଚନା ସଭା ହିଁ ଉତ୍କଳ ସାହିତ୍ୟ ସମାଜର ଆଦିଭିତ୍ତି ତଥା ମୃତ୍ୟୁଞ୍ଜୟଙ୍କ [illegible] ପ୍ରାବନ୍ଧିକ ଓ ସାହିତ୍ୟ ସୃଷ୍ଟି କରିବାର ଏକ ପ୍ରଧାନ ଅନୁଷ୍ଠାନ ।

୧୯୦୦ ଖ୍ରୀଷ୍ଟାବ୍ଦରେ ମୃତ୍ୟୁଞ୍ଜୟ କଟକ ଟ୍ରେନିଂ ସ୍କୁଲର ତୃତୀୟ ବର୍ଷୀୟ ଶ୍ରେଣୀର ଶେଷ ପରୀକ୍ଷାରେ ପ୍ରଥମ ବିଭାଗରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ । ସେହି ସମୟରେ ଏହା ଏକ ଦରିଦ୍ର ଯୁବକ ପକ୍ଷରେ କମ୍ ଗୌରବର କଥା ନୁହେଁ । ଆଉ ସେତେବେଳେ ମଧ୍ୟ ଏହି ପରୀକ୍ଷାରେ ପ୍ରଥମ ଶ୍ରେଣୀ ଲାଭ କରିବା ଖୁବ୍ କମ୍ ଛାତ୍ରଙ୍କ ଭାଗ୍ୟରେ ଯୁଟୁଥିଲା । କାରଣ ଟ୍ରେନିଂ ସ୍କୁଲର ପରୀକ୍ଷା ପାଇଁ ସେତେବେଳେ ଯେଉଁ ବିଷୟ ଓ ପୁସ୍ତକମାନ ନିର୍ଦ୍ଧାରିତ ହୋଇଥିଲା, ତାହାର ଜଟିଳତା ଓ କଠୋରତା ଛାତ୍ରମାନଙ୍କ ପକ୍ଷରେ ପ୍ରତିବନ୍ଧକ ଥିଲା । ପରୀକ୍ଷାର ନିୟମାବଳୀ ମଧ୍ୟ ସେହିପରି କଠୋର ଥିଲା । ଟ୍ରେନିଂ ସ୍କୁଲରେ ଭକ୍ତକବି ମଧୁସୂଦନଙ୍କର କାର୍ଯ୍ୟକାଳ-ମଧ୍ୟରେ ତିନି ଚାରି ଜଣ ଛାତ୍ର ମାତ୍ର ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିଥିଲେ । ସୁତରାଂ, ପରୀକ୍ଷାରେ ମୃତ୍ୟୁଞ୍ଜୟଙ୍କ କୃତିତ୍ୱ ଶିକ୍ଷକ ତଥା ସ୍ଥାନୀୟ ଶିକ୍ଷାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେହି ସମୟରେ କଟକ ଟ୍ରେନିଂ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ଯୁବକ ଛାତ୍ରମାନଙ୍କ ପାଇଁ ଚାକିରିର କି ପ୍ରକାର ସମ୍ଭାବନା ଥିଲା ତାହା ଦେଖିବା କଥା । ତେବେ ଏପରି ଉଚ୍ଚାଭିଳାଷୀ ପରୀକ୍ଷୋତ୍ତୀର୍ଣ୍ଣ ଯୁବକମାନଙ୍କର ଲକ୍ଷ୍ୟ ଥିଲା, ଯେ କୌଣସି ମଧ୍ୟ ଭର୍ଣ୍ଣାକୁଲର ସ୍କୁଲରେ ଶିକ୍ଷକତା କରିବା । ସେତେବେଳେ ଜଣେ ଶିକ୍ଷକଙ୍କ ଦରମା ଥିଲା ମାତ୍ର ପନ୍ଦର ଟଙ୍କା । ନଚେତ୍ ଜିଲ୍ଲାବୋର୍ଡ ଅଧୀନରେ ଇନ୍‌ସପେକ୍ଟିଂ ପଣ୍ଡିତ କାର୍ଯ୍ୟକରିବା ଥିଲା ଏକମାତ୍ର ଆଶା । ସ୍ୱୟଂ ଗଭର୍ଣ୍ଣମେଣ୍ଟଙ୍କ ନିୟନ୍ତ୍ରିତ ଜିଲ୍ଲାସ୍କୁଲମାନଙ୍କରେ ସେତେବେଳେ ପରୀକ୍ଷୋତ୍ତୀର୍ଣ୍ଣ ଯୁବକମାନଙ୍କ ପାଇଁ ପ୍ରାପ୍ୟ ସ୍ଥାନ ନ ଥିଲା । କାରଣ ସରକାରୀ ଚାକିରିରେ କେତେକ କଟକଣା ଥିଲା । ମୃତ୍ୟୁଞ୍ଜୟଙ୍କୁ ତେଣୁ ବର୍ତ୍ତମାନ ଚିନ୍ତିତ ହେବାକୁ ପଡ଼ିଲା । ଏହା ତାଙ୍କର ଲକ୍ଷ୍ୟ ବୋଲି ମନେମନେ ସ୍ଥିର କରିଥିଲେ । ସମ୍ଭବତଃ ସେଥିପାଇଁ ଟ୍ରେନିଂ ପରୀକ୍ଷା ପରେ ଗ୍ରାମକୁ ଫେରି ନ ଯାଇ ସହରରେ ବସବାସ କଲେ । ଯୁବକ ମୃତ୍ୟୁଞ୍ଜୟ ବର୍ତ୍ତମାନ ତାଙ୍କ ପୂଜ୍ୟ ଗୁରୁଦେବଙ୍କ ସାହାଯ୍ୟ ଓ ପରାମର୍ଶ ଅନୁସାରେ

Digitized by srujanika@gmail.com

କଟକରେ ତହିଁ ସଂସ୍କୃତ ଅଧ୍ୟୟନ କଲେ । ମାତ୍ର ଷୋଳବର୍ଷ ବୟସରେ ମୃତ୍ୟୁଞ୍ଜୟ କାବ୍ୟତୀର୍ଥ ପରୀକ୍ଷାରେ ତିରିଶ ଜଣ ଛାତ୍ରଙ୍କ ମଧ୍ୟରେ ଶୀର୍ଷସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିଲେ ।

କଟକର ପ୍ୟାରୀମୋହନ ଏକାଡେମି ସେତେବେଳେ ଏକ ନାମଜାଦା ବିଦ୍ୟାଳୟ । ସେହି ବିଦ୍ୟାଳୟରେ ମୃତ୍ୟୁଞ୍ଜୟ ସହକାରୀ ଶିକ୍ଷକ ଭାବରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରିଥିଲେ । ସେ ସେଠାରେ ଓ,ଇଂ ଶିକ୍ଷକ ହିସାବରେ ମାତ୍ର ପନ୍ଦର ଟଙ୍କାରେ ଶିକ୍ଷକତା କରି ଥିବାର ଜଣାଯାଏ । ଏତଦ୍‌ବ୍ୟତୀତ ଘରୋଇ ଭାବରେ ଶିକ୍ଷକତା କରି ମୃତ୍ୟୁଞ୍ଜୟ ସମ୍ୟକ୍ ଉପାର୍ଜନ ପନ୍ଥା ସ୍ଥିର କରିଥିଲେ । ଏହି ସମୟରେ ମୃତ୍ୟୁଞ୍ଜୟଙ୍କ ସାହିତ୍ୟିକ ଜୀବନର ପ୍ରଥମ ଭିତ୍ତି ପଡ଼ିଥିବାର ଜଣାଯାଏ । ସେ ଶିକ୍ଷକତା କରିବା ସଙ୍ଗେ ସଙ୍ଗେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତ ସାହିତ୍ୟ ଅଧ୍ୟୟନ କରିଥିଲେ । ଏହି କାର୍ଯ୍ୟରେ ସେ ତାଙ୍କର ଗୁରୁଙ୍କଠାରୁ ବରାବର ପ୍ରେରଣା ଓ ସାହାଯ୍ୟ ଲାଭ କରିଥିଲେ ।

ଟାଉନ୍ ଭିକ୍ଟୋରିଆ ମାଇନର ସ୍କୁଲ ସ୍ତରରୁ ଉଚ୍ଚବିଦ୍ୟାଳୟରେ ପରିଣତ ହୋଇଥିଲା । ଭକ୍ତକବି ମଧୁସୂଦନ ରାଓ ବିଦ୍ୟାଳୟର ଉନ୍ନତି ପାଇଁ ଉଦ୍ୟମ କରୁଥିଲେ । ମୃତ୍ୟୁଞ୍ଜୟ ପ୍ୟାରୀମୋହନ ଏକାଡେମୀରେ ମାତ୍ର ଅଳ୍ପଦିନ ଶିକ୍ଷକତା କରିଥିଲେ । ସେ ମଧୁବାବୁଙ୍କ ପରାମର୍ଶରେ ପ୍ୟାରୀମୋହନ ଏକାଡେମୀ ପରିତ୍ୟାଗ କରି ବର୍ତ୍ତମାନ ଭିକ୍ଟୋରିଆ ସ୍କୁଲରେ ଦ୍ଵି,ଇଂ ଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ । ସେଠାରେ ମଧ୍ୟ ମୃତ୍ୟୁଞ୍ଜୟ ବେଶୀ ଦିନ ରହିପାରିଲେ ନାହିଁ । ରେଭେନ୍‌ସା କଲେଜିଏଟ୍ ସ୍କୁଲ ସେତେବେଳେ ସାରା ଓଡ଼ିଶାରେ ଉଚ୍ଚ ମାଧ୍ୟମିକ ଶିକ୍ଷାର ଏକ କେନ୍ଦ୍ର ରୂପେ ପ୍ରସିଦ୍ଧି ଅର୍ଜନ କରି ସାରିଥିଲା । ସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ଆଣ୍ଡରସନ୍ ସାହେବ । ସେ ମହାଶୟ କଲେଜିଏଟ୍ ସ୍କୁଲକୁ ଏକ ଆଦର୍ଶ ବିଦ୍ୟାଳୟରୂପେ ଗଢ଼ିବା ପାଇଁ ଚେଷ୍ଟା କରୁଥିଲେ । ସେହି ସ୍କୁଲରେ ସହକାରୀ ଶିକ୍ଷକ ପଦ ଖାଲି ହେବାରୁ ମୃତ୍ୟୁଞ୍ଜୟ ତାର ସୁଯୋଗ ନେଇଥିଲେ । ମୃତ୍ୟୁଞ୍ଜୟ ସନ ସମ୍ଭବତଃ ୧୯୦୫ ମସିହା ଫେବୃଆରୀ ମାସରେ ରେଭେନସା କଲେଜିଏଟ୍ ସ୍କୁଲରେ ସହକାରୀ ତୃ,ଇଂ ଶିକ୍ଷକରୂପେ ନିଯୁକ୍ତ ହୋଇଥିଲେ । ଏହା ପୂର୍ବରୁ ମୃତ୍ୟୁଞ୍ଜୟ ସଂସ୍କୃତରେ ଅଧିକ ଜ୍ଞାନ ଅର୍ଜନ କରିବାପାଇଁ ବ୍ୟଗ୍ର ହୋଇଥିଲେ । କ.ବ୍ୟ ଦ୍ଵିତୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେ କାବ୍ୟ ଉପାଧି ପଢ଼ିବାକୁ ଆରମ୍ଭ କଲେ । ଯେଉଁ ସ୍କୁଲରେ ଶିକ୍ଷକତା କରୁଥିଲେ ଏବଂ ନିଜର ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ଦୁଇବେଳା ଟିଉସନ ମଧ୍ୟ କରୁଥିଲେ । ଏହିପରି ଭାବରେ ତାଙ୍କର ଦିନର ଅଧିକାଂଶ ସମୟ ଅତିବାହିତ ହେଉଥିଲା । ଯାହା ସମୟ ପାଉଥିଲେ, ସେଥିରେ ସେ ସଂସ୍କୃତ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ବେଳେ ବେଳେ ମାସିକ ସାହିତ୍ୟ ପତ୍ରିକାମାନଙ୍କ ପାଇଁ ପ୍ରବନ୍ଧ ମଧ୍ୟ ଲେଖୁଥିଲେ । ଉତ୍କଳ-ସାହିତ୍ୟ ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ବିଶ୍ୱନାଥ କର ଏହି ନବୀନ ସାହିତ୍ୟିକଙ୍କ ସାହିତ୍ୟିକ ନିଷ୍ଠା ଉପଲବ୍ଧି କରି ବରାବର ଲେଖିବା ପାଇଁ ତାଙ୍କୁ ପ୍ରବର୍ତ୍ତାଉଥିଲେ । ଉତ୍କଳ ସାହିତ୍ୟ ପତ୍ରିକା ଯୁବକ ମୃତ୍ୟୁଞ୍ଜୟଙ୍କ ଜୀବନରେ ଏକ ନୂତନ ଦିଗନ୍ତର ସନ୍ଧାନ ଦେଇଥିଲା । ସେହି ପତ୍ରିକାରେ ତାଙ୍କର ଗୋଟିଏ ପରେ ଗୋଟିଏ ପ୍ରବନ୍ଧ ପ୍ରକାଶିତ ହେବାଦ୍ୱାରା ମୃତ୍ୟୁଞ୍ଜୟ ଅବିଚ୍ଛିନ୍ନ ସାହିତ୍ୟ ସାଧନା କରିବାରେ ଉଦ୍‌ବୁଦ୍ଧ ହୋଇଥିଲେ । କେବଳ ଉତ୍କଳ ସାହିତ୍ୟ ପତ୍ରିକା ନୁହେଁ, ପ୍ରଜାବନ୍ଧୁ ପତ୍ରିକା ମଧ୍ୟ ମୃତ୍ୟୁଞ୍ଜୟଙ୍କର ଅନେକ ରଚନା ପ୍ରକାଶ କରିଥିଲା । ଗଞ୍ଜାମ ଜିଲ୍ଲାର ରମ୍ଭାରୁ ସେତେବେଳେ 'ପ୍ରଜାବନ୍ଧୁ' ପତ୍ରିକା ସାପ୍ତାହିକ ପ୍ରକାଶ ପାଉଥିଲା । ତାହାର ସମ୍ପାଦକ ଥିଲେ ନୀଳମଣି ବିଦ୍ୟାରତ୍ନ । ଏହାପୂର୍ବରୁ ସମ୍ବଲପୁର ହିତୈଷିଣୀ ପତ୍ରିକାର ସେ ମଧ୍ୟ ସମ୍ପାଦକ ଥିଲେ । ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ ବିଦ୍ୟାରତ୍ନ ଓଡ଼ିଆ ସାମ୍ବାଦିକତା କ୍ଷେତ୍ରରେ ଏକ ବିଶିଷ୍ଟ ବ୍ୟକ୍ତି ଥିଲେ । ମୃତ୍ୟୁଞ୍ଜୟଙ୍କ ପ୍ରବନ୍ଧ ଓ ଅନ୍ୟାନ୍ୟ ରଚନାବଳୀର ସାହିତ୍ୟିକ ଯୋଗ୍ୟତା

Digitized by srujanika@gmail.com

ଦେଖି ବିଦ୍ୟାରତ୍ନ ମୁଗ୍ଧ ହୋଇଯାଇଥିଲେ ଓ ପ୍ରଜାବନ୍ଧୁ ପତ୍ରିକାରେ ସେ ମୃତ୍ୟୁଞ୍ଜୟଙ୍କ ଲେଖାକୁ ଉଚ୍ଚ ସ୍ଥାନ ଦେଉଥିଲେ । ସେଥିରେ ମୃତ୍ୟୁଞ୍ଜୟଙ୍କର କେତେକ ଜ୍ଞାନପୂର୍ଣ୍ଣ ସଙ୍ଗୀତ ଓ ଯୁଗୋପଯୋଗୀ ପ୍ରବନ୍ଧ ପ୍ରକାଶ ପାଇଥିଲା । ସେହି ରଚନା ମଧ୍ୟରୁ କେତେକଙ୍କ ନାମ ଏଠାରେ ଉଲ୍ଲେଖ କରାଗଲା ।

ମୃତ୍ୟୁଞ୍ଜୟଙ୍କ ପ୍ରବନ୍ଧ "ଚତୁଷ୍ପାଠୀ" ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଥିଲା । ପ୍ରବନ୍ଧରେ ଲେଖକ ଉତ୍କଳର ପ୍ରାଚୀନ ଶିକ୍ଷା ପ୍ରଣାଳୀ ଓ ବିଦ୍ୟାଚର୍ଚ୍ଚା ସମ୍ପର୍କରେ ଆଲୋଚନା କରିଥିଲେ ଓ ଉତ୍କଳର ପୁର-ପଲ୍ଲୀରେ ଶିକ୍ଷାଚର୍ଚ୍ଚାର ଗୋଟିଏ ପରମ୍ପରା ପ୍ରତିଷ୍ଠିତ ହୋଇ ସାରିଥିଲା ଓ ଏହାର ମାଧ୍ୟମ ଥିଲା ଚତୁଷ୍ପାଠୀ । ଏହି ତଥ୍ୟ ପ୍ରାବନ୍ଧିକ ନିଜର ଶକ୍ତିଶାଳୀ ଭାଷାରେ ଉପସ୍ଥାପନା କରିଥିଲେ । ପ୍ରବନ୍ଧଟି ପାଠକରି ଅନେକ ପାଠକ ଲେଖକଙ୍କୁ ପ୍ରଶଂସା କରିଥିଲେ ଓ ସେହି ପାଠକମାନଙ୍କ ମଧ୍ୟରେ କବିବର ରାଧାନାଥ ଥିଲେ ଅନ୍ୟତମ ।

କଟକର ବାଙ୍କାବଜାର ଗଳିରେ ଥିବା ପୁରୁଣା ଭିକ୍ଟୋରିଆ ସ୍କୁଲର ବୋର୍ଡିଂରେ ମୃତ୍ୟୁଞ୍ଜୟ ରହୁଥିଲେ । ହଠାତ୍ ଦିନେ ସକାଳେ ଦେଖାଗଲା, କବିବର ରାଧାନାଥ ରାଇ ସେଠାରେ ଉପସ୍ଥିତ । ସେ ମୃତ୍ୟୁଞ୍ଜୟଙ୍କୁ ତାଙ୍କର ଲିଖିତ "ଚତୁଷ୍ପାଠୀ" ପ୍ରବନ୍ଧ ଯୋଗୁଁ ପ୍ରଶଂସା ଜଣାଇଥିଲେ । ଏହିସବୁ ଘଟଣା କ୍ରମେ କ୍ରମେ ମୃତ୍ୟୁଞ୍ଜୟଙ୍କୁ ଦୃଢ଼ତାର ସହିତ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହେବାପାଇଁ ସାହାଯ୍ୟ କରିଥିଲା ।

'ବାଣୀଭୂଷଣ' ଉପାଧି ବନାମ କାଠଯୋଡ଼ କୂଳଆ ଉପାଧି ମୃତ୍ୟୁଞ୍ଜୟଙ୍କୁ ମିଳିଥିଲା । କିନ୍ତୁ ଏହା ପଛରେ ଖିତ୍ତମତ ଏକ ନାଟକ ଅଭିନୀତ ହୋଇଥିଲା ବୋଲି କୁହାଯାଇପାରେ । ମୃତ୍ୟୁଞ୍ଜୟଙ୍କର ଯେପରି ଅନେକ ପ୍ରଶଂସକ ଥିଲେ, ସେହିପରି ମଧ୍ୟ ତାଙ୍କର ଶତ୍ରୁମାନଙ୍କର ସଂଖ୍ୟା କମ୍ ନଥିଲା । ତାଙ୍କର ପାଣ୍ଡିତ୍ୟ ଓ ଅଧ୍ୟବସାୟ ଅନେକଙ୍କୁ ଈର୍ଷାନ୍ୱିତ କରିଥିଲା । ସେ ଯେତେବେଳେ ରାଧାନାଥ, ବିଶ୍ୱନାଥ, ମଧୁସୂଦନ, ଚନ୍ଦ୍ରମୋହନ ମହାରଣା ଓ ନୀଳମଣି ବିଦ୍ୟାରତ୍ନଙ୍କ ସଦୃଶ ସାହିତ୍ୟିକ ଓ ସଂପାଦକମାନଙ୍କର ଶୁଭଦୃଷ୍ଟି ଲାଭ କରିଥିଲେ, ସେତେବେଳେ କଟକ ସହରର କେତେକ ପଣ୍ଡିତମ୍ମନ୍ୟ ଈର୍ଷାନ୍ୱିତ ହୋଇ ତାଙ୍କର କଟୁ ସମାଲୋଚନା କରିବା ପାଇଁ ପଶ୍ଚାତ୍ପଦ ହୋଇ ନ ଥିଲେ । ମୃତ୍ୟୁଞ୍ଜୟଙ୍କୁ "ବାଣୀଭୂଷଣ" ଉପାଧି ଦେବା ପ୍ରସ୍ତାବ ସେମାନଙ୍କ ପକ୍ଷେ ଅସହ୍ୟ ହୋଇ ପଡ଼ିଥିଲା । ସୁତରାଂ, ରାଧାନାଥ ଓ ମଧୁସୂଦନଙ୍କର ସୁପାରିଶରେ ତାଙ୍କୁ ଯେତେବେଳେ ବାଣୀଭୂଷଣ ଉପାଧି ଦେବାକଥା ସ୍ଥିର ହୋଇଥିଲା, ବିପକ୍ଷଦଳ ଏଥିରେ ଆହୁରି ଉତ୍ତ୍ୟକ୍ତ ହେଲେ । କେହି କେହି ଏହାକୁ କାଠଯୋଡ଼ କୂଳଆ ଉପାଧି ବୋଲି ବିଦ୍ରୂପ କରିଥିଲେ । ସମସ୍ତେ ଆକ୍ଷେପ କରିଥିଲେ ଯେ, ତାଙ୍କର ଉପାଧି ପରୀକ୍ଷାରେ କୃତିତ୍ୱ ହାସଲ କରିବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ନ ଥିଲା । ସେଥିପାଇଁ ତାଙ୍କୁ ଅସଲ ଉପାଧି ପରିବର୍ତ୍ତେ ଏପରି ଏକ ନକଲି ଉପାଧି ଦିଆଯାଉଛି । ତେଣୁ ସେମାନଙ୍କର ଯୁକ୍ତି ହୋଇଥିଲା ଯେ—

"ଅମଙ୍ଗଳସ୍ୟ ବାରସ୍ୟ ଯଥା ମଙ୍ଗଳବାରତା
ଅବାଣୀଭୂଷଣସ୍ୟାପି ବାଣୀଭୂଷଣ ତଥା ।"

ଏହାର ଅର୍ଥ ହେଉଛି, ଅମଙ୍ଗଳସୂଚକ ବାରକୁ ଯେପରି ମଙ୍ଗଳବାର ନାମ ଦିଆଯାଇଛି, ସେହିପରି ଅବାଣୀଭୂଷଣଙ୍କୁ ବାଣୀଭୂଷଣ ପଦ ପ୍ରଦତ୍ତ ହୋଇଛି ।

୧୯୦୪ ମସିହାର ଘଟଣା । କଟକର ସ୍ଥାନୀୟ ପ୍ରସିଦ୍ଧ ଜମିଦାର ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କର ଗୃହ ପ୍ରାଙ୍ଗଣରେ ଗୋଟିଏ ସାଧାରଣ ସଭା ଅନୁଷ୍ଠିତ ହୋଇ-ଥିଲା । ସେଥିରେ କଟକର ବିଶିଷ୍ଟ ଶିକ୍ଷା ଓ ସାହିତ୍ୟ-ପ୍ରେମୀ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଶଙ୍କରାନନ୍ଦ

Digitized by srujanika@gmail.com

ମଠର ପଣ୍ଡିତ ସ୍ୱାମୀଙ୍କର ସଭାପତିତ୍ୱରେ ଏହି ଉପାଧି ପ୍ରଦାନ କରିବା ପାଇଁ ସଭାଟି ଅନୁଷ୍ଠିତ ହୋଇଥିଲା । ସେହିଦିନ ଠାରୁ ମୃତ୍ୟୁଞ୍ଜୟ ବାଣୀଭୂଷଣ ଉପାଧିରେ ଭୂଷିତ ହୋଇଥିଲେ । ଏହି ଘଟଣା ଏହିଠାରେ ଶେଷ ହୋଇ ନ ଥିଲା, କାରଣ ତାଙ୍କର ବିପକ୍ଷ ଦଳ ତାଙ୍କୁ ସର୍ବଦା ଉପହାସ କରୁଥିଲେ ।

ମୃତ୍ୟୁଞ୍ଜୟ ଓ ଉପାଧି ପରୀକ୍ଷା—

ମୃତ୍ୟୁଞ୍ଜୟ ନିଜର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ବରାବର ଶାସ୍ତ୍ରାଧ୍ୟୟନ ଅଭ୍ୟାସ ବଜାୟ ରଖିଥିଲେ । ସେ ଏହାପରେ କିପରି ସଂସ୍କୃତ ଉପାଧି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ତାହା ହିଁ ଥିଲା ତାଙ୍କର ପ୍ରଧାନ ଚିନ୍ତା । ତାଙ୍କର ଶତ୍ରୁମାନେ ପ୍ରଚାର କରୁଥିଲେ ଯେ, ସେ କଦାପି ଉପାଧି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିବେ ନାହିଁ । କାରଣ ତାଙ୍କର ଶାସ୍ତ୍ରରେ ପ୍ରବେଶ ନଥିଲା । ଯାହାହେଉ ଦୃଢ଼ ପ୍ରତିଜ୍ଞା ସହକାରେ ସେ ୧୯୦୬ ମସିହାରେ ଉପାଧି ପରୀକ୍ଷା ଦେଇଥିଲେ । ଭାଗ୍ୟର ବିଡ଼ମ୍ବନ, ଅଧ୍ୟବସାୟ ଓ ପରିଶ୍ରମର କି ପୁରସ୍କାର ସତେ ! ଯେତେବେଳେ ଉପାଧି ପରୀକ୍ଷାର ଫଳ ପ୍ରକାଶିତ ହେଲା, ସେତେବେଳେ ତାଙ୍କ ଶତ୍ରୁମାନଙ୍କର ଅପପ୍ରଚାର ଅପ୍ରମାଣିତ ହୋଇଗଲା । ସମସ୍ତେ ମୃତ୍ୟୁଞ୍ଜୟଙ୍କୁ ମୁକ୍ତକଣ୍ଠରେ ପ୍ରଶଂସା କରିଥିଲେ । କାରଣ ମୃତ୍ୟୁଞ୍ଜୟ ଉପାଧି ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ସମଗ୍ର ବିହାର, ବଙ୍ଗଳା, ଓଡ଼ିଶା ଓ ଛୋଟନାଗପୁରରେ ଶୀର୍ଷସ୍ଥାନ ଅଧିକାର କରିଥିଲେ । କେବଳ ସେତିକି ନୁହେଁ, ସେ ପୁଣି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏଥିରେ ସରକାର ମୃତ୍ୟୁଞ୍ଜୟଙ୍କୁ ୪୦ ଟଙ୍କା ପୁରସ୍କାର ମଞ୍ଜୁର କରିଥିଲେ । ଏହିପରି ମୃତ୍ୟୁଞ୍ଜୟଙ୍କର ସଂସ୍କୃତ ଉପାଧି ପରୀକ୍ଷାରେ କୃତିତ୍ୱ ଲାଭ କରିବା ଏକ ନାଟକୀୟ ଘଟଣା ବୋଲି ଜାଣିବାକୁ ହେବ ।

ଏହା ପୂର୍ବରୁ ଆଉ ଏକ ଘଟଣା । ତାହା ୧୯୦୫ ମସିହାର କଥା, ସେହିବର୍ଷ ଫେବୃୟାରୀ ମାସରେ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲରେ ଜଣେ ସହକାରୀ ତ୍ରଇଁ ଶିକ୍ଷକ ପଦ ସୃଷ୍ଟି ହୋଇଥିଲା । ମୃତ୍ୟୁଞ୍ଜୟ ସେହି ଶିକ୍ଷକ ଚାକିରୀ ପାଇଁ ପ୍ରାର୍ଥୀ ଥିଲେ । ପୂର୍ବରୁ କଲେଜିଏଟ୍ ସ୍କୁଲର ଶିକ୍ଷକ ଓ ଅଧ୍ୟକ୍ଷଙ୍କ ସହ ସେ ବେଶ୍ ପରିଚିତ ଥିଲେ; କିନ୍ତୁ ସେହି ଶିକ୍ଷକପଦ ପାଇଁ ମୃତ୍ୟୁଞ୍ଜୟଙ୍କ ଯୋଗ୍ୟତା ନ ଥିଲା । କାରଣ ସେତେବେଳେ କଟକ ଟ୍ରେନିଂସ୍କୁଲ ପରୀକ୍ଷୋତ୍ତୀର୍ଣ୍ଣ ଯେ କୌଣସି ବ୍ୟକ୍ତି ସହଜରେ ସରକାରୀ ହାଇସ୍କୁଲରେ ଚାକିରୀ ପାଇପାରୁ ନଥିଲେ । କିନ୍ତୁ ମୃତ୍ୟୁଞ୍ଜୟଙ୍କ ପକ୍ଷରେ କଲେଜିଏଟ୍ ସ୍କୁଲରେ ଚାକିରୀ ପାଇବା କଷ୍ଟସାଧ୍ୟ ହୋଇ ନ ଥିଲା । ତାଙ୍କର ଅବଶ୍ୟ ସେତେବେଳେ ମାସିକ ବେତନ ଥିଲା ୧୫ ଟଙ୍କା । ମୃତ୍ୟୁଞ୍ଜୟ ସେଥିରେ ସନ୍ତୁଷ୍ଟ ଥିଲେ । ଉପାଧି ପରୀକ୍ଷାରେ ପାଶ୍ କରିବାପରେ ସେ ସେହି ସ୍କୁଲର ଦ୍ୱିତୀୟ ପଣ୍ଡିତ ପଦକୁ ଉନ୍ନୀତ ହେଲେ । ସେହିଦିନଠାରୁ ଦୀର୍ଘ ୧୭ ବର୍ଷକାଳ ମୃତ୍ୟୁଞ୍ଜୟ କଲିଜିଏଟ ସ୍କୁଲର ସେବାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ତାଙ୍କର କର୍ତ୍ତବ୍ୟ ପରାୟଣତା, ଛାତ୍ରବତ୍ସଳତା ତଥା ସାହିତ୍ୟାନୁରାଗ ତାଙ୍କୁ କଟକର ଶିକ୍ଷିତ ମଣ୍ଡଳୀ ତଥା ସାରା ଓଡ଼ିଶାର ସାହିତ୍ୟିକ ସମାଜରେ ବିଶ୍ୱାସ ଓ ଶ୍ରଦ୍ଧାର ପାତ୍ର କରାଇ ପାରିଥିଲା । ସେତେବେଳେ ବହୁ ଯୋଗ୍ୟ ବ୍ୟକ୍ତି କଲେଜିଏଟ୍ ହାଇସ୍କୁଲର ଅଧ୍ୟକ୍ଷ ପଦ-ମଣ୍ଡନ କରିଥିଲେ । ସେମାନଙ୍କ ମଧ୍ୟରେ ମିଷ୍ଟର ହାଣ୍ଡରସନ ଥିଲେ ଅନ୍ୟତମ । ହାଣ୍ଡରସନ୍ ଜଣେ ଗୁଣଗ୍ରାହୀ ଅଧ୍ୟକ୍ଷ ଥିଲେ । ସେ ବର୍ତ୍ତମାନ ମୃତ୍ୟୁଞ୍ଜୟଙ୍କ ସାହିତ୍ୟ ତଥା ଶିକ୍ଷା ଜଗତରେ ସାଧନା ଦେଖି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ମୃତ୍ୟୁଞ୍ଜୟଙ୍କୁ ଉଚ୍ଚ ବେତନରେ ଚାକିରୀ ଦେବ ପାଇଁ ସେ ମଧ୍ୟ ସରକାରଙ୍କୁ ସୁପାରିଶ କରିଥିଲେ । ୧୯୨୦ ମସିହାରୁ ମୃତ୍ୟୁଞ୍ଜୟ ମାସିକ ଦରମା ଟ ୫୪ ହାରରେ ପାଉଥିଲେ । ଏହାପରେ କଟକ ଟ୍ରେନିଂ ସ୍କୁଲରେ ହେଡ଼ପଣ୍ଡିତ ଚାକିରୀ ଖାଲି ହୋଇଥିଲା । ସେତେବେଳେ ହାଣ୍ଡରସନ୍ ଅସ୍ଥାୟୀ ଭାବରେ ଇନ୍‌ସପେକ୍ଟରର ପଦକୁ ଉନ୍ନୀତ ହୋଇ ସାରିଥିଲେ । ସେ ବର୍ତ୍ତମାନ ମୃତ୍ୟୁଞ୍ଜୟଙ୍କୁ ସାହାଯ୍ୟ

Digitized by srujanika@gmail.com

କରିବା ପାଇଁ ସୁବିଧା ପାଇଲେ । ଫଳରେ ୧୯୧୯ ମସିହା ମେ ମାସରେ ମୃତ୍ୟୁଞ୍ଜୟ ଅସ୍ଥାୟୀ ଭାବରେ ଟ୍ରେନିଂ ସ୍କୁଲର ହେଡପଣ୍ଡିତ ପଦରେ ନିଯୁକ୍ତ ହେଲେ । ଟ୍ରେନିଂ ସ୍କୁଲର ଛାତ୍ରାବାସର ସହକାରୀ ତତ୍ତ୍ୱାବଧାରକ ରୂପେ ସେ ମଧ୍ୟ କାର୍ଯ୍ୟ କରୁଥିଲେ । ସେଥିପାଇଁ ମାସିକ ବେତନ ଛଡ଼ା ତାଙ୍କୁ ମାସିକ ୨୦-୨୫ଟଙ୍କା ଭତ୍ତା ମିଳୁଥିଲା । ଟ୍ରେନିଂ ସ୍କୁଲର ହେଡ଼ମାଷ୍ଟରଙ୍କ ସଙ୍ଗେ କେତେକ କାରଣ ଯୋଗୁଁ ତାଙ୍କର ମନୋମାଳିନ୍ୟ ଘଟିଥିଲା । ମୃତ୍ୟୁଞ୍ଜୟ ସେଥିପାଇଁ ନିଜର ପୂର୍ବ ଚାକିରୀକୁ ଫେରି ଯିବାପାଇଁ ମନସ୍ଥ କଲେ । ୧୯୨୧ ମସିହା ଜାନୁଆରୀ ମାସରୁ ମୃତ୍ୟୁଞ୍ଜୟ କଲିଜିଏଟ୍ ସ୍କୁଲରେ ଦ୍ୱିତୀୟ ପଣ୍ଡିତ ପଦକୁ ବଦଳି ହୋଇଥିଲେ । ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର ପୁରୀଜିଲ୍ଲା ସ୍କୁଲର ହେଡ଼ପଣ୍ଡିତ ଥିଲେ । ସେ ସେହିବର୍ଷ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ । ତା ଫଳରେ ରେଭେନ୍ସା କଲିଜିଏଟ୍ ସ୍କୁଲର ହେଡପଣ୍ଡିତ ପଦ ଶୂନ୍ୟ ପଡ଼ିଲା । କର୍ତ୍ତୃପକ୍ଷଙ୍କ ସୁପାରିଶ କ୍ରମେ ମୃତ୍ୟୁଞ୍ଜୟ କଲିଜିଏଟ୍ ସ୍କୁଲର ହେଡ଼-ପଣ୍ଡିତ ପଦରେ ନିଯୁକ୍ତ ହୋଇଥିଲେ । ସେତେବେଳେ ତାଙ୍କର ମାସିକ ଦରମା ଥିଲା ଟ ୭୦ । ଏହା ସବ୍-ଅର୍ଡ଼ିନେଟ୍ ଏଡୁକେସନାଲ୍ ସର୍ଭିସ ବୋଲି ବିବେଚିତ ହେଉଥିଲା । ମୃତ୍ୟୁଞ୍ଜୟ ସେହିଦିନଠାରୁ ୧୯୨୪ ମସିହା ଏପ୍ରିଲ ମାସ ୧୦ ତାରିଖ ପର୍ଯ୍ୟନ୍ତ ହେଡ଼ପଣ୍ଡିତ୍ ଭାବରେ କାର୍ଯ୍ୟ କରିଥିଲେ ।

ପାରିବାରିକ ଜୀବନ—

ମୃତ୍ୟୁଞ୍ଜୟଙ୍କ ପାରିବାରିକ ଜୀବନ ସୁଖମୟ ନଥିଲା ବୋଲି କହିଲେ ଚଳେ । ତାଙ୍କର ପିତା ଦୁଇ ଭାଇ ଥିଲେ, ଜ୍ୟେଷ୍ଠ ବିଦ୍ୟାଧର ଓ କନିଷ୍ଠ ଦାମୋଦର । ମୃତ୍ୟୁଞ୍ଜୟ ଦାମୋଦରଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ । ଦାମୋଦର ସଂସାର ପ୍ରତି ବଡ଼ ଉଦାସୀନ ଥିଲେ । ସେ ପରିବାରର କୌଣସି ଦାୟିତ୍ୱ ଗ୍ରହଣ କରି ନଥିଲେ । ତେଣୁ ପରିବାରର ଦାୟିତ୍ୱ ବିଦ୍ୟାଧରଙ୍କ ଉପରେ ନ୍ୟସ୍ତ ଥିଲା । ପରିବାର ମଧ୍ୟରେ ନାରୀମାନଙ୍କ କୂଟ-ବୁଦ୍ଧି ଯୋଗୁଁ ଅନେକ ସମୟରେ ଅଶାନ୍ତି ଓ ସଂଘର୍ଷ ଘଟିଥାଏ । ବିଦ୍ୟାଧର ଓ ଦାମୋଦରଙ୍କ ଜୀବନରେ ସେହିପରି ଅଶାନ୍ତି ଦେଖାଦେଲା । ବିଦ୍ୟାଧର, ରୋଜଗାର କରୁ ନଥିବାରୁ କନିଷ୍ଠ ଭ୍ରାତା ଦାମୋଦରଙ୍କ ପ୍ରତି ସମୟେ ସମୟେ ନିର୍ଦ୍ଦୟ ବ୍ୟବହାର କରୁଥିଲେ । ଜ୍ୟେଷ୍ଠ ଭ୍ରାତୃଜାୟା ମଧ୍ୟ ପରିବାରରେ ଅଶାନ୍ତି ଉପଦ୍ରବ ସୃଷ୍ଟି କରୁଥିଲେ । ଦାମୋଦର ଘର ଭିତରେ ଏକ ପ୍ରକାର ସମସ୍ତଙ୍କୁ ଡରି ଚଳୁଥିଲେ; କିନ୍ତୁ ତାଙ୍କର ଏହି ଦୁର୍ଦ୍ଦଶାର ଅବସାନ ଘଟିଥିଲା ଯେତେବେଳେ ତାଙ୍କର ପୁତ୍ର ମୃତ୍ୟୁଞ୍ଜୟ ଉପାର୍ଜନ ପାଇଁ ସମର୍ଥ ହୋଇ-ଥିଲେ । ମୃତ୍ୟୁଞ୍ଜୟ ବରାବର ପରିବାରକୁ ଅର୍ଥ ସାହାଯ୍ୟ କରୁଥିଲେ । ପୁନଶ୍ଚ ତାଙ୍କର ଶିକ୍ଷା ଓ ମର୍ଯ୍ୟାଦା ପରିବାରରେ ତାଙ୍କୁ ସମସ୍ତଙ୍କ ପ୍ରିୟପାତ୍ର କରିଦେଇ ଥିଲା । ମୃତ୍ୟୁଞ୍ଜୟଙ୍କର ପାଞ୍ଚଭାଇ ଓ ଗୋଟିଏ ଭଉଣୀ ଥିଲେ ।

ମାତ୍ର ଅଳ୍ପ ବୟସରେ ମୃତ୍ୟୁଞ୍ଜୟଙ୍କୁ ବିବାହ କରିବାକୁ ପଡ଼ିଥିଲା । ସେ ଯାହାଙ୍କୁ ବିବାହ କରିଥିଲେ, ତାଙ୍କର ଘର ମଧ୍ୟ ସେହି ଗ୍ରାମରେ । ରୂପ ଓ ଗୁଣ ଉଭୟ ତାଙ୍କଠାରେ ନିହିତ ଥିଲା । ମୃତ୍ୟୁଞ୍ଜୟ ଟ୍ରେନିଂ ସ୍କୁଲର ତୃତୀୟ ବାର୍ଷିକ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ବିବାହ କରିଥିଲେ । ଏହି ଦମ୍ପତି ପାଞ୍ଚ-ଗୋଟି ପୁତ୍ର ଓ ଗୋଟିଏ କନ୍ୟାର ପିତାମାତା ହେବାର ସୌଭାଗ୍ୟ ଲାଭ କରିଥିଲେ । ଦୁଃଖ ଓ ଅଭାବ ମଧ୍ୟରେ ତାଙ୍କର ଦାମ୍ପତ୍ୟ ଜୀବନ ଅତିବାହିତ ହୋଇଥିଲା । ମାତ୍ର ସାଂସାରିକ ସୁଖ କେବେ ସ୍ଥାୟୀ ନୁହେଁ । ୧୯୧୨ ମସିହା ମୃତ୍ୟୁଞ୍ଜୟଙ୍କ ଜୀବନରେ ଏକ ଶୋକାବହ ବର୍ଷ ବୋଲି ଜାଣିବାକୁ ହେବ । କାରଣ ସେହି ବର୍ଷ ବିସୂଚିକା ରୋଗରେ ଆକସ୍ମିକ ଭାବରେ ତାଙ୍କର ଜ୍ୟେଷ୍ଠ ପୁତ୍ର ଓ ସ୍ତ୍ରୀ ମୃତ୍ୟୁ ମୁଖରେ ପଡ଼ିଥିଲେ । ଯେ କୌଣସି ଲୋକ ଧୈର୍ଯ୍ୟଶୀଳ ଓ ସହିଷ୍ଣୁ ହେଲେ ମଧ୍ୟ ଏପରି ଦାରୁଣ ବିପର୍ଯ୍ୟୟ ମଧ୍ୟରେ ଭାଙ୍ଗି ପଡ଼ିବା କଥା । ମୃତ୍ୟୁଞ୍ଜୟଙ୍କ ଜୀବନର ଲକ୍ଷ୍ୟ ଏପରି କକ୍ଷଚ୍ୟୁତ ହେଲା । ବିଷାଦ ଓ

Digitized by srujanika@gmail.com

ଦୁଃଖରେ ସେ ଭାଙ୍ଗି ପଡ଼ିଥିଲେ । ସେ ସେତେବେଳେ ଶୋକଜର୍ଜରିତ ପ୍ରାଣରେ ବନ୍ଧୁମାନଙ୍କୁ ଏହି ଦୁଃଖ ଖବର ଜଣାଇ କାନ୍ଦି ପକାଇଥିଲେ । ଯଥା,

"ପୁତ୍ର ସହିତେ ପତ୍ନୀ ମଲା
ସର୍ବ ସମ୍ପଦ ମୋର ଗଲା ।"

ସଂସାର ପ୍ରତି ମୃତ୍ୟୁଞ୍ଜୟ ଏକବାରକେ ଉଦାସୀ ଓ ବୀତସ୍ପୃହ ହୋଇ ଯାଇଥିଲେ । ଏହାପରେ ତାଙ୍କର ସାନଭାଇ କୃତ୍ତିବାସ ଯୌବନରେ ମୃତ୍ୟୁ ମୁଖରେ ପଡ଼ିଥିଲେ । କୃତ୍ତିବାସଙ୍କ ପ୍ରତି ମୃତ୍ୟୁଞ୍ଜୟଙ୍କର ଅଗାଧ ସ୍ନେହ ଥିଲା । କାରଣ ତାଙ୍କର ସାନଭାଇ ବିଶ୍ୱନାଥ ଯେତେବେଳେ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କଲେ, ସେତେବେଳେ ମୃତ୍ୟୁଞ୍ଜୟଙ୍କ ଶୋକର ମାତ୍ରା ବଢ଼ି ଯାଇଥିଲା । କାରଣ ତାଙ୍କର ବୃଦ୍ଧ ପିତାମାତାଙ୍କ ପକ୍ଷରେ ଏହି ଯନ୍ତ୍ରଣା ମାରାତ୍ମକ ଥିଲା । ତାଙ୍କର ନିଜ ସାନପୁଅ ରାଧାନାଥ ଅଗ୍ନି ଦଗ୍ଧ ହୋଇ ପ୍ରାଣତ୍ୟାଗ କରିଥିଲେ । ଏହିପରି ଗୋଟିଏ ପରେ ଗୋଟିଏ ବିୟୋଗାନ୍ତ ଦୃଶ୍ୟ ମୃତ୍ୟୁଞ୍ଜୟଙ୍କ ଜୀବନ ରଙ୍ଗମଞ୍ଚରେ ଅଭିନୀତ ହେଲା । ରକ୍ତମାଂସଧାରୀ କୌଣସି ବ୍ୟକ୍ତି ଏ କ୍ଷେତ୍ରରେ ଧୈର୍ଯ୍ୟ ଧରି ରହି ପାରି ନ ଥାନ୍ତା । ସେହିପରି ତାଙ୍କର ବୈବାହିକ ଜୀବନ ମଧ୍ୟ ଦୁଃଖ ଜର୍ଜରିତ ହୋଇଥିଲା । ତାଙ୍କର ସ୍ତ୍ରୀଙ୍କର ବିୟୋଗ ପରେ ମୃତ୍ୟୁଞ୍ଜୟ ପୁନର୍ବିବାହ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ ; କିନ୍ତୁ ତାଙ୍କର ବୃଦ୍ଧ ପିତାମାତା ପୁନର୍ବିବାହ କରିବା ପାଇଁ ତାଙ୍କୁ ପ୍ରବର୍ତ୍ତାଇ ଥିଲେ । ଶେଷରେ ମୃତ୍ୟୁଞ୍ଜୟ ପିତାମାତାଙ୍କ ପ୍ରସ୍ତାବ ଗ୍ରହଣ କରିଥିଲେ । ଏହା ୧୯୧୪ ମସିହାର ଘଟଣା । ବିବାହର ମାତ୍ର ଦଶ ବର୍ଷ ପରେ ମୃତ୍ୟୁଞ୍ଜୟଙ୍କର ଦ୍ୱିତୀୟ ସ୍ତ୍ରୀଙ୍କୁ ବୈଧବ୍ୟ ଦଶା ଭୋଗ କରିବାକୁ ପଡ଼ିଥିଲା । ମୃତ୍ୟୁଞ୍ଜୟଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଗର୍ଭରୁ ଗୋଟିଏ ପୁତ୍ର ଓ ଦୁଇଗୋଟି କନ୍ୟା ଜନ୍ମ ହୋଇଥିଲେ । ମୃତ୍ୟୁଞ୍ଜୟଙ୍କର ପିତାମାତା ବାରମ୍ବାର ଦୁଃଖ, ବିପଦ ଅନେକ ସଙ୍କଟର ସମ୍ମୁଖୀନ ହୋଇ ୧୯୨୧ ଓ ୨୨ ମସିହାରେ ପ୍ରାଣତ୍ୟାଗ କରିଥିଲେ । ଏହାପରେ ମୃତ୍ୟୁଞ୍ଜୟ ଘରଦ୍ୱାର ଛାଡ଼ି କଟକ ସହରରେ ବରାବର ଏକାକୀ ରହିଥିଲେ । ପରିବାରର ଦାୟିତ୍ୱ ବର୍ତ୍ତମାନ ଚତୁର୍ଥ ଭାଇ ସଦାଶିବଙ୍କ ଉପରେ ନ୍ୟସ୍ତ ହୋଇଥିଲା ।

ସାହିତ୍ୟିକ ଜୀବନ—

ମୃତ୍ୟୁଞ୍ଜୟ ଛାତ୍ରାବସ୍ଥାରୁ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ । ସେତେବେଳେ ମିଡ଼ିଲ ଭର୍ଣ୍ଣାକୁଲର ସ୍କୁଲ ପରୀକ୍ଷାରେ ପାଶ୍ କରିଥିବା ଜଣେ ଯୁବକ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରିବ ଅସମ୍ଭବ ହୋଇନପାରେ ; କିନ୍ତୁ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରି ପ୍ରସିଦ୍ଧି ଅର୍ଜନ କରିବା ଅସମ୍ଭବ ଥିଲା । କେବଳ ଅଧ୍ୟବସାୟ, ପରିଶ୍ରମ ଓ ନିଷ୍ଠା ବଳରେ ଜଣେ ସାହିତ୍ୟ କ୍ଷେତ୍ରରେ ଗୌରବ ଅର୍ଜନ କରି ପାରିଥାଏ । ଛାତ୍ର ଜୀବନରେ ସେ ଭକ୍ତକବି ମଧୁସୂଦନ ରାଓ, ଚନ୍ଦ୍ରମୋହନ ମହାରଣା ପ୍ରଭୃତି ଶିକ୍ଷାବିତ୍ ଓ ସାହିତ୍ୟିକଙ୍କଦ୍ୱାରା ପ୍ରଭାବିତ ହୋଇଥିଲେ । ସେମାନଙ୍କ ପ୍ରେରଣାରେ ମୃତ୍ୟୁଞ୍ଜୟଙ୍କ ସାହିତ୍ୟ ଚର୍ଚ୍ଚାର ସୂତ୍ରପାତ ହେଲା ଓ କବିବର ରାଧାନାଥ, ପ୍ରାବନ୍ଧିକ ବିଶ୍ୱନାଥ କର, ସାମ୍ବାଦିକ ବ୍ରଜସୁନ୍ଦର ଦାସ ଓ ମାଳମଣି ବିଦ୍ୟାରତ୍ନ ପ୍ରଭୃତିଙ୍କର ସହାୟତାରେ ତାଙ୍କର ସାହିତ୍ୟିକ ସାଧନା ସାଫଲ୍ୟର ସୀମା ସ୍ପର୍ଶ କରିଥିଲା । ବିଶେଷତଃ ସେତେବେଳର ସୁସାହିତ୍ୟିକ ଶଶୀଭୂଷଣ ରାୟଙ୍କର ବନ୍ଧୁତା ମୃତ୍ୟୁଞ୍ଜୟଙ୍କ ପକ୍ଷରେ ବେଶ୍ ଫଳପ୍ରସୂ ହୋଇଥିଲା । ଓଡ଼ିଆ ସାହିତ୍ୟରେ ଶଶୀଭୂଷଣ ଓ ମୃତ୍ୟୁଞ୍ଜୟଙ୍କ ମିଳନ ମଣିକାଞ୍ଚନ ସଂଯୋଗ ସଦୃଶ ପ୍ରତୀତ ହୁଏ । ଉଭୟେ ସାହିତ୍ୟରେ ଗଦ୍ୟକୁ ମାଧ୍ୟମ ରୂପେ ଭାବ ପ୍ରକାଶ କରିବା ପାଇଁ ଗ୍ରହଣ କରିଥିଲେ । ଉଭୟଙ୍କର ସୌନ୍ଦର୍ଯ୍ୟଜ୍ଞାନ ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଥିଲା । ସେମାନଙ୍କର ସାହିତ୍ୟିକ ଆଦର୍ଶ ମଧ୍ୟ ସତ୍ୟ ସୁନ୍ଦରର ଉପାସନା ଉପରେ ଆଧାରିତ ହୋଇଥିଲା । ତେଣୁ ଉଭୟଙ୍କ ଲେଖାରେ ବୈଷମ୍ୟ ଅପେକ୍ଷା ସାମ୍ୟ ହିଁ ବିଶେଷ ଭାବରେ ଦେଖାଯାଇଥିଲା । ଓଡ଼ିଶାର ରାଜାମହାରାଜାଙ୍କଦ୍ୱାରା ମୃତ୍ୟୁଞ୍ଜୟ ବହୁବାର

Digitized by srujanika@gmail.com

ପୁରସ୍କୃତ ହୋଇଥିଲେ । ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ମୃତ୍ୟୁଞ୍ଜୟ ଏକାଧିକବାର ପୁରସ୍କାର ଲାଭ କରିଥିଲେ । ତାଙ୍କର ତାଳଚେର ପୁରସ୍କାର ଲାଭ ଏଠାରେ ଉଲ୍ଲେଖ ଯୋଗ୍ୟ ।

ବହୁ ବର୍ଷ ଧରି ମୃତ୍ୟୁଞ୍ଜୟ ଉତ୍କଳ ସାହିତ୍ୟ ଓ ମୁକୁର ପତ୍ରିକା ସମ୍ପୃକ୍ତ ଜଡ଼ିତ ଥିଲେ । ଏହି ଦୁଇ ପତ୍ରିକାରେ ତାଙ୍କର ଶତାଧିକ ପ୍ରବନ୍ଧ ପ୍ରକାଶିତ ହୋଇଥିଲା ।

ମୃତ୍ୟୁଞ୍ଜୟଙ୍କ ସମସ୍ତ ରଚନାବଳୀକୁ ୪ ଭାଗରେ ବିଭକ୍ତ କରାଯାଇପାରେ । ସେହି ବିଭାଗ ଗୁଡ଼ିକ ହେଲା (୧) ଶିଶୁ ଉପଯୋଗୀ ରଚନା, (୨) ମୌଳିକ କାବ୍ୟକବିତା, (୩) ଗଦ୍ୟରଚନା, (୪) ଅନୁବାଦ ।

ଶିଶୁସାହିତ୍ୟ ରଚନା କ୍ଷେତ୍ରରେ ମୃତ୍ୟୁଞ୍ଜୟଙ୍କ ପ୍ରଣୀତ ପାଠ୍ୟପୁସ୍ତକ ସମୂହ ଅନ୍ତର୍ଗତ । ମୌଳିକ କାବ୍ୟ କବିତା ପର୍ଯ୍ୟାୟରେ ମୃତ୍ୟୁଞ୍ଜୟଙ୍କର ବିଭିନ୍ନ ସମୟର ରଚିତ କବିତା କାବ୍ୟ ଓ ଭ୍ରମଣ ପ୍ରସଙ୍ଗ ଉଲ୍ଲେଖ-ଯୋଗ୍ୟ । ତୃତୀୟ ପର୍ଯ୍ୟାୟ ଗଦ୍ୟ ବିଭାଗ ହିଁ ମୃତ୍ୟୁଞ୍ଜୟଙ୍କର ସାହିତ୍ୟିକ ସିଦ୍ଧି ଓ କୃତିତ୍ୱର ଶ୍ରେଷ୍ଠ ନିଦର୍ଶନ । ଏହା ମୁଖ୍ୟତଃ ଗବେଷଣା ଧର୍ମୀ । ଏଥିରେ ଦେଶର ପ୍ରତ୍ନତତ୍ତ୍ୱ, ଭାଷା ଓ ସାହିତ୍ୟର ସ୍ୱରୂପ ବିଭିନ୍ନ ମହାପୁରୁଷଙ୍କର ଜୀବନୀ ଅନ୍ତର୍ଭୁକ୍ତ । ୪ର୍ଥ ପର୍ଯ୍ୟାୟ-ଏହା ମୁଖ୍ୟତଃ ଅନୁବାଦମୂଳକ ରଚନା ଓ ମୂଳ ସଂସ୍କୃତରୁ ଗୃହୀତ ।

ଓଡ଼ିଶାରେ ଶିକ୍ଷା ପ୍ରସାର କାର୍ଯ୍ୟ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆରମ୍ଭ ହେଲା । ଏହାର ଭିତ୍ତି ଅବଶ୍ୟ ଊନବିଂଶ ଶତାବ୍ଦୀରେ ପଡ଼ିସାରିଥିଲା । ଶିକ୍ଷା ପ୍ରସାରର ପ୍ରଥମ ସର୍ତ୍ତ ଥିଲା, ଗ୍ରାମଗହଳରେ ଜନତାକୁ ଶିକ୍ଷାଦାନ କରିବା, ଜନସାଧାରଣଙ୍କ ଶିକ୍ଷାନିମନ୍ତେ ଆବଶ୍ୟକୀୟ ବିଦ୍ୟାଳୟ ସ୍ଥାପନ । ବିଦ୍ୟାଳୟର ସଫଳତା ନିର୍ଭର କରେ ଛାତ୍ର, ଶିକ୍ଷକ ଓ ପାଠ୍ୟପୁସ୍ତକ ଉପରେ । ଓଡ଼ିଆ ଭାଷାରେ ଆବଶ୍ୟକୀୟ ପ୍ରାମାଣିକ ପାଠ୍ୟପୁସ୍ତକର ଅଭାବ ବରାବର ଲାଗି ରହିଥିଲା । ଏହି ଅଭାବର ଆହ୍ୱାନରେ ସମ୍ଭବତଃ ମୃତ୍ୟୁଞ୍ଜୟ ତାଙ୍କ ସାହିତ୍ୟିକ ଜୀବନରେ ପାଠ୍ୟ ପୁସ୍ତକ ପ୍ରଣୟନ ପ୍ରତି ଆକୃଷ୍ଟ ହୋଇଥିଲେ । ଏହି-କ୍ରମରେ ତାଙ୍କଦ୍ୱାରା ରଚିତ ପୁସ୍ତକର ନାମ ହେଉଛି ପ୍ରବନ୍ଧ ପାଠ — ପ୍ରଥମ ଓ ଦ୍ୱିତୀୟ ଭାଗ । ନୀତି ଦର୍ପଣ, ଓଡ଼ିଆ ରଚନା ଓ ଅନୁବାଦ, ଓଡ଼ିଆ ସୁଖବୋଧ ବ୍ୟାକରଣ, ଇଂରେଜି-ସଂସ୍କୃତ ଅନୁବାଦ, ଓଡ଼ିଆ ମୂଳଶବ୍ଦ ବୋଧିକା । ଏହିସବୁ ପୁସ୍ତକ ଲେଖିବାରେ ମୃତ୍ୟୁଞ୍ଜୟଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା—ଓଡ଼ିଆ ପାଠ୍ୟପୁସ୍ତକ ଅଭାବ ଦୂର କରିବା । ତାଙ୍କର ରଚିତ ପାଠ୍ୟପୁସ୍ତକ ସେତେବେଳର ଶିକ୍ଷାପ୍ରେମୀ ତଥା ଶିକ୍ଷାବିତ୍‌ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଏହି ପାଠ୍ୟ ପୁସ୍ତକର ଭାଷା ସାଧାରଣତଃ ସଂସ୍କୃତ ଭାଷା । ଏହାର ଶୈଳୀ ବହୁଭାବରେ ମଧୁସୂଦନଙ୍କ ଗଦ୍ୟଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିଲା । ଚନ୍ଦ୍ରମଣି ମହାରଣା ତାଙ୍କର ସମସାମୟିକ ପ୍ରବନ୍ଧଲେଖକ ଥିଲେ ।

ମୃତ୍ୟୁଞ୍ଜୟଙ୍କର ପ୍ରବନ୍ଧ ପାଠ ଓ ନୀତି ଦର୍ପଣ ଅନ୍ତର୍ଭୁକ୍ତ ଲେଖାଗୁଡ଼ିକ ପ୍ରକୃତି ବର୍ଣ୍ଣନା ମୂଳକ, ଜୀବନ ଚରିତ ମୂଳକ ଓ ପ୍ରଥମରୁ ଛାତ୍ରଛାତ୍ରୀ ମାନଙ୍କୁ ଭଲ ଆଦର୍ଶରେ ଅନୁପ୍ରାଣିତ କରିବା ଏହାର ଲକ୍ଷ୍ୟ । "ପ୍ରବନ୍ଧ ପାଠ" ୧୯୨୭ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା । ଏଥିରେ ୨୧ ଗୋଟି ପ୍ରବନ୍ଧ ଅନ୍ତର୍ଭୁକ୍ତ । ପ୍ରବନ୍ଧଗୁଡ଼ିକର ବ୍ୟାପ୍ତି ଓ ଆଭିମୁଖ୍ୟ ମଧ୍ୟ ଉଲ୍ଲେଖ ଯୋଗ୍ୟ । ଏଥିରେ ମହାପୁରୁଷମାନଙ୍କ ଜୀବନୀ, ଐତିହାସିକ ବିବରଣୀ, ଦର୍ଶନୀୟ ସ୍ଥାନମାନଙ୍କର ବର୍ଣ୍ଣନା, ବିଜ୍ଞାନ ଓ ଧର୍ମ ଆଲୋଚନା ସ୍ଥାନ ପାଇଥିଲା । ଲେଖକ ପୁସ୍ତକର ଭୂମିକାରେ ନିଜର ଉଦ୍ଦେଶ୍ୟ ସୂଚିତ କରିଛନ୍ତି । ତାହା ହେଉଛି ।

Digitized by srujanika@gmail.com

"କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷାମାନଙ୍କରେ ଓଡ଼ିଆ ପାଠ୍ୟପୁସ୍ତକର ପ୍ରୟୋଜନୀୟତା ଓ ଓଡ଼ିଆ ଗଦ୍ୟପୁସ୍ତକର ଅଭାବ ଉପଲବ୍ଧି କରି କତିପୟ ବନ୍ଧୁଙ୍କ ଉପଦେଶ କ୍ରମେ ମୁଁ ପୁସ୍ତକ ପ୍ରଣୟନ କରିବାକୁ ପ୍ରୟାସୀ ହେଲି । ଏହା ଯଦି ଶିକ୍ଷାବିଭାଗର କର୍ତ୍ତୃପକ୍ଷଙ୍କଦ୍ୱାରା ବିଦ୍ୟାଳୟ ପାଠ୍ୟୋପଯୋଗୀ ବୋଲି ବିବେଚିତ ହୁଏ, ତାହାହେଲେ ମୋର ସମସ୍ତ ଶ୍ରମ ସାର୍ଥକ ହେବ ।

ଏହି ପୁସ୍ତକସ୍ଥିତ ପ୍ରବନ୍ଧଗୁଡ଼ିକମଧ୍ୟରୁ କେତୋଟି ପ୍ରବନ୍ଧ ଏଥିପୂର୍ବେ ଉତ୍କଳ ସାହିତ୍ୟ, ମୁକୁର, ଉତ୍କଳମଧୁପ ଏବଂ ଉତ୍କଳବାସୀ ନାମକ ଉତ୍କଳର ସାମୟିକ ପତ୍ରପତ୍ରିକାମାନଙ୍କରେ ପ୍ରକାଶିତ ହୋଇଥିଲା । ଏଥିରେ ସେଗୁଡ଼ିକ କିଞ୍ଚିତ୍ ପରିବର୍ତ୍ତିତ ହୋଇଅଛି । ମୁଁ ଏ ପୁସ୍ତକ ପ୍ରଣୟନରେ ବଙ୍ଗଳାର ରାଜସ୍ଥାନ, ବୋମ୍ବାଇ ଚିତ୍ର, ଶାସ୍ତ୍ରୀକୃତ ଶଙ୍କରଚରିତ ପ୍ରଭୃତି ପୁସ୍ତକ ଏବଂ ପ୍ରବାସୀ ନାମକ ଓ ତତ୍ତ୍ୱବୋଧକ ମାସିକ ପତ୍ରରୁ ଅନେକ ସାହାଯ୍ୟ ପାଇ ସେ ପୁସ୍ତକର ପ୍ରଣେତାମାନଙ୍କ ନିକଟରେ ଋଣୀ । ପୁସ୍ତକର ବିଷୟ ନିର୍ବାଚନ ସମ୍ବନ୍ଧରେ ଏବଂ ଅନ୍ୟ କେତେକ ବିଷୟରେ ମୁଁ ମୋର ଭକ୍ତିଭାଜନ ଗୁରୁଦେବ ଶ୍ରୀ ମଧୁସୂଦନ ରାଓ ମହୋଦୟଙ୍କଠାରୁ ଉପଦେଶ ପାଇଁ ତାଙ୍କଠାରେ ଆନ୍ତରିକ କୃତଜ୍ଞତା ଅର୍ପଣ କରୁଅଛି ।

ପରିଶେଷରେ ବକ୍ତବ୍ୟ ଏହି ଯେ, ମୋର ଏହି ପ୍ରଥମ ଉଦ୍ୟମରେ ପୁସ୍ତକଟି ଅତି ଶୀଘ୍ର ପ୍ରକାଶିତ ହୋଇଥିବାରୁ ଏଥିରେ ସ୍ଥାନେ ସ୍ଥାନେ ପ୍ରମାଦ ଦୃଷ୍ଟ ହେବାର ସମ୍ଭାବନା । ଆଶାକରେ ସେଥିପାଇଁ ବିଜ୍ଞ ପାଠକ ମହୋଦୟ ମୋତେ କ୍ଷମା କରିବେ ।

୧୨-୧୦-୦୭ }
କଟକ } ଶ୍ରୀ ମୃତ୍ୟୁଞ୍ଜୟ ରଥ ।

ଓଡ଼ିଆ ଭାଷା ୧୮୫୦ ମସିହା ପରେ ପ୍ରଗତି ଓ ପରିବର୍ତ୍ତନ ସ୍ରୋତରେ ପ୍ରବାହିତ ହୋଇଥିଲେହେଁ, ଉପଯୁକ୍ତ ପାଠ୍ୟପୁସ୍ତକର ଏକାନ୍ତ ଅଭାବ ଥିଲା ଏବଂ ଯେଉଁମାନେ ସାହିତ୍ୟ କ୍ଷେତ୍ରକୁ ଆସିଥିଲେ, ସେମାନେ ମୁଖ୍ୟତଃ ଏହି ଅଭାବ ପ୍ରତି ଆକୃଷ୍ଟ ହେଉଥିଲେ । ଫକୀରମୋହନଙ୍କଠାରୁ ଆରମ୍ଭ କରି ଭକ୍ତକବି ମଧୁସୂଦନ ରାଓଙ୍କ ପର୍ଯ୍ୟନ୍ତ ସମସ୍ତେ ଓଡ଼ିଆ ଭାଷାର ଏହି ଅଭାବ ଦୂର କରିବା ପାଇଁ ଯତ୍ନ କରୁଥିଲେ । ମୃତ୍ୟୁଞ୍ଜୟ ରଥ ଏମାନଙ୍କ ମଧ୍ୟରେ ଅନ୍ୟତମ । ତାଙ୍କର ଆଉଏକ ପୁସ୍ତକର ନାମ ହେଉଛି "ନାରୀଦର୍ପଣ" । ଏଥିରେ ମହୀୟସୀ ବିଦୁଷୀ ରମଣୀମାନଙ୍କର ଜୀବନ ଚରିତ ଦେଖିବାକୁ ମିଳେ । ଛାତ୍ରଛାତ୍ରୀମାନଙ୍କର ଜ୍ଞାନ ଚର୍ଚ୍ଚା ଓ ଆଦର୍ଶ ଆହରଣ ଯେପରି ସଂପୂର୍ଣ୍ଣ ହେବ, ସେହି ଉଦ୍ଦେଶ୍ୟରେ ଏ ପୁସ୍ତକଟି ରଚିତ ହୋଇଥିଲା । ଏହା ଦୁଇ ଭାଗରେ ବିଭକ୍ତ । ଏହି ପୁସ୍ତକରେ ମଧ୍ୟ ଲେଖକ ସ୍ୱୀକାର କରିଛନ୍ତି ଯେ, ଓଡ଼ିଆ ଭାଷାରେ ଉପଯୁକ୍ତ ପାଠ୍ୟପୁସ୍ତକର ଅଭାବ ଥିଲା । ସେହି ଅଭାବ ମୋଚନ ଉଦ୍ଦେଶ୍ୟରେ ଲେଖକ ନାରୀ-ଦର୍ପଣ ପୁସ୍ତକ ଲେଖିଥିଲେ । ଏଥିରେ ସ୍ଥାନୀୟ ଐତିହାସିକ, ଖ୍ୟାତିସମ୍ପନ୍ନା ନାରୀମାନଙ୍କର ଜୀବନୀ ସଂକଳନ କରିଥିଲେ । ଏପରି ଆଦର୍ଶ ସମାଜରେ ପ୍ରଚଳିତ ହେବା ସମସ୍ତଙ୍କର କାମ୍ୟ ଥିଲା । ସାବିତ୍ରୀ, ସୀତା, ଶୈବ୍ୟା ଓ ମୈତ୍ରେୟୀ ପ୍ରଭୃତି ତ୍ରୟୋଦଶ ଗୋଟି ଜୀବନୀ ପୁସ୍ତକରେ ସ୍ଥାନ ପାଇଛି । ଗାର୍ଗୀ, ଲୀଳାବତୀ, ସଂଯୁକ୍ତା, ସରସ୍ୱତୀ, ଅହଲ୍ୟା, ଦୁର୍ଗାବତୀ, ଚିନ୍ତା, ଭଦ୍ରା, ଦମୟନ୍ତୀ ଓ ଗାନ୍ଧାରୀ ପ୍ରଭୃତି ଏଗାର ଗୋଟି ବିଶିଷ୍ଟ ଜୀବନୀ ଏହି ପୁସ୍ତକରେ ବର୍ଣ୍ଣିତ ହୋଇଅଛି । ଏହି ପୁସ୍ତକଟି ମଧ୍ୟ କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା ପାଠ୍ୟପୁସ୍ତକ ରୂପେ ମନୋନୀତ ହୋଇଥିଲା । ଶଶିଭୂଷଣ ରାୟ ଏହି ପୁସ୍ତକର ମୁଖବନ୍ଧ ଲେଖିଥିଲେ ।

Digitized by srujanika@gmail.com

ସାହିତ୍ୟର କଣ୍ଟକାକୀର୍ଣ୍ଣ କ୍ଷେତ୍ରରେ ଉପାର୍ଜ୍ଜନ ପନ୍ଥାହୀନ ଅନେକ ଗ୍ରନ୍ଥକାରଙ୍କ ଐନ୍ଦ୍ରଜାଳିକ ଲେଖମା ସଙ୍ଗ୍ରହନ ପ୍ରସୃତ ଅଜସ୍ର ଚଉତିଶା, କାନ୍ଦ ଏବଂ ହରଣ ପ୍ଲାବିତ ଦେଶରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ନାଟ୍ୟଦର୍ପଣ ରୂପ ନାଟ୍ୟ ସୌନ୍ଦର୍ଯ୍ୟ ଓ ଭାବ ସମନ୍ୱିତ ଉତ୍କଳର ସମଗ୍ର ଶ୍ରେଣୀର ଲୋକଙ୍କର ଆଦରଣୀୟ ହେବ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।"

ବଙ୍ଗଳାର ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (୧୮୨୦-୧୮୯୧) ଯେପରି ଏକାଧିକ ପୁସ୍ତକ, ଯଥା- କାଦମ୍ବରୀ, ବେତାଳ-ପଞ୍ଚବିଂଶତି (୧୮୪୭) ଜୀବନ ଚରିତ, ବଙ୍ଗଳାର ଇତିହାସ, (୧୮୪୮), ଶକୁନ୍ତଳା, (୧୮୫୪) ଚରିତାବଳୀ, (୧୮୫୭) ସୀତାରବନବାସ, (୧୮୬୦) ଆଖ୍ୟାନ ମଞ୍ଜରୀ (୧୮୬୩, ୨ୟ ସଂ ୧୮୬୮) ମହାଭାରତରେ ଉପକ୍ରମଣିକା (୧୮୬୦) ଲେଖି ସେ ବଙ୍ଗଳା ଗଦ୍ୟ ସାହିତ୍ୟର ପୁଷ୍ଟି ସାଧନା କରିଥିଲେ, ମୃତ୍ୟୁଞ୍ଜୟ ସେହିପରି ଆଦର୍ଶ ଜୀବନୀ ଓ ସାହିତ୍ୟ ସମାଲୋଚନାମୂଳକ ଗଦ୍ୟ ଲେଖି ଓଡ଼ିଆ ଗଦ୍ୟ ସାହିତ୍ୟରେ ପରିବର୍ତ୍ତନ ଆଣିଥିଲେ । ତାଙ୍କର ପ୍ରକାଶିତ "ଶାରଳା ଚରିତ" ଓଡ଼ିଆ ସାହିତ୍ୟରେ ଗୋପୀନାଥ ନନ୍ଦଙ୍କ "ଭାରତ ଦର୍ପଣ"କୁ ଛାଡ଼ିଦେଲେ ଶାରଳା ସାହିତ୍ୟ ଆଲୋଚନା ସମ୍ପର୍କୀୟ ଆଦ୍ୟ କୃତି । ଏତଦ୍ଦ୍ୱାରା ଶାରଳା ସାହିତ୍ୟ ସମ୍ପର୍କରେ ଗବେଷଣା କରିବା ପାଇଁ ଲେଖକମାନେ ଉତ୍ସାହିତ ହୋଇଥିଲେ । ଏହି ପୁସ୍ତକର ମୁଖବନ୍ଧ "ମୁକୁର" ପତ୍ରିକାର ସମ୍ପାଦକ ବ୍ରଜସୁନ୍ଦର ଦାସ ଲେଖିଥିଲେ । ତାଙ୍କ ମୁଖବନ୍ଧର କେତେକାଂଶ ଏଠାରେ ଉଦ୍ଧାର କରାଗଲା.—

"କିନ୍ତୁ ଏ ପୁସ୍ତକ ଖଣ୍ଡି ଭିନ୍ନ ପ୍ରକାର, ଏଥିରେ କବିଙ୍କର ବାଲ୍ୟଜୀବନ, ବିଦ୍ୟାଶିକ୍ଷା, କବିତ୍ୱସ୍ଫୂର୍ତ୍ତି ଧର୍ମ ଭାବ ପ୍ରଭୃତିର ବିଶଦ ଆଲୋଚନା ହୋଇଛି । ପୁଣି କବିଙ୍କର ରଚିତ ମହାଭାରତର ଗୋଟିଏ ସୁନ୍ଦର ସରଳ ଏବଂ ସଂକ୍ଷିପ୍ତ ସମାଲୋଚନା ଯୋଗ କରାଯାଇଛି । ସମାଲୋଚନାଟି ଏପରି ପ୍ରୀତିପ୍ରଦ ଯେ, ପୁସ୍ତକ ପଢ଼ି ସମାଲୋଚନାଟି ନ ପଢ଼ିଲେ ମନ ଶାନ୍ତ ହୁଏ ନାହିଁ । ତହିଁରୁ ଅନେକ ଶିଖିବାର ଅଛି । ଶାରଳାମହାଭାରତ ପାଠକମାନେ ସର୍ବପ୍ରଥମେ ପଢ଼ିବା ଉଚିତ । ଏଖଣ୍ଡି ପଢ଼ିଲେ ପାଠକ ବ୍ୟାସଙ୍କୁ ଦାଏଁ କେତେ ଅନ୍ତର ବୁଝି ପାରିବେ । ମୋର ବିଶ୍ୱାସ ଉତ୍କଳ ପାଠକ ସାଧାରଣ ଏ ପୁସ୍ତକ ଖଣ୍ଡିର ଉପଯୁକ୍ତ ଆଦର କରିବେ ।

କଟକ
୧୭-୧-୧୧ } ଶ୍ରୀ ବ୍ରଜସୁନ୍ଦର ଦାସ

"ଶାରଳା ଚରିତ" ଯଥାର୍ଥରେ ଓଡ଼ିଆ ଭାଷା ଓ ସାହିତ୍ୟରେ ପ୍ରଥମ ପର୍ଯ୍ୟାୟରେ ଗବେଷଣାସୂଚକ କ୍ଷୁଦ୍ର ପୁସ୍ତିକା । ଓଡ଼ିଆ ସାହିତ୍ୟର ଆଦିସ୍ରଷ୍ଟା ଶାରଳା ଦାସଙ୍କର ସମ୍ପର୍କରେ ଲେଖକ ଆଲୋକପାତ କରିଛନ୍ତି । ସେହିପରି ପ୍ରାବନ୍ଧିକଙ୍କର ଆଉ ଏକ ଆଲୋଚନାଧର୍ମୀ ପୁସ୍ତକ ହେଉଛି "ଉତ୍କଳର ପତ୍ରପତ୍ରିକା" । ଏହା ଓଡ଼ିଆ ଓ କ୍ଷଣସ୍ଥାୟୀ ଭାଷାରେ ପ୍ରକାଶିତ କ୍ଷୁଦ୍ର ପତ୍ର-ପତ୍ରିକା- ମାନଙ୍କର ଧାରାବାହିକ ଆଲୋଚନା । ଏହା ଯେତେବେଳେ ପ୍ରଥମେ ପ୍ରବନ୍ଧ ଆକାରରେ ପ୍ରକାଶିତ ହୋଇଥିଲା, ଏଥିରେ "ଉତ୍କଳ (୧୮୬୬) ଦୀପିକା", "ବାଲେଶ୍ୱର ସମ୍ବାଦ- ବାହିକା", (୧୮୬୮) "ଉତ୍କଳ ଦର୍ପଣ", (୧୮୭୩) "ଉତ୍କଳ ପୁତ୍ର", (୧୮୭୩) "ଉତ୍କଳ ମଧୁପ" "ଉତ୍କଳ ପ୍ରଭା (୧୮୯୧) ଓ "ଉତ୍କଳ ସାହିତ୍ୟ", (୧୮୯୭) ମୁକୁର, ଇନ୍ଦ୍ରଧନୁ, ବିଜୁଳି ଓ ସତ୍ୟବାଦୀ ପ୍ରଭୃତି ସଂଖ୍ୟାଧିକ ପତ୍ରିକାମାନଙ୍କର ପରିଚୟାତ୍ମକ ବିବରଣୀ ପ୍ରଦତ୍ତ ହୋଇଥିଲା । ସଂକ୍ଷେପରେ କହିବାକୁ ଗଲେ ପରବର୍ତ୍ତୀ ଆଲୋଚକମାନଙ୍କ ପକ୍ଷରେ ଏହି ପୁସ୍ତିକା ପଥପ୍ରଦର୍ଶକ ହୋଇଥିଲା । ଅନାସକ୍ତ ଭାବରେ ପ୍ରାବନ୍ଧିକ ବିଷୟବସ୍ତୁର ଆଲୋଚନା କରିଥିଲେ ।

ସାହିତ୍ୟିକମାନଙ୍କର ଜୀବନୀ ସଙ୍କଳନ କରିବା, ସେମାନଙ୍କ ସଂପର୍କରେ ତଥ୍ୟପୂର୍ଣ୍ଣ ଆଲୋଚନା କରିବାରେ ମୃତ୍ୟୁଞ୍ଜୟ ସେ ସମୟରେ ଅଗ୍ରଣୀ ଥିଲେ । ଶାରଳା ଚରିତ ସମ୍ପର୍କରେ ଏଥି ପୂର୍ବେ ସମ୍ୟକ୍

Digitized by srujanika@gmail.com

ଆଲୋଚନା କରାଯାଇଛି । ଓଡ଼ିଆ ଭାଷାରେ ସର୍ବପ୍ରଥମ ସମ୍ବାଦପତ୍ର ହେଉଛି "ଉତ୍କଳଦୀପିକା", (୧୮୬୬) ତାହାର ଆଦ୍ୟ ସମ୍ପାଦକ ଥିଲେ ଗୌରୀଶଙ୍କର ରାୟ । କେବଳ ସାମ୍ବାଦିକତା କ୍ଷେତ୍ରରେ ନୁହେଁ, ଓଡ଼ିଶାର ସାଂସ୍କୃତିକ, ରାଜନୈତିକ ଜୀବନରେ ଗୌରୀଶଙ୍କର ରାୟଙ୍କର ପ୍ରଭାବ ଉଲ୍ଲେଖ ଯୋଗ୍ୟ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଶାର ରାଜନୈତିକ ଜୀବନରେ ଗୌରୀଶଙ୍କର ଅସାଧ୍ୟ ସାଧନା କରିଥିଲେ । ସେତେ-ବେଳେ ଯେଉଁ ଯେଉଁ ସମସ୍ୟା ଉତ୍କଳରେ ଦେଖା ଦେଇଥିଲା, ଗୌରୀଶଙ୍କର ଧୈର୍ଯ୍ୟ ଓ ସାହସର ସହିତ ତାଙ୍କ ସମ୍ବାଦପତ୍ର ମାଧ୍ୟମରେ ସେଗୁଡ଼ିକର ମୁକାବିଲା କରୁଥିଲେ । ୧୮୬୯ ମସିହାର ଭାଷା ଆନ୍ଦୋଳନ ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ସେ ଆନ୍ଦୋଳନରେ ଯେଉଁମାନେ ନେତୃତ୍ୱ ନେଇଥିଲେ ସେମାନେ ହେଉଛନ୍ତି ଗୌରୀଶଙ୍କର ରାୟ (୧୮୩୮-୧୯୧୭) ଓ ବାଲେଶ୍ୱରର ବ୍ୟାସକବି ଫକୀର ମୋହନ ସେନାପତି (୧୮୪୩-୧୯୧୮) । ଓଡ଼ିଆ ଏକ ସ୍ୱତନ୍ତ୍ରଭାଷା ନୁହେଁ, ଏହି ମର୍ମରେ ବାଲେଶ୍ୱର ସ୍କୁଲର ତଦାନୀନ୍ତନ ନବନିଯୁକ୍ତ ବଙ୍ଗଳା ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଏକ ପୁସ୍ତକ ବଙ୍ଗଳା ଭାଷାରେ ପ୍ରକାଶ କରିଥିଲେ । ସେ ମହାଶୟ ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ସ୍କୁଲରେ ପଣ୍ଡିତ ରୂପେ ଯୋଗଦାନ କରିଥିଲେ । ସେତେବେଳେ ନାନାଦି ଘଟଣାକୁ କେନ୍ଦ୍ରକରି ଓଡ଼ିଶାରେ ଭାଷା ଆନ୍ଦୋଳନ ମୁଣ୍ଡ ଟେକି ଉଠିଥିଲା । ଜି. ଏଫ୍. କକ୍‌ବର୍ଣ୍ଣ ଓଡ଼ିଶାରେ ସେତେବେଳେ କମିଶନର ଥିଲେ । ରେଭେନ୍‌ସା ସାହେବ କମିଶନର ପଦମଣ୍ଡନ କରିଥିଲେ । କର୍ମଜୀବନର ଗୌରୀଶଙ୍କର ସାମାନ୍ୟ କିରାଣୀ ବୃତ୍ତିରୁ ଆରମ୍ଭ କରି ଶେଷରେ ଉତ୍କଳ ଦୀପିକା ପତ୍ରିକା ସ୍ଥାପନ, ପ୍ରତିଷ୍ଠା ଓ କଟକ ପ୍ରିଣ୍ଟିଂ କମ୍ପାନୀ ମୁଦ୍ରା ଯନ୍ତ୍ର ସ୍ଥାପନ କରିପାରିଥିଲେ । ଓଡ଼ିଶାର ଘଡ଼ିସନ୍ଧି ମୁହୂର୍ତ୍ତରେ ଅନେକ କୃତୀସନ୍ତାନ ଜାତୀୟ ସଂଗ୍ରାମରେ ଲମ୍ଫ ଦେଇଥିଲେ । ସେମାନଙ୍କ ମଧ୍ୟରେ କପିଳେଶ୍ୱର ବିଦ୍ୟାଭୂଷଣ, ଜଗମୋହନ ଲାଲା, ବିଚିତ୍ରାନନ୍ଦ ଦାସ, ପ୍ରଭାକର ବିଦ୍ୟାରତ୍ନ, ଗୋବିନ୍ଦଚନ୍ଦ୍ର, ପଟ୍ଟନାୟକ ପ୍ରଭୃତି ଅଗ୍ରଣୀ ଥିଲେ । ଗୌରୀଶଙ୍କରଙ୍କ ସଦୃଶ ଜଣେ କର୍ମଯୋଗୀ ବୀର ପୁରୁଷଙ୍କ ଜୀବନୀ ସଂଗ୍ରହ କରି ମୃତ୍ୟୁଞ୍ଜୟ ଲୋକଲୋଚନକୁ ଆଣିଥିଲେ ଏବଂ ଏଥିପାଇଁ ପଣ୍ଡିତ ମୃତ୍ୟୁଞ୍ଜୟ ରଥହିଁ ଓଡ଼ିଆ ସାହିତ୍ୟରେ ବରାବର ସ୍ମରଣୀୟ ହୋଇ ରହିବେ । ତାଙ୍କର ସେହି ପୁସ୍ତକଟିର ନାମ ହେଲା "କର୍ମଯୋଗୀ ଗୌରୀଶଙ୍କର" । ଏହା ୧୧୨ ପୃଷ୍ଠା ବିଶିଷ୍ଟ ଏକ ତଥ୍ୟବହୁଳ ପୁସ୍ତକ । ସେ ଯେଉଁ ଭାଷାରେ ଗୌରୀ-ଶଙ୍କରଙ୍କୁ ଶ୍ରଦ୍ଧାଜ୍ଞାପନ କରିଥିଲେ, ତାହା ଏଠାରେ ପ୍ରଣିଧାନଯୋଗ୍ୟ ।

"ଉତ୍କଳ ପାଇଁ ସେ ଯାହା କରିଯାଇଛନ୍ତି, ତାହା ସାମାନ୍ୟ ନୁହେଁ । ଉତ୍କଳଭାଷାର ସଂରକ୍ଷଣ ଓ ପୁଷ୍ଟିସାଧନ ତାଙ୍କର ଚେଷ୍ଟାର ଫଳ । ଉତ୍କଳ ଭାଷାର ଆଦର ବଢ଼ାଇବା ପାଇଁ ତାଙ୍କର ଯେପରି ଚେଷ୍ଟା ଥିଲା, ତାହା ଅନ୍ୟତ୍ର ଦୁର୍ଲ୍ଲଭ । ଏହା ଛଡ଼ା ସେ ନାନାପ୍ରକାର ଦାନ ଜାତିଧର୍ମ ନିର୍ବିଶେଷରେ ବାଳକମାନଙ୍କୁ ପାଠ ଉଦ୍ଦେଶ୍ୟରେ ସାହାଯ୍ୟ କରିବା ଦ୍ୱାରା ସେ ଉତ୍କଳୀୟ-ମାନଙ୍କ ଭକ୍ତି ଓ ଶ୍ରଦ୍ଧା ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲେ । ନିଜର ଧନ, ମନ, ପ୍ରାଣ ଲୋକ ସେବାରେ ନିଯୁକ୍ତ କରି ପରର ଉପକାର ନିମନ୍ତେ ତାଙ୍କର ଅତୁଳନୀୟ ପ୍ରୟାସ ଥିଲା । ସେ ସାଧାରଣ ଗୃହସ୍ଥ ଓ ଉତ୍କଳର ଅନେକ ରାଜାଙ୍କ ଅପେକ୍ଷା ନିର୍ଦ୍ଧନ ଥାଇ ମଧ୍ୟ ଦାନ କରିବାରେ ସିଦ୍ଧହସ୍ତ ଥିଲେ । ବିଳାସ ମଧ୍ୟରେ ବାସକରି ମଧ୍ୟ ନିଜକୁ ସମସ୍ତଙ୍କଠାରୁ ହୀନ ରଖିପାରୁଥିଲେ ଓ ସଂସାରର ସମସ୍ତପ୍ରକାର ଝଞ୍ଜା-ମଧ୍ୟରେ ପ୍ରଚଳିତ ଭାବରେ ନିଜର କର୍ତ୍ତବ୍ୟ କରିବାରେ ପ୍ରୟାସୀ ଥିଲେ । ଏହାହିଁ ଗୌରୀଶଙ୍କରଙ୍କର ପ୍ରଧାନ କୀର୍ତ୍ତି । କଟକର ଟାଉନ ହଲ୍ ଓ କାୟସ୍ଥ ଛାତ୍ରାବାସ ଆଦି ନିର୍ମାଣ ଦ୍ୱାରା ସେ ଜୀବନ ଦଶାରେ ନିଜର ଅକ୍ଷୟ

Digitized by srujanika@gmail.com

ସ୍ମୃତି ସ୍ତମ୍ଭ ନିର୍ମାଣ କରଯାଇଛନ୍ତି ଓ ଏହି କୀର୍ତ୍ତିଗୁଡ଼ିକ ତାଙ୍କୁ ଚିରଦିନପାଇଁ ଉତ୍କଳରେ ଅମର ରଖିଥିବ ।"

ଲେଖକ ଏହି ପୁସ୍ତକଟି ଶ୍ରୀଯୁକ୍ତ ଶ୍ରୀକୃଷ୍ଣ ମହାପାତ୍ରଙ୍କୁ ଉତ୍ସର୍ଗ କରିଥିଲେ ଏବଂ ଏହା ଲେଖକଙ୍କର ଶେଷ ରଚନା ବୋଲି ଜଣାଯାଏ । ଏହା ପଞ୍ଚଦଶ ପରିଚ୍ଛେଦ-ବିଶିଷ୍ଟ । 'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ବିଶ୍ୱନାଥ କର ଏହି ପୁସ୍ତକ ସମ୍ପର୍କରେ ସୂଚନା ଦେଇ ଲେଖିଥିଲେ—

'କର୍ମଯୋଗୀ ଗୌରୀଶଙ୍କର' ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ ରଥ କାବ୍ୟତୀର୍ଥଙ୍କର ଶେଷ ରଚନା । ପୁସ୍ତକଖଣ୍ଡି ଶୀଘ୍ର ପ୍ରକାଶ କରିବା ପାଇଁ ବଡ଼ ଆଗ୍ରହୀ ଥିଲେ । ମାତ୍ର ଷଷ୍ଠ ଫର୍ମାଟି (୯୬ ପୃଷ୍ଠା ପର୍ଯ୍ୟନ୍ତ) ଛପା ଶେଷ ହେବାବେଳକୁ ସେ ଦାରୁଣ ରୋଗରେ ଆକ୍ରାନ୍ତ ହେଲେ ଏବଂ ତାହାହିଁ ତାଙ୍କର ଶେଷ କାଳ ହେଲା । ଅବଶିଷ୍ଟ ପାଣ୍ଡୁଲିପି ଆମ୍ଭମାନଙ୍କ ନିକଟରେ ନ ଥିବାରୁ ଆମ୍ଭେମାନେ ଆଉ ଅଗ୍ରସର ହୋଇପାରିଲୁ ନାହିଁ । ଅନେକ ଅନୁସନ୍ଧାନ ପରେ କେଉଁଠି କିଛି ନପାଇ ସେ ଆଶା ପରିତ୍ୟାଗ କରିବାକୁ ବାଧ୍ୟ ହେଲୁ । ଏହିପରି ଅନେକଦିନ ଗତ ହେବା ଉତ୍ତାରୁ ଅବଶିଷ୍ଟାଂଶ କୌଣସି ପ୍ରକାରେ ପୂର୍ଣ୍ଣ କରି ପୁସ୍ତକଖଣ୍ଡି ପ୍ରକାଶ କରିଦେବା କର୍ତ୍ତବ୍ୟ ମନେକରି ଆମ୍ଭେମାନେ ସେଥିରେ ପ୍ରବୃତ୍ତ ହେଲୁ । ଦ୍ୱାଦଶ ପରିଚ୍ଛେଦରୁ ଗୋଟିଏ ମାତ୍ର ପୃଷ୍ଠା ଛପା ହୋଇଥିଲା । ତାହାର ଅବଶିଷ୍ଟ ଅଂଶ ଆମ୍ଭେମାନେ ନିଜେ ପୂରଣ କରିଦେଇ ପରବର୍ତ୍ତୀ ଅଂଶର ଭାର ସ୍ୱର୍ଗୀୟ ଗୌରୀଶଙ୍କରଙ୍କର ପ୍ରିୟ ଭ୍ରାତୃଷ୍ପୁତ୍ର ଅଧ୍ୟାପକ ଗିରିଜାଶଙ୍କର ରାୟ, ଏମ୍. ଏ. ଙ୍କ ହସ୍ତରେ ନ୍ୟସ୍ତକଲୁ । ତ୍ରୟୋଦଶ ପରିଚ୍ଛେଦଠାରୁ ଶେଷ ପର୍ଯ୍ୟନ୍ତ ତାଙ୍କର ଲେଖା, କିପରି ଯତ୍ନକରି ସେ ଉକ୍ତ ଅଂଶଟି ଲେଖିଛନ୍ତି, ତାହା ବିଜ୍ଞ ପାଠକବୃନ୍ଦ ବୁଝିପାରିବେ । ଏଥିପାଇଁ ଆମ୍ଭେମାନେ ତାଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ପୁସ୍ତକଖଣ୍ଡି ଶ୍ରଦ୍ଧାସ୍ପଦ ଦେୱାନ ବାହାଦୁର ଶ୍ରୀଯୁକ୍ତ ଶ୍ରୀକୃଷ୍ଣ ମହାପାତ୍ରଙ୍କ ନାମରେ ଉତ୍ସର୍ଗ କରିଦେବା ସଂକଳ୍ପ କରି ଗ୍ରନ୍ଥକାର ଗୌରୀଶଙ୍କରଙ୍କ ପ୍ରତିକୃତି ସଙ୍ଗରେ ତାଙ୍କର ମଧ୍ୟ ଖଣ୍ଡିଏ ପ୍ରତିକୃତି ବ୍ଲକ କରାଇ ଆଣିଥିଲେ । ଏହାଛଡ଼ା ସ୍ୱର୍ଗୀୟ ପଣ୍ଡିତ ଗୋବିନ୍ଦ ରଥଙ୍କର (୧୮୪୮-୧୯୧୮) ବ୍ଲକଖଣ୍ଡିଏ ମଧ୍ୟ ସଂଗ୍ରହ କରି ରଖିଥିଲେ । ଆମ୍ଭେମାନେ ସେ ତିନିଖଣ୍ଡ ଛବି ପୁସ୍ତକଟିରେ ସନ୍ନିବେଶିତ କଲୁ । ଅଧିକନ୍ତୁ ସ୍ୱୟଂ ଗ୍ରନ୍ଥକାରଙ୍କର ଛବିଖଣ୍ଡିଏ ମଧ୍ୟ ଦିଆଗଲା । ଆମ୍ଭମାନଙ୍କର ଅଧିକ କିଛି କହିବାର ନାହିଁ । ନିଜଗୁଣରେ ପୁସ୍ତକଖଣ୍ଡି ସର୍ବତ୍ର ସମାଦୃତ ହେବାର ଦେଖିଲେ ସୁଖୀ ହେବୁ । ଇତି ।

କଟକ
୧୦-୯-୧୯୬୫ } ଶ୍ରୀ ବିଶ୍ୱନାଥ କର
ପ୍ରକାଶକ

ମୌଳିକ କାବ୍ୟ କବିତା

ମୃତ୍ୟୁଞ୍ଜୟ ଜଣେ ମୌଳିକ ଲେଖକ ଥିଲେ । କବିବର ରାଧାନାଥ, ଭକ୍ତକବି ମଧୁସୂଦନଙ୍କର କାବ୍ୟ କବିତା ମୃତ୍ୟୁଞ୍ଜୟଙ୍କୁ କେବଳ ପ୍ରଭାବିତ କରି ନଥିଲା । ସେ ସେମାନଙ୍କ ଅନୁସରଣରେ କେତେ ଖଣ୍ଡ ପୁସ୍ତକ ମଧ୍ୟ ରଚନା କରିଥିଲେ । "ନଗରାଜ" ତାଙ୍କଦ୍ୱାରା ଲିଖିତ ଏକ କ୍ଷୁଦ୍ର ବର୍ଣ୍ଣନାତ୍ମକ କାବ୍ୟ । ମହାନଦୀ ତଟରେ ଅବସ୍ଥିତ ଏହି ପର୍ବତ ନିଜ ବକ୍ଷରେ ବହୁ ସ୍ମୃତି ଓ ସଙ୍କେତ ବହନ କରି ଦଣ୍ଡାୟମାନ ହୋଇଅଛି । ତାହା ସେଠାରେ ବୌଦ୍ଧକୀର୍ତ୍ତି ଇତିହାସର ଅନ୍ଧକାର ଭେଦକରି ବିରାଜିତ । ଏହି କାବ୍ୟ ଉପରେ ରାଧାନାଥଙ୍କ ପ୍ରସିଦ୍ଧ ଚିଲିକା କାବ୍ୟର ପ୍ରଭାବ ପଡ଼ିଥିବାର ଜଣାଯାଏ । ଲେଖକ ୧୯୧୫ ମସିହା ମାର୍ଚ୍ଚ ମାସ ୬୦ ତାରିଖ (ଫଗୁ ଦଶମୀ) ଦିନ ବୌଦ୍ଧକୀର୍ତ୍ତି ରାଜ ମଣ୍ଡିତ ନଗରାଜ ଦର୍ଶନ କରିବାକୁ ଯାଇଥିଲେ । କବି ନଗରାଜ ଦର୍ଶନରେ ଭାବବିହ୍ୱଳ ହୋଇ ସେହି ସ୍ଥାନରେ ତାଙ୍କର ଅନଭ୍ୟସ୍ତ

Digitized by srujanika@gmail.com

ହସ୍ତରେ କେତେକ ପଙ୍‌କ୍ତି ପଦ୍ୟ ରଚନା କରିଥିଲେ । ଏହାପରେ ପାଣ୍ଡୁଲିପି ସେ ସମ୍ପୂର୍ଣ୍ଣ କରିଥିଲେ । ପୁସ୍ତକର ପ୍ରକାଶନରେ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା, ପଲ୍ଲୀକବି ନନ୍ଦକିଶୋର ବଳ ଓ ଉତ୍କଳ ସାହିତ୍ୟ ସମ୍ପାଦକ ଲେଖକଙ୍କୁ ଉତ୍ସାହିତ କରିଥିଲେ । ଲେଖକ ପୁସ୍ତକଟିକୁ ସୁଦାମ ଚରଣ ନାୟକଙ୍କୁ ଉତ୍ସର୍ଗ କରିଥିଲେ । ଏହି କ୍ଷୀଣକାୟ ନାତିଦୀର୍ଘ କାବ୍ୟଖଣ୍ଡିକ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା, ଐତିହାସିକ ଓ ଭୌଗୋଳିକ ତଥ୍ୟରେ ପରିପୂର୍ଣ୍ଣ । ଏହା ବ୍ୟତୀତ ସମଗ୍ର ଓଡ଼ିଶାର କେତେକ ପର୍ବତ, ନଦ ନଦୀ ଓ ଐତିହାସିକ କୀର୍ତ୍ତି ମଧ୍ୟ ସ୍ଥାନ ପାଇଅଛି । କାବ୍ୟଟି ଆକାରରେ କ୍ଷୁଦ୍ର ହେଲେହେଁ ଏହାର ଶୈଳ୍ପିକ ତଥା ସୃଷ୍ଟି ପ୍ରତିଷ୍ଠା କମ୍ ନୁହେଁ । କବିର ରସ ସୌନ୍ଦର୍ଯ୍ୟ ଓ ଉତ୍କଳର ପ୍ରତ୍ନତତ୍ତ୍ୱ ଜ୍ଞାନ ଏହି କାବ୍ୟକୁ ରସୋତ୍ତୀର୍ଣ୍ଣ କରିପାରିଛି । କବି ପ୍ରଥମେ ନରାଜ ପର୍ବତକୁ ଦେଖି ନିଜକୁ କୃତକୃତ୍ୟ ଓ ଭାଗ୍ୟବାନ୍ ମନେକରିଛନ୍ତି । ଅସ୍ତଗାମୀ ସୂର୍ଯ୍ୟଙ୍କର ସୁବର୍ଣ୍ଣ ରଶ୍ମି ଯେତେବେଳେ କାଠଯୋଡ଼ୀ ଓ ମହାନଦୀର ବକ୍ଷ ଉପରେ ବୁଣିହୋଇ ପଡ଼ୁଥାଏ, ସେତେବେଳେ ପଶ୍ଚିମ ଦିଗନ୍ତର ପ୍ରାଚୀର ସଦୃଶ ଏହି ନରାଜ ପର୍ବତ ବାଟୋଇର ଆଖିରେ ଝଲସିଉଠେ ।

"ବୌଦ୍ଧକୀର୍ତ୍ତି ରାଜ ମଣ୍ଡିତ ନରାଜ
ସତେ କି ଏ ନେସେ ବିରାଜବ ଆଜ ?
ଭେଟାଇଲା ଆଦ୍ୟେ ଏହି ଅମାବଢ
ସନ୍ଧ୍ୟାଟେନ ବନ୍ଧୁ କାଠଯୋଡ଼ୀ ବକ୍ଷ ।"

ପ୍ରକୃତିର ନଗ୍ନ ସୌନ୍ଦର୍ଯ୍ୟ ପ୍ରତି କବି ପ୍ରଥମରୁ ସଚେତନ ରହିଛନ୍ତି । କଟକଠାରେ କାଠଯୋଡ଼ୀ ବନ୍ଧର ଦୃଶ୍ୟ, କାଠଯୋଡ଼ୀର ସିକତାଧବଳ ଶଯ୍ୟା, କାଠଯୋଡ଼ୀର ଉପତ୍ୟକାସ୍ଥଳୀ ନରାଜ ନିକଟବର୍ତ୍ତୀ ପଲ୍ଲୀର ଦୃଶ୍ୟ ଓ ଗ୍ରାମବାସୀମାନଙ୍କର ଜୀବନସଂଗ୍ରାମ; ବଟ, ଅଶ୍ୱତ୍ଥ, ପଣସ, ରସାଳ ବୃକ୍ଷମାନଙ୍କର ସମାରୋହ ପଥର-କଟାଳୀମାନଙ୍କର ପରିଶ୍ରମ, ଶଗଡ଼ଆମାନଙ୍କର ପଥକ୍ଳାନ୍ତ କାବ୍ୟର ପ୍ରଥମରେ ଲେଖକ ସୂଚିତ କରିଛନ୍ତି । ଏହାପରେ ମୟୂରଭଞ୍ଜର ଗୋନାସିକା ଶୈଳ, ଏହାର ପୌରାଣିକ ମହତ୍ତ୍ୱ, ବୈତରଣୀ ନଦୀର ଉତ୍ପତ୍ତି, ଢେଙ୍କାନାଳର କପିଳାସ ପର୍ବତ, ଖୋର୍ଦ୍ଧାର ବରୁଣେଇ ପର୍ବତ, ଭୁବନେଶ୍ୱର ନିକଟବର୍ତ୍ତୀ ଖଣ୍ଡଗିରି ଓ ଉଦୟଗିରି ଗୁହାରେ ଶିଳ୍ପୀମାନଙ୍କର ଶିଳ୍ପଗୌରବ, ଏଠାରେ ପ୍ରସିଦ୍ଧ ରାଣୀହଂସପୁରରେ ରାଜା ଲଳାଟେନ୍ଦୁ ଓ ତପସ୍ୱୀ ମହର୍ଷୀମାନଙ୍କର ଏକ ବିଶ୍ରାମ, ବରୁଣେଇ ପର୍ବତ ଉପରେ ପାଣ୍ଡବଘର, ସପ୍ତଶଯ୍ୟା ପର୍ବତର ଦୃଶ୍ୟ, ମହାନଦୀ ତଟବର୍ତ୍ତୀ ବିଭିନ୍ନ ଦେବାଦେବୀ ମନ୍ଦିର, ନରାଜ ପର୍ବତର ବୌଦ୍ଧଧର୍ମ ସମ୍ପର୍କୀୟ ସ୍ମୃତି କବି ଗୋଟି ଗୋଟି କରି ବର୍ଣ୍ଣନା କରିଛନ୍ତି । ଉତ୍କଳ ଦିନେ ବୌଦ୍ଧଧର୍ମର ପ୍ରଧାନ ସ୍ଥଳୀ ଥିଲା ।

"କେ ସନ୍ଥମାଧବ ନାମେ ପରିଚିତ
ହିନ୍ଦୁ କରେ ପୁଷ୍ପ, ଚନ୍ଦନ ଚର୍ଚ୍ଚିତ
କାହିଁ ବାସୁଦେବ ଧର୍ମ ନିରଞ୍ଜନ
କାହିଁ ସିଦ୍ଧନାଥ ଶାନ୍ତ ନାରାୟଣ ।"

ଉତ୍କଳର ବୌଦ୍ଧପ୍ରଧାନ ଅଞ୍ଚଳରେ ବିଭିନ୍ନ ଦୃଶ୍ୟ ପରିଦୃଷ୍ଟ ଓ ଯାଜପୁରର ସ୍ମୃତି ଏବେ ମଧ୍ୟ ଜାଗ୍ରତ । ଯାଜପୁରଠାରେ ଏକ ସୁନ୍ଦର ବୌଦ୍ଧମୂର୍ତ୍ତି ମିଳିଥିଲା । ଜନଶ୍ରୁତିରେ ତାହା ସନ୍ଥମାଧବ ନାମରେ ପରିଚିତ । ସଂକ୍ଷେପରେ କହିବାକୁ ଗଲେ ଏହି କ୍ଷୁଦ୍ର କାବ୍ୟଟି ଉତ୍କଳରେ ବୌଦ୍ଧଧର୍ମର ମହିମା ଘୋଷଣା କରୁଅଛି । ମୁନୀନ୍ଦ୍ର ଗୌତମ ସମଗ୍ର ଭାରତବର୍ଷରେ ଯେଉଁ ଅହିଂସା ବାଣୀ ପ୍ରଚାର କରି ଦେଇଗଲେ, ଇତିହାସର ସମଗ୍ର ବ୍ୟବଧାନ ଭେଦକରି ତାହାର ମୂର୍ଚ୍ଛନା ଆଜି ତରଙ୍ଗିତ । ସତେ ଅବା ନରାଜ ପାହାଡ଼ ସମଗ୍ର ଉତ୍କଳ ଭୂଖଣ୍ଡରେ ବୌଦ୍ଧ ସ୍ମୃତିର ଏକ ଉତ୍ତୁଙ୍ଗ ସ୍ତମ୍ଭ । ବୌଦ୍ଧ ନରପତିମାନେ ଭାରତରେ ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନେକ ମନ୍ଦିର ନିର୍ମାଣ କରାଇ-

Digitized by srujanika@gmail.com

ଥିଲେ । ତାହା ମଧ୍ୟ ଜୀବନର ମଣିଷ, ମଣିଷ ମଧ୍ୟରେ ମୈତ୍ରୀ, ଭ୍ରାତୃଭାବର ଜୀବନ୍ତ ସାକ୍ଷୀ ସଦୃଶ । ଉତ୍କଳର ନରାଜ ତାହାହିଁ ଆଜ ସର୍ବତ୍ର ପ୍ରଗ୍ଚର କରୁଅଛୁ ।

"ଧନ୍ୟ ଧନ୍ୟ ଆହେ ବୌଦ୍ଧ ନରପତି
ଶୈଳଗର୍ଭେ ଖୋଳ ସ୍ଥାପିଲ କୀରତି ।
ଧନ୍ୟ ତୁମ ଦମ୍ଭ ଧନ୍ୟ ଶିଳ୍ପକଳା
ଶୈଳ କୋଶବାରେ ହୋଇଲୁ କୁଶଳା ।
ଭାରତର ପ୍ରତି ଜନପଦେ ତବ
ରହି ହୁଏ ଶିଳ୍ପ ଅନଳ୍ପ ବୈଭବ ।
କାହିଁ ଶୈଳ ଶିଖେ ଏବରେ ନତମେ,
କାହିଁ ଗିରି ଖୋଲେ ସ୍ତୂପେ ସ୍ତୂପେ ସ୍ତମ୍ଭେ,
ବସାଇଲେ କେତେ ରମ୍ୟ ସୌମ୍ୟ ମୂର୍ତ୍ତି,
ତଥାପି ସ୍ଫୂର୍ତ୍ତିର ହେଲନାହିଁ ପୂର୍ତ୍ତି,
ପ୍ରଗ୍ଚରଲ ଧର୍ମ ରାଜ୍ୟେ ପ୍ରଜା ବନ୍ଧୁ
ଉଦ୍ଧାରବା ପାଇଁ ଜନେ କର୍ମବନ୍ଧୁ ।
ପାରନାହିଁ ଘୋର ଏ କରାଳ କାଳ
ତବ କୀର୍ତ୍ତିମାଳ ରହିଛି କଙ୍କାଳ ।

ତେଣୁ ଏହି କାବ୍ୟର ଗୁରୁତ୍ୱ ଦ୍ୱିବିଧ । ଐତିହାସିକ ଓ ପ୍ରକୃତି ବର୍ଣ୍ଣନାମୂଳକ ମୂକ ନସ୍ପନ୍ଦ ନରାଜ ପର୍ବତର ଏକ ମାତ୍ର ବାଣୀ ହେଉଛି ଶାନ୍ତି ଓ ମୈତ୍ରୀ । ଲେଖକଙ୍କର ପର୍ଯ୍ୟବେକ୍ଷଣ ଶକ୍ତି ମଧ୍ୟ କାବ୍ୟରେ ପ୍ରତିଫଳିତ । ମହାନଦୀ କୂଳରେ ପାହାଡ଼ର ଉତ୍ତର ଦିଗରେ ପୂର୍ତ୍ତ ବିଭାଗର ସରକାରୀ କୋଠିଟି ସେହି ନିର୍ଜନତା ମଧ୍ୟରେ ଯେପରି ଜୀବନ ସଞ୍ଚାର କରେ । ଲେଖକଙ୍କ ଦୃଷ୍ଟିରୁ ଏହାର ବର୍ଣ୍ଣନା ମଧ୍ୟ ବାଦ ପଡ଼ନାହିଁ । ଏହି କୋଠିଟିର ନିର୍ମାଣ କୌଶଳ ଉଲ୍ଲେଖଯୋଗ୍ୟ । ତାହାର ବର୍ଣ୍ଣନାରେ କବି ଲେଖିଛନ୍ତି—

"ଏହି ଯେ ଦିଶଇ ଗୋଲଚୂଳ କୋଠି
ତାର ପଦତଳେ ମହାନଦୀ ଲୋଟି,
ଧୂଅଇ ସେ ଶିର— ବନ୍ଧ ପାର୍ଶ୍ୱଶିଳା
ଯା ଶିର ମଣ୍ଡନ୍ତ ସିନ୍ଦୁର ନଟିଳା ।
ଅଦ୍ୟାବଧି ସେହି ଦେବୀ ଶଙ୍ଖେଶ୍ୱରୀ
ଯା'ର ଅତ୍ୟାଗ୍ଚରେ ସୁରେନ୍ଦ୍ର କେଶରୀ
ଧର୍ମ୍ମ ଧନଞ୍ଜୟ କୋପିଲେ ଦ୍ୱାପରେ
ବନବାସୀ ହୋଇ ବନୁଁ ବନାନ୍ତରେ ।"

ସ୍ଥାନୀୟ ପ୍ରାକୃତିକ ଦୃଶ୍ୟକୁ କେନ୍ଦ୍ରକରି ଲେଖକ ଏଠାରେ ଗୋଟିଏ ପୌରାଣିକ କମ୍ବଦନ୍ତୀ ସୂଚିତ କରିଛନ୍ତି । ପ୍ରାଚୀନ କାଳରେ ଶବର ଦେବତା ଶଙ୍ଖେଶ୍ୱରୀ ମନୁଷ୍ୟମାନଙ୍କ ଉପରେ ଅତ୍ୟାଗ୍ଚର କରୁଥିଲେ । ବନବାସୀ ଅର୍ଜ୍ଜୁନ ଏହା ଶୁଣି ତାହାଙ୍କୁ ଶର ଦ୍ୱାରା ବଦ୍ଧ କରିଥିଲେ । ଶର ବା ନାରାଚ ଦେବୀଙ୍କର ପଦ ସ୍ପର୍ଶ କରିଥିଲା । ଏହାପରେ ଦେବୀ ଜନସମାଜପ୍ରତି ଅତ୍ୟାଗ୍ଚରରୁ କ୍ଷାନ୍ତ ହୋଇଥିଲେ । ଏହି ନାରାଚ ଶବ୍ଦରୁ ନରାଜ କମ୍ବା ନାରାଜ ଅପଭ୍ରଷ୍ଟ ହୋଇଥିବା ଅନୁମାନ । ଏହି ଅନୁମାନ ମଧ୍ୟ ସ୍ଥାନୀୟ କମ୍ବଦନ୍ତୀ ଦ୍ୱାରା ସମର୍ଥିତ । ସେହି ପୁରାତନ ସ୍ମୃତି ପ୍ରତି ସମ୍ମାନ ପ୍ରଦର୍ଶନ କରି ଶବରମାନେ ଏଠାରେ ଗୋଟିଏ ଭଗ୍ନଶିଳା ଉପରେ ଦେବୀଙ୍କର ପୂଜା କରୁଛନ୍ତି । ତା ନିକଟରେ ଏକ ସ୍ତମ୍ଭାକାର ଶିଳା ଅଦ୍ୟାପି ଦଣ୍ଡାୟମାନ । ତାହା ନାରାଚ-ବଦ୍ଧ ହୋଇଥିବାର ମଧ୍ୟ ସଙ୍କେତ ଦେଖାଯାଏ । ସ୍ଥାନୀୟ ଲୋକେ ଦର୍ଶକମାନଙ୍କୁ ତାହା ଅର୍ଜ୍ଜୁନଙ୍କର ନାରାଚ ବୋଲି ଦେଖାଇ ଦେଇଥାନ୍ତି ।

ଏହି ନରାଜ ପର୍ବତରୁ ବହୁ ପଥର ଯାଇ କାଠଯୋଡ଼ି ଆନକଟରେ ଲାଗିଥିଲା । ଏହା ସବୁ ଗତ ଶହେ ବର୍ଷ ତଳର କଥା । ମୃତ୍ୟୁଞ୍ଜୟ ମୁଖ୍ୟତଃ ଜଣେ ପ୍ରାବନ୍ଧିକ ଓ ସମାଲୋଚକ ; କିନ୍ତୁ ତାଙ୍କର ବର୍ଣ୍ଣନା-ଗ୍ଚତୁରୀ ଓ କବିତ୍ୱ ମଧ୍ୟ ଉଚ୍ଚକୋଟୀର । ପଶ୍ଚିମ ଆକାଶର ସୂର୍ଯ୍ୟାସ୍ତକାଳୀନ ସୌନ୍ଦର୍ଯ୍ୟ କବିଙ୍କ ଲେଖମାରେ ଯେପରି ଧରା ଦେଇଥିଲା, ତାହା ମୌଳିକ କଳ୍ପନା ଶକ୍ତିର ନିଦର୍ଶନ । ପଶ୍ଚିମ ଆକାଶ ରକ୍ତ-ରଞ୍ଜିତ ସିନ୍ଦୂର ରେଖା, ଆକାଶର ଅଧରରେ ଝଟକ

Digitized by srujanika@gmail.com

ଉଠୁଥିଲା । କୃଷ୍ଣ ମେଘ ଦେହରେ ସୁବର୍ଣ୍ଣର ଦାଗ, ଠିକ୍ ଯେପରି ପଶ୍ଚିମ ଆକାଶରେ କିଏ ଅବିର ବୋଳି ଦେଇଥିଲା । ପକ୍ଷୀମାନେ ସନ୍ଧ୍ୟାର ଆଗମନରେ ସ୍ୱ ସ୍ୱ ନୀଡ଼କୁ ଫେରି ଯାଉଥିଲେ । ରଥାଙ୍ଗ ଦମ୍ପତି ଆସନ୍ନ ବିଷାଦରେ ମ୍ରିୟମାଣ ହୋଇଥିଲେ । ଏହି ସମୟରେ ଦେବାଳୟର ଓ ବଡ଼ାନାଶୀ ଅଞ୍ଚଳର ଦୃଶ୍ୟ ମଧ୍ୟ ବିସ୍ମୟ ଉଦ୍ରେକକାରୀ ।

'କସ୍ତୁରୀ ଲାଞ୍ଛିତ ଚନ୍ଦନର ବିନ୍ଦୁ
ପ୍ରାୟେ ଶୋଭାପାଏ ଭାଲେ ବାଳଇନ୍ଦୁ
ତାରକା ଗୁମ୍ଫିତ ରତ୍ନମୟ ହାରେ
ପଦକ ପରାଏ କବି କଳ୍ପନାରେ ।
ବିଭାବରୀ ଆସୁ ବିଭାରେ ଭାସୁର
ହୋଇ ଉଜଳିଲା ଅବନୀ ଅମ୍ବର ।
ସୁଧା ଧୌତ ପ୍ରାୟ ଦିଶିଲା ଧବଳ
ପ୍ରସାରିତ କାଠ— ଯୋଡ଼ି ଉର ସ୍ଥଳ,
ଦିଶେ ଗୃହମାରେ କୋଳା ଧାରା ଜଳ
ସୁରଧୂନୀ ପୟଃ ପରାୟେ ନିର୍ମଳ ।
ଶୀତାଂଶୁ ପରଶେ ଶୀତ ସମୀରଣ
ଆସିଲା ମୁଖରି ଗିରି ତରୁବନ
ନର ମୁଣ୍ଡେ ଗଢ଼ା ଏ ମୁଣ୍ଡମୁହାଣ
ଶୁଭ୍ରତାରେ ଆହା କେତେ ମହୀୟାନ !
ସମର ବିଜୟୀ ଗ୍ରୈରଗଙ୍ଗଙ୍କର
ଯଶଃ ପଟବତ ଦିଶଇ ଭାସ୍ୱର ।
ବିପରୀତେ ଏବେ ଶୋଭେ ବୀରଧ୍ୱଂସୀ
ବଡ଼ାନାସୀ ନାମେ ଭଗ୍ନ ବାରାଣସୀ,
ଲଭିନାହିଁ ତାର ପୂର୍ବ ଅଭିମାନ
ସଂସ୍କାରେ ଅଦ୍ୟାପୀ ରହିଛି ଶ୍ମଶାନ" !

କାବ୍ୟ ଶେଷରେ କବି ସୌନ୍ଦର୍ଯ୍ୟ କଳ୍ପନା ଓ କବିତ୍ୱ ସମ୍ପର୍କରେ କେତେକ କଥା କହିଛନ୍ତି । କବି ମାନେ ସୌନ୍ଦର୍ଯ୍ୟପିପାସୁ । ବ୍ୟକ୍ତିର ଜୀବନ ଉପରେ ସୌନ୍ଦର୍ଯ୍ୟର ପ୍ରଭାବ ଅତୁଟ । ବ୍ୟକ୍ତିଗତ ଜୀବନରେ ଦୁଃଖ, ବିଷାଦ, ଅଭାବ, ଦାରିଦ୍ର୍ୟ କବି କାବ୍ୟର ଉପସଂହାରରେ ମଧ୍ୟ ସୂଚିତ କରିଛନ୍ତି । ତାହାର କେତେକ ପଦ ନିମ୍ନରେ ଉଦ୍ଧାର କରାଗଲା ।

"ଏ ନିସର୍ଗ ସେବା କରି କବିବରେ
ଲଭିଥିଲେ ଦିବ୍ୟ ରସନା ତା ବରେ
ନମଇଁ ଗୋ ଶୋଭା ଦେବି, ତବ ପଦେ
ଭାଗୀ କର ଦିନେ ସେ ଦିବ୍ୟ ସଂପଦେ ।
× × × × ×
ଶୁଦ୍ଧ ବର୍ଣ୍ଣ ସ୍ୱର୍ଣ୍ଣ ସମୀପେ ଦେଖି ଏ
ତୁଚ୍ଛା ପିତ୍ତଳକୁ ପଚ୍ଚରିବ କିଏ ?
କାହା ପାଖେ ଏହି ତୁଚ୍ଛ କାରିଗରୀ
ଦେଖାଇବି କେଉଁ ଦମ୍ଭ ଅବା ଧରି ।

ଏଥିରୁ କବି ନିଜର କାବ୍ୟ ଖଣ୍ଡିକ ପାଠକ ସମାଜରେ ଗୃହୀତ ହେବ କି ନାହିଁ ଆଶଙ୍କା ପ୍ରକାଶ କରିଛନ୍ତି । କବିବର ରାଧାନାଥ ରାୟଙ୍କ ପ୍ରେରଣା ଓ କାବ୍ୟ ଦର୍ଶନ କବିଙ୍କୁ ନଗରଜ ଲେଖିବାରେ ଅନୁପ୍ରାଣିତ କରିଥିଲା । ସେ ସ୍ପଷ୍ଟଭାବରେ ସେ କଥା କାବ୍ୟ ଶେଷରେ କହିଛନ୍ତି ।

"ବିରକ୍ତ ଥିଲି ମୁଁ କବିତା ପ୍ରସଙ୍ଗ
ଅରଜିଲି ମନ ଏ କି ଅନ୍ୟ ସଙ୍ଗ
କବିବରଙ୍କର ଉପଦେଶ ଡରେ
କବିତାକୁ କେବେ ଲେଖନୀ ନ ଧରେଁ,
ରଚନାରେ ସେହି କବିଙ୍କ ଭାରତୀ
ରସନାରେ ଖେଳି ବଳାଇଲି ମତି ।"

ସଂକ୍ଷେପରେ କହିବାକୁ ଗଲେ ନଗରଜ କାବ୍ୟ ମୃତ୍ୟୁଞ୍ଜୟଙ୍କର ଏକ ରସାତ୍ମକ କୃତି । ଏଥିରୁ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରସାର ଓ ତାର ପ୍ରଭାବର ଯଥେଷ୍ଟ ପ୍ରମାଣ ମିଳେ ।

Digitized by srujanika@gmail.com

ରାଧାନାଥଙ୍କ "ଚିଲିକା" ଓ ପଣ୍ଡିତଙ୍କ "ନଗ୍ରଜ"

ଉପରୋକ୍ତ କାବ୍ୟଦ୍ୱୟ ମଧ୍ୟରେ ସାମ୍ୟ ଯଥେଷ୍ଟ ପରିଲକ୍ଷିତ ହୁଏ । ଚିଲିକା କାବ୍ୟ ୧୮୯୨ ମସିହାରେ ରଚିତ ହୋଇଥିଲା । ତାହାର ପ୍ରାୟ ୩୦ ବର୍ଷ ପରେ ନଗ୍ରଜ କାବ୍ୟ ରଚିତ ହେଲା । ଓଡ଼ିଆ ସାହିତ୍ୟରେ ଏକ ଉଚ୍ଚକୋଟୀର କାବ୍ୟ ଭାବରେ ଚିଲିକାର ସ୍ଥାନ ସର୍ବସ୍ୱୀକୃତ । ତାହାଦ୍ୱାରା ମୃତ୍ୟୁଞ୍ଜୟ ନଗ୍ରଜ ରଚନାରେ ଅନୁପ୍ରାଣିତ ହୋଇଥିବା ଅସମ୍ଭବ ନୁହେଁ ; ବରଂ ସାହିତ୍ୟ ଜଗତରେ ଏପରି ଅନୁପ୍ରାଣିତ ହେବା ସ୍ୱାଭାବିକ ଘଟଣା ।

ପଣ୍ଡିତ କୁଳମଣି ଦାସ ଏହି ନଗ୍ରଜ କାବ୍ୟ ସମ୍ପର୍କରେ ଏକ ଆଲୋଚନା "ମୁକୁର" ପତ୍ରିକାରେ ଲେଖିଥିଲେ ।

"ରସାବଳୀ" ଶିଶୁ ଉପଯୋଗୀ ପଦ୍ୟରଚନା । ଏଥିରେ ବିଭିନ୍ନ ବିଷୟକ ଦ୍ୱାଦଶ ଗୋଟି କବିତା ସ୍ଥାନ ପାଇଛି । କବି ଗ୍ରନ୍ଥର ଉପଯୋଗିତା ସମ୍ପର୍କରେ ଲେଖିଥିଲେ :

"ଅତି ମଧୁର ଏ ରସାବଳୀ
ବାଳକେ ଦେଖି କରିବେ ଅଳି ।"

ଏଥିରୁ ପଦ୍ୟଗୁଡ଼ିକର ମର୍ମ ଓ ଭାବ ସହଜରେ ଅନୁମାନ କରାଯାଏ । ରସାବଳୀ ଯେପରି ସୁସ୍ୱାଦୁକର ଖାଦ୍ୟ, ଏ ପଦ୍ୟଗୁଡ଼ିକ ଶିଶୁମାନଙ୍କ ପକ୍ଷେ ସେହିପରି ଚିତ୍ତାକର୍ଷକ, ଆରାମଦାୟକ ଓ ତୃପ୍ତିକର ମାନସିକ ଖାଦ୍ୟ । ଏଥିରେ ସନ୍ନିବେଶିତ ପଦ୍ୟଗୁଡ଼ିକ ହେଉଛି ରାଜାରାଣୀ, ରସାବଳୀ, ମୁଁ କିଏ, ଲୁଣ, କୁନ, ବେଙ୍ଗରଜା, ଫୁଲ, ବିଲୁଆରଜା, କାକକୁକୁଟ, ଖଣ୍ଡଖୀର, ମଶା ଓ ମହୁମାଛି ଓ ମୁଁ ହେବି, ପଦ୍ୟଗୁଡ଼ିକ ଜୀବଜନ୍ତୁ, ଉଦ୍ଭିଦ ଓ ଶିଶୁ ଜୀବନର ଅଭିବ୍ୟକ୍ତିକୁ ନେଇ ଲିଖିତ । ଜୀବଜନ୍ତୁ ଜଗତରେ ବିରାଡ଼ି, ବିଲୁଆ, ବେଙ୍ଗ ଓ କୁକୁଡ଼ା ସହିତ ଶିଶୁ ଜୀବନର ସମ୍ପର୍କ ସୂଚିତ । ଶିଶୁର ମନସ୍ତତ୍ତ୍ୱ ପଦ୍ୟଗୁଡ଼ିକରେ ସରଳଭାବେ ବର୍ଣ୍ଣିତ । ପଶୁଜୀବନର ମାୟାମମତା ଶିଶୁକୁ ବରାବର ଆକୃଷ୍ଟ କରିଥାଏ । ପଶୁଜୀବନର ବର୍ଣ୍ଣନା ଛଳରେ କବି ନୀତି ଓ ଉପଦେଶ ଦେବା ପାଇଁ ମଧ୍ୟ ଭୁଲି ନାହାନ୍ତି । ବିଲୁଆରଜା ପଦ୍ୟରେ କବି ଲେଖିଛନ୍ତି ;

"ସମସ୍ତେ ଚଢ଼ିଲେ ତାଙ୍କୁ ମାନ ମୋତେ ଡର
ସବୁ ବଡ଼ଠାରୁ ଦିନା ବଡ ବୁଦ୍ଧି ବଳ ।"

କାକକୁକୁଟ ପଦ୍ୟରେ କାକକୁକୁଟ ମୁହଁରେ କବି କୁହାଇଛନ୍ତି—

"ତୁହି ଭଲ ମୁଁ ହି ଭଲ ସମସ୍ତେ ସମାନ
ମୁଁ ବଡ଼ ସେ ସାନ ବୋଲି ବୃଥା ଅଭିମାନ ।"

ଶିଶୁ ଅବସ୍ଥାରେ ମନୁଷ୍ୟ କେତେ କଳ୍ପନା କରେ । ମଣିଷ ଶିଶୁ ଶୈଶବରେ ଯେଉଁ ସବୁ କଳ୍ପନା କରେ, ଲେଖକ ତାକୁ 'ମୁଁ ହେବି' ପଦ୍ୟରେ ପ୍ରକାଶ କରିଛନ୍ତି । ହିନେ ଶିଶୁମାନଙ୍କ ମଧ୍ୟରେ ଭବିଷ୍ୟତରେ କିଏ କଣ ହେବ ସେଥିପାଇଁ ବାଦ ବିବାଦ ଲାଗିଲା । କିଏ କହିଲା ଡାକ୍ତର ହେବି, କିଏ କହିଲା ମାଷ୍ଟର ହେବି; କିଏ କହିଲା ଡେପୁଟୀ ହେବି, କିଏ କହିଲା ଅମଲା ହେବି; ଆଉ କିଏ କହିଲା ଲୁଗା ନଙ୍କର ବ୍ୟବସାୟ କରିବ, ଆଉ କିଏ କହିଲା କୃଷି କରିବ, ଆଉ କିଏ କହିଲା ଦେଶସେବା କରିବ ।

ଏହିପରି ସେମାନଙ୍କ ମଧ୍ୟରେ ବିବାଦର ଅନ୍ତ ରହିଲା ନାହିଁ । ଶେଷରେ କବି ସମସ୍ତଙ୍କ ପ୍ରସ୍ତାବକୁ ସମନ୍ୱୟ କରି କହିଥିଲେ ଯେ, ଯେଉଁ କାମ କର ପଛକେ ସାଧୁତା ଓ କର୍ତ୍ତବ୍ୟ ନିଷ୍ଠା ସମସ୍ତଙ୍କର ରହିବା ଉଚିତ୍ ।

"କାମହିଁ କରିବା ବାଛିଲେ କି ଫଳ
ସ୍ୱଭାବ ଯାହାର ଥିବଟି ନିର୍ମଳ
ସେହି ମଣ୍ଡଳୀରେ ପାଇବ ଆଦର
ଆପେ ସାଧୁ ହେଲେ କର ଯେଉଁ କାମ
ସେଥିରେ ନିଜର ବଢ଼ିବ ସୁନାମ ।"

ମୋଟ ଉପରେ ଏ କବିତାଗୁଡ଼ିକ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ।

Digitized by srujanika@gmail.com

ଗଳ୍ପରଚନା

ମୃତ୍ୟୁଞ୍ଜୟ ପ୍ରବନ୍ଧ ସହିତ କାହାଣୀ ଓ ଗଳ୍ପ ଲେଖିବା ପାଇଁ ଆକୃଷ୍ଟ ହୋଇଥିଲେ । "ଅଦ୍ଭୁତ ପରିଣାମ" (୧୯୧୫) ତାଙ୍କର ଗୋଟିଏ କ୍ଷୁଦ୍ର ଉପନ୍ୟାସ । ଏ ଉପନ୍ୟାସ ସେତେ ଉଚ୍ଚକୋଟୀର କଥାଶିଳ୍ପ ହୋଇ ନପାରେ; କିନ୍ତୁ ଗଳ୍ପ ଉପନ୍ୟାସ ଲେଖିବାର ମୌଳିକ ରୀତି ସେଥିରେ ଅନୁସୃତ ହୋଇଥିଲା ।

ଅନୁବାଦ ମୃତ୍ୟୁଞ୍ଜୟଙ୍କ ସାହିତ୍ୟ ସାଧନାର ଆଉ ଏକ ଉନ୍ନତ ଦିଗ । ମୃତ୍ୟୁଞ୍ଜୟ ସାଧାରଣତଃ ସଂସ୍କୃତରେ ଅଧିକ ପଠିତ ଓ ସମାଦୃତ କାବ୍ୟ, ଓ ନାଟକକୁ ଓଡ଼ିଆରେ ଅନୁବାଦ କରିଥିଲେ । ଏତାଦୃଶ ଅନୁବାଦ ମଧ୍ୟରେ ରଘୁବଂଶ, ମୁଦ୍ରାରାକ୍ଷସ, ଉତ୍ତର ରାମଚରିତ, କୁମାର ସମ୍ଭବ, ମାଳତୀ ମାଧବ, ନାଗାନନ୍ଦ ଓ ବେଣୀ ସଂହାର ଉଲ୍ଲେଖଯୋଗ୍ୟ । ସଂସ୍କୃତ "କଥା ସରିତ ସାଗର"ର ସେ ମଧ୍ୟ କିୟଦଂଶ ଅନୁବାଦ କରିଥିଲେ । ଏହି ସବୁ ଅନୂଦିତ ରଚନାରେ ତାଙ୍କର ଭାଷାଦକ୍ଷତା ବେଶ୍ ପ୍ରତିଫଳିତ ।

ମୃତ୍ୟୁଞ୍ଜୟଙ୍କର ସାହିତ୍ୟ ସୃଷ୍ଟି ତଦାନୀନ୍ତନ ଗଡ଼ଜାତ ରାଜାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ତାଙ୍କର ଐତିହାସିକ ପ୍ରତିଭାକୁ ଦେଖି ଢେଙ୍କାନାଳ ରାଜା ସୁର ପ୍ରତାପ ମହେନ୍ଦ୍ର ବାହାଦୁର ତାଙ୍କ ରାଜ୍ୟର ଇତିହାସ ଲେଖିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ । ମୃତ୍ୟୁଞ୍ଜୟ ବହୁ ପରିଶ୍ରମ କରି ଢେଙ୍କାନାଳର ଇତିହାସ ଲେଖିଲେ; କିନ୍ତୁ ଦୁଃଖର କଥା ରାଜାବାହାଦୁରଙ୍କ ଅକାଳ ବିୟୋଗ ହେତୁ ମୃତ୍ୟୁଞ୍ଜୟଙ୍କର ପୁସ୍ତକ ଠିକ୍ ସମୟରେ ପ୍ରକାଶିତ ହୋଇପାରି ନଥିଲା । ମୃତ୍ୟୁଞ୍ଜୟ ମଧ୍ୟ ତାଙ୍କର ପ୍ରାପ୍ୟ ପାଇ ନଥିଲେ । ସେଥିପାଇଁ ତାଙ୍କ ମନରେ ଜୀବନର ଶେଷ ପର୍ଯ୍ୟନ୍ତ ଦୁଃଖ ରହିଥିଲା । ମୃତ୍ୟୁଞ୍ଜୟଙ୍କ ଜୀବନର ଆଉ ଏକ ଅପୂର୍ଣ୍ଣ ଆଶା ଥିଲା, ତାହା ହେଉଛି କବିବର ରାଧାନାଥଙ୍କ ଜୀବନୀ ସଙ୍କଳନ କରିବା । ବାଲେଶ୍ୱରର ଜମିଦାର ବୈକୁଣ୍ଠନାଥ ଦେ କବିବର ରାଧାନାଥ ରାୟଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ସଂକଳନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ ।

ସେ ଏହି ମହତ୍ତ୍ୱ କାର୍ଯ୍ୟ ପାଇଁ ମୃତ୍ୟୁଞ୍ଜୟଙ୍କୁ ଯୋଗ୍ୟ ବିଚାର କରି ତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ମୃତ୍ୟୁଞ୍ଜୟ ଉଭୟ ରାଧାନାଥ ଓ ମଧୁସୂଦନଙ୍କ ନିକଟରେ ତାଙ୍କ ସାହିତ୍ୟିକ ଜୀବନର ପ୍ରେରଣା ଓ ସିଦ୍ଧି ପାଇଁ ଋଣୀ ଥିଲେ । ସେ ତେଣୁ ଅତି ଆଗ୍ରହରେ କବିବର ରାଧାନାଥଙ୍କ ଜୀବନୀ ସଂଗ୍ରହରେ ଲାଗି ପଡ଼ିଥିଲେ । ଏହି ଉଦ୍ଦେଶ୍ୟରେ ସେ ବାଲେଶ୍ୱରରେ ମଧ୍ୟ କିଛିଦିନ ଅବସ୍ଥାନ କରିଥିଲେ । ରାଧାନାଥଙ୍କ ଜନ୍ମସ୍ଥାନ 'ସୋର' ନିକଟବର୍ତ୍ତୀ କେଦାରପୁର ଗ୍ରାମକୁ ଯାଇଥିଲେ ଓ ସେ ଅଞ୍ଚଳରେ ବହୁ ଲୋକଙ୍କ ଠାରୁ କବିଙ୍କ ସମ୍ପର୍କରେ ବିବରଣୀ ସଂଗ୍ରହ କରିଥିଲେ । ଏହି ସମୟରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କବିମାନଙ୍କ ଜୀବନୀ ଲେଖିବାପାଇଁ ପୁରସ୍କାର ଘୋଷଣା କରାଯାଇଥିଲା । ମୃତ୍ୟୁଞ୍ଜୟ ଜୀବନୀ ଲେଖିବା ଆରମ୍ଭ କଲେ । ପ୍ରଥମ ଦୁଇଟି ଅଧ୍ୟାୟ ମଧ୍ୟ ଲେଖିଥିଲେ, କିନ୍ତୁ ବିଧିର କି ବିଡ଼ମ୍ବନା, ସେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରି ନଥିଲେ

ସ୍କୁଲରେ ଶିକ୍ଷକତା କରିବା, ସମୟ ପାଇଲେ ଟ୍ୟୁସନ୍ କରି ଅଧିକା ଦୁଇ ପଇସା ଉପାର୍ଜନ କରିବା ଓ ଅବସର ମିଳିଲେ ସାହିତ୍ୟସେବା କରିବା—ଏହାହିଁ ଥିଲା ମୃତ୍ୟୁଞ୍ଜୟଙ୍କ ଜୀବନର ଧରାବନ୍ଧା କାର୍ଯ୍ୟ ନିର୍ଘଣ୍ଟ । ଏକତଃ ଅର୍ଥାଭାବ ତାଙ୍କୁ ଗ୍ରାସ କରିଥିଲା, ଦ୍ୱିତୀୟତଃ ପାରିବାରିକ ଅଶାନ୍ତି ତାଙ୍କୁ ଆହୁରି ବିଚଳିତ କରି ଦେଇଥିଲା । ମୃତ୍ୟୁଞ୍ଜୟଙ୍କର ଜୀବନ ଦୁଃଖ ଓ ଅଭାବର ନିଦର୍ଶନ ବୋଲି କହିବାକୁ ହେବ । ତାଙ୍କର ଉଚ୍ଚଶିକ୍ଷା ନଥିଲା, ମାତ୍ର ଯେ କୌଣସି ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ସେ ଓଡ଼ିଆଭାଷା, ସଂସ୍କୃତ ଓ ସାହିତ୍ୟ ପାଇଁ ଖୁବ ଅଧିକ କାର୍ଯ୍ୟ କରି ପାରିଥିଲେ । ତାଙ୍କର ଅସାଧାରଣ ଗବେଷଣା ଶକ୍ତି ଥିଲା । ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ସେ ପ୍ରାୟ ଏକଶତ ପ୍ରବନ୍ଧ

Digitized by srujanika@gmail.com

ଲେଖିଥିଲେ ଏବଂ ପ୍ରତ୍ୟେକ ପ୍ରବନ୍ଧରେ ତାଙ୍କର ମୌଳିକ ଦୃଷ୍ଟିକୋଣ ପ୍ରତିଫଳିତ ହୋଇଥିଲା । ଅତ୍ୟଧିକ ପରିଶ୍ରମ ତାଙ୍କ କର୍ମମୟ ଜୀବନରେ ଥିଲା ଏକ ବିଶିଷ୍ଟ ଲକ୍ଷଣ ।

ଏହିପରି ଯାହାଙ୍କର ଜୀବନ କର୍ମମୟ ଥିଲା, ସେ ମାତ୍ର ବୟାଳିଶ ବର୍ଷ ବଞ୍ଚି ରହିଥିଲେ । ଅତ୍ୟଧିକ ପରିଶ୍ରମ ତାଙ୍କର ସ୍ୱାସ୍ଥ୍ୟଭଙ୍ଗର ଏକ କାରଣ ହୋଇପାରେ; କିନ୍ତୁ ସେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜର କର୍ତ୍ତବ୍ୟ ପଥରୁ ତିଳେମାତ୍ର ବିଚ୍ୟୁତ ହୋଇ ନଥିଲେ । ଏକଦିଗରେ ଜ୍ଞାନ ସ୍ପୃହା, ଅନ୍ୟ ଦିଗରେ ଅର୍ଥାଭାବ ଏହି ଦୁଇ ଅବସ୍ଥା ମଧ୍ୟରେ ମୃତ୍ୟୁଞ୍ଜୟଙ୍କ ଜୀବନ ଯେପରି ଦୋଦୁଲ୍ୟମାନ ପାଦପ ସଦୃଶ ଆନ୍ଦୋଳିତ ହୋଇଥିଲା । ୧୯୨୪ ମସିହା ଏପ୍ରିଲ ମାସ ଦଶ ତାରିଖ ଗୁରୁବାର ମଧ୍ୟାହ୍ନ, ସେହି ଦିନରେ ହିଁ ମୃତ୍ୟୁଞ୍ଜୟଙ୍କ ଜୀବନରେ ଯବନିକା ପଡ଼ିଥିଲା । ତାଙ୍କ ଜୀବନର ଏହି ଶେଷ ନାଟକ ଏକ ବିଚିତ୍ର ଆକସ୍ମିକ ଭାବରେ ଅଭିନୀତ ହୋଇଥିଲା । ସେ ସେତେବେଳେ କଲିଜିଏଟ୍ ସ୍କୁଲର ଶିକ୍ଷକ ଥିଲେ । ତାଙ୍କର ଅକାଳ ମୃତ୍ୟୁରେ ଓଡ଼ିଆଭାଷା ଓ ସାହିତ୍ୟ ଜଣେ ନିଷ୍ଠାପର ସାଧକଙ୍କୁ ହରାଇଥିଲା । ତାଙ୍କ ମୃତ୍ୟୁଠାରୁ ବହୁ ବର୍ଷ ଅତିକ୍ରାନ୍ତ ହୋଇ ଯାଇଛି, ପଣ୍ଡିତଙ୍କର "ଓଡ଼ିଆ ରଚନା ଓ ଅନୁବାଦ ଶିକ୍ଷା" ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଏବେ ବି ପଠିତ ଆଦୃତ । ତାଙ୍କର ପ୍ରବନ୍ଧ ସମୂହର ସାମାଜିକ ଓ ସାହିତ୍ୟିକ ତାତ୍ପର୍ଯ୍ୟ ସର୍ବଦା ସ୍ୱୀକୃତ ।

କଟକ
୧।୪।୧୯୭୦

ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର

Digitized by srujanika@gmail.com

ନରାଜ

NARAJ

Pt. Mrutyunjaya Rath.

Digitized by srujanika@gmail.com

ନିବେଦନ

ଗତ ମାର୍ଚ୍ଚ ମାସ ତା ୨୦ ରିଖ ରବିବାର ଫଗୁଦଶମୀ ଦିନ ଭକ୍ତ ଦର୍ଶନ ପ୍ରଥମ, ମୋହର ଭାଗ୍ୟରେ ଘଟିଥିଲା । ଉକ୍ତ ଦିବସ ସେହିଠାରେ ମଧ୍ୟାହ୍ନ ସମୟରେ ପ୍ରସିଦ୍ଧ ସିଦ୍ଧନାଥ ମନ୍ଦିର ନିକଟରେ ବସି ମୁଁ ହଠାତ୍ କାହିଁ ପ୍ରଣୋଦିତ ହୋଇ ଏ ଅନଭ୍ୟସ୍ତ ହସ୍ତରେ ପଦ୍ୟ କେତେକ ପଂକ୍ତି ଲେଖିଥିଲି । କଟକଠାରେ ମୋହର ଜଣେ ଅନ୍ତରଙ୍ଗ ବନ୍ଧୁ ତାହା ଦେଖିପାରି ତାହାର ବଡ଼ ପ୍ରଶଂସା କଲେ ଏବଂ କବିତାଟି ସମ୍ପୂର୍ଣ୍ଣ କରିବା ପାଇଁ ମୋତେ ପୁନଃ ପୁନଃ ଅନୁରୋଧ କରିବାରୁ ମୁଁ ପରବର୍ତ୍ତୀ ଦିନଦ୍ୱୟରେ ତାହା ପୂର୍ଣ୍ଣ କରି ରଖି, କିଣ କରିବି କିଛି ସ୍ଥିର କରି ନ ଥିଲି; କିନ୍ତୁ ଏହାର ପ୍ରକାଶ ବିଷୟରେ ମୋହର ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା, ଶ୍ରୀ ସୁଦାମ ଚରଣ ନାୟକ, ଶ୍ରୀ ବ୍ରଜସୁନ୍ଦର ଦାସ, ଶ୍ରୀ ନନ୍ଦକିଶୋର ବଳ ଏବଂ ଶ୍ରୀ ବିଶ୍ୱନାଥ କର ମହାଶୟମାନେ ମୋହପ୍ରତି ଦୟାର୍ଦ୍ର ହୋଇ ଏହାର ପାଣ୍ଡୁଲିପି ଥରେ ଆମୂଳ ପାଠ ପୂର୍ବକ ଅନୁକୂଳ ମତ ପ୍ରଦାନଦ୍ୱାରା ମୋତେ ଉତ୍ସାହିତ କଲେ । ତେଣୁ, ମୁଁ ସେମାନଙ୍କଠାରେ କୃତଜ୍ଞତା ଅର୍ପଣ ପୂର୍ବକ ଏହା ପ୍ରକାଶ କରିବାକୁ ସାହସୀ ହେଲି । ପ୍ରକାଶ ଥାଉ କି, ସମାଲୋଚକମାନେ ଏହାକୁ ପ୍ରୀତି-ଚକ୍ଷୁରେ ଦେଖିବେ ଏବଂ ପାଠକ ସମାଜରେ ଏହାର ଆଦର ହେବ ବୋଲି ଆଶା କରି ନ ଥିଲି । ଯେଉଁ ଯେଉଁ ସ୍ଥାନରେ ତାଙ୍କର ମତଭେଦ ଥିଲା, ତାହା ଯଥାସମ୍ଭବ ପରିବର୍ତ୍ତିତ ହୋଇଅଛି ।

କଟକ
୧୫ । ୫ । ୧୫

ବିନୀତ
ପ୍ରଣେତା

ଉତ୍ସର୍ଗ

ବିବିଧ ସଦ୍‌ଗୁଣଭୂଷିତ ସାହିତ୍ୟରସିକ ଏବଂ
ସାହିତ୍ୟ ସେବାର ଜଣେ ପରମ ଉତ୍ସାହଦାତା

ରାୟ ସୁଦାମଚରଣ ନାୟକ

ବାହାଦୁରଙ୍କ

ଶ୍ରୀକରକମଳରେ—

ରୋପିତ ଉତ୍ସାହ-ବୃକ୍ଷର ଆଦ୍ୟଫଳ ସ୍ୱରୂପ

ଏ କ୍ଷୁଦ୍ର

‘ନରଜ’

ତଦୀୟ ଗୁଣମୁଗ୍ଧ ପ୍ରଣେତାକର୍ତ୍ତୃକ

ଅର୍ପିତ ହେଲା

Digitized by srujanika@gmail.com

ନରାଜ

'ବୌଦ୍ଧ କୀର୍ତ୍ତି ରାଜ—ମଣ୍ଡିତ ନରାଜ
ସତେ କି ଏ ନେବେ ବିରାଜିବ ଆଜ ?
ଭେଟାଇଲ୍ ଆଦ୍ୟେ ଏହି ଆଶାବନ୍ଧ
ସନ୍ଧ୍ୟାଟନବନ୍ଧୁ କାଠଯୋଡ଼ୀ-ବନ୍ଧ ।
ବାଳଭାନୁ ସ୍ପର୍ଶ- କରଣେ ଛୁରିତ
ସିକତାସ୍ତୂପ ଦିଶେ ଶ୍ୱେତପୀତ ।
ଶବଳିତ ଶଯ୍ୟା ତେଜି ପଶ୍ଚିମାସ୍ୟ
ପଶ୍ଚିମାଶାପଥ ଧରୁଁ ଦୃଷ୍ଟି-ଆଶେ ।
ପ୍ରାଚୀର ଆକାରେ ଦୂରୁ ଶୈଳରେଖା
ନୀଳ ବ୍ୟୋମତଳେ ଠୁଲେ ଦେଲା ଦେଖା ।
ଏକେ ଏକେ ପାଶେ ହେଲେ ସୁବ୍ୟକତ
କେ ନୀଳ ହରିତ ମିଶ୍ର ଆରକତ ।
ଦକ୍ଷିଣେ ପାଟଳ ନେତଲ ମୁଣ୍ଡିଆ
ଭାଲୁଙ୍କା ଚୂଡଙ୍ଗ ପାଶେ ପାଶେ ଠିଆ ।
ଉତ୍ତରେ ବିଧାର— ପୁର ଟାଙ୍ଗି ଦିଶେ
କ୍ଷେତ୍ର ସୀମାପ୍ରାନ୍ତ— ସେଭୁ ସତେ କି ସେ ?
ମଧ୍ୟେ ବିରାଜଇ ସିନ୍ଦୂର ବରଣୀ
ଚର୍ଚ୍ଚିକାଗାମିନୀ ଗୈରିକ ସରଣୀ ।
ମୂଳେ ମୂଳେ ଯାଇ ଏହି ଟାଙ୍ଗି ଅନ୍ତେ
ପ୍ରସ୍ଥଚାରୀ ପ୍ରଣୟୀ— ପ୍ରୟାଣେ ଚଳନ୍ତେ
ଦିଶିଲା ଅଦୂରେ ନରାଜ ମୁହାଣ
ଉତ୍କଳେ ପ୍ରୟାଗ— ନାମେ ଯାର ଟାଣ ।
କାଠଯୋଡ଼ୀ ଯହିଁ ଲଭିଛି ଜନମ
ବେନି ସଙ୍ଗ ତହିଁ କିବା ମନୋରମ !
ଶିରେ ବିରାଜିତ ମହା-ଗୁପ୍ତାବଟ
ଉତ୍କଳେ ଏହି କି ହେବ ଶ୍ୟାମବଟ ?
ଘଞ୍ଚ ଡାଳପତ୍ରେ ଥିବାରୁ ସୁସଞ୍ଚ
ଛୁଇଁ ନ ପାରଇ ଆତପ ଯା ମଞ୍ଚ ।

ଦିନମାନ ଏଥି ପାଷାଣ ବିଛାଣୀ
ଯାପନ୍ତି ଆତପ- କଷଣ ନ ଜାଣି ।
ଗ୍ରୀଷ୍ମେ ଥୋକେ ତାପ ଦେଖିଲେ ଅନଳ୍ପ
ଆଶ୍ରନ୍ତି ମଧ୍ୟାହ୍ନେ ଯା ଶୀତଳ ତଳ୍ପ ।
ସେହି ବଟମୂଳୁ ନଈର ତଟେ ଯାନ୍ତେ
ପଡ଼ିଲେ ନରାଜ— ଯାତ୍ରୀ ନେତ୍ରପ୍ରାନ୍ତେ ।
କେ କେତେ କରମେ ଯାଉଛନ୍ତି ମାଡ଼ି
ଅମନ୍ଦେ ବନ୍ଧୁର— ପଥ ବାନ୍ଧି ଧାଡ଼ି ।
କେତୁଲି ଟୋକେଇ କାଖେ କାଖିଆଇ
ଶବର ପୁରନ୍ଧ୍ରୀ ଗମନ୍ତି ଧୂଆଁଇ ।
ଜଞ୍ଜାଳ ଝଞ୍ଜାରେ କ୍ଷେପି କ୍ଷିପ୍ରେ ପାଦ
ଲକ୍ଷ୍ୟ ସ୍ଥାନେ ଯାନ୍ତି ନଗଣି ପ୍ରମାଦ ।
ପୂରିଲେ ଭାଜନ ଫେରିବେ ଭବନେ
ନିଜ ପଣ୍ୟ ଦେଇ ଆଶାପୂର୍ଣ୍ଣ ମନେ ।
ବାହୁଡ଼ନ୍ତି କେହି ଝଡ଼ ଶିଳା ଶିରେ
ପାର୍ଶ୍ୱ-ପଲ୍ଲୀ ପ୍ରୌଢ଼ା ଯୁବତୀଏ ଧୀରେ ।
ଦିଶନ୍ତି ଏ ଖର୍ବା ଗ୍ରୀବା ସଙ୍କୋଚରେ
ମ୍ଳାନଗଣ୍ଡ ଯୁଗେ ସ୍ୱେଦଧାର ଝରେ ।
ବିଷାଦ ଭାବନା— ମିଶ୍ରିତ ବରଣେ
ଅଙ୍କିତ ବଦନ, ତାଙ୍କ ଅବଧନେ ।
ହିମପାତେ ମ୍ଳାନ କମଳ ପରାଏ
ଖଣ୍ଡିତ ମୃଣାଳ— ଗଳେ ଶୋଭାପାଏ ।
ବନ୍ଧୁରିତ ଉର ବିଜଡ଼ିତ ବାସେ
ନୁହେଁ ହ୍ରଦ ନଦୀ— ଭୂତ ଲଜ୍ଜାବାସେ ।
ସ୍ଥିର ରଖି ବେନି ଚକ୍ଷୁ ନାସାମୂନେ
ଗମନ୍ତି ମନ୍ଥରେ ଆହା କି ମଉନେ ?
ଭାରବନ୍ତ ଶିଳ ବସାଇ ମସ୍ତକେ
ଆସୁଛନ୍ତି ଥୋକେ ଖଣିରୁ ବାହକେ ।

Digitized by srujanika@gmail.com

ତାଙ୍କ ବିନା ଆଉ   ସେ ଶିଳାଭଞ୍ଜନ (୧)
କରିବାକୁ କିଏ   ହେବ ବା ଭାଜନ ?
ଉଦର ଯନ୍ତ୍ରଣା   କରେ କଦର୍ଥନା
ସେଥିପାଇଁ କାର   ନ ଥାଏ ଶୋଚନା ।
ନାହିଁ ସାଧ କେଣେ   ଖୋଲିବାକୁ ମୁଖ
ସହନ୍ତି ସମ୍ମୁଖେ   ତପନ ମୟୂଖ ।
ବେନି କର୍ଣ୍ଣମୂଳେ   ସ୍ୱେଦ ଜଳଧାର
ବହିଯାଏ ଶୈଳ— ଗର୍ଭୁ ଝରିକାର ।
ଖଣି ଗର୍ଭେ କେତେ   ଶିଳାଶିଳ୍ପୀ ଛପି
କାଟୁଛନ୍ତି ଶିଳା   ଜଳପି ଜଳପି ।
ଶାର୍ଦ୍ଦୂଳ ପରିଏ   ଗରଜ ଶାବଳ
ପ୍ରବଳ ଠଙ୍କାରେ   ଟାଳଇ ପଥର ।
ଯନ୍ତ୍ର ଘେନି ଥୋକେ   ଗଢ଼ନ୍ତି ବର୍ଦ୍ଧକୀ
ଟିଳ ଶିଳପଟା   ଖମ୍ବ ଖୁଣ୍ଟି ଚକି ।
ଛାୟାପ୍ରଦ ବଟ   ପନସ ରସାଳ—
ଆଦି ଦ୍ରୁମ ପାଶେ   ଶୋହେ ଯେଉଁ ମାଳ,
ନଦୀ ପାରି ହୋଇ   ଦୂର ଶଗଡ଼ିଆ
ଛାୟାତଳେ ଯାର   ହୋଇ କ୍ଷଣେ ଠିଆ,
ଚଳନ୍ତି ଅଦୂର   ସ୍ଥଳେ କେ ଉପେକ୍ଷି,
କେହି ବା ଲଗନ୍ତି   ପାକେ ବେଳ ଦେଖି ।
ସେ ମାଳ ଦକ୍ଷିଣେ   ନଦୀ ପୂର୍ବପାରେ
ନଗଜ ଅଚଳ   ଠିଆ ନିଜ ଭରେ ।
କଣ୍ଟାବଣ କୁଞ୍ଜ   ପୁଞ୍ଜ ପୁଞ୍ଜ ଅଙ୍ଗେ
ବାଉରି ଶବରେ   ତହିଁ କି ଅଭଙ୍ଗେ !
କାଟୁଛନ୍ତି କଣ୍ଟା   ଏଣେ ତେଣେ ବୁଲି,
କରେ ଲଗ୍ନ ଖନ୍ତି   କଣ୍ଠୁରି ସବୁରି ।

ଧନଯାକ କଣ୍ଟା   କାଟି ଯେଉଁ ଜନେ
ପରଦିନ ପ୍ରାତେ   ଚଳନ୍ତି ସଗଣେ ।
ଚଳଗୁଳ୍ମ ରେଖା   ପରାୟେ ସେ ଦଳ
କାଠଯୋଡ଼ୀ ଗର୍ଭେ   ଦିଶେ ଅବିକଳ ।
ନାହିଁ ତାଙ୍କ କ୍ଷୁଧା   ତୃଷା ପଥଖେଦ
ଏ ବୌଦ୍ଧ ଅଚଳେ   ମଣନ୍ତି ଅଭେଦ ।
ଅଚଳ ମୂରତି   ପଡ଼ନ୍ତେ ନୟନେ
ତା କଳ୍ପିତ ରୂପ   ଛପିଲା ତକ୍ଷଣେ ।
ନୁହେ ଏ ଶଇଳ   ସୁନ୍ଦର ତେସନ,
ମୟୂରଙ୍କେ (୨) ଶୋହେ   ଯେହ୍ନେ ମେଘାସନ,
ଉଚ୍ଚିଳ ଶିଖର—   କୂଳେ ଯାର ନାମେ
ପଡ଼ିଅଛି ଗାର   ଖ୍ୟାତି-ଶୀର୍ଷଧାମେ ।
ତଡ଼ିଲ୍ଲତା ଯାର   ଶିଖରେ ବିଳସି
ନିମେଷକେ ମିଶି—   ଯାଏ ସେ ନଭସି ।
ଲଙ୍ଘଡା ସୀମନ୍ତ   ଗିରି ମାଲ୍ୟବନ୍ତ
ବିବିଧ ବିଭବେ   ପୂରିତ ଯେମନ୍ତ ।
ଅସମ୍ଭବ ତାହା   ସଙ୍ଗେ ଯାର ତୁଳା
କବି କଳପନା   ଏଥି ପ୍ରତିକୂଳା ।
କେନ୍ଦୁଝର ଚିହ୍ନ   ଗିରି ଗୋନାସିକା
ତପୋରତ ଋଷି—   ବାସ ପ୍ରକାଶିକା (୩)
ଯଜ୍ଞକାଳେ ଯହିଁ   ହୋମାନଳକୁଣ୍ଡେ
ମ୍ଳେଚ୍ଛ କରଛିନ୍ନ   ଧେନୁମୁଣ୍ଡ ଗୁଣ୍ଡେ ।
ପଡ଼ନ୍ତେ ରୁଧିର—   ଧାରା ନାସାରନ୍ଧ୍ର
ଝରି କଳୁଷିତ   କରିଲା ତହିଁରୁ ।
ଗୋନାସିକା ଆଖ୍ୟା—   ଧାଇଁ ସେ ଶଇଳ
ବ୍ରହ୍ମାବରେ ଗଙ୍ଗା—   ପ୍ଲାବିତ ଶରୀର ।

(୧) ଭଞ୍ଜନ ବୋଝ

(୨) ମୟୂରଭଞ୍ଜରେ (୩) ଗୋନାସିକା ଶୈଳର ପାଦ ଦେଶରେ ଋଷି ସନ୍ନିକଟ ସ୍ଥାନ ଋଷିବାସର ସୂଚକ । ଏହିଠାରେ ଆଦ୍ୟା ବୈତରଣୀ ଗଙ୍ଗା ଲେଖାଅଛି । ଏହାର ନାମକରଣ ସମ୍ବନ୍ଧରେ ଏହି କମ୍ବଦନ୍ତୀ ଅଛି ଯେ, ଋଷି ମାନେ ଯଜ୍ଞ କରୁଥିବା ବେଳେ ଅନାର୍ଯ୍ୟମାନେ ଗୋଟିଏ ଗୋରୁର ଶିରଶ୍ଛେଦନ କରି ହୋମ କୁଣ୍ଡରେ ପକାଇ ଦେଇଥିଲେ । ସେହି ଗୋନାସିକାରନ୍ଧ୍ରରୁ ରକ୍ତ ବହି ଯଜ୍ଞକୁ କଳୁଷିତ କରିବାରୁ ସେମାନେ ବ୍ରହ୍ମାଙ୍କୁ ସ୍ତୁତି କଲେ ଏବଂ ତାଙ୍କ ପ୍ରସାଦରେ ସେଠାରେ ଆଦ୍ୟାବୈତରଣୀ ଗଙ୍ଗା ଆବିର୍ଭୂତା ହୋଇ ସେ ସ୍ଥଳ ପବିତ୍ର କଲେ ।

Digitized by srujanika@gmail.com

ଯା ପାଦୁ ସମ୍ଭବ   ଆଦ୍ୟା ବୈତରଣୀ
ପୁଣ୍ୟା ପୟସ୍ୱିନୀ   ପତିତ-ପାବନୀ ।
ଆଦ୍ୟା ରାଜଧାନୀ   ପାଦ ଧୋଇ ମୁଦେ
ମିଶାଇଛି ଜଡ   ମହୋଦଧିହ୍ରଦେ ।
ତନୂଜା ଗର୍ବିଣୀ   ତାହା ନିକଟେ କି
ରହିବ ନଗ୍ନ   ଦଣ୍ଡେ ମୁଣ୍ଡ ଟେକି ।
ମାଳଗିରି ଗିରି—   ମାନେ ମାଳତମ
ପାର୍ଶ୍ୱଶୈଳ ବ୍ରଜେ   ଦେବରାଜୋପମ ।
ଟେକିଥାଏ ନିତି   ଯାର ଶିରେ ଛତି
ଧୂମରେଖାକାରେ   ଜୀମୂତ ସଂହତି ।
ସେ ସୁବର୍ଣ୍ଣଚୂଡ଼ର   ସମ ନାହିଁ ସ୍ଥାର
ତୁଙ୍ଗ ଶୃଙ୍ଗ, ଅନ୍ୟେ   କରେ ଯା ଧିକ୍କାର ।
ଦର୍ପଣ ମଣ୍ଡଳେ   ଦର୍ପେ ଦଣ୍ଡାୟିତ
ପଞ୍ଚ ଦେବ ଅଧି—   ଷ୍ଠାନେ ପ୍ରତିଷ୍ଠିତ ।
ସ୍ତବକିତ ଗୁରୁ   ଅଶୋକେ ଯାହାର,
ବସନ୍ତ ମାଧୁରୀ   ଦିଶେ ମହୋଦାର ।
ସୁବର୍ଣ୍ଣ ବରଣ   ସୁନା ଝର ଯହିଁ
ମଣ୍ଡେ ଗଣ୍ଡଭାଗ   ଅଗୋଚରେ ବହି ।
ମନ୍ଦରର ଉପ—   କଣ୍ଠ ଜଳକୁଣ୍ଡେ
ଝର ଆସେ ସ୍ୱଚ୍ଛ   ନୀର ବୃଷ ତୁଣ୍ଡେ ।
ଶ୍ୱାପଦ-ସଙ୍କୁଳ   ତୁଙ୍ଗ ଶୈଳେଶ୍ୱର
ବନାଢ୍ୟକ ଘର   ଏ ନୁହେ ଶ୍ୟାମଳ !
ଢେଙ୍କାନାଳ ଶୈଳ—   ମାଳ-ମଣିହାର
ଶିବ ଅଧିବାସେ   ପବନି ତଶିଗା ।
କପିଳାସ, ସ୍ୱଚ୍ଛ—   ଝରେ ମନୋହାରୀ
ସ୍ମରିଲେ ଏହାକୁ   କେ ଯିବ ପଶୁରି !!

କୃଶୋଦରୀ ଦୟା   ମାଧୁରୀ ଈକ୍ଷଣେ
ଜଡ଼ସାକ୍ଷୀ ମଧ୍ୟେ   ବିଚକ୍ଷଣ ଜଣେ ।
ଯା ପାଦେ ନଗରୀ   ଥିଲା ଶୋଭମାନା
ବୌଦ୍ଧଙ୍କର ଯହିଁ   ଉଡ଼ୁଥିଲା ବାନା ।
ଘୋର ଗିରିଗୁହା   ସୂକ୍ଷ୍ମ ସୂକ୍ଷ୍ମତରେ
ମୁହାଁଇଛି ଯହିଁ ଶିଳ୍ପୀ   ରସାତଳେ ।
ଧର୍ମାଶୋକ ଧର୍ମ—   ଆଦେଶ ଯା ପାଶେ
ଅଶ୍ୱତ୍ଥାମା କୁମ୍ଭ—   ଦେଶ ପରକାଶେ ।
ଦେଉଳମଉଳ   ସେହି ଧଉଳର
ଭୁଲେ ଏ ଶଇଳ   ଟେକିବ କି ଶିର ?
ଅଖଣ୍ଡ ବଉଦ୍ଧ   ଯଶ ହୃଦେ ବହି
ସେ ଖଣ୍ଡ ଉଦୟ—   ଗିରି, ପୂର୍ବେ ଯହିଁ
ବହିଥିଲେ ରାଜ—   ଧାନୀ ରାଜରାଣୀ (୧)
ବଖାଣିବ କିଏ   ସେ ଶିଳ୍ପ-କାହାଣୀ ?
ନାନା ଗୁମ୍ଫାଳିପି   ପ୍ରାସାଦେ ମଣ୍ଡିତ
ତା ଦେଖିଲେ ଏଥି   ଟଳିବ କି ଚିତ୍ତ !
ଖୋରଧାର ସାର   ଶଇଳ ବରୁଣୀ;
ବାଁରୁଣୀ ଆକାଶେ   ଦିଶେ ଯାହା ପୁଣି ।
ଦୂରୁ ନମନମ୍ର   ସୁବଙ୍କିମ ରେଖା—
ପରାଏ ସୁନ୍ଦର,   ତାକୁ କି ଏ ଲେଖା !
ଯା ନିତମ୍ବେ ଦେବୀ   ପାଦୁଁ ପୂତ ଝର
ଝର ସ୍ଥଳୀ କରେ   ପ୍ରପାତେ ମୁଖର ।
ରାଜଇ ଯା ଶିରେ   ଗଣ୍ଡାରୀ କୁଜଳା—
ଗୁପ୍ତଗଙ୍ଗା ସଙ୍ଗେ   ସେ ପାଣ୍ଡବଘର । (୨)

---

(୧) ଏହିଠାରେ ପ୍ରସିଦ୍ଧ ରାଣୀହଂସପୁରର ଦ୍ୱିତଳ ଗୁହାରେ ପୂର୍ବେ ରାଜା ଲଲାଟେନ୍ଦୁ ଓ ତାଙ୍କ ମହିଷୀ ମଧ୍ୟେ ମଧ୍ୟେ ବାସ କରୁଥିବାର ଇତିହାସରୁ ପ୍ରମାଣ ମିଳେ ।

(୨) ଏହି ପାହାଡ଼ ଉପରେ 'ପାଣ୍ଡବଘର' ବିଦ୍ୟମାନ । ପାଣ୍ଡବମାନେ ଏଠାରେ ଆଇ ପଶା ଖେଳୁଥିଲେ ଏବଂ ଭୀମ ହସ୍ତର ହାଠ ଉପରେ ବାଜ ଖଣ୍ଡେ ପଥର ଛୁଡ଼ିଯାଇ ଥିବାର କମ୍ବଦନ୍ତୀ ଅଛି । ଏହା ନିକଟରେ ଥିବା ଗୁପ୍ତଗଙ୍ଗାର ଜଳ ପେୟ ନୁହେଁ । ରଜସଂକ୍ରାନ୍ତିକୁ ଏଠାରେ ବହୁ ଲୋକଙ୍କର ମେଳା ହୋଇଥାଏ ।

Digitized by srujanika@gmail.com

କ୍ରୀଡ଼ାକାଳେ ଶ୍ରମ   ଅଷକାଠି ବାଳ
ଛୁଡ଼ୁଥିଲ, ଯେଉଁ   ଶିଳା ତାହା ଆଜ,
ଦେଖାଇ ସେ କଥା   କହନ୍ତ ପଥିକେ
ରଜପର୍ବେ ଅନ୍ୟ—   ଯାତ୍ରିକଙ୍କୁ ଠିକେ ।
ଚୂର୍ଣ୍ଣୀଭୂତ ଶୈଳ   ମଧ୍ୟେ ମୁଣ୍ଡ ଟେକ
ଦର୍ପୋନ୍ନତ ନିଜ   ଉନ୍ନତିକି ଦେଖି ।
ଏହି ଯେ ଦିଶଇ   ସପ୍ତଶଯ୍ୟା ଗିରି
ତା ତୁଳାରେ ୟାର   ଅଛି କିବା ଶିର !!
ଚୂରିଛି ଏପରି   କେତେ ଗିରିଙ୍କ
ଶଇଳ-ସଙ୍କୁଳ—ଉତ୍କଳର ଅଙ୍କ ।
ସୁନ୍ଦର ଶ୍ୟାମଳ   ସ୍ନିଗ୍ଧ ସେ ସକଳ
କିନ୍ତୁ କି କୁତ୍ସିତ   ୟାର କଳେବର !
କାହିଁଛି ଏହାର   ସେ ଶୋଭା-ବିଭବ
ମୁହୂର୍ତ୍ତ ଦେଖି ଯାହା   ଦିଶେ ନବ ନବ ।
ଏ ଶିଳା ମଣ୍ଡଳେ   ନାହିଁ ସେ ସ୍ନିଗ୍ଧତା
ବର୍ଣ୍ଣୋଜ୍ଜ୍ୱଳମୟ   ମାଧୁରୀ ମୁଗ୍ଧତା ।
ଝରୁ ନାହିଁ ଏହା   ଦେହୁ ସ୍ୱଚ୍ଛ ଝର
ଶୁଷ୍କଶିଳା ଶୁଷ୍କ   ପଥରେ ମର୍ମ୍ମର ।
ନୁହଇ ଏ ଶୈଳ   ମରକତ ସେତୁ
ଲତା ଗୁଳ୍ମମାନେ   ରହିତ ଯେହେତୁ ।
ନାହିଁ ତ ଏଥିରେ   କେକ-କେକାରବ,
କଳରବ ବିନା   ନିତାନ୍ତ ନୀରବ ।
ନାହିଁ ଏଥି ଛାୟା-   ଦକ୍ଷ ବନସ୍ପତି
ହରିବ ମଧ୍ୟାହ୍ନେ   ପଥିକ-ତପତି ।
କି ଅଛି ବା ଏଥି   ଦୃଶ୍ୟ ମନୋହର
ଆକର୍ଷିବ ଲେଶେ   ଦର୍ଶକ ଅନ୍ତର ।
ନ ଥାଉ ପଛକେ   କିଛି ଏହିମାନ
ତଥାପି ନଗଜ   ଦିଶଇ ମହାନ ।
ଏ ଯେଉଁ କୁଞ୍ଚିତ   କାଇଁଚ ଲତିକା
ରକ୍ତଫଳ-ପୁଞ୍ଜେ   ନିକୁଞ୍ଜ-ଦ୍ୟୋତିକା ।
ଏହି ତ ଏହାର   କୁସୁମ-ସ୍ତବକ
ଉଲ୍ଲାସିତ ମନ—   ହାର, ବିଭୂଷକ ।

କେ ଅଛି ୟାପରି   ବେଣୁକଣ୍ଠାଧାରି
ତୀର୍ଥ କୂଳେ ସର୍ବ—   ଜନ ମନୋହାରି !
ଶୁଷ୍କ ଭୃଙ୍ଗ ଭୃଗୁ   ଉକୁଣ୍ଠାଏ ଯାର
ନିଷ୍ଠୁର ନିର୍ମମ   ହୃଦୟ-ବିସ୍ତାର ।
ସେ ବିରାଟ ଶିଳା—ପଟେ ମହାଫାଟ
ପାତାଳକୁ କିବା   ଫିଟିଛି ଏ ବାଟ !
କିଏ ବା କଳିବ   ଗାମ୍ଭୀର୍ଯ୍ୟ ଏହାର
ନିଗୂଢ଼ ରହସ୍ୟ   କେ ପାଇବ ତାର !
ଶିଳାଉପରେ ଶିଳା   ବସିଅଛି ମାଡ଼ି
ମହିଷା ଉପରେ   କି କାଳୀ କରାଳୀ !
ପୂର୍ବମୁଖୀ ହୋଇ   ଧୁଏ ଯା ଚରଣ
ମହାନଦୀ ବୀଚି—ମାଳା ଅନୁକ୍ଷଣ ।
ସିଦ୍ଧନାଥ ପୀଠ   ମୁକୁଟ ଲଲାଟେ
ଶର ବନବାସୀ   ବିହଙ୍ଗେ ଯା ଭାଟେ ।
କାପୀ ପ୍ରାପ୍ତ ତାର   ମହାନଦୀ ଦିଶି
ବକ୍ଷେ ପ୍ରତିବିମ୍ବ   ବହେ ଦିବାନିଶି ।
ହୋଇଛି ତୋରଣ   ଦେବୀଦ୍ୱାର ଗିରି
ଇତର ଅଚଳେ   ତା ଉଚ୍ଚେ ପାଚୀରି !!
ଗୈରିକ ସୋପାନ   ପଦବୀ-ଶୋଭିତ
ବଲ୍କଳ ପରିଧେ   ସ୍କନ୍ଧ-ବିଲମ୍ବିତ ।
ଶିରେ କନଅର   କରେ ନିର୍ମଞ୍ଜନା
ବହି ତହିଁ ପୁଣି   ଆସନ ମାର୍ଜନା ।
କରେ ତରୁପତ୍ରେ   ଚାମର ବ୍ୟଜନ
ତରଙ୍ଗିତ ନଦୀ—   ସଙ୍ଗୀ ସମୀରଣ ।
ଏକା ଏ ମାରୁତ   ଛାୟା ଝର ସମ
ଉପୁଜାଏ ହୃଦେ   ଆହ୍ଲାଦ ପରମ ।
କେତେ ସ୍ଥଳୀ ଖୋଲ   ମଞ୍ଜୁଳ ଏହାର
ଠାବେ ଠାବେ ପୁଣି   ଦିଶେ କି କରାଳ ।
ଭୀମକାନ୍ତଗୁଣ   ବେନିଙ୍କି ଆଦରି,
ହୃଦେ ମହାଭାବ   ଗମ୍ଭୀରତା ଧରି,
ରାଜଇ ବଉଦ୍ଧ—   ଯତି ପ୍ରାପ୍ତ ଆଜ
ଅହା ଏ ନଗଜ   ସତେ ନଗରାଜ ।

Digitized by srujanika@gmail.com

ଶିଖରେ ଏହାର ଶିଳାଭିତ୍ତି କାଟି
ଚଉପାଶେ କରି ବେଢ଼ା ପରିପାଟୀ,
ଅନ୍ତର୍ଭୂତ ଶିଳା— ମୂଳ ଭିତ୍ତିପରେ
ନିର୍ମିଲେ ଦେଉଳ ଶିଳ୍ପୀଏ କୌଶଳେ,
ପ୍ରତିଷ୍ଠିଲେ ଇଷ୍ଟ—ଦେବ ତହିଁ ପରି,
ଶିଳ୍ପୀବଳେ ଖୋଳି ଗରଭେ ଗମ୍ଭୀରି,
ଧର୍ମଧ୍ୱଜାଧାରୀ ବଉଦ୍ଧ ପ୍ରଧାନେ
ପ୍ରଜାଙ୍କର ହିତେ ଆଦ୍ୟେ ବହୁମାନେ ।
ନାହିଁ ଏବେ ତହିଁ ବଉଦ୍ଧ-ମୂରତି
ରହିଅଛି ମହା—ମହେଶ ଶକତି,
ଉଜଳୁଛି ଶିବ—ଲିଙ୍ଗ ଅଦର୍ଶନ
ହିଳମାନ ଅଛି ତହିଁ ନିଦର୍ଶନ ।
ତପୋରତ ସିଦ୍ଧ ବୁଦ୍ଧମୂର୍ତ୍ତି ଏକ (୧)
ରଖିଅଛି ଶିଳ୍ପୀ—ପୂର୍ବେ ପୂର୍ବଟେକ,
ପଡ଼ି କାହିଁ କେତେ ନିରଙ୍ଗ ବିଗ୍ରହ
ଚେତାଉଛି ଧର୍ମ-ଦ୍ରୋହୀଙ୍କ ନିଗ୍ରହ ।
ଦେଉଳର ଚୂଡ଼ା—ପିଣ୍ଡ ମୁଣ୍ଡେ ବହି .
ସୌମ୍ୟ ବୌଦ୍ଧମୂର୍ତ୍ତି—ଶୃଙ୍ଗ ବିରାଜଇ,
ମନ୍ଦିର ପଶ୍ଚିମେ ଉଭା ଏ ମଣ୍ଡପ,
ସଦା ସୁଶୀତଳ ଯା ଗୃହ ତଳପ ।
ହରଇ ଏ ପଥ-ଶ୍ରାନ୍ତ ପଥିକର,
ତଥା ଏ ସମ୍ମୁଖ ଦୃଶ୍ୟ ମନୋହର ।
କାନ୍ତର'ଏଥି ସୁକାନ୍ତଙ୍କ ସୁତା
ନାନାଜାତି-ତରୁ—ଶୈଳଭିତ୍ତି-ଯୁତା,
ଶଇଳ କବଳୁ ବାହାରିଲି ପରି
ଦେବୀଦ୍ୱାର ପାଶେ ଦିଶନ୍ତି ସୁନ୍ଦରୀ ।
କୃଶୋଦରୀ ଏହି ଠାବେ ପ୍ରସାରିତା,
ସୁବିପୁଳ ପୂରେ ଦୂରେ ପ୍ରବାହିତା ।
ବର୍ଷାକାଳେ ଯେବେ ପୂରି ଦେବୀଦ୍ୱାର
ମହାଘୋର ନାଦେ ଡେଇଁପଡ଼େ ଧାର,

ସେକାଳେ ଆକାର ଯାର କି ବିରାଟ !
ଦେଖନ୍ତି ଏକା ତା ସେହି ଶୈଳଥାଟ ।
ଏବେ ଏ ଶୈଳର ମାଳ ଦରୁପଣ
ପରିଏ ହରଇ ଦର୍ଶକ ନୟନ ।
ଆହା ! ଏ ସଲିଳ କେଡ଼େ ସୁବିମଳ
ଉତ୍କଳ ଉତ୍ସଙ୍ଗେ କିବା ଗଙ୍ଗାଜଳ ?
ନମସ୍ତେ ଜାହ୍ନବୀ ! ଉତ୍କଳ ପାବନୀ
ବିଚିତ୍ର ଉପଳ—ଚିତ୍ର ଅବୋଧନୀ ।
ତୋ ଦର୍ଶନେ ହୃଦ କି ପ୍ରସନ୍ନ ଆଜି
ଧ୍ୱଂସିଲି କଳୁଷ ତୋର ବାରି ବାଜି,
ସୁବିପୁଳ କୋଳ ଯେହ୍ନେ ତୋ ସରିତ
ସକଳେ ପାଳିବା ପାଇଁ ପ୍ରସାରିତ !
ତୋ ସଲିଳେ ଶସ୍ୟ—ଶାଳିନୀ ଅବନୀ
ହୃଦେ ସନ୍ତରଇ ସନ୍ତତ ତରଣୀ,
ଉତ୍କଳ ବାଣିଜ୍ୟ- ବାହନ, ସୁଭଗା
ରଖିଅଛୁ କେତେ ଦୁଃଖୁ ନି ପଥଗା ।
କେତେ ଶାଖା ମେଲି ଦେଉଛୁ ଉତ୍କଳେ
ଉତ୍କଳ ଉଦର ପୁଷ୍ଟ ସେହି ଜଳେ ।
ତୋହଠାରୁ ଜନ୍ମ ଲଭି କାଠଯୋଡ଼ୀ
ଧାଏଁ ପୂର୍ବମୁଖେ ନିଜ ମାର୍ଗ ଛାଡ଼ି ।
ଉତ୍କଳର ରାଜ— ଧାନୀ ବିଭବିନୀ
କଟକର ପଦେ ଖଟେ ଯେ ତଟିନୀ,
ପିଇ କଟକୀଏ ଯାର ସ୍ୱଚ୍ଛ ପୟେ
ବିହରନ୍ତି ମୁଦେ ଛଟକେ ଅଭୟେ,
ଯା ତୀର ସମୀର ସେବି ନାଗରିକେ
ହୃଦେ ମୁଦଭର ବହନ୍ତି ଅଧିକେ ।
ଯା ଜନ୍ମ ବିପୁଳ ଜଳଧାରା ଘେନି
ବହେ କୁଆଖାଇ ଦକ୍ଷିଣଗାମିନୀ ।
ସେହି ଧାରୁ ପୁଣି ଆଦ୍ୟେ ଭାରଗବୀ
କୁଶଭଦ୍ରା ଦୟା ମଧ୍ୟେ ଜନ୍ମ ଲଭି,

(୧) ଏହି ଶିଖର ପୂର୍ବ ପାଶ୍ୱରେ ଗୋଟିଏ ବୁଦ୍ଧମୂର୍ତ୍ତି ରହିଅଛି ।

Digitized by srujanika@gmail.com

ପ୍ରଶାନ୍ତ ପୁଷ୍କର   ନୀରସ ଅନ୍ତର
ସେହି ନୀରେ ପୁଷ୍ଟ   କେତେ ନାଗ୍ର ନର ।
ତୋ ଗର୍ଭ ସମ୍ଭବ ବିନା ଏ ସରବେ
ବିତରନ୍ତି ସୁଧା   ଏ ଉତ୍କଳ ଭବେ ?
ବିରୂପାକ୍ଷ ତପୀ   ତପଃଫଳେ ଧନ୍ୟା
ବିରୂପା ତଟିନୀ   ତୋ ସୁରୂପା କନ୍ୟା ।
ଦେଖାଇ ବିମ୍ବିତ ସ୍ୱଚ୍ଛ ନିଜ ରୂପ
ରାମେଶ୍ୱର ଶୈଳ   ବୌଦ୍ଧକୀର୍ତ୍ତି ସ୍ତୂପ,
ରଥାଙ୍ଗ ଦମ୍ପତି   ପ୍ରୀତିବରଧନୀ
ସୁଶସ୍ୟଶାଳିନୀ   ଯା ତୀର ଅବନୀ ।
ସ୍ୱରୁ ଚନ୍ଦ୍ରୋଜ୍ଜ୍ୱଳା   ମାହେଶ୍ୱରୀ ଚନ୍ଦ୍ରା
ଜମ୍ବୁଳେଶ ଶିବ   ଯୋଗେ ସୁପବନା ।
ବହିଯାଏ ପଦ୍ମ—   ବନ ଛଦତଳେ
ଜଳଧାର ଯାର   ମୃଦୁ କଳକଳେ ।
ଭକତ ଅଚ୍ୟୁତ   ଯା ଜଳେ ବର୍ଦ୍ଧିତ
ଚିତ୍ରୋତ୍ପଳା ନାମେ   ଖ୍ୟାତ ସେ ସରିତ ।
ଏ ଆଦ୍ୟ ବିବିଧ   ନଦୀରୂପେ ଏକା
ତୁଷ୍ଟ, ବହୁରୂପୀ-   ବେଶେ ଦେଇ ଦେଖା,
ସେବିଲୁ ବିବିଧ   ଜନପଦ ପଦ
ସେ ଜଳ-ସମ୍ପଦେ   ନୁହେ କେ ଉନ୍ମଦ ?
କ୍ଷୁଦ୍ର ସର୍ପେଶ୍ୱରୀ   ତୋର ପାର୍ଶ୍ୱେ ଧାଏଁ
ଶିଳାଳ ଉତ୍ତାଳେ   କୃଶାଙ୍ଗ ଲୁଚାଏ ।
ଗର୍ଭେ ଶୋଭେ ଶୁଭ୍ର   'ଧବଳ–ଈଶ୍ୱର'
ଉପୁଜାଏ ଭଙ୍ଗ   ତରଙ୍ଗେ ତୋହର ।
କେତେ କାନ୍ଦି ଗିରି   ତଟେର ହୋଇ ଠିଆ
ବଢ଼ାନ୍ତି ତୋହର   ଗମ୍ଭୀରପଣିଆ ।

ଠାବେ ଠାବେ ଉଠି   ମହା ଚଣ୍ଡିପଠା (୧)
ନ ଦିଅନ୍ତି ତୋର   ଭଙ୍ଗେ (୨) ପଛହଟା,
ତେଡ଼ିବାରୁ ତୋର   ତେଉକୁ ସେ ହେଲେ
ସ୍ଥଳ ମଣି ଜୀବେ   ଚରିଲେଣି ମେଳେ ।
ଏ ସକଳ ହେଲ ତୁଷ୍ଟ କଲ୍ଲୋଳିନୀ,
ହୋଇଅଛୁ ଦୂରେ   ସାଗର-ସଙ୍ଗିନୀ ।
ଏ ଉତ୍କଳେ ତୋର   ଶବ କଳେବର
ସଭିଙ୍କି ଦିଶଇ ଅତି ମନୋହର ।
ସରି ସରି ହୋଇ   କେତେ ନାଳ ଶିରା
ପ୍ରସରି ଧରିକୁ   କରିଛି ରୁଚିରା ।
ନୀଳରଜ୍ଜୁ ରେଖା   ପରି ଦୂରଯାଏ
ତୀର ତରୁ ମଧ୍ୟେ   ଯାହା ଶୋଭାପାଏ ।
ରାଜହଂସ ପ୍ରାୟେ   ମିଶିଯାଏ ଜଳେ
ଧବଳ ବୋଇତ   ଦୂରେ ଯା ଅନ୍ତରେ ।
ରନ୍ଧ୍ରୁ (୩) ବନ୍ଧ ମଧ୍ୟେ ବହି ଯାର ଜଳ
ତୀର ଧରଣୀକି   କରଇ ଶ୍ୟାମଳ ।
ଯୋଡ଼ କଙ୍କତିକା   ଜଙ୍ଗଲ ପ୍ରକାର
ରାଜଇ ଯା ଶିରେ   ସେତୁ ଜାଲ ବାଡ଼ ।
ଯା ଯୋଗୁ ବନ୍ଧନ   ଲଭି ତରଙ୍ଗିଣୀ
ଅଶ୍ରୁ ଝରି ପାତେ   ସଦା ବିଳାପିନୀ ।
ସେଠା ବିଶସତା   ନୋହିବଟି ହୁଡ଼
ମୂଢ ଦମକରେ   ହୃଦ ଯାଏ ବୁଡ଼ ।
ପ୍ରତି ଅର୍ଗଳିରେ   (୪) ଯନ୍ତ୍ରାର୍ଗଳ ମାୟା
ଦେଖି ପାସୋରିବ   କିଏ ତାର ଛାୟା ?
ଏ ଆଦ୍ୟ ଯାବତ   ଶୋଭା ଉପାଦାନ
ତୋର ଯୋଗୁଁ ମହା—ନଦୀ, ମହୀୟାନ ।

(୧) 'ନନ୍ଦକେଶ୍ୱରୀ ପଠା' ପ୍ରଭୃତି ଏହାର ଦୃଷ୍ଟାନ୍ତ ସ୍ଥଳ । ବର୍ତ୍ତମାନ ସେ ସବୁ ଜୀବଜନ୍ତୁର ଆବାସଯୋଗ୍ୟ ସ୍ଥଳରେ ପରିଣତ ହୋଇଅଛି । (୨) ତରଙ୍ଗ ।

(୩) ପ୍ରତ୍ୟେକ ନାଳ ମଧ୍ୟରେ ଗୋଟିଏ ଛିଦ୍ର ବା ପୋଲରୁ କ୍ଷୁଦ୍ର ପାଣିନାଳମାନ ବାହାରି ଉଭୟ ପାର୍ଶ୍ୱର କ୍ଷେତକୁ ଜଳ ଯୋଗାଏ ।

(୪) ଅର୍ଗଳ = Look ଅର୍ଥାତ୍ ନାଳର ଅର୍ଗଳସ୍ଥାନ । ସାଧାରଣତଃ ଲୋକେ ଏହାକୁ ସେହି ଲକ୍ କହୁଥାନ୍ତି ।

Digitized by srujanika@gmail.com

ନଭେ ଏବେ ରବି ଖରୁଁ ଖରତର
ନଦୀ ବକ୍ଷ ଗ୍ରାକ୍ଷଣ— ମୟୂଖେ ଭାସ୍ୱର ।
ଦେହେ ସବୁ ଆହା ସେ ଆତପ ଦାହେ
କରମ ଆଦର ମାଝୀ ତଣ୍ଡି ବାହେ ।
ଖର କରଜାଳେ ଦୂରେ ଦିଶେ ତଟୀ ।
କୁହେଳି ଗରଭେ ଲଭିଗଲା ପରି ।
ସମୀର ପରଶେ ନୀର ଆସ୍ତରଣ
ମୃଦୁଳ ହିଲ୍ଲୋଳେ କରି କଳସ୍ୱନ,
ତାଳେ ତାଳେ ଶିର ନଗ୍ରଜ ଶଇଳ—
ପଦତଳେ ପିଟେ ହୋଇଣ ସଲୀଳ ।
ଜଳଜନ୍ତୁଙ୍କର ନାହିଁ ସେ ସ୍ଫୂରତି
ସର୍ବେ ନିସ୍ତବ୍ଧତା ଭଜିଲେଣି ଅତି ।
ନାହିଁ ଏବେ ଶିଳା- ଶିଳ୍ପୀର ଗହଳ
କାହିଁ ସେ ପାଷାଣ- ହଣା କୋଳାହଳ ?
ମିଶାଏ ସ୍ୱରବ ଯାମଘୋଷି-ଘୋଷେ
ମାଳ ତରୁଗୁଚ୍ଛ ଝିଙ୍କାରି କି ତୋଷେ ?
ଡାଳୁ ଡାଳେ ଉଠି ହଳଦୀ ବସନ୍ତ
ମୃଦୁ କଳରବେ ଦିଏ କି ଉଦନ୍ତ !
ପଲ୍ଲବିତ ତରୁ ବ୍ରତତି ଝାଉଁଳ
ଦିଶେ ଯେହ୍ନେ ଶୋକ- କାତର ପିତୁଳ !
ବାହାର ବିହାର ପରିହରି ଅଳି
ପତ୍ର କୁଞ୍ଜେ ପୁଞ୍ଜେ ମିଳନ୍ତି ଗୁଞ୍ଜରି ।
ପତ୍ରେ ପତ୍ରପରେ ଜଡ଼ ପ୍ରଜାପତି
ପକ୍ଷ ଗୁଳି ମନ୍ଦେ ପୁଣି ହରମନ୍ତି ।
ଅବତରି ଗିରି— ଶୀଘ୍ର ଗୋରୁପଲ
ଆଶ୍ରିଲେଣି ଏବେ ଗୁମ୍ଫା ତରୁତଳ ।
ଦେଖି ମଧ୍ୟାହ୍ନର ପ୍ରତାପ ପ୍ରବଳ
କଣ୍ଢେ କାଟି ବାଟ କାଟିଲେ ଶବର ।
ଏହି ଯେ ଅଗ୍ରତେ ଦିଶେ ଶୈଳଧାଡ଼ୀ
କୁହେଳି କି ତହିଁ ଯାଇଅଛି ମାଡ଼ି ?

ଗୁହ୍ମୁଁ ଗୁହ୍ମୁଁ ଏବେ ହୋଇଲା ଧୂମଳ
ବଦଳିଲା ପୂର୍ବ ସେ ଭାବ ଶ୍ୟାମଳ ।
କାର ମଧ୍ୟ ପୀଠେ ଉଠି ଧୂମସ୍ତୋମ
ବପୁକୁ ବିସ୍ତାରି ବ୍ୟାପୁଅଛି ବ୍ୟୋମ ?
ଦାବାଗ୍ନିର ଅବା ହେଲା କି ଉଦ୍ଭବ ?
ହାସେ ବିକମ୍ପିତ ଏବେ ଜୀବ ସର୍ବ ।
ଛାଡିଗଲା ତଳ ସେ ତପନ୍ତ ସଙ୍ଗେ,
ତପତ ସିକତା ମହାନଦୀ ଅଙ୍ଗେ ।
ଛାଡିଲା ନଗ୍ରଜ ଶଇଳ ସୋପାନ
ପାରୁଣେ ପାଷାଣ— ଖଣି ଗର୍ଭମାନ ।
ବିକଳେ ବିହଙ୍ଗେ ଆସି ମାଳ ମାଳ
ସଙ୍କୁଳିଲେ ମୌନେ ଗିରି ତରୁ ଡାଳ ।
ଶୀତବାର ଯୋଗେ ବହିଲା ପ୍ରଖରେ,
ନଗ୍ରଜ ମାରୁତ ଶଇଳ ଶିଖରେ ।
ଶିଖର ବିଟପୀ ପୁରାଣ ପିପ୍ପଳ
ରଚିଲା ପତାକୀ ଗୃହ କୋଳାହଳ ।
ଶାଖା ଗୁଳ୍ମବାଶୀ ବତାସ ଯେସନେ
ମାଡ଼ିଆସେ ଜଣା ଗଲା ସୁପ୍ତ କର୍ଣ୍ଣେ,
ସେ ଘୋର ନିଃସ୍ୱନେ ଭାଙ୍ଗନ୍ତେ ସ୍ୱପନ
ଚେଇଁ ସହଯାତ୍ରୀ ଖୋଜିଲା ସ୍ୱଜନ ।
ରଥକରେଣୁକ ସେ ତପ୍ତ ଅଞ୍ଚଳେ
କରନ୍ତେ ମନ୍ଦିର ପ୍ରଦକ୍ଷିଣ ଥରେ,
ଦକ୍ଷିଣେ ଦିଶିଲା ଗୁମ୍ଫା ଦୁଇଗୋଟି
ଏକ ନିମ୍ନେ ଅନ୍ୟ ଊର୍ଦ୍ଧ୍ୱେ ଅଛି ଯୋଡି ।
ଘଣ୍ଟ ମଳୁ ଦ୍ୱାର ବେଳର ମୁକତ
ମଧ୍ୟେ ଗର୍ଭଦ୍ୱାରେ ଏବେନ ଯୁକତ ।
ତଳଟିରୁ ବଳି ଧାଏ ଊର୍ଦ୍ଧ୍ୱ ତଳ,
ବସନ୍ତେ ଅନ୍ତର ହୋଇଲା ଶୀତଳ ।
ଧନ୍ୟ ସେ ନିର୍ମାଣ— କୌଶଳ ଏହାର
ନିଃଶଙ୍କ ଶିଳ୍ପୀଙ୍କ ଟଙ୍କ (୧) ବ୍ୟବହାର,

(୧) ପାଷାଣ ଭେଦନଅସ୍ତ୍ର

Digitized by srujanika@gmail.com

ଶୈଳେ ଶୈଳେ ସବୁ ଏ ଶିଳ୍ପ ଗୃହଗୁଚ୍ଛ
ବୌଦ୍ଧ ଭାରତର ଚିରନ୍ତନୀ ତୁଚ୍ଛ ।
ଧନ୍ୟ ଧନ୍ୟ ଆହେ ବୌଦ୍ଧ ନରପତି
ଶୈଳ ଗର୍ଭ ଖୋଳି ସ୍ଥାପିଲ ଭାରତି,
ଧନ୍ୟ ତୁମ୍ଭ ଦମ୍ଭ ଧନ୍ୟ ଶିଳ୍ପକଳା
ଶୈଳ କୋରକ ରେ ହୋଇଲ କୁଶଳା ।
ଭାରତର ପ୍ରତି— ଜନପଦେ ତବ
ରହିଛି ଏ ଶିଳ୍ପ ଅନଳ୍ପ ବିଭବ,
କାହିଁ ଶୈଳଶିଖ ଶିଖରେ ନିତମ୍ବେ
କାହିଁ ଗିରିଖୋଲେ ସ୍ତୂପେ ସ୍ତୂପ ସ୍ତମ୍ଭେ ।
ବସାଇଲେ କେତେ ରମ୍ୟ ସୌମ୍ୟ ମୂର୍ତ୍ତି
ତଥାପି ସ୍ମୃତିର ହେଲନାହିଁ ପୂର୍ତ୍ତି,
ପ୍ରଚାରିଲ ଧର୍ମ ରାଜ୍ୟ ପ୍ରଜାବନ୍ଧୁ
ଉଦ୍ଧରିବା ପାଇଁ ଜନେ କର୍ମବନ୍ଧୁ ।
ପାରିନାହିଁ ଘୋର ଏ କରାଳ କାଳ
ତବ କୀର୍ତ୍ତିମାନ ରହିଛି କଙ୍କାଳ ।
ପାରିଲେ କି ଲେପି ଭିନ୍ନଧର୍ମୀ ଭୂପେ
ସ୍ଥାପି ଅନ୍ୟରୂପ ସେହି ଭିତ୍ତି ସ୍ତୂପେ ?
ଛପିଅଛି ସତ୍ୟ, କେତେ ସେ ମୂରତି
ହୋଇଲାଣି କାହିଁ ଆନେ ପରିଣତି ।
କହିଲ ସିନ୍ଦୂର- ଲେପେ କେ ହେଲଣି
ଗ୍ରାମପ୍ରାନ୍ତ – ତରୁ ତଳେ ଠାକୁରାଣୀ । (୧)
କେ ସନ୍ଥମାଧବ (୨) ନାମେ ପରିଚିତ
ହିନ୍ଦୁଙ୍କର ପୁଷ୍ପ ଚନ୍ଦନ ଚର୍ଚ୍ଚିତ,
କାହିଁ ବାସୁଦେବ ଧର୍ମ-ନିରଞ୍ଜନ
କାହିଁ ସିଦ୍ଧନାଥ ଶାନ୍ତ ନାରାୟଣ ।
କାହିଁ ଶିବାଳୟ ପାରଶ୍ୱ ଦେବତା
କାହିଁ ଦ୍ୱାରପାଳ କିଏ ଜାଣିବ ତା ?

ତଥାପି ସେ ରୂପ ଏ ଗୁମ୍ଫା ଗୋପନେ
ଜପୁଛନ୍ତି ତୁମ୍ଭ ନାମ ଅନୁକ୍ଷଣେ,
ସେ ନାମ ଅଛି କେ ନେବ ବା ଛଡ଼ାଇ ?
ଶୁଦ୍ଧବପୁ ସତ୍ୟ ଦେବ ଘଉଡ଼ାଇ ।
କି କ୍ଷଣେ ଜନ୍ମିଲ ମୁନୀନ୍ଦ୍ର ଗୌତମ,
ପୂତ ଏ ଭାରତ ଧାମ ଅନୁପମ,
ଭବେ ଅପ୍ରତିମ ରାଜଲକ୍ଷ୍ମୀ ସୁଖ
ଉପେକ୍ଷି ସଂସାରୁ ହୋଇଲ ବିମୁଖ ?
ଆଦରି ଦୁଷ୍କର ତପସ୍ୟା ସାଧନ
ହରିବାକୁ ବିଶ୍ୱ— ଜନଙ୍କ କଷଣ,
ଲଙ୍ଘି ଘୋରଗିରି କାନ୍ତାର ସରିତ
ମହାବୋଧି ତଳେ ହେଲ ଉପସ୍ଥିତ;
ସାଧି ମହାଯୋଗ ମହାବୋଧ ତହିଁ
ଧରି ଉଦ୍ଧରିଲ ପାପମୟୀ ମହୀ ।
ଅସ୍ତ-ଜ୍ଞାନ-ରବି ପଶ୍ଚାତେ ଅନ୍ଧାର
ଘୋଟିଥିଲା ଧୀରେ ଭାରତ ସଂସାର,
ସେ ତମିସ୍ରା ନାଶେ ଶୀତରଶ୍ମି ବାଞ୍ଛି
ଶାନ୍ତିର ଭୁବନ ହେ ନବ ବିରଞ୍ଚି
ରଚିଲ ଚନ୍ଦ୍ରମା— ରୂପେ ଅବତରି
ଗଲା ଚଉଦିଗେ ସେ ଜ୍ୟୋତି ପ୍ରସରି ।
ସୁଦୂର ସିଂହଳ ତିବ୍ବତ ଜାପାନେ
ଉଡ଼ିଲା କେତନ ତୁମ୍ଭ ଶୁଦ୍ଧ ନାମେ,
କାତ୍ୟାୟନ ଆଦି କେତେ ମୁନିବର
ପ୍ରଚାରିଲେ ନବ ଧରମ ତୁମ୍ଭର,
ସେହି ଧର୍ମ ପୂରେ ଭୂରି ଭୂରି ସୂରି
ପୂରି ଯୁଗେ ଯୁଗେ ଏହି ଦେବପୁରି (୩)
ପୂରାଇଲେ ପୁଣି ଦେଶ ଦେଶାନ୍ତର
ଉପଦେଶ ସୁଧା— ରସେ ନିରନ୍ତର,

(୧) ଉତ୍କଳର ବୌଦ୍ଧପ୍ରଧାନ ଅଞ୍ଚଳରେ ଏ ଦୃଶ୍ୟ ବିରଳ ନୁହେଁ । ଧଉଳି ଓ ଯାଜପୁରର ମୂର୍ତ୍ତି ଅନୁସନ୍ଧେୟ ।
(୨) ଯାଜପୁର ଠାରେ ଏକ ଅତି ସୁନ୍ଦର ବୁଦ୍ଧମୂର୍ତ୍ତି ମିଳିଥିଲା । ତାହାକୁ ସ୍ଥାନୀୟ ଲୋକେ ସନ୍ଥମାଧବ ବୋଲି ପରିଚୟ ଦିଅନ୍ତି ।
(୩) ଭାରତ ।

Digitized by srujanika@gmail.com

ସତ୍ୟ ଧର୍ମ ସାଥେ   ସଦ୍‌ଜ୍ଞାନ-ସଞ୍ଚିତ
ବହିଗଲା ଦିଗ୍ବି   ଦିଗି ଅବାରିତ ।
ଥିଲା କି ସୁପ୍ରଭ   ଭାରତ ଧରଣୀ
ଲଭିଲେ ଯେ କାଳେ   ସକଳ ଏ ମଣି !
ରଚିଲେ କେ କେତେ   ଦିଗ୍‌ଗଜ ପଣ୍ଡିତ
ନାନାଶାସ୍ତ୍ର ଧର୍ମ—   ସୂକ୍ଷ୍ମ ତର୍କାଶ୍ରିତ,
କଳା ବିଙ୍ଗବାଦୀ (୧)   ବିଦ୍ୟାର ଯେସନ
ହୋଇଥିଲା ଋଦ୍ଧି,   କଳାର ତେସନ
ହେବାରୁ ସମୃଦ୍ଧି,   ବେନଙ୍କ ମିଳନେ
ଭାରତ ଭାଗ୍ୟ ତ   ସେ ଅପୂର୍ବ ଧନେ ?
ସେହି ଧନେ ହୋଇ   ଆଦ୍ୟ ଅଧିକାରୀ
କେତେ କେତେ ମୁନି   ଶୁଦ୍ଧ ବୁଦ୍ଧିଧାରୀ,
ସମାଜର ହିତେ   ଭଜି ପରିବ୍ରଜ୍ୟା
ଗୁହା ଗିରିଖୋଲେ   କଲେ ତପଶ୍ଚର୍ଯ୍ୟା ।
ଧନ୍ୟ ଯତି ! ତୁମ୍ଭ ବିଳ (୨) ବତ୍ସଳତା
ଯାପିଲ ସେକାଳ   ଅର୍ଜି ଅମରତା ।
କେଉଁ ଦିନେ ତୁମ୍ଭେ   ଶୂନ୍ୟ ଶୈଳମୂଳେ
ଗମୁଥିଲ ଦିନେ   ମହାନଦୀ କୂଳେ ?
ଚଉପାଶେ ଗ୍ରାମ   ଶଇଳ ଚକ୍ରିତ
ମଧ୍ୟେ ଜଳାରଣ୍ୟ   କି ବିରାଟ ଅତି ?
ବିଷୟୀଙ୍କୁ ଏହା   ସିନା ଭୟଙ୍କର ?
ଥିଲ ତୁମ୍ଭେ କିନ୍ତୁ,   ଶୋଭାର କିଙ୍କର ।
ନିସର୍ଗ ସୁଷମା—   ସୋମରସପାନେ
ମତ୍ତ ହୋଇ ସିନା   ରତ ଥିଲ ଧ୍ୟାନେ ?
ଦେଖିଥିବ କେତେ   ବସି ଏ ମାଟିରେ
ଏହି କଲ୍ଲୋଳିନୀ—   କେଳି ବେନି ଡୋଳେ ।
ଏ ସ୍ନିଗ୍ଧ ଶ୍ୟାମଳ   ତରୁ ଗୁଳ୍ମଜାଳେ
ଶୁଭ୍ର ସଇକତ—   ଠଙ୍କ ଶୈଳମାନେ ।
ଦିବ୍ୟ ଛବି ଅନୁ—   ଭବ ଏ ମାରବେ
ଥିଲେ ଭବେ ହେଲ   ପାର୍ଥିବ ବିଭବେ ।

କାହିଁଗଲ ତୁମ୍ଭ   ସେ ଧ୍ୟାନ ଆସନ
ରହିଲା କେବଳ   ଏ ଶିଳା-ପତ୍ତନ ।
ଶୂନ୍ୟ ଗୁମ୍ଫା   ବହି ପଡ଼ିଛି ନଗ୍ରାଜ
ଏ କାଳକୁ ଲୋକେ   ତହିଁକି ନାଗ୍ରାଜ ?
ଅହିଂସା ଅଭୟ—   ଆଦି ସତ୍ୟ ବାଣୀ
ବଖାଣିବା ପାଇଁ   ଅଛି କେ ବିନ୍ଧାଣୀ ?
କଣ୍ଠତରେ ତାହା   ଏ ଗୁମ୍ଫା ଅନ୍ତର
ଅଙ୍କୁରାଇ ଦିଏ   ଭାବୁକ ଅନ୍ତର ।
ଏ ଶିଳା-ମଣ୍ଡପ ' ଏ ଶୈଳ ପବନ,
ତବ ଅନ୍ତେବାସୀ   ପ୍ରାୟ ଅନୁକ୍ଷଣ,
ଶ୍ରାନ୍ତ ପଥିକ   ପଥ୍ୟ ଲାଗି ଆହା
ବାହାରର ତାପ   ନ ପାଏଟି ରାହା ।
ଏ ନିଦାଘ ଦିବା   ଯଉବନ ଶଂସୀ
ନୃଶଂସ ଆତପ—   ପ୍ରତାପକୁ ଧ୍ୱଂସି,
ଦେଉଛି ଆଶ୍ୱାସ   ଶୀତ ଗାତ୍ରସ୍ପର୍ଶେ
ଦୂର ଦାବାଗ୍ନିର   ତପତକୁ ଧର୍ଷେ ।
ଏ ନଦୀ ତରଙ୍ଗେ   ଶୀତଳିତ ଅଙ୍ଗ
ମନ୍ଦାନିଳେ ସ୍ଥଳୀ   ଲଭି ଅଙ୍ଗସଙ୍ଗ,
ବିତରଇ ସେହି   ଶାନ୍ତ ସୁଧାରସ
କ୍ଷଣେ ହୃଦ ଯାରେ   ହୁଅଇ ସରସ ।
କେତେ ଯତ୍ନେ ଭଲା   ଲଭିବ ସଂସାର !
ଅଯତ୍ନ ଲବଧ   ଏହି ଶାନ୍ତିବାରି ।
ଏଠାର ମାଧୁରୀ   ଏ ଦେଶ ସୁଷମା,
ଏ ପୁଣ୍ୟ ବିଭୂତି   ପ୍ରୀତି ନିରୁପମା
ଏ ବିଜନ ସ୍ଥଳୀ—   କମନୀୟ ଛବି
ପାରିବ କି ଦରେ   କବି ଅନୁଭବି ?
ଯେତେ ଦେଖ ତହିଁ   ମୋହିନୀ ମୂରତି
ହେବ କି ତହିଁରେ   ଆତ୍ମାର ତୃପତି ?
ସେ ରୂପରେ କାହିଁ   ଏତେ ପବିତ୍ରତା
ବିଶ୍ୱଜନପ୍ରିୟ   ସାଧୁତା ମୁଗ୍ଧତା !

---

(୧) ବିଦେଶୀ

(୨) ଗୁହା ବା ଗୁମ୍ଫା ।

Digitized by srujanika@gmail.com

ଭୁଞ୍ଜିବାକୁ ବାଞ୍ଛା   ଥିଲେ ଏ ସମ୍ପଦ
ଭଜ ବନେ ହେଲେ   ଏ ଭଲ ଆସ୍ପଦ !
ଖସିଲାଣି ଏବେ   ଦର୍ପ ତପନର
ଖଣିଗର୍ଭ ପୁଣି   ହେଲାଣି ମୁଖର ।
ଚଳଲେ ପଥିକେ   ଗ୍ରୀଷ୍ମ'ତରୁ ତେଜି
ନିଜ ନିଜ ଦୁଃଖ   ମନେ ମନେ ହେଜି ।
ଗାଈଆଳ ଜଳ   ନଦୀରୁ ପିଆଇ
ଉପରକୁ ପୁଣି   ଚଢ଼ିଲାଣି ଗାଈ ।
ଆହାର ସଂଗ୍ରହ   ଆଶା ବହି ହୃଦେ,
ବିହଗ ବିହଗୀ   ବିହରିଲେ ମୁଦେ ।
ଚଉପାଶୁ ଆସି   ପକ୍ଷୀ ଦଳେ ଦଳେ
ଆଶ୍ରୟ ଭଜିଲେ   ମହାନଦୀ-ଜଳେ ।
ଉଠିଲା ମଗର   ଉଣ୍ଡି ଯୋଗ୍ୟକାଳ
ଜଳ ଆସ୍ତରଣ   ଭେଦି ବିକରାଳ ।
କ୍ଷଣେ ଜଳପରେ   କ୍ଷଣେ ତା ଅନ୍ତରେ,
ହର୍ଷେ ମତ୍ସ୍ୟ ଗ୍ରାସି   ଚିହେ ଗତିକରେ ।
ମହାନଦୀ ଅଙ୍ଗେ   ଉପୁଜି ତରଙ୍ଗ
ପିଟି ହୋଇ ବେନି   କୂଳେ ଦେଲେ ଭଙ୍ଗ ।
ଦେଖି ଏହି ରଙ୍ଗ   ଉଠନ୍ତେ ଉପରେ
ଦକ୍ଷିଣ ପୂର୍ବ   ରଖି ସମ୍ମୁଖରେ,
ପଡ଼ିଲା ଦକ୍ଷିଣେ   ଦୀର୍ଘ ଆୟତନ
ସମତଳ ଏକ   ଶିଳା ଆସ୍ତରଣ ।
ପ୍ରବେଶନ୍ତେ ଶାନ୍ତ   କାହୁଁ ଆସେ ତହୁଁ
ମୋହେ ଯା ଭାବୁକ   ମନ ରହି ରହି ।
ଏ କଣ ପ୍ରକୃତି   ଅବା ବୌଦ୍ଧକୃତି !
ନ ଜାଣିଲେ ତତ୍ତ୍ୱ   ନ ଭଜେ ନିବୃତ୍ତି ।
ବୋଧିସତ୍ତ୍ୱଙ୍କର   ଥିଲା କି ଏ ସଭା ?
ତାଙ୍କ ବିନା ଆନେ   ଏ ତ ଅସୁଲଭ ।
ଏହି ଠାବେ ଉଭା   ହୋଇ ବାଗ୍ମିବରେ
ପ୍ରବୃତ୍ତ ଥିଲେ କି   ଧର୍ମ ଏ ଅଞ୍ଚଳେ ?
ଗୁହାବାସୀ ଯତି-   ମାନେ ବା ବାହାର
ହେଉଥିଲେ ଏଥି   ଶୋଭା ଅଧିକାର !

ନଷ୍ଟ ବସ୍ତୁ ପଦେ   ମୃତ ଏହି ସ୍ଥଳ
ତଳେ ପୁଣି ଦୂରେ   ରାଜେ ତଳ ଗଡ଼ ।
ଗୈରିକ ରଞ୍ଜିତ   ଭିତ୍ତି ପରେ ଗୃହ
ଖର୍ବାକାରେ ଯହିଁ   ଦିଶେ ମାଳ ମାଳ,
ଏ ରମ୍ୟ ଅଞ୍ଚଳେ   ଦେଖି ଏ ବସନ୍ତ
ହୃଦେ ଜାଗେ ଆଗେ   ସେ ପୂର୍ବ ମୂରତି ।
କେଉଁ ରାଜାଙ୍କର   ଥିଲା ରାଜଧାନୀ
କେ ତାହା ଏକ୍ଷଣି   ପାରିବ ବଖାଣି ?
ଇତିହାସ ଯହିଁ   ହୋଇଛି ନିରାଶ
ସେ ସତ୍ୟ ଲଭେ କେ   କରିବ ପ୍ରୟାସ ?
ଏକା କଳପନା   ବିବୃତବଦନା
କରିପାରେ କିଛି   ତାର ଉଦ୍ଭାବନା !
ହରାଇ ଏ ସ୍ଥଳୀ   ସେ ପୂର୍ବ ଗୌରବ
ହୋଇଅଛି ଏବେ   ବିଲୁପ୍ତ-ବିଭବ ।
କାହିଁ ଗଲା ସେହି   ନବାଡ଼ ନବର,
ଉଡ଼ୁଥିଲା ଯହିଁ   ନିତି ଫର ଫର,
ତୋରଣ ମସ୍ତକେ   ଗୃରୁ ବୈଜୟନ୍ତୀ
ସିଂହାସନେ ହସୁ—   ଥିଲା ରାଜଛତ୍ର ।
ଅନ୍ତଃପୁରେ ଥାଇ   ଯହିଁ ପୁରନାରୀ
ଉତ୍ତର ପ୍ରାଚୀର   ସମ ମନୋହାରୀ,
ଏହି ଶୈଳପରେ   ରଖି ସ୍ଥିରଭ୍ରୂରୁ
ନିରେଖୁଣ ଥିବେ   ସଖୀସଙ୍ଗେ ଦୂରୁ ।
ପଲ୍ଲବିତ ତରୁ   ବ୍ରତତୀର ଶୋଭା
ନବୀନ ବସନ୍ତେ   ମନ ନେଇ ଲୋଭା ।
ତହିଁ ସଙ୍ଗେ ନାନା   ପକ୍ଷୀଙ୍କର ମେଳା
ଡାଳରେ ହଲଦୀ—   ବସନ୍ତର ଖେଳା ।
ଶୁଣୁଥିବେ ପୁଣି   ପିକ କଳସ୍ୱନ
କୂଜନ ସଙ୍ଗତେ   ମଧୁପ ଗୁଞ୍ଜନ ।
ଏହି ଶୃଙ୍ଗେ କେବେ   ନବର ରସିକେ,
ନୃବର ଗହଣେ   ଦେଖୁଥିବେ ଠିକେ,
ପୁର ପ୍ରାଙ୍ଗଣର   ବିଶେଷ ମାଧୁରୀ,
ସୁଧାରସେ ହୃଦ   ଯାଉଥିବ ପୂରି ।

Digitized by srujanika@gmail.com

ନରାଜ

ବୁଲୁଥିବେ ଯେବେ   ପଦାତି ପଙ୍କତି
ତଳେ ଚମୂ ବ୍ୟୂହ, ସେ ଛବି କେମନ୍ତ ?
ଅଶ୍ୱ ପୃଷ୍ଠେ ବୀର—   ଷ୍ଟୋଟ ମାରି ଥୋକେ,
ଚାଲନ୍ତେ ଚଞ୍ଚଳେ   ଏଥି ଦିବାଲୋକେ,
କ୍ଷଣେ ହେଉଥିବ   ନେତ୍ର ଅଗୋଚର,
ଦରଶନେ ଯାର   ସହର୍ଷ ନୃବର ।
ମହାନଦୀ ଜଳେ   ହସ୍ତୀଙ୍କ ହୁନ୍ଦର
ଦିଶୁଥିବ ଆହା !   କେମନ୍ତ ସୁନ୍ଦର !
ନବର ଉତ୍ସବେ   ଏଥି ବାଦ୍ୟ ଧ୍ୱନି
ଧ୍ୱନିମୟ କରୁ—   ଥିବ ଏ ଅବନୀ,
ପ୍ରତି ଶୈଳ ଦେହେ   ହୋଇ ପ୍ରତିହତ
ପୁଣି ନଦୀ ତଟେ —   ଶବଦ ସଙ୍ଗତ ।
ଏହି ଘୋର ରୋଳେ   ଭାଙ୍ଗୁଥିବ ଜାଣ
ଏ ନଗରେ ବୌଦ୍ଧ—   ଯତିଙ୍କର ଧ୍ୟାନ ।
ଏହି ଶୈଳ ମୂଳେ   ଗଜବାଜିଶାଳ
ଥିବ, ଏବେ ତାର   କାହିଁ ବା କଙ୍କାଳ ?
ପ୍ରତି ପ୍ରାତେ ଏଥି   କବକା ଚର୍ବଣ-
ସଙ୍ଗେ କରୁଥିବେ   ତୁରଗେ ଲେହନ,
ଆହାର ପଶ୍ଚାତେ   ସଇନ୍ଧବ ଶୀଳା,
ଝୁଲୁଥିବେ ଗଜେ   କରି ଚମୂ ଲୀଳା ।
ତାଙ୍କର ବୃଂହିତ   ହ୍ରେଷା ମିଶ୍ରରବେ
ମୁଖରିତ ସଦା   ଗୁମ୍ଫା ଏହି ଠାବେ ।
କଲ୍ଲୋଳିନୀ-କୂଳ   କଳ ସେହିକାଳେ
ପରେ ଶ୍ରୁତିସୁଧା   ଢାଳୁଥାଇ ତାଳେ ।
ଶୁଣି ଅସମ୍ଭାଳେ   ପୂର୍ଣ୍ଣ ଅନୁରାଗେ
ଝଙ୍କଳ ପାଦ   ଚାଲ ଆଗେ ଆଗେ,
ହରିଦ୍ରା କଳିତ—   ଅଙ୍ଗୀ ବରାଙ୍ଗୀଏ
ନାନା ଭଙ୍ଗୀ କରି   ଚଳନ୍ତି ସଭିଏଁ ।
କେହି ରକ୍ତବସ୍ତ୍ରା   କେବା ପୀତାମ୍ବରୀ
କେହି ଘନ ନୀଳ-   ଚେଳା ଦମ୍ଭଧରୀ ।
ଯୁବମନରଞ୍ଜୀ   ଅଞ୍ଜନର ଗିର
ଦିଶେ ନେତ୍ରପ୍ରାନ୍ତେ   କେମନ୍ତ ରୁଚିର ।

ଆକୁଳ କୁନ୍ତଳ   ଝୁଲେ ଗଣ୍ଡସ୍ଥଳେ
ସୁତଳ ତାଟଙ୍କ   ବେଣୀକଣ୍ଠେ ଢଳେ ।
ବସ୍ତ୍ର ଫୁଟି ହେମ—   ଅଙ୍ଗ ଦିଶେ ଗୋରା
ଯୁବା ଦର୍ଶକର   କଷଣ ପାସୋରା ।
ମଦାଳସେ ଧୀରେ   ଚଳନ୍ତେ ପବନେ
ଅଞ୍ଚଳ କେତନ   ସ୍ଫୁରଇ ସଘନେ ।
ବଜାଇ ଚରଣେ   ନୂପୁର ବାଜଣା
ମଧ୍ୟେ ଦୋଳେ କଳ-   ଧଉତ ରଶନା ।
ଏଣେ ତେଣେ ଲାସ୍ୟେ   ଚଳଭ୍ରୂରୁ ଚାଳ
ପ୍ରବେଶନ୍ତି ନଦୀ—   କୂଳେ ସର୍ବ ଆଳୀ ।
ଦେଖି ସେ ପ୍ରସନ୍ନ   ମହାନଦୀ ଜଳେ
ଅଙ୍ଗ ଢାଳିବାକୁ   ପ୍ରସନ୍ନ ଅନ୍ତରେ,
ବୁଡ଼ାଇ ହେମାଙ୍ଗ   ଉରୁ ତରତରେ
ବସନ-ପଟ୍ଟିକା   ବାତେ ଫରଫରେ ।
ଲଜ୍ଜା ଭୟେ ଅଙ୍ଗ   ସଂକୋଚଣ ପୁଣି
ବୁଡ଼ନ୍ତି ବରାଙ୍ଗ   ଢାଙ୍କି ସେ ତରୁଣୀ ।
ଅର୍ଦ୍ଧ ଭାସମାନ   ସେ ମୁକ୍ତ କୁନ୍ତଳ
ସେ ବିମଳ ଜଳେ   ଦିଶେ ଢଳ ଢଳ ।
ଭାବୁକ ମାନସେ   ଆସେ ଏହି ଭାବ
ଦେଖି ଏଥି ସୁର—   ଧୂମ୍ର ଆବିର୍ଭାବ,
ଶୈବାଳ ଲାଞ୍ଛିତ   ସ୍ୱର୍ଣ୍ଣ ପଦ୍ମାବଳି
ସକୁଦ୍ମଳ ଗଳ—   ମୃଣାଳେ କି ଝୁଲି ?
ଖେଳୁଥିଲେ ସେହି   ଅଙ୍ଗେ ଯେ ତରଙ୍ଗ
କେଉଁ କାଳୁଁ ଛାଡ଼ି   ଦେଲଣି ତା ସଙ୍ଗ ।
ଭାସିଗଲା ପ୍ରାୟେ   ସୁନ୍ଦରୀର କେଶ
ଗଲାଣି ସେ ବେଶ   ନାହିଁ ଚିହ୍ନ ଲେଶ ।
ବୁଡ଼ିଗଲା ଗଡ଼   କେଉଁ ରସାତଳେ
ଚଳଗଡ଼ ନାମ   ରହିଲା ଭୂତଳେ ।
ଗଡ଼ ନାହିଁ ଗଡ଼—   ନାୟକେ ଅଛନ୍ତି
ପାଇକ ଭାଇଙ୍କ   ସଙ୍ଗେ ବାନ୍ଧ ପନ୍ତି ।
କାହିଁ ଗଲା ସେହି   ନାଗରୀଙ୍କ ଲୀଳା
ସବୁ କି ପାଲଟି   ଗଲା ଖଣି ଶୀଳା ?

Digitized by srujanika@gmail.com

ତେଣୁ କି ଏ ମାନ   ବିବିଧ ବରଣ (୧)
ହରନ୍ତି ଦର୍ଶନେ   ଦର୍ଶକ—ନୟନ ।
କାହିଁ ଗଲା ସେହି   ଚତୁରଙ୍ଗ ବଳ
ଯା ଯୋଗେ ଏ ସ୍ଥଳ   ଥିଲା ଉର୍ଜସ୍ୱଳ ।
କାହିଁ ଗଲେ ମନ୍ତ୍ରୀ—   ପତି ବଂଶଧରେ
କାହିଁ ତାଙ୍କ କୂଳ   କୀରତି ଏ ତଳେ ?
ସବୁ ଏହିପରି   ଏ ଭବେ ଭଙ୍ଗୁର
ସର୍ବଂକଷ କାଳ   କି ନ କରେ ଜୂର !
କି ଫଳ ତେବେ ଏ   ବୃଥା ଆସ୍ଫାଳନେ
ଅଭିମାନସ୍ଫୀତ   ବକ୍ଷ ପ୍ରସାରଣେ ?
କି ଧନ ସମ୍ମାନ   କି ଗୁଣ ଗୌରବ
ସବୁରି ତ କାଳ—ହସ୍ତେ ପରାଭବ ।
ଏ ମାନ ପାଦପେ   ପୁଷ୍ପ କିଶଳୟ
ପରସ୍ପେ ସୂଚିର   ନୁହଇଟି ଥୟ ।
ବୃକ୍ଷତଳେ ନିତ   ପଡ଼େ ଯେଉଁ ଛାୟା
କେଡ଼େ ଆଡ଼ମ୍ବର—ଶୂନ୍ୟ ତାର କାୟା ?
ନାହିଁ ତହିଁ ଭେଦ   ପୁଷ୍ପ ପଲ୍ଲବର
ସୂକ୍ଷ୍ମ ସତ୍ତା ଏକ   ଦିଶେ ମନୋହର,
ଏହି ଛାୟାଧର୍ମି   ଅନୁସରି ସର୍ବେ
ଅନ୍ତର ନିର୍ମଳ   କର ଏହି ଭବେ ।
ଉତ୍ତରକୁ ଚେତି   ଏହି ଶୁଦ୍ଧ ବ୍ରତେ
ଚଳିଲି ଉତ୍ତର   ମୁଖେ ଟିଙ୍କ ପଥେ ।

ଏହି ଯେ ଦିଶଇ   ଗୋଲ-ଚୂଳ କୋଠି (୨)
ତାର ପାଦତଳେ   ମହାନଦୀ ଲୋଟି,
ଧୂଅଇ ସେ ଶର—   ବିଦ୍ଧ ଧାର୍ତ୍ତ ଶିଳା
ଯା ଶିର ମଣ୍ଡନ୍ତି   ସିନ୍ଦୁର-ନିଟିଳା,
ଅଦ୍ୟାବଧି ସେହି   ଦେବୀ ଶଙ୍ଖେଶ୍ୱରୀ (୩)
ଯାର ଅତ୍ୟାଗ୍ରହେ   ଶୁରେନ୍ଦ୍ର-କେଶରୀ
ଧନ୍ୱୀ ଧନଞ୍ଜୟ   କୋପିଲେ ଦ୍ୱାପରେ,
ବନବାସୀ ହୋଇ   ବନୁଁ ବନାନ୍ତରେ
ଭ୍ରମୁଥିଲେ ଯେବେ   ସଂକଳ୍ପ ପାଳନେ
ଏ ଦେଶେ, ସେ କାଳେ   ପଡ଼ିଲା ଶ୍ରବଣେ,
"ଶବର ଜନନୀ   ସଂହାରଇ ସର୍ବେ
କେ ଅଛି ଉଦ୍ଧର,   କ୍ଷତ୍ରିୟ ଏ ଭବେ" ।
ସରୋଷେ ଗାଣ୍ଡୀବୀ   ତହିଁ ତତ୍ତରେ
ପେଷନ୍ତେ ନାରାଚ   ଦେବୀ ଉଦ୍ଦେଶ୍ୟରେ,
ଆଶୀବିଷ ସମ   ଭୀଷଣ ନିଃସ୍ୱନେ
କ୍ଷଣେ ଚମକାଇ   ବ୍ୟୋମ ଆସ୍ତରଣେ,
ପଡ଼ିଲା ଏଠାବେ   ଦେବୀ ପାଦମୂଳେ,
ତା ଦର୍ଶନେ ଦେବୀ   ଅଥୟ ଆକୁଳେ ।
ସେ ନାରାଚେ ଖଣ୍ଡ   ଖଣ୍ଡ ହୋଇ ଶିଳା
ଗଣ୍ଡଶୈଳୁ ଖସି   ନଦୀରେ ପଶିଲା ।
ସେହି ଦିନୁ ସ୍ଥଳୀ   ନରାଜ ବଦିତ, (୪)
ମହାନଦୀ ବୀଚି—   ଧୌତ ପଦାଙ୍କିତ ।

---

(୧) ଏଠା ଝଣିରେ ବିବିଧ ବର୍ଣ୍ଣର ସୁନ୍ଦର ପଥର ଦେଖାଯାଏ ।

(୨) ପାହାଡର ଉପରରେ ମହାନଦୀ କୂଳରେ ପୂର୍ବ ବଙ୍ଗର ସରକାରୀ କୋଠିଟି ଦିଶେ । ଏହାର ଗଠନ ବର୍ଣ୍ଣନାର ଅନୁରୂପ ।

(୩) ପୂର୍ବକାଳରେ ଏହି ସ୍ଥାନର ଶବର ଦେବତା ଶଙ୍ଖେଶ୍ୱରୀ ମନୁଷ୍ୟମାନଙ୍କ ଉପରେ ଉତ୍ପାତ କରୁଥିବାର ଶୁଣି ବନବାସୀ ଅର୍ଜ୍ଜୁନ କ୍ରୁଦ୍ଧହୋଇ ତାହାଙ୍କୁ ନାରାଚ ବା ଶର ବିନ୍ଧିଥିଲେ । ସେହି ନାରାଚ ଦେବୀଙ୍କ ପାଦ ପାର୍ଶ୍ୱରେ ପଡ଼ିବାରୁ ସେ ଭୀତ ହୋଇ ଜନସଂହାରରୁ କ୍ଷାନ୍ତ ହୋଇଥିଲେ ।

(୪) ତେଣୁ ସ୍ଥାନର ନାମ ନାରାଚ (ଅପଭ୍ରଷ୍ଟ ହୋଇ ନାରାଜ ବା ନରାଜ) ହେବାର ସ୍ଥାନୀୟ କିମ୍ବଦନ୍ତୀ ପ୍ରଚଳିତ ଅଛି । ବର୍ତ୍ତମାନ ଏହା କୋଠି ତଳ ଗଣ୍ଡ ଶୈଳରେ ଗୋଟିଏ ଭଗ୍ନଶିଳା ଉପରେ ଶବରଦ୍ୱାରା ଏହି ଦେବୀଙ୍କର ପୂଜାଦି ହୋଇ ଆସୁଅଛି । ତନ୍ନିକଟସ୍ଥ ଗୋଟିଏ ଦୀର୍ଘିକ ବଙ୍କ ସ୍ତମ୍ଭାକାର ଶିଳାକୁ ଅଦ୍ୟାପି ସ୍ଥାନୀୟ ଲୋକେ ସେହି ନାରାଚ ବୋଲି ଆଗନ୍ତୁକଙ୍କୁ ଦେଖାଇ ଦିଅନ୍ତି ।

Digitized by srujanika@gmail.com

ଦକ୍ଷିଣେ ଏହାର   ନରାଜ କୁମାରୀ
କୁମାରୀ ପରାଏ   ଏହି ସୁକୁମାରୀ
ଥିଲା ଅବିକ୍ଷତ,   ହସ୍ତ ନ ଲାଗନ୍ତେ
ପ୍ରସୂରିତ ବକ୍ଷ   ଦେଖାଇ ଜଗତେ ।
ନଳାବନ୍ଧ (୧)   ଲାଗି ହୁଅନ୍ତେ ନିବନ୍ଧ
ବନ୍ଧ୍ୟ ହେଲା ସର୍ବ   ପୂର୍ବ ପ୍ରତିବନ୍ଧ ।
ସେହିଦିନୁ ଏହି   ମୂର୍ତ୍ତି ଗର୍ଭବତୀ
ଯୋଗାଇଛି କେତେ   ପାଷାଣ ସନ୍ତତି ।
ଅଦ୍ୟାପି ସେମାନ   କାଠଯୋଡ଼ୀ ବକ୍ଷେ
ସେତୁ ଦେହେ ପୂରି   ରହିଛି ପ୍ରତ୍ୟକ୍ଷେ ।
ଅନର୍ଗଳ ନଳା—   ରନ୍ଧ୍ରେ ଉର୍ଦ୍ଧ୍ୱ ଜଳ
କର୍ଣ୍ଣକଟୁ ନାଦେ   ଝରେ ଅବିରଳ ।
ନିଶାନ୍ତେ 'ନରାଜ—ବାସୀଙ୍କର ସ୍ୱାପ—
ଭଙ୍ଗେ ଦକ୍ଷ ଏକା   ଏହାର ପ୍ରତାପ ।
ବାମେ ମହାନଦୀ   ସମ୍ପୂର୍ଣ୍ଣ ବିଭବେ
କାଠଯୋଡ଼ୀ ପୂର୍ବ—   ମୁଖୀ ଶୂନ୍ୟଗର୍ଭେ ।
ନଳା ବନ୍ଧେ ଏବେ   ହୋଇ ସେ ଦୁର୍ବଳା
ଗ୍ରୀଷ୍ମେ ବସିଲାଣି   ହେବାକୁ ନିର୍ଜଳା ।
କ୍ଷୀଣ ଜଳରେଖା   ଗ୍ରାମ ପୃଷ୍ଠଭାଗେ
ଗତିହୀନ ସ୍ତବ୍ଧ   ପ୍ରାୟ ଦିଶେ ଆଗେ ।
ଦିବା ଅବସାନ   ଦେଖି ଏବେ ପର
ନୀର ଆହରଣେ   ହେଲେଣି ତତ୍ପର ।
ଏ ଗ୍ରାମ ଗୃହିଣୀ   ବହି କୁମ୍ଭ ବେନି
ଏକ କରତଳେ   ଆନ କକ୍ଷେ ଘେନି ।
ଗୋପାଳ ମଧୁରେ   ଦେଇ ଗାଳିଭୁରି
ଗିରିଶିଖୁ ଗୋରୁ   ଆଣଇ ଘଉଡ଼ି ।
ବହି ଏବେ ବାତ   ଉଷ୍ଣନାଶ ଭବ
ବହିଲା ସରିତେ   ସିକତିଳ ନଭ ।
ସିନ୍ଦୂରିତ ପୁଣି   ବାରୁଣୀ ଲଲାଟ
କନକର ଟୋପା   ଯହିଁ ଜ୍ୟୋତିରାଟ ।

କ୍ଷଣକେ ସେ ଗୋଳା   ସିନ୍ଦୂର କ୍ଷରଣେ
ଗୋଲକ ଝଲିଲା   ପାଟଳ ବରଣେ ।
ଘୋଟିଗଲା ଗୃହୁଁ   ଗୃହୁଁ ପାଟଳିମା
ଜ୍ୟୋତି ପାରିଜାତ   କିବା ବ୍ୟୋମସୀମା ?
ଛୁରିତ ସେ ବମ୍ୱେ   ତହୁଁ ଦେଲା ଦେଖା
ଛୁଟିଦେଲା ପ୍ରାୟେ   କୃଷ୍ଣ ଅଭ୍ର ରେଖା ।
କଜ୍ୱଳର ଗିରି ଯେହ୍ନେ   ପରେ ପରେ
ଆବରିଲା ସେହି   ଛବିକି ଅମ୍ବରେ ।
ଉଭିଗଲା ସେହି   କଜ୍ୱଳ ଉଡ଼ାଳେ
ହତଛବି ରବି   ଦେବାଦ୍ୱାରପାରେ ।
ଫଗୁର ପିଚକା   ମାରିଲା ପରାୟେ
ରକ୍ତ ରବିକର   ସ୍ଫୀତମୁଖେ ଧାଏଁ ।
ଧାଇଁଲେ ଯାବନ୍ତ   ଜୀବ ଯେଝା ବାସେ
ଲଭନ୍ତେ ସେ ଛବି   ପଶ୍ଚିମ ଆକାଶେ ।
ପ୍ରଚୁର ଖେଚରେ   ମହା କୋଳାହଳେ
ବାହୁଡ଼ିଲେ ନୀଡ଼—ତରୁଡାଳେ ଉଚରେ ।
ମେଳ ବାନ୍ଧି ଦଳେ   ଦଳେ ବଟବୃକ୍ଷେ,
ରହିଲେ କରଟେ   ବସି ଅଣ୍ଡ ରୁକ୍ଷେ ।
ରଥାଙ୍ଗ ଦମ୍ପତି   ମହାନଦୀ ଜଳେ
ଶୋକାକୁଳେ ପକ୍ଷ   ଗୂଳ ଉଡ଼ିଗଲେ ।
ବିସର୍ଜି ଅପର   ପାରେ ରଥାଙ୍ଗୀରେ
ଶୋକ-ସ୍ୱରେ କୋକ   ବାହୁଡ଼ିଲେ ଧୀରେ ।
କାହୁଁ ମହାଚ୍ଛାୟା   ଅଇଲା ଏ ଧାଇଁ
କାଳିମାରେ ସବୁ   ଦେଲାକ ଗୋଳାଇ !
ଗୃହୁଁ ଗୃହୁଁ ମହୀ   ସେ ଛାୟା ଗରଭେ
ଡୁବିଗଲା ଯେହ୍ନେ ନୀରବେ ନୀରବେ ।
ନଭସ୍ତଳେ ମିଶି—   ଗଲା ଶୈଳମାନ
ଗୋଟି ଗୋଟି ଦୂରୁ   ଭଜି ଅନ୍ତର୍ଦ୍ଧାନ ।
ସ୍ୱର୍ଣ୍ଣ ପୁଚ୍ଛ ମେଲି   ଦାବାଗ୍ନି ସ୍ତିମିତେ
ପର୍ବତ ପରତେ   ଆଣିଲା କଣ୍ଟିତେ ।

(୧) କାଠଯୋଡ଼ୀର ଆବନ୍ଧ ହେବା ସମୟରେ ଏହି ନରାଜ କୁଆଁରୀ ନାମକ ଖଣିରୁ ପଥର ଯାଇଥିଲା । ପୂର୍ବୋକ୍ତ କୋଠିର ଦକ୍ଷିଣରେ ଏହି ଦୀର୍ଘ ଖଣିଟି ଅଛି ।

Digitized by srujanika@gmail.com

ଦେଖୁ ଦେଖୁ ରେଖା   ରେଖିଲା ପରାଏ
ଖେଦିଗଲା ଶିଖା   ଗିରି ଶିଖାଯାଏ ।
ଉଦିଫୁଛି ଧୂମ—ପୁଚ୍ଛ କ ବଢ଼ାଇ
ଆସିଲା ଏ ଧୂମ   ଧୂମକେତୁ ଧାଇଁ ?
ଧୂମକେତୁ ସମ   ଦିଶୁ ହାସ କର
ଦୂରକୁ ଦୂଶି ଏ   ଦିଶଇ ସୁନ୍ଦର ।
ସୁନୀଳ ଅମ୍ବରେ   ଲିପ୍ତ ଶୈଳ ଅଙ୍ଗେ
ସ୍ବର୍ଣ୍ଣର ତଡ଼ିଲ୍ଲତା   ପରାଏ କ ରଙ୍ଗେ ?
ବିପଶ୍ଚତେ ଏଣେ   ଲଭି ଶୋଭାସାର
ପ୍ରାଚୀ ସୁହାସିନୀ   ଦିଶଇ ଉଦାର ।
କସ୍ତୁରୀ ଲାଞ୍ଛିତ   ଚନ୍ଦନର ବିନ୍ଦୁ
ପ୍ରାଏ ଶୋଭାପାଏ   ଭାଲେ ବାଳଇନ୍ଦୁ ,
ତାରକା ଗୁମ୍ଫିତ   ରତ୍ନମୟ ହାରେ
ପଦକ ପରାଏ   କବି କଳ୍ପନାରେ ?
ବିଭାବସୁ ଆସୁ   ବିଶ୍ୱରେ ଭାସ୍ୱର
ହୋଇ ଉଜଳିଲ   ଅବନୀ ଅମ୍ବର ।
ସୁଧା ଧୌତ ପ୍ରାୟ   ଦିଶିଲ ଧବଳ
ପ୍ରସାରିତ କାଠ—   ଯୋଡ଼ୀ ଉରସ୍ଥଳ ।
ଦିଶେ ବୃଦ୍ଧମାରେ   ବୋଳା ଧାରା ଜଳ
ସୁରଧନୀ ପୟଃ   ପରାୟେ ନିର୍ମଳ ।
ଶୀତାଂଶୁ ପରଶେ   ଶୀତ ସମୀରଣ
ଆସିଲ ମୁଖରି   ତୀର ତରୁବନ ।
ନରମୁଣ୍ଡେ ଗଢ଼ା   ଏ ମୁଣ୍ଡମୁହାଣ
ଶୁଭ୍ରତାରେ ଆହା   କେଡ଼େ ମହାସ୍ଥାନ ।
ସମର ବିଜୟୀ   ଚୋଡ଼ଗଙ୍ଗଙ୍କର
ଯଶଃ ପଟବତ   ଦିଶଇ ଭାସ୍ୱର !
ବିପଶ୍ଚତେ ଏବେ   ଶୋଭେ ବୀରଧ୍ୱଂସୀ
ବିଡ଼ାନାସୀ ନାମେ   ଭଗ୍ନ ବାରାଣସୀ ।
ଲଭି ନାହିଁ ତାର   ପୂର୍ବ ଅଭିମାନ
ସଂସାରେ ଅଦ୍ୟାପି   ରହିଛି ଶ୍ମଶାନ !
ଛଟକେ କଟକୁଁ   ନାନା ଗଳ୍ପ ଭାଷି
ଆସନ୍ତି ନଗଜ   ପୁରଅଧିବାସୀ ।

ବହୁକଷ୍ଟେ ଯାହା   ନେଇଥିଲେ ବାନ୍ଥ
ବନମଧ୍ୟେ ତାର   ପାଇଛନ୍ତି ପାନ୍ଥ ।
ନାହିଁ ଆଜ ଚିନ୍ତା,   ସେ ପ୍ରଖର ତାପ,
ବୈପରୀତ୍ୟେ ଏବେ   ଆନନ୍ଦ ଅମାପ ।
ନିଶାପାତେ ଯେଝା   ବାଟେ ଗଲେ ଚଳି,
କାଠଯୋଡ଼ୀ ବନ୍ଧ   ହେଲ ନେତାର୍ଗଳୀ ।
ଅର୍ଗଳୀ ହେଲ ସେ   ଶୋଭାର ଭୁବନେ
ଫେରିଲ ଭବନେ   ତେଣୁ ଶୂନ୍ୟ ମନେ ।
ଆହା, ଏହି ଶୋଭା   ବାଣୀ-ସଞ୍ଜୀବନୀ
ଭବେ ବିଶ୍ୱ ଜନ—   ମନ ଆହ୍ଲାଦିନୀ ।
ଏହି ସିନା ସର୍ବ   ଜୀବର ଜୀବନ,
ଏହା ବିନେ ଦୁଃଖ—   ଭୁବନେ ଚେତନ
ଜୀବନ୍ତ, ଯାବନ୍ତ   ଏକାଳ ଅର୍ଣ୍ଣବ
ଅଭ୍ୟାସି ନାହାଁନ୍ତି   ଗ୍ରାସ ଅନୁଭବ ।
ନୁହେଁ କେଉଁ ପ୍ରାଣୀ   ନାସେ ସ୍ବକର୍ମିତ
ଭବୁଁ ଶୋଭାରଣୀ   ହେଲେ ତିରୋହିତ ।
ଶୋଭା ଆବର୍ତ୍ତବେ   ସର୍ବେ ଜାଗରୁକ
ଶୋଭା ଯୋଗୁଁ ସିନା   ମୂର୍ଖ ବାବଦୂକ ।
ଏ ନିଃସର୍ଗ ସେବା   କରି କବିବରେ
ଲଭିଥିଲେ ଦିବ୍ୟ   ରସନା ତା ବରେ ।
ନମଇଁ ଗୋ! ଶୋଭା—   ଦେବି, ତବ ପଦେ
ଭାଗୀ କର ଦିନେ   ସେ ଦିବ୍ୟ ସମ୍ପଦେ ।
କିରୂପେ ବରଦା   ହୁଅନ୍ତି ବାଗ୍‌ଦେବୀ
ବ[illegible] କବିବର୍ଗେ,   ତୋର ପଦସେବୀ ।
ଦିଅ ମା ସେ ବର   ସେ ବିଭବ ଆଣି,
ତବ ପ୍ରସାଦରେ   ଲଭିବ ସେ ବାଣୀ !
ଶୋଭାମୟୀ ବିଭୁ,   ଶୋଭାର ଜଗତ
କଳ ପ୍ରସାରିତ,   କିନ୍ତୁ ଅଣକତ
ଏ ଅଧମ ଜନ   ତାହାର ଗ୍ରହଣେ
ଦିଅ ପ୍ରଭୁ, ନବ   ଶକ୍ତି ଏ ଜୀବନେ ।
ଫଲ୍‌ଗୁ ଦଶମୀର   ଏ ଫଲ୍‌ଗୁ କବିତା
କାହା କରେ କିଛି   ହେବ କି ଶୋଭିତା ?

Digitized by srujanika@gmail.com

ନାହିଁ ଏଥି ଲବେ   କବିତାର ଛଟା
କବି କଳପନା   ଅଳଙ୍କାର ଘଟା ।
ବାଣିଚନ୍ଦ୍ର ସୁଧା—   ସ୍ୱାଦ ଯେଉଁମାନେ
ସେ କଣା ରସିବେ   ଖାଲି ଜଳପାନେ ?
ଶୁଦ୍ଧବର୍ଣ୍ଣ ସ୍ୱର୍ଣ୍ଣ   ସମୀପେ ଦେଖି ଏ
ତୁଚ୍ଛ ପିତଳକୁ   ପଚାରିବ କିଏ ?
କାହା ପାଖେ ଏହି   ତୁଚ୍ଛ କାରିଗରି
ଦେଖାଇବି କେଉଁ   ଦମ୍ଭ ଅବା ଧରି ?
ବିରକ୍ତ ଥିଲି ମୁଁ   କବିତା ପ୍ରସଙ୍ଗ
ଅରଜିଲି ମନ   ଏକ ଅନ୍ୟାସଙ୍ଗ ?
କବିବରଙ୍କର   ଉପଦେଶ ଡରେ
କବିତାକୁ କେବେ   ଲେଖଣୀ ନ ଧରେ ।

ରଚନାରେ ସେହି   କବିଙ୍କ ଘରଣି
ରସନାରେ ଖେଳ   କଲାଇଲି ମଣି ।
ଖ୍ୟାତିଲୋଭେ ଅବା   ଧନ ଲାଳସାରେ
ଲେଖିନାହିଁ ପାଞ୍ଚ   ଲୋକ ବ୍ୟବହାରେ ।
ସ୍ଥାନକ୍ଷଣ ପାଇ   ବଳିଗଲି ମନ
ନାହିଁ ମୋ ଏଥିରେ   କିଛିହିଁ ଯତନ ।
ଜାଣଇ ଏହାର   ନୋହିବ ଆଦର
ତଥାପି ଅନ୍ତରେ   ହେଲି ଏହି ବଳ,
ଏ କବିତା ଲୋକେ   ହେଲେ ହସ୍ତଗତ
ଗୁଣ ବୈପରୀତ୍ୟେ   ନଷ୍ଟେ ବଢ଼ିବ ତ ।
ଆନର ମହତପଣ,   ତାହା ଶ୍ରେୟ
ନାହିଁ ଦୁଃଖ ଏହା   ହେଉ ପଛେ ହେୟ ।

———

Digitized by srujanika@gmail.com

ରସାବଳୀ

RASABALI

Late. Pt. Mrutyunjaya Rath

Digitized by srujanika@gmail.com

ର ସା ବ ଳୀ

ରଜା ରାଣୀ

ଦେଖ ଆମ ରଜା ରାଣୀ ଦିଶନ୍ତି କି ଗୋରା,
ପୁନେଇଁର ଜହ୍ନ ପରି ରୂପ କେଡ଼େ ଚୋରା !
ହୀରା-ଜଡ଼ିତ ମୁକୁଟ ଶିରେ ଶୋଭା ପାଏ,
ଝଟକ୍କେ ଶ୍ରୀକରରେ ଧର୍ମ-ଦଣ୍ଡ ହୀରା ପ୍ରାୟ ।
ପ୍ରଜାଙ୍କ ମଙ୍ଗଳପାଇଁ ଭାବନା ତାଙ୍କର,
ଦୂର କରୁଛନ୍ତି ନିତି ରାଜ୍ୟ ଅମଙ୍ଗଳ ।
ଦୁର୍ବଳକୁ ଦଳିପିବେ ସିନା ବଳିୟାର,
ରାଜ୍ୟରେ ନଥିଲେ ରାଜା ହେବ ଅତ୍ୟାଚାର ।
ମହାରାଜା ଦେଇଛନ୍ତି ଆମ୍ଭଙ୍କୁ ଅଭୟ,
ତାଙ୍କ ଯୋଗୁଁ ସିନା ଆମ୍ଭେ ନିଶ୍ଚିନ୍ତ ନିର୍ଭୟ ?
ଫଳୁଅଛି ଯେତେ ଫଳ ବୃକ୍ଷ ଲତାମାନ,
ସବୁଠି ଜଳରୁ, ମେଘ ଜଳର ନିଦାନ ।
ପ୍ରଜାଙ୍କ ହରଷ ସୁଖ ରାଜ୍ୟେ ଘଟେ ଯାହା,
ସବୁ ରାଜା କରିବାରେ, ନାହିଁ ଅନ୍ୟ ସାହା ।
ତେଣୁ ହେ ଚାହିଁବା ନିତି ତାଙ୍କର ମଙ୍ଗଳ,
ଭକତି-କୁସୁମ ଦେଇ ପୂଜିବା ଆଦର ।
ସେ ପ୍ରଭୁ ପରମେଶ୍ୱର ଦିଅନ୍ତୁ ପରମାୟୁ,
ଆମ୍ଭ ରଜା ରାଣୀ ଦୁହେଁ ହୁଅନ୍ତୁ ଚିରାୟୁ ।

ରସାବଳୀ

ବଜାରେ ଶୋଭାପାଏ ମିଠାଇ ଦୋକାନ
କି ସୁନ୍ଦର ଦିଶେ ତହିଁ ରସାବଳୀମାନ ।
ଯେଡ଼ିକ ମଧୁର ପୁଣି ତେଡ଼ିକ କୋମଳ,
ଦେଖିଲେ କାହାର ମନ ନୋହିବ ଚଞ୍ଚଳ ।
କିଣିଥିଲା କଣାରାମ ପଣେ ରସାବଳୀ,
ସାଙ୍ଗ ପିଲାମାନେ ଦେଖି ଲଗାଇଲେ ଅଳି ।
ଦଶୁଟା ମଧୁକୁ ଦେଲା ରହିଲା ସତୁରି,
ପାଞ୍ଚୋଟି ଖାଇଲା ଆପେ, ମାଗିଲା କଣ୍ଡୁରି ।
ତାକୁ ଦେଲା ପାଞ୍ଚଗୋଟା ରହିଲା ଷାଠିଏ,
ଗୋବିନ୍ଦ ଗୋପାଳ ନେଲେ ପୁଞ୍ଜିଏ ପୁଞ୍ଜିଏ ।
ଯହୁଁ ଅଛି କଣାରାମ କିଏ ନେବେ ଆଉ
ଉଡ଼ିଆସି କାହୁଁ ଯୋଡ଼େ ଝାମ୍ପି ନେଲା କାଉ ।
ହେଳା ନେଲା ଦୁଇ ପୁଣି ତା କୁଣ୍ଠା ଯୋଡ଼ିଏ,
ହରି ମାରି ନେଲା ଚୂରି ମାଗିଲେ ନ ଦିଏ ।
ଲୁଚାଇ ରଖିଲା କଣୁ ଅଣ୍ଟିରେ କୋଡ଼ିଏ,
ଛଡ଼ାଛଡ଼ି ହେଉ ଖସି ପଡ଼ିଲା ଯୋଡ଼ିଏ ।
ବାକି ଯା ବଳିଲା ତାକୁ ନେଲେ ତତକ୍ଷଣ
ଛଡ଼ାଇ କଣୁ ହାତରୁ ସାଙ୍ଗ ଛଅ ଜଣ ।
ବାଣ୍ଟିଲେ ସମାନ ଭାଗେ ବଳିଲା ଦିଓଟି,
କହିବ ଟି କେଉଁ ପିଲା ଖାଇଲା କେତୋଟି ?

Digitized by srujanika@gmail.com

ମୁଁ କିଏ

କହିଲ ମୁଁ କିଏ ଦେଖି କଅଣ ମୋ ନାମ ?
ନିତି ବୁଲୁଥାଏଁ ମୁହିଁ ନାହିଁ ମୋର ଧାମ ।
ମୋତେ ନ ଦେଖଇ କେହି ଅଙ୍ଗେ ହୁଏଁ ଘଷି,
ଯାହା ପାଏଁ ଧଂସିଦିଏଁ ବଳାତ୍କାରେ ପଶି ।
ନିଆଁକୁ ଦେଖିଲେ ମୁହିଁ ହୋଇଯାଏଁ ତିଆଁ,
ମୋତେ ଦେଖି ଡରୁଥାନ୍ତି, ଯାଙ୍କର କୁଡ଼ିଆ ।
ଦଣ୍ଡେ ମୁଁ ନ ଥିଲେ କାର ନ ରହିବ ପ୍ରାଣ,
ଯେତେକ ବୀର ହଟିଯିବ ଦେଖିଲେ ମୋ ଟାଣ ।
ଉଶ୍ୱାସ ପାଇଲେ ଠେକିଦିଏଁ ଉପରକୁ,
ଗରୁଆ ହେଲେ ଟି ଛୁଏଁ ଯିବ ସେ ତଳକୁ ।
ସମୁଦ୍ରରେ ଉଠାଏଁ ମୁଁ ବଡ଼ ବଡ଼ ଢେଉ ।
ବୋଇତ କମ୍ଭୁଡ଼ିଥାଏ ସମ୍ଭାଳିବ କେହୁ ?
ମୋ ଯୋଗୁଁ ବରଷା ହୁଏ ସବୁଆଡ଼େ ଯିନା
ଫୁଲରୁ ହୁଅନ୍ତା ଫଳ କାହୁଁ ମୋହବିନା ?
ଯେଣେ ଇଚ୍ଛା ତେଣେ ମୁହିଁ ମୁହଁ କରିଥାଏଁ,
ବାଉଁଶ କୁଞ୍ଜରେ ପଶି ବଇଁଶୀ ବଜାଏଁ ।
ଜଳ ସ୍ଥଳ ସବୁ ବୁଲି ଦିଏଁ ମୁଁ ଉଜାଡ଼ି,
ମୋ ଆଗରେ ଯେ ପଡ଼ଇ ଯାଏ ସେ ପଳାଇ ।

ଲୁଣ

ମୋହର ନାଆଁ ଟି ଲୁଣ
କହିଲେ ନ ସରେ ଗୁଣ,
ସମୁଦ୍ର ଗର୍ଭରୁ ଜନମ ମୋହର
ମୋତେ କେ ନ ଜାଣେ ପୁଣ ?

ମୋତେ କହୁଥାନ୍ତି ଖାର,
ମୋ ବିନା ଟି ନାରଖାର,
କ୍ଷଣେ ମୁଁ ନଥିଲେ ବଣା ହେବେ ଲୋକେ
ଦିଶିବ ସବୁଁ ଅନ୍ଧାର ।

ମୋ ବିନା ଭାତ ତିଅଣ,
ଚଟଣି ଆମ୍ବିଳ ଅଣ,
ଶାକର ସନ୍ତୁଳା ଶାଗ ଭଜା ଆଦି
ନୋହିବ କେହି ଯତନ ।

ମୋତେ ପୁଣି ଧୋଇ ଆଣି
ଶୁଖାଇ ବସନେ ଛାଣି,
ରୁପାର ଥାଳୀରେ ଯତନେ ଥୁଅନ୍ତି
ରଜା ମୁଣୋହିକ ଆଣି ।

ଘରର ଘରଣୀମାନେ
ଦେଇ ମୋତେ ସନମାନେ,
ନିତି ନିତି ନିଜ କାମରେ ଲଗାଇ
ମାନନ୍ତି ଧନ ସମାନେ ।

ପ୍ରଜାଠାରୁ ରଜା ଲେଖ,
ବଡ଼ୁଁ ସାନଯାଏ ଦେଖ,
ମୋତେ ନ ପଚାରି କିଏ ଯିବ ଚଳି ?
ସବୁଠି ମୋହର ଠେକ ।

ମୋ ମାଆ ମାଉସୀ ପାଣି
ଦେଖିଲେ ନ ରହେ ଆଣି,
ନିଜ ରୂପ ହୁଡ଼ି ତାହା ସଙ୍ଗେ ଜଡ଼ି
ଗଲେ ତ ନ ହୁଏ ଜାଣି ।

ମୋପାଇଁ କେତେ ଆକଟ,
ନୋହିଲେ ହେବ ସଙ୍କଟ,
ମାଆର ବଇରୀ ନିଆଁ ପାଖେ ଗଲେ
ହୁଅଇ ମୁ ଛଟଛଟ ।

ଯା ଇଚ୍ଛା ଖେପ ଉଦରେ
କାହାକୁ ନାହିଁ ମୁଁ ଡରେଁ,
ପଶିଲେ କ୍ଷଣକେ ଦମ୍ଭ ଦେଇ ସାରି
ବୈଦ୍ୟ ମୋତେ ଲୋଡ଼େ ଘରେ ।

ହେଜ ବା ନ ହେଜ ଚିତ୍ତେ,
ମୁହିଁ ଥିବ ପର ହିତେ,
ପରଲାଗି ଯିନା ଜନମ ସବୁର
ମନେ ରଖିଥିବ ନିତ୍ୟେ ।

Digitized by srujanika@gmail.com

କୁନ

ବଣି ପୋଷିଥିଲ ଭଲ ପୁଷିଟିଏ
ତୁଳା ପରି ତାର ଦେହ,
ଖୁଆଇ ପିଆଇ ନିତ ତାକୁ ସେହ୍ବ
କରୁଥାଏ କେତେ ସ୍ନେହ ।
ଆଉଁଷି ଦିଅଇ ତା କୋମଳ ଅଙ୍ଗ
କୋଳରେ ବସାଇ ଗେଲେ,
ମ୍ୟାଉଁ ମ୍ୟାଉଁ କରି ତାକୁ ସେ ନ ଡରି
ମୁହଁକୁ ବଢ଼ାଇ ଖେଳେ ।
ଘାଗୁଡ଼ିରୁ ମାଳେ ଥାଏ ତା ଗଳାରେ
ଡାକଦେଲେ 'କୁନ୍' ବୋଲି,
ଝୁମୁ ରୁ ଝୁମୁରୁ ହୋଇ ମିଳେ ପାଶେ
ନ ରଙ୍ଗେ ଲାଞ୍ଜକୁ ଟେ.ଳ ।
ଖାଇବା ବେଳରେ ଦୁଧ ଭାତ ଗୋଳ
ଆଗେ ତାକୁ ଦିଏ ବଣି,
କେଡ଼େ ଆହ୍ଲାଦରେ ଖାଇଦେଲେ ପୁଣି
ସଙ୍ଗେ ଯାଉଥାଏ ମିଣି ।
ଖାଇବା ଆଗରୁ ଧାଇଁଯାଇ 'କୁନ'
ଭୁନ ହୋଇ ଶୋଇପଡ଼େ,
ମୁଚୁଳା ଉପରୁ ଛଡ଼ଦେଲେ ତାକୁ
ବସେ ଆସି ଘୁଞ୍ଚ ପରେ ।
ଗାଧୋଇଲା ବେଳେ ଧୋଇଧାଇ ବଣି
ଘୁଞ୍ଚଦିଏ ତାକୁ କୂଳେ,
ଝାଡ଼ିଦେଇ ଦେହ ଗୁଚି ଗୁଚି ପୁଷି
ପିଠିକି ଫୁଲାଇ ଫୁଲେ ।
ଘୁଇପରି ନିତ ଗୁଲଥାଏ ପଛେ
ଯେଣେ ବଣି ଯାଉଥାଏ,
ଜଭକୁ ଲମ୍ବାଇ ଗୁଟୁଥାଏ ପାଦ
ନଶ ପଠା ଖଡ଼ା ଥାଏ ।
ଖାଇବା ଦରବ ଦେଖାଇଲେ ତାକୁ
ଆଗ ଗୋଡେ ନଏ ମାରି,
ଦଣ୍ଡେ ନ ଦେଖିଲେ ବଣିକ ସେ ପୁଷ
ହୁଏ ଆହା କେତେ ଘାରି !
ମ୍ୟାଉଁ ମ୍ୟାଉଁ ବୋଲ ଏଣେତେଣେ ବୁଲ
ତା ସାଥୀକ ଖୋଜଥାଏ,
ପଶୁ ହେଲେ କଣ ! ସଙ୍ଗସ୍ନେହଗୁଣେ
ମନୁଷ୍ୟକୁ ବଳଯାଏ ।

ବେଙ୍ଗରଜା

ଦିନେ ହେଲା ଘୋର ବରଷା
ଗରଜିଲେ ସଘନେ
ବିଜୁଳି ଚମକ ଦେଖାଇ
ଜଳଧରେ ଗଗନେ ।
ମୂଷଳ ଧାରରେ ଆକାଶୁଁ
ଖସି ପଡ଼ଇ ଜଳ,
କ୍ଷଣକେ ମହୀରେ ଉଛୁଳି
ପଡ଼େ ସ୍ରୋତ ପ୍ରବଳ ।
ବୁଡ଼ିଲେ ରଡ଼ିଲେ ପ୍ରଜାଏ
ଦେଖି ବେଙ୍ଗ ରାଜନ,
ଗଛମୂଳ ଗାଦି ଉପରେ
ଉଗ୍ର ହୋଇ ବଦନ ।
କଚୁପତ୍ର-ଛତ୍ର ତଳରେ
ରହି ସୁଖେ ତକ୍ଷଣେ
ଟଙ୍ଗ ଟଙ୍ଗ ବେଙ୍ଗ ପ୍ରଜାଙ୍କୁ
ଦମ୍ଭ ଦେଲା ଏସନେ ।
ଶୁଣ ଶୁଣ ମୋର ପ୍ରଜାଏ
ଡର କପାଁ ତୁମ୍ଭର,
ଘୁର ଇନ୍ଦ୍ର ପରା ଦେଖାଏ
ଗର୍ବ ଆମ୍ଭ ପାଶର ।
ଏକସ୍ବରେ ଡାକ ଘୁଡ଼ ରେ !
ପଶୁ ଆକାଶେ ଯାଇ

Digitized by srujanika@gmail.com

ସବୁ ଦେବତାଏ ଜାଣନ୍ତୁ
ଇନ୍ଦ୍ରର ଏ ବଡ଼ାଇ ।
ସୃଷ୍ଟି କି କଲେ ଯେ ବିଧାତା
ନଷ୍ଟେ ପ୍ରଭୁଙ୍କ ଧ୍ୟାନ
କରିବେ ଏହାର, ଶୁଣିଲେ
ତୁମ୍ଭ ଡାକକୁ ଜାଣ ।
ତୁହାଇ ତୁହାଇ ଡାକ ରେ !
କାନ ହେଉ ବହିଡ଼ା,
ଏ ଗର୍ବୀ ମାନବେ ଦେଖନ୍ତୁ
ପର ହୋଇଣ ଛିଡ଼ା ।
ରଡ଼ୁ ରଡ଼ୁ ଛିଡ଼ପଡ଼ିଲ
ଗୃହୁଁ ବରଷା ଝରେ
ଶ୍ରବଣ ବଧିର ହୋଇଲା
ତାଙ୍କ ଡାକ ନ ସରେ ।

———

ମୋତେ କେ ଗଳାରେ   କେବା ମୁଣ୍ଡରେ
ଥୁଅନ୍ତି, ନା ଦଳେ   କେହ୍ଣ ପଦ୍ମରେ ।
ମୋ ବାସ ଚୌଦିଗେ   ଯାଏ ଚହଟି
ପବନ ମହକ   ଥାଏ ଜାଣଟି ?
ବଣା ହୋଇ ଧାଇଁ   ଆସେ ଭଅଁର
ଆଦରନ୍ତି ପଶୁ   ପକ୍ଷୀ ସକଳ ।
ମୋ କାନ୍ତି ଦେଖିଲେ   ଯୋଗୀଙ୍କ ଶାନ୍ତି
ମୋ ଦେହେ ଦେବତା   ସେ ଦେଖୁଥାନ୍ତି ।
ପୂଜା ଲାଗି ମୁହିଁ   ଯାଏଁ ବିଧିରେ
କେଉଁ ଦେବତାର   ନ ବସେଁ ଶିରେ !
କେଉଁ ଘର ମଣ୍ଡି   ନ ହୁଏଁ ମୁହିଁ !
ଆଦରେ ନ ନିଏ   କେ ଗୃହମୁହିଁ !
ମୋହଯୋଗୁଁ ପଠ   ଯାଏ ନିସ୍ତରି
କାଠ ବସେ ପୁଣି   ଶିରେ ସବୁରି ।

———

ଫୁଲ

ମୋ ବାସ ଗଛରେ   ଲଟା ବୁଦାରେ
ଶାଗ ଶିଉଳରେ   ଘାସ ହୁଡ଼ାରେ ।
ମୁଁ ଥାଏଁ ପର୍ବତେ   ଜଳ ସ୍ଥଳରେ
ବନେ ଉପବନେ   କୂଳ କନ୍ଦରେ ।
ମୁଁ ଥାଏ କୁଞ୍ଜରେ   ମନ୍ଦିର ପାଶେ
ସଞ୍ଜ ସକାଳରେ   ମୁଁ ଫୁଟି ବାସେ ।
କେତେ ତପସ୍ୟାରେ   ପାଇଛୁ ମତେ
ଖରା ବର୍ଷା ସହି   ଗଛ ଜଗତେ ।
ମୋ ରୂପ ସୁନ୍ଦର   କେତେ ନିର୍ମଳ
ପଥର ଉପରେ   ଦାଶ ସୁଢଳ ।
କି ଯୁବା ବାଳକ   ଅବା ସ୍ଥବିର
ମୋତେ ଦେଖିଲେ ଟି   ହୋନ୍ତି ଅଧୀର ।
ରଜା ହେଲେ ସୁଦ୍ଧା   ବଢ଼ାନ୍ତି ହାତ
ହୁଏ ଯେବେ ମୋଠି   ତାଙ୍କ ଦୃକ୍‌ପାତ ।

ବାଲୁଆ ରଜା

ଘୋର ଜଙ୍ଗଲ ମଧ୍ୟରେ   ନଅର ମୋହର
ଝଟିଛନ୍ତି ନନ୍ତ କେତେ   ଛୁମୁରେ ଛୁକର ।
ମହାବଳୀ ମନ୍ତ୍ରୀ ମୋର   ଚିତାବାଘ ସାହ
ଗଧିଆ ଯୋଡ଼ାଏ ଦ୍ୱାସ୍ଥ   ରହିଛନ୍ତି ମାହ ।
ବାଘ ଜଗେ ଗନ୍ୟାଘର   ଭାଲୁ କରେ ନାଟ
ନଅର ବାହାରେ ଘୁଡ଼େ   କୁକୁର କୁହାଟ ।
ମାଙ୍କଡ଼ ଡାଳରେ ବସି   ଶିରେ ଛତା ଧରେ
ଚଅଁର ଢାଳଇ ହାତୀ   ମୋ ଗାଦି ପାଖରେ ।
ମୟୂର ଗାଧି ଉପରେ   ପୁଚ୍ଛକୁ ମେଲାଇ
ରହିଥାଏ ମୋ ମୁଣ୍ଡକୁ   ମହୁଡ଼ ଚଢ଼ାଇ ।
କୁଆ କୁମ୍ଭାଟୁଆ ମିଳି   ବଜାନ୍ତି ନାଗରା
ପହରକେ ଦିଏ ଥରେ   ବାଲୁଆ ପହରା ।
କେ ପାନବରଜେ ଯାଏ   କେ ଖୋଜେ ଶିକାର
ସବୁ ଜୁଟି ହେଲେ ମୋର   ବସେ ଦରବାର ।

Digitized by srujanika@gmail.com

ମନ୍ତ୍ରିବର ମହାବଳ   ସବୁ ଦିଏ ବାଣ୍ଟି
ଫିଟିଯାଏ ସଭଙ୍କର   ଚଞ୍ଚୁ ଦାନ୍ତପାଟି ।
ହାତୀ ଭାଲୁ ମାଙ୍କଡ଼ଙ୍କୁ   ଦିଅନ୍ତେ ଅନାଇଁ
ଡାଳ ଫଳ କାଟୁଛି ତଳେ   ଦିଏ ସେ ପକାଇ ।
ଚରନ୍ତି ସରନ୍ତେ ଆସି   ଡଗର ବିଲୁଆ
ରାଜ୍ୟର ବାରତା କହେ   ନ କରି ପରୁଆ ।
ଘଣ୍ଟ ପରି ମୟୂରଟା   ଛାଡୁଥାଏ ଡାକ
ରଡ଼ଯାନ୍ତ ଥରେ ଥରେ   ଦରବାର ଯାକ ।
ଦେଖୁଁ ଦେଖୁଁ ହେଲାସଞ୍ଜ, ଜୁଟି ତତକ୍ଷଣ
ବିଲୁଆ ଭାଇଏ ମିଳି   କଲେ ସଂକୀର୍ତ୍ତନ ।
ସମସ୍ତେ ଡରିଲେ ତାଙ୍କୁ,   ମାତ୍ର ମୋତେ ଡର
ସବୁ ବଳଠାରୁ ବଡ଼   ସିନା ବୁଦ୍ଧିବଳ ?

———

କାକ କୁକୁଟ

କୁକ କୁକ୍ କୁକୁଟରେ କମ୍ପା ଦେଇ ଡାକ,
"କାଆ କାଆ କାଆ ତୁହି ରବୁ କିଅଁ କାକ ?
"ମୁଁ ଥାଏ ସଂସାର ହିତେ ଖାଇ ଧୂଳି ମଳ
"ଲୋକଙ୍କୁ ଦିଅଇଁ ପୁଣି ମୋ ଡମ୍ଭ ସୁଢ଼ଳ ।
ସୁପ୍ତଙ୍କୁ ଚେତାଇ ମୁହିଁ କରେ ଉପକାର
ବେଳ କାଳ ଜାଣି ଡାକେ ଦେଖି ଘରଦ୍ୱାର ।
"ତୋ ରାବଟା ବଡ଼ କଡ଼ା ଲାଗେ ବିଷ ପରି
"ଭୁଞ୍ଜାକୁ ଚହଳ କରୁ ଘର ଘର ଚରି ।
ତୋ ନାମ ଜାଣଇ କିଏ ପକ୍ଷି-କୁଳାଙ୍ଗର !
ମ୍ଳେଚ୍ଛ ଆବର୍ଜନା ସ୍ଥାନେ ତୋହର ସଞ୍ଚାର ।
"ମଳ ଖାଇ ବୃଥା ଗର୍ବ କରୁ ରେ ବର୍ବର !
"ସାହେବସୁବାଙ୍କ ମେଳେ ଆଦର ମୋହର ।
"ମୋ ପ୍ରାଣ ଦେବାରେ ସିନା ବଢ଼େ ତାଙ୍କ ମାନ ।
"ଦଧିଚଙ୍କ ଯୋଗେ ଯଥା ଦେବଙ୍କ ସମ୍ମାନ ।
"ତୋପରି ପେଟଚହଳା ଅଛୁ କେ ପାମର ?
ପରଦ୍ରବ୍ୟ ଖାଇ ନିତି ଲଗାଉ ଚହଳ ।"
"ବୃଥା ଅହଙ୍କାର ସିନା ଦେଖାଉ କୁକୁଟ !
ତୋର ମୋର ଯାହା ସବୁ ବିଧାତାର କୃତ ।
ମୋ ହାତେ ଯା ହେବ, ତାହା ନୋହିବ ତୋ ହାତେ,
ବୃଥା କଳି କରୁଥାଇଁ କିପାଇଁ ଅଜ୍ଞାତେ ?
ତୁହି ଭଲ ମୁହିଁ ଭଲ ସମସ୍ତେ ସମାନ
ମୁଁ ବଡ଼ ସେ ସାନ ବୋଲି ବୃଥା ଅଭିମାନ !"

———

ଖଣ୍ଡ ଖିରି

ଖିରି ବୋଲେ ଖଣ୍ଡ ତୁହି ମୋଠାରୁ କି ବଡ଼ ?
ମୋହ ରୂପ କେଡ଼େ ତୋର ଦେହଟି କୋମଳ ।
ଦୂରରୁ ପିଲାଏ ମୋତେ ଦେଖି ଦେଲେ ଥରେ
ଧାଇଁ ଆସି ଘେରି ଯାନ୍ତି କେଡ଼େ ହରଷରେ !
ଯେତେ ଭୁଲାଇଲେ ଭଲ ମୋତେ କେ ଛାଡ଼ିବ ?
ମୋତେ ଯେ ଦେଖିବ, ତାର ଲୋଭ ତ ବଢ଼ିବ ।
ତୋ ରୂପ ମଳିନ ପୁଣି ଦେଖି ହୁଏ ଘୃଣା
ମୋ ତେଜକୁ ଆହୁରି ତୁ କରିଦେଉ ଦୁଣା !
"ଲାଜ ନାହିଁ ଖିରି ତୋତେ କରୁଛୁ ବଡ଼ାଇ
"ରୂପଟି ସୁନ୍ଦର ସିନା ଗୁଣ ତୋର କାହିଁ ?
"ତୋ ସଙ୍ଗେ ମୁଁ ନ ମିଶିଲେ କିଏ ପଚାରିବ ?
"ଖାଲି ରୂପ ଦେଖି କିଏ ଆଦର କରିବ ?
"ମୋ ମଧୁରଭାବ ପାଇଁ ସମସ୍ତେ ଭୁଲନ୍ତି
"ତୋପରି ନ ଦିଶେ ବୋଲି ଜାଣି ନ ପାରନ୍ତି ।
ମୋଠାରୁ ବଳି କି ତୋର ଅଛି ମିଠା ଗୁଣ ?
ମୋହ ଗୁଣ ଅଧିକେ ତୁ କରି ଦେଉ ଦୁଣ ।
ତୁ ନ ଥିଲେ ମୋ ଆଦର ହେବ ନାହିଁ ଜଣା,
ମୁଁ ନ ଥିଲେ ତୋତେ କିଏ କରିବ ଫୁରୁଣା ?
"ଅକାରଣେ ଖିରି କଳି କରୁ ଏତେ ଟେକ,
"ରୂପଟିକେ ଗୁଣଟିଏ ରହିଛି ତ ଦେଖ ।
"ଯାହାକୁ ଯେ ଯୋଗ୍ୟ ତାକୁ ଦିଅନ୍ତି ମିଶାଇ
"ହୋଇଛି ସବୁରି ସୃଷ୍ଟି ସିନା ସେଥିପାଇଁ ?

———

Digitized by srujanika@gmail.com

ମଶା ଓ ମହୁମାଛି

ନିତ ନିତ ଆରେ ମହୁମାଛି ତୁହି
ବୁଲୁଥାଉ ଫୁଲେ ଫୁଲେ ;
କୃପଣ ପରାଏ ମହୁ ସଞ୍ଚୁଥାଉ
ନ ଖାଉ ପେଟକୁ ଠୁଳେ !
ବନେ ହେଲେ ସୁଖ ନ ଜାଣିଲୁ ତୁହି
ଜୀବନଟା ଅକାରଣ ;
ମୋ ସୁଖ ଦେଖ ରେ ଘରେ ବସି କରେଁ
ସବୁର ସାର ଶୋଷଣ
"ଧିକ ଧିକ ଶଠ ଧିକ ମଶକ ରେ !
ତୁ ପୁଣି କରୁ ବଡ଼ାଇ ?
କାମ ନ କରି ତୁ ସୁଖ ବୋଲି କହୁ
ପର ରକ୍ତ ନିତ ଖାଇ ।
ତୋହପରି ମୁହିଁ ପର ଅହିତକୁ
କରି ତ ନାହିଁ ରେ କାର୍ଯ୍ୟ
ପରିଶ୍ରମ କରି ମଣଇଁ ମୁଁ ସୁଖ
ନ କରଇଁ ଅପକାର ।
ନିଜ ବଂଶ ପାଳି ସଞ୍ଚୁଥାଏଁ ଯାହା
ଲାଗଇ ତା ପର ହିତେ,
ଅମୃତ ସମାନେ ଯେବେ ଯାନ୍ତି ତାହା
ଜନେ କି ପ୍ରସନ୍ନ ଚିତ୍ତେ !"
ରୋଷେ ଭାଷେ ମଶା, "କେତେ ଲୋକହସା
ନ ହେଉ ତୁହି ପାମର,
ତଡ଼ି ଦେଇ ତୋତେ ନେଇ ଯାନ୍ତି ଯେବେ
ସଞ୍ଚା ଧନ ସୁଖୀ ନର ?
ଆହାର ପାଇଁ ତୁ ଫୁଲେ ଫୁଲେ ବସି
କି ହିତ କରୁ କାହାର ?
ଫୁଲର କୋମଳ ଅଙ୍ଗେ ଲାଗି ସିନା
କରୁ ତାକୁ ନାରଖାର ?
ରସ ଶୋଷି ତାର କିବା ହିତକରୁ ?
ଏତେ ଗର୍ବ ମୋ ଆଗରେ ।
ମୁଁ ସିନା କୌଶଳେ ମୋ ବାଣୀ ଶୁଣାଇଁ
ଚୁମ୍ବି ଦିଏଁ ଥରେ ଥରେ ।"
"ନିଅନ୍ତୁ ପଛକେ ତଡ଼ିଦେଇ ଲୋକେ
ରହୁ ତାଙ୍କ ବଡ଼ପଣ,
ପର ଉପକାରେ ଲାଗିଲା ଯେବେ ସେ
ସାର୍ଥକ ମୋହର ଧନ ।
ତୋହପରି ଖଳ ନୁହଇ ରେ ମୁହିଁ
ପର ଛିଦ୍ର ଖୋଜ ନିତି
ଦେହେ ଦେହେ ରୋଗ— ବୀଜ ବୁଣି ଦେଇ
ଲୋକେ ଅଣାଇବ ଭୀତି ।
ଘୋର ଗରଳକୁ ସୁଧାମଣୁ ତୁହି
ସୁଖକୁ କହୁଛୁ ଦୁଃଖ,
ମୋହ କାର୍ଯ୍ୟ ଦେଖି ପ୍ରସନ୍ନ ସମସ୍ତେ
ତୋତେ କିଏ ପାଏ ସୁଖ ?
ଏ କାଳରେ ଲୋକେ ମୋହ ଶ୍ରମ ଦେଖି
କରନ୍ତି କେତେ ପ୍ରଶଂସା,
କର୍ମୀଙ୍କ ମଧ୍ୟରେ ଉଚ୍ଚ ସ୍ଥାନ ଦେଲେ
ତୋତେ କେ ଜାଣେ ରେ ମଶା ?
ଶ୍ରମ କରମକୁ ସୁଖ ମଣନ୍ତି ରେ
ସବୁ କାଳେ ଲୋକମାନେ,
ଘରେ ବସି ପର ଅନିଷ୍ଟ ପାଞ୍ଚିବା
ସୁଖ ବୋଲି କିଏ ଜାଣେ !"
ମଉନରେ ମଶା ବସି ମନେ ମନେ
ତହୁଁ ପାଞ୍ଚିଲା ଏସନ,
ମାଛିପରି ହେବା ବହୁତ କଠିନ
କାହିଁ ସକତି ତେସନ ।
ମୋ ପରି ଅଳସ ଅପକାରୀଟାକୁ
କର୍ମୀ କେ କରିବ ଭୟ ?
ସଂସାରର ହିତ ନ କଲେ ସିନା
ବିଫଳ ଏ ଜନ୍ମ ଦେହ ।"

Digitized by srujanika@gmail.com

ମୁଁ ହେବ

ରାମ ବୋଲେ ହସି, "ମୁଁ ହେବ ଡାକ୍ତର,
ଗାଡ଼ି ଘୋଡ଼ା ଚଢ଼ି ଯିବ ରୋଗି-ଘର
ଦରଶନୀ ଟଙ୍କା ନେବ ଘରେ ଘରେ,
ଅଉଷଧ ଡାବ ଲେଖିଦେବ ଥରେ ।
ହାତେ ଥିଲେ ଛୁରୀ ଯେତେ ବ୍ରଣ ହେଉ,
କାଟି ଯୋଡ଼ି ଦେବ ନ ଦିଶିବ ସେଥୁ ।
ମନ୍ତ୍ର ମନ୍ତ୍ର ବଞ୍ଚୁ ମୋ ପଇସା ଥୁଆ,
କାହିଁ କଷ୍ଟ ମୋର ନ ଥିବ ଅଡ଼ୁଆ ।
ମନ୍ତ୍ର ଭଲ ହେଲେ ମିଳିବ ଇନାମ
ଲୋକରେ ଜାହିର ହୋଇବ ମୋ ନାମ ।
ଗୁରୁଆଡ଼େ ମୋର ବଢ଼ିବ ଆଦର
ମୋ ଲେଖାକୁ ଥିବ ସଭିଙ୍କର ଡର ।

ହରି କହେ, ହେବ "ମୁ ବଡ଼ ଓକିଲ
ଘରେ ପରି ରହି— ଥିବେ ମହକିଲ ।
ପାଖେ ଆଣି ଯେବେ ଥୋଇଦେବେ ଟଙ୍କା,
ଅଳ୍ପଥିଲେ ମୁହିଁ କରିଦେବ ବଙ୍କା ।
ମିସଲେ ହପଦ କଥାକୁ ମୋହର;
ଟଙ୍କା ଗଣିବାକୁ ନଥିବଟି ତର ।
ଆଇନ ବଳରେ କରିବ ପ୍ରମାଣ
ମିଛଟାକୁ ସତ ସତେ ମିଛେ ଜାଣ ।
ମାମଲାରେ ଜିତ କାକୁ ଦେବ ସାରି,
କାହାକୁ ଚାରିବ କରି ନାମ ଜାରି ।

ନେବ ଜମିଦାରୀ ଡାକ ନିଲାମରେ
ହେବ ବଡ଼ ଲୋକ ସବୁରି ମଧରେ ।
ବଡ଼ ବଡ଼ କାମ ଆଦରିବ ମୁହିଁ,
ଯହିଁ ଯିବ ଟଙ୍କା ଆଣୁଥିବ ଦୁହିଁ ।"
ମଧୁ କହିଲା, "ମୁଁ ହୋଇବ ମାଷ୍ଟର
ପିଲାଙ୍କର ମୋତେ ଥିବ ସଦା ଡର ।
ଲେଖାପଢ଼ା ସବୁ ଦେବ ମୁଁ ଶିଖାଇ
ମୂର୍ଖ-ଦୋଷ ଗଲେ ଆଉ ଭୟ ନାହିଁ ।
ବିଦ୍ୟା ମହାଧନ ମୁଁ ଦେବ ସଭିଙ୍କି,
ତାକୁ ଟି ବହକ ହେଉଥିବେ ଏକ ।
କେ ହେବ ଓକିଲ କେ ହେବ ଡାକ୍ତର,
କିଏ ବା ଦାରୋଗା କେବା ମେଜେଷ୍ଟର ।

ଗୁରୁଆଡ଼େ ମୋର ଶିଷ୍ୟ ଖେଳିଯିବେ,
ମୋତେ ଦେଖିଲେ ତ ହାତ ଉଠାଇବେ ।"
ରାସ କହେ ହସି, "ଡେପୁଟି ହୋଇବ,
ମିସିଲ ଉପରେ ଠାକୁର ସାଜିବ ।
ବାଘା ପ୍ରଣ୍ଡବାଘା ଓକିଲ ମୋକ୍ତାର
କହିବେ ହଜୁର ଧର୍ମ ଅବତାର !
ସଜା ଦେଲାବେଳେ ମୁହିଁ ଜାଣ ରଜା
ନ ମାନିଲେ ମୋତେ ପାଇଯିବେ ମଜା ।
ଯେଣେ ଗଲେ ତେଣେ ପଡ଼ିଯିବ ହୁରି,
ଡେପୁଟି ବାବୁଙ୍କୁ ଡର ତ ସବୁରି ।
ବନ୍ଦୋବସ୍ତ ବେଳେ କଲେ ଜମାବୃଦ୍ଧି

ସର୍କାର ପ୍ରଶଂସା କରିବେ ମୋ ବୁଦ୍ଧି ।"
କୃଷ୍ଣ କହିଲା, "ମୁଁ ପୋଲିସ ଦାରୋଗ
ଆଦରି ସାଧିବ ଯେତେ ଥିବ ରାଗ ।
ଭୁଲା ଧମକରେ ଟଙ୍କା ନେବ ଗୁଣି,
ମୋତେ ତ ଦେଖିଲେ ଡରେ ଦେବେ ଆଣି ।
ଶୂନ୍ୟରେ ମାମଲା ଦେଉଥିବ ଗଢ଼ି,
ମୋ ପିଠି ଧଇଲେ ଦେବ ହାତକଡ଼ି ।
ମୋ ସଙ୍ଗେ ଅପଢ଼ ହେବ ଯେବେ କାର,
ଅଳ୍ପଦିନେ ସବ— ନାଶ ଟି ତାହାର ।
ରଙ୍ଗ ପାଗ ଦେଖି ଲୋକେ ଥରହର,
ଶାନ୍ତି ରକ୍ଷା ପାଇଁ ଥିବ ତତପର ।
ମେଳ ଗୋଳମାଳ ଭାଙ୍ଗି ଦେବ ସୁଖେ,
ପାଇବ ପ୍ରଶଂସା ସରକାର ମୁଖେ ।"

Digitized by srujanika@gmail.com

ବାସୁ କହିଲା, "ମୁଁ ହୋଇବି ଅମଲା,
ଟଙ୍କାରେ ସଜାଡ଼ି ଦେବି ମୁଁ ମାମଲା ।
ଅଣ୍ଟାଗୁଞ୍ଜା ମୋତେ ମିଳୁଥିବ ନିତି,
ନଥିବ କୁଟୁମ୍ବ ପୋଷିବାକୁ ଭୀତି ।
କଚେରିରେ ମୋତେ ସେତେ କି ଆଦର
ହାକିମଙ୍କୁ କିଆଁ ହେବ ତେତେ ଡର ?
ବଡ଼ ସୁଖ କାମ, ବାଜେ ରୋଜଗାର—
ଯୋଗେ ମୁଁ କରିବି ଭଲ ଘରଦ୍ୱାର ।"

ଗୋପୀ କହିଲା, "ମୁଁ ଯିବି ଡାକ ଘରେ,
ଚଳାଇବି ଡାକ କାମ ଯତନରେ ।
କେତେ ଲୋକଙ୍କର ହେବ ଉପକାର
ବିଶ୍ୱାସ କରିବେ ନିଜେ ସରକାର ।
ବିଶ୍ୱାସରେ କାମ କରୁଥିବି ଭାଇ
ବାଜେ ପଇସାକୁ ମୋର ଲୋଭ ନାହିଁ ।"

ସାଧୁ କହିଲା, "ମୁଁ ଚାକିରି ନ କରି
ବାନ୍ଧିବି ଦୋକାନ ବହୁଦ୍ରବ୍ୟେ ଭରି ।
କେତେ ଯେ ଗ୍ରାହକ ଆସୁଥିବେ ପାଶେ
ଯେଝା ପ୍ରିୟ ବସ୍ତୁ କିଣି ନେବେ ବାସେ ।
ଉକିଲ ଡେପୁଟି ଦାରୋଗା ମାଷ୍ଟର
ହେବେ ଏ ସମସ୍ତେ ଲଦର ପଦର ।
ରୋକ ଦେଲେ ମୁହିଁ ନ ଚଳିବ କ୍ଷଣେ
ମୋର ଡର ନାହିଁ କାହାକୁ ତ ଜଣେ ।
ବେପାର ଲାଭରେ ବଢ଼ିଯିବ ଧନ
ଧନସଙ୍ଗେ ଟାଣ ହେଉଥିବ ମନ ।
ହାତଗୋଡ଼ ବାନ୍ଧି ମୁଁ କିଆଁ ଖଟିବି
ଅଜ୍ଞା, ହୁଜୁ କହି ଦିନ କଟାଇବି ।"

ମାଗୁଣି କହିଲା, "ହେବି କାରିଗର
ଏହି ହାତରେ ମୁଁ ନାନାଦି ସୁନ୍ଦର
ଖେଳନା ପିତୁଳା ନିତି ଦରକାରି
ଯାବତ ଜିନିଷ କରିବି ତିଆରି ।
ହରଷେ ଗ୍ରାହକେ ନେବେ ଦେଇ ଧନ ।
ଆପଣା ଭବନ ମଣ୍ଡିବା କାରଣ ।
ମୋର ହାତ ଯଶ ବ୍ୟାପିଯିବ ଲୋକେ,
ପୁରସ୍କାର ଯାଚି ଦେବେ ପୁଣି ଥୋକେ ।
ଘରେ ବସି ମୁହିଁ ଅରଜିବି ଟଙ୍କା,
କାହାରି କଥାକୁ ନ ଥିବ ମୋ ଶଙ୍କା ।"

"ଯାହା କୁହ ଭାଇ, ମୁଁ ହୋଇବି ଚଷା
ବୃଷକୁ ପରଶୁ କରିବି ଭରସା ।
ମାଟିରେ ଲାଗିଲେ ଦୁଃଖ ପାଏ କିଏ ?
ମାଆ ବସୁନ୍ଧରା ତାକୁ ସୁନା ଦିଏ ।
ବୃଷ କରି ମୁହିଁ କୁଟୁମ୍ବ ପୋଷିବି
କଣିଖିଆଙ୍କୁ ଟି ସବୁ ଯୋଗାଇବି ।

ହରି କହେ, "ମୁହିଁ ଛାଡ଼ି ଦେଇ ଧନ
ଦେଶର ସେବାରେ ଲଗାଇବି ମନ ।
ଦେଶ ଭଲପାଇଁ ଭାବୁଥିବି ନିତି,
ଖବର କାଗଜେ ଦେଖାଇବି ଭୀତି ।
ରଜାଙ୍କ ସଙ୍ଗରେ ହେଉ ପଛେ କଳି,
ଦେଶପାଇଁ ମୁହିଁ କରୁଥିବି ଅଳି ।
ରାଜ୍ୟ ଅତ୍ୟାଚାର କରାଇବି ଦୂର,
ମଣୁଥିବେ ଦେଶ ଲୋକେ ବାହାଦୁର ।
ମୁଁ ବକ୍ତୃତା ଦେଲେ ପଡ଼ିବ ଚହଳ,
ଯେଣେ ଯିବି ତେଣେ ଲୋକଙ୍କ ଗହଳ ।"

(ସମସ୍ତେ)ଯିଏ ଯାହା କରୁ ସମସ୍ତେ ଦେଶର
କାମ ହିଁ କରିବା ବାଛିଲେ କି ଫଳ ?
ସ୍ୱଭାବ ଯାହାର ଥିବଟି ନିର୍ମଳ
ସେହି ମଣ୍ଡଳୀରେ ପାଇବ ଆଦର ।
ଆପେ ସାଧୁ ହେଲେ, କର ଯେଉଁ କାମ
ସେଥିରେ ନିଜର ବଢ଼ିବ ସୁନାମ ।

Digitized by srujanika@gmail.com

କୁମାର ସମ୍ଭବ

KUMARA SAMBHABA

Pt. Mrutyunjaya Rath.

Digitized by srujanika@gmail.com

ଭୂମିକା

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅଧିକାଂଶ ସଂସ୍କୃତ ପୁରାଣର ପଦ୍ୟାନୁବାଦ ହୋଇଅଛି । ମାତ୍ର କୌଣସି ସଂସ୍କୃତ କାବ୍ୟର ଅନୁବାଦ ହୋଇଥିବାର ଦେଖାଯାଏ ନାହିଁ । କବିବର ରାଧାନାଥ ସର୍ବ ପ୍ରଥମେ ମହାକବି କାଳିଦାସକୃତ 'ମେଘଦୂତ'ର ସରଳ ସୁନ୍ଦର ଅନୁବାଦ ପ୍ରକାଶ କରି ସାହିତ୍ୟର ଶ୍ରୀବୃଦ୍ଧି ସାଧନର ପଥ ଦେଖାଇ ଗଲେ । ଅଳ୍ପକାଳ ହେଲା ଜଣେ ବନ୍ଧୁ 'ରଘୁବଂଶ' ମହାକାବ୍ୟର ଅନୁବାଦ ପ୍ରକାଶ କରିଛନ୍ତି । ଜଣେ ପଣ୍ଡିତ 'ନୈଷଧ' କାବ୍ୟର ଅନୁବାଦ ଆରମ୍ଭ କରି କିୟଦଂଶ ପ୍ରକାଶ କରିଅଛନ୍ତି । ଏ ସବୁ ଦେଖି ମୋହର କାଳିଦାସଙ୍କ କୁମାର ସମ୍ଭବ ଅନୁବାଦ ପ୍ରତି ମନ ଗଲା । କେତେଜଣ ବିଶିଷ୍ଟ ବନ୍ଧୁ ମୋହର ଏହି ବାସନାର ଅନୁକୂଳ ହେବାରୁ ମୁଁ ଗତବର୍ଷ ଏହି ସମୟରେ ଏହାର ଅନୁବାଦ କାର୍ଯ୍ୟରେ ହସ୍ତକ୍ଷେପ କରିଥିଲି । କୁମାର ସମ୍ଭବ କାବ୍ୟ ଅନେକ ଶିକ୍ଷିତଙ୍କ ନିକଟରେ ସୁପରିଚିତ । ଏହାର ପ୍ରତ୍ୟେକ ପଂକ୍ତିକୁ ଅନେକ ସୁପାଠକ ମୁକ୍ତାଫଳ ପ୍ରାୟ ଅତୁଲ୍ୟ ଅମୂଲ୍ୟ ମନେ କରିଥାନ୍ତି । ଯଥାର୍ଥରେ କୁମାର ସମ୍ଭବର ଯେ ଭାଷା ଭାବ ବା ବାଣୀସମ୍ପଦ ଓଡ଼ିଆଭାଷା ବା ଅନ୍ୟ କୌଣସି ଭାଷାରେ ଅବିକଳ ଘଟିବା ଅସମ୍ଭବ; ତଥାପି ମୂଳର ସେହି ମାଧୁରୀ ଯେ ଯେତିକ ଭାଷାରେ ରକ୍ଷାକରି ପାରିଥିବେ, ତାଙ୍କର ଅନୁବାଦ ତେତିକ ଆଦର ଲାଭ କରିବ ।

ଓଡ଼ିଆରେ ଯେ କୁମାରସମ୍ଭବର ଅନୁବାଦର ଚେଷ୍ଟା ହୋଇନାହିଁ, ଏମନ୍ତ ନୁହେଁ । ବହୁବର୍ଷ ପୂର୍ବେ ଶ୍ରୀଯୁକ୍ତ ବଳରାମ ଦାସ ମହାଶୟ ଏହାର ପ୍ରଥମ ଦୁଇ ସର୍ଗର ଅନୁବାଦ କରିଥିଲେ । ସେ ଅନୁବାଦ ସରଳ ସୁନ୍ଦର ହୋଇଥିଲେ ହେଁ ସର୍ଗଗତ ସମସ୍ତ ଶ୍ଳୋକର ଅନୁବାଦ ସେଥିରେ ନଥିଲା । ମୁଁ ଉକ୍ତ ଅନୁବାଦ ଏବଂ ଶ୍ରୀଯୁକ୍ତ ଶରତ୍‌ଚନ୍ଦ୍ର ବନ୍ଦୋପାଧ୍ୟାୟଙ୍କର ବଙ୍ଗାନୁବାଦ ସହିତ ମିଳାଇ ଏ ଅନୁବାଦକୁ ଯଥାସମ୍ଭବ ମୂଳାନୁସାରୀ ଓ ମାର୍ଜିତ କରିବାକୁ ଚେଷ୍ଟା କରିଅଛି । ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା, ବିଶ୍ୱନାଥ କର ପ୍ରମୁଖ ମହାଶୟମାନଙ୍କୁ ଦେଖାଇ ସେମାନଙ୍କ ଉପଦେଶ କ୍ରମେ ମାର୍ଜନ ପରିବର୍ତ୍ତନାଦି କରିଅଛି । ସଂସ୍କୃତଜ୍ଞ ପାଠକ ମହାଶୟମାନେ ମୂଳ ସହିତ ମିଳାଇ ପଢ଼ିଲେ ଅନୁବାଦରେ ଶ୍ରମର ଇୟତ୍ତା ଉପଲବ୍ଧି କରି ପାରିବେ ।

ସୁଯୋଗ କ୍ରମେ ଏହି ଅନୁବାଦ ସମ୍ବାଦ ଗୁଣଗ୍ରାହୀ ଚିକିଟୀର ଅଧିପତି ରାଜକବି ଶ୍ରୀ ରାଧମୋହନ ରାଜେନ୍ଦ୍ର ଦେବଙ୍କର କର୍ଣ୍ଣ ଗୋଚର ହୁଅନ୍ତେ, ସେ ଏହା ଦେଖିବାପାଇଁ ସାନୁଗ୍ରହ କୌତୂହଳ ପ୍ରକାଶ କରିଥିଲେ । କେବଳ ସେତିକି ନୁହେଁ, ଏହାର ପାଣ୍ଡୁଲିପି ପାଠ କରି କେତେକ ସ୍ଥାନର ପରିବର୍ତ୍ତନ କରିବାକୁ ଉପଦେଶ ଦେଇଅଛନ୍ତି ଏବଂ ସ୍ୱତଃ ପ୍ରବୃତ୍ତ ହୋଇ ଏ ପୁସ୍ତକର ମୁଦ୍ରଣଭାର ଗ୍ରହଣ କରି ମାଦୃଶ ଲେଖକକୁ ଯଥେଷ୍ଟ ଉତ୍ସାହିତ କରିଅଛନ୍ତି । ଏଥିଲାଗି ମୁଁ ତାହାଙ୍କ ନିକଟରେ ଚିର କୃତଜ୍ଞ ରହିଲି !

ଏ ପୁସ୍ତକରେ କୁମାରସମ୍ଭବର ସାତ ସର୍ଗର ଅନୁବାଦ ହୋଇଅଛି । ଅନ୍ୟ ଯେଉଁ ଦଶ ସର୍ଗ ଏବେ ମିଳୁଛି, ତାହା ମହା କବି କାଳିଦାସଙ୍କ କୃତ ନୁହେଁ ବୋଲି ବହୁ ପଣ୍ଡିତଙ୍କ ମୁଖରେ ପ୍ରମାଣିତ ହୋଇଛି । ସୁ ପ୍ରସିଦ୍ଧ ଟୀକାକାର ମଲ୍ଲିନାଥ ମଧ୍ୟ ସେ ଦଶ ସର୍ଗର ବ୍ୟାଖ୍ୟା କରି ନାହାନ୍ତି । ବିଠଲଶାସ୍ତ୍ରୀ ପ୍ରମୁଖ ଇଦାନିନ୍ତନ

Digitized by srujanika@gmail.com

ପ୍ରସିଦ୍ଧ ପଣ୍ଡିତମାନେ ମଧ୍ୟ ତାହା ରଘୁବଂଶକାର କାଳିଦାସଙ୍କ ଲେଖନୀ ପ୍ରସୂତ ନୁହେଁ ବୋଲି ଯୁକ୍ତିଦ୍ୱାରା ପ୍ରମାଣିତ କରିଅଛନ୍ତି । ଯେ କେହି ପାଠକ ଏହାର ଅଷ୍ଟମ ସର୍ଗଠାରୁ ବର୍ଣ୍ଣନା ପାଠ କରନ୍ତୁ, ସେମାନେ କବିତାର ପାର୍ଥକ୍ୟ ଉତ୍ତମରୂପେ ବୁଝି ପାରିବେ । ସପ୍ତମ ସର୍ଗ ଶେଷରେ କୁମାରଙ୍କର ଉତ୍ପତ୍ତି ହୋଇ ନ ଥିଲେହେଁ ଉମା ପରିଣୟ ଦ୍ୱାରା ମହା କବି କାବ୍ୟର ସମାପ୍ତି ସୂଚନା କରି ଦେଇଅଛନ୍ତି । ସୁତରାଂ, ତଦ୍ଦ୍ୱାରା କାବ୍ୟର ଅପୂର୍ଣ୍ଣତା ଦୋଷ ଧର୍ତ୍ତବ୍ୟ ନୁହେଁ । ଆଜି ମଧ୍ୟ ଅଷ୍ଟମ ଠାରୁ ଏକାଦଶ ସର୍ଗ ପର୍ଯ୍ୟନ୍ତ ବର୍ଣ୍ଣନା ବଡ଼ ଅଶ୍ଳୀଳ । ଏ ସବୁ ଆଲୋଚନା କରି ଏଥିରେ ସପ୍ତମ ସର୍ଗ ବ୍ୟତିରିକ୍ତ ଅଂଶ ପରିତ୍ୟକ୍ତ ହେଲା । ପାଠକ ସମାଜରେ ଏ ଅନୁବାଦ ଆଦର ଲାଭକଲେ ମୋହର ଶ୍ରମ ସାର୍ଥକ ମଣିବି ।

କଟକ } ବିନୀତ
୧ । ୧୨ । ୧୯୧୫ } ଶ୍ରୀ ମୃତ୍ୟୁଞ୍ଜୟ ରଥ

ଉତ୍ସର୍ଗ

ମେଘଦୂତର ଅନୁବାଦକ ଉତ୍କଳର କବିଗୁରୁ

୰ ରାଧାନାଥଙ୍କ ମଧୁମୟ ନାମରେ

ଏହି

ଅନୁବାଦ

ଆନ୍ତରିକ ଭକ୍ତିର ନିଦର୍ଶନ ସ୍ୱରୂପ

ଉତ୍ସୃଷ୍ଟ ହେଲା ।

Digitized by srujanika@gmail.com

କୁମାର ସମ୍ଭବ

ପ୍ରଥମ ସର୍ଗ

ଉତ୍ତର ଦିଗରେ ସ୍ଥିତ ନଗେନ୍ଦ୍ର ପ୍ରଧାନ
ହିମାଳୟ ନାମେ ଦେବ-ଗଣ-ଅଧିଷ୍ଠାନ,
ବ୍ୟାପି ପୂର୍ବ ପଶ୍ଚିମ ପାରାବାରଯାଏ
ଅବସ୍ଥିତ ପୃଥ୍ୱୀର ମାନଦଣ୍ଡ ପ୍ରାୟେ । ୧

ଯାହାକୁ ସକଳ ଶୈଳେ ଧରଣୀ ଦୋହନେ
ବରି ପ୍ରିୟ ବତ୍ସ ପଣେ ପୃଥୁର ବଚନେ,
ବରଗିଲେ ମେରୁ ଶୈଳେ ଦୋହନବିଚକ୍ଷଣ
ଲଭିବାକୁ ମହୌଷଧି ଉଜ୍ଜ୍ୱଳ ରତନ । ୨

ବିବିଧ ରତନ ଗର୍ଭେ ଥିବାରୁ ଯାହାର
ସୁଷମା·ବିଲୋପକାରୀ ନୁହଇ ତୁଷାର,
ଅଶେଷ ଗୁଣ ମଧ୍ୟରେ ଏକଇ ଦୂଷଣ
ଲୁଚିଯାଏ ଚନ୍ଦ୍ରକାରେ କଳଙ୍କ ଯେସନ । ୩

ସନ୍ତତ ବିବିଧ ଧାତୁ ଧରେ ଯେ ଶିଖରେ
ଅଭ୍ରଖଣ୍ଡେ ସୁରଞ୍ଜିତ କରି ପ୍ରଭା-ବଳେ,
ତା ଦେଖି ଅପ୍ସରାଗଣ ସନ୍ଧ୍ୟା ଭାବି ମନେ
ବିଭ୍ରମେ ମଣ୍ଡନ୍ତି ଅଙ୍ଗ ବିଳାସ-ଭୂଷଣେ । ୪

ଯା ମେଖଳେ ବସି ସୁଖେ ସିଦ୍ଧ ଯତିଗଣ
ସାନୁଗତ ଘନ-ଛାୟା କରି ନିଷେବଣ,
ବରଷାରେ କ୍ଷଣେ କ୍ଳେଶ ଲଭନ୍ତେ, ସତ୍ୱରେ
ଆରୋହନ୍ତି ରବିକର-ଶୁଭ୍ର ଯା ଶିଖରେ । ୫

ସଂହାରି ବାରଣେ ଚଳି ଗଲେହେଁ କେଶରୀ,
ତୁଷାର କ୍ଷରଣେ ଧୌତ ରକ୍ତପଦାବଳୀ
ନ ଦେଖି ଚିହ୍ନନ୍ତି ପଥ ଯହିଁ ବ୍ୟାଧଗଣେ
ସିଂହନଖଚ୍ୟୁତ ଗଜ-ମୋତି ଦରଶନେ । ୬

ସିନ୍ଦୂରେ ଲେଖିଲେ ଯହିଁ ଭୂର୍ଜପତ୍ରାବଳୀ
ସ୍ଥବିର କୁଞ୍ଜର ତନୁ-ବିନ୍ଦୁ ସମ ଝଳି,
ବିଦ୍ୟାଧରସୁନ୍ଦରୀଙ୍କ ପ୍ରଣୟ-ପତ୍ରର
ଲେଖିବାରେ ଉପଯୋଗୀ ହୋଇଲା ନିକର । ୭

ଦରୀ ମୁଖରୁ ବାହାରି ମନ୍ଦ-ସମୀରଣ
ବେଣୁରନ୍ଧ୍ର ପୂରି ଆହା ! କରେ କି ସୁସ୍ୱନ ?
ସେ ସ୍ୱନେ ଦିଅଇ ଗିରି ତାନ କିବା ସତେ
ସଙ୍ଗୀତେ ରତ କିନ୍ନରଗଣଙ୍କ ସଙ୍ଗତେ ? ୮

କଣ୍ଡୂଳ କପୋଳକଣ୍ଡୂ କରଣେ ନିର୍ମୂଳ
ଘର୍ଷନ୍ତେ ସରଳ ଦ୍ରୁମେ ଯହିଁ କରିକୁଳ,
ଅବିରତ କ୍ଷରି ତହୁଁ ବାସ ମନୋହର
କରିଦିଏ ଅମୋଦିତ ପର୍ବତ-ମେଖଳ । ୯

ବନିତା ସଙ୍ଗତେ ଯହିଁ କିରାତ ନିକରେ
ବିଳସନ୍ତି ରଜନୀରେ ପର୍ବତ କନ୍ଦରେ,
ସେ କାଳେ ଔଷଧି ଲତା ଉଜଳି ସେ ଦରୀ
ବିନା ତୈଳେ ହୁଏ ତାଙ୍କ କେଳି-ଦୀପ ପରି । ୧୦

ଶିଳାଘନ ହିମାନୀରେ ପଥ କି ଶୀତଳ !
ଚଳିଲେ ପୀଡ଼ଇ ଯହିଁ ଗୁଲ୍ଫ ପଦତଳ,
ତଥାପି ମନ୍ଥର ଗତି ନ ମୁଞ୍ଚନ୍ତି ଠୁଳେ
କିନ୍ନରୀଏ ଗୁରୁ ସ୍ତନ-ନିତମ୍ବ-ବ୍ୟାକୁଳେ । ୧୧

ଯତନେ ରଖଇ ଗିରି କନ୍ଦରେ ଅନ୍ଧାର
ପେଚକ ପରାୟେ ଡରି ଦିବାକରେ ଯାର,
ହେଲେହେଁ ଶରଣାଗତ ହୀନଜନ ଅତି,
ମହତ ମମତା ତହିଁ, ଯେହ୍ନେ ସନ୍ତ ପ୍ରତି । ୧୨

Digitized by srujanika@gmail.com

ଏଣେତେଣେ ବୁଲି ଗୁଚ୍ଛ ପୁଚ୍ଛ ଚାଳନରେ
ଚନ୍ଦ୍ର କାନ୍ତିଧବଳ ବାଳଗୁଚ୍ଛ ଶୋଭା ଧରେ,
ସାର୍ଥକ କରନ୍ତି ତାଳ ସେ ଚମରେ ଯାର
ଗିରିରାଜ ପଦବୀକି ଏ ଚମରୀ-ବାର । ୧୩

ଦରୀଗୃହେ ଥାଇ ଯେବେ କିନ୍ନରଯୁବତୀ
ବସନ ହରଣ କାଳେ ଲଜ୍ଜା ପାଏ ଅତି,
ଅକସ୍ମାତେ ଦରୀଦ୍ୱାରେ ଲମ୍ବି କାଦମ୍ବିନୀ
ଶୋଭଇ ସେକାଳେ ଯହିଁ ଯବନିକା ଜଣି । ୧୪

ବହେ ମୃଦୁବାତ ହରି ଜାହ୍ନବୀ ଶୀକର
କମ୍ପାଇଣ ଦେବଦାରୁ ପାଦପନିକର,
କଟିତଟେଲଗ୍ନ-ଶିଖି-ପୁଚ୍ଛକୁ ନଚାଇ,
ସେବନ୍ତି କିରାତେ ତାହା ମୃଗ ପଛେ ଧାଇଁ । ୧୫

ବଳେ ଯେତେ ପଦ୍ମ ଗିରି-ଶିଖ-ସରୋବରେ
ସପ୍ତର୍ଷିଏ ନିଜ କରେ ତୋଳି ନେବା ପରେ,
ତଳେ ଥାଇ ଦିବାକର ଊର୍ଦ୍ଧ୍ୱମୁଖ କରେ
ଆଚମ୍ବିତେ ତାହା ଯହିଁ ବିକଶିତ କରେ । ୧୬

ଉପୁଜଇ ଏଥି ଯଜ୍ଞ ସାମଗ୍ରୀ ସକଳ,
ଧରଣୀଧାରଣେ ପୁଣି ଦେଖି ଯୋଗ୍ୟବଳ,
ହୋଇ ସୁପ୍ରସନ୍ନ ଯାରେ ସ୍ୱୟଂ ପ୍ରଜାପତି
କରିଛନ୍ତି ଯଜ୍ଞଭାଗୀ ଶୈଳ- ଅଧିପତି । ୧୭

ସୁମେରୁର ସଖା ସେହୁ କୁଳରକ୍ଷା ଅର୍ଥେ
ବରିଲେ ଗୃହିଣୀପଦେ କୁଳବଧୂ-ମତେ
ମୁନିଜନ-ମାନନୀୟା ଅନୁରୂପା କନ୍ୟା
ପିତୃ ମାନସସମ୍ଭୂତା ମେନା ନାମେ ଧନ୍ୟା । ୧୮

କ୍ରମେ ନବ ଯଉବନ ବିଳସନ୍ତେ ଅଙ୍ଗେ
ମାତିଲେ ପର୍ବତରାଜ ସୁରତପ୍ରସଙ୍ଗେ,
ଅନୁରୂପ ରଙ୍ଗରସେ ବିତିଲା ସମୟ,
ଗିରିରାଜପତ୍ନୀଙ୍କର ହେଲା ଗର୍ଭୋଦୟ । ୧୯

ପ୍ରସବିଲେ ଦେବୀ ନାମେ ମୈନାକ କୁମର,
ନାଗବଧୂଙ୍କର ଯୋଗ୍ୟ, ରୂପେ ମନୋହର,
ସିନ୍ଧୁ ସଙ୍ଗେ ସଖ୍ୟବଶୁଁ ପଶି ସେ ସଲିଳେ
ଇନ୍ଦ୍ରବଜ୍ରେ ପକ୍ଷଚ୍ଛେଦ କଷ୍ଟ ନ ଜାଣିଲେ । ୨୦

ଏଥିଅନ୍ତେ, ପିତୃକୃତ ଅପମାନଭରେ
ଯେ ସତୀ ବିସର୍ଜିଥିଲେ ତନୁ ଯୋଗବଳେ,
ଦକ୍ଷକନ୍ୟା ସେ ଭବାନୀ ପୂର୍ବଜନ୍ମ ଆଶେ
ଆଶ୍ରିଲେ ଗିରୀନ୍ଦ୍ରବଧୂ ମେନା-ଗର୍ଭବାସେ । ୨୧

ଭୂଧରରାଜମହିଷୀ ପୁଣ୍ୟବ୍ରତଶୀଳା
ଗିରୀନ୍ଦ୍ର ସଙ୍ଗମେ ତହୁଁ କୁମାରୀ ଜନ୍ମିଲା,
ଉତ୍ସାହ ଗୁଣ ସଂଯୋଗେ ନୀତିରୁ ଯେସନ
ଉପୁଜଇ ପ୍ରଶଂସିତ ସମ୍ପଦରତନ । ୨୨

ସୁପ୍ରସନ୍ନ ସର୍ବଦିଗ, ନିର୍ମଳ ପବନ,
ଶଙ୍ଖଧ୍ୱନି ପଛେ ପୁଷ୍ପ-ବୃଷ୍ଟି ଘନଘନ,
କି ସ୍ଥାବର କି ଜଙ୍ଗମ ସର୍ବଦେହୀଙ୍କର
ସେ ଜନ୍ମ ଦିବସ ହେଲା ମହାସୁଖକର । ୨୩

ନବ ମେଘ ଗରଜନେ (୧) ବିଦୁର ଯେସନ
ନବୋଦ୍‌ଗତ ରତ୍ନାଙ୍କୁରେ ଦିଶଇ ଶୋଭନ,
ତେସନ ଜନନୀ ମେନା ଶୋଭିଲେ ବିଶେଷେ
ଉଜ୍ଜ୍ୱଳବରଣା କନ୍ୟା ଘେନି ଅଙ୍କଦେଶେ । ୨୪

ଦିନୁଦିନ ସୁକୁମାରୀ ବଢ଼ିଲା ଯେତିକି,
ବରାଙ୍ଗେ ଲାବଣ୍ୟ ଫୁଟି ଦିଶଇ ତେତିକି,
ଏକ ଏକ ଚନ୍ଦ୍ରକଳା ଯେସନ ଆକାଶେ
ଉଇଁ ପୂର୍ଣ୍ଣ ଷୋଳକଳା ଚନ୍ଦ୍ରିକା ପ୍ରକାଶେ । ୨୫

ପର୍ବତ-ତନୁଜା ବୋଲି ଆପ୍ତ ବନ୍ଧୁଜନେ
ଡାକିଲେ କନ୍ୟାର ନାମ 'ପାର୍ବତୀ' ସୁମନେ,
'ଉ-ମା' ବୋଲି ମାତା ତାଙ୍କୁ ତପୁ ନିଷେଧିଲେ,
ସେହିଦିନୁ ସୁବଦନା ଉମା ବୋଲାଇଲେ । ୨୬

* ପ୍ରବାଦ ଅଛି ଯେ, ମେଘାଗମରେ ବା ମେଘ ଗର୍ଜନ ହେଲେ ବିଦୁର ଶୈଳର ପ୍ରାନ୍ତଦେଶରୁ ରତ୍ନଶଳାକା ଉଦ୍‌ଗତ ହୁଏ ।

Digitized by srujanika@gmail.com

ବହୁ ପୁତ୍ର କନ୍ୟା ଥାଉଁ ସେ କନ୍ୟାରତନେ
ନିରେଖିଲେ ଗିରି-ରାଜ ଅତୃପ୍ତ ନୟନେ;
ମଧୁର ବସନ୍ତେ କେତେ ନ ଫୁଟେ ସୁମନ,
ବିଶେଷେ ରସାଳେ ସିନା ମଧୁପର ମନ ? ୨୭

ଉଜ୍ଜ୍ୱଳ ଶିଖାରେ ଯେହ୍ନେ ଦୀପ ଶୋଭା ବହେ,
ଅବା ଯଥା ସ୍ୱର୍ଗପଥ ମନ୍ଦାକିନୀ-ପ୍ରବାହେ,
ସୁମାର୍ଜିତ ଭାରତୀରେ ପଣ୍ଡିତ ଯେସନ,
କନ୍ୟାରତ୍ନେ ଗିରି ପୂତ ଭୂଷିତ ତେସନ । ୨୮

ଶୈଶବବୟସେ ଧନ୍ୟା ସଙ୍ଗିନୀଙ୍କ ମେଳେ
ମନ୍ଦାକିନୀତଟେ ବୁଲି କେତେ ରଙ୍ଗ ଖେଳେ,
ବାଲୁକା'ବେଦୀରେ କେବେ, କେବେ ପିତୁଳାରେ
ଭୁଞ୍ଜେ କ୍ରୀଡ଼ାରସ ଅବା କନ୍ଦୁକ କ୍ରୀଡ଼ାରେ । ୨୯

ଶରଦେ ମିଳନ୍ତି ହଂସେ ଯଥା ଜାହ୍ନବୀରେ,
ନିଶାଗମେ ନିଜ କାନ୍ତି ଯଥା ଔଷଧିରେ,
ତେସନ ଭେଟିଲେ ଆସି ଉପଦେଶ ବେଳେ
ପୂର୍ବଜନ୍ମ ବିଦ୍ୟାରାଶି ପାର୍ବତୀଙ୍କି ହେଲେ । ୩୦

ଏଥୁଅନ୍ତେ ବିକସିଲା ନବ ଯଉବନ
ବିନା ଯତ୍ନେ ଅପଘନେ ଅପୂର୍ବ ମଣ୍ଡନ,
ନୁହଇ ମଦିରା ମାତ୍ର ମାଦକ ସେ ବଡ଼,
ନୋହିଲେହେଁ ପୁଷ୍ପ, ପୁଷ୍ପଶରର ସେ ଶର । ୩୧

ନବ ଯଉବନେ ତନୁ ଠାଣି କି ସୁଢଳ,
ରବିକରେ ବିକସିତ କିବା ଶତଦଳ ?
ଅବା ଯେହ୍ନେ ରଙ୍ଗାଜୀବ ଘେନ ଚିତ୍ରତୂଳ
ଫୁଟାଇଛି ପଟେ ଦିବ୍ୟ ଶୋଭାର ପିତୁଳ ! ୩୨

କରନ୍ତେ ଚରଣନ୍ୟାସ ଧରଣୀ ଉପରେ
ଅଙ୍ଗୁଷ୍ଠ ନଖ କି ରକ୍ତ କାନ୍ତି ବାନ୍ତ କରେ ?
ତା ଦେଖି ହୁଅଇ ପ୍ରତେ, ପଦଯୁଗ ଛଳେ
ଚଳ ସ୍ଥଳପଦ୍ମ କିବା ଶୋଭେ ମହୀତଳେ । ୩୩

ସୁନ୍ଦରୀଚରଣ-ଲଗ୍ନ-ନୂପୁରନିକ୍ୱଣ—
ଅନୁକରଣ ତତ୍ପର ରାଜହଂସଗଣ
ଶିଖାଇଲେ ନତାଙ୍ଗୀକି ପ୍ରତିଦାନ ଛଳେ
ସବିଳାସ-ପଦନ୍ୟାସ କିବା ମହୀତଳେ ! ୩୪

ବର୍ତ୍ତୁଳ ସୁଢ଼ଳ ବେନି ଜଘନ ସୁନ୍ଦର
ନିର୍ମାଣି ଯତନେ ବିଧି, ଦେଖିଲେ ସକଳ
ଲାବଣ୍ୟର ଉପାଦାନ ହୋଇଲାଣି ଶେଷ !
ଶେଷାଙ୍ଗ ନିର୍ମାଣେ ତହୁଁ ଭାଳିଲେ ବିଶେଷ । ୩୫

ସ୍ୱଭାବେ କର୍କଶ ଜାଣି କରିରାଜ କର,
ରାମରମ୍ଭା ପରଶେ ତ ଅଧିକ ଶୀତଳ,
ଲଭିଲେହେଁ ଚିରଖ୍ୟାତି ଏ ବେନି ଜଗତେ,
ଉପମା ଅଯୋଗ୍ୟ ତେଣୁ ତା ଉରୁ ସଙ୍ଗତେ । ୩୬

ଏଥିରୁ ସରବେ ଏବେ କର ଅନୁମାନ,
କେଡ଼େ ରମଣୀୟ ସେହି କାଞ୍ଚୀଗୁଣସ୍ଥାନ !
ପଶ୍ଚାତେ ଶଙ୍କର ଯାକୁ ସ୍ଥାପିଲେ ସାଦରେ
ଅନ୍ୟନାରୀ-ଅସୁଲଭ ନିଜ ଅଙ୍କପରେ । ୩୭

ନବ ରୋମାବଳୀ ଆହା କେଡ଼େ ମନୋଲୋଭା !
ନାଭିର ବିବରଯାଏ ଅନୁପମ ଶୋଭା,
ମେଖଳାର ମଧ୍ୟଗତ ନୀଳମଣି ରୁଚି
ଶିଖା ବନ୍ଧ ଫୁଟି ତହିଁ କିବା ସଞ୍ଚରୁଚି ? ୩୮

ଉମ୍ବରୁମଧ୍ୟାର କଟିଦେଶେ ଦେଲା ଦେଖା
ଅପୂର୍ବ ସୁନ୍ଦର ଏବେ ତ୍ରିବଳୀର ରେଖା,
ଆରୋହଣ ଆଶେ ଅବା ନବ ଯଉବନ
କଲା କି କାମର ଏଥି ସୋପାନ ଗଠନ ? ୩୯

ବାରିଜାକ୍ଷୀର ପାଣ୍ଡୁର ବେନି ପୟୋଧର
ବେନି ଶ୍ୟାମ ମୁଖେ ଆହା କେଡ଼େ ମନୋହର !
ଏକକୁ ଆରେକ ପୀଡ଼ି ବଢ଼ିଲେ ଏସନ,
ମୃଣାଳ ତନ୍ତୁକୁ ତହିଁ ନ ମିଳିଲା ସ୍ଥାନ । ୪୦

ସୁକୁମାରୀ ବାହୁଯୁଗ ସୁକୁମାର ପଣେ
ଜିଣିଥିବ ମଣେ ନିଶ୍ଚେ ଶିରୀଷ ସୁମନେ !
ତେଣୁ ସିନା ଏ ବେନିଙ୍କି ମଦନ ହତାଶ
କଲା ଦିନେ ଦର୍ପହାରୀ ହର କଣ୍ଠପାଶ । ୪୧

Digitized by srujanika@gmail.com

ବନ୍ଧୁରିତ ପୟୋଧର ବଣେ କଣ୍ଟକଳ,
ଗୁରୁ ମୁକ୍ତାଫଳ ହାର ତହିଁ ଟଳଟଳ,
ଏକ ଆରେକର ଶୋଭା କରଇ ବର୍ଦ୍ଧନ,
ତେଣୁ ଏ ଭୂଷଣ ତାର, ସେ ଯାର ଭୂଷଣ । ୪୨

ନ ଲଭଇ ଚନ୍ଦ୍ରଶୋଭା ପଦ୍ମାଳୟା ପଦ୍ମେ,
ନ ଭୁଞ୍ଜଇ ପଦ୍ମ-ଗୁଣ ଥିଲେ ଚନ୍ଦ୍ରସଦ୍ମେ,
ଏକାଧାରେ ଉମାମୁଖ ଭଜ ସେ ଚଞ୍ଚଳା
ଚନ୍ଦ୍ର-ପଦ୍ମ ବାସ ପ୍ରୀତି ଲଭିଲା କମଳା । ୪୩

ଗୁମ୍ଫିଲେ ବା ପୁଣ୍ଡରୀକ ନବୀନ ପଲ୍ଲବେ
କିମ୍ବା ସ୍ୱଚ୍ଛ ମୁକ୍ତାଫଳ ପ୍ରବାଳକଦମ୍ବେ,
ଲଭି ପାରେ କଅନ୍ତରେ ସେସିନ୍ଦୂର ଛବି
ଅରୁଣ ଅଧରେ ଯାର କାନ୍ତି ଝଟକଇ । ୪୪

ସୁମଧୁର ମଧୁମାସେ ମଧୁରଭାଷିଣୀ
ଭାଷଇ ଯେ କାଳେ ବାଣୀ ସୁଧାରସ ଜିଣି,
କୋକିଳାର ସ୍ୱର ତହିଁ ହୁଏ କର୍ଣ୍ଣଶୂଳ
ଛିନ୍ନତନ୍ତ୍ରୀ ବିପଞ୍ଚୀର କଟୁ ସ୍ୱର ତୁଲ । ୪୫

ବାତବିଧୂନିତ ନୀଳ ଉତ୍ପଳପରାୟେ
ବିଶାଳାକ୍ଷୀର ତରଳ ଦୃଷ୍ଟି ଶୋଭା ପାଏ,
ଆଣିଛି କି ଏଣୀଠାରୁ ବରାଙ୍ଗୀ ଏ ଭଙ୍ଗୀ
ଅବା ଏ ବରାଙ୍ଗୀଠାରୁ ଶିଖିଲେ କୁରଙ୍ଗୀ ? ୪୬

ବିଶାଳ ଭ୍ରୂଲତା ତାର କେଡ଼େ ମନୋହର,
ଆଙ୍କିଛି କେ ଯେହ୍ନେ ସେନ ତୂଳରେ କଜ୍ଜଳ,
ଯା ମୋହନ ଭଙ୍ଗୀ ଦେଖି ମଣିଛି ମଦନ
ଆପଣା ରୂପର ଶୋଭା-ଗର୍ବ ଅକାରଣ । ୪୭

ଇତର ଜନ୍ତୁଙ୍କ ଠାରେ ଲଜ ଥାନ୍ତା ଯେବେ
ଗିରିରାଜଜେମାଙ୍କର କେଶ ଦେଖି ଏବେ,
ନିଶ୍ଚୟେ ଚମରୀଗଣ କରିଥାନ୍ତେ ଖର୍ବ
ଆପଣାର ପ୍ରିୟ ପୁଚ୍ଛେ ସେ କେଶ ଗରବ । ୪୮

ସକଳ ଉପମା ବସ୍ତୁ କରି ଆହରଣ
ଯେ ସ୍ଥାନେ ଯେ ଯୋଗ୍ୟ ତହିଁ କରି ତା ସ୍ଥାପନ
ଗଢ଼ିଛି ଯତନେ ବିଧି ଏହାଙ୍କୁ ନିଶ୍ଚୟେ
ଏକାଧାରେ ସର୍ବ ଶୋଭା ଦେଖିବା ଆଶୟେ । ୪୯

ଦିନେ କାହୁଁ କାମଚାରୀ ନାରଦ ମିଳିଲେ,
ପିତାଙ୍କ ସମ୍ମୁଖରେ ଉଭା ଉମାଙ୍କୁ ଦେଖିଲେ,
ଭାଷିଲେ ଏମନ୍ତ ବାଣୀ ତହୁଁ ମୁନିବର,
ପ୍ରେମେ ଏ ଅର୍ଦ୍ଧାଙ୍ଗହରା ହେବେ ହରଙ୍କର । ୫୦

ସେହି ଦିନୁ ଜାଣିଲେହେଁ କନ୍ୟାକୁ ଯୁବତୀ
ଅନ୍ୟ ବରେ ପିତାଙ୍କର ନ ବଳିଲା ମତି,
ଅଗ୍ନି ବିନା ଅନ୍ୟ ତେଜ କେ ଅଛି ଏସନ
ମନ୍ତ୍ରପୂତ ହବ୍ୟ ଭୋଗେ ହୋଇବ ଭାଜନ । ୫୧

କିନ୍ତୁ ବିନା ନିବେଦନେ ବଳେ ଗିରିରାଣ
କରି ନ ପାରିଲେ ଶିବେ କନ୍ୟାରତ୍ନ ଦାନ,
କେଜାଣି ପ୍ରାର୍ଥନାଭଙ୍ଗ ହେବ, ଏହି ଭୟେ
ଉଦାସୀନ ଥାନ୍ତି ସନ୍ତେ ସ୍ୱପ୍ରିୟ ବିଷୟେ । ୫୨

ପୂର୍ବଜନ୍ମେ ଯେବେ ସତୀ କଲେ ବିସର୍ଜନ
ଦକ୍ଷକୋପ ଦରଶନେ ନିଜ ଅପଘନ,
ସେକାଳୁଁ ଶଙ୍କର ତେଜି ବିଷୟବାସନା
ବିନା ଦାରପରିଗ୍ରହେ ରହିଲେ ବିମନା । ୫୩

ହିମାଦ୍ରି ନିତମ୍ବେ (ସିକ୍ତ ଗଙ୍ଗାଜଳେ ଯହିଁ
ନମେରୁ ଦ୍ରୁମେ, କସ୍ତୂରୀ-ବାସ ପ୍ରସରଇ,)
କିନ୍ନର ଗୀତେ ମୁଖର, ସେ ଦେଶେ ବସନ୍ତ
ରହିଲେ ତପସ୍ୟା ଅର୍ଥେ ବଶୀ ପଶୁପତି । ୫୪

ବସନ୍ତ ପ୍ରଥମଗଣେ ବେଢ଼ି ମୋଦଭରେ
ମଣି-ଶିଳା-ବିଛୁରିତ ଗୁରୁ ଶିଳାତଳେ,
ନମେରୁ କୁସୁମେ ଯାଙ୍କ ମସ୍ତକ ମଣ୍ଡନ,
ସୁକୋମଳ ଭୂର୍ଜଛାଲେ ପିନ୍ଧିଲା ବସନ । ୫୫

ଖଣ୍ଡଖଣ୍ଡ ହିମଶିଳା ଖୁରମୂନ ଟାଳ
ମଦମତ୍ତ ବୃଷ ଯହିଁ ଭୈରବେ ଆସ୍ଫାଳ,
ନ ଗଣି ସିଂହର ରଡ଼ି ଗର୍ଜେ ବିକଟାଳେ,
ଦେଖନ୍ତି ଗୟଳେ ଯାକୁ ଭୟେ ଅସମ୍ଭାଳେ । ୫୬

Digitized by srujanika@gmail.com

ତହିଁ ଆତ୍ମ-ମୂର୍ତ୍ତି-ଭୂତ ଜାଳି ହୁତାଶନେ
ତପ ଆରମ୍ଭିଲେ (୧) ଅଷ୍ଟ-ମୂର୍ତ୍ତି ଏକମନେ,
ତପସ୍ୟାର ଫଳ ଯେହୁ କରନ୍ତି ପ୍ରଦାନ,
କେଜାଣେ ତା, କେଉଁ ଆଶେ ତାଙ୍କର ଏ ଧ୍ୟାନ !

ତ୍ରିଦଶ ବନ୍ଦିତ ସେହି ବରେଣ୍ୟ ଈଶ୍ୱର
ପୂଜିବାକୁ ଆଦେଶିଲେ ଏବେ ଗିରିବର
ସଖୀ ସଙ୍ଗେ ବ୍ରତଶୀଳା ତନୟାରତନେ,
ପାଦ୍ୟ ଅର୍ଘ୍ୟ ନିଜେ ପୂଜି ସେହି ତପୋବନେ । ୫୮

ଜାଣିଲେହେଁ ଯୋଗ-ବିଘ୍ନକାରିଣୀ ଯୁବତୀ,
ପାର୍ବତୀଙ୍କି ଦେଲେ ଶିବ ସେବା ଅନୁମତି,
ବିକାର କାରଣ ଥାଇ ନ ଭଜେ ବିକାର
ଯାର ଚିତ୍ତ, ସେହି ସିନା ଧୀର ମଧ୍ୟେ ସାର । ୫୯

ତୋଳି ନିତି ପୂଜାଫୁଲ ମାଜି ବେଦିସ୍ଥାନ
ଆଣି ନିତ୍ୟ କର୍ମେ ଜଳ ପୁଣି କୁଶମାନ
ସେବିଲେ ଗିରିଶେ ତହିଁ ସୁକେଶୀ ଯତନେ,
ଶ୍ରାନ୍ତି ହରି ହର-ଶିର-ଶଶାଙ୍କ କିରଣେ । ୬୦

'ଉମାଜନ୍ମ' ନାମ ପ୍ରଥମ ସର୍ଗ ସମାପ୍ତ ।

ଦ୍ୱିତୀୟ ସର୍ଗ

ସେକାଳେ ତାରକା ନାମେ ଅସୁର
ଦେବଙ୍କର ସବୁ କଲା ଚୂର,
ଇନ୍ଦ୍ରଙ୍କୁ ଘେନି ତହୁଁ ସର୍ବ ସୁରେ
ମିଳିଲେ କୁଶଳେ ବ୍ରହ୍ମାଙ୍କ ପୁରେ । ୧

ସକଳ ଦେବଙ୍କ ମୁଖ ମଳିନ
ଯାମିନୀରେ ଜଳେ ଯଥା ନଳିନ,
ଦେଖାଦେଲେ ବିଧି ତାଙ୍କ ଆଗର,
ଉଇଁଲେ ଉଷାରେ କିବା ଭାସ୍କର ? ୨

ସର୍ବ ସୃଷ୍ଟିକର୍ତ୍ତା ଚତୁରାନନେ
ଦେଖି ସମ୍ମୁଖରେ ଅମରଗଣେ,
ଆରମ୍ଭିଲେ ସ୍ତୁତି କରି ପ୍ରଣତି ।
ସାର୍ଥକ ବଚନେ ସେ ବିଦ୍ୟାପତି । ୩

'ନମସ୍ତେ' ତ୍ରିମୂର୍ତ୍ତି-ଧର ପରମ
ସୃଷ୍ଟି ପୂର୍ବେ ଥିଲ ଏକଇ ବ୍ରହ୍ମ,
ତ୍ରିଗୁଣ ଭେଦରେ ଭଜିଲ ପରେ
ତିନି ଭିନ୍ନ ରୂପ ଦେବ, ବିଶ୍ୱରେ । ୪

ରୋପିଲ ଯେ ବୀଜ ଜଳ ମଧ୍ୟର,
ତହୁଁ ଜାତ ବିଶ୍ୱ ଏ ଚରାଚର,
ତେଣୁ ହେ ଅଯୋନି ସମ୍ଭବ, ତୁମ୍ଭେ
ବୋଲାଉଛ ବିଶ୍ୱ-କାରଣ ଶୁଭେ । ୫

ତିନିଗୁଣେ ତିନି ଅବସ୍ଥା ଧରି
ଜଗତେ ମହିମା ବିସ୍ତାରି କରି
ତୁମ୍ଭେ ହେ ସୃଷ୍ଟି ସ୍ଥିତି ପ୍ରଳୟର
ଏକଇ କାରଣ ଜଣା ବିଶ୍ୱର । ୬

ଦ୍ୱିଧା କଲ ଦେହ ସୃଷ୍ଟି କାରଣେ
ସ୍ତ୍ରୀ ପୁରୁଷ ବେନି ଭାଗ ଯତନେ,
ତେଣୁ ଏ ଜନନ-ଶୀଳ ବିଶ୍ୱର
ଅଟନ୍ତି ସେ ବେନି ମାତା ପିଅର । ୭

ଆପଣାର କାଳ ପ୍ରମାଣ ଧରି
ବିଭାଗ କରିଛ ଦିବା ଶର୍ବରୀ,
ତେଣୁ ତୁମ୍ଭର ଯେ ସ୍ୱପ୍ନ ଜାଗର
ପ୍ରଳୟ ସୃଷ୍ଟି ସେ ଜଣା ବିଶ୍ୱର । ୮

(୧) ଶିବ

Digitized by srujanika@gmail.com

ତୁମ୍ଭେ ଜଗତର ଅଟ କାରଣ,
କିନ୍ତୁ ଅଯୋନି-ସମ୍ଭବ ଆପଣ,
ବିଶ୍ୱ-ଅନ୍ତକାରୀ, ଆପେ ଅନନ୍ତ,
ଜଗତର ଆଦି, ଅନାଦି ସତ,
ବୋଲାଅ ବିଶ୍ୱର ପୁଣି ଈଶ୍ୱର,
ନାହିଁ କେ ଈଶ୍ୱର ଦେବ ତୁମ୍ଭର । ୯

ଆପେ ଆପଣାକୁ ସୃଜ ମହାନ,
ଆତ୍ମାକୁ ଆତ୍ମାରେ ତୁମ୍ଭେ ହିଁ ଜାଣ,
ସମର୍ଥ ତୁମ୍ଭେ ଆପେ ଆପଣାରେ
ଆପଣା ସ୍ଥଏ ଲୟ ଭଜିବାରେ । ୧୦

କେବେ ଅତିଘନ, କେବେ ତରଳ,
କେବେ ସ୍ଥୂଳ, କେବେ ନୁହଁ ଗୋଚର,
କେବେ ଗୁରୁବନ୍ତ, ଲଘୁ ବା କେବେ,
କେବେ ବା ବ୍ୟକତ, ଅବ୍ୟକ୍ତ ଦେବେ !

ଓଁ କାର ଯାହାର ଉପକ୍ରମଣ,
ତ୍ରିବିଧ ସ୍ୱରେ ଯାର ଉଚ୍ଚାରଣ,
ଫଳ ଯାର ସ୍ୱର୍ଗ, କର୍ମ ଯଜନ,
ସେ ବେଦବାଣୀର ତୁମ୍ଭେ କାରଣ । ୧୨

ତୁମ୍ଭେ ପ୍ରକୃତି ତ୍ରିଗୁଣ ଧାରିଣୀ
ସେ ପୁରୁଷର କାମ ପ୍ରବର୍ତ୍ତିନୀ,
ତୁମ୍ଭେ ହିଁ ପୁରୁଷ ପ୍ରକୃତି ଦ୍ରଷ୍ଟା
ଉଦାସୀନ ଥାଇ ବିଶ୍ୱର ସ୍ରଷ୍ଟା । ୧୩

ପିତୃଗଣଙ୍କର ତୁମ୍ଭେ ହିଁ ପିତା,
ସର୍ବଦେବଙ୍କର ତୁମ୍ଭେ ଦେବତା,
ସର୍ବ ବିଧାତାଙ୍କ ତୁମ୍ଭେ ବିଧାତା,
ତୁମ୍ଭେ ପରାତ୍ପର ଜଗତପିତା । ୧୪

ତୁମ୍ଭେ ହବ୍ୟ ପୁଣି ତୁମ୍ଭେହିଁ ହୋତା,
ତୁମ୍ଭେ ଭୋଜ୍ୟ ପୁଣି ବୋଲାଅ ଭୋକ୍ତା,
ତୁମ୍ଭେ ଜ୍ଞେୟ ଜ୍ଞାତା ହେ ସନାତନ !
ତୁମ୍ଭେ ଧ୍ୟାତା ତୁମ୍ଭେ ଧ୍ୟେୟ ପରମ । ୧୫

ଦେବମୁଖୁଁ ଶୁଣି ସ୍ତୁତି ଏସନ
ଅର୍ଥ-ସଙ୍ଗତ ମାନସରଞ୍ଜନ,
ପ୍ରସନ୍ନ ବଦନ ଚତୁରାନନ
ଭାଷିଲେ ଦେବଙ୍କୁ ପ୍ରିୟ ବଚନ । ୧୬

ସେ ଆଦି କବି ତହୁଁ ଚାରିମୁଖେ
କରନ୍ତେ ବାଣୀ-ଉଚ୍ଚାରଣ ସୁଖେ
ଶବ୍ଦେ ଚାରି ସ୍ୱର ବୃତ୍ତି ଯେ ଥିଲା,
ତକ୍ଷଣେ ସେହେ କୃତାର୍ଥ ହୋଇଲା । ୧୭

ସ୍ୱାଗତ ହେ ସର୍ବ ବିକ୍ରମଶାଳୀ
ନିଜ ନିଯୋଗେ ପୂର୍ବ ଅଧିକାରୀ
ଆଜାନୁଲମ୍ବିତ ଭୁଜେ ହେ ସୁରେ,
ସମାଗତ ଆଜ କିପାଁ ମୋ ପୁରେ ? ୧୮

ଏ କି ଆଚମ୍ବିତ ତୁମ୍ଭ ବଦନେ
ନାହିଁ ନିଜ ପୂର୍ବ କାନ୍ତି ତେସନେ !
ହିମପାତେ ଯଥା ଜ୍ୟୋତିଷ୍କଗଣେ
ଊଣା ଦିଶେ ପୂର୍ବ ପ୍ରଭା ଗଗନେ । ୧୯

ଯେ ଅସ୍ତ୍ରେ ମରିଲା ବୃତ୍ର ଦାନବ
ପ୍ରଭା ଅଭାବେ ଆଜ ସେ ନିଷ୍ପ୍ରଭ,
ଦିଶଇ ବାସବ କରେ କୁଳିଶ
ମୁଣ୍ଡା-ଧାର ଖଣ୍ଡା ପ୍ରାୟେ ଏ କିସ ? ୨୦

ଏ କିଣ ! ସମରେ ଦୁର୍ବାର ଅତି
ଥିଲା ଯେଉଁ ପାଶ ବରୁଣ କତି,
ସେ ଆଜ ଭଜିଲା କିପାଁ ସହସା
ମନ୍ତ୍ର-ବଶ୍ୟ ବିଷ-ଧରର ଦଶା ! ୨୧

ଶାଖାଚ୍ଛେଦେ ତରୁ ଦିଶେ ଯେମନ୍ତ
ଗଦା ବିନା ବାହୁ ଆଜ ତେମନ୍ତ,
ସୂଚଇଦିଏ ଏ ଧନପତିର
ମନେ ଗଳିଅଛି କି ଶଲ୍ୟଶର ! ୨୨

ସେ ଅମୋଘଦଣ୍ଡେ ଅନ୍ତକ ଶମନ
କରନ୍ତି କି ଦୁଃଖେ ଭୂମି ଖନନ,

Digitized by srujanika@gmail.com

ତେଜ ହରିବାରୁ ଏବେଟି ଆହା !
ଗୋଜଣାରୁ ହୀନ ହୋଇଛୁ ତାହା । ୨୩

କିପାଁ ଶୀତଳ ଏ ଆଦିତ୍ୟଗଣ
ନ କରନ୍ତି ଆଜ ତେଜ ଧର୍ଷଣ !
ପୂର୍ବ ପ୍ରତାପ ଭଜିବାରୁ କ୍ଷିପ୍ର
ବିଶନ୍ତି ନେଟେ ଚିତ୍ରାର୍ପିତ ପ୍ରାପ୍ତ । ୨୪

ମରୁତଗଣଙ୍କ ଗତି ସ୍ଖଳନେ
ପଥ ରୋଧିଲା କେ ଆସଇ ମନେ,
ସ୍ରୋତ ରୋଧିଲେ ଜଳର ଯେସନ
ବିପରୀତ ମୁଖେ ହୁଏ ଗମନ । ୨୫

ରୁଦ୍ରଗଣଙ୍କର ଆଜ ତ ନାହିଁ
ଏ ନତଶୀରେ ସେ ହୁଙ୍କାର କାହିଁ ?
ଊର୍ଦ୍ଧ୍ୱ ଜଟାଜୁଟ ପଡ଼ୁଛୁ ଖସି
ତଳେ ଶଶିକଳା-କୋଟି ପରଶି । ୨୬

ତୁମ୍ଭ ପ୍ରତିଷ୍ଠା କି ଏବେ ଅମରେ !
ବଳବନ୍ତର କେ ହରଇ ବଳେ ?
ବିଶେଷ ବିଧି ନ ମାନେ ଯେସନ
ସାମାନ୍ୟ ଶାସ୍ତ୍ରର ପୂର୍ବ ଶାସନ (୧) । ୨୭

କହ ଭିଭ କରି ହେ ବତ୍ସଗଣ !
କିପାଁ ଆସିଲ କିବା ନିବେଦନ ?
ମୁଁ ହିନା ସୃଷ୍ଟି କରଇଁ ଲୋକର,
ପାଳନ ତୁମ୍ଭ ଉପରେ ନିର୍ଭର । ୨୮

ମୃଦୁପବନେ ଯେସନେ ପଦ୍ମାକର
ବିଶଇ ପଦ୍ମଫୁଲେ ମନୋହର,
ତେସନେ ଶୋଭନ ସହସ୍ର ନୟନେ
ଚାହିଁଲେ ଇନ୍ଦ୍ର ଗୁରୁଙ୍କୁ ତକ୍ଷଣେ । ୨୯

ହେଲେହେଁ ବେନି ନୟନ ତାଙ୍କର,
ସହସ୍ର ନୟନୁ ବଳି ଗୁଣାକର,
କରଯୋଡ଼ି ତହୁଁ ସେ ବୃହସ୍ପତି
କମଳାସନେ ଭଷିଲେ ଭାରତୀ । ୩୦

ଶତ୍ରୁ ହରିଲା ନିୟୋଗ ଆମ୍ଭର
କହିଲ ଯା ପ୍ରଭୋ, ସତ୍ୟ ନିକର,
ପୂରିଅଛ ଦେବ ସର୍ବ ଘଟରେ,
କିପାଁ ନ ଜାଣିବ ଏହା ଅନ୍ତରେ । ୩୧

ଉଦ୍ଧତ ହୋଇଛୁ ତୁମ୍ଭର ବରେ
ତାରକା ନାମେ ଅସୁର ଲୋକରେ,
ଲୋକ-ଉତ୍ପାତ ପାଇଁ ସେ ଦଇତ
ଧୂମକେତୁ ପ୍ରାୟେ ଏବେ ଉଦିତ । ୩୨

ତା ପୁରେ ଶଙ୍କିତ ହୋଇ ତପନ
ତେତିକ ମାତ୍ର ବିଞ୍ଚନ୍ତି କିରଣ,
ଯେତିକରେ ପଦ୍ମ ତା କ୍ରୀଡ଼ା-ସରେ
ବିକଶିବ, ତହୁଁ ଯେସନେ ନ ବଳେ ! ୩୩

ସବୁକାଳେ ଚନ୍ଦ୍ର ତା ସେବା କରେ
ସବୁ କଳା ଘେନି ଶ୍ୱେତ ଅମ୍ବରେ,
ନ ହରେ କେବଳ ସେହି କଳାକୁ
ଶିରେ ଶଙ୍କର ଧରିଥାନ୍ତି ଯାକୁ । ୩୪

ଝଡ଼ି ପଡ଼ିବ କେଜାଣି ସୁମନ,
ଭୟେ ନ ବହେ ଉଦ୍ୟାନେ ପବନ,
ପାଶେ ମଧ୍ୟ ବାୟୁ ନ ବହେ ଠିକେ
ବିଚଣା ପବନ ବଳି ଅଧିକେ । ୩୫

ନିଜ କର୍ମ ତେଜି ଏ ଋତୁମାନେ
ଖଟନ୍ତି ତା ପାଶେ ମାଳୀ ସମାନେ,
ନିଜ ଫୁଲମାନ କରି ସଂଗ୍ରହ
ଅତି ଯତନେ ଭେଟନ୍ତି ପ୍ରତ୍ୟହ । ୩୬

ଉପହାରଯୋଗ୍ୟ ଯେତେ ରତନ
ଜଳେ ହୋଇବାପାଏ ସୁପତନ,

---

* ସାମାନ୍ୟ ବିଧି-ସର୍ବ ପଶୁବଧ ନିଷିଦ୍ଧ, ମାହିଂସ୍ୟାତ୍ ସର୍ବାଣି ଭୂତାନି ବିଶେଷବିଧି—ଯଜ୍ଞାର୍ଥ ପଶୁବଧ ପ୍ରଶସ୍ତ ଅଗ୍ନିଷ୍ଟୋମୀୟଂ ପଶୁମାଲଭେତ ।

Digitized by srujanika@gmail.com

ଗୃହେଁ ରହୁଥାଏ ମାଳାମୃପତି
ଭେଟିବାକୁ ନେଇ ସେ ଦୈତ୍ୟ କତି । ୩୭

ବାସୁକି ଆଦି ଭୁଜଙ୍ଗେ ଯାବତ
ଉଜ୍ଜ୍ୱଳ ମଣିରେ ନିଶି ବ୍ୟକତ,
ଅସରନ୍ତି ରତ୍ନଦୀପାଳୀ ପ୍ରାୟେ ।
ଖଟନ୍ତି ସେ ଦୈତ୍ୟ ପାଶେ ସଭୟେ । ୩୮

ତା ଚିତ୍ତରଞ୍ଜନ କରିବା ଆଶେ
ପୁରନ୍ଦର ମଧ୍ୟ ପେଷନ୍ତି ପାଶେ
ନିତି ନିତି ଦୂତ-ହସ୍ତେ ଶୋଭନ
କଳ୍ପଦ୍ରୁମର କୁସୁମ ଭୂଷଣ । ୩୯

ଯେତେ ମନରକ୍ଷା କଲେ ତାହାର
ତ୍ରିଭୁବନ କରେ ସେ ଛାରଖାର,
ପ୍ରତିକାରେ ଶାନ୍ତ ସିନା ଦୁର୍ଜନ,
ଉପକାରେଟି ନୁହେ କଦାଚନ । ୪୦

ନବପଲ୍ଲବ ଯାର ଦସ୍ୟାଭରେ
ତୋଳନ୍ତି ଅପସରା କୋମଳକରେ,
ଜାଣିଲେ ଆଦି ସେ ନନ୍ଦନଦ୍ରୁମେ
ଛେଦନ ପତନେ ଦୈତ୍ୟ ହୁକୁମେ । ୪୧

ହେଲେ ନନ୍ଦିତ ଦୈତକୁ ଭ୍ରମରେ
ବାଞ୍ଛନ୍ତି ସୁରବନ୍ଦନୀଏ ଡରେ,
ନେତ୍ରୁ ଝରଇ ଅଶ୍ରୁ ଘନ ଘନ
ଶ୍ୱାସ ସମାନେ କରନ୍ତି ପବନ । ୪୨

ଯେ ମେରୁଶିଖର ଅତି ଉନ୍ନତ,
ସୂର୍ଯ୍ୟାଶ୍ୱ ଖୁରବାଜ ଯହିଁ କ୍ଷତ,
ସେ ଶୃଙ୍ଗ ଉପାଡ଼ି ଆଣି ସ୍ୱପୁର
କରିଛି କ୍ରୀଡ଼ା-ଶଇଳ ଅସୁର । ୪୩

ଦିଗ୍‌ବାରଣ ମଦଜଳେ ଆବିଳ
ଥିଲା ଯେ ସୁରଧୁନୀର ସଲିଳ,
ସେ ଏବେ ଶେଷ, କନକକମଳେ
ଫୁଟନ୍ତି ତାର କେଳିସରୋବରେ । ୪୪

ବିମାନରେ ବସି ଅମରଗଣ
କରୁଥିଲେ ସୁଖେ ବିଶ୍ୱ ଲୋକନ,
ଏବେ ଦୈତ୍ୟ ଡରେ ସେଥୁ ବଞ୍ଚିତ
ହେବାରୁ ବିମାନପଥ ବାରିତ । ୪୫

ଯଜ୍ଞରେ ଯାଜ୍ଞିକେ ପବିତ୍ର-ମନେ
ଦିଅନ୍ତି ଯେ ହବ୍ୟ ଅମରଗଣେ,
ଦେଖ ଦେଖୁ ତା ନିଏ ଆମ୍ଭେ ଥାଇ
ଅଗ୍ନିମୁଖରୁ ମାୟାବୀ ଛଡ଼ାଇ । ୪୬

ଯେ ଉଚ୍ଚୈଃଶ୍ରବା ଶ୍ୱେତ ଅଶ୍ୱବର
ମୂର୍ତ୍ତିମନ୍ତ ଯଶ ବାସବଙ୍କର,
ସେ ଅଶ୍ୱରତନେ ହରିଲା ବଳେ
ପ୍ରତାପୀ ସେ ଦୈତ୍ୟ, ଲଜା ନ କରେ । ୪୭

ଯେତେ ଉପାୟ କଲୁଁ ଆମ୍ଭେମାନେ,
ସବୁ ବିଫଳ ହେଲା ତାହା ସ୍ଥାନେ,
ସନ୍ନିପାତ ଜ୍ୱରେ ହୁଏ ଯେମନ୍ତ
ନିଷ୍ଫଳ ତାର ଔଷଧ ଯାବତ । ୪୮

ଜୟ ଆଶା ଥିଲା ଯେ ସୁଦର୍ଶନେ,
ପିଙ୍ଗଳେ ତେଜ ଉଗାରି ତକ୍ଷଣେ
ଶୋଭିଲା ତାହା ସୁନାହାର ପ୍ରାୟେ
ଦୈତ୍ୟର କଣ୍ଠେ, ଆଜ କି ଉପାୟେ ! ୪୯

ପୁଷ୍କର ଆଦି ଜଳଧର ଅଙ୍ଗେ
ଖେଳନ୍ତି ଶୁଣ୍ଡ ପିଟି ନାନାରଙ୍ଗେ
ତାର ବାରଣେ ଅତି ମଦଭରେ
ଐରାବତ ଗଜେ ଜିଣି ସବଳେ । ୫୦

କର୍ମବନ୍ଧ ଛେଦେ ଧର୍ମକୁ ଯଥା
ଲୋଡ଼ଇ ମୁମୁକ୍ଷୁଜନ ସର୍ବଥା,
ତେହ୍ନେ ତାରକା ବଧେ ସେନାପତି
ଲୋଡ଼ୁଅଛୁଁ ଆମ୍ଭେ ହେ ପ୍ରଜାପତି ! ୫୧

ଯେ ସେନାମାନଙ୍କ କରି ପୁରଃସର
ପଶି ସମରେ ଦମ୍ଭେ ପୁରନ୍ଦର

Digitized by srujanika@gmail.com

ଆଣିବେ ଫେରାଇ ଜୟ-ଲକ୍ଷ୍ମୀକି,
ଶତ୍ରୁ ହସ୍ତୁଁ ଯେହ୍ନେ ବନ୍ଦୀ ନାରୀଙ୍କି । ୫୨

ଏମନ୍ତ କହି ଯହୁଁ ବାଚସ୍ପତି
ହେଲେ ନୀରବ, ତହୁଁ ପ୍ରଜାପତି
ଭାଷିଲେ ସବୁର ପ୍ରିୟ ବଚନ,
ଗର୍ଜନ ପରେ ବରଷା ଯେସନ । ୫୩

ସିଦ୍ଧ ହେବ ଏ ତୁମ୍ଭର କାମନା
ନ ହୁଅ ଅମରେ ଆଜ ଉନମନା,
କଳ୍ପକାଳ ଏଥି ପ୍ରତୀକ୍ଷା କର
ଏ ସୃଷ୍ଟିରେ ହାତ ନାହିଁ ଆମ୍ଭର । ୫୪

ଆମ୍ଭ ବରେ ଦୈତ୍ୟ ଲଭି ଉଦୟ
କେମନ୍ତେ ଏ ହସ୍ତେ ଭଜିବ କ୍ଷୟ ?
ବିଷବୃକ୍ଷକୁ ଆପଣେ ବଢ଼ାଇ
ଆପେ ଛେଦିବା କେବେ ନ ଯୋଗାଇ । ୫୫

ପୂର୍ବେ ଅସୁର ମାଗିଲା ଏ ବର,
ଶାନ୍ତ କଲି ବର ଦେଇ ସତ୍ୱର,
ଯେଣୁ ତା ଉଗ୍ର ତପଟି ବିଷମ
ଏ ତିନପୁର ଦହିବାକୁ କ୍ଷମ । ୫୬

ସମରେ ସେ ଦୈତ୍ୟ ହୋଇଲେ ଠିଆ,
କେ ସହିବ, ଅଛି ଏମନ୍ତ ହିଆ ?
ଏକା ସେ ନୀଳ-କଣ୍ଠ ବୀର୍ଯ୍ୟ ଜାତ
ସୁତକର ପାରେ ତାର ନିପାତ । ୫୭

ଅଟନ୍ତି ପରମ ଜ୍ୟୋତି ଶଙ୍କର
ଅତୀତ ସେହୁ ତାମସ ବିଶ୍ୱର,
ତାଙ୍କ ମହିମା ମୋତେ ଅଗୋଚର
ବୈକୁଣ୍ଠବାସୀ ବିଷ୍ଣୁଙ୍କୁ ଆବର । ୫୮

ଯାଅ ସରବେ କରିବ ଯତନ,
ଯୋଗେ ନିଶ୍ଚଳ ଏବେ ତାଙ୍କ ମନ,
ଆକର୍ଷିବ ଯତ୍ନେ ଉମା ରୂପରେ,
ଲୌହକୁ ଯେମନ୍ତେ ଅୟସ୍କାନ୍ତରେ । ୫୯

ଦୁହେଁ ସମାନ ଆମ୍ଭ ବେଦଙ୍କର
ବେପିତ ବୀଜ ଧାରଣେ ତତ୍ପର,
ସେ ଉମା ସତୀ ଅବା ଶମ୍ଭୁଙ୍କର
ତାଙ୍କର ମୂର୍ତ୍ତି ଜଳ ବା ଆମ୍ଭର । ୬୦

ସେ ଶିତିକଣ୍ଠଙ୍କ ହେଲେ କୁମର,
ସେନାପତି ହୋଇ ରଣେ ତୁମ୍ଭର
ସୁରବନ୍ଦୀମାନଙ୍କ ବେଣୀମୋକ୍ଷଣେ
କ୍ଷମ ସେହିଟି ଏକା ବୀରପଣେ ! ୬୧

ଏମନ୍ତ ଭଣି ଦେବେ, ଅନ୍ତର୍ଦ୍ଧାନ
ଭଜିଲେ ବ୍ରହ୍ମା ଅମର ପ୍ରଧାନ,
କର୍ତ୍ତବ୍ୟ ମନେ ମନେ ପାଞ୍ଚି ସୁରେ
ତହୁଁ ଚଳିଲେ ସବେ ସୁରପୁରେ । ୬୨

ଏଥିକି ମଦନ ଏକା ଭାଜନ,
ବିଚାରି ତକ୍ଷଣେ ପାକଶାସନ,
ସ୍ମରିଲେ ଦ୍ୱିଗୁଣ ଚଞ୍ଚଳ ମନେ
କାର୍ଯ୍ୟସିଦ୍ଧି ଅର୍ଥେ ମୀନକେତନେ । ୬୩

ସୁମରୁଁ ତତ୍କ୍ଷଣେ ଆସି ପୁଷ୍ପଶର
ଉଭା ବାସବ ପାଶେ ଯୋଡ଼ି କର,
ରତି-ବଳୟାଙ୍କିତ-କ୍ଷତ ଗଳେ
ଲମ୍ବିଛି ଫୁଲଧନୁ ମନୋହରେ,

ବେନି କୋଟି ତା ଆହା କି ଶୋଭନ
ଲଳନାଙ୍ଗୀର ଭ୍ରୂଲତା ଯେସନ
ସଖା ବସନ୍ତ ହସ୍ତେ ଯାର ଲକ୍ଷ
ଚୂତଅଙ୍କୁର ସାକ୍ଷାତେ ବିଶିଖ । ୬୪

ବ୍ରହ୍ମ-ସାକ୍ଷାତ୍କାର, ନାମ ଦ୍ୱିତୀୟ ସର୍ଗ ସମାପ୍ତ ।

Digitized by srujanika@gmail.com

ତୃତୀୟ ସର୍ଗ

ବରଜି ସକଳ ସୁରେ ପଡ଼ିଲ ସଘନେ
ସୁରେଶଙ୍କର ସହସ୍ର-ନେତ୍ର ସେ ମଦନେ,
ଥିଲେ ପ୍ରୟୋଜନ ଦାସ-ଜନେ ପ୍ରଭୁଙ୍କର
ହୁଏ ଏହିରୂପେ ସିନା ବିଶେଷେ ଆଦର । ୧

ବସ ଏ ଆସନେ ବୋଲି ନିଜ ସନ୍ନିଧାନେ
ବସାଇଲେ ଅପସରି ବାସବ ସମ୍ମାନେ,
କାମ ତହୁଁ ପ୍ରଭୁ ଆଜ୍ଞା ଶିରୋଧାର୍ଯ୍ୟ କରି
ଆରମ୍ଭିଲ ବଚନକୁ ରହସ୍ୟେ ଏପରି । ୨

ତୁମ୍ଭେ ପ୍ରଭୁ ଜ୍ଞାତସାର ଏ ତ୍ରିଭୁବନେ,
କିବା କାର୍ଯ୍ୟ ଅଛି ତବ କହନ୍ତୁ ସୁମନେ,
ସ୍ମରଣେ ମୋହର କଲେ ଅନୁଗ୍ରହ ଯାହା,
ଆଦେଶ ହେଲେ ଦ୍ୱିଗୁଣ ମଣିବି ମୁଁ ତାହା । ୩

କହ ଦେବ ! କିଏ ତବ ପଦ ଅଭିଳାଷୀ
ଉଗ୍ର ତପସ୍ୟାରେ ଦ୍ୱେଷ ଜନ୍ମାଇଲା ଆସି ?
ଯାବତ ହେବ ସେ ବଶ ମୋହ ଆଦେଶର,
ଏ କୁସୁମକୋଦଣ୍ଡରେ ଯୋଖିଦେଲେ ଶର । ୪

ଅବା କେହି ପୁନର୍ଜନ୍ମ-କଷଣକୁ ଡରି
ତୁମ୍ଭ ଅମତରେ ମୁକ୍ତି-ପଥ ଅଛି ଧରି ?
ବନ୍ଧନ ଲଭୁ ସେ ଚିରଦିନ ଭବଘୋରେ
ସୁନ୍ଦରୀଙ୍କ ସେ ତରଳ ଚାହାଣୀର ଡୋରେ ।

ଶୁଷ୍କ ମାତ୍ର ପଢ଼ିଥାଉ ପଛକେ ସେ ଅରି,
ପେଷିଲେ ତା ପାଶେ ଏବେ ଦେବ ଦୂର କରି
ବିଷୟବାସନାବଳେ ଧର୍ମ ଅର୍ଥ ତାର;
ନଦୀସ୍ରୋତ ଗ୍ରାସେ ବେନି ତଟେ ଯେ ପ୍ରକାର । ୬

ଅବା କେହି ପତିବ୍ରତା ନାରୀ ଚାରୁଶୀଳା
ରୂପଗୁଣେ ତୁମ୍ଭ ଚିତ୍ତ ଚଉ ବଳାଇଲା ?
କହ, ଛଡ଼ାଇବି ଲଜ, ଲମ୍ଭାଇବି ବଳେ
ସେହି ନିତମ୍ବିନୀ ବାହୁ-ପାଶ ତବ ଗଳେ । ୭

କହ ହେ କାମୁକ ! ଅବା ଅନ୍ୟାସଙ୍ଗ ଦୋଷେ
ପଦ ଧରି ମାଗିଲେହେଁ ଫିଙ୍ଗିଲା କେ ରୋଷେ ?
ଅଣାଇବି ଅନୁତାପ ବହ୍ନିତ ତା ମନେ,
ପଲ୍ଲବ-ଶଯ୍ୟାର ଆଶ୍ରା ଧରିବ ଯେସନେ ! ୮

ହୁଅ ସୁପ୍ରସନ୍ନ ଦେବ, ଥାଉ ବଜ୍ର ତବ
ମୋହର ଏ ପୁଷ୍ପଶରେ କହ କେ ଦାନବ
ହସଇ ସ୍ୱ-ବାହୁବଳ ଡରିବ ବହନେ
ରହିଁଲକ୍ଷଣୀ ରମଣୀ-ଅଧରକମ୍ପନେ ? ୯

ଧରି ଛୁର ଫୁଲଶର, ତୁମ୍ଭ କୃପା ହେଲେ,
ଏକା ବସନ୍ତକୁ ସାଥି ପାଇଲେ ମୁଁ ହେଳେ
କରି ପାରେଁ ସେ ପିନାକ-ଧାରୀ ହରଙ୍କର
ଧୈର୍ଯ୍ୟଭଙ୍ଗ, କିବା ଛୁର ଅନ୍ୟ ଧନୁର୍ଧର ! ୧୦

କଳ୍ପିତ ବିଷୟେ ଯହୁଁ ଆପଣାର ବଳ
ଜଣାଇଦେଲା ସେ ସ୍ମର, ତହୁଁ ଆଖଣ୍ଡଳ
ପାଦପୀଠେ ଥୋଇ ପାଦ ଉରୁଦେଶୁଁ ଆଣି
ହରଷେ ସେ ଫୁଲଶରେ ଭାଷିଲେ ଏ ବାଣୀ । ୧୧

ସଖେ, ତୁମ୍ଭଠାରେ କିଛି ନୁହେଁ ଅପ୍ରମାଣ,
ତୁମ୍ଭେ, ଏ କୁଳିଶ, ବେନି ମୋର ଶସ୍ତ୍ର ଜାଣ,
ମାଡ଼ି ନ ପାରଇ ବଜ୍ର, ଯହିଁ ତପୋବଳ ।
ସବୁଠାରେ ପାର ତୁମ୍ଭେ, ସାଧକ ମୋହର । ୧୨

ଜାଣଇଁ ମୁଁ ତୁମ୍ଭ ବଳ, ତେଣୁ ନିଜ ପରି
ଏ ମହତ କାର୍ଯ୍ୟେ କଲି ନିୟୋଗ ତୁମ୍ଭରି ।
ଦେଖି ବାସୁକିର ପୃଥ୍ୱୀ-ଧାରଣେ ଶକତି
ସ୍ୱଦେହ ବହନ ଭାର ଅର୍ପିଲେ ଶ୍ରୀପତି ! ୧୩

ଶରେ ହର ଧୈର୍ଯ୍ୟଚ୍ୟୁତ ହେବ ଯା ବୋଇଲ,
ତହିଁ ଆମ୍ଭ କାର୍ଯ୍ୟସିଦ୍ଧି ବୋଲି ଜଣାଇଲ !
ଯଜ୍ଞଭାଗୀ ଦେବଙ୍କର ଅରାତି ପ୍ରବଳ
ଏବେ ଏହି କାର୍ଯ୍ୟ ଏକା ହୋଇଛି ସମ୍ବଳ । ୧୪

Digitized by srujanika@gmail.com

ସେହି ଶିବ ବଧେ ସର୍ବ-ଦେବେ ଏ ଇଚ୍ଛନ୍ତି,
ହର ବୀର୍ଯ୍ୟୁଁ ଜାତ ସୁତ ହେବେ ସେନାପତି,
ପରଂବ୍ରହ୍ମେ ଲଗ୍ନ ସଦା ଆତ୍ମା ତାହାଙ୍କର,
ତୁମ୍ଭର ବାଣେ ସେ ସାଧ୍ୟ ଅଟନ୍ତି କେବଳ । ୧୫

କର ଯତ୍ନ ଯୋଗୀଶ୍ବର ମଜ୍ଜିବେ ଯେମନ୍ତେ
ବ୍ରତଶୀଳା ହୈମବତୀ ଦେବୀଙ୍କ ସଙ୍ଗତେ,
କହିଛନ୍ତି ବ୍ରହ୍ମା ସେହି ଉମା ଏକା କ୍ଷମା
ତଦ୍‌ବୀର୍ଯ୍ୟ ଧାରଣେ ନାରୀ-କୁଳେ ନିରୁପମା । ୧୬

ଶୁଣିଛୁ ଅପ୍‌ସରୀ ମୁଖୁଁ, ପିତାଙ୍କ ଆଦେଶେ
ସେବନ୍ତି ପାର୍ବତୀ ଏବେ ଗିରିଶିଖଦେଶେ
ତପସ୍ୟାନିରତ ସେହି ଯୋଗୀ ମହେଶ୍ବରେ,
ନୁହଇ ଯା ମିଥ୍ୟା, ଯେଣୁ ସେ ମୋ ଗୂଢ଼ଚରେ । ୧୭

ଯାଅ ତେବେ, ସାଧ କାର୍ଯ୍ୟ ବେଗେ ଦେବଙ୍କର
ଏ କାର୍ଯ୍ୟ କାରଣାନ୍ତର ସାଧ୍ୟ ପରା ସ୍ମର?
ତୁମ୍ଭଙ୍କୁ ଊଣାଏ ଏହା ପ୍ରଧାନକାରଣ
ନ ଉଠେଣ୍ଟୁ ବୀଜାଙ୍କୁର ଜଳକୁ ଯେସନ । ୧୮

ହର ପ୍ରତି ଶର ଗତି ଥିବାରୁ ତୁମ୍ଭର
ସୁରଙ୍କ ବିଜୟ ହେବ, ଧନ୍ୟ ତୁମ୍ଭେ ସ୍ମର !
ନ ହେଉ ବିଖ୍ୟାତ ପଛେ, ଯା ଅସାଧାରଣ,
ସେ କର୍ମ ପୁଂସର ହୁଏ ଯଶ-ବିବର୍ଦ୍ଧନ । ୧୯

ଦେଖ ସଖେ, ଯାଚକ ଏ ସକଳ ଅମର,
ଏ କାର୍ଯ୍ୟଟି ପ୍ରିୟ ପୁଣି ତ୍ରିଭୁବନର,
ତୁମ୍ଭର ଧନୁରେ ହେବ, ନୁହେ ହିଂସ୍ର ଅତି
ଧନ୍ୟ ତୁମ୍ଭ ପରାକ୍ରମ ଅଦ୍ଭୁତ ଶକତି । ୨୦

ପ୍ରିୟ ସହଚର ମଧୁ ବିନା ପ୍ରବର୍ତ୍ତନେ
ସହାୟ ହୋଇବ ନିଶ୍ଚେ ଏ କାର୍ଯ୍ୟ ସାଧନେ,
କହିଥାଏ କେବେ କେହି ଭଲ ସମୀରଣେ
ହୁତାଶନର ସହାୟ ହୁଅ ଏ ଭୁବନେ ? ୨୧

ହେଉ, ବୋଲି ଶିରେ ତହୁଁ ଆଜ୍ଞାକୁ ମଦନ
ଫୁଲମାଳ ପ୍ରାୟେ ଘେନି ଚଳିଲା ବହନ,
ପରଶିଲେ ଇନ୍ଦ୍ର ତାର ଅଙ୍ଗ ପ୍ରେମଭରେ
ସେ ଐରାବତ-ପ୍ରହାର-କରକଶ କରେ । ୨୨

ପ୍ରିୟବନ୍ଧୁ ମଧୁ ତହିଁ ଚଳଲେ ଗହଣେ,
ପଛେ ପଛେ ରତିଦେବୀ ଶଙ୍କାକୁଳ ମନେ,
ଶରୀର ପାତନେ ଭବ କାର୍ଯ୍ୟର ସାଧନ
ହିମାଦ୍ରିର ହରାଶ୍ରମେ ଚଳିଲା ମଦନ । ୨୩

ଉଇଁଲା ବସନ୍ତ ଋତୁ ସେହି ତପୋବନେ
ନିଜ ରୂପ ଧରି, ଯହିଁ ଗର୍ବ କରେ ମନେ
ସେ ପୁଷ୍ପଶର ମଦନ ; ଯୋଗୀ ଋଷିଙ୍କର
ଯୋଗଧ୍ୟାନେ ପ୍ରତିକୂଳ ହୋଇଣ ସତ୍ବର । ୨୪

ଉତ୍ତର ଆଡ଼କୁ ଯହୁଁ ପ୍ରଚଣ୍ଡ ତପନ
ଯିବାକୁ ବସିଲେ କରି ସମୟ ଲଙ୍ଘନ,
ତା ଦେଖି କି ଦକ୍ଷିଣାଶା ଛାଡ଼ି ରବି-ଆଶ
ମଳୟ ମାରୁତ ଛଳେ ତେଜିଲା ନିଶ୍ବାସ ? ୨୫

ଫୁଟିଲା ଅଶୋକ ଦେଖୁ ଦେଖୁ ଡାଳେ ଡାଳେ
ପଲ୍ଲବ ସହିତେ ମୂଳେ ସ୍କନ୍ଧରେ ଅକାଳେ,
ନ ଗୃହିଁଲା ସୁନ୍ଦରୀଙ୍କ ଚରଣ ତାଡ଼ନ
ଶୁଭେ ମନୋହର ଯହିଁ ନୂପୁରନିକ୍ବଣ । ୨୬

ନବ ରସାଳପଲ୍ଲବେ କରି ବାଣ ଫଳ
ଚୂତାଙ୍କୁର ବାଣ ଯହୁଁ ସାରିଲକ ଗଢ଼ି,
ବସାଇଲା ତା ଉପରେ ମଧୁ, ଭୃଙ୍ଗାବଳୀ
ମନ୍ମଥର ନାମାକ୍ଷର ପରାୟେ ତା ଝଳି । ୨୭

କର୍ଣ୍ଣେ କର୍ଣ୍ଣିକାର ଫୁଲ ହେଲେହେଁ ମଞ୍ଜୁଳ
ବାସ ନ ଥିବାରୁ ହେଲା ମାନସକୁ ଶୂଳ,
ସର୍ବଗୁଣେ ସାମଗ୍ରୀର ପୂର୍ଣ୍ଣତା ବିଧାନେ
ବିମୁଖ ବିଧିର ବୁଦ୍ଧି ପ୍ରାୟ ସବୁସ୍ଥାନେ । ୨୮

ଦରବିକଶିତ ରଙ୍ଗପଲାଶ-ମୁକୁଳ
ବାଳେନ୍ଦୁ ପରାୟେ ଦିଶେ ବଙ୍କିମ ମଞ୍ଜୁଳ,
ବସନ୍ତର ସମାଗମେ ବନ-ଭୂମି ଅଙ୍ଗେ
ସଜ ନଖକ୍ଷତ କି ସେ ରାଜଇ ସୁରଙ୍ଗେ ? ୨୯

ମଣ୍ଡାଇ ମଧୁଶ୍ରୀ, ଭାଲେ ତିଳକ ପରାୟେ
ଗର୍ବ-ଭୃଙ୍ଗ-କଜ୍ଜଳିତ ତିଳଫୁଲ ଛୁଏଁ,

Digitized by srujanika@gmail.com

ବାଳଅରୁଣ ସୁନ୍ଦର ପାଟଳବରଣେ
ରସାଳପଲ୍ଲବାଧର ମଣ୍ଡିଲା ଯତନେ । ୩୦

ଏବେ ଏ କାନନଭୂମି ସଦା ମରମରେ
ଗାନ୍ତି ପକ୍ଷାବଳୀ ପାଟେ, ତହିଁ ମଦଭରେ ।
ଦକ୍ଷିଣେ ପବନମୁଖେ କରୁଁ ବିଚରଣ
ପିୟାଳ ମଞ୍ଜରୀ ଧୂଳି ରୋଧଇ ନୟନ । ୩୧

ଚୂତାଙ୍କୁର ଖାଇ ଏବେ ସୁମଧୁର କଣ୍ଠେ
ଗାଇଲା କୋକିଳ ଯାହା ଡାଳେ ବସି ହଠେ,
ମାନିନୀର ଅଭିମାନ-ଭଙ୍ଗେ ତାହା ଜାଣ
ହୋଇଲା ମନସିଜର ବଚନ-ପ୍ରମାଣ । ୩୨

ଶିଶିରର ଅନ୍ତେ ଏବେ ଦିଶଇ ବିମଳ
କିନ୍ନର-ସୁନ୍ଦରୀଙ୍କର ମଳିନ ଅଧର,
ମୁଖମଣ୍ଡଳର କାନ୍ତି ଆହା କି ଉଜ୍ଜ୍ୱଳ !
ମୃଗମଦପତ୍ରେ ସ୍ୱେଦ-ବିନ୍ଦୁ ଢଳ ଢଳ । ୩୩

ସେ ରୁଦ୍ରବନେଟି ଥିଲେ ଯେତେ ତପୋଧନ
ଏ ଅକାଳ ବସନ୍ତର ଦେଖି ଆଗମନ
ହୃଦୟ-ବିକାର ସେହୁ ବହୁତ ଯତନେ
ନିରୋଧିଲେ ଅଭ୍ୟନ୍ତରେ ଧୈର୍ଯ୍ୟ ଧରି କ୍ଷଣେ । ୩୪

ମିଳିଲା ମଦନ ଧରି ଫୁଲଧନୁ କରେ
ରତି ସଙ୍ଗେ ସେ ବିପିନେ ଯହୁଁ ମଦଭରେ,
ପ୍ରକାଶିଲେ ଚରାଚର ସକଳ ଦମ୍ପତି
କାଷ୍ଠା-ଗତ ପ୍ରେମରସ-ଭାବକୁ ଝଟିତି । ୩୫

ଏକା ଫୁଲେ ବସି ପାନ କଲା ମକରନ୍ଦେ
ଭ୍ରମରୀ ଅନୁଗତେ ଭୃଙ୍ଗ-ବର ମହାନନ୍ଦେ,
ଶୃଙ୍ଗେ କୁରଙ୍ଗୀ ଅଙ୍ଗେ ଘଷେ କୃଷ୍ଣସାର,
ସ୍ପର୍ଶସୁଖେ ନିମୀଳିତ ନୟନ ତାହାର ! ୩୬

ତାଳିଲା କରିଣୀ ରସେ କରିବର ତୁଣ୍ଡେ
ପଦ୍ମରେଣୁସୁବାସିତ ଜଳ ଭରି ଶୁଣ୍ଡେ,
ଅର୍ଦ୍ଧଭୁକ୍ତ ମୃଣାଳରୁ ଖଣ୍ଡେ ଦେଲା ସୁଖେ
ରଥାଙ୍ଗ ଦିଅଇ ରଙ୍ଗେ ରଥାଙ୍ଗୀର ମୁଖେ । ୩୭

ଘୂର୍ଣ୍ଣିତ ନୟନ ଫୁଲ ମଦିରା ପାନରେ,
ଶ୍ରମଜଳ ଝରି ଗଲେ ପତ୍ରାବଳୀ ଝଲେ,
ଗାନେ ରତ କିନ୍ନରୀଏ ଏହି ଅବସରେ,
ଚୁମ୍ବିଲେ ପ୍ରେୟସୀ ମୁଖ ପୁଲକେ କିନ୍ନରେ । ୩୮

ସ୍ଥାବର ପାଦପେ ମଧ୍ୟ ଲଭିଲେ ସେ ଦେଶେ
ନତଶାଖା ଭୁଜେ ଲତା-ବଧୂର ଆଶ୍ଳେଷେ,
କୁସୁମ-ସ୍ତବକାବଳୀ ଯେହ୍ନେ ପୟୋଧର,
ନବୀନ ପଲ୍ଲବ ତାଙ୍କ ଅଧର ସୁନ୍ଦର । ୩୯

ଏକାଳେ କିନ୍ନରୀ ଗୀତ ଶୁଣିଲେହେଁ ହର
ଥିଲେ ସେହିମତେ ଆତ୍ମ-ଧ୍ୟାନେ ତତ୍ପର,
ଅଟନ୍ତି ଯେ ଯୋଗୀ ପ୍ରଭୁ ଆପଣା ଆତ୍ମାର,
ତାଙ୍କ ଧ୍ୟାନଭଙ୍ଗେ ଏହି ବିଘ୍ନ କିବା ଛାର ! ୪୦

ଲତାଗୃହଦ୍ୱାରେ ଏବେ ଉଭା ଆସି ନନ୍ଦୀ
ଧରି ଏକ ହେମବେତ୍ର ବାମକରେ ଛନ୍ଦି,
ବଦନେ ତର୍ଜନୀ ଦେଇ ସେ ପ୍ରମଥଗଣେ
ଆକଟିଲା 'ଶାନ୍ତହୁଅ' ସଙ୍କେତନୟନେ ! ୪୧

ନିଷ୍କମ୍ପ ହେଲେ ପାଦପେ ମଧୁପେ ନୀରବ,
ନ ଚଳିଲେ ମୃଗେ, ଖଗେ ନ କରିଲେ ରବ,
ନନ୍ଦୀର ଶାସନେ ଯେହ୍ନେ କାନନ ସମସ୍ତ
ଚିତ୍ରପିତୁଳା ପରାୟେ ହୋଇଲା ତଟସ୍ଥ । ୪୨

ଲୁଚି ପ୍ରବେଶିଲେ କାମ ସେ ଆଶ୍ରମଠାରେ
ପଛପଟୁଁ ଦେବଦାରୁ-ବୃକ୍ଷ ଅନ୍ତରାଳେ,
କେଜାଣି ପଡ଼ିବ ଭୂତ-ପତିଙ୍କ ଆଗରେ ?
ଶୁକ୍ର ସମ୍ମୁଖରେ ଥିଲେ କେବା ଯାତ୍ରା କରେ ! ୪୩

ଦେବଦାରୁଦ୍ରୁମେ କେଡ଼ା ଅପୂର୍ବ ଗଠନ,
ଶାର୍ଦ୍ଦୂଳଚର୍ମରେ ତହିଁ ଦେବ ତ୍ରିଲୋଚନ
ବସି ଯୋଗାସନେ ଏବେ ଧ୍ୟାନେ ନିମଗନ,
ମରଣ ଘୋଟିଲା ତାଙ୍କୁ ଭେଟିଲା ମଦନ । ୪୪

ବୀରାସନେ ପୂର୍ବକାୟ ଥିଲା ସୁନିଶ୍ଚଳ,
ନତ ସ୍କନ୍ଧଦ୍ୱୟ, ବପୁ ବିଶାଳ ସରଳ,

Digitized by srujanika@gmail.com

ଊର୍ଦ୍ଧ୍ୱତଳ ବେନି କରି ଯୋଡ଼ିଭାବେ ରହି
ପ୍ରଫୁଲ୍ଲ କମଳ ପ୍ରାୟେ ଅଙ୍କେ ବିରାଜଇ । ୪୫

ସର୍ପେ ଜଟାଜୂଟ ଘେରା ହୋଇ ସରି ସରି
କର୍ଣ୍ଣଯୁଗେ ଦୋଳେ ଅକ୍ଷ-ମାଳ ଦୁଇ ସରି,
ଗ୍ରନ୍ଥିମାନ କୃଷ୍ଣାଜିନ ଶୋହେ ଗୁରୁ ଅଙ୍ଗେ,
ବଢ଼ିଛି ନୀଳିମା ଯାର ନୀଳକଣ୍ଠ ସଙ୍ଗେ । ୪୬

ନିଶ୍ଚଳ ଚକ୍ଷୁର ଡୋଳା ଅଳ୍ପ ଉନ୍ମୀଳିତ,
କମ୍ପହୀନ ପକ୍ଷ୍ମମାଳ ଭ୍ରୂକ୍ଷେପରହିତ,
ତଳକୁ ପଡ଼ଇ ଦୃଷ୍ଟି ପଲକ ବିହୁନେ
ସ୍ଥିର ଲକ୍ଷ୍ୟ ରହିଅଛି ତୀକ୍ଷ୍ଣ ନାସା-ମୂନେ । ୪୭

ପ୍ରାଣବାୟୁ ନିରୋଧରୁ ଦିଶନ୍ତି ନିଶ୍ଚଳ,
ଜଳବରଷଣ ବିନା ଯେସନେ ଜଳଧର,
ଜଳପୂର୍ଣ୍ଣ ହ୍ରଦ ଯଥା ବିନା ତରଙ୍ଗରେ,
ନିଷ୍କମ୍ପ ପ୍ରଦୀପ ଅବା ନିବାତ ସ୍ଥଳରେ । ୪୮

ଭେଦି ବ୍ରହ୍ମରନ୍ଧ୍ର ସ୍ଫୁରେ ଦିବ୍ୟ ଜ୍ୟୋତି-ରେଖା
କପାଳ ନୟନେ ଆସି ଦିଅନ୍ତି ସେ ଦେଖା
ଭାଲସ୍ଥିତ ବାଳଇନ୍ଦୁ ଯାଉଛି ମଉଳି,
ମୃଣାଳସୂତ୍ରୁ ଯା କଳା କୋମଳା ଆହୁରି । ୪୯

ନବଦ୍ୱାରରୁ ନିରୁଦ୍ଧ ଚିତ୍ତବୃତ୍ତି କରି
ପ୍ରଣିଧାନବଶ୍ୟ ସେହି, ହୃଦପୂରେ ଧରି
ଅବିନାଶୀ ବୋଲି ଯାଙ୍କୁ ଜାଣେ ଜ୍ଞାନୀଜନ
ଆତ୍ମାକୁ ଆତ୍ମାରେ ସଦା କରନ୍ତି ଦର୍ଶନ । ୫୦

ଏମନ୍ତ ବିଷମରୂପ ଯହୁଁ ସେ ମଦନ
ଭେଟିଲା, ହଟିଲା ଆଶା ଖସିଲା ତକ୍ଷଣ
ଫୁଲଶରାସନ, ଭୟେ ସର୍ବାଙ୍ଗ ଥରିଲା,
ଆପଣା ହାତୁ ବିଚ୍ୟୁତ ହେବା ନ ଚେତିଲା । ୫୧

ଏକାଳେ ଦେଖିଲା କାମ ବେନି ସଖୀ ସଙ୍ଗେ
ଆସିଲେ ନଗେନ୍ଦ୍ରଜେମା ବନ୍ଦନା-ପ୍ରସଙ୍ଗେ,
ମନୋହର ରୂପଗୁଣେ ତେଜି କି ଉଠିଲା
କାମର ସେ ବଳବୀର୍ଯ୍ୟ, ଯାହା ହଜିଥିଲା ? ୫୨

ବସନ୍ତ ପୁଷ୍ପଭୂଷଣେ ବିରାଜନ୍ତି ଧନୀ,
ଅଶୋକ କୁସୁମ ଦିଶେ ପଦ୍ମରାଗମଣି !
ସୁବର୍ଣ୍ଣକୁ ଜିଣି ଦିଶେ କର୍ଣ୍ଣିକାର ଫୁଲ,
ସିନ୍ଧୁବାର ଫୁଲେ ମୁକ୍ତାହାର ନୁହେ ତୁଲ । ୫୩

କିଞ୍ଚିତ ଆନତା ଦେବୀ ପୟୋଧରଭରେ,
ତରୁଣ-ଅରୁଣ କାନ୍ତି ପିନ୍ଧା ବସନରେ,
ସତେ କି ସ୍ତବକ-ନତା ଲତିକା ସୁନ୍ଦରୀ
ପଲ୍ଲବମଣ୍ଡିତା ହୋଇ ଚଳେ ଢଳି ଢଳି ? ୫୪

ନିତମ୍ବୁ ବକୁଳମାଳ ଖସେ ଘନ ଘନ,
ବାରମ୍ବାର କରେ ଧନୀ କରନ୍ତି ଧାରଣ,
ନହିଛି କି ଫୁଲଧନୁ ତହିଁ ସ୍ଥାନ ଜାଣି
ଆପଣା ଧନୁର ନୂଆ ଗୁଣ ଅବା ଆଣି ? ୫୫

ସୁଗନ୍ଧ ନିଶ୍ୱାସ ଗନ୍ଧେ ଅନ୍ଧ ଅଳିକୁଳ
ବିମ୍ବାଧର ପାଶେ ଆସି କରନ୍ତି ଆକୁଳ,
କ୍ଷଣେ କ୍ଷଣେ କରେ ଚଳ ଲୀଳା-ଅରବିନ୍ଦ
ତଡ଼ନ୍ତି ସେ ତରଳାକ୍ଷୀ ସମ୍ଭ୍ରମେ ମିଳିନ୍ଦ ! ୫୬

ସର୍ବାଙ୍ଗସୁନ୍ଦର ତନୁ, ନାହିଁ ବାଛିବାକୁ,
ଲଜ୍ଜା ପାଇବଟି ରତି ଦେଖିଲେ ଯାହାକୁ !
ଅନାଇ ତା ଫୁଲଧନୁ ବାନ୍ଧିଲା ସାହସ
ଯୋଗୀ ଶିବେ କାର୍ଯ୍ୟସିଦ୍ଧି ହୋଇବ ଅବଶ୍ୟ । ୫୭

ଉଷା ହେଲେ ଉମା ଆସି ମନୋହରବେଶେ
ସ୍ୱାମୀ ପତି ଭୂତ-ପତି-ପୀଠଦ୍ୱାରଦେଶେ ;
ହୃଦ ମଧ୍ୟେ ପରଂବ୍ରହ୍ମ ଜ୍ୟୋତି ଦରଶନ
ଲଭି ହର ବିରମିଲେ ଯୋଗରୁ ତକ୍ଷଣ । ୫୮

ଧୀରେ ପ୍ରାଣବାୟୁ ଯହୁଁ ଛାଡ଼ିଲେ ଶଙ୍କର
ଅତି କଷ୍ଟେ ଫଣି-ପତି ସହିଲା ସେ ଭର
ସହସ୍ରଫଣାରେ କରି ଧରଣୀ-ଧାରଣ ;
ଧୀରେ ଶିବ ଫିଟାଇଲେ ତହୁଁ ବୀରାସନ । ୫୯

ପ୍ରଣମି ଚରଣେ ନନ୍ଦୀ ଭଣିଲା ସେକାଳେ,
ସେବା ଲାଗି ହୈମବତୀ ଉଷା ଏବେ ଦ୍ୱାରେ,

Digitized by srujanika@gmail.com

ନେଇ ସଙ୍କେତ୍ତୁ ପ୍ରଭୁଙ୍କ ଅନୁମତି ପାଇ
ଆଣିଲା ଦେବୀଙ୍କି ପାଶେ ତହୁଁ ମଣାଇ । ୬୦

ନବବସନ୍ତର ଯେତେ ଫୁଲ ମନୋହର
ତୋଳିଥିଲେ ଗୌରୀ ନିଜ କରେ ସେ ସକଳ,
ପଲ୍ଲବ-ଖଣ୍ଡ ମଣ୍ଡିତ ସେହି ପୁଷ୍ପାବଳୀ
ଯେନ ବେନି ସଖୀ ଦେଲେ ଚରଣେ ଅଞ୍ଜଳି । ୬୧

ମସ୍ତକ ନୁଆଇଁ ଉମା ବୃଷଭବାହନେ
ପ୍ରଣାମ କରନ୍ତେ, ଖସି ପଡ଼ିଲା ତକ୍ଷଣେ
ସୁନୀଳ ଅଳକାମଧ୍ୟୁ ନବ କର୍ଣ୍ଣିକାର,
ବେନି ଶ୍ରବଣୁଁ ପଲ୍ଲବ-ଭୂଷା ସୁକୁମାର । ୬୨

ଭଣିଲେ ଯା, ତଥ୍ୟ ତାହା ପରିତୋଷେ ଭବ
'ଅନ୍ୟ ନାରୀ–ଅନାସକ୍ତ ବର ତୁମ୍ଭେ ଲଭ',
ମହତ ଜନେ ସୁମନେ କହନ୍ତି ଯେ କଥା,
ଏ ମହୀମଣ୍ଡଳେ କେବେ ନୁହଇ ଅନ୍ୟଥା । ୬୩

ବାଣ ବେଳ ଜାଣି କାମ ହେଲା ହୃଷ୍ଟମନ,
ଅନଳ ଦେଖି ପତଙ୍ଗ ଯେସନେ ଛନଛନ,
ଉମାଙ୍କ ସାକ୍ଷାତେ ଲକ୍ଷ୍ୟ ରଖି ତ୍ରିଲୋଚନେ
ଧନୁରେ ଚଢ଼ାଇ ଗୁଣ ଟାଣିଲା ସଘନେ । ୬୪

ବଢ଼ାଇ ଦେଲେ ପୁଷ୍କର ମାଳ ସେକାଳରେ
ରଙ୍ଗ କରେ ଧରି ଗୌରୀ ଯୋଗୀ ମହେଶ୍ୱରେ,
ମନ୍ଦାକିନୀ ବକ୍ଷେ ଫୁଟେ ଯେ ଗୁରୁ ବାରିଜ
ରବିକର-ବିଶୋଷିତ ତାହାର ଏ ବୀଜ ! ୬୫

ପ୍ରଣୟୀ ଜନର ପ୍ରିୟ ଥିବାରୁ ଶଙ୍କର
ନେବାପାଇଁ ସେହି ମାଳା ବଢ଼ାଇଲେ କର,
ସମ୍ମୋହନ ନାମେ ବାଣ ରଖିଥିଲା ବାଛି,
ଧନୁରେ ବସାଇ କାମ ଏବେ ଦେଲା ଲାଛି । ୬୬

କିଞ୍ଚିତେ ସେ ଅସମ୍ଭାଳ ହୋଇଲେ ଶଙ୍କର,
ଚନ୍ଦ୍ରୋଦୟ କାଳେ ଯେସନେ ଉଛୁଳେ ସାଗର ।
ସ୍ନେହଭରେ ଅନାଇଲେ ସେ ତିନି ନୟନେ
ବିମ୍ବ-ବିମ୍ବାଧର ଗୌରୀ ବଦନକୁ କ୍ଷଣେ । ୬୭

ଗିରିଜା ଅଙ୍ଗେ ଅନଙ୍ଗ-ବିକାର ଉଇଁଲା
କଦମ୍ବକେଶର ପ୍ରାୟେ ରୋମ ଟାଙ୍କୁରିଲା,
ଲଜ୍ଜାରେ ଫେରାଇ ମୁଖ ଆହା କି ଛଳରେ
ଆଡ଼ ନୟନରେ ଥରେ ଥରେ ଅନାଇଲେ ! ୬୮

ଜିତେନ୍ଦ୍ରିୟ ବୋଲି ସେହିକ୍ଷଣି ତ୍ରିଲୋଚନ
ଇନ୍ଦ୍ରିୟ ବିକାର ଅଚେ କରି ସଂବରଣ
ଚିତ୍ତ-ବିକୃତିର ହେତୁ ନିରେଖିବା ପାଇଁ
ସକଳ ଦିଗନ୍ତେ ଦୃଷ୍ଟି ଦେଲେ ସେ ପକାଇ । ୬୯

ଦେଖିଲେ ଅଦୂରେ ଉଭା କାମ ନତସ୍କନ୍ଧେ
ଦକ୍ଷିଣ ଅପାଙ୍ଗ ପାଶେ ରଖି ମୁଷ୍ଟିବନ୍ଧେ,
ସଙ୍କୋଚ ବାମ ଜାନୁକୁ ଚକ୍ରାକାର ରୂପେ
ଫୁଲବାଣ ଲାଛିବାକୁ ବସିଛି ପ୍ରତାପେ । ୭୦

ତପୋବିଘ୍ନ ଦେଖି ହର କୋପିଲେ ବିଶେଷେ,
କୁଟିଳ ଭ୍ରୁକୁଟି ଦେଖା ଦେଲା ମୁଖଦେଶେ,
ଗୃହୁଁ ଗୃହୁଁ ଅତର୍କିତେ ତୃତୀୟ ନୟନ
ଭେଦି ନିଃସରିଲା ଅଗ୍ନି ନୟନ-ଧର୍ଷଣ । ୭୧

'ସଂହର ସଂହର ପ୍ରଭୋ ! କ୍ରୋଧକୁ ସଂହର'
ଯାବତ ଏ ଗିର ଶୂନ୍ୟେ ସୁରଗଣଙ୍କର,
ସଞ୍ଚରି ଗଲା ତକ୍ଷଣେ ଭବନେତ୍ରୁ ଜାତ
ଜାତବେଦ ସେ ମଦନେ କଲା ଭସ୍ମସାତ । ୭୨

କିନ୍ତୁ ନୁହେ ରତିର ସେ ଦୁଃସହ ବେଦନା,
ହଜିଗଲା ବାହାଜ୍ଞାନ ବୁଡ଼ିଲା ଚେତନା,
ପତିର ମରଣ ତେଣୁ କ୍ଷଣେ ନ ଜାଣିଲା,
ସେ ମୂର୍ଚ୍ଛା ସତୀକୁ ବଡ଼ ହିତଟି ହୋଇଲା । ୭୩

ଭୀଷଣ ଅଶନିପାତେ ପାଦପେ ଯେସନ
ତପୋବିଘ୍ନକାରୀ କାମେ ବିନାଶି ବହ୍ନନ,
ଚଳିଲେ ସେ ଭୂତପତି ଘେନି ଭୂତଗଣ
ଉଚିତ ବିଚାରି ନାରୀ-ସଙ୍ଗ ବରଜନ । ୭୪

ପିତାଙ୍କର ଅଭିଳାଷ ହୋଇଲା ବିଫଳ,
ଆପଣାର ସେ ଲଳିତ ବରାଙ୍ଗ ଆବର,

Digitized by srujanika@gmail.com

ବଗ୍ବର ମଜନେ ଗୌରୀ ଅତି ଦୁଃଖଭରେ
ସଖୀଙ୍କ ଆଗେ କି ଲଜେ କାତୁଡ଼ିଲେ ଘରେ । ୭୫

ରୁଦ୍ର, କୋପ ଦେଖି ତ୍ରାସେ ମୁଦିଲା ନୟନ,
ଆପଣା କନ୍ୟାକୁ ଜାଣି ଧରିଲେ ବହନ ।

ଭୁଜକୁ ପ୍ରସାରି ଗିରି-ରାଜ ଦୟାବନ୍ତ
ଦନ୍ତଲଗ୍ନ ନଳିନୀକି ଯେହ୍ନେ ଐରାବତ,

ଚାଲିଲେ ବେଗରେ ରାଜମାର୍ଗେ ଦେଇ ପଦ
ବଢ଼ିଯାଏ କାୟା, ଯେହ୍ନେ ସେ ଗଜ ସମଦ । ୭୬

'ମଦନ ଦହନ' ନାମ ତୃତୀୟ ସର୍ଗ ସମାପ୍ତ ।

ଚତୁର୍ଥ ସର୍ଗ

ଚେତ ଉଠିଲା ତହୁଁ ଚିର ମୂର୍ଚ୍ଛିତା
ପତିଶୋକେ ବିବଶା କାମବନିତା,
ନବ ବୈଧବ୍ୟ ଦଶା ଭୁଞ୍ଜିବା ପାଇଁ
ଦେଲା ବାମ ବିଧି ତାକୁ ଚେତାଇ ? ୧

ଉନ୍ମୀଳି ନେତ୍ର ବେନି ମୋହ ଅନ୍ତରେ
ନିହାଳି ବରାରୋହା ତହିଁ ଉପରେ,
ଅତୃପ୍ତ ନୟନରେ ନିରେଖି ସଖି
ପତିକି ନ ଜାଣିଲା ଲୁପ୍ତ ମୂରତି । ୨

ସତେ କି ଜୀବିତେଶ, ଅଛ ଜୀବନେ
ବୋଲି ଉଠିଲା ଶୋକେ ରତି ସଘନେ,
ଦେଖିଲା ପୁଂସରୂପ ଅବନୀତଳ
ଶଙ୍କର-କୋପାନଳ-ଭସ୍ମ କେବଳ ! ୩

ଅତି ବିହ୍ୱଳେ ପୁଣି ଉଠି ସେ ଧନୀ
ମହୀରେ ଲୋଟି ଧୂଳିଧୂସରସ୍ତନୀ
କନ୍ଦାଇ ନିଜ ଦୁଃଖେ ବନସ୍ଥଳୀକି
କାନ୍ଦିଲା ମୁକୁଳିତ କୁନ୍ତଳା ନିକି ? ୪

ସରି ନାହିଁ ଯାହାକୁ ସୁନ୍ଦରପଣେ
ଦେବାକୁ ପଟାନ୍ତର ଏ ତ୍ରିଭୁବନେ,
ବିଳାସୀ ଜନଙ୍କର ଉପମା ସାର
ସେ ଅପଘନ ଆଜି ଭସ୍ମ ଅସାର !

ନ ଫାଟି ଯା ହୃଦୟ ରହିଛି ମୋର,
ଧିକ ନାରୀ ଜୀବନ ଏଡ଼େ କଠୋର ! ୫

କ୍ଷଣକେ ତ୍ରୁଡ଼ ନାଥ, ଚଳିଲ କାହିଁ
ପ୍ରେମ ବନ୍ଧନ ଡୋରି ଦେଲେ ଛିଣ୍ଡାଇ,

ନିରତେ ତବ ପ୍ରେମ ସଳିଳେ ବୁଡ଼ି
ଥିଲା ଏ ଦାସୀ, ବନ୍ଧ ଗଲେ ଭୁସୁଡ଼ି
ଜଳ ବିନା ପଲକେ ଯେହ୍ନେ ନଳିନୀ
ତେସନ ଆଜି ସିନା ଏ ଅଭାଗିନୀ ! ୬

କରିନାହିଁ ଅପ୍ରିୟ ମୋର ଏ ଭବେ,
କରି ନାହିଁ ଅପ୍ରିୟ କେବେ ମୁଁ ଲବେ,
ତେବେ ନ ଦିଅ କିପାଁ ଅକାରଣରେ
ରୁଦତୀ ଏ ରତିରେ ଦର୍ଶନ ଥରେ ? ୭

ସ୍ମରୁଛ କିବା ସ୍ମର ! ନାମ ସ୍ଖଳନ-
କାଳରେ ମୋର ସେହି କାଞ୍ଚିବନ୍ଧନ ?

ଅଥବା ଫୁଲଶର ପଡ଼େ ମନରେ
ଯେ ପଦ୍ମ ଶୋଭା ପାଏ ଗଣ୍ଡ ଉପରେ,
ସେ ଧୂଳିଭରା ଫୁଲେ ଯେବେ ତାଡ଼ନ
କଲୁଁ ପ୍ରେମରେ, ଡରେ ବୁଜ ନୟନ । ୮

'ମୋ ହୃଦୟବାସିନୀ' ବୋଲୁଛି ଯାହା
ବଖାଣୁଥାଅ ମିଥ୍ୟା ଜାଣିଲି ତାହା,

Digitized by srujanika@gmail.com

ନୋହିଲେ ହୋଇଥାନ୍ତ ତୁମ୍ଭେ ଅନଙ୍ଗ,
ଅକ୍ଷତ ଥାନ୍ତା ରତି ନ ଯାଇ ସଙ୍ଗ ? ୯

କରିଛ ତୁମ୍ଭେ ନବ ସ୍ୱର୍ଗ ପ୍ରବାସ,
ଅନୁସରନ୍ତି ସୁଖେ ଅଛୁ କି ଆଶ !
ମାତ୍ର ଏ ଜନେ ବିନା ଭୁଞ୍ଜିବେ ଦୁଃଖ ;
ତୁମ୍ଭ ଆପୃତ୍ତ ଯେଣୁ ସବୁରି ସୁଖ । ୧୦

ଦୁର୍ଦ୍ଦିନ ରଜନୀରେ ଘୋର ଅନ୍ଧାରେ
ନ ଦିଶେ ପଥ ଯେବେ ପୁର ବାହାରେ,
ଘନ ଗର୍ଜନ ଶୁଣି ପୁରକାମିନୀ
ଡରିବେ ନାଥ, ଚଳ-ଭୁରୁଣ ଲମ୍ବା,

ସେକାଳେ କିଏ ତାଙ୍କୁ ପ୍ରିୟଭବନ
ଭେଟାଇବାକୁ ତୁମ୍ଭ ବିନା ସୁଜନ ? ୧୧

ପଦ ପଦକେ ଯହିଁ ଘଟେ ସ୍ଖଳନ
ଅରୁଣ ନୟନରେ ଘନ ଘୂର୍ଣ୍ଣନ,
ଏବେ ସେ ପ୍ରମଦାଙ୍କ ମଦବିମଦ
ହେବ କି ଆଉ ତୁମ୍ଭ ବିନା ସୁଖଦ ? ୧୨

ଜାଣିଲେ କଥାଶେଷ କାୟ ତୁମ୍ଭର
ମଣିବ ଉଦୟକୁ ରଜନୀ-କର
ଅକାରଣ ଏଣିକି, ଅମା ଅନ୍ତରେ
ତେଜିବ ତନୁତାକୁ କଷ୍ଟେ ଦୁଃଖରେ । ୧୩

କଳକୋକିଳ କୁହୂରବେ ସୂଚିତ
ହରଣାରୁଣ ବୃନ୍ତବୃନ୍ତ-ଶୋଭିତ
ନବଚୂତ ବକୁଳ ଏବେ ହେ ମାର,
ବୋଲାଇବ ଅମୋଘ ବାଣ କାହାର ? ୧୪

ବରଗି ଅଛ ଫୁଲଧନୁର ଗୁଣେ
ସବଗେ ଯାହାଙ୍କୁ, ସେ ଏବେ କରୁଣେ
ଅଳି ଏ ବଳପନ୍ତି କେତେ ସଙ୍କେତ,
ପତିଶୋକେ ଆତୁରା ଦେଖିଣ ମତେ ! ୧୫

ଧରି ସେ ମନୋହର ରୂପକୁ ଥରେ
ମଣାଅ ପୁଣି ରତିଦୁଃଖ ପଦରେ
ସୁମଧୁରଭାଷିଣୀ ଟକ୍ଷିଣୀ ମେଳେ
ପଣ୍ଡିତା ପରଭୃତବଧୂକୁ ହେଳେ ! ୧୬

ପାଦପତଳେ ଲଭି ଯେଉଁ ଆଶ୍ଳେଷେ
ମୋ ଅଙ୍ଗେ ଖେଳୁଥିଲି କମ୍ପ ବିଶେଷେ,
ଏକାନ୍ତେ କାନ୍ତ ! ସେହି ସୁରତ ଚିହ୍ନେ
ସୁମରି ଶାନ୍ତ ମୋର ନାହିଁ କଞ୍ଚନେ । ୧୭

ରତିପଣ୍ଡିତ ! ରଚିଥିଲ ଶ୍ରୀକରେ
ଯେ ଫୁଲଝରା କେତେ ଋତୁ ଫୁଲରେ
ଶୋଭେ ମୋ ଦେହେ ଆଜ ତାହା ଅନଙ୍ଗ,
ମାତ୍ର ନ ଦିଶେ ତବ ସେ ଚାରୁ ଅଙ୍ଗ ! ୧୮

କରି ଦାରୁଣ ସୁର-ଗଣଙ୍କ କର୍ମ
ନ ସରୁଣୁ ଏ ବାମ ଚରଣେ ମମ
ଅରୁଣ ଲକ୍ଷାକମ ଗଲ ପଳାଇ,
ସାରିବାକୁ ତା ବାରେ ଆସ ମୋଠାଇଁ । ୧୯

ପତଙ୍ଗ ପଦଙ୍କ ମୁଁ ଅନୁସରି
ଆଶ୍ରିବ ନାଥ ! ପୁଣି ଅଙ୍କ ତୁମ୍ଭରି,
ନ ଭୁଲିଛ ଯାବତ ବିଳାସରଙ୍ଗେ
ଚତୁର ସୁରନାରୀଗଣଙ୍କ ସଙ୍ଗେ । ୨୦

ହେବ ସଧବା ତୁମ୍ଭ ସଙ୍ଗିନୀ ଏବେ,
ଯିବ କି ଅପବାଦ ତହିଁରେ କେବେ ?
ରହିବ ତ ଅକୀର୍ତ୍ତି " ମର୍ତ୍ତ୍ୟରେ ରତି
ମଦନ ବିନା କ୍ଷଣେ ଥିଲି ବରତି !", ୨୧

କେମନ୍ତେ କରିବ ଏ ସ୍ୱର୍ଗ ଗମନ-
କାଳେ ତୁମ୍ଭର ନାଥ, ଅନ୍ତ୍ୟମଣ୍ଡନ ।
ଏକାବେଳକେ ପ୍ରାଣ ସହିତେ ଅଙ୍ଗ
ଭଜିଲି ତ ସମାନ ଦଶା ଅନଙ୍ଗ । ୨୨

ଯୋଖି ସଳଖେ ଶର ଫୁଲଧନୁରେ
ଉତ୍ସଙ୍ଗେ ନିଶ୍ଚ କହ ଯେବେ ମଧୁରେ
ପ୍ରିୟବନ୍ଧୁ ମଧୁକୁ ଆର୍ଦ୍ରନୟନେ,
ସେହି ବୃହାଣି ଆଜ ପଡ଼ୁ ତ ମନେ ୨୩

Digitized by srujanika@gmail.com

କାହିଁ ଆଜ ସେ ପ୍ରିୟବନ୍ଧୁ ମାଧବ,
ଫୁଲେ ଯେ ରଚୁଥିଲା ଧନୁକୁ ତବ ?
କପର୍ଦ୍ଦିକୋପାନଳେ ସେ ପୁଣ ସଙ୍ଗେ
ଭଜ ତ ନାହିଁ ବନ୍ଧୁ-ଦଶାକୁ ଅଙ୍ଗେ ? ୨୪

ଶୋକାତୁରା ରତିର ବିଳାପବାଣୀ
ବାଣବିଦ୍ଧ ପରାୟେ ହୋଇଲା ଜାଣି,
ଆଶ୍ୱାସିବାକୁ ତହିଁ ଆସି ସତ୍ୱରେ
ଦେଖା ଦେଲା ବସନ୍ତ ସଖୀ ଆଗରେ । ୨୫

ଦେଖି ଋତୁପତିକି ଅତି ଆତୁରେ
କେଳତି ବିଳପିଲା କରୁଣ ସ୍ୱରେ,
ଅନାଇଲେ ଅଗ୍ରତେ ସ୍ୱଜନ-ମୁଖ
ଉଚ୍ଛୁଳି ଉଠେ ହୃଦ ବିଦାରି ଦୁଃଖ । ୨୬

ହସିଲା ଅତି ଦୁଃଖେ ଦୁଃଖିତା ରତି,
ଦେଖ ଦେଖ ବସନ୍ତ ! ସଖାଙ୍କ ଗତି,
ଖେଳଯାଏ ପବନେ ଭସ୍ମନିକର
କପୋତ ତନୁ ଭଳି କେହ୍ନେ ଧୂସର ! ୨୭

ଏବେହେଁ ଦିଅ ଥରେ ଦର୍ଶନ ସ୍ମର !
ଉସ୍ରକ ଛନ୍ଦ ପରା ବନ୍ଧୁ ତୁମ୍ଭର ?
ସ୍ତ୍ରୀଜନେ ଚଳ ସିନା ପୁରୁଷ ପ୍ରୀତି,
ଅଚଳ ବନ୍ଧଜନେ ଅଛି ଯା ସ୍ଥିତି ! ୨୮

ସୁରାସୁରଲୋକରେ ଯେତେ ସକଳେ
ମନାଇଛି ଆଜ୍ଞାକୁ ତବ କୌଶଳେ
ମୃଣାଳ ଗୁଣ, ଫୁଲ-ଶର ! ଧନୁର;
ସେ ସଖା ମଧୁ ଆଜ ଉଭା ଛାମୁର । ୨୯

ବାତ-ଆହତ ଦୀପ ପରାୟେ ଯାଇ
ଆଉ ତ ନ ଫେରନ୍ତି ମୋ ବନ୍ଧୁ କାହିଁ ?
ମୁଁ ଏବେ ଭଜୁଅଛି ଦୁଃଖେ ବିବଶା
ଧୂମାୟୁ ତ ସେ ଦୀପ ଦଶିର ଦଶା ! ୩୦

ମାର ମାରିକୁ ପୁଣି ରଖି ଏ ଜୀବ
କରିଲା ଦରମରା ସିନା ଦଇବ !
ଆଶ୍ରୟ-ପାଦପକୁ ଭାଙ୍ଗିଲେ କରୀ
ଲୋଟେ ନାହିଁ କି ତଳେ ତାର ବଲ୍ଲରୀ ? ୩୧

କରି ବସନ୍ତ ଏଥିଅନ୍ତେ ଏତିକି,
ବାନ୍ଧବ ବୋଲି କରେ ଏ ବିନତିକି !
କରେ ମୁଠିଏ ଅଗ୍ନି ଦିଅ ରତିକି,
ଦୁଃଖରୁ ତରୁ ଯାଇ ପତି କତିକି । ୩୨

ଶଶି ସଙ୍ଗତେ ମିଶି କୌମୁଦୀଯାଏ,
ମେଘ ଗଲେ କି ଆଉ ବିଦ୍ୟୁତ ଥାଏ ?
ଜଗତେ ପତି-ଅନୁଗତା ଅଙ୍ଗନା,
ଚେତାଏ ଏହା, ଯାର ନାହିଁ ଚେତନା ! ୩୩

ଅଗ୍ରତେ ଶୋହେ ଏହି ଭସ୍ମ ପଟର,
ମଣ୍ଡି ଏଥିରେ ଆଜ ମୋର ଶରୀର
ରଚିବି ନବଶଯ୍ୟା ବିଭାବସୁରେ
ଯେହ୍ନେ କୋମଳ ନବପଲ୍ଲବ ଫୁଲେ ! ୩୪

ଫୁଲ-ଶୟନ ରଚି ବହୁତ ଥର
କରିଛ ମିତ୍ର ! ତୁମ୍ଭେ ହିତ ଆମ୍ଭର,
କର ଯୋଡ଼ି ସମ୍ପ୍ରତି ଜଣାଏ ଭକ୍ତି,
ରଚ ଏ ନବଚିତା-ଶଯ୍ୟା ଝଟତି । ୩୫

ତହୁଁ ଦକ୍ଷିଣ ବାତ ବ୍ୟଜନ ଧରି
ତାହା ସେ ହବ୍ୟବାହ କରୁଣା କରି,
କ୍ଷଣେହେଁ ନ ଜାଣନ୍ତି ସୁଖ ତ ଜାଣ
ରତି ବିନା ମଦନ ହେ ଋତୁରାଣ ! ୩୬

ସମ୍ବାଦ ଏ ବିଧିକି ଦେବ ତେଣିକି,
ଜଳରୁ ଅଞ୍ଜଳିଏ ବନ୍ଧୁ ବେନିଙ୍କି,
ପିଇବେ ପରଲୋକେ ମୋହ ସଙ୍ଗର
ବିଭାଗ ନ କରି ତା ବନ୍ଧୁ ତୁମ୍ଭର । ୩୭

Digitized by srujanika@gmail.com

ନୀଳ ପଲ୍ଲବ ସଙ୍ଗେ ପବନେ ଥରି
ଦୋହଲଇ ଯେ ନବ ଚୂତମଞ୍ଜରୀ,
ତାହାକୁ ପିଣ୍ଡ ଦିଅ ବନ୍ଧୁ ଉଦ୍ଦେଶେ,
ଜାଣ ତ ତାଙ୍କ ଶ୍ରଦ୍ଧା ତହିଁ ବିଶେଷେ ! ୩୮

ବସନ୍ତେ ତହୁଁ ରତି ଦେବାକୁ ଯାସ
ଲଭିଲା ଦେବବାଣୀ ଶୁଣି ଆଶ୍ୱାସ,
ନିର୍ଜଳ ସରେ ଜଳରଙ୍କ ଶଫରୀ
ନବବରଷା ବାରି ପାଇଲା ପରି । ୩୯

"ଫୁଲଶର ଘରଣି ! ଧର ଧୃତିକି,
ଲଭିବ ଅଚିରମ୍ଭେ ତୁମ୍ଭେ ପତିକି,
ଶୁଣ, ହୋଇଲେ ଯେଣୁ ଶମ୍ବର-ଅରି
ହର ନେତ୍ର-ବହ୍ନିରେ ପତଙ୍ଗ ସରି । ୪୦

ଆପଣେ ପ୍ରଜାପତି କାମବିକାରେ
ଚଳାଇଥିଲେ ମତି ନିଜ ସୁତାରେ,
ସଙ୍କୋଚ ବିକାର ସେ ଦିଅନ୍ତେ ଶାପ,
ଏବେ ତା ଫଳ ଭୁଞ୍ଜେ କୁସୁମଚାପ । ୪୧

ତପରେ ପରିତୃପ୍ତ ହର ଯେକାଳେ
ରମିବେ ପାର୍ବତୀରେ ସୁଖେ, ସେକାଳେ
ଉଲ୍ଲାସଭରେ ହୋଇ ଆପଣା ତନୁ
ଅର୍ପିବେ ଅତନୁକୁ ବଳେ ସୁତନୁ ! ୪୨

(ଭାଷିଲେ ସ୍ମରଶାପ ଶେଷ, ଏସନ
ସେ କୋପୀ ବ୍ରହ୍ମା ହୋଇ ଦୟାପ୍ରବଣ,
ବଜ୍ର ଅମୃତ ଯେନ ଥାନ୍ତି ଏକରେ
ସେ ଜଳଧରେ ଅବା ବଶୀ ଜନରେ ।) ୪୩

ରକ୍ଷ ଏ ଅପଘନ ଏବେ ସୁନ୍ଦରି !
ଭାବୀ ପ୍ରିୟସଙ୍ଗମ ହୃଦରେ ଧରି,
ନିଦାଘ ଅପଗମେ ଶୁଷ୍କ ସରିତ,
ଜାଣ ତରଙ୍ଗେ ପୁଣି ହୁଏ ମିଳିତ ।" ୪୪

ଆକାଶେ ଥାଇ କଏ ଏମନ୍ତ ଭାଷି
ନିବାରିଲା ମରଣୁ ରତିକି ଆସି,
ସ୍ମରବନ୍ଧୁ ବସନ୍ତ ବିଶ୍ୱାସ ବହି
ଆଶ୍ୱାସିଲା ସଖୀକି ଭବିଷ୍ୟ କହି । ୪୫

ପତି ଶୋକ-ବିଧୁରା ସ୍ମର ଯୁବତୀ,
ରହିଲା ଶାପାନ୍ତକୁ ଚକାଇ ସତୀ,
ପାଣ୍ଡୁର ଶଶିକଳା ଯେସନ୍ତେ ଦିବସେ
ପ୍ରଦୋଷ ଆଗମକୁ ଅନାଇ ବସେ । ୪୬

'ରତିବିଳାପ' ନାମ ଚତୁର୍ଥ ସର୍ଗ ସମାପ୍ତ ।

ପଞ୍ଚମ ସର୍ଗ

ସମ୍ମୁଖେ ଏମନ୍ତେ ଦେଖି ମଦନ-ଦହନ
ଶିବ ଆଶା ମୂର୍ଚ୍ଛି ମନୁ ପାର୍ବତୀ ବହନ
ଅନ୍ତରେ ଆପଣା ରୂପ ନିନ୍ଦିଲେ କେବଳ,
ପତି ସଉଭାଗ୍ୟ ବିନା ସୁରୂପର ଫଳ ? ୧

ଇଚ୍ଛିଲେ ସୁନ୍ଦରୀ ତେଣୁ ତପସ୍ୟାସାଧନେ
କରିବାକୁ ନିଜ ରୂପ ସଫଳ ଭୁବନେ,
ନୋହିଲେ କାହୁଁ ବା ଯେନ ମିଳିବ ସୁସାର—
ତଥାବିଧ ପତି ଆଉ ପ୍ରୀତି ସେପ୍ରକାର ? ୨

ଶୁଣିଲେ ଯେକାଳେ ମେନାଦେବୀ ଏ ବାରତା,
ଶିବ ଆଶେ ସୁତା ପୁଣି ତପେ ସମୁଦ୍ୟତା !
ଭାଷିଲେ ଏସନ ବକ୍ଷେ ଆଲିଙ୍ଗି ନିର୍ଭରେ
ମୁନିବ୍ରତୁଁ ନିବର୍ତ୍ତିବା ଆଶେ ସ୍ନେହଭରେ । ୩

ଅଭୀଷ୍ଟ ଦେବତା କେତେ ଅଛନ୍ତି ମା ଘରେ,
କାହିଁ ତପ, ସହିବୁ ତା ଏ ତୋର ଦେହରେ !
କୋମଳଶିରୀଷ ଫୁଲ ସିନା ମଧୁପର
ସହେ ପଦଭର, ସହେ କି ସେ ବିହଗର ? ୪

Digitized by srujanika@gmail.com

ଯେତେ ଉପଦେଶ ଦେଲେ ତହିଁ ମେନା ସତୀ
ବାର ନ ପାରିଲେ ବ୍ରତ-ଉଦ୍ୟମୁ ପାର୍ବତୀ,
ଫେରାଇ ପାରିବ କିଏ କହ ଏ ଭୁବନେ
ନିମ୍ନଗାମୀ ସ୍ରୋତ ଅବା ବ୍ରତନିଷ୍ଠମନେ ? ୫

ହିନେ ସଖୀ ମୁଖେ ସତୀ ବ୍ରତପରାୟଣା
ଜଣାଇଣ ପିତୃଦେବେ ଆପଣା ବାସନା
ମାଗିଲେ ଅରଣ୍ୟବାସ ସେ ଆପଣାଛୁଏଁ
ସାଧିବାକୁ ତପବଧି ଫଳସିଦ୍ଧିଯାଏ । ୬

ଅନୁରୂପ ନିଷ୍ଠା ଦେଖି ପରିତୋଷେ ତହୁଁ
ଦେଲେ ତପେ ଅନୁମତି ଗିରିରାଜ ଯହୁଁ,
ଚଳିଲେ ଗୌରୀ ଶିଖଣ୍ଡି-ମଣ୍ଡିତ ଶିଖରେ,
ପଶ୍ଚାତେ ଲଭିଲା ଖ୍ୟାତି ଯା ତାଙ୍କ ନାମରେ । ୭

ଲିଖି ରହେ ଯହିଁ ବକ୍ଷେ ଲେପନ୍ତେ ଚନ୍ଦନ
ଉତାରି ସେ ମୁକ୍ତାହାର ସୁବୃତ୍ତ ବନ୍ଧନ
ବାଳାରୁଣ ସମ ପୁଣ ପିଙ୍ଗଳ ବଲ୍‌କଳେ
ଉନ୍ନତ ଉରଜେ ଦଳ ଲମ୍ବାଇଲେ ଗଳେ । ୮

ସେ ଗୁରୁଚିକୁରେ ପୂର୍ବେ ମଧୁର ଯେସନ,
ଏବେ ଜଟାଜୂଟେ ମୁଖ ହିଶଇ ତେସନ !
କେବଳ ଅଳିପନ୍ତିରେ ନ ଶୋହେ କମଳ,
ଶଇବାଳ ସ୍ତରେ ମଧ୍ୟ ହିଶଇ ବିମଳ । ୯

କ୍ଷଣ କ୍ଷଣ ତ୍ରିଗୁଣିତ ମୁଞ୍ଜ ମେଖଳରେ
ବନ୍ଧନ କରନ୍ତେ କଟି ରୋମାଞ୍ଚ ସଞ୍ଚରେ,
ସେ ବନ୍ଧନେ ସୁକୁମାର କାଞ୍ଚିଗୁଣ ସ୍ଥାନ
ହିଶେ କି ରକ୍ତିମାମୟ ସୁଷମା-ନିଧାନ ! ୧୦

ଅଧର ରଞ୍ଜନୁ ଏବେ ହୋଇ ନିବର୍ତ୍ତିତ
ସ୍ତନରାଗେ ଅରୁଣିତ କନ୍ଦୁକୁ ବଞ୍ଚିତ
କୁଶାଙ୍କୁର ଛେଦନରେ ବିକ୍ଷତ ସେ କର
ହେଲା ଏବେ ବ୍ରତେ ଅକ୍ଷ-ମାଳାସହଚର ! ୧୧

ଢାଳିଲେ ଯେ ଅଙ୍ଗ ହିନେ କୋମଳ ଶୟନେ
କେଶଚ୍ୟୁତ ଫୁଲେ କ୍ଳେଶ ମଣୁଥିଲେ ମନେ,
କେବଳ ଧୂଳି-ଶୟନେ ସେ ଏବେ ଶୟାନ
ସୁକୁମାର ବାହୁଲତା କରି ଉପାଧାନ । ୧୨

ବ୍ରତ ଅନ୍ତେ ବ୍ରତଶୀଳା ଯିବେ ପୁଣି ଘେନି,
ଏହି ଆଶେ ବେନିରେ କି ସମର୍ପିଲେ ବେନି ?
ସୁକୁମାରୀ ଲତିକାରେ ସେ ଲଳିତ ଠାଣି,
ହରିଣଅଙ୍ଗନାଠାରେ ତରଳ ଚାହାଣି ! ୧୩

ଘଟ-ସ୍ତନ-ନିସ୍ୟନ୍ଦିତ ଜଳେ ନିରଳସା
ବଢ଼ାଇଲେ ବାଳତରୁ ହୋଇ ସ୍ନେହବଶା,
ସେ ଆଦ୍ୟ ସନ୍ତାନେ ଯାହା ବାତ୍ସଲ୍ୟ କରୁଣା
ସ୍ୱୟଂ କୁମାର କି କରିପାରିବେ ତା ଊଣା ? ୧୪

ନୀବାର ଅଞ୍ଜଳି ଦାନେ ଲାଳିତା ଯତନେ
ତେଣୁ କିନା ମଣିଥାନ୍ତି ଏଣୀଏ ତେସନେ ?
ଯେଣୁ ତାଙ୍କର ନୟନେ ବାଳା କୁତୂହଳେ
ସଖୀଙ୍କ ପୁରତେ ବେନି ନୟନକୁ କଳେ ? ୧୫

ନିତ୍ୟ ସ୍ନାନଶୀଳା ସେହି ବଲ୍‌କଳଭୂଷଣା
ଆରମ୍ଭନ୍ତେ ସ୍ତୁତି ଜପ-ହୋମପରାୟଣା
ଆସିଲେ ବୃଦ୍ଧ ତାପସେ ଦର୍ଶନ ଲାଳସେ,
ଧର୍ମବୃଦ୍ଧେ କେବେ କେହି ଧରେ କି ବୟସେ ? ୧୬

ବରଜିଲେ ଚିର ବୈର ଯହିଁ ଜନ୍ତୁମାନେ
ତୂଜିଲେ ଅତିଥି ଦ୍ରୁମେ ଇଷ୍ଟଫଳ ଦାନେ,
ପ୍ରତି ନବପର୍ଣ୍ଣଶାଳେ ଜଳେ ହୁତାଶନ,
ଆହା କିବା ପାବନ ସେ ହେଲା ତପୋବନ ! ୧୭

ଜାଣିଲେ ଯେକାଳେ ଦେବୀ, ପୂର୍ବତପୋବଳେ,
ନୋହିଲା ବାଞ୍ଛିତ ଲାଭ, ତେଣୁ ଏବେ ବଳେ
ନ ଗଣି ଆପଣା ତନୁ ସୁକୁମାରପଣ,
ଉଗ୍ର ତପ ଆଚରଣେ ବଳାଇଲେ ମନ । ୧୮

କନ୍ଦୁକଖେଳରେ ଯେହୁ ଭଜୁଥିଲେ ବ୍ୟଥା,
ସେ ଏବେ ଦୁଷ୍କର ମୁନି-ବ୍ରତକୁ ସମର୍ଥା !
ନିଶ୍ଚୟେ ସେ ତନୁ ହେମ-ପଦ୍ମେ ଗଢ଼ା ଜାଣ,
ସହଜେ କୋମଳ ତେଣୁ, ପୁଣି ମଜ୍ଜା-ତ୍ରାଣ ! ୧୯

Digitized by srujanika@gmail.com

ଗ୍ରୀଷ୍ମେ ଶୁଦ୍ଧ ସ୍ମିତଶୀଳା ସୁମଧ୍ୟମା ଘୀନା
ଚତୁର୍ଦ୍ଧା ଜ୍ୱଳନ୍ତ ବହ୍ନି ମଧ୍ୟେ ସମାସୀନା,
ଜିଣି ସେ ତପନ ପ୍ରଭା ନୟନଧର୍ଷଣ
ସ୍ଥିରନେତ୍ରେ ସବିତାଙ୍କୁ କରନ୍ତ ଈକ୍ଷଣ । ୨୦

ସେ ଖର କିରଣେ ତପ୍ତ ହେଲେହେଁ ବଦନ
ପ୍ରଫୁଲ୍ଲ କମଳ ଶିରୀ କଲ୍ଲକ ଧାରଣ,
କେବଳ କାଳିମା ଲମ୍ବ କଟାକ୍ଷ-ରେଖାର
କରୁଥିଲା ଧୀରେ ଧୀରେ ସେଥିରେ ସଞ୍ଚାର । ୨୧

ଅଯାଚିତଭାବେ ମିଳେ ଯେ ପ୍ରମାଣେ ଜଳ
ଅବା ସୁଧାଂଶୁ ବିଧୁର ସୁଧାମୟ କର,
ତେତିକରେ ହୁଏ ତାଙ୍କ ପାରଣା ବିଧାନ,
ବୃକ୍ଷ ବୃତ୍ତି ଭିନ୍ନ ଗତି ନ ଥିଲାକ ଆନ । ୨୨

ହେଲେହେ ତାପିତ ନାନାବିଧ ହୁତାଶନେ
ଇନ୍ଧନଜ ଦହନେ ବା ଖେଚର ତପନେ,
ନବବାରିସେକେ ସିକ୍ତ ହୋଇ ବର୍ଷାକାଳେ
ଧରା ସଙ୍ଗେ ତପ୍ତଶ୍ୱାସ ମୁଞ୍ଚିଲେ ସେ ତାଳେ । ୨୩

ପକ୍ଷ୍ମେ ରହି କ୍ଷଣେ ନେତ୍ରୁ ବିନ୍ଦୁ ବିନ୍ଦୁ ଜଳ
ପଡ଼େ ପୟୋଧରେ ଆଗେ ପରଶି ଅଧର,
ଛୁଞ୍ଚିକ ତହୁଁ ତ୍ରିବଳି-ସୋପାନେ ଖସରି
ପ୍ରବେଶଇ ବହୁକ୍ଷଣ ପରେ ନାଭିଦେଶ । ୨୪

କିବା ନିରନ୍ତର ବର୍ଷା କି ଶୀତ ଝଟିକା
ଗୃହ ତେଜି ଶିଳାତଳ-ଶାୟିନୀ ଅମ୍ବିକା,
ବିଦ୍ୟୁନ୍ନୟ ବିଲୋକନେ ସତେ କି ଦେଖନ୍ତି
ତପସ୍ୟାସାକ୍ଷିଣୀରୂପେ ଏ ଯାମିନୀତତି ? ୨୫

କାକରେ କାତର ହୋଇ ସ୍ଥଳେ ବେନି କୂଳେ
ବିରହୀ କୋକଦମ୍ପତି ଡାକନ୍ତି ବ୍ୟାକୁଳେ,
ହୋଇଣ ସେ ଦୟାବତୀ ତାଙ୍କ ଦୁଃଖେ ସାଥୀ
କଟାଇଲେ ପୁଷମାସ-ହିମ ଶୀତରାତି । ୨୬

ନିଶାର ତୁଷାରପାତେ ଯେବେ ପଦ୍ମଧନ
ହରାଇ ବସଇ ଜଳ, ତହିଁ କି ପୂରଣ
କଲେ ଉମା ପଦ୍ମଗନ୍ଧ ମୁଖେ ପଦ୍ମ ସ୍ଥାନ ?
କମ୍ପିତ ଅଧର ଯହିଁ ତା ପତ୍ର ସମାନ । ୨୭

ଚୂତତରୁ ପର୍ଣ୍ଣେ କରି ଜୀବନ ଧାରଣ
ତପେ ପରାକାଷ୍ଠା ଧର୍ମ କଲେ ପ୍ରଦର୍ଶନ,
ପର୍ଣ୍ଣ ପୁଣି ହେଲା ତ୍ୟକ୍ତ ଶେଷେ, ସେ କାରଣେ
ଅପର୍ଣ୍ଣା ବୋଇଲେ ତାଙ୍କୁ ପୌରାଣିକଗଣେ । ୨୮

ଏମନ୍ତ ସେ ବ୍ରତେ ବାଳା ଦିବସ ଶର୍ବରୀ
ମୃଣାଳକୋମଳ ତନୁ କ୍ଷୀଣତର କରି
ଅର୍ଜିଲେ ଯେ ତପ, ତାକୁ ସରି ହେଲା ନାହିଁ
କଠିନ ଦେହେ ତାପସେ ଥିଲେ ଯା ଭିଆଇ ! ୨୯

ଏଥିଅନ୍ତେ ପ୍ରବେଶିଲେ ସେହି ତପୋବନେ
ମୂର୍ତ୍ତିମନ୍ତ ବ୍ରହ୍ମଚର୍ଯ୍ୟ ଜଟାଧର ଜଣେ,
କରେ ପଲାଶର ଦଣ୍ଡ, କଟିରେ ଅଜିନ,
ବ୍ରହ୍ମତେଜେ ମହାତୋରା, ବଚନେ ପ୍ରବୀଣ । ୩୦

ପାଶ୍ରେଟି ଆଣିଲେ ତାଙ୍କୁ ଦୂରୁଁ ବହୁମାନେ
ଅତିଥିବତ୍ସଳା ଗୌରୀ ପୂଜାର ବିଧାନେ,
ଥିଲେ ସମଦୃଷ୍ଟି ସର୍ବଜନେ ସାଧୁଙ୍କର,
ବ୍ୟକ୍ତିବିଶେଷରେ ହୁଏ ଅଧିକେ ଆଦର । ୩୧

ଯଥାବିଧିପୂଜା ତହୁଁ ଘେନି ମୁନିବର
କ୍ଷଣବିଶ୍ରାମରେ ଶାନ୍ତ କଲେକ ଅନ୍ତର,
ସରଳନୟନେ ଉମା-ବଦନେ ଅନାଇ
ଆରମ୍ଭିଲେ ଏ ବଚନ କ୍ରମ-ଅନୁଯାୟୀ । ୩୨

ସୁଲଭ ତ ଦେବି ! ଏଥି ସ୍ନାନଯୋଗ୍ୟ ଜଳ ?
ହୋମର ସାଧନ କୁଶ ସମିଧ ଆଦିର ?
ସ୍ୱଶକ୍ତିକି ଦେଖି ବ୍ରତ କରୁଛନ୍ତି ଶର ?
ଧର୍ମର ଆଦ୍ୟ ସାଧନ ପରା ଏ ଶରୀର ?
ତବ କରବାରିସେକେ ଆଜି ଏ ବଲ୍ଲରୀ
ହସଇ କି ନବରାଗେ କିଶଳୟ ଧରି !
ପଟାନ୍ତର ସେ ଅଧର ସଙ୍ଗକୁ ତୁମ୍ଭର
ତରୁଦଳୁ ଲକ୍ଷାରସ ତେଜି ଯା ପାଟଳ ! ୩୪
କରୁଁ କୁଶରାଶି ସ୍ନେହେ କରନ୍ତି ହରଣ
ଏ ଯେଉଁ ହରିଣେ, ତହିଁ ପ୍ରସନ୍ନ କି ମନ ?
ରାଜୀବନୟନ ! ଯେହ୍ନେ ତରଳ ଲୋଚନେ
ତୁମ୍ଭର ନୟନଠାଣି ଦେଖାନ୍ତି ଏ ବନେ ! ୩୫

Digitized by srujanika@gmail.com

ନୁହଇ କଦାପି ରୂପ ପାପର କାରଣ
କହନ୍ତି ପାବଣ୍ଡ ! ଯାହା ତଥ୍ୟ ସେ ବଚନ,
ଅୟି ରୂପବତି ! ତବ ଏ ଶୀଳ ଉଦାର
ମୁନିଜନଙ୍କର ବୃତ୍ତି କରିବ ସଂସ୍କାର ! ୩୬

ସପ୍ତର୍ଷିବିକ୍ଷିପ୍ତ ପୂଜାଫୁଲେ ମନୋହର
ସ୍ୱର୍ଗଚ୍ୟୁତ ଗଙ୍ଗାଜଳେ ଏହି ମହୀଧର
ନୁହନ୍ତି ପବିତ୍ର ତେତେ, ଯେସନ ତୁମ୍ଭର
ଅନାବିଳ ଏ ଚରିତେ ସଂବଂଶେ ନିର୍ମଳ ! ୩୭

ବିଶେଷ ଭାବିନି ! ତବ ଦେଖି ଏ ଆଗ୍ରହ
ମଣଇଁ ଧର୍ମକୁ ଆଜ ତ୍ରିବର୍ଗରେ ସାର,
ଯେଣୁ ଅର୍ଥ କାମ ବେନି ଦୂର କରି ମନୁ
ଏକା ଏ ଧର୍ମକୁ ଆଶ୍ରା କରିଛ ସୁତନୁ ! ୩୮

କରିଛ ବିଶେଷେ ଆଜ ମୋର ଅଭ୍ୟର୍ଥନା,
ତେଣୁ ପର ବୋଲି ମୋତେ ନ କର ଗଣନା,
ନତାଙ୍ଗି ! ସଜ୍ଜନ ସଙ୍ଗେ ଘଟେ ଆତ୍ମୀୟତା
ସାତପଦ କଥାରେ, ସୁଧୀ ଜ୍ଞାନୀଙ୍କର ପ୍ରଥା ! ୩୯

ଏଣୁ ତପସ୍ୱିନି ! କିଛି ତବ ସନ୍ନିଧାନେ
ଦ୍ୱିଜୋଚିତ ଚପଳତା ପ୍ରକାଶି ଏ ସ୍ଥାନେ
ପୁଛିବାକୁ ଇଚ୍ଛେ ଏହି ଜନ କ୍ଷମାନ୍ୱିତେ !
ନୋହିଲେ ଗୁପତ ତାହା, କହିବ ସୁଚିତ୍ତେ । ୪୦

ଆଦ୍ୟ ପ୍ରଜାପତି ବଂଶେ ଜନମ ଶୋଭନେ
ତ୍ରିଭୁବନ ଶୋଭା ଯିବା ରୁଣ୍ଡ ଅପଘନେ !
ବିପୁଳ ଐଶ୍ୱର୍ଯ୍ୟ ତବ, ଖୋଜିବାକୁ ନାହିଁ,
ଏ ନବଯୌବନେ କହ ତପସ୍ୟା କିପାଇଁ ? ୪୧

ଦୁଃସହ ଗଞ୍ଜନା ସହି କେହି ମନସ୍ୱିନୀ,
ହୋଇଥାନ୍ତି ଅବା କେବେ ଭବେ ସନ୍ନ୍ୟାସିନୀ,
ଆଲୋଚନା କରି ମନେ ଏବେ କୃଶୋଦରି !
ନ ଦେଖଇଁ ତୁମ୍ଭଠାରେ ଲବେ ତ ସେପରି ? ୪୨

ନୁହଇ ଏ ତନୁ ଦୁଃଖଧିକକାର-ଭାଜନ,
ପିତୃଗୃହେ ଅସମ୍ଭବ ଅବଜ୍ଞା ବଚନ,
ପର ହାତେ ପରାଭବ ନାହିଁ ତ ତୁମ୍ଭର !
ଫଣିଶିରେ ମଣିପାଇଁ କେ ବା ଦେବ କର ? ୪୩

ଏ ନବଯୌବନେ କାଢ଼ି ସର୍ବ ଆଭରଣ
କଲ ବାର୍ଦ୍ଧକ୍ୟର ଭୂଷା ବଲ୍‌କଲ ଧାରଣ,
ପ୍ରଦୋଷେ ଶଶି ତାରକେ ଶୋହେ ଯେ ଶର୍ବରୀ,
କହ କେବେ ଅରୁଣକୁ ଯିବ ସେ ଆଦରି ? ୪୪

ବାଞ୍ଛ ଯଦି ଦେବଲୋକ, ବୃଥା ଶ୍ରମ ଜାଣ,
ଯେଣୁ ଏ ପିତୃଭବନ ଦେବଙ୍କ ଅସ୍ଥାନ,
ଅବା ଯଦି ଇଚ୍ଛା ବରେ, ତପସ୍ୟା କିପାଇଁ ?
ରତ୍ନସିନା ପଡ଼େ ଖୋଜା, ସେତ ଖୋଜେ ନାହିଁ !

ଏ ଉଷ୍ଣ ନିଶ୍ୱାସୁ ଜଣା ଯାଉଛି ତା ମତେ,
ତଥାପି ସନ୍ଦେହେ ମନ ନ ଯାଏ ପରତେ,
ପ୍ରାର୍ଥନାର ଯୋଗ୍ୟ କିଛି ନ ଦେଖଇଁ ତବ,
ପ୍ରାର୍ଥିତ ଯେ, ସେ ବା କିପାଁ ହୋଇବ ଦୁର୍ଲଭ ? ୪୬

ଯେ କପୋଳେ ଶୋହୁଥିଲା ଗୃହୁ କର୍ଣ୍ଣୋତ୍ପଳ
ଚିରଦିନ ଗଲାଣି ତା, ଲମ୍ବିଛି କେବଳ
ପକ୍‌ଶାଳି ଶିଂଷା ପରି ଏ ଜଟା ପିଙ୍ଗଳ
କେ ଏଡ଼େ କଠୋର ଯୁବା ଅଛି ଏ ଜଗତେ,
ଏହାକୁ ଉପେକ୍ଷା କରେ ଦେଖି ନେତ୍ରପଥେ ? ୪୭

ଜାଣିଲି ବଞ୍ଚିତ ନିଷ୍ଠେ ରୂପର ଗରବେ
ତୁମ୍ଭର ସେ ବର, ଯେହୁ ନ କରଇ ଭାବେ
ଆପଣାର ବଦନକୁ ଲକ୍ଷ୍ୟସ୍ଥଳ ଚିର
ଛନ ଛନ ଆଉ-ପଥ ଏ ନେତ୍ର ବେନିର ! ୪୮

କେତେ କାଳ ଆଉ ଗୋରି ! ସହିବ କଷଣ
ବ୍ରହ୍ମଚର୍ଯ୍ୟେ, ମୋର ମଧ୍ୟ ଅଛି ତପ-ଧନ,
ତାର ଅର୍ଦ୍ଧକରେ ଲଭ ତୁମ୍ଭେ ଇଷ୍ଟବର
କିଏ ସେହି, ଜାଣିବାକୁ ବାସନା ମୋହର ! ୪୯

ମନେ ପଶି ଦ୍ୱିଜବର ପୁଚ୍ଛନ୍ତେ ଏପରି,
ମନ କଥା ନ ପାରିଲେ ପ୍ରକାଶି ସୁନ୍ଦରୀ,
ତନ୍ତୁ ପାଶେ ସହଚରୀ ସହାସବଦନେ
ଅଞ୍ଜନହୀନନୟନେ ଅନାଇଲେ ଛନ୍ଦେ । ୫୦

Digitized by srujanika@gmail.com

କହେ ତହୁଁ ସହଚରୀ ଦ୍ୱିଜଙ୍କୁ ବନ୍ଦନ,
ଶୁଣ ଆହେ ସାଧୁ ! ଯେବେ ଏଥି ଅଛି ମନ,
ଯେଣୁ ମୋ ସ୍ୱର୍ଣ୍ଣ ପଦ୍ମକୁ ଛଟ କଲା ସମ
ଏ ପରି ତନୁକୁ କରିଛନ୍ତି ତପ-କ୍ଷମ ! ୫୧

ଇନ୍ଦ୍ର ଆଦି ଧନବନ୍ତ ଚତୁର୍ଦ୍ଦିଗପାଳେ
ତୁଚ୍ଛ ମଣି ଏ ମାନସୀ ମନେ ବସି ଭାଳେ
ବରିବାକୁ ପତି ପଦେ ସେ ପିନାକପାଣି,
ରୂପେ ବଶ୍ୟ ନୁହନ୍ତି ଯେ, କାମଦାହୁଁ ଜାଣି ! ୫୨

ଫୁଲଧନୁର ଯେ ବାଣ ଆସିଲା ଲେଉଟି
ଉଗ୍ର ହୁଙ୍କାର ଶବଦେ ହର ପାଶୁଁ ତୁଟି,
ହେଲେହେଁ ତା ତନୁନାଶ, ସେହି ତୀକ୍ଷ୍ଣ-ଶର
ଭେଦିଛି ହୃଦରେ ଅତି ଦୂରକୁ ସଖୀର ! ୫୩

ସେହିଦିନୁ ମଦନର କଦନେ ତରୁଣୀ
କ୍ଷଣେ ନ ମଣଇ ସୁଖ ଗୃହେ ତାହା ଗୁଣି,
ଘନ ହିମଶିଳା ଶେଯେ ଶୋଇ ନ ମେଣ୍ଟିଲା
କପାଳ ଚନ୍ଦନେ ଚୂର୍ଣ୍ଣକୁନ୍ତଳ ଲେଟିଲା । ୫୪

କରନ୍ତେ ସଙ୍ଗୀତେ ହରଚରିତ ବର୍ଣ୍ଣନ
ବାଷ୍ପଗଦଗଦ କଣ୍ଠେ କେତେ ତା କୀର୍ତ୍ତନ
କରି କନ୍ଦାଇଛି ସଖୀ ମୋର ଏହି ବନେ
ଗୀତ ସହଚରୀ ବିଦ୍ୟାଧରୀଙ୍କ ଗହଣେ । ୫୫

ଯାମିନୀ ତୃତୀୟ ଯାମେ ନେତ୍ର ବୁଜି କ୍ଷଣେ
ସହସା ଉଠଇ ଜାଗି ସଖୀ, ମନେ ମନେ
କଳ୍ପିତ ପତିର ଗଳେ ଭୁଜକୁ ଲମ୍ବାଇ
କହେ ଯେହ୍ନେ ନୀଳକଣ୍ଠ ! ଯାଉଅଛ କାହିଁ ? ୫୬

କେବେ ଚିତ୍ରପଟେ ବାଳା ଚିତ୍ରି ନିଜ କରେ
ଗୋପନେ ଭର୍ତ୍ସନା କରେ ସେ ଚନ୍ଦ୍ରଶେଖରେ,
ତୁମ୍ଭେ ପରା ଅନ୍ତର୍ଯ୍ୟାମୀ ବିଦିତ ଭୁବନେ,
ମୋ ଅନ୍ତର କଥା କିପାଁ ନ ଜାଣ ଆପଣେ ? ୫୮

ସେ ଭୂତପତିଙ୍କି ପତିପଦେ ଯେବେ ସତୀ
ଲଭିବାରେ ନ ଦେଖିଲା ଖୋଜି ଅନ୍ୟ ଗତି,
ତହୁଁ ପିତୃ-ଅନୁମତି ଘେନି ତପୋବନେ
ଆମ୍ଭ ସଙ୍ଗେ ଆସିଛନ୍ତି ତପ ଆଚରଣେ ! ୫୯

ତପସ୍ୟାର ମୂକସାକ୍ଷୀ ସଖୀର ଶ୍ରୀକରେ
ଲାଳିତ ଏ ଦ୍ରୁମେ ଏବେ ଶୋଭିଲେଣି ଫଳେ,
ଯେ ଆଶା ପୋଷିଛି ସଖୀ ସେ ଚନ୍ଦ୍ରଶେଖରେ,
ଅଦ୍ୟାପି ଅଙ୍କୁର ତହିଁ ନ ଦର୍ଶିଲା ଥରେ । ୬୦

ନ ଜାଣେ କେବେ ସେ ପତି ଜଗତଦୁର୍ଲଭ
ତପ-କୃଶା ଏ ସଖୀକି ବନ୍ଧୁ କୃପ ଲବ
କରିବେ ସରସା ସ୍ନେହେ; ବାସବ ଯେସନେ
ଅବୃଷ୍ଟି ତାପିତ କୃଷ୍ଟ-ଭୂମିକି ବର୍ଷଣେ । ୬୧

ଫେଡ଼ି ସ୍ୱା ବୋଲନ୍ତେ ସଖୀ ଗୌରୀ ମନ ଜାଣି
ସେ ଶୁଦ୍ଧ ସୁନ୍ଦର ଯତି ପୁଚ୍ଛିଲେ ଏ ବାଣୀ
ଗମ୍ଭୀରବଦନେ ତୁନେ ନ ପ୍ରକାଶି ହାସ ?"
ସତେ କି ଏ କଥା ଉମା ଅବା ପରିହାସ । ୬୨

କୋରକିତ କରତଳେ ତହୁଁ ସେ ପାବଙ୍ଗୀ
ସ୍ଫଟିକମାଳିକା ଧରି କ୍ଷଣେ ମୌନବଙ୍ଗୀ
ଅତିକଷ୍ଟେ ପ୍ରତ୍ୟୁତ୍ତର ଦେଲେ ଦ୍ୱିଜବରେ
ମିତ ସଂଯତବଚନେ ଲଜ୍ଜାଭୟଭରେ ! ୬୩

ଶୁଣିଲେ ଯା, ତଥ୍ୟ ତାହା ହେ ବେଦଜ୍ଞବର !
ଗିରି ଲଙ୍ଘିବାକୁ ମନ ଏ ହୀନ ଜନର !
ଏ ତପସ୍ୟା ସତ ସେହି ପଦଲାଭ ପାଇଁ,
ମନୋରଥର ବା ଗତି ନାହିଁ କେଉଁଠାଇଁ ? ୬୪

କହିଲେ ସେ ବ୍ରହ୍ମଚାରୀ, ଜାଣେ ମହେଶ୍ୱର
ସଦା କଦାଚାରେ ରତ, ତାହାଙ୍କୁ ଆଦର
ବରି ପତିପଦେ ଗୌରି ! ରହିଛ ଏ ଭାବେ,
ନାହିଁ ଅଭିମତ ମୋର ଏ ତୁମ୍ଭ ପ୍ରସ୍ତାବେ । ୬୫

ଅପଦାର୍ଥେ ବଳାଇଛ ମନକୁ ସୁନ୍ଦରି !
କହ ଭଲା ପରିଣୟବେଳେ ଏ କପରି
ସହିବ ତୁମ୍ଭର କର ସେ କରଗ୍ରହଣ !
ଯହିଁ ବିଷଧର ଅଛି ହୋଇଛି କଙ୍କଣ । ୬୬

ତୁମ୍ଭେହିଁ ବିଚାର ମନେ, ଭଲା ଏହି ବେନ
କେବେ ହେଲେ ମିଳିପାରେ ହୋଇ ଘେନା ଘେନ ?
କନ୍ୟା ପଟ୍ଟବାସ ତବ ହଂସାଳୀ ଚିହ୍ନିତ,
ଆଉ ସେ କୁଞ୍ଜରଚର୍ମ ଶୋଣିତେ ରଞ୍ଜିତ ! ୬୭

Digitized by srujanika@gmail.com

ଯେ ଚରଣ ବେନ ଏବେ ଫୁଲ ଆସ୍ତରଣେ
ଅଲକ୍ତରଞ୍ଜିତ ଆହା ! ଶୋଭଇ ଭବନେ,
ସେ ପୁଣି ଶ୍ମଶାନେ କେଶରାଶିରେ ପଡ଼ିବ !
ଏହା କେଉଁ ଶତ୍ରୁ ଭଲ ତୁମ୍ଭର ସହିବ ? ୬୮

ତ୍ରିଲୋଚନ ବକ୍ଷ ହେଲେ ସୁଲଭ ତୁମ୍ଭର,
ଏଥୁ ବଳି କହ କିବା ଅଛି ଅସୁନ୍ଦର ?
ହରିଚନ୍ଦନଲେପନଯୋଗ୍ୟ ଯେଉଁ ସ୍ତନ,
ତହିଁ ଚିତାଭସ୍ମ ସିନା ଲଭିବ ଆସନ ? ୬୯

ଆନ ଏକ ବିଡ଼ମ୍ବନା ହେବ ଗୋ ମନରେ,
ପରିଣୟ ଅନ୍ତେ ବୃଦ୍ଧ ବୃଷଭପୃଷ୍ଠରେ
ଆସିବା ଦେଖିଲେ ନିଷ୍ଟେ ହସିବେ ତ ଜନ,
ଐରାବତପୃଷ୍ଠ ସିନା ତୁମ୍ଭଙ୍କୁ ଭାଜନ ? ୭୦

ପଶୁପତେ ପିନାକୀଙ୍କି ଏବେ ସିନା ବରି
ବେନିଏ ଲଭିଲେ ହୀନଦଶାକୁ ସୁନ୍ଦରି ?
କାନ୍ତିବିଭୂଷିତ ସେହି ଚନ୍ଦ୍ରିକା ଚନ୍ଦ୍ରର,
ଜନନୟନକୌମୁଦୀ ତୁମ୍ଭେ ଗୋ ଆଦର । ୭୧

ସ୍ୱରୂପ ନୟନ ତିନ, ଜନ୍ମ ନାହିଁ ଜଣା,
ଦିଗମ୍ବର ବେଶୁ ହୁଏ ସମ୍ପଦ କଳନା,
ଯେ ଗୁଣ ଲୋଡ଼ନ୍ତି ବରେ କୁରଙ୍ଗନୟନେ !
ଗୋଟିଏ ହେଲେ ତ ତହିଁ ନାହିଁ ତ୍ରିଲୋଚନେ । ୭୨

ଫେରାଅ ଏ ମନୋରଥୁ ମତିକି ପାର୍ବତି !
କାହିଁ ବା ସେ, କାହିଁ ତୁମ୍ଭପରି ପୁଣ୍ୟବତୀ !
ନ ଇଚ୍ଛେ ସୁଜନ କେବେ ଶ୍ମଶାନ ଶୂଳର
ବେଦୋକ୍ତସତ୍କାର ବିଧି, ଯୋଗ୍ୟ ଯା ଯୂପର । ୭୩

ବଟୁମୁଖୁ ଶୁଣି କଟୁବଚନ ଏସନ
ଉପୁଜିଲା କୋପ ସଙ୍ଗେ ଅଧରକମ୍ପନ,
ଭ୍ରୂଲତାକୁଞ୍ଚନ କରି ଆରକ୍ତନୟନେ
ତିରିଛି ଚାହିଁଲେ ଦେବୀ ରୋଷ ବହି ମନେ । ୭୪

ଭାଷିଲେ ଏସନ ଦେବୀ, କହିଲ ଯା ମତେ,
ନିଶ୍ଚୟେ ହରଙ୍କୁ ତୁମ୍ଭେ ଜାଣି ନାହ ସତେ ।
ନ ବୁଝି ନିନ୍ଦନ୍ତି ସିନା ମୂଢ଼େ ଅକାରଣ,
ମହତଜନ ଚରିତ ନୁହେ ସାଧାରଣ । ୭୫

ବିପଦୁ ଉଦ୍ଧାର ଆଶେ କେହି ବା ବିଭବ—
ଦର୍ଶନ ଆଶେ ଲୋଡ଼ନ୍ତି ଏ ଶୁଭ ସରବ,
ଜଗତ ଶରଣ ଯେହୁ, କି ଆଶା ତାଙ୍କର ?
ଚିତ୍ତ ଯେ ଦୂଷିତ କରେ, ସେ ଧନେ କି ଫଳ ? ୭୬

ହୁଅନ୍ତୁ ସେ ଅକିଞ୍ଚନ, ପ୍ରଭୁ ସମ୍ପଦର
ଶ୍ମଶାନନିବାସୀ ହୋଇ ତ୍ରିଲୋକ-ଈଶ୍ୱର,
ଦିଶନ୍ତୁ ସେ ଭୟଙ୍କର, ବୋଲନ୍ତି ଶଙ୍କର,
ନ ଜାଣନ୍ତି ତତ୍ତ୍ୱକଥା କେହି ତ ତାଙ୍କର ! ୭୭

ଭୂଷଣେ ଭୂଷିତ କେବେ, କେବେ ଫଣିକୁଳେ,
ଗଜଚର୍ମେ ଶୋହେ କେବେ, କେବେ ବା ଦୁକୂଳେ,
କେବେ ନରକପାଳ ବା ଇନ୍ଦୁ ଶିରେ ଝଲ,
ବିଶ୍ୱରୂପଙ୍କର ରୂପ କେ ପାରିବ କଳି ? ୭୮

ଲଭି ତାଙ୍କ ଅଙ୍ଗସଙ୍ଗ ଚିତାଭସ୍ମରେଣୁ
ହୁଅଇ ଅତି ପାବନ ଭସ୍ମ ସିନା ତେଣୁ ।
ତାଣ୍ଡବକାଳେ ସକଳ ସୁରେ ତାହା ଶିରେ
ଘେନନ୍ତି ପବିତ୍ର ମନେ ପଡ଼େ ଯା ଭୂମିରେ ! ୭୯

ମତ୍ତଦିଗ୍‌ବାରଣେ ବସି ଯେବେ ସୁରପତି
ସେ ଅକିଞ୍ଚନ ବୃଷଭବାହନେ ଭେଟନ୍ତି,
ତତକ୍ଷଣେ ଆପଣା ଶିରେ ଛୁଇଁ ସେ ପଦୁର
ପ୍ରଫୁଲ୍ଲ ମନ୍ଦାର ରଜେ କରନ୍ତି ପାଟଳ । ୮୦

'ଜନ୍ମ ନାହିଁ ଜଣା' ବୋଲି ଭାଷିଲ ଆପଣ
ଦୋଷ ଦେଖାଇ ଯା ହରେ, ତାହା ତଥ୍ୟ ମଣେ ।
ବ୍ରହ୍ମାର କାରଣ ବୋଲି ଜାଣନ୍ତି ଯାହାଙ୍କୁ,
ତାଙ୍କ ଜନ୍ମ ହେବ ପୁଣି ଗୋଚର କାହାକୁ ? ୮୧

କି ଫଳ କଳହେ ଆଉ, ହୁଅନ୍ତୁ ପଛେ ସେ
ଯେପରି ଶୁଣିଛ ତୁମ୍ଭେ ସେପରି ବିଶେଷେ,
ଏକାନ୍ତେ ମୋ ମନ ତହିଁ ରସିଅଛି ଏବେ,
କୁତ୍ସାକୁ କି କାମଗୃହୀ ବିଚାରଇ କେବେ ? ୮୨

Digitized by srujanika@gmail.com

ମନା କର ସନ୍ତ ! ଏବେ କିଜେ ବନ୍ଧ ଇଚ୍ଛା,
ଅଧର କମ୍ପାଏ ପୁଣି କହିବ ଏ ପଦ !
ନୁହେ ସେ କେବଳ ପାପୀ ନିନ୍ଦେ ଯେ ମହତେ,
ଶୁଣଇ ତାଠାରୁ ଯେହୁ, ପାପୀ ସେ ଯୁକତେ । ୮୩
ଅବା ଯିବ ଗୃହ ଏଠୁଁ, କହି ସେ ମଙ୍ଗଳା
ଗୃହନ୍ତେ ଚଞ୍ଚଳେ ସ୍କନ୍ଧୁ ବଲ୍କଳ ଖସିଲା,
ନିଜ ରୂପ ଧରି ତହୁଁ ବୃଷଭବାହନ,
ସସ୍ମିତେ ପାର୍ବତୀକର ଧରିଲେ ବଦନ । ୮୪
ଦରଶନ ମାତ୍ରେ ତନୁ ସଘନେ ଥରିଲା,
ସର୍ବାଙ୍ଗେ ସାତ୍ତ୍ୱିକଭାବ ତହୁଁ ପ୍ରକାଶିଲା,
ନ ଚଳିଲା ଆଉ ପଦ, ଟୋଳି ସେ ଚରଣ
ନ ପାତି ଧରଣୀ ତଳେ ରହିଲେ ତେସନ;

ପଥରେ ରୋଧିଲେ ଗିରି ଯଥା ସ୍ରୋତସ୍ୱିନୀ
ନ ରହେ ନ ବହେ ତଥା ଗିରୀନ୍ଦ୍ରନନ୍ଦିନୀ । ୮୫

ଆଜଠୁଁ ନତାଙ୍ଗି ! ତବ ଦାସ ଏହି ଜନ,
ତବ ତପେ କିଣା, ହର ଭାଷନ୍ତେ ଏସନ,
ତପସ୍ୟାର କ୍ଲେଶ ଯେତେ ମୁଞ୍ଚିଲେ ଶଙ୍କରୀ,
ଫଳସିଦ୍ଧି ହେଲେ କ୍ଲେଶ ଲାଗେ ନୂଆ ପରି । ୮୬

‘ତପଃଫଳୋଦୟ’ ନାମ ପଞ୍ଚମ ସର୍ଗ ସମାପ୍ତ ।

ଷଷ୍ଠ ସର୍ଗ

ଏଥୁଅନ୍ତେ ଗୌରୀ ସଖୀ ମୁଖେ ଶିବେ
ଭାଷିଲେ ଗିର ଏସନେ,
ମୋହ ସମ୍ପ୍ରଦାନେ ଜନକ ଗିରୀଶ
କରନ୍ତୁ ଦାତାପଣେ । ୧

ସଖୀ ବାକ୍ୟେ ପ୍ରିୟେ ଜଣାଇ ସନ୍ଦେଶ
ଉଭା ମୌନେ ଗଉରୀ ସେ,
ମଧୁ ପାତେ ଅବା ପିକା ମୁଖରିତା
ମୃଦୁ ଚୂତଲତା କି ସେ ? ୨

ହେଉ ତା, ବଖାଣି ବିସର୍ଜି ଈଶାନୀ
ସେ ଦେବ ସ୍ମରଣୀୟନ
ଜ୍ୟୋତିରେ ଭାସ୍ୱର ସପ୍ତଋଷିଙ୍କି
ସ୍ମରିଲେ ତହିଁ ବଦନ । ୩

ସଦ୍ୟଃସ୍ନାତ ସର୍ବେ ସୁରଧୁନୀ ସ୍ରୋତେ
ମୁଞ୍ଚେ ଯହିଁ ପୁଷ୍ପାଞ୍ଜଳି
ତୀରେ ଉଭା ସୁର- ତରୁ, ସୁରଭି ଯା
ବଟ କାରଣମଦ ଝରି । ୪

ମୁକ୍ତା ଉପବୀତ ହେମର ବଲ୍କଳ
ରତ୍ନ ଅକ୍ଷମାଳ ଧରି
ଦିଶନ୍ତି ସେ ସପ୍ତ ଦିବ୍ୟ ବାନପ୍ରସ୍ଥ
ତଳକଳ୍ପତରୁ ସରି । ୫

କରି ନମ୍ରମୁଖ ସହସ୍ରମୟୂଖ
ନିଜ ରଥ-ଅଶ୍ୱଗତି,
ନୂଆଇଁ ଆପଣା କେତନକୁ ଯେହ୍ନେ
ଅନାଇଲେ କରି ନତି । ୬

ପ୍ରଳୟ ସଙ୍କଟେ ଦନ୍ତାଗ୍ରେ ଉଦ୍ଧୃତ
ବାହୁଲତାଲଗ୍ନବଧୂ-
ସହିତେ ସେ ମହା ବରାହର ଦନ୍ତେ
ବିଶ୍ରମିଥିଲେ ଏ ପରି ? ୭

ପ୍ରଜାପତି ଅନ୍ତେ ଅବଶିଷ୍ଟ ସୃଷ୍ଟି
ସଜବାରୁ ଯେଉଁ ଗଣେ
ବିଧାତାପୁରୁଷ- ନାମେ ଖ୍ୟାତ ଲୋକେ
ପୁରାଣକାର ବଚନେ । ୮

Digitized by srujanika@gmail.com

ପୂର୍ବଜନ୍ମକୃତ ପରିପାକ-ଗତ
ବିଶୁଦ୍ଧ ତପର ଫଳ
ଭୋଗ କରି ସୁଧା ଦିବ୍ୟ ପୁରେ ସଦା
ତପସ୍ୟାରତ ସକଳ । ୯

ମଧ୍ୟେ ବିରାଜନ୍ତି ବିଶେଷରେ ସତୀ
ତପଃସିଦ୍ଧି ମୂର୍ତ୍ତିମତୀ,
ପତି ପଦତଳେ ଢାଳି ଭକ୍ତିଭରେ
ନେହବେନ ଅରୁନ୍ଧତୀ । ୧୦

ସମାନ ଗୌରବ ଦେଖାଇଲେ ତହିଁ
ଯଥା ମୁନିଗଣେ ହର ;
ନାରୀ ପୁଂସ ବୋଲି ନ ବାରନ୍ତି ସନ୍ତେ
ଚରିତ୍ର ପୂଜ୍ୟ ତାଙ୍କର । ୧୧
ହେଲା ଶମ୍ଭୁରଙ୍କ ଦାର ପରିଗ୍ରହେ
ଆଦର ତାଙ୍କ ଦର୍ଶନେ,
ସତୀ ପତ୍ନୀ ପରି ଅଟନ୍ତି ନିଦାନ
ଧର୍ମ-କର୍ମ ଆଚରଣେ ! ୧୩

ଏଅନ୍ତେ ସେ ସପ୍ତ ମୁନି ବ୍ରହ୍ମବାଦୀ
ଶିବେ ବିଧିରେ ସମ୍ମାନି,
ପ୍ରେମେ ରୋମାଞ୍ଚିତ ଦେହେ ବିଶ୍ୱେଶ୍ୱରେ
ଭାଷିଲେ ଏସନ ବାଣୀ । ୧୪

କରିଛୁଁ ନିଷ୍ଠାରେ ଯେ ବେଦ ଅଭ୍ୟାସ
ହୋମ କର୍ମ ଯଥାବିଧି,
ବହୁକ୍ଳେଶ ସହି ଅର୍ଜିଲୁ ଯେ ତପ,
ଆଜି ତାର ଫଳସିଦ୍ଧି । ୧୫

ମନ ଅଗୋଚର ମାନସେ ତୁମ୍ଭର
ସ୍ଥାନ ଲଭିଅଛୁଁ ଯେଣୁ,
ଆହେ ବିଶ୍ୱପତି ! ଫଳ ପରିଣତ
ମଣୁଅଛୁଁ ଆଜି ତେଣୁ । ୧୬
ହୃଦୟେ ଯାହାର ବିରାଜ ହେ ଦେବ !
ସେହି କୃତୀ ଏ ସମାଜେ,
କି ନୁହେ ସେ ପୁଣି ହେ ବିଶ୍ୱକାରଣ !
ଯେ ତୁମ୍ଭ ହୃଦେ ବିରାଜେ ? ୧୭
ତୁମ୍ଭର ସ୍ମରଣ ଅନୁଗ୍ରହ ଦେବ !
ମାନସେ ଯାଉଁ ପରତେ,
ଚନ୍ଦ୍ର ସୂର୍ଯ୍ୟଲୋକୁ ବଳି ଉଚ୍ଚପଦେ
ବସିଲୁଁ ଆଜି କି ସତେ ? ୧୮

ତବ ସମାଦର ଲଭି ଆପଣାକୁ
ମଣୁଅଛୁଁ ଧନ୍ୟ ଅତି,
ମହତ ଆଦର ଜନମାଏ ସିନା
ସ୍ୱଗୁଣେ ଶ୍ରଦ୍ଧା ପୀରତି ? ୧୯

ତୁମ୍ଭର ସ୍ମରଣେ ଦେବ ତ୍ରିଲୋଚନ
ଜନ୍ମିଅଛି ପ୍ରୀତି ଯାହା,
ତୁମ୍ଭେ ସର୍ବଭୂତ- ଅନ୍ତର୍ଯ୍ୟାମୀ ପ୍ରଭୁ,
କିବା ଜଣାଇବୁ ତାହା । ୨୦

ହୋଇଲ ପ୍ରତ୍ୟକ୍ଷ ତଥାପି ନ ଜାଣୁ
ହେ ଦେବ ! ତତ୍ତ୍ୱ ତୁମ୍ଭର,
ହୋଇ ସୁପ୍ରସନ୍ନ ସ୍ୱରୂପ ବଖାଣ
ତୁମ୍ଭେ ବୁଦ୍ଧି ଅଗୋଚର । ୨୧

କହ କେଉଁ ମୂର୍ତ୍ତି ତୁମ୍ଭର ଏ ଦେବ !
ଯହିଁରେ କରୁଛ ସୃଷ୍ଟି,
ଅବା ଯେଉଁ ରୂପେ, ପାଳୁଅଛ ବିଶ୍ୱ
ସଂହାରୁଛ ପୁଣି ସୃଷ୍ଟି । ୨୨

ଆଉ ପଛେ ଏହି ନିବେଦନ ଦେବ !
ଚିନ୍ତାକୁଳ ଆମ୍ଭେମାନେ,
କର ଆଜ୍ଞା ଏବେ କରିବୁ ବା କିସ
ଉପସ୍ଥିତ ସନ୍ନିଧାନେ । ୨୩

ତହୁଁ ମହେଶ୍ୱର ଦଶନ ପ୍ରଭାରେ
କ୍ଷୀଣ ବାଳଇନ୍ଦୁ ଦ୍ୟୁତି
ବଢ଼ାଇ ଦ୍ୱିଗୁଣେ ପ୍ରସନ୍ନ ବଦନେ
ଏମନ୍ତ କଲେ ପ୍ରତ୍ୟୁକ୍ତି । ୨୪

Digitized by srujanika@gmail.com

ନାହିଁ କିଛୁ ମୋର ସ୍ୱାର୍ଥପର ବୃତ୍ତି
ଜାଣ ତ ତୁମ୍ଭେ ସରବେ,
ଏ ଅଷ୍ଟ ପ୍ରକାର ମୂରତିରୁ ସ୍ପଷ୍ଟ
ଜଣାପଡ଼ ଥିବ ଲବେ । ୨୫

ଯେସନ୍ତେ ତୃଷାତୁର ଚାତକ ବାରିଦେ
ମାଗଇ ବିନ୍ଦୁଏ ଜଳ,
ତେସନ ଏ ସୁରେ ଯାଚନ୍ତି ଆକୁଳେ
ମୋ ଚିତ୍ତେ ସୁତ ମଙ୍ଗଳ । ୨୬

ଏଣୁ ଅନେ୍ନ ପ୍ରୀତି ନମନ୍ତେ ପାବନ
ଗ୍ରହଣେ ମୋହର ମନ,
ଜ୍ଞାନୀ ଉତ୍ପାଦନେ ଯଜମାନ ଯେସନ୍ତେ
ଅରଣି କରେ ଗ୍ରହଣ । ୨୭

ଅମ୍ଭେ ଲାଗି ସବେ ହିମାଦ୍ରିଙ୍କି ସବେ
କରିବ ଯାଇ ପ୍ରାର୍ଥନା,
ସଜ୍ଜନ ବିହିତ ସମ୍ବନ୍ଧେ କଦାପି
ନ ଘଟିବ ବିଡ଼ମ୍ବନା । ୨୮

ଧରଣୀ ଧାରଣ କ୍ଷମ ସେହି ଗିରି
ଉନ୍ନତ ପ୍ରତିଷ୍ଠାବନ୍ତ,
ତାଙ୍କ ସଙ୍ଗେ ନବ- ସମ୍ବନ୍ଧ ସନ୍ଧିଲେ
ନୋହିବ ମୋ ମାନ ହତ । ୨୯

କନ୍ୟା ସମ୍ପ୍ରଦାନେ କହିବ ଏସନେ
ନ ଦେବ ଏ ଉପଦେଶ,
ଯେଣୁ ତୁମ୍ଭ କୃତ ଆଚାର ପଦ୍ଧତି
ଘୋଷନ୍ତି ବୁଧେ ବିଶେଷ । ୩୦

ଆର୍ଯ୍ୟା ଅରୁନ୍ଧତି ଏଥି ସହାୟତା
କରିବେ, ବହୁତ ଆଶା,
ଏ କର୍ମ ସାଧନେ ପୁରନ୍ଧ୍ରୀ ଜନଙ୍କୁ
ଆସଇ ସୁକୁଶ ଭଷା । ୩୧

ଯାଅ ତେବେ ସର୍ବେ କାର୍ଯ୍ୟସିଦ୍ଧି ଅର୍ଥେ
ଓଷଧିପ୍ରସ୍ଥ ନଗରେ,
ଏ କୁଣୀ ପ୍ରପାତେ ଆମ୍ଭର ସାକ୍ଷାତ
ହେବ ପୁଣି ଯେସନ୍ତେ ପରେ । ୩୨

ଆଦ୍ୟ ଯୋଗୀଶ୍ୱରେ ବିବାହ ଉତ୍ସୁକ
ଦେଖି ସର୍ବ ପ୍ରଜାପତି
ନାଶି ପରିଗ୍ରହ- ଜନିତ ଲଜ୍ଜାକୁ
ଚେତିଲେ ହେଲେହେଁ ଯତି । ୩୩

ପ୍ରଭୁ ଆଜ୍ଞା ମାନି ଚିତ୍ତେ ସର୍ବ ମୁନି
ସେ ସ୍ଥାନୁ କଲେ ପ୍ରସ୍ଥାନ,
ମିଳିଲେ ସୁମନେ ସେ ସଙ୍କେତ ସ୍ଥାନେ
ଏଣେ ମଧ୍ୟ ମହେଶାନ । ୩୪

ଚିତ୍ତେ ଆସି ଶ୍ୟାମ ବ୍ୟୋମଦେଶେ ଉଠି
ଓଷଧିପ୍ରସ୍ଥ ପତ୍ତନେ
ମିଳିଲେ ସେ ସପ୍ତ ମନୋରଥ ଗତି
ପରମ ଋଦ୍ଧି ତକ୍ଷଣେ । ୩୫

ବିବିଧ ବିଭବେ ସଦା ଋଦ୍ଧିମନ୍ତ
ଅଳକାପୁରୀକି ବଳି,
ସ୍ୱର୍ଗର ବଳକା ଅଂଶ ଘେନି କିବା
ରଚିତ ପୁର ଏଭଳି ! ୩୬

ମରକତ ବେଢ଼ା ପ୍ରାୟେ ତରଙ୍ଗେ
ଶୋହେ ଜାହ୍ନବୀର ପୂର,
ମଧ୍ୟଦେଶେ ଜଳ ଓଷଧି ସକଳ
କେଉଁ ତୋରା ଦିଶେ ପୁର । ୩୭

ସିଂହଭୟଜଣା ବର୍ଜିତ ବାରଣେ,
ଯହିଁ ଅଶ୍ୱେ ବିଳୁ ଜାତ,
ଯକ୍ଷ କିଂପୁରୁଷେ ପୁରଜନ ଯହିଁ
ନାରୀ ବନଦେବୀବ୍ରାତ । ୩୮

ପ୍ରାସାଦଶିଖରେ ଯହିଁ ତାଳେ ତାଳେ
ବାଜନ୍ତେ ମୁରଜ ଧୀରେ,
ହୁଅଇ ପରତେ ଗରଜେ କି ସତେ
କାଦମ୍ବିନୀ ସୁଗମ୍ଭୀରେ । ୩୯

Digitized by srujanika@gmail.com

ଯହିଁ ପୁରୋଦ୍ୟାନେ   ଅଯତ୍ନେ ବସନ
ଲାଗି କଳ୍ପତରୁ ଡାଳେ
ବାତେ ଫର ଫର   କେତନ ପରାୟେ
ଶୋହେ ଗୃହଯନ୍ତ୍ରାଧାରେ । ୪୦

ସ୍ଫଟିକଭବନେ   ମଧୁପାନ ସ୍ଥାନେ
ରଜନୀରେ ତାରକାଏ,
ପ୍ରତିଫଳ ଅଙ୍ଗେ   ଦିଶଇ ସୁନ୍ଦର
ଦତ୍ତ ଫୁଲହାର ପ୍ରାୟେ ! ୪୧

ଦୁର୍ଦିନ ରଜନୀ   କାଳେ ସୁଦ୍ଧା ଯହିଁ
ଅଭିସାରିକା ରମଣୀ
ନ ଜାଣେ ଅନ୍ଧାର   ଔଷଧିର ଭାସେ
ଦିଶେ ସଙ୍କେତ ସରଣୀ । ୪୨

ବୟସର ସୀମା   ଯହିଁଟି ଯୌବନ,
କାମ ଯମଦେବ ଏକା,
ରତିଶ୍ରାନ୍ତିବଶେ   ଘଟଇ ଯେ ନିଦ୍ରା
ଚେତନା ନାଶେ ତା ଲେଖା । ୪୩

ଭ୍ରୂଭଙ୍ଗ ଦର୍ଶନେ   ଅଙ୍ଗୁଳି ତର୍ଜନେ
ଉତ୍ସୁକମ୍ପେ ପ୍ରମଦାଏ
ଯହିଁ କୋପ କଲେ   ବିନୟୀ ହୁଅନ୍ତି
ଯୁବାକୋପ ଶାନ୍ତଯାଏ । ୪୪

ସନ୍ତାନକ ତରୁ   ତଳେ ସୁପ୍ତ ଯହିଁ
ପାନ୍ଥ ବିଦ୍ୟାଧରଗଣ,
କୁସୁମ ସୁରଭି   ସେ ଗନ୍ଧମାଦନ
ଯାର ବାହ୍ୟ ଉପବନ । ୪୫

ସିଦ୍ଧବନବାସୀ   ମୁନିଗଣ ତହୁଁ
ଦେଖି ହିମାଦ୍ରି ପତ୍ତନ
ସ୍ୱର୍ଗଲାଭ ଆଶେ   ଯା ପୁଣ୍ୟ ଅର୍ଜନ,
ମଣିଲେ ତା ବିଡ଼ମ୍ବନ । ୪୬

ଉହ୍ଲାଇଲେ ଗିରି-   ପୁରେ ଉଭା କରି
ଶୂନ୍ୟମଣ୍ଡଳୁ ସକଳ,
ଶିରେ ଜଟାଜାଲ   ଦିଶେ ଚିତାର୍ପିତ
ଅନଳ ପ୍ରାୟେ ନିଶ୍ଚଳ । ୪୭

ଅନାଇଲେ ଊର୍ଦ୍ଧ୍ୱ-   ମୁଖେ ଦ୍ୱାରପାଳେ
ଯଥାକ୍ରମେ ଅଗ୍ରସର
ସେ ମୁନିଗଣଙ୍କୁ,   ଜଳମଧ୍ୟେ ରବି-
ବିମ୍ବ ସମ ମନୋହର । ୪୮

ଅର୍ଘ୍ୟ ଘେନି ତହୁଁ   ଦମି ବସୁନ୍ଧରା
ଗୁରୁପଦନ୍ୟାସ ଭରେ
ସେ ପୂଜ୍ୟ ମୁନିଙ୍କି   ଗିରିରାଜ ଦୂରୁ
ପାଛୋଟି ଆଣିଲେ ଘରେ । ୪୯

ଅରୁଣ ଅଧର   ଉନ୍ନତ ଆକାର
ଶିଳାଘନ ବକ୍ଷସ୍ଥଳ,
ଦେବଦାରୁ ସମ   ସୁବିପୁଳ ଭୁଜୁଁ
ଜାଣିଲେ ଏ ହିମାଚଳ । ୫୦

ଶାସ୍ତ୍ରବିଧିମତେ   ପୂଜି ଗିରିରାଜ
ମାର୍ଗ ଦେଖାଇଲେ ଆଗେ,
ଶୁଦ୍ଧାତ୍ମା ସେ ମୁନି-   ଗଣେ ଘେନିଗଲେ
ଶୁଦ୍ଧାନ୍ତଃପୁରେ ସରାଗେ । ୫୧

ବିହିତ ସମ୍ମାନେ   ତହିଁ ବେତ୍ରାସନେ
ବସାଇ ଭୂଧରେଶ୍ୱର
ବସି ସ୍ୱୟଂ ପୁଣି   କୃତାଞ୍ଜଳିପୁଟେ
ପୁଚ୍ଛିଲେ ମୁନିଙ୍କି ଗିର । ୫୨

ଅକସ୍ମାତେ ଆଜ   ମୋ ପୁରେ ଦର୍ଶନ
ମଣେ ବଡ଼ ଆଚମ୍ବିତ,
ବିନା ମେଘେ ବର୍ଷା   ବିନା ଫୁଲେ ଫଳ
ପ୍ରାୟେ ଏହା ଆଶାତୀତ ! ୫୩

ତବ ଅନୁଗ୍ରହେ   ଏହି ଧରା ଦେହେ
ସ୍ୱର୍ଗରେ ବସିଲି ସିନା,
ମୂଢ଼ ଆତ୍ମା ମମ   ହେଲା ଜ୍ଞାନଧାମ
ଲୁହା ପାଲଟିଲା ସୁନା । ୫୪

Digitized by srujanika@gmail.com

ଆଜନ୍ମ କଳୁଷ- ନାଶନେ ମୁଁ ତୀର୍ଥ
ବୋଲଇବ ପ୍ରାଣୀଙ୍କର,
ଭବେ ସେହ୍ୱ ସିନା ତୀର୍ଥସ୍ଥାନ ଜଣା
ଯହିଁ ସ୍ଥିତି ସାଧୁଙ୍କର । ୫୫

ଉଭୟପୁରେ ମୁହିଁ ଆପଣାକୁ ପୂତ
ମଣଇଁ ହେ ଦ୍ୱିଜବରେ,
ଶିରେ ଗଙ୍ଗାଜଳ- ପ୍ରପାତେ, ପୁଣି ଏ
ତବ ଧୌତପଦଜଳେ । ୫୬

ସ୍ଥାବର ଜଙ୍ଗମ ବେନି ବପୁ ମମ
ଲଭିଲେ ସମାନଭାଗେ,
ତୁମ୍ଭର ପ୍ରସାଦ ତେଣୁ ମୋ ଆହ୍ଲାଦ
ହୃଦେ ଆଚମ୍ବିତେ ଜାଗେ । ୫୭

ଜଙ୍ଗମ ଶରୀର ନିଯୋଜିତ ଏବେ
କିଙ୍କରପଣେ ତୁମ୍ଭର,
ବହଇ, ମସ୍ତକେ ପଦଧୂଳି ଏବେ
ପୁଲକିଭରେ ସ୍ଥାବର । ୫୮

ତୁମ୍ଭର ସ୍ୱାଗତେ ସନ୍ତୋଷ ସଂବୃତ
ଉପୁଜେ ହୃଦରେ ମମ,
ଦିଗନ୍ତବିସ୍ତାରୀ ଦେହରେ ମୋହର
ନ ଧରେ ତା ଅନୁପମ । ୫୯

ଜ୍ୟୋତିର୍ମୟ ତବ ଦର୍ଶନେ କେବଳ
ନ ଗଲା ଗୁହା ଅନ୍ଧାର,
ହୃଦୟୁ ମୋହର ଅଜ୍ଞାନ-ତମସ
ଘୁଞ୍ଚିଗଲା ସେ ପ୍ରକାର । ୬୦

ଦେଖୁ ନାହିଁ କିଛୁ କେଉଁ କାର୍ଯ୍ୟ ଅଛୁ
ଥିଲେ କିବା ଅସମ୍ଭବ ?
ମଣଇଁ, ପବିତ୍ର କରିବାକୁ ମୋତେ
ଶୁଭ ଆଗମନ ତବ ! ୬୧

ତଥାପି ନିଯୋଗେ ଆଜ୍ଞା ହେଉ ମୋତେ
ଏହି ମାତ୍ର ନିବେଦନ,
ପ୍ରଭୁ ପାଶେ ସିନା ଆଜ୍ଞା-ଅନୁଗ୍ରହ
ଇଚ୍ଛନ୍ତି କିଙ୍କର ଜନ ? ୬୨

ଅଗ୍ରତେ ଏହି ମୁଁ, ଏ ପ୍ରିୟା ମେନକା,
କନ୍ୟାକୁଳର ଜୀବନ,
ଏ ତିନିରୁ ଯହିଁ ପ୍ରୟୋଜନ ବୋଲ,
ଆନ ସବୁ ତୁଚ୍ଛ ଧନ । ୬୩

ଏତିକି ଉଚ୍ଚାରି ତହିଁ ହିମଗିରି
ଗୁହାମୁଖ ସଞ୍ଚାରିତ—
ପ୍ରତିଧ୍ୱନି ଛଳେ ଅତର୍କିତେ କଲେ
ଦ୍ୱିବାର ତା ଉଚ୍ଚାରିତ । ୬୪

ଏଥୁଅନ୍ତେ ଋଷି— ଗଣ ଅଗ୍ରଗଣ୍ୟ
ଅଙ୍ଗିରସେ ମଙ୍ଗାଇଲେ,
ସେ ମୁନିପୁଙ୍ଗବ ଭୂଧରପତିଙ୍କୁ
ଏମନ୍ତ ତହୁଁ ଭଣିଲେ । ୬୫

କହିଲ ଯା, ଗିରି— ରାଜ ! ତହୁଁ କଳ
ଯୁକତ ତା ତୁମ୍ଭଠାରେ,
ମାନସ ତୁମ୍ଭର ଅଟେ ସମୁନ୍ନତ
ନିଜ ଶୃଙ୍ଗ ସେ ପ୍ରକାରେ । ୬୬

ତୁମ୍ଭଙ୍କୁ ସ୍ଥାବର— ରୂପୀ ବିଷ୍ଣୁ ବୋଲି
କହିଛନ୍ତି ଯାହା ସତ,
ତୁମ୍ଭ କଳେବର ଚରାଚରଙ୍କର
ଆଧାରରୂପେ ବ୍ୟକତ । ୬୭

ରସାତଳଯାଏ ସୁମୂଳ ବିସ୍ତାରି
ଧରି ନ ଥାନ୍ତି ଯେବେ,
ମୃଣାଳ-ମୃଦୁଳ ଫଣାରେ କି ଫଣୀ
ଧରିଥାନ୍ତା ଧରା କେବେ ? ୬୮

ଅଖଣ୍ଡ ଅମଳ ଉଦବେଳ ସାଗର—
ସଙ୍ଗେ ଅନର୍ଗଳେ ମିଶେ,
ତବ ଏ କୀରତି ତଥା ଏ ସରିତେ,
ଲୋକ-ପାବନ ସେ ଦିଶେ । ୬୯

Digitized by srujanika@gmail.com

କାରଣସ୍ୱରୂପୀ ବିଷ୍ଣୁପଦୁଁ ଯଥା
ସମ୍ଭବ ଜାହ୍ନବୀ ଧନ୍ୟା,
ତୁମ୍ଭ ତୁଙ୍ଗ ଶିରୁ ପଶ୍ଚାତେ ତେସନ
ଜନମି ସେ ଅଗ୍ରଗଣ୍ୟା । ୭୦

ତିନି ପଦେ ତିନି ଚରଣ ବିସ୍ତାରି
ଦେଖାଇଥିଲେ ଯା ହରି,
ସେ ବିରାଟ ରୂପ ବ୍ୟାପକ ହେ ଗିରି !
ସ୍ୱଭାବସିଦ୍ଧ ତୁମ୍ଭରି । ୭୧

ଯଜ୍ଞଭାଗୀ ଦେବ- ଗଣଙ୍କ ମଧ୍ୟରେ
ଲଭି ତୁମ୍ଭେ ଯୋଗ୍ୟାସନ
ସୁମେରୁର ତୁଙ୍ଗ ହିରଣ୍ମୟ ଶୃଙ୍ଗେ
କରିଅଛ ଅକାରଣ । ୭୨

ସ୍ଥାବର ଶରୀରେ ନିହିତ ତୁମ୍ଭର
କଠିନପଣ ଯାବତ,
ସାଧୁଜନ ସେବା— ଭାଜନ ଏ ବପୁ
ଆହା କି ଭକ୍ତିବିନତ ! ୭୩

ଆମ୍ଭ ଆଗମନ- ପ୍ରୟୋଜନ ଶୁଣ,
ସେ କାର୍ଯ୍ୟ ଏକା ତୁମ୍ଭର,
ଶୁଭ ଅନୁଷ୍ଠାନେ ଉପଦେଶ ଦାନ
କର୍ତ୍ତବ୍ୟ ମାତ୍ର ଆମ୍ଭର । ୭୪

ଅଦ୍ୱ ସ୍ଥାୟୁଗାମୀ ଯେ ଈଶ୍ୱର ପଦ
ଅଣିମାଦି ଗୁଣାନ୍ୱିତ,
ସେ ପରମପଦେ ଧରନ୍ତି ଯେ ମୁଦେ
ଅର୍ଦ୍ଧ ଶଶାଙ୍କ ସହିତ । ୭୫

ପରସ୍ପର ଶକ୍ତି— ପରକାଶେ ଯେହ୍ନ
କ୍ଷିତି ଆଦି ଆତ୍ମଭାଗେ,
ଧାରଣ କରନ୍ତି ଏ ବିଶାଳ ବିଶ୍ୱ
ଯାନେ ଯଥା ଅଶ୍ୱ ମାର୍ଗେ । ୭୬

ସର୍ବ ଅନ୍ତର୍ଯ୍ୟାମୀ ଯେଉଁ ପୁରୁଷଙ୍କୁ
ସୁମରନ୍ତି ଯୋଗୀଜନେ,
ପୁନର୍ଜନ୍ମ ଭୟ- ରହିତ ଯା ପଦ
କହିଛନ୍ତି ବୁଧଗଣେ । ୭୭

ଆମ୍ଭ ମୁଖେ ସେହି ବିଶ୍ୱକର୍ମସାକ୍ଷୀ
ସ୍ୱୟଂ ବରଦ ଈଶ୍ୱର
ବରୁଛନ୍ତି ଏବେ ସଧର୍ମିଣୀ ପଦେ
କନ୍ୟାରତ୍ନଙ୍କୁ ତୁମ୍ଭର । ୭୮

ବାଣୀ ସଙ୍ଗେ ଅର୍ଥ ପରାୟେ ତାହାଙ୍କୁ
ମିଳାଅ ସଙ୍ଗେ କନ୍ୟାର,
ସତ୍ପାତ୍ରେ ଦୁହିତା ଅର୍ପିଲେ କି କେବେ
ଶୋଚନା ଥାଏ ପିତାର? ୭୯

ସ୍ଥାବର ଜଙ୍ଗମ ଏ ଯାବନ୍ତ ପ୍ରାଣୀ
ମଣନ୍ତୁ ଏହାଙ୍କୁ ମାତା,
ଯେଣୁ ସେ ଈଶ୍ୱର ବିଶ୍ୱଚରାଚରେ
ବିଦିତ ସବୁରି ପିତା । ୮୦

ସକଳ ଅମରେ ପ୍ରଣମି ଶଙ୍କରେ
ତହୁଁ ଏହାଙ୍କ ଚରଣେ
ରଞ୍ଜିତ କରନ୍ତୁ ମୁକୁଟ ମଣିର
ବିଚିତ୍ର ବର୍ଣ୍ଣ କିରଣେ । ୮୧

ଉମା ଯହିଁ ବଧୂ ତୁମ୍ଭେ କନ୍ୟାଦାତା
ବର ସ୍ୱୟଂ ମହେଶ୍ୱର,
ଆମ୍ଭେ ସର୍ବେ ପୁଣି ହେଲୁଁ ହେ ଯାଚକ
ଟେକ ବଢ଼ିବ କୁଳର । ୮୨

ନୁହନ୍ତି ଯେ ସ୍ତୋତା ସର୍ବସ୍ତୁତ ସେହି
ବିଶ୍ୱବନ୍ଦ୍ୟ ମହେଶ୍ୱର,
ଦୁହିତା ସମ୍ବନ୍ଧ- ବିଧିରେ ହୁଅ ହେ
ଗୁରୁ ବିଶ୍ୱଗୁରୁଙ୍କର । ୮୩

ଭାଷନ୍ତେ ଏସନ ଦେବର୍ଷି ଅଙ୍ଗିରା,
ପିତାଙ୍କ ପାଶେ ପାର୍ବତୀ
ଲୀଳା ଶତଦଳ- ପତ୍ର ଗଣନାରେ
ମନ ଦେଲେ ମୌନାବସ୍ଥା । ୮୪

Digitized by srujanika@gmail.com

ପୂର୍ଣ୍ଣ ଅଭିଳାଷ ଥିଲେହେଁ ଭୂଧର
ମେନା ମୁଖେ ଅନାଇଲେ,
କନ୍ୟା ପ୍ରସଙ୍ଗରେ ପରା ଗୃହିଣୀଏ
ଦେଖାନ୍ତି ବିଧି ପଦ୍ଧିଲେ ? ୮୫

ପତିଙ୍କ ପ୍ରସ୍ତାବେ କଲେ ମେନା ସତୀ
ତତକ୍ଷଣେ ସମ୍ମତି ଦାନ,
ଇଷ୍ଟ କର୍ମେ ପତି- କଥା ପତିବ୍ରତା
କେବେ ନ କରନ୍ତି ଆନ । ୮୬

ମୁନି ବଚନକୁ ଯୋଗ୍ୟ ପ୍ରତ୍ୟୁତ୍ତର
ହେବ ଏହା ଭାବି ମନେ,
ମଙ୍ଗଳ ଭୂଷଣେ ଭୂଷିତା ସୁତାଙ୍କୁ
କରେ ଧରି ଗିରି ଭଣେ । ୮୭

ଆସ ମା ଅମ୍ବିକା ! ହେବୁ ଆଜ ଭିକ୍ଷା
ବିଶ୍ୱପତି ଶିବଙ୍କର,
ମୋ ଦ୍ୱାରେ ଯାଚକ ଆଜ ଏ ମୁନିଏ,
ପାଇଲି ଗୃହସ୍ଥ-ଫଳ । ୮୮

ଏମନ୍ତେ ହକାରି ଦୁହିତାଙ୍କୁ ଗିରି
ଜଣାଇଲେ ସେ ମୁନିଙ୍କି,
ଏହି ତ୍ରିଲୋଚନ- ବଧୂ, ମୁନିଗଣ !
ପ୍ରଣାମ କରେ ସଭିଙ୍କି । ୮୯

ଇଷ୍ଟଫଳ ଲଭି— ଦର୍ଶନେ ଗିରିଙ୍କି
ପ୍ରଶଂସି ମୁନି ସକଳ
ମଙ୍ଗଳ ଆଶିଷେ ଭୂଷିଲେ ଉମାଙ୍କୁ
ଆଗେ ଆଗେ ଯାର ଫଳ । ୯୦

ପ୍ରଣାମ କରନ୍ତେ ଢଳିଲା ଶ୍ରବଣେ
କନକ କୁଣ୍ଡଳ ବେନି,
ଆଲିଙ୍ଗିଲେ ସ୍ନେହେ ସେ ଲଜ୍ଜାବତୀଙ୍କି
ଅରୁନ୍ଧତୀ କରେ ଘେନି । ୯୧

ତହୁଁ ମେନକାଙ୍କୁ ପ୍ରବୋଧିଲେ ସତୀ
କନ୍ୟାସ୍ନେହେ ସୁଦୁଃଖିନୀ ।
ଅଶ୍ରୁମୁଖୀ ଦେଖି ବର ଗୁଣମାନ
ବଖାଣି କଲେ ସୁଖିନୀ । ୯୨

କଉପୀନଧାରୀ ସେ ମୁନିଙ୍କି ଗିରି
ପୁଛନ୍ତେ ବିବାହ ତିଥି,
ଚଳିଲେ ସକଳେ ତିନିଦିନ ପରେ
ଜଣାଇ ଉପ୍ରବସ୍ଥ ତି । ୯୩

ତହୁଁ ହିମାଳୟେ ଆମନ୍ତ୍ରି ଯତି ଏ
ମିଳିଲେ ଶୂଳୀଙ୍କ ପାଶେ,
କାର୍ଯ୍ୟସିଦ୍ଧି ତାଙ୍କୁ ଜଣାଇ ବିଦାୟ
ଘେନି ଉଠିଲେ ଆକାଶେ । ୯୪

ପର୍ବତତନୟା— ସଙ୍ଗମ-ଉତ୍ସୁକ
ହୋଇ ପଶୁପତି ତହିଁ
ସେହି କେତେଦିନ କରିଲେ ଯାପନ
ଚିତ୍ତେ ଅତି କଷ୍ଟ ସହି । ୯୫

ସ୍ୱୟଂ ଯେ ଈଶ୍ୱର ବଶୀନ୍ଦ୍ର ପ୍ରବର
ସେଠି ଯେବେ ଏ ବିକାର !
କି ନୋହିବ ଅନ୍ୟେ ? ଅବଶ ଯେ ଜନେ
ମାର-କର୍ମ ଦୁର୍ନିବାର । ୯୬

'ଉମା ପ୍ରଦାନ' ନାମ ଷଷ୍ଠ ସର୍ଗ ସମାପ୍ତ ।

Digitized by srujanika@gmail.com

ସପ୍ତମ ସର୍ଗ

ଏଥିଅନ୍ତେ ଚନ୍ଦ୍ରପକ୍ଷେ ମଙ୍ଗଳ ଦିବସେ
ଜାମିତ୍ର ଲକ୍ଷଣଯୁତ ତିଥିର ହରଷେ
ବନ୍ଧୁବାନ୍ଧବଙ୍କୁ ଘେନି ଗିରି ହିମବାନ
କନ୍ୟାର ବିବାହବିଧି କଲେ ଅନୁଷ୍ଠାନ । ୧

ଘରେ ଘରେ ଘରଣୀଏ ବିବାହ ମଙ୍ଗଳ—
କୃତ୍ୟେ ଅନୁରାଗବଶେ ହୋଇଲେ ଚଞ୍ଚଳ,
ଗିରିରାଜଙ୍କର ପୁର ନଗର ଆବର
ମନେ ହେଲା ଯେହ୍ନେ ଏକ କୁଟୁମ୍ବ ସକଳ । ୨

ସୁନ୍ଦର ମନ୍ଦାରଫୁଲେ ଦାଣ୍ଡ ସୁମଣ୍ଡିତ,
ସ୍ତମ୍ଭେ ସ୍ତମ୍ଭେ ଉଡ଼େ ଧ୍ୱଜ କୌଷେୟରଚିତ,
କାଞ୍ଚନ ତୋରଣ ପ୍ରଭା ଚୌଦିଗେ ସଞ୍ଚରେ;
ସ୍ୱର୍ଗ ବିରାଜଇ କିବା ଆଜି ସ୍ଥାନାନ୍ତରେ ? ୩

ପାଣିଗ୍ରହଣ ସମୟ ହେବାରୁ ନିକଟ
ପିତା ମାତାଙ୍କର ଉମା ହେଲେ ପ୍ରାଣ-ଘଟ,
ଯେତେ ଦେଖିଲେହେଁ ପୁନର୍ଜନ୍ମ ଅବା ସତେ
ଲଭିଛି କି ? ମଣିଲେ ସେ ତେଜି ଅନ୍ୟାପତ୍ୟେ । ୪

ଅଙ୍କେ ଅଙ୍କେ ନେଲେ ଉମା ଆଶିଷ ବିତରି,
ଭୂଷଣ ପରେ ଭୂଷଣ ଦେଲେ ଅଙ୍ଗେ ଭରି,
ନାନା ମିତ୍ର ସୁତେ ସ୍ନେହ ଥିଲେହେଁ ବିଭକ୍ତ
ଏକା ଉମା-ଧନେ ଗିରିବଂଶ ଅନୁରକ୍ତ । ୫

ଶୁଭ ମୈତ୍ର ମୁହୂର୍ତ୍ତରେ ଶଶାଙ୍କ ସହିତ
ଉତ୍ତରଫାଲ୍‌ଗୁନ ଯହୁଁ ହୋଇଲା ମିଳିତ,
ପତିପୁତ୍ରବତୀ ଯେତେ ବାନ୍ଧବ ସ୍ତ୍ରୀଜନ
ଆରମ୍ଭିଲେ ଉମା ସଙ୍ଗେ ଶୁଭ ପ୍ରସାଧନ । ୬

ବାନ୍ଧିଲେ ଶ୍ୱେତସର୍ଷପ ଦୁର୍ବାଦଳେ ଦେଇ,
ପିନ୍ଧାଇଲେ ପଟ୍ଟବାସ ନାଭିବିମ୍ବ ଢେଇଁ,
ସଜାଇ ଶ୍ରୀଭୁଜେ ବାଣ କରାଇଲେ ବେଶ,
ସେ ଅଙ୍ଗେ ଦିଶିଲା ସବୁ ଭୂଷିତ ବିଶେଷ । ୭

ଶୋଭିଲେ ବିଶେଷେ ବାଳା ଘେନି ସେହି ଦିଣ
ନବୀନ ବିବାହଦୀକ୍ଷା ବିଧିର ନିଶାଣ,
କୃଷ୍ଣପକ୍ଷ ଅବସାନେ ଯେହ୍ନେ ଶଶିକଳା
ରବିର କିରଣେ ଦିଶେ ଅଧିକେ ଉଜ୍ଜ୍ୱଳା ! ୮

ନାଶିଲେ ଶ୍ରୀଅଙ୍ଗୁ ତୈଳ ଲୋଧଚୂର୍ଣ୍ଣ ଘଷି,
ବୋଳିଲେ ଗୋଳା ଅଗୁରୁ ଚନ୍ଦନକୁ ବସି,
ଅଭିଷେକଯୋଗ୍ୟ ବାସ ପିନ୍ଧାଇ କୁମାରୀ
ବିବାହମଣ୍ଡପେ ଘେନି ଗଲେ ସର୍ବ ନାରୀ । ୯

ମୋତିକମେ ସୁରଞ୍ଜିତ ମରକତ ଶିଳା
ତଥି ପରେ ବସାଇ ସେ କନ୍ୟା ସ୍ୱରୁଶୀଳା
କନକକଳସୁଁ ଜଳ ଶ୍ରୀଅଙ୍ଗରେ ଢାଳି
ସ୍ନାନବିଧି ବଢ଼ାଇଲେ ତହିଁ ସର୍ବ ଆଳୀ । ୧୦

ସେ ମଙ୍ଗଳ ସ୍ନାନବିଧି ଅନ୍ତେ ଶୁଦ୍ଧବେଶେ
ସୁତନୁ ଧୌତବସନେ ଶୋଭିଲେ ବିଶେଷେ,
ବର୍ଷା ଅନ୍ତେ ଧୌତ ଧରା ଦିଶଇ ଯେସନ
ଧବଳ କାଶ କୁସୁମେ ଆହା ସୁଶୋଭନ । ୧୧

ନେଲେ ତହୁଁ ସୁଯତନେ ବେଦୀକୁ ବହନ
କନ୍ୟାରତ୍ନେ ଘେନି ସର୍ବ ପତିବ୍ରତାଗଣ,
ସୁଚାରୁ ଆସନ ଯହିଁ ଥିଲା ସୁସଜ୍ଜିତ
ସ୍ୱର ମଣିସ୍ତମ୍ଭେ ସ୍ୱରୁ ବିତାନ ଲମ୍ବିତ । ୧୨

ବସାଇ ପୂର୍ବମୁଖେ ପ୍ରସାଧିକାଗଣ
ଅଗ୍ରେ ଉଭା ହୋଇ କ୍ଷଣେ କଲେ ନିରୀକ୍ଷଣ,
ନିସର୍ଗ ସୁଷମା ତହିଁ ହରିଲା ନୟନ,
ନ ରୁଚିଁଲେ ପାଶେ ଯେତେ ସୁବେଶ ଭୂଷଣ । ୧୩

ବାନ୍ଧିଲା କେ ପ୍ରସାଧିକା ମଧୁରେ କବରୀ
ଧୂପ ଧାସେ ମଉଳିଲା ଫୁଲେ ଯତ୍ନ କରି,
ସୁନ୍ଦର କୁସୁମଦାମ ବିରଚି ଯତନେ
ମଧ୍ୟେ ଦୁର୍ବାଦଳ ଖଞ୍ଜି ମଧୂକ ସୁମନେ । ୧୪

Digitized by srujanika@gmail.com

ଶ୍ୱେତ ଅଗରୁ ଚନ୍ଦନ ବୋଳି ଗୋରୀ ଅଙ୍ଗେ
ଗୋରୋଚନା ପାଟୀ ତହିଁ କାଟିଲେ ବିଭଙ୍ଗେ;
ବଳିଲା ସେ ରୂପଶିରୀ ମନୋନେତ୍ର ଲୋଭା
ସଚକ୍ରବାକପୁଳିନା ଜାହ୍ନବୀର ଶୋଭା । ୧୫

ସୁନୀଳ ଅଳକେ ଉମା-ମୁଖର ସୁଷମା
ଧିକ୍‌କାରୀ ନୀଳଜଳଦ-ଅଙ୍କିତ ଚନ୍ଦ୍ରମା
ଭୃଙ୍ଗାବଳୀସମାକୁଳ ପଦ୍ମର ମାଧୁରୀ
ଉପମା ଦେବା କଥାକୁ ଦୂରେ ଦେଲା ଚୂରି । ୧୬

ଲୋଧ୍ରଚୂର୍ଣ୍ଣ ବିଲେପନେ କପୋଳ ଉଜ୍ଜ୍ୱଳ
ଗୋରୋଚନା ଯୋଗେ ଦିଶେ ଅତ୍ୟନ୍ତ ପାଟଳ,
ତହିପରେ ଶୋଭି କର୍ଣ୍ଣେ ପାଣ୍ଡୁ ଯବାଙ୍କୁର
ବର୍ଣ୍ଣବୈପରୀତ୍ୟେ ଦିଶେ ଅଧିକ ମଧୁର । ୧୭

ସୁତନୁର ଅଧରୋଷ୍ଠ ଦିଶଇ ସୁଡ଼ୌଳ
ମଧ୍ୟେ ସୂକ୍ଷ୍ମରେଖା ଯୋଗେ ବିଭକ୍ତ ସୁନ୍ଦର,
ବଢ଼ିଛି ପୁଣି ମଧୂଚ୍ଛି ଲଗି ଅରୁଣିମା
ଛୁଇଁନ୍ତେ ଏବେ ଲାବଣ୍ୟ ସମ୍ଭୋଗର ସୀମା
ଭବିଷ୍ୟ ମଙ୍ଗଳଶଂସୀ ବିଳାସ ସ୍ଫୁରଣେ
କି ଏକ ଅପୂର୍ବ ଶୋଭା ଧରିଲା ବଦନେ ! ୧୮

ଲକ୍ଷାରସ ଦେଇ ସଖୀ କେହି ପରିହାସେ
ହସିଲା ଆଶିଷଛଳେ ଗୌରୀଙ୍କି ପାଦ ପାଶେ,
ପତିଶିର ଶଶି-କଳା ଛୁଇଁ ଏ ପଦରେ,
ଶୁଣି ତା ପିଟିଲା ଫୁଲମାଳେ ନିରୁତ୍ତରେ । ୧୯

ସଜ ସରସିଜ ସମ ତା ବେନି ନୟନ
ନିରେଖି ନୟନଲୋଭା ପ୍ରସାଧିକାଗଣ
କାନ୍ତି ବଢ଼ିବାକୁ ଦୂରେ ନ ଦେଲେ କଜ୍ଜ୍ୱଳ,
ଦେଲେ ତା କେବଳ ନେତ୍ରେ ବିଧିର ମଙ୍ଗଳ । ୨୦

ନବବିକଶିତ ପୁଷ୍ପେ ଯେସନ ବଲ୍ଲରୀ,
ଅବା ନବୋଦିତ ତାରାପୁଞ୍ଜେ ବିଭାବରୀ,
ରଥାଙ୍ଗ ଆଦି ବିହଙ୍ଗେ ସରିତ ଯେସନ
ନାନା ଆଭରଣେ ବାଳା ଶୋଭିଲେ ତେସନ । ୨୧

ବିଶାଳ ନିଶ୍ଚଳ ବେନି ନୟନରେ କ୍ଷଣେ
ଦେଖି ମନୋରମ ନିଜ ବେଶ ଦରପଣେ
ଶିବସଙ୍ଗଲୋଭେ ବ୍ୟଗ୍ରା ହେଲେ ସେ ବିଶେଷ,
ପ୍ରିୟ ଦର୍ଶନେ ସଫଳ ସିନା ନାରୀବେଶ । ୨୨

ବେନି ଅଙ୍ଗୁଳିରେ ମେନା ଗୋଳା ହରିତାଳ
ତହିଁ ସଙ୍ଗେ ମନଃଶିଳା ଘେନି ଦୁହିତାର
ବଦନକମଳ ତୋଳି ଆହା କି କୋମଳେ !
(ଅମଳ କୁଣ୍ଡଳ ଯହିଁ ଗଣ୍ଡଯୁଗେ ଝୁଲେ ।) ୨୩

ରଚିଲେ ଲଲାଟେ ଟୋପା ବିବାହ ମଙ୍ଗଳେ
ଗୁରୁବେଦନାମନ୍ଥରେ ଅତି ଦୁଃଖଭରେ,
ସ୍ତନୋଦୟ ସଙ୍ଗେ ଆଦ୍ୟେ ଯେ ନବ ବାସନା
ଉଇଁଥିଲା, ସେହି କି ଏ ତିଳକ-ରଚନା ? ୨୪

ବାଷ୍ପାକୁଳ ନେତ୍ରେ ରାଣୀ ଦୁହିତାର ହସ୍ତେ
ବାନ୍ଧନ୍ତେ ମଙ୍ଗଳସୂତ୍ର ସ୍ଥାନାନ୍ତରେ ବ୍ୟସ୍ତେ
ନିଜ ଅଙ୍ଗୁଳିରେ ଧାତ୍ରୀ ଘୁଞ୍ଚାଇ ସ୍ୱସ୍ଥାନେ
ବାନ୍ଧିଲା ସେ ଊର୍ଣ୍ଣାମୟ ସୂତ୍ର ବନ୍ଧୁ ମାନେ । ୨୫

ଫେନପୁଞ୍ଜେ କ୍ଷୀରସିନ୍ଧୁ ଶୋଭଇ ଯେପରି,
ଅବା ପୂର୍ଣ୍ଣଚନ୍ଦ୍ରେ ଯଥା ଶାରଦ ଶର୍ବରୀ,
ତେସନ ପାର୍ବତୀ ନବ ଦୁକୂଳବସନେ
ଶୋଭିଲେ ଆବର କରେ ଧରି ଦରପଣେ । ୨୬

ସେ କୁଳଲକ୍ଷ୍ମୀଙ୍କ ଘେନି ବିଧିବିଚକ୍ଷଣା
ଆଗେ କୁଳଦେବତାଙ୍କ ବଢ଼ାଇ ଅର୍ଚ୍ଚନା
କରାଇଲେ ଏକେ ଏକେ ଚରଣବନ୍ଦନା
ପତିବ୍ରତା ନାରୀଙ୍କର, ଜନନୀ ସୁମନା । ୨୭

ଅଖଣ୍ଡ ପତିର ପ୍ରେମ ଲଭ ତୁ ଅମ୍ବିକେ !
ବିତରନ୍ତେ ଏ ଆଶିଷ ସର୍ବ ସତୀ ଠିକେ,
ନତଭାବେ ସୁକୁମାରୀ ଘେନିଲେ ସୁଚିତ୍ତେ
ଜିତିବାକୁ ପତି-ମତି ପ୍ରୀତିରେ ନିଶ୍ଚିତେ,
ହର ଅର୍ଦ୍ଧ-ଅଙ୍ଗହରା ହୋଇ ସେହି ପରେ
ବନ୍ଧୁଜନଙ୍କ ଆଶିଷ ବଳିଗଲେ ଫଳେ । ୨୮

Digitized by srujanika@gmail.com

ଧନ ମନ ଅନୁରୂପ ସୂତାର ବନ୍ଧନ
ସକଳ ମଙ୍ଗଳକର୍ମ ସାରି ବିଚକ୍ଷଣ
ଗିରିରାଜ, ସଭା ମଧ୍ୟେ ଯେନ ବନ୍ଧୁଗଣ
ପ୍ରତୀକ୍ଷା କଲେ ବୃଷଭ-ଧ୍ୱଜ ଆଗମନ । ୨୯

ସେ କାଳେ କୈଳାସଶୈଳେ ଦେବମାତୃଗଣ
ହରଙ୍କ ଅଗ୍ରତେ କଲେ ଧାଡ଼ରେ ସ୍ଥାପନ,
ଏଥି ପୂର୍ବେ ହୋଇଥିଲା ଯେ ପାଣିଗ୍ରହଣ
ତାର ଅନୁରୂପ ଯେତେ ବେଶ ଆଭରଣ । ୩୦

ତାଙ୍କ ଗୌରବରୁ ସେହି ମଙ୍ଗଳ ମଣ୍ଡନ
ଶ୍ରୀକରେ କେବଳ ସ୍ପର୍ଶ କଲେ ତ୍ରିଲୋଚନ,
ସେହି ସ୍ୱାଭାବିକ ବେଶ ଏବେ ବିଭୁଙ୍କର
ପରିଣୟ କାଳେ ଆଣି ଦେଲା ଭାବାନ୍ତର ! ୩୧

ଚିତାଭସ୍ମ ଯେହ୍ନେ ଶ୍ୱେତ ଚନ୍ଦନଲେପନ,
ନରକପାଳ ଅମଳ ମସ୍ତକଭୂଷଣ,
ଗଜାଜିନ ହେଲା ତହିଁ ଦୁକୂଳ ବସନ,
ଅଞ୍ଚଳେ ଗୋରଚନା କମ ଦିଶେ ଯା ଶୋଭନ । ୩୨

କପାଳେ ଯେଉଁ ତୃତୀୟ ନୟନ ଉଜ୍ଜ୍ୱଳ
(ମଧ୍ୟେ ଯା ପିଙ୍ଗଳ ଡୋଳା ଦିଶେ ଜଳ ଜଳ !)
ହରିତାଳେ ବିରଚିତ ସୁନ୍ଦର ତିଳକ
ପରାପ୍ତେ ମଣ୍ଡିଲା ତାହା ସେ ବର-ମସ୍ତକ । ୩୩

ଠାବେ ଠାବେ ଅଙ୍ଗେ ଆନ ଆନ ଆଭରଣ-
ଶୋଭାକୁ ବହନ୍ତି, ଯେଉଁ ଭୁଜଙ୍ଗମଗଣ
କେବଳ ଶରୀର ତାଙ୍କ ବିକାର ଭଜିଲା,
ଫଣାମଣି ଶୋଭା ଏକା ସେହିପରି ଥିଲା । ୩୪

ଦିବସେ ମଧ୍ୟ ଯେ କରେ ପ୍ରଭା ଉଦ୍‌ଗୀରଣ,
କୃଶ ଅଙ୍ଗେ ନାହିଁ ଯାର କଳଙ୍କ-ଦର୍ଶନ,
ଭାଲେ ସେ ବାଳେନ୍ଦୁ ହର କରନ୍ତି ଧାରଣ,
ଆନ ଶିଖା-ମଣି କପାଁ କରିବେ ଗ୍ରହଣ ? ୩୫

ଏରୂପେ ନିଜ ପ୍ରଭାବେ ସେ ପ୍ରଭୁ ଧାରଣ
କଲେ ଅଲୌକିକ ବରବେଶ ବିଭୂଷଣ,
ପାର୍ଶ୍ୱଚରଗଣେ ଆଣି ଦେଲେ ଯେ କୃପାଣ
ଦେଖିଲେ ତହିଁ ବିମ୍ବିତ ସ୍ୱରୂପ ମହାନ ! ୩୬

ଭକ୍ତିବଶେ ସଙ୍କୁଚିତ ବିଶାଳ ଶରୀର,
ପୃଷ୍ଠରେ ଶାର୍ଦ୍ଦୂଳଚର୍ମ ବିଶଇ ରୁଚିର,
ନନ୍ଦୀକର ଭରେ ହର କରି ଆରୋହଣ
ଚଳିଲେ ବୃଷଭ ପୃଷ୍ଠେ କୈଳାସେ ଯେସନ । ୩୭

ପଶ୍ଚାତେ ସପ୍ତମାତୃକା ଚଳିଲେ ସତ୍ୱର,
ସ୍ୱବାହନ ବେଗବଶେ ଦୋଳଇ କୁଣ୍ଡଳ,
ମୁଖପଦ୍ମେ ପଦ୍ମାକର କଲେ ସେ ଅମ୍ବର
ପାଟଳ ପ୍ରଭାମଣ୍ଡଳ ଯେହ୍ନେ ତା କେଶର । ୩୮

ଅଗ୍ରତେ ସପ୍ତମାତୃକା କନକବରଣା,
ପଶ୍ଚାତେ ଚଳିଲେ କାଳୀ କପାଳଭୂଷଣା,
ସୁଦୂରେ ପୁରତେ ଯେହ୍ନେ ରାଜେ ସୌଦାମିନୀ
ପଛେ ନୀଳକାଦମ୍ବିନୀ ବଳାକାମାଳିନୀ । ୩୯

ଚଳିଲେ ପ୍ରମଥଗଣେ ଶିବଙ୍କ ଅଗ୍ରତେ,
ବାଜିଲା ମଙ୍ଗଳବାଦ୍ୟ ତହିଁ ନାନାମତେ,
ବିମାନଗୁମ୍ଫ ଅମରେ ଶୁଣି ତା ଶ୍ରବଣେ
ଶିବସେବାର ଏ କାଳ ଜାଣିଲେ ତକ୍ଷଣେ । ୪୦

ବିଶ୍ୱକର୍ମା-ବିରଚିତ ଛତ୍ର ଅଭିନବ
ଧରିଲେ ହରଙ୍କ ଶିରେ କମଳବାନ୍ଧବ,
ସେ ଛତ୍ର ଦୁକୂଳ ମୌଳି ପାଶେ ଫରଫରେ
ହର ଉତ୍ତମାଙ୍ଗେ ଗଙ୍ଗା କିବା ଝରିପଡ଼େ । ୪୧

ଜାହ୍ନବୀ ଯମୁନା ଆଜ ହୋଇ ମୂର୍ତ୍ତିମନ୍ତ
ଚାମର ଢାଳି ଦେବଙ୍କୁ ସେବିଲେ ଝଟିତି,
ସାଗରଗାମିନୀ ରୂପ ନ ଥିଲେହେଁ ଦିଶେ
ଚାମରଢାଳନ ହଂସ-ମାଳା ତହିଁ କି ସେ ! ୪୨

Digitized by srujanika@gmail.com

ଭେଟିଲେ ହରଙ୍କୁ ତହିଁ ଆଦ୍ୟ ପ୍ରଜାପତି
ଶ୍ରୀବତ୍ସଲାଞ୍ଛନା ପ୍ରଭୁ ଆବର ଶ୍ରୀପତି,
ବଢ଼ାଇଲେ ତାଙ୍କ ମାନ ଜୟ ଉଚ୍ଚାରଣେ
ଘୃତଆହୁତି ସଂଯୋଗେ ଯଥା ହୁତାଶନେ । ୪୩

ସେହି ଏକ ମୂର୍ତ୍ତି ତିନ ଭାଗେ ବିଭକତ,
ତେଣୁ ଜ୍ୟେଷ୍ଠ କନିଷ୍ଠତ୍ୱ ସମାନ ବ୍ୟକତ,
କେବେ ଜ୍ୟେଷ୍ଠ ନାରାୟଣ, କେବେ ପୁଣି ହର,
ଏ ବେନି ଜ୍ୟେଷ୍ଠ କନିଷ୍ଠ କେବେ ବ୍ରହ୍ମାଙ୍କର । ୪୪

ଇନ୍ଦ୍ର ଆଦି ଦିଗପାଳେ ତେଜି ଆଡ଼ମ୍ବର
ଚଳିଲେ ବିନୀତ ବେଶେ ଯହିଁ ମହେଶ୍ୱର,
ନନ୍ଦୀକୁ କଲେ ସଙ୍କେତ ଦରଶନ ଦାନେ,
କୃତାଞ୍ଜଳିପୁଟେ ସର୍ବେ ନମିଲେ ଈଶାନେ । ୪୫

ସେ ପଦ୍ମଯୋନିଙ୍କି ହର ସ୍ୱଶିର ଚାଳନେ,
ସ୍ମିତେ ପୁରନ୍ଦରେ, ଚତୁର୍ଭୁଜେ ସମ୍ଭାଷଣେ,
କେବଳ ଦର୍ଶନଦାନେ ସକଳ ଅମରେ
ତୋଷିଲେ ସେ ଯଥାଯୋଗ୍ୟ ଦେଖାଇ ଆଦରେ ।୪୬

ଆଦ୍ୟେ ସପ୍ତ ଋଷି ମିଳି ବିଜୟ ଆଶିଷ
ବିତରନ୍ତେ ସ୍ମିତମୁଖେ ଭାଷିଲେ ଗିରୀଶ,
ଏ ବିବାହ-ଯଜ୍ଞେ ତୁମ୍ଭେ ସର୍ବେ ପୁରୋହିତ-
ପଦେ ହେ ଦେବର୍ଷିଗଣ ! ଆଗହୁଁ ବରିତ । ୪୭

ବିଶ୍ୱାବସୁ ଆଦି ସର୍ବ ଗନ୍ଧର୍ବପ୍ରଧାନ
ତ୍ରିପୁର ଜୟଚରିତ କଲେ ଉଚ୍ଚେ ଗାନ,
ସେ ଗୀତି ଶ୍ରବଣେ ସୁଖେ ବାଳଚନ୍ଦ୍ରଧାରୀ
ତାମସ ବିକାରଖଣ୍ଡିତ ପଥ ହେଲେ ପାରି । ୪୮

ନଭୋଦେଶେ ସେ ବୃଷଭ କରେ ଲୀଳାଗତି,
କନକ କିଙ୍କିଣୀ ବାଜେ ସୁମଧୁରେ ଅତି,
କୃଷ୍ଣ ଅଭ୍ର ଭେଦି ଶୃଙ୍ଗ କରନ୍ତେ ଚାଳନ
ଦିଶେ ବପ୍ର ପଙ୍କ ଅଗ୍ରେ ଲାଗିଛି ଯେସନ ! ୪୯

ମୁହୂର୍ତ୍ତକେ ମିଳିଲା ସେ ନଗେନ୍ଦ୍ର ନଗରେ,
ପର ଆକ୍ରମଣ ଯାହା ଭଜି ନାହିଁ ଥରେ,
ଅଗ୍ରଗୃହୀ ହରଦୃଷ୍ଟି-ସୁବର୍ଣ୍ଣଶୃଙ୍ଖଳେ
ଆକୃଷ୍ଟ ହୋଇଲା କିବା ଆସେ ମାନସରେ ? ୫୦

ସେ ନଗର ଉପକଣ୍ଠେ ନୀଳକଣ୍ଠ ଦେବେ
ଅନାଇଲେ କୁତୂହଳେ ପୁରବାସୀ ଯେବେ,
ସ୍ୱଶରଚିହ୍ନିତ ଶୂନ୍ୟ-ପଥୁଁ କ୍ଷଣକରେ
ଓହ୍ଲାଇ ମିଳିଲେ ଦେବ-ଦେବ ଭୂତଳରେ । ୫୧

ବର ଆଗମନେ ଗିରି-ରାଜ ହୃଷ୍ଟମନେ
ଗଜବରେ ଘେନି ସର୍ବ ମୁଖ୍ୟ ବନ୍ଧୁଗଣେ
ସ୍ୱଚଳ ନିତମ୍ବେ ଯେହ୍ନେ ଗଲେ ସେ ପାଛୋଟି,
(କୁସୁମିତ ତରୁ ଯହିଁ ଶୋହେ ଗୋଟି ଗୋଟି । ୫୨

ଭୂଧର ଅମର ବେନି ଦଳେ ଅନର୍ଗଳେ
ପ୍ରବେଶିଲେ ପୁରଦ୍ୱାରେ ମହାନାଦଭରେ ।
ସେ କବାଟ ଫେଇ ଗତି କରନ୍ତେ ତେତାଏ,
ବେନି ଜଳସ୍ରୋତ କିବା ସେତୁ ଭାଙ୍ଗି ଧାଏଁ ? ୫୩

ତ୍ରିଲୋକବନ୍ଦିତ ସେହି ଦେବ ପଶୁପତି
ବିଧିରେ ଭୂଧରରାଜେ କରନ୍ତେ ପ୍ରଣତି,
ହେଲେ ସଙ୍କୁଚିତ, ମାତ୍ର ନ ଜାଣିଲେ ବାରେ
ସ୍ୱଶିର ଆଗହୁଁ ନତ ତାଙ୍କ ମହିମାରେ ! ୫୪

ଆନନ୍ଦେ ଭୂଧରପତି ପ୍ରଫୁଲ୍ଲବଦନେ
ଜାମାତାଙ୍କ ଆଗେ ଆଗେ ଯାଇଁ ସ୍ୱଭବନେ,
ଉପସ୍ଥିତ ହେଲେ ଘେନି ବରଙ୍କୁ ସଙ୍ଗତେ
ଆଗୁଳ୍ଫ କୁସୁମେ ଭରା ପଣ୍ୟବୀଥି ପଥେ । ୫୫

ପ୍ରବେଶକାଳରେ ଯେତେ ସେ ପୁରବନିତା
ବର ଦରଶନ ଆଶେ ହୋଇ ଉତ୍କଣ୍ଠିତା,
ମିଳିଲେ ପ୍ରାସାଦଶିଖେ ସର୍ବେ ଛନ୍ନମନେ
ଆପଣା ଆପଣା କର୍ମ ବରଜି ଏସନେ । ୫୬

Digitized by srujanika@gmail.com

ବାତାୟନ ପାଶେ ଧାଇଁ ଧାଇଁ କେ ସୁନ୍ଦରୀ
ଲେଉଟେ ଗଭାଫୁଲ ଫିଟି ଆପଣା କବରୀ,
ସେଥି ରଖିଲେହେଁ କର ବନ୍ଧେ ତା ନିଜର
ବାନ୍ଧିବାକୁ ନ ଲଭିଲା ତିଳେ ଅବସର । ୫୭

ଲାକ୍ଷାରସ ଦେବାକାଳେ କେ ପୁଣ ରମଣୀ
ପ୍ରସାଧିକା କରୁ ପଦ ଛଡ଼ାଇ ତକ୍ଷଣି,
ଧାଇଁଲା ଗବାକ୍ଷ ପାଶେ ସବିଳାସେ ଆଗେ
ଅଳକ୍ତରଞ୍ଜିତ କରି ନିଜ ଗତିମାର୍ଗେ । ୫୮

ଦକ୍ଷିଣ ନୟନ କରି ଅଞ୍ଜନେ ରଞ୍ଜିତ
ଦକ୍ଷେତର କରି ପୁଣି ତହିଁରୁ ବଞ୍ଚିତ
ଧାଏଁ କେ ରମଣୀ ଛନ୍ଦେ ବାତାୟନ ପାଶେ
ଅଞ୍ଜନ ଶଳାକା ଧରି ଦରଶନ ଆଶେ । ୫୯

ବାତାୟନ ପଥେ ଦୃଷ୍ଟି ରଖି କେ ଛଇଳା
ଧାମନ୍ତେ ଫିଟିଲା ନୀବୀ ବାନ୍ଧି ନ ପାରିଲା,
କଟିତଟେ ଆଣ୍ଠେଧରେ ତା ପିନ୍ଧା ବସନ
ନାଭିବିମ୍ବେ ଝଟକଇ କଙ୍କଣ କିରଣ । ୬୦

କେ ଗୁନ୍ଥୁ ଥିଲା ମେଖଳା ଯତନେ ରମଣୀ
ଯାନ୍ତେ ଦ୍ରୁତପଦେ ଖସି ଗୋଟି ଗୋଟି ମଣି
ରହିଗଲା ଅବଶେଷେ ଅଙ୍ଗୁଷ୍ଠି ମୂଳରେ
ସେ ମେଖଳା ସୂତ୍ର ମାତ୍ର ପୁରେ ସେ କାଳରେ ।୬୧

ରୁଣ୍ଡ ହେଲେ ସବୁ ନାରୀ ତହିଁ କୁତୂହଳେ,
ମଦିରା ଗନ୍ଧ ବଦନୁଁ ଚୌଦିଗେ ସଞ୍ଚରେ,
ସେ ମୁଖେ ଗବାକ୍ଷ ଯେହ୍ନେ ଶୋଭିଲା କମଳେ,
(ତରଳ ନୟନ ଯହିଁ ଅଳି ସମ ଝଳେ ।) । ୬୨

ଏ ସମୟେ ପ୍ରବେଶିଲେ ରାଜପଥ ଖରେ,
ଦ୍ୱିଗୁଣେ ଭାସ୍ୱର କରି ଶିରଚନ୍ଦ୍ର-କରେ
ପ୍ରାସାଦଶିଖରମାନ ସେ ଦେବ ଈଶାନ,
(ବିତତ ଧ୍ୱଜ ତୋରଣ ଯହିଁ ଶୋଭମାନ ।) ୬୩

ହରାଇ ଆନ ଇନ୍ଦ୍ରିୟ ଜ୍ଞାନ ବାମାଗଣେ
ସେ କମନୀୟ ମୂରତି ପିଇଲେ ନୟନେ,
ଅପର ଇନ୍ଦ୍ରିୟ ତେଜି ବୃତ୍ତି ଆପଣାର
ଏକା ସେ ଚକ୍ଷୁକୁ ଭଜି ହେଲେ ଏକାକାର । ୬୪

ସୁକୁମାର ଅଙ୍ଗେ ଉମା ଉଗ୍ରତପ କଲେ
ଏହି ବର ଲାଗି ଯାହା, ସଫଳ ତା ଭଲେ,
ଧନ୍ୟ ସେ ନାରୀ କିଙ୍କରୀ ହେବ ଯେ ଯାଙ୍କର
କି ଭାଗ୍ୟ ତାର ଯେ ଅଙ୍କେ ଶୋଭିବ ଆବର । ୬୫

ଏପରି ସୁନ୍ଦର ବେନି ସୃଜି ପ୍ରଜାପତି
ମିଳାଇ ନ ଥାନ୍ତେ ଯେବେ କରି ଜାୟାପତି,
ଏ ବେନି ରୂପ ଗଠନେ ଯେତେକ ଯତନ
ନିଷ୍ଫଳେ ବିଧିର ହୋଇଥାନ୍ତା ଅକାରଣ । ୬୬

ନକର ଏ ପୁଷ୍ପଶର-ବପୁ କୋପଭରେ
ଦହି ନାହାନ୍ତି, ପରତେ ହୁଅଇ ମନରେ,
ମଣେଁ ଏ ରୂପ ଦର୍ଶନେ ଆପେ ସେ ମଦନ
ଲାଜ ପାଇ ନିଜ ତନୁ କଲା ବିସର୍ଜନ ! ୬୭

ମନ ଜାଣି ବନ୍ଧୁପଣ ଲଭି ଶୈଳରାଜ
ଏ ଦେବଦେବଙ୍କ ସଙ୍ଗେ, ଭାଗ୍ୟବାନ ଆଜ !
ଯେ ଶିର ଉନ୍ନତ ଥିଲା ଧରଣୀ ଧାରଣେ,
ତହୁଁ ବଳି ଉନ୍ନତ ସେ ହେବ ଏ କାରଣେ । ୬୮

ଏମନ୍ତେ ସେ ପୁରନାରୀଗଣଙ୍କ ବଦନେ
ଶୁଣି ନାନା ପ୍ରିୟ କଥା ମିଳିଲେ ବହନେ
ଗିରୀନ୍ଦ୍ର ସଦନେ ହର, ଯହିଁ ଲାଜାମୁଷ୍ଟି
ରମଣୀ କେୟୂରେ ବାଜି ହୁଏ ଚୂର୍ଣ୍ଣ-ବୃଷ୍ଟି । ୬୯

ଶୁଭ୍ର ଶରଦଭ୍ର ଇନ୍ଦୁ ଯେସନ ଭାସ୍କର
ସେ ବାହନ ପୃଷ୍ଠୁ ତେହ୍ନେ ଅବତରି ହର
ହରି କର ଧରି କକ୍ଷୁ କକ୍ଷେ ପ୍ରବେଶିଲେ,
ଆଗେ ଆଗେ ପ୍ରଜାପତି ପଥ କଢ଼ାଇଲେ । ୭୦

Digitized by srujanika@gmail.com

ପଛେ ପଛେ ପ୍ରବେଶିଲେ ଗିରୀନ୍ଦ୍ର ସଦନେ
ଇନ୍ଦ୍ରାଦି ଦେବତା ପୁଣ ଦେବର୍ଷିଗଣେ,
ଦଳେ ଦଳେ ରୁଦ୍ରଗଣ; ମହା ଆୟୋଜନେ
ମିଳନ୍ତି ଯେହ୍ନେ ସକଳ ସାଧୁ ପ୍ରୟୋଜନେ । ୭୧

ଆସନରେ ବସି ତହୁଁ ଘେନିଲେ ଶଙ୍କର
ବିଧିମତେ ମନ୍ତ୍ର ସ୍ମରି ରତ୍ନ-ଅର୍ଘ୍ୟ ଜଳ,
ପଞ୍ଚାମୃତ ପୁଣି ବେନି ନବୀନ ଦୁକୂଳ,
ଆଣି ଯାହା ଗିରିରାଜ ଭେଟିଲେ ପ୍ରଚୁର । ୭୨

ପିନ୍ଧାଇ ଦୁକୂଳ ବାସ ନେଲେ ବଧୂପାଶେ
ଅନ୍ତଃପୁରଚର ନରେ ବିନୟେ କିବା ସେ !
ନବୋଦିତ ଚନ୍ଦ୍ର କରେ ଘେନିଯାନ୍ତି ସାଥେ
ବେଳାଭୂମେ ଫେନ-ଶୁଭ୍ର ନୀଳ ଅମ୍ବୁନାଥେ । ୭୩

ଶରଦେ ଧରଣୀ ଶୋଭା ବହଇ ଯେସନ,
ଶିବ ସେହି କନ୍ୟାରତ୍ନେ ଶୋହିଲେ ତେସନ,
ପୂର୍ଣ୍ଣେନ୍ଦୁ ବଦନ ଦେଖି ନେତ୍ର-କୁବଳୟ
ବିକଶିଲା, ସୁପ୍ରସନ୍ନ ହେଲା ଚିତ୍ତ-ପଦ୍ମ । ୭୪

ହେଲେ ଛନ ଛନ ବେନି ନୟନ ମିଳନେ
ତରଳ ସେ ଅନ୍ୟ ଅନ୍ୟ ରୂପ ଦରଶନେ,
କ୍ଷଣେ ସ୍ଥିର ଭାବେ ବେନି ବେନିଙ୍କି ଚାହାନ୍ତି,
କ୍ଷଣେ ଲାଜ ପାଇ ପୁଣି ସ୍ୱରୂପ ଫେରାନ୍ତି । ୭୫

ବଢ଼ାଇ ଦିଅନ୍ତେ ଶୈଳ ରାଜ ଉମା କରେ
ଅଷ୍ଟମୂର୍ତ୍ତିଧାରୀ ହର ଧରିଲେ ଶ୍ରୀକରେ,
ସତେ କି ସେ ଆଦ୍ୟାଙ୍କୁର କାମର ହୋଇଲା ?
ତାଙ୍କ ଭସ୍ମ ଉମା ଅଙ୍ଗେ ଗୁପତ ଯେ ଥିଲା । ୭୬

ଉମାଙ୍କ ଅଙ୍ଗରେ ତହିଁ ରୋମାଞ୍ଚ ଉଠିଲା,
ହର କର-ଅଙ୍ଗୁଳିରେ ସ୍ୱେଦ ଉପୁଜିଲା,
ସେ କରମିଳନ କାଳେ ସମାନ ପ୍ରକାର
ହେଲା ବରବଧୂଙ୍କର କାମଜ ବିକାର । ୭୭

ପାଣିଗ୍ରହଣ ସମୟେ ଯାଙ୍କ ପ୍ରସାଦରେ
ଲଭନ୍ତି ଅପୂର୍ବ ଶିରୀ ଅନ୍ୟ ବଧୂ ବରେ,
ଏବେ ସେ ଉମା ମହେଶ ବେନିଙ୍କ ମିଳନେ
ଯେ ଶିରୀ, ତା ପ୍ରଭବ କେ ବଖାଣି ବଚନେ ! ୭୮

ପ୍ରଦକ୍ଷିଣ କଲେ ତହୁଁ ଦୀପ୍ତ ହୁତାଶନେ
ଶୋଭିଲେ ସେ ବେନି ଅତି ଉଜ୍ଜ୍ୱଳବରଣେ,
ମେରୁ ଆବର୍ତ୍ତନେ ଦିନ ଯାମିନୀ ଯେସନ
ଅନ୍ୟୋନ୍ୟ ଶୋଭାଜନନେ ଦିଶନ୍ତି ଶୋଭନ । ୭୯

ତିନିବାର ପ୍ରଦକ୍ଷିଣ କଲେ ହୁତାଶନେ
ପରସ୍ପର ଅଙ୍ଗ ସ୍ପର୍ଶେ ମୁଦ୍ରିତ ନୟନେ,
ତହୁଁ ପୁରୋଧା ବଚନେ ଉମା ସୁକୁମାରୀ
ଦେଲେ ଲାଜାଞ୍ଜଳି ତହିଁ ଶ୍ରୀକରେ ପ୍ରସାରି । ୮୦

ପୁରୋହିତ ଉପଦେଶେ ସେ ଲାଜ-ଧୂମାଳୀ
ମୁଖମଣ୍ଡଳକୁ ଗୌରୀ ନେଲେକ ସମ୍ଭାଳି,
କ୍ଷଣେ ସଞ୍ଚରି ତା ଶିଖା କପୋଳଫଳକେ
କର୍ଣ୍ଣୋତ୍ପଳ ପ୍ରାୟେ ଆହା ମଧୁରେ ଝଟକେ । ୮୧

ସେ ଧୂମ ପରଶେ ଗୌରୀଗଣ୍ଡମଣ୍ଡଳରେ
ଝଳସି ପାଟଳ ଦ୍ୟୁତି ସ୍ୱେଦ ବିନ୍ଦୁ ଝରେ,
ବେନି ନୟନେ କଜ୍ଜଳ ଗିର ଉକୁଟିଲା,
କର୍ଣ୍ଣଯୁଗେ ଯବାଙ୍କୁର କାନ୍ତି ମଉଳିଲା । ୮୨

ବଧୂଙ୍କୁ ସମ୍ବୋଧି ତହୁଁ ପୁରୋଧା ଭାଷିଲେ,
ଏ ବହ୍ନି ବିବାହେ ତବ ସାକ୍ଷୀ ଗୋ ସୁଶୀଳେ,
ଆଜଠାରୁ ପତି ସଙ୍ଗେ ଧର୍ମ ଆଚରଣ
ନ ବିସ୍ମରି କରିବ ଗୋ ଯାବତ ଜୀବନ । ୮୩

ନେତ୍ରାନ୍ତଯାଏ ପ୍ରସାରି ଶ୍ରବଣ ଯୁଗଳ
ପିଇଲେ ଭବାନୀ ବିପ୍ର-ବଚନ-ମଙ୍ଗଳ,
ନିଦାଘ ପ୍ରଚଣ୍ଡ ତାପେ ତାପିତ ବସୁଧା
ପିଏ ଯଥା ନବ ବର୍ଷା-ଅମ୍ବୁ ଜିଣି ସୁଧା । ୮୪

Digitized by srujanika@gmail.com

ସେ ପ୍ରିୟଦର୍ଶନ ପତି ଶିବ ସନାତନ
କହିଲେ ପ୍ରିୟାକୁ କର ଧ୍ରୁବ ଦରଶନ,
ଅଳପେ ଶ୍ରୀମୁଖ ଟେକି ଉମା ପ୍ରତ୍ୟୁତ୍ତରେ
ଭାଷିଲେ 'ଦେଖିଲି' ବୋଲି ଲାଜରୁଦ୍ଧସ୍ୱରେ । ୮୫

ଏହିମତେ ପୁରୋହିତ ବଚନ ପ୍ରମାଣେ
ସମାପ୍ତ ଯାବତ ପାଣି-ଗ୍ରହଣ ବିଧାନେ
ସର୍ବଭୂତ ପିତା ମାତା ସେ ଭବଭବାନୀ
ପ୍ରଣମିଲେ ପଦ୍ମାସନ ବ୍ରହ୍ମାଙ୍କୁ ସମ୍ମାନି । ୮୬

ବୀରପ୍ରସବିନୀ ତୁମ୍ଭେ ହୁଅ ଗୋ କଲ୍ୟାଣି !
ଭାଷିଲେ ଚତୁରାନନ ଏ ଆଶିଷ ବାଣୀ,
ବାଚସ୍ପତି ହୋଇ ମଧ ସେହି ମହେଶ୍ୱରେ
ରହିଲେ 'କିବା କହିବେ !' ଭାବି ଚିନ୍ତାଭରେ । ୮୭

ଏଥୁଅନ୍ତେ ବରକନ୍ୟା ବସି ବିଭୂଷଣେ
ଚତୁରସ୍ର ବେଦୀମଧ୍ୟେ ସୁବର୍ଣ୍ଣ ଆସନେ
ଲୋକାଚାରମତେ ତହିଁ କଲେ ଅନୁଭବ
ଜଳାର୍ଦ୍ର ମଙ୍ଗଳାକ୍ଷତ-ବୃଷ୍ଟି ଅଭିନବ । ୮୮

ଧରିଲେ କମଳାଦେବୀ ଦୋହିଙ୍କ ଉପରେ
ଶତଦଳ ଆତପତ୍ର ଆପଣା ଶ୍ରୀକରେ,
ଛତ୍ରଦଣ୍ଡ ପ୍ରାୟେ ଶୋହେ ଯହିଁରେ ମୃଣାଳ
ଦଳଲଗ୍ନ ଜଳବିନ୍ଦୁ ଯେହ୍ନେ ମୁକ୍ତାମାଳ । ୮୯

ଉଚ୍ଚାରି ଦ୍ୱିବିଧ ବାଣୀ ଏବେ ସରସ୍ୱତୀ
ସ୍ତୁତି ଆରମ୍ଭିଲେ ଅଗ୍ରେ ଦେଖି ସେ ଦମ୍ପତି,
ବିଶୁଦ୍ଧ ସଂସ୍କୃତ ଶବ୍ଦେ ବରେଣ୍ୟ ଈଶ୍ୱରେ
ସରଳ ସୁବୋଧ ପଦେ ବଧୂଙ୍କୁ ଆଦରେ । ୯୦

ଦେଖାଇଲେ ଅଙ୍ଗ ଭେଦ ଦ୍ୱିଧା ଉଲୁଟାଇ
ରସ ଅନୁରୂପେ ରାଗ ରାଗିଣୀ ବସାଇ,
ଲଳିତ ଅଙ୍ଗ ବିନ୍ୟାସେ ଅପସରାଗଣେ
ଯେରୂପକ, ସେ ଦମ୍ପତି ଦେଖିଲେ ତକ୍ଷଣେ । ୯୧

ସ୍ୱ-ମୁକୁଟେ କରପୁଟ ନିହି ସୁରଗଣେ
କୃତଦାର ହରେ ତହୁଁ ଭାଷିଲେ ଏସନେ;
'ଶାପ ଅବସାନେ ଏବେ କାମ ମୂର୍ତ୍ତିମାନ,
ସଦୟେ ତା ସେବା ଏବେ ଘେନନ୍ତୁ ଈଶାନ ।୯୨

କୋପ ନ ଥିବାରୁ ଦେଲେ ଅନୁମତି ହର
ନିଜ ଅଙ୍ଗେ ବିନ୍ଧିବାକୁ ବାଣ ପଞ୍ଚଶର,
ବେଳଜାଣି ଜଣାଇଲେ ପ୍ରଭୁଙ୍କ ଆଗରେ
ସଫଳ ହୁଅଇ କାର୍ଯ୍ୟ କାର୍ଯ୍ୟଙ୍କର ଭଲେ । ୯୩

ଏଥୁଅନ୍ତେ ସୁରଗଣେ ବିସର୍ଜି ଶଙ୍କର
ଶ୍ରୀକର ଧରି ଭୂଧର-ରାଜସୁତା-କର,
ପ୍ରବେଶିଲେ କେଳିଗୃହେ, ଯହିଁ ବିରାଜନ୍ତି
କନକ ଦଳ ସମାନ ହୋଇ ପନ୍ତି ପନ୍ତି । ୯୪

ବିବିଧ କୁସୁମେ, ସ୍ନିଗ୍ଧ ଗନ୍ଧ ଯା ପ୍ରସରେ,
ବିରଚିତ ନବଶଯ୍ୟା ଶୋହେ କ୍ଷିତି ତଳେ,
ନବ ପରିଣୟୁ ଲାଜେ ଶୋଭନ୍ତି ସୁନ୍ଦରୀ
ପରଶିଲେ ମୁଖଶଶୀ ଯାନ୍ତି ଅପସରି । ୯୫

ଶମ୍ଭୁନ ସଙ୍ଗୀମାନଗଣେ ଅତି କଷ୍ଟେ କଥା
କହନ୍ତି ସଲାଜେ ପଦେ ପଦେ ପୋତି ମଥା,
ପ୍ରମଥଗଣଙ୍କ ମୁଖ ବିକାର ନିରେଖି
ହସନ୍ତି ଗୋପାନେ ପୁଣି ଲାଜକୁ ଉପେକ୍ଷି । ୯୫

ବିକ୍ରମୋର୍ବଶୀ

BIKRAMORBASI

Late Pt. Mrutyunjaya Rath

Digitized by srujanika@gmail.com

ଭୂମିକା

ମୁଁ ପ୍ରାୟ ବିଶବର୍ଷ ପୂର୍ବେ ସଂସ୍କୃତର ବିକ୍ରମୋର୍ବଶୀ ଏବଂ ମୁଦ୍ରାରାକ୍ଷସ ନାଟକର ଅନୁବାଦ କରିଥିଲି । ଉତ୍କଳଖଣ୍ଡରେ ଅଭିନେୟ ନାଟକର ସଂଖ୍ୟା ବିରଳ ଦେଖି, ମୁଁ ନାଟ୍ୟଶାସ୍ତ୍ରରେ ନିତାନ୍ତ ଅପ୍ରବିଷ୍ଟ ଥିଲେହେଁ ଏହାକୁ ଅଭିନୟୋପଯୋଗୀ କରିବାରେ ଯଥାଶକ୍ତି ଚେଷ୍ଟା କରିଅଛି । ଏଥିରେ ମୂଳଗ୍ରନ୍ଥର କୌଣସି ପଂକ୍ତି ବା ସେଥିର ଭାବ ପରିତ୍ୟକ୍ତ ହୋଇ ନାହିଁ; କେବଳ ସଙ୍ଗୀତର ସୌଷ୍ଠବ ଅନୁରୋଧରେ ମୂଳର ଯଥାସମ୍ଭବ ପରିବର୍ତ୍ତନ କରା ଯାଇଅଛି । ଏଥି ମଧ୍ୟରେ ମୋହର ଜଣେ ବନ୍ଧୁ ବିକ୍ରମୋର୍ବଶୀ ପ୍ରକାଶ କରିବାର ଦେଖି, ମୁଁ ଏହାର ମୁଦ୍ରଣ ସ୍ଥଗିତ ରଖିଥିଲି; କିନ୍ତୁ ସେ ମୂଳ ଗ୍ରନ୍ଥର ଅନେକାଂଶ, ବିଶେଷତଃ ଚତୁର୍ଥ ଅଙ୍କର ଅଧିକାଂଶ ବର୍ଜନ କରିଥିବାରୁ ସେହି ବର୍ଜିତ ଅଂଶର ସୌନ୍ଦର୍ଯ୍ୟ ସମାଜକୁ ପ୍ରଦର୍ଶନ କରିବା ପାଇଁ ମୋହର ପ୍ରକାଶ-ବାସନା ବଳବତୀ ହେଲା ଏବଂ କେତେକ ଜଣ ଅଭିନେତୃ ବନ୍ଧୁ ପ୍ରକାଶାର୍ଥେ ମୋତେ ପୁନଃ ପୁନଃ ଅନୁରୋଧ କରିବାରୁ ମୁଁ ଉପାୟାନ୍ତର ନ ଦେଖି ସ୍ୱହସ୍ତରେ ମୁଦ୍ରଣବ୍ୟୟ ବହନ କରି ପ୍ରକାଶ କରିବାକୁ ସାହସୀ ହେଲି । ଉତ୍କଳର ଗ୍ରାହକମାନଙ୍କଠାରେ ଏହା ଆଦର ଲାଭ କଲେ ପରମ ସୌଭାଗ୍ୟ ମଣିବି ।

ପରିଶେଷରେ, ମୋହର ସ୍ନେହାସ୍ପଦ ବନ୍ଧୁ ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର କାନୁନ୍‌ଗୋ ଓ ବାବୁ ଶ୍ରୀକୃଷ୍ଣ ମହାନ୍ତି ଏହି ନାଟକ ଅନ୍ତର୍ଗତ ସଙ୍ଗୀତର ଉତ୍କର୍ଷବିଧାନରେ ସହାୟ ଏବଂ ମୋହର ପରମପ୍ରେମାସ୍ପଦବନ୍ଧୁ, ଶ୍ରୀ ବ୍ରଜସୁନ୍ଦର ଦାସ, ବି.ଏ. ଏହାର ଶୀଘ୍ର ପ୍ରକାଶାବରେ ଅନୁକୂଳ ହୋଇଥିବାରୁ ମୁଁ ସେମାନଙ୍କଠାରେ କୃତଜ୍ଞତା ଅର୍ପଣ କରୁଅଛି ।

କଟକ — ଶ୍ରୀ ମୃତ୍ୟୁଞ୍ଜୟ ରଥ

୯ । ୯ । ୦୯

ନାଟ୍ୟୋଲ୍ଲିଖିତ ପାତ୍ରଗଣ

ପୁରୁଷ—

ପୁରୁରବା—ଚନ୍ଦ୍ରବଂଶୀୟ ରାଜା
ଆୟୁ—ଯୁବରାଜ
ଚିତ୍ରରଥ—ଗନ୍ଧର୍ବରାଜ
ଗାଳବ }
ପୈଳବ } —ଭରତ ମୁନିଙ୍କ ଶିଷ୍ୟଦ୍ୱୟ

ବିଦୂଷକ, ସାରଥି, କଞ୍ଚୁକୀ, କିରାତ, ନାରଦ ଏବଂ ପରିଜନଗଣ ।

ସ୍ତ୍ରୀ—

ଉର୍ବଶୀ—ଅପ୍‌ସରା, (ନାୟିକା)
ଚିତ୍ରଲେଖା – ଉର୍ବଶୀର ସଖୀ
କାଶୀରାଜ ଜେମା—ରାଜମହିଷୀ
ନିପୁଣିକା—ରାଣୀଙ୍କର ଦାସୀ

ରମ୍ଭା, ମେନକା, ସହଜନ୍ୟା ପ୍ରଭୃତି ଅପ୍‌ସରାଗଣ, ତାପସୀ, ଯବନୀ, ନଟୀ ଏବଂ ପରିଜନଗଣ ।

ବିଜ୍ଞାପନ

ସହୃଦୟ ପାଠକମଣ୍ଡଳୀ ମଧ୍ୟରେ ଏହାର ଆଦର ଦେଖି ଦ୍ୱିତୀୟ ବାର ପ୍ରକାଶ କରାଗଲା ।

କଟକ — ପ୍ରଣେତା

୨୯ । ୯ । ୧୫

Digitized by srujanika@gmail.com

ବିକ୍ରମୋର୍ବଶୀ

ପ୍ରଥମ ଅଙ୍କ

(ନାନ୍ଦୀ)

ନମୋ ଅନାଦି ପରମ   ବ୍ରହ୍ମ ସନାତନ,
ପରାତ୍ପର ବିଶ୍ୱକାରଣ ।।

ତୁମ୍ଭେ ମୂଳାଧାର ଜଗତର ପତି
ତୁମ୍ଭେ ଜ୍ଞାନଜ୍ୟୋତି ଶକତି ସଂହତି
ଅରୂପ ଅବ୍ୟୟ ପ୍ରଭୁ ହେ ଅଦ୍ୱୟ
ଭକ୍ତପ୍ରିୟ ଭୟ-ବାରଣ । ୧ ।

ତୁମ୍ଭେ ଯୋଗିଜନ ହୃଦପଦ୍ମରବି
ତୁମ୍ଭେ ହେ ସୁନ୍ଦର ଅମର ସୁକବି
ନିଖିଳ ଭୁବନ-ବ୍ୟାପୀ ହେ ମହାନ
ଦୟାମୟ ଦୁଃଖ ମୋଚନ । ୨ ।

ତୁମ୍ଭେ ମୁକ୍ତିଦାତା ପରମାତ୍ମା ହରି
ଜନକ ଜନନୀ ତୁମ୍ଭେ ହେ ସବୁରି
ଅନ୍ତର ବାହାରେ ପୂରି ହେ ନିର୍ଭରେ
ରହିଅଛ ବିଶ୍ୱଜୀବନ । ୩ ।

———

ସୂତ୍ରଧାର— ଭଦ୍ର ମାରିଷ ଏଠାକୁ ଟିକିଏ—
(ପାରିପାର୍ଶ୍ୱିକର ପ୍ରବେଶ)

ପାରି—ଆର୍ଯ୍ୟ, ଆସିଲି । ବର୍ତ୍ତମାନ କଣ ଆଜ୍ଞା ହେଉଛି ?

ସୂତ୍ର—ଆଉ ଆଜ୍ଞା କଣ ? ଏହି ଦର୍ଶକମାନେ ଅନେକ ନାଟକର ଅଭିନୟ କେତେଥର ଦେଖିଲେଣି । ତେବେ ଆଜି ଗୋଟିଏ ନୂତନ ନାଟକର ଅଭିନୟ କରିବା, ମୋ ବିଚାରରେ ଆଜି ମହାକବି କାଳିଦାସଙ୍କ ବିକ୍ରମୋର୍ବଶୀର ଅଭିନୟ ହେଲେ ଭଲ ହେବ । ତେବେ ତୁମେ ଯାଅ, ସମସ୍ତ ପାତ୍ରମାନଙ୍କୁ ସାବଧାନ କରାଇଦେବ, ଯେପରି ସେମାନେ ନିଜ ନିଜ ବିଷୟରେ ଉତ୍ତମରୂପେ ପ୍ରସ୍ତୁତ ଥିବେ ।

ପାରି—ଆଜ୍ଞା, ସେହିପରି କରାଇବି । (ପ୍ରସ୍ଥାନୋଦ୍ୟତ)

ସୂତ୍ର—ସେହିପରି କଣ ଚାଲିଯିବ ? ଗୋଟିଏ ଗୀତ ଶୁଣାଇବ ନାହିଁ । ଏ ନବ ବସନ୍ତରେ ସମସ୍ତେ ନବହର୍ଷ ଅନୁଭବ କରୁଛନ୍ତି । ଅତଏବ ଏହି ସମୟକୁ ଚାହିଁ ଗୋଟିଏ ଗୀତ ଗାଅ ।

ପାରି—ସବୁଠାଇଁ ଏହି ବସନ୍ତ ଗୀତ ! ହଉ,—

ସଙ୍ଗୀତ

ଗୁଞ୍ଜ ଗୁଞ୍ଜ କୁଞ୍ଜେ ଏ ମଧୁ ଯାମିନୀ
ନବ ଚୂତପଲ୍ଲବଫୁଲ ମଞ୍ଜୁ ହାସିନୀ ।
ହସିଲାଣି ଜାଈ   ମାଧବୀ ସେବତି,
ଏ ଯୂଥି କାମିନୀ ।
ବନେ ବନେ, ଏ ପବନେ,
ଚହଟିଲାଣି ସୁବାସ   ନବ-ଅବନୀ । ୧ ।

Digitized by srujanika@gmail.com

ଦେଖ କ ତଳ ତଳ ଶୀତ ଗୃଧମା
କେସନ ଆହା ବିଶ୍ୱଜନ ମନମୋହିନୀ ।
ସେ ସୁଧାର ସାର ପିଇ ଅନିବାର,
ମୁଗ୍ଧ ଧରଣୀ ।
କାହା ଚତ୍ତେ, ଏ ବସନ୍ତେ
ବହୁ ନାହିଁ ଘନ ଘନ ପ୍ରେମବାହିନୀ । ୨ ।

(ନେପଥ୍ୟେ—ଗୀତସ୍ୱରେ)
କେ' ଅଛ କେ' ଅଛ
ଦେବ ହିତକାରୀ
ଉଦ୍ଧର ଉଦ୍ଧର
ଅମର ନାରୀ ।

ସୂତ୍ର—(ଶୁଣି) ଏ କଣ ? ଗୀତ ପଛେ ପଛେ ଦୂରରୁ କୁରରୀ ସ୍ୱରପରି କଣ ଶୁଭିଲା ? (ଚିନ୍ତାକରି) ହଁ ହଁ, ଏଥର ଜଣାଗଲା—ନାରାୟଣ ମୁନିଙ୍କ ପ୍ରିୟତମ କନ୍ୟା ଉର୍ବଶୀସୁନ୍ଦରୀ ବୋଧହୁଏ କୁବେର ପୁରରୁ ଫେରି ଆସୁଥିବାବେଳେ ବାଟରେ କୌଣସି ରାକ୍ଷସ ହସ୍ତରେ ପଡ଼ିଛନ୍ତି । ସେଥିପାଇଁ ବୋଧହୁଏ ଅପ୍‌ସରାମାନେ କାତର ହୋଇ ଏପରି ଆର୍ତ୍ତନାଦ କରୁଅଛନ୍ତି । ହଉ— (ପ୍ରସ୍ଥାନ)

ଦୃଶ୍ୟ—ଶୂନ୍ୟମାର୍ଗ-ହେମକୂଟ ପର୍ବତ ଶୃଙ୍ଗ ।

(ଶୂନ୍ୟମାର୍ଗରେ ଅପ୍‌ସରାମାନଙ୍କର ଆଗମନ ଏବଂ ଅବତରଣ ।)

ଅପ୍‌ସ— କେ' ଅଛ କେ' ଅଛ
ଦେବ ହିତକାରୀ,
ଉଦ୍ଧର ଉଦ୍ଧର
ଅମର ନାରୀ ।

(ରଥାରୋହୀ ରାଜା ପୁରୁରବାଙ୍କର ପ୍ରବେଶ)

ରାଜା—କିଛି ଭୟ ନାହିଁ-ଭୟ ନାହିଁ-ଆଉ ବ୍ୟାକୁଳ ହେବାର କାରଣ ନାହିଁ । ରାଜା ପୁରୁରବା ବର୍ତ୍ତମାନ ସୂର୍ଯ୍ୟପୂଜା ସାରି ଆପଣଙ୍କ ନିକଟରେ ଉପସ୍ଥିତ ! ଏବେ କାହିଁରୁ ଉଦ୍ଧାର କରିବାକୁ ହେବ-କହନ୍ତୁ ।

ଅପ୍‌ସ—ଏ ଅସୁରମାନଙ୍କର ହାତରୁ—

ରାଜା—କଣ ? ଅସୁରମାନଙ୍କର ପୁଣି ଆପଣମାନଙ୍କ-ଠାରେ ଅତ୍ୟାଚାର ?

ଅପ୍‌ସ—ମହାରାଜ, ଶୁଣନ୍ତୁ; (ଗୀତ ସ୍ୱରେ)
ଇନ୍ଦ୍ରପଦାର୍ଥୀର ତପସ୍ୟା ଭଙ୍ଗେ
ଦେବରାଜଙ୍କର କୋମଳ ଶର ।
ସରି ନାହିଁ ଯାକୁ କେ ରୂପ ରଙ୍ଗେ
ସ୍ୱର୍ଗ ଅଳଙ୍କାର ଯେ ସ୍ୱରଗର ।
(ଏକେ ଏକେ) ଆମ୍ଭ ପ୍ରିୟସଖୀ ଉର୍ବଶୀ ସତୀ
କୁବେର ଭବନୁ ଫେରିଲାବେଳେ
ହିରଣ୍ ପୁର ବାସୀ ପାପୀ ଦୁର୍ମତି
ପଥେ କେଶୀଦୈତ୍ୟ ହରିଲା ବଳେ ।
(ଏକଧା) ଚିତ୍ରଲେଖା ଏକା ଅଛି ସଙ୍ଗରେ
ସଙ୍କଟେ ପଡ଼ିଲୁ ଆମ୍ଭେ ସକଳେ ।

ରାଜା—ଆଚ୍ଛା, ସେହି ପାପିଷ୍ଠ କେଉଁ ଦିଗକୁ ଗଲା—ଜାଣନ୍ତି ?

ସହଜନ୍ୟା—ଏହିଆଡ଼କୁ ଗଲା ! (ଈଶାନ୍ୟକୋଣ ପ୍ରଦର୍ଶନ)

ରାଜା—ତାହା ହେଲେ ଆଉ ଦୁଃଖ କଣ ? ଏଥର ନିଶ୍ଚିନ୍ତ ଥାନ୍ତୁ । ରାଜା ପୁରୁରବା ଏହିକ୍ଷଣି ଆପଣଙ୍କ ପ୍ରିୟସଖୀଙ୍କି ମୁକୁଳାଇ ଆଣିବେ ।

ରମ୍ଭା—ବୁଧଙ୍କ ପୁଅ ଚନ୍ଦ୍ରଙ୍କ ନାତି ନୋହିଲେ ଏପରି ପୁଣି କିଏ କହନ୍ତା ?

ରାଜା—ହଁ, ଆପଣମାନେ କେଉଁଠାରେ ମୋତେ ଅପେକ୍ଷା କରିଥିବେ ?

Digitized by srujanika@gmail.com

ଅପ୍‌ସ—ଏହି ହେମକୂଟ ପର୍ବତ ଉପରେ ।
ରାଜା—ସାରଥି, ଈଶାନ୍ୟ ଦିଗକୁ ରଥ ଚଳାଅ ।
ସାରଥି—ଯେ ଆଜ୍ଞା (ତଥା କରଣ) ।
ରାଜା—(ରଥ ବେଗକୁ ଲକ୍ଷ୍ୟ କରି ସ୍ୱଗତ)

ଏପରି ବେଗରେ ଯେବେ ଚଳେ ଆଜ ରଥ
କ୍ଷଣକେ ଝଟିବ ଏହା ମହା ବେଗବନ୍ତ
ପକ୍ଷିରାଜ ଗରୁଡ଼ର ଗତି; ଘୋର ଦୈତ୍ୟ
ଦେବଦ୍ରୋହୀ ଯିବ କାହିଁ ଅବା, କି ଆଶ୍ଚର୍ଯ୍ୟ !
ରଥର ପ୍ରଖର ବେଗେ ବହି ପ୍ରଭଞ୍ଜନ
ରେଣୁସମ ଚୂର୍ଣ୍ଣ କରେ ଅଗ୍ରେ ମେଘମାଳ !
ଅରାଳ ଉହାଡ଼େ ଚକ୍ର ଅନ୍ୟ ଅରାବଳୀ
ଭ୍ରାନ୍ତିକ ଜନ୍ମାଏ; ଆହା ଚକ୍ର ହେଲା ପରି
ଦିଶେ ଏହି ଗିରିମାଳା, ଅଶ୍ୱଶିରେ ପୁଣି
ଏ ଦୀର୍ଘ ଚାମର ଯାଇଅଛି ମିଶି, ଆଉ
କେତୁଦଣ୍ଡେ ଏ କେତନ ରହିଛି ନିଶ୍ଚଳ !
(ପ୍ରସ୍ଥାନ)

ରମ୍ଭା—ଚାଲ, ଆମ୍ଭେ ଯେଉଁଠାକୁ କହିଥିଲେଇଁ ସେହିଠାକୁ ଯିବା ?
ଅନ୍ୟାନ୍ୟ ଅପ୍‌ସ—ହଉ ତେବେ; (ହେମକୂଟ ଆରୋହଣ ଏବଂ ଶୃଙ୍ଗରେ ଅବସ୍ଥାନ ।)
ରମ୍ଭା—ସତେ ସେ ରାଜର୍ଷି ଆମର ଏ ଦୁଃଖ ହରଣ କରିବେ ?
ମେନକା—ତୁମର ଅବିଶ୍ୱାସ ହେଉଚି ! ଏହି ଯୁଦ୍ଧଲାଗି ପରା ନିଜେ ଦେବରାଜ ତାହାଙ୍କୁ ମର୍ତ୍ତ୍ୟପୁରରୁ ଅଣାଇ ସେନାପତି କରିଛନ୍ତି ।
ରମ୍ଭା—ଏଥିରେ ତାଙ୍କର କେମନ୍ତ ଯଶ ରହୁ ।
ସହ—ଆଗୋ, ଏଥର ଥିର ହୁଅ—ଥିର ହୁଅ । ହେଇଟି ତାଙ୍କ ହରିଣଧ୍ୱଜା ଦିଶିଲାଣି । ନିଶ୍ଚେ ସେ ଆମ ମନକାମନା ପୂର୍ଣ୍ଣ କରି ଆସିଥିବେ ।
[ନିମୀଳିତାକ୍ଷୀ ଚିତ୍ରା ଉର୍ବଶୀର ହସ୍ତ ଧରି ଚିତ୍ରଲେଖାର ପ୍ରବେଶ ।]

ଚିତ୍ର—ସହି ! ଦମ୍ଭ ଧର-ଦମ୍ଭ ଧର; ଏ କଣ ?
ରାଜା—(ପ୍ରବେଶ କରି) ସୁନ୍ଦରି !

କି ଭୟ ଭାବନା ଆଉ, ଏବେ ଧୈର୍ଯ୍ୟ ଧର,
ଅକଳିତ ତ୍ରିଦେବେଶ ମହିମା ଜଗତେ;
ତ୍ରିଭୁବନ ରକ୍ଷା ଯହିଁ ବ୍ରତ ନୁହଇ
ଘୋର ଦୈତ୍ୟ ଅବା କେତେ,
ତେବେ ସୁନ୍ଦରି ଗୋ !
ଫୁଟାଅ ତବ ବିଶାଳ-ଲୋଚନ କମଳ
ପ୍ରତ୍ୟୂଷେ ପଦ୍ମିନୀ ଯଥା ପ୍ରକଟେ ପଦ୍ମକୁ—

ଚିତ୍ର—କଣ କରିବି ! ଏତେବେଳ ଯାଏ ତ କାହିଁ ଚେତା ହେଲା ନାହିଁ-ଖାଲି ନାଆଁକୁ ଟିକିଏ ନିଃଶ୍ୱାସ ଯା’-ଆସ କରୁଚି ।
ରାଜା—ଚିତ୍ରଲେଖେ, ଭୟେ ମୋହ ଲଭିଛନ୍ତି ସଖୀ,

ଦେଖ କମ୍ପୁଅଛି ତାଙ୍କ କୁସୁମ କୋମଳ
ହୃଦମଣିମୟବେଶ, ସୂଚାଏ ବିଶେଷେ
ଏ ମନ୍ଦାର ଫୁଲମାଳ, ବହଳ ଚନ୍ଦନ,
ବକ୍ଷୋଜ ସନ୍ଧିରେ ଦେଖ କେଡ଼େ ଉଲ୍ଲସିତ !

ଚିତ୍ର—ସହି ! ଥିର ହୁଅ-ଅପ୍‌ସରା ହୋଇ ପୁଣି ଏ କି କଥା ! (ଉର୍ବଶୀର ସଂଜ୍ଞା ଲାଭ)
ରାଜା—ଚିତ୍ରଲେଖେ, ଦେଖ ଦେଖ ପ୍ରିୟ ସଖୀ ତବ

ଧୀରେ ଧୀରେ ମୋହଗ୍ରାସୁଁ ଲଭିଲେଣି ମୁକ୍ତି
ଶଶାଙ୍କ ଉଦୟେ ଯଥା ତମିସ୍ରାରୁ ନିଶା,
ଅଥବା ବହଳ ଧୂମ୍ର ନିଶୀଥେ ଅନଳ;
ତଟପାତେ କଳୁଷିତ ମନ୍ଦାକିନୀ ବାରି
ପ୍ରସନ୍ନ ହୁଅଇ ଯେହ୍ନେ, ତେସନ ସୁନ୍ଦରୀ
ଭଜିଲେଣି ପ୍ରସନ୍ନତା ଆନନ୍ଦଦାୟିନୀ ।

ଚିତ୍ର—ସହି, ମିଛ ନୁହେ । ସେ ପାପିଷ୍ଠ-ଅସୁରକୁ ଯୁଦ୍ଧରେ ଜିଣିଛନ୍ତି ।
ଉର୍ବ—(ଆଖି ଫିଟାଇ) କିଏ ? ଦେବରାଜ !
ଚିତ୍ର—ନା-ନା, ସେ ନୁହନ୍ତି । ତାଙ୍କର ସମାନ ଏହି ମହାରାଜା—

Digitized by srujanika@gmail.com

ଉର୍ବ—(ରାଜାଙ୍କୁ ଦେଖି-ସ୍ୱଗତ) ଅସୁରମାନେ ମୋହର
ବଡ଼ ଉପକାର କରିଛନ୍ତି ।

ରାଜା—(ଉର୍ବଶୀଙ୍କ ପ୍ରତି ଦୃଷ୍ଟିପାତ କରି—ସ୍ୱଗତ)
ଆହା କି ସୁନ୍ଦର ମୂର୍ତ୍ତି, ଋଷିଜନ ଘରେ
ପୁଣି ଏ ଲାବଣ୍ୟ ସୃଷ୍ଟି ? ଧନ୍ୟ ମହାମୁନି
ନାରାୟଣ, ଲଭିଛନ୍ତି ଏ ଦିବ୍ୟ ସମ୍ପଦ
ତନୟା ରୂପେ ଯେ ଭବେ, ଯା' ରୂପ ଦର୍ଶନେ
ମୁନିମନବିମୋହିନୀ ସୁର ସୁନ୍ଦରୀଏ
ମୁନିଙ୍କ ତପସ୍ୟା ଭଙ୍ଗ ଅସମ୍ଭବ ମଣି
ବାହୁଡ଼ିଲେ କ୍ଷୁଣ୍ଣମନେ, ନିଜ ନିଜ ରୂପ
ଲଳିତ ଅନଙ୍ଗ କଳା ସକଳ ଧିକ୍କାରି ।
ଯଥାର୍ଥରେ ନୁହନ୍ତି ଏ ତାପସ ତନୁଜା,
ଅସମ୍ଭବ ଏ ଜନମ ଋଷିର କୁଟୀରେ,
ନୁହନ୍ତି ଏ ପ୍ରଜାପତି ବ୍ରହ୍ମାଙ୍କର ସୃଷ୍ଟି,
ମୋତେ ଲାଗେ ଏକଳାରେ ସ୍ୱୟଂ କଳାନିଧି,
କୁସୁମ କୋଦଣ୍ଡଧର ରସଜ୍ଞ ମଦନ
ଅବା ରମ୍ୟ ଋତୁରାଜ ସୁରଭି ବସନ୍ତ
କରିଛନ୍ତି ବହୁଶ୍ରମ; ନୋହିଲେ ବା କାହିଁ
ଗ୍ରନ୍ଥକୀଟ ମୁନି ଏହା କରନ୍ତେ ନିର୍ମାଣ !
ସଦା ବେଦପାଠେ ଜଡ଼ ଯାହାଙ୍କର ମତି !

ଉର୍ବ—ଚିତ୍ର, ଆମ ସଖୀମାନେ କଣ କରୁଥିବେ ?

ଚିତ୍ର—ମହାରାଜାଙ୍କୁ ପଚାର-ସେହି ଜାଣନ୍ତି ।

ରାଜା—(ଉର୍ବଶୀଙ୍କି ଚାହିଁ) ସେମାନେ ନିଶ୍ଚୟ ବଡ଼ ଦୁଃଖରେ ଥିବେ । ମୁହୂର୍ତ୍ତକ ଦେଖାରେ ତ ଆମ୍ଭର ପାଖ ଛାଡ଼ିଯିବାକୁ ଇଚ୍ଛା ହେଉ ନାହିଁ । ସେହି ଚିର ସଙ୍ଗିନୀମାନେ ବା କପରି ଏତେକାଳ ନ ଦେଖି ନିଶ୍ଚିନ୍ତ ହୋଇ ରହି ପାରିବେ ?

ଉର୍ବ—(ସଲଜ୍ଜ ଭାବରେ—ସ୍ୱଗତ) ଆହା, ଯାଙ୍କର କେଡ଼େ ମଧୁର କଥା ! ଚନ୍ଦ୍ରମା ବଦନରୁ ଅମୃତ ଝରିବା ବା ଆଚମ୍ଭିତ କଣ ?

ରାଜା—(ହସ୍ତ ସଙ୍କେତରେ)
ହେମଗୌରି, ଦେଖ ଏହି ହେମକୂଟ ଶିରେ
ପିଅନ୍ତି ସଖୀଏ ତବ ଶ୍ରୀମୁଖ ଚନ୍ଦ୍ରମା
ଅନିମେଷ ନେତ୍ରେ, ଯଥା ରାହୁ କବଳରୁ
ମୁକତ ଶଶୀକି ହର୍ଷେ ନିରେଖନ୍ତି ଜନେ ।

ଚିତ୍ର—ସହି ! ଚାହଁ ଚାହଁ ।

ଉର୍ବ—(ରାଜାଙ୍କୁ ସାନୁରାଗରେ ଚାହିଁ) ମୋହର ପରି କିଏ ଏ ଦୁଃଖୀ ? ଖାଲି ମୋତେ ଚାହିଁ ରହିଛନ୍ତି ।

ଚିତ୍ର—ହଇ ହେ, କଏ ?

ଉର୍ବ—ସଖୀମାନେ—

ରମ୍ଭା—(ସହର୍ଷେ) ଆହେ, ହେଇଟି ତ ଚିତ୍ର ଉର୍ବଶୀଙ୍କି ଘେନି ବିଶାଖା ଚନ୍ଦ୍ର ପରି ମହାରାଜା ଆସି ଗଲେଣି ।

ମେନ—(ନିରୀକ୍ଷଣ କରି) ଦୁଇ ଆଡ଼େ ଆମ୍ଭର ଭଲ ହୋଇଚ । ଏଣେ ଆମର ସଖି ଉଦ୍ଧାର ପାଇଲେ-ଆଉ ମହାରାଜା ଯୁଦ୍ଧରେ ନିଖୁଣ ହୋଇ ଫେରି ଆସିଛନ୍ତି ।

ସହ—ସତ କହିଲ, ଅସୁରଙ୍କୁ ଜିଣିବା କଣ ସହଜ ପଡ଼ିଚ ?

ରାଜା—ସାରଥି ! ସେହି ପର୍ବତ ନିକଟ ହେଲୁ, ଏଥର ରଥ ଅବତାରଣ କର ।

ସାର—ଯେ ଆଜ୍ଞା, ମହାରାଜ (ତଥା କରଣ) ।

ରାଜା—(ତନୋଦ୍‌ଘାତ ଅନୁଭବ କରି-ସ୍ୱଗତ)
ଆହା କି ସ୍ୱର୍ଗ ସମ୍ପଦ ଲଭିଲି ମୁଁ ଆଜ
ଏ ଶିଳା ବନ୍ଧୁର ପଥେ, ତନଘାତ ବଶୁଁ
ସୁନ୍ଦରୀର ସୁକୁମାର ବାହୁରେ ମୋ ବାହୁ
ଜଡ଼ିଲି ସୁକୃତ ଫଳେ, ଅଙ୍କୁରିଲି ଏବେ
ରୋମାଞ୍ଚ ସଙ୍ଗତେ ମୋର କାମଜ ବିକାର ।

ଉର୍ବ—(ସଲଜ୍ଜ ଭାବରେ) ଚିତ୍ର, ଟିକିଏ ଘୁଞ୍ଚି ବସିବଟି ।

ଚିତ୍ର—(ସସ୍ମିତେ) ମୁଁ-ଘୁଞ୍ଚି ପାରେଁ ନାହିଁ ।

ରମ୍ଭା—ଆସ, ସମସ୍ତେ ଯାଇ ମହାରାଜାଙ୍କୁ ପାଛୋଟି ଆଣିବା (ଅବତରଣ ପୂର୍ବକ ସମୀପକୁ ଗମନ)

Digitized by srujanika@gmail.com

ରାଜା—ସାରଥି, ଏହିଠାରେ ରଥ ରଖ । ତାଙ୍କ ସଖୀମାନେ ପରା ଦେଖିବାକୁ ଉତ୍ସୁକ ହେଉଛନ୍ତି ! ପ୍ରିୟ ସଖୀ ଏଥର ରଥରୁ ଅବତରଣ କରି ଏହି ସୁର ସୁନ୍ଦରୀମାନଙ୍କୁ ଆହୁରି ସୁନ୍ଦର କରନ୍ତୁ । (ସାରଥି ସେହିପରି କରନ୍ତେ ।)

ସମସ୍ତେ—ଆମ୍ଭର ବଡ଼ଭାଗ୍ୟ, ମହାରାଜାଙ୍କର ଜୟ ହେଉ ।

ରାଜା—ଆପଣମାନଙ୍କର ମଧ୍ୟ ପ୍ରିୟସଖୀ ମିଳନ—

ଉର୍ବ—(ଚିତ୍ରଲେଖା ହାତଧରି ରଥରୁ ଓହ୍ଲାଇ) ଆସ, ସମସ୍ତେ ମତେ ଥରେ ମନ ଇଚ୍ଛାରେ ଆଲିଙ୍ଗନ କର । ମୋର ଆଉ ତୁମ୍ଭଙ୍କୁ ଦେଖିବି ବୋଲି ଆଶା ନ ଥିଲା । (ସମସ୍ତଙ୍କର ଆଲିଙ୍ଗନ ।)

ରମ୍ଭା—ମହାରାଜାଙ୍କର ସୁକୃତ ବଢ଼ୁ ।

ସାର—ମହାରାଜ, ପୂର୍ବ ଦିଗରୁ ଖରା ବେଗରେ ରଥ ଆସୁ ଥିଲା ପରି କଣ ଶୁଭୁଛି । ହେଇ ଦେଖନ୍ତୁ, ଜଣେ କିଏ ମେଘ ଖଣ୍ଡେ ଖସି ପଡ଼ିଲା ପରି ଏହି ପର୍ବତ ଶିଖରକୁ ମାଡ଼ି ଆସୁଛନ୍ତି । ତାଙ୍କ ହାତରେ ସୁନାର କଙ୍କଣ ବିଜୁଳି ପରି ଝଟକୁଛି ।
(ଅପ୍ସରାମାନଙ୍କର ଅବଲୋକନ ।)

ଅପ୍ସ—ଓହୋ, ନିଜେ ଗନ୍ଧର୍ବରାଜ ଚିତ୍ରରଥ ବିଜେ କରୁଛନ୍ତି !

[ଶୂନ୍ୟମାର୍ଗରେ ଆସି ଚିତ୍ରରଥର ପ୍ରବେଶ ।]

ଚିତ୍ର—ଦେବରାଜଙ୍କ ଏହି ହିତକର କାର୍ଯ୍ୟରେ ଆପଣ ଯଥେଷ୍ଟ ବିକ୍ରମର ପରିଚୟ ଦେଇ ଅଛନ୍ତି ।

ରାଜା—ଓହୋ ! ଗନ୍ଧର୍ବରାଜ ! [ରଥରୁ ଓହ୍ଲାଇ] ଶୁଭାଗମନ କରନ୍ତୁ – [ପରସ୍ପରର କର ମର୍ଦ୍ଦନ ।]

ଚିତ୍ର—ବୟସ୍ୟ, ଦେବର୍ଷି ନାରଦଙ୍କ ମୁଖରୁ ଉର୍ବଶୀ ହରଣ ସମ୍ବାଦ ପାଇ ଦେବରାଜ ଗନ୍ଧର୍ବସେନା ପ୍ରେରଣ କରିଥିଲେ । ତାହା ପରେ ଆମ୍ଭେମାନେ ବାଟରେ ଚାରଣଙ୍କ ମୁଖରୁ ଶୁଣିଲୁଁ ଯେ, ଆପଣ ବିଜୟ ଲାଭ କରିଅଛନ୍ତି; ତେଣୁ ଏହିଠାରେ ଆସି ଭେଟିଲୁଁ । ବର୍ତ୍ତମାନ ଆପଣ ଏହାଙ୍କୁ ଘେନି ଦେବରାଜଙ୍କର ପାଖକୁ ବିଜେ କରନ୍ତୁ । ଆପଣ ତାହାଙ୍କର ବଡ଼ ଉପକାର କରିଛନ୍ତି । ପୂର୍ବେ ନାରାୟଣ ମୁନି ଏହାଙ୍କୁ ମହେନ୍ଦ୍ରଙ୍କ ହସ୍ତରେ ସମର୍ପଣ କରିଥିଲେ, ତତ୍ପରେ ଦୈତ୍ୟ ହରଣ କରି ନେଲା । ବର୍ତ୍ତମାନ ପୁଣି ଆପଣ ତାଙ୍କୁ ଘୋର ବିପଦରୁ ଉଦ୍ଧାର କରି ଦେବରାଜଙ୍କର ପରମ ବନ୍ଧୁ ହେଲେ ।

ରାଜା—ନା-ନା, ଏହା ଯଥାର୍ଥ ନୁହେ । ଏହି ବିଜୟ ବା ବିକ୍ରମ ସବୁ ସେହି ବଜ୍ରପାଣିଙ୍କର—ତାଙ୍କର ପକ୍ଷରେ ଥିଲେ ଜୟ ହୁଏ । ପଶୁରାଜ ଗୁହା ଭିତରେ ଥିଲେ ସୁଦ୍ଧା ତାହାର ଗର୍ଜ୍ଜନ ଦୁରସ୍ଥ ପଶୁମାନଙ୍କର ହୃଦକୁ ଭେଦ କରିପକାଏ ।

ଚିତ୍ର—ତାହା ସତ୍ୟ, ମାତ୍ର ଏପରି ବିନୟ ମହାବିକ୍ରମର ଭୂଷଣ ।

ରାଜା—ଗନ୍ଧର୍ବପତି, ମୋହର ଆଉ ଦେବରାଜଙ୍କ ନିକଟକୁ ଯିବାକୁ ଅବସର ନାହିଁ । ଆପଣ ଏହାଙ୍କୁ ଘେନିଯାନ୍ତୁ ।

ଚିତ୍ର—ଯେପରି ଆପଣଙ୍କ ଇଚ୍ଛା । ତାହାହେଲେ ସମସ୍ତେ ଆସ, ଏଣେ [ଅପ୍ସରାମାନଙ୍କର ପ୍ରସ୍ଥାନ]

ଉର୍ବ—[ଜନାନ୍ତିକେ] ଚିତ୍ର, ଏତେ ଉପକାରରେ ମହାରାଜାଙ୍କୁ ଯା ଥରେ କିଛି କହି ପାରିଲି ନାହିଁ ! ତୁମେ ହେଲେ ମୋହର ମୁହଁ ହୁଅ ।

ଚିତ୍ର—[ରାଜାଙ୍କ ନିକଟକୁ ଯାଇ] ମହାରାଜ, ଉର୍ବଶୀ ସୁନ୍ଦରୀଙ୍କର ମନ ହେଉଛି ଯେ ଅନୁମତି ହେଲେ ମହାରାଜାଙ୍କ କୀର୍ତ୍ତିକି ସାଥିରେ ଘେନି ଦେବପୁରକୁ ଚାଲିଯିବେ ।

ରାଜା—ଆଚ୍ଛା; ତେବେ ମୁଁ ରହିଲି । ପୁଣି ସମୟରେ ଦେଖା ହେବ । [ଗନ୍ଧର୍ବଗଣ ସହ ସମସ୍ତଙ୍କର ଆକାଶୋତ୍‌ଥାନର ଅଭିନୟ ।]

Digitized by srujanika@gmail.com

ଉର୍ବ—[ଉତ୍ଥାନ ଭଙ୍ଗ ଅନୁଭବ କରି] ଆଗୋ, ଏ
ଲତା ଭିତରେ କେଉଁଠି ମୋ ହାରୁଟା ଲାଗିଗଲା !
[ମୁଖ ଫେରାଇ] ଚିତ୍ର, ମୁଁ ତାକୁ ଟିକିଏ ଛଡ଼େଇ
ଦବୁଟି ।

ଚିତ୍ର—[ସସ୍ମିତେ] ବଡ଼ ଅଡ଼ୁଆ ହୋଇଚି ।
ସହଜରେ ଛୁଡ଼ିପାରିଲା ପରି ଲାଗୁନାହିଁ ।
ମୁଁ ତେବେକେ ଛୁଡ଼ିବ ନାହିଁ ।

ଉର୍ବ—ଏଇ କଥାଟି ଏକା ତୁମ ମନରେ ରଖିଥିବ ।

ଚିତ୍ର—[ମୋଚନାଭିନୟ]

ରାଜା—[ସ୍ୱଗତ] ସୁକୁମାରୀ ଲତେ ! ମୋର ବଡ଼
ହିତ କଲୁ,
ପଥେ, ସୁର ସୁନ୍ଦରୀର ସ୍ୱରଗ ପ୍ରୟାଣେ
କ୍ଷଣେ ବାଧା ଜନମାଇ, ତୋହଯୋଗୁଁ ସିନା
ଅପ୍‌ସରାମଣିର ଏହି ବଙ୍କିମ ଗ୍ରୀବାଣୀ,
ସଲଜ୍ଜ ବଦନ ଆଜ ହେଲା ନେତ୍ରାନ୍ତିଥି !

ସାର—ମହାରାଜ,
ଦେଖ ଦେଖ ଏହି ରଥ ବାୟୁବ୍ୟ ଦିଶିଖ,
ମଘବାର ବୈଚିତ୍ର୍ୟବରେ ଲବଣ ବାରିଧି—
ଉଦରେ ଭରଣ ଖରେ ଆସିଲାଣି ଫେରି
ପୁଣି ଏ ଲମ୍ବ ତୂଣୀକ, ଫଣୀ, ଯେଉଁ ଭାବେ
ସ୍ୱନ ସହ ପ୍ରବେଶଇ ଗମ୍ଭୀର ବିବରେ ।

ରାଜା—ରଥ ସଜ କର ତେବେ, କରେଁ ଆରୋହଣ ।

ଉର୍ବ—[ସସ୍ପୃହରେ ଗ୍ରହି, ସ୍ୱଗତ] ସତେ, ଆଉଥରେ
ମୁଁ ତାଙ୍କୁ ଦେଖିବି ! [ସାରଥିର ରଥସଜ୍ଜା, ରଥା-
ରୋହଣ, ସଖୀଗଣସହ ଦୀର୍ଘନିଃଶ୍ୱାସ ତ୍ୟାଗପୂର୍ବକ
ଉର୍ବଶୀ ଓ ଚିତ୍ରରଥର ପ୍ରସ୍ଥାନ]

ରାଜା—ଅହୋ ! କେଡ଼େ ଦୁଃସାହସ, ଦୁର୍ଜୟ ମଦନ ।
ଦୁର୍ଲଭ ପଦାର୍ଥେ ଆଜ କରେ ପ୍ରାପ୍ତି ଆଶା !
[ଉର୍ବଶୀର ଗମନମାର୍ଗକୁ ଲକ୍ଷ୍ୟ କରି]
ଶରୀରୁ ମନକୁ ମୋର ଏ ସୁର ସୁନ୍ଦରୀ
ଅଲକ୍ଷିତେ ଝାଙ୍କି ନିଏ ବିହାୟସପଥେ,
ଖଣ୍ଡିତ ମୃଣାଳ ଖଣ୍ଡୁ, ରାଜହଂସୀ ଯଥା
ଝାଙ୍କି ନିଏ କଉଶଳେ ସୂକ୍ଷ୍ମ ବିସତନ୍ତୁ ।

[ପ୍ରସ୍ଥାନ]

ଦ୍ୱିତୀୟ ଅଙ୍କ

ଦୃଶ୍ୟ – ରାଜପ୍ରାସାଦସମ୍ମୁଖ ରାଜପଥ ।

(ବିଦୂଷକର ପ୍ରବେଶ)

ବିଦୂ—ହେଃ ହେଃ ହେ ହେ-ହା (ହାସ୍ୟ) ନିମନ୍ତ୍ରିଆ
ବ୍ରାହ୍ମଣ କେଉଁଠି ଦହଡ଼ି ଭାତ ପାଟି ଭିତରେ
ଜାକି କରି ରଖି ପାରିଲାଣି । ମୁଁ ବା କେତେ
ରଖିବି ! ଆଜ ଆଉ ମହାରାଜାଙ୍କ ଗୁପ୍ତକଥାଟି ଏ
ଜିଭ ଅଗରେ ରଖିପାରୁ ନାହିଁ । ଯେମିତି ଠକ୍
ଠକ୍ ହୋଇ ଫୁଟି ପଡ଼ୁଛି । (ହାସ୍ୟପୂର୍ବକ)
ତେବେ ଯାଉଛି, ଯେତେବେଳଯାକ ରାଜା-
ଠାକୁର ଗାଧୋଇ ଉଠି ନାହାନ୍ତି, ସେତେବେଳଯାକେ
ଯାଇ ଏ ବଡ଼କୋଠା ପାଖରେ ଟିକିଏ ଆରାମ
ନିଏଁ । (ପରିକ୍ରମଣ ପୂର୍ବକ ଅବସ୍ଥାନ)

[ଚେଟୀର ପ୍ରବେଶ]

ଚେଟୀ—(ସ୍ୱଗତ) ମତେ ଆଜ ପାଟ ମହାଦେଈ ନିଜେ
ଡାକି କରି କହିଲେ, 'ଆଲୋ ନିପୁଣିକା, ଯେଉଁ
ଦିନଠଉଁ ସେ ସୂର୍ଯ୍ୟ ପୂଜା ସାରି ପୁରକୁ
ଆସିଲେଣି, ସେହି ଦିନଠାରୁ ତାଙ୍କ ମନ କିମିତି
ଫିକା ପଡ଼ିଚି । ତୁ ଯା—ତାଙ୍କ ସାଙ୍ଗ ସେ

Digitized by srujanika@gmail.com

ଗୋସେଇଁଙ୍କଠାରୁ ବୁଦ୍ଧି ଆସିବୁ ଏଥିର କଥା କଣ ? ମୁଁ ଏବେ ସେ ଗୋସେଇଁଙ୍କ କେମିତି ପାଉଚି ! ଆଉ ସେ ଗୁପ୍ତ କଥା ବା କେତେଦିନ ଛପି ରହିବ ! ପଦ୍ମନାଡ଼ ଭିତରେ କାକର କେଉଁଠି ବେଶି ଦିନ ରହିଲାଣି ? ଯାଉଚି ତାଙ୍କୁ ଆଗ ଖୋଜିବି । ମଲ, ଗୋସାଇଁତ ଏହିଠାଇଁ ଭିନ-ହୋଇ ମାଙ୍କଡ଼ଟିପର ଠିଆହୋଇଛନ୍ତି । ତେବେ ପାଖକୁ ଯାଉଚି—ଗୋସେଇଁ, ଓଳଗ ।

ଦ୍ୱିଜ—ମଙ୍ଗଳ ହେଉ, (ସ୍ୱଗତ) ଏ ପୋଇଲି ଟୋକିଟାକୁ ଦେଖି କରି ଏବେ ସେ କଥା ପେଟ ଫୁଟେଇ ବାହାରି ପଡ଼ୁଛି [ପ୍ରକାଶ୍ୟେ] କି ଲୋ ନିପୁଣିକା, ତୁ ଆଜି ଗାଣବାଜଣା ଛାଡ଼ି କୁଆଡ଼େ ଆସିଲୁ ?

ନିପୁ—ଗୋସେଇଁଙ୍କ ଦେଖିବା ପାଇଁ ପାଟମହାଦେଈଙ୍କର ଆଜ୍ଞା—

ବିଦୂ—ରାଣୀ ଠାକୁରାଣୀ କଣ ହୁକୁମ କରିଛନ୍ତି ?

ନିପୁ—କହିଚନ୍ତି, ଗୋସେଇଁ ସବୁବେଳେ ମୋ ପକ୍ଷରେ ଥାନ୍ତି, ମୋ ମନରେ କିଛି ଦୁଃଖ ହେବାର ଜାଣିଲେ ସେ କେବେଁ ଅବହେଳା କରିବେ ନାହିଁ ।

ବିଦୂ—(ସତର୍କେ) ଗୋସେଇଁ କଣ କେବେ ତାଙ୍କୁ ପ୍ରତିକୂଳ ହୋଇଛନ୍ତି ?

ନିପୁ—ଗୋସେଇଁ, ଯାହାଲାଗି ମହାରାଜାଙ୍କର ମନ ଚଞ୍ଚଳ ହେଇଚି, ସ୍ୱପ୍ନ ନିଜେ ସେ ସୁନ୍ଦରୀ ନାଁ ମହାଦେଈଙ୍କ ଆଗରେ କହିଚନ୍ତି ।

ବିଦୂ—(ସ୍ୱଗତ) ସେ ନିଜେ କେମିତି ଏ କଥା କହିଲେ ? ମୁଁ ତେବେ କାହିଁକି ଅକାରଣେ ଜିଭଟାକୁ ବନ୍ଦ କରି ଏତେ କଷ୍ଟ ପାଉଛି ! (ପ୍ରକାଶ୍ୟେ) କଣ କହିଛନ୍ତି, ଉର୍ବଶୀ ବୋଲିଟି ? ତାଙ୍କୁ ଦେଖିଲା ଦିନଠାରୁ ରାଜା ଭୋଳ ହୋଇଗଲେଣି । ବେଳେ ବେଳେ ପରା ମତେ ଉର୍ବଶୀ ବଲ୍ଲର ଡାକ ପକାଉଛନ୍ତି ।

ନିପୁ—(ସ୍ୱଗତ) ଲଗି ଲଗି ଆଜ ସରକ ଗୁପ୍ତକଥା ବାହାର କଲି । (ପ୍ରକାଶ୍ୟେ) ଗୋସେଇଁ, ରାଣୀଙ୍କି କଣ କହିବି ।

ବିଦୂ—ତେବେ ନିପୁଣିକା, ତୁ ତାଙ୍କୁ ଏହି କଥା କହିବୁ ଯେ, ମୁଁ ଆଗେ ରାଜାଙ୍କ ମନକୁ ଏଥିରୁ ଫେରାଏଁ, ପଛେ ଯାଇଁ ରାଣୀଙ୍କି ମୁହଁ ଦେଖାଇବି ।

ନିପୁ—ହଉ, (ପ୍ରସ୍ଥାନ)

ନେପଥ୍ୟେ-ବୈତାଳିକ ସଙ୍ଗୀତ—

ଗାଉ ସୁଜନ ହେ ଭୁବନ ତବ ଗରିମା
ସ୍ୱରଗ ମରତ୍ୟ ପାତାଳରେ ପ୍ରଭୁ
ବିଦିତ ତବ ମହିମା । ପଦ ।

ନଭେ ତାରାଗଣ— ମଧ୍ୟରେ ଯେସନ
ପୂର୍ଣ୍ଣିମାରେ ପୂର୍ଣ୍ଣଶଶୀ ।
ତେସନ ଏ ଜନ— ସମାଜେ ନୃମଣି
ରାଜୁ ଅଛ ଦିବାନିଶି । ୧ ।
ତବ ପୁଣ୍ୟବଳେ ପ୍ରଜାଙ୍କର ମେଳେ
ପାପ ତାପ ଦୁଃଖରାଶି ।
ଶ୍ରୀମୁଖ ପଙ୍କଜ— ଦରଶନ ମାତ୍ରେ
ଯାଉଅଛି କେଣେ ଭାସି । ୨ ।
ରାଜକର୍ମେ ରତ ଦେଇଛ ସନ୍ତତ
କିଞ୍ଚିତ ମାତ୍ର ବିରତି ।
ମଧ୍ୟ ଦିବସରେ ଦିବାକର ଯଥା
ନଭେ କରେ କ୍ଷଣେ ସ୍ଥିତି । ୩ ।

ବିଦୂ—(କାନଦେଇ) ଓହୋ ! ରାଜା ଏହିକ୍ଷଣି ଆସନରୁ ଉଠିଲେ । ଏହି ଆଡ଼କୁ ଆସୁଛନ୍ତି ପରା ! ତେବେ ଯାଉଛି ତାଙ୍କ ପିଠି ଧରିବି ! (ପ୍ରସ୍ଥାନ)

ଦୃଶ୍ୟ—ରାଜପ୍ରାସାଦ

(ଉତ୍କଣ୍ଠିତ ରାଜା ଓ ବିଦୂଷକର ପ୍ରବେଶ)

ରାଜା—ଯେଉଁ ଦିନୁ ସେ ସୁନ୍ଦରୀ ମୋ ନୟନ ପଥେ
ପଡ଼ିଅଛି ଭାଗ୍ୟବଶେ, ସେହିଦିନୁ ସଖୀ

Digitized by srujanika@gmail.com

ବିଶ୍ୱଜୟୀ ମନ୍ମଥର ସମ୍ମୋହନ ବାଣେ
ଫିଟାଇଛି ବାଟ ମୋର ହୃଦସନ୍ଧ ଯାଏ;
ନେଇଛି କୌଶଳେ କାଢ଼ି ଏ ଦେହ ପିଞ୍ଜରୁ
ମାନସ ପକ୍ଷୀକି ମୋର,—ଅଛି ଶୂନ୍ୟ ଦେହେ !!

ବିଦୂ—(ସ୍ୱଗତ) ତେବେ ତ କାଶୀ ରାଜଜେମା ବଡ଼ କଷ୍ଟ ପାଉଥିବେ ! !

ରାଜା—ମୋ କଥା ଗୋପନ କରି ରଖିଛ ତ ?

ବିଦୂ—(ବିଷଣ୍ଣଭାବରେ—ସ୍ୱଗତ) ଅଃ, ଛି ଛି—ଦାସୀଟାଏ ମୋତେ ଏବେ ଠକି ଦେଇ ଚାଲିଗଲା ? ନୋହିଲେ ଏ ପୁଣି କାହିଁକି ମୋତେ ଏପରି ପଚାରନ୍ତେ ?

ରାଜା—(ଆଶଙ୍କା କରି) ତୁନି ହୋଇ ରହିଲ କଣ ?

ବିଦୂ—ମୁଁ କଥାକୁ ଏମିତି ଜାପି କରି ରଖିଛି ଯେ, ଆପଣଙ୍କୁ ସୁଦ୍ଧା ଚଞ୍ଚଳ କରି ଉତ୍ତର ଦେଇ ପାରୁ ନାହିଁ ।

ରାଜା—ଠିକ୍, ଆଚ୍ଛା ସେ ଥାଉ, ବର୍ତ୍ତମାନ କି ଆମୋଦ କରିବା ?

ବିଦୂ—ତେବେ ରୋଷଘରକୁ ବିଜେ କରନ୍ତୁ ।

ରାଜା—ସେଠାକୁ ଯାଇ କଣ କରିବା ?

ବିଦୂ—ସେଠାରେ ଭୋଜ୍ୟ, ଚର୍ବ୍ୟ, ଚୂଷ୍ୟ, ଲେହ୍ୟ, ପେୟ ଏହି ପାଞ୍ଚ ପ୍ରକାର ଆହାର ଯୋଗାଡ଼ କରି ଏହି ପଞ୍ଚଭୂତ ଆତ୍ମାକୁ ପରିତୋଷ କରାଇବା ।

ରାଜା—(ସସ୍ମିତେ) ତୁମ୍ଭେ ସିନା ଯାହା ଖୋଜୁଛ, ସେ ସବୁ ସେଠାରେ ଅଛି ବୋଲି ଆମୋଦ କରିବ, ମୁଁ ଯାଇ କଣ କରିବି ! ମୁଁ ତ ଯାହା ଖୋଜୁଛି ତାହା ଦୁର୍ଲଭ ।

ବିଦୂ—ଓହୋ ଆପଣ ଉର୍ବଶୀଙ୍କ ଆଖିରେ ପଡ଼ିଛନ୍ତି ପରା ?

ରାଜା—କଣ ହେଲା ସେଥିରୁ ?

ବିଦୂ—ସେତ ଦୁର୍ଲଭ ହେଲା ପରି ଲାଗୁ ନାହିଁ ।

ରାଜା—ମୋହ ସଙ୍ଗରେ ବସା ଉଠା କରୁଥିବାରୁ ଏପରି କହିଦେଲ ସିନା ?

ବିଦୂ—ଏହା କହି ମୋହର ଆଗ୍ରହଟା ଅଧିକ ବଢ଼ାଇ ଦେଲେ । ଆଚ୍ଛା ପଚାରୁଛି; ଉର୍ବଶୀ କଣ ରୂପରେ ଅବିକଳ ମୋହରି ପରି ?

ରାଜା—ତାହାଙ୍କର କୌଣସି ଅଙ୍ଗର ବର୍ଣ୍ଣନା କରି ହେବ ନାହିଁ, ତେବେ ସ୍ଥୂଳରେ ଏତିକି କୁହାଯାଇ ପାରେ ଯେ—

ବିଦୂ—କହିଯାନ୍ତୁ—କାନ ଡେରିଛି ।

ରାଜା—ତାହାଙ୍କର ଅବୟବ ଅଳଙ୍କାରର ଅଳଙ୍କାର-ଉପମାର ପ୍ରତ୍ୟୁପମା-ବେଶଭୂଷାର ଭୂଷଣ ।

ବିଦୂ—ତେଣୁ ପରା ଆପଣ ଦିବ୍ୟ ରସ ପାଇବା ଆଶାରେ ଚାତକବ୍ରତ କରିଛନ୍ତି ?

ରାଜା—ନିର୍ଜନସ୍ଥାନ ଭିନ୍ନ ଉତ୍କଣ୍ଠିତ ବ୍ୟକ୍ତିର ଅନ୍ୟ ଆଶ୍ରୟ ନାହିଁ । ତାହା ହେଲେ ତୁମେ ପ୍ରମୋଦ ବନକୁ ବାଟ ଦେଖାଅ ।

ବିଦୂ—ହଉ, ଆଉ ଗତି କଣ ? (ପ୍ରକାଶ୍ୟେ) ଏବାଟେ ଏବାଟେ । (ପରିକ୍ରମଣ କରି) ହେଇ ଦେଖନ୍ତୁ, ପ୍ରମୋଦ ବନର ରସିକ ପବନ ଆପଣଙ୍କୁ ପାଛୋଟି ନେବାକୁ ଆସିଅଛି ।

ରାଜା—(ଦେଖିକରି) ବିଶେଷଣଟା ଯଥାର୍ଥ ହୋଇଛି । ଏହି ବାୟୁ ଏଣେ ମାଧବୀକୁ ସୁବେଶ କରାଉଛି, ତେଣେ କୁନ୍ଦଲତାକୁ ନଚାଉଅଛି, ସେଥିରେ ପୁଣି ଦାକ୍ଷିଣ୍ୟ ମିଶିଅଛି । ଯଥାର୍ଥରେ ଏହାର ରସିକତା ବେଶ ପ୍ରକାଶ ପାଉଛି ।

ବିଦୂ—ଆପଣଙ୍କର ମଧ୍ୟ ସେହିପରି ଭାବ ହେଉ (ପରିକ୍ରମଣ କରି) ପ୍ରମୋଦ ବନର ବାଟ ଏହି ଭିତରକୁ ଚାଲନ୍ତୁ ।

ରାଜା—ତୁମେ ଆଗରେ ଚାଲ (ଉଭୟଙ୍କର ପ୍ରବେଶ) ବୟସ୍ୟ, ଏଠାକୁ ଆସି ଭଲ ହେଲା ନାହିଁ । ସ୍ରୋତର ପ୍ରତିଲୋମରେ ସନ୍ତରଣ ପରି ମୋହର ଉଦ୍ୟାନପ୍ରବେଶ ଅଧିକ କଷ୍ଟକର ହେଲା ।

Digitized by srujanika@gmail.com

ଏଥିରେ ଶାନ୍ତି ଲାଭ ହେବା ଦୂରେ ଥାଉ, ବରଂ
ଅଶାନ୍ତି ବୃଦ୍ଧି ପାଇବ ।

ବିଦୂ—କେମିତି !

ରାଜା—ଅସୁଲଭ ପଦାର୍ଥରେ ବାସନା ମୋହର,
ଜାଣିଛ ତ ସଖେ ଏହା, ଏବେ ପଞ୍ଚବାଣ
ବିନ୍ଧୁ ବିନ୍ଧ କରେ କ୍ଷୀଣ ତନୁକୁ ମୋହର,
କେମନ୍ତେ ସହିବ କହ ଅନଳ-ସ୍ମରଣୀ
ଏ ମଧୁ ମଳୟାନିଳ; ନବ ବିକଶିତ
ରସାଳ ବକୁଳ ପୁଣି ମର୍ମଭେଦୀ ଅତି ।

ବିଦୂ—ଆପଣ ଆଉ କାନ୍ଦନ୍ତୁ ନାହିଁ—ଅଚିରେ ଅନଙ୍ଗ
ଶୁଭଫଳ ଦେବ ।

ରାଜା—ଶିରୋଧାର୍ଯ୍ୟ ବିପ୍ରବାକ୍ୟ; (ପରିକ୍ରମଣ)

ବିଦୂ—ଦେଖନ୍ତୁ ଦେଖନ୍ତୁ, ବସନ୍ତ ଆସିଲାରୁ ଏ
ପ୍ରମୋଦବନଟି କେମିତି ସୁନ୍ଦର ଦିଶୁଚି ?

ରାଜା—ସଖେ, ଦେଖୁଅଛୁ ମୁହିଁ ପ୍ରତିପଦେ ସବୁ,
ଦେଖ ଅଗ୍ରେ କୁରୁବକ ବାତେ ଆନ୍ଦୋଳିତ
ସୀମନ୍ତିନୀ ନଖ ସମ କେମନ୍ତ ପାଟଳ ?
ବେନି ଭାଗେ ଧରି ପୁଣି ନବ ଶ୍ୟାମଳିମା
ଉତ୍କଣ୍ଠାଏ କି ମାଧୁରୀ ଅଶୋକ କଳିକା !
ବିକଶି ଆସୁଛି ରଙ୍ଗେ, ଶୋହେ ସହକାରେ
ଦଳ ବିକସିତ ନବ ରେଣୁରେ ଧୂସର
ମନୋଜ୍ଞ ମଞ୍ଜରୀ ଆହା, ବସନ୍ତ ଲକ୍ଷ୍ମୀ କି
ଯୌବନ ସୁଷମା ମଧ୍ୟେ କରେ ଅବସ୍ଥିତି ?

ବିଦୁ—ହେଇ, ଏହି ବାସନ୍ତୀ ଲତା ମଣ୍ଡପରେ
ଶଙ୍ଖମଲମଲ ବେଦୀ ଦିଶୁଛି । ତୁମ୍ଭ ବିଜେ କରିବା
ଦେଖି ଗଛପଣ ସୁଦ୍ଧା ଭକ୍ତିରେ ପୁଷ୍ପ ବୃଷ୍ଟି
କରୁଛନ୍ତି ।

ରାଜା — ହଉ, ଯେଉଁପରି ତୁମ୍ଭର ରୁଚି (ଉପବେଶନ)

ବିଦୁ—ଆପଣ ଏଇଠାଇଁ ସୁଖରେ ବସି ଗଛପତ୍ରର
ଶୋଭା ଦେଖି ଦେଖି ସେ ଉର୍ବଶୀ ପୁର୍ବଶୀ
ପାଶୋରି ପକାନ୍ତୁ ।

ରାଜା—(ନିଃଶ୍ୱାସ ପକାଇ) ବୟସ୍ୟ, ଉର୍ବଶୀ ଦର୍ଶନାର୍ଥୀ
ମୋହର ଏ ଚଞ୍ଚଳମନ ଏହି ତରୁଲତା
ସୌନ୍ଦର୍ଯ୍ୟରେ ସ୍ଥିର ହୋଇ ରହିବ ନାହିଁ ।
ତାହାହେଲେ ଏପରି ଉତ୍କୃଷ୍ଟ ଉପାୟ ଦେଖ,
ଯହିଁରେ ମୋହର ମନୋରଥ ପୂର୍ଣ୍ଣ ହେବ ।

ବିଦୁ—(ହସି କରି) ହେଃ, ଅହଲ୍ୟାସକ୍ତ ଇନ୍ଦ୍ରଙ୍କ ଲାଗି
ସ୍ୱର୍ଗର ବୈଦ୍ୟ ଯେମିତି ପାଗଳ ହୋଇଥିଲେ,
ମୁଁ ଏବେ ସେମିତି ଏ ଉର୍ବଶୀ ପ୍ରୀତିବନ୍ଧା ରାଜାଙ୍କ
ସାଙ୍ଗରେ ପଡ଼ି ପାଗଳ ହେବି ପରା !

ରାଜା—ଅତି ସ୍ନେହରୁ ଏପରି ହୋଇଥାଏ ।

ବିଦୁ—ମୁଁ ସେଥିଲାଗି ଏଇକ୍ଷଣି ଧ୍ୟାନରେ ବସୁଛି ।
ଆପଣ ଆଉ କନ୍ଦାକନ୍ଦି କରି ମୋର ଧ୍ୟାନ ଭାଙ୍ଗନ୍ତୁ
ନାହିଁ । (ଧ୍ୟାନାଭିନୟ)

ରାଜା—(ଲକ୍ଷଣ ଦେଖି ସ୍ୱଗତ)
ଏ କଣ ? ଶୁଭଲକ୍ଷଣ ! ସ୍ଫୁରୁଁ ସ୍ଫୁରୁଁ ଏବେ
ସବୁ ଅବୟବ ମୋର ପୁଲକେ ପୂରିତ !
କାହିଁ ପାଇଁ ଏ ବିକାର ? ସେ ସୁରସୁନ୍ଦରୀ
ନୁହେ ତ ସୁଲଭ କେବେ, ପୂରିବ କି ସତେ
ଦୁର୍ଲଭ କାମନା ମୋର ଅଦୂର ଭବିଷ୍ୟେ ?
ନୋହିଥିଲେ ଅବା କପାଁ ସ୍ଫୁରୁ ଆଶାଲତା
ନୈରାଶ୍ୟ ମରୁରେ ଆଜ ଦିଅନ୍ତା ଦର୍ଶନ ?
(ଆଶାନ୍ୱିତ ଭାବରେ ଅବସ୍ଥାନ)

(ବ୍ୟୋମଯାନରେ ଉର୍ବଶୀ ଓ ଚିତ୍ରଲେଖାର ପ୍ରବେଶ)

ଚିତ୍ର—ସଖି, ଅକାରଣରେ କୁଆଡ଼େ ଯିବା !

ଉର୍ବ—ଚିତ୍ର, ହେମକୂଟ ପର୍ବତରୁ ଗଲାବେଳେ
ମୋହପାଇଁ କଣ ଇଙ୍ଗିତ କରିଥିଲ ପରା ?
ଏଇକ୍ଷଣି କଣ ପାଶୋରୁଚ ?

ଚିତ୍ର—ତେବେ କଣ ସଖି, ମହାରାଜାଙ୍କ ଆଡ଼କୁ ଏବେ
ଯାଉଚ ?

ଉର୍ବ—କଣ ହେଲା ସେଥିଁ ? ଏଥିରେ କଣ ମୋତେ
ଲାଜ ମାଡ଼ିବ ?

Digitized by srujanika@gmail.com

ଚିତ୍ର—ତୁମେ ଆଗରୁ କାହାକୁ ପଠେଇଚ କି ?

ଉର୍ବ—ମୋ ମନକୁ ପଠେଇଚ ।

ଚିତ୍ର—ତେବେ ଆପେ ତାକୁ ଫେରାଇ ଆଣ ।

ଉର୍ବ – ଚିତ୍ର ! ଋତୁପତି ପଠାଇଚ ନା, ମୁଁ କେମିତି ଫେରାଇ ଆଣିବି ?

ଚିତ୍ର—ଏଥିକି ମୋହର ଆଉ ଉତ୍ତର ନାହିଁ ।

ଉର୍ବ—ତେବେ ସଖି, ବାଟ କଢ଼ାଅ । ଆଉ ଯେମିତି କିଛି ବିପତ୍ତି ନ ପଡ଼େ ।

ଚିତ୍ର—ସଖି, ମନରେ ଆଉ କିଛି ପାଞ୍ଚ ନା । ଦେବଗୁରୁ ଆମ ଦୁହିଙ୍କି ଯେଉଁ ଅପରାଜିତା ମନ୍ତ୍ର ଶିଖେଇ ଦେଇଛନ୍ତି, ସେଥିରେ ଆମର କେହି କିଛି କରି ପାରିବେ ନାହିଁ ।

ଉର୍ବ—ଚିତ୍ର, ମୁଁ କେମିତି ପାସୋରି ପକେଇଲିଣି !

ଚିତ୍ର—ସଖି ! ହେଇଟି ଅନାଅ ଗଙ୍ଗା ଯମୁନା କୂଳରେ ମହାରାଜାଙ୍କ ନଅର-ଠିକ୍ ଦର୍ପଣରେ ମୁହଁ ଦେଖିଲାପରି କି ସୁନ୍ଦର ଦିଶୁଚି !

ଉର୍ବ—(ଦେଖି) ତେବେ ତ ସ୍ୱର୍ଗ ଏଠାକୁ ଉଠି ଆସିଚି କହ ? (ବିସ୍ମୟ କରି) ଚିତ୍ର, କହିଲୁ ଭଲା, ମହାରାଜା ଆମକୁ କେଉଁଠାଇଁ ଦେଖାଦେବେ ?

ଚିତ୍ର—ଆଗରେ ନନ୍ଦନବନ ସମାନ ଏ ଯେଉଁ ପ୍ରମୋଦବନ ଦିଶୁଛି, ସେହିଠାକୁ ଗଲେ ଜାଣିମ ।

(ଉଭୟଙ୍କର ଅବତରଣ)

ଚିତ୍ର—(ଦେଖି, ଆନନ୍ଦରେ) ହେଇଟି ସଖି ଏଣିକି ଚାହଁ, ଉଦୟବେଳେ କୁମୁଦବନ୍ଧୁ କୌମୁଦୀକୁ ଚାହିଁରହିଲାପରି ତୁମକୁ ପ୍ରାଣବନ୍ଧୁ ଚାହିଁକରି ବସିଛନ୍ତି ।

ଉର୍ବ—ଚିତ୍ର, ନୂଆ ଦେଖିଲାରୁ ମୋତେ କାହିଁକି ଆଜ ଅଧିକ ସୁନ୍ଦର ଦିଶୁଚନ୍ତି ?

ଚିତ୍ର—କଲେ ଦିଶିବେ ତ ? ତେବେ ପାଖକୁ ଯିବା ଚାଲ ।

ଉର୍ବ—ମୁଁ ଯାଉଚି, କୁଞ୍ଜକରେ ଛପି କରି ତାଙ୍କ ପାଖରେ ଶୁଣେ କାହା ସାଙ୍ଗରେ କି କଥା ସବୁ ପଡ଼ୁଚି ! (ପଟାଚ୍ଛାଦନ ଓ ଅବସ୍ଥାନ ।)

ଚିତ୍ର—ଯେମିତି ତୁମ ଇଚ୍ଛା—(ତଥା ଅନୁଷ୍ଠାନ)

ବିଦୂ—ଭାବ-ଭାବ ଏତେବେଳକୁ ମିଳନର ଉପାୟ ପାଇଲି ।

ରାଜା—(ନିରୁତ୍ତର)

ଉର୍ବ—ଏଡ଼େ ରୂପବନ୍ତ କିଏ ଅଛି ଯେ, ତାଙ୍କୁ ପୁଣି ଏ ବସି ଭାବୁଛନ୍ତି ?

ଚିତ୍ର—ଆଗୋ, ସ୍ଥିର ସ୍ତ୍ରୀପରି କିଣ ଗୁଡ଼ାଏ ଭାବୁଚ ! ଆପେ କିଣ ଜାଣି ପାରୁ ନାହିଁ ?

ଉର୍ବ—ଚିତ୍ର, ଧ୍ୟାନରେ ଏହିକ୍ଷଣି ସେ କଥା ଜାଣିବାକୁ ଡର ମାଡୁଚି । କେ ଜାଣି ଯେବେ ଆଉ କିଏ ହୋଇଥିବ ?

ବିଦୂ—ଉପାୟ ପାଇଲିଣି ବୋଲି କହିଲି ପରା ?

ରାଜା—କହ, ତେବେ ।

ବିଦୂ—ଆପଣ ମୁହୂର୍ତ୍ତିଟାଏ ନିଦ୍ରାକୁ ଭଜନ୍ତୁ । ସ୍ୱପ୍ନରେ ହେଲେ ଥରେ ସଙ୍ଗମ ହେବ । ନୋହିଲେ ଉର୍ବଶୀଙ୍କର ଖଣ୍ଡେ ଚିତ୍ରପଟ ଧରି ଦେଖୁଥାନ୍ତୁ ।

ଉର୍ବ—[ସହର୍ଷେ] ଆରେ ବିକଳ ମନ, ଥୟ ହୋ-ଥୟ ହୋ-

ରାଜା—ବୟସ୍ୟ, ମୋହ ପକ୍ଷରେ ଉଭୟ ଅସମ୍ଭବ ! ସର୍ବଦା ମୋହର ହୃଦୟ ମଦନବାଣରେ ଜର୍ଜରିତ । ସେଥିରେ ନିଦ୍ରା ବା କିପରି ହେବ ? ଆଉ ଚିତ୍ରପଟରେ ସେ ସୁନ୍ଦରୀର ପ୍ରତିମୂର୍ତ୍ତି ଦେଖିଲେ ସୁଦ୍ଧା ମୋ ଚକ୍ଷୁରୁ କିଣ ଅଶ୍ରୁଧାରା ନ ଗଡ଼ିବ ?

ଚିତ୍ର—ସଖି, ଶୁଣିଲ ଟି ?

ଉର୍ବ—ଶୁଣିଚ, ଏତିକରେ ଏବେ କିଣ ଜଣା ଯିବ ?

ବିଦୂ—ମୋହର ବୁଦ୍ଧି ବିଦ୍ୟା ଏତିକି ।

ରାଜା—[ଦୀର୍ଘଶ୍ୱାସ ତ୍ୟାଗକରି] ବୋଧହୁଏ ସେ ମୋହର ଦୁଃସହ ଅନ୍ତର୍ବେଦନା ଜାଣି ନ ଥିବେ, ଅଥବା ଧ୍ୟାନ ବଳରେ ଜାଣି ହେଲେ ଅବଜ୍ଞା

Digitized by srujanika@gmail.com

କରିଥିବେ । ତଥାପି ସେପରି ଦୁର୍ଲଭ ରମଣୀ-
ଠାରେ ମୋର ସମ୍ଭୋଗ ସ୍ପୃହା ଜନ୍ମାଇ କନ୍ଦର୍ପ
ଯେବେ ସୁଖୀ ହେବ, ହେଉ ।

ଚିତ୍ର—କଗୋ, ଶୁଣୁଚ ତ ?

ଉର୍ବ—ଛି ଛି, ମତେ ଏବେ ଏମନ୍ତ ଭାବୁଛନ୍ତି ! ଆଗକୁ ଯାଇ ଉତ୍ତର ଦେବାକୁ ତ ବଳ ପାଉନାହିଁ । ତେବେ ଧ୍ୟାନବଳରେ ଛପି ଏହି ଭୂର୍ଜପତ୍ରରେ ଉତ୍ତର ଦିଏଁ !

ଚିତ୍ର—ମୁଁ ତ ସେୟା କହୁଥିଲି ।

[ଉର୍ବଶୀର ଲେଖାଭିନୟ ପୂର୍ବକ ପତ୍ର କ୍ଷେପଣ ।]

ବିଦୂ—(ଦୃଷ୍ଟି) ଆରେ-ରେ-ରେ, ସାପକାତିଟାଏ କୋଉଁଠୁ ଆଗକୁ ଉଡ଼ିଆସିଲି ? ଖାଇଲି-ଖାଇଲି ! !

ରାଜା—(ଚିନ୍ତା କରି) ନାହିଁ-ନାହିଁ । କାତି ନୁହେ । ଏତ ଭୂର୍ଜପତ୍ରରେ କଣ ଲେଖାହେଲି ପରି ଦିଶୁଚି !

ବିଦୂ—ହେଲେ ହୋଇଥିବ, ମୋତେ ଲାଗେ ଶୂନ୍ୟରେ କୋଉଁଠି ସେ ଆପଣଙ୍କର ଏଦଶା ଦେଖି ଆପଣା କଥା ତକ ଲେଖି, ପକେଇ ଦେଇଛନ୍ତି ।

ରାଜା—ମନୋରଥର ଅସାଧ କିଛି ନାହିଁ (ପତ୍ର ଗ୍ରହଣ-ପୂର୍ବକ ପାଠ ଓ ଆନନ୍ଦ) ଠିକ୍ ଅନୁମାନ କରିଛି ?

ବିଦୂ—ଆପଣ ଟିକିଏ ଅନୁଗ୍ରହ କରି ଶୁଣାନ୍ତୁ-ସେଥିରେ କଣ ଲେଖାଅଛି ?

ଉର୍ବ—ବାହାବାରେ ରସିକ,

ରାଜା—ଶୁଣ, (ପଠନ)—

"ମୋହୃଦ ବେଦନା ନାଥ, ଜାଣି ନାହଁ କିଛି
ହିକାନ୍ତି ତୁମ୍ଭପରି ମୁହିଁ ଝୁରୁଅଛି ।
ପାରିଜାତ ଫୁଲଶଯ୍ୟା କଣ୍ଟକ ସମାନ
ନନ୍ଦନବନ ପବନ ମୋ ଦେହେ ଦହନ ।"

ଉର୍ବ—ଏବେ କଣ କହିବେ ?

ଚିତ୍ର—ସେ ଆଉ କହିବେ କଣ ? ତାଙ୍କ ରୂପ ତ କହି ଦେଉଚି ।

ବିଦୂ—ଯାହା ହେଉ, ଭୋକଲାବେଳେ ମୋତେ ସିଧା'ଟାଏ ମିଳିଲାପରି ଆପଣଙ୍କୁ ଆଗ ଗୋଟିଏ ଦମ୍ଭ ଧରିବାର ଉପାୟ ମିଳିଗଲା ।

ରାଜା—ବୟସ୍ୟ, କେବଳ ଆଶ୍ୱାସନାର ଉପାୟ ମିଳି ନାହିଁ ! ମୋହରି ସମାନ ଅବସ୍ଥା ବର୍ଣ୍ଣନ କରିବା ଦ୍ୱାରା ମଦିରେକ୍ଷଣୀର ସେହି ଚନ୍ଦ୍ରାନନ ଏହିକ୍ଷଣି ମୋ ଆନନ ସଙ୍ଗେ ମିଳି ଗଲାପରି ଜଣାଯାଉଅଛି ।

ବିଦୂ—ତେବେ ଆମ୍ଭ ଦୁହିଙ୍କର ମନ ଏକାପରି ।

ରାଜା—ବୟସ୍ୟ, ମୋହର ଏହି ଘର୍ମାକ୍ତ ହସ୍ତରେ ଲେଖାଟି ମଳିନ ପଡ଼ି ଯା'ଉଛି । ତୁମେ ତାହା ହେଲେ ପ୍ରିୟତମାଙ୍କର ଏହି କୃପାଲିପିକି ଧରି ଥାଅ ।

ବିଦୂ—[ଗ୍ରହଣ କରି] ଧରିଥିବି କାହିଁକି ? ଆପଣଙ୍କ ପ୍ରିୟତମା କଣ ସୁନ୍ଦର ଫୁଲଟିଏ ଦେଖାଇ ଦେଇ ଫଳ ବେଳକୁ ଆଉ ଦେଖା ଦେବେ ନାହିଁ ?

ଉର୍ବ—ଚିତ୍ର, ମୁଁ ଆଉ ସମ୍ଭାଳି ପାରିବି ନାହିଁ । ମୁଁ ଏଠାଇଁ ମନକୁ ବୁଝଉଁ ବୁଝଉଁ ତୁମେ ଚଞ୍ଚଳ ତାଙ୍କ ଆଗକୁ ଯାଇ ଯାହା ସୁନ୍ଦର ଦିଶିବ, ମୋହ ଲାଗି କହ ।

ଚିତ୍ର—[ପଟ କ୍ଷେପଣପୂର୍ବକ ପାଖକୁ ଯାଇ] ଜୟ ଜୟ, ମହାରାଜ ।

ରାଜା —[ସହର୍ଷେ] ଆପଣଙ୍କର ସବୁ କୁଶଳ ତ ? କିନ୍ତୁ ସୁମୁଖୀ, ଗଙ୍ଗା ଯମୁନା ତୁଲ୍ୟ ଦୁଇ ସଖୀଙ୍କର ମିଳନରେ ଯେପରି ଆନନ୍ଦ ହୋଇଥିଲା, ଆଜି ତୁମକୁ ଏକାକିନୀ ଦେଖି ସେପରି ଆନନ୍ଦ ହେଲା ନାହିଁ ।

ଚିତ୍ର—ଆଗେ ସିନା ମେଘ ଦେଖା ଦିଏ ? ପଛେ ଯାଇ ବିଜୁଳି ନା !

ବିଦୂ—[ଅଧୋମୁଖେ] କଣ ଉର୍ବଶୀ ଆସି ନାହାନ୍ତି ? ଏ ତେବେ ତାଙ୍କର ସହଚରୀ ?

ଚିତ୍ର—ମହାରାଜ, ଉର୍ବଶୀ ହାତ ଯୋଡ଼ିକରି କହି ଅଛନ୍ତି,—

Digitized by srujanika@gmail.com

ରାଜା—କଣ କହୁଛନ୍ତି !

ଚିତ୍ର—ମହାରାଜ ମତେ ଆଗେ ଅସୁରଙ୍କପୀଡ଼ାରୁ ଉଦ୍ଧାର କରିଥିଲେ । ଏହିକ୍ଷଣି ପଞ୍ଚଶର-ପୀଡ଼ା; ଏଥିରୁ ଉଦ୍ଧାର କରିବା ପାଇଁ ତାଙ୍କର ପାଖରେ ଶରଣ ପଶିଲି ।

ରାଜା—ସୁବଦନେ, ଜଣାଇଲ ସଖୀର କଷଣ,
ନ ଜାଣ କି, ସେଥିଲାଗି ପୁରୁରବା ମନ
ସନ୍ତାପିତ ସଦା ଦୁଃଖେ, ପ୍ରଣୟୀ ଦୂତିକେ !
ଉଭୟେ ସମାନ ଦୁଃଖୀ, ଘାଣ୍ଟେ ଏହିରୂପେ
ଦର୍ପୀ କନ୍ଦର୍ପ ଏ ଭବେ, ଯାଅ ଯାଅ ବେଗେ
ଏ ସୁଯୋଗେ କର ଯତ୍ନ ବେନିଙ୍କ ମିଳନେ,
ତପ୍ତେ ତପ୍ତ ଲୌହ ବିନା ମିଳିବ ସହଜେ ?

ଚିତ୍ର—(ଉର୍ବଶୀ ପାଖକୁ ଯାଇ) ସଖି, ଚଞ୍ଚଳ ଆସ, ତୁମଠଉଁ ତାଙ୍କର ଶରପୀଡ଼ା ବଳି ପଡ଼ୁଚି ଦେଖି ମୁଁ ଦୁଃଖି ହୋଇ ଆସିଲି ।

ଉର୍ବ—(ପଟକ୍ଷେପଣପୂର୍ବକ) ଚିତ୍ର, ମତେ କେଡ଼େ ଚଞ୍ଚଳ ଛାଡ଼ି ଦେଇଗଲ ?

ଚିତ୍ର—ଆଉ ମୁହୂର୍ତ୍ତକରେ ଜଣାଯିବ କିଏ କାହାକୁ ଛାଡ଼ୁଯିବ । ଏଣିକି ତୁମ କଥା ଆଗେ ତୁମେ ରଖ ।

ଉର୍ବ—(ସଲଜ୍ଜ ଓ ସଭୟ ଭାବରେ) ଜୟ ଜୟ ମହାରାଜ ।

ରାଜା—(ସହର୍ଷେ) ସୁନ୍ଦରି,ଜୟକାର ଜୟଶବ୍ଦ ଉଚ୍ଚାରଣ କରୁଛ ? ଇନ୍ଦ୍ରଙ୍କ ବିନା ଆଉ କିଏ ଜୟୀ ହୋଇ ପାରେ ?

(ହସ୍ତରେ ଧରି ଆସନରେ ବସାଇବା)

ବିଦୂ—ଏ କି ମର୍ଯ୍ୟାଦା ! ମହାରାଜାଙ୍କ ସହଚରଙ୍କୁ ନମସ୍କାର ନାହିଁ ?

ଉର୍ବ—(ସ୍ମିତପୂର୍ବକ ପ୍ରଣାମ)

ବିଦୂ —ସ୍ୱସ୍ତି ସ୍ୱସ୍ତି ।

(ନେପଥ୍ୟେ ଦେବଦୂତ-ଚିତ୍ରଲେଖା, ଉର୍ବଶୀଙ୍କି ଚଞ୍ଚଳ କର । ଆଚାର୍ଯ୍ୟ ଭରତମୁନି ଅଷ୍ଟରସରେ ଯେଉଁ ନାଟକ ରଚନା କରିଥିଲେ, ତାହାର ଅଭିନୟ ଆଜି ଦେବରାଜ ସମସ୍ତ ଦିକପାଳଙ୍କ ସହିତ ଦେଖିବେ ।) (ସମସ୍ତଙ୍କର ଶ୍ରବଣାଭିନୟ ଏବଂ ଉର୍ବଶୀଙ୍କର ବିଷାଦ ଅଭିନୟ)

ଚିତ୍ର—ସଖି, ଦେବଦୂତ ଯାହା ଯାହା କହିଲେ, ସବୁ ଶୁଣିଲ ? ତେବେ ମହାରାଜାଙ୍କୁ ଜଣାଅ ।

ଉର୍ବ—[ଦୀର୍ଘଶ୍ୱାସ ତ୍ୟାଗକରି] କଣ କହିବି ! କିଛି ବଶୁ ନାହିଁ ?

ଚିତ୍ର—ମହାରାଜ, ଉର୍ବଶୀ କହୁଛନ୍ତି ଯେ, ସେ ପରାଧୀନା, ମହାରାଜାଙ୍କର ଅନୁମତି ହେଲେ ସେ ଦେବରାଜଙ୍କ ସମ୍ମୁଖକୁ ଯାଇ ଆପଣାର ଦୋଷ ଛଡ଼େଇବେ ।

ରାଜା—[ବାକ୍ୟ ଯୋଜନା କରି] ଅମ୍ଭେ ତୁମ୍ଭର ରାଜା-ଦେଶରେ ବାଧା ଦେବୁଁ ନାହିଁ । ତେବେ ଏତିକି ବକ୍ତବ୍ୟ ଯେ,ଏହାଙ୍କୁ ଟିକିଏ ସ୍ମରଣ ରଖିଥିବେ ।

ଉର୍ବ—[ଦୁଃଖାଭିନୟ ପୂର୍ବକ ରାଜାଙ୍କୁ ଚାହିଁ ଚାହିଁ ପ୍ରସ୍ଥାନ]

ରାଜା—[ନିଃଶ୍ୱାସ ପକାଇ] ବର୍ତ୍ତମାନ ମୋହର ଏ ଚକ୍ଷୁଦ୍ୱୟ ନିରର୍ଥକ ହେଲାପରି ବୋଧ ହେଉଛି ।

ବିଦୂ—[ପତ୍ର ଦେଖାଇବାକୁ ଇଚ୍ଛାକରି] ହେଇଟି ଭୂର୍ଜ-[ଅର୍ଦ୍ଧୋକ୍ତି କରି] ଆରେ ସର୍ବନାଶ ସର୍ବନାଶ ଉର୍ବଶୀଙ୍କି ଆଖିପୂରେଇ ଦେଖୁ ଦେଖୁ ଏବେ ସେ ପତ୍ରଖଣ୍ଡିକ କେଉଁଠି ହଜିଗଲାଣି-ମତେ ଜଣାନାହିଁ ।

ରାଜା—କଣ କହୁଥିଲ ?

ବିଦୂ—ଏହି କଥା କହୁଥିଲି ଯେ, ଆପଣ ଆଉ ନିରାଶ ହୁଅନ୍ତୁ ନାହିଁ । ଉର୍ବଶୀଙ୍କର ଆପଣଙ୍କ ଠାଇଁ ଯେପରି ଭାବ ଦେଖିଲି, ସେଥିରେ ସେ କେବେହେଁ ଭିନ୍ନ କରିବେ ନାହିଁ ।

ରାଜା—ମୋହ ମନରେ ମଧ୍ୟ ସେହି କଥା ଅଛି । ଯାହା ସମୟରେ ତାହାଙ୍କର ଦୀର୍ଘ ନିଃଶ୍ୱାସ ସଙ୍ଗେ କୁଚ କମ୍ପନ ଦେଖି ଅନୁମାନ କଲି ଯେ, ଉର୍ବଶୀ

Digitized by srujanika@gmail.com

ପରାଧୀନ ଦେହ ମଧ୍ୟରୁ ତାଙ୍କର ସ୍ୱାଧୀନ ହୃଦୟଟିକୁ ବାହାର କରି ମୋତେ ସମର୍ପଣ କରି ଗଲେ ।

ବିଦୂ—(ସ୍ୱଗତ) ଓଃ, ମୋ ଛାତିଟା ଖାଲି ଦପ୍ ଦପ୍ ପଡୁଛି । ଆଉ ଟିକିଏ ଗଲେ କେଜାଣି ପୁଣି ସେ ଭୁର୍ଜପତ୍ରଟାକୁ ମାଗିବେ ?

ରାଜା—ବୟସ୍ୟ, କାହିଁରେ ବର୍ତ୍ତମାନ ମନ ପରିତୃପ୍ତ କରିବି ? (ସ୍ମରଣ କରି) ହଁ, ସେ ଭୁର୍ଜପତ୍ରଟି କାହିଁ ? ଟିକିଏ ଆଣିଲ !

ବିଦୂ—[ଚତୁର୍ଦ୍ଦିଗକୁ ଚାହିଁ-ଦୁଃଖରେ] କାହିଁ, ସେ ପତ୍ରତ ଆଉ ଦିଶୁ ନାହିଁ ! ମୋତେ ଲାଗେ ଉର୍ବଶୀଙ୍କ ପଛେ ପଛେ ସେ ଚାଲିଗଲା !

ରାଜା—[ଅସୂୟା ସହକାରେ] ଦେଖୁଛୁ-ଏ ମୂର୍ଖଟା ସବୁଠାରେ ଅସାବଧାନ । ନାହିଁ ନାହିଁ, ସେ କଥା ହେବନାହିଁ । ଆଉଥରେ ଭଲକରି ଖୋଜ ।

ବିଦୂ—[ଉଠି] ଏଇଠି କେଉଁଠି ନିଶ୍ଚେ ଥିବ । ଏଇ ପାଖରେ ହବପରା ? ନାହିଁ ନାହିଁ ଏ ପାଖରେ— ଏହେଁ, ଏ ପାଖ ନୁହେ ସେପାଖ [ବିହ୍ୱ ଭଙ୍ଗୀରେ ଅନ୍ୱେଷଣ]

[କାଶୀରାଜ ପୁତ୍ରୀ ରାଣୀ, ଚେଟୀ ଏବଂ ପରିଜନବର୍ଗର ପ୍ରବେଶ ।]

ରାଣୀ—ଆଲୋ ନିପୁଣିକା, ସତ କହିଲୁ, ତୁ ତାଙ୍କୁ ସହଚରଙ୍କ ସାଙ୍ଗରେ ବସିଥିବାର ଦେଖିଛୁ ?

ଦାସୀ—ମୁଁ କେବେ ଭଲା ମଣିମାଙ୍କ ଆଗରେ ମିଛ କହିଛି ?

ରାଣୀ—ଆଚ୍ଛା ହଉ, ମୁଁ ଆଗ ଏହି ଗଛ ଆଢୁ-ଆଳରେ ଶୁଣେଁ, ଦିହିଙ୍କର କି ଗୁପ୍ତକଥା ପଡ଼ୁଛି । ତେବେ ଯାଇଁ ତୋ କଥା ସତ କି ମିଛ ଜାଣିବି ।

ଦାସୀ—ଯେମିତି ଇଚ୍ଛା ।

ରାଣୀ—[ପରିଭ୍ରମଣ ଓ ସମ୍ମୁଖକୁ ଦୃଷ୍ଟିପାତ କରି] ନିପୁଣିକା, ଦେଖିବୁଟି ନୂଆକନା ପରି କଣ ଖଣ୍ଡେ ଏ ଦକ୍ଷିଣା ପବନରେ ଏଣିକି ଉଡ଼ି ଆସିଲା ?

ଦାସୀ—[ଚିନ୍ତା କରି] ଏ ନିଶ୍ଚେ ଖଣ୍ଡେ ଭୁର୍ଜପତ୍ର ହବ । ପବନରେ ଏପାଖ ସେପାଖ ଓଲଟୁଛି । ଏଥିରେ କଣ ଲେଖା ହେଲା ଭଳିପରି ଦିଶୁଛି । ଏକି ଆଚମ୍ବିତ ! ଅନଉଁ ଅନଉଁ ସେ କଣ ମଣିମାଙ୍କ ପା-ଲାଗି ହୋଇ ଗଲାଣି । [ପାଦତଳୁ ଧରି] ହେଇଟି ଏଥିରେ କଣ ଲେଖା ହୋଇଛି ପଢ଼ନ୍ତେ—

ରାଣୀ—ତୁ ଆଗ ପଢ଼ି କଣ ଅଛି । ଯେବେ ବିରୋଧ କିଛି ନ ଥିବ ତେବେ ଶୁଣିବି ।

ଦାସୀ—[ପଢ଼ିସାରି] ମଣିମା, ଲୋକେ ଯାହା କହୁଥିଲେ ଏତ ସେଇଟା, ମତେ ଲାଗେ ଏ ଗୋଟାଏ ଚୌପଦୀ ହବ । ଉର୍ବଶୀ ମହାରାଜାଙ୍କଠାକୁ ଲେଖିଚନ୍ତି । ମତେ ଲାଗେ ସେଇ ଗୋସେଇଁ ଯୋଗରୁ ଯା ଆମ ହାତୁଡ଼ରେ ଆସି ପଡ଼ିଗଲା ।

ରାଣୀ—ହଉତେବେ ପଢ଼ି ଶୁଣେଇବୁଟି ।

ଦାସୀ—(ପତ୍ର ପାଠ ।)

ରାଣୀ—ଆଲୋ, ଏଇ ଉପହାରଟି ଘେନି ଚାଲ, ସେଇ ଅପ୍‌ସରାପତିଙ୍କି ଦେଖାଇବା ।

(ପରିଜନସହ ଲତା ଗୃହଗମନ)

ଦାସୀ—ଯେମିତି ଆଜ୍ଞା, (ଅନୁଗମନ) ।

ରାଜା—ଭଗବାନ୍ ମଳୟାନିଳ ! ହେ ବସନ୍ତର ସଖା ! ତୁମ୍ଭେ ସୁବାସ ନିମିତ୍ତ ପୁଷ୍ପରୁ ରେଣୁ ହରଣ କର । ପ୍ରିୟତମାର ପ୍ରେମଲିପି ଖଣ୍ଡି ହରଣ କରି ତୁମର କି ଫଳ ହେବ ! ତୁମ୍ଭେ ତ ଜାଣ ଏହି ପ୍ରକାର ନାନା ବିନୋଦରେ ଆଶ୍ୱାସନା ପାଇ ମୁଁ ଏ ଜୀବନ ଧରିଚି ।

ଦାସୀ—ମଣିମା, ହେଇଟି ସେଇ ଭୁର୍ଜ ପତ୍ରର କଥା ପଡ଼ୁଚି ।

Digitized by srujanika@gmail.com

ରାଣୀ—ହଉ, ତୁ ତୁମ ହୋ, ତା ପଛକୁ କଣ ହଉଚି ଆଗେ ଦେଖାଯାଉ ।

ବିଦୂ—ଦେଖନ୍ତୁ ଏଇଟା କଣ ? ନା-ନା; ଏଇଟା ଗୋଟାଏ ମାଟିଆ ମୟୂର ପର ! ମୁଁ ହରାଇଲି ସେଇ ଭୂର୍ଜପତ୍ର ଅବା ହବ ?

ରାଜା—ଓଃ-କି ସର୍ବନାଶ ହେଲା !

ରାଣୀ—(ସହସା ନିକଟକୁ ଯାଇ) ଏତେ ଶୋକ କାହିଁକି, ହେଇଟି ସେହି ଭୂର୍ଜପତ୍ର—

ରାଜା—(ସସମ୍ଭ୍ରମେ-ସ୍ୱଗତ) ଏ କଣ, ସ୍ୱୟଂ ଦେବୀ ଉପସ୍ଥିତା (ଅପ୍ରତିଭ ଭାବରେ-ପ୍ରକାଶ୍ୟେ) ଦେବି ! ଶୁଭାଗମନ କର ।

ବିଦୂ—(ଚୁପ୍ କରି) ଏହିକ୍ଷଣି ନ ଆସିଥିଲେ ଭଲ ହୋଇଥାନ୍ତା !

ରାଜା—(ଜନାନ୍ତିକେ) ବର୍ତ୍ତମାନ ଏଥିର ପ୍ରତିକାର କଣ ?

ବିଦୂ—(ଜନାନ୍ତିକେ) ଏହିକ୍ଷଣିତ ଗଣ୍ଠିଲି ସହିତେ ଚୋର ଧରା ପଡ଼ିଚି—ଆଉ କଥାରେ କିଛି ହେବ ନାହିଁ ।

ରାଜା—(ଅଧୋମୁଖେ) ମୂର୍ଖ, ଏ ପରିହାସର ସମୟ ନୁହେ । [ପ୍ରକାଶ୍ୟେ] ଦେବି । ଏ ପତ୍ରକୁ ତ ମୋଜୁ ନ ଥିଲି । ଯାହାକୁ ଖୋଜିବାପାଇଁ ଏତେ ଧୂମଧାମ ଲଗିଛି, ସେ ଖଣ୍ଡିଏ ମନ୍ତ୍ରଣା ପତ୍ର ।

ରାଣୀ—ହୁଁ, ଆପଣାର ଭାର୍ଯ୍ୟକୁ ତ ଗୁପ୍ତରଖିବା ଉଚିତ ହେଉଚି ।

ବିଦୂ—ଦେବି, ଚଞ୍ଚଳ ଏ ବ୍ରାହ୍ମଣର ଭୋଜନ କଥା ଆଗ ବୁଝନ୍ତୁ । ପିତ୍ତଶାନ୍ତ ହେଲେ ଯାଇଁ ଥୟ ଧରିବ ।

ରାଣୀ—ନିପୁଣିକା, ବ୍ରାହ୍ମଣଙ୍କ ସହଚରଙ୍କୁ ଖାସା ପ୍ରବୋଧ ଦେଉଛନ୍ତି ।

ବିଦୂ—ଦେଖନ୍ତୁ, ପୂରା ଭୋଜନଟି ପାଇଲେ ରାକ୍ଷସ କଣ ପିଶାଚ କଣ ସମସ୍ତେ ଶାନ୍ତ ହୁଅନ୍ତି ।

ରାଜା—ମୂର୍ଖ ବଳାତ୍କାରରେ ମୋତେ ଏବେ ଅପରାଧୀ ବୋଲି ପ୍ରମାଣ କରି ଦେଉଛ !

ରାଣୀ—ପ୍ରଭୁ, ତୁମ୍ଭର କିଛି ଅପରାଧ ନାହିଁ—ମୁହିଁ ଏକା ଅପରାଧିନୀ । ଏଠାକୁ ଆସି ତୁମ୍ଭର ପ୍ରତିକୂଳ ହେଲି । ଯାଉଛି, ଭଲ-ଆ-ଲୋ ନିପୁଣିକା,

(ଅଭିମାନଭରେ ପ୍ରସ୍ଥାନୋଦ୍ୟତା)

ରାଜା—ସମ୍ବର ସମ୍ବର ଦେବି, କ୍ରୋଧକୁ ସମ୍ବର
ରୋଷନାଶି ପରିତୋଷ ପ୍ରକାଶ ସୁଦଶି !
ଚିର ଅପରାଧୀ ମୁହିଁ, ହୁଅ ସୁପ୍ରସନ୍ନା;
ସେବ୍ୟ ଜନ ସେବକରେ ବହେ ଯଦି ରୋଷ
ନିର୍ଦ୍ଦୋଷ ହେଲେ ବି ଦୋଷ ହୁଅଇ ତାହାର !!

(ପାଦତଳେପତନ)

ରାଣୀ—କପଟି,ମୋ ହୃଦୟ ବଡ଼ ପାତକ । ମୁଁ ତୁମ୍ଭର ଏହି ଅନୁନୟ ବିନୟ ଶୁଣିବି ନାହିଁ । କେଜାଣି ପଛେ ଅନୁତାପ କରିବି ବୋଲି ଭୟ କରୁଚି ।

ଦାସୀ—ଏଇଆଡ଼େ ବିଜେ କରନ୍ତୁ ।

[ରାଜାଙ୍କୁ ତ୍ୟାଗ କରି ପରିଜନସହ ପ୍ରସ୍ଥାନ]

ବିଦୂ—ମହାରାଜ, ଦେବୀ ତ ବର୍ଷା ଦିନର ନଈ ପରି ବଡ଼ ଅପ୍ରସନ୍ନା ହୋଇ ଚାଲିଗଲେ ! ତେବେ ଉଠନ୍ତୁ ଉଠନ୍ତୁ—

ରାଜା—(ଉଠି)
ମୋହ ପ୍ରତି ଆଜ ସଖେ, ମହାଦେବୀଙ୍କର
ହୋଇଅଛି ସମୁଚିତ ଏହି ବ୍ୟବହାର,
କରି ଯେତେ ଅନୁନୟ ଉଚିତ ଚାଟୁ-ବାଣୀ
ସେଥିରେ କି ଭୁଲି ଯିବ ରମଣୀ ହୃଦୟ ?
ସବୁ ମଣି ଦୋଷ ଗୁଣ ଜଣାଅଛି ଯାକୁ
ତାଠାରେ ଲୁଚିବ କାହୁଁ ଏ କୃତ୍ରିମପଣ ?

ବିଦୂ—ଆପଣ ଯାହା କହିଲେ ତାହା ଯଥାର୍ଥ, ମାତ୍ର ଏବେ ତ ଆପଣଙ୍କୁ ବଡ଼ ଭଲ ପଡ଼ିଲା ? ଆଖି ରୋଗୀ, ଆଗରେ ଦୀପ ଶିଖା ସହି ପାରେ ନାହିଁ ପରା !

Digitized by srujanika@gmail.com

ରାଜା—ନା-ସଖା, ସେ କଥା ଆଉ ନ ଧର ଏ ମୁଖେ,
ହେଲେହେଁ ଉର୍ବଶୀବଶ, ହୃଦୟ ମୋହର
କ୍ଷଣେମାତ୍ର ଭୁଲି ନାହିଁ ଦେବୀଙ୍କର କଥା,
ଦେବୀ ଆଦର ଧନ, ତେଣୁ ଏ ଭାବନା,
ତେବେ ଧୈର୍ଯ୍ୟ ଧରିବାର ଅଛି ମହୋପାୟ,
କରିଛନ୍ତି ଦେବୀ ମୋର ପ୍ରଣାମ ଲଙ୍ଘନ ?
ଏହିମାନେ କିଛିକାଳ କରିବି ମୁଁ ମାନ ।

ବିଦୂ—ହଉ, ସେ ଦେବୀ ଦେବୀ କଥା ରଖି ଦିଅନ୍ତୁ,
ବର୍ତ୍ତମାନ କ୍ଷୁଧାର୍ତ୍ତ ବ୍ରାହ୍ମଣର ଜୀବ ରହିବା
କଥା ବିଚାର କରନ୍ତୁ । ସ୍ନାନ ଭୋଜନ ବେଳା
ଆସି ହେଲା—

ରାଜା—(ଉପରକୁ ଚାହିଁ) ଓହୋ,
ମଧ୍ୟାହ୍ନ ପ୍ରବେଶ ଆସି, ଗ୍ରୀଷ୍ମ ବର୍ଷୁଁ ଏବେ
ସନ୍ତାପିତ କେକୀକୁଳ ଆଶ୍ରିଲେଣି ଧୀରେ
ତରୁତଳେ ସୁଶୀତଳ ଗଛ ଆଳବାଳ,
କର୍ଣ୍ଣିକାର ପୁଷ୍ପଗର୍ଭେ ଦେଖ ଆସି ଭୃଙ୍ଗେ
ଅଙ୍ଗ ଢାଙ୍କି ରହିଲେଣି; ଏଣେ ହଂସରାଜୀ
ତପ୍ତବାରି ଅବହେଳି ତୀର ନଳୀନୀକ
ଧରିଲେଣି, ଦେଖ ଦେଖ ତୃଷାତୁର ଶୁକ
ବ୍ୟାକୁଳେ ମାଗଇ ଜଳ ପିଞ୍ଜର ମଧ୍ୟରେ ।
(ଉଭୟଙ୍କର ପ୍ରସ୍ଥାନ ।)

ତୃତୀୟ ଅଙ୍କ

ଦୃଶ୍ୟ—ଭରତମୁନି—ଆଶ୍ରମ ।
(ଦୁଇ ଜଣ ଭରତଶିଷ୍ୟଙ୍କର ପ୍ରବେଶ ।)

ପ୍ରଥମ—ଭାଇ ପୈଳବ, ଏହି ଅଗ୍ନିମଣ୍ଡପରୁ ଗୁରୁଦେବ
ଯେତେବେଳେ ଇନ୍ଦ୍ରପୁରକୁ ଗଲେ,ସେତେବେଳେ
ମୁଁ ତାହାଙ୍କ ଆସନ ବହନକରି ଯାଇଥିଲି । ସେହି
ଦିନଠାରୁ ଗୁରୁଦେବ ମୋତେ ଏହି ମଣ୍ଡପ ରକ୍ଷା
କାର୍ଯ୍ୟରେ ନିଯୁକ୍ତ କରିଛନ୍ତି । ଆଚ୍ଛା, ତୁମ୍ଭେ
ଜାଣ, ଗୁରୁଦେବ ଆମ୍ଭର ନାଟକ ଅଭିନୟ କରି
ଦେବସଭାର ଚିତ୍ତରଞ୍ଜନ କରିପାରିଲେ କି ନାହିଁ ?

ଦ୍ୱିତୀୟ—ଭାଇ ଗାଲବ, କେତେଦୂର ଭଲ ହେଲା,
ତାହା କହିପାରିବି ନାହିଁ, ତେବେ ଏତିକି ଜାଣିଛି
ଯେ, ସରସ୍ୱତୀକୃତ ସେଇ ଲକ୍ଷ୍ମୀସ୍ୱୟମ୍ବର ନାଟକ
ଅଭିନୟ ବେଳରେ ଉର୍ବଶୀ ନାନାପ୍ରକାର ନାଚ
ରଙ୍ଗରେ ମଜ୍ଜି ଅଭିନୟ କରିଥିଲେ—କିନ୍ତୁ;

୧ମ—ତୁମ କଥାରୁ ଜଣାପଡ଼ୁଛି-ସେଥିରେ କିଛି ଦୋଷ
ଘଟିଲା ପରା ?

୨ୟ—ହଁ,ଗୋଟିଏ ସ୍ଥାନରେ, ସେ କହୁଥିଲେ—

୧ମ—କଣ ?

୨ୟ—ସେଥିରେ ଉର୍ବଶୀ ହୋଇଥିଲେ ଲକ୍ଷ୍ମୀ, ଆଉ
ମେନକା ହୋଇଥିଲେ ବାରୁଣୀ । ଯେତେବେଳେ
ମେନକା ପଚାରିଲେ 'ବିଷ୍ଣୁଙ୍କ ସହିତେ ତିନପୁରର
ସବୁ ମହାରାଜା ଆଉ ଦିଗପାଳମାନେ ଏଠାକୁ
ଆସିଛନ୍ତି—ଏହାଙ୍କ ମଧ୍ୟରୁ କାହାଠାରେ ତୁମ୍ଭର
ଇଚ୍ଛା ?'

୧ମ—ହଁ, ତାହାପରେ-

୨ୟ—ସେଠାରେ 'ପୁରୁଷୋତ୍ତମ' କହିବେ କଣ,
ଉର୍ବଶୀଙ୍କ ମୁହଁରୁ ବାହାରି ପଡ଼ିଲା 'ପୁରୁରବା' ?

୧ମ—ହଁ, ଭବିତବ୍ୟତାରେ କିଏ ବାଧା ଦେବ ?
ଆମ୍ଭର ବୁଦ୍ଧି ଇନ୍ଦ୍ରିୟ ସବୁ ତ ଭାଗ୍ୟର ଅଧୀନ !
ଆଚ୍ଛା, ଗୁରୁଦେବ ତ ସେଥିପାଇଁ ତାଙ୍କ ଉପରେ
କୋପ କରି ନାହାନ୍ତି ?

୨ୟ—ହଁଅଁ, ଗୁରୁଦେବ ତାଙ୍କୁ ତତ୍‌କ୍ଷଣାତ୍ ଅଭିଶାପ
ଦେଲେ, ମାତ୍ର, କି ଭାଗ୍ୟକୁ ଦେବରାଜଙ୍କର
ତାଙ୍କଠି ଟିକିଏ ଅନୁଗ୍ରହ ହୋଇଗଲା ।

୧ମ—କଣ ? କଣ ?

୨ୟ—ଗୁରୁଦେବ ତତ୍‌କ୍ଷଣାତ୍ ଏହି ଅଭିଶାପଦେଲେ
ଯେ, ତୁ ମୋହର ଉପଦେଶ ମତେ ଯେଣୁ କାର୍ଯ୍ୟ
ନ କଲୁ, ତେଣୁ ସ୍ୱର୍ଗରେ ଆଉ ତୋତେ ବାସ

Digitized by srujanika@gmail.com

ନାହିଁ । ତାହାପରେ ଯେତେବେଳେ ନାଟକ ସରିଲା,ସେତେବେଳେ ଦେବରାଜ ଉର୍ବଶୀଙ୍କି ଡାକି କରି କହିଲେ ଯେ, ତୁମେ ଯାହାଙ୍କ ପ୍ରେମରେ ଭୋଳ ହୋଇଅଛ, ସେ ରାଜା ଆମ୍ଭର ବହୁତ ଉପକାର କରିଅଛନ୍ତି । ଏଣୁ ତାଙ୍କର ଉପକାର କରିବା ଆମ୍ଭର ଉଚିତ ହେଉଛି । ତେବେ ତୁମେ ଆଜଠାରୁ ଯାଅ । ସନ୍ତାନ ହେବା ଯାଏ ମନ ଇଚ୍ଛାରେ ତାହାଙ୍କର ସେବା ସହବାସ କରିବ ।

୧ମ—ଏ କଥା ତ ଉର୍ବଶୀଙ୍କି ଭଲ ହେଲା । ଦେବରାଜ ଅନ୍ୟର ମନକଥା ତ ବେଶ ଜାଣିପାରନ୍ତି ?

୨ୟ—(ସୂର୍ଯ୍ୟଙ୍କୁ ଦେଖି) ଆରେ ! କଥାବାର୍ତ୍ତା କରୁ କରୁ ତ ସାଧୁଆବେଳ ଗଡ଼ିଗଲାଣି ! ହେ, ପୁଣି ଦୋଷୀ ହେବା କି ? ଚାଲ ଏତିକବେଳେ ଗୁରୁଦେବଙ୍କ ପାଖକୁ ଯିବା । (ଉଭୟଙ୍କ ପ୍ରସ୍ଥାନ)

ଦୃଶ୍ୟ—ରାଜ ପ୍ରାସାଦର ଉଦ୍ୟାନ ।

[କୁଞ୍ଚୁକୀର ପ୍ରବେଶ ।]

କଞ୍ଚୁ—ସମସ୍ତଙ୍କର ଯୌବନ କାଳଟା କାମ ଅର୍ଥ ଭୋଗରେ ବେଶ୍ କଟିଯାଏ । ବୃଦ୍ଧାବସ୍ଥା ଉପସ୍ଥିତ ହେଲେ ଲୋକେ ପୁଅ ନାତିଙ୍କ ଉପରେ ଭର ପକାଇ ଟିକିଏ ବିଶ୍ରାମ ନେଉଛନ୍ତି । ମାତ୍ର ଆମ୍ଭର ଏ ରାଜାସେବାରେ ଦିନକୁ ଦିନ ଦେହ କ୍ଷୀଣ ହୋଇଆସିଲା, ଏବେ ତାହା କାରାଗାର ପରି ଲାଗୁଛି । ଆଉ ଏ ଅନ୍ତଃପୁର ଲୋକଙ୍କୁ ସମ୍ଭାଳିବା ବଡ଼ କଷ୍ଟ !!! (ପରିକ୍ରମ କରି) କାଶୀରାଜଜେମା ଗୋଟାଏ କଣ ବ୍ରତ କରିଛନ୍ତି ! ସେଥିପାଇଁ ମୋତେ ଏହିକ୍ଷଣି ଆଜ୍ଞା ହେଲା ଯେ, ତୁମ୍ଭେ ଯାଅ,ମହାରାଜାଙ୍କୁ କହିବ,ସନ୍ଧ୍ୟାବନ୍ଦନା ସରିଲେ ଥରେ ଯେମିତି ମୋହର ଦେଖା ହେବ ! (ପରିକ୍ରମ କରି) ବାଃ ବାଃ, ରାଜଭବନରେ ଏହି ସନ୍ଧ୍ୟା ବନ୍ଦନା ବଡ଼ ସୁନ୍ଦର ହୋଇଛି !! ଦେଖ ମୟୂରଟି କେମିତି ଘରଡ଼ରେ ଶୋଇପିଡ଼ୁଲା ପରି ଥକା ହୋଇ ରହିଛି । ଝିଡ଼କି ବାଟେ ଧୂପର ଧୂଆଁ ବାହାରି ଆସିଲାବେଳେ ଘରଡ଼ରୁ ପାରା ଉଡ଼ି ଆସିଲା ପରି ଜଣାପଡ଼ୁଛି । ଅନ୍ତଃପୁରର ଏ ବୁଢ଼ା ବ୍ରାହ୍ମଣମାନେ ଗନ୍ଧପୁଷ୍ପ ଦେଇ ବଧି-ମତେ ସନ୍ଧ୍ୟା ଦୀପ ଠା'କୁ ଠା' ବସାଉଛନ୍ତି । [ନେପଥ୍ୟାଭିମୁଖେ] ରାଜା ଏହି ବାଟେ ବିଜେ କରୁଛନ୍ତି କି ? ଦାସ ଦାସୀମାନେ ଘରପାଖରେ ରତ୍ନଦୀପ ଧରି ଘେରି ବୁଲୁଛନ୍ତି, ଠିକ୍ କନଅର ମାଳ ଭିତରେ ଚଳନ୍ତି ପର୍ବତ ପରି ଶୋଭା ପାଉଛନ୍ତି ! ତେବେ ଯାଉଛି ବାଟ ମୁହଁରେ ଅପେକ୍ଷା କରିବି ।

ଦୃଶ୍ୟ—ରାଜପ୍ରାସାଦ ।

[ପରିଜନସହ ରାଜା ଓ ବିଦୂଷକର ପ୍ରବେଶ ।]

ରାଜା—(ସ୍ୱଗତ) ନାନା କାର୍ଯ୍ୟରେ ବ୍ୟସ୍ତ ଥାଇ କୌଣସି ପ୍ରକାରେ ଦିନଟା କଟାଇଲି । ବର୍ତ୍ତମାନ ଏ ଯୁଗସମ ଯାମିନୀ ଯିବ କିପରି ?

କଞ୍ଚୁ—[ପାର୍ଶ୍ୱରେ] ଜୟ ଜୟ ମହାରାଜ, ମହାରାଜ ! ଦେବୀ ଏହି କଥା ନିବେଦନ କରିଛନ୍ତି ଯେ, ମଣିପ୍ରାସାଦ ଉପରେ ଚନ୍ଦ୍ର ଅତି ସୁନ୍ଦର ଦିଶନ୍ତି । ସେହିଠାରେ ମୁଁ ମହାରାଜାଙ୍କ ଗହଣରେ ବସି ରୋହିଣୀ ଚନ୍ଦ୍ର ଯୋଗ ଦେଖିବି ।

ରାଜା—ତେବେ ଦେବୀଙ୍କି ଜଣାଇବ ଯେ, ତାଙ୍କର ଯେପରି ଇଚ୍ଛା—

କଞ୍ଚୁ—ସେହିପରି [ପ୍ରସ୍ଥାନ]

ରାଜ—ବୟସ୍ୟ, ଯଥାର୍ଥରେ କଣ ଦେବୀ ବ୍ରତନିମିତ୍ତ ଏହି ଆୟୋଜନ କରିଛନ୍ତି ?

ବିଦୂ—ମୋତେ ଲାଗେ ତେତେବେଳେ ଆପଣଙ୍କର ଆଦର ନ ପାଇବା ପଛେ ତାଙ୍କ ମନରେ ଭାରି ଦୁଃଖ ହୋଇଛି । ସେଇ ଦୋଷଟା ଛଡ଼ାଇବା ପାଇଁ ଏପରି ଗୋଟାଏ ଫିକର କରିଛନ୍ତି ।

Digitized by srujanika@gmail.com

ରାଜା—ଯଥାର୍ଥ କହିଲ । ମାନିନୀମାନେ ଆଗେ ପ୍ରଣାମ ଲଙ୍ଘନ କରି ପରେ ଫେରି ଅନୁତପ୍ତ ହୋଇ ନାନା ଅନୁନୟ ବିନୟ କରିଥାନ୍ତି । ହଉ,ବର୍ତ୍ତମାନ ପ୍ରାସାଦ ଉପରକୁ ବାଟ ଦେଖାଅ ।

ବିଦୂ—ଏଇବାଟେ ଆସନ୍ତୁ । ଏହି ଶୀତଳ ସ୍ଫଟିକ ପାବଛରେ ଉପରକୁ ବିଜେ କରନ୍ତୁ । ସନ୍ଧ୍ୟା-ବେଳେ ଏ ସ୍ଥାନଟି ବଡ଼ ସୁନ୍ଦର ଦିଶେ ।

[ସମସ୍ତଙ୍କର ଆରୋହଣାଭିନୟ]

ବିଦୂ—[ଦେଖି] ଆଉ ଟିକିଏ ଗଲେ ଚନ୍ଦ୍ର ସେଠାଇଁ ମୁଣ୍ଡ ଟେକିବ । ଅନ୍ଧାର କୁଆଡ଼େ ଚାଲିଗଲାଣି । ପୂର୍ବ ଦିଗରେ ଆଲୁଅ ଦେଖା ପଡ଼ୁଛି ।

ରାଜା—ଠିକ୍ ଅନୁମାନ କରିଛ । ବର୍ତ୍ତମାନ ଉଦୟଗିରି ଶିଖରେ ଚନ୍ଦ୍ର ଅଛନ୍ତି । ଚନ୍ଦ୍ରିକା ଦ୍ୱାରା ଅନ୍ଧକାର ନଷ୍ଟ ହୋଇଯିବାରୁ ପୂର୍ବ ଆକାଶ ଆଲୋକିତ ହୋଇ ବଡ଼ ମନୋହର ଦିଶୁଛି ।

ବିଦୂ—ବାଃ ବାଃ ବାଃ, ହୋଇଛିଟି ଠିକ୍ ଫାଳେ ଲାଲ ମୋହନ ପରି ଜହ୍ନମାମୁ ଉପରକୁ ଉଠିଲେଣି ?

ରାଜା—(ସସ୍ମିତେ) ସବୁ ସ୍ଥାନରେ ଔଦରିକର କେବଳ ସେହି ଉଦରପୂର୍ତ୍ତି କଥା ! ! !

(କୃତାଞ୍ଜଳିପୁଟେ ପ୍ରଣାମ ।)

ନମୋମଧ୍ୟଜ୍ୟୋତିଃ ନମଃ ଶୀତରଶ୍ମେ !
ଜନାନନ୍ଦକାରିନ୍ ନମୋଧ୍ୱାନ୍ତହାରିନ୍ !
ନମସ୍ତେ ଶଶାଙ୍କ ନମୋ ଲୋକବନ୍ଦ୍ୟ !
ନମଃ ଶୃଙ୍ଗଚୂଡ଼ାମଣେ ଦିବ୍ୟରୂପ ।

ବିଦୂ—ଦେଖନ୍ତୁ, ଆପଣଙ୍କ ପିତାମହ ଏ ବ୍ରାହ୍ମଣ-ମୁଖରେ ବସିବାକୁ କହୁଛନ୍ତି,ବସନ୍ତୁ । ମୁଁ ତେବେ ଟିକିଏ ଆଗମରେ ବସିଯାଏଁ ?

ରାଜା—(ବସି, ପରିଜନବର୍ଗଙ୍କୁ ଚାହିଁ) ଏଣିକ ଚନ୍ଦ୍ରା-ଲୋକରେ ଦୀପ ଥିବା ନଥିବା ସମାନ । ତୁମ୍ଭେମାନେ ଏଥର ଯାଅ । ବିଶ୍ରାମ କରିବ ।

ପରିଜନବର୍ଗ—ଯେ ଆଜ୍ଞା, (ପ୍ରସ୍ଥାନ)

ରାଜା—(ଚନ୍ଦ୍ରଙ୍କୁ ଦେଖି ବିଦୂଷକ ପ୍ରତି) ବୟସ୍ୟ, ଆଉ ମୁହୂର୍ତ୍ତିକ ପରେ ଦେବୀଙ୍କର ଶୁଭାଗମନ ହେବ । ତାହା ହେଲେ ଏହି ଏକାନ୍ତରେ ତୁମ୍ଭ ଆଗରେ ମନ କଥା ସବୁ କହିବି ।

ବିଦୂ—କାହିଁ ଉର୍ବଶୀଙ୍କର ତ ଆଜ ଦେଖା ନାହିଁ ? ତେବେବେ ତାଙ୍କର ଯେମିତି ହାବ ଭାବ ଜଣା ପଡ଼ୁଛି,ସେଥିରୁ ମତେ ଅନୁମାନ ହେଉଛି, ଆପଣ ଏହିକ୍ଷଣି ଏ ପ୍ରାଣଟାକୁ ଦିନାକେତେ ଆଶା ଡୋରିରେ ବାନ୍ଧି ରଖି ପାରିବେ ।

ରାଜା—ତାହା ସତ; ମାତ୍ର ମୋହର ମନର ଆବେଗ ଏଣିକ ପ୍ରବଳ ହେଉଅଛି । ନଦୀ ସ୍ରୋତ ଯେପରି କନ୍ଦର ଶିଳା ପଥରେ ବାଧା ପାଇ ନାନା ପ୍ରବାହ ଧାରଣ କରେ, ସେହିପରି ମୋହର କାମନା ମିଳନ ସୁଖରେ ବାଧା ପାଇ ଶତଗୁଣ ବର୍ଦ୍ଧିତ ହେଉଅଛି ।

ବିଦୂ—ଆପଣଙ୍କ ଦେହ ଆଗଠଁ ଅବଶ୍ୟ ଅଳପ ଶୁଖିଯାଇଛି । ତେବେବେ କେଡ଼େ ସୁନ୍ଦର ଦିଶୁଛି । ଏଥିରୁ ମତେ ଜଣାପଡ଼ୁଛି ନିଶ୍ଚେ ଅପ୍ସରା ସଙ୍ଗମ ହେବ ।

ରାଜା—(ଶୁଭସୂଚନା କରି) ପ୍ରିୟ ବୟସ୍ୟ, ତୁମ୍ଭେ ଏହି ଆଶାପ୍ରଦ ବାକ୍ୟ ଦ୍ୱାରା ଏ ହତାଶ ବନ୍ଧୁକୁ ଆଶ୍ୱାସିତ କଲ । ସେଥି ସଙ୍ଗେ ପୁଣି ଦକ୍ଷିଣ ବାହୁ ସ୍ପନ୍ଦନ ହେବାରୁ ତତୋଽଧିକ ଆଶ୍ୱସ୍ତ ହେଲି ।

ବିଦୂ—ବ୍ରାହ୍ମଣ ବାକ୍ୟ କେବେ ଅନ୍ୟଥା ହୁଏ ?

ରାଜା—[ଆଶ୍ୱାସିତ ଭାବରେ ଅବସ୍ଥାନ ।]

[ଶୂନ୍ୟମାର୍ଗରେ ଅଭିସାରିକା ବେଶରେ ଉର୍ବଶୀ ଓ ଚିତ୍ରଲେଖାର ପ୍ରବେଶ ।]

ଉର୍ବ—[ନିଜ ଦେହକୁ ଚାହିଁ] ସଖି, ମଣିମୁକ୍ତାଖଚିତ ଏଇ ନୀଳାମ୍ବର ବେଶ ମତେ ବଡ଼ ଭଲ ଲାଗେ ।

ଚିତ୍ର—ତୁମକୁ କଣ, ମତେ ଏତେ ଭଲ ଲାଗୁଛି ଯେ, କଣ କହି ପ୍ରଶଂସା କରିବି ଦିଶୁନାହିଁ । ଏଇ

Digitized by srujanika@gmail.com

କଥା ବିଗ୍ଭର କରୁଥିଲି, ମୁଁ ଯେବେ ପୁରୁରବା ହୋଇଥାନ୍ତି ! ତେବେ—

ଊର୍ବ—ଚିତ୍ର, ମୁଁ ତ ଆଉ ପାରିବି ନାହିଁ ! ତୁମେ ଯାଅ ଚଞ୍ଚଳ ତାଙ୍କୁ ଆଣିବ, ନଇଲେ ତାଙ୍କ ରାଜ୍ୟକୁ ଘେନକରି ଗ୍ଭଲ ।

ଚିତ୍ର—ସଖି, ଏଇ ପରା ତୁମ ପ୍ରାଣନାଥଙ୍କର ରାଜ୍ୟ ! ଦେଖୁ ନାହିଁ ରାତିରେ କୈଳାସ ପର୍ବତର ଛାଇ ପଡ଼ିଲା ପରି ଯମୁନା ଉପରେ ଏହାର କପର ଛାଇ ପଡ଼ିଚି !

ଊର୍ବ—ତେବେ ଧ୍ୟାନବଳରେ କହିଲ ଭଉଣୀ, ମୋର ସେଇ ଚିତ୍ତଚୋର ଏହିକ୍ଷଣି କେଉଁଠି ଅଛନ୍ତି,ଆଉ କଣ କରୁଛନ୍ତି ?

ଚିତ୍ର—[ସ୍ୱଗତ] ଆଚ୍ଛା ହଉ, ଆଗେ ଟିକିଏ କଉତୁକ କରେଁ । [ପ୍ରକାଶ୍ୟେ] ସଖି, ସେତ ଏବେ ମନ ଜାଣି ସୁନ୍ଦରୀଟିଏ ପାଇଛନ୍ତି, ଆଉ ତାଙ୍କର କିଛି ଭାବନା ନାହିଁ ।

ଊର୍ବ—ନାଇଁ ନାଇଁ ! ମତେ ସ୍ତ୍ରୀ କେବେ ସତ ହେଉନାହିଁ । ଚିତ୍ର, କଣ ଭୁଲାଏ ତୁମେ ମନକୁ କହି ଯାଉଚ । ସୁନ୍ଦରୀ ପାଇବା ଆଗରୁ ତ ସେ ମୋ ମନକୁ ନେଇଗଲେ ନେଇଛନ୍ତି ! !

ଚିତ୍ର—(ଦୃଷ୍ଟି) ହେଇଟି, ମଣିଭବନ ଉପରେ ମହାରାଜ ବସିଛନ୍ତି । ସାଙ୍ଗରେ ତାଙ୍କ ସହଚର । ଗ୍ଭଲ ତେବେ ପାଖକୁ ଯିବା ।

(ତଥାକରଣ)

ରାଜା—ବୟସ୍ୟ, ରାତି ହେଲେ କାହିଁକି ବିରହ କଷ୍ଟ ଅଧିକ ଜଣାଯାଏ !

ଊର୍ବ—ଏଇ ଟୁପ୍ ଟୁପ୍ କଥା ଶୁଣି ମୋ ବୁକୁ କାହିଁ ଦୁପ୍ ଦୁପ୍ ପଡ଼ୁଚି ! ତେବେ ଆଡ଼ୁଆଳରେ ରହି ଶୁଣିବା-ସନ୍ଦେହ ତୁଟି ଯିବ ।

ଚିତ୍ର—ହଉ, ଯେମିତ ଇଚ୍ଛା ।

ବିଦୂ—ଗ୍ଭମ୍, ଆଗ ଏହିକ୍ଷଣି ଚନ୍ଦ୍ରଙ୍କର ଅମୃତ ବୃଷ୍ଟି ଭୋଗ କରନ୍ତୁ ।

ରାଜା—ବୟସ୍ୟ, ଏଥିରେ ବରଂ କାମଜ୍ୱର ଅଧିକ ତେଜଉଠିବ । ଏଥିରେ ଶାନ୍ତ ହେବ ନାହିଁ, କି ପୁଷ୍ପପଲ୍ଲବଶଯ୍ୟାରେ ଶାନ୍ତ ହେବ ନାହିଁ । ସର୍ବାଙ୍ଗରେ ଚନ୍ଦନ ଲେପନ କଲେ ବି ହେବ ନାହିଁ । କେବଳ ସେଇ ସୁରସୁନ୍ଦରୀଙ୍କ ପାଇଲେ ଅଥବା ଏକାନ୍ତରେ ତାହାର କଥା ସ୍ମରଣ କଲେ ଅବା ଏ ଅନ୍ତର୍ବେଦନା ପ୍ରଶମିତ ହେବ ।

ଊର୍ବ—ରେ ମନ ! ତୁ ମତେ ଛାଡ଼ି ଯା ତାଙ୍କଠି ମଜିଚୁ, ତାହାର ଏଇ ଫଳ ।

ବିଦୂ—ହଁ-ହଁ ମୋର ବି ସେମିତି—ଯେତେବେଳେ ପାଚିଲା ଆମ୍ବ କି ଖଜୁରି କିଛି ନପାଏଁ, ସେତେ-ବେଳେ ଖାଲି ତାହା କଥା ଭାବି ଭାବି ମନବୋଧ କରେଁ ।

ରାଜା—କିନ୍ତୁ ତୁମେ ତାହା ପାଇ ଥାଅ ।

ବିଦୂ—ଆପଣ ବି ଆଉ ଟିକିଏ ଗଲେ ପାଇବେ ।

ରାଜା—ବୟସ୍ୟ, ମୁଁ ମଧ୍ୟ ସେହିପରି ଭାବନା କରୁଛି ।

ଚିତ୍ର—ଶୁଣ ଗୋ ଶୁଣ ।

ବିଦୂ—କଣ ଭାବନା କରୁଛନ୍ତି ?

ରାଜା—ଦୈତ୍ୟ ଯୁଦ୍ଧରୁ ଉଭୟେ ରଥରେ ଆସୁଥିବା ବେଳେ ତାହାଙ୍କ ଶିରୀଷକୋମଳ ବାହୁରେ ମୋହର ଏ ବାହୁ ଲାଗି ଯାଇଥିଲା । ମୋ ମତରେ ଏଇ ଅଙ୍ଗଟି କୃତାର୍ଥ ହୋଇଅଛି । ଆଉ ସବୁତକ ପୃଥିବୀର ଭାର କେବଳ ।

ଊର୍ବ—ତେବେ ମୁଁ ଆଉ ଉତ୍ତର କରୁଚ କାହିଁ ? (ସହସା ପାର୍ଶ୍ୱକୁ ଯାଇ) ଚିତ୍ର, ମୁଁ ଆଗକୁ ଆସିଲିଣି ତେବେକେ ମହାରାଜ କାହିଁକି ମୌନ ହୋଇ ବସିଛନ୍ତି (ସମ୍ମୁଖରେ ଅବସ୍ଥାନ)

ଚିତ୍ର—(ସସ୍ମିତେ) ଆଗୋ ଚଞ୍ଚଳା ! ଉପରେ ପରଦା ଅଛି ପରା । ଦେଖିବେ କେମିତି ?

Digitized by srujanika@gmail.com

ନେପଥ୍ୟେ—ଏ ବାଟେ ଏ ବାଟେ । (ସମସ୍ତଙ୍କର ଶ୍ରବଣାଭିନୟ)

ବିଦୂ—ସରଳ ! ସରଳ ! ପାଟରାଣୀ ଆସି ପହଞ୍ଚି ଗଲେଣି, ଆପଣ ଏଥର ମୁହଁରେ ତାଲା ଦେଇ ବସନ୍ତୁ ।

ରାଜା—ତୁମ୍ଭେ ମଧ୍ୟ ସାବଧାନ ହୋଇ ବସ ।

ଉର୍ବ—ଚିତ୍ର, ଏଠାଇଁ ଏବେ କଣ କରିବା ?

ଚିତ୍ର—ଏତେ ତରତର କାହିଁ ? ତୁମକୁ ତ କେଏ ଦେଖି ପକାଉ ନାହିଁ ! ରାଣୀ ଗୋଟିଏ କିଛି ବ୍ରତ କଲ-ପରି ଜଣାପଡ଼ୁଛି । ସେ ଏଠାଇଁ କେବେଁ ବହୁତ ବେଳଯାଏ ରହିବେ ନାହିଁ ।

(ଦେବୀ ଏବଂ ଅର୍ଘ୍ୟଥାଳୀ ସହିତ ଦାସୀର ପ୍ରବେଶ)

ଦେବୀ—(ଚନ୍ଦ୍ରଙ୍କୁ ଦେଖି) ଆହା ! ରୋହିଣୀଯୋଗ ହେବାରୁ ଚନ୍ଦ୍ର ଆଜ ଅଧିକ ସୁନ୍ଦର ଦିଶୁଛନ୍ତି ।

ଦାସୀ—ମହାରାଜ ସେଇମିତି ମଣିମାଙ୍କ ସାଙ୍ଗରେ ରହିଲେ ସୁନ୍ଦର ଦିଶିବେ । (ପରିକ୍ରମଣ)

ବିଦୂ—(ଦେଖି) ମହାରାଜ, ମତେ ଲାଗେ ଦେବୀ ସ୍ୱସ୍ତି ଦକ୍ଷିଣା ଦେବାକୁ ଆସିଛନ୍ତି । ରାଗୁଟା ଜଣା ହୋଇ ଯିବାରୁ ଚନ୍ଦ୍ରବନ୍ଦାପନା ବାହାନାରେ ସେହି ଦୋଷୁଟା ଛଡ଼ାଇବାକୁ ଆସିଥିବେ । ଯାହାହଉ, ଦେବୀ ଆଜ ବଡ଼ ସୁପ୍ରସନ୍ନା ଦେଖା ପଡ଼ୁଛନ୍ତି ।

ରାଜା—(ସସ୍ମିତ) ଦୁଇ କଥାରେ ଆସିଛନ୍ତି । ତେବେ ଶେଷରେ ଯାହା କହିଲ, ତାହା ମଧ୍ୟ ମୋହର କଥା । ଦେଖ, ଏଣେ ଶୁକ୍ଳବସ୍ତ୍ର ପରିଧାନକୁ ଏଣେ ମଙ୍ଗଳ ଅଳଙ୍କାର ଧାରଣ । ବ୍ରତ ନିମିତ୍ତ ପୁଣି କୁନ୍ତଳ ଦୁର୍ବାଦଳଲାଞ୍ଛିତ, ମନୋବୃତ୍ତି ବିନୟଭୂଷିତ, ଆହା କି ପ୍ରସନ୍ନ ମୂର୍ତ୍ତି ଆଜ ! ! !

ଦେବୀ—(ନିକଟକୁ ଯାଇ) ପ୍ରଭୁ !

ଦାସୀ—ଜେ’ ଜେ’ ମହାରାଜ ।

ବିଦୂ—ମଙ୍ଗଳ ହଉ ।

ରାଜା—ଦେବୀ, ଶୁଭାଗମନ କର (ହସ୍ତଧରି ବସାଇବା)

ଉର୍ବ—ହଁ, ଦେବୀ ପଦର ଏହା ଯୋଗ୍ୟ ଏ । ତେଜରେ ଏତ ଶଚୀଦେବୀଙ୍କଠୁଁ ତିଳେହେଁ ଊଣା ନୁହନ୍ତି !

ଚିତ୍ର—ସଖି, ଏମିତି କହିବାକୁ ପୁଣି ତୁମର ଆଉ ମୁହଁ ଅଛି ।

ଦେବୀ—ପ୍ରଭୁ, ମୁଁ ତୁମ ଆଗରେ ଆଜ ଗୋଟିଏ ବ୍ରତ ଉଜେଇଁବ । କିଛିଏ କଷ୍ଟ ପାଇ ମୋର ଏହି ଅନୁରୋଧକୁ—

ରାଜା—ଦେଖ, ବୟସ୍ୟ, ଦେବୀ ଏ ଅନୁଗ୍ରହକୁ ପୁଣି ଅନୁରୋଧ ବୋଲି କହୁଛନ୍ତି ।

ବିଦୂ—ଏ ସ୍ୱସ୍ତି ବାଚନକ ପ୍ରତି ଦେବୀଙ୍କ ପ୍ରତି ସେମିତି ବହୁତ ଅନୁରୋଧ ହଉ ।

ରାଜା—ଏ ବ୍ରତର ନାମ କଣ ?

ଦେବୀ—(ନିପୁଣିକା ପ୍ରତି ଦୃଷ୍ଟିପାତ)

ଦାସୀ—ମଣିମା, ଏ ବ୍ରତର ନାଁ ‘ପତିପ୍ରୀତି’ ।

ରାଜା—(ଦେବୀଙ୍କ ପ୍ରତି) ସୁନ୍ଦରୀ, ଏ ସାମାନ୍ୟ କଥା ଲାଗି ଏପରି ଅସାମାନ୍ୟ ଶିରୀଷକୋମଳ ଅଙ୍ଗକୁ ବୃଥା କଷ୍ଟ ଦେଉଛ ! ଯେ ତୁମରି ଅନୁଗ୍ରହ ଲାଗି ସର୍ବଦା ବ୍ୟାକୁଳ, ସେ ଦାସକୁ ପୁଣି ତୁମେ ପ୍ରୀତ କରାଇବ ?

ଉର୍ବ—(ସସ୍ମିତେ) ମହାରାଜ ଦେବୀଙ୍କୁ ତ ଖୁବ୍ ମାନ୍ୟ କରନ୍ତି !

ଚିତ୍ର—ଆଗୋ ଜାଣିଚ କଣ ? ନାଗରଯାକ ଏମିତି ବାହାରେ ମଧୁର କଥା କହନ୍ତି, ଭିତରେ ପଛକେ ଆଉ ଆଡ଼େ ମନ ଥାଉ ।

ଦେବୀ—ଏ ବ୍ରତର ଏତେ ପ୍ରଭାବ ଯେ, ମହାରାଜ ମୂଳ କଥାକୁ ଭୁଲି ଯାଇ ମୋତେ ପୁଣି ଏପରି କହୁଛନ୍ତି !

ବିଦୂ—ସେ କଥା ଥାଉ, ଆଗେ ଏ ସହଚରଙ୍କ କଥା ଶୁଣିବା ଉଚିତ ହେଉଚି ।

ଦେବୀ—ନିପୁଣିକା, ଅର୍ଘ୍ୟ ଉପହାର ସବୁ ଯୋଗାଅ, ମୁଁ ଏଠାଇଁ ଚନ୍ଦ୍ରପୂଜା କରିବ ।

ଦାସୀ—ମଣିମା, ହେଇଟି ଅର୍ଘ୍ୟ-ଥାଳୀ ।

Digitized by srujanika@gmail.com

ଦେବୀ—ପାଖକୁ ଆଣ୍ (ପୁଷ୍ପହାର ପୂଜାକରି) ହେଇଟି ଏ ଅର୍ଘ୍ୟ ମିଠାଇ ପିଠାଇ ସବୁ ନେଇ ଏହାଙ୍କୁ ଆଜ ସେ ବୁଢ଼ା ବ୍ରାହ୍ମଣଙ୍କୁ ଦେ—

ଦାସୀ—ହଉ; ଗୋସାଇଁ, ଏତକ ତୁମର ।

ବିଦୂ—(ମିଷ୍ଟାନ୍ନପାତ୍ରଧରି) ପାଟରାଣୀଙ୍କର ମଙ୍ଗଳହେଉ, ଆଜ ଏ ବ୍ରତରେ ବାଞ୍ଛିତ ଫଳପ୍ରାପ୍ତ ହେଉ ।

ଦାସୀ—ବୁଢ଼ା ଗୋସାଇଁ, ତୁମର ସ୍ୱେ ।

କଞ୍ଚୁ—(ଗ୍ରହଣ କରି) ଦେବୀଙ୍କର ସୁକୃତ ବୃଦ୍ଧି ହେଉ ।

ଦେବୀ—ମହାରାଜ, ଏଠାକୁ ଟିକଏ—

ରାଜା—ହଉ, ଆସିଲି ।

ଦେବୀ—(ରାଜାଙ୍କୁ ପୂଜାକରି କୃତାଞ୍ଜଳିପୁଟେ ପ୍ରଣାମ) ବର୍ତ୍ତମାନ ମୁଁ ଏହି ରୋହିଣୀ ଚନ୍ଦ୍ରଙ୍କୁ ସାକ୍ଷୀ କରି ପ୍ରାଣନାଥଙ୍କ ପରିତୋଷ ନିମନ୍ତେ ଏଇ ପ୍ରତିଜ୍ଞା କରୁଛି ଯେ, ଆଜଠାରୁ ସେ ଯେଉଁ ସ୍ତ୍ରୀକି କାମନା କରିବେ ଅବା ଯେଉଁ ସ୍ତ୍ରୀ ତାଙ୍କୁ କାମନା କରିବ, ତାକୁ କେବେ ମୁଁ ପ୍ରତିକୂଳ ହେବି ନାହିଁ ।

ଉର୍ବ—ହେ, ଏ କି କଥା ! ସ୍ତ୍ରୀ କେମିତି କହୁଛନ୍ତି । ଯା ହେଉ ଏଥିରେ ଏକା ମୋ ମନରୁ ସନ୍ଦେହ ତୁଟିଗଲା ।

ଚିତ୍ର—ସଖି, ପତିବ୍ରତାଙ୍କର ଯେତେବେଳେ ଅନୁମତି ହେଲାଣି, ସେତେବେଳେ ନିଶ୍ଚେ ତୁମର ପ୍ରିୟ ମିଳନ ହେବ ।

ବିଦୂ—(ଜନାନ୍ତିକେ) ଶିକାର ପଳେଇଗଲେ ହାତ-ଖଣ୍ଡିଆ କହେ ଗଲା ଭଲ ହେଲା ! ମୋର ଧରମ ହେବ । (ପ୍ରକାଶ୍ୟେ) ଦେବି ! ପ୍ରାଣନାଥ ଯେ ମୁହଁ ମୁଦି କରି ରହିଲେଣି । ଏମିତି ଭଲ ପାଉଚନ୍ତି ପରା !

ଦେବୀ—ମୂର୍ଖ ! ମୁଁ ନିଜ ସୁଖ ଛାଡ଼ି ତାଙ୍କର ସୁଖ ପାଇଁ କେବଳ ଧାଇଁଚି, ଏଥିରୁ ଭଲ ପାଏ କି ନା ବୁଝ ।

ରାଜା—ଦେବୀ, ଅନ୍ୟକୁ ଅର୍ପଣ କରି ବା କ୍ରୀତଦାସ କରି, ଯାହା ଇଚ୍ଛା ତାହା କର । ମାତ୍ର ତୁମେ ଯେପରି ମୋତେ ଭାବୁଛ, ମୁଁ ପ୍ରକୃତରେ ସେପରି ନୁହେଁ ।

ଦେବୀ—ହଉ, ତୁମେ ହୁଅ ବା ନ ହୁଅ ମୁଁ ମୋହର ବ୍ରତବିଧି ପାଳିଲି । ଏଣିକି ଆଉ ମୋହର କଣ ଅଛି, ଆଲୋ, ଏଥର ଯିବା ।

ରାଜା—(ଉଠି) ପ୍ରିୟେ, ମୋତେ ଯେବେ ଛାଡ଼ି ଚାଲିଯିବ ତାହାହେଲେ ଆଉ ପ୍ରୀତି କଣ ହେଲା ?

ଦେବୀ—ପ୍ରଭୁ, ମୁଁ କେବେ ନିୟମ ଭଙ୍ଗ କରିବି ନାହିଁ । ତାହା କଲେ ବ୍ରତରେ ବିଘ୍ନ ହେବ ।

(ଦାସୀସହ ପ୍ରସ୍ଥାନ)

ଉର୍ବ—ଚିତ୍ର, ମହାରାଜ ଦେବୀଙ୍କି ବଡ଼ ଦେଖି ପାରନ୍ତି । ତେବେକେ ମୁଁ ତ ତାଙ୍କଠୁ ମନକୁ ଫେରାଇ ଆଣି ପାରୁନାହିଁ ।

ଚିତ୍ର—ପୂର୍ବ ଆଶା ଥାଉ ଥାଉ କଆଁ ଫେରାଇ ଆଣିବ, କହିଲ ଭଲା ?

ରାଜା—(ଆସନକୁ ଆସି) ବୟସ୍ୟ, ଦେବୀ ପୁରକୁ ଚାଲି ଗଲେଣି ।

ବିଦୂ—ଏଥର କଣ ବିଶ୍ୱାସ କଥା କହିବେ କହନ୍ତୁ । ବୈଦ୍ୟ ଯେମିତି ଅସାଧ୍ୟ ରୋଗୀକି ଟଙ୍କଳ ଛାଡ଼ି ଚାଲିଯାଏ, ସେମିତି ଦେବୀ ଆଜି ଆପଣଙ୍କୁ ଛାଡ଼ି ଚାଲିଗଲେ ।

ରାଜା—ଆଉ ଉର୍ବଶୀ—

ଉର୍ବ—(ସ୍ୱଗତ) ଆଜି କୃତାର୍ଥା ହେବ ।

ରାଜା—ଆହା ! ଏହି ସମୟରେ ଯେବେ ସେ ସୁରସୁନ୍ଦରୀ ନୂପୁରଧ୍ୱନି କରି ପଛଆଡ଼ୁ ଧୀରେ ଧୀରେ ଆସି କୋମଳ କରକମଳରେ ମୋହର ଚକ୍ଷୁ ମୁଦ୍ରଣ କରନ୍ତା; ଅବା ଏହି ପ୍ରାସାଦ ଉପରକୁ ଏହିକ୍ଷଣି ଶୁଭାଗମନ କରନ୍ତା, ଆଉ ଲଜ୍ଜା ଭୟ ଦେଖିଲେ ସେହି ସହଚରୀ ପୁଣି ମୋ ନିକଟକୁ ଆକର୍ଷି ଆଣନ୍ତା ! ! ! ତେବେ—

Digitized by srujanika@gmail.com

ଚନ୍ଦ—ସତ୍ୟ, ମନ କାମନାଟା ଏଥର ପ୍ରଗଅ ।
ଉର୍ବ—(ସଭୟେ) ଟିକଏ ଆଗ କଉତୁକ କରେଁ !

(ପଛଆଡ଼ୁ ଆସି ଚକ୍ଷୁ ମୁଦ୍ରଣ ଏବଂ ଚନ୍ଦ ଲେଖାର ବିଦୂଷକ ପ୍ରତି ସଙ୍କେତ ।)

ରାଜା—(ସ୍ପର୍ଶ ଅନୁଭବ କରି) ବୟସ୍ୟ, ଏ କଣ ସେଇ ନାରାୟଣ ମୁନିଙ୍କ କନ୍ୟା, ମୋହ ପ୍ରାଣସଖୀର ସ୍ପର୍ଶ ?
ବିଦୂ—କେମିତି ଜାଣିଲେ ?
ରାଜା—ଜାଣିବାକୁ ଆଉ ଅଛି କଣ ? ଏ ସନ୍ତାପିତ ଦେହରେ ଆଉ କାହାର କରସ୍ପର୍ଶ ଏତେ ସୁଖକର ବୋଧ ହେବ ! ରବିକରରେ କାହିଁ କୁମୁଦ ପ୍ରସ୍ଫୁଟିତ ହେଲାଣି ?
ଉର୍ବ—ସତ୍ୟ, ମୋ ହାତ କେମିତି ଝିମି ଝିମି ହୋଇ ଯାଉଚି, ଆଉ ଆଣି ହେଉ ନାହିଁ ।
(ହାତ କାଢ଼ି ଲଜ୍ଜାଭୟ ମୁଦ୍ରିତନେତ୍ରରେ ସମ୍ମୁଖ-ଗମନ) ମହାରାଜ !
ରାଜା—ସୁନ୍ଦରି ! ଶୁଭାଗମନ କର(ଏକତ୍ର ଉପବେଶନ)
ଚନ୍ଦ—ସୁଖରେ ଅଛନ୍ତି ?
ରାଜା—ତାହା ତ ଜାଣିପାରୁଥିବେ ?
ଉର୍ବ—ଚନ୍ଦ, ଦେବୀ ମହାରାଜାଙ୍କୁ ଦାନ କରି ଯାଇ-ଅଛନ୍ତି ବୋଲି ମୁଁ ପ୍ରାଣସଙ୍ଗିନୀ ପରି ଶ୍ରୀଅଙ୍ଗକୁ ଛୁଇଁଲି । ବଳେ ଆସି ଛୁଇଁଲି ବୋଲି କଛି ବିଚାରିବେ ନାହିଁ ?
ବିଦୂ—ଏ କଣ ? ଏଇଠି ଏବେ ସୂର୍ଯ୍ୟ ଅସ୍ତ ହୋଇ ଗଲେ ?
ରାଜା—(ଉର୍ବଶୀଙ୍କ ପ୍ରତି) ସୁନ୍ଦରି, ଦେବୀଙ୍କ ଅନୁମତି ଯୋଗୁଁ ଯେବେ ମୋହ ଦେହ ସ୍ପର୍ଶ କରି ଥାଅ, ତାହା ହେଲେ କାହା ଅନୁମତିରେ ଏଥି ପୂର୍ବରୁ ମୋ ହୃଦୟକୁ ହରଣ କରିଥିଲ ?
ଚନ୍ଦ—ସେ ତ ଏହିକ୍ଷଣି ଚୁପ୍, ମୋର ଗୋଟିଏ ଗୁହାରି ଅଛି ଶୁଣନ୍ତୁ ।
ରାଜା—ଭଲ କରି ଶୁଣୁଛି, କହନ୍ତୁ—
ଚନ୍ଦ—ଏ ବସନ୍ତ ଯାଇ ଗ୍ରୀଷ୍ମ ଦିନ ଆସିଲେ ମୁଁ ଧର୍ମ ଦେବତାଙ୍କୁ ପୂଜା କରିବାକୁ ଯିବି । ମୁଁ ନ ଥିବାତକ ଏ ଯେମିତି ସ୍ୱର୍ଗକୁ ଯିବାକୁ ମନ ନ କରିବେ, ସେଇ ପରି ଉପାୟ କରିବେ ।
ବିଦୂ—ସ୍ୱର୍ଗରେ ଏମିତି କଣ ଅଛି ଯେ, ସେ କଥା ମନେ ପଡ଼ିବ ! ନା ଭଲ ଖାଇବାକୁ ନା ଭଲ ପିଇବାକୁ ! ସଦାବେଳେ ଖାଲି ମୀନପରି ଜୁଳୁଜୁଳୁ କରି ଚାହିଁ ରହିଥିବ ।
ରାଜା—ସୁନ୍ଦରି, ସ୍ୱର୍ଗ ସୁଖର ଉପମା ନାହିଁ । ସେଥିରୁ କଏ ବା ଛଡ଼ାଇ ପାରିବ ? ତେବେ ଏତିକି କହିପାରେଁ ଯେ, ଏ ଦାସର ଅନ୍ୟଠି ତୃପ୍ତି ନାହିଁ ।
ଚନ୍ଦ—ବଡ଼ ଅନୁଗ୍ରହ ଆପଣଙ୍କର । ସତ୍ୟ, ମୁଁ ଏଥର ଯାଉଚି । ନିଶ୍ଚିନ୍ତ ହୋଇ ରହିଥାଅ—
ଉର୍ବ—(ସଖୀଙ୍କି ଆଲିଙ୍ଗନ କରି) ଚନ୍ଦ, ମତେ ପାସୋରିବ ନାହିଁଟି ?
ଚନ୍ଦ—(ସସ୍ମିତେ) ଓଲଟ କଥା ! ପ୍ରାଣନାଥଙ୍କ ସଙ୍ଗେ ଯେତେବେଳେ ତୁମର ଭେଟ ହେଲାଣି, ଏଣିକି ମୁଁ ସିନା ତା ମାଗି ନେବି ।

[ରାଜାଙ୍କୁ ପ୍ରଣାମ ଓ ପ୍ରସ୍ଥାନ ।]

ବିଦୂ—ଆଜ ବଡ଼ ଭାଗ୍ୟ—ଆପଣଙ୍କ ମନବାଞ୍ଛା ପୂର୍ଣ୍ଣ ହେଲା । ଏଣିକି ଖୁବ୍ ଆମୋଦ କରନ୍ତୁ ।
ରାଜା—ବୟସ୍ୟ, ଆଜ ଯଥାର୍ଥରେ ମୋ ମନୋରଥ ସିଦ୍ଧି ହେଲା ! ଏ ବିଶାଳ ସାମ୍ରାଜ୍ୟର ଆଧିପତ୍ୟ କରି, ଆଉ ପ୍ରତାପଶାଳୀ ରାଜନ୍ୟଗଣଙ୍କୁ ପଦାନତ କରି ଯେତେ କୃତାର୍ଥ ହୋଇ ନାହିଁ, ଆଜ ଏ ସୁର-ସୁନ୍ଦରୀ ଚରଣତଳେ ଦାସ ହୋଇ ତତୋଽଧିକ କୃତାର୍ଥ ହେଲି ।
ଉର୍ବ—ଏଥି ଉପରକୁ କହିବାକୁ ଆଉ ମୋର ବଳ ନାହିଁ ।

Digitized by srujanika@gmail.com

ରାଜା—(ଉର୍ବଶୀଙ୍କ ହସ୍ତଧରି) କି ଆଶ୍ଚର୍ଯ୍ୟ ! ଏହି ସ୍ପର୍ଶ ସଙ୍ଗେ ସଙ୍ଗେ ସବୁ ଯେ ସୁଖକର ହୋଇଗଲା ! ସୁନ୍ଦରି ! ଯେଉଁ ଚନ୍ଦ୍ରକିରଣ ଏଥିପୂର୍ବେ କାମବାଣପରି ଅସହ୍ୟ ବୋଧ ହେଉଥିଲା, ତାହା ଆଜି ତବ ଅଙ୍ଗସ୍ପର୍ଶରେ ବିପରୀତ ବୋଧ ହେଉଅଛି ।

ଉର୍ବ—ଏ ଦାସୀ ବିଳମ୍ବ କରି ବହୁତ ଅପରାଧ କରିଛି ।

ରାଜା—ନାହିଁ, ସୁନ୍ଦରି ! ସେ କି କଥା ? ଯାହା ଦୁଃଖ, ତାହା ଅବଶେଷରେ ସୁଖରେ ପରିଣତ ହୁଏ । ଯେ ଆତପରେ ସନ୍ତାପିତ ହୋଇଥାଏ, ତାହାର ପକ୍ଷରେ ସିନା ବୃକ୍ଷଛାୟା ଅଧିକ ସୁଖକର ହୁଏ ।

ବିଦୂ—ଦେଖନ୍ତୁ । ଚନ୍ଦ୍ରକିରଣରେ ବହୁତ ସମୟ ବୈଠକ ହେଲାଣି । ବର୍ତ୍ତମାନ ଅନ୍ତଃପୁରକୁ ଯିବାବେଳ ଆସି ହେଲା ।

ରାଜା—ହଉ, ତାହା ହେଲେ ତୁମେ ସଖୀଙ୍କି ବାଟ ଦେଖାଇ କରି ବେଗେ ବେଗେ ନିଅ ।

ବିଦୂ—ହଉ, ଏଇବାଟେ ଆସନ୍ତୁ ।

ରାଜା—ସୁନ୍ଦରି, ବର୍ତ୍ତମାନ ଏତିକି ପ୍ରାର୍ଥନା—

ଉର୍ବ—କଣ କହନ୍ତୁ ।

ରାଜା—ମନୋରଥ ପୂର୍ଣ୍ଣ ନ ହେବା ଯାଏ ଏହି ତ୍ରିଯାମା ମୋହ ପ୍ରତି ଶତଯାମା ପ୍ରାୟ ବୋଧ ହେଉଥିଲା, ଆଜି ତୁମ୍ଭର ମିଳନରେ ଯଦି ସେହିପରି ହୁଏ, ତାହା ହେଲେ କୃତାର୍ଥ ହେବି ।

(ପ୍ରସ୍ଥାନ)

ଚତୁର୍ଥ ଅଙ୍କ

ନେପଥ୍ୟେ—ସହଜନ୍ୟା ଓ ଚିତ୍ରଲେଖାର ରଙ୍ଗ-ପ୍ରବେଶସୂଚକଗାନ ।

ବେହାଗ—କଉଆଳି ।

ଉଇଁଲେଣି ଭାନୁ ସଖି ଦେଖ ପୂର୍ବ ଆକାଶେ ।
କାସାରେ କମଳବନ ହସିଲାଣି ହରଷେ । ୦ ।
ପ୍ରିୟ ସହି ବିରହରେ ବିମନେ ଆହା ବିହରେ
ସଖୀ ସଙ୍ଗେ ରାଜହଂସୀ,
ସରସୀରେ ବିରସେ । ୧ ।
ନାହିଁ ସୁଖ ଲେଶ ସାର ହୃଦୟେ ବିଷାଦଭାର
ମନୋହର ପଦ୍ମବନେ ହରଷରେ ନ ବସେ । ୨ ।

(ବିମନସ୍କଭାବରେ ଉଭୟଙ୍କ ପ୍ରବେଶ)

ଚିତ୍ର—(ଦୂରଆଡ଼କୁ ଚାହିଁ)—କରୁଣ ଗୀତସ୍ୱରେ ।

ଦେଖିଲି ସରୋବରରେ ହଂସୀ ବେନି ବିହରେ
ପ୍ରେମେ ବନ୍ଧା ପରସ୍ପର,
ଲୋଚକ ଅଧରଲେ ଝଟରେ ନେଇ ଯୁଗଳ
ତନୁ ଦହେ କୃଶତର । ୩ ।

ସହଜନ୍ୟା—(ଚିତ୍ରଲେଖାକୁ ଚାହିଁ) ସଖି, ଆଜି ତୁମ ମୁହଁ କିଆଁ ମଉଳିଲା ଫୁଲପରି ଶୁଖିଲା ଦିଶୁଛି ? ଜଣା ଯାଉଛି ମନ ଭଲ ନାହିଁ । କାହିଁକି ଦୁଃଖ—କହିଲ ମୁଁ ହେଲେ ତୁମ ସାଙ୍ଗ ର ଜଣେ ହୁଅନ୍ତି ।

ଚିତ୍ରଲେଖା—ସଖି, ଉର୍ବଶୀଙ୍କି ଛାଡ଼ି ଦେଇ ଅପସରାଙ୍କ ପାଳି ଅନୁକ୍ରମେ ଆଜି ଧର୍ମଦେବତାଙ୍କୁ ପୂଜା କରିବାକୁ ଆସିଛି । ଉର୍ବଶୀ ନ ଥାଇଁ ବର୍ଷାଦିନ ଆସି ହୋଇଗଲା । ସେଇଥିପାଇଁ ମୋ ମନ କାହିଁକି ଥୟ ହଉ ନାହିଁ ।

ସହ—ସଖି, ତୁମ ଦୁହିଙ୍କ ମନ ଯେମିତି ମିଳେ, ତା ମୁଁ ଜାଣିଛି । ହୁଁ—ସେଇଠୁଁ—

ଚିତ୍ର—ଏବେ ସେ କେମିତି ଅଛନ୍ତି ସେଇ କଥା ଧ୍ୟାନରେ ବୁଝୁଥିଲି । ଦେଖିଲି ଯେ ତାଙ୍କୁ ବିପତ୍ତି ପଡ଼ିଛି ।

ସହ—କି ବିପତ୍ତି ଗୋ !

ଚିତ୍ର—(କରୁଣ ସ୍ୱରରେ) ମନ୍ତ୍ରୀଙ୍କୁ ରାଜ୍ୟ ଦେଇ ରାଜା ଏକା ଉର୍ବଶୀଙ୍କି ଘେନି ଗନ୍ଧମାର୍ଦନ ପର୍ବତରେ ବେହରଣ କରିବାକୁ ଯାଇଥିଲେ—

Digitized by srujanika@gmail.com

ସହ—ସେହି ସବୁ ସ୍ଥାନରେ ତ ଯାଇଁ ସୁଖ ! ହୁଁ ସେଠୁଁ କଣ ହେଲା !

ଚିତ୍ର—ସେଇଠୁଁ ଗଙ୍ଗାକୂଳକୁ ଗଲେ । ସେଠାଇଁ ଉଦୟବତୀ ବୋଲି ଯକ୍ଷକନ୍ୟାଟି ବାଲିଲିଙ୍ଗ କରି ଖେଳୁ ଥିଲା । ରାଜା ତାଙ୍କୁ ଏକ ଆଖିରେ ଚାହୁଁ ଥିଲେ, ସେଥିପାଇଁ ଉର୍ବଶୀଙ୍କର ଭାରି ରାଗ ହେଲା !

ସହ—ହଁ, ତା ହୋଇଥିବ ତ । ଭାରି ରାଗୀ ସେ । ରାଜାଙ୍କୁ ଭଲ ପାଆନ୍ତି ପରା ? ତେଣିକି ଟିକିଏ ରାଗ ସମ୍ଭାଳି ପାରିଲେ ନାହିଁ ? ହୁଁ—ସେଇଠୁଁ କଣ ହେଲା ?

ଚିତ୍ର—ସେଇଠୁଁ ସେ ତାହାଙ୍କ ବୋଧ ଶୋଧ କିଛି ନ ମାନି, ଗୁରୁଙ୍କ ଶାପରୁ ଦେବତାଙ୍କ ନିୟମଯାକ ପାସୋରି ପକାଇ, ଯେଉଁ ବନକୁ ସ୍ତ୍ରୀଙ୍କି ଯିବାକୁ ମନା, ସେଇଥିରେ ଯାଇଁ ପଶିଗଲା—ଯେମିତି ପଶିଛି ସେମିତି ଗୋଟିଏ ଲତା ପାଲଟି ଗଲା ।

ସହ—(ଦୁଃଖରେ) ଅନୁରାଗରୁ ଏବେ ଏଇ ଫଳ ହେଲା ? ହଁ, ବିଧି ବାମ ହେଲେ ନ ହୁଏ କଣ ? ଆହା ସେ ରାଜାଙ୍କ ଅବସ୍ଥା ଏହିକ୍ଷଣି କଣ ହୋଇଥିବ ! ! !

ଚିତ୍ର—ସେ ଏହିକ୍ଷଣି ସେଇ ବନ ଭିତରେ ଖାଲି ଉର୍ବଶୀଙ୍କ ଚିନ୍ତାରେ ଦିନରାତ୍ରି କଟାଉଛନ୍ତି ! ଆଉ ଏ ଯେଉଁ ମେଘ ଉଠୁଛି ଏଥିରେ ତ ଭଲ ମଣିଷର ମନ ଚଞ୍ଚଳ ହେବ । ତାଙ୍କ ମନ କେଜାଣି କଣ ନ ହଉଥିବ !

ସହ—ସଖି, ତାଙ୍କୁ ପାଇବାର ଭଲ କିଛି ଉପାୟ ଅଛି ?

ଚିତ୍ର—ସଙ୍ଗମ ମଣି ବିନା ଆଉ ଉପାୟ କଣ ? ସେ ପୁଣି ଯାଇଁ ପାର୍ବତୀଙ୍କ ଚରଣ ଧୂଳିରେ—

ସହ—ସଖି, ଏଡ଼େ ସୁନ୍ଦରରୂପ ଯା'ଙ୍କର, ତାଙ୍କୁ କେବେଁ ଏତେ କଷ୍ଟ ମିଳିବ ନାହିଁ । ନିଶ୍ଚେ ଚଞ୍ଚଳ ମିଳିବାର କିଛି ଉପାୟ ଥିବ ! (ପୂର୍ବଦିଗକୁ ଚାହିଁ) ହେଉଛି, ସୂର୍ଯ୍ୟ ଦେଖା ଗଲେଣି ଆସ, ଆମେର ଏଥର ତାଙ୍କୁ ପୂଜା କରିବା ।

(ଉଭୟ ପାର୍ଶ୍ୱରେ ଅବସ୍ଥିତା) (ଇତି ପ୍ରବେଶକ)

ଦୃଶ୍ୟ—ଗଙ୍ଗାତଟସ୍ଥ ଅରଣ୍ୟ

ନେପଥ୍ୟେ—(ରାଜାଙ୍କର ପ୍ରବେଶସୂଚକ ଗୀତ)

ବଧୂର କରିବର ବିରହରେ ପ୍ରିୟାର
ଆଶ୍ରା ନେଇ ଗହନରେ ।
ପଲ୍ଲବ ବନ ଫୁଲେ ଅଙ୍ଗ ମଣ୍ଡି ମଞ୍ଜୁଳେ
ଭ୍ରମେ ଆସି ବିଜନରେ । ୨ ।

(ଉନ୍ମତ୍ତ ବେଶରେ ରାଜାଙ୍କର ପ୍ରବେଶ)

ରାଜା—(କ୍ରୋଧରେ) ଆରେ, ରେ, ଦୁରାତ୍ମା ରାକ୍ଷସ, ରହ ରହ ମୋହର ପ୍ରିୟତମାକୁ ଘେନି ଯାଉଛୁ କୁଆଡ଼େ (ଚାହିଁ) କଣ, ପର୍ବତଶିଖରକୁ ଯା'ଇ ମୋ ଉପରକୁ ପୁଣି ବାଣ ବର୍ଷଣ କରୁଛୁ !

(ଲୋଷ୍ଟ୍ର ପାଇବାକୁ ଯାଇ ଗୀତସହ ଚାରିଆଡ଼କୁ ଚାହିଁବା)

ବିଜନପ୍ରଣୟିନୀ ଚାରୁଶୀଳା ମାନିନୀ—
ମାନବଶୁଁ ବିରହରେ ।
ମଗ୍ନ ଅଶ୍ରୁଜଳେ ଚକ୍ଷୁ ଭରି, ବିକଳେ
ଭ୍ରମେ ବିପ୍ରଳାପ କରେ । ୩ ।

(ଚିନ୍ତାକରି) ଓହୋ ! କି ଭ୍ରମ ! ଏହା ତ ବର୍ଷାମେଘ । ପାପିଷ୍ଠ ରାକ୍ଷସ କାହିଁ ? ଏହା ଇନ୍ଦ୍ରଧନୁ-ଶତ୍ରୁର ଶରାସନ ନୁହେ ! ଏ ତ ପ୍ରବଳ ଧାରାବୃଷ୍ଟି-ରାକ୍ଷସର ବାଣ ବୃଷ୍ଟି ତ ନୁହେ ? ଆଉ ଏଯେ ଦିଶୁଛି; କନକକାନ୍ତି ସୌଦାମିନୀ ! କନକପ୍ରତିମା ମୋ ଉର୍ବଶୀ ତେବେ କାହିଁ ?

(ମୂର୍ଚ୍ଛିତ ଭାବରେ ପତନ ଓ ଉତ୍ଥାନସହ-ଗୀତ)

ଜାଣିଲି ନିଶାଚର ପ୍ରେୟସୀକି ମୋହର
ହରି ନିଏ ଗୋପନରେ ।
ତେଣୁ ଏ ଜଳଧର ସୌଦାମିନୀ ଭାସ୍ୱର
ବରଷଇ ନିରନ୍ତରେ । ୪ ।

Digitized by srujanika@gmail.com

(କରୁଣସ୍ୱରରେ ଚିନ୍ତା କରି) ତାହାହେଲେ ସେ କେଉଁଠାରେ ? କ୍ରୋଧରେ କେଉଁଠି ଲୁଚି ଅଛି ? ନା, ତାହାର କୋପତ ଅଧିକ ସମୟ ରହେ ନାହିଁ । ସ୍ୱର୍ଗକୁ ଅବା ଚାଲି ଯାଇଥିବ ! କିନ୍ତୁ ମୋଠାରେ ସେ ଅତ୍ୟନ୍ତ ଅନୁରକ୍ତା । ଆଉ କିଣ ଦୁଷ୍ଟ ରାକ୍ଷସ ମୋହ ସମ୍ମୁଖରେ ହରଣ କରିନେଲା ? ନୋହିଲେ ବା ଏକାବେଳକେ ଦୃଷ୍ଟିରୁ ଅନ୍ତର ହେଲା କପରି ? (ଚାରିଆଡ଼କୁ ଚାହିଁ ସନିଃଶ୍ୱାସେ,) ହା ! ହତଭାଗ୍ୟର ଦୁଃଖ ପଛକୁ ଦୁଃଖ ଲାଗି ରହିଛି । ଏକେ ପ୍ରିୟତମାର ଦୁଃସହ ବିଚ୍ଛେଦ, ସେଥିରେ ପୁଣି ଏ ଉନ୍ମାଦକ ଘନ-କାଳ ଉପସ୍ଥିତ !

(ଜାନୁପାତସହ-ଗୀତ)

ହେ ଦେବ, ଧରାଧର   କ୍ଷଣେ କୋପ ସଂହର
ଭିକ୍ଷା ମାଗେ, ଯୋଡ଼ି କରେ ।
ଧରଣୀ ଘୂରି ଆସି   ପାଏଁ ଯଦି ଉର୍ବଶୀ
ଯାହା ଇଚ୍ଛା କର ପରେ । ୫

(ଚିନ୍ତାକରି) ଅକାରଣେ କାହିଁକି ଏତେ ମନସ୍ତାପ କରୁଛି ? ମୁନିମାନେକହିଛନ୍ତି କାଳ ରାଜାଙ୍କର ଅଧୀନ । ତେବେ ଏହି ବର୍ଷାକାଳକୁ ଆଦେଶ ଦିଏଁ ? (ହସିକରି ଉଠି) ମୁନିମାନେ ଯେତେବେଳେ କହିଛନ୍ତି ଅବଶ୍ୟ ଆଦେଶ ଦେବି ।

(ଚିନ୍ତାକରି) ନା, ଆଦେଶ ଦେବି ନାହିଁ । ବର୍ଷାର ଏହି ଲକ୍ଷଣମାନ ମୋହର ରାଜୋପଚାର ସ୍ୱରୂପ ହୋଇଅଛି । ଦେଖ, ଉପରେ ଏହି ସୌଦାମିନୀ ରଞ୍ଜିତ କାଦମ୍ବିନୀ ଚନ୍ଦ୍ରାତପ ପ୍ରାୟ ଲମ୍ବମାନ । ଏହି ଅଶୋକ ବୃକ୍ଷ ଗୁଡ଼ିକ ମଞ୍ଜରୀରୂପ ଚାମର ସଞ୍ଚାଳନ କରୁଛନ୍ତି ପୁଣି ସନ୍ଧ୍ୟାଗମନ ଦେଖି ମୟୂରମାନେ ବୈତାଳିକ ତୁଲ୍ୟ ସ୍ତବ ପାଠ କରୁଛନ୍ତି । ଆଉ ଏ ଜଳଧର ଦିବ୍ୟ ସୌଦାଗର ପରି ଶତ ଶତ (ଧାରା-ମୋତିହାର) ଉପହାର ଦେବାକୁ ଆସୁଅଛି ! ! ଆଉ, ଆଉ ଏପରି ଐଶ୍ୱର୍ଯ୍ୟ ଦେଖାଇ ଫଳ କିଣ ? ଯାଉଛି ଆଗେ ଏହି ଅରଣ୍ୟ ମଧ୍ୟରେ ପ୍ରିୟତମାର ଅନୁସନ୍ଧାନ କରିବି ।

ହଜାଇ ପ୍ରାଣଧନେ   ଖୋଜେ ଗିରି କାନନେ
ଗଜରାଜ ଦୁଃଖ ଭରେ ।
ମରମ ବେଦନାରେ   ଘାରି ହୋଇ ଅନ୍ତରେ
ଅତିମନ୍ଦେ ଗତି କରେ । ୬ ।

(ପରିକ୍ରମ ପୂର୍ବକ ଦେଖି) ହା ହା, ପ୍ରିୟତମାକୁ ଅନୁସନ୍ଧାନ କରିବାକୁ ଯାଇ ମୋହର ବିରହ ବ୍ୟଥା ଏଥିରେ ଅଧିକ ବୃଦ୍ଧି ପାଇଲା । ଏହି ନବୀନ କନ୍ଦଳୀ-ପୁଷ୍ପର ଗର୍ଭ କେଡ଼େ ମଳିନ ଆଉ ଜଳ ଜଳ ଦିଶୁଛି ! ଏହାକୁ ଦେଖି ମୋହର ପ୍ରିୟତମାର ସେହି ଅଭିମାନ ଛଳ ଛଳ ନେତ୍ର ମନେ ପଡ଼ି ଯାଉଛି । ଏହି ବାଟେ ଯଦି ଯାଇଥିବ, କପରି ତାହାର ସନ୍ଧାନ ପାଇବି ! ଏହି ବର୍ଷାସିକ୍ତ ସୈକତରେ ଯେବେ ସେ ପଦ୍ମପାଦ ପଡ଼ିଥାନ୍ତା, ତାହା ହେଲେ ଅବଶ୍ୟ ଅଳକ୍ତ ରଞ୍ଜିତ ପାଦଚିହ୍ନ ଦେଖାଯାନ୍ତା ! (ପରିକ୍ରମଣ କରି) ଏଥର ଜାଣିଲି ଯେଉଁ ବାଟେ ଯାଇଛି, ଲକ୍ଷଣ ଦେଖା ଗଲାଣି ।

ମାନିନୀ ଅଭିମାନରେ ଏହିଠାରେ ସ୍ତନବସନ ଫିଙ୍ଗି ଦେଇ ଚାଲି ଯାଇଛି । ଏହି ନୀଳ କାଞ୍ଚୁଲିରେ ସ୍ଥାନେ ସ୍ଥାନେ ଅଶ୍ରୁସିକ୍ତ ଓଷ୍ଠରାଗ ଲାଗି ରହିଅଛି । ଆଚ୍ଛା, ୟାକୁ ଆଗେ ଆଣେଁ ! (ପରିକ୍ରମପୂର୍ବକ ଚିନ୍ତାକରି ସଙ୍କେତକେ) ହା ହା, ଏ ତାହା ନୁହେ । ଏଇ ଶ୍ୟାମଳତୃଣରେ ସାଧବବୋହୂର ରଙ୍ଗ ଏପରି ଦିଶୁ-ଥିଲା ! ତେବେ ଏ ନିର୍ଜନ ବନରେ କପରି ତାହାକୁ ପାଇବି ? (ଚାହିଁ) ଓହୋ, ଆଗରେ ପର୍ବତ ଉପରେ ମୟୂର ପୁଚ୍ଛ ବିସ୍ତାର କରି ନୃତ୍ୟ ଗୀତ କରୁଅଛି । ତେବେ ଯାଏଁ ଆଗ ତାକୁ ପଚାରେଁ ? (ନିକଟକୁ ଯାଇ ଉପବେଶନ ପୂର୍ବକ କର ଯୋଡ଼ି)

Digitized by srujanika@gmail.com

ଦେଖିଛୁ କାହିଁରେ କେଉଁ ! ମୋର ପ୍ରିୟ ସଖୀକି
ଭ୍ରମୁ ଭ୍ରମୁ ଏହି ପଥେ ?
ମରାଳ ଗତି ତାର ଚନ୍ଦ୍ର ମୁଖ ସୁନ୍ଦର
ଜାଣିଥିଲେ କହ ମତେ । ୭ ।

(ଦେଖି) ଏ କଣ; କିଛି ପ୍ରତ୍ୟୁତ୍ତର ନ ଦେଇ ସେହିପରି ନୃତ୍ୟ କଲା ? ଏହାର ଅନାଦରର କାରଣ କଣ ? (ଚିନ୍ତାକରି) ହଁ, ଜାଣିଲି ମୋହର ପ୍ରିୟତମା ନ ଥିବାରୁ ମୟୂର ଆଜି ନିଷ୍କଣ୍ଟକ ହୋଇ ଆନନ୍ଦରେ ପୁଚ୍ଛ ବିସ୍ତାର କରିଅଛି । ଶୟନକକ୍ଷରେ ସୁନ୍ଦରୀର ସେହି କୁସୁମ ଭୂଷିତ କେଶପାଶ ଆହା କେଡ଼େ ସୁନ୍ଦର ଦିଶେ ? ସେ ଥିଲେ ପୁଣି ମୟୂରର ଏହି ତୁଚ୍ଛ ପୁଚ୍ଛକୁ କିଏ ଚାହାନ୍ତା ? ଥାଉ, ଯେ ପର-ଦୁଃଖରେ ସୁଖୀ, ତାକୁ ପୁଣି କିଛି ପଚାରିବା ଉଚିତ ନୁହେ । (ଫେରି ଆଉକୁ ଚାହିଁ) ଆରେ, ଏଠାରେ ତ ଗ୍ରୀଷ୍ମ ଅବସାନ ଦେଖି ଉନ୍ମାଦିନୀ ବନପ୍ରିୟ । ଜାମୁଡ଼ାଳରେ ବସିଅଛି । ପକ୍ଷିଜାତି ମଧ୍ୟରେ ଏମାନେ ବଡ଼ ବିଚକ୍ଷଣା ! ଏହାକୁ ପଚାରିବି ଯାଉଛି । [ଜାନୁପାତ ସହ-ଗୀତ]

ହେ ପିକ ସହଚରି ସୁଚତୁରି ସୁନ୍ଦରି !
ବିରହରେ ଦୟା କରି ।
ନନ୍ଦନ ବନେ ଯେବେ ସଙ୍ଗିନୀକି ମୋ କେବେ
ଦେଖି ଥାଅ କଥା କହି । ୮ ।

ଅୟି ମଧୁରଭାଷିଣି ! କାମୁକମାନେ ତୋତେ କାମର ଦୂତିକା ବୋଲି ସ୍ତୁତି କରନ୍ତି । ତୁହି ମାନିନୀଙ୍କ ମାନଭଙ୍ଗର ଅମୋଘ ଅସ୍ତ୍ର । ତାହା ହେଲେ ସେ ମାନିନୀକି ମୋତେ ଦେ-ନୋହିଲେ "ସେ ଯେଉଁଠାରେ ଅଛି ସେଠାକୁ ନେଇ ଚାଲ (ଶୂନ୍ୟକୁ ଚାହିଁ) କଣ କହିଲୁ, ତୁମପରି ଲୋକଙ୍କୁ କାହିଁକି ଛାଡ଼ି ଚାଲିଗଲା ? ତେବେ ଶୁଣ, ସେ ମୋଠାରେ ରୋଷ କରିଛି; ମାତ୍ର ରୋଷର କାରଣ କିଛି ଥିଲା ପରି ମନେ ହେଉ ନାହିଁ । ରମଣୀମାନଙ୍କର ପୁରୁଷଙ୍କ ଉପରେ ପ୍ରଭୁତ୍ୱ କାଳକ୍ରମେ ଥାଏ । ଭାବର ପରିବର୍ତ୍ତନ ହେଉ ବା ନ ହେଉ ଅକାରଣେ ସେମାନେ ମାନ କରିଥାନ୍ତି । (ଚାହିଁ) କଣ ? ମୋ କଥାକୁ ଆଦୌ କାନ ଦେଲାନାହିଁ ! ! 'ଆପଣା କଷଣ ପରକୁ ଜଣା ନ ଯାଏ, ବୋଲି ଯାହା କହନ୍ତି ସତ ! ନୋହିଲେ ମୁଁ ଏଡ଼େ ବିପଦରେ ପଡ଼ିଛି, ସେ ମୋତେ ପୁଣି ହତାଦର କରି ମଦାନ୍ଧା କାମିନୀ ପରି ପକ୍ୱଜମ୍ବୁ ରସ ପାନରେ ମତ୍ତ ହୁଅନ୍ତା ? ସେ ମାନିନୀ ପରି ମଞ୍ଜୁଭାଷିଣୀ ପିକବଧୂ ମଧ୍ୟ ମୋତେ ଛାଡ଼ିଗଲା ! ଯାଉ ସେଥିପାଇଁ ମୋର ଦୁଃଖ ନାହିଁ । ବର୍ତ୍ତମାନ ଏଠାରୁ ଗଲେ ମଙ୍ଗଳ ! (ପରିକ୍ରମପୂର୍ବକ ଶୁଣି) ଏହି ଦକ୍ଷିଣ ପାର୍ଶ୍ୱରେ ସ୍ତ୍ରୀ-ନୂପୁର ଧ୍ୱନି ପରି କଣ ଶୁଣା ଯାଉଛି ? ତେବେ ଏହି ଦିଗକୁ ଯାଉଛି ଯିବି ।

[ଗୀତ]

ବିରହ ଦାବାନଳେ ସନ୍ତାପିତ ବିକଳେ
କରିବରି କାନନରେ
ବଦନ ଅପଘନ ଦିଶେ ଅତି ମଳିନ
ଗତିକରେ ଭ୍ରମଣରେ । ୯ ।

(କରୁଣ ଭାବରେ) ହା, ଧିକ୍ ଧିକ୍, ଏହା ନୂପୁର ଧ୍ୱନି ନୁହେ । ଶରତ କାଳ ଉପସ୍ଥିତ ଦେଖି ଏହି ରାଜହଂସମାନେ ମାନସକୁ ଯିବା ପାଇଁ ସେହିପରି କଳରବ କରୁଥିଲେ ! (ଉଠି) ଆସ୍ତ ହଉ, ଏମାନେ ଉଡ଼ିଯିବା ଆଗରୁ ପ୍ରିୟତମାର କଥା ପଚାରି ଦେଇ ଥାଏଁ ! (ନିକଟରେ ଜାନୁପାତ ପୂର୍ବକ)

ପଚେ ରାଜହଂସ ! ଚଳିବ ମାନସ
ଶୁଣିଯାଅ ମୋ ଗୁହାରି ।
ପ୍ରେୟସୀ ବିହୀନେ ଏ ଘୋର ବିପିନେ
ହେଉଅଛି ମୁହିଁ ଘାରି ।
କ୍ଷଣେ ଏ ମୃଣାଳ ତେଜ ହେ ମରାଳ
କହ ଦୟା କରି ମତେ ।
ପରାର୍ଥ ସାଧନ ସ୍ୱାର୍ଥରୁ ପ୍ରଧାନ
ବିଦିତ ପରା ଜଗତେ ?

Digitized by srujanika@gmail.com

(ତିର୍ଯ୍ୟକ୍ ଭାବରେ ଚାହିଁ) ଏ ଯେପରି ଚାହୁଁଛି ସେଥିରୁ ସତେ ଯେମିତି କହି ଦେଉଛି ଯେ ମୁଁ ଯିବାକୁ ଚଞ୍ଚଳ ଥିବାରୁ ତାଙ୍କୁ ଦେଖି ପାରି ନାହିଁ !!!

(ଉପବେଶନ କରି—ଗୀତ ।)

'ଜାଣିଲି ତୁ ମରାଳ ଗତିଚୋର ପ୍ରିୟାର
କିଏ ଶିଖାଇଲା ତତେ',

(ଉଠି) ରେ ମରାଳ, ଯଦି ତୁ ଜଳାଶୟ କୂଳରେ ମୋହର ପ୍ରାଣସଖୀକି ଦେଖି ନାହୁଁ, ତାହାହେଲେ କହ ତାହାର ଏ ମନ୍ଥରଗତି କାହୁଁ ଶିଖିଲୁ ? (ନିକଟକୁ ଯାଇ ହାତଯୋଡ଼ି) ମରାଳ, ତୁହି ନିଶ୍ଚୟ ପ୍ରାଣସଖୀର ଗତି ଚୋରିକରିଛୁ । ତେବେ ଏହିକ୍ଷଣି ତାହାକୁ ପ୍ରତ୍ୟର୍ପଣ କର । ଅଭିଯୋଗ ସ୍ଥଳରେ ଗୋଟିଏ ଅଂଶ ଚୋରିକରିବା ସ୍ୱୀକାର କଲେ ସମଗ୍ର ପଦାର୍ଥ ଦେବାକୁ ବାଧ୍ୟ ।

ନିଶ୍ଚୟେ ମଦାଳସା ଚୋରୁଗତି ଲାଳସା
ପଡୁଛି ତୋ ନୟନପଥେ । ୧୦ ।

(ସାନୁନୟେ) ହେ ରାଜହଂସ, ପ୍ରତ୍ୟର୍ପଣ କର । (ନିରୀକ୍ଷଣ କରି) ଆରେ ! ହଂସଟି ବୋଧ ହୁଏ ରାଜା ଚୋରକୁ ଦଣ୍ଡ ଦିଅନ୍ତି ବୋଲି ଭାବି ଉଡ଼ିଗଲା ! (ପରିକ୍ରମପୂର୍ବକ ଚାହିଁ) ଓହୋ; ଏଠାରେ ଗୋଟିଏ ଚକ୍ରବାକ ଚକ୍ରବାକୀ ସଙ୍ଗରେ ବସିଛି ? ଏହାକୁ ବି ଥରେ ପଚାରେଁ ?

(ଗୀତ)

ରଥାଙ୍ଗରେ ମୋହନ ଗୋରୋଚନା-ବରଣ
କହ କହ ଦେଖିଛୁ କି ?
ମଧୁର ଯଉବନେ ମଧୁମାସ ସୁଦିନେ
ଖେଳାଲୋଳା ସଙ୍ଗିନୀକି । ୧୧ ।

[ନିକଟରେ ଜାନୁପାତପୂର୍ବକ] ହେ ରଥାଙ୍ଗ, ତୋହର ନାମ ରଥଙ୍ଗ, ରଥାଙ୍ଗ ପରି ସୁନ୍ଦରୀଉର୍ବଶୀର ନିତମ୍ବ । ମୁଁ ସେହି ରଥର ରଥୀ—ବର୍ତ୍ତମାନ ସଙ୍ଗ ଛାଡ଼ି ବିରଥ ହୋଇଅଛି । ଏବେ ମୋହର ମନୋରଥ ପୂର୍ଣ୍ଣକର, ଏହି ନିବେଦନ । ଏ କଣ ? କେବଳ କେ' କେ' ବୋଲି କହୁଛି— ଆଉ କିଛି ନାହିଁ । ତାହାହେଲେ ମୋତେ ଚିହ୍ନି ପାରୁ ନାହିଁ । ମୁଁ କିଏ ଶୁଣିବୁ ?

ଶଶୀ ଦିବାକର ଅଟନ୍ତି ମୋହର
ପିତାମହ ମାତାମହ ।
ଏ ନିଖିଳ ଧରା, ଉର୍ବଶୀ ଅପ୍‌ସରା
ପତ୍ନୀ ହୟ ସୁଖାବହ ।

ଏ କଣ ? ତୂନି ହୋଇ ରହିଲା କାହିଁକି ? ତେବେ ତିରସ୍କାର କରେଁ ? (ଜାନୁପାତ କରି) ରେ ରଥାଙ୍ଗ, ଆପଣା ସହିତ ତୁଳନା କରି ବିଚାର କର, ତୁ ସର୍ବଦା ପ୍ରଣୟିନୀର ପ୍ରଣୟବଶ । କ୍ଷଣେସୁଦ୍ଧା ବିଚ୍ଛେଦ ସହି ପାରୁ ନାହୁଁ । ଟିକିଏ କେତେବେଳେ ସହଚରୀ ପଦ୍ମ-ପତ୍ରରେ ଅଙ୍ଗ ଲୁଚାଇଲେ କାତର ସ୍ୱରରେ ଡାକ ଛାଡ଼ୁ । ତାହା ହେଲେ କହ ଏ ବିରହୀ ଲୋକକୁ ସହଚରୀର ସମ୍ବାଦ ଦେବାକୁ ଏତେ ବିମୁଖ କାହିଁକି ? (ବସି) ହଁ, ମୋହଭଳି ହତଭାଗ୍ୟମାନଙ୍କ କପାଳରେ ଏହିପରି ଘଟେ । ତେବେ ମୁଁ ଯାଉଛି, ସ୍ଥାନାନ୍ତରକୁ ଯିବି । (ପରିକ୍ରମ କରୁଁ କରୁଁ) ଏଠାରେ ଏହି ପଦ୍ମ ଭିତରେ ଭ୍ରମରଗୁଞ୍ଜନ ମୋତେ ଘନଘନ ବାଧା ଦେଉଛି । ଏହାକୁ ଶୁଣିଲାରୁ ଏବେ ପ୍ରିୟାର ଅଧର ଦଶନକାଳୀନ ଶୀତ୍କାରଧ୍ୱନି ମୋର ମନେ ପଡ଼ୁଛି ! ତେବେ ଯାଉଛି ଏହି କମଳବାସୀ ଭ୍ରମରକୁ ଥରେ ପଚାରି ଦେବି । ପଛେ ଆଉ ଯେପରି ଅନୁତାପ କରିବାକୁ ହେବ ନାହିଁ ।

ହେ ମଧୁକର, ତୁ କଣ ସେ ଖଞ୍ଜନାକ୍ଷୀକି ଦେଖି ନାହୁଁ ? ଯେବେ ତୁ ସେ ସୁନ୍ଦରୀର ମୁଖ ଦେଖିଥାନ୍ତୁ, ତାହାହେଲେ କଣ ଏ ପଦ୍ମର ସାମାନ୍ୟ ସୌରଭରେ

Digitized by srujanika@gmail.com

ପୁଣି ଆକୃଷ୍ଟ ହୋଇଥାନ୍ତୁ ! ଯାଉଛୁ, ଅନ୍ୟତ୍ର ଅନ୍ୱେଷଣ କରିବ (ପରିକ୍ରମପୂର୍ବକ ଦେଖି) ହେଇଟି, ସେଠାଇଁ କଦମ୍ବ ଗଛତଳେ କରିରାଜ କରିଣୀ ଅଙ୍ଗରେ ଅଙ୍ଗକୁ ଘଷି ଠିଆ ହୋଇଛୁ । ପାଖକୁ ଯାଏଁ ? ନା, ଏତେବେଳେ ନିକଟକୁ ଯିବା ଉଚିତ ନୁହେ । ତାହାର ପ୍ରିୟତମା ଆପଣା ଶୁଣ୍ଢରେ ଶଲ୍ଲକୀଡାଳ ଭାଙ୍ଗି ଆଣି ଆହାର ଦେଉଛି, ସେ ଆଗ ତାହା ଆହାର କରି ସାରୁ । (କ୍ଷଣାନନ୍ତର) ଆରେ ! ଏତ, ସବୁତକ ଉଦରସ୍ଥ କରି ସାରିଲଣି । ମୁଁ ଆଉ ବିଳମ୍ବ କାହିଁକି କରୁଛି, ପଚାରେଁ ?

(ଗୀତ)

ହେ ପ୍ରିୟ ଗଜବର ଦିଅ ମୋତେ ଉତ୍ତର
ବନ ପଥେ ଦେଖିଛ କି ।
ବଦନ ଶଶଧର- ଠାରୁ ବଳି ସୁନ୍ଦର,
ମୋହପ୍ରାଣ ସଙ୍ଗିନୀକି । ୧୨ ।

(ଦୁଇପଦ ଆଗକୁ ଯାଇ) ହେ ମଦମତ୍ତ ଯୂଥପତି ! ଲାବଣ୍ୟମୟୀ ସେହି ଯୁବତୀଶିରୋମଣିକି କେଉଁଠି ଦେଖିଛ ? ଯାହାର ଯୂଥୀପୁଷ୍ପଭୂଷିତ କେଶପାଶ ଦୂରରୁ ମନୋହର ଦିଶେ ! (ସାନନ୍ଦେ ଶୁଣି) ଆହା-ହା, ଏ ମନ୍ଦ୍ର ଧ୍ୱନିଦ୍ୱାରା ମୋତେ ବଡ଼ ଆଶ୍ୱାସ ଦେଲା ! ନିଶ୍ଚୟେ ତେବେ ସୁନ୍ଦରୀକି ପାଇବ ! ଗଜରାଜ, ଆମ୍ଭ ଦୁହିଙ୍କର ସମାନ ଧର୍ମ । ସେଥିପାଇଁ ମୋହର ତୁମ୍ଭ ଉପରେ ଏତେ ଅନୁରାଗ । ଦେଖ, ମୋତେ ରାଜାଧିରାଜ ବୋଲି କହନ୍ତି, ତୁମ୍ଭେ ମଧ୍ୟ ଗଜାଧିରାଜ । ମୋହର ଯେପରି ସର୍ବଦା ଧନଦାନ କାର୍ଯ୍ୟ; ତୁମ୍ଭର ସେହିପରି ଅଜସ୍ର ମଦଦାନ । ରମଣୀରତ୍ନ ଉର୍ବଶୀ ମୋହର ଗୁଣାନୁରାଗିଣୀ । ଏହି କରିଣୀସୁନ୍ଦରୀ ସେହିପରି ତୁମ୍ଭଠାରେ ଅନୁରକ୍ତା । ସବୁ ସମାନ, କେବଳ ପ୍ରଭେଦ ଏତିକି ଯେ, ତୁମ୍ଭେ ପ୍ରିୟାବିଚ୍ଛେଦ ଅନୁଭବ କରିନାହିଁ । ହଉ, ତୁମ୍ଭେ ସୁଖରେ ଥାଅ ମୁଁ ଯାଉଛୁ । (ପରିକ୍ରମପୂର୍ବକ ଦେଖି) ଆଗରେ ସୁରଭିକନ୍ଦର ପର୍ବତ ଦିଶୁଛି ? ଏହି ମନୋହର ଶୈଳଟି ଅପ୍ସରାମାନଙ୍କର ବଡ଼ ପ୍ରିୟ ସ୍ଥାନ । ତାହାହେଲେ କଣ ଏହି ବଡ଼ ଉପତ୍ୟକାରେ ସେହି ସୁରସୁନ୍ଦରୀକି ଦେଖିବ ! (କିଛିଦୂର ଯାଇ) ଉଃ, ଘୋର ଅନ୍ଧକାର ! ଆଚ୍ଛା ଦେଖେଁ ବିଜୁଳି ଅବା ବାଟ କଢ଼ାଇବ ! କି ଆଶ୍ଚର୍ଯ୍ୟ ! ମୋହର ଦୁର୍ଭାଗ୍ୟକୁ ମେଘରେ ବିଜୁଳି ସୁଦ୍ଧା ନାହିଁ । ଯାହାହେଉ ଏ ଶୈଳକୁ ନ ପଚାରି ଅନ୍ୟତ୍ର ଯିବ ନାହିଁ ।

(ଅନ୍ୟ ରଙ୍ଗରେ ଗୀତ)

ଦେଖ ସଙ୍ଗିନୀ, ରସ ରଙ୍ଗିନୀ,
ପଶୁରାଜନ କି କରେ ଗୋ । ୦ ।
ବନ ଗୁମ୍ଫା ବିହରି, ଘୂରଇ କେଉଁପରି
ଅଙ୍ଗୁରେ ଏହି ଗିରି, ଶିଖରେ ଗୋ ।
ଖରଖୁରପ୍ରହାରେ, ବିଦାରି ଧରାଧରେ
ଆନନ ନତ କରେ ଦୁଃଖରେ ଗୋ ।
ପ୍ରିୟ ସଖୀ ବିହୀନେ, ମଉନେ ବନେ ବନେ
ଗମଇ ଶୂନ୍ୟମନେ, ମନ୍ଥରେ ଗୋ ।
ଶିର ବିରହଭରେ, ବିରସ ବଦନରେ,
କପରି ଗିରିପରେ, ବିହରେ ଗୋ ।

ହେ ପୃଥୁନିତମ୍ବିଗିରିବର, ପୃଥୁଳପୟୋଧରା ନିତମ୍ବିନୀ ତ ତୁମ୍ଭର ବକ୍ଷସ୍ଥଳ ଆଶ୍ରୟ କରିନାହିଁ ? କାହିଁକି ତୁମ୍ଭେ ନୀରବ ହୋଇ ରହିଲ ! ବୋଧ ହୁଏ ଦୂର ହେତୁରୁ ଶୁଣି ପାରିଲ ନାହିଁ । ଆଚ୍ଛା ହଉ, ପାଖକୁ ଯାଇ କହେଁ । (ନିକଟକୁ ଯାଇ ଅଞ୍ଜଳିପୂର୍ବକ) ହେ ସର୍ବଶୈଳାଧିରାଜ, ଏହି ସୁନ୍ଦର ବନପ୍ରଦେଶରେ ମୋ ସଙ୍ଗତ୍ୟାଗିନୀ ସେହି ସର୍ବାଙ୍ଗସୁନ୍ଦରୀ ତୁମ୍ଭର ଦୃଷ୍ଟିଗୋଚର ହୋଇଅଛି ? (ସେହିପରି ପ୍ରତିଧ୍ୱନି ଶୁଣି, ସହର୍ଷେ) ଆଶ୍ଚର୍ଯ୍ୟ କଥା ! ଏ ତ ଦୃଷ୍ଟିଗୋଚର ହୋଇଅଛି ବୋଲି କହୁଛି । ତାହାହେଲେ ଭଲକରି ଦେଖେଁ ! [ଚତୁର୍ଦ୍ଦିଗ ନିରୀକ୍ଷଣ କରି ଦୁଃଖରେ] ହା ଧିକ୍‌ଧିକ୍ ! ଗୁହାଭିତରୁ ମୋ କଥାର ପ୍ରତିଧ୍ୱନି ଏ ଶୁଣା ଯାଉଥିଲା ! ହା ହା! [ମୂର୍ଚ୍ଛା ସହ ପତନ, ପୁଣି ଉଠି ବସି ବିଷଣ୍ଣ-ଭାବରେ] ଉଃ, ବଡ଼ ଶ୍ରାନ୍ତ ହୋଇ ପଡ଼ିଲଣି । ଯାଉଛୁ

Digitized by srujanika@gmail.com

ଏହି ଗିରିନିର୍ଝରିଣୀକୂଳରେ ଶୀତଳବାୟୁ ସେବନ କରିବ । (ପରିକ୍ରମ ପୂର୍ବକ ଦେଖି) ନବାମ୍ବୁକଲୁଷିତା ନଦୀକି ଦେଖି ଏବେ ମୁଁ ସୁରତ ଉପଲବ୍ଧି କରୁଅଛି । ଦେଖ, ଏହି ତରଳ ତରଙ୍ଗ ଏହାର ଭ୍ରୂଭଙ୍ଗ, ଏହି ଦୋଳାୟିତ ବିହଙ୍ଗମାଳା ରସନା, ଆଉ ଏ ଫେନପୁଞ୍ଜ ଠିକ୍ ସନ୍ତ୍ରମଣିଥିଳବସ୍ତ୍ର ପରି ଦିଶୁଅଛି । ଆହୁରି ମଧ୍ୟ ଏ ଯେପରି ସ୍ଖଳିତ ଗତିରେ ଯାଉଛି, ସେଥିରୁ ଅନୁମାନ ହେଉଛି, ନିଶ୍ଚୟ ସେହି କୋପନା ମୋହର ଅତିକ୍ରମ ସହି ନ ପାରି ନଦୀରୂପରେ ପରିଣତା ହୋଇଅଛି ।

ଆଚ୍ଛା ହଉ, ଏହାକୁ ଆଗେ ସୁପ୍ରସନ୍ନା କରେଁ ?

ସୁନ୍ଦରୀ ତରଙ୍ଗିଣି ମୋହ ପ୍ରାଣସଙ୍ଗିନି,
ଅଳି-କୁଳ ଝଙ୍କାରିତେ ।
କ୍ଷମ ମୋ ଦୋଷ ଯାହା ସୁରନନ୍ଦ ! ସୁଦେହା
ବିହଙ୍ଗମ ଦୋଳାୟିତେ । ୧୩ ।

(ନିକଟକୁ ଯାଇଁ ଜାନୁପାତ ପୂର୍ବକ)

ଅଟଳ ପୀରିତ ତୁମ୍ଭଠାରେ ନିତ
କହି ନାହିଁ କଟୁ କଥା,
କି ଦୋଷେ ମାନିନି ସାଗରେ ଗାମିନି !
ହୋଇଅଛ ପୋତ ମଥା ?

କହିଁ କିଛି ତ ଉତ୍ତର ଦେଉ ନାହିଁ ? ତେବେ ପ୍ରକୃତରେ ଏ ନଦୀ ? ଉର୍ବଶୀ ହେଲେ କି ପୁରୂରବାକୁ ଛାଡ଼ି ସାଗର ଗାମିନୀ ହୁଅନ୍ତା ! ହଉ ଯା ହେବାର ହେଲାଣି, ଆଉ ଶୋକ କରି ଫଳ କଣ ? ଯାଉଛି ଯେଉଁଠାରେ ସୁଲୋଚନା ଅନ୍ତର୍ହିତ ହୋଇଗଲା, ସେହିଠାକୁ ଯିବି । (ଅଦୂରେ ହରିଣକୁ ଦେଖି) ଏଠାରେ ଗୋଟିଏ ହରିଣ ଶୋଇଛି ଯେ ! ଆଗେ ପାଖକୁ ଯାଏଁ ଯାହା ହେବ । [ନୃତ୍ୟସହ ଗୀତ]

ନନ୍ଦନ କାନନ ବାସ ପରିତ୍ୟଣ,
ଦେଖ ଅମରଗଜ ଭୃଙ୍ଗେ ।
ସ୍ୱଚ୍ଛ କୁସୁମିତ ପାଦପଶୋଭିତ
ରମ୍ୟ ମଞ୍ଜୁଳ ଶୃଙ୍ଗେ ।
ସୁସ୍ୱର କୋକିଳ ରବ ମନୋହର ମତ୍ତ
ମଧୁପ ଗୁଣୁନାଦେ ।
ଚିତ୍ତ ବିମୋହନ ମଞ୍ଜୁଳ କାନନ
ଦେଖି ଚଳେ ଉନ୍ମାଦେ ।

ଆହା ଏ ଚିତ୍ର ହରିଣଟି ଦେଖିବାକୁ କେଡ଼େ ମନୋହର ହୋଇଛି । ମନେ ହୁଏ ଯେପରି କି ବନଲକ୍ଷ୍ମୀ କଟାକ୍ଷପାତ କରି ବନ ଶୋଭା ପରିଦର୍ଶନ କରୁଅଛନ୍ତି । (ଦେଖି)ଓହୋ ! ଏ କୃଷ୍ଣସାର ସ୍ତନ୍ୟପାୟୀ ଶିଶୁ ସହିତ ଆସୁଥିବା ହରିଣୀକି ନିରୀକ୍ଷଣ କରୁଛି । (ପାଖକୁ ଯାଇ) ହେ ଯୂଥପତି, ଏ ଅରଣ୍ୟ ମଧ୍ୟରେ ମୋହର ସହଚରୀକି ଦେଖି ନାହଁ ? ତାହାର ଲକ୍ଷଣ କହୁଛି ଶୁଣ । ତୁମ୍ଭର ଏ ସହଚରୀ ପରି ସେ ସୁନ୍ଦରୀ ଆଉ ଏହିପରି ବିଶାଳାକ୍ଷୀ (ଦେଖି) କଣ, ମୋ କଥା ଆଦୌ ନ ଶୁଣି ତାହା ପାଖକୁ ନିଶ୍ଚିନ୍ତ ଚାଲିଗଲା ! ହଁ, ଦଶାର ବିପର୍ଯ୍ୟୟ ହେଲେ ଏହିପରି କେତେ ଅପମାନ ଲାଞ୍ଛନା ସହିବାକୁ ହେବ । ତେବେ ଏଠାରେ ରହିବା ଆଉ ଫଳ କଣ ? (କିଛିଦୂର ଯାଇ ଦେଖି) ଭଲ କିଛି ହେଉ, ପାଦଚିହ୍ନ ଦେଖା ଗଲାଣି । ଏହି ତ ସେଇ ରଙ୍ଗ କଦମ୍ବ ଫୁଲ ! ଯାହା ଭଲ ହୋଇ ନ ଫୁଟୁଣୁ ସେ ସମସ୍ତକରେ ଧାରଣ କରିଥିଲା । (କିଛିଦୂର ଯାଇ) ପଥର ଫାଟ ଭିତରେ ଏଇଟା କଣ ରଙ୍ଗା ଦିଶୁଛି ? ସିଂହ କଣ ହସ୍ତିବଧ କରି ଖଣ୍ଡେ ମାଂସ ପିଣ୍ଡ ପକାଇଛି-ନା ଶୂନ୍ୟରୁ ଅଗ୍ନି ବୃଷ୍ଟି ହୋଇ ଏହି ଅଗ୍ନି ସ୍ଫୁଲିଙ୍ଗ ପଡ଼ିଛି !

[ବିଶେଷରୂପେ ନିରୀକ୍ଷଣ କରି] ନା, ଏ ଗୋଟିଏ କିଛି ମଣି ହେବ ! ଅଶୋକକଳି ପରି ରଙ୍ଗ ଦିଶୁଛି । ମଣିଟି ବଡ଼ ମନୋହର । ଆଚ୍ଛା, ଏଇଟିକି ତେବେ ନେବା ! (ଗ୍ରହଣାଭିନୟ)

ସୁତନୁ ଭାବନାରେ କରିବର ବନରେ
ବନୁ ହନ କୃଶ ଦୁଃଖେ,
ନୟନୁ ଅଶ୍ରୁବାରି ଅଧରଳେ ବାହାରି
ପରିମ୍ଲାନ କଲା ମୁଖେ । ୧୪ ।

Digitized by srujanika@gmail.com

(ଗ୍ରହଣ ପୂର୍ବକ-ସ୍ୱଗତ) ଆହା, ଯାହା ମସ୍ତକରେ ମନ୍ଦାରପୁଷ୍ପ ଶୋଭା ପାଉଥିଲା, ଏହି ମଣି ତାହାର ଧାରଣ କରିବାର ଉପଯୁକ୍ତ; କିନ୍ତୁ ସେହି ସୁରାଙ୍ଗନା ଏହିକ୍ଷଣି ଦୁର୍ଲ୍ଲଭ । ତେବେ ଏହାକୁ ନେଇ କାହିଁକି ଅଶ୍ରୁସିକ୍ତ କରିବି ? (ବିସର୍ଜନ)

(ନେପଥ୍ୟେ) ନିଅ ନିଅ ବତ୍ସ ତାକୁ ପାଇବ ରମଣୀ
ଗୌରୀ ପାଦପଦ୍ମୁଁ ଜାତ ଏ ସଙ୍ଗମମଣି ।

ରାଜା—(ଉପରକୁ ଚାହିଁ) କିଏ ଏ ଅମୃତ ବର୍ଷଣ କଲା ! (ଦେଖି) ଓହୋ, ଭଗବାନ୍ ମୃଗରାଜଧାରୀ, ଆପଣଙ୍କ ଏହି ଉପଦେଶରେ ଯଥେଷ୍ଟ ଉପକୃତ ହେଲି (ମଣି ଗ୍ରହଣ କରି) ହେ ସଙ୍ଗମମଣି, ମୁଁ ପ୍ରିୟାବିରହିତ ହୋଇ ଘୋର ଦୁଃଖ ଭୋଗ କରୁଅଛି । ଯଦି ତୋହ ଲାଗି ତାହା ସହିତ ମିଳନ ହୁଏ, ତାହା ହେଲେ ମହାଦେବ ଲଲାଟରେ ଯେପରି ଚନ୍ଦ୍ରକଳା ଧାରଣ କରନ୍ତି, ସେହିପରି ମୁଁ ତୋତେ ସର୍ବଦା କପାଳରେ ଧାରଣ କରିଥିବି । (ପରିକ୍ରମ ପୂର୍ବକ ଦେଖି) ଏହି କୁସୁମରହିତା ଲତାଟିକୁ ଦେଖି ମୋହର ମନ କାହିଁକି ପ୍ରେମାନ୍ୱିତ ହେଉଅଛି ! ଏପରି ହେବାର ଏକା କାରଣ ଅଛି । ଏହାର ବର୍ଷାମ୍ବୁସିକ୍ତ ପଲ୍ଲବ ମୋତେ ପ୍ରିୟତମାର ଅଶ୍ରୁସିକ୍ତ ଅଧର ପରି ଦିଶୁଅଛି । ପୁଷ୍ପକାଳ ଅତୀତ ହୋଇଥିବାରୁ ଏହା ତନ୍ୱୀର ଆଭରଣଶୂନ୍ୟ ଅବସ୍ଥା ଜଣାଇ ଦେଉଅଛି । ବୋଧ ହୁଏ ମାନିନୀ ପାଦପତିତ ପତିର କଥା ତେତେବେଳେ ଅଗ୍ରାହ୍ୟ କରି ଏବେ କେବଳ ଅନୁତାପ କରୁଛି । ତାହା ହେଲେ ପ୍ରିୟାନୁକାରିଣୀ ଲତାର ଆଲିଙ୍ଗନ ପ୍ରଣୟୀ ହୁଏ ? (ପାଖକୁ ଯାଇ ଆଲିଙ୍ଗନ କରନ୍ତେ ସହସା ସେହି ସ୍ଥାନରେ ଉର୍ବଶୀର ଆବିର୍ଭାବ)

ରାଜା—(ନିମୀଳିତାକ୍ଷରେ ସ୍ପର୍ଶାଭିନୟ କରି) ଆହା ! ସତେ ଉର୍ବଶୀର ଶ୍ରୀଅଙ୍ଗସ୍ପର୍ଶ ପାଇ ମୋହର ସର୍ବାଙ୍ଗ ଯାକ ସୁଖମୟ ହୋଇଗଲା ! କିନ୍ତୁ ବିଶ୍ୱାସ ହେଉ ନାହିଁ ! ଯାହାକୁ ପ୍ରିୟା ବୋଲି ବିଚାରୁଛି, ସେ କ୍ଷଣକେ ଅନ୍ୟରୂପ ହୋଇ ଯାଉଅଛି । ତେବେ କିଛିକ୍ଷଣ ଚକ୍ଷୁ ମୁଦ୍ରିତ କରି ଆଗେ ସ୍ପର୍ଶ ସୁଖ ଅନୁଭବ କରେଁ ? କେଜାଣି ପ୍ରିୟତମା ବୋଲି ଚାହିଁ ଦେଲେ ଆଉ କଣ ହୋଇଯିବ !

(ଧୀରେ ଚକ୍ଷୁଉନ୍ମୀଳନ କରି) କଣ, ସତେ ଉର୍ବଶୀ ! ! (ମୂର୍ଚ୍ଛାସହ ପତନ)

ଉର୍ବ—ମହାରାଜ, ଆଶ୍ୱସ୍ତ ହୁଅନ୍ତୁ ।

ରାଜା—(ସଂଜ୍ଞାଲାଭ କରି) ପ୍ରିୟେ, ଆଜି ମୁଁ ଜୀବିତ । ଏତେ ଦିନଯାଏ ଘୋର ବିରହ ଅନ୍ଧକାରରେ ମୃତପ୍ରାୟ ଥିଲି । ଆଜି ତୁମ୍ଭଙ୍କୁ ପାଇ ଚେତନା ଲାଭ କଲି ।

ଉର୍ବ—ମହାରାଜ, ମୋ ଦୋଷ କ୍ଷମା କରିବେ । ମୁହିଁ ଅବିବେକିନୀ, ଆପଣଙ୍କୁ ଏତେ ଅବସ୍ଥାରେ ପକାଇଲି । ମୋହର ସବୁ ଦୋଷ । ଏଥର ତାହା ପାସୋରି ପକାନ୍ତୁ ।

ରାଜା—ସୁନ୍ଦରି ! ମୋତେ ଆଉ ପ୍ରସନ୍ନ କରିବାକୁ ହେବ ନାହିଁ । ତୁମ ଦର୍ଶନରେ ମୋହର ଅନ୍ତରାତ୍ମା ପ୍ରସନ୍ନ ହୋଇଗଲା; କିନ୍ତୁ ତୁମ୍ଭେ ଏତେକାଳ ଏକା କେଉଁଠି ଥିଲ ?

[ରାଜା—ଉଠି ଗୀତରେ]

ପରାଣେଶ୍ୱରି ! କାହିଁ ଥିଲ ସୁନ୍ଦରି !
ହେ ଗୋରି, ନାରୀମଣି ସୁଲୋଚନି-ଛଳନା କରି । •
କେଉଁ ଦେଶରେ-କେଉଁ ଦୋଷରେ
ପରିହାସରେ ଅବା ରୋଷରେ
କିବା ସହି ସୁରେଶ୍ୱରୀ — ସ୍ୱରଗବାସରେ —
ରସହାସବିଳାସରେ — ରସାଇବାରେ,
ଭୁଲି । କେତେ ଖୋଜିଲି — ଯେତିକି ହେଜିଲି
ସର୍ବେ ପୁଚ୍ଛିଲି - ଅଶ୍ରୁ ମୁଞ୍ଚିଲି
ଗିରିଦରୀ ବିହରିଲି - କାନନୁ ଫେରିଲି-
ବିରହରେ ଘାରିଲା ଆସି ସରିଲି ଝୁରି ।

× × ×

Digitized by srujanika@gmail.com

ଉର୍ବ—ମହାରାଜ, ମୁଁ ଅନ୍ତଃକରଣରେ ତା ସବୁ ଦେଖିଛ ।

ରାଜା—ଅନ୍ତଃକରଣରେ କଣ ? ବୁଝି ପାରିଲି ନାହିଁ ।

ଉର୍ବ—ଶୁଣନ୍ତୁ ମହାରାଜ; ଆଗେ ଦେବ କାର୍ତ୍ତିକେୟ ଚିରକୁମାରବ୍ରତ କରି ଏହି ବନରେ ଥିଲେ, ଆଉ ଏଇ ନିୟମ କରିଥିଲେ କି—

ରାଜା—କି ନିୟମ ?

ଉର୍ବ—ଯେବେ କେହି ସ୍ତ୍ରୀ ଏ ବନକୁ ଆସିବ, ସେ ଲତା ପାଲଟିଯିବ ? ସଙ୍ଗମ ମଣି ବିନା ତାର ଆଉ ଉଦ୍ଧାର ନାହିଁ । ମୁଁ ଗୁରୁଦେବଙ୍କ ଶାପରୁ ଦେବତାମାନଙ୍କ ନିୟମ କେତେବେଳେ ପାସୋରି ପକାଇ ଆପଣଙ୍କ ଆଦର ନ ପାଇ ଏଥି ଭିତରେ ପଶିଗଲି । ପଶିବା ମାତ୍ରକେ ତ ଲତା ପାଲଟି ଗଲି ।

ରାଜା—ପ୍ରିୟେ ! ଏଥର ସବୁ ଜଣାଗଲା ! ନୋହିଲେ କି ମୁହୂର୍ତ୍ତେ ବିଚ୍ଛେଦ ଯାହାକୁ ଯୁଗସମ ଥିଲା, ସେ ପୁଣି ଏ ଦୁଃସହ ଦୀର୍ଘ ବିରହ ସହି ପାରନ୍ତା ? ଭଗବାନଙ୍କ କୃପାରୁ ମୁଁ ସଙ୍ଗମ ମଣିକି ପାଇଥିଲି । ସେଥିପାଇଁ ଏବେ ତୁମକୁ ପାଇଲି (ମଣି ପ୍ରଦର୍ଶନ)

ଉର୍ବ—ଏହି ସେଇ ସଙ୍ଗମମଣି ? ସେଇଥିପାଇଁ ଯେମିତି ମତେ ଛୁଇଁଛନ୍ତି, ସେମିତି ନିଜରୂପକୁ ପାଇଲି ! (ମସ୍ତକରେ ମଣି ଧାରଣ ।)

ରାଜା—ଠିକଏ ସେହିପରି ଠିଆ ହେବଟି ଦେଖି ? ରକ୍ତପଦ୍ମରେ ବାଳସୂର୍ଯ୍ୟକିରଣ ପଡ଼ିଲେ ଯେପରି ଦିଶେ, ତୁମ ମୁଖମଣ୍ଡଳ ଏ ମଣି ଯୋଗେ ସେହିପରି ଦିଶୁଅଛି ।

ଉର୍ବ— ମହାରାଜ, ବହୁତ ଦିନ ହେଲା ରାଜଧାନୀ ଛାଡ଼ି ଆସିଲେଣି । ପ୍ରଜାମାନେ ସେଥିପାଇଁ ବିରକ୍ତ ହେଉଥିବେ ! ଚାଲନ୍ତୁ, ଏଥର ଯିବା ।

ରାଜା—ତଥାସ୍ତୁ; କିନ୍ତୁ ପ୍ରିୟେ ସୁବଦନେ, ବର୍ତ୍ତମାନ ଏଇ ନିବେଦନ !! ମୋତେ ଏହି ଅଚିରବିଳସିତ ତଡ଼ିତ୍ ସୁନ୍ଦର, ସୁରଧନୁଚର୍ଚ୍ଚିତ ନବ ବାରିଦ ବିମାନରେ ପୁରକୁ ନିଅ । (ବିମାନରେ ଉଭୟଙ୍କର ଅବସ୍ଥାନ ।)

(ସମ୍ମୁଖରେ ପୂର୍ବ ଅପ୍‌ସରା ହସ୍ତୁର ନୃତ୍ୟସହ-ଗୀତ ।)

ପ୍ରେମିକ ପ୍ରେମିକା ମିଳନ

ଦେଖ ଦେଖ ଏ ହରଷ ବଦନ ।
ପ୍ରେମରସେ ପୂର୍ଣ୍ଣ ଆଜ ଗିରି ନଦୀ ବନ । ୦ ।
ପ୍ରେମର ଲହରି ଉଠେ ପ୍ରେମେ ଏ ବଦନ ଫୁଟେ,
ପ୍ରେମସୁଧା ହୃଦ ଲୁଟେ, ପ୍ରେମେ ନିମଗନ ।
ଦେଖ ପ୍ରେମ ସଜ ବାଜ, ପ୍ରେମେ ପୁଲକିତ ଆଜ
ରାଜହଂସୀ ହଂସରାଜ, ଆହା କି ଶୋଭନ !
ପ୍ରେମର ବିମାନ ରାଜେ ପ୍ରେମବୀଣା ହୃଦେ ବାଜେ
ପ୍ରେମେ ଚରାଚର ମଜ୍ଜେ, ପ୍ରେମର ଭୁବନ ।

(ଖଣ୍ଡଧାରରେ ପ୍ରସ୍ଥାନ ଏବଂ ପଟ କ୍ଷେପଣ)

ପଞ୍ଚମ ଅଙ୍କ ।

ଦୃଶ୍ୟ—ରାଜପ୍ରାସାଦସମ୍ମୁଖ । (ସାନନ୍ଦ ବିଦୂଷକର ପ୍ରବେଶ ।)

ବିଦୂ—ଓହୋ ! ମନଷ ଏଥର ହାଃ ପାଇଲା । ମହାରାଜ ଆମର ସେଇ ସୁନ୍ଦରୀଙ୍କି ଘେନି ନନ୍ଦନବନ ଫନ୍ଦନବନ ଯେତେ ବୁଲି କପାଳ ସୁଭାଗ୍ୟକୁ ଏବେ ରାଜ୍ୟକୁ ବାହୁଡ଼ି ଆଇଲେଣି । ଏଣିକି ଆଉ ତାଙ୍କର କି ଚିନ୍ତା ! ଘଡ଼ିଏ ଗାଦୀରେ ବସି ରାଜ୍ୟର ଦୁଃଖ ସୁଖ କଣ ଟିକଏ ବୁଝି ଦେଉଛନ୍ତି ! ଆଉ କିଛି ଚିନ୍ତା ନାହିଁ ଯେ ! ରହିଲା ଖାଲି ପୁଅ ଚିନ୍ତା ! ଆଜି ଗୋଟାଏ କଣ ଭଲଦିନ ବୋଲି ତୁମ୍ଭ ଏତିକିବେଳେ ଗଙ୍ଗା ଯମୁନାକୂଳରେ ସ୍ନାନ ବଢ଼ାଇ ରାଣୀଙ୍କ ସହିତରେ ପୁର ଭିତରକୁ ବିଜେ କରିଛନ୍ତି ! ସେଠାଇଁ ଏତିକିବେଳେ ଅତର ଫୁଲ ଚନ୍ଦନ ଲାଗି ହେଉଥିବେ ! ତେବେ ଏତେ କେତେ ଉଣ୍ଡି

Digitized by srujanika@gmail.com

କରି ଗଲେ ହେବ—ମୋର ହୃଦୟରେ ବି ଚୂଆ ଚନ୍ଦନ ଟିକିଏ ଲାଗିଯିବ । (ନେପଥ୍ୟେ)—ଆହା ! ମହାରାଜାଙ୍କ ସେହି ମଣିଟିକି ଖଣ୍ଡିଏ ରଙ୍ଗଚାଳପତ୍ର ଖିସାରେ, ପାଂଚକନାରେ ଗୁଡ଼େଇ କରି ଆଣୁଥିଲି । ଶାଗୁଣାଟାଏ ତାକୁ ମାଉଁସ ବସ୍ତୁର ଝାମ୍ପି ନେଇ ଚାଲିଗଲା !

ବିଦୂ—(ଶୁଣି) ବଡ଼ ଦୁଃସମ୍ବାଦ ହେଲା ! ମହାରାଜ ସେ ମଣିକି ଭାରି ଭଲ ପାଆନ୍ତି । ଆରେ ! ତୁମ୍ଭେ ତ ସେଥିପାଇଁ ବେଶବାସ ନ ସରୁଣୁ ଆସନରୁ ଉଠି ଏଇ ଆଡ଼କୁ ସାଁ ସାଁ ହୋଇ ଆସୁଚନ୍ତି । ମୁଁ ତେବେ ପଛ ପଟକୁ ଯାଏଁ ଭାରି । (ପ୍ରସ୍ଥାନ)
[ଉଦ୍‌ବେଗ ଭାବରେ ରାଜା, ସାରଥି, କଞ୍ଚୁକୀ, ରେଚକ ଓ ପରିଜନର ପ୍ରବେଶ ।]

ରାଜା—ରେଚକ, ଦେଖି ସେ ଚୋର ପକ୍ଷୀ କୁଆଡ଼େ ଗଲା ? ରକ୍ଷକ ଗୃହରେ ପୁଣି ସର୍ବପ୍ରଥମେ ଚୋରି ?

କରାତ—ଦେଖିବା ହେଉ ମଣିମା, ହେଇଟି ସେଇ ଚଢ଼େଇର ଥଣ୍ଟରେ ମଣିହାରର ସୁନାସୂତାଟି ଓହଳଚି । ଯେତେବେଳେ ସେ ଚକର ଦେଉଚି ସେତେବେଳେ ସୂତାରେ ଗୋଟାଏ ଗାର କାଟି ଦେଲା ପରି ଦିଶୁଚି ।

ରାଜା—ଆଚ୍ଛା, ଦେଖୁଛୁ (ଦେଖି) ଓହୋ, ସେଠାରେ ଯାଇଁ ସେ ପକ୍ଷୀ ? ଚୋର ମଣି ସହିତ ସ୍ୱର୍ଣ୍ଣସୂତକୁ ଯେହ୍ନ ଆକାଶରେ ଅଙ୍ଗାର ଚକ୍ରପରି ବୁଲୁଛି ! ଆଚ୍ଛା ବର୍ତ୍ତମାନ କଣ କର୍ତ୍ତବ୍ୟ ?

ବିଦୂ—(ନିକଟକୁ ଆସି) ମହାରାଜ, ଆଉ ଚାଟିଁ ଦୟା ମାୟା କଣ ? ଦୋଷୀକି ଦଣ୍ଡ ଦେବା ବିଧି—

ରାଜା—ଯଥାର୍ଥ କହୁଛ । ଧନୁ ଆଣ, ଧନୁ—

ପରିଜନ—ଆଜ୍ଞା, (ପ୍ରସ୍ଥାନ)

ରାଜା—କାହିଁ ସେ ପକ୍ଷୀଟାତ ଆଉ ଦେଖାଯାଉ ନାହିଁ ?

ବିଦୂ—ହେଇଲା-ହେଇଟି, ବିଚରା ଦକ୍ଷିଣକୁ ପଳେଇଚ ।

ରାଜା—(ଦେଖି) ହୁଁ-ହୁଁ, ଏଥର ଦେଖିଲି । ସେ ମଣିକି ଯେମିତି ଇତସ୍ତତଃ ହେଉଛି । ଆହା ! ସେ ମଣିଟି ହରିବଧୂ କପାଳରେ ଅଶୋକ କଳିକାପରି ଶୋଭା ପାଉଛି ।

(ଧନୁର୍ହସ୍ତରେ ଯବନୀର ପ୍ରବେଶ)

ଯବନୀ—ମଣିମା, ହେଇଟି ଧନୁ ଆଉ ଶର ।

ରାଜା—ଆଉ ଏତେବେଳେ ଧନୁ କଣ ହେବ ? ସେ ଚୋର ତ ବହୁତ ଦୂରକୁ ଚାଲି ଗଲାଣି । ଦେଖ, ବହୁତ ଦୂରକୁ ଗଲେ ବି ସେ ମଣିଟି ଅଳ୍ପ ଝଟକୁଛି । ରାତିରେ ମଙ୍ଗଳ ଗ୍ରହ ଉପରେ ମେଘ ଥିଲେ ଯେଉଁପରି ଦିଶେ, ଏ ଠିକ ସେହିପରି ଦିଶୁଅଛି ! [କଞ୍ଚୁକୀକି ଚାହିଁ] କଞ୍ଚୁକି,

କଞ୍ଚୁ—ମହାରାଜ,

ରାଜା—ଆମ୍ଭର ଆଜ୍ଞା ମତେ ଏ ନଗର ପ୍ରହରୀମାନଙ୍କୁ ଜଣାଇ ଦିଅ ଯେ, ସେହି ପକ୍ଷୀ ନିଶ୍ଚୟ କୌଣସି ବୃକ୍ଷରେ ଆଜ ଆଶ୍ରୟ ନେବ; ଅତଏବ ସମସ୍ତେ ଆଜ ତାହାର ସନ୍ଧାନ କରିବେ ।

କଞ୍ଚୁ—ଯେ ଆଜ୍ଞା, [ପ୍ରସ୍ଥାନ]

ବିଦୂ—ଆପଣ ଏଥର ବସନ୍ତୁ । ସେ ମଣିଚୋର ଯେଉଁ ଆଡ଼େ ଯାଉ ତୁମ୍ଭଙ୍କ ହାତରୁ କେବେ ଉଧୁରି ଯିବ ନାହିଁ ।

[ଉଭୟଙ୍କର ଉପବେଶନ]

ରାଜା—ବୟସ୍ୟ, ମୁଁ ତାକୁ ଯେ ଗୋଟାଏ ବହୁମୂଲ୍ୟ ମଣି ବୋଲି ଭଲ ପାଏଁ, ତାହା ନୁହେ । ସେହି ମଣିଦ୍ୱାରା ପ୍ରିୟତମା ସହିତ ମୋହର ମିଳନ ହୋଇଅଛି । ଏଣୁ ସେ ମୋହର ଅତି ପ୍ରିୟବସ୍ତୁ ।

କଞ୍ଚୁ—(ପ୍ରବେଶ କରି) ମହାରାଜ, ତୁମ୍ଭଙ୍କର କୋପାନଳ ଶିକ୍ଷଣଶର ରୂପରେ ସେହି ପକ୍ଷୀର ବକ୍ଷ ବିଦାରି କରି ଧରାଶାୟୀ କରିଅଛି । [ସମସ୍ତଙ୍କର ବିସ୍ମୟ] ହେଇଟି, ସେ ମଣିକି ଧୋଇ କରି ଆଣିଛି । ବର୍ତ୍ତମାନ କାହାକୁ ଦେବ ?

Digitized by srujanika@gmail.com

ରାଜା—ଆରେ, ରେଚକ, ଏହାକୁ ନେ-କୋଷ ପେଟକରେ ରଖି ଦେବୁ ।

କରାତ—ଆଜ୍ଞା, (ମଣି ନେଇ ପ୍ରସ୍ଥାନ ।)

ରାଜା—[କଞ୍ଚୁକୀ ପ୍ରତି] କଞ୍ଚୁକୀ, ଏ କାହାର ଶର କହି ପାରିବ ?

କଞ୍ଚୁ—ଆଜ୍ଞା, ନାମ ଲେଖା ହେଲପରି କଣ ଦିଶୁଛି ; ମୋ ଆଖି କ ଆଉ ଅକ୍ଷର ଭଲ ଦିଶୁ ନାହିଁ ।

ରାଜା—ତାହା ହେଲେ ମୋ ଆଗକୁ ଆଣ, ଦେଖେଁ ?

କଞ୍ଚୁ—[ତଥା କରଣ ଓ ପ୍ରସ୍ଥାନ]

ବିଦୂ—କଣ ବିଚାରୁଛନ୍ତି ?

ରାଜା—ଏହି ପକ୍ଷିହନ୍ତାର ନାମାକ୍ଷର ଶୁଣ ! [ପାଠ]

ବିଦୂ—ମନ ଲଗାଇ ଶୁଣୁଚ ।

ରାଜା—ଉର୍ବଶୀ ଜନନୀ, ପିତା ପୁରୁରବା ଯାର ବପୁ ଆୟୁ କ୍ଷତ୍ରିୟକାଶ୍ମ ଆୟୁର ଏ ଶର ।

ବିଦୂ—ଆହା ! ଆଜ ବଡ଼ ଭାଗ୍ୟ । ଆପଣଙ୍କର ପୁତ୍ରଟିଏ ହେଲାଣି ।

ରାଜା—ବୟସ୍ୟ, କପରି ହେଲା ! ନୈମିଷେୟ ଯଜ୍ଞକୁ ଯିବା ସମୟ ବ୍ୟତିରେକେ ଆଉ ତ ଉର୍ବଶୀଙ୍କର ମୋର ଆଦୌ ବିଚ୍ଛେଦ ଘଟି ନାହିଁ ! ଆହୁରି ମଧ୍ୟ ମୁଁ କେବେ ତାଙ୍କର ଗର୍ଭଲକ୍ଷଣ ଦେଖି ନାହିଁ । ତେବେ ଏ ସନ୍ତାନ କାହୁଁ ଆସିଲା ? ମାତ୍ର ଏତକ ମନେ ପଡୁଛି ତାଙ୍କୁ କିଛିକାଳ ଅଳସ ଥିଲା ପରି ଦେଖିଛି । ସେତେବେଳେ କୁଚାଗ୍ର ଈଷତ୍ ନୀଳବର୍ଣ୍ଣ ଆଉ ମୁଖମଣ୍ଡଳ ଲବଳୀଫଳପରି ପାଣ୍ଡୁର ଦେଖା ଯାଉଥିଲା ।

ବିଦୂ—ଆପଣ କଣ ଏ ସାମାନ୍ୟ ସ୍ତ୍ରୀଙ୍କ ପରି ଉର୍ବଶୀଙ୍କି ଭାବୁଛନ୍ତି ପରା ? ଅପ୍ସରମାନଙ୍କ କଥା ବୁଝିବା ସହଜ ନୁହେ । ମନ୍ତ୍ରବଳରେ ସେମାନଙ୍କର ସବୁ କଥା ପରା ଗୁପ୍ତ ଥାଏ ?

ରାଜା—ହଉ, ତୁମ୍ଭର କଥା ହେଲା; କନ୍ତୁ ପୁତ୍ରଗୋପନ କରିବାର ଅଭିପ୍ରାୟ କଣ ?

ବିଦୂ—କେଜାଣି ମତେ ଦରବୁଢ଼ୀ ବୟସର ମହାରାଜା ଯେବେ ତ୍ୟଜ୍ୟା କରିବେ !

ରାଜା—ବୟସ୍ୟ, ପରିହାସ କର ନାହିଁ । ଭାବ କରି କହ ।

ବିଦୂ—ମହାରାଜ, ଦେବତାମାନଙ୍କର ରହସ୍ୟ ବୁଝିବ କିଏ ?

(କଞ୍ଚୁକୀର ପ୍ରବେଶ ।)

କଞ୍ଚୁ—ମହାରାଜ, ଚ୍ୟବନ ମହର୍ଷିଙ୍କ ଆଶ୍ରମରୁ ଜଣେ ତାପସୀ ଗୋଟିଏ ରାଜକୁମାର ସଙ୍ଗରେ ଘେନି ସ୍ୱାମୀଙ୍କ ଦର୍ଶନ ଲାଗି ଆସିଛନ୍ତି ।

ରାଜା—ଦୁହିଙ୍କୁ ଅବିଳମ୍ବେ ଏଠାକୁ ଆଣ ।

କଞ୍ଚୁ—ଆଜ୍ଞା, (ପ୍ରସ୍ଥାନ ଏବଂ ଧନୁର୍ଦ୍ଧର ଓ କୁମାର ତାପସୀ ସହିତ ପୁନଃ ପ୍ରବେଶ ।)

ବିଦୂ—(ଦେଖି) ଏଇ ସେହି କ୍ଷତ୍ରିୟ କୁମାର ? ଯାହାଙ୍କ ଶରରେ ପକ୍ଷୀ ବିଚରାଟି ପ୍ରାଣ ହରେଇଲା ? ଆପଣଙ୍କ ସଙ୍ଗେ ତ ଏ ଖୁବ୍ ମେଳ ଖାଉଛନ୍ତି !

ରାଜା—ହଁ, ବୟସ୍ୟ ଏହାକୁ ଦେଖି ମୋହର ଚକ୍ଷୁ ଲୋତକପୂର୍ଣ୍ଣ ହୋଇ ଗଲାଣି । ହୃଦୟ ବାତ୍ସଲ୍ୟ-ବନ୍ଧନରେ ଯେପରି ବାନ୍ଧି ହୋଇ ଯାଉଛି । ଆଉ ଅତ୍ୟନ୍ତ ଆନନ୍ଦରେ ମୋହର ରୋମାଞ୍ଚ ସଙ୍ଗେ ସଙ୍ଗେ ଧୈର୍ଯ୍ୟ ଲୋପ ହୋଇ ପଡୁଛି । ଇଚ୍ଛା ହେଉଛି କେମିତି ଥରେ ଗାଢ଼ ଆଲିଙ୍ଗନ କରନ୍ତି ! !

କଞ୍ଚୁ—ଏହିଠାରେ ଠିଆ ହୁଅନ୍ତୁ । (ତାପସୀ ଓ କୁମାରର ଅବସ୍ଥାନ)

ରାଜା—(ନିକଟକୁ ଯାଇ) ଭଗବତି, ପ୍ରଣାମ ।

ତାପ—ମହାରାଜ, ଚନ୍ଦ୍ରବଂଶ ଉଜ୍ଜ୍ୱଳ କର । (ସ୍ୱଗତ) ବଡ଼ ଆଶ୍ଚର୍ଯ୍ୟ କଥା ! ନ କହିଲେ ମଧ୍ୟ ଏହି ରାଜାଙ୍କ ସଙ୍ଗେ ବାଳକର ଔରସ ସମ୍ବନ୍ଧ ଅଛି ବୋଲି ଉତ୍ତମରୂପେ ଜଣା ପଡୁଛି । (ପ୍ରକାଶ୍ୟେ) ବତ୍ସ ! ପିତାଙ୍କୁ ପ୍ରଣାମ କର ।

କୁମାର—(ଧନୁ ସହିତ କୃତାଞ୍ଜଳି ହୋଇ-ପ୍ରଣାମ) ।

ରାଜା—ବତ୍ସ, ଦୀର୍ଘଜୀବୀ ହୁଅ ।

Digitized by srujanika@gmail.com

କୁମାର—(ସ୍ପର୍ଶ ଅନୁଭବ କରି ସ୍ୱଗତ) । ଆହା, ଏହି ସ୍ନେହ କଥାପଦକ ଶୁଣି ମନେ ହେଉଛି, ଯେମିତି ଏ ମୋହର ପିତା, ଆଉ ମୁଁ ଏହାଙ୍କର ଔରସ ପୁତ୍ର । ଯେଉଁମାନେ ଆଜନ୍ମରୁ ପିତାଙ୍କ କୋଳରେ ବଢ଼ି ଥିବେ, ନ ଜାଣେ ସେମାନଙ୍କର ପିତାଙ୍କ ପ୍ରତି କିପରି ଭାବ ହେଉଥିବ ?

ରାଜା—ଭଗବନ୍ତ, ଏଠାକୁ ଶୁଭାଗମନର କାରଣ କଣ ?

ତାପ—ଶୁଣନ୍ତୁ ମହାରାଜ, ଏହି ଶିଶୁଟିକୁ ଜନ୍ମ ହେବା ମାତ୍ରେ ଉର୍ବଶୀ କାହିଁକି କେଜାଣି ମୋ ପାଖରେ ରଖି ଚାଲି ଆସିଲେ । କ୍ଷତ୍ରିୟମାନଙ୍କର ଜାତକର୍ମାଦି ଯେଉଁ ସବୁ ବିଧି ଅଛି, ତାହା ସବୁ ଏହାର ନିଜେ ଚ୍ୟବନମହର୍ଷି କରିଅଛନ୍ତି । ଆହୁରି ମଧ୍ୟ କୁମାର ସମସ୍ତ ଶାସ୍ତ୍ର ପାଠ କରି ବର୍ତ୍ତମାନ ଧନୁର୍ବିଦ୍ୟାରେ ପାରଗ ହୋଇଛି ।

ରାଜା—ଏହାର ତାହା ହେଲେ ଅଭିଭାବକ ଅଛନ୍ତି ।

ତାପ—ମାତ୍ର ଆଜି ଏ ଆଶ୍ରମରୁ ଫଳମୂଳ କୁଶ ସମିଧ ଆଣିବା ପାଇଁ ଅରଣ୍ୟକୁ ଆସି ଗୋଟିଏ ଆଶ୍ରମ-ବିରୁଦ୍ଧ କାର୍ଯ୍ୟ କଲା ।

ବିଦୂ—କଣ; କି କାର୍ଯ୍ୟ ?

ତାପ—ଶୁଣିଲି, କେଉଁଠି ଶକୁନଟିଏ ମାଂସ ଖଣ୍ଡେ ନେଇ ଗୋଟିଏ ଗଛ ଉପରେ ବସିଥିଲା । ଏ ତାହାକୁ ଲକ୍ଷ୍ୟ କରି ବାଣ ମାରିଛି ।

ରାଜା—ହଁ-ତାହା ପରେ କଣ ହେଲା ?

ତାପ—ତାହାପରେ ମହର୍ଷି ଏକଥା ଜାଣି ପାରି ମୋତେ ଆଜ୍ଞା ଦେଲେ ଯେ, ଏହି ଦତ୍ତ ବାଳକ-ଟିକୁ ଅଦ୍ୟ ଉର୍ବଶୀଙ୍କୁ ପ୍ରତ୍ୟର୍ପଣ କରି ଆସ । ସେଥି ପାଇଁ ଉର୍ବଶୀଙ୍କ ନିକଟକୁ ଆସିଲି ।

ରାଜା—ହଉ, ଆପଣ ଆଗେ ଆସନରେ ବସନ୍ତୁ । (ସଦ୍ୟ ଆନୀତ ଆସନଦ୍ୱୟରେ ଉପବେଶନ) କଞ୍ଚୁକି ! ଉର୍ବଶୀଙ୍କି ଏଠାକୁ ଆସିବାକୁ କହି ଦିଅ ।

କଞ୍ଚୁ—ଆଜ୍ଞା, (ପ୍ରସ୍ଥାନ)

ରାଜା—(କୁମାରକୁ ଦେଖି, ଗୀତ ରଙ୍ଗେ)

ଆସ ଆରେ ବତ୍ସ ମୋର କୋମଳ କୋଳକୁ
ଚୁମ୍ବି ତୃପ୍ତହେଉ ପ୍ରାଣ ତୋହର ଗଣ୍ଡକୁ !
ଉଲ୍ଲସାଅ ଚିତ୍ତ ଆରେ ବାଳକ ଦ୍ୟୁ-ମଣି
ରୁଚେ ଯେସନ୍ତେ ଚନ୍ଦ୍ର କାନ୍ତ-ମଣିକି ରୁନ୍ଦଣୀ !
ଧନ୍ୟ ଆଜି ଜନ ମୋର ଧନ୍ୟ ଏ ଜୀବନ
ପୁତ୍ର ଅଙ୍ଗ, ବକ୍ଷେ ମୋର ଯେସନ ଚନ୍ଦନ ।

(ଆଲିଙ୍ଗନ)

(ଆଲିଙ୍ଗନାନ୍ତର) ବତ୍ସ ! ଏହି ବ୍ରାହ୍ମଣ ତୁମ୍ଭ ପିତାଙ୍କର ସହଚର । ଏହାଙ୍କୁ ନିର୍ଭୟରେ ପ୍ରଣାମ କର ।

ବିଦୂ—ମୋତେ ଆଉ ଭୟ କଣ ? ଆଶ୍ରମରେ ତ ଏହିପରି କେତେ ପୋଡ଼ାମୁଁହା ବାନର ଦେଖି ଥିବେ ।

କୁମା—(ସସ୍ମିତେ) ତାତ, ପ୍ରଣାମ ।

ବିଦୂ—ବୁଢ଼ା ହୋଇଥାଅ-ବାବୁ ।

(ଉର୍ବଶୀ ଏବଂ କଞ୍ଚୁକୀର ପ୍ରବେଶ)

କଞ୍ଚୁ—ଏଣେ ଏଣେ ଦେବି !

ଉର୍ବ—(କୁମାରକୁ ଦେଖି-ସ୍ୱଗତ) ମହାରାଜାଙ୍କ କୋଳରେ ଏଇଟି କିଏ ବସିଛି, ମହାରାଜ ପୁଣି ଏହାର ବାଳ ଶାଉଁଳି ଦେଉଛନ୍ତି ! (ତାପସୀଙ୍କି ଦେଖି) ଏହା ସାଙ୍ଗରେ କଣ ସତ୍ୟବତୀ ଆସିଛନ୍ତି ! ତେବେ କଣ ଆୟୁ, ମୋର ଏତେ ବଡ଼ ହୋଇ ଗଲାଣି ?

ରାଜା—[ଦେଖି] ବତ୍ସ ଦେଖ, ତୁମ୍ଭର ଗର୍ଭଧାରିଣୀ ଆସିଲେଣି । ତୁମ୍ଭକୁ ଦେଖି ସ୍ତନବାସରୁ ତାଙ୍କର ସ୍ନେହରସ ବୋହି ପଡ଼ୁଛି !

ତାପ—ବତ୍ସ, ଜନନୀଙ୍କି ପାଛୋଟି ଆଣ ।

ଉର୍ବ—ଆର୍ଯ୍ୟେ, ପାଦବନ୍ଦନ କରୁଛି ! [ପାଦତଳେ ପତନ ।]

ତାପ—ବତ୍ସେ, ପତିସୌଭାଗ୍ୟବତୀ ହୁଅ ।

କୁମା—ମାତଃ, ପ୍ରଣାମ ।

Digitized by srujanika@gmail.com

ଉର୍ବ–(ଆଉଁଷି) ବତ୍ସ, ପିତୃଭକ୍ତ ହୁଅ । (ରାଜାଙ୍କ ପ୍ରତି) ଜୟ ଜୟ ମହାରାଜା ।

ରାଜା–ସୁସ୍ୱାଗତ ! ଶୁଭାଗମନ କର । ଏହିଠାରେ ବସ ।

ଉର୍ବ–ବସନ୍ତୁ (ସମସ୍ତଙ୍କର ଉପବେଶନ ।)

ଚ୍ୟାପ–ବତ୍ସେ, କୁମାର ବର୍ତ୍ତମାନ ସମସ୍ତ ବିଦ୍ୟା ଶିକ୍ଷା କରି ଧନୁର୍ଦ୍ଧରଧାରୀ ହୋଇଛି; ପିତାଙ୍କ ସମକ୍ଷରେ ତାହାକୁ ବର୍ତ୍ତମାନ ପ୍ରତ୍ୟର୍ପଣ କରୁଅଛୁ । ତାହା ହେଲେ ମୁଁ ଏଥର ନିଶ୍ଚିନ୍ତ ହେଲି ଯାଉଛୁ, ବିଳମ୍ବ ହେଲେ ଆଶ୍ରମଧର୍ମରେ ବାଧା ପଡ଼ିବ !

ଉର୍ବ–ଆର୍ଯ୍ୟେ, ଚିରକାଳ ପରେ ଦର୍ଶନ ମିଳି ଥିବାରୁ ଛାଡ଼ିବାକୁ ଆଦୌ ଇଚ୍ଛା ହେଉ ନାହିଁ । ତେଣେ ଫେରେ ନ ଗଲେ ଧର୍ମ ହାନି ହେବ । ତେବେ ଆଉ ବିଳମ୍ବରେ ଫଳନାହିଁ; ଯାନ୍ତୁ-ପୁଣି ଦେଖା ହେବ ଯେ ।

ରାଜା–ଭଗବତି ! ପୂଜ୍ୟପାଦ ଚ୍ୟବନମହର୍ଷିଙ୍କି ମୋହର ପ୍ରଣାମ ଜଣାଇବେ ।

ଚ୍ୟାପ–ହଉ ।

କୁମା–ଭଗବତି, ସତେ କଣ ଯିବ ଘର ? ମୋତେ ତେବେ ନେଇ ଯାଅ ।

ରାଜା–ବତ୍ସ, ତୁମେ ପ୍ରଥମ ଆଶ୍ରମରେ ବାସ କରି ଆସିଛ ? ବର୍ତ୍ତମାନ ଦ୍ୱିତୀୟ ଆଶ୍ରମ ଆଶ୍ରୟ କରିବାର ସମୟ ।

ଚ୍ୟାପ–ବତ୍ସ, ପିତାଙ୍କ ବାକ୍ୟ ପାଳନ କର ।

କୁମା–ତାହାହେଲେ ଭଗବତି, ମୋହର ସେହି କ୍ରୀଡ଼ା ମୟୂରଟିକୁ ପଠାଇ ଦେବ । ଯେଉଁଟି ସବୁବେଳେ ମୋହ କୋଳରେ ସୁଖେ ଶୋଉଥିଲା ।

ଚ୍ୟାପ–ଆଚ୍ଛା ହଉ, ପଠାଇ ଦେବ ।

ଉର୍ବ–ଆର୍ଯ୍ୟେ ! (ପାଦବନ୍ଦନ ।)

ରାଜା–ଭଗବତି, ପ୍ରଣାମ ।

ଚ୍ୟାପ–ସମସ୍ତଙ୍କର ମଙ୍ଗଳ ହେଉ । [ପ୍ରସ୍ଥାନ ।]

ଉର୍ବ–ସୁନ୍ଦର ! ଦେବରାଜ ଇନ୍ଦ୍ର ଯେପରି ପୌଲୋମୀ ଗର୍ଭଜାତ ଜୟନ୍ତଙ୍କୁ ଲାଭ କରି ଧନ୍ୟ ହୋଇଥିଲେ ସେହିପରି ଆଜ ମୁଁ ତୁମର ଏହି ସୁପୁତ୍ରକୁ ପାଇ କୃତାର୍ଥ ହେଲି ।

ଉର୍ବ–(ସ୍ମରଣ କରି-ରୋଦନ ।)

ବିଦୂ–ଏ କଣ ! ଗୃହୁଁ ଗୃହୁଁ ଦେବୀ କାହିଁକି ଅଶ୍ରୁମୁଖୀ ହୋଇ ପଡ଼ିଲେ ?

ରାଜା–ସୁନ୍ଦରି, ତୁମର ରୋଦନ କାହିଁକି ? ଉପଯୁକ୍ତ ବଂଶଧର ପାଇ ମୋହର ଆଜ ଅନନ୍ତତମାସୁ ଆନନ୍ଦ ! ତେବେ ପ୍ରିୟତମେ, ଆଉ କାହିଁକି ସ୍ତନଦ୍ୱୟ ଉପରେ ଅଶ୍ରୁବିନ୍ଦୁରେ ନୂତନ ହାର ରଚନା କରୁଛ ?

ଉର୍ବ–ମହାରାଜ ! ବହୁତଦିନ ପରେ ଆଜ ପୁତ୍ରକୁ ଦେଖି କରି ଅତି ଆନନ୍ଦରେ ଗୋଟିଏ କଥା ପାସୋରି ଯାଇଥିଲି । ଏହିକ୍ଷଣି ଇନ୍ଦ୍ରଙ୍କ ନାମ ଧରିବାରୁ ସେ କଥଟି ମନେ ପଡ଼ିଗଲା । ସେଥି ପାଇଁ ମନରେ ବଡ଼ ଦୁଃଖ ହେଉଛି ।

ରାଜା–କଣ ସେ କଥା ?

ଉର୍ବ–ମହାରାଜ, ଯେଉଁ ଦିନ ମୁଁ ଆପଣଙ୍କ କଥା ଭାବୁ ଥିଲି ବୋଲି ଗୁରୁଦେବ ଶାପ ଦେଲେ, ସେହି ଦିନ ଦେବରାଜ ମୋତେ ଡାକି କରି ଏହି କଥା କହିଥିଲେ ଯେ–

ରାଜା–କଣ କହିଥିଲେ ?

ଉର୍ବ–ଯାଅ, ଯେଉଁ ଦିନ ସେ ରାଜର୍ଷି ତୁମ ଗର୍ଭଜାତ ପୁତ୍ରର ମୁଖ ଦର୍ଶନ କରିବେ, ସେହି ଦିନ ଫେରି ମୋ ନିକଟକୁ ଆସିବ । ସେଥିପାଇଁ ମୁଁ ତତ୍‌କାଳ ବିଚ୍ଛେଦ ଘଟିବା ଭୟରେ ପୁତ୍ର ଜନ୍ମ ହେବା ମାତ୍ରକେ ତାହାକୁ ଚ୍ୟବନମହର୍ଷିଙ୍କ ଆଶ୍ରମରେ ସତ୍ୟବତୀଙ୍କ ହାତରେ ସମର୍ପଣ କରି ଦେଇଥିଲି । ଏବେ ସେ ମୋହର ପୁତ୍ରକୁ ପିତୃସେବାର ଯୋଗ୍ୟ ଦେଖି ପ୍ରତ୍ୟର୍ପଣ କରି ଦେଇ ଗଲେ । ତେବେ

Digitized by srujanika@gmail.com

ଆଜଠାରୁ ଆପଣଙ୍କର ମୋହର ସହବାସ ଶେଷ ହେଲା !

[ସମସ୍ତଙ୍କର ଦୁଃଖାଭିନୟ ଓ ରାଜାଙ୍କର ମୂର୍ଚ୍ଛା ।]

ସର୍ବେ—ମହାରାଜ, ଶାନ୍ତ ହୁଅନ୍ତୁ, ଶାନ୍ତ ହୁଅନ୍ତୁ ।

କଞ୍ଚୁ—ମହାରାଜ, ଆଶ୍ୱସ୍ତ ହୁଅନ୍ତୁ ।

ବଦୁ—ଆରେ ସର୍ବନାଶ-ସର୍ବନାଶ !

ରାଜା—(ଆଶ୍ୱସ୍ତ ହୋଇ) ଓହୋ, ଦୈବ ସୁଖ-ସମ୍ଭୋଗରେ କେତେ ପ୍ରତିକୂଳ ! (ନିଃଶ୍ୱାସ ପକାଇ) ପୁତ୍ର ମୁଖ ଦର୍ଶନ କରି ଟିକିଏ ଆନନ୍ଦିତ ହୋଇଥିଲି ! ତାହା ପଛେ ପଛେ ପୁଣି ସୁନ୍ଦର ! ତୁମ୍ଭର ଦୁର୍ବିସହ ବିରହ ! ଆତପତାପିତ ବୃକ୍ଷ ପ୍ରଥମେ ଟିକିଏ ବର୍ଷା ଜଳରେ ଶୀତଳ ହୋଇ-ଥାଏ, ତାହା ପଛେ ପଛେ ବଜ୍ର ପତିତ ହେଲେ ଯେପରି ହୁଏ, ମୋହର ଏବେ ସେହିପରି ଦଶା !!

ବଦୁ—ମହାରାଜ, ସେ ଅର୍ଥରୁ ତ ଏବେ ଅନର୍ଥ ଉପୁଜିଲାଣି । ମୋ ବିଚାରରେ ଆପଣଙ୍କର ଏଣିକି ବକଳ ପିନ୍ଧି ବନକୁ ଯିବା ଭଲ ।

ଉଦ୍ଧବ—ହା ! ମୋହର କେତେ ହୀନ କପାଳ ! ମହାରାଜ ମତେ କଣ ମନେ କରୁଥିବେ କେଜାଣି ? ଅବା ବିଚାରୁଥିବେ ଯେମିତି ପୁଅ ହେଲା, ଆଉ ସେ ଯୋଗ୍ୟ ହେଲା ସେମିତି ମତେ ଛାଡ଼ି ସ୍ୱର୍ଗକୁ ଚାଲି ଯାଉଛି ।

ରାଜା—ନାହିଁ ପ୍ରିୟେ, ତାହା ମୁଁ ଭାବ ନାହିଁ । ସୁନ୍ଦରି, ପରାଧୀନ ଜନର ବିଚ୍ଛେଦ ସୁଲଭ । ନିଜର ପ୍ରିୟ ସମ୍ପାଦନ କରିବା ତାହା ପକ୍ଷରେ ଦୁରୂହ । ତେବେ ତୁମ୍ଭେ ଯାଅ, ପ୍ରଭୁଙ୍କ ଆଜ୍ଞା ପାଳନ କର । ମୁଁ ମଧ୍ୟ ଯାଉଛି ପୁତ୍ର ହସ୍ତରେ ରାଜ୍ୟଭାର ପ୍ରଦାନ କରି ବାନପ୍ରସ୍ଥ ଆଶ୍ରୟ କରିବି ।

କୁମା—ତାତ, ମହାବୃଷଭର ଯୋଗ୍ୟ ଯାନରେ ସାମାନ୍ୟ ବତ୍ସତରକୁ ନେଇ ଯୋଚିବେ ।

ରାଜା—ନାହିଁ ବତ୍ସ, ତାହା ନୁହେ । ଶିଶୁ ହେଲେ ସୁଦ୍ଧା ଯେବେ ଗନ୍ଧଗଜ ହୁଏ, ତେବେ ସେ ଅନ୍ୟ ଗଜମାନଙ୍କୁ ଶାସନ କରି ପାରେ । ଶିଶୁ ସର୍ପର ବିଷ ମଧ୍ୟ ଅତି ଉତ୍କଟ । ରାଜା ବାଳକ ହେଲେ କଣ ହେଲା ରାଜ୍ୟଭାର ବହନ କରିବାକୁ ସମର୍ଥ । ସେଥିରେ ବୟସର କିଛି କଥା ନାହିଁ । ଜାତି ହେଉଛି ମୂଳ—କଞ୍ଚୁକି !

କଞ୍ଚୁ—ମହାରାଜ,

ରାଜ—ଆମ୍ଭର ଆଦେଶମତେ ଅମାତ୍ୟଙ୍କୁ ଜଣାଇ ଦିଅ ଯେ, ଆୟୁର ଶୀଘ୍ର ରାଜ୍ୟାଭିଷେକର ଆୟୋ-ଜନ କରନ୍ତୁ ।

କଞ୍ଚୁ—(ଦୁଃଖରେ ପ୍ରସ୍ଥାନ-ସମସ୍ତଙ୍କର ଦୃଷ୍ଟି ରୋଧା-ଭିନୟ ।)

ରାଜା—(ଆକାଶକୁ ଚାହିଁ) ଏ କଣ ? ବିନା ମେଘରେ ବିଦ୍ୟୁତ୍ ?

(ନେପଥ୍ୟେ—ନାରଦଙ୍କର ଗୀତ)

ଭଜରେ ମନ ରାମ ରାମ, ରାମ ରାମ ରାମ ।
ପାପ ତାପ ହାରି, ଜପ ରାମଚନ୍ଦ୍ର ନାମ । ୧ ।
ଭକ୍ତ ଜୀବନ ଶରଣ ରାମ, ଭଜ ରଘୁକୁଳ ତିଳକରାମ,
କଳୁଷନାଶନ ପ୍ରଭୁ ଶ୍ରୀରାମ, ଶାନ୍ତିଧାମ ରାମ ।
ଜୟ ସଂକଟତାରଣ ରାମ ଜୟ ଭବଭୟ ବାରଣରାମ,
ରକ୍ଷକୁଳପତିରାବଣ ରାମ, ସୀତା କାନ୍ତ ରାମ ।

(ଗୀତ ସହ ଊର୍ଦ୍ଧ୍ୱରୁ ନାରଦଙ୍କର ଧୀରେ ପ୍ରବେଶ)

ଉଦ୍ଧବ—ଏଇ ଦେବର୍ଷି ଆସୁଛନ୍ତି !

ରାଜା—(ସମ୍ମୁଖରେ ଦେଖି) ଦେବର୍ଷି ନାରଦ ? ହଁ-ହଁ, ନୋହିଲେ ଆଉ କାହାର ଏପରି ଗୋରୋଚନା ପ୍ରାୟ ପିଙ୍ଗଳ ଜଟାଜୁଟ ଆଉ ଶଶିକଳା ପ୍ରାୟ ଉଜ୍ଜ୍ୱଳ ଉପବୀତ ହୁଅନ୍ତା ! ଦୂରରୁ ଗୋଟିଏ ମୁକ୍ତାଫଳନିର୍ମିତ କନକାଙ୍କୁର କଳ୍ପତରୁ ପ୍ରାୟ ଦିଶୁଛନ୍ତି । ଅର୍ଘ୍ୟ ଆଣ, ଅର୍ଘ୍ୟ ?

ଉଦ୍ଧବ—[ଅର୍ଘ୍ୟ ଆଣି] ଏଇ ଭଗବାନଙ୍କର ଅର୍ଘ୍ୟ !

ନାରଦ—[ପ୍ରବେଶ କରି] ମଧ୍ୟମଲୋକପାଳ, ବିଜୟୀ ହୁଅ ।

ରାଜା—ଦେବର୍ଷି, ମୋହର ଏହି ଅଭିବାଦନ ।

ଉଦ୍ଧବ—ପ୍ରଣାମ ।

Digitized by srujanika@gmail.com

ନାରଦ—ଅବିରତ୍ତିତ ବନିମଙ୍ଗଳ ହୁଅ ।

ରାଜା—(ଜନାନ୍ତିକେ) ସତେ ଏହା ଘଟିବ ? [ପ୍ରକାଶ୍ୟେ] ଉର୍ବଶୀପୁତ୍ର ଆପଣଙ୍କୁ ପ୍ରଣାମ କରୁଛି ।

ନାରଦ—ଆୟୁଷ୍ମାନ୍ ହେଉ ।

ରାଜା—ଭଗବନ୍ ଏହି ଆସନ ଗ୍ରହଣ କରନ୍ତୁ । [ସମସ୍ତଙ୍କର ଉପବେଶନ] (ସବିନୟେ) ଆଗମନର କି ପ୍ରୟୋଜନ ?

ନାରଦ—ରାଜନ୍, ମହେନ୍ଦ୍ରଙ୍କର ସନ୍ଦେଶ ଶ୍ରବଣ କର ।

ରାଜା—ଅବହିତ ହୋଇ ଶୁଣୁଛି ।

ନାରଦ—ମନ୍ତ୍ରଦର୍ଶୀ ମହେନ୍ଦ୍ର ଆପଣଙ୍କ ବନପ୍ରସ୍ଥାନ-ବାର୍ତ୍ତା ଜାଣିପାରି ଏହି ଆଦେଶ କରିଛନ୍ତି—

ରାଜା—କି ଆଦେଶ ?

ନାରଦ—ତ୍ରିକାଳଜ୍ଞ ମୁନିମାନେ ନିରୂପଣ କରିଅଛନ୍ତି ଯେ, ସୁରାସୁରସମର ଅତି ସନ୍ନିକଟ । ଏ ଯୁଦ୍ଧରେ ତୁମ୍ଭେ କେବଳ ଦେବରାଜଙ୍କର ସହାୟ ହେବ । ଅତଏବ, ବର୍ତ୍ତମାନ ତୁମ୍ଭର ଶସ୍ତ୍ରତ୍ୟାଗ କରିବା ଉଚିତ ନୁହେ । ଆଉ ଏହି ଉର୍ବଶୀ ଯାବଜ୍ଜୀବନ ତୁମ୍ଭର ସହଧର୍ମିଣୀ ହେବେ ।

ଉର୍ବଶୀ—ଓହୋ, ମୋ ଦେହରୁ କଣ୍ଟା ଗଲା !

ରାଜା—ଦେବରାଜଙ୍କର ମୋ ପ୍ରତି ଏହା ଯଥେଷ୍ଟ ଅନୁଗ୍ରହ ।

ନାରଦ—ତାହା ସତ୍ୟ; କିନ୍ତୁ ସେ ତୁମ୍ଭର କାର୍ଯ୍ୟ କରିବେ—ତୁମ୍ଭେ ମଧ୍ୟ ତାଙ୍କର ଉପକାର କରିବ । ଦେଖ-ସୂର୍ଯ୍ୟ ଅଗ୍ନିର ତେଜକୁ ବୃଦ୍ଧି କରୁଛନ୍ତି । ଅଗ୍ନି ମଧ୍ୟ ନିଜ ତେଜରେ ସୂର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରୁଅଛନ୍ତି (ଆକାଶକୁ ଚାହିଁ) । ରମ୍ଭା, ନିଜେ ଦେବରାଜ କୁମାରଙ୍କ ଅଭିଷେକନିମିତ୍ତ ଯେଉଁ ସବୁ ସାମଗ୍ରୀ ସଂଗ୍ରହ କରିଥିଲେ, ସେସବୁ ଚଞ୍ଚଳ ଏଠାକୁ ନେଇଆସ ।

ରମ୍ଭା—(ପ୍ରବେଶ କରି) ଦେବର୍ଷି, ଏହି ସେଇ ସବୁ ସାମଗ୍ରୀ ।

ନାରଦ—ବତ୍ସ, ଏହି ଭଦ୍ରପୀଠରେ ବସ ।

ରମ୍ଭା—(କୁମାରଙ୍କୁ ପୀଠରେ ବସାଇବା)

ନାରଦ—(କୁମାର ମସ୍ତକରେ ଜଳସେଚନ କରି) ରମ୍ଭା, ଏଥର ଶେଷବିଧି ତୁମ୍ଭେ କର । (ରମ୍ଭାର ଶେଷବିଧିକରଣ ଏବଂ ସମ୍ମୁଖରେ ଅପ୍‌ସରାଗଣଙ୍କର ନୃତ୍ୟସହ) —

ଗୀତ

ଶୀତ ଚନ୍ଦ୍ର ମାରୁତ । ଦିବସ ଯାମିନୀ ସୁମନବାସିତ । ୦ ।
ବେଣୁ ଶୁଷିର ବାଇ ସୁସ୍ୱନେ
ଅଭିଷେକ ଗୀତ କୁଞ୍ଜବନେ
ଉର୍ବଶୀ ନନ୍ଦନ-ବିଜେ ସିଂହାସନ
ଗାଅ ଗାଅ ଗାଅ-ଭୂରିତ ।
ଭୃଙ୍ଗ ତରଙ୍ଗ ସ୍ୱର ସଘନେ
ଅକୂପାରେ ଗାଅ ଉଚ୍ଚତାନେ
ବିରାଜେ କପାଳ-ଆଜ ରାଜଶିରୀ
ଗୃହଁ ଗୃହଁ ଆୟୁ-ବେପିତ ।

[ପ୍ରସ୍ଥାନ]

ରମ୍ଭା—(ଶେଷବିଧି ସାରି) ବତ୍ସ ! ସମସ୍ତଙ୍କୁ ଏଥର ଯଥାବିଧି ନମସ୍କାର କର ।

କୁମାର—[ଯଥାକ୍ରମେ ପ୍ରଣାମ କରଣ]

ନାରଦ—'ସ୍ୱସ୍ତି ତେ'

ରାଜା—ବଂଶବର୍ଦ୍ଧନ ହୁଅ ।

ଉର୍ବଶୀ—ପିତାଙ୍କର କଥା ଘଟୁ ।

(ବୈତାଳିକା ଦ୍ୱୟର ସଙ୍ଗୀତ)

ବାଜ ବୀଣା-ମୁରୁଦଙ୍ଗ, ବାଜ ଶଙ୍ଖ ବାଜାରେ ।
ଗାଅ ଭାଟ-ବାଟ ଘାଟ, ପୂଜ ସର୍ବ ଆଜରେ । ୦ ।
ଚନ୍ଦ୍ରକୁଳର ନୃପକୁମାର
ଦେଖ ଉରୁବଶୀ ହୃଦୟ ହାର
ନିଖିଳ ଭାରତ ମଣ୍ଡଳେ ଆଜ,
ଆୟୁ ରାଜ ରାଜରେ ।

Digitized by srujanika@gmail.com

ବେଳାବଳୟ ଜଳଧିବାରି
ଲହରିନିକର କରି ପ୍ରସାରି
ତରଳ ଫେନିଳ ମଞ୍ଜୁଳ ତୋଳି,
ନାଚି ଗୀତ-ବ୍ୟାଜରେ ।
ଚିର ବିରହୀ କୋକିଳ ବୃନ୍ଦ
ବନ ଉପବନେ ମିଳି ମିଳିନ୍ଦ ।
ଗାଅନ୍ତୁ ଏ ଗୀତ ଧରି ସୁଛନ୍ଦ,
ସାଜି ବନ୍ଦ ସାଜରେ ।

(ପ୍ରସ୍ଥାନ)

ରମ୍ଭା—(ଉର୍ବଶୀ ନିକଟକୁ ଯାଇ) ସଖି, ବଡ଼ଭାଗ୍ୟ-ଆଜି ପୁତ୍ରର ଅଭିଷେକ ଦେଖିଲ ? ପୁଣି ପତି-ବିରହ ଆଉ ହେବନାହିଁ ଶୁଣିଲ !

ଉର୍ବଶୀ—ହଁ, ଏ ଭାଗ୍ୟ ଦୁହିଙ୍କର ଏକାପରି । [କୁମାରକୁ ଧରି] ବତ୍ସ ! ବଡ଼ମାଙ୍କୁ ନମସ୍କାର କର ।

ରାଜା—ରହ, ରହ, ଦୁହେଁ ତାଙ୍କ ପାଖକୁ ଯିବା ।

ନାରଦ ରାଜନ, ତବ ପୁତ୍ର ଆୟୁର ଯୌବ-ରାଜ୍ୟାଭିଷେକ କରି ମୋହର ଆଜି କାର୍ତ୍ତିକେୟଙ୍କୁ ମହେନ୍ଦ୍ରଙ୍କର ସେନାପତିପଦରେ ଅଭିଷେକ କରିବା କଥା ମନେ ପଡ଼ୁଛି ।

ରାଜା—ଦେବର୍ଷି, ଏ ସବୁ ଦେବେନ୍ଦ୍ରଙ୍କର ଅନୁଗ୍ରହ ।

ନାରଦ—ରାଜନ୍, ଆଉ ସେ ତୁମର କି ପ୍ରିୟ କାର୍ଯ୍ୟ କରିବେ ?

ରାଜା—ଏଥିରୁ ବଳି ଯଦି ଆଉ ପ୍ରିୟ କାର୍ଯ୍ୟ ଅଛି, ତାହାହେଲେ ଦେବରାଜଙ୍କ ପ୍ରସାଦରୁ ଏତିକି ହେଉ ଯେ, ଲକ୍ଷ୍ମୀ ସରସ୍ୱତୀଙ୍କର ଯେଉଁ ପରସ୍ପର ବିରୋଧ-ଭାବ ଅଛି, ସଜ୍ଜନମାନଙ୍କ ନିକଟରେ ତାହା ନ ରହି ଏକତ୍ର ମିଳନ ହେଉ ।

(ସମସ୍ତଙ୍କର ପ୍ରସ୍ଥାନ ଓ ପଟକ୍ଷେପଣ)

(ଲକ୍ଷ୍ମୀ ସରସ୍ୱତୀଙ୍କର ଏକତ୍ର ଆବିର୍ଭାବ ଓ ନଟୀମାନଙ୍କର ନୃତ୍ୟସହ ଗୀତ)

ଲକ୍ଷ୍ମୀରାଣୀ ବୀଣାପାଣି ନାମ ଗାଅ ଜନେ ଶୁଦ୍ଧ ସୁମନେ ।
ପୂରବନ ଗିରି ସାଗର ଗଗନ
ସଙ୍ଗତରେ ଆଉ ଏ ବିଶ୍ୱ ଭୁବନ
ଏ ନବ-ମିଳନେ-ନବ ଜାଗରଣେ,
ପ୍ରସରୁ-ଆନନ୍ଦ ପ୍ରତି-ହୃଦବନେ ।
ସୁରଭି କୁସୁମ ତୋଳି
ଅଗୁରୁ ଚନ୍ଦନ ଗୋଳି,
ପୂଜିବା ଆଜି ସଜନି ! ତାଙ୍କ କୁଞ୍ଜଚରଣେ ।
ଭେଟିବା ଆସ ସୁମନ ତାଙ୍କ କଞ୍ଜଚରଣେ ।
ବିବିଧ ବନଜ ଫୁଲ
କରିଣ ସଙ୍ଗିନି ଠୁଳ,
ଗୁନ୍ଥିବା ଆସ ହାରକୁ ତାଙ୍କ କଣ୍ଠଭରଣେ ।
ଢାଳିବା ମନ ପ୍ରାଣକୁ ତାଙ୍କ ଚିତ୍ତ-ତୋଷଣେ ।

(ନଟୀମାନଙ୍କର ପ୍ରସ୍ଥାନ ଏବଂ ଯବନିକା ପତନ)

Digitized by srujanika@gmail.com

ମୁଦ୍ରାରାକ୍ଷସ

MUDRARAKSHASA

Late Pt. Mrutyunjaya Rath

୧୮

Digitized by srujanika@gmail.com

ମୁଖବନ୍ଧ

କବି ବିଶାଖ ଦତ୍ତଙ୍କ ରଚିତ 'ମୁଦ୍ରାରାକ୍ଷସ' ନାଟକ ସୁପରିଚିତ ନ ହେଲେହେଁ ଏହା ରଚନା ବୈଲକ୍ଷଣ୍ୟ ଏବଂ ବିଷୟବୈଚିତ୍ର୍ୟରେ ଅନ୍ୟାନ୍ୟ ସମସ୍ତ ସଂସ୍କୃତ ନାଟକଠାରୁ ପୃଥକ୍ । ଏ ପ୍ରକାର ନାଟକ ସଂସ୍କୃତ ସାହିତ୍ୟରେ ନାହିଁ କହିଲେ ଚଳେ । ଏଥିରେ ଯୁବକ ଯୁବତୀର ପ୍ରେମ-ମିଳନ ନାହିଁ, କି ବିଶୁଦ୍ଧ ଦାମ୍ପତ୍ୟ-ପ୍ରଣୟର ସୁମଧୁର ବର୍ଣ୍ଣନା ନାହିଁ କିମ୍ବା ପୁରାଣପୁରୁଷ-ମାନଙ୍କର ମାହାତ୍ମ୍ୟ କୀର୍ତ୍ତନ ନାହିଁ । ଏହା ନାରୀ ଚରିତ୍ରବିହୀନ ବିବିଧ କୂଟନୀତିପୂର୍ଣ୍ଣ ରାଜନୈତିକ ନାଟକ । ନାଟକର ପିଣ୍ଡ ଐତିହାସିକ ଭିତ୍ତି ଉପରେ ଅବସ୍ଥାପିତ । କବି "ନାଟକଂ ଖ୍ୟାତବୃତ୍ତଂ ସ୍ୟାତ୍ ପଞ୍ଚସନ୍ଧି ସମନ୍ୱିତଂ" ପ୍ରତି ଦୃଷ୍ଟି ରଖି ଯୋଗ୍ୟ ବିଷୟ ଅବଲମ୍ବନପୂର୍ବକ ନାଟକକୁ ସାତ ଅଙ୍କରେ ବିଭକ୍ତ କରିଅଛନ୍ତି ଏବଂ ପ୍ରାରମ୍ଭରେ ଯେପରି ବୀଜବପନ କରିଅଛନ୍ତି, ପ୍ରାନ୍ତରେ ସେହିପରି ଫଳ ପ୍ରଦର୍ଶନ କରିଅଛନ୍ତି । ଏଥିର ବିଷୟ-ଶୃଙ୍ଖଳା ବା ଆନୁପୂର୍ବିକ ସଜ୍ଜା ଅତ୍ୟଳ୍ପ ସଂସ୍କୃତ ନାଟକରେ ଥିବ ।

ମୁଦ୍ରାରାକ୍ଷସର ବିଷୟ ଐତିହାସିକ ସତ୍ୟ ଉପରେ ପ୍ରତିଷ୍ଠିତ ଥିଲେହେଁ ସେ ସମ୍ବନ୍ଧରେ ଦୁଇ ପ୍ରକାର ଆଖ୍ୟାୟିକା ପ୍ରଚଳିତ ଅଛି । ସେଗୁଡ଼ିକ କଳ୍ପନାର ଲଳିତକଳାରେ ରଞ୍ଜିତ ହୋଇ ବିଚିତ୍ର ରୂପ ଧାରଣ କରିଥିଲେହେଁ ଉଭୟର ମର୍ମ ଏକ । ପୁରାବୃତ୍ତ ପାଠକମାନଙ୍କ ନିକଟରେ ଏହା ସୁବିଦିତ ଯେ, ପୂର୍ବେ ମଗଧ ଦେଶରେ ନନ୍ଦବଂଶୀୟ ରାଜାମାନେ ରାଜପଣ କରୁଥିଲେ । ଉକ୍ତ ବଂଶର ଶେଷ ରାଜାଙ୍କର ନାମ ମହାପଦ୍ମ ଏବଂ କାହାର ମତରେ 'ଉଗ୍ରଧର୍ମ୍ମ' । ତାହାଙ୍କ ମହିଷୀ ସୁନନ୍ଦାଙ୍କ ଗର୍ଭରୁ ନଅଟି ପୁତ୍ର ଜାତ ହୋଇ-ଥିଲେ; କିନ୍ତୁ ଏ ମହିଷୀଙ୍କ ଅପେକ୍ଷା ମୁରା ନାମ୍ନୀ ଗୋଟିଏ ପରମ ରୂପବତୀ ଦାସୀ ରାଜାଙ୍କର ଅଧିକ ପ୍ରୀତିଭାଜନ ହୋଇଥିଲେ । ତାହାଙ୍କ ଗର୍ଭରୁ ମୌର୍ଯ୍ୟ-କୁଳଚନ୍ଦ୍ର ମହାଯଶା ଚନ୍ଦ୍ରଗୁପ୍ତ ଜନ୍ମଗ୍ରହଣ କରିଥିଲେ । ଚନ୍ଦ୍ରଗୁପ୍ତ ପ୍ରତିଭା ଏବଂ ଧୀମତ୍ତାରେ ଅନ୍ୟ ନବ ରାଜ-କୁମାରଙ୍କୁ ବଳି ପଡ଼ିବାରୁ ସେମାନେ ଏହାଙ୍କ ପ୍ରତି ସ୍ୱତଃ ଅସୂୟାପରବଶ ହୋଇ ମୌର୍ଯ୍ୟ ପତନର ଛିଦ୍ର ଅନ୍ୱେଷଣ କରିବାକୁ ଲାଗିଲେ । ଦିନେ ରାଜା ପୈତୃକ ଶ୍ରାଦ୍ଧ ନିମିତ୍ତ ଜଣେ ବେଦଜ୍ଞ ବ୍ରାହ୍ମଣ ବରଣ କରିବା ପାଇଁ ନିୟୋଗ କରନ୍ତେ, ସେହିମାନଙ୍କ ମନ୍ତ୍ରଣାରେ ଚନ୍ଦ୍ରଗୁପ୍ତ ଏହି କାର୍ଯ୍ୟରେ ନିଯୁକ୍ତ ହେଲେ । ସେ ବାଟରେ ସର୍ବନୀତିବିଶାରଦ କୋପନ ଚାଣକ୍ୟଙ୍କୁ ଭେଟି, ତାହାଙ୍କ ନିକଟକୁ ଘେନିଗଲେ । ରାଜା ସଭାସ୍ଥଳରେ ଚାଣକ୍ୟଙ୍କର ସେ କୁତ୍ସିତରୂପ ଏବଂ ସେଥିରେ ପୁଣି ଉଚ୍ଚାସନ ଅଧିକାର ଦେଖି ତାହାଙ୍କୁ, ତଥା ଆମନ୍ତ୍ରଣ-କାରୀଙ୍କୁ ଅପମାନିତ କରିବାରୁ ନିର୍ଭୀକ ଚାଣକ୍ୟ ତତ୍‌କ୍ଷଣାତ୍ ଆସନରୁ ଉଠି ଶିଖା ଉନ୍ମୋଚନପୂର୍ବକ ଏହି ପ୍ରତିଜ୍ଞା କଲେ; 'ଯାବତ ନନ୍ଦବଂଶ ଉନ୍ମୂଳନପୂର୍ବକ ଅନ୍ୟଙ୍କୁ ସିଂହାସନାରୂଢ଼ ନ କରେଁ, ସେ ଯାଏ ଏହି ଶିଖା ମୁକୁଳା ଥିବ । ଯେ ରାଜସିଂହାସନ କାମନା କରେ, ସେ ଏହିକ୍ଷଣି ମୋହର ଅନୁଗମନ କରୁ ।' ଏହା ଶୁଣିବାମାତ୍ରେ ଚନ୍ଦ୍ରଗୁପ୍ତ ତାହାଙ୍କ ପଦାଙ୍କ ଅନୁସରଣ କଲେ । ମତିଜ୍ଞ ଚାଣକ୍ୟ ପ୍ରଥମେ ଅର୍ଦ୍ଧରାଜ୍ୟ ଦାନ ପଣ କରି ପର୍ବତେଶ୍ୱରନାମକ କୌଣସି ଅନାର୍ଯ୍ୟ ରାଜାଙ୍କ ସାହାଯ୍ୟରେ ପୁଷ୍ପପୁର ରାଜଧାନୀ ଅବରୋଧପୂର୍ବକ ନନ୍ଦରାଜାଙ୍କୁ ନିହତ କଲେ ଏବଂ ଅନୁଗତ ଚନ୍ଦ୍ରଗୁପ୍ତଙ୍କୁ ସିଂହାସନାଧିରୂଢ଼ କରାଇଲେ । ତାହା ଉତ୍ତାରେ ସେ ନାନା କୌଶଳ ଓ କୂଟନୀତି ପ୍ରୟୋଗରେ ସନ୍ଧି-ବିଶ୍ଳେଷଣପୂର୍ବକ ଶକ, କିରାତ, ଯବନ, କାମ୍ବୋଜ,

Digitized by srujanika@gmail.com

ପାରସିକ, ବାହ୍ଲୀକ ପ୍ରଭୃତିଙ୍କର ପରାକ୍ରମ ଏବଂ ସାହାଯ୍ୟକାରୀ ପର୍ବତେଶ୍ୱରଙ୍କର ଅର୍ଦ୍ଧରାଜ୍ୟ ଦାନ ପରିବର୍ତ୍ତରେ ବିନାଶସାଧନ କରି ନନ୍ଦବଂଶର ସମୂଳ ଉଚ୍ଛେଦରେ ପ୍ରବୃତ୍ତ ହେଲେ । ଚନ୍ଦ୍ରଗୁପ୍ତଙ୍କର ରାଜ୍ୟ ନିଷ୍କଣ୍ଟକ ହେଲା ସତ୍ୟ; ମାତ୍ର ଭୂତପୂର୍ବ ରାଜାଙ୍କ ପ୍ରବୀଣ ଅମାତ୍ୟ ପ୍ରଭୁଭକ୍ତ ରାକ୍ଷସଙ୍କୁ ହସ୍ତଗତ ନ କଲେ ରାଜ୍ୟଶାସନ ସୁଶୃଙ୍ଖଳ ଓ ସୁଦୃଢ଼ ହେବ ନାହିଁ ଜାଣି, କୁଟୀଳମତି ଚାଣକ୍ୟ ତାହାଙ୍କୁ ନାନା ଫାନ୍ଦରେ ପକାଇ ଶେଷରେ ସ୍ୱହସ୍ତ ବର୍ତ୍ତୁଳବତ୍ କରି ପାରିଥିଲେ । ଅଗତ୍ୟା ରାକ୍ଷସ ପୂର୍ବ ହିଂସା ବିସ୍ମରଣପୂର୍ବକ ଚନ୍ଦ୍ର-ଗୁପ୍ତଙ୍କର ଅମାତ୍ୟ ପଦ ଗ୍ରହଣ କଲେ । ସେ ଗୋଟିଏ କୃତ୍ରିମ ମୁଦ୍ରା ବା ଜାଲି ମୋହର ଦ୍ୱାରା ଧୃତ ହୋଇଥିଲେ ବୋଲି ଏହି ନାଟକର ନାମ 'ମୁଦ୍ରାରାକ୍ଷସ' ହୋଇଅଛି । ଏହି ନାଟକର ବିଷୟ ଅତି ଜଟିଳ, ଅଥଚ ଭାଷା ପ୍ରାଞ୍ଜଳ ନୁହେ । ସୁତରାଂ, ପ୍ରଥମ ପାଠକ ପକ୍ଷରେ ଏଥିର ତାତ୍ପର୍ଯ୍ୟ ଗ୍ରହଣ କରିବା ଅବଶ୍ୟ କଠିନ ହେବ ।

ସେ ଯାହାହେଉ, ଏପରି ଶିକ୍ଷଣୀୟ ମାର୍ଜିତପୂର୍ଣ୍ଣ ନାଟକର ଅନୁବାଦ ଉତ୍କଳ ଭାଷାରେ ବାଞ୍ଛନୀୟ ବୋଧ କରି ମୁଁ ପ୍ରାୟ ଚାରିବର୍ଷ ପୂର୍ବେ ଏହି କାର୍ଯ୍ୟ ଆରମ୍ଭ କରିଥିଲି । ନାଟକୀୟ ପାତ୍ରର ଅଧିକାଂଶ ରାଜପୁରୁଷ ଥିବାରୁ ଅମିତ୍ରାକ୍ଷର ଛନ୍ଦ ସେମାନଙ୍କ ଭାଷାକୁ ଉପଯୁକ୍ତ ମନେ କରିଅଛି । ମୁଁ ଏହି ଅନୁବାଦକୁ ମୂଳଗ୍ରନ୍ଥ ସହିତ ତିନଥର ମିଳାଇ ଦେଖିଅଛି ଏବଂ କେହି କେହି ସାହିତ୍ୟାନୁରାଗୀ ଭଦ୍ରବ୍ୟକ୍ତି ଏହାର ପାଣ୍ଡୁଲିପି ଆମୂଳ ପାଠ କରି ମୋତେ ଯଥେଷ୍ଟ ସାହାଯ୍ୟ କରିଅଛନ୍ତି । ସେଥିପାଇଁ ମୁଁ ତାଙ୍କ ନିକଟରେ ଚିରକୃତଜ୍ଞ ରହିଲି ।

ଶ୍ରୀ ମୃତ୍ୟୁଞ୍ଜୟ ରଥ
୧୧ । ୫ । ୧୦ କଟକ

ନାଟକୀୟ ପୁରୁଷମାନଙ୍କର ନାମ

ଚନ୍ଦ୍ରଗୁପ୍ତ—ମଗଧର ରାଜା
ଚାଣକ୍ୟ—ମାନ୍ତଜ୍ଞ ପଣ୍ଡିତ ଏବଂ ଚନ୍ଦ୍ରଗୁପ୍ତଙ୍କ ମନ୍ତ୍ରୀ
ଶାର୍ଙ୍ଗରବ—ଚାଣକ୍ୟଙ୍କର ଶିଷ୍ୟ
ସିଦ୍ଧାର୍ଥକ, ସୁସିଦ୍ଧାର୍ଥକ } ଚାଣକ୍ୟଙ୍କର ଗୁପ୍ତଚର
ଜୀବସିଦ୍ଧି—ବୌଦ୍ଧଭିକ୍ଷୁ ଏବଂ ଚର
ଭାଗୁରାୟଣ—ଚାଣକ୍ୟଙ୍କ ଦୂତ ଏବଂ ମଳୟକେତୁର ମନ୍ତ୍ରୀ
ଶୋଣୋତ୍ତର—ଚନ୍ଦ୍ରଗୁପ୍ତଙ୍କ ପ୍ରତିହାରୀ
ରାକ୍ଷସ—ନନ୍ଦରାଜଙ୍କ ଅମାତ୍ୟ ।
ମଳୟକେତୁ—ପର୍ବତେଶ୍ୱର ରାଜାଙ୍କ ପୁତ୍ର ଓ ରାକ୍ଷସର ପକ୍ଷ
ଚନ୍ଦନ ଦାସ—ରାକ୍ଷସର ସଖା
ଶକଟ ଦାସ—ରାକ୍ଷସର ସହଯୋଗୀ
ବିରାଧକ, କରଭକ } ରାକ୍ଷସର ଗୁପ୍ତଚର
ପ୍ରିୟମ୍ବଦ—ରାକ୍ଷସର ପ୍ରତିହାରୀ
ବିଜୟ—ମଳୟକେତୁର ପ୍ରତିହାରୀ
ଭାସୁରକ — ,, ଚପରାଶି

କଞ୍ଚୁକୀ, ବୈତାଳିକ, ଘାତକଦ୍ୱୟ, ଉନ୍ଦୁରକ ଏବଂ ଚନ୍ଦନଦାସର ସ୍ତ୍ରୀ, ପୁତ୍ର ପ୍ରଭୃତି ।

Digitized by srujanika@gmail.com

ମୁଦ୍ରାରାକ୍ଷସ

ନାନ୍ଦୀ

(୧)

ପୁଚ୍ଛ ଲେ ପାର୍ବତୀ ଯେବେ ଜାହ୍ନବୀ ଦର୍ଶନେ
ବରଲେ କୈଳାସନାଥେ 'କେ ତୁମ୍ଭର ଶିରେ'
ଉତ୍ତରିଲେ ତହୁଁ ଛଳେ ଛଳପ୍ରିୟ ପ୍ରଭୁ
'ଅମଳେ ସେ ଶଶିକଳା' ଦେବୀ ତହୁଁ ହସି
ଭାଷିଲେ 'ଜାଣିଛୁ ଶଶି, କିନ୍ତୁ ପଚାରିଲି
'କିଏ ଏ ଅବଳା' ତହିଁ "ମୋର ଏ ବଚନେ
ଅବିଶ୍ୱାସ ଯଦି ଦେବୀ ! ତବ ସହଚରୀ
ବିଜୟା କହିବ ତେବେ," ଜାହ୍ନବୀ—ଗୋପନେ
ଗୌରୀ ପାଶେ ହରଙ୍କର ଏହି ଶଠପଣ
ହରନ୍ତୁ ଆଜ ଏ ସର୍ବ ପାରିଷଦ-ଗଣେ ।

(୨)

ତ୍ରିପୁର ବିଜୟୀ ଅନ୍ତେ ନିଜେ ମୃତ୍ୟୁଞ୍ଜୟ
ହରଷେ ତାଣ୍ଡବ ଆଶେ ନିବେଶନ୍ତି ଯେବେ
ମନ୍ଦେ ମନ୍ଦେ ପଦ ଭୂମେ, ଭୁବନମନ ଭୟେ—
ସ୍ଥାନାଭାବ ଜାଣି ପୁଣି ଲମ୍ବଭୁଜ ବେନି
ନ ପ୍ରସାରି ଇଚ୍ଛାମତେ ସଙ୍କୋଚିତ ଅତି,
ଦାହ ଆଶଙ୍କାରେ ପୁଣି ବିଶ୍ୱ ଚରାଚରେ
ନ ନିହି ତୃଣାୟ ଦୃଷ୍ଟି ଅଗ୍ନିକଣୋଦ୍‌ଗାରୀ
କରନ୍ତୁ ହୃନ୍ଦର ଆହା, ତ୍ରିପୁରାରିଙ୍କର
ସେ ନବ ତାଣ୍ଡବ ଆଜ ହରନ୍ତୁ ସକଳେ ।

ପ୍ରସ୍ତାବନା

ସୂତ୍ରଧାର—କି ଫଳ ଅନ୍ୟ ସଙ୍ଗେ ? ସଭାର ଆଦେଶେ
ଅଭିନୀତ ହେବ ଆଜ ସାମନ୍ତ ଭୂପତି
ବଟେଶ୍ୱର ଦତ୍ତ ପୌତ୍ର ପୃଥୁଙ୍କର ସୁତ
ମହାରାଜ ଶ୍ରୀ ବିଶାଖ ଦତ୍ତ-ବିରଚିତ
ମୁଦ୍ରାରାକ୍ଷସ ନାଟକ, ରୂପକ ରସଜ୍ଞ
ଏ ସଭ୍ୟଗଣଙ୍କ ପାଶେ; ତେଣୁ ଅଭିନୟେ
ମାନସ ଉତ୍ସୁକ ମମ, ଉପୁଜେ ଅନ୍ତରେ
ମହା ପରିତୋଷ ଆଜ;— ଉର୍ବର ଭୂମିରେ
ପଡ଼ିଲେ ଅଜ୍ଞର ବୀଜ ସୁଦ୍ଧା ଉପୁଜଇ
ଅପ୍ରମିତ ଶସ୍ୟ ରାଶି, ଶସ୍ୟ ବର୍ଦ୍ଧକତା
ଅପେକ୍ଷା ନ କରେ କେବେ କୃଷିକାରୀ-ଗୁଣ ।

ତେବେ ଯାଏଁ ଗୃହିଣୀ କି ଆହ୍ୱାନ ସମ୍ମାନେ
କରାଇବି ସଙ୍ଗୀତର ଅନୁଷ୍ଠାନ
[ପରିକ୍ରମପୂର୍ବକ-ଦେଖି] ଏହି,
ଦିଶୁଅଛି ଗୃହ କକ୍ଷ, ଯାଏଁ ଅଭ୍ୟନ୍ତରେ ?
(ଦେଖି) ଅହୋ ଏ କି ମହୋତ୍ସବ ! ସର୍ବ ଗୃହଜନେ
ହରଷେ ନିଯୁକ୍ତ ଆଜ ନିଜ ନିଜ କାର୍ଯ୍ୟେ,
ଦେଖି କେ ଆଣୁଛି ପାଣି, ଘୋରୁଛି କେ ପୁଣି
ଅଗୁରୁ ଚନ୍ଦନ, କେହି ଗୁନ୍ଥୁଅଛି ମାଳ
ନାନାଜାତି ଫୁଲେ ରଙ୍ଗେ, ଏଣେ ଦେଖି ପୁଣି
ମୁଷଳ ପତନ କାଳେ ଉଠୁଛି ମଧୁରେ
କେଙ୍କାର ସଙ୍ଗତେ କଳ ହୁଙ୍କାର କାହାର ?

Digitized by srujanika@gmail.com

ତେବେ ଡାକେ ଗୃହିଣୀକି (ନେପଥ୍ୟେ ସ୍ୱର୍ଦ୍ଧି)
ଅୟି ଗୁଣବତି !
ସଦ୍‌ଭବନ ମାତି ! ଆର୍ଯ୍ୟ କାର୍ଯ୍ୟ ପରିହରି
ତ୍ରିବର୍ଗ ସାଧିକେ ! ଆସ ପାଶେ ତ୍ୱରା କରି !!

ନଟୀ—(ପ୍ରବେଶ କରି)
କିବା କାର୍ଯ୍ୟ ଆର୍ଯ୍ୟପୁତ୍ର ! ଆଜ୍ଞା ହେଉ ଏବେ,

ସୂତ୍ର—ଆହ୍ସେ ଆଜ୍ଞା ପଛକେ କହ ଆଗେ ସଖି !
ଦ୍ୱିଜ ଆମନ୍ତ୍ରଣେ ଅବା ଅତିଥି ପୂଜନେ କରୁଅଛ
କୃତକୃତ୍ୟ ଆଜ ଏ କୁଟୁମ୍ବେ ? କପାଁ ପାକ
ଆଡ଼ମ୍ବର—

ନଟୀ—ନାଥ, ଡାକ ଅଛି, ବ୍ରାହ୍ମଣମାନଙ୍କୁ ଆଜ—

ସୂତ୍ର—କହ, କି କାରଣେ ?

ନଟୀ—ଚନ୍ଦ୍ର ଗ୍ରହଣ ହେଉଛି—

ସୂତ୍ର—କିଏ କହିଲା ପ୍ରିୟା ?

ନଟୀ—ଏ ନଗର ଲୋକେ,—

ସୂତ୍ର—ହଉ, କର ପାକଯୋଗ କଳ୍ପ ଚଣ୍ଡି ! ଭଣ୍ଡିଲା
କେ ତୁମ୍ଭଙ୍କୁ ପ୍ରିୟା କହି, ଦେଖ ସେହି ପାପ ଗ୍ରହ
କେତୁ ଏବେ ବଳେ ବସିଅଛି ଅସମ୍ପୂର୍ଣ୍ଣ ଚନ୍ଦ୍ର
ମଣ୍ଡଳକୁ—(ଅର୍ଦ୍ଧୋକ୍ତି)

୧ [ନେପଥ୍ୟେ—ଆରେ ମୂର୍ଖ ବିଦ୍ୟମାନ, ଚନ୍ଦ୍ରକୁ
କେ ପୁଣି ବସୁଅଛି ଗ୍ରାସିବାକୁ ?—]

ସୂତ୍ର—ରକ୍ଷ ବୁଧଯୋଗ ।

ନଟୀ—ଏ ପୁଣି କିଏ ସେ ନାଥ ମର୍ତ୍ତ୍ୟ ଲୋକେ ଥାଇ
ରାହୁ ଗ୍ରାସରୁ ରଖିବେ ଚନ୍ଦ୍ରଙ୍କୁ ?

ସୂତ୍ର—ପ୍ରେୟସି !
ବାରି ପାରୁ ନାହିଁ କିଏ ମନ ଦେଇ ଥରେ ସ୍ୱରକୁ
ବାରିଲେ ଅବା ଜାଣିବ କିଏ ସେ ।

୨ [ନେପଥ୍ୟେ—ଆହୁଁ ଆହୁଁ ମୂର୍ଖ କହ ଚନ୍ଦ୍ରଗୁପ୍ତେ
ପୁଣି ଆସେ କେ ଆକ୍ରମିବାକୁ,—]

ସୂତ୍ର—(ଶୁଣି) ଓହୋ—ଜାଣିଲି ଚାଣକ୍ୟ !
ଏହି ସେ କୁଟିଳମତି, ଯିଏ କୋପାନଳେ
ଦେଲା ଭସ୍ମୀଭୂତ କରି ନନ୍ଦ ରାଜବଂଶ;
ଚନ୍ଦ୍ରନାମ ଶୁଣି ଏବେ ଭାବୁଛି ଅନ୍ତରେ
ମୌର୍ଯ୍ୟଚନ୍ଦ୍ର, ଚନ୍ଦ୍ରଗୁପ୍ତେ ଶତ୍ରୁ କେହି ଅବା
ଆସିଲା ଆକ୍ରମିବାକୁ,
ଚାଲ ଏଠୁଁ ଯିବା ।
(ଉଭୟର ପ୍ରସ୍ଥାନ)

ପ୍ରଥମ ଦୃଶ୍ୟ—ଚାଣକ୍ୟର କକ୍ଷ

(ମୁକ୍ତଶିଖା ଶାଉଁଳି ଶାଉଁଳି ଚାଣକ୍ୟର ପ୍ରବେଶ ।)

ଚାଣକ୍ୟ—କହ କହ ଆରେ କିଏ ଚନ୍ଦ୍ରନାମ ଆଜ
ଧରିଲା ଦର୍ପରେ ଛାଡ଼ି ଜୀବନର ଆଶା—
ନନ୍ଦକୁଳ ଧୂମକେତୁ ଏ କୌଟିଲ୍ୟ ପାଶେ !
ସେ ଦନ୍ତ ଉପାଡ଼ିବାକୁ କାମନା କାହାର ?
ମହାବଳ ସିଂହ ଯେବେ ଶୈଳେନ୍ଦ୍ର ଶିଖରେ
ମତ୍ତଦନ୍ତାବଳରକ୍ତେ ନିବାରି ପିପାସା
ଫଶ୍ଚାତେ ଶୋଣିତଲିପ୍ତ ମୁଖ ବିଜୃମ୍ଭିଣ
ବିକଟେ, ପ୍ରକଟେ ଦନ୍ତ—ପାଟୀ ଭୟଙ୍କର !
କେଉଁ ମୂର୍ଖ ନରାଧମ ଆଜ ପରଯତ୍ନେ
ନ ଇଚ୍ଛେ ବନ୍ଧନ ମୋର ଏ ମୁକ୍ତଶିଖାର ?
କୋପାନଳ ଧୂମଶିଖା—ନନ୍ଦରାଜବଂଶ—
କାଳସର୍ପୀ ସମ ଯାହା ପଟୀୟସୀ ନାଶେ ।
କେଉଁ ଅବିବେକୀ ଆମ୍ଭ ପର କ୍ଷୟକାଙ୍କ୍ଷୀ
ନନ୍ଦକୁଳ ଦାବାନଳ ମୋ କୋପ ପ୍ରଭାବ
ନ ଜାଣି ପତଙ୍ଗବତ ଇଚ୍ଛେ ମରିବାକୁ ?
ଶାର୍ଙ୍ଗରବ ଶାର୍ଙ୍ଗରବ—

ଶିଷ୍ୟ—(ପ୍ରବେଶ କରି)—ଆଜ୍ଞା ହେଉ, ଗୁରୋ !

ଚା—ବତ୍ସ, ବିଶ୍ରାମରେ ଇଚ୍ଛା ମୋର—

ଶି—ତେବେ, ଗୁରୋ,
ବସନ୍ତୁ ଏ ବେତ୍ରାସନେ ପ୍ରକୋଷ୍ଠକୁ ଆସି ।

ଚା—ବଡ଼ କାର୍ଯ୍ୟବ୍ୟସ୍ତ, ତେଣୁ ଡାକିଲି ତୁମ୍ଭଙ୍କୁ
ଡାକ ନାହିଁ ନିସ୍ତାରଣେ ଧମକ ଚମକ

Digitized by srujanika@gmail.com

ଦେବା ଲାଗି, ଆଚରନ୍ତି ଗୁରୁ ଶିଷ୍ୟେ ଯଥା ।
(ବସି, ସ୍ୱଗତ)
କି ଆଶ୍ଚର୍ଯ୍ୟ, ଭେଦିଲାଣି ସମସ୍ତ ନଗରେ
ଏ ବାରତା, ନନ୍ଦବଂଶ ଧ୍ୱଂସ—କଥା ଶୁଣି
ନନ୍ଦ ଅମାତ୍ୟ ରାକ୍ଷସ ମହାକୋପଭରେ
ରାଜ୍ୟ ଦାନ ପଣେ ମିଳି ମଳୟକେତୁରେ,
ମ୍ଲେଚ୍ଛ ଯବନଙ୍କ ସଙ୍ଗେ ଯୁକ୍ତ ହୋଇ ପୁଣି
ଉଦ୍ୟତ ଆକ୍ରମିବାକୁ ଏବେ ଚନ୍ଦ୍ରଗୁପ୍ତେ ! !
(ଚିନ୍ତାକରି)
ସର୍ବ ଜନ ସମକ୍ଷେ ଯେ କରିଛି ପ୍ରତିଜ୍ଞା
ନନ୍ଦବଂଶ ଧ୍ୱଂସ କଥା, ସେ କଣ ଏଥିରେ
ରହିପାରେ ନ ବିଚାରି ଯୋଗ୍ୟ ପ୍ରତିକାର !
କିବା କଥା ଏହା ମୋତେ ! ଯେ ରିପୁରମଣୀ-
ଗଣଙ୍କ ବଦନ ଶଶୀ କରିଛି ମଳିନ,
ବିଚକ୍ଷଣ ସଚିବଙ୍କ କଳ କଉଶଳ
କୃଟ ନୀତି ବଳେ କ୍ଷଣେ ଦେଇଛି ନିକାଶି;
ମାନ୍ୟ ଗଣ୍ୟ କୋଟୀଶ୍ୱର ଜଣ କେତେ ଗୁଡ଼
ନନ୍ଦ ବନ୍ଧୁ ଶିଶୁଠାରୁ ଦଣ୍ଡଧାରୀ ବୃଦ୍ଧ-
ପରିଯନ୍ତେ ପଠାଇଛି ପ୍ରେତରାଜ-ପୁରେ ।
ସେହି ଚାଣକ୍ୟ ତ ମୁହିଁ, ଥିଲା କୋପାନଳ
ଏତେ କାଳ ଶାନ୍ତ, ଯୋଗ୍ୟ ଇନ୍ଧନ ନ ପାଇ ।
(ଆଜ) ମଦମତ୍ତ ନନ୍ଦ ଯେବେ ଅଗ୍ରାସନୁ ମୋତେ
ଗର୍ବଭରେ ପଦାହରେ ଦେଇଛି ଉଠାଇ
ଦେଖିଛନ୍ତି ତାହା କେତେ ଲୋକ ଅଧୋମୁଖେ ।
ବ୍ରାହ୍ମଣର ଅପମାନେ ଜର୍ଜରିତ ସର୍ବେ
ଭୟେ ନ କହିଲେ କଥା ନନ୍ଦ କୁଳାଙ୍ଗାରେ,
ଦେଖନ୍ତୁ ସେ ଏବେ ନନ୍ଦ-ନୃପ ପ୍ରତିଫଳ
ସବଂଶେ ନୃପତି ପଦୁଁ ହୋଇଅଛି ଭ୍ରଷ୍ଟ ।
କ୍ଷଣକେ ଖସାଇ ଦେଲି ରାଜସିଂହାସନୁ
ପର୍ବତ ଶିଖରୁ ଯଥା କରୀକ କେଶରୀ ।
ହେଲେହେଁ ମୋହର ସିଦ୍ଧକଳ୍ପ ସେ ସଂକଳ୍ପ
ଧରିବି ମୁଁ ଶସ୍ତ୍ର ଆଜ ଚନ୍ଦ୍ରଗୁପ୍ତ ଲାଗି

ନିକାଶିଛି ଭବୁଁ ମନ୍ଦ ନନ୍ଦ ଭୂପଗଣେ
ହୃଦୟୁ ରିପୁକୁ ଯଥା-ତୀବ୍ର କୋପଫଳେ ।
ଦେଇଅଛି ଚନ୍ଦ୍ରଗୁପ୍ତେ ପ୍ରୀତି ଉପହାର
ଅଚଳା ରାଜଶ୍ରୀ ସରେ ଯଥା ସରୋଜମା ।
କିନ୍ତୁ—ରାକ୍ଷସକୁ ନ ପାଇଲେ ନାହିଁ କିଛି ଫଳ
କଣ୍ଟକ ଅଛି ସେ ଚନ୍ଦ୍ରଗୁପ୍ତରାଜ୍ୟ ଭୋଗେ ।
(ଚିନ୍ତାକରି) ଆହା ! କି ଅଟଳା ଭକ୍ତି, ପ୍ରଭୁ-
ପ୍ରତି ତାର
ଥିବାଯାଏ ନନ୍ଦବଂଶ ଅଙ୍କୁରର ସତ୍ତ୍ୱ
ନୋହିବ ସେ ବଶ କେବେ ଏ ଚନ୍ଦ୍ରଗୁପ୍ତର !
ସେଥିପାଇଁ ମହାଫାନ୍ଦ ଫାନ୍ଦିବାକୁ ହେବ
ନୁହଇ ଏ କାଳ ତୁଷ୍ଣୀଭାବେ ରହିବାର;
ଏ ବିଷୟରେ ତପୋବନେ ସର୍ବାର୍ଥ ସିଦ୍ଧିକି
ନ ଭୁଞ୍ଜାଇ ଜରାକଷ୍ଟ, କାଳାନ୍ତକ ଭେଟ
କରାଇଛି; ନାହିଁ ଭୟ ନ ଆସେ ଯାବତ
ସେ ମ୍ଲେଚ୍ଛ ମଳୟକେତୁ ଯୁଦ୍ଧ କରିବାକୁ
ବିପକ୍ଷ ମଉର୍ଯ୍ୟ ପକ୍ଷ ବିନାଶ ମନାସି ।
(ଆକାଶକୁ ଚାହିଁ) ଧନ୍ୟ ଧନ୍ୟ ହେ ରାକ୍ଷସ !
ମନ୍ତ୍ରିଶିରୋମଣି,
ଦୁର୍ଲ୍ଲଭ ଜଗତେ ତୁମ୍ଭ ସମ ପ୍ରଭୁଭକ୍ତ
ସେବନ୍ତି ସରବେ ଜଣା, ଅଭ୍ୟୁଦୟୁ ବେଳେ
ଦେଖାନ୍ତି କେହି ବା ଅତି ଭକ୍ତି ବିପତ୍ତିରେ
ମନେ ମନେ ଭବିଷ୍ୟତ ମଙ୍ଗଳ ମନାସି;
କିନ୍ତୁ ହେ ବିଳୟେ ସୁଦ୍ଧା ପ୍ରାଚୀନ ପ୍ରଭୁର
ଟଳି ନାହିଁ ଚିତ୍ତଚଳ ତବ, ତେଣୁ ସିନା
କରିଛି ସଂକଳ୍ପ ମନ୍ତ୍ରି-ପଦେ ବରିବାକୁ
ଅପ୍ରବିଷ୍ଟ ମୌର୍ଯ୍ୟଚନ୍ଦ୍ର ନବରାଜାଙ୍କର ।
ଧନ୍ୟ ସେହି ଭୃତ୍ୟ ଯେହୁ ସମ୍ପଦେ ବିପଦେ
ପ୍ରଭୁଙ୍କର ସେବାରତ—ପ୍ରଭୁ ରକ୍ଷା ପାଇଁ
ନିଜ ପ୍ରାଣ ବିସର୍ଜନେ ପ୍ରସ୍ତୁତ ସତତ,
ନୋହିଲେ କି ହେବ ଅବା ବଳବୁଦ୍ଧିହୀନ
ସହସ୍ର ଦାସଙ୍କୁ ପୋଷି ନ ଥିଲେ ସେ ଗୁଣ

Digitized by srujanika@gmail.com

ମୁହେ ଭୃତ୍ୟ, କଳଙ୍କ ସେ ନୃପତି ଗହଣେ,
ଆଉ କି ଫଳ ସେ ଭୃତ୍ୟେ ଥାଇ ବଳବୁଦ୍ଧି ?
ନ ଥାଏ ଭକତି ଟିକେ ଯଦି ପ୍ରଭୁପ୍ରତି ।

ତେବେ ମୁଁ କରିବ ଯତ୍ନ ରାକ୍ଷସ ମନ୍ତ୍ରୀକି
ହସ୍ତଗତ କରିବାରେ, ବିଷକନ୍ୟା ପେଷି
ନିଶ୍ଚୟ ପର୍ବତେଶ୍ୱର ବଧ ଘଟାଇଲି,
ରଟିଲାଣି ଅପବାଦ ଏବେ ରାଷ୍ଟ୍ରଯାକ
ଅମାତ୍ୟ ରାକ୍ଷସ ଦୋଷେ ବୃଦ୍ଧ ମହୀପତି
ତେଜିଲେ ଜୀବନ । ଶୁଣି ତା ମଳୟକେତୁ
ପିତୃହନ୍ତା ରାକ୍ଷସର ବଧ ପାଇଁ ମନେ
ବାହାରନ୍ତେ ଶସ୍ତ୍ର ହସ୍ତେ, ନିବାରିଲି ଯାଇ
ମୋ ପକ୍ଷ ଭାଗୁରାୟଣ ଅନ୍ୟ କଥା କହି ।

ଯଦିବା ରାକ୍ଷସ ମନ୍ତ୍ରେ ପଡ଼ିଣ ସେ କେବେ
ହେବ ପ୍ରତିକୂଳ ମୋଠି , ନିବାରିବ ନିଶ୍ଚେ
କୂଟବୁଦ୍ଧି ବଳେ,—ମାତ୍ର ମରଣରୁ ବଳି
ଏହି ଅପବାଦ କେଭେଁ ନ ଯିବ ମନ୍ତ୍ରୀର !

ପୁଣି ପଠାଇଛି କେତେ କାହିଁ ଗୁପ୍ତଚର
ଅଭିଜ୍ଞ ଯେ ନାନା ଦେଶ ଭାଷା ଦେଶାଚାର—
ସଞ୍ଚାର ସମସ୍ତ ସ୍ଥାନେ, ବାଡ଼ିବାକୁ ଛଦ୍ମେ
ନିଜପର ପକ୍ଷେ ଥିବା ପ୍ରଜାଙ୍କର ମନ ।
ରହି ଏହି ପୁଷ୍ପପୁରେ ଦେଖୁଛନ୍ତି ଥୋକେ
ବିଚକ୍ଷଣ ସଚିବଙ୍କ କଳ କଉଶଳ ।

ଭଦ୍ରଭଟ ଆଦି ଯେତେ ଏ ନଗରବାସୀ
ପ୍ରଧାନ ସମ୍ଭ୍ରାନ୍ତ ଜନ, ସର୍ବେ ଅନୁରକ୍ତ
ନବୀନ ନୃପତି ପ୍ରତି, କେତେ ଆତ୍ମଜନ
ଛନ୍ତି ପଦେ ପଦେ ଜଗି ବୈରିପକ୍ଷ ନରେ,
କେତେଜଣି ବଧିବେ ଯଦି ବିଷରସ ଦେଇ !

(ଆଉ) ସୁପଣ୍ଡିତ ବିଷ୍ଣୁଶର୍ମା ସହାଧ୍ୟାୟୀ ମୋର
ଦଣ୍ଡନୀତି ଜ୍ୟୋତିଷରେ ଅତି ବିଚକ୍ଷଣ,
ବୌଦ୍ଧ ଶ୍ରମଣକ ବେଶେ ପୁଷ୍ପପୁରେ ଥାଇ
ମିଳିଅଛି ଶତ୍ରୁପକ୍ଷ ସଙ୍ଗତେ କୌଶଳେ ।

କି ହେବ ଅଧିକ ଆଉ, ନିଜେ ତ ଅମାତ୍ୟ
ବିଶ୍ୱାସ କରନ୍ତି ତାକୁ—ନ ବୁଝି ମୋ ମାୟା;
ତେବେ ଆଉ ଚିନ୍ତା କିଣ ? ଏ କୂଟନୀତିର
ଫଳ ଫଳିବ ଅବଶ୍ୟ ଦିନେ, ସୁଖେ ମୌର୍ଯ୍ୟ
ଥାଉ ରାଜସିଂହାସନେ ହୋଇ ଉଦାସୀନ;
ନିଜେ କରି ଭୋଗ କଲେ ବହୁ କଷ୍ଟ, ତହିଁ
ନରେନ୍ଦ୍ର, ଗଜେନ୍ଦ୍ର ତୁଲ୍ୟ ଭଜନ୍ତି ଦୁର୍ଗତି ।

[ପଟକ୍ଷେପଣ]

ଦ୍ୱିତୀୟ ଦୃଶ୍ୟ—ରାଜପଥ

[ଯମପଟ ଧରି ଚରର ଗାନସହ ପ୍ରବେଶ]

ଚର—ପ୍ରଣମ ପ୍ରଣମ ଯମ ଚରଣେ ନରେ
ଯମ ବିହୀନେ ନ ଭଜ ଆନ ଅମରେ । ୦ ।
ଯେବେ ଯମେ ନ ଭଜିବ ଆନ ଅମରେ ମଜିବ
ହରିବଟି ଜୀବ ତବ ହେଳ ମନରେ ।
ବିନତି କଲେ ଦୁର୍ଜନ ତୃପତି ହୁଅନ୍ତି ଜାଣ
ସକଳେ ମାରଇ ଯେ, କେ ତାକୁ ନ ଡରେ ।

(ପରିକ୍ରମ କରି)

ଯାଉଛି ଯମ ପଟୀକି ଦେଖାଇ ଭିତରେ
ଗାଇବି ମୋହର ଗୀତ ଧଇବତ ସ୍ୱରେ ।

(ପୂର୍ବବତ ଗାନ)

ଶିଷ୍ୟ—(ପ୍ରବେଶ କରି) ଆରେ ଭିତରକୁ ମନା—
ଚର—କାହା ଘର କି ଏ ?
ଶିଷ୍ୟ—ଜାଣୁ ନାହଁ କାହା ଘର ? ଆମ୍ଭ ଗୁରୁଦେବ
ଚାଣକ୍ୟ ପଣ୍ଡିତଙ୍କର;—
ଚର—ତେବେ ଭଲ କଥା ।
ଧର୍ମ ଭାଇ ଅଟନ୍ତି ସେ ଆମ ପ୍ରଭୁଙ୍କର ।
ଏବେ ଛାଡ଼ ଦିଅ ବାଟ, ଗୁରୁଙ୍କୁ ତୁମ୍ଭର
ଶୁଣାଇବି କଥା କିଛି ଧରମ ଶାସ୍ତ୍ରରୁ ।
ଶିଷ୍ୟ—(ସକ୍ରୋଧେ) ଯା-ଯା-ମୂର୍ଖ, ତୁହି ଛାର, ପଣ୍ଡିତଙ୍କୁ
ପୁଣି ଶୁଣାଇବୁ ଧର୍ମଶାସ୍ତ୍ର ?

Digitized by srujanika@gmail.com

ଚର—ଏତେ ରାଗ କାହିଁ ?
ସର୍ବଜ୍ଞ ବୁଦ୍ଧିମନ୍ତ କହୁ ପଣ୍ଡିତେ ତୁମ୍ଭର ।
ଜଣାଅଛୁ ତାଙ୍କୁ ଯେଉଁପରି ଦୁଇ କଥା
ସେହିପରି ମତେ କହୁ ଜଣା,—
ଶିଷ୍ୟ—ତେବେ ମୂର୍ଖ !
ବସିଛୁ ହରିବା ପାଇଁ ସର୍ବଜ୍ଞପଣକୁ
ଆଜ ରାଜ ଗୁରୁଙ୍କର—
ଚର—ହଉ ତେବେ, ନନା !
ଜାଣନ୍ତୁ ସବୁ ସେ ଯେବେ ଯାଉଛୁ ମୁଁ ଫେରି
କାହାକୁ ବା ଅସୁନ୍ଦର ଦିଶିବ ଚନ୍ଦ୍ରମା ?
ଶିଷ୍ୟ—ଯା-ଯା ମୂର୍ଖ, କି ହେବ ଯା କହି,
ଚର—ଯାହା ହେବ—
ପଣ୍ଡିତେ ଜାଣନ୍ତି ତାହା, ତେବେ ବୁଝିଥାଅ,
ମୋଟା ବୁଦ୍ଧିରେ ଏତିକି ପଦ୍ମକୁ ଚନ୍ଦ୍ରମା
ଦିଶେ ବଡ଼ ଅସୁନ୍ଦର; ଦେଖି ନାହିଁ କେବେ
ସମ୍ପୂର୍ଣ୍ଣ ଚନ୍ଦ୍ରମଣ୍ଡଳ ପଡ଼ିଲେ ଜଳରେ,
ପଡ଼ିଯାଏ ପଦ୍ମଫୁଲ କିପରି ମଳିନ !
ଚାଣକ୍ୟ—(ଶୁଣି, ସ୍ୱଗତ)
ମୋତେ ଲାଗେ ଏହି ଚର ଜାଣିଛି ନିଶ୍ଚୟେ
ଚନ୍ଦ୍ରଗୁପ୍ତ-ପକ୍ଷତ୍ୟାଗୀ ବିରୋଧୀ-ପ୍ରଜାଙ୍କୁ—
ଶିଷ୍ୟ—ଯା-ଯା-ମୂର୍ଖ, କହୁଅଛୁ ପୁଣି ଅସଙ୍ଗତ
କଥା କେତେ—
ଚର—ଏହା ପୁଣି ହୋଇବ ସଙ୍ଗତ ।
ଶିଷ୍ୟ—କେମିତି କେବେ ?—
ଚର—ଜାଣିବା ଶୁଣିବା ଲୋକକୁ
ପାଇବ ମୁଁ ଯେବେ,—
ଚାଣକ୍ୟ—(ଦେଖି)—ତେବେ, ଆସ ଭିତରକୁ
ପାଇବ ଏକ୍ଷଣି ତାଙ୍କୁ;
ଚର—ଆଜ୍ଞା, ଯାଉଅଛୁ । (ପାଖକୁ ଯାଇ ପ୍ରଣାମ)
ଚାଣକ୍ୟ—(ସ୍ୱଗତ) ବହୁକାର୍ଯ୍ୟଭାରରେ ସଦା ହୋଇ
ଭାରାକ୍ରାନ୍ତ ବାରିପାରୁ ନାହିଁ ଏହାର ଆକାର
ପ୍ରକାର,
କିଏ, ଏ କି କାର୍ଯ୍ୟେ ଅବା ଯାଇଥିଲା ଏଠୁଁ ?
ହଁ-ହଁ ପ୍ରଜାଗଣଙ୍କର ମନ ବୁଝିବାରେ
ଥିଲା ଏ ନିଯୁକ୍ତ, (ପ୍ରକାଶ୍ୟେ) ଭଦ୍ର ! କୁଶଳ ତ
ସବୁ ?
ଚର—ତାହା ତବ ଆଶୀର୍ବାଦେ ।
ଚା—ବସ, କହ—କିସ
କରି ଆସିଅଛ ପାଣେ, କଣଟିକି ସର୍ବେ
ନବୀନ ନୃପତିଙ୍କର ସୁଶାସନେ ?
ଚର—ଆଜ୍ଞା,
ଯାହା ଅବା ଥିଲା ଧୋକା ସେ ସବୁ ଯାଇଛି
ମେଣ୍ଟି, ଯେ ହେତୁ ଆପଣ ଦେଲେଣି ଚହିଁରେ
ହାତ; ମାତ୍ର ତିନି ଜଣ ନିଜ କର୍ମଗୁଣେ
ହୋଇ ଅଛନ୍ତି ବିରୋଧୀ;—
ଚା—ତେବେ, ବିରୋଧୀ ସେ
ନିଜ ନିଜ ଜୀବନର, ଜାଣିଛ ତ ଭଦ୍ର,
ସେହି ତିନିଙ୍କର ନାମ ?
ଚର—ନ ଜାଣି କି କେବେ
ଜଣାଇଛୁ ଆପଣଙ୍କୁ ?
ଚା—ତେବେ କହ କିଏ ?
ଚର—ଶୁଣିବା ହେଉନ୍ତୁ, ଆଗେ ଜଣେ ଶ୍ରମଣକ
ମିଶିଛନ୍ତି ତାଙ୍କ ଦଳେ;
ଚା—(ସସ୍ମିତେ, ସ୍ୱଗତ)—ସେହି ଶ୍ରମଣକ !
ଆମ୍ଭର ପକ୍ଷର ଲୋକ, (ପ୍ରକାଶ୍ୟେ) ତାଙ୍କ
ନାମ କଣ ?
ଚର—ଜୀବସିଦ୍ଧି ପରା !
ଚା—ଆଚ୍ଛା, ଜାଣିଲ କିପରି ? ସେପକ୍ଷର ଲୋକ ସେହି
ଚର—ସେହି ଯାଇଥିଲେ,
ରାକ୍ଷସଙ୍କ ବିଷକନ୍ୟା ଯେବେ ହରଷରେ
ଭେଟିବାକୁ ପର୍ବତେଶ ରାଜାଙ୍କୁ ସେକାଳେ ।
ଚା—(ସ୍ୱଗତ) ଜୀବସିଦ୍ଧି ମୋର ଦୂତ (ପ୍ରକାଶ୍ୟେ)
ଆଚ୍ଛା, ଆଉ କିଏ ?

Digitized by srujanika@gmail.com

ଚର—ଆଜ୍ଞା, ଆଉ ଜଣେ ପୁଣି ରାକ୍ଷସ ମନ୍ତ୍ରୀଙ୍କ
ପ୍ରିୟତମ ସହଚର ସେ ଶକଟ ଦାସ ।

ଚା—(ହସି, ସ୍ୱଗତ) ଓହୋ ସେ କାୟସ୍ଥ !
ଅତିସାମାନ୍ୟ ସେ ମତେ,
ତଥାପି ଉଚିତ ନୁହେ, କ୍ଷୁଦ୍ର ଶତ୍ରୁ ପ୍ରତି
ଅବହେଳା କରିବାର, କରିଛି କପଟେ
ସିଦ୍ଧାର୍ଥକୁ ତାର ବନ୍ଧୁ, (ପ୍ରକାଶ୍ୟେ)
ଶେଷ ଜଣ କିଏ ?

ଚର—(ସସ୍ମିତେ) ଶେଷ ଜଣକ ରାକ୍ଷସ ମନ୍ତ୍ରୀଙ୍କର ସଖା
ବଣିକ ଚନ୍ଦନ ଦାସ, ଯାହା ଘରେ ମନ୍ତ୍ରୀ
ବିଶ୍ୱାସରେ କୁଟୁମ୍ବଙ୍କୁ ଯାଇଛନ୍ତି ଛାଡ଼ି ।

ଚା—(ସ୍ୱଗତ) ପ୍ରଧାନ ସଖା ସେ ତେବେ,
ଆତ୍ମୀୟ ନ ହେଲେ
ଅମାତ୍ୟ ରାକ୍ଷସ ପୁଣି ସ୍ତ୍ରୀପୁତ୍ରେ ସମର୍ପି
ନିର୍ଭୟେ ଯାଆନ୍ତା ଚାଲି ! (ପ୍ରକାଶ୍ୟେ)
ଜାଣିଲ କିପରି,
ତାହା ଘରେ ଛନ୍ତି ବୋଲି ମନ୍ତ୍ରିପରିବାର ?

ଚର—ଏହି ତାଙ୍କ ହସ୍ତମୁଦ୍ରା, ଜାଣନ୍ତୁ ଏଥିରୁ ।
(ମୁଦ୍ରାପ୍ରଦାନ)

ଚା—(ପାଠକରି) ରାକ୍ଷସର ନାମାଙ୍କିତ !
(ସହର୍ଷେ ସ୍ୱଗତ) ତେବେ କି ଅମାତ୍ୟ
ହସ୍ତଗତ ହେବ ମୋର ! (ପ୍ରକାଶ୍ୟେ) ଆଚ୍ଛା,
ଏ ମୁଦ୍ରିକା କିପରି ପାଇଲ କହ—

ଚର—ଶୁଣନ୍ତୁ ତା ହେଲେ ।
ଆପଣଙ୍କ ଆଜ୍ଞାମତେ ଗଲି ଘରେ ଘରେ
ବୁଝିବାକୁ ପର ମନ, ମାତ୍ର ଅକାରଣେ
ପର ଘରେ ପଶିବାକୁ ଭରସି ନ ପାରି
ବହୁତ ବିଚାର ପରେ ସାର କଲି ଏହି
ଯମପଟୀ କାରବାର, ଏହିପରି କରି
ଦିନେ ଗାଉଥିଲି ଗୀତ ଚନ୍ଦନ ଦାସର
ଦୁଆର ମୁହଁରେ ବସି—

ଚା—ହଉ, ତାହାପରେ ?

ଚର—ପଛେ ପଛେ ପିଲାଟିଏ ପରଦା ଆଢ଼େଇ
ଧାଇଁ ଆସିଲା କୌତୁକେ ମୋଆଡ଼କୁ, ତହୁଁ,
ଗଲା ଗଲା ବୋଲି କହି ଭିତରୁ କେ ସ୍ତ୍ରୀଲୋ
ଧଇଲା ତାହାକୁ ଆସି, ଧରୁ ଧରୁ ତହିଁ
ଖସି ପଡ଼ିଲା ତା କରୁ ଏ ରତ୍ନମୁଦିଟି
ମୋହ ପାଶେ, ମନ୍ତ୍ରିନାମ ଦେଖି ଏଥି ପୁଣି
ଆଣିଲି ଅତି ଯତନେ ।

ଚା—ଶୁଣିଲି ସମସ୍ତ ।
ଯାଅ ଏହିକ୍ଷଣି ତୁମ୍ଭେ, କିନ୍ତୁ ଅବିଳମ୍ବେ
ମିଳିବ ଏହାର ଯୋଗ୍ୟ ପୁରସ୍କାର—

ଚର—ଆଜ୍ଞା । (ପ୍ରସ୍ଥାନ)

ଚା—ଶାର୍ଙ୍ଗରବ, ଶାର୍ଙ୍ଗରବ,

ଶି—(ପ୍ରବେଶ କରି) ଆଜ୍ଞା ହେଉ ଗୁରୋ ।

ଚା—ଆଣ ବତ୍ସ ମସୀ ପତ୍ର ଲେଖନୀ ସତ୍ୱରେ ।

ଶି—ଯଥା ଆଜ୍ଞା ଗୁରୁଦେବ, (ଆଣି) ଏହି ପତ୍ର ମସୀ !

ଚା—(ଗ୍ରହଣ କରି ସ୍ୱଗତ)
କି ଭାବେ ଲେଖିବି ପତ୍ର ! ଏହି ପତ୍ରଯୋଗେ
ଦୁରନ୍ତ ରାକ୍ଷସେ ଦିନେ ଛନ୍ଦିବାକୁ ହେବ
କୁଟିଳ ଛନ୍ଦରେ ମୋର ।

ପ୍ରତିହାରୀ—(ପ୍ରବେଶ କରି) ରାଜଗୁରୁ ! (ପ୍ରଣାମ)

ଚା—(ସସ୍ମିତେ ସ୍ୱଗତ) ଆଚ୍ଛା ।
(ପ୍ରକାଶ୍ୟେ) ପ୍ରତିହାରି, ଆସିଅଛ କେଉଁ
ପ୍ରୟୋଜନେ ?

ପ୍ରତି—ମହାରାଜାଙ୍କର ଆଜ୍ଞା, ସନମତ ହେଲେ
ଆପଣେ ଧରିବେ କିମ୍ବା ପର୍ବତେଶ୍ୱର
ରଜାଙ୍କ ପାଇଁ, ଆଜ ସେ ଅଳଙ୍କାର ତକ
ଗୁଣବନ୍ତ ବ୍ରାହ୍ମଣଙ୍କୁ ଦେବେ ନିଜେ ଦେଖି ।

ଚା—(ସହର୍ଷେ-ସ୍ୱଗତ)
ସାଧୁ ସାଧୁ ଚନ୍ଦ୍ରଗୁପ୍ତ, ମୋହ ଅଭିପ୍ରାୟ
ବୁଝି ପ୍ରସ୍ତାବିଛ ଏହା ।
(ପ୍ରକାଶ୍ୟେ) ଯାଅ ପ୍ରତିହାରି !

Digitized by srujanika@gmail.com

କହିବ ରାଜାଙ୍କୁ ଧନ୍ୟ ଧନ୍ୟ ମହାରାଜ,
ହୋଇଅଛ ପଟୁ ଲୋକ-ବ୍ୟବହାର ଜ୍ଞାନେ ।
କର କାର୍ଯ୍ୟ ମହାନନ୍ଦେ ଏବେ ଇଚ୍ଛାମତେ;
କିନ୍ତୁ ସେହି ଅଳଙ୍କାର ଦେବ ନିଜରାଜ୍ୟେ
ବିଜ୍ଞ ବ୍ରାହ୍ମଣଙ୍କୁ ଖୋଜି; ନ ମିଳିଲେ ମୁହିଁ
ପଠାଇବ ସୁପଣ୍ଡିତ ଦ୍ୱିଜେ,—
ପ୍ରତି—ଯାହା ଆଜ୍ଞା । (ପ୍ରସ୍ଥାନ)
ଚା—ଶାର୍ଙ୍ଗରବ ଯାଅ ବେଗେ ମୋର ଆଜ୍ଞାମତେ
ଜଣାଇବ ବିଶ୍ୱାବସୁ ଆଦି ବିପ୍ରବରେ
ତିନି ସହୋଦର ସହ ଆସିବେ ମୋ ପାଶେ
ପ୍ରତିଗ୍ରହ କରିବାକୁ ରାଜ ଆଭରଣ,
ମୌର୍ଯ୍ୟପତି ଚନ୍ଦ୍ରଗୁପ୍ତ ହସ୍ତୁଁ,
ଶି—ଯଥା ଆଜ୍ଞା (ପ୍ରସ୍ଥାନ)
ଚା—(ସ୍ୱଗତ) ପତ୍ରର ଶେଷାଂଶ ଏହା, ମାତ୍ର ପ୍ରଥମରେ
ଲେଖିବାକୁ ହେବ କଣ ? (ଚିନ୍ତାକରି) ହିଁ ମନେ
ପଡ଼ିଲା,
ଛଦ୍ମବେଶୀ ଦୂତମୁଖୁ ଶୁଣିଥିଲି ଯାହା—
ମ୍ଲେଚ୍ଛ ରାଜପଞ୍ଚୁ ପଞ୍ଚ ମୁଖ୍ୟ ମହୀପାଳ
ଭ୍ରଷ୍ଟ ହୋଇ ମିଶିଛନ୍ତି ରାକ୍ଷସ ସଙ୍ଗତେ
ଭକ୍ତିଭରେ, ମନ୍ତ୍ରୀ ଗୁଣେ ବିମୋହିତ ହୋଇ,
ଯଥା ମଳୟ ମଣ୍ଡନ ରାଜା ସିଂହନାଦ,
କୁଳୂତ ଦେଶ ନୃପତି ପୁଣି ଚିତ୍ରବର୍ମା,
ପୁଷ୍କରାକ୍ଷ କାଶ୍ମୀରର ଦିଗ୍‌ବିଜୟୀ ରାଜା,
ପରନ୍ତପ ସିନ୍ଧୁସେନ ସିନ୍ଧୁଦେଶପତି,
ମେଘାକ୍ଷ, ପାରସ୍ୟେ ଯାର ଅତୁଳ ପ୍ରତାପ
ସୁବେଗ ତୁରଗ ବଳେ ପୁଣି ବଳୀୟାନ,
ଲେଖିବଇଁ ଭେଦପତ୍ର ପଞ୍ଚ ନୃପତିର
ନାମ ପଞ୍ଚକକୁ ପାଞ୍ଚ, ପୋଛନ୍ତୁ ଏଥର
ମନ୍ତ୍ରୀ ଚିତ୍ରଗୁପ୍ତ ତାଙ୍କ ପାଞ୍ଜିରୁ ସେ ନାମ,
ପଡ଼ିଲାଣି ଯେତେବେଳେ ମୋ ପାଞ୍ଜିରେ ଗାର ।
ବାହିଁକି ଲେଖିବ ଏହା, ଥାଉ ପ୍ରକାଶ୍ୟ
ଏ ସବୁ କଥା ଏ କ୍ଷଣି (ପ୍ରକାଶ୍ୟେ) ବତ୍ସ !
ଶାର୍ଙ୍ଗରବ,

ଶି—(ପୁନଃପ୍ରବେଶ)
ଚା—ଲେଖିଲି ଏ ପତ୍ର ଖଣ୍ଡି ବହୁଯତନରେ
ମାତ୍ର ଏ ଅସ୍ପଷ୍ଟ ଲିପି ଏକାନ୍ତ ଅପାଠ୍ୟ,
ତେଣୁ କହନ୍ତି ସମସ୍ତେ ନୁହଇ ବିଶଦ
ବ୍ରାହ୍ମଣ ପଣ୍ଡିତ ଲେଖା; ତେବେ ଯାଅ ତୁମ୍ଭେ
ଜଣାଇବ ମୋ ଆଦେଶ ସିଦ୍ଧାର୍ଥକ ପାଶେ,
ସତ୍ୱରରେ ସେ ଯାଇ ଏହା ଲେଖାଉ କୌଶଳେ
କାୟସ୍ଥ ଶକଟ କରେ ବିଶଦ ଅକ୍ଷରେ,
ଅନ୍ୟ କେହି ନ ପଢ଼ିବେ ସିଦ୍ଧାର୍ଥକ ବିନା !
ମୋହର ଲେଖା ବୋଲି କେହି ନ ଜାଣନ୍ତି ଯଥା
ଥିବ ସାବଧାନ ଚିହ୍ନି, ଦେଇ ନାହିଁ ତେଣୁ
ଶିରୋନାମା ପତ୍ର ଶିରେ—
ଶି—ଯଥା ଆଜ୍ଞା, ତବ । (ପ୍ରସ୍ଥାନ)
ଚା—(ସ୍ୱଗତ) ଏଥର ମଳୟକେତୁ କାହିଁ ଯିବ ଦେଖେଁ ।
[ପତ୍ର ହସ୍ତରେ ସିଦ୍ଧାର୍ଥକର ପ୍ରବେଶ]
ସିଦ୍ଧା—ପ୍ରଣାମ, ଶକଟଦାସ ହସ୍ତ ଲେଖା ଏହି ।
ଚା—(ଦେଖି) ଆହା କି ସୁନ୍ଦରଲିପି ! (ପଢ଼ି) ଏହି
ମୁଦ୍ରାଦେଇ ମୁଦ୍ରିତ କର ଏ ପତ୍ର;
ସିଦ୍ଧା—(ମୁଦ୍ରିତ କରି) ଆଜ୍ଞା ଏମେ ତାହା
କଲି ଏବେ, କି ଆଦେଶ ଦାସ ପ୍ରତି—
ଚା—ଭଦ୍ର !
ମୋର ଅନୁଷ୍ଠାନ ଯୋଗ୍ୟ କୌଣସି କର୍ମରେ
ଲଗାଇବା ପାଇଁ ଇଚ୍ଛା;
ସିଦ୍ଧା—(ସହର୍ଷେ), ତବ ଅନୁଗ୍ରହ ।
ତେବେ ଆଜ୍ଞା ହେଉ କିସ କରିବ ଏ ଦାସ ।
ଚା—ସିଦ୍ଧାର୍ଥକ ! ଯାଅ ବେଗେ ବଧ୍ୟସ୍ଥାନେ
ଦେଖାଇବ ଘାତକଙ୍କୁ ସରୋଷେ ଭ୍ରୂକୁଟି
ଦକ୍ଷିଣାକ୍ଷି ସଙ୍କୋଚରେ; ଭୟ ପାଇ ମୂଢ଼େ
ପଳାଇବେ ପ୍ରାଣଭୟେ ଏଣେ ତେଣେ ଯେବେ,
ସେ ସୁଯୋଗ ଯେନସିବ ଶକଟଦାସକୁ
ବଧ୍ୟସ୍ଥାନୁ ମୁକୁଳାଇ ରାକ୍ଷସ ପାଶକୁ ।
ବନ୍ଧୁ ପ୍ରାଣ ରକ୍ଷା ଯୋଗେ ହୋଇ ପରିତୁଷ୍ଟ

Digitized by srujanika@gmail.com

ଯାଚବେ ସେ ପୁରସ୍କାର ବହୁତ ତୁମ୍ଭଙ୍କୁ;
ମାତ୍ର ମିତ୍ର ଭାବେ ତହିଁ ରହି କଛୁ କାଳ
ପ୍ରଭୁଭକ୍ତ ଅମାତ୍ୟଙ୍କ ପାର୍ଶ୍ୱଚରରୂପେ
ଜାଣିବ ଛଳେ ମନ୍ତ୍ରୀର ଯାବତ ମନ୍ତ୍ରଣା
ଶତ୍ରୁପକ୍ଷ ସୁସଜ୍ଜିତ ହେବାର ଦେଖିଲେ
ସମ୍ପାଦିବ ଏ କାର୍ଯ୍ୟଟି ହୋଇ ସାବଧାନ ।
ସିଦ୍ଧା—ସିଦ୍ଧା ନ କରିବ ତାହା ? (କାନେ କାନେ କହିବା)
ଚା—ବତ୍ସ, ଶାର୍ଙ୍ଗରବ ।
ଶି—(ପ୍ରବେଶ କରି)
ଆଜ୍ଞା ହେଉ ଗୁରୁଦେବ, ସଦା ଅଛୁ ପାଶେ ।
ଚା—କହ ଯାଇ କାଳପାଶୀ ଦଣ୍ଡ ପାଶୀ ବେନି
ଘାତକଙ୍କୁ ମହାରାଜ କରିଛନ୍ତି ଆଜ୍ଞା
ଯନ୍ତିକେଶଧାରୀ ଜୀବସିଦ୍ଧିଙ୍କ ଏକ୍ଷଣି
ଏ ନଗରୁ ନିର୍ବାସିତ କରିବେ ତ୍ୱରିତେ ।
(ଯେଉଁ କ୍ଷତ ରାକ୍ଷସର ବିଷକନ୍ୟା ଯୋଗ
ପ୍ରେତପୁରେ ପେଷିଅଛୁ ପର୍ବତ ଈଶ୍ୱରେ ।)
ଶି—ଗୁରୁବେ, ଆଜ୍ଞା ଶିରୋଧାର୍ଯ୍ୟ ମମ, (ପ୍ରସ୍ଥାନୋଦ୍ୟତ)
ଚା—ରହ ବତ୍ସ !
ସେ ଯେଉଁ ଶକଟ ଦାସ ରାକ୍ଷସର ପକ୍ଷ
ଆମ୍ଭର ପ୍ରତାପ କ୍ଷୟେ ସଦା ଯତ୍ନବାନ,
ତାକୁ ମଧ୍ୟ ଏହି ଦୋଷେ କରାଇଣ ଦୋଷୀ
ଜଣାଇବ ଦଣ୍ଡ ତାର 'ଶୂଳ ଆରୋପଣ'
କାରାଗୃହେ ବାସ ପୁଣି ପତ୍ନୀ ପୁତ୍ରଙ୍କର !
ଶି—ଯାହା ଆଜ୍ଞା, (ପ୍ରସ୍ଥାନ)
ଚା—(ଚିନ୍ତା କରି ସ୍ୱଗତ) ସତେ ମନ୍ତ୍ରୀ ହେବ ହସ୍ତଗତ !
ସିଦ୍ଧା—(ପ୍ରବେଶ କରି) ଆଜ୍ଞା ହେଲା ହସ୍ତଗତ ।
ଚା—(ସହର୍ଷେ, ସ୍ୱଗତ) ରାକ୍ଷସ କି ହସ୍ତଗତ !
(ପ୍ରକାଶ୍ୟେ) କିଏ ହସ୍ତଗତ !
ସିଦ୍ଧା—ସନ୍ଦେଶ କେବଳ ତବ ହେଲା ହସ୍ତଗତ ।
ବର୍ତ୍ତମାନ ଯାଉଅଛୁ କାର୍ଯ୍ୟ ସାଧିବାକୁ ।
ଚା—(ମୁଦ୍ରିତ ପତ୍ର ଦେଇ)
ଯାଅ ଏବେ ସିଦ୍ଧାର୍ଥକ କର କାର୍ଯ୍ୟ ସିଦ୍ଧି
ପ୍ରସ୍ଥାନେ କଲ୍ୟାଣ ହେଉ,
ସିଦ୍ଧା—ତବ ଆଶୀର୍ବାଦେ (ପ୍ରଣାମ ସହ ପ୍ରସ୍ଥାନ)
ଶି—(ପ୍ରବେଶ କରି)
ପୂଜ୍ୟପାଦ ! ଜଣାଇଲେ ସେ ଘାତକେ ଏହା
ମୋ ନିକଟେ, ଆଜ୍ଞାମତେ ପାଳିଅଛୁଁ ଦେବ
ଚନ୍ଦ୍ରଗୁପ୍ତଙ୍କ ଶାସନ ।
ଚା—ହଉ, ଏବେ ବତ୍ସ !
ସେହି ମଣିକାର ଶ୍ରେଷ୍ଠୀ ଚନ୍ଦନ ଦାସଙ୍କୁ
ଦେଖିବାକୁ ଇଚ୍ଛା ମୋର;
ଶି—ଯାଉଅଛୁ ତେବେ ।
(ଯାଇ ଚନ୍ଦନ ଦାସ ସହ ପୁନଃ ପ୍ରବେଶ ।)
ଚନ୍ଦନ—(ସ୍ୱଗତ)
ନିଷ୍କରୁଣ ଏ ଚାଣକ୍ୟ ବିପ୍ର; ଅକସ୍ମାତେ
ନିର୍ଦ୍ଦୋଷ ହୁଅଇ ଦୋଷୀ ଯାହା ପାଶେ, ତହିଁ
ମୁଁ ସ୍ଥିର ହୋଇଛୁ ଦୋଷୀ, ତେଣୁ ଶଙ୍କା କରି
କହି ଆସିଅଛୁ ଦୂତେ ଆଗମନ କାଳେ
ଧନସେନ ଆଦି ତିନି ବଣିକଙ୍କୁ ଏହା,
ଚତୁର ଚାଣକ୍ୟ ଯଦି ଛିଦ୍ର ଅନୁସରି
ପଶେ ମୋହ ଘରେ, ତେବେ ଜାଣି ଥାଅ ସର୍ବେ
ମନ୍ତ୍ରୀଙ୍କର ଗୃହ ଜନେ ନେବ ସ୍ଥାନାନ୍ତରେ;
ମୋହର ଯା ହେବ ହେଉ,—
ଶି—ଏଣେ ଏ ଶ୍ରେଷ୍ଠୀ ।
ନନ୍ଦ—ହଉ, ଯାଉଅଛୁ ।
ଶି—(ପାଖକୁ ଯାଇ) ଗୁରୁବେ ଉପସ୍ଥିତ ଏବେ
ସେ ଶ୍ରେଷ୍ଠୀ ଚନ୍ଦନଦାସ,
ଚନ୍ଦ—ଜୟ ଜୟ ଆର୍ଯ୍ୟ ।
ଚା—(ଦେଖି) ସ୍ୱାଗତ ହେଶ୍ରେଷ୍ଠି ! ତବ-ବସ ଏ ଆସନେ ।
ଚନ୍ଦ୍ର—(ପ୍ରଣାମକରି) ଜାଣୁନାହାନ୍ତି କି କାର୍ଯ୍ୟ ଏହି
ଉପଚାର ଅନୁଚିତ ମୋହ ପ୍ରତି; ପରଭବୁଁ ବଳି
ଦୁଃଖକର ଏହା, ତେବେ ଏହି ଧରାତଳ
ଉଚିତ ଆସନ ମୋର ।

Digitized by srujanika@gmail.com

ଚା—ନାହିଁ ନାହିଁ ଶ୍ରେଷ୍ଠି !
ଅସ୍ମାଦୃଶ ଲୋକ ସଙ୍ଗେ ଉଚିତ ତୁମ୍ଭର
ଏହା, ବସ ଏ ଆସନେ ।
ଚନ୍ଦନ—(ସ୍ୱଗତ) ଅଛି କିଛି ଲକ୍ଷ୍ୟ ! (ପ୍ରକାଶ୍ୟେ)
ଯାହା ଆଜ୍ଞା ହେଲା ! (ଉପବେଶନ)
ଚା—ଶ୍ରେଷ୍ଠିବର ! ବ୍ୟବସାୟେ ହେଉଛି ତ ଏବେ
ସମୁଚିତ ଲାଭ ବୃଦ୍ଧି ?
ଚନ୍ଦ—ତବ ପ୍ରସାଦରେ
ଅଖଣ୍ଡିତ ମୋ ବାଣିଜ୍ୟ;—
ଚା—ତେବେ କହ ଶ୍ରେଷ୍ଠି !
ପଡ଼ଇ କି ମନେ କେବେ ପ୍ରଜାଙ୍କର ମଧ୍ୟେ
ପୂର୍ବନୃପତିଙ୍କ ଗୁଣ ଚନ୍ଦ୍ରଗୁପ୍ତ ଦୋଷେ ?
ଚନ୍ଦ—(କାନରେ ହାତଦେଇ)
ଓହୋ କି ପାପ ! ଏକ୍ଷଣି ସର୍ବ ପ୍ରଜା ରାଜ୍ୟେ
ଅଧିକରେ ଆନନ୍ଦିତ ଯେପରି ଚନ୍ଦ୍ରିକା
ଶାରଦ ପୂର୍ଣ୍ଣିମାଚନ୍ଦ୍ର-ଦରଶନେ ।
ଚା—ତେବେ,
ଶ୍ରେଷ୍ଠି ! ପ୍ରୀତ ପ୍ରଜାବର୍ଗୁଁ କରିବେ ତ ରାଜା
ପ୍ରିୟ ଉପଲବ୍ଧି ଆଶା ?
ଚନ୍ଦ—କହନ୍ତୁ କି ଆଶା ?
କେତେ ଅର୍ଥ ଇଚ୍ଛା ଅବା ଏହି ଜନଠାରୁ ?
ଚା—ଜାଣ ଶ୍ରେଷ୍ଠି ! ଚନ୍ଦ୍ରଗୁପ୍ତ-ରାଜ୍ୟ ଏହି, ନୁହେ
ଅର୍ଥରୁଚି ନନ୍ଦନର ଏ ରାଜ୍ୟ, ଅର୍ଥଦାନେ
ସମ୍ପାଦିବ ରାଜପ୍ରୀତି, ଚନ୍ଦ୍ରଗୁପ୍ତ ରାଜ୍ୟେ
ପ୍ରଜା ସୁଖ ଲକ୍ଷ୍ୟ ଏଥିଁ,—
ଚନ୍ଦ—(ସହର୍ଷେ) ତେବେ, ଅନୁଗ୍ରହ !
ଚା—କିପରି ହୋଇବ ସୁଖ ?
ଚନ୍ଦ—କହନ୍ତୁ ଆପଣ ।
ଚା—ସ୍ଥୂଳରେ ବକ୍ତବ୍ୟ ଏହି, ନୃପତିଙ୍କଠାରେ
ଅବିରୁଦ୍ଧ ଥିବା ବିଧି;
ଚନ୍ଦ—କେଉଁ ହତଭାଗ୍ୟ
ଅଛି କା ବିରୁଦ୍ଧ ?
ଚା—ତୁମ୍ଭେ ତହିଁର ଅଗ୍ରଣୀ ।
ଚନ୍ଦ—ଓହୋ, କି ଅଭାଗ୍ୟ ମୋର, ବହ୍ନିସଙ୍ଗେ କେବେ
ତୃଣର ବିରୋଧ ଘଟେ ?
ଚା—ସେ ବିରୋଧ ଏହି
ରାଜଦ୍ରୋହୀ ରାକ୍ଷସର ପୁତ୍ରକଳତ୍ରଙ୍କୁ
ରଖିଅଛ ନିଜ ଘରେ ନେଇ—
ଚନ୍ଦ—ମିଥ୍ୟା କଥା ।
ଚା—ବୃଥା ଶଙ୍କା, ଶ୍ରେଷ୍ଠିବର ! ଜଣା ଏହା ଲୋକେ
ପ୍ରାଚୀନ ରାଜପୁରୁଷେ ନବରାଜ ଭୟେ
ଗୃହଜନେ ଛାଡ଼ି ପରଗୃହେ, ଚାଲି ଯାନ୍ତି
ଦୂର ଦେଶାନ୍ତରେ, ଦୋଷ ତାର ପ୍ରଚ୍ଛାଦନ !
ଚନ୍ଦ—ଏତିକ କେବଳ ସତ୍ୟ ମନ୍ତ୍ରୀ-ଗୃହଜନେ
ଥିଲେ ମୋ ଗୃହେ ସେ କାଳେ—
ଚା—ଆଗେ, ମିଥ୍ୟା କଥା !
ଏହି କ୍ଷଣି ପୁଣି "ଥିଲେ" ଏହି ଦୁଇ ବାକ୍ୟେ
ନାହିଁ ସାମଞ୍ଜସ୍ୟ କିଛି;
ଚନ୍ଦ୍ର—ଏତିକ ଛଳନା !
ଚା—ଚନ୍ଦ୍ରଗୁପ୍ତ ରାଜ୍ୟେ ଶ୍ରେଷ୍ଠି, ଛାଡ଼ ସେ ଛଳନା ।
ବିନା ଛଳନାରେ କର ଏବେ ପ୍ରତ୍ୟର୍ପଣ
ଅମାତ୍ୟଙ୍କ ପରିବାରେ;
ଚନ୍ଦ—ନାହାନ୍ତି ତ ଏବେ ।
ଥିଲେ ସେହିକାଳେ ମାତ୍ର;—
ଚା—ଏବେ କାହିଁ ଗଲେ ?
ଚନ୍ଦ—ନ ଜାଣେ ସେ କାହିଁ ଗଲେ ।
ଚା—(ସସ୍ମିତେ) କିଣ ଜାଣ ନାହିଁ ?
ରେ ଶ୍ରେଷ୍ଠି, ଶିରରେ ସର୍ପ, ତାର ପ୍ରତିକାର !
କାହିଁ ଦୂରେ, ନୋହିଲେଟି ନନ୍ଦଙ୍କୁ ଗୁଣକ୍ୟ—
[ଇତି ଅର୍ଦ୍ଧୋକ୍ତି]
ଚନ୍ଦ—(ସ୍ୱଗତ) ଉପରେ ଘନ ଗର୍ଜନ ଦୂରେ ପ୍ରିୟତମା
ମସ୍ତକରେ ବିଷଧର, ମହୌଷଧି ଯାଇ
ଦୂର ହିମାଚଳ ଚୂଳେ;—

Digitized by srujanika@gmail.com

ଚା—ରେ ଚନ୍ଦନ ଦାସ !
ମୌର୍ଯ୍ୟ ଚନ୍ଦ୍ରଗୁପ୍ତେ ଅମାତ୍ୟ ରାକ୍ଷସ
ବଧିବ ଏକଥା କେବେ ନ ଭାଳ ମନରେ ?
ଜାଣି ନାହିଁ ବନ୍ଦନାଶ ଆଦ ମନ୍ତ୍ରୀ କେତେ
ଯେବେ ନନ୍ଦରାଜ ଥିଲେ ପ୍ରବଳ ପ୍ରତାପ,
ଚଞ୍ଚଳା ଲକ୍ଷ୍ମୀଙ୍କ ତହିଁ ହେଲେ ଅଚଞ୍ଚଳା ?
ଦେଖ ଏବେ ମୌର୍ଯ୍ୟେନ୍ଦୁରେ ରାଜେ ଜ୍ୟୋତ୍ସ୍ନା ପରି
କେ କରିପାରିବ ଦୂର ଚନ୍ଦ୍ରରୁ ଚନ୍ଦ୍ରିକା ?
ସିଂହବଦନ୍ତ ଉପାଡ଼ିବ ଅଛି କିଏ କହ ! ! !
ଚନ୍ଦ—(ସ୍ୱଗତ) ଫଳ ଯୋଗୁଁ ସିନା ଏତେ ଗରିମା
ତୁମ୍ଭର ?
[ନେପଥ୍ୟେ—ଜନାପସାରଣ]
ଚା—ଶାର୍ଙ୍ଗରବ, ଦେଖି ଆସ ଏ କି କୋଳାହଳ !
ଶି—(ଯାଇ, ଫେରି ଆସି)
ଗୁରେ ! ସେ ବୌଦ୍ଧ ସନ୍ନ୍ୟାସୀ ଜୀବସିଦ୍ଧି ଆଜ
ହେଉଅଛି ନିର୍ବାସିତ ଅପମାନ ସହ
ଏ ନଗରୁ, ମହାରାଜ ଚନ୍ଦ୍ରଗୁପ୍ତଙ୍କର
ଆଜ୍ଞାକ୍ରମେ ରାଜଦ୍ରୋହୀ;—
ଚା—ଆହା, ସନ୍ନ୍ୟାସୀଟି ?
ରାଜଦ୍ରୋହ ଫଳ ଅବା ନ ଭୁଞ୍ଜିବ କିଏ ?
ଦେଖ ଶ୍ରେଷ୍ଠି, ଦୋଷ ହେଲେ ଏହିରୂପେ ରାଜା
ଦେଇଥାନ୍ତି ତୀକ୍ଷ୍ଣ ଦଣ୍ଡ ! ମୋହ କଥା ମାନ,
ପ୍ରତ୍ୟର୍ପଣ କରି ଏବେ ରାକ୍ଷସ ସ୍ୱଜନେ
ନିଶ୍ଚିନ୍ତରେ ଭୁଞ୍ଜ ବସି ସୁରମ୍ୟ ପ୍ରାସାଦ ।
ଚନ୍ଦ—ମୋହ ଘରେ ତ ନାହାନ୍ତି ଅମାତ୍ୟ ସ୍ୱଜନେ !
[ନେପଥ୍ୟେ—ପୁନର୍ବାର କୋଳାହଳ]
ଚା—ଶାର୍ଙ୍ଗରବ ! ଦେଖ କଣ ?
ଶି—ଯାହା ଆଜ୍ଞା ଗୁରେ
(ପ୍ରସ୍ଥାନ ଓ ପୁନଃ ପ୍ରବେଶ କରି)
କାୟସ୍ଥ ଶକଟ ଦାସ ରାଜାପଥ୍ୟକାରୀ
ଯାଉଅଛି ବଧ୍ୟସ୍ଥାନେ ତୀକ୍ଷ୍ଣଶୂଳ ମୁନେ
ବିଦ୍ଧ ହେବା ପାଇଁ ଏବେ;—
ଚା—ଭୁଞ୍ଜୁ କର୍ମଫଳ ।
ଦେଖ ହେ ଚନ୍ଦନ ଦାସ, ରାଜଦ୍ରୋହୀଙ୍କର
କିପରି ଦୁର୍ଦ୍ଦଶା, କ୍ଷମା ନ କରିବେ କେବେ
ଏ ମୌର୍ଯ୍ୟ ନୃପତି ତେବେ ପରଜନ ଦାନେ
ଉଦ୍ଧର ସ୍ୱଜନ ସହ ଆପଣା ଜୀବନ ।
ଚନ୍ଦ—ଦେଖାଉଛ ବିଭୀଷିକା ! ତୁମ୍ଭେ ମୁହିଁ ଯାନ୍ତୁ,
ଥିଲେ ସୁଦ୍ଧା ଗୃହେ ମୋର ନ ଦେବି ସମର୍ପି,
ନଥିଲେ ବା କଣ ?
ଚା—ତେବେ ନିଶ୍ଚୟ କି ଏହା ?
ଚନ୍ଦ—ହିଁ-ଦୃଢ଼ନିଶ୍ଚୟ ଏହା,—
ଚା—(ସ୍ୱଗତ) ଧନ୍ୟ ଧନ୍ୟ ଶ୍ରେଷ୍ଠି ।
ଥାଉଁ ଧନରତ୍ନ ସୁଖ ଭାର୍ଯ୍ୟା ପୁତ୍ର କନ୍ୟା,
କିଏ ବଳାଇବ ମନ ଅସାଧ୍ୟ ସାଧନେ
ପରଲାଗି ଏ ଜଗତେ ଶିବି ନୃପ ବିନା ?
(ପ୍ରକାଶ୍ୟେ) ହେ ଶ୍ରେଷ୍ଠି ଚନ୍ଦନ ଦାସ,ଏତେକ ନିଶ୍ଚୟ ?
ଚନ୍ଦ—ନିଶ୍ଚୟ ନିଶ୍ଚୟ—
ଚା—ତେବେ ରେ ଦୁଷ୍ଟ ବଣିକ !
ଅନୁଭବ କର ଏବେ ରାଜକୋପ ଫଳ
ତଥାପି ଏ ସ୍ପର୍ଦ୍ଧା ତୋର—
ଚନ୍ଦ—ଅଛି ମୁଁ ତିଆରି,
ଯାହା ଅଛି କରମତ ଦେଖାଅ ତୁମ୍ଭର ।
ଚା—(ସକୋପେ) ଶାର୍ଙ୍ଗରବ ଯାଅ ବେଗେ ଡାକ
ଘାତକଙ୍କୁ
ଜଣାଇବ ଆଜ୍ଞା ମୋର ଅବିଳମ୍ବେ ଯାଇ
ସଂହାରିବେ ଏ ଦୁଷ୍ଟଙ୍କୁ,
ଆଜ୍ଞା ଥାଉ ତାହା,
ଜଣାଇବ ଦୁର୍ଗପାଳ ବିଜୟ ପାଳକୁ
ଏହିକ୍ଷଣି ପ୍ରବେଶିବେ ଏହାର ଭବନେ
ଥିବ ଯେତେ ଧନରତ୍ନ ମୂଲ୍ୟବନ୍ତ ବସ୍ତୁ
ସ୍ତ୍ରୀ ପୁତ୍ର ସହିତେ ସବୁ ଅପହରି ତାଙ୍କୁ
ବାନ୍ଧି ଏହା ଥିବ, ସଙ୍ଗେ, ଜଣାଏଁ ମୁଁ ଯାଇ,

Digitized by srujanika@gmail.com

ମୋର ଆଜ୍ଞା ଅନୁବର୍ତ୍ତୀ ରାଜା ଚନ୍ଦ୍ରଗୁପ୍ତେ ।
ସର୍ବସ୍ୱ ହରଣ ଦଣ୍ଡ ଦେବେ ସେ ନିଶ୍ଚୟ ।
ଶି—ଯାହା ଆଜ୍ଞା, ଆସ ତେବେ ଶ୍ରେଷ୍ଠି !
ଚନ୍ଦ—(ଉଠି) ଆସୁଛି ମୁଁ ?
(ସ୍ୱଗତ) ମିତ୍ର କାର୍ଯ୍ୟେ ହୁଏ ଯେବେ ମୋର
ସର୍ବନାଶ, ତାହା ଶ୍ରେୟ, ଯେଣୁ ଏହା ନୁହେ
କର୍ମ-ଦୋଷ ।
ଚା—(ସହର୍ଷେ) ପଡ଼ିଲ ଏଥର ଫାନ୍ଦେ ମନ୍ତ୍ରିକୁଳମଣି—
ଯେଣୁ ଏ ଚନ୍ଦନ ଦାସ ତାହାର ନିମନ୍ତେ
ଆପଣାର ସର୍ବନାଶ ମଣୁଅଛି ତୁଚ୍ଛ,
ତେଣୁ ସେ ଦୁର୍ମତି ସ୍ୱୀୟ ପ୍ରାଣ ଅର୍ପିବାରେ
ନୋହିବ ବିମୁଖ କେବେ, ଦେଖିଲେ ଏ ଦଶା ।
[ନେପଥ୍ୟେ—କୋଳାହଳ ।]
ଚା—ଶାର୍ଙ୍ଗରବ, ଏ ପୁଣି କି ଶବ୍ଦ ?
ଶି—(ପୁନଃ ପ୍ରବେଶକରି) ପୂଜ୍ୟ ପାଦ,
ମୂଢ଼ ସିଦ୍ଧାର୍ଥକ ଏବେ ବଧ-ଭୂମିଠାରୁ
ବଧ୍ୟ ଶକଟକୁ ଘେନି ପଳାଇଛି କାହିଁ ।
ଚା—(ସ୍ୱଗତ) ସାଧୁ ସିଦ୍ଧାର୍ଥକ, ସାଧୁ, କଲ
କାର୍ଯ୍ୟାରମ୍ଭ ।
(ପ୍ରକାଶ୍ୟେ) ବଳାତ୍କାରେ ପଳାଇଛି? (ସରୋଷେ)
ତେବେ ଯା ଅ ବେଗେ,
କହିବ ଭାଗୁରାୟଣେ ସମ୍ବୋଧି ଏ କଥା,
ଶୀଘ୍ର ଯାଇ ଧରୁ ତାକୁ—
ଶି—(ଶୀଘ୍ରଯାଇ, ଆସି) ଗୁରୋ, ବଡ଼ଦୁଃଖ
ନାହିଁ ତ ଭାଗୁରାୟଣ ! ସେ ମଧ୍ୟ ଯାଇଛି ।
ଚା—(ସ୍ୱଗତ) ଯାଉ କାର୍ଯ୍ୟ ସିଦ୍ଧିଲାଗି (ପ୍ରକାଶ୍ୟେ)
ଦୁଃଖ କିମ୍ପା ବସ ?
ଜଣାଅ ମୋହର ଆଜ୍ଞା, ଯାଇ ଭଦ୍ରଭଟ
ବିଜୟ, ପୁରୁଷଦତ୍ତ, ଆଉ ବଳଗୁପ୍ତ
ହିଙ୍ଗୁରାତ ରାଜସେନ ରୋହିତାକ୍ଷ ଆଦି
ସେବକ ପ୍ରହରିଗଣେ; ଶୀଘ୍ର ଯାଇ ଏବେ
ଧରନ୍ତୁ ଭାଗୁରାୟଣେ, ଯହିଁ ଥିବ ଲୋକ ।

ଶି—ଯାଉଅଛି ପୂଜ୍ୟପାଦ, ତବ ଆଜ୍ଞା ମତେ ।
(ଯାଇ, ଫେରିଆସି ଦୁଃଖରେ)
ଗୁରୋ, ନଗରଟାଯାକ ପଡ଼ିଛି ଚହଳ,
ନ ପାଉଣୁ ଆଜ୍ଞାମାତ୍ର ଭଦ୍ରଭଟଆଦି
ଯେତେକ ପ୍ରହରୀ, ସର୍ବେ ଯାଇଛନ୍ତି ଚାଲି ।
ଚା—(ସ୍ୱଗତ) ଶୁଭମସ୍ତୁ ତାଙ୍କପଥେ, (ପ୍ରକାଶ୍ୟେ)
ଦୁଃଖ କିବା ବତ୍ସ !
ଯାନ୍ତୁ ସେ ଗଲେଣି ହୃଦେ କାର୍ଯ୍ୟ ସିଦ୍ଧି ଭାବି,
ଛନ୍ତି ଯେ ନଗରେ ଏବେ ହୁଅନ୍ତୁ ଉତ୍ସୁକ
ପ୍ରସ୍ଥାନେ, ତଥାପି ମୋର ନାହିଁ ତିଳେ ଭୟ ।
ଯେତେକାଳ ଅଛି ଦେହେ ନନ୍ଦ କୁଳା-ରଣ୍ୟ—
ଘୋର ଦାବାଗ୍ନି ରୂପିଣୀ ବୁଦ୍ଧି ସର୍ବଂକଷା,
ସାଧିବ ସମସ୍ତ କାର୍ଯ୍ୟ ତାହାର ପ୍ରଭାବେ,
ଶତ ଶତ ସୈନ୍ୟ ଥାଇ କି କରିବେ ଅବା ?
(ଉଠି, ଆକାଶକୁ ଚାହିଁ)
ଆରେ ଦୁରାତ୍ମାରାକ୍ଷସ, କାହିଁ ଯିବୁ ଏବେ
ନିର୍ଜନ ଅରଣ୍ୟ କୋଣେ ରିପୁ ଛିଦ୍ରାନ୍ୱେଷୀ;
କେତେକାଳ ଭ୍ରମିବୁ ତୁ ପକ୍ଷଭ୍ରଷ୍ଟ ହୋଇ ।
କ୍ଷଣକେ କୌଶଳେ ଧନେ ଧରାଇ ମୁଁ ତୋତେ
କରାଇବି ମୌର୍ଯ୍ୟପତି ଚନ୍ଦ୍ରଗୁପ୍ତ—ବଶ
ବନେ ମତ୍ତଦନ୍ତାବଳେ ଯେମନ୍ତେ ମାହୁନ୍ତ ।
[ସମସ୍ତଙ୍କର ପ୍ରସ୍ଥାନ ।]
(ଯବନିକା ପତନ)

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ—ରାକ୍ଷସ ଭବନର ସମ୍ମୁଖସ୍ଥ ରାଜପଥ
(ସାପୁଆକେଳାର ପ୍ରବେଶ ।)

ସାପୁ—(ଗୀତ) ଯେ ଜାଣି ଶାସ୍ତ୍ରବାଣୀ ମଣ୍ଡଳ ପରମାଣି
ବିବରର ବାଗର ଲେଖେ, ମନ୍ତରେ ।
ମନ୍ତ୍ର ତନ୍ତ୍ର ଗୋପନ—କରେଣ ପରାୟଣ
ଚଳଇ ସେ ଅହି-ମହୀପନ୍ତରେ ।

Digitized by srujanika@gmail.com

(ଉପରକୁ ଚାହିଁ) କଣ କହୁବା ହେଲେ ଆଜ୍ଞା ? ଆଜ୍ଞା ମୁଁ ତ ସାପୁଆ କେଳା ! (ପୁଣି ଉପରେ) କଣ କହୁବା ହେଲ ! ଆପଣ ବି ସାପ ସାଙ୍ଗରେ ଖେଳିବେ ! ଆପଣଙ୍କର କଣ ପେଷା କି ? (ପୁଣି ଉପରେ) କଣ କଣ, ରାଜସେବକ ? ଆପଣ ପୁଣି ସାପ ଖେଳାନ୍ତି ? କଣ କହିଲେ ଟି !—

ମନ୍ତର ନ ଜାଣି ସାପୁଆ ମରେ
ଅଙ୍କୁଶ ନ ଧରି ମାହୁନ୍ତ ସରେ
ରଜାଙ୍କ ନଅରେ ଚାକିରି କରି
ମରନ୍ତି ଏ ତିନି, ତିନିଙ୍କ ମରି !

କଣ ? ଅନାଉଁ ଅନାଉଁ ଏଣେ ଛପି ଗଲେଣି ! (ପୁଣି ଉପରକୁ ଚାହିଁ) ଆଜ୍ଞା, ପେଡ଼ିରେ କଣ ପଚାରୁଛନ୍ତି ? ଏଥିରେ ସେଇ ପେଟପାଟଣା ସାପ,—ଦେଖିବା ହେବେ—ଆଜ୍ଞା—ବିଜେ କରନ୍ତୁ । ଏଠା ଥାନ ନୁହେ । ତେବେ ଆପଣଙ୍କର ଯେତେବେଳେ ମରଜି ହୋଇଚି— ଏଇ ଘରେ ଦେଖେଇବି ! (ଉପରେ) କଣ କହୁଚନ୍ତି ! ମନ୍ତ୍ରୀଙ୍କ ଘର ସେ ? ଆମେ ସେଠାଇଁ କାହିଁ ପଶିବୁ, ତେବେ ଆପଣ ଯାନ୍ତୁ; ଆମେ ତ ପେଟପୋଷିବା ଲୋକ, ଆମର କଣ ଅଛି ? (ଉପରକୁ ଚାହିଁ) ବାଃ, ଚାହୁଁ ଚାହୁଁ ଗଲେ ଭିତରି !

[ବିରାଧଗୁପ୍ତ ନରୀକ୍ଷଣ କରି ସାଧୁ ଭାଷାରେ—ସ୍ୱଗତ]

ବଡ଼ ଆଶ୍ଚର୍ଯ୍ୟ ! ଚାଣକ୍ୟ—ରକ୍ଷିତ ରଜାର
ପକ୍ଷ ଦେଖି ମଣିଥିଲି ରାକ୍ଷସର ସବୁ
ଯତ୍ନ ହେବ ବ୍ୟର୍ଥ, ଏବେ ରାକ୍ଷସ ରକ୍ଷିତ
ମଳୟକେତୁଙ୍କୁ ଦେଖି ମଣେ ବିପରୀତ !
କୁଟିଳ ଚାଣକ୍ୟ—ମତି—ରଜ୍ଜୁରେ ନିବଦ୍ଧ
ଯେଉଁ ମୌର୍ଯ୍ୟ ରାଜଲକ୍ଷ୍ମୀ, ହେବ କି ସେ ଏବେ
ରାକ୍ଷସର ପ୍ରତିକାର—କରେ ସମାକୃଷ୍ଟ ?
ଦୁହେଁ ସୁପଣ୍ଡିତ ପୁଣି ମନ୍ତ୍ରି ବିଶାରଦ !
କାହାକୁ ଆଶ୍ରିବେ ଜୟ-ଲକ୍ଷ୍ମୀ ସନ୍ଦେହ ନ !

ଅରଣ୍ୟେ କରିଣୀ ଯଥା ମତ୍ତଦନ୍ତୀ ବନ—
ବେନିଙ୍କର ଘୋର ଯୁଦ୍ଧ ଦେଖିଲେ କାତର ।
ଥାଉ, ମନ୍ତ୍ରିବର କଣ କରୁଛନ୍ତି—ଦେଖେଁ !

[ପଟ ପରିବର୍ତ୍ତନ ଓ ଜଣେ ଲୋକ ସହିତ ଚିନ୍ତିତ ରାକ୍ଷସର ପ୍ରବେଶ ।]

ରା—(ଆକାଶକୁ ଚାହିଁ, ସନ୍ତୋଷରେ)
ହା ହା କି କି ହେଲା ହେଲା ! ନନ୍ଦ ବଂଶ ଏବେ
ଯଦୁବଂଶବତ ହୋଇ—ଗଲା ଧ୍ୱସ୍ତ; ପୂର୍ବେ
କଲେ କଉଶଲେ ସନ୍ଧି ବିଗ୍ରହ ଆଦରେ
ଥିଲେ ରିପୁକୁଳ ଶାନ୍ତ; କିନ୍ତୁ ପ୍ରତିକୂଳ
ହୋଇଲା ଦଇବ ଜନ-ମାନସହାରିଣୀ ।
ବଳବୀର୍ଯ୍ୟ-ବୁଦ୍ଧିହୀନ ହୋଇ ଅହର୍ନିଶି
ଭାବୁଅଛି ଯାହା ମୁହିଁ, ତାହା ଏବେ,
କଳ୍ପନାରେ ପରିଣତ ହେଲା ଭବିତବ୍ୟ !
ଭକ୍ତି ନାହିଁ ସ୍ୱାର୍ଥ ଲାଗି ଅବା ଖ୍ୟାତି ପାଇଁ
ଅଥବା ଉଜ୍ଜ୍ୱଳ ଯଶ—ଅର୍ଜନ ଆଶରେ,
ଲକ୍ଷ୍ୟ ମୋର ରିପୁବଧ; ବୈର ପ୍ରତିଶୋଧେ
ତୋଷିବ ସ୍ୱରଗବାସୀ ନନ୍ଦ ନୃପତିଙ୍କି ।
(ଆକାଶକୁ ଚାହିଁ, ସାଶ୍ରୁନେତ୍ରେ) କମଳେ,
କମଳାଳୟେ ! ହେଲା କି ଉଚିତ ଏହା ?
ମଜ୍ଜିଲ ସୌଭାଗ୍ୟବନ୍ତ ନୃପତିଙ୍କି ତେଜି
ସାମାନ୍ୟ କଙ୍କର ଶୂଦ୍ର ରମଣୀ-ତନୁଜେ ।
କହ ସେହିଠାରେ କିପାଁ ନ ଭଜିଲ ଲକ୍ଷ୍ମି
ଗନ୍ଧ ଗଜ ନାଶେ ଯଥା ମଦବାରି—ଧାରା ! !
ହା ବ୍ୟଭିଚାରିଣୀ ! କୁଳକଳଙ୍କିନି ଛି ଛି,
ଶୂଦ୍ରରେ ଶରଣ ଗଲୁ, ନ ଥିଲେ କି ରାଜା
ଏ ମହୀମଣ୍ଡଳେ ଆଉ ଏହି କୁଳହୀନ
ମୌର୍ଯ୍ୟ ଚନ୍ଦ୍ରଗୁପ୍ତ ବିନା; ନାରୀ ମନ ପରା
ଥାଏ ସର୍ବଦା ଚଞ୍ଚଳ, ଯଥା ବାୟୁଭରେ
କାଶତଣ୍ଡୀଫୁଲ ଶୀଷା, ତେଣୁ ଜାଣିବାକୁ
ସହଜେ ଅକ୍ଷମ ବର-ପୁରୁଷଙ୍କ ଗୁଣ ।

Digitized by srujanika@gmail.com

କିନ୍ତୁ, ଜାଣିଥା ଅଗ୍ରଗି ! ତୋହ ମନସ୍କାମ
ନିଷ୍ଫଳ କରିବ ଲାଗି ଆଶ୍ରୟ-ପାଦପ ।
(ଚନ୍ଦ୍ରାକର) ଗ୍ରଢ଼ିତୁ ମୁଁ ଯେତେବେଳେ ଏ କୁସୁମ ପୁର
ବନ୍ଧୁଗୃହେ ପୁତ୍ର କନ୍ୟା ଗୃହିଣୀଙ୍କି ରଖି;
କି ଉଦ୍ଦେଶ୍ୟେ ? ରିପୁକୁଳ ଜାଣନ୍ତୁ ସକଳେ
ଉଦାସୀନ ହୋଇ ବନେ ପଶିଛୁ ରାକ୍ଷସ ।
ଦଇବେ କୌଶଳ ତାଙ୍କ ହୋଇବ ଶିଥିଳ—
କରିବ ମୁଁ ତହିଁ ଯତ୍ନ ମୌର୍ଯ୍ୟକୁଳ କ୍ଷୟେ ।
ରଖାଇଛୁ ପୁଷ୍ପପୁରେ ଶକଟ ଦାସକୁ
ବହୁ ଧନ ରତ୍ନ ଦେଇ, କରିବ ସେ ଯତ୍ନ
ଶିଘ୍ର ବିଷଦାନ ଶଠ—ବଢ ପ୍ରୟୋଗରେ
ରିପୁକୁଳ—ପାଦପର ଶାଖାଚ୍ଛେଦ ଲାଗି ।
ଆଉ ଛଦ୍ମବେଶୀ ଜୀବସିଦ୍ଧି ଆଦି ଦୂତେ
ଅରାତିଗଣଙ୍କ ଭେଦ—ବ୍ୟାପାରେ ବ୍ୟାପୃତ ।
ତେବେ ଚନ୍ଦ୍ର କିଏ ? ପୁତ୍ର ସହ ନନ୍ଦରାଜା
ଚଳିଲେ ସ୍ୱର୍ଗରେ ପୋଷି ଶୂଦ୍ରା ଗର୍ଭ ଜାତ
ଯେଉଁ ଶିଶୁ, (ସିଂହ ଗର୍ଭେ ଶାର୍ଦ୍ଦୂଳ ଶାବକ)
ବୁଦ୍ଧିବାଣେ ନିଶ୍ଚେ ଭେଦ କରିବ ତା ମର୍ମ,
କର୍ମ ସମାନ ହୋଇବ ଯଦି ଶୁଭାଦୃଷ୍ଟ !

[କଞ୍ଚୁକୀର ପ୍ରବେଶ ।]

କଞ୍ଚୁ—ବିନାଶି ସକଳ ଦୁଃଖ, କ୍ଷୁଦ୍ର ଜଗ ଏବେ
ଧର୍ମରେ ମସ୍ତକ ମୋର ଲଗାଇଛୁ ଆଣି,
ନନ୍ଦବଂଶ ନାଶି ଯଥା ଚତୁର ଚାଣକ୍ୟ
ମୌର୍ଯ୍ୟେ ଲଗାଇଲେ ରାଜ-ଲକ୍ଷ୍ମୀ, ଏବେ ଲୋଭ
ପୁଣି ବସୁଅଛୁ ଧର୍ମ—ହାନି କରିବାକୁ;
କିନ୍ତୁ ନ ପାରଇ-ଜିଣି ଯଥା ଚନ୍ଦ୍ରଗୁପ୍ତେ
ଅମାତ୍ୟ ରାକ୍ଷସ, (ଦେଖି) ଓହୋ,
ମନ୍ତ୍ରୀ ଏହିଠାରେ ! (ପାଖକୁ ଯାଇ)
ଶୁଭମସ୍ତୁ ମନ୍ତ୍ରିବର;—

ରାକ୍ଷସ—ନମସ୍କାର ବିପ୍ର !
ବେଗେ ପ୍ରିୟଂବଦ ଦିଅ ଶର୍ମାଙ୍କୁ ଆସନ ।

ପ୍ରିୟ—ଯେ ଆଜ୍ଞା, ଏହି ଆସନ, ବସନ୍ତୁ ଏଥିରେ ।

କଞ୍ଚୁ—(ବସି) ମନ୍ତ୍ରିବର, କହୁଛନ୍ତି ଶ୍ରୀ ମଳୟକେତୁ ।
ସୁଦୁଃଖିତେ, ଶୁଣି ତବ ବେଶଭୂଷା ତ୍ୟାଗ,
ପାସୋର ନ ଯାଏ ସତ୍ୟ ସ୍ୱାମୀଙ୍କର ଗୁଣ
ଅଚିରେ, ତଥାପି ମୋର ଏହି ନିବେଦନ
ନିହିବେ ଅଙ୍ଗରେ ଏହି ଅମୂଲ୍ୟ ଭୂଷଣ ।
(ଅଳଙ୍କାର ଦେଖାଇ) ଶ୍ରୀ ଅଙ୍ଗରୁ କାଢ଼ି ଏହା
ଦେଲେ ଯୁବରାଜ ।

ରାକ୍ଷ—ବିପ୍ର, କହିବ କୁମାରେ, ତବ ଗୁଣ ଶୁଣି
ପାସୋରିଛୁ ତାହା ସବୁ, କିନ୍ତୁ ଏ ସଙ୍କଳ୍ପ
ନ ଧରିବି ଅଙ୍ଗେ କେବେ ବସନ ଭୂଷଣ,
ଯାବତ ଏ ପୁଷ୍ପ ପୁର-ହେମାଙ୍ଗ ପ୍ରାସାଦେ
ହେମ ସିଂହାସନ ତବ ନୁହେ ପ୍ରତିଷ୍ଠିତ ।

କଞ୍ଚୁ—କି ଅସାଧ ହେ ଅମାତ୍ୟ, ତୁମ୍ଭେ ଥିଲେ-ତେବେ
ରଖନ୍ତୁ ଏ କୁମାରଙ୍କ ସ୍ନେହ-ଉପହାର ।

ରାକ୍ଷ—କୁମାରଙ୍କ ପରି ତବ ଅଲଙ୍ଘ୍ୟ ଆଦେଶ,
ତେଣୁ ପାଳୁଅଛୁ ଆଜ୍ଞା;

କଞ୍ଚୁ—(ଅଳଙ୍କାର ପିନ୍ଧାଇ ଦେଇ) 'ଯାଉଛୁ, ସ୍ୱସ୍ତି ତେ'।

ରାକ୍ଷ—ନମସ୍କାର,—

କଞ୍ଚୁ—ଚଳିଲି ମୁଁ ସ୍ୱକାର୍ଯ୍ୟ ସାଧନେ । (ପ୍ରସ୍ଥାନ)

ରାକ୍ଷ—ପ୍ରିୟଂବଦ, ଦେଖିବଟି କିଏ ଅଛୁ ଦ୍ୱାରେ ?

ପ୍ରିୟ—ଆଜ୍ଞା, ଯାଉଅଛୁ (ଯାଇ, ସାପୁଆ ପ୍ରତି)
ଆରେ, କିଏ ସେ ତୁ କହ ।

ସାପୁ—ଭାଇ ମୁଁ ସାପୁଆକେଳା, ମୋ ନାଁ ଜୀର୍ଣ୍ଣବିଷ
ଆସିଛୁ ଖେଳାଇବାକୁ ମନ୍ତ୍ରୀଙ୍କ ସମ୍ମୁଖରେ ।

ପ୍ରିୟ—ଆଚ୍ଛା, ମୁଁ ଜଣାଇ ଆସେଁ; (ନିକଟକୁ ଯାଇ)
ଆଜ୍ଞା ସେ ସାପୁଆ—

ରାକ୍ଷ—(ବାମାକ୍ଷିସ୍ପନ୍ଦନରେ ସ୍ୱଗତ) ପ୍ରଥମେ ସର୍ପ ଦର୍ଶନ !
(ପ୍ରକାଶ୍ୟେ) କହ ପ୍ରିୟଂବଦ;
ସର୍ପ ଦର୍ଶନରେ ମୋର ନାହିଁ ଅଭିଳାଷ
ଯାଉ ସେ ଏକ୍ଷଣି, ଦିଅ ତାକୁ ପୁରସ୍କାର ।

ପ୍ରିୟ—ଯେ ଆଜ୍ଞା ମଣିମା (ନିକଟକୁ ଯାଇ) ଆରେ,
ତୋହର ଭାଗ୍ୟକୁ
ନ ଦେଖି ଦେଲେଣି ଫଳ ଦେଖି କି ନ ଦେବ ?

Digitized by srujanika@gmail.com

ସାପୁ—ଏତକ ଜଣାଅ ଭାଇ, ଲୁହେ ମୁଁ ସାପୁଆ
ସାମାନ୍ୟରେ ଜଣେ ଜବ, ନ ଗଲେ ପରତେ
ଦେଖାଇବ ଏହି ପତ୍ର (ପତ୍ର ପ୍ରଦାନ)
ପ୍ରିୟ—(ରାକ୍ଷସଙ୍କୁ ପତ୍ର ଦେଇ) ଆଜ୍ଞା, ସେ କହୁଛି
ମୁଁ ମଧ୍ୟ କବତା କରେଁ, ବିଶ୍ୱାସ ନ ହେଲେ
ପଢ଼ିବାକୁ ଆଜ୍ଞା ହେଉ ଏହି ପତ୍ର ଖଣ୍ଡି ।
ରାକ୍ଷ—(ପତ୍ରପାଠ) କୁସୁମରସ ପିଇ ବିଶେଷ
ଗାଳଇ ଯାହା ଅଳି !
ସକଳ ନରେ ତାକୁ ଆଦରେ
ପିଅନ୍ତି ରସୁ ବଳି ।
(ପଢ଼ି ସ୍ୱଗତ) ଓହୋ, ଏ କୁସୁମପୁର-ସନ୍ଦେଶ-ବାହକ
ହୋଇଥିବ ନିଶ୍ଚେ, ମନ ଥିବାରୁ ଚଞ୍ଚଳ
ଚିହ୍ନି ପାରୁ ନାହିଁ ଏହିକ୍ଷଣି, ମୋତେ ଲାଗେ
ପ୍ରିୟ ଦୂତ ବିରାଧ କି ଆସିଛି ଏଠାକୁ ?
(ପ୍ରକାଶ୍ୟେ) ପ୍ରିୟମ୍ବଦ, ଯାଅ ବେଗେ ଡାକିଆଣ ତାକୁ
ଶୁଣିବା କବିଙ୍କଠାରୁ ଆଜ କଥାମୃତ ।
ପ୍ରିୟ—ଯେ ଆଜ୍ଞା ମଣିମା, (ଯାଇ ସାପୁଆ କେଳାକୁ
ଘେନି) ଯାଅ ଘୁମୁକୁ ଏଥର ।
ସାପୁ—(ନିକଟକୁ ଯାଇ, ସ୍ୱଗତ) ଓହୋ ! ମନ୍ତ୍ରୀ ଏହି-
ଠାରେ ! (ସାଧୁଭାଷାରେ) ସା ଉଦ୍ୟମ ଭଯ୍ସେ !
ମୌର୍ଯ୍ୟଗଳେ ରାଜଲକ୍ଷ୍ମୀ ନିହି ସବ୍ୟକାର
ପୀଡ଼ ବାମ ଉରେ ଉର, ପୂର୍ଣ୍ଣ ଆଲିଙ୍ଗନେ
ନ ପାରନ୍ତି ସର୍ବୋଚର ପ୍ରସାର ମଉସ୍ୟେଁ ।
(ପ୍ରକାଶ୍ୟେ) ଜୟ ଜୟ ମନ୍ତ୍ରୀବର,—
ରାକ୍ଷ—ଏ କିଏ ବିରାଧ ?
(ସହସା ସ୍ମରଣ କରି) ଯାଅ ଏବେ ପ୍ରିୟମ୍ବଦ
ଯାନ୍ତୁ ପରିଜନେ,
ହେବ ନାହିଁ ସ ପ ଖେଳ, କର ନିଜ କାର୍ଯ୍ୟ
ପ୍ରିୟ—ଯାହା ଆଜ୍ଞା ମନ୍ତ୍ରୀଙ୍କର, ଯାଉଛୁଁ ସମସ୍ତେ ।
(ପରିଜନ ସହ ପ୍ରସ୍ଥାନ)
ରାକ୍ଷ—ବୟସ୍ୟ ବିରାଧଗୁପ୍ତ, ବସ ଏ ଆସନେ ।
ବି—ଯେ ଆଜ୍ଞା ଅମାତ୍ୟ, (ଉପବେଶନ)

ରାକ୍ଷ—(ଦୁଃଖରେ ଆକାଶକୁ ଚାହିଁ) ଓହୋ,
ପ୍ରଭୁବିହନର
ହେଲା ପୁଣି ଏହି ଦଶା ! (ଅଶ୍ରୁମୋଚନ)
ବି—କି ଦୁଃଖ ଅମାତ୍ୟ,
ଅଚିରେ ଫେରିପିବ ପୁଣି ସେ ଅବସ୍ଥା !
ରାକ୍ଷ—ତେବେ ହେ ବିରାଧ, କହ ପୁଷ୍ପପୁର-କଥା ।
ବି—ଅମାତ୍ୟ, ବିସ୍ତର କଥା-କେଉଁଠୁଁ କହିବ
ଆଜ୍ଞା ହେଉ ମୋତେ,—
ରାକ୍ଷ—ସଖେ, ଶୁଣିବାକୁ ଇଚ୍ଛା ।
ମୌର୍ଯ୍ୟର ପୁର ପ୍ରବେଶ ଦିବସୁଁ ଯା-ଯାହା
ଘଟାଇଲେ ମୋର ଦୂତେ—
ବି—ଶୁଣନ୍ତୁ ତା'ହେଲେ ।
କହୁଛି ଘଟିଛି ଯାହା, କୌଟିଲ୍ୟ ଆଦେଶେ
ଅବରୁଦ୍ଧ ପୁଷ୍ପପୁର ମହାବଳବନ୍ତ
ଯବନ ଶକ କିରାତ ତଥା ପାରସୀକ
ବାହ୍ଲୀକ କାମ୍ବୋଜ ଆଦି ଚତୁରଙ୍ଗ ବଳେ ।
ପ୍ରଳୟେ ଜଳଧି ଯଥା ସଳିଳ-ସଙ୍କୁଳ !
ରାକ୍ଷ—(ଶସ୍ତ୍ରଧରି ସୋଦ୍‌ବେଗେ) ଥିବାଯାଏ ଏ ପିଣ୍ଡରେ
ପ୍ରାଣ କେ ରୋଧିବ
ପୁଷ୍ପପୁର ? ପ୍ରଚାରକ, ଡାକ ସୈନ୍ୟଗଣେ
ଚାଲନ୍ତୁ ଜୀବନ ମୁକ୍ତି ମୋହ ସଙ୍ଗେ ଏବେ
ଲଭିବେ ଅକ୍ଷୟ କୀର୍ତ୍ତି ଯେବେ ଶତ୍ରୁବଧେ ।
ଧାଆଁ ବେଗେ ପ୍ରଭୁଭକ୍ତ ଧନୁର୍ଦ୍ଧରଗଣ,
ସୁବେଶ ତୁରଗ ବଳ ମତ୍ତ ମତଙ୍ଗଜ
ସହିତେ, ସମର ବାଦ୍ୟେ କମ୍ପାଇ ମେଦିନୀ ।
ଘେରି ଯାଅ ପୁର-ଦୁର୍ଗ ପ୍ରାଚୀର ନିସୀମା
କରି, ବଜ୍ରାନଳ ବୃଷ୍ଟି ତୀକ୍ଷ୍ଣ ଶରଘାତେ
ଶୋଷ ମୁହୁର୍ମୁହୁ ଶତ୍ରୁପିଣ୍ଡରୁ ପବଣ ।
ଉନ୍ମତ୍ତ ଗଜେନ୍ଦ୍ର ବଳେ ଭାଙ୍ଗି ପୁର ଦ୍ୱାର
ପଶ ସେ ଦୁର୍ଗମ ଦୁର୍ଗେ ଗୁଣ୍ଡ ସିଂହରଡ଼ି,
ପଦତଳେ ଦଳିଦାଳି ରିପୁଦଳବଳ
ଆକ୍ରମ ହଇଲି ଯାଇ ରଣୋଭ୍ରଟ ଭଟେ ।

Digitized by srujanika@gmail.com

ବି—ଧର ଧୈର୍ଯ୍ୟ ମନ୍ତ୍ରିବର, କମ୍ପା ଏ ଉଦ୍‌ବେଗ !
 କହିଲି ଯା, ଘଟିଥିଲା ପୂର୍ବେ—
ରାକ୍ଷ–ପୂର୍ବ କଥା ?
 ମଣିଲି ମୁଁ ବର୍ତ୍ତମାନ ଏହା, (ଶସ୍ତ୍ରଫିଙ୍ଗି ସାଶ୍ରୁ-
 ନେତ୍ରେ) ମହାରାଜ,
 ପଡ଼ୁଅଛୁ ମନେ ତବ ପ୍ରସନ୍ନ ବଦନ
 ଆଉ ସେ ସସ୍ନେହ କଥା, ପ୍ରୀତ ହୋଇ ପୂର୍ବେ
 ଡାକୁଥିଲ ଯେ ରାକ୍ଷସେ 'ରାକ୍ଷସ ସହସ୍ର'
 ବୋଲି ଅତି ସ୍ନେହଭରେ, ସେ ରାକ୍ଷସ ଆଜ
 ଯିବ ପଦବ୍ରଜେ ପୁଣି ସହାୟ ସମ୍ବଳ
 ବିନା ସମର ଭୂମିକି । କି ହେଲା ତତ୍ପରେ
 କହ ଦୂତ,—
ବି—ପୁଷ୍ପପୁର ରୋଧିବାର ଦେଖି
 ଚାଲିଲୁଁ ଯେ ଯାହା କାର୍ଯ୍ୟ ସାଧନ ମାନସେ
 ପ୍ରଭୁ ଆଜ୍ଞା ଧ୍ୟାୟି ଚିତ୍ତେ, ମାତ୍ର ବୃଥା ଚେଷ୍ଟା !
 ଚାଣକ୍ୟର ଅତ୍ୟାଚାରେ ସଦା ଜର୍ଜରିତ
 ନିର୍ବାସିତ ହେଲେ ଯେତେ ମୌର୍ଯ୍ୟଦ୍ୱେଷୀ ପ୍ରଜା ।
 ସ୍ଥବିର ସର୍ବାର୍ଥ ସିଦ୍ଧି ସୁଡ଼ଙ୍ଗ ପ୍ରୟାଣେ
 ପଳାଇ ହାରିଲେ ପ୍ରାଣ ତପୋବନେ ପୁଣି !
 ମୌର୍ଯ୍ୟ ବଧେ ପେଷିଥିଲେ ଯେଉଁ ବିଷାଙ୍ଗନା
 ତାହା ଯୋଗେ ମନ୍ତ୍ରିବର, ହେଲା ଏବେ ଲବ୍ଧ
 ନିରୀହ ପର୍ବତେଶ୍ୱର-ଅକାଳ ମରଣ !
ରାକ୍ଷ—ପଡ଼ୁଅଛୁ ମନେ ମୋର ଆଜ ହେ ବିରାଧ !
 ମହାଭାରତର ଯୁଦ୍ଧେ କର୍ଣ୍ଣାର୍ଜ୍ଜୁନ କଥା-
 ଆକର୍ଣ୍ଣ ଟଙ୍କାରି ଧନୁ କର୍ଣ୍ଣ ବୀରମଣି
 ପଶ୍ଚାତେ ପେଷିଲା ଯେବେ ଅମୋଘ ଶକତି
 ଅର୍ଜ୍ଜୁନ ନିଧନେ; ତହିଁ ତେଜିଲା ଜୀବନ
 ବାଳକ ହିଡ଼ମ୍ବାସୁତ; ଭବେ ବିଷ୍ଣୁରୂପୀ
 ମାୟାବୀ ମାଧବଙ୍କର ମାୟାବଳେ ଏବେ
 କୁଟିଳ କଳ୍ପନା-ପଟୁ ମନ୍ତ୍ରୀ ବିଷ୍ଣୁଗୁପ୍ତ
 ଘଟାଇଲା ସେହିପରି ମୋର;—
ବି–ଭାଗ୍ୟ ଦୋଷେ ।

ରାକ୍ଷ—ତହୁଁ ହେଲା କିସ;—
ବି—ତହୁଁ ପଳାଇଲେ ତ୍ରାସେ ।
 କୁମାର ମଳୟକେତୁ ପୁଷ୍ପପୁର ତେଜି,
 ରାଜଭ୍ରାତା ବୈରଧକ ବିଷ୍ଣୁଗୁପ୍ତ ମନ୍ତ୍ରେ-
 ବଶୀଭୂତ ହୋଇ ତହିଁ ରହିଲେ ଉଲ୍ଲାସେ ।
 ନନ୍ଦ ଭବନ ପ୍ରବେଶ-ଦିବସେ ଚାଣକ୍ୟ
 ଜଣାଇଲା ପୁରବାସୀ ସକଳ ପ୍ରକାରେ
 କର ନଗରର ସଜ୍ଜା ଭବନ ସଂସ୍କାର
 ନିଶୀଥେ ମୌର୍ଯ୍ୟ ପତି କରିବେ ପ୍ରବେଶ ।
 ଭାଷିଲେ ସେ କାଳେ କେହି, କାରୁ ଦାରୁବର୍ମ୍ମା ।
 ଆଗହୁଁ ବହିଛି ସିଂହ ଦୁଆର ସଂସ୍କାର;
 ଶୁଣି ତା କୁଟିଳ ମତି ସେ ଚାଣକ୍ୟବଟୁ
 'ବିନାଦେଶେ ପୁରଦ୍ୱାର କରିଛୁ ସଂସ୍କାର
 ବୋଲି ଅତି ପରିତୋଷେ ଭାଷିଲେ-ଅନ୍ତରେ
 ଏହି ଦକ୍ଷତାର ଫଳ ଲଭିବ ସ୍ଥପତି ।
ରାକ୍ଷ—(ସୋଦ୍‌ବେଗେ) ସଖେ, ଚାଣକ୍ୟର ପୁଣି କି
 ସନ୍ତୋଷ ତହିଁ ?
 ଅଫଳ ଅନଷ୍ଟ ଫଳ ହେବ ବା ଦାରୁର ?
 ଯେଣୁ ସେ ଅଜ୍ଞାନ ଶିଳ୍ପୀ ବୁଦ୍ଧି ମୋହେ, ଅବା
 ଅତିରାଜଭକ୍ତି ଗୁଣେ ବିଳମ୍ବ ନ ସହି
 ଜନ୍ମାଇଲା ସଂଶୟକୁ ଚାଣକ୍ୟ ମାନସେ !
 କହ କିସ ହେଲା ତହୁଁ,—
ବି—କପଟୀ ଚାଣକ୍ୟ ।
 ଅନୁକୂଳ ଲଗ୍ନଯୋଗେ ଜଣାଇଲା ପୁରେ
 ସର୍ବ ପୌର ଜନେ ପୁଣି ଶିଳ୍ପ କାରି-ଗଣେ,
 'ଆଜ ଅର୍ଦ୍ଧ ରାତ୍ର କାଳେ ନନ୍ଦ ରାଜପୁରେ
 ପ୍ରବେଶିବେ ନବରାଜ' ! ଯଥାକାଳେ ତହୁଁ
 ମୌର୍ଯ୍ୟସହ ବସାଇଲେ ସେହି ବୈରୋଧକେ
 କରି ଅର୍ଦ୍ଧରାଜ୍ୟଭାଗୀ—
ରାକ୍ଷ—ଅର୍ଦ୍ଧରାଜ୍ୟଭାଗୀ !
 ଆଜ୍ଞା ଦେଇଅଛନ୍ତି କି ଅର୍ଦ୍ଧରାଜ୍ୟ ତାଙ୍କୁ ?
 ପୂର୍ବ ପ୍ରତିଶ୍ରୁତି ମତେ—

Digitized by srujanika@gmail.com

ବି—ହୁଁ-ହୁଁ ଦେଇଛନ୍ତି ।

ରାକ୍ଷ—(ସ୍ୱଗତ) ନିଶ୍ଚେ ସେ ବଞ୍ଚକ ତାର ବଧ ପାଞ୍ଚ
ମନେ, ନିଗ୍ରହ ପର୍ବତେଶ୍ୱର ବଧ ନିବନ୍ଧନ
ଅପଯଶକ୍ଷାଳନ ଲାଗି, ଲୋକେ ଜାଣିବାକୁ
କରିଅଛି ଏ ଛଳନା (ପ୍ରକାଶ୍ୟେ) ହେଉ ତାହାପରେ ?

ବି—କୁଟିଳ କଳ୍ପନାପଟୁ କୌଟିଲ୍ୟ ଆଦେଶେ
ଅଭିଷିକ୍ତ ହେଲେ ରାଜ-ଭ୍ରାତା ବୈରୋଧକ
ନାନା ମଣି ମୁକ୍ତାହାର ବିଭୂଷିତ ଅଙ୍ଗେ,
ମନୋହର ମଣିମୟ ମୁକୁଟ-ମସ୍ତକେ
ମୌର୍ଯ୍ୟପ୍ରିୟ ଚନ୍ଦ୍ରଲେଖା କରିଣୀର ପୃଷ୍ଠେ,
ରାଜ୍ୟେଶ୍ୱର ବେଶେ ତହୁଁ ବସି ଆଡ଼ମ୍ବରେ
ଚଳନ୍ତେ ସେବକେ ଗଲେ ନିଜ ପ୍ରଭୁ ମଣି ।
ପ୍ରବେଶନ୍ତେ ପୁର ଦ୍ୱାରେ, ଦାରୁବର୍ମା ତବ
ମୌର୍ଯ୍ୟ ମଣି, ସଜ୍ଜକଲ ସେ ଯନ୍ତ୍ର ତୋରଣ ।
ତହୁଁ ମିଳିଲେ ସକଳେ ଯାଇ ଦଳେ ଦଳେ
ମହା କୋଳାହଳ କରି, ସେ ଚହଳେ ତହୁଁ
ମୌର୍ଯ୍ୟ ହସ୍ତିପକ ତବ ବର୍ବରକ କରେ
ଧରିଲେ କନକ ଗୁପ୍ତି; (ସୁବର୍ଣ୍ଣ-ଶୃଙ୍ଖଳା-
ଯୋଗେ ଯୁକ୍ତ ମୁଖ ଯାର) ଆକର୍ଷିବା ପାଇଁ
ସୁତୀକ୍ଷ୍ଣ ଛୁରିକା ଗର୍ଭୁ;—

ରାକ୍ଷ—ଦୁହିଙ୍କର ତେବେ ।
ଅସ୍ଥାନରେ ହେଲା ଚେଷ୍ଟା ! ସେଠୁଁ କଣ ହେଲା ?

ବି—ନ ସହିଣ ଜଙ୍ଘାଘାତ ତହୁଁ ଗଜବଧୂ
ଧାଉଁ ଅତିବେଗଭରେ ହେଲା ଲକ୍ଷ୍ୟ ଭଙ୍ଗ,
ବ୍ୟଗ୍ର ଚିତ୍ତେ ଦାରୁବର୍ମା ନ ଦେଖିଣ ତହିଁ
ମୌର୍ଯ୍ୟରୂପୀ ବୈରୋଧକେ, ବଧିଲେ ତକ୍ଷଣେ
ଖଡ଼୍‌ଗଧାରୀ ବର୍ବର କେ ସେହି ଯନ୍ତ୍ରପାତେ,
ଯନ୍ତ୍ରପାତେ ନିଜ ମୃତ୍ୟୁ ସୁନିଶ୍ଚିତ ଜାଣି
ତହୁଁ ସେ ସ୍ଥପତି ବର୍ମା ଉଠିତୋରଣାଗ୍ରେ
ପେଷନ୍ତେ ଲୋହକୀଳକ କରିଣୀକି ଲକ୍ଷି,
ନିଗ୍ରହ ପର୍ବତଭ୍ରାତା ହାରିଲେ ଜୀବନ ।

ରାକ୍ଷ—ନ ମରି ମଉର୍ଯ୍ୟ ଆହା ମଲେ ବୈରୋଧକ
(ସାବେଗେ-ସ୍ୱଗତ) କିନ୍ତୁ ନୁହନ୍ତି ଏ ବେନି,
ମଲୁଁ ଆମ୍ଭେ ସର୍ବେ (ପ୍ରକାଶ୍ୟେ) ଦାରୁବର୍ମା
ସ୍ଥପତିର କି ଘଟିଲା କହ ।

ବି—ଠେକା ମାରି ପଦାତିକେ ବଧିଲେ ତକ୍ଷଣେ ।

ରାକ୍ଷ—(ସଲୋତକେ) ଆହା, ବୃଦ୍ଧ ଦାରୁବର୍ମା ଏବେ
ଗଲେ ଛାଡ଼ି ! ଆଚ୍ଛା ସେ ଅଭୟ ଦତ୍ତ ବୈଦ୍ୟ କଲେ
କଣ ?

ବି—ଆଜ୍ଞାମତେ କରିଛନ୍ତି ସବୁ,

ରାକ୍ଷ—(ସହର୍ଷେ) ସତେ ସଖା,
ହତ ତେବେ ଚନ୍ଦ୍ରଗୁପ୍ତ ?

ବି—ଦଇବେ ଜୀବିତ ।

ରାକ୍ଷ—(ଦୁଃଖରେ) ସବୁ କରିଛନ୍ତି ବୋଲି କହୁଛ
କିପରି ?

ବି—ଅମାତ୍ୟ, ସେ ବିଷଚୂର୍ଣ୍ଣ ମିଶ୍ରିତ ଔଷଧ
ଦେଇ ଥିଲେ ବୈଦ୍ୟରାଜ ଚନ୍ଦ୍ରଗୁପ୍ତେ; କିନ୍ତୁ
ଚତୁର ଚାଣକ୍ୟ ବିପ୍ର ସୁବର୍ଣ୍ଣ-ଭାଜନେ
ଦେଖି ଅନ୍ୟ ବର୍ଣ୍ଣ ତାର ଭାଷିଲା ତକ୍ଷଣେ
ନବ ନୃପ ଚନ୍ଦ୍ରଗୁପ୍ତେ; ବୃଷଳ ବୃଷଳ,
ପିଅ ନା ଏହି ଔଷଧ ବିଷ ଅଛି ଏଥି ।

ରାକ୍ଷ—ଅତି ଶଠ ସେହି ବଟୁ ଆଚ୍ଛା ସେହି ବୈଦ୍ୟ ?—

ବି—ସେହି ଔଷଧ-ପାନେ ତେଜିଲେ ଜୀବନ ।

ରାକ୍ଷ—(ଦୁଃଖରେ) ଆହା କି ବିଜ୍ଞାନ ରାଶି ହୋଇଗଲା
ନଷ୍ଟ ! ହଉ, ସେହି ଶଯ୍ୟାପାଳ ପ୍ରମୋଦର କଣ ?

ବି—ନିଜ ଜୀବନ ବିନାଶ,

ରା—(ସୋଦ୍‌ବେଗେ) ତା କିପରି ହେଲା ?

ବି—ସେ ଅଧମ ତବଦତ୍ତ ଧନରାଶି ବ୍ୟୟେ
କଲା ବହୁ ଆଡ଼ମ୍ବର, ତହୁଁ ତାକୁ ଆଣି
କାହୁଁ ଏତେ ଅର୍ଥାଗମ ପୁଚ୍ଛନ୍ତେ କୌଶଳେ
ହୁଡ଼ିଲା କଥା କଥାକେ; ତହୁଁ ଚାଣକ୍ୟର
କରଣୀରେ ହତ ସେହି;

Digitized by srujanika@gmail.com

ରା— ମଧ୍ୟ (ହତ) ଆମ୍ଭେ ସର୍ବେ ।
(ହତ) ସୁପ୍ତ ଚନ୍ଦ୍ରଗୁପ୍ତ ଦେହେ ଅସ୍ତ୍ରଘାତ ଲଗି
ଥିଲେ ଯେଉଁ ଚର ମୋର ମୌର୍ଯ୍ୟ ଭବନର
ଭିତର ସୁଡ଼ଙ୍ଗେ-ଜାଣ ତାଙ୍କର ବାରତା ?
ବି— ବଡ଼ ଦାରୁଣ ବାରତା ।
ରା— (ସାବେଗେ) କି ଦାରୁଣ ବାର୍ତ୍ତା ?
ଚାଣକ୍ୟ ତ ଜାଣି ନାହିଁ ତାହାଙ୍କୁ ସେଠାରେ ?
ବି— ଜାଣିଅଛି—
ରା— କେଉଁପରି ?
ବି— ରାଜା ଚନ୍ଦ୍ରଗୁପ୍ତ ।
ପ୍ରବେଶନ୍ତେ ସେ ଭବନେ ଦୁରନ୍ତ ଚାଣକ୍ୟ
ନିରେଖିଲା ଚାରିପାଖେ, ଅକସ୍ମାତ କାନ୍ଥ—
ଅନ୍ତର୍ଗତେ ଖାଦ୍ୟ ସହ ପିପୀଲିକାବଳୀ
ପଡ଼ନ୍ତେ ନୟନ ପଥେ; ବୁଝିଲା କୁଟିଳ
ଅଛନ୍ତି ଯେ ଗର୍ଭେ ନିଶ୍ଚେ ଶତ୍ରୁଗୂଢ଼ଚରେ—
'ଦହନ ବହନ ଯୁକ୍ତ କର ଏ ଭବନ'
କହନ୍ତେ ଆଦେଶ ମାତ୍ରେ ତବ ଅନୁଚରେ
ଧୂମେ ଅନ୍ଧୀଭୂତ ହୋଇ ସୁଡ଼ଙ୍ଗ ମୁଖରେ
ବୀଭତ୍ସକ ଆଦି ସର୍ବେ-ନିରୁଦ୍ଧ-ନିଃଶ୍ୱାସେ
ହେଲେ ଅଗ୍ନି ଗର୍ଭଗତ,—
ରାକ୍ଷ— (ସାଶ୍ରୁନେତ୍ରେ) ଚନ୍ଦ୍ରଗୁପ୍ତ ଭାଗ୍ୟେ
ଦେଖ ସଖେ, ସର୍ବେ ମୃତ ଏବେ,
(ଚିନ୍ତାକରି) କେତେ ଭାଗ୍ୟ !
ଯାହା ବଧେ ପେଷିଥିଲି ବିଷକନ୍ୟା, ତହିଁ
ନିଷ୍ଫଳଙ୍କ ପର୍ବତକ ହତ, ଥିଲେ ଯେହୁ
ହୋଇଥାନ୍ତେ ଅର୍ଦ୍ଧରାଜ୍ୟ-ଭାଗୀ, ଆଜ ଦେଖ
ଶିଳାଯନ୍ତ୍ର ବିଷପାନ ନିକାଞ୍ଚନ ବଧ
ଆଦି ସର୍ବମାତ୍ର ମୋର ଫଳିଲା ସୁଫଳ
ବୃଷଳ ମଙ୍ଗଳ ଲଗି,—
ବି— ତଥାପି ଅମାତ୍ୟ ।
ନୁହେ କର୍ମ ପରିତ୍ୟାଜ୍ୟ ଦେଖ ବିଘ୍ନଭୟେ
ନ କରନ୍ତି କର୍ମାରମ୍ଭ ଅଧମ ଯେ ଜନ,
ମଧ୍ୟମେ ବିରମିଥାନ୍ତି ବିଘ୍ନପାତେ, କିନ୍ତୁ
ଉତ୍ତମ ଯେ ନ ଛାଡ଼ନ୍ତି ଯେତେ ବିଘ୍ନ ପଡ଼ୁ ।
ମହା କ୍ଲେଶ ଲଭି ସୁଦ୍ଧା ଧରଣୀ ଧାରଣେ
ବିମୁଖ କି ଶେଷ ହେବ କେବେ ? ଦେଖ ସୂର୍ଯ୍ୟ
ଭ୍ରମି ଭ୍ରମି ନିରନ୍ତର ନୁହଇ ନିଶ୍ଚଳ;
ଅଙ୍ଗୀକୃତ ଦାନ କରି କୃପଣ ସମାନ
ନୁହଇ କି ଲଜ୍ଜାନତ ସୁପୁରୁଷ ଭବେ ?
ସ୍ୱକର୍ମ-ପାଳନ ନିତ୍ୟ ବ୍ରତ ସଭିଙ୍କର ।
ରା— ସ୍ୱକାର୍ଯ୍ୟ ଅପରିତ୍ୟାଜ୍ୟ, ଦେଖୁଛ ତ ତୁମ୍ଭେ !
କହ ଏବେ ଘଟିଛି ଯା ତାହା ପରେ ସେଠି ।
ବି— ସେହି ଦିନୁ ନବରାଜ ଚନ୍ଦ୍ରଗୁପ୍ତ-ପ୍ରତି
ଚାଣକ୍ୟ ସହସ୍ର ଗୁଣେ ଅଛି ସାବଧାନ,
ଯହିଁ ଯାହା ହେବ ଭାବ ପୁଷ୍ପପୁର ବାସୀ
ନନ୍ଦରାଜ-ମନ୍ତ୍ରିଗଣେ କରେ ନିର୍ବାସିତ ।
ରା— (ସୋଦ୍‌ବେଗେ) କିଏ କିଏ ନିର୍ବାସିତ !
ବି— ଅମାତ୍ୟ, ପ୍ରଥମେ—
ସେହି କ୍ଷପଣକ ବେଶି ଜୀବସିଦ୍ଧି ତବ ।
ରା— (ସ୍ୱଗତ) ଏହି ରକ୍ଷା, ପରିବାର ବିନା ନିର୍ବାସନ
ନୁହେ କଷ୍ଟକର ତେବେ, (ପ୍ରକାଶ୍ୟେ)
ଆଚ୍ଛା, କେଉଁ ଦୋଷେ ନିର୍ବାସିତ ସେହି,—
ବି— ମନ୍ତ୍ରି, ଅପରାଧ ଏହି—
ବଧିଛି ସେ ପର୍ବତକେ ବିଷକନ୍ୟା ଯୋଗେ ।
ରା— (ସ୍ୱଗତ) ଧନ୍ୟ ଧନ୍ୟ ହେ ଚାଣକ୍ୟ,
ଅର୍ଦ୍ଧରାଜ୍ୟ ହରେ
ବଧି ନିଜେ ଅପଯଶ ରଖାଇଲ ପରେ,
ଏକ ମାତ୍ର-ବୀଜ ତବ ଫଳେ ବହୁଫଳ ।
(ପ୍ରକାଶ୍ୟେ) ଆଉ କି ବାର୍ତ୍ତା ବିଶେଷ ?
ବି— ଚନ୍ଦ୍ରଗୁପ୍ତ ହେଲେ ସ୍ଥିର,
ଦାରୁବର୍ମା ଆଦି ଯେତେ ସର୍ବେ ପ୍ରବର୍ତ୍ତିତ
ଶକଟାର ଯତ୍ନେ, ଘୋଷି ଏହି ଦୋଷ ତାଙ୍କୁ
ବହାଇଲେ ଶୂଳ ଆହା, ନଗର ପ୍ରାନ୍ତରେ ।
ରା— (ସାଶ୍ରୁନେତ୍ରେ) ହା ହା ସଖେ, ନୁହେ ଯୁକ୍ତ
ଏତକ ମର୍ଷଣ

Digitized by srujanika@gmail.com

ଅବା କିବା ଦୁଃଖ ତବ, ପ୍ରଭୁଲାଗି ଯେଣୁ,—
ଦୁଃଖଭାଗୀ ଆମ୍ଭେ କିନା ? ଅଛୁଁ ଯେ ଜୀବନେ ।
ଚ—ଏ କି କଥା ମନ୍ତ୍ରି, ଅଛୁଁ ପ୍ରଭୁକାର୍ଯ୍ୟ ଆଶେ ।
ରା—ସେହି ସେନ ଅଛି ମାତ୍ର ଜୀବନରେ ଆଶା !
(କିନ୍ତୁ) କୃତଘ୍ନେ ସ୍ୱର୍ଗତ ଦେବେ ନ ସୁହାନ୍ତି ଆଜ ।
ଚ—ସତ୍ୟ, ସତ୍ୟ ତା ଅମାତ୍ୟ; (ସେହିସେନ
-ପୁନଃପଠନ)
ରା—କହିଯାଅ ସଖା,
ଆଜ ଅଛି ଯେତେ ବନ୍ଧୁ ବିପଦର କଥା ।
ଶୁଣିବାକୁ ପ୍ରସ୍ତୁତ ମୁଁ,—
ଚ—ମନ୍ତ୍ରି ସେହି ଭୟେ
ରଖିଲେ ଚନ୍ଦନ ତବ କୁଟୁମ୍ବେ ଗୋପନେ !
ରା—ସେହି ଶ୍ରେଷ୍ଠୀ ଚାଣକ୍ୟର ଥିଲା କି ବିରୋଧୀ ?
ଚ—ନାହିଁ ମନ୍ତ୍ରି, ଅନୁଚିତ ବନ୍ଧୁଦ୍ରୋହ—
ରା—ସେଠୁଁ ।
ଚ—ମାଗନ୍ତେ ଚାଣକ୍ୟ ଯହୁଁ ଅମାତ୍ୟ କୁଟୁମ୍ବେ
ନ ଦେଲା ସମର୍ପି ଶ୍ରେଷ୍ଠୀ, ସେ ନିଷ୍ଠୁର ବଟୁ
ଅତି କୋପ ଭରେ,—
ରା—କିଣ, ବଧ କଲା ?
ଚ—ନାହିଁ, ବଧି ନାହିଁ; କିନ୍ତୁ ସର୍ବସ୍ୱ ଅଣାଇ
ବାନ୍ଧି ରଖିଅଛି ପୁତ୍ର କଳତ୍ର ସହିତେ
ଘୋର କାରାଗାରେ;—
ରା—ତେବେ, କହୁଛ କିପରି
ରଖିଛି ଗୋପନେ ତାଙ୍କୁ, କହ ତାହା ହେଲେ
ରାକ୍ଷସ ଆବଦ୍ଧ ତହିଁ କଳତ୍ର ସହିତ ।
[ହଠାତ୍ ପଟ କ୍ଷେପଣ ପୂର୍ବକ ପ୍ରତିହାରୀର ପ୍ରବେଶ]
ପ୍ରତି—(ପ୍ରଣାମ କରି) ଆଜ୍ଞା ଶକଟାର ଦ୍ୱାରେ,—
ରା—ସତେ ପ୍ରିୟଂବଦ ?
ପ୍ରିୟ—କହିଛି କି ମିଛ କେବେ ମନ୍ତ୍ରୀଙ୍କ ଛାମୁରେ ?
ରା—ଏ କଣ ବିରୋଧ ?
ଚ—ଭାଗ୍ୟ କରିଅଛି ରକ୍ଷା ।
ରା—ପ୍ରିୟମ୍ବଦ, ସତ୍ୟ ଯେବେ କାହିଁକି ବିଳମ୍ବ ?
ଶୀଘ୍ର ତାଙ୍କୁ ଆଣ ଯାଇ,—
ପ୍ରିୟ—ଆଜ୍ଞା ଯାଉଅଛି । (ପ୍ରସ୍ଥାନ)
(ଶକଟଦାସ ଓ ତତ୍ପଶ୍ଚାତ୍ ସିଦ୍ଧାର୍ଥକର ପ୍ରବେଶ)
ଶକ—(ସ୍ୱଗତ)
ନେଲେ ସେ ଘାତକ ଯେବେ ଶୂଳପାଶେ ମୋତେ
ବଧ୍ୟ-କନପୁଷ୍ପମାଳା ଲମ୍ବାଇ ମୋଗଳେ,
ଶୁଣି ସେ ମରମଭେଦୀ ଭୟଙ୍କର ଧ୍ୱନି
ବଧ୍ୟ ଢକ୍କା ତୂରୀ ଭେରୀ ମର୍ଦ୍ଦଳ ଘଣ୍ଟାର
ଟଳି ନାହିଁ ତିଳେ ମୋର କଠିନ ହୃଦୟ
ପୂର୍ବେ ଯେ ସହି ଥିଲି ପ୍ରଭୁବଧ ବ୍ୟଥା !
(ରାକ୍ଷସଙ୍କୁ ଚାହିଁ ସହର୍ଷେ)
ଅମାତ୍ୟ ରାକ୍ଷସ ଏହି ଆଦର୍ଶ ଭକତ
ଜଗତେ ଭକ୍ତିର ଆଉ ନାହିଁ ପଟାନ୍ତର ।
(ପାଖକୁ ଯାଇ) ଜୟ ଜୟ ହେ ଅମାତ୍ୟ;
ରାକ୍ଷ—ହେ ଶକଟ ଦାସ !
ବଞ୍ଚିଲ ଚାଣକ୍ୟ ହାତୁ, କର ଆଲିଙ୍ଗନ ।
ଶକ—(ତଥାକରଣ)
ରାକ୍ଷ—(ଆଲିଙ୍ଗନ କରି) ବସ ଏହି ଆସନରେ—
ଶକ—ହଉ, ଯାହା ଆଜ୍ଞା (ଉପବେଶନ)
ରା—ଆହା କି ଆନନ୍ଦ ମୋର ଆଜି ପ୍ରିୟ ସଖେ !
ଶକ—(ସିଦ୍ଧାର୍ଥକକୁ ଦେଖାଇ)
ଏହି ବନ୍ଧୁ ରଖିଛନ୍ତି ଏ ପୋଡ଼ା ପରାଣ
ନିର୍ଦ୍ଦୟ ଘାତକ ଗଣେ ଭୟେ ତରଛାଇ ।
ରାକ୍ଷ—(ସହର୍ଷେ) ପ୍ରିୟ ସିଦ୍ଧାର୍ଥକ !
ବଡ଼ ହିତକାରୀ ତୁମ୍ଭେ,
ନୁହଇ ଏ ଉପଯୁକ୍ତ ସେଥିକି, ତଥାପି
ଅଙ୍ଗୀକାର କର ମୋର ସ୍ନେହ ଉପହାର ।
(ସ୍ୱଦେହରୁ ଅଳଙ୍କାର ପ୍ରଦାନ)
ସିଦ୍ଧା—(ନେଇ ପାଦତଳେ ପଡ଼ି) କରେଁ ଏବେ
ଆର୍ଯ୍ୟଙ୍କର କାର୍ଯ୍ୟ, (ପ୍ରକାଶ୍ୟେ) ମନ୍ତ୍ରିବର !
ଏ ନଗରେ ମୋର କେହି ପରିଚିତ ନାହିଁ,
ତେଣୁ ଏ ପ୍ରାର୍ଥନା, ଆଜ୍ଞା ହେଲେ ମନ୍ତ୍ରୀଙ୍କର

Digitized by srujanika@gmail.com

ଭଣ୍ଡାରେ ରଖି ଏ ମୁଦ୍ରା-ମୁଦ୍ରିତ ପତ୍ରକୁ
ଦୁଅନ୍ତୁ ନିଶ୍ଚିନ୍ତ, ନେବ ପ୍ରୟୋଜନ ହେଲେ ।
ରାକ୍ଷ—କିଛି ଦୋଷ ନାହିଁ ଭଦ୍ର ରଖ ଯହିଁ ଇଚ୍ଛା
ଶକଟ କରାଅ ଏହା—
ଶକ—ଆଜ୍ଞା ରଖାଉଛି ।
ତବ ମୁଦ୍ରା କି ଏ ମନ୍ତ୍ରି !
ରାକ୍ଷ—(ସ୍ୱଗତ) ଅହୋ ! ସର୍ବନାଶ !
ନଗରୁ ନିର୍ଗମକାଳେ ବ୍ରାହ୍ମଣୀ ଏହାକୁ
ବିରହ ବିନୋଦ ଲାଗି ନେଇଥିଲେ କରେ;
ଏ କିପରି ହେଲା ହସ୍ତଗତ !
(ପ୍ରକାଶ୍ୟେ) ସିଦ୍ଧାର୍ଥକ;
ଏହାକୁ ପାଇଲ କାହୁଁ ?
ସିଦ୍ଧା—ଆଜ୍ଞା ପୁଷ୍ପପୁରେ
ମଣିକାର ଶ୍ରୀ ଚନ୍ଦନଦାସଙ୍କ ଦୁଆରୁ
ପାଇଛି ମୁଁ ଏ ରତ୍ନ ମୁଦ୍ର—
ରାକ୍ଷ—ସତ୍ୟ କଥା ।
ସିଦ୍ଧା—ଆଜ୍ଞା, କିଣ ସତକଥା,
ରାକ୍ଷ—ମହାଧନୀ ହେଲେ
ଏପରି ରତନମୁଦ୍ର ମିଳିବା ସମ୍ଭବ !
ଶକ—ସିଦ୍ଧାର୍ଥକ, ମନ୍ତ୍ରୀଙ୍କର ନାମାଙ୍କିତ ଦେଖ
ଏହି ରତ୍ନମୁଦ୍ର, ଯଦି ଅର୍ପିବ ଏକ୍ଷଣି
ବହୁ ଧନରତ୍ନେ ମନ୍ତ୍ରୀ ତୋଷିବେ ତୁମ୍ଭଙ୍କୁ ।
ସିଦ୍ଧା—ମନ୍ତ୍ରୀ ଯେବେ ଅନୁଗ୍ରହ କରିବେ ନେବାକୁ
ମୋର ଯେତେ ପରିତୋଷ (ମୁଦ୍ରା ପ୍ରଦାନ)
ରାକ୍ଷ—ବୟସ୍ୟ ଶକଟ,
ଆଜଠାରୁ ଏ ମୁଦ୍ରାକୁ ନିଜ ଅଧିକାରେ
କର ବ୍ୟବହାର ତୁମ୍ଭେ ।
ଶକ—ଯାହା ଆଜ୍ଞା ତବ ।
ସିଦ୍ଧା—ଆଜ୍ଞା, କିଛି ଜଣାଇବି ।
ରାକ୍ଷ—ସୁଖେ କହ ଭଦ୍ର,
ସିଦ୍ଧା—ଅମାତ୍ୟଙ୍କୁ ଜଣା ଏହା, ପୁଷ୍ପପୁରୁଁ ମୋତେ
କରିଛନ୍ତି ନିର୍ବାସିତ ସେ ଚାଣକ୍ୟ ବିପ୍ର,
ତେଣୁ ତବ ପାଦସେବା କରିବାକୁ ଇଚ୍ଛା !
ରାକ୍ଷ—ଅତି ପ୍ରିୟ କଥା ତେବେ, ନିଜେ କହିବାରୁ
ନ କଲି ମୁଁ ଅନୁନୟ । ଯାହା ତୁମ୍ଭ ପ୍ରିୟ
କରାଯିବ, ସବୁ ।
ସିଦ୍ଧା—ତାହା ତବ ଅନୁଗ୍ରହ ।
ରାକ୍ଷ—ଶକଟ, ବିଶ୍ରାମ ଅନ୍ତେ କର ସୁବ୍ୟବସ୍ଥା
ପ୍ରିୟ ସିଦ୍ଧାର୍ଥକ ଲାଗି,—
ଶକ—ଯେ ଆଜ୍ଞା ଅମାତ୍ୟ । (ଉଭୟର ପ୍ରସ୍ଥାନ)
ରାକ୍ଷ—କହ ଏଥର ବିରାଧ, ପୁଷ୍ପପୁର କଥା !
ଅବଶିଷ୍ଟ ଅଛି ଯାହା, ପୁରବାସୀଙ୍କର
ଘଟିଛି କି ମନାନ୍ତର ପରସ୍ପର ପ୍ରତି ?
ବିରା—ଘଟିଛି ତା ମନ୍ତ୍ରିବର, ତବ ମନ୍ତ୍ର ବଳେ,
କେବଳ ଲୋକଙ୍କ କିଆଁ ବଡ଼ ବଡ଼ଙ୍କର ।
ରାକ୍ଷ—କି କି କାରଣରୁ ସଖେ,
ବି—ଶୁଣନ୍ତୁ ଅମାତ୍ୟ,
ମଳୟକେତୁଙ୍କ ରାଜ୍ୟତ୍ୟାଗ ଦିନ ଠାରୁ
ବିରକ୍ତ ଚାଣକ୍ୟ ପ୍ରତି ମୌର୍ଯ୍ୟ ଚନ୍ଦ୍ରଗୁପ୍ତ,
ଅସହନ ସେ ଚାଣକ୍ୟ ନ ସହି ସେ ପୀଡ଼ା
କରି ଆଜ୍ଞାଭଙ୍ଗ, ତହିଁ ବଢ଼ାଉଛି ଦୁଃଖ
ଅନୁକ୍ଷଣ ମୌର୍ଯ୍ୟଚନ୍ଦ୍ର-ନବୀନ ମାନସେ ।
ଜାଣିଛି ଏତିକି ମାତ୍ର,—
ରାକ୍ଷ—ତେବେ ତୁମ୍ଭେ ସଖା,
ଏହି ସର୍ପଜୀବୀବେଶେ ଯାଅ ପୁଷ୍ପପୁରେ,
କହିବ ନିର୍ଜନେ ଦୂତ ସ୍ତନକଳସକୁ,
(ରାଜାଙ୍କର ବୈତାଳିକ ପଦେ ଯେ ନିଯୁକ୍ତ)
କୁଟିଳ ଚାଣକ୍ୟ ଯେବେ ରାଜଆଜ୍ଞା ଭଙ୍ଗ
କରିବ ସେ କାଳେ, ତହିଁ ନାନା ଉତ୍ତେଜନେ
ତେଜାଇବ ଯତ୍ନେ ରାଜା ଚନ୍ଦ୍ରଗୁପ୍ତ-ମନ ।
ଗୁପ୍ତକଥା ଜଣାଇବ କରଭକ ହାତେ ।
ବି—କହୁଛି, ନିଶ୍ଚୟ ଆଜ୍ଞା କରିବି ପାଳନ । (ପ୍ରସ୍ଥାନ)
(ଜଣେ ପୁରୁଷର ପ୍ରବେଶ)
ପୁ—ଅମାତ୍ୟ, ଶକଟ ଦାସେ ଜଣାଇ ଅଛନ୍ତି
ଏହି ନିତ ଅଳଙ୍କାର ବିକୁଅଛି ଜଣେ,
ଦେଖିବା ହେଉ ତା ନିଜେ,

Digitized by srujanika@gmail.com

ରାକ୍ଷ—(ଦେଖି-ସ୍ୱଗତ) ବହୁମୂଲ୍ୟ ଭୂଷା ! !
(ପ୍ରକାଶ୍ୟେ) ଜଣାଅ ଶକଟଦାସେ ରଖିବେ ଏହାକୁ
ସେ ଲୋକକୁ ତୃପ୍ତ କର—
ପୁ—ଆଜ୍ଞା, ଜଣାଉଛୁ । (ପ୍ରସ୍ଥାନ)
ରାକ୍ଷ—(ସ୍ୱଗତ) ପଠାଏଁ କୁସୁମପୁରେ ଏବେ
କରଭକୁ ?
(ଉଠି) ସତେ କି ଦୁରାତ୍ମା ବିପ୍ର ଚାଣକ୍ୟ କବଳୁ
ବାହାରି ନ ହେବ ସେ ଆଜ୍ଞା-ଧୀନ ଚନ୍ଦ୍ରଗୁପ୍ତ ?
ମଣେ ସିଦ୍ଧପ୍ରାପ୍ୟ ମୋର ଏହି ଭେଦମାତ୍ର ?
ଯେଣୁ-ରାଜ୍ୟଲାଭମଦେ ମୌର୍ଯ୍ୟ ଗର୍ବାନ୍ୱିତ,
ରାଜାଙ୍କୁ ହାତରେ ରଖି ବିପ୍ର ତତୋଽଧିକ,
ପୁଣି ଏହି ଅବସରେ ଖଟାଇଲେ ମାତ୍ର
ଅବଶ୍ୟ ଫଳିବ ମୋର ମନ ଜାଣି ଫଳ ।
(ପ୍ରସ୍ଥାନ ଓ ଯବନିକା ପତନ)

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ ପାଟଳୀପୁତ୍ରର-ଚନ୍ଦ୍ରଗୁପ୍ତ ପ୍ରାସାଦ
[କଞ୍ଚୁକୀର ପ୍ରବେଶ]

କଞ୍ଚୁ—ଗଲାଣି ସେ ବଳବୀର୍ଯ୍ୟ ଚକ୍ଷୁ କର୍ଣ୍ଣ ଜ୍ୟୋତି,
ଯାହା ହେବ କାମନା ! ତୁ ସାଧିଥିଲୁ ନିତି
ତୋର ଅର୍ଥମତି; ଏବେ ମୋର ଆଜ୍ଞାଧୀନ
ମୋହି ଅଙ୍ଗମାନ ଧୀରେ ତେଜିଲେଣି ଆସି
ପୂର୍ବ ଦନ୍ତପନ୍ତି, ଝ୍ରର ଜରା ଏବେ ଶିରେ
ଦେଲଣି ପଦ, ତଥାପି ରେ ଲୁବ୍ଧ କାମନା !
କପାଇଁ ବା ସାଧୁଅଛୁ ବାଦ ପୂର୍ବ ପରି ।
(ପରିକ୍ରମକରି) ଶୁଣ ଶୁଣ ରକ୍ଷୀଗଣ, ରାଜା ଚନ୍ଦ୍ରଗୁପ୍ତ
ଆଜ୍ଞା କରିଛନ୍ତି, ସର୍ବେ ସୁଗାଙ୍ଗ ପ୍ରାସାଦେ
କର ସ୍ଥାନ ସୁସଜ୍ଜିତ, ଦେଖିବେ ନୃପତି
ମହୋତ୍ସବେ ଆଜି ପୁଷ୍ପପୁରବାସୀଙ୍କର
ଯାହା ସମାରୋହ, ଆଉ ବିଳମ୍ବ ନ କର ।
(ଆକାଶରୁ ଶୁଣି) କଣ ? ସ୍ଥଗିତ ହୋଇଛୁ
ଆଜି ମହୋତ୍ସବ
ପ୍ରାଣପିବା କଥା ! ତେବେ ଯାଅ ଯାଅ ବେଗେ
ସୁଶୋଭିତ କର ଯାଇ ପ୍ରାସାଦର ସ୍ତମ୍ଭ
ଗୃହର କୁସୁମମାଳା ଧୂପ ଗନ୍ଧାଦିରେ,
ସିଂହାସନ ଧାରଣରେ ଥିଲା ଏ ଧରଣୀ
ଚିର ମୂର୍ଚ୍ଛାଗତା, ଏବେ କୁସୁମ ସହିତ
ବହଳ ଚନ୍ଦନ ଜଳେ, ଲଭୁ ସେ ଚେତନା !
(ଆକାଶକୁ ଚାହିଁ)' କଣ ? ଯାଉଅଛୁ ଆମ୍ଭେ'
ତେବେ, ବେଗେ-ଯାଅ
ଏହି ବିଜେ କରୁଛନ୍ତି ମହାରାଜ ନିଜେ ।
(ପ୍ରତିହାରୀ ସହିତ ରାଜାଙ୍କର ପ୍ରବେଶ)
ରାଜା—(ସ୍ୱଗତ) କିଏ କହେ ରାଜ୍ୟେ, ସୁଖ
ବିପରୀତ କଥା !
ଭୁଞ୍ଜେ ଦୁଃଖ ରାଜା ସଦା ରାଜକାର୍ଯ୍ୟାଧୀନ,
ଆଜି କିଏ ବା ତୋଷିବ ଏହି ରାଜ୍ୟଶ୍ରୀକି
ସର୍ବସ୍ୱ ଅସ୍ଥିର ସେହି, ଉଗ୍ର ତେଜୋହୀନ
ତଥା ମୂର୍ଖ ସୁପଣ୍ଡିତ କିବା ବୀର୍ଯ୍ୟବନ୍ତେ
ନୁହେ କାହିଁ ଅନୁରକ୍ତ, ବାରାଙ୍ଗନା ପରି !
ପୁଣି ଉଆଇଲା ବାଦ ଚାଣକ୍ୟଙ୍କ ସଙ୍ଗେ
ରହିବି ତ କିଛି କାଳ ସ୍ୱତନ୍ତ୍ର ଭାବରେ
ଉପଦେଶ ପରାମର୍ଶ ବିନା ଶର୍ମାଙ୍କର ?
ଅବା ଏହିମତେ ଥିବ ଚିର ପରାଧୀନ
କଞ୍ଚୁକୀ ! ଦେଖାଅ ମୋତେ
ସୁଗାଙ୍ଗ ପ୍ରାସାଦ
କଞ୍ଚୁ—ଏଣିକି କରନ୍ତୁ ବିଜେ ଏହି ସେ ପ୍ରାସାଦ
ସାବଧାନେ ଆବେଦନ କରିବେ ଏଥିରେ
ରାଜା—(ଆବେଦନ କରି-ଶର ଆଡ଼କୁ ଚାହିଁ)
ଆହା କି ସୁନ୍ଦରେ ରାଜେ ପ୍ରକୃତ ସୁନ୍ଦରୀ !
ଶାରଦ ବେଶ ଭୂଷଣେ ହୋଇ ବିଭୂଷିତା
ସୁନୀଳ ଗଗନ ପୁଣି ନୀରବ ନିର୍ମଳ ।

Digitized by srujanika@gmail.com

ବିକଚ କୁସୁମ ସମ-ନକ୍ଷତ୍ରେ ମଣ୍ଡିତ
ହୋଇ ଶୋଭେ, ଯଥା ମହାଜାହ୍ନବୀର ଧାର !
ବହେ ଧବଳ କମଳ କୁମୁଦ ଉଜ୍ଜ୍ୱଳ ।
ଶୁଭେ ହଂସ ସାରସଙ୍କ ମନୋହର ରବ,
ଦୁରେ ହସେ ସୁଶ୍ୟାମଳ ଶାଳକ୍ଷେତ୍ରାବଳୀ,
କୃଶାଙ୍ଗୀ ଜାହ୍ନବୀ ଆଜ କେଡ଼େ ହାସ୍ୟମୟୀ !
ତଟୁର ଶରଦଦୃଷ୍ଟି ଘେନ ଯାଉଛୁ କି
ପତି ପାଶେ କ୍ରୀଡ଼ାରସେ ମାନସ ଭୁଲାଇ ?
(ନଗର ଆଡ଼କୁ ଚାହିଁ) କାହିଁ ନଗରେ ତ ନାହିଁ
ଉତ୍ସବ ଚହଳ !
କଞ୍ଚୁକ ! ଜଣାଇଛ ତ ମୋ ଆଜ୍ଞା ନଗରେ ?
କଞ୍ଚୁ—ଆଜ୍ଞାମତେ, ମହାରାଜ ଜଣାଇଛୁ ସବୁ ।
ରାଜା—ତେବେ କି ନଗରଲୋକେ ନ ମାନିଲେ ଆଜ୍ଞା ?
କଞ୍ଚୁ—(କାନରେ ହାତ ଦେଇ) ଓହୋ ! କେଡ଼େ
ବଡ଼ କଥା ! ଏ ମହୀମଣ୍ଡଳେ
ଟାଳିବାକୁ ନାହିଁ କେହି ଯାହାଙ୍କ ଶାସନ
ତାହା ଶୁଣି ନ ମାନିବେ ପୁର ନାଗରିକେ ? ?
ରାଜା—ତେବେ କି କାରଣେ କହ କୌମୁଦୀ ଉତ୍ସବ
ନାହିଁ ଆଜ ପୁଷ୍ପପୁରେ ? ଦେଖ ରାଜପଥେ
ନାହିଁ ତ ଜନତା, ଆଜ ନାନା କଥାପଟୁ
ଶଠ ଧୂର୍ତ୍ତ ବିଟ ସହ ନ ଚଳନ୍ତି ମଦେ
ଗୁରୁ ଅଙ୍ଗୀ ବାରାଙ୍ଗନା, ସ୍ପର୍ଦ୍ଧି ପରସ୍ପରେ
ନ ଯାନ୍ତି ତ ପୁରବାସୀ ପ୍ରଧାନ ପୁରୁଷେ
ନିର୍ଭୟେ ବିଭବମଦେ, ଗୃହଜନ ସହ
ଯାନ ବାହନରେ ବସି ?
କଞ୍ଚୁ—ତାହା ଦେବ, ସତ୍ୟ ।
ରାଜା—କାହିଁକି ଏପରି ହେଲା ?
କଞ୍ଚୁ—ଦେବ, ଏହି ହେତୁ—
ରାଜା—କହ ସ୍ପଷ୍ଟ କରି ତାହା—
କଞ୍ଚୁ—ଆଜ୍ଞା, ମନା ଅଛି ।
ରାଜା—ଆହାଃ, କିଏ ମନା କଲା ?
କଞ୍ଚୁ—ଦେବ, ଜାଣେ ନାହିଁ ।
ରାଜା—ଆର୍ଯ୍ୟ ଚାଣକ୍ୟ ତ କରି ନାହାନ୍ତି ବାରଣ,
ଦେଖଣାହାରୀଙ୍କ ଏହି ମନୋହାରୀ ଦୃଶ୍ୟ ?
କଞ୍ଚୁ—ତାଙ୍କ ବିନା ଅନ୍ୟ କିଏ ଲଙ୍ଘିବ ଶାସନ ?
ରାଜା—ପ୍ରତିହାରି ! ବସିବାକୁ—
ପ୍ରତି—ଆଜ୍ଞା, ଏ ଆସନ ।
ରାଜା—(ବସି) କଞ୍ଚୁକ ! ଜଣାଅ ଆର୍ଯ୍ୟ ଚାଣକ୍ୟଙ୍କୁ
ଯାଇ ଦେଖା ହେବ ଆଜ,—
କଞ୍ଚୁ—ଯାହା ଆଜ୍ଞା ମହାରାଜ (ପ୍ରସ୍ଥାନ ।)

ଦ୍ୱିତୀୟ ଦୃଶ୍ୟ—ଚାଣକ୍ୟକୁଟୀର ।

[କ୍ରୁଦ୍ଧ ଓ ଚିନ୍ତିତ ଭାବରେ ଚାଣକ୍ୟ ଆସୀନ ।]

ଚାଣ—(ସ୍ୱଗତ) ଦୁରାତ୍ମା ରାକ୍ଷସ କିଛି କରିଛି ଷଡ଼ଯନ୍ତ୍ର !
ନୋହିଲେ ନନ୍ଦକୁ ମାରି କଲି ଯେଉଁପରି
ଶୂଦ୍ର ଚନ୍ଦ୍ରଗୁପ୍ତେ ରାଜା, ସେହିପରି ଏବେ
ତାଠାରୁ ନେବ ରାଜଶ୍ରୀ, କେ କ'ଣ କରିବ ?
(ଆକାଶକୁ ଲକ୍ଷ୍ୟକରି) ଆମେ ରାକ୍ଷସ, ରାକ୍ଷସ !
ଛାଡ଼ ସେ ଦୁର୍ବୁଦ୍ଧି ।
ଏ ନୁହେ ଗର୍ବିତ ନନ୍ଦ,—ବୀର ଚନ୍ଦ୍ରଗୁପ୍ତ !
ନୋହୁ ତୁ ଚାଣକ୍ୟ, ବୈର ସମାନ କେବଳ ।
(ଚିନ୍ତାକରି) କାହିଁକି ବୃଥାରେ ବସି ଭାବୁଛି ମୁଁ ଏତେ !
ନୃପତି ମଳୟକେତୁ ମୋ ଭୃତ୍ୟଙ୍କ ବଶ,
ଶତ୍ରୁ ପକ୍ଷେ ଅଛି ସିଦ୍ଧା କାର୍ଯ୍ୟ-ସିଦ୍ଧି ଲାଗି ।
କପଟ କଳହ କରି ବୃଷଳ ସଙ୍ଗରେ
ବୁଦ୍ଧି ବଳେ ଟଳାଇବି ମନ୍ତ୍ରୀ ରାକ୍ଷସକୁ
ମଳୟକେତୁ ଦଳରୁ; ତେବେ ଯିବ ଛାଡ଼ି ।
[କଞ୍ଚୁକୀର ପ୍ରବେଶ ।]
କଞ୍ଚୁ—ବଡ଼ କଷ୍ଟ ଏ ସେବକଣ ଉଭୟ ରାଜାଙ୍କୁ
ଉଭୟ ମନ୍ତ୍ରୀଙ୍କି ପୁଣି ରାଜ-ପାର୍ଶ୍ୱଚରେ,
ଏ ଉଦର ଲାଗି କେତେ ମୁହଁକୁ ଲେଫେଡ଼
କାକୁତି ବିନତି କରି ତୋଷିବ ଲୋକଙ୍କୁ ?
ସେବକଣ କୁକୁର ବୋଲି କହନ୍ତି ଯା ସତ ।

Digitized by srujanika@gmail.com

(ଦେଖି) ଏହ୍ବ ପରା ଚାଣକ୍ୟଙ୍କ ଘର ! ଯାଏଁ ଦେବେ-
ଆହା କି ଐଶ୍ୱର୍ଯ୍ୟ ଆମ ରାଜଗୁରୁଙ୍କର !
ପୁଚ୍ଛୁଣା କୁଡ଼ିଆ ଖଣ୍ଡେ ଜାଳେଣି କାଠରେ
ଲସି ଯାଇଅଛୁ ଚାଳ—ଶୁଖୁଅଛୁ ପୁଣି
ଫଡ଼ା ଫଡ଼ା ଘଷି ଚର୍ମ୍ମ, ବଡ଼ା ବଡ଼ା ହୋଇ
ରହ୍ବ ଅଛୁ କୁଶ କେତେ ! ଧନ୍ୟ ଏ ବ୍ରାହ୍ମଣ !
ଏହାକୁ ଡରନ୍ତି ପୁଣି ରାଜା ଚନ୍ଦ୍ରଗୁପ୍ତ ?
ନୋହ୍ବବ କାହିଁକି ଯେବେ ନ ଥିବ କାମନା
ଅବା ଧନରତ୍ନ ଆଶା; ଧନ ଆଶେ ସିନା
ଲୋକେ କରୁ ଥାନ୍ତି ସ୍ତୁତି ରାଜଗଣଙ୍କର
ଗୁଣ ଶତ ଗୁଣେ ଗାଇ—ଏହାଙ୍କର କି ଅଛୁ ?
(ଦେଖି-ସଭୟେ) ଓହୋ, ସ୍ୱୟଂ ଚାଣକ୍ୟ ଯେ
ବସିଛନ୍ତି ଏଠି !
ଉଆଇଲେ ଏକକାଳେ ନନ୍ଦମୌର୍ଯ୍ୟଙ୍କର
ଯେହ୍ବ ଅସ୍ତ ଉଦୟକୁ, ଏକକାଳେ ଯେଣୁ
ହିମ ଉଷ୍ଣ କରପାତ; ତେଣୁ ଏ ତେଜସ୍ୱୀ
ଜିଣିଛନ୍ତି ସହସ୍ରାଂଶୁ-ତେଜକୁ ସହଜେ ।
(ଜାନୁପାତ ପୂର୍ବକ ପ୍ରଣାମ କରି) ନମୋନମ
ରାଜଗୁରୋ,—
ଚାଣ—(ଦେଖି) ତୁମ୍ଭେ ଆଜ କାହିଁ ?
କଞ୍ଚୁ—ପୂଜ୍ୟପାଦ, କହ୍ବଛନ୍ତି ନିଜେ ମହାରାଜ,
ସାଷ୍ଟାଙ୍ଗ ପ୍ରଣାମସହ, ଯିବାକୁ ରହଣେ,
ଯେବେ ଅନ୍ୟ କାର୍ଯ୍ୟ କିଛୁ ନ ଥାଏ ଏକ୍ଷଣି ।
ଚାଣ—କଞ୍ଚୁକି ! ବୃଷଳଙ୍କର ଦେଖିବାକୁ ଆଜ୍ଞା ?
ହୋଇଛୁ କି କର୍ଣ୍ଣଗତ ମୌର୍ଯ୍ୟଙ୍କର ଏହା
ମୋ ଆଦେଶେ ପ୍ରତିଷିଦ୍ଧ କୌମୁଦୀ-ଉତ୍ସବ !
କଞ୍ଚୁ—ହୋଇଅଛୁ କର୍ଣ୍ଣଗତ,—
ଚାଣ—(ସରୋଷେ) କିଏ ସେ କହ୍ବଲ ?
କଞ୍ଚୁ—(ଭୟକରି) ପ୍ରସନ୍ନ ହୁଅନ୍ତୁ ଆର୍ଯ୍ୟ, ନିଜେ
ମହାରାଜ;
ସୁଗାଙ୍ଗ ପ୍ରସାଦ-ପୃଷ୍ଠେ ଦେଖିଲେ ସେ ସବୁ ।

ଚାଣ—ଜାଣିଲି ଜାଣିଲି ତୁମ୍ଭେ ନାନା କଥା କହ୍ବ
ରୁଷାଇଛ ବୃଷଳଙ୍କୁ ନ ଥିବାରୁ ମୁହିଁ ।
କଞ୍ଚୁ—(ସଭୟେ ନୀରବେ ଅଧୋମୁଖେ ଅବସ୍ଥାନ)
ଚାଣ—ଓହୋ ! କି ଖଳ ପ୍ରକୃତି ! ଚାଣକ୍ୟ ସଙ୍ଗରେ !
ପୁଣି ଏ ବିଦ୍ୱେଷ ଭାବ ! ଆଚ୍ଛା ଦେଖାଯିବ,
କେଉଁଠାରେ ଅଛନ୍ତି ରାଜା ?
କଞ୍ଚୁ—(ସଭୟେ) ସୁଗାଙ୍ଗ ପ୍ରାସାଦେ ।
ସେହ୍ବଠାରୁ ଆସିଛୁ ମୁଁ—
ଚାଣ—(ଉଠି) ଦେଖାଅ ସେ ବାଟ ।
କଞ୍ଚୁ—ଏହ୍ବବାଟ ଯିବାପାଇଁ ଉଠନ୍ତୁ ମଠରେ ।
ଚାଣ—(ଉଠି ରାଜାଙ୍କୁ ଦେଖି ସହର୍ଷେ ସ୍ୱଗତ) ବୃଷଳ
ରାଜବୃଷଭ ନନ୍ଦସିଂହାସନ,
ମଣ୍ଡିଛନ୍ତି ଦେଖି ଆଜ ମହାନନ୍ଦ ମୋର ।
(ପାଖକୁ ଯାଇ) ବିଶ୍ୱବିଜୟୀ ହୁଅ ମୌର୍ଯ୍ୟ,—
ରାଜା—(ଆସନରୁ ଉଠି ପାଦଧରି) ପ୍ରଣାମ ମୋହର ।
ଚାଣ—(ହାତରେ ଧରି) ଉଠ ଉଠ ବତ୍ସ !
ହୁଅ ସର୍ବ ଦେଶଜୟୀ
ଶିଳାନ୍ତ ପତିତ ଗଙ୍ଗାଶୀକରଶୀତଳ
ହିମାଚଳଠାରୁ ନାନା ରତ୍ନମଣି ଗର୍ଭ—
ଦକ୍ଷିଣ ଅର୍ଣ୍ଣବ ଯାଏ, ଅଛନ୍ତି ଯେତେ ରାଜା
ସକଳେ ପ୍ରଣମି ଭୟେ ତବ ପଦତଳେ
କରନ୍ତୁ ଅଙ୍ଗୁଳିରନ୍ଧ୍ର ସଦା ବିଭୂଷିତ
ନିଜ ନିଜ ମୌଳିରତ୍ନ ମଣିରଶ୍ମିଜାଳେ ।
ରାଜା—ତବ ଅନୁଗ୍ରହେ ତାହା ହୋଇଅଛୁ ମୋର,
ଆଉ ନାହିଁ ଆଶା, ଆର୍ଯ୍ୟ ବସନ୍ତୁ, ଆସନେ
(ଉଭୟର ଉପବେଶନ)
ଚାଣ—କି ହେତୁ ଆହୂତ ରାଜା ?
ରାଜା—ଦର୍ଶନ ନିମିତ୍ତ ।
ଚାଣ—(ସସ୍ମିତେ) ବିନୟରେ ପ୍ରୟୋଜନ ନାହିଁ,
କାର୍ଯ୍ୟ ବିନା
ଜଣାନ୍ତି କି ରାଜା କେବେ ପାରିଷଦଗଣେ !
ତେବେ କଣ କାର୍ଯ୍ୟ ?—

Digitized by srujanika@gmail.com

ରାଜା—ଆର୍ଯ୍ୟ, କୌମୁଦୀ ଉତ୍ସବ
ନିଷେଧରେ କେଉଁ ଫଳ ?
ଗୁଣ—ତେବେ କି ବୃଷଳ !
ତିରସ୍କାର ପାଇଁ ଆମ୍ଭେ ହୋଇଛୁଁ ଆହୂତ !
ରାଜା—ନାହିଁ ନାହିଁ ପୂଜ୍ୟପାଦ,
ଗୁଣ—କଣ ତାହା ହେଲେ ?
ରାଜା—ଜଣାଇବା ପାଇଁ,
ଗୁଣ—ତେବେ, ଜାଣ ଏହା ରୁଚି ।
ରାଜା—ବୁଝିଅଛୁ ତାହା, କିନ୍ତୁ ବିନା ପ୍ରୟୋଜନେ
ଦେଖି ନାହିଁ ଆର୍ଯ୍ୟେ କେବେ ରୁଚି ଆଶ୍ରିବାର ।
ଗୁଣ—ଯଥାର୍ଥ ବୁଝିଛ ରାଜା, ମୋର ଅଭିପ୍ରାୟ,
ବିନା ପ୍ରୟୋଜନେ କେବେ ଏ ଗୁଣକ୍ୟ ଶର୍ମ୍ମା
ସ୍ୱପ୍ନେ ସୁଦ୍ଧା ଟାଳି ନାହିଁ ନିଜ ପ୍ରବୃତ୍ତିକି ।
ରାଜା—ଆର୍ଯ୍ୟ, ଶୁଣିବାକୁ ଇଚ୍ଛା ସେହି ପ୍ରୟୋଜନ ।
ଗୁଣ—ଶୁଣ ତେବେ ମୌର୍ଯ୍ୟ, ଲେଖିଛନ୍ତି ଶାସ୍ତ୍ରକାରେ,
ତ୍ରିବିଧ ସାଧନା, ରାଜା, ମନ୍ତ୍ରୀ, ଅବା ଦୁହେଁ
କରନ୍ତି ସାଧନ, ତେବେ ମନ୍ତ୍ରୀ-ସାଧନାରେ
ତୁମର କି ପ୍ରୟୋଜନ ? ମୁହିଁ ଜାଣେ ତାହା,
କିପାଇଁ ପାଇବ କଷ୍ଟ ବୃଥା ଗଳଗଳ ! !
ରାଜା—(ବିରକ୍ତିବଶେ ମୁଖ ପ୍ରତ୍ୟାବର୍ତ୍ତନ)

[ନେପଥ୍ୟେ—ବୈତାଳିକଗୀତ]

ଅତି ମଧୁମୟ ଶରତ ସମୟ
ଧରାସୁଖଚୟ ପୂରାଏ ।
ବିମଳ ଗଗନେ ଦେଖ ପୂର୍ଣ୍ଣ ଶଶୀ
ତୋଷଇ କେସନ ସୁମଧୁରେ ହସି;
କେତେ ସୁଖ ଆଶା
ଶ୍ରୁତିପ୍ରିୟ ଭାଷା, ଜାଗଇ ସବୁରି ହୃଦୟେ ।
କାଶତଣ୍ଡୀ ଫୁଲେ ଧବଳିତ ମହୀ
ଦିଶଇ କେସନ ଧୂଳି ବୋଳା ହୋଇ,
ଆକାଶେ ମରାଳ,
ଶୁକ୍ଳଫୁଲମାଳ, ପରାଏ ସୁଷମା ମିଶାଏ ।

ଶୀତଶଶିକର ପଶି ଏ ଭୁବନେ
ଶୀତଳଇ ଜନ ମାନସ ଯତନେ,
ପୁଷ୍ପପୁର-ପତି-ହୃଦ-ଖେଦହତ,
ନ ରହୁ ଏ ମଧୁ ସମୟେ ।
[ପୁନର୍ନେପଥ୍ୟେ—ଦ୍ୱିତୀୟ ବୈତାଳିକା]
ତେଜିବାକୁ ନାଗଶଯ୍ୟା ଫଣାମଣ୍ଡଳରୁ
ଉଠନ୍ତି ଯେ କାଳେ ହରି, ଜୃମ୍ଭାଅଙ୍ଗଭଙ୍ଗେ
ଲେଳି ରସନା ପ୍ରସାରି, ନିଦ୍ରାଭଙ୍ଗେ ଚାହିଁ
ଅତି ତାମ୍ର ଦୃଷ୍ଟି ତାଙ୍କ ଉଦ୍ଧରୁ ତୁମ୍ଭଙ୍କୁ ।
ବିଧାତାଙ୍କ ବରେ ସିଂହ ନିଜ ତେଜେ ସିନା
ଗଜେନ୍ଦ୍ର କୁଳ ବିଜୟୀ, ସମ୍ଭବ କି ସେହି
ଦଂଷ୍ଟ୍ରାଭଙ୍ଗ ଅପମାନ, ସଚେତ ହେ ଦେବ,
ସମ୍ଭବ ଏ ଆଜ୍ଞାଭଙ୍ଗ ? ହୋଇ ଏ ଧରାରେ
ସାର୍ବଭୌମ ନରପତି, ବେଶ ଭୂଷାରେ କି
ବୋଲନ୍ତି ନୃପତି ପ୍ରଭୁ, ସେହି ସିନା ପ୍ରଭୁ
ଅନ୍ୟେ କରି ନ ପାରିବେ ଯାର ଆଜ୍ଞାଭଙ୍ଗ !
ଗୁଣ—(ଶୁଣି ସ୍ୱଗତ) ପ୍ରଥମେ ଶରଦଋତୁ ବର୍ଣ୍ଣନା
ପ୍ରସଙ୍ଗେ
ହେଲା ରାଜଆଶୀର୍ବାଦ, ଏ ପୁଣି କଅଣ ?
ସ୍ଥିରକରି ପାରୁନାହିଁ (ଚିନ୍ତାକରି) ଓହୋ!
ଜଣାଗଲା !
ରାକ୍ଷସର ଏ ପ୍ରୟୋଗ, ରେ ଦୁଷ୍ଟ ରାକ୍ଷସ,
ଦେଖିବୁ କୌଟିଲ୍ୟ କିଏ ?
ରାଜା—ଯାଅ ହେ କଞ୍ଚୁକି,
ଦିଅ ଶତ ମୁଦ୍ରା ଏହି ବୈତାଳିକଦ୍ୱୟେ ।
କଞ୍ଚୁ - ଯାହା ଆଜ୍ଞା ମହାରାଜ, (ଉତ୍ଥାନ)
ଗୁଣ—(ସକ୍ରୋଧେ) ରହ ରହ ଅଳ୍ପ ।
କି ହେତୁ ଅସ୍ଥାନେ ମୌର୍ଯ୍ୟ ଏତେ ଅର୍ଥ ଦାନ ?
ରାଜା—ତବ ଆଜ୍ଞାଧୀନ ହେଲେ ମୋର ଏ ରାଜତ୍ୱ
ବନ୍ଧନ୍ତୁ ବଳବ ସିନା ?
ଗୁଣ—ତାହା ହେବ ବଳେ !
ନିଜେ ରାଜକାର୍ଯ୍ୟେ ରତ ନ ହେଲେ ହୁଏ ତା,
ତେବେ ନିଜେ ବୁଝ,

Digitized by srujanika@gmail.com

ରାଜା—ଆଚ୍ଛା, ବୁଝିବୁଁ ଏଣିକ ।
ଚାଣ—ଭଲ ହେଲା, ତାହାହେଲେ ସ୍ୱକର୍ମ ସାଧିବ ।
ରାଜା—କୌମୁଦୀ ଉତ୍ସବ ତେବେ କପାଇଁ ନିଷିଦ୍ଧ ?
ଜାଣିବାକୁ ଇଚ୍ଛା ମୋର,
ଚାଣ—ପ୍ରଥମେ ମୁଁ ଶୁଣେଁ,
କିହେତୁ ଉତ୍ସବ ହେବ ?
ରାଜା—ମୋର କଥା ଆଗେ ।
ଚାଣ—ପ୍ରଥମ ଉଦ୍ଦେଶ୍ୟ ମୋର ତବ ଆଜ୍ଞା ଭଙ୍ଗ,
ଦେଖ, ତିମି ଆଦି ଜନ୍ତୁକୁଳେ ସମାକୁଳ—
ଏ ଚତୁଃସାଗର ପାରୁଁ ଆସି ନରପତି
ବହନ୍ତି ଯା ଆଜ୍ଞା ଶିରେ ପୁଷ୍ପମାଳା ପରି;
ସେ ଆଜ୍ଞା ତୁମ୍ଭର ଏକା ମୋ ପାଖେ ସ୍ଖଳିତ
ତେଣୁ ଏ ପ୍ରଭୁତ୍ୱ ତବ ବିନୟଭୂଷିତ ! !
ରାଜା—ହଉ ଦ୍ୱିତୀୟ ଉଦ୍ଦେଶ୍ୟ,
ଚାଣ—କହୁଅଛୁ ତାହା ।
ରାଜା—କହନ୍ତୁ—
ଚାଣ—ହେ ପ୍ରତିହାରି, ଆଣ ଯାଇ ବେଗେ
ଅଚଳଦତ୍ତଙ୍କଠାରୁ ସେ ପତ୍ର ଖଣ୍ଡିକ
ଭଦ୍ରଭଟ୍ଟ ଆଦିଙ୍କର—
ପ୍ରତି—ଆଜ୍ଞା, ଯାଉଅଛି । (ଯାଇ ଫେରି ଆସି,)
ଏଇ ସେହି ଚିଠି,—
ଚାଣ—(ପତ୍ରଧରି) ରାଜା, ଶୁଣନ୍ତୁ—
ରାଜା—ଶୁଣୁଛି ।
ଚାଣ—(ପତ୍ରପାଠ) "ସ୍ୱସ୍ତି ଶ୍ରୀମତ୍‌କାର୍ଯ୍ୟପତି ପ୍ରବଳ ପ୍ରତାପୀ
ରାଜା ଚନ୍ଦ୍ରଗୁପ୍ତଙ୍କର ପକ୍ଷ ପରିହରି
ଆଶ୍ରିଛନ୍ତି ସେ ମଳୟ କେତୁ ନୃପତିଙ୍କି
ତାହାଙ୍କ ତାଲିକା ଏହି;—ତହିଁ ଗଜାଧ୍ୟକ୍ଷ
ଭଦ୍ରଭଟ୍ଟ, ଅଶ୍ୱାଧ୍ୟକ୍ଷ ଶ୍ରୀପୁରୁଷଦତ୍ତ,
ଦୌବାରିକ ଚନ୍ଦ୍ରଭାନୁ ଭଗିନୀର ସୁତ
ହିଙ୍ଗୁରାତ ପୁଣି ଜଣେ, ରାଜ ଅନ୍ତରଙ୍ଗ
ରାଜା ବଳଗୁପ୍ତ, ଆଉ ପ୍ରିୟ ରାଜସେନ,
ସେନାପତି ସିଂହବଳ ଦତ୍ତଙ୍କ କନିଷ୍ଠ
ସେ ଭାଗୁରାୟଣ, ପୁଣି ମାଳବକୁମାର
ରୋହିତାକ୍ଷ, ତଥା ମଲ୍ଲ ଶ୍ରୀବିଜୟବର୍ମା
ଏମାନେ ପ୍ରଧାନ, (ସ୍ୱଗତ) ଏତେ ଲୋକ କାର୍ଯ୍ୟେ ରତ !
(ପ୍ରକାଶ୍ୟେ) ଏହି ପତ୍ରରେ ଏତିକି,—
ରାଜା—ଶୁଣିବାକୁ ଇଚ୍ଛା
କି କାରଣେ ଏତେ ଲୋକ ହେଲେ ବା ବିରକ୍ତ ?
ଚାଣ— ଶୁଣ, ଭଦ୍ରଭଟ୍ଟ ଆଉ ସେ ଦତ୍ତ ଏ ବେନି
ବଡ଼ ପାନବେଶ୍ୟାସକ୍ତ, ତେଣୁ ମୁଁ ତାହାଙ୍କୁ
ନିଜ ନିଜ ଅଧିକାରୁ ଖସାଇ ବଳରେ
ରଖିଅଛୁ ପ୍ରାଣେ ମାତ୍ର, ତହୁଁ ବୃତ୍ତି ଲାଗି
ଆଶ୍ରିଲେ ସେ ମଳୟଙ୍କୁ, ଏ ଯେ ହିଙ୍ଗୁରାତ
ଆଉ ବଳଗୁପ୍ତ ଦୁହେଁ ବଡ଼ ଲୋଭୀ, ତେଣୁ
ଆଶ୍ରିଥିବେ ସେ ରାଜାଙ୍କୁ ବହୁପ୍ରାପ୍ତି ଆଶେ,
ଏ ଯେଉଁ କୁମାର ଭୃତ୍ୟ ତବ ରାଜସେନ
ଗଜବାଜିହର୍ମ୍ୟ ଭୁଞ୍ଜି ବିପୁଳ ଐଶ୍ୱର୍ଯ୍ୟ
ତୁମ୍ଭର ପ୍ରସାଦେ, କାଳେ ଉଚ୍ଛେଦ ଘଟିବ
ଏହି ଭୟେ ଅଶ୍ରି ଅଛି ତାଙ୍କୁ; ସେନାପତି
ସିଂହବଳର କନିଷ୍ଠ ସେ ଭାଗୁରାୟଣ
ପୂର୍ବୁ ପର୍ବତକ ସହ ଥିଲା ବନ୍ଧୁଭାବେ,
କୁଟିଳ ଚାଣକ୍ୟ ଯୋଗେ ପିତା ହତ ତବ
କହି ସେ ମତାଇଥିଲା ମଳୟ କେତୁକୁ
ସେ ଚଣ୍ଡାଳ, ଏବେ ଅନ୍ୟ ଦୋଷୀ-ଦଣ୍ଡ ଦେଖି
ନିଜ ଦୋଷ ଆଶଙ୍କାରେ ଭଜି ସେ ରାଜାକୁ
ଲଭିଛି ଅମାତ୍ୟ ପଦ, ଆଉ ଏ ତୁମ୍ଭର
ରୋହିତ ବିଜୟ ବର୍ମା ଦୁହେଁ ଅତି ମାନୀ,
ପାଇ ସୁଦ୍ଧା ବହୁମାନ ଆତ୍ମ ଭୃତ୍ୟବର୍ଗୁଁ
ଯାଇ ଆଶ୍ରିଛନ୍ତି ତାଙ୍କୁ ଏହି ତ କାରଣ !
ରାଜା—ଆଚ୍ଛା, ବିରକ୍ତ କାରଣ ଜାଣି କାହିଁପାଇଁ
ନ କରିଲେ ଶୀଘ୍ର ପ୍ରତିକାର,
ଚାଣ—ପାରିନାହିଁ ।

Digitized by srujanika@gmail.com

ରାଜା—ପ୍ରୟୋଜନ ଦୃଷ୍ଟିରେ ନା କୌଶଳ ଅଭାବେ ?
ଚାଣ—କୌଶଳ ନ ଥିବ କାହିଁ ପ୍ରୟୋଜନ ଆଗେ,
ରାଜା—କିବା ପ୍ରୟୋଜନ ତେବେ ଶୁଣିବାକୁ ଇଚ୍ଛା ।
ଚାଣ—ହଉ, ଶୁଣି ସ୍ଥିର କର,
ରାଜା—କରୁଛି ଉଭୟ ।
ଚାଣ—ରାଜନ, ବିରକ୍ତ ଜନେ ଦ୍ୱିବିଧ ଉପାୟ
ଅନୁଗ୍ରହ ବା ନିଗ୍ରହ; ଅନୁଗ୍ରହ କଲେ
ପଦଚ୍ୟୁତ ଭଦ୍ରଭଟ୍ଟ ଦତ୍ତେ ଅଧିକାର
ଦିଅନ୍ତି ପୁଣି ମୁଁ ଯଦି, ତା ହେଲେ ସେ ଦୁହେଁ
ଆପଣା ବ୍ୟସନଦୋଷେ ନ ବୁଝି ସ୍ୱକାର୍ଯ୍ୟ
ଜୁର କରନ୍ତେ ଏ ରାଜ୍ୟ; ଆଜ ସେ ଲୋଭୀଙ୍କି
କାହିଁରେ କରିବ ତୁଷ୍ଟ, ସର୍ବ ରାଜ୍ୟ ଦେଲେ
ନୋହିବେ ସେ ପରିତୁଷ୍ଟ; ଆଉ ରାଜସେନ
ସେ ଯାତ ଭାଗୁରାୟଣେ କିବା ଅନୁଗ୍ରହ ?
ରୋହିତ'ବିଜୟବର୍ମା ଦାୟାଦଙ୍କ ଦାଉ
ନ ସହିଣ ଅପମାନେ ଯାଇଛନ୍ତି ଏଠୁ,
କେଉଁ ଅନୁଗ୍ରହେ ଅବା ଆସିବେ ସେ ? ଏଣୁ
ବଳିରେ ମୁଁ ଛାଡ଼ିଅଛି ଅନୁଗ୍ରହ ପକ୍ଷ ।
ନିଗ୍ରହ କରନ୍ତି ଯେବେ ଉଗ୍ରଦଣ୍ଡ ଦାନେ
କୋପି ଯିବେ ନନ୍ଦପ୍ରିୟ ପ୍ରଧାନ ପୁରୁଷେ,
ତେଣୁ ଛାଡ଼ିଲି ନିଗ୍ରହ, ସେ ମଳୟ କେତୁ
ଆମ୍ଭ ଭୃତ୍ୟ ଯୋଗେ ପୁଣି ରାକ୍ଷସ ଶିକ୍ଷାରେ
ପରିବୃତ ହୋଇ ଏବେ ମ୍ଳେଚ୍ଛ ରାଜବଳେ
ସମୁଦ୍ୟତ ଅଭିଯାନେ; ତେଣୁ ହେ ବୃଷଳ
ଏ ଅଟେ ବ୍ୟାୟାମକାଳ ନୁହେଁ ଉତ୍ସବର
ଏକାଳେ ଦୁର୍ଗ ସଂସ୍କାର, ଆସଇ ହେବାର ।
ରାଜା—ବହୁତ ପ୍ରଷ୍ଟବ୍ୟ ମୋର ଅଛି ଏ ବିଷୟେ ।
ଚାଣ—ପୁଚ୍ଛ, ଯେତେ ଇଚ୍ଛା ତେତେ ଅଛି କହିବାକୁ
ରାଜା—ତେବେ ପଚାରୁଛି ସବୁ—
ଚାଣ—ମୁଁ ମଧ୍ୟ କହୁଛି ।
ରାଜା—ଏ ଯେଉଁ ମଳୟ କେତୁ ଅନର୍ଥର ମୂଳ
ସେ କପାଇଁ ଉପେକ୍ଷିତ ପଳାୟନକାଳେ ?
ଚାଣ—ଦୁଇଟି କାରଣ ଅଛି ଉପେକ୍ଷାରେ ତହିଁ,
କଲେ ତାଙ୍କୁ ଅନୁଗ୍ରହ ପୂର୍ବ ପ୍ରତିଶ୍ରୁତ
ଅର୍ଦ୍ଧରାଜ୍ୟ ଦିଆଯାନ୍ତା, ନିଗ୍ରହ କରିଲେ,
ପର୍ବତକ ବଧ ବଳେ ହେବ ପ୍ରକାଶିତ,
ଅର୍ଦ୍ଧ ରାଜ୍ୟ ଦେଇ ମଧ୍ୟା ସେହି ଅପବାଦ
ନ ଯାନ୍ତା ଆମ୍ଭର କେବେ, ତେଣୁ ଉପେକ୍ଷିତ ।
ରାଜା—ଏଠାରେ ତ ଏହିପରି, କିନ୍ତୁ ସେ ରାକ୍ଷସ
ଏ ନଗର ମଧ୍ୟେ ଥାଇ କାହିଁ ଉପେକ୍ଷିତ ?
କି ଉତ୍ତର ଦେବେ ଏଠି,
ଚାଣ—ଜାଣ ତ ବୃଷଳ !
ବଡ଼ପ୍ରଭୁଭକ୍ତ ସେହି, ରହିଲେ ନଗରେ
ଚିରଦିନ ସେ ଉଦ୍ୟମୀ ଉଦ୍ୟମ ବଳରେ
ମିଳାଇ ସକଳ ନନ୍ଦ-ପ୍ରିୟ ପ୍ରଜାଗଣେ,
ସହାୟ ସମ୍ବଳ ପାଇ କୋଷବଳଯୋଗେ
ଉଠାଇବ ଅନ୍ତଃକୋପ, ନିର୍ବାସିତ ହେଲେ
ଉଠାଏ ଯଦ୍ୟପି କେନେ, ବାହ୍ୟରୋଷ ତେବେ
ନୋହିବ ଦୁର୍ଜୟ ତେତେ, ଏଣୁ ଉପେକ୍ଷିତ ।
ରାଜା—ଏଠାରେ ବା କପାଇଁ ନକଲେ ଆବଦ୍ଧ !
ଚାଣ—ଆବଦ୍ଧ ହେବ କାହିଁକି, ଦେଖ ସେ କୌଶଳେ
ହୋଇଅଛି ଦୂରୀକୃତ ହୃଦୁଁ ଶଲ୍ୟପରି ।
ରାଜା—କପାଁ ନ ରଖିଲେ ତାଙ୍କୁ ବଳ ପ୍ରୟୋଗରେ ।
ଚାଣ—ନା, ବୃଷଳ, ରାକ୍ଷସରେ ବଳ ପ୍ରୟୋଗିଲେ
ସ୍ୱୟଂ ପ୍ରାଣନାଶ ଅବା ତବସୈନ୍ୟନାଶ
ଘଟାଇ ଥାନ୍ତା ନିଶ୍ଚୟ, ଦେଖ ଦୁଇଥିରେ
ଦୃଶ୍ୟ ହେଉଅଛି ଦୋଷ, ଯଦି ପ୍ରାଣ ହାରେ
ସେପରି ସଚୀବ ରତ୍ନ ହେବ ବିରହିତ ।
ଯେବେ ସୈନ୍ୟ ନାଶେ, ତେବେ ବି ସେ କ୍ଷତ
ଏଣୁ ଆଣିବା କୌଶଳେ ବନଗଜପରି ।
ରାଜା—ଅକ୍ଷମ ମୁଁ ଏ କଥାରେ କଥା କହିବାକୁ,
ନୋହିଲେ ରାକ୍ଷସ ମନ୍ତ୍ରୀ ଅଧିକ ପ୍ରଶଂସ୍ୟ ।
ଚାଣ—(ସକ୍ରୋଧେ)ନୁହନ୍ତି ଆପଣ, ଏହିପରି ଶେଷକଥା ?
କିନ୍ତୁ ନୁହେ ତା ବୃଷଳ, କିବା କରିଛି ସେ ?

Digitized by srujanika@gmail.com

ରାଜା—ଜଣାନାହିଁ ଯେବେ ତାହା ଶୁଣ ମୋହଠାରୁ
 ରାଜ୍ୟଲାଭ ହେତୁ ସେହି ରହି ଏ ନଗରେ,
 ଆମ୍ଭ ଜୟଘୋଷଣାରେ କରନ୍ତି ବ୍ୟାଘାତ;
 ପୁଣି ସୁମାତ୍ର କୌଶଳେ ନେଇଅଛି କାଢ଼ି
 ରିପୁପକ୍ଷୁ ପରସ୍ପର ବିଶ୍ୱାସ ମଣିକ ।
ଚାଣ—(ସସ୍ମିତେ) ଏସବୁ ରାକ୍ଷସ କଲା ?
ରାଜା—ହଁ ରାକ୍ଷସମନ୍ତ୍ରୀ,
 କରିଛନ୍ତି ଏହାସବୁ ।
ଚାଣ—ମୋତେ ଜଣାଥିଲା
 ନନ୍ଦବତ ତୁମ୍ଭଙ୍କୁ ବା ସିଂହାସନ୍ ଚଢ଼ି
 କଲ ମନସ୍ଥ କେତୁଙ୍କୁ ତହିଁ ରାଜ୍ୟେଶ୍ୱର ! !
ରାଜା—ତିରସ୍କାର ବୃଥା, ଦୈବବଶେ ହୋଇଅଛି ଯାହା,
 ଆପଣଙ୍କ ହାତେ କଣ ?—
ଚାଣ—ତେବେ ହେ ମସ୍ରର !
 କିଏ କଲା ନନ୍ଦବଧ ସର୍ବଜନାଗ୍ରତେ ?
 ନିଷ୍ଠୁର ପ୍ରତିଜ୍ଞା କରି, କିଏ କଲା ହତ୍ୟା
 ରାଜ୍ୟର କଣ୍ଟକଭୂତ ନବ ନନ୍ଦସୁତେ
 ଯଜ୍ଞ ପଶୁବତ କହ ରାକ୍ଷସ ଅଗ୍ରତେ ?
 ନଭେ ନାହିଁ ଏବେ ସେହି ଘୋର ଚିତାନଳ,
 ଦେଖ-ଏ ବହଳ ଧୂମ ଅଦ୍ୟାପି ଆକାଶେ
 ଘୋଟିଅଛି ମେଘପ୍ରାୟେ, ଦିଅନ୍ତି ଚକ୍କର
 ଭୀଷଣ ଶକୁନ ନଭେ ଲମ୍ବ ପକ୍ଷ ମେଲି ।
ରାଜା—କିନ୍ତୁ ତାହା ଅନ୍ୟଦ୍ୱାରା—
ଚାଣ—ତେବେ କାହାଦ୍ୱାରା ?
ରାଜା—ନନ୍ଦକୁଳ ପ୍ରତିକୂଳ ଦୈବଯୋଗୁ ତାହା ।
ଚାଣ—ମୂର୍ଖେ କହିଥାନ୍ତି ଏହା ଦୈବାଧୀନ ବୋଲି ।
ରାଜା—ବିଜ୍ଞ କିନ୍ତୁ ଅହଂକାରୀ —
ଚାଣ—(ସଂରୋଷେ) ବୃଷଳ ! ବୃଷଳ !
 ମୋ ଉପରେ ଆଧିପତ୍ୟ ! ପୁଣି ବଦ୍ଧଶିଖା—
 ମୋଚନେ ଧାଉଁଛି ମୋର ଏ ଦକ୍ଷିଣ କର,
(ଭୂମିରେ ପାଦପ୍ରହାର କରି) ପୁନଶ୍ଚ ପ୍ରତିଜ୍ଞା ଲାଗି
 ଉଠୁଛି ଏ ପାଦ ।
 ଥିଲା କୋପାନଳଶାନ୍ତ ନନ୍ଦବଂଶନାଶେ
 ଏବେ ଜ୍ୱଳାଇଲ ତୁମ୍ଭେ କାଳବଶେ ତାହା ।
ରାଜା—(ସୋଦ୍‌ବେଗେ-ସ୍ୱଗତ)
 ସତେ କଣ ଆର୍ଯ୍ୟ ଏବେ ହେଲେ କୋପାନ୍ୱିତ !
 ଭ୍ରୂକୁଟି କୁଟିଳ ଘୋର ପିଙ୍ଗଳ ଲୋଚନ
 ଦେଖି ରୁଦ୍ରଙ୍କର ସେହି ଭୀଷଣ ତାଣ୍ଡବ
 ଆସେ ମନେ, ତ୍ରାସେ ମୋର କମ୍ପଇ ହୃଦୟ ।
 ଅହୋ ! କି ଉଗ୍ର ପ୍ରହାର ସହିଲା ଏ ଧରା !
ଚାଣ—(କୃତ୍ରିମ-କୋପ ସମ୍ବରଣ କରି)
 ହେ ବୃଷଳ, ନାହିଁ ଫଳ ଅନ୍ୟ କଥା କହି,
 ଶ୍ରେଷ୍ଠ ସେ ରାକ୍ଷସ ଯେବେ ବୁଝିଅଛ ମନେ
 ଦିଅ ନେଇ ଏହି ଅସ୍ତ୍ର ତବ ମନ୍ତ୍ରିବରେ ।
(ଶସ୍ତ୍ର ପ୍ରଦାନ ପୂର୍ବକ ଆକାଶକୁ ଚାହିଁ-ସ୍ୱଗତ)
 ରାକ୍ଷସ ! ରାକ୍ଷସ ! ଦେଖ ଜିଗୀଷାର ଫଳ ।
 ଚାଣକ୍ୟ କରୁ ଖସାଇ ଚନ୍ଦ୍ରଗୁପ୍ତ ସାରେ
 ଜିଣିବ ସହଜେ ବୋଲି ଆଜିଏ ସୁଯୋଗେ
 ଫୁଙ୍କିଛୁ ଯେ ଭେଦମନ୍ତ୍ର, ତାର ଏହିଫଳ
 ଜାଣିଥା ତୋହର ନିଶ୍ଚେ ହେବ ସର୍ବନାଶ ! !
 (ପ୍ରସ୍ଥାନ)
ରାଜା—କଞ୍ଚୁକି ! ଜଣାଅ ଏବେ ସର୍ବ ପ୍ରଜାଗଣେ
 ଆଜଠାରୁ ରାଜା ନିଜେ ବୁଝିବେ ସକଳ
 ଚାଣକ୍ୟଙ୍କୁ ନ ପଚାରି—
କଞ୍ଚୁ—(ସ୍ୱଗତ) ଓହୋ ! ଏତେ ଘୃଣା ?
 ଆର୍ଯ୍ୟପଦ ଗଲା କେଣେ, କେବଳ ଚାଣକ୍ୟ
 ସତେ କଣ ଅଧିକାର-ଚ୍ୟୁତ ସେହି ଆଜ !
 ରାଜା କି ଏଥିରେ ଦୋଷୀ ! କିପରି କହିବି,
 ସେ ଦୋଷ ସଚୀବଙ୍କର ଯା କରନ୍ତୁ ରାଜା,
 ହସ୍ତୀ ଦୁଷ୍ଟ ହୁଏ ସିନା ହସ୍ତିପକ ଦୋଷେ ?
ରାଜା—କଞ୍ଚୁକି ! ଭାବୁଛ କଣ ?
କଞ୍ଚୁ—ଆଜ୍ଞା କିଛି ନାହିଁ ।
 କହିବ ଏଥର ରାଜା ରାଜପଦବାଚ୍ୟ ।

Digitized by srujanika@gmail.com

ରାଜା—(ସ୍ୱଗତ)
ହୁଏ ପଛେ ଅନୁଗ୍ରହିତ ସ୍ୱକାର୍ଯ୍ୟ ସାଧନେ
ସକାମ ହେଉନ୍ତୁ ଆର୍ଯ୍ୟ,
(ପ୍ରକାଶ୍ୟେ) ଏବେ ପ୍ରତିହାରି !
ଶୁଷ୍କକଳହରେ ମୋର ହୋଇ ଶିର ବ୍ୟଥା
ଦେଲାଣି ବଡ଼ ଯନ୍ତ୍ରଣା, ଦେଖାଅ ଏକ୍ଷଣି
ଶଯ୍ୟାମଣ୍ଡପକୁ ବାଟ;
ପ୍ରତି—ଆଜ୍ଞା, ଏହୁ ବାଟ ।
ରାଜା—(ଆସନରୁ ଉଠି ସ୍ୱଗତ)
ଆର୍ଯ୍ୟଙ୍କ ଆଜ୍ଞାରେ ଆଜ ଲଙ୍ଘି ଣ ଗୌରବ,
ବୁଦ୍ଧି ମୋର ପଶିଲାଣି ଆସି ରସାତଳେ ,
ସତେ ଅବା ଯେ ସଂସାରେ ଲଂଘୁଥିବେ କେବେ
ସ୍ୱବୁଦ୍ଧିରେ ଗୁରୁ ଆଜ୍ଞା, ନ ଜାଣେ ତାଙ୍କର
ଲଜ୍ଜାରେ କପରି ହୃଦ ହେଉଥିବ ଭଗ୍ନ ! !
ପ୍ରସ୍ଥାନ—
ଯବନିକା ପତନ ।

ଚତୁର୍ଥ ଅଙ୍କ

ପ୍ରଥମ ଦୃଶ୍ୟ—ରାକ୍ଷସର ଗୃହ ସମ୍ମୁଖ ।
[ପଥିକ ବେଶରେ କରଭକର ପ୍ରବେଶ ।]
କରଭକ—ମଣିମା,
ରଜାଙ୍କ ଆଦେଶ ନୋହିଲେ ବିଶେଷ
ଛାଡ଼ି କରି ଶୋଷ ଭୋକ,
ଶଏ ଯୋଜନରୁ ଦୂର ବାଟ ଘରୁ
ବାହାରିବ କେଉଁ ଲୋକ ?
ତେବେ ଯାଉଛି ମନ୍ତ୍ରୀଙ୍କ ଦୁଆରକୁ ଯିବ ।
(ଶାନ୍ତ ଭାବରେ ପରିକ୍ରମ କରି)
କଏ ଅଛ କହ ଯାଇ ମନ୍ତ୍ରୀଙ୍କ ଛାମୁରେ
ଆସିଛି କରଭ ଆଜ ଅତି ତରତରେ
ପାଟଳୀ ପୁରରୁ ଧାଇଁ,
ଦୌବାରିକ—(ପ୍ରବେଶ କରି) ପାଟି ବନ୍ଦ କର ।
କାଲି ରାତିରେ ଅନିଦ୍ରା ପୁଣି ମୁଣ୍ଡ ବଥା
ତେଣୁ ମନ୍ତ୍ରୀ ପଡ଼ୁଛରେ; ପଡ଼ୁଛ ଉଠିଲେ
ବେଳ ଜାଣି ଜଣାଇବି ତୋ ଆସିବା କଥା ।
କର—ହଉ ତେବେ କର, ତୁମ୍ଭ ଇଚ୍ଛା ଯେଉଁପରି ।
ଦ୍ୱିତୀୟ ଦୃଶ୍ୟ—ରାକ୍ଷସର ଶୟନକକ୍ଷ ।
[ଚିନ୍ତିତ ରାକ୍ଷସ ଶଯ୍ୟାରେ ଆସୀନ, ଶକଟଦାସ
ପଶ୍ଚାତ୍ ଉପବିଷ୍ଟ]
ରା—(ସ୍ୱଗତ) ପ୍ରତିକୂଳ ଦୈବ ଆଉ କୁଟିଳ ଚାଣକ୍ୟ
ଯୋଗେ ସବୁ ଯତ୍ନ ମୋର ହେଉଛି ବିଫଳ,
ଭାବ ଅନୁକ୍ଷଣ ତାହା ଯାପୁଛି ଯାମିନୀ
ନିତି ନିତି ଜାଗରଣେ, କୁକବି ଯେମନ୍ତେ
ଆଗେ ସ୍ୱଳ୍ପ କାର୍ଯ୍ୟାପାଇଁ ରଚି ବସ୍ତୁରାଜି
ପ୍ରସାରି ଇଚ୍ଛାରେ ତାକୁ, ପ୍ରସାରିତେ ପୁଣି
ସଙ୍କୁଚିତ କରି ଶେଷେ ପାଏ ବହୁ କଷ୍ଟ,
ତେମନ୍ତ ମାଦୃଶ-ଜନ-ଦୁର୍ଦ୍ଦଶା ଏକ୍ଷଣି ।
ସତେ ସେ ଚାଣକ୍ୟ ବଟୁ—
(ଦୌବାରିକ ଆସି) ଜୟ ଜୟ—
ରା—ହୋଇବ ବଞ୍ଚିତ !
ଦୌ—ମନ୍ତ୍ରୀ ।
ରା—(ବାମାକ୍ଷିସ୍ପନ୍ଦନ ଅନୁଭବ କରି-ସ୍ୱଗତ)
ଚାଣକ୍ୟ ବଟୁର ଜୟ, ତେବେ ଏ ରାକ୍ଷସ
ହୋଇବ ବଞ୍ଚିତ, ମୋର ବାମାକ୍ଷିସ୍ପନ୍ଦନ
ସମର୍ଥନ କରେ ଏହା, ତଥାପି ଉଦ୍ୟମ
ନୁହେ ପରିତ୍ୟାଜ୍ୟ, (ପ୍ରକାଶ୍ୟେ)
ହାରି ! କଣ କହିବୁ କ ?
ଦୌ—ଆଜ୍ଞା, ଆସିଛି କରଭ ପୁଷ୍ପପୁର ଠାରୁ;
ରା—ଅବାରିତେ ଘେନି ଆସ ତାକୁ,
ଦୌ—ଯାହା ଆଜ୍ଞା ।
(ଯାଇ, ସେ ଲୋକକୁ ଘେନି)
ଭଦ୍ର ! ଏହୁ ବସିଛନ୍ତି ମନ୍ତ୍ରୀ, ଯାଅ ଏବେ ।
କର—(ପାଖକୁ ଯାଇ) ଜୟ ହେଉ ମନ୍ତ୍ରୀଙ୍କର;—

Digitized by srujanika@gmail.com

ରା—ଭଦ୍ର, କରଭକ ।
ଶୁଭେ ଆସି ବସ ଏଠି,—
କର—ଯାହା ଆଜ୍ଞା ହେଲ ! (ଭୂମିରେ ଉପବେଶନ) ।
ରା—(ସ୍ୱଗତ)ବହୁ କାର୍ଯ୍ୟେ ଧନ୍ଦ ହୋଇ ନ ହୁଏ ସ୍ମରଣ
କେଉଁ କାର୍ଯ୍ୟେ ପେଷିଥିଲି ଏ ଦୂତକୁ ମୁହିଁ !
(ଚିନ୍ତାଭିନୟ)

[ବେତ୍ର ହସ୍ତରେ ଅନ୍ୟ ଜଣଙ୍କର ପ୍ରବେଶ ।]

ଅନ୍ୟ ଲୋକ—ଘୁଞ୍ଚ ଘୁଞ୍ଚ ଯେ ଯୁଆଡ଼େ—
ବାଟ ଛାଡ଼ ବେଗେ,
କଣ ଦିଶୁ ନାହିଁ ବିଜେ କରିଛନ୍ତି ନିଜେ
ମହାରାଜା, ଏ ନୟନେ ଦେଖିବା ଯାହାଙ୍କୁ—
ଅତି ଅସମ୍ଭବ, (ଆକାଶକୁ ଚାହିଁ) ଆଜ୍ଞା,
କଣ କହୁଛନ୍ତି ?
କାହିଁକି ଏ ତଡ଼ବଡ଼, ଆଜ୍ଞା ଯୁବରାଜ
ଶ୍ରୀ ମଳୟକେତୁ, ଆଜ ବିଜେ କରିଛନ୍ତି
ମନ୍ତ୍ରୀଙ୍କୁ ଦେଖିବା ପାଇଁ; ଏହି ଆସୁଛନ୍ତି ।
(ପ୍ରସ୍ଥାନ)

[ଭାଗୁରାୟଣ ସହିତ ମଳୟକେତୁ ଏବଂ
ପଶ୍ଚାତ୍ କଞ୍ଚୁକୀର ପ୍ରବେଶ ।]

ମଳ—(ସନିଃଶ୍ୱାସେ-ସ୍ୱଗତ)
ଦଶମାସ ହେଲା ଆସି ପିତୃ ଦେବଙ୍କର
ପରଲୋକେ ଚଳିବାର, କିନ୍ତୁ ମୁଁ ଅଦ୍ୟାପି
କରି ନାହିଁ ପ୍ରତିକାର; ବୃଥା ଏ ପୌରୁଷ !
ହିନେ ଜଳାଞ୍ଜଳି ମୁଣ୍ଡା ଦେଇ ନାହିଁ ମୁହିଁ,
ଆଜ କରିଛି ପ୍ରତିଜ୍ଞା ପିତୃ ବଧ କାଳେ
ବକ୍ଷେ ଶିରେ କର ତାଡ଼ି ଭାଙ୍ଗି ରତ୍ନବଳା
କେଶ ବାସ ଅସମ୍ଭାଳେ ଧୂଳିବୋଳା ହୋଇ
ବିଳପିଲେ ଗୁରୁ ଶୋକେ ଆହା ମାତୃଜନେ,
ସେହି ଦଶା ଭୁଞ୍ଜାଇଲେ ରିପୁରମଣୀଙ୍କି
ଦେବି ମୁହିଁ ଜଳାଞ୍ଜଳି । କି ହେବ କହିଲେ ! !
ଚୃଷ୍ଟେଶିତ ଭାର ବହି ସମର ପଦବୀ
ଆଶ୍ରିବ ପିତାଙ୍କ ପରି; ଜନନୀ ନୟନୁ
ମୁଛାଇ ଲୋତକ ଜଳ ସଞ୍ଚାଇବି ତାହା
ଶତ୍ରୁ ବଧୂଙ୍କର ନେତ୍ରେ;
(ପ୍ରକାଶ୍ୟେ) ଜଣାଅ କଞ୍ଚୁକି !
ଅନୁଯାୟୀ ରାଜଗଣେ, ନ ଆସନ୍ତୁ ଆଉ—
ଏକାକୀ ମୁଁ ଅତର୍କିତ ଆଗମନେ ଆଜ
ବଢ଼ାଇବି କୁତୂହଳ ମନ୍ତ୍ରୀଙ୍କର; ତେବେ
ସେମାନେ କାହିଁକି ହେବେ ବୃଥା ପଥଶ୍ରମୀ !
କଞ୍ଚୁ—ଯାହା ଆଜ୍ଞା ଯୁବରାଜ,—
(ପରିକ୍ରମକରି-ଆକାଶେ) ହେ ରାଜନ୍ୟବୃନ୍ଦ,
ନ ହୁଅନ୍ତୁ ଅନୁଯାୟୀ ଆଉ, (ଦେଖି ସହର୍ଷେ)
ଯୁବରାଜ, ବାହୁଡ଼ିଲେ ଏହି ସର୍ବେ ଦେଖନ୍ତୁ—
ଭୂପାଳେ
ତବ ଆଜ୍ଞା ଅନୁସରି, କବିକାର୍ଷଣେ
ଭଗ୍ନ ଲମ୍ବ ସ୍କନ୍ଧଦେଶେ କରି ନିରୋଧିତ
କେତେକେ ଯାନ୍ତି ଦେଖନ୍ତୁ ଏ ସୁବେଗ ତୁରଗେ
ଖୁରି ପୃଷ୍ଠେ ମୁଖରିତ କରି ଅନ୍ତରୀକ୍ଷ !
କେହି ପୁଣି ଗଜରାଜ ପୃଷ୍ଠେ ବାହୁଡ଼ନ୍ତି,
ନୀରବ ହୋଇଛି ଘଣ୍ଟା-ଅତି ବେଗବଶେ ।
ମଳ—ତୁମ୍ଭେ ମଧ୍ୟ ହେ କଞ୍ଚୁକି ! ବାହୁଡ଼ ସ୍ୱକାର୍ଯ୍ୟେ
କେବଳ ଭାଗୁରାୟଣ ଥାନ୍ତୁ ମୋହ ସଙ୍ଗେ ।
କଞ୍ଚୁ—ଯାହା ଆଜ୍ଞା ଯୁବରାଜ,-(ପ୍ରସ୍ଥାନ)
ମଳ—ହୁଁ-ଭାଗୁରାୟଣ !
ଭଦ୍ରଭଟ ଆଜ ସର୍ବେ ଜଣାଇଲେ ମୋତେ
"ରାକ୍ଷମନ୍ତ୍ରୀଙ୍କ ଯୋଗେ ଆଶ୍ରି ନାହୁଁ ଆମ୍ଭେ
ପ୍ରଭୁ ପାଦମୂଳ, ତବ ପ୍ରିୟ ସେନାପତି
ଶେଖର ସେନଙ୍କ ଯୋଗୁଁ କୁମନ୍ତ୍ରି-କବଳିତ
ଚନ୍ଦ୍ରଗୁପ୍ତଙ୍କର ରାଜ୍ୟ ଆସିଛୁ ବର୍ଜି;
ନ ପାରୋର ଦାସଗଣେ—ଏହା ଅର୍ଥ କଣ ?
ଭାଗୁ—ଯୁବରାଜ ଦୁର୍ବୋଧିତ ନୁହେ ଏହା ଅର୍ଥ
ଆଶ୍ରା ହାସ ବିଜୟୀଙ୍କୁ ଆଶ୍ରନ୍ତି ସକଳେ
ଏହା ତ ଯଥାର୍ଥ କଥା—

Digitized by srujanika@gmail.com

ମଲ—ଆଚ୍ଛା କହ ସଖା,
ମନ୍ତ୍ରୀ ରାକ୍ଷସ କି ସତେ ଆମ୍ଭ ପ୍ରିୟକାଂକ୍ଷୀ ?
ଭାଗୁ—ତାହା ସତ୍ୟ ଯୁବରାଜ, କିନ୍ତୁ ସେ ବିରୋଧୀ
ଏକା ଚାଣକ୍ୟର ସିନା; ଯେବେ ଚନ୍ଦ୍ରଗୁପ୍ତ
ଅଭିମାନୀ ଚାଣକ୍ୟଙ୍କୁ କେବେ ମନ୍ତ୍ରିପଦୁ
ଖସାଇବେ ରୋଷଭରେ, ସେ ସମୟେ କାଳେ
ନନ୍ଦ ପ୍ରିୟ ମନ୍ତ୍ରୀ ତାଙ୍କୁ ନନ୍ଦବଂଶମଣି
ବହୁ ଧନ ଜନ ଆଣେ ମିଶିବେ ସେ ପକ୍ଷେ ।
ପିତୃ ମନ୍ତ୍ରୀ ବୋଲି ଯେବେ ସମାଦରେ ମୌର୍ଯ୍ୟ
ଗ୍ରହଣ କରିବେ ତାଙ୍କୁ, ତାହା ଦେଖି ପ୍ରଭୁ !
କେ ଜାଣି ଆମ୍ଭଙ୍କୁ ସୁଦ୍ଧା ବିଶ୍ୱାସ ନ ଯିବେ !
ଏହି ହେବ କି ତା ଅର୍ଥ ?
ମଲ—ହୋଇ ପାରେ, ସଖେ-
ତେବେ ଦେଖାଅ ମନ୍ତ୍ରୀଙ୍କ ଗୃହ—
ଭାଗୁ—ଏଣେ ଏଣେ ।
(ପରିକ୍ରମ କରି) ମନ୍ତ୍ରୀଙ୍କ ଭବନ ଏହି,
ଭିତରକୁ ଯିବା (ଉଭୟର ପ୍ରବେଶ)
ରାକ୍ଷ—ହଁ, ସ୍ମରଣ ହେଲା(ପ୍ରକାଶ୍ୟେ) ଭଦ୍ର ପୁଷ୍ପପୁରଠାରେ
ଦେଖିଥିଲ ବୈତାଳିକ ସ୍ତନକଳସଙ୍କୁ ?
କର—ଆଜ୍ଞା ଦେଖିଅଛି-
ମଲ—ସଖେ, ପୁଷ୍ପପୁର କଥା ।
ପାଖକୁ ନ ଯାଇ ତେବେ ଶୁଣିବା ଗୋପନେ ।
ଯେଣୁ ମନ୍ତ୍ରିଗଣ କେବେ ନ କହନ୍ତି ସତ୍ୟ
ନୃପତିଙ୍କ ସମୀପରେ ମନ୍ତ୍ରଭଙ୍ଗ ଭୟେ ।
ଭାଗୁ—ଯେପରି ଆଦେଶ ତବ ।
ରା—ସିଦ୍ଧ କି ସେ କାର୍ଯ୍ୟ ?
କର—ସିଦ୍ଧ ହୋଇଅଛି ତାହା ତୁମ୍ଭ ପ୍ରସାଦରେ ।
ମଲ—କି କାର୍ଯ୍ୟ ଭାଗୁରାୟଣ ଜାଣ ?
ଭାଗୁ—ଯୁବରାଜ !
ଦୁର୍ବୋଧ୍ୟ ମନ୍ତ୍ରୀଙ୍କ କଥା ଜଣାଯିବ ନାହିଁ
ଏତିକରେ କିଛି, କ୍ଷଣେ ଶୁଣନ୍ତୁ ନିଷ୍ଟଳେ ।
ରା—ଭଦ୍ର ସବୁ ଶୁଣିବାକୁ ଇଚ୍ଛା—

କର—ଶୁଣନ୍ତୁ ଅମାତ୍ୟ !
ଏହି ଆଜ୍ଞା ଥିଲା ମୋତେ, 'ସ୍ତନକଳସକୁ
କହିଥିବ ଯେତେବେଳେ ସେ ଦୁଷ୍ଟ ଚାଣକ୍ୟ
ଲଙ୍ଘିବ ନୃପତି ଆଜ୍ଞା, ସେହି କାଳେ ଥାଇ
ତେଜାଇବ ମୌର୍ଯ୍ୟରାଜେ ସୂକ୍ତେ ଶ୍ଳୋକ ପାଠେ' ।
ରା—ହଜ ତାହା ପରେ—
କର—ତହୁଁ ଯାଇ ପୁଷ୍ପପୁରେ
ଜଣାଇଲି ଯଥାକାଳେ ତାହାଙ୍କୁ ସନ୍ଦେଶ ।
ରା—ତହୁଁ କଣ ହେଲା କହ—
କର—ଏହି ଅବସରେ,
ପ୍ରଚାରିଲେ ଚନ୍ଦ୍ରଗୁପ୍ତ କୌମୁଦୀ ଉତ୍ସବ
ସେ ପୁଷ୍ପପୁର ନଗରେ, ନନ୍ଦ ବଧେ କ୍ଷୁବ୍ଧ
ସର୍ବ ପୁରବାସୀଙ୍କର ପରିତୋଷ ଲାଗି
ଘେନିଥିଲେ ସେ ପ୍ରସ୍ତାବ ମହାନନ୍ଦେ ପୌରେ ।
ରା—(ସାଶ୍ରୁନେତ୍ରେ)
ହେ ଦେବ ଜଗଦାନନ୍ଦ ନନ୍ଦ, ତୁମ୍ଭ ବିନା
ହେବ କପରି କୌମୁଦୀ ଥିଲେହେଁ ସେଠାରେ
କୁମୁଦ ଆନନ୍ଦ ଚନ୍ଦ୍ର, ଭଦ୍ର ତହୁଁ କଣ ?
କର—ତହୁଁ ସେ ଚାଣକ୍ୟବଟୁ ନ ଘେନି କାମନା
ନିବାରିଲା ପୌରଜନ ପ୍ରିୟମହୋତ୍ସବ;
ଏହି ଛିଦ୍ର ପାଇ ମନ୍ତ୍ରି, ସେ ସ୍ତନକଳସ
ତେଜାଇଲା ଚନ୍ଦ୍ରଗୁପ୍ତ ଉତ୍ତେଜକଶ୍ଳୋକେ ।
ରା—(ସହର୍ଷେ) ସାଧୁ ସାଧୁ ପ୍ରିୟଦୂତ, ଅବଶ୍ୟ ଭବିଷ୍ୟେ
ଫଳିବ ଏ ଭେଦବୀଜ, ତେଣୁ ରସଭଙ୍ଗ
ନ ସହେ ସାମାନ୍ୟ ଜନ, ନୋହିବ ପୁଣି କି
ଅସାମାନ୍ୟ ଶକ୍ତିମନ୍ତ ରାଜାଙ୍କର ତହିଁ ?
ପରେ କଣ ହେଲା ଭଦ୍ର;—
କର—ତହୁଁ ଚନ୍ଦ୍ରଗୁପ୍ତ,
ଆଜ୍ଞାଭଙ୍ଗ ଦୋଷେ ରୋଷ କରି ପରିଶେଷେ
ପରିଶଂସି ତବ ଗୁଣ ସେ ନୃଶଂସ ବିପ୍ରେ
କଲେ ପଦଚ୍ୟୁତ ।

Digitized by srujanika@gmail.com

ମଳ—ସଖେ, ଗୁଣ ପ୍ରଶଂସାରୁ—
ଦେଖାଗଲା ମୌର୍ଯ୍ୟଙ୍କର ଭକ୍ତ ଏ ରାକ୍ଷସେ ।
ଭାଗୁ—ଯୁବରାଜ, ତେବେ ନୁହେ ଗୁଣ ପ୍ରଶଂସାରେ
ଯେତେ ଚାଣକ୍ୟ ତାଡ଼ନେ,
ରା—ଭଦ୍ର, ଜାଣିଛ କି ?
ଏହି ଉତ୍ସବ ନିଷେଧ, ରୋଷର କାରଣ,
ଅବା ଆଜ କିଛି ଅଛି ?
ମଳ—କିହ ଦେଖି ସଖେ,
କି ଫଳ ଯୁ'ଙ୍କର ଅନ୍ୟ ହେତୁ ଅନ୍ୱେଷଣେ ?
ରା—(ସାବେଗେ) ବୟସ୍ୟ ଶକଟଦାସ, ଏକି ଅସମ୍ଭବ
ସହି ନାହିଁ ଅଗ୍ରାସନ ଭ୍ରଂଶ ଅପମାନ
ଯେ ମହାନନ୍ଦ ନନ୍ଦଙ୍କର, ସେ ପୁଣି କିପରି
ନିଜକର କୃତରାଜା ଚନ୍ଦ୍ରଗୁପ୍ତ ପାଶୁଁ
ସହିଲ ଏତେ ଲାଞ୍ଛନା ! ନ ହୁଏ ବିଶ୍ୱାସ ।
ମଳ—ଜାଣ ସଖେ, ଚାଣକ୍ୟର ତପୋବନ ଯାତ୍ରା
ଆଜ ପ୍ରତିଜ୍ଞାରେ ତାଙ୍କ କିବା ସ୍ୱାର୍ଥସିଦ୍ଧି !
ଭାଗୁ—ଯୁବରାଜ, ଯେତେ ଯେତେ ସେ ଚାଣକ୍ୟବଟୁ
ଦୂରୀଭୂତ ହେଉଥିବେ ମୌର୍ଯ୍ୟ ପତ୍ତଠାରୁ
ତେତିକି ଏହାଙ୍କର ଜାଣ ସ୍ୱାର୍ଥ ସିଦ୍ଧି ।
ଶକ—ଅମାତ୍ୟ, କିପାଇଁ ଏତେ ସନ୍ଦେହ ଏଥିରେ ?
ଅସମ୍ଭବ ହେବ କିଆଁ, ଦେଖ ମୌର୍ଯ୍ୟଙ୍କର
ସକଳ ରାଜନ୍ୟଗଣ ଏବେ ପଦାନତ !
ସେ କିମ୍ପା ସହିବେ ବୃଥା ଏହି ଆଜ୍ଞାଭଙ୍ଗ ?
ଆଜ ସେ ଚାଣକ୍ୟ ବିପ୍ର ହେଲେହେଁ କୋପନ
ପ୍ରତିଜ୍ଞାରେ କଷ୍ଟ ଯାହା, ଭୁଞ୍ଜିଅଛି ନିଜେ
ଆତ୍ମକ୍ଷୟ ଭୟେ ତେଣୁ ନ କଲା ପ୍ରତିଜ୍ଞା ।
ରା—ସତ୍ୟ ସଖା, ବୁଝି ତେବେ କରଭକ କଥା ।
ଶକ—ଯାହା ଆଜ୍ଞା ହେଲା ତବ,
(କରଭକସହ ପ୍ରସ୍ଥାନ)
ରା—ମୋହର ଏକ୍ଷଣି
କୁମାରଙ୍କୁ ଦେଖିବାକୁ ଇଚ୍ଛା—

ମଳ—ମୁହିଁ ମଧ୍ୟ
ଆସିଛି ଦର୍ଶନ ଆଶେ,—
ରା—(ଦେଖି) ସତେ ଯୁବରାଜ ?
(ଆସନରୁ ଉଠି) ବସ ଏହି ଆସନରେ—
ମଳ—ବସୁଛି—ବସନ୍ତୁ । (ଉଭୟର ଉପବେଶନ)
କମିଛି କି ଶିରୋବ୍ୟଥା କହନ୍ତେ ଅମାତ୍ୟ ?
ରା—ଯୁବରାଜ, ଅଧିରାଜ ନୋହିଲେ ବା କିହିଁ
କମିବ ମୋ ଶିରୋବ୍ୟଥା,—
ମଳ—ଯେକାଳେ ଅମାତ୍ୟ,
କରିଛନ୍ତି ଅଙ୍ଗୀକାର, ସେଥି କି ଦୁର୍ଲଭ
ତାହା; କିନ୍ତୁ କେତେ କାଳ ଥିବା ଉଦାସୀନ ?
ଦେଖୁଁ ଦେଖୁଁ ଶତ୍ରୁପକ୍ଷେ ଧନବଳଯୁକ୍ତ ।
ରା—ଯୁବରାଜ, କାଳକ୍ଷେପେ କାହିଁ ଅବକାଶ
ଆଜଯାଏ ମୋର, ତେବେ ଶୁଣ ରିପୁଜୟେ ।
ମଳ—ଜାଣିଛନ୍ତି କି ଅମାତ୍ୟ ରିପୁଙ୍କ ବ୍ୟସନ ?
ରା—ଭଲରୂପେ ଜାଣିଛି ତା ।
ମଳ—କଣ ସେ ଅମାତ୍ୟ ?
ରା—ସଚିବ ବ୍ୟସନ ତାହା, ଆଉ ହେବ କଣ ?
ଚନ୍ଦ୍ରଗୁପ୍ତ ଚାଣକ୍ୟର ହସ୍ତୁ ମୁକ୍ତ ଏବେ !
ମଳ—କିନ୍ତୁ ସେ ବ୍ୟସନ ନୁହେ ବ୍ୟସନରେ ଲେଖା ।
ରା—କୁମାର, ଅନ୍ୟାନ୍ୟ ରାଜାମାନଙ୍କ ପକ୍ଷରେ
ଘଟିଲେ ଘଟିବ ତାହା, ମୌର୍ଯ୍ୟ ପକ୍ଷେ ଭିନ୍ନ ।
ମଳ—କିନ୍ତୁ ବିଶେଷରେ ଏହି ମୌର୍ଯ୍ୟଙ୍କ ପକ୍ଷରେ !
ରା—କାହିଁକି ତାଙ୍କର ଏହା ନୋହିବ ବ୍ୟସନ ?
ମଳ—ବିରକ୍ତ ହୋଇଥିଲେ ଯେତେ ଚନ୍ଦ୍ରଗୁପ୍ତ ପ୍ରଜା
କେବଳ ଚାଣକ୍ୟ ଦୋଷେ, ସେ ଯେବେ ଏକ୍ଷଣି
ହୁଏ ନିର୍ବାସିତ; ସର୍ବ ପ୍ରଜା ଆସି ପୁଣି
ଆଶ୍ରିବେ ଚନ୍ଦ୍ରଗୁପ୍ତଙ୍କୁ; କି ହେବ ତା ହେଲେ ?
ରା—ତାହା ନୁହେ ଯୁବରାଜ, ଦେଖ ଏ ନଗରେ
ଦ୍ୱିପ୍ରକାର ପ୍ରଜା, ଏକେ ନନ୍ଦ ଅନୁରକ୍ତ;
ଅନ୍ୟ ଯେ ମୌର୍ଯ୍ୟ ଭକ୍ତ ସେମାନେ କେବଳ
ଦୁଷ୍ଟ ଚାଣକ୍ୟର ଦୋଷେ ଯାଇଛନ୍ତି ଛାଡ଼ି ।

Digitized by srujanika@gmail.com

କିନ୍ତୁ ନନ୍ଦରାଜ ଭକ୍ତ ପ୍ରଜାଏ ଏକ୍ଷଣି
(ପ୍ରଭୁବଧ ପ୍ରତିହିଂସା ଥିଲେହେଁ ମାନସେ)
ନ ପାଇ ଆଶ୍ରୟ କିଛି କ୍ରୋଧେ ବିରକ୍ତିରେ
ଆଶ୍ରିଛନ୍ତି ଚନ୍ଦ୍ରଗୁପ୍ତେ । ସେ ଯେବେ ତୁମ୍ଭଙ୍କୁ
ଦେଖିବେ ନିସ୍ତାର କ୍ଷମ, ନିଶ୍ଚୟେ ତୁଷ୍ଟେ
ତେଜି ଭଜିବେ ତୁମ୍ଭଙ୍କୁ । ମୁଁ ତାର ପ୍ରମାଣ ।
ମଳ--ଅମାତ୍ୟ, କେବଳ ଏହି ସଚିବ ବ୍ୟସନ,
ରାଜା ଚନ୍ଦ୍ରଗୁପ୍ତଙ୍କର ଅଭିଯୋଗ-ହେତୁ ?
ଅବା ଅନ୍ୟ କିଛି ଅଛି କାରଣ ତା ସଙ୍ଗେ ?
ରା—କିଣ ହେବ ଯୁବରାଜ, ଆଉ ଯେତେ ଥାଉ,
ସେଥିରେ ପ୍ରଧାନ ଏହି,—
ମଳ—ପ୍ରଧାନ କିପରି ?
ଆଉ ଚନ୍ଦ୍ରଗୁପ୍ତ କିଣ ନିଜ ରାଜ୍ୟ ଭାର,
ଅନ୍ୟ ମନ୍ତ୍ରୀଠାରେ ନିହି ଅବା ନିଜେ ବହି
ଚଳାଇବାକୁ ଅସମର୍ଥ ?
ରା—ନିଶ୍ଚେ ଅସମର୍ଥ ।
ମଳ—ହେତୁ ?
ରା--ସ୍ୱନିର୍ଭର ଅବା ସ୍ୱପର ନିର୍ଭର
ଅଛନ୍ତି ନୃପତି ଯେତେ ତହିଁ ତା ସମ୍ଭବ;
ମାତ୍ର ଚନ୍ଦ୍ରଗୁପ୍ତ ସଦା ସଚିବ ନିର୍ଭର,
ଦୃଷ୍ଟିହୀନ ପ୍ରାୟ ଥାଏ ଲୋକ ବ୍ୟବହାରେ
ସେ କିପରି ନିଜେ ଦକ୍ଷ ହେବ ପ୍ରତିକାରେ ?
ଆଉ ଦେଖ, ରାଜମନ୍ତ୍ରୀ ହେଲେ ଅତ୍ୟୁନ୍ନତ
ରାଜଲକ୍ଷ୍ମୀ ନିଜେ ଉଭା ହେବେ କେଉଁଣିରେ
ଦେଇ ବେନି ପାଦ ଭର; କିନ୍ତୁ ସେ ଅବଳା !
ନ ସହି କଷଣ ବେଶି ତେଜିବେ ତୁରିତେ
ଏକକୁ ଅବଶ୍ୟ ତହିଁ । ଆଉ ମଧ ଦେଖ
ଯେଉଁ ରାଜା ମନ୍ତ୍ରିବୁଦ୍ଧି-ପରିଜୀତ, ତାର
କ୍ଷଣକ ବଞ୍ଚିବା କଷ୍ଟ; ସ୍ତନ୍ୟପାୟୀ ଶିଶୁ
ସ୍ତନ୍ୟ ଅଭାବରେ ଯଥା ନ ପାରେ ବଞ୍ଚି ।
ମଳ—(ସ୍ୱଗତ) ଭାଗ୍ୟେ ନ ହୋଇଛି ମୁହିଁ
ମନ୍ତ୍ରି-ପରତନ୍ତ୍ର !

(ପ୍ରକାଶ୍ୟେ) ଅମାତ୍ୟ, ହେଲେହେଁ ଏହା-ଥାଉଁ
ଥାଉଁ କେତେ
କାରଣ ଅଭିଯୋଗର କେବଳ ବା ଏହି
ମନ୍ତ୍ରୀ ବ୍ୟସନକୁ ଧରି କମ୍ପା ଅଭିଯାନ ?
ରା--ସମ୍ପୂର୍ଣ୍ଣ ସିଦ୍ଧିକି ନିଶ୍ଚେ ଲଭିବ କୁମାର !
ଦେଖ ତୁମ୍ଭ ସମ ରାଜା ତହିଁ ପ୍ରତିପକ୍ଷ,
ନନ୍ଦରାଜ ଅନୁରକ୍ତ ପୁରବାସିଗଣ,
ଚତୁର ଚାଣକ୍ୟ ପୁଣି ମନ୍ତ୍ରିପଦୁଁ ଚ୍ୟୁତ ।
ଏଣେ ରାଜା ଚନ୍ଦ୍ରଗୁପ୍ତ ନବ ଅନଭିଜ୍ଞ—
ରିପୁ ଛିଦ୍ରାନ୍ୱେଷୀ ମୁହିଁ ତବାଧୀନ ପୁଣି;
(ଲଜ୍ଜାଭିନୟ)
ଏ ଯତ୍ନେ କି ନ ଫଳିବ ତବ ମନୋରଥ ?
ନ ଲାଗେ ଅସାଧ୍ୟ ଏହା,
ମଳ—ତେବେ ହେ ଅମାତ୍ୟ,
କମ୍ପାଇ ବିଳମ୍ବ ଏତେ ଅଭିଯୋଗ କାଳେ ?
ଦେଖ ଏହି ମଦଜଳ-ସ୍ରାବୀ ମତଙ୍ଗଜେ
ଶୋଷିବେ କ୍ଷଣକେ ଶୋଣ-ସ୍ରୋତସ୍ୱଚ୍ଛ ଜଳ,
ଶ୍ୟାମାୟିତ ତୀର ଯାର ଶ୍ୟାମଦ୍ରୁମମାଳେ ।
ନ ମାନି ତରଙ୍ଗଭଙ୍ଗ ଭାଙ୍ଗିବେ ଏ ନିଶ୍ଚେ
ତୁଙ୍ଗତଟଦେଶ ତାର ଲମ୍ବ ଦନ୍ତଘାତେ ।
ପୁଣି ଏ ମୋହର ଗଜେ ରୋଧିବେ ନଗର ।
ବର୍ଷି ମଦ ବାରିଧାରା, ବିନ୍ଧ୍ୟକୁ ଯେସନ
ଧାରାସ୍ରାବୀ ମେଘମାଳ ଘୋଷଣି ଗର୍ଜନେ ।
(ଭାଗୁରାୟଣ ସହିତ ମଳୟକେତୁର ପ୍ରସ୍ଥାନ)
ରା—ଆରେ କିଏ ଅଛ ଏଠାଁ ?
ପ୍ରିୟଂବଦ—(ପ୍ରବେଶ କରି) କି ଆଜ୍ଞା ହେଉଛି ?
ରା—କେ ଅଛି ଦୈବଜ୍ଞ ଦ୍ୱାରେ ବୁଝି ଆସ ବେଗେ ।
ପ୍ରିୟ—ଯାହା ଆଜ୍ଞା, (ଯାଇ, କ୍ଷେପଣକୁ ଦେଖି ଆସି)
ଆଜ୍ଞା, ଦ୍ୱାରେ ସେହି କ୍ଷପଣକ—
ରା—(ସ୍ୱଗତ-ଅମଙ୍ଗଳ ସୂଚନା କରି) ପ୍ରଥମରୁ
କ୍ଷପଣକ ଏବେ—
ପ୍ରିୟ—ଜୀବସିଦ୍ଧି ।

Digitized by srujanika@gmail.com

ରା—(ପ୍ରକାଶ୍ୟେ) କୁଣ୍ଠିତ ନ କର ତାଙ୍କୁ ଅଣାଅ ।
ପ୍ରିୟ—ଯେ ଆଜ୍ଞା, (ପ୍ରସ୍ଥାନ)
(କ୍ଷପଣକର ପ୍ରବେଶ ।)
କ୍ଷପ—ଅଜ୍ଞାନ ତମିର— ବିନାଶିଯନ୍ତର
ଆଜ୍ଞା କର ହେ ପାଳନ ।
ଆଗେ ହେଲେ ତିକ୍ତ ପଛକୁ ହିତ
ସନ୍ତତ କର ସ୍ମରଣ ।
(ପାଖକୁ ଯାଇ) ଧର୍ମଲାଭ ହେଉ ମନ୍ତ୍ରି !
ରା—ସ୍ଥିର କର ଭଦ୍ର,
ଆମ୍ଭର ଯାତ୍ରା ଦିବସ,—
କ୍ଷପ—(ଚିନ୍ତା କରି) ସ୍ଥିର ହେଲା ଲଗ୍ନ ।
ପୌର୍ଣ୍ଣମାସୀ ମଧ୍ୟାହ୍ନକୁ ସପ୍ତକଳା ଥାଇ
କରିବ ଶୁଭରେ ଯାତ୍ରା ଉତ୍ତରୁଁ ଦକ୍ଷିଣେ—
ଯେଣୁ ଦକ୍ଷିଣେ ଯୋଗିନୀ; ଆଉ ମଧ୍ୟ ଦେଖ
ସୂର୍ଯ୍ୟ ଅସ୍ତକାଳ ପୂର୍ଣ୍ଣ-ଚନ୍ଦ୍ରର ଉଦୟ,
କେତୁର ଉଦୟ ଅସ୍ତେ ବୁଧଙ୍କର ଲଗ୍ନେ
ଲେଖୁଛୁ ଗମନ ତବ ।
ରା—ତିଥି ହେଲା ନାହିଁ ।
କ୍ଷପ—କିନ୍ତୁ ତିଥି ଏକଗୁଣା ଚତୁର୍ଗୁଣ ତାର
ଲଗ୍ନ ଚଉଷଠି ଗୁଣ ଶାସ୍ତ୍ରେ ଅଛି ଧାରା ।
ଲଗ୍ନ ହୋଇବ ସୁଲଗ୍ନ ପାପଗ୍ରହ ତେଜ
ଚନ୍ଦ୍ରଙ୍କ ବଳରେ ଗଲେ ଲାଭ ହେବ ହେଜ ।
ରା—ଅନ୍ୟ ଦୈବଜ୍ଞ ସହିତ ମିଳାଅ ଏକଥା !
କ୍ଷପ—ଆପଣ ମିଳାନ୍ତୁ ମନ୍ତ୍ରି ! ଯାଉଅଛୁ ମୁହିଁ ।
ରା—ରାଗିଲ କି ଭଦ୍ର !
କ୍ଷପ—ନାହିଁ, ମୁଁ କାହିଁ ରାଗନ୍ତି ?
ରା—ତେବେ କିଏ ?
କ୍ଷପ—(ସ୍ୱଗତ)—ନିଜେ ଯମ;—ଯେଣୁ ନିଜପକ୍ଷ
ଛାଡ଼ି ରିପୁଙ୍କର ପକ୍ଷ କରୁଅଛ ପୃଷ୍ଟ । (ପ୍ରସ୍ଥାନ ।)
ରା—ପ୍ରିୟଂବଦ, ଦେଖି ଆସ ଏବେ ବେଳ କେତେ ?
ପ୍ରିୟ—ଅଜ୍ଞା, ଦେଖି ଆସୁଅଛି, (ଯାଇ, ଫେରି ଆସି)
ସୂର୍ଯ୍ୟଅସ୍ତ ବେଳ ।

ରା—(ଆସନରୁ ଉଠି-ଦେଖି)
ଅହୋ ! ଅସ୍ତ ଅଭିଳାଷୀ ସୂର୍ଯ୍ୟ, ଦେଖ ଏବେ
ସୂର୍ଯ୍ୟୋଦୟେ ଯେଉଁ ଛାୟା ଆଶ୍ରି ଥିଲା ଆସି
ପଶ୍ଚିମ ଦିଗନ୍ତୁ, ସେହି ତରୁଛାୟା ପୁଣି
ଅସ୍ତକାଳେ ଯାଉଅଛି ଫେରି; ଏହିପରି
ସମ୍ପଦ ସରିଲେ ଭୃତ୍ୟ ତେଜନ୍ତି ପ୍ରଭୁଙ୍କୁ ।
(ପ୍ରସ୍ଥାନ ଓ ଯବନିକା ପତନ ।)

———

ପଞ୍ଚମ ଅଙ୍କ

ପ୍ରଥମ ଦୃଶ୍ୟ

ମଳୟକେତୁର ଶିବିର ସମ୍ମୁଖ ରାଜପଥ
(ଅଳଙ୍କାର ସ୍ଥଳୀ ଓ ମୁଦ୍ରାଯୁକ୍ତପତ୍ର ଘେନି
ସିଦ୍ଧାର୍ଥକର ପ୍ରବେଶ ।)

ସିଦ୍ଧା—ଫଳିବ ଆଜ ସୁଫଳ ଚାଣକ୍ୟର ନୀତି
ପାଇ ବୁଦ୍ଧି ଜଳସେକ ଦେଶ କାଳ ଘଟେ
ଯାଉଛି ପାଟଳିପୁତ୍ର—ନଗରକୁ ଘେନି
ଆର୍ଯ୍ୟ ଚାଣକ୍ୟଙ୍କ ପତ୍ର ସଙ୍ଗେ ପୁଣି ଏହି
ଅଳଙ୍କାର ପେଟୀ; ଯାହା ମନ୍ତ୍ରୀ ରାକ୍ଷସଙ୍କ
କର ମୁଦ୍ରାରେ ମୁଦ୍ରିତ । (ପରିକ୍ରମପୂର୍ବକ-ଦେଖି)
କିଏ କ୍ଷପଣକ ?
ଅଶୁଭ ଦର୍ଶନ, ତେବେ ସୂର୍ଯ୍ୟ ଦର୍ଶନରେ
କଟାଇଲେ ବିଘ୍ନ ଯାଇଁ ଯିବି ସେ ସ୍ଥାନକୁ ।
[କ୍ଷପଣକର ପ୍ରବେଶ]
କ୍ଷପ—ଗୁରୁଙ୍କୁ ପ୍ରଣାମ ମୋର, ନିତ୍ୟ ଏହି ଭବେ
ଯେତ୍ତୁ ଅନ୍ୱେଷନ୍ତି ସିଦ୍ଧି ତୀକ୍ଷ୍ଣ ବୁଦ୍ଧିବଳେ
ଅଲୌକିକ ପଥେ ଯାଇ;—
ସିଦ୍ଧା—ପ୍ରଣାମ ସନ୍ନ୍ୟାସି !
କ୍ଷପ—ଧର୍ମ ଲାଭ ହେଉ ତୋର,—
(ସିଦ୍ଧାର୍ଥକକୁ ନିରୀକ୍ଷଣ କରି) ଏ କିଣ ? ତୋ ମନ
ସାଗର ତରଙ୍ଗ ପରି ତର ତର କାହିଁ ?
କପରି ଜାଣିଲ ତୁମ୍ଭେ—ଆଚମ୍ବିତ କଥା !

Digitized by srujanika@gmail.com

କ୍ଷପ— ଜାଣିବାକୁ ଅଛୁ କଣ ? ଏହି ପଦ ଖଣ୍ଡି
ଜଣାଇ ଦେଉଛୁ ମୋତେ;

ସିଦ୍ଧା— ତେବେ କହ ଭଲ
ଯାହାକୁ ଏ ବଚନ ମୋର ଶୁଭ କି ଅଶୁଭ ।

କ୍ଷପ—(ହସି) ମସ୍ତକ ମୁଣ୍ଡନ କରି ପଚାରୁଛ ତାହା ?

ସିଦ୍ଧା— ଏହିକ୍ଷଣି ମୋହ ପ୍ରତି ଯାହା କଣ କହ
ଅନୁକୂଳ ହେଲେ ଯିବି ନୋହିଲେ ଫେରିବି !

କ୍ଷପ—ମଳୟକେତୁ ପୁରକୁ ଅନୁକୂଳ କଣ ?
ବିନା ମୁଦ୍ରାରେ ତ କେହି ପଶି ନ ପାରିବେ !

ସିଦ୍ଧା—କହ ଭଲ, କାହିଁକି ଯା ହେଲା—

କ୍ଷପ—ଶୁଣ ବାବୁ,
ଆଦ୍ୟେ ଏ କଟକେ ମନା ଥିଲା ଗମାଗମ—
ଏବେ ନିକଟ ସେ ପୁଷ୍ପପୁର ଯାହା; ତେଣୁ
ବିନା ସନ୍ତକରେ କେହି ନ ଆସେ ଏଠାକୁ
ଅବା ଯାଏ ନାହିଁ ଏଠୁଁ; ଆଣିଛ ଯଦ୍ୟପି
ଭାଗୁରାୟଣଙ୍କ ଲେଖା, ଯାଅ ନିର୍ଭୟରେ—
ନୋହିଲେ ଚଞ୍ଚଳ ଫେର—ବୃଥା ବନ୍ଧା ହୋଇ
ଖାଇବ କଷାଁ ପ୍ରହାର ରକ୍ଷକଙ୍କ ହସ୍ତେ !

ସିଦ୍ଧା—ଜାଣ ନାହିଁ ମୁହିଁ କିଏ ? ନିଜେ ରାକ୍ଷସଙ୍କ
ପାର୍ଶ୍ୱଚର ଭୃତ୍ୟ ମୁହିଁ—ନ ଥିଲେ ବା ମୁଦ୍ରା
କେ କଣ କରିବ ମୋର ?

କ୍ଷପ— ହୁଅ ରାକ୍ଷସର
ଅବା ପିଶାଚର, ବିନା ସନ୍ତକରେ ମନା ।

ସିଦ୍ଧା—ରାଗ ନା ସନ୍ନ୍ୟାସୀ, କହ କାର୍ଯ୍ୟ ସିଦ୍ଧ ହେଉ ।

କ୍ଷପ—ହଉ ତେବେ ଯାଅ,—ମୁଁ ବି ଯାଉଛି ସେଠାକୁ ।
(ଉଭୟର ପ୍ରସ୍ଥାନ, ପଟ କ୍ଷେପଣ)

———

ଦ୍ୱିତୀୟ ଦୃଶ୍ୟ—ମଳୟକେତୁ ଶିବିର ।

(ଜଣେ ଅନୁଚର ସହିତ ଭାଗୁରାୟଣର ପ୍ରବେଶ)

ଭାଗୁ—(ସ୍ୱଗତ) ଅହୋ, ମିତ୍ର ପଟୁ ଆର୍ଯ୍ୟ
ଚାଣକ୍ୟର ନୀତି
ନିୟତି ସମାନ ବହୁ ରୂପ ପ୍ରକାଶିନୀ !
କେବେ ସୁପ୍ରକାଶ, କେବେ ନିତାନ୍ତ ଗହନ ।
ପୂର୍ଣ୍ଣକଳେବରା କେବେ, କେବେ ବା କୃଶାଙ୍ଗୀ,
କେବେ କ୍ଷୀଣବୀଜା, କେବେ ପୁଣି ଫଳବତୀ ! !
(ପ୍ରକାଶ୍ୟେ) ଭାସୁରକ, ବିଳମ୍ୱରେ ଫଳ ନାହିଁ ଆଉ
ଆସ୍ଥାନମଣ୍ଡପେ ମୋର ସଜାଅ ଆସନ ।

ଭାସୁ—ଆଜ୍ଞା, ଏହି ଆସନରେ ବସିବା ହୁଅନ୍ତୁ ।

ଭାଗୁ—(ବସି) ଭାସୁରକ, କେହି ଯେବେ ଚାହିଁଥିବେ
ଦ୍ୱାରେ ସନ୍ତକ ନେବା ନିମନ୍ତେ ଡାକି ଦିଅ ତାଙ୍କୁ,

ଭାସୁ—(ପ୍ରସ୍ଥାନ)

ଭାଗୁ—(ସ୍ୱଗତ) ଆହା ! ଏହିରୂପେ ଆଜ ମଳୟକେତୁଙ୍କୁ
ପ୍ରତାରିତ କରିବି ମୁଁ ? ବଡ଼ କଷ୍ଟ କଥା !
ପରାଧୀନ ଲୋକର ବା କି ଅଛି ବିଚାର ?
ସାମାନ୍ୟ ଏ ଧନ ଲାଗି ଲଜ୍ଜା କୁଳମାନ
ସବୁ ଛାଡ଼ି ବିକାଅଛି ପ୍ରଭୁଙ୍କୁ ପରାଣ
ଆଜ୍ଞା ପାଳନ ନିମନ୍ତେ—ହିତାହିତ କଣ ?

[ରାଜାମଳୟକେତୁ ଓ ପଶ୍ଚାତ୍ ପ୍ରତିହାରୀର ପ୍ରବେଶ]

ମଳ—(ସ୍ୱଗତ) ଗମ୍ଭୀର ସନ୍ଦେହ ମୋର ରାକ୍ଷସଙ୍କ ପ୍ରତି
ସ୍ଥିର କରିପାରୁ ନାହିଁ କିଛି ଏ ସଙ୍କଟେ !
ସତେ କି ସଙ୍କଳ୍ପମତେ ଆଣି ଦେବେ ରାଜ୍ୟ !
ଅଥବା ମୌର୍ଯ୍ୟ ପକ୍ଷେ ମିଶିବେ କୌଶଳେ
ଚାଣକ୍ୟ ଯାଉଛି ବୋଲି ନନ୍ଦବଂଶ ସ୍ମରି !
ଚାଳ ଚାଳ ଏହିପରି, ସଂଶୟ ଦୋଳାରେ
ଭ୍ରମୁଛି ମୋ ମନ କୁମ୍ଭ-କାର ଚକ୍ରବତ ।
(ପ୍ରକାଶ୍ୟେ) ବିଜୟେ, କେଉଁଠି ମନ୍ତ୍ରୀ ?

ପ୍ରତିହାରୀ—ଆଜ୍ଞା ଅଛନ୍ତି ସେ,
ଶିବିର ଦ୍ୱାର କୋଠରେ ମୁଦ୍ରା ଦେବା ପାଇଁ ।

ମଳ—ବିଜୟେ, ମୁହୂର୍ତ୍ତେ ଚାଲ ଧୀର ଧୀର ପଦେ
ପଛଆଡୁ ବୁଜ ଦେବା ତାଙ୍କ ଚକ୍ଷୁ ବେନି ।

Digitized by srujanika@gmail.com

ପ୍ରତି—ପ୍ରଭୁ, ଯେଉଁପରି ଇଚ୍ଛା-
ଭାସୁ—(ପ୍ରବେଶ କରି) ଆଜ୍ଞା-କ୍ଷପଣକ,
ଠିଆ ହୋଇଅଛି ଦ୍ୱାରେ ମୁଦ୍ରାପାଇଁ-
ମଳ—ଡାକ ।
ଭାଗୁ—ଯାହା ଆଜ୍ଞା ହେଲ ପ୍ରଭୁ,—(ପ୍ରସ୍ଥାନ)
କ୍ଷପଣକ—(ପ୍ରବେଶ କରି) ଧର୍ମଲାଭ ହେଉ !
ଭାଗୁ—(ଦେଖି ସ୍ୱଗତ) ଓହୋ ଏହି ଜୀବସିଦ୍ଧି,
ରାକ୍ଷସର ସଖା (ପ୍ରକାଶ୍ୟେ)
ଭଦ୍ର ! କିଛି ଉଦ୍ଦେଶ୍ୟରେ ଏ ଯାତ୍ରା, ନା ସେହି
ରାକ୍ଷସ କାର୍ଯ୍ୟରେ ?
କ୍ଷପ—(କାନରେ ହାତ ଦେଇ) ଛି ଛି, ଯିବ ମୁଁ
ସେଠାକୁ ରାକ୍ଷସ ଅବା ପିଶାଚ ନାହାନ୍ତି ଯେଉଁଠି ?
ଭାଗୁ—ଏ କଣ ଶ୍ରମଣ ! ତବ ବନ୍ଧୁ ପ୍ରତି କୋପ !
କରିଛନ୍ତି କି ରାକ୍ଷସ କିଛି ଅପରାଧ ?
କ୍ଷପ—ନାହିଁ ଅପରାଧ କିଛି ସେହି ରାକ୍ଷସର
ମୁହିଁ ମନ୍ଦଭାଗ୍ୟ ନିଜ କର୍ମେ ହେଲି ଦୋଷୀ ।
ଭାଗୁ—ବଢ଼ାଇଲ କୌତୂହଳ ମୋର,
ମଳ—(ସ୍ୱଗତ) ମୋର ମଧ୍ୟ ।
ଭାଗ—ଶୁଣିବାକୁ ଇଚ୍ଛା ତାହା-
ମଳ—ମୋହର ସେପରି ।
କ୍ଷପ—କଣ ହେବ ଶୁଣି ତାହା—
ଭାଗୁ—ଗୁପ୍ତ ହେଲେ ଥାଉ ।
କ୍ଷପ—ନାହିଁ, ଗୁପ୍ତ କଥା ନୁହେ ।
ଭାଗୁ—ତାହା ହେଲେ କହ ।
କ୍ଷପ—ନୋହିଲେ ହେଁ ଗୁପ୍ତ ତାହା କହିବ ନାହିଁ ମୁଁ ।
ଭାଗୁ—ମୁଁ ତେବେ ନ ଦେବ ମୁଦ୍ରା !
କ୍ଷପ—(ସ୍ୱଗତ) ଏବେ—କହିବାକୁ ବାଧ୍ୟ ।
(ପ୍ରକାଶ୍ୟେ) ଥାଉ ଗତି କଣ ପ୍ରଭୁ, କହୁଛି-ଶୁଣନ୍ତୁ
ରାକ୍ଷସର ବନ୍ଧୁଭାବେ ଥିଲି ପୁଷ୍ପପୁରେ ।
ସେହି ଅବସରେ ମନ୍ତ୍ରୀ ରାକ୍ଷସ ମୋ ହାତେ
ବିଷକନ୍ୟା ପ୍ରୟୋଗରେ କରାଇଲେ ହତ
ନୃପତି ପର୍ବତେଶ୍ୱରେ ।

ମଳ—(ସବାଷ୍ପେ ସ୍ୱଗତ) କଣ ! ସେ ରାକ୍ଷସ
ଚାଣକ୍ୟ ନୁହନ୍ତି କଣି ?
ଭାଗୁ—କହି ଯାଅ ସବୁ ।
କ୍ଷପ—(ତହୁଁ) ରାକ୍ଷସର ବନ୍ଧୁ ବୋଲି ସେ ଚାଣକ୍ୟ ଦୁଷ୍ଟ
ନଗରରୁ ନିର୍ବାସିତ କଲା ମୋତେ; ଏବେ
ଏ ରାକ୍ଷସ ପୁଣି ମୋତେ ପ୍ରାଣେ ବଧିବାକୁ
କରୁଅଛି ନାନା ଚେଷ୍ଟା;
ଭାଗୁ—କିନ୍ତୁ ହେ ଶ୍ରମଣ !
ଶୁଣି ଅଛୁଁ ଏହି କଥା ଅର୍ଦ୍ଧରାଜ୍ୟ ଦାନେ
ଅସମ୍ମତ ହୋଇ ସେହି ଚାଣକ୍ୟ ବ୍ରାହ୍ମଣ
କରିଛି ଏହି ଅକାର୍ଯ୍ୟ । ରାକ୍ଷସ ନିର୍ଦ୍ଦୋଷ ।
କ୍ଷପ—(କାନରେ ହାତ ଦେଇ)
ଓହୋ, କି ଅଶ୍ରୁତ କଥା ! ଚାଣକ୍ୟ ଏହାର
ନାମ ଗନ୍ଧ ନ ଜାଣନ୍ତି, ଏକା ସେ ଦୁର୍ଗତ ।
ରାକ୍ଷସ କରିଛି ସବୁ ।
ଭାଗୁ—ବଡ଼ ଦୁଃଖ କଥା !
ନିଅ ମୁଦ୍ରା, ଯିବା ଚାଲ କହିବା ରାଜାଙ୍କୁ ।
ମଳ—ଶୁଣିଲଣି ସଖେ ଏହି ଶ୍ରୁତିବିଦାରଣ
ସୁହୃଦ ମୁଖରୁ ମୋର ପିତୃବଧ କଥା,
ଯାହା ଶୁଣି ଆଜ ଦୁଃଖ ଦ୍ୱିଗୁଣେ ବଢ଼ିଲା ।
କ୍ଷପ—(ସ୍ୱଗତ) ଶୁଣିଲେଣି ମଳୟେଶ,
ଏବେ କୃତାର୍ଥ ମୁଁ । (ପ୍ରସ୍ଥାନ ।)
ମଳ—(ଆକାଶକୁ ଲକ୍ଷ୍ୟ କରି)
ରାକ୍ଷସ, ଉଚିତ ଏହା ! ବନ୍ଧୁ ମଣି ପିତା
ବିଶ୍ୱାସେ ସକଳ କାର୍ଯ୍ୟ ଅର୍ପି ତୁମ୍ଭଠାରେ
ଥିଲେ ଯେ, ନିଶ୍ଚିନ୍ତ ପୂର୍ବେ; ତାହାଙ୍କୁ ପଶ୍ଚାତେ
ନିପାତି ସ୍ୱଜନ-ଅଶ୍ରୁ-ପତ ସଙ୍ଗେ ତୁମ୍ଭେ
ରାକ୍ଷସ ହୋଇଛ ଏବେ ଯଥାର୍ଥ ରାକ୍ଷସ ।
ଭାଗୁ—(ସ୍ୱଗତ) ଅଛି ଆର୍ଯ୍ୟ ଦେଶ ମୋତେ
ସାବଧାନ ଥାଇ
ରକ୍ଷିବ ରାକ୍ଷସ ପ୍ରାଣ; ଆଚ୍ଛା ଦେଖାଯାଉ-
(ପ୍ରକାଶ୍ୟେ) କୁମାର, ଉଦ୍ବେଗ ବୃଥା—ମୁଁ କିଛି
କହିବ ।

Digitized by srujanika@gmail.com

ମଳ—(ବସି) କଅଣ କହିବ ସଖେ ! —
ଭଗୁ—ଶୁଣନ୍ତୁ କୁମାର !
ଏ ସଂସାରେ ସର୍ବେ ଅର୍ଥ-ଦାସ, ଅର୍ଥ ଲାଗି
ଶତ୍ରୁ ମିତ୍ର ଭେଦ ଆଉ ନ ରଖନ୍ତି କେହି ।
ନନ୍ଦବଂଶ-ଅବଶେଷ ସର୍ବାର୍ଥ ସିଦ୍ଧିକି
ନୃପତି କରିବା ଲକ୍ଷ୍ୟ ରାକ୍ଷସ ସେକାଳେ
ପିତାଙ୍କୁ କଣ୍ଟକ ଜାଣି ବଧିଥିବେ ପ୍ରାଣେ
ନୁହେ ଅସମ୍ଭବ ଏହା । ଦେଖ, ଘଟୁଛି ତ ?
ଅର୍ଥଯୋଗୁଁ ଶତ୍ରୁ ମିତ୍ର ମିତ୍ର ପୁଣି ଶତ୍ରୁ
କେ ବୁଝିବ ତା ମହିମା ? ଜଟିଳ ସେ କଥା !
ଅର୍ଥ ଜନ୍ମାନ୍ତର ଆଣି ଦିଏ ଜୀବନକୁ,
ତେବେ କି ହେବ ରାକ୍ଷସ ପ୍ରତି କୋପ ବହି !
ନନ୍ଦରାଜ୍ୟ ଲଭ ଯାଏ, ଥାଉ ଅନୁଗ୍ରହ ।
ତତ୍ପରେ ଭଜନ୍ତୁ ଅବା ତେଜନ୍ତୁ ଯା ଇଚ୍ଛା ।
ମଳ—ଯଥାର୍ଥ କହିଲ ସଖେ, ମାନୁଛି ମୁଁ ଏହା
ବଧିଲେ ରାକ୍ଷସ ପ୍ରାଣ ପ୍ରଜାଗଣ ମଧ୍ୟେ
କ୍ଷୋଭ ଉପୁଜିବ; ଫଳେ ଜୟ ଅସମ୍ଭବ ।
ଜଣେପୁରୁଷ—(ପ୍ରବେଶ କରି) ଜୟ ଜୟ ଯୁବରାଜ !
ଆଜ୍ଞା, ଗୁମୁଙ୍କର ଥାନା ପରଛାଏ ଏହା ଜଣାଇ
ଅଛନ୍ତି—ବିନା ମୁଦ୍ରା ସନ୍ତକରେ ଯାଉଥିଲା ଜଣେ
ଛାଡ଼ି ଯେଣ ପୁଷ୍ପପୁରେ—ପଡ଼ିଅଛି ଧରା ।
ତହିଁକି କି ଆଜ୍ଞା ହେଉ,
ଭଗୁ—ଘେନି ଆସ ତାକୁ,
ଏଠାକୁ ବେଗେ—
ପୁରୁଷ—ଯାହା ଆଜ୍ଞା ଗୁମୁଙ୍କର । (ପ୍ରସ୍ଥାନ)
(ପୁରୁଷ ସହିତ ସଂଯତ ସିଦ୍ଧାର୍ଥକର ପ୍ରବେଶ ।)
ସିଦ୍ଧା—(ସ୍ୱଗତ) ପ୍ରଣାମ ପ୍ରଭୁଭକ୍ତିକି—ଯାହା ଗୁଣେ
ଭୃତ୍ୟ—ଦୋଷେ ପରାଙ୍ମୁଖ, ପୁଣି ଆମ୍ଭର
ଜନନୀ ।
ପୁରୁ—(ପାଖକୁ ଯାଇ) ଆଜ୍ଞା, ଏଇ ସେହି ଲୋକ—
ମଳ—(ଦେଖି) କିଏ ଏ ପ୍ରବାସୀ ?
ଅବା କାହାର ଆଶ୍ରିତ ଏଠାରେ କେହି ?

ସିଦ୍ଧା—ଆର୍ଯ୍ୟ, ଅମାତ୍ୟ ରାକ୍ଷସ ମୋର ପ୍ରଭୁ, କର୍ତ୍ତା !
ଭଗୁ—ତେବେ ବିନା ସନ୍ତକରେ ଗଲ କାହିଁ ତୁମ୍ଭେ ?
ସିଦ୍ଧା—ଆର୍ଯ୍ୟ, କାର୍ଯ୍ୟ ଗୌରବରୁ ଥିଲି ତରତର ।
ଭଗୁ—ଏପରି ବା କି କାର୍ଯ୍ୟ ଯେ ! ଲଙ୍ଘିଲ ଶାସନ ?
ମଳ—ଲେଖା ଖଣ୍ଡି ଆଣ ସଖା, ପଢ଼-ଜଣା ଯିବ ।
ଭଗୁ—(ସିଦ୍ଧାର୍ଥକ ହସ୍ତରୁ ପତ୍ର ଆଣି ମୁଦ୍ରା ଦେଖି)
କୁମାର, ରାକ୍ଷସଲେଖା ! ଏହି ତାଙ୍କ ମୁଦ୍ରା ।
ମଳ—ମୁଦ୍ରାକୁ ଅକ୍ଷୁଣ୍ଣ ରଖି ଫିଟାଅ ସେ ପତ୍ର ।
ଭଗୁ—(ସେହିପରି କରି ଦେଖାଇବା ।)
ମଳ—(ନେଇ ପଢ଼ିବା)
"କାଳ ଜାଣି କାହୁଁ କେହି ଜଣାଉଛି ଏହା
ଜଣେ ବଶିଷ୍ଟ ଲୋକଙ୍କୁ,—ଆମ୍ଭ ଶତ୍ରୁପକ୍ଷ
ନାଶି ଦେଖାଇଛ ସତ୍ୟ-ବ୍ରତ, ସତ୍ୟ ନିଷ୍ଠା ।
ପୂର୍ବେ ଯେଉଁ ବନ୍ଧୁମାନେ ସନ୍ଧିସୂତ୍ରେ ବଦ୍ଧ
ହୋଇଥିଲେ ଏତେକାଳ, ତାଙ୍କୁ ବର୍ତ୍ତମାନେ
ସନ୍ଧି-ପଣ ଦ୍ରବ୍ୟ ଦେଇ କରାଇବେ ପ୍ରୀତ ।
କାଳକ୍ରମେ ସେହିମାନେ ଆଶ୍ରୟ ଅଭାବେ
ଆଶ୍ରିବେ ଉପକାରୀଙ୍କୁ, ଭୁଲି ନ ଥିଲେହେଁ
ଚେତାଇ ଦେଉଛୁ ଏହା; ସେମାନଙ୍କ ମଧ୍ୟେ
କେହି ଶତ୍ରୁପକ୍ଷେ କୋଷ ହସ୍ତୀପ୍ରାର୍ଥୀ, କେହି
ଭୂମିବୃତ୍ତି ପ୍ରାର୍ଥୀ । ଯେଉଁ ଅଳଙ୍କାର ତ୍ରୟ
ଦେଇଥିଲେ-ହସ୍ତଗତ; ବିଶ୍ୱାସ ନିମିତ୍ତ
ଦେଇଛୁ ଏକ ସଙ୍କେତ, ପାଇବେ ଅବଶ୍ୟ ।
ଆଉ ଯା ମୌଖିକ ଅଛି ତାହା ଏ ବିଶ୍ୱସ୍ତ
ଭୃତ୍ୟ ସିଦ୍ଧାର୍ଥକ ମୁଖୁଁ ଶୁଣିବେ ସମସ୍ତ ।
ମଳ—କି ଅର୍ଥ ଭଗୁରାୟଣ ଏପରି ଲେଖାର ?
ଭଗୁ—କହ ଭଦ୍ର ସିଦ୍ଧାର୍ଥକ, କାହାର ଏ ଲେଖା ?
ସିଦ୍ଧା—ଆଜ୍ଞା ମୋତେ ଜଣା ନାହିଁ ।
ଭଗୁ—ଆରେ ପ୍ରବଞ୍ଚକ,
ପତ୍ର ଧରି କାହାର ସେ ନ ଜାଣୁ କିପରି ?
ଆଚ୍ଛା ଥାଉ ତାହା, କିଏ ଶୁଣିବ ମୌଖିକ ?

Digitized by srujanika@gmail.com

ସିଦ୍ଧା— (ଭୟରେ) ଆପଣମାନେ ଶୁଣିବେ ।
ଭାଗୁ—କିଣ ଆମ୍ଭେମାନେ ?
ସିଦ୍ଧା—ଆପଣ ତ ନେଲେ, ଆଜ ନ ଜାଣେ ମୁଁ କିଛି ।
ଭାଗୁ— (ସକ୍ରୋଧେ) ଆଚ୍ଛା, ଜାଣିବୁ ଏକ୍ଷଣି ବେଗେ
ଭାସୁରକ,
ବାହାରକୁ ନେଇ ଏହାକୁ କର ବେତ୍ରାଘାତ
ଯେପର୍ଯ୍ୟନ୍ତ ସବୁକଥା ନ କହିବ ଖୋଲି ।
ଭାସୁ—ଯାହା ଆଜ୍ଞା ଦେବ, (ସିଦ୍ଧାର୍ଥକ ସହ ପ୍ରସ୍ଥାନ ।)
(ପୁଣି ପ୍ରବେଶକରି) ଏହି ଅଳଙ୍କାର ପେଡ଼ି
କାଖରୁ ପଡ଼ିଲା ଖସି ପିଟୁପିଟୁ ତାକୁ ।
ଭାଗୁ— (ଦେଖି) ଦେଖ କୁମାର,
ଏ ମଧ୍ୟ ସେହି ମୁଦ୍ରାଙ୍କିତ ।
ମଳ—ଏହି ହେବ କି ସଙ୍କେତ ?
ତେବେ ସେହିପରି ଫିଟାଅ ଏହି ପେଟିକା;
ଭାଗୁ— (ସେହିପରି କରି ଦେଖାଇବା)
ମଳ— (ଦେଖି) ସେହି ଅଳଙ୍କାର !
ଏହାକୁ ମୁଁ ନିଜ ଅଙ୍ଗୁ କାଢ଼ି ପେଷିଥିଲି
ଅମାତ୍ୟ ରାକ୍ଷସ ପାଶେ; ତେବେ ଜଣାଗଲା
ଚନ୍ଦ୍ରଗୁପ୍ତଙ୍କର ପତ୍ର—
ଭାଗୁ—ଏକ୍ଷଣି କୁମାର,
ତୁଟିବ ସବୁ ସଂଶୟ; ପୁଣି ପିଟ ତାକୁ ।
ଭାସୁ—ଯାହା ଆଜ୍ଞାଦେବ, (ଯାଇ, ପୁଣି ଫେରି ଆସି)
ଆଜ୍ଞା ପିଟିଲାରୁ ଏବେ
କହୁଛି କହିବ ସବୁ ରାଜାଙ୍କ ସମ୍ମୁଖରେ ।
ମଳ—ତେବେ ଆଣ ତାକୁ—
ଭାସୁ—ଯାହାଆଜ୍ଞା ଦେବ ପ୍ରଭୁ,
(ଯାଇ, ସିଦ୍ଧାର୍ଥକ ସହିତ ପ୍ରବେଶ)
ସିଦ୍ଧା— (ପାଦତଳେ ପଡ଼ି) ମହିମା, ଅଭୟ ଦେଲେ
କହିବି ସେ କଥା;
ମଳ—କିଛି ଭୟ ନାହିଁ ଭଦ୍ର, କହ ସତ୍ୟ କଥା ।
ସିଦ୍ଧା—ଶୁଣନ୍ତୁ ନୃପତି, ନିଜେ ଅମାତ୍ୟ ରାକ୍ଷସ
ପତ୍ରଦେଇ ପଠାଇଲେ ଚନ୍ଦ୍ରଗୁପ୍ତ ପାଶେ ।

ମଳ—ଶୁଣିବାକୁ ଇଚ୍ଛା ଏବେ ସେ ମୌଖିକ କଥା ।
ସିଦ୍ଧା—କହିଲେ ଜଣାଇବାକୁ ଚନ୍ଦ୍ରଗୁପ୍ତେ ଏହା,
ଏହି ପ୍ରିୟ ପଞ୍ଚରାଜା ସନ୍ଧିସୂତ୍ରବଦ୍ଧ ।
ଯଥା ମଳୟ ମଣ୍ଡନ ରାଜା ସିଂହନାଦ,
କୁଲୁତ ଦେଶ ନୃପତି ପୁଣି ଚିତ୍ରବର୍ମା,
ପୁଷ୍କରାକ୍ଷ, କାଶ୍ମୀରର ହରିବଜୟୀ ରାଜା,
ପରନ୍ତପ ସିନ୍ଧୁସେନ ସିନ୍ଧୁଦେଶପତି,
ମେଘାକ୍ଷ, ପାରସ୍ୟେ ଯା'ର ଅତୁଳ ପ୍ରତାପ ।
ଏହି ପଞ୍ଚ ମଧ୍ୟେ ଆଦ୍ୟ ତିନି ନରପତି
ମଳୟକେତୁଙ୍କ ରାଜ୍ୟ-ଗ୍ରହଣ ପ୍ରୟାସୀ,
ଅନ୍ୟ ଦୁଇ କୋଷ ହସ୍ତି-ବଳ ଅଭିଳାଷୀ ।
ଚାଣକ୍ୟ ନିରାକରଣେ ମୋହର ଯେପରି
କଲେ ପ୍ରୀତି ସମ୍ପାଦନ, ସେହିପରି ମଣେଁ
ଏମାନଙ୍କ ଏହି ଅର୍ଥ କରିବେ ସାଧନ ।
ଏତିକ ମୌଖିକ ବାର୍ତ୍ତା;-କହିଲି ସମ୍ମୁଖରେ ।
ମଳ— (ସ୍ୱଗତ) କିଣ ଚିତ୍ରବର୍ମା ଆଦି ମୋହର ବିଦ୍ରୋହୀ,
ତେଣୁ ପୁଣି ରାକ୍ଷସର ହେଲେ ପ୍ରିୟବନ୍ଧୁ !
(ପ୍ରକାଶ୍ୟେ) ବିଜୟେ, ଜଣା ବେଗେ ଅମାତ୍ୟ
ରାକ୍ଷସେ ଦେଖା ହେବ ଏହିକ୍ଷଣି;—
ବିଜ—ଯାହା ଆଜ୍ଞା ପ୍ରଭୁ । (ପ୍ରସ୍ଥାନ)
[ପଟକ୍ଷେପଣ]

ତୃତୀୟ ଦୃଶ୍ୟ—ରାକ୍ଷସର କକ୍ଷ

(ଚିନ୍ତିତ ଭାବରେ ରାକ୍ଷସ ଆସୀନ ଏବଂ ପଛରେ
ଜଣେ ଲୋକର ପ୍ରବେଶ ।)

ରାକ୍ଷସ— (ସ୍ୱଗତ)ପୂର୍ଣ୍ଣ ଆମ୍ଭ ପକ୍ଷ ଏବେ ଚନ୍ଦ୍ରଗୁପ୍ତ ବଳେ,
ତଥାପି ଚିତ୍ତରେ ମୋର ନାହିଁ ତିଳେ ଶାନ୍ତି ।
ଯେଣୁ, ଚତୁରଙ୍ଗ ବଳ ପୂର୍ଣ୍ଣ ଅନୁରକ୍ତ
ନ ଥିଲେ ବିଜୟ ଲାଭ ହେବା ଅସମ୍ଭବ !
ବିରାଗ କାରଣରୁ ଯେତେ ଆସିଛନ୍ତି ଛାଡ଼ି
କାହିଁକି ଗଣିବି ତାଙ୍କୁ—ଏ ପକ୍ଷ ମଧ୍ୟରେ ?
(ପ୍ରକାଶ୍ୟେ) ପ୍ରିୟଂବଦ, କହ ଯାଇ ମୋହର ଆଦେଶେ

Digitized by srujanika@gmail.com

କୁମାରଙ୍କ ଅନୁଯାୟୀ ନୃପତିମାନଙ୍କୁ,
ପୁଷ୍ପପୁର-ଅଭିଯାନେ ହେବେ ସଙ୍ଗ ଏବେ ।
"ଅଗ୍ରତେ ଚଳିବ ମୁହିଁ ଖାସିଆ ମାଗଧୀ—
ଚତୁରଙ୍ଗ ବଳ ସେନ; ମୋହର ପଶ୍ଚାତେ
ଚଳିବେ ଯବନପତି ଗାନ୍ଧାର ସହିତେ ।
ତତ୍ପଶ୍ଚାତେ ଶକ ନୃପେ ଚଳନ୍ତୁ ସମବେ
ଚେଦି ହୂଣ ବଳ ସେନ; ଭେଟିବେ ବାଟରେ
କୁଲୂତ ଆଦି ନୃପତି ପରେ କୁମାରଙ୍କୁ ।
ପୁଷ୍ପପୁର ଅଭିଯାନେ;—

ପ୍ରିୟ – ଯେ ଆଜ୍ଞା ଅମାତ୍ୟ । (ପ୍ରସ୍ଥାନ)

ପ୍ରତିହାରୀ—(ପ୍ରବେଶ କରି) ଅମାତ୍ୟ, ଶ୍ରୀମୁଖୁ ଆଜ୍ଞା
ଦେଖା କରିବାକୁ ।

ରାକ୍ଷ—ଆଚ୍ଛା, ତୁ ମୁହୂର୍ତ୍ତେ ରହ, କିଏ ଅଛ ?

ପ୍ରହରୀ— (ପ୍ରବେଶ କରି) ଆଜ୍ଞା ।

ରାକ୍ଷ — ଜଣାଅ ଶକଟ ଦାସେ ଏହି ଅଳଙ୍କାର
ପିନ୍ଧାଇ ଥିଲେ କୁମାର, ତେଣୁ ଏହିକ୍ଷଣି
ବିନା ଅଳଙ୍କାରେ ତହିଁ ଯିବା ଅନୁଚିତ;
ତେବେ ଯେଉଁ ଅଳଙ୍କାର କିଣି ଥିଲୁଁ
ତହିଁରୁ ଗୋଟିଏ ଦେବେ,—

ପ୍ରହରୀ—ଯେ ଆଜ୍ଞା ଅମାତ୍ୟ । (ଯାଇ ପୁଣି ଆସି)
ଏହି ସେହି ଅଳଙ୍କାର;—

ରାକ୍ଷ – (ଦେଖି-ପରିଧାନପୂର୍ବକ ଉଠି) ଚାଲ ରାଜଦ୍ୱାରେ

ପ୍ରତି—(ପଥ ପ୍ରଦର୍ଶନ ।)

ରାକ୍ଷ – (ସ୍ୱଗତ) ଦାସତ୍ୱ ବିଷମ ସ୍ଥଳ, ନିର୍ଦ୍ଦୋଷର ସୁଦ୍ଧା
ଚିତ୍ତରେ ସତତ ଡର, ସେବ୍ୟ ଜନଠାରୁ
ନାନା ସ୍ନେହେ ଭୟ ଆସି ଗ୍ରାସେ ଦାସ ଜନେ ।
ମନସ୍ୱୀ ପକ୍ଷରେ ଦାସ୍ୟ ଅଧଃପାତ ବିନା ?

ପ୍ରତି—(ପରିକ୍ରମଣ କରି) ଶ୍ରୀମୁଖ ବିଜେ କରିଛନ୍ତି
ଯାଆନ୍ତୁ ସେଠାକୁ,

ରାକ୍ଷ — (ଦେଖି) କୁମାର ଏ ? ପଦ ଅଗ୍ରେ ରଖି ସ୍ଥିର
ଦୃଷ୍ଟି ବସିଛନ୍ତି ଅଧୋମୁଖେ; ଗୁରୁକାର୍ଯ୍ୟଭରେ
ବିନତ ବଦନ ଆଜ,
(ପାଖକୁ ଯାଇ) ଜୟଯୁକ୍ତ ହୁଅ ।

ମଳ—ଆର୍ଯ୍ୟ ନମସ୍କାର ମମ, ବସନ୍ତୁ ଆସନେ ।

ରାକ୍ଷ—(ଉପବେଶନ ।)

ମଳ—ଅମାତ୍ୟ, ବହୁତ ଦିନୁଁ ନ ଦେଖି ଉଦ୍‌ବିଗ୍ନ ?

ରାକ୍ଷ—କୁମାର, ଉଦ୍ୟମେ ଥାଇ ଘଟିଛି ବିଳମ୍ବ;
ତେଣୁ ପରା ତିରସ୍କାର ?

ମଳ—କି ଉଦ୍ୟମ ! ଶୁଣେଁ ।

ରାକ୍ଷ —ଅନୁଯାୟୀ ରାଜଗଣେ କହିଛୁ ଏପରି—
('ଅଗ୍ରତେ ଚଳିବ * * * * ଅଭିଯାନେ'
ପୁନରାବୃତ୍ତି)

ମଳ—(ସ୍ୱଗତ) ଜାଣିଲି ଯଥାର୍ଥ କଥା, ମୋହର ବିନାଶେ
ଚନ୍ଦ୍ରଗୁପ୍ତ ଆଶ୍ରିତ ଯେ ସେହିମାନେ ପୁଣି
ମିଶିବେ ମୋ ସଙ୍ଗେ ଯୁଦ୍ଧେ; (ପ୍ରକାଶ୍ୟେ ।)
ଆର୍ଯ୍ୟ, ଅଛି କେହି
ଯିବ ଯେ କୁସୁମପୁରେ ଅବା ଆସିଥିବ ?

ରାକ୍ଷ — ଏହିକ୍ଷଣି ପୁଷ୍ପପୁର-ଗମନାଗମନେ
ନାହିଁ କିଛି ପ୍ରୟୋଜନ; ପଞ୍ଚ ଦିନ ମଧ୍ୟେ
ଯିବା ଆମ୍ଭେ ସର୍ବେ, ସେ କୁସୁମପୁରେ ।

ମଳ --(ସ୍ୱଗତ) ଜଣାଗଲା, (ପ୍ରକାଶ୍ୟେ) ତାହା ଯଦି,
କି କାରଣେ ଏହି
ଭୃତ୍ୟଟିକୁ ପତ୍ରହସ୍ତେ ପଠାଇଅଛନ୍ତି ?

ରାକ୍ଷ—(ଦେଖି) ଏ କଣ ହେ ସିଦ୍ଧାର୍ଥକ,—

ସିଦ୍ଧା—(ଲଜ୍ଜାରେ ଧବାସ୍ତେ) ଦୟାକର ପ୍ରଭୁ !
ପ୍ରହାର ଭୟରେ ଗୁପ୍ତ ନ ପାରିଲି ରଖି ।

ରାକ୍ଷ—କଣ ସେ ଗୁପ୍ତ କଥା ନ ଜାଣେଁ ମୁଁ କିଛି !

ସିଦ୍ଧା—ଆଜ୍ଞା, ଜଣାଇଲି ପରା ପ୍ରହାର ଭୟରୁ—
(ଅର୍ଦ୍ଧୋକ୍ତିରେ ଭୟ ଅଭିନୟ)

ମଳ—ଭାଗୁରାୟଣ, ଲଜ୍ଜିତ ଭୀତ ହୋଇ ଏହି
ନ କହିବ କିଛି କେବେଁ ପ୍ରଭୁଙ୍କ ଶ୍ରୀମୁଖରେ,
ସ୍ୱୟଂ ତୁମ୍ଭେ କହିଦିଅ;

ଭାଗୁ—ହଉ, କହୁଅଛି ।
ଅମାତ୍ୟ, ଏ ଭୃତ୍ୟ କହେ ତୁମ୍ଭେ ଲେଖା ଦେଇ
ପଠାଇଛ ପୁଷ୍ପପୁରେ ଚନ୍ଦ୍ରଗୁପ୍ତ ପାଶେ ।

Digitized by srujanika@gmail.com

ରାକ୍ଷ—ସିଦ୍ଧାର୍ଥକ, ସତ୍ୟ ଏହା ?—
ସିଦ୍ଧା—(ଲଜ୍ଜା କରି) କହୁଛି ମାଡ଼ରେ ।
ରାକ୍ଷ—କୁମାର, ଅସତ୍ୟ ଏହା-ପ୍ରହାର ଖାଇଲେ
କେ କଣ ନ କହେ ?
ମଳ—ଥରେ, ଦେଖାଅ ସେ ଲେଖା,
ଆଜ ଯା ମୌଖିକ ବାର୍ତ୍ତା କହୁ ତାଙ୍କ ଭୃତ୍ୟ ।
ଭାଗୁ—(ପତ୍ର ଦେଖାଇ 'ଯଥାକାଳେ କାହୁଁ କେହି'
ଇତ୍ୟାଦି ପୁନଶ୍ଚ ପାଠ)
ରାକ୍ଷ—କୁମାର, କୁମାର, ଏହା ଶତ୍ରୁର ପ୍ରୟୋଗ ।
ମଳ—କପରି ଶତ୍ରୁ ପ୍ରୟୋଗ ? ଯେଣୁ ବିଶ୍ୱାସାର୍ଥ
ପଠାଇଛ ନିଜେ ଏହି ଅଳଙ୍କାର ତ୍ରୟ ?
(ଅଳଙ୍କାର ପ୍ରଦର୍ଶନ)
ରାକ୍ଷ—(ନିରୀକ୍ଷଣ କରି) କୁମାର, ପଠାଇ ନାହିଁ
ଏହା ମୁହିଁ କେବେ ।
ଦେଇଥିଲି ମୋତେ ଯାହା, ତାହା ମୁଁ ଏ ଦାସେ
ଦେଇଥିଲି ପରିତୋଷେ—
ଭାଗୁ—କିନ୍ତୁ ହେ ଅମାତ୍ୟ,
ଶ୍ରୀଅଙ୍ଗୁ ଉପରୁ ଯାହା ଅର୍ପିଲେ କୁମାର
ତାହାର ପାତ୍ର କି ଏହି ?
ମଳ—ପୁଣି ଲେଖିଥିଲେ,
ଶୁଣିବେ ମୌଖିକ ବାର୍ତ୍ତା ସିଦ୍ଧାର୍ଥକ ମୁଖୁ ?
ରାକ୍ଷ—କି ମୌଖିକ କାହା ଲେଖା ! ଆମ୍ଭର ଏ ନୁହେ ?
ମଳ—ତେବେ ଏ କାହାର ମୁଦ୍ରା ?
ରାକ୍ଷ—ଜାଲ ହୋଇଥିବ ।
ଭାଗୁ—ସତ୍ୟ, ଯାହା କହିଲେ ଅମାତ୍ୟ, ଆଚ୍ଛା
ସିଦ୍ଧାର୍ଥକ,
କିଏ ଲେଖିଛନ୍ତି ଏହି ଲେଖାକୁ ସ୍ୱହସ୍ତେ ?
ସିଦ୍ଧା—(ରାକ୍ଷସ ମୁଖକୁ ଚାହିଁ ତୁନି ହୋଇ ରହିବା)
ଭାଗୁ—ବୃଥା ମାଡ଼ ମୁଲଅ ନା,—
ସିଦ୍ଧା—ଆଜ୍ଞା ସେ ଶକଟ—(ଅର୍ଦ୍ଧୋକ୍ତି)
ରାକ୍ଷ—କୁମାର, ଶକଟ ହେଲେ—ମୁହିଁ ଲେଖିଅଛି ।
ମଳ—କାହାନ୍ତି ଶକଟ ଦାସ—ଡାକ

ପ୍ରତି—ଯାହା ଆଜ୍ଞା,
ଭାଗୁ—(ସ୍ୱଗତ) ଆର୍ଯ୍ୟ ଚାଣକ୍ୟଙ୍କ ଦୂତେ, ନ
କହିବେ କେବେ
ଅନିଶ୍ଚିତ ଅର୍ଥ, ତେବେ ଶକଟ ଆସିଲେ
ନିଜ ଲେଖା ମାନି ଯେବେ କହେ ପୂର୍ବକଥା !
ତା'ହେଲେ ମଳୟକେତୁ ହେବେ ସନ୍ଦିହାନ !
(ପ୍ରକାଶ୍ୟେ)କୁମାର, ଶକଟଦାସ କଦାପି ଅଗ୍ରତେ
ମାନିବେ ନାହିଁ ଏ କଥା; ତେବେ ତାହାଙ୍କର
ସ୍ୱହସ୍ତ ଲିପି ଅଣାଇ ମିଳାନ୍ତୁ ଏଥିରେ ।
ମଳ—ବିଜୟେ, ଏକଥା କର ।
ଭାଗୁ—ମୁଦ୍ରା ମଧ୍ୟ ଆଣୁ ।
ମଳ—ଦୁଇ କଥା କର ତେବେ—
ପ୍ରତି—ଯେ ଆଜ୍ଞା ମହିମା ।
(ଯାଇ ଫେରି ଆସି) ଏହି ତାଙ୍କ ହାତ ଲେଖା
ଆଉ ଏହି ମୁଦ୍ରା ।
ମଳ—(ଉଭୟକୁ ଦେଖି) ମିଳି ଯାଉଛି ଅକ୍ଷର !
ରାକ୍ଷ—(ସ୍ୱଗତ) ମିଳି ଯାଉଅଛି !
ଲେଖକ ମୋ ପ୍ରିୟ ବନ୍ଧୁ, ମିଳିଲା ଅକ୍ଷର
ତେବେ କି ଶକଟଦାସ ଲେଖିଛି ଏହାକୁ ?
ଅବା ପାସୋରି ସେ ଲୁବ୍ଧ ଯଶ ପ୍ରଭୁଭକ୍ତି,
କରିଥିବ ଏହା ତୁଚ୍ଛଧନ ପ୍ରାଣ ଆଶେ !
ଆଉ ବା ସନ୍ଦେହ କଣ ? ଏ ମୁଦ୍ରା ତାହାରି
ସିଦ୍ଧାର୍ଥକ ତାହା ବନ୍ଧୁ, ତାହାରି ଏ ଲେଖା
ସ୍ପଷ୍ଟ ସେ ଶକଟ ନିଷ୍ଠେ ଲେଖିଅଛି ଏହା
ଭେଦପଟୁ ଶତ୍ରୁଙ୍କର ଭେଦମନ୍ତ୍ରେ ପଡ଼ି,
ସ୍ନେହ ଭୁଲି ପ୍ରାଣ ଆଶେ କଲା ସ୍ୱା କୃପଣ ?
ମଳ—ହସ୍ତଗତ,—ଅଳଙ୍କାର ତ୍ରୟ ବୋଲି ଯାହା
ଲେଖିଥିଲେ, ତନ୍ମଧ୍ୟରେ ଏ ଗୋଟିକ କଣ ?
(ନିରୀକ୍ଷଣ କରି ସ୍ୱଗତ) ଶ୍ରୀଅଙ୍ଗେ ଜନକ ଏହା
ଧରିଥିଲେ ପୂର୍ବେ ! !
(ପ୍ରକାଶ୍ୟେ) ଅମାତ୍ୟ, ଆସିଲା କାହୁଁ ଏହି
ଅଳଙ୍କାର?

Digitized by srujanika@gmail.com

ରାକ୍ଷ—କିଣିଛୁ ବଣିକ ହସ୍ତୁଁ—

ମଳ—ଚିହ୍ନିଲ ରଜପ୍ସେ !

ପ୍ରତି—(ଦେଖି ସବାଷ୍ପେ) କଅଣ ଚିହ୍ନିବ ଆଉ, ନିଜେ
ମହାରାଜା ଲଗି ହୃଅନ୍ତ ଶ୍ରୀଅଙ୍ଗେ ଏହାକୁ ସେକାଳେ ।

ମଳ—(ସବାଷ୍ପେ) ଭୂଷଣ ବଲ୍ଲଭ ! ତବ ହେ
କୂଳଭୂଷଣ,
ଅଙ୍ଗଯୋଗ୍ୟ ଏ ଭୂଷଣ; ଯେ ଦୀପ ଭୂଷଣେ
ଶୋଭୁଥିଲ, ମୁଖଚନ୍ଦ୍ର-ସୁକାନ୍ତିକୁ ଯେନ
ଶାରଦପ୍ରଦୋଷପ୍ରାପ୍ତ—ନକ୍ଷତ୍ର ମଣ୍ଡିତ ।

ରାକ୍ଷ—(ସ୍ୱଗତ) ପର୍ବତେଶ୍ୱର ନୃପତି ଭରିଥିଲେ ଏହା ?
(ପ୍ରକାଶ୍ୟେ) ତେବେ, ଚାଣକ୍ୟପ୍ରଯୁକ୍ତ ବଣିକ କେ
ଆସି ବିକଛୁ ଆମ୍ଭଙ୍କୁ ଏହା,—

ମଳ—ପିତାଙ୍କର ଅଳଙ୍କାର ଆଗେ ମୌର୍ଯ୍ୟଙ୍କର
ହସ୍ତଗତ ହେଲ, ତହୁଁ ବଣିକ ହସ୍ତରୁ
କିଣିଲେ ଆପଣ, ଏହା ନୁହଇ ସଙ୍ଗତ !
ଅଥବା ସଙ୍ଗତ ଏହି, ଲଭ ପ୍ରତ୍ୟାଶାରେ
ବିକ ଚନ୍ଦ୍ରଗୁପ୍ତ ଏବେ କିଣିଲେ ଆମ୍ଭଙ୍କୁ
ଏହାର ମୂଲ୍ୟ ସ୍ୱରୂପେ, ତୁମ୍ଭର ପ୍ରଭାବେ ।

ରାକ୍ଷ—(ସ୍ୱଗତ) ଓହୋ କି ଦୃଢ଼ ପ୍ରୟୋଗ ! ଧନ୍ୟ
ସେ ଚାଣକ୍ୟ,
ଯେଣୁ-ନୁହଇ ମୋ ଲେଖା, ନୁହେ ମୋ ଉତ୍ତର;
ନୁହଇ ଏ ମୋହ ମୁଦ୍ରା, କିଏ ବା ମାନିବ ?
ଶକଟ ମୋ ବନ୍ଧୁ ନୁହେ, ରାଜା ଚନ୍ଦ୍ରଗୁପ୍ତ
ବିକିବେ ଭୂଷଣ, ଏହା କିଏ ବିଶ୍ୱାସିବ ?
ତେଣେବ ଶ୍ରେୟ ମୋର ଏହା ସ୍ୱୀକାର କରିବା ।

ମଳ—ଆର୍ଯ୍ୟ, ମୋହର ଏତିକ ପ୍ରଶ୍ନ—

ରାକ୍ଷ—ଯେହୁ ଆର୍ଯ୍ୟ,
ପଚ୍ଛର ତାହାଙ୍କୁ, ଆମ୍ଭେ ଅନାର୍ଯ୍ୟ ଏକ୍ଷଣି ।

ମଳ—ସେ ମୌର୍ଯ୍ୟ ସ୍ୱପ୍ରଭୁ ପୁତ୍ର, ମିତ୍ର ପୁତ୍ର ପୁଣି
ତବ ଅନୁଚର ମୁହିଁ; ଏଣେ ସେ ତୁମ୍ଭର
ଅର୍ଥଦାତା; କିନ୍ତୁ ତୁମ୍ଭେ ଅର୍ଥଦାତା ମୋର;
ମନ୍ତ୍ରିପଦ ତହିଁ ଦାସ୍ୟ—ଏଠାରେ ପ୍ରଭୁତ୍ୱ ।
ତେବେ କେଉଁ ସ୍ୱାର୍ଥବୁଦ୍ଧି କରୁଛ ଅନାର୍ଯ୍ୟ ?

ରାକ୍ଷ—କୁମାର, କହିଲ ଯହ କରିଲ ନିର୍ଣ୍ଣୟ,—
ମଉର୍ଯ୍ୟ ପ୍ରଭୁଙ୍କ ପୁତ୍ର ମିତ୍ର ପୁତ୍ର ତୁମ୍ଭେ,
ସେ ମୋହର ଅର୍ଥଦାତା, ମୁଁ ପୁଣି ତୁମ୍ଭର ।
ମନ୍ତ୍ରିପଦେ ରହିବାକୁ ଇଚ୍ଛା ଥିଲେ ମୋର
ସେଠାରେ ଦାସତ୍ୱ ଆଉ ଏଠାରେ ପ୍ରଭୁତ୍ୱ !
ତେବେ କେଉଁ ସ୍ୱାର୍ଥବୁଦ୍ଧି କରୁଛ ଅନାର୍ଯ୍ୟ ?

ମଳ - (ପତ୍ର ଓ ଅଳଙ୍କାର ସ୍ଥଳକୁ ନିର୍ଦ୍ଦେଶ କରି)
ବର୍ତ୍ତମାନେ ଏହା କିଣ ?—

ରାକ୍ଷ—(ସବାଷ୍ପେ) ବିଧିର ଏ ଲୀଳା !
ଚାଣକ୍ୟର ନୁହେ ଏହା; ଭୃତ୍ୟ ଥାଇ ସୁଦ୍ଧା
ଥିଲୁଁ ଯେଉଁ ପ୍ରଭୁଙ୍କର ପୁତ୍ରବତ ପ୍ରିୟ,
ସେ ସାଧୁ ନୃପତିଙ୍କର ଅକାଳ ମରଣ—
ଘଟାଇଛି ଯେଉଁ ବିଧି; ତାହାର ଏ ଲୀଳା ।

ମଳ—(ସକୋପେ) କିଣ ତାହାର ଏ ଲୀଳା ନୁହଇ
ମୋହର ?
ରେ ଅନାର୍ଯ୍ୟ, ଆଜଯାଏ ଥିଲ ଏହା ଗୁପ୍ତ !
ହା ନିଷ୍ଠୁର ନରାଧମ, ବିଷକନ୍ୟା ପେଷି
ବଧିଲ ସରଳପ୍ରାଣ ପିତାଙ୍କୁ ମୋହର ।
ଏବେ ମନ୍ତ୍ରୀପଦଲୋଭେ ଶତ୍ରୁପକ୍ଷେ ମିଳି
ଉପକାରୀ ବନ୍ଧୁରୂପେ ଦେଉଅଛ ଦେଖା,
ଶେଷେ ମାଂସ ପରି ପରା ବିକିବ ଆମ୍ଭଙ୍କୁ ?

ରାକ୍ଷ—(ସ୍ୱଗତ, ମଡ଼ା ଉପରେ ଏପୁଣି କୋରଡ଼ା
ପ୍ରହାର !
(ପ୍ରକାଶ୍ୟେ-କାନରେ ହାତଦେଇ) ଛିଛି ପାପ
କଥା, କେବେଁ ପେଷିନାହିଁ ମୁହିଁ
ସେ ବିଷ କନ୍ୟାକୁ ତହିଁ, ନିଷ୍ପାପ ମୁଁ ରାଜା !

ମଳ—କିଏ ତେବେ ହତ୍ୟାକଲା ?

ରାକ୍ଷ—ଦୈବକୁ ପଚ୍ଛର ।

ମଳ—(ସକ୍ରୋଧେ) ଦୈବକୁ କାହିଁକି ? ଏହି ଜୀବସିଦ୍ଧି
ନୁହେ ?

Digitized by srujanika@gmail.com

ରାକ୍ଷ—(ସ୍ୱଗତ) ଏହି ଜୀବସିଦ୍ଧି କଣ ଚାଣକ୍ୟ ପ୍ରଣିଧି ?
ମଳ—(ସକ୍ରୋଧେ ପ୍ରତିହାରୀ ପ୍ରତି),
ଜଣାଅ ଶିଖରସେନ ସେନାନୀଙ୍କି ଏହା,
ଚିତ୍ରବର୍ମା ଆଦି ଯେଉଁ ପଞ୍ଚ ମହୀପାଳ
ରାକ୍ଷସ ସହିତ ମିଳି ଆମ୍ଭ ଆକ୍ରମଣେ
ଉଦ୍ୟତ ଏକ୍ଷଣି, ତହୁଁ ପ୍ରଥମ ତିନିଙ୍କି
(ଲୋଡ଼ୁଛନ୍ତି ଯେ ଆମ୍ଭର ରାଜ୍ୟସୁଖ ଭୋଗ)
ଗଭୀର ବିବରେ ନେଇ କର ଧୂଳିପୂର୍ଣ୍ଣ ।
ଆଉ ଶେଷ ଦୁଇଜଣେ ହସ୍ତୀ ପାଦତଳେ
ବିଦଳିତ କରି ପେଷ ଆଜି ଯମପୁରେ ।
ପ୍ରତି—ଯାହା ଆଜ୍ଞା ପ୍ରଭୁଙ୍କର ।
ମଳ—(ସକ୍ରୋଧେ) ରାକ୍ଷସ ! ରାକ୍ଷସ !
ନୁହେ ମୁଁ ବିଶ୍ୱାସଘାତୀ ! ମଳୟକେତୁ ମୁଁ !
ଯାଅ ହେ ଶରଣ ପଶ ଚନ୍ଦ୍ରଗୁପ୍ତଠାରେ !
କି କରିବେ ଚନ୍ଦ୍ରଗୁପ୍ତ ଚାଣକ୍ୟ ମୋହର ?
କ୍ଷଣକେ କରିବି ଧ୍ୱସ୍ତ ସମୂଳେ ତୁମ୍ଭଙ୍କୁ
ଦୁର୍ନୀତି, ହିବଗେ ଯଥା, କରେ ଛାରଖାର ।
ଭାଗୁ—କୁମାର, କାଳହରଣେ ଆଉ ନାହିଁ ଫଳ ?
ଚଳନ୍ତୁ ଏ ଚତୁରଙ୍ଗ ବଳ ପୁଷ୍ପପୁର-
ରାଜଧାନୀ ଅଭିମୁଖେ, ଉଡ଼ୁ ବୈଜୟନ୍ତୀ
ହସ୍ତିଅଶ୍ୱରଥଘୋଷେ କମ୍ପୁ ଏ ଅବନୀ ।
ସୁବେଗ ତୁରଗ ବଳ-ଖୁରଘାତେ ଉତ୍ଥିତ
ଧୂଳିରାଶି ପଡ଼ୁ ଯାଇ ଶତ୍ରୁଙ୍କ ମସ୍ତକେ,
ମୈଳୁ ଶତ୍ରୁରମଣୀଙ୍କ ପାଣ୍ଡୁର କପୋଳ ।
(ପରିଜନସହିତ ମଳୟକେତୁର ପ୍ରସ୍ଥାନ ।)
ରାକ୍ଷ—(ସୋଦ୍‌ବେଗେ) ହା କଷ୍ଟ ! ମଲେ ସେ ପଞ୍ଚ
ନୃପତି ଅଦୋଷେ !
ତେବେ ବନ୍ଧୁକ୍ଷୟ ଲାଗି ରାକ୍ଷସର ଚେଷ୍ଟା !
ହୋଇଲି ତ ଶତ୍ରୁକ୍ଷୟ ! କଅଣ କରିବି ?
ଅରଣ୍ୟକୁ ପଳାଇବି ? କଣ ହେବ ଯାଇ !
ତପରେ ବି ଶାନ୍ତି ନାହିଁ । ତେବେ ଶତ୍ରୁଥାଇଁ
କରିବି କି ଆତ୍ମହତ୍ୟା ? ନାହିଁ, ସ୍ତ୍ରୀ ବୁଦ୍ଧି ସେ,
ତେବେ ଏ କୃପାଣହସ୍ତେ ଯାଉଛି ପଶିବି
ଅରାତିଙ୍କ ମେଳେ ! ନାହିଁ ଅନୁଚିତ ତାହା,
ହୋଇବ ଉଚିତ କିଆଁ ଚନ୍ଦନ ଦାସର
ମୋକ୍ଷ ଲଭେ ଧାଏଁ ଯେବେ ଏ ଚଞ୍ଚଳ ମନ ?
(ସମସ୍ତଙ୍କର ପ୍ରସ୍ଥାନ ଓ
ଯବନିକା ପତନ ।)

ଷଷ୍ଠ ଅଙ୍କ

ପ୍ରଥମ ଦୃଶ୍ୟ—ପାଟଳୀପୁତ୍ର ନଗର ।

(ବେଶଭୂଷାମଣ୍ଡିତ ସହର୍ଷ ସିଦ୍ଧାର୍ଥକର ପ୍ରବେଶ ।)

ସିଦ୍ଧା—"ଜୟ ଜଳଧର ନୀଳ କେଶବ ଶ୍ରୀହରି,
ସୁଜନ ଦୃଷ୍ଟି ଚନ୍ଦ୍ରମା ଜୟ ଚନ୍ଦ୍ରଶିଷ୍ୟ,
ଜୟ ଶ୍ରୀଚାଣକ୍ୟ ମତି, ଯେ ସୈନ୍ୟ ସମ୍ଭାର
ବିନା ପ୍ରତିପକ୍ଷକ୍ଷୟେ ହୋଇଛି ଦୁର୍ବାର" ।
ବହୁଦିନ ପରେ ଆଜି ଦେଖା ହେବ ମୋର
ପ୍ରିୟବନ୍ଧୁ ସୁସିଦ୍ଧାର୍ଥ; (ପରିକ୍ରମ ପୂର୍ବକ ଦେଖି)
ଆସୁଅଛି ଏହି !
ଯାଉଛି—ପାଖକୁ ଯିବି—ହେବା ଭେଟାଭେଟି ।
ସୁସିଦ୍ଧାର୍ଥକ—(ପ୍ରବେଶ କରି) ଥିଲେହେଁ ବିଭବ ଯେତେ
ମିତ୍ର ବିରହରୁ
ସବୁ ଲାଗଇ ବିଷମ, ଗୋଷ୍ଠୀ ଉତ୍ସବରେ ।
ଶୁଣିଲି ମଳୟକେତୁ—କଟକରୁ ଏବେ
ଆସିଅଛି ସିଦ୍ଧାର୍ଥକ, ଯାଉଛି ଖୋଜିବି
(ପରିକ୍ରମ ପୂର୍ବକ ପାଖକୁ ଯାଇ) ଓହୋ, ଏହି
ସିଦ୍ଧାର୍ଥକ, ସଖେ, ସୁଖ ସବୁ ?
ସିଦ୍ଧା—(ଦେଖି) ଆରେ ? ଏହି ଆସୁଅଛି ମୋର
ପ୍ରିୟବନ୍ଧୁ ସୁସିଦ୍ଧାର୍ଥ ଏହି ଆଡ଼େ; (ପାଖକୁ ଯାଇ)
ସମସ୍ତ ସୁଖଟି ?
[ପରସ୍ପରର ଆଲିଙ୍ଗନ ।]

Digitized by srujanika@gmail.com

ସୁସିଦ୍ଧା—ଆଜ ମୁଖ କଣ ଭାଇ, ଏତେକାଳେ ତୁମେ
ବିଦେଶରୁ ଆସି ଏବେ ବାରତା ନ ଦେଇ
ଚାଲି ଯାଉଥିଲ ତେଣେ ।
ସିଦ୍ଧା—ଭାଇ, କ୍ଷମାକର ।
ଦେଖିବା ମାତ୍ରେ ଚାଣକ୍ୟ ଆଜ୍ଞା ଦେଲେ ମୋତେ
ଯାଅ ସିଦ୍ଧାର୍ଥକ ବେଗେ ଜଣାଇବ ଏହି
ଶୁଭ ବାରତା ରାଜାଙ୍କୁ; ତେଣୁ ଯାଉଅଛୁ
ଚମୁରେ ଜଣାଇବାକୁ, ଏହିତକ ପାଇଁ
ନେଲି ଦେହରେ ମୁଣ୍ଡରେ ଏତେ ପୁରସ୍କାର ।
ସୁସିଦ୍ଧା—ଯେବେ ସେ ଶୁଣିବା ଯୋଗ୍ୟ,
କହ ଭଲି ଭାଇ,
କଣ ସେ ଶୁଭ ଖବର;—
ସିଦ୍ଧା—ତୁମ୍ଭେ ନ ଶୁଣିବ
ଏପରି କଥା କି ଅଛି ? ଶୁଣ ତେବେ ଭାଇ,
ଚାଣକ୍ୟଙ୍କ କୂଟବଳେ ସେ ମଳୟକେତୁ
କରିଛନ୍ତି ବହିଷ୍କୃତ ରାକ୍ଷସ ମନ୍ତ୍ରୀଙ୍କି
ଅବିଶ୍ୱାସ କରି ପୁଣି ପଞ୍ଚନୃପତିଙ୍କି
ବଧିଲେ ନିଷ୍ଠୁର ଦେଶେ, ଦେଖି ଏହି ସବୁ
ଅବିବେକପଣ ତାଙ୍କ ଅନ୍ୟ ରାଜଗଣେ
ପକ୍ଷ ତେଜି ଚଳିଗଲେ ଯେ ଯାହା ନଗରେ ।
ଏହି ଅବସରେ ତହିଁ ଶ୍ରୀଭାଗୁରାୟଣ
ଭଦ୍ରଭଟ୍ଟ ବଳଗୁପ୍ତ ଆଦି ଥିଲେ ଯେତେ
ଆମ୍ଭ ପକ୍ଷ ଲୋକେ, ସର୍ବେ ମିଳି ସେ କେତୁଙ୍କୁ
ସଂଯତ କରିଅଛନ୍ତି ;—
ସୁସିଦ୍ଧ—ଭଦ୍ରଭଟ୍ଟ ଆଦି
ଆମ୍ଭରି ପକ୍ଷର ଲୋକ ? ସମସ୍ତେ ଜାଣନ୍ତି
ସେମାନେ ବିରକ୍ତ ହୋଇ ଯାଇଛନ୍ତି ଚାଲି ।
ତେବେ, ଏ କଣ କୁକବି—ନାଟକ ପରାୟେ
ମୁଖେ ଏକ କଥା, ପୁଣି ଶେଷେ ଅନ୍ୟ କଥା ?
ସିଦ୍ଧା—ଶୁଣ ତେବେ ଭାଇ, ଆଗେ ନମସ୍କାର ମୋର
ନିୟତି ସମାନ ଆର୍ଯ୍ୟ ଚାଣକ୍ୟ ମତିକୁ ।
ସୁସିଦ୍ଧା—ହଉ, ଭାଇ କହିଯାଅ
ସିଦ୍ଧ—ସେହି ଦିନଠାରୁ
ଚାଣକ୍ୟ ପଶିଲେ ଯାଇ ରାଜ୍ୟେ ରାଜ୍ୟେ ବୁଲି,
ରାଜା ନ ଥିବାର ଜାଣୁ, ତେଣୁ ରାଜବଳ
ଅଧିକୃତ ହେଲା ସୁଖେ ।
ସୁସିଦ୍ଧା—କାହିଁ, କାହିଁ ଭାଇ ?
ସିଦ୍ଧା—ଭାଇ, ଯହିଁ-ହାତୀପଲ ଗରଜି ଗରଜି
ଚଳିଯାଉଛନ୍ତି ମଦ ଜଳକୁ ବରଜି ।
ଚାଟ ପ୍ରହାରକୁ ଡରି ତରଳା ଘୋଡ଼ାଏ
ଖେପି ଯାଉଛନ୍ତି ଖରେ ଖୁରା ଟେକି ଚାଏଁ ।
ସୁସିଦ୍ଧା—ଥାଉ ସେହି ସବୁ କଥା, ପଚାରୁଛି ମୁହିଁ
ପୁଣି ଆର୍ଯ୍ୟ ଚାଣକ୍ୟ କି ସେହି ମନ୍ତ୍ରିପଦ
ଗ୍ରହଣ କଲେ ସ୍ୱହସ୍ତେ, ହୋଇ ପଦଚ୍ୟୁତ ?
ସିଦ୍ଧା—ବଡ଼ ମୂର୍ଖ ତୁମେ ଭାଇ, ଯାହାର ବୁଦ୍ଧିକି
ବୁଝିବାକୁ ଅସମର୍ଥ ଆପଣେ ଅମାତ୍ୟ,
ତାହାକୁ ବୁଝିବ ତୁମେ ?
ସୁସିଦ୍ଧା—ଅମାତ୍ୟ ଏକ୍ଷଣି
କେଉଁଠି ଅଛନ୍ତି ଭାଇ ?
ସିଦ୍ଧା—ଶୁଣାଯାଏ ଏବେ,
ମଳୟକେତୁ କଟକୁ ବାହାରି ଆସି ସେ
ପଶିଛନ୍ତି ପୁଷ୍ପପୁରେ, ଉନ୍ଦୁର ନାମକ
ଗୁପ୍ତଚର ସଙ୍ଗେ, ଏହା ଜାଣନ୍ତି ଚାଣକ୍ୟ ।
ସୁସିଦ୍ଧା—ନନ୍ଦରାଜ୍ୟ ଲାଗି ପୂର୍ବେ ଯାଇ ଏ ନଗରୁ
ପୁଣି ତା ବିଫଳ ହୋଇ ଆସିଲେ କିପରି ?
ସିଦ୍ଧା—ମୁଁ ଜାଣେ ଚନ୍ଦନ ଦାସ ସ୍ନେହରୁ ଆସିଲେ ।
ସୁସିଦ୍ଧା—ସତ୍ୟ, କିନ୍ତୁ ଶ୍ରେଷ୍ଠୀର କି ଆଉ ମୁକ୍ତି ଅଛି ?
ସିଦ୍ଧା—ଭାଇ, ଆଉ ମୁକ୍ତି ନାହିଁ ? ଆମ୍ଭେ ଦୁଇଜଣେ
ଆଜ୍ଞା ହେଲା ପରା ତାକୁ ଘେନି ବଧସ୍ଥାନେ
ବଧିବା ଆଦେଶ ମତେ !
ସୁସିଦ୍ଧା—(ସକ୍ରୋଧେ) କାହିଁ କରେ ଭାଇ,
ନ ଥିଲେ ଘାତକେ ଆଉ ଆମ୍ଭ ବିନା କେହି ?
ଏ ନିଷ୍ଠୁର କର୍ମ ହେବ ଆମ୍ଭର ହାତରେ !

Digitized by srujanika@gmail.com

ସୁସିଦ୍ଧ—ଭାଇ, ଜୀବନକୁ ଆଶା ଥିଲେ କିଏ ପୁଣି
ନ ମାନିବ ତାଙ୍କ ଆଜ୍ଞା ? ତେବେ ଆସ ବେଗେ
ଚଣ୍ଡାଳ ବେଶକୁ ଧରି ନେଇ ଯିବା ତାଙ୍କୁ
ବଧସ୍ଥାନକୁ ଏକ୍ଷଣି—
ସିଦ୍ଧା—ହଉ, ତେବେ ଚାଲ ।

[ଉଭୟ ପ୍ରସ୍ଥାନ]

ପ୍ରବେଶକ

ଦ୍ୱିତୀୟ ଦୃଶ୍ୟ—ବନଭୂମି

(ରଜ୍ଜୁହସ୍ତରେ ଜଣେ ପୁରୁଷର ପ୍ରବେଶ)

ପୁ—ଜୟ ଶ୍ରୀଚାଣକ୍ୟ ନୀତି ରଜ୍ଜୁ ଷଡ଼ଗୁଣା,
ରିପୁସଂଯମନପଟୁ ଉପାୟେ ସମ୍ପୂର୍ଣ୍ଣା ।
କହିଥିଲେ ଯେଉଁ ଦେଶ ସେ ଉନ୍ଦୁରୁ ଆସି
ଏହି ହେବ ମୋତେ ଲାଗେ । ତେବେ ଏହିଠାରେ
ଦେଖା ପଡ଼ିବେ ଅମାତ୍ୟ; ଏହି ତ ଆଗରେ
ରହିଛନ୍ତି ବସ୍ତ୍ରାବୃତ ହୋଇ; ଯାଉଛୁ ମୁଁ
ଏହି ଗଛ ଆଡ଼ୁଆଳେ ଚାହିଁବି ତାହାଙ୍କୁ ।

(ସେହିପରି ଅବସ୍ଥାନ)

[ଯଥା ବର୍ଣ୍ଣିତ ଶଙ୍କାକୁଳ ରାକ୍ଷସର ପ୍ରବେଶ]

ରାକ୍ଷ—(ସବାଷ୍ପେ) ଅହୋ କି ଦୁର୍ଭାଗ୍ୟ ହେଲା !
ଗଲେ ରାଜଲକ୍ଷ୍ମୀ
କୁଳଟା ରମଣୀ ପ୍ରାୟେ ଅପର କୁଳକୁ
ଆଶ୍ରୟ ବିନାଶ ଦେଖି । ତାଙ୍କ ପଛେ ପଛେ
ଚଳିଲେ ସକଳ ପ୍ରଜା ଅନୁରାଗ ଏଡ଼ି ।
ଥିଲେ ଅଗ୍ର ଜନ ଯେତେ ପୌରୁଷ ଅଭାବେ
ତେଜିଲେ ସ୍ୱକାର୍ଯ୍ୟ ଭାର । କଣ ବା କରନ୍ତେ ।
ମସ୍ତକ ନ ଥିଲେ ନାଗ ପଡ଼ିଥିବ ସିନା ?
(ଆଉ)—କୁଳୀନ ଭୁବନପତି ନନ୍ଦଙ୍କୁ ବିସର୍ଜି
ବୃଷଳୀ ପ୍ରାୟେ କମଳା ଆଶ୍ରିଲେ ବୃଷଳେ
କଅଣ କରିବି ଆଉ; ସବୁଠି ଦଇବ
ଶତ୍ରୁପ୍ରାୟ କରୁଅଛୁ ଉଦ୍ୟମ ବିଫଳ ।
କରିଥିଲି ଯତ୍ନ ମୁହିଁ ଦେବଙ୍କ ମୃତ୍ୟୁରେ
ପର୍ବତେଶ୍ୱର ଗ୍ରହଣେ, ସେ ହେଲେ ନିହତ,
ତାହାଙ୍କ ମୃତ୍ୟୁରେ ପୁଣି ପୁହର ଏ ଦଶା ?
ତେବେ ଦୈବ ନନ୍ଦଶତ୍ରୁ, ନୁହଇ ଚାଣକ୍ୟ ।
ଅହୋ ମଳୟକେତୁର କେଡ଼େ ଅବିବେକ !
ଯେଉଁ ଜନ ଆଜୀବନ ମୃତ ପ୍ରଭୁ ସେବା
କରିଅଛୁ ମହାବ୍ରତ, ସେ ପୁଣି କପଟ
ମିଶିବ ଶତ୍ରୁଙ୍କ ସଙ୍ଗେ ? ନ ଭାବିଲା ଏହା
ସେ ମ୍ଳେଚ୍ଛ ମଳୟକେତୁ । ବିଧି ବାମହେଲେ
ବିପର୍ଯ୍ୟସ୍ତ ହୁଏ ବୁଦ୍ଧି ସକଳ ବସ୍ତୁର,
ତେବେ ଏକ୍ଷଣି କଣ ଯିବି ଅରଣ୍ୟକୁ ?
ଅବା ଚନ୍ଦ୍ରଗୁପ୍ତ ସଙ୍ଗେ ହୋଇବି ମିଳିତ ?
ହେଉପଛେ ଅପକୀର୍ତ୍ତି ସତ୍ୟଭ୍ରଷ୍ଟ ବୋଲି
ନ ସହିବ ଏ ଲାଞ୍ଛନା ଆଉ ଶତ୍ରୁଙ୍କର !

(ଚାରିଆଡ଼କୁ ଚାହିଁ-ସାଶ୍ରୁନେତ୍ରେ)

ଏହି ସେହି ଦେଶ ଆହା ! ଯହିଁ ପ୍ରଭୁଙ୍କର
ପାଦପଦ୍ମପଙ୍କ ପଥ ହୋଇଛୁ ପବିତ୍ର ।
ଏହିଠାରେ ପ୍ରଭୁ ପୂର୍ବେ ମୃଗୟା ଗହଣେ
ସୁବେଗ ତୁରଗ ପୃଷ୍ଠେ ବସି ତରତରେ
କରୁଥିଲେ ଶରଲକ୍ଷ୍ୟ ମୃଗପ୍ରତି, ଆହା !
ଏବେ ଦେଖି ହୁଏ ଦୁଃଖ ! କାହିଁ ଯିବି ତେବେ ?
(ଦେଖି) ଯାଉଛୁ ପଶିବି ଏହି ଜୀର୍ଣ୍ଣୋଦ୍ୟାନ ମଧ୍ୟେ
ଚନ୍ଦନଦାସର କଥା ଶୁଣାଯିବ ଅବା !

(ପରିକ୍ରମପୂର୍ବକ ସ୍ୱଗତ) ଅତର୍କିତେ ମନୁଷ୍ୟର ଦଶା
ପରିଣାମ
ଘଟୁଛୁ ବିଷମ ଭବେ, ନ ଜାଣେ ସେ ତାହା ।
ଥିଲି ମୁହିଁ ପୁରେ ପୂର୍ବେ ରାଜରାଜସମ,
ରାଜ ପରିବୃତ ହୋଇ ବାହାରିଲେ ପୁରୁ
ଦେଖାଉଥିଲେ ଦର୍ଶକେ ଅଙ୍ଗୁଳି ନିର୍ଦ୍ଦେଶି
ନବେନ୍ଦୁ ସମାନ ମୋତେ । ସେହି ପୁଣି ଏବେ
ଯାଉଛୁ ସେହି ନଗରେ ବୃଥାଶ୍ରମୀ ହୋଇ

Digitized by srujanika@gmail.com

ତସ୍କର ପରାୟେ ଭୟେ ଏହି ଉଦ୍ୟାନକୁ ?
ଥିଲେ ଯାହାଙ୍କ ଯୋଗେ ନାହାନ୍ତି ସେ ଏବେ !
(ପ୍ରବେଶପୂର୍ବକ ଦେଖି)
ଆହା ! କାହିଁ ସେହି ଶୋଭା ଆଉ ଏ ବନର
ବିପର୍ଯ୍ୟସ୍ତ ଆହା, ଏବେ ରମ୍ୟ ଅଟ୍ଟାଳିକା !
ଶୁଖି ଯାଇଅଛି ସରଃ, ବନ୍ଧୁନାଶେ ଯଥା
ସାଧୁଜନର ହୃଦୟ; ଆଉ ଏ ପାଦପେ
ହୋଇଛନ୍ତି ଫଳହୀନ,-ବିଧି ବାମ ହେଲେ
ସକଳ ଉପାୟ ଯଥା, ସେହି ଭୂମି ପୁଣି
ତୃଣାଚ୍ଛନ୍ନ, କୁମନ୍ତ୍ରରେ ମୂର୍ଖମତି ପ୍ରାୟ ।
(ପୁଣି) କୁଠାର ଆଘାତେ ଏଥି କ୍ଷତାଙ୍ଗ ପାଦପେ
ରୁଦନ୍ତି କପୋତ-ସ୍ୱର-ଛଳେ ବେଦନାରେ,
ତାହା ଦେଖି ଏ ଫଣୀଏ ଦୀର୍ଘଶ୍ୱାସ ତେଜି
ନିଜନିର୍ମୋକ ବସନେ କ୍ଷତସ୍ଥାନମାନ
ବାନ୍ଧୁଛନ୍ତି କି ଦୁଃଖରେ ? ଆହା, ଏ ପାଦପେ
ଏବେ ଅନ୍ତଃସାର ଶୂନ୍ୟ, ସହୁଛନ୍ତି କେତେ
କୀଟକ୍ଷତ-ରୋଗ ଶୋକ; ଶାଖାପତ୍ର ବିନା
ଛାୟାଶୂନ୍ୟ ହୋଇ ଆହା ବସିଲେଣି ଏବେ
ଶ୍ମଶାନକୁ ଯିବା ଲାଗି । ତେବେ ଏହିଠାରେ
ଭଗ୍ନଶିଳାତଳେ ମୁହିଁ ବସିବି ମୁହୂର୍ତ୍ତେ ।
(ବସି ଏବଂ ଶୁଣି) ଅକସ୍ମାତେ ଆଜ ଶଙ୍ଖ ପଟହ ମର୍ଦ୍ଦଳ
ସହିତ ଏ ନାନ୍ଦୀନାଦ ଶୁଭିଲା କପାଇଁ ?
ଏହି ଗୁରୁ ନାଦ-—ଏବେ ଶ୍ରୋତାର ଶ୍ରବଣ
କରି ଦେଉଛି ବଧିର, ବସ୍ତୁ ହର୍ମ୍ୟ ଯୋଗୁଁ
ପ୍ରତିଧ୍ୱନି ପୁଷ୍ଟ ହୋଇ ଯାଉଛି ବା ସତେ
ଦିଗମାନଙ୍କର ଦୈର୍ଘ୍ୟ ବଢ଼ିବା ନିମନ୍ତେ ।
କି ନାଦ ଏ ?
(ଚିନ୍ତାକରି) ହଁ ଜାଣିଲି, ମଳୟକେତୁର
ସଂଯମନେ ରାଜପୁରେ (ଅର୍ଦ୍ଧୋକ୍ତି କରି)
ଚନ୍ଦ୍ରଗୁପ୍ତପୁରେ
ମହା ପରିତୋଷ ଆଜ (ସବାଷ୍ପେ) ଓହୋ,
ବଡ଼ କଷ୍ଟ !
ଶୁଣାଇଲେ ଶତ୍ରୁଜୟ ଦେଖାଇଲେ ପୁଣି,
ଆଉ ଅଛି କରାଇବେ ଅନୁଭବ ମୋତେ ।
ପୁରୁଷ—ଏହି ବସିଛନ୍ତି ମନ୍ତ୍ରୀ ତେବେ ପାଳୁଛି, ମୁଁ
ଚାଣକ୍ୟ ପ୍ରଭୁଙ୍କ ଆଜ୍ଞା-(ରାକ୍ଷସଙ୍କୁ ନ ଦେଖିଲା ପରି
ତାହାଙ୍କ ଆଗରେ ଉଦ୍‌ବନ୍ଧନ ଅଭିନୟ ।)
ନ କରିବିଳମ୍ବ ।
ରାକ୍ଷ—(ଦେଖି-ସ୍ୱଗତ) ଏ କଣ ?
ଏହାର କିଆଁ ଉଦ୍‌ବନ୍ଧନ ଚେଷ୍ଟା ?
ନିଶ୍ଚୟେ ମୋହରି ପ୍ରାୟ ହେବ ଏହି ଦୁଃଖୀ;
ହଉ, ଯାଏଁ ପଚାରିବି-(ପାଖକୁ ଯାଇ)
ଏ କଣ କରୁଛ ?
ପୁ—(ସବାଷ୍ପେ) ମହାଭାଗ, ପ୍ରିୟବନ୍ଧୁ ବିନାଶ
ଦୁଃଖରେ କରୁଅଛି ଉଦ୍‌ବନ୍ଧନ,
ରାକ୍ଷ—(ସ୍ୱଗତ) ଜାଣିଛି ପ୍ରଥମୁଁ
ନିଶ୍ଚେ ଏ ମୋ ସମ ଦୁଃଖୀ ତେବେ ପଚାରିବା ।
(ପ୍ରକାଶ୍ୟେ) ଭଦ୍ର ନୁହେ ଯଦି ଗୁପ୍ତ ଅବା ଗୁରୁତର
ଜଣା ଅ ପ୍ରାଣତ୍ୟାଗର କାରଣ ତୁମ୍ଭର ।
ପୁ—(ନିରୂପଣ କରି) ନୁହେ ଗୋପନୀୟ କଥା,
କେବଳ ବନ୍ଧୁର ବିନାଶ ଦୁଃଖେ କାତର ହୋଇ
ମୁଁ ମରଣେ ନ କରେଁ କାଳ ହରଣ ।
ରାକ୍ଷ—(ନିଃଶ୍ୱାସ ପକାଇ ସ୍ୱଗତ) ଏ ବିପଦେ ତେବେ
ତିରସ୍କୃତ ହେଲି ମୁହିଁ ଏହି ଲୋକ ହାତେ
(ପ୍ରକାଶ୍ୟେ) ଭଦ୍ର, ନୁହେ ଗୋପନୀୟ ଯେବେ;
କହ ମୋତେ ଦୁଃଖର କାରଣ କଣ ?
ପୁ—ବଡ ଆଗ୍ରହ ଏ ?
କହୁଛି ଉପାୟ କଣ ? ଏହି ନଗରରେ
ଜଣେ ମଣିକାର ଶ୍ରେଷ୍ଠୀ ବିଷ୍ଣୁଦାସ ନାମେ—
ରାକ୍ଷ—(ସ୍ୱଗତ) ଅଛି ବିଷ୍ଣୁଦାସ ନାମେ ଚନ୍ଦନଦାସର
ପ୍ରିୟତମ ବନ୍ଧୁ ଜଣେ;
ପୁ—ମୋର ପ୍ରିୟବନ୍ଧୁ ।
ରାକ୍ଷ - (ସହର୍ଷେ ସ୍ୱଗତ) ଓହୋ, ପ୍ରିୟବନ୍ଧୁ ବୋଲି
କହିଲଣି, ତେବେ ଚନ୍ଦନ ଦାସର କଥା ଜଣା
ଯିବ ଏଠି ।

Digitized by srujanika@gmail.com

ପୁ—(ସବାଷ୍ପେ) ବର୍ତ୍ତମାନେ ସେହି ଶ୍ରେଷ୍ଠୀ ବହୁ ଧନ
ରତ୍ନ ବିତରି ଦରିଦ୍ର ଜନେ ଚଳିଲେ ନଗରୁ
ଅଗ୍ନିରେ ଝାସିବା ପାଇଁ; ତେଣୁ ଧାଇଁଛି ମୁଁ
ଅଶୁଭ ଶୁଣିବା ଆଗେ ହରାଇବି ପ୍ରାଣ ।
ରାକ୍ଷ—କି କାରଣେ ବନ୍ଧୁଙ୍କର ଅଗ୍ନିରେ ପ୍ରବେଶ ?
କଣ ଦୁରାରୋଗ୍ୟ ରୋଗ ପୀଡ଼ିତ ସେ ବନ୍ଧୁ ?
ପୁ— ନହିଁ ନାହିଁ ମହାଶୟ,
ରାକ୍ଷ—ତେବେ କି ହେ ଭଦ୍ର !
ରାଜାଙ୍କ ଅନଳୋପମ କ୍ରୋଧେ ବିତାଡ଼ିତ ?
ପୁ— ଛି ଛି ପାପ କଥା ! ରାଜା ଚନ୍ଦ୍ରଗୁପ୍ତଙ୍କର
ରାଜ୍ୟ ମଧ୍ୟେ ନାହିଁ ତିଳେ ନୃଶଂସ ଶାସନ ।
ରାକ୍ଷ—ଅବା ଅନୁରକ୍ତ କି ସେ ଅନ୍ୟ ନାରୀଠାରେ ?
ପୁ—(କାନରେ ହାତ ଦେଇ) ଛି ଛି ବଡ଼ ପାପ କଥା !
ବ୍ୟବସାୟୀଙ୍କର ଦେଖା ଯାଏ ନାହିଁ ଏହା,
ବିଶେଷେ ତାଙ୍କର ।
ରାକ୍ଷ—ତୁମ୍ଭପରି କି ତାଙ୍କର ବନ୍ଧୁନାଶ-ହେତୁ ?
ପୁ—ଆଜ୍ଞା କଣ ? ମହାଭାଗ—
ରାକ୍ଷ—(ସୋଦ୍‌ବେଗେ-ସ୍ୱଗତ)······ଚନ୍ଦନ ଦାସ ସେ
ତାଙ୍କର ପରମବନ୍ଧୁ; ବନ୍ଧୁ ନାଶ କଥା ।
ଶୁଣି ହେଉଅଛି ମୋର ସେହି ପାପ ଶଙ୍କା
ଅତି ସ୍ନେହ ବଶୁଁ (ପ୍ରକାଶ୍ୟେ) ଭଦ୍ର, କହ ଭଲ
କରି ତୁମ୍ଭ ବନ୍ଧୁଙ୍କର କଥା—
ପୁ—ହେଉଛି ବିଳମ୍ବ ।
ରାକ୍ଷ—କିନ୍ତୁ, ଶୁଣିବାର କଥା ।
ପୁ—ଆଜ୍ଞା, ଗତି କଣ ?
କହୁଛି ଯାହା ଶୁଣନ୍ତୁ—
ରାକ୍ଷ—ଶୁଣୁଛି ନିଷ୍ଠକେ ।
ପୁ— ଜାଣନ୍ତି ଏ ପୁଷ୍ପପୁରେ ଶ୍ରୀଚନ୍ଦନ ଦାସ
ମଣିକାର ଶ୍ରେଷ୍ଠୀ ଜଣେ ?
ରାକ୍ଷ—(ଦୁଃଖରେ ସ୍ୱଗତ) ଏଥର ଫିଟିଲା
ମରଣ ଘାତର ଦ୍ୱାର, ସ୍ଥିର ହୁଅ ମନ !
ଶୁଣିବାକୁ ହେବ ପୁଣି କଷ୍ଟ କେତେ ଆଜ ! !
(ପ୍ରକାଶ୍ୟେ) ଶୁଣିଛି ବନ୍ଧୁବତ୍ସଳ, ଥିଲେ ସେହି
ଶ୍ରେଷ୍ଠୀ ! ତାହାଙ୍କର କଣ ?
ପୁ—ସେହି ବିଷ୍ଣୁଦାସ ବନ୍ଧୁ ।
ରାକ୍ଷ—(ସ୍ୱଗତ) ଏହି ହେଲା ବଜ୍ରପାତ ଅନ୍ତରେ
ମୋହର । (ପ୍ରକାଶ୍ୟେ) ତାହା ପରେ କଣ ?
ପୁ—ତହୁଁ ବିଷ୍ଣୁଦାସ ଯାଇ
ଜଣାଇଲା ମୌର୍ଯ୍ୟରାଜ ଛାମୁରେ ଏକଥା ?
ରାକ୍ଷ—କହ, କଣ କଣ—
ପୁ—ଦେବ ! ଅଛି ମୋ ଗୃହରେ
କୁଟୁମ୍ବ ଭରଣ ଯୋଗ୍ୟ ଯେତେ ଧନରତ୍ନ ।
ତାହା ବିନିମୟେ ମୁକ୍ତ କର ଏ ବନ୍ଧୁଙ୍କୁ ।
ରାକ୍ଷ—(ସ୍ୱଗତ) ଧନ୍ୟ ଧନ୍ୟ ବିଷ୍ଣୁଦାସ, ଦେଖାଇଲ
ତୁମ୍ଭେ ବନ୍ଧୁସ୍ନେହ ଏ ଜଗତେ; ଯେଉଁ ଅର୍ଥଲାଗି
ପିତା ପୁତ୍ରେ, ପୁତ୍ର ପୁଣି ପିତାଙ୍କୁ; ବନ୍ଧୁ ଏ
ବନ୍ଧୁଙ୍କୁ ତେଜନ୍ତି ଭବେ, ସେହି ଅର୍ଥ ତୁମ୍ଭେ
ବ୍ୟବସାୟୀ ହୋଇ ପୁଣି ଦେଲ ଅକାତରେ
ତତକ୍ଷଣେ ବନ୍ଧୁଙ୍କ ଲାଗି—କୃତାର୍ଥ ସେ ଅର୍ଥ ?
(ପ୍ରକାଶ୍ୟେ)ଭଦ୍ର ! ଚନ୍ଦ୍ରଗୁପ୍ତ ତହୁଁ କିବା ଆଜ୍ଞା କଲେ ?
ପୁ—ତହୁଁ ପ୍ରତ୍ୟୁତ୍ତରେ ରାଜା କହିଲେ ଶ୍ରେଷ୍ଠୀଙ୍କି,
ବିଷ୍ଣୁଦାସ ! ଅର୍ଥ ଲାଗି ଏ ଚନ୍ଦନ ଦାସେ
କରି ନାହୁଁ ସଂଯମିତ; ରଖିଛି ଗୋପନେ
ଅମାତ୍ୟ ରାକ୍ଷସଙ୍କର ଗୃହଜନଙ୍କୁ ଏ;
ବହୁ ଅନୁରୋଧେ ମଧ୍ୟ ନ ଦିଏ ସମର୍ପି—
ଦେଲେ ଯାର ମୁକ୍ତି ଅଛି, ନୋହିଲେ ମୋ ରୋଷେ
ଭୁଞ୍ଜୁ ପ୍ରାଣହାନ ଦଣ୍ଡ; ଏଣିକି ଏପରି
ନ କରିବେ ଅନ୍ୟେ ଯଥା, ତେଣୁ ବଧ ସ୍ଥାନେ
ଆଣିତ ହେଲେ ସେ ଶ୍ରେଷ୍ଠୀ, ତାହା ଦେଖି ବିଷ୍ଣୁ
ବନ୍ଧୁର ଅଶୁଭ ଶଙ୍କି ଅଗ୍ନି ପ୍ରବେଶରେ
ବଳାଇ ମତକ ଗଲେ ନଗରୁ ବାହାର ।
ମୁହିଁ ମଧ୍ୟ ଯେଉଁପାଏ ପ୍ରିୟବନ୍ଧୁଙ୍କର
ନ ଶୁଣେଁ ଅଶୁଭ କଥା, ତା ଆଗେ ମୋ ପ୍ରାଣ
ହରାଇବି ବୋଲି ଆସିଅଛି ଏ ଉଦ୍ୟାନେ ।

Digitized by srujanika@gmail.com

ରାକ୍ଷ—ବଧି ନାହାନ୍ତି ତା ହେଲେ ଚନ୍ଦନଦାସଙ୍କୁ ?
ନା, ବଧି ନାହାନ୍ତି—କିନ୍ତୁ ବର୍ତ୍ତମାନେ ସୁଦ୍ଧା
ମାଗୁଛନ୍ତି ଗୃହଜନ, ବନ୍ଧୁ ପ୍ରିୟଶ୍ରେଷ୍ଠୀ
ଅର୍ପଣ ନ କରିବାରୁ ହେଉଛି ବିଳମ୍ବ ।
ରାକ୍ଷ—(ସହର୍ଷେ-ସ୍ୱଗତ) ଧନ୍ୟ ହେ ଚନ୍ଦନଦାସ,
ଧନ୍ୟ ଧନ୍ୟ ତୁମ୍ଭେ
ଶରଣାଗତରକ୍ଷଣେ ଶିବି ନୃପୁଁ ବଳି !
ବଢ଼ାଇଲ ଯଶଃପ୍ରଭା, (ପ୍ରକାଶ୍ୟେ)
ଭଦ୍ର ! ଯାଅ ବେଗେ !
ନିଷେଧିବ ଜିଷ୍ଣୁଦାସେ ଅଗ୍ନିପ୍ରବେଶରୁ
ମୁଁ ମଧ୍ୟ ଚନ୍ଦନଦାସେ ରଖିବି ମରଣୁ ।
ପୁ—ଆଜ୍ଞା, କେଉଁ ଉପାୟରେ ରଖିବେ ତାହାଙ୍କୁ ?
ରାକ୍ଷ—(ଖଡ୍‌ଗ୍ ଆକର୍ଷି) ବିପଦର ବନ୍ଧୁ ଏହି
ତରବାରି ଦ୍ୱାରା ?
ନିରଭ୍ର ଶାରଦନଭ ସମ ଏ କୃପାଣ
ଦେଖ କେମନ୍ତେ ରାଜେ ହସ୍ତେ ? ଦେଖାଇଛି ଏହି
ଅରିକୁଳ ନିପାତରେ ମହା ପରାକ୍ରମ,
ଦେଖି ଶୋକାକୁଳ ମୋତେ ମିତ୍ର ସ୍ନେହବଶେ
ମତାଉଛି ଏ ସାହସ କରିବାକୁ ଏବେ ।
ପୁ—ଆଜ୍ଞା, ଶୁଣିଅଛି ସେହି ଚନ୍ଦନଦାସଙ୍କ
ପ୍ରାଣ ଅତି ସଂକଟରେ, କଣ ଘଟିଅଛି
କହି ନ ପାରିବି ଦୃଢ଼େ; କୃପା କରି ମୋତେ
କହନ୍ତୁ ଆପଣ କିଏ ? 'ଅମାତ୍ୟ ରାକ୍ଷସ ?'
ରାକ୍ଷ—ହଁ ହଁ, ମୁହିଁ ସେ ରାକ୍ଷସ, ସ୍ୱାମୀବନ୍ଧୁ ନାଶୀ ।
ପୁ—(ସହର୍ଷେ-ପାଦତଳେପଡ଼ି) ଅନୁଗ୍ରହ ହେଉ ପ୍ରଭୁ,
ହେଲି ମୁଁ କୃତାର୍ଥ ।
ରାକ୍ଷ—ଉଠ ଉଠ ଭଦ୍ର ! ଆଉ ଏକାଳ ହରଣ
ନକରି ଜଣାଅ ବେଗେ ଜିଷ୍ଣୁଦାସେ ଏହା
'ଗଲେଣି ଅମାତ୍ୟ ଏବେ ଚନ୍ଦନଦାସଙ୍କୁ
ମରଣୁ ଉଦ୍ଧାରିବାକୁ,'—
ପୁ—(ପାଦତଳେପଡ଼ି) ଆଜ୍ଞା, କୃପାକରି
ଶୁଣନ୍ତୁ ଗୋଟିଏ କଥା, ଆଗେ ଏ ନଗରେ
ହୋଇଥିଲା ବଧ ଆଜ୍ଞା ଶକଟ ଦାସଙ୍କୁ,
ମାତ୍ର, କେ ଛପାଇବାରୁ ତାହାଙ୍କୁ ସେକାଳେ
କାହା ଦୋଷୁଁ ଏହା ହେଲା ବୋଲି ମୌର୍ଯ୍ୟପତି
ବଧିଲେ ଘାତକ ଗଣେ; ସେହି ଦିନଠାରୁ
ଶୁଣିଲେ ବଧ ଆଦେଶ କାହାର ଘାତକେ
ନନେଇ ଶ୍ମଶାନେ ତାଙ୍କୁ ଅର୍ଦ୍ଧପଥେ କେବେ
ବଧୁଛନ୍ତି ନିଜପ୍ରାଣ ଭୟେ, ତେଣୁ କହେଁ
ଶସ୍ତ୍ର ଘେନ ଯାଉଁ ଯାଉଁ ହେବଟି ବିଳମ୍ବ ! !
ରାକ୍ଷ—(ସ୍ୱଗତ) ଓହୋ ! ଅତି ଦୁର୍ବୋଧ
ଏ ଚାଣକ୍ୟର ମତି !
ଶତ୍ରୁବାକ୍ୟେ ଶକଟଙ୍କୁ ମୁକ୍ତ କରିଥିଲେ
ଘାତକେ କପାଇଁ ଭୋଗିଥାନ୍ତେ ପ୍ରାଣଦଣ୍ଡ ?
ଆଉ କୃତ୍ରିମ ପତ୍ର ଅବା କେଉଁପରି
ହୋଇଥାନ୍ତା ପ୍ରକାଶିତ ? ଏ ତର୍କରେ ମୋର
ପଶିପାରୁ ନାହିଁ ବୁଦ୍ଧି,
(ଚିନ୍ତାକରି) ମଣୁଅଛି ତେଣୁ,—
ନୁହେ ଏ ଖଡ୍‌ଗର କାଳ, ସଜହେଉଁ ଯେବେ
ବଧିବେ ଘାତକେ ତାଙ୍କୁ ? କି ଫଳ ଏ ପ୍ରାଣେ ?
ଯାଉଛି ଏକ୍ଷଣି ମିତ୍ର-ନିଜପ୍ରାଣଦାନେ
କିଣିବି ଆନନ୍ଦେ ଆଜ ଚନ୍ଦନର ପ୍ରାଣ ।
[ପ୍ରସ୍ଥାନ ଓ ଯବନିକା ପତନ]

ସପ୍ତମ ଅଙ୍କ

ପ୍ରଥମଦୃଶ୍ୟ—ବଧ-ଶ୍ମଶାନ

(ଚଣ୍ଡାଳର ପ୍ରବେଶ)

ଚଣ୍ଡା—ଘୁଞ୍ଚଯାଅ ସବୁ ଘୁଞ୍ଚଯାଅ ଚଳ ଚଳ
ପଳାଅ, ଯେବେ ରଖିବ ଆପଣାର ପ୍ରାଣ
ଆଉ ଧନ ଜନ କୁଳ ପ୍ରିୟ, ତେବେ ଛାଡ଼
ରାଜଦ୍ରୋହକୁ ସମସ୍ତେ-ଜାଣ ସେ ଗରଳ ! !

Digitized by srujanika@gmail.com

ଆଜ ଦେଖ ବେଗ ହେଲେ ହେଉଛୁ ଚକଯା
ନୋହିଲେ ହେବ ମରଣ; ମାତ୍ର ଏ ବେଗରେ
ସେବା କି ଶୁଶ୍ରୂଷା ନାହିଁ, ଜଣେ ନୁହେ ପୁଣି
ମରିବେ ବଣଠା ଯାକ, କିଛ ହବୁରୁଛ ?
ଦେଖ ଏ ଚନ୍ଦନ ଦାସ ଯାଉଛନ୍ତି ଏବେ
ସେହି ଦୋଷେ ଶ୍ମଶାନକୁ ସ୍ତ୍ରିଶ ପୁତ୍ର ସଙ୍ଗେ ।
(ଆକାଶକୁ ଚାହିଁ) 'ଆଜ୍ଞା, କଣ କହୁଛନ୍ତି
କଛୁ ମୁକ୍ତିବାଟ
ଅଛି କି ନାହିଁ ତାଙ୍କର' ? 'ଆଜ ମୁକ୍ତି କାହିଁ' ?
ପୁଣି ଅଛି ଏହି ପଥ ! ସେ ଗୃହଜନଙ୍କୁ
ଯେବେ ସେ ଫେରାଇ ଦେବେ ! (ପୁଣି ଚାହିଁ)
କଣ କହୁଛନ୍ତି ?
ଶରଣାଗତ ପ୍ରିୟ ସେ, ସ୍ଥିର ପ୍ରାଣଲାଗି
କରିବେ ନାହିଁ କୁକର୍ମ ! 'ତା ହେଲେ ଜାଣନ୍ତୁ'
ହେବ ତାଙ୍କର ଅଶୁଭ,—ଏତକ ଉପାୟ ! !
[ଦ୍ୱିତୀୟ ଚଣ୍ଡାଳ, ସ୍ତ୍ରୀ ପୁତ୍ର ସହିତ ବଧବେଶଧାରୀ
ଚନ୍ଦନଦାସର ଶୂଳସ୍କନ୍ଧରେ ପ୍ରବେଶ]
ସ୍ତ୍ରୀ—ହା ଦୈବ ! କୁଳକୁ ଡର ହୋଇଲା ଆମ୍ଭର
ଚୋରଙ୍କ ପରି ମରଣ ! ହେ ଯମ ! ହେ ଧର୍ମ !
ଘେନ ମୋର ନମସ୍କାର, ହିଁ ନିର୍ଦ୍ଦୟ ହେଲେ
କି ଦୋଷୀ କିବା ଅଦୋଷୀ ସବୁ ଏକାପରି ।
ସବୁଠିଁ ଏହି ଡରୁର ଆମିଷ ନ ଖାଇ
ତିରଣେ ବଞ୍ଚେ ହରିଣ, ତାକୁ ପର ଆଗେ
ବଧିବାକୁ ଯାନ୍ତି ବ୍ୟାଧେ, କିଆଁ ଏ ଆଗ୍ରହ ?
(ଚାରିଆଡ଼କୁ ଚାହିଁ) ଆହା ! ମୋର କଷ୍ଟକୁ, ଆଜ
କାହିଁ ପ୍ରତ୍ୟୁତ୍ତର !,
ତାଙ୍କପରି ଲୋକ କାହିଁ ? ଯେ ଆସି ଏକାଳେ
ଯଉବେ ଏ ପୋଡ଼ା ନେଦେ ?—
ଚନ୍ଦ—(ସାଶ୍ରୁନେତ୍ରେ) ଆହା ! ଏ ବନ୍ଧୁ ଏ
ଅଶ୍ରୁପ୍ରାତେ ପ୍ରତିକାର କର ମୋହ ଲାଗି
ଫେରୁଛନ୍ତି ଶୋକଭରେ, ପୁଣି କେତେ ଆହା !
ଆସୁଛନ୍ତି ପଛେ ପଛେ ସଜଳ ନୟନେ,
ଆହା ! କି ବିଷଣ୍ଣ ମୁଖେ,—

ଚଣ୍ଡାଳଦ୍ୱୟ—(ପରିକ୍ରମ ପୂର୍ବକ ଦେଖି)
ହେ ଚନ୍ଦନ ଦାସ !
ଶ୍ମଶାନ ଏ, ତେଜ ଗୃହ-ଜନେ,
ଚନ୍ଦ—ପ୍ରିୟତମେ !
ବାହୁଡ଼ ପୁତ୍ର ସହିତ,ଏହି ବଧସ୍ଥାନେ,
ଏଣିକି ନ ଆସ ଆଉ, ଆସ୍ଥାନ ତୁମ୍ଭର ।
ସ୍ତ୍ରୀ—(ସାଶ୍ରୁନେତ୍ରେ) ଆହା ! ଯିବ ପରଲୋକେ,
ନୁହେ ପରଦେଶେ
ଏଥିରେ ମୁଁ ବାହୁଡ଼ିବ—କୁଳସ୍ତ୍ରୀଙ୍କର
ଏହା ବିଧି କି ହେ ନାଥ ?
ଚନ୍ଦ—ସତ୍ୟ ପ୍ରିୟତମେ,
ମାତ୍ର ମିତ୍ର ଯୋଗେ ମୃତ୍ୟୁ ମୋର, ସ୍ୱଦୋଷେ କି ?
ତେବେ ହର୍ଷସ୍ଥାନେ କିପାଁ କରୁଛ ରୋଦନ ?
ସ୍ତ୍ରୀ—ତାହା ଯେବେ ନାଥ, କିଆଁ ଫେରାଉଛ ମୋତେ ?
ଚନ୍ଦ—କଅଣ କରିବ ତୁମ୍ଭେ ?
ସ୍ତ୍ରୀ—ତୁମ୍ଭର ଚରଣ ।
କରିବ ଅନୁସରଣ,—
ଚନ୍ଦ—କିନ୍ତୁ ପ୍ରିୟତମେ,
ଅବଧ ତୁମ୍ଭର ଏହା, ଆହା ଏ ଶିଶୁଟି !
ଜାଣି ନାହିଁ ଏବେ କିଛି—ତାକୁ ଯାଇ ପାଳ ।
ସ୍ତ୍ରୀ—ରଖିବେ ଏହାକୁ ମୋର, କୁଳଦେବତାଏ
ଆହା ! ବାବୁ, ପଡ଼ ଧନ ପିତୃପଦତଳେ ।
ପୁତ୍ର—(ପାଦତଳେ ପଡ଼ି) ତାତ, ପିତୃଶୂନ୍ୟ ହୋଇ
କାହିଁକି ରହିବି
ଚନ୍ଦ—ବତ୍ସ ! ଯାଇଁ ଯାଗା ହୁଅ, ବାସ କର ସୁଖେ,
ନାହିଁ ଚାଣକ୍ୟ ଯେ ଦେଶେ—
ଚଣ୍ଡା—ହେ ଚନ୍ଦନ ଦାସ !
ଶୂଳ ପୋତା ହେଲା,—ଏବେ ସଜ ହୋଇ ଥାଅ ।
ସ୍ତ୍ରୀ—ରକ୍ଷା କର ରକ୍ଷା କର—
ଚନ୍ଦ—ଆଜ କ୍ଷଣେ ରହ ।
ହେ ଜୀବନ ପ୍ରଣୟିନୀ ! କାହିଁକି ରୋଦନ !
ଗଲେଣି ସେ ପ୍ରଭୁ ସ୍ୱର୍ଗ, ଶୁଣୁଥିଲେ ପୂର୍ବେ
ଯେତେ ନାରୀଙ୍କ ରୋଦନ, ପ୍ରତିଦିନ କର୍ଣ୍ଣେ ।

Digitized by srujanika@gmail.com

୧ମ ଚଣ୍ଡା—ହେ ବେଣୁବେତ୍ରକ ! ଯେମନ୍ତ ଚଞ୍ଚଳ ଏହାଙ୍କୁ
ଯାନ୍ତୁ ଗୃହଜନ ପଛେ,
୨ୟ ଚଣ୍ଡା—ଏହି ନେଲି ଭାଇ ।
ଚନ୍ଦ—ହେ ଭଦ୍ର ! ମୁହୂର୍ତ୍ତେ ଥାଅ, ଯାବତ ପୁତ୍ରକୁ
ଆଲିଙ୍ଗିବି ଏହି ଅନ୍ତେ ଥରେ, ହା ଆତ୍ମଜ !
ବତ୍ସ ! ଅବଶ୍ୟ ଘଟିବ ଭବିତବ୍ୟ ଯାହା,
ତେବେ ମିତ୍ରକାର୍ଯ୍ୟେ ମୃତ୍ୟୁ-ଏହିମାତ୍ର ସୁଖ ।
ପୁତ୍ର—ଏତିକ ବକ୍ତବ୍ୟ ତାତ ! ଏହା କି ଆମ୍ଭର
ପୂର୍ବ କୁଳାଚାର ?
ଚଣ୍ଡା—ଆରେ ! ଧର ଆସି ଧର ।
[ଚଣ୍ଡାଳ ହସ୍ତ ଶୂଳରେ ବସାଇବା ପାଇଁ ଚନ୍ଦନ ଦାସକୁ ଧରନ୍ତେ ।]
ସ୍ତ୍ରୀ—ରକ୍ଷାକର ପ୍ରଭୁ ! ରଖ—
(ହଠାତ୍ ପଟକ୍ଷେପରେ ରାକ୍ଷସର ପ୍ରବେଶ ।)
ରାକ୍ଷ—ଭୟ ନାହିଁ ଦେବ !
ଭୟ ନାହିଁ ଭୟ ନାହିଁ ହେ ହେ ସେନାପତି !
ମାରନା ଚନ୍ଦନଦାସେ; ଦେଖ ଯେ ରାକ୍ଷସ
ଦେଖିଅଛି ପ୍ରଭୁବଧ ଶତ୍ରୁବଧ ପରି,
ରହିଛି ଯେ ସୁସ୍ଥ ଦେଖି ମିତ୍ରପକ୍ଷ କ୍ଷୟ,
ତୁମ୍ଭ ଧିକ୍‌କାରର ଯୋଗ୍ୟ ସଦା ଯାହା ପ୍ରାଣ,
ସେହି ଉପସ୍ଥିତ ଏବେ; ଆଉ ଦୁଃଖ କିଣ ?
ଲମ୍ବାଅ ମୋ ଗଳେ ଆଣି ମୋ ମୃତ୍ୟୁ ସରଣୀ
ଏହି ପ୍ରିୟ ପୁଷ୍ପମାଳା ।
ଚନ୍ଦ—(ଦେଖି-ସବାଷ୍ପେ) ଏ କଣ ଅମାତ୍ୟ ?
ରାକ୍ଷ—କଣାଏ ଅନୁକରଣ ତୁମ୍ଭ ଚରିତର !
ଚନ୍ଦ—ସବୁ ନିଷ୍ଫଳ, ଅମାତ୍ୟ, ଏହା କରି ମୋର
କରୁଛ ନାହାନ୍ତ ହିତ ?
ରାକ୍ଷ—ହେ ଚନ୍ଦନ ଦାସ,
କାହିଁକି ଏ ତିରସ୍କାର, ଜାଣେଁ ସର୍ବ ଜୀବ
ଅତ୍ୟନ୍ତ ସ୍ୱାର୍ଥର ଦାସ; ଯାଅ ଭଦ୍ର ! ବେଗେ
ଜଣାଇ ଦିଅ ଏ ବାର୍ତ୍ତା ଦୁରାତ୍ମା ଚାଣକ୍ୟେ ?

"ଏ ଦୂଷିତ କଳିକାଳେ ଦୁର୍ଲ୍ଲଭ ଗହଣେ
ଯେ ନିଜ ପରାଣ ଦାନେ ପରକୁ ରକ୍ଷିର
ତୁଚ୍ଛ କରିଛନ୍ତି ଯଶଃ ଶିବିରାଜଙ୍କର;
ଯେ ଶୁଦ୍ଧାତ୍ମା ସୁଚରିତେ ବୁଦ୍ଧ ଚରିତକୁ
ଜିତିଛନ୍ତି ଏ ଜଗତେ; ସେହି ମହାମତି
ପୂଜ୍ୟ ହେଲେ ହେଁ ଯା ଲାଗି ହେଉଛନ୍ତି ବଧ୍ୟ,
ସେହି ଏବେ ଉପସ୍ଥିତ ।"

୧ମ ଚଣ୍ଡା—ଥାଅ ତୁମେ ଭାଇ ।
ଏହି ଗଛ ତଳେ ଦଣ୍ଡେ ସମସ୍ତଙ୍କୁ ଘେନି ।
ଯାଉଛି ମୁଁ କହି ଆସେ; ମନ୍ତ୍ରୀ ହସ୍ତଗତ ।
୨ୟ ଚଣ୍ଡା—ହଉ, ଚଞ୍ଚଳ ଆସିବ ଥିବ ସେହିପର ।
(ସପୁତ୍ର କଳତ୍ର ଚନ୍ଦନ ଦାସ ସହିତ ପ୍ରସ୍ଥାନ ।)
୧ମ—(ରାକ୍ଷସ ସହ ପରିକ୍ରମ କରି)
କିଏ ଅଛ ଦ୍ୱାରପାଳ ! ଜଣାଅ ଚଞ୍ଚଳ
ନନ୍ଦରିପୁ ମୌର୍ଯ୍ୟଗୁରୁ ଆର୍ଯ୍ୟ ଚାଣକ୍ୟଙ୍କୁ—
ରାକ୍ଷ—(ସ୍ୱଗତ) ହା ବିଧାତଃ, ଏହା ପୁଣି ଶୁଣିବ ରାକ୍ଷସ !
ଚଣ୍ଡା—ଏହି ପଡ଼ିଛନ୍ତି ଧରା ଅମାତ୍ୟ ରାକ୍ଷସ,
ଆର୍ଯ୍ୟଙ୍କର ବୁଦ୍ଧିବଳେ ହୋଇ ବୁଦ୍ଧିବଣା ।
[ଯବନିକା ଉପରେ କେବଳ ମୁଖପ୍ରଦର୍ଶନ ପୂର୍ବକ ସହର୍ଷଚାଣକ୍ୟର ପ୍ରବେଶ ।]
ଚାଣ—କହ କହ କିଏ ଆରେ ଜ୍ୱଳନ୍ତ ଅନଳ
ବାନ୍ଧିଲା ବସନାଞ୍ଚଳେ ? କିଏ ହସ୍ତ - ପାଶେ
ରୁନ୍ଧିଲା ସଦାଗତିକୁ ! କେଶରୀକି କିଏ
ଗଞ୍ଜିଲା ନେଇ ପଞ୍ଜରେ; କହ କହ କିଏ
ସନ୍ତରିଲା ମହୋଦଧି ଆପଣା ବାହୁରେ ?
ଚଣ୍ଡା—ସର୍ବନୀତିବିଶାରଦ ରାଜଗୁରୁ ନିଜେ ।
ରାକ୍ଷ—(ସ୍ୱଗତ) ଅହୋ ! ଏହି ସେ ଦୁରାତ୍ମା-ନାହିଁ ଏ
ମହାତ୍ମା !
ସର୍ବଶାସ୍ତ୍ର ପାରଦର୍ଶୀ ସର୍ବ ଗୁଣାକର
ସର୍ବ ରତ୍ନାକର, ଯଥା ଅତ୍ୟନ୍ତ ବାରିଧି;
କିନ୍ତୁ ଏ ମତ୍ସର-ଗୁଣେ ନୁହେଁ ମୁଁ ସନ୍ତୁଷ୍ଟ ।

Digitized by srujanika@gmail.com

ଚାଣ—(ଦେଖି ସହର୍ଷେ) ଏହି ଅମାତ୍ୟ ରାକ୍ଷସ ! ଯେଉଁ
ମହାମତି
ଗୂଢ଼ କଳ୍ପନାରେ ଆଉ ଦୀର୍ଘ ଜାଗରଣେ
ଦେଇଛନ୍ତି କ୍ଳେଶ କେତେ ମୋହର ଏ ମନେ,
ତଥା ମୌର୍ଯ୍ୟ ସେନାଗଣେ,
(ପଟକ୍ଷେପଣ କରି ପାଖରେ) ଅମାତ୍ୟ, ରାକ୍ଷସ !
ନମେ ଆଜ ବିଷ୍ଣୁଗୁପ୍ତ, କରନ୍ତୁ ଗ୍ରହଣ ।
ରାକ୍ଷ—(ସ୍ୱଗତ) ଅମାତ୍ୟ, ଏ ପଦ ଆଜ କଳଙ୍କାକର !
(ପ୍ରକାଶ୍ୟେ)କିନ୍ତୁ ବିଷ୍ଣୁଗୁପ୍ତ ! ମୁହିଁ ନିତାନ୍ତ ଅସ୍ପୃଶ୍ୟ
ଚଣ୍ଡାଳ ଛୁଇଁଛି ମୋତେ କର ନାହିଁ ସ୍ପର୍ଶ !
ଚାଣ – ଅମାତ୍ୟ, ଚଣ୍ଡାଳ କେହି ନୁହନ୍ତି ଏ ଦେନ !
ଦେଖିଥିବ ଯାଙ୍କୁ ପୂର୍ବେ,-ଏହି ସିଦ୍ଧାର୍ଥକ,
ଅନ୍ୟଟି ସୁସିଦ୍ଧାର୍ଥକ ଜଣେ କର୍ମଚାରୀ ।
ଦୁହେଁ ପରସ୍ପର ପ୍ରିୟ; ଏଦୁହିଙ୍କଦ୍ୱାରା
ଲେଖାଇ ଥିଲି ମୁଁ ଦିନେ ସେ କପଟଲେଖା
ନିରୀହ ଶକଟହସ୍ତେ; ଅତିଗୋପନରେ ।
ରାକ୍ଷ—(ସ୍ୱଗତ) ଶକଟଦାସଠୁଁ ଏବେ ତୁଟିଲା ସଂଶୟ !
ଚାଣ—ଆଉ ବିସ୍ତାରେ କି ଫଳ ? କହୁଛି ସଂକ୍ଷେପେ,
ଭଦ୍ରଭଟ୍ଟ ଆଦି ସର୍ବେ, ସେ କପଟ ଲେଖା,
ଆଉ ସେହି ଅଳଙ୍କାର, ପ୍ରିୟ ସିଦ୍ଧାର୍ଥକ
ଆଉ ସେ ଭୁମ୍ନଜ୍ୟୋତିଷୀ, ଜୀର୍ଣ୍ଣୋଦ୍ୟାନସ୍ଥିତ
ସେ ଆଉ ପୁରୁଷ ମନ୍ତ୍ରି ! ଏସବୁ ମୋହର—!
(ଅର୍ଦ୍ଧୋକ୍ତିରେ ଲଜ୍ଜା ପ୍ରକାଶ କରି)
ସବୁ ମୌର୍ଯ୍ୟବୀରଙ୍କର କୂଟନୀତିଖେଳ
କେବଳ ତୁମ୍ଭର ସଙ୍ଗେ ମିଳିବା ନିମନ୍ତେ,
ଏହିଦେଖ, ଚନ୍ଦ୍ରଗୁପ୍ତ ଆସୁଛନ୍ତି ପାଶେ ।
ରାକ୍ଷ—(ସ୍ୱଗତ) ଆଉ ଗତି କଣ ?
(ପ୍ରକାଶ୍ୟେ) ହଉ, ଦେଖୁଛି ଏଠାରେ ।
[ଭୃତ୍ୟଗଣ ପରିବୃତ ରାଜାଙ୍କର ପ୍ରବେଶ ।]
ରାଜା—(ସ୍ୱଗତ) ବିନାଯୁଦ୍ଧେ ଆର୍ଯ୍ୟ ସତେ କଲେ
ପରାଜିତ
ଦୁର୍ଜୟରିପୁଙ୍କୁ ହେଳେ, ତେଣୁ ଲଜ୍ଜିତ ମୁଁ
ସ୍ମରି ପୂର୍ବ କଥାମାନ; ମୋହର ସାୟକେ
ନ ପଡ଼ିଣ ଲକ୍ଷ୍ୟ କିନ୍ତୁ ଅଧୋମୁଖେ ପିନା
ଶୋଇଲେ ଏ ଶରାସନେ ନିଜ ନିଜ ଶୋକେ
ଆଉ ନ ଧରି କୋଦଣ୍ଡ କିଏ ବା ଜିଣିବ
ଜେତବ୍ୟ ବସ୍ତୁକୁ ଭବେ; ସୁପ୍ତଥିଲେ ମଧ୍ୟ
ନିଷ୍କଣ୍ଟକ ରାଜ୍ୟ ତାର, ଯାହାର ରାଜ୍ୟରେ
ଥିବେ ଆର୍ଯ୍ୟ ପରି ଗୁରୁ କାର୍ଯ୍ୟେ ଜାଗରୁକ !
(ଚାଣକ୍ୟପାଖକୁଯାଇ) ଆର୍ଯ୍ୟ, ନମେ ଚନ୍ଦ୍ରଗୁପ୍ତ, ।
ଚାଣ—ହେ ବୃଷଳ ମମ
ଫଳିଛି ସର୍ବ ଆଶିଷ, ତାହାହେଲେ ଆଜ
ପ୍ରଣମ ବିନୟଭରେ ଅମାତ୍ୟ ରାକ୍ଷସେ,
ଏହି ତବ ପିତୃ ମନ୍ତ୍ରୀ,—
ରାକ୍ଷ—(ସ୍ୱଗତ) ଯୋଡ଼ିଲା ସମ୍ବନ୍ଧ ।
ରାଜା—(ରାକ୍ଷସ ପାଖକୁ ଯାଇ) ଆର୍ଯ୍ୟ,
ମୌର୍ଯ୍ୟର ପ୍ରଣାମ,
ରାକ୍ଷ—(ଦେଖି-ସ୍ୱଗତ) ଏହି ଚନ୍ଦ୍ରଗୁପ୍ତ ।
ବାଳକ ଥିଲେହେଁ ଯହିଁ ମହା ସମ୍ଭାବନା
ରହିଅଛି ଲୋକଙ୍କର, କରିଶିଶୁ ଯଥା
ଲଭେ ଯୂଥପତି ପଦ, ତେସନ ଏ କ୍ରମେ
ଲଭିଲେ ବିଶାଳରାଜ୍ୟ;
(ପ୍ରକାଶ୍ୟେ) ଜୟୀହୁଅ ମୌର୍ଯ୍ୟ ।
ରାଜା—କି ଜୟ ନୋହିଛି ଆର୍ଯ୍ୟ, ଏ ଜଗତେ ମୋର
ଯହିଁ ଗୁରୁ ଚିନ୍ତାରତ,-ଜାଗ୍ରତ ଅମାତ୍ୟ !
ରାକ୍ଷ—(ସ୍ୱଗତ) ଧରୁଛି କୌଟିଲ୍ୟଶିଷ୍ୟ
ଭୃତ୍ୟଭାବେ ମୋତେ,
ସତେ ଅବା ବିନୟରେ, କିନ୍ତୁ ଏ ମନ୍ତ୍ରର
ଜନମାଏ ବିପରୀତ-ଭାବ ମୋର; ତେଣୁ
ଚାଣକ୍ୟ ଯଶସ୍ୱୀ ଏଥି;-ସମ୍ମାନ ପାଇଲେ
ମୂର୍ଖନାୟକର ସୁଦ୍ଧା ଯଶୋବନ୍ତ ପଦେ
ହୁଅଇ ପ୍ରତିଷ୍ଠା; କିନ୍ତୁ ଅପାତ୍ର ସେ ଯଦି,
ନୀତିଜ୍ଞ ହେଲେହେଁ ମନ୍ତ୍ରୀ ଆଶ୍ରୟ ଅଭାବେ
ପଡ଼ିବ ନିଶ୍ଚୟ ତହିଁ ତୀର ତରୁପରି ।

Digitized by srujanika@gmail.com

ଚାଣ—ଅମାତ୍ୟ, ଲୋଡ଼ା କି ପ୍ରାଣ ଚନ୍ଦନ ଦାସର ?
ରାକ୍ଷ—ନିଃସନ୍ଦେହ ବତ୍ସ ଗୁପ୍ତ !
ଚାଣ—କିନ୍ତୁ ହେ ଅମାତ୍ୟ,
ଏହି କେବଳ ସନ୍ଦେହ ବିନା ଶସ୍ତ୍ରବଳେ
ବଶ ନୋହିବେ ବୃଷଳ; ଯଥାର୍ଥରେ ଯେବେ
ରଖିବ ଚନ୍ଦନ ପ୍ରାଣ—ଧର ଏହି ଶସ୍ତ୍ର ।
ରାକ୍ଷ—ନାହିଁ ନାହିଁ ବତ୍ସ ଗୁପ୍ତ ! ପୂର୍ଣ୍ଣ ଅଯୋଗ୍ୟ ମୁଁ
ଆଜ ଏ ଶସ୍ତ୍ର ଗ୍ରହଣେ, ବିଶେଷ ଯାହାକୁ
ଗ୍ରହଣ କରିଛ ତୁମ୍ଭେ—
ଚାଣ—ଅମାତ୍ୟ, ରାକ୍ଷସ
ମୁଁ ଯୋଗ୍ୟ ଅଯୋଗ୍ୟ ତୁମ୍ଭେ ଏ କିପରି କଥା !
ଦେଖ କେବଳ ତୁମ୍ଭରି ଯୋଗେ ଏ ମାତଙ୍ଗେ
ତେଜିଛନ୍ତି ସ୍ୱେଚ୍ଛାହାର ବିହାର ଶୟନ,
ଭୁଞ୍ଜିଛନ୍ତି ତାଙ୍କ ସଙ୍ଗେ ପୁଣି ଏ ତୁରଙ୍ଗେ
ବହୁତ କଷଣ ନିତ୍ୟ କବିକା ଗ୍ରହଣେ ।
ଆଚ୍ଛା ଥାଉ ସେ ପ୍ରସଙ୍ଗ, ବିନା ଶସ୍ତ୍ରେ ଜାଣ
ମୁକ୍ତ ନାହିଁ ଚନ୍ଦନ,—ଯାହା ତୁମ୍ଭ ଇଚ୍ଛା ।
ରାକ୍ଷ—(ସ୍ୱଗତ) ଦୁର୍ବୋଧ ବିଧିର ଲୀଳା !
କ୍ଷୁଦ୍ର ମାନବ କି
ବୁଝିବ ତା ବୁଦ୍ଧିବଳେ ? ଅନ୍ତରେ ମୋହର
ରାଜେ ନିତ୍ୟ ନନ୍ଦପ୍ରୀତି; କିନ୍ତୁ ଭୃତ୍ୟ ମୁହିଁ
ତଥାପି ଅରାତିଙ୍କର, ଯାହାକୁ ସ୍ୱକରେ
ବାରି ସିଞ୍ଚି ବଢ଼ାଇଛି ସେ ଦ୍ରୁମକୁ ପୁଣି
ଛେଦିବାକୁ ହେବ ହସ୍ତେ, ସୁହୃଦର ଦେହେ
ଭୁଷିବାକୁ ହେବ ରୋଷେ ତୀକ୍ଷ୍ଣ ଶର କାହିଁ ?
(ପ୍ରକାଶ୍ୟେ) ନମୋନମ ବତ୍ସ ଗୁପ୍ତ ! ସର୍ବକାର୍ଯ୍ୟରତ୍ନ
ସୁହୃଦ ସ୍ନେହକୁ ମୋର ଆଉ ଗତି କିଣ ?
ହେଉଅଛୁ ଏବେ ନତ;—
ଚାଣ—ଦେଖ ହେ ବୃଷଳ ।
ଅମାତ୍ୟ ରାକ୍ଷସ ଆଜ କଲେ ଅନୁଗ୍ରହ ।
ବଡ଼ ଭାଗ୍ୟବାନ୍ ତୁମ୍ଭେ;—

ରାଜା—ଆର୍ଯ୍ୟଙ୍କ ପ୍ରସାଦ,
କେବଳ ଏ ଚନ୍ଦ୍ରଗୁପ୍ତ କରୁଅଛି ଭୋଗ ।
ପୁରୁଷ—(ପ୍ରବେଶକରି) ଜୟ ଜୟ ମହାରାଜ !
ଏବେ ସେହି ଭଦ୍ରଭଟ୍ଟ
ଆଉ ସେ ଭାଗୁରାୟଣ ଆଦି ଜଣକେତେ
ଆଣିଛନ୍ତି ବାନ୍ଧିକରି ମଳୟକେତୁଙ୍କୁ,
ତାହାଙ୍କ ଯା ଆଜ୍ଞା ହେଉ ।
ଚାଣ—ଜଣାଅ ସେକଥା
ଏବେ ଏହି ଅମାତ୍ୟଙ୍କୁ ଜାଣନ୍ତୁ ସେ ସବୁ ।
ରାକ୍ଷ—(ସ୍ୱଗତ) ଦାସପଦେ ରଖି ଏବେ ଏ
କୌଟିଲ୍ୟ ମୋତେ
ଫିଟାଉଛି ପଦେପଦେ ହାଉ, ଗତିକିଣ ?
(ପ୍ରକାଶ୍ୟେ) ରାଜନ ଜୀବିତ ଥିବ ମଳୟକେତୁରେ
ମଜିଥିଲି କିଛିକାଳ, ତେଣୁ ଅନୁରୋଧ
ରଖନ୍ତୁ ତାଙ୍କର ପ୍ରାଣ;—
ରାଜା—(ଚାଣକ୍ୟ ମୁଖାବଲୋକନ ।)
ଚାଣ—ଦେଖ ଗୁପ୍ତରାଜ ।
ରଖିବାକୁ ହେବ ଏହି ପ୍ରଥମ ପ୍ରଣୟ
ଅମାତ୍ୟ ରାକ୍ଷସଙ୍କର,—(ପୁରୁଷପ୍ରତି)
କହିଦେବ ଭଦ୍ର !
ଭଦ୍ରଭଟ୍ଟ ପ୍ରଭୃତିଙ୍କୁ ଆମ୍ଭ ଆଜ୍ଞାମତେ ।
ଏହି କଥା, ଆଜ ମନ୍ତ୍ରୀ ରାକ୍ଷସଙ୍କ ବାକ୍ୟେ
ରାଜା ଚନ୍ଦ୍ରଗୁପ୍ତ ଦେଲେ ମଳୟକେତୁଙ୍କୁ
ତାଙ୍କର ପୈତୃକରାଜ୍ୟ; ତେଣୁ ସର୍ବେ ଆଜ
ତାଙ୍କର ଗହଣେ ଯାଅ, ଫେରିବ ଯେ କାଳେ
ବସିବେ ସେ ସିଂହାସନେ—
(ପରିକ୍ରମଣ ।)
ପୁ—ଯାହା ଆଜ୍ଞା ପ୍ରଭୁ ।

Digitized by srujanika@gmail.com

ଚାଣ—ରହ ରହ ଭଦ୍ର, ଅଛି ବକ୍ତବ୍ୟ ଆତୁର,
ଜଣାଇବ ଦୁର୍ଗପାଳେ-ରାଜା ଚନ୍ଦ୍ରଗୁପ୍ତ
ଅମାତ୍ୟ ରାକ୍ଷସ-ଲାଭେ ତୃପ୍ତ ହୋଇ ଆଜ
ଏହି ଆଜ୍ଞା କଲେ, ସେହି ଚନ୍ଦନଦାସଙ୍କୁ
କରାଇବେ ପୃଥିବୀରେ ସର୍ବୋପର ଶ୍ରେଷ୍ଠୀ ।
ଆଉ ମଧ୍ୟ କରିଦେବ ଛୁଡ଼ ସମସ୍ତଙ୍କୁ
ବାହନ ହସ୍ତୀଙ୍କ ଛଡ଼ା, ଅମାତ୍ୟ ଥାଆନ୍ତେ
କିବା ପ୍ରୟୋଜନ ଆଉ ସେଥିରେ ଏକ୍ଷଣି !
'ବାହନ ହସ୍ତୀଙ୍କ ଛଡ଼ା ସବୁରି ବନ୍ଧନ
ମୁକୁଳାଇ ଦଅ ଏବେ ବାନ୍ଧିଛୁ କେବଳ
ମୁକୁଳିତ ଶିଖାକୁ ମୁଁ, ପୂର୍ଣ୍ଣ ମୋ ପ୍ରତିଜ୍ଞା ।

ପୁ—ଜଣାଉଛି ଯାଇ ପ୍ରଭୁ, ଯାହା ଆଜ୍ଞାହେଲା ।
(ପ୍ରସ୍ଥାନ)

ଚାଣ—ହେ ରାଜନ ଚନ୍ଦ୍ରଗୁପ୍ତ ! ଅମାତ୍ୟ ରାକ୍ଷସ,
ଆଉ କେଉଁ ଉପକାର କରିବ ତୁମ୍ଭର ?

ରାଜା—ଆର୍ଯ୍ୟ, ଏଥୁ ବଳି ଆଉ ଅଛି ଉପକାର ?
ରାକ୍ଷସଙ୍କ ସଙ୍ଗେ ମୈତ୍ରୀ ରାଜ୍ୟେ ଆଧିପତ୍ୟ
ନିର୍ମୂଳିତ ନନ୍ଦକୁଳ, ଆଉ କି କର୍ତ୍ତବ୍ୟ ?

ରାକ୍ଷ—ତଥାପି ଭରତବାକ୍ୟ ହେଉ ଏବେ ଏହି,—
କଲ୍ପାନ୍ତ ପ୍ଳାବନକାଳେ ଏହି ବସୁନ୍ଧରା
ଆଶ୍ରିଲା ବରାହରୂପୀ ଯେଉଁ ହରିଙ୍କର
ବିପୁଳ ଦନ୍ତାଗ୍ର, ଏବେ ମ୍ଲେଚ୍ଛ ଉପପ୍ଲବେ
ଆଶ୍ରିଛି ନୃପତିରୂପୀ ସେହି ବିଷ୍ଣୁଙ୍କର
ବିଶାଳ ଭୁଜ ଯୁଗଳ; ସେହି ଚନ୍ଦ୍ରଗୁପ୍ତ
ଉଦ୍ଧରନ୍ତୁ ଏ ବନ୍ଧନୁ ଅଚିରେ ଧରଣୀ ।
(ସମସ୍ତଙ୍କର ପ୍ରସ୍ଥାନ ଓ ଯବନିକା ପତନ ।)

ସ ମା ପ୍ତ

Digitized by srujanika@gmail.com

ଶାରଳା ଚରିତ

ଶାରଳା ଭକ୍ତ

ଭକ୍ତଭାଜନ ଗୁରୁଦେବ

ସ୍ୱର୍ଗତ ମଧୁସୂଦନ ରାଉଙ୍କ

କରକମଳରେ

ଏ କ୍ଷୁଦ୍ର ପୁସ୍ତକା

ଭକ୍ତିରେ ଅର୍ପିତ ହେଲା ।

A Short Life OF SARALA DAS

Late Pt. Mrutyunjaya Rath

Digitized by srujanika@gmail.com

ପ୍ରବେଶକ

ପ୍ରାଚୀନ ତଥା ନବୀନ ଉତ୍କଳସାହିତ୍ୟରେ କଳ୍ପନା ବିଳାସର ପ୍ରାଚୁର୍ଯ୍ୟ ଯେପରି ସାଧାରଣ ସତ୍ୟାନୁସନ୍ଧିତ୍ସା ବା ଐତିହାସିକ ତଥ୍ୟନିରୂପଣରେ ପ୍ରଗାଢ଼ ନିଷ୍ଠା ବା ଶ୍ରମ ସେପରି ସୁଲଭ ନୁହେ । ଯାହା ଦୁର୍ଲ୍ଲଭ ତାହାହିଁ ସ୍ପୃହଣୀୟ-ସାରଳାଚରିତ ପୁସ୍ତକଖଣ୍ଡି ସେହି ଶ୍ରେଣୀର । ସାରଳା ଚରିତରେ ଲେଖକ ସୁଦୂର ଅତୀତର ପ୍ରଗାଢ଼ ଅନ୍ଧତମସା ଭେଦ କରି ନିଭୃତତମ ପ୍ରଦେଶରୁ କେତେ-ଗୁଡ଼ିଏ ସତ୍ୟରତ୍ନ ଆହରଣ କରି ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଅଛନ୍ତି । ଆମ୍ଭମାନଙ୍କ ଦେଶରେ ଇତିହାସ (ମାଦଳାପାଞ୍ଜି ବ୍ୟତୀତ) ଲେଖିବା ବା ଜୀବନୀ ଲେଖିବା ପଦ୍ଧତି ପୂର୍ବରୁ ନ ଥିଲା । କବିମାନେ ନିଜ ନିଜ କାବ୍ୟରେ କଦାଚିତ୍ ଆତ୍ମ ବିବୃତି ବା ଆତ୍ମ ପରିଚୟ ପ୍ରଦାନ କରୁଥିଲେ, କିନ୍ତୁ ତାହା ଅନେକ ସ୍ଥଳରେ ଏପରି ସ୍ଥୂଳ ଯେ ତହିଁରୁ କବିଙ୍କର ସମସ୍ତ ଘଟନାପୂର୍ଣ୍ଣ ଜୀବନୀର ଅତି ସ୍ୱଳ୍ପ ଆଭାସ ମିଳେ । ଲେଖକ ଅତୀବ ଯତ୍ନରେ ଓ ଗଭୀର ଗବେଷଣା ପୂର୍ବକ ଇତିହାସ, କିମ୍ବଦନ୍ତୀ ପ୍ରଭୃତିର ଓ କବିଙ୍କ ନିଜ କଳ୍ପନା ସାହାଯ୍ୟରେ-ସାରଳାଦାସଙ୍କର ସର୍ବାଙ୍ଗ ସୁନ୍ଦର ଜୀବନୀ ଗୋଟିଏ ରଚନା କରିଛନ୍ତି । ପୁସ୍ତକଟିର ସମାଲୋଚନା କରିବା ମୋର ଉଦ୍ଦେଶ୍ୟ ନୁହେ । ପୁଙ୍ଖାନୁପୁଙ୍ଖରୂପେ ଦେଖିଲେ କୌଣସି କୌଣସି ସ୍ଥାନରେ ଭ୍ରମ ଦୃଷ୍ଟି ଗୋଚର ହୋଇପାରେ; କିନ୍ତୁ ତାହା ବୋଲି ପୁସ୍ତକ ଖଣ୍ଡି ପ୍ରମାଦପୂର୍ଣ୍ଣ ନୁହେ । କେବଳ ଦୋଷ ବହୁଳ ନୁହେ ବୋଲି ଯେ ଏହା ସ୍ପୃହଣୀୟ ଆମ୍ଭେମାନେ ତାହା କହୁ ନାହୁଁ—ଏହା ଉତ୍କଳ ସାହିତ୍ୟରେ ପ୍ରଥମ ଦୀର୍ଘତମ ଧାରାବାହିକ ଜୀବନୀ । ଏହି ହେତୁ ଏହା ଆମ୍ଭମାନଙ୍କଠାରେ ଆଦରଣୀୟ । ପୂର୍ବରୁ କେହି କେହି କବିମାନଙ୍କ କ୍ଷୁଦ୍ର କ୍ଷୁଦ୍ର ଜୀବନୀ ପତ୍ରିକାଦିରେ ଲେଖିଛନ୍ତି ସତ୍ୟ—ତାହା ସବୁ ପ୍ରାୟ ଅପୂର୍ଣ୍ଣ; କିନ୍ତୁ ଏ ପୁସ୍ତକ ଖଣ୍ଡି ଭିନ୍ନ ଧରଣର । ଏଥିରେ କବିଙ୍କର ବାଲ୍ୟଜୀବନ, ବିଦ୍ୟାଶିକ୍ଷା, କବିତ୍ୱସ୍ଫୂର୍ତ୍ତି ଧର୍ମଭାବ ପ୍ରଭୃତିର ବିଷଦ ଆଲୋଚନା ହୋଇଅଛି । ପୁଣି କବିଙ୍କର ରଚିତ ମହାଭାରତର ଗୋଟିଏ ସୁନ୍ଦର, ସରଳ ଏବଂ ସଂକ୍ଷିପ୍ତ ସମାଲୋଚନା ଯୋଗ କରା ହୋଇଅଛି । ସମାଲୋଚନାଟି ଏପରି ପ୍ରୀତିପ୍ରଦ ଯେ ପୁସ୍ତକ ପଢ଼ି ସମାଲୋଚନାଟି ନ ପଢ଼ିଲେ ମନର ଶାନ୍ତି ହୁଏ ନାହିଁ । ତହିଁରୁ ଅନେକ ଶିଖିବାର ଅଛି । ଶାରଳା ମହାଭାରତ ପାଠକ ମାନଙ୍କର ଏହା ସର୍ବପ୍ରଥମେ ପଢ଼ିବା ଉଚିତ । ଏଖଣ୍ଡି ପଢ଼ିଲେ ପାଠକେ 'ବ୍ୟାସଙ୍କୁ' 'ଦାସ' କେତେ ଅନ୍ତର ବୁଝି-ପାରିବେ । ମୋର ବିଶ୍ୱାସ ଉତ୍କଳ ପାଠକ ସାଧାରଣ ଏ ପୁସ୍ତକ ଖଣ୍ଡିର ଉପଯୁକ୍ତ ଆଦର କରିବେ ।

କଟକ ।
୧୭—୧—୧୧ } ଶ୍ରୀ ବ୍ରଜସୁନ୍ଦର ଦାସ

ବିଜ୍ଞାପନ

ଏ ପୁସ୍ତକର ପ୍ରଥମ ସଂସ୍କରଣ ନିଃଶେଷହୋଇ ଯାଇ ଥିବାରୁ, ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିବାକୁ ସାହସୀହେଲି । ଶିକ୍ଷା ବିଭାଗର ଅଧିକାରିଗଣ ଏବଂ ଉତ୍କଳର ପାଠକ ସମାଜ ଏଥିପ୍ରତି ସୁଦୃଷ୍ଟି ପ୍ରଦାନ କରି ଥିବାରୁ ସେମାନଙ୍କଠାରେ କୃତଜ୍ଞତା ଅର୍ପଣ କରୁଅଛି ।

କଟକ—ତା ୪ । ୪ । ୧୪

ଶ୍ରୀ ମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com

ଖାରଳା ଚରିତ

ଉପକ୍ରମଣିକା

ଭାରତବାସୀ ଇତିହାସ ଲେଖାରେ ଚିରକାଳ ଅନଭ୍ୟସ୍ତ; ତେଣୁ ସଂସ୍କୃତ ସାହିତ୍ୟରେ ଜୀବନଚରିତର ଏକାନ୍ତ ଅଭାବ ଲକ୍ଷିତ ହୁଏ। ତାହା ବୋଲି ଯେ ସର୍ବବିଧ ଜ୍ଞାନର ଆଦିଜନ୍ମଭୂମି ଏହି ଭାରତବର୍ଷରେ ଧ୍ୟାନ ଧାରଣାଶାଳୀ ଆର୍ଯ୍ୟଗଣଙ୍କ ଦ୍ୱାରା ସାମାନ୍ୟ ଶ୍ରମସାଧ୍ୟ ଜୀବନଚରିତ ଆଦୌ ଲିଖିତ ହୋଇନାହିଁ, ଏମନ୍ତ ନୁହେ। ପ୍ରାଚୀନ ଆର୍ଯ୍ୟମାନେ ଆଧୁନିକସ୍ତତରେ ଜନ୍ମମରଣାଦିର ବର୍ଷମ ସଦନ ନିର୍ଦ୍ଦେଶପୂର୍ବକ ଜୀବନ ଚରିତ ଲେଖିବାକୁ ଶ୍ରେୟସ୍କର ମଣୁ ନ ଥିଲେ; ସେମାନେ ସେହି ସବୁ ଅବାନ୍ତର କଥା ପରିତ୍ୟାଗ କରି ଜୀବନର ଯାହା ଶ୍ରେଷ୍ଠାଂଶ ଅର୍ଥାତ୍ ଯାହା ମୃତ୍ୟୁର ପୂର୍ବ ଏବଂ ପରକାଳରେ ଏକାପରି ଥାଏ, କେବଳ ତାହା ବିବୃତ କରୁଥିଲେ। କାରଣ ସେମାନେ ଏହା ଦୃଢ଼ରୂପେ ଜାଣିଥିଲେ ଯେ, କାଳପରି ଯଥାର୍ଥ ଇତିହାସ ଲେଖକ ଆଉ କେହି ନାହିଁ। ତାହାଦ୍ୱାରା ଯାହା ଗୃହୀତ ହୋଇନାହିଁ, ସେକଥା ଲେଖି ଫଳ କଣ? ଲୋକଶିକ୍ଷାର୍ଥ ମହାପୁରୁଷମାନଙ୍କର ଗୁଣଗ୍ରାମ ଓ କୀର୍ତ୍ତିକଳାପର ସବିସ୍ତାର ବର୍ଣ୍ଣନ ଏବଂ ଆଦର୍ଶ ଚରିତ୍ରର ମହତ୍ତ୍ୱ ପ୍ରଦର୍ଶନ ସେମାନଙ୍କ ଦ୍ୱାରା ରଚିତ ମାନବଚରିତର ପ୍ରତିପାଦ୍ୟ ବିଷୟ। ପୁରାଣରେ ଏପ୍ରକାର ବିଷୟମାନ ବିବୃତ ଏବଂ ସଂରକ୍ଷିତ ହୋଇଥିବାରୁ ସଂସ୍କୃତରେ ପୁରାଣାଦିକୁ ଇତିହାସ ଆଖ୍ୟା ପ୍ରଦାନ କରାଯାଇଅଛି। ଏହି ପୁରାଣାଦି ଆମ୍ଭମାନଙ୍କ ପ୍ରାଚୀନ ସମାଜର ଇତିହାସ ରୂପେ ରକ୍ଷିତ ହୋଇଥିଲେ ହେଁ ତାହା ଆଧୁନିକ ଇତିହାସ ଲକ୍ଷଣାକ୍ରାନ୍ତ ନୁହେ। ସେଥିରେ ଅତିରଞ୍ଜନ ଏବଂ ଅମାନୁଷୀକ୍ରିୟା ବର୍ଣ୍ଣନର ମାତ୍ରା ଯେପରି ସୀମାତୀତ, ବର୍ଣ୍ଣିତ ଘଟଣାବଳୀର କାଳ ନିରୂପଣର ଅଭାବ ସେହିପରି ସମ୍ଭାବନାତୀତ। ବ୍ୟକ୍ତିବିଶେଷର ଅବ୍ଦ, ମାସ ଗୁଣିବାକୁ ଅଭ୍ୟାସ କରୁକରୁ ଶେଷରେ ଆର୍ଯ୍ୟମାନେ ସମାଜର ଇତିହାସକୁ ଏତେ ବିଶୃଙ୍ଖଳ କରି ପକାଇଲେ ଯେ, ଅନେକ ସ୍ଥଳରେ ବର୍ଣ୍ଣିତ ଘଟଣାବଳୀ ଆନୁପୂର୍ବିକ ଭାବରେ ନ ଲେଖି ଭବିଷ୍ୟତ୍ ବଂଶଧରମାନଙ୍କୁ ଘୋର ଅନ୍ଧକାରରେ ଅବା ମୋହଜାଲରେ ନିକ୍ଷିପ୍ତ କରିଅଛନ୍ତି।

ବସ୍ତୁତଃ ଆମ୍ଭମାନଙ୍କ ଦେଶର ଏବଂ ସମାଜର ଅତୀତ ଅନ୍ଧକାରମୟ; ତଥାପି ଏହି ଅନ୍ଧକାର ଗର୍ଭରେ ଆମ୍ଭେମାନେ ତାମ୍ରଲିପି ପ୍ରାଚୀନ ଦେବାଳୟାଦିର ଭଗ୍ନାବଶେଷ କିମ୍ବଦନ୍ତୀ ପ୍ରଭୃତି ମଣି ଜ୍ୟୋତିର ସାହାଯ୍ୟରେ ଅତୀତର ଯତ୍କିଞ୍ଚିତ୍ ଆଭାସ ପାଉଅଛୁଁ। ଏହି ସବୁ, ଅତୀତ ବିଷୟ ଜାଣିବା ପାଇଁ ଆମ୍ଭମାନଙ୍କର ସମ୍ବଳ। ଅତଏବ, ଅତୀତ ବିଷୟମାନଙ୍କ ଆଧୁନିକ ଇତିହାସ ଲକ୍ଷଣାକ୍ରାନ୍ତ କରିବାକୁ ହେଲେ ଲେଖକମାନଙ୍କୁ ଆଗେ ଏହିସବୁର ସାହାଯ୍ୟରେ ଏବଂ ପୁରାଣ କାବ୍ୟନାଟକାଦିର ପାଠଦ୍ୱାରା ସତ୍ୟ ସଂଗ୍ରହ କରିବାକୁ ହେବ। ଯେ ଯେତିକି ସେ ବିଷୟରେ ଅଧିକ ଅଗ୍ରସର ହେବେ, ସେ ସେତିକି କୃତକାର୍ଯ୍ୟ ହେବେ, ଏଥିରେ ସନ୍ଦେହ ନାହିଁ; କିନ୍ତୁ ଏପ୍ରକାର ସୁବିଧା ଲେଖକଙ୍କୁ ସବୁସ୍ଥଳରେ ମିଳେ ନାହିଁ। ଯେଉଁ ସ୍ଥଳରେ ଏପରି ଅଭାବ ପଡ଼େ, ସେଠାରେ ଇତିହାସ ଲେଖକମାନେ ଅନୁମାନଦ୍ୱାରା ଗୋଟିଏ ସିଦ୍ଧାନ୍ତ କରିଥାନ୍ତି; ମାତ୍ର ସେପ୍ରକାର ନିର୍ଣ୍ଣୟ ଉପରେ ବିଶ୍ୱାସ ସ୍ଥାପନ କରିବା ନିରାପଦ ନୁହେ। କାରଣ ପ୍ରମାଣାନ୍ତର ମିଳିବାପର୍ଯ୍ୟନ୍ତ ତାହାର ସ୍ଥିରତା। ଏପରି ଅନୁମାନ କରି ଲେଖିବା-

Digitized by srujanika@gmail.com

ଦ୍ୱାରା ଐତିହାସିକମାନେ ଅନେକସ୍ଥଳରେ ଆମ୍ଭମାନଙ୍କୁ ଭ୍ରମରେ ପକାଇଥାନ୍ତି, ବିଶେଷତଃ ବୈଦେଶିକ ଲେଖକମାନେ ଏ ଦେଶର ଇତିହାସ ସଂଗ୍ରହ କରିଥିବାରୁ ସେମାନେ ଅନେକ ସ୍ଥାନରେ କୌଣସିକ ସାହାଯ୍ୟ ଏବଂ ପ୍ରମାଣର ଅଭାବରୁ ଅନୁମାନ କରି ଅନେକ କଥା ଲେଖିଅଛନ୍ତି; ସୁତରାଂ, ଏ ଦେଶର ଇତିହାସରେ ଭ୍ରମ ପ୍ରମାଦ ବହୁଳ ଲକ୍ଷିତ ହୁଏ। ସୁତରାଂ, ଗୋଟିଏ କଥା ଯେଉଁ ନାନାମୁନିଙ୍କର ନାନାମତ ପ୍ରଚଳିତ ହେଉଅଛି।

ଆମ୍ଭେମାନେ ବର୍ତ୍ତମାନ ଏଠାରେ ଯେଉଁ ବିଷୟର ଅବତାରଣା କରୁଅଛୁଁ, ସେଥିରେ ମଧ୍ୟ ମତଭେଦ ଅଛି। ଜଣେ ଦୁଇଜଣ ବୈଦେଶିକ ଐତିହାସିକଙ୍କର ମତ ଅନୁସରଣ କରି ଆମ୍ଭେମାନେ ପ୍ରମାଣ ନ ଲୋଡ଼ି ଆଖିବୁଜି ସ୍ୱଦେଶର ଅନେକ ପ୍ରକୃତ କଥାକୁ ଅନ୍ୟପ୍ରକାର କହି ଆସୁଅଛୁଁ। ନୋହିଲେ କି ଆଜି ଶାରଳା ଦାସଙ୍କୁ କେହି ତିନିଶତ ବର୍ଷ ପୂର୍ବବର୍ତ୍ତୀ, କେହି ମହାଭାରତର ଅନୁବାଦକ, କେହି ବା ରାଜା ଘାରକଶୋର ଦେବଙ୍କ ଅନୁଗ୍ରହପ୍ରାପ୍ତ ବୋଲି କହି ତାଙ୍କୁ ଇତସ୍ତତଃ କରନ୍ତେ। ଓଡ଼ିଶାର ପ୍ରସିଦ୍ଧ ଇତିହାସ ଲେଖକ ହଣ୍ଟର୍ ସାହେବ ଉପେନ୍ଦ୍ରଭଞ୍ଜ ଏବଂ ଶାରଳାଦାସଙ୍କୁ ଏକକାଳୀନ ବୋଲି ନିର୍ଦ୍ଦେଶ କରିଅଛନ୍ତି। * ଶାରଳାଦାସ ଭଞ୍ଜଙ୍କ ସମକାଳୀନ ନୁହନ୍ତି, କିମ୍ବା ମହାଭାରତର ଅନୁବାଦକ ନୁହନ୍ତି। ଲେଖକଙ୍କର ଉଭୟ ମତ ଭ୍ରାନ୍ତିସଙ୍କୁଳ। ଏହା ଛଡ଼ା ଅନ୍ୟାନ୍ୟ କବିଙ୍କ ସମ୍ବନ୍ଧରେ ସେ ଯାହା ପ୍ରକାଶ କରିଅଛନ୍ତି, ତନ୍ମଧ୍ୟରୁ ଅନେକ ମତ ଭ୍ରାନ୍ତ। ଏଥି ଲାଗି ଆମ୍ଭେମାନେ ତାଙ୍କଠାରେ ପୂର୍ଣ୍ଣ ଦୋଷାରୋପ କରୁନାହୁଁ। କାରଣ ସେ ବୈଦେଶିକ ଥିବାରୁ ଆଉ ଦେଶର ଭାଷା ଉତ୍ତମରୂପେ ଆୟତ୍ତ କରି ନ ଥିବାରୁ ଉକ୍ତବିଷୟରେ ଯଥେଷ୍ଟ ପ୍ରମାଣ ସ୍ୱୟଂ ସଂଗ୍ରହ କରିବାକୁ ସମର୍ଥ ହୋଇନାହାନ୍ତି। ସୁତରାଂ, ସେ ଏ ଦେଶୀୟ ଲୋକଙ୍କ ଠାରୁ ଯାହା ଯେପରି ଶୁଣିଲେ, ତାହା ସେହିପରି ଲେଖିଗଲେ; କିନ୍ତୁ ଏ ସମସ୍ତ ଭ୍ରମର ସଂଶୋଧନ ଅସ୍ମାଦୃଶ ଆଳସ୍ୟପରାୟଣ ଏବଂ ଅନୁସନ୍ଧାନବିମୁଖ ଜାତିର ବହୁକାଳ ସାପେକ୍ଷ।

ଶାରଳାଦାସଙ୍କ ଆବିର୍ଭାବ କାଳ

ଏଥିପୂର୍ବେ ଆମ୍ଭେମାନେ ଉଲ୍ଲେଖ କରିଅଛୁଁ ଯେ, କମ୍ବଦନ୍ତୀ ତାମ୍ରଫଳକ ମୃତବ୍ୟକ୍ତିର ସମାଧି ପ୍ରାଚୀନଗ୍ରନ୍ଥ ପ୍ରଭୃତି ଦେବାଳୟାଦି ଇତିହାସ ସଂଗ୍ରହର ଉପକରଣ। ଆମ୍ଭେମାନେ ଏହିଠାରେ ସେହିପରି କେତୋଟି ଉପକରଣ ଘେନି ପ୍ରମାଣ କରିବୁଁ ଯେ, ଶାରଳାଦାସ ତିନି ଶତ ବର୍ଷରୁ ଅଧିକ ପୂର୍ବର କବି। ଉପେନ୍ଦ୍ରଭଞ୍ଜଙ୍କ କଥା ତେଣିକି ଥାଉ, ଭକ୍ତକବି ଜଗନ୍ନାଥ ଦାସ ମଧ୍ୟ ତାହାଙ୍କର ପରବର୍ତ୍ତୀ। ଆହୁରି ମଧ୍ୟ ତାହାଙ୍କ ଲେଖାରେ ଶୁଣସି, ହୋସି, ଗଛ୍ଛ ପ୍ରଭୃତି କ୍ରିୟାର ବହୁଳ ବ୍ୟବହାର ଦେଖିଲେ ମନେ ହୁଏ, ତାହା ପ୍ରାକୃତରୁ ଉତ୍ପନ୍ନ ଓଡ଼ିଆର ଶୈଶବକାଳ। ଓଡ଼ିଆ ଭାଷା, ସୃଷ୍ଟିର ପ୍ରଥମ ଓ ତତ୍ପରବର୍ତ୍ତୀ ଶତାବ୍ଦୀରେ ଅବଶ୍ୟ ପ୍ରାକୃତବହୁଳ ଥିଲା ବୋଲି ଅନୁମାନ ହୁଏ। ଏହି ମହାଭାରତର ଭାଷା ତହିଁର ସାକ୍ଷ୍ୟ ଦାନ କରୁଅଛି। ତେବେ ତାହା ଏ ଦେଶବାସୀମାନଙ୍କର ସଂସ୍କୃତପ୍ରିୟତା ଏବଂ ପ୍ରାକୃତବିଦ୍ୱେଷିତା ପ୍ରଭାବରୁ କ୍ରମଶଃ ରୂପାନ୍ତରିତ ହୋଇ ସଂସ୍କୃତର ଅଭିମୁଖୀନ ହେଉ ହେଉ ଆଧୁନିକ ଆକାର ଧାରଣ କଲା; ତଥାପି ଉଲ୍ଲିଖିତ କ୍ରିୟାଗୁଡ଼ିକ ବା ଅପକୃଷ୍ଟ

---

* Sarala Das Kavi—Lived 300 years ago and Translated the Mahabharat into Oriya.

Upendrabhanja – A Raja of the Gumusar, and the most eminent of all the Oriya poets; lived 300 years ago. History of Orissa Vol. II Page 208—9

Digitized by srujanika@gmail.com

ଉପେନ୍ଦ୍ରରେ ହେବାକୁ ପ୍ରାପ୍ତ ଅର୍ଦ୍ଧଶତାବ୍ଦୀରୁ ଊଣା ଲାଗି ନ ଥିବ । ଶାରଳାଦାସଙ୍କ ମହାଭାରତ ପାଠ କଲେ ସ୍ପଷ୍ଟ ଜଣାଯାଏ, ସେଥିର ଭାଷା ଅତି ପ୍ରାଚୀନ । ତହିଁର ଅନେକ ଶବ୍ଦ ପୂର୍ବତନ ପାଲି ବା ପ୍ରାକୃତରୁ ସଦ୍ୟଜାତ ପରି ବୋଧ ହୁଏ । ଉତ୍କଳର ପ୍ରାଚୀନ ସାହିତ୍ୟରେ ସେ ପ୍ରକାର ପ୍ରୟୋଗ ଅତି ବିରଳ । ଗୋଟିଏ ଦୃଷ୍ଟାନ୍ତ ଏହି, ସଂସ୍କୃତ ଜଗତ୍ ଓ ନାଥ ଶବ୍ଦ ଅପଭ୍ରଷ୍ଟ ହୋଇ ପାଲି ଓ ପ୍ରାକୃତରେ ଯଥାକ୍ରମେ ଜଗୁ † ଓ ନାହା ହୋଇଅଛି । ଆମ୍ଭମାନଙ୍କ ପ୍ରାଚୀନ ସାହିତ୍ୟରେ ଜଗୁ ‡ ଏବଂ ବର୍ତ୍ତମାନ ସାହିତ୍ୟରେ ସୁଦ୍ଧା ନାହାର ସ୍ୱତନ୍ତ୍ର ବ୍ୟବହାର ଅଛି; ମାତ୍ର ଏକାଠି ଜଗନ୍ନାଥ ପରିବର୍ତ୍ତେ 'ଜଗୁନାହା'ର ବହୁଳ ବ୍ୟବହାର ଶାରଳା ମହାଭାରତ ଭିନ୍ନ ଅନ୍ୟତ୍ର ଦୃଷ୍ଟ ହୁଏ ନାହିଁ । ସେହିପରି ଏଥିରେ ନଖ ସ୍ଥଳରେ 'ନହ' ଅଙ୍ଗ ସ୍ଥଳରେ 'ଅହଙ୍ଗ' ଇତ୍ୟାଦି ପ୍ରକାର ପ୍ରୟୋଗର ପ୍ରାଚୁର୍ଯ୍ୟ ମଧ୍ୟ ଭାଷାର ପ୍ରାଚୀନତାଜ୍ଞାପକ । ଉଦାହରଣସ୍ୱରୂପ ବନ ପର୍ବରେ "ଦଶ ନହ ମୁହେଁ ଭରି କରେ ପରଣାମି" ପୃ୧୯୦ "ଅହଙ୍ଗେ ଯାତ୍ନେଣ ସେହି ରାଜାର କୁମାରୀ" ପୃ୩୨୯ ଉଦ୍ୟୋଗ ପର୍ବରେ 'ଝଟ ଆନରୂପ ହକାରିଲେ ଜଗୁନାହା' ପୃ୭୨ । ସେହିପରି 'ପ୍ରତର୍ଦ୍ଦନ କରଇ ସେ ଭରବ (ଭୈରବ) ତାଣ୍ଡବ' ସଃ ପଃ ପୃ୧୮ 'କଣୟ (କନକ) ମୟୂରଥରେ ଉଡ଼ୁଛି ପାତାଙ୍ଗ', ବଃ ପଃ ପୃ୨୮ । 'ଗମନ୍ତ ସେ ରହ (ରଥ) କରେ ପୁଷ୍ପକ ସଦୃଶେ' ଖିଃ ପଃ ଇତ୍ୟାଦି । ଏତଦ୍‌ବ୍ୟତୀତ ନିମ୍ନଲିଖିତ ପ୍ରକାର ପ୍ରୟୋଗମାନ ଏହି ମହାଭାରତରେ ପରିବ୍ୟାପ୍ତ । ସେ ପ୍ରକାର ଶବ୍ଦର ବ୍ୟବହାର ଜଗନ୍ନାଥ ଦାସଙ୍କ ଅଥବା ତତ୍ପରବର୍ତ୍ତୀ ସାହିତ୍ୟରେ ଆମ୍ଭେମାନେ ପ୍ରାୟ ଦେଖି ପାଉଁ ନାହିଁ । ଯଥା;—(୨) ଘାନ୍ତ (ଘାତଶବ୍ଦଜ) ବା ଅର ଆଧୁନିକ 'ଘାଣ୍ଟି' ଶବ୍ଦଟି ବୋଧହୁଏ ଏହା ପରେ ସୃଷ୍ଟ); ପଶ୍ଚାନ୍ତ (ପଶ୍ଚାତ୍) ତତ୍‌କ୍ଷଣାନ୍ତ (ତତ୍‌କ୍ଷଣାତ୍) ଇତ୍ୟାଦି । (୩) ଗ୍ରୁମୁରେଣ, ଯାତ୍ନେଣ, ଭେଦରେଣ, ସଙ୍ଗରେଣ, ଝୁଣ୍ଟନେଣ ଇତ୍ୟାଦି । (୪) ସବୁନ୍ତ (ସବୁକି) ଆମ୍ଭନ୍ତ (ଆମ୍ଭଠି) ଏହେନକ (ଏମନ୍ତ) ତୋହର ଥାନ୍ତେ (ତୁ ଥାଉ) ଆମ୍ଭର ଥିଲେ (ଆମ୍ଭେ ଥିଲେ) ଇତ୍ୟାଦି । (୫) ଅଟମି, ଶୁଣସି, କରସି, କଏସି ଇତ୍ୟାଦି । (୬) ପୁଅନ୍ତ (ପୁଅଙ୍କୁ) ଆମ୍ଭମାନନ୍ତ, ଦେବନ୍ତ, ବଶିଷ୍ଠନ୍ତ, ଦେବତାନ୍ତ ଇତ୍ୟାଦି ସ୍ଥଳରେ ଦ୍ୱିତୀୟା ବିଭକ୍ତିର ଆକାର 'ନ୍ତ' ଥିବାର ଆମ୍ଭେମାନେ କେବଳ ଏହି ଶାରଳା ମହାଭାରତରୁ ବହୁ ପରିମାଣରେ

† ଲଳିତ ବିସ୍ତର ଦେଖ ।

‡ ଜଗୁଜୀବନ ଦାଶରଥି; ଜାନକୀଦେବୀ ପ୍ରାଣପତି—'କମଳଲୋଚନ ।

(୨) ଏଘାନ୍ତ ପୁତ୍ରଗୋଟି ନାଶ କରିବ—ଆ, ପ, ପୃ ୧୫ । ଘାନ୍ତ ଏ ପେଷିରୁ ନନ୍ଦଘୋଷକୁ ଗିଳିବ—କ, ପ, ପୃ ୮

(୩) ଏମନ୍ତେଣ କଥା ରୁ ହୋ ଶୁଣ ନୃପମଣି—ଆ, ପ, । ଯାତ୍ନେଣ ଯେ ଦେଖି ନ ପାରିବ ଆଉ ମୁଖୁ—ପୃ ୩୮

ତୋହରେଣ ଗର୍ଜ୍ଜି ଆପେ ହୋଇଲୁଁ ଯେ ଆମ୍ଭେ – ଦାନେଣ ନର୍ଜିତ ସେ ମାନେଣ ଚକ୍ରବର୍ତ୍ତୀ ।

ଜ୍ଞାନେଣ ପଣ୍ଡିତ ସେ ଅଟଇ ମହାମତି—ପୃ ୭ । ବ୍ୟାସ ବଚେ କଲେ ଆସି କାରୁଣ୍ୟବନ୍ତେଣ—ପୃ ୩୧ ।

ଘାଏଣ ଅସାଷ୍ଟମେ ପଡ଼ିଲେ ଦେବରାଏ—ମଧ୍ୟ ପର୍ବ ।

(୪) ତୋହର କମନ୍ତେ ଆଗୋ ବରିଲି ସବୁନ୍ତ—ଆ, ପ, ପୃ ୭ । ତୁମ୍ଭର ଆନ୍ତେ କୃଷ୍ଣଲଭ୍ୟେଁ ଏତେ ଦଶା—ସ, ପ,

ପାଣ୍ଡୁରାଜା ଶୁଣିଲେ ତାହାଙ୍କର କହନ୍ତେ—ଆ, ପ, ପୃ ୫୩

(୫) ତୁହି ଆମ୍ଭର ପ୍ରିୟ ଅଟସି ହୋ ରାଜା—ସ, ପ, ପୃ ୨୪୭ । ଶୁଣିସି ମହାରାଜ ହୋଇ ପରମ ଶାନ୍ତ—ଆ, ପ, ପୃ ୭

ସହସ୍ର ଆୟୁଷ୍ମାନ୍ କୋଟି କଲ୍ୟାଣ ହୋସି—ଆ, ପ, । ମୋହର ଭକ୍ଷଣ ପାଇଁ ପଡ଼ାଏ ବୋଲସି—ଆ, ପ, ପୃ ୮୯ ।

Digitized by srujanika@gmail.com

ଦେଖୁଅଛୁଁ । ବିଶେଷତଃ ଛୋଟେ ମୋଟେ ସ୍ଥଳରେ ଲୁଲୁ, ମୁଲୁ ଏବଂ ତୋହରେଣ, ମୋହରେଣ ଏପ୍ରକାର ପ୍ରୟୋଗ ତତ୍ପରବର୍ତ୍ତୀ କୌଣସି ପ୍ରାଚୀନ ସାହିତ୍ୟ ପୁସ୍ତକରେ ପ୍ରାପ୍ୟ ନାହିଁ ବୋଲି ଆମ୍ଭମାନଙ୍କର ବିଶ୍ୱାସ । (୭) ଏ ସମସ୍ତଙ୍କୁ ଛାଡ଼ି ଆଉ କେତେଗୁଡ଼ିଏ ପ୍ରୟୋଗ ଦେଖାଯାଏ । ଯାହା ଆମ୍ଭମାନଙ୍କୁ ଅତି ପ୍ରାଚୀନ ପ୍ରୟୋଗ ପରି ବୋଧହୁଏ । ଅତଏବ ଆମ୍ଭେମାନେ କେବଳ ଏହି ଭାଷାରୁ ଆଗେ ସିଦ୍ଧାନ୍ତ କରି ପାରୁଁ ଯେ, ଶାରଳା ଦାସ ଭକ୍ତ କବି ଜଗନ୍ନାଥଙ୍କର ପୂର୍ବବର୍ତ୍ତୀ । ଦ୍ୱିତୀୟ କଥା, ତଦୀୟ ଗ୍ରନ୍ଥର ଅନେକ ସ୍ଥାନରେ ଓଡ଼ିବିଷ୍ଟ ବା ଓଡ଼ିଶା ଓ ତଦନ୍ତର୍ଗତ କେତେକ ପ୍ରଧାନ ସ୍ଥାନରେ ନାମୋଲ୍ଲେଖ କରିଅଛନ୍ତି ଏବଂ ଚତୁର୍ଦ୍ଧ ଚୂଡ଼ଙ୍ଗ ବା ଅନଙ୍ଗ (୮) କେବଳ ଏହି ଦୁଇ ପ୍ରାଚୀନ ନରପତିଙ୍କ ନାମ ସୂଚନା କରିଅଛନ୍ତି । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ଯେ, କବି ଅନଙ୍ଗଭୀମ ଦେବଙ୍କ ରାଜତ୍ୱକାଳର ବହୁବର୍ଷ ଉତ୍ତାରେ ଜନ୍ମଲାଭ କରିଥିଲେ । ଇତିହାସ ଅଜ୍ଞାତ ଥିବାରୁ ବୋଧହୁଏ କବି ଉକ୍ତ ଦୁଇ ରାଜାଙ୍କୁ ବହୁତ ପ୍ରାଚୀନ ବୋଲି ଅନୁମାନ କରି ମହାଭାରତୀୟ ଯୁଗରେ ସେମାନଙ୍କ ନାମ ସନ୍ନିବେଶିତ କରିଅଛନ୍ତି । ଉପରୋକ୍ତ ପ୍ରମାଣମାନଙ୍କ ସାହାଯ୍ୟରେ ବର୍ତ୍ତମାନ ଆମ୍ଭେମାନେ ଏହା କହିବାକୁ ସମର୍ଥ ହୋଇଅଛୁଁ ଯେ, ଗଜପତି ଅନଙ୍ଗଭୀମ ଦେବଙ୍କ ରାଜତ୍ୱ ଅନ୍ତେ ଏବଂ ରାଜା ପ୍ରତାପରୁଦ୍ରଙ୍କର ରାଜତ୍ୱ ପୂର୍ବେ ଅଥବା ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗରୁ ଷୋଡ଼ଶ ଶତାବ୍ଦୀର ଅର୍ଦ୍ଧ ପର୍ଯ୍ୟନ୍ତ ଏହି ଦୁଇଶତ ବର୍ଷ ମଧ୍ୟରେ ଅବଶ୍ୟ ଆମ୍ଭମାନଙ୍କର ଏହି କବି ଆବିର୍ଭୂତ ହୋଇଥିବେ । ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱପୂର୍ବେ କହିବାର ଆଉ ଗୋଟିଏ କାରଣ ଏହି ଯେ, ତାହାଙ୍କର ରାଜତ୍ୱ ମଧ୍ୟରେ ମହାବୈଷ୍ଣବ ଚୈତନ୍ୟ ଦେବଙ୍କ ଦ୍ୱାରା ଓଡ଼ିଶାରେ ବୈଷ୍ଣବଧର୍ମ ପ୍ରବର୍ତ୍ତିତ ହେଲା ଏବଂ ତତ୍ସଙ୍ଗେ ବଙ୍ଗୀୟମାନଙ୍କର ଏ ଦେଶରେ ଅବସ୍ଥାନ ଦ୍ୱାରା ବଙ୍ଗ ଭାଷାର ପ୍ରଭାବ ଏ ଭାଷାକୁ ସ୍ପର୍ଶ କରିଥିଲା, ସେଥିଯୋଗୁଁ ଜଗନ୍ନାଥ ପ୍ରଭୃତି ତତ୍କାଳୀନ କବିଙ୍କ ଲେଖାରେ କେତୋଟି ବଙ୍ଗାତ୍ମକ ଶବ୍ଦ ଏଥିରେ ପ୍ରବେଶ

---

(୬) ହରିସ୍ତ୍ରୁ କୁଳର ତହୁଁ ଗୋହାଳୁ ଛଡାଇ—ଆ, ପ, ୧ । ପୁଅଲୁ ଛାଡ଼ି ତହୁଁ ଚଳିଲେ ଦେବ କୁନ୍ତୀ !—ଆ, ପ ।
ମେଘଲୁ ପ୍ରେକ୍ଷଣ କରି ବଶିଷ୍ଠେ ବସିଲେ—ମ, ପ । ଏହାଲୁ ଘେନି ଯେବେ ମୁଁ ଯିବି ପଳାଇ—ମ, ପ ।
ତୋହର ଛନ୍ଦିପଣ ନ ଯୋଗାଇ ଆମ୍ଭଲୁ—ଭୀ, ପ । ସଦାଶିବ ବଳରାମ ତୋଷିଣ ଦୁହିଲୁ—ସ, ପ, ପୃ ୫୫୦ ।

(୭) ନକୁଳ ବୋଇଲେ ଘୋଡ଼ା ବାହୁଆଳ ହେବି—ବ, ପ । ଫର କରନ୍ତି ପାତାଙ୍ଗେ ଝଣକେ ବିମାନ—ସ,ପ, ପୃ, ୨୬୩ ।
ସ୍ତ୍ରୀକତେ ଧନୁ ଶୃକଳ ଅମାବଇ ରଥ—ସ, ପ, ପୃ ୧୧୩ । ପୁଣିହିଁ କ୍ଷମୁକୁ ଦୁଃଶାକୁ ଆଣିଲି ଗଲଥି—ସ,ପ, ପୃ ୩୮୧ ।
ପଦର ମାରମାନ ଯେ କହଡ଼ନ୍ତି (ଟାଳନ୍ତି) ଆଣି—ସ, ପ । ପାଇଲି ନ ପାଇଲିକି ସମ୍ପପ (ସଂଖ୍ୟା) କେ କରୁ—ସ, ପ ।
ଗାଲରୁରି ଶବଦରେ କରନ୍ତି କରନ୍ତି କୁହୁଳି—ସ,ପ, ପୃ୧୪୨ । ଭ୍ରୂପଦରାଜା ଆଗେ ଦେଶାହରେ (ପ୍ରଣିଧି) କହିଲେ-ଆ,ପ,
ସେ ପାତକମାନ ଆଗେ ଲଗଇ ମୁକୁଳି—ଆ, ପ, ପୃ ୩୩ । କୋପ ସମ୍ଭାରିଲେ (ନ ପାରିଲେ) କହୁଁ କହୁଁ-ଉ, ପ ।
ପାଞ୍ଚାଳ ଦେଶ ରଙ୍କାଶୃତଳି ଦଣ୍ଡଳଇ—ଆ, ପ, ପୃ ୨୨୧ । ଯେତେକ ବିସ୍ତାର ମୋର ଚରଣର ତଳି ।
ତହିଁ ତିନି ପାଦ ଦାନ ଦେବୁ ମହୀଆଳ (ମହୀପାଳ)—ଉ, ପ । ରୁମ୍ଭ ରାଜ୍ୟେ ଧାଉଁଦେଲି କେବଣ ନୃପତି—ସ, ପ, ପୃ ୧୩୨
ବହିଲା ପୁରୁଷ ତହିଁ କହିଲେ ଧାତାଙ୍କୁ—ଭୀ, ପ, ପୃ୧୧ । ଶରୀରେ ଅଛି ତୋହର ବଜ୍ର ଯେ ଛଉଣ—(କବଚ)—ବ,ପ ।

(୮) ସେ ଦେଶେ ଅଟେ ଚୂଡ଼ଙ୍ଗ ଚକ୍ରବର୍ତ୍ତୀ ରାଜ୍ୟେ । ତାର ଭୁବନେ ନକୁଳ କଲାକ ବିଜୟେ—ସ, ପ, ପୃ ୨୦୫ ।
କଳିଙ୍ଗ ବଳଙ୍ଗ ଯେ ଓଡ଼ଙ୍ଗ ବଙ୍ଗଦେଶ । ଗଞ୍ଜାମ, ଜିହ୍ନୁଡ ଆଦି ଦେଶ ଯେ ବିଶେଷ ।
ଅନଙ୍ଗ ଓଡ଼ିରାଷ୍ଟ୍ର ଯେ ଘେନଣ ଖେଜରାଷ୍ଟ୍ର—ଆ, ପ ।

Digitized by srujanika@gmail.com

କରିଥିବାର ଲକ୍ଷିତ ହୁଏ; କିନ୍ତୁ ଏହି ବିରାଟ ଗ୍ରନ୍ଥରେ ସେ ପ୍ରକାର ଶବ୍ଦର ସତ୍ତା ନାହିଁ । * ଉଦ୍ଧୃତ ପଦ୍ୟାଂଶମାନ ଅଂଶତଃ ତାହାର ପ୍ରମାଣ । ସୁତରାଂ, ଏହା ପ୍ରାଚୀନ ସାହିତ୍ୟର ଆଦିମ ଅବସ୍ଥାର ସୂଚନା କରୁଅଛି । ଏହିପରି ନାନା ପ୍ରମାଣ ଦ୍ୱାରା ଆମ୍ଭେମାନେ ସେହି ଆବିର୍ଭାବକାଳ ପ୍ରତି ଅଗ୍ରସର ହୋଇ ପାରୁଅଛୁଁ । ଆଉ ଜଗନ୍ନାଥଙ୍କର ପରବର୍ତ୍ତୀ ଅଧିକାଂଶ ସାହିତ୍ୟ ଯେପରି ବୈଷ୍ଣବୀୟ କଥା ବା ରାଧାକୃଷ୍ଣପ୍ରେମ ମୃତରସରେ ପରିପୁଷ୍ଟ ଏବଂ ସେଥିରେ ପ୍ରେମମୟ ରାଧାକୃଷ୍ଣଙ୍କର ଯେପରି ରସାଶ୍ରିତ ବର୍ଣ୍ଣନା ଅଛି, ଏ ଗ୍ରନ୍ଥରେ ଉକ୍ତ ଯୁଗଳମୂର୍ତ୍ତିର ସେପରି ବର୍ଣ୍ଣନା ନାହିଁ । ଦ୍ୱିତୀୟ କଥା, କବିଙ୍କର ଚତୁର୍ଦ୍ଦଶାକ୍ଷର ଛନ୍ଦକୁ ଓଡ଼ିଆ ଛନ୍ଦର ପ୍ରଥମ ଅବତାର କହିଲେ ଚଳେ । ଏହା ପରବର୍ତ୍ତୀ-ସାହିତ୍ୟର ଛନ୍ଦ ପରି କୌଣସି ନିୟମବଦ୍ଧ ନୁହେ । ଅନେକ ସ୍ଥଳରେ ଯେପରି ଅକ୍ଷର ସଂଖ୍ୟାର ବ୍ୟତିକ୍ରମ ହୋଇଅଛି, ତେଣୁ ପାଠ କଲାବେଳେ ତାହା ଯଥାର୍ଥ ଛନ୍ଦ ବା ପଦ୍ୟ ପରି ଶୁଣା ନ ଯାଇ ଗଦ୍ୟ ପ୍ରାୟ ଶୁଣା ଯାଏ ।

ଯାହା ପ୍ରମାଣ କରିବାପାଇଁ ଆମ୍ଭେମାନେ ଏତେ ଆନ୍ଦୋଳନ କରି ଆସିଲୁଁ, ସେ ସମ୍ବନ୍ଧରେ କବି ମଧ୍ୟ ଆମ୍ଭମାନଙ୍କୁ କିଞ୍ଚିତ୍ ଆଭାସ ଦେଇଅଛନ୍ତି । ମହାଭାରତ ପ୍ରାରମ୍ଭରେ ସେ ତାହାଙ୍କର ଯେଉଁ କ୍ଷୀଣ ପରିଚୟ ଦେଇ ଅଛନ୍ତି, ସେଥିରୁ ବୁଝା ଯାଉଅଛି ଯେ, ଗଙ୍ଗା-ବଂଶୀୟ ରାଜା କପିଳେନ୍ଦ୍ରଦେବଙ୍କ ରାଜତ୍ୱକାଳରେ (୧) ସେ ବିଦ୍ୟମାନ ଥିଲେ । ମାତ୍ର "ପ୍ରଣମିତେ ଖଟଇ କପିଳେଶ୍ୱର ରାଜା" ଏତିକରୁ ଆମ୍ଭେମାନେ କବିଙ୍କର ସନ ତାରିଖ ଦେବାକୁ ଏକାନ୍ତ ଅକ୍ଷମ; ତଥାପି ଆମ୍ଭମାନଙ୍କର ଅନୁମାନ ସ୍ୱତଃ ସେକାଳପ୍ରତି ପ୍ରଧାବିତ ହୋଇ କେଉଁଠାରେ ସ୍ଥିରତା ଅବଲମ୍ବନ କରିବ, ଦେଖାଯାଉ । ଯେଉଁ ଇତିହାସର ସତ୍ୟଉପରେ ଆମ୍ଭେମାନେ ବିଶ୍ୱାସ ସ୍ଥାପନକରି ଆସୁଅଛୁଁ, ସେଥିରୁ ଏହା ମିଳୁଅଛି ଯେ, କପିଳେନ୍ଦ୍ର ବା କପିଳେଶ୍ୱର ଦେବ ଖ୍ରୀଷ୍ଟୀୟ ୧୪୫୨ ଅବ୍ଦରୁ ୧୪୭୯ ଅବ୍ଦ ପର୍ଯ୍ୟନ୍ତ ୨୭ ବର୍ଷ କାଳ ରାଜତ୍ୱ କରିଥିଲେ । ଏହି ରାଜତ୍ୱଯୁଗର କେଉଁଅଂଶରେ କବି ମହାଭାରତ ଆରମ୍ଭ କରିଥିଲେ, ତାହା ଜାଣିବା କଠିନ; ତଥାପି ଉଲ୍ଲିଖିତ ଉକ୍ତିର ଭଙ୍ଗୀରୁ ପ୍ରତୀତ ହେଉଅଛି ଯେ, ଗ୍ରନ୍ଥ ଲେଖିଲା ବେଳକୁ ରାଜତ୍ୱର ପ୍ରାୟ ଅର୍ଦ୍ଧାଂଶ ଅତୀତ ହୋଇଥିଲା ।

ଏହି ଅନୁମାନ ଉପରେ ନିର୍ଭର କରି ଆମ୍ଭେମାନେ ଯଦି ମହାଭାରତ ରଚନା କାଳକୁ ୧୪୬୫ ଖ୍ରୀଷ୍ଟାବ୍ଦର

---

* ବଙ୍ଗଳା ଶବ୍ଦ ଜାଣିବା ଦୂରେ ଥାଉ ବଙ୍ଗଳା ଅକ୍ଷର ଓ ଭାଷା ତାହାଙ୍କର କର୍ଣ୍ଣଗୋଚର ହୋଇଥିଲା କି ନାହିଁ ସେଥିରେ ସନ୍ଦେହ ଜନ୍ମେ । ମଧ୍ୟପର୍ବ ଲିଖିତ ଏହି କତିପୟ ପଂକ୍ତି ପଢ଼ିଲେ ଆମ୍ଭମାନଙ୍କୁ ଏହିପରି ସଂଶୟରେ ପଡ଼ିବାକୁ ହୁଏ । ଶ୍ରୀକୃଷ୍ଣଙ୍କ ଲିପି ଶିକ୍ଷା ସ୍ଥଳରେ କବି "ଓଡ଼ିଆ ତେଲଙ୍ଗୀ ଆଉ ନାଗର ଦକ୍ଷିଣୀ, କନଉଜ ଦ୍ରାବିଡ଼ ଯେ ଆଉ ଭାଷା ଯେତେ । ଏହିପରି ଶିଖିଲେ ଭାଷା ଚଉଷଠି, ନବଦିନେ ଲେଖିଲେ ତାଳପତ୍ର ଚଟି ।" ଲେଖିଲେ କିନ୍ତୁ ତନ୍ମଧ୍ୟରେ ପ୍ରତିବାସୀ ବଙ୍ଗର ନାମୋଲ୍ଲେଖ ସୁଦ୍ଧା ନାହିଁ । ଏଠାରେ ବୋଧହୁଏ କବି 'ଲିପି' ଅର୍ଥରେ ଭାଷା ଶବ୍ଦ ବ୍ୟବହାର କରି ଅଛନ୍ତି । ଅତି ପ୍ରାଚୀନ-କାଳରେ ୬୪ ପ୍ରକାର ଲିପି ପ୍ରଚଳିତ ଥିବାର ପ୍ରମାଣ ମିଳେ । 'ଲଳିତ ବିସ୍ତର' ନାମକ ପ୍ରସିଦ୍ଧ ବୌଦ୍ଧଗ୍ରନ୍ଥରେ ଅନେକ ଆଦର୍ଶ ଲିପିର ନାମ ଏବଂ ବୁଦ୍ଧଦେବ ଏକାକୀ ୬୪ ପ୍ରକାର ଲିପି ଅଭ୍ୟାସ କରିଥିବାର କଥା ଲିଖିତ ହୋଇଅଛି; କିନ୍ତୁ ସେଥିରେ ବଙ୍ଗ-ଲିପିର ନାମ ଆଦ୍ୟଭାଗରେ କଥିତ ହୋଇଅଛି । ବଙ୍ଗଭାଷା ଅପେକ୍ଷାକୃତ ପରବର୍ତ୍ତିନୀ ହେଲେହେଁ ବଙ୍ଗାକ୍ଷର ଯେ ବହୁକାଳ ପୂର୍ବରେ ଥିଲା, ତାହା ଆମ୍ଭେମାନେ ଉକ୍ତ ବୌଦ୍ଧଗ୍ରନ୍ଥରୁ ଏବଂ ଐତିହାସିକମାନଙ୍କର ଉକ୍ତିରୁ ଜାଣିଅଛୁଁ; ମାତ୍ର ଏହି କବି ସେ ଲିପିର ନାମୋଲ୍ଲେଖ କରି ନାହାନ୍ତି । ଏପରି ଉଦାସୀନତା ଏଦେଶରେ ଚୈତନ୍ୟଙ୍କ ଅବସ୍ଥିତିକାଳରେ ଅଥବା ତତ୍ପରେ ସମ୍ଭବ କି ?

(୧) ଯମେଶ୍ୱର ଲିଙ୍ଗ ତହିଁ ମହୋଦଧି ତଟେ, ନୀଳ ସୁନ୍ଦର ପର୍ବତ ଶ୍ରୀକଳପବଟେ ।
ବିଜେସ୍ଥେ ରାମକୃଷ୍ଣ ସୁଭଦ୍ରା ମହାବ୍ରହ୍ମ, ଗୁଣଲକ୍ଷ ବତିଶସପ୍ତ୍ରାବ ମହାତମ ।
କଳିକାଳ ଧ୍ୱଂସନକୁ ଭୋଗଗୋଟି ପୂଜା, ପ୍ରଣମିତେ ଖଟଇ କପିଳେଶ୍ୱର ରାଜା । ଆ, ପ, ପୃ ୨

Digitized by srujanika@gmail.com

ଆସନ୍ନକାଳ ଧରନ୍ତୁ, ତାହା ହେଲେ ଜନ୍ମକାଳ ଅବଧାରଣ କରିବା ପାଇଁ କେବଳ ତତ୍କାଳୀନ ବୟସ ନିରୂପଣ କରିପାରିଲେ ଯଥେଷ୍ଟ ହେବ । ଏହି ମହାଗ୍ରନ୍ଥ ମଧ୍ୟରେ କବି କୌଣସିଠାରେ ଯଦ୍ୟପି ସ୍ୱୀୟ ବୟସ ଉଲ୍ଲେଖ କରି ନାହାନ୍ତି; ତଥାପି ସେଥିରୁ ତାହାଙ୍କ ଅବସ୍ଥାର ପରିଚୟ ମିଳେ । 'ଶାରଳା ଦାସକୁ ପ୍ରଭୁ ଗତିମୁକ୍ତି ଦେବା' ଇତ୍ୟାଦି ପ୍ରକାର ଉକ୍ତି ଗ୍ରନ୍ଥର ସ୍ଥାନେ ସ୍ଥାନେ କବିଙ୍କ ମୁଖରୁ ଯେପରି ଘନ ଘନ ନିଃସୃତ ହୋଇଅଛି, ସେଥିରୁ ଏବଂ ତହିଁରୁ ଯେଉଁ ବ୍ୟାକୁଳଭାବ ମୋକ୍ଷଲିପ୍ସା ଆତ୍ମଗ୍ଲାନି ପ୍ରଭୃତିର ପରିଚୟ ମିଳୁଅଛି, ତଦ୍ଦ୍ୱାରା ଅନୁମାନ ହୁଏ, ସେତେବେଳେ ତାହଙ୍କୁ ଜରା ବା ବାର୍ଦ୍ଧକ୍ୟ ଆକ୍ରମଣ କରିଥିଲା । ଅବଶ୍ୟ ପାଞ୍ଚଶତ ବର୍ଷ ପୂର୍ବର ଜନସାଧାରଣଙ୍କର ଆୟୁ ବା ଜୀବନକାଳକୁ ବିଚାର କରି ଦେଖିଲେ, ଏହା ବୋଲାଯାଇ ପାରେ, ସେତେବେଳେ ତାହାଙ୍କର ବୟସ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ । ତତ୍କାଳୀନ ବୟସ ଷାଠିଏ ବର୍ଷ ଧରିଲେ କବିଙ୍କର ଜନ୍ମବତ୍ସର ୧୪୧୫ ଖ୍ରୀଷ୍ଟାବ୍ଦର ନିକଟବର୍ତ୍ତୀ ହେଉଅଛି । ଅତଏବ ଅନ୍ୟ ପ୍ରମାଣ ପାଇବାଯାଏ ବର୍ତ୍ତମାନେ ଆମ୍ଭେମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇ ପାରୁଁ ଯେ, କବି ପଞ୍ଚଦଶ ଶତାବ୍ଦୀର ପ୍ରାରମ୍ଭରେ ଆବିର୍ଭୂତ ହୋଇଥିଲେ । ଏହି ସିଦ୍ଧାନ୍ତ ଅନୁସାରେ କବି ଭକ୍ତ ଜଗନ୍ନାଥଙ୍କର ଏକ ଶତାବ୍ଦୀ ପୂର୍ବବର୍ତ୍ତୀ ଅଥବା ବର୍ତ୍ତମାନ ବର୍ଷ ପ୍ରତି ପ୍ରାୟ ପାଞ୍ଚଶତ ବର୍ଷ ପୂର୍ବବର୍ତ୍ତୀ ଅଟନ୍ତି । ପାଞ୍ଚଶବର୍ଷ କହିଲେ କିଛି ଅଧିକ ହେଉ ନାହିଁ । ଅଦ୍ୟାପି ପ୍ରଚଳିତ ସ୍ଥାନୀୟ ଜନଶ୍ରୁତି ଏହି ସିଦ୍ଧାନ୍ତର ପୋଷକତା କରୁଅଛି । କବିଙ୍କର ବର୍ତ୍ତମାନ ବଂଶଧରମାନେ କହନ୍ତି ଯେ, ବଂଶପରମ୍ପରାଗତ ଶ୍ରୁତି ଅନୁସାରେ ଶାରଳା ଦାସ ସେମାନଙ୍କର ପଞ୍ଚଦଶ ବା ଷୋଡ଼ଶ ପୁରୁଷ ହେବେ । ଷୋଳ ପୁରୁଷରେ ୫୦୦ ବର୍ଷ ଅତୀତ ହେବା କଦାପି ଅସମ୍ଭବ ନୁହେ ।

ଉତ୍କଳର ଆଦି କବି

ପୂର୍ବ ପ୍ରସଙ୍ଗରେ ଆମ୍ଭେମାନେ ଶାରଳା ଦାସଙ୍କୁ ୫୦୦ ବର୍ଷରୁ ଅଧିକ ପୂର୍ବର କବି ବୋଲି ସ୍ଥିର କଲୁଁ । କିନ୍ତୁ ତାହାଙ୍କ ପୂର୍ବେ କେହି କବି ବିଦ୍ୟମାନ ଥିଲେ କି ନାହିଁ, ତାହା ଏପର୍ଯ୍ୟନ୍ତ ଆଲୋଚନା କରି ନାହୁଁ । ହଣ୍ଟର୍ ସାହେବ କେଶବ କୋଇଲି ୬୦୦ ବର୍ଷ ପୂର୍ବରେ ରଚିତ ହୋଇଥିବାର ପ୍ରକାଶ କରିଅଛନ୍ତି । କେଉଁ ପ୍ରମାଣ ବା ଯୁକ୍ତିର ବଳରେ ସେ କୋଇଲିକୁ ଏତେ ପ୍ରାଚୀନ ବୋଲି ନିରୂପଣ କଲେ, ତାହା ଆମ୍ଭେମାନେ ଦେଖି ପାରୁଁ ନାହୁଁ । ଆମ୍ଭେମାନେ ଦେଖୁଅଛୁଁ କୋଇଲିର ଭାଷା ଆଉ ଆଧୁନିକ ଭାଷା ଏକାପରି; ସେଥିରେ ପ୍ରାଚୀନତାର କିଛିମାତ୍ର ଲକ୍ଷଣ ନାହିଁ । ତେବେ ଅନେକେ ଏହା କହିପାରନ୍ତି ଯେ, ଅତିକ୍ଷୁଦ୍ରାକାର ଲେଖାରୁ ପ୍ରାଚୀନତାର ଲକ୍ଷଣ ବା କିଣ ଜଣାଯିବ ? ପକ୍ଷାନ୍ତରେ, ଯାହା ଥିଲା ତାହା ଦୀର୍ଘକାଳ ସାଧାରଣଙ୍କ ମୁଖରେ ଆବୃତ୍ତି ଦ୍ୱାରା ପରିବର୍ତ୍ତିତ ଏବଂ ମାର୍ଜିତ ହୋଇ ବର୍ତ୍ତମାନ ଆକାର ଧାରଣ କରିଅଛି; ତଥାପି ଆମ୍ଭେମାନେ କୋଇଲିକି ଶାରଳା-ମହାଭାରତଠାରୁ ପ୍ରାଚୀନ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନାହୁଁ । କୋଇଲିର ଚତୁର୍ଦ୍ଦଶାକ୍ଷର ବୃତ୍ତ ବର୍ତ୍ତମାନ ଯୁଗର ପଦ୍ୟପରି ଯତି-ପାତ ନିୟମରେ ରଚିତ । ତାହା ଜଣେ ଅଳ୍ପଜ୍ଞ କ୍ଷୁଦ୍ର କବିଙ୍କ ଦ୍ୱାରା ରଚିତ ସତ୍ୟ; ମାତ୍ର ରଚନାର ଲଳିତ-ସ୍ୱର ବୃତ୍ତି ବା ଦଶାରୁ ସ୍ପଷ୍ଟ ଜଣା ଯାଉଅଛି, କବି ତତ୍-ପୂର୍ବରୁ ଅନେକ ବୃତ୍ତର ପଦ୍ୟାଦି ଅଥବା ଉକ୍ତ ବୃତ୍ତର କେତେକ ପଦ୍ୟ ପାଠ କରିଥିଲେ । ସେ ସବୁ ତୁଳନା କରି ଦେଖି ନ ଥିଲେ ସର୍ବପ୍ରଥମ ରଚନାରେ ଏପ୍ରକାର ପାରିପାଟ୍ୟ ସମ୍ଭବ ହୁଅନ୍ତା ନାହିଁ । ଏହି ସବୁ କାରଣରୁ ଆମ୍ଭେମାନେ କୋଇଲିକୁ ମହାଭାରତର ପଶ୍ଚାତ୍ ରଚିତ ବୋଲି ବିଶ୍ୱାସ କରୁଅଛୁ; କିନ୍ତୁ ତଥାପି ଏହା ସ୍ୱୀକାର୍ଯ୍ୟ ଯେ, ଚୌତିଶା ଲେଖା ଆମ୍ଭମାନଙ୍କ ପ୍ରାଚୀନ ସାହିତ୍ୟର ସର୍ବନିମ୍ନ ସୋପାନ । ନିଜେ ମହାଭାରତର ଏହି କବି ମଧ୍ୟ ବାଲ୍ୟକାଳରେ କୌଣସି ଚୌତିଶା ଅଭ୍ୟାସ

Digitized by srujanika@gmail.com

କରିଥିବାର ପ୍ରମାଣ କିଂବଦନ୍ତୀରୁ ମିଳୁଅଛି । ଆଗେ ବର୍ଣ୍ଣମାଳାକ୍ରମେ ଚୌତିଶା ରଚନା ଏବଂ ତାହାର ବହୁକାଳଉତ୍ତାରେ ଚୌତିଶା ଲକ୍ଷଣାକ୍ରାନ୍ତ କୋଇଲି ରଚିତ ହୋଇଥିବା ସମ୍ଭବ ଓ ସଙ୍ଗତ । ଅବଶ୍ୟ କେଉଁ ଚୌତିଶା ବା କୋଇଲି ସର୍ବାଗ୍ରେ ରଚିତ ହୋଇଥିଲା, ତାହା ଏ ସ୍ଥଳରେ ନିର୍ଦ୍ଧାରଣ କରିବାକୁ ଆମ୍ଭେମାନେ ଅକ୍ଷମ । ଆହୁରି ମଧ୍ୟ ସର୍ବପ୍ରଥମ ରଚିତ ଚୌତିଶା ଏପର୍ଯ୍ୟନ୍ତ ଅଛି କି ନାହିଁ ସନ୍ଦେହର ବିଷୟ । ସେ ଯାହା ହେଉ, ଉକ୍ତବିଧ ଚୌତିଶା ବା କ୍ଷୁଦ୍ର ଗୀତି ଏହି କବିଙ୍କ ମହାଭାରତ ରଚନାର ବୀଜ । ତାହାଛଡ଼ା ସେ କବିତା ରଚନାରେ ସେ ଅନ୍ୟ କୌଣସି କବିଙ୍କଠାରୁ ସାହାଯ୍ୟ ପାଇ ନାହାନ୍ତି ବୋଲି ମନେ ହୁଏ । ସୁତରାଂ, ଏହି ମହାଭାରତ ଉତ୍କଳର ଆଦିମ ସାହିତ୍ୟ । ତହିଁରେ ପ୍ରାକୃତ ଜନସୁଲଭ ବର୍ଣ୍ଣନା, ଅନ୍ଧବିଶ୍ୱାସ, ସତ୍ୟର ଅପଳାପ, ଅତିରଞ୍ଜନ, ଅବ୍ୟାକରଣ ପ୍ରୟୋଗ, ନିରଙ୍କୁଶତା, ଅଶ୍ଳୀଳତା ବା ଗ୍ରାମ୍ୟଭାବାଦିର ଯଥେଷ୍ଟ ପରିଚୟ ପାଇ ଆମ୍ଭେମାନେ ଦୃଢ଼ଭାବରେ କହିପାରୁଁ ଯେ, ଏହା ଆଦିମ ସାହିତ୍ୟଲକ୍ଷଣାକ୍ରାନ୍ତ । ଏହି ଆଦିମ ଯୁଗର ଲକ୍ଷଣ ତତ୍ପୂର୍ବବର୍ତ୍ତୀ ପ୍ରାଚୀନ ସାହିତ୍ୟରେ ଏତେ ନାହିଁ । ମହାଭାରତ ପୂର୍ବରେ ଯେଉଁ ସବୁ କ୍ଷୁଦ୍ର-ଗୀତାଦି ଥିବାର ଆମ୍ଭେମାନେ ଅନୁମାନ କରୁଁ, ତାହା ଅବଶ୍ୟ ସାହିତ୍ୟ ପଦବାଚ୍ୟ ନୁହେ । ଅତଏବ ଶାରଳା ଦାସ ଓଡ଼ିଆଭାଷାର ଆଦିକବି * ବା ଉତ୍କଳର ବାଲ୍ମୀକି ଆଖ୍ୟା ପାଇବାର ସମ୍ପୂର୍ଣ୍ଣ ଯୋଗ୍ୟ । ଉଭୟ ଆଦି-କବିଙ୍କର ଗୁଣଗ୍ରାମ ଓ କିଛି କର୍ମ୍ମରେ ସୌସାଦୃଶ୍ୟ ଅଛି । ବାଲ୍ମୀକିଙ୍କ ଜୀବନର ପ୍ରଥମଭାଗ ଯେପରି ଦସ୍ୟୁଜନୋଚିତ ନୀଚ ବୃତ୍ତିରେ ଯାପିତ, ଏହାଙ୍କର ବାଲ୍ୟ ଯୌବନ ମଧ୍ୟ ସେହିପରି ଶୂଦ୍ରୋଚିତ ହୀନ ବୃତ୍ତିରେ ଅତିବାହିତ । ଦେବାଦେଶରେ ସେ ଆଦି ମହାକବି ଯେପରି ନବଜୀବନ ପ୍ରାପ୍ତ ହୋଇ କଠୋର ତପସ୍ୟା ଦ୍ୱାରା ଜ୍ଞାନରତ୍ନଲାଭ ପୂର୍ବକ ପକ୍ୱାବସ୍ଥାରେ ନୂତନ ଛନ୍ଦରେ ମହାକାବ୍ୟ ଆରମ୍ଭ କରିଥିଲେ; ଉତ୍କଳଭାଷାର ଏହି ଆଦିକବି ମଧ୍ୟ ସେହିପରି ଦେବୀ ଆଦେଶରେ ନିଜବୃତ୍ତି ତ୍ୟାଗକରି କଠିନ ସାଧନା ଓ ଉପାସନା ଦ୍ୱାରା ଅବଶିଷ୍ଟ ଜୀବନ ଯାପନ କରି ଜ୍ଞାନ ଲାଭ କରିଥିଲେ ଏବଂ ସେହି ବଳରେ ସେ ଅପକ୍ୱ ଉତ୍କଳଭାଷାରେ ନୂତନ ଭିତ୍ତିରେ ମହାଭାରତ ମହା-ପ୍ରାସାଦ ନିର୍ମ୍ମାଣ କରିଥିଲେ । ବାଲ୍ମୀକୋଦ୍ଭବ ମହର୍ଷି ଯେପରି ବାଲ୍ମୀକି ନାମରେ ସମଗ୍ର ଭାରତବାସୀଙ୍କ ନିକଟରେ ପରିଚିତ, ଶାରଳାଦେବୀଙ୍କର ବରଦାସ ଏହି ଶୂଦ୍ରମୁନି ମଧ୍ୟ ସେହିପରି ଶାରଳା ଦାସ ନାମରେ ସମଗ୍ର ଉତ୍କଳଖଣ୍ଡରେ ପରିଚିତ । ତାହାଙ୍କୁ ଉତ୍କଳର ବାଲ୍ମୀକି ବୋଲି କହିବାଦ୍ୱାରା ଏହା କେହି ବୁଝିବେ ନାହିଁ ଯେ, ତାହାଙ୍କ ପୂର୍ବରୁ ଉତ୍କଳରେ ଆଉ କବି ଆଖ୍ୟାଧାରୀ କେହି ନ ଥିଲେ । ତାହାଙ୍କର ବହୁକାଳ ପୂର୍ବରେ ଅନେକ ଉତ୍କଳୀୟ କବି ସଂସ୍କୃତଭାଷାରେ କାବ୍ୟନାଟକାଦି ରଚନା କରିଥିଲେ ଏବଂ କେହି କେହି ମଧ୍ୟ ପାଲି ଓ ପ୍ରାକୃତରେ ଗ୍ରନ୍ଥ ଲେଖିଥିଲେ ବୋଲି ଆମ୍ଭମାନଙ୍କର ବିଶ୍ୱାସ; କିନ୍ତୁ ଦେଶଭାଷାର କବିଗଣଙ୍କ ମଧ୍ୟରେ ତାଙ୍କ ବ୍ୟତୀତ ଆଉ କେହି ପ୍ରାଚୀନ ନୁହନ୍ତି । ଦେଶଭାଷାସ୍ଥଳରେ ଅବଶ୍ୟ ଦେଶର ନାମ ପ୍ରଯୁଜ୍ୟ । ସୁତରାଂ, ଏହି ମହାଗ୍ରନ୍ଥର ରଚୟିତାଙ୍କୁ ଉତ୍କଳ-ବାଲ୍ମୀକି ଆଖ୍ୟା ପ୍ରଦାନ କଲେ ଉତ୍କଳଭାଷା ଓ ଦେଶର ଗୌରବ ଅପଚିତ ହେବ ନାହିଁ ।

ବାଲ୍ୟଶିକ୍ଷା ଏବଂ କବିତ୍ୱର ସ୍ଫୂର୍ତ୍ତି

ବର୍ତ୍ତମାନ ପ୍ରାୟ ପୂର୍ବେ ଏ ଦେଶରେ ବିଦ୍ୟାଳୟ ନ ଥିଲା କିମ୍ବା ଏକତ୍ର ବହୁ ଛାତ୍ରଙ୍କୁ ଯଥାବିଧି ଶିକ୍ଷା-ଦାନର ବ୍ୟବସ୍ଥା ନ ଥିଲା । ଯାହା କିଛି ଥିଲା, ତାହା କେବଳ ସଂସ୍କୃତ ଭାଷାରେ ହେଉଥିଲା । ବଙ୍ଗବଂଶୀୟ

* ଜନମିଲେ ତୋ କୋଳରେ, ଶାରଳାଦି କବିବରେ—ମଧୁସୂଦନ ।

Digitized by srujanika@gmail.com

ନରପତିମାନଙ୍କର ରାଜତ୍ୱ ଯୁଗର ପୂର୍ବେ ଏବଂ ପ୍ରାରମ୍ଭରେ ଏ ଦେଶରେ ପ୍ରବାଦ ସଂସ୍କୃତ ଭାଷାରେ କ୍ୱଚିତ୍ ପାଲି ଭାଷାରେ ଲିଖିତ ହେଉଥିଲା । ଦେଶବାସୀମାନେ ସଂସ୍କୃତ ଶିକ୍ଷାରେ ସବିଶେଷ ଅନୁରାଗୀ ଥିଲେ ଏବଂ ସାଧାରଣତଃ ସଂସ୍କୃତ ଅଭିଧାନ ଆଗେ ପଢ଼ି ବ୍ୟାକରଣ ଏବଂ ତତ୍ପଶ୍ଚାତ୍ କୌଣସି କୌଣସି କାବ୍ୟ ଆଲୋଚନା କରୁଥିଲେ । ରାଜପୁରୋହିତମାନେ ଏବଂ ରାଜଧାନୀର ସଦ୍‌ବଂଶଜ ବ୍ରାହ୍ମଣମାନେ ରାଜାଙ୍କର ଆନୁକୂଲ୍ୟରୁ ସଂସ୍କୃତ 'କାବ୍ୟନାଟକାଦି' ବର୍ଣ୍ଣନାରେ ସମଧିକ ପାଣ୍ଡିତ୍ୟ ଉପାର୍ଜନ କରୁଥିଲେ । ଉତ୍କଳ ଦେଶୀୟ କାବ୍ୟ ନାଟକାଦିରୁ ସେମାନଙ୍କର ଅସାଧାରଣ ପାଣ୍ଡିତ୍ୟର ପରିଚୟ ମିଳୁଅଛି । ରାଜସଭାରେ ପାଣ୍ଡିତ୍ୟ ପ୍ରଦର୍ଶନ ନିମିତ୍ତ ଜନପଦରୁ ମଧ୍ୟ ଅନେକ ସଂସ୍କୃତ ଲେଖାପଢ଼ାରେ ଧୁରନ୍ଧର ହେବାକୁ ଅନବରତ ଚେଷ୍ଟା ଏବଂ ପରିଶ୍ରମ କରୁଥିଲେ । ଏହିପରି ସମୟରେ ଜନସାଧାରଣଙ୍କ ମୁଖରେ ମାଗଧୀ, ପ୍ରାକୃତ ଏବଂ ତତ୍କାଳୀନ ଦେଶ ପ୍ରଚଳିତ ଶବ୍ଦମାନ ମିଶି ଓଡ଼ିଆ ଭାଷାର ସୃଷ୍ଟି ହେଲା ଏବଂ କ୍ରମେ ତାହା ଅଶିକ୍ଷିତ ସାଧାରଣଙ୍କଦ୍ୱାରା ପୁଷ୍ଟିଲାଭ କରି ଅନିୟମିତ ଓ ଅସଂଯତ ଭାବରେ ଚଳିବାକୁ ଲାଗିଲା । ବିଜ୍ଞସାଧାରଣ କେବଳ ଘରେ ଏବଂ ବାହାରେ ପ୍ରାକୃତଜନଙ୍କ ସହିତ ପ୍ରାକୃତ ଭାଷାରେ ବ୍ୟବହାର କରିବାକୁ ବାଧ୍ୟ ହେଉଥିଲେ; କିନ୍ତୁ ନିଜଭାବରାଶିର ପ୍ରକାଶ ସ୍ଥଳରେ ସେ ଭାଷାକୁ ଉପେକ୍ଷା କରି ସଂସ୍କୃତ ସାହିତ୍ୟର ପୁଷ୍ଟିସାଧନ କରିବାକୁ ଲାଗିଲେ । ସୁତରାଂ, ଉପଯୁକ୍ତ ପୋଷକ ଅଭାବରୁ ଉତ୍କଳଭାଷା ପ୍ରଥମେ ବହୁକାଳ ଅପୌଷ୍ଟିକ ଅବସ୍ଥାରେ ପଡ଼ିରହିଲା । ସମ୍ଭବତଃ ଏହିପରି ଅବସ୍ଥାରେ ପ୍ରାୟ ୨୦୦ ବର୍ଷ ଉତ୍ତାରେ ଶାରଳାଦାସ କବି ଆବିର୍ଭୂତ ହୋଇ ମହାଭାରତ ରଚନାର ସୂତ୍ରପାତ କଲେ । ସେତେବେଳେ ଓଡ଼ିଆ ଭାଷା ରଚନାରେ ସାହାଯ୍ୟ ପାଇଁ କୌଣସି ପୁସ୍ତକ ନ ଥିଲା କିମ୍ବା ମାତୃଭାଷା ଶିକ୍ଷା ଲାଗି କୌଣସି ପାଠଶାଳା ସୁଦ୍ଧା ନ ଥିଲା । ଆହୁରି ମଧ୍ୟ ଆଦିମଯୁଗର ଲୋକେ ଆଜିକାଲି ପରି ବିଦ୍ୟାଳୟରୁ ଶିକ୍ଷା କରୁ ନ ଥିଲେ । କେହି ଗୁରୁ ମୁଖରୁ ଶୁଣି କେହି ବା ମହାଶିକ୍ଷାଳୟ ପ୍ରକୃତିର ଅନୁଶୀଳନ କରି ଏବଂ କେହି କେହି ସାଧନା ଧ୍ୟାନ ଧାରଣା ଦ୍ୱାରା ବହିର୍ଜଗତରୁ ଜ୍ଞାନ ଲାଭ କରି ଜ୍ଞାନୀ ହେଉଥିଲେ । ଆମ୍ଭମାନଙ୍କର ଆଦିକବି ସମ୍ଭବତଃ ଏହି ପ୍ରକାରେ ଶିକ୍ଷିତ । ସେ ବାଲ୍ୟକାଳରେ କେବେ ବର୍ଣ୍ଣଶିକ୍ଷା ଆରମ୍ଭ କରିଥିଲେ ଏବଂ କେତେଦୂର ଶିକ୍ଷାଲାଭ କରିଥିଲେ, ତାହା ଜାଣିବାର ଉପାୟ ନାହିଁ । ସେତେବେଳେ ଅନୁମାନଦ୍ୱାରା ଆମ୍ଭେମାନେ ଏତିକି କହିବାକୁ ଅଗ୍ରସର ହୋଇଅଛୁଁ—ସେ ଶିକ୍ଷା ଦ୍ୱାରା ଓଡ଼ିଆ ଲେଖି ପଢ଼ି ପାରିବାର କ୍ଷମତା ପ୍ରାପ୍ତ ହୋଇଥିଲେ । ଖଣ୍ଡେ ଦୁଇଖଣ୍ଡ ଚୌତିଶା ବା କ୍ଷୁଦ୍ରଗୀତ ତାହାଙ୍କ କବିତ୍ୱର ସମ୍ବଳ ଥିଲା । ବାଲ୍ୟକାଳରୁ ସେ କାର୍ଯ୍ୟ କରିଥିଲା ବେଳେ ମନେ ମନେ ଇଚ୍ଛାମତ ଗୀତ ରଚନା କରୁଥିଲେ । ଏହି ପ୍ରକାରେ ସ୍ୱୀୟ ବ୍ୟବସାୟ କୃଷିରେ ତାହାଙ୍କ ଜୀବନର ସାରଭାଗ ଅତୀତ ହୋଇଗଲା ଏବଂ ଏହି ଅତିରିକ୍ତ ବୟସରେ ତାହାଙ୍କ ଜୀବନର ମାର୍ଗ ଅତି ଅଦ୍ଭୁତ ଭାବରେ ପରିବର୍ତ୍ତିତ ହୋଇଗଲା । ତହୁଁ ସେ ପୂର୍ବବ୍ୟବସାୟ ଏବଂ ମାତ ସଂସର୍ଗ ଛାଡ଼ି ସତ୍‌ସଂସର୍ଗରେ ମହାଭାରତ ରଚନା ଦ୍ୱାରା ଅନ୍ୟ ଜୀବନର ମାର୍ଗ ଉଜ୍ଜ୍ୱଳତର କରିବାକୁ ପ୍ରବୃତ୍ତ ହେଲେ । ଏହି ପରିବର୍ତ୍ତନ ସମ୍ବନ୍ଧରେ ଏକାଧିକ ସ୍ଥାନୀୟ କିମ୍ବଦନ୍ତୀ ପ୍ରଚଳିତ ଅଛି । ତନ୍ମଧ୍ୟରେ ଯେଉଁଟି ନବ ପ୍ରକାଶିତ ମହାଭାରତର ଉପକ୍ରମଣିକାରେ ସଙ୍କଳିତ ହୋଇଅଛି, ସେହିଟି ଆଗେ ଏଠାରେ ଉଦ୍ଧୃତ କରାଗଲା ।*

*"ଝଙ୍କଡ଼ ପ୍ରଗଣାସ୍ଥ ମହାମାୟା ଶାରଳାଦେବୀଙ୍କ ପୀଠ ନିକଟରେ କୌଣସି ଏକ ଶୂଦ୍ରର ବସତି ଥିଲା । ଅନେକ ଗୁଡ଼ିଏ ସନ୍ତାନ ଥିଲେ ପିତା ପୁତ୍ରମାନଙ୍କ ସମ୍ମୁଖରେ ମହାଭାରତ ବିଷୟ ଗଳ୍ପ କରନ୍ତି । ସମସ୍ତ ସମୟରେ ପୁତ୍ରମାନଙ୍କୁ ବର୍ଣ୍ଣିତ ବିଷୟ ମନେ ଅଛି କି ନାହିଁ ପଚାରନ୍ତେ ସମସ୍ତେ କିଛି କିଛି କହନ୍ତି; କିନ୍ତୁ ସିଦ୍ଧେଶ୍ୱର ନାମଧେୟ କନିଷ୍ଠ ପୁତ୍ର କିଛି କହି ପାରନ୍ତି ନାହିଁ ।

Digitized by srujanika@gmail.com

ଅନ୍ୟଟି ସ୍ଥାନୀୟ ଲୋକମାନଙ୍କ ମୁଖରେ ଏହିପରି ପ୍ରଚଳିତ ଅଛି ଯେ, "ଶାରଳା ଦାସ ପୂର୍ବପରି ଦିନେ ଗୋଟିଏ ବିଲରେ* ହଳ କରୁଥିଲେ । ହଳକର୍ମରେ ଶ୍ରାନ୍ତ ବୋଧ ହେଲାବେଳେ ନିଜର ଏବଂ ଗୋରୁ ଦୁଇଟିର ଉତ୍ସାହ ନିମିତ୍ତ ପ୍ରିୟତମ ଚଉତିଶା ଗୀତ ଉଚ୍ଚସ୍ୱରରେ ଗାଇବାକୁ ଲାଗିଲେ । ସେ ଦିନ ଅତ୍ୟଧିକ ଶ୍ରାନ୍ତିବଶତଃ ଗୀତ ବୋଲୁ ବୋଲୁ ମଧ୍ୟେ ମଧ୍ୟେ ପଦେ ପଦେ ମନେ ପଡ଼ିଲା ନାହିଁ, ତେତେବେଳେ ସେ ଅଗତ୍ୟା ଗୀତ ରସରୁ ବଞ୍ଚିତ ହୋଇ ଇଷ୍ଟଦେବଙ୍କଠାରେ ଧ୍ୟାନ ରଖିଲେ । କଥିତ ଅଛି ଏହି ଗୀତ ବନ୍ଦ କରନ୍ତେ ହଠାତ୍ ଏକ ନାରୀମୂର୍ତ୍ତି ସେଠାରେ ଆବିର୍ଭୂତ ହୋଇ ତାହାଙ୍କୁ ସମ୍ବୋଧନ କରି କହିଲେ—"ଗୀତ ବନ୍ଦ କଲୁ କାହିଁକି ? ବୋଲିବୋଲି, ଆସି ଯିବ ଯେ, ତୋ ଗୀତ ମୋତେ ବଡ଼ ଭଲ ଲାଗେ । ମୋର ଇଚ୍ଛା ପଛକୁ ତୁହି ଯେପରି ମହାଭାରତ ରଚନା କରିବୁ ।" (୧) ଏହା କହି ସେ ମୂର୍ତ୍ତି ଅନ୍ତର୍ହିତ ହେଲେ । ଦାସେ ବିସ୍ମିତ ହୋଇ ପୁନର୍ବାର ଗୀତ ଆରମ୍ଭ କରି ସଫଳ କାମ ହେଲେ । ଏହି ଚଉତିଶାର ବର୍ତ୍ତମାନ ଅସ୍ତିତ୍ୱ ନାହିଁ । ତେବେ ତାହାର ନାମ 'ମନାଇ ଚଉତିଶା' ବୋଲି ତଦୀୟ ବଂଶଧରଙ୍କ ମଧ୍ୟରୁ କେହି କେହି କହନ୍ତି; କିନ୍ତୁ 'ମନାଇ' ଶବ୍ଦର ଅର୍ଥ କିଛି ବୁଝା ଯାଉ ନାହିଁ, ବୋଧହୁଏ 'କହ୍ନାଇ ଚଉତିଶା' ହେବ । କାରଣ କବି ନିଜେ ଗୀତରେ କୃଷ୍ଣ ଚରିତ ରଚନା କରି ନିତ୍ୟ ଅଭ୍ୟାସ କରୁଥିବାର ମହାଭାରତ ଏକ ଅଂଶରେ ପ୍ରକାଶ କରିଅଛନ୍ତି (୨) । ଆହୁରି ମଧ୍ୟ ପ୍ରାଚୀନ ଚଉତିଶାକାରମାନେ ପ୍ରାୟ ମଙ୍ଗଳାଚରଣ ସ୍ୱରୂପ ପ୍ରଥମେ କ ଅକ୍ଷରରେ କୃଷ୍ଣଙ୍କର ନାମ ସ୍ମରଣ କରି ତାଙ୍କ ଚରିତ ପ୍ରକାଶ କରୁଥିଲେ । ଯଥା—କମଳ ଲୋଚନ ଶ୍ରୀହରି, କରେଣ ଶଙ୍ଖ ଚକ୍ରଧାରୀ । କଃ କୋଃ 'କଳ କାଳିନ୍ଦୀତୀରରେ' 'କଳା କଳେବର କହ୍ନାଇ' 'କୃଷ୍ଣ କଥା ଚନ୍ଦ୍ର ଗୋପୀ ସକଳ'—ଗୋପୀଭାଷା, 'କୋଇଲିଲୋ କେଶବ ଯେ ମଥୁରାକୁ ଗଲେ' କେ, କୋଃ ।

ତୃତୀୟ ଜନଶ୍ରୁତି ଏହି ଯେ, "ଶାରଳା ଦାସ ବିଲରେ ଦିନେ ଗୋଟିଏ ପାଣି ମାଠିଆ ମୁଣ୍ଡରେ ରଖି ଅଣ୍ଟିରୁ ପୁଞ୍ଜାଏ ପୁଞ୍ଜାଏ ମୁଢ଼ି ଖାଇବାର ହଳ କରୁଥିଲେ । ଏଣେ ରାଜକନ୍ୟାର ବିବାହ ଲାଗି ଗୁଣବନ୍ତ ବର ଖୋଜା ପଡ଼ିଥିଲା । ରାଜପକ୍ଷର ଲୋକେ ଏପରି ଅଦ୍ଭୁତକର୍ମା ହାଳକକୁ ଦେଖି ଗୁଣବନ୍ତ ଓ ଚତୁରତାର ପରିଚୟ ପାଇ ହଳଠାରୁ ତାହାଙ୍କୁ ଆଦର କରି ରାଜଦ୍ୱାରକୁ ନେଇଗଲେ । ରାଜପରିବାରକମାନେ ତେଣୁ ପିତା ତାହାଙ୍କୁ ନାନା କଟୁ ଭର୍ତ୍ସନା କରନ୍ତି । ଏହି ହେତୁରୁ ସିଦ୍ଧେଶ୍ୱର କ୍ଷୁଭିତ ହୋଇ ଜଗଦମ୍ବା ଶାରଳା ଦେବୀଙ୍କ ନିକଟରେ ଧିଆ ପଡ଼ିଲେ । କିଛି ଦିନ ପରେ ଦେବୀ ପ୍ରସନ୍ନା ହୋଇ ବର ଯାଚନ୍ତେ ସିଦ୍ଧେଶ୍ୱର ପ୍ରାର୍ଥନା କଲେ ଯେ, 'ମୁଁ ମହାଭାରତ ରଚନା କରି ପାରିବି' ଏହି ବର ପ୍ରଦାନ କର । ତାଙ୍କଠାରେ ଦେବୀ ସନ୍ତୁଷ୍ଟ ହୋଇ ଆଜ୍ଞା ଦେଲେ ଯେ, ତୁ ଖେଦା ଲେଖନ ଘେନି କଳ୍ପବଟ ମୂଳରେ ବସ, ଯାହା ଉପରୁ ଶ୍ରୁତିବ ଲେଖ । ସିଦ୍ଧେଶ୍ୱର ତଦନୁସାରେ କଳ୍ପବଟ ମୂଳରେ ବସିଲେ ଏବଂ ଯାହା ଶୁଭୁଥାଏ ତାହା ଲେଖୁଥାନ୍ତି । ଏହା ମହାଭାରତ ଅଟେ । ସିଦ୍ଧେଶ୍ୱର ଆପଣାକୁ ଶାରଳା ଦେବୀଙ୍କର ଦାସ (ପରିକର) ନାମ ଧାରଣ କଲେ । ତେଣୁ କରି ତାଙ୍କର ନାମ ଶାରଳା ଦାସ ବୋଲି ଲୋକରେ ପ୍ରଚାରିତ ହେଲା ।"

(ପୁରାଣ ପ୍ରକାଶିକା କୋମ୍ପାନି, ୧୮୯୮)

* ଏହି ବିଲ ବର୍ତ୍ତମାନ ଶାରଳାଦେବୀଙ୍କ ମନ୍ଦିରର ପଶ୍ଚିମଦିଗରେ ଅନତି ଦୂରରେ ଅବସ୍ଥିତ ଏବଂ ଅଦ୍ୟାପି ଶାରଳା ବିଲ ବୋଲି ଅଖ୍ୟାତ ହେଉଅଛି ।

(୧) ପ୍ରସନ୍ନେ ଆଜ୍ଞା ମତେ ଦେଲେ ସେ ଶାକାମ୍ବରୀ, ଲଭ ତୁ ଘେନ ମହାଭାରତ ଗ୍ରନ୍ଥ କରି ।

(୨) ଅଭ୍ୟାସଇ କୃଷ୍ଣର ଆଦଲୀଳା । ସଦା ମୋର ହୃଦୟରେ ସ୍ତୁତି କରି ଖେଳା—ପୃଷ୍ଠ—ଆଶ୍ରମିକ ପର୍ବ ।

Digitized by srujanika@gmail.com

ତାହାଙ୍କର ଯଥାବିଧି ସତ୍କାର କରି ଯଥା ସମୟରେ ମଣ୍ଡପରେ ବସାଇଲେ । ହଳଚାଷୀ କୃଷକ ସେହି ମଣ୍ଡପରେ ବସି ତହିଁର କାଷ୍ଠ ବାଉଁଶ ପ୍ରଭୃତି ଉପକରଣ ନିରୀକ୍ଷଣ କରି କୃଷିକର୍ମୋଚିତ ଉପକରଣର ଉପଯୋଗିତା ଓ ସାଦୃଶ୍ୟ ବିଷୟରେ ନାନା କଳ୍ପନା କରୁଥିଲେ । ଏହି ସମୟରେ ରାଜକନ୍ୟା ଅର୍ଘ୍ୟ ଥାଳୀ ନେଇ ବନ୍ଦାପନା କରିବାକୁ ଗଲେ । ତାଙ୍କୁ ଦେଖି ସରଳ କୃଷକ ସ୍ୱଭାବତଃ ଅତି ଭୀତ ହୋଇ ଖଟତଳକୁ ଲୁଚିଗଲେ । ରାଜକୁମାରୀ ତଦ୍ଦର୍ଶନରେ ଯାରପରନାସ୍ତି ଲଜ୍ଜିତା ହୋଇ ତାହାଙ୍କୁ ମୂର୍ଖ, ଅଧମ ପ୍ରଭୃତି ଶବ୍ଦରେ ବିଶେଷିତ କରି ସେହିଠାରେ ଥାଳୀ ଫିଙ୍ଗିଦେଇ ବିଷଣ୍ଣ ମନରେ ଅନ୍ତଃପୁରକୁ ଚାଲିଗଲେ । ସ୍ତ୍ରୀର ଧିକ୍କାରରେ ସେ ଆପଣାକୁ ବଡ଼ ଅପମାନିତ ମନେ କରି ସବୁଛାଡ଼ି କେବଳ ଜ୍ଞାନ ଲାଭ କରିବା ପାଇଁ ବ୍ୟାକୁଳ ହୋଇ ଏଣେ ତେଣେ ବୁଲିଲେ ଏବଂ ବରଦା ଶାରଦାଙ୍କ ମନ୍ଦିରରେ ଉପସ୍ଥିତ ହୋଇ ଦେଖିଲେ ଦେବୀ ସେଠାରେ ନାହାନ୍ତି । ତହୁଁ ସେ ଦ୍ୱାର ରୁଦ୍ଧ କରି ତାହାଙ୍କର ଅନୁଧ୍ୟାନ କଲେ । ଅନନ୍ତର ଦେବୀ ଉପସ୍ଥିତ ହୋଇ ଉକ୍ତ ଉପାସନାରେ ଅତୀବ ପ୍ରୀତ ହୋଇ ଏହି ବର ଦେଲେ 'ତୁ ବିଦ୍ୟାରେ ସବୁ ଜିଣିପାରିବୁ ଏକା ବିଦ୍ୟାନଗରୀକୁ ଜିଣି ପାରିବୁ ନାହିଁ । ସରସ୍ୱତୀପ୍ରାପ୍ତି କାଳରେ କବି ହଠାତ୍ ଏହି ଶ୍ଳୋକଟି ଦ୍ୱାରା ତାହାଙ୍କୁ ବନ୍ଦନା କରିଥିଲେ—"କଜ୍ଜଳ ପୂରିତ ଲୋଚନ ଧାରେ, ସ୍ତନଯୁଗ ଶୋଭିତ ମୁକ୍ତା (ମୁକୁତା) ହାରେ । ବୀଣା ପୁସ୍ତକ ରଞ୍ଜିତ ହସ୍ତେ, ଭଗବତି ଭାରତି ଦେବି ନମସ୍ତେ ।" ସର୍ବୋତ୍କୃଷ୍ଟ ରୂପବର୍ଣ୍ଣନାରେ ଦେବୀ କାହିଁକି ବିରକ୍ତି ପ୍ରକାଶ କଲେ; ମାତ୍ର ଏହି ଦିନଠାରୁ ସେ ଦେବୀଙ୍କ ମନ୍ଦିରରେ ରହି ଆରାଧନା ଦ୍ୱାରା ଅଧିକାଂଶ ଜୀବନ ଯାପନ କରିବାକୁ ଲାଗିଲେ । ଦେବୀ ସେଥିରେ ଅତୀବ ପ୍ରୀତା ହୋଇ ଏକଦା ନିଶୀଥରେ ଆଦେଶ କଲେ—'ତୁ ମହାଭାରତ ରଚନା କଲେ ମୁଁ ଆହୁରି ସନ୍ତୁଷ୍ଟ ହେବି । ସେ କହିଲେ ମୁଁ ମୂର୍ଖ, ମହାଭାରତ କିପରି ରଚନା କରିବି ! ତହୁଁ ଦେବୀ ଉତ୍ତର କଲେ ସେଥି-ପାଇଁ ଚିନ୍ତା କ'ର ନା । ତୁ କାଲି ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ ତାହାକୁ ନେଇ କଳ୍ପବଟ ମୂଳରେ ବସିଲେ ତୋତେ ସବୁ ଦୃଶ୍ୟ ହେବ ।" (୩)

ଶେଷୋକ୍ତ କାହାଣୀଟି ମହାକବି କାଳିଦାସଙ୍କ ସମ୍ବନ୍ଧରେ ମଧ୍ୟ ଶୁଣାଯାଏ ଏବଂ ଉକ୍ତ ଶ୍ଳୋକଟି କାଳିଦାସଙ୍କ ପ୍ରଥମ ରଚିତ ବୋଲି ଲୋକେ କହିଥାନ୍ତି । କିନ୍ତୁ ଶ୍ଳୋକଟି ଯେପରି ଉତ୍କଳର ଗୃହେ ଗୃହେ ପ୍ରଚଳିତ, ଅନ୍ୟ କୌଣସି ଦେଶରେ ସେପରି ନୁହେଁ । ଏ ଦେଶରେ ପ୍ରତ୍ୟେକ କ୍ଷୁଦ୍ର କବି ଏବଂ ପାଲାବାଲାମାନେ 'ଉତ୍କଳଭାରତୀ' ଶାରଳା ଦେବୀଙ୍କର ବନ୍ଦନାରେ ଏହି ଶ୍ଳୋକଟି ଆବୃତ୍ତି ବରାବର କରିଥାନ୍ତି । ଆହୁରି ମଧ୍ୟ ଶ୍ଳୋକର ଦ୍ୱିତୀୟ ପାଦର ଶେଷାଂଶ ଯଦି "ମୁକୁତା ହାରେ" ଅବିକଳ ଏହିପରି ପ୍ରଥମରୁ ଥାଏ; ତାହାହେଲେ ଏହା ଶାରଳାଦାସଙ୍କ ଦ୍ୱାରା ରଚିତ ହୋଇଥିବା ବିଚିତ୍ର ନୁହେ । ସଂସ୍କୃତର ମହାକବିଙ୍କର ଦୃଷ୍ଟି ଗମ୍ଭୀରତମ ପ୍ରଦେଶକୁ ନ ଯାଇ ବାହ୍ୟରୂପ-ବର୍ଣ୍ଣନ ଏବଂ ଶ୍ଳୋକ-ପଦାନ୍ତ ସମତାପ୍ରତି ଦୃଷ୍ଟି ପଡ଼ି ନ ଥାନ୍ତା । ଏହି କିଂବଦନ୍ତୀ କିଞ୍ଚିତ ପରିବର୍ତ୍ତିତ ଆକାରରେ ✳ ଏ ଦେଶରେ ତଥା ଅନ୍ୟତ୍ର କାଳିଦାସଙ୍କ ସମ୍ବନ୍ଧରେ ପ୍ରଚଳିତ ଥିଲେହେଁ ତାହା ରଘୁବଂଶାଦି ମହାକାବ୍ୟ ପ୍ରଣେତା ମହାକବି କାଳିଦାସଙ୍କ ପ୍ରତି ପ୍ରଯୁଜ୍ୟ ନୁହେ ବୋଲି ବର୍ତ୍ତମାନ ପ୍ରତ୍ନତତ୍ତ୍ୱବିଦ୍ ମନୀଷୀମାନେ ସିଦ୍ଧାନ୍ତ କରିଅଛନ୍ତି । ଏହି ଜନଶ୍ରୁତିର ଐକ୍ୟ ଯୋଗୁଁ ଅନେକେ

(୩) ସେ ଦେବୀ ଦେଲେ ମୋତେ ଲେଖନ ଯେ ଗୋଟି । ମହାଭାରତ ।

✳ ଏହା 'ଅଗ୍ନି' କଣ୍ଟିଭ ବାଗ ବିଶେଷଃ' ଅବଲମ୍ବନରେ କଳ୍ପିତ ।

Digitized by srujanika@gmail.com

ଅଧୁନାପି କହିବାକୁ ସାହସ କରୁଅଛନ୍ତି ଯେ କାଳିଦାସ ସେହି ଶାରଳାଦାସ । ସ୍ୱର୍ଗାରୋହଣ ପର୍ବର ପ୍ରାରମ୍ଭ ବର୍ଣ୍ଣିତ ଏହି କେତୋଟି ପଂକ୍ତି ମତର ପୋଷକତା କରୁଅଛି ।

"ତୁମ୍ଭେ କହିପାର କଥା ମୁହିଁ ନ ପଢ଼ିଲି,
ମନ୍ଦବୁଦ୍ଧି ଅଟେ ମୋର ଜାଣି ମୁଁ ନ ଥିଲି ।
କଇଳାସ ଦ୍ୱାରପାଳ ନାମ ମୋର ନନ୍ଦୀ,
ଶାସ୍ତ୍ରର ଆଗମେ ହରଗଉରୀଙ୍କ ବନ୍ଦୀ ।
ଯେଉଁପରି ରଙ୍ଗରସ ସେ ସବେ ବୋଇଲେ,
ମାତା ପିତାଙ୍କ ସଙ୍ଗମ ବୋଲିଣ କହିଲେ ।
ତାହା ଶୁଣି ବିଘ୍ନରାଜ ଦେଲେ ମୋତେ ଶାପ,
ତହୁଁ ଦୋଷୀ ହୋଇଲି ମୁଁ ମନୁଷ୍ୟସ୍ୱରୂପ ।
ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ,
ଦ୍ୱିତୀୟ ଜନ୍ମରେ ମୁହିଁ ମହାକାଳ ଧ୍ୱଂସ ।
ତୃତୀୟ ଜନ୍ମରେ ମୁଁ ଶାରଳାଦାସ କବି,
ଆଉ ଜନ୍ମେ ମୁଁ ମର୍ତ୍ତ୍ୟମଣ୍ଡଳେ ଜନ୍ମିବି ।
ଉକ୍ତ କଥା କହି ସାରି ଏ ମର୍ତ୍ତ୍ୟମଣ୍ଡଳ,
ତେବେ ଯାଇ ହୋଇବି ମୁଁ ଶିବ ଦ୍ୱାରପାଳ ।
ମୋର ଜାତି ନ ଜାଣେଁ ମୁଁ ଜାଣଇ ଯେ ଏହା,
ସିଦ୍ଧଚଣ୍ଡୀ ଶ୍ରୀଶାରଳା କଲେ ଯାହା ଯାହା" ।

ସ୍ୱଃ ପଃ ୬ଷ୍ଠ ।

ଏହା କବିଙ୍କର ଉକ୍ତିପରି ଜଣାଯାଉ ନାହିଁ । ମହାଭାରତର ଶେଷ ପର୍ବର ମୂଳ ଅଂଶ ପ୍ରକ୍ଷିପ୍ତ ପରି ବୋଧ ହୁଏ । ଯମ ସ୍ତୁତି ପ୍ରସଙ୍ଗରୁ ହଠାତ୍ ଏ କଥାର ଅବତାରଣା ହୋଇଅଛି । ଏବେ ପୂର୍ବ ପ୍ରସଙ୍ଗ ସହିତ ଏହାର କିଛିହିଁ ସମ୍ପର୍କ ନାହିଁ । ଦ୍ୱିତୀୟରେ ପାଠକେ ବିଚାର କରନ୍ତୁ "ତୁମ୍ଭେ କହିପାର" ଏପରି ପ୍ରୟୋଗ ପ୍ରାଚୀନ କି ନା ! ତୃତୀୟପଦରେ ଗଣେଶଙ୍କ ଶାପ କହିବାର ଉଦ୍ଦେଶ୍ୟ ଏହି ହୋଇପାରେ—ଶାରଳାଦାସ ଚଣ୍ଡୀଙ୍କର ପ୍ରଧାନ ଉପାସକ ଏବଂ ଜଗନ୍ନାଥ ଭକ୍ତ ହେବାରୁ ଶୂଦ୍ରଜାତିର ଉପାସ୍ୟ ଦେବତା ଗଣେଶଙ୍କ ପ୍ରତି ଅଭକ୍ତି ପ୍ରଦର୍ଶିତ ହୋଇଥିଲା । ସୁତରାଂ, ବିଘ୍ନେଶ୍ୱରଙ୍କ ଶାପର ଆଶଙ୍କା ହେଉଅଛି । କାଳିଦାସ ନାମରୁ ଜଣାଯାଏ ସେ କବି କାଳୀଙ୍କର ଦାସ । 'କାଳୀକର୍ପୂର' ରଚୟିତା ମହାକବି ଜଣେ କାଳୀଭକ୍ତ । ତୃତୀୟରେ କବି ଶାରଳା ଚଣ୍ଡୀ ଉପାସକ ଏବଂ ତତ୍ପର-ବର୍ତ୍ତୀ ନୃସିଂହପୁରାଣରଚୟିତା ପୀତାମ୍ବର ଦାସ ଜଣେ ଶାରଳା ଚଣ୍ଡୀ ଭକ୍ତ । ଅତଏବ, ଏହିମାନେ ସମସ୍ତେ ଏକଆତ୍ମା ! ଆଉ ଏକ ସନ୍ଦେହର କାରଣ ଏହି ଯେ, "ମୋର ଜାତି ନ ଜାଣେ ମୁଁ ଜାଣଇଟି ଏହା" ଏକଥା କବି କାହିଁକି କହିବାକୁ ଯାଆନ୍ତେ ? ହୁଏତ ତାହାଙ୍କ ବଂଶଧରମାନେ ନିଜ ଜାତିର ଟେକ ରଖିବା ଲାଗି ପୂର୍ବଜାତିର ଅପହ୍ନବ ଉଦ୍ଦେଶ୍ୟରେ ଏପରି ଲେଖି-ଥିବେ * । ସେ ଯାହା ହେଉ ଶାରଳାଦାସଙ୍କ ସମ୍ବନ୍ଧରେ ଏ ପ୍ରକାର କିଂବଦନ୍ତୀମାନ ସାଧାରଣଙ୍କ ମୁଖରେ ବୃଦ୍ଧିପାଇବାର କିଛି ବିଶେଷ କାରଣ ଅଛି । ସେ ଗୁଡ଼ିକ ଅଲୌକିକ ଘଟନାପୂର୍ଣ୍ଣ ହେବାର ଗୋଟିଏ ପ୍ରଧାନ କାରଣ ଏହି ଯେ, ଏବେ କବି ଗ୍ରନ୍ଥାଦି ଅଧ୍ୟୟନ କରି ନାହାନ୍ତି କିମ୍ବା ସଂସ୍କୃତ ଭାଷାର ମହାଭାରତପରି ବିରାଟ ଗ୍ରନ୍ଥ କିପରି ରଚନା କଲେ ? ଅଥଚ ସେକାଳରେ କେହି ଦେଶ ଭାଷାରେ କବିତାଦି ରଚନା କରୁ ନ ଥିଲେ । କବିଙ୍କର କବିତ୍ୱରେ ଏହି ଅସାଧାରଣ ଶକ୍ତିମତ୍ତାର ପରିଚୟ ପାଇ ସାଧାରଣତଃ ଏହା ମନେ-ହୁଏ ଅବଶ୍ୟ କୌଣସି ଐଶୀଶକ୍ତିର ଆଦେଶ ନ ହେଲେ ଜଣକ ଦ୍ୱାରା ଏପରି ମହତ୍କର୍ମ ସାଧିତ ହୋଇ ପାରିବ ନାହିଁ । ଦ୍ୱିତୀୟ କଥା କବି ଏତେବଡ଼ ଗ୍ରନ୍ଥ ଲେଖି ସେଥିରେ କେବଳ ନିଜର ନାମ ଓ ଧାମ ଭିନ୍ନ ଆଉ କିଛି ବିଶିଷ୍ଟ ପରିଚୟ ଦେଇ ନାହାନ୍ତି । ସେ ଏହି ଗ୍ରନ୍ଥରେ ସହସ୍ରବାର ଆପଣାକୁ ଶାରଳା ଉପାସକ ଓ ବିଷ୍ଣୁଭକ୍ତ ବୋଲି ପରିଚୟ ଦେଇ ଅଛନ୍ତି; କିନ୍ତୁ କୁହାପି ଅନ୍ୟାନ୍ୟ କବିଙ୍କପରି ପିତାମାତାଙ୍କ ନାମ, ଜନ୍ମକାଳ, ଜାତି, ବ୍ୟବସାୟାଦିର କଥା ଉଲ୍ଲେଖ କରି ନାହାନ୍ତି । ଏହି ଆତ୍ମଗୋପନ ତାହାଙ୍କ ଚରିତକୁ ଅଲୌକିକ

* ଅଦ୍ୟାପି ତାହାଙ୍କ ବଂଶଧରମାନେ ନିଜର ସମ୍ବନ୍ଧରେ ସନ୍ଦିହାନ । ସେମାନେ ଆପଣାକୁ ସାଧାରଣ ବୈଶ୍ୟ କରଣଙ୍କ ପରି ମଣନ୍ତି ନାହିଁ ।

Digitized by srujanika@gmail.com

ଘଟନାବଳୀରେ ପୂର୍ଣ୍ଣ କରିବାର ବିଶ୍ୱାସ ହେତୁ ହୋଇଅଛି । ଏହି କିମ୍ବଦନ୍ତୀମାନ ତତ୍କାଳୀନ ସମାଜର ରୁଚି ଅନୁରୂପ ଅପ୍ରକୃତ କଳ୍ପନା ରାଗରେ ଅତିରଞ୍ଜିତ ଏବଂ ପୃଥକ ହୋଇ ଥିଲେହେଁ ତାହାର ମଜ୍ଜାରେ ଅବଶ୍ୟ ସୂକ୍ଷ୍ମ ସତ୍ୟ ନିହିତ ଅଛି । ପ୍ରତ୍ୟେକ ବିଶିଷ୍ଟ ପୁରୁଷଙ୍କ ସମ୍ବନ୍ଧରେ ସର୍ବକାଳରେ ତାହାଙ୍କ ମାହାତ୍ମ୍ୟଖ୍ୟାପନ ଓ ଅସାଧାରଣତାର ପରିଚୟ ଦେବାଲାଗି ଏହିପରି ଅତିରଞ୍ଜନ ହୋଇଥାଏ । ସେଥିରୁ ସତ୍ୟ ନିଷ୍କାଶିତ କରିବା ଆମ୍ଭମାନଙ୍କର କାର୍ଯ୍ୟ । ଯଥାର୍ଥରେ ଚତୁରଲୋକେ ସେମାନଙ୍କ ଜୀବନର କେତେକ ପ୍ରଧାନ ଘଟନାକୁ ଘେନି ପୁରୁଷମାନଙ୍କ ପାଇଁ କଳ୍ପନା ତୂଳିକାରେ ସୁରଞ୍ଜିତ କରି ସ୍ଥୂଳଦୃଷ୍ଟି ଅଜ୍ଞ-ସାଧାରଣଙ୍କର ଚିତ୍ତରଞ୍ଜକବସ୍ତୁ କରି ଦିଅନ୍ତି । ଆଜି ଅନ୍ଧବିଶ୍ୱାସୀ ସାଧାରଣ ଶ୍ରୋତା ବା ପାଠକେ ସେହି ବାହ୍ୟସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ପରିତୃପ୍ତି ଲଭ କରନ୍ତି, ଆଭ୍ୟନ୍ତରୀଣ ରୂପ ଦେଖିବାକୁ ଚେଷ୍ଟା କରନ୍ତି ନାହିଁ କି ସେ ପ୍ରବୃତ୍ତି ତାଙ୍କର ହୁଏ ନାହିଁ । କବିଙ୍କ ଜୀବନ-ବୃତ୍ତାନ୍ତ ଆଜଯାଏ ସେହିପରି ଚିତ୍ତରଞ୍ଜକ ମୋହନ ବେଶରେ ସାଧାରଣଙ୍କ ଦ୍ୱାରା ପରିଷିତ ହୋଇ ଆସୁଥିଲେହେଁ ଏହାର ଆଭ୍ୟନ୍ତରୀଣ ଉପାଦାନ ଜାଣିବା ଅତି ସହଜ । କାରଣ ଏଥିରେ ଅତିରଞ୍ଜନମାତ୍ରା ଅପେକ୍ଷାକୃତ ଅଳ୍ପ । ଦେବୀ ନିଜରୂପ ବର୍ଣ୍ଣନାରେ କବିଙ୍କୁ ଅସନ୍ତୁଷ୍ଟ ହୋଇ କହିଲେ, "ତୁ ସବୁ ଜାଣିବୁ; ମାତ୍ର କାଶୀକୁ ଜାଣିପାରିବୁ ନାହିଁ ।" ଯଥାର୍ଥରେ ବାଣୀବର୍ଣ୍ଣନା କବିଙ୍କର ଦୋଷାବହ । କବି ଏତେ ଗ୍ରନ୍ଥ ରଚନା କରିପାରିଲେ ସବୁ ପଢ଼ିଲେ ବୁଝିଲେ; ମାତ୍ର କାଶୀ ଭାଷା ସଂସ୍କୃତରେ ପ୍ରବେଶ କରି ପାରିନାହାନ୍ତି । ଜନଶ୍ରୁତିରେ ଦେବୀ କହିଲେ, 'ତୁ ଯେଉଁ ଲେଖନଟି ପାଇବୁ, ତାକୁ ଯେନ କଳ୍ପବଟ ମୂଳରେ ବସିଲେ ତୋତେ ସବୁ ଦୃଶ୍ୟ ହେବ ।' ଯଥାର୍ଥରେ କବି ପୂର୍ବ ବ୍ୟବସାୟ ଛାଡ଼ି ଭାବପରିବର୍ତ୍ତନବଶତଃ ଶେଷରେ ଲେଖନୀର ଆଶ୍ରୟ ଗ୍ରହଣ କଲେ ଏବଂ ଚନ୍ଦ୍ରଭାଗାସ୍ଥ କଳ୍ପବଟ ମୂଳରେ ତାହାଙ୍କ ରଚନା କାଳର ଅଧିକାଂଶ ଅତିବାହିତ ହୋଇଥିଲା । ଶାରଳା ଦେବୀ ଯାହା ଡାକୁଥାନ୍ତି ତାହା ଲେଖୁଥାନ୍ତି, ଏକଥା କେବଳ ପ୍ରବାଦ ବାକ୍ୟ ନୁହେଁ; କବି ଗ୍ରନ୍ଥ ମଧ୍ୟରେ ଏକଥା ବାରମ୍ବାର ଉଲ୍ଲେଖ କରି ଅଛନ୍ତି* । ଏମିତ ଉକ୍ତି ପ୍ରାଚୀନ କବିଙ୍କ ମୁଖରେ ଶୋଭାପାଏ । କେବଳ ଏହି ଓଡ଼ିଶାରେ ନୁହେଁ, ଭାରତର ଅନ୍ୟାନ୍ୟ ଖଣ୍ଡରେ ମଧ୍ୟ ଏହି ଅଭ୍ୟାସ ଦେଖଯାଏ ମହାରାଷ୍ଟ୍ର ଦେଶର ପ୍ରାଚୀନ କବି ତୁକାରାମ ସ୍ୱବଂଶର ଇଷ୍ଟଦେବତା ବିଠଲଙ୍କ ମନ୍ଦିରରେ ବସି ଯାହା ରଚନା କରୁଥିଲେ ସେ ସମସ୍ତ ବିଠଲପ୍ରସାଦ ବୋଲି ପ୍ରକାଶ କରୁଥିଲେ । ଏହିପରି କହିବାର କାରଣ ପ୍ରାଚୀନ କବିଗଣ ଦେବାର୍ପିତପ୍ରାଣ, କୌଣସି ପ୍ରକାର ଆତ୍ମବଡ଼ିମା ବା ବିଦ୍ୟାଭିମାନ ତାଙ୍କ ହୃଦୟରେ ସ୍ଥାନ ପାଉ ନ ଥିଲା । ସେମାନେ 'ଯଦ୍‌ଜୁହୋଷି ଯଦ୍‌ଶ୍ନାସି ଯଦ୍ଦଦାସି କରୋଷି ଯତ୍, ଯତ୍ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣଂ' । ଗୀତାର ଏହି ମତଅନୁସାରେ ଯାହା କିଛି ଅନୁଷ୍ଠାନ କରୁଥିଲେ, ସେ ସମସ୍ତ ଇଷ୍ଟଦେବାର୍ପିତ କରୁଥିଲେ । ଆମ୍ଭମାନଙ୍କର ଏହି କବି ସେହି ମତର ପ୍ରଧାନ ଶିଷ୍ୟ । ସେ ଏକ ସ୍ଥାନରେ କହିଅଛନ୍ତି, ଦେବୀ ମୋତେ ରାତିରେ ଯାହା କହିଥାନ୍ତି, ତାହା ମୁଁ ଦିବସରେ ଲେଖେଁ । କବି ନୀରବ ନିଶୀଥରେ ଏକାଗ୍ରଧ୍ୟାନ ଦ୍ୱାରା ଯେଉଁ ବାଣୀପ୍ରସାଦ (ଭାବରାଶି) ଲଭ କରିଥାନ୍ତି, ତାହା ଦିବସରେ ଲେଖନୀ ସାହାଯ୍ୟରେ ଲିପିବଦ୍ଧ କରନ୍ତି; ଏହା ସ୍ୱାଭାବିକ ଏବଂ ସର୍ବଜନସମ୍ମତ । ଯଥାର୍ଥରେ ଦେବୀ ଡାକି ଦିଅନ୍ତି କି ନାହିଁ, ଏ କଥାର ପ୍ରମାଣ ଅନ୍ୟଦ୍ୱାରା ହେବା ତେଣିକ ଥାଉ କବି ନିଜ ମୁଖରେ ପ୍ରମାଣ କରି ଦେଇ ଅଛନ୍ତି ।

* ଦସ୍ଥାରେ କହଇ ମୋତେ ଶ୍ରୀଚଣ୍ଡୀ ଶାରଳା । ତେଣୁ କରି ହୃଦେ ମୋର ପଦ ଯେ ସ୍ଫୁରଇ । ଉଃ ପଃ ।
ସେ ଦେବୀର ପ୍ରସାଦେ ବଳିଲା ମୋର ଚଉ । ତା ପ୍ରସାଦେ କହିବଇଁ ଶ୍ରୀମହାଭାରତ । ଆଃ ପ ।
ବାଳୁକରୂପରେ ମୁଁ ଯେ ପ୍ରତ୍ୟକ୍ଷେ ଦେଖଇଁ । ସେ ଯାହା କହନ୍ତି ମୁହିଁ ତାହା ଯେ ଲେଖଇଁ । ସ୍ୱଃ ପା ।

Digitized by srujanika@gmail.com

'ଯାହା ମୋତେ ଦୃଶ୍ୟ ହୁଏ ତାହା ମୁଁ ଲେଖଇଁ ।
ଅତି ଅଗୋଚର ଯେ ନପୂର୍ଣ ନ ଆସଇ ।
କହିବା ମହାଭାରତ ଠିକ୍ ଠିକ୍ ଭାବେ ।
ଶୂଦ୍ରମୁନି ଶାରଳା ଦାସ କଥା ପ୍ରସ୍ତାବେ ।
ଆ, ପ, ପୃ, ୩୨୨ ।
ଏ ମହାଭାରତ ହୋଇଲା ବ୍ୟାସଦେବ ବାକ୍ୟେ,
ମୁଁ ତାହା ଲେଖିଲି ଯେ ମୋର ଯେତେ ଶକ୍ୟେ ।
ସ୍ୱ, ପ, ପୃ, ୩୫ ।

ଏ ସ୍ଥଳରେ କଣ ଦେବୀ ନ ଥିଲେ ? କବି ସ୍ପଷ୍ଟ କହୁଅଛନ୍ତି ଯେ, ଅଗାଧ ମହାଭାରତରୁ ମୁଁ ମୋହର ଶକ୍ତ୍ୟନୁରୂପ ବାଛି ବାଛି କେତେକ କଥା କହୁଅଛି । ସମସ୍ତ କଥାର ବର୍ଣ୍ଣନା ମୋହର କ୍ଷୁଦ୍ର ଶକ୍ତିର ଅଗତ । ତଥାପି ଅଧିକାଂଶ ସ୍ଥାନରେ ଦେବୀଙ୍କ ନାମ କରିବାର ଉଦ୍ଦେଶ୍ୟ କଣ ? ଏତଦ୍ୱାରା ଆଉ ଏକ ଆଶଙ୍କା ଏହି ହୁଏ ଯେ, କବି ଅଳ୍ପ ଜାଣି କେବଳ ମହାପ୍ରସୀ କଳ୍ପନା-ବଳରେ ଏପରି ଦୁଃସାହସିକ କର୍ମରେ ପ୍ରବୃତ୍ତ ହୋଇ-ଅଛନ୍ତି । ସୁତରାଂ, ପୁଣ୍ୟ ମହାଭାରତ ଗ୍ରନ୍ଥରେ ବହୁ ଦୋଷ ରହିବାର ସମ୍ଭାବନା । ହୁଏତ ସେଥିଯୋଗୁଁ ଧର୍ମଭୀରୁ ପୁରୁଷମାନଙ୍କ ତୀବ୍ର କଟାକ୍ଷରୁ ରକ୍ଷା ପାଇବା ପାଇଁ ସ୍ୱକୃତକ ଶାରଳା ଦେବୀଙ୍କ ରଚିତ ବୋଲି ପ୍ରକାଶ କରିଥିବେ ।

ମହାଭାରତ ରଚନାକାଳୀନ ସମାଜର ଅବସ୍ଥା ଓ ରୁଚି

ଉତ୍କଳରେ ଯେତେ ପୁରାଣ, ରାମାୟଣ ଓ ମହା-ଭାରତ ଲିଖିତ ହୋଇଅଛି, ସେ ସମସ୍ତଙ୍କ ଅପେକ୍ଷା ଶାରଳାମହାଭାରତ ଆକାରରେ ବଡ଼ । ସର୍ବପ୍ରଥମେ କବି କିପରି ଉପକରଣ ସଂଗ୍ରହ କରି ଏହି ମହାପ୍ରାସାଦ ନିର୍ମାଣ କଲେ ? ବୋଧହୁଏ ସେ କାଳରେ ଉପକରଣ ବଡ଼ ସୁଲଭ ଥିଲା । ଏହି ମହାଭାରତର ଉପକରଣ ଜାଣିବାକୁ ହେଲେ ଆମ୍ଭମାନଙ୍କୁ କାଳସ୍ରୋତର ପ୍ରତି-କୂଳରେ ପୁଣି ସେହି କପିଳେନ୍ଦ୍ରଦେବଙ୍କ ଶାସନକାଳ ମଧ୍ୟରେ ପ୍ରବେଶ କରି ତଦାନୀନ୍ତନ ସମାଜ ଏବଂ ତହିଁର ରାଜନୀତି ଦେଶର ଅବସ୍ଥାନ ଲକ୍ଷିବାକୁ ହେବ । ଇତିହାସ ଦର୍ପଣରେ ଆମ୍ଭେମାନେ ଦେଖି ପାରୁଁ ଅଛୁଁ ଯେ; କପିଳେନ୍ଦ୍ର ଦେବ ଅତି ସାମାନ୍ୟ ଅବସ୍ଥାରୁ ସୌଭାଗ୍ୟ କ୍ରମେ ଆଜ ବିଶାଳ ରାଜ୍ୟର ଅଧିକାରୀ * । ଦକ୍ଷିଣରେ କୃଷ୍ଣାତୀର ପର୍ଯ୍ୟନ୍ତ ଏହାଙ୍କର ପ୍ରତାପ ପତାକା ଉଡ୍ଡୀୟମାନ ଥିଲା । ଅଷ୍ଟାଦଶ ବୀରପୁତ୍ର ପୁଣି ଅଧିକ ଆନନ୍ଦ ବର୍ଦ୍ଧନ କରୁଥିଲେ । ତଥାପି ଏହି କାମୁକ ରାଜାଙ୍କ ନିର୍ଦ୍ଧାରଣ ଅନୁସାରେ ଉପପତ୍ନୀ ଗର୍ଭଜାତ ପୁତ୍ରୁଷୋତ୍ତମ ସ୍ୱୀୟ ଉତ୍ତରାଧିକାରୀ ହୋଇ-ଥିଲେ । ନିଜ ପୁତ୍ରମାନେ ପୈତୃକ ରାଜ୍ୟର ଅଧିକାରୀ ନ ପାଇ ଇତସ୍ତତଃ ଭ୍ରମଣ କରି ସ୍ୱବାହୁବଳରେ ଓଡ଼ିଶାର ସୀମାନ୍ତ ପ୍ରଦେଶମାନଙ୍କର ରାଜ୍ୟବିସ୍ତାର କଲେ । ଏକେ ହିନ୍ଦୁସାଧାରଣ ଅଦୃଷ୍ଟବାଦୀ, ତହିଁରେ ପୁଣି ଉକ୍ତ ଦୁଇ ଘଟନା ପ୍ରତ୍ୟକ୍ଷ କରି "କିଂ ନ କରୋତି ବିଧିର୍ଯଦିରୁଷ୍ଟଃ, କିଂ ନ କରୋତି ସ ଏବ ହି ତୁଷ୍ଟଃ ।" ଏହି ଧାରଣା ସମାଜ ମଧ୍ୟରେ ଦୃଢ଼ୀଭୂତ ହୋଇଥିଲା । ତଥାପି ସେମାନଙ୍କ ହୃଦୟରେ ସାହସ ଓ ଉଦ୍ୟୋଗ

---

* ବାସୁଦେବବଂଶୀୟ ଶେଷ ରାଜା ନିଃସନ୍ତାନ ଥିଲେ; ସୁତରାଂ ସେ ଉକ୍ତ ବଂଶୀୟ କପିଳସାନ୍ତରା ନାମକ ଜଣଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । କଥିତ ଅଛି ଏହି କପିଳସାନ୍ତରା ଏକସମୟରେ ଜଣେ ବ୍ରାହ୍ମଣର ଗୋଚାରଣ କର୍ମରେ ନିଯୁକ୍ତ ଥିଲେ । ଜଗନ୍ନାଥ ମନ୍ଦିରକୁ ଯାଉ ଯାଉ ଶେଷ ରାଜା ନେଜ ବାସୁଦେବ କପିଳଙ୍କର ସର୍ବଶେଷ ବୁଦ୍ଧିମତ୍ତାର ପରିଚୟ ପାଇ ତାହାଙ୍କୁ ନିଜର ଭବିଷ୍ୟତ ଉତ୍ତରାଧିକାରୀ ମନୋନୀତ କଲେ । କିଛି କାଳ ଉତ୍ତାରୁ କପିଳ ଆପଣାର କାର୍ଯ୍ୟଦକ୍ଷତାର ପରିଚୟ ଦେଇ ବାସୁଦେବଙ୍କ ରାଜସଭାର ମନ୍ତ୍ରିତ୍ୱଲାଭରେ କୃତକାର୍ଯ୍ୟ ହେଲେ । କେହି କେହି କହନ୍ତି ଶେଷ ରାଜା ରାଜତ୍ୱ କରୁ-ଥିବା ସମୟରେ ଉତ୍ତରରୁ ମୁସଲମାନମାନେ ଆସି ଓଡ଼ିଶା ଆକ୍ରମଣ କରିଥିଲେ । କପିଳ ସେମାନଙ୍କ ସହିତ ସନ୍ଧିସ୍ଥାପନାର୍ଥ ପ୍ରେରିତ ହୋଇ ପ୍ରତିଭୂରୂପେ ସେମାନଙ୍କ ଶିବିରରେ ରକ୍ଷିତ ହୋଇଥିଲେ ଏବଂ ରାଜା ବାସୁଦେବଙ୍କ ମୃତ୍ୟୁ ଉତ୍ତାରେ ଓଡ଼ିଶାର ରାଜ୍ୟଶ୍ରୀର ଗ୍ରହଣ ନିମନ୍ତେ ପୁନଃ ପ୍ରେରିତ ହେଲେ । ଆଗ୍ରୟୀକୃତ ଓଡ଼ିଶା ଇତିହାସ ପୃ ୭୮ ।

Digitized by srujanika@gmail.com

ଯଥେଷ୍ଟ ପରିମାଣରେ ଥିଲା । ଗଙ୍ଗବଂଶୀୟ ରାଜାମାନେ ବହୁବାର ଏମାନଙ୍କୁ ଘେନି ଶତ୍ରୁମାନଙ୍କ ସହିତ ଯୁଦ୍ଧ କରି ଜୟଲାଭ କରିଥିଲେ ଏବଂ ଯୁଦ୍ଧର ସମ୍ଭାବନାରେ ବହୁ ଗଜ, ଅଶ୍ୱ ଓ ପଦାତିକର ଭରଣପୋଷଣ ବ୍ୟୟଭାର ବହନ କରୁଥିଲେ । ଆକସ୍ମିକ ବିପଦରେ ସୈନ୍ୟ ସଂଗ୍ରହ ଲାଗି କେତେକ ପ୍ରଜାଙ୍କୁ ନିଷ୍କର ଭୂମି ମଧ୍ୟ ଛାଡ଼ି ଦିଆଯାଇଥିଲା । ଏହା ଛଡ଼ା ସେମାନଙ୍କର ରାଜତ୍ୱରେ ପୂର୍ତ୍ତକାର୍ଯ୍ୟାଦିରେ ମଧ୍ୟ ପ୍ରଚୁର ବ୍ୟୟ ହୋଇଥିବାର ନିଦର୍ଶନ ରହିଅଛି । ଏତେ ବ୍ୟୟ ହୋଇ ସୁଦ୍ଧା ରାଜକୋଷର କ୍ଷୟ ହୋଇ ନ ଥିଲା । କିମ୍ବା ପ୍ରଜାମାନଙ୍କର ଅଭାବ ନ ଥିଲା । ସେମାନେ ସାଂସାରିକ ବ୍ୟୟ ନିର୍ବାହ କରି କିଛି କିଛି ସଞ୍ଚୟଦ୍ୱାରା ସୁଖରେ କାଳଯାପନ କରୁଥିଲେ । ରାଜକୋଷ ବହୁ ଧନ ରତ୍ନ ସମନ୍ୱିତ ଥିଲା । ଏକା ଅନଙ୍ଗ ଭୀମଦେବ ୧୨ ବର୍ଷ ରାଜତ୍ୱ ମଧ୍ୟରେ ତିରିଶ ଲକ୍ଷ ମାଢ଼ ସ୍ୱର୍ଣ୍ଣ ଏବଂ ୭ ଲକ୍ଷ ୮୦ ହଜାର ସୁବର୍ଣ୍ଣ ମୂଲ୍ୟର ରତ୍ନ ମଣି ମୁକ୍ତା ସଞ୍ଚୟ କରିଥିଲେ । ଏକଥାମାନ ଶୁଣି ପ୍ରଜାଗଣ ରାଜକୋଷସ୍ଥ ଧନର କଳନା କରି ପାରୁ ନ ଥିଲେ । ବିଶେଷତଃ ସୁବିଧା ନ ଥିବାରୁ ଅଥବା ତତ୍ସମ୍ବନ୍ଧରେ ପୁସ୍ତକାଦି ଲିଖିତ ହୋଇ ନ ଥିବାରୁ ଏସବୁ ସମ୍ବନ୍ଧରେ ଜନଶ୍ରୁତି ନାନା ଆକାର ଧାରଣ କରୁଥିଲା । ସାଧାରଣ ପ୍ରଜାଏ ଦେଶଭାଷାର କୌଣସି ପୁସ୍ତକମାନ ନ ପାଇ ସର୍ବଦା ଏହି ପ୍ରକାର ଜନଶ୍ରୁତିରେ ଆତ୍ମବିନୋଦନ କରୁଥିଲେ ଏବଂ କେହି କେହି (ଯେ ଅପେକ୍ଷାକୃତ ଚତୁର) ନିଜ କଳ୍ପନାଲେପରେ ଆହୁରି ବିଶେଷିତ କରି ଦେଉଥିଲେ । ଏହି ଜନଶ୍ରୁତି ସେମାନଙ୍କ ସାହିତ୍ୟର ଏକମାତ୍ର ସମ୍ବଳ ହେବାରୁ ସେକାଳରେ ନାନାସ୍ଥାନ ଏବଂ ବ୍ୟକ୍ତି ସମ୍ବନ୍ଧରେ ନାନାପ୍ରକାର କିମ୍ବଦନ୍ତୀ ଅବାଧ ଭାବରେ ବୃଦ୍ଧି ପ୍ରାପ୍ତ ହେବାକୁ ଲାଗିଲା । ତଦାନୀନ୍ତନ ପ୍ରଜାସାଧାରଣଙ୍କର ଚାତୁର୍ଯ୍ୟ ବୁଦ୍ଧିମତ୍ତା ଏବଂ କଳ୍ପନା ପ୍ରଭୃତି ସେହି କିମ୍ବଦନ୍ତୀରେ ପର୍ଯ୍ୟବସିତ ହେଉଥିଲା । ଏହି କିଂବଦନ୍ତୀ ଗୁଡ଼ିକର ସତ୍ୟାସତ୍ୟ ପ୍ରତି ଆଦୌ ଦୃଷ୍ଟି ନ ଦେଇ ଅନ୍ଧବିଶ୍ୱାସୀ ସାଧାରଣ ଶ୍ରୋତୃବର୍ଗ ଆଗ୍ରହ ଏବଂ ମହାନନ୍ଦ ସହକାରେ ତାହା ଗ୍ରହଣ କରି ଚିତ୍ତରଞ୍ଜନ କରୁଥିଲେ । ଏଣେ ବୌଦ୍ଧ ଧର୍ମ ଓଡ଼ିଶାରେ ବିଲୁପ୍ତ ପ୍ରାୟ ହୋଇଥିଲେହେଁ ତାହାର ବିଳୟକାଳୀନ ନାନା ବିରୂପ ଉପଧର୍ମର ସୃଷ୍ଟି ଓ ପ୍ରସାର ସଙ୍ଗେ କିଂବଦନ୍ତୀ ପ୍ରିୟ ପୂର୍ବ ସମାଜ ଆହୁରି କିମ୍ଭୂତକିମାକାର ଧାରଣ କଲା ? ଶକୁନଶାସ୍ତ୍ରର ମର୍ମ ଆବାଳବୃଦ୍ଧବନିତା ସମସ୍ତଙ୍କୁ ଅଳ୍ପାଧିକରେ ଜଣା ଥିଲା ଏବଂ ଶ୍ରଦ୍ଧା ସହକାରେ ତାହା ପାଳିତ ହେଉଥିଲା । ବିବାହରୁ ସାମାନ୍ୟ ଯାତ୍ରା ପର୍ଯ୍ୟନ୍ତ ଏବଂ ଧାନବୁଣିବାଠାରୁ ଶାଗ ବୁଣିବା ପର୍ଯ୍ୟନ୍ତ ସର୍ବପ୍ରକାର ନିତ୍ୟନୈମିତ୍ତିକ ଅନୁଷ୍ଠାନରେ ଜ୍ୟୋତିଷ ସମ୍ମତ ଯୋଗଲଗ୍ନାଦି ଅଶିଥିଳ ଭାବରେ ବିଚାର କରାଯାଉଥିଲା । ସାଧାରଣ ଶିକ୍ଷା ଓ ଧର୍ମୋପଦେଶରେ ଏକାନ୍ତ ଅଭାବ ଥିବାରୁ ଗ୍ରାମ୍ୟ ଭାବ ଓ କଳହ ସାଧାରଣଙ୍କର ମୁଖଭୂଷଣ ହୋଇଥିଲା । ଏପରିକି ସେମାନଙ୍କର ହାସ ପରିହାସଠାରୁ ତିରସ୍କାର ପର୍ଯ୍ୟନ୍ତ ସମସ୍ତ କଥା କେବଳ ଅଶ୍ଳୀଳ ଭାବରେ ପୂର୍ଣ୍ଣ ଥିଲା । (୧) ଆହୁରି ମଧ୍ୟ ଆହାରବିହାରାଦିରେ ନିଶ୍ଚିନ୍ତ ଥିବାରୁ ଆମୋଦ ପ୍ରମୋଦର ସ୍ପୃହା ସମସ୍ତଙ୍କ ମନରେ ଜାଗରିତ ହୋଇଥିଲା । ଗାନ ବାଦ୍ୟ ପ୍ରତି ସାଧାରଣଙ୍କର ମନ ମଧ୍ୟ ଧୀରେ ଧୀରେ ଆକୃଷ୍ଟ ହେଉଥିଲା । ଏହିପରି ବିଳାସ ବାସନା ବା କାମନାବ୍ୟସନ ସତ୍ତ୍ୱେ ସେମାନଙ୍କଠାରେ ଦୁଃସାହସାଦି କ୍ରୋଧଜବ୍ୟସନର ଅଭାବ ନ ଥିଲା । ଯବନ ବିରୁଦ୍ଧରେ ଯୁଦ୍ଧଲାଗି ସବୁରି ଧମନୀରେ ଉଷ୍ଣ ଶୋଣିତ ଧାବମାନ ହେଉଥିଲା । (୨) ରାଜେଶ୍ୱର କପିଳେନ୍ଦ୍ର ରାଜ୍ୟପାଇ କେବଳ ଯବନ ଯୁଦ୍ଧ ପ୍ରତୀକ୍ଷାରେ

(୧) ବର୍ତ୍ତମାନେ ଏପ୍ରକାର ଅଭ୍ୟାସ ସାଧାରଣଙ୍କ ମୁଖରୁ ଲୋପ ପାଉଅଛି; ତଥାପି ସେ ସ୍ୱଭାବରୁ ପୂର୍ବଗାଢ଼ ଅନୁମେୟ ।

(୨) କପିଳେନ୍ଦ୍ର ଦେବଙ୍କ ରାଜତ୍ୱମଧ୍ୟରେ ଯେତେ ମୁସଲମାନ ଆକ୍ରମଣ ଓ ଯୁଦ୍ଧ ହୋଇଅଛି, ତତ୍ପୂର୍ବବର୍ତ୍ତୀ ବା ତତ୍ପରବର୍ତ୍ତୀ କୌଣସି ରାଜାଙ୍କ ସମୟରେ ତେତେ ହୋଇ ନାହିଁ ।

Digitized by srujanika@gmail.com

ଦାକ୍ଷିଣାତ୍ୟରେ ଅବସ୍ଥାନ କରୁଥିଲେ (୩) ଏବଂ ବାହାମଣୀ ରାଜ୍ୟରୁ ସମସ୍ତ ମୁସଲମାନ ଅଧିକାର କାଢ଼ି ନେବା ପାଇଁ ତେଲିଙ୍ଗପତିଙ୍କ ସହିତ ମିଳି ଘୋର ଯୁଦ୍ଧ କରିଥିଲେ । ପ୍ରଥମ ଯୁଦ୍ଧରେ ହଠାତ୍ ଶତ୍ରୁସେନାର ଆକ୍ରମଣରେ ପୃଷ୍ଠଭଙ୍ଗଦେଇ ପାଞ୍ଚ ଲକ୍ଷ ମୁଦ୍ରାଦ୍ୱାରା ସନ୍ଧିକ୍ରୟ କରିଥିଲେ (୪) ସତ୍ୟ; କିନ୍ତୁ ପଶ୍ଚାତ୍ ଉତ୍ତେଜିତ ସୈନ୍ୟମାନଙ୍କୁ ଘେନି ଶତ୍ରୁମାନଙ୍କର ଦୁର୍ଦ୍ଦଶା ବିଧାନ କରିଥିଲେ । (୫) ସେହି ସମୟରେ ଘନ ଘନ ଯୁଦ୍ଧ ଓ ଜୟବାର୍ତ୍ତା ପାଇ ପ୍ରଜାସାଧାରଣ ମହାଭାରତୀୟ ଯୁଦ୍ଧ କାହାଣୀକୁ ପ୍ରତ୍ୟକ୍ଷ ଅନୁଭବକୁ ଆଣୁଥିଲେ । ଘରେ ଘରେ ଯୁଦ୍ଧ ଲାଗି ମହାଭାରତ ଧନୁର୍ଦ୍ଧରର ବ୍ୟବହାର ଶିକ୍ଷା କରି ନିକଟସ୍ଥ ଜଙ୍ଗଲରେ ବାଘ ଗଣ୍ଡା ଆଦି ବଧ କରୁଥିଲେ । ଏହା ବ୍ୟତୀତ ପ୍ରତି ଗ୍ରାମରେ ନାନା ପ୍ରକାର ମଲ୍ଲଯୁଦ୍ଧ ମଧ୍ୟ ଅଭ୍ୟାସ କରି ଶରୀରର ବଳବୃଦ୍ଧି ସାଧନ କରୁଥିଲେ । * ସୁତରାଂ, କେବଳ ସୈନିକବିଭାଗର କାହିଁକି ଅପର ସାଧାରଣଙ୍କର ଆଲୋଚନାର ପ୍ରୟୋଜନ ହୋଇଥିଲା । ସୈନିକ ସମ୍ପ୍ରଦାୟ ଛଡ଼ା ଯେଉଁମାନେ ନିଷ୍କର ବୃତ୍ତି ଭୋଗ କରୁଥିଲେ, ସେମାନେ ନ୍ୟାୟତଃ ଯୁଦ୍ଧବିଦ୍ୟା ଶିକ୍ଷା କରୁଥିଲେ । ଅନ୍ୟମାନେ ମଧ୍ୟ ମୃଗୟା ବିନୋଦ ଓ ହିଂସ୍ର ଜନ୍ତୁର ଆକ୍ରମଣରୁ ଆତ୍ମରକ୍ଷା କରିବାନିମିତ୍ତ ଆପାତତଃ ହୃଦୟ ମଧ୍ୟ ବୀରରସାବେଶରେ ଉଚ୍ଛୃଙ୍ଖଳ ହୋଇ ଉଠିଲା । ଏପରି ଅବସ୍ଥାରେ ମହାଭାରତ ଯୁଦ୍ଧ ଯେ ସମସ୍ତଙ୍କ ଆଖି ଆଗରେ ନାଚୁଥିବ, ସେଥିରେ ଆଉ ସନ୍ଦେହ କଣ ? ବୋଧହୁଏ ପ୍ରତ୍ୟେକ ନିତ୍ୟ ଘଟିତ ବିବାଦ ବିସମ୍ବାଦରେ ମହାଭାରତରେ ଉଦାହରଣ ଅବତାରଣା କରି ମୀମାଂସା କରୁଥିଲେ । ସମ୍ଭବତଃ ବୃଦ୍ଧ ବୃଦ୍ଧା ସମସ୍ତେ ମହାଭାରତର ଗୋଟିଏ କଥାକୁ ପଲ୍ଲବିତ କରି ସନ୍ତାନମାନଙ୍କର ପରିତୃପ୍ତି ନିମିତ୍ତ କାହାଣୀ ଭାଷାରେ ପ୍ରକାଶ କରୁଥିଲେ ।

ରଚନା

କ୍ଷଣଜନ୍ମା କବି ଏହିପରି ସମୟରେ ମହାଭାରତର ପ୍ରୟୋଜନୀୟତା ଉତ୍ତମରୂପେ ଉପଲବ୍ଧି କରି ଏବଂ ଗୃହଆଡ଼ରେ ସ୍ତୂପୀକୃତ ମାଲମସଲାମାନ ପାଇ ତଦାନୀନ୍ତନ ଜନସାଧାରଣଙ୍କର ରୁଚିକି ବୁଝି ମହାଭାରତ ମହାପ୍ରାସାଦ ନିର୍ମାଣରେ ମନ ବଳାଇଲେ । କିମ୍ବଦନ୍ତୀର ସତ୍ୟ ଉପରେ ନିର୍ଭର କଲେ ଜଣାଯାଏ ଯେ, କବି ଶୈଶବରେ ବୃଦ୍ଧ ପିତାଙ୍କ ମୁଖରୁ ମହାଭାରତ କଥା ଶୁଣିଥିଲେ । ଏହା ତାହାଙ୍କ ସ୍ୱାଭାବିକ ପୁରାଣାନୁରାଗିତାର ବୀଜ । ଅନନ୍ତର କ୍ରମଶଃ ବୟୋବୃଦ୍ଧି ଅନୁସାରେ ଏହି କୌତୂହଳର ଆଧିକ୍ୟ ଯୋଗୁ ସେ କାଳର ଶିକ୍ଷାପଦ୍ଧତି

(୩) ସେ ସମୟରେ ରାଜମହେନ୍ଦ୍ରୀ ତାହାଙ୍କର ରାଜଧାନୀ ଥିଲା । ଏହାକୁ କବି ଅନେକସ୍ଥଳରେ ମହେନ୍ଦ୍ର ଦେଶ ବୋଲି ବର୍ଣ୍ଣନ କରିଅଛନ୍ତି ଏବଂ ରାଜାଙ୍କୁ ଅତିପ୍ରତାପୀ ଓ ଐଶ୍ୱର୍ଯ୍ୟଶାଳୀ ବୋଲି ବର୍ଣ୍ଣନ କରିଅଛନ୍ତି ।

(୪) ସଭା ପର୍ବରେ ବିଜିତ ରାଜାମାନଙ୍କର ଉପଢୌକନ ସ୍ୱରୂପ ଲକ୍ଷ ଲକ୍ଷ ମୁଦ୍ରା ଓ ରାଜାସ୍ୱାଦ ଏହି ଛାୟା ଅବଲମ୍ବନରେ ଲିଖିତ ହେଲା ପରି ବୋଧ ହୁଏ ।

(୫) ଏହି ଯୁଦ୍ଧର ଛାୟାକୁ ଲକ୍ଷ୍ୟକରି ସମ୍ଭବତଃ ଦ୍ରୋଣପର୍ବ ପ୍ରାରମ୍ଭରେ ଯୁଦ୍ଧବିଶାରଦ ମ୍ଲେଚ୍ଛପତିର ଯୁଦ୍ଧ କଥା ବର୍ଣ୍ଣିତ ଅଛି । ମ୍ଲେଚ୍ଛରାଜାର ଅପୂର୍ବ ରଣକୌଶଳ ବର୍ଣ୍ଣିତ ହୋଇଥିବାରୁ ବୋଧ ହୁଏ ମୁସଲମାନମାନେ ହିନ୍ଦୁଙ୍କୁ ପରାସ୍ତ କରି ଦେଇଥିଲେ ଏବଂ ବହୁ ମୁଦ୍ରା ନେଇ ସନ୍ଧିସ୍ଥାପନ କରିବାରେ ସମ୍ମତ ହୋଇଥିଲେ ।

* ସଭାପର୍ବର ମଲ୍ଲଯୁଦ୍ଧ ବର୍ଣ୍ଣନା ପାଠରୁ ଏହା ଅନୁମେୟ ।

Digitized by srujanika@gmail.com

ଅନୁଯାୟୀ ଅଭିଧାନ କିମ୍ବା ବ୍ୟାକରଣ ସୂତ୍ର ମୁଖସ୍ଥ ନ କରି (୨) କେବଳ ପୁରାଣମନନ ପ୍ରତି ଧାବିତ-ହେଲେ । ସେ ବହୁ ପୁରାଣ ଓ ମହାଭାରତର କଥାମାନ ବ୍ରାହ୍ମଣ ପଣ୍ଡିତ ଏବଂ ପୁରୋହିତଙ୍କଠାରୁ (୨) ଆଗ୍ରହ ସହକାରେ ଶୁଣି ସେହିଗୁଡ଼ିକ ମାନସକୋଷରେ ସତତ ସଞ୍ଚୟ କରୁଥିଲେ, ବିଶେଷତଃ ଶାରଳା ମନ୍ଦିରରେ ତାହାଙ୍କର ନାନା ପୁରାଣ ଶୁଣିବାର ସୁବିଧା ହେଉଥିଲା । ଶାରଳା ବଡ଼ ପୁରାଣବତ୍ସଳା ବୋଲି କବିଙ୍କର ଏହି ଉକ୍ତିରୁ ପ୍ରକାଶ ପାଉଅଛି । 'ସର୍ବମଙ୍ଗଳାରୂପୀ ମାତା ଯେ, ମତ୍ତ ଭୋଳା—ଗ୍ରନ୍ଥାର୍ଥ ଶୁଣଇ ସେ ରହସ୍ୟ କୁତୂହଳୀ' ଆଃ ପଃ । କବି ପୁରାଣମାନଙ୍କ ମଧ୍ୟରୁ ବିଶେଷରେ ବିଷ୍ଣୁପୁରାଣ ଓ ଶିବପୁରାଣ କଥା ଅଧ୍ୟୟନ କରିଥିଲେ; ତେଣୁ ଏହି ପୁରାଣଦ୍ୱୟର ସ୍ମୃତିପଥବର୍ତ୍ତୀ କଥାଂଶମାନସ୍ୱୀୟ ମହାଭାରତର ସ୍ଥଳବିଶେଷରେ ଯୋଗ କରିଅଛନ୍ତି । ପ୍ରତ୍ୟହ ନିଶିମୁଖରେ କବି ଦେବୀଙ୍କ ମନ୍ଦିରରେ ମହାଭାରତାଦି ଶୁଣି, ରାତିରେ ଯାହା ବସି ରଚନା କରିଥାନ୍ତି, ତାହା ତହିଁ ଆରଦିନ ଇଷ୍ଟ-ଦେବୀଙ୍କ ନିକଟରେ ପାଠ କରନ୍ତି । କବିଙ୍କର ଉକ୍ତି ଛଡ଼ା ଏପରି ଅନୁମାନ କରିବାର ଆଉ ଗୋଟିଏ କାରଣ ଏହି ଯେ, ସେ ପ୍ରତ୍ୟେକ ପର୍ବର ବିଶେଷ ଘଟଣା ବା ଯୁଦ୍ଧାଦି ବର୍ଣ୍ଣନାର ଶେଷରେ ପ୍ରାୟ ସର୍ବତ୍ର ଏକାପରି ଉକ୍ତି (ଭଣିତ) ପ୍ରକାଶ କରିଅଛନ୍ତି, ସେଥିରୁ ସ୍ପଷ୍ଟ ଜଣାଯାଏ—ଉକ୍ତ ଅଂଶମାନ ଏକ ଉଚ୍ଛ୍ୱାସର ବା ଏକଦିନର ଲେଖା । ଦେବୀ ମନ୍ଦିରରେ କବି ନିଜ ମହାଭାରତ ପାଠ କଲାବେଳେ ବିଜ୍ଞ ବ୍ରାହ୍ମଣ ପଣ୍ଡିତ ଏବଂ ପୁରୋହିତଙ୍କୁ କଞ୍ଚିତ ଭୟ କରୁଥିଲେ ଏବଂ ସେଥିପାଇଁ ସେ ପ୍ରତ୍ୟେହ ଭୟ ଓ ବିନୟ ପ୍ରଦର୍ଶନ ପୂର୍ବକ ସେମାନଙ୍କର ବଂଶଧର ହେଉଥିଲେ । "ନ ପଢ଼ିଲି ଅକ୍ଷର ମୁଁ ନୁହେ ଶାସ୍ତ୍ରକାରୀ, ପଣ୍ଡିତଙ୍କ ସଙ୍ଗେ ନ ବସି ନ କଲି ସମାଧି । କୁସ୍ଥାନେ ବସିଲି ନ ବସିଲି ବିପ୍ରଗୋଷ୍ଠୀ—ଶିଶୁ ବୁଦ୍ଧି ମୋହର ବରେଷ ଅଳପଟି; ମଃ ପାଃ ।"

କଥିତ ଅଛି କବି ମହାଭାରତ ଲେଖିସାରି ଲିଖିତ ତାଳପତ୍ରମାନ ଆଗେ ପାର୍ଶ୍ୱ ବାହିନୀ ବୃଦ୍ଧ ନଦୀ (କ) ଗର୍ଭରେ ପକାଇ ଦେଲେ । ସେଥି ମଧ୍ୟରୁ ଯାହା ଭସି ଉଠିଲା ସେ ଗୁଡ଼ିକ ଅଗ୍ରପାଶ୍ଚାତ୍ କ୍ରମ ଅନୁସାରେ ସଜ୍ଜିତ କରି ପୋଥି ବାନ୍ଧିଲେ; ଏହିପରି ଗୋଟିଏ ଗୋଟିଏ କୌତୁକ କାହାଣୀ ଆଦି କବି-ମାନଙ୍କ ସମ୍ବନ୍ଧରେ ଯେଉଁ ଶୁଣା ଯାଇଥାଏ; ତାହା କବିଙ୍କର ଆତ୍ମମତାର ନିଦର୍ଶନ । ମହାରାଷ୍ଟ୍ରର ଆଦି-କବି ଭକ୍ତ ଉକ୍ତ ତୁକାରାମଙ୍କ ସମ୍ବନ୍ଧରେ କିମ୍ବଦନ୍ତୀ ପ୍ରଚଳିତ ଅଛି, ଏହାକୁ ତାହାର ଭଗିମା କହିଲେ ଚଳେ । (ଖ) ସେ ଯାହା ହେଉ ଏହି କିମ୍ବଦନ୍ତୀରେ କିଛି ସତ୍ୟ ଥିଲା ପରି ଜଣା ଯାଉ ନାହିଁ । ସମ୍ଭବତଃ ସଂସ୍କୃତାନୁ-ରାଗୀସମାଜ ମଧ୍ୟରେ କବିଙ୍କର ପ୍ରତିଷ୍ଠା ଉପରେ ତଦୀୟ ବଂଶଧରମାନେ ଏପରି ଗୋଟିଏ କଳ୍ପନାର ସୁଦର୍ଶନଚକ୍ରଦ୍ୱାରା ପୂର୍ବପୁରୁଷଙ୍କୁ ରକ୍ଷା କରିଅଛନ୍ତି ।

(୨) ନ ପଢ଼ିଲି ନ ଘୋଷିଲି ଗତ ଜନ୍ମ ପୁଣ୍ୟେ,ପୁରାଣ ଅଭ୍ୟାସ କଲି ଶାରଳା ପ୍ରସନ୍ନେ । ଉ, ପ, ପୃ ୧୩ । ଏଠାରେ ନ ଘୋଷିଲି ଅଭିଧାନ ଓ ବ୍ୟାକରଣ ପ୍ରତି ଲକ୍ଷ୍ୟ ।

(୨) ବାମଦେବ ପୁରୋହିତ ବୋଲେ ଶାସ୍ତ୍ର-ଯୋଗେ; ମୁହିଁ ତାହା ବଖାଣିଲି ସର୍ବ ଶୁଭ ଯୋଗେ । ମ, ପ,

(କ) ପ୍ରଚଳିତ ନାମ 'ବୁଡ଼ନଈ' ସ୍ଥାନୀୟ କିଂବଦନ୍ତୀରୁ ପ୍ରକାଶ ପାଉଅଛି ଯେ, ଏହି ନଦୀରେ ପୂର୍ବେ ବାଣିଜ୍ୟ ନୌକା ଯାତାୟତ କରୁଥିଲା । ଏକଦା କୌଣସି ସୌଦାଗର ଏଥିରେ ବୁଡ଼ିଯାଇ ଥିବାରୁ ଏହାର ନାମ ବୁଡ଼ନଈ ହୋଇଅଛି; କିନ୍ତୁ କବି ଗ୍ରନ୍ଥରେ ଏହାର ନାମ ବୃଦ୍ଧନଦୀ ବା ବୃଦ୍ଧମାତା ବୋଲି ପ୍ରକାଶ କରି ଅଛନ୍ତି ।

Digitized by srujanika@gmail.com

ଏପରି କଳ୍ପନାର ଦୁଇ ଗୋଟି ଅଭିପ୍ରାୟ ଥିଲା ପରି ବୋଧ ହୁଏ । ଗୋଟିଏ ଏହି, କବି ମହାଭାରତର କଥା ମୌଳିକ କ୍ରମାନୁସାରେ ଲେଖି ନାହାନ୍ତି । ଆହୁରି ମଧ୍ୟ ସେ ଗ୍ରନ୍ଥ ନ ପଢ଼ି ବହୁଳ କଥାର କ୍ରମ ରକ୍ଷା କରିବା ଅସମ୍ଭବ । ଅନ୍ୟଟି ଏହି ଯେ, କବି ମୂଳ ମହାଭାରତର ଅନେକ ପ୍ରସଙ୍ଗ ଛାଡ଼ି ଯାଇଅଛନ୍ତି । ତାହାଙ୍କର ଯାହା ଯାହା ମନେ ଥିଲା କେବଳ ସେହି ସବୁ କଥା ସେ ଠିକେ ଠିକେ ବର୍ଣ୍ଣନା କରିଅଛନ୍ତି । "କହିଲି ମହାଭାରତ ଠିକ୍ ଠିକ୍ ଭାବେ ।" କବିଙ୍କର ଏହି ଦୁଇ ପ୍ରମାଦ ବା କ୍ରୁଟିର ମାର୍ଜନା ଲାଗି କିମ୍ବଦନ୍ତୀଟି ଗଠିତ ହୋଇଥିଲେହେଁ ତଦ୍ଦ୍ୱାରା କବିଙ୍କର ମର୍ଯ୍ୟାଦାବୃଦ୍ଧି ହୋଇ ନାହିଁ; କେବଳ ସତ୍ୟର ଅପଳାପ ହେଲା । ଯଦି କେହି ଏହି ସତ୍ୟର ଅପଳାପ ବୋଲି ସ୍ୱୀକାର ନ କରନ୍ତି, ତେବେ ଆମ୍ଭେମାନେ ତାହାଙ୍କ ଆପତ୍ତିର ଖଣ୍ଡନରେ ଆହୁରି ଦୃଢ଼ ପ୍ରମାଣ ଏହି ଦେଇପାରୁ ଯେ, କବି ତ କହୁ ସମଗ୍ର ମହାଭାରତ ସ୍ୱଗ୍ରାମରେ ଥାଇ ଲେଖି ନ ଥିଲେ ଯେ, ବୃଦ୍ଧ ନଦୀରେ ତାହା ଭସାଇ ଦେଲେ ? ତାଙ୍କ ଗ୍ରନ୍ଥ ପାଠରୁ ସ୍ପଷ୍ଟ ଜଣାଯାଏ ସେ ପୁରୀ, ଭୁବନେଶ୍ୱର, କୋଣାର୍କ ପ୍ରଭୃତି ତୀର୍ଥ ସ୍ଥାନମାନ ଭ୍ରମଣ କରି ସେହି ସବୁଠାରେ ରଚନା କରୁଥିଲେ । ପୁରୀକୁ ସେ ଦୁଇ ତିନି ଥର ଯାଇ ଥିବାର ଅନୁମାନ ହୁଏ । ବନ, ବିରାଟ, ଦ୍ରୋଣ ପ୍ରଭୃତି ପର୍ବରେ ନୀଳାଚଳର ଯେପରି ଯେପରି ସବିସ୍ତାର ବର୍ଣ୍ଣନା ଏବଂ କବିଙ୍କର ପ୍ରତ୍ୟକ୍ଷ ଜଗନ୍ନାଥ ଦର୍ଶନର ତଥ୍ୟ ମିଳେ, ତାହା ଅନ୍ୟ କୌଣସି ପୂର୍ବରଚିତ ପର୍ବରେ ନାହିଁ । ଏଥିରୁ ସ୍ପଷ୍ଟ ଜଣାଯାଉଅଛି କବି ସେଠା କଳ୍ପବଟ ମୂଳେ ବସି ମହାଭାରତ ରଚନା କରୁଥିଲେ ।

ନୀଳେନ୍ଦୀବଳପରାଏ ଯା ବଦନ ଗୋଟି । ନୀଳ କଳ୍ପବଟ ତଳେ ପାଇଲି ତା ଭେଟି । ଉଃ ପଃ ପୃ ୧୭ ।

ସେଠାରେ ମୁକ୍ତିମଣ୍ଡପର ବ୍ରାହ୍ମଣ ପଣ୍ଡିତମାନଙ୍କ ସହିତ ତାହାଙ୍କର ଆଳାପ ହେଲା । 'ପଣ୍ଡିତ ଜନମାନଙ୍କୁ ମୁଁ ମାଗଇଁ ବିନୟେ—କରି ଆଜ୍ଞା ହେଉ ମୋର ନାରାୟଣ ଲୟେ । ମଃ ପଃ ।

ସେମାନଙ୍କ ସଂସର୍ଗରେ ମଧ୍ୟ ଦାସଙ୍କ ରୁଚିର ଯଥେଷ୍ଟ ପରିବର୍ତ୍ତନ ଘଟି ଥିଲା । ସମ୍ଭବତଃ ତତ୍ରତ୍ୟ ପଣ୍ଡିତମାନଙ୍କ ମୁଖରୁ ମହାଭାରତ କଥା ଶୁଦ୍ଧ ଓ ନୂତନ ଭାବରେ ଶୁଣି କୃତାର୍ଥ ହୋଇଥିଲେ । ତେଣୁ ଶ୍ରୀକ୍ଷେତ୍ର ଲିଖିତ ପର୍ବମାନ ଭାଷା ଓ ଭାବର ବିଚାରରେ ଅପେକ୍ଷାକୃତ ଉତ୍କୃଷ୍ଟ ବୋଲି ବୋଧହୁଏ । ସେଥିରେ ଅଶ୍ଳୀଳତା ଓ ଗ୍ରାମ୍ୟଭାବର ମାତ୍ରା ଅତ୍ୟଳ୍ପ ଲକ୍ଷିତ ହୁଏ ।

ଅନନ୍ତର କବି ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିଦିନ ଅବସ୍ଥାନ କରି ପ୍ରସିଦ୍ଧ କୋଣାର୍କତୀର୍ଥର ଅଭିମୁଖୀନ ହେଲେ । କୋଣାର୍କର ବିଶାଳସୈକତସ୍ଥଳ ତାହାଙ୍କର ଅତିପ୍ରିୟ ଥିଲା । (କ) ସେହି ପୁଣ୍ୟସ୍ଥାନଲାଭ ଏବଂ ମହୋଦଧି ଦର୍ଶନରେ ଅବଶ୍ୟ ତାହାଙ୍କର

(୧) କଥିତଅଛି, ଭକ୍ତ ତୁକାରାମ ଇଷ୍ଟଦେବ ବିଠଲ୍ଲ ମନ୍ଦିରରେ ଭଜନ ରଚନା କରୁଥିବା ସମୟରେ ତତ୍ରତ୍ୟ ବ୍ରାହ୍ମଣମାନେ ଶୂଦ୍ରର କବିତ୍ୱାଧିକାର ଦେଖି ତାଙ୍କ ପ୍ରତି ବଡ଼ ଈର୍ଷା ପ୍ରକାଶ କଲେ ଏବଂ ସେହି ଅନଧିକାର ଚର୍ଚ୍ଚାରୁ ବିରତ ହେବାକୁ ବାରମ୍ବାର ତିରସ୍କାର କଲେ । କବି ସେମାନଙ୍କ ଉତ୍ପୀଡ଼ନରେ ଲିଖିତାଂଶ ଦୁଇଖଣ୍ଡି ପଥର ପଟା ମଧ୍ୟରେ ରଖି ତାହାକୁ ଗୋଟିଏ ଲୁଗାରେ ଗୁଡ଼ାଇ ପାର୍ଶ୍ୱବାହିନୀ ନଦୀରେ ବୁଡ଼ାଇ ଦେଇ ଆସିଲେ ଏବଂ ଇଷ୍ଟଦେବଙ୍କର ପୂର୍ବବତ୍ ଉପାସନା କଲେ । ତହିଁର ତେର କିମ୍ବା ଚୌଦ ଦିନ ଉତ୍ତାରେ ତାହା ଜଳ ଉପରକୁ ଭାସି ଉଠିଲା । ଠାକୁରକୃତ ବୋମ୍ବାଇ ଚରିତ ।

(କ) କାମକୁ ବିନାଶ ଦଶଦ୍ୱାରକୁ ନିରୋଧି । ବ୍ରହ୍ମେ ଲୟ ରଖ ଅଣଆଣ ବାୟୁରୁନ୍ଧି । ଇଡ଼ଲା ପିଙ୍ଗଳା" ସୁଷୁମ୍ନା ତିନିନାଡ଼ୀ । (ପିଙ୍ଗଳା ସୁଷୁମ୍ନା) ନିରୋଧି ପବନକୁ ଯେ ଏକଦ୍ୱାରେ ଛାଡ଼ି । ଘଣ୍ଟିକା ଲେଉଟାଇ ଛନ୍ଦ ଖେଚର ମୁଦ୍ରା, ତେବେ ବାହାରକୁ ଯେ ହୋଇବ ମହା ନିଦ୍ରା । ଏପରି ହୋଇଲେ କେବେ ନଲାଗିବ ଶୋକ । ଶୋକନିରୋଧେଣ ଶରୀରକୁ ସୁଖେ ରଖ । ଆହାର ଶୟନ ଯେବେ ହୁଅଇ ଉପେକ୍ଷା, ତେବେ ନିଶ୍ଚିନ୍ତରେ ଏ ଶରୀର ହୁଏ ରକ୍ଷା—ମୁଃ ପ, ପୃ ୪ ।

Digitized by srujanika@gmail.com

ଭାବାନ୍ତର ଜାତ ହୋଇଥିଲା ଏବଂ ସେହିଠାରେ ସେ ତପଶ୍ଚରଣ କରି ମହାଭାରତର ଅବଶିଷ୍ଟାଂଶ ପୂର୍ଣ୍ଣ କଲେ । ଆଦ୍ୟର ମଧ୍ୟ ସେ ଯେତେ କୋଣାର୍କର ପ୍ରଶଂସା ଏବଂ ସର୍ବଶ୍ରେଷ୍ଠତା ବର୍ଣ୍ଣନ କରି ଅଛନ୍ତି, ସେଥିରୁ ବୋଧହୁଏ ଯେପରି କି ସେହିଠାରେ ମୁକ୍ତିର ପନ୍ଥା ଉଦ୍‌ଘାଟିତ ହୋଇଥିଲା । ସମ୍ଭବତଃ ଏହିଠାରେ ସେ ଯୋଗସାଧନ ଆରମ୍ଭ କରିଥିଲେ । ସ୍ୱର୍ଗାରୋହଣପର୍ବର କେତେକ ପଂକ୍ତି ନିରୀକ୍ଷଣ କଲେ ତାଙ୍କର ଯୋଗାଭ୍ୟାସ ଥିବାର ଅନୁମାନ ହୁଏ । (୧) ସେଠାରେ ମଧ୍ୟ ଗୋଟିଏ କଳ୍ପବଟ ତାହାଙ୍କର ଅଧିଷ୍ଠିତସ୍ଥାନ । "ଚନ୍ଦ୍ରଭାଗା କୋଣାର୍କ ମହୋଦଧିତଟେ; ଭାବଇଁ ସର୍ବଦା ମୁହିଁ ସେ ବଟ ନିକଟେ" (୨) ଶାଃ ପଃ ୨୪ପୃ । ସମଗ୍ର ମହାଭାରତ ପୂର୍ଣ୍ଣ ହେଲା ଉତ୍ତାରେ ସେ ପୁଣି ପୁରୀ ପ୍ରତ୍ୟାଗମନକରି ସୁପ୍ରସିଦ୍ଧ ମୁକ୍ତିମଣ୍ଡପ ସଭାର ପଣ୍ଡିତମଣ୍ଡଳୀଙ୍କ ସମ୍ମୁଖରେ ସ୍ୱୀୟନୂତନ ପ୍ରାକୃତ ମହାଭାରତ ଉପସ୍ଥାପିତ କଲେ । କଥିତ ଅଛି, ପଣ୍ଡିତମାନେ ଶୂଦ୍ର କବିକୃତ ଏହି ମହାଭାରତ ସ୍ୱଭାବଗତ ଘୃଣା ଚକ୍ଷୁରେ ଦେଖି ଦେଖି ଗ୍ରନ୍ଥ ମଧ୍ୟରେ ନିତାନ୍ତ ହେଲେ, ବିଶେଷତଃ ଗୋଟିଏ ସ୍ଥଳରେ "ହାତୀ ବାର ଯୁଣ ତାର ଘଣ୍ଟ ବାର ଯୁଣ—" ଏହି ଅସମ୍ଭବ କଥାଟି ଶୁଣି ଉକ୍ତ ଗ୍ରନ୍ଥ ପ୍ରତି ଅନାସ୍ଥା ପ୍ରଦର୍ଶନପୂର୍ବକ ଫିଙ୍ଗି ଦେଲେ ଏବଂ ଯଥେଷ୍ଟ ତିରସ୍କାର ଓ ଉପହାସ ସହ ବିଦାୟ ଦେଲେ । ଉକ୍ତ କବି ସେଥିରେ ନିତାନ୍ତ ମର୍ମାହତ ହୋଇ ସମସ୍ତ ରାତି ଜାଗରଣପୂର୍ବକ ଭକ୍ତପ୍ରିୟ ଜଗନ୍ନାଥଙ୍କର ଆରାଧନା କଲେ ଏବଂ ତାହାଙ୍କ ପ୍ରସାଦରୁ ତହିଁ ଆରଦିନ ଉକ୍ତ ଅଂଶର ସତ୍ୟତା ପ୍ରମାଣ କରାଇ ପଣ୍ଡିତମାନଙ୍କଦ୍ୱାରା ସ୍ୱମହାଭାରତକୁ ସଂଗତ ବୋଲି ଅନୁମୋଦିତ କରାଇଲେ । (୩) ତାଙ୍କର ଭକ୍ତିର ପରାକାଷ୍ଠା ପ୍ରଦର୍ଶନରେ ପଣ୍ଡିତମାନେ ଅତୀବ ସନ୍ତୁଷ୍ଟ ହୋଇ ତାହାଙ୍କୁ ଶୂଦ୍ରମୁନି ବୋଲି ଆଦର କଲେ । ବୋଧ ହୁଏ ଏହି ସମୟଠାରେ ତାହାଙ୍କର ଶୂଦ୍ରମୁନି ଆଖ୍ୟା ସର୍ବତ୍ର ପ୍ରଚରିତ ହେବାକୁ ଲାଗିଲା । ସମ୍ଭବତଃ, ଏହି ସମୟରେ ତଦାନୀନ୍ତନ ନରପତି କପିଳେନ୍ଦ୍ର ଦେବ ତାହାଙ୍କର ପରିଚୟ ପାଇଥିଲେ ଏବଂ କବି ମଧ୍ୟ ରାଜଦର୍ଶନ ଲାଭ କରି ଉପକୃତ ହୋଇଥିଲେ । ଗୁଣଗ୍ରାହୀ ରାଜା ଏହି କବିଙ୍କୁ ଶାରଳାସେବକ ଥିବାର ଜାଣି ରାଜକୀୟ ଉପାଧି ସହିତ

---

(୧) ପ୍ରତ୍ୟେକ ସ୍ଥଳରେ ବଟତଳର ଉଲ୍ଲେଖ ଦ୍ୱାରା ସେ ସନ୍ନ୍ୟାସୀବେଶରେ ବୁଲୁଥିବାର ଅନୁମାନ ହୁଏ ଏବଂ ବଟତଳେ ତାହାଙ୍କର ସେହି ମୁନିବେଶଟି ହଠାତ୍ ପାଠକର ମାନସ ପ୍ରତ୍ୟକ୍ଷ ହୁଏ ।

(୨) ହାତୀ ବାରଗୁଣ ତାର ଘଣ୍ଟ ବାରଗୁଣ ଏକଥାଟି ଲୋକେ ଏପର୍ଯ୍ୟନ୍ତ କହି ଆସୁଅଛନ୍ତି । ଏହି କିମ୍ବଦନ୍ତୀ ଘଟନା ସତ୍ୟ ପ୍ରାୟ ବୋଧହୁଏ । କବି ଯେଉଁ ଭଳିରେ ପଣ୍ଡିତମାନଙ୍କର ବିଶ୍ୱାସ ଜନ୍ମାଇଥିଲେ ତାହା ଉଦ୍ୟୋଗ ପର୍ବ ଅନ୍ତର୍ଗତ ନିମ୍ନଲିଖିତ କତିପୟ ପଂକ୍ତିରୁ ଅନୁମିତ ହେଉଅଛି;— ହସ୍ତୀ ବାରଗୁଣ ତାର ଘଣ୍ଟ ବାରଗୁଣ, ଏମନ୍ତ ଶୁଣି ଯୁଧିଷ୍ଠି ଆଶ୍ଚର୍ଯ୍ୟ ହୋଇଣ । ସହଦେବଙ୍କର ଶ୍ରୀମୁଖକୁ ଅନାଇଲେ । ମୋ ଆଗରେ ମିଥ୍ୟା ତୁ ଯେ କହିଲୁ ବୋଇଲେ । ସମର ଭୂମିରେ ଯେବେ ଥିବ ସେହି ହସ୍ତୀ ? କେଉଁଠାରେ ରହିବେ ସେ ସଇନ ପଦାତି । ଅଛି ହସ୍ତୀ କଣ୍ଠେ ପୁଣି ଘଣ୍ଟା ବାରଗୁଣ, ଏକଥାମାନ ମୋତେ ଲାଗଇ ଅଘଟଣ । ଯୁଧିଷ୍ଠିଙ୍କ ବଚନେ କହନ୍ତି ସହଦେବ ଅସମ୍ଭବ ମଣିଲ ଯେ ହସ୍ତୀର ପ୍ରସ୍ତାବ । ଏକମନେ ଶୁଣିମା ଏବେ ହେ ଦେବରାଏ । ମାନବରେ ଦେଢ଼ଗୁଣ ସାତଗୁଣ ହୁଏ । ଦେବତାଙ୍କ ବ୍ରହ୍ମଣ ଅଟେ ପୁଣ ସାତେ । ଏକମନେ ବୁଝ ଏହି ହୋଇଲାକ କେତେ । ମାନବ ଗୁଣରେ ଘଣ୍ଟା ଅଛି ହସ୍ତୀ ଗଳା ଦେବତା ଗୁଣରେ ପୁଣ ହସ୍ତୀ ଯେ ହୋଇଲା । ବ୍ରହ୍ମ ଗୁଣେ ହୋଇଛି ଯେ ସମରଭୂମି, ସହଦେବ ବଚନେ ସନ୍ତୋଷ ଦେବ ସ୍ୱାମୀ । ଉ, ପ, ପୃ ୧୦୭ ।

(୩) ମହାଭାରତପାଠକମାନେ ଏହି ଗ୍ରନ୍ଥବର୍ଣ୍ଣିତ କାଳ ଓ ମାର୍ଗର ପରିମାଣ ଏବଂ ଲୋକ ସଂଖ୍ୟା ସ୍ଥଳରେ ଏହି ଯୁକ୍ତି କି ଯଦି ମନେ ରଖିବେ, ତାହାହେଲେ ଅବା କଥଞ୍ଚିତ୍ ଧୈର୍ଯ୍ୟସହକାରେ ସମସ୍ତ ଗ୍ରନ୍ଥ ପଢ଼ିପାରିବେ ।

Digitized by srujanika@gmail.com

* ଝଁକଡ଼ ଆଦି କେତେ ଖଣ୍ଡି ଜନପଦ ନିଷ୍କର ବୃତ୍ତି ପ୍ରଦାନ କରିଥିଲେ । ଗଙ୍ଗବଂଶୀୟ ରାଜଗଣଙ୍କ ରାଜତ୍ୱ କାଳରେ ପୂର୍ବୋକ୍ତ ସେବକମାନେ ଯେତେ ନିଷ୍କର ବୃତ୍ତି ପ୍ରାପ୍ତ ହେଉଥିଲେ ଅନ୍ୟ କୌଣସି ରାଜାଙ୍କ ସମୟରେ ସେପରି ଘଟି ନାହିଁ ବୋଲି ଇତିହାସ ପ୍ରକାଶ କରୁଅଛି । କବି ରାଜପ୍ରସାଦ ଲାଭ କରି ସ୍ୱର୍ଗୋପମ ଜନ୍ମସ୍ଥାନ ପ୍ରତି ପୁଣି ଅଗ୍ରସର ହେଲେ । ପଥ ମଧ୍ୟରେ ଭୁବନେଶ୍ୱର ପ୍ରାଚୀକୂଳସ୍ଥ ତ୍ରିବେଣୀ ତୀର୍ଥ (୧) ନଖହର (ଫୁଲ ନଖରା) ପ୍ରଭୃତି ସ୍ଥାନ ଅତିକ୍ରମ କରି କଟକରେ (୨) ଆସି ଉପସ୍ଥିତ ହେଲେ । ସେଠାରେ ପ୍ରଥମେ ଚଣ୍ଡୀ ଦର୍ଶନ ପୂର୍ବକ (୩) ତୁଳସୀପୁରଠାରେ କିଛିକାଳ ଅବସ୍ଥାନ କରି ସ୍ୱଗୃହାଭିମୁଖରେ ପ୍ରସ୍ଥାନ କଲେ । ତେତେବେଳେ କଟକବାସୀମାନଙ୍କର ଅବସ୍ଥା ରୀତିନୀତି ଆଦି କିପରି ଥିଲା ଜଣାନାହିଁ; କିନ୍ତୁ କବି କଟକ ପ୍ରତି ବଡ଼ ତୀବ୍ର କଟାକ୍ଷପାତ କରିଅଛନ୍ତି । ଆଜକାଲି ଯେପରି କଥାରେ କହନ୍ତି "କଟକରେ ଜାତି ନାହିଁ, କି ପୁରୀରେ ଛତି ନାହିଁ" ବହୁ ଶତବର୍ଷ ପୂର୍ବରୁ କବି ସେହି ସତ୍ୟ ପ୍ରକାଶ କରିଅଛନ୍ତି—

'ଅମୋକ୍ଷ ଏ ଭୂମି ଜାଣି କେହି ନ ପଶିଲେ, ମାନ୍ୟ ଗଉରବ ନାହିଁ ସବୁ ଏକାକାର । ଦ୍ୱିଜ ଚଣ୍ଡାଳ ଯେ ଏକ ନୁହଇ ଅନ୍ତର । ଭୋଜନ କରିଲେ ଦ୍ୱିଜ ନୁହଇଁ ଅଇଁଠା । ମଦ୍ୟ ମାଂସ ଏକତ୍ରରେ କରନ୍ତି ଯେ ଲଟା । ଅନୁକ୍ଷଣେ ଏଠାବାସୀ ରମଣ କରନ୍ତି । କେଉଁଥିରେ ସେମାନଙ୍କ ନ ଥାଇ ଯେ ଭ୍ରାନ୍ତି । ଗୋ ବ୍ରାହ୍ମଣ ମାରନ୍ତି ସେ ନ ଜାଣନ୍ତି ହତ୍ୟା । ନ ଜାଣନ୍ତି ତହିଁ ଦେବ ହରିହର କଥା ।"—ସ୍ୱଃ ପଃ ୧୯ ।

ବର୍ତ୍ତମାନେ ଏହି ପଂକ୍ତି କଟିପୁର ଜବ ପୂର୍ବୋକ୍ତ ପ୍ରବାଦ ଆକାର ଧାରଣ କରିଅଛି । ଶେଷ ପଦର ଏହି ଅଂଶ ଯଦି ପ୍ରକ୍ଷିପ୍ତ ନ ହୋଇ ଥାଏ, ତାହାହେଲେ ଏଥିରୁ ସ୍ପଷ୍ଟ ପ୍ରତିପାଦନ କରାଯାଇ ପାରେ ଯେ, କଟକ ତେତେବେଳେ ରାଜଧାନୀ ନ ଥିବାରୁ ଏବଂ ରାଜଧାନୀ ତହିଁର ବହୁ ଦୂରରେ ଅବସ୍ଥିତ ଥିବାରୁ ତତ୍ରତ୍ୟ ପ୍ରଜାଗଣଙ୍କ ମଧ୍ୟରେ ନ୍ୟାୟଧର୍ମର ବିଚାର ହେଉ ନ ଥିଲା । ଲୋକେ ନାନା ଅତ୍ୟାଚାରର ପ୍ରଶ୍ରୟ ପାଉଥିଲେ । ଏହାମଧ୍ୟ ଅନୁମିତ ହେଉଅଛି; ତେତେବେଳେ ଯବନ ଅଧିକାରର ଉପକ୍ରମ ହୋଇଥିଲା । ଭକ୍ତକବି ଧର୍ମକ୍ଷେତ୍ର ପୁରୀ ଓ ଭୁବନେଶ୍ୱର ଦେଖି ଆସି ପଛେ ଏ କଟକକୁ ଯେ ଅପବିତ୍ର ମଣିଥିବେ, ସେଥିରେ ସନ୍ଦେହ କଣ ? କଟକ ନଗରରେ ଅବସ୍ଥାନ କରିବା ଦୂରେଥାଉ ତାହା ଭିତରକୁ ସୁଦ୍ଧା ସେ ପ୍ରବେଶ କରି ନ ଥିଲେ । ନଗର ମଧ୍ୟରେ ନ ଯାଇ ତୁଳସୀପୁରକୁ କିପରି ଗଲେ ବୋଲି ଅନେକେ ସନ୍ଦେହ କରି ପାରନ୍ତି; ମାତ୍ର ସହରର ଆକାର ଓ ଅବସ୍ଥିତି ଆଜକାଲି ପରି ନ ଥିଲା । ସମ୍ଭବତଃ ସେସମୟରେ ଯାତ୍ରୀମାନେ ବଡ଼ାନାସି ବା ବାରନାଶୀ (ପୂର୍ବନାମ ବାରାଣସୀ) କାଟେ ତୁଳସୀପୁର ଆଡ଼କୁ ଯାଉଥିଲେ । କବି ତୁଳସୀପୁର ପ୍ରଭୃତି ଭ୍ରମଣ କରି ପରିଶେଷରେ ସ୍ୱଜନ୍ମ ଭୂମିରେ ଉପସ୍ଥିତ ହୋଇ ଜୀବନର ଅବଶିଷ୍ଟାଂଶ ଯାପନ କଲେ ।

* କଥିତ ଅଛି ତାଙ୍କର ପୂର୍ବ ଉପାଧି ସ୍ୱାଇଁ ଥିଲା, ରାଜା ପରିଡ଼ା ଉପାଧି ପ୍ରଦାନ କରିଥିଲେ ।

(୧) ସେହିଠାରୁ ଚଳିଗଲେ ଅଗ୍ନିକୋଣ ମୁହିଁ; ପ୍ରାଚୀନଦୀ କୂଳେ ଯାଇ ପ୍ରବେଶ ହୁଅନ୍ତି । ସ୍ୱ, ପ, ପୃ ୧୪ ।

(୨) ତୁଳସୀପୁର ନଗରେ ଯାଇ ପ୍ରବେଶିଲେ । ଦେଖିଲେ ସେ କୋଠସୋଏ ବୁଦ୍ରା ନଦୀ ତୀରେ । ସ୍ୱ, ପ, ୧୮ [କାଠଯୋଡ଼ିକ ?] ।
କାଠଯୋଡ଼ି ନାମଟି ଅଛି ଅଳ୍ପକାଳ ହେଲା ହୋଇଅଛି । ବୋଧହୁଏ ତାହାର ପୂର୍ବନାମ ବୁଦ୍ରା ଥିଲା ।

(୩) ଉତ୍ତରୁ ଚାମୁଣ୍ଡାଗୋ ମଣ୍ଡିତ ମୁଣ୍ଡମାଳ । ତବ ପାଦପଦ୍ମେ ଲକ୍ଷ କରେଁ ନମସ୍କାର । ସ୍ୱ, ପ, ପୃ ୧୮ ।

Digitized by srujanika@gmail.com

ଜନ୍ମସ୍ଥାନ

ଅତି ପ୍ରାଚୀନ କାଳରେ ଏହି ଦେଶରେ ଓଡ୍ର-ମାନଙ୍କର ଅଧିବାସ ଥିଲା * (୧) ମହାଭାରତ ଏବଂ ଅନ୍ୟାନ୍ୟ ପୁରାଣ ଗ୍ରନ୍ଥରେ ମଧ୍ୟ ଓଡ୍ରନାମର ଉଲ୍ଲେଖ ଦେଖାଯାଏ । ଓଡ୍ର ଉତ୍କଳନାମାନଃ-ତ୍ରିକାଣ୍ଡ ଶେଷ, ଉତ୍କଳାଦର୍ଶିତଃପଥଃ ରଘୁବଂଶ, ଏହି ଦୁଇଟି ପଂକ୍ତିରୁ ସ୍ପଷ୍ଟ ବୁଝା ଯାଉଅଛି ଯେ, ଏ ଦେଶବାସୀମାନେ ଓଡ୍ର ଓ ଉତ୍କଳ ଉଭୟ ନାମରେ ଅଭିହିତ ହେଉଥିଲେ । ଉତ୍କଳନାମ ଏ ଦେଶର ପ୍ରାଚୀନ ହେଲେହେଁ ବିଶେଷରେ ଓଡ୍ରମାନଙ୍କର ବାସ ହେତୁରୁ ପଶ୍ଚାତ୍ ଏହାର ନାମ 'ଓଡ୍ରଦେଶ' ହେଲା । 'ଓଡ୍ରଦେଶରୁ ସମ୍ଭବତଃ 'ଓଡ଼ିଶା' ନାମଟି ଆସିଅଛି । କବିଙ୍କର ମହାଭାରତରେ ଓଡ଼ରାଷ୍ଟ୍ର ନାମଟିର ବହୁଳ ଉଲ୍ଲେଖ ଦେଖି ମଧ୍ୟ ଏହା ଅନୁମାନ ହୁଏ, ସେ କାଳରେ ଅନେକେ ଏ ଦେଶକୁ ଓଡ଼ଦେଶ ବା ଓଡ଼ରାଷ୍ଟ୍ର ବୋଲି କହୁଥିଲେ । ବୋଧହୁଏ ସେହି ବୀରଯୁଗରେ ବୀରପୁରୁଷମାନେ ଯୁଦ୍ଧ ପ୍ରବର୍ତ୍ତନା ବା ସୈନ୍ୟାଦିର ଉତ୍ତେଜନା କାଳରେ ବୀରୋଚିତ ଭାଷାରେ ସ୍ୱଦେଶର ଓଜସ୍ୱୀ 'ଓଡ଼ରାଷ୍ଟ୍ର' ନାମଟି ଉଚ୍ଚାରଣ କରି-ବାକୁ ସ୍ୱତଃ ପ୍ରବୃତ୍ତ ହେଉଥିଲେ । କବିଙ୍କ କଳ୍ପନାରୁ ଏହି ନାମର ଅତି ଅପୂର୍ବ ବ୍ୟାଖ୍ୟା ମଧ୍ୟ ବାହାରି ଅଛି ।

"ସସାଗରା ପୃଥିବୀ ସେ ନିବିଭାଗ କଲେ । ନବଖଣ୍ଡ ମେଦିନୀ ନବ ପୁତ୍ରଙ୍କୁ ଦେଲେ । ରାଜାର ଜ୍ୟେଷ୍ଠପୁତ୍ର ନାମ ଗୁରୁ ନୃପତି । ଓଡ଼ିଣୀ ଭାରିଯା ତାର ଅଟଇ ସନ୍ତତି । ମାତାଙ୍କର ଭାବ ଯେ ଓଡ଼ରାଷ୍ଟ୍ର ମଣ୍ଡିଲେ; ତେଣୁ ଓଡ଼ିଶାକୁ ଓଡ଼ରାଷ୍ଟ୍ର ଯେ ବୋଇଲେ । ଆଃ ପଃ ।

ଶେଷୋକ୍ତ ପଂକ୍ତିରୁ ସ୍ପଷ୍ଟ ଅନୁମିତ ହେଉଅଛି ଯେ ଓଡିଶାର ପଶ୍ଚାତ୍ ଓଡ଼ରାଷ୍ଟ୍ର ନାମର ସୃଷ୍ଟି । ସେ ଯାହାହେଉ ଏହି ଓଡ଼ିଶା ସର୍ବପ୍ରଥମେ ଓଡ୍ର ବା ଶୁଦ୍ରମାନଙ୍କର ବାସଭୂମି ଥିଲା । ସେମାନେ ନାନା ଶାଖାରେ ବିଭକ୍ତ ଥିଲେ । ବିଭିନ୍ନ ଶାଖାର ଆଚାର ବ୍ୟବହାର ସାମାଜିକ ନିୟମାଦିରେ କିଞ୍ଚିତ ପାର୍ଥକ୍ୟ ରହିଥିଲା । କୃଷି (ବିଶେଷତଃ ଆଖୁକୃଷି) ଓ ଗୋରୁଚରଣ ସେମାନଙ୍କର ସାଧାରଣ ବ୍ୟବସାୟ ହେଲେହେଁ, କୌଣସି କୌଣସି ସଂପ୍ରଦାୟ ତାହାକୁ ନିକୃଷ୍ଟ ବୃତ୍ତି ବୋଲି ମନେ କରୁଥିଲେ । ସୁବିଖ୍ୟାତ ଭାରତୀୟ ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତ ରାଜେନ୍ଦ୍ର ଲାଲ ମିତ୍ର ପ୍ରକାଶ କରିଅଛନ୍ତି ଯେ, ଏହି ଶୁଦ୍ରମାନେ ଉତ୍କଳର ସର୍ବ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲେ ଏବଂ ସମସ୍ତେ ଏକା ବ୍ୟବସାୟ କରୁ ନ ଥିଲେ । (୧) ବ୍ରାହ୍ମଣୀ ନଦୀର ଦକ୍ଷିଣଦିଗ୍‌ବର୍ତ୍ତୀ ଶୁଦ୍ରମାନେ ଆଖୁକୃଷି ପ୍ରଭୃତି କଲେ ଜାତି ଯିବ ବୋଲି ବିଚାରୁଥିଲେ । ଟିକିଏ ଭିତରକୁ ପ୍ରବେଶ କଲେ ଆମ୍ଭେମାନେ ଏହାର ସତ୍ୟ ପ୍ରତ୍ୟକ୍ଷ କରି ପାରିବୁଁ । ଶୁଦ୍ରମାନେ ଏ ଦେଶର ବହୁ ପୂର୍ବକାଳର ଅଧିବାସୀ, ବୁଦ୍ଧିମାନ୍ ଏବଂ ଶାରୀରିକ ଶକ୍ତିସମ୍ପନ୍ନ । ସେମାନେ ଆତ୍ମୋନ୍ନତି ବିଧାନରେ ପ୍ରଯତ୍ନଶୀଳ ହୋଇ ଉନ୍ନତ ଆଦର୍ଶ ଅନୁ-କରଣରେ ନିଜ ଜାତିର ପ୍ରାଧାନ୍ୟ ସ୍ଥାପନରେ ପ୍ରୟାସୀ ହେଉଥିବେ । ବର୍ତ୍ତମାନ ସୁଦ୍ଧା ଆମ୍ଭେମାନେ ଏହି ଶୁଦ୍ରବଂଶଧର 'ଶୁଦ୍ର' ଆଖ୍ୟାଧାରୀମାନଙ୍କ ଠାରେ ଏହି ଚେଷ୍ଟା ଦେଖୁଅଛୁଁ । ବର୍ତ୍ତମାନ ଓଡ଼ିଶାର ସ୍ଥଳ-ବିଶେଷରେ ଯେଉଁ ସ୍ୱଳ୍ପସଂଖ୍ୟକ 'ଶୁଦ' ଅଛନ୍ତି, ସେମାନଙ୍କ ଆଚାର ବ୍ୟବହାରାଦି କରଣଙ୍କ ଆଚାରଠାରୁ କିଞ୍ଚିତ୍ ନିକୃଷ୍ଟ ହେଲେହେଁ; ଶୁଦ୍ରଚଷାମାନଙ୍କ ଅପେକ୍ଷା

---

* (୧) ମହାଭାରତରେ ସଭାପର୍ବରେ ସହଦେବ ଓଡ୍ରମାନଙ୍କୁ ଜୟ କରି ଥିବାର ଉଲ୍ଲେଖ ଅଛି ।
ପାଣ୍ଡ୍ୟାଂଶ୍ଚ ଦ୍ରାବିଡ଼ାଂଶ୍ଚୈବ ସହିତାଂଶ୍ଚୋଡ୍ରକେରଳୈଃ । ସଃ ପଃ ଅ ୩୧ । ୭୧ ।

ଓଡ୍ରରାଜ ପାଣ୍ଡବଙ୍କୁ ହସ୍ତିଦନ୍ତ ଉପହାର ଦେଇଥିଲେ । ଉତ୍କଳ ଯେ ହସ୍ତୀବହୁଳଦେଶ ଥିଲା, ତାହା ଏଥିରୁ ଏବଂ "ସ ତୀର୍ତ୍ତ୍ୱା କପିଶାଂ ସୈନ୍ୟୈର୍ବଦ୍ଧ ଦ୍ୱିରଦ ସେତୁଭିଃ" ରଘୁବଂଶର ଏହି ପଂକ୍ତିରୁ ସୂଚିତ ହେଉଅଛି ।

Digitized by srujanika@gmail.com

ବହୁଗୁଣରେ ଉତ୍କୃଷ୍ଟ । ତଥାପି ସେମାନେ ବନକୁଦନ ତନ୍ତିରୁ ଆହୁରି ସଂସ୍କାର *(୨) କରିବାକୁ ଚେଷ୍ଟା କରୁଅଛନ୍ତି । ଏହି ଶୂଦ୍ରମାନଙ୍କ ମଧ୍ୟରୁ ଯେଉଁମାନେ ବିଦ୍ୟା ଦ୍ୱାରା ନିଜର ଶ୍ରେଷ୍ଠତା ପ୍ରଖ୍ୟାପନ କରିଥିଲେ ସେହିମାନେ କୌଶଳକ୍ରମେ ଉପରକୁ ଉଠି କରଣସମ୍ପ୍ରଦାୟଭୁକ୍ତ ହେଉଅଛନ୍ତି । ବ୍ରାହ୍ମଣୀ ନଦୀର ଦକ୍ଷିଣ ଜନପଦବାସୀ (ଭୁରିଜନଦୀ ଦକ୍ଷିଣ କୂଳେ ଆଃ ପଃ) ପୂର୍ବୋକ୍ତ ସତ୍‌ଶୂଦ୍ର ଶାଖା ମଧ୍ୟରେ ଆମ୍ଭମାନଙ୍କର କବି 'ଶାରଳା ଦାସ' ଜଣେ ତାହାଙ୍କର ଉପାଧି ପରିଡ଼ା, କେହି କେହି କହନ୍ତି ପରିଡ଼ା ରାଜଦତ୍ତ ଉପାଧି । ପୂର୍ବେ ତାଙ୍କର ସ୍ୱାଇଁ 'ସଂଜ୍ଞା' ଥିଲା । ବର୍ତ୍ତମାନ ଉତ୍କଳରେ ପରିଡ଼ା ଆଖ୍ୟାଧାରୀଙ୍କର ସଂଖ୍ୟା ଅତି ଅଳ୍ପ । ବାଲେଶ୍ୱର ଜିଲ୍ଲାରେ ଏମାନଙ୍କର ସଂଖ୍ୟା ୧୨ ଥିବାର ଲୋକସଂଖ୍ୟା ବିବରଣୀରେ (କ) ପ୍ରକାଶିତ । ଏହି ପରିଡ଼ାମାନେ ଅବଶ୍ୟ କରଣମାନଙ୍କଠାରୁ ନିକୃଷ୍ଟ। (ଖ) କୃଷି ତାଙ୍କର ଜାତୀୟ ବ୍ୟବସାୟ । କବିଙ୍କର ପୂର୍ବ ନାମ 'ସିଦ୍ଧେଶ୍ୱର' ଥିଲା ବୋଲି କିଂବଦନ୍ତୀରୁ ପ୍ରକାଶ ପାଏ । ତାହାହେଲେ ପୂର୍ଣ୍ଣନାମ, 'ସିଦ୍ଧେଶ୍ୱର ପରିଡ଼ା' (ଗ) । ଜାତିରେ ଶୂଦ୍ର, ସେ ସମୟରେ ଏହିଜାତୀୟ କୃଷକ ସମସ୍ତେ ଶୂଦ୍ର ନାମରେ ଅଭିହିତ ହେଉଥିଲେ । "ସେ ଅନନ୍ତା ଶୂଦ୍ର—" ପ୍ରଭୃତି ପଂକ୍ତିରେ କବି ମଧ୍ୟ ଚଷା ପରିବର୍ତ୍ତେରେ ଶୂଦ୍ର ନାମ ବ୍ୟବହାର କରିଅଛନ୍ତି । ସେ ଯାହା ଥାଉ କବି ସ୍ୱଗ୍ରନ୍ଥରେ ନିଜ ବଂଶର ପରିଚୟ କେଉଁଠି ଦେଇ ନାହାନ୍ତି । ତାଙ୍କ ଗ୍ରନ୍ଥ ପାଠରୁ କେବଳ ଏତିକି ଜଣାଯାଏ ଯେ, ଚନ୍ଦ୍ରଭାଗା ନଦୀର (କନକପୁର ପାର୍ଶ୍ୱ 'ବାହ୍ମଣୀ ସ୍ରୋତ୍ରନଦୀ) ଘାଟିଆଳ ପରଶୁରାମ ତାହାଙ୍କର ଅଗ୍ରଜ

---

*(୨) କପିଳ ସଂହିତାରେ – ଓଡ୍ରଦେଶ ଇତଖ୍ୟାତୋ ଦେଶୋ ଭାରତସଂଜ୍ଞକଃ । ଅ ୭ ମ, ତସ୍ମାଦୋଡ୍ରେ ସଦା ସନ୍ତି କୃଷ୍ଣା ଭର୍ପାବର୍ତ୍ତାହ୍ୱରାଃ । ତସ୍ମଦେଶେ ଦ୍ୱିଜଶ୍ରେଷ୍ଠ-ନଦୀନାମୁତ୍ତମାନଦୀ । ମହାନଦୀବିଖ୍ୟାତା ସର୍ବପାପାପନୋଦନୀ । ' ସ୍ମୃ ।

(୧) These ods cultivate sugar-cane, and carry burthens on bullocks, which no other uriyas, particularly those living south of Brahmani river, can do without losing their caste. "Antiqusties of Orissa. Vol II.P4.

(୨) ବର୍ତ୍ତମାନ ଏହି ଶୂଦ୍ର ବା ଶୁଦ ଆଖ୍ୟାଧାରୀଙ୍କର ସଂଖ୍ୟା ଓଡ଼ିଶାରେ ଅତି ଅଳ୍ପ; ବାଲେଶ୍ୱର ଜିଲ୍ଲାରେ ଶୂନ୍ୟ କହିଲେ ଚଳେ । ୧୮୭୧ ଖ୍ରୀଷ୍ଟାବ୍ଦର ଲୋକସଂଖ୍ୟା ଅନୁସାରେ କଟକ ଜିଲ୍ଲାରେ ଶୂଦ୍ରଙ୍କର ସଂଖ୍ୟା ୨୮; ୨୭୬; ବାଲେଶ୍ୱରରେ ୪ ଜଣମାତ୍ର । (Sudras or sudas agriculturist 28,276 in in number P74. Sudas 4 in number P275 Hunter's statistical accounts of Bengal. Vol. XVIII) ପୁରୀ ଜିଲ୍ଲାରେ ବିଶେଷତଃ କାକଟପୁର ଏବଂ ଖୋର୍ଦ୍ଧା ଅଞ୍ଚଳରେ ଏମାନଙ୍କର ବସତି ଅଛି । ଶୂଦ୍ରମାନଙ୍କର ସ୍ତ୍ରୀମାନେ ଚଷାଙ୍କ ସ୍ତ୍ରୀପରି ପିଇଲା ଖଡ଼ୁ ପିନ୍ଧନ୍ତି ନାହିଁ । କାଚ ପିନ୍ଧିବାରେ ସେମାନଙ୍କର ଅଭିରୁଚି । ଖୋର୍ଦ୍ଧାର ଓଡ଼ଚଷାମାନେ ଶୂଦ୍ରମାନଙ୍କ ଅପେକ୍ଷା ନିକୃଷ୍ଟ ଏବଂ ସେମାନଙ୍କ ସାମାଜିକ ପ୍ରଥା ଓ ଆଚାର ବ୍ୟବହାରାଦିରେ ଅନେକ ପାର୍ଥକ୍ୟ ଅଛି । ଆମ୍ଭେମାନେ ଏହି ଓଡ଼ଚଷାଙ୍କୁ ଏକ କଥାରେ ଆଦିମ ଓଡ୍ରମାନଙ୍କର ବଂଶଧର କହି ଦେଇ ନିଶ୍ଚିନ୍ତ ରହୁଁ; ମାତ୍ର ଏହା କିପରି ସଙ୍ଗତ ହେବ ? ଯେଉଁମାନେ ଏକ ସମୟରେ ସମଗ୍ର ଉତ୍କଳ ବ୍ୟାପିଥିଲେ, ସେମାନଙ୍କର ଏହି କେତେକ ଜଣ କେବଳ ବଂଶଧର ? ଆଉ ସବୁ କାହିଁ ଗଲେ ? ଏଥିପୂର୍ବେ ଲେଖା ଯାଇଅଛି ଯେ ଏହି ଶୂଦ୍ରମାନେ ନାନା ଶାଖାରେ ବିଭକ୍ତ ହୋଇ ବିଭିନ୍ନ ବ୍ୟବସାୟ ଅବଲମ୍ବନ କରିଥିଲେ । ସେହି ଶାଖା ପ୍ରଶାଖାରୁ ଗଉଡ଼, ଗୁଡ଼ିଆ, ଗୋଲା, ଥୋରିଆ, ତେଲି, ତାମ୍ବୁଲୀ ପ୍ରଭୃତିର ସୃଷ୍ଟି ହୋଇଅଛି । ଶ୍ରୀଯୁକ୍ତ ହଣ୍ଟର ସାହେବ ଏମାନଙ୍କୁ ସତ୍‌ଶୂଦ୍ର (Respectable sudra castes) ବୋଲି ନିର୍ଦ୍ଦେଶ କରିଅଛନ୍ତି । ତନ୍ମଧ୍ୟରେ ଯେଉଁମାନେ ବ୍ୟବସାୟୀ ଏବଂ ବୁଦ୍ଧିମାନ୍ ସେମାନେ ସ୍ୱବ୍ୟବସାୟାନୁଯାୟୀ ନାମ ଲାଭ କରି ସମାଜ ମଧ୍ୟରେ ନୂତନ ହୋଇ ପରିଗଣିତ ହେଲେ । ଯେଉଁମାନେ

Digitized by srujanika@gmail.com

ଥିଲେ । ଏହି ପରଶୁରାମ * କନକାବତୀ ପାଟଣା (ଆଧୁନିକ କନକପୁର) ବସାଇଥିଲେ । ଏହି ଗ୍ରାମ କଟକରୁ ଚାଳଦଣ୍ଡା ନାଳ ବାଟେ ପ୍ରାୟ ୧୫ କୋଶ ପୂର୍ବରେ ଅବସ୍ଥିତ । ତାହାର ଉତ୍ତର-ପଶ୍ଚିମବର୍ତ୍ତୀ ଶାରଳା ନାମକ ଗ୍ରାମ (ଆଧୁନିକ ନାମ ବଡ଼ ଶାରେଳ) କବିଙ୍କର ଆଦି ବାସସ୍ଥାନ ଥିଲା । ଆହୁରି ମଧ୍ୟ କବିଙ୍କର ଉପାସ୍ୟା ଶାରଳା ଦେବୀଙ୍କର ମନ୍ଦିର ପ୍ରଥମେ ଏହି ଗ୍ରାମରେ ଥିଲା । ମହାଭାରତର ନିମ୍ନୋଦ୍ଧୃତ କତିପୟ ପଂକ୍ତିରୁ ଏ ସବୁର ପ୍ରମାଣ ମିଳୁଅଛି ।

ମାଳସୁନ୍ଦର ଗିରି ଉତ୍ତର ଦିଗ କୋଣେ ।
ସାରସ୍ୱତ ଭୂମି ଭ୍ରତଖଣ୍ଡ ଅଇଶାନ୍ୟେ । (ଓଡ଼ିଶା)
ଚନ୍ଦ୍ରଭାଗା ବୋଲିକରି ନଦୀ ଏକ ଗୋଟି ।
ବୃଦ୍ଧ ମାତାଙ୍କ ପାଶୁଣେ ମହୋଦଧି ଭେଟି ।
ସେ ନଦୀ ତୀରରେ ପର୍ଶୁରାମ ଯେ ଘାଟଇ ।
କନକାବତୀ ନାମେ ପାଟଣା ପ୍ରକାଶଇ ।
ତା ଉତ୍ତରେ ଅନୁଜ ଶରଳ ବୋଲି ଗ୍ରାମେ ।
ବିଜୟେ ମାହେଶ୍ୱରୀ ଶାରଳା ଚଣ୍ଡୀ ନାମେ । ଆଃ ପଃ
ଚିତ୍ରୋତ୍ପଳା ନଦୀ ଯେ ଉତ୍ତର ଭାଗେଣ ।
ଜଙ୍ଘେର ପୁର ନାମେ ଅଟଇ ପାଟଣ । ମଃ ପଃ ।
କନକ ପୁର ପାଟଣା ଘର ପର୍ଶୁରାମ ।
ମୁହିଁ ତାର ଅନୁଜ ଶାରଳା ଦାସ ନାମ ।”

ଏହି କତିପୟ ପଂକ୍ତିରୁ ସ୍ପଷ୍ଟ ବୁଝାଯାଏ ଯେ ଜ୍ୟେଷ୍ଠ ପରଶୁରାମ କନକପୁରରେ ଏବଂ କନିଷ୍ଠ

ନିର୍ବୋଧ ଏବଂ ବ୍ୟବସାୟ ବର୍ଜିତ, ସେହିମାନେ କେବଳ ପୈତୃକସତ୍ତ୍ୱ ଶୂଦ୍ର ବା ଶୂଦ୍ର ନାମ ଛଡ଼ା ଆଉ କିଛି ପାଇଲେ ନାହିଁ । ତେଣୁ ଶୂଦ୍ର ସମାଜର ଏହି ହୀନ ଶାଖା ବର୍ତ୍ତମାନ ଓଡ଼ିଶାରେ ଓଡ଼ଚଷା ବୋଲି ଦୁଷିତ ହେଉଅଛନ୍ତି । “ଓଡ଼ ଶବ୍ଦ ବର୍ତ୍ତମାନ ଓଡ଼ିଶାରେ ଏକ ଘୃଣ୍ୟ ବା ତିରସ୍କାରବାଚକ ଶବ୍ଦ ହୋଇ ପଡ଼ିଅଛି, ‘ଓ ଇଃ ପୃଃ ୬୦ । ଏହି ଓଡ୍ରମାନଙ୍କ ବାସସ୍ଥାନର ପରିମାଣ ପୂର୍ବେ ୧୧୫୦ ମାଇଲ ଥିଲା । ପ୍ରସିଦ୍ଧ ପରିବ୍ରାଜକ ହୁଏନ୍‌ସାଂ ପ୍ରକାଶ କରିଅଛନ୍ତି । ସ୍ୱର୍ଗୀୟ ପ୍ୟାରିମୋହନ ଆଚାର୍ଯ୍ୟ ବିଭିନ୍ନ ଐତିହାସିକମାନଙ୍କର ମତ ସଂକଳନପୂର୍ବକ ତତ୍ସମ୍ବନ୍ଧରେ ଏହା ଲେଖିଛନ୍ତି,—“ପୁରୀ ଜିଲ୍ଲାରେ (ବିଶେଷତଃ ଖୋର୍ଦ୍ଧାରେ) ଓଡ଼ଙ୍କ ସଂଖ୍ୟା ୮୭ ସହସ୍ରରୁ ଅଧିକ; ଗଡଜାତରେ ସାଢ଼େ ତିନି ସହସ୍ର, ବାଲେଶ୍ୱରରେ ଶୂନ୍ୟ ଏବଂ କଟକରେ ୨ ଜଣ ବୋଲି ବଙ୍ଗ ଲୋକସଂଖ୍ୟା ବିବରଣୀରେ ଲିଖିତ ଅଛି । ମାତ୍ର କଟକରେ ପ୍ରକୃତ ଓଡ଼ଙ୍କ ସଂଖ୍ୟା ଏତଦପେକ୍ଷା ଅଧିକ ଏବଂ ସେମାନେ ପ୍ରାୟ ବେଣାଟିଆ ଓଡ଼ଙ୍କ ଶ୍ରେଣୀଭୁକ୍ତ । କୌଶଳକ୍ରମେ ସେମାନେ ହିନ୍ଦୁ ସମାଜର ଗଉଡ଼, ଭଣ୍ଡାରୀ ଓ ଅନ୍ୟାନ୍ୟ ନିକୃଷ୍ଟ ଜାତିଙ୍କ ଉପରେ ପ୍ରଭାବ ଚଳାଇ ଓ ହିନ୍ଦୁଙ୍କ ସହବାସରେ ସ୍ୱ ସ୍ୱ ଆଚାର ନୀତିରେ କେତେକ ପରିବର୍ତ୍ତନ ଘଟାଇ; ସ୍ଥଳେ ସ୍ଥଳେ ମଧ୍ୟ (ସମ୍ଭବତଃ ଶୂଦ୍ର ଚଷାଙ୍କ ସଙ୍ଗେ) ବିବାହ କରି; ଆପଣାକୁ ବଡ଼ ଜାତିବୋଲି ମଣନ୍ତି ଏବଂ ପେଣ୍ଡ୍ରା କଲସା, ଦହିକଲସା ଓ ଶୁକର ଲିଚ୍ଛ ବୋଲି ଯେଉଁ ଅନ୍ୟ ତିନିଜାତୀୟ ଓଡ଼ ଅଛନ୍ତି ସେମାନଙ୍କୁ ଅସ୍ପୃଶ୍ୟ ଜ୍ଞାନ କରନ୍ତି । ଏମନ୍ତ କି ଶୂଦ୍ର ଚଷାଙ୍କୁ ସେମାନଙ୍କ ହାଲିକଠାରୁ ହୀନ ବୋଲି କହନ୍ତି । ହୁଏତ ଲୋକସଂଖ୍ୟାର ଗଣନାକାରମାନେ ତାଙ୍କୁ ସାଧାରଣ ଶୂଦ୍ର ଚଷା ଶ୍ରେଣୀରେ ଭୁକ୍ତ କରିଅଛନ୍ତି । ଖୋର୍ଦ୍ଧାର ଓଡ଼ମାନେ ବିଶେଷରୂପେ ଓଡ଼ ବୋଲି ନିର୍ଦ୍ଦିଷ୍ଟ ଏବଂ ସେମାନଙ୍କ ମଧ୍ୟରେ ସ୍ୱଜାତିର ପରସ୍ପର ଦେବା ନେବା; ଖିଆ ପିଆ କୌଣସି ବିଷୟରେ କିଛି କୁସଂସ୍କାର ନାହିଁ । ଏମାନଙ୍କ ହସ୍ତର ପାଣି ଅସ୍ପୃଶ୍ୟ । ହିନ୍ଦୁଙ୍କପରି ଶବଦାହର ବିଶେଷ ବିଧି ନାହିଁ । ଓଡ଼ିଶା ଇତିହାସ, ପୃ ୬୦ ।

(କ) Paridas 12 in number in Balasore, P. 275 S. A. B. Vol. XVIII.

(ଖ) ଏହି ଚତୁର ସମ୍ପ୍ରଦାୟ ବର୍ତ୍ତମାନ କରଣ ଶ୍ରେଣୀଭୁକ୍ତ ହୋଇ ପରିଡ଼ା ନାମ ପରିବର୍ତ୍ତିରେ ‘ପରିଜା’ କରିଅଛନ୍ତି ।

(ଗ) କେହି କେହି ପୂର୍ବ ନାମ ଶାରଳ ସ୍ୱାଇଁ ବୋଲି କହନ୍ତି ।

* ଅନେକ ଏହି ପରଶୁରାମଙ୍କୁ ଜାମଦଗ୍ନ୍ୟ ପରଶୁରାମ ବୋଲି ଜାଣନ୍ତି । ଏପରି ବିଶ୍ୱାସର କାରଣ ଜାମଦାଗ୍ନ୍ୟ ଶାରଳା ମୂର୍ତ୍ତିର ପ୍ରତିଷ୍ଠା କରିଥିଲେ ବୋଲି କିଂବଦନ୍ତୀ ଅଛି ।

Digitized by srujanika@gmail.com

ଶାରଳ ଗ୍ରାମରେ ବାସ କରୁଥିଲେ । ଦୁଇ ଭାଇ ଦୁଇଟି ଗ୍ରାମ ଅଧିକାର କରିଥିବାରୁ ସୂଚିତ ହେଉଅଛି, ଉଭୟଙ୍କର କିଛି ବିଷୟ ସମ୍ପତ୍ତି ଥିଲା । ନାବିକ ପରଶୁରାମ ବୋଧହୁଏ ଚନ୍ଦ୍ରଭାଗା ନଦୀରେ ନୌକାରେ ବ୍ୟବସାୟଦ୍ୱାରା ଧନୀ ହୋଇଥିବେ । ବୃଦ୍ଧ ନଦୀ (ଆଧୁନିକ ନାମ ବୁଢ଼ା ନଈ) ବର୍ତ୍ତମାନ ତେନ୍ତୁଳିଆପଦା ଗ୍ରାମର ପଶ୍ଚିମଭାଗରେ ବହମାନା । ଏହି ଗ୍ରାମ କନକପୁର ପ୍ରାୟ ଏକ କୋଶ ଉତ୍ତରରେ ଅବସ୍ଥିତ । ଏହାର ଉତ୍ତରରେ ମହାନଦୀ ପ୍ରବାହିତା । ଏହି ତେନ୍ତୁଳିଆପଦା କବିଙ୍କର ଜନ୍ମସ୍ଥାନ ନ ଥିଲେହେଁ ଏଥିରେ ତାହାଙ୍କର ଚରମକାଳ ଅତିବାହିତ ହୋଇଅଛି । ସ୍ଥାନୀୟ ଲୋକେ କହନ୍ତି ଯେ, କବିଙ୍କର ଯଥେଷ୍ଟ ଭୂସମ୍ପତ୍ତି ଥିଲା । ଶାରୋଳରେ ଅବସ୍ଥାନ କାଳରେ ଦୂରବର୍ତ୍ତୀ ପୂର୍ବସୀମାନ୍ତ ଗ୍ରାମମାନଙ୍କରେ କୁଜଙ୍ଗର ଦୁଷ୍ଟ ଲୋକମାନେ ଆସି ଲୁଣ୍ଠନ ଓ ଉତ୍ପାତ କରୁଥିଲେ । ଉକ୍ତ ସ୍ଥାନମାନ ସେତେବେଳେ ଜଙ୍ଗଲମୟ ଥିବାରୁ ଲୁଣ୍ଠନର ସୁବିଧା ହେଉଥିଲା । ଶାରଳା ଦାସ ଏହି ଅତ୍ୟାଚାରର ନିବାରଣ ନିମିତ୍ତ ଜଙ୍ଗଲ ମଧ୍ୟସ୍ଥିତ ସହାମା ଗ୍ରାମରେ ଅବସ୍ଥାନ କଲେ । କଥିତ ଅଛି, ଏହି ସହାମାରେ କିଛିକାଳ ବାସ କଲା ଉତ୍ତାରେ କବିଙ୍କୁ ଦେବୀଙ୍କର ସ୍ୱପ୍ନାଦେଶ ହେଲା ଯେ, 'ତୁ ସେଠାରେ ରହିଲେ ମୋତେ ସଙ୍ଗରେ ଘେନି ଯା ।' ଉକ୍ତ ବିସ୍ମିତ ହୋଇ ଗନ୍ତବ୍ୟ ଜିଜ୍ଞାସା କରନ୍ତେ ଦେବୀ ଉତ୍ତରରେ କଲେ, "ତୁ ପଛକୁ ନ ଚାହିଁ ଆଗେ ଆଗେ ଚାଲ୍, ମୁଁ ପଛେ ପଛେ ଯାଉଛି । ଆଉ ଯେଉଁଠାରେ ତୁ ଗୋଟିଏ ବକ ସଞ୍ଚାଣ ଧରିଥିବାର ଦେଖିବୁ * ସେହିଠାରେ ଗୃହ ନିର୍ମାଣ କରିବୁ ।" ତଦନୁସାରେ କବି ବିସ୍ମୟ ଭାବରେ ଆଗେ ଆଗେ ଗଲେ । କିଛିଦୂର ଯାଇ ରହସ୍ୟ ଜାଣିବାକୁ ପଛକୁ ଚାହାନ୍ତେ ଦେବୀ ଆଉ ନ ଚଳି ସେହିଠାରେ ରହିଲେ । ** ତଦନନ୍ତର କବି କିଛିଦୂର ଅଗ୍ରସର ହୋଇ ଗୋଟିଏ ପଡ଼ିଆରେ ସ୍ୱପ୍ନାନୁରୂପ ବକ ସଞ୍ଚାଣକୁ ଧରି ଥିବାର ଦେଖି ଦେବୀଙ୍କ ଆଦେଶାନୁସାରେ ତହିଁ ଗୃହ ନିର୍ମାଣର ବ୍ୟବସ୍ଥା କଲେ । ଏହି ସ୍ଥାନ ବର୍ତ୍ତମାନ 'ଜୁଆସ ଉଦ୍ଧ' ବୋଲି ଆଖ୍ୟାତ ହେଉଅଛି । ତାହାର ଚତୁଃପାର୍ଶ୍ୱରେ ବର୍ତ୍ତମାନ ତିନ୍ତୁଳିପଦା ଗ୍ରାମର ସୀମା ରହିଅଛି । ଏହି ଜନଶ୍ରୁତିରୁ ଅନୁମିତ ହେଉଅଛି ଯେ, ଯେଉଁ ତିନ୍ତୁଳିପଦା ଏହିକ୍ଷଣି ବହୁ ଲୋକାଳୟ ପୂର୍ଣ୍ଣ; କବିଙ୍କ ଅବସ୍ଥାନ କାଳରେ ତାହା ସେପରି ନ ଥିଲା । ପ୍ରାୟ ଗୋଟିଏ ବଡ଼ ପଡ଼ିଆ ଥିଲା । ସମ୍ଭବତଃ ସେଠାରେ ଅନେକ ତିନ୍ତୁଳି ଗଛ ଥିବାରୁ ଅଥବା ତିନ୍ତୁଳି ବ୍ୟବସାୟୀମାନଙ୍କର କେନ୍ଦ୍ରସ୍ଥଳ ଥିବାରୁ ପଛେ ତାହାର ନାମ ଏପରି ହୋଇଅଛି । ଅନୁମାନ ହୁଏ ଭକ୍ତ କବିଙ୍କ ଅବସ୍ଥାନରେ ଅନେକ ସତ୍ସଙ୍ଗ ଲାଭ ଆଶାରେ ତାହାଙ୍କର ସହବାସୀ ହେବାକୁ ଲାଗିଲେ । ସେମାନଙ୍କଦ୍ୱାରା ଏବଂ କବିଙ୍କ ବଂଶଧରଙ୍କଦ୍ୱାରା କ୍ରମାଗତ ଏହି ସ୍ଥାନ ଜନାକୀର୍ଣ୍ଣ ଏବଂ ଲୋକାଳୟପୂର୍ଣ୍ଣ ହୋଇ ବର୍ତ୍ତମାନ ପ୍ରାୟ ସହସ୍ର ଲୋକର ବାସ ହୋଇଅଛି । ଏହି ସ୍ଥାନର ଭୂମି ଅତି ଉର୍ବରା । ଉକ୍ତଳ ଜାହ୍ନବୀ ମହାନଦୀର ଜଳରେ ଏହି ଅଞ୍ଚଳ ସୁଜଳ ଏବଂ ଶସ୍ୟଶ୍ୟାମଳ ।

ଶାରଳା ସିଂହବାହିନୀ ଚଣ୍ଡୀ ବିଶେଷ । ପୁରୀର ବିମଳା, ଯାଜପୁର ବିରଜା, କାକଟପୁର ମଙ୍ଗଳା, ବାଣପୁର ଭଗବତୀ ପ୍ରଭୃତି ପ୍ରାୟ ଝଙ୍କଡ଼ର ଶାରଳା ଉତ୍କଳ ପ୍ରସିଦ୍ଧ । ଏଠାର ପୂଜାଦି ଅନ୍ୟାନ୍ୟ ଦେବୀପୀଠର ଅନୁରୂପ ହୋଇଥାଏ । ଏହାଙ୍କ ସମ୍ମୁଖରେ ମଧ୍ୟ

* ସ୍ଥାନର ମାହାତ୍ମ୍ୟ ପ୍ରଖ୍ୟାପନ ଏ ପ୍ରକାର କଳ୍ପନାର ଉଦ୍ଦେଶ୍ୟ । ବକ ସଞ୍ଚାଣ ଧରିଥିବା ଦ୍ୱାରା ଏହା ସୂଚିତ ହେଉଅଛି, ସେ ସ୍ଥାନରେ ମୂର୍ଖସୁଦ୍ଧା ଖ୍ୟାତନାମା ପଣ୍ଡିତଙ୍କୁ ଜିଣି ପାରେ ।

** ଏହି ମୂର୍ତ୍ତି ଏବେ 'ବିଲଶାରଳା' ନାମରେ ଆଖ୍ୟାତ ହେଉଅଛନ୍ତି ଏବଂ ଏହି ମନ୍ଦିର ତିନ୍ତୁଳିପଦା ଗ୍ରାମର ଅଦୂରରେ ଅବସ୍ଥିତ ।

Digitized by srujanika@gmail.com

ବଳିଦାନର ବିଧି ଅଛି । ଦଶହରା ଦିନ ଗୋଟିଏ ମହିଷ ବଳି ମଧ୍ୟ ଦିଆଯାଏ । ପୂଜାବିଧି ବ୍ୟତୀତ ବର୍ଷରେ ତିନିଥର ପ୍ରସିଦ୍ଧ ଯାତ୍ରା ହୁଏ । ଦଶହରାଯାତ୍ରା, ଚନ୍ଦନଯାତ୍ରା ଏବଂ ବିଷୁବ ସଂକ୍ରାନ୍ତିରେ ଘଣ୍ଟା-ପାଟୁଆଯାତ୍ରା । ଦଶହରାଦିନ ଦେବୀ ବିମାନରେ ପୂର୍ବସ୍ଥାନ ଶାରେଳାର ଚରକା ପଡ଼ିଆ * ପର୍ଯ୍ୟନ୍ତ ଯାତ୍ରା କରନ୍ତି । ଗ୍ରୀଷ୍ମକାଳରେ ସେଠା ସରୋବରରେ ଚନ୍ଦନଯାତ୍ରା ହୁଏ । ଏ ଯାତ୍ରା ଉତ୍କଳରେ ଅନ୍ୟ କୌଣସି ଦେବୀଙ୍କର ହେବାର ଶୁଣା ନାହିଁ । ଏସବୁ ବିଧି ସମ୍ଭବତଃ କବିଙ୍କଦ୍ୱାରା ଦେବୀଙ୍କର ମହିମା ପ୍ରଖ୍ୟାପିତ ହେବା ପରେ ନିକଟବର୍ତ୍ତୀ କୁଜଙ୍ଗ ରାଜାଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଅଛି । ସେ ସମସ୍ତ ବ୍ୟୟ ନିର୍ବାହ ନିମନ୍ତେ ଉକ୍ତ ରାଜା ପୂର୍ବଂଚଞ୍ଜା ବୃତ୍ତି ଛଡ଼ା ଆହୁରି କିଛି ଅଧିକାବୃତ୍ତି ଟଞ୍ଜି ଦେଇଅଛନ୍ତି । ଏହି ଦେବୀ ମାହେଶ୍ୱରୀ ହେଲେହେଁ ଏହାଙ୍କୁ ଅନେକେ ବୈଷ୍ଣବୀ ବୋଲି ପ୍ରକାଶ କରିଥାନ୍ତି । କବି ମଧ୍ୟ ଆଦିପର୍ବରେ ସ୍ଥାନେ କହିଅଛନ୍ତି ।—

"ମହାଯୋଗେଶ୍ୱରୀ ସେ ପରମାବଇଷ୍ଣବୀ ।
ପ୍ରତ୍ୟକ୍ଷ ବରଦାୟିନୀ ସେ ପରମା ସାଧବୀ ।
ବାଞ୍ଛା ସଂଭୁକ୍ୟ ଅଟେ ସେ ଦେବୀ ମହାମାଣ ।
ପାଷାଣ ରୂପ ତା ଭାଷା ପାଷାଣ ଫୁଟଇ ।"

ବୈଷ୍ଣବୀ ସମ୍ମୁଖରେ ବଳିଦାନ ନିଷିଦ୍ଧ, କିନ୍ତୁ ଏଠାରେ ସେ ନିଷିଦ୍ଧାଚରଣ ହେଉଥିବାରୁ କାର୍ତ୍ତିକ ପୂର୍ଣ୍ଣିମା ଦିନ ହରିସଂକୀର୍ତ୍ତନାଦିଦ୍ୱାରା ତାହାର ପ୍ରାୟଶ୍ଚିତ୍ତ ବିଧାନ ହୁଏ ବୋଲି ସ୍ଥାନୀୟ ଲୋକେ କହନ୍ତି । ଏହି ଚଣ୍ଡୀଙ୍କ ମନ୍ଦିର ବର୍ତ୍ତମାନ କନକପୁରରେ ଅବସ୍ଥିତ । ଜାମଦଗ୍ନ୍ୟ ପରଶୁରାମ ଏହି ମୂର୍ତ୍ତିର ପ୍ରତିଷ୍ଠା କରି ସ୍ୱୟଂ ପୂଜା କରିଥିବାର କଥା କବି ମହାଭାରତରେ ଉଲ୍ଲେଖ କରିଅଛନ୍ତି ‡ । ଏ ସମ୍ବନ୍ଧରେ ବହୁକାଳ ପୂର୍ବରୁ ଏହିପରି କିମ୍ବଦନ୍ତୀ ଅଛି ଯେ, ଧନୁର୍ଦ୍ଧର ପରଶୁରାମ ତୀର୍ଥାଟନ କାଳରେ ନାନା ତୀର୍ଥ ପର୍ଯ୍ୟଟନ କରି ଉତ୍କଳର ଅନ୍ତର୍ଗତ ଏହି ଚନ୍ଦ୍ରଭାଗା କୂଳରେ ଉପସ୍ଥିତ ହେଲେ । ନଦୀରେ ସ୍ନାନ କରିବାକୁ ଗଲାବେଳେ ସ୍ୱକରଭୂଷଣ ମହାଶରାସନର କୌଣସି ଆଧାର ନ ପାଇ ନଦୀତୀରରେ ତାହାକୁ ଲମ୍ବ ଭାବରେ ପୋତି ବସିଲେ; ମାତ୍ର ଯେଉଁଠାରେ ରଖିବାକୁ ଗଲେ ସେଠାରେ ଧନୁଟି ସମ୍ପୂର୍ଣ୍ଣ ଗଳିଗଲା । ବୀରବର ଧନୁରକ୍ଷା ଲାଗି ଇତସ୍ତତଃ କରୁ କରୁ ଗୋଟିଏ ସ୍ଥାନରେ କିୟଦଂଶ ପଶିଯାଇ ଧନୁଟି ନିମ୍ନଭାଗରେ ରହିଗଲା । ତହୁଁ ସେ ସ୍ନାନ କରି କୌତୂହଳବଶତଃ ଉକ୍ତ ସ୍ଥାନ ଖୋଳି ଦେଖିଲେ ଧନୁ ତଳେ ଖଣ୍ଡିଏ କୃଷ୍ଣଶିଳା ରହିଅଛି । ସେହି ମନୋହର ଶିଳା ଖଣ୍ଡିକ ପାଇ ବୀର ପରଶୁରାମ ସେଥିରେ ଧନୁ-ଅଗ୍ରରେ ଗୋଟିଏ ଚଣ୍ଡୀମୂର୍ତ୍ତି ଖୋଦିତ କଲେ ଏବଂ ସେହି ସ୍ଥାନରେ ଚଣ୍ଡୀମୂର୍ତ୍ତିର ପ୍ରତିଷ୍ଠା କରି ପୂଜାବିଧି ଆରମ୍ଭ କଲେ । ପରଶୁରାମ ବିଭିନ୍ନ ସ୍ଥାନରେ ଚଣ୍ଡୀ ପୂଜା କରିଥିବାର ଶାରଳା ମହାଭାରତରେ ବର୍ଣ୍ଣିତ ଅଛି । କଟକଚଣ୍ଡୀଙ୍କ ହସ୍ତରେ ପରଶୁରାମଦତ୍ତ ଖପର ଅଛି ବୋଲି କବି ପ୍ରକାଶ କରିଅଛନ୍ତି (୧) । ସେ ଯାହାହେଉ, ବର୍ତ୍ତମାନ ଏହି କାର୍ତ୍ତିକ ନିରୀକ୍ଷଣ କଲେ

* ଏହି ପଡ଼ିଆରେ ପୂର୍ବେ ପାଟୁଆ ଯାତ୍ରା ବା ଝାମଯାତ୍ରା ବହୁତ ପରିମାଣରେ ହେଉଥିଲା । ଏକଦା ଗୋଟିଏ ପାଟୁଆ ଚରକ ଅର୍ଥାତ୍ (ଲୌହକୀଲକାବିଦ୍ଧ) ହୋଇ ମରିଯିବାରୁ ସେ ପ୍ରକାର ସାଧନା ବନ୍ଦ ହେଲା । ଏବଂ ସେହି ଦିନଠାରୁ ତାହାର 'ନାମ ଚରକା ପଡ଼ିଆ' ହୋଇଅଛି ବୋଲି ସ୍ଥାନୀୟ ଲୋକେ କହନ୍ତି ।

‡ ଜମଦଗ୍ନି ନନ୍ଦନ ପୂଜିଲେ ପର୍ଶୁରାମ । ଦଧିବାମନ ଦସ୍ତାରେ ତୋହର ଏହି ନାମ—ବି: ପ: ପୃ ୧୫ ।

(୧) ଯେଉଁ କଟାରିରେ ପ୍ରଭୁ ପର୍ଶୁରାମ ବୀର । ନିକ୍ଷେତ୍ରୀ କରିଲେ ପୃଥ୍ୱୀ ଏକବିଂଶବାର ।
ସେ ରୁଧିର ନେଇ ବୀର ତରପଣ କଲେ । ଅବଶେଷେ ଭଇରବୀ ପୂଜା ସମାପିଲେ ।
ସେ କଟାର ଜାମଦଗ୍ନ୍ୟ ଭୈରବୀଙ୍କି ଦେଲେ । ଭଇରବୀ ତାକୁ ନେଇ ହସ୍ତରେ ଧରିଲେ । ସ୍ୱ: ପ: ପୃ ୧୮ ।

Digitized by srujanika@gmail.com

ତାହା କୌଣସି ସୂକ୍ଷ୍ମ ଶିଳ୍ପାସ୍ତ୍ର ଦ୍ୱାରା ଖୋଦିତ ହୋଇଥିଲା ପରି ବୋଧହୁଏ ନାହିଁ । ଏଥିର ସ୍ଥୂଳଶିଳ୍ପ ଦେଖି ଅନେକ କିଂବଦନ୍ତୀକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି; କିନ୍ତୁ ପରଶୁରାମ ଏଠାକୁ ଆସନ୍ତୁ ବା ନ ଆସନ୍ତୁ, ଚଣ୍ଡୀ ପୂଜା କରନ୍ତୁ ବା ନ କରନ୍ତୁ ସେ ଯେ ନାନା ତୀର୍ଥ ପର୍ଯ୍ୟଟନ କରିଥିଲେ ଏହା ଇତିହାସ ପ୍ରସିଦ୍ଧ । ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳରେ 'ତୀର୍ଥମଠ' ନାମକ ସ୍ଥଳରେ ପରଶୁରାମଙ୍କର ଆସ୍ଥାନ ଅଛି । ପାଣ୍ଡବମାନେ ଏହି ଚନ୍ଦ୍ରଭାଗାତୀରକୁ ତୀର୍ଥାଟନରେ ଆସି ଦେବୀଙ୍କୁ ପୂଜା କରିଥିଲେ ବୋଲି କବିଙ୍କ ମହାଭାରତରେ ବର୍ଣ୍ଣିତ ଅଛି (୧) ।

ଅନ୍ୟାନ୍ୟ ପ୍ରାଚୀନ ସଂସ୍କୃତ ଗ୍ରନ୍ଥରେ ମଧ୍ୟ ଏହି ଚନ୍ଦ୍ରଭାଗା ନଦୀର ନାମ ଶୁଣାଯାଏ । ବର୍ତ୍ତମାନେ ଏହା କ୍ଷୀଣସ୍ରୋତା ହେଲେହେଁ ପୂର୍ବେ ଉତ୍କଳର ଏହା ଗୋଟିଏ ପୁଣ୍ୟସଲିଳା ସ୍ରୋତସ୍ୱତୀ ଥିଲା ବୋଲି ଅନୁମାନ ହୁଏ । ଏହାର ତଟପ୍ରଦେଶ ଘୋର ଜଙ୍ଗଲମୟ ଥିବାରୁ ଅନେକ ରାଜା ମୃଗୟାର୍ଥ ଏଠାକୁ ଆସିଥିବାର ପ୍ରମାଣ ମିଳେ (୨) ।

କିନ୍ତୁ ସେ ଚନ୍ଦ୍ରଭାଗା ଏହି, ଅବା କୋଣାର୍କ ଚନ୍ଦ୍ରଭାଗା ! ତାହା ଏଠାରେ ସିଦ୍ଧାନ୍ତ କରିବା ଅତି ଦୁରୂହବ୍ୟାପାର । କୋଣାର୍କ ଠାରେ ଅବଶ୍ୟ ଏହିକ୍ଷଣି ଚନ୍ଦ୍ରଭାଗା ନାମରେ କୌଣସି ନଦୀ ନାହିଁ; ମାତ୍ର ଏତିକରେ ସେ ସନ୍ଦେହ ନିରସ୍ତ ହୋଇ ପାରିବ ନାହିଁ, ବୋଧହୁଏ ଅତି ପ୍ରାଚୀନ କାଳରେ ସେହି ନଦୀ କାଳକ୍ରମେ ଲୁପ୍ତ ହୋଇ ସାଗର ସୈକତରେ ପରିଣତ ହୋଇଥିବ । ସେ ଯାହାହେଉ, ଏହି ନଦୀ ତୀରବର୍ତ୍ତିନୀ ଚଣ୍ଡୀ ଉତ୍କଳରେ ବହୁ କାଳରୁ ପ୍ରସିଦ୍ଧ ଏବଂ ବାଗ୍‌ଦେବୀରୂପେ ଆରାଧିତ ହୋଇ ଆସୁଅଛନ୍ତି । ଆଦି ମହାକବି ଶାରଳାଦାସଙ୍କଠାରୁ ବର୍ତ୍ତମାନ କାଳରେ ଅତି ସାମାନ୍ୟ କବି (ଯେ ଆଧୁନିକ ଶିକ୍ଷାପ୍ରାପ୍ତ ନୁହନ୍ତି) ପର୍ଯ୍ୟନ୍ତ ଝଙ୍କଡ଼ବାସିନୀ ଶାରଳାଙ୍କ ସ୍ତୁତି ଦ୍ୱାରା ସ୍ୱକୃତରେ ମଙ୍ଗଳାଚରଣ କରି ଆସୁଅଛନ୍ତି । ଏ ଯୁଗର ବରକବି ରାଧାନାଥ ମଧ୍ୟ ଏହି ଅନୁଗ୍ରହରୁ ବଞ୍ଚିତ ହୋଇ ନାହାନ୍ତି । ମହାଭାରତୀୟ କଥାରମ୍ଭରେ ସେ 'ପଙ୍କଜବାସିନୀ ଦେବି ଉତ୍କଳଭାରତି-ଶାରଳେ', ବୋଲି ମହାଭାରତବକ୍ତ୍ରୀ ଶାରଳାଙ୍କୁ ଆବାହନ କରିଅଛନ୍ତି । 'ପଙ୍କଜବାସିନୀ' ବିଶେଷଣ ଭାରତୀଙ୍କ ଠାରେ ପ୍ରଯୋଜ୍ୟ ସତ୍ୟ; କିନ୍ତୁ ଏ ଶାରଳାଙ୍କର ତାହା ନାହିଁ । ସଂସ୍କୃତରେ ବାଗ୍‌ଦେବୀଙ୍କର ନାମ ଶାରଦା, ୩ ଶାରଳା ନୁହେ । ଅନେକ ଶାରଳା ଓ ଶାରଦାଙ୍କୁ ଏକାର୍ଥକଶବ୍ଦ ବୋଲି ମନେ କରନ୍ତି; କିନ୍ତୁ ବ୍ୟୁତ୍ପତ୍ତି ଦେଖିଲେ ଯଥାର୍ଥରେ ତାହା ନୁହେ । ଏଠାରେ ଶାରଳା ନାମଟି ଚଣ୍ଡୀଙ୍କର ବିଶେଷଣ ହୋଇଅଛି । ସମ୍ଭବତଃ ଅଧିଷ୍ଠିତସ୍ଥାନ 'ଶରଳ'ର ନାମାନୁସାରେ ଦେବୀଙ୍କର ନାମ ଶାରଳା ହୋଇଅଛି । କବି ମଧ୍ୟ ଗ୍ରନ୍ଥର ଅନେକ ସ୍ଥାନରେ ବିଶେଷତଃ ମହାଭାରତର ଆରମ୍ଭରେ କେବଳ ଶାରଳା ନ ଲେଖି ଶାରଳା ଚଣ୍ଡୀ ଅର୍ଥାତ୍ ଶରଳବାସିନୀ ଚଣ୍ଡୀ ଲେଖିଅଛନ୍ତି ।

---

(୧) ବର୍ତ୍ତମାନ ଏହି ଚନ୍ଦ୍ରଭାଗାରେ 'ପାଣ୍ଡବଗୁଠ' ବୋଲି ଗୋଟିଏ ତୀର୍ଥ ଅଛି ।

(୨) ଅସ୍ତି କଳିଙ୍ଗବିଷୟେ ରୁକ୍ମାଙ୍ଗଦୋ ନାମ ନୃପତିଃ । ସ ଚ ଦୈବବିକସ୍ୟ ବ୍ୟାପାରକ୍ରମେଣ ଚନ୍ଦ୍ରଭାଗାତୀରେ ସମାବେଶିତକଟକୋ ବର୍ତ୍ତିତ ଇତି ବ୍ୟାଧାନାଂ ମୁଖାତ୍ କିମ୍ବଦନ୍ତୀ ଶ୍ରୂୟତେ । ପଞ୍ଚତନ୍ତ୍ର ଓ ହିତୋପଦେଶ । ଏହା କଳିଙ୍ଗର ଅନ୍ତର୍ଗତ । ପୂର୍ବେ ଉତ୍କଳର ନାମ 'ଉତ୍କଳିଙ୍ଗ' ଥିଲା । ରୁକ୍ମାଙ୍ଗଦ ଚୋରଗଙ୍ଗଙ୍କର ଜଣେ ପୂର୍ବପୁରୁଷ । ଗଙ୍ଗବଂଶୀୟ ରାଜାମାନଙ୍କର ନାମାବଳୀରେ ରୁକ୍ମାଙ୍ଗଦ ନାମ ଅଛି ।

(୩) ଅସିତ ଗିରିସମଂସ୍ୟାତ୍ କଜ୍ଜଳଂ ସିନ୍ଧୁପାତ୍ରେ । ସୁରତରୁବରଶାଖା ଲେଖନୀ-ପତ୍ରମୁର୍ବୀ । ଲିଖତି ଯଦି ଗୃହୀତ୍ୱା ଶାରଦା ସର୍ବକାଳଂ । ତଦପି ତବଗୁଣାନା ମୀଶ ପାରଂ ନ ଯାତି । ମହିମ୍ନଃସ୍ତବ ।

Digitized by srujanika@gmail.com

(୧) ଅଧିଷ୍ଠିତ ସ୍ଥାନର ନାମ ଅନୁସାରେ ଅଧିଷ୍ଠାତ୍ରୀ ଦେବତାଙ୍କର ଏବଂ ଅଧିଷ୍ଠାତା ଦେବତାର ଅନୁସାରେ ଅଧିଷ୍ଠିତ ସ୍ଥାନର ନାମକରଣ ହୋଇଥିବାର ଦୃଷ୍ଟାନ୍ତ ଏ ଭାରତରେ ଭୂରି ଭୂରି ରହିଅଛି । ଅତଏବ, ଏହି ଗ୍ରାମର ନାମାନୁସାରେ ଦେବୀଙ୍କର ନାମ ଶାରଳା ହୋଇଥିବ ଖୁବ୍ ସମ୍ଭବ । ବର୍ତ୍ତମାନ ଏହି ଗ୍ରାମ ବଡ଼ ଶାରୋଳା ବୋଲି ପରିଚିତ । ଏହାର ଉପାନ୍ତବର୍ତ୍ତୀ ଜଳାଶୟ ନିକଟରେ ଆଜକାଲି ଭଗ୍ନ ଇଷ୍ଟକାଦି ମିଳୁଅଛି । ତାହା ନିକଟରେ 'ଲଣ୍ଡା ଦେଉଳ' ନାମରେ ଗୋଟିଏ ଅତି ପ୍ରାଚୀନ ଗଣେଶ ମନ୍ଦିର ଅଛି । ଏହି ମନ୍ଦିର ମଧ୍ୟ ପୂର୍ବେ ଶୂଦ୍ରବସତି ଥିବା ପକ୍ଷରେ ସାକ୍ଷ୍ୟ ପ୍ରଦାନ କରୁଅଛି । କାରଣ ଗଣେଶ (୨) ଶୂଦ୍ରମାନଙ୍କର ଆରାଧ୍ୟ ଦେବତା । ଶୂଦ୍ରବସତି ଭିନ୍ନ ଅନ୍ୟତ୍ର କେବଳ ଗଣେଶ ମନ୍ଦିର (ଶିବ ମନ୍ଦିରରୁ ପୃଥକ୍) ପ୍ରାୟ ଦେଖାଯାଏ ନାହିଁ । ଉକ୍ତ ପ୍ରାଚୀନ ମନ୍ଦିରଟି ସଂଲଗ୍ନ ଥିଲା । ମନ୍ଦିରଟି କେତେ ଉଚ୍ଚ ବା କିପରି, ତାହା ଜାଣିବାର କୌଣସି ଉପାୟ ନାହିଁ ।

ଶ୍ରୀଯୁକ୍ତ ରାଜେନ୍ଦ୍ରଲାଲ ମିତ୍ରଙ୍କ ଗ୍ରନ୍ଥରେ ଓଡ଼ିଶା ଅନ୍ତର୍ଗତ ସମସ୍ତ ମନ୍ଦିରର ବର୍ଣ୍ଣନା ଅଛି; କିନ୍ତୁ ଶାରଳା ମନ୍ଦିର କଥା କୌଣସିଠାରେ ଲିଖିତ ନାହିଁ । ଉଲ୍ଲେଖ ମଧ୍ୟ ଅସମ୍ଭବ; କାରଣ ବହୁ ପୂର୍ବକାଳରୁ ତାହାର ବିଲୋପ ସାଧନ ହୋଇଥିଲା । ମନ୍ଦିର ପାର୍ଶ୍ୱରେ ଯେପରି ବୃହତ୍ ପୁଷ୍କରିଣୀ ଖୋଳିତ ହୋଇଥିବାର ଦେଖା ଯାଉଅଛି ସେଥିରୁ ବୋଧହୁଏ ତାହା ଗଙ୍ଗବଂଶୀୟ କୌଣସି ରାଜାଙ୍କଦ୍ୱାରା ନିର୍ମିତ ହୋଇଥିଲା । ସମ୍ଭବତଃ ସୁପ୍ରସିଦ୍ଧ ଅନଙ୍ଗଭୀମ ଦେବଙ୍କର ଏ କୀର୍ତ୍ତି । (୩) କବିଙ୍କ ମୃତ୍ୟୁର ପ୍ରାୟ ଏକଶତ ବର୍ଷ ଅତୀତ ନ ହେଉଣୁ ମନ୍ଦିରଟି ବୋଧହୁଏ ଧୂଳିସାତ୍ ହୋଇଥିଲା । ଏ ଦୁଃସମୟ ଉତ୍କଳର ହିନ୍ଦୁ ସାଧାରଣଙ୍କୁ ସୁବିଦିତ । ହିନ୍ଦୁ କୀର୍ତ୍ତିକର୍ତ୍ତା କଳାପାହାଡ଼ ଯେତେବେଳେ ଉତ୍କଳାରଣ୍ୟରେ ପଶି ମତ୍ତମାତଙ୍ଗବତ୍ ହିନ୍ଦୁ ମନ୍ଦିରମହାଦ୍ରୁମର ଧ୍ୱଂସ ସାଧନ କଲା; ତେତେବେଳେ କ୍ଷୁଦ୍ର ଗୁଳ୍ମପ୍ରାୟ ଏହି ଦେବୀ ମନ୍ଦିରଟି ଭୂଲୁଣ୍ଠିତ ହୋଇଥିବ । କଥିତ ଅଛି, ଏହି ଦୁର୍ବୃତ୍ତ ଯବନ ଯେତେବେଳେ ଉକ୍ତ ଅଞ୍ଚଳରେ ଉପସ୍ଥିତ ହେଲା, ତେତେବେଳେ ଧର୍ମପ୍ରାଣ ହିନ୍ଦୁମାନେ ତ୍ରସ୍ତ ବ୍ୟସ୍ତ ହୋଇ ଶାରଳା ଦେବୀଙ୍କୁ ନେଇ ସନ୍ନିହିତ ଜଳାଶୟରେ ଲୁଚାଇ ରଖିଲେ । ରାକ୍ଷସ ଅଦର୍ଶନରେ ଅଧିକ କ୍ରୋଧାନ୍ଧ ହୋଇ ମନ୍ଦିରଟି ଧୂଳିସାତ୍ କରି ସ୍ୱୀୟ ଜିଘାଂସାବୃତ୍ତି ଚରିତାର୍ଥ କରିଥିଲା । ଅନନ୍ତର କୌଣସି ହିନ୍ଦୁ ଭୂମ୍ୟଧିକାରୀ ବା ରାଜା (ସମ୍ଭବତଃ କୁଜଙ୍ଗରାଜା) ମୂର୍ତ୍ତିଟିକୁ ସେଠାରୁ ଆଣାଇ ପରଶୁରାମ ପ୍ରତିଷ୍ଠିତ କନକପୁରରେ ନୂତନ ମନ୍ଦିର ନିର୍ମାଣ ଓ ପୁଷ୍କରିଣୀ ଖନନ କରାଇ ଦେବୀଙ୍କର ପୁନଃ ପ୍ରତିଷ୍ଠା କରାଇଲେ ଏବଂ ଭୂବୃତ୍ତି ଟଙ୍କି ଦେଇ ରାଜବାଧିରେ ପୂଜା କରିବାର ସୁବ୍ୟବସ୍ଥା କରିଦେଲେ । ସେହି ଦିନଠାରୁ ମନ୍ଦିରର ସେବାଦି ଯଥା ନିୟମରେ ଚଳି ଆସୁଅଛି । ବର୍ତ୍ତମାନ ଏହାର କାର୍ଯ୍ୟ ପରିଚାଳନା ଗୋଟିଏ 'ପରିଚାଳକ ସମିତି' ଉପରେ ନିର୍ଭର କରୁଅଛି ।

---

(୧) ଶାରଳା ଚଣ୍ଡୀ ନାମ ଅଟଇ ସେ ଦେବୀ । ବଜ୍ରସ୍ତମ୍ଭମାହେଶ୍ୱରୀ ଶାରଳାଚଣ୍ଡୀନାମେ । ଆ, ପ ।

(୨) ବିପ୍ରାଣାଂ ଦୈବତଂ ଶମ୍ଭୁଃ କ୍ଷତ୍ରିୟାଣାନ୍ତୁ ମାଧବାଃ; ବୈଶ୍ୟାନାନ୍ତୁ ଭବେଦ୍‌ବ୍ରହ୍ମା ଶୂଦ୍ରାଣାଂ ଗଣନାୟକଃ । ମନୁଃ ।

ଆଜକାଲି ମଧ୍ୟ ଅନେକ ଶୂଦ୍ର ଘରେ ଗଣେଶମୂର୍ତ୍ତିର ପୂଜା କରୁଥିବାର ପ୍ରମାଣ ମିଳେ । ଆହୁରି ମଧ୍ୟ ଦେଖାଯାଏ, ଆର୍ଯ୍ୟବହିର୍ଭୂତଦେଶର ଅଧିବାସୀ ପ୍ରାୟ ଗାଣପତ୍ୟ ।

(୩) ଗଜପତି ଅନଙ୍ଗଭୀମ ଷାଠିଏ ଦେଉଳ, ଦଶଟି ସେତୁ, ଷାଠିଏ ବାପୀ, ଏକକୋଟି ସରୋବର ଏବଂ ଏକଶ ବାଅନ ଘାଟ ନିର୍ମାଣ କରାଇଥିଲେ । ଓଃ ଇଃ ପୃ ୭୭ ।

Digitized by srujanika@gmail.com

କବିଙ୍କର ଦେହତ୍ୟାଗ ଓ ଧର୍ମବିଶ୍ୱାସ

କବିଙ୍କ ଆୟୁର ପ୍ରଥମାର୍ଦ୍ଧ କୃଷି, ଦ୍ୟୂତ ଶକଟାଦିରେ କଟି ଯାଇଥିଲା ଏବଂ ଅଧିକାଂଶ କାଳ ଶାରଳା ସେବାରେ ଅତିବାହିତ ହୋଇଥିଲା ବୋଲି ଏଥିପୂର୍ବେ ଉଲ୍ଲେଖ କରିଅଛୁଁ । କେବଳ ସେହି ଦେବୀଙ୍କଠାରେ ତାହାଙ୍କର ଭକ୍ତି ଯେ ଅଚଳା ଥିଲା, ଏହା ନୁହେଁ । ସମସ୍ତ ହିନ୍ଦୁ ଦେବଦେବୀଙ୍କ ପ୍ରତି ଭକ୍ତିମାନ୍ ଥିଲେ । ବାଗର୍ଥ ଲାଭ ନିମିତ୍ତ ଉତ୍କଳ ଶାରଦା ଶାରଳାଙ୍କୁ ଯେପରି ଧ୍ୟାନ କରୁଥିଲେ ଇହ ସଂସାରରୁ ମୁକ୍ତିଲାଭ ନିମିତ୍ତ ସେହିପରି ଜଗନ୍ନାଥଙ୍କୁ ସର୍ବଦା ଧ୍ୟାନ କରୁଥିଲେ ।

(୧) ଜଗନ୍ନାଥ ଦର୍ଶନରେ ତାହାଙ୍କର ହୃଦୟ ଶୀତଳ ହୋଇଥିଲା ଏବଂ ସେଥିରେ ସେ ଆପଣାକୁ ସଦ୍ୟୋମୁକ୍ତ ପ୍ରାୟ ମଣିଥିବା ତଦୀୟ ଉକ୍ତିରୁ ପ୍ରକାଶ ପାଏ । କବି ଅତି ନିରହଙ୍କାର ଋଜୁ ସ୍ୱଭାବ ଥିଲେ । ସେ ଅତି ସାଧୁ ଏବଂ ଅପୂର୍ବ କବିତ୍ୱ ସମ୍ପନ୍ନ ଥିଲେହେଁ ସେଥିରେ ତାଙ୍କର କିଛି ମାତ୍ର ଆତ୍ମବଡ଼ିମା ପ୍ରକାଶ ପାଇବାର ଦେଖା ଯାଏ ନାହିଁ; ଏହା ତାହାଙ୍କ ଈଶ୍ୱର-ନିର୍ଭରତାର ସୁଲଭ ନିଦର୍ଶନ । ମହାଭାରତ ରଚନାନ୍ତେ କବି କିଛିକାଳ ଶାରଳା ମନ୍ଦିରରେ ତାହାର ପ୍ରତିଷ୍ଠା କରି ଉତମକାଳ ବୃଦ୍ଧନଦୀତୀରବର୍ତ୍ତୀ ସ୍ଥାନରେ (ବର୍ତ୍ତମାନ ତିନ୍ତୁଳିଆପଦାର ଏକ ଅଂଶ) ଗୋଟିଏ ଆଶ୍ରମ ସ୍ଥାପନପୂର୍ବକ କେବଳ ଧ୍ୟାନଧାରଣାରେ କାଳାତିପାତ କରି କାଳକୁ ପ୍ରତୀକ୍ଷା କରି ରହିଲେ । ତେତେବେଳେ ସେଠା ଲୋକେ ତାହାଙ୍କୁ 'ମୁନି ଗୋସାଇଁ' ବୋଲି ଡାକୁଥିଲେ ଏବଂ ବର୍ତ୍ତମାନ ଏହି ଆଶ୍ରମଟି 'ମୁନି ଗୋସାଇଁ ମଠ' ନାମରେ ଆଖ୍ୟାତ । ଏହି ମଠରେ ଅବସ୍ଥାନ କାଳରେ ସର୍ବଂକଷକାଳ ଆସି ତାହାଙ୍କର ଲୋକାନ୍ତର ପ୍ରସ୍ଥାନରେ ମଠ କଲା ନାହିଁ । କୋଣାର୍କ ଯାତ୍ରା ଯୋଗେ ଯେଉଁ ମାଘ ସପ୍ତମୀଟି କବିଙ୍କର ଅତି ପ୍ରିୟ ଦିବସ ଥିଲା, ସମ୍ଭବତଃ ସେହି ଯାତ୍ରା ଦିବସରେ ଉତ୍କଳର ଆଦି ମହାକବିଙ୍କର ମହାଯାତ୍ରା ହୋଇଅଛି । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ମଠରେ ପ୍ରତିବର୍ଷ ମାଘ ସପ୍ତମୀ ଦିନ ଗୋଟିଏ ମହୋତ୍ସବ ବା ମଉଛବ ହୁଏ । ମୁନି ଗୋସାଇଁଙ୍କ ମୃତ୍ୟୁ ଉତ୍ତାରେ ତାହାଙ୍କର ଶବଦାହ ହୋଇ ନ ଥିବାର ଅନୁମାନ ହୁଏ । ପ୍ରାୟ ବ୍ରହ୍ମଜ୍ଞାନୀ ବୋଲି (୨) ତାହାଙ୍କର ଶବଦାହ ନ କରି ଉକ୍ତ ମଠ ନିକଟରେ ସମାଧିସ୍ଥ କରିଥିଲେ । ଆଜିକାଲି ସେହି ସମାଧିର ଭଗ୍ନାବଶେଷ ଏବଂ ସେଠାରେ ଗୋଟିଏ ବରଗଛ ଅଛି । କବିଙ୍କ ବଂଶଧରମାନେ କହନ୍ତି ଯେ, ଏହି ବରଗଛ ମୂଳରେ ଗୋଟିଏ ସାନ 'ଜଟାଗଛ' (୩) ଥିଲା, ପ୍ରାୟ ଦଶବର୍ଷ ହେଲା ସେ ଗଛଟି ସେଠାରୁ ଅନ୍ତର୍ହିତ ହୋଇଅଛି ।

କବିଙ୍କର ବଂଶଧର

ଶୂଦ୍ରମୁନି ଆଜନ୍ମ ବୈରାଗୀ ନୁହନ୍ତି, ଏହାର ଆଭାସ ପୂର୍ବ ପ୍ରସଙ୍ଗରେ ମିଳିଅଛି । ତେବେ ସେ

---

(୧) ପୁରୁଷୋତ୍ତମ ଦେବର ଛନ୍ଦେ ଦାସ । ଅପଣ୍ଡିତ ମୂର୍ଖ ମୁହିଁ ମୋର କିସ ବୁଦ୍ଧି, ମାଧବ ନାମରେ ମୋର ହୁଏ ସର୍ବସିଦ୍ଧି । ସ୍ୱଃ ପଃ ପୃ ୧୮ ।

(୨) ବ୍ରହ୍ମ ଉପାସନା କରିଅଛନ୍ତି ଯେ ସେହି; ଜ୍ଞାନବନ୍ତ କାୟାକୁ ଦହିବୁ କାହିଁ ପାଇଁ ।
ବ୍ରହ୍ମଜ୍ଞାନୀ ଅଟନ୍ତି ସେ ଶୁଦ୍ଧ ତାଙ୍କ ଦେହ, ବିଳମ୍ବ ନ କର ଏବେଁ ମୃତ୍ତିକା ଯେ ଦିଅ । ଆଶ୍ରମଃ ପଃ ପୃ ୨ ।

(୩) ମୁନିଙ୍କ ଜଟା ଉପରେ ଉଠି ଥିବାରୁ ତାହାର ନାମ 'ଜଟାଗଛ' ହୋଇଥିଲା । ଏହି ଗଛର କାଣ୍ଡ କଣ୍ଟକିତ ଏବଂ ଫୁଲ ଧୂଆଁ ଫୁଲପରି, କିନ୍ତୁ ଫଳ ନାହିଁ । ବନବନା ଗଛ ସଙ୍ଗରେ ଏହାର ସୌସାଦୃଶ୍ୟ ଅଛି । ଏପ୍ରକାର ଗଛ ଆଉ କେଉଁଠି ପ୍ରାୟ ଦେଖାଯାଏ ନାହିଁ । ଏହାର ପତ୍ରରେ ଅନେକ ରୋଗର ଉପଶମ ହୋଇଥିବାର ସ୍ଥାନୀୟ ଲୋକଙ୍କ ମୁଖରୁ ଶୁଣାଯାଏ ।

Digitized by srujanika@gmail.com

ଯେ ସମ୍ପୂର୍ଣ୍ଣ ବିଷୟାସକ୍ତ ଥିଲେ ଏହା କହିନାହୁଁ । ତାଙ୍କର ଚତୁର୍ବର୍ଗ ମଧ୍ୟରୁ ଆମ୍ଭେମାନେ ଦୁଇଟି ବର୍ଗ ଅର୍ଥାତ୍ ଅର୍ଥକାମ ସମ୍ବନ୍ଧରେ କିଛି ଆଲୋଚନା କରି ନାହୁଁ । କବିଙ୍କର ଅର୍ଥସ୍ପୃହା ନ ଥିଲା କିମ୍ବା ସେ ଧନବାନ୍ ହେବାକୁ କାମନା କରି ନ ଥିଲେ, ଏହା ସହଜରେ ଅନୁମେୟ । ଏକେ ଜନ୍ମରୁ ସେ ଜଣେ ସାଧାରଣ କୃଷକର ସନ୍ତାନ; ତହିଁରେ ପୁଣି ଦାର-ପରିଗ୍ରହ କରି ଅଛନ୍ତି କି ନାହିଁ ସନ୍ଦେହ । ଗ୍ରନ୍ଥରେ ଏ ସମ୍ପର୍କରେ ଉଲ୍ଲେଖ ନାହିଁ; ଆଉ ଉଲ୍ଲେଖ ନ ଥିବା ମଧ୍ୟ ସ୍ୱାଭାବିକ । କାରଣ ମହାଭାରତ ରଚନା ପୂର୍ବରୁ କବି ଗୃହତ୍ୟାଗୀ ହୋଇ ସନ୍ନ୍ୟାସ ଅବଲମ୍ବନ କରି-ଥିଲେ । ତେତେବେଳେ ଗୃହ ସହିତ ତାଙ୍କର କିଛି ସମ୍ପର୍କ ନ ଥିଲା । ଆହୁରି ସନ୍ଦେହର କଥା, ସେ ସମ୍ବନ୍ଧରେ କିମ୍ବଦନ୍ତୀରୁ ମଧ୍ୟ କିଛି ଜଣା ଯାଇ ପାରୁ ନାହିଁ । କେବଳ ପ୍ରଥମ କିମ୍ବଦନ୍ତୀରୁ ପ୍ରକାଶ ପାଏ ଯେ ତାଙ୍କର ଅନେକ ଭାଇ ଥିଲେ । କବି ମଧ୍ୟ ଜ୍ୟେଷ୍ଠ ସହୋଦର ଥିବାର ଉଲ୍ଲେଖ କରି ଅଛନ୍ତି । ସୁତରାଂ, ଗୃହସ୍ଥ ଥିଲାବେଳେ ତାଙ୍କର ଯେ ବିବାହ ହୋଇ ନ ଥିବ, ଏହା ବୋଲି ଯାଇ ନ ପାରେ । ଗାର୍ହସ୍ଥ୍ୟ ପରେ ସନ୍ନ୍ୟାସ ଆଶ୍ରୟର ଦୃଷ୍ଟାନ୍ତ ଭାରତରେ ବିରଳ ନୁହେ ବରଂ ତାହା ଏକପ୍ରକାର ସାଧାରଣ ବିଧି ।

ଯେଉଁ ମହାତ୍ମାମାନେ ସଧର୍ମ ପ୍ରବର୍ତ୍ତନଦ୍ୱାରା ଲୋକହିତ ସାଧନ କରି ଅଛନ୍ତି, ସେମାନେ ସୁଦ୍ଧା ଏହି ଗାର୍ହସ୍ଥ୍ୟ ଧର୍ମ ବିଯୁକ୍ତ ନୁହନ୍ତି । କାହାରି କାହାରି ଆଜନ୍ମ ବୈରାଗ୍ୟ ଦେଖା ଯାଇଥାଏ; କିନ୍ତୁ ଅନେକଙ୍କୁ ଏହି ସଂସାରର ଜ୍ୱାଳା ବା ଅଶାନ୍ତିର ତାଡ଼ନାରେ ବୈରାଗ୍ୟ ଆଶ୍ରୟ କରିବାକୁ ହୋଇଅଛି । ପୂର୍ବ ଶଂସିତ ଶୂଦ୍ରକବି ଭୁକାରାମ ଜଣେ ବିଖ୍ୟାତ ବଣିକର ପୁତ୍ର ଥିଲେ । ପାରି-ବାରିକ କେତେକ ଘଟନାରେ ଜର୍ଜରିତ ହୋଇ ସେ ବହୁଧନ ଭ୍ରାତୃ ବନ୍ଧୁପରିଜନାଦି ତ୍ୟାଗ ପୂର୍ବକ ସନ୍ନ୍ୟାସ ଅବଲମ୍ବନ କରିଥିଲେ । ଆମ୍ଭମାନଙ୍କର ଏହି ଶୂଦ୍ର କବି ମଧ୍ୟ ସେହିପରି ବହୁ କୁଟୁମ୍ବୋଚିତ ଦୁଃଖ ଓ ଅଶାନ୍ତିର ତାଡ଼ନାରେ ପୁତ୍ରୋତ୍ପାଦନାନ୍ତେ ଗାର୍ହସ୍ଥ୍ୟର ନଶ୍ୱରତ୍ୱୋପଜ-ମାୟିତା ଉପଲବ୍ଧି କରି ସତ୍ୱର ବୈରାଗ୍ୟ ଆଶ୍ରୟ କରିଥିବେ, ଏଥିରେ ଆଶ୍ଚର୍ଯ୍ୟ କଣ ? ତାହା ତାଙ୍କର ସମଗ୍ର ବୃତ୍ତାନ୍ତ ଜାଣିବା ଦୂରେଥାଉ ନାମ ସୁଦ୍ଧା ନିଶ୍ଚିତ ଭାବରେ ଜାଣିବାର କୌଣସି ଉପାୟ ନାହିଁ । ଏ ସମ୍ବନ୍ଧରେ କିଛି ଜାଣିବାକୁ ଚେଷ୍ଟାକଲେ ଆମ୍ଭମାନଙ୍କୁ ସେହି ଜନଶ୍ରୁତି ପ୍ରତି ଉନ୍ମୁଖ ରହିବାକୁ ହେବ । ସ୍ଥାନୀୟ ଲୋକଙ୍କ ମଧ୍ୟରୁ କେହି କେହି କହନ୍ତି, ଶାରଳା ଦାସଙ୍କ ପୁତ୍ରର ନାମ 'ଘନପରିଡ଼ା' । ଏହି ଘନପରିଡ଼ା ପିତାଙ୍କ ନାମରେ ତଦାନୀନ୍ତନ ସମାଜ ଦ୍ୱାରା ଯଥେଷ୍ଟ ସମ୍ମାନିତ ହୋଇ ପରିଡ଼ା ଗୋଷ୍ଠୀରେ ସାମନ୍ତ ରୂପେ ପୂଜା ପାଇଥିବାର ନିମ୍ନୋକ୍ତ ଡାକ ବଚନରୁ ଅନୁମାନ ହୁଏ ।

"ବଣରେ ବଣ ହରିଡ଼ା,
ଅଠର ଗଡ଼ରେ ଅଠର କଣ୍ଡୁଗି
ସାଆନ୍ତ ଘନପରିଡ଼ା ।"

କିନ୍ତୁ ହିନେ ପ୍ରସଙ୍ଗକ୍ରମେ 'ଶାରଳାଃ ଶ୍ରୀଧର ଶ୍ରେଷ୍ଠ କର୍ମଣିଃ ପଶୁ 'ରାମଗୁଥା' କବିଙ୍କର ଜଣେ ବଂଶଧରଙ୍କ ମୁଖରୁ ଗୋଟିଏ ଶ୍ଳୋକର ଏହି ଚରଣଟିର ଆବୃତ୍ତିର ଶୁଣି ସନ୍ଦେହ ହେଲା, ଶ୍ରୀଧରହିଁ ତାହାଙ୍କର ବଂଶଧର କି ? ଅନ୍ୟ ପକ୍ଷରେ ଦେଖିଲେ ଆହୁରି ଏକ ସନ୍ଦେହ ଉପସ୍ଥିତ ହୁଏ । କବିଙ୍କର ଭ୍ରାତାଙ୍କର ନାମ 'ପରଶୁ-ରାମ' । ଏଣେ ପୁଣି କବି ବହୁଭ୍ରାତୃକ ବୋଲି କିଂବଦନ୍ତୀରୁ ପ୍ରକାଶ ପାଇଅଛି । ତାହା ହେଲେ ଏମାନେ କବିଙ୍କର ଭାଇ ହୋଇ ପାରନ୍ତି; ମାତ୍ର ଏ ଅନୁମାନଠାରୁ ଜନଶ୍ରୁତିର ପ୍ରଭାବ ଅଧିକ ଦେଖା ଯାଉଅଛି ।

ଜନଶ୍ରୁତି ଅନୁସାରେ କବିଙ୍କର ଉତ୍ତରାଧିକାରୀ ଶ୍ରୀଧର ଏବଂ ଶ୍ରୀଧରଙ୍କର ମଣି । ମଣିଙ୍କର ପୁତ୍ର

Digitized by srujanika@gmail.com

ପରଶୁରାମ । ଏମାନେ ରାଜପ୍ରସାଦ ସ୍ୱରୂପ ଝଙ୍କଡ଼ ପ୍ରଗନା ନିଷ୍କର ଭୋଗ କରୁଥିଲେ । କେହି କେହି କହନ୍ତି ଯେ, ସେମାନେ ଉକ୍ତ ପ୍ରଗନା ସହିତ ଗଣ୍ଡିତୋ ହରିହରପୁର ଏବଂ ବେଣାହାର ଏହି ତିନୋଟି ସନ୍ନିହିତ ପ୍ରଗନା ମଧ୍ୟ ସେମାନଙ୍କର ଅଧିକାରଭୁକ୍ତ ଥିଲା (୧) ପରଶୁରାମଙ୍କ ଅନ୍ତେ ତାଙ୍କ ପୁତ୍ର ଅର୍ଜୁନ ଉତ୍ତରାଧିକାରୀ ହେଲେ । କଥିତଅଛି ଏହି ପରଶୁରାମଙ୍କର ଦୁଇ ପତ୍ନୀ ଥିଲେ । ପ୍ରଥମ ଗର୍ଭଜାତ ଅର୍ଜୁନ ଭୂମ୍ୟଧିକାରୀ ହେବାରୁ ତାଙ୍କ ବିମାତା ସ୍ୱୀୟ ପୁତ୍ର ଲାଗି କଳହ ଆରମ୍ଭ କଲେ । ଏ ଦ୍ୱନ୍ଦ୍ୱରେ ଝଙ୍କଡ଼ ପ୍ରଗନା ପୂର୍ବଖଣ୍ଡି ଓ ଦକ୍ଷିଣ ଖଣ୍ଡି ଏହି ଦୁଇ ଭାଗରେ ବିଭକ୍ତ ହେଲେ । ଅର୍ଜୁନଙ୍କ ଉତ୍ତାରୁ ଅନ୍ୟ କୌଣସି ଉତ୍ତରାଧିକାରୀଙ୍କର ନାମର କ୍ରମ ଜଣାଯାଏ ନାହିଁ । ସୁପ୍ରସିଦ୍ଧ ଭୂମ୍ୟଧିକାରୀ ହଳଧର ସାମନ୍ତରାୟ ମହାପାତ୍ର ବୋଧହୁଏ କବିଙ୍କର ସପ୍ତମ କିମ୍ବା ଅଷ୍ଟମ ବଂଶଧର ହେବେ । ସାମନ୍ତରାୟ ମହାପାତ୍ର ପ୍ରଭୃତି ମର୍ଯ୍ୟାଦାସୂଚକ ଉପାଧିମାନ ସୁପ୍ରସିଦ୍ଧ ଗଜପତି ଅନଙ୍ଗଭୀମ ଦେବଙ୍କ ରାଜତ୍ୱ କାଳରେ ସୃଷ୍ଟ ଏବଂ ସେହି କାଳରୁ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଉକ୍ତ ଉପାଧିମାନ ପାଇ ଆସୁଥିଲେ । ତଦନୁସାରେ ସଦ୍‌ବଂଶଜ ସମ୍ଭ୍ରାନ୍ତ ହଳଧର ଦୁଇଟି ରାଜୋପାଧିରେ ଭୂଷିତ ହୋଇଥିଲେ । ଏହି ଉପାଧି ଦ୍ୱୟରୁ ସୂଚିତ ହେଉଅଛି ତାହାଙ୍କର ରାଜକାର୍ଯ୍ୟରେ କିଛି ହସ୍ତ ଥିଲା ଏବଂ ତାହାଙ୍କର ପ୍ରଦତ୍ତ ସନନ୍ଦମାନଙ୍କରୁ ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ ବିଭିନ୍ନ ପ୍ରଗନାରେ ତାହାଙ୍କର ସତ୍ତ୍ୱ ଥିଲା । ବର୍ତ୍ତମାନ ତାଙ୍କ ବଂଶଧରମାନେ ଚାରିଆଡ଼େ ସ୍ଥାନ ମାଡ଼ି ବସିଥିଲେ ହେଁ ତାଙ୍କର ପରମ୍ପରା ଜାଣିବାର କୌଣସି ଅସୁବିଧା ନାହିଁ । ତେବେ ତନ୍ମଧ୍ୟରେ କେହି ଉପରୋକ୍ତ ରାଜକୀୟ ଉପାଧିରେ ଭୂଷିତ ନୁହନ୍ତି । ସମସ୍ତଙ୍କର ସେହି ପୂର୍ବ ପଦବୀ 'ପରିଡ଼ା' ବର୍ତ୍ତମାନ ପରିଜା । କେବଳ ସେହି ଗୋତ୍ରରେ ଯେଉଁମାନେ ବିଶିଷ୍ଟବ୍ୟକ୍ତି, ସେହିମାନେ ଚୌଧୁରୀ ମଙ୍ଗରାଜ ପ୍ରଭୃତି ଉପାଧିରେ ବିଶେଷିତ ହୋଇଅଛନ୍ତି । ଅନେକ ମଧ୍ୟ ଏହି ସବୁ ରାଜଦତ୍ତ ଉପାଧି ବଂଶାନୁକ୍ରମେ ଭୋଗ କରି ଆସି ପରେ ନିଜର ଉତ୍କର୍ଷ ପ୍ରଦର୍ଶନାର୍ଥ ମୌଳିକ ଉପାଧି 'ପରିଜା' କାଟି ଦେଇ ତାହା ସ୍ଥଳରେ ଚୌଧୁରୀ ପ୍ରଭୃତି ଯୋଗ କରି ଦେଲେଣି । (୨) ମାତ୍ର ଯାହା କରନ୍ତୁ ସେମାନେ ସଗୋତ୍ର ବା ଏକ ବଂଶଜ । ଏହି ପରିଜା ଏବଂ ଚୌଧୁରୀ ପ୍ରଭୃତିଙ୍କର ବାସସ୍ଥାନ ଉକ୍ତ ପ୍ରଗନା ଚତୁଷ୍ଟୟ ମଧ୍ୟରେ ଆବଦ୍ଧ । ଏମାନେ ସମସ୍ତେ ଆପଣାକୁ ଶାରଳା ଦାସଙ୍କ ବଂଶଧର ବୋଲି ପରିଚିତ କରନ୍ତି । କେବଳ ନାମତଃ ସେମାନେ ଏହି ପରିଚୟ ଦିଅନ୍ତି ନାହିଁ, ଯଥାର୍ଥରେ ସେମାନେ ଶାରଳା ଦାସଙ୍କୁ ପୂର୍ବପୁରୁଷ ରୂପେ ପୂଜା କରନ୍ତି । ଅଦ୍ୟାପି ସେହି ବଂଶଧରଙ୍କର ବିଶେଷତଃ ତନ୍ତୁଲପଦା ଅଧିବାସୀମାନଙ୍କର ଶ୍ରାଦ୍ଧାଦିରେ କୁଳଶ୍ରେଷ୍ଠ ଶାରଳାଦାସଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦିଆଯାଏ । କେବଳ ଶ୍ରାଦ୍ଧରେ ନୁହେଁ, ନୂତନ ପାକାଦିରେ ମଧ୍ୟ ଶାରଳାଦେବୀ ଏବଂ ତତ୍ପୃଷ୍ଠାରୁ ଶାରଳା ଦାସଙ୍କୁ ନୈବେଦ୍ୟ ଉତ୍ସର୍ଗ କରାଯାଏ ।

ଏମାନେ ବିଶେଷରେ ଶାରଳାଭକ୍ତ । ପ୍ରତ୍ୟେକ ନବଅନୁଷ୍ଠାନରେ ଇଷ୍ଟଦେବୀ ଶାରଳାଙ୍କର ସ୍ମରଣ ନ କଲେ ସେମାନେ ନିଃଶଙ୍କ ହୋଇ ପାରନ୍ତି ନାହିଁ । ପତ୍ରାରମ୍ଭରେ 'ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀ ଚରଣେ

( ) ଏହି ଚାରି ପ୍ରଗନା ମଧ୍ୟରେ ହରିହରପୁର ବୃହତ୍ତମ ଏବଂ ଗଣ୍ଡିତୋ କ୍ଷୁଦ୍ରତମ । ୧୮୬୭ । ୬୮ ର ଭୂମିମାପ ଅନୁସାରେ ହରିହରପୁରର କ୍ଷେତ୍ରଫଳ ପ୍ରାୟ ୭୪ ବର୍ଗ ମାଇଲ । ଝଙ୍କଡ଼ର ପ୍ରାୟ ୫୭ ବର୍ଗ ମାଇଲ । ବେଣାହାରର ୪୭ ଏବଂ ଗଣ୍ଡିତୋର ପ୍ରାୟ ୧୫ ବର୍ଗ ମାଇଲ ।

(୨) ଏଣିକି ଅନେକେ ସାମନ୍ତମ୍ମନ୍ୟ ବଂଶଧର ନିଜର ତଦ୍‌ଗତ ଘୃଣାବ୍ୟଞ୍ଜକ ଉପାଧିଟିକୁ ପରିବର୍ତ୍ତନକରି ସ୍ୱାଧୀନ ଭାବରେ ରାଜକୀୟ ଉପାଧି କୋଷରୁ ମନୋମତ ଗୋଟିଏ ଗୋଟିଏ ଉପାଧି ବାଛିନେଇ ସ୍ୱୀୟ ନାମର ବରାଙ୍ଗ ଭୂଷିତ କଲେଣି ! କିନ୍ତୁ ସେମାନଙ୍କର ଏ କୃତ୍ରିମ ଆବରଣ କାଳର ଇତିବୃତ୍ତ ନିକଟରେ ଅତି ଅକିଞ୍ଚିତ୍କର ।

Digitized by srujanika@gmail.com

ଶରଣ' ଲେଖିବା ଯେପରି ଏଦେଶରେ ସାଧାରଣ ରୀତି, ଶାରଳା ବଂଶଧରମାନଙ୍କର ସେହିପରି ପଟ୍ଟାମାନରେ 'ଶ୍ରୀ ପରମେଶ୍ୱରୀ (ଶାରଳା)ଙ୍କ ଚରଣେ ଶରଣ' ଲେଖିବା ସାଧାରଣ ରୀତି ହୋଇଅଛି । କେବଳ ଏତିକି ନୁହେ ସନନ୍ଦରେ ସୁଦ୍ଧା, 'ଶାରଳା ସନ୍ତକ' ଲେଖା ଥିବାର ସ୍ପଷ୍ଟ ଦେଖା ଯାଉଅଛି । (୧) ଏସବୁଦ୍ୱାରା ସେମାନେ ଶାରଳା ସେବାକୁ ଜାତୀୟ ବୃତ୍ତି ବୋଲି ସପ୍ରମାଣ କରି ଦେଉଅଛନ୍ତି । ବର୍ତ୍ତମାନ ଏହି ରୀତି ଏବଂ ସଂସ୍କାର କ୍ରମଶଃ ଜଣା ହୋଇ ଆସୁଅଛି ସତ୍ୟ, ମାତ୍ର ଏହି ଏହି ମୌଳିକତା ଏହିକ୍ଷଣି ଲୋପ ପାଇନାହିଁ କିମ୍ବା ଶୀଘ୍ର ଲୋପପାଇବାର ସମ୍ଭାବନା ନାହିଁ । ଉକ୍ତ ବଂଶଧରମାନେ ପୁଣି ଦୁଇ ଶାଖାରେ ବିଭକ୍ତ ବୋଲି କହନ୍ତି । ଏକ ଉକ୍ତ ସାମନ୍ତରାୟ ବଂଶୀୟ, ଅନ୍ୟ ମହାରଥୀ ଉପାଧିଧାରୀ ସନ୍ତୁ, ହଳଧରଙ୍କର ଭ୍ରାତା ଅଟନ୍ତି । ଏହି ମହାପାତ୍ର ସାମନ୍ତ-ରାୟ ଉପାଧିରୁ ସେମାନଙ୍କର ଯେପରି ରାଜପୂଜ୍ୟତା ଓ ରାଜମାନ୍ତି କୁଶଳତାର ପରିଚୟ ମିଳୁଅଛି, ମହାରଥୀ ଉପାଧିରୁ (୨); ସେହିପରି ରଣକୁଶଳତାର ପରିଚୟ ମିଳୁଅଛି, ବୋଧହୁଏ ଏହି ବଂଶଧରମାନେ ରାଜ-ସମ୍ମାନର ମର୍ଯ୍ୟାଦା ରକ୍ଷା ନିମିତ୍ତ ନିଜେ ରାଜନୈ୍ୟାଚିତ ଧନୁର୍ବେଦାଦିର ଶିକ୍ଷା କରୁଥିଲେ । ସେମାନଙ୍କର ଆଦିପୁରୁଷ ସ୍ୱୟଂ କବି ତର୍କିରେ ଅପାରଗ ନ ଥିଲେ ଏହା ତତ୍କୃତ ମହାଭାରତ ପାଠରୁ ଅନୁମାନ କରାଯାଏ । ସେ ଯାହା ହେଉ, ବର୍ତ୍ତମାନେ ଏମାନଙ୍କ ଆଚାର ବ୍ୟବହାର ଏବଂ ସାମାଜିକ ରୀତି ନୀତି ସବୁ କରଣଙ୍କ ସହିତ ସମାନ । ଅନ୍ୟାନ୍ୟ କରଣଙ୍କ ସହିତ ଏମାନଙ୍କର ବୈବାହିକ ସମ୍ବନ୍ଧ ହେଉଅଛି । ତଥାପି ଏମାନେ ଆଜି ଯାଏ ଶୂଦ୍ରାପବାଦ ରୂପଜୁଗୁପ୍ସାବ୍ୟଞ୍ଜକ ସ୍ୱରୂପାଖ୍ୟାନରୁ (୩) ମୁକ୍ତି ଲାଭ କରି ନାହାନ୍ତି । "ଜନାନନେ କଃ କରମର୍ପୟିଷ୍ୟତି ? ସେଥିପାଇଁ ଲୋକଙ୍କ ମୁହଁରେ ହାତ ଦେବ କିଏ ?

---

(୧) ତେନ୍ତୁଳିପଦା ବାସୀ ଶ୍ରୀଯୁକ୍ତ ଚନ୍ଦ୍ରାମଣି ପରିଡ଼ାଙ୍କଠାରୁ ଖଣ୍ଡିଏ ସନନ୍ଦ ହସ୍ତଗତ ହୋଇଥିଲା; ତାହାର ପ୍ରତିଲିପି ଏହି—

"ଶ୍ରୀଜୀବନ୍ୟାସ ଗୋସାଇଁଙ୍କି ହଳଧର ସାନ୍ତରାଙ୍କର ଦେଲୁଁ ଦେବୋତ୍ତର ଶ୍ଲେପ, ଏ ନିମନ୍ତେ ଦେବୋତ୍ତର ଶ୍ଲେପ ଲେଖି ଦେଲୁଁ କି ଶ୍ରୀବଳଦେବ ଠାକୁରଙ୍କ ଅମୁଣିଆ ପାଇଁ ଆମ୍ଭ ତାଲୁକର ଏତେ ଗାଁଆରୁ ଜମି ଅଣତରଶ ମା ୧୯ । ୧୨୧ ମାଣ ଦୁଇ ପାଆ ଦେଲୁଁ, ଏ ଜମି ଅମଳ କରିବ ।

ଏ ଜମି ଯେ ହରଣ କରିବ ଶ୍ରୀ ବଳଦେବଙ୍କ ଚରଣେ ଅପ୍ରାଧୀ ହୋଇବ—ଆମ୍ଭ ବାଳଗୋପାଳଙ୍କୁ ତ୍ରିକାଳ ସନ୍ଧ୍ୟାରେ ଆଶୀର୍ବାଦ କରୁଥିବ । ଏ ଜମି ଯାବତ୍ ଚନ୍ଦ୍ରାର୍କେ ଅମଳ କରୁଥିବ ।

ଏ ଶ୍ଲେପ ଶ୍ରୀ ହଳଧର ସାନ୍ତରା ମହାପାତ୍ରଙ୍କର ପ୍ରମାଣ ଶ୍ରୀ ଶାରଦା ସନ୍ତକ । "ସନନ୍ଦ ତଳେ ଏହି ସବୁ ଗ୍ରାମମାନଙ୍କର ନାମ ଥିଲି ଯଥା—ତେନ୍ତୁଳିପଦା, କୁସୁନପୁର, ଗୋବିନ୍ଦପୁର, ଶାଙ୍ଗପୁର, ବଡ଼ ଶାଗ୍ରେଲ, ଦୟାଳପୁର, ଅରଡ଼ଙ୍ଗ, କୋଠମୂଲ, କାଇଙ୍ଗୋଳ, ଦଣ୍ଡକରି, ଇନ୍ଦ୍ରପ, ଢେଉଁଚୋଲ, ଏଙ୍କସପୁର, ନନ୍ଦାକଣା, କାନପୁର, ମହମୁଦାବାଦ ଇତ୍ୟାଦି । ତାଲୁକା, କଥାରୁ ସ୍ପଷ୍ଟ ଅନୁମିତ ହେଉଅଛି—ହଳଧର ମରହଟ୍ଟାଙ୍କ ଶାସନ ସମୟରେ ବିଦ୍ୟମାନ ଥିଲେ, କାରଣ ତାଲୁକ କଥାଟି ମରହଟ୍ଟଙ୍କ ସମୟରେ ବିଶେଷରେ ପ୍ରଚଳିତ ବୋଲି ହଣ୍ଟର ସାହେବ ନିର୍ଦ୍ଦେଶ କରିଅଛନ୍ତି । ଯଥା—ଚୌଧୁରୀ ତାଲୁକାଦାର (Chaudhury talukdar" II. P. 130)

(୨) Mahapatra—Great minister.
Maharatha—Great warrior.
Santra—Border chief (Statistical accounts of Bengal. Vol. XVIII P. 129)

(୩) କାହିଁକି କେଜାଣି ଏହି ଶୂଦ୍ର ଶବ୍ଦ ଉଚ୍ଚାରଣରେ ଏହି ପରିଡ଼ାମାନେ ବଡ଼ ମର୍ମାହତ ହୁଅନ୍ତି । ପୂର୍ବେ ଯାହାଥାଉ ବର୍ତ୍ତମାନ ଯେତେବେଳେ ସମାଜରେ ଉଚ୍ଚଆସନ ଲାଭ କରିଅଛନ୍ତି, ତେତେବେଳେ ସେମାନଙ୍କର ସେଥିପାଇଁ ଆପଣାକୁ ଧନ୍ୟ ମନେ କରି ଆନନ୍ଦ ପ୍ରକାଶ କରିବା ଉଚିତ । ତାହା ନ କରିବା ଦ୍ୱାରା ସେମାନେ ବରଂ ଜୁଗୁପ୍ସାକୁ ପ୍ରଶ୍ରୟ ଦିଅନ୍ତି ।

Digitized by srujanika@gmail.com

ମହାଭାରତ

ପ୍ରତିପାଦିତ ବିଷୟ୍ଃ

ଭକ୍ତକବି ଜଗନ୍ନାଥଙ୍କ ଶ୍ରୀମଦ୍ ଭାଗବତ ଯେପରି ଉତ୍କଳର ଘରେ ଘରେ ପରିଚିତ ଏବଂ ସର୍ବଜନାଦୃତ, ଆଦିକବି ଶାରଳା ଦାସଙ୍କ ବିରଚିତ ମହାଭାରତ ମଧ୍ୟ ସେହିପରି ଗ୍ରାମେ ଗ୍ରାମେ ପରିଚିତ ଏବଂ ସୁଗୃହୀତ ବିଗତ ପଞ୍ଚଶତାବ୍ଦୀ ମଧ୍ୟରେ କେବଳ ତାଳପତ୍ର ଛଡ଼ା ସର୍ବସ୍ୱ ଗ୍ରନ୍ଥ ପ୍ରଚାରର ତାଦୃଶ ସୁବିଧା ନ ଥିଲେହେଁ ଏହା ଉତ୍କଳର ସର୍ବ ଅଞ୍ଚଳରେ ପରିବ୍ୟାପ୍ତ ହୋଇ-ଅଛି । ଗଡ଼ଜାତମାନରେ ଏହା ରାଜା କୃଷ୍ଣସିଂହଙ୍କ (୧) କୃତ ମହାଭାରତ ପରି ସୁପ୍ରଚଳିତ ନୁହେ ବୋଲି ଆମ୍ଭେମାନେ ଶୁଣି ଥାଉଁ; କିନ୍ତୁ ସେ ମହାଭାରତ ରଚନା ପୂର୍ବରୁ ଅବଶ୍ୟ ଏହି ମହାଭାରତ ସେ ସବୁ ସ୍ଥଳରେ ପ୍ରଚଳିତ ହୋଇଥିବ । ପ୍ରାୟ ସିଂହଙ୍କ ମହାଭାରତ ଉଦ୍ଭବରେ ଏହାର ପ୍ରଚାର କ୍ରମଶଃ ଏଣିକି ସେ ସବୁ ଅଞ୍ଚଳରେ ଊଣା ହୋଇଅଛି; ତଥାପି ସମ୍ବଲପୁର ପ୍ରଭୃତି ସୁଦୂରବର୍ତ୍ତୀ ଉତ୍କଳଭାଷୀ ଜନପଦରେ ଏହାର ସୁପ୍ରଚଳନ ଥିବାର ପ୍ରମାଣ ପାଉଁ । ବର୍ତ୍ତମାନେ ପୁରୀର ପ୍ରକାଶିକା କୋମ୍ପାନୀଙ୍କ ପ୍ରସାଦରୁ ଏହି ମହାଭାରତର ଅଷ୍ଟାଦଶ ପର୍ବ ମୁଦ୍ରିତ ହୋଇ ପାଠକ ସାଧାରଣଙ୍କର ଅନାୟାସ ଲଭ୍ୟ ହୋଇଅଛି । ଆଜକୁ ପ୍ରାୟ ଦଶବର୍ଷ ହେଲା ଉକ୍ତ ପ୍ରକାଶକମଣ୍ଡଳୀ ମହାଭାରତର ମୁଦ୍ରଣ ଆରମ୍ଭ କରି ପର୍ବଶଃ ସମଗ୍ର ପ୍ରକାଶ କଲେ । ଏଥିପାଇଁ ସେମାନେ ଉତ୍କଳର ପାଠକସାଧାରଣଙ୍କର ଅବଶ୍ୟ ପ୍ରଶଂସାଭାଜନ; ତଥାପି ଆମ୍ଭେମାନେ ଏ ପ୍ରଶଂସାରେ ସମ୍ପୂର୍ଣ୍ଣ ମୁକ୍ତକଣ୍ଠ ନ ହୋଇ କିଞ୍ଚିତ୍ କୁଣ୍ଠ-କଣ୍ଠ ହେଉଅଛୁଁ । ପ୍ରକାଶକଗଣ ସର୍ବପ୍ରଥମେ ଖଣ୍ଡିଏ ପ୍ରାଚୀନ ବିରାଟଗ୍ରନ୍ଥ ପ୍ରକାଶ କଲେ, ଏହା ଅବଶ୍ୟ ଅତି ଆନନ୍ଦର କଥା; କିନ୍ତୁ ସେଥିରେ ଥିବା ଦୋଷ ବା ଅଶୁଦ୍ଧିର ନିରାକରଣ ପ୍ରତି ତୀକ୍ଷ୍ଣ ଦୃଷ୍ଟି ନ ରଖି ତାହାକୁ ଭ୍ରମପ୍ରମାଦସଙ୍କୁଳ ଏବଂ ସ୍ଥାନେ ସ୍ଥାନେ ପରିବର୍ତ୍ତିନାଦି-ଦ୍ୱାରା ବିକୃତ କରିଅଛନ୍ତି, ଏହା ଅତୀବ ଆକ୍ଷେପର ବିଷୟ । କୋମ୍ପାନୀଙ୍କର ଏ ତ୍ରୁଟି ଉପେକ୍ଷଣୀୟ ନୁହେ ।

ସେ ଯାହାହେଉ ବର୍ତ୍ତମାନ ଆମ୍ଭେମାନେ ଏହି ନବ ପ୍ରକାଶିତ ମହାଭାରତ ଆଲୋଚନା କରିବା ପୂର୍ବରୁ ବିଜ୍ଞପାଠକସାଧାରଣଙ୍କ ନିକଟରେ ଏହି ନିବେଦନ କରୁଅଛୁଁ ଯେ, ସେମାନେ କବିଙ୍କ ପ୍ରତି ଲକ୍ଷ୍ୟ ନ ରଖି ବିଷୟ ପ୍ରତି କେବଳ ତୀକ୍ଷ୍ଣଦୃଷ୍ଟି ରଖିବେ । ବକ୍ଷ୍ୟମାଣ କଥାମାନ କବିଙ୍କର ନିନ୍ଦା ବା ସ୍ତୁତିବାଦ ନୁହେ କିମ୍ବା ପୂଜନୀୟ ପ୍ରାଚୀନ କବିଙ୍କ ପ୍ରତି ଆକ୍ରମଣ ନୁହେ । ଯାହା ସତ୍ୟ ବା ଯଥାର୍ଥ, କେବଳ ତାହା ଏଥିରେ ଯଥାଶକ୍ତି ପ୍ରକାଶ କରା ଯାଉଅଛି । ତଦ୍ଦ୍ୱାରା ଯଦି କେଉଁଠି କବିଙ୍କର ଯଶୋହାନି ହୁଏ, ତେବେ ତାହା ସତ୍ୟ ଅନୁରୋଧରେ ସହିବାକୁ ହେବ ।

---

(୧) କୃଷ୍ଣସିଂହ ମହାଭାରତ ଆଧୁନିକ । କବି ଧରାକୋଟ ରାଜ୍ୟର ଅଧିପତିଥିଲେ । ସେ ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ମହାଭାରତ ରଚନା ଆରମ୍ଭ କରିଥିଲେ । ଶକାବ୍ଦ ୧୭୦୫ ବା ୧୭୮୩ ଖ୍ରୀଷ୍ଟାବ୍ଦରେ ବିରାଟ ପର୍ବର ରଚନା ସମାପ୍ତ ହୋଇଥିବାର କବିଙ୍କ ଉକ୍ତିରୁ ପ୍ରମାଣିତ ହୁଏ । ଅତଏବ, ତଦୀୟ ମହାଭାରତ ରଚିତ ହେବାର ଆଜକୁ ପ୍ରାୟ ୧୩୦ ବର୍ଷ ହେବ । "ଏକାଳକୁ ପାଞ୍ଚ ଉଣ୍ଡର ସତରଶ, ଗଣିବାରେ ଅବ୍ଦ ହୋଇଅଛି ଶେଷ । ରାମଚନ୍ଦ୍ର ସିଂହ ରାଜାଙ୍କର ନାତି । ନୀଳାଦ୍ରି ସିଂହଙ୍କର ଅଟେ ମୁଁ ସନ୍ତତି । ଧରାକୋଟ ରାଜ୍ୟରେ ହୋଇ କରି ରାଜା । ଅଧରମ କଥାରେ ବୁଡ଼ାଇଲି ମଜ୍ଜା ।—ବିରାଟପର୍ବ ।"

Digitized by srujanika@gmail.com

ସର୍ବାଦୌ ଏହି ମହାଭାରତ ସଂସ୍କୃତ ବା ମୂଳ ମହାଭାରତର ପର୍ବାନୁକ୍ରମରେ ସମ୍ପୂର୍ଣ୍ଣ ଲିଖିତ ନୁହେ । ଯେଉଁଠି ପାର୍ଥକ୍ୟ ଲକ୍ଷିତ ହୁଏ, ତାହା ନିମ୍ନୋକ୍ତ ତାଲିକାରେ ପ୍ରକାଶିତ ହେଲା ।

ସଂସ୍କୃତ	ଓଡ଼ିଆ
୧ ଆଦିପର୍ବ	୧ ଆଦିପର୍ବ
୨ ସଭାପର୍ବ	୨ ମଧ୍ୟପର୍ବ
୩ ବନପର୍ବ	୩ ସଭାପର୍ବ
୪ ବିରାଟପର୍ବ	୪ ବନପର୍ବ
୫ ଉଦ୍ୟୋଗପର୍ବ	୫ ବିରାଟପର୍ବ
୬ ଭୀଷ୍ମପର୍ବ	୬ ଉଦ୍ୟୋଗପର୍ବ
୭ ଦ୍ରୋଣପର୍ବ	୭ ଭୀଷ୍ମପର୍ବ
୮ କର୍ଣ୍ଣପର୍ବ	୮ ଦ୍ରୋଣପର୍ବ
୯ ଶଲ୍ୟପର୍ବ	୯ କର୍ଣ୍ଣପର୍ବ
୧୦ ସୌପ୍ତିକପର୍ବ	୧୦ ଶଲ୍ୟପର୍ବ
୧୧ ସ୍ତ୍ରୀପର୍ବ	୧୧ ଗଦାପର୍ବ
୧୨ ଶାନ୍ତିପର୍ବ	୧୨ କାଇଁଶିକା ବା ଐଷିକପର୍ବ
୧୩ ଅନୁଶାସନପର୍ବ	୧୩ ନାରୀପର୍ବ
୧୪ ଅଶ୍ୱମେଧପର୍ବ	୧୪ ଶାନ୍ତିପର୍ବ
୧୫ ଆଶ୍ରମିକପର୍ବ	୧୫ ଆଶ୍ରମିକପର୍ବ
୧୬ ମୌଷଳପର୍ବ	୧୬ ଅଶ୍ୱମେଧପର୍ବ
୧୭ ମହାପ୍ରାସ୍ଥାନିକପର୍ବ	୧୭ ମୂଷଳୀପର୍ବ
୧୮ ସ୍ୱର୍ଗାରୋହଣପର୍ବ	୧୮ ସ୍ୱର୍ଗାରୋହଣପର୍ବ

ଉଲ୍ଲିଖିତ ତାଲିକାରୁ ଆମ୍ଭେମାନେ ମୂଳସହିତ ନାମ ଓ କ୍ରମର ଯାହା ପ୍ରଭେଦ ଦେଖୁଅଛୁଁ, କେବଳ ସେତିକି ନୁହେ; ପର୍ବ ବର୍ଣ୍ଣିତ ବିଷୟ ଆଲୋଚନା କଲେ ଏଥିରେ ମୂଳ ମହାଭାରତର ଯଥେଷ୍ଟ ବ୍ୟତିକ୍ରମ ଦେଖାଯାଏ । ମୂଳ ତୁଳନାରେ ଏଥିର ବର୍ଣ୍ଣନା କାହିଁ ଅତି ସଂକ୍ଷିପ୍ତ, କାହିଁ ବା ଅତି ପ୍ରସାରିତ; କାହିଁ କାହିଁ ପରିବର୍ତ୍ତିତ ଓ କଳ୍ପନା ରଞ୍ଜିତ, କାହିଁ କାହିଁ ବା ସ୍ଥାନାନ୍ତରନ୍ୟସ୍ତ । କୌତୂହଳ ପରିପୂର୍ଣ୍ଣ ପାଠକ ସାଧାରଣଙ୍କୁ ନିମ୍ନରେ ତହିଁର କିଛି ଆଭାସ ଦେବାକୁ ଚେଷ୍ଟା କରୁଅଛୁଁ ।

୧—(ଆଦିପର୍ବ) ସଂସ୍କୃତର ଆଦିପର୍ବ ଏଥିରେ ଆଦ୍ୟ ଓ ମଧ୍ୟ ଦୁଇ ଭାଗରେ ବିଭକ୍ତ । ଅନୁକ୍ରମଣି ବା ଅଂଶାବତରଣଠାରୁ ସ୍ୱୟମ୍ବର ଓ ରାଜ୍ୟଲାଭ ପର୍ଯ୍ୟନ୍ତ ବର୍ଣ୍ଣିତ ବିଷୟ ପ୍ରଥମ ପର୍ବର ଅନ୍ତର୍ଗତ ଆଦିପର୍ବାନ୍ତର୍ଭୁକ୍ତ ଅର୍ଜ୍ଜୁନ ବନବାସ, ସୁଭଦ୍ରାହରଣ, ଖାଣ୍ଡବ ଦାହ ଓ ମୟଦର୍ଶନାଦିର ମଧ୍ୟପର୍ବର ପ୍ରତିପାଦିତ ବିଷୟ । କବିଙ୍କର ଏହି ଦୁଇଟି ପର୍ବ ଅନ୍ୟାନ୍ୟ ପର୍ବର ଆକାର ତୁଳନାରେ ଅଯଥା ବୃଦ୍ଧି ଲାଭ କରିଅଛି । ତଥାପି ସଂସ୍କୃତ ଆଦିପର୍ବର ସମସ୍ତ ବିଷୟ ଏ ଦୁଇଟିରେ ସୁଦ୍ଧା ରହି ପାରି ନାହିଁ । ମୂଳ ଗ୍ରନ୍ଥର ଅନେକ ପ୍ରସଙ୍ଗ ଏଥିରେ ପରିତ୍ୟକ୍ତ ଏବଂ କେତେକ ଅବାନ୍ତର କଥା ଅଯଥା ବିସ୍ତୃତ । ଦ୍ରୋଣଜନ୍ମ, କର୍ଣ୍ଣଜନ୍ମ ପ୍ରଭୃତି ବର୍ଣ୍ଣନା ବଡ଼ ଅଶ୍ଳୀଳ ଏବଂ ଅପ୍ରାକୃତ । ମୂଳ ଗ୍ରନ୍ଥରେ ଏପ୍ରକାର ବର୍ଣ୍ଣନାର ସତ୍ତା ନାହିଁ । ଭୀମ ଜନ୍ମର ଅଯଥା ବିସ୍ତାର କବିଙ୍କର କପୋଳକଳ୍ପିତ ପରି ବୋଧହୁଏ । ଅନେକ ସ୍ଥଳରେ କବି ଏହିପରି ସ୍ୱକପୋଳକଳ୍ପିତ ପରି ଟଳୁର ଅବତାରଣାଦ୍ୱାରା ଏବଂ ଏ କଥାକୁ ଭିନ୍ନ ସ୍ଥଳରେ ଭିନ୍ନ ଯୁଗରେ ପୁନଃ ପ୍ରକାଶ କରିବା ଦ୍ୱାରା ଗ୍ରନ୍ଥର ଅଯଥା ବୃଦ୍ଧି କରିଅଛନ୍ତି । ଅଥଚ ଅନେକ ଉଲ୍ଲେଖ ଯୋଗ୍ୟ ବିଷୟ ଏକାବେଳକେ ବର୍ଜ୍ଜନ କରିଅଛନ୍ତି । ଦ୍ରୌପଦୀ ସ୍ୱୟମ୍ବରରେ ଲକ୍ଷ୍ୟଭେଦର ବର୍ଣ୍ଣନା (୧) କବି କେଡ଼େ ବିସ୍ତୃତ ଏବଂ ଅମୂଳକ କରିଅଛନ୍ତି; ତାହାପାଠକେ ଥରେ ପୁସ୍ତକ ଉଦ୍‌ଘାଟନ କଲେ ଜାଣି ପାରିବେ । ମାତ୍ର ଏ ପ୍ରସଙ୍ଗ ସଂସ୍କୃତରେ ଦୁଇ ତିନୋଟି ଶ୍ଳୋକମାତ୍ର, ଧୃଷ୍ଟଦ୍ୟୁମ୍ନ ଉପସ୍ଥିତ ରାଜନ୍ୟ ମଣ୍ଡଳୀଙ୍କ ସମ୍ମୁଖରେ ଜଣାଇଲେ;—

(୧) ଏହି ଦୀର୍ଘ ବର୍ଣ୍ଣନାରୁ ଓଡ଼ିଆର ଲଖବନ୍ଧା ସୂଆଙ୍ଗର ଅବତାରଣା ହୋଇଅଛି ।

Digitized by srujanika@gmail.com

ଇଦଂ ଧନୁର୍ଲକ୍ଷ୍ୟ ମିମେ ଚ ବାଣାଃ
ଶୃଣ୍ୱନ୍ତୁ ମେ ଭୂପତୟଃ ସମେତାଃ ।
ଛିଦ୍ରେଣ ଯନ୍ତ୍ରସ୍ୟ ସମର୍ପୟଧ୍ୱଂ
ଶରୈଃ ଶିତୈ ର୍ବ୍ୟୋମଚରୈ ର୍ଦ୍ଦଶାର୍ଦ୍ଧୈଃ ।
ଏତନ୍ମହତ୍ କର୍ମ କରୋତି ଯୋ ବୈ
କୁଲେନ ରୂପେଣ ବଲେନ ଯୁକ୍ତଃ ।
ତସ୍ୟାଦ୍ୟ ଭାର୍ଯ୍ୟା ଭଗିନୀ ମମେୟଂ
କୃଷ୍ଣା ଭବିତ୍ରୀ ନ ମୃଷା ବ୍ରବୀମି, ଆଃ ପଃ ୮୫ ଅଧ୍ୟାୟ ।

ବଙ୍ଗକବି କାଶୀରାମ ମଧ୍ୟ ଠିକ୍ ଏହି କଥା ଲେଖିଅଛନ୍ତି (୧) । ଏପ୍ରକାର ପ୍ରସଙ୍ଗ ବ୍ୟତୀତ କବି ପ୍ରତ୍ୟେକ ଜନ୍ମ ଯାତ୍ରାଦି ଶୁଭାନୁଷ୍ଠାନରେ ଶୁଭଦିନ ତାରି ଚନ୍ଦ୍ରାଦିର ଯୋଗ କରିଅଛନ୍ତି, କିନ୍ତୁ ସେଗୁଡ଼ିକ ସର୍ବତ୍ର ଜ୍ୟୋତିଷ ଶାସ୍ତ୍ରସମ୍ମତ ଥିଲାପରି ବୋଧ ହେଉ ନାହିଁ । ମୂଳ ସହିତ ତାର ମେଳ ନ ଥିବାରୁ ସ୍ୱତଃ ସଂଶୟ ଜନ୍ମେ । ଅଧିକ ଦୃଷ୍ଟାନ୍ତର ପ୍ରୟୋଜନ ନାହିଁ, ଯୁଧିଷ୍ଠିରଙ୍କ ଜନ୍ମ ସ୍ଥଳରେ କବି ଲେଖିଛନ୍ତି;—

ବୈଶାଖ ଶୁକ୍ଳ ପ୍ରତିପଦା ଯେ ଚନ୍ଦ୍ରବାର
ହିଜା ନକ୍ଷତ୍ର ମେଷ ରାଶି ସେ ଦିନର ।
ତୈତିଳ ନାମେ କରଣ ପ୍ରୀତିନାମେ ଯୋଗ
ମେଷ ସଂକ୍ରାନ୍ତିକ ଊଣାଇଶ ଦିନ ଭୋଗ ।
ସମ୍ପୂର୍ଣ୍ଣ ହୋଇଅଛି ଯେ ସାତ ଘଡ଼ି ରାତି—ପୃ ୬୮ ।

କିନ୍ତୁ ସଂସ୍କୃତରେ ଏ ସ୍ଥଳରେ କଣ ଅଛି ଦେଖନ୍ତୁ;—

ଐନ୍ଦ୍ରେ ଚନ୍ଦ୍ରମା ସଂଯୁକ୍ତେ ମୁହୂର୍ତ୍ତେଽଭିଜିତେଽଷ୍ଟମେ
ଦିବାମଧ୍ୟଗତେ ସୂର୍ଯ୍ୟେ ତିଥୌ ପୂର୍ଣ୍ଣେଽତିଥି ପୂଜିତେ ।
ସମୃଦ୍ଧ ଯଶ ସଂ କୁନ୍ତୀ ସୁଷାବ ପ୍ରବରଂ ସୁତଂ ।
ଆଃ ପଃ ୨୩ ଅଧ୍ୟାୟ ।

ଅର୍ଥାତ୍ କୁନ୍ତୀ ପୂର୍ଣ୍ଣତିଥି (ପଞ୍ଚମୀ) ରେ ସୂର୍ଯ୍ୟ ମଧ୍ୟଗତ (ତୁଳାରାଶିସ୍ଥ) ଥିବା ସମୟରେ ଦିବସର ଅଷ୍ଟମ ମୁହୂର୍ତ୍ତରେ-ଐନ୍ଦ୍ର ବା ଜ୍ୟେଷ୍ଠା ନକ୍ଷତ୍ରରେ ଯଶସ୍ୱୀପୁତ୍ର ପ୍ରସବ କରିଥିଲେ । ମୂଳ କବିଙ୍କର ଆଶ୍ୱିନ ଶୁକ୍ଳପଞ୍ଚମୀ ସ୍ଥଳରେ ଏ କବିଙ୍କର ବୈଶାଖ ଶୁକ୍ଳ ପ୍ରତିପଦା କିପରି ସଙ୍ଗତ ? ଆଉ ସଂସ୍କୃତର ଏହି ଜନ୍ମ ତିଥି ଓ ଯୋଗ ଅତି ଦୁର୍ଲ୍ଲଭ ।

୨ । **ସଭାପର୍ବ**—ଏହି ପର୍ବରେ ରାଜସୂୟ ପ୍ରସ୍ତାବ, ଯଜ୍ଞାନୁଷ୍ଠାନ, ଜରାସନ୍ଧବଧ, ଭୀମାର୍ଜ୍ଜୁନାଦିଙ୍କର ଦିଗ୍‌ବିଜୟ, ଶିଶୁପାଳବଧ ଏବଂ ଦ୍ୟୂତକ୍ରୀଡ଼ାଦିର କଥା ବର୍ଣ୍ଣିତ ଅଛି । ପୁଣ୍ଡରୀକ ଯୁଦ୍ଧ ଓ ଜାନୁଘଣ୍ଟ ପ୍ରଭୃତିଙ୍କର ଯୁଦ୍ଧ ବର୍ଣ୍ଣନା ଏବଂ କାମାକ୍ଷୀଙ୍କଠାରୁ ଭୀମର ଅପୂର୍ବ ପାକ-ଶକ୍ତି ଲାଭର ବର୍ଣ୍ଣନା ମୂଳଗ୍ରନ୍ଥରେ ଦେଖା ଯାଇ ନାହିଁ । ମାତ୍ର କବିଙ୍କର ଏଥିରେ ବୈଲକ୍ଷଣ୍ୟ ପ୍ରତିବିମ୍ବିତ ହୋଇଅଛି । ଏହି ପର୍ବାନ୍ତର୍ଗତ ଭୀମ ଜରାସନ୍ଧଯୁଦ୍ଧ ବର୍ଣ୍ଣନା ବୀରରସାତ୍ମକ । ପାଠ ସଙ୍ଗେ ସଙ୍ଗେ ଉଭୟଙ୍କ ବୀରର ରୁଦ୍ର ମୂର୍ତ୍ତି ପାଠକର ମାନସ ପ୍ରତ୍ୟକ୍ଷ ହୁଏ । କବିଙ୍କର ଏହି ଜରାସନ୍ଧପୁରପ୍ରବେଶ ବର୍ଣ୍ଣନା ମୂଳ-ବର୍ଣ୍ଣନାରୁ ଅନେକାଂଶରେ ପୃଥକ୍ । ସଂସ୍କୃତ ସଭାପର୍ବର ଏକବିଂଶ ଅଧ୍ୟାୟର [୧୫ଶ ଠାରୁ ୨୦ଶ] ଶ୍ଳୋକ କତିପୟରୁ ପ୍ରକାଶ ପାଏ ଯେ କୃଷ୍ଣାର୍ଜ୍ଜୁନ ଏବଂ ଭୀମ ପୁର ପ୍ରବେଶ କାଳରେ ପ୍ରଥମେ ଗିରିବ୍ରଜ ଓ ଚୈତ୍ୟକ [ବଡ଼ବୃକ୍ଷ] ଅତିକ୍ରମ କରି ମାଂସାଦ ବୃଷଭର [ଦୈତ୍ୟ-ବିଶେଷ] ଚର୍ମନିର୍ମିତ କଠୋରନାଦୀ ଭେରୀତ୍ରୟକୁ ଖଣ୍ଡ ବିଖଣ୍ଡ କରି ପକାଇଥିଲେ । ତଦନନ୍ତର ପଥ ମଧ୍ୟରେ ଗନ୍ଧମାଲ୍ୟାର୍ଚ୍ଚିତ ଶୃଙ୍ଗକୁ ଭେଟିଲାକ୍ଷଣି ତାହାକୁ ବିଚୂର୍ଣ୍ଣ କରି ଜରାସନ୍ଧର ହୋମଶାଳା ଅଭିମୁଖରେ ପ୍ରସ୍ଥାନ କଲେ; କିନ୍ତୁ ଏ ସ୍ଥଳରେ କବିଙ୍କର ବର୍ଣ୍ଣନା ଭିନ୍ନ ପ୍ରକାର ତାହା ଏହି ଯେ, ଶିବଙ୍କଠାରୁ ଜରାସନ୍ଧବଧର ଭେଦ ପାଇଁ କୃଷ୍ଣ, ଅର୍ଜ୍ଜୁନ, ଭୀମ ଓ ସହଦେବ ଗୁରଜଣ

(୧) ହେନ ଧନୁ ଲୈଲ ଯାହା କେହ ନାହିଁ ଦେଖେ
ମଧ୍ୟପଥେ ଯନ୍ତ୍ର ଥୁଇଲ ମନ୍ତ୍ର ବିରଚିତେ,
ଏଇ ଧନୁଶର ଏଇ ଯନ୍ତ୍ରଚକ୍ର ପଥେ,
ଶୂନ୍ୟେତେ ରାଖିଲ ଧନୁ ଅସମ୍ଭବ ଲେଖେ ।
ପଞ୍ଚଶର ସହ ଧନୁ ଥୁଇଲ ସଙ୍କେତେ ।
ଯେ ବିନ୍ଧିବେ ଲକ୍ଷ୍ୟ କନ୍ୟା ଭଜିବେ ତାହାତେ ।

Digitized by srujanika@gmail.com

ପୁର ଦ୍ୱାରରେ ପ୍ରବେଶ କରି ଯଥାକ୍ରମେ ଗର୍ଦ୍ଦଭ, ଶିମୁଳ ଗଛ, ଭେଣ୍ଡା ଏବଂ ଯୁବରାଜଙ୍କୁ ଅତିକ୍ରମ କରି ଲକ୍ଷ୍ୟ ସ୍ଥାନକୁ ଯାଇଥିଲେ । ଏହି ସ୍ଥଳରେ କୃଷ୍ଣ 'ଗଧପାଦ ଧରି ଥିବାର' ବର୍ଣ୍ଣନା ଅଛି—ଏବଂ ଏହି କଥା ବର୍ତ୍ତମାନ "ଅସମୟ ବେଳେ ଗଧପାଦ ଧରିବାକୁ ହୁଏ" ଗୋଟିଏ ଓଡ଼ିଆ ପ୍ରବଚନରେ ପରିଣତ ହୋଇଅଛି ।

୩ । ବନପର୍ବ—ପାଣ୍ଡବମାନଙ୍କର ଅରଣ୍ୟଯାତ୍ରା, କିର୍ମୀରବଧ, କିରାତ ଅର୍ଜ୍ଜୁନସମ୍ବାଦ, ଅର୍ଜ୍ଜୁନର ଇନ୍ଦ୍ରପୁରୀ ଗମନ, ନଳୋପାଖ୍ୟାନ, ତୀର୍ଥଯାତ୍ରା, ଯକ୍ଷଯୁଦ୍ଧ, ମାର୍କଣ୍ଡେୟ ସମସ୍ୟା, ଦ୍ରୌପଦୀ ସତ୍ୟଭାମାସମ୍ବାଦ, ଘୋଷଯାତ୍ରା, ଦୁର୍ବାସାଚରିତ, ଜୟଦ୍ରଥକୃତ ଦ୍ରୌପଦୀ ହରଣ, ସୂର୍ଯ୍ୟଙ୍କଠାରୁ କର୍ଣ୍ଣର କୁଣ୍ଡଳାହରଣ, ବୃତ୍ରବଧ ପ୍ରଭୃତି ଏହି ପର୍ବର ବର୍ଣ୍ଣିତ ବିଷୟ । ଏଥି ମଧ୍ୟରୁ ତୀର୍ଥଯାତ୍ରା, ନଳୋପାଖ୍ୟାନ ଏବଂ ଦ୍ରୌପଦୀହରଣର ବର୍ଣ୍ଣନା ମୂଳ ତୁଳନାରେ ଅତି ସଂକ୍ଷିପ୍ତ, ଆହୁରି ମଧ୍ୟ ଯଥା ସ୍ଥାନରେ ସନ୍ନିବେଶିତ ହୋଇ ନାହିଁ । ତାହା ବ୍ୟତୀତ ମୂଳ-ପର୍ବର ଦୁଇଟି ପ୍ରସିଦ୍ଧ ଚରିତ ଏଥିରେ ବର୍ଣ୍ଣିତ ନାହିଁ । ଯଥା —ସୁକନ୍ୟା ଚରିତ ଏବଂ ସାବିତ୍ରୀ ବୃତ୍ତାନ୍ତ । ମୂଳ ମହାଭାରତର ଦ୍ରୌପଦୀହରଣ ପର୍ବରେ ପ୍ରସଙ୍ଗ ବିଶେଷ ଅବତାରିତ ରାମାୟଣ ଅଂଶ ଯେପରି ବିଶଦ ଭାବରେ ଅଛି, ଏଥିରେ ସେପରି ନାହିଁ; ଅଥଚ ଏକ ଅଞ୍ଜନା ସମ୍ବାଦ କାହିଁ ଆଣି ଅତି ବିସ୍ତୃତ କରିଅଛନ୍ତି । ତାହା କପରି ସତ୍ୟବର୍ଜ୍ଜିତ, ବିଭତ୍ସ ଏବଂ ଅପ୍ରତ୍ୟେୟ, ନିମ୍ନୋଦ୍ଧୃତ ପଂକ୍ତି କତିପୟରୁ ଜଣାଯିବ ।

ଅହଲ୍ୟା କହିଲେ ଶୁଣ ଦ୍ରୁପଦ ଦୁହିତେ ।
ଅଞ୍ଜନା ବସିଲା ଲକ୍ଷେ ବର୍ଷ ପରିଯନ୍ତେ ।
ସଢ଼ିଲା ଶରୀର ଚରିଗଲେ ଜଳ ପୋକ
ଅସ୍ଥିମାନ କିଛି ନାହିଁ ହୋଇଲା ବୁଦେକ ।
ଲକ୍ଷେ ବର୍ଷ ପରିଯନ୍ତେ ହୋଇଥିଲା ବୁଦା ।
ଫୁଟି ବାହାର ହେଲା ଶରୀର ହୋଇ ସୁଦ୍ଧା ।
ନଖ ମୁଖ ନାସିକା ଯେ ଚରଣ ଦୁଇଟି
ବୁଦରୁ ବାହାର ହେଲା ଶରୀର ଯେ ଗୋଟି
ମହାଶମ୍ଭୁ ହେଲା ଯହୁଁ ସେ କନ୍ୟାର କାୟ
ଖଡ଼ଗ ଅଗ୍ନିର ଜଳେ ହୋଇଲା ନିର୍ଭୟ ।
ଇତ୍ୟାଦି ପୃ ୧୪୩

ଏହି ଅଞ୍ଜନା ସମ୍ବାଦର ଶେଷ ଅଂଶ ଏବଂ ହନୂମାନ ଜନ୍ମ ବଡ଼ ଅଶ୍ଳୀଳ । ଏହିପରି ଅନେକ ସ୍ଥଳର ବର୍ଣ୍ଣନାରୁ କବିଙ୍କର ଲୋକ ପ୍ରତ୍ୟୟ ପ୍ରତି ବିଶେଷରେ ଆସ୍ଥା ବା ଦୃଷ୍ଟି ନ ଥିଲାପରି ଅନୁମାନ ହୁଏ । ୧

୪ । ବିରାଟପର୍ବ —ବିରାଟପୁରରେ ପାଣ୍ଡବଗଣଙ୍କ ଅଜ୍ଞାତବାସ, କୀଚକବଧ ଏବଂ ଗୋହରଣ ଏହି କେତୋଟି ବିରାଟପର୍ବର ପ୍ରଧାନ ବର୍ଣ୍ଣିତ ବିଷୟ । ଏହି ପର୍ବରେ କୀଚକ ଦ୍ରୌପଦୀ ଆକ୍ରମଣ ବର୍ଣ୍ଣନା ଯେପରି ଅଶ୍ଳୀଳତାର ଚରମ ସୀମାକୁ ଯାଇଅଛି, ଦ୍ରୌପଦୀଙ୍କର ଭୀମାଦିଙ୍କ ପ୍ରତି ତତ୍କାଳୀନ କର୍କଶ ଭାଷା ମଧ୍ୟ ସେହିପରି ଶିଷ୍ଟତାର ସୀମା ଲଙ୍ଘନ କରିଅଛି—ଆହୁରି ମଧ୍ୟ ପାଚକବେଶୀ ଭୀମର ଅକଥା ଅବସ୍ଥା ରନ୍ଧନ ଏବଂ

୧—ଏହି ପର୍ବରେ କବି ସତ୍ୟଆମ୍ବ ଗଛର ଉତ୍ପତ୍ତିସମ୍ବନ୍ଧରେ ଏକ ଅପୂର୍ବ ଗଳ୍ପର କଳ୍ପନା କରିଅଛନ୍ତି । ଭାଦ୍ର ମାସରେ ଆମ୍ବ ନ ମିଳିବାରୁ ଶ୍ରୀକୃଷ୍ଣ ବନବାସୀ ପଞ୍ଚଭ୍ରାତା ଏବଂ ପାଞ୍ଚାଳୀଙ୍କ ଆଗରେ ଗୋଟିଏ ମଞ୍ଜି ପୋତି କହିଲେ ତୁମ୍ଭେମାନେ ଯେ ଯାହାର ସତ୍ୟ ପ୍ରକାଶ କର, ତେବେ ଏ ଆମ୍ବଗଛ ହୋଇ ଜଣସ୍ତ ଫଳିବ; ତଦନୁସାରେ ସମସ୍ତେ ଆତ୍ମରହସ୍ୟ ପ୍ରକାଶ କଲେ । ଯୁଧିଷ୍ଠିରଙ୍କ ସତ୍ୟ ପ୍ରକାଶରେ ସେ ବୀଜ ଅଙ୍କୁରିଲା ଏବଂ ଅପର ପାଣ୍ଡବ ଓ ଦ୍ରୌପଦୀଙ୍କ ସତ୍ୟ ପ୍ରକାଶରେ ତାହା ଯଥାକ୍ରମେ ପଲ୍ଲବିତ ଏବଂ ପୁଷ୍ପିତ ହୋଇ-ଗୋଟିଏ ଫଳ ଫଳିଲା; ସେହି ଫଳଟିକୁ ପାଣ୍ଡବମାନେ ବିପ୍ରବେଶୀ ଯାଚକ ଶ୍ରୀକୃଷ୍ଣଙ୍କୁ ପ୍ରଦାନ କଲେ । ସେହି ଦିନଠାରୁ ଗଛର ନାମ ସତ୍ୟଆମ୍ବ ହେଲା । ଏହି କଥା ବ୍ୟତୀତ କୁଶ, ଦୁବ, ପାରା, ଗଞ୍ଜିକ ଓ ଶିଂଶପା ବୃକ୍ଷର ଉତ୍ପତ୍ତି ଉପାଖ୍ୟାନ ମଧ୍ୟ ସ୍ୱକପୋଳକଳ୍ପିତ ବୋଲି ସ୍ପଷ୍ଟ ପ୍ରତୀତ ହୁଏ ।

Digitized by srujanika@gmail.com

ଅଲୌକିକ ପରିବେଷଣର ବର୍ଣ୍ଣନା (୧) ସତ୍ୟ ପ୍ରତ୍ୟୟର ଅପଚୟ ସାଧନ କରୁଅଛି । ଭୀମର ବଳଦୃପ୍ତତା ଏବଂ ଔଦ୍ଧତ୍ୟକୁ ଯେଉଁ କବି ଏଥିରେ ଯଥେଷ୍ଟ ବାଗ୍‌ବିସ୍ତାର କରିଅଛନ୍ତି; କିନ୍ତୁ ଏଣେ କୌରବ କର୍ତ୍ତୃକ ଗୋହରଣ ଏବଂ ଯୁଦ୍ଧାଦିର ବୃତ୍ତାନ୍ତ ମୂଳ ତୁଳନାରେ ଅତି ସଂକ୍ଷିପ୍ତ କରି ପକାଇ ଅଛନ୍ତି ।

୫ । **ଉଦ୍ୟୋଗପର୍ବ**— ସୈନ୍ୟୋଦ୍‌ଯୋଗ, ସଞ୍ଜୟଯାନ, ପ୍ରଜାଗର (ଧୃତରାଷ୍ଟ୍ର ବିଦୁରସମ୍ବାଦ) ଯାନସନ୍ଧି, ଭଗବାନଙ୍କ ଯାନ, କର୍ଣ୍ଣବିବାଦ, ସୈନ୍ୟ ନିର୍ଯାଣ, ଅମ୍ବୋପାଖ୍ୟାନ ପ୍ରଭୃତି ଏହି ପର୍ବର ଅନ୍ତର୍ଭୁକ୍ତ ବିଷୟ ଥିଲେହେଁ, କବି ସ୍ୱଗ୍ରନ୍ଥରେ ପ୍ରଜାଗର ଏବଂ ସନତ୍ସୁଜାତ, ମୂଳର ଏହି ଦୁଇଟି ଉପପର୍ବ ଛାଡ଼ିଅଛନ୍ତି । ଏତଦନ୍ତର୍ଗତ ଅମ୍ବା ଉପାଖ୍ୟାନ ଓ ଭୀଷ୍ମ ଦ୍ରୁପଦାଦିଙ୍କର ଇତିହାସକୁ କବି ଆଦିପର୍ବରେ ବର୍ଣ୍ଣନା କରିଅଛନ୍ତି ଏବଂ ବନପର୍ବ ଅନ୍ତର୍ଗତ କର୍ଣ୍ଣଙ୍କ କୁଣ୍ଡଳାହରଣ ବୃତ୍ତାନ୍ତକୁ ଏଥିରେ ଯୋଗ କରିଅଛନ୍ତି । ଛଦ୍ମବେଶୀ ଇନ୍ଦ୍ରଙ୍କର ଏହି କୁଣ୍ଡଳ କବଚ ଗ୍ରହଣ ବର୍ଣ୍ଣନା ଏପରି ପ୍ରାଣସ୍ପର୍ଶୀ ଭାଷାରେ ଲିଖିତ ଯେ, ପାଠକାଳରେ ଘନ ଘନ ରୋମାଞ୍ଚ ଜନ୍ମେ । ସୁଦେଷ୍ଣା ମୁଖରୁ ଯୁଦ୍ଧର ଭବିଷ୍ୟତ ପ୍ରସ୍ତାବ ଶ୍ରବଣ ଏବଂ ସ୍ୱ-ବୃତ୍ତାନ୍ତ ବର୍ଣ୍ଣନରେ (୨)କବି ସ୍ୱୀୟ ମହୀୟସୀ କଳ୍ପନାର ଖେଳା ପ୍ରଦର୍ଶନ କରିଅଛନ୍ତି ।

୬ । **ଭୀଷ୍ମପର୍ବ**—ଭଗବଦ୍ ଗୀତା ଏବଂ ଭୀଷ୍ମବଧ ଏହି ପର୍ବର ପ୍ରସିଦ୍ଧ ବର୍ଣ୍ଣିତ ବିଷୟ । ଏହାର ଆଦ୍ୟ ଏବଂ ଅନ୍ତରେ ବହୁତ ଅବାନ୍ତର କଥାର ଉଲ୍ଲେଖ ଅଛି । ଏଥିର ଏକ ପାର୍ଶ୍ୱରେ କବି ଭୀଷ୍ମବଧ ଏବଂ ଦଶ ଦିନର ଶସ୍ତ୍ରସାର ଯୁଦ୍ଧ ବର୍ଣ୍ଣନାକୁ ଯେପରି ବିସ୍ତୃତ କରିଅଛନ୍ତି ଅନ୍ୟଆଡ଼େ ଶାସ୍ତ୍ରସାର ଭଗବଦ୍-ଗୀତାକୁ ସେହିପରି ଅତିସଂକ୍ଷିପ୍ତ କରି ପକାଇ ଅଛନ୍ତି । କିନ୍ତୁ ଏହି ଗୀତାରେ ସ୍ଥାନେ ସ୍ଥାନେ କବି ଠିକ ଏ ମୂଳକୁ ଅନୁସରଣ କରିଅଛନ୍ତି । ଯେଉଁ ଯେଉଁ ସ୍ଥଳରେ ମୂଳ ସହିତ ମେଳ ଅଛି ତଳେ ସେଥିରୁ କେତୋଟି ପାଠକ-ମାନଙ୍କର କୌତୂହଳ ନିବୃତ୍ତିକରଣାର୍ଥ ଉଦ୍ଧୃତ କରୁଅଛୁଁ ।

୧ । ଗୀତା ଦ୍ୱିତୀୟ ଅଧ୍ୟାୟ ।

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି
ତଥାଶରୀରାଣି ବିହାୟ ଜୀର୍ଣ୍ଣା-
ନ୍ୟନ୍ୟାନି ସଂଯାତି ନବାନି ଦେହୀ । ୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି
ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ
ନ ଶୋଷୟତି ମାରୁତଃ । ୨୩ ।

ଓ—ଚୀର ଲୁଗା ଛାଡ଼ି ନୂଆ ପିନ୍ଧିଲି ପରାୟେ
ଆତ୍ମା ଯାଇ କରି ପୁଣି ନୂଆ ଦେହ ପାଏ ।
ଆତ୍ମାକୁଟି ଶସ୍ତ୍ର କେବେ ନ ପାରଇ କାଟି
ଅଗ୍ନି ପୋଡ଼ି ନ ପାରନ୍ତି ଆତ୍ମାକୁ କଦାଟି ।
ସଡ଼ାଇ ନ ପାରେ ମଧ୍ୟ ତାହାକୁଟି ଜଳ
ଶୁଖା ନ ପାରେ ତାହି ଅଣୁଏ ଅନିଳ ।
ଭୀ. ପ, ପୃ । ୪୩ ।

---

(୧) ସଙ୍ଗତରେ ଚଉଷଠୀ କୋଟି ଯୋଦ୍ଧାମାନେ, ସମସ୍ତେ ବସିଲେ ରଜା ମଣୋହି ଆସନେ ।
ସାତକ୍ଷୌଣୀ ବଳ ଘେନି ବିରାଟ ବସିଲେ, ଭୀମ ନଳ ବେନି ରନ୍ଧଣାକୁ ପରଷିଲେ । ପୃ ୧୪ ।

(୨) କଳିଯୁଗେ ଜନମିବ ଇନ୍ଦ୍ରଦ୍ୟୁମ୍ନ ହୋଇ, ଗୁଣ୍ଡିଚା ନାମେ ଏହା ନାରୀ ହେବ ମୁହିଁ ।
ଏଠାରେ କବି ନୀଳାଚଳର ଗୁଣ୍ଡିଚାଯାତ୍ରା ପ୍ରତି ଲକ୍ଷ୍ୟ ରଖି ଇନ୍ଦ୍ରଦ୍ୟୁମ୍ନ ପତ୍ନୀ ଗୁଣ୍ଡିଚାଙ୍କର ପୂର୍ବଜନ୍ମ ପୁରାଣ ସମ୍ମତ କରିବାକୁ ଚେଷ୍ଟା କରିଅଛନ୍ତି ।

Digitized by srujanika@gmail.com

୨ । ଅର୍ଜୁନ ଉବାଚ
ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।
ସ୍ଥିତଧୀଃ କିଂପ୍ରଭାଷେତ କମାସୀତ ବ୍ରଜେତ କିଂ ।୫୪।

ଶ୍ରୀ ଭଗବାନୁବାଚ—
ପ୍ରଜହାତି ଯଦାକାମାନ୍ ସର୍ବାନ୍ ପାର୍ଥ ମନୋଗତାନ୍
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞ ସ୍ତଦୋଚ୍ୟତେ ।୫୫
ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ । ୫୬ ।

ଓ—ଅରଜୁନ ବୋଲେ ତହୁଁ ସ୍ଥିତପ୍ରଜ୍ଞଲୋକ
ଲକ୍ଷଣ କହ ମୋତେ ହେ ରୁକ୍ମିଣୀ ନାୟକ ।
କି ରୂପରେ କହେ ସେହି କି ରୂପରେ ଥାଏ
କିରୂପେ ବସଇ ସେହି କିରୂପେ ବଡ଼ାଏ ?
ଶ୍ରୀକୃଷ୍ଣ ବୋଇଲେ ହେ କାମନା ଛାଡ଼ି ଦେଇ
ଯେ ରହଇ ତାହାକୁ ଯେ ସ୍ଥିତପ୍ରଜ୍ଞ କହି ।
ଦୁଃଖରେ ଯେଉଁ ଲୋକ ଉଦ୍‌ବେଗମନା ନୋହେ
ସୁଖ ଜଳେ ଆଶାକୁ ନ ବୁଡ଼ାଏ ମୋହେ ।
ହୃଦୟରୁ ରାଗ ଯେହୁ କରିଥାଏ ଦୂର
ସ୍ଥିତ ପ୍ରଜ୍ଞ ବୋଲାଣ ବୋଲାଏ ସେହି ନର ।
ଶ୍ରୀ, ପ, ପୃ । ୪୫ ।

୩ । ଯା ନିଶା ସର୍ବଭୂତାନାଂ
ତସ୍ୟାଂ ଜାଗର୍ତି ସଂଯମୀ,
ଯସ୍ୟାଂ ଜାଗ୍ରତି ଭୂତାନି
ସା ନିଶା ପଶ୍ୟତୋ ମୁନେଃ । ୬୯

ଓ—ପ୍ରାଣୀଙ୍କି ଯେ ବ୍ରହ୍ମଜ୍ଞାନ ବିଭାବରୀ ପରି
ତହିଁରେ ଯୋଗୀଜନ ହୁଅନ୍ତି ଉଜାଗରୀ ।
ଏଇ ଯେଉଁ ଜାଣ ପ୍ରାଣୀମାନଙ୍କ ଦିବସ
ଯୋଗୀ ଜନମାନଙ୍କୁ ସେ ଅନ୍ଧାର ସଦୃଶ । ପୃ ୭ ।

ତୃତୀୟ ଅଧ୍ୟାୟରେ—
ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ
ପରମଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଧର୍ମେ ନିଧନଂ ଶ୍ରେୟଃ
ପରଧର୍ମୋ ଭୟାବହଃ । ୩୫ ।

ଓ—ପର ଧରମ କରି କି ଆପଣାର ଧର୍ମ
ନିଗୁଣ ହେଲେହେଁ ସୁଦ୍ଧା ଅଟଇ ଉତ୍ତମ ।
ସ୍ୱଧର୍ମରେ ମରଣ ଅଟଇ ମଧ୍ୟ ଶ୍ରେୟ
ତେଣୁ ଯୁଦ୍ଧ କର ହେ ଅର୍ଜୁନ କର ଜୟ ।

ପଞ୍ଚମ ଅଧ୍ୟାୟରେ—
ବିଦ୍ୟାବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ।୧୮।

ଓ—ବିଦ୍ୟାବନ୍ତ ଜନ ଯେ ଚଣ୍ଡାଳ ଗାଈ ହାତୀ
କୁକୁରରେ ସମାନ ଯାହାର ଅଟେ ମତି ।
ତାହାକୁ ଆହେ ଅର୍ଜୁନ ଜ୍ଞାନୀ ବୋଲି କହି
ଆନଠାରେ ସେ କଥା ସମ୍ଭବ ହେବ କାହିଁ ।

ଦଶମ ଅଧ୍ୟାୟରେ—
ଆଦିତ୍ୟାନାମହଂ ବିଷ୍ଣୁର୍ଜ୍ୟୋତିଷାଂ ରବିରଂଶୁମାନ୍
ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶୀ । ୨୧ ।
ଦଣ୍ଡୋ ଦମୟତାମସ୍ମି ନୀତିରସ୍ମି ଜିଗୀଷତାଂ
ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ
ଜ୍ଞାନବତାମହଂ । ୩୮ ।

ଓ—ଦ୍ୱାଦଶ ଆଦିତ୍ୟଙ୍କ ମଧ୍ୟରେ ବିଷ୍ଣୁ ମୁହିଁ
ଜ୍ୟୋତିଙ୍କ ମଧ୍ୟରେ ସୂର୍ଯ୍ୟ ଦେବତା ଅଟଇ ।
ତେଜସ୍ୱୀମାନଙ୍କରେ ତେଜ ମୁହିଁ ଅଟଇ
ଜିଣିବା ଲୋକଙ୍କରେ ଜୟନୀତି ମୋତେ କହି ।
ଗୁପତ କଥାରେ ଅଟେ ମୁଁ ମନ୍ତ୍ର ବଚନ
ମୁହିଁତ ହେ ଅରଜୁନ ତତ୍ତ୍ୱଜ୍ଞାନ-ଜ୍ଞାନ ।

ଏହିପରି ପ୍ରତି ଅଧ୍ୟାୟର କେବଳ ପ୍ରସିଦ୍ଧ ଶ୍ଳୋକାବଳୀର ଅନୁବାଦ ଥିବାର ଦେଖି ଅନୁମାନ ହୁଏ, କବିଙ୍କର ଯେଉଁ ଶ୍ଳୋକଗୁଡ଼ିକ ସ୍ମରଣାଧୀନ ଥିଲ

Digitized by srujanika@gmail.com

କେବଳ ସେହିଗୁଡ଼ିକର ଭାବ ସେ ପ୍ରକାଶ କରି ପାରି ଅଛନ୍ତି ।

୭ । **ଦ୍ରୋଣପର୍ବ**—ଏହି ପର୍ବରେ ଦ୍ରୋଣଙ୍କର ଅଭିଷେକ, ସଂଶପ୍ତକବଧ, ଅଭିମନ୍ୟୁବଧ, ଅର୍ଜୁନର ଜୟଦ୍ରଥ ବଧ ପ୍ରତିଜ୍ଞା, ଜୟଦ୍ରଥବଧ ଏବଂ ଦ୍ରୋଣବଧ ଏହି ସବୁ ଘଟଣା ଘେନି ପଞ୍ଚ ଦିନର ଯୁଦ୍ଧ ବର୍ଣ୍ଣିତ ଅଛି । ସଂସ୍କୃତର ସଂଶପ୍ତକପର୍ବବର୍ଣ୍ଣିତ ବିଷୟ ଏଥିରେ ମ୍ଲେଚ୍ଛ ରାଜାର (୧) ଯୁଦ୍ଧ ବୋଲି ବିକୃତ ଭାବରେ ଲିଖିତ ହୋଇଅଛି । ଅଭିମନ୍ୟୁ ବଧ ବିଶେଷତଃ ଜୟଦ୍ରଥ ବଧ ମୂଳତୁଳନାରେ ଅତି ସଂକ୍ଷିପ୍ତ ହୋଇ-ଥିଲେହେଁ ଏଥିର ବର୍ଣ୍ଣନା ବୀରରସର ସମ୍ପୂର୍ଣ୍ଣ ଉପ-ଯୋଗୀ ହୋଇଅଛି ।

୮ । **କର୍ଣ୍ଣପର୍ବ**—ଏଥିରେ ଦୁଃଶାସନ ବଧ ଏବଂ କର୍ଣ୍ଣବଧ ଏହି ଦୁଇଟି ପ୍ରଧାନ ଘଟଣାକୁ ଘେନି ଅଢ଼େଇ ଦିନର ଯୁଦ୍ଧ ବର୍ଣ୍ଣିତ ଅଛି । ଏ ଉଭୟ ପର୍ବର ବିଷୟ ଯେପରି ଚିତ୍ତାକର୍ଷକ ଏବଂ ବୀରରସ ମୂଳକ, ଭାଷା ତାଦୃଶ ଉପଯୋଗିନୀ ଏବଂ ଓଜସ୍ୱିନୀ ଥିବାରୁ ଅନ୍ୟାନ୍ୟ ପର୍ବ ଅପେକ୍ଷା ଏ ଦୁଇଟି ମାର୍ଜିତ । ତେଣୁ ଏହି ଦୁଇ ପର୍ବରୁ ଗୋଟିଏ ଗୋଟିଏ ଉତ୍କୃଷ୍ଟ ଚିତ୍ର ଘେନି ଆଧୁନିକ କବି-ମାନେ କାବ୍ୟାଦି ରଚନା କରିଅଛନ୍ତି । (୨) ତଥାପି ଏଥିରେ ବେଣୀ ସଂହାର ସ୍ଥଳରେ ଦ୍ରୌପଦୀଙ୍କର ଭୀମାହ୍ୱାନ ଏବଂ ଶୃଙ୍ଗାର ଚିତ୍ର ଅତିବ ଅଶ୍ଳୀଳତା-ବ୍ୟଞ୍ଜକ ।

୯ । **ଶଲ୍ୟପର୍ବ**—ପୂର୍ବୋକ୍ତ ପର୍ବମାନଙ୍କରେ ମହାଭାରତର ଅଠର ଦିନ ଯୁଦ୍ଧରୁ ସାଢ଼େ ସତର ଦିନର ଯୁଦ୍ଧର ବର୍ଣ୍ଣନା ଯାଇଅଛି, ଅବଶିଷ୍ଟ ଅର୍ଦ୍ଧ ଦିନର ଯୁଦ୍ଧ ବର୍ଣ୍ଣନା ଏହି ପର୍ବରେ ଶେଷ ହୋଇଅଛି; ଫଳତଃ ମହାଭାରତୀୟ ମହା ସମରାନଳର (୩) ଏହିଠାରୁ ପ୍ରଶମନ ହେଲା । ସହଦେବକୃତ ଶକୁନିବଧ, ଯୁଧିଷ୍ଠିରଙ୍କୁ ପ୍ରହାର କରୁ କରୁ ଶଲ୍ୟର ଦାହ ଓ ମୃତ୍ୟୁ ଏବଂ ଗଦାଯୁଦ୍ଧରେ ଭୀମ କର୍ତ୍ତୃକ ଦୁର୍ଯୋଧନର ଉରୁ-ଭଙ୍ଗ ଏହି ପର୍ବର ଅଙ୍ଗୀଭୂତ ହେଲେହେଁ କବି ଶେଷୋକ୍ତ ବର୍ଣ୍ଣନାଟି ଏପର୍ବରେ ସମ୍ପୂର୍ଣ୍ଣ ପ୍ରକାଶ କରି କେବଳ ଭୀମ ଦୁର୍ଯୋଧନଙ୍କର ଗଦାଯୁଦ୍ଧକୁ ଅବଲମ୍ବନ କରି ଗୋଟିଏ ସ୍ୱତନ୍ତ୍ର ପର୍ବ (ଗଦାପର୍ବ) କରିଅଛନ୍ତି । ସେହି ଗଦାପର୍ବରେ ବିଭତ୍ସରସର ମାତ୍ରା ଅଧିକ । ଦକ୍ଷଯଜ୍ଞ ବର୍ଣ୍ଣନାରେ ଶିବଲିଙ୍ଗ ପ୍ରଦର୍ଶନାଦି ଅତି ଅଶ୍ଳୀଳ ଏବଂ ଗ୍ରାମ୍ୟ ହୋଇ ପଡ଼ିଅଛି ।

୧୦ । **ସୌପ୍ତିକପର୍ବ**—ସଂସ୍କୃତ ସୌପ୍ତିକପର୍ବର ଅନ୍ତର୍ଗତ କେବଳ ଐଷିକ ପର୍ବର ଘଟଣାକୁ ଘେନି କବି କାଇଁଶିକା ପର୍ବ ରଚନା କରିଅଛନ୍ତି । କୃପାଚାର୍ଯ୍ୟଙ୍କ ମୁଖରୁ ଶ୍ରୀକୃଷ୍ଣଙ୍କ କର୍ତ୍ତୃକ ଶସ୍ତ୍ର ହରଣ ସମ୍ବାଦ ପାଇ ଅଶ୍ୱତ୍ଥାମା କେଉଁପରେ କାଇଁଶ ଗଛରେ ଧନୁର୍ବାଣ ନିର୍ମାଣ କରି ଉତ୍ତରା ଗର୍ଭକୁ ଲକ୍ଷ୍ୟକରି ବ୍ରହ୍ମଶର ପେଷଣ କରିଥିଲେ ବୋଲି ଏହି ପର୍ବର ଏପରି ନାମକରଣ ହୋଇଅଛି ।

୧୧ । **ନାରୀପର୍ବ**—ଏ ପର୍ବରେ ସଂସ୍କୃତର ଜଳପ୍ରଦାନକ ପର୍ବ ସମ୍ପୂର୍ଣ୍ଣରୂପେ ବର୍ଣ୍ଣିତ ହୋଇ ନାହିଁ । ଦ୍ୱାରକାରୁ କୃଷ୍ଣଙ୍କର ଇନ୍ଦ୍ରପ୍ରସ୍ଥାଗମନ, ଗାନ୍ଧାରୀଙ୍କ ଅନ୍ଧପୁତୁଳି କାଡ଼ନ୍ତେ ପୁଣି ଦୁର୍ଦ୍ଦଷର ଭସ୍ମୀଭବନ । ଧୃତରାଷ୍ଟ୍ରଙ୍କର ଆୟସୀ ଭୀମପ୍ରତିମା ଭଙ୍ଗ, କୌରବ

(୧) ଅକଳନା ମ୍ଳେଚ୍ଛଦେଶ ରାଜାର ସଇନ, ଜଳନ୍ଧର ବ୍ୟୂହେ ରଣ କଲେ ଫାଲ୍‌ଗୁନ । ପୃ ୧୫ ।

(୨) ସୁପ୍ରସିଦ୍ଧ ସ୍ୱର୍ଗୀୟ ରାୟ ଓ ରାଓ କବିଙ୍କ ବେଣୀସଂହାର ଓ କର୍ଣ୍ଣ ବଧ, ଅନ୍ୟାନ୍ୟ କବିଙ୍କ ଜୟଦ୍ରଥ ବଧ ଓ ଅଭିମନ୍ୟୁ ବଧ ।

(୩) ଯୁଧିଷ୍ଠିର ବୋଲେ ମାମୁଁ ଜଳିଲା ଜଳିଲା ଜଳୁ ଜଳୁ, ବୋଲି କହୁ ଶଲ୍ୟ ଜଳିଗଲା । ଶ, ପ, ପୃ ୮ ।

Digitized by srujanika@gmail.com

ରମଣୀମାନଙ୍କର ବିଳାପ ଓ କୁରୁକ୍ଷେତ୍ର ଦର୍ଶନ ଏବଂ ଗାନ୍ଧାରୀ ଭୀମ ସଂବାଦ ଅତି କୌତୁକାବହ ଭାଷାରେ ବର୍ଣ୍ଣିତ ହୋଇଅଛି ।

୧୨ । **ଶାନ୍ତିପର୍ବ**—ଏଥିରେ ଶାନ୍ତିପର୍ବର ସତ୍ତା ନାହିଁ କହିଲେ ଚଳେ । କାରଣ ସଂସ୍କୃତ ମହାଭାରତର ଯେଉଁ ପର୍ବଟି ସର୍ବାପେକ୍ଷା ବୃହତ୍, ଆକାରରେ ବନପର୍ବର ପ୍ରାୟ ଦୁଇ ଗୁଣ ଏବଂ ଯାହା ସୁଦୀର୍ଘତର ୩୬୫ ଅଧ୍ୟାୟରେ ସମାପ୍ତ ହୋଇଅଛି, ତାହାକୁ କବି ଅଧ୍ୟାୟ-କର ପାଠରେ ଶେଷ କରି ଦେଇଅଛନ୍ତି । ତଦନ୍ତର୍ଗତ ରାଜଧର୍ମ, ଆପଦ୍ଧର୍ମ ଏବଂ ମୋକ୍ଷଧର୍ମ ଏହି ତିନି ସୁଦୀର୍ଘ ଉପପର୍ବ ମଧ୍ୟରୁ ଏଥିରେ କେବଳ ପ୍ରଥମଟିର କିଞ୍ଚିତ୍ ଆଭାସ ଅଛି । ଯୁଧିଷ୍ଠିରଙ୍କ ପ୍ରତି ଭୀଷ୍ମଙ୍କର ନାନା ଉପଦେଶ, ଭୀଷ୍ମଙ୍କର ସ୍ୱେଚ୍ଛାମୃତ୍ୟୁ ଏବଂ ମହୋଦଧି କୂଳରେ ତାଙ୍କର ଶବଦାହ, ଆଉ ଯୁଧିଷ୍ଠିରଙ୍କର ଅଭିଷେକ ଏହି କେତୋଟି ଘଟନା କବି ବର୍ଣ୍ଣନ କରିଅଛନ୍ତି । କିନ୍ତୁ ମହାସମରାନଳନିର୍ବାଣଜନିତ ଅବସରରେ ଏବଂ ମରଣର ପୂର୍ବାଂଶରେ ପ୍ରବୀଣ ବୃଦ୍ଧ ଏବଂ ମହାତ୍ମା ଭୀଷ୍ମଙ୍କ ମୁଖରୁ କେତେ ଯେ ଆଶ୍ରମଧର୍ମାଦିର କଥା, ଅସଂଖ୍ୟ ଉପାଖ୍ୟାନ ଏବଂ ନାନା ଗୀତା ବା ତତ୍ତ୍ୱ ଶାସ୍ତ୍ରର କଥା ବାହାରିବା ଯେ ସ୍ୱାଭାବିକ, ତତ୍ପ୍ରତି କବି ଆଦୌ ଦୃଷ୍ଟି ଦେଇ ନାହାନ୍ତି । ଫଳତଃ ଯେଉଁ ପର୍ବର ବିଷୟବୈଚିତ୍ର୍ୟରେ ସମଗ୍ର ମହାଭାରତ ବୈଚିତ୍ର୍ୟମୟ, ଏ କବି ତାହାର ଗାମ୍ଭୀର୍ଯ୍ୟ ଏବଂ ମହତ୍ତ୍ୱ ଏକାବେଳକେ ନଷ୍ଟ କରି ପକାଇ ଅଛନ୍ତି ।

୧୩ । **ଅନୁଶାସନପର୍ବ**—ଏ ପର୍ବଟି ଓଡ଼ିଆରେ ଏକାବେଳକେ ନାହିଁ । ସଂସ୍କୃତର ଏହି ପର୍ବରେ ନାନା ସଂବାଦ (ପ୍ରଶ୍ନୋତ୍ତର), ନିନ୍ଦା ପ୍ରଶଂସା ଏବଂ ଉପଦେଶ ଅଛି । ଏହାର ୧୬୮ ଅଧ୍ୟାୟ ମଧ୍ୟରୁ ଦୁଇ ତିନି ଅଧ୍ୟାୟର (ବିଶ୍ୱାମିତ୍ର କଥା) ବିଷୟ ଓଡ଼ିଆ ଐଷିକ ପର୍ବରେ ଏବଂ କେତେକ ଶାନ୍ତି ପର୍ବରେ ଭୁକ୍ତ କରା ହୋଇଅଛି । ଶାନ୍ତି ପର୍ବପରି ଏଥିର ପ୍ରତିପାଦିତ ବିଷୟ କେବଳ ଉପାଖ୍ୟାନ ଶ୍ରେଣୀୟ ନ ଥିବାରୁ କବି ଏହି ଉଭୟରେ କୃତିତ୍ୱ ଦେଖାଇ ପାରି ନାହାନ୍ତି ।

୧୪ । **ଅଶ୍ୱମେଧପର୍ବ**—ଓଡ଼ିଆରେ ଏହି ପର୍ବଟି ଆଶ୍ରମିକ (୧୫ଶ) ପର୍ବର ପରବର୍ତ୍ତୀ ହୋଇଅଛି । ଏ କ୍ରମଭଙ୍ଗ ଅବଶ୍ୟ କବିଙ୍କର ନୁହେ; ପ୍ରକାଶକଙ୍କର । କବି ମୂଳଅନୁକ୍ରମେ ଅଶ୍ୱମେଧରେ କୃଷ୍ଣାଦିଙ୍କର ନିମନ୍ତ୍ରଣ ଏବଂ ଆଶ୍ରମିକରେ ଯଦୁବଂଶ ଧ୍ୱଂସ ଓ କୃଷ୍ଣଙ୍କର ଦେହ ତ୍ୟାଗ ବର୍ଣ୍ଣନା କରିଅଛନ୍ତି । ମୁଷଳ ଉତ୍ପତ୍ତି ଏବଂ ଶ୍ରୀକୃଷ୍ଣଙ୍କର ସ୍ୱର୍ଗଗମନ ମୁଷଳ ପର୍ବର ଅନ୍ତର୍ଗତ ହେଲେହେଁ କବି ଏ ପର୍ବର ମଧ୍ୟ ସେଥିର ଏକ ଅପୂର୍ବ କାହାଣୀ ପ୍ରକାଶ କରିଅଛନ୍ତି, ତାହା ଏହି ଯେ, ଋଷି ଶାପରୁ ଯେଉଁ ଲୌହ ମୁଷଳ ଜାତ ହୋଇ-ଥିଲା, ତାହାକୁ ସମସ୍ତେ ନେଇ ମହୋଦଧି କୂଳସ୍ଥ ନୀଳଗିରି ଉପରେ ଘୋରିଲେ, ଶେଷରେ ଭୀମ ଘୋରି ଘୋରି (୧) ଗିରି ସୁଦ୍ଧା ସରି ଗଲା; ତଥାପି କିଛି ଅବଶେଷ ରହିବାର ଦେଖି ସମୁଦ୍ରକୁ ଫିଙ୍ଗି ଦେଲେ ଏବଂ ତତ୍‌କ୍ଷଣାତ୍ ତାକୁ ଗୋଟିଏ ମତ୍ସ୍ୟ ଗିଳି ଦେଲା ।

---

(୧) କ୍ଷୀର ସିନ୍ଧୁ ତଟେ ନୀଳ ନାମେଣ ଯେ ଗିରି, ବିଶାଳତେ ଯୋଜନ ଯେ ବିସ୍ତାର ତାହାର ।
ତହିଁରେ ଲାଗଇ ଦେବକଳ୍ପବଟ ଛାଇ; ତାପରେ ମୁଁ ସେ ଲୁହାକୁ ଘୋରିଲି ନଠାଇ ।
ଏଗାର ବରଷେ ସେହି ଲୁହା ଯେ ଛୁଣ୍ଡିଲା; ସେ ନୀଳ ପର୍ବତ ଭୂମି ସମାନ ହୋଇଲା । ଆ, ପ, ପୃ ୪ ।

ନୀଳାଚଳର ନାମ ଏବଂ ଦାରୁବ୍ରହ୍ମ ଉତ୍ପତ୍ତି ସମ୍ବନ୍ଧରେ କବି ଏଠାରେ ଏକ ଅପୂର୍ବ ସମର୍ଥନ କରିଅଛନ୍ତି । ମୁଷଳୀ ପର୍ବର ୩୧ ପୃଷ୍ଠା ପାଠ କଲେ ପାଠକେ ଜାଣି ପାରିବେ ।

Digitized by srujanika@gmail.com

ବେଣ୍ଟପୁରର କୁଞ୍ଜବୀ କେଉଟ ସେହି ମଚ୍ଛକୁ ଧରି ଆଣି ଜରାଶବରକୁ ଦେଲା । ଶବର ଗୃହିଣୀ ମାଛ ପେଟରୁ ସେ ଲୌହ ଖଣ୍ଡ ପାଇ ସ୍ୱାମୀକୁ ଦିଅନ୍ତେ, ଜରା (୧) ତହିଁରେ ନାରାଚ ତିଆରି କରି ବନରେ ଭ୍ରମଣ କରୁଥିବା ବେଳେ ଶିଆଳିଲତାରେ ଶୋଇଥିବା ଶ୍ରୀକୃଷ୍ଣଙ୍କୁ ମୃଗ ମଣି ବାମ ପାଦକୁ ଲକ୍ଷ୍ୟ କରିଥିଲା ଏବଂ ସେଥିରେ ଶରବିଦ୍ଧ ଶ୍ରୀକୃଷ୍ଣ ଜ୍ୟୋତିର୍ମୟ ରଥରେ ସ୍ୱର୍ଗ ପ୍ରସ୍ଥାନ କରିଥିଲେ । କିନ୍ତୁ ମୂଳଗ୍ରନ୍ଥରେ ଠିକ୍ ଏପରି ନାହିଁ । ଜରା ଧନୁଶର ଘେନି ଭ୍ରମଣ କରୁଥିବା-ବେଳେ ହଠାତ୍ ବନ ମଧ୍ୟରେ ଯୋଗାସନସ୍ଥ ପୀତାମ୍ବର କୃଷ୍ଣଙ୍କୁ ଦେଖି ମୃଗଭ୍ରମରେ ଶର ସନ୍ଧାନ କଲା ଏବଂ ସଦ୍ୟ ନିଜକୁ ମହା ଅପରାଧୀ ଜାଣି ଶ୍ରୀକୃଷ୍ଣଙ୍କ ପାଦତଳେ ଧରି ବହୁ ଅନୁନୟ ବିନୟ କଲା (୨) ।

୧୬ । ମୌଷଳପର୍ବ—ମୂଷଳୀ ପର୍ବରେ ପାନାସକ୍ତ ଯାଦବମାନଙ୍କର ପରସ୍ପର ଯୁଦ୍ଧ ଓ ମୃତ୍ୟୁ, ପରିଶେଷରେ ରାମକୃଷ୍ଣଙ୍କ ସ୍ୱର୍ଗଗମନ, ଅର୍ଜୁନଙ୍କର ଯାଦବୀମାନଙ୍କ ସହିତ କୃଷ୍ଣାଭିଗମନ ଏବଂ ଶୋକୋଚ୍ଛ୍ୱାସାଦି ବର୍ଣ୍ଣିତ ହୋଇଅଛି ।

୧୭ । ମହାପ୍ରସ୍ଥାନିକପର୍ବ—ଓଡ଼ିଆରେ ଏହି ପର୍ବ ନାହିଁ । ତହିଁର ବିଷୟ ଅଥବା ପାଣ୍ଡବମାନଙ୍କର ମହାପ୍ରସ୍ଥାନ, ହିମାଳୟାରୋହଣରେ ଦ୍ରୌପଦୀ ପ୍ରଭୃତିଙ୍କର ପତନ ଏବଂ ଯୁଧିଷ୍ଠିରଙ୍କର ସ୍ୱର୍ଗାରୋହଣ ଏ ଘଟନା-ମାନ ସ୍ୱର୍ଗାରୋହଣ ପର୍ବରେ ବର୍ଣ୍ଣିତ ଅଛି । ଏହି ବର୍ଣ୍ଣନା ବ୍ୟତୀତ କବି ଶେଷୋକ୍ତ ପର୍ବରେ ଅନେକ ଅମୂଳକ କଥାର ଯୋଜନା କରିଅଛନ୍ତି । ବିଶେଷତଃ, ଯାଜପୁର ଅଞ୍ଚଳବାସୀ ବୈଶ୍ୟ ହରି ସାହୁର କନ୍ୟା ସହିତ ଯୁଧିଷ୍ଠିରଙ୍କର ବ୍ୟାସାଦି ମହର୍ଷିଗଣଙ୍କ ସମ୍ମୁଖରେ ବିବାହ ପ୍ରସ୍ତାବ (୩) ଅତ୍ୟନ୍ତ ଅସତ୍ୟ ଏବଂ ଅସଙ୍ଗତ । ସ୍ୱର୍ଗାରୋହଣପର୍ବର ଏହି କେତେକ ଅଂଶ ପ୍ରକ୍ଷିପ୍ତ ଥିବାର ଏଥିପୂର୍ବେ ସପ୍ରମାଣ କରାଯାଇଅଛି, ଆଉ ଯାହାଥାଉ ଏଥିରେ ସଂସ୍କୃତ ସ୍ୱର୍ଗାରୋହଣ ପର୍ବ (୧୮ ଶ) ର ବର୍ଣ୍ଣିତ ବିଷୟ ଅର୍ଥାତ୍ ସ୍ୱର୍ଗରେ ନାରଦ ଯୁଧିଷ୍ଠିର ସମ୍ବାଦ, ଯୁଧିଷ୍ଠିରଙ୍କର ନରକଦର୍ଶନ ଓ ଅର୍ଜୁନାଦିଙ୍କର ଦର୍ଶନ ଏଥିରେ ବର୍ଣ୍ଣିତ ନାହିଁ ।

ଭାଷା ଓ ଭାବ

ଏପର୍ଯ୍ୟନ୍ତ ଆମ୍ଭେମାନେ ମହାଭାରତର ପ୍ରତିପର୍ବ ପ୍ରତିପାଦିତ ବିଷୟରେ ସଂକ୍ଷିପ୍ତ ଆଲୋଚନା କରି-ଆସିଲୁଁ । ବର୍ତ୍ତମାନ ଗ୍ରନ୍ଥର ଭାଷା ଓ ଭାବ ସମ୍ବନ୍ଧରେ ସଂକ୍ଷେପରେ କିଛି କହିବାକୁ ଚେଷ୍ଟା କରିବୁଁ । ଏହି ବିଷୟର ଆଲୋଚନା ପୂର୍ବରୁ ଆମ୍ଭେମାନେ ମହା-ଭାରତକୁ ଭାବ ଓ ଭାଷା ଦୃଷ୍ଟିରେ ତିନୋଟି ଭାଗରେ ବିଭକ୍ତ କରିଅଛୁଁ । ପ୍ରଥମ ଭାଗରେ ଆଦିପର୍ବଠାରୁ

---

(୧) ଏହି ଜରାଶବର ବଂଶଧରମାନେ ଦଇତା ନାମରେ ଆଖ୍ୟାତ ବୋଲି କବି ପ୍ରକାଶ କରିଅଛନ୍ତି ।

(୨) ଜରାଥ ତଂ ଦେଶ ମୁପାଜଗାମ   ଲୁବ୍ଧସ୍ତଦାନୀଂ ମୃଗଲିପ୍ସୁରୁଗ୍ରଃ ।
ସ କେଶବଂ ଯୋଗଯୁକ୍ତଂ ଶୟାନଂ   ମୃଗାଶଙ୍କୀ ଲୁବ୍ଧକଃ ସାୟକେନ ॥
ଜରାବିଧ୍ୟତ୍ ପାଦତଳେ ତ୍ୱରାବାଂସ୍ତଂ   ଚାଭିତସ୍ତଜ୍ଜିଘୃକ୍ଷୁର୍ଜଗାମ ।
ମହାତ୍ମାନଂ ତ୍ୱପରାସତସ୍ୟ ପାଦୌ   ଜରାଜଗୃହେ ଶଙ୍କିତାତ୍ମା ॥ ମୌ ୪ ର୍ଥ ଅ:

(୩) ସିହାଣୀ କନ୍ୟାକୁ ବିଭା ହେଲେ ଧର୍ମସୁତ,   ରହିଲେ ସେ ପଞ୍ଚତ୍ରିଶ ବର୍ଷ ପରିଯନ୍ତ ।
ପଶ୍ଚାକ୍ଷିତେ ରାଜ୍ୟ ଦେଲେ ଯାଜନ ନଗରୀ;   ପଞ୍ଚ କଟକର ମଧ୍ୟେ ଏକା ଅଧିକାରୀ—ସ୍ୱ, ପ, ପୃ ୮ ।

ଏହି ସମସ୍ତ ମଧ୍ୟରେ ଭୀମଙ୍କର ଧାନ ଭାର ଆଣିବା ଏବଂ ବାଘ ଯୋଚ ବେଙ୍ଗଲା ପକାଇବା ଆଉ 'ସିହାଣୀ'ଙ୍କର କନକା-ଗଡ଼ରେ ଅବସ୍ଥାନ ଇତ୍ୟାଦି ପ୍ରକାର ବର୍ଣ୍ଣନା ବଡ଼ ଅମୂଳକ ଓ ଘୃଣା ବ୍ୟଞ୍ଜକ ।

Digitized by srujanika@gmail.com

ବିରାଟ ଏବଂ ପର୍ଯ୍ୟନ୍ତ ପାଞ୍ଚୋଟି ପର୍ବ, ଦ୍ୱିତୀୟଭାଗରେ ଉଦ୍ୟୋଗପର୍ବଠାରୁ ଶଲ୍ୟପର୍ବ ପର୍ଯ୍ୟନ୍ତ ୫ ପର୍ବ ଏବଂ ତୃତୀୟ ଭାଗରେ ଅବଶିଷ୍ଟ ପର୍ବଗୁଡ଼ିକ ରହିବା ଉକ୍ତ ଦୃଷ୍ଟିରେ ସଙ୍ଗତ ବିବେଚନା କରୁଅଛୁଁ ।

ଦେହିନୋଽସ୍ମିନ୍ ଯଥା ଦେହେ
କୌମାରଂ ଯୌବନଂ ଜରା ।
ତଥାପି ଭାରତେ ଗ୍ରନ୍ଥେ
ପ୍ରେକ୍ଷେଽହମବସ୍ଥାତ୍ରୟଂ ।

ଯଥାର୍ଥରେ ଉଲ୍ଲିଖିତ ତିନିଭାଗରେ ବାଲ୍ୟ, ଯୌବନ ଓ ବାର୍ଦ୍ଧକ୍ୟର ବୈଚିତ୍ର୍ୟ ପ୍ରତ୍ୟକ୍ଷ କରାଯାଏ ।

ଦେଖାଯାଏ ବାଳକ ସଦା ଚଞ୍ଚଳ, ଅସ୍ପଷ୍ଟଭାଷୀ ଏବଂ କଳ୍ପିତଗଳ୍ପପ୍ରିୟ । ଆଉମଧ୍ୟ ଶିଶୁ ସଦା ଉଲଗ୍ନ ଥାଇ ନିର୍ବିକାର ଭାବରେ ଅଶ୍ଳୀଳତାକୁ ଅଙ୍ଗୀଭୂତ କରିଥାଏ ଏବଂ ଯାହା ଇଚ୍ଛା ତାହା ବିଚାର ନ କରି କରେ । ଯେଉଁମାନେ ଏହି ମହାଭାରତର ପ୍ରଥମ ଭାଗ ପାଠକରିବେ, ସେମାନେ ଦେଖିପାରିବେ ଯେ, ଏଥିରେ ଉକ୍ତ ବାଲ୍ୟସୁଲଭ କ୍ରିୟାଗୁଡ଼ିକ ଅଛି, ଏଥିର ଭାଷା ଯେପରି ଶୃଙ୍ଖଳା, ନିର୍ବନ୍ଧନ, ଅସ୍ପଷ୍ଟ ବା ଅବୋଧ୍ୟ ଓ ଗ୍ରାମ୍ୟ ବର୍ଣ୍ଣନା ତାଦୃଶ ଅଶ୍ଳୀଳ ଏବଂ ଲେଖା ବା ଲିଖିତ ବିଷୟ ସେହିପରି ବିଚାରଶୂନ୍ୟ ଓ ଅସଙ୍ଗତ ।

ଯୌବନ ଉପସ୍ଥିତ ହେଲେ ଲୋକର ଯେପରି ସମଗ୍ର ଜୀବନର ଶକ୍ତି ନବୀନ ଭାବରେ ବିକଶିତ ହୁଏ, ହୃଦୟରେ ଓଜସ୍ୱିତା ଗାମ୍ଭୀର୍ଯ୍ୟାଦିର ସଞ୍ଚାର ହୁଏ; ଏହାର ଦ୍ୱିତୀୟଭାଗରେ ସେହିପରି ଯୌବନସୁଲଭଗୁଣ ପ୍ରତିଫଳିତ ହୋଇଅଛି । ଏହି ଅଂଶର ଭାବ ଯେପରି ମାର୍ଜିତ ଏବଂ ବିଷୟ ବୀରରସରେ ଉର୍ଜସ୍ୱଳ, ଭାଷା ମଧ୍ୟ ସେହିପରି ଓଜସ୍ୱିନୀ । ଯଥାର୍ଥରେ କବିଙ୍କର ପ୍ରତିଭା ଏହି ଅଂଶରେ ପୂର୍ଣ୍ଣ ବିକାଶ ପ୍ରାପ୍ତ ହୋଇଅଛି ।

ବାର୍ଦ୍ଧକ୍ୟରେ ମନୁଷ୍ୟର ସମସ୍ତ ଶକ୍ତି ହ୍ରାସ ପ୍ରାପ୍ତ ହୁଏ ଏବଂ ସେହି ଧର୍ମରେ ମତି ଦୃଢ଼ୀଭୂତ ହେଉଥାଏ; ଆଉ ମଧ୍ୟ ଶରୀର ଜରାବ୍ୟାଧିରେ ଜୀର୍ଣ୍ଣତର ହେବାକୁ ବସେ, ନିତ୍ୟନୈମିତ୍ତିକ କୌଣସି ବିଷୟରେ ଦୃଢ଼ତା ରହେ ନାହିଁ । ମହାଭାରତର ପ୍ରୋକ୍ତ ତୃତୀୟ ଭାଗରେ ଆମ୍ଭେମାନେ ଉଲ୍ଲିଖିତ ଅବସ୍ଥା ପ୍ରତ୍ୟକ୍ଷ କରୁଁ । ଏଥିରେ ଭାଷାର ଓଜଃ ନାହିଁ କି ବିଷୟରେ ପୂର୍ଣ୍ଣତା ନାହିଁ କିମ୍ବା ଲେଖାର କୌଣସି କ୍ରମ ନାହିଁ । ଅଛି କେବଳ ବାର୍ଦ୍ଧକ୍ୟୋଚିତ କେତେକ ଧର୍ମ କଥା । ଅଶ୍ଳୀଳତାଦ୍ୱାରା ତାହାର ମଧ୍ୟ ସ୍ଥଳେ ସ୍ଥଳେ ସ୍ଖଳନ ଘଟିଅଛି । ଲେଖାରୁ ଲେଖକଙ୍କୁ ଜାଣିବାକୁ ହେଲେ ପାଠକ ଅନାୟାସରେ ଏହା କହିବାକୁ ସମର୍ଥ ହେବେ ଯେ, ଏହି ବିଭିନ୍ନ ବିଭାଗର ଲେଖକ ଭିନ୍ନ ଭିନ୍ନ, ସେ ଯାହାହେଉ ସ୍ଥୂଳରେ ଏତିକି କୁହାଯାଇ ପାରେ ଯେ, ପ୍ରାଚୀନ କବିମାନଙ୍କ ଭାଷାମଧ୍ୟରେ ଶାରଳାଦାସଙ୍କର ଭାଷା ଓଜସ୍ୱିନୀ । ତାଙ୍କର ବୀର-ରସର ଭାଷା ଆଧୁନିକ କବିଙ୍କ ତାଦୃଶ ଭାଷା ଅପେକ୍ଷା କୌଣସି ଅଂଶରେ ହୀନ ନୁହେ । ସେ ଭାଷା ବହୁ ଶତବର୍ଷ ପୂର୍ବର ହେଲେହେଁ ଅନେକ ସ୍ଥଳରେ ଅବିକଳ ଆଧୁନିକ ଭାଷା ପ୍ରାୟ ଜଣାଯାଏ । ଏଠାରେ ଆଉ ସେଥିର ଆଲୋଚନା ନ କରି, ଆଦି କବିଙ୍କ ଭାଷା ସହିତ ଆଧୁନିକ କବିଙ୍କର ଭାଷାର କିପରି ମେଳ ଅଛି ତାହାର କେତୋଟି ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଉଅଛି ।

ବନପର୍ବରେ— (ଦ୍ରୌପଦୀ)

ମତେ ସଭାରେ କୁରୁଏ ଦେଲେ ଅପମାନ ।
କେଶ ଧରି ମୋର ଦେଲା ଦୁଷ୍ଟ ଦୁଃଶାସନ ।
ଆଣନ୍ତେ ଚରଣ ମୋର ନ ପଡ଼ଇ ତଳ ।
ଆକର୍ଷି ଶିର ଝୁଣ୍ଟିଲା ଦୁଃଶା ମୋର ବାଳ ।
ସେହି ଦିନୁ କେଶ ମୋର ନ କଲି ବନ୍ଧନ ।
ସେ ଭୁଜ ଦୁଃଶାର ଉପାଡ଼ିବେ ଭୀମସେନ ।
ତାହାର ରୁଧିରେ ମୋର କେଶ ପଖାଳିବି ।
ତେବେ ମୁଁ କେଶ ବନ୍ଧନ କରିବି, କେଶବ ।

ପୃ ୨୦୬ ।

Digitized by srujanika@gmail.com

କର୍ଣ୍ଣପର୍ବରେ—

ନିର୍ଦ୍ଦୟ ନିରପେକ୍ଷ ଅଟଇ ଏ ଚଣ୍ଡାଳ
ଅନ୍ତଃପୁରେ ପଶି ଯେ ଧଇଲା ମୋର ବାଳ ।
ଅନ୍ତରୀକ୍ଷେ ଆଣିଲା ଯେ ଧରି ମୋତେ ବଳେ
ଆଣନ୍ତେ ଚରଣ ମୋର ନ ଲଗିଲା ତଳେ ।
ଦ୍ରୌପଦୀର ମୁଖରୁ ଏସନ ବାକ୍ୟ ଶୁଣି
ଗର୍ଜିଣ ଉଠିଲା ଭୀମ ମତ୍ତସିଂହ ଜଣି ।
ଓଷ୍ଠେ ଦନ୍ତ ଚାପି ଗର୍ଜେ ପବନ ଆତ୍ମଜ
ଆକର୍ଷି ଧଇଲା ଦୁଃଶାର ଡାହାଣ ଭୁଜ ।
ବୁଲାଇ ଭୁଜ ଯେ ଆକାଶକୁ ଦେଲା ଫିଙ୍ଗି
ଅନ୍ତରୀକ୍ଷେ ଶେଣପକ୍ଷୀ ଧଇଲା ତା ବେଗି ।
ପୁଣି ବାମଭୁଜ ଭୀମ ଉପାଡ଼ିଲା ବଳେ
ଏ ଭୁଜେ ଧର୍ମକୁ ବସାଇଲୁ ସଭାତଳେ ।

ସହଦେବ—

ତୁ ଯେ ବାସୁଦେବ ପ୍ରଭୁ ଜଗଜ୍ଜନବନ୍ଧୁ
ଏ ବଡ଼ ବିଷମ ଦେବ ଜାଣୁ ଜାଣୁ କାନ୍ଦୁ ।
ତୁ ଦେବ ଚେତନା ଯାଇ କରାଅ ତାହାଙ୍କୁ
ଶତଶୃଙ୍ଗ ବାଦ୍ୟକାର ଶୁଭୁ ଯେ ଭୀମଙ୍କୁ ।
ଏଣେ ପାଞ୍ଚଜନ୍ୟ ଧରି ଫୁଙ୍କିଲେ ଗୋବିନ୍ଦ
ଶତଶୃଙ୍ଗ ଶତଶୃଙ୍ଗ ଉଚ୍ଚେ କଲା ନାଦ ।
ଶତଶୃଙ୍ଗକୁ ସ୍ମରଣା କଲା ସହୁଁ ଭୀମ
ଏକୋଇର ସିଂହର ହୋଇଲା ପରାକ୍ରମ । ପୃ ୩୨

ଭୀମ—

ପାରିଲେ ଏହାକୁ ରକ୍ଷା କର ଦେବଇନ୍ଦ୍ର ।
ସଞ୍ଜୀବନୀ ନାଥ ତୁମ୍ଭ ଅଟ୍ଟୁ ହେ କୃତାନ୍ତ ।
ପାରିଲେ ଦୁଃଶାସନକୁ ରଖ ଜଗନ୍ନାଥ ।
ଚନ୍ଦ୍ର ସୂର୍ଯ୍ୟ ବ୍ରହ୍ମା ଇନ୍ଦ୍ର ଅଗ୍ନି ଆଦି କରି
ରଣସ୍ଥଳେ ମିତ୍ରୁ କେହି କରେ ଶସ୍ତ୍ର ଧରି ।
କାଳଚକ୍ର ପ୍ରାଏକ ବୁଲାଏ ବେନି ଆଖି
ତିନି ଭୁବନ ଲୋକେ ହାସିଲେ ତାହା ଦେଖି—
ରେ ରେ ଦୁଃଶା ତୋତେ କେହି ନ ପାରିଲେ ରଖି
ପୁଣି କୋପେ ପାତାଳକୁ ଚାହିଁଲା ନିରେଖି ।
ପୁଣି ଚାହିଁ ବୋଲେ ଆରେ ଆରେ କଉରବ
କେ ପାରୁଛ ରକ୍ଷା କର ଦୁଃଶାସନ ଜୀବ । ପୃ ୩୩

ଅର୍ଜୁନ—

ସମସ୍ତ ପ୍ରତିଜ୍ଞା ମୁଁ ସହିଲି ବାସୁଦେବ
ତୋହର ଅବଜ୍ଞା କେ ଦେହ ବହି ସହିବ ।

କୃଷ୍ଣ—

ତାହାକୁ କରୁ ତୁ କୋପ ଆହୋ ଫାଲଗୁନ
ଯାର ନାମେ କମ୍ପମାନ ହୁଏ ପୁର ତିନ । ପୃ ୩୪

ଭୀମ—

ଭଲ କରି ଦେଖ ମୋର ଭାଇ ମୁଖ ଗୋଟି
ଗୁଣବନ୍ତ ପୁରୁଷ ଏ ଅଟେ ଧାର୍ତ୍ତରାଷ୍ଟ୍ରୀ—
ମହା ଅନଳ ଭେଦି ଏ ଜାତ ଯାଜ୍ଞସେନୀ ।
ତୁ ଚୋର ପାମର ରେ ଧଇଲୁ ତାର କେଶ
ସଭା ତଳେ ନେଇ ପୁଣି କଲୁ ଯେ ଅବସ୍ଥ ।
ଅନେକ ଭର୍ତ୍ସନା କଲୁ ସଭା ମଜେ ଆଣି
ଆକର୍ଷି କେଶ ଏହାର ଝିଙ୍କିଥିଲୁ ପୁଣି ।
ଆଜ ଦୁଃଶାସନ ଉପାଡ଼ିବି ତୋର କର
ପାଞ୍ଚାଳୀର ଶିରେ ନେଇ ଦେବଇଁ ରୁଧିର । ପୃ ୩୫

ଆଉ ଅଧିକ ଉଦ୍ଧାରର ପ୍ରୟୋଜନ ନାହିଁ । ଯେଉଁମାନେ ସ୍ୱର୍ଗୀୟ ଭଟ୍ଟ କବିଙ୍କର 'ବେଣୀସଂହାର' ପାଠ କରିଅଛନ୍ତି ସେମାନେ କର୍ଣ୍ଣ ପର୍ବର ଏହି ଅଂଶ ଦେଖିଲେ ମନେ କରିବେ ଯେ, ପ୍ରାୟ ଏକା ଭାଷା, ଏକା ଭାବ ଏବଂ ଏକ ଛନ୍ଦ । କେବଳ ପ୍ରଭେଦ ଏହି ଯେ ମଧ୍ୟେ ମଧ୍ୟେ ଭଟ୍ଟ କବିଙ୍କ ଭାବ ସୁରୁଚିସମ୍ପନ୍ନ; ଭାଷା ମାର୍ଜିତ ଏବଂ ଛନ୍ଦ ସଦୋଷ ବର୍ଜିତ ।

ଧର୍ମଗୃହରେ ତୁମ୍ଭେ ବର୍ତ୍ତି ସର୍ବକାଳେ ପୁଣ ।
ଭୀମକୁ ବସାଇ ଖୁଆଇଲ ବିଷ ଲଡ଼ୁ
ଖାଇ ବିଷ ମରିଲା ତୁମ୍ଭର ଧର୍ମ ପୋଡ଼ୁ ।

Digitized by srujanika@gmail.com

ଯାବତ କାଳରେ ତୁମ୍ଭେ ଚଳ ଧର୍ମ ବାଟେ
ଘର କଲ ଜଉ ଗୁଆଘୃତ ଛଣପଟେ ।
ଢକଲେ ପଶିଲେ ଯେ ବଳରେ ପାଞ୍ଚଭାଇ
ଏମାନ ତୁମ୍ଭର କଣ ଅଧର୍ମ ନୁହଇ ?
ଚଉଦ ବରଷ ଅଟେ ସୁଭଦ୍ରାର ସୂନୁ
ନ ଜାଣି ସମରେ ଯେ ପଶିଲା ଅଭିମନ୍ୟୁ ।
ଧର୍ମଯୁଦ୍ଧେ ମାରି ନ ପାରିଲ ଯେତେବେଳେ
ବେଢ଼ି କରି ମାରି ବୋଲି ସର୍ବେ କଲ ଗୋଳ ।
କ, ପ, ପୃ ୪୯ ।

ଇତ୍ୟାଦି ପଂକ୍ତି କବିପଦ୍ମର ଆଶ୍ରୟ ଭକ୍ତ କବି ମଧୁସୂଦନ 'କର୍ଣ୍ଣବଧରେ' ଲକ୍ଷିତ ହୁଏ ନାହିଁ କି ?

ସ୍ୱର୍ଗାରୋହଣ ପର୍ବରେ—

ଅନେକ କଷ୍ଟରେ ପ୍ରଜା କରିବେ ଯେ କୃଷି
ନାନା ଫାନ୍ଦ ପାତି ରାଜା ହେବେ ମିଥ୍ୟାଭାଷୀ ।
ପ୍ରଜାଠାରୁ ସବୁ ଛଡ଼ି ନେବେ ରାଜାମାନେ
ମହା ଦୁଃଖ ପାଇ କଷ୍ଟୀ ହେବେ ପ୍ରଜାମାନେ ।
ବ୍ରାହ୍ମଣ ଦେବତାଆଦି ପୂଜ୍ୟ ଯେ ପଦାର୍ଥ
ରାଜା ଦୋଷ ହେତୁ ସର୍ବେ ହୋଇବେ ଅନାଥ ।
ଶୂଦ୍ରଙ୍କୁ ବ୍ରାହ୍ମଣେ ଯେ ମାରିବେ ଚଳହସ୍ତେ
ନିଜ ମତ ତେଜିଣ ସେ ଅନ୍ୟ ଭାବ ମତେ ।
କୁଳାଚାର ଛାଡ଼ି ଦ୍ୱିଜେ ହେବେ ଅନାଚାରୀ
ରାଜ ସେବା କରିବେ ସେ ଯେପରି ବେଗାରୀ । (୧)
ଏହିପରି ଅନାଚାର ବ୍ରାହ୍ମଣେ କରିବେ
ବ୍ରାହ୍ମଣ ମାଇଲେ କେହି ହତ୍ୟା ନ ଘେନିବେ ।
ବ୍ରାହ୍ମଣ ଚଣ୍ଡାଳ ଆଦି ବସିବେ ଏକତ୍ରେ
ନୀଚଲୋକେ ପୂଜିବେ ସେ ମଦିରାର ଅର୍ଥେ ।
ପରଧନ ଚୋରି କରି ମରିବେ ଯେ ପ୍ରାଣୀ
ଅବିଚାର କରି ରାଜା ପକାଇବେ ହାଣି ।
ସବୁଆଡ଼େ ଗୋଳମାଳ ହେବ ଏକଯୋଗେ
ଅନାଚାରୀ ହେବେ ଲୋକେ ଥାଇଣ ଅମାର୍ଗେ ।
ଅନେକ ଅନ୍ୟାୟ ଦେବ ହେବ କଳିଯୁଗେ ।
ପୃ ୧୧ । ୧୨

ସହଦେବ ମୁଖ ନିର୍ଗତ ଏହି ଉକ୍ତିଗୁଡ଼ିକ ସ୍ୱର୍ଗୀୟ କବିବରଙ୍କ 'ମହାଯାତ୍ରାରେ' ଅଗ୍ନିମୁଖୋଦ୍‌ଗୀର୍ଣ୍ଣ ଭବିଷ୍ୟଦ୍ ବାଣୀର ଅଗ୍ରଜା ନୁହେ କି ? ଅବଶ୍ୟ ସେଥିରେ ରାଧୁ କବିଙ୍କ ପ୍ରତିଭାର ପ୍ରଭାବର ଯଥେଷ୍ଟ ଦେଖାଯାଇଅଛି; ତଥାପି ତାହା ଯେ ଏତଦ୍ଦୃଷ୍ଟିରେ ଉଦ୍ଭାବିତ । ଏହା କଣ୍ଠରେ ଉଚ୍ଚାରଣ କରିବାକୁ ବୋଧହୁଏ କେହି କୁଣ୍ଠିତ ହେବେ ନାହିଁ ।

ଉପମା ଭାବବିଶଦୀକରଣର ଗୋଟିଏ ପ୍ରଧାନ ସାଧନ । ଅନେକ ସ୍ଥଳରେ କବିଙ୍କର ଉପମାଗୁଡ଼ିକ ବଡ଼ ସୁସଙ୍ଗତ । ଯୁଦ୍ଧବର୍ଣ୍ଣନାରେ ଯେଉଁ ଉପମାବଳୀର ଆଗମ ହୋଇଅଛି ତନ୍ମଧ୍ୟରୁ ଅଧିକାଂଶ ପ୍ରାଚୀନ; କିନ୍ତୁ ଅନେକସ୍ଥ ପ୍ରତିଭାବାନ୍ କବି ପ୍ରାଚୀନ ପଦ୍ଧତିର ଅପେକ୍ଷା ନ ରଖି ଆପଣା ଅବେକ୍ଷଣ ଅନୁସାରେ ନାନା ଉପମା ସୃଷ୍ଟି କରିଅଛନ୍ତି । ସେ ସମସ୍ତ ପ୍ରଦର୍ଶନ କରିବାର ସମ୍ଭାବନା ଏବଂ ସ୍ଥାନ ଏଠାରେ ନାହିଁ । ତଳେ ଦୁଇ ତିନୋଟି ମାତ୍ର ଆକାଙ୍କ୍ଷା ନିବୃତ୍ତି ପାଇଁ ଉଦ୍ଧୃତ ହେଲା ।

୧ । ଖଗବର ଚଞ୍ଚୁପ୍ରାଏ ନାସାର ଯେ ଶୋଭା
ଗୁଞ୍ଜାଫଳ ଦିଶି ଜ୍ୱଳନ୍ତ ବେନି ଡୋଳା ।

(୧) 'ବେଗାରୀ' ଶବ୍ଦ ଇଙ୍ଗ୍ରେଜରୁ ଆଗତ ଏବଂ ଆଧୁନିକ, ଉଦ୍ଧୃତାଂଶରୁ ଏହି ପଂକ୍ତି ଏବଂ ଅନ୍ୟ କେତୋଟି ପଂକ୍ତି ଦେଖିବାରୁ ଅନୁମାନ ହୁଏ ଏହି ଅଂଶ ପଶ୍ଚାତ୍ ପ୍ରକ୍ଷିପ୍ତ । ଯେଉଁ ବ୍ୟକ୍ତି ଏ ସାହସ କରିଛନ୍ତି; ସେ ଯେ ଶବ୍ଦ ପ୍ରୟୋଗରେ ଦଗନ୍ଧ, ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ରଙ୍ଗ ଅଏଁଳାର ପ୍ରାଏ ତଳପାର କାନ୍ତ
ଘଟଣ ପୋହଳା ଜଣି ଅଙ୍ଗୁଷ୍ଟି ହିଶନ୍ତ । ବ,ପ,ପୃ ୭
ସେବକଶ ପାଖୁଡ଼ା ପ୍ରାଏ ତହିଁ କରରୁହ ।

ଯୁଦ୍ଧରେ ଶରପାତ ଏବଂ ଶର ଯୋଗେ ଶିରଃପାତାଦିର ବର୍ଣ୍ଣନାରେ କବିଙ୍କର ଉପମା ଯଥାଯଥ ହୋଇଅଛି ।

ଯଥା—

୧ । ଶର ମାରନ୍ତ ଯେସନେ ବରଷଇ ପାଣି
ଝଲକଇ ଅସ୍ତ୍ର ବିଜୁଳିର ତେଜ ଜଣି ।
୨ । ସମସ୍ତଙ୍କ ଅଙ୍ଗରୁ ରୁଧିର ବୃଷ୍ଟି ହେଲା
ପଳାଶ ଗଛ କି ଫୁଲେ ମଣ୍ଡିତ ହୋଇଲା ।
୩ । ଯେସନେ ତଳମଞ୍ଜି ବୁଣଇ କୃଷିକାରୀ
ପଡ଼ନ୍ତ ପାଦାନ୍ତବଳ ସଞ୍ଚପି ନ ପାରି । ଦ୍ରୋ, ପ.
୪ । ଯେସନେ କଦଳୀ ବନ ପଡ଼େବାତାଘାତେ
ଏକ ଉପରେ ଆରେକ ପଡ଼େ ଶରପାତେ । ସ,ପ.
୫ । ମହାବାତେ ଯେସନ ପକ୍ୱଫଳ ଝଡ଼ନ୍ତ
ଏକନାରତକେ ବହୁ ସଇନ ଲୋଟନ୍ତ ।
ଗଭୀର ଜଳରେ ଯେଉଁପରି ଭାସେ ଭେଳା
ଗଜ ଅଶ୍ୱ ରଥ ରକ୍ତେ ତଥା ମେଳାମେଳା ।
— ଦ୍ରୋ, ପ ।

ଶେଷୋକ୍ତ ଉପମାଟି ରାଧୁ କବିଙ୍କର ନିମ୍ନୋକ୍ତ ଉପମା ଅପେକ୍ଷା ଅଧିକ ସଙ୍ଗତ ଏବଂ ସୁନ୍ଦର ନୁହେ କି ?

ଝଡ଼ିଲା ଯବନ ମୁଣ୍ଡ ସେ କୃପାଣ ଚୋଟେ
ଶତ ଶତ ପକ୍ୱପର୍ଣ୍ଣ ଶୀତାନ୍ତେ ଯେସନ,
କୃଷିବଳ ହାତେ ଅବା ପକ୍ୱଶସ୍ୟାବଳୀ
ମହାଯାତ୍ରା ୭ମ ସର୍ଗ ।

ଅନ୍ୟ ଉପମା—
ବସାଭଙ୍ଗେ ପକ୍ଷୀଏ ପଳାନ୍ତ ଯେହ୍ନେ ଡରେ
କେ ରହି ନ ପାରେ ନନ୍ଦଘୋଷର ସ୍ତମ୍ଭରେ ।
ବଦନ୍ତ ଅଗସ୍ତି ଯେଉଁପରି କୃଷିକାରୀ,
ବଳଦ ହଜାଇ ଏଣେ ତେଣେ ଖୋଜିବୁଲି
ଭୀଷ୍ମଙ୍କ ଅଭାବେ ରାଜା ହେଲେ ସେହିପରି ।
ଦ୍ରୋ, ପ ।
ସ୍ୱର୍ଲ୍ଲଣିର ପ୍ରାୟେ ତୁ ହୋଇଲୁ ଭୀମସେନ ।
ଗୁଣଗୁଡ଼ କେବଣ ବହିଛୁ ଅବଗୁଣ । ଆଶ୍ର, ପ ।

ଚରିତ୍ର ଚିତ୍ରଣ

ବୀର ଚରିତ୍ରଚିତ୍ରଣରେ କବି ଏକପ୍ରକାରେ ସିଦ୍ଧହସ୍ତ । ବର୍ଣ୍ଣନା ଅଲୌକିକ ଏବଂ ଅତିଶୟୋକ୍ତି ବହୁଳ ହେଲେହେଁ କୌଣସିଠାରେ ସେ ବୀରମାନଙ୍କର ବୀର ଧର୍ମର ଖର୍ବତା ସମ୍ପାଦନ କରି ନାହାନ୍ତି । ଯେଉଁଠାରେ କେବଳ ବୀରତ୍ୱର କଥା ନାହିଁ ସେ ସ୍ଥଳର ଚିତ୍ର ଉନ୍ମେଷରେ କବି କିଞ୍ଚିତ୍ ଅସମର୍ଥ ହୋଇ ଅଛନ୍ତି । ତେଣୁ ସେ ଧର୍ମବୀର ଯୁଧିଷ୍ଠିରଙ୍କର ଧର୍ମପ୍ରାଣତା, ଗାମ୍ଭୀର୍ଯ୍ୟ ଓ ସତ୍ୟନିଷ୍ଠତା ସର୍ବତ୍ର ଅକ୍ଷୁଣ୍ଣ ରଖି ପାରି ନାହାନ୍ତି । ଶଲ୍ୟପର୍ବରେ ଯୁଧିଷ୍ଠିରଙ୍କର ବୀରତ୍ୱ ପ୍ରଶସ୍ତଭାବରେ ଚିତ୍ରିତ ହୋଇଥିଲେହେଁ ବିରାଟ ପର୍ବରେ ଅଜ୍ଞାତ ବାସକାଳୀନ ତାଙ୍କର ଯେଉଁ ଆତ୍ମପରିଚୟ ପ୍ରଦତ୍ତ ହୋଇଅଛି, ସେଥିରୁ ତାହାଙ୍କୁ ମିଥ୍ୟାବାଦୀ ବୋଲି ପ୍ରତୀତ ହୁଏ; କିନ୍ତୁ ମୂଳମହାଭାରତରେ ଏପରି ପରିଚୟ ପ୍ରଦାନ ନାହିଁ । ତତ୍ପରବର୍ତ୍ତୀ କୃଷ୍ଣସିଂହ ମଧ୍ୟ ଏ ସ୍ଥଳରେ ସାବଧାନ ଥାଇ ଦ୍ୱ୍ୟର୍ଥବ୍ୟଞ୍ଜକ ଶବ୍ଦଦ୍ୱାରା ସତ୍ୟନିଷ୍ଠତା ସୁରକ୍ଷିତ ରଖିଅଛନ୍ତି । କବିଙ୍କର ଭୀମ କେବଳ ମହାବଳଶାଳୀ ନୁହନ୍ତି, ଅତି ଉଦ୍ଧତ ଚପଳ ଏବଂ ଅଲୌକିକଶକ୍ତିସମ୍ପନ୍ନ । ଭିନ୍ନ ଭିନ୍ନ ଅବସ୍ଥାରେ ସୁଦ୍ଧା ସେହି ଔଦ୍ଧତ୍ୟ ଓ ଚପଳତା ବାଳକୋଚିତ ରହିଅଛି । ଶୌର୍ଯ୍ୟ ଏବଂ ଔଦାର୍ଯ୍ୟରେ ମହାବୀର କର୍ଣ୍ଣ ଅର୍ଜ୍ଜୁନଙ୍କୁ ଆଦର୍ଶ ରଖିଅଛନ୍ତି । ଏ ଉଭୟଙ୍କ ଚରିତ୍ରକୁ ଉନ୍ନତ କରିବାରେ କବି ଯଥେଷ୍ଟ ପ୍ରୟାସ ପାଇଛନ୍ତି । ପ୍ରତିସ୍ଥଳରେ ମହାବୀର ଅର୍ଜ୍ଜୁନଙ୍କର ଶୌର୍ଯ୍ୟସହ ଔଦାର୍ଯ୍ୟ ଅତି ଉତ୍କୃଷ୍ଟ ବର୍ଣ୍ଣରେ ରଞ୍ଜିତ ।

Digitized by srujanika@gmail.com

କବିଙ୍କର ନକୁଳ ମଧ୍ୟ ମହାବୀର ଏବଂ ସହଦେବ ସୁବୁଦ୍ଧିସମ୍ପନ୍ନ ଓ ରଣକୁଶଳ । ଏହି ପଞ୍ଚପାଣ୍ଡବଙ୍କ ଚରିତ୍ର ମଧ୍ୟରୁ ଭୀମଙ୍କ ଚରିତ୍ରରେ ଅଲୌକିକତା ଏବଂ ଅତିଶୟୋକ୍ତିର ମାତ୍ରା ସର୍ବାପେକ୍ଷା ଅଧିକ । ପାଣ୍ଡବ-ପକ୍ଷପାତୀ ଯଦୁବଂଶାବତଂଶ ଶ୍ରୀକୃଷ୍ଣଙ୍କୁ କବି ଯେ ସର୍ବତ୍ର କେବଳ ଅଲୌକିକଶକ୍ତିଶାଳୀ ଏବଂ ଦେବତା-ରୂପେ ଚିତ୍ରିତ କରିଅଛନ୍ତି, ତାହା ନୁହେଁ, ଅନେକ ସ୍ଥଳରେ ସେ ତାହାଙ୍କୁ ଅତି କୁଟିଳ, ଶ୍ଳାଘାନୃତ ଏବଂ କୁଚକ୍ରୀ ପୁରୁଷରୂପରେ ଦଣ୍ଡାୟମାନ କରିଅଛନ୍ତି । ସ୍ଥାନେ ସ୍ଥାନେ କୃଷ୍ଣଙ୍କର ମହିମା କପରି ଖର୍ବୀକୃତ ଏବଂ ହୀନବର୍ଣ୍ଣରେ ଚିତ୍ରିତ ହୋଇଅଛି, ତାହାର ଗୋଟିଏ ଦୃଷ୍ଟାନ୍ତ ଦେଉଅଛୁଁ । ଦ୍ରୋଣବଧ ପର୍ବରେ କବି ଲେଖିଅଛନ୍ତି—

ଧୃଷ୍ଟଦ୍ୟୁମ୍ନ ଥିଲା ଯୁଧିଷ୍ଠିରଙ୍କ ପଛ କତି ।
ନୟନଠାରି ତାହାକୁ ଦେଲେକ ଶ୍ରୀପତି ।
ପିତା ଶତ୍ରୁ ଅଟଇ ଗୁରୁ ଦ୍ରୋଣ ।
କସ ପାଞ୍ଚ ଏହାକୁ କୃପାଣ ଘେନି ହାଣ । ପୃ ୧୦୨

କିନ୍ତୁ ମୂଳ ମହାଭାରତରେ ଏହା ଅଛି ଯେ, ଆଚାର୍ଯ୍ୟ ଦ୍ରୋଣ ଯୁଧିଷ୍ଠିରଙ୍କ ବାକ୍ୟରେ ଶସ୍ତ୍ର ତ୍ୟାଗ ପୂର୍ବକ ରଥରେ ଯୋଗାସୀନ ହୁଅନ୍ତେ ଧୃଷ୍ଟଦ୍ୟୁମ୍ନ ଏହି ଛିଦ୍ର ଦର୍ଶନରେ ସଶର ୧ ହୋଇ ତାହାଙ୍କୁ ଆକ୍ରମଣ କଲା । ଦ୍ରୋଣ ଯୋଗସ୍ଥ ଥାଇ ଜ୍ୟୋତିର୍ମୟ ବ୍ରହ୍ମ ମଧ୍ୟରେ ଅପ୍ରକାଶରେ ଲୀନ ହୋଇଗଲେ । ଧୃଷ୍ଟଦ୍ୟୁମ୍ନ ତାଙ୍କର ସେହି ମୃତ ଦେହର ଶିରଶ୍ଛେଦନ ମାତ୍ର କରି ଆଣି-ଥିଲେ । ସେଥିରେ କୃଷ୍ଣଙ୍କର କୌଣସି କଥା ନାହିଁ ।

ଏହା ତୁଳନାରେ କବିଙ୍କର ଏ ସ୍ଥଳରେ ଗୁରୁହନ୍ତା ଧୃଷ୍ଟଦ୍ୟୁମ୍ନ ପ୍ରତି ଅର୍ଜୁନଙ୍କର ମହାକୋପ ଅବଶ୍ୟ ତାହା-ଙ୍କର ଚରିତ୍ରର ଉପଯୁକ୍ତ ହୋଇଅଛି । କିନ୍ତୁ କୃଷ୍ଣ-ଚରିତ୍ରକୁ କବି ନାନା ସ୍ଥାନରେ ଅତି ହୀନ କରି ପକାଇ ଅଛନ୍ତି । ଉକ୍ତ ପର୍ବରେ କବି ମହାବୀର ବାଳକ ଅଭିମନ୍ୟୁର ବୀରତ୍ୱକୁ ପ୍ରଶସ୍ତତର ବର୍ଣ୍ଣରେ ଚିତ୍ରିତ କରି ଅଛନ୍ତି । ଏଥିରେ ଅବଶ୍ୟ କବି କୃତୀ । କବିଙ୍କର ଅଶ୍ୱତ୍ଥାମା ମହାବୀର ଏବଂ ରଣବିଶାରଦ ସତ୍ୟ; କିନ୍ତୁ ନିରତିଶୟ ଚଣ୍ଡପ୍ରକୃତି । ଏହି ସୀମାତୀତ ଉଗ୍ରତା ବ୍ରାହ୍ମଣୋଚିତ ହୋଇ ନାହିଁ । ଦୁର୍ଯ୍ୟୋଧନ ଦୁଃଶା-ସନାଦିଙ୍କର ଚିତ୍ର ଅସଙ୍ଗତ ହୋଇ ନାହିଁ । ରାକ୍ଷସ ରାକ୍ଷସୀ ଚିତ୍ରରେ କବିଙ୍କର ହସ୍ତ ଯେପରି ଅଭ୍ୟସ୍ତ ସେପରି ଅନ୍ୟତ୍ର ନୁହେ । ନାରୀ ଚରିତ୍ର ଉନ୍ମୀଳନରେ କବିଙ୍କର ଲେଖନୀ ଏକାନ୍ତ ମଳିନ । କବି କୁନ୍ତୀ ଦ୍ରୌପଦୀ ସୁଭଦ୍ରା ସତ୍ୟଭାମା ପ୍ରଭୃତିଙ୍କୁ ଅତି ସାମାନ୍ୟ ନାରୀରୂପରେ ପ୍ରଦର୍ଶନ କରି ଅଛନ୍ତି । ମଧ୍ୟପର୍ବ ବର୍ଣ୍ଣିତ ସୁଭଦ୍ରା ଓ ସତ୍ୟଭାମାର କଥାପ୍ରସଙ୍ଗାଦି ବୀରାଙ୍ଗନାର ଉପଯୋଗୀ ହୋଇ ନାହିଁ, ବରଂ ତାହା ଅତି ସାମାନ୍ୟ ନାରୀସୁଲଭ । କବିଙ୍କର କୁନ୍ତୀ କ୍ଷତ୍ରିୟା ଏବଂ ବୀର-ପ୍ରସବିନୀ ସତ୍ୟ; କିନ୍ତୁ ସ୍ଥାନେ ସ୍ଥାନେ କବି ତାହାଙ୍କୁ ମାତୃଶଯ୍ୟା କରି ସମସ୍ତ ଔଜଗାମ୍ଭୀର୍ଯ୍ୟ ନଷ୍ଟ କରି ପକାଇଛନ୍ତି, କବିଙ୍କର ଦ୍ରୌପଦୀ ପତିବଶମ୍ବଦା ହେଲେ-ହେଁ ବଡ଼ ଉଗ୍ରସ୍ୱଭାବା । ବିରାଟପର୍ବରେ ତାଙ୍କର କର୍କଶଭାଷିଣୀଭାବ ଏବଂ ବେଣୀସଂହାର ସ୍ଥଳରେ ରାକ୍ଷସୀରୂପ ଦେଖିଲେ ଦ୍ରୌପଦୀଙ୍କ ପ୍ରତି ଘୃଣାର ଉଦ୍ରେକ ହୁଏ । ତାହା ବ୍ୟତୀତ କବି ଦ୍ରୌପଦୀଙ୍କୁ

୧ ଉତ୍ସୃଜ୍ୟ ଚରଣେ ଶସ୍ତ୍ରଂ ରଥୋପସ୍ଥେ ନିବେଶ୍ୟ ଚ, ଅଭୟଂ ସର୍ବଭୂତାନାଂ ପ୍ରଦଦୌ ସ ଯୋଗମିୟିବାନ୍ ।
ତସ୍ୟ ତଚ୍ଛିଦ୍ରମାଜ୍ଞାୟ ଧୃଷ୍ଟଦ୍ୟୁମ୍ନଃ ପ୍ରତାପବାନ୍, ସଶରଂ ତଦ୍ଧନୁର୍ଘୋରଂ ସନ୍ନ୍ୟସ୍ୟାଥ ରଥେ ତତଃ ।
ଖଡ୍ଗୀ ରଥାଦବପ୍ଲୁତ୍ୟ ସହସା ଦ୍ରୋଣ ମଭ୍ୟଗାତ୍, ଧିକ୍‌କୃତଃ ପାର୍ଷତଃ ତନ୍ତୁ ସର୍ବଭୂତୈଃ ପରାମୃଶତ୍
ତସ୍ୟ ମୂର୍ଦ୍ଧାନ ମାଲମ୍ବ୍ୟ ଗତସତ୍ତ୍ୱସ୍ୟ ଦେହିନଃ । ଦ୍ରୋ, ପ, ୧୦୧

Digitized by srujanika@gmail.com

ସ୍ଥାନେ ସ୍ଥାନେ ପରପୁରୁଷରତା କାମୁକୀ ସ୍ତ୍ରୀରୂପେ (୧) ବର୍ଣ୍ଣନା କରିବାକୁ ତ୍ରୁଟି ନାହାନ୍ତି । ଏ ପ୍ରକାର ହୀନ ଆଦର୍ଶ ଦ୍ୱାରା ସମାଜରେ କଳଙ୍କ ବୃଦ୍ଧି ଶଙ୍କାମୟ ହେଲେହେଁ ଆଦିମ ସାହିତ୍ୟର ଲକ୍ଷଣ ଦୃଷ୍ଟିରେ ଉପେକ୍ଷଣୀୟ ନୁହେ । ବରଂ ଅତି ସମାଦରର ସାମଗ୍ରୀ । ତେବେ ପାଠକ ସମାଜଙ୍କ ନିକଟରେ ବକ୍ତବ୍ୟ ଏହି ଯେ ସେମାନେ ଯଦି ଉଲ୍ଲିଖିତ ସ୍ଥୂଳ-ମନ୍ତବ୍ୟରେ ବିଶ୍ୱାସ ସ୍ଥାପନ କରି ପାଠ କରନ୍ତି ତାହା-ହେଲେ ଏ ମହାଭାରତ ଗ୍ରନ୍ଥ ତେତେ ଭାରବନ୍ତ ବୋଧ ହେବ ନାହିଁ ।

ଉପସଂହାର ସ୍ଥଳରେ ଏତିକି ମାତ୍ର କହିବାକୁ ହେବ ଯେ, ଏହି ଶାରଳାଦାସୀୟ ମହାଭାରତ ପ୍ରାଚୀନ ଉତ୍କଳସାହିତ୍ୟର ବିପୁଳସମ୍ପଦ, ଏଥିରେ ମହାଭାରତୀୟ ମହା ବିଷୟ ବ୍ୟତୀତ ଉତ୍କଳର କେତେକ ମୌଳିକ ଚିତ୍ର ସଂଯୋଜିତ ଅଛି । ସେ ଗୁଡ଼ିକୁ ଅବଲମ୍ବନ କରି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପୁସ୍ତକ ପ୍ରଣୟନ କରାଯାଇପାରେ । ଆଧୁନିକ ସାହିତ୍ୟସେବୀମାନଙ୍କର ଉପଜୀବ୍ୟ ବିଷୟ ମଧ୍ୟ ଏଥିରେ ଅପ୍ରଚୁର ନୁହେ । ଅତଏବ ଆଧୁନିକ ଶିକ୍ଷିତ ସମାଜକୁ ଏହା ଅନୁରୋଧ କରିବା ଅସଙ୍ଗତ ହେବ ନାହିଁ, ଯେଉଁମାନେ ଆଦିକବି ଶାରଳା ଦାସଙ୍କର ସମାଦର କରନ୍ତି, ସେମାନେ କବିଙ୍କର ଏହି ମହାଗ୍ରନ୍ଥ ଆମୂଳ ପାଠ କରି ତନ୍ମଧ୍ୟରୁ ଉତ୍କୃଷ୍ଟ ଅଂଶ-ମାନ ଗ୍ରହଣପୂର୍ବକ ଆଧୁନିକ ରୁଚିସମ୍ମତ ଗ୍ରନ୍ଥମାନ ପ୍ରଣୟନ କରନ୍ତୁ, ପକ୍ଷାନ୍ତରେ ଯେଉଁମାନେ ଅନାଦର କରନ୍ତି, ସେମାନେ ମଧ୍ୟ ମାର୍ଜିତ ରୁଚିର ପୁସ୍ତକ ପ୍ରଣୟନ ଦ୍ୱାରା ଏଥିର ଅପକର୍ଷ ପ୍ରଦର୍ଶନ କରି ଆତ୍ମ-ତର୍ପଣ ସମ୍ପାଦନ କରନ୍ତୁ । ଭଗବାନଙ୍କ କୃପାରୁ ଆମ୍ଭମାନଙ୍କର ଏହି କାମନା ପୂର୍ଣ୍ଣତା ଲାଭ କରୁ ।

(୧) ସତ୍ୟ ପ୍ରକାଶ ସ୍ଥଳରେ ।—

ହେ ପୁରୁଷ ଯଦି ଭ୍ରାତା ପୁତ୍ର ଅବା ହେଉ । ସୁବେଶ ପୁରୁଷେ ଦେଖି ଚିତ୍ତକୁ ବଳଉଁ ।
ଏ ମୋହର ଯଦ୍ୟପି ଅଛନ୍ତି ପଞ୍ଚପତି । ଏମାନେ ଥାନ୍ତେ ମୋହର କର୍ଣ୍ଣେ ବଳେ ମତି । ବ; ପ; ।

ସମାପ୍ତ

Digitized by srujanika@gmail.com

ନାରୀଦର୍ପଣ

ପ୍ରଥମ ଖଣ୍ଡ

NARIDARPANA

Late Pt. Mrutyunjaya Rath

Digitized by srujanika@gmail.com

ଏ

ଉପହାର

ଶ୍ରୀ ____________________ ଙ୍କ

କରକମଳରେ

________ ଓ ________ ର

ନିଦର୍ଶନସ୍ୱରୂପ

ଅର୍ପିତ

ହେଲା

ତା ______ } ଶ୍ରୀ ______________

କୃତଜ୍ଞତା

ନନ୍ଦିଗଡ଼ର ଅଧୀଶ୍ୱର ସାହିତ୍ୟାନୁରାଗୀ

ରାଜା

ଶ୍ରୀ ମାହେଶ୍ୱରୀ ପ୍ରସାଦ ଦେବ

ମହୋଦୟ

ସ୍ୱତଃପ୍ରବୃତ୍ତ ହୋଇ

ଏ ପୁସ୍ତକର ସମଗ୍ର ମୁଦ୍ରଣର ଭାର ବହନ କରିଥିବାରୁ

ତାହାଙ୍କ ନିକଟରେ

ଏ ଗ୍ରନ୍ଥକାର

ଚିରକୃତଜ୍ଞ

ରହିଲା ।

Digitized by srujanika@gmail.com

ମୁଖବନ୍ଧ

ମନୁଷ୍ୟ ମାତ୍ରେହିଁ ସୁଖର ଅଭିଳାଷୀ । ସୁଖ ନାନା ପ୍ରକାରରେ ଉପଲବ୍ଧ ହୋଇଥାଏ । କେହି ସୁମିଷ୍ଟ ପାନଭୋଜନରେ କେହି ଅନଶନ ଓ ଈଶ୍ୱର ଚିନ୍ତନରେ, କେହି ସୁକୋମଳ ଶୟନରେ, କେହି ବୃକ୍ଷମୂଳରେ, କେହି ସାଧୁ ସମାଗମରେ, ନିଜର ଆତ୍ମାକୁ ମଧୁମୟ ଜ୍ଞାନ କରନ୍ତି । ବାସନ୍ତଭ୍ରମରଗୁଞ୍ଜିତ ଚୂତମୁକୁଳର ମନୋହର ସୌରଭ, ନିଦାଘର ସାନ୍ଧ୍ୟ ସମୀରଣ, ଶାରଦୀୟ ଶଶଧରର ସୁବିମଳ କିରଣଜାଳ ସମସ୍ତଙ୍କର ପ୍ରୀତିପ୍ରଦ; କିନ୍ତୁ ଏ ସୌଭାଗ୍ୟ ନିତାନ୍ତ କ୍ଷଣସ୍ଥାୟୀ; ଅଧିକନ୍ତୁ ସଂସାର ଜ୍ୱାଳାରେ ଅସ୍ଥିର ଦୁଃଖଭାରାକ୍ରାନ୍ତ ମାନବ ଏ ସବୁ ଆସ୍ୱାଦନରେ ବିନ୍ଦୁମାତ୍ର ଅବସର ପ୍ରାପ୍ତ ହୁଅନ୍ତି କି ନା ଘୋର ସନ୍ଦେହର କଥା । ତାହାଙ୍କ ପକ୍ଷରେ ସମସ୍ତ ଜଗତ ଯନ୍ତ୍ରଣାମୟ ବୋଧହୁଏ, ଅଧିକନ୍ତୁ ଦୁର୍ଭାଗ୍ୟବଶତଃ ଯେବେ ତାହାଙ୍କ ଏକମାତ୍ର ଜୀବନ-ସହଚରୀ ସ୍ୱଚ୍ଛନ୍ଦଚାରିଣୀ, ଅପ୍ରିୟଭାଷିଣୀ ଏବଂ କୋପନ ସ୍ୱଭାବା ହୁଅନ୍ତି ତାହାହେଲେ ତାହାଙ୍କ ସଂସାରବାସନା ପ୍ରତି ମୁହୂର୍ତ୍ତରେ ହୃଦୟରୁ ଅନ୍ତର୍ହିତ ହୁଏ; କିନ୍ତୁ ଯେବେ ତାହାଙ୍କ ସହଧର୍ମିଣୀ ଯଥାର୍ଥହିଁ ସହଧର୍ମିଣୀ ନାମର ଯୋଗ୍ୟ ହୁଅନ୍ତି ତାହାହେଲେ ତାହାଙ୍କ ଦୁଃଖରେ ଦୁଃଖଭାଗିନୀ ହୋଇ ନୀରସ ହୃଦୟ ସରସ କରି ସଂସାର ମରୁଭୂମିରେ ସୁଖର ପ୍ରସ୍ରବଣ ଉଦ୍‌ଘାଟିତ କରିଥାନ୍ତି ।

ନାରୀଜାତି ଆମ୍ଭମାନଙ୍କ ଧର୍ମର ଭିତ୍ତିସ୍ୱରୂପ । ସ୍ତ୍ରୀଜାତି ଧର୍ମପରାୟଣା ନ ହେଲେ ପୁରୁଷ ହୃଦୟରେ ଧର୍ମବୀଜ ଅଙ୍କୁରିତ ହୋଇ ପାରେ ନାହିଁ, ଏହି ହେତୁରୁ ନାରୀଜାତିର ଧର୍ମାର୍ଜନ-ପଥ ସର୍ବଦାହିଁ ପ୍ରଶସ୍ତ ଥିବା ଉଚିତ ।

ଆଜିକାଲି ଦେଶରେ ନାରୀଶିକ୍ଷାର ବିସ୍ତାର ହେଉଥିବା ସ୍ଥଳେ ପଣ୍ଡିତ ଶ୍ରୀ ମୃତ୍ୟୁଞ୍ଜୟ ବାଣୀଭୂଷଣ କାବ୍ୟତୀର୍ଥ ମହାଶୟ ଏହି ନାରୀଦର୍ପଣ ପୁସ୍ତକ ପ୍ରଣୟନ କରି ସ୍ତ୍ରୀ ଏବଂ ପୁରୁଷ ଉଭୟ ଜାତିର ମହୋପକାର ସାଧନ କରିଅଛନ୍ତି ବୋଲି ମୋହର ବିଶ୍ୱାସ । ଏହି ଦର୍ପଣ ନାରୀ-ପ୍ରକୃତି ପରିଦର୍ଶନରେ ଅଣୁବୀକ୍ଷଣ ଓ ଦୂରବୀକ୍ଷଣର କାର୍ଯ୍ୟ କରି ନାରୀଚରିତ୍ରର ସୂକ୍ଷ୍ମରୁ ସୂକ୍ଷ୍ମତର ଅପୂର୍ବ ବିକାଶ ଦେଖାଇବ ଏଥିରେ ସନ୍ଦେହର ଅବକାଶ ନାହିଁ । ଏଥିରେ ସୀତା, ସାବିତ୍ରୀ ପ୍ରଭୃତି ପୁରାଣପ୍ରଥିତ ସତୀରମଣୀ; ଗାର୍ଗୀ, ମୈତ୍ରେୟୀ ପ୍ରଭୃତି ବୈଦିକଯୁଗର ବେଦବାଦରତା ମହିଳା; ଖନା, ଲୀଳାବତୀ, ମାଳତୀ ପ୍ରଭୃତି ଐତିହାସିକଯୁଗର ବିଦୁଷୀ ରମଣୀ; ପଦ୍ମିନୀ, କର୍ମଦେବୀ ପ୍ରଭୃତି ରାଜସ୍ଥାନର ବୀରରମଣୀ ଓ ମାଧବୀ, ଶୁକଦେଈ ପ୍ରଭୃତି ଗୁଣବତୀ ଉତ୍କଳରମଣୀମାନଙ୍କ ଚରିତ ସରଳଭାଷାରେ ଲିଖିତ ହୋଇ ସମସ୍ତଙ୍କର ପାଠୋପଯୋଗୀ ହୋଇଅଛି ।

ସାହିତ୍ୟର କଣ୍ଟକାକୀର୍ଣ୍ଣ କ୍ଷେତ୍ରରେ ଉପାର୍ଜନ-ପନ୍ଥାହୀନ ଅନେକ ଗ୍ରନ୍ଥକାରଙ୍କ ଐନ୍ଦ୍ରଜାଲିକ ଲେଖନୀ-ସଞ୍ଚାଳନ ପ୍ରସୂତ ଅଜସ୍ର "ଚଉତିଶା", "କାନ୍ଦ" ଏବଂ "ହରଣ" ପ୍ଲାବିତ ଦେଶରେ ପଣ୍ଡିତ ମୃତ୍ୟୁଞ୍ଜୟଙ୍କ "ନାରୀଦର୍ପଣ" ରୂପ ନାରୀସୌନ୍ଦର୍ଯ୍ୟ କଳ୍ପନା ଓ ଭାବ-ସମନ୍ୱିତ ପୁସ୍ତକ ଉତ୍କଳର ସମସ୍ତ ଶ୍ରେଣୀର ଲୋକଙ୍କ ଆଦରଣୀୟ ହେବ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଉତ୍କଳର ଅପର ପ୍ରାନ୍ତାବସ୍ଥିତ ସୁଦୂର ଲାଞ୍ଜିଗଡ଼ର ଅଧୀଶ୍ୱର ଉଦାରଚେତା, ହୃଦୟବାନ୍ ରାଜା ମାହେଶ୍ୱରୀ-ପ୍ରସାଦ ଦେବ ସ୍ୱତଃ ପ୍ରବୃତ୍ତ ହୋଇ ଏହାର ମୁଦ୍ରଣଭାର ଗ୍ରହଣ କରି ଗ୍ରନ୍ଥକାରଙ୍କୁ ତଥା ସମଗ୍ର ଉତ୍କଳୀୟ ସମାଜକୁ କୃତାର୍ଥ କରିଅଛନ୍ତି । ସୁକବି ଚିନ୍ତାମଣିଙ୍କ 'ବିକ୍ରମାଦିତ୍ୟ' କାବ୍ୟରୂପ ପ୍ରକାଣ୍ଡ ଗ୍ରନ୍ଥ ପ୍ରକାଶ କରି ଯାହାଙ୍କ ଉତ୍କଳବ୍ୟାପିନୀ ପ୍ରତିଷ୍ଠା ଏବଂ ଯଶୋଦୀପ୍ତିରେ ପ୍ରଭାନ୍ୱିତ ଅପୂର୍ବ ହୃଦୟବତ୍ତା ଅକ୍ଷୁଣ୍ଣ ରହିଅଛି, ତାହାଙ୍କ ପକ୍ଷରେ ଏ ଭଳି ପ୍ରୟୋଜନୀୟ ପୁସ୍ତକ ପ୍ରକାଶ ଅବଶ୍ୟ ସର୍ବାଙ୍ଗରେ ସମୀଚୀନ ହୋଇଅଛି । ଯୁଗେ ଯୁଗେ ତାହାଙ୍କର ଏହି ଗୁଣଗ୍ରାହକତା ବର୍ଦ୍ଧିତ ହେଉଥାଉ ଏହାହିଁ ଐକାନ୍ତିକ କାମନା ।

କାଳିଗଳି, କଟକ
୭ । ୭ । ୧୯୧୭

ଶ୍ରୀ ଶଶିଭୂଷଣ ରାୟ

Digitized by srujanika@gmail.com

ନିବେଦନ

ଉତ୍କଳରେ ବାଳିକାମାନଙ୍କର ପାଠଯୋଗ୍ୟ ପୁସ୍ତକର ଏକାନ୍ତ ଅଭାବ ଦେଖି କେତେକ ବନ୍ଧୁଙ୍କ ଅନୁରୋଧ କ୍ରମେ ମୁଁ କେତୋଟି ନାରୀଚରିତ୍ର ସଂଗ୍ରହ ପୂର୍ବକ ଏକତ୍ର ପୁସ୍ତକାକାରରେ ପ୍ରକାଶ କରିବାକୁ ଇଚ୍ଛା କରିଥିଲି ଏବଂ ଅଳ୍ପକାଳ ହେଲା ଏଥିରେ ହସ୍ତ ଦେଇଅଛି । ଆଶାନୁରୂପ ଗ୍ରନ୍ଥ ରଚନା କରିବା ମୋପକ୍ଷରେ ନିତାନ୍ତ ଅସମ୍ଭବ । କେବଳ କେହି ଶକ୍ତିଶାଳୀ ଲେଖକ ଏ ବିଷୟରେ ପ୍ରଯତ୍ନଶୀଳ ହେଉ ନ ଥିବାର ଦେଖି ମୁଁ ଏହା ପ୍ରକାଶ କରିବାକୁ ସାହସୀ ହେଲି ।

ସମସ୍ତ ଚରିତ ଏକତ୍ର ଗୋଟିଏ ବଡ଼ ପୁସ୍ତକରେ ମୁଦ୍ରିତ କରିବା ଅପେକ୍ଷା ସୁଲଭ ମୂଲ୍ୟରେ ଖଣ୍ଡଶଃ ପ୍ରଚାର କଲେ ଆମ୍ଭ ଦେଶ ପ୍ରତି ଅଧିକ ସୁବିଧାଜନକ ହେବ ବୋଲି କେହି ବିଶିଷ୍ଟବନ୍ଧୁ ଉପଦେଶ ଦେବାରୁ ମୁଁ ତଦନୁଯାୟୀ ପ୍ରଥମ ଦୁଇଖଣ୍ଡରେ ବିଭିନ୍ନ ଯୁଗର ଏବଂ ବିଭିନ୍ନ ଶ୍ରେଣୀର ୨୪ ଟି ଭାରତୀୟ ନାରୀଚରିତ ପ୍ରକାଶ କଲି । ଏହାର ଶେଷରେ ନାରୀଧର୍ମ ଶୀର୍ଷକ ଶାସ୍ତ୍ରୋପଦେଶସମ୍ବଳିତ ଗୋଟିଏ ଅଧ୍ୟାୟ ଯୋଗ କରାଯାଇ ଅଛି । ଏହି ଦୁଇ ଖଣ୍ଡରେ ଘୁରଜଣ ବିଶିଷ୍ଟ ଉତ୍କଳରମଣୀଙ୍କର ଚରିତ ପ୍ରକାଶିତ ହୋଇଅଛି । ଆଉ ସଂଗୃହୀତ ହେଲେ ପରବର୍ତ୍ତୀ ଖଣ୍ଡରେ ବୈଦେଶିକ ମହିଳାମାନଙ୍କ ଚରିତ ସହ ପ୍ରକାଶ କରିବାକୁ ମନଃସ୍ଥ କରିଅଛି । ପୁସ୍ତକର ଭାଷା ଯଥାସମ୍ଭବ ସରଳ ଓ ସୁବୋଧ କରିବାକୁ ଚେଷ୍ଟା କରିଅଛି । ଏହାକୁ ପାଠ କରି ଉତ୍କଳ କନ୍ୟାମାନଙ୍କର କିଛି ଉପକାର ଓ ସୁଶିକ୍ଷା ହେଲେ ମୋହର ଶ୍ରମ ସାର୍ଥକ ହେବ ଏବଂ ଅଭିଳାଷ ସଫଳ ହେବ ।

ପରିଶେଷରେ ବକ୍ତବ୍ୟ ଏହି ଯେ ମୋହର ସୋଦର ପ୍ରତିମ ସହୃଦୟ ବନ୍ଧୁ ଶ୍ରୀ ଶଶିଭୂଷଣ ରାୟ ମହାଶୟ ଏ ପୁସ୍ତକ ପ୍ରକାଶରେ ଏକାନ୍ତ ଯତ୍ନଶୀଳ ହୋଇଥିବାରୁ ମୁଁ ତାଙ୍କଠାରେ ଚିରଋଣୀ ରହିଅଛି । ପରମ ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ ବିଶ୍ୱନାଥ କର ମହାଶୟ ଏ ପୁସ୍ତକର ଆମୂଳପାଠ ଓ ସଂଶୋଧନାଦିରେ ସାହାଯ୍ୟ କରିଥିବାରୁ ତାଙ୍କଠାରେ ଆନ୍ତରିକ କୃତଜ୍ଞତା ପ୍ରକାଶ କରୁଅଛି ।

କଟକ
୭।୭।୧୭ }

ନିବେଦକ
ଶ୍ରୀ ମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com

ନାରୀଦର୍ପଣ

ପ୍ରଥମ ଖଣ୍ଡ

ସାବିତ୍ରୀ

ପୂର୍ବକାଳରେ ମଦ୍ରଦେଶରେ ଅଶ୍ୱପତି ବୋଲି ଜଣେ ଧାର୍ମିକ, ଦାନୀ ଆଉ ସତ୍ୟବନ୍ତ ରାଜା ଥିଲେ । ତାହାଙ୍କର ସନ୍ତାନ ସନ୍ତତି କିଛି ନ ଥିଲା । କ୍ରମେ ବୟସ ଅଧିକ ହୋଇଯିବାର ଦେଖି ରାଜା ପୁତ୍ରପାଇଁ ବଡ଼ ଚିନ୍ତା କଲେ, ଆଉ ଯାବତ କଠୋର ବ୍ରତ ଉପବାସ ଆଦି କଲେ । ଶେଷରେ ଇଷ୍ଟଦେବତା ସାବିତ୍ରୀଙ୍କୁ ଲକ୍ଷେ ଆହୁତିରେ ତୁଷ୍ଟ କରିବା ମାନସରେ ପ୍ରତିଦିନ ଥରେ ହବିଷ୍ୟ କରି ହୋମ ଆରମ୍ଭ କଲେ । ଏଥିରେ ତାଙ୍କର ଅଠର ବର୍ଷ କାଳ ବିତିଗଲା । ସର୍ବଶେଷରେ ଦେବୀ ଦିବ୍ୟରୂପ ଧରି ରାଜାଙ୍କ ଆଗରେ ଉଭା ହୋଇ କହିଲେ—"ମଦ୍ରପତି, ତୁମ୍ଭର ଭକ୍ତି ଗୁଣରେ ଆଉ ଏ ଜପ ହୋମରେ ମୁଁ ପରିତୁଷ୍ଟ ହୋଇଅଛି, କି ବର ମାଗିବାକୁ ମନ କରିଅଛ—ମାଗ ।" ଅଶ୍ୱପତି କରଯୋଡ଼ି ଜଣାଇଲେ—"ଦେବି ! ବ୍ରାହ୍ମଣମାନଙ୍କଠାରୁ ଶୁଣିଅଛି; ସନ୍ତାନ ଏକା ପ୍ରଧାନ ଧର୍ମ । ସେହି କଥା ଶୁଣିଲା ଦିନୁ ଧର୍ମବୃଦ୍ଧି ଆଶାରେ ପୁତ୍ର ପାଇବାପାଇଁ ଆପଣଙ୍କୁ ଆରାଧନା କରୁଥିଲି । ଆପଣ ଯଦି ସନ୍ତୁଷ୍ଟ ହୋଇଅଛନ୍ତି, ତେବେ ମୋତେ ଏପରି ବର ଦିଅନ୍ତୁ, ଯେପରି ମୋହର ବହୁତ ସନ୍ତାନ ହେବେ ।"

ସାବିତ୍ରୀ ଦେବୀ ପ୍ରତ୍ୟୁତ୍ତରରେ କହିଲେ—"ବତ୍ସ ! ତୁମ୍ଭର ଅଭିପ୍ରାୟ ମୁଁ ଆଗରୁ ବୁଝି ପାରିଅଛି । ତୁମ୍ଭର ପୁତ୍ର ଲାଗି ବ୍ରହ୍ମାଙ୍କୁ ଜଣାଇଥିଲି । ତାହାଙ୍କ କୃପାରୁ ତୁମ୍ଭର ଗୋଟିଏ ତେଜସ୍ୱିନୀ କନ୍ୟା ହେବ । ଏଥିରେ ତୁମ୍ଭେ ତୃପ୍ତ ହୁଅ । ମୋ କଥାରେ ଆଉ ପ୍ରତ୍ୟୁତ୍ତର ଦେବ ନାହିଁ । ଏହା କହି ଦେବୀ ସେଠାରୁ ଉଭେଇ ଗଲେ । ରାଜା ଆପଣାର ରାଜଧାନୀକୁ ବାହୁଡ଼ି ଆସିଲେ, ପୁଣି ପୂର୍ବପରି ଧର୍ମରେ ପ୍ରଜା ପାଳନ କଲେ । କିଛିକାଳ ଉତ୍ତାରେ ପାଟରାଣୀ ଗର୍ଭବତୀ ହୋଇ ଦଶମାସ ଅନ୍ତେ ଗୋଟିଏ କନ୍ୟାରତ୍ନ ଜନ୍ମ କଲେ । ପୁରି ମଧ୍ୟରେ ଆନନ୍ଦ ଚହଳ ପଡିଗଲା । ଶିଶୁଟିର ଦିବ୍ୟସୁନ୍ଦର ରୂପ ଆଉ ସୁଢ଼ଳ ଅଙ୍ଗଠାଣି ଦେଖି ସମସ୍ତେ ଦେବକନ୍ୟା ବୋଲି ବିଚାରିଲେ । ସାବିତ୍ରୀ ଦେବୀଙ୍କୁ ଆରାଧନା କରି ସେ କନ୍ୟାଟିକୁ ପାଇଥିବାରୁ ରାଜା ତାହାର ନାମ 'ସାବିତ୍ରୀ' ଦେଲେ ।

'ତୁଳସୀ ଦୁଇ ପତ୍ରରୁ ବାସେ', ପିଲାଦିନରୁ ସାବିତ୍ରୀ ସବୁ ଗୁଣରେ ପରିପୂର୍ଣ୍ଣ ହେଲେ । ପ୍ରତିଦିନ ବିଧିରେ ସ୍ନାନ ଦେବାର୍ଚ୍ଚନ ନ କଲେ ଅନ୍ନ ଗ୍ରହଣ କରୁ ନ ଥିଲେ । ଦିନେ ଉପବାସରେ ସେ ସ୍ନାନ ଦେବାର୍ଚ୍ଚନ ସାରି ଅଗ୍ନିରେ ଆହୁତି ଦେଇ ପୂଜ୍ୟପାଦ ପିତୃଦେବଙ୍କ ପାଦବନ୍ଦନା କରି ପାଶରେ କରଯୋଡ଼ି ଠିଆ ହେଲେ । ମହାରାଜା ଅଶ୍ୱପତି ସେହି ଦେବୀପ୍ରତିମା କନ୍ୟାକୁ ଦେଖିଲାକ୍ଷଣି ମନେ ମନେ ଭାବିଲେ, "ଆହା, ଏହାର ଆସି ଯୌବନସମ୍ପନ୍ନ ହୋଇଗଲା ! ଆଜଯାଏ

Digitized by srujanika@gmail.com

ତ କେହି ବିବାହପାଇଁ ଲୋଡ଼ିଲେ ନାହିଁ !" ଏହିପରି ଭାବନା କରି ଶେଷରେ ମନ ଦୁଃଖରେ ସାବିତ୍ରୀଙ୍କୁ କହିଲେ—"ମା, ତୋହର ବିବାହର ବୟସ ହେଲା, ମାତ୍ର ଆଜିଯାଏ ମୋତେ କେହି ଜଣେ ତୋତେ ବଧୂ କରିବାକୁ ଜଣାଇଲେ ନାହିଁ । ଏଣୁ ମୁଁ ଅନୁମତି ଦେଉଅଛି, ତୁ ଆଜିଠାରୁ ଆପଣାର ଯୋଗ୍ୟ ବର ଅନୁସନ୍ଧାନ କର । ଯାହାଙ୍କୁ ମନ ମଧ୍ୟରେ ବରଣ କରିବୁ, ମୋତେ ତାହାଙ୍କର ପରିଚୟ ଦେଲେ ମୁଁ ବିଚାରି କରି ତୋତେ ପ୍ରଦାନ କରିବି । ମା, ମୁଁ ବ୍ରାହ୍ମଣମାନଙ୍କଠାରୁ ଶୁଣିଅଛି, ଯେଉଁ ପିତା କନ୍ୟା ସମ୍ପ୍ରଦାନ ନ କରେ, ଯେଉଁ ପୁରୁଷ ବିବାହ ନ କରେ, ଆଉ ଯେଉଁ ବ୍ୟକ୍ତି ଆପଣାର ବିଧବା ମାତାଙ୍କୁ ସୁଖରେ ନ ରଖେ, ସେ ତିନହେଁ ନିନ୍ଦାର ପାତ୍ର, ତାହାହେଲେ ତୁ ବିଳମ୍ବ ନ କରି ଏଣିକି ବର ଅନ୍ୱେଷଣ କର । ମୁଁ ଆଉ ଯେପରି ଲୋକନିନ୍ଦା ନ ପାଏଁ ।"

ରାଜା ଅଶ୍ୱପତି କନ୍ୟାକୁ ଏହିପରି ଉପଦେଶ ଦେଇ ବୃଦ୍ଧମନ୍ତ୍ରୀମାନଙ୍କୁ ତାଙ୍କ ସଙ୍ଗରେ ଯାତ୍ରା କରିବାପାଇଁ ଆଜ୍ଞା ଦେଲେ । ସାବିତ୍ରୀ ଅତ୍ୟନ୍ତ ଲଜ୍ଜା ଆଉ ସଙ୍କୋଚରେ ପିତାଙ୍କଠାରୁ ମେଲାଣି ହୋଇ ମନ୍ତ୍ରିଗଣଙ୍କ ସହିତ ରଥରେ ବସି ପୁରରୁ ଯାତ୍ରା କଲେ । ପ୍ରଥମେ ଯେଉଁ ଯେଉଁ ବନରେ ରାଜର୍ଷିମାନେ ଜପ ଧ୍ୟାନ କରୁଥିଲେ, ସେହି ସେହି ସ୍ଥାନକୁ ପ୍ରସ୍ଥାନ କଲେ । ସେସବୁଠାରେ କିଛିଦିନ ରହି ପବିତ୍ରମନରେ ଆଶ୍ରମ କାର୍ଯ୍ୟରେ ଯୋଗ ଦେଇ ସମସ୍ତଙ୍କର ଆଚରଣ ଗୁଣ ମନେ ମନେ ବାଛି ନେଉଥିଲେ । ଗୋଟିଏ ବନରେ କିଛିଦିନ କଟି ଗଲେ ଅନ୍ୟ ବନକୁ ଯିବାପାଇଁ ମନ୍ତ୍ରୀମାନଙ୍କୁ ଜଣାଉଥିଲେ । ଏହିରୂପେ କେତେ ବନ ଆଉ ତୀର୍ଥ ସ୍ଥାନ ସେ ଭ୍ରମଣ କଲେ । ତୀର୍ଥମାନଙ୍କରେ ପବିତ୍ରମନରେ ସ୍ନାନଦେବାର୍ଚ୍ଚନ ଆଦି ସାରି ଯୋଗୀ ମହାପୁରୁଷମାନଙ୍କର ପାଦବନ୍ଦନା କରି ଆଶୀର୍ବାଦ ଗ୍ରହଣ କରୁଥିଲେ । ଏହିପରି ନାନା ସ୍ଥାନ ଭ୍ରମି ଭ୍ରମି ଶେଷରେ ଦ୍ୟୁମତ୍ସେନଙ୍କ ଆଶ୍ରମରେ ଯାଇ ମିଳିଲେ । ସେ ବନରେ ଜଣେ ଅନ୍ଧ ରାଜା ଅଳ୍ପକାଳ ହେଲା ରାଜ୍ୟ ହରାଇ ଯୁବା ପୁତ୍ର ଆଉ କୁଟୁମ୍ବଙ୍କୁ ଘେନି ତପସ୍ୟା କରୁଥିବାର ଶୁଣି ସେହିଠାରେ କିଛିକାଳ ରହିବାକୁ ତାଙ୍କର ଆଗ୍ରହ ହେଲା । ବିଶେଷରେ ରାଜପୁତ୍ର ସତ୍ୟବାନ ତାଙ୍କ ପ୍ରତି ଯେପରି ସସ୍ନେହ ବ୍ୟବହାର କଲେ, ତାହା ଦେଖି ସମସ୍ତେ ସନ୍ତୁଷ୍ଟ ହେଲେ । ସାବିତ୍ରୀ ଦେଖିଲେ, ସେ ସବୁବେଳେ ଆନନ୍ଦରେ ପିତାମାତାଙ୍କର ସେବାପୂଜା କରୁଅଛନ୍ତି । ପିତାମାତାଙ୍କଠାରେ ଯେପରି ଭକ୍ତି, ଦେବବ୍ରାହ୍ମଣମାନଙ୍କ ପ୍ରତି ସେହିପରି ମାନନା, ଅତିଥିଙ୍କୁ ସେହିପରି ଆଦର, ଜୀବ ପ୍ରତି ତହୁଁ ବଳି ଦୟା, ଏ ସବୁ ଗୁଣ ପୂର୍ଣ୍ଣ ରହିଅଛି ଦେଖି, ଆଉ ଯୁବକଙ୍କ ପରି ତାଙ୍କର ଚଞ୍ଚଳ ମନ, ଛନଛନ ନୟନ ନ ଦେଖି ସାବିତ୍ରୀ ତାଙ୍କ ଚରିତ୍ରକୁ ଖୁବ୍ ପ୍ରଶଂସା କଲେ । ଦେଖିଲେ, ସେ ଯେପରି ପୁଣ୍ୟାତ୍ମା, ସ୍ଥିରମତି, ସେହିପରି ରୂପବାନ୍ ଆଉ ପଣ୍ଡିତ । ପୁଣି ତାଙ୍କର ମୁଖମଣ୍ଡଳ ଯେପରି ସୁନ୍ଦର ଆଉ ଗମ୍ଭୀର, ଚକ୍ଷୁର ପ୍ରଭା ସେହିପରି ନିର୍ମଳ ଓ ପ୍ରଶସ୍ତ । ଯାହା ଆଡ଼କୁ ସେ ଦୃଷ୍ଟି ଢାଳୁଅଛନ୍ତି, ତାହାକୁ ସେତିକି ସ୍ନେହରେ କୋଳ ପକାଉଅଛନ୍ତି । ସାବିତ୍ରୀ ଇଷ୍ଟଦେବଙ୍କୁ ଧ୍ୟାନ କରି ମନେ ମନେ ସେହି ସତ୍ୟବାନଙ୍କୁ ଆପଣାର ପତିରୂପେ ବରଣ କଲେ । ତହୁଁ ସେଠାରୁ ଫେରି ଆସି ବାଟରେ କେତେକ ତୀର୍ଥ ଦେଖି ରାଜପୁରକୁ ବାହୁଡ଼ିବାପାଇଁ ମନ୍ତ୍ରୀମାନଙ୍କୁ ଜଣାଇଲେ ।

ଦିନେ ସଭା ମଧ୍ୟରେ ନାରଦ ମହର୍ଷି ଆସି ରାଜାଙ୍କ ସଙ୍ଗରେ କଥାବାର୍ତ୍ତା କରୁଅଛନ୍ତି, ଏମନ୍ତ ସମୟରେ ସାବିତ୍ରୀ ତୀର୍ଥଯାତ୍ରାରୁ ବାହୁଡ଼ି ଆସି ସେଠାରେ ଉପସ୍ଥିତ ହେଲେ ଏବଂ ପିତାଙ୍କ ନିକଟରେ ନାରଦଙ୍କୁ ଦେଖି ଦୁହିଙ୍କର ପାଦ ବନ୍ଦନା କରି ବିନୟରେ ଠିଆ ହୋଇ ରହିଲେ । ସାବିତ୍ରୀଙ୍କୁ ଦେଖି ମହର୍ଷି ଅଶ୍ୱପତିଙ୍କୁ ପୁଚ୍ଛା କଲେ—"ରାଜନ୍ ! ଏ କନ୍ୟାଟି କେଉଁଠାକୁ ଯାଇଥିଲା ଆଉ ବର୍ତ୍ତମାନ କେଉଁଠୁ ଆସିଲା ? ଏହାର ତ

Digitized by srujanika@gmail.com

ଯୌବନାବସ୍ଥା ଆସି ହେଲାଣି, ସତ୍ ପାତ୍ରରେ ପ୍ରଦାନ କରୁ ନାହିଁ କାହିଁକି ?" ରାଜା ଉତ୍ତର କଲେ— "ମୁନିବର, ମୁଁ ଏହାକୁ ସତ୍‌ପାତ୍ର ବରଣ କରିବା ପାଇଁ ପଠାଇଥିଲି । ସେ କାହାକୁ ପତିପଦରେ ବରଣ କରିଅଛି, ଏବେ ତାହାଠାରୁ ଶୁଣିବାହେତୁ ।" ମହର୍ଷିଙ୍କୁ ଏହିପରି ଜଣାଇ ରାଜା ସାବିତ୍ରୀ ଆଡ଼କୁ ଅନାଇ କହିଲେ,—"ମା, ଯାହାକୁ ଆପଣାର ପତି ବୋଲି ମନସ୍ଥ କରିଅଛ, ଏଠାରେ ଲଜ୍ଜା ସଙ୍କୋଚ କିଛି ନ କରି କହିଯାଅ ।"

ସାବିତ୍ରୀ ପିତୃବଚନକୁ ବେଦବାକ୍ୟ ପ୍ରାୟ ଜ୍ଞାନ କରି ବିନୟରେ କହିଲେ, "ପିତୃଦେବ, ଶାଲ୍ୱଦେଶର ରାଜା ଦ୍ୟୁମତ୍‌ସେନ ବଡ଼ ଧର୍ମପରାୟଣ ଥିଲେ । ଦୁର୍ଦ୍ଦୈବ ଯୋଗୁଁ ତାଙ୍କର ଚକ୍ଷୁଯୋଡ଼ିକ ନଷ୍ଟ ହୋଇଯିବାରୁ ଶତ୍ରୁମାନେ ରାଜାଙ୍କୁ ଅନ୍ଧ ଆଉ ରାଜକୁମାରଙ୍କୁ ଅତ୍ୟନ୍ତ ବାଳକ ଦେଖି ରାଜ୍ୟ ଛଡ଼ାଇ ନେଲେ, ସେ ରାଜା ଏବେ ନିଜ ରାଜ୍ୟ ହରାଇ କୁଟୁମ୍ବ ସହିତ ଅରଣ୍ୟରେ ରହି ତପସ୍ୟା କରୁଅଛନ୍ତି । ତାଙ୍କର ପୁତ୍ର ସତ୍ୟବାନ୍ ରାଜପୁରରେ ଜନ୍ମ ପାଇ ଏବେ ତପୋବନରେ ବଢ଼ି-ଅଛନ୍ତି । ମୁଁ ତାହାଙ୍କୁ ଯୋଗ୍ୟ ବର ବୋଲି ମନେ ମନେ ସ୍ଥିର କରିଅଛି ।"

ନାରଦ ଏହା ଶୁଣିଲାକ୍ଷଣି କହିଲେ—'ମହାରାଜ, ତୁମ୍ଭର କନ୍ୟା ସତ୍ୟବାନଙ୍କୁ ବରଣ କରି ଭଲ କାର୍ଯ୍ୟ କଲା ନାହିଁ ।' ଅଶ୍ୱପତି ପଚାରିଲେ—'ସତ୍ୟବାନ୍ କଣ ବୁଦ୍ଧିମନ୍ତ, ସୁଚରିତ୍ର କିମ୍ବା ଦୟାଳୁ ନୁହନ୍ତି ? ସେ କଣ ବୀର୍ଯ୍ୟବନ୍ତ ପିତୃଭକ୍ତ ପୁତ୍ର ନୁହନ୍ତି ? କି କାରଣରୁ ଆପଣ ଏପରି କହିଲେ ?'

ମହର୍ଷି ଉତ୍ତର ଦେଲେ, ସତ୍ୟବାନ୍ ସମସ୍ତ ଗୁଣରେ ପରିପୂର୍ଣ୍ଣ; ମାତ୍ର ତାହାର ଗୋଟିଏ ଦୋଷ ଯାହା ଅଛି, ଏତେ ଗୁଣ ଥାଇଁ କଣ ହେବ ? ସେ ଦୋଷଟି ଏହି ଯେ, ଆଜିଠାରୁ ଠିକ୍ ବର୍ଷକରେ ତାହାର ଆୟୁ ଶେଷ ହେବ ।'

ଏହା ଶୁଣିବା ମାତ୍ରେ ରାଜା କନ୍ୟାକୁ କହିଲେ—'ମା ସାବିତ୍ରୀ ! ବର୍ତ୍ତମାନ ଯାଇ ଅନ୍ୟ କୌଣସି ପୁରୁଷଙ୍କୁ ବରଣ କର । ମହର୍ଷି ଯହିଁ କହିଲେ, ସେ ଗୋଟିଏ ଦୋଷ ସତ୍ୟବାନର ସମସ୍ତ ଗୁଣକୁ ଗ୍ରାସି ପକାଇଅଛି ।' ସାବିତ୍ରୀ କହିଲେ —'ପିତୃଦେବ, ସେ ଦୀର୍ଘାୟୁ ହୁଅନ୍ତୁ ବା ଅଳ୍ପାୟୁ ହୁଅନ୍ତୁ, ଗୁଣବାନ ହୁଅନ୍ତୁ ଅବା ନିର୍ଗୁଣ ହୁଅନ୍ତୁ, ଯାହାଙ୍କୁ ଥରେ ମନେ ମନେ ବରଣ କରିଅଛି, ସେହି ଏକା ମୋହର ପତି, ମୁଁ କଦାପି ଅନ୍ୟ କାହାରିକି ବରଣକରିପାରିବି ନାହିଁ ।' ନାରଦ ଏହାଶୁଣି ସନ୍ତୁଷ୍ଟହୋଇ ରାଜାଙ୍କୁ କହିଲେ, 'ଆପଣଙ୍କ ଏ କନ୍ୟାର ବଡ଼ ସ୍ଥିର ବୁଦ୍ଧି । ଏହାକୁ କେବେହେଁ ଧର୍ମମାର୍ଗରୁ ବିଚଳିତ କରି ହେବ ନାହିଁ । ଏହାର ଯେତେଯେତେ ସଦ୍‌ଗୁଣ ଅଛି ସେଥିକି ସତ୍ୟବାନ ବିନା ଅନ୍ୟ କେହି ଯୋଗ୍ୟ ବର ନୁହନ୍ତି । ଏଣୁ ମୁଁ କହୁଅଛି, ସେହି ସତ୍ୟବାନ ହସ୍ତରେ ଏକନ୍ୟା ପ୍ରଦାନ କର ।' ରାଜା ଅଶ୍ୱପତି ନାରଦଙ୍କର ଆଜ୍ଞା ଶିରୋଧାର୍ଯ୍ୟ କରି ବିବାହର ଆୟୋଜନ କଲେ ଏବଂ ଶୁଭଦିନରେ ସମସ୍ତ ଦାନ ଯୌତୁକ ଦ୍ରବ୍ୟମାନ ଘେନି ବୃଦ୍ଧ ବ୍ରାହ୍ମଣ ପୁରୋହିତମାନଙ୍କ ସହିତ ଦ୍ୟୁମତ୍‌ସେନଙ୍କ ଆଶ୍ରମକୁ ଯାତ୍ରା କଲେ । ସେଠାରେ ଅଶ୍ୱପତିଙ୍କ ପରିଚୟ ପାଇ ଦ୍ୟୁମତ୍‌ସେନ ଆଶ୍ଚର୍ଯ୍ୟ ହୋଇ ବନକୁ ଆସିବାର କାରଣ ପଚାରନ୍ତେ, ଅଶ୍ୱପତି କହିଲେ, 'ହେ ମହର୍ଷି ! ମୋହର ଏହି କନ୍ୟାକୁ ଆପଣ ଧର୍ମରେ ପୁତ୍ରବଧୂ-ରୂପେ ଗ୍ରହଣ କରନ୍ତୁ ।' ଦ୍ୟୁମତ୍‌ସେନ ଆଗେ ନିଜ ରାଜ୍ୟ ହରାଇ ବନବାସ କରିଥିବାର ଜଣାଇଲେ, ପୁଣି ରାଜକନ୍ୟା ଏଠାରେ ରହିଲେ ବହୁ କଷ୍ଟ ଭୋଗ କରିବେ ଅନୁମାନ କରି ସାବିତ୍ରୀଙ୍କୁ ଗ୍ରହଣ କରିବାକୁ ମନରେ ସଙ୍କୋଚ କଲେ; ମାତ୍ର ବଧୂର ସମ୍ପୂର୍ଣ୍ଣ ଇଚ୍ଛା ଥିବା ଜାଣି ତାହାର ଗୁଣର ବହୁତ ପ୍ରଶଂସା କରି ଆନନ୍ଦରେ ବିଧିମତେ ଗ୍ରହଣ କଲେ । ଅଶ୍ୱପତି ବହୁତ ଧନ ସୁବର୍ଣ୍ଣ ଅଳଙ୍କାର ସହିତ କନ୍ୟାକୁ ପ୍ରଦାନ କରି ସ୍ୱପୁରକୁ ବାହୁଡ଼ି ଆସିଲେ । ପିତାଙ୍କ ବାହୁଡ଼ିବା

Digitized by srujanika@gmail.com

ପରେ ସାବିତ୍ରୀ ଅଙ୍ଗରୁ ସମସ୍ତ ଅଳଙ୍କାର ଆଦି ଉତ୍ତାରି ଦେଇ ଆଶ୍ରମଯୋଗ୍ୟ ବେଶ ଧାରଣ କଲେ । ପ୍ରତିଦିନ ପ୍ରାତଃକାଳରୁ ଉଠି ସାବିତ୍ରୀ ଆଶ୍ରମ ସ୍ଥାନ ପରିଷ୍କାର କରି ଶ୍ୱଶୁରଙ୍କପାଇଁ ପୂଜା ଫୁଲମାନ ତୋଳି ଆଣନ୍ତି ଏବଂ ପାଖରେ ଆଜ୍ଞାପାଳନପାଇଁ ମୌନଭାବରେ ଠିଆ ହୋଇ ରହନ୍ତି । ଉଚିତ ସମୟରେ ବନର ଫଳମୂଳ-ମାନ ସିଦ୍ଧ କରି ବୃଦ୍ଧ ଶ୍ୱଶୁର, ଶାଶୁ ଏବଂ ସ୍ୱାମୀଙ୍କୁ ଖାଇବାକୁ ଦେଇ ଶେଷରେ ଆପେ ସାମାନ୍ୟ ଆହାର କରନ୍ତି । ସନ୍ଧ୍ୟା ସମୟରେ ପୂଜାବିଧିମାନ ପାଳି, ପଦସେବା ଆଦିଦ୍ୱାରା ଶାଶୁଙ୍କୁ ସନ୍ତୁଷ୍ଟ କରନ୍ତି । ସ୍ୱାମୀଙ୍କୁ ପ୍ରିୟକଥାମାନ କହି ନିର୍ଜନରେ ନାନା ଉପହାର ଦେଇ ସନ୍ତୁଷ୍ଟ କରିବାକୁ ଲାଗିଲେ । ଏହିପରି କିଛି କାଳ ବିତିଗଲା, ନାରଦଙ୍କ କଥା ସେହିପରି ମନେ ଥାଏ, ଆଉ ତିନି ଦିନ ପରେ ସ୍ୱାମୀଙ୍କର ଆୟୁ ଶେଷ ହେବ ବୋଲି ଜାଣିଲାରୁ ସେ ତ୍ରିରାତ୍ର ବ୍ରତ ଆରମ୍ଭ କଲେ । ଅଳ୍ପ ବୟସରେ ବଧୂ ଏପରି କଠୋର ବ୍ରତ ଉପବାସ କରିବାର ଜାଣି ଦ୍ୟୁମତ୍ସେନ ମନରେ ଅତ୍ୟନ୍ତ ଦୁଃଖ କଲେ । ତାହା ଜାଣି ପାରି ସାବିତ୍ରୀ କହିଲେ, 'ତାତ, ମୋହପାଇଁ ଦୁଃଖ କରନ୍ତୁ ନାହିଁ, ମୁଁ ଏ ବ୍ରତ ନିଷ୍ଠାପୂର୍ବକ କରି ପାରିବି ।' ଏହା ଶୁଣି 'ବ୍ରତଭଙ୍ଗ' କରିବାକୁ ତାଙ୍କର ସାହସ ହେଲା ନାହିଁ; ମାତ୍ର ସାବିତ୍ରୀ ଦିନକୁ ଦିନ ଅତ୍ୟନ୍ତ ଶୁଖିଗଲେ । ଚତୁର୍ଥ ଦିନ ସକାଳେ 'ସେହି ଦିନ ଆସିଲା ବୋଲି' ମନେ ପକାଇ ସ୍ନାନାନ୍ତେ ଅଗ୍ନିରେ ଆହୁତି ଦେଇ ସମସ୍ତ ନିତ୍ୟକର୍ମ ଶେଷ କଲେ ଏବଂ ବୃଦ୍ଧ ବ୍ରାହ୍ମଣ-ମାନଙ୍କୁ ଆଉ ଶ୍ୱଶ୍ରୂ ଶ୍ୱଶୁରଙ୍କୁ ବିଧିରେ ପ୍ରଣାମ କରି କର ଯୋଡ଼ି ସମ୍ମୁଖରେ ଠିଆ ହେଲେ । 'ତୁମ୍ଭର ବୈଧବ୍ୟ ନ ହେଉ' ବୋଲି ସମସ୍ତେ ଆଶୀର୍ବାଦ କଲେ । ସାବିତ୍ରୀ 'ସେହି ତା ହେଉ' ବୋଲି ମନେ ମନେ କହି ସେ ଆଶିଷ ଗ୍ରହଣ କଲେ । ବ୍ରତ ଉଦ୍ୟାପନ ହେବାରୁ ଶ୍ୱଶ୍ରୂ ଶ୍ୱଶୁର ଦୁହେଁ ତାହାଙ୍କୁ ଆହାର କରିବାକୁ କହିଲେ । ମାତ୍ର ସାବିତ୍ରୀ ଜଣାଇଲେ

ସୂର୍ଯ୍ୟ ଅସ୍ତ ନ ହେବାଯାଏ ମୁଁ ଅନ୍ନ ଗ୍ରହଣ କରିବି ନାହିଁ ବୋଲି ସଂକଳ୍ପ କରିଅଛି । ଏହି ସମୟରେ ସତ୍ୟବାନ୍ କାନ୍ଧରେ ପରଶୁଟିଏ ଧରି ବନକୁ ଯିବାକୁ ବାହାରିଲେ । ତାହା ଦେଖି ସାବିତ୍ରୀ କହିଲେ— 'ପ୍ରିୟତମ, ତୁମ୍ଭର ଆଜି ଏପରି ଏକା ଯିବା ଉଚିତ ନୁହେ, ମୁଁ ଆଜି ସଙ୍ଗରେ ଯିବି ।' ସତ୍ୟବାନ୍ କହିଲେ —'ପ୍ରିୟେ, ତୁମ୍ଭେ ବନପଥରେ କେବେ ଯାଇ ନାହିଁ, ପୁଣି ବ୍ରତ ଉପବାସରେ ବହୁତ କଷ୍ଟ ପାଇଲଣି । ଏଥିରେ ପୁଣି ଚାଲିକରି ଗଲେ ବହୁତ କ୍ଳେଶ ହେବ ।' 'ନାଥ, ମୋହର ଉପବାସରେ କିଛି କଷ୍ଟ ହୋଇ ନାହିଁ । ମୁଁ ଆଜି ନିଶ୍ଚୟେ ଯିବି, ମୋତେ ବାରଣ କରି ନାହିଁ' କହି ସାବିତ୍ରୀ ସ୍ୱାମୀଙ୍କ ଅନୁମତିରେ ତାଙ୍କର ବୃଦ୍ଧ ପିତା ମାତାଙ୍କୁ ପ୍ରଣାମ କରି ଏହା ଜଣାଇଲେ । ସେ ଦୁହେଁ ବଧୂର ଏପରି କଥା ଆଜି ନୂଆ ଶୁଣି ତାହାର ପ୍ରଥମ ପ୍ରାର୍ଥନା ଭାଙ୍ଗି ଦେବା ଉଚିତ ମନେ ନ କରି ଅତି କଷ୍ଟରେ ଯିବାକୁ ଅନୁମତି ଦେଲେ । ସାବିତ୍ରୀ ସ୍ୱାମୀଙ୍କ ସହିତ ମହା ଆନନ୍ଦରେ ଯାଇ ସୁନ୍ଦର ବନ, ନଦୀ, ବୃକ୍ଷ, ମୟୂରଆଦି ପକ୍ଷୀମାନ ଦେଖି ଦେଖି ଭ୍ରମଣ କରିବାକୁ ଲାଗିଲେ । ଏ ସବୁ ଦେଖି ସାବିତ୍ରୀଙ୍କ ମନରେ ଭାରି ଆନନ୍ଦ ହେଉଥାଏ ସତ୍ୟ; ମାତ୍ର ଯେତେବେଳେ ନାରଦ ମୁନିଙ୍କର ସେହି କଥା ମନେ ପଡ଼ି ଯାଉଥାଏ, ସେତେବେଳେ ହୃଦୟ ଫାଟି ଗଲାପରି ଜଣା ଯାଉଥାଏ । ସେ ମନେ ମନେ ସେହି ମୁହୂର୍ତ୍ତକୁ ଜଗି ଜଗି ପ୍ରାଣପତିଙ୍କ ପଛେ ପଛେ ଗୁପ୍ତ ପରି ଯାଉଥିଲେ । ସେ ଦିନ ସତ୍ୟବାନ୍ ପତ୍ନୀଙ୍କ ସଙ୍ଗରେ ବହୁତ ଫଳ ମୂଳ ଏଣୁତେଣୁ ଆଣି ଆଗେ ସାଉଣ୍ଟି ପୂର୍ତ୍ତିକଲେ, ତାହା ପରେ ଆପେ କୁରାଢ଼ି ଧରି କାଠ ଚିରିବାକୁ ବାହାରିଲେ । କାଠ ଚିରିବାରେ ବହୁତ ପରିଶ୍ରମ ପଡ଼ିବାରୁ ତାଙ୍କର ଦେହଟାଯାକ ଝାଳେଇ ଗଲା ଏବଂ ମୁଣ୍ଡଟା ହଠାତ୍ କାହିଁ କାହିଁ ବୁଲେଇ ହେଲା । ତହୁଁ ସେ ପ୍ରାଣପ୍ରିୟାଙ୍କ ପାଖକୁ ଆସି କହିଲେ—ସାବିତ୍ରି ! ବହୁତ ପରିଶ୍ରମ କରି ଏବେ ମୋହର ଦେହ କଣ

Digitized by srujanika@gmail.com

ହୋଇ ଯାଉଅଛୁ, ମୁଣ୍ଡରେ ଗୋଟାଏ ଶୂଳ ମାରି ଦେଲି ପରି ଜଣା ଯାଉଅଛୁ । ପତିପ୍ରାଣା ସାବିତ୍ରୀ ଏହି କଥା ଶୁଣିଲକ୍ଷଣି ତଳେ ବସିପଡ଼ି ଆପଣା କୋଳରେ ଅତି ଆଦରରେ ସ୍ୱାମୀଙ୍କ ମୁଣ୍ଡଟି ରଖି ସମସ୍ତ ଦେହରେ ହାତ ବୁଲାଇ ରହିଛନ୍ତି ଏବଂ ନାରଦ ମୁନିଙ୍କର ସେହି ଦିନ ଆଉ ସେହି ମୁହୂର୍ତ୍ତ କଥା ଭାବି ମନ ଭିତରେ ଥରି ଧକ ଧକ ହେଉଛନ୍ତି, ଏହି ସମୟରେ ଦେଖିଲେ, ରକ୍ତବସ୍ତ୍ର ପିନ୍ଧି ଜଣେ ତେଜସ୍ୱୀ ପୁରୁଷ ସେଠାକୁ ଆସି ସତ୍ୟବାନଙ୍କୁ ନଠେଇ ରହିଲେ । ତାଙ୍କ ହାତରେ ଗୋଟାଏ ପାଶ, ଆଉ ତାଙ୍କର ରକ୍ତମଟମଟ ଡୋଳା ଯୋଡ଼ିକ ଦେଖି ସାବିତ୍ରୀ ମନରେ ବଡ଼ ଭୟ କଲେ । ତାଙ୍କୁ ଦେଖିଲକ୍ଷଣି ସ୍ୱାମୀଙ୍କ ମସ୍ତକକୁ ଧୀରେ ଅତି ଯତ୍ନରେ ତଳେ ରଖି ଠିଆ ହୋଇ ଭୟରେ ଥରି ଥରି କର ଯୋଡ଼ି କହିଲେ, 'ହେ ପ୍ରଭୁ, ଆପଣଙ୍କ ଏ ଦିବ୍ୟ ମୂର୍ତ୍ତି ଦେଖି ଦେବତା ବୋଲି ଜାଣି ପାରୁଛି । ଦୟା କରି କହନ୍ତୁ, ଆପଣ କିଏ ? କାହିଁକି ବା ଏଠାକୁ ଆସିଲେ ?'

ଯମରାଜ କହିଲେ—'ସାବିତ୍ରି ! ତୁମେ ପତିବ୍ରତା ବୋଲି ଆଜ ତୁମକୁ ପରିଚୟ ଦେଉଛି, ଶୁଣ । ମୁଁ ସ୍ୱୟଂ ଯମ, ଆଜ ତୁମ୍ଭ ପତି ସତ୍ୟବାନର ଆୟୁ ଶେଷ ହେଲା । ଏହାକୁ ଏ ପାଶରେ ବାନ୍ଧି ଏଠାରୁ ଘେନି ଯିବି, ଏଥିପାଇଁ ଆସିଅଛି ।' ସାବିତ୍ରୀ କହିଲେ —'ମୁଁ ତ ଶୁଣିଛି, ଆପଣଙ୍କ ଦୂତମାନେ ଆସି ମନୁଷ୍ୟଙ୍କୁ ନେଇଥାନ୍ତି, ଆପଣ ବା ନିଜେ କାହିଁକି ଆସିଛନ୍ତି ?' ଯମରାଜ ପ୍ରୀତ ହୋଇ ଆପଣାର ଆସିବାର କାରଣ ଏହା କହିବାକୁ ଲାଗିଲେ—'କଲ୍ୟାଣି ! ତୁମ୍ଭର ପତି ସତ୍ୟବାନ୍ ପରମଧାର୍ମିକ ଏବଂ ସର୍ବଗୁଣରେ ପରିପୂର୍ଣ୍ଣ । ମୋହର ଦୂତମାନେ ଆସି ଏହାଙ୍କୁ ନେଲେ ଅନ୍ୟାୟ ହେବ ବିଚାରି ଆପେ ଆସିଅଛି ।' ଯମ ଏହା କହି ସତ୍ୟବାନଙ୍କ ଦେହରୁ ପାଶବଦ୍ଧ ଜୀବାତ୍ମା ପୁରୁଷକୁ ଆକର୍ଷଣ କରି ବାହାର କଲେ । ପ୍ରାଣ ବାହାରି ଯିବା ମାତ୍ରେ ସେ ଦେହ ଦେଖୁ ଦେଖୁ ବିବର୍ଣ୍ଣ ଓ ବିରୂପ ହୋଇଗଲା । ଯମ ସେହି ଅଙ୍ଗୁଷ୍ଠମାତ୍ର ପୁରୁଷକୁ ପାଶରେ ବାନ୍ଧି ଦକ୍ଷିଣ ଦିଗକୁ ଯାତ୍ରା କଲେ । ପତିପ୍ରାଣା ସାବିତ୍ରୀ ଶୋକରେ ଅସମ୍ଭାଳ ହୋଇ ତାଙ୍କ ପଛେ ପଛେ ଚାଲିଲେ ।

କିଛି ଦୂର ଅନ୍ତେ ଯମଦେବ ଆପଣା ପଛେ ପଛେ ସାବିତ୍ରୀଙ୍କୁ ଆସୁଥିବାର ଦେଖି କହିଲେ— 'ସାବିତ୍ରି ! ତୁମ୍ଭେ ବର୍ତ୍ତମାନ ଫେରି ଯାଇ ପତିଙ୍କର ଶ୍ରାଦ୍ଧ କ୍ରିୟା କର—ତୁମ୍ଭର ସମସ୍ତ କର୍ତ୍ତବ୍ୟ କରିଅଛ । ତେଣୁ ପତିଋଣ ତୁମ୍ଭର ଶୁଝି ପାଇଛି ।' ସାବିତ୍ରୀ କହିଲେ—'ମୋହର ସ୍ୱାମୀ ଯେଉଁଠାକୁ ଯିବେ, ସେହିଠାକୁ ଯିବାହିଁ ମୋହର ଧର୍ମ । ହେ ଧର୍ମରାଜ, ତୁମ୍ଭ କୃପାରୁ ମୋହର ଗୁରୁଭକ୍ତି ଓ ପତିସ୍ନେହରେ କିଛି ବିଘ୍ନ ହୋଇ ନାହିଁ । ବର୍ତ୍ତମାନ ମୋହ କଥା ପ୍ରତି ଟିକିଏ ଦୟା କରି କର୍ଣ୍ଣପାତ କରନ୍ତୁ । ଗାର୍ହସ୍ଥ୍ୟ, ବ୍ରହ୍ମଚର୍ଯ୍ୟ ଓ ସନ୍ନ୍ୟାସ ଏହି ତିନି ଆଶ୍ରମ ମଧ୍ୟରୁ ଗୃହସ୍ଥାଶ୍ରମକୁ ଧର୍ମଶାସ୍ତ୍ରରେ ପ୍ରଧାନ ବୋଲି କହିଅଛନ୍ତି । ଯେହେତୁ ଏହି ଆଶ୍ରମକୁ ଆଶ୍ରୟ କରି ମଧ୍ୟ ଅନ୍ୟ ଦୁଇ ଆଶ୍ରମର ଫଳ ମିଳେ । ଏଣୁ ମୋ ଭଳି ଲୋକ ଏହି ଗୃହସ୍ଥାଶ୍ରମକୁ ଆଶ୍ରା କରିଅଛି ।'

ଯମରାଜ କହିଲେ, 'ସାବିତ୍ରି ! ବର୍ତ୍ତମାନ ତୁମେ ଫେରିଯାଅ । ମୁଁ ତୁମର ଏ କଥା ଶୁଣି ସନ୍ତୁଷ୍ଟ ହେଲି, ସତ୍ୟବାନଙ୍କ ଜୀବନ ଛଡ଼ା ଆଉ ଯେଉଁ ବର ମାଗି- ବାକୁ ଇଚ୍ଛା ମାଗ ।' ସାବିତ୍ରୀ ବିନୟରେ କର ଯୋଡ଼ି କହିଲେ, 'ମୋହର ଶ୍ୱଶୁର ଅନ୍ଧ ହୋଇ ରାଜ୍ୟ ହରାଇ ଏବେ ବନବାସ କଷ୍ଟ ଭୋଗ କରୁଅଛନ୍ତି । ଆପଣଙ୍କ କୃପାରୁ ସେ ଚକ୍ଷୁ ଲାଭ କରି ପ୍ରତାପଶାଳୀ ହୁଅନ୍ତୁ ।' ଯମ କହିଲେ, 'ମୁଁ ଏ ବର ତୁମ୍ଭଙ୍କୁ ପ୍ରଦାନ କଲି । ତୁମ୍ଭେ ଯାହା ପ୍ରାର୍ଥନା କଲ, ତାହା ଅବଶ୍ୟ ହେବ । ବର୍ତ୍ତମାନ ତୁମ୍ଭେ ପଥଶ୍ରାନ୍ତ ହେଲଣି । ଫେରି ଯାଅ ।'

ସାବିତ୍ରୀ ପୁଣି କହିଲେ, 'ଧର୍ମରାଜ ! ମୁଁ ଯେତେ- ବେଳେ ପ୍ରାଣପତିଙ୍କ ପାଶରେ ଅଛି, ମୋହର ପଥଶ୍ରାନ୍ତି

Digitized by srujanika@gmail.com

କଣ ? ସେହି ପଥ ମୋହର ଏକ ମାତ୍ର ଗତି । ତାଙ୍କୁ ଯେବ ଯେଉଁଠାକୁ ଯିବେ, ମୁଁ ସେହିଠାକୁ ବଳେ ଯିବ । ଏବେ ଆଉ ଗୋଟିଏ କଥା କହିବ, ଶୁଣନ୍ତୁ—ସାଧୁମାନଙ୍କ ସଙ୍ଗରେ ଥରେ ଭେଟ ହେଲେ ବନ୍ଧୁଭାବ ହୋଇଯାଏ । ସାଧୁସଙ୍ଗ କେତେବେଳେ ନିଷ୍ଫଳ ହୁଏ ନାହିଁ । ଏଣୁ ସାଧୁସଙ୍ଗରେ ସର୍ବଦା ରହିବା ଉଚିତ ।' ଯମ ଅଧିକ ପ୍ରସନ୍ନ ହୋଇ କହିଲେ, 'ସାବିତ୍ରି ! ତୁମ୍ଭର ଏ କଥା ମୋ ହୃଦୟକୁ ବିଗଳିତ କରି ଦେଲା । ପଣ୍ଡିତମାନେ ମଧ୍ୟ ଏଥିରୁ ଉପଦେଶ ପାଇବେ, ଏଣୁ କହୁଅଛି, ସତ୍ୟବାନର ଜୀବନ ଭିନ୍ନ ଦ୍ୱିତୀୟ ବର ପ୍ରାର୍ଥନା କର ।' ସାବିତ୍ରୀ ଆନନ୍ଦରେ କହିଲେ, 'ମୋହର ଶ୍ୱଶୁର ଯେଉଁ ରାଜ୍ୟ ହରାଇଅଛନ୍ତି, ତାହାକୁ ସେ ଫେରି ପାଅନ୍ତୁ ଏବଂ ଆପଣା ଧର୍ମରେ ଅଟଳ ରହିଥାନ୍ତୁ ।' ଯମରାଜ ପ୍ରସନ୍ନ ହୋଇ କହିଲେ—'ଦ୍ୟୁମତ୍ସେନ ଅଳ୍ପ କାଳ ମଧ୍ୟରେ ତାଙ୍କ ରାଜ୍ୟରେ ରାଜା ହେବେ । ତାଙ୍କ ଧର୍ମରୁ କେବେହେଁ ବିଚଳିତ ହେବେ ନାହିଁ ।' ରାଜକୁମାରି ! ଏବେ ତ ତୁମ୍ଭର କାମନା ପୂର୍ଣ୍ଣ ହେଲା—ମୁଁ କହୁଛି, ଫେରି ଯାଅ ।

ନୋହିଲେ ପଥଶ୍ରମରେ ବହୁତ କ୍ଳେଶ ପାଇବ ।' ତହୁଁ ସାବିତ୍ରୀ କହିଲେ 'ହେ ଧର୍ମରାଜ ! ଆପଣ ଗୋଟିଏ ନିୟମରେ ପ୍ରଜାମାନଙ୍କୁ ଦଣ୍ଡ ଦିଅନ୍ତି ଏବଂ ଗୋଟିଏ ନିୟମରେ ସେମାନଙ୍କୁ ଭୋଗ ବାସନା ପ୍ରଦାନ କରନ୍ତି, ଏଣୁ ଆପଣଙ୍କୁ ସମସ୍ତେ ଯମ କହନ୍ତି । ଅତଏବ ହେ ଯମରାଜ, ମୋହର କଥା ଥରେ ଶୁଣନ୍ତୁ । ସମସ୍ତଙ୍କୁ ସମାନ ଭାବରେ ଅନୁଗ୍ରହ କରିବା ସାଧୁମାନଙ୍କର ଧର୍ମ । ସଜ୍ଜନମାନେ ଶତ୍ରୁଙ୍କୁ ସୁଦ୍ଧା ଦୟା କରିଥାନ୍ତି ।' ଯମ କହିଲେ, 'କଲ୍ୟାଣି ! ତୃଷାର୍ତ୍ତ ଲୋକକୁ ଶୀତଳ ଜଳ ଦେଲା ପରି ତୁମ୍ଭେ ମତେ ଏମିତି କଥା ଶୁଣାଇ ତୃପ୍ତ କରିଅଛ । ଅତଏବ, ସତ୍ୟବାନର ଜୀବନ ଭିନ୍ନ ଯେଉଁ ବର ଇଚ୍ଛା ପ୍ରାର୍ଥନା କର ।' ସାବିତ୍ରୀ କହିଲେ—'ମୋହର ପିତାଙ୍କର ସନ୍ତାନ ସନ୍ତତି କିଛି ନାହିଁ । ତାଙ୍କ ଔରସରେ ଯେପରି ଶତ ପୁତ୍ର ଜନ୍ମିବେ, ଏହି ବର ଦିଅନ୍ତୁ ।' ତୁମ୍ଭ ପିତାଙ୍କର ଶତପୁତ୍ର ହେଉ, କହି ଯମରାଜ ସାବିତ୍ରୀଙ୍କୁ ଫେରି ଯିବାକୁ ଉପଦେଶ ଦେଲେ । ସେଥିରେ ଅନିଚ୍ଛା ଦେଖାଇ ସାବିତ୍ରୀ କହିଲେ—'ହେ ପ୍ରଭୋ ! ମୁଁ ସ୍ୱାମୀଙ୍କ ନିକଟରେ ଥିବାରୁ ଏ ଦୂରବାଟ ବୋଲି ମୋତେ ଜଣା ପଡ଼ୁ ନାହିଁ, ମୋହର ମନ ଆହୁରି ଦୂରକୁ ଧାଉଁଛି । ଆପଣ ଯାଉଁ ଯାଉଁ ମୋହର କଥାମାନ ଶୁଣୁଥାନ୍ତୁ । ଆପଣ ସବୁକାଳେ ଧର୍ମରେ ଚଳାନ୍ତି ବୋଲି ଆପଣଙ୍କୁ ଧର୍ମରାଜ କହନ୍ତି । ହେ ଧର୍ମରାଜ, ସାଧୁବ୍ୟକ୍ତିଙ୍କଠାରେ ଯେତେ ବିଶ୍ୱାସ ହୁଏ, ଆପଣାଠାରେ ସୁଦ୍ଧା ତେତେ ବିଶ୍ୱାସ ହୁଏ ନାହିଁ । ଏଣୁ ସମସ୍ତଙ୍କର ସାଧୁଜନଙ୍କୁ ଅଧିକ ବିଶ୍ୱାସ ଓ ସ୍ନେହ କରିବାକୁ ଇଚ୍ଛା ହୁଏ ।' ଯମ ଏହା ଶୁଣିଲାକ୍ଷଣି କହିଲେ—'ସାବିତ୍ରୀ ! ତୁମ୍ଭେ ଯେପରି କଥା କହୁଅଛ, ଏପରି କଥା ମୁଁ ଆଉ କାହାରିଠାରୁ ଶୁଣି ନାହିଁ । ତେଣୁ ମୁଁ ଅତ୍ୟନ୍ତ ତୃପ୍ତ ହୋଇଅଛି । ବର୍ତ୍ତମାନ ଏହାଙ୍କ ଜୀବନ ବିନା ଚତୁର୍ଥ ବର ନେଇ ଫେରି ଯାଅ ।'

ସାବିତ୍ରୀ କହିଲେ, ଯେବେ ମୋତେ କୃପା କଲ ଏହି ଚତୁର୍ଥ ବର ଦିଅନ୍ତୁ ଯେ, ଏହି ସତ୍ୟବାନଙ୍କ ଔରସରେ ମୋହରି ଗର୍ଭରେ ଶତପୁତ୍ର ଜାତ ହୁଅନ୍ତୁ । ଯମ 'ତଥାସ୍ତୁ' (ତାହା ହେଉ) କହି ଯିବାକୁ ବସନ୍ତେ ସାବିତ୍ରୀ ପୁଣି ଜଣାଇଲେ—'ଧର୍ମରାଜ, ସଜ୍ଜନମାନଙ୍କର ଧର୍ମଭାବ ସବୁବେଳେ ସମାନ । ସଜ୍ଜନଙ୍କ ସହିତ ସଜ୍ଜନର ମିଳନ କେବେ ବିଫଳ ହୁଏ ନାହିଁ । ସଜ୍ଜନମାନେ ବଡ଼ ସତ୍ୟବାଦୀ । ତାଙ୍କର ସତ୍ୟରେ ଏ ବିଶ୍ୱସୃଷ୍ଟି ଚଳୁଅଛି । ସେମାନେ କାହାରି ଅପେକ୍ଷା ନ ରଖି ପରଉପକାର କରିଥାନ୍ତି । ସାଧୁମାନେହିଁ ସମସ୍ତଙ୍କର ରକ୍ଷା କର୍ତ୍ତା ।'

ଯମ କହିଲେ—'ପତିବ୍ରତେ ! ତୁମେ ଯେତିକ ଯେତିକ ଏ ଧର୍ମକଥାମାନ କହୁଅଛ, ତେତିକ ତୁମ୍ଭ ଉପରେ ଶ୍ରଦ୍ଧା ବଢ଼ୁଅଛି । ଏବେ ତୁମ୍ଭର ଯେଉଁ ବର ଇଚ୍ଛା ମାଗ ।' ସାବିତ୍ରୀ ଏଥର ଆଜ୍ଞା ପାଇ କହିବାକୁ

Digitized by srujanika@gmail.com

ଲାଗିଲେ—'ହେ ଦୟାମୟପ୍ରଭୁ ! ସ୍ୱାମୀର ଔରସ ପୁତ୍ର ଯେପରି, ଅନ୍ୟ ପୁତ୍ର ସେହିପରି ନୁହେ । ଆଉ ମୁଁ ସ୍ୱାମୀଙ୍କ ବିନା ଜୀବନ ରଖି ପାରିବି ନାହିଁ । ସ୍ୱାମୀଙ୍କୁ ଛାଡ଼ି ମୁଁ କୌଣସି ସୁଖ ବା ସ୍ୱର୍ଗ ସୁଦ୍ଧା ବାଞ୍ଛା କରୁ ନାହିଁ । ମୋତେ ଏହିକ୍ଷଣି ଦୟା କରି ଶତପୁତ୍ର ହେବାର ବର ଦେଇ ସ୍ୱାମୀଙ୍କି ପୁଣି କିପରି ହରଣ କରୁଛନ୍ତ ? ତେବେ ହେ ଧର୍ମରାଜ ! ତୁମ୍ଭ ସତ୍ୟ ରହୁ, ମୋହର ସ୍ୱାମୀ ଜୀବନ ପାନ୍ତୁ—ଏହି ମୋହର ଶେଷ ପ୍ରାର୍ଥନା ।' ଧର୍ମରାଜ ଆନନ୍ଦରେ 'ତଥାସ୍ତୁ' କହି ସତ୍ୟବାନଙ୍କୁ ପାଶମୁକ୍ତ କଲେ ଏବଂ ସାବିତ୍ରୀଙ୍କୁ କହିଲେ, 'ପତିବ୍ରତେ ! ଆଜିଠାରୁ ତୁମ୍ଭ ପତିଙ୍କର ଚାରି ଶତ ବର୍ଷ ପରମାୟୁ ହେଲା । ତୁମ୍ଭେ ଏହାଙ୍କ ସଙ୍ଗରେ ଧର୍ମରେ ଥାଇ ଯେଉଁ ଶତପୁତ୍ର ପ୍ରସବ କରିବ, ସେ ସମସ୍ତେ ସୁଖୀ ଆଉ ସୌଭାଗ୍ୟବାନ୍ ହେବେ ।' ଏହା କହି ଯମ ହଠାତ୍ ଚାଲିଗଲେ; ସାବିତ୍ରୀ ପୂର୍ବ ସ୍ଥାନକୁ ଫେରି ଆସି ସ୍ୱାମୀଙ୍କ ଦେହକୁ ଆଲିଙ୍ଗନ କରି କୋଳରେ ଧରି ବସିଲେ । କିଛିକ୍ଷଣ ପରେ ସତ୍ୟବାନଙ୍କର ଚେତନା ହେବାରୁ, ସେ ନିଦରୁ ଉଠିଲା ପରି ହୋଇ କହିଲେ, 'ଓଃ ! ମୁଁ କେତେ ଶୋଇପଡ଼ିଲି ! ପ୍ରିୟେ ! ମୋତେ ଉଠାଇଦେଲ ନାହିଁ କାହିଁକି ? ସେ ଯେଉଁ ପୁରୁଷ ମୋତେ ଓଟାରୁଥିଲା, ସେ କାହିଁଗଲା ?' ସାବିତ୍ରୀ କହିଲେ—'ପ୍ରାଣେଶ୍ୱର ! ସେ ଯେଉଁ ପୁରୁଷଙ୍କ କଥା ପଚାରୁଛ, ସେ ସ୍ୱୟଂ ଯମ, ଆପଣା ଧାମକୁ ଏବେ ସେ ଚାଲି ଗଲେଣି ! ଏହିକ୍ଷଣି ତ ତୁମ୍ଭର ନିଦ ଭାଙ୍ଗିଲାଣି । ଦେହରେ ଯେବେ ବଳ ଥାଏ, ଉଠ ରାତି ବେଶି ହୋଇଗଲାଣି । ରାତି ବେଶି ହେବା ଶୁଣି ସତ୍ୟବାନ୍ ଚମକି ଉଠି ଚାହିଁଲେ ଏବଂ ସେ ଦିନ ବନକୁ ଆସିବାଠାରୁ ସବୁ କଥା ମନେ ପକାଇ ବଡ଼ ବ୍ୟାକୁଳ ହୋଇ ସାବିତ୍ରୀଙ୍କି ପଚାରିଲେ—'ପ୍ରିୟତମେ, ମୁଁ ଯେ ପୁରୁଷଙ୍କୁ ଦେଖିଥିଲି, ତାହା ସ୍ୱପ୍ନ କି ସତ୍ୟ, ତୁମ୍ଭେ ସେ କଥା ଜାଣିଥିଲେ ଭଲକରି କହ ।' ସାବିତ୍ରୀ କହିଲେ—'ନାଥ, ଏହିକ୍ଷଣି ରାତି ବହୁତ ହୋଇଗଲାଣି । ଆଗେ ପିତା ମାତାଙ୍କ ନିକଟକୁ ଚାଲ । ସେଠାରେ କାଲି ସବୁ କହିବି ।' ସତ୍ୟବାନ୍ କହିଲେ—'ଓଃ ଘୋର ଅନ୍ଧାର ! ପ୍ରିୟେ ! ଚାରିଆଡ଼େ ହିଂସ୍ରଜନ୍ତୁ । ଏ ନିଶାରାତିରେ କିପରି ବା ଆମ୍ଭେ ଦୁଇଜଣ ଯିବା ! ଏଥିରେ ତୁମ୍ଭେ ବାଟ ଦେଖି କେବେ ଯାଇ ପାରିବ ନାହିଁ ।' ତହୁଁ ସାବିତ୍ରୀ କହିଲେ—'ନାଥ, ମୁଁ ଜାଣି ପାରୁଛି, ତୁମ୍ଭର ଦେହରୁ ପୀଡ଼ା ଯାଇନାହିଁ । ଆସ ଆଗରେ ଏ ଯେଉଁ ନିଆଁ ଦିଶୁଅଛି, ସେହିଠାରେ ଏ କାଠ ଜାଳି ତୁମକୁ ଟିକିଏ ସେକିଦେବି । ଆଜି ସେହିଠାରେ ରାତିଟା କଟାଇ ସକାଳେ ଉଠି ଆଶ୍ରମକୁ ଯିବା ।' ସେହିପରି କରିବାରେ କିଛିକ୍ଷଣ ଯାଇଛି, ସତ୍ୟବାନ୍ କହିଲେ, 'ପ୍ରିୟତମେ, ମୋହର ସମସ୍ତ ପୀଡ଼ା ଚାଲିଗଲାଣି । ବର୍ତ୍ତମାନ ପିତା ମାତାଙ୍କ କଥା ମନେ ପଡ଼ି ମୋ ପ୍ରାଣ ଅଥୟ ହେଉଅଛି ।' ଏହା କହୁ କହୁ ସେ ବାଳକ ପରି କାନ୍ଦି ବସିଲେ ସେ । ସାବିତ୍ରୀ ଆଉ ସମ୍ଭାଳି ନ ପାରି ଲୁଗାକୁ ଅଣ୍ଟାରେ ଭିଡ଼ିଦେଇ ପରଶୁଟି ହାତରେ ଧରି କହିଲେ—'ପ୍ରିୟତମ, ବର୍ତ୍ତମାନ ମୋତେ ଧରି ଧୀରେ ଧୀରେ ଚାଲ । ମୁଁ ଏହି ରାତିରେ ଆଶ୍ରମରେ ପହଞ୍ଚାଇ ଦେବି ।' ଆଉ ମନେ ମନେ ପ୍ରାର୍ଥନା କଲେ ମୋହର ଶାଶୁ ଶ୍ୱଶୁରଙ୍କର ଆଜି କିଛିମାତ୍ର ଅନିଷ୍ଟ ନ ହେଉ । ସତ୍ୟବାନ୍ ଗୋଟିଏ ହାତରେ ସାବିତ୍ରୀଙ୍କ ଗଳାକୁ ଛନ୍ଦି ଧୀରେ ଧୀରେ ଚାଲିବାକୁ ଲାଗିଲେ ।

ଏଣେ ଆଶ୍ରମରେ ଦ୍ୟୁମତ୍ସେନ ଚକ୍ଷୁପାଇ ଆନନ୍ଦରେ ଚାରିଆଡ଼କୁ ଚାହିଁ ଦେଖିଲେ, ଠାବେ ଠାବେ ଗଦା ଗଦା ଅଗ୍ନି ଜଳୁଅଛି—କେତେ କେତେ ବୃକ୍ଷ ପତ୍ର ଫୁଲ ଫଳରେ ମଣ୍ଡି ହୋଇ ପବନରେ ଦୋହଲୁଅଛି । ନବ ନବ ଦୃଶ୍ୟମାନ ଦେଖି ତାଙ୍କର ଆଜି ଅପାର ଆନନ୍ଦ । ମାତ୍ର ଏତେବେଳଯାଏ ପୁତ୍ର ନ ଆସିବାର ଦେଖି ମନେ ମନେ ପାପ ଶଙ୍କା କରି ଚାରିଆଡ଼େ ଖୋଜିବାକୁ ଲାଗିଲେ । ତାଙ୍କର ଏପରି ବ୍ୟାକୁଳ ଭାବ ଦେଖି ଆଶ୍ରମର ଋଷି ଆଉ ବ୍ରାହ୍ମଣମାନେ ତାଙ୍କୁ

Digitized by srujanika@gmail.com

ନାନା କଥା କହି ଆଶ୍ୱାସ ଦେବାକୁ ଲାଗିଲେ । କେହି କହିଲେ, 'ମୁଁ ଧ୍ୟାନରେ ଜାଣି ପାରୁଅଛି, ସତ୍ୟବାନ୍ ଜୀବନରେ ଅଛି', କେହି କହିଲେ, 'ଆପଣଙ୍କ ପୁତ୍ରର କିଛି ଅନିଷ୍ଟ ହେବ ନାହିଁ ।' କେହି ବା କହିଲେ 'ସେ ସତୀ ସାବିତ୍ରୀକୁ କଦାପି ବିଧବା ହେବା ଯୋଗନାହିଁ', କେହି କହିଲେ 'ତୁମ୍ଭର ପୁତ୍ର ସର୍ବଗୁଣରେ ପୂର୍ଣ୍ଣ ଏବଂ ଦୀର୍ଘାୟୁ ଲକ୍ଷଣଯୁକ୍ତ ।' ବୃଦ୍ଧ ଭରଦ୍ୱାଜ ମୁନି କହିଲେ, 'ସାବିତ୍ରୀଙ୍କର ଯେପରି ଶୁଦ୍ଧ-ଚରିତ୍ର ଓ କଠୋର ବ୍ରତ ଦେଖିଛୁଁ, ସେଥିରେ ସତ୍ୟବାନର କଦାପି ପ୍ରାଣନାଶ ହେବନାହିଁ ।' ଏହିପରି ଜଣେ ଜଣେ ଆଶ୍ୱାସ ଦେଉଥିବାକାଳରେ ସାବିତ୍ରୀ ସତ୍ୟବାନଙ୍କ ସହିତ ସେଠାରେ ପହଞ୍ଚି ଶ୍ୱଶୁରଙ୍କର ପାଦବନ୍ଦନା କଲେ ଏବଂ ପୂଜନୀୟ ଋଷିମାନଙ୍କୁ ଅଭିବାଦନ କଲେ । ଦେଖୁଁ ଦେଖୁଁ ଆଶ୍ରମରେ ଆନନ୍ଦ ଚହଳ ପଡ଼ିଗଲା । ସମସ୍ତେ ସେ ଦୁହିଙ୍କର ମଙ୍ଗଳବାଞ୍ଛା କରି ରାଜାଙ୍କ ନିକଟରେ ରୁଣ୍ଡ ହୋଇ ସତ୍ୟବାନଙ୍କୁ ବିଳମ୍ବର କାରଣ ପଚାରିଲେ । ସତ୍ୟବାନ୍ ଯାହା ଯାହା କରିଥିଲେ କହିଗଲେ । ତହୁଁ ଋଷିମାନେ ପ୍ରଶ୍ନ କଲେ, 'ତୁମ୍ଭ ପିତା କିପରି ଚକ୍ଷୁ ପାଇଲେ, ତାହା ତୁମ୍ଭେ ଜାଣ ନାହିଁ ?' ତହୁଁ ସତ୍ୟବାନ୍ କହିଲେ, 'ମୋହନିଦ୍ରା ପରେ ଯାହା ଘଟିଛି, ତାହା କେବଳ ସାବିତ୍ରୀ ଜାଣନ୍ତି —କହନ୍ତୁ ।' ତହୁଁ ସାବିତ୍ରୀ ନାରଦ ମହର୍ଷିଙ୍କ କଥା କହିଗଲେ । ଯମଙ୍କଠାରୁ ପାଞ୍ଚୋଟି ବର ଯେପରି ପାଇଲେ, ତାହା ବର୍ଣ୍ଣନ କରି ସାବିତ୍ରୀ କରଯୋଡ଼ି କହିଲେ—'ହେ ପୂଜ୍ୟପାଦ ଋଷିଗଣ ! ମୁଁ କେବଳ ପତିଙ୍କ ଜୀବନ ଲାଗି ଏ କଠୋର ବ୍ରତ କରିଥିଲି । ଆପଣମାନଙ୍କ ଆଶୀର୍ବାଦରୁ ତାହା ଏବେ ସଫଳ ହୋଇଅଛି ।' ଋଷିମାନେ ଏହା ଶ୍ରବଣ କରି ପ୍ରସନ୍ନ ହୋଇ କହିଲେ—'ହେ ସତୀଶିରୋମଣି ! ତୁମ୍ଭେ ଯେଉଁ ସତ୍‌କୁଳରେ ଜନ୍ମଗ୍ରହଣ କରିଅଛ, ସେ ଆଜି ଧନ୍ୟ । ଏ ରାଜବଂଶ ଲୋପ ପାଇବାକୁ ବସିଥିଲା । ତୁମ୍ଭର ଶୁଦ୍ଧ-ଚରିତ୍ର, କଠୋର ବ୍ରତ ଆଉ ପୁଣ୍ୟରେ ଏବେ ଉଦ୍ଧାର ପାଇଲା ।' ଏପରି ସମସ୍ତେ ସାବିତ୍ରୀଙ୍କୁ ବହୁତ ପ୍ରଶଂସା କରି ସେମାନଙ୍କଠାରୁ ବିଦାୟ ହୋଇ ନିଜ ନିଜ ଆଶ୍ରମକୁ ଗଲେ । ଏହିରୂପେ ସେ ରାତି ସୁଖ ସୌଭାଗ୍ୟରେ କଟିଗଲା । ସକାଳେ ଦ୍ୟୁମତ୍ସେନ ଆଶ୍ରମରେ ଉପସ୍ଥିତ ତାଙ୍କ ରାଜ୍ୟର ପ୍ରଧାନ ଲୋକ-ମାନଙ୍କ ମୁଖରୁ ଶୁଣିଲେ ଯେ ମନ୍ତ୍ରୀମାନେ ଶତ୍ରୁ ରାଜାଙ୍କୁ ସଂହାର କରିଅଛନ୍ତି । ଏଥିରେ ବୃଦ୍ଧ ରାଜାଙ୍କର ଯେତେ ଆନନ୍ଦ ହେଲା, ରାଜାଙ୍କୁ ଚକ୍ଷୁ ପାଇଥିବାର ଦେଖି ପ୍ରଜାମାନଙ୍କର ତହୁଁ ବଳି ଆନନ୍ଦ ହେଲା । ଦ୍ୟୁମତ୍ସେନ ପୁତ୍ର ଓ କୁଳଲକ୍ଷ୍ମୀ ବଧୂଙ୍କୁ ନେଇ ନିଜ ରାଜ୍ୟକୁ ପ୍ରସନ୍ନ-ବଦନରେ ଯାତ୍ରା କଲେ ଏବଂ ସତ୍ୟବାନଙ୍କୁ ଯୁବରାଜ କରି ଧର୍ମରେ ପ୍ରଜା ପାଳନ କଲେ । କେବଳ ସାବିତ୍ରୀଙ୍କର ପତିବ୍ରତାପଣ ଆଉ ପୁଣ୍ୟବଳରେ ପିତୃବଂଶ ଏବଂ ଶ୍ୱଶୁର ବଂଶ କଷ୍ଟରୁ ଉଦ୍ଧାର ପାଇ ଏତେ ଐଶ୍ୱର୍ଯ୍ୟ ଭୋଗ କଲେ ।

ହିନ୍ଦୁ ରମଣୀମାନେ ଏହି ସାବିତ୍ରୀଙ୍କୁ ଦେବୀ ଜ୍ଞାନରେ ପୂଜା କରି ଆସୁଅଛନ୍ତି । ସାବିତ୍ରୀଙ୍କ ଗୁଣରୁ ଯେ କଣାଏ ପାଇବ , ତାହାର ଜୀବନ ଧନ୍ୟ ।

Digitized by srujanika@gmail.com

ସୀତା

ପୂର୍ବକାଳରେ ମିଥିଳାଦେଶର ରାଜା ଜନକ ଜଣେ ଅତି ସାଧୁ ଏବଂ ଋଷିସ୍ୱଭାବ ଲୋକ ଥିଲେ । ସୀତା ନାମରେ ଗୋଟିଏ କନ୍ୟାରତ୍ନ ଲାଭ କରି ସେ ଧନ୍ୟ ହୋଇଥିଲେ ଏବଂ ତାଙ୍କର କୁଳ ପବିତ୍ର ହୋଇଥିଲା । ବାଲ୍ୟକାଳରେ ସୀତା ସୁଶିକ୍ଷା ପ୍ରାପ୍ତ ହୋଇ ସର୍ବଗୁଣରେ ପରିପୂର୍ଣ୍ଣା ହୋଇଥିଲେ । କ୍ରମେ ବିବାହର ବୟସ ଆସିବାରୁ ରାଜା ତାହାଙ୍କୁ ଯୋଗ୍ୟ ପାତ୍ରରେ ପ୍ରଦାନ କରିବା ଲାଗି ଚାରିଆଡ଼େ ବର ଅନ୍ୱେଷଣ କଲେ । ମାତ୍ର ଯୋଗ୍ୟ ବର ବାଛିବା ବଡ଼ କଠିନ କଥା । ତେଣୁ ସେ ଏପରି ଗୋଟିଏ କଠୋର ପଣ କଲେ, ଯଦ୍ଦ୍ୱାରା ଗୁଣବାନ୍ ବୀରପୁରୁଷ ସହଜରେ ଜଣାପଡ଼ିବେ । ତେଣୁ ସେ ସ୍ୱୟମ୍ବର ସଭାକୁ ସମସ୍ତ ରାଜପୁତ୍ରଙ୍କୁ ଆମନ୍ତ୍ରଣ କରିଥିଲେ । ନାନା ଦେଶରୁ ରାଜା ଓ ରାଜପୁତ୍ରମାନେ ସେଠାକୁ ଆସିଥିଲେ । ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ମଧ୍ୟ ନେଇ ସେଠାକୁ ଯାଇଥିଲେ । ରାଜା ସଭାସ୍ଥଳରେ ଏହା ପ୍ରକାଶ କଲେ —"ଯେଉଁ ରାଜକୁମାର ଆମ୍ଭର ଏହି ପ୍ରକାଣ୍ଡ ଶିବଧନୁ ନୁଆଇଁ ଏଥିରେ ଗୁଣ ଚଢ଼ାଇଦେବେ, ତାଙ୍କ ହସ୍ତରେ ମୁଁ ଏ କନ୍ୟାରତ୍ନଙ୍କୁ ସମର୍ପଣ କରିବି ।" ତଦନୁସାରେ ଉପସ୍ଥିତ ରାଜନ୍ୟଗଣ ଆସନରୁ ଉଠି ଥରେ ଥରେ ପରୀକ୍ଷା କରି ହତାଶ ହେଲେ । ପରିଶେଷରେ ବିଶ୍ୱାମିତ୍ରଙ୍କ ଉପଦେଶକ୍ରମେ ଦଶରଥାତ୍ମଜ ରାମଚନ୍ଦ୍ର ଅତି ବିନୟରେ ଯାଇ ଅନାୟାସରେ ଧନୁରେ ଗୁଣ ଚଢ଼ାଇ ଦିଅନ୍ତେ, ସଭା ମଧ୍ୟରେ ଆନନ୍ଦ କରତାଳି ଉଚ୍ଛୁଳି ପଡ଼ିଲା ଏବଂ ସୀତାଦେବୀ ଦାସୀ ସହିତ ମୁଖ ତଳକୁ କରି ଯାଇ ତାହାଙ୍କ ଗଳାରେ ବରଣମାଳା ଲମ୍ବାଇ ଦେଲେ । ବିବାହ ସ୍ଥିର ହୁଅନ୍ତେ ବୃଦ୍ଧ ରାଜା ଦଶରଥ ସମ୍ବାଦ ପାଇ ଅନ୍ୟ ଦୁଇ ପୁତ୍ରଙ୍କୁ ନେଇ ଅଯୋଧ୍ୟାରୁ ଯାତ୍ରା କରି ବିବାହ ଦିନ ମିଥିଳା ରାଜଧାନୀରେ ଉପସ୍ଥିତ ହେଲେ । ସୀତା ରାମଙ୍କ ବିବାହ ସଙ୍ଗେ ଦଶରଥଙ୍କ ଅନ୍ୟ ପୁତ୍ରମାନଙ୍କର ସାନୁଜ ଜନକଙ୍କ ସହିତ ଶୁଭ ବିବାହକ୍ରିୟା ସମ୍ପନ୍ନ ହୋଇଗଲା । ମହାରାଜ ଦଶରଥ ପୁତ୍ରବଧୂମାନଙ୍କୁ ମହାସମାରୋହରେ ନେଇ ଅଯୋଧ୍ୟାକୁ ବାହୁଡ଼ି ଆସିଲେ, ପୁର ମଧ୍ୟରେ ଆନନ୍ଦ ଉତ୍ସବ ଲାଗିଲା । କିଛିକାଳ ପରେ ବୃଦ୍ଧ ରାଜା ଦିନେ ମନ୍ତ୍ରୀମାନଙ୍କ ସହିତ ସଭାରେ ବସି ଏହି ପରାମର୍ଶ କଲେ ଯେ ମୋହର ରାମ ସର୍ବଗୁଣସମ୍ପନ୍ନ, ପ୍ରିୟଦର୍ଶନ, ସର୍ବଶାସ୍ତ୍ରରେ ପାରଂଗମ, ସୁପୁରୁଷ ଏବଂ ବୁଦ୍ଧିମାନ୍ । ଅତଏବ ଏହାଙ୍କୁ ମୁଁ ଯୁବରାଜ କରିବାକୁ ସ୍ଥିର କରିଅଛି । ସଭାସ୍ଥ ସମସ୍ତେ ରାଜାଙ୍କର ଏହି ଅଭିପ୍ରାୟରେ ଆନନ୍ଦ ପ୍ରକାଶ କଲେ । ଧୀରେ ଧୀରେ ପୁର ମଧ୍ୟରେ ଏହି ଚହଳ ପଡ଼ିଗଲା । ଏ ସମ୍ବାଦ ସେ ହୀନବୁଦ୍ଧି ମନ୍ଥରା ଦାସୀ କାନକୁ ଗଲା, ତହୁଁ ସେ କୈକେୟୀଙ୍କ ପାଖକୁ ଯାଇ ନାନା ପ୍ରକାରେ ଭୁଲାଇ ରାଜାଙ୍କ ପୂର୍ବ ଅଙ୍ଗୀକୃତ ଦୁଇ ବର ମାଗିବାକୁ କୁଶିକ୍ଷା ଦେଲା । ତାହାର ପ୍ରବର୍ତ୍ତନାରେ କୈକେୟୀ ଦିଓଟି ବର ମଧ୍ୟରୁ ଗୋଟିକରେ ଭରତଙ୍କୁ ଯୁବରାଜା କରିବା, ଆଉ ଗୋଟିକରେ ରାମଙ୍କୁ ଚୌଦ ବର୍ଷ ବନକୁ ପଠାଇବାପାଇଁ ଅନୁରୋଧ କଲେ । ଏ ବାର୍ତ୍ତା ତୀକ୍ଷ୍ଣଶର ପ୍ରାୟ ଦଶରଥଙ୍କ ହୃଦୟରେ ବିଦ୍ଧ ହୋଇଗଲା ଏବଂ ସେ ତତକ୍ଷଣାତ୍ ମୂର୍ଚ୍ଛିତ ହୋଇ ଭୂମିରେ ଲୋଟିଲେ । ଜନନୀ କୌଶଲ୍ୟା ଦେବୀଙ୍କର ଶୋକର ଆଉ ସୀମା ରହିଲା ନାହିଁ । ମାତ୍ର ମହାପୁରୁଷ ରାମ ଏ ବାର୍ତ୍ତାପାଇ କିଛିମାତ୍ର ଦୁଃଖ ନ କରି ପିତା ଆଉ ମାତାମାନଙ୍କର ପାଦ ବନ୍ଦନା

Digitized by srujanika@gmail.com

କରି ପ୍ରସନ୍ନ ମନରେ ପିତୃସତ୍ୟ ପାଳନ କରିବାପାଇଁ ବନକୁ ବାହାରିଲେ । ପଛେ ପଛେ ଭ୍ରାତୃଭକ୍ତ ଲକ୍ଷ୍ମଣ ମଧ୍ୟ ବାହାରି ପଡ଼ିଲେ । ଆନନ୍ଦ ପଛରେ ଗୃହୁଁ ଗୃହୁଁ ଅନ୍ଧକାର ପରି ଘୋର ଦୁଃଖ ପୁରମଧ୍ୟରେ ମାଡ଼ିଗଲା । ଏହି ସମୟରେ ସତୀ ସୀତାଦେବୀ ଆସି ସମସ୍ତ ଗୁରୁଜନଙ୍କ ପାଦତଳେ ପଡ଼ି ପତିଙ୍କର ଅନୁଗମନ କରିବା ପାଇଁ ପ୍ରାର୍ଥନା କଲେ । ସୁକୁମାରୀ ରାଜକନ୍ୟା ଗହଳ ବନର କଣ୍ଟକପଥରେ ଗଲେ ପଦ ପଦକେ ବହୁତ କ୍ଲେଶ ପାଇବେ ବୋଲି କୌଶଲ୍ୟାଦି ଗୁରୁଜନମାନେ ଯେତେ ସାନ୍ତ୍ୱନା ଦେଇ ବାରଣ କଲେ ସୁଦ୍ଧା ସେ କୌଣସି ପ୍ରକାର ମନା ନ ମାନି ଆପଣାର ମନ କଥା ଏପରି ଜଣାଇଲେ ଯେ—"ମୋହର ପ୍ରାଣପତି ବନକୁ ଯାନ୍ତୁ ଅଥବା ଅନ୍ୟ ଯେଉଁ ସ୍ଥାନକୁ ଯାନ୍ତୁ, ସେ ମୋହର ଅଯୋଧ୍ୟାପୁର ସଙ୍ଗେ ସମାନ । ଆଉ ତାଙ୍କ ବିନା ଏ ଅଯୋଧ୍ୟାପୁର ମୋତେ ଅରଣ୍ୟରୁ ବଳି କଷ୍ଟଦାୟକ ଜଣାଯିବ ।" ଏ ସୁକୁମାରୀ ରାଜବଧୂ ଏହିମତେ ପତି ସଙ୍ଗରେ ପୁରରୁ ବାହାରି ବଲ୍‌କଲ ପିନ୍ଧି ତପସ୍ୱୀବେଶରେ ବନକୁ ଯାତ୍ରା କଲେ । ପ୍ରଥମେ ଯେତେବେଳେ ନବୀନ ତପସ୍ୱୀ ଶ୍ରୀରାମ ବହୁଦୂର ପଥ ଯାଇ ଗଙ୍ଗା ପାରି ହୋଇ ଭରଦ୍ୱାଜ ମୁନିଙ୍କ ଆଶ୍ରମ ବଟମୂଳରେ ବିଶ୍ରାମ କଲେ, ସେତେବେଳେ ପ୍ରତିପ୍ରାଣା ସୀତାଦେବୀ ପ୍ରାଣକାନ୍ତଙ୍କୁ ପରିଶ୍ରାନ୍ତ ଦେଖି ଆପଣାର ଅଙ୍କପଲଙ୍କରେ ମସ୍ତକ ଥୋଇ ପତି-ପଦ ସେବା କଲେ ଏବଂ ନିଦ୍ରିତ ପ୍ରାଣେଶ୍ୱରଙ୍କ ଶ୍ରୀମୁଖକୁ ନିରୀକ୍ଷଣ କରି ସେ କଳ୍ପବଟ ନିକଟରେ ଏହିରୂପେ ପ୍ରାର୍ଥନା କଲେ —"ହେ କଳ୍ପତରୁ ! ମୋହର ସ୍ୱାମୀ ସକଳ ପ୍ରକାର ଆପଦରୁ ରକ୍ଷା ପାନ୍ତୁ, ଆଉ ନିର୍ବିଘ୍ନରେ ଏ ବ୍ରତ ପାଳନ କରି ପୁରକୁ ବାହୁଡ଼ି ଆସନ୍ତୁ । ମୋହର ଏହି କାମନା ପୂର୍ଣ୍ଣ କର ।" ଅରଣ୍ୟରେ ଗଲବେଳେ ପଦେ ପଦକେ କୋମଳ ପାଦରେ କଣ୍ଟକ ଫୁଟି ଯାଉଥିଲେ ସୁଦ୍ଧା ସେ ସ୍ୱାମୀଙ୍କ ସଙ୍ଗରେ ଥିବାରୁ କିଛି କଷ୍ଟ ବୋଲି ଜାଣୁ ନଥିଲେ । କେବଳ ସ୍ୱାମୀଙ୍କର ଶ୍ରୀମୁଖ ଦେଖି ଏବଂ ତାଙ୍କର ଶ୍ରୀଚରଣ ସେବା କରି ସମସ୍ତ ଦୁଃଖ ପାସୋରି ପକାଉଥିଲେ । ରାଜରାଣୀ ହୋଇ ସୁଦ୍ଧା ବନର ଭିକାରିଣୀ ପରି ସାମାନ୍ୟ ଫଳମୂଳ ସିଦ୍ଧ କରି ତାହାକୁ ସ୍ୱାମୀ ଏବଂ ଦେବରଙ୍କୁ ଭୋଜନ କରାଇ ସେ ଆପଣାକୁ ଅଧିକ ଭାଗ୍ୟବତୀ ମନେ କରୁଥିଲେ । ପଞ୍ଚବଟୀର ସାମାନ୍ୟ ପର୍ଣ୍ଣକୁଟୀରରେ ବାସ କରି ସୁଦ୍ଧା ସେ ସ୍ୱାମୀଙ୍କ ସଙ୍ଗରେ ଥିବାରୁ ରାଜପୁରୀ ପରି ମନେ କରୁଥିଲେ । ସେଠାରେ କିଛିକାଳ ବାସ କଲା ଉତ୍ତାରେ ସୂର୍ପଣଖା ନାମରେ ଏକ ରାକ୍ଷସୀ ଆସି ବହୁତ ଭୟ ଦେଖାଇଲା । ରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣଙ୍କ ଦ୍ୱାରା ତାହାର ଓଷ୍ଠ ନାସା ଛେଦନ କରାଇବାରୁ ସେ କୋପଭରେ ହୋଇ ସେ ରକ୍ତଲିପ୍ତ ମୁଖରେ ଲଙ୍କାରେ ଉପସ୍ଥିତ ହୋଇ ଆପଣାର ଭ୍ରାତା ଲଙ୍କାଧିପତି ରାବଣକୁ ଜଣାଇଲା । ଦର୍ପୀ ରାବଣ ତାହା ଶୁଣି ଅତ୍ୟନ୍ତ କ୍ରୋଧରେ ପ୍ରଜ୍ୱଳିତ ହୋଇ ବୈରଚାର ପ୍ରତିଶୋଧ ନେବାପାଇଁ ଆଗେ ମାୟାରୂପୀ ମାରୀଚକୁ ପଠାଇଲେ । ମାରୀଚ ଅପୂର୍ବ ସ୍ୱର୍ଣ୍ଣମୃଗରୂପ ଧରି ସେହି ପର୍ଣ୍ଣକୁଟୀର ନିକଟରେ ଉପସ୍ଥିତ ହୁଅନ୍ତେ, ସୀତାଙ୍କ ଆଗ୍ରହ ଦେଖି ଶ୍ରୀରାମ ତାହାକୁ ବଧ କରିବାକୁ ପଛେ ପଛେ ଧାଇଁଲେ । କିଛିକ୍ଷଣ ପରେ 'ହାହି ଲକ୍ଷ୍ମଣ' ବୋଲି ରାମଙ୍କ ଡାକ ଶୁଣା ଯିବାରୁ ସୀତା ଅତ୍ୟନ୍ତ କାତର ହୋଇ ଲକ୍ଷ୍ମଣଙ୍କୁ ଶୀଘ୍ର ଯିବାପାଇଁ ବଳାଇଲେ । କିନ୍ତୁ ଲକ୍ଷ୍ମଣ ରାମଙ୍କର ବିପଦ ପଡ଼ିବା ଅସମ୍ଭବ ଜାଣି ଏବଂ ଏହା କୌଣସି ମାୟାବୀ ରାକ୍ଷସର ଛଳନା ବୋଲି ଅନୁମାନ କରି ସୀତାଙ୍କୁ ଏକା ଛାଡ଼ିଦେଇ ଯିବାକୁ କୁଣ୍ଠିତ ହୋଇ କହିଲେ—'ଦେବି ! ରାମଙ୍କ ଅନିଷ୍ଟ କରିବା କାହାର ସାଧ୍ୟ ? ଦମ୍ଭ ଧର – କ୍ଷଣକ ମଧ୍ୟରେ ତୁମ୍ଭେ ସ୍ୱାମୀଙ୍କ ଶ୍ରୀମୁଖ ନିରୀକ୍ଷଣ କରିବ ।' ସୀତା ଲକ୍ଷ୍ମଣଙ୍କର ଏପରି କଥା ଶୁଣି କ୍ରନ୍ଦନ କରିବାକୁ ଲାଗିଲେ ଏବଂ ଲକ୍ଷ୍ମଣଙ୍କ କଥାରେ ସନ୍ଦେହ କରି ସ୍ତ୍ରୀସୁଲଭ ଚଞ୍ଚଳସ୍ୱଭାବରେ କହିପକାଇଲେ—'ରେ ମୂଢ଼ ! ମୁଁ ପଛକେ

Digitized by srujanika@gmail.com

ଶସ୍ତ୍ରରେ ହାଣିହୋଇ ଅବା ଅଗ୍ନିରେ ଝାସ ଦେଇ ପ୍ରାଣ ହରାଇବ, ମୋହର ପ୍ରାଣପତିଙ୍କୁ ଛାଡ଼ି କାହାର ବଶୀଭୂତ ହେବ ନାହିଁ । ସିଂହରମଣୀ କେବେ ଶୃଗାଳକୁ ଭଜନ୍ତିଣି ?' ସୀତାଦେବୀ ତାଙ୍କର ଜୀବନ ଥିବା ମଧ୍ୟରେ ଏପରି କଟୁକଥା କେବେ କହି ନାହାନ୍ତି । ଲକ୍ଷ୍ମଣ ଏପରି ଅସମ୍ଭବ ଅବାଚ୍ୟ କଥା ଶୁଣି କାନରେ ହାତ ଦେଇ ସେଠାରୁ ବାଧ ହୋଇ ବାହାରି ରାମଙ୍କ ପଦଚିହ୍ନ ବାରି ବାରି ଦୂରକୁ ଚାଲିଗଲେ । ଏହି ସମୟରେ ଲଙ୍କାପତି ରାବଣ ମାୟାଯତି ବେଶ ଧରି ଭସ୍ମାଚ୍ଛନ୍ନ ଅଗ୍ନି ପ୍ରାୟ ସେଠାରେ ଆସି ଉପସ୍ଥିତ ହେଲା । ସୀତାଦେବୀ କୁଟୀରଦ୍ୱାରରେ ବ୍ରହ୍ମଚାରୀଙ୍କୁ ଉପସ୍ଥିତ ଦେଖି ଫଳ ମୂଳ ଆଣି ଭକ୍ଷଣ କରିବାକୁ ଦେଲେ; କିନ୍ତୁ ମାୟାବୀ ରାବଣ ଆହାର ଛାଡ଼ି ତତ୍‌କ୍ଷଣାତ୍ ନିଜ ରୂପ ଦେଖାଇ ସୀତାଙ୍କୁ ସାନ୍ତ୍ୱନା ଦେଇ କହିଲେ, 'ଅୟି ସୁନ୍ଦରୀ ! ମୁଁ ଲଙ୍କାର ରାଜା ରାବଣ । ସମୁଦ୍ରର ଆରପାରିରେ ମୋହର ଗୋଟିଏ ଅତି ସୁନ୍ଦର ପୁରୀ ଅଛି । ତୁମ୍ଭେ ସେ ପୁରକୁ ଗଲେ ଅନେକ ଦାସଦାସୀ ଆସି ତୁମ୍ଭର ଚରଣ ସେବା କରିବେ । ଅତଏବ ହେ ରାଜକୁମାରୀ ! ତୁମ୍ଭେ ଏ ତାପସ ରାଘବଙ୍କୁ ପରିତ୍ୟାଗ କରି ମୋହର ପ୍ରଣୟିନୀ ହୁଅ ।' ପତିବ୍ରତା ଜାନକୀ ଏ ସବୁ କଥା ଶୁଣି କାନରେ ହାତ ଦେଇ ଅତି ଘୃଣାରେ ରାବଣଙ୍କୁ ଲକ୍ଷ୍ୟ କରି କହିଲେ—'ଯେବେ ଆକାଶରୁ ସମସ୍ତ ନକ୍ଷତ୍ର ଆସି ଭୂତଳରେ ପଡ଼ିବେ, ପୃଥିବୀ ଖଣ୍ଡ ଖଣ୍ଡ ହୋଇଯିବ ବା ଅଗ୍ନି ଶୀତଳ ହେବ, ତେବେ ସୁଦ୍ଧା ମୁଁ ରଘୁନନ୍ଦନଙ୍କୁ ପରିତ୍ୟାଗ କରି ପାରିବି ନାହିଁ । ସିଂହକୁ ଭଜି ସିଂହୀ କେବେ ଶୃଗାଳ ଶୂକରକୁ ସ୍ପର୍ଶ କରିବାକୁ ଇଚ୍ଛା କରେ ? ଯେ ବହୁତ ଅମୃତ ପାନ କରି-ଥାଏ, ତାହାର କେବେ କାଞ୍ଜିପାଣିକୁ ଶ୍ରଦ୍ଧା ବଳେ କି ?' ଏହିପରି ମର୍ମଭେଦୀ ଉକ୍ତି ପ୍ରତ୍ୟୁକ୍ତିରେ ରାବଣ କ୍ରୋଧରେ ଅଗ୍ନିତୁଲ୍ୟ ହୋଇ ହଠାତ୍ ସୀତାଦେବୀଙ୍କ କେଶ ଆକର୍ଷଣ କରି ପୁଷ୍ପକ ବିମାନରେ ବସାଇ ଆକାଶମାର୍ଗକୁ ଉଠିଲା । ପତିପ୍ରାଣା ସୀତା ଏକାକିନୀ ରାକ୍ଷସହସ୍ତରେ ପଡ଼ି ବ୍ୟାକୁଳଭାବରେ 'ରାମ' 'ରାମ' ଉଚ୍ଚାରଣ କରି ଉଚ୍ଚ-ସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲେ । ମନୁଷ୍ୟଙ୍କ କଥା ଛାଡ଼, ପଶୁ ପକ୍ଷୀ ମଧ୍ୟରୁ ଯେ ଯେ କରୁଣ କ୍ରନ୍ଦନ ଶୁଣିଲେ, ସେ ସମସ୍ତେ ଅତ୍ୟନ୍ତ କ୍ଷୋଭରେ ମ୍ରମ୍ଳୀଭୂତ ହୋଇଗଲେ । ଭୂପୃଷ୍ଠରେ ଯାଉଥିଲେ ବୋଧ ହୁଏ ଏ ସମସ୍ତେ ସେ ଦୁରନ୍ତ ରାକ୍ଷସକୁ ଆକ୍ରମଣ କରି ନିଜ ନିଜ ନଖ ଦନ୍ତ ପ୍ରହାରରେ ତାହାକୁ ରକ୍ତମୟ କରି ଦେଇ-ଥାନ୍ତେ । ଶୂନ୍ୟପଥରେ ଯାଉଥିବାରୁ କେହି କିଛି ପ୍ରତିକାର କରି ପାରିଲେ ନାହିଁ । ପକ୍ଷିରାଜ ଜଟାୟୁ ବାଟରେ ବହୁତ ବାଧା ଦେଲେ ସୁଦ୍ଧା ଯୁଦ୍ଧରେ ନ ପାରି ଶେଷରେ ମୃତପ୍ରାୟ ତଳେ ପଡ଼ି ଯାଇଥିଲା । ଅନ୍ୟ ଗତି ନ ଦେଖି ସୀତାଦେବୀ ପ୍ରାଣପତିଙ୍କୁ ସଙ୍କେତ ଦେବାଲାଗି ଉଚ୍ଚ ଭୂମି ବା ପର୍ବତ ଦେଖିଲାକ୍ଷଣି ତାହା ଉପରେ ବସ୍ତ୍ର, ଅଳଙ୍କାରମାନ ଗୋଟି ଗୋଟି କରି ପକାଇ ଦେଇଗଲେ । ଏହିରୂପେ ରାକ୍ଷସପତି ତାହାଙ୍କୁ ଘେନି ସମୁଦ୍ର ପାରି ହୋଇ ନିଜ ନଗରର ଗୋଟିଏ ଗହନ ଅଶୋକବନ ଭିତରେ ରଖିଲେ ଏବଂ କେତେ ଗୁଡ଼ିଏ ରାକ୍ଷସ ରାକ୍ଷସୀ ସେଠାରେ ଜଗାଇ ଦେଲେ । ସୁନ୍ଦର ଅଶୋକସ୍ତବକ ଦେଖି ପତିବିରହିଣୀ ସୀତାଙ୍କର ବିରହକଷ୍ଟ ଦ୍ୱିଗୁଣରେ ବଢ଼ିବ ଏବଂ ବଶ୍ୟତା ସ୍ୱୀକାର କରିବାଯାଏ ଚେଟୀମାନେ ନାନା ବିଳାସ ଐଶ୍ୱର୍ଯ୍ୟର କଥାରେ ମନ ଭୁଲାଇ ଦେବେ, ଏହି ଉଦ୍ଦେଶ୍ୟରେ ପାପିଷ୍ଠ ରାବଣ ତାହାଙ୍କୁ କିଛି କାଳ ସେଠାରେ ରଖିଥିଲା । କିନ୍ତୁ ସେଥିରେ କି ସତୀ ସୀତାଦେବୀଙ୍କର ମନ ଟଳିବ ? ପର୍ବତ ଟଳି ପାରେ, ପତିବ୍ରତାର ମନ କଦାପି ଟଳିବ ନାହିଁ । ରାକ୍ଷସମାନେ ହାତରେ ଫରଶୁ ମୁଦ୍‌ଗର ଖଡ଼୍‌ଗ ଧରି ସର୍ବଦା ବିକଟ ମୁଖରେ ନାନା ଭୟ ଦେଖାଇଲେ ସୁଦ୍ଧା ସେ କିଛି ନ ଶୁଣି ପ୍ରାଣପତିଙ୍କ ପାଇବା ଆଶାରେ ସାମାନ୍ୟ ଫଳ ଆହାରରେ ଆପଣା ପ୍ରାଣ ରଖି ଊର୍ଦ୍ଧ୍ୱମୁଖରେ କେବଳ ଶ୍ରୀରାମଙ୍କୁ ହୃଦୟରେ ଧ୍ୟାନ କରୁଥିଲେ ଏବଂ ପ୍ରିୟତମ ରାମନାମ ଉଚ୍ଚାରଣ କରୁଥିଲେ । ରାକ୍ଷସୀମାନଙ୍କ ପୀଡ଼ାରେ ଦୁଃଖଭାର

Digitized by srujanika@gmail.com

ସହ୍ୟ କରି ନ ପାରି ଦିନେ ଦୀର୍ଘ ନିଃଶ୍ୱାସ ପକାଇ କହୁଥିଲେ—'ତୁମ୍ଭେମାନେ ମୋତେ ଭକ୍ଷଣ କର । ମୋର ଆଉ ଏ ପୋଡ଼ା ପ୍ରାଣରେ ପ୍ରୟୋଜନ ନାହିଁ । ନିଶ୍ଚୟ ଜାଣିଥାଅ, ମୁଁ ପ୍ରାଣନାଥଙ୍କୁ ଏ ନୟନରେ ନ ଦେଖିଲେ ଉପବାସରେ ପ୍ରାଣ ହରାଇ ଦେବି । ତାଙ୍କ ବିନା ଅନ୍ୟ କାହାରି ମୁହଁକୁ ଚାହିଁବି ନାହିଁ ।' ରାକ୍ଷସୀମାନେ ଏପରି କଥା ଶୁଣି ରାଜାଙ୍କ ଛାମୁରେ ଜଣାଇଲେ । ଏହି ଅବସରରେ ତ୍ରିଜଟା ନାମରେ ଗୋଟିଏ ରାକ୍ଷସୀ ସୀତାଙ୍କୁ ଆଶ୍ୱାସ ଦେଇ କହିଲା—'ଦେବି ! ତୁମ୍ଭର ଭୟ କିଛି ନାହିଁ । ତୁମ୍ଭଙ୍କୁ ରକ୍ଷା କରିବାପାଇଁ ଏଠାରେ କେତେ ସାଧୁପୁରୁଷ ଅଛନ୍ତି । ତୁମ୍ଭ ସ୍ୱାମୀଙ୍କୁ ସେମାନେ ସମ୍ପୂର୍ଣ୍ଣ ସାହାଯ୍ୟ କରିବେ । ଅଳ୍ପକାଳ ମଧ୍ୟରେ ତୁମ୍ଭେ ସ୍ୱାମୀଙ୍କର ଶ୍ରୀମୁଖ ନିରୀକ୍ଷଣ କରିବ ଏବଂ ଏ କଷ୍ଟରୁ ମୁକ୍ତ ପାଇ ରାଜସୁଖ ଭୋଗ କରିବ ।' ତ୍ରିଜଟାର ଆଶ୍ୱାସ ବାକ୍ୟରେ ସୀତାଙ୍କର ସ୍ୱାମୀ ସଙ୍ଗମ ଆଶା ପୁଣି ପ୍ରବଳ ହେଲା । ସତକୁ ସତ କିଛିଦିନ ପରେ ହନୂମାନ୍ ସେ ବନକୁ ଆସି ବୃକ୍ଷଡାଳରେ ବସି 'ରାମ' ନାମ ଉଚ୍ଚାରଣ କଲା । ଲଙ୍କାରେ ଅପୂର୍ବ 'ରାମ' ନାମ ଶୁଣି ସୀତାଦେବୀଙ୍କ ପିଣ୍ଡରେ ପ୍ରାଣ ପଶିଲା । ସେ ପୁଲକିତ ହୋଇ ବୃକ୍ଷଆଡ଼କୁ ଅନାଇ ପତିଙ୍କର ପ୍ରିୟ ଭୃତ୍ୟ ହନୁମାନକୁ ଏହିପରି କହିଲେ—'ହନୁ ତୁ କାହୁଁ ଆଇଲୁ । ଶ୍ରୀରାମ ନାମ ଧରିଲୁ । ହୃଦୟ ମୋହର ଦହନକାଳରେ ଚନ୍ଦନ ଲେପନ କଲୁ ।'

ସୀତା ଦେବୀ ଏହି ପତିଲାଭ ଆଶା ମନରେ ପୋଷଣ କରି ରହିଥାନ୍ତି । ଦିନେ ଦୁରାତ୍ମା ରାବଣ ସେଠାରେ ଉପସ୍ଥିତ ହୋଇ କୋମଳ ବଚନରେ ଏହିରୂପେ କହି ବସିଲେ—'ରାଜକୁମାରି ! ରାମଚନ୍ଦ୍ରଙ୍କ ପ୍ରତି ତ ଯଥେଷ୍ଟ ଅନୁରାଗ ଦେଖାଇଲ । ବର୍ତ୍ତମାନ ମୋହ ପ୍ରତି ପ୍ରସନ୍ନ ହୁଅ । ଏବେ ତୁମ୍ଭର କେଶବିନ୍ୟାସ କରାଇ ବିବିଧ ବସ୍ତ୍ର ଅଳଙ୍କାର ଆଣି ଦେଉଅଛି । ଏଣିକି ମୋତେ ଭଜି ନାରୀମାନଙ୍କ ମଧ୍ୟରେ ଶିରୋମଣି ହୁଅ । ମୋହ ଗୃହରେ ଶତ ଶତ ଦୈତ୍ୟ ଗନ୍ଧର୍ବକନ୍ୟା ରହିଅଛନ୍ତି । ଲକ୍ଷ ଲକ୍ଷ ପିଶାଚ ରାକ୍ଷସ ପୁଣି ମୋହର ଆଜ୍ଞାକାରୀ ଅଛନ୍ତି । କୋଟି କୋଟି ଲୋକ ମୋହର ଭ୍ରାତା ଧନପତି କୁବେରଙ୍କୁ ଉପାସନା କରୁଅଛନ୍ତି । ମୁଁ ପ୍ରମୋଦବନରେ ବସିଲେ ଶତ ଶତ ଗନ୍ଧର୍ବ, ଅପ୍ସରା ଆସି ମୋହର ସେବା କରନ୍ତି । ସ୍ୱର୍ଗରେ ଯେପରି ନାନାପ୍ରକାର ଭକ୍ଷ୍ୟ ଭୋଜ୍ୟ ପାନୀୟ ବସ୍ତୁମାନ ରହିଅଛି, ମୋହ ପୁରରେ ମଧ୍ୟ ସେ ସମସ୍ତ ଅଛି । ଅତଏବ ହେ ସୁନ୍ଦରି ! ବନବାସ କଷ୍ଟ ଦୂର କରି ମନ୍ଦୋଦରୀ ପରି ମୋହର ପାଟରାଣୀ ହୁଅ ।' ପତିପ୍ରାଣା ଜାନକୀ ରାବଣର ଏ କଥାମାନ ଶ୍ରବଣ କରି କ୍ଷଣି ଦୁଃଖରେ ମୁଖ ତଳକୁ କରି ତୃଣଶେଯ ଉପରେ ଅଶ୍ରୁଧାରା ବର୍ଷଣ କଲେ ଏବଂ ରାବଣକୁ ସମ୍ବୋଧନ କରି କହିଲେ—'ହେ ରାକ୍ଷସରାଜ, ତୁମ୍ଭେ ବାରମ୍ବାର ମୋହ ପ୍ରତି ଦୁର୍ବାକ୍ୟ ପ୍ରୟୋଗ କରି ମୋହ ହୃଦୟକୁ ବିଦାରଣ କରୁଅଛ । ମୁଁ ଅଭାଗିନୀ ପୁଣି ସେମାନ କାନରେ ଶୁଣୁଅଛି । ପୁଣି ଆଉ କାହିଁକି, ବହୁତ ହେଲାଣି । ତୁମ୍ଭର ମଙ୍ଗଳ ହେଉ, ଏ ମନ୍ଦ ଅଭିଳାଷ ତ୍ୟାଗ କର, ମୁଁ ପରପତ୍ନୀ, ତୁମ୍ଭର ଗୃହିଣୀ ନୁହେଁ । ମୁଁ ଜଣେ ସାମାନ୍ୟ ନାରୀ, ତୁମ୍ଭର ଉପଯୁକ୍ତ ପ୍ରେୟସୀ ଭିନ୍ନ ଅଛନ୍ତି । ମୋହ ପରି ଅବଶ ଅବଳା ପ୍ରତି ବଳ ପ୍ରକାଶ କରି କିଣ ବା ସୁଖ ପାଇବ ? ତୁମ୍ଭେ ପ୍ରଜାପତିଙ୍କ ସମାନ ବ୍ରହ୍ମର୍ଷିଙ୍କ ସନ୍ତାନ ହୋଇ ଆପଣା ଧର୍ମ କାହିଁକି ପାଳନ କରୁନାହଁ ? ତୁମ୍ଭେ ମହେଶ୍ୱରଙ୍କ ସଖା ଆଉ ଧନେଶ୍ୱରଙ୍କର ସୋଦର ବୋଲି ପରିଚୟ ଦେଇ ସୁଦ୍ଧା ଏପରି ଅବାଚ୍ୟ କଥା ମୁଖରେ ବାରମ୍ବାର ଧରୁଅଛ ! ଲଜ୍ଜା ହେଉ ନାହିଁ ?" ରାବଣକୁ ଏହି ପ୍ରକାରରେ ଉପଦେଶ ଦେଇ ପତିପ୍ରାଣା ଜାନକୀ ଅଞ୍ଚଳରେ ମୁଖ ଲୁଚାଇ ଘନ ଘନ ଅଶ୍ରୁ ବର୍ଷଣ କରିବାକୁ ଲାଗିଲେ । ତାହା ଦେଖି ରାବଣ ସେହି ସ୍ଥାନ ପରିତ୍ୟାଗ କରନ୍ତେ, ସୀତାଦେବୀ ସେହିପରି ଶୋକାଭିଭୂତା ହୋଇ ସେଠାରେ ବାସ କରିବାକୁ ଲାଗିଲେ ।

Digitized by srujanika@gmail.com

ଏଣେ ରାମ ଲକ୍ଷ୍ମଣ କୁଟୀରକୁ ଆସି ପ୍ରିୟତମା ସୀତାଙ୍କୁ ନ ଦେଖି କୌଣସି ମାୟାବୀ ରାକ୍ଷସର ଏ କାଣ୍ଡ ବୋଲି ଜାଣି ପାରି ଶୋକରେ ଅଧୀର ହେଲେ । ରାଜ୍ୟ ତ୍ୟାଗ, ପିତୃଦେବଙ୍କ ମୃତ୍ୟୁ, ତା ପଛକୁ ପୁଣି ସୀତାହରଣ; ସମସ୍ତ ଦୁଃଖ ଏକାବେଳକେ ଲଗି ଲଗି ଆସିବା ଦେଖି ରାମଚନ୍ଦ୍ର ଅତ୍ୟନ୍ତ କାତର ହେଲେ । କେବଳ ଲକ୍ଷ୍ମଣଙ୍କ ବଳ ପାଇ ସୀତାଙ୍କୁ ପାଇବା ଲଗି ସମସ୍ତଙ୍କୁ ପଚ୍ଛରି ପଚ୍ଛରି ଦୁଃଖରେ ନାନା ଗିରି-ବନ ଭ୍ରମିବାକୁ ଲଗିଲେ । ବାଟରେ ଜଟାୟୁଠାରୁ ସନ୍ଧାନ ପାଇ କଷ୍କିନ୍ଧ୍ୟାପତି ସୁଗ୍ରୀବଙ୍କ ସହିତ ମିତ୍ର ହେଲେ । ପରୋପକାରୀ ରାଜା ସୁଗ୍ରୀବ ପର୍ବତଦେଶବାସୀ ସମସ୍ତ ପ୍ରଜାଙ୍କୁ ଘେନି ରାମଙ୍କର ସହାୟ୍ୟ କରିବାକୁ ବାହାରିଲେ ଏବଂ ଆଗେ ସୀତାଙ୍କ ସନ୍ଧାନ ନେବା ପାଇଁ ପ୍ରଭୁଭକ୍ତ ମହାବୀର ହନୁମାନଙ୍କୁ ଲଙ୍କାପୁରୀକି ପଠାଇ ଦେଲେ । ହନୁମାନଠାରୁ ସମ୍ବାଦ ପାଇ ଯଥା-ସମୟରେ ରାମଚନ୍ଦ୍ର ସୁଗ୍ରୀବଙ୍କ ସୈନ୍ୟବଳରେ ସମୁଦ୍ର ପାରି ହୋଇ ଲଙ୍କାରେ ବିଭୀଷଣ ପ୍ରଭୃତିଙ୍କ ସାହାଯ୍ୟରେ ରାବଣକୁ ସବଂଶରେ ମାରି ସତୀ ସୀତାଦେବୀଙ୍କୁ ଉଦ୍ଧାର କରିଥିଲେ । ଅଗ୍ନିରେ ସୁନାର ପରୀକ୍ଷା ହେଲା ପରି ପୁଣ୍ୟତେଜରେ ସୀତାଦେବୀଙ୍କର ଶୁଦ୍ଧ ସ୍ୱଭାବର ପରୀକ୍ଷା ହେଲା । ରାମଚନ୍ଦ୍ର ମହାନନ୍ଦରେ ପ୍ରିୟତମାଙ୍କୁ ସେହି ପୁଷ୍ପକବିମାନରେ ବସାଇ ବନ୍ଧୁଗଣଙ୍କ ସହିତ ଆପଣା ରାଜ୍ୟକୁ ପ୍ରତ୍ୟାଗମନ କଲେ । ବାଟରେ ଆସିଲାବେଳେ ରାମ ଏକ ନ୍ତରେ ବସି ସୀତାଙ୍କୁ ସମସ୍ତ ଦୃଶ୍ୟ ଦେଖାଇ-ବାକୁ ଲଗିଲେ ଏବଂ ତାଙ୍କ ବିରହରେ କେଉଁଠାରେ କପରି କାଳ କଟାଇଥିଲେ, କେଉଁଠି କଣ ଭାବିଥିଲେ ଏବଂ କାହାକୁ କଣ ପୁଚ୍ଛି କରି କହିଥିଲେ — କେଉଁଠି ତାଙ୍କର ପତିତ ଅଳଙ୍କାର ସଙ୍କେତ ପାଇଲେ, ଏ ସମସ୍ତ କଥା ଗୋଟି ଗୋଟି କରି କହିଗଲେ । ପତିପ୍ରାଣା ସୀତା ପତିଙ୍କ ମୁଖରୁ ସେ ସବୁ ଗଳ୍ପ କଥାମାନ ଶୁଣି ଆଜ ପୂର୍ବ ଦୁଃଖମାନ ସ୍ମରଣ କରି ସେତେବେଳର ସୁଖକୁ ବହୁଗୁଣ ମନେ କରିଥିଲେ । ଏହିରୂପେ ଚତୁର୍ଦ୍ଦଶବର୍ଷ ବନବାସ ଶେଷ ହେଲା । ରାମଚନ୍ଦ୍ର ସୀତା ଏବଂ ଲକ୍ଷ୍ମଣଙ୍କୁ ସଙ୍ଗରେ ଘେନି ମହାସୁଖରେ ଅଯୋଧ୍ୟାରେ ଉପସ୍ଥିତ ହେଲେ । ଦେବାତ୍ମା ଶ୍ରୀରାମଙ୍କର ଶୁଭାଗମନବାର୍ତ୍ତା ପାଇ ଅଯୋଧ୍ୟାପୁରରେ ପୁଣି ଆନନ୍ଦ ଚହଳ ପଡ଼ିଗଲା । ଭ୍ରାତୃଭକ୍ତ ଭରତ ଆସି ପଦତଳେ ପଡ଼ି ରାଜ୍ୟଭାର ଗ୍ରହଣ କରିବାକୁ ବିନୟରେ ନିବେଦନ କଲେ । ପୂର୍ଣ୍ଣ ବିଧିରେ ରାମଙ୍କର ରାଜ୍ୟାଭିଷେକ ହେଲା ଏବଂ ଶ୍ରୀରାମ ସିଂହାସନରେ ବସି ରାଜଦଣ୍ଡ ଧାରଣ କରି ନ୍ୟାୟଧର୍ମରେ ପ୍ରଜାପାଳନ କରିବାକୁ ଲଗିଲେ ଏବଂ ପ୍ରଜାମାନଙ୍କର ଦୁଃଖ ଜାଣିବା ଓ ମନ ବୁଝିବା ପାଇଁ ବହୁ ଗୁପ୍ତଚର ନିଯୁକ୍ତ କରି ଦେଇଥିଲେ । ପ୍ରତ୍ୟହ ସେହି ଚରମାନଙ୍କଠାରୁ ରାଜ୍ୟବାର୍ତ୍ତା ବୁଝୁ ବୁଝୁ ଦିନେ ଦୁର୍ମୁଖ ନାମକ ଗୋଟିଏ ଚର ଆସି ରାଜ୍ୟର ସମ୍ବାଦ ଦେଇ ସମସ୍ତ କଥା କହିବାକୁ ଟିକିଏ ସଙ୍କୋଚ ହେଲା । ପ୍ରଜାରଞ୍ଜନ ରାମଚନ୍ଦ୍ର ତାହା ଶୁଣିବାକୁ ଅଧିକ ଆଗ୍ରହ କରିବାରୁ ସେ ଅତି କଷ୍ଟରେ ଏତିକି କହିଲା—'ଦେବୀ ରାବଣପୁରରେ ବହୁକାଳ ଥିବାରୁ କେତେକ ଲୋକ ତାଙ୍କ ଆଚରଣରେ ଦୋଷ ଦେଉଅଛନ୍ତି ।' ସେତେବେଳେ ପୁଣି ସୀତା ଗର୍ଭବତୀ ଥିଲେ । ଏ କଥା ଶୁଣି ରାମ ଉଭୟ ସଙ୍କଟରେ ପଡ଼ିଲେ । ଯେବେ ପ୍ରଜାରଞ୍ଜନ କରିବାକୁ ହେବ, ତେବେ ପ୍ରିୟତମା ସୀତାଙ୍କ ପରିତ୍ୟାଗ କରିବାକୁ ପଡ଼ିବ । ଏଣେ ପ୍ରିୟତମାଙ୍କୁ ରଖିଲେ ପ୍ରଜାଙ୍କର ମନ ସନ୍ତୁଷ୍ଟ ରହିବ ନାହିଁ । ଏ ଉଭୟ କଥା ବିଚାର କରି ଶେଷରେ ସ୍ଥିର କଲେ, ପ୍ରଜାରଞ୍ଜନ ରାଜାର ପ୍ରଧାନ କର୍ତ୍ତବ୍ୟ । ସୀତାଙ୍କୁ ରଖିଲେ ନିଜର ସୁଖ, ଛାଡ଼ିଲେ ଅନେକଙ୍କର ସୁଖ ହେବାର ସମ୍ଭବ । ତେଣୁ ସେ ଅନ୍ତରରେ ଅନିଚ୍ଛା ଥିଲେ ସୁଦ୍ଧା ପ୍ରିୟତମାଙ୍କୁ ବର୍ଜନ କରିବା ସ୍ଥିର କଲେ । 'କାରଣ ବଡ଼େଇଙ୍କି ନ ରଖି ପୁଅମୁଣ୍ଡକୁ କିଏ ଲୋଭ କରୁଛି ?'

ଏଥିପୂର୍ବେ ଗର୍ଭବତୀ ସୀତାଦେବୀ ଗଙ୍ଗାକୂଳରେ ଭ୍ରମଣ କରିବାପାଇଁ ପ୍ରିୟତମଙ୍କ ସମ୍ମୁଖରେ ଥରେ

ଜଣାଇଥିଲେ । ଏବେ ଏହି ଉପଯୁକ୍ତ ଅବସର ଦେଖି ରାମ ତାହାଙ୍କୁ ସେଠାରେ ଛାଡ଼ି ଆସିବାପାଇଁ ଲକ୍ଷ୍ମଣଙ୍କ ଉପରେ ଭାର ଦେଲେ । ଲକ୍ଷ୍ମଣ ଏହି ନିଷ୍ଠୁର ଆଦେଶ ଶୁଣି କରଯୋଡ଼ି ଅଶ୍ରୁପୂର୍ଣ୍ଣ ନୟନରେ କହିଲେ—'ପ୍ରଭୋ ! ଅଧୀନ ଶ୍ରୀଚରଣତଳେ କି ଦୋଷ କରିଅଛି ଯେ ଆଜି ତାହା ପ୍ରତି ଏ ନିଷ୍ଠୁର ଆଦେଶ ହେଉଅଛି ! ମୁଁ ଆପଣଙ୍କର ସମସ୍ତ ଆଜ୍ଞା ଶିରୋଧାର୍ଯ୍ୟ କରି ପାଳନ କରି ଆସିଛି; କିନ୍ତୁ ଏହା ମୋହ ମସ୍ତକରେ ନ ପଡ଼ୁ ।' ଏହିପରି ଅନିଚ୍ଛା ପ୍ରକାଶ କରି ସୁଦ୍ଧା ଲକ୍ଷ୍ମଣ ବାଧ୍ୟ ହୋଇ ପିତୃସମ ଜ୍ୟେଷ୍ଠଭ୍ରାତାଙ୍କ ଆଦେଶକ୍ରମେ ବିଷଣ୍ଣମନରେ ମାତୃସମା ସୀତାଦେବୀଙ୍କି ରଥରେ ବସାଇ ଗଙ୍ଗାକୂଳକୁ ଯାତ୍ରା କଲେ ଏବଂ ସେଠାରେ ମହର୍ଷି ବାଲ୍ମୀକିଙ୍କ ଆଶ୍ରମନିକଟରେ ଉପସ୍ଥିତ ହୋଇ ରଥରୁ ଓହ୍ଲାଇ ବାଷ୍ପଗଦ୍‌ଗଦକଣ୍ଠରେ ଅତି-କଷ୍ଟରେ ସୀତାଙ୍କୁ ରାମଚନ୍ଦ୍ରଙ୍କ ଆଦେଶ ଜଣାଇ ପଦ-ତଳେ ପଡ଼ି କହିଲେ—'ଦେବି ! ଏ ଅଧମ ତ ପ୍ରଭୁଙ୍କର କୌଣସି ଆଜ୍ଞା ଟଳେଇ ପକାଇନାହିଁ । ଶେଷରେ ଅଭାଗା ପ୍ରତି ଏହି କଠୋର ଆଦେଶ ଥିଲି ! ମୋତେ କ୍ଷମା କର ।' ସୀତାଦେବୀ ଲକ୍ଷ୍ମଣଙ୍କୁ ଆଶ୍ୱାସ ଦେଇ କହିଲେ, 'ପ୍ରିୟ ଲକ୍ଷ୍ମଣ ! ତୁମ୍ଭର କଲ୍ୟାଣ ହେଉ । ତୁମ୍ଭେ ଭ୍ରାତାଙ୍କର ଆଜ୍ଞାକାରୀ ଭକ୍ତ । ତୁମ୍ଭର କୌଣସି ଦୋଷ ନାହିଁ ।' ଲକ୍ଷ୍ମଣ ମେଲାଣି ନେଇ ସେଠାରୁ ଚାଲିଗଲେ—ପତିପ୍ରାଣା ସୀତା ମୂର୍ଚ୍ଛିତା ହୋଇ ବାତା-ହତ କଦଳୀ ବୃକ୍ଷ ପ୍ରାୟ ଭୂତଳରେ ପତିତ ହେଲେ । କ୍ଷଣକାଳ ପରେ ଚେତନା ପାଇ କେବଳ ରାମଙ୍କୁ ସ୍ମରଣ କରି ଏହିରୂପେ ବିଳାପ କରିବାକୁ ଲାଗିଲେ—

'ଚରଣପଦ୍ମ ତଳୁ ଦୟାସାଗର,
ସତେ କି ଏ ଦାସୀକୁ କଲ ଅନ୍ତର ?
କେମନ୍ତେ କହ ପ୍ରଭୁ ବଞ୍ଚିବ ଦିନ,
ହରାଇ ସେ ଯୁଗଳ ପଦନଳିନ !
କାହା ଶରଣ କହ ହେ ରଘୁରାଜ !
ଜାନକୀ ଅଭାଗିନୀ ପଶିବ ଆଜ ।'

ମହର୍ଷି ବାଲ୍ମୀକି କୁଶସମିଧ ଲାଗି ସେତେବେଳେ ଅରଣ୍ୟ ମଧ୍ୟରେ ବୁଲୁ ବୁଲୁ ସେ କ୍ରନ୍ଦନଧ୍ୱନି ହଠାତ୍ ଶୁଣିପାରି ସୀତାଙ୍କ ନିକଟରେ ଉପସ୍ଥିତ ହୋଇ ଆପଣା ପରିଚୟସହ ଆଶ୍ୱାସନା ଦେଲେ । ସୀତାଦେବୀ ଦେବ-ପ୍ରତିମ ମୁନିଙ୍କୁ ଦେଖି ଚରଣତଳେ ଶିର ଲଗାଇଲେ । ମହର୍ଷି 'ବୀରପ୍ରସବିନୀ ହୁଅ' ବୋଲି ଆଶୀର୍ବାଦ କରି ମୁନିକୁମାରୀମାନଙ୍କ ମେଳରେ ନିଜ ଆଶ୍ରମଠାକୁ ତାହାଙ୍କୁ ନେଇଗଲେ । ସୀତାଦେବୀ ସେହିଠାରେ ସରଳ ମୁନିକୁମାରୀଙ୍କ ସଙ୍ଗରେ ସୁଖରେ ରହି ଶୁଭଦିନରେ ଦୁଇଟି ପୁତ୍ର ପ୍ରସବ କରିଥିଲେ । ସ୍ୱୟଂ ମହର୍ଷି ତାଙ୍କର ଜାତସଂସ୍କାରାଦି ସମସ୍ତ କ୍ରିୟା କରି କୁଶ ଲବ ନାମ ଦେଇ ବାଲ୍ୟକାଳରୁ ଶାସ୍ତ୍ର ଏବଂ ଶସ୍ତ୍ରବିଦ୍ୟା ଶିକ୍ଷା ଦେବାକୁ ଲାଗିଲେ । ଶେଷରେ ସେ ଯେଉଁ ରାମଙ୍କ ଚରିତ ଗୀତରେ ନୂତନ ବର୍ଣ୍ଣନା କରିଥିଲେ, ତାହା ଶିଖାଇଲେ । ଅଯୋଧ୍ୟାପତି ରାମଚନ୍ଦ୍ରଙ୍କ ଅଶ୍ୱମେଧଯଜ୍ଞ ସମୟରେ ଏହି ଦୁଇ କୁମାର ମଧ୍ୟ ଋଷିଗଣଙ୍କ ସଙ୍ଗରେ ଯାଇଥିଲେ ଏବଂ ଏହି ରାମାୟଣ ଗୀତରେ ସମସ୍ତଙ୍କୁ ବିମୋହିତ କରି ଦେଇଥିଲେ । ସେହି ରାମାୟଣ କଥାରୁ ଏବଂ ସେ କୁମାର ଦୁହିଙ୍କ ମୁଖରୁ ରାମଚନ୍ଦ୍ର ସଭା ମଧ୍ୟରେ ପରିଚୟ ପାଇ କାହାରିକୁ ନ ପଚାରି ହଠାତ୍ ବିଶ୍ୱସ୍ତ ଦୂତଙ୍କୁ ଏହା କହି ବାଲ୍ମୀକିଙ୍କ ଆଶ୍ରମକୁ ପଠାଇଲେ ଯେ—'ଯଦି ସୀତାଦେବୀ ଏବେ ସୁଦ୍ଧା ଏ ସଭା ମଧ୍ୟରେ ଆପଣାର ଶୁଦ୍ଧି ପରୀକ୍ଷା ଦେବାକୁ ପ୍ରସ୍ତୁତ ଥାନ୍ତି ଏବଂ ମୁନିଙ୍କର ଯଦି ଏହା ଅମତ ନ ହୁଏ, ତାହାହେଲେ ମୁଁ ମହାନନ୍ଦରେ ତାହାଙ୍କୁ ଗ୍ରହଣ କରିବି ।' ଦୂତମୁଖରୁ ଏପରି ଅପୂର୍ବ ସନ୍ଦେଶ ପାଇ ବାଲ୍ମୀକି ଏହି ମତ ଦେଲେ ଯେ—'ପତି ନାରୀର ଦେବତା, ତାଙ୍କର ଆଦେଶ ଅବଶ୍ୟ ଶିରୋଧାର୍ଯ୍ୟ । ସୀତା ସ୍ୱଚ୍ଛନ୍ଦରେ ପରୀକ୍ଷା ଦେବେ ।' ଏହା ଜଣାଇ ନିର୍ଦ୍ଦିଷ୍ଟ ସମୟରେ ସୀତାଙ୍କୁ ନେଇ ସଭାସ୍ଥଳକୁ ଯାତ୍ରା କଲେ । ଏଣେ ସଭା ମଧ୍ୟରେ ବହୁ ସ୍ଥାନରୁ ନାନା-ଶ୍ରେଣୀର ଲୋକ ଆସି ରୁଣ୍ଡ ହୋଇଅଛନ୍ତି । ସମସ୍ତେ

Digitized by srujanika@gmail.com

ସୀତା ଦେବୀଙ୍କୁ ତାଙ୍କର ଶପଥ ଦେଖିବାପାଇଁ ଉତ୍ସୁକ-ମନରେ ଅନାଇ ରହିଛନ୍ତି । ଏହି ସମୟରେ ପରମ ପୂଜନୀୟ ବାଲ୍ମୀକି ଆସି ଉପସ୍ଥିତ ହୁଅନ୍ତେ, ସଭାସ୍ଥ ସମସ୍ତ ଦର୍ଶକମାନେ ଦଣ୍ଡାୟମାନ ହୋଇ ଭିତରକୁ ପଥ ଛାଡ଼ିଦେଲେ, ମଛେ ପଛେ ସତୀ ସୀତାଦେବୀ ବସ୍ତ୍ରରେ ଆପାଦମସ୍ତକ ସର୍ବାଙ୍ଗ ଘୋଡ଼ାଇ ମୁଖ ତଳକୁ କରି ଧୀରେ ଧୀରେ ସଭା ମଧ୍ୟକୁ ଆସିଲେ, ଚାରିଆଡ଼ୁ ଧନ୍ୟ ଧନ୍ୟ ଶବ୍ଦ ଉଠିଲା । କେହି କେହି ସୀତାଙ୍କୁ କେହି କେହି ବା ରାମଙ୍କୁ ଧନ୍ୟ ଧନ୍ୟ କହିବାକୁ ଲାଗିଲେ ।

ବାଲ୍ମୀକିଙ୍କୁ ଦେଖି ରାଜା ରାମଚନ୍ଦ୍ର ଆସି ଭୂମିଷ୍ଠ ପ୍ରଣାମ କଲେ—ମୁନି ତାହାଙ୍କୁ ଉଠାଇ କହିଲେ—'ବତ୍ସ ! ମୁଁ ବହୁକାଳ ତପସ୍ୟା କରିଅଛି, କେବେ ମିଥ୍ୟା କହି ନାହିଁ । ମୁଁ ସତ୍ୟ କହୁଅଛି, ଏ ସୀତାର ଚରିତ୍ର ସମ୍ପୂର୍ଣ୍ଣ ଶୁଦ୍ଧ । ଏ ଯଦି ଭଲ ଥାନ୍ତି, ତାହାହେଲେ ମୋହର ଏତେ ଉଗ୍ର ତପସ୍ୟାର ଫଳଅଛି, ନୋହିଲେ ସେ ସବୁ ଆଜି ନିଷ୍ଫଳ । ଏହି ପତିବ୍ରତା ବର୍ତ୍ତମାନ ସୁପ୍ରସବତୀ । ଏ ଦୁଇ କୁଶ ଲବ ନାମଧାରୀ ତୁମ୍ଭର କୁମାର, ମୋହର ଆଶ୍ରମରେ ଲାଳିତ, ବର୍ଦ୍ଧିତ ଆଉ ମୋହରଠାରୁ ଶିକ୍ଷାପ୍ରାପ୍ତ । ଏ ଧର୍ମଚାରିଣୀ ବର୍ତ୍ତମାନ ତୁମ୍ଭ ଆଦେଶରେ ପରୀକ୍ଷା ଦେବାକୁ ପ୍ରସ୍ତୁତ ଅଛନ୍ତି ।' ରାମଚନ୍ଦ୍ର ମୁନିଙ୍କ ବାକ୍ୟ ଶ୍ରବଣ କରି ମନେ ମନେ ଅତ୍ୟନ୍ତ ଲଜ୍ଜିତ ହୋଇ କହିଲେ, 'ଆପଣଙ୍କ କଥାରେ ମୋହର ପୂର୍ଣ୍ଣ ବିଶ୍ୱାସ । କେବଳ ଏହି ଲୋକେ ବିଶ୍ୱାସ ଯାଉ ନାହାନ୍ତି ।' ତହୁଁ କ୍ଷଣକ ପରେ ମହର୍ଷି ସୀତାଙ୍କୁ ସମ୍ବୋଧନ କରି କହିଲେ—'ବତ୍ସେ ! ବର୍ତ୍ତମାନ ତୁମ୍ଭର କଣ ବକ୍ତବ୍ୟ ଅଛି ପ୍ରକାଶ କର ।' ଋଷିଙ୍କ ଆଦେଶ ଶ୍ରବଣରେ ସୀତାଦେବୀ ପୃଥିବୀ ଉପରେ ଦୃଷ୍ଟି ରଖି କହିଲେ—'ଯଦି ମୁଁ ବାକ୍ୟରେ କି ମନରେ ରାମଙ୍କ ବ୍ୟତୀତ ଅନ୍ୟ କାହାରିକୁ ଭାବି ନ ଥାଏଁ, ରାମଙ୍କ ବ୍ୟତୀତ ଅନ୍ୟ କାହାରିକୁ ହୃଦରେ ପ୍ରିୟ ବୋଲି ଜ୍ଞାନ କରି ନ ଥାଏଁ ଏବଂ ମୋହର ଏହି କଥା ଯଦି ସତ୍ୟ ହୋଇଥାଏ, ତାହାହେଲେ ଏ ପୃଥିବୀ ଦେବୀ ମୋତେ ତାଙ୍କ ଗର୍ଭରେ ସ୍ଥାନ ଦିଅନ୍ତୁ ।' ହିବାର ସତ୍ୟ ପ୍ରକାଶ କରି ଏହା ଉଚ୍ଚାରଣ କରିବା ମାତ୍ରକେ ସୀତାଦେବୀ ଦିବ୍ୟ ଆସନରେ ବସି ରସାତଳ ଗାମିନୀ ହେଲେ । ବତ୍ସ କୁଶ ଲବ ମାତାଙ୍କୁ ଡାକି ରୋଦନ କରିବାକୁ ଲାଗିଲେ । ରାମଚନ୍ଦ୍ର ଏହା ଦେଖି ଶୋକରେ ବ୍ୟାକୁଳ ହୋଇ ମୋହରେ ପ୍ରିୟତମାଙ୍କୁ ଆଲିଙ୍ଗନ କରିବାକୁ ବ୍ୟଗ୍ର ହେଲେ । ଦେଖୁ ଦେଖୁ ସଭାସ୍ଥ ଲୋକମାନଙ୍କ ମଧ୍ୟରେ ଧନ୍ୟ ଧନ୍ୟ ଶବ୍ଦ ସଙ୍ଗେ ହାହାକାର ପଡ଼ିଗଲା । ଅଧିକାଂଶ ଲୋକ ସ୍ତମ୍ଭୀଭୂତ ହୋଇ ରହିଗଲେ । ପତିବ୍ରତା ସୀତାଦେବୀ ଉଜ୍ଜ୍ୱଳ କୀର୍ତ୍ତି ମହୀତଳରେ ରଖି ପତି ପୁତ୍ର ବନ୍ଧୁ ଏବଂ ରାଜ୍ୟର ସମସ୍ତ ରାଜନ୍ୟ ଋଷି ଆଉ ପ୍ରଜାଗଣଙ୍କ ଆଗରେ ଚାଲିଗଲେ । ତାଙ୍କର ପବିତ୍ର ଚରିତ ଯେ ଥରେ ଶ୍ରବଣ କରେ, ତାହାର ଆତ୍ମା କଳୁଷ ହେଲେ ପବିତ୍ର ହୁଏ । ବନବାସରେ ଏତେ କଷ୍ଟ ପାଇ ସୁଦ୍ଧା ଦିନେ ହେଲେ ସେ ପତିଙ୍କର ନିନ୍ଦା କରି ନ ଥିଲେ । ସେହିପରି ଭକ୍ତିରେ ପତିଙ୍କ ଶ୍ରୀଚରଣ ସର୍ବଦା ସ୍ମରଣ କରୁଥିଲେ । ତାଙ୍କ ପରି ସତୀ ପତିବ୍ରତା ଜଗତରେ ଦୁର୍ଲ୍ଲଭ । ତେଣୁ ଆଜଯାଏ ସେ ଦେବୀ ତୁଲ୍ୟ ପୂଜା ପାଇ ଆସୁଅଛନ୍ତି ଏବଂ ଯାବତ୍ ଚନ୍ଦ୍ରାର୍କ ପାଉଥିବେ । ଯେପରି ଆକାଶରେ ଗୋଟିଏ ସୂର୍ଯ୍ୟ ବା ଚନ୍ଦ୍ରର ଆଲୋକରେ ଅନ୍ଧକାର ଯାଇ ଚତୁର୍ଦ୍ଦିଗ ଆଲୋକିତ ହୋଇଯାଏ, ସେହିପରି ସୀତାଙ୍କ ତୁଲ୍ୟ ପତିବ୍ରତାର ଉଜ୍ଜ୍ୱଳ ଚରିତ୍ରରେ ଶତ ଶତ ନାରୀଙ୍କର ହୃଦୟ ଆଲୋକିତ ହୋଇ ଆସୁଅଛି । କୋଟି ତାରକା ମଧ୍ୟରେ ଗୋଟିଏ ଚନ୍ଦ୍ରମା ପରି କୋଟି ନାରୀ ମଧ୍ୟରେ ସୀତା ଗୋଟିଏ । ସେ କେତେ କେତେ କଷ୍ଟ ସହି ଶୁଦ୍ଧଭାବରେ ଜୀବନଟା କଟାଇଥିଲେ ବୋଲି କୋଟି କୋଟି ଲୋକଙ୍କର ମଙ୍ଗଳ ସାଧନ କରିଅଛନ୍ତି ।

Digitized by srujanika@gmail.com

ଶୈବ୍ୟା

ରାମଚନ୍ଦ୍ରଙ୍କ ପୂର୍ବପୁରୁଷରେ ହରିଶ୍ଚନ୍ଦ୍ର ବୋଲି ଜଣେ ଅଯୋଧ୍ୟାର ରାଜା ଥିଲେ । ସୂର୍ଯ୍ୟବଂଶୀ ରାଜାମାନେ ବଡ଼ ଦାନୀ ଆଉ ସତ୍ୟବାଦୀ ବୋଲି ବିଖ୍ୟାତ । ରାଜା ହରିଶ୍ଚନ୍ଦ୍ର ଏବଂ ଶୈବ୍ୟା ଦୁହିଁଙ୍କର ଧର୍ମକାର୍ଯ୍ୟରେ ସର୍ବଦା ମତି ଥିଲା । ଶୈବ୍ୟା ଅତି ପତିବ୍ରତା ଓ ସୁଶୀଳା ଥିଲେ ଏବଂ ପତିଙ୍କୁ ସର୍ବଦା ଦେବତା ପ୍ରାୟ ମାନି ଚଳୁଥିଲେ । ଦୁହିଁଙ୍କର ସ୍ନେହଗ୍ରନ୍ଥି ସ୍ୱରୂପ ଗୋଟିଏ ପରମସୁନ୍ଦର କୁମାର ହେବାରୁ ରାଜା ରାଣୀ ମହାନନ୍ଦରେ ଦିନ ଯାପନ କରୁଥିଲେ ।

ଏକଦା ହରିଶ୍ଚନ୍ଦ୍ର ମୃଗୟା ନିମନ୍ତେ ବନକୁ ଯାଇଥିଲେ । ବନରେ ଭ୍ରମୁ ଭ୍ରମୁ ଏକସ୍ଥାନରେ ସ୍ତ୍ରୀମାନଙ୍କର ଏକପ୍ରକାର କାତର ଡାକ ଶୁଣିଲେ —

"ରକ୍ଷା କର କିଏ ଅଛ ମଲୁଁ ଆମ୍ଭେ ତିନି,
ଏହିକ୍ଷଣି ଅଗ୍ନିକୁଣ୍ଡେ ପକାଇବେ ମୁନି ।"

ସେ ବନରେ ମହାମୁନି ବିଶ୍ୱାମିତ୍ର ତିନି ମହାବିଦ୍ୟା ସାଧନ କରୁଥିଲେ । ହୋମ ଶେଷରେ ତିନୋଟି ସ୍ତ୍ରୀଙ୍କୁ ସେ ହୋମକୁଣ୍ଡରେ ନିକ୍ଷେପ କଲେ ମନ୍ତ୍ର ସିଦ୍ଧ ହେବ ବୋଲି ସେ ପୂର୍ଣ୍ଣାହୁତି ଦେବାପାଇଁ ତିନି ଜଣଙ୍କୁ ଲତାପାଶରେ ବାନ୍ଧି ରଖିଥିଲେ । ଆହୁତି ସମୟରେ ହରିଶ୍ଚନ୍ଦ୍ର ଏପରି ବିକଳ ଡାକ ଶୁଣି ସେଠାରେ ଉପସ୍ଥିତ ହୋଇ ମୁନିଙ୍କୁ ପାଷଣ୍ଡ ବୋଲି ଧିକ୍କାର ଦେଇ ସ୍ତ୍ରୀମାନଙ୍କୁ ବନ୍ଧନରୁ ମୁକ୍ତ କରିଦେଲେ । ବିଦ୍ୟା ଅସିଦ୍ଧ ହୋଇଯିବାରୁ ବିଶ୍ୱାମିତ୍ର କ୍ରୋଧରେ ପ୍ରଚଣ୍ଡ ହୋଇ ହରିଶ୍ଚନ୍ଦ୍ରଙ୍କୁ ଅଭିଶାପ ଦେବାକୁ ବସିଲେ । ରାଜା ତାହାଙ୍କୁ ବିଶ୍ୱାମିତ୍ର ବୋଲି ଚିହ୍ନିଲା କ୍ଷଣି ଚରଣତଳେ ପଡ଼ି ନିବେଦନ କଲେ, "ମୁନୀଶ୍ୱର, ଦାନ ଓ ଧର୍ମରକ୍ଷା ରାଜାର କର୍ତ୍ତବ୍ୟ । ମୁଁ ତାହା ପାଳନ କରିଅଛି । ଏଥିରେ ମୋର ଅପରାଧ କଣ ? ଆପଣ କ୍ରୋଧ ସମ୍ବରଣ କରନ୍ତୁ ।"

ତହୁଁ ବିଶ୍ୱାମିତ୍ର ଅଭିଶାପ ନ ଦେଇ ଦାନ ଲାଗି ସତ୍ୟ କରାଇଲେ । ରାଜା ପ୍ରାଣ ସୁଦ୍ଧା ଦେବାକୁ ପ୍ରସ୍ତୁତ ହେବାରୁ ବିଶ୍ୱାମିତ୍ର କହିଲେ, "ତୁମ୍ଭର ସମଗ୍ର ରାଜ୍ୟ ମୋତେ ପ୍ରଦାନ କର, ଆଉ ଦାନକୁ ସ୍ୱର୍ଣ୍ଣ ଦକ୍ଷିଣା ପ୍ରଦାନ କର ।" ଦାନବୀର ହରିଶ୍ଚନ୍ଦ୍ର ଧୀର ଚିତ୍ତରେ ଅଙ୍ଗୀକାର କରି କହିଲେ, "ଆଜି ଆପଣଙ୍କ ପରି ଋଷିଙ୍କୁ ପାଇ ସୂର୍ଯ୍ୟବଂଶ ଧନ୍ୟ ହେଲା । ମୁଁ ସମଗ୍ର ରାଜ୍ୟ ପ୍ରଦାନ କଲି । ଏଥିସଙ୍ଗେ ଲକ୍ଷେ ସୁବର୍ଣ୍ଣ ଦକ୍ଷିଣା ଦେବି ।"

କ୍ରୋଧାନ୍ଧ ବିଶ୍ୱାମିତ୍ର ଏତିକରେ ସନ୍ତୁଷ୍ଟ ନ ହୋଇ ହରିଶ୍ଚନ୍ଦ୍ରଙ୍କୁ ଦାନଗର୍ବର ପ୍ରତିଫଳ ଦେବା ମାନସରେ କହିଲେ, "ହରିଶ୍ଚନ୍ଦ୍ର ! ବର୍ତ୍ତମାନ ଏ ମୋହର ରାଜ୍ୟ, ଏଥିର କୌଣସି ଦ୍ରବ୍ୟ ତୁମ୍ଭେ ଆଉ ଛୁଇଁ ପାରିବ ନାହିଁ । ଶୀଘ୍ର ମୋ ରାଜ୍ୟ ତ୍ୟାଗ କରି ଚାଲିଯାଅ । ରାଜ୍ୟ ବାହାରୁ ଦକ୍ଷିଣା ସଂଗ୍ରହ କରି ଦେବ ।" ତହୁଁ ରାଜା ମାସେ ଅବସର ମାଗି ମୁନିଙ୍କ ନିକଟରୁ ବିଦାୟ ନେଇ ମହିଷୀ ଶୈବ୍ୟାଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ଜଣାଇଲେ । ପତିବ୍ରତା ଶୈବ୍ୟା ସେଥିରେ କିଛି ଦୁଃଖ ନ କରି ପତିଙ୍କୁ ଧନ୍ୟ ଧନ୍ୟ କହିଲେ ଏବଂ ଶିଶୁପୁତ୍ର ରୋହିତାଶ୍ୱକୁ ଘେନି ପତିଙ୍କ ସଙ୍ଗରେ ପଦବ୍ରଜରେ କାଶୀ ଯାତ୍ରା କଲେ । କାଶୀର ଲୋକମାନେ ଏପରି ଦିବ୍ୟସୁନ୍ଦର ସ୍ତ୍ରୀ ପୁରୁଷଙ୍କୁ ଦେଖି ଏପରି ଆସିବା ଆଚମ୍ବିତ ଭାବି ରାଜା ରାଣୀଙ୍କ ପାଖରେ ରୁଣ୍ଡ ହେଲେ । ଭିକ୍ଷୁକମାନେ ଆସି କିଛି କିଛି ଭିକ୍ଷା

Digitized by srujanika@gmail.com

କରିବାକୁ ଛାଡ଼ିଲେ ନାହିଁ । ଏ ସଂସାରରେ ମନର କଥା ବାହାରେ କେହି ବୁଝି ପାରନ୍ତି ନାହିଁ । ରାଣୀ ଶୈବ୍ୟା ଆପଣା ଅଙ୍ଗରୁ ବସ୍ତ୍ର ଅଳଙ୍କାର ଗୋଟି ଗୋଟି ସବୁ ସେମାନଙ୍କୁ ଦେଇ ଶେଷରେ ପଥର ଭିକାରୁଣୀ ପରି ହେଲେ । ଏଣେ ମାସ ପୂର୍ଣ୍ଣ ହୋଇ ଆସିବାର ଦେଖି ହରିଶ୍ଚନ୍ଦ୍ରଙ୍କର ଚିନ୍ତା ଦିନକୁଦିନ ବଢ଼ିଲା । ବେଳେ ବେଳେ ପ୍ରାଣ ବିସର୍ଜନ କରିବାକୁ ଇଚ୍ଛା ହେଉଥିଲେ ସୁଦ୍ଧା ଋଣଗ୍ରସ୍ତ ହୋଇ ମରିବା ମହାପାପ ବିଚାରି ସେଥିରୁ ନିବୃତ୍ତ ହେଉଥିଲେ । ଏତେ ବଡ଼ ରାଜ୍ୟ ଦାନ କରି ଭିକ୍ଷାଦ୍ୱାରା ଦକ୍ଷିଣା ସଂଗ୍ରହ କରିବା ମଧ୍ୟ ଅନୁଚିତ ବୋଲି ତାହା କରି ପାରିଲେନାହିଁ । ଏହିପରି ଦୁଶ୍ଚିନ୍ତାରେ ତାହାଙ୍କ ମୁଖ ଶୁଷ୍କ ହୋଇ-ଯିବାର ଦେଖି ସହଧର୍ମିଣୀ ଶୈବ୍ୟା ନିକଟରେ ଉପସ୍ଥିତ ହୋଇ କହିଲେ, "ପ୍ରାଣେଶ୍ୱର, ଆଉ ଚିନ୍ତା କରି ଫଳ କଣ ? ଆଜ ମାସ ଶେଷ ହେଲା, ତୁମ୍ଭର ସତ୍ୟ ପାଳନ କର । ତୁମ୍ଭଙ୍କୁ ତ ଜଣା ଅଛି, ପୁତ୍ର ଲାଗି ଦାରଗ୍ରହଣ । ମୋହଠାରୁ ପୁତ୍ର ଜନ୍ମ ହୋଇଅଛି । ବର୍ତ୍ତମାନ ମୋହଠାରେ ପ୍ରୟୋଜନ ନାହିଁ । ମୋତେ ବିକ୍ରୟ କରି ମୁନିଙ୍କୁ ଦକ୍ଷିଣା ପ୍ରଦାନ କର ।"

ଏ କଥା ଶୁଣି ହରିଶ୍ଚନ୍ଦ୍ରଙ୍କ ହୃଦୟ ଯେପରି ବିଦୀର୍ଣ୍ଣ ହୋଇଗଲା ! ସେ କରୁଣସ୍ୱରରେ କହିଲେ, "ପ୍ରିୟେ ! ତୁମ୍ଭେ କିପରି ଦାରୁଣ ବଚନ ଉଚ୍ଚାରଣ କଲ ! ମୁଁ ଆଜ ନିଜକୁ ବିକ୍ରୟ କରି ସତ୍ୟ ରକ୍ଷା କରିବି ।" ଏହି ସମୟରେ କୋପନ ବିଶ୍ୱାମିତ୍ର ଆସି ଉପସ୍ଥିତ ହୋଇ କହିଲେ, ରେ ଦୁରାତ୍ମା ହରିଶ୍ଚନ୍ଦ୍ର, ତୁ ମିଥ୍ୟା କଥାରେ ମୋତେ ଭୁଲାଇବାକୁ ବସିଛୁ ! ଆଜ ମାସ ଶେଷ, ତୋହର କଣ ମନେ ନାହିଁ ?" ରାଜା ରାଣୀ ପାଦତଳେ ପଡ଼ି ଜଣାଇଲେ, ଏହିକ୍ଷଣି ବଜାରକୁ ଯାଇ ଆପଣଙ୍କ ଦକ୍ଷିଣା ଆଣି ଦେବୁଁ ।

ତଦନନ୍ତର ହରିଶ୍ଚନ୍ଦ୍ର ପତ୍ନୀ ପୁତ୍ରଙ୍କୁ ଘେନି ମହାଜନବସ୍ତି ମଧ୍ୟରେ ଦାସଦାସୀ ହେବାପାଇଁ ଜଣାଇଲେ । ଅଯୋଧ୍ୟାର ରାଜା ରାଣୀଙ୍କର ଆଜ ସତ୍ୟ-ଧର୍ମରେ ଥାଇ ଏ ଦୁର୍ଦ୍ଦଶା ! ରାଣୀ ଶୈବ୍ୟା 'ଆଗେ ମୋତେ ବିକ୍ରୟ କର' ବୋଲି ବାରମ୍ବାର ଅନୁରୋଧ କରିବାରୁ ଅତି କଷ୍ଟରେ ରାଜା ତାଙ୍କ କଥା ରଖିଲେ । ଜଣେ ବୃଦ୍ଧ ବ୍ରାହ୍ମଣ ଦାସୀ ଖୋଜୁଥିବାରୁ ଆନନ୍ଦରେ ଶୈବ୍ୟାଙ୍କୁ ଦକ୍ଷିଣାର ଅର୍ଦ୍ଧ ମୂଲ୍ୟ ଦେଇ ନେବାକୁ ସମ୍ମତ ହେଲେ । ହରିଶ୍ଚନ୍ଦ୍ରଙ୍କର ଇଚ୍ଛା ଥିଲା, ଏକାଘରେ ତିନିଜଣଯାକ ଦାସଦାସୀ ହୋଇ ରହିଲେ କିଛି ଜଣା ପଡ଼ନ୍ତା ନାହିଁ । ମାତ୍ର ତାଙ୍କ ଇଚ୍ଛାକୁ ଷୁହିଁ ଫଳ ମିଳିଲା ନାହିଁ । ଶୈବ୍ୟା ଅଶ୍ରୁପୂର୍ଣ୍ଣନୟନରେ ପତିପଦରୁ ବିଦାୟ ଘେନି ପୁତ୍ରସହ ବ୍ରାହ୍ମଣଙ୍କର ଅନୁଗାମିନୀ ହେଲେ । ରୋହିତାଶ୍ୱଙ୍କୁ ସଙ୍ଗରେ ନେବାରୁ ଦୁଇ ଜଣଙ୍କୁ ଭୋଜନ ଦେବାକୁ ହେବ ବୋଲି ବ୍ରାହ୍ମଣ କିଞ୍ଚିତ କୁଣ୍ଠିତ ହେଲେ । ରାଣୀ ତାହାଙ୍କର ଭାବ ଜାଣି ପାରି କହିଲେ, 'ଆପଣ ମୋତେ ଯାହା ଦେବେ, ସେଥିରେ ଆମ୍ଭେ ଦୁହେଁ ଚଳିବୁଁ ।' ତଦନୁସାରେ ବ୍ରାହ୍ମଣ ଘରେ ଶୈବ୍ୟା ଯେଉଁ ଅନ୍ନଗୁଡ଼ିକ ପାଉଥିଲେ, ସେଥିରେ ପ୍ରାଣାଧିକ ପୁତ୍ରର ଉଦର ପୂର୍ଣ୍ଣ କରାଇ ଯାହା ବଳୁଥିଲା, ସେତିକି ଭୁଞ୍ଜି କୌଣସିମତେ ପ୍ରାଣ ରଖିଥିଲେ । ଏହିପରି କରି ତାଙ୍କର ଦେହ କଙ୍କାଳ ସାର ହେଲା । ଏଣେ ବ୍ରାହ୍ମଣ-ଘରେ ସାରାଦିନ କଠିନ କର୍ମ କରିବାକୁ ପଡୁଥିଲା । ଟିକିଏ ହେଳାରେ ବ୍ରାହ୍ମଣୀଠାରୁ ଭର୍ତ୍ସନା । ରୋହିତାଶ୍ୱ ମାତୃଖାଦ୍ୟରେ ବଢ଼ୁଥିଲେ ସୁଦ୍ଧା ତାଙ୍କୁ କାମରୁ ଛାଡ଼ ନ ଥିଲା । ସେବାପୂଜା ପାଇଁ ଫୁଲ ତୋଳି ଆଣିବା ଭାର ତାହା ଉପରେ ଥିଲା । ଏତେ ଦଶାରେ ଦୁଃଖର ଶେଷ ନାହିଁ । ବିଧାତାର ବିଧାନ ବୁଝିବା କଠିନ । ଦିନେ ବାଳକ ଫୁଲ ତୋଳୁ ତୋଳୁ ବୃକ୍ଷମୂଳରେ ତାହାକୁ ବିଷଧର ସର୍ପ ଦଂଶନ କଲା, ପୁତ୍ର ବିକଳରେ ଜନନୀଙ୍କୁ ଡାକ ଦେଇ ସେହିଠାରେ ସେ ଅଜ୍ଞାନ ହୋଇ ପଡ଼ିଲା । ଶୈବ୍ୟା ଅସମ୍ଭାଳରେ ଧାଇଁ ଆସି ଦେଖିଲେ, ସର୍ପ-ଦଂଶନରେ ପ୍ରାଣପିତୁଳର ପିଣ୍ଡରୁ ପ୍ରାଣ ଚାଲିଗଲାଣି । ମୃତ ପୁତ୍ରକୁ କୋଳରେ ଧରି ଅଯୋଧ୍ୟାର ରାଣୀ

ଶୈବ୍ୟା ଅନାଥା ପ୍ରାୟ କ୍ରନ୍ଦନ କରିବାକୁ ଲାଗିଲେ । ସେ କ୍ରନ୍ଦନରେ ମନୁଷ୍ୟ କଥା କଅଣ ପର୍ବତରେ, କାଷ୍ଠ-ପାଷାଣ ତରଳିଯିବ । ମାତ୍ର ସେ କର୍ମଚଣ୍ଡାଳ ବ୍ରାହ୍ମଣ ସେ ଶୋକରେ କର୍ଣ୍ଣପାତ ସୁଦ୍ଧା ନ କରି କାର୍ଯ୍ୟରେ ବ୍ୟାଘାତ ହେବାର ଦେଖି ଶୋକାତୁରା ଶୈବ୍ୟାଙ୍କୁ ଆସି ତିରସ୍କାର କଲେ ଏବଂ ଦିନଯାକ କାମ କରି ରାତିରେ ଶ୍ମଶାନକୁ ଯାଇ ପୁତ୍ରର ସଂସ୍କାର କରିବାକୁ ଆଦେଶ ଦେଲେ । ଧର୍ମଭୀରୁ ଶୈବ୍ୟା ନୀରବରେ ସବୁ ସମ୍ଭାଳି ଦିନକ କଟାଇ ସେ କାଳରାତିରେ ଶ୍ମଶାନକୁ ବାହାରିଲେ ।

ଏଣେ ହରିଶ୍ଚନ୍ଦ୍ର ସେ ଦିନ ଆଉ ଅଧେ ଦକ୍ଷିଣା-ପାଇଁ ବୁଲୁ ବୁଲୁ ଜଣେ ଚଣ୍ଡାଳ ପାଖରେ ଉପସ୍ଥିତ ହେଲେ । କାଶୀର ବଡ଼ ଶ୍ମଶାନରେ ପ୍ରତି ଶବଦାହରେ ଶୁଲ୍‌କ ଏବଂ ବସ୍ତ୍ରାଦି ଆଦାୟ କରି ଚଣ୍ଡାଳର ବହୁତ ଆୟ ହୁଏ । ସେ ଶୁଲ୍‌କ ଆଦାୟ କରିବାପାଇଁ ଜଣେ ଦାସ ଖୋଜୁଥିଲା । ହରିଶ୍ଚନ୍ଦ୍ର ସେ କାର୍ଯ୍ୟକୁ ଠିଆ ହେବାର ଦେଖି ଏବଂ ତାହାଙ୍କୁ ଅତି ବୁଦ୍ଧିମାନ୍ ଓ ସତ୍‌ସ୍ୱଭାବ ବିଚାରି ଆନନ୍ଦରେ ଅର୍ଦ୍ଧଲକ୍ଷ ସୁବର୍ଣ୍ଣ ଦେଲା । ହରିଶ୍ଚନ୍ଦ୍ର ସମସ୍ତ ଦକ୍ଷିଣା ପାଇ ଚଣ୍ଡାଳ ପ୍ରଭୁର ଅନୁମତିରେ ଆଗେ ବିଶ୍ୱାମିତ୍ରଙ୍କୁ ତାହା ପ୍ରଦାନ କରି ତାହାଙ୍କ ଆଶୀର୍ବାଦ ଘେନି ସେ ମହାଶ୍ମଶାନକୁ ନିଜ କାର୍ଯ୍ୟରେ ବାହାରିଲେ । କାଶୀର ମଶାଣି କେଡ଼େ ବଡ଼, ପ୍ରତିଦିନ ସେଥିରେ ମୁର୍ଦ୍ଦାର ପୋଡ଼ା ଲାଗିଥାଏ, ଚିତାଧୂମ ଓ ଶବର ପଚା ମାଂସ ଗନ୍ଧରେ ସେଥିରେ ପଶି ହୁଏନାହିଁ । ଚାରିଆଡ଼େ ଗଦା ଗଦା ଜୁଇ ଜଳୁଛି, ଠାଏ ଠାଏ ଦଳେ ଦଳେ ଶାଗୁଣା ଶବକୁ ବେଢ଼ି ବସିଛନ୍ତି । ସେଥି ଭିତରେ ଶ୍ୱାନ ଶୃଗାଳ ବିକଟ ରଡ଼ି ଛାଡ଼ି ଶବ ଦେହରୁ ପୁଳା ପୁଳା ମାଂସ ଟାଣୁଛନ୍ତି । କେଉଁଠି ଖଣ୍ଡେ ଖଣ୍ଡେ ହାଡ ଘେନି ଛଡ଼ା ଛଡ଼ି କାମୁଡ଼ା କାମୁଡ଼ି ଲାଗିଛି । ଏହିପରି ବିଷମ ସ୍ଥାନରେ ଅଯୋଧ୍ୟାର ରାଜା ହରିଶ୍ଚନ୍ଦ୍ରଙ୍କୁ ଦିନ ରାତି ଜଗି ପଡ଼ିବାକୁ ହେବ । କେଉଁଠି ଶବ ଆସିଲା ଦେଖିଲେ ପାଖକୁ ଯାଇ ଶୁଲ୍‌କ ଆଦାୟ କରିବେ । ଧର୍ମ ଲାଗି, ସତ୍ୟ ଲାଗି ଏ ଦଶା ! ଭଗବାନ୍ ଏହିପରି ସଂସାରରେ କେତେ କଷ୍ଟ ଦେଇ ଲୋକଙ୍କୁ ପରୀକ୍ଷା କରନ୍ତି । ପରୀକ୍ଷା ସରିଲେ ଅକ୍ଷୟ ସ୍ୱର୍ଗସୁଖ ପ୍ରଦାନ କରି ସବୁ ଦୁଃଖ ପାସୋରି କରାନ୍ତି ।

ରାଜା ହରିଶ୍ଚନ୍ଦ୍ର ସେଥିରେ ଛାତିକି ପଥର କରି ପ୍ରତିଦିନ ଚଣ୍ଡାଳ ପ୍ରଭୁର କାର୍ଯ୍ୟ ବଢ଼ାଉଥିଲେ । ଦିନେ ରାତିରେ ଘୋର ବର୍ଷା ଝଡ଼ ହୋଇଛି । ଅନ୍ଧାର କଟିକଟିରେ ମୁହଁକୁ ମୁହଁ ଦିଶୁ ନାହିଁ । ଘନ ଘନ ବିଜୁଳି ମାରି ଚମକାଇ ଦେଉଛି, ସେହି କାଳ-ରାତିରେ ହରିଶ୍ଚନ୍ଦ୍ର ମଶାଣିରେ ବୁଲି ଠାକୁ ଠା ଦେଖୁ-ଛନ୍ତି ଏବଂ ମନେ ମନେ ଏହିପରି ଭାବୁଛନ୍ତି—'ଏହି ଶ୍ମଶାନ ପବିତ୍ର ସ୍ଥାନ; ଏଠାରେ ବଡ଼ ସାନ ଭେଦ ନାହିଁ; ରାଜା, ପ୍ରଜା, ଧନୀ ଦରିଦ୍ର, ମୁର୍ଖ ପଣ୍ଡିତ, ସୁରୂପ କୁରୂପ ସମସ୍ତେ ଏହା ନିକଟରେ ସମାନ । ଏ ନର-ଦେହର ଶେଷ ଅବସ୍ଥା ଭସ୍ମ ।' ଏମନ୍ତ ସମୟରେ ଦୂରରୁ ଗୋଟିଏ ସ୍ତ୍ରୀର କ୍ରନ୍ଦନ ଶବ୍ଦ ଶୁଣା ଯିବାରୁ ଶବ ଆସିଲା ଜାଣି ସେଠାରେ ଉପସ୍ଥିତ ହେଲେ । ଅନ୍ଧାରରେ କିଛି ଦେଖା ଯାଉ ନ ଥିବାରୁ କାନ ଡେରି ଦୁଃଖିନୀ ରମଣୀର ଏହିପରି ଶୋକ କ୍ରନ୍ଦନ ଶୁଣିବାକୁ ଲାଗିଲେ—'ବାବୁ ରେ ରୋହିତାଶ୍ୱ ! ଜୀବନସର୍ବସ୍ୱ ମୋର ! ତୋହର ଶେଷରେ ଏହି ଦଶା ହେଲା ! ରେ କାଳସର୍ପ ! ତୁ ମୋହର ଜୀବନସଂଖାଳୀକି ଦଂଶିବାପାଇଁ କାହୁଁ ଆସିଥିଲୁ ? ଧନ ରେ ! ତୋତେ ହରାଇ କାହାପାଇଁ ଏ ଛାର ଜୀବନ ରଖିବି ! ହା ମହାରାଜ ! ଥରେ ଅଭାଗିନୀର ଦଶା ଦେଖି ଯାଅ ! ତୁମ୍ଭର ଜୀବନସର୍ବସ୍ୱ ରୋହିତାଶ୍ୱର ମୁଖ ଆଜିଠାରୁ ଲୁଚି ଯାଉଛି ।' ରୋହିତାଶ୍ୱ ନାମ ଶୁଣି ହରିଶ୍ଚନ୍ଦ୍ରଙ୍କର ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ, ସେ କାଳରାତିରେ ଭୟଙ୍କର ଶ୍ମଶାନ ମଧ୍ୟରେ ଏହି ଏକାକିନୀ ରୋରୁଦ୍ୟମାନା ରମଣୀ

Digitized by srujanika@gmail.com

ତାଙ୍କର ସହଧର୍ମିଣୀ ଅଯୋଧ୍ୟାର ମହାରାଣୀ ଶୈବ୍ୟା । ରାଜା ଆଉ ସମ୍ଭାଳି ନ ପାରି ବାଷ୍ପଗଦ୍‌ଗଦକଣ୍ଠରେ କହିଲେ, 'ପ୍ରିୟେ ! ଚଣ୍ଡାଳ ହରିଶ୍ଚନ୍ଦ୍ର ଏବେ ତୁମ୍ଭ ଆଗରେ ଠିଆ ହୋଇଅଛି । ଶ୍ମଶାନରେ ଚଣ୍ଡାଳ ପ୍ରାପ୍ୟ ବୁଲି ଶବ ଦେଖିବା ମୋହର କାର୍ଯ୍ୟ । ଏହି କାର୍ଯ୍ୟରେ ଲଗାଇ ବିଧାତା ଆଜ ପତ୍ନୀ ପୁତ୍ରଙ୍କୁ ଏପରି ଅବସ୍ଥାରେ ଦେଖାଇଲେ । ଦେବି ! ଆଉ ବିଳମ୍ବ କାହିଁକି, ସତ୍ୱର ଚିତା ପ୍ରସ୍ତୁତ କରି ପୁତ୍ରର ସହଗାମୀ ହେବା । ବିଧାତାଙ୍କର ଯାହା ଇଚ୍ଛା ପୂର୍ଣ୍ଣ ହେଉ ।' ଏହା କହି ହରିଶ୍ଚନ୍ଦ୍ର ବହୁ କଷ୍ଟରେ ସେଠାରେ କାଷ୍ଠ ସଂଗ୍ରହ କରି ଚିତା ପ୍ରସ୍ତୁତ କଲେ ଏବଂ ପୁତ୍ରକୁ ଯତ୍ନରେ ସେଥିରେ ଶୁଆଇ ଦୁହେଁ ଚିତାରୋହଣ କରିବାକୁ ବସିଛନ୍ତି ଏମନ୍ତ ସମୟରେ ଆକାଶବାଣୀ ଶୁଣାଗଲା ।

ସ୍ୱୟଂ ଧର୍ମଦେବତା ଆସି ସେଠାରେ ଉପସ୍ଥିତ ହୋଇ ଉଭୟଙ୍କୁ ସେଥିରୁ ନିବୃତ୍ତ କରାଇ ପୁତ୍ର ରୋହିତାଶ୍ୱକୁ କରସ୍ପର୍ଶରେ ଜୀବନ ଦାନ କଲେ ଏବଂ ରାଜାଙ୍କୁ ସମ୍ବୋଧନ କରି କହିଲେ, 'ହରିଶ୍ଚନ୍ଦ୍ର ! ତୁମ୍ଭେ ଯଥାର୍ଥ ସତ୍ୟଧର୍ମପାଳକ । ମହର୍ଷି ବିଶ୍ୱାମିତ୍ର ତୁମ୍ଭର ସତ୍ୟ ପରୀକ୍ଷା ଲାଗି ଏପରି ନିଷ୍ଠୁରତା କରିଅଛନ୍ତି । ବର୍ତ୍ତମାନ ତୁମ୍ଭର ପରୀକ୍ଷା ଶେଷ ହେଲା । ତୁମ୍ଭେ ପତ୍ନୀ ପୁତ୍ରଙ୍କୁ ଘେନି ସୁଖରେ ସ୍ୱରାଜ୍ୟକୁ ଫେରିଯାଅ । ପୁତ୍ର ରୋହିତାଶ୍ୱକୁ ସିଂହାସନରେ ବସାଇ ଅଭିଷେକ ଉତ୍ସବ ଦର୍ଶନରେ ସୁଖୀ ହୁଅ । ତୁମ୍ଭ ବେନିଙ୍କ ପାଇଁ ସ୍ୱର୍ଗରେ ଅକ୍ଷୟ ବାସ ରହିଅଛି । ଦେବତାମାନେ ବର୍ତ୍ତମାନ ତୁମ୍ଭ ଉପରେ ପୁଷ୍ପ ବୃଷ୍ଟି କରୁଅଛନ୍ତି ।' ଏହା କହି ଧର୍ମ ସେଠାରୁ ଅନ୍ତର୍ହିତ ହୋଇଗଲେ ।

ରାଜା ରାଣୀ ଦ୍ୱିଗୁଣ ସ୍ନେହରେ ପୁନର୍ଜୀବିତ ପୁତ୍ରର ପୁନଃ ପୁନଃ ମୁଖ ଚୁମ୍ବନ କରି କ୍ଷଣକେ ଯାବତ କଷ୍ଟ ଭୁଲିଗଲେ । ତାହାଙ୍କ ପ୍ରଭୁ ଚଣ୍ଡାଳ ଓ ବ୍ରାହ୍ମଣ ଦୁହେଁ ଏ ସମ୍ବାଦ ପାଇ ତାହାଙ୍କୁ ଅଯୋଧ୍ୟାର ରାଜା ରାଣୀ ବୋଲି ଜାଣି ପାରି ଆପଣା କୃତ ନିଷ୍ଠୁର ଆଚରଣ ଲାଗି କରଯୋଡ଼ି କ୍ଷମା ପ୍ରାର୍ଥନା କଲେ । ରାଜା ହରିଶ୍ଚନ୍ଦ୍ର ସେମାନଙ୍କୁ ଅଭୟ ଦେଇ ରାଜଧାନୀକୁ ପୂର୍ଣ୍ଣ ଆନନ୍ଦରେ ଫେରି ଆସିଲେ । ସମସ୍ତ ରାଜ୍ୟରେ ଆନନ୍ଦ ଚହଳ ପଡ଼ିଗଲା । ପୁତ୍ର ରୋହିତାଶ୍ୱକୁ ରାଜା କରି ଅଳ୍ପକାଳ ପରେ ସେ ଦୁହେଁ ବାନପ୍ରସ୍ଥ ବ୍ରତ ଆଚରଣରେ ସ୍ୱର୍ଗାରୋହଣ କରିଥିଲେ । ଧର୍ମରକ୍ଷା ଏବଂ ସତ୍ୟପାଳନର ପୁରସ୍କାର ସଂସାରରେ ଏହିପରି କଠୋର ପରୀକ୍ଷାରେ ମିଳେ । ଭଗବାନ୍ ସର୍ବଦା ଏହିପରି ତାଙ୍କର ଭକ୍ତଗଣଙ୍କୁ ପରୀକ୍ଷା କରୁଅଛନ୍ତି । ସେହି ପରୀକ୍ଷା ଲାଗି ସମସ୍ତଙ୍କର ଭଲ ହୋଇ ପ୍ରସ୍ତୁତ ହେବା ଉଚିତ ।

Digitized by srujanika@gmail.com

ସୁକନ୍ୟା

ମହାଭାରତରେ ବର୍ଣ୍ଣିତ ଅଛି ଯେ, ପୂର୍ବକାଳରେ ଶର୍ଯାତି ନାମରେ ଜଣେ ରାଜା ଥିଲେ । ସୁକନ୍ୟା ତାହାଙ୍କର ଏକମାତ୍ର ଦୁହିତା । ସୁକନ୍ୟା ରୂପ-ଲାବଣ୍ୟରେ ଏବଂ ସ୍ନେହସୌଜନ୍ୟରେ ସମସ୍ତଙ୍କର ନୟନକୌମୁଦୀ ଥିଲେ । ପିତା ଏହି କନ୍ୟାରତ୍ନଟିକୁ ପାଇ ଅପତ୍ୟକଷ୍ଟ ଭୁଲିଯାଇ ତାଙ୍କୁ ପୁତ୍ରଠାରୁ ବଳି ସ୍ନେହ କରୁଥିଲେ । କ୍ରମେ ସୁକନ୍ୟାଙ୍କର ଯୌବନ ଉପସ୍ଥିତ ହେଲା । ରାଜା କେଉଁ ସତ୍‌ପାତ୍ର ହସ୍ତରେ ସେ ରତ୍ନ ସମ୍ପ୍ରଦାନ କରିବେ ଭାବି ସ୍ଥିର କରି ପାରି ନ ଥିଲେ । କିନ୍ତୁ ବିଧାତାର ବିଧାନ ଅନ୍ୟପ୍ରକାର । ସେ ମନୁଷ୍ୟର ଆଶା ଆକାଂକ୍ଷାକୁ ଅପେକ୍ଷା କରେ ନାହିଁ । ଫଳରେ ସୁକନ୍ୟାଙ୍କ ଭାଗ୍ୟ ରାଜାଙ୍କ ମନୋରଥର ବିପରୀତ ଭାବରେ ଗତି କଲା । ଗୋଟିଏ ଘଟଣାରେ ନୃପତିଙ୍କ ମନୋରଥ-ଅଟ୍ଟାଳିକା ଏକାବେଳକେ ଓଲଟି ପଡ଼ିଲା ।

ଏକଦା ରାଜା ଶର୍ଯାତି ପ୍ରିୟତମା ମହିଷୀ, ସ୍ନେହପ୍ରତିମା ସୁକନ୍ୟା ଏବଂ ଅନ୍ୟାନ୍ୟ ଦାସୀ ପରିଜନଙ୍କୁ ଘେନି ବନକୁ ଭ୍ରମଣ କରିବାକୁ ଯାତ୍ରା କଲେ । ସେହି ବନରେ ଚ୍ୟବନ ମହର୍ଷିଙ୍କର ଆଶ୍ରମ ଥିଲା । ମୁନି ଏପରି ଉଗ୍ର ତପସ୍ୟା କରୁଥିଲେ ଯେ ବହୁଦିନରୁ ଏକ ସ୍ଥାନରେ ଧ୍ୟାନରେ ରହିଥିବାରୁ ତାଙ୍କ ଉପରେ ଉଇ ବେଢ଼ି ଯାଇଥିଲେ । ପୂର୍ବେ ବାଲ୍ମୀକି ମହର୍ଷି ଏହିପରି ଉଇହୁଙ୍କା ପାଲଟିଯାଇ-ଥିବାର ପୁରାଣରୁ ଶୁଣାଯାଏ । ସୁକନ୍ୟା ସଙ୍ଗିନୀମାନଙ୍କୁ ଘେନି ବନ ମଧ୍ୟରେ ଭ୍ରମି ଭ୍ରମି ସେହିଠାରେ ଉପସ୍ଥିତ ହେଲେ ଏବଂ ସେ ଉଇମାଟି-ବେଷ୍ଟିତ ଧ୍ୟାନସ୍ଥ ଋଷିଙ୍କୁ ହୁଙ୍କା ବିଚାରି କୌତୁକରେ ତାହାର ଚତୁର୍ଦ୍ଦିଗ ନିରୀକ୍ଷଣ କରିବାକୁ ଲାଗିଲେ । ଏହିପରି ଦେଖୁ ଦେଖୁ ସୁକନ୍ୟା ଦୈବାତ୍ ଗୋଟିଏ ରନ୍ଧ୍ରସ୍ଥାନରେ ଉଜ୍ଜ୍ୱଳମଣି ପ୍ରାୟ କ'ଣ ଦୁଇଟି ଗୋଲ ବସ୍ତୁ ଦେଖି ପାରିଲେ ଏବଂ ବୟସସୁଲଭ ଚଞ୍ଚଳତା ଯୋଗୁ ସେ ଗୋଲକ ଯୋଡ଼ିକୁ କଣ୍ଟାରେ ଫୋଡ଼ି ଦେଲେ । ସରଳା ସୁକନ୍ୟା ଜାଣି ପାରିଲେ ନାହିଁ ଯେ, ଏଥିରେ ମହାମୁନି ଚ୍ୟବନଙ୍କର ଆଖି ଦୁଇଟି ଫୁଟିଗଲା । ମହର୍ଷି ଚ୍ୟବନ ଘୋର ଯନ୍ତ୍ରଣାରେ ଅନ୍ଧ ହୋଇ କ୍ରୋଧରେ ଜଳି ଉଠିଲେ ଏବଂ ରାଜକନ୍ୟାକୁ ଅଭିଶାପ ଦେବାପାଇଁ ବସିଲେ । ମହାରାଜା ଶର୍ଯାତି ଏହା ଜାଣି ପାରି ପଦତଳେ ପଡ଼ି ମୁନିଙ୍କର ସ୍ତୁତି କରିବାକୁ ଲାଗିଲେ । ଫଳରେ କୋପନ ମୁନିବର ବଂଶନାଶ ଅଭିଶାପ ଦେଲେ ନାହିଁ । କିନ୍ତୁ ଜରାଜୀର୍ଣ୍ଣ ବୃଦ୍ଧ ଅନ୍ଧ ସହିତ ବିବାହ ସେ ନବୀନଯୌବନା ରାଜକନ୍ୟା ପ୍ରତି ଉପଯୁକ୍ତ ଦଣ୍ଡ ହେବ ବୋଲି ଭାବି ତାହାଙ୍କୁ ସେ କନ୍ୟା ସମ୍ପ୍ରଦାନ କରିବାପାଇଁ ପ୍ରସ୍ତାବ କଲେ । ସ୍ନେହମୟ ପିତା ସୁକନ୍ୟାଙ୍କ ଦାରୁଣ ଭବିଷ୍ୟତ୍ ଭାବି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ହୋଇ ପଡ଼ିଲେ । ଏଣେ ମୁନିଙ୍କର ବଚନ ପାଳନ ନ କଲେ ସର୍ବନାଶ ଘଟିବ । ରାଜା ବିଷମ ସମସ୍ୟାରେ ପଡ଼ି ହତବୁଦ୍ଧି ହେଲେ । ମାତ୍ର ତ୍ୟାଗଶୀଳା ରାଜକନ୍ୟା ଏ ସମସ୍ତ କଥା ଶୁଣି ରାଜ-ବଂଶର ମଙ୍ଗଳ ନିମନ୍ତେ ଆପଣାର ସର୍ବସ୍ୱ ବଳି ଦେବାକୁ ପ୍ରସ୍ତୁତ ହେଲେ ଏବଂ ପିତାଙ୍କୁ ମୁନିଙ୍କ ପ୍ରସ୍ତାବରେ ସମ୍ମତ ହେବାପାଇଁ ବାରମ୍ବାର ନିବେଦନ କଲେ । ସୁକନ୍ୟାଙ୍କ ଆତ୍ମତ୍ୟାଗରେ ବ୍ରହ୍ମଶାପରୁ କୁଳ ରକ୍ଷା ପାଇଲା । ସୁକନ୍ୟା ଅଚିରେ ରାଜପୁରରୁ ବାହାରି ଯାଇ ସେ ବନରେ ତପସ୍ୱିନୀ ବେଶରେ ଅନ୍ତର୍ହିତ

Digitized by srujanika@gmail.com

ବୃଦ୍ଧ ପତିଙ୍କର ସେବାଶୁଶ୍ରୂଷା କରିବାକୁ ଲାଗିଲେ । ସେହି ସତୀରାଜକନ୍ୟା ପତିଙ୍କୁ ଦେବତା ଜ୍ଞାନ କରି ଏବଂ ତାଙ୍କର ନିତ୍ୟ ପଦସେବାକୁ ପରମଧର୍ମ ଜାଣି ଯୌବନର ଯାବତୀୟ ସୁଖସମ୍ଭୋଗ ଓ ବିଳାସବାସନାକୁ ମନରୁ ପୋଛି ପକାଇଲେ । ସଂସାରକୁ ସେହିଁ ସୁକନ୍ୟା ଦେଖାଇ ଦେଇଥିଲେ ଯେ, ସେବାଧର୍ମ ଆଗରେ ଇନ୍ଦ୍ରିୟକାମନା କିଛି ନୁହେଁ ।

ଏହି ଭାବରେ କିଛିକାଳ ତପୋବନରେ ଅତୀତ ହେଲା ଉତ୍ତାରେ ଦେବବୈଦ୍ୟ ଅଶ୍ୱିନୀକୁମାର ସେଠାରେ ଆସି ଉପସ୍ଥିତ ହେଲେ ଏବଂ ଆପଣାର କମନୀୟ ରୂପଲାବଣ୍ୟରେ ସୁକନ୍ୟାଙ୍କୁ ଭୁଲାଇବାପାଇଁ କହିଲେ, 'ଭଦ୍ରେ ! ତୁମ୍ଭର ଏ ଦୁର୍ଲଭ ଯୌବନକୁ ଏପରି ନିଷ୍ଫଳ କରିବା ଉଚିତ କି ? ତୁମ୍ଭର ସୁକୁମାର ନବନୀତ-ତନୁ ଏପରି କଠୋର କର୍ମର ଉପଯୁକ୍ତ ନୁହେଁ ।' ଆଉ ଅଧିକ ନ ଶୁଣି ସୁକନ୍ୟା କରୁଣ ସ୍ୱରରେ କହିଲେ, 'ମୁଁ ଏ ପତିଦେବତାଙ୍କ ଚରଣ-ସେବାରେ ଯେଉଁ ସୁଖ ଅନୁଭବ କରୁଅଛି, ତାହା ଆଉ କାହିଁରେ ମିଳିବ ନାହିଁ । ଏହି ସେବାଧର୍ମ ଲାଗି ମୁଁ ଜୀବନ ଉତ୍ସର୍ଗ କରିଅଛି । ଏ ସୁଖ ଆଗରେ ଇନ୍ଦ୍ରିୟଭୋଗ କିବା ଛାର !' ଅଶ୍ୱିନୀକୁମାର ଧର୍ମପରାୟଣା ସୁକନ୍ୟାଙ୍କର ଏ ସଦୁତ୍ତରରେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରି ଅନ୍ଧ ମହର୍ଷିଙ୍କୁ ଚକ୍ଷୁଦାନ କଲେ । ଦୃଷ୍ଟିଶକ୍ତି ସଙ୍ଗେ ମହର୍ଷି ଚ୍ୟବନ ଅପୂର୍ବ ରୂପଶ୍ରୀ ଧାରଣ କଲେ । ପତିଙ୍କୁ ନବୀନସୁନ୍ଦର ଦେଖି ସତୀ ସୁକନ୍ୟା କୃତାର୍ଥ ହେଲେ । ତାଙ୍କର ବହୁକାଳବ୍ୟାପୀ ତ୍ୟାଗବ୍ରତର ସୁଫଳ ଶେଷରେ ଫଳିଲା । ଜଣକର ଆତ୍ମତ୍ୟାଗ ଫଳରେ ନିଜର ଏବଂ ରାଜ୍ୟର କେତେ ସୁମଙ୍ଗଳ ଘଟି ପାରେ, ତାହା ସୁକନ୍ୟାଙ୍କ ଚରିତ୍ରରୁ ଉତ୍ତମ ଜଣା ଯାଉଅଛି ।

Digitized by srujanika@gmail.com

ମୈତ୍ରେୟୀ

ବହୁପୂର୍ବକାଳରେ ଯାଜ୍ଞବଲ୍କ୍ୟ ନାମକ ଜଣେ ବ୍ରାହ୍ମଣ ମିଥିଳାର ରାଜା ଜନକଙ୍କର କୁଳଗୁରୁ ଥିଲେ । ସେ ସର୍ବପ୍ରଧାନ ପଣ୍ଡିତ ଥିବାରୁ ରାଜସଭାରେ ଅନେକ କଠିନ ପ୍ରଶ୍ନର ଉତ୍ତର ପ୍ରଦାନ କରି ରାଜାଙ୍କଠାରୁ ବହୁ ଗୋଧନ ଦାନସ୍ୱରୂପ ପାଉଥିଲେ । ପୂର୍ବେ ଦାନର ଏପରି ରୀତି ଥିଲା ଯେ ଗୋଧନ ଦେବାକୁ ହେଲେ ତାହାର ଶିଙ୍ଗକୁ ସୁନାରେ ମୁଆଁଣି କରି ଦେବାକୁ ହେଉଥିଲା । ଏହିପରି ଶତ ଶତ ଗୋଧନ ଲାଭ କରି ଯାଜ୍ଞବଲ୍କ୍ୟ ବହୁତ ଦଧି, ଘୃତ ଓ ସୁବର୍ଣ୍ଣର ଅଧିକାରୀ ହୋଇଥିଲେ । ତେଣୁ ସେ ଶତ ଶତ ଶିଷ୍ୟଙ୍କୁ ପାଖରେ ରଖି ସେମାନଙ୍କର ଭରଣ-ପୋଷଣ ଏବଂ ବିଦ୍ୟାଭ୍ୟାସ କରାଉଥିଲେ । ଦଶ ସହସ୍ର ଶିଷ୍ୟ ଯେଉଁ ଗୁରୁଙ୍କ ନିକଟରେ ଅଧ୍ୟୟନ କରନ୍ତି, ତାହାଙ୍କୁ କୁଳପତି କହୁଥିଲେ । ଯାଜ୍ଞବଲ୍କ୍ୟ ଜଣେ କୁଳପତି ଥିଲେ । ମଝେ ମଝେ ଅନେକ ଅତିଥି ଆସି ପ୍ରଚୁର ଦଧି ଦୁଗ୍ଧ ଭୋଜନରେ ପରିତୃପ୍ତ ହୋଇ ଯାଉଥିଲେ; ଯଜ୍ଞରେ ପ୍ରତିଦିନ କୁଣ୍ଡ କୁଣ୍ଡ ଘୃତ ଆହୁତିରେ ଅଗ୍ନିସାତ୍ ହେଉଥିଲା । ଏଥିରୁ ପ୍ରତ୍ୟହ ତାଙ୍କର କେତେ ବ୍ୟୟ ହେଉଥିଲା ଅନୁମାନ କରାଯାଇ ପାରେ । ସେତେବେଳେ ତାହାଙ୍କ ସମ୍ପଦରୁ ଯାହା ଆୟ ହେଉଥିଲା, ତାହା ଆଜିକାଲି ଜଣେ ବଡ଼ ଜମିଦାରଙ୍କର ଆୟ ପରିମାଣରୁ କିଛି ଊଣା ନୁହେ । ଏତେ ସମ୍ପଦର ଅଧିକାରୀ ହୋଇଥିଲେହେଁ ଶେଷ-କାଳକୁ ତାଙ୍କର ବିଷୟରେ ବୈରାଗ୍ୟ ଜନ୍ମିବାରୁ ସେ ଗୃହସ୍ଥାଶ୍ରମ ତ୍ୟାଗକରି ସନ୍ନ୍ୟାସୀ ହେବାକୁ ଇଚ୍ଛା କଲେ ।

ଯାଜ୍ଞବଲ୍କ୍ୟଙ୍କର ଦୁଇଟି ସ୍ତ୍ରୀ ଥିଲେ । ଜଣକର ନାମ ମୈତ୍ରେୟୀ, ଅନ୍ୟ ଜଣକର ନାମ କାତ୍ୟାୟିନୀ । ମୈତ୍ରେୟୀ ଜ୍ଞାନ ଓ ବୟସ ଉଭୟରେ ବଡ଼ ଥିଲେ ଏବଂ ପତିଙ୍କୁ ସେବା ଶୁଶ୍ରୂଷାଦ୍ୱାରା ଅଧିକ ସନ୍ତୁଷ୍ଟ କରିଥିଲେ । ସନ୍ନ୍ୟାସଯାତ୍ରା ପୂର୍ବରେ ମହର୍ଷି ଯାଜ୍ଞ-ବଲ୍କ୍ୟ ଏହି ଦୁଇଜଣଙ୍କ ମଧ୍ୟରେ ଯେପରି କୌଣସି ବିବାଦ ନ ହେବ, ଏଥିପାଇଁ ସମସ୍ତ ସମ୍ପତ୍ତିକୁ ଦୁଇ-ଜଣଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ । ପତି ସମ୍ପତ୍ତିକୁ ଏପରି ବଣ୍ଟନ କରି ଦେଇ ସନ୍ନ୍ୟାସ ଗ୍ରହଣ କରିବେ ଶୁଣି ପଣ୍ଡିତା ମୈତ୍ରେୟୀ ସମ୍ପଦରେ ଅନିଚ୍ଛା ପ୍ରକାଶ କରି ମହର୍ଷିଙ୍କୁ କହିଲେ, 'ନାଥ ଏ ସମ୍ପଦରେ ମୋର କଣ ହେବ ? ଏହି ଧନରତ୍ନ ପରିପୂର୍ଣ୍ଣ ସମଗ୍ର ପୃଥିବୀକୁ ଦାନ କଲେ ମଧ୍ୟ ମୋହର ମନୋରଥ ପୂର୍ଣ୍ଣ ହେବନାହିଁ । ବହୁ ଧନ ବିତରଣ କରି ବା ଅଶ୍ୱମେଧାଦି ଯଜ୍ଞକରି ସ୍ୱର୍ଗକୁ ଗଲେ ମଧ୍ୟ ମୋହର ଅଭୀଷ୍ଟସିଦ୍ଧି ହେବ ନାହିଁ । କାରଣ ପୁଣ୍ୟ ଶେଷ ହେଲେ, ପୁଣି ମର୍ତ୍ତ୍ୟଲୋକରେ ପଡ଼ି ରହି-ବାକୁ ହୁଏ । ମୁଁ ଅମରପଦ ଲୋଡ଼ୁଅଛି । ଏ ସମ୍ପଦରେ ମୁଁ କଣ ଅମର ହୋଇ ପାରିବି ? ଯଦି ଅମୃତ ଲୋକକୁ ଯାଇ ନ ପାରିବି, ତାହାହେଲେ ଆପଣଙ୍କର ଦତ୍ତ ଏହି ଧନ ରତ୍ନ, ବସ୍ତ୍ର ଅଳଙ୍କାର, ଗୃହ, ଗୋଧନ ଆଦି

Digitized by srujanika@gmail.com

ନେଇ ମୋହର କି ଫଳ ହେବ ? ଏହି ସବୁ ଧନ ପାଇଲେ ଅବା ଏହି ଧନରେ ଅଶ୍ୱମେଧାଦି ଯଜ୍ଞ କଲେ ଅମୃତ-ପଦ ପାଇ ପାରିବି କି ?

ଯାଜ୍ଞବଲ୍କ୍ୟ ଉତ୍ତର ଦେଲେ, 'ନାହିଁ ପ୍ରିୟେ, ଏ ସମଗ୍ର ପୃଥିବୀ ଲାଭ କଲେ ମଧ୍ୟ ସେ ଅମରତ୍ୱ ଲାଭ କରି ପାରିବ ନାହିଁ । ବହୁ ଧନ ବ୍ୟୟରେ ଅଶ୍ୱମେଧ ଯଜ୍ଞ କରି ସେହି ପୁଣ୍ୟବଳରେ ସ୍ୱର୍ଗକୁ ଗମନ କଲେ ସୁଦ୍ଧା ସେ ଅମର ପଦ ଲାଭ କରିବାର ଆଶା ନାହିଁ । ଏ ସମ୍ପଦରେ ଏତିକି ମାତ୍ର ଲାଭ ହୋଇପାରେ ଯେ, ସୁଖରେ ଜୀବନଯାତ୍ରା ନିର୍ବାହ ହୋଇ ପାରିବ ।' ବୁଦ୍ଧି-ମତୀ ମୈତ୍ରେୟୀ ଏ ପ୍ରକାର ବାକ୍ୟ ଶୁଣି କହିଲେ, 'ନାଥ, ଯାହାଦ୍ୱାରା ଅମରତ୍ୱ ଲାଭ ନ ହେବ, ତାକୁ ନେଇ ମୁଁ କଣ କରିବି ? ଅତଏବ ଯେଉଁ ଉପାୟରେ ମୋହର ମୁକ୍ତିଲାଭ ହେବ, ସେହି ଉପାୟ ମୋତେ କହି ଦିଅନ୍ତୁ ।'

ମହାପଣ୍ଡିତା ପତ୍ନୀଙ୍କର ସୁଯୁକ୍ତିପୂର୍ଣ୍ଣ କଥା ଶୁଣି ମହର୍ଷି ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ପ୍ରିୟତମାକୁ ପାଖରେ ବସାଇ କହିଲେ, 'ପ୍ରିୟେ ମୈତ୍ରେୟି ! ତୁମ୍ଭେ ଏଥି ପୂର୍ବରୁ ମୋହର ଯେପରି ପ୍ରିୟ କାର୍ଯ୍ୟ କରି ଓ ପ୍ରିୟ କଥା କହି ପ୍ରିୟା ନାମ ସାର୍ଥକ କରିଅଛ, ବର୍ତ୍ତମାନ ମଧ୍ୟ ସେହିପରି ପ୍ରିୟ କଥାରେ ମୋହର ଆନନ୍ଦ ବଢ଼ାଇଲ । ତୁମ୍ଭର ମନୋଗତ କଥା ଶୁଣି ମୁଁ ଅତିଶୟ ସନ୍ତୁଷ୍ଟ ହେଲି ! ତୁମ୍ଭେ ଯେଉଁ ବିଷୟ ପଚାରିଲ, ତାହା ଭଲ କରି ବୁଝାଇ ଦେଉଅଛି, ମନ ଦେଇ ଶୁଣ ।' ବାଲ୍ୟ-କାଳରୁ ମୈତ୍ରେୟୀ ବିଦ୍ୟାଶିକ୍ଷା କରି ପିତୃଗୃହରେ ନାନା ଶାସ୍ତ୍ର ପାଠ କରିଥିଲେ । ଯୌବନ କାଳରେ ପତିଗୃହରେ ତାଙ୍କର ପତିଙ୍କ ସହିତ ଶାସ୍ତ୍ରଚର୍ଚ୍ଚା କରିବାର ଅଧିକ ସୁବିଧା ହେବାରୁ ସେ ପୂର୍ବ ଜ୍ଞାନକୁ ବହୁଗୁଣରେ ବଢ଼ାଇ ପାରିଥିଲେ । ପତିଙ୍କ ସଙ୍ଗରେ ତାଙ୍କର ଦିନ କେବଳ ହାସ୍ୟବିଳାସରେ ନୁହେଁ, ନାନା ଶାସ୍ତ୍ରାଳାପରେ ସୁଖରେ କଟୁଥିଲା । ବର୍ତ୍ତମାନ ବିଦାୟ କାଳରେ ପତିଙ୍କୁ ସେ ତତ୍ତ୍ୱଶାସ୍ତ୍ର ବିଷୟରେ ପ୍ରଶ୍ନ କରିବାରୁ ମହର୍ଷି ଯାଜ୍ଞବଲ୍କ୍ୟ ପ୍ରସନ୍ନ ହୋଇ ତାହାଙ୍କ ନିକଟରେ ଆତ୍ମାର ତତ୍ତ୍ୱ ବ୍ୟାଖ୍ୟା କରିବାକୁ ଲାଗିଲେ । ଯେଉଁ ଶାସ୍ତ୍ରର ମର୍ମ ବଡ଼ ବଡ଼ ପଣ୍ଡିତ ଓ ମୁନି ଋଷି-ମାନଙ୍କର ବୁଝିବା କଠିନ, ତାହାକୁ ସମୟରେ ଜଣେ ସ୍ତ୍ରୀ ଯୁକ୍ତି ତର୍କ କରି ହୃଦୟଙ୍ଗମ କରୁଥିଲେ । ଆଜିକାଲି ଆମ୍ଭମାନଙ୍କ ଦେଶର ସ୍ତ୍ରୀମାନଙ୍କର ଦୁର୍ଦ୍ଦଶା ଦେଖିଲେ ଏ କଥା ସହଜରେ ବିଶ୍ୱାସ କରି ହୁଏ ନାହିଁ । ବର୍ତ୍ତମାନ ସ୍ତ୍ରୀମାନଙ୍କର ଶାସ୍ତ୍ରଜ୍ଞାନ ହେବା ଦୂରେ ଥାଉ, ଅକ୍ଷର-ପରିଚୟ ସୁଦ୍ଧା ହୋଇ ପାରୁନାହିଁ । ଯେଉଁମାନେ ଅଳ୍ପ ଅଳ୍ପ ଶିକ୍ଷା କରିଅଛନ୍ତି, ସେମାନଙ୍କ ଲେଖାରେ ଗଣ୍ଡା ଗଣ୍ଡା ଭ୍ରମ ଅଶୁଦ୍ଧି ମଧ୍ୟ ଦେଖାଯାଏ । ବର୍ତ୍ତମାନ ପାଶ୍ଚାତ୍ୟ ଦେଶର ସ୍ତ୍ରୀମାନଙ୍କର ଶିକ୍ଷା କଥା ତେଣିକି ଥାଉ, ପୂର୍ବେ ଏହି ଦେଶରେ ସ୍ତ୍ରୀମାନେ ବିଦ୍ୟାଚର୍ଚ୍ଚାରେ କିପରି ଉଚ୍ଚସ୍ଥାନ ଏବଂ ସମ୍ମାନ ଲାଭ କରିଥିଲେ, ତାହା ମୈତ୍ରେୟୀ ପ୍ରଭୃତି ଆର୍ଯ୍ୟ ନାରୀମାନଙ୍କ ଚରିତ ପାଠ କଲେ ଉତ୍ତମରୂପେ ଜଣାଯାଏ ।

ମହର୍ଷି ଯାଜ୍ଞବଲ୍କ୍ୟ ପ୍ରିୟତମାଙ୍କ ପ୍ରଶ୍ନର ସଦୁତ୍ତର ଦେବାକୁ ଯାଇ ପ୍ରଥମେ କହିଲେ, 'ମୈତ୍ରେୟି ! ଏ ସଂସାରରେ ଆତ୍ମା ହିଁ ସର୍ବାପେକ୍ଷା ପ୍ରିୟ ପଦାର୍ଥ । ଯେ ଯାହା କିଛି କାର୍ଯ୍ୟ କରନ୍ତି, ସମସ୍ତେ ସେହି ଆତ୍ମାର ତୃପ୍ତି ସମ୍ପାଦନ ଲାଗି କରିଥାନ୍ତି । ଅତଏବ ସେହି ପ୍ରିୟତମ ଆତ୍ମାକୁ ଦର୍ଶନ କରିବା ଏବଂ ଆତ୍ମା-ବିଷୟକ ମହୋପଦେଶ ଶ୍ରବଣକରିବା ହିଁ ମୋକ୍ଷା-ଭିଳାଷୀ ଲୋକର ସର୍ବାଗ୍ରେ ଉଚିତ ।' ଏହା କହି ସେ ଜୀବାତ୍ମା ଓ ପରମାତ୍ମାଙ୍କର ପରିଚୟ ଏବଂ ମହିମା କୀର୍ତ୍ତନ କଲେ । ପରମାତ୍ମାଙ୍କର ସ୍ୱରୂପ ବ୍ୟାଖ୍ୟା କରିବା ସମୟରେ ମୈତ୍ରେୟୀ ସ୍ଥାନେ ସ୍ଥାନେ ବୁଝି ନ ପାରି ତର୍କ-ପ୍ରଶ୍ନ କରୁଥିଲେ । ମହର୍ଷି ପ୍ରସନ୍ନମନରେ ବେଦ ଉପନିଷଦର ପ୍ରମାଣ ବଚନ ସହିତ ସେ ସବୁ ସ୍ଥଳ ଉତ୍ତମରୂପେ ବୁଝାଇ ଦେଉଥିଲେ । ପରିଶେଷରେ

Digitized by srujanika@gmail.com

ମହର୍ଷି ଏହା ପ୍ରକାଶ କଲେ ଯେ, ମନୁଷ୍ୟର ହୃଦୟ ଯେତେକାଳଯାଏ ଅଜ୍ଞାନରେ ଆଚ୍ଛନ୍ନ ଥାଏ, ସେପର୍ଯ୍ୟନ୍ତ ଏହି ଏକ ପରମାତ୍ମାଙ୍କର ଭିନ୍ନ ଭିନ୍ନ ନାମ ଓ ଭିନ୍ନ ଭିନ୍ନ ରୂପ ଅଛି ବୋଲି ଜ୍ଞାନ ହେଉଥାଏ । ବ୍ରହ୍ମଜ୍ଞାନ ଜନ୍ମିଲେ ଜୀବାତ୍ମା ସବୁ ଭେଦ ଭୁଲିଯାଇ ପରମାତ୍ମାଙ୍କ ସହିତ ଏକ ହୋଇଯାଏ । ଯେପରି ଜଳାଶୟ ନଷ୍ଟ ହୋଇଗଲେ ଚନ୍ଦ୍ର ସୂର୍ଯ୍ୟଙ୍କର ପ୍ରତିବିମ୍ବ ନଷ୍ଟ ହୋଇଯାଏ, ଚନ୍ଦ୍ର ସୂର୍ଯ୍ୟଙ୍କର ବିନାଶ ହୁଏ ନାହିଁ; ସେହିପରି ଏହି ଦେହ ଇନ୍ଦ୍ରିୟାଦି ସହିତ ନଷ୍ଟ ହୋଇଗଲେ ସୁଦ୍ଧା ତହିଁରେ ଥିବା ଆତ୍ମାର ବିନାଶ ହୁଏ ନାହିଁ, ତାହା ପରମାତ୍ମା ସହିତ ମିଳିତ ହୋଇଯାଏ; ଜୀବାତ୍ମା ବୋଲି ଆଉ ସ୍ୱତନ୍ତ୍ର ନାମ ରହେ ନାହିଁ ।

ସୂର୍ଯ୍ୟ, ଅଗ୍ନି ପ୍ରଭୃତି ପ୍ରକାଶକ ବସ୍ତୁ ଅନ୍ୟାନ୍ୟ ପଦାର୍ଥକୁ ପ୍ରକାଶ କରନ୍ତି ବୋଲି ଲୋକେ ସେ ସବୁକୁ ସ୍ୱୟଂପ୍ରକାଶ ବୋଲି ମନେ କରିଥାନ୍ତି; ମାତ୍ର ତାହା ସତ୍ୟ ନୁହେ । ସ୍ୱୟଂ ପରମାତ୍ମାହିଁ ସେହି ସମସ୍ତ ପ୍ରକାଶମାନଙ୍କର ପ୍ରକାଶକ । ସେହି କେବଳ ସ୍ୱୟଂ-ପ୍ରକାଶ, ଅନ୍ୟ କୌଣସି ପ୍ରକାଶକଦ୍ୱାରା ପ୍ରକାଶିତ ହୁଅନ୍ତି ନାହିଁ, ଅନ୍ୟ କୌଣସି ଜ୍ଞାନଦ୍ୱାରା ମଧ୍ୟ ତାହାଙ୍କୁ ଜାଣିହୁଏ ନାହିଁ । ଯେ ସମସ୍ତ ଜଗତକୁ ପ୍ରତ୍ୟକ୍ଷ କରନ୍ତି ଏବଂ ଜାଣନ୍ତି, ତାହାଙ୍କୁ ଭାଷାରେ ପ୍ରକାଶ କରି ହେବନାହିଁ କି ମନରେ ଧାରଣା କରି ହେବ ନାହିଁ, ତାହାଙ୍କୁ ଆଉ କି ଉପାୟରେ ଜାଣି ପାରିବ ? ସେ ନିଜେ ସର୍ବଜ୍ଞ, ତାଙ୍କର ଆଉ ଜ୍ଞାତା କେହି ହୋଇ ନ ପାରେ, ମହର୍ଷି ଯାଜ୍ଞବଲ୍କ୍ୟ ଏହିରୂପେ ପ୍ରିୟତମା ଧର୍ମପତ୍ନୀଙ୍କୁ ଦର୍ଶନଶାସ୍ତ୍ରର ଗମ୍ଭୀର ତତ୍ତ୍ୱ ଉପଦେଶମାନ ପ୍ରଦାନ କରିଥିଲେ । ପ୍ରାତଃସ୍ମରଣୀୟା ମୈତ୍ରେୟୀ ଦେବୀ ପତି ପାଦତଳେ ବସି ଜ୍ଞାନୀମାନଙ୍କର ଦୁର୍ବୋଧ ଆତ୍ମତତ୍ତ୍ୱ ଏହିରୂପେ ଶିକ୍ଷା କରି ନାରୀସମାଜରେ ଧନ୍ୟା ହୋଇଥିଲେ । ଯେଉଁ ସମୟରେ ସ୍ୱାମୀ ସ୍ତ୍ରୀ ଦର୍ଶନ-ଶାସ୍ତ୍ରର ଏପରି ଗମ୍ଭୀର ତତ୍ତ୍ୱ ଯେନି ଆଳାପ ଏବଂ ଆଲୋଚନା କରୁଥିଲେ, ସେ ସମୟରେ ସ୍ତ୍ରୀଶିକ୍ଷା ଯେ କେତେଦୂର ଉତ୍କର୍ଷ ଲାଭ କରିଥିଲା, ତାହା ଅନୁମାନ କରିବା ସହଜ ନୁହେ ।

Digitized by srujanika@gmail.com

ମାଳିନୀ

ଦୁଇ ସହସ୍ରବର୍ଷପୂର୍ବରେ କାଶୀରେ ଜଣେ ରାଜା ଥିଲେ, ତାହାଙ୍କର କନ୍ୟାର ନାମ ମାଳିନୀ । ମାଳିନୀ ବାଲ୍ୟକାଳରୁ ସୁଶିକ୍ଷାପ୍ରାପ୍ତ ହୋଇ କାବ୍ୟ, ଅଳଙ୍କାର, ନ୍ୟାୟଶାସ୍ତ୍ର ଆଦି ଅଧ୍ୟୟନ କରିଥିଲେ । ସେକାଳରେ ଭାରତବର୍ଷରେ ବୌଦ୍ଧଧର୍ମ ପ୍ରବଳ ହୋଇଥିଲା । ଏହି ନୂତନ ଧର୍ମ ପ୍ରଚାର ସଙ୍ଗରେ ବିଦ୍ୟାଚର୍ଚ୍ଚା ଖୁବ୍ ବଢ଼ିଥିଲା । ବୌଦ୍ଧଦୀକ୍ଷାପ୍ରାପ୍ତ ସ୍ତ୍ରୀମାନେ ମଧ୍ୟ ସୁପଣ୍ଡିତା ଥିଲେ । ଅନେକ ବୌଦ୍ଧରମଣୀ ଧର୍ମପ୍ରଚାର ନିମନ୍ତେ ଦେଶ ବିଦେଶକୁ ଯାତ୍ରା କରୁଥିଲେ ଏବଂ ପାଣ୍ଡିତ୍ୟପୂର୍ଣ୍ଣ ଯୁକ୍ତିରେ ପୁରୁଷମାନଙ୍କୁ ପରାସ୍ତ କରୁଥିଲେ । ବୌଦ୍ଧ-ଯୁଗରେ ନାରୀସମାଜରେ ଯେପରି ଜ୍ଞାନଚର୍ଚ୍ଚା ଥିଲା, ଅନ୍ୟ କୌଣସି ସମୟରେ ସେପରି ହୋଇ ନାହିଁ । ରାଜକୁମାରୀ ମାଳିନୀ ହିନ୍ଦୁରାଜାଙ୍କର କନ୍ୟା ହୋଇ ସୁଦ୍ଧା ଘରେ ବସି ବୌଦ୍ଧଶାସ୍ତ୍ର ଅଧ୍ୟୟନ କରୁଥିଲେ । ବୌଦ୍ଧ-ଧର୍ମ ପ୍ରତି ତାଙ୍କର ସ୍ୱତଃ ଆସ୍ଥା ଓ ଭକ୍ତି ଜନ୍ମିଥିଲା । ତେଣୁ ସେ ସୁପଣ୍ଡିତ ବୌଦ୍ଧଯତିମାନଙ୍କ ପ୍ରତି ବିଶେଷ ସମ୍ମାନ ପ୍ରଦର୍ଶନ କରୁଥିଲେ । ମାତ୍ର ବିଧର୍ମରେ ଆସ୍ଥା ସ୍ଥାପନ କାହାରି ସହ୍ୟ ହେବାର ନୁହେ । ରାଜାଙ୍କୁ ସେ ଘଟନା ଜଣା ନ ଥିବାରୁ ସାଧୁଶୀଳା ମାଳିନୀ ନିରାପଦରେ ସ୍ୱକାର୍ଯ୍ୟ ସାଧନ କରୁଥିଲେ । ଦିନକର ଘଟନାରେ ସମସ୍ତ କଥା ରାଜାଙ୍କର କର୍ଣ୍ଣଗୋଚର ହୁଅନ୍ତେ ତାଙ୍କର, ଯେ ଦଶା ହୋଇଥିଲା ତାହା ତଳେ ବର୍ଣ୍ଣନ କରା ଯାଉଅଛି ।

ଏକଦା ରାଜକୁମାରୀ ମାଳିନୀ କେତେକ ଜଣ ବୌଦ୍ଧସନ୍ନ୍ୟାସୀଙ୍କୁ ରାଜପ୍ରାସାଦକୁ ନିମନ୍ତ୍ରଣ କରିଥିଲେ । ସେମାନେ ଆସି ପ୍ରାସାଦର ସିଂହଦ୍ୱାରରେ ଉପସ୍ଥିତ ହେଲାକ୍ଷଣି ଭକ୍ତିମତୀ ମାଳିନୀ ସମ୍ମାନ ସହକାରେ ନିଜ ଭବନକୁ ପାଛୋଟି ଆଣିଲେ ଏବଂ ଉତ୍ତମ ପାନ-ଭୋଜନାଦିଦ୍ୱାରା ପରିତୁଷ୍ଟ କରି ସେମାନଙ୍କ ଧର୍ମପୁସ୍ତକ ବାନ୍ଧିବାପାଇଁ ବହୁମୂଲ୍ୟ ପଟ୍ଟାଞ୍ଚଳ ଉପହାର ଦେଇଥିଲେ । ସନ୍ନ୍ୟାସୀମାନେ ପ୍ରସନ୍ନମନରେ ମାଳିନୀଙ୍କଠାରୁ ବିଦାୟ ନେଇ ସ୍ୱସ୍ଥାନକୁ ପ୍ରସ୍ଥାନ କଲା ଉତ୍ତାରେ ଏ ସମ୍ବାଦ ପାରିଷଦପରିବେଷ୍ଟିତ ନୃପତିଙ୍କର କର୍ଣ୍ଣଗୋଚର ହେଲା । ସଭାସଦ ବ୍ରାହ୍ମଣମାନେ ସଭାରୁ ଉଠି ଏକସ୍ୱରରେ ଜଣାଇଲେ—"ମହାରାଜ, ଆପଣ ଧର୍ମର ପାଳକ । ବର୍ତ୍ତମାନ ସନାତନଧର୍ମ ଲୋପ ପାଇବାକୁ ବସିଲା, ଧର୍ମରକ୍ଷା ପ୍ରତି ଅବଧାନ ହେଉ । ଆପଣଙ୍କର ସନାତନ ବୈଦିକ ଧର୍ମ, କିନ୍ତୁ ରାଜକୁମାରୀ ବୌଦ୍ଧଧର୍ମାନୁରାଗିଣୀ ହୋଇ ବିଧର୍ମୀମାନଙ୍କୁ ପୁର ମଧ୍ୟକୁ ଆଣାଇ ଭୋଜନ ଦେଲେ, ଏହା ଅତି ଗର୍ହିତ କାର୍ଯ୍ୟ । ସେ ଏହିକ୍ଷଣି ଅବିବାହିତା, ପିତାଙ୍କର ବିନାନୁମତିରେ ତାଙ୍କର କୌଣସି କାର୍ଯ୍ୟ କରିବା ଉଚିତ ନୁହେ । ଆଉ ବର୍ତ୍ତମାନ ଯେପରି ବୌଦ୍ଧମାନେ ପ୍ରବଳ ହୋଇ ଉଠୁଛନ୍ତି, ସେମାନଙ୍କ ସହିତ ଆପଣଙ୍କ କନ୍ୟା ଭିତରେ ମିଶିଲେ ତିନେ ଏ କାଶୀରାଜ୍ୟ ଛାରଖାର ହୋଇଯିବ । ଅତଏବ ଏପରି ଅବାଧ୍ୟ କନ୍ୟାକୁ ରାଜ୍ୟ ମଧ୍ୟରୁ ନିର୍ବାସିତ କରିବା ଉଚିତ ।" ରାଜା ବ୍ରାହ୍ମଣମନ୍ତ୍ରୀମାନଙ୍କର ଏପ୍ରକାର ମନ୍ତ୍ରଣାର ବଶୀଭୂତ ହୋଇ ନିରପରାଧା ଦୁହିତାକୁ ରାଜ୍ୟରୁ ନିର୍ବାସିତ କରିବା ଶ୍ରେୟ ମନେ କରି ତାହାଙ୍କୁ ସମ୍ମୁଖକୁ ଡକାଇ ନିର୍ମମଭାବରେ ଚିରନିର୍ବାସନ ଆଦେଶ ପ୍ରଦାନ କଲେ ।

Digitized by srujanika@gmail.com

ଧର୍ମବଳରେ ବଳଶାଳୀ ମାଳମୀ ଏ ଆକସ୍ମିକ ଚିରନିର୍ବାସନଦଣ୍ଡରେ ଭୟ ପ୍ରକାଶ ନ କରି ଆନନ୍ଦରେ ସମ୍ମତି ଜଣାଇଲେ । କେବଳ ଏତିକି ପିତାଙ୍କୁ ପ୍ରାର୍ଥନା କଲେ—"ମହାରାଜ, ମୁଁ ରାଜକନ୍ୟା, ଆଜନ୍ମରୁ ରାଜପୁରରେ ମହାସୁଖରେ ବଢ଼ି ଆସିଅଛି । ବର୍ତ୍ତମାନ ଏ ନିର୍ବାସନକୁ ପ୍ରସ୍ତୁତ ହେବାପାଇଁ ମୋତେ ସାତ ଦିନ ମାତ୍ର ସମୟ ଦିଅନ୍ତୁ ।" ରାଜକନ୍ୟାର ନିର୍ବାସନ ଉପଯୋଗୀ ଯାବତୀୟ ଦ୍ରବ୍ୟ ସଂଗ୍ରହ କରିବା ଲାଗି ରାଜା ସାତ ଦିନ ସମୟ ପ୍ରଦାନ କରିଥିଲେ । ଏହି ସାତ ଦିନ ମଧ୍ୟରେ ମାଳମୀ କଣ କରିଥିଲେ ? ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ ଯେ ଏହି କେତେ ଦିନ ମଧ୍ୟରେ ମାଳମୀ ଅଦମ୍ୟ ଉତ୍ସାହରେ ନଗର ମଧ୍ୟରେ ବୌଦ୍ଧଧର୍ମ ବିଷୟରେ ବକ୍ତୃତା ଦେବାକୁ ଲାଗିଲେ । ତାହାଙ୍କର ତେଜଃପୂର୍ଣ୍ଣ ଯୁକ୍ତିଯୁକ୍ତ ବାକ୍ୟାବଳୀ ଶ୍ରବଣରେ କାହାରି ବାକ୍‌ସ୍ଫୂର୍ତ୍ତି ହେଲନାହିଁ । ଜଣେ ଷୋଡ଼ଶବର୍ଷୀୟା ବାଳିକାର ବୌଦ୍ଧଧର୍ମ ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଦେଖି ଦିଗ୍‌ଗଜ ବ୍ରାହ୍ମଣପଣ୍ଡିତମାନେ ଅବାକ୍ ହୋଇଗଲେ । ମାଳମୀଙ୍କର ସୁଯୁକ୍ତିପୂର୍ଣ୍ଣ ବକ୍ତୃତାରେ ଶତ ଶତ ନଗରବାସୀ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ପଡ଼ିଲେ । ସ୍ୱୀୟ କନ୍ୟା ମାଳମୀଙ୍କୁ ଅଦ୍ଭୁତ ଶକ୍ତିଶାଳୀ ଦେଖି ରାଜା ଆଉ କୌଣସି କଥା କହିପାରିଲେ ନାହିଁ; କିନ୍ତୁ ତଥାପି ମାଳମୀ ପିତୃ ଆଜ୍ଞା ପାଳନରେ ଆପଣାର ଇଷ୍ଟସିଦ୍ଧିର ଅଧିକ ସମ୍ଭାବନା ଦେଖି ରାଜପ୍ରାସାଦ ପରିତ୍ୟାଗ କରିବାକୁ ପ୍ରସ୍ତୁତ ହେଲେ ।

ପରେ ରାଜକୁମାରୀ ନଗରର ବହିର୍ଭାଗରେ ବୌଦ୍ଧସନ୍ନ୍ୟାସିନୀମାନଙ୍କ ବାସ ନିମିତ୍ତ ଗୋଟିଏ ପ୍ରକାଣ୍ଡ ମଠ ନିର୍ମାଣ କରାଇଲେ । ସେଥିରେ ପ୍ରାୟ ଦଶ ସହସ୍ର ଗୃହିଣୀ ରହିପାରିବା ଭଳି ସ୍ଥାନ ଥିଲା । ମାଳମୀ ଏହି ମଠରେ କର୍ତ୍ତ୍ରୀରୂପେ ଅବସ୍ଥାନ କରି ଗୃହିଣୀମାନଙ୍କ ଅଧ୍ୟାପନା ଓ ଶାସ୍ତ୍ରାଧ୍ୟୟନରେ କାଳଯାପନ କରିବାକୁ ଲାଗିଲେ । ନାନା ଅଞ୍ଚଳରୁ ଗୃହିଣୀମାନେ ସେଠାକୁ ଆସି ତତ୍ତ୍ୱଜ୍ଞାନ ଲାଭ କରି ଧନ୍ୟ ହେଉଥିଲେ । କାଶୀରାଜ ତଦ୍ଦର୍ଶନରେ କନ୍ୟା ପ୍ରତି ଆଉ ପ୍ରତିକୂଳ ହେବା ତେଣିକି ଥାଉ ଏଣିକି କନ୍ୟା ସହିତ ସାଧନବ୍ରତରେ ସହାୟ ହେଲେ ଏବଂ ଆପଣାକୁ ସେପରି କନ୍ୟାରତ୍ନର ପିତା ବୋଲି କୃତାର୍ଥ ମନେ କରିଥିଲେ । ଭାରତବର୍ଷର ନାନା ପ୍ରଦେଶରୁ ଶତ ଶତ ନର ନାରୀ ଜ୍ଞାନଲାଭ ଆଶାରେ ସେଠାକୁ ଆସି ନିର୍ବାଣ ତତ୍ତ୍ୱଶାସ୍ତ୍ରର ଉପଦେଶ ପାଇ ଧନ୍ୟ ହେଉଥିଲେ । କ୍ରମେ ତାହା ନାନା ଦେଶାଗତ ବୌଦ୍ଧସନ୍ନ୍ୟାସୀ, ସନ୍ନ୍ୟାସିନୀ ଗୃହସ୍ଥଗୃହିଣୀମାନଙ୍କ ଯେଣି ଗୋଟିଏ ବୌଦ୍ଧ କେନ୍ଦ୍ରସ୍ଥଳୀରେ ପରିଣତ ହୋଇଥିଲା ଏବଂ ସେ ସ୍ଥାନ କ୍ରମଶଃ ଉନ୍ନତି ପ୍ରାପ୍ତ ହୋଇ କ୍ଷୁଦ୍ର ନଗର ଆକାର ଧାରଣ କରିଥିଲା । ଏହି ନଗର ବୌଦ୍ଧରାଜପଣରେ ପଶ୍ଚାତ୍ କାଶୀର ସାରନାଥ ନାମରେ ପ୍ରସିଦ୍ଧି ଲାଭ କରିଥିବାର ଐତିହାସିକମାନେ କହନ୍ତି ।

ବର୍ତ୍ତମାନ ଏ ଦେଶରେ ଗୃହକୋଣରେ ଯେଉଁ ଦୀନହୀନ ଅବସ୍ଥାପନ୍ନ ନାରୀମାନଙ୍କୁ ସାମାନ୍ୟ ଜ୍ଞାନ କରାଯାଏ, ସେହିମାନଙ୍କଦ୍ୱାରା ପୂର୍ବେ ଏ ଦେଶରେ କିପରି ମହତ୍ତ୍ୱ କାର୍ଯ୍ୟମାନ ସାଧିତ ହେଉଥିଲା, ତାହାର ଏ ଗୋଟିଏ ପ୍ରମାଣ । ଅନ୍ୟ ଦେଶରେ ସ୍ତ୍ରୀମାନେ ଧର୍ମପ୍ରଚାର କରିବାର ଅଳ୍ପ ଶୁଣାଯାଏ । ମାତ୍ର ବୌଦ୍ଧଯୁଗରେ ଏ ଦେଶରେ ନାରୀମାନେ ସନ୍ନ୍ୟାସିନୀ ବେଶରେ ଧର୍ମପ୍ରଚାର କରିଥିବାର ଭୂରି ଭୂରି ପ୍ରମାଣ ମିଳେ । ଏହା ଏ ଦେଶ ପ୍ରତି ଅଳ୍ପ ଗୌରବର କଥା ନୁହେ !

Digitized by srujanika@gmail.com

ଖନା

ଆଜକୁ ପ୍ରାୟ ଦୁଇ ହଜାର ବର୍ଷ ପୂର୍ବରେ ମାଳବ ଦେଶରେ ବିକ୍ରମାଦିତ୍ୟ ବୋଲି ଜଣେ ବିଖ୍ୟାତ ରାଜା ଥିଲେ । ତାହାଙ୍କ ରାଜଧାନୀ ଉଜ୍ଜୟିନୀ ବହୁତ ଧନରତ୍ନ ଐଶ୍ୱର୍ଯ୍ୟରେ ପୂର୍ଣ୍ଣ ଥାଇ ଇନ୍ଦ୍ରଙ୍କ ଅମରାବତୀ ପରି ନାମ କରିଥିଲା । ମହାରାଜା ବିକ୍ରମାଦିତ୍ୟ ବିଦ୍ୟାର ବଡ଼ ଆଦର କରୁଥିଲେ ଏବଂ ଗୁଣ ଦେଖି ବହୁତ ଦାନ ପୁରସ୍କାର ଦେଉଥିବାରୁ ନାନା ଦେଶରୁ କବି, ବୈଦ୍ୟ, ପଣ୍ଡିତ ଓ ନାନାଶାସ୍ତ୍ରବିଶାରଦ ବ୍ୟକ୍ତି ଉଜ୍ଜୟିନୀକୁ ଯାଇ ତାହାଙ୍କର ଆଶ୍ରୟ ନେଇଥିଲେ । ତାହାଙ୍କ ସଭାରେ ଭିନ୍ନ ଭିନ୍ନ ବିଦ୍ୟାରେ ବିଶାରଦ ନଅ ଜଣ ପଣ୍ଡିତ ଥିଲେ । ସେମାନଙ୍କୁ ନବରତ୍ନ ବୋଲି ଯାଉଥିଲା । ଏହି ନବରତ୍ନ ମଧ୍ୟରେ କାଳିଦାସ ଥିଲେ ମହାକବି, ଧନ୍ୱନ୍ତରି ଥିଲେ ଶ୍ରେଷ୍ଠ ବୈଦ୍ୟ, ଆଉ ବରାହମିହିର ଥିଲେ ପ୍ରଧାନ ଜୋତିଷୀ ।

ମନୁଷ୍ୟର କୋଷ୍ଠୀ ଦେଖି ସମସ୍ତ ଜୋତିଷୀ ଭାଗ୍ୟଫଳ ଶୁଦ୍ଧ ହେଉ ଅଶୁଦ୍ଧ ହେଉ ଗଣି କହିଦେବେ; କିନ୍ତୁ ଏହି ଜ୍ୟୋତିଷରତ୍ନ ବରାହଙ୍କର ଏପରି କ୍ଷମତା ଥିଲା ଯେ, କୌଣସି ପଶୁକୁ ସୁଦ୍ଧା ଦେଖି ସେ ଭାଗ୍ୟଫଳ କହି ପାରୁଥିଲେ । ତାହାଙ୍କର ଗୋଟିଏ ପୁତ୍ର ହୋଇଥିଲା—ତାହାର ନାମ ମିହିର । ମିହିର ମଧ୍ୟ ପିତାଙ୍କଠାରୁ ଶିକ୍ଷା କରି ତହିଁ ବଳି ଜ୍ୟୋତିଷଜ୍ଞ ହେଲେ । ଅଳ୍ପ ବୟସରେ ମିହିରାଚାର୍ଯ୍ୟ ଦେଶଭ୍ରମଣକୁ ଯାଇ ଲଙ୍କାରେ ଉପସ୍ଥିତ ହୋଇଥିଲେ । ସେଠାରେ କିଛୁଦିନ ରହି ସେ ଶୁଣି ପାରିଲେ ଯେ ଜଣକର କନ୍ୟା ଭାରି ଜ୍ୟୋତିଷ ଜାଣେ, ତାହାର ନାମ ଖନା । ମିହିର ସେ ଖନାର ପରିଚୟ ପାଇ ତାହାଙ୍କ ଗୁଣରେ ମୁଗ୍ଧ ହୋଇ ବିବାହ କରିଥିଲେ । ଖନା ପତିଙ୍କ ସଙ୍ଗରେ ଶ୍ୱଶୁରାଳୟରେ ଉପସ୍ଥିତ ହୋଇ ବରାହଙ୍କର ଗୃହ ଉଜ୍ଜ୍ୱଳ କଲେ । ଏତେ ବିଦ୍ୟାବତୀ ବୋଲି ଖନା ଗର୍ବ ନ କରି ସାଧାରଣ ବଧୂପରି ରନ୍ଧନାଦି କରି ସମସ୍ତ ଗୃହକାର୍ଯ୍ୟ ସ୍ୱହସ୍ତରେ ନିର୍ବାହ କରୁଥିଲେ । କିନ୍ତୁ ସେ ଯେତେ ସାନ ହେଲେ କଣ ହେବ, ବିଦ୍ୟାରେ ପତି ଓ ଶ୍ୱଶୁରଙ୍କଠାରୁ ବହୁତ ବଡ଼ ଥିଲେ । ବେଳେ ବେଳେ ଏପରି ଘଟିଛି, ଶ୍ୱଶୁର କୋଷ୍ଠୀ ଗଣନା କରୁଥିବା ସମୟରେ ସେ ଦୂରରୁ କାନ ଦେଇ ସେଥିରେ ଭୁଲ ଧରି ଦେଉଥିଲେ । ଏଥିରେ ବିଦ୍ୟାଭିମାନୀ ବରାହ ତାଙ୍କ ପ୍ରତି କୋପ ପ୍ରକାଶ କରୁଥିବାର ଶୁଣାଯାଇଛି; କିନ୍ତୁ ତାଙ୍କର ତାହା ଉଚିତ ନ ଥିଲା । କାରଣ ଖନା ଆପଣାର ବଡ଼ିମା ଦେଖାଇବାପାଇଁ ସେପରି କରୁ ନ ଥିଲେ, ଭାଗ୍ୟ ଗଣନାରେ ଭୁଲ ରହିଗଲେ, କାହାରି କି ବିଷମ ଅନିଷ୍ଟ ଘଟିବ ଏହି ଭୟରେ ସତ କଥା ଜଣାଇ ଦେଉଥିଲେ । ଖନାଙ୍କ ଯୋଗେ ଏକଦା ଜୋତିଷରତ୍ନ ବରାହଙ୍କର ମାନ ରକ୍ଷା ହୋଇଥିଲା । ଦିନେ ମହାରାଜା ବିକ୍ରମାଦିତ୍ୟ ସଭାରେ ଜ୍ୟୋତିଷାଚାର୍ଯ୍ୟ ବରାହଙ୍କୁ ଗୋଟିଏ ଜୋତିଷ ପ୍ରଶ୍ନ ପଚାରିଲେ । ବରାହ ସଭାସ୍ଥଳରେ ତାହାର ଉତ୍ତର ଦେବାକୁ ଅସମର୍ଥ ହୋଇ ଗଣନା ପାଇଁ ଦିନେ ଅବସର ମାଗିଲେ ଏବଂ ବିଷଣ୍ଣବଦନରେ ସେ ଦିନ ଗୃହକୁ ପ୍ରତ୍ୟାଗମନ କଲେ । ରାତିରେ ଭୋଜନକାଳରେ ପୁତ୍ରବଧୂ ଖନା ତାଙ୍କର ମୁଖ ମଳିନ ଦେଖି ମାଳିନ୍ୟର କାରଣ କୋମଳଭାବରେ ପଚାରିଲେ । ଶ୍ୱଶୁର ସେ ପ୍ରଶ୍ନଟି କହନ୍ତେ, ଖନା

Digitized by srujanika@gmail.com

ବୁଦ୍ଧିପାର କହିଲେ, "ଆପଣ ସୁଖରେ ଭୋଜନ କରନ୍ତୁ, ମୁଁ ଏହି ସମସ୍ୟ ମଧ୍ୟରେ ଗଣନା କରି ଏହାର ଉତ୍ତର କହିବି ।" ଭୋଜନାନ୍ତେ ଗୁଣବତୀ ଖନାଙ୍କ ମୁଖରୁ ଉପଯୁକ୍ତ ଉତ୍ତର ପାଇ ତହିଁ ଆର ଦିନ ସଭାରେ ବରାହ ମହାରାଜାଙ୍କୁ ଜଣାଇଲେ । ଗୁଣଗ୍ରାହୀ ବିକ୍ରମାଦିତ୍ୟ ପ୍ରସନ୍ନ ହୋଇ ବହୁ ପୁରସ୍କାର ଦେବାକୁ ବସନ୍ତେ ବରାହ ନିବେଦନ କଲେ, "ମହାରାଜ, ଏ ଉତ୍ତର ମୋହର ନୁହେଁ । ମୋହର ପୁତ୍ରବଧୂ ଗଣନା କରି ଏ ଉତ୍ତର ଦେଇଅଛି ।" ଉଜ୍ଜୟିନୀ ମଧ୍ୟରେ ଏପରି ଜଣେ ବିଦ୍ୟାବତୀ ରମଣୀ ଅଛି ଶୁଣି ବିକ୍ରମାଦିତ୍ୟ ଆପଣାକୁ ଧନ୍ୟ ମନେ କଲେ ଏବଂ ବରାହଙ୍କୁ କହିଲେ, "ତୁମ୍ଭର ପୁତ୍ରବଧୂଙ୍କୁ ରାଜସଭାକୁ ଆଣିବାକୁ ହେବ । ମୁଁ ତାହାଙ୍କ ଗୁଣର ଯୋଗ୍ୟ ପୁରସ୍କାର ପ୍ରଦାନ କରି ସଭାରେ ସମ୍ମାନ ବଢ଼ାଇବି ।" କିନ୍ତୁ ବରାହ ସେକାଳର ଲୋକ, ଏଥିରେ ନିରୁତ୍ତର ହୋଇ ଭାବିଲେ, କୁଳବଧୂଙ୍କୁ ସଭାମଧ୍ୟକୁ ଆସିବାକୁ ହେବ, ଏହା ବଡ଼ ମାନହାନିର କଥା । କି କୁକ୍ଷଣରେ ଖନା ଏ ବିଦ୍ୟା ଶିଖିଥିଲା, ଆଜି ମୋତେ ବିଷମ ସଙ୍କଟରେ ପକାଇଲା । ଏହା ଭାବି ସେ ଖନାର ଆଗମନରେ ବିଘ୍ନ ଜନ୍ମାଇବା ମାନସରେ ସ୍ୱପୁତ୍ରକୁ ଆଜ୍ଞା ଦେଲେ, "ସତ୍ୱର ତୁ ବଧୂର ଜିହ୍ୱା ଛେଦନ କର ।" ପୁତ୍ର ଗୁଣବତୀ ପ୍ରିୟତମା ପତ୍ନୀର ଏପରି ସର୍ବନାଶ ସାଧନ କରିବାକୁ ମନରେ ସୁଦ୍ଧା ସାହସୀ ହୋଇ ପାରିଲେ ନାହିଁ । ଏଣେ ପୁଣି ତାହା ନ କଲେ, ପିତାଙ୍କର ଆଜ୍ଞା ଲଙ୍ଘନରେ ଅଧର୍ମ ହେଉଅଛି । କଣ କରିବେ ବିଷମ ସମସ୍ୟାରେ ପଡ଼ି ମିହିର କିଛି ସ୍ଥିର କରି ପାରିଲେ ନାହିଁ । କଥା କାନକୁ କାନ ଯିବାରୁ ଶେଷରେ ଖନା ଏ କଥା ଶୁଣି ପତିଙ୍କ ନିକଟକୁ ଆସି କହିଲେ—"ପ୍ରାଣେଶ୍ୱର, ମୋହରପାଇଁ ତୁମ୍ଭେ ପିତୃଦେବତାଙ୍କର ଆଜ୍ଞା ଲଙ୍ଘନ କରିବାକୁ ବସିଛ । ମୋହର କ୍ଷଣକ ଯନ୍ତ୍ରଣାକୁ ଭୟ କରି ତୁମ୍ଭେ ଚିରଦିନକୁ ଅଧର୍ମ ଅର୍ଜନ କରିବ । ପିତୃବାକ୍ୟ ଲଙ୍ଘନ କଲେ ମହା ପାପ । ମୋହର ଏ ଜୀବନ କେଉଁ ଚିର ? ଏଥିପାଇଁ ତୁମ୍ଭେ ପାପଭାଗୀ ହେବ । ତୁମ୍ଭେ ପିତାଙ୍କ ଆଦେଶ ପାଳନ କଲେ ମୁଁ ଅଧିକ ସୁଖିନୀ ହେବି ।" ସହଧର୍ମିଣୀଙ୍କ ଇଚ୍ଛାନୁସାରେ ମିହିର ପିତାଙ୍କର ନିଷ୍ଠୁର ଆଦେଶ ପାଳନ କଲେ । ଜିହ୍ୱାଛେଦନରେ ଗୁଣବତୀ ଖନା ପତିଙ୍କ ଆଗରେ ଅମୂଲ୍ୟ ଜୀବନ ହରାଇଲେ । କେହି କେହି କହନ୍ତି, ବରାହ ତାଙ୍କ ଗୁଣରେ ଈର୍ଷାଯୁକ୍ତ ହୋଇ ଏପରି ନିଷ୍ଠୁର ଆଦେଶ ଦେଇଥିଲେ । ଅହୋ ! ନାରୀର ଧର୍ମଜ୍ଞାନ କେଡ଼େ ବଡ଼, ନାରୀ ହୃଦୟ କେଡ଼େ ଉଚ୍ଚ ! !

ଖନା ବହୁକାଳରୁ ଇହଧାମ ତ୍ୟାଗ କଲେଣି । ମାତ୍ର ତାଙ୍କ ମୁଖର ବଚନ ଏବେ ନାନା ଅଞ୍ଚଳରେ ଲୋକମୁଖରେ ଶୋଭା ପାଉଅଛି । ବଙ୍ଗଳା ଦେଶର ଅନେକ ଜ୍ୟୋତିଷ ବଚନ ଖନାବଚନ ବୋଲି ଲୋକରେ ପରିଚିତ । ଆମ୍ଭ ଦେଶରେ ଜ୍ୟୋତିଷର ଅନେକ ଡାକ ଋଷିବଚନ ସେହି ଖନାବଚନ । ଖନା ନ ଥିଲେ କଣ ହେବ, ତାଙ୍କର ଗୁଣ ଲୋପ ପାଇବ ନାହିଁ । ଏଥିପାଇଁ ମହାପୁରୁଷମାନେ କହିଛନ୍ତି—"ଶରୀରଂ କ୍ଷଣବିଧ୍ୱଂସି କଳ୍ପାନ୍ତସ୍ଥାୟିନୋ ଗୁଣାଃ" ଅର୍ଥାତ୍ "ଦେହ କ୍ଷଣକେ ଲୋପ ପାଏ ।"

Digitized by srujanika@gmail.com

ପଦ୍ମିନୀ

ପୂର୍ବକାଳରେ ରାଜପୁତମାନେ ଏ ଦେଶରେ ଅତ୍ୟନ୍ତ ବୀର ଥିଲେ । ତେଣୁ ଶତ୍ରୁମାନେ ଭୟରେ ରାଜପୁତରାଜ୍ୟରେ ହଠାତ୍ ପ୍ରବେଶ କରି ପାରୁ ନ ଥିଲେ । ପ୍ରାୟ ରାଜପୁତରାଜାମାନେ ସମସ୍ତେ ଅସାଧାରଣ ବୀର ଏବଂ ରଣବିଶାରଦ ଥିଲେ । କୌଣସି ରାଜାଙ୍କୁ ଦୁର୍ବଳ ଦେଖିଲେ ଶତ୍ରୁମାନେ ରାଜ୍ୟ ଆକ୍ରମଣ କରିବାକୁ ସାହସୀ ହେଉଥିଲେ । ଏହି ରାଜପୁତନାର ଅନ୍ତର୍ଗତ ମିବାର ରାଜ୍ୟରେ ଯେତେବେଳେ (୧୩୭୫ଖ୍ରୀ:) ଲକ୍ଷ୍ମଣ ସିଂହ ରାଣା ହେଲେ, ସେହି ସମୟରେ ବିଧର୍ମୀ ଯବନ ବୀରମାନେ ବହୁ ଥର ଭାରତ ଆକ୍ରମଣ କରିଥିଲେ । ରାଣା ଲକ୍ଷ୍ମଣ ସିଂହ ବାଳକ ଥିବାରୁ ତାହାଙ୍କ ପିତୃବ୍ୟ ଭୀମ ସିଂହ ରାଜା-ରୂପେ ସମସ୍ତ କାର୍ଯ୍ୟ ନିର୍ବାହ କରୁଥିଲେ । ପଦ୍ମିନୀନାମ୍ନୀ ସର୍ବାଙ୍ଗସୁନ୍ଦରୀ କ୍ଷତ୍ରିୟକନ୍ୟାଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ପଦ୍ମର ସୌରଭ ପରି ପଦ୍ମିନୀଙ୍କର ରୂପଗୁଣର ପ୍ରଶଂସା ସେ କାଳରେ ଚାରିଆଡ଼େ ବିସ୍ତାରିତ ହୋଇଥିଲା । ରୂପଗୁଣରେ ପଦ୍ମିନୀ ରମଣୀ ସମାଜର ଶିରୋମଣି ଥିଲେ । କ୍ରମେ ଜନଶ୍ରୁତିରେ ଏ ସମ୍ବାଦ ଯବନପତି ଆଲ୍ଲାଉଦ୍ଦୀନଙ୍କର କର୍ଣ୍ଣଗୋଚର ହୁଅନ୍ତେ, ସେ ନାରୀରତ୍ନଙ୍କୁ ଲାଭ କରିବାପାଇଁ ବ୍ୟାକୁଳ ହେଲେ । ତେଣୁ ରାଜ୍ୟ ଅଧିକାର ଇଚ୍ଛା ତାଙ୍କ ହୃଦୟରେ ନ ଥିଲେ ସୁଦ୍ଧା, କେବଳ ପଦ୍ମିନୀଙ୍କୁ ପାଇବା ଆଶାରେ ଆସି ମିବାର ରାଜଧାନୀ ଚିତୋର ହଠାତ୍ ଆକ୍ରମଣ କଲେ ଏବଂ ବହୁ ସୈନ୍ୟଦ୍ୱାରା ସମସ୍ତ ପୁରଦ୍ୱାର ଅବରୋଧ କରାଇଲେ । ମାତ୍ର ସେଥିରେ କୌଣସି ଫଳ ନ ହେବାରୁ ସେ ହୀନମତି ଶେଷରେ ଏହା ପ୍ରଚାର କରାଇ ଦେଲେ 'ମୁଁ ପଦ୍ମିନୀଙ୍କୁ ପାଇଲେ କେବଳ ଏ ରାଜ୍ୟ କାହିଁକି ଭାରତ ଛାଡ଼ି ସ୍ୱଦେଶକୁ ବାହୁଡ଼ି ଯିବି ।'

ରୂପ ଯୌବନ ଅନର୍ଥର ହେତୁ । ରୂପବତୀ ନାରୀ ଯୋଗୁଁ ଏ ଜଗତରେ କେତେ କେତେ ଅତ୍ୟାଚାର ଓ ନରହତ୍ୟା ହୋଇଯାଇଅଛି । ରୂପମୋହରେ ପଡ଼ି କାହାର କେଉଁ କାଳରେ ମଙ୍ଗଳ ହୋଇନାହିଁ । ସତୀତ୍ୱ ହରଣ କରିବାକୁ ଯାଇ କେତେ ବଂଶ ନିର୍ମୂଳ ଆଉ କେତେ ରାଜ୍ୟ ଛାରଖାର ହୋଇଅଛି । ଏ ଦେଶର ଆର୍ଯ୍ୟରମଣୀମାନେ ଆପଣାର ସତୀତ୍ୱକୁ ମହାଧନ ମନେ କରି ପ୍ରାଣପଣେ ତାହା ରକ୍ଷା କରୁଥିଲେ । ପ୍ରାଣବିସର୍ଜନ ଅପେକ୍ଷା ଧର୍ମରକ୍ଷାକୁ ବଡ଼ କରି ମାନୁଥିଲେ ବୋଲି ରାଜପୁତ ରମଣୀମାନେ ଜୟ ଆଶା ନ ଦେଖିଲେ ଶତ୍ରୁ ହସ୍ତରେ ଆପଣାର ସତୀତ୍ୱ-ଧର୍ମ ନଷ୍ଟ ହେବା ଆଶଙ୍କାରେ ଦଳେ ଦଳେ ଯାଇ ଅନଳ କୁଣ୍ଡରେ ଦେହ ବିସର୍ଜନ କରୁଥିଲେ । ରାଜ-ପୁତମାନେ ମଧ୍ୟ ନାରୀର ମର୍ଯ୍ୟାଦା ଉତ୍ତମରୂପେ ବୁଝୁ-ଥିବାରୁ ସେ ରତ୍ନକୁ ଯତ୍ନରେ ରକ୍ଷା କରିବାପାଇଁ ସର୍ବଦା ସାବଧାନ ଥିଲେ । ବିଧର୍ମୀ ଆଲ୍ଲାଉଦ୍ଦୀନଙ୍କର ମୁଖର କଥା ଶୁଣି ରାଜପୁତବୀରମାନେ ଉତ୍ତେଜିତ ହୋଇ ଉଠିଲେ । ଆପଣାର ଅଙ୍କଲକ୍ଷ୍ମୀ ଅଙ୍କରୁ ବହିଷ୍କୃତ ହୋଇ ଅନ୍ୟର ଅଙ୍କ ଅଳଙ୍କୃତ କରିବ, ଏହା ରାଜପୁତବୀରର ତ ଦୂରର କଥା, କେଉଁ ପାଷଣ୍ଡ ସ୍ୱୀକାର କରିବ ? ରୂପଲୋଲୁପ ଆଲ୍ଲାଉଦ୍ଦୀନ ଆଶା ଫଳବତୀ ହେବାର ସମ୍ଭାବନା ନ ଦେଖି ଶେଷରେ

Digitized by srujanika@gmail.com

ଏହିପରି ଜଣାଇଲେ, ମୋର ଆଉ କିଛି ଅଭିଳାଷ ନାହିଁ, ସେ ଭୁବନମୋହିନୀର ରୂପ ଦେଖି ପାରିଲେ ସ୍ୱଦେଶକୁ ଫେରିଯିବି । ରାଣା ଭୀମ ସିଂହ ଏଥିରେ ପ୍ରଥମେ ସମ୍ମତି ପ୍ରକାଶ କରି ପାରିଲେ ନାହିଁ । ସ୍ୱୟଂ ପଦ୍ମିନୀ ପତିଙ୍କ ମୁଖରୁ ଏ ବାର୍ତ୍ତା ଶୁଣି କହିଲେ —'ମୋହର ରୂପ ସିନା ଚିତୋରକୁ କାଳ ହେଲା ? ମୋହ ଘ୍ପର ଲାଗି ଚିତୋର ଛାରଖାର ଯିବ । ଯଦି ମୋହର ଏ ରୂପ ଦର୍ଶନରେ ଶତ୍ରୁ ନିରସ୍ତ ହୁଏ, ତାହାହେଲେ କ୍ଷତି କଣ ? କିନ୍ତୁ ମୁଁ ତାହାଙ୍କ ସମ୍ମୁଖକୁ ଯାଇ ପାରିବି ନାହିଁ, ସେ ଦର୍ପଣ ଅନ୍ତରାଳରେ ମୋହର ରୂପ ଦେଖିପାରିବେ, ଏହି ସମ୍ବାଦ ତାଙ୍କ ନିକଟକୁ ପଠାଅ' । ରାଣା ଭୀମ ସିଂହ ଏଥିରେ ସମ୍ମତ ହୋଇ ଶତ୍ରୁ ଶିବିରକୁ ସମ୍ବାଦ ପ୍ରେରଣ କଲେ । ଏହି ଶ୍ରବଣରେ ଆଲ୍ଲାଉଦ୍ଦୀନଙ୍କର ଆନନ୍ଦର ସୀମା ରହିଲା ନାହିଁ । ଭୀମ ସିଂହଙ୍କ ନିମନ୍ତ୍ରଣ ଅନୁସାରେ ସେ ଅତ୍ୟଳ୍ପ ବିଶ୍ୱସ୍ତ ଭୃତ୍ୟଙ୍କ ସହିତ ରାଜପୁରରେ ଉପସ୍ଥିତ ହେଲେ । ଆଲ୍ଲାଉଦ୍ଦୀନ ଯେତେ ଶତ୍ରୁ ହେଲେହେଁ ପଛକେ ବର୍ତ୍ତମାନ ଭୀମ ସିଂହଙ୍କର ଗୃହାଗତ ଅତିଥି । ରାଜପୁତମାନେ ଅତିଥିଙ୍କୁ ବିଶେଷ ସମ୍ମାନ କରିବା ପୁଣ୍ୟ ବୋଲି ଜାଣିଥିଲେ । ତେଣୁ ଭୀମ ସିଂହ ପରମସମାଦରରେ ତାହାଙ୍କୁ ପୁର ମଧ୍ୟକୁ ନେଇ ଯାଇ ଦର୍ପଣରେ ସହ-ଧର୍ମିଣୀ ପଦ୍ମିନୀଙ୍କର ପ୍ରତିବିମ୍ବ ଦେଖାଇଲେ । ସେ ରୂପ ଦର୍ଶନରେ ଆଲ୍ଲାଉଦ୍ଦୀନଙ୍କର ରୂପପିପାସା ନିବୃତ୍ତ ହେବା ତେଣିକି ଥାଉ, ଘୃତ ଆହୁତିରେ ଅଗ୍ନିଶିଖା ପରି ଅଧିକେ ବର୍ଦ୍ଧିତ ହେଲା । ସେ ମୁହୂର୍ତ୍ତରେ ଯଦି ବା ସେ ବାଧ୍ୟ ହୋଇ ପ୍ରତିନିବୃତ୍ତ ହେଲେ; ମାତ୍ର ତାଙ୍କ ଅନ୍ତରରେ ପଦ୍ମିନୀଙ୍କୁ ପାଇବା ଆଶା ପ୍ରବଳ ହେବାକୁ ଲାଗିଲା । ପୁରରୁ ବାହାରି ଯିବା ସମୟରେ ଭୀମ ସିଂହ ଶତ୍ରୁର ମାୟା ବୁଝି ନ ପାରି ଶିଷ୍ଟାଚାର ଅନୁରୋଧରେ କିଛିଦୂର ବଳାଇଦେବାକୁ ଗଲେ । ମାତ୍ର କପଟୀ ଆଲ୍ଲାଉଦ୍ଦୀନ ତାହାଙ୍କୁ ଏକାକୀ ଦେଖି ପଥ ମଧ୍ୟରେ ଗୁପ୍ତ ସ୍ଥାନରେ ଲୁକ୍‌କାୟିତ ଭୃତ୍ୟମାନଙ୍କ ଦ୍ୱାରା ବନ୍ଦୀ କରାଇ ସ୍ୱଶିବିରକୁ ନେଇଗଲେ ଏବଂ ନଗର ମଧ୍ୟରେ ଏହି ଆଦେଶ ପ୍ରଚାର କରାଇଲେ ଯେ, ପଦ୍ମିନୀଙ୍କି ନ ପାଇଲେ ଭୀମ ସିଂହଙ୍କର ମୁକ୍ତି ନାହିଁ ।

ସମସ୍ତ ଚିତୋରବାସୀ ଏ ସନ୍ଦେଶ ଶ୍ରବଣ କରି ନିତାନ୍ତ ମର୍ମବ୍ୟଥା ଅନୁଭବ କରିଥିଲେ । ଏହି ନିଷ୍ଠୁର ଆଦେଶ ପଦ୍ମିନୀଙ୍କୁ ଶୁଣାଇବା ପାଇଁ କେହି ସାହସ କରି ପାରିଲେ ନାହିଁ । ମାତ୍ର ରାଜାଙ୍ଗନା ପଦ୍ମିନୀ ଏ ବାର୍ତ୍ତା ପାଇ ବହୁକ୍ଷଣ ଚିନ୍ତା ପରେ ଶତ୍ରୁ ପ୍ରତି 'ଶଠେ ଶାଠ୍ୟଂ ସମାଚରେତ୍' ବିଧି ଅବଲମ୍ବନୀୟ ବୋଲି ମନେ ମନେ ସ୍ଥିର କରି ପ୍ରକାଶ କଲେ ଯେ, "ପତିଙ୍କର ଉଦ୍ଧାର ଲାଗି ମୁଁ ଯବନଶତ୍ରୁ ହସ୍ତରେ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ଅଛି ।" ଏହା କହି ରାଣୀ ପ୍ରାସାଦର ଗୋଟିଏ ନିଭୃତ କକ୍ଷରେ ପିତୃବଂଶୀୟ ଗୋରା ଓ ବାଦଲ ନାମକ ଦୁଇ ଜଣ ବିଶ୍ୱସ୍ତବୀରଙ୍କ ସହିତ ବହୁକ୍ଷଣ ପରାମର୍ଶ କରି ଶତ୍ରୁ ଶିବିରକୁ ଏହି ସମ୍ବାଦ ପଠାଇଲେ, "ମୁଁ ରାଜବଂଶରେ ଲାଳିତା କନ୍ୟା, ବର୍ତ୍ତମାନ ମିବାର ରାଜମହିଷୀ । ସମ୍ରାଟଙ୍କ ଶିବିରକୁ ଯାତ୍ରା କରିବାକୁ ହେଲେ ମୋତେ ସେହିପରି ସମ୍ମାନ ଓ ଆଡ଼ମ୍ବରରେ ଯିବାକୁ ହେବ । ମୋହ ସଙ୍ଗରେ ଅନେକ ଦାସଦାସୀ ପରିଜନ ଯିବେ, ପୁଣି ଯେଉଁ ରାଜପୁତ ଗୃହିଣୀମାନେ ମୋତେ ସ୍ନେହଚକ୍ଷୁରେ ଦେଖନ୍ତି, ସେମାନେ ସମସ୍ତେ ଶିବିର ପର୍ଯ୍ୟନ୍ତ ଅନୁ-ଗାମିନୀ ହେବେ । ସେମାନେ ସମସ୍ତେ ସମ୍ଭ୍ରାନ୍ତ ମହିଳା, ସେମାନଙ୍କ ସମ୍ମାନରକ୍ଷା ପ୍ରତି ତିଳେହେଁ ଯେପରି ତ୍ରୁଟି ନ ହୁଏ । କୌଣସି ଯବନ ସୈନିକ ସେମାନଙ୍କ ଶିବିକା ନିକଟରେ ସୁଦ୍ଧା ଦଣ୍ଡାୟମାନ ହୋଇ ପାରିବେ ନାହିଁ । ଶିବିରରେ ଉପସ୍ଥିତ ହେବା ସମୟରେ କୌଣସି ଅସ୍ତ୍ରଶସ୍ତ୍ରଧାରୀ ସୈନିକ ଯେପରି ସେଠାରେ ନ ଥାନ୍ତି । ଶିବିରରେ ଆତ୍ମସମର୍ପଣ କରିବା ପୂର୍ବରୁ ଚିର ବିଦାୟ ଗ୍ରହଣ କରିବା ନିମନ୍ତେ ନିଭୃତ ସ୍ଥାନରେ ପ୍ରାଣପତି ଭୀମ ସିଂହଙ୍କ ସହିତ କିଛିକ୍ଷଣ ସାକ୍ଷାତ୍କାର

Digitized by srujanika@gmail.com

ଆବଶ୍ୟକ । ଏ ସମସ୍ତ ନିୟମ ପାଳନ କରିବାକୁ ସତ୍ୟବଦ୍ଧ ହେଲେ ମୁଁ ଅକୁଣ୍ଠିତ ଚିତ୍ତରେ ଯାତ୍ରା କରିବି ।” ଆଲ୍ଲାଉଦ୍ଦୀନ ଶିବିରରେ ଏ ସମ୍ବାଦ ପାଇ ଆନନ୍ଦରେ ଉନ୍ମତ୍ତ ହୋଇ ପଡ଼ିଲେ ଏବଂ ଅବିଳମ୍ବେ ଶିବିରରୁ ସମସ୍ତ ସୈନିକଙ୍କୁ ଦୂରକୁ ଚାଲି ଯିବାକୁ ଆଦେଶ ଦେଇ ପଦ୍ମିନୀଦର୍ଶନ ଲାଗି ମୁହୂର୍ତ୍ତଗଣନା କରିବାକୁ ଲାଗିଲେ । ନିର୍ଦ୍ଦିଷ୍ଟ ସମୟରେ ଆଲ୍ଲାଉଦ୍ଦୀନଙ୍କ ଶିବିରରେ ଗୋଟି ଗୋଟି ହୋଇ ସାତ ଶ ଶିବିକା ସ୍ଥାପିତ ହେଲା । ପ୍ରତ୍ୟେକରେ ଗୁପ୍ତଅସ୍ତ୍ରଧାରୀ ଛଅ ଛଅ ଜଣ ରାଜପୁତ ବୀର ବାହକ ଥିଲେ ଏବଂ ଅସ୍ତ୍ରଶସ୍ତ୍ର ସହିତ ଜଣେ ଜଣେ ମହାବୀର ଆରୋହୀ ଥିଲେ । ପଦ୍ମିନୀଙ୍କ ଶୁଭାଗମନରେ ଆଲ୍ଲାଉଦ୍ଦୀନଙ୍କ ହୃଦୟ ଆନନ୍ଦରସରେ ଉଦ୍‌ବେଳିତ ହେବାକୁ ଲାଗିଲା ଏବଂ ସେ ତତ୍‌କ୍ଷଣାତ୍ ଭୀମ ସିଂହଙ୍କୁ ପ୍ରିୟତମାନଙ୍କ ସହିତ ସାକ୍ଷାତ୍କାର ନିମିତ୍ତ ଅର୍ଦ୍ଧଘଣ୍ଟା ସମୟ ଅନୁମତି ଦେଲେ ।

ଯବନପତିଙ୍କ ଆଦେଶକ୍ରମେ ଭୀମ ସିଂହ ପଦ୍ମିନୀଙ୍କ ଶିବିକାନିକଟରେ ଉପସ୍ଥିତ ହୁଅନ୍ତେ ଆଉ ଖଣ୍ଡେ ଶିବିକା ପାଖକୁ ରଖାଗଲା । କ୍ଷଣକ ପରେ ସେହି ଦୁଇଖଣ୍ଡ ଶିବିକା ବାହକସ୍କନ୍ଧରେ ବାହିତ ହୋଇ ଦୂରକୁ ଚାଲିଗଲା । ପଛ ପଛେ କେତେଖଣ୍ଡି ଶିବିକା ଚିତୋର ଅଭିମୁଖରେ ଯିବାର ଦେଖି ଆଲ୍ଲାଉଦ୍ଦୀନ ମନେକଲେ ସମ୍ଭବତଃ ଯେଉଁ ସମ୍ଭ୍ରାନ୍ତ ମହିଳାମାନେ ପଦ୍ମିନୀଙ୍କୁ ଚିରବିଦାୟ ଦେବାକୁ ଆସିଥିଲେ, ସେହି-ମାନେ ଫେରି ଯାଉଅଛନ୍ତି । ମାତ୍ର ମୁହୂର୍ତ୍ତ ପରେ ମୁହୂର୍ତ୍ତ ଅତୀତ ହେଲା, କୌଣସି ପ୍ରକାର ସୋରଶବ୍ଦ ନ ପାଇ ତାଙ୍କର ଉତ୍କଣ୍ଠା ବଢ଼ିବାକୁ ଲାଗିଲା । ଅର୍ଦ୍ଧଘଣ୍ଟା ଅତୀତ ହେଲାପରେ ସୁଦ୍ଧା ଭୀମ ସିଂହଙ୍କୁ ପ୍ରିୟତମାଙ୍କ ପାଶରୁ ପ୍ରତ୍ୟାବୃତ୍ତ ନ ହେବାର ଦେଖି ଆଲ୍ଲାଉଦ୍ଦୀନଙ୍କ ମନରେ ଈର୍ଷା ଓ ସନ୍ଦେହ ଯୁଗପତ୍ ଉପସ୍ଥିତ ହେଲା । ସେ ଆଉ ଅପେକ୍ଷା କରି ନ ପାରି ଶିବିକାର ପଟାବରଣ ଉଠାଇଦେବାକୁ ଆଦେଶ କଲେ । ତତ୍‌କ୍ଷଣାତ୍ ସମସ୍ତ ଶିବିକାରୁ ଆବରଣ ଚାଲିଯିବାରୁ ଦେଖାଗଲା ସେଥିରେ ଭୀମ ସିଂହ ନାହାନ୍ତି କି ପଦ୍ମିନୀ ନାହାନ୍ତି ! ଜଣେ ଜଣେ ଅସ୍ତ୍ରଶସ୍ତ୍ରଧାରୀ ରାଜପୁତ ବୀର ଶିବିକା ଭିତରୁ ବାହାରି ଆସୁଅଛନ୍ତି । ଏ ଦୃଶ୍ୟ ଦେଖି ଆଲ୍ଲାଉଦ୍ଦୀନଙ୍କ ହୃଦୟ କ୍ରୋଧରେ ପ୍ରଜ୍ଜ୍ୱଳିତ ହୋଇ ଉଠିଲା । ସେ କାଳ ବିଳମ୍ବ ନ କରି ଅଦୂରବର୍ତ୍ତୀ ଶିବିରରୁ ସମସ୍ତ ସୈନିକଙ୍କୁ ଯୁଦ୍ଧାର୍ଥ ଆହ୍ୱାନ କଲେ ଏବଂ ଭୀମ ସିଂହଙ୍କୁ ପଥରେ ଧରିବା ପାଇଁ ଦଳେ ସୈନ୍ୟ ପଠାଇଦେଲେ । ମାତ୍ର ବୃଥା ଚେଷ୍ଟା—ପଥ ମଧ୍ୟରେ ଭୀମ ସିଂହ ଶିବିକାରୁ ବାହାରି ଗୋଟିଏ ଦ୍ରୁତଗାମୀ ଅଶ୍ୱପୃଷ୍ଠରେ ବସି ତୀରବେଗରେ ଚିତୋର ଦୁର୍ଗରେ ପ୍ରବେଶ କଲେ । ଏଣେ ଦୁଇ ପକ୍ଷ ମଧ୍ୟରେ ଘୋର ଯୁଦ୍ଧ ହେଲା । ରାଜପୁତ ବୀରମାନେ ଆଶା ସଫଳ ହୋଇଥିବାର ଜାଣି ଦ୍ୱିଗୁଣ ଉତ୍ସାହରେ ଯୁଦ୍ଧ କରିବାକୁ ଲାଗିଲେ । ପୂର୍ବୋକ୍ତ ଗୋରା ଏବଂ ଦ୍ୱାଦଶ-ବର୍ଷ ବାଳକ ବାଦଲ ବୀରମଦରେ ଉନ୍ମତ୍ତ ହୋଇ-ପଡ଼ିଲେ । ରାଜପୁତ ବୀରମାନେ ସଂଖ୍ୟାରେ ଅତି ଅଳ୍ପ ଥିବାରୁ ଶେଷରେ ସମ୍ମୁଖ ସମରରେ ପ୍ରାଣତ୍ୟାଗ କଲେ ଏବଂ ମହାବୀର ଗୋରା ଏହି ରଣରେ ପ୍ରାଣ ବିସର୍ଜନ କଲେ ସତ୍ୟ; କିନ୍ତୁ ସେ ବିକ୍ରମ ପ୍ରଦର୍ଶନ କରି ନ ଥିଲେ ପଦ୍ମିନୀ ଭୀମ ସିଂହଙ୍କର ଉଦ୍ଧାର ହୋଇ ପାରି ନ ଥାନ୍ତା । ବାଳକ ବାଦଲ ଚିତୋରଦୁର୍ଗରେ ଉପସ୍ଥିତ ହୁଅନ୍ତେ, ତାହାଙ୍କ ପିତୃବ୍ୟପତ୍ନୀ ଶୋକମଳିନ-ମୁଖରେ ସମ୍ମୁଖକୁ ଆସି ପଚାରିଲେ—“ବତ୍ସ ! ମୁଁ ପ୍ରାଣପତିଙ୍କର ମହାପ୍ରସ୍ଥାନ ବାର୍ତ୍ତା ପାଇଅଛି । ମୁଁ ସଙ୍ଗେ ସଙ୍ଗେ ରାଜପୁତରମଣୀର ବ୍ରତ ପାଳନ କରି-ଥାନ୍ତି । କେବଳ ତୁମ୍ଭ ମୁଖରୁ ଥରେ ଯୁଦ୍ଧ ସମ୍ବାଦ ଶୁଣିବାକୁ ଇଚ୍ଛା ଅଛି ।” ବୀର ବାଳକ ବାଦଲ ଅଶ୍ରୁ-ପୂର୍ଣ୍ଣମୁଖରେ କହିବାକୁ ଲାଗିଲେ—“ମା, ମୋହର ପିତୃବ୍ୟଙ୍କର ବୀରତ୍ୱ କଥା କଣ କହିବି । ମହାବୀର ଗୋରା ଯେ ବୀରତ୍ୱ ଦେଖାଇଅଛନ୍ତି, ତାହା ଦେଖି ବିପକ୍ଷ ଯୋଦ୍ଧାମାନେ ମଧ୍ୟ ଧନ୍ୟ ଧନ୍ୟ କହୁଅଛନ୍ତି ।

Digitized by srujanika@gmail.com

ଶତ ଶତ ଶତ୍ରୁ ମୁଣ୍ଡ ତୀକ୍ଷ୍ଣଖଡ୍‌ଗାଘାତରେ ଛିଣ୍ଡାଇ ପିତୃବ୍ୟ ମୋହର ପୂର୍ଣ୍ଣ ବୀରମର୍ଯ୍ୟାଦାରେ ଗୋଟିଏ ଯବନପତିର ଶବ ଉପରେ ମସ୍ତକ ରଖି ନିଦ୍ରା ଭଜିଅଛନ୍ତି ।" ବାଳକ ମୁଖରୁ ଏହି କଥା ଶୁଣି ବୀରରମଣୀ ସ୍ନେହରେ ତାହାର ମୁଖ ଚୁମ୍ବନ କଲେ ଏବଂ ଅବିଳମ୍ବରେ ଚିତାନଳରେ ପ୍ରବେଶ କରି ମୃତପତିଙ୍କର ଅନୁଗାମିନୀ ହେଲେ । ଧନ୍ୟ ରାଜପୁତ ବୀରତ୍ୱ—ଧନ୍ୟ ରାଜପୁତ ରମଣୀର ହୃଦୟ !

ଏଣେ ଯବନସମ୍ରାଟ୍ ଆଲ୍ଲାଉଦ୍ଦୀନ ଏହିରୂପେ ପ୍ରତାରିତ ଏବଂ ହତାଶ ହୋଇ ଅଧିକତର ଈର୍ଷା ଏବଂ କ୍ରୋଧ ପୋଷଣ କଲେ । ତାହାର ଫଳରେ ପୁଣି ଚିତୋରରେ ହିନ୍ଦୁ ଯବନଙ୍କର ଦୀର୍ଘକାଳବ୍ୟାପୀ ଯୁଦ୍ଧ ହେଲା । ଶତ ଶତ ରାଜପୁତବୀର ସମ୍ମୁଖସମରରେ ପ୍ରତ୍ୟହ ଭୂମିଶାୟୀ ହେବାକୁ ଲାଗିଲେ । ପତିପୁତ୍ରଶୋକାତୁରା ରମଣୀମାନଙ୍କର କରୁଣବିଳାପଧ୍ୱନିରେ ଚିତୋରର ଗୃହମାନ ପୂର୍ଣ୍ଣ ହୋଇ ରାଜା ରାଣୀଙ୍କର ହୃଦୟ ବିଦାରଣ କଲା; ତଥାପି ରାଜପୁତମାନେ ଯୁଦ୍ଧ-ଉତ୍ସାହ ଛାଡ଼ି ପାରିଲେ ନାହିଁ । ପରିଶେଷରେ ଚିତୋର ବୀରଶୂନ୍ୟ ହୋଇପଡ଼ିଲା । ରାଜପୁତ ରମଣୀମାନେ ଅନାଥା ହେବାରୁ ଧର୍ମରକ୍ଷାର ଅନ୍ୟ ଉପାୟ ନ ଦେଖି ଜହର ବ୍ରତ ଅନୁଷ୍ଠାନ କରିବାକୁ ଉଦ୍ୟତା ହେଲେ । ସ୍ୱୟଂ ଭୁବନମୋହିନୀ ରାଜମହିଷୀ ପଦ୍ମିନୀ ସେହି ପତିପୁତ୍ରବିହୀନା ରମଣୀମାନଙ୍କର ଅଗ୍ରଗାମିନୀ ହୋଇ କହିଲେ—"ସମବେତ ସଖୀଗଣ ! ଆମ୍ଭମାନଙ୍କର ପତି, ପୁତ୍ର, ଭ୍ରାତା ଅନେକେ ସମ୍ମୁଖ ସମରରେ ପ୍ରାଣ ବିସର୍ଜନ କରି ନିଜ ମାନ ରକ୍ଷା କରିଅଛନ୍ତି ! ବର୍ତ୍ତମାନ ଆମ୍ଭମାନଙ୍କ ସମ୍ମାନରକ୍ଷା ଆମ୍ଭ ହାତରେ ! ରାଜପୁତନାରୀର ମରଣକୁ ଭୟ କଣ ? ଆମ୍ଭର ଧର୍ମ ଜୀବନଠାରୁ ବଡ଼ । ଅଗ୍ନିକୁଣ୍ଡରେ ଦେହବିସର୍ଜନହିଁ ଆମ୍ଭମାନଙ୍କ ଧର୍ମରକ୍ଷାର ଏକମାତ୍ର ଉପାୟ । ଦେଖ, ରାଜପୁତପୁରୁଷମାନେ ସହାସ୍ୟବଦନରେ ଦେହତ୍ୟାଗ କରୁଅଛନ୍ତି, ଆମ୍ଭେମାନେ ଆଜ ପ୍ରସନ୍ନମନରେ ତାହା କରିବା । ଯବନପତି ଚିତୋରରେ ପଶି ବୁଝୁ ଯେ ତାହାର ହୀନ ପାଶବପ୍ରବୃତ୍ତି ଅପେକ୍ଷା ଆମ୍ଭମାନଙ୍କର ଧର୍ମପ୍ରବୃତ୍ତି କେତେ ଉଚ୍ଚ ।" ଏହା କହି ପଦ୍ମିନୀ ସୁଡ଼ଙ୍ଗ ଅଭିମୁଖରେ ଅଗ୍ରସର ହେଲେ ଏବଂ ଅନେକ ରମଣୀ ତାଙ୍କର ଅନୁଗାମିନୀ ହେଲେ । ଅନ୍ତଃପୁରସ୍ଥିତ ସୁଡ଼ଙ୍ଗଦ୍ୱାରର ଲୌହ କବାଟ ଫିଟିଗଲା—ଶତ ଶତ ରାଜପୁତରମଣୀ ରକ୍ତବସ୍ତ୍ର ପରିଧାନ କରି ମୁକ୍ତକେଶରେ ତାହାମଧ୍ୟରେ ପ୍ରବେଶ କଲେ । ତତ୍ପରେ ଯାହା ଘଟିଲା, ତାହା ପ୍ରକାଶ କରିବାକୁ ଲେଖନୀ ସଙ୍କୁଚିତ । ସେ ଘଟନା ସ୍ମରଣ କଲେ କାହାର ହୃଦୟ କମ୍ପିତ ଏବଂ ସ୍ତମ୍ଭିତ ନ ହେବ !

ଆଲ୍ଲାଉଦ୍ଦୀନ ଜୟୀ ହୋଇ ରାଜପୁତରମଣୀଙ୍କ ଚିତାଧୂମରେ ଆଚ୍ଛାଦିତ ଚିତୋର ଦୁର୍ଗରେ ପ୍ରବେଶ କରିଥିଲେ ସତ୍ୟ; ମାତ୍ର ଶାନ୍ତିଲାଭ କରି ପାରି ନ ଥିଲେ । ବୀରାଙ୍ଗନା ପଦ୍ମିନୀଙ୍କର ଅଦ୍ଭୁତ କର୍ମ ତାହାଙ୍କୁ ଯେଉଁ ଅମୂଲ୍ୟ ଶିକ୍ଷା ଦେଇଥିଲା, ତାହା ସମଗ୍ର ଜୀବନ ମଧ୍ୟରେ ଭୁଲିବାର ନୁହେଁ ।

Digitized by srujanika@gmail.com

କର୍ମଦେବୀ

ରାଜପୁତାନାର ଅନ୍ତର୍ଗତ ଅରନ୍ତନଗରରେ ପୂର୍ବେ ମୋହିଲ ନାମରେ ଦଳେ ରାଜପୁତ ଜାତି ବାସ କରୁଥିଲେ । ଏକଦା ମାଣିକ ରାଓ ନାମକ ଜଣେ ରାଜା ଏହି ରାଜ୍ୟ ଶାସନ କରୁଥିଲେ । ତାହାଙ୍କ କନ୍ୟାର ନାମ କର୍ମଦେବୀ । ତେତେବେଳେ ମାରବାର ମୁନ୍ଦର ରାଜ୍ୟରେ ଚଣ୍ଡନାମକ ଜଣେ ରାଠୋରବଂଶୀୟ ରାଜା ରାଜପଣ କରୁଥିଲେ । ରାଠୋରମାନେ କୁଳୀନ ଥିବାରୁ ରାଜା ମାଣିକ ରାଓ ମୁନ୍ଦର ରାଜକୁମାର ଅରଣ୍ୟକମଳଙ୍କୁ ସ୍ୱୀୟ କନ୍ୟା ପ୍ରଦାନ କରି ଧନ୍ୟ ହେବେ ବୋଲି ମନେ ମନେ ସ୍ଥିର କରିଥିଲେ । କୁଳୀନଜାତି ସହିତ ବିବାହ ଦେବାରେ ଆପତ୍ତି ଉଠିବା ତେଣିକି ଥାଉ ବରଂ ପ୍ରତିପତ୍ତି ବଢ଼ିବ ବୋଲି ସେ କନ୍ୟାର ମତ ବୁଝି ନ ଥିଲେ । ମାତ୍ର ବୀରାନୁରାଗିଣୀ କର୍ମଦେବୀ ବାଲ୍ୟକାଳରୁ ସାଧୁ ନାମକ ଜଣେ ରାଜକୁମାରଙ୍କର ବୀରତ୍ୱର ପ୍ରଶଂସା ଶୁଣି ମନେ ମନେ ତାଙ୍କୁ ପତିପଦରେ ବରଣ କରିବେ ବୋଲି ଆଲୋଚନା କରୁଥିଲେ । ଦିନେ ଘଟନାକ୍ରମେ ବୀରବର ସାଧୁ କୌଣସି ଯୁଦ୍ଧରୁ ଫେରିଯାଉଥିବାବେଳେ ପଥମଧ୍ୟରେ ଅରନ୍ତନଗରରେ ଉପସ୍ଥିତ ହେଲେ । କର୍ମଦେବୀଙ୍କ ପିତା ମାଣିକ ରାଓ ତାହାଙ୍କୁ ନିଜ ଭବନକୁ ନିମନ୍ତ୍ରଣ କରି ଆଣିଥିଲେ । ଏହିଠାରେ କର୍ମଦେବୀଙ୍କର ଦେଖିବାର ସୁବିଧା ଘଟିଲା—ଚକ୍ଷୁ କର୍ଣ୍ଣର ବିବାଦ ମେଣ୍ଟିଲା । ସାଧୁଙ୍କର ବୀରତ୍ୱବ୍ୟଞ୍ଜକ ଉତ୍ସାହପ୍ରଫୁଲ୍ଲ ବଦନମଣ୍ଡଳ ଦେଖି ବୀରବାଳା ଏକାବେଳକେ ମୁଗ୍ଧ ହୋଇ ତାଙ୍କ ପଦରେ ମନପ୍ରାଣ ଢାଳି ଦେଇଥିଲେ ।

କିନ୍ତୁ ଏଥିପୂର୍ବରୁ କୁଳୀନ ରାଠୋରବଂଶୀୟ ରାଜପୁତ୍ରଙ୍କ ସହିତ ବିବାହ ପ୍ରସ୍ତାବ ସ୍ଥିର ହୋଇଥିଲା । କ୍ଷୁଦ୍ର ପୁଗଲରାଜ୍ୟର ସାମାନ୍ୟ ଭଟ୍ଟିବଂଶୀୟ ରାଜା ରଣଙ୍ଗଦେବଙ୍କର ପୁତ୍ରଙ୍କୁ ପତିପଦରେ ବରଣ କରିବାର ଶୁଣି ପିତା କନ୍ୟା ପ୍ରତି ଅସନ୍ତୁଷ୍ଟ ହେଲେ । ସେ ଦେଖିଲେ ଏଣେ ବିବାହ ପ୍ରସ୍ତାବ ଭଙ୍ଗକଲେ ପ୍ରତାପୀ ରାଠୋରପତିଙ୍କର ଅବମାନନା ହେବ ଏବଂ ଘୋର ପ୍ରତିହିଂସାରେ ରାଜ୍ୟ ଛାରଖାର ହୋଇଯିବ । ଆଉ ମଧ୍ୟ ଜାମାତା ଓ ଦୁହିତାଙ୍କର ଆତ୍ମରକ୍ଷା ସୁଦ୍ଧା ଅସମ୍ଭବ ହୋଇପଡ଼ିବ । ବିବାହ କଲେ କୁଳୀନ ରାଜପୁତବଂଶ ସହିତ ସମ୍ବନ୍ଧ କରିବାଦ୍ୱାରା ଆପଣାର ସମ୍ମାନ ବଢ଼ିବ । ରାଜା ଏହିପରି ବିଷମ ସମସ୍ୟାରେ ପଡ଼ିଲେ । ସଙ୍ଗିନୀମାନେ କର୍ମଦେବୀଙ୍କୁ ନାନାପ୍ରକାର ଯୁକ୍ତିତର୍କ ଦେଖାଇ ବୁଝାଇବାକୁ ଲାଗିଲେ । ବୀରନାରୀ କର୍ମଦେବୀ ଏହିରୂପେ ଉତ୍ତର ଦେଲେ—"କୁଳୀନବଂଶ ବା ଅଧିକ ଧନସମ୍ପଦ ଅପେକ୍ଷା ବୀରତ୍ୱ ରାଜପୁତ ନାରୀ ପକ୍ଷରେ ଅଧିକ ପ୍ରିୟ ବସ୍ତୁ । ମୁଁ ବୀରପୁରୁଷର ସହଧର୍ମିଣୀ ହୋଇପାରିଲେ ବଡ଼ ରାଜ୍ୟର ମହାରାଣୀ ହେବାକୁ ଚାହେଁ ନାହିଁ । ବୀର ସଙ୍ଗରେ ଘୋଡ଼ାରେ ଚଢ଼ି ବୁଲିପାରିଲେ ମୋହର ସିଂହାସନ ଅପେକ୍ଷା ଅଧିକ ସୁଖ । ଅତଏବ ମୁଁ ଯାହାଙ୍କ ବୀରପଣରେ ମୁଗ୍ଧ ହୋଇ ଆତ୍ମସମର୍ପଣ କରିଅଛି, ସେହି ଏକା ମୋହର ସ୍ୱାମୀ । ବୀରାଗ୍ରଣୀ ସାଧୁ ଯଦି ସେ ମୁନ୍ଦରରାଜାର ପ୍ରତିହିଂସାରୁ ଆତ୍ମରକ୍ଷା କରି ନ ପାରିବେ, ତାହାହେଲେ ଜାଣିବି ଯେ ବିଧାତା ମୋହର ସୁଖର ପ୍ରତିକୂଳ । ତାହାହେଲେ ମୁଁ ଅକୁଣ୍ଠିତ

Digitized by srujanika@gmail.com

ପତିରେ ମୃତପତିଙ୍କ ସହିତ ଚିତାନଳରେ ପ୍ରବେଶ କରିବି, ସ୍ୱର୍ଗରେ ଅବଶ୍ୟ ବେନିଙ୍କର ମିଳନ ହେବ ।” ସହଚରୀମାନେ ଏଥିରେ ନିରୁତ୍ତର ହେଲେ । ରାଜା କନ୍ୟାର ମତପରିବର୍ତ୍ତନର ସମ୍ଭାବନା ନ ଦେଖି ଅଗତ୍ୟା ସେହି ସାଧୁଙ୍କ ସହିତ ବିବାହ ପ୍ରସ୍ତାବ କଲେ । ରାଜପୁତ୍ର ସାଧୁ ରାଜକୁମାରୀ କର୍ମଦେବୀଙ୍କର ଦୃଢ଼ସଂକଳ୍ପର କଥା ଶୁଣି ତାହାଙ୍କୁ ଆନ୍ତରିକ ପ୍ରଶଂସା କରି ଆନନ୍ଦରେ ବିବାହରେ ସମ୍ମତି ଜଣାଇଲେ । ଯଥାକାଳରେ ବେନିଙ୍କର ଶୁଭପରିଣୟ ସମ୍ପନ୍ନ ହୋଇଗଲା । ଯୌତୁକ-ସମ୍ଭାର ସହ ସାଧୁ ନବବଧୂଙ୍କୁ ଘେନି ପୁଗଳ ଅଭିମୁଖରେ ଯାତ୍ରା କଲେ । କାଳେ ପଥ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀ ଅରଣ୍ୟକମଳ କିଛି ଅନିଷ୍ଟ ଘଟାଇବେ, ଏହି ଆଶଙ୍କାରେ ରାଜା ମାଣିକ ରାଓ ପାଞ୍ଚ ସହସ୍ର ସୈନ୍ୟ ଜାମାତାଙ୍କ ସହିତ ପ୍ରେରଣ କରିବାକୁ ଇଚ୍ଛା ପ୍ରକାଶ କଲେ । ମାତ୍ର ବୀରପୁରୁଷ ସାଧୁ ଆପଣାର ଶକ୍ତି ଉପରେ ନିର୍ଭର କରି ଯିବା ସଙ୍ଗତ ମଣି ସେ ପ୍ରସ୍ତାବରେ ସମ୍ମତ ହେଲେ ନାହିଁ; ତଥାପି ରାଜା ସେହି ନବଦମ୍ପତିଙ୍କ ସହିତ ନିଜ ପୁତ୍ର ଏବଂ ସାତ ଶତ ମୋଗଲ ସୈନିକ ପ୍ରେରଣ କରିଥିଲେ ।

ଏଣେ ମୁନ୍ଦର ରାଜପୁତ୍ର ଅରଣ୍ୟକମଳ ଏ ବିବାହରେ ଆପଣାକୁ ଯଥେଷ୍ଟ ଅପମାନିତ ମନେକରି ତାହାର ଉପଯୁକ୍ତ ପ୍ରତିଶୋଧ ନେବାପାଇଁ ଆୟୋଜନ କଲେ । ଅରଣ୍ୟକମଳ ମଧ୍ୟ ଜଣେ ବୀରପୁରୁଷ ଥିଲେ । ସାଧୁଙ୍କ ସହିତ ଯୁଦ୍ଧରେ ଆପଣାର ସମ୍ମାନରକ୍ଷା ନିମନ୍ତେ ସେ ବହୁ ସୈନ୍ୟ ଘେନି ପଥମଧ୍ୟରେ ଉପସ୍ଥିତ ହେଲେ ଏବଂ ସାଧୁଙ୍କ ସଙ୍ଗରେ ଅତ୍ୟଳ୍ପ ସୈନିକ ଦେଖି ଆପଣାର ଯୋଦ୍ଧାମାନଙ୍କୁ ହଠାତ୍ ଆକ୍ରମଣରୁ ବାରଣ କଲେ । ସାଧୁ ଥରେ ବିପକ୍ଷଦଳର ଚେଷ୍ଟା ଧୀରଭାବରେ ନିରୀକ୍ଷଣ କରିଗଲେ । ଅନନ୍ତର ଉଭୟପକ୍ଷ ମଧ୍ୟରେ ଦ୍ୱନ୍ଦ୍ୱ ଯୁଦ୍ଧ ଆରମ୍ଭ ହେଲା । ମାତ୍ର ଦୁଇଜଣଙ୍କ ସ୍ୱାର୍ଥ ଘେନି ଅନର୍ଥକ ଏତେ ଲୋକଙ୍କର ରକ୍ତପାତ ହେବା ଧର୍ମସଙ୍ଗତ ନୁହେ ବୋଲି ବିଚାର କରି ଶେଷରେ ସେ ବୀର ଦୁହେଁ କେବଳ ଦ୍ୱନ୍ଦ୍ୱ ଯୁଦ୍ଧରେ ପ୍ରବୃତ୍ତ ହେବାର ସ୍ଥିର କଲେ । ସାଧୁ ନବ ସହଧର୍ମିଣୀଙ୍କ ନିକଟରୁ ବିଦାୟ ନେବାକୁ ଗଲେ । ବିଦାୟକାଳରେ କର୍ମଦେବୀ ସହାସ୍ୟ-ବଦନରେ କହିଲେ, “ଯାଅ ନାଥ, ମୁଁ ଆଜ ସ୍ୱନେତ୍ରରେ ତୁମ୍ଭର ବୀରତ୍ୱ ଦେଖି କୃତାର୍ଥ ହେବି । ତୁମ୍ଭେ ବୀର-ପୁରୁଷ, ବୀର ସଙ୍ଗରେ ଯୁଦ୍ଧ କରି ଆପଣାର ମାନ ରକ୍ଷା କର । ଜୟ ବା କ୍ଷୟ ଯାହା ଲଭିକର ସେଥିରେ ବୀରର ମାନ ରକ୍ଷା ହେବ । ମୁଁ ମୃତ୍ୟୁରେ ସୁଦ୍ଧା କାତର ହେବିନାହିଁ । ମୋହ ପ୍ରତି ଦୃଷ୍ଟି ରଖି ଯେପରି ପରାଜୟ ନ ପାଅ । ବୀରର ଜୀବନ ଅପେକ୍ଷା ମାନ ବଡ଼ । ଏଥିରେ ଯଦି ତୁମ୍ଭର ଜୀବନ ଯାଏ, କ୍ଷତି ହେବ ନାହିଁ । ମୁଁ ତୁମ୍ଭର ଅନୁଗାମିନୀ ହେବି ।”

ଦ୍ୱିଗୁଣ ଉତ୍ସାହରେ ସାଧୁ ଯୁଦ୍ଧରେ ପ୍ରବୃତ୍ତ ହେଲେ । ବୀରସ୍ତ୍ରୀ କର୍ମଦେବୀ ନିଶ୍ଚଳଭାବରେ ଠିଆହୋଇ ସବୁ ଦେଖୁଥିଲେ । ଶେଷରେ ପ୍ରାଣପତିଙ୍କୁ ଭୂତଳରେ ପତିତ ହେବାର ଦେଖି ନିକଟକୁ ଆସିଲେ । ଚକ୍ଷୁରେ ଅଶ୍ରୁ ନାହିଁ କି ମୁଖରେ ବିଷାଦର ଚିହ୍ନ ସୁଦ୍ଧା ନାହିଁ । ଇହଲୋକରେ ପତିସଙ୍ଗ ଲଭ କରି ପାରି ନ ଥିଲେହେଁ ପରଲୋକରେ ପତିସଙ୍ଗିନୀ ହୋଇପାରିବେ ଏହି ଆଶାରେ ସତୀର ହୃଦୟ ଅବିଚଳିତ ରହିଥିଲା । ବୀରବାଳା କିଛିମାତ୍ର କାତର ନ ହୋଇ ଭୃତ୍ୟମାନଙ୍କୁ ଚିତା ପ୍ରସ୍ତୁତ କରିବାକୁ ଆଦେଶ ଦେଲେ ଏବଂ ପ୍ରସ୍ତୁତ ଚିତାଶଯ୍ୟା ଉପରେ ପତିଙ୍କର ମୃତଦେହ ସ୍ୱହସ୍ତରେ ଉଠାଇ ଯତ୍ନରେ ଶୁଆଇଲେ ଏବଂ ପତିଙ୍କ ହସ୍ତରୁ ତରବାରି ଆଣି ଏକାଘାତରେ ଆପଣାର ଗୋଟିଏ ହାତ କାଟି ବିଶ୍ୱସ୍ତ ଭୃତ୍ୟ ହସ୍ତରେ ଦେଇ କହିଲେ— “ମୋହର ଶ୍ୱଶୁରଦେବଙ୍କୁ ପ୍ରଣାମ ଜଣାଇ କହିବ ! ମୋହ ଭାଗ୍ୟରେ ସେ ଚରଣଦର୍ଶନ ଘଟିଲା ନାହିଁ । ଏହି ହାତଟି ତାହାଙ୍କୁ ଦେଖାଇ କହିବ, ତାଙ୍କର ପୁତ୍ରବଧୂ ଏହିପରି ଥିଲେ ।” ଅନନ୍ତର ସତୀ ଜଣେ ବିଶ୍ୱାସୀ ଭୃତ୍ୟକୁ ପାର୍ଶ୍ୱକୁ ଡାକି କହିଲେ—“ଦେଖ, ଗୋଟିଏ

Digitized by srujanika@gmail.com

ହାତରେ ଆଉ କାଟି ହେବ ନାହିଁ; ତୁମ୍ଭେ ମୋହର ଏ ହାତଟି କାଟିପକାଅ।” ଭୃତ୍ୟ ନୀରବରେ ତାହା ପାଳନ କଲେ । ତହୁଁ କର୍ମଦେବୀ କହିଲେ—“ଏ ହାତଟି ନେଇ ଯାଅ, ମୋହିଲଜାତିର ଭଟ୍ଟକବିମାନଙ୍କୁ ଦେବ ।” ଏହିରୂପେ ଅଦ୍ଭୁତ ଆଦେଶ ଦେଇ ପତି-ଅନୁଗତା କର୍ମଦେବୀ ଚିତା ଉପରେ ସ୍ୱାମୀଙ୍କ ପାର୍ଶ୍ୱରେ ଶୟନ କଲେ । ଦର୍ଶକମାନେ ଚିତାର ଚତୁର୍ଦ୍ଦିଗ ପରି-ବେଷ୍ଟନ କରି ଏହି ଦୃଶ୍ୟ ସ୍ତମ୍ଭିତଭାବରେ ଅଶ୍ରୁପୂର୍ଣ୍ଣ ନୟନରେ ଦେଖୁଥିଲେ । ଦେଖୁ ଦେଖୁ ଶବବହ୍ନି ପ୍ରଜ୍ୱଳିତ ହେଲା । କ୍ଷଣକରେ ବୀରଦମ୍ପତିର ଦେହ ଧୂମଭସ୍ମରେ ପରିଣତ ହୋଇଗଲା ।

ଯଥାକାଳରେ ପୁଗଳ ରାଜ୍ୟରେ ସତୀଶିରୋମଣିଙ୍କର ଛିନ୍ନ ବାହୁ ପହଞ୍ଚିଲା । ବୃଦ୍ଧ ରାଜା ରଣଙ୍ଗଦେବ ପୁତ୍ର-ବଧୂର ପବିତ୍ର ବାହୁ ହୃଦୟରେ ଧାରଣ କରି ବିଳାପ କରିବାକୁ ଲାଗିଲେ । ସମଗ୍ର ରାଜପୁର ପୁତ୍ର ଓ ବଧୂଙ୍କର ଅକାଳମୃତ୍ୟୁ ବାର୍ତ୍ତା ଶ୍ରବଣରେ ମର୍ମବିଦାରକ କରୁଣଧ୍ୱନିରେ କ୍ଷଣକେ ପୂର୍ଣ୍ଣ ହୋଇଗଲା । ଅନନ୍ତର ପ୍ରସ୍ତୁତ ଚିତାରେ କର୍ମଦେବୀଙ୍କର ଛିନ୍ନ ବାହୁ ବିଧିରେ ଦଗ୍ଧ କରାଗଲା । ରାଜା ସେହି ଦାହ ସ୍ଥାନରେ ପୁତ୍ର-ବଧୂର ସ୍ମରଣାର୍ଥ ଗୋଟିଏ ବୃହତ୍ ପୁଷ୍କରିଣୀ ଖୋଳାଇ ଦେଇଥିଲେ । ଏହି ପୁଷ୍କରିଣୀ ‘କର୍ମଦେବୀ ସରୋବର’ ନାମରେ ଲୋକରେ ବିଖ୍ୟାତ ହୋଇଥିଲା ।

Digitized by srujanika@gmail.com

ପାନ୍ନା

ରାଜପୁତ ରାଜ୍ୟ ମଧ୍ୟରେ ମିବାର ରାଜ୍ୟ ପ୍ରଧାନ ବୀରଭୂମି । ତାହାର ରାଜଧାନୀର ନାମ ଚିତୋର । ଏକ ସମୟରେ ସଂଗ୍ରାମସିଂହ ଏହି ମିବାରର ରାଣା ହୋଇ ଚିତୋର ସିଂହାସନରେ ବସିଥିଲେ । ଶତ୍ରୁମାନଙ୍କ ସହିତ ଘୋର ଯୁଦ୍ଧରେ ସେ ଯେତେବେଳେ ପରାଜିତ ହୋଇ ନିହତ ହେଲେ, ତାଙ୍କ ଅନ୍ତେ ରାଜ୍ୟ ସରଦାରମାନେ ବିକ୍ରମାଜିତ ନାମକ ଜଣଙ୍କୁ ମିବାରର ରାଜା କଲେ । ମାତ୍ର ସେ ଅଧିକ କାଳ ରାଜପଦରେ ରହି ପାରିଲେ ନାହିଁ । ତାଙ୍କର ନାନାପ୍ରକାର ଅତ୍ୟାଚାରରେ ସର୍ଦ୍ଦାରମାନେ କୋପାନ୍ୱିତ ହୋଇ ତାହାଙ୍କୁ ସିଂହାସନରୁ ବହିଷ୍କୃତ କରି ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ ଏବଂ ମୃତ ସଂଗ୍ରାମସିଂହଙ୍କ ଭ୍ରାତା ପୃଥ୍ୱୀରାଜଙ୍କର ଗୋଟିଏ ଦାସୀପୁତ୍ର ବନବୀରଙ୍କୁ ସିଂହାସନରେ ବସାଇବାକୁ ପରାମର୍ଶ କଲେ । ସର୍ଦ୍ଦାରମାନଙ୍କ ସାହାଯ୍ୟରେ ବନବୀର ଚିତୋର ସିଂହାସନରେ ବସି ଦେଖିଲେ ଯେ ତାଙ୍କ ରାଜ୍ୟରେ ଯୋଡ଼ିଏ କଣ୍ଟକ ରହିଛନ୍ତି । ଜଣେ ବିକ୍ରମାଜିତ, ଆଉ ଜଣେ ସଂଗ୍ରାମସିଂହଙ୍କର ଶିଶୁପୁତ୍ର ଉଦୟସିଂହ । ଏ ଦୁଇଜଣଙ୍କୁ ହତ୍ୟା ନ କଲେ, ଆପଣାର ରାଜତ୍ୱ ନିଷ୍କଣ୍ଟକ ହେବ ନାହିଁ ବିଚାରି ସେ ଉଭୟଙ୍କର ବଧୋପାୟ ଚିନ୍ତା କରିବାକୁ ଲାଗିଲେ ।

କୁମାର ଉଦୟସିଂହ ଯେତେବେଳେ ଛଅ ବର୍ଷର ଶିଶୁ, ତାଙ୍କର ଲାଳନପାଳନ ଭାର ପାନ୍ନାନାମ୍ନୀ ଗୋଟିଏ ବୃଦ୍ଧା ଧାତ୍ରୀ ହସ୍ତରେ ନ୍ୟସ୍ତ ଥିଲା । ତାହା ଯତ୍ନରେ କୁମାର ଉଦୟସିଂହ ଦିନକୁଦିନ ଚନ୍ଦ୍ରକଳା ପରି ବଢ଼ୁଥିଲେ । ଏକଦା ରଜନୀରେ ଭୋଜନାନ୍ତେ ପାନ୍ନା କୁମାରଙ୍କୁ ପଲଙ୍କରେ ଶୁଆଇଅଛନ୍ତି, ଏମନ୍ତ ସମୟରେ ପୁର ମଧ୍ୟରେ ହତ୍ୟାର ଏପରି ଘୋର ଆର୍ତ୍ତନାଦ ଶୁଣାଗଲା ଯେ ପାନ୍ନା ସେଥିରେ ସ୍ତମ୍ଭୀଭୂତ ହୋଇଗଲେ । ମୁଖରୁ ଆଉ ବାକ୍ୟ ସ୍ଫୁରିଲା ନାହିଁ । ଦେଖୁ ଦେଖୁ ଜଣେ ଭୃତ୍ୟ ଆସି ଜଣାଇଲା ଯେ, ବନବୀର ଆସି ବିକ୍ରମାଜିତଙ୍କୁ ହତ୍ୟା କଲାଣି । ତାହା ଶୁଣିଲା କ୍ଷଣି ପାନ୍ନା ଭୟରେ ଥରହର ହୋଇ ବିଚାରିଲେ, ଦୁରାତ୍ମା ଏତିକରେ ବୋଧହୁଏ ଶାନ୍ତ ହେବନାହିଁ । ପ୍ରାଣର ପିତୁଳା ଉଦୟସିଂହ ପ୍ରତି କିଛି ଅତ୍ୟାଚାର କରିପାରେ । ସ୍ନେହମୟୀ ପାନ୍ନା ଏହିରୂପେ ଭାବୀ ରାଜାଙ୍କର ପ୍ରାଣରକ୍ଷା କଥା ଭାବୁ ଭାବୁ ପ୍ରଭୁଙ୍କ କୃପାରୁ ଏକ ଅପୂର୍ବ ବୁଦ୍ଧି ଦେଖାଗଲା । ଭାଗ୍ୟକୁ କୁମାର ସେତେବେଳକୁ ନିଦରେ ଶୋଇ ପଡ଼ିଥିଲେ । ବୁଦ୍ଧିମତୀ ପାନ୍ନା ହଠାତ୍ ପାଖରେ ଥିବା ଗୋଟିଏ ବଡ଼ ଫୁଲଚଙ୍ଗୁଡ଼ିରେ ଶିଶୁକୁ ଯତ୍ନରେ ଶୁଆଇ ଦେଇ ଉପରକୁ ଉତ୍ତମରୂପେ ଘୋଡ଼ାଇ ସେହି ଭୃତ୍ୟ ହାତରେ ନିରାପଦ ସ୍ଥାନକୁ ପଠାଇ ଦେଲେ ଏବଂ ଆପଣାର ଶିଶୁପୁତ୍ରକୁ କୁମାରଙ୍କ ସ୍ଥାନରେ ଶୁଆଇ ଦେଲେ । ଏହିରୂପେ ଜଣେ ନାରୀ ଦ୍ୱାରା ସଂଗ୍ରାମସିଂହଙ୍କର ଉତ୍ତରାଧିକାରୀ ଚିତୋରର ଭାବୀ ନରେଶ୍ୱରଙ୍କର ପ୍ରାଣରକ୍ଷା ହେଲା । ଦେଖୁ ଦେଖୁଁ ଦୁରାତ୍ମା ବନବୀର ଆସି ସେ ଦ୍ୱାରରେ ଦଣ୍ଡାୟମାନ ହୋଇ 'ଉଦୟସିଂହ କାହିଁ' ବୋଲି ବେଗରେ ପଚାରିଲେ । ପାନ୍ନା ସେତେବେଳେ କବାଟକୁ ଆଉଜି ଭୟରେ କମ୍ପମାନା । ଆପଣାର ପ୍ରାଣାଧିକ ପୁତ୍ରର

Digitized by srujanika@gmail.com

ମରଣାଶଙ୍କା କରି ମୁଖରୁ ବାକ୍ୟ ସ୍ଫୁରୁ ନାହିଁ । ନିଷ୍ଠୁର ବନବୀର ଭ୍ରୂକୁଟି ଦର୍ଶନରେ ଅତି କଷ୍ଟରେ ଭୟରେ ଅଚଳ ହସ୍ତରୁ ଗୋଟିଏ ଅଙ୍ଗୁଳିମାତ୍ର ଉଠାଇ ପଲଙ୍କ ଆଡ଼କୁ ସଙ୍କେତ କରିଦେଲେ । ସେତେବେଳେ ଜନନୀ ପାନ୍ନାର ହୃଦୟ କଳ୍ପନା କରିବା କଠିନ । ସଙ୍କେତ ପାଇବା ମାତ୍ରକେ ବନବୀର ଦର୍ପଭରେ ପଦବିକ୍ଷେପ କରି ସେ ଶାୟିତ ଶିଶୁର ବକ୍ଷରେ ତୀକ୍ଷ୍ଣ ଛୁରିକା ଭୁଷିଦେଇ ପ୍ରାଣ ସଂହାର କଲେ । ସେତେବେଳେ ପାନ୍ନା କାନ୍ଦୁ ପିରୁଲା ! ଶୁଷ୍କ ଚକ୍ଷୁରେ ବିନ୍ଦୁଏ ସୁଦ୍ଧା ଅଶ୍ରୁ ନାହିଁ । ଶୋକବାଷ୍ପରୋଧରେ ସର୍ବଶରୀର ସତେ କି ଫାଟି ଯିବାକୁ ବସିଛି । କର୍ତ୍ତବ୍ୟ ଅନୁରୋଧରେ ସେ ଭୂଷଣ ନୀରବରେ ସହି, ସେ ଭୀଷଣ ଦୃଶ୍ୟ ଆଖିରେ ଦେଖି କର୍ତ୍ତବ୍ୟ ପରାୟଣା ପାନ୍ନା ପୁତ୍ରର ପ୍ରେତକୃତ୍ୟ ସମ୍ପାଦନ କରି ଉଦୟସିଂହଙ୍କ ଅନୁସନ୍ଧାନରେ ଧାବମାନା ହେଲେ । କାର୍ଯ୍ୟରେ ଦାସୀ ହେଲେ କଣ ହେବ, ସେ ରାଜପୁତରମଣୀ ମନରେ ରାଣୀ ଥିଲେ । ତାଙ୍କର ବୁଦ୍ଧିବିବେକ ଧନ୍ୟ । ଉଦୟସିଂହ ରକ୍ଷା ପାଇଲେ ତାଙ୍କ ହସ୍ତରେ କୋଟି କୋଟି ଲୋକଙ୍କର ରକ୍ଷା ହେବ, ଏଥିପାଇଁ ପ୍ରାଣାଧିକ ପୁତ୍ରର ପ୍ରାଣବିସର୍ଜନ ଦେଇ ଏ ମହତ୍ କର୍ତ୍ତବ୍ୟ ପାଳନ କରିଥିଲେ । ସେ କାଳରାତ୍ରିରେ କିପରି ପାନ୍ନା ଅଜସ୍ର ଲୋତକ ବୁହାଇ ପୁରରୁ ଏକା ବାହାରିଥିଲେ ତାହା ଭାଷାରେ ବର୍ଣ୍ଣନା କରି ହେବନାହିଁ । ଚିତୋରର ପଶ୍ଚିମଦିଗରେ ଥିବା ବୀରା ନଦୀକୂଳରେ ଭୃତ୍ୟ ତାହାଙ୍କ ଅପେକ୍ଷା କରି ରହିଥିଲା । ସେତେବେଳଯାଏ ମଧ୍ୟ ପାତ୍ରମଧ୍ୟରେ ରାଜପୁତ୍ର ନିଦ୍ରିତ । ଅପୂର୍ବ ସାହସିନୀ ପାନ୍ନା ତତ୍କ୍ଷଣାତ୍ ସେହି ଭୃତ୍ୟ ସହିତ ନଦୀ ପାରି ହୋଇ ପାର୍ଶ୍ୱବର୍ତ୍ତୀ ଏକ କ୍ଷୁଦ୍ରରାଜ୍ୟର ରାଜାଙ୍କ ନିକଟରେ ଉପସ୍ଥିତ ହେଲେ; କିନ୍ତୁ ସେ ରାଜା ପାନ୍ନାଙ୍କ ମୁଖରୁ ସମସ୍ତ ବୃତ୍ତାନ୍ତ ଶୁଣି ବନବୀରଙ୍କ ଭୟରେ ଆପଣାର ପରଲୋକଗତ ରାଣାଙ୍କର ଔରସ ପୁତ୍ରକୁ ସୁଦ୍ଧା ଆଶ୍ରୟ ଦେବାକୁ ସାହସ କଲେ ନାହିଁ । ତଥାପି ପାନ୍ନା ଆଉ ଜଣେ ସାମନ୍ତରାଜାଙ୍କ ନିକଟକୁ ଯାଇ ସବୁ କଥା ଜଣାଇଲେ । ସେ ମଧ୍ୟ ପୂର୍ବପରି ଅସ୍ୱୀକାର କଲେ । ତଥାପି ବୀରଧାତ୍ରୀ ହୃଦୟରେ ଅପୂର୍ବ ଦମ୍ଭ ବାନ୍ଧି ବନ୍ଧୁର ବନଗିରିଭୂମି ଅତିକ୍ରମ କରି ଗୋଟିଏ ଗିରିଦୁର୍ଗକୁ ଯାତ୍ରା କଲେ । ସେ ଗଡ଼ର ରାଜା ମଧ୍ୟ ବନବୀରଙ୍କ ଭୟରେ ଉଦୟସିଂହଙ୍କୁ ଆଶ୍ରୟ ଦେବାକୁ ସମ୍ମତ ହେଲେ ନାହିଁ । ବୃଦ୍ଧା ଏଥିରେ ହତବୁଦ୍ଧି ନ ହୋଇ ଅବଶେଷରେ କମଳମୀର ରାଜ୍ୟର ଅନ୍ତର୍ଗତ କୁମ୍ଭମେରୁ ଗଡ଼ରେ ଯାଇ ଉପସ୍ଥିତ ହେଲେ । ସେଠାର ରାଜା ଜଣେ ଜୈନ । ଜୀବେ ଦୟା ତାଙ୍କର ମୂଳଧର୍ମ ଥିଲେ ସୁଦ୍ଧା ଏ ଶରଣାଗତଜନରକ୍ଷାରେ ସେ ମଧ୍ୟ କୁଣ୍ଠିତ ହେଲେ । ମାତ୍ର ତାଙ୍କର ଜନନୀ ସେତେବେଳେ ନିକଟରେ ଉପସ୍ଥିତ ଥିବାରୁ ପୁତ୍ରର ଏ ପ୍ରକାର ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଧିକ୍କାର ଦେଇ କହିଲେ—"ତୁମ୍ଭେ ମିବାର ରାଜ୍ୟର ଜଣେ ସାମନ୍ତ ରାଜା, ଏ ଉଦୟସିଂହ ତୁମ୍ଭ ପ୍ରଭୁଙ୍କର ପୁତ୍ର । ତାଙ୍କୁ ପୁଣି ଆଶ୍ରୟ ଦେବାକୁ କୁଣ୍ଠିତ ? ଏହାଙ୍କୁ ରକ୍ଷାକଲେ କୌଣସି ବିପଦର ଆଶଙ୍କା ନାହିଁ । ବରଂ ଏହି ପୁଣ୍ୟ ଫଳରେ ଈଶ୍ୱର ତୁମ୍ଭର ମଙ୍ଗଳ କରିବେ ।" ଏହିରୂପେ ସେ ଜୈନ ନୃପତିଙ୍କ ହସ୍ତରେ ଉଦୟସିଂହଙ୍କୁ ସମର୍ପଣ କରି ପାନ୍ନା ଆଉ ସେଠାରେ କାଳ ବିଳମ୍ବ କଲେନାହିଁ । କାଳେ ତାହାଙ୍କୁ ଅପରିଚିତ ରାଜପୁତ ରମଣୀ ଦେଖି ସେଠା ଲୋକେ କିଛି ସନ୍ଦେହ କରିବେ ଏବଂ ଏଣେ ତାହାଙ୍କ ଅଦର୍ଶନରେ ଚିତୋରରେ ସଂଶୟ ବଢ଼ି ପାରେ ଏହିପରି ଦ୍ୱିଧା ଭାବ ସେ ଅବଲମ୍ବରେ ଚିତୋରରେ ଆସି ପ୍ରବେଶ କଲେ ।

ଉଦୟସିଂହଙ୍କୁ ନିରାପଦରେ ରଖି ଆସି ପାନ୍ନା ସେ ଶୁଭଭବିଷ୍ୟତ୍ ମନେ ମନେ ଗଣନା କରିବାକୁ ଲାଗିଲେ । ଗୋପପୁରରେ ବାସୁଦେବ ଶ୍ରୀକୃଷ୍ଣଙ୍କ ପ୍ରାୟ ଏଣେ କୁମ୍ଭମେରୁ ଗଡ଼ରେ ଉଦୟସିଂହ ରାଜାଙ୍କର ଭାଗିନେୟରୂପେ ସମସ୍ତଙ୍କ ସ୍ନେହ ପାଇ ବଢ଼ିବାକୁ ଲାଗିଲେ ।

Digitized by srujanika@gmail.com

ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କର ବଳବୀର୍ଯ୍ୟ-ମହିମା କ୍ରମେ ଲୋକରେ ପ୍ରକାଶ ପାଇବାକୁ ଲାଗିଲା । ଲୋକେ ରାଜାଙ୍କ ଭଗିନେୟ ବୋଲି ବୁଝୁଥିଲେ ସୁଦ୍ଧା କାର୍ଯ୍ୟରୁ ଅନ୍ୟ କେହି ହେବେ ବୋଲି ସନ୍ଦେହ କରୁଥିଲେ । ଏଥି ମଧ୍ୟରେ ଚିତୋରରୁ କେହି କେହି ଯାଇ ତାହାଙ୍କୁ ରାଜପୁତ ବୀର ବୋଲି ଚିହ୍ନି ପାରିଲେ । କ୍ରମେ ଲୋକରେ ପ୍ରଚରିତ ହେଲା ଯେ ସଂଗ୍ରାମସିଂହଙ୍କ ଉତ୍ତରାଧିକାରୀ ଉଦୟସିଂହ ଜୀବନରେ ଅଛନ୍ତି । ଏହି ସୁଯୋଗ ଦେଖି ବିଚକ୍ଷଣା ପାନ୍ନା ସମସ୍ତ ରହସ୍ୟ ଫିଟାଇଦେଲେ । ଏହା ଶୁଣି ସର୍ଦ୍ଦାରଗଣ ରାଣା ଉଦୟସିଂହଙ୍କୁ ପିତୃସିଂହାସନରେ ବସାଇବାକୁ ବ୍ୟଗ୍ର ହେଲେ । ଏଣେ ଉଦୟ ସିଂହ ଆପଣାକୁ ଜାଣି ପାରି ଚିତୋର ସିଂହାସନ ଅଧିକାର କରିବାପାଇଁ ସେଠାରୁ ସୈନ୍ୟସାମନ୍ତ ସଂଗ୍ରହ କଲେ ଏବଂ ଅଳ୍ପକାଳ ମଧ୍ୟରେ ସେମାନଙ୍କ ସାହାଯ୍ୟରେ ପିତୃସିଂହାସନରେ ଆରୋହଣ କଲେ । କାପୁରୁଷ ବନବୀର ପ୍ରାଣଭୟରେ ପଳାଇ ଯାଇ କାଞ୍ଚି ଅରଣ୍ୟରେ ପ୍ରବେଶ କଲେ । ଏତେ ଦିନରେ ଧାଈପାଳମା ପାନ୍ନାଙ୍କର ମନୋରଥ ପୂର୍ଣ୍ଣ ହେଲା । ପୁତ୍ର ଶୋକାତୁରା ମାତାର ପୁତ୍ରଶୋକ ଦୂରୀଭୂତ ହେଲା । ଉଦୟ ସିଂହଙ୍କ ମସ୍ତକରେ ରାଜମୁକୁଟ ସ୍ଥାପିତ ହୋଇ ଅପୂର୍ବ ଶ୍ରୀ ଧାରଣ କଲା । ଉଦୟ ସିଂହ ମିବାରର ରାଣା ହେବାର ଶୁଣି ରାଜ୍ୟ ମଧ୍ୟରେ ଆନନ୍ଦ ଚହଳ ପଡ଼ିଗଲା । ଜଣେ ସାମାନ୍ୟ ନାରୀର ବୁଦ୍ଧିକୌଶଳରେ ଗୋଟିଏ ଉଚ୍ଚ ରାଜବଂଶର ରକ୍ଷା ହେଲା ବୋଲି କୋଟିମୁଖରେ ଧାତ୍ରୀ ପାନ୍ନାଙ୍କର ପ୍ରଶଂସା ରାଷ୍ଟ୍ର ହୋଇଗଲା । ବୃଦ୍ଧା ପାନ୍ନା ଗୋଟିଏ ପୁତ୍ର ହରାଇଲେ କଣ ହେବ, କୋଟିପୁତ୍ରଲାଭର ଆନନ୍ଦ ଶେଷରେ ଲାଭ କରିଥିଲେ । ତାହାଙ୍କର ଜୀବନ ଧନ୍ୟ ହୋଇଅଛି, ଯାହାଠାରେ ଏହିପରି ବୁଦ୍ଧିବିବେକ ଥାଏ, ତାହାରି ଜନ୍ମ ସାର୍ଥକ । ଏହି ମରଲୋକରେ ସେହି ଏକା ଅମର ହୋଇ ରହେ ।

Digitized by srujanika@gmail.com

ରାଣୀ ଶୁକଦେଈ

ବର୍ତ୍ତମାନ ଆମ୍ଭ ଦେଶର ରମଣୀମାନଙ୍କର ଶୋଚନୀୟ ଦଶା ଦେଖିଲେ କିଏ ବିଶ୍ୱାସ କରିବ ଯେ ପୂର୍ବେ ଏ ଦେଶରେ ବୀରରମଣୀ ଥିଲେ; କିନ୍ତୁ ଏହା କଳ୍ପନାର କଥା ନୁହେଁ, ଆଜକୁ ପ୍ରାୟ ଦୁଇ ଶତ ବର୍ଷ ପୂର୍ବର ସତ୍ୟ ଘଟନା । ସେଥିରୁ ଜଣାଯିବ ଏହି ଉତ୍କଳଭୂମି ଗର୍ଭରୁ କିପରି ବୀରାଙ୍ଗନା ଜନ୍ମଗ୍ରହଣ କରିଥିଲେ । ଯେଉଁ ବାଙ୍କି ବର୍ତ୍ତମାନ ଖାସମାହାଲ, ତାହା ପୂର୍ବେ ଗୋଟିଏ କ୍ଷୁଦ୍ର କିଲ୍ଲା ଥିଲା । ସେହି ରାଜ୍ୟର ରାଜାମାନେ ଅତ୍ୟନ୍ତ ବୀରପୁରୁଷ ଥିଲେ । ବଡ଼ ରାଜା ନ ହେଲେ କଣ ହେବ ପାର୍ଶ୍ୱବର୍ତ୍ତୀ ରାଜ୍ୟମାନଙ୍କର ରାଜାମାନେ ତାହାଙ୍କୁ ପ୍ରାଣରେ ଡର କରୁଥିଲେ । ରାଜପୁତରାଜ୍ୟରେ ଚିତୋରଗଡ଼ ପରି ଓଡ଼ିଶାରେ ବାଙ୍କିର ସୁଖ୍ୟାତି ଥିଲା । ଏହି ବଂଶର ରାଜା ଧନୁର୍ଜୟ ଶ୍ରୀଚନ୍ଦନ ମହାପାତ୍ର ଖ୍ରୀଷ୍ଟାବ୍ଦ ୧୭୦୦ ରୁ ୧୭୧୫ ପର୍ଯ୍ୟନ୍ତ ପ୍ରାୟ ୧୫ ବର୍ଷକାଳ ରାଜପଣ କରିଥିଲେ । ଧନୁର୍ଜୟ ମଧ୍ୟ ଜଣେ ବୀରପୁରୁଷ ଏବଂ ପ୍ରତାପଶାଳୀ ରାଜା ଥିଲେ; କିନ୍ତୁ ତାଙ୍କର ବୃଦ୍ଧାବସ୍ଥା ଉପସ୍ଥିତ ହେବା ସମୟରେ କୌଣସି କାରଣବଶତଃ ଖୋର୍ଦ୍ଧାର ତତ୍କାଳୀନ ରାଜାଙ୍କ ସହିତ ମନୋମାଳିନ୍ୟ ଘଟିବାରୁ ଉଭୟ ମଧ୍ୟରେ ଯୁଦ୍ଧ ଘୋଷଣା ହେଲା । ଖୋର୍ଦ୍ଧାର ଅଧିପତି ଆପଣାକୁ ଅଧିକ ବଳଶାଳୀ ଜାଣି ବହୁ ସୈନ୍ୟ ସେନା ହଠାତ୍ ଆସି ବାଙ୍କି ଆକ୍ରମଣ କଲେ । ବାଙ୍କି ରାଜା ବୀର ଧନୁର୍ଜୟ ସେଥିରେ କିଞ୍ଚିନ୍ମାତ୍ର ଭୀତ ନ ହୋଇ ଅଳ୍ପସଂଖ୍ୟକ ସୈନ୍ୟ ସେନା ବିପକ୍ଷ ଦଳ ଅଭିମୁଖରେ ପ୍ରଧାବିତ ହେଲେ । ଦୁଇ ରାଜ୍ୟର ସୀମା ସ୍ଥଳରେ ଘୋର ଯୁଦ୍ଧ ହେଲା । ପଶ୍ଚାତ୍ ବୃଦ୍ଧ ଧନୁର୍ଜୟ ଆଉ ସମ୍ଭାଳି ନ ପାରି ପୃଷ୍ଠଭଙ୍ଗ ଦେବାକୁ ବସିଲେ । ତାଙ୍କର ପଛକୁ ହଟିବା ସଙ୍ଗେ ସଙ୍ଗେ ବିପକ୍ଷ ଦଳ ଦ୍ୱିଗୁଣ ବିକ୍ରମରେ ମାଡ଼ି ଆସିଲେ । ବାଙ୍କିଗଡ଼ର ନିକଟସ୍ଥ ରଗଡ଼ି ଗ୍ରାମରେ ପୁନର୍ବାର ତୁମୁଳ ଯୁଦ୍ଧ ହେଲା । ଏହି ଯୁଦ୍ଧରେ ବାଙ୍କିନରେଶ୍ୱର ପ୍ରାଣ ବିସର୍ଜନ କଲେ । ଶତ୍ରୁର ତୀକ୍ଷ୍ଣଖଡ୍ଗାଘାତରେ ଧନୁର୍ଜୟଙ୍କର ବୀରମସ୍ତକ ଭୂଲୁଣ୍ଠିତ ହେଲା । ଏହି ରକ୍ତପାତସମୟକୁ ସୂର୍ଯ୍ୟ ପଶ୍ଚିମ ଦିଗ୍‌ବଳୟରେ ରକ୍ତମୟ ଦିଶିଥିଲେ । ଖୋର୍ଦ୍ଧା ରାଜା ବିଜୟମଦରେ ତେତେବେଳେ ବାଙ୍କି-ଗଡ଼ରେ ପ୍ରବେଶ କରିବାକୁ ମାନସ କରିଥିଲେ । କିନ୍ତୁ ସେପରି ଅସମୟରେ ଘୋର ଅରଣ୍ୟପରିପୂର୍ଣ୍ଣ ନଦୀ-ପରିଖାପରିବେଷ୍ଟିତ ଦୁର୍ଗମ ବାଙ୍କିଗଡ଼ରେ ପ୍ରବେଶ କରିବାକୁ ରାଜାଙ୍କ ସୈନ୍ୟସାମନ୍ତମାନେ ସାହସୀ ହେଲେ ନାହିଁ । ଅଗତ୍ୟା ସେମାନଙ୍କୁ ଗୋପାଳପୁର ନିକଟରେ ଶିବିର ସ୍ଥାପନ କରି ସେଥିରେ ସେ ରାତି ରହିବାକୁ ପଡ଼ିଲା ।

ରାତି ପ୍ରବେଶ ସଙ୍ଗେ ସଙ୍ଗେ ସେ ଘୋର ଦୁଃସନ୍ଦେଶ ବାଙ୍କିରାଜପୁରମଧ୍ୟରେ ପ୍ରବେଶ କଲା । ଅନ୍ତଃପୁର ରମଣୀମାନଙ୍କର ହୃଦୟବିଦାରକ କରୁଣ ବିଳାପଧ୍ୱନିରେ ଚତୁର୍ଦ୍ଦିଗ ପୂର୍ଣ୍ଣ ହୋଇଗଲା । ପୁରବାସୀମାନେ ଆର୍ତ୍ତ ହାହାକାର କରିବାକୁ ଲାଗିଲେ । ପତିପ୍ରାଣା ରାଣୀ ଶୁକଦେଈଙ୍କର ଏକାଳର ଅବସ୍ଥା ବର୍ଣ୍ଣନାତୀତ । ମାତ୍ର ସେ ସାମାନ୍ୟା ରମଣୀ ନୁହନ୍ତି । ବୀର ଧନୁର୍ଜୟଙ୍କର ଉପଯୁକ୍ତ ସହଧର୍ମିଣୀ ବୀରାଙ୍ଗନା । ତେଣୁ ସେ ଅନ୍ୟ ନାରୀ ପରି ଶୋକରେ ଅଧୀର ହୋଇ ନ ପଡ଼ି ବିଚାର କରି ଦେଖିଲେ ଯେ, "ଏ ଶୋକର ସମୟ ନୁହେଁ,

Digitized by srujanika@gmail.com

ଦାରୁଣ ପରୀକ୍ଷାର ଆଜ କଠୋର କର୍ତ୍ତବ୍ୟପାଳନର ସମୟ । ନିକଟରେ ଶତ୍ରୁପକ୍ଷ ଜଗି ରହିଛନ୍ତି ।" ରାତି ନ ପାହୁଣୁ ଆସି ଏ ପୁର ଛାରଖାର କରି ପକାଇବେ, ଏତେବେଳେ ଯୁଦ୍ଧ ନ କରି ଆଉ ରକ୍ଷା ନାହିଁ । ମନ ମଧ୍ୟରେ ଏହିପରି ଆଲୋଚନା କରି ଶୋକାକୁଳା ଶୁକଦେଈ ଆପେ ଶୋକଜ୍ୱାଳା ସମ୍ଭାଳି ନେଇ ସେହି କାଳରାତିରେ ବାଳକପୁତ୍ର ସହିତ ଯୁଦ୍ଧ ଲାଗି ସଜ ହେଲେ । ଏହି ସମୟରେ ରାଜମନ୍ତ୍ରୀ ବୃଦ୍ଧ ବେବର୍ତ୍ତ ପଟ୍ଟନାୟକେ ଆସି ରାଣୀଙ୍କ ସମ୍ମୁଖରେ ଜଣାଇଲେ— "ମହିମା, ଆଜି କି ଦାରୁଣ ବାର୍ତ୍ତା ସମ୍ମୁଖରେ ଜଣାଇବା-ପାଇଁ ମୋହର ପ୍ରାଣ ରହିଅଛି ! ବାଙ୍କିର ଗୌରବ ରବି ଆଜି ଅସ୍ତମିତ, ବିପକ୍ଷଦଳ ଘୋର କୋଳାହଳ କରି ସମୂଳରେ ବାଙ୍କି ଗ୍ରାସ କରିବାକୁ ଅଗ୍ରସର । ବର୍ତ୍ତମାନ ଶୋକର ବେଳ ନୁହେ—କି ଉପାୟ କରିବାକୁ ହେବ ବୁଦ୍ଧି ଦିଶୁ ନାହିଁ, ମହିମାଙ୍କର ଅନୁମତି ହେଲେ ରାଜ୍ୟରୁ କିଛି ଅଂଶ ଦେଇ ସନ୍ଧିସ୍ଥାପନ କରିବାକୁ ହେବ । ତାହାହେଲେ ଏ ବାଳକ ଗମ୍ଭୀର ସାମନ୍ତଙ୍କର ଲୋକ-ଯାତ୍ରାନିର୍ବାହ ସକାଶେ କିଛି ରହିବ । ନ ହେଲେ ଅନ୍ୟ ଉପାୟ କିଛି ଦେଖୁନାହିଁ ।" ରାଣୀ ଏ ପ୍ରସ୍ତାବରେ ଅତ୍ୟନ୍ତ ମର୍ମବ୍ୟଥା ଅନୁଭବ କରି କହିଲେ— "ପଟ୍ଟନାୟକେ ! ଆପଣ ବୟୋବୃଦ୍ଧ, ଆଉ ଅଧିକ କଣ କହିବି ! ମୁଁ ଯେତେ ନିରୁପାୟ ହେଲେ ସୁଦ୍ଧା ପତିହନ୍ତା ନିକଟରେ ବଶ୍ୟତା ସ୍ୱୀକାର କରିବି ନାହିଁ । ମୁଁ ଅନୁରୋଧ କରୁଅଛି, ଆଉ କାଳବିଳମ୍ବ ନ କରି ଯୁଦ୍ଧର ଆୟୋଜନ କରନ୍ତୁ ଏବଂ ଶତ୍ରୁ ରାଜାଙ୍କୁ ବାର୍ତ୍ତା ଦିଅନ୍ତୁ ଯେ, କାଲି ପୁନର୍ବାର ଯୁଦ୍ଧ ହେବ ।"

ଖିରୁ ପଟ୍ଟନାୟକେ ରାଣୀଙ୍କ ମୁଖରୁ ଏପରି ବୀର-ବାଣୀ ଶ୍ରବଣ କରି ଅସମ୍ଭବ ବୋଧରେ ପୁଣି ବୁଝାଇ କହିଲେ—"ମହିମା, ଯୁଦ୍ଧ ଇଚ୍ଛା ପରିତ୍ୟାଗ କରନ୍ତୁ । ସନ୍ଧି ନ କଲେ କଣ ସେନା ଯୁଦ୍ଧ ବା କରିବେ ? ସମ୍ମୁଖରୁ ଅନୁମତି ହେଲେ ମୁଁ ଶୀଘ୍ର ସନ୍ଧି କରିବାର ଚେଷ୍ଟା କରିବି । ଏପରି ସ୍ତ୍ରୀବୁଦ୍ଧି ମୋତେ ଭଲ ଦିଶୁନାହିଁ । ବୃଦ୍ଧର ଏହି ଅନୁରୋଧ ପ୍ରତି ଅବହେଳା କରନ୍ତୁ ନାହିଁ ।"

ଯାହାର ଅନ୍ତରରେ ପ୍ରତିହିଂସାନଳ ପ୍ରଜ୍ୱଳିତ ହୋଇ ଉଠିଥିଲା ଏବଂ ପ୍ରତି ଶିରାରେ ଉଷ୍ଣ ବୀରରକ୍ତ ପ୍ରବାହିତ ହେଉଥିଲା, ସେ କଣ ଏପରି କାପୁରୁଷ କଥା ଶୁଣି ସ୍ଥିର ହୋଇ ରହି ପାରନ୍ତି ! ରାଣୀ ତତ୍ଶ୍ରବଣରେ କ୍ରୋଧରେ ଅଧୀରା ହୋଇ ଚକ୍ଷୁ ଆରକ୍ତ କରି କହିଲେ — "ଯାଅ ଯାଅ, ଲୁଣ ଖାଇ ଖୁବ୍ ଗୁଣ ଗାଇଲ । ମୋତେ ଏ ରାଜ୍ୟରେ କେହି ନ ଚାହିଁଲେ ନ ଚାହାନ୍ତୁ, କେହି ଯଦି ସାହାଯ୍ୟ ନ କରିବେ, ନ କରନ୍ତୁ, ମୁଁ ଏହି ବାଳକ ଦସ୍ୟୁନିଧିକି ଘେନି ଯୁଦ୍ଧରେ ପଶି ପ୍ରାଣ ବିସର୍ଜନ କରିବି । ମୁଁ ସେପରି ଜୀବନ କଳଙ୍କିତ କରି ପାରିବି ନାହିଁ । ତୁମ୍ଭେ ଯାଅ ଆଜନ୍ମପୋଷିତ ସେହି ସନ୍ଧିର ଉଦ୍ଯୋଗ କରିବ । ମୁଁ କ୍ଷତ୍ରିୟକନ୍ୟା ଆଉ କ୍ଷତ୍ରିୟର ପତ୍ନୀ । ମୁଁ ନିଜ କୁଳର ଯୋଗ୍ୟ କାର୍ଯ୍ୟ କରିବି । ଅବଶ୍ୟ ପ୍ରଭୁ ମୋହର ସହାୟ ହେବେ । ଯେବେ ଆପଣଙ୍କର ଅନୁଗ୍ରହ ହୁଏ, ତାହାହେଲେ ମୋହର ଏ ଅନୁରୋଧ ରକ୍ଷା କରି ଯୁଦ୍ଧସଜ୍ଜା କରନ୍ତୁ ।"

ନାରୀର ଏପରି ବୀରତ୍ୱ ଦର୍ଶନରେ ବୃଦ୍ଧ ପଟ୍ଟନାୟକଙ୍କ ମନରେ ଭୟ ଏବଂ ଜୟ ଆଶାର ସଞ୍ଚାର ହେଲା । ସେ ତତ୍କ୍ଷଣେ ରାଣୀଙ୍କଠାରୁ ମେଲାଣି ଘେନି ସାରା ରାତି ପରିଶ୍ରମରେ କେତେଗୁଡ଼ିଏ ପାଇକ ସଂଗ୍ରହ କରି ରାତି ଶେଷ ପ୍ରହରରେ ରାଣୀଙ୍କୁ ସେ ବାର୍ତ୍ତା ଜଣାଇଲେ । ରାଣୀ ତାହା ଶୁଣିବା ମାତ୍ରେ ବେବର୍ତ୍ତଙ୍କୁ ବହୁ ଧନ୍ୟବାଦ ଦେଇ ଆନନ୍ଦରେ ଅଧୀରା ହେଲେ । ପୂର୍ବଦିଗରେ ଅରୁଣୋଦୟ ନ ହେଉଣୁ ବୀରରମଣୀ ଅଶ୍ୱଶାଳାରୁ ଗୋଟିଏ ସୁଶିକ୍ଷିତ ଅଶ୍ୱ ଅଣାଇ ତାହା ପୃଷ୍ଠରେ ଆରୋହଣ ପୂର୍ବକ ଯୁଦ୍ଧକ୍ଷେତ୍ରକୁ ଯାତ୍ରା କଲେ । ଏ ଦୃଶ୍ୟ ସମସ୍ତଙ୍କର ଆଶ୍ଚର୍ଯ୍ୟ ସମ୍ପାଦନ କଲା । ଯେ ଆଜଯାଏ ଅନ୍ତଃପୁର ମଧ୍ୟରେ ଅସୂର୍ଯ୍ୟଂ-

Digitized by srujanika@gmail.com

ପଶ୍ୟା ହୋଇଥିଲେ—ସେ ପୁଣି ଆଜ ପୁର ବାହାରେ ସୈନ୍ୟମଣ୍ଡଳୀ ମଧ୍ୟରେ ଅଶ୍ୱପୃଷ୍ଠରେ ସମାସୀନା ! ସୂକ୍ଷ୍ମପଟ୍ଟବାସ ଯାହାଙ୍କର ପରିଧେୟ ଥିଲା, ତାଙ୍କର ଆଜ ଚର୍ମମୟ ବର୍ମ ପରିଧାନ ! ବ୍ୟାଘ୍ର ଭଲ୍ଲୁକ ବା ଭୂତ ପିଶାଚଙ୍କ ନାମ ଶ୍ରବଣରେ ଯାହାଙ୍କର ଗୁରୁ ଭୀତି ଜନ୍ମୁଥିଲା ସେ ଆଜ ଅସ୍ତ୍ରଶସ୍ତ୍ର ପ୍ରହାରକୁ ଭୟ ନ କରି ଯୁଦ୍ଧରେ ସେନାପତି ! ନାରୀକେଳର ଜଳ ପରି ଶକ୍ତି ମନୁଷ୍ୟ ଦେହକୁ ସମୟରେ ଅଦ୍ଭୁତ ଭାବରେ ଆସେ ।

ରାଣୀ ଶୁକଦେଈ ପ୍ରାଣାଧିକ ପୁତ୍ର ଦୟାନିଧିଙ୍କୁ ଜଣେ ବିଶ୍ୱସ୍ତ ଭୃତ୍ୟ ହସ୍ତରେ ସମର୍ପଣ କରି ପଦାତିକ ବୀରମାନଙ୍କ ମଧ୍ୟରେ ଉପସ୍ଥିତ ହୋଇ ଏହିରୂପେ ସେମାନଙ୍କୁ ଉତ୍ତେଜିତ କରିବାକୁ ଲାଗିଲେ—"ତୁମ୍ଭେମାନେ ଆଉ ତୁମ୍ଭର ପୂର୍ବପୁରୁଷମାନେ ମୋହର ସ୍ୱାମୀ ଏବଂ ତାହାଙ୍କ ପିତୃପିତାମହଙ୍କ ଅନ୍ନରେ ପାଳିତ । ଏହି ରାଜବଂଶର କୃପାରୁ ତୁମ୍ଭେମାନେ ବହୁକାଳରୁ ସୁଖଶାନ୍ତିରେ ଆଶ୍ରୟ ଲାଭ କରିଅଛ । ମୁଁ ଅଭାଗିନୀ ବର୍ତ୍ତମାନ ତୁମ୍ଭମାନଙ୍କର ଆଶ୍ରୟ ପ୍ରାର୍ଥନା କରୁଅଛି । ମୋହ ପ୍ରତି ଦୟା ବହିବାକୁ କେହି କୁଣ୍ଠିତ ହେବେ କି ? ମୁଁ ଅବଶ୍ୟ ମୋହପାଇଁ କିମ୍ବା ଏ ବାଳକ ଦୟାନିଧିପାଇଁ କହୁ ନାହିଁ । ତୁମ୍ଭପାଇଁ, ତୁମ୍ଭମାନଙ୍କର ବାଙ୍କିଗଡ଼ପାଇଁ ମୁଁ ଯୁଦ୍ଧ କରିବାକୁ ବାହାରିଛି । ନୋହିଲେ ପ୍ରଭୁ ଜନ୍ମ ଦେଇଛନ୍ତି, କୌଣସି ପ୍ରକାରରେ ଅନ୍ନସଂସ୍ଥାନ ହୋଇ ପାରିବ । କେବଳ ଏତିକି ଯେଉଁ ବାଙ୍କି ନିଜ ବାହୁବଳରେ ଆଜଯାଏ ଅକ୍ଷୟ ଯଶ ସଞ୍ଚୟ କରି ଆସିଅଛି, ଆମ୍ଭମାନଙ୍କ ପରି ଭୀରୁ କାପୁରୁଷଙ୍କ ଆଳସ୍ୟରେ ଆଜ ତାହା ନିଃଶେଷ ହୋଇଯିବ କିନା ? ତୁମ୍ଭର ପୂର୍ବପୁରୁଷଙ୍କ ଯଶୋରାଶି ସ୍ମରଣ କର, ଇଷ୍ଟଦେବଙ୍କଠାରେ ଶକ୍ତି ଭିକ୍ଷା କର ଏବଂ ହୃଦୟରୁ ଭୀରୁତା ଦୂର କରି ଅପୂର୍ବ ସାହସ ବାନ୍ଧି ମୋହ ସଙ୍ଗରେ ଯୁଦ୍ଧକୁ ବାହାର । ତୁମ୍ଭେମାନେ ସମସ୍ତେ ଜାଣ ଦିନେ ମରିବାକୁ ହେବ, କେହି ଏ ଜଗତରେ ଚିର ନୁହନ୍ତ । ଆମ୍ଭେମାନେ ନିଶ୍ଚୟ ଯୁଦ୍ଧରେ ଜିଣିବା । ଯେବେ କି ଈଶ୍ୱର ନିର୍ଦ୍ଦୟ ହେବେ ଆଉ ଆମ୍ଭ ଦେହରୁ ଏ ଭୀରୁତା ଦୂର ନ ହୁଏ, ତଥାପି କୁଳର ମାନସମ୍ଭ୍ରମ ଲାଗି ଶତ୍ରୁ ଆଗରେ ପ୍ରାଣ ହରାଇଲେ କ୍ଷତି ନାହିଁ । ବରଂ ତାହା କଲେ ସ୍ୱର୍ଗ ଲାଭ କରି ମର୍ତ୍ତ୍ୟରେ ଅମର ହେବ । ଅତଏବ ହେ ପ୍ରିୟ ପାଇକମଣ୍ଡଳ ! ତୁଚ୍ଛା ପାଣିଫୋଟକା ତୁଲ୍ୟ ଏ ସାମାନ୍ୟ ଜୀବନ ଯେନି ଅମୂଲ୍ୟ ଯଶ ଧନ ଲାଭରେ ଅରୁଚି କର ନାହିଁ । ଏ ମନୁଷ୍ୟ ଜୀବନରେ ଯଶଠାରୁ ଅଧିକ ଆଉ କଣ ମିଳିବ ? ଅତଏବ ସେହି ଯଶକୁ ବଡ଼ କରି ମାନି ସମସ୍ତେ ସାହସରେ ଉଠ, ପ୍ରାଣମୂର୍ଚ୍ଛି ଆପଣା କାର୍ଯ୍ୟ ସାଧନ କରିଯାଅ । ଅବଶ୍ୟ ଜୟୀ ହେବ । ମୁଁ ଜଣେ ସାମାନ୍ୟ ଅବଳା ତୁମ୍ଭମାନଙ୍କର ଅଗ୍ରଗାମିନୀ ହେଉଅଛି ।"

ରାଣୀଙ୍କ ଏତାଦୃଶ ଉତ୍ତେଜନା ବାକ୍ୟରେ ସୈନ୍ୟଗଣ ଜୟ ଆଶାରେ ଉତ୍ସାହିତ ହୋଇ ବୀରମଦରେ ଅସ୍ତ୍ରଶସ୍ତ୍ରଗ୍ରହଣପୂର୍ବକ ଜୟ ଜୟ ନାଦରେ ଯୁଦ୍ଧଭୂମିଆଡ଼କୁ ଅଗ୍ରସର ହେବାକୁ ଲାଗିଲେ । ଦିନ ପ୍ରହରକ ସମୟରେ ଉଭୟ ପକ୍ଷର ଭେଟ ହେଲା । ଖୋର୍ଦ୍ଧାର ଭୋଇ ରାଜାଙ୍କ ସୈନ୍ୟ ପ୍ରାୟ ତିନି ଗୁଣ ଥିଲେ ସୁଦ୍ଧା ବାଙ୍କି ସୈନ୍ୟମାନେ ସାହସ ଛାଡ଼ିଲେ ନାହିଁ । ଖୋର୍ଦ୍ଧା ନରପତି ରାଣୀଙ୍କୁ ସେନାପତି ଦେଖି ଆଗେ ନାନା ପରିହାସ କରିବାକୁ ଲାଗିଲେ । ରାଣୀ କ୍ଷଣକାଳ ସେମାନ ମୌନଭାବରେ ସହି ଯାଇ ଉପଯୁକ୍ତ ଉତ୍ତରଦ୍ୱାରା ରାଜାଙ୍କୁ ଶିକ୍ଷା ଦେଲେ । ଦେଖୁ ଦେଖୁ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ତୁମୁଳ ହୋଇ ଉଠିଲା । ଶତ୍ରୁସୈନ୍ୟ ବହୁଳ ଥିବାରୁ ବାଙ୍କିର ସୈନ୍ୟମାନେ ସେପରି ବିକ୍ରମ ଦେଖାଇ ପାରୁ ନ ଥିଲେ । ଖୋର୍ଦ୍ଧାର ସୈନ୍ୟମାନେ ସମୁଦ୍ରଲହରୀ ପରି ସେମାନଙ୍କ ଉପରକୁ ମାଡ଼ି ଆସିଲେ । କ୍ରମେ ବାଙ୍କିର ପାଇକମାନେ ହୀନସାହସ ହୋଇ ଯୁଦ୍ଧ-

Digitized by srujanika@gmail.com

ଭୂମିରୁ ପଳାଇବାକୁ ବସିବାର ଦେଖି ରାଣୀ ଉତ୍ସାହ ବାକ୍ୟ ଉଚ୍ଚାରଣ କରିବାକୁ ଲାଗିଲେ । ମାତ୍ର ସେଥିରେ କୌଣସି ସୁଫଳ ହେବାର ନ ଦେଖି ଶେଷରେ ରାଣୀ ଜୀବନ ଆଶା ବିସର୍ଜନ କରି କେତେ ଜଣ ବିଶ୍ୱସ୍ତ ଅନୁଚରଙ୍କ ସହିତ ଅପୂର୍ବ ସାହସରେ ଶତ୍ରୁଦଳ ମଧ୍ୟରେ ପଶି ପତିହନ୍ତା ରାଜାଙ୍କର ଅନ୍ୱେଷଣ କରିବାକୁ ଲାଗିଲେ । ସେ ତେତେବେଳେ ଯେପରି ସହାୟସମ୍ବଳଶୂନ୍ୟ ହୋଇଥିଲେ, ସହଜରେ ଶତ୍ରୁ ହସ୍ତରେ ପ୍ରାଣ ହରାଇଥାନ୍ତେ; ମାତ୍ର ଦୀନବନ୍ଧୁଙ୍କ କୃପାରୁ ଫଳ ବିପରୀତ ହେଲା । ରାଣୀଙ୍କର ସେହି ଆକସ୍ମିକ ଆକ୍ରମଣ ଦର୍ଶନରେ ଶତ୍ରୁପକ୍ଷ ହତବୁଦ୍ଧି ହୋଇ ଭୟରେ ରାଜାଙ୍କୁ ଘେନି ପଳାୟନ କଲେ । ଏହି ସୁଯୋଗରେ ରାଣୀ ଆପଣାର ପାଇକମାନଙ୍କୁ ଡାକି ଶତ୍ରୁପକ୍ଷର ପଶ୍ଚାଦ୍ଧାବନ କଲେ । ଶୁଭବେଳେ ସବୁ ଶୁଭ ମିଳିଯାଏ । ପୂର୍ବରୁ ରାଜା ଧନୁର୍ଜୟ ବଡ଼ମ୍ବାରୁ ଯେଉଁ ସୈନ୍ୟଦଳ ମଗାଇଥିଲେ, ସେମାନେ ଆସି ଏତେବେଳେ ବାଟରେ ମିଶି ଗଲେ, ଉଭୟ ପକ୍ଷର ସୈନ୍ୟସଂଖ୍ୟା ପ୍ରାୟ ସମାନ ହେବାର ଦେଖି ଦ୍ୱିଗୁଣ ଉତ୍ସାହରେ ବାଙ୍କୀ ସୈନ୍ୟଦଳ ଅନୁଧାବନ କଲେ ଏବଂ ଆଗରେ ଯାଇ ରାଜାଙ୍କର ଗତିରୋଧ କରିବା ପାଇଁ କେତେକ ବଳିଷ୍ଠ ପାଇକଙ୍କ ସହିତ ଦଳବେହେରାଙ୍କୁ ଆଦେଶ ଦେଲେ । ଏହିରୂପେ ତୁଳସୀପୁର ଅତିକ୍ରମ କରି କଳାପଥର ଗ୍ରାମଠାରେ ଦୁଇପକ୍ଷ ପୁନର୍ବାର ମିଳିତ ହେଲେ ।

ତୃତୀୟବାର ଯୁଦ୍ଧ ଚଳିଲା । ଖୋର୍ଦ୍ଧା ରାଜାଙ୍କୁ ଧର୍ମ ଛାଡ଼ିଲା । ସେ ଅନନ୍ୟୋପାୟ ହୋଇ ଯୁଦ୍ଧରେ ପୃଷ୍ଠ ଭଙ୍ଗ ଦେଲେ । ତାଙ୍କର ଅନେକ ସୈନିକ ବାଙ୍କି ପାଇକଙ୍କ ହାତରେ ନିହତ ହେଲେ । ରାଜା ପଳାଇବାକୁ ବହୁତ ଚେଷ୍ଟା କରିଥିଲେ ସୁଦ୍ଧା ବ୍ୟୂହଭେଦ କରି ନ ପାରି କେତେ ଜଣ ଅନୁଚରଙ୍କ ସହିତ ବନ୍ଦୀ ହେଲେ । କିନ୍ତୁ ଉଦାରହୃଦୟା ରାଣୀ ସେ ବନ୍ଦୀ ରାଜାଙ୍କ ପ୍ରତି କୌଣସି ପ୍ରକାରେ ଅସମ୍ମାନ ପ୍ରଦର୍ଶନ ନ କରି ମାନେ ମାନେ ବିଦାୟ ଦେବାକୁ ଉଦ୍ୟତ ହେବାର ଦେଖି ରାଜା ଯୁଦ୍ଧର କ୍ଷତିପୂରଣସ୍ୱରୂପ କେତେକ କହାଣ କଉଡ଼ି ଏବଂ ନିଜ ରାଜ୍ୟର ଅନ୍ତର୍ଗତ ସମଗ୍ର କୁଶପଲ୍ଲୀ ପ୍ରଗନାଟି ପ୍ରଦାନ କରିବାକୁ ଅଙ୍ଗୀକାର କରିଥିଲେ । ଏହି ପ୍ରସ୍ତାବରେ ଉଭୟ ପକ୍ଷ ମଧ୍ୟରେ ସନ୍ଧି ହେଲା ଏବଂ ରାଜା ବିଦାୟ ନେଇ ଲଜ୍ଜାରେ ନିଜ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ ।

ଏଣେ ରାଣୀ ସୈନ୍ୟମାନଙ୍କର ହର୍ଷକୋଳାହଳ ସଙ୍ଗେ ଜୟଶ୍ରୀ ଧାରଣ କରି ପୁରି ମଧ୍ୟରେ ପ୍ରବେଶ କଲାକ୍ଷଣି ଭାବାନ୍ତର ଉପସ୍ଥିତ ହେଲା । ନିରୁଦ୍ଧ ଶୋକ ବହୁଗୁଣବେଗରେ ଉଚ୍ଛୁଳି ପଡ଼ିଲା । ପତିପ୍ରାଣା ରମଣୀ ଦୁର୍ବହ ଶୋକଭାରରେ ନିଶ୍ଚେଷ୍ଟ ହୋଇ ପଡ଼ିଲେ । ଏହି ଭାବରେ ତିନି ଦିନ ତିନି ରାତି ବିତିଗଲା । ଲୋକେ ତାଙ୍କର ମୃତ୍ୟୁ ନିଶ୍ଚିତ ବୁଝି ପାରିଥିଲେ । ମାତ୍ର ଈଶ୍ୱରଙ୍କ ଅପାର କରୁଣା ଓ ରାଜକୁମାର ଏବଂ ପ୍ରଜାମାନଙ୍କର ସୌଭାଗ୍ୟବଳରେ ମୋହଗ୍ରାସରୁ ମୁକ୍ତ ହୋଇ ଧୈର୍ଯ୍ୟସହକାରେ ପତିଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ କଲେ ଏବଂ ସିଂହାସନାରୂଢ଼ ବାଳକ ପୁତ୍ର ଦୟାନିଧିଙ୍କର ପ୍ରତିଭୂ ହୋଇ ସମସ୍ତ ରାଜକାର୍ଯ୍ୟ ବୁଝିବାକୁ ଲାଗିଲେ । ବୃହତ୍ କୁଶପଲ୍ଲୀ ପ୍ରଗନା ଖଣ୍ଡି ମିଶି ତାଙ୍କର ରାଜ୍ୟ ବୃଦ୍ଧିଲାଭ କରିଥିଲା । ସେ ପ୍ରଥମେ ରାଜ୍ୟ ବିଜୟର ସହାୟ ଅମାତ୍ୟ ଏବଂ ପଦାତିକମାନଙ୍କର ଜାଗିରି ବୃତ୍ତି ବଢ଼ାଇଦେଇ ସେମାନଙ୍କୁ ସନ୍ତୁଷ୍ଟ କରିଥିଲେ । ତତ୍ପରେ ପ୍ରଜାମାନଙ୍କୁ ନାନା ଆଶା ଆଶ୍ୱାସନା ଦେଇ ସୁଖରେ ପାଳନ କରିବାକୁ ଲାଗିଲେ । ଏହିରୂପେ ସେ ୧୭୧୫ ରୁ ୧୭୨୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରାୟ ଦଶ ବର୍ଷକାଳ ରାଜ୍ୟ ଶାସନ କାର୍ଯ୍ୟ ଚଳାଇଥିଲେ ।

ପୂର୍ବରେ ଏ ଦେଶରେ କ୍ଷତ୍ରିୟକରଣ ମହିଳାମାନେ ନିଜ ନିଜ ଗୃହ ମଧ୍ୟରେ ବିଦ୍ୟାଶିକ୍ଷା କରୁଥିଲେ ।

Digitized by srujanika@gmail.com

ରାଜପରିବାର ମଧ୍ୟରେ ଅନେକ ରମଣୀ କାବ୍ୟାଦି ଉଚ୍ଚସାହିତ୍ୟ ଚର୍ଚ୍ଚା କରୁଥିବାର ଯଥେଷ୍ଟ ପ୍ରମାଣ ମିଳେ । ଆମ୍ଭମାନଙ୍କର ଏହି ରାଣୀ ଶୁକଦେଈ ଯେ ସୁଶିକ୍ଷିତା ଥିଲେ, ତାହା ତାଙ୍କ କାର୍ଯ୍ୟାବଳୀରୁ ସୁସ୍ପଷ୍ଟ ବୁଝା ପଡ଼ୁଅଛି । କି ପତିଭକ୍ତି, କି ପୁତ୍ରବାତ୍ସଲ୍ୟ, କି ପ୍ରଜାପାଳନ କୌଣସି ଗୁଣରେ ସେ ଊଣା ନ ଥିଲେ । ସର୍ବପ୍ରକାର କର୍ତ୍ତବ୍ୟ ପାଳନରେ ସେ ଯେଉଁ ଆଦର୍ଶ ଦେଖାଇ ଯାଇ ଅଛନ୍ତି, ତାହା ଆଧୁନିକ ମହିଳା-ମାନଙ୍କର ସର୍ବଦା ସ୍ମରଣୀୟ ହେବା ଉଚିତ । ତାଙ୍କ ପରି ବୀରରମଣୀ ଏ ଅନୁନ୍ନତ ଓଡ଼ିଶାରେ କାହିଁକି ପ୍ରତିବେଶୀ ଉନ୍ନତ ଦେଶରେ କେତେ ଜଣ ଅଛନ୍ତି ! ରାଣୀ ଶୁକଦେଈଙ୍କ ପରି ବୀରରମଣୀଙ୍କୁ ଜନ୍ମ ଦେଇ ଏ ଉତ୍କଳଜନନୀ ଧନ୍ୟ ହୋଇଅଛି । ଏହି ଭାରତବର୍ଷର ଅନ୍ୟାନ୍ୟ ବୀରରମଣୀମାନଙ୍କ ସହିତ ତୁଳନା କଲେ ଶୁକଦେଈ କେଉଁ ଗୁଣରେ ହୀନ ନୁହନ୍ତି । ତଥାପି ତାଙ୍କର ନାମ ଯେ ଏତେଦିନଯାଏ ଲୋକ ପ୍ରସିଦ୍ଧ ହୋଇ ନାହିଁ, ତହିଁର କାରଣ ଆମ୍ଭେମାନେ ଇତିହାସରେ ଅନ୍ଧ । ମାନ ଏହା ବିଶ୍ୱାସ କରାଯାଏ, ଦିନେ ଏହି ବୀରନାରୀ ଦେଶବସୀମାନଙ୍କ ହୃଦୟରେ ଉଚ୍ଚ ଆସନ ଅଧିକାର କରି ବସିବେ । ଜଗତରେ ଯେଉଁମାନେ ଆପଣାର ସମସ୍ତ ସୁଖସ୍ୱାର୍ଥରେ ଜଳାଞ୍ଜଳି ଦେଇ ଅଧ୍ୟବସାୟସହକାରେ କଠୋର କର୍ତ୍ତବ୍ୟ ସାଧନ କରି ଯାନ୍ତି, ସେହିମାନେ ଏହି ମର୍ତ୍ତ୍ୟଧାମରେ ଅମର ପଦବୀ ଲଭ କରନ୍ତି । ସେହି ଅମରଗଣଙ୍କୁ ଆଦର୍ଶ କରି ନିଜ ଜୀବନ ଗଠନ କରିବା ପ୍ରତ୍ୟେକ ସ୍ତ୍ରୀ ପୁରୁଷଙ୍କର କର୍ତ୍ତବ୍ୟ ।

Digitized by srujanika@gmail.com

ମହାରାଣୀ ସ୍ୱର୍ଣ୍ଣମୟୀ

ବଙ୍ଗଳାରେ ମହାରାଣୀ ସ୍ୱର୍ଣ୍ଣମୟୀଙ୍କର ନାମ ପ୍ରାୟ ସମସ୍ତଙ୍କୁ ଜଣା । ତାଙ୍କର ଦାନକୀର୍ତ୍ତି ସମଗ୍ର ବଙ୍ଗଦେଶରେ ବିସ୍ତାରିତ ହୋଇଅଛି । ସ୍ୱର୍ଣ୍ଣମୟୀ କୌଣସି ରାଜାଙ୍କ କନ୍ୟା ନ ଥିଲେ କିମ୍ବା ରାଜାର ରାଣୀ ନ ଥିଲେ । ନିଜଗୁଣରେ ସେ ମହାରାଣୀ ହୋଇଥିଲେ । ତାଙ୍କର ଗୁଣାବଳୀ ଶ୍ରବଣ କଲେ କିଏ ନ କହିବ ଯେ, ନାରୀ ପୁରୁଷଠାରୁ ବଳି ଦେଶହିତ ସାଧନ କରିପାରନ୍ତି ! ସତ୍‌ପଥରେ ଗଲେ ସାନ କିପରି ବଡ଼ ହୁଏ, ଏ ଦୃଷ୍ଟାନ୍ତ ସ୍ୱର୍ଣ୍ଣମୟୀଙ୍କ ଜୀବନରେ ସୁସ୍ପଷ୍ଟ ଦେଖାଯାଇଅଛି ।

ବାଲ୍ୟକାଳରେ ସ୍ୱର୍ଣ୍ଣମୟୀ ଜଣେ ଦରିଦ୍ରର କନ୍ୟା ଥିଲେ । ବର୍ଦ୍ଧମାନ ଜିଲ୍ଲାର ଗୋଟିଏ ପଲ୍ଲୀଗ୍ରାମରେ ତେଲିକୁଳରେ ତାଙ୍କର ଜନ୍ମ । କନ୍ୟାଟିର ସର୍ବସୁଲକ୍ଷଣ ଆଉ ଭଲ ଗୁଣମାନ ଦେଖି ସମସ୍ତେ ପ୍ରଶଂସା କରିବାକୁ ଲାଗିଲେ । କ୍ରମେ ବିବାହ ସମୟ ଆସନ୍ତେ ତାଙ୍କର ଗୁଣ ଯେତେବେଳେ ଗୃହଆଡ଼େ ଜଣା ପଡ଼ିଲା କାଶିମବଜାରର ଜମିଦାର କୁମାର କୃଷ୍ଣନାଥ ତାହାଙ୍କ ଗୁଣରେ ଆକୃଷ୍ଟ ହୋଇ ପାଣିଗ୍ରହଣ କଲେ । ଧନାଢ଼୍ୟପତିଗୃହକୁ ଆସି ଦରିଦ୍ରକନ୍ୟା ସ୍ୱର୍ଣ୍ଣମୟୀ କିଛି ଲେଖାପଢ଼ା କରିବାର ସୁବିଧା ପାଇଲେ । ପତିଙ୍କ ଯତ୍ନରେ ସେ ସଂସାରର କାର୍ଯ୍ୟ ନିର୍ବାହୋପଯୋଗୀ ଶିକ୍ଷା ଲାଭ କରି ପାରିଥିଲେ । ସୁଲକ୍ଷଣା ସ୍ୱର୍ଣ୍ଣମୟୀ ପତି ଗୃହରେ ପଦାର୍ପଣ କଲା ଦିନୁ ତାଙ୍କର କ୍ରମଶଃ ଉନ୍ନତି ଦେଖାଗଲା । ଦେଶହିତକର ପୁଣ୍ୟ କାର୍ଯ୍ୟରେ କୃଷ୍ଣନାଥଙ୍କର ବିଶେଷ ଉତ୍ସାହ ଥିଲା । ନାନା ସତ୍‌କାର୍ଯ୍ୟରେ ସେ ବହୁଧନ ଦାନ ବିତରଣ କରୁଥିଲେ । ତାହାର ଫଳରେ ସରକାରଙ୍କଠାରୁ କୃଷ୍ଣନାଥ 'ରାଜା ବାହାଦୁର' ଉପାଧି ପାଇଥିଲେ । ତାହାଙ୍କ ଔରସରେ ସ୍ୱର୍ଣ୍ଣମୟୀଙ୍କ ଗର୍ଭରୁ ଦୁଇଟି କନ୍ୟା ଜନ୍ମିଥିଲେ । କିନ୍ତୁ ସେ ସନ୍ତାନଲାଭ ସୁଖ ଅଧିକଦିନ ତାହାଙ୍କୁ ଭୋଗ କରିବାକୁ ହୋଇ ନ ଥିଲା । ବିଧାତାଙ୍କ ଅଦ୍ଭୁତ ବିଧାନରେ ସେ ଦୁଇଟି ଅଳ୍ପକାଳରେ ନଷ୍ଟ ହୋଇଗଲେ । କେବଳ ଏତିକି ନୁହେଁ, ସ୍ୱର୍ଣ୍ଣମୟୀଙ୍କର କଷ୍ଟ ଉପରେ କଷ୍ଟ ମାଡ଼ି ଆସିଲା । ଅଳ୍ପକାଳ ଉତ୍ତାରେ ସେ ପ୍ରାଣାଧିକ ପତିଙ୍କୁ ହରାଇ ବସିଲେ । ରାଜା ବାହାଦୁର କୃଷ୍ଣନାଥଙ୍କର ଅକାଳ ମରଣ ତାହାଙ୍କୁ ଆମରଣ କ୍ଳେଶ ଦେଇଥିଲା । ଗୋଟିଏ ନରହତ୍ୟା ମକଦ୍ଦମାରେ କୃଷ୍ଣନାଥଙ୍କୁ ଅଦାଲତରେ ଉପସ୍ଥିତ ହେବାକୁ ପଡ଼ିବ ଶୁଣି ଅପମାନ ଭୟରେ ସେ କଲିକତାସ୍ଥିତ ଭବନରେ ଉପସ୍ଥିତ ହୋଇ ଗୋପନରେ ଆତ୍ମହତ୍ୟା କରିଥିଲେ । ମୃତ୍ୟୁ ପୂର୍ବରେ ସେ ଖଣ୍ଡିଏ 'ଉଇଲ୍' ବା ହେବାନାମା କରି ଯାଇଥିଲେ, ତାହାର ବଳରେ 'ଇଷ୍ଟ ଇଣ୍ଡିଆ କୋମ୍ପାନି' ତାଙ୍କର ସ୍ତ୍ରୀଧନ ବ୍ୟତୀତ ଆଉ ସମସ୍ତ ସମ୍ପତ୍ତି ମାଡ଼ି ବସିଲେ । ଭଗବାନଙ୍କ କୃପାରୁ ବିଧବା ସ୍ୱର୍ଣ୍ଣମୟୀ ଏ ମହା ବିପଦ ସମୟରେ ରାଜୀବଲୋଚନ ରାୟ ନାମକ ଜଣେ ଯୋଗ୍ୟ ସାଧୁ ବ୍ୟକ୍ତିଙ୍କୁ ମନ୍ତ୍ରୀରୂପେ ପାଇଲେ ଏବଂ ତାଙ୍କର

Digitized by srujanika@gmail.com

ପରାମର୍ଶରେ ସ୍ୱାମୀଙ୍କର ଉଇଲ ଅଗ୍ରାହ୍ୟ କରାଇବା ଲାଗି ମକଦ୍ଦମା ଦାଏର କଲେ । 'ଉଇଲ' କରିବା ସମୟରେ କୃଷ୍ଣନାଥଙ୍କର ମସ୍ତିଷ୍କ ସ୍ଥିର ନ ଥିବାର ପ୍ରମାଣିତ ହେବାରୁ ମକଦ୍ଦମାରେ ସ୍ୱର୍ଣ୍ଣମୟୀ ଜୟ ଲାଭ କରି ସମସ୍ତ ସମ୍ପତ୍ତିର ଅଧିକାରିଣୀ ହେଲେ । ମାତ୍ର ଦୀର୍ଘକାଳ ମକଦ୍ଦମାର ବ୍ୟୟ ଯୋଗାଇବାରେ ତାଙ୍କର ପ୍ରଚୁର ଋଣ ହୋଇପଡ଼ିଥିଲା । ସୁଖର କଥା ଯେ ଦେବାନ ରାଜୀବଲୋଚନଙ୍କ କାର୍ଯ୍ୟଦକ୍ଷତା ଗୁଣରେ ସମସ୍ତ ଋଣ ଅଳ୍ପକାଳରେ ରାଜ୍ୟର ଆୟରୁ ପରିଶୋଧ ପାଇଥିଲା ଏବଂ ଜମିଦାରୀର ଆୟ ବହୁଗୁଣରେ ବଢ଼ି ଯାଇଥିଲା ।

ନିଷ୍ଠାପର ହିନ୍ଦୁ ବିଧବାରୂପେ ସ୍ୱର୍ଣ୍ଣମୟୀ ପବିତ୍ର ଭାବରେ ଦିନ ଯାପନ କରି ସର୍ବଦା ଦାନପୁଣ୍ୟରେ ଆତ୍ମାକୁ ନିୟୋଜିତ କରିଥିଲେ । ପ୍ରତିଦିନ ତାଙ୍କର ହସ୍ତ ଦାନଲାଗି ମୁକ୍ତ ଥିଲା । ତାଙ୍କ ନିକଟକୁ କେହି ଯାଚକ ଆସିଲେ, ଶୂନ୍ୟ ହସ୍ତରେ ପ୍ରାୟ ଫେରି ଯାଉ ନ ଥିଲେ । ନାନାଶ୍ରେଣୀର ବହୁଲୋକଙ୍କୁ ସେ ନାନାଭାବରେ ଦାନ କରି ବିବିଧ ଅଭାବ ପୂରଣ କରୁଥିଲେ । ତାହାଙ୍କ ଦାନରେ କେତେ କେତେ ଛାତ୍ରଙ୍କର ଉଚ୍ଚଶିକ୍ଷାର ସୁବିଧା ହୋଇଥିଲା, ଅନେକ ଭିକାରି କାଙ୍ଗାଳଙ୍କର ଉଦରଜ୍ୱାଳା ନିବାରିତ ହୋଇଥିଲା, କେତେ ଦରିଦ୍ର ବ୍ରାହ୍ମଣ ପଣ୍ଡିତଙ୍କର ଦୁର୍ଦ୍ଦଶା ଦୂର ହୋଇଥିଲା, କେତେ ଋଣମଗ୍ନ ବ୍ୟକ୍ତି ଋଣମୁକ୍ତ ହୋଇଥିଲେ, କେତେ କୂପ ପୁଷ୍କରିଣୀ ସ୍ଥାନେ ସ୍ଥାନେ ଖୋଳା ହୋଇ ଲୋକଙ୍କର ଜଳାଭାବ ଦୂର ହୋଇଥିଲା । ପ୍ରତିବର୍ଷ ପଣାସଂକ୍ରାନ୍ତି ଦିନ ବହୁ ଦୀନଦୁଃଖୀଙ୍କୁ ପ୍ରଚୁର ପାନ ଭୋଜନଦ୍ୱାରା ଏବଂ ବ୍ରାହ୍ମଣମାନଙ୍କୁ ଧନବସ୍ତ୍ରାଦି ପ୍ରଦାନଦ୍ୱାରା ପରିତୃପ୍ତ କରୁଥିଲେ । ଦୁର୍ଗାପୂଜା ସମୟରେ ସେହିପରି ସହସ୍ର ସହସ୍ର ଲୋକଙ୍କୁ ଭୂରିଭୋଜନଦ୍ୱାରା ଏବଂ ବ୍ରାହ୍ମଣପଣ୍ଡିତମାନଙ୍କୁ ବାର୍ଷିକ ଅର୍ଥ ସାହାଯ୍ୟଦ୍ୱାରା ପରିତୁଷ୍ଟ କରୁଥିଲେ । ନିଜ ଜମିଦାରୀ ମଧ୍ୟରେ ବହୁ ବ୍ୟୟରେ ସେ ସାନ ବଡ଼ ଅନେକ ବିଦ୍ୟାଳୟ ଏବଂ ଚତୁଷ୍ପାଠୀମାନ ବସାଇ ପ୍ରଜାମାନଙ୍କର ଅଜ୍ଞାନ ଅନ୍ଧକାର ଦୂର କରିବାର ସୁବ୍ୟବସ୍ଥା କରିଥିଲେ । କେବଳ ସେତିକି ନୁହେ, ଅନେକ ବଡ଼ ବଡ଼ ବିଦ୍ୟାଳୟର ଅଭାବ ପୂରଣ ନିମିତ୍ତ ସେ ପ୍ରଚୁର ଅର୍ଥ ସାହାଯ୍ୟ କରିଥିଲେ । ଦେଶହିତକର କାର୍ଯ୍ୟରେ ତାଙ୍କର ଦାନ ଅଳ୍ପ ନ ଥିଲା । ଯାବତ ଲୋକହିତକର କାର୍ଯ୍ୟରେ ସେ ଅକୁଣ୍ଠିତ ଚିତ୍ତରେ ପ୍ରଚୁର ଅର୍ଥଦାନ କରୁଥିଲେ । ସେ ଦାନ ଶତ ସହସ୍ର ନୁହେଁ, ସ୍ଥଳବିଶେଷରେ ଲକ୍ଷ ଲକ୍ଷ ମୁଦ୍ରା ସେ ଅକାତରେ ଦାନ କରିଥିଲେ । ବଡ଼ ଦାନ ମଧ୍ୟରେ ମୁର୍ଶିଦାବାଦ ଜିଲ୍ଲାରେ ଜଳ କଳ ନିମନ୍ତେ ପ୍ରାୟ ଦେଢ଼ଲକ୍ଷ, ବଙ୍ଗଳାର ଦୁର୍ଭିକ୍ଷରେ ସାହାଯ୍ୟସ୍ୱରୂପ ଲକ୍ଷେ ପଚିଶ ହଜାର ଏବଂ ସ୍ତ୍ରୀମାନଙ୍କର ଡାକ୍ତରୀ ଶିକ୍ଷା ପାଇଁ ଛାତ୍ରୀ-ବାସ ନିର୍ମାଣରେ ଲକ୍ଷେ ଟଙ୍କା ସେ ପ୍ରଦାନ କରିଥିଲେ । ଏହାଛଡ଼ା ଯେତେବେଳେ ଯେଉଁ ଅଭାବ କଥା ତାହାଙ୍କ କାନକୁ ଆସୁଥିଲା, ସେଥିରେ ଆପଣା ଶକ୍ତି ଅନୁସାରେ ଯଥେଷ୍ଟ ଦାନ କରୁଥିଲେ । ଏପରି ଦାନ ଆଧୁନିକ ଯୁଗରେ ଏ ଦେଶରେ ଅଳ୍ପ ଦେଖାଯାଏ । ଗୁଣଗ୍ରାହୀ ସରକାର ବାହାଦୁର ତାଙ୍କର କାର୍ଯ୍ୟକଳାପରେ ସନ୍ତୁଷ୍ଟ ହୋଇ ଆଜକୁ ପ୍ରାୟ ୫୦ ବର୍ଷ ତଳେ ତାହାଙ୍କୁ ମହାରାଣୀ ଉପାଧିଦ୍ୱାରା ସମ୍ମାନ ଦେଖାଇଥିଲେ । ଏହି ଉପାଧି ଦେବାର ପ୍ରାୟ ସାତ ବର୍ଷ ପରେ ଏହି ମହାରାଣୀଙ୍କର ଉତ୍ତରୋତ୍ତର ପ୍ରଶଂସା ଏବଂ ଗୁଣାବଳୀର ଅଧିକ ପରିଚୟ ପାଇ ସରକାର ବାହାଦୁର ପୁଣି ସି. ଆଇ. ଇ. (ସାମ୍ରାଜ୍ୟସୁହୃଦ୍ ସଙ୍ଗିନୀ ଉଚ୍ଚ ଉପାଧିରେ ତାହାଙ୍କୁ ଭୂଷିତ କରିଥିଲେ । ଦରିଦ୍ର କୁଟୀରରେ ଜନ୍ମି ସ୍ୱର୍ଣ୍ଣମୟୀ ନିଜ ସଦ୍‌ଗୁଣ ବଳରେ କେତେ ଉପରକୁ ଉଠିଥିଲେ, ତାହା ପ୍ରତ୍ୟେକ ଶିକ୍ଷିତା ମହିଳାଙ୍କର ଭାବିବା ଉଚିତ । ଇହଲୋକରେ ତାଙ୍କର ଏପରି ସମ୍ମାନ ହୋଇଥିଲା, ପରଲୋକରେ ତାହାଙ୍କର

Digitized by srujanika@gmail.com

ଶତୋଽଧିକ ସଦ୍‌ଗତ ହୋଇଥିବ । ଗୁଣ ଆଗରେ ଜାତି କିମ୍ବା ଧର୍ମର କିଛି ଉଦ୍ଦେଶ୍ୟ ନାହିଁ । ମହାରାଣୀ ସ୍ୱର୍ଣ୍ଣମୟୀ ଏବେ ଦେଶରେ ସମସ୍ତଙ୍କର ପ୍ରାତଃସ୍ମରଣୀୟା ହୋଇଅଛନ୍ତି ।

ମହାରାଣୀ ସ୍ୱର୍ଗାରୋହଣ କରିବାର ଆଜକୁ ପ୍ରାୟ ୨୦ ବର୍ଷ ହେବ । ଏହି ଅଳ୍ପବର୍ଷ ମଧ୍ୟରେ ତାଙ୍କର ନାମ ଚତୁର୍ଦ୍ଦିଗରେ ବିଖ୍ୟାତ ହୋଇ ପଡ଼ିଅଛି । ବଙ୍ଗଳାର ପ୍ରାୟ ବାରୋଟି ଜିଲ୍ଲାରେ ତାଙ୍କର ଜମିଦାରୀ ଥିଲା । ମୃତ୍ୟୁ ସମୟକୁ ସେଥିରୁ ବାର୍ଷିକ ପ୍ରାୟ ସାତ ଲକ୍ଷ ଟଙ୍କା ଆୟ ହୋଇଥିଲା । ମହାରାଣୀଙ୍କ ଅନ୍ତେ ତାଙ୍କର ଭାଗିନେୟ ମଣୀନ୍ଦ୍ର ଚନ୍ଦ୍ର ନନ୍ଦୀ ମହାରାଜା ଉପାଧିରେ ଭୂଷିତ ହୋଇ ଏହି ବିପୁଳ ସମ୍ପତ୍ତିର ଅଧିକାରୀ ହୋଇଅଛନ୍ତି । ସ୍ୱର୍ଣ୍ଣମୟୀଙ୍କର କେହି ପୁତ୍ର କନ୍ୟା ନ ଥିଲେ ସତ୍ୟ; ମାତ୍ର ଦେଶର ସହସ୍ର ସହସ୍ର ଲୋକ ତାହାଙ୍କୁ ମା ପରି ଜାଣିଥିଲେ । ଏହିପରି ଗୋଟିଏ ଗୋଟିଏ ପୁଣ୍ୟଶ୍ଳୋକା ରମଣୀ ଯେଉଁ ଦେଶରେ ଜନ୍ମିବେ ସେ ଦେଶ ଧନ୍ୟ ।

Digitized by srujanika@gmail.com

ସୁଲକ୍ଷଣା

ଉତ୍କଳର ରମଣୀମାନେ ଆଜକାଲି ବିଦ୍ୟାଶିକ୍ଷାରେ ଯେପରି ବହୁତ ପଛକୁ ପଡ଼ିଅଛନ୍ତି, ସେଥିରୁ ଅନୁମାନ ହେବ ନାହିଁ ଯେ ଅଳ୍ପକାଳ ପୂର୍ବରେ ଏ ଦେଶରେ ସୁପଣ୍ଡିତା ଆଉ ସୁକବି ରମଣୀ ଥିଲେ । ଆଜକାଲି ପରି ପୂର୍ବରେ ବାଳିକାମାନଙ୍କ ଶିକ୍ଷାପାଇଁ ପାଠଶାଳା ବା ଉଚ୍ଚ ବିଦ୍ୟାଳୟ ନ ଥିଲା ସତ୍ୟ; ମାତ୍ର ଘରକଣରେ ବସି ଅନେକେ ସୁବିଦ୍ୟା ଅର୍ଜନ କରିଥିଲେ । ପର-ଲୋକଗତା ସୁଲକ୍ଷଣା ଦେବୀ ସେଥିମଧ୍ୟରେ ଜଣେ । ଏହାଙ୍କର ସାଧୁସ୍ୱଭାବ ଏବଂ ପବିତ୍ର ଭାବ ଦେଖି ପାର୍ଶ୍ୱ ଲୋକମାନେ ଯେପରି ମୁଗ୍ଧ ହେଉଥିଲେ, ଦୂରର ଲୋକମାନେ ତାଙ୍କର ସଦ୍‌ଗୁଣମାନ ଶୁଣି ତହୁଁ ବଳି ମୋହିତ ହୋଇ ଯାଉଥିଲେ । ରାଧାନାଥ, ମଧୁସୂଦନ ପ୍ରଭୃତି ଏ ଯୁଗର ବଡ଼ ବଡ଼ କବିମାନେ ତାହାଙ୍କ ରଚିତ କବିତାମାନ ପାଠ କରି ମୋହିତ ହୋଇ ବହୁତ ପ୍ରଶଂସା କରି ଯାଇଅଛନ୍ତି ।

ଆଜକୁ ପ୍ରାୟ ୧୪୧ ବର୍ଷ ତଳେ ଅବା ୧୨୩୪ ସାଲରେ (ଖ୍ରୀ. ୧୮୨୯) ସୁଲକ୍ଷଣା ମାତୃଗର୍ଭରୁ ଭୂମିଷ୍ଠ ହେଲେ । ତାହାଙ୍କର ଜନ୍ମସ୍ଥାନ ତିଗିରିଆ ଗଡ଼ । ପିତାଙ୍କର ନାମ ଦାଶରଥି ବେବର୍ତ୍ତ ପଟ୍ଟନାୟକ । ତୁଳସୀ ଦୁଇ ପତ୍ରରୁ ବାସେ । ଅତି ବାଲ୍ୟକାଳରୁ ସୁଶୀଳା ସୁଲକ୍ଷଣା ନାନାପ୍ରକାର ପୁରାଣ କଥା ଶୁଣିବାକୁ ବଡ଼ ସୁଖ ପାଉଥିଲେ । ବାଲ୍ୟକାଳରେ ପୁରୁଣା ଧରଣରେ ସାମାନ୍ୟ ଶିକ୍ଷା କରି ପଛକୁ ସେ ବୟସ ଅଧିକ ହେବା ସଙ୍ଗେ ସଙ୍ଗେ ଓଡ଼ିଆ ରାମାୟଣ, ମହାଭାରତ, ହରିବଂଶ, ଭାଗବତ, ବିଚିତ୍ର ରାମାୟଣ, ମଥୁରାମଙ୍ଗଳ, ରସକଲ୍ଲୋଳ ପ୍ରଭୃତି ପୁରାଣ ଗ୍ରନ୍ଥମାନ ମନ ଦେଇ ଅଧ୍ୟୟନ କରିଥିଲେ । ଏହିପରି ଧର୍ମଗ୍ରନ୍ଥମାନ ଚର୍ଚ୍ଚା କରୁ କରୁ ଅଳ୍ପ ବୟସରେ ତାଙ୍କ ହୃଦୟରେ ହରି-ଭକ୍ତିର ସଞ୍ଚାର ହୋଇଥିଲା । ହରିଙ୍କ ଗୁଣକୀର୍ତ୍ତନ ଲାଗି ସେହି ହରିଭକ୍ତିପରାୟଣା ସୁଲକ୍ଷଣାଙ୍କର କବିତା ରଚନା କରିବାରେ ପ୍ରବୃତ୍ତି ହୋଇଥିଲା ଏବଂ ପ୍ରଭୁଙ୍କ କୃପାରୁ ସେଥିରେ ସେ ଦିବ୍ୟଶକ୍ତି ଲାଭ କରିଥିଲେ । ଢେଙ୍କା-ନାଳନିବାସୀ ନିତ୍ୟାନନ୍ଦ ପଟ୍ଟନାୟକ ଏହି ଗୁଣବତୀ ରମଣୀଙ୍କର ପାଣିଗ୍ରହଣ କରିଥିଲେ । ନିତ୍ୟାନନ୍ଦ ଜଣେ ରାଜକର୍ମଚାରୀ ଥିବାରୁ ମଧ୍ୟମଧ୍ୟରେ ତାହାଙ୍କ ସହ-ଧର୍ମିଣୀଙ୍କର ସଦ୍‌ଗୁଣମାନ ରାଜାଙ୍କ କର୍ଣ୍ଣଗୋଚର ହେଉଥିଲା । ରାଜା ଭଗୀରଥି ମହୀନ୍ଦ୍ର ବାହାଦୁରଙ୍କ ତୁଲ୍ୟ ସୁପଣ୍ଡିତ ସର୍ବଗୁଣଯୁକ୍ତ ରାଜା ଅଳ୍ପ ଦେଖା ଯାଇଛନ୍ତି । ସେପରି ଗୁଣଜ୍ଞ ରାଜାଙ୍କୁ ଆଦର୍ଶ କରି ଏବଂ ତାଙ୍କଠାରୁ ପରୋକ୍ଷ ଉତ୍ସାହ ପାଇ ସୁଲକ୍ଷଣା କବିତା ରଚନାରେ ଅଧିକ ମନ ଦେଇଥିଲେ । ତାଙ୍କ କବିତା ଲେଖାର ଉପକରଣ ଥିଲା ତରଳ ଅଳତା ଆଉ ଖଡ଼ିକାର କଲମ । ଗୃହକାର୍ଯ୍ୟ କରୁ କରୁ କେତେବେଳେ ପଦେ ମନକୁ ଆସିଲେ ତାହା କାନ୍ଥରେ ଲେଖି ପକାଉଥିଲେ । ଏହିପରି ଅଭ୍ୟାସଦ୍ୱାରା ସେ ଗୃହକର୍ମ ମଧ୍ୟରେ ନିଜର ଅବସର ବାହାର କରି ସେହି ସମୟରେ ପୁରାଣପାଠ ଏବଂ କବିତା ରଚନା କରି ପାରୁଥିଲେ । ତାହାଙ୍କ କବିତାବଳୀ ମଧ୍ୟରେ ପାରିଜାତମାଳା ସର୍ବୋତ୍କୃଷ୍ଟ ଏବଂ କବିଜନ ପ୍ରଶଂସିତ । ଏଥିରେ ଷଡ଼ଋତୁର ସୁନ୍ଦର ବର୍ଣ୍ଣନା ଏବଂ ପୁରୀ ବଡ଼ ଦେଉଳ ବର୍ଣ୍ଣନା ଓ ଅନେକ ଜଣାଣ ଅଛି । ସେ ପ୍ରତ୍ୟେକରେ ତାହାଙ୍କ ପବିତ୍ର ଭାବର ପରିଚୟ ମିଳେ ।

ସୁଲକ୍ଷଣା ଅତି ଶୁଦ୍ଧଶୀଳା ଏବଂ ସୁଗୃହିଣୀ ଥିଲେ । ପତିଗୃହରେ ରନ୍ଧନାଦି ଯାବତୀୟ କାର୍ଯ୍ୟ ସେ ସ୍ୱହସ୍ତରେ

Digitized by srujanika@gmail.com

ସମ୍ପାଦନ କରି ଦେବାର୍ଚ୍ଚନ ଅଧ୍ୟୟନାଦି ନିଷ୍ଠାରେ କରୁଥିଲେ । ପୁତ୍ରକନ୍ୟାମାନଙ୍କୁ ସେହି ମନୁଷ୍ୟ କରିଥିଲେ । ଅନ୍ତରରେ ଗଭୀର ସ୍ନେହ ଥିଲେ ସୁଦ୍ଧା ଚରିତ୍ରଗଠନ ନିମନ୍ତେ ମୁଖରେ ସର୍ବଦା କଣ୍ଠଭୂଷଣ ବା ତିରସ୍କାର କରୁଥିଲେ । ବାଲ୍ୟକାଳରେ ସେମାନଙ୍କୁ ନାନା ନୀତିଗର୍ଭ ପୌରାଣିକ କଥାମାନ ପ୍ରତ୍ୟହ ଶୁଣାଇ ଚିତ୍ତ ରଞ୍ଜନ କରୁଥିଲେ । ଫଳତଃ ସନ୍ତାନମାନେ ପିତାଙ୍କ ଅପେକ୍ଷା ମାତାଙ୍କୁ ଅଧିକ ଭୟ କରୁଥିଲେ । ପୁତ୍ରମାନଙ୍କ ଚରିତ୍ର ପ୍ରତି ତାଙ୍କର ଏପରି ତୀକ୍ଷ୍ଣଦୃଷ୍ଟି ଥିଲା, ଯେତେବେଳେ ଅଧ୍ୟୟନାର୍ଥ ପୁତ୍ର କଟକପ୍ରବାସୀ ହେଲେ, ସେତେବେଳେ ସେ ପ୍ରତି ପତ୍ରରେ ସୁସଙ୍ଗ ଆଉ ସୁବୁଦ୍ଧି ଲାଗି ଉପଦେଶ ଦେଇ ସହରରେ ଦୁଷ୍ଟସଂସର୍ଗ ବର୍ଜନ କରିବାକୁ ସାବଧାନ କରାଇ ଦେଉଥିଲେ । ଗୃହକାର୍ଯ୍ୟରେ ଦକ୍ଷତା ବ୍ୟତିରେକେ ତାହାଙ୍କର ନାନା କଳାରେ ଜ୍ଞାନ ଥିଲା । ମୃତ୍ତିକାରେ ଏବଂ କାଗଜରେ ମୁରୁଜ ଓ କାଳିଦ୍ୱାରା ନାନାପ୍ରକାର ଚିତ୍ର କରିବା ଏବଂ ତୁଳସୀପତ୍ରରେ ନାନାପ୍ରକାର ଚିତ୍ର ଓ ନାମାବଳୀ ଲିଖନରେ ସୁଲକ୍ଷଣା ସୁନିପୁଣା ଥିଲେ ।

୧୮୮୧ ମସିହାରେ ତାଙ୍କର ସ୍ୱାମୀ ସ୍ୱର୍ଗାରୋହଣ କରିବାରୁ ସୁଲକ୍ଷଣା ହବିଷ୍ୟ କରି ଅତି ପବିତ୍ରଭାବରେ ଦିନ ଯାପନ କରିବାକୁ ଲାଗିଲେ । ପତିଙ୍କ ମୃତ୍ୟୁର ବହୁବର୍ଷ ପୂର୍ବରୁ ସେ କାର୍ତ୍ତିକରେ ହବିଷ୍ୟ କରି ଦାମୋଦର ପୂଜା କରୁଥିଲେ । ଅନ୍ୟମାନଙ୍କୁ ମଧ୍ୟ ସାହାଯ୍ୟ ଦେଇ ସେହି ବ୍ରତ କରାଉଥିଲେ । ଦାମୋଦର ପୂଜାରେ ପୁତ୍ର ଲାଭ କରିଥିବା ଜାଣି ସେ କନିଷ୍ଠ ପୁତ୍ରର ନାମ ଦାମୋଦର ଦେଇଥିଲେ । ଏ ଜାଣନ୍ତୁ ସଙ୍ଗୀତ ଓ ଜଗନ୍ନାଥ ସଙ୍କୀର୍ତ୍ତନାଦିର କବି ଦେବାନ ଦାମୋଦର ପଟ୍ଟନାୟକ । ତାଙ୍କର କବିତ୍ୱ ଶକ୍ତି ମାତାଙ୍କ ଯୋଗେ ହୋଇଅଛି ବୋଲି ସେ ଏହିପରି କହି ଯାଇଅଛନ୍ତି । "ଅଶେଷଗୁଣାଳଙ୍କୃତା ବୃଦ୍ଧା ଜନନୀ ମୋତେ ପ୍ରକୃତ ମାତୃଭାଷାରେ କପରି ପବିତ୍ର ଭାବରେ ରଚନା କରିବାକୁ ହୁଏ, ତାହା ବିଶଦରୂପେ ଶିକ୍ଷା ଦେଇଅଛନ୍ତି ଏବଂ ସେଥି ସକାଶେ ମୁଁ ଆପଣାକୁ କୃତାର୍ଥ ମନେ କରୁଅଛି ।" ଜଗନ୍ନାଥଦର୍ଶନ ପରେ ଜ୍ୟେଷ୍ଠ ସନ୍ତାନଙ୍କୁ ଲାଭ କରିଥିବାରୁ ସୁଲକ୍ଷଣା ତାଙ୍କର ନାମ ଜଗନ୍ନାଥ ଦେଇଥିଲେ । ଦେବବ୍ରାହ୍ମଣଠାରେ ତାଙ୍କର ଭକ୍ତି ବାଲ୍ୟକାଳରୁ ଦେଖା ଯାଉଥିଲା । କୌଣସି ନୂତନ ଦ୍ରବ୍ୟ ବା ସୁପକ୍ୱ ଫଳାଦି ଗୃହକୁ ଆସିଲେ ସେ ଆଗେ ଦେବତାଙ୍କୁ ନିବେଦନ ନ କରି ଆଉ ବ୍ରାହ୍ମଣଙ୍କୁ ନ ଦେଇ ଗ୍ରହଣ କରୁ ନ ଥିଲେ । ଶେଷକାଳରେ ପ୍ରତିଦିନ ଦେବପୂଜା, ପୁରାଣଶ୍ରବଣ ଓ ଗୀତଗୋବିନ୍ଦଗାନରେ ତାଙ୍କର ଅଧିକାଂଶ କାଳ ଅତୀତ ହେଉଥିଲା । ଜଗନ୍ନାଥଦର୍ଶନନିମିତ୍ତ ତାଙ୍କର ପ୍ରାଣ ବାଲ୍ୟକାଳରୁ ବ୍ୟାକୁଳ ହେଉଥିବାରୁ ସେ ମଧ୍ୟମଧ୍ୟରେ ଯାଇ ନୀଳାଚଳଧାମରେ କିଛୁଦିନ ଯାପନ କରୁଥିଲେ ଏବଂ ଗରୁଡ଼ସ୍ତମ୍ଭ ପୃଷ୍ଠରେ ଭକ୍ତିଗଦ୍‌ଗଦକଣ୍ଠରେ ଗୀତଗୋବିନ୍ଦଗାନ କରି ହୃଦୟଭାବରେ ବିହ୍ୱଳ ହେଉଥିଲେ । ସର୍ବଦା ଶୁଦ୍ଧାଚାର ବା ଶୌଚ ପ୍ରତି ତାଙ୍କର ବିଶେଷ ଦୃଷ୍ଟି ଥିଲା ।

ଏହିପରି ପବିତ୍ର ଭାବରେ କୋଡ଼ିଏ ବର୍ଷ କାଳ ବୈଧବ୍ୟରେ କଟାଇ ସେ ୭୨ ବର୍ଷ ବୟସରେ ପରଲୋକ ଗମନ କଲେ । ତାହାଙ୍କ ମୃତ୍ୟୁସମ୍ବାଦ ପାଇ ଭକ୍ତକବି ମଧୁସୂଦନ ଗୋଟିଏ କବିତାରେ ଯେପରି ଭାବ ପ୍ରକାଶ କରିଥିଲେ, ସେଥିରୁ ପରଲୋକଗତ ଆତ୍ମା ପ୍ରତି ତାଙ୍କର ବିଶେଷରେ ଶ୍ରଦ୍ଧା ଓ ଭକ୍ତି ଥିବାର ଜଣା ଯାଇଅଛି ।

Digitized by srujanika@gmail.com

ନାରୀଦର୍ପଣ

ଦ୍ୱିତୀୟ ଖଣ୍ଡ

NARIDARPANA

Late Pt. Mrutyunjaya Rath

Digitized by srujanika@gmail.com

ନାରୀଦର୍ପଣ

ଦ୍ୱିତୀୟ ଖଣ୍ଡ

ଦମୟନ୍ତୀ

ବିଦର୍ଭଦେଶରେ ଭୀମ ନାମକ ଜଣେ ଭୀମପରାକ୍ରମ ନୃପତି ଥିଲେ । ସେ ଅପୁତ୍ରକ ଥିବାରୁ ସନ୍ତାନଲାଭ ଲାଗି ସର୍ବଦା ଯତ୍ନ କରୁଥିଲେ । ଦିନେ ଦମନନାମକ ଜଣେ ଋଷି ତାହାଙ୍କ ନିକଟରେ ଉପସ୍ଥିତ ହେବାରୁ ରାଜା ବିବିଧ ଉପଚାରରେ ତାଙ୍କର ସତ୍କାର କରିଥିଲେ । ସେଥିରେ ମହର୍ଷି ଅତ୍ୟନ୍ତ ସନ୍ତୁଷ୍ଟ ଏବଂ ପ୍ରସନ୍ନ ହୋଇ ଏହି ବର ଦେଲେ, "ହେ ରାଜନ୍, ତୁମ୍ଭର ତିନୋଟି କୁମାର ଏବଂ ଗୋଟିଏ କନ୍ୟାରତ୍ନ ହେବେ ।" ଦମନ ମୁନିଙ୍କ ପ୍ରସାଦରୁ ଲାଭ କରିଥିବା ଯୋଗୁଁ ରାଜା ପୁତ୍ର ତିନିଙ୍କର ନାମ ଦମ, ଦାନ୍ତ, ଦମନ ଏବଂ କନ୍ୟାଟିର ନାମ ଦମୟନ୍ତୀ ଦେଲେ । ଦମୟନ୍ତୀ ରୂପଲାବଣ୍ୟ ଆଉ ତେଜରେ ସମସ୍ତଙ୍କୁ ବଳିପଡ଼ୁଥିଲେ । ସୁନ୍ଦରପଣକୁ ତାଙ୍କର କେହି ପଟାନ୍ତର ନ ଥିଲା । ଏହି ରୂପବତୀ କୁମାରୀ ବାଲ୍ୟ-କାଳରେ ନାନା କଳାବିଦ୍ୟା ଶିକ୍ଷା କରି ଚଉଆଡ଼େ ଯଶପତାକା ଉଡ଼ାଇଲେ । ତାଙ୍କର ଗୁଣମାନ ଶୁଣି ସେ କାଳର ସମସ୍ତ ରାଜାମାନେ ମନେ ମନେ ତାହାଙ୍କୁ ଆପଣାର ପ୍ରଣୟିନୀ କରିବାକୁ କାମନା କରିଥିଲେ । ସଖୀମାନଙ୍କ ସଙ୍ଗରେ ବାଲ୍ୟକାଳଟା କ୍ରୀଡ଼ାକୌତୁକରେ କଟାଇ ଦମୟନ୍ତୀ କ୍ରମେ ଯୁବତୀ ହେଲେ । ବିବାହର ବୟସ ଦେଖି ସଖୀମାନେ ନିତି ନିତି ତାହାଙ୍କ ସମ୍ମୁଖରେ ବିଖ୍ୟାତ ରାଜାମାନଙ୍କର ଗୁଣ ବର୍ଣ୍ଣନା କଲେ । କିନ୍ତୁ ଅଧିକାଂଶ ଲୋକ ନଳ ରାଜାଙ୍କର ପ୍ରଶଂସା କରୁଥିଲେ ।

ସେକାଳରେ ମଗଧଦେଶର ରାଜା ନଳଙ୍କର ଯଶ ଚଉଆଡ଼େ ବ୍ୟାପ୍ତ ହୋଇଥିଲା । କି ରୂପରେ କି ଗୁଣରେ ତାହାଙ୍କୁ କେହି ସରି ନ ଥିଲେ । ତେଣୁ ରାଜ୍ୟର ଲୋକେ ଏ ଦୁଇ ଉପଯୁକ୍ତ ବର କନ୍ୟାଙ୍କର ମିଳନ ଲାଗି ସ୍ୱତଃପ୍ରବୃତ୍ତ ହୋଇ ନଳଙ୍କ ପ୍ରଶଂସା ଦମୟନ୍ତୀଙ୍କ ଆଗରେ ଏବଂ ଦମୟନ୍ତୀଙ୍କ ପ୍ରଶଂସା ନଳଙ୍କ ସମ୍ମୁଖରେ ସର୍ବଦା କରିବାକୁ ଲାଗିଲେ । ଯେତେ-ବେଳେ ଦମୟନ୍ତୀ ଆପ୍ତଜନଙ୍କ ମୁଖରୁ ସର୍ବଦା ଏହିପରି ଶୁଣିଲେ ଯେ—"ହେ ରାଜକୁମାରି ! ମଗଧଦେଶରେ ନଳ ନାମରେ ଜଣେ ରାଜା ଅଛନ୍ତି । ତାଙ୍କ ରୂପ ଗୁଣର ଏ ମର୍ତ୍ତ୍ୟମଣ୍ଡଳରେ ପଟାନ୍ତର ନାହିଁ । ଆମ୍ଭେମାନେ ଦେବ, ଗନ୍ଧର୍ବ, ଯକ୍ଷ, ରାକ୍ଷସ ସମସ୍ତଙ୍କୁ ଦେଖିଅଛୁଁ ; ମାତ୍ର ନଳଙ୍କ ପରି ରୂପଲାବଣ୍ୟ କାହାରି ନାହିଁ । ଆପଣ ତାହାଙ୍କର ପାଟରାଣୀ ହେଲେ ଏ ଜନ୍ମ ସଫଳ ହେବ ଏବଂ ଏ ରୂପ ସାର୍ଥକ ହେବ । ଜେମାମଣି ତ ନାରୀଙ୍କ ମଧ୍ୟରେ ଶିରୋମଣି, ନଳ ରାଜା କୋଟି ନୃପତିରେ ମହତ୍ତମଣି । ଦୁହିଙ୍କର ମିଳନ ହେଲେ ବଡ଼ ଭାଗ୍ୟର କଥା ହୁଅନ୍ତା ।" ତେତେବେଳେ ଦମୟନ୍ତୀ ମନେ ମନେ ନଳଙ୍କୁ ପତିରୂପେ ବରଣ କରିଥିଲେ । ତାଙ୍କୁ ପାଇବା ଲାଗି ସେ କ୍ରମେ ଏତେ ବ୍ୟାକୁଳ ହୋଇ-ପଡ଼ିଲେ ଯେ ତାଙ୍କ ବିରହରେ ଅଧୀର ହୋଇ ଦିନ ରାତି ଖାଲି ଭାବନାରେ ଅନିଦ୍ରାରେ କଟାଇବାକୁ

Digitized by srujanika@gmail.com

ଲାଗିଲେ । ବିରହ ଲକ୍ଷଣ ଦେଖି ସଖୀମାନେ ରାଜାଙ୍କ ଛାମୁରେ ସମସ୍ତ କଥା ଜଣାଇଲେ । ତହୁଁ ନୃପତି କନ୍ୟାର ସ୍ୱୟମ୍ବର ଲାଗି ଅତ୍ୟନ୍ତ ବ୍ୟଗ୍ର ହୋଇ ସମସ୍ତ ରାଜାମାନଙ୍କୁ ସଭାକୁ ନିମନ୍ତ୍ରଣ କରାଇଲେ । ଇନ୍ଦ୍ରାଦି ଲୋକପାଳମାନେ ଦେବର୍ଷି ନାରଦଙ୍କଠାରୁ ଏ ସମ୍ବାଦ ଦମୟନ୍ତୀଙ୍କୁ ଲଭିବା ମାନସରେ ସ୍ୱୟମ୍ବର ସଭାକୁ ଯାତ୍ରା କଲେ । ବାଟରେ ନଳରାଜାଙ୍କୁ ଭେଟିଲାକ୍ଷଣି କହିଲେ —"ହେ ନିଷଧରାଜ, ତୁମ୍ଭେ ବଡ଼ ଧାର୍ମିକ ଆଉ ସତ୍ୟବାଦୀ । ଅତଏବ ଆମ୍ଭମାନଙ୍କର ଦୂତ ହୋଇ ସାହାଯ୍ୟ କର । ଆମ୍ଭେମାନେ ଦେବତା, ଦମୟନ୍ତୀଙ୍କୁ ଲାଭ କରିବାପାଇଁ ଏ ମର୍ତ୍ତ୍ୟକୁ ଅବତରଣ କରିଅଛୁଁ । ତୁମ୍ଭେ ଦମୟନ୍ତୀ ନିକଟରେ ଉପସ୍ଥିତ ହୋଇ ଏହି କଥା କହିବ ଯେ ଇନ୍ଦ୍ରାଦି ଲୋକପାଳମାନେ ତୁମ୍ଭର ପାଣି-ଗ୍ରହଣ କରିବାକୁ ଇଚ୍ଛୁକ ହୋଇ ସଭାକୁ ବିଜେ କରୁ-ଅଛନ୍ତି । ତୁମ୍ଭେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ପତି-ପଦରେ ବରଣ କର ।" ନଳ ଏପରି ବିଷମ କଥା ଶୁଣି କର ଯୋଡ଼ି ଜଣାଇଲେ, "ହେ ଲୋକପାଳଗଣ ! ଆପଣମାନଙ୍କର ଯାହା ଉଦ୍ଦେଶ୍ୟ, ମୋହର ମଧ୍ୟ ସେହି ଉଦ୍ଦେଶ୍ୟ । ଯେଉଁ ପୁରୁଷ ନିଜେ ସେ ସ୍ତ୍ରୀରତ୍ନ ଲାଭ କରିବାପାଇଁ ସଂକଳ୍ପ କରିଅଛି, ସେ ପୁଣି କିପରି ଅନ୍ୟ ଲାଗି ଯତ୍ନ କରି ପାରିବ ! ମୋତେ ଦୂତ କରି ପଠାଇବା ନିତାନ୍ତ ଅବିଧେୟ—ଅତଏବ ମୋତେ କ୍ଷମା କରନ୍ତୁ ।" କିନ୍ତୁ ଦେବଗଣ ଅସ୍ୱୀକାର କଲେ ସତ୍ୟଭ୍ରଷ୍ଟ ହେବ' ବୋଲି ଭୟ ଦେଖାଇବାରୁ ଆଉ ତାଙ୍କ ପ୍ରଭାବରେ ଶତ ଶତ ପ୍ରହରୀ ଅସ୍ତ୍ରଶସ୍ତ୍ର ଘେନି ଦମୟନ୍ତୀଙ୍କୁ ରକ୍ଷା କରୁଥିଲେ ସୁଦ୍ଧା କୌଣସି ଭୟ ନାହିଁ ବୋଲି ଦମ୍ଭ ଦେବାରୁ ନଳ ଅଗତ୍ୟା ଦମୟନ୍ତୀଙ୍କ ନିକଟକୁ ଦୂତ ହୋଇ ଗଲେ ଏବଂ ବହୁ କଷ୍ଟରେ ତାଙ୍କ ନିକଟରେ ଉପସ୍ଥିତ ହୋଇ ତାହାଙ୍କ ରୂପଲାବଣ୍ୟ ଦେଖିଲାକ୍ଷଣି ମୁଗ୍ଧ ହୋଇ ପଡ଼ିଲେ । ପଛେ ଦୂତ-କାର୍ଯ୍ୟରେ ବାଧା ପଡ଼ିବ ବୋଲି ସଙ୍ଗେ ସଙ୍ଗେ ଧୈର୍ଯ୍ୟ ଧରି ଦେବତାମାନଙ୍କ ଅଭିପ୍ରାୟ ପ୍ରକାଶ କରିବାକୁ ପ୍ରସ୍ତୁତ ହେଲେ । ସଖୀମାନଙ୍କ ସହିତ ଦମୟନ୍ତୀ ଏପରି ଅପୂର୍ବ ଯୁବାପୁରୁଷଙ୍କୁ ଦେଖି ହଠାତ୍ ଆସନରୁ ଉଠି ପଡ଼ିଲେ । ତାହାଙ୍କର ରୂପଲାବଣ୍ୟ ଏବଂ ଧୈର୍ଯ୍ୟ-ଗାମ୍ଭୀର୍ଯ୍ୟ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେବତା ବୋଲି ମନେ କରିଥିଲେ । କିଏ କହିବେ ବୋଲି କେହି ପଦେ କହିବାକୁ ଭରସି ପାରିଲେ ନାହିଁ । ଅଧିକନ୍ତୁ ତାଙ୍କର ତେଜ ଦେଖି ଲାଜରେ ମୁଖ ତଳକୁ କରି ରହିଲେ । କିନ୍ତୁ ଦମୟନ୍ତୀ ପୂର୍ବେ ଚିତ୍ରପଟରେ ନଳଙ୍କର ରୂପ ଯେପରି ଦେଖିଥିଲେ, ତାହାର ସାଦୃଶ୍ୟ ଦେଖି ଆଚମ୍ବିତ ମଣି ହସ ହସ ବଦନରେ ପ୍ରଶ୍ନ କଲେ—"ମହାଭାଗ ! ଆପଣ କିଏ, କି ନିମିତ୍ତ ଏଠାକୁ ଆଗମନ କରିଛନ୍ତି ? ଆଉ କି ରୂପରେ ଆପଣ ଏ ଯମରୂପୀ ପ୍ରହରୀଙ୍କ ହସ୍ତରୁ ରକ୍ଷା ପାଇ ଏଠାକୁ ଆସିଲେ ?" ନଳ ଉତ୍ତର ଦେଲେ, "ହେ କଲ୍ୟାଣି ! ମୁଁ ଦେବଦୂତ ? ଇନ୍ଦ୍ରାଦି ଦେବତାମାନେ ତୁମ୍ଭଙ୍କୁ କାମନା କରୁଅଛନ୍ତି । ତାଙ୍କ ମଧ୍ୟରୁ ଜଣଙ୍କୁ ପତିପଦରେ ବରଣ କର । ମୁଁ ସେମାନଙ୍କ ପ୍ରଭାବରେ ପ୍ରହରୀମାନଙ୍କ ଅଗୋଚରରେ ଏଠାକୁ ଆସି ପାରିଅଛି ।" ଦମୟନ୍ତୀ ମନେ ମନେ ଦେବତାମାନଙ୍କୁ ନମସ୍କାର କରି ନଳଙ୍କୁ କହିଲେ—"ମହାଭାଗ ! ମୁଁ ନିଷଧପତି ସର୍ବଗୁଣାନ୍ୱିତ ନଳଙ୍କୁ ପ୍ରାଣପତିପଦରେ ବରଣ କରିଅଛି । ତାଙ୍କ ବିନା ଅନ୍ୟ କାହାରିଠାରେ ମୋହର ମନ ନାହିଁ ।"

"ଦେବତାମାନେ ଥାଉଁ ଥାଉଁ ସାମାନ୍ୟ ନରକୁ ତୁମ୍ଭେ କାମନା କରୁଅଛ, ଏହା ତୁମ୍ଭପରି ବୁଦ୍ଧିମତୀ ଯୁବତୀର ଉଚିତ ହେଲା କି ?" ନଳଙ୍କଠାରୁ ଏପରି କଥା ଶୁଣି ଦମୟନ୍ତୀ ଯୁକ୍ତିରେ ଆପଣା ମତର ଟାଣ ଦେଖାଇ ଶେଷରେ କହିଲେ—"ମହାଭାଗ ! ଆପଣଙ୍କ ସହିତ ମୋହର କଥାବାର୍ତ୍ତା ଆଦୌ ଉଚିତ ନ ଥିଲା । ମୁଁ କେବଳ ନଳଙ୍କର ସାଦୃଶ୍ୟ ଦେଖି ଆପଣଙ୍କୁ କଥା କହିବାକୁ ସାହସ କରିଥିଲି । ବର୍ତ୍ତମାନ ସତ୍ୟ କହୁଅଛି, ସେହି ନଳଙ୍କଠାରେ ମୁଁ ମନପ୍ରାଣ ସମର୍ପି ଦେଇଅଛି, ସେ ପ୍ରଭୁ ଯଦି ମୋତେ ଗ୍ରହଣ ନ

Digitized by srujanika@gmail.com

କରନ୍ତୁ, ତାହାହେଲେ ଗଳାରେ ଫାଶ ଦେଇ ବା ଅଗ୍ନିରେ ଝାସ ଦେଇ ଅବା ବିଷ ଖାଇ ନୋହିଲେ ପାଣିକି ଡେଇଁ ନିଶ୍ଚୟ ପ୍ରାଣ ହରାଇବି ।'' ନଳ ଏପରି କଥା ଶ୍ରବଣ କରି ମନେ ମନେ ଆପଣାକୁ କୃତାର୍ଥ ମଣି ପୁଣି କହିବାକୁ ଲାଗିଲେ—''ନାରୀ ହୋଇ ଦେବତାଙ୍କୁ କାମନା ନ କରେ, ଏ କଥା ଆଜି ତୁମ୍ଭଠାରୁ ନୂଆ ଶୁଣିଲି । ଏ ଜଗତରେ ଇନ୍ଦ୍ର, ଅଗ୍ନି, ବରୁଣ ବା ଯମଙ୍କୁ କିଏ ବା ପୂଜା ନ କରେ ! ଯେ ସମସ୍ତ ଲୋକଙ୍କର ହିତ କରୁଅଛନ୍ତି, ଯେ ସମସ୍ତ କାମନା ପୂର୍ଣ୍ଣ କରିପାରନ୍ତି ତାଙ୍କୁ ପତିପଦରେ ବରଣ କର, ମୁଁ ବାରମ୍ବାର ଅନୁରୋଧ କରୁଅଛି । ସେମାନେ ବିରୋଧି ହେଲେ ତୁମ୍ଭେ ଯେ ନଳଙ୍କୁ ପାଇବ ଏହା ଅସମ୍ଭବ ।'' ଦମୟନ୍ତୀ ଆଉ କଥା ଉପରେ କଥା କହି ନ ପାରି ଶେଷରେ ଅଶ୍ରୁପାତ କରିବାକୁ ଲାଗିଲେ ଏବଂ ନଳଙ୍କୁ ଲକ୍ଷ୍ୟ କରି କହିଲେ—''ହେ ଦୟାନିଧି ନଳ ! ତୁମ୍ଭେ ଏବେ କେଉଁଠି ଅଛ ? ତୁମ୍ଭ ପ୍ରଣୟାଧୀନ ଜନର କି ଦୁର୍ଦ୍ଦଶା ହେଉଅଛି, ଥରେ ଦେଖିଲ ନାହିଁ ? ଥରେ କି ଦୟା କରି ଏ ଦାସୀକୁ ଦର୍ଶନ ଦେବ ନାହିଁ ?'' ସେ ବ୍ୟାକୁଳ ଭାବ ଦେଖି ନଳ ଆଉ ଆତ୍ମଗୋପନ କରି ରହି ପାରିଲେ ନାହିଁ । ପ୍ରାଣପ୍ରିୟାର ରୋଦନରେ ଅଧୀର ହୋଇ କହିଲେ—''ପ୍ରିୟେ ! ବୃଥା କାହିଁକି ରୋଦନ କରୁଅଛ । ତୁମ୍ଭେ କଣ ଦେଖି ନାହଁ ଯେ ତୁମ୍ଭର ସମ୍ମୁଖରେ ସେହି ନଳ ଉଭା ରହି-ଅଛନ୍ତି !'' ନିମେଷକରେ ବେନିଙ୍କର ନେତ୍ରପ୍ରୀତି ହୋଇଗଲା । ନଳ ଦମୟନ୍ତୀଙ୍କଠାରୁ ଶୀଘ୍ର ବିଦାୟ ନେଇ ଦେବତାମାନଙ୍କୁ ସମସ୍ତ କଥା ଜଣାଇଲେ । ଦେବତାମାନେ ତାହା ଶୁଣି କୋପାନ୍ୱିତ ହୋଇ ଦମୟନ୍ତୀଙ୍କୁ ପ୍ରତାରଣା କରିବାପାଇଁ ନଳରୂପରେ ସଭାକୁ ଯିବାର ସ୍ଥିର କଲେ । ନିର୍ଦ୍ଦିଷ୍ଟ ଦିବସରେ ମଙ୍ଗଳମୁହୂର୍ତ୍ତରେ ସ୍ୱୟମ୍ବର ସଭା ବସିଲା । ଦମୟନ୍ତୀ-ଲାଭ ଆଶାରେ ରାଜାମାନେ ବହୁମୂଲ୍ୟ ବେଶଭୂଷା ପରିଧାନ କରି ନିଜ ଐଶ୍ୱର୍ଯ୍ୟଆଡ଼ମ୍ବରରେ ଗୋଟି ଗୋଟି ହୋଇ ସଭାସ୍ଥଳକୁ ଆସି ଯେ ଯାହା ଆସନରେ ଉପବେଶନ କଲେ । ଦେଖୁ ଦେଖୁ ସଭାମଣ୍ଡପ ଦେବ, ଋଷି ଏବଂ ରାଜାମାନଙ୍କଦ୍ୱାରା ପୂର୍ଣ୍ଣ ହୋଇ ଅପୂର୍ବ ଶ୍ରୀ ଧାରଣ କଲା । ଏହି ସମୟରେ ଦମୟନ୍ତୀ ଆପଣା ରୂପଲାବଣ୍ୟରେ ସମସ୍ତଙ୍କର ମନ ନୟନ ହରଣ କରି ସେ ସଭାସ୍ଥଳରେ ଆସି ଉଭା ହେଲେ । ରାଜକୁମାରୀ ନକ୍ଷତ୍ରମଣ୍ଡିତ ଆକାଶମଣ୍ଡଳ ପ୍ରାୟ ସେହି ରାଜମୁକୁଟ-ମଣ୍ଡିତ ସଭାକୁ ନିରୀକ୍ଷଣ କରି ପ୍ରବୀଣା ଦାସୀଙ୍କଠାରୁ ରାଜାମାନଙ୍କର ପରିଚୟ ଶୁଣି ଅଗ୍ରସର ହେବାକୁ ଲାଗିଲେ । ମାତ୍ର ମନରେ ଏକମାତ୍ର ଭାବନା ଥିଲା ଯେ କିପରି ନଳଙ୍କୁ ସେଥି ମଧ୍ୟରେ ନିରୂପଣ କରିବେ ! ଶେଷରେ ଦେଖିଲେ ନଳଙ୍କ ସଦୃଶ ପାଞ୍ଚ ଜଣ ବସି-ଅଛନ୍ତି । ଯାହାଙ୍କ ସମ୍ମୁଖକୁ ଗଲେ ତହିଁ ନଳ ଭ୍ରମ ହେଲା । ଏହା ଦେବତାମାନଙ୍କର ମାୟା ଜାଣି ପାରି ଅଶରଣା ଦମୟନ୍ତୀ ଦେବଗଣଙ୍କୁ ପ୍ରଣାମ କରି କହିଲେ, ''ହେ ଦେବଗଣ ! ମୁଁ ନଳଙ୍କ ଗୁଣାବଳୀ ଶ୍ରବଣ କରି ତାହାଙ୍କୁ ପତିପଦରେ ବରଣ କରିଅଛି । ମୋତେ ତାହାଙ୍କୁ ଚିହ୍ନାଇ ଦିଅନ୍ତୁ । ମୁଁ ଯେପରି ପରପୁରୁଷ-ଗାମିନୀ ହୋଇ ପାପାଚରଣୀ ନ ହୁଏଁ । ମୋତେ ଏ ବିଷମ ସଙ୍କଟରୁ ରକ୍ଷା କରନ୍ତୁ । ଆପଣମାନେ ନିଜ ନିଜ ରୂପ ଧରିଲେ ମୁଁ ନଳଙ୍କୁ ନିରୂପଣ କରି ପାରିବି ।'' ଦେବଗଣ ଦମୟନ୍ତୀଙ୍କ କାତରପ୍ରାର୍ଥନାରେ ନିଜ ନିଜ ରୂପ ଧାରଣ କରନ୍ତେ, ଦମୟନ୍ତୀ ଭୂତଳରେ ଆସୀନ ପ୍ରାଣପ୍ରିୟ ନଳଙ୍କୁ ନିରୀକ୍ଷଣ କରି ପ୍ରସନ୍ନା ହେଲେ ଏବଂ ସ୍ଥିରନେତ୍ରରେ ଅମ୍ଳାନବଦନରେ ବଦ୍ଧାଞ୍ଜଳି ଉତ୍ତାଳରେ ବରଣମାଳା ଉଠାଇ ନଳଙ୍କ ଗଳାରେ ଲମ୍ବାଇଦେଲେ, ଦେବ ଋଷିମାନେ ଏ ଦୃଶ୍ୟ ଦେଖି ନଳଙ୍କୁ ଧନ୍ୟ ଧନ୍ୟ କହି ପ୍ରଶଂସା କଲେ ଏବଂ ରାଜାମାନେ ହାହାକାର କରି ଧିକ୍କାର ଦେବାକୁ ଲାଗିଲେ । ନଳ ତତ୍‌କ୍ଷଣାତ୍ ସଭାସ୍ଥଳରେ କହିଲେ—''ହେ କଲ୍ୟାଣି ! ତୁମ୍ଭେ ଆଜି ଦେବତାମାନଙ୍କ ସମକ୍ଷରେ ମୋତେ ପତିପଦରେ ବରଣ କଲ । ଅତଏବ ସତ୍ୟ କରି କହୁଅଛି, ଯେଉଁ ପର୍ଯ୍ୟନ୍ତ

Digitized by srujanika@gmail.com

ଏ ପିଣ୍ଡରେ ପ୍ରାଣ ଥିବ, ସେ ପର୍ଯ୍ୟନ୍ତ ତୁମ୍ଭର ପ୍ରେମାଧୀନ ରହିବ ।" ଇନ୍ଦ୍ରାଦି ଦେବତାମାନେ ସନ୍ତୁଷ୍ଟ ହୋଇ ନଳଙ୍କୁ ଏକ ଏକ ବର ପ୍ରଦାନ କରି ଆପଣା ଆପଣା ସ୍ଥାନକୁ ପ୍ରସ୍ଥାନ କଲେ । ଏହିରୂପେ ନଳ ଦମୟନ୍ତୀଙ୍କର ଶୁଭପରିଣୟ କ୍ରିୟା ସମ୍ପନ୍ନ ହୋଇଗଲା ।

ଏଣେ କଳି ଦମୟନ୍ତୀଙ୍କୁ କାମନା କରି ସ୍ୱୟମ୍ବର ସଭା ଅଭିମୁଖରେ ଯାତ୍ରା କରୁଅଛନ୍ତି । ପଥ ମଧ୍ୟରେ ଇନ୍ଦ୍ରାଦି ଲୋକପାଳମାନଙ୍କଠାରୁ ସଭାଭଙ୍ଗ ପ୍ରସଙ୍ଗ ଆଉ ଦମୟନ୍ତୀ ନଳଙ୍କୁ ବରଣ କରିଥିବା କଥା ଶୁଣି କୁପିତ ହୋଇ କହିଲେ—"ଦେବଗଣ! ସେ କନ୍ୟା ଦେବତାମାନଙ୍କୁ ଅତିକ୍ରମ କରି ଜଣେ ସାମାନ୍ୟ ନରକୁ ବରଣ କରିଅଛି, ତାହାହେଲେ ଉପଯୁକ୍ତ ଶାସ୍ତି ତାହାକୁ ଦେବ ।" ସେମାନେ ଦମୟନ୍ତୀର କିଛି ଦୋଷ ନାହିଁ ବୋଲି ବାରମ୍ବାର ବାରଣ କଲେ ସୁଦ୍ଧା କଳି ଅନିଷ୍ଟ-କଳ୍ପନା କରି ସେଠାରୁ ଚାଲିଗଲା । ନଳ ବିଦର୍ଭରାଜ-କନ୍ୟାଙ୍କୁ ନେଇ କିଛିକାଳ ଧର୍ମରେ ପ୍ରଜାପାଳନ କରି କ୍ରମେ ଦୁଇଟି ପୁତ୍ରରତ୍ନ ଲାଭ କଲେ । ଅନନ୍ତର କଳିର ପ୍ରବର୍ତ୍ତନାରେ ନଳ ନିଜ ଭ୍ରାତା ପୁଷ୍କରଙ୍କ ସହିତ ଅକ୍ଷକ୍ରୀଡ଼ାରେ ଆସକ୍ତ ହେଲେ ଏବଂ ସେହି ଅନର୍ଥମୂଳ ଦ୍ୟୂତରେ ମାତି ସର୍ବସ୍ୱ ହରାଇ ଶେଷରେ ରାଜ୍ୟଚ୍ୟୁତ ହେଲେ । ପୁଷ୍କର ନଗରରେ ନାଗରା ଦେଇ ଜଣାଇଦେଲେ, 'ଯେ ନଳଙ୍କର ପକ୍ଷ ହେବ, ତାହାର ପ୍ରାଣଦଣ୍ଡ ହେବ ।' ନଳରାଜା ପୁତ୍ର ଦୁଇଟିଙ୍କୁ ବିଦର୍ଭ ରାଜପୁରକୁ ପଠାଇ ଦେଇ ପତିବ୍ରତା ଦମୟନ୍ତୀଙ୍କୁ ନେଇ ଏକାକୀ ବନେ ବନେ ଭ୍ରମଣ କରିବାକୁ ଲାଗିଲେ ଏବଂ ନାନା କୁଞ୍ଜ ଆଶ୍ରମ ନିର୍ଝରମାନ ଦେଖାଇ କହିବାକୁ ଲାଗିଲେ । ଏହି ପଥ ବିଦର୍ଭ ନଗରୀକି ଯାଇଅଛି । ନଳଙ୍କ ମୁଖରୁ ବାରମ୍ବାର ଏ କଥା ଶୁଣି ଦମୟନ୍ତୀ କହିଲେ—"ନାଥ! ତୁମ୍ଭର ଏ କଥାର ମର୍ମ ଅନୁମାନ କରି ମୋହର ହୃତ୍କମ୍ପ ହେଉଅଛି । ତୁମ୍ଭେ କଣ ମୋତେ ପରିତ୍ୟାଗ କରି ଚାଲିଯିବ ? ପ୍ରାଣେଶ୍ୱର ! ତୁମ୍ଭେ ଧନସମ୍ପଦରୁ ବସ୍ତ୍ର ପର୍ଯ୍ୟନ୍ତ ସର୍ବସ୍ୱ ହରାଇଅଛ । ବନପଥରେ ଏକାକୀ ଶ୍ରାନ୍ତ, କ୍ଷୁଧାର୍ତ୍ତ ହେଲେ ଅଥବା ପୂର୍ବ ସୁଖ ସ୍ମରଣ କରି ଉତ୍କଣ୍ଠିତ ହେଲେ, ତୁମ୍ଭର କ୍ଲେଶ କିଏ ଦୂର କରିବ ? ଶାସ୍ତ୍ରକାରମାନେ କହିଅଛନ୍ତି, "ଭାର୍ଯ୍ୟା ହିଁ ସର୍ବଦୁଃଖରେ ମହୌଷଧ । ଭାର୍ଯ୍ୟାତୁଲ୍ୟ ଔଷଧ ଆଉ ନାହିଁ ।" ନଳରାଜା ଏହା ଶୁଣି କହିଲେ—"ପ୍ରିୟେ ! ତୁମ୍ଭେ ଯଥାର୍ଥ କହିଅଛ, ଭାର୍ଯ୍ୟା ହିଁ ଦୁଃଖିତ ବ୍ୟକ୍ତିର ଏକମାତ୍ର ମିତ୍ର । ମୁଁ ତୁମ୍ଭଙ୍କୁ ପରିତ୍ୟାଗ କରିବାକୁ ସଙ୍କଳ୍ପ କରି ନାହିଁ । ବରଂ ଏ ଆତ୍ମାକୁ ତ୍ୟାଗ କରି ପାରେ, ତୁମ୍ଭ ବିରହରେ କ୍ଷଣେ ବର୍ତ୍ତି ପାରିବି ନାହିଁ ।" ଦମୟନ୍ତୀ କହିଲେ—"ନାଥ, ତୁମ୍ଭେ ତ୍ୟାଗ କରିବ ନାହିଁ ଏହା ଧ୍ରୁବ ଜାଣିଲେ ସୁଦ୍ଧା ବାରମ୍ବାର ବିଦର୍ଭ ପଥ ଦେଖାଇବାରୁ ମୋହ ମନରେ ସନ୍ଦେହ ହେଉଅଛି । ଯଦି ସେଠାକୁ ଯିବାକୁ ହୁଏ ଦୁହେଁ ଯିବା । ସେଠାରେ ତୁମ୍ଭଙ୍କ ଯଥେଷ୍ଟ ଆଦର କରିବେ ।" ଉତ୍ତରରେ ନଳ କହିଲେ—"ପ୍ରିୟେ ! ତୁମ୍ଭ ପିତାଙ୍କ ତୁଲ୍ୟ ମୋହର ହିନେ ମଧ୍ୟ ଐଶ୍ୱର୍ଯ୍ୟ ଥିଲା । ପୂର୍ବେ ଯେଉଁ ସ୍ଥାନକୁ ଐଶ୍ୱର୍ଯ୍ୟ ଆଡ଼ମ୍ବରରେ ଯାଇ ସମସ୍ତଙ୍କର ଆନନ୍ଦ ବର୍ଦ୍ଧନ କରୁଥିଲି, ସେଠାକୁ ବର୍ତ୍ତମାନ ଏପରି ହୀନ-ହୀନବେଶରେ ଯାଇ ଶୋକବର୍ଦ୍ଧନ କରି ପାରିବି ନାହିଁ ।" ଏହା କହି ବିବସନ ନଳ ପ୍ରିୟତମାଙ୍କ ବସନରୁ ଅଧେ ପରିଧାନ କରି ନାନାପ୍ରକାରେ ତାହାଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲେ । ସୁକୁମାରୀ ଦମୟନ୍ତୀ ଅତି ପଥଶ୍ରାନ୍ତ ହୋଇ ପଡ଼ିଥିବାରୁ ନିଦ୍ରିତା ହୋଇ ପଡ଼ିଲେ । ନଳ ପ୍ରିୟତମାର ମୁଖ ନିରୀକ୍ଷଣ କରି ଭାବିବାକୁ ଲାଗିଲେ, "ଏ ସୁକୁମାରୀ ମୋପ୍ରତି ଅତ୍ୟନ୍ତ ଅନୁରାଗିଣୀ ଥିବାରୁ ଏତେ କଷ୍ଟ ପାଉଅଛି । ମୁଁ ପରିତ୍ୟାଗ କଲେ ବୋଧ ହୁଏ କୌଣସି ଆତ୍ମୀୟ ନିକଟରେ ଉପସ୍ଥିତ ହୋଇ ନିରାପଦରେ ରହିପାରିବ ! ଏ ଯେପରି ତେଜସ୍ୱିନୀ ଏବଂ ପତିବ୍ରତା ରମଣୀ, ଏହାର ଧର୍ମଲୋପ ହେବାର ସମ୍ଭାବନା ନାହିଁ । ଏହା ଭାବି ପତ୍ନୀବସ୍ତ୍ରବଦ୍ଧ ନଳ କପର ବସ୍ତ୍ର ଖଣ୍ଡି କାଟିଦେଇ ଯିବେ ଏହି ଭାବନାରେ ଅସ୍ଥିର

Digitized by srujanika@gmail.com

ହୋଇ ଗୃହଆଡ଼କୁ ଚାହିଁଲେ । ଅଳ୍ପ ଦୂରରେ ଖଣ୍ଡିଏ ଛୁରୀ ପାଇ ସେଥିରେ ଅତି କୌଶଳରେ ବସ୍ତ୍ର ଖଣ୍ଡି କାଟି ପଳାଇବାକୁ ଉଦ୍ୟତ ହେଲେ; ମାତ୍ର ପ୍ରିୟତମାର ଦଶା ଏ ବନରେ କଣ ହେବ, କିଏ ବିପଦରୁ ଉଦ୍ଧାର କରିବ ଏହିସବୁ ଭାବି ଭାବି ଅସ୍ଥିର ହୋଇ ପଡ଼ିଲେ । ଏକଆଡ଼େ ପ୍ରିୟତମାର ପ୍ରେମ, ଅନ୍ୟଆଡ଼େ କଳି ତାହାଙ୍କୁ ଆକର୍ଷଣ କରିବାକୁ ଲାଗିଲା । ଶେଷରେ କଳିର ଜୟ ହେଲା, ନଳ ସେଠାରୁ ପଳାୟନ କଲେ । ଅଦୂରରେ ଯାଇ ଦେଖିଲେ ଦାବାନଳ ପ୍ରଜ୍ୱଳିତ ହେଉଅଛି, ତାହା ମଧ୍ୟରୁ କିଏ ଡାକୁଅଛି 'ହେ ପୁଣ୍ୟଶ୍ଳୋକ ନଳ, ଶୀଘ୍ର ମୋତେ ଉଦ୍ଧାର କର' । ପରୋପକାରୀ ନଳ ତତ୍‌କ୍ଷଣାତ୍ ବ୍ୟଗ୍ର ହୋଇ ଯାଇ ଦେଖିଲେ ଅଗ୍ନି ହୁତୁ ହୁତୁ ଜଳୁଅଛି, ମଧ୍ୟରେ ଏକ ବୃହତ୍ ଅଜଗର ସର୍ପ କୁଣ୍ଡଳାକାରରେ ରହିଅଛି, ନଳଙ୍କୁ ଦେଖିଲା କ୍ଷଣି ବିଷଧର କହିଲା—"ମୁଁ ନାଗରାଜ କର୍କୋଟକ, ତୁମ୍ଭେ ଶୀଘ୍ର ଏଠାରୁ ମୋତେ ନେଇ ଯାଅ । ମୋତେ ବହନ କରି ନେଲେ ତୁମ୍ଭଙ୍କୁ କିଛିମାତ୍ର ଭାର ଜଣାପଡ଼ିବ ନାହିଁ । ଆଜିଠାରୁ ମୁଁ ତୁମ୍ଭର ସହାୟ ହୋଇ ସମସ୍ତ କ୍ଳେଶ ଦୂର କରିବାକୁ ଯତ୍ନ କରିବି ।" ନଳ ସଇରି ସେହି ଅଗ୍ନିମଣ୍ଡଳ ମଧ୍ୟରେ ପ୍ରବେଶ କରି ସର୍ପକୁ ସ୍ଥାନାନ୍ତରକୁ ଘେନି ଆସିଲେ । ସର୍ପରାଜ ସନ୍ତୁଷ୍ଟ ହୋଇ କହିଲେ— "ଯେଉଁ କ୍ରୂର କଳି ତୁମ୍ଭଙ୍କୁ ଏତେ ଦୁଃଖ ପ୍ରଦାନ କରୁଅଛି, ସେ ଆଜିଠାରୁ ତୁମ୍ଭ ହୃଦୟରେ ଥାଇ ମୋହ ବିଷରେ ଜର୍ଜରିତ ହେବ । ତୁମ୍ଭଙ୍କୁ ପରିତ୍ୟାଗ ନ କଲେ ସେ ଏ ବିଷଜ୍ୱାଳାରୁ ମୁକ୍ତ ପାଇବ ନାହିଁ । ମୋହ ପ୍ରସାଦରୁ ତୁମ୍ଭର ଆଉ ହିଂସ୍ରଦଂଶନ ଓ ଶତ୍ରୁଭୟ କିଛି ରହିବ ନାହିଁ । ଆଉ ଏ ବସ୍ତ୍ରଖଣ୍ଡି ସୁଗୁପ୍ତଭାବରେ ରଖିଥିବ । କଷ୍ଟର ସମୟ ଗଲେ ଏହାକୁ ପିନ୍ଧି ମୋତେ ସ୍ମରଣ କଲେ ତୁମ୍ଭର ନିଜରୂପ ପାଇବ । ତୁମ୍ଭେ ଏହିକ୍ଷଣି ଅଯୋଧ୍ୟାର ରାଜା ଇକ୍ଷ୍ୱାକୁବଂଶଧର ଋତୁପର୍ଣ୍ଣଙ୍କ ନିକଟକୁ ଯାଇ ବାହୁକ ନାମ ଧରି ତାଙ୍କର ସାରଥି କାର୍ଯ୍ୟ କରିବ । ସେ ଅକ୍ଷକ୍ରୀଡ଼ାରେ ବଡ଼ ପାରଗ । ତୁମ୍ଭଠାରୁ ଅଦ୍ଭୁତ ଅଶ୍ୱଚାଳନା ଶିକ୍ଷା କରି ସେ ତୁମ୍ଭଙ୍କୁ ଆପଣାର ଅକ୍ଷବିଦ୍ୟା ପ୍ରଦାନ କରିବେ ।" ନଳରାଜା ଏଥିରେ ଅତ୍ୟନ୍ତ ଆଶ୍ୱସ୍ତ ହୋଇ ଅଯୋଧ୍ୟା ଯାତ୍ରା କରି ଋତୁପର୍ଣ୍ଣ ରାଜାଙ୍କ ଆଶ୍ରୟ ନେଲେ । ରାଜା ତାହାଙ୍କ ଗୁଣର ପରିଚୟ ପାଇ ପରମ ସନ୍ତୋଷରେ ଅଶ୍ୱଚାଳକ କାର୍ଯ୍ୟରେ ନିଯୁକ୍ତ କଲେ ।

ଏଣେ ଦମୟନ୍ତୀ ଶୟନରୁ ଉଠି ପ୍ରାଣେଶ୍ୱରଙ୍କୁ ନ ଦେଖି ଚମକି ପଡ଼ିଲେ ଏବଂ 'ହା ନାଥ ! ଏ ଅଭାଗିନୀକୁ ଛାଡ଼ି କାହିଁ ଗଲ ? ଚାରିଆଡ଼େ ହିଂସ୍ରଜନ୍ତୁର କୋଳାହଳ, ମୋତେ ଭାରି ଭୟ ହେଉଅଛି, ହେ ପ୍ରାଣେଶ୍ୱର ! ଉଦ୍ଧାର କର !' ଏହିପରି କହି ବକ୍ଷରେ କର ମାରି ବିଳାପ କରିବାକୁ ଲାଗିଲେ । ସେ ଭୀଷଣ ଅରଣ୍ୟ ମଧ୍ୟରେ ନଳପ୍ରଣୟିନୀ ପାଗଳିନୀ ପରି ଏଣେ ତେଣେ ପଡ଼ିଉଠି ପତିଙ୍କୁ ଅନ୍ୱେଷଣ କରିବାକୁ ବାହାରିଲେ । କି ଗୁମ୍ଫା, କି ଗିରିଗୁହା କି ପଶୁଗର୍ତ୍ତ କୌଣସିଠାରେ ଛାଡ଼ିଲେ ନାହିଁ । ପଶୁଠାରୁ ପକ୍ଷୀ ପର୍ଯ୍ୟନ୍ତ ଯାହାକୁ ବାଟରେ ଭେଟିଲେ ତାହା ପାଖରେ ପତିଙ୍କ ସମ୍ବାଦ ଜାଣିବାପାଇଁ ବ୍ୟାକୁଳ ହେଲେ । ଏହିପରି ବୁଲୁବୁଲୁ ଏକ ପ୍ରକାଣ୍ଡ ଅଜଗର ସର୍ପ ଆସି ତାହାଙ୍କୁ ଗିଳିବାକୁ ଆରମ୍ଭ କଲା । ସର୍ପଗ୍ରାସରେ ପଡ଼ି ସୁଦ୍ଧା ଦମୟନ୍ତୀ ନିଜ ମରଣ କଥା ନ ଭାବି ପତିଙ୍କର ଦୁଃଖ ଦୁର୍ଦ୍ଦଶା କେବଳ ଭାବିବାକୁ ଲାଗିଲେ । ଏହି ସମୟରେ ଗୋଟିଏ ବ୍ୟାଧ ସେଠାକୁ ଆସି ଜଣେ ରୂପଲାବଣ୍ୟବତୀ ସ୍ତ୍ରୀର ଏପରି ଦୁର୍ଦ୍ଦଶା ଦେଖି ସର୍ପମୁଖରୁ ଉଦ୍ଧାର କଲା ଏବଂ ନିର୍ଝର ଜଳରେ ଦମୟନ୍ତୀଙ୍କର ସର୍ବାଙ୍ଗ ଧୋଇ ଦେଇ ଫଳମୂଳ ଭକ୍ଷଣ କରିବାକୁ ଦେଲା । ଶେଷରେ ସେ ଦୁରାତ୍ମା ରୂପରେ ମୋହିତ ହୋଇ ଦମୟନ୍ତୀଙ୍କ ନିକଟରେ ନିଜର ପାପ ଅଭିସନ୍ଧି ଜଣାଇଲାରୁ ତାହା ଉପରେ କୋପଦୃଷ୍ଟିପାତ କଲେ । ସେଥିରେ ବ୍ୟାଧ ଅଚେତନ ହୁଅନ୍ତେ ଦମୟନ୍ତୀ ସେଠାରୁ ଚାଲିଯାଇ ନାନା ଗିରିବନ, ନିର୍ଝର ଖୋଜି

Digitized by srujanika@gmail.com

ଖୋଜ ଏକ ଆଶ୍ରମରେ ଉପସ୍ଥିତ ହେଲେ । ତ୍ରିକାଳଜ୍ଞ ତପସ୍ୱୀମାନେ ଶୋକାକୁଳା ଅବଳାର ଦୁର୍ଦ୍ଦଶାରେ ଦୟା ବହି ସମସ୍ତ ଘଟନା ପଚାରିଲେ ଏବଂ ଦମୟନ୍ତୀଙ୍କର କରୁଣ ବାକ୍ୟ ଶ୍ରବଣ କରି କହିଲେ—"ହେ କଲ୍ୟାଣି ! ଉତ୍ତରକାଳରେ ତୁମ୍ଭର ମଙ୍ଗଳ ହେବ । ଆମ୍ଭେମାନେ ତପୋବଳରେ ଦେଖି ପାରୁଅଛୁଁ ତୁମ୍ଭେ ଅଳ୍ପକାଳରେ ପ୍ରାଣପତିଙ୍କୁ ଲାଭ କରିବ ଆଉ ସମସ୍ତ ଦୁଃଖତାପରୁ ଉଦ୍ଧାର ପାଇ ପୁଣି ରାଜରାଜେଶ୍ୱରୀ ହେବ ।" ତାପସମାନେ ଏହିରୂପେ ଆଶ୍ୱାସନା ଦେଇ ସେଠାରୁ ଅଦୃଶ୍ୟ ହୋଇଗଲେ । ଦମୟନ୍ତୀ ପତିଲାଭର ଆଶା ପାଇ ସେଠାରେ ନାନା ବୃକ୍ଷ, ନଦୀ, ପର୍ବତକନ୍ଦର, ପଶୁପକ୍ଷୀ ଏବଂ ଅଦ୍ଭୁତ ଦୃଶ୍ୟମାନ ଦର୍ଶନ କରିବାକୁ ଲାଗିଲେ । ଏହିପରି ଭ୍ରମଣ କରୁ କରୁ ସେ କେତେ ହିଂସ୍ରଜନ୍ତୁମୁଖରୁ ଏବଂ କେତେ ଦୁଷ୍ଟଜନଙ୍କ ଆକ୍ରମଣରୁ ରକ୍ଷା ପାଇ ଶେଷରେ ଚେଦିନଗରକୁ ଯାଉଥିବା ଜଣେ ସୌଦାଗରଙ୍କୁ ଦେଖିଲେ ଏବଂ ତାହାଙ୍କ ଅଗୋଚରରେ ପଥ ଅନୁସରଣ କରି ଉକ୍ତ ନଗରରେ ଉପସ୍ଥିତ ହେଲେ । ପତିବିରହବିହ୍ୱଳା ମଳିନାଙ୍ଗୀ ଦମୟନ୍ତୀ ଉନ୍ମାଦିନୀ ପରି ପୁରରେ ପ୍ରବେଶ କରିବାକୁ ବସିଛନ୍ତି, ଏହି ସମୟରେ ପ୍ରାସାଦ ଉପରୁ ରାଜମାତା ତାଙ୍କୁ ଦେଖି ଦୟା ପ୍ରକାଶ କଲେ ଏବଂ ଦାସୀକି ଡାକି କହିଲେ—'ଦେଖ, ଏ ଯୁବତୀ ଉଚ୍ଚବଂଶର କନ୍ୟା । କୌଣସି ବିପଦରେ ପଡ଼ିଥିବାରୁ ବ୍ୟାକୁଳ ହୋଇ ଶରଣ ପଶିବାକୁ ଆସୁଅଛି । ଚଞ୍ଚଳ ତାହାକୁ ମୋହ ନିକଟକୁ ଘେନି ଆସ ।' ରାଜମାତା ଦମୟନ୍ତୀଙ୍କଠାରୁ ପତିବିରହର ଯାବତ ଘଟନା ଶୁଣି ଦୟା ବହି ସେଠାରେ ରହିବାକୁ କହିଲାରୁ, ଦମୟନ୍ତୀ କରୁଣ ସ୍ୱରରେ କହିଲେ—'ଦେବି ! ଆପଣଙ୍କ ନିକଟରେ ରହିବାକୁ ମୋହର ଆପତ୍ତି ନାହିଁ । କିନ୍ତୁ ମୋହର ଯେଉଁ ବ୍ରତ ଅଛି ତାହା ନିଷ୍ଠପୂ ପାଳନ କରିବାକୁ ହେବ । ତାହା ଏହି—ମୁଁ କାହାରି ଉଚ୍ଛିଷ୍ଟ ଭୋଜନ କରିବି ନାହିଁ କିମ୍ବା କାହାରି ପାଦ ଧୋଇବି ନାହିଁ । ମୋତେ କେହି କାମନା କଲେ ଆପଣ ତାହାକୁ ଉଚିତ ଶାସ୍ତି ଦେବେ, ସେଥିରେ ସେ କ୍ଷାନ୍ତ ନ ହେଲେ ପ୍ରାଣଦଣ୍ଡ ବିଧାନ କରିବାକୁ ହେବ । ପର ପୁରୁଷ ସହିତ ମୁଁ କଥା କହିବି ନାହିଁ, କେବଳ ଯେଉଁ ବ୍ରାହ୍ମଣମାନେ ମୋହର ପତିଙ୍କ ଅନ୍ୱେଷଣ କରିବାକୁ ଯିବେ, ଫେରିଲେ ସେହିମାନଙ୍କୁ କେବଳ ପତିଙ୍କ ଉଦନ୍ତ ପଚାରିବି ।' ରାଜମାତା ଏଥିରେ ସମ୍ମତା ହୋଇ ନିଜ କନ୍ୟା ସୁନନ୍ଦା ସହିତ ତାଙ୍କୁ ସୁଖୀ କରାଇ ସୁଖରେ ରହିବାର ବ୍ୟବସ୍ଥା କରାଇଦେଲେ ।

ଏଣେ ବିଦର୍ଭ ନରପତି ଆପଣା କନ୍ୟା ଓ ଜାମାତାଙ୍କର ଦୁଃସମ୍ବାଦ ପାଇ ବ୍ୟାକୁଳ ହୋଇ ସେମାନଙ୍କ ଅନୁସନ୍ଧାନପାଇଁ ଚାରିଆଡ଼େ ବ୍ରାହ୍ମଣମାନଙ୍କୁ ପ୍ରେରଣ କଲେ । କିଏ କେତେ ସ୍ଥାନ ବୁଲି ବୁଲି ସନ୍ଧାନ ନ ପାଇ ବାହୁଡ଼ି ଆସିଲେ । ସୁଦେବ ନାମକ ଜଣେ ବ୍ରାହ୍ମଣ ଚେଦିପୁରରେ ଉପସ୍ଥିତ ହୋଇ ରାଜକୁମାରୀ ସୁନନ୍ଦାଙ୍କ ସହିତ ଗୋଟିଏ କୃଶାଙ୍ଗୀ ମଳିନବେଶା ଯୁବତୀଙ୍କି ଦେଖି କିଛିକ୍ଷଣ ଭାବି ଭାବି ଚିହ୍ନି ପାରିଲେ ଏବଂ ଦମୟନ୍ତୀଙ୍କ ନିକଟକୁ ଯାଇ ଆପଣାର ପରିଚୟ ଏବଂ ଶୋକାକୁଳ ପିତୃକୁଳର ସମ୍ବାଦ ଜଣାଇଲେ । ଦମୟନ୍ତୀଙ୍କ ନେତ୍ରଯୁଗଳରୁ ଅବିରଳ ଅଶ୍ରୁଜଳ ଝରି ପଡ଼ିଲା । ରାଜମାତା ଆସି ସମସ୍ତ ବୃତ୍ତାନ୍ତ ଶୁଣିଲେ ଏବଂ ସେ ଶରଣାଗତା ବିଦର୍ଭରାଜକନ୍ୟାଙ୍କୁ ଦମୟନ୍ତୀ ବୋଲି ଜାଣି ପାରି ଆପଣା ଭଉଣୀର ଦୁହିତା ବୋଲି ଆହୁରି ପୁଲକିତା ହୋଇ କହିଲେ, "ମା ଦମୟନ୍ତି ! ତୋହର ଜନନୀ ମୋହର ସହୋଦରା ଅତଏବ ତୁ ମୋହର କନ୍ୟା । ଏ ସମସ୍ତ ଧନ ସମ୍ପଦ ତୋହର ବୋଲି ଜାଣି ସୁଖରେ ଏହିଠାରେ ଥାଅ ।" କିନ୍ତୁ ବିଦର୍ଭପତି ଦୁହିତାର ସମ୍ବାଦ ପାଇ ଯାନବାହନ ପଠାଇ ଚେଦିନଗରରୁ କନ୍ୟାକୁ ନିଜ ରାଜଧାନୀକୁ ଘେନିଗଲେ ଏବଂ ଦମୟନ୍ତୀ ମୁଖରୁ ବନବାସ କଷ୍ଟ ଓ ନଳଙ୍କ ପରିତ୍ୟାଗର କଥା ସବୁ ଶୁଣି ସାତିଶୟ ଦୁଃଖିତ

Digitized by srujanika@gmail.com

ହେଲେ । ଦମୟନ୍ତୀ ଏକାନ୍ତରେ ମାତାଙ୍କୁ କହିଲେ, "ଜନନି ! ମୋହର ଜୀବନ ରଖିବାକୁ ଯେବେ ଇଚ୍ଛା ତେବେ ଶୀଘ୍ର ମୋହର ପତିଙ୍କର ସନ୍ଧାନ କରାଇ ଏଠାକୁ ଅଣାଅ ।" ରାଜାଙ୍କ ଆଦେଶରେ ଚାରିଆଡ଼କୁ ବ୍ରାହ୍ମଣମାନେ ନଳଙ୍କ ଅନୁସନ୍ଧାନରେ ବାହାରିଲେ ଦମୟନ୍ତୀ ସେହି ବ୍ରାହ୍ମଣମାନଙ୍କୁ ପ୍ରତି ରାଜସଭାରେ ଏହି କଥା କହିବାକୁ ଉପଦେଶ ଦେଇଥିଲେ ଯେ— "ହେ ଶଠ ! ତୁମ୍ଭ ପ୍ରଣୟିନୀ ତୁମ୍ଭଠାରେ ସମ୍ପୂର୍ଣ୍ଣ ଅନୁରକ୍ତା । ତୁମ୍ଭେ ବନ ମଧ୍ୟରେ ତାହାକୁ ନିଦ୍ରିତାବସ୍ଥାରେ ଏକାକିନୀ ଛାଡ଼ି ବସ୍ତ୍ରର ଅର୍ଦ୍ଧେ କାଟି କୁଆଡ଼େ ପଳାଇ ଆସିଲ ? ତୁମ୍ଭେ ଯାହା ଆଦେଶ କରିଛ, ତାହା ସେ ପାଳନ କରୁଅଛି ଏବଂ ତୁମ୍ଭ ଲାଗି ସେ ଅହୋରାତ୍ର ରୋଦନ କରୁଅଛି, ଏବେ ପ୍ରସନ୍ନ ହୋଇ ତାହାଙ୍କ କଥାର ଉତ୍ତର ଦିଅ ।" ବ୍ରାହ୍ମଣମାନେ ସବୁଠାରେ ଏହିପରି କହି କହି ଗଲେ, କେଉଁଠି କିଛି ଶୁଣିଲେ ନାହିଁ; କିନ୍ତୁ ଋତୁପର୍ଣ୍ଣସଭାରେ ଏହି କଥା ଉଚ୍ଚାରଣ କରନ୍ତେ ବାହୁକ ସାରଥି ଅବିରଳ ଅଶ୍ରୁଜଳ ବୁହାଇ କହିଲେ, "କୁଳସ୍ତ୍ରୀମାନେ ଅଶେଷ କ୍ଳେଶ ପାଇଲେ ସୁଦ୍ଧା ଆପଣାକୁ ରକ୍ଷା କରନ୍ତି, ଏଣୁ ପତିବ୍ରତାମାନେ ସ୍ୱର୍ଗଲାଭ କରିଥା'ନ୍ତି, ଏଥିରେ ସନ୍ଦେହ ନାହିଁ । ସେମାନେ ପତିବର୍ଜ୍ଜିତା ହେଲେ ମଧ୍ୟ କ୍ରୋଧ ନ କରି ବରଂ ପରିତୋଷରେ ସତ୍ପଥରେ ଯାଇ ପ୍ରାଣ ରକ୍ଷା କରନ୍ତି । ପକ୍ଷୀମାନେ ନଳଙ୍କ ବସନ ଖଣ୍ଡି ସୁଦ୍ଧା ହରଣ କରିନେବାରୁ ସେ କି ଦୁଃଖରେ କାଳ ହରଣ କରୁଅଛନ୍ତି ! ଅତଏବ ଦମୟନ୍ତୀଙ୍କର ତାଙ୍କ ପ୍ରତି କୋପ କରିବା ଉଚିତ ନୁହେଁ ।" ଯେତେବେଳେ ଦମୟନ୍ତୀ ବ୍ରାହ୍ମଣ ମୁଖରୁ ଏପରି କଥା ଶୁଣିଲେ ଏବଂ ସେ ବ୍ୟକ୍ତି ଅଶ୍ୱରକ୍ଷକ ଥିବାର କେତେବେଳେ ମନେ ମନେ ସନ୍ଦେହ କଲେ ଯେ, ଅଶ୍ୱଶାସ୍ତ୍ରବିଶାରଦ ନଳ ବୋଧହୁଏ ଅଯୋଧ୍ୟାରେ ଅଛନ୍ତି । ତହୁଁ ପରୀକ୍ଷାରେ ପତିଙ୍କୁ ଚିହ୍ନିବାପାଇଁ ବ୍ୟାକୁଳ ହୋଇ ପିତାଙ୍କ ଅଜ୍ଞାତରେ ବ୍ରାହ୍ମଣଙ୍କୁ ଡାକି କହିଲେ, ତୁମ୍ଭେ ଶୀଘ୍ର ଋତୁପର୍ଣ୍ଣ ରାଜସଭାକୁ ଯାଇ କହିବ—"କାଲି ଦମୟନ୍ତୀଙ୍କର ପୁନର୍ବାର ସ୍ୱୟମ୍ବର ହେବ । ଅନେକ ରାଜା ଏବଂ ରାଜପୁତ୍ର ଆସିବେ । ସୂର୍ଯ୍ୟ ଉଦିତ ହେଲା ବେଳକୁ ଦମୟନ୍ତୀ ପତି ବରଣ କରିବେ । ଯଦି ଆପଣଙ୍କର ଇଚ୍ଛା ଥାଏ, ଶୀଘ୍ର ଆଗମନ କରନ୍ତୁ । ନଳରାଜା ଜୀବିତ ଅଛନ୍ତି କି ନାହିଁ, ତାହା ନିଶ୍ଚୟ କରି ନ ପାରି ଏପରି ପଣ ସେ କରିଅଛନ୍ତି ।" ଋତୁପର୍ଣ୍ଣ ଏଥିରେ ଆଶାନ୍ୱିତ ହେଲେ ସତ୍ୟ; କିନ୍ତୁ ଏତେ ଅଳ୍ପ କାଳରେ ସୁଦୂର ବିଦର୍ଭ ନଗରରେ କିପରି ଉପସ୍ଥିତ ହେବେ, ଆଶା ନ ଦେଖି ସାରଥି ବାହୁକଙ୍କୁ ଜଣାଇଲେ । ନଳ ମନେ ମନେ ସନ୍ଦେହ କରି ଶେଷରେ ଭାବିଲେ, 'ବୋଧହୁଏ ମୋତେ ଜାଣିବାପାଇଁ ଦମୟନ୍ତୀ ଏ କୌଶଳ କରିଅଛନ୍ତି, ତହୁଁ ରାଜାଙ୍କୁ ଉତ୍ତର ଦେଲେ—'ମହାରାଜ ! ଚିନ୍ତା କରନ୍ତୁ ନାହିଁ, ମୁଁ ନିର୍ଦ୍ଦିଷ୍ଟ ସମୟରେ ଆପଣଙ୍କୁ ସେଠାରେ ଉପସ୍ଥିତ କରାଇଦେବି ।' ଅଶ୍ୱରକ୍ଷଣନିପୁଣ ନଳ ରାଜାଙ୍କୁ ନିକଟରେ ବସାଇ ଅତି ଦ୍ରୁତଗତିରେ ରଥ ଚଳାଇଲେ । କ୍ରମେ ବିଦର୍ଭ ନିକଟରେ ରଥ ଉପସ୍ଥିତ ହୁଅନ୍ତେ ଦମୟନ୍ତୀ ରଥଚକ୍ରର ସେ ମହା ଘର୍ଘର ଶବ୍ଦ ଶୁଣି ମନେ ମନେ ବିଚାରିଲେ, ପୂର୍ବେ ନଳରାଜାଙ୍କ ଅଶ୍ୱଚାଳନାରେ ଏହିପରି ଶବ୍ଦ ହେଉଥିଲା । ତେଣୁ ସେ ପତି ମୁଖ ନିରୀକ୍ଷଣ କରିବା ଲାଗି ବ୍ୟାକୁଳ ହୋଇ ରଥକୁ ଚକାଇ ରହିଲେ ଏବଂ ମନେ ମନେ ସ୍ଥିର କଲେ ଯଦି ପତିଙ୍କ ଶ୍ରୀମୁଖ ଆଜି ଦର୍ଶନ ନ କରେଁ ତାହାହେଲେ ଜ୍ୱଳନ୍ତ ଅନଳରେ ପ୍ରାଣ ବିସର୍ଜନ କରିବି । ଋତୁପର୍ଣ୍ଣ ରାଜଦ୍ୱାରଠାରେ ରଥରୁ ଓହ୍ଲାଇ ବିଦର୍ଭପତିଙ୍କୁ ଦେଖା ଦେଲେ—ରାଜା ଅକସ୍ମାତ୍ ଆଗମନର କାରଣ ପଚାରନ୍ତେ ସେ ସ୍ୱୟମ୍ବରର କିଛି ଆୟୋଜନ ନ ଦେଖି ପ୍ରକୃତ କଥା ଗୋପନରେ ରଖି କହିଲେ—" ମୁଁ ଆପଣଙ୍କ ସହିତ ସାକ୍ଷାତ୍ କରିବାକୁ ଆସିଅଛି ।" ଏଣେ ଦମୟନ୍ତୀ କଳିପ୍ରଭାବରେ ନଳଙ୍କ ରୂପ ବିକୃତ ହୋଇଥିବାରୁ ଚିହ୍ନି ନ ପାରି ସନ୍ଦେହରେ ଦାସୀକୁ ବାହୁକ ସାରଥିର ପରିଚୟ ବୁଝିବାପାଇଁ ପଠାଇଲେ । ନଳ

Digitized by srujanika@gmail.com

ଆତ୍ମଗୋପନ କରି ଆପଣାକୁ ନଳରାଜାଙ୍କର ଜଣେ ସାରଥି ବୋଲି ପରିଚୟ ଦେଲେ । ଦାସୀ ପୁନର୍ବାର ଯାଇ ନଳଙ୍କୁ 'ଶଠ' ବୋଲି ସମ୍ବୋଧନ କରି ବ୍ରାହ୍ମଣ କହିଥିବା ପୂର୍ବକଥା କହିଗଲା । ନଳ ତାହା ଶୁଣିଲାକ୍ଷଣି ଅଶ୍ରୁପୂର୍ଣ୍ଣ ନୟନରେ ପୁଣି ପୂର୍ବପରି ଉତ୍ତର ଦେଲେ । ଦମୟନ୍ତୀଙ୍କ ଉପଦେଶରେ ଦାସୀ କିଛିକାଳ ସେହି ବାହୁକ ପାଖରେ ରହି ଆଚାର ବ୍ୟବହାର ଏବଂ ହୃଦୟର ଭାବ ପରୀକ୍ଷା କରି ତାହାଙ୍କୁ ଆଦ୍ୟପ୍ରାନ୍ତ ସବୁ ଜଣାଇଲେ । ତାହା ଶ୍ରବଣ କରି ଦମୟନ୍ତୀଙ୍କର ସନ୍ଦେହ ଯେତିକି ବଢ଼ିଲା, ପତିଲାଭ ଆଶା ସେତିକି ପ୍ରବଳ ହେଲା । ତହୁଁ ସେହି ମଳିନବେଶା ଦମୟନ୍ତୀ ଖଣ୍ଡିଏ ପଟ୍ଟବସ୍ତ୍ରରେ ସର୍ବାଙ୍ଗ ଆଚ୍ଛାଦନ କରି ବାହୁକଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ—"ହେ ସାରଥି ! ତୁମ୍ଭେ ପୂର୍ବେ ଏପରି କୌଣସି ଧାର୍ମିକ ପୁରୁଷଙ୍କୁ ଦେଖିଛ, ଯେ ଅରଣ୍ୟ ମଧ୍ୟରେ ନିଦ୍ରିତା ପତ୍ନୀକୁ ପରିତ୍ୟାଗ କରି ପଳାୟନ କରିଅଛନ୍ତି ! ପୁଣ୍ୟଶ୍ଳୋକ ନଳରାଜାଙ୍କ ଭିନ୍ନ ଆଉ କିଏ ଏହା କରି ପାରିବେ ? ମୁଁ କେଉଁ ଅପରାଧ କରିଥିଲି ବୋଲି ମୋତେ ପୁତ୍ରବତୀ ଓ ପତିବ୍ରତା ଦେଖି ସୁଦ୍ଧା ପରିତ୍ୟାଗ କଲେ । ମୁଁ ଦେବତାମାନଙ୍କୁ ଉପେକ୍ଷା କରି ଯାହାଙ୍କୁ ବରଣ କରିଥିଲି, ଯେ ଅଗ୍ନିଙ୍କୁ ସାକ୍ଷୀ କରି 'ମୁଁ ଜୀବନ ଥିବାଯାଏ ତୁମ୍ଭର ପ୍ରଣୟାଧୀନ ରହିବି' ବୋଲି ସତ୍ୟ କରିଥିଲେ, ସେ ସତ୍ୟବାଣୀ ଏବେ କାହିଁ ?" ଏହା କହୁ କହୁ ଦମୟନ୍ତୀଙ୍କ ନେତ୍ରଯୁଗଳରୁ ଅବିରଳ ଅଶ୍ରୁଧାରା ବହିଗଲା । ନଳରାଜ ପତ୍ନୀଙ୍କୁ ବିରହବେଶଧାରିଣୀ ଦେଖି କହିଲେ—'ଭଦ୍ରେ ! ପାପାତ୍ମା କଳିର ପ୍ରଭାବରେ ମୁଁ ରାଜ୍ୟଚ୍ୟୁତ ହୋଇଅଛି, ପ୍ରିୟତମାକୁ ପରିତ୍ୟାଗ କରିଅଛି, ତୁମ୍ଭେ ମୋହ ଲାଗି ଶୋକ କରି କରି ଯାହାକୁ ଶାପ ପ୍ରଦାନ କରିଥିଲ, ସେ ଆଜିଯାଏ ମୋ ଦେହରେ ବାସ କରିଥିଲା । ଏବେ ମୋହର କଠୋର ତପସ୍ୟା ଫଳରେ ସେ ପରିତ୍ୟାଗ କଲା । ତୁମ୍ଭ ଲାଗି ମୁଁ ଏଠାକୁ ଆଗମନ କରିଅଛି । ତୁମ୍ଭ ପରି ରମଣୀ କି ଏକାନ୍ତ ଅନୁରକ୍ତ ବଶଂବଦ ପତିକି ପରିତ୍ୟାଗ କରି ଅନ୍ୟ ପତିକି ବରଣ କରି ପାରେ ? ରାଜ୍ୟଯାକ ପ୍ରଚାରିତ ହୋଇଗଲାଣି ଯେ ଦମୟନ୍ତୀଙ୍କର ପୁନର୍ବାର ସ୍ୱୟମ୍ବର ହେଉଅଛି ।' ଦମୟନ୍ତୀ ଏହା ଶ୍ରବଣ କରି ତାହାଙ୍କୁ ନଳ ବୋଲି ଜାଣି ପାରି କହିଲେ—'ମହାରାଜ' ମୁଁ ଦେବତାମାନଙ୍କୁ ଉପେକ୍ଷା କରି ତୁମ୍ଭଙ୍କୁ ବରଣ କରିଅଛି । ମୋହ ଉପରେ ଦୋଷାରୋପ କରି ସନ୍ଦେହ କରିବା ଉଚିତ ନୁହେଁ । ମୁଁ ତୁମ୍ଭଙ୍କୁ ଏଠାକୁ ଅଣାଇବା ଲାଗି ଏହା ପିତାଙ୍କ ଅଜ୍ଞାତରେ କରିଥିଲି । ମୁଁ ଯଦି କିଞ୍ଚିତ୍ମାତ୍ର ଅସତ୍ କର୍ମ ବା ପାପାଚରଣ କରିଥାଏଁ ତାହାହେଲେ ସର୍ବଭୂତସାକ୍ଷୀ, ଏ ଚନ୍ଦ୍ର ସୂର୍ଯ୍ୟ ଅଗ୍ନି ବାୟୁ ମୋତେ ସଂହାର କରନ୍ତୁ । ହେ ଦେବଗଣ! ଯଥାର୍ଥ କହନ୍ତୁ, ମୁଁ ଅଧର୍ମାଚରଣ କିଛି କରିଅଛି କି ?' ଦମୟନ୍ତୀଙ୍କର ବାକ୍ୟ ଶେଷ ନ ହେଉଣୁ ଆକାଶବାଣୀ ହେଲା—"ହେ ନଳ ! ଏ ଦମୟନ୍ତୀ କଦାପି ପାପାଚରଣ କରି ନାହାନ୍ତି, ସେ ଅତି ପବିତ୍ରଭାବରେ ନିଜର ଚରିତ୍ର ରକ୍ଷା କରିଅଛନ୍ତି । ତୁମ୍ଭେ କିଛି ସନ୍ଦେହ ନ କରି ଗ୍ରହଣ କର ଏବଂ ସୁଖରେ କାଳଯାପନ କର ।" ନଳରାଜା ପ୍ରିୟତମା ଦମୟନ୍ତୀଙ୍କର ଚରିତ୍ର ବିଷୟରେ ମନରୁ ସନ୍ଦେହ ଦୂର କରି ତତ୍‌ଠାତ୍ ପ୍ରସନ୍ନ ମନରେ ହସ୍ତଧାରଣ କଲେ ଏବଂ ନାଗରାଜଦତ୍ତ ବସ୍ତ୍ର ପରିଧାନ କରି ତାହାଙ୍କୁ ସ୍ମରଣ କରିବା ମାତ୍ରେ ନିଜ ରୂପଶ୍ରୀ ପ୍ରାପ୍ତ ହେଲେ । ଦମୟନ୍ତୀ ସେହିକ୍ଷଣି ପ୍ରାଣପତିଙ୍କୁ ଚିହ୍ନି ପାରି ଆଲିଙ୍ଗନ କରି ଉଚ୍ଚସ୍ୱରରେ ରୋଦନ କରିବାକୁ ଲାଗିଲେ । ନଳ ମଧ୍ୟ ଦମୟନ୍ତୀ ଏବଂ ସେଠାରେ ଥିବା ପୁତ୍ରକନ୍ୟାଙ୍କୁ ଆଲିଙ୍ଗନ କରି ଅପାର ଆନନ୍ଦ-ସାଗରରେ ମଗ୍ନ ହେଲେ । ପୁନଃ ପୁନଃ ଦୀର୍ଘନିଃଶ୍ୱାସ ପକାଇ ପୂର୍ବ ଦୁଃଖମାନ ସ୍ମରଣ କରି ନବମିଳିତ ଦମ୍ପତି ସେ ରାତ୍ରି ସୁଖରେ କଟାଇଲେ । ରାଜା ସମସ୍ତ ବୃତ୍ତାନ୍ତ ଶୁଣି ପରଦିନ ରାଜବେଶଭୂଷିତ ନଳ ଦମୟନ୍ତୀଙ୍କୁ କୁମାରକୁମାରୀଙ୍କ ସହିତ ଦେଖି ପରମ ଆନନ୍ଦିତ ହେଲେ । ଋତୁପର୍ଣ୍ଣ

Digitized by srujanika@gmail.com

ମଧ୍ୟ ନଳଙ୍କୁ ସମାଗତ ଦେଖି ଆନନ୍ଦିତ ଏବଂ ବିସ୍ମିତ ହୋଇ କହିଲେ—"ହେ ମହାରାଜ ! ଆପଣ ମୋହର ନିକଟରେ ସାମାନ୍ୟ ସାରଥି କର୍ମରେ ଏତେକାଳ ରହିଥିଲେ । ସୌଭାଗ୍ୟ ଯେ ମୁଁ ଆପଣଙ୍କ ପ୍ରତି କିଛି ଅତ୍ୟାଚାର କରିନାହିଁ । ମୋହର ଯାହା ଦୋଷ ଦେଖିଅଛନ୍ତି ତାହା କ୍ଷମା କରିବେ ।" ନଳରାଜା ଉତ୍ତରରେ କହିଲେ, "ହେ ମହାରାଜ ! ମୁଁ ସତ୍ୟ କହୁଅଛି, ଆପଣ କୌଣସି ଅପରାଧ କରି ନାହାନ୍ତି । ପୂର୍ବେ ଆପଣ ମୋହର ସଖା ଥିଲେ, ଆପଣଙ୍କ ସହିତ ମୋହର ବିଶେଷ ସମ୍ବନ୍ଧ ଅଛି । ସୁତରାଂ କ୍ଷମାର ପ୍ରୟୋଜନ ନାହିଁ । ବରଂ ଯଦି ଅନୁମତି ହୁଏ, ତାହାହେଲେ ମୋତେ ଯେଉଁ ଅଶ୍ୱବିଦ୍ୟା ଜଣାଅଛି, ତାହା ଆପଣଙ୍କୁ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ।" ଏହା କହି ସନ୍ତୁଷ୍ଟ ମନରେ ସେ ଋତୁପର୍ଣ୍ଣଙ୍କୁ ଅଶ୍ୱବିଦ୍ୟା ଏବଂ ଋତୁପର୍ଣ୍ଣ ତାହା ବିନିମୟରେ ନିଜର ଅକ୍ଷବିଦ୍ୟା ନଳଙ୍କୁ ପ୍ରଦାନ କଲେ । ବିଦର୍ଭରାଜାଙ୍କ ଅନୁରୋଧରେ ନଳ କିଛିଦିନ ଶ୍ୱଶୁରାଳୟରେ ଅବସ୍ଥାନ କରି କେତେଜଣ ପଦାତିକ, ହସ୍ତୀ ଓ ଅଶ୍ୱ ଘେନି ପୁତ୍ରକଳତ୍ର ସହିତ ସ୍ୱରାଜଧାନୀକୁ ଯାତ୍ରା କଲେ । ନଳଙ୍କ ପ୍ରତ୍ୟାଗତ ଦେଖି ସମସ୍ତ ନଗରଲୋକେ ମହାନନ୍ଦରେ ଉନ୍ମତ୍ତ ହେଲେ । ନଳ ପୁଷ୍କରଙ୍କୁ ପୁଣି ଦ୍ୟୂତକ୍ରୀଡ଼ାର୍ଥେ ଆହ୍ୱାନ କରି ସମ୍ପୂର୍ଣ୍ଣରୂପେ ପରାସ୍ତ କଲେ । ପୁଷ୍କର କେବଳ ଦୟାଳୁ ନଳଙ୍କ ଯୋଗେ ପ୍ରାଣ ପାଇ ରାଜ୍ୟରୁ ବହିଷ୍କୃତ ହେଲେ ଏବଂ ପୁଣ୍ୟଶ୍ଳୋକ ନଳରାଜ ଅପୂର୍ବ ରାଜଶ୍ରୀମଣ୍ଡିତ ହୋଇ ସମସ୍ତ ପ୍ରଜାମାନଙ୍କର ଆନନ୍ଦ ବର୍ଦ୍ଧନ କଲେ । ଅଳ୍ପକାଳ ମଧ୍ୟରେ ନଳ ବନ୍ଧୁବାନ୍ଧବଯୁକ୍ତ ହୋଇ ବିପୁଳ ଐଶ୍ୱର୍ଯ୍ୟରେ ଥାଇ ରାଜ୍ୟ ମଧ୍ୟରେ ସୂର୍ଯ୍ୟପ୍ରାୟ ପ୍ରତାପଶାଳୀ ଏବଂ ଲୋକପାଳ ହୋଇ ଉଠିଲେ । ଅନିଷ୍ଟକାରୀ କଳି ତାଙ୍କ ହୃଦୟରେ ପଶି ଦ୍ୟୂତକ୍ରୀଡ଼ାଦି ଦ୍ୱାରା ଯେତେଯେତେ କଷ୍ଟ ଦେଲେ ସୁଦ୍ଧା ତାହାଙ୍କର ଚରିତ୍ରବଳ ଏବଂ ପତିବ୍ରତା ଦମୟନ୍ତୀଙ୍କ ସତୀତ୍ୱ ତେଜରେ ସବୁ କେଣେ ଦୂର ହୋଇଯାଇ ପୂର୍ବ ରାଜଶ୍ରୀ ପୁଣି ଫେରି ଆସିଲା । ଏତେ ଦୁଃଖ ବିପଦରେ ପଡ଼ି ସୁଦ୍ଧା ସେ ଦୁହେଁ କାତର ବା ଅଧୀର ନ ହୋଇ ଦୁଃଖନାଶର ପ୍ରତିକାର କରିଥିଲେ ଏବଂ ସକଳ ଉଦ୍ୟମ ନିଷ୍ଫଳ ହେଲେ ସୁଦ୍ଧା ଦୁଃଖାଭିଭୂତ ନ ହୋଇ ଆଶା ଉତ୍ସାହ ପୋଷଣ କରିଥିଲେ । ତେଣୁ ପରିଶେଷରେ ଏପରି ଅଭ୍ୟୁଦୟଲାଭର ଅଧିକାରୀ ହୋଇଥିଲେ । ନଳଦମୟନ୍ତୀଙ୍କର ଚରିତ ପାଠ କଲେ ଲୋକର ମହାଦୁଃଖ ପରେ ସୁଦ୍ଧା ସୁଖସୌଭାଗ୍ୟ ଲାଭକରିବାର ଆଶା ହୁଏ । ଏମାନଙ୍କ ପୁଣ୍ୟ ଚରିତ୍ରରୁ କଣାଏ ଅନୁକରଣ କଲେ ଜୀବନରେ ବହୁତ ପୁଣ୍ୟ ଲାଭ ହୁଏ ।

ଚିନ୍ତା ଓ ଭଦ୍ରା

ଅତି ପୂର୍ବକାଳରେ ଶ୍ରୀବତ୍ସ ନାମରେ ଜଣେ ଧାର୍ମିକ ରାଜା ଥିଲେ । ସତୀଶିରୋମଣି ଚିନ୍ତାଦେବୀ ତାହାଙ୍କର ପାଟରାଣୀ ଥିଲେ । ଦିନକରେ ଦେବଲୋକରେ ଶନି ଓ ଲକ୍ଷ୍ମୀଙ୍କ ମଧ୍ୟରେ କିଏ ବଡ଼ କିଏ ସାନ ଏହି କଥା ନେଇ କଳହ ହେବାରୁ ସେ ଦୁହେଁ ମର୍ତ୍ତ୍ୟଲୋକର ରାଜା ଶ୍ରୀବତ୍ସଙ୍କୁ ମଧ୍ୟସ୍ଥ ମାନିଲେ । ଦେବତାମାନଙ୍କର ବିବାଦ ମୀମାଂସା କରିବା ବଡ଼ ସହଜ କଥା ନୁହେ । ଯାହାକୁ ସାନ କହିବେ ସେ କୋପରେ ବିଷଦୃଷ୍ଟି ପକାଇ ଦାଉ ସାଧିବେ । ଏହାପରେ ସାତପାଞ୍ଚ ଭାବି ରାଜା ଶନି ଓ ଲକ୍ଷ୍ମୀଙ୍କୁ ତହିଁ ଆରଦିନ ଆସିବାକୁ କହିଲେ ଏବଂ ବୁଦ୍ଧିକୌଶଳ କରି ନିଜ ସିଂହାସନର ଦୁଇ ପାଖରେ ଗୋଟିଏ ସୁନାର ଆଉ ଗୋଟିଏ ରୂପାର ସିଂହାସନ ରଖାଇଲେ । ତହିଁ ଆରଦିନ ଯେତେବେଳେ ସେ ଉଭୟେ ଆସିଲେ ରାଜା ଆସନରୁ ଉଠି ବସିବାର ଆସନ ଦେଖାଇ ଦିଅନ୍ତେ ଲକ୍ଷ୍ମୀ ସୁନା ସିଂହାସନରେ ଏବଂ ଶନି ଯାଇ ରୂପା ସିଂହାସନରେ ବସିଲେ । କିଛିକ୍ଷଣ ଉତ୍ତାରେ ଦୁହେଁ ରାଜାଙ୍କୁ ବିବାଦଭଞ୍ଜନଲାଗି ଅନୁରୋଧ କରିବାରୁ ଶ୍ରୀବତ୍ସ କହିଲେ—"ଆପଣମାନେ ତ ଆସନ ବାଛି ବସିଲାବେଳୁଁ ଆପେ ଆପେ ଆଗରୁ କିଏ ବଡ଼ କିଏ ସାନ ଜଣାଇ ଦେଇଅଛନ୍ତି ।" ଏଥିରେ ଶନି ଆପଣାକୁ ସାନ ବୋଲି ବୁଝି ଅପମାନ ଜ୍ଞାନ କରି କୋପଭରରେ ହେଲେ ଉଠି ଗଲେ ଏବଂ ସଭା ମଧ୍ୟରେ କର୍କଶସ୍ୱରରେ କହିଲେ—"ରାଜନ୍, ମୁଁ ତୁମ ବିଚାରରେ ପର ସାନ ? ମୋହଦୃଷ୍ଟିରେ ତୁମର ରାଜ୍ୟ ଛାରଖାର ହୋଇଯିବ । ତୁମର ଲକ୍ଷ୍ମୀ କ'ଣ କରିପାରିବେ ଦେଖାଯିବ ।' ଏଣେ ମହାଲକ୍ଷ୍ମୀ ପ୍ରସନ୍ନ ହୋଇ କହିଲେ—"ଶ୍ରୀବତ୍ସ ରାଜ, ତୁମ୍ଭେ ଯଥାର୍ଥ ନ୍ୟାୟପରାୟଣ । ମୋହ ଆଶୀର୍ବାଦରେ ତୁମର ସର୍ବ ଶୁଭ ହେଉ ।" ଏହିରୂପେ ଦୁହେଁ ନିଜ ଧାମକୁ ଚାଲିଯିବା ପରେ ରାଜା ଶନିଙ୍କର କୋପ ଦେଖି ଭାବିବାକୁ ଲାଗିଲେ, "ଏ ଭାଗ୍ୟରେ କି ଦଶା ଅଛି କେଜାଣି ! ପଡ଼ଇ ଯେବେ ଶନି ଦୃଷ୍ଟି । ପ୍ରଳୟ ଉଦେ ସାରା ସୃଷ୍ଟି ।" ସହଧର୍ମିଣୀ ଚିନ୍ତାଦେବୀ ମଧ୍ୟ ପତିଙ୍କ ଚିନ୍ତାର ସାଥୀ ହୋଇ ନାନା ଆଶଙ୍କା କରିବାକୁ ଲାଗିଲେ । କାରଣ ସେ ଜାଣନ୍ତି, ଶନିଦୃଷ୍ଟି ଯାହା ଉପରେ ପଡ଼ିବ ତାହାର ବାର ବର୍ଷଯାଏ ଘୋର କଷ୍ଟ । ଏହାପରେ ଚିନ୍ତାରେ ସେ ବେନିଙ୍କର କିଛିଦିନ ବିତି ଗଲା । ଅନନ୍ତର ରାଜା ଶ୍ରୀବତ୍ସ ନାନା କୁଲକ୍ଷଣ ଦେଖିଲେ । ଦିନକୁଦିନ ରାଜ୍ୟ ମଧ୍ୟରୁ ନାନା ଦୁଃସମ୍ବାଦ ଆସି ତାହାଙ୍କୁ ଅସ୍ଥିର କଲା । ସେ ସମସ୍ତ ଶନିଙ୍କର କୋପଫଳ ବିଚାରି ରାଜା ନୀରବରେ ସହିବାକୁ ଲାଗିଲେ । ଦେଖୁ ଦେଖୁ ରାଜ୍ୟରେ ଦୁର୍ଭିକ୍ଷ ମହାମାରି ଉପସ୍ଥିତ ହୋଇ ରାଜ୍ୟକୁ ଛାରଖାର କରି ଦେଲା । ଭୂମିକମ୍ପରେ ରାଜପ୍ରାସାଦ ଭାଙ୍ଗିପଡ଼ି ତଳେ ଗଦା ହୋଇଗଲା । ସମଗ୍ର ରାଜଧାନୀ ଶ୍ମଶାନ ପରି ଭୟଙ୍କର ହୋଇ ପଡ଼ିବାର ଦେଖି ରାଜା ଶୀଘ୍ର ସେ ଶ୍ମଶାନପୁରୀ ଛାଡ଼ି ଚାଲିଯିବାକୁ ବସିଲେ ଏବଂ ରାଣୀ ଚିନ୍ତାଦେବୀଙ୍କୁ କହିଲେ—"ତୁମ୍ଭେ ଏ କଷ୍ଟ ସମୟରେ ସାମାନ୍ୟ ବସ୍ତ୍ର ଅଳଙ୍କାର ନେଇ ପିତୃ ଗୃହକୁ ଗମନ କର । ମୋହର କଷ୍ଟକାଳ ଅତୀତ ହେଲେ ପୁଣି ଏ ପୁରକୁ ଫେରିବ ।

ଚିନ୍ତାରାଣୀ ସେହିକ୍ଷଣି ଉତ୍ତର ଦେଲେ ଯେଉଁଠାକୁ ଦିନେ ରାଜଐଶ୍ୱର୍ଯ୍ୟରେ ଯାଉଥିଲି, ସେଠାକୁ ଆଜି ବଳେ ଯାଇ ପଡ଼ି ତୁମର ଅପଯଶ ରଟାଇବି ? ପୁଣି ତୁମ୍ଭଙ୍କ ଏପରି କଷ୍ଟରେ ଛାଡ଼ି ମୁଁ ଯେଉଁ ସୁଖ ଆଶାରେ ପିତୃ-

Digitized by srujanika@gmail.com

ଗୃହକୁ ଯିବ ? ତୁମ୍ଭର ଯେଉଁ ଗତି ମୋର ସେହି ଗତି ହେଉ । ମୁଁ ତୁମ୍ଭ ପଦସେବା କରି ଆଉ ଏ ଶ୍ରୀମୁଖ ଦେଖି ସବୁ ଦୁଃଖ ହୃଦୟରୁ ଦୂର କରିପାରିବି ।" ତହୁଁ ଶ୍ରୀବତ୍ସ କହିଲେ—"ଦେବି ! ତେବେ ଆଉ ବିଳମ୍ବ କରି ହେବ ନାହିଁ । ଆଜ ରାତିରେ କୌଣସି ପ୍ରକାରେ ଏଠାରୁ ବାହାରିଯିବାକୁ ହେବ ।" ଏହାପରେ ବସ୍ତିର କରି ବାଟ ଖରଚ ପାଇଁ କିଛି ଟଙ୍କା ସୁନା ଲୁଗା ଖଣ୍ଡକରେ ବାନ୍ଧି ସେହି କାଳରାତ୍ରିରେ ରାଜା ରାଣୀ ଘନ ଘନ ଦୀର୍ଘନିଃଶ୍ୱାସ ପକାଇ ଥରେ ଥରେ ସଜଳ-ନୟନରେ ପଛକୁ ଅନାଇ ପୁରରୁ ବାହାରି ଗଲେ । ଶ୍ରୀବତ୍ସ ବୋକଚାଟି ମୁଣ୍ଡାଇ ସେ ଅନ୍ଧାରେ ଶଙ୍କି ଶଙ୍କି ଚାଲୁଥିଲେ ଏବଂ ବାଟ ଚାଲିବା ଅଭ୍ୟାସ ନଥିବାରୁ ରାଣୀ ତାହାଙ୍କ କାନ୍ଧରେ ଭର ଦେଇ ଧୀରେ ଧୀରେ ଯାଉଥିଲେ । ଅଳ୍ପଦୂର ନ ଯାଉଣୁ ମହାଲକ୍ଷ୍ମୀ ସମ୍ମୁଖରେ ଦେଖା ଦେଇ କହିଲେ—ଶନି କୋପରେ ତୁମ୍ଭକୁ ବହୁ କଷ୍ଟ ଭୋଗ କରିବାକୁ ହେଉଛି । କିନ୍ତୁ କିଛି ଭୟ କରିବ ନାହିଁ । ସମସ୍ତ ବିପଦରୁ ମୁଁ ଉଦ୍ଧାର କରିବାକୁ ଜଗି ରହିଥିବି । ରାଜା ରାଣୀ ଏ ଅଭୟବାଣୀରେ ଆଶ୍ୱାସନା ପାଇ ଜନଶୂନ୍ୟ ଅଗମ୍ୟ ଅରଣ୍ୟପଥରେ ରାତି ରାତି ଯିବାକୁ ଲାଗିଲେ । କିଛିଦୂର ଯାଇଁ ଗୋଟିଏ ନଦୀ ଦେଖିବାରୁ ତାଙ୍କର ଆଉ ଏକ ଚିନ୍ତା ଆସି ଉପସ୍ଥିତ ହେଲା । ଏହି ସମୟରେ ଶନି ଗୋଟିଏ ବୁଢ଼ା ନାଉରୀ ବେଶରେ ସାନ ଡଙ୍ଗାଟିଏ ଧରି ସେଠାକୁ ଆସି କୂଳରେ ଲାଗିଲା । ରାଜା ଚଞ୍ଚଳ ପାରି କରି ଦେବାକୁ କଟାଳ କରିବାରୁ ନାଉରୀ, ତୁମ୍ଭେ ଏ କାହାର ଯୁବତୀକୁ ଘେନି ଏତେ ରାତିରେ ପଳାଇ ଯାଉଛ ବୋଲି ପ୍ରକାଶ କରି ଧନ ହେଲେ ପାରି କରିବି କହିଲା । ରାଜା ବହୁତ ଧନ ଯାଚିବାରୁ ତାହା ଚୋରି ମାଲ ବୋଲି ସନ୍ଦେହ କରି ନାନା ଆପତ୍ତି ଦେଖାଇ ଶେଷରେ ଜାଣିଲା ପରି ସେ ବୋକଚାଟିକୁ ଟାଙ୍କି କହିଲା 'ଏ ବୋକଚାଟା ବଡ଼ ଭାରି ଅଛି ଏଥିରେ ତୁମ୍ଭ ଦୁଇଜଣଙ୍କୁ ନେଲେ ମୋହ ଡଙ୍ଗା ସମ୍ଭାଳ ପାରିବ ନାହିଁ । ଜଣ ଜଣ କରି ପାରି କରିବାକୁ କହିଲେ କରିବି । ନୋହିଲେ ବୋକଚାଟି ଆରି ପାରିରେ ଆଗ ରଖିଦେଇ ଆସିଲେ ତୁମ୍ଭଦୁହିଙ୍କୁ ନେବି ।' ରାଜା ସେଥିରେ ରାଜି ହେବାରୁ ନାଉରୀ ବୋକଚାଟି ଘେନି ଚାହୁଁ ଚାହୁଁ କାହିଁ ଉଭେଇଗଲା । ରାଜାରାଣୀ ଶନିର ମାୟାରେ ଧନରତ୍ନ ହାତରୁ ହରାଇ ନିରାଶ ହୋଇ ସେହି ଅରଣ୍ୟଯାକ ବୁଲି ବୁଲି ଶେଷକୁ ଉଦରଜ୍ୱାଳାରେ ଅସମ୍ଭାଳ ହୋଇପଡ଼ିଲେ । ରାତି ଯାଇ ଦିନ ହେଲା—ଏଣେ ଦ୍ୱିଗୁଣରେ କ୍ଷୁଧା ହେବାରୁ ଶନିଙ୍କ ମାୟାରେ ସେ ବନରେ ଗୋଟିଏ ଫଳମୂଳ ମିଳିଲା ନାହିଁ । କିଛି ଦୂରରେ ରାଜା ପାଞ୍ଚଏ କେଉଟ ଜାଲ ଘେନି ଫେରୁଥିବାର ଦେଖି ମାଛ ଥିବା ଆଶାରେ ପଚାରନ୍ତେ, ସେମାନେ କହିଲେ ଆଜ ଦିନଟାଯାକ ଜାଲ ପକାଇ କିଛି ମିଳିଲା ନାହିଁ । ରାଜା ଶ୍ରୀବତ୍ସ ସେମାନଙ୍କୁ ଆଉଥରେ ଜାଲ ପକାଇବାକୁ କଟାଳ କରିବାରୁ, ଯେମିତି ସେମାନେ ଜାଲ ପକାଇଛନ୍ତି ଏକା ଖେପରେ ବହୁତ ମାଛ ପଡ଼ିଲେ । ତହୁଁ ସେମାନେ ଆନନ୍ଦରେ ଗୋଟିଏ ଭଲ ମାଛ ରାଜାଙ୍କୁ ଦେଇ ଚାଲିଗଲେ । ସେହି ମାଛଟି ପୋଡ଼ି ଦେବାପାଇଁ ରାଣୀଙ୍କୁ କହି ରାଜା ସ୍ନାନ କରିବାକୁ ଗଲେ । ଚିନ୍ତା-ରାଣୀ ମାଛଟି ପୋଡ଼ୁ ପୋଡ଼ୁ କେତେ କଥା ଭାବି ଆଖିରୁ ଲୋତକ ଗଡ଼ାଇଲେ । ଶେଷରେ ସେ ପୋଡ଼ା ମାଛଟି ଖାଲି କପରି ଦେବେ ରାଣୀ ଚିନ୍ତା ଏହା ଭାବି ଭାବି ଅନ୍ୟ ଉପାୟ ନ ଦେଖି ତାକୁ ଧୋଇଧାଇ ଆଣିବାକୁ ଗେଲେ । ଅତି ଆଶ୍ଚର୍ଯ୍ୟିତ କଥା—ମାଛଟି ପାଣିରେ ଧରୁ ଧରୁ ସେ ପ୍ରାଣ ପାଇ ତାଙ୍କ ଆଗରେ ଲଞ୍ଜି ହଲାଇ ଭିତରକୁ ପଶିଗଲା । ରାଣୀ ଏ ଦୁର୍ଘଟନା ଦେଖି ଶୋକରେ ରୋଦନ କରି କରି ରାଜାଙ୍କ ଆଗରେ ଉପସ୍ଥିତ ହେଲେ ଏବଂ କ୍ଷୁଧାତୁର ପତିଙ୍କୁ ଦେଖି ଛାତିରେ ହାତ ମାରି ସବୁ କଥା ଜଣାଇଲେ । ରାଜା ସେ ସବୁ ଶନିଙ୍କର ମାୟା ବୋଲି ବୁଝିପାରି ସାତ ପାଞ୍ଚ ଭାବି ଆଗକୁ ବାଟ କଢ଼ାଇଲେ । ଅଳ୍ପଦୂର ନ ଯାଉଣୁ ଶୂନ୍ୟରୁ ଦେବବାଣୀ ହେଲା—

Digitized by srujanika@gmail.com

"ଶୁଣ ଶ୍ରୀବତ୍ସ ନୃପତି ଲକ୍ଷ୍ମୀ ପରା ବଡ଼ ?
ରାଜା ରାଣୀ ଭୁଞ୍ଜି ଏବେ ତାର ପ୍ରତିଫଳ,
ହୋଇଅଛୁ ରାଜ୍ୟନାଶ, ହେଲୁ ବନବାସ,
ତୁମ୍ଭେ କେବେ ଭିନ୍ନ ହେଲେ ପୂରିବ ମୋ ଆଶ ।"

ଶେଷରେ ଭିନ୍ନ ହେବା କଥାଟି ଶୁଣି ରାଜା ରାଣୀଙ୍କ ସର୍ବାଙ୍ଗ ଭୟରେ କମ୍ପିଗଲା । ଯେତେ କଷ୍ଟ ପଡ଼ିଲେ ସୁଦ୍ଧା ଦୁହେଁ ଦୁହିଁଙ୍କ ମୁଖ ଦେଖି ସବୁ ଦୁଃଖ ପାସୋରୁଥିଲେ । ଏବେ ସେଥିରେ ବିଘ୍ନ ଘଟିବାର ଶୁଣି ରାଜା ରାଣୀ ଭାବନାରେ ମଗ୍ନ ହୋଇ ପଡ଼ିଲେ । ଏହିପରି ଚିନ୍ତାରେ ତନୁ କ୍ଷୀଣ କରି ସେ କେବଳ ବନ ଜଙ୍ଗଲ ଭୂମି ଫଳ ମୂଳ ଯାହା କିଛି ମିଳୁ ଥିଲା ତାହା ଉଦରକୁ କ୍ଷେପି ପ୍ରାଣ ବଞ୍ଚାଇ ରଖିଲେ । ଭିକ୍ଷା କରି ପେଟ ପୋଷିବା ପାଇଁ କୌଣସି ବଡ଼ଗ୍ରାମ ବା ନଗରକୁ ଯିବାକୁ ତାଙ୍କର ମନ ବଳିଲା ନାହିଁ । କିନ୍ତୁ ପେଟ ପୋଷିବାପାଇଁ ଗୋଟିଏ କିଛି ବୃତ୍ତି ନ ଧରିଲେ କେତେଦିନ ଉପବାସରେ କଟାଇବେ, ଭାବି ରାଜା ନଗର ବାହାରରେ ଗୋଟିଏ ଶବରପଲ୍ଲୀରେ ପହଞ୍ଚିଲେ । ସେଠାରେ ରହିବାକୁ ଆଶ୍ରୟ ମାଗିବାରୁ ପଲ୍ଲିବାସୀ ସ୍ତ୍ରୀ ପୁରୁଷମାନେ ଆଗେ ସେ ଦିବ୍ୟସୁନ୍ଦର ରୂପ ଦେଖି ଏପରି ଅବସ୍ଥା ଯୋଗୁଁ ଆହା କରିବାକୁ ଲାଗିଲେ ଏବଂ ଖଣ୍ଡିଏ କୁଟୀର ରହିବାପାଇଁ ଦେଖାଇ ଦେଲେ । ରାଜା ଅନ୍ୟ ବୃତ୍ତି ନ ପାଇ ପ୍ରତିଦିନ ସେମାନଙ୍କ ସଙ୍ଗରେ ଜଙ୍ଗଲକୁ କାଠ ଆଣିବାକୁ ଗଲେ ଏବଂ ଅତି କଷ୍ଟରେ କାଠ ବୋଝମାନ ମୁଣ୍ଡାଇ ଆଣି ହାଟରେ ବିକି ଯାହା ପାଉଥିଲେ, ସେଥିରେ ତେଲ ଲୁଣ ଡାଲି ଚାଉଳ ଆଦି କିଣି ରାଣୀ ଚିନ୍ତାଙ୍କ ନିକଟରେ ଥୋଉଥିଲେ । ସତୀ ଚିନ୍ତାଦେବୀ ପରମ ଆନନ୍ଦରେ ସେଥିରେ ଦିବ୍ୟ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରାଣେଶ୍ୱରଙ୍କୁ ପୂର୍ଣ୍ଣ ଗ୍ରାସେ ଖୁଆଇ ପଛେ ଯାହା ଥାଏ ସେତିକି ଦିବ୍ୟ ଚିତ୍ତରେ ପାଇ ପାଇ ଦେବସେବାହାରୀ ପତିଙ୍କର ପଥ-କଷ୍ଟ ଦୂର କରୁଥିଲେ । ଏହିପରି ସେ ପଲ୍ଲୀରେ ରାଜା ରାଣୀ କିଛିଦିନ ସୁଖରେ ଦିନ କଟାଇଲେ; ମାତ୍ର କିଏ ଜାଣେ ଏ ସୁଖ ପଛକୁ ଘୋର ଦୁଃଖ ମାଡ଼ି ଆସୁଅଛି ।

ଦିନେ ଶବରମାନେ ଜଙ୍ଗଲକୁ ଚାଲି ଯାଇଛନ୍ତି, ପଡ଼ା ଭିତରେ ଚହଳ ପଡ଼ିଗଲା ଯେ ଜଣେ ସୌଦାଗର ବହୁତ ମାଲ ବୋଝାଇ କରି ବୋଇତ ନେଇ ଯାଉଥିଲା, ନଈ କୂଳରେ ପଟୁ ଚଢ଼ିଯାଇ ଅଟକି ରହିଅଛି । ଶବରୁଣୀମାନେ ଦେଖିବାପାଇଁ ଅସମ୍ଭାଳ ହୋଇ ବାହାରିଲେ, ଚିନ୍ତା ରାଣୀଙ୍କୁ ମଧ୍ୟ ସଙ୍ଗକୁ ଡାକିଲେ । ମାତ୍ର ପତିବ୍ରତା ଚିନ୍ତା ପତିଙ୍କ ବିନା ଅନୁମତିରେ ଯିବି ନାହିଁ ବୋଲି କହିଲେ । ଏଣେ ଶନି ଜ୍ୟୋତିଷବ୍ରାହ୍ମଣ ବେଶରେ ସୌଦାଗର ନିକଟରେ ଉପସ୍ଥିତ ହୋଇ କହିଲେ—"ହେ ସୌଦାଗର ! ତୁମେ ଏତେ ଚିନ୍ତା କରୁଛ କାହିଁକି ? ମୁଁ ତୁମର ମଙ୍ଗଳପାଇଁ ଏଠାକୁ ଆସିଛି ।" ସୌଦାଗର ଏହା ଶୁଣି ପାଦତଳେ ପଡ଼ି କି ଉପାୟ କରିବି ପଚାରିବାରୁ ବ୍ରାହ୍ମଣ କହିଲେ— 'ତୁମ୍ଭେ ଏ ଶବର ପଲ୍ଲୀକି ଯାଇ ଧନ ଲୋଭ ଦେଖାଇ ସମସ୍ତଙ୍କୁ ଥରେ ଥରେ ଏଠାକୁ ଆଣ । ସେଥି ମଧ୍ୟରେ ଜଣେ ସତୀ ସ୍ତ୍ରୀ ଅଛି, ସେ ପାଦ ଛୁଆଁଇ ଦେଲେ ତୁମ୍ଭର ନାବ ଭାସି ଚାଲିଯିବ ।' ସୌଦାଗର ବ୍ରାହ୍ମଣଙ୍କୁ ପୁରସ୍କାର ଦେଇ ସେହିକ୍ଷଣି ସେ ପଡ଼ାକୁ ଧାଇଁଲେ ଏବଂ ସ୍ତ୍ରୀମାନଙ୍କୁ ଭୁଲାଇ କହିଲେ, ମୋ ନାହାରେ ଗୋଡ଼ ଛୁଆଁଇଲେ ବହୁତ ଧନ ଦେବି । ଏଥିରେ ଧନରଙ୍କ ଶବରୁଣୀମାନେ ଲୋଭେଇ ପଡ଼ି ସମସ୍ତେ ଉତ୍କଣ୍ଠିତ ହୋଇ ବାହାରିଲେ । କିନ୍ତୁ ଚିନ୍ତା ପୂର୍ବପରି କିଛି ଗଲେ ନାହିଁ । ସମସ୍ତେ ଯାଇ ଥରେ ଥରେ ପାଦ ଛୁଆଁଇଲେ; ମାତ୍ର କାହିଁରେ ନୌକା ଭାସିଲା ନାହିଁ । ସୌଦାଗର ଆଉ କିଏ ରହିଲା ପଚାରିବାରୁ ସମସ୍ତେ ଚିନ୍ତାଙ୍କର ସବୁକଥା ଜଣାଇଲେ । ସୌଦାଗର ପୁନର୍ବାର ଆସି ଚିନ୍ତାଙ୍କୁ ଯିବାପାଇଁ ବହୁତ ବିନୟ କରି କହିଲା । ଚିନ୍ତା ଭାବି ଦେଖିଲେ ଗଲେ ଜଣକର ଉପକାର ହେବ, ମାତ୍ର ପତିଦେବତାଙ୍କର ଆଜ୍ଞାଲଙ୍ଘନରେ ଅଧର୍ମ ହେବ ! ପଲ୍ଲିସଙ୍ଗିନୀମାନେ

Digitized by srujanika@gmail.com

ବାରମ୍ବାର ବଳାବଳ କରିବାରୁ ଚନ୍ଦ୍ରା ଦେବୀ ଆଗେ ଯାଉଛନ୍ତି, ପରର ଉପକାର ଧର୍ମ କରି ଆସିବି । ପଛେ ପତିଙ୍କ ପାଦ ଧରି ଦୋଷ ମାଗିନେବି ମନରେ ଏହିପରି ଆଲୋଚନା କରି ସୌଦାଗର କଥାରେ ବାହାରିଲେ, ଖଳ ତାହାଙ୍କୁ ବାଟ କଢ଼େଇ ନେଇଗଲା । ଏହିପରି ଯେନେ ସୀତା ଦେବୀ ପଞ୍ଚବଟୀର ପର୍ଣ୍ଣଶାଳାରୁ ବାହାରି ଯାଇଥିଲେ । ଏବେ ଚନ୍ଦ୍ରାଙ୍କର ସେହି ଦଶା ହେଲା ।

ସତୀଶିରୋମଣି ଚନ୍ଦ୍ରା ନଦୀକୂଳରେ ଉପସ୍ଥିତ ହୋଇ ନୌକାରେ ପାଦ ଲଗାଇଦେବା ମାତ୍ରକେ ତାହା ଜଳରେ ଭାସିଲା । ଦୁର୍ମତି ସୌଦାଗର ଏଥିରେ ଆଶ୍ଚର୍ଯ୍ୟ ହୋଇ ଭାବିଲା, ପୁଣି କେତେବେଳେ ଏହିପରି ଆପଦ ପଡ଼ିବ, ଏ ସତୀ ସ୍ତ୍ରୀ ସଙ୍ଗରେ ଥିଲେ ଆଉ ଭୟ ନ ଥିବ ! ଏହା ଭାବି ନିଷ୍ଠୁର ସୌଦାଗର ବଳପୂର୍ବକ ଚନ୍ଦ୍ରା ରାଣୀଙ୍କୁ ଧରି ନୌକାକୁ ଉଠାଇ ଆଣିଲା ଏବଂ କୂଳରୁ ନୌକା ଛଡ଼ାଇଦେଲା । ରାଣୀଙ୍କର ସେକାଳର ଅଶ୍ରୁପୂର୍ଣ୍ଣ ମଳିନ ମୁଖ ଆଉ ସେ ବ୍ୟାକୁଳଭାବ ଦେଖି କାହା ହୃଦୟ ସହିବ ! ପଲ୍ଲିସଙ୍ଗିନୀମାନେ ତାହା ଦେଖି କାନ୍ଦି କାନ୍ଦି ଯେ ଯାହା ବାସକୁ ଫେରିଲେ ଏବଂ ସମସ୍ତେ ସେ କାର୍ଯ୍ୟରେ ତାଙ୍କୁ ବଳାଇଥିବାରୁ ବହୁତ ଅନୁତାପ କଲେ । ଚନ୍ଦ୍ରାଦେବୀ ନୌକା ଉପରେ ମହାଶୋକରେ କ୍ରନ୍ଦନ କରିବାକୁ ଲାଗିଲେ । ଏକଧ୍ୟାନରେ ଶ୍ରୀବତ୍ସଙ୍କ କଥା ଭାବି ତାଙ୍କର ହୃଦୟ କୋହ ହୋଇଗଲା ! ମୁଁ ଅଭାଗିନୀ ଆଜି କାହିଁକି ପତିଦେବତାଙ୍କ ଆଜ୍ଞା ଲଙ୍ଘି ମହାପାପ କଲି ବୋଲି ଭାବି ଆପଣାକୁ ବହୁତ ଧିକ୍କାର ଦେଇ ବକ୍ଷରେ କର ମାରିବାକୁ ଲାଗିଲେ । ବହୁକାଳ କ୍ରନ୍ଦନ କରି ଯେତେବେଳେ ଶୋକ ଟିକିଏ ନିବୃତ୍ତି ଆସିଲା ସେତେବେଳେ ଚନ୍ଦ୍ରା ମନ ଥୟ କରି କର ଯୋଡ଼ି ସୂର୍ଯ୍ୟଙ୍କୁ ଗୁହାରି ଜଣାଇଲେ, 'ହେ ଧର୍ମଦେବତା, ଅଭାଗିନୀ କପାଳରେ କେତେ କଷ୍ଟ ଅଛି ନ ଜାଣେ । ମାତ୍ର ଏହି ଭିକ୍ଷା ମାଗୁଅଛି ମୋହର ଧର୍ମ ରକ୍ଷା କର । ଆଜଠାରୁ ପତିଙ୍କ ଦର୍ଶନଯାଏ ମୋହର ଏ ରୂପ ହରିନିଅ ।' ସତୀର କାତରପ୍ରାର୍ଥନାରେ ସୂର୍ଯ୍ୟଦେବଙ୍କ କୃପାରୁ ସେହିଦିନୁ କୁରୂପ ହୋଇଗଲା । ସୌଦାଗର ତାହାଙ୍କୁ ସର୍ବଦା ନୌକା ଉପରେ ଛଟପଟ ହେଉଥିବାର ଦେଖି କାଳେ ଖସିପଡ଼ିବ ବା କାହାକୁ ଡାକ ପକାଇବ, ଏହି ଭୟରେ ଗୋଡ଼ହାତ ବାନ୍ଧି ନୌକା ଭିତରେ ଲୁଚାଇ ରଖିଲା ।

ଏଣେ ରାଜା ଶ୍ରୀବତ୍ସ ଜଙ୍ଗଲରୁ ଖରାରେ କାଠବୋଝ ଆଣି ଦ୍ୱାରମୁହଁରେ ପକାଇଦେଇ ଥକା ହୋଇ ବସିପଡ଼ିଲେ । ମାତ୍ର ପୂର୍ବପରି କୁଟୀର ଭିତରୁ ପ୍ରିୟତମାଙ୍କୁ ବାହାରି ନ ଆସିବାର ଦେଖି ଶ୍ରୀବତ୍ସ ହଠାତ୍ ଶଙ୍କା କରି ଡାକ ପକାଇଲେ । କ୍ଷଣକରେ ଶବର ରମଣୀମାନେ ସେଠାରେ ରୁଣ୍ଡ ହୋଇ ତାଙ୍କ ମୁହଁକୁ ଜଳଜଳ କରି ତୁନି ରହିଲେ । ସ୍ତ୍ରୀମାନଙ୍କ ମୁଖରୁ ସମସ୍ତ ଘଟଣା ଶୁଣି ଶ୍ରୀବତ୍ସଙ୍କ ମୁଣ୍ଡରେ ସତେ କି ଚଡ଼କ ପଡ଼ିଲା ! ସେ ବାଳକ ପ୍ରାୟ କ୍ରନ୍ଦନ କରି ତଳେ ଗଡ଼ିବାକୁ ଲାଗିଲେ । କ୍ଷଣକ ପରେ ଶ୍ରୀବତ୍ସ ହତବୁଦ୍ଧି ହୋଇ ଚିତ୍ରପୁତୁଳା ପରି ରହିଲେ । ମୁଖରେ ଆଉ କୌଣସି କଥା ନାହିଁ । ଯେ ଯେତେ ବୁଝାଇଲେ ସେ କଥା ତାଙ୍କ କାନରେ ପଶିଲା ନାହିଁ । ଘୋର ଅନ୍ତରଯନ୍ତ୍ରଣାରେ ରାଜା ଅସ୍ଥିର ହୋଇପଡ଼ିଲେ; ଚତୁର୍ଦ୍ଦିଗ ତାହାଙ୍କୁ ଶୂନ୍ୟ ଦିଶିଲା, ତଥୁ ଚନ୍ଦ୍ରା ନାମ ଧରି ରୋଦନ କରି ବସିଲେ । ଶେଷରେ କାହାକୁ କିଛି ନ କହି ପ୍ରିୟତମାର ଦର୍ଶନ ପାଇ ବା ଆଶାରେ ସେହି ନଦୀଆଡ଼କୁ ଅଗ୍ରସର ହେଲେ । ମାତ୍ର ସେଠାରେ କିଛି ସଙ୍କେତ ନ ପାଇ ଚନ୍ଦ୍ରାର ଅନୁସନ୍ଧାନରେ ନାନା ସ୍ଥାନ ଭ୍ରମି କ୍ରମେ ଶ୍ରୀବତ୍ସ ଅବଶ ହୋଇପଡ଼ିଲେ । ଗୋଟିଏ ସ୍ଥାନରେ ବସି ଚନ୍ଦ୍ରାର ଭବିଷ୍ୟତ ଭାବୁ ଭାବୁ କ୍ଷଣିକ ନିଦ୍ରାବଶରେ ଶ୍ରୀବତ୍ସ ଦେଖିଲେ ସମ୍ମୁଖରେ ସତେ କି ତାଙ୍କର ଗୁରୁଦେବ ଉପସ୍ଥିତ ହୋଇ କହୁଅଛନ୍ତି—ବତ୍ସ ! ମନରୁ ଗୁରୁ ଚିନ୍ତା ଦୂର କର । ଚନ୍ଦ୍ରାରାଣୀ ଅବଶ୍ୟ

Digitized by srujanika@gmail.com

ଦିନେ ମିଳିବେ । ସେ ସଖୀ ଇଷ୍ଟମନ୍ତ୍ର ଜପରେ ସର୍ବଦା ମଗ୍ନ ରହିଛନ୍ତି । ତାଙ୍କୁ କେହି ସ୍ପର୍ଶ କରି ପାରିବେ ନାହିଁ । ସଖୀର ମାନ ନିଶ୍ଚୟ ଅକ୍ଷୁଣ୍ଣ ରହିବ । ଗୁରୁଦେବ ଏହା କହି ଅନ୍ତର୍ଦ୍ଧାନ ଭଜନ୍ତେ ଶ୍ରୀବତ୍ସଙ୍କ ଦେହରେ ଜୀବ ପଶିଲା, ସେ ମିଳନ ଆଶାରେ ସାହସ ବାନ୍ଧି ଦେଶକୁ ଦେଶ ବୁଲି କାଳକ୍ଷେପଣ କରିବାକୁ ଲାଗିଲେ । ଏହିପରି ଭ୍ରମୁ ଭ୍ରମୁ ସେ ଶେଷରେ ସୁର-ଧେନୁ ସୁରଭିଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ସୁରଭି ତାଙ୍କ ଦୁଃଖ ବୁଝି ଦୟା କରି ଆପଣା ଆଶ୍ରମରେ ଆଶ୍ରୟ ଦେଲେ ଏବଂ ସ୍ୱକନ୍ୟା ନନ୍ଦିନୀଙ୍କ ଉପରେ ତାଙ୍କ ପାଳନ ଭାର ଦେଲେ । କାମଧେନୁ ନନ୍ଦିନୀ କୃପାକରି ଶ୍ରୀବତ୍ସଙ୍କୁ ପ୍ରଚୁର ଦୁଗ୍ଧ ପାନ କରାଉଥିଲେ —ଏପରି କି ଶ୍ରୀବତ୍ସଙ୍କ ଉଦର ପୂର୍ଣ୍ଣ ହୋଇ ସ୍ତନ୍ୟ ତଳେ ପଡ଼ି ବହି ଯାଉଥିଲା । ସେହି ଆର୍ଦ୍ର ମୃତ୍ତିକାରେ ଶ୍ରୀବତ୍ସ ମନକୁ ବସି ଗୋଟିଏ ଗୋଟିଏ ସାନ ଇଟା ତିଆରି କରି ଦୁଇ ଦୁଇଟା ଯୋଡ଼ି କରି ରଖିଲେ । କାମଧେନୁଙ୍କ ଅଦ୍ଭୁତ ମହିମାରେ ସେଗୁଡ଼ିକ ସୁନାର ଇଟା ପାଲଟିଗଲା । ଶ୍ରୀବତ୍ସ ତାହା ଦେଖି ଆନନ୍ଦରେ ଅବାକ୍ । ଦିନେ ସେହି ଆଶ୍ରମ ପଛରେ ଶ୍ରୀବତ୍ସ ମାଡ଼ି ମାଡ଼ି ଯାଉ ଯାଉ ଦୂରରେ ଗୋଟିଏ ନଦୀ ଦେଖିଲେ, ସେଥିରେ ପାଲ ଉଡ଼ାଇ ଗୋଟିଏ ବୋଝାଇ ନୌକା ଆସୁଥିବାର ଦେଖାଗଲା, ଶ୍ରୀବତ୍ସ କୂଳରେ ଠିଆ ହୋଇ ମହାଜନଙ୍କୁ ସେଇଆଡ଼କୁ ଆସୁଥିବା ଦେଖି ଜଣାଇଲେ, ମହାଜନ ଭାଇ, ମୁଁ ବଡ଼ ସଙ୍କଟରେ ପଡ଼ିଛି । ମୋହାର କେତେଗୁଡ଼ିଏ ସୁନା ଇଟା ଅଛି, ସେଗୁଡ଼ିକ ମୁଁ ଏକା ଥିବାରୁ ନେଇ ଯାଇ ପାରୁ ନାହିଁ । ତୁମ୍ଭେ ଯେବେ ଡଙ୍ଗାକୁ ନିଅନ୍ତ, ତାହାହେଲେ ମୁଁ ତୁମ୍ଭ ସଙ୍ଗରେ ଦେଶକୁ ଯାଇ ବ୍ୟବସାୟ କରି ପାରନ୍ତି, ଶୁଣି ମହାଜନ ସେଥିରେ ମହାନନ୍ଦରେ ସମ୍ମତ ହେବାରୁ ଶ୍ରୀବତ୍ସ ଇଟାତକ ବୋଝେଇ କରି ନୌକା ଉପରକୁ ଉଠିଲେ । କିଛି ଦୂର ଯିବା ପରେ ନଈ ମଝି ଗର୍ଭରେ ମହାଜନ ଭାବିଲା ଏହାକୁ ଖସାଇ ପକାଇଲେ ଏତକ ସୁନାମୁଣ୍ଡା ମୋହର ହୁଅନ୍ତା । ନିଷ୍ଠୁର ସୌଦାଗର ଏହିପରି ବିଚାରି କରି ଶ୍ରୀବତ୍ସଙ୍କୁ ଡଙ୍ଗାରୁ ଗଣ୍ଡକୁ ପେଲିଦେଲା । ଶ୍ରୀବତ୍ସ କାତରସ୍ୱରରେ ଇଷ୍ଟଦେବତାଙ୍କ ନାମ କରି ଶେଷରେ ହା ଚିନ୍ତା ମୋର ! ବୋଲି ଡାକ ଦେଲେ । ସେହି ଡଙ୍ଗା ଭିତରେ ସତକୁ ସତ ସଖୀ ଚିନ୍ତାଦେବୀ ଥିଲେ । ସେ ପତିଙ୍କର ସ୍ୱର ବାରି ପାରି ଉଠିବାକୁ ବହୁତ ଚେଷ୍ଟା କଲେ; ମାତ୍ର ହାତ ଗୋଡ଼ ବନ୍ଧା ଥିବାରୁ ଉଠି ନ ପାରି ମୁଣ୍ଡତଳୁ ମଣ୍ଡିଟି ଉଠାଇ ଅତି କଷ୍ଟରେ ଗଣ୍ଡକୁ ପକାଇଦେଲେ । ଶ୍ରୀବତ୍ସ ସେହି ମାଣ୍ଡିଟିକୁ କାଖରେ ଧରି ନଦୀସ୍ରୋତରେ ଅନାୟାସରେ ଆଗେ ଆଗେ ଭାସିଗଲେ ଏବଂ ଏହିପରି ବହୁତ ଦୂର ଯାଇ ଗୋଟିଏ ରାଜ୍ୟର ଫୁଲବଗିଚା ତଳେ କୂଳରେ ଲାଗିଲେ । ସେ ବଗିଚାର ମାଲୁଣୀ ସେଦିନ ଗଛରେ ଫୁଲ କୁଢ଼େଇ ହୋଇ ପଡ଼ିଥିବାର ଦେଖି କେଉଁ ମହାପୁରୁଷ ଏଠାକୁ ଆସିଲେ ବୋଲି ଭାବି ବୁଲୁ ବୁଲୁ କୂଳରେ ଶ୍ରୀବତ୍ସଙ୍କୁ ଦେଖିଲା । ରୂପରୁ ରାଜପୁଅ ବୋଲି ସନ୍ଦେହ କରି ଆପଣା ଘରକୁ ନେଇ ଆଶ୍ରୟ ଦେଲା ।

ଶ୍ରୀବତ୍ସ ବର୍ତ୍ତମାନ ଯେଉଁ ରାଜ୍ୟରେ ରହିଲେ ତାହାର ନାମ ସୌତିପୁର । ସୌତିପୁର ରାଜକନ୍ୟାଙ୍କର ନାମ ଭଦ୍ରା । ପିଲାଦିନରୁ ଭଦ୍ରାର ଦେବବ୍ରାହ୍ମଣରେ ବଡ଼ ଭକ୍ତି । ପ୍ରତିଦିନ ସ୍ନାନ ସାରି ଫୁଲ ତୁଳସୀ ତୋଳି ଆଣି ଶୁଦ୍ଧ ମନରେ ମାତାଙ୍କ ଦେବପୂଜାର ସମସ୍ତ ଆୟୋଜନ କରେ ଏବଂ ଆପେ ପୂର୍ଣ୍ଣ ଭକ୍ତିରେ ହରଗୌରୀ ପୂଜାରେ ମନ ଦେଇଥାଏ । କ୍ରମେ ତାର ବିବାହ-ବୟସ ହୋଇଯିବାରୁ ରାଣୀ ବିବାହର ଆୟୋଜନ କରିବାପାଇଁ ରାଜାଙ୍କୁ ଅନୁରୋଧ କଲେ । ଅଳ୍ପ କାଳରେ ସ୍ୱୟମ୍ବର ଆୟୋଜନ ହୋଇଗଲା, ନାନା ଦେଶର ରାଜା ରାଜପୁତ୍ରମାନେ ସଭାକୁ ନିମନ୍ତ୍ରିତ ହେଲେ । ଦେଖୁ ଦେଖୁ ସ୍ୱୟମ୍ବରର ଦିନ ଆସି ଉପସ୍ଥିତ ହେଲା । ଦ୍ୱାରେ ଦ୍ୱାରେ ପୂର୍ଣ୍ଣକୁମ୍ଭ ଓ କଦଳୀ ବୃକ୍ଷ

Digitized by srujanika@gmail.com

ସ୍ଥାପି ପୁରବାସୀମାନେ ଉତ୍ସବର ସୂଚନା କଲେ । ସଭାମଣ୍ଡପ ଅପୂର୍ବ ସଜ୍ଜା ଓ ରାଜାମାନଙ୍କ ପ୍ରବେଶରେ ଅପୂର୍ବଶ୍ରୀ ଧାରଣ କଲା; କିନ୍ତୁ ଏ ଆନନ୍ଦରେ ସ୍ୱୟଂ ଜେମାଙ୍କର ଆନନ୍ଦ ନାହିଁ । ସେ ବହୁକାଳରୁ ହର ଗୌରୀଙ୍କ ସେବା କରି ଏହି ବର ମାଗିଥିଲେ "ଧାର୍ମିକ ଶ୍ରୀବତ୍ସ ରାଜାଙ୍କୁ ଯେପରି ମୋହର ସ୍ୱାମୀ କରି ପାଇବି ।" ଯଶ ଗୁଣ ଶୁଣି ସିନା ମନେ ମନେ ଶ୍ରୀବତ୍ସଙ୍କୁ ବରଣ କରିଅଛି; କିନ୍ତୁ କେବେ ତାଙ୍କୁ ଏ ନୟନରେ ଦେଖି ନାହିଁ । ଏବେ ସ୍ୱୟଂବରକାଳରେ ଉପାୟ କଣ ? ଭଦ୍ରା ଇଷ୍ଟଦେବତାଙ୍କୁ ଏକ ଧ୍ୟାନରେ ଡାକି ମନକାମନା ଜଣାଇଲେ । ଶୁଦ୍ଧଶୀଳା ବାଳିକାର କାତରପ୍ରାର୍ଥନାରେ ଶୂନ୍ୟରୁ ଦେବବାଣୀ ହେଲା—"ମା ଯାହା ଲାଗି ତୋର ଏତେ ଧ୍ୟାନ ସେ ଶ୍ରୀବତ୍ସ ନୃପତି ଅଳ୍ପଦୂରରେ କଦମ୍ବ ବୃକ୍ଷ ମୂଳରେ ସାମାନ୍ୟ ବେଶରେ ବସି-ଅଛନ୍ତି ।" ତହୁଁ ଭଦ୍ରା ସମସ୍ତଙ୍କୁ ଛାଡ଼ି ସେହି କଦମ୍ବ ମୂଳଆଡ଼କୁ ସଖୀ ସଙ୍ଗେ ବାହାରିଲେ । ଅନ୍ୟ ରାଜା-ମାନେ ଆସନରୁ ଉଠି ପଡ଼ି ଆଶ୍ଚର୍ଯ୍ୟରେ ସେ ଆଡ଼କୁ ଅନାଇଲେ । ସୌତିପୁର ପତି ତେଣିକି ଯିବାର ଦେଖି ଘୃଣା ପ୍ରକାଶ କଲେ । ମାତ୍ର ଭଦ୍ରା କାହାରି ଭ୍ରୂକୁଟିକି ନ ତକାଇ ସେ କଦମ୍ବମୂଳସ୍ଥିତ ସୁପୁରୁଷଙ୍କ ପାଦତଳେ ମାଲ୍ୟଚନ୍ଦନ ରଖିଦେଲେ । ସଭାର ଅଟ୍ଟହାସ ସଙ୍ଗେ ଶ୍ରୀବତ୍ସ ମଧ୍ୟ ବିସ୍ମିତ ହୋଇ ଅନାଇଲେ—ଏ କଣ ପଥର ଭିଖାରିକୁ ରାଜକନ୍ୟାର ବରମାଲ୍ୟ ପ୍ରଦାନ ! ମାଲୁଣୀଠାରୁ ସ୍ୱୟଂବର ସଂବାଦ ପାଇ ଶ୍ରୀବତ୍ସ ଦେଖିବାପାଇଁ ସେଠାକୁ ଯାଇଥିଲେ । ଏ ଘଟଣାରେ ତାଙ୍କର ଦ୍ୱିଗୁଣ ଆଶ୍ଚର୍ଯ୍ୟ ବଢ଼ିଗଲା । ପୁଣି ପତିପ୍ରାଣା ଚିନ୍ତାରାଣୀଙ୍କପାଇଁ ପ୍ରାଣ ସର୍ବଦା ଆକୁଳ ! ରାଜାଙ୍କର ଏକାଧିକ ପତ୍ନୀ ଗ୍ରହଣ ଯଦିବା ନିନ୍ଦାର କଥା ନୁହେଁ; ତଥାପି ଶ୍ରୀବତ୍ସ ରାଜକୁମାରୀ ଭଦ୍ରାଙ୍କୁ ପତ୍ନୀ ପାଇ ସୁଖୀ ହୋଇ ପାରିଲେ ନାହିଁ । କନ୍ୟା ଗୋଟିଏ ଭିଖାରିକୁ ବରଣ କରିଥିବାରୁ ରାଜା ଅତ୍ୟନ୍ତ ବିରକ୍ତ ହୋଇ କନ୍ୟାର ମୁଖାବଲୋକନ କରିବେ ନାହିଁ ବୋଲି ସଙ୍କଳ୍ପ କଲେ । ରାଣୀଙ୍କ ଅନୁରୋଧରେ ପ୍ରାସାଦର ବାହାରେ ଗୋଟିଏ ସ୍ୱତନ୍ତ୍ର ଗୃହରେ ସେମାନଙ୍କ ବାସର ବ୍ୟବସ୍ଥା କରିଦେଲେ । ମହାଦେବୀ ଭିତରେ ଯାଇ ଦେଖିଲେ କନ୍ୟା ପତି-ପାଶରେ ଅଧୋବଦନରେ ବସିଅଛି । ମାତ୍ର ତାହାର ମୁଖରୁ ଜଣା ଯାଉଅଛି, ଦରିଦ୍ର ପତିଙ୍କୁ ପାଇ ମଧ୍ୟ ତାହା ମନରେ ସନ୍ତୋଷ ଅଛି । ଭଦ୍ରାଙ୍କ ତୁଲ୍ୟ ସାଧ୍ୱୀ ସୁଶୀଳା ପତ୍ନୀଲାଭ କଲା ଦିନୁ ଶ୍ରୀବତ୍ସଙ୍କର ଦୁର୍ଦ୍ଦଶା କ୍ରମଶଃ ଶେଷ ହୋଇ ଆସିଲା । ଦିନେ ଭଦ୍ରାଙ୍କୁ କହିଲେ "ଏପରି ବସି ରହି ପର ଉପରେ ଖାଇବା ମୋ ପକ୍ଷରେ ବଡ଼ କଷ୍ଟକର । ତୁମ୍ଭ ପିତା ଯଦି କୌଣସି କାର୍ଯ୍ୟଭାର ମୋହ ଉପରେ ଦିଅନ୍ତେ ମୁଁ ତାହା ଆନନ୍ଦରେ ସମ୍ପନ୍ନ କରି ନିଜ ଜୀବିକା ନିର୍ବାହ କରନ୍ତି । ବିଶେଷତଃ ଏଠାକୁ ବାଣିଜ୍ୟ ବ୍ୟବସାୟର ଯେଉଁ ନୌକା ଆଦି ଆସେ, ସେଥିରୁ ଶୁଳ୍କ ଆଦାୟ ଭାର ମୋତେ ଦେଲେ ମୁଁ ଅନାୟାସରେ ତାହା ଚଳାଇ ପାରିବି !" ପତିଙ୍କ ବାକ୍ୟ ସୁଚିତ୍ତରେ ଶ୍ରବଣ କରି ଭଦ୍ରା ମାତାଙ୍କ ଆଗରେ ସବୁ ଜଣାଇଲେ ଏବଂ ରାଣୀଙ୍କ ଅନୁରୋଧ କ୍ରମେ ରାଜା ଆନନ୍ଦରେ ସେ କାର୍ଯ୍ୟ ଜାମାତାଙ୍କୁ ପ୍ରଦାନ କଲେ ।

ସେହିଦିନଠାରୁ ଶ୍ରୀବତ୍ସ ନଦୀକୂଳରେ ବସି ଆସୁଥିବା ନୌକାମାନଙ୍କରୁ ଶୁଳ୍କ ଆଦାୟ କରିବାକୁ ଲାଗିଲେ । ଦିନେ ଶ୍ରୀବତ୍ସ ଘରେ ବସି ଚିନ୍ତାରାଣୀଙ୍କ କଥା ଅଧିକ ଭାବି ମନେ କରୁଛନ୍ତି । 'ଲକ୍ଷ୍ମୀଙ୍କ ବାକ୍ୟ କଣ ସତ୍ୟ ହେବ ନାହିଁ ?' ସେହି ରାତିରେ ନିଦ୍ରା-ଯୋଗେ ସ୍ୱପ୍ନରେ ସେ ଦେଖିଲେ—'ସତେ ଯେପରି ଚିନ୍ତାଦେବୀ ଆସି ତାଙ୍କ ପାଦ ଯୋଡ଼କ ଧରି ଉଠାଉ-ଅଛନ୍ତି ।' ଶ୍ରୀବତ୍ସଙ୍କର ନିଦ୍ରାଭଙ୍ଗ ହେଲା । ପ୍ରଭାତରୁ ଉଠି ବ୍ୟାକୁଳ ପ୍ରାଣରେ ସେ ନଦୀକୂଳକୁ ଧାଇଁ ଦେଖିଲେ ଖଣ୍ଡିଏ ନୌକା ଆସି ପହଞ୍ଚିଅଛି । ଶ୍ରୀବତ୍ସ ଦେଖିଲାକ୍ଷଣି ଚିହ୍ନି ପାରିଲେ ସେହି ଦୁଷ୍ଟ ସୌଦାଗରର

Digitized by srujanika@gmail.com

ଏ ନୌକା, ଏଥିରେ ମିଷ୍ଟ୍ରୟ ଚନ୍ଦ୍ରାରାଣୀ ଅଛନ୍ତି । ତାହାଙ୍କ ଆଦେଶରେ ଭୃତ୍ୟମାନେ ନୌକା ଭିତରୁ ସୁନାର ଇଟାଯାକ ଉପରକୁ ବୁହାଇ ଆଣିଲେ । ଏ ଅତ୍ୟାଶ୍ଚର୍ଯ୍ୟ ଦେଖି ସୌଦାଗର ରାଜାଙ୍କ ନିକଟରେ ଶ୍ରୀବତ୍ସଙ୍କ ବିପକ୍ଷରେ ଅଭିଯୋଗ କଲା । ରାଜାଙ୍କ ଆହ୍ୱାନରେ ଶ୍ରୀବତ୍ସ ଯାଇ କହିଲେ "ମହାରାଜ, ଏ ଇଟାଗୁଡ଼ିକ ଯୋଡ଼ା ଅଛି । ଏ ଲୋକ ଯେବେ ଏହାର ଯୋଡ଼ ଫିଟାଇ ଦେବ ତେବେ ଏ ସବୁ ତାହାର । ନ ପାରିଲେ ଏ କପଟୀ ଭଣ୍ଡଙ୍କର ଲୋକ ତାହା ପରେ କହିବ ।" ସୌଦାଗର ଯୋଡ଼ ଫିଟାଇବାକୁ ବହୁତ ଚେଷ୍ଟା କରି ଶେଷରେ କୁରାଢ଼ି ବସାଇ ସୁଦ୍ଧା ପାରିଲା ନାହିଁ । ମାତ୍ର ଶ୍ରୀବତ୍ସ ତାହାକୁ ଧରି ଇଷ୍ଟଦେବଙ୍କୁ ଧ୍ୟାନ କରି ଯେପରି ହାତରେ ଛଡ଼ାଇଛନ୍ତି, ଫିଟି ଗଲା । ରାଜା ଏବଂ ସଭାର ସମସ୍ତ ଭଦ୍ରଲୋକ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ରାଜା ଆଉ କିଛି ନ ବୁଝି ଶ୍ରୀବତ୍ସଙ୍କୁ ପଚାରିଲେ—ବତ୍ସ, ତୁମ୍ଭେ କିଏ ? ତୁମ୍ଭଙ୍କୁ ମୁଁ ସାମାନ୍ୟ ଲୋକ ଭାବିଥିଲି । ମାତ୍ର ଏବେ ବୁଝି ପାରୁଛି ମୋହର ଭଦ୍ରା ଯୋଗ୍ୟବର ବରଣ କରିଅଛି ।' ଶ୍ରୀବତ୍ସ ଶନି ଲକ୍ଷ୍ମୀଙ୍କ କଳହଠାରୁ ଲଗାଇ ସମସ୍ତ ଘଟନା ବର୍ଣ୍ଣନ କରି ଗଲେ । ତାଙ୍କ କଥା ନ ସରୁଣୁ ସୌତିପୁର ପତି ହାତ ଯୋଡ଼ି ଜଣାଇଲେ—'ରାଜନ୍, ମୋହର ଅପରାଧ କ୍ଷମା କରନ୍ତୁ । ମୁଁ ସାମାନ୍ୟ ଲୋକ ମନେ ବିଚାରି ଏତେ ଦିନଯାଏ କେତେ ଅପମାନ ଦେଇଅଛି । ଆପଣଙ୍କ ତୁଲ୍ୟ ରାଜଚକ୍ରବର୍ତ୍ତୀଙ୍କୁ ଜାମାତା କରି ପାଇ ମୁଁ ଆଜି କୃତାର୍ଥ ହେଲି । ଏହା କହି ରାଜା ପାତ୍ର ମନ୍ତ୍ରୀ ନଗର ନିଯୋଗ ଘେନି ସତୀ ଶିରୋମଣି ଚନ୍ଦ୍ରାମଣିଙ୍କୁ ନୌକାରୁ ଆଣିବାକୁ ଯାତ୍ରା କଲେ । ଏବଂ ନୌକାରେ ଠିଆ ହୋଇ ଚନ୍ଦ୍ରାଦେବୀଙ୍କୁ ସମ୍ବୋଧନ କରି କହିଲେ—'ଉଠ ମା, ତୁମ୍ଭର କଷ୍ଟର ଦିନ ଏବେ ଶେଷ ହେଲା । ରାଜା ଶ୍ରୀବତ୍ସ ମୋହ ଗୃହରେ ତୁମ୍ଭ ଅପେକ୍ଷାରେ ରହିଅଛନ୍ତି ।' ଚନ୍ଦ୍ରାରାଣୀ ଅତି କ୍ଷୀଣସ୍ୱରରେ କହିଲେ, 'ମୋହର ପିତୃସମାନ ଆପଣ କିଏ ଆସିଲେ ? ଦେଖନ୍ତୁ ମୋହର ହସ୍ତ ପାଦ ବନ୍ଧା ରହିଅଛି । ଆରଣ ଯେ ହୁଅନ୍ତୁ, ଯେଉଁ ଶୁଭ ଶୁଣାଇଲେ, ସେଥିରୁ ଆପଣ ମୋହର ପିତା, ମୋହର ଏ ବନ୍ଧନ ଫିଟାଇ ଦିଅନ୍ତୁ ।' ରାଜା ନିଜ ହସ୍ତରେ ବନ୍ଧନ ଫିଟାଇ ଦେଇ ତାଙ୍କର ସେ ବ୍ୟାଧିଯୁକ୍ତ କୁରୂପ ଦେଖି କାରଣ ପଚାରିଲେ, ଉତ୍ତରରେ ଚନ୍ଦ୍ରା କହିଲେ —'ମୋହର ପ୍ରାର୍ଥନାରେ ଧର୍ମ ରକ୍ଷା ପାଇଁ ଧର୍ମ-ଦେବତା ମୋତେ ଏ ରୂପ ଦେଇଅଛନ୍ତି । ତାଙ୍କୁ ସ୍ମରଣ କଲେ ପୁଣି ନିଜ ରୂପ ଫେରି ପାଇବି ।' ଏହା କହି ସେ ହାତ ଯୋଡ଼ି ଏକଧ୍ୟାନରେ ସୂର୍ଯ୍ୟଙ୍କୁ ସ୍ମରଣ କରନ୍ତେ ଦିବ୍ୟରୂପ ହୋଇଗଲା । ରାଜା ଦେଖି ଆଶ୍ଚର୍ଯ୍ୟ ହୋଇ ମନେ ମନେ ସତୀଙ୍କୁ ବହୁତ ପ୍ରଶଂସା କରିବାକୁ ଲାଗିଲେ ଏବଂ ଯତ୍ନରେ ଓହ୍ଲାଇ ନେଇ ଚୌଦୋଳରେ ବସିବାକୁ ଅନୁରୋଧ କଲେ; ମାତ୍ର ଚନ୍ଦ୍ରା ସେଥିରେ ନ ବସି ପଦବ୍ରଜରେ ପତିଦେବତାଙ୍କୁ ସାକ୍ଷାତ କରିବାକୁ ଜଣାଇ ଚାଲିଲେ । ଏଣେ ଚନ୍ଦ୍ରାରାଣୀ ଆସିବେ ବୋଲି ରାଷ୍ଟ୍ର ହୋଇଥିବାରୁ ରାଜପୁରରେ ଲୋକାରଣ୍ୟ । ଦ୍ୱାରଦେଶରେ ଚନ୍ଦ୍ରା ଉପସ୍ଥିତ ହୁଅନ୍ତେ ରାଣୀ ଏବଂ ଭଦ୍ରା ଦୁହେଁ ଅନ୍ତଃପୁରକୁ ପରମ ଆଦରରେ ଘେନି ଗଲେ । ଚନ୍ଦ୍ରା ମନା କଲେ ସୁଦ୍ଧା ଭଦ୍ରା ସୁନ୍ଦର ବସନଭୂଷଣରେ ତାହାଙ୍କୁ ମଣ୍ଡି ଶ୍ରୀବତ୍ସଙ୍କ ନିକଟକୁ ଘେନି ଗଲେ । ତହୁଁ ଦୁହେଁ ଦୁହିଙ୍କୁ ଦେଖି ଆନନ୍ଦରେ କ୍ଷଣେ କାଳ ନୀରବ ହୋଇ ରହିଗଲେ । ତହୁଁ ଶ୍ରୀବତ୍ସ ଦୁଇ ବାହୁ ପ୍ରସାରଣ କରି ଚନ୍ଦ୍ରା ରାଣୀଙ୍କୁ ପ୍ରେମଭରେ ବକ୍ଷରେ ଧାରଣ କଲେ । ସତୀ ପତିଙ୍କ ସ୍କନ୍ଧରେ ମସ୍ତକ ଥୋଇ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲେ । ଭଦ୍ରା ଚକ୍ଷୁରୁ ମଧ୍ୟ ତାହା ଦେଖି ଅଶ୍ରୁ ଜଳ ଗଡ଼ି ଆସିଲା । ସେ ସଖୀଙ୍କ ନେତ୍ରରୁ ଅଶ୍ରୁ ପୋଛି ଚରଣାରେ ବସିବାକୁ ଲାଗିଲେ ।

ସପତ୍ନୀ ସପତ୍ନୀକୁ ଦେଖି ପାରନ୍ତି ନାହିଁ । କିନ୍ତୁ ଏଠାରେ ତାହା ବିପରୀତ ଦେଖାଗଲା । ସେ ଦୁହିଙ୍କ

Digitized by srujanika@gmail.com

ପ୍ରଥମ ବ୍ୟବହାରରୁ ବୁଝା ଯାଉଥିଲା ଯେପରି ଦୁହେଁ ଦୁହିଙ୍କର ବହୁଦିନର ପ୍ରିୟସଖୀ ।

ତହିଁ ଆରଦିନ ରଜା ପାତ୍ରମିତ୍ରଙ୍କୁ ଘେନି ସଭାରେ ବସିଅଛନ୍ତି; ଶ୍ରୀବତ୍ସ ଅନ୍ୟ ଗୋଟିଏ ଆସନରେ ବସିଛନ୍ତି । ଏମନ୍ତ ସମୟରେ ସଭା ଉଜ୍ଜ୍ୱଳ କରି ଶନି ମହାଗ୍ରହ ଆସି ଉପସ୍ଥିତ ହୁଅନ୍ତେ, ସମସ୍ତେ ସମ୍ଭ୍ରମରେ ଉଠି ପ୍ରମାଣ କଲେ । ଗ୍ରହରାଜ ଶ୍ରୀବତ୍ସଙ୍କୁ ସମ୍ବୋଧନ କରି କହିଲେ, "ଶ୍ରୀବତ୍ସରାଜ, ଏବେ ତୁମ୍ଭର କର୍ମଫଳ ଭୋଗ ସରିଲା, ତୁମ୍ଭେ ମହାଧାର୍ମିକ ରଜା, ତଥାପି ପୂର୍ବ କର୍ମଫଳ ତୁମ୍ଭଙ୍କୁ ଭୋଗ କରିବାକୁ ହେଲା । ଏହି ଯେଉଁ ବାରବର୍ଷ କଷ୍ଟ ହେଲା, ସେଥିରେ ମୋହର କିଛି ଦୋଷ ନାହିଁ ଜାଣିବ । ବିଧାତାପୁରୁଷ କର୍ମଫଳ ଭୋଗ କରାଇବାପାଇଁ ମୋତେ ନିଯୁକ୍ତ କରିଅଛନ୍ତି । ମୋହର ଆଶୀର୍ବାଦରେ ତୁମ୍ଭର ନାମ ପୃଥିବୀରୁ ଲୋପ ନ ପାଉ । ଆଜି ଯେ ତୁମ୍ଭର ନାମ ସ୍ମରଣ କରିବ ତାହାର ସବୁ ସନ୍ତାପ ଦୂର ହେବ ।" ଅନନ୍ତର ଶନିଙ୍କର ଅନ୍ତର୍ଧାନ ହୋଇଗଲା । ସୌଭିପୁରପତି ପୁଣ୍ୟଶ୍ଳୋକ ଜାମାତାଙ୍କୁ ଘେନି ସାତ ଦିନ ମହାଉତ୍ସବ ଭିଆଇଲେ ।

ତହିଁ ଉତ୍ତାରେ ରଜା ଶ୍ରୀବତ୍ସ ଦିବ୍ୟ ରଥରେ ବସି ଚିନ୍ତା ଓ ଭଦ୍ରା ଦୁଇ ରାଣୀଙ୍କୁ ଘେନି ମହା ଆନନ୍ଦରେ ନିଜ ରାଜ୍ୟକୁ ଯାତ୍ରା କଲେ । ନଗର ମଧ୍ୟରେ ବହୁ-କାଳ ପରେ ଆନନ୍ଦତହଳ ପଡ଼ିଗଲା । ଗୋଟି ଗୋଟି ହୋଇ ସବୁ ସୁଲକ୍ଷଣ ଦେଖାଗଲା । ସମ୍ପଦ ପଛକୁ ସମ୍ପଦ ମାଡ଼ିଆସିଲା । ରାଜ୍ୟ ପୁଣି ଧନଧାନ୍ୟରେ ପରିପୂର୍ଣ୍ଣ ହୋଇଯିବାରୁ ପ୍ରଜାମାନେ ପରମ ସୁଖରେ କାଳ ଯାପନ କଲେ । ଲୁହା ସ୍ପର୍ଶମଣି ଯୋଗରେ ସୁନା ପାଲଟି ଗଲା ପରି ଅଳ୍ପ କାଳରେ ସବୁ ବଦଳିଗଲା ।

Digitized by srujanika@gmail.com

ଗାନ୍ଧାରୀ

ମହାଭାରତରେ କୁରୁ ପାଣ୍ଡବ ବଂଶର କୁନ୍ତୀ, ଗାନ୍ଧାରୀ, ଦ୍ରୌପଦୀ, ସୁଭଦ୍ରା, ପଦ୍ମାବତୀ ଆଦି ଯେତେ ରମଣୀଙ୍କର ଚରିତ ବର୍ଣ୍ଣିତ ହୋଇଅଛି, ସେଥିମଧ୍ୟରେ ଗାନ୍ଧାରୀଙ୍କ ପରି ସତୀ ଆଉ ତେଜସ୍ୱିନୀ ରମଣୀ କେହି ନୁହନ୍ତି । ନ୍ୟାୟକୁ ସେ ଏପରି ଜଗିଥିଲେ, ଯେଡ଼େ ପ୍ରିୟ ହେଉପଛକେ ତାହାର କିଛି ଅନ୍ୟାୟ ଦେଖିଲେ ତତ୍‌କ୍ଷଣାତ୍ ସେଥିରୁ ନିବୃତ୍ତ ହେବାକୁ ଉପଦେଶ ଦେଉଥିଲେ । ଅନେକେ ସ୍ନେହ ମମତାରେ ପଡ଼ି ପତି ପୁତ୍ରଙ୍କ ଦୋଷକୁ ଦୋଷ ବୋଲି ନ ଧରି ଅଧର୍ମରେ ତାଙ୍କୁ ଅଧିକ ପ୍ରଶ୍ରୟ ଦେଉଥିଲେ । ମାତ୍ର ଗାନ୍ଧାରୀଙ୍କର ସେପରି ଦୁର୍ବଳତା ଆଦୌ ନ ଥିଲା । ସେ ଶତପୁତ୍ର ଜନ୍ମକରି ସୁଦ୍ଧା ସେମାନଙ୍କ ମନ୍ଦ ଆଚରଣରେ ସନ୍ତୁଷ୍ଟା ନ ହୋଇ ସର୍ବଦା ଭର୍ତ୍ସନା କରୁଥିଲେ ଏବଂ ଅଧର୍ମରେ ସେମାନଙ୍କର ମତି ଦେଖି ଆପଣା ସ୍ନେହରୁ ଅନ୍ତର କରୁଥିଲେ । ଧର୍ମରକ୍ଷା କୁଳରକ୍ଷା ଲାଗି ତାଙ୍କର ପ୍ରାଣ ସର୍ବଦା ବ୍ୟାକୁଳ ହେଉଥିଲା । ତଳେ କେତୋଟି କଥାରୁ ତାହାଙ୍କ ଗୁଣର ପରିଚୟ ମିଳିବ ।

ଗାନ୍ଧାରୀ ଗାନ୍ଧାର ଦେଶର ରାଜା ସୁବଳଙ୍କର କନ୍ୟା । ଏ ଦେଶର ପଶ୍ଚିମରେ ବର୍ତ୍ତମାନ କାନ୍ଦାହାର ବୋଲି ଯେଉଁ ରାଜ୍ୟ ଅଛି, ତାହାର ପୂର୍ବ ନାମ ଗାନ୍ଧାର ଥିଲା । କୁରୁ ପାଣ୍ଡବଙ୍କର ମୂଳବୀଜ ଶକୁନି ଏହି ଗାନ୍ଧାରୀଙ୍କର ସହୋଦର ଭାଇ ଥିଲେ । ଯେତେବେଳେ ଅନ୍ଧ ରାଜା ଧୃତରାଷ୍ଟ୍ରଙ୍କ ସହିତ ଗାନ୍ଧାରୀଙ୍କର ବିବାହ ହେଲା, ସେହି ଦିନଠାରୁ ସତୀ ପତିଙ୍କୁ ଜନ୍ମରୁ ଅନ୍ଧ ଜାଣି ନିଜ ଚକ୍ଷୁରେ ଅନ୍ଧପଟଳୀ ବାନ୍ଧି ଏହି ପ୍ରତିଜ୍ଞା କରିଥିଲେ ଯେ, ସ୍ୱାମୀ ଅନ୍ଧ ବୋଲି ଯେପରି ଆଉ କେବେ ଅନାଦର କରିବି ନାହିଁ । ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ଅନ୍ଧପଟଳୀ ବାନ୍ଧି ଚକ୍ଷୁ ଥାଉ ଥାଉ କେତେ ଅସହ୍ୟ କଷ୍ଟ ସହି ଜଗତରେ ଅପୂର୍ବ ପତିଭକ୍ତି ଦେଖାଇଥିଲେ । ଗାନ୍ଧାରୀଙ୍କ ପରି ସତୀଙ୍କୁ ପାଇ ଅନ୍ଧ ଧୃତରାଷ୍ଟ୍ର ଭାଗ୍ୟବାନ୍ ହୋଇଥିଲେ, ଧନଧାନ୍ୟ ପୁତ୍ର କନ୍ୟା ଆଦି ସମସ୍ତ ସମ୍ପଦ ପାଇଥିଲେ; ମାତ୍ର ସତୀର ଉପଦେଶ ଅନୁସାରେ ନ ଚଳିବାରୁ ଜୀବନରେ ସୁଖୀ ହୋଇ ପାରି ନ ଥିଲେ । ରାଜା ଧୃତରାଷ୍ଟ୍ର ବଡ଼ ଦୁର୍ବଳ ଥିବାରୁ ଦୁଷ୍ଟବୁଦ୍ଧି ପୁତ୍ର ଓ ମନ୍ତ୍ରୀଙ୍କ କପଟକଥାରେ ହଠାତ୍ ଭୁଲି ଯାଉଥିଲେ, ଆଗ ପଛ ଭଲ କରି ଭାବି ପାରୁ ନ ଥିଲେ । ତାଙ୍କ ଭଳି ଭୋଳାନାଥଙ୍କୁ ପାଇ କର୍ଣ୍ଣ ଶକୁନି ଦୁର୍ଯୋଧନ ପ୍ରଭୃତି ଆପଣାର ଦୁର୍ବୁଦ୍ଧିର ଖେଳ ଖେଳିଗଲେ । ଧୃତରାଷ୍ଟ୍ର ଯଦି ଗାନ୍ଧାରୀଙ୍କ କଥା ମାନି ଚଳିଥାନ୍ତେ, ତାହାହେଲେ ଶେଷରେ ତାଙ୍କର କୁଳ ଏପରି ନିର୍ମୂଳ ହୋଇ ନ ଥାନ୍ତା ! ଯେତେବେଳେ ପାପିଷ୍ଠ ଶକୁନିର କପଟ ପଶାଖେଳ ଭିଆଣରେ ଧର୍ମରାଜ ଯୁଧିଷ୍ଠିର ସବୁ ହରାଇ ଆଉ ଦ୍ରୌପଦୀଙ୍କୁ ପଣ ରଖି ହାରିଗଲେ, ଦୁର୍ଯୋଧନ ଆଦେଶରେ ଦୁଃଶାସନ ଦ୍ରୌପଦୀଙ୍କ କେଶ ଧରି ଆଣି ସଭାରେ ନାନା ଅପମାନ ଦେଲା, ସେତେବେଳେ ସଭାରେ ଭୀଷ୍ମ ଦ୍ରୋଣ ଆଦି ସମସ୍ତ ଗୁରୁଜନମାନେ ଥାଇ କେହି ପଦେ କିଛି କହିବାକୁ ଭରସି ପାରିଲେ ନାହିଁ । ମାତ୍ର ଗାନ୍ଧାରୀ କୁଳବଧୂର ଏପରି ଲାଞ୍ଛନା ଦେଖି ଆଉ ସମ୍ଭାଳି ନ ପାରି ସଭାମଧ୍ୟରେ ଧୃତରାଷ୍ଟ୍ରଙ୍କୁ ଆସି ମୁକ୍ତି ଦେବା ପାଇଁ ଅନୁରୋଧ କଲେ । ତାହାଙ୍କ କଥା ମାନି ରାଜା ସମସ୍ତଙ୍କୁ ଦାସପଣରୁ ମୁକ୍ତି ଦେଇଥିଲେ । କିନ୍ତୁ ସେଥିରେ ଦୁର୍ମତି ଦୁର୍ଯୋଧନଙ୍କର ମନୋରଥ ପୂର୍ଣ୍ଣ ହେଲା ନାହିଁ । ସେ ପୁଣି ଶକୁନି ମନ୍ତ୍ରୀର କୁମନ୍ତ୍ରଣାରେ ପଶାବାଜିର ଆୟୋଜନ କଲେ । ଏଥର ହାରିଲେ ପାଣ୍ଡବମାନଙ୍କୁ

Digitized by srujanika@gmail.com

ରାଜ୍ୟରୁ ଏକାବେଳକେ ନିର୍ବାସିତ କରିବା ସେମାନଙ୍କର ଅଭିପ୍ରାୟ ଥିଲା । ଗାନ୍ଧାରୀ ଦେବୀ ପୁଣି ସର୍ବନାଶର ଏ ବାଟ ଫିଟିଲା ଜାଣି ପାରି କାଳେ ଦୁର୍ବଳ ରାଜା ପାପିଷ୍ଠ ପୁତ୍ରର କଥାରେ ଭୁଲି ଯାଇ ଅନୁମତି ଦେଇ ପକାଇବେ ଏହି ଭୟରେ ଧୃତରାଷ୍ଟ୍ରଙ୍କ ନିକଟକୁ ଆସି ଜଣାଇଲେ —"ମହାରାଜ, ଆପଣାର ଦୁଷ୍ଟପୁତ୍ରଙ୍କର ଏ ପ୍ରପଞ୍ଚ କଣ ତୁମ୍ଭେ ବୁଝିପାରୁ ନାହଁ ? ଏ ବୃଥା ଭ୍ରାତୃ-କଳହରେ ପ୍ରଶ୍ରୟ ଦେଲେ ଶେଷରେ ସେ କୁଳ କ୍ଷୟ ହେବ, ଏ କଥା କଣ ଜାଣିପାରୁ ନାହଁ ? ଦୁର୍ଯୋଧନ ତୁମ୍ଭର ପୁତ୍ର—ସେ ସିନା ତୁମ୍ଭର ଆଜ୍ଞାକାରୀ ହେବ । ତୁମ୍ଭେ ପୁଣି ତାହା କଥା ମାନି ପାପକାର୍ଯ୍ୟରେ ପ୍ରଶ୍ରୟ ଦେଉଅଛ ? ଏହି ଦୁର୍ଯୋଧନର ଜନ୍ମ ବେଳେ ପରା ଧାର୍ମିକ ବିଦୁର ତାର କୁଲକ୍ଷଣମାନ ଦେଖି ତୁମ୍ଭଙ୍କୁ କହିଥିଲେ—'ଏଇଟି ଏ କୁଳର କଣ୍ଟକ ହେବ, ଏହାକୁ ତତ୍କ୍ଷଣ ସଂହାର କରନ୍ତୁ, ନୋହିଲେ କୁଳର ମଙ୍ଗଳ ନାହିଁ ।' ତୁମ୍ଭେ ପୁତ୍ରସ୍ନେହରେ ପଡ଼ି ସେ କଥା କଲ ନାହିଁ । ଏବେ ଦେଖା ପଡ଼ିଲାଣି ଏହାରି ଯୋଗେ କୁଳଲୋପ ହେବ । ତୁମ୍ଭେ ସେ କୁଳାଙ୍ଗାର ପୁତ୍ରକୁ ଏବେ ହେଲେ ଅନ୍ତର କର । ନୋହିଲେ ସେ ଏବେ ଯେଉଁ ପାପର ଅଗ୍ନି ଜାଳିବାକୁ ବସିଲାଣି ସେଥିରେ କୁରୁକୁଳ ଭସ୍ମ ହୋଇଯିବ ।' କୁଳରକ୍ଷା ଲାଗି କୁଳଲକ୍ଷ୍ମୀ ଯେତେ ବୁଝାଇଲେ ସୁଦ୍ଧା ମୋହାନ୍ଧ ଦୁର୍ବଳ ଧୃତରାଷ୍ଟ୍ର କିଛି ପ୍ରତିକାର କରି ପାରିଲେ ନାହିଁ । ପୁତ୍ରସ୍ନେହରେ ପଡ଼ି ନ୍ୟାୟଧର୍ମର ପଥ ହରାଇ ଆପେ ଜଣେ କୁଳ-କ୍ଷୟର କାରଣ ହେଲେ । ଯୁଦ୍ଧରେ କୁଳ ଲୋପ ପରେ ଅନ୍ଧ ଧୃତରାଷ୍ଟ୍ର ବିଳାପ କରି ଯେତେବେଳେ ଏଥିପାଇଁ ଅନୁତାପ କରିଥିଲେ, ତାହା ଏ ପାପର ପ୍ରାୟଶ୍ଚିତ୍ତ ହୋଇଥିଲା ।

ଆଉ ଗୋଟିଏ ଘଟଣାରେ ତେଜସ୍ୱିନୀ ଗାନ୍ଧାରୀ ଏହିପରି ତେଜଃପୂର୍ଣ୍ଣା ବାଣୀ ପ୍ରକାଶ କରିଥିଲେ । ଦ୍ୱାଦଶ ବର୍ଷ ବନବାସ ଅତୀତ ହେଲା ଉତ୍ତାରେ ପାଣ୍ଡବମାନେ ଯେତେବେଳେ ପାଞ୍ଚଖଣ୍ଡ ଗ୍ରାମପାଇଁ ଶ୍ରୀକୃଷ୍ଣଙ୍କୁ ମଧ୍ୟସ୍ଥ କରି ହସ୍ତିନାପୁରକୁ ପଠାଇଲେ, ସଭାରେ ତାଙ୍କ ପ୍ରସ୍ତାବ ଶୁଣି ପାତ୍ର, ମିତ୍ର, ମନ୍ତ୍ରୀ ଏବଂ ସାମନ୍ତ ରାଜା ସମସ୍ତେ ସମ୍ମତି ଦେବାକୁ ଦୁର୍ଯୋଧନଙ୍କୁ ଅନୁରୋଧ କଲେ । ମାତ୍ର ଦୁରାତ୍ମା ଦୁର୍ଯୋଧନ ବିନା ଯୁଦ୍ଧରେ ସୂଚ୍ୟଗ୍ର ଭୂମି ଦେବନାହିଁ ବୋଲି କହି ସଭାରୁ ଉଠି-ଚାଲିଯିବାରୁ ରାଜା ଧୃତରାଷ୍ଟ୍ର ଆଉ ଉପାୟ ନ ଦେଖି ଗାନ୍ଧାରୀଙ୍କୁ ସଭାସ୍ଥଳକୁ ଅଣାଇଲେ । ଗାନ୍ଧାରୀ ଦେବୀ ସଭାରେ ଉପସ୍ଥିତ ହୋଇ ସମସ୍ତ କଥା ଶୁଣି ଧୃତରାଷ୍ଟ୍ରଙ୍କୁ କହିଲେ—"ମହାରାଜ ତୁମ୍ଭରି ଯୋଗୁଁ ଆଜି ଏ ଅନର୍ଥ । ଏଥି ଲାଗି ତୁମ୍ଭେ ସିନା ନିନ୍ଦା ପାଇବ ? ତୁମ୍ଭେ ପାପିଷ୍ଠ ବୋଲି ଜାଣି ଶୁଣି ସୁଦ୍ଧା ସେହି ଦୁର୍ଯୋଧନର କଥାକୁ ଟିକିଏ ତଳେ ପକାଉ ନାହିଁ । ମୋହ ବଶରେ ଏପରି ଲୋକ ରାଜ୍ୟ ପାଇବାର ଯୋଗ୍ୟ ନୁହେ । ତାକୁ ରାଜ୍ୟଭାର ଦେଇ ଆଜି ତୁମ୍ଭେ ତାହାର ଉପଯୁକ୍ତ ଫଳ ଭୋଗ କରୁଛ । ପାଣ୍ଡବମାନେ ତ ତୁମ୍ଭର ସ୍ୱଜନ । ସେମାନଙ୍କ ସଙ୍ଗରେ ଯୁଦ୍ଧରେ ପ୍ରବୃତ୍ତ ହେଲେ ଏ ଅକୀର୍ତ୍ତି କାହାର ହେବ ? ଥରେ ହୃଦୟରେ ବିଚାର କରି ଦେଖ । ହଉ, ଯାହା ହବାର ତ ହେଲାଣି । ଦୁର୍ଯୋଧନ ଯେବେ ଆଉଥରେ ସଭାକୁ ଆସିବ, ତାହାହେଲେ ମୋହର ଯାହା କହିବାକୁ ଅଛି କହିବ ।" ମାତାଙ୍କ ଆଦେଶରେ ଦୁର୍ଯୋଧନ ପୁଣି ଉପସ୍ଥିତ ହୁଅନ୍ତେ ଧୀରନାରୀ ଗାନ୍ଧାରୀ ପୁତ୍ରକୁ ସମ୍ବୋଧନ କରି କହିଲେ—"ଦୁର୍ଯୋଧନ, ତୁମ୍ଭେ ଭୀଷ୍ମ, ଦ୍ରୋଣ, ବିଦୁର ପ୍ରଭୃତି ଗୁରୁଜନଙ୍କ ଉପଦେଶ କାହିଁକି ମାନ ନାହିଁ ? ଧାର୍ମିକ ପାଣ୍ଡବମାନେ ତୁମ୍ଭର ଆତ୍ମୀୟ । ତାଙ୍କୁ ରାଜ୍ୟର ଭାଗ କାହିଁକି ନ ଦେବ ? ତୁମ୍ଭେମାନେ ନିଜ ନିଜ ଭାଗ ନେଇ ସୁସ୍ଥରେ ରହିଲେ ଶତ୍ରୁ ନାଶ କରି ମହାସୁଖରେ ରାଜ୍ୟ ଭୋଗ କରିପାରିବ । ତାହା ନ କରି ଯୁଦ୍ଧରେ ମାତିଲେ ଶେଷରେ ବଳକ୍ଷୟ, କୁଳକ୍ଷୟ ଆଉ ରାଜ୍ୟନାଶ କରି ଶତ୍ରୁଦଳକୁ ଦୁଃଖ-ସନ୍ତାପ ବଢ଼ାଇବ । ମୋହ କଥା ମାନି ସେମାନଙ୍କୁ ଅର୍ଦ୍ଧରାଜ୍ୟ

Digitized by srujanika@gmail.com

ପ୍ରଦାନ କର, ଅଧେ ରାଜ୍ୟ ତୁମ୍ଭର ଯଥେଷ୍ଟ । ଅଧିକ ଲୋଭ କରି ସବୁ ବୁଡ଼ାଅ ନାହିଁ । ତୁମ୍ଭେ ପାଣ୍ଡବମାନଙ୍କର ବହୁତ ଅହିତ କଲଣି । ଆଜ ରିପୁପରବଶ ହୋଇ କାହାର ହିତ କଥା ମାନୁ ନାହଁ । ପଛକୁ ବୁଦ୍ଧି ସ୍ଥିର କଲେ ଭଲ ମନ୍ଦ ବୁଝି ପାରିବ । ଯେ ଷଡ୍‌ରିପୁର ଅଧୀନ, ସେ କେବେ ଜୟୀ ହୋଇ ପାରିବ ନାହିଁ । ଧାର୍ମିକ ପାଣ୍ଡବମାନଙ୍କୁ ଯୁଦ୍ଧରେ ଜିଣି ରାଜ୍ୟସମ୍ପଦ ପାଇବା ତୁମ୍ଭ ପକ୍ଷରେ ଅସମ୍ଭବ । ମନେ କରୁଛ ପରା ଭୀଷ୍ମ, ଦ୍ରୋଣ ପ୍ରଭୃତି ମହାବୀରମାନେ ତୁମ୍ଭ ଆଡ଼େ ଥାଇ ପ୍ରାଣପଣେ ଯୁଦ୍ଧ କରି ସେମାନଙ୍କୁ ହରାଇ ଦେବେ ! ତାହା ହୋଇପାରିବ ନାହିଁ । ଏମାନେ ତୁମ୍ଭ ପରି ସେମାନଙ୍କୁ ମଧ୍ୟ ସ୍ନେହ କରନ୍ତି । ଯୁଧିଷ୍ଠିର ଧର୍ମାତ୍ମା, ତାଙ୍କ ଅଙ୍ଗରେ କେହି ପ୍ରହାର ସୁଦ୍ଧା କରି ପାରିବେ ନାହିଁ । ଅତଏବ ଆପଣା ଭାଇମାନଙ୍କର ବୃଥା ଅନିଷ୍ଟ କାମନା ନ କରି ଯୁଦ୍ଧରୁ ନିବୃତ୍ତ ହୁଅ । ସେମାନଙ୍କୁ ଅର୍ଦ୍ଧରାଜ୍ୟ ପ୍ରଦାନ କର, ନୋହିଲେ କୁରୁବଂଶର ସର୍ବନାଶ ହେବ ।”

ମାତାଙ୍କର ଏ ପ୍ରକାର ଉପଦେଶରେ ମଧ୍ୟ ଦୁର୍ମତି ଦୁର୍ଯୋଧନର ମତି ବଦଳିଲା ନାହିଁ । ଭୀଷ୍ମ ଦ୍ରୋଣ ପ୍ରଭୃତି ଗୁରୁଜନମାନେ ମଧ୍ୟ ବହୁତ ବୁଝାଇଲେ, ତହିଁରେ ସୁଦ୍ଧା ଯହୁଁ କିଛି ଫଳ ନ ହେଲା, ତହୁଁ ଗାନ୍ଧାରୀ କଟୁବାକ୍ୟରେ ପୁତ୍ରକୁ ତିରସ୍କାର କରି କହିଲେ—'ଦୁର୍ଯୋଧନ, ଆଜ ଏ ସଭା ମଧ୍ୟରେ କହୁଅଛି, ତୁ ଦୁରାତ୍ମା ଆଉ ଦୁଷ୍ଟମତି । କୁରୁବଂଶୀ ରାଜାମାନେ ପୁରୁଷାନୁକ୍ରମେ ଯେଉଁ ରାଜ୍ୟ ଭୋଗ କରି ଆସୁଥିଲେ, ଆଜ ତୁ ତାହାକୁ ଛାରଖାର କରିବାକୁ ବସିଅଛୁ । ପୂଜନୀୟ ଭୀଷ୍ମଦେବ, ତୋହର ପିତା ଆଉ ଧାର୍ମିକ ବିଦୁର ଥାଉଁ ଥାଉଁ ତୁ କି ରାଜା ? ସେମାନେ ଅନୁଗ୍ରହ କରି ତୋତେ ଦେଇଥିଲେ ବୋଲି ଆଜ ସେମାନଙ୍କ ଆଜ୍ଞା ଲଙ୍ଘନ କଲୁ, ବୁଝି ବସିଲେ ଧାର୍ମିକ ପାଣ୍ଡୁ ରାଜା ଥିଲେ । ବଂଶରେ ତାଙ୍କର ପୁତ୍ରପୌତ୍ରାଦିଙ୍କର ରାଜା ହେବା ଉଚିତ । ମୋହର ବିଚାରରେ ଯୁଧିଷ୍ଠିର ଏ ରାଜ୍ୟର ପ୍ରକୃତ ଅଧିକାରୀ । ଭୀଷ୍ମଦେବଙ୍କ ପରାମର୍ଶ ଅନୁସାରେ ସମସ୍ତେ କାର୍ଯ୍ୟ କରନ୍ତୁ—ମୁଁ ମୋହର ମତ ଜଣାଇଦେଲି ।' ମାତ୍ର ଗାନ୍ଧାରୀଙ୍କ ସେ ହିତବଚନରେ କୌଣସି ଫଳ ହେଲା ନାହିଁ । ଉଭୟ ପକ୍ଷର ଅଠର ଦିନ ଯାଏ ଘୋର ଯୁଦ୍ଧ ହେଲା । ପ୍ରତିଦିନ ଯୁଦ୍ଧକୁ ଯିବା ପୂର୍ବରୁ ଦୁର୍ଯୋଧନ ଯେତେବେଳେ ମାତାଙ୍କୁ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରିବାକୁ ଯାଉଥିଲେ—ଗାନ୍ଧାରୀ ଦେବୀ ଏହି କଥା କହୁଥିଲେ—'ଯତୋ ଧର୍ମ ସ୍ତତୋ ଜୟଃ; ଅର୍ଥାତ୍ ଧର୍ମ ଯେଉଁଠି ଜୟ ସେହିଠି” ଅଧର୍ମରେ କେବେ ଜୟ ହେବ ନାହିଁ ।

ମହାଭାରତ ଯୁଦ୍ଧରେ କୌରବଗଣଙ୍କର ନିଧନବାର୍ତ୍ତା ଶୁଣି ଗାନ୍ଧାରୀ ପୁତ୍ରଶୋକରେ ଏବଂ ଅନ୍ଧ ପତି ଆଉ ବିଧବା କନ୍ୟା ଓ ବୋହୂମାନଙ୍କ ବିଳାପଧ୍ୱନିରେ ଅଧୀର ହୋଇ ପାଣ୍ଡବମାନଙ୍କୁ ଅଭିଶାପ ଦେବାକୁ ବସିଲେ । ସତୀ ଅଭିଶାପ ଦେଲେ ଆଉ ରକ୍ଷା ନାହିଁ । ପାଣ୍ଡବମାନଙ୍କ ରକ୍ଷାପାଇଁ ଏତେଦୂର ଆସି ସୁଦ୍ଧା ସବୁ ନିଷ୍ଫଳ ହେବା ଦେଖି ଶ୍ରୀକୃଷ୍ଣ ସମସ୍ତଙ୍କୁ ଘେନି ଗାନ୍ଧାରୀଙ୍କ ନିକଟରେ ଉପସ୍ଥିତ ହୋଇ ନାନାପ୍ରକାର ପ୍ରବୋଧ ଦେଇ କହିଲେ—“ଦେବି ! ତୁମ୍ଭେ ଚିରଦିନ ଧର୍ମପକ୍ଷପାତିନୀ ହୋଇ ଆଜ କୋପ କରୁଛ ? ପୁତ୍ରକୁ ଆଶୀର୍ବାଦ କଲାବେଳେ ତୁମ୍ଭେ ତ କହୁଥିଲ—'ଯେଉଁଠି ଧର୍ମ, ଜୟ ସେଇଠି' । ଏବେ ଏହି ଯୁଦ୍ଧରେ ଧର୍ମ ପକ୍ଷର ଜୟ ହୋଇଅଛି । ଆଜ ତୁମ୍ଭର କଥା ସ୍ମରଣ କରି ଏ ପାଣ୍ଡବମାନଙ୍କୁ କ୍ଷମା ଦିଅ ।” ଉତ୍ତରରେ ଗାନ୍ଧାରୀ କହିଲେ “ମୋହର କୁନ୍ତୀପୁତ୍ରମାନଙ୍କଠାରେ କୌଣସି ହିଂସାଭାବ ନାହିଁ । କୁନ୍ତୀ ତାଙ୍କର ଯେପରି ମଙ୍ଗଳ ବାଞ୍ଛା କରନ୍ତି ମୁଁ ମଧ୍ୟ ସେହିପରି କରେଁ । କିନ୍ତୁ ଏ ଦାରୁଣ ପୁତ୍ରଶୋକରେ ଆଜ ମୋହର ବୁଦ୍ଧି ଲୋପ ହେଉଅଛି । ଆଉ ରାମ

Digitized by srujanika@gmail.com

ଯେପରି ଭ୍ରାତା ଦୁଃଶାସନର ରକ୍ତପାନ କଲି ଓ ତୁମ୍ଭ ଆଗରେ ଅଧର୍ମରେ ଗଦା ପ୍ରହାର କରି ମୋହର ଗଦା ପ୍ରହାର କରି ମୋହର ଗଦାଯୁଦ୍ଧବିଶାରଦ ପୁତ୍ର ଦୁର୍ଯୋଧନକୁ ବଧ କଲି, ତାହା ନ୍ୟାୟବିରୁଦ୍ଧ ହୋଇ ଅଛି—ସେହି କଥା ଶୁଣିଲା ବେଳୁ ମୋହର କ୍ରୋଧ ଅଧିକ ବଢ଼ିଅଛି ।

ତହୁଁ ଭୀମ ବିନୟରେ ଗାନ୍ଧାରୀଙ୍କୁ ବୁଝାଇ କହିଲେ—"ଜନନି ! ମୁଁ ପ୍ରତିଜ୍ଞା ପାଳନ ଲାଗି କେବଳ ସେପରି ରୁଧିରପାନ ଓ ଉରୁଭଙ୍ଗ କରିଅଛି । ଆପଣ ଭାଇର ରକ୍ତ ପାନ କରିବା ତେଣିକି ଥାଉ ଅନ୍ୟର ସୁଦ୍ଧା କିଏ କରିପାରେ ? ସେ ରକ୍ତ ମୋହର ଦନ୍ତ ଓଷ୍ଠ ଭେଦ କରି ଭିତରକୁ ଯାଇନାହିଁ । ଏଥିରେ ଯଦିବା ଅଧର୍ମ ହୋଇଅଛି, ଆପଣାକୁ ରକ୍ଷା କରିବାକୁ ଯାଇ ଘଟିଅଛି, ଅତଏବ ମୋତେ କ୍ଷମା କରନ୍ତୁ ।" ଗାନ୍ଧାରୀ କିଞ୍ଚିତ୍ ଆଶ୍ୱସ୍ତ ହୋଇ କହିଲେ, 'ସେ ଦୁହେଁ ସିନା ତୁମ୍ଭର ଅପରାଧ କରିଥିଲେ, ପ୍ରତିଶୋଧ ନେଲ, କିନ୍ତୁ ସମସ୍ତେ କଣ ସେହିପରି ଦୋଷୀ ଥିଲେ ? ମୋହର ଶହେ ପୁତ୍ରରୁ ଜଣକୁ ଯଦି ବଞ୍ଚାଇ ରଖିଥାନ୍ତ ତେବେ ଏ ବୃଦ୍ଧବୟସରେ ଅନ୍ଧ ପିତାର ଆଉ ମୋହର ସମ୍ବଳ ହୋଇଥାନ୍ତା ! ହଉ ଯାହା ତ ହେବାର ହେଲାଣି, ବର୍ତ୍ତମାନ ତୁମ୍ଭେମାନେ ହିଁ ମୋହର ପୁତ୍ର !' ପାଣ୍ଡବମାନେ ନାନାପ୍ରକାରେ ସାନ୍ତ୍ୱନା ଦେଇ ଗାନ୍ଧାରୀଙ୍କ କୋପ ଶାନ୍ତ କରାଇଲେ । ତହୁଁ ଗାନ୍ଧାରୀ ଦ୍ରୌପଦୀ ସୁଭଦ୍ରା ପ୍ରଭୃତି ସମସ୍ତ ବଧୂମାନଙ୍କ ନିକଟକୁ ଯାଇ ଏହିପରି ସାନ୍ତ୍ୱନା ବାକ୍ୟରେ ଶୋକ ଶାନ୍ତ କରାଇଲେ—"ଦେଖ, ଆମ୍ଭ ସମସ୍ତଙ୍କର ପୁତ୍ରଶୋକ ହୋଇଅଛି । ଆପଣା ଆପଣାକୁ ବୁଝି ମନ ସ୍ଥିର କର, ଆମ୍ଭମାନଙ୍କର ପୁତ୍ରମାନେ ଯୁଦ୍ଧରେ ପ୍ରାଣ ଦେଇ ସ୍ୱର୍ଗକୁ ଯାଇଅଛନ୍ତି । ଏତିକି ଆମ୍ଭର ଆଶ୍ୱାସନା ! ମୋହର ଦୁଃଖ କାହାକୁ କହିବି ! କର୍ମଦୋଷରେ କି କୁପୁତ୍ର ଗର୍ଭରେ ଧରିଥିଲି, ଆଜି କୁରୁକୁଳ ଲୋପ ପାଇଲା ।" ବଧୂମାନଙ୍କୁ ସାନ୍ତ୍ୱନା ଦେଇ ଗାନ୍ଧାରୀ ଦେବୀ ଶ୍ରୀକୃଷ୍ଣଙ୍କୁ ଘେନି ଯୁଦ୍ଧକ୍ଷେତ୍ରରେ ମୃତ ପୁତ୍ରମାନଙ୍କୁ ଦର୍ଶନ କରିବାକୁ ଗଲେ । ସେଠାରେ ପତିପୁତ୍ରଶୋକାକୁଳା କୁଳବାଳାମାନଙ୍କର ମର୍ମବିଦାରକ ବିଳାପଧ୍ୱନି ଶୁଣି ଶ୍ରୀକୃଷ୍ଣଙ୍କୁ ଦେଖାଇ କହିବାକୁ ଲାଗିଲେ—"ଦେଖ ଦେଖ ଶ୍ରୀକୃଷ୍ଣ, ଆଜି ରାଜମାତା ରାଜପତ୍ନୀ ଆଉ ରାଜକନ୍ୟାମାନଙ୍କର କି ଦୁର୍ଦ୍ଦଶା ହୋଇ ଅଛି ! ଭୀଷ୍ମ କର୍ଣ୍ଣ ଦ୍ରୁପଦ ଶଲ୍ୟ ପ୍ରଭୃତିଙ୍କର ରକ୍ତାକ୍ତ ଶବ କିପରି ବିକୃତ ହୋଇ ପଡ଼ିଅଛି ! ଶ୍ୱାନ ଶୃଗାଳ ଶକୁନି ବେଢ଼ି କି ବିକଟ ରଡ଼ି ଛାଡୁଅଛନ୍ତି ? ଆହା ! ଦେଖ ଏହି ବଧୂମାନେ ପତିପୁତ୍ର ଆଉ ଭ୍ରାତାଙ୍କୁ ହରାଇ କିପରି ଶୋକ କରୁଅଛନ୍ତି ! ହା ! ଏହି ଲକ୍ଷ୍ମଣମାତା ଭାନୁମତୀ ପୁତ୍ରକୁ କୋଳରେ ଧରି କିପରି ପଡ଼ୁଛି ଉଠୁଛି ! ଏଣେ ଏ ବାଳିକା ବିରାଟଦୁହିତା ଉତ୍ତରା ବାଳପତିକି ନିରୀକ୍ଷଣ କରି କଣ ହେଉଅଛି ଦେଖ ! ପତିପୁତ୍ରହୀନା ପଦ୍ମାବତୀକି ଦେଖି ହୃଦୟ ସମ୍ଭାଳି ହେଉ ନାହିଁ । ଆହା ! ଏକମାତ୍ର କନ୍ୟା ଦୁଃଶୀଳା ମୋର ବିଧବା ହୋଇ ପ୍ରାଣପତିର ମୁଣ୍ଡଟି ଅଣ୍ଡାଳି ଅଣ୍ଡାଳି ବାୟାଣୀ ପରି ହେଉଛି ! ଦେଖ ଦେଖ ଗୁରୁ ଦ୍ରୋଣଙ୍କର ସତ୍କାର କରାଇ ଏହି ବ୍ରାହ୍ମଣୀମାନେ ଶୁଷ୍କମୁଖରେ ଫେରୁଛନ୍ତି । ଓହୋ ! କେତେ ବଧୂ ମୋହର ଦାରୁଣ ପତିଶୋକରେ ଜ୍ଞାନ ହରାଇ ଏ ଶ୍ମଶାନରେ ପଡ଼ି ଜୀବନ୍ତ ମରଣ ଭୋଗୁ ଅଛନ୍ତି ! ମୋତେ ଧାର୍ମିକ ବିଦୁର ଆଉ ଭୀଷ୍ମଦେବ ସେକାଳରେ କହିଥିଲେ, 'ଆପଣା ପୁତ୍ରମାନଙ୍କୁ ଆଉ ସ୍ନେହ କର ନାହିଁ', ସେ କଥା ମିଥ୍ୟା ହେବାର ନୁହେ । ଏବେ ଦେଖୁ ଦେଖୁ ସମସ୍ତେ ନାଶ ଗଲେ ।" ଏହା କହି ଗାନ୍ଧାରୀ ଦେବୀ ମୂର୍ଚ୍ଛିତା ହୋଇ ପଡ଼ିଲେ । କ୍ଷଣକ ପରେ ଚେତନା ପାଇ ସେ କ୍ରୋଧରେ ଜଳି ଉଠି ଶ୍ରୀକୃଷ୍ଣଙ୍କୁ କହିଲେ—"ହେ କୃଷ୍ଣ ! ତୁମ୍ଭର ଆଗରେ ଏ କୌରବ ପାଣ୍ଡବମାନେ ପରସ୍ପର କଳହ କରି ନାଶ ଗଲେ । ତୁମ୍ଭର ଯଥେଷ୍ଟ ଶକ୍ତି ଓ ବଳ ଥାଇ ସୁଦ୍ଧା ତୁମ୍ଭେ ଏ ଲୋକସଂହାର ଉପେକ୍ଷା କରିଅଛ । ଏବେ

Digitized by srujanika@gmail.com

ତାହାର ଫଳ ତୁମ୍ଭେ ଭୋଗ କରିବ । ଚିରଦିନ ପତିସେବାରେ ଯଦି ମୋହର କିଛି ତପସ୍ୟାର ଫଳ ଥାଏ, ତାହାର ବଳରେ ଆଜି ଏହି ଶାପ ଦେଉଅଛି — ତୁମ୍ଭରି ଯୋଗେ ତୁମ୍ଭର ଜ୍ଞାତିମାନେ ପରସ୍ପର କଳହ କରି ଏହିପରି ନାଶ ଯିବେ ! ତୁମ୍ଭେ ମଧ୍ୟ ଶେଷରେ ଜ୍ଞାତିପୁତ୍ର ବନ୍ଧୁବାନ୍ଧବଙ୍କୁ ହରାଇ ଅତି ହୀନଭାବରେ ପ୍ରାଣ ହରାଇବ । ତୁମ୍ଭର ବଧୂମାନେ ଢନେ ଏହିପରି ଶୋକରେ ବ୍ୟାକୁଳ ହେବେ ।"

ଅନନ୍ତର ରାଜା ଯୁଧିଷ୍ଠିରଙ୍କ ଆଦେଶରେ ଶତ ଶତ ଚିତା ପ୍ରସ୍ତୁତ ହେଲା ଏବଂ ସେଥିରେ ମୃତ କୁରୁପାଣ୍ଡବ ବୀରମାନଙ୍କ ଦେହ ଦାହ କରାଯାଇ ଯଥାକାଳରେ ପ୍ରେତକର୍ମାଦି ସମାପ୍ତ ହେଲା । ଗାନ୍ଧାରୀ ପତିଦେବତାଙ୍କ ସହିତ ପାଣ୍ଡବମାନଙ୍କ ଆଶ୍ରୟରେ କିଛିକାଳ ରହିଲେ । ଶେଷରେ ତପସ୍ୟା ନିମିତ୍ତ ବନକୁ ପ୍ରସ୍ଥାନ କଲେ । ସଙ୍ଗରେ ପାଣ୍ଡୁ ଓ କୁନ୍ତୀ ମଧ୍ୟ ଥାଇ ଦୁହିଁଙ୍କର ସେବା କରୁଥିଲେ । ସେହି ବନରେ କିଛିକାଳ ତପସ୍ୟାରେ ଯାପନ କରିବା ପରେ ଏକଦା ପ୍ରବଳ ଦାବାନଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା ।

ଗାନ୍ଧାରୀଙ୍କ ବିଷୟ ଆଲୋଚନା କରି ଦେଖାଗଲା ତାଙ୍କ ପରି ପତିପରାୟଣା, ଧର୍ମଶୀଳା ରମଣୀ ମର୍ତ୍ତ୍ୟଲୋକରେ ଦୁର୍ଲ୍ଲଭ । ନ୍ୟାୟ ଆଉ ଧର୍ମରେ ତାଙ୍କର ମତି ଏପରି ଦୃଢ଼ ଥିଲା ଯେ, ପୁତ୍ରର ପରାଜୟ ହେଉ ପଛକେ ଧର୍ମର ଜୟ ହେଉ, ଏହା ସେ ସର୍ବଦା କାମନା କରୁଥିଲେ । କାରଣ ସେ ଜାଣିଥିଲେ ଧର୍ମର ଜୟରେ ଜଗତର ମଙ୍ଗଳ ହେବ । ଶେଷକାଳରେ ସେ ସଂସାର-ସୁଖ ନ ପାଆନ୍ତୁ ପଛକେ, ଯାହା ଦେଖାଇଗଲେ ତାହା ଚିରଦିନପାଏ ସମସ୍ତେ ସ୍ମରଣ କରୁଥିବେ । ଫଳକୁ ଆଶା ନ ରଖି ତାଙ୍କ ପରି ନ୍ୟାୟଧର୍ମକୁ ଧରି କର୍ମ କରିଯିବା ଉଚିତ । କର୍ମର ଫଳ ଭଗବାନଙ୍କ ହାତରେ । ଏ ଜନ୍ମରେ ବା ଇହଲୋକରେ ନ ହେଲେ ପରଲୋକରେ ସତ୍କର୍ମର ପୁରସ୍କାର ଅବଶ୍ୟ ମିଳିବ ।

Digitized by srujanika@gmail.com

ଗାର୍ଗୀ

ପ୍ରାଚୀନକାଳରେ ଏହି ପବିତ୍ର ଭାରତଭୂମିରେ ବଚକ୍ନୁ ନାମକ ଜଣେ ମହର୍ଷି ଥିଲେ । ତାଙ୍କର କନ୍ୟା ଗାର୍ଗୀ ସର୍ବଶାସ୍ତ୍ରରେ ନିପୁଣା ଥିଲେ । ତତ୍ତ୍ୱଶାସ୍ତ୍ରରେ ତାଙ୍କର ଏପରି ଜ୍ଞାନ ଜନ୍ମିଥିଲା ଯେ, ତାହା ଅନେକ ବେଦବେଦାନ୍ତବିଶାରଦ ପଣ୍ଡିତଙ୍କଠାରେ ସୁଦ୍ଧା ନ ଥିଲା । ସେକାଳର ଅନେକ ବୟୋବୃଦ୍ଧ ଜ୍ଞାନୀ ବ୍ୟକ୍ତି ଗାର୍ଗୀଙ୍କର ଅଗାଧ ପାଣ୍ଡିତ୍ୟ ଦେଖି ତାହାଙ୍କୁ ଭୟ ଏବଂ ଭକ୍ତି କରୁଥିଲେ । ବଡ଼ ବଡ଼ ପଣ୍ଡିତସଭାରେ ଗାର୍ଗୀ ଉପସ୍ଥିତ ହେବାକ୍ଷଣି ସମସ୍ତେ ତାହାଙ୍କୁ ସମ୍ମାନ ଦେଖାଇ ସଭା ମଧ୍ୟରେ ବସାଉଥିଲେ । ତାଙ୍କୁ ଦେଖିଲେ ଅନେକ ବିଦ୍ୟାଭିମାନୀ ପଣ୍ଡିତଙ୍କର ହୃଦୟରୁ ଦର୍ପ ଖସି ପଡ଼ୁଥିଲା । ଗାର୍ଗୀ ଯେଉଁ ସମୟରେ ଯୁବତୀ, ସେ ସମୟରେ ମହର୍ଷି ଯାଜ୍ଞବଲ୍କ୍ୟ ବୃଦ୍ଧ ଏବଂ ପ୍ରଧାନ ବ୍ରହ୍ମଜ୍ଞ ବୋଲି ବିଜ୍ଞ ସମାଜ ମଧ୍ୟରେ ପରିଚିତ ହୋଇଥିଲେ; ଅଥଚ ତାହାଙ୍କ ସହିତ ଶାସ୍ତ୍ରୀୟ ତର୍କ କରିବାପାଇଁ ଗାର୍ଗୀ ବିଶେଷ ଆଗ୍ରହ ପ୍ରକାଶ କରୁଥିଲେ । ମହର୍ଷି କେବେ କେବେ ତାହାଙ୍କ ପ୍ରଶ୍ନ ଶୁଣି ଅତ୍ୟନ୍ତ ସନ୍ତୁଷ୍ଟ ହେଉଥିଲେ, କେବେ କେବେ ତାହାଙ୍କର ବିଷମ ତର୍କବୁଭୁକ୍ଷା ଦେଖି ଅବାକ୍ ହୋଇ ଯାଉଥିଲେ ।

ଏକଦା ବ୍ରହ୍ମଜ୍ଞ ମହର୍ଷି ଯାଜ୍ଞବଲ୍କ୍ୟଙ୍କ ସହିତ ବ୍ରହ୍ମଜ୍ଞାନ ବିଷୟରେ ବିଚାର ହେବ ବୋଲି ମହାସଭା ବସିଥିଲା । ଅନେକ ବେଦାନ୍ତଶାସ୍ତ୍ରବିଶାରଦ ବୃଦ୍ଧ ବିଜ୍ଞ ବ୍ରାହ୍ମଣ ସଭାସ୍ଥଳରେ ଉପସ୍ଥିତ ଥିଲେ । ମହର୍ଷିଙ୍କ ପାଇଁ ଉଚ୍ଚ ଆସନ ନିର୍ଦ୍ଦେଶ କରି ସଭାସଦମାନେ ତାହାଙ୍କର ଆଗମନ ପ୍ରତୀକ୍ଷା କରି ରହିଥିଲେ । କିଛିକ୍ଷଣ ପରେ ବ୍ରହ୍ମଜ୍ଞାନୀ ଯାଜ୍ଞବଲ୍କ୍ୟ ଆସି ସଭା ମଧ୍ୟରେ ଉପସ୍ଥିତ ହେଲେ । ସେ ଆସନ ଗ୍ରହଣ ନ କରୁଣୁ ହଠାତ୍ ପଣ୍ଡିତା ଗାର୍ଗୀ ଉଠିପଡ଼ି ଉକ୍ତ ଆସନକୁ ଦେଖାଇ କହିଲେ, ଏହା ବ୍ରହ୍ମଜ୍ଞାନୀର ଆସନ । ବୃଦ୍ଧ ମହର୍ଷି ବ୍ରହ୍ମବାଦିନୀ ଗାର୍ଗୀଙ୍କର ଏହି କଥାର ମର୍ମ ବୁଝିପାରି କଣ କରିବେ ହଠାତ୍ ସ୍ଥିର କରି ପାରିଲେ ନାହିଁ । ଯଦି ସେ ଆସନରେ ବସୁଛନ୍ତି, ତାହାହେଲେ ଗାର୍ଗୀଙ୍କ ନିକଟରେ ବ୍ରହ୍ମଜ୍ଞାନୀ ବୋଲି ଆପଣାର ଅଭିମାନ ପ୍ରକାଶ ପାଇବ, ନ ବସିଲେ ପୁଣି ବ୍ରହ୍ମଜ୍ଞାନୀ ନୁହନ୍ତି ବୋଲି ପ୍ରମାଣିତ ହେବ; ଅଥଚ ସେହି ବ୍ରହ୍ମଜ୍ଞାନ ବିଷୟ ନେଇ ସେଦିନ ସଭାରେ ବିଚାର ହେବ । ବିଚାର ପୂର୍ବରୁ ଗାର୍ଗୀ ପଦେ କଥାରେ ଯାଜ୍ଞବଲ୍କ୍ୟଙ୍କ ଭଳି ବ୍ରହ୍ମଜ୍ଞ ମହର୍ଷିଙ୍କୁ ଅବାକ୍ କରିଦେଲେ ।

ଅନନ୍ତର ଯାଜ୍ଞବଲ୍କ୍ୟ ଆସନ ପରିଗ୍ରହ କରନ୍ତେ, ଗାର୍ଗୀ ଆସନରୁ ଉଠି ସଭାସ୍ଥ ବିଦ୍ୱାନ୍ ବ୍ରାହ୍ମଣମାନଙ୍କୁ ଯଥାବିଧି ସମ୍ମାନ ଦେଖାଇ ବିନୟରେ କହିଲେ—ହେ ପୂଜନୀୟ ବ୍ରାହ୍ମଣଗଣ ! ଯଦି ଆପଣମାନେ ଅନୁମତି ଦେବେ, ତାହାହେଲେ ମୁଁ ଏହି ବ୍ରହ୍ମଜ୍ଞ ମହର୍ଷିଙ୍କୁ ଯୋଡ଼ିଏ ପ୍ରଶ୍ନ କରିବି । ଯେବେ ସେ

Digitized by srujanika@gmail.com

ଏହି ଯୋଡ଼କ ପ୍ରଶ୍ନର ଉତ୍ତର ଦେଇ ପାରିବେ, ତାହାହେଲେ ଜାଣିବେ ଯେ, ଆପଣମାନଙ୍କ ମଧ୍ୟରୁ ଆଉ କେହି ତାହାଙ୍କୁ ପରାଜିତ କରି ପାରିବେ ନାହିଁ । ସଭାସଦ ବ୍ରାହ୍ମଣମାନେ ଜଣେ ଯୁବତୀ ମହିଳାର ଏପରି ତେଜଃପୂର୍ଣ୍ଣ ବାକ୍ୟ ଶ୍ରବଣ କରି ଅବାକ୍ ହୋଇଗଲେ ଏବଂ ଏପରି କି କଠିନ ପ୍ରଶ୍ନ ହୋଇ ପାରେ, ତାହା ଜାଣିବାକୁ ଆଗ୍ରହୀ ହୋଇ ତାଙ୍କୁ ପ୍ରଶ୍ନ କରିବା ନିମିତ୍ତ ଅନୁମତି ପ୍ରଦାନ କଲେ ।

ଏଥିଉତ୍ତାରୁ ସୁପଣ୍ଡିତା ଗାର୍ଗୀ ମହର୍ଷିଙ୍କୁ ସମ୍ବୋଧନ କରି କହିଲେ—ଋଷିପ୍ରବର, ବୀରପୁରୁଷ ଯେପରି ଶତ୍ରୁ ସଂହାର ଲାଗି ତୀକ୍ଷ୍ଣବାଣ ଯେନି ଉପସ୍ଥିତ ହୁଅନ୍ତି, ମୁଁ ଆଜି ସେହିପରି ଦୁଇଟି ପ୍ରଶ୍ନ ଘେନି ଆପଣଙ୍କ ନିକଟରେ ଉପସ୍ଥିତ ହେଲି । ଏହାର ପ୍ରକୃତ ଉତ୍ତର ମୋତେ ପ୍ରଦାନ କରନ୍ତୁ । ମହର୍ଷି ସନ୍ତୁଷ୍ଟ ହୋଇ ଇଚ୍ଛା ଅନୁସାରେ ପ୍ରଶ୍ନ କରିବାକୁ ଅନୁମତି ଦେବାରୁ ଶାସ୍ତ୍ରବିଚକ୍ଷଣା ଗାର୍ଗୀ ଦେବୀ ବ୍ରହ୍ମ ଓ ସୃଷ୍ଟିର ତତ୍ତ୍ୱବିଷୟକ ମହା ଅସାଧ ପ୍ରଶ୍ନର ଅବତାରଣା କଲେ । ମହର୍ଷି ନିର୍ବିକାରଚିତ୍ତରେ ଯୁକ୍ତି ପ୍ରମାଣ ସହିତ ଉତ୍ତର ଦେବାକୁ ଆରମ୍ଭ କଲେ । ଗାର୍ଗୀ ମଧ୍ୟ ସଙ୍ଗେ ସଙ୍ଗେ ତର୍କ ନ କରି ଛାଡ଼ିଲେ ନାହିଁ । ମଧ୍ୟ ମଧ୍ୟରେ ସେ ଏତେ ତର୍କ କରୁଥିଲେ ଯେ, ତାହା ତର୍କର ସୀମା ଅତିକ୍ରମ କରୁଥିଲା । ତେତେବେଳେ ବୃଦ୍ଧ ଯାଜ୍ଞବଲ୍କ୍ୟ ତାହାଙ୍କୁ ପ୍ରକୃତିସ୍ଥ ହୋଇ ବିଚାର କରିବାକୁ ବାରମ୍ବାର ଅନୁରୋଧ କରୁଥିଲେ । ତର୍କ ଶେଷ ହେବା ସଙ୍ଗେ ସଙ୍ଗେ ଯାଜ୍ଞବଲ୍କ୍ୟଙ୍କଠାରୁ ଯେତେବେଳେ ପୂର୍ଣ୍ଣ ଉତ୍ତର ମିଳିଲା, ତେତେବେଳେ ବ୍ରହ୍ମବାଦିନୀ ଗାର୍ଗୀ ପରମ ସନ୍ତୋଷରେ ବେଦଜ୍ଞ ବ୍ରାହ୍ମଣମାନଙ୍କୁ ଚାହିଁ କହିଲେ, "ଆପଣମାନେ ଆଜି ଏହି ବ୍ରହ୍ମଜ୍ଞ ମହର୍ଷିଙ୍କଠାରୁ ଅମୂଲ୍ୟ ଉପଦେଶ ପାଇ ଋଣୀ ହୋଇଅଛନ୍ତି । ଏହାଙ୍କର ଚରଣ ବନ୍ଦନା କଲେ କିଛିମାତ୍ର ଋଣ ପରିଶୋଧ କରି ପାରିବେ । ନୋହିଲେ ଏ ଋଣରୁ ମୁକ୍ତ ହେବାର ଅନ୍ୟ କୌଣସି ଉପାୟ ନାହିଁ । କାରଣ ଆପଣମାନଙ୍କ ମଧ୍ୟରେ ଏପରି କେହି ବ୍ରହ୍ମଜ୍ଞାନୀ ନାହାନ୍ତି, ଯେ ମହର୍ଷି ଯାଜ୍ଞବଲ୍କ୍ୟଙ୍କୁ ଜୟ କରିବାକୁ ସାହସୀ ହୋଇ ପାରିବେ । ମୁଁ ମଧ୍ୟ ପୂର୍ବରୁ କହିଅଛି, ଯଦି ମହର୍ଷି ଏହି ଦୁଇଟି କଠିନ ପ୍ରଶ୍ନର ଉତ୍ତର ଦେଇ ପାରିବେ; ତାହାହେଲେ ଅନ୍ୟ କେହି ତାହାଙ୍କୁ ପରାସ୍ତ କରି ପାରିବେ ନାହିଁ ।" ଏହା କହି ଗାର୍ଗୀ ମୌନଭାବ ଧାରଣ କଲେ । ସଭାସ୍ଥ ବୟୋବୃଦ୍ଧ ପଣ୍ଡିତମଣ୍ଡଳୀ ଯୁବତୀ ମହିଳାର ଏପ୍ରକାର ପାଣ୍ଡିତ୍ୟ ଆଉ ଅଦ୍ଭୁତ କ୍ଷମତା ଦେଖି ଅବାକ୍ ହୋଇଗଲେ ଏବଂ ଆପଣା ଆପଣାର ବୃଥାଭିମାନ ଦୂରକୁ ଫିଙ୍ଗି ଦେଇ ତାଙ୍କର ଯଥେଷ୍ଟ ପ୍ରଶଂସା କରିବାକୁ ଲାଗିଲେ । କେବଳ ଜ୍ଞାନ ଯୋଗୁଁ ବୃଦ୍ଧ ସମାଜରେ ସୁଦ୍ଧା ଜଣେ ଯୁବତୀ ଏତେ ଆଦର ଗୌରବ ପାଇଥିଲେ । ଗୁଣୀ ଲୋକର ଗୁଣ ଯେନି ସିନା ପୂଜା ହୁଏ । ତାହାର ବୟସ କିମ୍ବା ସ୍ତ୍ରୀ ପୁରୁଷ ଜାତିଭେଦ ଘେନି କିଛି ପୂଜା ହୁଏ ନାହିଁ । ତେଣୁ ଜଣେ ପ୍ରାଚୀନ ମହାକବିଙ୍କର ବାକ୍ୟ ଅଛି;— "ଗୁଣାଃ ପୂଜାସ୍ଥାନଂ ଗୁଣିଷୁ ନ ଚ ଲିଙ୍ଗଂ ନ ଚ ବୟଃ ।" ଅର୍ଥାତ୍,

"ଗୁଣହିଁ ପୂଜା ପାଏ ସର୍ବଲୋକରେ,
ନାହିଁ ଲିଙ୍ଗ ବୟସ ଗୁଣିଜନରେ ।"

ବୈଦିକଯୁଗରେ ପୁତ୍ରକନ୍ୟାମାନେ ମାତାଙ୍କଠାରୁ ଶୁଶିକ୍ଷା ପ୍ରାପ୍ତ ହେଉଥିଲେ । ସନ୍ତାନମାନଙ୍କ ମନରେ ଧର୍ମଭାବ ଜାଗରଣ କରିବା ଏବଂ ସେମାନଙ୍କୁ ସତ୍‌ପଥରେ ଚାଳିତ କରିବାପାଇଁ ମାତାମାନଙ୍କୁ ଆଗେ ବିଦ୍ୟାଶିକ୍ଷା କରିବାକୁ ହେଉଥିଲା । ସେମାନେ ଧର୍ମଶାସ୍ତ୍ର ଓ ପୁରାଣର ବଚନମାନ ଆଗେ ହୃଦୟଙ୍ଗମ କରି ତଦନୁକ୍ରମେ ନିଜ ନିଜ ସନ୍ତାନମାନଙ୍କର ଜୀବନ ଗଠନ କରୁଥିଲେ । ଶିଶୁସନ୍ତାନମାନେ ମାତାଙ୍କଠାରୁ ଶିକ୍ଷା ଲାଭ କରିବାର ଯେପରି ସୁଯୋଗ ପାନ୍ତି, ଅନ୍ୟଠାରୁ ସେପରି ହୋଇପାରେ ନାହିଁ । ତେଣୁ ଯେଉଁମାନେ

Digitized by srujanika@gmail.com

ମାତାଙ୍କଠାରୁ ଶିକ୍ଷା ପାଇଥାନ୍ତି, ସେମାନଙ୍କର ମନ ବାଲ୍ୟକାଳରୁ ଧର୍ମ ଓ ସୁମାର୍ଜିତ ଆଡ଼କୁ ଢଳିଥାଏ ଏବଂ ବିଦ୍ୟାଶିକ୍ଷା କରିବା ସେମାନଙ୍କୁ ଅନ୍ୟ ପରି ତେତେ କଷ୍ଟକର ବୋଧ ହୁଏ ନାହିଁ । ବାଲ୍ୟକାଳରୁ ଯେଉଁମାନଙ୍କ ମନରେ ଧର୍ମଭାବ ଜନ୍ମିଥାଏ, ସେହିମାନଙ୍କ ଜୀବନ ଧନ୍ୟ । ଏ ସଂସାରରେ ଧର୍ମ ବିନା ସୁଖ ସଦ୍‌ଗତିର ଅନ୍ୟ କୌଣସି ଉପାୟ ନାହିଁ । ଧର୍ମ ହିଁ ଏ ଜଗତରେ ମନୁଷ୍ୟର ପରମବନ୍ଧୁ । ଏହି ଧର୍ମ ଶିକ୍ଷା ଦେବାକୁ ହେଲେ ମାତା ସମସ୍ତଙ୍କ ଅପେକ୍ଷା ଉପଯୁକ୍ତ ପାତ୍ର । କାରଣ ବାଲ୍ୟକାଳରେ ଶିକ୍ଷା ଦେବା ଭାର ତାଙ୍କ ହାତରେ ଥାଏ । ପ୍ରବାଦ ଅଛି—"ଯାହା ନୋହିବ ବାଳକାଳେ, ତାହା ନୋହିବ କାଳେ ।" ଆଜି ମଧ୍ୟ ମାଆମାନେ ଯେପରି ସହଜ ସୁନ୍ଦରଭାବରେ ପିଲାମାନଙ୍କୁ ବୁଝାଇ ପାରନ୍ତି, ସେପରି ଜଣେ ବହୁଦର୍ଶୀ ଶିକ୍ଷକଙ୍କଦ୍ୱାରା ହୋଇ ପାରିବ ନାହିଁ । ଏଣୁ ସ୍ତ୍ରୀମାନଙ୍କର ଶିକ୍ଷା ସର୍ବଥା ବିଧେୟ । ଯେଉଁ ଦେଶରେ ଗାର୍ଗୀ ମୈତ୍ରେୟୀଙ୍କ ତୁଲ୍ୟ ଶିକ୍ଷିତା ସ୍ତ୍ରୀ ଥିଲେ, ସେ ଦେଶରେ ବର୍ତ୍ତମାନ ସ୍ତ୍ରୀମାନେ କଣ ଆପଣା ଆପଣା ଶିଶୁସନ୍ତାନଙ୍କ ଶିକ୍ଷାବିଧାନରେ ଉପଯୁକ୍ତା ହେବେ ନାହିଁ ? ପ୍ରତ୍ୟେକ ସ୍ତ୍ରୀ ଯଦି ଏମାନଙ୍କୁ ଆଦର୍ଶ କରି ସୁଶିକ୍ଷାପଥରେ ଅଗ୍ରସର ହୁଅନ୍ତି, ତାହାହେଲେ କ୍ରମେ କ୍ରମେ ଦେଶରୁ ଅନେକ କଳଙ୍କ ଦୂର ହୋଇଯିବ ଏବଂ ମାତୃଭୂମି ଅନେକ ସୁସନ୍ତାନ ଲାଭ କରି କ୍ରମଶଃ ଉନ୍ନତିପଥରେ ଧାବିତ ହେବ ।

Digitized by srujanika@gmail.com

ଲୀଳାବତୀ

ପୂର୍ବକାଳରେ ସ୍ତ୍ରୀମାନେ ଯେ କେବଳ କାବ୍ୟ, ପୁରାଣ, ବ୍ୟାକରଣ, ଦର୍ଶନ ପ୍ରଭୃତି ଶାସ୍ତ୍ରରେ ନିପୁଣା ଥିଲେ, ତାହା ନୁହେ । ସେମାନଙ୍କ ମଧ୍ୟରୁ ଜଣେ ଜଣେ ଅତି ସୂକ୍ଷ୍ମ ଜ୍ୟୋତିଷଶାସ୍ତ୍ରରେ ମଧ୍ୟ ପ୍ରବୀଣା ଥିଲେ । ଯେଉଁ ଶାସ୍ତ୍ରରେ ବିଶୁଦ୍ଧ ଗଣନାଦ୍ୱାରା ସତ୍ୟ ଫଳ ଦେଖାଇବାକୁ ହୁଏ, ସ୍ୱୟଂ ଚନ୍ଦ୍ର ସୂର୍ଯ୍ୟ ଯହିଁରେ ସାକ୍ଷୀ ସେହିପରି ଜ୍ୟୋତିଷ ଶାସ୍ତ୍ରରେ ପାଣ୍ଡିତ୍ୟ ଦେଖାଇବା ସହଜ କଥା ନୁହେ । ତେଣୁ ଲୀଳାବତୀଙ୍କ ନାମ ଭାରତବର୍ଷରେ ଚିରସ୍ମରଣୀୟ ହୋଇଅଛି ।

ଲୀଳାବତୀ ବାଲ୍ୟକାଳରୁ ଗଣିତଶାସ୍ତ୍ର ଉତ୍ତମରୂପେ ଅଧ୍ୟୟନ କରିଥିଲେ । ତତ୍ପରେ ତାହାଙ୍କର ଜ୍ୟୋତିଷ ଆଡ଼କୁ ମନ ଗଲା । ବିଶେଷତଃ ଜ୍ୟୋତିଷବିଶାରଦ ସ୍ୱାମୀଙ୍କୁ ପାଇ ତାଙ୍କର ଜ୍ୟୋତିଷଚର୍ଚ୍ଚାର ସୁବିଧା ହୋଇଥିଲା । ପୂଜ୍ୟପାଦ ଭାସ୍କରାଚାର୍ଯ୍ୟ ଜ୍ୟୋତିଷଶାସ୍ତ୍ରରେ ସାକ୍ଷାତ୍ ଭାସ୍କର ସ୍ୱରୂପ ଥିଲେ । ଆଜକୁ ପ୍ରାୟ ନଅଶ ବର୍ଷ ପୂର୍ବେ ମହାରାଷ୍ଟ୍ର ଦେଶର ଅନ୍ତର୍ଗତ ସହ୍ୟ ପର୍ବତର ନିକଟବର୍ତ୍ତୀ ଗୋଟିଏ ପଲ୍ଲୀ ଗ୍ରାମରେ ତାହାଙ୍କର ଆବିର୍ଭାବ ହୋଇଥିଲା । ତାଙ୍କର ପୂର୍ବପୁରୁଷମାନେ ମଧ୍ୟ ସେହିପରି ବଡ଼ ପଣ୍ଡିତ ଥିଲେ । ତାଙ୍କର ପିତା ମହେଶ୍ୱରାଚାର୍ଯ୍ୟ ଜଣେ ଅସାଧାରଣ ପଣ୍ଡିତ ଥିଲେ । ମହେଶ୍ୱରଙ୍କର ପ୍ରପିତାମହ ଗୋବିନ୍ଦ ଜ୍ୟୋତିଷଶାସ୍ତ୍ରରେ ଧୁରନ୍ଧର ଥିବାରୁ ଭୋଜରାଜଙ୍କଠାରୁ 'ସର୍ବଜ୍ଞ' ଉପାଧି ପାଇଥିଲେ । ଏହାଙ୍କ ପିତା ଭାସ୍କର ଭଟ୍ଟ ମଧ୍ୟ ଉକ୍ତ ଗୁଣଜ୍ଞ ରାଜାଙ୍କଠାରୁ 'ବିଦ୍ୟାପତି' ଉପାଧି ଲାଭ କରିଥିଲେ; କିନ୍ତୁ ଏ ସମସ୍ତଙ୍କୁ ଭାସ୍କରାଚାର୍ଯ୍ୟ ପାଣ୍ଡିତ୍ୟରେ ବଳି ପଡ଼ିଥିଲେ । ତାଙ୍କ ପରି ଜ୍ୟୋତିଷଜ୍ଞ ପଣ୍ଡିତ ଏପର୍ଯ୍ୟନ୍ତ ଦେଖା ଯାଇନାହାନ୍ତି । କେବଳ ଜ୍ୟୋତିଷରେ ନୁହେ, ଅନ୍ୟାନ୍ୟ ଶାସ୍ତ୍ରରେ ମଧ୍ୟ ସେ ବିଶାରଦ ଥିଲେ । କବିତା ରଚନାରେ ସେ ପୁଣି ଧୁରନ୍ଧର ଥିଲେ । ଏଣୁ ତାହାଙ୍କର ରାଜୋପାଧି ଥିଲା 'କବୀଶ୍ୱର ।'

କେହି କେହି କହିଥାନ୍ତି, ଲୀଳାବତୀ ଭାସ୍କରାଚାର୍ଯ୍ୟଙ୍କର କନ୍ୟା । ଆଚାର୍ଯ୍ୟ କନ୍ୟାର ଭାଗ୍ୟ ଗଣନା କରି ଦେଖିଥିଲେ ଯେ, ବିବାହର ଅଳ୍ପ କାଳ ପରେ ସେ ବିଧବା ହେବ । ତହୁଁ ପଣ୍ଡିତ ଭାବି ସ୍ଥିର କଲେ, ଏପରି ଶୁଭ ଲଗ୍ନରେ ବିବାହ ଦେବି, ଯେପରି ସେ ବିଧବା ହୋଇ ନ ପାରେ । ଏହିପରି ଆଲୋଚନା କରି ସେ ନିର୍ଦ୍ଦିଷ୍ଟ କାଳ ବିଶୁଦ୍ଧଭାବରେ ଜାଣିବାପାଇଁ ଏକ ଜଳଘଟିକା ଯନ୍ତ୍ର ପ୍ରସ୍ତୁତ କଲେ । କପାଳାକୃତି ଗୋଟିଏ ସୂକ୍ଷ୍ମ ଛିଦ୍ରଯୁକ୍ତ ପାତ୍ର ଜଳପୂର୍ଣ୍ଣ ଭାଣ୍ଡ ଉପରେ ରଖି ଗଣନାଦ୍ୱାରା ସ୍ଥିର କରିଥିଲେ ଯେ, ଛିଦ୍ର ଭିତରେ ଜଳ ପଶି ଉକ୍ତ ପାତ୍ରଟି ଯେତେବେଳେ ବୁଡ଼ିଯିବ, ସେହି ସମୟରେ କନ୍ୟାର ପାଣିଗ୍ରହଣ କରାଇବେ; କିନ୍ତୁ ଭାଗ୍ୟକୁ ଇଚ୍ଛାନୁସାରେ ଚଳାଇବ କିଏ ! କନ୍ୟାବେଶଧାରିଣୀ ଲୀଳାବତୀ ଏଥି ମଧ୍ୟରେ ଆସି ଆଗ୍ରହରେ ସେ ପାତ୍ରଟିକୁ ଦେଖିବାକୁ ଲାଗିଲେ । ତାଙ୍କ ମସ୍ତକରେ ତେତେବେଳେ ବିବାହର ମୁକୁଟ ଥିଲା । ଦୁର୍ଦ୍ଦୈବଯୋଗେ ସେ ମୁକୁଟରୁ ଗୋଟିଏ ମୁକ୍ତା ଖସିଯାଇ ସେ ପାତ୍ର ଉପରେ ପଡ଼ିଲା ଏବଂ ପଡ଼ିବା ମାତ୍ରେ ବୁଡ଼ିଯାଇ ତଳର ସେ ଛିଦ୍ରଟି ବନ୍ଦ କରି ଦେଲା । ସେଥି ପ୍ରତି କାହାରି ଦୃଷ୍ଟି ପଡ଼ି ନ ଥିବାରୁ କେହି ଜାଣିପାରିଲେ ନାହିଁ । ପାତ୍ରଟି ପୂର୍ଣ୍ଣ ଜଳମଗ୍ନ ନ ହୋଇ ସେହିପରି ରହିଲା । ଭାସ୍କର ନିର୍ଦ୍ଦିଷ୍ଟ ଲଗ୍ନ ଅତୀତ ଦେଖି ହତାଶ ହେଲେ । କନ୍ୟାର ବିବାହ ହୋଇଗଲା ।

Digitized by srujanika@gmail.com

ଅଳ୍ପକାଳ ପରେ ଲୀଳାବତୀ ସଂସାରସୁଖରୁ ବଞ୍ଚିତା ହେଲେ । ତରୁଣ ବୟସରେ କନ୍ୟାକୁ ଘୋର ବୈଧବ୍ୟ କଷ୍ଟ ଭୋଗ କରିବାର ଦେଖି ପିତା ମନ୍ତପରିବର୍ତ୍ତନଦ୍ୱାରା କ୍ଲେଶହରଣ କରିବା ମାନସରେ ଲୀଳାବତୀଙ୍କୁ ଗଣିତ ଜ୍ୟୋତିଷ ବିଦ୍ୟା ଶିଖାଇଥିଲେ । ମାତ୍ର ଲୀଳାବତୀ ଗ୍ରନ୍ଥ ଆଲୋଚନାରୁ ଏ ଲୀଳାବତୀ ଭାସ୍କରାଚାର୍ଯ୍ୟଙ୍କର କନ୍ୟା ଥିଲେ ବୋଲି ଅନୁମାନ ହୁଏ ନାହିଁ । ତେଣୁ ଆଧୁନିକ ପଣ୍ଡିତମାନେ ପ୍ରମାଣଦ୍ୱାରା ନିରୂପଣ କରିଅଛନ୍ତି ଯେ, ଲୀଳାବତୀ ତାଙ୍କର ସହଧର୍ମିଣୀ ।

ମହାପଣ୍ଡିତ ଭାସ୍କରାଚାର୍ଯ୍ୟ ଆପଣାର ଧର୍ମପତ୍ନୀ ଲୀଳାବତୀଙ୍କୁ ଉପଯୁକ୍ତା ଦେଖି କଠିଣ ଗଣିତ ଜ୍ୟୋତିଷ-ଶାସ୍ତ୍ର ଶିକ୍ଷା ଦେଇଥିଲେ । ଲୀଳାବତୀ ମଧ୍ୟ ଯୋଗ୍ୟ ପତିଙ୍କର ଯୋଗ୍ୟା ପତ୍ନୀ ଥିଲେ । ପତିଙ୍କ ସହିତ ସର୍ବଦା ଗଣିତ ଓ ଜ୍ୟୋତିଷର ଚର୍ଚ୍ଚାରେ ତାହାଙ୍କର ଦିନ ଶୁଦ୍ଧ ଆମୋଦରେ କଟି ଯାଉଥିଲା । ଭାସ୍କରାଚାର୍ଯ୍ୟ କେତେବେଳେ କୌଣସି ପ୍ରଶ୍ନ କଲେ, ପଣ୍ଡିତା ଲୀଳାବତୀ ତତ୍‌କ୍ଷଣାତ୍ ତାହାର ଉତ୍ତର ଦେଇ ପାରୁଥିଲେ । ପତି ପଦ୍ୟରେ ପ୍ରଶ୍ନ କଲେ, ସେ ମଧ୍ୟ ପଦ୍ୟରେ ଉତ୍ତର ଦେଇ ପତିଙ୍କର ଆନନ୍ଦ ବର୍ଦ୍ଧନ କରୁଥିଲେ । ଯେଉଁ ସମୟରେ କଠିନ ଗଣିତ ଜ୍ୟୋତିଷ ବିଷୟକୁ ଯେବେ ପତି ପତ୍ନୀ ପଦ୍ୟରେ ପ୍ରଶ୍ନୋତ୍ତର କରି ପାରୁଥିଲେ, ସେ ସମୟରେ ଜ୍ଞାନବିଜ୍ଞାନର ଚର୍ଚ୍ଚା କେତେ ଉପରକୁ ଉଠିଥିଲା, ତାହା ଆଜକାଲି ଧାରଣା କରି ହେବ ନାହିଁ । ଏହି ସବୁ ପ୍ରଶ୍ନୋତ୍ତରକୁ ଘେନି ପ୍ରସିଦ୍ଧ ଲୀଳାବତୀ ଗ୍ରନ୍ଥ ରଚିତ ହୋଇଅଛି । ଆମ୍ଭମାନଙ୍କ ଦେଶରେ ଅଙ୍କରେ ଲୀଳାବତୀ-ସୂତ୍ର କଥା ଅନେକେ ଶୁଣି ଅଛନ୍ତି ଏବଂ ତାହା କିପରି ସାରବାନ୍, ଗଣିତଜ୍ଞ ପଣ୍ଡିତମାନେ ଜାଣନ୍ତି । ଲୀଳାବତୀଙ୍କ ପରି ସହଧର୍ମିଣୀଙ୍କୁ ପାଇ ନ ଥିଲେ ଭାସ୍କରାଚାର୍ଯ୍ୟ ଗଣିତ ଓ ଜ୍ୟୋତିଷରେ ଏପରି ସାରବାନ ଗ୍ରନ୍ଥରଚନା କରି ପାରିଥାନ୍ତେ କି ନାହିଁ, ସନ୍ଦେହର ବିଷୟ । ସ୍ତ୍ରୀମାନେ ସ୍ୱାମୀଙ୍କୁ ସବୁ ବିଷୟରେ ସାହାଯ୍ୟ ନ କଲେ ଗୃହଆଡ଼େ ସେମାନଙ୍କର ଶକ୍ତି ବିକଶିତ ହୋଇପାରେ ନାହିଁ । ଆମ୍ଭମାନଙ୍କ ଦେଶର ସ୍ତ୍ରୀମାନେ ଯଦି କେବଳ ଦାସୀ ଓ ପାଚକାର କର୍ମକୁ ଉପଯୁକ୍ତ ହେବେ, ତାହାହେଲେ ସେମାନଙ୍କ ସଂସର୍ଗରେ ଆଜ ପୁରୁଷମାନଙ୍କର ମନଜ୍ଞାନର ବା କି ଉନ୍ନତି ହେବ ? ନାରୀ ପୁରୁଷର ଅର୍ଦ୍ଧାଙ୍ଗ, ଏହା ପ୍ରାୟ ସମସ୍ତଙ୍କୁ ଜଣା । ଅତଏବ ଏମାନଙ୍କଠାରୁ ସବୁ ବିଷୟରେ ଅର୍ଦ୍ଧେକ ସାହାଯ୍ୟ ପାଇବା ଆଶା କରାଯାଏ । ଯେଉଁ ପର୍ଯ୍ୟନ୍ତ ନାରୀମାନେ ପୁରୁଷମାନଙ୍କ ସହିତ ପ୍ରତ୍ୟେକ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି, ସେପର୍ଯ୍ୟନ୍ତ ସମାଜର କାର୍ଯ୍ୟ ଅଧାଅଧି ହେଉଥିବ । ସ୍ତ୍ରୀ ପୁରୁଷ ଉଭୟେ ନ ମିଶିଲେ ସାଂସାରିକ କ୍ରିୟାକଳାପର ପୂର୍ଣ୍ଣତା ହେବା ଅସମ୍ଭବ ।

ସ୍ତ୍ରୀମାନଙ୍କ ମନରେ ଯଥାର୍ଥ କର୍ତ୍ତବ୍ୟ ଜ୍ଞାନ ଜନ୍ମିବାପାଇଁ ସେମାନଙ୍କୁ ଉତ୍ତମରୂପେ ଶିକ୍ଷା ଦେବାକୁ ହେବ । ଅନ୍ୟ ଦେଶର ସ୍ତ୍ରୀମାନଙ୍କ ଗୁଣଗରିମାର କାହାଣୀ ଶୁଣାଇବାକୁ ହେବ । ସେମାନେ ମଧ୍ୟ ନିଜ ନିଜ ଜନ୍ମ ସଫଳ କରିବାପାଇଁ ଗୃହଆଡ଼କୁ ଆଖି ପକାଇ ଆପଣା କର୍ତ୍ତବ୍ୟ ସ୍ଥିର କରିବେ । ସେମାନେ କେବେ ଭାବିବେ ନାହିଁ ଯେ, କେବଳ ରନ୍ଧନ ବନ୍ଧନ ବା ପ୍ରସବ ଉଦ୍ଭବ କରିବାପାଇଁ ଏ ସଂସାରରେ ଜନ୍ମ ପାଇଅଛନ୍ତି । ଯେଉଁ ସନ୍ତାନମାନଙ୍କୁ ଜନ୍ମ ଦେବେ, ସେମାନଙ୍କୁ ଉତ୍ତମ ଶିକ୍ଷା ଦେଇ ମନୁଷ୍ୟ କରିବା ଏବଂ ସ୍ୱାମୀଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ପରାମର୍ଶ ଦେବା ବା ସାହାଯ୍ୟ କରିବା ଗୃହିଣୀମାନଙ୍କର ପ୍ରଧାନ କର୍ତ୍ତବ୍ୟ । ପୂର୍ବକାଳର ଆଦର୍ଶ ମହିଳାମାନଙ୍କର ଚରିତକୁ ମନ ଦେଇ ଶୁଣି ସେମାନଙ୍କ ପରି କାର୍ଯ୍ୟ କରିବାକୁ ମନ ବଳାଇଲେ ଅବଶ୍ୟ ଏ ଦେଶରେ ଅନେକ ସୁଗୃହିଣୀ ଏବଂ ସୁମାତା ବିନେ ଦେଖା ଦେବେ ।

Digitized by srujanika@gmail.com

ସଂଯୁକ୍ତା

ଭାରତରୁ ହିନ୍ଦୁ ସ୍ୱାଧୀନତା ଆଜକୁ ପ୍ରାୟ ସାତଶ ବର୍ଷ ହେଲ ଲୁପ୍ତ ହୋଇଅଛି । ସେହି କାଳରୁ ଏ ହିନ୍ଦୁ-ଦେଶ ନାନା ବୈଦେଶିକ ବିଧର୍ମୀ ରାଜାମାନଙ୍କ ଶାସନର ଅଧୀନ ହୋଇ ଚଳି ଆସୁଅଛି । ଖ୍ରୀଷ୍ଟାବ୍ଦ ଏଗାରଶରୁ ବାରଶ ମଧ୍ୟରେ ଆଫଗାନିସ୍ଥାନର ପଠାଣ ରାଜାମାନେ ତତ୍କାଳୀନ ହିନ୍ଦୁ ରାଜାମାନଙ୍କୁ ଦୁର୍ବଳ ଦେଖି ପୁନଃ ପୁନଃ ଭାରତ ଆକ୍ରମଣ ଓ ଲୁଣ୍ଠନ କରିବାକୁ ଲାଗିଲେ । ଏହି ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ମହମ୍ମଦ ଘୋରୀ ନାମକ ଜଣେ ପ୍ରତାପଶାଳୀ ପଠାଣ ରାଜା ଏହି ଭାରତବର୍ଷର ବାୟୁକୋଣରେ ଥିବା ରାଜ୍ୟମାନ ଘନଘନ ଆକ୍ରମଣ କରୁଥିଲେ । ସେତେବେଳେ ଏ ଦେଶରେ ଦିଲ୍ଲୀ, କନୌଜ, ଆଜମୀର ପ୍ରଭୃତି ରାଜ୍ୟର ହିନ୍ଦୁ ରାଜାମାନେ ପ୍ରତାପଶାଳୀ ଥିଲେ ଏବଂ ଦିଲ୍ଲୀ ସର୍ବାପେକ୍ଷା ଶ୍ରେଷ୍ଠ ରାଜ୍ୟ ଥିଲା । ଏହି ଦିଲ୍ଲୀର ଶେଷ ହିନ୍ଦୁ ରାଜା ଥିଲେ ଅନଙ୍ଗପାଳ । ତାଙ୍କର କେବଳ ଦୁଇଟି କନ୍ୟା ଥିଲେ । କନ୍ୟାଦ୍ୱୟଙ୍କୁ ରାଜା ଚୌହାନ ଓ ରାଠୋର ଦୁଇ ପ୍ରସିଦ୍ଧ କ୍ଷତ୍ରିୟକୁଳରେ ବିବାହଦେଇଥିଲେ । ଏହି ଦୁଇ ରାଜକନ୍ୟାଙ୍କ ଗର୍ଭଜାତ ଦୁଇ ଦୌହିତ୍ରଙ୍କ ବ୍ୟତୀତ ତାଙ୍କର ଆଉ କେହି ଉତ୍ତରାଧିକାରୀ ନ ଥିଲେ । ଦୌହିତ୍ର ଦୁହିଙ୍କ ମଧ୍ୟରୁ ଆଜମୀରପତି ପୃଥ୍ୱୀରାଜଙ୍କ ବୀରତ୍ୱର ସୁଖ୍ୟାତି ଚାରିଆଡ଼େ ବିସ୍ତାରିତ ହୋଇଥିଲା । ତେଣୁ ଅନ୍ୟ ଦୌହିତ୍ର କନୌଜ ରାଜା ଜୟଚନ୍ଦ୍ର ତାଙ୍କ ପ୍ରତି ଈର୍ଷା-ପୋଷଣ କରୁଥିଲେ । ମୃତ୍ୟୁକାଳରେ ରାଜା ଅନଙ୍ଗପାଳ ବୀର ପୃଥ୍ୱୀରାଜଙ୍କୁ ରାଜ୍ୟ ପ୍ରଦାନ କରିବାରୁ ସେ ଈର୍ଷା ଦ୍ୱିଗୁଣ ହୋଇଗଲା । ପୂର୍ବରୁ ପୃଥ୍ୱୀରାଜଙ୍କର ବୀରତ୍ୱର ଖ୍ୟାତି ଯଥେଷ୍ଟ ଥିଲା, ଏବେ ପ୍ରସିଦ୍ଧ ଦିଲ୍ଲୀ ଓ ଆଜମୀର ରାଜ୍ୟର ଚକ୍ରବର୍ତ୍ତୀ ହୋଇ ତାଙ୍କର ଖ୍ୟାତି କ୍ଷମତା ବହୁଗୁଣ ହୋଇଗଲା । ଏଥିରେ ଅଭିମାନୀ ଜୟଚନ୍ଦ୍ରଙ୍କର ମନେ ଅନ୍ତର୍ଦ୍ଦାହ ହେବାର କଥା । ସେ କପଟ ଚକ୍ରବର୍ତ୍ତୀ ହୋଇ ପୃଥ୍ୱୀରାଜଙ୍କ ଉପରେ ନାମ କରିବେ, ଏହି ଉପାୟ ଭାବିବାକୁ ଲାଗିଲେ ଏବଂ ସେହି ଉପଲକ୍ଷରେ ଏକ ରାଜସୂୟ ଯଜ୍ଞର ଅନୁଷ୍ଠାନ କଲେ । ଏହି ଯଜ୍ଞକୁ ବିଭିନ୍ନ ରାଜ୍ୟର ରାଜାମାନେ ନିମନ୍ତ୍ରିତ ହୋଇଥିଲେ । କେବଳ ଅପମାନ ଦେବା ମାନସରେ ପୃଥ୍ୱୀରାଜ ଏବଂ ତାଙ୍କର ଭଗିନୀପତି ବୀର ସମର ସିଂହଙ୍କୁ ସେ ଯଜ୍ଞସଭାକୁ ନିମନ୍ତ୍ରଣ କରି ନ ଥିଲେ । ଏହି ସଭାରେ ରାଜକୁମାରୀ ସଂଯୁକ୍ତାଙ୍କର ସ୍ୱୟମ୍ବର ବିଧି ସମ୍ପନ୍ନ ହେବାର ପ୍ରସ୍ତାବ ଥିଲା । ରାଜା ଜୟଚନ୍ଦ୍ର ଧାତୁରେ ପୃଥ୍ୱୀରାଜ ଓ ସମର ସିଂହଙ୍କର ଦୁଇଟି ପ୍ରତିମୂର୍ତ୍ତି ଗଢ଼ାଇ ତାହାକୁ ଦ୍ୱାରଦେଶରେ ଥୋଇ ହୀନ ଦ୍ୱାରପାଳ କର୍ମରେ ନିଯୁକ୍ତ କରିବାଦ୍ୱାରା ଆପଣାର ଆନ୍ତରିକ ଘୃଣା ପ୍ରକାଶ୍ୟଭାବରେ ଜଣାଇ ଦେଇଥିଲେ ।

ବୀର ପୃଥ୍ୱୀରାଜଙ୍କର କୀର୍ତ୍ତିକଳାପ ରାଜା ଜୟଚନ୍ଦ୍ରଙ୍କର ହୃଦୟକୁ ଶଳ୍ୟ ହୋଇଥିଲା ସତ୍ୟ; କିନ୍ତୁ ତାହାଙ୍କ ତନୁଜା ସଂଯୁକ୍ତାଙ୍କର ହୃଦଚନ୍ଦନ ଥିଲା । ସ୍ୱଭାବେ ବୀରନାରୀ ବୀରପକ୍ଷପାତିନୀ । ତେଣୁ ବୀର ପୃଥ୍ୱୀରାଜ ପିତାଙ୍କର ଯେତେ ମହାଶତ୍ରୁ ହୁଅନ୍ତୁ, ସେଥିକି ଭ୍ରୂକ୍ଷେପ ନ କରି ବୀରବାଳା ସଂଯୁକ୍ତା ବୀରେନ୍ଦ୍ର ପୃଥ୍ୱୀରାଜଙ୍କର ଗୁଣାନୁରାଗିଣୀ ହୋଇ ତାଙ୍କ ଶ୍ରୀଚରଣରେ ମନ ପ୍ରାଣ ଢାଳିଦେବାକୁ ସଙ୍କଳ୍ପ କରିଥିଲେ । ସେ ସ୍ୱୟମ୍ବର ପୂର୍ବରୁ ଜାଣି ପାରିଥିଲେ ଯେ, ସଭାକୁ ତାଙ୍କର ପ୍ରିୟତମ ପୃଥ୍ୱୀରାଜ ନିମନ୍ତ୍ରିତ ହୋଇ ନାହାନ୍ତି ଏବଂ ତାଙ୍କର ପ୍ରତିମୂର୍ତ୍ତି ଦ୍ୱାରପାଳସ୍ୱରୂପ ଦ୍ୱାରଦେଶରେ ସ୍ଥାପିତ ହୋଇଅଛି; ତଥାପି ବୀରାଙ୍ଗନା ତିଳେ

Digitized by srujanika@gmail.com

ଶୋଚନା ନ କର ବରଣକାଳରେ ସଭାସ୍ଥଳରେ ଉପସ୍ଥିତ ହେଲକ୍ଷଣି ସମସ୍ତ କନ୍ୟାର୍ଥୀ ଐଶ୍ୱର୍ଯ୍ୟମତ୍ତ ନୃପତିଗଣଙ୍କୁ ଉପେକ୍ଷା କରି ସେହି ପ୍ରତିମୂର୍ତ୍ତି ଗଳାରେ ବରଣମାଳା ପ୍ରଦାନ କରିଥିଲେ । ଜୟଚ୍ଚନ୍ଦ୍ର ଏ ଦୃଶ୍ୟ ଦର୍ଶନ କରି କ୍ରୋଧରେ ଜଳିଗଲେ ଏବଂ କନ୍ୟାକୁ ଧିକ୍କାର ଦେଇ କଟୁକ୍ତି ବର୍ଷଣ କରିବାକୁ ଲାଗିଲେ । ବୀରକନ୍ୟା ବାକ୍ୟବ୍ୟୟ ନ କରି ଅଧୋବଦନରେ ସମସ୍ତ ସହିଗଲେ । ଏଣେ ପୃଥ୍ୱୀରାଜ ଏ ସମ୍ବାଦ ପାଇଲା କ୍ଷଣି ଅଶ୍ୱପୃଷ୍ଠରେ ସେଠାରେ ଉପସ୍ଥିତ ହୋଇ କୌଶଳରେ ଗୁଣାନୁରକ୍ତା ସଂଯୁକ୍ତା ଦେବୀଙ୍କୁ ନେଇ ଦ୍ରୁତବେଗରେ ସ୍ୱରାଜ୍ୟକୁ ପ୍ରସ୍ଥାନ କଲେ । ଜୟଚ୍ଚନ୍ଦ୍ର ଏବଂ ସଭାଗତ ଅନ୍ୟାନ୍ୟ ରାଜାମାନେ ବାଧାଦେବାକୁ ଚେଷ୍ଟା କରି ସୁଦ୍ଧା କିଛି କରି ପାରିଲେ ନାହିଁ । ଏହି ଘଟଣାରେ ପୃଥ୍ୱୀରାଜଙ୍କ ପ୍ରତି ଜୟଚ୍ଚନ୍ଦ୍ରଙ୍କର କ୍ରୋଧ ଓ ଘୃଣା ବହୁଗୁଣରେ ବଢ଼ିଗଲା । ସେ ଶତ୍ରୁର ସର୍ବନାଶ ସାଧନ ନିମନ୍ତେ ବଦ୍ଧପରିକର ହୋଇ ଉପାୟମାନ କଳ୍ପନା କରିବାକୁ ଲାଗିଲେ । କିନ୍ତୁ ଆପେ ନିତାନ୍ତ ଦୁର୍ବଳ, ବଳବତ୍ତର ପୃଥ୍ୱୀରାଜଙ୍କୁ ପାରିବା ଅସମ୍ଭବ ଜାଣି ମୂଢ଼ ଜୟଚ୍ଚନ୍ଦ୍ର 'ହାଣକୁରାଢ଼ି ବେକକୁ ଆଣିଲା' ପରି ପୂର୍ବକଥିତ ପଠାଣରାଜା ମହମ୍ମଦ ଘୋରୀଙ୍କୁ ସାହାଯ୍ୟାର୍ଥ ଆହ୍ୱାନ କଲେ । ବୃକ୍ଷର ଦାରୁ ଲୌହ ସଙ୍ଗରେ ମିଶି କୁଠାର ରୂପରେ ବୃକ୍ଷମୂଳ ଛେଦନ କଲା ପରି ଜୟଚ୍ଚନ୍ଦ୍ର ବିଧର୍ମୀ ଶତ୍ରୁ ସଙ୍ଗରେ ମିଶି ଆପଣା ବଂଶ ନିର୍ମୂଳ କରିବାର ମୂଳ କାରଣ ହେଲେ । ଈର୍ଷାମୋହରେ ମୂଢ଼ ଲୋକର ବିଚାରଶକ୍ତି ରହେନାହିଁ । କଥାରେ କହନ୍ତି—'ସ୍ୱାମୀ ପଛକେ ମରୁ, ସଉତୁଣୀ ରାଣ୍ଡି ହେଉ ।' ସପତ୍ନୀକୁ ବିଧବା କରିବା ଅପେକ୍ଷା ଆପେ ପତିହୀନା ବା ଅନାଥା ହେବା ଯେ ସର୍ବନାଶ, ଏହା ଲୋକେ ଯେଉଁ ଦୋଷରୁ ବୁଝି ପାରନ୍ତି ନାହିଁ, ଜୟଚ୍ଚନ୍ଦ୍ର ତେତେବେଳେ ସେହି ଦୋଷରେ ଦୁଷିତ ଥିଲେ । ' ତେଣୁ 'କୁଲ୍ୟା ଖୋଳି ନକ୍ରକୁଳ ଆହ୍ୱାନିଲା ପରି' ଆପେ ଆପଣା ଗୋଡ଼କୁ ଗାତ ଖୋଳି ଯବନର କୃପାଭିକାରୀ ହେଲେ ।

ରାଜ୍ୟଲୋଲୁପ ମହମ୍ମଦ ଘୋରୀ ହିନ୍ଦୁ ଭ୍ରାତୃବିଚ୍ଛେଦର ଏ ସୁଯୋଗ ପାଇ ଜୟଚ୍ଚନ୍ଦ୍ରଙ୍କ ପ୍ରସ୍ତାବରେ ଆନନ୍ଦରେ ସମ୍ମତି ପ୍ରଦାନ କଲେ ଏବଂ ବହୁ ସୈନ୍ୟ ସହ ଯୁଦ୍ଧାର୍ଥ ବହିର୍ଗତ ହେଲେ । ଏଣେ ମହାବୀର ପୃଥ୍ୱୀରାଜ ଏବଂ ସମର ସିଂହ ମଧ୍ୟ ଘୋର ସମର ନିମିତ୍ତ ପ୍ରସ୍ତୁତ ହେଲେ । ଦୃଶଦ୍ୱତୀ ନଦୀକୂଳରେ ଉଭୟ ପକ୍ଷର ଯୁଦ୍ଧ ହେବାର ସ୍ଥିର ହେଲା । ଯୁଦ୍ଧଯାତ୍ରା କାଳରେ ପୃଥ୍ୱୀରାଜ ନବ ପ୍ରଣୟିନୀ ସଂଯୁକ୍ତାଙ୍କଠାରୁ ବିଦାୟ ଗ୍ରହଣ କରିବାକୁ ଗଲେ । ବୀରାଙ୍ଗନା ସହାସ୍ୟବଦନରେ ବିଦାୟ ଦେବାକୁ ପ୍ରସ୍ତୁତ ହୋଇ ପତିଙ୍କର ଉତ୍ସାହବର୍ଦ୍ଧନାର୍ଥ ଏତିକ ମାତ୍ର କହିଲେ, "ପ୍ରିୟତମ, ତୁମ୍ଭଙ୍କୁ ପ୍ରସନ୍ନ ମନରେ ମୁଁ ସମରଭୂମିକି ବିଦାୟ ଦେଉଅଛି । ତୁମ୍ଭେ ସମସ୍ତ ଭୁଲି ଶତ୍ରୁଜୟରେ ମନ ପ୍ରାଣ ଢାଳି ଦେବ । ଯୁଦ୍ଧକ୍ଷେତ୍ରରେ ବୀରଧର୍ମ ପାଳନ ହିଁ ବୀରର ପ୍ରଧାନ କର୍ତ୍ତବ୍ୟ । ସେ କର୍ତ୍ତବ୍ୟ ପାଳନରେ ଯଦି ମୃତ୍ୟୁ ହୁଏ, ତାହା ଶ୍ରେୟ । ମନେ ରଖ—ରକ୍ତାକ୍ତ ଦେହରେ ଜୟଶ୍ରୀମଣ୍ଡିତ ହୋଇ ଫେରିବା ଦେଖିଲେ ମୋହର ଯେତେ ଆନନ୍ଦ ହେବ, ଯୁଦ୍ଧରେ ପୃଷ୍ଠଭଙ୍ଗ ଦେଇ ଅକ୍ଷତ ଦେହରେ ଆସି ମୋହର ପ୍ରେମାକାଂକ୍ଷୀ ରୂପରେ ଦେଖା ଦେଲେ ମୋହର ତତୋଧିକ ଘୃଣା ହେବ । ତୁମ୍ଭେ ମହାବୀର, ଏ ଯୁଦ୍ଧରେ ତୁମ୍ଭେ ଜୟୀ ହେବ ବୋଲି ମୋର ବିଶ୍ୱାସ ହେଉଅଛି ।" ପ୍ରିୟତମାର ଏ ପ୍ରକାର ବୀରବାଣୀରେ ପୃଥ୍ୱୀରାଜ ଦ୍ୱିଗୁଣରେ ଉତ୍ସାହିତ ହୋଇ ଆତ୍ମୀୟ ସମର ସିଂହଙ୍କ ସହିତ ସୈନ୍ୟବଳ ନେଇ ଯୁଦ୍ଧରେ ଯୋଗଦେଲେ । ଉଭୟ ଦଳ ମଧ୍ୟରେ ତୁମୁଳ ଯୁଦ୍ଧ ହୋଇଗଲା । ମହାବୀର ପୃଥ୍ୱୀରାଜ ଅଦ୍ଭୁତ ସାହସ ପ୍ରଦର୍ଶନ କରି ସେଥିରେ ଜୟୀ ହେଲେ । ଶତ୍ରୁପକ୍ଷ ଛିନ୍ନଭିନ୍ନ ହୋଇ କିଏ କାହିଁ ପଳାୟନ କଲେ ।

କିଛିକାଳ ଉତ୍ତାରେ ମହମ୍ମଦ ଘୋରୀ ଅଧିକସଂଖ୍ୟକ ସୈନ୍ୟ ସଂଗ୍ରହ କରି ପୁଣି ଯୁଦ୍ଧକୁ ବାହାରିଲେ ।

Digitized by srujanika@gmail.com

ପୃଥ୍ୱୀରାଜ ପୂର୍ବପରି ପତ୍ନୀଙ୍କଠାରୁ ବିଦାୟ ନେଇ ପୂର୍ଣ୍ଣଉତ୍ସାହରେ ଦୃଷଦ୍‌ବତୀ ଅଭିମୁଖରେ ଯାତ୍ରା କଲେ । ଏଥର ବିଦାୟ କାଳରେ ହଠାତ୍ ଅଶୁଭ ଲକ୍ଷଣ ଦେଖି ପତିଭକ୍ତ ସଂଯୁକ୍ତାଙ୍କର ହୃଦୟରେ ଆଶଙ୍କା ଜନ୍ମିଲା; କିନ୍ତୁ ବୀରାଙ୍ଗନା ପତିଙ୍କ ଉତ୍ସାହଭଙ୍ଗ ହେବା ଭୟରେ ସେ ଭାବ ଅନ୍ତରରେ ଗୋପନ କରି ପୂର୍ବବତ୍ ସହାସ୍ୟବଦନରେ ବିଦାୟ ଦେଇଥିଲେ । ଦ୍ୱିତୀୟବାର ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ଭୀଷଣ ମୂର୍ତ୍ତି ଧାରଣ କଲା । ମହମ୍ମଦ ଘୋରୀ ପ୍ରଥମ ଦିନର ଯୁଦ୍ଧରେ ଭୀତ ହୋଇ ବଳରେ ନ ପାରିବାରୁ ଛଳରେ ଜିଣିବା ମାନସରେ ସନ୍ଧି ପ୍ରସ୍ତାବ ଉତ୍‌ଥାପନ କରି ଯୁଦ୍ଧ ସ୍ଥଗିତ କରିବାପାଇଁ ପୃଥ୍ୱୀରାଜଙ୍କ ନିକଟକୁ ସମ୍ବାଦ ପଠାଇଲେ । ପୃଥ୍ୱୀରାଜଙ୍କର ସୈନ୍ୟମାନେ ଯୁଦ୍ଧରୁ ବିଶ୍ରାମ ପାଇ ବିଜୟମଦରେ ନାନା ଆମୋଦ ପ୍ରମୋଦରେ ମତ୍ତ ହେଲେ । ଏହି ଛିଦ୍ରପାଇ କପଟୀ ମହମ୍ମଦ ଘୋରୀ ହଠାତ୍ ସୈନ୍ୟ ସହ ସେହି ବିଭକ୍ତ ହିନ୍ଦୁ ସେନା ମଧ୍ୟରେ ପ୍ରବେଶ କରି ପୃଥ୍ୱୀରାଜଙ୍କୁ ଆକ୍ରମଣ କଲେ । ପୂର୍ବରୁ ପ୍ରସ୍ତୁତ ନ ଥିଲେ ସୁଦ୍ଧା ମହାବୀର ପୃଥ୍ୱୀରାଜ ତିଳେ ଭୀତ ନ ହୋଇ କ୍ଷତ୍ରିୟ ତରବାରୀ ଧରି ଅପୂର୍ବ ବିକ୍ରମରେ ଯୁଦ୍ଧ କରିବାକୁ ଲାଗିଲେ । ଶତ୍ରୁପକ୍ଷ ତାହାଙ୍କ ବୀରତ୍ୱ ଦର୍ଶନରେ ଚକିତ ହୋଇଗଲେ । ମାତ୍ର ଏକାକୀ ପୃଥ୍ୱୀରାଜ କଣ କରିବେ । ପରିଶେଷରେ ଶତ୍ରୁମାନେ ତାହାଙ୍କୁ ବେଷ୍ଟନ କରି ବନ୍ଦୀ କରିଥିଲେ । ଧର୍ମଜ୍ଞାନ-ହୀନ ସାହାବୁଦ୍ଦୀନ (ମହମ୍ମଦ ଘୋରୀ) ପୁଣି ତାହାଙ୍କୁ ନିଷ୍ଠୁର ଭାବରେ ସେଠାରେ ହତ୍ୟା କରିଥିଲେ । ଶଙ୍କାକୁଳା ବୀରବାଳା ସଂଯୁକ୍ତା ଏ ଦୁଃସମ୍ବାଦ ଶୁଣିଲାକ୍ଷଣି ଶତ୍ରୁ ନିକଟରୁ ପତିଙ୍କର ପବିତ୍ର ମୃତଦେହ ଅଣାଇ ଜ୍ୱଳନ୍ତ ଚିତାରୋହଣରେ ପ୍ରାଣ ବିସର୍ଜନ କଲେ । ସେହି ଚିତାନଳ ନିର୍ବାପିତ ହେବା ପଛେ ପଛେ ହିନ୍ଦୁର ଗୌରବରବି ଚିରକାଳକୁ ଅସ୍ତମିତ ହେଲା । କ୍ରମେ ପଠାଣ ରାଜାମାନେ ସମସ୍ତ ହିନ୍ଦୁରାଜ୍ୟ ଅଧିକାର କରି ବସିଲେ । ଦେଶଦ୍ରୋହୀ ଜାତିଦ୍ରୋହୀ ଜୟଚନ୍ଦଙ୍କର ସ୍ୱାର୍ଥପରତାର ବିଷମୟ ଫଳ ସମସ୍ତ ହିନ୍ଦୁ ଜାତିକୁ ଭୋଗ କରିବାକୁ ହେଲା; କିନ୍ତୁ ସେ କୁଳକଳଙ୍କ ଜୟଚନ୍ଦଙ୍କର ଔରସରେ ଜନ୍ମି ସଂଯୁକ୍ତା ଉନ୍ନତ ଚରିତ୍ରଦ୍ୱାରା କୁଳ ଉଜ୍ଜ୍ୱଳ କରି ଯାଇଅଛନ୍ତି ।

Digitized by srujanika@gmail.com

କୃଷ୍ଣକୁମାରୀ

ସମାଗତ ପାଞ୍ଚଶ ବର୍ଷ କାଳ ପଠାଣ ମୋଗଲ-ମାନଙ୍କ ସଙ୍ଗେ ବାଦ ଯୁଦ୍ଧ କରି ପ୍ରସିଦ୍ଧ ମିବାର ରାଜ୍ୟର ରାଜପୁତମାନେ ଯେତେବେଳେ ହୀନବଳ ହୋଇ ପଡ଼ିଥିଲେ, ରାଜପୁତ ଜାତିର ପୂର୍ବ ମାନ ସମ୍ଭ୍ରମ ରକ୍ଷାର ଶେଷ ଲେପ ପାଇବାକୁ ବସିଥିଲା, ସେତେବେଳେ ମଧ୍ୟ ଜଣେ ରାଜପୁତ ମହିଳା ଆପଣାର ଉନ୍ନତ ଚରିତଦ୍ୱାରା ସ୍ୱଦେଶର ଟେକ ରଖିଥିଲେ । ଏ ମହିଳା ମିବାରପତି ଭୀମସିଂଙ୍କର କନ୍ୟା ସୁକୁମାରୀ କୃଷ୍ଣକୁମାରୀ । କୃଷ୍ଣ-କୁମାରୀ ରୂପଲାବଣ୍ୟରେ ପ୍ରଥମ ସ୍ଥାନ ପାଇବାର ଯୋଗ୍ୟ ବୋଲି ଲୋକେ ତାହାଙ୍କୁ 'ରାଜସ୍ଥାନ-କୁସୁମ' ବୋଲି କହୁଥିଲେ; କିନ୍ତୁ ଏହି ରୂପ ଅନର୍ଥ-ବିଷର କୂପ ପ୍ରାୟ । ଏହି ରୂପ ଲାଗି ରାଜପୁତ ରାଜ୍ୟରେ କେତେ କେତେ ଅନିଷ୍ଟ ଘଟି ଯାଇଅଛି । ପଦ୍ମିନୀଙ୍କ ରୂପ-ଲାବଣ୍ୟ ଯୋଗେ ଥରେ ଚିତୋର ଛାରଖାର ହୋଇଥିଲା । ଏବେ କୃଷ୍ଣକୁମାରୀଙ୍କ ରୂପରେ ସେହି ଅନର୍ଥ ।

ପ୍ରଥମେ ମାରବାର ପତିଙ୍କ ସହିତ ଏହି ରାଜ-ପୁତ୍ରୀଙ୍କର ବିବାହ ସ୍ଥିର ହୋଇଥିଲା । ମାତ୍ର ମାରବାର ରାଜା ମୃତ୍ୟୁମୁଖରେ ପତିତ ହେବାରୁ ପିତା ଭୀମସିଂହ ଜୟପୁରପତି ଜଗତ୍ ସିଂହଙ୍କୁ ସ୍ୱୀୟ କନ୍ୟା ପ୍ରଦାନ କରିବା ପାଇଁ ସମ୍ବନ୍ଧ ସ୍ଥିର କଲେ । ଏଣେ ମାରବାର-ସିଂହାସନାଧିରୂଢ଼ ରାଜା ମାନସିଂହ ସେ କନ୍ୟା ଲାଭର ଅଧିକାରୀ ବୋଲି ନିର୍ବନ୍ଧ କଲେ । ତତ୍କାଳରେ ସିନ୍ଧିଆ ରାଜ୍ୟର ମରହଟ୍ଟା ରାଜା ବଡ଼ ପ୍ରତାପଶାଳୀ ଥିଲେ । ଜଗତ୍‌ସିଂହଙ୍କ ସହିତ ତାଙ୍କର ପୂର୍ବରୁ ଶତ୍ରୁତା ଥିବାରୁ ଜଗତ୍‌ସିଂହଙ୍କୁ ଏ କନ୍ୟାରତ୍ନ ପ୍ରଦାନ ପ୍ରସ୍ତାବରେ ବିରକ୍ତ ହୋଇ ମାନସିଂହଙ୍କ ସହିତ ବିବାହ ଦେବାପାଇଁ ସେ ରାଣା ଭୀମ ସିଂହଙ୍କ ନିକଟକୁ ସମ୍ବାଦ ପଠାଇଲେ । ରାଣା ଏ ପ୍ରସ୍ତାବରେ ସମ୍ମତ ନ ହେବାରୁ ସିନ୍ଧିଆ ଅଧିପତି ବହୁ ସୈନ୍ୟ ସାମନ୍ତ ଘେନି ମିବାର ଆକ୍ରମଣ କଲେ । ଦୁର୍ବଳ ଭୀମ ସିଂହ ଆତ୍ମରକ୍ଷାରେ ଅସମର୍ଥ ହୋଇ ସିନ୍ଧିଆର ପ୍ରସ୍ତାବରେ ସମ୍ମତ ହେଲେ । ଜୟପୁରପତି ଏ ସମ୍ବାଦରେ ଆପଣାକୁ ଅପମାନିତ ଜାଣି ବହୁ ସୈନ୍ୟ ସହିତ ମିବାରରେ ଉପସ୍ଥିତ ହେଲେ । ଆଉ ରହିଲେ ମାନସିଂହ । ସେ ମଧ୍ୟ ଏ ସୁଯୋଗ ଦେଖି ସୈନ୍ୟଗଣଙ୍କ ସହିତ ମିବାରରେ ପ୍ରବେଶ କଲେ । ସିନ୍ଧିଆ ରାଜା ସହାୟ ଥିବାରୁ ତାହାଙ୍କ ପକ୍ଷ ବଳବତ୍ତର ହେଲା । ମିବାର ମଧ୍ୟରେ ଉଭୟ ପକ୍ଷର ଘୋର ଯୁଦ୍ଧ ଲାଗିଲା । ବିଦେଶୀ ରାଜାମାନଙ୍କ ଆକ୍ରମଣରେ ନିଜରାଜ୍ୟ ଛାର-ଖାର ହେଉଥିବାର ଦେଖି କି ଉପାୟରେ ଏ ଉତ୍ପୀଡ଼ନ ନିବାରିତ ହେବ, ଅମାତ୍ୟମାନଙ୍କ ସହିତ ପରାମର୍ଶ କରିବାକୁ ଲାଗିଲେ । ଜଣେ ବିଶ୍ୱାସୀ ଯବନ ସର୍ଦ୍ଦାର ତାହାଙ୍କୁ ଏହି ପରାମର୍ଶ ଦେଲେ—'ଯାହା ଘେନି ମିବାରରେ ଏପରି ବିପଦ, ତାହାର ମୃତ୍ୟୁ ବିନା ଏହା ନିବାରିତ ହୋଇପାରିବ ନାହିଁ । କୃଷ୍ଣକୁମାରୀ ଯାହାକୁ ବିବାହ କରନ୍ତୁ, ସେଥିରେ ଶାନ୍ତି ନାହିଁ; କାରଣ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀର ପ୍ରତିହିଂସାରେ ଏ ରାଜ୍ୟ ବିଧ୍ୱସ୍ତ ହୋଇ-ଯିବ । ଅତଏବ କନ୍ୟାର ବଧ ଆଦେଶ ପ୍ରଦାନ କରନ୍ତୁ ।'

Digitized by srujanika@gmail.com

ଦୁର୍ବଳ ରାଣା ଅଗତ୍ୟା ଏହି ନିଷ୍ଠୁର ପ୍ରସ୍ତାବରେ ସମ୍ମତ ହୋଇ ଆପଣାର ଭ୍ରାତାଙ୍କୁ ଗୋପନରେ ଦୁହିତା ହତ୍ୟା କରିବାପାଇଁ ଆଦେଶ ଦେଲେ ! ପିତୃବ୍ୟ ଯୌବନ ଦାସ ତରବାରିହସ୍ତରେ ଭ୍ରାତୃଷ୍ପୁତ୍ରୀର ଶୟନ-କକ୍ଷରେ ଉପସ୍ଥିତ ହୋଇ ଦେଖିଲେ—ସରଳା କୃଷ୍ଣ-କୁମାରୀ ନିଦ୍ରିତା । ତାହାର କମନୀୟ ମୁଖକମଳ ନିରୀକ୍ଷଣ କରି ହତ୍ୟାକାରୀର ହୃଦୟ ବିଚଳିତ ହୋଇଗଲା । ହସ୍ତରୁ ତରବାରି ଖସିପଡ଼ିଲା । ସେହି ନିର୍ଜନ କକ୍ଷରେ ଅଶ୍ରୁ ବିସର୍ଜନ କରି ଯୌବନ ଦାସ ଆତ୍ମାକୁ ଧିକ୍କାର ଦେଇ ଫେରି ଆସିଲେ; କିନ୍ତୁ ଏ କଥା ଲୁଚିଲା ନାହିଁ । କ୍ରମେ ଏ ଗୁପ୍ତମନ୍ତ୍ରଣା କାନକୁ କାନ ହୋଇ ଅନ୍ତଃପୁର ରମଣୀମାନଙ୍କ ମଧ୍ୟରେ ଶୋକ କ୍ରନ୍ଦନ ବର୍ଦ୍ଧିତ କଲା । କିନ୍ତୁ କୃଷ୍ଣକୁମାରୀ ସମସ୍ତ ପୁରନାରୀଙ୍କ କ୍ରନ୍ଦନରେ ହାସ୍ୟ ପ୍ରକାଶ କରି ବିରକ୍ତ-ଭାବରେ କହିଲେ—"ତୁମ୍ଭେମାନେ ରାଜପୁତରମଣୀ ନୁହ ପରି ? ରାଜ୍ୟ ରକ୍ଷା ଲାଗି ସ୍ଥିର ଜଣେ ଅବଳାକୁ ମାରିବାକୁ ହେବ, ଏଥିପାଇଁ ପୁଣି ଏତେ ଶୋକ ଆଉ ଏତେ କ୍ରନ୍ଦନ ! ରାଜପୁତମାନଙ୍କର ସେ ପୂର୍ବ ବୀରତ୍ୱ ଗୌରବ ଆଜି ନାହିଁ ସତ୍ୟ; ମାତ୍ର ସେଥିପାଇଁ କଣ ଜଣେ ରାଜପୁତକନ୍ୟା ହସି ହସି ମରଣକୁ ଆଲିଙ୍ଗନ କରି ପାରିବ ନାହିଁ ? ମରଣ ଆମ୍ଭ ପକ୍ଷରେ କିଛି ନୁହେଁ । ଏହିକ୍ଷଣି ଯଦି କୌଣସି ଶତ୍ରୁ ଆସି ରାଜ୍ୟ ଅଧିକାର କରେ, ତାହାହେଲେ ଆମ୍ଭ ସମସ୍ତଙ୍କୁ ଧର୍ମରକ୍ଷା ଲାଗି ଅଗ୍ନିକୁଣ୍ଡରେ ପ୍ରାଣ ବିସର୍ଜନ କରିବାକୁ ନ ହୁଅନ୍ତା କି ? ରାଜପୁତବୀରମାନେ ଆଜି ହୀନବୀର୍ଯ୍ୟ ଓ ଦୁର୍ବଳ ହୋଇ ପଡ଼ିଅଛନ୍ତି ବୋଲି ରାଜପୁତବାଳାଙ୍କର ବଳ କଣ କାହିଁ ଗଲା ? ତୁମ୍ଭମାନଙ୍କର ଏ ଦୁର୍ବଳତାକୁ ମୁଁ ଧିକ୍କାର ଦେଉଅଛି । ମିବାର ରକ୍ଷା ଲାଗି ସହାସ୍ୟ-ବଦନରେ ମରିବା ମୋହ ପକ୍ଷରେ ସ୍ୱର୍ଗ । ତୁମ୍ଭେମାନେ ମୋତେ ଏ ସୁଖରେ ବାଧା ନ ଦେଇ ରାଜପୁତନାରୀର ମହତ୍ତ୍ୱ ରକ୍ଷା କର ।" କୃଷ୍ଣକୁମାରୀଙ୍କର ଏପ୍ରକାର ଉକ୍ତିରେ ସମସ୍ତ ଅନ୍ତଃପୁରବାସିନୀ ଲଜ୍ଜାରେ ମୌନଭାବ ଧାରଣ କଲେ । ତହୁଁ ରାଜକନ୍ୟା ଜନନୀଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଏହିରୂପେ ପ୍ରବୋଧ ଦେଇ କହିଲେ —"ମା, ତୁମ୍ଭେ ଉଚ୍ଚ ରାଜପୁତବଂଶର କନ୍ୟା ଏବଂ ମିବାର ରାଣାବଂଶର ବଧୂ । ତୁମ୍ଭ ଗର୍ଭରେ ମୋହର ଜନ୍ମ । ରାଜ୍ୟ ରକ୍ଷା ଲାଗି ମରଣରେ ଜୀବନ ଧନ୍ୟ ହୁଏ, ଏହା ତ ତୁମ୍ଭେ ଜାଣ । ଯେଉଁ ମରଣରେ ଅକ୍ଷୟ ଯଶ ପୁଣି ସ୍ୱର୍ଗ ଲାଭ ହୁଏ, ଏ ଜୀବନର ତୁଚ୍ଛ ଭୋଗ-ଆଶା ବିସର୍ଜନ କରି ତାହା କିଏ ନ ଚାହେଁ ? ଏ ମରଣ ତ ମୋହ ପକ୍ଷରେ ପରମ ସୌଭାଗ୍ୟ ! କନ୍ୟାର ଏ ସୁଖମରଣରେ ତୁମ୍ଭେ ଆନନ୍ଦିତା ନ ହୋଇ ଏତେ କାତର ହେଉଅଛ ? ଛି ! ଆଉ କାନ୍ଦ ନାହିଁ, ଧୈର୍ଯ୍ୟ ଧର । ରାଜପୁତରମଣୀର ବଳ ଦେଖାଅ ଏବଂ ମିବାର-ରାଣୀର କର୍ତ୍ତବ୍ୟସ୍ୱରୂପ ରାଜ୍ୟ ରକ୍ଷାପାଇଁ ଆଜି କନ୍ୟାକୁ ସହାସ୍ୟରେ ଉତ୍ସର୍ଗ କର ।" ଏହା ଶୁଣି ରାଣୀଙ୍କ ହୃଦୟରେ ଭାବାନ୍ତର ଉପସ୍ଥିତ ହେଲା । ସେ ଅଶ୍ରୁ ସମ୍ବରଣ କରି କନ୍ୟାରତ୍ନକୁ ଅଙ୍କରେ ଧାରଣପୂର୍ବକ କହିଲେ—"ମା, ମୋହର ବିଶେଷ ଦୁଃଖ, ଜଣେ ସୁଦ୍ଧା ରାଜପୁତବୀର ବିନ୍ଦୁଏ ରକ୍ତ ଦେବାକୁ ସାହସୀ ହେଲେ ନାହିଁ । ବିନା ଆପତ୍ତିରେ କାପୁରୁଷେ ସୁକୁମାରୀ ବାଳିକାକୁ ବଳି ଦେବାକୁ ପ୍ରସ୍ତୁତ ହେଲେ । ମା ମୋର, ଯେବେ ଆଜି ରାଣାଙ୍କ ଶୋଣିତରେ ଆଉ ରାଜପୁତ ବୀରଗଣଙ୍କ ଶୋଣିତରେ ଏ ମିବାର ଭୂମିକି ରଞ୍ଜିତ ଦେଖିଥାନ୍ତି, ତାହାହେଲେ ମୋହ ପ୍ରାଣକୁ ସେ ବଳ ଆସିଥାନ୍ତା ! ତାହାହେଲେ ମୁଁ ସହାସ୍ୟବଦନରେ ଚିତା ଆରୋହଣ କରିଥାନ୍ତି ! କିନ୍ତୁ କାପୁରୁଷ ରାଜ-ପୁତମାନେ ଆଜି ଆପଣାକୁ ବଞ୍ଚାଇବା ପାଇଁ ମୋହର ପ୍ରାଣାଧିକା କନ୍ୟାକୁ ବଳି ଦେବାକୁ ବସିଲେ—ଏହା ମୁଁ କିପରି ସହିବି ଭଲା ?"

ଜନନୀଙ୍କ ମୁଖରୁ ଏପ୍ରକାର ବଚନ ଶୁଣି କୃଷ୍ଣ-କୁମାରୀ ଅଶ୍ରୁମୁଖୀ ହୋଇ କହିଲେ—'ମା, ସେ କଥା ଆଉ ମନକୁ ଆଣି କଣ ହେବ ? ମିବାରର ପତନ

Digitized by srujanika@gmail.com

ହୋଇଅଛୁ; 'କିନ୍ତୁ ରାଜପୁତମାନେ ଆଜ ବୀରଧର୍ମ ଭୁଲିଗଲେ ବୋଲି କଣ ଆମ୍ଭେ ବୀରରମଣୀ ତାହା ସହଜରେ ଭୁଲିଯିବା ? ନାରୀଙ୍କ ଯୋଗେ ଯଦି ମିବାରର କୀର୍ତ୍ତି ମହତ୍ତ୍ୱ ରହେ, ତାହା ଶ୍ରେୟ । ଭଗବାନଙ୍କଠାରେ ପ୍ରାର୍ଥନା ମୋହର ମରଣରେ ମିବାରର ଏ ପାପର ପ୍ରାୟଶ୍ଚିତ୍ତ ହେଉ ।" ଅନନ୍ତର କାପୁରୁଷ ରାଣାଙ୍କ ନିକଟକୁ ଏହି ସନ୍ଦେଶ ପଠାଇଲେ ଯେ, ଅସିରେ ହେଉ ବା ବିଷରେ ହେଉ ଅଥବା ଅନ୍ୟ ଯେ ଉପାୟରେ ହେଉ କୃଷ୍ଣକୁମାରୀ ମରିବାକୁ ପ୍ରସ୍ତୁତ ଅଛି ।

ବିନା ଯୋର ଶବ୍ଦରେ ବିଷ ପ୍ରେରିତ ହେଲା । କୃଷ୍ଣା କୃତାଞ୍ଜଳିପୁଟରେ ଊର୍ଦ୍ଧ୍ୱନୟନରେ ପ୍ରଭୁଙ୍କୁ ଆପଣାର ମନୋଭାବ ଜଣାଇ ଅମ୍ଳାନବଦନରେ ତାହା ପାନ କଲେ । ତହିଁରେ ଶରୀର ଜର୍ଜରିତ ହେବା ବେଳେ ଥାଉ ମୁଖଶ୍ରୀ ଅଧିକ ଉଜ୍ଜ୍ୱଳ ଦିଶିଲା ! ପୁଣି ପୂର୍ଣ୍ଣ ପାତ୍ରେ ବିଷ 'ଆସିଲା, ତାକୁ ଢୋକି ମଧ୍ୟ କୌଣସି ଅଶୁଭ ଲକ୍ଷଣ ଦେଖାଗଲା ନାହିଁ । ଲୋକେ ଏ ଆଚମ୍ବିତ ଘଟଣା ଦେଖି ମନେ ମନେ ଭାବିବାକୁ ଲାଗିଲେ—'ରଖିଲେ ହରି ମାରେ କିଏ ?' ମାତ୍ର ରାଣା ଏଣେ ଆପଣା ସଙ୍କଳ୍ପ ପୂରଣରେ ଅଟଳ । ବିଷ-ବୈଦ୍ୟଙ୍କ ସହିତ ପରାମର୍ଶ କରି କୁସୁମ୍ଭରସ ନାମକ ଏକ ଉତ୍କଟ ବିଷ ପ୍ରସ୍ତୁତ କରି ପଠାଇଲେ । କଥା ଅଛି, ତୃତୀୟ ବାର ଧର୍ମ ଛାଡ଼େ । ସେହି ତୀବ୍ର ବିଷରସ ପାନରେ ରାଜସ୍ଥାନର ସେ ପ୍ରଫୁଲ୍ଲ ଫୁଲଟି ଝାଉଁ ଝାଉଁ ମଉଳି ପଡ଼ିଲା । କୃଷ୍ଣକୁମାରୀଙ୍କର ସେହି ଦାରୁଣ ମୃତ୍ୟୁ ଲୁପ୍ତକୀର୍ତ୍ତି ରାଜପୁତଜାତିକୁ ଅମୂଲ୍ୟ ଶିକ୍ଷା ଦେଇଗଲା ।

Digitized by srujanika@gmail.com

ରାଣୀ ଦୁର୍ଗାବତୀ

ପୂର୍ବକାଳରେ ଓଡ଼ିଶାର ପଶ୍ଚିମରେ ମଧ୍ୟପ୍ରଦେଶ ଭିତରେ ଗଡ଼ମଣ୍ଡଳ ବୋଲି ଗୋଟିଏ ରାଜ୍ୟ ଥିଲା । ବୀର ଦଲପତିସିଂହ ଏହି ରାଜ୍ୟର ରାଜା ଥିଲେ । ସେତେବେଳେ ପ୍ରତାପଶାଳୀ ଆକ୍‌ବର ଦିଲ୍ଲୀର ବାଦଶାହ ଥିଲେ । ଗୋଟି ଗୋଟି ହୋଇ ଅନେକ ହିନ୍ଦୁରାଜ୍ୟ ତାଙ୍କର ଅଧୀନ ହୋଇ ସାରିଥିଲା । କେବଳ ଏହି ଗଡ଼ମଣ୍ଡଳରେ ମୋଗଲ ସେନା ପ୍ରବେଶ କରି ପାରି ନ ଥିଲେ । ମହୋବା ନାମକ ଗୋଟିଏ ପାର୍ଶ୍ୱ ରାଜ୍ୟର ରାଜକନ୍ୟା ଦୁର୍ଗାବତୀ ଦଲପତିଙ୍କର ବୀରତ୍ୱର ପ୍ରଶଂସା ଶୁଣି ମନେ ମନେ ସେହି ତେଜସ୍ୱୀ ବୀରପୁରୁଷଙ୍କୁ ପତି-ପଦରେ ବରଣ କରିଥିଲେ; କିନ୍ତୁ ତାହାଙ୍କ ପିତା ଦଲପତି ସିଂହ ଉଚ୍ଚ କୁଳରେ ଜାତ ହୋଇ ନ ଥିବାରୁ କନ୍ୟାର ବିବାହ ଦେବାକୁ ସମ୍ମତ ହେଲେ ନାହିଁ । କିନ୍ତୁ ଏଥିରେ କି ବୀରରମଣୀର ମନ ଟଳେ ? ସେ ନିଜ ପ୍ରତିଜ୍ଞା ଦୃଢ଼ ରଖି ତୁନି ହୋଇ ରହିଲେ । ସଖୀମାନେ ଯେତେ ବୁଝାଇଲେ ସେ କାହାର କଥାରେ ନ ଭୁଲି କହିଲେ—"ବୀରାଙ୍ଗନା ବୀରପତିର ପକ୍ଷପାତିନୀ, ମୁଁ ଯେତେବେଳେ ତାହାଙ୍କୁ ବୀର ବୋଲି ମନରେ ପୂଜା କରି ପ୍ରାଣ ସମର୍ପଣ କରିଅଛି, ସେହି ମୋର ସ୍ୱାମୀ । ପିତା ଅଧିକାର ଦେଖାଇ ବିବାହରେ ବାଧା ଦେଲେ ସେ ବୀରପୁରୁଷ କି ସହଜରେ ଛାଡ଼ିଦେବେ ? ପୁରାଣରେ ଶୁଣିଛି ମହାବୀର ଅର୍ଜୁନ ସୁଭଦ୍ରାଙ୍କୁ ବଳତ୍କାରରେ ନେଇ ଯାଇଥିଲେ । ଦ୍ୱାରକାପତି ଶ୍ରୀକୃଷ୍ଣ ଅନୁରାଗିଣୀ ରୁକ୍ମିଣୀଙ୍କୁ ବଳରେ ହରଣ କରିଥିଲେ । ମୁଁ ଦିନେ ସେହିପରି ତାଙ୍କ ହାତକୁ ଯିବି । କନ୍ୟାର ଏ ପ୍ରକାର ଦୃଢ଼ସଙ୍କଳ୍ପ ଶୁଣି ବୁଢ଼ା ମହୋବା ରାଜାଙ୍କର ଚେତନା ହେଲାନାହିଁ । ଶେଷରେ ବୀର ଦଲପତି ସିଂହ ଆସି ମହୋବା ରାଜ୍ୟ ଆକ୍ରମଣ କରି ନାରୀରତ୍ନ ଦୁର୍ଗାବତୀଙ୍କୁ ପ୍ରାପ୍ତ ହେଲେ । ବୀରବାଳା ଦୁର୍ଗାବତୀଙ୍କର ଚିରପୋଷିତ ମନୋରଥ ପୂର୍ଣ୍ଣ ହେଲା । ମାତ୍ର ଅଧିକ କାଳ ସେ ବୀର ପତିଙ୍କର ସହବାସସୁଖ ଭୋଗ କରି ପାରି ନ ଥିଲେ । ବିବାହର ପ୍ରାୟ ଚାରି ବର୍ଷ ପରେ ଦଲପତିଙ୍କର ମୃତ୍ୟୁ ହେଲା । ସେତେବେଳେ ଏକମାତ୍ର ଶିଶୁପୁତ୍ର ବୀର ନାରାୟଣ ଦୁର୍ଗାବତୀଙ୍କର ଜୀବନସମ୍ବଳ ଥିଲା । ବୀରନାରୀ ଦୁର୍ଗାବତୀ ସାହସ ବାନ୍ଧି ଗଡ଼ମଣ୍ଡଳର ରାଣୀରୂପେ ସମସ୍ତ ରାଜକାର୍ଯ୍ୟ ନିର୍ବାହ କରିବାକୁ ଲାଗିଲେ । ଏଣେ ମୋଗଲ ସମ୍ରାଟ୍ ଗଡ଼ମଣ୍ଡଳକୁ ବୀରଶୂନ୍ୟ ଦେଖି ସେ ରାଜ୍ୟ ହାତକୁ ଆଣିବାପାଇଁ ଉପାୟ ପାଞ୍ଚିଲେ ଏବଂ ବହୁ ସୈନ୍ୟ ସହ ଜଣେ ସେନାପତିଙ୍କୁ ରାଜ୍ୟ ଅଧିକାର କରିବାପାଇଁ ପ୍ରେରଣ କଲେ । ଯବନସେନା ହଠାତ୍ ରାଜ୍ୟ ଆକ୍ରମଣ କରିବାକୁ ଆସିବାର ଶୁଣି ବୀରନାରୀ ଦୁର୍ଗାବତୀ ଭୟ ନ କରି ବୀରରାଜ୍ୟର ମାନ ରକ୍ଷା ଲାଗି ଶୀଘ୍ର ବହୁ ସୈନ୍ୟ ସଂଗ୍ରହ କଲେ ଏବଂ ସ୍ୱୟଂ ସିଂହ-ବାହିନୀ ଦୁର୍ଗାବେଶରେ ଗୋଟିଏ ହାତରେ ଶୂଳ, ଆର ହାତରେ ଧନୁର୍ବାଣ ଧରି ଅଶ୍ୱପୃଷ୍ଠରେ ଯୁଦ୍ଧଭୂମିକି ଯାତ୍ରା କଲେ । କୁମାରତୁଲ୍ୟ ବୀରନାରାୟଣ ମଧ୍ୟ ସେନାପତିବେଶରେ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହେଲେ । ରାଣୀ ସମ୍ମୁଖରେ ଯବନସେନାକୁ ଦେଖି ଆପଣା ସୈନ୍ୟମାନଙ୍କୁ ନାନାପ୍ରକାର ବୀରବାଣୀରେ ଉତ୍ସାହିତ କରିବାକୁ ଲାଗିଲେ । ତାହାଙ୍କ ମୁଖରୁ ତେଜଃପୂର୍ଣ୍ଣ କଥାମାନ ଶୁଣି ଗଡ଼ମଣ୍ଡଳ ସୈନିକମାନେ କହିବାକୁ ଲାଗିଲେ —"ଦେଶରକ୍ଷା ଲାଗି ସମ୍ମୁଖ ସମରରେ ପ୍ରାଣ ଦେବୁଁ ପଛକେ, କଦାପି ଯୁଦ୍ଧରେ ପରାଜିତ ହୋଇ ଫେରିବୁଁ ନାହିଁ ।" ରାଣୀ ଦୁର୍ଗାବତୀ ଦ୍ୱିଗୁଣ ଉତ୍ସାହରେ

Digitized by srujanika@gmail.com

ରଣଚଣ୍ଡୀ ପ୍ରାୟ ଯୁଦ୍ଧଭୂମିରେ ଅଦ୍ଭୁତ ବିକ୍ରମ ଦେଖାଇଲେ । ଉଭୟ ପକ୍ଷର ତୁମୁଳ ଯୁଦ୍ଧ ଲାଗିଲା । ଯବନସେନା ଅଧିକ ଥିଲେ ସୁଦ୍ଧା ଗଡ଼ମଣ୍ଡଳ ଖଣ୍ଡା-ଘାତରେ ଛିନ୍ନଭିନ୍ନ ହୋଇଗଲେ । ସନ୍ଧ୍ୟା ହୋଇ-ଯିବାରୁ ରାଣୀ ଆପଣାର ଜୟଯୁକ୍ତ ସୈନ୍ୟମାନଙ୍କୁ କିଛିକ୍ଷଣ ବିଶ୍ରାମ କରିବାକୁ ଆଦେଶ ଦେଲେ । ରାଣୀଙ୍କର ଅଭିପ୍ରାୟ ଥିଲା କିଛିକ୍ଷଣ ବିଶ୍ରାମ ପରେ ଇତସ୍ତତଃ ବିକ୍ଷିପ୍ତ ଶତ୍ରୁ ସୈନ୍ୟମାନଙ୍କୁ ଗୋଡ଼ାଇ ଏକାବେଳକେ ପରାଭୂତ କରିବେ । ମାତ୍ର ସୈନିକମାନେ ସମସ୍ତ ଦିନ କଠିନ ଯୁଦ୍ଧଶ୍ରମରେ କ୍ଲାନ୍ତ ହୋଇ ପଡ଼ି-ଥିବାରୁ ସେହି ରାତିଟା ବିଶ୍ରାମ ଲାଗି ପ୍ରାର୍ଥନା କଲେ । ରାଣୀ ଦୟାପରବଶ ହୋଇ ସେମାନଙ୍କ ଇଚ୍ଛାରେ ବାଧା ଦେଲେ ନାହିଁ; କିନ୍ତୁ ସେହି କଠୋର କର୍ତ୍ତବ୍ୟ ପାଳନ ସମୟରେ ଦୟା ତାହାଙ୍କ ଜୟଲାଭର କଣ୍ଟକ ହେଲା । ଶତ୍ରୁସୈନ୍ୟମାନେ ସମୟ ପାଇ ସେହି ରାତିରେ ଚାରିଆଡ଼ୁ ଆସି ସମ୍ମିଳିତ ହେଲେ ଏବଂ ରାତ୍ରି ଶେଷ ନ ହେଉଣୁ ହଠାତ୍ ଆସି ରାଣୀଙ୍କ ସୈନ୍ୟଦଳକୁ ଆକ୍ରମଣ କଲେ । ମୋଗଲମାନଙ୍କ କମାଣ ମୁହଁରେ ଏଥର ଯୁଦ୍ଧ କରିବା କଠିନ ହେଲା । କମାଣରୁ ଅସଂଖ୍ୟ ଗୁଳି ଫୁଟି ଦୁର୍ଗାବତୀଙ୍କର ଶତ ଶତ ସୈନ୍ୟଙ୍କୁ ଭୂମି-ଶାୟୀ କରିବାକୁ ଲାଗିଲା । ତଥାପି ଅଳ୍ପ ସୈନ୍ୟ ଘେନି ରାଣୀ ପୂର୍ଣ୍ଣସାହସରେ ଶତ୍ରୁସଂହାର କରିବାକୁ ଲାଗିଲେ । ତାହାଙ୍କ ବୀରତ୍ୱ ଦେଖି ମହାଶତ୍ରୁ ଯବନ ବୀରମାନେ ମଧ୍ୟ ଧନ୍ୟ ଧନ୍ୟ କହିବାକୁ ଲାଗିଲେ । ଶେଷରେ ରାଣୀଙ୍କର ପ୍ରାଣାଧିକ ପୁତ୍ର ବୀର ନାରାୟଣ ଶତ୍ରୁପକ୍ଷରୁ ଆଘାତ ପାଇ ଭୂମିଶାୟୀ ହେଲେ । ବୀରରମଣୀ ଦୁର୍ଗାବତୀ ସେ ଦାରୁଣ ଦୃଶ୍ୟ ସ୍ୱଚକ୍ଷୁରେ ଦେଖି ସୁଦ୍ଧା ହୃଦୟକୁ ପାଷାଣ କରିଦେଇ ଉନ୍ମତ୍ତ ପ୍ରାୟ ଶସ୍ତ୍ରଚାଳନା କରିବାକୁ ଲାଗିଲେ । ଦେଖୁ ଦେଖୁ ତାହାଙ୍କ ଦେହରେ ଶତ୍ରୁପକ୍ଷର ଶର ଆସି ବାଜିଲା ଏବଂ ଗୋଟିଏ ଶରରେ ତାହାଙ୍କର ବାମ ଚକ୍ଷୁ ଫୁଟିଗଲା । ପୁତ୍ରକୁ ମୃତବତ୍ ଏବଂ ସୈନ୍ୟମାନଙ୍କୁ ନିଃଶେଷ ପ୍ରାୟ ଦେଖି ରାଣୀ ଜୟ ଆଶା ବିସର୍ଜନ କଲେ । ଗଡ଼ମଣ୍ଡଳ ମୋଗଲ ଅଧୀନ ହେବା ବିଧାତାର ଇଚ୍ଛା ବୋଲି ଭାବି ସେହି ରଣଭୂମିରେ ପ୍ରାଣ ବିସର୍ଜନ ସଂକଳ୍ପ କଲେ । ଏହି କ୍ଷଣିକ ଚିନ୍ତାରେ ଦୁର୍ଗାବତୀ ଶତ୍ରୁପକ୍ଷର ଅସ୍ତ୍ରାଘାତରେ ଜର୍ଜରିତ ହୋଇ ପଡ଼ିଲେ । ତେଣୁ ସେ ଆଉ କାଳ-ବିଳମ୍ବ ନ କରି କେତେ ଜଣ ବିଶ୍ୱସ୍ତ ଭୃତ୍ୟଙ୍କଦ୍ୱାରା ଆହତ ପୁତ୍ର ବୀରନାରାୟଣଙ୍କୁ ନିରାପଦରେ ଶିବିରକୁ ପଠାଇଦେଇ ବୀରରମଣୀ ପ୍ରାୟ ଶତ୍ରୁସୈନ୍ୟଙ୍କ ସମକ୍ଷରେ ପବିତ୍ରଭାବରେ ପ୍ରାଣ ଦେଇ ସ୍ୱର୍ଗାରୋହଣ କଲେ । ମୃତ୍ୟୁ ପୂର୍ବରୁ ସେ ଜଣେ ପ୍ରିୟ ଭୃତ୍ୟକୁ ଡାକି କହିଲେ; "ଯବନଶତ୍ରୁ ଆସି ଅସ୍ତ୍ରଘାତରେ ମୋହର ଅଙ୍ଗ ଅପବିତ୍ର ନ କରୁଣୁ, ଶୀଘ୍ର ଏ ଛୁରିକାରେ ମୋହର ପ୍ରାଣ ହରଣ କର ।" ଭୃତ୍ୟ ଏହା ଶୁଣି ସ୍ତମ୍ଭିତ ହୋଇଯାନ୍ତେ ସେ ଖଣ୍ଡା ଦେଖାଇ କହିଲେ ଏହିକ୍ଷଣି ମୋହ ଆଦେଶ ପାଳନ ନ କଲେ ଏହି ଖଣ୍ଡାରେ ତୋହର ମୁଣ୍ଡ ଦୁଇ-ଖଣ୍ଡ କରିଦେବି । ଭୃତ୍ୟ ବାଧ୍ୟ ହୋଇ ରାଣୀଙ୍କ ଶେଷ ମନୋରଥ ପୂରଣ କରିବା ଲାଗି ତତ୍କ୍ଷଣାତ୍ ତାହା ପାଳନ କରିଥିଲା । ରାଣୀ ଦୁର୍ଗାବତୀ ଯେପରି ପତି-ପରାୟଣା ସେହିପରି ବୀରରମଣୀ ଥିଲେ । ତାଙ୍କର ସେହି ପବିତ୍ର ଧର୍ମ ସ୍ମରଣ କରି ଅଦ୍ୟାପି ଲୋକେ ଧନ୍ୟ ଧନ୍ୟ କହୁଛନ୍ତି । ଯେଉଁମାନେ ଦେଶର ବା କୁଳର ମଙ୍ଗଳ ଲାଗି ପବିତ୍ରଭାବରେ ପ୍ରାଣ ଦିଅନ୍ତି, ସେମାନେ ମରି ସୁଦ୍ଧା ଜଗତରେ ଅମର ।

Digitized by srujanika@gmail.com

ମାଧବୀ

ପ୍ରଥମ ବୈଷ୍ଣବୀ ମାଧବୀ ଦାସୀ ଏହି ଉତ୍କଳଭୂମିର ଅନ୍ତର୍ଗତ ପବିତ୍ର ନୀଳାଚଳ ଧାମରେ ଜନ୍ମଗ୍ରହଣ କରିଥିଲେ । ଆଜକୁ ପ୍ରାୟ ଚାରିଶ ବର୍ଷ ପୂର୍ବେ ଶ୍ରୀ ଚୈତନ୍ୟଦେବ ଯେଉଁବେଳେ ପୁରୀରେ ଅବସ୍ଥାନ କରୁଥିଲେ, ସେତେବେଳେ ଅନେକ ପରମ ଭକ୍ତ ଉତ୍କଳରେ ଦେଖା ଦେଇଥିଲେ । ତନ୍ମଧ୍ୟରେ ପୁରୀବାସୀ ଶିଖୀ ମହାନ୍ତି ଜଣେ । ମାଧବୀ ଏହି ଭକ୍ତଚୂଡ଼ାମଣିଙ୍କର ଉପଯୁକ୍ତ ଭଗିନୀ । ଶିଖୀ ମହାନ୍ତି ଓଡ଼ିଶାର ରାଜା ଭକ୍ତପ୍ରବର ଶ୍ରୀ ପ୍ରତାପରୁଦ୍ର ଦେବଙ୍କର ଜଣେ କର୍ମଚାରୀ ଥିଲେ । ବୈଷ୍ଣବଗ୍ରନ୍ଥରେ ଲେଖା ଅଛି ଯେଉଁମାନେ ଶ୍ରୀ ଚୈତନ୍ୟଙ୍କ ମୁଖରୁ ଭକ୍ତିର ଗୂଢ଼ତତ୍ତ୍ୱ ହୃଦୟଙ୍ଗମ କରିଥିଲେ, ସେମାନଙ୍କ ମଧ୍ୟରେ ସାଢ଼େ ତିନି ଜଣ ଭକ୍ତ ପ୍ରଧାନ । ଏହି ତିନି ଜଣ ଅଧେଙ୍କ ମଧ୍ୟରୁ ଶିଖୀ ଏବଂ ମାଧବୀ ଦେଢ଼ ଜଣ, ଆଉ ଦୁଇ ଜଣ ସ୍ୱରୂପ ଗୋସ୍ୱାମୀ ଏବଂ ରାୟ ରାମାନନ୍ଦ । ହରିଭକ୍ତି ଓ ଶୁଦ୍ଧ-ଚରିତ୍ର ଗୁଣରେ ମାଧବୀ ସେତେବେଳେ ସର୍ବଜନ ପ୍ରଶଂସିତା ଥିଲେ ।

ଅଳ୍ପ ବୟସରେ ମାଧବୀ ବିଧବା ହୋଇଥିବାରୁ ପିତୃଗୃହରେ ଯାବଜ୍ଜୀବନ ବାସ କରିଥିଲେ ଏବଂ ଅତି ପବିତ୍ରଭାବରେ ଧର୍ମ ଆଉ ପୁଣ୍ୟ କାର୍ଯ୍ୟରେ ଦିନ ଯାପନ କରିଥିଲେ । ସେ ଆଉ ତାଙ୍କର ଦୁଇ ସହୋଦର ତିନିହେଁ ଶ୍ରୀଚୈତନ୍ୟଙ୍କର ଭକ୍ତ ଥିବାରୁ ସର୍ବଦା ହରିନାମ କୀର୍ତ୍ତନରେ ଗୃହ କମ୍ପମାନ ହେଉଥିଲା । ମାଧବୀ ଅତ୍ୟନ୍ତ ମେଧାବିନୀ ରମଣୀ ଥିଲେ । ବାଲ୍ୟ-କାଳରେ ସେ ଆଜିକାଲି ପରି ବିଦ୍ୟାଳୟରେ ଶିକ୍ଷା ପାଇ ନ ଥିଲେ କିମ୍ବା ସେପରି ସୁବିଧା ସେକାଳରେ ନ ଥିଲା, ତଥାପି ସେ ବର୍ଣ୍ଣ ଶିକ୍ଷା ପରେ ପ୍ରବଳ ଧର୍ମ-ପିପାସା ଯୋଗୁଁ ବିବିଧ ପୁରାଣ ଆଉ ଭକ୍ତିଗ୍ରନ୍ଥମାନ ପଢ଼ିବାକୁ ଲାଗିଲେ । ସଦ୍‌ଗ୍ରନ୍ଥମାନ ଆଲୋଚନା କରିବା ଦ୍ୱାରା ତାହାଙ୍କର ବୁଦ୍ଧି ମାର୍ଜିତ ଏବଂ ଜ୍ଞାନ ଉଜ୍ଜ୍ୱଳ ହୋଇଥିଲା । ଭକ୍ତିଗ୍ରନ୍ଥର ପଦାବଳୀ ଆବୃତ୍ତି କରୁ କରୁ ସେ ମଧ୍ୟ ଗୀତକବିତାଦି ଲେଖିବାରେ ଶକ୍ତିଲାଭ କଲେ । ତାହାଙ୍କ ରଚିତ କବିତାଦି ସେତେବେଳେ ଆଦର ଲାଭ କରିଥିଲା । ହରିସଂକୀର୍ତ୍ତନାଦି ବଙ୍ଗଳା ଭାଷାରେ ସୁଲଭ ଥିବାରୁ ସେ ଏହି ଭାଷାରେ ନାନା କୀର୍ତ୍ତନ ଓ ପଦାବଳୀ ରଚନା କରିଥିଲେ । ସେ ସମସ୍ତର ଭାଷା ଯେପରି ଅତି ସରଳ ଓ ଲଳିତ, ଭାବ ସେହିପରି ଅତି ସୁନ୍ଦର ଓ ପବିତ୍ର । ତାହାଙ୍କର ଲେଖା-ବଳୀ ବଙ୍ଗଦେଶର ବଡ଼ ବଡ଼ କବି ଓ ପଣ୍ଡିତମାନଙ୍କ ଦ୍ୱାରା ଆଦୃତ ଏବଂ ପ୍ରଶଂସିତ ହୋଇଅଛି । ତାହାଙ୍କର ଅଧିକାଂଶ କବିତାରେ ଗୌର ଲୀଳାହିଁ ବର୍ଣ୍ଣିତ ହୋଇ-ଅଛି । ଶ୍ରୀଚୈତନ୍ୟଦେବଙ୍କର ଲୀଳା ଦେଖି ସେ ଯେପରି ମୁଗ୍ଧ ହୋଇଥିଲେ, ସେହି ଭାବ ସରଳ ସୁନ୍ଦର ଛନ୍ଦରେ ପ୍ରକାଶ କରିଅଛନ୍ତି । ମାତୃଭାଷାରେ ମଧ୍ୟ ସେ ଅନେକ ପଦାବଳୀ ରଚନା କରିଥିବାର ଶୁଣାଯାଏ । ମାତ୍ର ଏପର୍ଯ୍ୟନ୍ତ ସେଗୁଡ଼ିକ ସଂକଳିତ ହୋଇ ନାହିଁ ।

ମାଧବୀ ଗୌରଲୀଳା ବର୍ଣ୍ଣନ କରିଥିଲେହେଁ ଗୌରାଙ୍ଗଙ୍କ ଦର୍ଶନରୁ ସ୍ୱୟଂ ଏକପ୍ରକାର ବଞ୍ଚିତା ଥିଲେ । ସନ୍ନ୍ୟାସଗ୍ରହଣ ଉତ୍ତାରେ ଚୈତନ୍ୟଦେବ ନାରୀ ମୁଖ ଅବଲୋକନ କରୁ ନ ଥିଲେ । ତାହାଙ୍କର ଏହି ନିୟମଭଙ୍ଗ ନ କରିବା ଅଭିପ୍ରାୟରେ ମାଧବୀ କେବେ ସମ୍ମୁଖକୁ ଯାଉ ନ ଥିଲେ । ସର୍ବଦା ଅନ୍ତରାଳରେ ଥାଇ ସେ ଭକ୍ତି ପୂର୍ଣ୍ଣମନରେ ଚୈତନ୍ୟଲୀଳା ଦର୍ଶନ

Digitized by srujanika@gmail.com

କରୁଥିଲେ । ଏହି ଦର୍ଶନସୁଖରୁ ବଞ୍ଚିତା ହୋଇ ସେ ଖେଦପ୍ରକାଶ କରିଥିବାର ତଳଲିଖିତ ପଦଟିରୁ ଜଣା ପଡ଼ୁଅଛି ।

"ଯେ ଦେଖସ୍ତେ ଗୋରାମୁଖ ସେଇ ପ୍ରେମେ ଭାସେ,
ମାଧବୀ ବଞ୍ଚିତା ହୈଲ ନିଜ କର୍ମଦୋଷେ ।"

କିନ୍ତୁ ନ ଦେଖିଲେ କଣ ହେବ, ଯେଉଁମାନେ ସର୍ବଦା ଦର୍ଶନ କରୁଥିଲେ, ସେମାନଙ୍କ ଅପେକ୍ଷା ସେ ଭକ୍ତିରେ ଅଧିକ ଅଧିକାରିଣୀ ହୋଇଥିଲେ । ତାହାଙ୍କର ଭକ୍ତି ଏବଂ ପବିତ୍ର ଚରିତ୍ର ଦେଖି ଚରିତାମୃତକାର 'ଦେବୀ' ଆଖ୍ୟା ପ୍ରଦାନ କରିଅଛନ୍ତି । ମାଧବୀ ଗୃହରେ ଥାଇ ତପସ୍ୱିନୀ । ଗୃହାଶ୍ରମରେ ସ୍ତ୍ରୀଙ୍କର ଯାହା କରଣୀୟ, ତାହା ସେ ଉତ୍ତମରୂପେ ସମ୍ପାଦନ କରୁଥିଲେ । ଦାନ, ଧର୍ମ ଓ ଅତିଥିସେବାରେ ତାଙ୍କର ମନ ପ୍ରସନ୍ନ ରହୁଥିଲା । ଏ ସବୁ ଛଡ଼ା ଅଧିକାଂଶ ସମୟ ତାଙ୍କର ଜପ ତପରେ କଟୁଥିଲା । ତାହାଙ୍କର ସେହି ଶାନ୍ତ ମୂର୍ତ୍ତି ଦେଖି ଲୋକଙ୍କ ହୃଦୟରେ ଭକ୍ତିର ଉଦୟ ହେଉଥିଲା । କର୍ମଗୁଣରେ ଲୋକ ପୂଜା ବା ଲଜ୍ଜା ପାଏ । ମାଧବୀ ଯେ କେବଳ ସମାଜରେ ପୂଜା ପାଇ ଥିଲେ ତାହା ନୁହେ, ରାଜଦ୍ୱାରରେ ମଧ୍ୟ ତାଙ୍କର ଯଥେଷ୍ଟ ସମ୍ମାନ ହୋଇଥିଲା । ଗୁଣଗ୍ରାହୀ ନୃପତି ପ୍ରତାପରୁଦ୍ର ଦେବ ତାହାଙ୍କ ଗୁଣରେ ଆକୃଷ୍ଟ ହୋଇ ଗୋଟିଏ ରାଜନିଯୋଗ ପ୍ରଦାନ କରିଥିଲେ ।

ମାଧବୀଙ୍କର ହସ୍ତାକ୍ଷର ଅତି ସୁନ୍ଦର ଥିଲା । ତେଣୁ ତାହାଙ୍କ ଲେଖାବଳୀରେ ମଣିକାଞ୍ଚନଯୋଗ ହୋଇଥିଲା । ଏହି ଉତ୍ତମ ହସ୍ତାକ୍ଷର ଯୋଗୁଁ ଗୁଣଗ୍ରାହୀ ରାଜା ପ୍ରତାପରୁଦ୍ର ଦେବ ତାଙ୍କୁ ଶ୍ରୀମନ୍ଦିରର 'ଲେଖନାଧିକାରିଣୀ' ପଦରେ ନିଯୁକ୍ତ କରିଥିଲେ । ସେ କାଳରେ ଏ ଦେଶରେ ଜଣେ ରମଣୀ ରାଜକାର୍ଯ୍ୟରେ ନିଯୁକ୍ତ ହୋଇ ସୁଚାରୁରୂପେ କାର୍ଯ୍ୟ ନିର୍ବାହ କରିଥିଲେ, ଏହା ଶୁଣିଲେ ବର୍ତ୍ତମାନ ଆଶ୍ଚର୍ଯ୍ୟ ବୋଧ ହୋଇପାରେ; କିନ୍ତୁ ଯୋଗ୍ୟତା ଉଚ୍ଚକର୍ମର ଅଧିକାର ଆଣିଦିଏ । ତେଣୁ ପାଶ୍ଚାତ୍ୟ ଦେଶର ରମଣୀମାନେ ପୁରୁଷଙ୍କ ପ୍ରାୟ ଦେଶର ନାନା କାର୍ଯ୍ୟ ପରିଚାଳନ କରି ଆସୁଅଛନ୍ତି । ଅନ୍ୟ କାର୍ଯ୍ୟ କଥା ତ ଅତି ସାମାନ୍ୟ, ରାଜ୍ୟଶାସନରେ ମଧ୍ୟ ସେମାନେ ବିଶେଷ ନିପୁଣତା ଦେଖାଇ ଅଛନ୍ତି । ଏକମାତ୍ର ସୁଶିକ୍ଷା ତହିଁର ମୂଳ କାରଣ ।

ମାଧବୀଙ୍କର ଜୀବନଚରିତ ଆଲୋଚନା କଲେ ମନରେ ଆଶାର ସଞ୍ଚାର ହୁଏ । ଅନ୍ୟାନ୍ୟ ଦେଶ ପ୍ରାୟ ଏ ଦେଶର ସ୍ତ୍ରୀମାନଙ୍କଠାରେ ଯେ ବିଶେଷ ସମ୍ଭାବନା ଅଛି, ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । କେବଳ କ୍ଷେତ୍ରରେ କର୍ଷଣ ଅଭାବରୁ ଆମ୍ଭେମାନେ ସୁଫଳଲାଭ କରି ପାରୁଁ ନାହିଁ । ନାରୀମାନେ ସୁଶିକ୍ଷା ପ୍ରାପ୍ତ ହେଲେ ବୁଦ୍ଧି ବିଚକ୍ଷଣତାରେ ପୁରୁଷଙ୍କ ସମକକ୍ଷ ହୋଇ ଦେଶର ପ୍ରଭୂତ ହିତ ସାଧନ କରି ପାରିବେ ଏବଂ ପୁରୁଷମାନେ ସେମାନଙ୍କ ସାହାଯ୍ୟ ପ୍ରାପ୍ତ ହୋଇ ଉନ୍ନତିପଥରେ ଆହୁରି ଅଗ୍ରସର ହୋଇ ପାରିବେ, ଏଥିରେ ସନ୍ଦେହ ନାହିଁ । ତେଣୁ ସଂହିତାକାର ମନୁ ଏହି ନିୟମ କରି ଯାଇଅଛନ୍ତି ଯେ, କନ୍ୟାକୁ ମଧ୍ୟ ପୁତ୍ର ପ୍ରାୟ ଯତ୍ନରେ ପାଳନ କରି ଶିକ୍ଷା ଦେବାକୁ ହେବ ।

Digitized by srujanika@gmail.com

ରାଣୀ ଅହଲ୍ୟା ବାଈ

ଦିଲ୍ଲୀର ମୋଗଲ ବାଦଶାହମାନଙ୍କ ପ୍ରତାପ ଯେତେବେଳେ ଖସି ଆସିଲା, ତେତେବେଳେ ଏ ଭାରତର ଦକ୍ଷିଣ ଆଉ ମଧ୍ୟଭାଗରେ ମରହଟ୍ଟା ଜାତି ବଡ଼ ପ୍ରବଳ ହୋଇ ଉଠିଥିଲେ । ବହୁ ରାଜ୍ୟ ଲୁଟ୍‌ପାଟ୍ କରି ସେମାନେ ବାଦଶାହ ଥାଉ ଥାଉ ରାଜସ୍ୱ ଆଦାୟ କରି ନେଉଥିଲେ । ଏହିରୂପେ ଓଡ଼ିଶା ଠାରୁ ଗୁଜରାଟ ପର୍ଯ୍ୟନ୍ତ ଭାରତର ସମଗ୍ର ମଧ୍ୟଦେଶଟା ମରହଟ୍ଟାଙ୍କ ଶାସନରେ ରହିଥିଲା । ଏହି ମରହଟ୍ଟା ରାଜ୍ୟ ମଧ୍ୟରେ ନାଗପୁର ସର୍ବପ୍ରଧାନ ରାଜ୍ୟ ଥିଲା ଏବଂ ଇନ୍ଦୋର ବୋଲି ଗୋଟିଏ ନୂତନ ରାଜ୍ୟ ହୋଇଥିଲା । ଏହି ରାଜ୍ୟର ପ୍ରଥମ ରାଜା ମଲହର ରାଓ ହୋଲକାର । ହୋଲ ନାମକ ପଲ୍ଲୀର ପଶୁପାଳକ ଅବସ୍ଥାରୁ ସେ ନିଜଗୁଣରେ ବଡ଼ ହୋଇ ଶେଷରେ ରାଜା ହୋଇଥିଲେ; ତେଣୁ ପୂର୍ବ ପୀଠର ନାମ ଅନୁସାରେ ତାଙ୍କର ହୋଲକାର ସଂଜ୍ଞା ହୋଇଥିଲା । ପ୍ରାତଃସ୍ମରଣୀୟା ରାଣୀ ଅହଲ୍ୟା ବାଈ ଏହି ମଲହର ରାଓଙ୍କର ପୁତ୍ରବଧୂ ।

କୌଣସି ପଲ୍ଲୀଗ୍ରାମରେ ଦରିଦ୍ର ଗୃହରେ ଅହଲ୍ୟାଙ୍କର ଜନ୍ମ । ତାଙ୍କର ପିତା ମାତା ସନ୍ତାନ ନ ହେବାରୁ ବହୁ ଦେବଦେବୀ ଆରାଧନା କରି ଏ କନ୍ୟାଟି ପାଇଥିଲେ । ଅହଲ୍ୟାଙ୍କର ମାତା ଅପତ୍ୟ କାମନାରେ ଭଗବତୀଙ୍କୁ ସର୍ବଦା ଆରାଧନା କରୁଥିଲେ । କଥିତ ଅଛି ଅହଲ୍ୟାଙ୍କୁ ଗର୍ଭରେ ଧାରଣ କରିବା ପୂର୍ବରୁ ସେ ସ୍ୱପ୍ନରେ ଦେଖିଲେ, ସାକ୍ଷାତ୍ ଭଗବତୀ ଆସି ତାଙ୍କ କୋଳରେ ଗୋଟିଏ କନ୍ୟା ଶୁଆଇ ଦେଇଗଲେ, ସେ କନ୍ୟା ମଥାରେ ସିନ୍ଦୂର ଦାଉ ଦାଉ ଦିଶୁଥିଲା । ସ୍ୱପ୍ନ ସଫଳ ହେଲା । ଅଳ୍ପକାଳରେ ଦମ୍ପତି ସାକ୍ଷାତ୍ ଭଗବତୀସ୍ୱରୂପା ଏ କନ୍ୟାଟିକୁ ଲାଭ କରି ଆଶ୍ୱସ୍ତ ହୋଇଥିଲେ । ବାଲ୍ୟକାଳରେ ଅହଲ୍ୟା ପାଠଶାଳାରେ ବିଦ୍ୟାରମ୍ଭ କରିଥିଲେ । ଦିନେ ରାଜା ମଲହର ରାଓ କୌଣସି ଯୁଦ୍ଧରୁ ଫେରିଲାବେଳେ ସେଠାରେ ବିଶ୍ରାମ କରି ଶିକ୍ଷକଙ୍କ ସହିତ କଥାବାର୍ତ୍ତା କରୁଅଛନ୍ତି, ଏହି ସମୟରେ ଗୋଟିଏ ସୁଲକ୍ଷଣା ବାଳିକା ସେଠାରେ ଠିଆ ହେବାର ଦେଖି ରାଜା ହଠାତ୍ ଶିକ୍ଷକଙ୍କୁ ପଚାରିଲେ, "ଏ ଦେବୀପ୍ରତିମା ପିଲାଟି କିଏ ? ଏହାର ଅନେକ ସୁଲକ୍ଷଣ ଦେଖାପଡ଼ୁଅଛି ।" ଶିକ୍ଷକ କହିଲେ,—"ଏଇଟି ଗ୍ରାମବାସୀ ଜଣେ ଦରିଦ୍ରର କନ୍ୟା ଅହଲ୍ୟା । ମୋହର ଶିଷ୍ୟାମାନଙ୍କ ମଧ୍ୟରେ ଏହାର ବୁଦ୍ଧି ଜ୍ଞାନ ସରସ । ଏହାର ଗୁଣ ଦେଖିଲେ କିଏ ପ୍ରଶଂସା ନ କରିବ, ଏପରି ନାହିଁ ।" ମଲହର ରାଓ ମନେ ମନେ ତାହାଙ୍କୁ ବଧୂ କରିବାର ସଙ୍କଳ୍ପ କରି ସେ ଦିନ ଚାଲିଗଲେ । ଅଳ୍ପକାଳ ଉତ୍ତାରେ ତାହାଙ୍କର ଏକମାତ୍ର ପୁତ୍ର ଖଣ୍ଡେ ରାଓଙ୍କ ସହିତ ଅହଲ୍ୟାଙ୍କର ବିବାହ ହେଲା । ଦରିଦ୍ର କନ୍ୟା ଅହଲ୍ୟା ନିଜ ଗୁଣରେ ରାଣୀ ହୋଇ ପତିଗୃହରେ ବାସ କଲେ । ରାଜପୁରରେ ତାଙ୍କର ଦାସ ଦାସୀ ଅନେକ ଥିଲେ ସୁଦ୍ଧା ସେ ସ୍ୱହସ୍ତରେ ସମସ୍ତ ଗୃହକାର୍ଯ୍ୟ ନିର୍ବାହ କରୁଥିଲେ ଏବଂ ସେବା ଶୁଶ୍ରୂଷା ଦ୍ୱାରା ଶ୍ୱଶୁର ଓ ପତି ପ୍ରଭୃତିଙ୍କୁ ସନ୍ତୁଷ୍ଟ କରୁଥିଲେ । ତାହାଙ୍କ ସେବାଗୁଣରେ ବୃଦ୍ଧ ଶ୍ୱଶୁର ଏତେ ବଶୀଭୂତ ହୋଇ ପଡ଼ିଥିଲେ, ଅହଲ୍ୟାଙ୍କ କୌଣସି କଥା ତଳେ ପକାଇ ଦେଉ ନ ଥିଲେ । ପୁତ୍ର ଅପେକ୍ଷା ଗୁଣବତୀ ପତିବ୍ରତା ବଧୂ ଉପରେ ତାଙ୍କର ସ୍ନେହ ବେଶି ହୋଇଥିଲା । ଅହଲ୍ୟା ପ୍ରତିଦିନ ଦେବାର୍ଚ୍ଚନା ଓ ପୁରାଣାଦିପାଠରେ ଅଧିକ ସମୟ ବ୍ୟୟ କରୁଥିଲେ । କିନ୍ତୁ ଗୃହାଶ୍ରମରେ ତାଙ୍କୁ ଏଭଳି ସୁଖ ଅଧିକକାଳ ମିଳି

Digitized by srujanika@gmail.com

ନ ଥିଲା । ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ଲଭପରେ ଅହଲ୍ୟା ପତିଦେବତାଙ୍କୁ ହରାଇଲେ । କୌଣସି ଯୁଦ୍ଧରେ ଖଣ୍ଡେ ରାଓ ସେନାପତି ହୋଇ ଯାଇ ରଣ-ଭୂମିରେ ଶତ୍ରୁହସ୍ତରେ ପ୍ରାଣ ବିସର୍ଜନ କରିଥିଲେ । ପତିଙ୍କର ମୃତ୍ୟୁ ସମ୍ବାଦ ପାଇ ପତିବ୍ରତା ଅହଲ୍ୟା ଚିତାରୋହଣ କରି ତାଙ୍କର ଅନୁଗାମିନୀ ହେବାକୁ ବସିଥିଲେ । ମାତ୍ର ପୁତ୍ରଶୋକାକୁଳ ବୃଦ୍ଧ ମଲହର ତାହାଙ୍କ କୋଳରେ ମସ୍ତକ ରଖି ବାଳକ ତୁଲ୍ୟ କାନ୍ଦି କାନ୍ଦି କହିଲେ—"ମା, ମୁଁ ତୁମର ପୁଅ, ମୋତେ ଛାଡ଼ି କୁଆଡ଼େ ଯିବ । ପ୍ରିୟପୁତ୍ର ଖଣ୍ଡୁ, ଅପେକ୍ଷା ତୁମ୍ଭେ ମୋହର ଅଧିକ ବଡ଼ ଧନ । ତୁମ୍ଭେ ଥିଲେ ମୁଁ ଖଣ୍ଡୁର ଶୋକ କିଛି ହେଲେ ପାସୋରି ପାରିବି । ମୋତେ ଏ ବୃଦ୍ଧବୟସରେ ଅନାଥ କରି ଛାଡ଼ି ଚାଲିଯାଅ ନା ।" ବୃଦ୍ଧ ଶ୍ୱଶୁରଙ୍କର ଏପ୍ରକାର କାତର ବଚନରେ ଅହଲ୍ୟାଙ୍କର କୋମଳହୃଦୟ ବିଗଳିତ ହୋଇଗଲା— ସେ କହିଲେ, "ତାତ, ଇହକାଳରେ ଆପଣ ମୋହର ସାକ୍ଷାତ୍ ଇଷ୍ଟଦେବତା । ପରକାଳରେ ପତିଙ୍କ ସହିତ କେବେ ମିଳନ ହେବ ପ୍ରଭୁ ଜାଣନ୍ତି । ମୁଁ ଯାବଜ୍ଜୀବନ ବୈଧବ୍ୟଦୁଃଖ ସହିବି ପଛକେ ଆପଣଙ୍କୁ କଷ୍ଟରେ ପକାଇ ଯିବିନାହିଁ । ପତିସେବା ତ ମୋହର କପାଳରେ ନାହିଁ । ତେଣୁ ଶାଶୁ ଶ୍ୱଶୁରଙ୍କ ସେବାରେ ଏ ଜୀବନ ଧନ୍ୟ ହେଉ" ଏହିରୂପେ ଅହଲ୍ୟା ଶ୍ୱଶୁରଙ୍କ କଥାରେ ମରଣସଂକଳ୍ପ ପରିତ୍ୟାଗ କରି ଗୃହର ସମସ୍ତ କାର୍ଯ୍ୟ ନିଜ ବୁଦ୍ଧିରେ ଚଳାଇଲେ ଏବଂ ରାଜକାର୍ଯ୍ୟରେ ମଧ୍ୟ ମଲହରଙ୍କୁ ପୁତ୍ର ପରି ସାହାଯ୍ୟ କରିବାକୁ ଲାଗିଲେ । ଅହଲ୍ୟାଙ୍କର ଉପଦେଶ ପରାମର୍ଶ ବିନା ରାଜା ମଲହର କୌଣସି କାର୍ଯ୍ୟ କରୁ ନ ଥିଲେ; କିନ୍ତୁ ଏପରି ସୁଖରେ ମଧ୍ୟ ଅହଲ୍ୟାଙ୍କର ଅଧିକ କାଳ ଗଲାନାହିଁ । ବିଧବା ହେବାର ପ୍ରାୟ ଚାରି ପାଞ୍ଚ ବର୍ଷ ପରେ ମଲହର ରାଓ ପରଲୋକ ଗମନ କଲେ । ଅହଲ୍ୟାଙ୍କର ପୁତ୍ର ମାଲେ-ରାଓ ପିତାମହଙ୍କ ସିଂହାସନରେ ବସିଲେ; କିନ୍ତୁ ଶ୍ୱଶୁର ରାଜା ଥିବାବେଳେ ଅହଲ୍ୟା ଯେପରି ସୁଖ ଓ ସମ୍ମାନ ପାଉଥିଲେ ଏବେ ରାଜାର ମାତା ହୋଇ ତାହା ପାଇବା ତେଣିକି ଥାଉ ପ୍ରତିଦିନ ଦୁଃଖଦହନରେ ତାଙ୍କର କାଳ କଟିଲା । ତାହାଙ୍କର ଦୁଷ୍ଟଚରିତ୍ର ପୁତ୍ର ଦିନକୁଦିନ ଉଦ୍ଧତ ଓ ଯଥେଚ୍ଛାଚାରୀ ହୋଇ ପ୍ରଜାମାନଙ୍କ ଉପରେ ଘୋର ଅତ୍ୟାଚାର କରିବାକୁ ଲାଗିଲେ । ନିଶାରେ ମନୁଷ୍ୟପଣ ହରାଇ ବଡ଼ ବଡ଼ କର୍ମଚାରୀଙ୍କୁ ସୁଦ୍ଧା ବେତରେ ପ୍ରହାର କଲେ । କେବଳ ଏତିକି ନୁହେଁ, ବିନା ଦୋଷରେ ସେ ଗୋଟିଏ ଲୋକର ପ୍ରାଣ ନେଇଥିଲେ । ପଶ୍ଚାତ୍ ଘୋର ଅନୁତାପରେ ପାଗଳ ପ୍ରାୟ ହୋଇ ପଡ଼ିଥିଲେ ଏବଂ ରାଜା ହେବାର ପ୍ରାୟ ଦଶ ମାସ ଉତ୍ତାରେ ଅକାଳରେ ମୃତ୍ୟୁମୁଖରେ ପଡ଼ିଲେ, ରାଣୀ ଅହଲ୍ୟା ପ୍ରଜାମାନଙ୍କର ଏତେ ମଙ୍ଗଳ କାମନା କରୁଥିଲେ ଯେ ପୁତ୍ରର ମୃତ୍ୟୁରେ ଅଧୀରା ନ ହୋଇ ବରଂ ତଦ୍ଦ୍ୱାରା ପ୍ରଜାଙ୍କର ମଙ୍ଗଳ ହେବ ବୋଲି ଶାନ୍ତି ଲଭିକଲେ ।

ଅତ୍ୟାଚାରିତ ନିରୀହ ପ୍ରଜାମାନଙ୍କ ନିଃଶ୍ୱାସରେ ଏବଂ ବିଧାତାଙ୍କ ଇଚ୍ଛାରେ ଦୟାଳୁ ଅହଲ୍ୟା ରାଜ୍ୟର ରାଣୀ ହୋଇ ସମସ୍ତ କାର୍ଯ୍ୟ ଉତ୍ତମରୂପେ ବୁଝିବାକୁ ଲାଗିଲେ । ସର୍ବପ୍ରଥମେ ସେ ଯୋଗ୍ୟ ସୁଚରିତ୍ର କର୍ମଚାରୀ-ମାନ ନିଯୁକ୍ତ କରି ରାଜ୍ୟରୁ ପ୍ରଜାମାନଙ୍କ ପ୍ରତି ଅତ୍ୟାଚାର ଦୂର କରିବାର ସୁବ୍ୟବସ୍ଥା କରିଦେଲେ । କେହି ପ୍ରଜା ରାଜସ୍ୱ ଦେଇ ନ ପାରିଲେ ତାହା ପ୍ରତି ନିଷ୍ଠୁର ବ୍ୟବହାର କରିବାକୁ ସେ ବାରଣ କରିଥିଲେ ଏବଂ କାହାରିକୁ କରିବାର ଜାଣିଲେ ତତ୍କ୍ଷଣାତ୍ ସେ ପଦରୁ ବହିଷ୍କୃତ କରି ଦେଉଥିଲେ । ନ୍ୟାୟ ଓ ଦୟା ଦଉଡ଼ିକୁ ଧରି ସେ ରାଜ୍ୟ ଶାସନ କରୁଥିବାରୁ ରାଜ୍ୟ ମଧ୍ୟରୁ ସର୍ବପ୍ରକାର ଅଶାନ୍ତି ଦୂର ହୋଇଗଲା । ପ୍ରଜା-ମାନେ ତାହାଙ୍କ ଦୟାପୂର୍ଣ୍ଣ କୋମଳ ଶାସନରେ ରହି ମହାସୁଖରେ ଦିନଯାପନ କଲେ । ପ୍ରଜାମାନଙ୍କର ଯହିଁରେ ମଙ୍ଗଳ ହେବ, ସେ କାର୍ଯ୍ୟରେ ଏବଂ ଧର୍ମକାର୍ଯ୍ୟରେ ତାହାଙ୍କର ପ୍ରଚୁର ଧନ ବ୍ୟୟିତ ହେଉଥିଲା । କେବଳ ଦାନ ପୁଣ୍ୟ କର୍ମ ନିମନ୍ତେ ସେ

Digitized by srujanika@gmail.com

ରାଜକୋଷରେ ପ୍ରଚୁର ଅର୍ଥ ସଂଗ୍ରହ କରି ରଖିଥିଲେ । ପ୍ରତିଦିନ ଦାନଦକ୍ଷିଣା ଏବଂ ବ୍ରାହ୍ମଣ ଅତିଥି ଭୋଜନରେ ରାଜଦ୍ୱାର ପୂର୍ଣ୍ଣ ହେଉଥିଲା । ରାଣୀ ପ୍ରତ୍ୟହ ଅତି ପ୍ରଭାତରୁ ଉଠି ନିତ୍ୟକର୍ମ ସାରି କିଛିକାଳ ଯାଏ ପୂଜାରେ ବସୁଥିଲେ । ପୂଜାରୁ ଉଠିଲେ ଗୀତା ପୁରାଣାଦି ଶ୍ରବଣରେ କିଛିକ୍ଷଣ କଟୁଥିଲା । ଏହି ଅବସରରେ ଯାଚକମାନେ ଆସି ଦୁଃଖ ଜଣାଉଥିଲେ ଏବଂ ଉପଯୁକ୍ତ ଦାନ ଦକ୍ଷିଣା ଓ ଭୋଜନାଦି ପାଇ ପରିତୋଷରେ ଗୃହକୁ ଫେରୁଥିଲେ । ରାଜ୍ୟମଧ୍ୟରେ ଯେତେ ସୁଖ ବଢ଼ିଲେ କଣ ହେବ, ପାର୍ଶ୍ୱ ରାଜ୍ୟର ରାଜାଙ୍କ ମନରେ ଈର୍ଷା ହେଲା । କେହି କେହି ରାଜା ଅହଲ୍ୟାଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରିବା ପାଇଁ ସମ୍ବାଦ ପଠାଇଲେ । ପ୍ରଜାବତ୍ସଳ ରାଣୀ ଉତ୍ତର ଦେଲେ—"ମୋହର ପୋଷ୍ୟପୁତ୍ର ଗ୍ରହଣରେ ସମ୍ମତି ନାହିଁ । ମୋହ ମାଳର ପୁତ୍ର ଥିଲେ ସେ କେବଳ ଏ ସିଂହାସନରେ ବସିଥାନ୍ତା ! କିନ୍ତୁ ଅନ୍ୟ କୌଣସିଠାରୁ ପୁତ୍ର ଆଣିବି ନାହିଁ । ସେ ଯଦି ମାଳ ପରି ଉଦ୍ଧତ ଏବଂ ଅତ୍ୟାଚାରୀ ହୁଏ, ତାହାହେଲେ ମୋହର ଏ ନିରୀହ ପ୍ରଜାଙ୍କର ସର୍ବନାଶ ହେବ । ମୁଁ ତାହା ଜୀବନ ଥାଉଁ କରାଇ-ଦେବିନାହିଁ ।"

କିଛିକାଳ ଉତ୍ତାରେ,—ଯେଉଁ ମରହଟ୍ଟା ରାଜ୍ୟର ପେଶୋଆଙ୍କ ପ୍ରସାଦରେ ମଲ୍ହର୍‌ ଇନ୍ଦୋର ରାଜ୍ୟ ପାଇଥିଲେ, ସେହି ରାଜ୍ୟର ବର୍ତ୍ତମାନ ପେଶୋଆଙ୍କ ପିତୃବ୍ୟ ରଘୁନାଥ ରାଓ ଇନ୍ଦୋରର ସିଂହାସନ ଶୂନ୍ୟ ଦେଖି ଅହଲ୍ୟାଙ୍କୁ ଅବଳା ବୋଲି ଅବହେଳା କରି ରାଜ୍ୟ ଛଡ଼ାଇ ନେବାକୁ ମାନସ କଲେ ଏବଂ ସୈନ୍ୟ ସଂଗ୍ରହ କରି ଯୁଦ୍ଧ ନିମନ୍ତେ ରାଣୀଙ୍କ ନିକଟକୁ ସମ୍ବାଦ ପଠାଇଲେ । ରାଣୀ ଏ ସମ୍ବାଦ ପାଇ ଆଗେ ପ୍ରଧାନ ମରହଟ୍ଟା ରାଜାମାନଙ୍କୁ ପତ୍ରଦ୍ୱାରା ବିନାଦୋଷରେ ରଘୁନାଥ ରାଓ ରାଜ୍ୟ ଜୟ କରିବାକୁ ଆସୁଥିବାର ଜଣାଇ ସେମାନଙ୍କ ସାହାଯ୍ୟ ଭିକ୍ଷା କଲେ । ଏଣେ ରଘୁନାଥଙ୍କୁ ଉତ୍ତର ପଠାଇଲେ ଯେ—'ମୁଁ ଅବଳା, ଯୁଦ୍ଧରେ ମୋତେ ଜିଣିଲେ ତୁମ୍ଭର ମାନ ବଢ଼ିବ ନାହିଁ, କିନ୍ତୁ ହାରିଲେ ତୁମ୍ଭର ଘୋର ଅପମାନ । ତୁମ୍ଭର ଯେତେବେଳେ ଯୁଦ୍ଧ ହେବା ଏକାନ୍ତ ଇଚ୍ଛା, ମୁଁ ସେଥିପାଇଁ ପ୍ରସ୍ତୁତ ଅଛି ।' ରାଣୀ ଏତିକିରେ ନିଶ୍ଚିନ୍ତ ନ ରହି ତୁକାଜୀ ନାମକ ଜଣେ ପ୍ରିୟ କର୍ମଚାରୀଙ୍କୁ ସେନାପତି କରି ବହୁ ସୈନ୍ୟ ସଂଗ୍ରହ କଲେ ଏବଂ ନିଜେ ଗଜପୃଷ୍ଠରେ ବସି ରଣକ୍ଷେତ୍ରକୁ ଯାତ୍ରା କଲେ । ରଘୁନାଥ ରାଓ ରାଣୀଙ୍କ ଉତ୍ତରରୁ ଅନୁମାନ କରିଥିଲେ —'ଏହା ଗୋଟାଏ କଥାରେ ଧମକ । ସତେ କଣ ଜଣେ ରମଣୀର ଯୁଦ୍ଧ କରିବାକୁ ସାହସ ବଳିବ !' ମାତ୍ର ଏବେ ବୀରନାରୀ ଅହଲ୍ୟାଙ୍କୁ ସଦଳରେ ଯୁଦ୍ଧସ୍ଥଳରେ ଉପସ୍ଥିତ ହେବାର ଦେଖି ତାହାଙ୍କ ମନରେ ଭୟର ସଞ୍ଚାର ହେଲା । ସେ ଯୁଦ୍ଧସଂକଳ୍ପ ଛାଡ଼ିଦେଇ ହଠାତ୍ ଛଳନା କରି ରାଣୀଙ୍କ ସେନାପତିଙ୍କୁ କହିଲେ, 'ମୁଁ କଣ ସତେ ଯୁଦ୍ଧ କରିଥାନ୍ତି ! ତୁମ୍ଭର ଏତେ ସୈନ୍ୟ ସଂଗ୍ରହ କାହିଁକି ? ମୋହର ନାତୁଣୀ ଅହଲ୍ୟାକୁ ଥରେ ଦେଖିଯିବା ଅଭିପ୍ରାୟ ଥିଲା ।' ସେନାପତି ତହିଁର ଉତ୍ତରରେ ନିଜେ ସଙ୍ଗରେ ବହୁସୈନ୍ୟ ଆଣିଥିବା ପଚାରିବାରୁ ରଘୁନାଥଙ୍କୁ ଆଉ ପ୍ରତ୍ୟୁତ୍ତର ଦେବାକୁ ବୁଦ୍ଧି ଦିଶିଲା ନାହିଁ । ତଥାପି ସରଳହୃଦୟା ଅହଲ୍ୟା ସେ ବିପକ୍ଷ ରାଜାଙ୍କୁ ନିଜରାଜ୍ୟକୁ ନିମନ୍ତ୍ରଣ କରି ଆଣି ଉପଯୁକ୍ତ ସମ୍ମାନରେ ବିଦାୟ ଦେଇଥିଲେ । ରଘୁନାଥ ଏ ଯାତ୍ରାରେ ହତାଶ ହୋଇ କିଛି କାଳ ପରେ ପୁଣି ଅହଲ୍ୟାଙ୍କୁ ଲେଖି ପଠାଇଲେ—'ତୁମ୍ଭର ରାଜକୋଷରେ ପ୍ରଚୁର ଅର୍ଥ ସଞ୍ଚିତ ଅଛି । ସେଥିରୁ ଆମ୍ଭଙ୍କୁ ଯୁଦ୍ଧର ବ୍ୟୟ ସ୍ୱରୂପ ଏତେ ଅର୍ଥ ପ୍ରଦାନ କରିବାକୁ ହେବ ।' ରାଣୀ ଯେଉଁ ଉତ୍ତର ଦେଲେ ସେଥିରେ ରଘୁନାଥଙ୍କର ଉତ୍ତମ ଶିକ୍ଷା ହୋଇଥିଲା— ସେ ଲେଖିଲେ, "ଏ ଅର୍ଥ ଦାନଧର୍ମକାର୍ଯ୍ୟ ଲାଗି ସଞ୍ଚିତ ଅଛି । ସେଥିରୁ ଏକ କପର୍ଦ୍ଦକ ମୁଁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟୟ କରି ପାରିବି ନାହିଁ । ଆପଣଙ୍କର ଯଦି ନିଅଣ୍ଟ ଥାଏ, ତାହାହେଲେ ଆପଣ ବ୍ରାହ୍ମଣ, ମୁଁ କିଛି ଦାନ

Digitized by srujanika@gmail.com

ଲଭିପାରେଁ । କିନ୍ତୁ ସେଥିରେ ଗଙ୍ଗାଜଳ ତୁଳସୀ ଦେଇ ମନ୍ତ୍ର ପଢ଼ି ବିଧିରେ ଦାନ କରିବି ।" ଏ କଥା ଶୁଣି ରଘୁନାଥ କ୍ରୋଧରେ ପ୍ରଚଣ୍ଡ ହୋଇ ଉଠିଲେ ଏବଂ ପୁଣି ଯୁଦ୍ଧାର୍ଥ ପ୍ରସ୍ତୁତ ହେବାକୁ ସମ୍ବାଦ ପଠାଇଲେ । ରାଣୀ ଅହଲ୍ୟା ସେ ସମ୍ବାଦ ଶୁଣି ସଭାରେ ସର୍ବସମକ୍ଷରେ କହିଲେ—'ମୋହର ଧର୍ମକାର୍ଯ୍ୟର ଧନ ହରଣ କରିବାକୁ ଲୋଭୀ ରଘୁନାଥ ରାଓଙ୍କର ଇଚ୍ଛା; କିନ୍ତୁ ପ୍ରାଣ ଥାଉଁ ଥାଉଁ ମୁଁ ତାହା କରାଇ ଦେବିନାହିଁ । ଏଥିପାଇଁ ମୋହର ପ୍ରାଣ ଯାଉ, ରାଜପଣ ପଛକେ ଯାଉ ସେ ଭଲ; ମାତ୍ର ପ୍ରଜାଙ୍କର ଏ ଧନ ଏପରି ଅପବ୍ୟୟ କରି ପାରିବି ନାହିଁ ।' ଏହା କହି ସେ ଆଉ ସୈନ୍ୟ ସଂଗ୍ରହର ଚେଷ୍ଟା ନ କରି ପାଞ୍ଚଶ ଜଣ ଦାସୀଙ୍କୁ ସଙ୍ଗରେ ଘେନି ଅଶ୍ୱପୃଷ୍ଠରେ ବସି ଯୁଦ୍ଧକ୍ଷେତ୍ରର ଅଭିମୁଖୀନ ହେଲେ । ବିପକ୍ଷ ରଘୁନାଥ ରାଣୀଙ୍କୁ ସେପରି ଭାବରେ ଯିବାର ଦେଖି ପଚାରିଲେ, "ଯୁଦ୍ଧକୁ ତୁମ୍ଭର ସୈନ୍ୟ କାହାନ୍ତି ?" ରାଣୀ ତେଜସ୍ୱିନୀ ଭାଷାରେ ଉତ୍ତର ଦେଲେ, "ମୋହର ଧର୍ମ-ଧନ ତୁମ୍ଭେ ହରଣ କରିବାକୁ ବସିଅଛ । ମୁଁ ପ୍ରାଣ ଥାଉଁ ତାହା କରାଇ ଦେବି ନାହିଁ । ତୁମ୍ଭେ ଜାଣ ଏ ପାଞ୍ଚଶ ରମଣୀଙ୍କ ସହିତ ମୋତେ ହତ୍ୟା ନ କଲେ ତାହା ପାଇପାରିବ ନାହିଁ ।" ରାଣୀଙ୍କ ଏପ୍ରକାର ଉତ୍ତରରେ ରଘୁନାଥ ମନେ ମନେ ବଡ଼ ଲଜ୍ଜିତ ହୋଇ ତାହାଙ୍କୁ ପ୍ରଶଂସା କରି ପ୍ରତିନିବୃତ୍ତ ହେଲେ । ଏହିରୂପେ ଅହଲ୍ୟା ଦେବୀ ରାଜ୍ୟକୁ ନିଷ୍କଣ୍ଟକ କରି ଧର୍ମରେ କିଛୁକାଳ ପ୍ରଜାପାଳନ କରିଥିଲେ; କିନ୍ତୁ ତାହାଙ୍କର ସୁଖ ଦିନକୁ ଦିନ ମନ୍ଦ ହୋଇ ପଡ଼ୁଥିଲା । ଶେଷରେ ଏକମାତ୍ର କନ୍ୟା ଥିଲା, ସେ ପୁଣି ଅଳ୍ପବୟସରେ ବିଧବା ହେଲା । ପତିଙ୍କ ମୃତ୍ୟୁରେ ଶୋକାତୁରା ଦୁହିତା ଚିତାରେ ପ୍ରବେଶ କରିବା ନିମନ୍ତେ ପ୍ରସ୍ତୁତ ହେଲେ । ରାଣୀ ସେଥିରୁ ନିବୃତ୍ତ ହେବାପାଇଁ ଯେତେ ଅନୁରୋଧ କଲେ ସୁଦ୍ଧା ପତିପୁତ୍ରହୀନା କନ୍ୟା ସଂସାରରେ ସମସ୍ତ ଅନ୍ଧକାର ଦେଖି ବୃଦ୍ଧା ଜନନୀଙ୍କର ଆୟୁ ଶେଷ ପ୍ରାୟ ବିଚାରି କୌଣସି ମନା ମାନିଲେ ନାହିଁ । ଅଗତ୍ୟା ଅହଲ୍ୟା ଦୁହିତାଙ୍କୁ ପତିଙ୍କ ସହମରଣ ଅନୁମତି ଦେଲେ ଏବଂ କନ୍ୟାର ଚିତା ରୋହଣ ସ୍ୱଚକ୍ଷୁରେ ଦେଖିବାପାଇଁ ସେଠାରେ ଉପସ୍ଥିତ ହେଲେ । କନ୍ୟାର କମନୀୟ ହେମଗୌରତନୁ ଜ୍ୱଳନ୍ତ ଚିତାନଳରେ ଦଗ୍ଧ ହେବାର ଦେଖି ସ୍ନେହମୟୀ ଜନନୀ ଅହଲ୍ୟା ଆଉ ଧୈର୍ଯ୍ୟ ଧରି ନ ପାରି ଧାଇଁ ଯାଇ ସେ ଚିତାବହ୍ନିରେ ପଡ଼ିବାକୁ ବସନ୍ତେ, ଦୁଇ ଜଣ ବ୍ରାହ୍ମଣ ବହୁ ଯତ୍ନରେ ଧରି ତାଙ୍କୁ ସାନ୍ତ୍ୱନା ଦେଇ ପୁରକୁ ଫେରାଇ ଆଣିଲେ । ସେହି ଦିନଠାରୁ ଅହଲ୍ୟାଙ୍କର ଜରାଜୀର୍ଣ୍ଣତନୁ ଶୋକରେ କ୍ରମଶଃ କ୍ଷୀଣ ହେବାକୁ ଲାଗିଲା । ସେ ପ୍ରତ୍ୟହ ରାଜଦ୍ୱାରରେ ସମସ୍ତ ବ୍ରାହ୍ମଣଭୋଜନର ବ୍ୟବସ୍ଥା ଓ ଧର୍ମକାର୍ଯ୍ୟ ଅନୁଷ୍ଠାନ କରାଇଲେ । ମୃତ୍ୟୁଦିବସରେ ବହୁ ସହସ୍ର ଦରିଦ୍ର ବ୍ରାହ୍ମଣ ଭୋଜନରେ ପରିତୃପ୍ତ ହୋଇ ଯାଇଥିଲେ । ଏହିରୂପେ ଦେବାର୍ଚ୍ଚନ, ହରିକୀର୍ତ୍ତନ, ପୁରାଣ ଶ୍ରବଣ ଓ ଦୀନଦୁଃଖୀଙ୍କୁ ଅନ୍ନବସ୍ତ୍ର ଦାନରେ ପବିତ୍ରଭାବରେ କେତେକ ଦିନ ଯାପନ କରି ପୁଣ୍ୟବତୀ ଅହଲ୍ୟା ଦେବୀ ପ୍ରଜାମାନଙ୍କୁ ଦୁଃଖସାଗରରେ ଭସାଇ ସ୍ୱର୍ଗଧାମକୁ ପ୍ରସ୍ଥାନ କରିଥିଲେ । ମୃତ୍ୟୁସମୟକୁ ତାହାଙ୍କୁ ଷାଠିଏ ବର୍ଷ ହୋଇଥିଲା । ପ୍ରଜାମାନଙ୍କର ମଙ୍ଗଳ ନିମନ୍ତେ ମଙ୍ଗଳମୟ ଭଗବାନ୍ ତାହାଙ୍କ ହସ୍ତରେ ଏତେକାଳ ରାଜ୍ୟଭାର ଅର୍ପଣ କରିଥିଲେ । ରାଣୀ ଅହଲ୍ୟା ନଶ୍ୱର ନୁହନ୍ତି—ବର୍ତ୍ତମାନ ସେ ଦେବୀ । ଦେବୀରୂପେ ସେ ସମସ୍ତଙ୍କଠାରୁ ପୂଜା ପାଉଥିବେ । ଚରିତ୍ର ଗୁଣରେ ନର ଦେବତାର ଆସନ ପାଏ, ଏହା ପ୍ରତ୍ୟେକଙ୍କ ଚିତ୍ତରେ ଦୃଢ଼ ହେବା ଉଚିତ ।

Digitized by srujanika@gmail.com

ସରସ୍ୱତୀ

ଆଜକୁ ପ୍ରାୟ ଦେଢ଼ଶହ ବର୍ଷ ତଳେ ଆମ୍ଭ ଦେଶରେ ଏପରି ସୁଶିକ୍ଷିତା ରମଣୀ ଥିଲେ ଯେ, ଦୁର୍ବୋଧ ସଂସ୍କୃତ ଭାଷାରେ ସୁଦ୍ଧା ପ୍ରଗାଢ଼ ପାଣ୍ଡିତ୍ୟ ଜନ୍ମିଥିଲା ଏବଂ ସଂସ୍କୃତରେ ଶ୍ଳୋକ ରଚନା କରିବାର କ୍ଷମତା ହୋଇ-ଥିଲା । ଆଜି ଏ ସମ୍ବାଦ ଆମ୍ଭମାନଙ୍କ କର୍ଣ୍ଣକୁ ଅପୂର୍ବ ପରି ଜଣା ପଡ଼ୁଅଛି; କିନ୍ତୁ ଏହା ଅଧିକ ଦୂରର କଥା ନୁହେଁ । ଅଦ୍ୟାପି ତାଙ୍କର ବଂଶଧରମାନେ ଏ ସତ୍ୟର ସାକ୍ଷୀରୂପେ ବିଦ୍ୟମାନ ଅଛନ୍ତି ।

ପୁରୀଜିଲ୍ଲାର ପିଳପିଳା ଗ୍ରାମ ଗୋଟିଏ ପ୍ରଧାନ ସାମନ୍ତ ବ୍ରାହ୍ମଣବସତି । ଏହି ଗ୍ରାମରେ ଦେଢ଼ଶହ ବର୍ଷରୁ କିଛି ଅଧିକ ହେବ ସେକାଳରେ ବଳଭଦ୍ର ମିଶ୍ର ନାମକ ଜଣେ ପଣ୍ଡିତ ଥିଲେ । ତାହାଙ୍କର ଆଠ ପୁତ୍ର ଏବଂ ଦୁଇ କନ୍ୟା । ତନ୍ମଧ୍ୟରେ ଜ୍ୟେଷ୍ଠ ସୁପ୍ରସିଦ୍ଧ ପଣ୍ଡିତ କୃଷ୍ଣ ମିଶ୍ର ଏବଂ କନିଷ୍ଠା କନ୍ୟା ସରସ୍ୱତୀ ଦେବୀ । ମିଶ୍ରଙ୍କର ଏହି ପୁତ୍ର କନ୍ୟାମାନେ ସମସ୍ତେ ନାନା ଶାସ୍ତ୍ରରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ଏପରି ପଣ୍ଡିତ କୁଟୁମ୍ବ କ୍ୱଚିତ୍ ଦେଖାଯାଏ । ଲୋକେ କହନ୍ତି ପୁତ୍ର କନ୍ୟା-ମାନଙ୍କ ଜନ୍ମ ସମୟରେ ପଣ୍ଡିତ ବଳଭଦ୍ର ନାଡ଼ୀଚ୍ଛେଦନ ପୂର୍ବରୁ ଜିହ୍ୱାରେ 'ନୀଳସରସ୍ୱତୀ ମନ୍ତ୍ର' ଲେଖିଦେଇ ଜାତସଂସ୍କାରବିଧି କରାଇଥିଲେ । ପଣ୍ଡିତ ପିତାଙ୍କର ବିଶେଷ ଯତ୍ନରେ ପୁତ୍ରମାନେ କାବ୍ୟ, ବ୍ୟାକରଣ, ନ୍ୟାୟ ଏବଂ ବେଦାନ୍ତଶାସ୍ତ୍ରରେ ପାରଗ ହେଲେ । କନ୍ୟା ଅମ୍ବିକା ଏବଂ ସରସ୍ୱତୀ ମଧ୍ୟ ସଂସ୍କୃତରେ ସାମାନ୍ୟ ବ୍ୟୁତ୍ପତ୍ତି ଲାଭ କରି ନ ଥିଲେ । ସମଗ୍ର ଅମରକୋଷ ଏବଂ ବ୍ୟାକରଣ ସୂତ୍ରମାନ ସେମାନଙ୍କର କଣ୍ଠସ୍ଥ ଥିଲା । ଏହା ବ୍ୟତୀତ ପିଣ୍ଡାରେ ବସି ଭ୍ରାତାମାନେ ପ୍ରତ୍ୟହ ଅଧ୍ୟୟନ କଲାବେଳେ ଭଗିନୀମାନେ ଗବାକ୍ଷ ପାର୍ଶ୍ୱରେ ଠିଆ ହୋଇ ସବୁ ଶୁଣି ମନେ ରଖୁଥିଲେ । ଏପରି ଅଭ୍ୟାସଦ୍ୱାରା ସେମାନଙ୍କର ଅନ୍ୟାନ୍ୟ ଶାସ୍ତ୍ରରେ ମଧ୍ୟ ଏପରି ଜ୍ଞାନ ଜନ୍ମିଥିଲା ଯେ, କୌଣସି ସମୟରେ ପଣ୍ଡିତ ଭ୍ରାତାମାନେ ଶାସ୍ତ୍ରର ବିଷୟ ଘେନି କଳହ କଲେ ପଣ୍ଡିତା ଭଗିନୀମାନେ ତାହାର ଯଥାର୍ଥ ଉତ୍ତର ଦେଇ ବିବାଦ ମୀମାଂସା କରି ଦେଉଥିଲେ । କେବେ କେବେ ଏପରି ମଧ୍ୟ କହୁଥିଲେ, ଅମୁକ ଅଧ୍ୟାୟର ଅମୁକ ସୂତ୍ର ନ ଦେଖି ବା ଅମୁକ ପୃଷ୍ଠାର ପାଠ ନ ଦେଖି ବୃଥା କାହିଁକି କଳହ କରୁଅଛ ? କନିଷ୍ଠା ଭଗିନୀଙ୍କଠାରୁ ପରାଜୟ ପାଇ ଜ୍ୟେଷ୍ଠ କୃଷ୍ଣ ମିଶ୍ର ଲଜ୍ଜାରେ ଦେଶ ତ୍ୟାଗକରି ବୃନ୍ଦାବନପ୍ରବାସୀ ହୋଇଥିଲେ ଏବଂ ସେଠାରେ ବୃନ୍ଦାବନଚନ୍ଦ୍ରଙ୍କ ଧ୍ୟାନରେ ଥାଇ ପ୍ରାୟ ଆଠ ବର୍ଷକାଳ ବେଦାନ୍ତଶାସ୍ତ୍ର ଓ ଶ୍ରୀମଦ୍ ଭାଗବତ୍‌ଚର୍ଚ୍ଚା କରି ଦେଶଭ୍ରମଣରେ ବାହାରିଥିଲେ ଏବଂ ବଙ୍ଗଳା ନବାବଙ୍କ ପଣ୍ଡିତ ସଭାରେ ସମସ୍ତ ପଣ୍ଡିତଙ୍କୁ ପରାସ୍ତ କରି କୁଣ୍ଡଳ ପୁରସ୍କାର ଓ ମହାମହୋପାଧ୍ୟାୟ ଉପାଧି ଲାଭ କରିଥିଲେ । ଏହି କୃଷ୍ଣ ମିଶ୍ର ପାଣ୍ଡିତ୍ୟରେ ଚାରିଆଡ଼େ ସୁଖ୍ୟାତି ଅର୍ଜନ କରି ଶେଷରେ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମୂଳପାଣିନିସୂତ୍ର ଅବଲମ୍ବନ କରି ସେ ମଧ୍ୟ ଖଣ୍ଡିଏ ବ୍ୟାକରଣ ରଚନା କରିଥିଲେ, ତାହା ଅଦ୍ୟାପି କୃଷ୍ଣ ମିଶ୍ର ପ୍ରକ୍ରିୟା ନାମରେ ବିଖ୍ୟାତ । ଏହାଙ୍କ ତଳ ଭାଇ ତ୍ରିଲୋଚନ ମିଶ୍ର ମଧ୍ୟ ଜ୍ଞାନରେ ତୃପ୍ତ ନ ହେବାରୁ କାଶୀ ନବଦ୍ୱୀପ ପ୍ରଭୃତି ଶାସ୍ତ୍ରଚର୍ଚ୍ଚାର ପ୍ରଧାନ କେନ୍ଦ୍ରସ୍ଥଳକୁ ଯାଇ ବହୁକାଳ ଶାସ୍ତ୍ରଅଧ୍ୟୟନରେ ଯାପନ କରିଥିଲେ ଏବଂ ୪୮ ବର୍ଷ ବୟସରେ ବଡ଼ ପଣ୍ଡିତ ବୋଲାଇ ଦେଶକୁ ବାହୁଡ଼ି-ଥିଲେ । ସର୍ବକନିଷ୍ଠ ଭ୍ରାତା ଭଗବାନ ମିଶ୍ର ଅତ୍ୟନ୍ତ ବୁଦ୍ଧି-ମାନ୍ ଓ ବିଚକ୍ଷଣ ଥିଲେ । କାଶୀରେ ଥିବାବେଳେ

Digitized by srujanika@gmail.com

ଏହାଙ୍କ ସଙ୍ଗରେ ଯେଉଁ ଜ୍ୟେଷ୍ଠ କୃଷ୍ଣ ମିଶ୍ର ପଣ୍ଡିତସଭାରେ ତର୍କଯୁଦ୍ଧରେ ଅନେକ ପଣ୍ଡିତଙ୍କୁ ପରାସ୍ତ କରି ସୁନାମ ସହିତ ଗୃହକୁ ଫେରିଆସିଲେ ଏବଂ ଅଳ୍ପକାଳ ପରେ କନିଷ୍ଠ ଭଗବାନ୍ ୩୫ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ । ମୃତ୍ୟୁ ସମୟରେ ତାଙ୍କର ଷୋଡ଼ଶୀ ସ୍ତ୍ରୀ ଅଶୁଚି ଅବସ୍ଥାରେ ଥିବାରୁ ତାଙ୍କର ଶବକୁ ତୈଳଦ୍ରୋଣୀରେ ତିନି ଦିନ ରଖାଯାଇଥିଲା । ଚତୁର୍ଥଦିବସରେ ସତୀ ସ୍ତ୍ରୀ ଶୁଦ୍ଧସ୍ନାନ କରି ମୃତପତିଙ୍କ ଚିତାରୋହଣ କରିଥିଲେ । ଏ ଘଟଣା ଆଜି ଶ୍ରବଣ କଲେ ଦେହରେ ରୋମାଞ୍ଚ ଜାତ ହୁଏ । ଏହା ପ୍ରାୟ ଆଜିକୁ ୧୪୪ବର୍ଷ ତଳର ବା ୧୮୨୬ ମସିହାର କଥା । ପଣ୍ଡିତ ତ୍ରିଲୋଚନ ମିଶ୍ର ଓଡ଼ିଶାରେ ସୁଖ୍ୟାତି ଅର୍ଜନ କରି ଗଡ଼ଜାତର ରାଜା ମହାରାଜାମାନଙ୍କଠାରୁ ସମାଦର ଲାଭ କରିଥିଲେ । ଢେଙ୍କାନାଳର ଗୁଣଗ୍ରାହୀ-ସୁପଣ୍ଡିତ ନୃପତି ଶ୍ରୀ ଭଗୀରଥ ମହେନ୍ଦ୍ର ବାହାଦୁର ତାହାଙ୍କୁ ପଣ୍ଡିତବାଦଶାହ ଉପାଧି ପ୍ରଦାନ କରିଥିଲେ । ନୟାଗଡ଼ର ସେ କାଳର ରାଜା ଶ୍ରୀ ଜଗବନ୍ଧୁ ସିଂହ ମାନ୍ଧାତା ତାହାଙ୍କୁ ଗୋଟିଏ ବଡ଼ ଶାସନ ପ୍ରଦାନ କରି ନିଜ ରାଜ୍ୟରେ ରଖାଇଲେ । ସେହିକାଳରୁ ତାଙ୍କର ବଂଶଧରମାନେ ନୟାଗଡ଼ରେ ବାସ କରି ଆସୁଅଛନ୍ତି । ଭଗିନୀଦ୍ୱୟଙ୍କ ମଧ୍ୟରୁ ପଣ୍ଡିତା ଅମ୍ବିକା ପୁରୀଜିଲ୍ଲାର ପ୍ରସିଦ୍ଧ ପାଙ୍କୋଳ ଗ୍ରାମର ସାମନ୍ତ ମହାପାତ୍ରଙ୍କ କୁଳର ବଧୂ ହୋଇଥିଲେ । ତାଙ୍କର ପତି ଚିରରୁଗ୍ଣ ଥିବାରୁ ଅମ୍ବିକାଦେବୀ ସର୍ବଦା ସେହି ଚିନ୍ତାରେ ଦିନଯାପନ କରୁଥିଲେ । ପତିଙ୍କ ସେବାରେ ଚିରଦିନ ମନପ୍ରାଣ ଢାଳି ଶେଷରେ ପତିଙ୍କ ମୃତ୍ୟୁର ସପ୍ତମ ଦିବସରେ ପ୍ରାଣ ବିସର୍ଜନ କରିଥିଲେ । ଦାମୋଦରପୁରଶାସନନିବାସୀ ପଣ୍ଡିତ ଚନ୍ଦ୍ରଶେଖର ମିଶ୍ର ସରସ୍ୱତୀଦେବୀଙ୍କର ପାଣିଗ୍ରହଣ କରିଥିଲେ । ସରସ୍ୱତୀ ପତିଗୃହକୁ ଯାଇ ଅପୂର୍ବ ପ୍ରତିଭା ପ୍ରଦର୍ଶନରେ ଶ୍ୱଶୁରାଦିଗୁରୁଜନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରାଇଥିଲେ । ଶ୍ଳୋକାର୍ଥ କରିବା ତାଙ୍କୁ କିବା କଥା, ଶ୍ଳୋକର ପଦପୂରଣ ମଧ୍ୟ ସେ ଅଳ୍ପକାଳ ମଧ୍ୟରେ କରି ଦେଉଥିଲେ । ଶୁଣା ଅଛି, ଶ୍ଳୋକର ଗୋଟିଏ ପାଦ ଲେଖି ଶ୍ୱଶୁର ପ୍ରଭୃତି ଗୁରୁଜନ ଗୃହମଧ୍ୟରୁ ପଠାଇ ଦେଲେ, ଗୃହକୋଣରୁ ସରସ୍ୱତୀ ତାହାର ସୁନ୍ଦର ପାଦପୂରଣ କରି ପଠାଇ ଦେଉଥିଲେ । ଗୁଣ ଏବଂ ଆଚରଣ ଉଭୟରେ ସେ ସମସ୍ତଙ୍କ ସୁଦୃଷ୍ଟିରେ ପଡ଼ିଥିଲେ; କିନ୍ତୁ ସ୍ୱାମୀର ସୌଭାଗ୍ୟ ତାଙ୍କ ଅଧିକ ଦିନ ମିଳି ନ ଥିଲା । ଅଳ୍ପକାଳ ପରେ ସେ ଦୁର୍ବହ ବୈଧବ୍ୟଭାର ଘେନି ଗୃହକୁ ବାହୁଡ଼ିଆସିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ପିତୃ ଗୃହରେ ବାସ କରିଥିଲେ । ତେଣୁ ପଣ୍ଡିତ ଭ୍ରାତାମାନଙ୍କ ସଙ୍ଗରେ ଅନେକ ସମୟରେ ଏହାଙ୍କର ବିଦ୍ୟାର ବାଦ ହେଉଥିଲା । ଭ୍ରାତାମାନେ ବର୍ଷର ଅଧିକାଂଶ ସମୟ ପ୍ରାୟ ପ୍ରବାସରେ କଟାଇ ଅଳ୍ପଦିନ ଗୃହରେ ରହୁଥିଲେ । ସେହି ସମୟରେ ସେମାନେ ପ୍ରତ୍ୟହ ଭୋଜନକାଳରେ ଶାସ୍ତ୍ର ତର୍କ ଉଠାଇ କଳହ କରୁଥିଲେ । ପରିବେଷଣ କାଳରେ ସରସ୍ୱତୀରୂପିଣୀ ଭଗିନୀ ସେ ସମସ୍ତ ଶୁଣି ବିଚକ୍ଷଣଭାବରେ କଳହ ମୀମାଂସା କରିଦେଇ ସେମାନଙ୍କୁ ତିରସ୍କାର କରୁଥିଲେ । ପ୍ରତ୍ୟହ ଶାସ୍ତ୍ର ପଠନ ଓ ଶାସ୍ତ୍ରପାଠରେ ତାହାଙ୍କର ମତି ନିବିଷ୍ଟ ଥିବାରୁ ଦାରୁଣ ବୈଧବ୍ୟ କଷ୍ଟ ତାହାଙ୍କୁ ସେତେ ବାଧି ନ ଥିଲା । ଅନେକ ସମୟରେ ସେ ଶିଷ୍ୟମାନଙ୍କୁ ପ୍ରସାଦଟୀକା ସହିତ ବ୍ୟାକରଣ ଏବଂ କାବ୍ୟମାନ ପଢାଇ ଭ୍ରାତାମାନଙ୍କ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ପୁରୀଜିଲ୍ଲାର ଅନେକ ବଡ଼ ପଣ୍ଡିତ ତାଙ୍କର ଶିଷ୍ୟ ଥିଲେ । ଏହିପରି ଉଜ୍ଜ୍ୱଳଭାବରେ ଦିନଯାପନ କରି ଶୁଦ୍ଧଶୀଳା ସରସ୍ୱତୀଦେବୀ ୫୦ ବର୍ଷ ବୟସରେ ଇହଧାମ ତ୍ୟାଗକରି ପରଲୋକଗମନ କରିଥିଲେ । ଆଜି ତାଙ୍କର ସ୍ମୃତି ସମସ୍ତ ଶିକ୍ଷିତାରମଣୀଙ୍କ ହୃଦୟରେ ଜାଗରୂକ ରହିବା ଉଚିତ । ସେ ସନ୍ତାନ ଲାଭ କରି ନ ଥିଲେ ସତ୍ୟ; ମାତ୍ର ଏ ସୁଜ୍ଞାନର କୀର୍ତ୍ତି ତାହାଙ୍କୁ ଅଧିକ ସ୍ମରଣୀୟ କରାଇ ଦେଇଅଛି ।

Digitized by srujanika@gmail.com

ନାରୀ-ଧର୍ମ

ଆମ୍ଭଦେଶରେ ସ୍ତ୍ରୀମାନଙ୍କ ଗୁଣର ବହୁତ ପ୍ରଶଂସା ଶୁଣାଯାଏ । ପୂର୍ବେ କି ବିଦ୍ୟା କି ବିବେକ, କି ଧର୍ମ, କି ଦୟା, କି ବିନୟ, କି ବିଶୁଦ୍ଧ ସ୍ୱଭାବ, କି ଅତିଥିସେବା ସବୁଥିରେ ସ୍ତ୍ରୀମାନେ ବଳି ପଡ଼ି ଅଛନ୍ତି । ଏହିପରି ସର୍ବଗୁଣରେ ପରିପୂର୍ଣ୍ଣା ନାରୀ ସାକ୍ଷାତ୍ ଗୃହଲକ୍ଷ୍ମୀ; ଯେଉଁ ଘରେ ଏପରି ଗୃହଲକ୍ଷ୍ମୀ କୁଳବଧୂ ଥାନ୍ତି, ସେ ଘର ସ୍ୱର୍ଗ ସଙ୍ଗେ ସମାନ । ସେପରି ନାରୀଙ୍କ ପୁଣ୍ୟଯୋଗରେ ଗୃହରେ ସମସ୍ତଙ୍କର ମଙ୍ଗଳବୃଦ୍ଧି ହୁଏ । ଧର୍ମଶାସ୍ତ୍ରରେ ଲେଖାଅଛି, ଯେଉଁଘରେ ଏପରି ନାରୀମାନଙ୍କ ଆଦର କରନ୍ତି, ସେହି ଘରକୁ ଦେବତାମାନେ ପ୍ରସନ୍ନ ହୁଅନ୍ତି । ଆଜି ଯେଉଁ ଘରେ ନାରୀମାନେ ଅତ୍ୟାଚାର ସହି ବହୁ କଷ୍ଟରେ କାଳକାଟନ୍ତି, ସେ ଘର ଅଳ୍ପକାଳରେ ଧ୍ୱଂସ ପାଇଯାଏ । ନାରୀମାନଙ୍କ ଅତ୍ୟାଚାରରେ ମଧ୍ୟ ଗୃହରେ ବହୁତ ଅମଙ୍ଗଳ ଘଟେ । ଏଣୁ ନାରୀମାନଙ୍କୁ ଗୃହସ୍ଥଧର୍ମ ପାଳନ ନିମନ୍ତେ ବାଲ୍ୟକାଳରୁ ଶାସ୍ତ୍ରବିଧି ଅନୁସାରେ ଶିକ୍ଷାଦେବା ଉଚିତ । ଆମ୍ଭଦେଶରେ ସ୍ତ୍ରୀମାନଙ୍କର ଯାହା ସବୁ କର୍ତ୍ତବ୍ୟ ବୋଲି ଶାସ୍ତ୍ରରେ ଉକ୍ତ ଅଛି, ବର୍ତ୍ତମାନ ବାଳିକାମାନଙ୍କର ଶିକ୍ଷା ନିମିତ୍ତ ସେଥିରୁ କେତେକ ସଂଗ୍ରହ କରି ତଳେ ଉଲ୍ଲେଖ କରାଯାଉଅଛି ।

୧ । ପତିସେବା ନାରୀର ପ୍ରଧାନ ଧର୍ମ । ପ୍ରତ୍ୟେକ ସ୍ତ୍ରୀ ତାଙ୍କର ସ୍ୱାମୀଙ୍କୁ ଦେବତା ତୁଲ୍ୟ ଜ୍ଞାନକରି ଭକ୍ତି ଦେଖାଇବେ । ସ୍ୱାମୀ ପଣ୍ଡିତ ହୁଅନ୍ତୁ ବା ମୂର୍ଖ ହୁଅନ୍ତୁ, ଧନୀ ହୁଅନ୍ତୁ ବା ଦରିଦ୍ର ହୁଅନ୍ତୁ, ତାଙ୍କର ଗୁଣ ଥାଉ ବା ନ ଥାଉ ସ୍ତ୍ରୀର ସେ ଏକାପରି ପୂଜନୀୟ । ସ୍ୱାମୀ ବିନା ସ୍ତ୍ରୀମାନଙ୍କର ଅନ୍ୟ ଯଜ୍ଞ ନାହିଁ କିବା ଅନ୍ୟ ବ୍ରତ କିଛି ନାହିଁ । କେବଳ ପତିସେବା କଲେ ସମସ୍ତ ବ୍ରତର ଫଳପ୍ରାପ୍ତି ହୁଏ । ସ୍ୱାମୀର ବାକ୍ୟ ପାଳନ କରିବା ସ୍ତ୍ରୀର ଗୋଟିଏ ପ୍ରଧାନ ଧର୍ମ । ସେ କଦାପି ପତିବାକ୍ୟ ଲଙ୍ଘନ କରିବେ ନାହିଁ । ସତୀ ସ୍ତ୍ରୀ ପତିର ସମ୍ପଦରେ ଅନୁଗତା ଏବଂ ବିପଦରେ ମଧ୍ୟ ଅନୁଗତା ଥାଇ ପତିର ସୁଖରେ ସୁଖ ଓ ଦୁଃଖରେ ଦୁଃଖ ମଣନ୍ତି । ଯେଉଁ ସ୍ତ୍ରୀ ସ୍ୱାମୀଙ୍କୁ ଦୂରରୁ ଆସିବାର ଦେଖି ପାଦଧୌତ କରିବା-ପାଇଁ ଜଳଆଣି ଦିଅନ୍ତି ଏବଂ ବସିବା ପରେ ଖାଦ୍ୟ-ସାମଗ୍ରୀ ଆଣି ଆଗରେ ଥୁଅନ୍ତି, ଭୋଜନ ସରିଲେ ତାମ୍ବୁଳାଦି ଦେଇ ବ୍ୟଜନ ଓ ପଦସେବା କରନ୍ତି ଏବଂ ମଧୁର ଅମୃତବଚନରେ ସ୍ୱାମୀର ହୃଦୟ ଶୀତଳ ଓ ପରିତୃପ୍ତ କରନ୍ତି, ସେ ପତିବ୍ରତା ବୋଲି ଲୋକରେ ପୂଜା ପାନ୍ତି । ଯେଉଁ ସ୍ତ୍ରୀ ପତି ରୋଗରେ କ୍ଷୀଣ ହୋଇ-ଗଲେ, ଅଥବା ଦୂରଭ୍ରମଣ ଓ ରାତ୍ରିଜାଗରଣ ଦ୍ୱାରା କୃଶ ହୋଇ ପଡ଼ିଲେ ଜନନୀ ସମାନ ହୋଇ ସ୍ନେହ ଓ ଯତ୍ନ କରନ୍ତି, ତାହାଙ୍କୁ ସାଧ୍ୱୀ କହନ୍ତି । ଧର୍ମଶାସ୍ତ୍ରରେ ଲେଖାଅଛି, ପାତିବ୍ରତ୍ୟ ଛଡ଼ା ପତ୍ନୀର ଅନ୍ୟ ଧର୍ମ ନାହିଁ । କେବଳ ପତିସେବା କଲେ ଗଙ୍ଗାସ୍ନାନ, ତୀର୍ଥଦର୍ଶନ, ଦେବାଳୟପୂଜା ବା ପୁରାଣପାଠଶ୍ରବଣାଦି ସକଳ ପୁଣ୍ୟକର୍ମର ଫଳଲାଭ ହୁଏ ।

୨ । କୌଣସି ସଧବାସ୍ତ୍ରୀର ପିତୃଗୃହରେ ବହୁ-କାଳ ରହିବା ଉଚିତ ନୁହେଁ । ବରଂ ପତିଗୃହରେ ଦାସୀ ହୋଇ ଅତି କଷ୍ଟରେ ଦିନନେବା ଭଲ, ପିତା କିମ୍ବା କୌଣସି ବନ୍ଧୁଙ୍କ ଘରେ ରାଣୀ ହୋଇ ସୁଖରେ ରହିବା ଧର୍ମ ନୁହେଁ । ସଧବା ସ୍ତ୍ରୀ ସତୀସାଧ୍ୱୀ ହୋଇ ସୁଦ୍ଧା ଯଦି ପିତାଙ୍କ ଗୃହରେ ବାସ କରେ, ତାହାହେଲେ ସୁଦ୍ଧା ଲୋକେ ତାହାର ଚରିତ୍ରରେ ସନ୍ଦେହ କରିଥାନ୍ତି । ଏଣୁ ସ୍ତ୍ରୀ ପତିର ଅପ୍ରିୟା ହେଲେ ମଧ୍ୟ ସ୍ୱାମୀଗୃହରେ ବହୁକଷ୍ଟ ଅତ୍ୟାଚାର ସହିଲେ ବି ପତିନିକଟରେ

Digitized by srujanika@gmail.com

ସର୍ବଦା ବାସ କରିବେ । ପୂର୍ବକାଳରେ ଜଣେ ସାଧ୍ୱୀ ପରମେଶ୍ୱରଙ୍କୁ ଏହି ପ୍ରାର୍ଥନା କରିଥିଲେ—"ମୁଁ ଯେପରି ପର୍ବତ ପରି ଅଟଳ ଅଚଳ ହୋଇ ଯାବଜ୍ଜୀବନ ପତିଗୃହରେ ବାସ କରେଁ । ପତିଗୃହ ପରିତ୍ୟାଗ କରି ଅନ୍ୟ କୌଣସିଠାକୁ ନ ଯାଏଁ ।" ବାଳିକା ହେଉ, ଯୁବତୀ ହେଉ ବା ବୃଦ୍ଧା ହେଉ କୌଣସି ଅବସ୍ଥାରେ ସ୍ତ୍ରୀମାନେ ଘରେ ସୁଦ୍ଧା ସ୍ୱାଧୀନଭାବରେ କାର୍ଯ୍ୟ କରି ନ ପାରନ୍ତି । ବାଲ୍ୟକାଳରେ ପିତାଙ୍କ ଅଧୀନରେ, ଯୌବନରେ ପତିଙ୍କ ଅଧୀନରେ ଏବଂ ବୃଦ୍ଧାବସ୍ଥାରେ ପୁତ୍ରଙ୍କ ତତ୍ତ୍ୱାବଧାନରେ ସ୍ତ୍ରୀମାନେ ରହି କାର୍ଯ୍ୟ କରିବେ । ପିତା, ପତି ବା ପୁତ୍ରମାନଙ୍କଠାରୁ ପୃଥକ୍ ହୋଇ କଦାପି ରହି ପାରିବେ ନାହିଁ । ଏମାନଙ୍କଠାରୁ ପୃଥକ୍ ହେଲେ ପିତୃକୁଳ ଓ ଶ୍ୱଶୁରକୁଳ ଉଭୟ କୁଳର ନିନ୍ଦା ହୁଏ । ସ୍ତ୍ରୀମାନେ ବାଟ ଘାଟ ପରି ଅନାବୃତ ସ୍ଥାନରେ ବା କୌଣସି ଅପବିତ୍ର ସ୍ଥାନରେ ରହିବାର ପାତ୍ର ନୁହନ୍ତି । ଉକ୍ତ ପରି ତାହାଙ୍କୁ ପୁର ମଧ୍ୟରେ ସୁରକ୍ଷିତ ସ୍ଥାନରେ ରଖିବାର ବିଧି । ଯେଉଁ ଗୃହରେ ସ୍ତ୍ରୀମାନେ ବାସ କରନ୍ତି, ତାହାକୁ ଶୁଦ୍ଧାନ୍ତ ବା ଅନ୍ତଃପୁର ବୋଲାଯାଏ, ତାହା ଅତି ପବିତ୍ର ସ୍ଥାନ । କୁଳସ୍ତ୍ରୀ ଗୃହର ବାସ୍ତୁଦେବତାସ୍ୱରୂପ । ସେ କଦାପି ଦାସଦାସୀ ପରି କଠିନ ପରିଶ୍ରମ କରି, ବିରାଡ଼ି କୁକୁରଆଦି ତୁଚ୍ଛଜୀବ ପରି ବା କାରାଗାରର ବନ୍ଦୀ ପରି ରହିବାର ଯୋଗ୍ୟା ନୁହନ୍ତି । ଭାର୍ଯ୍ୟାହିଁ ଗୃହସ୍ଥାଶ୍ରମର ମୂଳ । ଦେବତାଙ୍କୁ ଯେପରି ବିବିଧ ଉପଚାରରେ ପୂଜା କରିବାକୁ ହୁଏ, ସେହିପରି କୁଳବଧୂଙ୍କୁ ସ୍ୱାମୀ, ଶ୍ୱଶ୍ରୂ-ଶ୍ୱଶୁର ଓ ଜ୍ଞାତିବର୍ଗ ଉତ୍ତମ ଖାଦ୍ୟ, ବସ୍ତ୍ର ଓ ଅଳଙ୍କାରାଦି ନାନା ଉପଚାରଦ୍ୱାରା ପୂଜା କରିବେ ।

୩ । ପତ୍ନୀ ପତିର ସର୍ବଦା ପ୍ରିୟମ୍ବଦା ହେବେ । ପତିଙ୍କୁ ସର୍ବଦା ପ୍ରିୟ କଥା କହି ଯେପରି ସନ୍ତୁଷ୍ଟ କରିବେ, ଅନ୍ୟମାନଙ୍କୁ ମଧ୍ୟ ସେହିପରି ମଧୁର କୋମଳ ବଚନରେ ତୃପ୍ତ କରାଇବେ । କର୍କଶ କଥା କହି କାହାର ମନରେ ପୀଡ଼ା ଦେବେନାହିଁ କି କାହାର ସହିତ ବିବାଦ କରିବେ ନାହିଁ । କୁଳସ୍ତ୍ରୀର କାହାର ସହିତ ଅଧିକ କଥା କହିବା ଉଚିତ ନୁହେ କିମ୍ବା ଅନର୍ଥକ ବାକ୍ୟାଳାପ କରିବା ମଧ୍ୟ ବିଧି ନୁହେ । ମନରେ ଦୁଃଖ ଉପସ୍ଥିତ ହେଲେ କୌଣସି ସ୍ତ୍ରୀ ପୁରୁଷ ଆଗରେ କୁଳସ୍ତ୍ରୀର ବିଳାପ କରିବା ଧର୍ମ ନୁହେ । ଧର୍ମପୁରାଣରେ ଲେଖା ଅଛି ଯେଉଁ ସ୍ତ୍ରୀ, ସ୍ୱାମୀ ଆହ୍ୱାନ କଲେ ଅକାରଣ ରାଗିଯାଇ କର୍କଶସ୍ୱରରେ ଉତ୍ତର ଦିଏ, ସେ ପର-ଜନ୍ମରେ ଅତି ହୀନଯୋନିରେ ଜନ୍ମ ପାଏ । କାହାରିକୁ ପ୍ରତାରଣା କରିବା କୁଳସ୍ତ୍ରୀର ଉଚିତ ନୁହେ । 'ମୁଖରେ ମଧୁର, ହୃଦୟରେ ବିଷ' ରଖିଲେ ମହାପାପ ହୁଏ । କଦାପି ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରିବା ଉଚିତ ନୁହେ । ଯେଉଁମାନେ ଅଶ୍ଳୀଳ ଗାଳି ଦେବାରେ ସର୍ବଦା ଅଭ୍ୟସ୍ତା ସେମାନେ ରାକ୍ଷସୀ ।

୪ । ଶାଶୁଙ୍କୁ ମାତା ଏବଂ ଶ୍ୱଶୁରଙ୍କୁ ପିତାଜ୍ଞାନ କରି କୁଳବଧୂ ସେବା ଭକ୍ତି କରିବେ । ଅନ୍ୟାନ୍ୟ ଗୁରୁପତ୍ନୀ ଜ୍ୟେଷ୍ଠା ଆତ୍ମୀୟ ସ୍ତ୍ରୀମାନଙ୍କୁ ମଧ୍ୟ ସେହିପରି ଭକ୍ତି କରିବେ । ଅନ୍ୟାନ୍ୟ ସ୍ତ୍ରୀମାନଙ୍କ ପ୍ରତି ସର୍ବଦା କୋମଳ ବ୍ୟବହାର ରଖିଥିବେ । ଗୁରୁଜନ କେହି ତଳେ ବସିଥିଲେ, କୌଣସି ସ୍ତ୍ରୀ ଉଚ୍ଚ ଆସନରେ ବସିବେ ନାହିଁ କିମ୍ବା ଆପଣାର ବହୁମୂଲ୍ୟ ବସ୍ତ୍ର ଅଳଙ୍କାର ଅନ୍ୟକୁ ଦେଖାଇ ଦେବେନାହିଁ । କୌଣସିଠାକୁ ଏହି ଗର୍ବ ଦେଖାଇବା ଲାଗି ଯିବା ଏକାନ୍ତ ଅନ୍ୟାୟ । ଏଥିପାଇଁ ଆମୋଦ ଉତ୍ସବ ସମୟରେ କୁଳସ୍ତ୍ରୀର ପର ଗୃହକୁ ଯିବା ଶାସ୍ତ୍ରରେ ମନା ଅଛି । ସ୍ତ୍ରୀ ସର୍ବଦା ଲଜ୍ଜାଶୀଳା ଥାଇ ଗୃହମଧ୍ୟରେ ଗୃହକର୍ମରେ ଲାଗି ରହିଥିବେ । ସ୍ତ୍ରୀମାନଙ୍କର ଦୈନିକ କର୍ମ ଶାସ୍ତ୍ରରେ ଏହିପରି ବର୍ଣ୍ଣିତ ଅଛି । ପ୍ରତ୍ୟହ ପ୍ରତ୍ୟୁଷରେ ସ୍ତ୍ରୀ ସ୍ୱାମୀ ଉଠିବା ପୂର୍ବରୁ ଉଠି ଆଗେ ସ୍ନାନ ଶୌଚ ସାରି ଗୋମୟଜଳରେ ଗୃହଦ୍ୱାର ଲେପନ କରିବେ । ତତ୍ପରେ ସ୍ଥାଳୀ ପ୍ରଭୃତି ପାକପାତ୍ରମାନ ଉତ୍ତମରୂପେ

Digitized by srujanika@gmail.com

ମାର୍ଜନ କରି ପାକଶାଳାରେ ମୃତ୍ତିକାଦ୍ୱାରା ଚୂଲ୍ଲୀକୁ ଉତ୍ତମରୂପେ ଲିପି ଦେବେ । ତହିଁ ଉତ୍ତାରେ ଜଳ ଚାଉଳ ଆଦି ସମସ୍ତ ପାକ ସାମଗ୍ରୀ ସଂଗ୍ରହ କରି ଆଣି ପାକଶାଳାରେ ରଖିବେ ଏବଂ ଯଥାସମୟରେ ଚୂଲ୍ଲୀରେ ଅଗ୍ନି ଜାଳି ପାକ ଆରମ୍ଭ କରିବେ । ଯେଉଁ ସ୍ତ୍ରୀ କିଛି ବିଦ୍ୟାଶିକ୍ଷା କରିଥିବେ, ସେ ଏହି ପାକ ସଂଯୋଗର ପୂର୍ବ ଅବସରରେ ଧର୍ମପୁରାଣ, ଭାଗବତ ବା ଅନ୍ୟ କୌଣସି ସଦ୍‌ଗ୍ରନ୍ଥ ପ୍ରତିଦିନ ନିୟମିତରୂପେ ପାଠ କରିବେ । ଅନ୍ନ ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇଗଲେ, ଶାଶୁ, ଶ୍ୱଶୁର, ସ୍ୱାମୀ ପ୍ରଭୃତିଙ୍କୁ ପ୍ରସନ୍ନମନରେ ଭୋଜନ କରାଇ ପରେ ଗୃହର ଦାସ ଦାସୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଖୁଆଇ ଶେଷରେ ଆପେ ଭୋଜନ କରିବେ । ସମସ୍ତ ଭୋଜ୍ୟ ଯେପରି ସୁପକ୍ୱ ଏବଂ ପରିଷ୍କୃତ ଥାଏ, ସେଥିପ୍ରତି ଦୃଷ୍ଟି ରଖିବେ । ଭୋଜନାନ୍ତେ ଅବସରରେ ଅଧିକ ନ ଶୋଇ ପୁସ୍ତକପାଠରେ କଟାଇବେ । ସନ୍ଧ୍ୟା ପୂର୍ବରୁ ରାତିଲାଗି ସମସ୍ତ ପାକଦ୍ରବ୍ୟ ସଂଗ୍ରହ କରି ବହିର୍ଭୂମିକୁ ଯାଇ ପୁନର୍ବାର ଶୌଚ ପରେ ପାକ-କ୍ରିୟାରେ ଲାଗିବେ । ରାତିରେ ସମସ୍ତଙ୍କର ଭୋଜନ ସରିବା ପର୍ଯ୍ୟନ୍ତ ଜାଗ୍ରତ ରହି ହୃଷ୍ଟଚିତ୍ତରେ ସମସ୍ତ କାର୍ଯ୍ୟ କରିବେ । ଶକୁନ୍ତଳା ଶ୍ୱଶୁର ଗୃହକୁ ଯିବା କାଳରେ କଣ୍ୱ ମହର୍ଷି ଆପଣା କନ୍ୟାକୁ ଏହିପରି କର୍ତ୍ତବ୍ୟ ଉପଦେଶ ଦେଇଥିଲେ—ମା, "ଶ୍ୱଶୁର ଶ୍ୱଶ୍ରୂ ପ୍ରଭୃତି ଗୁରୁଜନଙ୍କର ସେବା କରିବୁ । ପତିଗୃହରେ ଯଦି କେହି ସପତ୍ନୀ ଥାନ୍ତି, ତାଙ୍କ ପ୍ରତି ପ୍ରିୟସଖୀ ପରି ଆଚରଣ କରିବୁ, କେବେ ବିବାଦ କରିବୁ ନାହିଁ । ଯେବେ କୌଣସି କାରଣରୁ ସ୍ୱାମୀ କୁପିତ ହୋଇ ଭର୍ତ୍ସନା କରନ୍ତି, ତାହାହେଲେ କଦାପି ତାଙ୍କର ପ୍ରତିକୂଳ ଆଚରଣ କରିବୁ ନାହିଁ । ସମସ୍ତ ପରିଜନ ଓ ଦାସ ଦାସୀଙ୍କ ପ୍ରତି ଯଥେଷ୍ଟ ସରଳ ଓ କୋମଳ ବ୍ୟବହାର କରିବୁ । ସୌଭାଗ୍ୟ ବୃଦ୍ଧି ହେଲେ କେବେହେଁ ଗର୍ବ କରିବୁ ନାହିଁ । ଏହିପରି ଉପଦେଶ ଅନୁସାରେ କାର୍ଯ୍ୟ କଲେ ଉତ୍ତମ ଗୃହିଣୀ ବୋଲାଇବୁ ।"

ସଂସାରଯାତ୍ରା ଚଳାଇବା ଲାଗି କୁଳସ୍ତ୍ରୀ ଅଧିକ ବ୍ୟୟଶୀଳା ହେବା ଉଚିତ ନୁହେ । କୃପଣା ହେବା ମଧ୍ୟ ଭଲ ନୁହେ । ନ୍ୟାୟ ବିଷୟରେ ଯାହା ବ୍ୟୟ କରିବ, ବିଳାସରେ ଅଧିକ ବ୍ୟୟ କରିବା ବା ବହୁ-ମୂଲ୍ୟ ବସ୍ତ୍ର ଅଳଙ୍କାର ଲାଗି ସ୍ୱାମୀଙ୍କୁ କୌଣସି କଷ୍ଟରେ ପକାଇବା ମଧ୍ୟ ଉଚିତ ନୁହେ । କୌଣସି ଧର୍ମକାର୍ଯ୍ୟ କରିବାରେ ସ୍ୱାମୀଙ୍କର ଧନ ବ୍ୟୟ ଦେଖିଲେ ସେଥିରେ ବାଧା ଦେବା କୁଳସ୍ତ୍ରୀର କର୍ତ୍ତବ୍ୟ ନୁହେଁ । ସର୍ବଦା ଈଶ୍ୱରବିଶ୍ୱାସ ରଖି ପତିଙ୍କ ସହିତ ଧର୍ମ ପାଳନ କରିବା ଏକାନ୍ତ ବିଧେୟ । ଅହଙ୍କାର, ଅତି ସାହସ ବା ପରଦ୍ରବ୍ୟହରଣ ଏକାବେଳକେ ପରିତ୍ୟାଗ କରିବ । ଆପଣାର ପିତା, ପତି ବା ଭ୍ରାତା ଅତ୍ୟନ୍ତ ଗୁଣବାନ୍ ରୂପବାନ୍ ବା ଧନବାନ୍ ବୋଲି କାହାରି ନିକଟରେ ଗର୍ବ ପ୍ରକାଶ କରିବା ଭଲ ନୁହେ । ଗୃହର ବ୍ୟୟ ସଙ୍କୋଚ ଓ ସଞ୍ଚୟଦ୍ୱାରା ଅଭାବସମୟରେ ପତିଙ୍କୁ ସାହାଯ୍ୟ କରିବ ବା ପତିଙ୍କ ବିନା ସାହାଯ୍ୟରେ ଗୃହକର୍ମ ଚଳାଇ ନେବା ଗୃହିଣୀର ଉତ୍ତମ କାର୍ଯ୍ୟ । ଆଜି ତୈଳଲବଣ ବା ଘୃତଚାଉଳାଦି ସରିଗଲେ ଆଜି 'ଏହା ନାହିଁ ତାହା ନାହିଁ' ବୋଲି ବାରମ୍ବାର କହି ସ୍ୱାମୀଙ୍କୁ ଲଣ୍ଡଭଣ୍ଡ କରିବା ଉଚିତ ନୁହେ ବରଂ ସରିବାର ଦିନେ ଦୁଇ ଦିନ ପୂର୍ବରୁ ଘରର ଅଭାବ ଜଣାଇ ଦେବା ଭଲ । ଗୃହକୁ କେହି ବନ୍ଧୁ ବା ଅତିଥି ଶୁଭାଗମନ କଲେ, ତାହାଙ୍କ ସେବାରେ ଯେପରି କିଛି ମନ୍ଦ ତ୍ରୁଟି ନ ହୁଏ, ସେଥି ପ୍ରତି ଗୃହିଣୀର ବିଶେଷ ଦୃଷ୍ଟି ରହିବ । ଅଭ୍ୟାଗତ ଓ ଭିକ୍ଷୁକମାନଙ୍କୁ ଉଚିତ ଭିକ୍ଷା ଦେଇ ଅଥବା ନ ଥିଲେ କୋମଳ ବଚନରେ ପ୍ରବୋଧ ଦେଇ ଗୃହରୁ ଫେରାଇବ । ଏହିରୂପେ ଗୃହସ୍ଥଧର୍ମ ପାଳନ କରି ଚଳିଲେ ଗୃହିଣୀ ସର୍ବସୁଖର ଅଧିକାରିଣୀ ହୁଅନ୍ତି ।

Digitized by srujanika@gmail.com

୭ । ସୁଶିକ୍ଷା ଏକା ସର୍ବପ୍ରକାର ସୁଖର ମୂଳ । ଯଦି କେହି ପିତା କନ୍ୟାର ସର୍ବବିଧ ଯନ୍ତ୍ରଣା ଦୂର କରିବାକୁ ଇଚ୍ଛା କରିବେ, ତେବେ ସେ କନ୍ୟାକୁ ସୁଶିକ୍ଷା ପ୍ରଦାନ କରିବେ । ଯେଉଁ କନ୍ୟା କୁମାରୀ ଅବସ୍ଥାରେ ସୁଶିକ୍ଷା ଲାଭ କରିବାର ସୌଭାଗ୍ୟ ପାଇଥାଏ, ସେ ଶିକ୍ଷାଯୋଗେ ସମସ୍ତ ସଦ୍‌ଗୁଣ ଲାଭ କରେ ଏବଂ ତଦ୍ଦ୍ୱାରା ସେ ଶ୍ୱଶୁରଗୃହରେ କୌଣସି ପ୍ରକାର କଷ୍ଟ ଭୋଗ ନ କରି ପତିଙ୍କୁ ସନ୍ତୁଷ୍ଟ ରଖି ମହାସୁଖରେ ଦିନ ଯାପନ କରି ପାରିବ । ପିତା କନ୍ୟାକୁ ଶିକ୍ଷା ନ ଦେଇ ଶତ୍ରୁସମାନ ତାହାର ସମସ୍ତ ଦୁଃଖ ଯନ୍ତ୍ରଣାର କାରଣ ହୁଅନ୍ତି । ଧର୍ମଶାସ୍ତ୍ରକାର ମନୁ କହିଅଛନ୍ତି—

କନ୍ୟାପ୍ୟେବଂ ପାଳନୀୟା
ଶିକ୍ଷଣୀୟା ଚ ଯତ୍ନତଃ ।
ଦେୟା ବରାୟ ବିଦୁଷେ
ଧନରତ୍ନସମନ୍ୱିତା ॥

ଅର୍ଥାତ୍, ପୁତ୍ର ପରି କନ୍ୟାକୁ ମଧ୍ୟ ପାଳନ କରିବ ଏବଂ ଶିକ୍ଷା ପ୍ରଦାନ କରିବ । ତତ୍ପରେ ଗୁଣବାନ୍ ଯୋଗ୍ୟ ବର ହସ୍ତରେ ଧନରତ୍ନାଦି ସହିତ ତାହାକୁ ପ୍ରଦାନ କରିବ । ଶିକ୍ଷା ନ ପାଇ ହିନ୍ଦୁରମଣୀମାନେ ଅଶେଷ ଦୁର୍ଗତି ଭୋଗ କରୁଅଛନ୍ତି ଏବଂ ଆପଣାର ଧର୍ମକୁ ଦୃଢ଼ କରି ରଖି ପାରୁ ନାହାନ୍ତି । ଘୋର କୁସଂସ୍କାରବଶରୁ ଯେଉଁମାନେ କହନ୍ତି ଯେ, "ସ୍ତ୍ରୀମାନେ ବିଦ୍ୟାଶିକ୍ଷା କଲେ ବିଧବା ହୁଅନ୍ତି ଅଥବା ପତିର ଅନୁଗତା ହୁଅନ୍ତି ନାହିଁ" ସେମାନେ ନିତାନ୍ତ ଏକଦେଶଦର୍ଶୀ ଏବଂ ପଣ୍ଡିତମୂର୍ଖ । ପୂର୍ବକାଳରେ ଆମ୍ଭ ଦେଶର ସ୍ତ୍ରୀମାନେ ସର୍ବଶାସ୍ତ୍ରରେ ସୁପଣ୍ଡିତା ଥିଲେ । ସେମାନେ ବେଦ, ସ୍ମୃତି, ପୁରାଣ, କାବ୍ୟ, ନାଟକ, ଇତିହାସ, ଦର୍ଶନ ସମସ୍ତ ବିଷୟ ଉତ୍ତମରୂପେ ଶିକ୍ଷା କରୁଥିଲେ । ଏପରି କି ବଡ଼ ବଡ଼ ପଣ୍ଡିତସଭାରେ ପଣ୍ଡିତମାନଙ୍କୁ ଯୁକ୍ତି ଓ ତର୍କରେ ହଟାଇ ଦେଉଥିଲେ । ସଦ୍‌ବିଦ୍ୟା ବଳରେ ସେମାନେ ଅଧିକ ସାଧ୍ୱୀ ଓ ପତିବ୍ରତା ଥିଲେ । ଅତଏବ ସ୍ତ୍ରୀମାନଙ୍କର ବିଦ୍ୟାଚର୍ଚ୍ଚା ସର୍ବଥା ବିଧେୟ । ଯେଉଁମାନେ ସେମାନଙ୍କ ଶିକ୍ଷାରେ ବାଧା ଦିଅନ୍ତି, ସେମାନେ ବେଦର ସନାତନ ଆର୍ଯ୍ୟଧର୍ମରେ ବାଧା ଦିଅନ୍ତି ବୋଲିବାକୁ ହେବ । ସେମାନେ ଏହା ଜାଣନ୍ତି ନାହିଁ । ଯେ, ବେଦର ଅନେକ ମନ୍ତ୍ର କେତେ ଜଣ ବିଦ୍ୟାବତୀ ମହିଳାଙ୍କଦ୍ୱାରା ସଙ୍କଳିତ ହୋଇଅଛି । ଅନେକ ସ୍ତ୍ରୀ ଗ୍ରନ୍ଥରଚନାରେ ତାଙ୍କର ସ୍ୱାମୀଙ୍କୁ ସୁଦ୍ଧା ସାହାଯ୍ୟ କରିଅଛନ୍ତି । ଅତ୍ୟନ୍ତ ଦୁଃଖ ଓ ଲଜ୍ଜାର କଥା ଯେ, ସେ ଦେଶରେ ବର୍ତ୍ତମାନ ସ୍ତ୍ରୀମାନଙ୍କ ଶିକ୍ଷା ବିଷୟରେ ଏପରି କୁସଂସ୍କାର ରହିଅଛି । ଆଜି କାଲି ଅନେକେ ଶିକ୍ଷିତା ସ୍ତ୍ରୀର ଚରିତ୍ର ଉନ୍ନତ ନ ଦେଖି ଶିକ୍ଷାବିରୁଦ୍ଧରେ ଦଣ୍ଡ ଉତ୍ତୋଳନ କରି ବସନ୍ତି; କିନ୍ତୁ ସେମାନଙ୍କର ଦେଖିବା ଉଚିତ ଯେ, ଏକ ବୃକ୍ଷରେ ଅମୃତ ଓ ବିଷ ଉଭୟ ପ୍ରକାର ଫଳ ଅଛି । ଅମୃତ ଫଳ ନ ଭୁଞ୍ଜି ବିଷ ଫଳରୁ ବୃକ୍ଷର ନିନ୍ଦା କରିବା ବୁଦ୍ଧିମାନ୍ ବ୍ୟକ୍ତିର କାର୍ଯ୍ୟ ନୁହେ । ଆଜିକାଲି ସ୍କୁଲରେ ବାଳକାମାନଙ୍କୁ ଯେପରି ଶିକ୍ଷା ଦିଆଯାଏ, ତାହା ନାରୀର ଉପଯୁକ୍ତ ଶିକ୍ଷା ନୁହେ; ଅଥବା ସେ ଶିକ୍ଷା ସାଧ୍ୱୀର ଚରିତ୍ର ଫୁଟାଇବାକୁ ସମ୍ପୂର୍ଣ୍ଣ ଉପଯୁକ୍ତ ନୁହେ । ନାରୀମାନଙ୍କର ଶିକ୍ଷାପଦ୍ଧତି ପୁରୁଷଶିକ୍ଷାପ୍ରଣାଳୀରୁ ସମ୍ପୂର୍ଣ୍ଣ ପୃଥକ୍ । ଧର୍ମଶାସ୍ତ୍ରରେ କୁମାରୀମାନଙ୍କ ଶିକ୍ଷା ବିଷୟରେ ଏହି ଉପଦେଶ ଅଛି ଯେ, ସେମାନଙ୍କୁ ଧର୍ମ ଓ ନୀତି ବିଦ୍ୟା ଶିକ୍ଷା ଦେବ; ଅର୍ଥାତ୍, ନାନାପ୍ରକାର ଚିତ୍ତରଞ୍ଜନ ଉପାଖ୍ୟାନମାନ ନ ପଢ଼ାଇ ସ୍ତ୍ରୀ ଧର୍ମଜୀବନ ଗଠନ କରିବାପାଇଁ କୁମାରୀମାନଙ୍କୁ ଧର୍ମଶାସ୍ତ୍ର ଓ ନୀତିଶାସ୍ତ୍ର ଶିକ୍ଷା ଦେବ । ସୀତା ସାବିତ୍ରୀ, ଦମୟନ୍ତୀ, ଲୋପମୁଦ୍ରା ପ୍ରଭୃତି ପୁଣ୍ୟଚରିତ୍ରା ଦେବୀମାନଙ୍କର ଜୀବନ କଥା ଯେଉଁ ଗ୍ରନ୍ଥରେ ବର୍ଣ୍ଣିତ ଥିବ, ତାହା ପାଠ କରାଇଲେ ପିତା, ମାତା, ଶ୍ୱଶୁର, ଶ୍ୱଶ୍ରୂ, ସ୍ୱାମୀ ଓ ଅନ୍ୟାନ୍ୟ ଗୁରୁଜନଙ୍କ ପ୍ରତି କିପରି ବ୍ୟବହାର କରିବାକୁ ହେବ, ତାହା ଉତ୍ତମରୂପେ ଶିକ୍ଷା କରି କୁମାରୀମାନେ ପିତୃକୁଳ ଓ ଶ୍ୱଶୁରକୁଳ ଉଭୟ କୁଳର

Digitized by srujanika@gmail.com

ଆନନ୍ଦବର୍ଦ୍ଧନ କରି ପାରିବେ । ଉପନ୍ୟାସ ବା କୌଣସି ପ୍ରକାର ଚିତ୍ତରଞ୍ଜକ ଅଶ୍ଳୀଳ ପ୍ରେମପୁସ୍ତକ ପାଠ କରିବା ଅଥବା ପ୍ରବାସୀ ସ୍ୱାମୀଙ୍କୁ ପ୍ରେମପତ୍ର ଲେଖି ପାରିବା ଲାଗି କୁମାରୀମାନଙ୍କୁ ବିଦ୍ୟାଶିକ୍ଷା ଦେବାର ବିଧି ଶାସ୍ତ୍ରରେ ନାହିଁ । କୁମାରୀମାନେ ଯେପରି ଧର୍ମ ଓ ନୀତିରେ ସୁଶିକ୍ଷିତା ହେବେ, ତାହା କର୍ତ୍ତବ୍ୟ; ସେପରି ହେଲେ ପିତା ସୁଚରିତ୍ର ବିଦ୍ୱାନ୍ ବର ହସ୍ତରେ ତାହାଙ୍କୁ ସମର୍ପଣ କରିବେ । ଯେଉଁ କୁମାରୀ ପତି ପ୍ରତି କିପରି ବ୍ୟବହାର କରିବାକୁ ହେବ, ଜାଣି ନ ଥାଏ ବା ପତିର ମର୍ଯ୍ୟାଦା କିଛି ଜାଣେ ନାହିଁ ଅଥବା ଧର୍ମଶାସ୍ତ୍ର ଓ ନୀତିଶାସ୍ତ୍ରରେ କିମ୍ପରି ଶାସନବାକ୍ୟମାନ ଅଛି, ଜାଣେ ନାହିଁ, ସେପରି କନ୍ୟା ବିବାହ ଦେଲେ ପିତା ନିନ୍ଦାଭାଗୀ ହୁଅନ୍ତି । ବିବାହ ସମୟରେ ପରସ୍ପର ପ୍ରତି ଅନୁରାଗ ପ୍ରଦର୍ଶନ ଭବିଷ୍ୟତ୍ ମଙ୍ଗଳସୂଚକ ଲକ୍ଷଣ । ମହର୍ଷିମାନେ କହିଅଛନ୍ତି, ଯେଉଁ ସ୍ତ୍ରୀ ବିବାହ ସମୟରେ ବାକ୍ୟ, ମନ ଓ ଚକ୍ଷୁଦ୍ୱାରା ବର ପ୍ରତି ଅନୁରାଗ ପ୍ରଦର୍ଶନ କରନ୍ତି, ସେ ଅତି ସୌଭାଗ୍ୟବତୀ । ପତିସେବାରେ ଆଜୀବନ ମନ ପ୍ରାଣ ଢାଳି ଦେବା ସାଧ୍ୱୀ ସ୍ତ୍ରୀର ଏକାନ୍ତ କର୍ତ୍ତବ୍ୟ ।

ଧର୍ମଶାସ୍ତ୍ରରେ ଯେଉଁ ଛଅଟି ଦୂଷଣ ବର୍ଣ୍ଣିତ ଅଛି, ସେଗୁଡ଼ିକ ଏହା—ଗୋପନରେ ମଦ୍ୟମାଂସସେବନ, ଦୁଷ୍ଟଚରିତ୍ର ସ୍ତ୍ରୀ ପୁରୁଷଙ୍କ ସହିତ ସଂସର୍ଗ, ପତି ସହିତ ବିଚ୍ଛେଦ, ସ୍ୱାଧୀନଭାବରେ ଇତସ୍ତତଃ ଭ୍ରମଣ, ପର-ଗୃହରେ ଶୟନ ଏବଂ ପର ଗୃହରେ ବାସ । ପତି ପ୍ରବାସରେ ଥିଲେ ସ୍ତ୍ରୀମାନଙ୍କର ବେଶ ଭୂଷାର ଆଡ଼ମ୍ବର, ବିଳାସ, ଆମୋଦ, ଅଟ୍ଟହାସ ବା ପର ଗୃହଗମନ ନିଷିଦ୍ଧ । କୁଳବଧୂ ସର୍ବଦା ଲଜ୍ଜାଶୀଳା ଓ ମଧୁରଭାଷିଣୀ ଥାଇ ଚରିତ୍ର ଓ ବିନୟଗୁଣରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବେ । ତଳେ ସ୍ମରଣ ରଖିବା ଲାଗି କେତୋଟି କର୍ତ୍ତବ୍ୟ ଲେଖାଗଲା ।

୧ । ଗୃହକର୍ମ ଶିକ୍ଷା କରିବା ସ୍ତ୍ରୀମାନଙ୍କର ଅତ୍ୟନ୍ତ ଆବଶ୍ୟକ ।

୨ । ନାନାପ୍ରକାର ଶିଳ୍ପ ବା କଳାବିଦ୍ୟାରେ କୁଶଳା ହେବା ନାରୀର କର୍ତ୍ତବ୍ୟ ।

୩ । ପ୍ରତିଦିନ ନିୟମିତରୂପେ ଧର୍ମଶାସ୍ତ୍ର, ପୁରାଣ ବା ସଦ୍‌ଗ୍ରନ୍ଥ ପବିତ୍ରମନରେ ପାଠ କରିବା ଉଚିତ ।

୪ । ସର୍ବଦା ସନ୍ତାନମାନଙ୍କ ଲାଳନ ପାଳନରେ ଯଥେଷ୍ଟ ସ୍ନେହ ଓ ଜୀବମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା ଏକାନ୍ତ ଉଚିତ ।

୫ । ଶ୍ୱଶୁର, ଶ୍ୱଶ୍ରୂ ପ୍ରଭୃତି ଗୁରୁଜନମାନଙ୍କର ସେବା ଶୁଶ୍ରୂଷା ଏବଂ ଆତ୍ମୀୟ ସ୍ତ୍ରୀମାନଙ୍କୁ ମାନ୍ୟ କରିବା ବଧୂର ସମୁଚିତ କାର୍ଯ୍ୟ ।

୬ । ପତ୍ନୀ ସର୍ବଦା ପତିର ପ୍ରିୟା ଏବଂ ପ୍ରିୟବାଦିନୀ ହୋଇ ଧର୍ମ ଆଚରଣ କରିବେ । ପତିର ସ୍ତ୍ରୀ ସହିତ ଧର୍ମ ପାଳନ କରିବା ଉଚିତ । ପତିର ବାକ୍ୟ ପାଳନହିଁ ଭାର୍ଯ୍ୟାର ପ୍ରଧାନ ବ୍ରତ ।

୭ । ପତି ପରିତ୍ୟାଗ କରି ପିତୃଗୃହରେ ବହୁ-କାଳ ବାସ କରିବା ଅଥବା ପିତା, ପତି ଓ ପୁତ୍ର-ମାନଙ୍କଠାରୁ ପୃଥକ୍ ହୋଇ ଅନ୍ୟତ୍ର ବାସ କରିବା କିମ୍ବା ସ୍ୱାଧୀନଭାବରେ କୌଣସି କାର୍ଯ୍ୟ କରିବା ସ୍ତ୍ରୀମାନଙ୍କର ଅଧର୍ମ ।

୮ । ପତି ନିର୍ବୁଦ୍ଧି, ନିର୍ଗୁଣ ଓ ଅସୁନ୍ଦର ହେଲେ ମଧ୍ୟ ଭାର୍ଯ୍ୟାର ସେ ପୂଜନୀୟ । କାପୁରୁଷ, ଦରିଦ୍ର ପତିକୁ ଅବଜ୍ଞା କରିବା ସ୍ତ୍ରୀର ନିଷିଦ୍ଧ କାର୍ଯ୍ୟ ।

୯ । ପାତିବ୍ରତ୍ୟ ଭିନ୍ନ ସ୍ତ୍ରୀର ଗଙ୍ଗାସ୍ନାନ, ତୀର୍ଥ-ଦର୍ଶନ ପ୍ରଭୃତି ଅନ୍ୟ କୌଣସି ଧର୍ମକାର୍ଯ୍ୟ ନାହିଁ ।

୧୦ । ପତିର ଅଜ୍ଞାତରେ ପରପୁରୁଷ ସହିତ ଆଳାପ କରିବା ଅଥବା ପତିର ଦୃଷ୍ଟି ଅନ୍ତରାଳରେ ପର ପ୍ରତି କଟାକ୍ଷପାତ କରିବା ସ୍ତ୍ରୀର ଗର୍ହିତ କର୍ମ । ପୁରାଣରେ କଥିତ ଅଛି ଯେଉଁ ସ୍ତ୍ରୀମାନେ ଏପରି କାର୍ଯ୍ୟ

Digitized by srujanika@gmail.com

କରନ୍ତି ସେମାନେ ପରଜନ୍ମରେ କୁରୂପା, କୁନୟନା ଓ କୁବଦନା ହୁଅନ୍ତି ।

୧୧ । ପତିଦ୍ରୋହକାରିଣୀ ଦୁଃଶୀଳା ରମଣୀ ସହିତ ବାକ୍ୟାଳାପ ସୁଦ୍ଧା କରିବା ସତୀର ଉଚିତ ନୁହେ ।

୧୨ । ରୋଗାର୍ତ୍ତ ପତିଙ୍କୁ ଅବଜ୍ଞା ନ କରି ସ୍ନେହ ଓ ଦୟାପୂର୍ଣ୍ଣ ଚିତ୍ତରେ ସେବା କରିବା ସର୍ବଥା ଉଚିତ । ସ୍ୱାମୀଭିନ୍ନ ଗୃହ ମଧ୍ୟରେ ଅନ୍ୟ କେହି ରୋଗୀ ହେଲେ ମଧ୍ୟ ତାହାଙ୍କ ପ୍ରତି ସେହିପରି ଆଚରଣ କରିବା ଗୃହିଣୀର ଧର୍ମ ।

୧୩ । ସ୍ୱାମୀଙ୍କ ସମ୍ବୋଧନରେ ଅଥବା ଅନ୍ୟ କେହି ଗୁରୁଜନ ଆହ୍ୱାନ କଲେ ଉଚ୍ଚସ୍ୱରରେ ବା କର୍କଶଭାଷାରେ ଉତ୍ତର ଦେବା ସ୍ତ୍ରୀର ଏକାନ୍ତ ଅନୁଚିତ ।

୧୪ । ପତି କୌଣସି କାରଣରୁ ରୁଷ୍ଟ ବା ଅସନ୍ତୁଷ୍ଟ ହୋଇ ଭର୍ତ୍ସନା କଲେ, ତାହା ଧୀର ଚିତ୍ତରେ ସହିଯାଇ କୌଣସି ବିକାର ଦେଖାଇବ ନାହିଁ ଅଥବା କୌଣସି କାରଣରୁ ନିଜେ ପତିପ୍ରତି ମନେ ମନେ ଅସନ୍ତୁଷ୍ଟ ହେଲେ କଦାପି ପତିନିନ୍ଦା କରିବ ନାହିଁ । ସହିଷ୍ଣୁତା ବା କ୍ଷମା ଗୁଣଦ୍ୱାରା ପତିର ଦୁର୍ଗୁଣମାନ ସହଜରେ ସଂଶୋଧନ କରି ହୁଏ । ଯେତେ କଷ୍ଟ ହେଲେ ମଧ୍ୟ ପତିଗୃହରେ ସବୁ ହୃଷ୍ଟଚିତ୍ତରେ ସହିବାକୁ ହୁଏ । କଦାପି କଷ୍ଟରେ ପଡ଼ି କାହାରି ଆଗରେ ଶ୍ୱଶୁର ଗୃହର ନିନ୍ଦା କରିବା ଅଥବା ବନ୍ଧୁଜନ ଦେଖିଲେ ବିଳାପ କରି କହିବା ସୁଗୃହିଣୀର କର୍ମ ନୁହେ ।

୧୫ । ଗୃହର ଉପକରଣ ପଦାର୍ଥମାନ, ସଜାଇ ରଖି ଗୃହକୁ ସର୍ବଦା ପରିଷ୍କୃତ ପରିଚ୍ଛନ୍ନ ରଖିବା ସ୍ତ୍ରୀମାନଙ୍କର ପ୍ରଧାନ କର୍ତ୍ତବ୍ୟ ।

୧୬ । ଶିଶୁସନ୍ତାନଙ୍କୁ କୋଳରେ ରଖି ଖେଳଚ୍ଛଳରେ ବର୍ଣ୍ଣଶିକ୍ଷାଦେବା ସ୍ତ୍ରୀମାନଙ୍କର କର୍ତ୍ତବ୍ୟ । ସନ୍ତାନମାନଙ୍କର ପ୍ରାଥମିକ ଶିକ୍ଷା ମାତା ଉପରେ ନିର୍ଭର କରେ । ଯେଉଁ ସନ୍ତାନ ପ୍ରଥମେ ମାତାଠାରୁ ଶିକ୍ଷା ପାଇଥାଏ, ସେ ଅଳ୍ପବୟସରେ ଉଚ୍ଚ ଶିକ୍ଷାଆଡ଼କୁ ଅଗ୍ରସର ହୁଏ ଗୃହମଧ୍ୟରେ ଜଣେ ନାରୀ ଉତ୍ତମ ଶିକ୍ଷାପ୍ରାପ୍ତ ହୋଇଥିଲେ ସେ ଗୃହର ଅନ୍ୟ ସ୍ତ୍ରୀମାନେ ଅଳ୍ପାଧିକରେ କିଛି ଶିଖିପାରନ୍ତି ଏବଂ ସେ କୁଟୁମ୍ବ ମଧ୍ୟରେ ବିଦ୍ୟା ପ୍ରତି ସହଜରେ ଅନୁରାଗ ଜନ୍ମେ । ଏକମାତ୍ର ସୁଶିକ୍ଷାଦ୍ୱାରା କେତେ ଯେ ସୁଫଳଲାଭ ହୁଏ, ତାହା କଳନା କରି କହି ହେବନାହିଁ ।

ସମାପ୍ତ

Digitized by srujanika@gmail.com

କର୍ମଯୋଗୀ ଗୌରୀଶଙ୍କର

KARMAJOGI GAURISANKAR

Late Pt. Mrutyunjaya Rath

Digitized by srujanika@gmail.com

ଉତ୍ସର୍ଗପତ୍ର

ପରମ ଶ୍ରଦ୍ଧାଭାଜନ ସ୍ୱନାମଧନ୍ୟ ପୁରୁଷପ୍ରବର ଦେବାନ ବାହାଦୁର ଶ୍ରୀଯୁକ୍ତ ଶ୍ରୀକୃଷ୍ଣ ମହାପାତ୍ର ମହୋଦୟ ଉଦାରଚରିତେଷୁ—

ଶ୍ରୀମନ୍ମହୋଦୟ,

ମୁଁ ଆପଣଙ୍କର ବହୁ ପରବର୍ତ୍ତୀ ହେଲେ ସୁଦ୍ଧା ଆପଣ ବାଲ୍ୟବୟସରୁ ଯେଉଁ ସ୍ୱଦେଶାନୁରାଗ, ସାଧାରଣ କାର୍ଯ୍ୟରେ ଉତ୍ସାହ ସମ୍ବାଦ-ପତ୍ରାଦିରେ ଲେଖନପ୍ରବୃତ୍ତି ପ୍ରଦର୍ଶନ କରିଅଛନ୍ତି, ସେ ସମସ୍ତ ଅବଗତ ହୋଇ ଆପଣଙ୍କ ପ୍ରତି ଗଭୀର ଶ୍ରଦ୍ଧା ଅନ୍ତରରେ ପୋଷଣ କରିଥିଲି । ପରେ ଆପଣଙ୍କ ସହିତ ନାନା ଭାବରେ ମିଶି ଆପଣଙ୍କ ହୃଦୟବତ୍ତାର ବହୁ ନିଦର୍ଶନ ପାଇବାରୁ ସେହି ଶ୍ରଦ୍ଧା ବହୁଗୁଣ ବର୍ଦ୍ଧିତ ହୋଇ ଯାଇଅଛି । ଆପଣ ମଧ୍ୟ ଗୌରୀଶଙ୍କରଙ୍କ ସ୍ୱଦେଶହିତୈଷିତା, ନିର୍ଭୀକତା, କର୍ତ୍ତବ୍ୟନିଷ୍ଠା ଓ ସ୍ୱାର୍ଥତ୍ୟାଗ ପ୍ରଭୃତି ଗୁଣରେ ମୁଗ୍ଧ ହୋଇ ତାଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ତାଙ୍କ ସହିତ ଓ ଉତ୍କଳ-ଦୀପିକା ସହିତ ଘନିଷ୍ଠ ସମ୍ପର୍କ ରଖିଥିଲେ । ତାଙ୍କ ମୃତ୍ୟୁ ପରେ ଟାଉନହଲରେ ତାଙ୍କର ତୈଳଚିତ୍ର ସଂସ୍ଥାପିତ କରାଇ ଆପଣଙ୍କ ଶ୍ରଦ୍ଧା, ଭକ୍ତି ଓ କୃତଜ୍ଞତାର ଯଥେଷ୍ଟ ପରିଚୟ ଦେଇଅଛନ୍ତି । ଉଭୟ କାରଣରୁ ଆପଣଙ୍କୁ ଯୋଗ୍ୟପାତ୍ର ମଣି ମୋହର ଏହି "କର୍ମଯୋଗୀ ଗୌରୀଶଙ୍କର" ନାମକ କ୍ଷୁଦ୍ର ପୁସ୍ତକ ଖଣ୍ଡି ଆପଣଙ୍କ କରକମଳରେ ଉତ୍ସର୍ଗ କରୁଅଛି । ଇତି ।

ଏକାନ୍ତ ସ୍ନେହାଧୀନ

ଶ୍ରୀ ମୃତ୍ୟୁଞ୍ଜୟ ରଥଶର୍ମା

Digitized by srujanika@gmail.com

ବିଜ୍ଞାପନ

"କର୍ମଯୋଗୀ ଗୌରୀଶଙ୍କର" ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ ରଥ କାବ୍ୟତୀର୍ଥଙ୍କର ଶେଷ ରଚନା ପୁସ୍ତକ ଖଣ୍ଡି ଶୀଘ୍ର ପ୍ରକାଶ କରିବାପାଇଁ ତାଙ୍କର ବଡ଼ ଆଗ୍ରହ ଥିଲା । ମାତ୍ର ଷଷ୍ଠ ଫର୍ମାଟି (୯୬ ପୃଷ୍ଠା ପର୍ଯ୍ୟନ୍ତ) ଛପା ଶେଷ ହେବା ବେଳକୁ ସେ ଦାରୁଣ ରୋଗରେ ଆକ୍ରାନ୍ତ ହେଲେ ଏବଂ ତାହାହିଁ ତାଙ୍କର କାଳ ହେଲା । ଅବଶିଷ୍ଟ ପାଣ୍ଡୁଲିପି ଆମ୍ଭମାନଙ୍କ ନିକଟରେ ନ ଥିବାରୁ ଆମ୍ଭେମାନେ ଆଉ ଅଗ୍ରସର ହୋଇ ପାରିଲୁଁ ନାହିଁ । ଅନେକ ଅନୁସନ୍ଧାନ ପରେ କେଉଁଠି କିଛି ନ ପାଇ ସେ ଆଶା ପରିତ୍ୟାଗ କରିବାକୁ ବାଧ୍ୟ ହେଲୁଁ । ଏହିପରି ଅନେକ ଦିନ ଗତ ହେବା ଉତ୍ତାରେ ଅବଶିଷ୍ଟ ଅଂଶ କୌଣସି ପ୍ରକାରେ ପୂର୍ଣ୍ଣ କରି ପୁସ୍ତକ ଖଣ୍ଡି ପ୍ରକାଶ କରିଦେବା କର୍ତ୍ତବ୍ୟ ମନେକରି ଆମ୍ଭେମାନେ ସେଥିରେ ପ୍ରବୃତ୍ତ ହେଲୁଁ । ଦ୍ୱାଦଶ ପରିଚ୍ଛେଦରୁ ଗୋଟିଏ ମାତ୍ର ପୃଷ୍ଠା ଛପା ହୋଇଥିଲା; ତାହାର ଅବଶିଷ୍ଟାଂଶ ଆମ୍ଭେମାନେ ନିଜେ ପୂରଣ କରିଦେଇ ପରବର୍ତ୍ତୀ ଅଂଶର ଭାର ସ୍ୱର୍ଗୀୟ ଗୌରୀଶଙ୍କରଙ୍କ ପ୍ରିୟ ଭ୍ରାତୁଷ୍ପୁତ୍ର ଅଧ୍ୟାପକ ଗିରିଜାଶଙ୍କର ରାୟ ଏମ୍. ଏ. ଙ୍କ ହସ୍ତରେ ନ୍ୟସ୍ତ କଲୁଁ । ତ୍ରୟୋଦଶ ପରିଚ୍ଛେଦଠାରୁ ଶେଷ ପର୍ଯ୍ୟନ୍ତ ତାଙ୍କର ଲେଖା । କିପରି ଯତ୍ନ କରି ସେ ଉକ୍ତ ଅଂଶଟି ଲେଖିଅଛନ୍ତି, ତାହା ବିଜ୍ଞ ପାଠକମାନେ ବୁଝି ପାରିବେ । ଏଥିପାଇଁ ଆମ୍ଭେମାନେ ତାଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ପୁସ୍ତକ ଖଣ୍ଡି ଶ୍ରଦ୍ଧାସ୍ପଦ ଦେୱାନ ବାହାଦୁର ଶ୍ରୀଯୁକ୍ତ ଶ୍ରୀକୃଷ୍ଣ ମହାପାତ୍ରଙ୍କ ନାମରେ ଉତ୍ସର୍ଗ କରିବା ସଂକଳ୍ପ କରି ଗ୍ରନ୍ଥକାର ଗୌରୀଶଙ୍କରଙ୍କ ପ୍ରତିକୃତି ସଙ୍ଗରେ ତାଙ୍କର ମଧ୍ୟ ଖଣ୍ଡିଏ ପ୍ରତିକୃତି ବ୍ଲକ୍ କରାଇ ଆଣିଥିଲେ । ତାହା ଛଡ଼ା ସ୍ୱର୍ଗୀୟ ପଣ୍ଡିତ ଗୋବିନ୍ଦ ରଥଙ୍କର ବ୍ଲକ ଖଣ୍ଡିଏ ମଧ୍ୟ ସଂଗ୍ରହ କରି ରଖିଥିଲେ । ଆମ୍ଭେମାନେ ସେ ତିନି ଖଣ୍ଡି ଛବି ଗ୍ରନ୍ଥରେ ସନ୍ନିବେଶିତ କରିଦେଲୁଁ । ଅଧିକନ୍ତୁ, ସ୍ୱୟଂ ଗ୍ରନ୍ଥକାରଙ୍କର ଛବି ଖଣ୍ଡିଏ ମଧ୍ୟ ଦିଆଗଲା ।

ଆମ୍ଭମାନଙ୍କର ଅଧିକ କିଛି କହିବାର ନାହିଁ । ନିଜ ଗୁଣରେ ପୁସ୍ତକ ଖଣ୍ଡି ସର୍ବତ୍ର ସମାଦୃତ ହେବାର ଦେଖିଲେ ସୁଖୀ ହେବୁଁ । ଇତି ।

କଟକ
୧୦ । ୯ । ୧୯୨୫

ଶ୍ରୀ ବିଶ୍ୱନାଥ କର
ପ୍ରକାଶକ

Digitized by srujanika@gmail.com

କର୍ମଯୋଗୀ ଗୌରୀଶଙ୍କର

ପ୍ରଥମ ପରିଚ୍ଛେଦ

ଜନ୍ମ—ବଂଶପରିଚୟ ଏବଂ ବାଲ୍ୟଶିକ୍ଷା

ବ୍ରିଟିଶ ଅଧିକାରକୁ ଆସି ଊନବିଂଶ ଶତାବ୍ଦୀର ପ୍ରଥମପାଦରେ ଯେତେବେଳେ ଭାରତବର୍ଷର ପ୍ରାୟ ସର୍ବାଞ୍ଚଳ ନୂତନ ସଭ୍ୟତାର ଆଲୋକରେ ଉଦ୍ଭାସିତ ହୋଇଥିଲା, ସେତେବେଳେ ଆମ୍ଭମାନଙ୍କର ଜନ୍ମଭୂମି ଉତ୍କଳ ଘୋର ଅନ୍ଧକାର ମଧ୍ୟରେ ସୁପ୍ତ ଅଚେତନବତ୍ ପଡ଼ି ରହିଥିଲା । ଅନ୍ୟମାନେ କାର୍ଯ୍ୟକ୍ଷେତ୍ରରେ ବହୁଦୂର ଅଗ୍ରସର ହେବାପରେ ଯେତେବେଳେ ଉତ୍କଳ ସେହିପରି ନିଷ୍ପନ୍ଦ ଓ ନିଶ୍ଚେଷ୍ଟ ରହିଥିଲା, ସେତେବେଳେ ଯେଉଁ କର୍ମ-ପୁରୁଷମାନେ ଦୀପଶିଖା ଧରି ଦେଶବାସୀଙ୍କୁ ଜାଗରିତ କରିଥିଲେ ଏବଂ ସେହି ବାଧାବିଘ୍ନମୟ କର୍ମପଥରେ ଅଗ୍ରଗାମୀ ହୋଇ ବାହାରି ଥିଲେ, ତନ୍ମଧ୍ୟରେ ପର-ଲୋକଗତ ଗୌରୀଶଙ୍କର ରାୟ ଜଣେ ।

ଏହି ରାୟବଂଶ ଉତ୍କଳରେ ବହୁକାଳରୁ ପରିଚିତ । ଏମାନେ ବଙ୍ଗଳାର ଦକ୍ଷିଣରାଢ଼ୀୟ କାୟସ୍ଥ । କୌଳିକ ଉପାଧି ଥିଲା 'ବସୁ' । ପୂର୍ବପୁରୁଷମାନେ ମୋଗଲ ବାଦସାହଙ୍କ ଅମଳରେ ରାଜକାର୍ଯ୍ୟ କରିଥିବାରୁ 'ରାଜା' ବା 'ରାୟ' ଉପାଧିପ୍ରାପ୍ତ ହୋଇଥିଲେ । ବଙ୍ଗାଳୀମାନଙ୍କର ଏ ଦେଶକୁ ଆସିବାର ତିନୋଟି କାରଣ ଇତିହାସ ପାଠରୁ ଅନୁମାନ କରାଯାଏ । ଗୌଡ଼େଶ୍ୱର ଗଜପତିମାନଙ୍କ ରାଜତ୍ୱ ସମୟରେ ବଙ୍ଗାଳୀମାନଙ୍କର ଏ ଦେଶକୁ ଆସିବାର ସୂତ୍ରପାତ ହୋଇଅଛି ସତ୍ୟ; କିନ୍ତୁ ଷୋଡ଼ଶ ଶତାବ୍ଦୀରେ ଏମାନଙ୍କର ଉତ୍କଳରେ ଉପନିବେଶ ସ୍ଥାପନର ଉପକ୍ରମ ହୋଇଅଛି । ଏହି ଶତାବ୍ଦୀରେ ରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱକାଳରେ ମହାପୁରୁଷ ଶ୍ରୀ ଚୈତନ୍ୟ-ଦେବ ପୁରୁଷୋତ୍ତମ ଧାମକୁ ଆସି ବହୁବର୍ଷ ଯାପନ କରିଥିଲେ, ଏହା କାହାରିକୁ ଅବିଦିତ ନାହିଁ । ତାଙ୍କର ସହାଗତ ଅନେକ ବୈଷ୍ଣବ ଏ ଦେଶରେ ବହୁକାଳ ରହି, ସେହି ସମୟରୁ କ୍ରମେ ସ୍ଥାୟୀ ଅଧିବାସୀ ହୋଇଅଛନ୍ତି । * ସେମାନଙ୍କ ବ୍ୟତୀତ ଅନେକେ ଜଗନ୍ନାଥ ଦର୍ଶନ ଲାଳସାରେ ଏ ଦେଶକୁ ଆସି ଆପଣାର ସ୍ଥାୟୀ ବାସଭୂମି ସ୍ୱୀକାର କରିଅଛନ୍ତି । ପୁରୀର ଜଗନ୍ନାଥ ଦେବ ଏକା ବଙ୍ଗାଳୀଙ୍କୁ କାହିଁକି ଭାରତବର୍ଷର ଅନ୍ୟାନ୍ୟ ପ୍ରଦେଶବାସୀଙ୍କୁ ମଧ୍ୟ ଉତ୍କଳ ପ୍ରତି ପ୍ରଲୁବ୍ଧ କରିଅଛନ୍ତି । ତୃତୀୟତଃ, ଉକ୍ତ ଶତାବ୍ଦୀରେ ଓଡ଼ିଶା ମୋଗଲ ଅଧିକାରକୁ ଆସିବାରୁ ବଙ୍ଗର ଶାସନକର୍ତ୍ତା ତୋଡ଼ରମଲ୍ଲଙ୍କ କର୍ତ୍ତୃତ୍ୱରେ ଯେତେବେଳେ ଓଡ଼ିଶାର ପ୍ରଥମ ରାଜସ୍ୱ ବନ୍ଦୋବସ୍ତ ହେଲା, ତେତେବେଳେ ବଙ୍ଗ ଦେଶରୁ

* ପ୍ୟାରିମୋହନ ଇତିହାସ— ମ ଘ.—ପୃ ୮୯

Digitized by srujanika@gmail.com

ଅନେକ କର୍ମଚାରୀ ଏ ଦେଶକୁ ରାଜକାର୍ଯ୍ୟରେ ଆସିଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ବସତି ସ୍ଥାପନ କରିଅଛନ୍ତି । ଏହି ବୃତ୍ତିପ୍ସୁ କାରଣରେ ଉକ୍ତ ରାୟବଂଶ ସେ ସମୟରେ ବର୍ଦ୍ଧମାନରୁ ଓଡ଼ିଶାକୁ ଆଗମନ କରିଥିଲେ । ଏହି ବଂଶର ବାସସ୍ଥାନ କଟକ ଜିଲ୍ଲାର ଅନ୍ତର୍ଗତ ଅସୁରେଶ୍ୱର ପ୍ରଗନ୍ନାର 'ଦକ୍ଷିଣପଡ଼ା' ଗ୍ରାମ । ଏହା କଟକନଗରର ପୂର୍ବୋତ୍ତର ବାରକ୍ରୋଶ ଦୂରରେ ଲୁଣୀନଦୀ କୂଳରେ ଅବସ୍ଥିତ । ଅସୁରେଶ୍ୱର ଅଞ୍ଚଳରେ ଏହି ରାୟବଂଶର ସମ୍ଭ୍ରମ ଏବଂ ସୁଖ୍ୟାତି ବହୁକାଳରୁ ରହିଅଛି ।

ବ୍ରିଟିଶ ରାଜତ୍ୱରେ ଏହି ବଂଶଧର ମାଧବପ୍ରସାଦ ରାୟ କଟକରେ ଜଣେ ମୋକ୍ତାର ଥିଲେ ଏବଂ ପୁରୀର ପ୍ରସିଦ୍ଧ ଏମାରମଠ ମହନ୍ତଙ୍କର ଜଣେ ବୃତ୍ତିଭୋଗୀ ପ୍ରତିନିଧି ଥାଇ ମଠର ସମସ୍ତ କାର୍ଯ୍ୟ ବୁଝୁଥିଲେ । ବର୍ତ୍ତମାନ ଚୌଧୁରୀବଜାରର ଯେଉଁ ସ୍ଥାନରେ 'ରାୟ ଭବନ' ଶୋଭା ପାଉଅଛି, ସେଠାରେ ସେତେବେଳେ ପୁରୀ ଏମାରମଠର ଅଧୀନ 'ସଖୀମଠ' ଥିଲା । ମାଧବ ପ୍ରସାଦ କାର୍ଯ୍ୟକୁଶଳତା ଗୁଣରେ ତଦାନୀନ୍ତନ ମହନ୍ତଙ୍କର ପ୍ରୀତିଭାଜନ ହୋଇ ପାରିଥିଲେ । ତେଣୁ ଉକ୍ତ ସ୍ଥାନରେ ପରେ 'ସଖୀମଠ' ଉଠିଯିବାରୁ ସେ ତାହା ବାର୍ଷିକ ଅଳ୍ପ ଖଜଣାରେ ନିଜ ବାସ ନିମନ୍ତେ ଲାଭ କରିଥିଲେ । ମାଧବପ୍ରସାଦଙ୍କର ଚାରି ପୁତ୍ର । ଏ ପ୍ରତ୍ୟେକଙ୍କର ତତ୍କାଳସୁଲଭ ଶିକ୍ଷାବିଧାନରେ ସେ କିଛିମାତ୍ର ତ୍ରୁଟି କରି ନ ଥିଲେ । ଜ୍ୟେଷ୍ଠ ସଦାଶିବପ୍ରସାଦ ରାୟ ପାରସୀଭାଷାରେ ବ୍ୟୁତ୍ପତ୍ତି ଲାଭ କରି କଟକ ଅଦାଲତର ଦାୟିତ୍ୱପୂର୍ଣ୍ଣ ଉକିନିବିସ୍ (ବିଚାର ନଥିଲି ଲେଖକ) ପଦରେ ନିଯୁକ୍ତ ହୋଇଥିଲେ ଏବଂ ମଧ୍ୟମ ଭବାନୀପ୍ରସାଦ ରାୟ ନାଜର ପଦରେ ନିଯୁକ୍ତ ହୋଇ ବାଲେଶ୍ୱର ଅଦାଲତରେ କାର୍ଯ୍ୟ କରିଥିଲେ । ସଦାଶିବପ୍ରସାଦ ଜଣେ ତେଜସ୍ୱୀ ପୁରୁଷ ଥିଲେ । ସାମାନ୍ୟ ଅମଲା ଥିଲେ କଣ ହେଲା, ତାହାଙ୍କ ହୃଦୟରେ କେତେଗୁଡ଼ିଏ ଉଚ୍ଚବୃତ୍ତି ସ୍ଥାନ ପାଇଥିଲା । ତେଣୁ ସେ କୌଣସି ପ୍ରଲୋଭନରେ ନ ପଡ଼ି ସାଧୁଭାବରେ ଜୀବନଯାପନ କରିଥିଲେ । ଭଗବାନଙ୍କ କୃପାରୁ ସାଧୁତାର ପୁରସ୍କାର ସ୍ୱରୂପ ସେ ଚାରିପୁତ୍ର ଲାଭ କରିଥିଲେ, ଯେଉଁମାନଙ୍କ ମଧ୍ୟରେ ସ୍ୱର୍ଗତ ଗୌରୀଶଙ୍କର ରାୟ ଜ୍ୟେଷ୍ଠ ଏବଂ ଶ୍ରୀଯୁକ୍ତ ରାମଶଙ୍କର ରାୟ କନିଷ୍ଠ ।

୧୮୩୮ ଖ୍ରୀଷ୍ଟାବ୍ଦର ଜୁଲାଇ ମାସରେ ଅଥବା ଆଷାଢ଼ମାସର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ଗୌରୀଶଙ୍କର ଭୂମିଷ୍ଠ ହୋଇ ଦକ୍ଷିଣପଡ଼ାର ରାୟକୁଳ ଉଜ୍ଜ୍ୱଳ କରିଥିଲେ । ଠିକ୍ ଏହି ସମୟରେ ଚବିଶପ୍ରଗନ୍ନାର କାନ୍ଥାଲପଡ଼ା ଗ୍ରାମରେ ବଙ୍ଗର ଗୋଟିଏ ଉଜ୍ଜ୍ୱଳରତ୍ନ ଭୂମିଷ୍ଠ ହୋଇଥିଲେ । ସେ ବଙ୍ଗସାହିତ୍ୟ ସମ୍ରାଟ୍ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ । ଉକ୍ତ ବର୍ଷରେ ବଙ୍ଗର ପ୍ରସିଦ୍ଧ ରାଜନୀତିଜ୍ଞ ପୁରୁଷ କୃଷ୍ଣଦାସ ପାଲ କଲିକତାର 'କଂସାରିପଡ଼ା'ରେ ଜନ୍ମଲାଭ କରିଥିଲେ । ସୁତରାଂ, ମହାପୁରୁଷ ଜନ୍ମପୂତ ଏହିବର୍ଷଟି ଆମ୍ଭମାନଙ୍କର ସ୍ମରଣୀୟ । ବଙ୍ଗର ଦୁଇଜଣ କୃତିସନ୍ତାନଙ୍କ ନାମ ସ୍ମରଣରେ ହଠାତ୍ ଆମ୍ଭମାନଙ୍କ ମନରେ ଏହି ଭାବ ଉଦିତ ହୁଏ, ଗୌରୀଶଙ୍କର କାଲି ଏ କର୍ମ-ଭୂମିରୁ ବିଦାୟ ନେଇଛନ୍ତି ସତ୍ୟ, କିନ୍ତୁ ପ୍ରକୃତ ପ୍ରସ୍ତାବରେ ଊନବିଂଶ ଶତାବ୍ଦୀର ଲୋକ । ଗୌରୀଶଙ୍କର ଯେତେବେଳେ ଶିଶୁ, ସେତେବେଳେ ଏ ଦେଶର ସାଧାରଣ ଶିକ୍ଷା କିପରି ଥିଲା, ଏ ବିଷୟରେ ଏତିକି କହିଲେ ଜଣାଯିବ ଯେ, ଆଜିକାଲି ପରି ଗୋଟିଏ ପାଠଶାଳା ବା ପ୍ରାଥମିକ ବିଦ୍ୟାଳୟ କେଉଁଠି ସେ ସମୟକୁ ବସି ନ ଥିଲା । ଓଡ଼ିଆ ତାଳପତ୍ର ପୋଥି ଏବଂ ପାରସୀର ହାତଲେଖା ହରିତାଳୀ କାଗଜ କିତାବ୍ ଛଡ଼ା ଦେଶୀୟଭାଷାର ଛାପାପୁସ୍ତକ କିଛି ଦେଖାଯାଇ ନ ଥିଲା । ସୁଖର କଥା ଯେ ସେହି ବର୍ଷ ଓଡ଼ିଶାକୁ ମୁଦ୍ରାଯନ୍ତ୍ର ପ୍ରଥମେ ଆସିଥିଲା । ଲୋକସାଧାରଣଙ୍କ ଶିକ୍ଷା

Digitized by srujanika@gmail.com

ନିମନ୍ତେ ଗ୍ରାମେ ଗ୍ରାମେ ପୂର୍ବ ରୀତିରେ ଚାଟଶାଳୀ ଏବଂ ସ୍ଥାନେ ସ୍ଥାନେ ମକ୍ତବମାନ ଥିଲା । ଚାଟଶାଳୀର ଅବଧାନ ଏବଂ ମକ୍ତବର ଆଖୁଞ୍ଜିଙ୍କର ଶିକ୍ଷାଦାନ-ପ୍ରଣାଳୀ କି ପ୍ରକାର କୌତୁକାବହ, ତାହା ଅଳ୍ପାଧିକ ପରିମାଣରେ ଅନେକଙ୍କୁ ଜଣା ଥିବ ବୋଲି ଏଠାରେ ସେଥିର ବର୍ଣ୍ଣନା ନିଷ୍ପ୍ରୟୋଜନ । ଗୌରୀଶଙ୍କର ନିଜ ଗ୍ରାମର ଚାଟଶାଳୀରେ ଓଡ଼ିଆ ଶିକ୍ଷା କରି ନିକଟବର୍ତ୍ତୀ ମକ୍ତବରେ ଓ କଟକରେ ଉର୍ଦ୍ଦୁ ଏବଂ ପାରସୀଭାଷା ଶିକ୍ଷା କରିଥିଲେ । ଅବଧାନ ଏବଂ ଆଖୁଞ୍ଜିଙ୍କର ତାଡ଼ନା ସାବଧାନ କରି ଦେଉଥିଲେହେଁ ବାଲ୍ୟକାଳରୁ ତାଙ୍କଠାରେ ଅନନ୍ୟ ସୁଲଭ ମନୋଯୋଗ ଦେଖାଯାଇ ଥିଲା । ବୁଦ୍ଧି ସହିତ ଅଭିନିବେଶର ମଣିକାଞ୍ଚନ ଯୋଗ ହେବାରୁ ସେ ଅନାୟାସରେ ସମସ୍ତ ପାଠ ସୁସମ୍ପନ୍ନ କରି ଅବଧାନ ଏବଂ ଆଖୁଞ୍ଜିଙ୍କର ପ୍ରିୟ ଚାଟ ବା ଫ୍ୟାରେ ଭୁଲ୍ ବା ହୋଇ ପାରିଥିଲେ । ପ୍ରାୟ ପାଞ୍ଚ ଛଅ ବର୍ଷରେ ଗ୍ରାମ୍ୟ ପାଠଶାଳାର ଶିକ୍ଷା ସମାପ୍ତ କରି ସେ ଏକାଦଶ ବର୍ଷରେ କଟକ ଆସି ଏଠା ହାଇସ୍କୁଲରେ ଅଧ୍ୟୟୀରୂପେ ପ୍ରବିଷ୍ଟ ହେଲେ ।

ଦ୍ୱିତୀୟ ପରିଚ୍ଛେଦ

ସ୍କୁଲ ଶିକ୍ଷା

ଗୌରୀଶଙ୍କର ଯେତେବେଳେ କଟକ ହାଇସ୍କୁଲକୁ ପଢ଼ିବାକୁ ଆସିଲେ, ସେତେବେଳେ ବିଶ୍ୱବିଦ୍ୟାଳୟର ପରୀକ୍ଷା କଥା ତେଣିକି ଥାଉ ଦେଶୀୟ ବିଶ୍ୱବିଦ୍ୟାଳୟର ସୃଷ୍ଟି ସୁଦ୍ଧା ହୋଇ ନ ଥିଲା । ୧୮୫୮ ଖ୍ରୀଷ୍ଟାବ୍ଦରେ ମହାରାଣୀ ଭିକ୍ଟୋରିୟାଙ୍କର ଶାନ୍ତିମୟ ଘୋଷଣା-ପତ୍ରର ଫଳରେ ଏ ଦେଶରେ ଉଚ୍ଚ ଶିକ୍ଷାର ବିସ୍ତାର ଉଦ୍ଦେଶ୍ୟରେ ସର୍ବପ୍ରଥମେ କଲିକତା, ବୋମ୍ବାଇ ଓ ମାନ୍ଦ୍ରାଜ ସହରରେ ବିଶ୍ୱବିଦ୍ୟାଳୟମାନ ପ୍ରତିଷ୍ଠିତ ହୋଇଥିଲା । ଅତଏବ, ଉକ୍ତ ସମୟରୁ ବିଶ୍ୱ-ବିଦ୍ୟାଳୟର ଶିକ୍ଷା ଓ ପରୀକ୍ଷାର ସୂତ୍ରପାତ ହୋଇଛି । ତତ୍ପୂର୍ବରୁ ଶିକ୍ଷାବିଭାଗ ହାତରେ ଯୁନିଅର ସ୍କଲର୍ଶିପ୍ ଓ ସିନିୟର ସ୍କଲର୍ଶିପ୍ ନାମରେ ଦୁଇଟି ଛାତ୍ରବୃତ୍ତି ପରୀକ୍ଷା ରହିଥିଲା । ଶେଷୋକ୍ତ ପରୀକ୍ଷାହିଁ ସେ ସମୟରେ ସ୍କୁଲ ଶିକ୍ଷାର ଚରମ ସୀମା ଥିଲା । ଦୁଃଖର କଥା ଉକ୍ତ ପରୀକ୍ଷା ଲାଗି ଅଧ୍ୟୟନର ବ୍ୟବସ୍ଥା ମଧ୍ୟ ସେତେବେଳେ କଟକରେ ନ ଥିଲା । ଗୌରୀଶଙ୍କର ପ୍ରାୟ ଆଠବର୍ଷ କାଳ ଏଠା ଇଂରାଜୀ ସ୍କୁଲରେ ଅଧ୍ୟୟନ କରି ପ୍ରୋକ୍ତ ଯୁନିଅର ସ୍କଲର୍ଶିପ ପରୀକ୍ଷା ପ୍ରଶଂସା ସହକାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ମାସିକ ଆଠଟଙ୍କା ସରକାରୀ ବୃତ୍ତି ପ୍ରାପ୍ତ ହୋଇଥିଲେ । ପୁତ୍ରର ସରକାରୀ ବୃତ୍ତିଲାଭରେ ପିତା ଉତ୍ସାହିତ ହୋଇ ପୁତ୍ରର ଉଚ୍ଚଶିକ୍ଷାବିଧାନ ନିମନ୍ତେ ବ୍ୟଗ୍ର ହୋଇ ପଡ଼ିଥିଲେ; କିନ୍ତୁ ଏଠାରେ ସେଥିର କୌଣସି ବ୍ୟବସ୍ଥା ନ ଥିବାରୁ ପୁତ୍ରକୁ ଦୂର ଦେଶକୁ ଏକାକୀ ପ୍ରେରଣ କରିବା ଅତି କଷ୍ଟକର ମନେ କରିଥିଲେହେଁ କଣେ'ର ପୁତ୍ର ଗୌରୀଶଙ୍କରଙ୍କର ବଳବତୀ ଇଚ୍ଛା ଦେଖି ହୁଗୁଳି କଲେଜରେ ପଢ଼ାଇବା ସ୍ଥିର କରିଥିଲେ । ସେ ସମୟରେ ବିଦେଶଯାତ୍ରା କିପରି କଷ୍ଟସାଧ୍ୟ ଥିଲା, ବର୍ତ୍ତମାନ ରେଲପଥର ସୁଖ ସୁବିଧାଭୋଗୀ ପଥିକମାନଙ୍କର ଅନୁଭବକୁ କେବେ ଆସି ନାହିଁ ।

ସରକାରୀ ବୃତ୍ତି ପ୍ରାପ୍ତ ହୋଇ ଗୌରୀଶଙ୍କର ୧୮୫୭ ଖ୍ରୀଷ୍ଟାବ୍ଦର ଜୁନମାସରେ ହୁଗୁଳୀ ଅଭିମୁଖରେ

Digitized by srujanika@gmail.com

ଯାତ୍ରା କରିଥିଲେ । ଏକେ ତ ବର୍ଷାକାଳ, ତହିଁରେ ପୁଣି ନାନା ଉପଦ୍ରବମୟ ଘୋର ଦୁର୍ଗମ ପଥ । ବଳଦ-ଗାଡ଼ି ଛଡ଼ା ଆଉ କୌଣସି ପ୍ରକାର ଯାନର ସୁବିଧା ସେତେବେଳେ ନଥିଲା । ସେହି ଗାଡ଼ିରେ ଯାଇ ବାଲେଶ୍ୱରଠାରେ ପହଞ୍ଚିବାକୁ ସେ ସମୟରେ ତାଙ୍କୁ ବାରଦିନ ଲାଗିଥିଲା । ଏପରି ବିଳମ୍ବ ଓ ବିଘ୍ନମାନ ଦେଖି ଶିକ୍ଷାର୍ଥୀ ଯୁବକ ବଳଦ ଗାଡ଼ିରେ ଯିବାର ଆଶା ଛାଡ଼ି ଦେଇ ପଦବ୍ରଜରେ ଆଉ ଦଶଦିନ ଯାଇ ହୁଗୁଳୀଠାରେ ପହଞ୍ଚିଥିଲେ । ଉକ୍ତ କଲେଜରେ ଅସ୍ଥାୟୀ ଶ୍ରେଣୀଭୁକ୍ତ ହୋଇ ସେ ପୂର୍ବୋକ୍ତ ସିନିୟର ସ୍କଲର୍ଶିପ୍ ବା ବର୍ଷୀୟାନ ଛାତ୍ରବୃତ୍ତି ପରୀକ୍ଷାର ପାଠ୍ୟ ପୁସ୍ତକମାନ ଅଭିନିବେଶ ସହକାରେ ଅଧ୍ୟୟନ କରିବାକୁ ଲାଗିଲେ । ସେ ସମୟରେ କଲେଜରେ କେବଳ ରାଜଭାଷା ଇଂରାଜୀ ଶିକ୍ଷାପ୍ରତି ଅଧ୍ୟାପକମାନଙ୍କର ବିଶେଷ ଦୃଷ୍ଟି ଥିଲା । ଦେଶୀୟ ଭାଷାର ଉନ୍ନତିକଳ୍ପେ କୌଣସି ପ୍ରକାର ପ୍ରଯତ୍ନ ନଥିଲା । ଇଂରାଜୀ ଶିକ୍ଷା ଆଜିକାଲି ପରି ବହୁ ବ୍ୟୟସାଧ୍ୟ ନଥିଲେ ସୁଦ୍ଧା ସେ ସମୟରେ ତତ୍ପ୍ରତି ଲୋକସାଧାରଣଙ୍କର ବିଶେଷ ଆସ୍ଥା ବା ଆଗ୍ରହ ନଥିଲା । ଇଂରାଜୀ ଶିକ୍ଷାପ୍ରାପ୍ତ ଅନେକ ଯୁବକ ଉଚ୍ଛୃଙ୍ଖଳଚରିତ୍ର ଏବଂ ସ୍ୱଧର୍ମତ୍ୟାଗୀ ହେଉଥିବାର ଦେଖି ଲୋକେ ସ୍ୱସନ୍ତାନମାନଙ୍କୁ ଇଂରାଜୀ ଶିକ୍ଷା ଦେବାକୁ ସଙ୍କୁଚିତ ହେଉଥିଲେ । ଅତଏବ, ଅତ୍ୟଳ୍ପ ଲୋକଙ୍କ ଭାଗ୍ୟରେ ସେତେବେଳେ ଇଂରାଜୀ ଶିକ୍ଷାର ସୁଯୋଗ ଘଟୁଥିଲା । ଗୌରୀଶଙ୍କର ଏହି ସୁଯୋଗ ପାଇ ସମ୍ପୂର୍ଣ୍ଣ ସଦ୍‌ବ୍ୟବହାର କରିଥିଲେ । ହୁଗୁଳୀ କଲେଜରେ ସେ ପ୍ରଥମବର୍ଷର ପାଠ୍ୟ ସମାପ୍ତ କରି ଅଧ୍ୟାପକମାନଙ୍କର ପ୍ରଶଂସାଭାଜନ ହୋଇଥିଲେ । ଦ୍ୱିତୀୟବର୍ଷଟି ସେଠାରେ ଅଧ୍ୟୟନ କରିଥିଲେହେଁ ଗୋଟିଏ ବିଘ୍ନ ଆସି ଉପସ୍ଥିତ ହେବାରୁ ଶେଷୋକ୍ତ ବୃତ୍ତିପରୀକ୍ଷା ଦେଇ ପାରିଲେ ନାହିଁ । ସେ ବିଘ୍ନ ଆଉ କିଛି ନୁହେ, ସେଠାରେ ତାଙ୍କର ବିବାହ ପ୍ରସ୍ତାବ ହେଉଥିବାର ଶୁଣିପାରି ପିତା ତାହାଙ୍କୁ ଶୀଘ୍ର ହୁଗୁଳୀ ପରିତ୍ୟାଗ କରି ଗୃହକୁ ଆସିବାକୁ ଲେଖିଥିଲେ । ଆମ୍ଭେମାନେ ପୂର୍ବରୁ କହିଅଛୁଁ ସଦାଶିବ ପ୍ରସାଦ ବଡ଼ ତେଜସ୍ୱୀ ପୁରୁଷ । ସେ ଯେତେବେଳେ ଶୁଣିଲେ ସୁଦୂର ବଙ୍ଗଦେଶରେ ପୁତ୍ରର ବିବାହ ହେବ, ତାହା ସେ ସଙ୍ଗତ ବୋଲି ମନେ କରି ନ ଥିଲେ । ପିତୃଦେବଙ୍କ ଆଦେଶରେ ଗୌରୀଶଙ୍କର ୧୮୫୮ ଖ୍ରୀଷ୍ଟାବ୍ଦର ନଭେମ୍ବର ମାସରେ କଲିକତା ବାଟେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ସମୟରେ କଲିକତା ମହାନଗରୀ ମହାରାଣୀ ଭିକ୍ଟୋରିଆଙ୍କର 'ଶାନ୍ତିମନ୍ତ୍ରପତ ମହା ଘୋଷଣା' ପ୍ରଚାର ଯୋଗୁଁ ଉତ୍ସବମୟୀ ହୋଇଥିଲା । ରାଜଧାନୀର ସେହି ଆହାର୍ଯ୍ୟ ମହାଶୋଭା ସ୍ୱଚକ୍ଷୁରେ ଦର୍ଶନ କରି ବାଲେଶ୍ୱରଠାରେ ପିତୃବ୍ୟ ଭବାନୀପ୍ରସାଦ ରାୟଙ୍କ ନିକଟରେ ଉପସ୍ଥିତ ହୋଇଥିଲେ ଏବଂ ଶିକ୍ଷାଳାଭ ପଛେ ପଛେ ଏହିଠାରେ ଶିକ୍ଷାଦାନଭାର ଗ୍ରହଣ କରିଥିଲେ । ବାଲେଶ୍ୱର ଜିଲାସ୍କୁଲର ଜଣେ ଶିକ୍ଷକଙ୍କ ଅନୁପସ୍ଥିତ କାଳରେ ମାସିକ ୨୦ ଟଙ୍କା ବେତନରେ କେତେକ ମାସ ଶିକ୍ଷକତା କାର୍ଯ୍ୟ ପରିଚାଳନ କରି ୧୮୫୯ ଖ୍ରୀଷ୍ଟାବ୍ଦରେ କଟକକୁ ପ୍ରତ୍ୟାବୃତ୍ତ ହୋଇଥିଲେ । କଟକକୁ ଆସି ଗୌରୀଶଙ୍କର ବିଶାଳ କର୍ମ-କ୍ଷେତ୍ର ପ୍ରସାରିତ ଥିବାର ଦେଖିଥିଲେ; କିନ୍ତୁ ମନୋମତ କର୍ମ ବରଣ କରିବା ସବୁବେଳେ ସମସ୍ତଙ୍କ ଭାଗ୍ୟରେ ଘଟେନାହିଁ, ନାନାବିଘ୍ନ ଅସୁବିଧା ଆସି କର୍ମପଥରେ ଦେଖା ଦିଅନ୍ତି । ଉଚ୍ଚଶିକ୍ଷାର ଆଲୋକ ପାଇ ଯେତେବେଳେ ଗୌରୀଶଙ୍କର ଦେଖିଲେ, ଦେଶର ଚତୁର୍ଦ୍ଦିଗରେ ଅନ୍ଧକାର, ସେତେବେଳେ ସେ ଅଗ୍ରେ ତାହା ଦୂର କରିବା ପାଇଁ ଅନ୍ୟାନ୍ୟ ସମାନଧର୍ମା ଯୁବକବନ୍ଧୁଙ୍କ ସହିତ ନିଜ ଲକ୍ଷ୍ୟ ଗଠନ କରିଥିଲେ । ଏହି ଲକ୍ଷ୍ୟ ଗତିକ୍ରମେ ସ୍ୱଦେଶର ଦୁଃଖଦୁର୍ଗତି ପ୍ରତିକୂଳରେ ବୀରପୁରୁଷ ପ୍ରାୟ ଯୁଦ୍ଧ କରିବାରେ ପରିଣତ ହୋଇଥିଲା । ଏପ୍ରକାର ଉଚ୍ଚ ଲକ୍ଷ୍ୟର ପୋଷକ କାର୍ଯ୍ୟକ୍ଷେତ୍ର ସେ ପ୍ରଥମରୁ ପାଇ ନ ଥିଲେହେଁ ସାଧାରଣଙ୍କ ଚକ୍ଷୁରେ ଯାହା ବରଣୀୟ, ସେହି ରାଜକାର୍ଯ୍ୟକୁ ଭରଣ ନିମନ୍ତେ ବରଣ କରିଥିଲେ । ସୁତରାଂ, ରାଜସେବାରେ ତାଙ୍କର କର୍ମଜୀବନର ସୂତ୍ରପାତ ହୋଇ, ଦେଶସେବାରେ ପର୍ଯ୍ୟବସିତ ହୋଇଥିଲା ।

Digitized by srujanika@gmail.com

ତୃତୀୟ ପରିଚ୍ଛେଦ

ରାଜକାର୍ଯ୍ୟ

ଖ୍ରୀଷ୍ଟାବ୍ଦ ୧୮୫୧ ର ଶେଷଭାଗରେ କଟକକୁ ଆସି ଗୌରୀଶଙ୍କର ପ୍ରଥମେ କମିଶନର କଚେରୀରେ ଜଣେ ଅମଲଙ୍କର ଅନୁପସ୍ଥିତି କାଳର କାର୍ଯ୍ୟ ପରିଚାଳନା କରିଥିଲେ । ସେ କାର୍ଯ୍ୟକାଳ ଶେଷ ହେଲାବେଳକୁ କଲେକ୍ଟରଙ୍କ କଚେରୀରେ ଗୋଟିଏ କିରାଣୀ ପଦ ଶୂନ୍ୟ ହୋଇଥିଲା । ସେଥିପାଇଁ ଅନେକ ପ୍ରାର୍ଥୀ ଥିଲେହେଁ ତଦାନୀନ୍ତନ କମିଶନର ଶ୍ରୀଯୁକ୍ତ କକବର୍ଣ୍ଣ ସାହେବ (G. F. Cockburn) ଗୌରୀଶଙ୍କରଙ୍କ ଅଳ୍ପଦିନର କାର୍ଯ୍ୟରେ ସନ୍ତୁଷ୍ଟ ଥିବାରୁ ଉକ୍ତ ପଦରେ ତାହାଙ୍କୁ ନିଯୁକ୍ତ କରିଥିଲେ । ରାଜକାର୍ଯ୍ୟ ଗ୍ରହଣ କରି ସେ ସତ୍ୟନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ନିୟମାନୁବର୍ତ୍ତିତା ଗୁଣରେ ସମସ୍ତ ଉଚ୍ଚ କର୍ମଚାରୀଙ୍କୁ ସନ୍ତୁଷ୍ଟ କରିବାକୁ ଲାଗିଲେ । ସାଧାରଣ କିରାଣୀଙ୍କ ପରି ହାକିମଙ୍କ ମନ ଯୋଗାଇବା ଲାଗି ପ୍ରତି ପ୍ରସ୍ତାବରେ ହଁ-ଜୀ ହଁ-ଜୀ ନ କରି ନିଜ ବୁଦ୍ଧିବିବେକରେ ଯାହା ଭଲ ବୁଝୁଥିଲେ, ତାହା ପାଳନ କରିବାପାଇଁ ସର୍ବଦା ଦୃଢ଼ ଥିଲେ । ଏଥିପାଇଁ ମଧ୍ୟ ମଧ୍ୟରେ ହାକିମମାନଙ୍କ ସହିତ ତାଙ୍କର ମନୋମାଳିନ୍ୟ ଘଟୁଥିଲା ସୁଦ୍ଧା ସେ ଧୈର୍ଯ୍ୟସହକାରେ ସମସ୍ତ ସହି ନିର୍ଦ୍ଦୋଷଭାବରେ ସ୍ୱକର୍ମ ସମ୍ପାଦନ କରିଥିଲେ । ଏଥି ଯୋଗୁଁ ସେ ପ୍ରଥମ ଯୌବନରେ ମାସିକ ୨୦ ଟଙ୍କା ବେତନରେ ମନିଅର୍ଡ଼ର ଏଜେଣ୍ଟର କାର୍ଯ୍ୟଭାର ଗ୍ରହଣ କରି ରାଜପୁରୁଷମାନଙ୍କର ବିଶ୍ୱାସଭାଜନ ହୋଇଥିଲେ । ସେତେବେଳେ ମନିଅର୍ଡ଼ର ପ୍ରେରଣାଦି ଆଜିକାଲି ପରି ଡାକଘର ଜରିଆରେ ହେଉ ନ ଥିଲା । ଏ କାର୍ଯ୍ୟ କଲେକ୍ଟରୀ ଅବକାରୀ ବିଭାଗର ଅଧୀନ ଥିଲା । ଏହି ପ୍ରଥମ କାର୍ଯ୍ୟରେ ଗୌରୀଶଙ୍କର ନିୟମ ପ୍ରତି ଯେପରି ତୀକ୍ଷ୍ଣଦୃଷ୍ଟି ରଖିଥିଲେ, ସେଥିରେ ଚକ୍ଷୁ ଲଜ୍ଜାର ସ୍ଥାନ ନ ଥିଲା । ତଳେ ତଳେ ନିୟମପାଳନ ପ୍ରତି ଦୃଷ୍ଟି ରଖି ସେ ସଂପୃକ୍ତ ଲୋକମାନଙ୍କର ଆପାତକୋପ ବା ବିରକ୍ତିକି ଆଦୌ ଭ୍ରୂକ୍ଷେପ କରୁ ନ ଥିଲେ । ଗୌରୀଶଙ୍କରଙ୍କର ଏହି ଗୁଣଟି କର୍ମକ୍ଷେତ୍ରରେ ପ୍ରବେଶକାଳରୁ ସ୍ପଷ୍ଟ ଭାବରେ ଦେଖା ଦେଇ ଥିଲା । ଏକଦା ତଦାନୀନ୍ତନ ଜଏଣ୍ଟ ମାଜିଷ୍ଟ୍ରେଟ୍ ଆର୍ମିଷ୍ଟ୍ରଙ୍ଗ୍ ସାହେବ ତିନିଟା ବାଜିଯିବା ପରେ ଚପରାଶି ହାତରେ ଆପଣାର ଗୋଟିଏ ମନିଅର୍ଡ଼ର ପଠାଇ ଥିଲେ । ତିନିଟା ସମୟରେ ନିୟମାନୁସାରେ ହିସାବ ବନ୍ଦ କରି ଯାଇଥିବାରୁ ଗୌରୀଶଙ୍କର ହାକିମ ବୋଲି ସ୍ୱତନ୍ତ୍ର ବିଚାର କିଛି ନ କରି କହି ପଠାଇଲେ 'ତିନିଟା ବାଜି ଯାଇଛି, ଆଜି ମନିଅର୍ଡ଼ର ନିଆ ଯିବନାହିଁ ।' ତଚ୍ଛ୍ରବଣରେ ସାହେବ କିଞ୍ଚିତ୍ ରୁଷ୍ଟ ହୋଇ କହି ପଠାଇଲେ ଆମ୍ଭ ହୁକୁମରେ ଶୀଘ୍ର କରି ଦିଅନ୍ତୁ । ତଥାପି ଆଜ୍ଞାଧୀନ କର୍ମଚାରୀ ନିଜ ଆସନରେ ଦୃଢ଼ ଥାଇ ଜଣାଇଲେ, 'ଆପଣ ନିଜେ ଆସି କାଟି, କରି ଦିଅନ୍ତୁ ।' ସାହେବ ପ୍ରକୁପିତ ହୋଇ ଆସି ଗୌରୀଶଙ୍କରଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ, ସେ ମନିଅର୍ଡ଼ର ହିସାବ ବହିଟି ହାକିମଙ୍କ ଆଗରେ ମେଲାଇ ରଖିଦେଲେ । ସାହେବ ଆପାତତଃ ନିଜ ସମ୍ଭ୍ରମରକ୍ଷା ଲାଗି ତାହା କାଟି ଆପଣା ମନିଅର୍ଡ଼ରଟି କରି ଦେଲେ । ଏ ଘଟଣାରେ ଗୌରୀଶଙ୍କର ନୀରବ ନ ରହି ଉକ୍ତ ସାହେବଙ୍କ ନିୟମବିରୁଦ୍ଧରେ କାର୍ଯ୍ୟ ଗବର୍ଣ୍ଣମେଣ୍ଟଙ୍କ କର୍ଣ୍ଣଗୋଚର କରାଇ ଥିଲେ । ଫଳରେ ସାହେବଙ୍କର ପରାଜୟ ହୋଇଥିଲା । କେବଳ ଏତିକିରେ ନୁହେ, ଉକ୍ତ ସାହେବ ସେତେବେଳେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟ ମଧ୍ୟ କରୁଥିଲେ । ଏଥିପୂର୍ବରେ ଜିଲ୍ଲାର ସ୍ୱତନ୍ତ୍ର

Digitized by srujanika@gmail.com

ସବ୍‌ରେଜଷ୍ଟ୍ରର କେହି ନ ଥିଲେ । କଲେକ୍ଟରଙ୍କ ଅଧୀନ ଜଣେ ଡେପୁଟି କଲେକ୍ଟର ଉକ୍ତ କାର୍ଯ୍ୟ ଚଳାଉ ଥିଲେ । ଆର୍ମିଷ୍ଟ୍ରଙ୍ଗ୍ ସାହେବଙ୍କ ଅମଳରେ ରେଜଷ୍ଟ୍ରୀ ଦଲିଲପତ୍ର ମାସକରୁ କମ୍ ଦିନରେ ପକ୍ଷମାନଙ୍କୁ ମିଳୁ ନ ଥିଲା । ସାଧାରଣ ଲୋକଙ୍କର ଏଥିରେ ଘୋର ଅସୁବିଧା ଏବଂ ବ୍ୟୟକଷ୍ଟ ଦେଖି ଗୌରୀଶଙ୍କର 'ଦୀପିକା'ରେ ତାଙ୍କ କାର୍ଯ୍ୟର ତୀବ୍ର ପ୍ରତିବାଦ କରିଥିଲେ । ସ୍ଥାନୀୟ ସମ୍ବାଦପତ୍ରରୁ ସାହେବ ଆପଣାର ଅଖ୍ୟାତି ଶ୍ରବଣ କରି ବିରକ୍ତ ହୋଇ ନିଜ କର୍ମଚାରୀମାନଙ୍କ ମଧ୍ୟରୁ କାହାରିକୁ ପଦଚ୍ୟୁତ ଏବଂ କାହାରିକୁ ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲେ । ତତ୍ପରେ ଲେଖକ ଗୌରୀଶଙ୍କରଙ୍କ ଆଚରଣ ବିରୁଦ୍ଧରେ ଗଭର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିବାକୁ ଯାଇ ତାହାଙ୍କୁ ଆଗେ ନିକଟକୁ ଡକାଇ ଥିଲେ । ସାହେବଙ୍କର ସେ ଦିନର ରୁଦ୍ରମୂର୍ତ୍ତି ଦେଖି କଚେରୀର ସମସ୍ତ ଅମଲା ସନ୍ତ୍ରସ୍ତ ଥିଲେ, ସେଥିରେ ପୁଣି ଗୌରୀଶଙ୍କରଙ୍କ ଉପରେ ହଠାତ୍ ଡାକ ପଡ଼ିବାରୁ ସହଯୋଗୀ ବନ୍ଧୁମାନେ ପ୍ରମାଦ ଗଣିବାକୁ ଲାଗିଲେ । କିନ୍ତୁ କର୍ତ୍ତବ୍ୟନିଷ୍ଠ ଗୌରୀଶଙ୍କର ନିଃଶଙ୍କ ଭାବରେ ଯାଇ ସାହେବଙ୍କ ଏଜଲାସର ବାରଣ୍ଡାରେ ଦଣ୍ଡାୟମାନ ହେଲେ । ଦୃଷ୍ଟି ପଡ଼ିବାମାତ୍ରେ ସାହେବ ହଠାତ୍ ଆସନରୁ ଉଠି ଆସି ଗୌରୀଶଙ୍କରଙ୍କୁ କହିଲେ, "ତୁମ୍ଭେ ଆମ୍ଭ ସହିତ ଶୀଘ୍ର ରଫା କର, ନୋହେଲେ ତୁମ୍ଭ ବିରୁଦ୍ଧରେ ଆମ୍ଭେ ଯେଉଁ ରିପୋର୍ଟ ଦେବୁଁ, ସେଥିରେ ତୁମ୍ଭର ସର୍ବନାଶ ହେବ ।" ଉତ୍ତରରେ ଗୌରୀଶଙ୍କର କହିଥିଲେ, 'ସାହେବ, ମୁଁ କିଛି କଳଗୋଳ କରୁନାହିଁ ଯେ, ରଫା କରିବି । ଯାହା ସ୍ୱଚକ୍ଷୁରେ ଦେଖିଲି, ତାହା ଲୋକମାନଙ୍କ ଉପକାରପାଇଁ ପ୍ରକାଶ କରିଅଛି ।' ସାହେବ ପ୍ରତ୍ୟୁତ୍ତର କଲେ—'ତାହାହେଲେ ତୁମ୍ଭେ ଏଥର ଲେଖି ଦିଅ ଯେ, ରେଜଷ୍ଟ୍ରାରୀ ଅଫିସରୁ ସମସ୍ତ ତ୍ରୁଟି ଦୂର ହୋଇଅଛି, ଆଉ କୌଣସି କାର୍ଯ୍ୟ ବାକି ପଡ଼ି ନାହିଁ ।" କିନ୍ତୁ ଗୌରୀଶଙ୍କର ହାକିମଙ୍କ ହୁକୁମରେ ବିଚଳିତ ହେବାର ଲୋକ ନ ଥିଲେ । ସେ ସାମାନ୍ୟ କିରାଣୀ ଥିଲେ ସୁଦ୍ଧା ନିର୍ଭୀକ ଭାବରେ ସାହେବଙ୍କୁ କହିଥିଲେ, "ଯଦି ମୁଁ ପ୍ରକୃତରେ ଦେଖିବି ସମସ୍ତ ତ୍ରୁଟି ଓ ବିଶୃଙ୍ଖଳା ଯାଇ ଏଣିକି କାର୍ଯ୍ୟ ସୁଶୃଙ୍ଖଳ ହୋଇଅଛି, ତାହାହେଲେ ଲେଖିବି ।" ସାହେବ ଏପ୍ରକାର ଶୂରୋଚିତ ଉତ୍ତର ପାଇ ତାଙ୍କ ପ୍ରତିକୂଳରେ ଆଉ ଅଗ୍ରସର ହେବେ କିଣ, ଲିଖିତ ରିପୋର୍ଟଟି ତାଙ୍କ ଆଗରେ ଚିରି ପକାଇ ଭବିଷ୍ୟତକୁ ସାବଧାନ ହେଲେ । ଏହିପରି ଅନେକ ହାକିମ ଗୌରୀଶଙ୍କରଙ୍କ ଭଳି ଜଣେ ଅମଲାର ତେଜସ୍ୱିତା ଦର୍ଶନରେ ସାବଧାନ ହୋଇ ନିଜ କର୍ତ୍ତବ୍ୟ ପାଳନ କରିଥିଲେ । ଅନେକ ତାହାଙ୍କୁ 'ଘର ଢିଙ୍କି କୁମ୍ଭୀର' ମଣି ଥାନ୍ତି ପଛକେ, ତାଙ୍କର ଅନନ୍ୟସାଧାରଣ ଗୁଣର ଆଦର ନ କରି ରହି ପାରୁ ନ ଥିଲେ । ତେଣୁ ରାଜକାର୍ଯ୍ୟରୁ କୌଣସି ବ୍ୟପଦେଶରେ ଗୌରୀଶଙ୍କର ନିଃସାରିତ ହୋଇ ନ ଥିଲେ । କଲେକ୍ଟରି କଚେରିରେ ଗୌରୀଶଙ୍କର ପ୍ରାୟ ବାରବର୍ଷକାଳ କିରାଣୀ କାର୍ଯ୍ୟ ନିପୁଣଭାବରେ ପରିଚାଳନ କରିଅଛନ୍ତି, ଏପରି ସମୟରେ ଅଦାଲତରେ ଟ୍ରାନ୍ସଲେଟର ପଦ ଶୂନ୍ୟ ହେଲା । କଟକର କଲେକ୍ଟର ଶ୍ରୀଯୁକ୍ତ ମ୍ୟାକ୍‌ଫରସନ୍ ସାହେବ ସେ ସମୟରେ ଅସ୍ଥାୟୀ ଜଜ୍‌ପଦରେ ନିଯୁକ୍ତ ହୋଇ ଥିବାରୁ, ପୂର୍ବପରିଚିତ ଗୌରୀଶଙ୍କରଙ୍କୁ ଉକ୍ତ ପଦରେ ନିଯୁକ୍ତ କରିଥିଲେ । ଏହି ପଦରେ ଥାଇ ସେ ସର୍ବପ୍ରକାର ଖ୍ୟାତି ପ୍ରତିପତ୍ତି ଅର୍ଜନ କରିଥିଲେ ଏବଂ ଦୀର୍ଘକାଳ କାର୍ଯ୍ୟ କରି ରାଜସେବାକୁ ତାଙ୍କର ବିଶିଷ୍ଟ ଗୁଣରେ ସୁଚିହ୍ନିତ କରି ଦେଇଥିଲେ । ଟ୍ରାନ୍ସଲେଟର ଥିବା ସମୟରେ ଗୌରୀଶଙ୍କରଙ୍କର ତେଜସ୍ୱିତା ଏବଂ ସତ୍‌ସାହସର ଦୃଷ୍ଟାନ୍ତ ବିରଳ ଦେଖାଯାଇ ନାହିଁ । ଗୋଟିଏ ଘଟଣାରୁ ପାଠକମାନେ ଅନୁମାନ କରନ୍ତୁ ଯେ, ଜଣେ ସରକାରୀକର୍ମଚାରୀଙ୍କ ପକ୍ଷରେ ତାହା କେତେଦୂର ସମ୍ଭବ ହୋଇ ପାରେ ! ସେ ସମୟରେ ଏ ନଗରରେ ଦୀନନାଥ ବନ୍ଦୋପାଧ୍ୟାୟ ନାମକ ଜଣେ

Digitized by srujanika@gmail.com

ତେଜସ୍ୱୀ ଏବଂ ସ୍ୱାଧୀନଚେତା ସମାଲୋଚକ ଥିଲେ । ସାମାନ୍ୟ ଟିକିଏ ଅତ୍ୟାଚାର ତାଙ୍କ ଦୃଷ୍ଟିରେ ସହ୍ୟ ହେଉ ନ ଥିଲା । କେଉଁଠି କିଛି ତ୍ରୁଟି ଦେଖିଲେ ସେ ତତ୍‌କ୍ଷଣାତ୍ ତହିଁର ତୀବ୍ର ସମାଲୋଚନା କରି ଗଭର୍ଣ୍ଣମେଣ୍ଟଙ୍କର କର୍ଣ୍ଣଗୋଚର କରାଉ ଥିଲେ । ଏଥିପାଇଁ ସେ ସ୍ଥାନୀୟ ହାକିମମାନଙ୍କର ଅନେକ ସମୟରେ ବିରାଗଭାଜନ ହୋଇଥିଲେ । ଏକଦା ସେ କଟକର ପ୍ରତିପତ୍ତିଶାଳୀ ଜମିଦାର ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ବିପକ୍ଷରେ କେତେକ ଅଭିଯୋଗ ତଦାନୀନ୍ତନ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଜନ୍ ବୀମ୍‌ସଙ୍କ ନିକଟରେ ଉପସ୍ଥାପିତ କରିଥିଲେ । ବୀମ୍‌ସ ସାହେବ କିପରି ପ୍ରତାପୀ ହାକିମ ତାହା ବାଲେଶ୍ୱରରୁ ଉତ୍ତମରୂପେ ଜଣା ଯାଇଥିଲା । ଲୋକେ ତାଙ୍କୁ ଗୁଣକର୍ମାନୁସାରେ 'ଭୀମ ସାହେବ' ଆଖ୍ୟା ପ୍ରଦାନ କରିଥିଲେ । ସାହେବ ଉକ୍ତ ଘଟଣାରେ ଆପଣା ଅଧସ୍ତନ କର୍ମଚାରୀ ଖାଜଞ୍ଚି ଶ୍ରୀଯୁକ୍ତ କୀର୍ତ୍ତିଚନ୍ଦ୍ର ରାୟ ଚୌଧୁରୀଙ୍କୁ ଡାକି ତାଙ୍କ ପିତାଙ୍କ ବିରୁଦ୍ଧରେ କୁଭାଷରେ ଲିଖିତ ସେହି ଅଭିଯୋଗମାନ ଦେଖାଇ ଲେଖକଙ୍କୁ ମାନହାନି ଦାୟରେ ଅଭିଯୁକ୍ତ କରିବାପାଇଁ ଉପଦେଶ ଦେଇଥିଲେ । ଯଥାକାଳରେ ହାକିମଙ୍କ ହୁକୁମ ପ୍ରତିପାଳିତ ହୋଇଥିଲା ଏବଂ ଭୀମ ସାହେବଙ୍କ ବିଚାରରେ ସମାଲୋଚକ ଦୀନନାଥ ଦୁଇ ବର୍ଷକୁ ସଶ୍ରମ କାରାବାସ ଦଣ୍ଡ ପାଇଥିଲେ । ଜଣେ ଉଚ୍ଚଶିକ୍ଷାପ୍ରାପ୍ତ ଭଦ୍ରବ୍ୟକ୍ତିଙ୍କର ଏପରି ଶୋଚନୀୟ ଦଶା ଦେଖି ନଗରବାସୀଏ ମନରେ ଯାହା ଭାବନ୍ତୁ, ସାହେବଙ୍କ ପ୍ରତାପ ଦର୍ଶନରେ ନୀରବ ଥିଲେ । କଟକର ଆମଲାମାନେ ଯେ ସନ୍ତ୍ରସ୍ତ ଥିଲେ, ଏଥିରେ ଆଉ କହିବାକୁ କଣ ଅଛି ? ସୁତରାଂ, ଉପର ଅଦାଲତରେ ଦୀନନାଥଙ୍କ ଅପରାଧର ପୁନର୍ବିଚାର ପାଇଁ ଜଣେ କେହି ପ୍ରତିଭୂ ହେବାକୁ ସେତେବେଳେ ସାହସୀ ହୋଇ ନ ଥିଲେ; କିନ୍ତୁ ବୀରପୁରୁଷ ଗୌରୀଶଙ୍କର ଅପୂର୍ବ ସାହସରେ ଜଜସାହେବଙ୍କ ନିକଟରେ ଉପସ୍ଥିତ ହୋଇ ଅପରାଧୀ ପାଇଁ ଜାମିନ୍ ହେବାକୁ ପ୍ରାର୍ଥନା କରିଥିଲେ ଏବଂ ଉଚିତ ବିଚାର ପାଇବା ନିମନ୍ତେ ଯଥାଶକ୍ତି ସାହାଯ୍ୟ କରିଥିଲେ । ତାହାର ଫଳରେ ଦୀନନାଥ ଅନର୍ଥକ ରାଜଦଣ୍ଡର କବଳରୁ ନିଷ୍କୃତି ଲାଭ କରିଥିଲେ । ଗୌରୀଶଙ୍କର ତାଙ୍କ ଜୀବନରେ ଏପରି ଅନେକ ଘଟଣାରେ ମାନସିକବଳର ଆଧିକ୍ୟବଶତଃ ଦୁର୍ବଳର ସଦୁଦ୍ଦେଶ୍ୟର ସହାୟ ହୋଇ ଜୟ ଲାଭ କରିଅଛନ୍ତି । * ଅଳ୍ପକାଳ ପୂର୍ବରେ ମକଦ୍ଦମାରେ ସ୍ୱର୍ଗତ ପଣ୍ଡିତ ଗୋବିନ୍ଦ ରଥ ଯେତେବେଳେ ରାଜପୁରୁଷବିଶେଷଙ୍କ ବିଷଦୃଷ୍ଟିରେ ପଡ଼ି ଥିଲେ, ତେତେବେଳେ କେବଳ ଗୌରୀଶଙ୍କର ସହୃଦୟ ବନ୍ଧୁ ପ୍ରାୟ ସହାୟ ହୋଇ ନ ଥିଲେ ଅଭିଯୋକ୍ତାଙ୍କୁ ଯେ ବିଷମ ଦୁର୍ବିପାକରେ ପଡ଼ିବାକୁ ହୋଇଥାନ୍ତା, ଏଥିରେ ସଂଶୟ ନାହିଁ ।

ମାସିକ ଶତ ମୁଦ୍ରା ବେତନରେ ଅଦାଲତର ଉକ୍ତ କାର୍ଯ୍ୟ ଦକ୍ଷତା ସହକାରେ କୋଡ଼ିଏ ବର୍ଷକାଳ ଚଳାଇ ୧୮୮୨ ମସିହାରେ ଗୌରୀଶଙ୍କର ରାଜକାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ ।

---

* କିନ୍ତୁ ବୀମସ୍ ସାହେବ ଏ ସମ୍ବାଦ ପାଇ କହିଥିଲେ 'He is a man in this town.' ସାହେବ ଯେପରି ତେଜସ୍ୱୀ, ସେହିପରି ଗୁଣଜ୍ଞ ମଧ୍ୟ ଥିଲେ । ସେହି ଗୁଣରୁ ସେ ଓଡ଼ିଶା ଏବଂ ଓଡ଼ିଆଭାଷାର ଅନେକ ଉପକାର କରିଯାଇଅଛନ୍ତି । ଏଣେ କଠୋର ଶାସନରେ ଯେପରି ସେ ପଟୁ ଥିଲେ, ହିତକର୍ମାନୁଷ୍ଠାନରେ ସେହିପରି ଅଗ୍ରଯାୟୀ ଥିଲେ । ଗୁଣୀ ଏବଂ ଯୋଗ୍ୟବ୍ୟକ୍ତି ଚିହ୍ନିବାରେ ତାଙ୍କର ବିଶେଷ ପଟୁତା ଥିଲା । ଅଳ୍ପକାଳ ପରେ ଯେତେବେଳେ ତାଙ୍କର ସ୍ଥାନାନ୍ତରକୁ ଯିବାର ଆଦେଶ ଆସିଲା, ସେତେବେଳେ ସେ ଗୌରୀଶଙ୍କରଙ୍କୁ ଡକାଇ କହିଥିଲେ, "ଆମ୍ଭେ ଏଥର ଅନ୍ୟତ୍ର ଯାଉଅଛୁଁ, ତୁମ୍ଭେ ଶୁଣି ସୁଖୀ ହେବ ।" ଉତ୍ତରରେ ଗୌରୀଶଙ୍କର କହିଥିଲେ—"ସାହେବ, ଆପଣଙ୍କ ଭଳି ମାଜିଷ୍ଟ୍ରେଟ ଆଉ ଆମ୍ଭେମାନେ ପାଇପାରିବୁଁ ନାହିଁ । ମୁଁ ଆପଣଙ୍କ ପରିବର୍ତ୍ତନରେ ଆନ୍ତରିକ ଦୁଃଖୀ ।" "ଅପ୍ରିୟସ୍ୟ ଚ ପଥ୍ୟସ୍ୟ ବକ୍ତା ଶ୍ରୋତାପି ଦୁର୍ଲଭଃ ।"

Digitized by srujanika@gmail.com

ଚତୁର୍ଥ ପରିଚ୍ଛେଦ

ଓଡ଼ିଆଭାଷା ଏବଂ ସାହିତ୍ୟଚର୍ଚ୍ଚା

ବାଲ୍ୟକାଳରେ ଗୌରୀଶଙ୍କର ଚଟ୍ଟଶାଳୀରେ ଯାହା ଓଡ଼ିଆ ପଢ଼ିଥିଲେ, ତଦ୍ଦ୍ୱାରା କେବଳ ଅକ୍ଷରପରିଚୟ ଉଦ୍ଦେଶ୍ୟମାତ୍ର ସାଧିତ ହୋଇଥିଲା । ଓଡ଼ିଆଭାଷାରେ ସେତେବେଳେ ଛାପା ପୁସ୍ତକ ପ୍ରଚଳିତ ହୋଇ ନ ଥିବାରୁ ଗୌରୀଶଙ୍କର ଓଡ଼ିଆଭାଷା ଚର୍ଚ୍ଚାର ସେପରି ସୁବିଧା ପାଇ ନ ଥିଲେ; କିନ୍ତୁ ଯେତେବେଳେ ସେ ପୂର୍ବ ରୀତିର ସାହିତ୍ୟଜ୍ଞଙ୍କ ମୁଖରୁ ପ୍ରାଚୀନ ଓଡ଼ିଆ ସାହିତ୍ୟର ସୁସ୍ୱର ଆବୃତ୍ତି ଏବଂ ବିଶଦ ବ୍ୟାଖ୍ୟା ଶ୍ରବଣ କଲେ, ସେତେବେଳେ ସେ ଓଡ଼ିଆ ସାହିତ୍ୟର ଅପୂର୍ବ ସ୍ୱାଦ ଅନୁଭବ କରି ତତ୍ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ କେତେଜଣ ଯୁବକବନ୍ଧୁ ମିଳି ପ୍ରତ୍ୟହ ନିୟମିତ ରୂପେ ଓଡ଼ିଆ ସାହିତ୍ୟଚର୍ଚ୍ଚା କରିବାକୁ ଲାଗିଲେ । ଆଜକାଲି ପୁସ୍ତକବାହୁଲ୍ୟ ଯୋଗୁଁ ପାଠକମାନେ ବହୁ ପୁସ୍ତକର ପାଠ ସମାପ୍ତିରେ ଯେପରି ସାହିତ୍ୟଚର୍ଚ୍ଚା ଚରିତାର୍ଥ କରିଥାନ୍ତି, ତାଙ୍କ ଭଳି ସାହିତ୍ୟିକଙ୍କର ସେପରି ରୁଚି ନ ଥିଲା । ଅଳ୍ପ ହେଉ ପଛକେ, ତାହାକୁ ପୁଙ୍ଖାନୁପୁଙ୍ଖଭାବରେ ଆଲୋଚନା କରି ଅନ୍ୟ ନିକଟରେ ପ୍ରଚାର କରି ପାରିଲେ ଯଥାର୍ଥ ସାହିତ୍ୟଚର୍ଚ୍ଚା ହେଲା । ଗୌରୀଶଙ୍କର ସ୍ୱଦେଶର ପ୍ରାଚୀନ ସାହିତ୍ୟ ଅନୁଶୀଳନ କରି ତାହାର ବହୁଳ ପ୍ରଚାର ଲାଗି ନିଜ ଜୀବନକାଳ ମଧ୍ୟରେ ଯଥାଶକ୍ତି ଚେଷ୍ଟା କରିଥିଲେ; କିନ୍ତୁ ମଧ୍ୟରେ ଏପରି ଦିନେ ବାହାରିଲେ, ପ୍ରାଚୀନ ସାହିତ୍ୟରେ ଅଶ୍ଳୀଳତା ଦୋଷ ଦେଖି ତାହାକୁ ଦୂରରୁ ବର୍ଜ୍ଜନ କରିବାକୁ ଉପଦେଶ ଦେଲେ । * ଏପରି କରିବାଦ୍ୱାରା ପ୍ରାଚୀନ ସାହିତ୍ୟଚର୍ଚ୍ଚାର ସୁରୁଚି ମଝିରେ ଛାଡ଼ି ଯାଇ-ଅଛି ଏବଂ ତତ୍ସହ ସଙ୍ଗୀତଚର୍ଚ୍ଚାର ଆଦର ମଧ୍ୟ ଶିକ୍ଷିତ ସମାଜରୁ କ୍ରମଶଃ ହ୍ରାସପ୍ରାପ୍ତ ହୋଇଅଛି । ଏ ସମ୍ବନ୍ଧରେ ସ୍ୱୟଂ ଗୌରୀଶଙ୍କର ତାଙ୍କର ଯେଉଁ ଅନୁଭୂତ ଇହ-ଧାମରୁ ବିଦାୟ ଗ୍ରହଣ କରିବାର କେତେକ ମାସ ପୂର୍ବରେ ଉତ୍କଳସାହିତ୍ୟସମାଜର ସଭାପତିରୂପରେ ପ୍ରକାଶ କରି ଯାଇଅଛନ୍ତି, ତାହା ଏଠାରେ ଅବିକଳ ଉଲ୍ଲେଖ କରାଯାଉଅଛି । ‡

"ଉତ୍କଳ ସାହିତ୍ୟ ମୋତେ ଅତି ଅଳ୍ପ ଜଣା । ଶିଶୁ ଅବସ୍ଥାରେ ଗୋପୀଭାଷାଦ ଯାହା ପଢ଼ିଥିଲି, ତାହା କେବଳ ଅକ୍ଷର ଚିହ୍ନିବା ନିମନ୍ତେ । ଅର୍ଥ ବୁଝିବା କ୍ଷମତା ଅଥବା ବୁଝାଇବା ରୀତି ସେତେବେଳେ ନ ଥିଲା । ପରେ ଇଂରାଜୀ ସ୍କୁଲରେ ମୋର ଓଡ଼ିଆ ଶିକ୍ଷା ମିଶନ ଛାପାଖାନାରେ ମୁଦ୍ରିତ ନୀତିକଥା ହିତୋପଦେଶ ପ୍ରଭୃତି ସୀମାକୁ ଡେଇଁ ନ ଥିଲା;ସୁତରାଂ, ଉତ୍କଳ-ସାହିତ୍ୟର ପରିଚୟ ଆଦୌ ପାଇ ନ ଥିଲି, ବୋଲିବା ଅତ୍ୟୁକ୍ତି ନୁହେଁ । ସ୍କୁଲ ଛାଡ଼ି ସରକାରୀ କାର୍ଯ୍ୟ ପାଇ କେତେ ଜଣ କଟକିଆ ବନ୍ଧୁଙ୍କଠାରୁ ବୈଦେହୀଶ-ବିଳାସ ପ୍ରଭୃତିର ଦୁଇ ଏକ ପଦ ଅର୍ଥ ସହିତ ଶୁଣି

---

* 'ଇନ୍ଦ୍ରଧନୁ ଏବଂ ବିଜୁଳି'' ନାମକ ଅଚିରପ୍ରକାଶ ପତ୍ରିକାଦ୍ୱୟରେ ମହାକବି ଉପେନ୍ଦ୍ର ଭଞ୍ଜ ରଚିତ କାବ୍ୟାବଳୀ ଯେଉଁ ଯେଉଁ ମହା ଆନ୍ଦୋଳନ ଉଠିଥିଲା, ସେଥିରେ ଗୌରୀଶଙ୍କର ଭଞ୍ଜୀୟ କାବ୍ୟ-ସପକ୍ଷରେ ବିବିଧ ଯୁକ୍ତି ପ୍ରଦର୍ଶନ କରି 'ଦୀପିକା'ରେ ଅନେକ ଲେଖାଲେଖି କରିଥିଲେ ।

‡ ୧୭-[illegible]-୧୯୧୭ ରେ ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶବାର୍ଷିକ ଅଧିବେଶନରେ ଅଭିଭାଷଣ ।

Digitized by srujanika@gmail.com

ସେ ଦିଗକୁ ମୋର ମନ ଧାଇଁଲା ଏବଂ କେତେ ଜଣ ଅତି ପ୍ରିୟବନ୍ଧୁ, ଯଥା ସ୍ୱର୍ଗୀୟ ବନମାଳୀ ସିଂହ, ରାଧାମୋହନ ପଟ୍ଟନାୟକ, ଜଗମୋହନ ଲାଲ, ପ୍ୟାରୀମୋହନ ସେନ ଆଦି ମିଶି ନିତ୍ୟ ସନ୍ଧ୍ୟାବେଳେ ଅନ୍ତତଃ ଏକଘଣ୍ଟା ପ୍ରେମସୁଧାନିଧି, ଲାବଣ୍ୟବତୀ ପ୍ରଭୃତି ପାଠ କରି, ଉତ୍କଳସାହିତ୍ୟର ସ୍ୱାଦ ପାଇଲୁଁ ଏବଂ ସେ ସବୁ ପ୍ରଚାରର ସୁବିଧା ନିମନ୍ତେ ଛାପାଖାନାର ଅଭାବ ବିଶେଷରୂପେ ଅନୁଭୂତ ହେଲା । ଅଳ୍ପଦିନ ପରେ ଈଶ୍ୱରଙ୍କ ଅପାର ମଙ୍ଗଳବିଧାନରେ କଟକ ପ୍ରିଣ୍ଟିଙ୍ଗ୍ କୋମ୍ପାନୀ ମୁଦ୍ରାଯନ୍ତ୍ରାଳୟ ଏ ନଗରରେ ପ୍ରତିଷ୍ଠିତ ହେଲା । ସେହିଦିନୁ ଉତ୍କଳସାହିତ୍ୟଜ୍ଞ ବ୍ୟକ୍ତିଗଣଙ୍କ ପରିଶ୍ରମ ଓ ଯତ୍ନଦ୍ୱାରା ପ୍ରାଚୀନ ଉତ୍କଳ ପୁସ୍ତକମାନ କ୍ରମେ ଯେପରି ପ୍ରକାଶିତ ହେଉଅଛି, ତାହା ଅନେକଙ୍କୁ ଜଣା ଅଛି । ସେ ସମ୍ବନ୍ଧରେ ଅଧିକ କିଛି କହିବା ଅନାବଶ୍ୟକ । ଭାରତ ଏକ ବିଶାଳ ରାଜ୍ୟ । ସେଥିର ଖଣ୍ଡ ବା ପ୍ରଦେଶର ବିଦ୍ୟା ଓ ସଭ୍ୟତାର ପ୍ରମାଣ ସେ ପ୍ରଦେଶ ପ୍ରଚଳିତ ଭାଷା ସାହିତ୍ୟ ଅଟେ । ଉତ୍କଳର ପୂର୍ବ ଗୌରବ ଯେମନ୍ତ ଏକଦିଗରେ ଭୁବନେଶ୍ୱର, ପୁରୀ ମନ୍ଦିରାଦି, ତେମନ୍ତ ଅନ୍ୟ ଦିଗରେ ପୂର୍ବ ରଚିତ ଉତ୍କୃଷ୍ଟ ସାହିତ୍ୟ ଗ୍ରନ୍ଥମାନ ଜ୍ୱଳନ୍ତ ଭାଷାରେ ଜଣାଇ ଦେଉଅଛି । ସେ ସବୁ ଗ୍ରନ୍ଥ ମୁଁ କିଞ୍ଚିତ୍ ପାଠ କରି ମୁଗ୍ଧ ହୋଇଅଛି ଏବଂ ସେଥିର ମାଧୁର୍ଯ୍ୟ ଏତେ ଅଧିକ ଯେ ବର୍ତ୍ତମାନକାଳର ଶିକ୍ଷିତସମାଜ ସେ ଦିଗକୁ ଅଧିକ ମନ ଦେଉ ନ ଥିଲେହେଁ ଜନସାଧାରଣଙ୍କ ଆଦର ଅବଧି ଊଣା ହୋଇ ନାହିଁ । ଆଜି କାଲି ଧରଣର ପ୍ରକାଶିତ ପୁସ୍ତକ ଅପେକ୍ଷା ସେ ସମସ୍ତର ଅଧିକ ବିକ୍ରୟ ତାହା ପ୍ରତ୍ୟକ୍ଷ ଦେଖାଇ ଦେଉଅଛି ।

ଦୁଃଖର ବିଷୟ ଯେ ଏଣିକି ଶିକ୍ଷାବିସ୍ତାର ଅନୁପାତରେ ସାହିତ୍ୟଚର୍ଚ୍ଚା ଆଶାନୁରୂପ ବଢ଼ି ନାହିଁ । ମୁଁ ପିଲାଦିନେ ଦେଖିଥିଲି ଯେ ଗ୍ରାମେ ଗ୍ରାମେ ପାଠୁଆ ବୟସ୍କ ବ୍ୟକ୍ତିମାନେ ଏକ ସ୍ଥାନରେ ବସି ସାହିତ୍ୟପାଠ ଓ ଅର୍ଥ ଆଲୋଚନା ଏବଂ ଅଧିକାଂଶ ଗୀତିକାବ୍ୟ ବା ରାଗତାଳ ଯୁକ୍ତ ଥିବାରୁ ଗାୟନ କରୁଥିଲେ । ସେଥିରେ ସାହିତ୍ୟ ଓ ସଙ୍ଗୀତ ଉଭୟର ଉନ୍ନତିସାଧନ ହେଉଥିଲା । ବର୍ତ୍ତମାନ ବିଦ୍ୱନ୍ମଣ୍ଡଳୀରୁ ସଙ୍ଗୀତ ଏକାବେଳକେ ବିଦାୟ ହେବା ବୋଲିପାଇପାରେ ଏବଂ ସାହିତ୍ୟଚର୍ଚ୍ଚା ମଧ୍ୟ ଅତ୍ୟନ୍ତ କ୍ଷୀଣ ହୋଇଅଛି । ପ୍ରାଚୀନ କାବ୍ୟଚର୍ଚ୍ଚାର ଅନ୍ୟାନ୍ୟ ବାଧା ମଧ୍ୟରେ ଗୋଟିଏ ପ୍ରଧାନ ଏହି କି, କେତେକ ଶିକ୍ଷିତ ଯୁବା ତହିଁରେ ଆଦିରସର ବାହୁଲ୍ୟ ଦେଖି ଅଶ୍ଳୀଳ ବୋଲି ଚିତ୍କାର କରି ଶିକ୍ଷିତ ସମ୍ପ୍ରଦାୟ କାହିଁକି ଗଭର୍ଣ୍ଣମେଣ୍ଟଙ୍କ ମନ ସୁଦ୍ଧା ବିଗାଡ଼ି ଦେଲେ । ଏ ଚିତ୍କାର ଏତେ ଉଚ୍ଚକୁ ଉଠିଲା ଯେ, ବାବୁ ପ୍ୟାରୀମୋହନ ସେନ ପ୍ରାଥମିକ ବିଦ୍ୟାଳୟରେ ଚାଣକ୍ୟ ପଢ଼ାଇବାକୁ ଚେଷ୍ଟା କରନ୍ତେ, ତହିଁରେ କେଉଁଠାରେ ଅଶ୍ଳୀଳବାକ୍ୟ ଥିବା ଦେଖାଇ କେହି କେହି ବିଫଳ କରାଇଲେ । ପ୍ରାଚୀନ କାବ୍ୟ ଓ ଚାଣକ୍ୟ ବିଦ୍ୟାଳୟର ପାଠ୍ୟ ନ ହେବାଦ୍ୱାରା ସାହିତ୍ୟ ମାତୃଶିକ୍ଷାର କେମନ୍ତ ବ୍ୟାଘାତ ହୋଇଅଛି, ତାହା ଚିନ୍ତାଶୀଳ ବ୍ୟକ୍ତିମାନେ ସହଜରେ ବୁଝିପାରିବେ । ଆଦିରସ ପ୍ରକଟିତ ମୂର୍ତ୍ତିମାନ ମନ୍ଦିର ଦେହରେ ଥିବାପରି କାବ୍ୟରେ ତାହା ଥିବା ହେତୁ ସେ ସବୁ ପରିତ୍ୟକ୍ତ ବିଲୁପ୍ତ ହୋଇନାହିଁ । ଧର୍ମପ୍ରାଣ ଯାତ୍ରୀ ଓ ସାଧକବୃନ୍ଦ ଅନ୍ୟଆଡ଼େ ଦୃଷ୍ଟି ନ ଦେଇ ନିଷ୍ଠାପୂର୍ବକ ଦେବସେବା କରୁଅଛନ୍ତି । ଫଳତଃ ଇଦାନୀଂ ଧର୍ମ ଓ ସୁନୀତିର ଶିଥିଳତା ନାନାକାରଣରୁ ଘଟୁଅଛି । ସେଥି ସକାଶେ ପ୍ରାଚୀନକାବ୍ୟକୁ ଦାୟୀ କରିବା ସୁସଙ୍ଗତ ନୁହେ । ମୋହର କ୍ଷୁଦ୍ର ବିବେଚନାରେ ତାହା ପାଠ କରିବା ସମସ୍ତଙ୍କ କର୍ତ୍ତବ୍ୟ ଏବଂ ତହିଁର ଉତ୍ସାହ ଦେବା ସାହିତ୍ୟ-ସମାଜର ଗୋଟିଏ ପ୍ରଧାନ କାର୍ଯ୍ୟ । (ତହିଁ ସଙ୍ଗେ ସଙ୍ଗୀତ ଶିକ୍ଷା ଓ ଚର୍ଚ୍ଚା ବଢ଼ାଇବା ପ୍ରତି ମନୋଯୋଗୀ ହେବା ସମାଜର କର୍ତ୍ତବ୍ୟ ଅଟେ । ସଙ୍ଗୀତ ପ୍ରେମ, ଭକ୍ତି, ସୁନୀତି ଓ ସୁରୁଚିର ଉଦ୍ରେକ ଓ ପ୍ରସାରର ଉତ୍କୃଷ୍ଟ ପନ୍ଥା) ଏବଂ ନାଟକଯାତ୍ରା ପ୍ରବର୍ତ୍ତନାଦିର

Digitized by srujanika@gmail.com

ତାହାହିଁ ମୂଳ ଉଦ୍ଦେଶ୍ୟ । ସାହିତ୍ୟ ପ୍ରେମିକଙ୍କର ଏହା ଉପେକ୍ଷଣୀୟ ନୁହେଁ । ପୈତୃକ ସମ୍ପତ୍ତିର ସଂରକ୍ଷଣ ଏବଂ ପରିବର୍ଦ୍ଧନ ଓ ତଦ୍ଦ୍ୱାରା ସାଧାରଣ ହିତସାଧନ ସତ୍ପୁତ୍ରର ଲକ୍ଷଣ । ପୂର୍ବପୁରୁଷଙ୍କଠାରୁ ଉତ୍ତରାଧିକାରସୂତ୍ରରେ ପ୍ରାପ୍ତ ଅମୂଲ୍ୟଧନର ଉଚିତ ବ୍ୟବହାର ନ କଲେ ଆମ୍ଭେମାନେ ସୁପୁତ୍ର ଆଖ୍ୟାର ଯୋଗ୍ୟ ହେବୁନାହିଁ ।”

ଓଡ଼ିଆ ପ୍ରାଚୀନସାହିତ୍ୟ ପ୍ରତି ଗୌରୀଶଙ୍କରଙ୍କ କିପରି ପ୍ରଗାଢ଼ ଭକ୍ତି ଥିଲା, ଉଲ୍ଲିଖିତ ଉକ୍ତିରୁ ତାହା ପାଠକମାନେ ଅନୁମାନ କରନ୍ତୁ । ତାଙ୍କର ଏବଂ ତାଙ୍କ ଭଳି ଅନ୍ୟ ଉତ୍କଳପୁତ୍ରମାନଙ୍କର ଏହିପରି ଭକ୍ତି ଏବଂ ନିଷ୍ଠାହିଁ ଆମ୍ଭମାନଙ୍କର ବର୍ତ୍ତମାନ ଉନ୍ନତିକର ସର୍ବ ପ୍ରକାର ସଦନୁଷ୍ଠାନର ମୂଳମନ୍ତ୍ର ହୋଇଅଛି ।

ପଞ୍ଚମ ପରିଚ୍ଛେଦ

କଟକ ପ୍ରିଣ୍ଟିଂ କୋମ୍ପାନୀ

ଗୌରୀଶଙ୍କରଙ୍କର ପୂର୍ବୋକ୍ତ ଅଭିଭାଷଣରୁ ପ୍ରକାଶ ପାଉଅଛି ଯେ ପ୍ରାଚୀନ ସାହିତ୍ୟଗ୍ରନ୍ଥର ପ୍ରଚାର ନିମନ୍ତେ ସେତେବେଳେ ଗୋଟିଏ ମୁଦ୍ରାଯନ୍ତ୍ରର ଅଭାବ ଅନୁଭୂତ ହେଉଥିଲା । ମିଶନ ଛାପାଖାନା ବହୁବର୍ଷ ପୂର୍ବରୁ ଏ ନଗରରେ ସ୍ଥାପିତ ହୋଇଥିଲେହେଁ ସେଥିରେ କେବଳ ଖ୍ରୀଷ୍ଟଧର୍ମ ପୁସ୍ତକ ଏବଂ ପାଦ୍ରି ସାହେବଙ୍କ କୃତ ଓଡ଼ିଆ ପାଠ୍ୟ ପୁସ୍ତକ ବ୍ୟତୀତ ଆଉ କିଛି ଛାପା ହେଉ ନ ଥିଲା । ହିନ୍ଦୁଧର୍ମ ସଂପୃକ୍ତ ଗ୍ରନ୍ଥ କିମ୍ବା ପ୍ରାଚୀନ ଓଡ଼ିଆ କାବ୍ୟାଦି ସେଥିରେ ଛାପା ହୋଇ ପାରିବାର ସମ୍ଭାବନା ନ ଥିଲା । ଏହି ମହା ଅସୁବିଧା ଦେଖି ସେ ସମୟରେ କେତେଜଣ ଉତ୍ସାହୀ ଯୁବକ କଟକରେ ଗୋଟିଏ ନୂତନ ମୁଦ୍ରାଯନ୍ତ୍ର ସ୍ଥାପନରେ ଉଦ୍‌ଯୋଗୀ ହୋଇଥିଲେ । ଏହି ଦଳରେ ପରଲୋକଗତ ବିଚିତ୍ରାନନ୍ଦ ଦାସହିଁ ପ୍ରଧାନ ଉଦ୍‌ଯୋକ୍ତା ଏବଂ ଅଗ୍ରଣୀ ଥିଲେ । ଗୌରୀଶଙ୍କର ଯାହାଙ୍କୁ କର୍ମକ୍ଷେତ୍ରରେ ଅଗ୍ରଜ ତୁଲ୍ୟ ଜ୍ଞାନ କରୁଥିଲେ, ତାହାଙ୍କୁ ଅନେକେ ଜାଣନ୍ତି କି ନାହିଁ, ଏଥିପାଇଁ ଏଠାରେ ବିଚିତ୍ରାନନ୍ଦଙ୍କର ଟିକିଏ ସ୍ଥୂଳ ପରିଚୟ ପ୍ରଦତ୍ତ ହେଉଅଛି । ଯେହେତୁ ଉତ୍କଳର ତତ୍କାଳୀନ ଯାବତୀୟ ସଦନୁଷ୍ଠାନରେ ତାଙ୍କର ଉତ୍ସାହ କାର୍ଯ୍ୟକାରୀ ହୋଇଥିଲା ।

୧୮୨୭ ଖ୍ରୀଷ୍ଟାବ୍ଦରେ ବିଚିତ୍ରାନନ୍ଦ ଭୂମିଷ୍ଠ ହୋଇ କଟକ ଜିଲ୍ଲାର କଣ୍ଠାବଣିଆ ଗ୍ରାମବାସୀ ବୃଦ୍ଧ ତ୍ରିଲୋଚନ ଦାସଙ୍କ ଗୃହ ଉଜ୍ଜ୍ୱଳ କରିଥିଲେ । କଣ୍ଠାବଣିଆରେ ସମ୍ଭ୍ରାନ୍ତ କରଣ ବଂଶ ସେତେବେଳେ ଓଡ଼ିଶାରେ ତିନି ଜିଲ୍ଲାରେ ସରକାରୀ ଉଚ୍ଚପଦ ଅଧିକାର କରି ରାଜ ଦ୍ୱାରରେ ପ୍ରତିପତ୍ତିଶାଳୀ ହୋଇଥିଲେ । ସ୍ୱୟଂ ତ୍ରିଲୋଚନ ଦାସ ମଧ୍ୟ ପୁରୀରେ ଜଣେ ସରକାରୀ କର୍ମଚାରୀ ଥିଲେ । ତୀକ୍ଷ୍ଣ ବୁଦ୍ଧି ଏବଂ ମେଧାବଳରେ ବାଳକ ବିଚିତ୍ରାନନ୍ଦ ଅଳ୍ପକାଳରେ ପାରସୀଭାଷା ଆୟତ୍ତ କରିଥିଲେ; କିନ୍ତୁ ବୃଦ୍ଧ ପିତାଙ୍କର ସ୍ନେହଲାଳିତ ଏକ ମାତ୍ର ପୁତ୍ର ଥିବାରୁ ସେ ସହଜେ ଅମନୋଯୋଗୀ ହୋଇ ସ୍କୁଲ ଶିକ୍ଷାରେ ଅଧିକ ଅଗ୍ରସର ହୋଇ ପାରି ନ ଥିଲେ । ସ୍ୱର୍ଗୀୟ ହରେକୃଷ୍ଣ ଦାସଙ୍କ ଭଳି (ଜମିଦାର

Digitized by srujanika@gmail.com

ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସଙ୍କ ପିତାମହ ଏବଂ ଗଡ଼ଜାତ ମହାଲର ଭୂତପୂର୍ବ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ) ପଦସ୍ଥ କର୍ମଚାରୀ ଏବଂ ଅଭିଭାବକଙ୍କ ତତ୍ତ୍ୱାବଧାନରେ କଟକ ହାଇସ୍କୁଲରେ ଭର୍ତ୍ତିହୋଇ ସୁଦ୍ଧା ସେ ଅଧିକ ଦିନ ଅଧ୍ୟୟନରେ ମନୋଯୋଗୀ ହୋଇ ନ ଥିଲେ, କିନ୍ତୁ ତାହା ବୋଲି ସେ ନିତାନ୍ତ ଉଚ୍ଛୃଙ୍ଖଳ ସ୍ୱଭାବ ନଥିଲେ। ପଢ଼ା ଛାଡ଼ି ବିଚିତ୍ରାନନ୍ଦ ଚଉଦବର୍ଷ ବୟସରେ ଲୁଣ ଗୋଲାରେ କଣ୍ଟ୍ରାକ୍ଟରି କରି ୧୮୦୪ ମସିହାରେ କଟକ କଲେକ୍ଟରୀ କଚେରୀରେ ଗୋଟିଏ ସାମାନ୍ୟ କିରାଣୀର କାର୍ଯ୍ୟ ପାଇଥିଲେ। ପ୍ରାୟ ଷୋଳବର୍ଷ ଉକ୍ତ କାର୍ଯ୍ୟଦକ୍ଷତାଗୁଣରେ ହାକିମମାନଙ୍କର ସୁପରିଚିତ ହୋଇ ପଡ଼ିଥିଲେ। ୧୮୭୦ ଖ୍ରୀଷ୍ଟାବ୍ଦରେ ଯେତେବେଳେ କମିଶନର ବ୍ରେକର୍ ସାହେବଙ୍କ ସିରସ୍ତାଦାର ବାଲେଶ୍ୱର ନିବାସୀ ରାଧାମାଧବ ଦାସ ମୃତ୍ୟୁଗ୍ରାସରେ ପତିତ ହେଲେ, ସେତେବେଳେ ସାହେବ ପୂର୍ବରୁ ବିଚିତ୍ରାନନ୍ଦଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଥିବାରୁ ଉକ୍ତପଦରେ ତାହାଙ୍କୁ ନିଯୁକ୍ତ କରିଥିଲେ। ଏହି କାର୍ଯ୍ୟରେ ଥାଇ ବିଚିତ୍ରାନନ୍ଦ ଅଧିକ ପ୍ରତିପତ୍ତିଶାଳୀ ଏବଂ ସର୍ବଜନପ୍ରିୟ ହୋଇ ପଡ଼ିଥିଲେ। ଶ୍ରୀଯୁକ୍ତ ଜଗମୋହନ ରାୟ ଏବଂ ଗୌରୀଶଙ୍କର ରାୟଙ୍କ ପରି ଉତ୍ସାହୀ ଯୁବକଙ୍କର ସହଯୋଗିତା ଲାଭ କରି ସାଧାରଣ ହିତକର କାର୍ଯ୍ୟରେ ତାଙ୍କର ଉତ୍ସାହ ଦ୍ୱିଗୁଣିତ ହୋଇଥିଲା ଏବଂ ଉପଯୁକ୍ତ ପଥରେ ଥିବାରୁ ତାହା ସଫଳ ହେବାରେ କୌଣସି ଆଶଙ୍କା ନ ଥିଲା। ବିଚିତ୍ରାନନ୍ଦ କଟକ ନଗରରେ ନୂତନ ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ଏକାନ୍ତ ବାଞ୍ଛନୀୟ ମନେକରି ଗଡ଼ଜାତର ସମସ୍ତ ରାଜା, ମହାରାଜା ଏବଂ ମୋଗଲବନ୍ଦୀର ଜମିଦାରମାନଙ୍କୁ ସେ କାର୍ଯ୍ୟରେ ସହାୟ ହେବାଲାଗି ପ୍ରବର୍ତ୍ତାଇଥିଲେ। ଏଥିରେ ଢେଙ୍କାନାଳର ବହୁଗୁଣାଳଙ୍କୃତ ମହାରାଜା ଭଗୀରଥ ମହେନ୍ଦ୍ରବାହାଦୁର ଅଗ୍ରଯାୟୀ ହୋଇ ବିଶେଷ ଉତ୍ସାହ ଓ ଆନୁକୂଲ୍ୟ ପ୍ରଦର୍ଶନ କରିଥିଲେ। ଭାଗ୍ୟକୁ ଉତ୍କଳବନ୍ଧୁ ରେଭେନ୍‌ସା ସାହେବ ଏ ସମୟରେ ଓଡ଼ିଶାର କମିଶନର ହୋଇ ଆସିଲେ। ତାଙ୍କର ଆନୁକୂଲ୍ୟ ଏବଂ ପ୍ରୋକ୍ତ-ମହାରାଜାଙ୍କ ସହାୟତା ଲାଭ କରି ବିଚିତ୍ରାନନ୍ଦ ଦ୍ୱିଗୁଣ ଉତ୍ସାହରେ ଅର୍ଥ ସଂଗ୍ରହ ଲାଗି ଅଂଶୀଦାର ଖୋଜିବାରୁ ତାଳଚେର, ବଡ଼ମ୍ବା, ନୟାଗଡ଼, ଆଠଗଡ଼, ନରସିଂହପୁର ପ୍ରଭୃତି ଗଡ଼ଜାତର ରାଜା ଏବଂ କେନ୍ଦ୍ରାପଡ଼ା କୋଠଦେଶ ଓ ଭିଙ୍ଗାରପୁରର ହସ୍ତ୍ରୀ ଜମିଦାର, ପୁଣି ଅନେକ ଦେଶହିତୈଷୀ ଭଦ୍ରବ୍ୟକ୍ତି ଏଥିରେ ଅଂଶୀଦାର ହୋଇଥିଲେ। ସ୍ୱୟଂ ରେଭେନ୍‌ସା ସାହେବ ମଧ୍ୟ ଏ ଦଳରେ ନିଜକୁ ଯୁକ୍ତକରି ସାମୟିକ ଉତ୍ସାହ ପ୍ରଦାନ କରିଥିଲେ। ତିନିଶ ଅଂଶ ବା ସାତ ହଜାର ପାଞ୍ଚଶ ଟଙ୍କା ମୂଳଧନରେ ଏହି ପ୍ରିଣ୍ଟିଙ୍ଗ କମ୍ପାନୀ ଗଠିତ ହୋଇଥିଲା ଏବଂ ସେ କାର୍ଯ୍ୟ ପରିଚାଳନା ଲାଗି କର୍ମୀ ଗୌରୀଶଙ୍କରଙ୍କୁ କର୍ଣ୍ଣଧାର କରାଯାଇଥିଲା। ସେତେବେଳେ ଛାପାଖାନା ଚଳାଇବା ଠେଣିକ ଥାଉ, ଛାପାଖାନାରେ କିପରି କାର୍ଯ୍ୟ ହୁଏ, ସେ ଧାରଣା ଅନେକଙ୍କର ନ ଥିଲା। ଗୌରୀଶଙ୍କର ବାବୁ ମଧ୍ୟ ଛାପାଖାନାର କାର୍ଯ୍ୟ କୌଣସିଠାରେ ଶିକ୍ଷା କରିବାର ସୁବିଧା ପାଇ ନ ଥିଲେ; ତଥାପି ରାଜକାର୍ଯ୍ୟରେ ଥାଇ ସେ ଅବସର ସମୟରେ ଆପାତତଃ ବିନା ବେତନରେ ଉକ୍ତ କାର୍ଯ୍ୟ କିପରି ସୁଚାରୁ ରୂପେ ପରିଚାଳନ କରିଥିଲେ, ତହିଁର ବିବରଣ ନିମ୍ନରେ ପ୍ରକାଶ କରାଯାଉଅଛି।

୧୮୬୫ ଖ୍ରୀଷ୍ଟାବ୍ଦର ଜୁଲାଇ ମାସ ପହିଲାରେ ଏହି କୋମ୍ପାନୀ କାର୍ଯ୍ୟର ସୂତ୍ରପାତ ହେଲା। ଏଥିରେ ଜଣେକ ଉତ୍ସାହୀ ଅଂଶୀ ଶ୍ରୀଯୁକ୍ତ ଜଗମୋହନ ରାୟ ନିଜ ବୈଠକଖାନାରେ ଉକ୍ତ ମୁଦ୍ରଣକାର୍ଯ୍ୟ କରିବାକୁ ଅନୁମତି ଦେଇଥିଲେ। ପ୍ରଥମେ ଗୋଟିଏ ସାମାନ୍ୟ ଲିଥୋଗ୍ରାଫ୍ ପ୍ରେସ ଆଣି ସେଠାରେ କାର୍ଯ୍ୟାରମ୍ଭ କରାଗଲା। ପଥରପଟା ଉପରେ ହାତରେ ଲେଖି ଛାପିବାକୁ ପଡ଼ିବାରୁ ପ୍ରଥମେ ଉତ୍ତମ ହସ୍ତାକ୍ଷରର ପ୍ରୟୋଜନ ହୋଇଥିଲା। ସ୍ୱର୍ଗୀୟ ଭାଗୀରଥୀ ସାଠିଆ

Digitized by srujanika@gmail.com

ସେ ଅଭାବ ପୂରଣ କରୁଥିଲେ । ତାଙ୍କ ପରି ଜଣେ ଉତ୍ତମ ଲିପିକାର ଆଜିକାଲି ଦୁର୍ଲ୍ଲଭ । ପୂର୍ବେ ଲିପିକାର ମାନେ ଉତ୍ତମ ଅକ୍ଷରରେ ଲେଖି ପ୍ରୟୋଜନାନୁସାରେ ସୁନ୍ଦର ଚିତ୍ର ଅଙ୍କନ କରି ଦେଉଥିଲେ । ଏପରି କି ମନୁଷ୍ୟର ସୁନ୍ଦର ପ୍ରତିକୃତି ସେମାନେ ଅତି ନିପୁଣ ଭାବରେ ଅଙ୍କନକରି ଦେଉଥିଲେ । ଆମ ଦେଶର ପ୍ରାଚୀନ ଲେଖନକାରମାନେ ତାଳପତ୍ରରେ କିପରି ସୁନ୍ଦର ଚିତ୍ର ଅଙ୍କନ କରିପାରୁଥିଲେ, ତାହା ଯେଉଁମାନେ ପ୍ରତ୍ୟକ୍ଷ କରିଅଛନ୍ତି, ଅବଶ୍ୟ ଜାଣିଥିବେ । ମୋଗଲ ବାଦଶାହମାନଙ୍କର ଯେଉଁ ପ୍ରତିମୂର୍ତ୍ତିମାନ ଆମ୍ଭେମାନେ ବର୍ତ୍ତମାନ ଇତିହାସର ପୃଷ୍ଠାରେ ଦେଖୁଅଛୁଁ, ସେ ସମସ୍ତ ଲିପିକାରମାନଙ୍କ ହସ୍ତଚିତ୍ରରୁ ଗୃହୀତ । ହିନ୍ଦୁରାଜା ବାଦଶାହମାନଙ୍କ ଅମଳରେ ଏମାନେ ଯଥେଷ୍ଟ ପୁରସ୍କାରପ୍ରାପ୍ତ ହେଉଥିବାରୁ ସେ ଚିତ୍ରକଳାର ଯେପରି ଉନ୍ନତି ହୋଇଥିଲା, ଆଧୁନିକ ମୁଦ୍ରାଯନ୍ତ୍ର-ଯୁଗରେ ସେମାନ ହସ୍ତରେ କରିପାରିବା ଚେଣିକ ଥାଉ, ସେ ସବୁ ଦେଖିବା ଶୁଣିବା ଏଣିକି ସ୍ୱପ୍ନର ବିଷୟ ହେବାକୁ ବସିଲାଣି । ଭଗୀରଥି ସାଠିଆଙ୍କ ହସ୍ତଲିଖିତ ଅନେକ ସଚିତ୍ର ପୁସ୍ତକ ମଧ୍ୟ ଉକ୍ତ ଲିଥୋଗ୍ରାଫ୍ ପ୍ରେସରେ ମୁଦ୍ରିତ ହୋଇଥିଲା । ପ୍ରଥମ ଚାରି ପାଞ୍ଚ ବର୍ଷରେ ଏହିପରି ଛାପାରେ କାର୍ଯ୍ୟ ଚଳୁଥିଲା । ୧୮୭୦ ମସିହାରେ ମୁଦ୍ରାଙ୍କନର ପ୍ରସାର ଓ ସୁବିଧା ନିମନ୍ତେ ଦରଘାବଜାରରେ ବର୍ତ୍ତମାନ ସ୍ଥାନରେ କୋମ୍ପାନୀଙ୍କର କୋଠା ପ୍ରସ୍ତୁତ ହୋଇଯିବାରୁ ସେଠାରେ ଆହୁରି ପ୍ରଶସ୍ତ ଭିତ୍ତିରେ ମୁଦ୍ରଣର ବ୍ୟବସ୍ଥା ହୋଇଥିଲା । ମୁଦ୍ରାଯନ୍ତ୍ରରେ ଆଜିକାଲି ପରି ଛାପାର ସୂତ୍ରପାତ ହୋଇ ମଧ୍ୟ ପଥରଛାପା ସେତେବେଳେ ଏକାବେଳକେ ବନ୍ଦ ହୋଇ ନ ଥିଲା । ବିଶେଷତଃ ଯେଉଁ ପୁସ୍ତକରେ ଚିତ୍ରାଙ୍କନର ପ୍ରୟୋଜନ ଥିଲା, ସେଭଳି ପୁସ୍ତକ ଚିତ୍ରଫଳକର ଅଭାବ ଯୋଗୁଁ ହସ୍ତଲିଖିତ ହୋଇ ପ୍ରୋକ୍ତ ଲିଥୋଗ୍ରାଫ୍ ପ୍ରେସରେ ଛାପା ହେଉଥିଲା । ୧୮୮୩ ମସିହାରେ ମଧ୍ୟ ଉକ୍ତପ୍ରକାର ଖଣ୍ଡିଏ ଚିତ୍ରକାବ୍ୟ ଏହି ପ୍ରିଣ୍ଟିଙ୍ଗ୍‌କମ୍ପାନୀ ଯନ୍ତ୍ରାଳୟରେ ପଥର ଛାପାରେ ବାହାରିଥିବାର ଦେଖାଯାଏ ।

ନୂତନ ଛାପାକଳ ସହରକୁ ଆସି ସେଥିରେ ସବୁ ପୋଥି ଛାପା ହେଉଅଛୁ, ଏହା ଶୁଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକେ କୌତୂହଳୀ ହୋଇ ଦଳ ବାନ୍ଧି ଦେଖିବାକୁ ଆସୁଥିଲେ । ଅଦାଲତଦ୍ୱାରା ଆକୃଷ୍ଟ ମଫସଲର ଲୋକମାନେ ଛାପାଖାନା ନିକଟରେ ରୁଣ୍ଡ ହୋଇ ସେ ଅଦ୍ଭୁତ ବ୍ୟାପାର ଦର୍ଶନ କରି ଅଜ୍ଞତା-ସୁଲଭ କଳ୍ପନାରେ ତାହାକୁ ଅତିରଞ୍ଜିତ କରି ଅଜ୍ଞସମାଜରେ ପ୍ରଚାର କରୁଥିଲେ । ଏହି ସମୟରେ ସେମାନଙ୍କର ଅନେକ କୌତୁକାବହ କଥା ପ୍ରିଣ୍ଟିଂ-କମ୍ପାନୀର ପ୍ରାଣପ୍ରତିଷ୍ଠାତା ଗୌରୀଶଙ୍କରଙ୍କର କେବେ କେବେ କର୍ଣ୍ଣଗୋଚର ହେଉଥିଲା । ଏହା ମଧ୍ୟ ଶୁଣାଯାଇଅଛୁ, କେହି ଲୋକ ତାଳପତ୍ର ପୋଥି କାଖରେ ଧରି ତାଙ୍କ ନିକଟକୁ ଆସି ପଚାରୁଥିଲେ, 'ବାବୁ, ମୋହର ଏ ପୋଥିଖଣ୍ଡି ଟିକିଏ ଛାପି ଦିଅନ୍ତୁ ।' ସମ୍ଭବତଃ ସ୍ରଷ୍ଟାଙ୍କର ସେତେବେଳେ ଏହି ଜ୍ଞାନ ଥିଲା ଯେ, ପୋଥିଖଣ୍ଡିକ ଛାପାକଳ ଉପରେ ଥୋଇ ଦେଲେ, ତାହା ମୁହୂର୍ତ୍ତକରେ କାଗଜରେ ଛାପି ହୋଇଯିବ । ଜନସାଧାରଣଙ୍କର ଏହିପରି ଧାରଣା ଥିବା ସମୟରେ ଏ ଗୁରୁ ଦାୟିତ୍ୱ ମସ୍ତକରେ ବହନ କରି ଗୌରୀଶଙ୍କର ଯେ ଛାପାଖାନାର ଏତେଦୂର ଉନ୍ନତି କରି ପାରିଥିଲେ, ତାହା କେବଳ ତାଙ୍କର କର୍ତ୍ତବ୍ୟନିଷ୍ଠା ଏବଂ ଅଦମ୍ୟ ଅଧ୍ୟବସାୟର ଫଳ । ତାଙ୍କର ଉତ୍ତରୋତ୍ତର ଯତ୍ନରେ ନାନାସ୍ଥାନରୁ ତାଳପତ୍ର ପୋଥିମାନ ସଂଗୃହୀତ ହୋଇ କ୍ରମେ ପ୍ରାଚୀନ ସାହିତ୍ୟ, ପୁରାଣ ଓ ଧର୍ମଗ୍ରନ୍ଥମାନ ଖଣ୍ଡଶଃ ମୁଦ୍ରିତ ହେବାକୁ ଲାଗିଲା ଏବଂ ନବରଚିତ ନାନାପ୍ରକାର ଓଡ଼ିଆ ପୁସ୍ତକ ଉକ୍ତ ଯନ୍ତ୍ରାଳୟରୁ ପ୍ରକାଶିତ ହେଲା । ଏହିରୂପେ ନବ ନବ ପ୍ରକାଶସହ ବିଚିତ୍ରାନନ୍ଦ ଏବଂ ଗୌରୀଶଙ୍କରଙ୍କ ଚେଷ୍ଟାରେ 'ଉତ୍କଳପଞ୍ଜିକା' ପ୍ରକାଶର ଉଦ୍ୟମ ହୋଇ

Digitized by srujanika@gmail.com

ଥିଲା । ପରଲୋକଗତ ପଣ୍ଡିତ ସର୍ବେଶ୍ୱର ଷଡ଼ଙ୍ଗୀ, ଚନ୍ଦ୍ରଶେଖର ଆଚାର୍ଯ୍ୟ ଏବଂ ହରିହର ଖଡ଼ୁରତ୍ନ ପ୍ରଭୃତି ତଦାନୀନ୍ତନ ଜ୍ୟୋତିଷଜ୍ଞ ପଣ୍ଡିତମାନେ ଏହି ପଞ୍ଜିକା-ସଂକଳନ କାର୍ଯ୍ୟ କରିଥିଲେ । ପ୍ରଥମେ ତାହା ପଦ୍ୟରେ ପ୍ରକାଶିତ ହୋଇଥିଲା, ପଶ୍ଚାତ୍ ଅସୁବିଧା ବୋଧ ହେବାରୁ ନୂତନଗଣିତରେ ପ୍ରସ୍ତୁତ କରାଗଲା । କେତେ-ବର୍ଷ ପରେ ସୁପ୍ରସିଦ୍ଧ ପଠାଣିସାମନ୍ତଙ୍କ ଦୃକ୍‌ସିଦ୍ଧ ନୂତନପଞ୍ଜିକା ଏହି ଯନ୍ତ୍ରାଳୟରୁ ପ୍ରକାଶିତ ହୋଇ-ଥିଲା । ଏହିସମୟରେ ଛାପାଖାନାର ମୁଦ୍ରିତ ପୁସ୍ତକସଂଖ୍ୟା ବୃଦ୍ଧିଲାଭ କରିବାରୁ କାରବାରର ସୁବିଧାନିମନ୍ତେ ଏଥି-ସଂଲଗ୍ନ ଗୋଟିଏ ପୁସ୍ତକଦୋକାନ ଫିଟିଲା । ଦୋକାନ ଫିଟାଇବା କୋମ୍ପାନୀଙ୍କ ଉଦ୍ଦେଶ୍ୟ ନ ଥିଲେହେଁ ଗୌରୀଶଙ୍କରଙ୍କ ନିରନ୍ତର ଯତ୍ନଫଳରେ ସେହି ଦୋକାନଦ୍ୱାରା କମ୍ପାନୀ ଯଥେଷ୍ଟ ଲାଭବାନ୍ ହୋଇ-ଥିଲେ । ୧୮୯୨ ମସିହାରେ ଗୌରୀଶଙ୍କର ବାବୁ ଯେତେବେଳେ ରାଜକାର୍ଯ୍ୟରୁ ଅବସର ନେଇ ପ୍ରିଣ୍ଟିଙ୍ଗ୍ କମ୍ପାନୀର କୋଠାକୁ ନିଜ ବାସଗୃହରୂପେ ମଣି ସେଥିରେ ଅବସ୍ଥାନ କରିଥିଲେ, ସେହି ସମୟରୁ ଛାପାଖାନା ସହିତ ପୁସ୍ତକ ଦୋକାନର ସବିଶେଷ ଉନ୍ନତି ହୋଇ-ଥିଲା । ୧୯୧୫ ଖ୍ରୀଷ୍ଟାବ୍ଦରେ ତାଙ୍କର ଏହି ଛାପାଖାନା ସମ୍ପର୍କ ପରିତ୍ୟାଗ କରିବା ପର୍ଯ୍ୟନ୍ତ କଟକର ସମସ୍ତ ପୁସ୍ତକଦୋକାନ ମଧ୍ୟରେ ଏହି ଦୋକାନ ବିକ୍ରୟରେ ଅଗ୍ରସ୍ଥାନ ଲାଭ କରିଥିଲା । ଏହି ସୁଦୀର୍ଘ ପଞ୍ଚଶବର୍ଷକାଳ କର୍ମୀ ଗୌରୀଶଙ୍କର କମ୍ପାନୀର କାର୍ଯ୍ୟ କିପରି ସୁଚାରୁରୂପେ ପରିଚାଳନା କରିଥିଲେ, ସେ ବିଷୟରେ ଏତିକି କହିଲେ ବୁଝାଯିବ ଯେ, କମ୍ପାନୀର ଅଂଶୀଦାର-ମାନଙ୍କୁ ସେ ୫୫ ହଜାର ଟଙ୍କା ଲାଭ ଦେଇ, କମ୍ପାନୀର ୪୦ ହଜାର ଟଙ୍କାର ସମ୍ପତ୍ତି ରଖି ଯାଇ-ଥିଲେ । * ଛାପାଖାନାର କାର୍ଯ୍ୟ ପରିଚାଳନାର ଏବଂ ଟଙ୍କା ପଇସା କାରବାରରେ ସେ ଯେପରି ନିୟମାନୁ-ବର୍ତ୍ତିତା ଏବଂ ପରିପାଟ୍ୟ ପ୍ରଦର୍ଶନ କରିଅଛନ୍ତି, ତାହା ପ୍ରତ୍ୟେକ ଉନ୍ନତିକାମୀ ଲୋକର ଅନୁକରଣୀୟ । ନିଜ ଅଧ୍ୟବସାୟ ଗୁଣରେ ଗୌରୀଶଙ୍କର ଉକ୍ତ କମ୍ପାନୀଙ୍କର କାରବାରରେ ପ୍ରଚୁର ଲାଭ ଦେଖାଇ ତଦନୁପାତରେ ନିଜେ ମଧ୍ୟ ଯଥେଷ୍ଟ ଲାଭବାନ ଏବଂ ପୁରସ୍କୃତ ହୋଇଥିଲେ ।

---

* ଶ୍ରୀଧର ରାଉଙ୍କ ସଙ୍କଳିତ 'କର୍ମବୀର ଗୌରୀଶଙ୍କର' ପୃ ୭ ।

କୋମ୍ପାନୀର କାର୍ଯ୍ୟରେ କେବେ କେବେ ଯାହା କିଛି ତ୍ରୁଟି ବା କ୍ଷତି ଲକ୍ଷିତ ହୋଇଅଛି, ତାହା ଗୌରୀଶଙ୍କରଙ୍କ ଜ୍ଞାନକୃତ ନୁହେ । ତାଙ୍କର ଅଜ୍ଞାତସାରରେ ସମ୍ପ୍ରେହଭାଜନ ମହୁରୀମାନଙ୍କଦ୍ୱାରା ସେପରି ଘଟିଥିବାର ବୁଝାଯାଇଅଛି । ତାଙ୍କପରି ଉଦାରମନା ପୁରୁଷଙ୍କଠାରେ ସେପରି ଶଙ୍କା କରଣୀୟ ନୁହେ ।

Digitized by srujanika@gmail.com

ଷଷ୍ଠ ପରିଚ୍ଛେଦ

'ଦୀପିକା' ଏବଂ ଦେଶସେବା

କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀର ପୂର୍ବୋକ୍ତ ଉଦ୍‌ଯୋଗୀମାନେ ମୁଦ୍ରାଯନ୍ତ୍ରପରି ଖଣ୍ଡିଏ ସମ୍ବାଦ ପତ୍ରର ମଧ୍ୟ ଅଭାବ ଏକାନ୍ତ ଅନୁଭବ କରୁଥିଲେ । ଛାପାଖାନାର ଉନ୍ନତି ଦେଖାଗଲେ ସରକାରଙ୍କୁ ଦେଶର ସମସ୍ତ ଦୁଃଖ ଗୁହାରି ଶୁଣାଇବା ପାଇଁ ଖଣ୍ଡିଏ ସାପ୍ତାହିକ ପତ୍ରିକା ପ୍ରଚାର କରିବା ସେମାନଙ୍କର ଅଭିପ୍ରେତ ଥିଲା; କିନ୍ତୁ ସେ ସମୟ ଆଉ ଡେରି ସହିଲା ନାହିଁ । ହଠାତ୍ 'ନଅଅଙ୍କ'ର ଘୋର ଦୁର୍ଭିକ୍ଷ କରାଳ ମୁଖ ବ୍ୟାଦାନ କରିବାରୁ ଦେଶର ସେହି ଦୁର୍ଦ୍ଦିନମୟ ଅନ୍ଧକାର ମଧ୍ୟରେ ସେହିମାନଙ୍କ ଉଦ୍‌ଯୋଗରେ 'ନବଯୁଗର ଉଷାପ୍ରଭା' ପ୍ରାୟ 'ଦୀପିକା' ଦେଖାଦେଲା । ଛାପାଖାନା ବସିବାର ପ୍ରାୟ ମାସକପରେ ଅଥବା ୧୮୬୬ ଖ୍ରୀଷ୍ଟାବ୍ଦର ଅଗଷ୍ଟ ମାସରେ ଉତ୍କଳଦୀପିକାର ପ୍ରଥମ ସଂଖ୍ୟା ପ୍ରକାଶିତ ହୋଇଥିଲା ଏବଂ ବର୍ଷ ଶେଷରେ ପୁଣି ୧୮୬୭ ଅବ୍ଦର ଜାନୁୟାରୀ ମାସ ପହିଲାଠାରୁ ତାହାର ଦ୍ୱିତୀୟ ବର୍ଷର ଗଣନାରମ୍ଭ ହୋଇଥିଲା । ପରିଚାଳକ ଗଣଙ୍କ କର୍ତ୍ତୃକ କର୍ମୀ ଗୌରୀଶଙ୍କରହିଁ ଏହି ପତ୍ରିକାର ଯୋଗ୍ୟ ସମ୍ପାଦକ ନିର୍ବାଚିତ ହୋଇଥିଲେ । ରାଜସେବାର ଆକଟ ମଧ୍ୟରେ ଥାଇ ଏପରି ସଙ୍କଟସଙ୍କୁଳ ଦେଶସେବାର ଗୁରୁଭାର ବହନ କରିବାକୁ ସମ୍ମତ ହେବା ଦ୍ୱାରା ଗୌରୀଶଙ୍କର ଯଥାର୍ଥ ଦେଶହିତୈଷିତାର ପରିଚୟ ଦେଇ ଅଛନ୍ତି । ବୋଧହୁଏ ଏହି କର୍ମ ସମ୍ପାଦନ ତାହାଙ୍କର ବିଧି ନିର୍ଦ୍ଦିଷ୍ଟ ଥିଲା । ତେଣୁ ବିଧାତାଙ୍କର ଅପାର କରୁଣା ବଳରେ ଏ କାର୍ଯ୍ୟ ସେ ନାନା ବାଧାବିଘ୍ନ ମଧ୍ୟରେ ଅପ୍ରତିହତଭାବରେ ଚଳାଇ ପାରିଥିଲେ । ଗୋଟିଏ କର୍ମକ୍ଷେତ୍ରରେ ପଚିଶ ବର୍ଷକାଳ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ଏକା ଏଦେଶ କଥାହିଁକି ଯେ କୌଣସି ଦେଶ ପ୍ରତି ଶ୍ଳାଘାର ବିଷୟ ହୋଇ ପାରେ । ଦେଶରେ ଘୋର ଅନ୍ନକଷ୍ଟ ଏବଂ ଆର୍ତ୍ତହାହାକାର ସମୟରେ ଗୌରୀଶଙ୍କର ସମ୍ବାଦପତ୍ରର ସମ୍ପାଦକ ଭାର ଗ୍ରହଣ କରି ପ୍ରଚୁର ଶ୍ରମ ଓ ଆୟାସ ସହକାରେ ଯଥାସମ୍ଭବ ଦେଶର ବିଭିନ୍ନ ଅଞ୍ଚଳରୁ ସମ୍ବାଦମାନ ସଂଗ୍ରହ କରି ଦୀପିକାମୁଖରେ ସରକାର ଏବଂ ଦେଶବାସୀମାନଙ୍କର କର୍ଣ୍ଣଗୋଚର କରାଇବାକୁ ଲାଗିଲେ । ଦେଶବାସୀଙ୍କ ଦୁଃଖ ଜଣାଇବାକୁ ଯାଇ ସରକାରଙ୍କ ଦୋଷ ଉଦ୍‌ଘାଟନ କରିବାରେ ସେ କିଛି ମାତ୍ର ତ୍ରୁଟି କରୁ ନ ଥିଲେ । ଶୁଣିଛୁଁ ସେ ସମୟରେ କମିଶନର ରେଭେନ୍‌ସା ସାହେବ ଦୀପିକାରେ କେତେକ ମନ୍ତବ୍ୟ ଦେଖି ଗୌରୀଶଙ୍କରଙ୍କ ପ୍ରତି ଅତ୍ୟନ୍ତ ବିରକ୍ତ ହୋଇଥିଲେ; କିନ୍ତୁ ପରେ ତାହାଙ୍କର ମହତ୍ତ୍ୱ ଏବଂ ସଦିଚ୍ଛାର ପ୍ରମାଣ ପାଇ ଆଜୀବନ ବନ୍ଧୁରୂପେ ତାହାଙ୍କୁ ଗ୍ରହଣ କରିଥିଲେ ।

ନଅଙ୍କ ଦୁର୍ଭିକ୍ଷର ଆଲୋଚନା ପରେ ସମ୍ପାଦକରୂପେ ସେ ଓଡ଼ିଶାର ନାଳଖନନ, ଉତ୍କଳ ଭାଷା ପ୍ରବର୍ତ୍ତନ ଏବଂ କଟକରେ ସ୍ୱତନ୍ତ୍ର କଲେଜ ସ୍ଥାପନ ବିଷୟରେ 'ଦୀପିକା'ରେ ବହୁକାଳବ୍ୟାପୀ ଆନ୍ଦୋଳନ କରିଥିଲେ । ଗୌରୀଶଙ୍କର ଯେଉଁ ବିଷୟ ଧରୁଥିଲେ, ତହିଁର ପ୍ରତିକାର ସୂଚନା ବା ଫଳୋଦୟ ନ ଦେଖିବା ଯାଏ, ସେଥିରୁ ନିବୃତ୍ତ ହେଉ ନ ଥିଲେ । ଗଭର୍ଣ୍ଣମେଣ୍ଟଙ୍କର ପ୍ରତ୍ୟେକ କାର୍ଯ୍ୟର ଗୁଣ ବିଚାର ଏବଂ ଦେଶରେ ଯଥାର୍ଥ ଅଭାବ ଜ୍ଞାପନକୁ ସେ ପ୍ରଧାନ କର୍ତ୍ତବ୍ୟ ବୋଲି ମନେ କରିଥିଲେ । ତେଣୁ ସରକାରଙ୍କ ଇନକମ୍ ଟାକ୍‌ସ, ଅବକାରୀ ବିଭାଗ, ଲବଣକର,

Digitized by srujanika@gmail.com

ବାଟକର ପ୍ରଭୃତିର ତୀବ୍ର ସମାଲୋଚନା ସେ ପତ୍ରିକା ପ୍ରଚାରର ପ୍ରାରମ୍ଭରୁ ଧାରାବାହିକରୂପେ କରି ଆସୁଥିଲେ । ଏତଦ୍‌ବ୍ୟତୀତ ସରକାରୀ ବଜେଟ୍, ପୁଲିସର କାର୍ଯ୍ୟ, ଘାଟଅତ୍ୟାଚାର, ହାକିମ ଓ ଜଜଙ୍କର ଅମଲାଙ୍କ ଅତ୍ୟାଚାର, ସ୍କୁଲ ଓ କଲେଜର କାର୍ଯ୍ୟ ଏବଂ ପରୀକ୍ଷାଫଳ ନୂତନ ପାଠ୍ୟପୁସ୍ତକ ଓ କମିଟୀର କାର୍ଯ୍ୟ ପ୍ରଭୃତି ସମସ୍ତ ପ୍ରୟୋଜନୀୟ ପ୍ରସଙ୍ଗ ପତ୍ରିକାର ଆଲୋଚ୍ୟ ବିଷୟ ଥିଲା । ଏ ସବୁ ପ୍ରସଙ୍ଗର ଆଲୋଚନାରେ ଯେଉଁଠି ସେ କିଛି ତ୍ରୁଟି ଦେଖୁଥିଲେ କିମ୍ବା ଯାହା ତାଙ୍କ ମନକୁ ପାଉ ନ ଥିଲା, ସେ ବିଷୟରେ ନିରପେକ୍ଷ ଭାବରେ ମନ୍ତବ୍ୟ ପ୍ରକାଶ କରୁଥିଲେ । ଅପ୍ରିୟସତ୍ୟ ଶ୍ରୋତୃକର୍ଣ୍ଣକୁ ଅତି କଟୁ ବୋଧ ହେଲେହେଁ ସେଥି ପ୍ରତି ସେ ଭ୍ରୂକ୍ଷେପ କରୁ ନ ଥିଲେ ।

ଦେଶର ଅତ୍ୟାଚାର ନିବାରଣ ପ୍ରତି ଗୌରୀ-ଶଙ୍କର ସର୍ବଦା ତୀକ୍ଷ୍ଣଦୃଷ୍ଟି ରଖିଥିଲେ । କୌଣସି ପ୍ରକାର ଅତ୍ୟାଚାର ତାଙ୍କର ଦୃଷ୍ଟିଗୋଚର ବା କର୍ଣ୍ଣ ଗୋଚର ହେଲେ, ସେଥିର ପ୍ରତିକାର ନୋହିବା ଯାଏ ସେ କଦାପି ପଛକୁ ହଟୁ ନଥିଲେ । ସୁବିଚାର ପାଇବା ଲାଗି ସେ ପରାପାଇଁ ଯଥେଷ୍ଟ ଅର୍ଥବ୍ୟୟ କରିବାକୁ ଛାଡ଼ୁ ନାହାନ୍ତି । ସ୍ୱୟଂ ରାଜକର୍ମଚାରୀ ଥାଇ ରାଜପୁରୁଷ ବିଶେଷଙ୍କ ଅତ୍ୟାଚାର ଏପରି ଉଜ୍ଜ୍ୱଳ ଭାବରେ ଦାଣ୍ଡରେ ଦେଖାଇ ଦେଉଥିଲେ ଯେ, ସଙ୍ଗେ ସଙ୍ଗେ ତାହାର ପ୍ରତିକାର କରି ରାଜପୁରୁଷଙ୍କର ନୀରବ ରହିବା ଉପାୟ ନ ଥିଲା । ଏପ୍ରକାର ଘଟଣାରେ ସେ ସ୍ଥାନୀୟ ମୁଖ୍ୟ ରାଜପୁରୁଷମାନଙ୍କର ଅପ୍ରୀତିଭାଜନ ହେଉଥିଲେ । ଏପରିକି କେବେ କେବେ ତାହାଙ୍କୁ ଏଥିପାଇଁ ବିପଦଗ୍ରସ୍ତ ହୋଇ ସରକାରଙ୍କ ନିକଟରେ କୈଫିୟତ ଦେବାକୁ ପଡ଼ୁଥିଲା ଏବଂ ସ୍ୱପକ୍ଷସମର୍ଥନରେ ପ୍ରମାଣ ଦେବାପାଇଁ ଯଥେଷ୍ଟ ଶ୍ରମ ଓ ଅର୍ଥବ୍ୟୟ କରିବାକୁ ହୋଇଥିଲା । ଫଳରେ ନ୍ୟାୟର ପକ୍ଷପାତୀ ଗୌରୀଶଙ୍କର ଜୟୀ ହେଉଥିଲେ । ତେଣୁ ରାଜକର୍ମ-ଚାରୀମାନଙ୍କର ତାଙ୍କ ଲେଖା ପ୍ରତି ସର୍ବଦା ସଶଙ୍କ ଏବଂ ସତର୍କ ଦୃଷ୍ଟି ରହିଥିଲା । ସରକାର ଅନେକ ସମୟରେ ତାଙ୍କ ପ୍ରତି ବିରକ୍ତ ହେଉଥିଲେହେଁ, ଶକ୍ତି ସତ୍ତ୍ୱେ ନ୍ୟାୟ ଓ ସତ୍ୟର ବଳ ଆଗରେ ପରାଜୟ ସ୍ୱୀକାର କରୁଥିଲେ । ଗୌରୀଶଙ୍କର ମଧ୍ୟ ନ୍ୟାୟ ଲାଗି ରାଜଦଣ୍ଡକୁ ଭୟ କରୁ ନ ଥିଲେ । ସେ ଅନେକ ସମୟରେ ବୟସ୍ୟମାନଙ୍କ ଆଗରେ ରହସ୍ୟରେ କହୁଥିଲେ, "ମଶାଣିରେ ପୁଅ ଜନମ କରି ଡାହାଣୀକୁ ଆଉ ଡର କଣ ?" ଅଭିପ୍ରାୟ ଏହି ଜେଲଖାନାର ସମ୍ମୁଖରେ କାର୍ଯ୍ୟାଳୟ କରି ରାଜଦଣ୍ଡକୁ ଅଉ ଭୟ କଣ ?

ଗୌରୀଶଙ୍କରଙ୍କ ସମ୍ପାଦକତ୍ୱରେ ଗୋଟିଏ ବିଶେଷତ୍ୱ ଏହି ଥିଲା ଯେ, କୌଣସି ପ୍ରକାର କଳହଦ୍ୱନ୍ଦ୍ୱ ବା ଅନର୍ଥରେ ସେ ଯୁକ୍ତ ନ ଥାଇ ସ୍ଥିର ବିଚାର ସହ ଧୀର ଭାବରେ ସ୍ୱମତ ପ୍ରକାଶ କରୁଥିଲେ । ରାଜା ଓ ପ୍ରଜା ଉଭୟ ଅଡ଼କୁ ଜଗି ସେ ଏପରି ମଧ୍ୟସ୍ଥ ଭାବରେ ଲେଖନୀ ଚାଳନା କରୁଥିଲେ ଯେ, ସରକାର ତାହାଙ୍କ ମତରେ ଆସ୍ଥା ସ୍ଥାପନ କରୁଥିଲେ, ଦେଶବାସୀମାନେ ମଧ୍ୟ ଅସନ୍ତୁଷ୍ଟ ହେଉ ନଥିଲେ । ଏହି ଗୁଣରୁ ଉତ୍କଳରେ ପରେ ଅନେକ ପତ୍ରିକା ଦେଖା ଦେଇ ତେଜସ୍ୱିତା ପ୍ରକାଶ କରିଥିଲେହେଁ, ପତ୍ରିକା ଉତ୍କଳର ମୁଖ-ପତ୍ରରୂପେ ରାଜଦ୍ୱାରରେ ଗୃହୀତ ହୋଇଥିଲା । ସରକାରୀ କର୍ମଚାରୀ ଥିବା ସମୟରେ ସୁଦ୍ଧା ଘଟଣାବିଶେଷରେ ଗୌରୀଶଙ୍କର ଉକ୍ତ ପ୍ରକାର ଯେଉଁ ମନ୍ତବ୍ୟମାନ ପ୍ରକାଶ କରିଅଛନ୍ତି, ସେଥିରୁ ଗୋଟିଏ ଦୁଇଟି ସ୍ଥଳ ଏଠାରେ ଦେଖାଇ ଦେଲେ ବୋଧହୁଏ ପାଠକ-ମାନଙ୍କର ବିଚାରର ସୁବିଧା ହେବ ।

୧୮୭୧ ମସିହାରେ ବଙ୍ଗର ଲେଫ୍ଟେନାଣ୍ଟ ଶ୍ରୀଯୁକ୍ତ କାମ୍ବେଲ ସାହେବ ଯେତେବେଳେ କଚେରୀରୁ ଉର୍ଦ୍ଦୁ ପାରସୀ ଭାଷା ଏକାବେଳକେ ଉଠାଇ ଦେବା ପାଇଁ ଆଦେଶ ପ୍ରଚାର କଲେ ଏବଂ ତଦନୁସାରେ ଶିକ୍ଷା ବିଭାଗର ଡାଇରେକ୍ଟର ସାହେବ ଜଣାଇ

Digitized by srujanika@gmail.com

ଦେଲେ ଯେ, ଏଣିକି ଯେପରି ମିଶ୍ରିତଭାଷାର ପୁସ୍ତକ ପଢ଼ା ନ ଯାଏ ଏବଂ ଯେଉଁଠି ଦେଶୀୟ ଭାଷାର ଶବ୍ଦ ନଥିବ ସେଠାରେ ଇଂରାଜୀ ଶବ୍ଦର ସାହାଯ୍ୟ ନିଆଯାଇ ପାରେ; ସେତେବେଳେ ଗୌରୀଶଙ୍କର ଅଳ୍ପରେ ଏତିକି ମନ୍ତବ୍ୟ ଦେଇଥିଲେ—"ସାହେବ ବେଶ୍ କହିଛନ୍ତି, କିନ୍ତୁ ଏହା ଅନାୟାସସାଧ ବୋଧ ହେଉନାହିଁ। ସ୍ୱୟଂ ଖଣ୍ଡିଏ ବ୍ୟାକରଣ ବା ଅଭିଧାନ ପ୍ରସ୍ତୁତ କରି ନ ଦେଲେ ତାଙ୍କ ମତ ଗ୍ରହଣ କରିବାକୁ ଲୋକେ ସହଜରେ ସକ୍ଷମ ହେବେନାହିଁ; କିନ୍ତୁ ଦେଶୀୟ ଭାଷାରେ ଶବ୍ଦର ଅଭାବ ହେଲେ ଇଂରାଜୀରୁ ଶବ୍ଦ ଗ୍ରହଣ କରିବାର ତାତ୍ପର୍ଯ୍ୟ ବୁଝିପାରୁନାହୁଁ। ଏକ ପ୍ରକାର ଜାରଜ ଦୋଷରୁ ତ୍ରାଣ ପାଇଲେ ତ ଅନ୍ୟରୂପେ ଜାରଜ ଭାଷା ହେବ। ଯେଉଁସ୍ଥାନରେ ଶୁଦ୍ଧ ଦେଶୀୟ ଭାଷା ବା ଇଂଲଣ୍ଡୀୟ ଭଲ ଶବ୍ଦପ୍ରାପ୍ତି ନ ହେବ, ସେଠାରେ କି କରିବାକୁ ହେବ ଗବର୍ଣ୍ଣମେଣ୍ଟ କହି ନାହାନ୍ତି। ଭାବରୁ ଦେଖାଯାଏ ପୂର୍ବପ୍ରଚଳିତ ସର୍ବବୋଧଗମ୍ୟ ଶବ୍ଦ ରହିତ ହୋଇ ପାରିବ ନାହିଁ, ମାତ୍ର ଏଣିକି କେହି ନୂଆ ଶବ୍ଦ ଲଗାଇ ପାରିବେ ନାହିଁ।" ଦୀପିକା ୧୮୭୧।

ଖ୍ରୀଷ୍ଟୀୟ ୧୮୭୦ ଅବ୍ଦରେ ଆୟର୍ଲଣ୍ଡର ପ୍ରୋଟେଷ୍ଟାଣ୍ଟ ପୁରୋହିତମାନେ ବହୁତର ବେତନ ଭୋଗ କରୁଥିବାରୁ ଯେତେବେଳେ ଆପତ୍ତି ଉଠିଲା, ଦୀପିକାରେ ସେହି ପ୍ରସଙ୍ଗର ଆଲୋଚନାରେ ସମ୍ପାଦକ ଗୌରୀଶଙ୍କର ଲେଖିଥିଲେ, "ଯେତେବେଳେ ଏକ ଶାଖାଭୁକ୍ତ ଖ୍ରୀଷ୍ଟାନଙ୍କ କରଦ୍ୱାରା ଅନ୍ୟଶାଖାଭୁକ୍ତ ପୁରୋହିତ ରଖିବା ଅନାବଶ୍ୟକ ବୋଧ ହେଉଅଛି, ସେ ସ୍ଥଳେ ପୃଥକ୍ ଧର୍ମାବଲମ୍ବୀ ହିନ୍ଦୁ ଓ ମୁସଲମାନଙ୍କ କରଦ୍ୱାରା ଯେ ଖ୍ରୀଷ୍ଟିୟାନ ପୁରୋହିତଙ୍କୁ ବେତନ ଦିଆଯାଏ, ଏହା କି ନିତାନ୍ତ ଅନ୍ୟାୟାଚରଣ ନୁହେଁ? ପ୍ରତିବର୍ଷ ଆମ୍ଭମାନଙ୍କ ଗଭର୍ଣ୍ଣମେଣ୍ଟ ଭାରତୀୟ କରରୁ ଖ୍ରୀଷ୍ଟାନ ପୁରୋହିତଙ୍କୁ ବେତନ ଦେବାରେ ପନ୍ଦରଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି, ଅଥଚ ଅନ୍ୟାନ୍ୟ ବ୍ୟୟପାଇଁ ଧନ ଅଣ୍ଟୁ ନାହିଁ ବୋଲି ନୂତନ କର ବସାଇବାର ଚେଷ୍ଟା ହେଉଅଛି। ଏରୂପ ଆଚରଣ ଅବଶ୍ୟ ଅନ୍ୟାୟ ଅଟଇ। ବିଶେଷତଃ, ଗଭର୍ଣ୍ଣମେଣ୍ଟ ଧର୍ମବିଷୟରେ ଅପକ୍ଷପାତ ବ୍ୟବହାର କରିବାର କହନ୍ତି, କିନ୍ତୁ ତଦ୍ରୂପ କାର୍ଯ୍ୟ କରୁ ନାହାନ୍ତି।" ୧୩-୨ ୧୮୭୦ ର ଦୀପିକା।

ଉଲ୍ଲିଖିତ ମନ୍ତବ୍ୟରୁ ଦେଖାଯାଉଅଛି, ଲେଖକଙ୍କର ଭିତର ବାହାର ସମାନ। ସରକାରୀ କର୍ମଚାରୀ ବୋଲି ସେ ଗୋଟିଏ ସ୍ୱତନ୍ତ୍ର ମୁଖା ପିନ୍ଧି କପଟାଚରଣ କରି ନ ଥିଲେ। ଯାହା ସେ ଠିକ୍ ବୁଝୁଥିଲେ, ତାହା ବଜ୍ର ଦୃଢ଼ଭାବରେ ପ୍ରକାଶ କରୁଥିଲେ। ତାଙ୍କର ଏହି ସତ୍-ସାହସ ଅନନ୍ୟ ସାଧାରଣ।

ଗୌରୀଶଙ୍କରଙ୍କର ସମ୍ପାଦକୀୟ ଦାୟିତ୍ୱଜ୍ଞାନ ଯଥେଷ୍ଟ ଥିଲା। ଅନେକ ସମ୍ବାଦପତ୍ରର ସମ୍ପାଦକୀୟ ସ୍ତମ୍ଭରେ ଅନ୍ୟ ଲେଖକଙ୍କର ଲେଖା ଅବିକଳ ସ୍ଥାନ ପାଇଥିବାର ଦେଖାଯାଏ; କିନ୍ତୁ ଏହା ତାଙ୍କର ସମ୍ପୂର୍ଣ୍ଣ ପ୍ରକୃତିବିରୁଦ୍ଧ ଥିଲା। ସମ୍ପାଦକୀୟ ମନ୍ତବ୍ୟ କଥା ଦୂରକୁ ଥାଉ, ଅନ୍ୟାନ୍ୟ ସାଧାରଣ ସମ୍ବାଦ ମଧ୍ୟ ସେ ନିଜେ ନ ଦେଖିଲେ ପତ୍ରିକାରେ ପ୍ରକାଶ କରୁ ନ ଥିଲେ। କୌଣସିଠାରୁ କିଛି ନୂତନ ସମ୍ବାଦ ବା ଘଟଣା ବର୍ଣ୍ଣନା-ପତ୍ର ପାଇଲେ ସେ ତଥ୍ୟାନୁସନ୍ଧାନ ନ କରି ତାହା ପ୍ରକାଶ କରି ଦେଉ ନ ଥିଲେ। ତାଙ୍କର ସମାଲୋଚନା ଏବଂ ମନ୍ତବ୍ୟମାନ ମିତ ଏବଂ ସତ୍ୟସଂଯତ ଥିବାରୁ ପତ୍ରିକାର କଳେବରରେ ନାନା ପ୍ରସଙ୍ଗ ଅବତାରଣାର ସୁବିଧା ହେଉଥିଲା। ଏଥିଯୋଗୁଁ ତାଙ୍କର ଦୀପିକା ଅପୂର୍ବଶ୍ରୀମଣ୍ଡିତ ଥିଲାବୋଲି ପାଠକମାନଙ୍କର ଧାରଣା ହୋଇଅଛି।

ସମ୍ବାଦପତ୍ରିକାର ସମ୍ପାଦକ ହୋଇ ଗୌରୀଶଙ୍କର ରାଜନୀତିଚର୍ଚ୍ଚାର ସୁଯୋଗ ଲାଭ କରିଥିଲେ। ଗଭର୍ଣ୍ଣମେଣ୍ଟଙ୍କର ରାଜ୍ୟଶାସନନୀତି ଜାଣିବା ପାଇଁ ସେ

Digitized by srujanika@gmail.com

ପ୍ରୟୋଜନାନୁସାରେ ମଧ୍ୟ ମଧ୍ୟରେ ଆଇନ ବର୍ତ୍ତମାନ କିଣି ଅଧ୍ୟୟନ କରୁଥିଲେ ଏବଂ ଯେତେବେଳେ କୌଣସି ନୂତନ ଆଇନ ପ୍ରବର୍ତ୍ତିତ ହେଉଥିଲା, ତାହାର ମୂଳସୂତ୍ର ଜାଣିବା ପାଇଁ ସର୍ବଦା ଯତ୍ନବାନ୍ ହେଉଥିଲେ। ଉତ୍କଳରେ ଯେଉଁମାନେ ସେତେବେଳେ ରାଜନୀତି-କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଅଛନ୍ତି, ତନ୍ମଧ୍ୟରେ ଗୌରୀଶଙ୍କର ଜଣେ। ଅବଶ୍ୟ ସେ ଚରମପନ୍ଥୀ ନ ଥିଲେ; କିନ୍ତୁ ସ୍ୱାୟତ୍ତଶାସନର ବଡ଼ ପକ୍ଷପାତି ଥିଲେ। ଉକ୍ତ ପ୍ରସଙ୍ଗରେ ସେ ପତ୍ରିକାରେ କ୍ରମାଗତ ଆନ୍ଦୋଳନ କରି ଆସୁଥିଲେ। ସମ୍ପାଦକ କାର୍ଯ୍ୟରୁ ଅବସର ନେଇ ସୁଦ୍ଧା ସେ ପରବର୍ତ୍ତୀ ସମ୍ପାଦକ ରାୟ ବାହାଦୂର ସୁଦାମ ଚନ୍ଦ୍ର ନାୟକଙ୍କୁ ସ୍ୱାୟତ୍ତଶାସନ ବିଷୟରେ ପ୍ରବନ୍ଧମାନ ଲେଖିବାପାଇଁ ଅନୁରୋଧ କରିଥିଲେ। ଉତ୍ତରରେ ଦିନେ ସୁଦାମ ବାବୁ କହିଥିଲେ 'ସ୍ଥାନୀୟ ସ୍ୱାୟତ୍ତ-ଶାସନର କାର୍ଯ୍ୟଗତି ଦେଖି ମୋହର ସେଥିପ୍ରତି ବିଶେଷ ଆସ୍ଥା ନାହିଁ। ଏହା ଶୁଣିବା ମାତ୍ରେ ଗୌରୀ-ଶଙ୍କର କହିଥିଲେ, 'କାର୍ଯ୍ୟକାରୀଙ୍କ ଦୋଷରେ ତ୍ରୁଟି ଦେଖାଯିବବୋଲି କଣ ସ୍ୱାୟତ୍ତଶାସନର ମୂଳମନ୍ତ୍ରଟା ଉଚିତ ନୁହେଁ? ମୋହ ମତରେ ତାହା କ୍ରମଶଃ ଦୂରୀଭୂତ ହୋଇ ଜାତିର କଲ୍ୟାଣସାଧନ କରିବ।'

ଗୌରୀଶଙ୍କର ଯେପରି ଜଣେ ରାଜନୀତିଜ୍ଞ ପଣ୍ଡିତ ଥିଲେ, ସର୍ବ ପ୍ରକାର ସାଧାରଣ ସଭା ସହିତ ସେହିପରି ସମ୍ପର୍କ ମଧ୍ୟ ରଖିଥିଲେ। ତେଣୁ ତାଙ୍କର କାର୍ଯ୍ୟାଳୟ ସାହିତ୍ୟିକ ଏବଂ ରାଜନୈତିକ ବିଷୟ ଅନୁଶୀଳନର କେନ୍ଦ୍ରସ୍ଥଳ ଥିଲା। ସାଧାରଣ କାର୍ଯ୍ୟରେ ସମ୍ମିଳିତ ହେବା ଲାଗି ଯେତେବେଳେ ସର୍ବସାଧାରଣଙ୍କ ବ୍ୟବହାର୍ଯ୍ୟ କୌଣସି ସ୍ୱତନ୍ତ୍ର ଗୃହ ନ ଥିବାରୁ ନିତ୍ୟ-ନୈମିତ୍ତିକ ସର୍ବପ୍ରକାର ସଭାସମିତିର ଅଧିବେଶନ ଏହି ପ୍ରିଣ୍ଟିଙ୍ଗ୍ କୋମ୍ପାନୀଙ୍କ ଦ୍ୱିତଳଗୃହରେ ଅନୁଷ୍ଠିତ ହେଉଥିଲା। ରେଭେନ୍ସା ସାହେବଙ୍କ ଅମଳରୁ କଟକରେ ଗୋଟିଏ 'ଟାଉନ୍‌ହଲ' ଏବଂ ସାଧାରଣ ଲାଇବ୍ରେରୀର ଅଭାବ ଅନୁଭୂତ ହୋଇ ଆସୁଥିଲେ ହେଁ ଅନେକେ ଧନସତ୍ତ୍ୱେ ତାହା ପୂରଣ କରି ପାରି ନ ଥିଲେ। ସ୍ୱୟଂ ରେଭେନ୍ସା ସାହେବ ମଧ୍ୟ ସ୍ୱୀୟ ଶାସନକାଳ ମଧ୍ୟରେ ଏ ଅଭାବ ପୂରଣ କରି ପାରି ନ ଥିବାରୁ ଶେଷଜୀବନରେ ଦୁଃଖ ପ୍ରକାଶକରି ବିଲାତରୁ ପତ୍ର ଲେଖିଥିଲେ। କିନ୍ତୁ ଗୌରୀଶଙ୍କରଙ୍କ ମନର ବଳ ଅତ୍ୟଧିକ ଥିବାରୁ ତାହା ଧନବଳକୁ ଅତିକ୍ରମ କରି ଯାଇଥିଲା। ଶେଷ-ଜୀବନରେ ସେ ବହୁକାଳର ଉପାର୍ଜିତ ଧନରେ କଟକରେ 'ଟାଉନ୍‌ହଲ' ପ୍ରତିଷ୍ଠା କରି ବହୁକାଳର ଅନୁଭୂତ ଅଭାବ ପୂରଣ କରିଯାଇ ଅଛନ୍ତି। ଏହି କୀର୍ତ୍ତିସ୍ତମ୍ଭ ଦଣ୍ଡାୟମାନ ଥିବାଯାଏ ଗୌରୀଶଙ୍କର କଦାପି ଶିକ୍ଷିତ ସମାଜର ହୃଦୟରୁ ବିସ୍ମୃତ ହେବେନାହିଁ।

Digitized by srujanika@gmail.com

ସପ୍ତମ ପରିଚ୍ଛେଦ

ଉତ୍କଳ ଭାଷାର ସ୍ୱତ୍ୱରକ୍ଷା

ଉତ୍କଳଭାଷାର ସ୍ୱତ୍ୱରକ୍ଷା ଲାଗି ବହୁଦିନବ୍ୟାପୀ ବାଗ୍‌ଯୁଦ୍ଧ ଗୌରୀଶଙ୍କରଙ୍କ ଜୀବନରେ ପ୍ରଧାନ କାର୍ଯ୍ୟ । ସେଥିପାଇଁ ସେ ମାତୃଭୂମି ଉତ୍କଳରେ ଚିର-ସ୍ମରଣୀୟ ରହିବେ । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଓଡ଼ିଶା ଇଂରେଜମାନଙ୍କ ଅଧିକାରକୁ ଆସିଥିଲେହେଁ ପ୍ରଥମ ପଚିଶ ବର୍ଷରେ ଏ ଦେଶରେ ସାଧାରଣ ଶିକ୍ଷା-ବିଧାନର ସେପରି କୌଣସି ସୁବ୍ୟବସ୍ଥା ହୋଇ ନଥିଲା, ବିଶେଷତଃ ମାତୃଭାଷାରେ ଶିକ୍ଷା ଦେବାର କୌଣସି ଚେଷ୍ଟା କରାଯାଇ ନ ଥିଲା । ୧୮୩୮ ଖ୍ରୀଷ୍ଟାବ୍ଦ ପରେ ଅଥବା କଟକରେ ମିଶନ ଯନ୍ତ୍ରାଳୟ ସ୍ଥାପିତ ହେବା ଉତ୍ତରେ ବୈଦେଶିକ ମିଶନେରୀମାନେ ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶାରେ ମଧ୍ୟ ଖ୍ରୀଷ୍ଟୀୟ ଧର୍ମପୁସ୍ତକ ପ୍ରକାଶ ସଙ୍ଗରେ କେତେ ଖଣ୍ଡି ପୁସ୍ତକ ଓଡ଼ିଆ ଭାଷାରେ ରଚନା କରିଥିଲେ । ପାଦ୍ରି ସାହେବଙ୍କ ଭାଷା ଯାହା ଥାଉ, ସେତେବେଳେ ଉକ୍ତ ପ୍ରକାର ପୁସ୍ତକମାନ ପାଠ୍ୟ ରୂପେ ସ୍ୱୀକୃତ ହେଉଥିଲା । ଫଳତଃ ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ ଯୋଗୁଁ ଓଡ଼ିଶାର ବିଦ୍ୟାଳୟ-ମାନଙ୍କରେ ବଙ୍ଗଳାଭାଷାରେ ଶିକ୍ଷା ଦିଆ ଯାଉଥିଲା । ଓଡ଼ିଶାର ଯେଉଁ କୃତୀ ପୁରୁଷମାନେ ଦେଶଭାଷାର ଉନ୍ନତି ଲାଗି ସର୍ବାନ୍ତଃକରଣରେ ପ୍ରଯତ୍ନ କରିଥିଲେ, ସେମାନେ ବାଲ୍ୟକାଳରୁ କେବଳ ବଙ୍ଗଭାଷା ଅନୁଶୀଳନର ସୁବିଧା ପାଇଥିଲେ । ଉତ୍କଳ ପ୍ରତି ସରକାରଙ୍କର ଉଚିତ ଦୃଷ୍ଟି ପଡ଼ିଥିଲେ, ଉତ୍କଳବାସୀଏ ଏତେ-କାଳ ମାତୃଭାଷା ଚର୍ଚ୍ଚାରୁ ବଞ୍ଚିତ ରହି ନ ଥାନ୍ତେ । ଶିକ୍ଷାବିଭାଗର ତଦାନୀନ୍ତନ ବଡ଼ କର୍ମଚାରୀ ବଙ୍ଗାଳୀ ଥିବାରୁ ପ୍ରତିବର୍ଷ ବାର୍ଷିକ ରିପୋର୍ଟରେ ଗଭର୍ଣ୍ଣମେଣ୍ଟଙ୍କୁ ଏହା ଜଣାଇ ସନ୍ତୁଷ୍ଟ ରଖୁଥିଲେ ଯେ, ଓଡ଼ିଶାରେ ଏପର୍ଯ୍ୟନ୍ତ ଉପଯୁକ୍ତ ପାଠ୍ୟପୁସ୍ତକ ଲିଖିତ ହୋଇ ନାହିଁ ଏବଂ ଓଡ଼ିଆମାନଙ୍କର ବଙ୍ଗଳାଭାଷା ଶିକ୍ଷାରେ କୌଣସି ଅସୁବିଧା ହେଉନାହିଁ । ଏପରି କରିବାଦ୍ୱାରା ଅନ୍ୟ ଦେଶୀୟ ଭାଷା ସଙ୍ଗରେ ଓଡ଼ିଆ ଭାଷାର ଅଗ୍ରଗତିକୁ ବହୁ ବର୍ଷ ଯାଏ ରୁଦ୍ଧ କରା ଯାଇଅଛି । ଗଭର୍ଣ୍ଣମେଣ୍ଟ ସେ ସମୟରେ ହିନ୍ଦୀ ଏବଂ ବଙ୍ଗଳା-ଭାଷାରେ ନାନାବିଷୟକ ପୁସ୍ତକ ରଚନା କରିବା ପାଇଁ ଯେପରି ପୁରସ୍କାର ଘୋଷଣା କରିଥିଲେ ଏବଂ ଅନେକ ବଡ଼ ବଡ଼ ପୁସ୍ତକର ମୁଦ୍ରଣ ଭାର ବହନ କରୁଥିଲେ, ଓଡ଼ିଶାରେ ସେପରି ଉତ୍ସାହ ପ୍ରଦାନ କରିଥିଲେ ଅବଶ୍ୟ ଓଡ଼ିଆଭାଷାରେ ପାଠ୍ୟ ପୁସ୍ତକର ଅଭାବ ଲକ୍ଷିତ ହୋଇ ନ ଥାନ୍ତା । ସେ ଯାହାହେଉ, ଶୁଭକ୍ଷଣରେ ଓଡ଼ିଶାର କେତେଜଣ କୃତିସନ୍ତାନ ଏ ସମସ୍ତ ଅସୁବିଧା ପ୍ରତି ସରକାରଙ୍କର ସମୁଚିତ ଦୃଷ୍ଟି ଆକର୍ଷଣ କରିବାକୁ ବଦ୍ଧପରିକର ହୋଇଥିଲେ । ସେହି ସମୟକୁ ମହାମତି ରେଭେନ୍‌ସା ସାହେବ ଓଡ଼ିଶାର କମିଶନର ପଦରେ ନିଯୁକ୍ତ ହୋଇ ଆସିଲେ । ଉତ୍କଳର ଏହି ସୁପୁତ୍ରମାନଙ୍କ ପ୍ରଯତ୍ନରେ ଦେଶର ଦୁଃଖ ଜଣାଇବା ପାଇଁ 'ଦୀପିକା' ମଧ୍ୟ ଶୁଭକ୍ଷଣରେ ଦର୍ଶନ ଦେଇଥିବାର ପୂର୍ବ ପ୍ରସଙ୍ଗରେ ଉଲ୍ଲେଖ କରାଯାଇଅଛି । ୧୮୬୫ ଖ୍ରୀଷ୍ଟାବ୍ଦରେ ସର୍ବ-ପ୍ରଥମେ ଏହି ରେଭେନ୍‌ସା ସାହେବ ଓଡ଼ିଶାର ଶିକ୍ଷୋନ୍ନତି ଏବଂ ଓଡ଼ିଆଭାଷାର ଶ୍ରୀବୃଦ୍ଧି ସମ୍ପାଦନ ପ୍ରତି ବଙ୍ଗେଶ୍ୱରଙ୍କର ଦୃଷ୍ଟି ବିଶେଷଭାବରେ ଆକର୍ଷଣ କରିଥିଲେ । ତାଙ୍କର ଏହି ସଦିଚ୍ଛାର ମୂଳରେ ଦୁଇ-ଜଣ କୃତିସନ୍ତାନଙ୍କର ପ୍ରଯତ୍ନ ହିଁ କାର୍ଯ୍ୟକାରୀ ହୋଇ-ଥିଲା । ତନ୍ମଧ୍ୟରୁ ଜଣେ ତାଙ୍କର ପ୍ରଧାନ ସହକାରୀ ପରଲୋକଗତ ରାୟବାହାଦୁର ନନ୍ଦକିଶୋର ଦାସ,

Digitized by srujanika@gmail.com

ଅନ୍ୟ ଜଣକ ସାହେବଙ୍କର ସିରସ୍ତାଦାର ଦେଶହିତୈଷୀ ସେହି ହରିହରାନନ୍ଦ ଦାସ । ଦୀପିକାମୁଖରେ ଦେଶର ଦୁଃଖ ଓ ଶିକ୍ଷାପଥର ପ୍ରାକୃତ ଅନ୍ତରାୟ ଶ୍ରବଣ କରି ସହୃଦ ସାହେବ ମହୋଦୟ ଓଡ଼ିଶାର ଉକ୍ତ ଅଭାବମାନ ଦୂର କରିବାପାଇଁ ଦୃଢ଼ ସଂକଳ୍ପରେ ଯୁଦ୍ଧ କରିବାକୁ ଲାଗିଲେ । ବିଶେଷତଃ ତାହାଙ୍କ ଶାସନକାଳର ପ୍ରଥମ ଦୁଇବର୍ଷରେ ନଅଙ୍କର ସେହି ମହାମାରି ଉପସ୍ଥିତ ହେବାରୁ ଓଡ଼ିଶାର ବହୁଲୋକ କ୍ଷୟରେ ତାଙ୍କର ହୃଦୟ ଏପରି ସନ୍ତପ୍ତ ଏବଂ କୋମଳ ହୋଇ ପଡ଼ିଥିଲା ଯେ ଓଡ଼ିଶାର ହିତସାଧନଲାଗି ସେ ଏକାନ୍ତ ଉନ୍ମୁଖ ହୋଇ ପଡ଼ିଥିଲେ । ତାଙ୍କର ପ୍ରବଳଲେଖନୀର ଚାଳନାଫଳରେ ୧୮୬୯ ମସିହାରୁ ଉତ୍କଳରେ ନବଯୁଗର ଉପକ୍ରମ ହୋଇଅଛି । ଏ ଦେଶବାସୀମାନଙ୍କର ସ୍ୱାସ୍ଥ୍ୟ ଏବଂ ବୈଷୟିକ ଶିକ୍ଷାର ଉନ୍ନତି ଉଦ୍ଦେଶ୍ୟରେ କଟକରେ ମେଡ଼ିକାଲ ସ୍କୁଲ ଏବଂ ସର୍ଭେସ୍କୁଲ ସ୍ଥାପିତ ହେଲା । ପ୍ରାଥମିକ ଶିକ୍ଷାଦାନର ଉପଯୁକ୍ତ ଶିକ୍ଷକ ପ୍ରସ୍ତୁତ କରିବା ଅଭିପ୍ରାୟରେ ଏ ନଗରରେ ନର୍ମାଲ ସ୍କୁଲ (ବର୍ତ୍ତମାନ ଟ୍ରେନିଙ୍ଗ୍ ସ୍କୁଲ) ମଧ୍ୟ ସ୍ଥାପିତ ହେଲା ଏବଂ ଆଇନ ଶିକ୍ଷା ନିମନ୍ତେ କଟକ ହାଇସ୍କୁଲ ସଂଲଗ୍ନ ଗୋଟିଏ ଆଇନ ଶ୍ରେଣୀ ଫିଟିଲା । ପଛେ ପଛେ ଗଣିତ, ବିଜ୍ଞାନ, ଭୂଗୋଳ, ଇତିହାସ, ସ୍ୱାସ୍ଥ୍ୟରକ୍ଷା, ଜୀବତତ୍ତ୍ୱ ଓ ଜରିବ ବିଷୟରେ ପୁସ୍ତକ ରଚନା କରିବାପାଇଁ ସରକାରଙ୍କ ପକ୍ଷରୁ ପୁରସ୍କାର ଘୋଷିତ ହେଲା । ଢେଙ୍କାନାଳର ବଦାନ୍ୟ ମହାରାଜା ଭଗୀରଥ ମହେନ୍ଦ୍ର ବାହାଦୁର ମଧ୍ୟ ଏ ସୁଯୋଗରେ ଏକସହସ୍ର ଟଙ୍କା ଉତ୍କଳର ଇତିହାସ-ସଙ୍କଳନ ନିମନ୍ତେ ଶିକ୍ଷାବିଭାଗ ହସ୍ତରେ ପ୍ରଦାନ କରିଥିଲେ । ଦୀପିକାରେ ଏଥିଯୋଗୁଁ ଆନନ୍ଦ ପ୍ରକାଶ କରି ସମ୍ପାଦକ ଗୌରୀଶଙ୍କର ବିଜ୍ଞଯୁବକମାନଙ୍କୁ ମାତୃଭାଷାର ଉନ୍ନତି ନିମନ୍ତେ ଅଗ୍ରସର ହେବାକୁ ଆହ୍ୱାନ କରିଥିଲେ ଏବଂ ନିଜେ ମଧ୍ୟ ସେ ଦଳରେ ଆନ୍ତରିକ ଯୋଗ ଦେଇଥିଲେ । ଯେଉଁମାନେ ସେ ସମୟରେ ପାଠ୍ୟପୁସ୍ତକ ରଚନା ଏବଂ ଅନୁବାଦରେ ସ୍ୱଶକ୍ତି ବିନିଯୋଗ କରିଥିଲେ, ତନ୍ମଧ୍ୟରେ ନିମ୍ନଲିଖିତ କେତେଜଣଙ୍କର ନାମ ବିଶେଷରେ ଉଲ୍ଲେଖଯୋଗ୍ୟ ।

ସ୍ୱର୍ଗୀୟ ବିଚ୍ଛନ୍ଦ ପଟ୍ଟନାୟକ
,, ହରିହରାନନ୍ଦ ଦାସ
,, ଜଗମୋହନ ଲାଲ
,, ଫକୀରମୋହନ ସେନାପତି
,, ପ୍ରଭାକର ବିଦ୍ୟାରତ୍ନ
,, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ
,, ଗୌରୀଶଙ୍କର ରାୟ
,, ଦ୍ୱାରକାନାଥ ଚକ୍ରବର୍ତ୍ତୀ
,, କପିଳେଶ୍ୱର ବିଦ୍ୟାଭୂଷଣ

ନୂତନ ପାଠ୍ୟପୁସ୍ତକମାନ ରଚିତ ହୋଇସିବାରୁ ଓଡ଼ିଶାର ଛାତ୍ରବୃତ୍ତି ସ୍କୁଲମାନଙ୍କରେ ବଙ୍ଗଳା ସହିତ ଓଡ଼ିଆ ପଢ଼ିବାର ଆଦେଶ ହୋଇଥିଲା । ପରୀକ୍ଷାର୍ଥୀ-ମାନେ ସେହି ବର୍ଷଠାରୁ ଦୁଇ ଭାଷାରେ ପରୀକ୍ଷା ଦେବାକୁ ଅନୁମତି ପ୍ରାପ୍ତ ହେଲେ । ସେତେବେଳେ ପାଠଶାଳାରୁ କଟକ ନର୍ମାଲ ସ୍କୁଲ ପର୍ଯ୍ୟନ୍ତ ସବୁଥିରେ ଗଦ୍ୟପୁସ୍ତକ ଓଡ଼ିଆରେ ଥିଲା, ପଦ୍ୟ ଏବଂ ବ୍ୟାକରଣ ବଙ୍ଗଳାରେ, ଭୂଗୋଳ ଓଡ଼ିଆରେ ହେଉଥିଲେ, ଇତିହାସ ବଙ୍ଗଳାରେ ପଢ଼ାଯାଉଥିଲା । ଏକା ସ୍କୁଲରେ ଏପରି ଦୁଇ ଭାଷାରେ ପୁସ୍ତକ ପଢ଼ାଇବା ଅନେକ ବଙ୍ଗାଳୀ ଶିକ୍ଷକଙ୍କୁ ଭଲ ଲାଗିଲା ନାହିଁ । ସେମାନେ ଓଡ଼ିଆ ଭାଷାର ଉନ୍ନତି ଲାଗି ଯତ୍ନ କରିବେ କଣ, ଭାଷାଶ୍ରବଣରେ ନାସାକୁଞ୍ଚନ କରି ଓଡ଼ିଆଭାଷାର ଉଚ୍ଛେଦସାଧନକୁ ପରମ କର୍ତ୍ତବ୍ୟ ମଣି ସ୍ୱମତସମର୍ଥନଲାଗି ଅନେକ ଯୁକ୍ତି ମଧ୍ୟ ମଧ୍ୟରେ ବଡ଼ ବଡ଼ ନେତା ଏବଂ ପଦସ୍ଥ ବ୍ୟକ୍ତିମାନଙ୍କର କର୍ଣ୍ଣଗୋଚର କରାଇବାକୁ ଲାଗିଲେ । ବହୁକାଳର ସେହି ପ୍ରଧୂମିତ ଅଗ୍ନି ଦିନେ ସମସ୍ତଙ୍କୁ ଚମକିତ କରି ପ୍ରଜ୍ୱଳିତ ହୋଇ ଉଠିଥିଲା ।

ବଙ୍ଗର ପଣ୍ଡିତପ୍ରବର ସ୍ୱର୍ଗୀୟ ଡାକ୍ତର ରାଜେନ୍ଦ୍ର-ଲାଲ ମିତ୍ର ସେତେବେଳେ ସରକାରଙ୍କ ସ୍ୱତନ୍ତ୍ର

Digitized by srujanika@gmail.com

ନିୟୋଗରେ ଉତ୍କଳର ପ୍ରତ୍ନତତ୍ତ୍ୱସଂକଳନ ନିମନ୍ତେ କଟକ ଆସି ସେଠାରୁ ପୁରୀ, କୋଣାର୍କ, ଖଣ୍ଡଗିରି, ଭୁବନେଶ୍ୱର, ଯାଜପୁର ପ୍ରଭୃତି ପ୍ରସିଦ୍ଧ ତୀର୍ଥସ୍ଥାନମାନ ଭ୍ରମଣ କରି ବହୁଦିନ ଅବସ୍ଥାନ କରିଥିଲେ, ସେହି ସମୟରେ କଟକର ଶିକ୍ଷିତସମାଜ ଇଂରାଜୀଭାଷାର ଚର୍ଚ୍ଚାଲାଗି 'ଡିବେଟିଂ ସୋସାଇଟୀ' ନାମକ ଗୋଟିଏ ନୂତନ ସମିତି ସ୍ଥାପନ କରିଥିଲେ । ସ୍ୱୟଂ କମିଶନର ସାହେବ ଏଥିର ସ୍ଥାୟୀ ସଭାପତି ଥିଲେ । ଏକଦା ଉକ୍ତ 'ସୋସାଇଟୀ'ରେ ରାଜେନ୍ଦ୍ରବାବୁ ବକ୍ତୃତା କରୁ କରୁ ପ୍ରସଙ୍ଗକ୍ରମେ କହିଥିଲେ "ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବେ, ସର୍ବାଗ୍ରେ ଉତ୍କଳଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ; କାରଣ ଯେତେ କାଳ ଉତ୍କଳ ଭାଷା ଉଠି ଯାଇନାହିଁ, ସେତେ କାଳଯାଏ ଉତ୍କଳର ଉନ୍ନତି ହେବା ଅସମ୍ଭବ ? ତାଙ୍କ ମତସପକ୍ଷରେ ଯୁକ୍ତି ଏହି ଥିଲା ଦୁର୍ଭିକ୍ଷ କମିଶନରଙ୍କ ଗଣନାନୁସାରେ ଉତ୍କଳର ଲୋକସଂଖ୍ୟା ବର୍ତ୍ତମାନ କୋଡ଼ିଏ ଲକ୍ଷ, ଏଥିରୁ ସ୍ତ୍ରୀ ବାଳକ ମିହା ହେଲେ ପ୍ରାୟ ଦଶ ବାର ଲକ୍ଷ ଲୋକେ ଲେଖାପଢ଼ା ଜାଣିବାର ଅସମ୍ଭବ; କିନ୍ତୁ ଏତିକି ଲୋକ କି ଗୋଟିଏ ସ୍ୱତନ୍ତ୍ର ଭାଷା ରଖି ପାରନ୍ତି । ଅଳ୍ପ ଗ୍ରାହକ ଥିବାରୁ ଏଠାରେ କେହି ନୂତନ ପୁସ୍ତକ କରି କୃତକାର୍ଯ୍ୟ ହେବା ଅସମ୍ଭବ । ବଙ୍ଗଦେଶ ବହୁବିସ୍ତୃତ ଏବଂ ସେଠାର ଲୋକସଂଖ୍ୟା ଅଧିକ ବୋଲି ସେଠାରେ ଭାଷାର ଏତାଦୃଶ ଉନ୍ନତି ହୋଇଅଛି । ଯେବେ ଉତ୍କଳରେ ବଙ୍ଗଭାଷା ପ୍ରଚଳିତ ହୁଏ, ତେବେ ବଙ୍ଗଦେଶର ପୁସ୍ତକମାନ ଏଠାରେ ଚଳିବ ଏବଂ ଏଠା ଲୋକେ ଅନାୟାସରେ ଉତ୍ତମ ପୁସ୍ତକ ପାଇ ପାରିବେ । ଏହି ତିନିମାସ ମଧ୍ୟରେ ପ୍ରାୟ ୩୦୦ ଖଣ୍ଡ ବଙ୍ଗଳାପୁସ୍ତକ ମୁଦ୍ରିତ ହୋଇଅଛି; କିନ୍ତୁ ଉତ୍କଳର ୩।୪ ଖଣ୍ଡରୁ ଅଧିକ ମୁଦ୍ରିତ ହୋଇନାହିଁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଅଛି, ଉତ୍କଳଭାଷା କଦାପି ଉନ୍ନତ ହୋଇ ନ ପାରେ ।"

ଯେଉଁ ରାଜେନ୍ଦ୍ରବାବୁଙ୍କର ଧାରଣା ଯେ 'ଉତ୍କଳ ପାଲିଙ୍କି ବେହେରାମାନଙ୍କର ଦେଶ, ପୁଣି ଏହା ସେ ନିଜସଂକଳିତ ଗ୍ରନ୍ଥରେ * 'ଉତ୍କଳ' ଶବ୍ଦର ବ୍ୟୁତ୍ପତ୍ତି-ପ୍ରସଙ୍ଗରେ ବ୍ୟାଖ୍ୟାନ କରି ଅପୂର୍ବ ଉଦାରତାର ପରିଚୟ ଦେଇ ଯାଇଅଛନ୍ତି, ତାଙ୍କର ମୁଖରୁ ଏକା ଏପରି ଯୁକ୍ତି ଶୋଭାପାଏ । ଅଳ୍ପଲୋକ ହେଲେ ଯେ ତାଙ୍କର ମାତୃଭାଷା ଉଚ୍ଛେଦ କରିବାକୁ ହେବ, ଏ ମତର ତୀବ୍ର ପ୍ରତିବାଦ ଉତ୍କଳୀୟମାନଙ୍କ ପକ୍ଷରେ ଜଣେ ବୈଦେଶିକ ରାଜପୁରୁଷ ନିରପେକ୍ଷଭାବରେ ପ୍ରକାଶ କରି ଯାଇଅଛନ୍ତି । ଚମ୍ପାରନ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଜନ୍ ବାମ୍ସ୍ ଏ ପ୍ରସଙ୍ଗରେ ସ୍ୱପ୍ରଣୀତ ଗ୍ରନ୍ଥରେ ‡ ସ୍ପଷ୍ଟ କହିଅଛନ୍ତି ଯେ, ପୃଥିବୀମଧ୍ୟରେ ପର୍ତ୍ତୁଗୀଜ ଜାତିର ସଂଖ୍ୟା ସର୍ବାପେକ୍ଷା ଅଳ୍ପ, ତାହା ବୋଲି କଣ ପର୍ତ୍ତୁଗୀଜଭାଷା ପୃଥିବୀରେ ରହିବ ନାହିଁ ? ରାଜେନ୍ଦ୍ର-ବାବୁଙ୍କ ଏ ମତର ମୂଲ୍ୟ ଯାହା ଥାଉ, ତାଙ୍କ ପ୍ରତି ଲୋକଙ୍କର ବିଶେଷ ଶ୍ରଦ୍ଧା ଓ ଭକ୍ତି ଥିବାରୁ ଅନେକେ ଏ କଥାରେ ଆସ୍ଥା ସ୍ଥାପନ କରିଥିଲେ । ନବାଗତ ବଙ୍ଗୀୟ ଭ୍ରାତାମାନେ ରାଜେନ୍ଦ୍ରବାବୁଙ୍କ ମତର ଅନୁବର୍ତ୍ତୀ ହୋଇ ଉତ୍କଳଭାଷାର ଉନ୍ନତିରେ ବ୍ୟାଘାତ ଜନ୍ମାଇବାକୁ ଉନ୍ମୁଖ ହେଲେ । ତଦ୍ଦର୍ଶନରେ ଦେଶଭକ୍ତ ଗୌରୀଶଙ୍କର ଧୁରନ୍ଧର ବନ୍ଧୁଗଣଙ୍କ ପରାମର୍ଶ ସହ ଦେଶଭାଷା ପକ୍ଷରେ ପ୍ରତିପତ୍ତିଶାଳୀ ଡାକ୍ତର ମିତ୍ରଙ୍କ ମତର ପ୍ରଥମ ପ୍ରତିବାଦ ଦୀପିକାରେ ଯେପରି ପ୍ରକାଶ କରିଥିଲେ, ତାହାର ଅବିକଳ ପ୍ରତି-ଲିପି ନିମ୍ନରେ ପ୍ରଦତ୍ତ ହେଲା ।

---

* Antiquities of Orissa Vol. I

‡ J Beam's Comparative Grammar.

Digitized by srujanika@gmail.com

"ଆମ୍ଭେମାନେ ଜ୍ଞାନ କରିଥିଲୁଁ ଯେ ରାଜେନ୍ଦ୍ରବାବୁ ଉତ୍କଳକୁ ଆସି ଏଠାରେ ଅନେକ ବିଷୟ ଅବଗତ ହୋଇଅଛନ୍ତି; କିନ୍ତୁ ଉପର୍ଯ୍ୟୁକ୍ତ କଥାମାନ ତାଙ୍କର ଶୁଣି ବିସ୍ମିତ ହେଲୁଁ । ବାସ୍ତବରେ ସେ ଆପଣା ଅନ୍ତର୍ଗତ ଭାବ ବ୍ୟକ୍ତ କଲେ କିମ୍ବା ସ୍ୱଦେଶାନୁରାଗୀ ହୋଇ ମିଥ୍ୟା କାରଣ ପ୍ରଦର୍ଶନପୂର୍ବକ ଆପଣା ମତ ସ୍ଥାପନ କରିବାକୁ ଚେଷ୍ଟା କଲେ, ତାହା ସ୍ଥିର କରିବା କଠିନ ବୋଧ ହେଉଅଛି । ଯେତେବେଳେ ସେ ଉତ୍କଳର ଲୋକସଂଖ୍ୟା କହିଲେ, ସେ କିଣ ଜାଣୁ ନ ଥିଲେ ଯେ ଉକ୍ତ ଲୋକସଂଖ୍ୟା କେବଳ ମୋଗଲବନ୍ଦୀର ଅଟଇ ଓ ଉତ୍କଳଭାଷା ପ୍ରଚଳିତ ଥିବା ଦେଶର ଉତ୍ତର-ସୀମା ମେଦିନୀପୁର, ଦକ୍ଷିଣସୀମା ଗଞ୍ଜାମ ଏବଂ ପୂର୍ବ ପଶ୍ଚିମରେ ବଙ୍ଗଅଖ୍ୟାତଠାରୁ ସମ୍ବଲପୁର ପର୍ଯ୍ୟନ୍ତ ବିସ୍ତୃତ ? ଯେବେ ଏ କଥା ତାହାଙ୍କୁ ଜଣା ନ ଥିଲା, ତେବେ ସେ ଅକାରଣ ଶ୍ରୋତାମାନଙ୍କୁ ଆପଣା ଅଜ୍ଞାନର ଭାଗୀ କରି ଭାରି ଅନିଷ୍ଟ କରିଅଛନ୍ତି । ଯାହାର ଯେଉଁ ବିଷୟରେ ଜ୍ଞାନ ନାହିଁ, ତାହାର ସେ ବିଷୟରେ କୌଣସି କଥା କହିବା ଅନୁଚିତ ଅଟଇ, ପ୍ରକୃତରେ ଦେଖାଯାଏ ଯେ, ଉତ୍କଳଭାଷା ପ୍ରଚଳିତ ଥିବା ଭୂମି-ଖଣ୍ଡର ଆୟତନ ବଙ୍ଗଳାପ୍ରଚଳିତ ଦେଶରୁ ଊଣା ନୁହଇ । ଅତଏବ ଉତ୍କଳଭାଷାର ଉନ୍ନତି ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଆଉ ପୁସ୍ତକମୁଦ୍ରାଙ୍କନ ବିଷୟ ଯାହା ଉଲ୍ଲେଖ କଲେ, ତାହା ଆହୁରି ଭ୍ରମାତ୍ମକ ଅଟଇ । ଆମ୍ଭେମାନେ ପୁନଃପୁନଃ କହୁଅଛୁଁ ଯେ, ବଙ୍ଗଦେଶ ପ୍ରତି ଗଭର୍ଣ୍ଣମେଣ୍ଟଙ୍କର ଯେତେ ଦିନ ହେଲା ସୁଦୃଷ୍ଟି ପଡ଼ିଅଛି, ଉତ୍କଳ ପ୍ରତି ତାହା ହୋଇ ନାହିଁ, ସୁତରାଂ ଉତ୍କଳ ପଛକୁ ପଡ଼ି ରହିଅଛି । ଯେବେ ପ୍ରଥମରୁ ଦୁଇ ଦେଶପ୍ରତି ସମାନ ଦୃଷ୍ଟି ଥାନ୍ତା, ତେବେ ରାଜେନ୍ଦ୍ରବାବୁଙ୍କ କଥା ଶୋଭାପାନ୍ତା; କିନ୍ତୁ ସେ କାଳ ଓ ଅବସ୍ଥା ପ୍ରତି ବିବେଚନା ନ କରି ସମାନଫଳ ପାଇବାର ଆଶା କଲେ ତାହା କିପରି ପୂର୍ଣ୍ଣ ହେବ ? ଦୁର୍ଭିକ୍ଷ ପଡ଼ିଲଦିନୁ ଗଭର୍ଣ୍ଣମେଣ୍ଟଙ୍କର ଏ ଦେଶ ପ୍ରତି କଟାକ୍ଷପାତ ହେଲାରୁ ଯେପରି ଏହାର ଉନ୍ନତି ଦେଖାଯାଉଅଛି, ଯେବେ ଦଶବର୍ଷ ପୂର୍ବରୁ ଏହି କାର୍ଯ୍ୟମାନଙ୍କର ଅନୁଷ୍ଠାନ ହୋଇଥାନ୍ତା, ତାହାହେଲେ ରାଜେନ୍ଦ୍ରବାବୁ ସ୍ୱମତ ସ୍ଥାପନାର୍ଥ ଯୁକ୍ତିର ଅଭାବ ଦେଖି ବ୍ୟସ୍ତ ହୋଇଥାନ୍ତେ, ଅତଏବ ଆମ୍ଭେମାନେ କହୁଅଛୁଁ ଯେ ରାଜେନ୍ଦ୍ରବାବୁଙ୍କ ମତ ଅତ୍ୟନ୍ତ ଭ୍ରମମୂଳକ ଏବଂ ଯେଉଁମାନେ ସେଥିରେ ଅନୁଗାମୀ ହୋଇଅଛନ୍ତି, ସେମାନେ ନିରର୍ଥକ କୁହୁଡ଼ିରେ ପଶିଁ ଆପଣାର ହସ୍ତପଦକୁ କ୍ଲେଶ ଦେଉଅଛନ୍ତି ।

ତେବେ ଉତ୍କଳଭାଷାରେ ଉନ୍ନତିପକ୍ଷରେ କିଣ ବ୍ୟାଘାତ ଅଛି ? ଆମ୍ଭମାନଙ୍କର ବିଶ୍ୱାସ ଏହି ଯେ ବର୍ତ୍ତମାନ ଉତ୍କଳଭାଷା 'ତିନଥେଣ୍ଟିଆ କାଳୁଡ଼ିବାଡ଼ି' ପ୍ରାୟ ତୁଚ୍ଛାକୁ କ୍ଷତିଗ୍ରସ୍ତ ହେଉଅଛି । ଏହାର ରକ୍ଷକ ତିନି ଗଭର୍ଣ୍ଣମେଣ୍ଟ ହୋଇ ଅଛନ୍ତି । ଏକଭାଗ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟଙ୍କ ହସ୍ତେ ଏବଂ ଅନ୍ୟ ଏକ ଭାଗ ମଧ୍ୟ-ପ୍ରଦେଶର ଗଭର୍ଣ୍ଣମେଣ୍ଟଙ୍କ ହସ୍ତେ ପଡ଼ିବାରୁ ଏହାର ସର୍ବାଙ୍ଗ ସମାନରୂପେ ଗଠିତ ହେଉନାହିଁ । ଏକ ଏକ-ସ୍ଥାନରେ ଏକ ଏକ ପ୍ରଥା ପ୍ରଚଳିତ ଏବଂ ଏକ ଏକ ପ୍ରକାର ପୁସ୍ତକ ପଠିତ ହୁଏ । କେଉଁ ନିୟମ ଭଲ ଅବା ମନ୍ଦ ଜାଣିବାର ଉପାୟ ନାହିଁ; ସୁତରାଂ ଉତ୍କଳ-ଭାଷା ଦୁଇଘର କୁଣିଆ ହୋଇ ଉପବାସ ଶୋଉଅଛି, କେହି ଏହାର ଚର୍ଚ୍ଚା କରିବାକୁ ନାହିଁ । ଏରୂପ ଅବସ୍ଥା ଅତି ଶୋଚନୀୟ ଏବଂ ଆମ୍ଭମାନଙ୍କ ମତରେ ଶୀଘ୍ର ଏହାର ପ୍ରତିକାର କରିବା ଉଚିତ ।

++ଏହି ତିନି ଗଭର୍ଣ୍ଣମେଣ୍ଟଙ୍କର ଶିକ୍ଷା କାର୍ଯ୍ୟ ଏକତ୍ର ପ୍ରକାଶ କରିବାର କୌଣସି ଚେଷ୍ଟା ହୋଇନାହିଁ ବୋଲି କେଉଁଠାରେ କିରୂପ କାର୍ଯ୍ୟ ଚଳୁଅଛି, ତାହା ଜାଣିବା କଠିନ । ସବୁଠାରେ ତତ୍ତ୍ୱାବଧାରକମାନେ ଆପଣା ଆପଣା ନିୟମାନୁସାରେ ଚଳୁଅଛନ୍ତି । ++ ଏଥିରେ ଅନେକ ବିଶୃଙ୍ଖଳା ହୋଇପାରେ । ଆମ୍ଭେ-ମାନେ ବୋଧ କରୁଁ ଯେଉଁ ସ୍ଥଳରେ ଏକଭାଷାର ଶିକ୍ଷା

Digitized by srujanika@gmail.com

ଦେବା ସ୍ଥିର ହୋଇଅଛି, ସେସ୍ଥଳରେ ଶିକ୍ଷା ବିଷୟରେ ସମୁଦାୟ ସ୍ଥାନ ଏକ କର୍ମଚାରୀର ଅଧୀନ ହେବା ଉଚିତ । ନଚାଲ୍ପକ୍ଷରେ ଭିନ୍ନ ସ୍ଥାନର ଅବସ୍ଥା ଜାଣିବାର ଗୋଟିଏ ଉପାୟ ହେଉ, ତାହାହେଲେ ଆମ୍ଭମାନଙ୍କର ଉଦ୍ଦେଶ୍ୟସାଧନ ହେବ ।" 'ଉତ୍କଳ-ଦୀପିକା' ୧୮୬୯ ।

ଉଲ୍ଲିଖିତ ସନ୍ଦର୍ଭରୁ ଗୌରୀଶଙ୍କରଙ୍କ ଯୁକ୍ତିର ସାରବତ୍ତା ଏବଂ ମତର ଦୃଢ଼ତାର ସୁସ୍ପଷ୍ଟ ପରିଚୟ ମିଳୁଅଛି । ଆଜକୁ ୫୫ ବର୍ଷ ତଳର କଥା । ସେତେବେଳେ ସେ ଭାଷାର ଉନ୍ନତିକଲ୍ପେ ଉତ୍କଳଭାଷୀ ଭିନ୍ନ ଶାସନାଧୀନ ଭୂଖଣ୍ଡମାନଙ୍କର ମିଳନର ଏକାନ୍ତ ପ୍ରୟୋଜନୀୟତା ଦୃଢ଼ଭାବରେ ଜ୍ଞାପନ କରିଥିଲେ । ଉକ୍ତ ଘଟନା ପଛେ ପଛେ ସେ ଓଡ଼ିଆ ଭାଷାରେ ରଚିତ ପୁସ୍ତକର ସଂଖ୍ୟା ବୃଦ୍ଧି ନିମନ୍ତେ 'ଦୀପିକାରେ' ଆନ୍ଦୋଳନ ଆରମ୍ଭ କଲେ ଏବଂ ବିଦ୍ୟାଳୟ ପ୍ରଚଳିତ ମିଶ୍ରଭାଷାଶ୍ରିତ ପୁସ୍ତକମାନଙ୍କର ତୀବ୍ର ସମାଲୋଚନା କରିବାକୁ ଲାଗିଲେ । କଲିକତାର 'ସ୍କୁଲ ବୁକ୍ ସୋସାଇଟି' ସେତେବେଳେ ଉତ୍କଳ ଏବଂ ଗଞ୍ଜାମ ଅଞ୍ଚଳକୁ ପୁସ୍ତକ ଯୋଗାଉଥିଲେ । ସେମାନେ ପୁଣି ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ପ୍ରକାଶ ଏବଂ ନିର୍ବାଚନ କରି ଦେଉଥିଲେ । ଫଳତଃ ଓଡ଼ିଆ ଭାଷାରେ ଅନଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଯେପରି ସଙ୍କର ଭାଷାରେ ପୁସ୍ତକ ରଚିତ ହେବା ସମ୍ଭବ, ତାହାହିଁ ହେଉଥିଲା । କଲିକତାର ସ୍କୁଲ ବୁକ୍ ସୋସାଇଟି ହାତରେ ସମ୍ପୂର୍ଣ୍ଣ କ୍ଷମତା ଥିବାରୁ, ଏଣେ ଓଡ଼ିଆ ଗ୍ରନ୍ଥକାରମାନେ ସ୍ୱପୁସ୍ତକ ନିର୍ବାଚିତ ନ ହେବା ଶଙ୍କାରେ ନୂତନ ପାଠ୍ୟ-ପୁସ୍ତକ ଲେଖିବାକୁ ସାହସୀ ହେଉନଥିଲେ । କେବଳ ସମ୍ବଲପୁର ଡେପୁଟୀ କମିଶନର ସରକାରୀ ବ୍ୟୟରେ ଓଡ଼ିଆ ପୁସ୍ତକମାନ ଛପାଇବାକୁ ଉତ୍ସୁକ ଥିବାରୁ, ତାଙ୍କର ଉତ୍ସାହ ଡେପୁଟି ଇନ୍‌ସ୍ପେକ୍ଟରର ସ୍ୱର୍ଗତ ହରିହର ପଟ୍ଟନାୟକଙ୍କ ଅଧ୍ୟବସାୟ ଫଳରେ ସେଠା ଲୋକମାନେ ଅପେକ୍ଷାକୃତ ଶୁଦ୍ଧ ଭାଷାର ପୁସ୍ତକ ପାଉଥିଲେ । ଓଡ଼ିଆ ଭାଷାର ଉନ୍ନତି ପଥରେ ଏହି ବିଶିଷ୍ଟ ବ୍ୟାଘାତ ଦେଖି କର୍ମବୀର ଗୌରୀଶଙ୍କର ପ୍ରେସ୍କୁ ସୋସାଇଟିର କ୍ଷମତା ହ୍ରାସ କରିବାପାଇଁ ଦୃଢ଼ସଙ୍କଳ୍ପ ହୋଇଥିଲେ । ଉପର୍ଯ୍ୟୁପରି ତାଙ୍କର ତୀବ୍ର ସମାଲୋଚନା ଫଳରେ ସୋସାଇଟିର ବିକୃତଭାଷାର ପୁସ୍ତକାବଳୀ ପରିବର୍ତ୍ତରେ ଶୁଦ୍ଧଭାଷାରେ ରଚିତ ନୂତନ ଓଡ଼ିଆ ପୁସ୍ତକମାନ ସ୍କୁଲସମୂହରେ ବ୍ୟବହୃତ ହେବାକୁ ଲାଗିଲା । ଗଭର୍ଣ୍ଣମେଣ୍ଟ ମଧ୍ୟ କ୍ରମଶଃ ପୁରସ୍କାର ଘୋଷଣା ଏବଂ ସୁଲେଖକମାନଙ୍କ ପୁସ୍ତକ ମୁଦ୍ରଣ କରାଇବାଦ୍ୱାରା ଦେଶବାସୀଙ୍କୁ ଉତ୍ସାହିତ କରିବାକୁ ଲାଗିଲେ । ଏ ଭାବରେ ବଙ୍ଗୀୟ ଗ୍ରନ୍ଥକାରମାନଙ୍କର ସ୍ୱାର୍ଥହାନି ହେବାର ଦେଖି କେହି କେହି ଲବ୍ଧପ୍ରତିଷ୍ଠ ବଙ୍ଗଭ୍ରାତା କ୍ଷୁବ୍ଧ ହୋଇ ଆପାତତଃ ବଙ୍ଗୀୟ ପରୀକ୍ଷକମାନଙ୍କର ସ୍ୱାର୍ଥରକ୍ଷା ଲାଗି ବ୍ୟଗ୍ର ହୋଇ ପଡ଼ିଥିଲେ । ସେଥିରେ ଆଦ୍ୟତଃ 'କଟକ ଷ୍ଟାର' ନାମକ ସାପ୍ତାହିକ ପତ୍ରିକାରେ ଶ୍ରୀଯୁକ୍ତ ଉମାଚରଣ ହାଲଦାରଙ୍କ ଲିଖିତ ଦୀର୍ଘପତ୍ରରେ ପ୍ରକାଶ ପାଇଥିଲା । ହାଲଦାର ବାବୁ ହାକିମଦାର ପରି ଆଦେଶ କରିଥିଲେ ଯେ ଏଣିକି ଓଡ଼ିଆ ଭାଷାର ପୁସ୍ତକ ଓ ସମ୍ବାଦପତ୍ରାଦି ବଙ୍ଗାକ୍ଷରରେ ମୁଦ୍ରିତ କଲେ ଭଲ ହେବ । ତାହାହେଲେ ବଙ୍ଗଳା ଓ ଓଡ଼ିଶାର ଲୋକମାନେ ଏବଂ ସାହେବମାନେ ମଧ୍ୟ ଓଡ଼ିଆଭାଷା ସହଜରେ ଶିକ୍ଷା କରି ପାରିବେ ।

ଦୀପିକାର ବିଚକ୍ଷଣ ସମ୍ପାଦକ ଏ ପ୍ରସଙ୍ଗରେ କିପରି ସମର୍ଥ ଉତ୍ତର ଦେଇଥିଲେ, ତାହା ପାଠକ-ମହାଶୟମାନେ ଥରେ ପାଠ କରନ୍ତୁ । "ହାଲଦାର ବାବୁଙ୍କୁ ଜଣେ ଉତ୍କଳର ହିତୈଷୀ ବୋଲିବାକୁ ହେବ, କାରଣ ଭିନ୍ନସ୍ଥାନର ଲୋକମାନଙ୍କ ମଧ୍ୟରେ ଉତ୍କଳଭାଷା ପ୍ରଚଳ କରାଇବା ପାଇଁ ସଦୁପାୟ ନିର୍ଣ୍ଣୟ କରିବାରେ ସେ ଯେତେ ପରିଶ୍ରମ ଓ କାଳବ୍ୟୟ କରିଅଛନ୍ତି, ତାହା ଉକ୍ତ ପତ୍ର ପ୍ରତି ଦୃଷ୍ଟି କଲେ

Digitized by srujanika@gmail.com

ପ୍ରଣୀତ ହେବ । ଯୁକ୍ତିମାନ ମଧ୍ୟ ଆଲୌକିକ ଅଟଇ । ତନ୍ମଧ୍ୟରେ ପ୍ରଧାନ ଯୁକ୍ତି ଏହିକି ଯେବେ ବଙ୍ଗଳା କାଗଜ, ବଙ୍ଗଳା କଲମ ଓ ସିହାଇରେ ଉତ୍କଳାକ୍ଷର ଲେଖା ହେଲା, ତେବେ ବଙ୍ଗଳା ଅକ୍ଷରରେ କିଆଁଇ ଲେଖା ନ ହେବ ? ଅସ୍ମଦ୍ଦେଶୀୟ ପାଠକମାନେ ଯେବେ କାଗଜ କଲମ ଓ ସିହାଇର ସୃଷ୍ଟି ବିଷୟ ନ ଜାଣନ୍ତି, ତେବେ ସ୍ମରଣ ରଖନ୍ତୁ ଯେ, ଏ ସମସ୍ତ ବଙ୍ଗଳାରୁ ଜାତ ହୋଇଅଛି । ଏଥିର ପ୍ରମାଣ ଖୋଜିବାକୁ ବିଶେଷ ବୁଦ୍ଧିର ଆବଶ୍ୟକ ନ ରଖେ । କାଗଜ କଲମ ପ୍ରଭୃତି ଶବ୍ଦ ଏକ ବାବୁଙ୍କ କଥା ସପ୍ରମାଣ କରୁଅଛି । ଏହି ଗୋଟିଏ ଯୁକ୍ତିଦ୍ୱାରା ବାବୁ ଏତେ କଥା ସ୍ଥାପନ କରିବାକୁ ଚେଷ୍ଟା କରି ନାହାନ୍ତି । ତାଙ୍କର ଆହୁରି ଗୋଟିଏ ଯୁକ୍ତିର କଥା ଶୁଣନ୍ତୁ । ଓଡ଼ିଆ ବଙ୍ଗଳା ଅକ୍ଷର ସବୁକୁ ବାବୁ ମନୋଯୋଗପୂର୍ବକ ପରୀକ୍ଷା ଓ ତୁଳନା କରି ଦେଖିଲେ ଯେ, ବଙ୍ଗଳା ଅକ୍ଷର ବଡ ଶୋଭା ପାଉଅଛି; ଅବା ଏଥିରେ ବିଚିତ୍ର କଣ, ଯାହା ପୁଅ ତାହାକୁ ସୁନ୍ଦର । ଓଡ଼ିଆ ଅକ୍ଷର ଗୋଲକାର, ବଙ୍ଗଳା ତ୍ରିକୋଣ ବା ଅର୍ଦ୍ଧ ଗୋଲ । ଏହା ତାହାଙ୍କୁ ଗଜମୁକ୍ତାହାରରେ ହୀରକଖଚିତପଦକ ସ୍ୱରୂପ ବଡ଼ ଜାଜ୍ଜ୍ୱଲ୍ୟମାନ ଦିଶିଲା ଅଥବା ବାବୁଙ୍କର ବୈଷ୍ଣବଭାବ ଉଦୟ ହୋଇଥିବ ଯେ, ତ୍ରିଭଙ୍ଗରୂପ ଦେଖି ଗୋପକହ୍ନାଇର କଥା ଅକସ୍ମାତ୍ ମନରେ ପଡ଼ିଲାରୁ ପ୍ରେମରେ ପୂର୍ଣ୍ଣ ହୋଇଗଲେ । ଯେବେ ଏପରି କିଛି ନ ହୋଇଥିବ, ତେବେ ବାବୁ କାହିଁକି ଏ ଦୁଇ ଅକ୍ଷରକୁ ଦେଖି ଦେଖି ବଙ୍ଗଳାକୁ ସୁନ୍ଦର ମନେ କରି ହଠାତ୍ ଚମକପଡ଼ି କହିଲେ, ଯେବେ ବଙ୍ଗଳା ଅକ୍ଷର ଏତେ ସୁନ୍ଦର, ତେବେ ଓଡ଼ିଆଭାଷା କାହିଁକି ଏଥିରେ ଲେଖା ନ ହେବ ! ବାବୁ ଯେ ଚମକି ଥିବେ, ଏଥିରେ ସନ୍ଦେହ ନାହିଁ; କାରଣ ଆମ୍ଭେମାନେ ଶୁଣି ଚମତ୍କୃତ ହେଲୁଁ । ଶେଷରେ ବାବୁଙ୍କୁ ଏତିକି କହିବା ଆବଶ୍ୟକ ଯେ ଏକଥା ପାଇଁ ଏତେ ପଦ ଲେଖି ମୁଣ୍ଡ ହାତକୁ କ୍ଳେଶ ଦେବାର ପ୍ରୟୋଜନ କଣ ଥିଲା, ଦୁଇ ଚାରି ଖଣ୍ଡ ଓଡ଼ିଆ ପୁସ୍ତକ ବଙ୍ଗଳା ଅକ୍ଷରରେ ଛପାଇଦେଲେ ତ ସବୁ ବୁଦ୍ଧି କାର୍ଯ୍ୟରେ ପ୍ରକାଶ ପାନ୍ତା ।" ୨

ଆଶ୍ଚର୍ଯ୍ୟ କଥା ଯେ ଗୌରୀଶଙ୍କରଙ୍କର ଏ ଜଳସେଚନରେ ସେ ଗୃହଦାହକ ଅଗ୍ନି ନିର୍ବାପିତ ହୋଇ ନ ଥିଲା । ତହିଁର କାରଣ ଏ ଦେଶବାସୀ କେତେଜଣ ବଙ୍ଗାଳୀ ହାଲଦାରଙ୍କର ପୃଷ୍ଠପୋଷକ ହୋଇଥିଲେ । ତନ୍ମଧ୍ୟରେ ଜମିଦାର ସ୍ୱର୍ଗୀୟ କାଳୀପଦ ବନ୍ଦୋପାଧ୍ୟାୟ ଅଗ୍ରଣୀ ଥିଲେ । ତାହାଙ୍କ ଅର୍ଥରେ ପରିଚାଳିତ ତଥାକଥିତ 'ଉତ୍କଳ ହିତୈଷିଣୀ' ପତ୍ରିକାରେ ଦୀପିକା-ମତର ସମ୍ପୂର୍ଣ୍ଣ ପ୍ରତିବାଦ ହୋଇଥିଲା । କଟକନଗରର ତଦାନୀନ୍ତନ ସମସ୍ତ ସୁପଣ୍ଡିତ ଏବଂ ସମ୍ଭ୍ରାନ୍ତ ବ୍ୟକ୍ତି-ପରିଚାଳିତ ଉତ୍କଳୋନ୍ନତିବିଧାୟିନୀ ସଭା ଏ ସମୟରେ ଉକ୍ତ ପ୍ରସଙ୍ଗର ତୀବ୍ର ପ୍ରତିବାଦ କରି ଗୋଟିଏ ନିର୍ଦ୍ଧାରଣ ଦ୍ୱାରା ଜଣାଇ ଦେଇଥିଲେ ଯେ, "ବର୍ତ୍ତମାନ ବଙ୍ଗଭାଷାର ସତ୍ୟନାରାୟଣ ପାଲା, ଚୈତନ୍ୟ ଚରିତାମୃତ ଏବଂ ବୈଷ୍ଣବପଦାବଳୀ ପ୍ରଭୃତି ଏ ଦେଶୀୟ ଲୋକମାନେ ଉତ୍କଳାକ୍ଷରରେ ଲେଖି ପଢ଼ିବାରୁ ସେଥିରେ ବଙ୍ଗଭାଷାର ଯେଉଁ ଦୁର୍ଗତି ହୋଇଅଛି, ବଙ୍ଗାକ୍ଷରରେ ଲେଖା ହେଲେ ଉତ୍କଳଭାଷାର ମଧ୍ୟ ସେହି ଦଶା ହେବ; ଅତଏବ ଏଥିରେ ଉତ୍କଳଭାଷାର ଅନିଷ୍ଟ ଭିନ୍ନ ଇଷ୍ଟର କୌଣସି ଆଶା ନାହିଁ ।" ଏହି ନିର୍ଦ୍ଧାରଣ ସମର୍ଥନରେ ଗୌରୀଶଙ୍କର ନିଜେ ସେତେବେଳେ ଗୋଟିଏ ପଦ୍ୟ ରଚନା ପୂର୍ବକ ତାହାକୁ ଜଣେ ପତ୍ରପ୍ରେରକରୂପରେ ଦୀପିକାସ୍ତମ୍ଭରେ ମୁଦ୍ରିତ କରାଇ ପାଠକମାନଙ୍କୁ ଅନୁରୋଧ କରିଥିଲେ ଯେ, ଉମାଚରଣ ବାବୁଙ୍କ ପ୍ରସ୍ତାବ କିପରି କାର୍ଯ୍ୟକାରୀ ହେବ, ଏଥିରୁ ବିଚାର କରନ୍ତୁ । ସେହି ଗୀତଟି ତଳେ ଓଡ଼ିଆ ଅକ୍ଷରରେ ଉଦ୍ଧୃତ ହେଲା ।

୧—କାଗଜ କଲମ ପ୍ରଭୃତି ଶବ୍ଦ ଆରବୀ ଭାଷାରୁ ଆଗତ ।

୨—ଉତ୍କଳଦୀପିକା—୧୦-୭-୧୮୬୯ ର ।

Digitized by srujanika@gmail.com

ଗୀତ

ସଙ୍ଗାତ, କି ଶୁଣିଲ ଆଚମ୍ବିତ ।
    ନାହିଁ ଏଥୁଁ ବଳି ଆଚମ୍ବିତ ରେ । ୦ ।
ଓଡ଼ିଆ ପାଇଁକି ଯାହାଙ୍କ ପଡ଼ିଆ
    କରମ ବଟିୟା ହେଲା ।
କଣା କଲା ତାଙ୍କୁ ଓଡ଼ିଆ ଅକ୍ଷର
    ଭାଷା ଅଡୁଆ ଲାଗିଲା ରେ । ୧ ।
ଶିକ୍ଷା ନାନାଜ୍ଞାନ ବୋଲନ୍ତି ସୁଜାଣ;
    ବୁଦ୍ଧି ହୋଇଛି ନିବାଡ଼ ।
ଏ କି ହଟହଟା ଅକ୍ଷର କେତେଟା
    ମଣୁଛନ୍ତି କଣ୍ଟାବାଡ଼ ରେ ।୨।
ଟାଣପଣେ ଜଣେ ସିହାଣ ଭଣ୍ଡରୁ
    ଯତନେ ପିହାଣ ଫେଡ଼ି ।
ବଙ୍ଗଳା ଅକ୍ଷରେ ଓଡ଼ିଆ ଲେଖିବା
    ବିଧିକି ଦେଇଛି ଇଡ଼ି ରେ । ୩ ।
ପରି ଏ ବିଧାନ ଗୃହଙ୍କ ପ୍ରଧାନ (ଅଧ୍ୟାପକ)
    କରୁଛନ୍ତି ଯେତେ ନାଟ ।
ତା ଦେଖି ମୁଁ ଭାବେଁ ପରଚକ୍ଷୁ ଦେଲେ
    କଣାଙ୍କୁ ଦିଶିବ ବାଟରେ । ୪ ।

ବଶମ୍ବଦ—ନବଗୁଞ୍ଜର ।

କିନ୍ତୁ ଏ ସମସ୍ତ ଯୁକ୍ତି ସେତେବେଳେ ସ୍ୱେଭଳି ବଙ୍ଗଭ୍ରାତାମାନଙ୍କୁ ଭଲ ଲାଗିଲା ନାହିଁ । ଦୀପିକା ଏବଂ ଉଲ୍ଲାସିନୀ ସଭାରେ ପ୍ରକାଶିତ ଲୋକମତ ପ୍ରତି କିଛିମାତ୍ର ଆସ୍ଥା ସ୍ଥାପନ ନ କରି ସେମାନେ ପୂର୍ବୋକ୍ତ 'ଡିବେଟିଙ୍ଗ୍ ସୋସାଇଟି'ରେ ପ୍ରତିକୂଳ ଆନ୍ଦୋଳନ ଉଠାଇଲେ । କଟକ ହାଇସ୍କୁଲର ତଦାନୀନ୍ତନ ଆଇନ ଅଧ୍ୟାପକ ରାଜକୃଷ୍ଣ ବାବୁ ଏଥିରେ ନେତୃତ୍ୱ ଗ୍ରହଣ କରିଥିଲେ । ଏ ପ୍ରସଙ୍ଗରେ ଗୌରୀଶଙ୍କର ଦୀପିକାରେ ପ୍ରକାଶିତ ଖଣ୍ଡିଏ ପତ୍ରରେ ବ୍ୟକ୍ତିଗତ ଭାବରେ ଯେପରି ଲେଖିଥିଲେ, ତାହା ପାଠକଲେ ପାଠକ ମହାଶୟମାନେ ଉତ୍ତମରୂପେ ଅବଗତ ହୋଇ ପାରିବେ ।

"+++ବିଗତ ଅଧିବେଶନରେ କେତେକ ବଙ୍ଗୀୟ ସଭ୍ୟ ବକ୍ତୃତାଦ୍ୱାରା ଏହା ବ୍ୟକ୍ତ କରିଅଛନ୍ତି ଯେ, ଉତ୍କଳ ପୁସ୍ତକ ବଙ୍ଗାକ୍ଷରରେ ମୁଦ୍ରିତ କରି ପ୍ରଚାର କଲେ ଏବଂ ଏ ଦେଶୀୟ କଚେରୀ ଦରବାର-ମାନଙ୍କରେ ବଙ୍ଗାକ୍ଷର ବ୍ୟବହାର କଲେ ଅନେକ ଧର୍ମିଷ୍ଠ ବଙ୍ଗୀୟମାନଙ୍କ ସହବାସରେ ଏ ଦେଶର ଅନେକ ଉପକାର ଏବଂ ଶ୍ରୀବୃଦ୍ଧି ହେବ । ଏ ବିଷୟରେ କେତେକ ଏତଦ୍ଦେଶୀୟ ବ୍ୟକ୍ତି ଆପତ୍ତି ଉତ୍ଥାପନ କରିଥିଲେ; କିନ୍ତୁ ଶ୍ରୀବାବୁ ରାଜକୃଷ୍ଣ ମୁଖୋପାଧ୍ୟାୟ ମହାଶୟ ସ୍ୱୀୟ ଅସାଧାରଣ ବିଦ୍ୱତ୍ତା ଓ ବାକ୍‌ପଟୁତା ସହକାରେ ବାଗାଡ଼ମ୍ବର କରିବାରେ ଉଲ୍ଲିଖିତ ବିଷୟ ଧାର୍ଯ୍ୟ ହେଲା ।

ବାବୁ ମହାଶୟ ଅନେକ ବିଦ୍ୟାରେ ପରିପୂର୍ଣ୍ଣ ହୋଇ ପ୍ରଶଂସା ପତ୍ରମାନ ଲାଭ କରି ଏମ୍.ଏ. ଉପାଧି-ପ୍ରାପ୍ତ ହୋଇଅଛନ୍ତି । ସ୍ୱଦେଶ ପ୍ରତି ବିରକ୍ତ ହୋଇ ଉତ୍କଳର ଉନ୍ନତିନିମିତ୍ତ କୃତସଙ୍କଳ୍ପ ହୋଇ ଆମ୍ଭ-ମାନଙ୍କର ସୌଭାଗ୍ୟକ୍ରମେ ଏ ଦେଶରେ ଅବତୀର୍ଣ୍ଣ ହୋଇଅଛନ୍ତି । ଉତ୍କଳ ସୌଭାଗ୍ୟ ଲାଭ କରିବ ।

ବଡ଼ ଦୁଃଖର, ବିଷୟ ବାବୁ ଯେ ପ୍ରକାର ବିଦ୍ୱାନ୍, ତାହାଙ୍କ ଜଠରରେ କେତେଗୋଟି ଉତ୍କଳଅକ୍ଷର ରହିବାକୁ ଯେବେ ସ୍ଥାନ ଥାନ୍ତା, ତେବେ ଆଉ ପଟାନ୍ତର ନ ଥିଲା । ବାବୁ ଏ ପ୍ରକାର ଚତୁରତାର କର୍ମ-କରି ଉପାଧିରୁ ଷ ଲୋପ କରିଅଛନ୍ତି । ଇତି ।

ଶ୍ରୀରଙ୍ଗଧଞ୍ଜାନ ତା ୧।୭।୬୯

'ମେଷ' ବୋଲି କହିବାରୁ ରାଜକୃଷ୍ଣ ବାବୁ ହଠାତ୍ ଅଗ୍ନିଶର୍ମା ହୋଇ ଉଠିଲେ ଏବଂ ଗୌରୀଶଙ୍କରଙ୍କ ନାମରେ ରାଜଦ୍ୱାରରେ ମାନହାନିର ଅଭିଯୋଗ ଆଣି-ଥିଲେ । ଏଥିରେ ସେ କାଞ୍ଚନ୍ତାହ ଶଙ୍କାକୁଳ ନ ହୋଇ

Digitized by srujanika@gmail.com

ଉକ୍ତ ବିଷୟକ ଆନ୍ଦୋଳନ ଉତ୍ତମରୂପେ ଅଧ୍ୟୟନପୂର୍ବକ ସ୍ୱପକ୍ଷ ସମର୍ଥନ କରିଥିଲେ । ନ୍ୟାୟ ଏବଂ ସତ୍ୟର ପକ୍ଷପାତୀ ଥିବାରୁ ଗୌରୀଶଙ୍କର ସେଥିରୁ ନିଷ୍କୃତି ଲାଭ କରିଥିଲେ । ଫଳତଃ ଏପ୍ରକାର ଦୁଇଦଳର ସଂଘର୍ଷରେ ସେତେବେଳେ ସାଧାରଣ ଭାବରେ ବଙ୍ଗାଳୀ ଏବଂ ଓଡ଼ିଆଙ୍କ ମଧ୍ୟରେ ଘୋର ମନୋମାଳିନ୍ୟ ଉପସ୍ଥିତ ହୋଇଥିଲା । * କିନ୍ତୁ ଏପ୍ରକାର ମନାନ୍ତର ରହିବା ନିତାନ୍ତ ଅନୁଚିତ ବୋଲି ଜଣାଇ ପତ୍ରିକାରେ ଉଭୟ ପକ୍ଷଙ୍କୁ ପୁନଃ ପୁନଃ ସେ ଏହିପରି ଅନୁରୋଧ କରିଥିଲେ ଯେ, "ଏଣିକି ଏ ପ୍ରସ୍ତାବର ଆଉ ଉଲ୍ଲେଖ ନ କରି ଯେତେ ଶୀଘ୍ର ପାସୋରି ଯିବା ସେତେ ଭଲ । ତାହାହେଲେ ଏ ବିଦ୍ୱେଷ ଶୀଘ୍ର ନିବାରିତ ହେବା ସମ୍ଭବ ।" ସୁଖର କଥା ଏହି ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ବଙ୍ଗର ଖ୍ୟାତନାମା କବି ଶ୍ରୀଯୁକ୍ତ ରଙ୍ଗଲାଲ ବନ୍ଦୋପାଧ୍ୟାୟ ମହାଶୟ ହୁଗୁଳୀଠାରୁ ଖଣ୍ଡିଏ ଦୀର୍ଘପତ୍ର ପତ୍ରିକାରେ ପ୍ରକାଶାର୍ଥ ପ୍ରେରଣ କରିଥିଲେ । ସେଥିରେ ବଙ୍ଗାକ୍ଷର-ପ୍ରବର୍ତ୍ତକ ଉତ୍କଳହିତୈଷୀମାନଙ୍କୁ ଲକ୍ଷ୍ୟ କରି ସେ କହିଥିଲେ ଯେ, "କୌଣସି ୟୁରୋପୀୟ ବହୁଦର୍ଶୀଙ୍କ କର୍ତ୍ତୃକ ଉକ୍ତ ହୋଇଅଛି, ବ୍ୟବହାର ପରିବର୍ତ୍ତନ ଆଂଶିକ ହେବା ଉଚିତ ନୁହେ, ତାହା ସମ୍ପୂର୍ଣ୍ଣ ବା ସର୍ବାଙ୍ଗଶୁଦ୍ଧ ହେବା ବିଧେୟ, ସୁତରାଂ ବଙ୍ଗାକ୍ଷରରେ ଉତ୍କଳଭାଷା ଲେଖିଲେ କି ଉପକାର ହେବ, ତାହା ବୁଦ୍ଧିର ଅଗମ୍ୟ । ଅନେକେ କହିପାରନ୍ତି ବଙ୍ଗଳାଭାଷା ସବିଶେଷ ଉତ୍କର୍ଷ ଲାଭ କରିଅଛି, ମଧ୍ୟ ବଙ୍ଗଳା ଓ ଉତ୍କଳ ଭାଷାରେ କତିପୟ ପ୍ରତ୍ୟୟ ଓ ବିଭକ୍ତିର ପ୍ରଭେଦ ମାତ୍ର । ସୁତରାଂ, ଉତ୍କଳଭାଷା ଉଚ୍ଛେଦ କରି ବଙ୍ଗଳାଭାଷା ଓ ଅକ୍ଷର ପ୍ରଚଳନ କରିବା କର୍ତ୍ତବ୍ୟ, ଅର୍ଥାତ୍ ଯେପରି ସ୍କଟଲଣ୍ଡ ଦେଶରେ ଇଂରାଜୀ ଭାଷା ପ୍ରଚଳିତ ହୋଇଅଛି, ସେହିପରି ଉତ୍କଳଦେଶରେ ବଙ୍ଗଳାଭାଷା ହେବାରେ ବାଧା କ'ଣ ? ସେ ମହୋଦୟମାନେ ବିବେଚନା କରନ୍ତି ନାହିଁ ଯେ, ସ୍କଟଲଣ୍ଡ ଦେଶ ସହିତ ଇଂଲଣ୍ଡର ଆନ୍ତର ବ୍ୟବହାର ବିବାହାଦି ସମ୍ପର୍କ କେବେହେଁ ରହିତ ନ ଥିଲା, ବିଶେଷତଃ ସ୍କଟଲଣ୍ଡ ଦେଶ ଇଂଲଣ୍ଡୀୟ ଭୂପତିଙ୍କର ଅଧିକୃତ ହେବା ଅବଧି ସେ ଦେଶରେ ଇଂଲଣ୍ଡୀୟ ଭାଷାର ପ୍ରାଦୁର୍ଭାବ ହେଲା, ତଦ୍ରୂପ ଉତ୍କଳଦେଶ ବଙ୍ଗ ଦେଶ ଭୂପତିଙ୍କ ଅଧିକାର ସ୍ଥାନ ନ ହେଲେ ଏବଂ ବଙ୍ଗାଳୀ ଓ ଉତ୍କଳୀୟମାନଙ୍କ ସଙ୍ଗରେ ପରିଣୟାଦି ସଂସ୍କାର ପ୍ରଚଳିତ ନ ହେଲେ ଉତ୍କଳ-ଦେଶରେ ବଙ୍ଗଳ ଭାଷା କି ଅକ୍ଷର ପ୍ରବଳ ହେବାର କୌଣସି ସମ୍ଭାବନା ନାହିଁ; କିନ୍ତୁ ଏ ଜଳ୍ପନା ଆକାଶ-କୁସୁମବତ୍ କଳ୍ପନା ମାତ୍ର ।

++ ଯଦି ଏକଜାତି ହେବାର ଆଶାରେ ଏକଭାଷା ଓ ଏକ ବର୍ଣ୍ଣମାଳା ପ୍ରଚଳିତ କରିବା କର୍ତ୍ତବ୍ୟ ବୋଧ ହୁଏ, ତେବେ ଆମ୍ଭମାନଙ୍କ ଆଦିଭାଷ ସଂସ୍କୃତ ଏବଂ ଆଦିବର୍ଣ୍ଣମାଳା ଦେବନାଗର ସର୍ବଦେଶରେ ପ୍ରଚଳିତ କରିବା ବିଧେୟ ।"

ରଙ୍ଗଲାଲ ବାବୁ ଏଥିପୂର୍ବରେ କଟକରେ ଡେପୁଟୀମାଜିଷ୍ଟ୍ରେଟ୍ ଥିବାରୁ କଟକବାସୀଙ୍କର ସୁପରିଚିତ ଥିଲେ ଏବଂ ପୂର୍ବବର୍ଣ୍ଣିତ ଉତ୍କଳସିଂହ ସଭାରେ ଯୋଗ-ଦାନପୂର୍ବକ 'ଉତ୍କଳଭାଷା' ବିଷୟରେ ଏକାଧିକ ଥର ସାରଗର୍ଭ ବକ୍ତୃତା ପ୍ରଦାନ କରି ଲୋକପ୍ରିୟ ହୋଇ-ଥିଲେ । ତାଙ୍କ ପ୍ରତି ଏଠା ଲୋକଙ୍କର ଆନ୍ତରିକ ଶ୍ରଦ୍ଧା ଥିବାରୁ ତାଙ୍କର ଉଲ୍ଲିଖିତ ପ୍ରେରିତପତ୍ରଟି ସେତେ-ବେଳେ ବଡ଼ କାର୍ଯ୍ୟକାରୀ ହୋଇଥିଲା । ଏ ପ୍ରକାରେ କାର୍ଯ୍ୟ ସିଦ୍ଧ ନ ହେବାରୁ ସ୍ୱାର୍ଥାନ୍ୱେଷୀଦଳ ସେତିକରେ ସନ୍ତୁଷ୍ଟ ନ ହୋଇ ଶାଠ୍ୟରେ ଆଶ୍ରୟ ଗ୍ରହଣପୂର୍ବକ ଅନ୍ୟ ପ୍ରକାରେ ଅଗ୍ରସର ହୋଇଥିଲେ । ସେମାନେ ତଥାକଥିତ କତିପୟ ଉତ୍କଳହିତୈଷୀ ବଙ୍ଗାଳୀ

* ବାଲେଶ୍ୱର 'ସମ୍ବାଦ ବାହିକା'ରେ ମଧ୍ୟ ଏ ପ୍ରସଙ୍ଗରେ ତୀବ୍ର ପ୍ରତିବାଦ ଓ ସମାଲୋଚନା ହୋଇଥିଲା । ଆମ୍ଭମାନଙ୍କର ସୁପରିଚିତ ପରଲୋକଗତ ଫକୀରମୋହନ ସେଥିରେ ସେନାପତି ହୋଇଥିଲେ ।

Digitized by srujanika@gmail.com

କର୍ମଚାରୀଙ୍କଦ୍ୱାରା କେତେକ ଓଡ଼ିଆଙ୍କର ସ୍ୱାକ୍ଷର ସଂଗ୍ରହ କରି ଗୋଟିଏ ଦୀର୍ଘ ଆବେଦନପତ୍ରରେ ଦେଶବାସୀଙ୍କର ମତ କଲିକତାର 'ଇଣ୍ଡିଆନ୍ ମିରର୍' ନାମକ ଇଂରାଜୀସମ୍ବାଦ ପତ୍ରର ସମ୍ପାଦକଙ୍କଦ୍ୱାରା ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇବାକୁ ଚେଷ୍ଟା କରିଥିଲେ । ଉକ୍ତ ପତ୍ରିକାରେ ଦେଶହିତୈଷୀ ସମ୍ପାଦକ ମହାଶୟ 'ଉତ୍କଳର ଶିକ୍ଷା' ଶୀର୍ଷକ ପ୍ରବନ୍ଧରେ ଗଭର୍ଣ୍ଣମେଣ୍ଟଙ୍କ କାର୍ଯ୍ୟର ସମାଲୋଚନା କରି ନିମ୍ନୋକ୍ତ କେତୋଟି ଯୁକ୍ତିର ଆଶ୍ରୟରେ ପ୍ରକାଶ କରିଥିଲେ ଯେ, 'ବର୍ତ୍ତମାନ ଓଡ଼ିଶାରେ ବଙ୍ଗଳାଭାଷା ଉଠାଇ ଦେଇ ଓଡ଼ିଆଭାଷା ଚଳାଇବା ଉଚିତ ନୁହେ । ଯେହେତୁ ବଙ୍ଗଳାଭାଷାରେ ଉତ୍କୃଷ୍ଟ ପୁସ୍ତକମାନ ଅଛି, ଆଉ ମଧ୍ୟ ଏଭାଷା ସହଜରେ ଶିକ୍ଷା କରି ଯାଇପାରେ । ଉତ୍କଳୀୟମାନେ ଜାଣନ୍ତି ବଙ୍ଗଭାଷୀମାନେ ବିଦ୍ୟା ଓ ସଭ୍ୟତାରେ ଅଧିକ ଉନ୍ନତି ଲାଭ କରିଅଛନ୍ତି । ସେମାନେ ଆହୁରି ମଧ୍ୟ ଜାଣନ୍ତି ବଙ୍ଗଳାଭାଷା ବହୁ ବିସ୍ତୃତ ରାଜ୍ୟଖଣ୍ଡ ଏବଂ ଅନେକ ଜାତି ଲୋକ ମଧ୍ୟରେ ବ୍ୟବହୃତ ହୁଏ । ଆଉ ତାହାର ଗଠନ ସୁନ୍ଦର, ସ୍ୱର ସୁଶ୍ରାବ୍ୟ, ଉଚ୍ଚାରଣ ସହଜ ଏବଂ ସେମାନଙ୍କ ମାତୃଭାଷାଠାରୁ ଉତ୍କୃଷ୍ଟ । ଏହା ଜାଣି ବଙ୍ଗାଳୀଙ୍କଠାରୁ ଅନେକ ସାହାଯ୍ୟର ପ୍ରତ୍ୟାଶା କରି ଉତ୍କଳୀୟମାନେ ଆପଣା ପୁତ୍ରଙ୍କୁ ବଙ୍ଗଳାଭାଷାରେ ଶିକ୍ଷା ଦେଉଅଛନ୍ତି । ଗଭର୍ଣ୍ଣମେଣ୍ଟ ଓଡ଼ିଆଭାଷା ଚଳାଇବାରୁ ଓଡ଼ିଆମାନେ ଭାରି ଅସନ୍ତୁଷ୍ଟ ଅଛନ୍ତି ।''*

ବର୍ଣ୍ଣିତ ସମୟରେ ବଙ୍ଗଳା ଗଭର୍ଣ୍ଣମେଣ୍ଟଙ୍କ ନିକଟରେ 'ଇଣ୍ଡିଆନ୍ ମିରର୍'ର ପ୍ରତିପତ୍ତି ଏବଂ ସମାଦର ଯଥେଷ୍ଟ ଥିଲା । କଲିକତାର ଏହି ମୁଖ୍ୟ ପତ୍ରିକାରେ ଏପ୍ରକାର ଭୀଷଣ ଆନ୍ଦୋଳନ ଦେଖି ଗୌରୀଶଙ୍କର ସମ୍ପାଦକୀୟ ମନ୍ତବ୍ୟରେ ନିମ୍ନୋକ୍ତ ପ୍ରକାରେ ପ୍ରତିବାଦ କରିଥିଲେ । ସେଥିରୁ ତାଙ୍କର ଦାୟିତ୍ୱଜ୍ଞାନ, ନୈପୁଣ୍ୟ ଏବଂ ସତ୍ୟନିଷ୍ଠାର କପରି ସୁସ୍ପଷ୍ଟ ପରିଚୟ ମିଳୁଅଛି, ପାଠକମାନେ ବିଚାର କରିବେ ।

''ଇଣ୍ଡିୟାନମିରର ସମ୍ପାଦକୀୟ କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେଉଥିବାର ଆମ୍ଭମାନଙ୍କର ବିଶ୍ୱାସ ଥିଲା । ବିଶେଷତଃ ଏ ପତ୍ରିକା ବ୍ରାହ୍ମସମାଜର ମୁଖ୍ୟ ଥିବାରୁ ଆମ୍ଭେମାନେ ମନେ କରିଥିଲୁଁ ଯେ, ସମ୍ପାଦକ ସତ୍ୟାନୁସନ୍ଧାନପକ୍ଷରେ ସମଧିକ ପରିଶ୍ରମ କରନ୍ତି; କିନ୍ତୁ ଏବେ ଜଣାଯାଉଅଛି ଯେ ତାହାଙ୍କ ଅଜ୍ଞାତ ବିଷୟରେ ସେ ଯାହା ଶୁଣନ୍ତି, ଅତି ଅସାବଧାନରେ ସରଳହୃଦୟରେ ତାହାକୁ ସତ୍ୟଜ୍ଞାନ କରି ସର୍ବସାଧାରଣଙ୍କୁ ଜଣାଇବାରେ କିଛିମାତ୍ର ସଂଶୟ କରନ୍ତି ନାହିଁ । ତାହା ନ ହେଲେ କି ସେ ଏପରି କଥାମାନ ଲେଖିଥାନ୍ତେ ! ଆମ୍ଭେମାନେ ନିଶ୍ଚୟ ବୋଧ କରୁଅଛୁଁ ଯେ, ଉମାଚରଣବାବୁଙ୍କ ସଂସ୍ରବଦାୟୁର କୌଣସି ବଙ୍ଗୀୟଲୋକଙ୍କ ପ୍ରବର୍ତ୍ତନାରେ ସମ୍ପାଦକ ଏକପ୍ରକାର ମିଥ୍ୟା ଓ ଅଯୌକ୍ତିକ କଥା ଲେଖିବାକୁ ସାହସ କରିଅଛନ୍ତି । ସେ ବୋଲନ୍ତି ଯେ, ବଙ୍ଗଳାର ଓଡ଼ିଶାସଙ୍ଗେ ଅତି ନିକଟ ସମ୍ବନ୍ଧ ସ୍ଥାପିତ ହୋଇଅଛି; କିନ୍ତୁ ଦୁଃଖର ବିଷୟ ତଥାପି ସେ ଉତ୍କଳର କୌଣସି ବିଷୟ ଜାଣନ୍ତି ନାହିଁ, ଅଥଚ ତାହାଙ୍କପରି ସମ୍ପାଦକୀୟ-ଗୁରୁଭାରବହାନ୍ତ ଲୋକ ଯେବେ ନ ଜାଣିଲା, ତେବେ ଆଉ କାହାର ଜାଣିବା ସମ୍ଭବ ହେବ ? ସମ୍ପାଦକ ଯେବେ କିଛିମାତ୍ର ଉତ୍କଳର ବିଷୟ ଜାଣିବାକୁ ଯତ୍ନ କରିଥାନ୍ତେ, ତେବେ ଆଉ ଓଡ଼ିଶାରେ ଏହି ବଙ୍ଗଳାଭାଷା ଓ ଅକ୍ଷର ଚଳାଇବା ବିଷୟ ଯେଉଁ ଯେତେ ଯେତେ ବିରୋଧ ଉପସ୍ଥିତ ହୋଇଅଛି, ସେ ସମସ୍ତ ଅବଗତ ହୋଇଥାନ୍ତେ । ବଙ୍ଗାଳୀମାନେ ନିତ୍ୟ କହି ବୁଲୁଅଛନ୍ତି ଯେ, ଓଡ଼ିଆମାନେ ତାହାଙ୍କୁ ସୁଖ ପାନ୍ତି ନାହିଁ; ଅଥଚ ବୁଝିବସିଲେ ଓଡ଼ିଆ ବଙ୍ଗାଳୀଙ୍କର ଯେ, କିଛି ମନାନ୍ତର କେବଳ ଭାଷାପରିବର୍ତ୍ତନ

* ୨୫।୯।'୬୯ ର ଉତ୍କଳ ଦୀପିକା । Indian miror 17-9-1869

Digitized by srujanika@gmail.com

ବିଷୟରେ ଅଛି । ବଙ୍ଗାଳୀମାନେ ଏ ପ୍ରଦେଶକୁ ଆଜି କାଲି ଆସି ନାହାନ୍ତି; ମାତ୍ର ପୂର୍ବରୁ ବଙ୍ଗାଳୀମାନେ ଏ ଦେଶର ଭାଷା କିମ୍ବା ଲୋକଙ୍କ ପ୍ରତି ଘୃଣା ନ କରିବାରୁ ଅତି ଗୌରବାନ୍ୱିତ ହୋଇଥିଲେ । ବର୍ତ୍ତମାନ ବଙ୍ଗାଳୀମାନେ ଓଡ଼ିଆଭାଷାର କି ଅକ୍ଷରକୁ ଦେଖିପାରୁ ନାହାନ୍ତି ବୋଲି ଏତେ ବିରୋଧ; ତଥାପି ଉକ୍ତ ସମ୍ପାଦକ ବୋଲନ୍ତି ଯେ, ଉତ୍କଳୀୟମାନେ ଆପଣା ଭାଷାଠାରୁ ବଙ୍ଗଳା ପଢ଼ିବାକୁ ଅଧିକ ଆଗ୍ରହୀ ଅଟନ୍ତି ଏବଂ ବଙ୍ଗାଳୀଙ୍କର ଅଧୀନ ରହିବାକୁ ଲାଭଜନକ ଜ୍ଞାନ କରନ୍ତି ! କେଡ଼େ ଭ୍ରମ ! ଅଥବା ଲୋକେ ସ୍ୱଭାବତଃ ଏଡ଼େ ପକ୍ଷପାତୀ ଯେ, ସ୍ୱଜାତିବର୍ଗର କଥା ବିଶ୍ୱାସ କରିବାକୁ କେତେବେଳେ କୁଣ୍ଠିତ ନୁହନ୍ତି । ବଙ୍ଗାଳୀମାନେ ଏଠାରେ ଅନେକ ପ୍ରକାର ଉଦ୍‌ଯୋଗ କରି ଯଦ୍ୟପି ଓଡ଼ିଆ ଉଠାଇବାକୁ ଅକ୍ଷମ ହେଲେ, ଏବେ ଏଠାରେ ଆଉ କିଛି ଚେଷ୍ଟା ନ କରି ଦେଶଲୋକଙ୍କ ଆଶ୍ରୟ ନେଇଅଛନ୍ତି । ପୁଣି ସାହସ ଏଡ଼େ ଯେ, ଖଣ୍ଡେ ଦରଖାସ୍ତ ମଧ୍ୟ ଏଠାରୁ ପ୍ରାପ୍ତ କରାଇ ଅଛନ୍ତି । ଏ ଦରଖାସ୍ତ କେଉଁଠାରୁ କିଏ ପଠାଇଲା, ଆମ୍ଭମାନଙ୍କୁ ଜଣା ନାହିଁ ଓ ଜାଣିବାର ସମ୍ଭାବନା ନାହିଁ ? କାରଣ ଏ ସମସ୍ତ ଲୁଚୁରୁଚୁର ବ୍ୟାପାର, ଠକ କର୍ମସାଧନ କରିବାର କଥା । ଓଡ଼ିଆଙ୍କର କେତେ ବୁଦ୍ଧି ବଳ କାହିଁ ଯେ, ଏମନ୍ତ ସୁନ୍ଦର କୌଶଳରେ କାର୍ଯ୍ୟ ସାଧନ କରିବେ । ଏ କେବଳ ବଡ଼ବୁଦ୍ଧିଆଙ୍କର କାର୍ଯ୍ୟ । ସେ ଯାହାହେଉ, ଆମ୍ଭେମାନେ ଇଣ୍ଡିଆନ୍‌ମିରର ସମ୍ପାଦକ ଏବଂ ତାଙ୍କର ସମ୍ବାଦଦାତାଙ୍କୁ ଅନୁରୋଧ କରୁଅଛୁଁ ଯେ, ଓଡ଼ିଆମାନେ ବଙ୍ଗଳା ଶିକ୍ଷା ପ୍ରତି କେତେ ଅସମ୍ମତ ଓ ବଙ୍ଗଳାଭାଷା ଅବଶ୍ୟ ବିଦ୍ୟାଳୟରେ ପ୍ରଚଳ ଥିବାରୁ ଶିକ୍ଷାକାର୍ଯ୍ୟରେ କେତେ ବ୍ୟାଘାତ ହେଉଅଛି, ଯେବେ ଏ ସମସ୍ତ ସେମାନଙ୍କର ଜାଣିବାର ଇଚ୍ଛା ଥାଏ, ଆଉ ଯେବେ ଉତ୍କଳ ପ୍ରତି ସେମାନେ ଯଥାର୍ଥରେ ମନୋଯୋଗୀ ଅଛନ୍ତି, ତେବେ ଏ ବିଷୟରେ ଅବଶ୍ୟ ସାଧାରଣପକ୍ଷରୁ ଗଭର୍ଣ୍ଣମେଣ୍ଟଙ୍କୁ ଯେଉଁ ଆବେଦନପତ୍ର ଯାଇଅଛି, ଜଣିଲେକ୍ଟରଙ୍କର ଓ କମିଶନର ସାହେବ ଯେ ସମସ୍ତ କଥା ଲେଖିଅଛନ୍ତି, ଥରେ ସେ ସମସ୍ତ ପାଠ କରନ୍ତୁ । ବର୍ତ୍ତମାନ ଉକ୍ତ କାଗଜପତ୍ର ଶିକ୍ଷାବିଭାଗର ଡିରେକ୍ଟରଙ୍କ କଚେରୀରେ ଅଛି; ସେଠାକୁ ଗଲେ ଅବଶ୍ୟ ଦେଖି-ପାରିବେ । ସେ ସମସ୍ତର ମର୍ମରୁ ଅବଗତ ହୋଇ ଆପଣା ମନ୍ତବ୍ୟ ଲେଖିଲେ ଉତ୍ତମ ହେବ । ମିଛାକୁ ଲୋକଙ୍କୁ ଭ୍ରମରେ ପକାଇବା ଉଚିତ କର୍ମ ନୁହଇ ।”

ଏକା କଲିକତାର ମୁଖ୍ୟ ସମ୍ବାଦପତ୍ରର ସମ୍ପାଦକ କାହିଁକି କଲିକତା ପ୍ରବାସୀ ଶିକ୍ଷାବିଭାଗର କର୍ତ୍ତା ଡିରେକ୍ଟର ସାହେବ ମଧ୍ୟ ସେହି ମତରେ ଭାସି ଯାଇଥିଲେ । କେବଳ ଓଡ଼ିଶାର କମିଶନର ରେଭେନ୍‌ସା ଏବଂ ଇନ୍‌ସପେକ୍ଟର ମାର୍ଟିନ ସାହେବ ଉତ୍କଳଭାଷା ପ୍ରଚଳନ ସପକ୍ଷରେ ଦୃଢ଼ଭାବରେ ଅଭିମତ ପ୍ରକାଶ କରିବାରୁ ବଙ୍ଗର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ମହୋଦୟ ସେ ସମସ୍ତ ଆଲୋଚନା କରି ଶ୍ରୀଯୁକ୍ତ ଡାକ୍ତର ରାଜେନ୍ଦ୍ରଲାଲ ମିତ୍ର ଓ ଉମାଚରଣ ହାଲଦାରଙ୍କ ସମ୍ପ୍ରଦାୟର ଯୁକ୍ତିକୁ ଦୁର୍ବଳ ଜ୍ଞାନ କରି ଉକ୍ତ ବର୍ଷ ନଭେମ୍ବର ମାସରେ ଏହିପରି ଆଦେଶ ପ୍ରଚାର କରାଇଲେ ।

“କଟକ ହାଇସ୍କୁଲ ଏବଂ ଓଡ଼ିଶାର ଅନ୍ୟ ଦୁଇ ଜିଲାସ୍କୁଲରେ ବଙ୍ଗଳା ଅଥବା ଓଡ଼ିଆ ଭାଷା ପାଠ କରିବା ଛାତ୍ରମାନଙ୍କର ଇଚ୍ଛାଧୀନ ରହିବ; ଅର୍ଥାତ୍ ଦୁଇଭାଷା ଶିକ୍ଷା କରିବାକୁ ହେବ । ମଧ୍ୟଶ୍ରେଣୀର ଇଂରାଜୀ ଓ ଭାଷା ସ୍କୁଲରେ ସକଳବିଷୟରେ ଶିକ୍ଷା ଉତ୍କଳଭାଷାରେ ଦିଆଯିବ । ଇଂରାଜୀ ଅବଶ୍ୟ ପଢ଼ିବାକୁ ହେବ ଏବଂ ସ୍ୱେଚ୍ଛାଧୀନ ରହିବ । ମଧ୍ୟଶ୍ରେଣୀର ଉତ୍କଳ ବିଦ୍ୟାଳୟମାନଙ୍କରେ ଯେପର୍ଯ୍ୟନ୍ତ ଉତ୍କଳ ଭାଷାରେ ଉତ୍ତମ ସାହିତ୍ୟ ପୁସ୍ତକ ହୋଇନାହିଁ, କେବଳ ଭାଷା ଶୁଣିବାପାଇଁ ବଙ୍ଗଳା ପଢ଼ାଯିବ ଏବଂ ନିମ୍ନଶ୍ରେଣୀର ଉତ୍କଳ ବିଦ୍ୟାଳୟରେ କେବଳ ଉତ୍କଳ

Digitized by srujanika@gmail.com

ଭାଷାରେ ଶିକ୍ଷା ଦିଆଯିବ । ପାଠ୍ୟପୁସ୍ତକର ଅଭାବ ଥିବାରୁ ଏପରି ଶିକ୍ଷାପ୍ରଣାଳୀ ଚଳାଇବା କଷ୍ଟକର ଏବଂ ଉତ୍କଳଭାଷାରେ ବର୍ତ୍ତମାନ କେଉଁ ପୁସ୍ତକମାନ ପ୍ରାପ୍ୟ ଯଥେଷ୍ଟରୂପେ ଜଣାଯିବା ପର୍ଯ୍ୟନ୍ତ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର କୌଣସି ନିଷ୍ପତ୍ତି ନିଷ୍ପନ୍ନ କରିବାକୁ ଅସମର୍ଥ ହେଲେ । ସାଧାରଣ ଭାବରେ ତାଙ୍କର ମତ ଏହି ଯେ, ଜିଲାସ୍କୁଲର ତଳ ସମସ୍ତ ବିଦ୍ୟାଳୟରେ ଉତ୍କଳ-ଭାଷାରେ ଶିକ୍ଷା ପ୍ରଦତ୍ତ ହେବ, ଜିଲା ସ୍କୁଲ ଓ ହାଇସ୍କୁଲର ଛାତ୍ରମାନେ ଇଚ୍ଛା କଲେ ବଙ୍ଗଳା ଶିକ୍ଷା କରିପାରିବେ ।"

ଗଭର୍ଣ୍ଣମେଣ୍ଟଙ୍କର ଏହି ଅଭିପ୍ରାୟ ଶୀଘ୍ର କାର୍ଯ୍ୟରେ ପରିଣତ କରିବାକୁ ଶିକ୍ଷା ବିଭାଗର ଡିରେକ୍‌ଟର ସାହେବ ଆଦିଷ୍ଟ ହୋଇଥିଲେ । ଏ ରାଜକୀୟ ଘୋଷଣାରେ କର୍ମବୀର ଗୌରୀଶଙ୍କର ଯୁଦ୍ଧରେ ବିଜୟ-ଲାଭର ଗୌରବ ଅନୁଭବ କରି ଉତ୍କଳବନ୍ଧୁ ରେଭେନ୍‌ସା ଏବଂ ମାର୍ଟିନ୍ ସାହେବଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ଉଲ୍ଲାସିମା ସଭାର ବିଶିଷ୍ଟ ସଭ୍ୟ ଦେଶହିତବ୍ରତୀ ସହଯୋଗୀ ଭ୍ରାତାମାନଙ୍କୁ ଶୀଘ୍ର ଓଡ଼ିଆ ପାଠ୍ୟପୁସ୍ତକର ଅଭାବଦୂରୀକରଣ କରିବା ଲାଗି ଅନୁରୋଧ କରିଥିଲେ । ପଛେ ପଛେ କେତେଜଣ ଉତ୍ସାହୀ କୃତସନ୍ତାନଙ୍କ ଅଧ୍ୟବସାୟରେ କେତେଖଣ୍ଡି ନୂତନ ପାଠ୍ୟପୁସ୍ତକ ସହିତ ଆପାତତଃ କେତେକ ବଙ୍ଗଳା ପାଠ୍ୟପୁସ୍ତକର ଉତ୍କଳାନୁବାଦ ହୋଇଗଲା । ଉତ୍କଳଭାଷାରେ ପଣ୍ଡିତମ୍ମନ୍ୟ ନବାଗତ ବଙ୍ଗାଳୀମାନେ ମଧ୍ୟ ସେହି ଦେଶହିତୈଷିତା ଗୁଣରେ ଏ ସୁଯୋଗ ଛାଡ଼ି ନ ଥିଲେ; କିନ୍ତୁ ସେମାନଙ୍କର ସେହି ବିକୃତ ବଙ୍ଗଳାଭାଷା ପୁଣି ପରେ ଅନ୍ୟ ସଙ୍କଟ ଆଣି ଉପସ୍ଥିତ କରାଇଥିଲା ।

ତୃତୀୟ ଥରକୁ ଏହି ଅଗ୍ନି ବାଲେଶ୍ୱରଠାରେ ପ୍ରଜ୍ଜ୍ୱଳିତ ହୋଇଥିଲା । ଶଂସିତ ସମୟରେ ଶ୍ରୀଯୁକ୍ତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ବାଲେଶ୍ୱର ଜିଲ୍ଲା ସ୍କୁଲର ହେଡ଼ପଣ୍ଡିତ ପଦରେ ନିଯୁକ୍ତ ହୋଇ କଲିକତାରୁ ନୂତନ ଆସିଥିଲେ । ଜିଲ୍ଲାସ୍କୁଲରେ ଓଡ଼ିଆ ଓ ବଙ୍ଗଳା ଉଭୟ ଭାଷା ପଢ଼ାଇବାର ଆଦେଶ ହୋଇଥିବାରୁ ତାଙ୍କୁ ବଡ଼ ଅଡୁଆ ଲାଗିଲା । ସେ ନିଜ ଜ୍ଞାନଚକ୍ଷୁରେ ଦେଖିପାରିଲେ ଯେ, ବିଶୁଦ୍ଧ ବଙ୍ଗଳାଭାଷା ସଙ୍ଗରେ ଗୋଟିଏ ବିକୃତ ବଙ୍ଗଳା ଭାଷା ପୁଣି ପଢ଼ା ଯାଉଅଛି; ସୁତରାଂ ଗଭର୍ଣ୍ଣମେଣ୍ଟଙ୍କର ଏ ବିଷମଭ୍ରମ ସଂଶୋଧନ ଉଦ୍ଦେଶ୍ୟରେ ସେ ଆପଣାର ବିରାଟ ମସ୍ତିଷ୍କପ୍ରସୂତ ଖଣ୍ଡିଏ ଗ୍ରନ୍ଥ ବଙ୍ଗଳା ଭାଷାରେ ମୁଦ୍ରିତ କରାଇ ଘୋରଆଡ଼େ ପ୍ରଚାର କରାଇ ଥିଲେ । ସେହି ପୁସ୍ତକର ନାମ 'ଉଡ଼ିୟା ସ୍ୱତନ୍ତ୍ରଭାଷା ନୟ' । କଟକରେ 'ଉତ୍କଳହିତୈଷିଣୀ' ଏ ପୁସ୍ତକ ପ୍ରାପ୍ତିରେ ଆନନ୍ଦ ପ୍ରକାଶ କରି ଗ୍ରନ୍ଥକାରଙ୍କର ମତ ସମର୍ଥନ କରିଥିଲେ । ସେ ପୁସ୍ତକରେ କିପରି ଯୁକ୍ତି ଅବଲମ୍ବିତ ହୋଇଥିଲା, ତାହା ଜାଣିବାର କୌଣସି ସମ୍ଭାବନା ବର୍ତ୍ତମାନ ନ ଥିଲେହେଁ ଦୀପିକାର ସମ୍ପାଦକୀୟ ମନ୍ତବ୍ୟରୁ ଆମ୍ଭେମାନେ ସେଥିର ଆଭାସ ପାଇବୁଁ । ଏ ଦେଶର ପଦସ୍ଥ ବଙ୍ଗାଳୀ କର୍ମଚାରୀ ଏବଂ ବଙ୍ଗୀୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଯେତେବେଳେ ଏପରି ପକ୍ଷପାତୀ, ସେତେ-ବେଳେ ଧୈର୍ଯ୍ୟଧନ ଗୌରୀଶଙ୍କର ଆପଣାର ସ୍ଥିତି ଅଟଳ ରଖି କିପରି ଉଦାର ଏବଂ ନିପୁଣ ଭାବରେ ଗ୍ରନ୍ଥକାରଙ୍କ ଯୁକ୍ତିମାନ ଖଣ୍ଡନ କରିଥିଲେ, ତାହା ୧୮୭୦ ମସିହାର 'ଉତ୍କଳଦୀପିକା'ରୁ ତଳେ ଉଲ୍ଲେଖ କରୁଅଛୁଁ । ଏହା କିଞ୍ଚିତ ଦୀର୍ଘ ହେଲେହେଁ ବିଷୟର ଗୁରୁତ୍ୱ ଦୃଷ୍ଟିରେ କ୍ଷମଣୀୟ ।

"ଉଡ଼ିୟା ସ୍ୱତନ୍ତ୍ରଭାଷା ନୟ" ଏ ନାମରେ ଖଣ୍ଡିଏ ପୁସ୍ତକ ଗ୍ରନ୍ଥକର୍ତ୍ତାଙ୍କଠାରୁ ପାଇଥିବାର କୃତଜ୍ଞତା-ପୂର୍ବକ ସ୍ୱୀକାର କରୁଅଛୁଁ । ଗ୍ରନ୍ଥକାରଙ୍କ ନାମ ବାବୁ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ବିଦ୍ୟାଳୟର ପଣ୍ଡିତ । ଏହା ବଙ୍ଗଭାଷାରେ ରଚିତ । ଉତ୍କଳ ଓ ବଙ୍ଗଭାଷାର ଏକତ୍ୱ ପ୍ରମାଣ କରିବା ଏହାର

Digitized by srujanika@gmail.com

ଉଦ୍ଦେଶ୍ୟ ଏବଂ ସେ ଉଦ୍ଦେଶ୍ୟ କି ପର୍ଯ୍ୟନ୍ତ ସଫଳ ହୋଇଅଛି, ତାହା କ୍ରମେ ପ୍ରକାଶ କରିବୁଁ । ଉତ୍କଳ ଓ ବଙ୍ଗଭାଷା ଯେଉଁ କେତେକାଳରୁ ଯେ ବିବାଦରେ ହୋଇଥିଲା, ଏ ପୁସ୍ତକ ତହିଁର ଫଳ ଅଟଇ । ଗ୍ରନ୍ଥକର୍ତ୍ତା କାୟିକଶ୍ରମ ଓ ଅର୍ଥବ୍ୟୟ ସ୍ୱୀକାରପୂର୍ବକ ସ୍ୱଦେଶାନୁରାଗର ଯେମନ୍ତ ପରିଚୟ ଦେଇଅଛନ୍ତି, ତାହା ପ୍ରଶଂସାଯୋଗ୍ୟ, ସନ୍ଦେହ ନାହିଁ । କେହି କେହି ବୋଲନ୍ତି ଯେ, ଓଡ଼ିଆ ବଙ୍ଗଳାର ହିନ୍ଦୁ ଗବର୍ଣ୍ଣମେଣ୍ଟରୁ ନିଷ୍ପତ୍ତି ହେବାର ଜାଣି ଗ୍ରନ୍ଥକର୍ତ୍ତା କାହିଁକି ଅନର୍ଥକ କ୍ଳେଶ ଓ ଧନବ୍ୟୟରେ ମତ୍ତ ହେଲେ । ଏଥିରେ ଗ୍ରନ୍ଥକର୍ତ୍ତା ସ୍ୱଜାତିର ଗୋଟିଏ ଲକ୍ଷଣ ଅର୍ଥାତ୍ 'ହୁଜୁକେ ବାଙ୍ଗାଲ' ଯେଉଁ ପ୍ରବାଦ ଅଛି, ତାହା ସାର୍ଥକ କରିଅଛନ୍ତି ।

ଗ୍ରନ୍ଥକର୍ତ୍ତା ପୁସ୍ତକର ଆରମ୍ଭରେ ଲେଖିଛନ୍ତି ଯେ, ଭାଷାତତ୍ତ୍ୱବିତ୍ ପଣ୍ଡିତଙ୍କ ମତାନୁସାରେ ଓଡ଼ିଆ, ବଙ୍ଗଳା; ହିନ୍ଦୀ ପ୍ରଭୃତି ଦେଶଭାଷା ଏକ ମୂଳରୁ ଉତ୍ପନ୍ନ; ଅର୍ଥାତ୍ ଓଡ଼ିଆ, ବଙ୍ଗଳା ଇତ୍ୟାଦି କେହି ସ୍ୱତନ୍ତ୍ର ଭାଷା ନୁହଇ; କିନ୍ତୁ ତଦୁତ୍ତରୁ ପୁଣି ଓଡ଼ିଆକୁ ବଙ୍ଗଳା ବୋଲି ସିଦ୍ଧାନ୍ତ କରିଅଛନ୍ତି । ଏଥିରୁ ତାଙ୍କର କେଉଁ କଥା ସତ୍ୟ ବୁଝିବା କଠିନ । ବୋଧହୁଏ ଭାଷାବିତ୍ ପଣ୍ଡିତଙ୍କ କଥା ମିଥ୍ୟା ହୋଇ ନ ଥିବ; ନଚେତ୍ ଯେଉଁ ଉତ୍କଳ-ଭାଷା କଥା ଗ୍ରନ୍ଥକର୍ତ୍ତା ଲେଖୁଛନ୍ତି, ତାହା ଛଡ଼ା ଆଉ କିଛି ସ୍ୱତନ୍ତ୍ର ଭାଷା ଥିବ । ସେ ଯାହାହେଉ, ଆମ୍ଭେମାନେ ଓଡ଼ିଆଭାଷାକୁ କେବେହେଁ ସ୍ୱତନ୍ତ୍ର ଭାଷା ବୋଲୁନାହୁଁ । ଏହାକୁ ସଂସ୍କୃତର ଅଧୀନ ବୋଲି ଜାଣୁଁ । ଗ୍ରନ୍ଥକର୍ତ୍ତାଙ୍କ ମତରେ କି ବଙ୍ଗଳା ସ୍ୱତନ୍ତ୍ର ଭାଷା ଯେ ଓଡ଼ିଆ ତାହା ସଙ୍ଗେ କିୟଦଂଶରେ ମିଶିବାରୁ ସେ ସ୍ୱତନ୍ତ୍ର ଭାଷା ହେଲା ନାହିଁ ? ମାତ୍ର ଦୁଃଖର ବିଷୟ ଯେ ବଙ୍ଗଳା ଭାଷା ସ୍ୱତନ୍ତ୍ର ଥିବା ପକ୍ଷରେ ସେ କିଛି ପ୍ରମାଣ ଦେଇ ନାହାନ୍ତି । ଯେବେ ଏକ ଆର୍ଯ୍ୟଜାତିଙ୍କ ସମାଗମରେ ଏକ ସ୍ଥାନରେ ହିନ୍ଦୀ ଓ ଅନ୍ୟ ସ୍ଥାନରେ ବଙ୍ଗଳା ଭାଷାର ସୃଜନ ହେଲା, ତେବେ ଏକ ସ୍ଥାନରେ ଓଡ଼ିଆ ଭାଷା ହେବାରେ କି ଅସୁବିଧା ହେଲା ଜଣା ପଡ଼ୁ ନାହିଁ । ହିନ୍ଦୁସ୍ଥାନରୁ ଓଡ଼ିଶାକୁ ଲୋକ ଆସିବାର କଣ ବଙ୍ଗଳା ଭିନ୍ନ ବାଟ ନ ଥିଲା । ଯେଉଁ ଖଣ୍ଡରେ ଗ୍ରନ୍ଥ-କର୍ତ୍ତାଙ୍କ ମତରେ ଏକଭାଷା ଅର୍ଥାତ୍ ବଙ୍ଗଳାଭାଷା ହେବା ଉଚିତ, ସେ ଖଣ୍ଡର ଆଦିମନିବାସୀ, ଗଡ଼ବା, ସନ୍ତାଳ, କନ୍ଧ, ଜୁଆଙ୍ଗ, ଶବର ଇତ୍ୟାଦିଙ୍କ ଭାଷା ଭିନ୍ନ କାହିଁକି ହେଲା ? ବୋଧ ହୁଏ ଏଥିର ଉତ୍ତର ପାଇଁ ଗ୍ରନ୍ଥକର୍ତ୍ତା ଡାକ୍ତର ହଣ୍ଟରଙ୍କ ସାହାଯ୍ୟ ନେଇ କହିବେ ଯେ, ଏ ସମସ୍ତ ଭାଷାର ମୂଳ ଏକ ଅଟଇ; ମାତ୍ର ଭାଷା ପୃଥକ୍ ଥିବାର ଅସ୍ୱୀକାର କରି ପାରିବେ ନାହିଁ ।

କେବଳ କେତେକ ସୌସାଦୃଶ୍ୟ ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲାଯାଇପାରେ, ତେବେ କେହି ଓଡ଼ିଆରୁ ହିନ୍ଦୀ ଓ ବଙ୍ଗଳା ବାହାରି-ଥିବାର କହିଲେ, ଦୋଷ ହେବ ନାହିଁ । ମାତ୍ର ଓଡ଼ିଆ-ମାନେ ତୁଚ୍ଛାକୁ ଏତେ ଅହଙ୍କାର କରନ୍ତି ନାହିଁ, ଅଥଚ ବିଚାର କଲେ ଏହାଙ୍କର ଅହଙ୍କାର କରିବାର ଅନେକ କାରଣ ଅଛି । ଓଡ଼ିଶାର କୀର୍ତ୍ତିକଳାପ ବଙ୍ଗଳାରେ ନାହିଁ । ଓଡ଼ିଶାର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀପର୍ଯ୍ୟନ୍ତ ଅଧିକାର କରିଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ିଶାକୁ ଜୟ କରିବାର ଶୁଣାନାହିଁ । ଅତଏବ, ବଳବୀର୍ଯ୍ୟ ଓ ଶିଳ୍ପ କୌଶଳରେ ଓଡ଼ିଶାର ପୂର୍ବକାଳୀୟ ଲୋକ ବଙ୍ଗଳରୁ ଶ୍ରେଷ୍ଠ ଥିବା ପ୍ରତ୍ୟକ୍ଷେ ଭାଷା ନିମିତ୍ତ ଅନ୍ୟଠାରେ ଋଣୀ ହୋଇଥିଲେ, ଏହା କଦାଚ ସମ୍ଭବ ନୁହେ ବରଂ ଓଡ଼ିଶାର ଭାଷା କେତେକ ବଙ୍ଗଳାରେ ଚଳିବାର ଆନୁମାନସିଦ୍ଧ ଅଟେ ଓ ଗ୍ରନ୍ଥକର୍ତ୍ତା ମେଦିନୀପୁର ଓଲବାଡ଼ିଆ ପ୍ରଭୃତି ସ୍ଥାନର କେତେକ କଥା ସଙ୍ଗେ ଓଡ଼ିଆ ଭାଷା ତୁଲ୍ୟ ଥିବାର ଯାହା ଲେଖନ୍ତି, ସେଥିରୁ ଉକ୍ତ ପ୍ରକାର ଅନୁମାନ ବାସ୍ତବଥିବାର ଦେଖାଯାଏ । ବିଶେଷରେ ଓଡ଼ିଆରେ ଯେତେ ପ୍ରାଚୀନ ଗ୍ରନ୍ଥ ଅଛି, ବଙ୍ଗଳାରେ ତେତେ ନାହିଁ । ମାଗି ଆଣିବା ଜିଉଣରେ

Digitized by srujanika@gmail.com

କି ଦୁର୍ଗନ୍ଧ ଘୋଷା ଯାନ୍ତା । ସେ ଯାହାହେଉ, ଆମ୍ଭେମାନେ ଗ୍ରନ୍ଥକର୍ତ୍ତାଙ୍କ ଭାଷାତତ୍ତ୍ୱ ଜ୍ଞାନରେ ସନ୍ତୁଷ୍ଟ ହେବାର କୌଣସି କାରଣ ଦେଖୁନାହୁଁ । ଆମ୍ଭମାନଙ୍କୁ ବୋଧ ହୁଅଇ ସେ କେବଳ ଓଡ଼ିଆ ବଙ୍ଗଳାର ସମତା ଉପରେ ନିର୍ଭର କରି ତହିଁର ସମର୍ଥନନିମିତ୍ତ ଭାଷାତତ୍ତ୍ୱଜ୍ଞାନର ଦୁହାଇ ଦେଇଅଛନ୍ତି । ସେ ଓଡ଼ିଆ ବଙ୍ଗଳାର ସମତା ଦେଖାଇବା ବିଷୟରେ ପ୍ରକାଶ୍ୟରେ କୌଣସି ଯତ୍ନର ତ୍ରୁଟି କରି ନାହାନ୍ତି । ଉତ୍କଳସାହିତ୍ୟ ବ୍ୟାକରଣ, ଅଭିଧାନ, ସମ୍ବାଦପତ୍ର, ଗୀତ ଇତ୍ୟାଦି, ନାନାପ୍ରକାର ଓଡ଼ିଆ ରଚନାରୁ କିଛି ଉଦ୍ଧୃତ କରି ଆପଣା କଥା ସପ୍ରମାଣ କରିଅଛନ୍ତି । ଏ ଯୁକ୍ତି ସବୁ ବଙ୍ଗାଳୀଙ୍କ ମନକୁ ଏମନ୍ତ ଘେନିଅଛି ଯେ, ସେମାନେ କୃତାର୍ଥ ହୋଇଅଛନ୍ତି; ମାତ୍ର ବାସ୍ତବରେ ତାହା କିଣି ଉତ୍କଳୀୟଙ୍କୁ ପଚ୍ଚାରିଥିଲେ ଜାଣି ପାରିଥାନ୍ତେ । ଗ୍ରନ୍ଥକର୍ତ୍ତା ତେତେ ଶ୍ରମ କରିବାକୁ ସମ୍ମତ ହୋଇ ନାହାନ୍ତି । ସେ ଦୁଇ ଚାରିଟା ବାଲେଶ୍ୱରୀ କଥା ଶୁଣି ଆପଣା ବୁଦ୍ଧିକୁ ଧନ୍ୟବାଦ ଦେଇ ଗ୍ରନ୍ଥ ରଚନାରେ ପ୍ରବୃତ୍ତ ହୋଇଥିବାର ଜଣାଯାଏ । କେଡ଼େ ମୂର୍ଖପଣିଆ ! ପୁଣି ତାହା ସଙ୍ଗେ ସାହସ ମଧ୍ୟ କେଡ଼େ ! ସଂସ୍କୃତ, ପାରସୀ ଓ ହିନ୍ଦୀ ଶବ୍ଦମାନଙ୍କୁ ବଙ୍ଗଳା ବୋଲି ଅନାୟାସରେ ପରିଚୟ ଦେଇଅଛନ୍ତି । ଯେବେ ସେ କିଞ୍ଚିତ୍ ପାରସୀ କିମ୍ବା ହିନ୍ଦୀ ଜାଣିଥାନ୍ତେ, ତେବେ କେଉଁ ଶବ୍ଦ କେଉଁ ଭାଷାରୁ ଜାତ, ବାରି ଦେଇ ପାରିଥାନ୍ତେ । ଆଉ ଯେବେ କିଛି ଓଡ଼ିଆ ଶିଖିଥାନ୍ତେ, ତେବେ କେତେକେ ଏ ଭ୍ରମରୁ ଉଦ୍ଧାର ପାଇଥାନ୍ତେ । ଥରେ ମଫସଲର ଓଡ଼ିଆ ସଙ୍ଗେ କଥା କହିଥିଲେ ଜାଣନ୍ତେ ଯେ, ଘଣ୍ଟୀ, ବାଟୀ, ଲୁଙ୍କଚୋରି, ମୁଦାର, ସମ୍ଭୁରି, ଚଉକାଠ, ଜାନଲା, ଡକାଆ ଇତ୍ୟାଦି କେହି ଓଡ଼ିଆ ବୁଝି ପାରିବେ ନାହିଁ ଏବଂ ପିଲ୍‌ସୋଜ, ଗିଲାସ, ଅବଖୋର ଶତରଞ୍ଜି, ଗାଲିଚ୍ଚା, ତକ୍ତପୋଷ୍ ଇତ୍ୟାଦିରେ ଓଡ଼ିଆ ଓ ବଙ୍ଗାଳୀଙ୍କର ସମାନ ଅଧିକାର ଅଛି । କାରଣ, ସେ ସମସ୍ତ ପାରସୀ ଓ ହିନ୍ଦୀ ଗୋଟିଏ ସୁଦ୍ଧା ବଙ୍ଗଳା ନୁହେ । ତାଳ, ସାମସେଇ, ମଥାଦଣ୍ଡ, ଜହ୍ନି, ପରିବା, ତୁଣ, ଜାଇ, ନଶୁଣୀ, ଆଙ୍କୁଡ଼ୀ, ତେଲୌଣୀ, ପରୁଷୁଣିଆ, ପାଣ୍ଡୋଇ ପ୍ରଭୃତି ବିଶୁଦ୍ଧ ଓଡ଼ିଆ ଶବ୍ଦମାନ ଯେବେ ଥରେ ତାହାଙ୍କ କର୍ଣ୍ଣରେ ପ୍ରବେଶ କରିଥାନ୍ତା, ତେବେ ଏତେ ବଣା ହୁଅନ୍ତେ ନାହିଁ, କିମ୍ବା ଗୁଡ଼ାଏ ତୁଚ୍ଛା ବଙ୍ଗଳା କଥା ଲେଖି ଯେବେ ଓଡ଼ିଆରେ ସେ ସବୁର ସମତା ଦେଖାଇ ଥାନ୍ତେ, ତେବେହେଲେ ତାଙ୍କ କଥା କିଛି ଗ୍ରାହ୍ୟ ହୁଅନ୍ତା । ତାହା ନ କରି କେବଳ ସଂସ୍କୃତ ଓ ଅନ୍ୟାନ୍ୟ ଭାଷାରୁ ଉତ୍ପନ୍ନ କେତେଗୁଡ଼ିଏ ଶବ୍ଦ ଲେଖି ପାଠକଙ୍କୁ ଏକପ୍ରକାର ପ୍ରତାରଣା କରିଅଛନ୍ତି ବୋଲିବାକୁ ହେବ । ନୋହିଲେ ସେ ଆପେ ପ୍ରତାରିତ ହୋଇଅଛନ୍ତି, ଯେହେତୁ କିଛି ଓଡ଼ିଆ ନ ଜାଣି ସବୁ ଜାଣିଥିବାର ପ୍ରକାଶ କରନ୍ତି । ଓଡ଼ିଆ ଭାଷା ଯେବେ ସେ କିଛିମାତ୍ର ଜାଣିଥାନ୍ତେ, ତେବେ ନିମ୍ନଲିଖିତ ଗୀତଟିରେ 'ହୁନ୍ଦର'ର ଅର୍ଥ କି ସୁନ୍ଦର କରନ୍ତେ !

"ନଟବର ଶ୍ୟାମସୁନ୍ଦର
ଦେଖିଲେ ଲାଗଇ ହୁନ୍ଦର ।"

ଦୁଇଆଡ଼େ ସୁନ୍ଦର ଲଗିଥିବାରୁ କି ସୁନ୍ଦର ଭାବ ହେଲା । ହୁନ୍ଦର ଶବ୍ଦ ଯେ ପାରସୀ ହୁନରର ଅପଭ୍ରଂଶ ଏବଂ ଏଠାରେ ତାହାର ଅର୍ଥ କୌତୁକ—ଏତିକି ସୁଦ୍ଧା ଜାଣି ନାହାନ୍ତି, ଅଥଚ ଜାଣିବାଯାଏ ସମ୍ଭାଳି ନ ହୋଇ ହୁ ପରି ଗ୍ରନ୍ଥକାର ବୋଲି ଦାଣ୍ଡିକୁ ବାହାରି ଅଛନ୍ତି । ଏଥିରୁ ବଳିକରି ଗାଲୁଆପଣ ଆଉ ଦେଖାନାହିଁ । ଗ୍ରନ୍ଥକାର ଯେବେ ପକ୍ଷପାତ ଶୂନ୍ୟ ହୋଇ ବିଚାର କରିବାକୁ ଚେଷ୍ଟା କରିଥାନ୍ତେ, ତେବେ ଜାଣିପାରନ୍ତେ ଯେ ବର୍ତ୍ତମାନ ବଙ୍ଗଳା ଓ ଓଡ଼ିଆରେ ଯେଉଁ ପୁସ୍ତକାଦି ହେଉଅଛି, ତହିଁରେ ଅଧିକ ସଂସ୍କୃତ ଶବ୍ଦ ମିଶ୍ରିତ ହେଉଥିବାରୁ ଏ ଦୁହିଙ୍କର ବିସ୍ତର ସମତା ଦେଖାଯାଏ, ମାତ୍ର ଅବୋଧ ଓଡ଼ିଆ ଓ ବଙ୍ଗାଳୀ ଦୁହେଁ ଏ ଭାଷା ବୁଝିବାକୁ ଅକ୍ଷମ । ଶିକ୍ଷା ଲାଭ ନ କଲେ, ଏଥିରେ ପ୍ରବେଶ ହୋଇ ପାରୁ ନାହାନ୍ତି । କିନ୍ତୁ କେହି କାହାର

Digitized by srujanika@gmail.com

ଦେଶ୍ୟ ଭାଷାକୁ ସହଜରେ ବୁଝି ପାରନ୍ତି ନାହିଁ । ସୁତରାଂ, ଏ ଭାଷାକୁ ପୃଥକ୍ ବୋଲିବାକୁ ହେବ ଓ କାନ୍ତି ବାବୁ ଯେତେ ପୁସ୍ତକ ରଚନା କରନ୍ତୁ ଦୁଇ ଭାଷା କଦାଚ ଏକ ହୋଇ ନ ପାରିବ ।"*

ଦୀପିକାରେ ଭଟ୍ଟାଚାର୍ଯ୍ୟଙ୍କ ପାଣ୍ଡିତ୍ୟପୂର୍ଣ୍ଣ ପୁସ୍ତକର ଏପ୍ରକାର ସମାଲୋଚନା ପାଠ କରି "ଉତ୍କଳ ହିତୈଷିଣୀ" ଟିକିଏ ଉଷ୍ମଭାବ ବହି କହିଥିଲେ, 'କେତେଗୁଡ଼ିଏ ଓଡ଼ିଆ ଓ ଜଣକେତେ ଏଠାନିବାସୀ ବଙ୍ଗାଳୀ ଓଡ଼ିଶାର ସର୍ବସାଧାରଣଙ୍କ ମତର ଏକେଶ୍ୱର ବ୍ୟବସାୟୀ ହୋଇ ଅଛନ୍ତି ।" ସମ୍ଭବତଃ 'ହିତୈଷିଣୀ' ସେ ସମୟରେ ସର୍ବସାଧାରଣଙ୍କର ମତ ଜାଣିବା ଓ ପ୍ରକାଶ କରିବାକୁ ସ୍ୱତ୍ୱାଧିକାରି ବୋଲି ମନେ କରିଥିଲେ । ତାଙ୍କ ବ୍ୟତୀତ ଅନ୍ୟ କାହାରି ସ୍ୱାଧୀନ-ଭାବରେ ମତ ବ୍ୟକ୍ତ କରିବାର କ୍ଷମତା ନ ଥିଲା । ତେଣୁ ହିତୈଷୀମାନେ ସର୍ବସାଧାରଣଙ୍କ ମତର ନିଦର୍ଶନ ସ୍ୱରୂପ ଖଣ୍ଡିଏ ଆବେଦନପତ୍ରରେ ପୁନର୍ବାର ଅଞ୍ଚଳ-ଲୋକମାନଙ୍କଦ୍ୱାରା ସ୍ୱାକ୍ଷର କରାଇ ଓଡ଼ିଆ ବଦଳରେ ବଙ୍ଗଳା ଚଳାଇବା ଲାଗି ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇ ଥିଲେ । କଲିକତାର 'ଏଡୁକେଶନ ଗେଜେଟ୍'ରୁ ପ୍ରଥମେ ଏ ସମ୍ବାଦ ଜଣାଗଲା ଏବଂ ସେ ଦରଖାସ୍ତରେ ଶହେ ଜଣ ସ୍ୱାକ୍ଷର କରିଥିବାର ଉକ୍ତ ପତ୍ରିକାର ସମ୍ପାଦକ ପ୍ରକାଶ କରିଥିଲେ । ବଙ୍ଗର ସୁସନ୍ତାନ ପଣ୍ଡିତପ୍ରବର ଭୂଦେବଚନ୍ଦ୍ର ମୁଖୋପାଧ୍ୟାୟ ସେତେବେଳେ ଉକ୍ତ ଏଡୁକେଶନ ଗେଜେଟର ସମ୍ପାଦକ ଏବଂ ପ୍ରଧାନ ପରିଚାଳକ ଥିଲେ । କେବଳ ସେତିକି ନୁହେଁ, ସେ ଉକ୍ତ ସମୟରେ ଶିକ୍ଷାବିଭାଗର ଜଣେ ପ୍ରଧାନ କର୍ତ୍ତା—ସ୍କୁଲ ଇନ୍‌ସପେକ୍ଟର ଥିଲେ । ସମ୍ଭବତଃ ଏଠା ହିତୈଷିବର୍ଗ ଦ୍ୱିତୀୟଥରର ଉଦ୍ୟମ ସଫଳ କରିବା ଆଶାରେ ତାହାଙ୍କ ମୁଖରେ ଓଡ଼ିଶାର ଉକ୍ତପ୍ରକାର ସାଧାରଣ ମତ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଭୂଦେବବାବୁଙ୍କ ପରି ଉଚ୍ଚ-ପଦସ୍ଥ ଏବଂ ଜ୍ଞାନବ୍ୟକ୍ତି ଏପରି କେତେଜଣ ସ୍ୱାର୍ଥା-ନ୍ୱେଷୀଙ୍କ ଅସାର ପ୍ରଳାପରେ ବିଚଳିତ ହେବାର ଲୋକ ନ ଥିଲେ । ସେ କାନ୍ତି ବାବୁଙ୍କ ପୁସ୍ତକ ଖଣ୍ଡି ଆଲୋଚନା କରି ଶିକ୍ଷାବିଭାଗରେ ସମାଦୃତ ସ୍ୱୀୟ ପତ୍ରିକାରେ ଯେପରିଭାବରେ ନିଜ ଅଭିମତ ବ୍ୟକ୍ତ କରିଥିଲେ, ତହିଁରେ ଉତ୍କଳାନୁବାଦ ପାଠକମାନଙ୍କ ଅବଗତି ନିମନ୍ତେ ଏଠାରେ ଉଦ୍ଧାର କରୁଅଛୁଁ ।

"+++ଫଳତଃ ଆମ୍ଭମାନଙ୍କ ବିବେଚନାରେ ସେ [କାନ୍ତି ବାବୁ] ଯେଉଁ ପ୍ରଣାଳୀରେ "ଓଡ଼ିଆ ସ୍ୱତନ୍ତ୍ର ନୁହେ" ବୋଲି ପ୍ରମାଣ କରିଅଛନ୍ତି, ସେ ପ୍ରଣାଳୀ ଅବଲମ୍ବନ କଲେ ଓଡ଼ିଆ କାହିଁକି ହିନ୍ଦୀ ମଧ୍ୟ ସ୍ୱତନ୍ତ୍ର ଭାଷା ନୁହେ, ଏକଥା ସପ୍ରମାଣ ହୋଇପାରେ । ବଙ୍ଗଳା ଏବଂ ଓଡ଼ିଆ ଭାଷାରେ ଯେପରି ଅନେକ ମେଳ ଅଛି, ହିନ୍ଦୀ ଓ ବଙ୍ଗଳାରେ ମଧ୍ୟ ସେପରି ମେଳ ଦେଖାଯାଏ । ହିନ୍ଦୀ ଭାଷାରେ ଅତି ପ୍ରସିଦ୍ଧ ପ୍ରେମସାଗର ଓ ତୁଳସୀ ଦାସକୃତ ରାମାୟଣରୁ କିଛି କିଛି ଉଦ୍ଧୃତ କରିଦେଲୁଁ । ପାଠକବର୍ଗ ବିଚାର କରି ଦେଖିବେ ।

'ଯାମଲାର୍ଜ୍ଜୁନ ବୋଲେ ଦୀନନାଥ ଇହ ନାରଦଜୀକା କୃପାହେ ଯୋ ଆପକେ ଚରଣ ପରଶେ ଆଉର ଦରଶନ କିୟା ।' ୧୧ଶ ଅଧ୍ୟାୟ ।

'ଭୟେ ପ୍ରଗଟ କୃପାଲା । ଦୀନ ଦୟାଲା, କୌଶଲ୍ୟା-ହିତକାରୀ । ହରଷିତ ମହତାରୀ ମୁନି ମନୋହାରୀ ଅଦ୍ଭୁତରୂପ ନିହାରି । ଲୋଚନ ଅଭିରାମା ତନୁ ଘନଶ୍ୟାମା ନିଜ ଆୟୁଧ ଭୁଜଚାରି । ଭୂଷଣ ବନମାଲା ନୟନ ବିଶାଲା ଶୋଭା ସିନ୍ଧୁଖରାରି ।'

ଭାରତଚନ୍ଦ୍ରଙ୍କର ମଧ୍ୟ ସ୍ଥାନେ ସ୍ଥାନେ ଯେପରି ହିନ୍ଦୀ-ରଚନା ଅଛି, ସମସ୍ତେ ତାହା ବୁଝି ପାରନ୍ତି । ବସ୍ତୁତଃ ଶ୍ରୀଯୁକ୍ତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଅବଲମ୍ବିତ ବିଚାର ପଦ୍ଧତିକୁ ଯଦି ସଯୁକ୍ତିକ ବୋଲି ବିବେଚନା କରାଯାଏ,

* ୨୭ । ୨ । ୧୮୭୦ ମସିହାର 'ଉତ୍କଳ ଦୀପିକା ।'

Digitized by srujanika@gmail.com

ତେବେ ଓଡ଼ିଶା ଦେଶରେ ଯେପରି ବଙ୍ଗଳା ପ୍ରଚଳିତ ହେବା ଉଚିତ ବୋଲି ପ୍ରତିପନ୍ନ ହୋଇଅଛି, ସେହିପରି ବଙ୍ଗଳା ଓ ଓଡ଼ିଶା ଉଭୟ ଦେଶରେ ହିନ୍ଦୀ ପ୍ରଚଳିତ ହେବା ଉଚିତ ବୋଲି ପ୍ରତିପନ୍ନ ହୋଇପାରେ, ଅଥବା ସମଗ୍ର ଆର୍ଯ୍ୟାବର୍ତ୍ତରେ ଏକା ବଙ୍ଗଭାଷା, ଏକା ଓଡ଼ିଆ-ଭାଷା ବା ଏକା ଆସାମୀଭାଷା କିମ୍ବା ଏକା ହିନ୍ଦୀଭାଷା ପ୍ରଚଳିତ ହେବା ଉଚିତ ବୋଲି ମଧ୍ୟ ପ୍ରତିପନ୍ନ ହୋଇ-ପାରେ । ବସ୍ତୁତଃ ଭଟ୍ଟାଚାର୍ଯ୍ୟଙ୍କ ପଦ୍ଧତି ସର୍ବାବୟବରେ ଅବଲମ୍ବନ କରି ବିଚାର କଲେ ନାନାବିଧ ପରସ୍ପର ବିରୋଧଧର୍ମଶୀଳ ସିଦ୍ଧାନ୍ତ ଆସି ଉପସ୍ଥିତ ହୁଏ ।

ସେ ଯେଉଁ ସ୍ଥଳରେ ଓଡ଼ିଆ ଓ ବଙ୍ଗଳାର ମେଳ ଦେଖିଅଛନ୍ତି, ସେ ସ୍ଥଳରେ ଦୁହିଙ୍କି ବଙ୍ଗଳା କହି-ଅଛନ୍ତି । ଯେଉଁ ସ୍ଥଳରେ ଭିନ୍ନରୂପ ଦେଖିଅଛନ୍ତି, ସେହି ସ୍ଥଳରେ ଓଡ଼ିଆକୁ ବିଶୁଦ୍ଧ ବଙ୍ଗଳାର ଅପଭ୍ରଂଶ କହି ଅଛନ୍ତି । ଏହା କିଣ ବିଚାର ରୀତି ! ଯେଉଁ ସ୍ଥଳରେ ଦୁହିଁଙ୍କର ମେଳ, ସେ ସ୍ଥଳରେ ବଙ୍ଗଳା କାହିଁକି ଓଡ଼ିଆ ହେଲନାହିଁ ? ଯେଉଁ ସ୍ଥଳରେ ମେଳ ନ ହେଲା, ସେ ସ୍ଥଳରେ ବଙ୍ଗଳା କାହିଁକି ଓଡ଼ିଆର ଅପଭ୍ରଂଶ ନ ହେଲା ? ଏହି ଅପଭ୍ରଂଶ ଶବ୍ଦହିଁ ମହା ଅନର୍ଥକର । କିଏ କାହାର ଅପଭ୍ରଂଶ କି ନାହିଁ ତାହା ବିଚାର କରିବା ଆବଶ୍ୟକ ଥିଲା । ପ୍ରଥମେ ଯଦି ଏକ ଭାଷାର ଶବ୍ଦ ଅପରର ଅପଭ୍ରଂଶ ବୋଲି ନିର୍ଦ୍ଧେଶିତ ହେଲା, ତେବେ ଏତେ ବିଚାରର ପ୍ରୟୋଜନ କିଣ ଥିଲା ? ଏପରି ଯାଚିତପୂର୍ବପକ୍ଷ ହୋଇ ବିଚାର କଲେ ସମସ୍ତ ବିଷୟରେ ମଧ୍ୟ ମନୋମତ ସିଦ୍ଧାନ୍ତ ଲାଭ କରାଯାଇ ପାରେ ।

ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେ । ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ସମୁତ୍ପନ୍ନ । ଏକ ବୃକ୍ଷର ଭିନ୍ନ ଭିନ୍ନ ଶାଖାସ୍ୱରୂପ, ଏକ ପ୍ରସୂତିର ଭିନ୍ନ ଭିନ୍ନ ସନ୍ତତି ମାତ୍ର । ମୂଳବୃକ୍ଷ କାଳ ସହକାରେ ଲୋପ ପାଇଅଛି । ଶାଖାମାନ ଆପଣା ଆପଣା ଅନ୍ତର୍ନିହିତ ଶକ୍ତିପ୍ରଭାବରେ ପରସ୍ପର ନିରପେକ୍ଷ ହୋଇ ପ୍ରାଣଧାରଣ କରୁଅଛନ୍ତି । ଏମାନଙ୍କୁ ବଳପୂର୍ବକ ଏକ ଶରୀରରେ ପରିଣତ କରିବାକୁ ଚେଷ୍ଟା କଲେ ବ୍ୟର୍ଥପ୍ରଯତ୍ନ ହେବେ । ଯେ ଜୀବସ୍ରୋତଃ ଦ୍ୱିଧା ହୋଇ ପ୍ରବାହିତ ହୋଇଅଛି, ତାହା ଆଉ ମିଳିବାର ନୁହେ, ସେ ମିଳିବାର ସମୟ ଯାଇଅଛି । ଯେବେ ବଙ୍ଗଳା ଓ ଓଡ଼ିଆ ମିଳିଯିବାର ହୋଇଥାନ୍ତା, ଏମାନଙ୍କ ଶୈଶବାବସ୍ଥାରେ ସେ ମେଳ ଘଟିଥାନ୍ତା । ବର୍ତ୍ତମାନ ଏ ଦୁହେଁ ସମଧିକ ପରିପୁଷ୍ଟ ଓ ସ୍ୱାଧୀନଭାବରେ ପ୍ରାଣଧାରଣ ଉପଯୋଗୀ ଅଙ୍ଗ ପ୍ରତ୍ୟଙ୍ଗରେ ଭୂଷିତ ହୋଇଅଛନ୍ତି । ଏତେବେଳେ ଏମାନଙ୍କ ମଧ୍ୟରୁ କାହାରିକୁ ବଳପୂର୍ବକ ଅଦାଲତ ଏବଂ ବିଦ୍ୟାଳୟସମୂହରୁ ଦୂରୀଭୂତ କଲେ ଲୋପ ପାଇବ ନାହିଁ, ପ୍ରତ୍ୟୁତ ଅଦାଲତ ଓ ବିଦ୍ୟାଳୟରେ ବଳ-ପ୍ରଚଳିତ ଭାଷାର ଅବନତି ହେବ । ଆମ୍ଭେମାନେ ଆସାମର ଅଦାଲତରେ ପ୍ରଚଳିତ ବଙ୍ଗଭାଷା ଦେଖିଅଛୁଁ । ଓଡ଼ିଶାର ଅଦାଲତରେ ପ୍ରଚଳିତ ବଙ୍ଗ-ଭାଷା ମଧ୍ୟ ଦେଖିଅଛୁଁ ।

କି କାରଣରୁ ଭାଷା ପୃଥକ୍ ହୋଇପଡ଼େ, ଶ୍ରୀଯୁକ୍ତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ସଂକ୍ଷେପରେ ତାହା ଉଲ୍ଲେଖ କରି-ଅଛନ୍ତି । ସେ ସମସ୍ତ କାରଣର ମୂଳକାରଣ ଏହି । ଭିନ୍ନ ଭିନ୍ନ ବିଦେଶୀୟ ଲୋକଙ୍କର ପରସ୍ପର ମିଳନର ଅସଦ୍-ଭାବ । ଯେଉଁ କାରଣରୁ ପରସ୍ପର ମିଳନର ଅସଦ୍ଭାବ ହୁଏ, ଭିନ୍ନ ରାଜ୍ୟାଧିକାର ଓ ଭିନ୍ନ ପ୍ରାକୃତିକ ଅବସ୍ଥାର ସେହି କାରଣ । ଭିନ୍ନ ରାଜ୍ୟାଧିକାର ଓ ପ୍ରାକୃତିକ ଅବସ୍ଥା ହେଲେ ଜନସାଧାରଣ ମଧ୍ୟରେ ମନୋବୃତ୍ତି-ସ୍ଫୁରଣାର ପ୍ରଣାଳୀ ମଧ୍ୟ ଭିନ୍ନ ହୋଇ ପଡ଼େ, ଉଭୟ ଦେଶର ଭଦ୍ରସମାଜରେ ଭାବ ପୃଥକ୍ ହୋଇଯାଏ, ନୂତନ ନୂତନ କାବ୍ୟ ଗ୍ରନ୍ଥାଦିର ପ୍ରଚାର ହେଉଥାଏ । ପ୍ରଥମ ବିଚ୍ଛେଦ ସମୟରେ ଯତ୍କିଞ୍ଚିତ୍ ଯେଉଁ ପ୍ରଭେଦ ଲକ୍ଷିତ ହେଉଥିଲା, କାଳରେ ତାହା ବହୁମୁଖ ହେବାରୁ ଉଭୟ ପ୍ରଦେଶୀୟ ଭାଷା ସମ୍ୟକ୍‌ମୂର୍ତ୍ତି ଧାରଣ କରେ । ଯେଉଁ ପରିମାଣରେ ଏହି ସମସ୍ତ କାରଣ ପ୍ରବଳ ଥାଏ, ସେହି ପରିମାଣରେ ଭାଷାବିଚ୍ଛେଦ ଘଟି ଉଠେ । ଏହିରୂପେ

Digitized by srujanika@gmail.com

ଭାଷାଭେଦ କପୂର୍ବରୁ ବର୍ଦ୍ଧିତ ହେଲେ ତାହାର, ଆଉ ପୁନର୍ମିଳନର ସମ୍ଭାବନା ରହି ନ ପାରେ । ତଥାପି ଏକର ଉଚ୍ଛେଦରେ ଅପର ସଂସ୍ଥାପନର ସମ୍ଭାବନା ଥାଏ ସତ୍ୟ, କିନ୍ତୁ ଯେଉଁ ସମସ୍ତ କାରଣରୁ ତାଦୃଶ ଭାଷା ବୈଚିତ୍ର୍ୟ ଘଟିଥିଲା, କେବଳ ତାହାର ଅସଦ୍‌ଭାବ ଘଟାଇଲେ ଯେ ତାହାର ଉଚ୍ଛେଦ ଘଟିପାରେ, ଏପରି ନୁହେ । ତାହାର ବିପରୀତ କାରଣର ସଦ୍ଭାବ ଘଟିଲେ ତାଦୃଶ ଉଚ୍ଛେଦ ସଂସ୍ଥାପନର ସମ୍ଭାବନା ଅର୍ଥାତ୍ ଏକ-ଜାତିର ଅପରଉପରେ ରାଜାଧିକାର ସଂସ୍ଥାପନ, ଉଭୟ ପ୍ରଦେଶରେ ଭଦ୍ରସମାଜର ସମ୍ୟକ୍ ସମ୍ମିଳନ, ଏକ-ପ୍ରଦେଶରେ ଅସାଧାରଣ ଗୁଣସମ୍ପନ୍ନ କାବ୍ୟରଚନାର ପ୍ରଚାର, ଅପର ପ୍ରଦେଶରେ ତାହାର ସମ୍ୟକ୍ ଅସଦ୍ଭାବ ଇତ୍ୟାଦି କାରଣରେ କ୍ରମଶଃ ଏକର ଉଚ୍ଛେଦ ହୋଇ ଅପରର ସଂସ୍ଥାପନ ସମ୍ଭବ; କିନ୍ତୁ ଏପରି କାରଣ ସଦ୍ଭାବ ବଙ୍ଗଳା ଓ ଉଡ଼ିଶାରେ କାହିଁ ? ଯେବେ ଆମ୍ଭେମାନେ କଟକରେ ଯାଇ ରାଜା ହୋଇପାରନ୍ତୁ, ତାହାହେଲେ ସମୟରେ ଉଡ଼ିଶାରେ ବଙ୍ଗଭାଷା ଚଳିପାରିବାର ସମ୍ଭାବନା ଥିଲା ଏବଂ ସେଥିନିମନ୍ତେ ଆମ୍ଭମାନଙ୍କୁ ଓଡ଼ିଶାଦେଶୀୟ ଅଦାଲତ ଓ ବିଦ୍ୟାଳୟର ଭାଷା ବଳପୂର୍ବକ ପରିବର୍ତ୍ତିତ କରିବାକୁ ପଡ଼ନ୍ତା ନାହିଁ ।" ଦୀପିକା (୩୦।୪।୭୦)

ଭୂଦେବବାବୁଙ୍କ ତୁଲ୍ୟ ତେଜସ୍ୱୀ ମନୀଷୀ ଏବଂ ଉଚ୍ଚପଦସ୍ଥ କର୍ମଚାରୀଙ୍କର ଏହି ନିରପେକ୍ଷ ମତ ପ୍ରତି ଦେଶର ଶିକ୍ଷିତସାଧାରଣ ଏବଂ ଗଭର୍ଣ୍ଣମେଣ୍ଟ ଉଭୟଙ୍କର ଆସ୍ଥା ପ୍ରକାଶ ପାଇଥିଲା । ଏଣେ ଗୌରୀଶଙ୍କର ତାହାଙ୍କୁ ଧନ୍ୟବାଦ ଦେଇ ଓଡ଼ିଶାର ସର୍ବସାଧାରଣଙ୍କୁ ଜଣାଇ ଦେବାପାଇଁ ତାହାଙ୍କର ଉକ୍ତ ନିଷ୍ପକ୍ଷପାତ ମତକୁ ଟିପ୍ପଣୀ ସହିତ ସ୍ୱପତ୍ରିକାରେ ପ୍ରଚାର କରିଥିଲେ । ସେଥିରେ କାନ୍ତିଚନ୍ଦ୍ର ଏବଂ ତାଙ୍କର ପୃଷ୍ଠପୋଷକଦଳ ବଳେ କାନ୍ତିହୀନ ହୋଇ ପଡ଼ିଲେ । କଲିକତାର ଇଂରାଜ ପଣ୍ଡିତ ଏବଂ ପାଦ୍ରୀ ସାହେବମାନେ ମଧ୍ୟ ଏ ସମୟରେ ଗଭର୍ଣ୍ଣମେଣ୍ଟଙ୍କ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅନୁକୂଳଭାବ ପ୍ରଦର୍ଶନ କରିଥିଲେ । ସେଥିର ନିଦର୍ଶନସ୍ୱରୂପ ଉକ୍ତ ଅବ୍ଦର ଜୁଲାଇ ମାସରେ ପ୍ରକାଶିତ 'କଲିକତା ରିଭିଉ' ନାମକ ଇଂରାଜୀ ତ୍ରୈମାସିକ-ପତ୍ରିକାରେ କାନ୍ତିବାବୁଙ୍କ ପୁସ୍ତକସମ୍ବନ୍ଧରେ ଯେଉଁ ସମ୍ପାଦକୀୟ ମନ୍ତବ୍ୟ ପ୍ରକାଶ ପାଇଥିଲା, ତାହା ଏଠାରେ ଉଦ୍ଧାର କରିବା ଆବଶ୍ୟକ ମନେ କରୁଅଛୁଁ । କାରଣ ବୈଦେଶିକମାନଙ୍କର ସେହି ପକ୍ଷପାତରହିତ ମତ ଏ ଦେଶବାସୀଙ୍କୁ ବିଶେଷରେ ଉତ୍ସାହିତ କରିଥିଲା ।

"ପୁସ୍ତକର ଭୂମିକାରୁ ପ୍ରକାଶ ଯେ ଉଡ଼ିଶା କଚେରୀ-ସମୂହରେ ବଙ୍ଗଳା ପରିବର୍ତ୍ତେ ଉଡ଼ିଆଭାଷା ପ୍ରଚଳିତ କରିବାରେ କମିଶନର ଓ ମିଶନେରୀମାନେ ଭ୍ରମରେ ପଡ଼ିଅଛନ୍ତି; କାରଣ ଏହି ଦୁଇଭାଷାକୁ ସେମାନେ ପୃଥକ୍ ଜ୍ଞାନ କରନ୍ତି, ତଦନୁସାରେ ଲେଖକ ଉଡ଼ିଆ ସ୍ୱତନ୍ତ୍ର ଭାଷା ନ ଥିବା ଏବଂ ତାହା ବଙ୍ଗଳାର ଅପଭ୍ରଂଶମାତ୍ର ଥିବାର ପ୍ରମାଣ କରିବାର ଚେଷ୍ଟା କରିଅଛନ୍ତି; କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ସେ କୃତକାର୍ଯ୍ୟ ହୋଇ ନାହାନ୍ତି । ତାହାଙ୍କର ମତ ସମର୍ଥନ କରିବାପାଇଁ ସେ ଗୋଟିଏ ମାତ୍ର ହେତୁ ପ୍ରଦର୍ଶନ କରିଅଛନ୍ତି । ତାହା ଏହି ଯେ ଅନେକ ବଙ୍ଗଳା ଓ ଉଡ଼ିଆ ଶବ୍ଦ ଏକାପରି ଅଟେ; କିନ୍ତୁ ଏକଥା ବଙ୍ଗଳା ଓ ଗୁଜରାଟୀ ପକ୍ଷରେ ମଧ୍ୟ କୁହାଯାଇପାରେ । ଆମ୍ଭେମାନେ ନିଜେ ଅନୁଭବ କରି କହୁଅଛୁଁ ଯେ, ଜଣେ ସୁଶିକ୍ଷିତ ବଙ୍ଗାଳୀ ଗୁଜରାଟୀର ଗୋଟିଏ ଅକ୍ଷର ସୁଦ୍ଧା ନ ଜାଣି ଉକ୍ତ ଭାଷାର ଦଶାଂଶରୁ ନବାଂଶ ବୁଝିପାରିବେ । ଏଥିପାଇଁ କଣ କେହି ବଙ୍ଗଳା ଓ ଗୁଜରାଟୀକୁ ଏକ ବୋଲି ଅନୁମାନ କରନ୍ତି ? ପ୍ରକୃତ କଥା ଏହି ଯେ ଉଡ଼ିଆ, ବଙ୍ଗଳା, ଗୁଜରାଟୀ ଓ ଅନ୍ୟ ଭାଷାମାନ ସଂସ୍କୃତରୁ ଉଦ୍ଭୂତ ହୋଇଥିବାରୁ ସେମାନଙ୍କ ମଧ୍ୟରେ ସୌସାଦୃଶ୍ୟ ଅଛି । ଆମ୍ଭେମାନେ ବୋଧ କରୁଁ ତଳଦେଶର ଉଚ୍ଚଭାଷା ଯେପରି ଉପରର ଉଚ୍ଚଭାଷାର ଅପଭ୍ରଂଶ ନୁହେ, ସେହିପରି ଉଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେ । ଯଦ୍ୟପି ଓଡ଼ିଆ ମନ୍ଦ

Digitized by srujanika@gmail.com

ବଙ୍ଗଳା ହେଲା (ଆମ୍ଭମାନେ ଏକଥା ସ୍ୱୀକାର କରୁନାହୁଁ) ତଥାପି ଗବର୍ଣ୍ଣମେଣ୍ଟ ଏହାକୁ ଓଡ଼ିଆ ଅଦାଲତସମୂହର ଭାଷା କରିବାରେ ଯଥାର୍ଥ ବିଚାର କରିଅଛନ୍ତି । କାରଣ ଏହା ମନ୍ଦ ବଙ୍ଗଳା ହେଲେ ମଧ୍ୟ ଓଡ଼ିଶା ପ୍ରତି ଭଲ ଭାଷା ଅଟେ ଏବଂ ଓଡ଼ିଶାର ତିନିକୋଟି ଲୋକ କେବଳ ଏହି ଭାଷାରେ କଥାବାର୍ତ୍ତା କରନ୍ତି, ଏମନ୍ତ ନୁହେଁ; ଏ ଭାଷାରେ ପୂର୍ବରୁ ଅନେକ ସାହିତ୍ୟଗ୍ରନ୍ଥ ରଚିତ ହୋଇଅଛି ଏବଂ ଦିନକୁଦିନ ରଚନା ବୃଦ୍ଧି ଲାଭ କରୁଅଛି । ଅତଏବ ଓଡ଼ିଶା-ଲୋକଙ୍କୁ ବଳପୂର୍ବକ ବଙ୍ଗଳାଶିକ୍ଷା ଦେଲେ ଏ ଗଭର୍ଣ୍ଣମେଣ୍ଟ ସେହିପରି ଅନ୍ୟାୟ କରିଥାନ୍ତେ, ଯେପରିକି ପ୍ରସିଆ ଗଭର୍ଣ୍ଣମେଣ୍ଟ ଉପର ଉଚ୍ଚଭାଷା ହୋଲଷ୍ଟିନରେ ପ୍ରଚୁରବିଷୟରେ ଅନ୍ୟାୟାଚରଣ କରିଥିଲେ ।"

ଏହିରୂପେ ବର୍ଷଶେଷହେଲକୁ ଦୁଇ ବର୍ଷର ବିଦ୍ୱେଷାନଳ ନିର୍ବାପିତ ହେବାକୁ ବସିଲା । ସେନାପତି ଗୌରୀଶଙ୍କର—ସ୍ୱର୍ଗୀୟ ବିଚିତ୍ରାନନ୍ଦ, ନନ୍ଦକିଶୋର, ଜଗମୋହନ, ଫକୀରମୋହନ, ବିଚ୍ଛନ୍ଦ ଏବଂ ପାଦ୍ରି ଶଟନ୍ ମିଲର୍ ପ୍ରମୁଖ ରଥୀମାନଙ୍କ ଯୋଗ ଏହି ଭାଷାଧିକାର ଯୁଦ୍ଧରେ ଜୟଲାଭ କରିଥିଲେ । ଉତ୍କଳର ଶାସନକର୍ତ୍ତା ରେଭେନ୍‌ସା ସାହେବ ଜୟଯୁକ୍ତ ହୋଇ ଦ୍ୱିଗୁଣ ଉତ୍ସାହରେ ଉତ୍କଳର ଉନ୍ନତିର ଯାବତୀୟ ଅନ୍ତରାୟ, ଦୂର କରିବାପାଇଁ କୃତପ୍ରଯତ୍ନ ହୋଇଥିଲେ । ତାହାର ଫଳରେ ଶିକ୍ଷାବିଭାଗର ଡିରେକ୍ଟରସାହେବ ସରକାରୀ ବ୍ୟୟରେ ଓଡ଼ିଆ ପାଠ୍ୟପୁସ୍ତକମାନ ମୁଦ୍ରାଙ୍କନ କରାଇବାପାଇଁ ପୁନଃ ପୁନଃ ଘୋଷଣା କରିବାକୁ ଲାଗିଲେ । କେବଳ ତେତିକି ନୁହେଁ, ଓଡ଼ିଶାର ଶିକ୍ଷାବିଭାଗର ତତ୍ତ୍ୱାବଧାନ ନିମନ୍ତେ ଜଣେ 'ଜଏଣ୍ଟ୍ ଇନ୍‌ସପେକ୍ଟର' ନୂତନ ନିଯୁକ୍ତ ହେବାର ସ୍ଥିର ହେଲା ଏବଂ ତଦନୁସାରେ ଉତ୍କଳର ସୁପୁତ୍ର ନନ୍ଦକିଶୋର ଦାସ (ରାୟ ବାହାଦୁର) ସେଥିରେ ଖ୍ରୀ ୧୮୬୩ ରେ ନିଯୁକ୍ତ ହୋଇଥିଲେ । ଯେଉଁ ବଙ୍ଗାଳୀ କର୍ମଚାରୀମାନେ ଏକାନ୍ତ ବଙ୍ଗଳାପକ୍ଷପାତୀ ଥାଇ ଅନର୍ଥ ଘଟାଉଥିଲେ, ସେମାନଙ୍କୁ ଅଚିରେ ସ୍ଥାନାନ୍ତରିତ କରାଯାଇଥିଲା । ବାଲେଶ୍ୱରଜିଲ୍ଲାର ଡେପୁଟୀ ଇନ୍‌ସପେକ୍ଟର ଶ୍ରୀଯୁକ୍ତ ଶିବଦାସ ଭଟ୍ଟାଚାର୍ଯ୍ୟ ଏହି ଶ୍ରେଣୀର ଲୋକ ଥିବାରୁ ଉକ୍ତ ଜିଲ୍ଲାବାସୀମାନେ ତାଙ୍କ ବିପକ୍ଷରେ ଆନ୍ଦୋଳନ କରିଥିଲେ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଉତ୍କଳଭାଷାନୁରାଗୀ ଶ୍ରୀଯୁକ୍ତ ବିମସ୍ ସାହେବଙ୍କ ଲେଖନୀପ୍ରୟୋଗରେ ଭଟ୍ଟାଚାର୍ଯ୍ୟ ଅଚିରେ ସେ ପଦରୁ ଅନ୍ତରିତ ହୋଇଥିଲେ ଏବଂ ଉତ୍କଳର ଉଦୀୟମାନ ଜ୍ଞାନପିପାସୁ ଯୁବକ ଶ୍ରୀ ରାଧାନାଥ ରାୟ ଉକ୍ତ ପଦରେ ନିଯୁକ୍ତ ହୋଇଥିଲେ । ଏହି ଯୁବକ ଯେ ଆଧୁନିକ ଉତ୍କଳଭାଷାର ସଞ୍ଜୀବନମନ୍ତ୍ରଦାତା ହେବେ, ଏହା ସେତେବେଳେ କିଏ ଜାଣିଥିଲେ ? ରାଧାନାଥବାବୁ ସ୍ୱକର୍ମଜୀବନର ଆଦ୍ୟଭାଗରେ ଗୋଟିଏ ଜିଲ୍ଲାର ସାଧାରଣ ଶିକ୍ଷାବିଧାନର ଗୁରୁତର ଦାୟିତ୍ୱ ବହନ କରି ସର୍ବାଗ୍ରେ ପାଠ୍ୟପୁସ୍ତକର ଅଭାବ ଦୂର କରିବାକୁ ନିଜେ ଯତ୍ନବାନ୍ ହୋଇଥିଲେ ଏବଂ ବନ୍ଧୁ-ମାନଙ୍କୁ ସେ ବିଷୟରେ ଉତ୍ସାହିତ କରିଥିଲେ । ଅତଏବ, ଏହି ସମୟ ବା ୧୮୬୩ ଖ୍ରୀଷ୍ଟାବ୍ଦଠାରୁ ଆଧୁନିକ ଉତ୍କଳଭାଷାର ଯଥାର୍ଥ ଉନ୍ନତିର ସୂତ୍ରପାତ ହୋଇ-ଅଛି । ଖ୍ରୀଷ୍ଟୀୟ ୧୮୮୦ ଅବ୍ଦ ପର୍ଯ୍ୟନ୍ତ କେତେକବର୍ଷ ମଧ୍ୟରେ ରାଧାନାଥ, ମଧୁସୂଦନ, ଫକୀରମୋହନ, ପ୍ୟାରୀମୋହନ, ଶ୍ରୀଯୁକ୍ତ ବଳରାମ ଦାସ ଏବଂ ରାମଶଙ୍କର ରାୟ ପ୍ରମୁଖ କୃତୀ ପୁରୁଷମାନେ ଏକାନ୍ତ ଅଭାବ-ବୋଧରେ ଅଧ୍ୟବସାୟଶୀଳ ହୋଇ ସେତେବେଳେ ଯାହା କରିଯାଇ ଅଛନ୍ତି, ତାହାର ଫଳ ବର୍ତ୍ତମାନ ଆମ୍ଭେମାନେ ଭୋଗ କରୁଅଛୁଁ । ଜ୍ଞାନୀ ରାଧାନାଥ, ଭକ୍ତ ମଧୁସୂଦନ ଏବଂ କର୍ମୀ ଗୌରୀଶଙ୍କର ଯେଉଁ ଆଦର୍ଶ ଏବଂ ଉଦାରତା ଦେଖାଇ ଯାଇଅଛନ୍ତି, ତାହା ପ୍ରତ୍ୟେକ ଉତ୍କଳବାସୀଙ୍କର ସ୍ମରଣୀୟ ଏବଂ ଅନୁସରଣୀୟ ।

Digitized by srujanika@gmail.com

ଅଷ୍ଟମ ପରିଚ୍ଛେଦ

ପାଠ୍ୟପୁସ୍ତକ ନିର୍ବାଚନ

ଖ୍ରୀଷ୍ଟାବ୍ଦ ୧୮୮୦ ପର୍ଯ୍ୟନ୍ତ ଉତ୍କଳର ନାନା ଲେଖକ ଆବିର୍ଭୂତ ହୋଇ ବିବିଧ ବିଷୟରେ ଓଡ଼ିଆ ପାଠ୍ୟପୁସ୍ତକମାନ ପ୍ରଥମେ ରଚନା କରିଥିବା ଏଥିପୂର୍ବ ପ୍ରସଙ୍ଗରେ ଉଲ୍ଲେଖ କରାଯାଇଅଛି ।

ଦୀପିକାରେ ଗୌରୀଶଙ୍କରଙ୍କ ସଙ୍କେତରେ ସେତେବେଳେ ଯେଉଁମାନେ ଓଡ଼ିଆ ପାଠ୍ୟ ରଚନା ନିମନ୍ତେ ଅଗ୍ରସର ହୋଇଥିଲେ, ତନ୍ମଧ୍ୟରେ ପଣ୍ଡିତ ଗୋବିନ୍ଦ ରଥ ଜଣେ ପ୍ରଧାନ ଥିଲେ । ରଥେ ଜଣେ ସ୍ୱାଧୀନଚେତା ପଣ୍ଡିତ ଏବଂ ଗ୍ରନ୍ଥକାର ବୋଲି ସମଗ୍ର ଉତ୍କଳରେ ସୁପରିଚିତ ହୋଇଅଛନ୍ତି । ବିଗତ ୧୯୧୮ ଖ୍ରୀଷ୍ଟାବ୍ଦର ବୈଶାଖମାସରେ ୭୭ ବର୍ଷ ବୟସରେ ସେ ଇହଧାମ ତ୍ୟାଗ କରିଅଛନ୍ତି । ମୃତ୍ୟୁ ପର୍ଯ୍ୟନ୍ତ ସେ ଗୌରୀଶଙ୍କରଙ୍କର ଜଣେ ସହକର୍ମୀ ଥିଲେ ଏବଂ ବିବିଧ ପୁସ୍ତକ ରଚନା ଓ ପ୍ରକାଶରେ ତାଙ୍କର ଦକ୍ଷିଣହସ୍ତ-ସ୍ୱରୂପ ଥିଲେ । ତେଣୁ ଏ ପ୍ରସଙ୍ଗରେ ରଥଙ୍କର ଟିକିଏ ପରିଚୟ ଦେବା ସଙ୍ଗତ ମନେ କରୁଅଛୁଁ । ବାଙ୍କୀର ଯେଉଁ ପାଟପୁର ଅଦ୍ୟାପି ସଂସ୍କୃତପାଣ୍ଡିତ୍ୟର ଖ୍ୟାତି ଅକ୍ଷୁଣ୍ଣ ରଖିଅଛି; ସେହି ଗ୍ରାମର ଅଧୀନ ପଦ୍ମନାଭପୁର ଶାସନ ପଣ୍ଡିତ ଗୋବିନ୍ଦ ରଥଙ୍କର ଜନ୍ମଭୂମି ଥିଲା । ପିତା ବାଞ୍ଜରବନ୍ଧୁ ରଥ ଜଣେ ସାମାନ୍ୟ ବୃତ୍ତିଧାରୀ ନୈଷ୍ଠିକ ବ୍ରାହ୍ମଣ ଥିଲେ । ପୁତ୍ରର ପ୍ରାଥମିକ ଶିକ୍ଷା ନିମନ୍ତେ ସେ ସ୍ୱଗ୍ରାମସୁଲଭ ସଂସ୍କୃତଚର୍ଚ୍ଚାର ବ୍ୟବସ୍ଥା କରାଇଥିଲେ । ୧୮୬୯ ମସିହାରେ ନବପ୍ରତିଷ୍ଠିତ ନର୍ମାଲ ବିଦ୍ୟାଳୟରେ ମାସିକ ବୃତ୍ତି ଦେଇ ଛାତ୍ର ଗ୍ରହଣ କରିବାର ପ୍ରସ୍ତାବ ହେବାରୁ ସେହି ଆକର୍ଷଣରେ ରଥେ କଟକକୁ ଶିକ୍ଷାର୍ଥ ଆଗମନ କରିଥିଲେ । ଏହି ବିଦ୍ୟାଳୟର ସେ ପ୍ରଥମ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର । ଖଣ୍ଡପଡ଼ା ନିବାସୀ ପଞ୍ଜିକାକାର ପଣ୍ଡିତ ରାଜବଲ୍ଲଭ ମିଶ୍ର ତାଙ୍କର ଏକମାତ୍ର ସହପାଠୀ ଥିଲେ । ସେତେବେଳେ ଯେପରି ଶିକ୍ଷିତ ଲୋକର ଅଭାବ ଥିଲା, ରଥେ ଇଚ୍ଛା କରିଥିଲେ, ଅନାୟାସରେ ଗୋଟିଏ ସରକାରୀ ଶିକ୍ଷକପଦ ଲାଭ କରି ପାରିଥାନ୍ତେ । ସଂସ୍କୃତଭାଷାରେ ସେ ଯେପରି ପ୍ରବେଶ ଲାଭ କରିଥିଲେ, ଟିକିଏ ଇଂରାଜୀ ଜାଣିଥିଲେ ଅନ୍ୟ କୌଣସି ଉଚ୍ଚପଦରେ ମଧ୍ୟ ନିଯୁକ୍ତ ହୋଇପାରି ଥାନ୍ତେ; ତଥାପି ପୁରୀରେ ଗୋଟିଏ କିରାଣୀପଦ ଶୂନ୍ୟ ହେବାରୁ ରଥଙ୍କୁ ଡକରା ଆସିଥିଲା । ହାକିମ ନିଯୋଗସମୟରେ ତାଙ୍କର ସ୍ୱାଧୀନଭାବର ପରିଚୟ ପାଇ କହିଥିଲେ "ଆପଣଙ୍କ ଭଳି ସ୍ୱାଧୀନଚେତା ଲୋକର ଏପରି କ୍ଷୁଦ୍ରକର୍ମରେ ଆବଦ୍ଧ ରହି ମୂଲ୍ୟବାନ ଜୀବନକୁ ସଂକୀର୍ଣ୍ଣଭାବରେ ସ୍ଖଳିତ କରିବା ମୋତେ ଭଲ ବୋଧ ହେଉନାହିଁ ।" ରଥେ ତାଙ୍କର ଉପଦେଶ ଶିରୋଧାର୍ଯ୍ୟ କରି ହୀନ ସେବକତାରୁ ମନକୁ ଏକାବେଳକେ ଫେରାଇ ଆଣିଥିଲେ ଏବଂ ସେ ସମୟରେ ପାଠ୍ୟପୁସ୍ତକର ଅଭାବ ଦେଖି ପୁସ୍ତକ ରଚନାରେ ମନ ବଳାଇଲେ । ଏହିରୂପେ ସେ ବର୍ଣ୍ଣବୋଧକଠାରୁ କବିତା-କଳାପ ପର୍ଯ୍ୟନ୍ତ ଭାଷାଶିକ୍ଷାର ନାନା ପୁସ୍ତକ ଛଡ଼ା ବିଭିନ୍ନ ବିଷୟରେ ମଧ୍ୟ ଅନେକ ପାଠ୍ୟପୁସ୍ତକ ରଚନା କରିଥିଲେ ଏବଂ ଅର୍ଥ ସଂଗ୍ରହ ପୂର୍ବକ ସେଗୁଡ଼ିକ ପ୍ରକାଶ କରାଇ ବିକ୍ରୟଲବ୍ଧ ଧନରେ ପୁସ୍ତକ ପ୍ରକାଶ ବ୍ୟବସାୟ ଆରମ୍ଭ କରିଥିଲେ । ଗୌରୀଶଙ୍କର ସହାୟ ଥିବାରୁ ସେ ଏ ବ୍ୟବସାୟରେ ଏପରି ଉନ୍ନତି କରିଥିଲେ ଯେ, ତାଙ୍କ ଜୀବଦ୍ଦଶାରେ ଦ୍ୱିଶତାଧିକ ପୁସ୍ତକ ପ୍ରକାଶ କରି ପାରିଥିଲେ ଏବଂ ବର୍ଷରେ ସହସ୍ର ସହସ୍ର ଟଙ୍କା ଉପାର୍ଜନ

Digitized by srujanika@gmail.com

କରିବାକୁ ସମର୍ଥ ହୋଇଥିଲେ । ଅନେକ ପୁସ୍ତକ ରଚନାରେ ରଥେ ସରକାରଙ୍କଠାରୁ ପୁରସ୍କାର ମଧ୍ୟ ପ୍ରାପ୍ତ ହୋଇଥିଲେ ।

ସାଧାରଣ ହିତକର କାର୍ଯ୍ୟରେ ରଥେ ସର୍ବଦା ଉତ୍ସାହୀ ଥିଲେ । ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ସହିତ ଯୁକ୍ତ ହୋଇ ସେ 'ଉତ୍କଳପୁତ୍ର' ନାମକ ପତ୍ରିକା ସମ୍ପାଦନ ଏବଂ କଟକରେ ଏକାଡେମୀ ସ୍କୁଲ୍ ସ୍ଥାପନରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ଉକ୍ତ ସ୍କୁଲରେ ରଥେ ଅବୈତନିକ ଶିକ୍ଷକରୂପେ ପ୍ରତିଷ୍ଠାତାଙ୍କ ସହିତ ବହୁକାଳ କାର୍ଯ୍ୟକରି ପ୍ରଶଂସିତ ହୋଇଅଛନ୍ତି ।

ଆଇନଶାସ୍ତ୍ରରେ ପଣ୍ଡିତ ଗୋବିନ୍ଦ ରଥଙ୍କର ଜ୍ଞାନ ଅଳ୍ପ ନ ଥିଲା । ସେ କୌଣସି ଆଇନ ପରୀକ୍ଷା ଦେଇ ନ ଥିଲେହେଁ ଅନେକ ଆଇନ ବ୍ୟବସାୟୀଙ୍କର ଗୁରୁତୁଲ୍ୟ ଥିଲେ । ଶୁଣା ଅଛି ରଥେ କୌଣସି ମକଦ୍ଦମାରେ କୋର୍ଟକୁ ଗଲେ ଉକିଲ ମୋକ୍ତାରଙ୍କ ସାହାଯ୍ୟ ନ ନେଇ ସ୍ୱୟଂ ଆଇନସଙ୍ଗତ ଉତ୍ତର ଦେବାକୁ ପ୍ରସ୍ତୁତ ରହୁଥିଲେ । ଅଥଚ, ମୋକଦ୍ଦମାରେ ପରାଜୟ ପାଉ ନ ଥିଲେ । କୌଣସି ପ୍ରକାର ଅତ୍ୟାଚାର ତାଙ୍କ ଚକ୍ଷୁରେ ସହ୍ୟ ହେଉ ନ ଥିଲା । ତେଣୁ ସେ ବାଙ୍କୀ ପ୍ରଜାବର୍ଗଙ୍କର ଦୁର୍ଦ୍ଦଶା ଦେଖି ଉପର୍ଯ୍ୟୁପରି ତିନିଜଣ ତହସିଲଦାରଙ୍କ ନାମରେ ଉତ୍କୋଚଗ୍ରହଣର ଅଭିଯୋଗ ଆଣିଥିଲେ । ଶେଷ ଅଭିଯୋଗରେ ତାଙ୍କୁ ବିଶେଷ କଷ୍ଟଭୋଗ କରିବାକୁ ପଡ଼ିଥିଲା, ଏପରିକି କାରାଗୃହର ମୁଖଦର୍ଶନ କରିବାକୁ ହୋଇଥିଲା । ତଥାପି ନିର୍ଭୀକଭାବରେ ବହୁଦିନ ଯୁଦ୍ଧ ଏବଂ ଅର୍ଥବ୍ୟୟ କରି ବିଜୟଲାଭ ପୂର୍ବକ ରଥେ ସଫଳ ମନୋରଥ ହୋଇଥିଲେ । ଏପ୍ରକାର ତ୍ୟାଗଫଳରେ ସେ ନିଜ ଅଞ୍ଚଳର ପ୍ରଜାମାନଙ୍କପାଇଁ ଚିରନ୍ତନ ମଙ୍ଗଳ ସାଧନ କରିଥିଲେ । ରାଜପୁରୁଷମାନଙ୍କ ପ୍ରତିକୂଳରେ ଅଟଳ ଅଚଳ ଭାବରେ ତାଙ୍କୁ ଯେ ଯୁଦ୍ଧ କରିବାର ଦେଖିଅଛନ୍ତି, ସେ ସ୍ୱୀକାର କରିବେ ଯେ, ଉତ୍କଳର ମଧ୍ୟଶ୍ରେଣୀରେ ସେଭଳି ସ୍ୱାଧୀନଚେତାପୁରୁଷ ସେତେବେଳେ ବିରଳ ଥିଲେ । ରଥଙ୍କ 'ଫିରିଙ୍ଗିର ସାହେବ' ପଢ଼ିଲେ ସେ ବଡ଼ ବଡ଼ ରାଜକର୍ମଚାରୀମାନଙ୍କ କାର୍ଯ୍ୟକୁ କପରି ତୀବ୍ର ସମାଲୋଚନା କରୁଥିଲେ, ଉତ୍ତମ ଜଣାଯାଏ । ପୂର୍ବ ପୃଷ୍ଠାରେ ତାଙ୍କର ଯୌବନାବସ୍ଥାର ଖଣ୍ଡିଏ ପ୍ରତିକୃତି ପ୍ରଦତ୍ତ ହେଲା ।

ପଣ୍ଡିତ ଗୋବିନ୍ଦ ରଥ ପ୍ରାୟ ପୁସ୍ତକବ୍ୟବସାୟୀ ନ ଥିଲେହେଁ ଅନେକ ଲେଖକ ଶଂସିତ ସମୟରେ ସରକାରୀ ପୁରସ୍କାରଲାଭରେ ପ୍ରତିଯୋଗୀ ହୋଇ ପାଠ୍ୟପୁସ୍ତକ ରଚନା କରିଥିଲେ । ଏହି କାରଣରୁ ଏକ ବିଷୟରେ ବିଭିନ୍ନ ଲେଖକ ପୁସ୍ତକ ଲେଖିଥିବାରୁ ସେମାନଙ୍କ ପ୍ରକାଶିତ ପୁସ୍ତକାବଳୀର ପ୍ରଚାରରେ ପ୍ରତିଯୋଗିତା ଉପସ୍ଥିତ ହୋଇଥିଲା । ପାଠ୍ୟପୁସ୍ତକ ନିର୍ବାଚନ କମିଟି ଅଗତ୍ୟା କେତେକ ବିଷୟରେ ଏକାଧିକ ପୁସ୍ତକ ଏକ ଶ୍ରେଣୀର ପାଠ୍ୟରୂପେ ନିର୍ବାଚନ କରି ଦେଉଥିଲେ । କେଉଁ କେଉଁ ବିଷୟରେ କି କି ପୁସ୍ତକ ଛାତ୍ରବୃତ୍ତି ପରୀକ୍ଷା ଲାଗି ଉକ୍ତ ସମୟରେ ପାଠ୍ୟ ନିର୍ବାଚିତ ହୋଇଥିଲା, ତହିଁର ଟିକିଏ ଆଭାସ ଦେଇ ଆଲୋଚନା କଲେ ପାଠକମାନଙ୍କୁ ବୁଝିବାକୁ ସୁବିଧା ହେବ ମନେକରି ତଳେ ଗୋଟିଏ ସଂକ୍ଷିପ୍ତ ତାଲିକା ପ୍ରଦାନ କରାଗଲା ।

୧ । ସାହିତ୍ୟ—(ଗଦ୍ୟ)

ମଧୁସୂଦନ ରାଓଙ୍କ 'ପ୍ରବନ୍ଧମାଳା', ବିଚ୍ଛନ୍ଦ ପଟ୍ଟନାୟକଙ୍କ 'ଶୁଭପାଠ', ପ୍ରଭାକର ବିଦ୍ୟାରତ୍ନଙ୍କ 'ଆଖ୍ୟାନ ମଞ୍ଜରୀ' ବା 'ନୀତିବୋଧ' ।

(ପଦ୍ୟ)—ରାଧାନାଥ ଓ ମଧୁସୂଦନଙ୍କ 'କବିତାବଳୀ' । ଫକୀରମୋହନ ସେନାପତିଙ୍କ 'ରାମାୟଣ' ଅଯୋଧ୍ୟାକାଣ୍ଡ । ଲାଲ ଜଗମୋହନ ରାୟଙ୍କ 'ଭ୍ରମଭଞ୍ଜନ', ଗୋବିନ୍ଦରଥଙ୍କ 'କବିତାକଳାପ ।'

Digitized by srujanika@gmail.com

୨। ବ୍ୟାକରଣ— ନିମାଇବଲ୍ଲଭ ଭଟ୍ଟାଚାର୍ଯ୍ୟଙ୍କ— 'ସର୍ବସାର ବ୍ୟାକରଣ', ପାଦ୍ରୀ 'ଲେସି' କୃତ ବ୍ୟାକରଣ ଓ ପ୍ୟାରୀମୋହନ ସେନଙ୍କ 'ଭାଷା-ବ୍ୟାକରଣ'।

୩। ଇତିହାସ—ହରିଶ୍ଚନ୍ଦ୍ର ସରକାର କିମ୍ବା ଫକୀର ମୋହନଙ୍କ 'ଭାରତ ଇତିହାସ'। ପ୍ୟାରୀମୋହନ ଆଚାର୍ଯ୍ୟଙ୍କ 'ଓଡ଼ିଶା ଇତିହାସ'।

୪। ଭୂଗୋଳ—କୁମାର ବୈକୁଣ୍ଠନାଥ ଦେଙ୍କ 'ଭୂଗୋଳସାର', ଦ୍ୱାରକାନାଥ ଚକ୍ରବର୍ତ୍ତୀଙ୍କ ଓଡ଼ିଶା ଭୂଗୋଳ, ଗୌରୀଶଙ୍କର ରାୟ ଏବଂ ଦୁର୍ଗାଚରଣ ସାହୁଙ୍କ 'ପ୍ରାକୃତିକ ଭୂଗୋଳ' ଏବଂ ଗୋବିନ୍ଦ ରଥଙ୍କ 'ଭୂଗୋଳସୂତ୍ର'।

୫। ଗଣିତ—ଦାଶରଥି ରାଉତଙ୍କ 'ପାଟୀ ଗଣିତ', ଦ୍ୱାରକାନାଥ ଚକ୍ରବର୍ତ୍ତୀଙ୍କ 'କ୍ଷେତ୍ର ପରିମାଣ' ଏବଂ ଶିବନାରାୟଣ ନାୟକଙ୍କ 'କ୍ଷେତ୍ରତତ୍ତ୍ୱ'।

୬। ବିଜ୍ଞାନ—ଡାକ୍ତର ଷ୍ଟୁଆର୍ଟ ସାହେବଙ୍କ 'ପଦାର୍ଥ ବିଜ୍ଞାନ' ହରିଶ ବାବୁଙ୍କ 'ଜଡ଼ ବିଜ୍ଞାନ' ଏବଂ ଭୁବନେଶ୍ୱର ଦତ୍ତଙ୍କ 'ସରଳ ରସାୟନ'।

୭। ସ୍ୱାସ୍ଥ୍ୟରକ୍ଷା— କନିଙ୍ଗହାମଙ୍କ 'ସ୍ୱାସ୍ଥ୍ୟରକ୍ଷା' କିମ୍ବା ଉମାପ୍ରସାଦଦେଙ୍କ "ସ୍ୱାସ୍ଥ୍ୟରକ୍ଷା"।

ଏତଦ୍‌ବ୍ୟତୀତ ଆଉ କେତେକ ପୁସ୍ତକ ମଧ୍ୟ ବୈକଳ୍ପିକ ପାଠ୍ୟରୂପେ ନିର୍ବାଚିତ ହେଉଥିଲା। ଏକ ବିଷୟରେ ଅନେକ ପୁସ୍ତକ ନିର୍ବାଚିତ ହେବାରୁ ଶେଷରେ ଫଳ ଏହି ହେଉଥିଲା, ଶିକ୍ଷାବିଭାଗରେ ଯେଉଁମାନଙ୍କ ପ୍ରଭାବ ଏବଂ ପ୍ରତିପତ୍ତି ଅଧିକ, ସେହିମାନଙ୍କର ପାଠ୍ୟପୁସ୍ତକ ପ୍ରଚୁର ଏକହାତିଆ ହୋଇଥିଲା। ଏପରି ହେବାରୁ ବାହାରର ଲେଖକମାନେ କ୍ଷୁବ୍ଧ ହୋଇ 'ପୁସ୍ତକ ନିର୍ବାଚନ କମିଟି' ଏବଂ ଶିକ୍ଷାବିଭାଗର କର୍ତ୍ତୃପକ୍ଷଙ୍କ କାର୍ଯ୍ୟର ତୀବ୍ର ସମାଲୋଚନା କରିବାକୁ ଲାଗିଲେ। ଶିକ୍ଷାବିଭାଗର ଲୋକମାନେ ପ୍ରାୟ ସ୍କୁଲବୃତ୍ତିପରୀକ୍ଷାର ପରୀକ୍ଷକ ନିର୍ବାଚିତ ହେଉଥିବାରୁ ସେମାନଙ୍କ ରଚିତ ପୁସ୍ତକ ପ୍ରଚାରରେ ଅଧିକ ସୁବିଧା ହୋଇଥିଲା। ଏପ୍ରକାର ଅବିଚାର ଦେଖି ଗୌରୀଶଙ୍କର ଦୀପିକାରେ 'ପାଠ୍ୟପୁସ୍ତକ ନିର୍ବାଚନ' ପ୍ରସଙ୍ଗରେ ତୁମୁଳ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହି ଆନ୍ଦୋଳନ ପ୍ରାୟ ପାଞ୍ଚ ଛଅ ବର୍ଷକାଳ ବ୍ୟାପିଥିଲା ଏବଂ ତଦ୍‌ବିଷୟକ ବାଦପ୍ରତିବାଦରେ ଦୀପିକା ପ୍ରାୟ 'ସମ୍ବାଦବାହିକା' 'ଉତ୍କଳହିତୈଷିଣୀ' ଏବଂ 'ସଂସ୍କାରକ' ପତ୍ରିକାର ସ୍ତମ୍ଭମାନ ପୂର୍ଣ୍ଣ ହୋଇଥିଲା। ପଣ୍ଡିତ ଗୋବିନ୍ଦ ରଥ, ଜଗମୋହନଲାଲ ଏବଂ ଦୀନନାଥ ବନ୍ଦୋପାଧ୍ୟାୟ, ଗୌରୀଶଙ୍କରଙ୍କ ପକ୍ଷ ସମର୍ଥନ କରୁଥିଲେ। ଅନ୍ୟ ସମସ୍ତେ ପ୍ରାୟ ଶିକ୍ଷାବିଭାଗର କର୍ମଚାରୀ ଏବଂ ସଂପୃକ୍ତ ଲୋକ ଥିଲେ। ଉଭୟ ଅନ୍ୟୋନ୍ୟ ଦଳର ନିର୍ବାଚିତ ପୁସ୍ତକର ଝୁଣ୍ଟମାରୁ ସମାଲୋଚନା କରିବାକୁ ଲାଗିଲେ। ଫଳରେ ଉଭୟ ପକ୍ଷର କେତେକ ପୁସ୍ତକ ପାଠ୍ୟ ତାଲିକାରୁ ଅନ୍ତରିତ ହେଲା। ଏହି ସମୟରେ ବଙ୍ଗଦେଶରେ କମିଟିର ନିର୍ବାଚିତ ପାଠ୍ୟପୁସ୍ତକାବଳୀରେ ଅଶ୍ଳୀଳତା ଦୋଷ ଅଛି ବୋଲି ଏକ ଆନ୍ଦୋଳନ ଉଠିଥିଲା। ସେହି ହୁପ୍‌ପା ଉତ୍କଳରେ ଉଠି ଆହୁରି ଭୀଷଣ ଆକାର ଧାରଣ କରିବାରୁ ପ୍ରାଚୀନ ସାହିତ୍ୟ ପୁସ୍ତକ ବିଦ୍ୟାଳୟ ପାଠ୍ୟ-ତାଲିକାରେ ସ୍ଥାନ ପାଇଲାନାହିଁ। ଗୌରୀଶଙ୍କର ସେଥିରେ କ୍ଷୁବ୍ଧ ହୋଇ ପ୍ରାଚୀନ ସାହିତ୍ୟ ପ୍ରଚାର-ସପକ୍ଷରେ ଯଥେଷ୍ଟ ଯୁଦ୍ଧ କରିଥିଲେ। ମାତ୍ର ଏ ଆନ୍ଦୋଳନ ଶେଷକୁ ଏପରି ଭାବରେ ଭୀଷଣତର ହୋଇଥିଲା ଯେ, ଏହି ଅଶ୍ଳୀଳତା ପ୍ରଶ୍ନ ବ୍ୟବସ୍ଥାପକସଭାରେ ଯାଇ ଉଠିଥିଲା। ସ୍ୱର୍ଗୀୟ ମହାରାଜ ବୈକୁଣ୍ଠନାଥ ଦେ ବାହାଦୁର ବଙ୍ଗ ବ୍ୟବସ୍ଥାପକ ସଭାରେ ପ୍ରଶ୍ନ କରିବାରୁ ବିଦ୍ୟାଳୟମାନଙ୍କରେ ଗୌରୀଶଙ୍କରଙ୍କ ପ୍ରକାଶିତ 'ବିଚିତ୍ର ରାମାୟଣ' ଖଣ୍ଡି ଯାହା ପାଠ୍ୟ ଥିଲା, ତାହା ମଧ୍ୟ ଉଠିଗଲା। ଏହି ସମୟରେ ପ୍ୟାରୀମୋହନଙ୍କ

Digitized by srujanika@gmail.com

'ଓଡ଼ିଶା ଇତିହାସ'ରେ ଜଗନ୍ନାଥଦେବଙ୍କ ଦୁର୍ଦ୍ଦଶା ପ୍ରସଙ୍ଗରେ (ପୃ : ୯୮) 'କଳାପାହାଡ଼ ଗଙ୍ଗା କୂଳରେ ଜଗନ୍ନାଥଦେବଙ୍କୁ ନେଇ ଚିତାନଳରେ ନିକ୍ଷେପ କରିଥିଲା' ଏହି ହିନ୍ଦୁ ଧର୍ମଗ୍ଲାନିକର ବିଷୟ ଲିଖିତ ଥିବାରୁ ତାହା ପାଠ୍ୟପୁସ୍ତକ ମଧ୍ୟରେ ଆଉ ସ୍ଥାନ ପାଇ ନ ଥିଲା ।

ବିଦ୍ୟାଳୟରୁ ପ୍ରାଚୀନ ସାହିତ୍ୟ ଚର୍ଚ୍ଚା ଉଠିଯିବାରୁ ଗୌରୀଶଙ୍କର ମର୍ମନ୍ତୁଦ କଷ୍ଟ ଅନୁଭବ କରିଥିଲେ । ପ୍ରାଚୀନ ସାହିତ୍ୟ ପ୍ରଚାରସପକ୍ଷରେ ସେ ଆଜୀବନ ଯତ୍ନ କରି ଆସିଥିଲେ । ଉକ୍ତ ଅଶ୍ଳୀଳତା ଦୋଷଦୃଷ୍ଟିରେ ଯେତେବେଳେ ଭଞ୍ଜୀୟ କାବ୍ୟବର୍ଜନ ମହା ଆନ୍ଦୋଳନ ଉତ୍କଳ ସାହିତ୍ୟରାଜ୍ୟରେ ଉପସ୍ଥିତ ହୋଇଥିଲା, ସେତେବେଳେ ଗୌରୀଶଙ୍କର ଧନୁର୍ଦ୍ଧର ବୀର ପ୍ରାୟ ଭଞ୍ଜକାବ୍ୟସପକ୍ଷରେ ଦୀପିକାରେ ଯୁଦ୍ଧ କରିଥିଲେ । ପଛେ ପଛେ ଅଚିରୋଦିତ 'ଇନ୍ଦ୍ରଧନୁ' ପତ୍ରିକାରେ ନାନା ଲେଖକଙ୍କ ମୁଖରେ ଭଞ୍ଜକାବ୍ୟର ପ୍ରଶଂସା ଉଦ୍‌ଘୋଷିତ ହୋଇଥିଲା । ଯେଉଁ ଲେଖକମାନେ ଭଞ୍ଜୀୟ ସାହିତ୍ୟର ପକ୍ଷସମର୍ଥନ କରିଥିଲେ, ତନ୍ମଧ୍ୟରେ ସ୍ୱର୍ଗୀୟ ଗୋପାଳବଲ୍ଲଭ ଦାସଙ୍କ ନାମ ସର୍ବାଗ୍ରେ ଉଲ୍ଲେଖ ଯୋଗ୍ୟ । ସ୍ୱର୍ଗୀୟ ଦାମୋଦର ପଟ୍ଟନାୟକ ଏବଂ ବାବୁ ଦୈତ୍ୟାରି ପ୍ରସାଦ ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଗୋପାଳ ବାବୁ ଯେପରି ବିଦ୍ୱାନ୍ ସେହିପରି ସୁଲେଖକ ମଧ୍ୟ ଥିଲେ । ମଧୁବାବୁଙ୍କର ଯୋଗ୍ୟ ସହୋଦର ଏହି ଗୋପାଳ ବାବୁ ଓଡ଼ିଶା କଲେଜର ପ୍ରଥମ ଏମ୍. ଏ. ଉପାଧିଧାରୀ ହୋଇ ଡେପୁଟୀମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇଥିଲେ । ଓଡ଼ିଆ ଡେପୁଟୀଙ୍କ ମଧ୍ୟରେ ଗୋପାଳ ବାବୁହିଁ ଧୀର ଭାବରେ ସାହିତ୍ୟ ଚର୍ଚ୍ଚା କରିଥିଲେ । ଓଡ଼ିଆଭାଷାର ପ୍ରାଚୀନ ସାହିତ୍ୟ ଅନୁଶୀଳନ କରି ସେ ଯେପରି ପାଣ୍ଡିତ୍ୟ ଅର୍ଜନ କରିଥିଲେ, ତାହା ଯେଉଁମାନେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ସମାଲୋଚନା ପ୍ରବନ୍ଧାବଳୀ ପାଠ କରି ଅଛନ୍ତି ସେମାନେ ଉତ୍ତମ ଜାଣିଥିବେ । ଇନ୍ଦ୍ରଧନୁରେ ପ୍ରକାଶିତ ଅଧିକାଂଶ ପ୍ରବନ୍ଧ ପ୍ରାୟ ତାଙ୍କର ଲେଖନୀନିଃସୃତ । କବିବର ରାଧାନାଥଙ୍କ ରଚିତ ପ୍ରାୟ ସମସ୍ତ କାବ୍ୟର ଦୀର୍ଘସମାଲୋଚନା ଉକ୍ତ ପତ୍ରିକାରେ ସେ କ୍ରମଶଃ ପ୍ରକାଶ କରିଥିଲେ । ଏତଦ୍‌ବ୍ୟତୀତ 'କୋଣାର୍କେଉଷା' ଏବଂ 'ତାରକସଂହାର' ନାମକ ମିତ୍ର ଓ ଅମିତ୍ର ଛନ୍ଦର ଦୁଇଟି କାବ୍ୟ ସେଥିରେ କ୍ରମଶଃ ପ୍ରକାଶିତ ହୋଇଥିଲା । ତାଙ୍କର ଶ୍ୱଶୁର 'ରାୟବାହାଦୁର ନନ୍ଦକିଶୋର ଦାସ'ଙ୍କ ଜୀବନଚରିତ ଏହି ପତ୍ରିକାରେ ସେ ଅଂଶତଃ ପ୍ରକାଶ କରିଥିଲେ । ତାଙ୍କର ଏ ସମସ୍ତ କୃତି ଅନେକ ଯୁବକପାଠକଙ୍କର ପରିଚିତ ହେବା ତେଣିକି ଆଉ କର୍ଣ୍ଣଗୋଚର ହୋଇଥିବ କି ନାହିଁ ! କିନ୍ତୁ ଉତ୍ତରକାଳରେ ଲିଖିତ 'ଭ୍ରମାଭୂୟାଁ' ଉପନ୍ୟାସ ଖଣ୍ଡି ଅନେକ ପାଠକଙ୍କ ନିକଟରେ ସୁପରିଚିତ । ସେଥିରୁ ସାହିତ୍ୟିକ ଗୋପାଳବଲ୍ଲଭଙ୍କର ବିଶେଷତ୍ୱ ଅନେକେ ଉପଲବ୍ଧି କରି ପାରିଥିବେ ।

ନାରୀ କବି ସୁଲକ୍ଷଣାଙ୍କର କନିଷ୍ଠପୁତ୍ର ଦାମୋଦର ବାବୁ ମଧ୍ୟ ଜଣେ ସାହିତ୍ୟଜ୍ଞ ଏବଂ ସୁଲେଖକ ଥିଲେ । ଇନ୍ଦ୍ରଧନୁର ଯୁବରାଜନାମଧାରୀ ଲେଖକ ଦାମୋଦର ବାବୁଙ୍କ ଭିନ୍ନ ଅନ୍ୟ କେହି ନୁହନ୍ତି । ସଙ୍ଗୀତ ସାହିତ୍ୟଚର୍ଚ୍ଚାରେ ଅଧିକ ଶକ୍ତି ସେ ବିନିଯୋଗ କରିଥିଲେ । ଭିନ୍ନ କବିଙ୍କର ପ୍ରାଚୀନ ଓଡ଼ିଆ ସଙ୍ଗୀତ ସଂକଳନ ଓ ନୂତନ ସଙ୍ଗୀତ ରଚନାରେ ସେ ଯେଉଁ ଅଧ୍ୟବସାୟ ପ୍ରଦର୍ଶନ କରିଅଛନ୍ତି, ତାହା ପ୍ରଶଂସନୀୟ । ପରିଶେଷରେ ଓଡ଼ିଆରେ 'ଜଗନ୍ନାଥ କୀର୍ତ୍ତନ' ନୂତନ ସୃଷ୍ଟି କରି ସେ କୀର୍ତ୍ତନିଆ ସମାଜରେ ଚିରସ୍ମରଣୀୟ ହୋଇ ଅଛନ୍ତି । ଏ ସବୁଥିରେ ସେ ଆପଣାକୁ 'ଦେବାନ ଦାମୋଦର' ବୋଲି ଚିହ୍ନାଇ ଅଛନ୍ତି । ଏପରି ପରିଚୟ ଦେବା ଅସଙ୍ଗତ ହୋଇନାହିଁ । କାରଣ ଜୀବନଟାଯାକ ସେ ଦେବାନୀ କରିଥିଲେ । ତାଳଚେର, ପାଲ୍‌ଲହଡ଼ା ଓ ଆଠଗଡ଼ରୁ ଦେବାନ ହୋଇ ଯାଇ ଶେଷରେ

Digitized by srujanika@gmail.com

ନରସିଂହପୁର ରାଜ୍ୟର ଦେବାନ ଓ ସୁପରିଣ୍ଟେଣ୍ଡେଣ୍ଟ ହୋଇଥିଲେ ଏବଂ ସେହିଠାରେ ଜଗନ୍ନାଥଙ୍କୀର୍ତ୍ତନ ଆରମ୍ଭ କରି ଅମରଧାମକୁ ପ୍ରସ୍ଥାନ କରିଥିଲେ । ତାଙ୍କର ଜାଣ୍ଟସ୍ତ ସଙ୍ଗୀତ ଏବଂ ଭଲପିଲା' ମଧ୍ୟ ଉତ୍କଳ-ସାହିତ୍ୟ ପାଠକମାନଙ୍କ ନିକଟରେ ସମାଦର ଲାଭ କରିଅଛି ।

ଗୌରୀଶଙ୍କରଙ୍କ କନିଷ୍ଠ ସହୋଦର ରାମଶଙ୍କର ବାବୁ ମଧ୍ୟ ଏଥିରେ ଜଣେ ଲେଖକ ଥିଲେ । ସର୍ବ-ପ୍ରଥମେ ସେ କାଞ୍ଚି-କାବେରୀ ନାଟକର ମୁଦ୍ରଣ ଏବଂ ଅଭିନୟ କରାଇ ସାହିତ୍ୟିକ ସମାଜରେ ପରିଚିତ ହୋଇଥିଲେ । ଓକିଲାତି ବ୍ୟବସାୟରେ ଅଧ୍ୟବସାୟ-ଶୀଳ ଥାଇ ସେ ଅବିରଳସମ୍ଭବରେ ଲବ୍ଧ ଅବସର ସାହିତ୍ୟ ଚର୍ଚ୍ଚା ବିଶେଷତଃ ନାଟ୍ୟସାହିତ୍ୟ ଉନ୍ନତିରେ ବିନିଯୋଗ କରିଥିଲେ । ବିବିଧ ମାସିକ ଏବଂ ସାପ୍ତାହିକ ପତ୍ରିକାରେ ରାମଶଙ୍କର ବାବୁ ନାନା ବିଷୟରେ ଧାରା-ବାହିକରୂପେ ପ୍ରବନ୍ଧ ଲେଖୁଥିଲେ । ରାମଶଙ୍କର ବାବୁଙ୍କୁ ପରବର୍ତ୍ତୀ ନାଟକ ଲେଖକମାନଙ୍କର ଗୁରୁ ବୋଲିବାକୁ ହେବ । ଉତ୍ତରକାଳରେ ସେ ଆର୍ଯ୍ୟସମାଜର ଜଣେକ ସଦସ୍ୟ ରୂପେ ବେଦ ଚର୍ଚ୍ଚାରେ ଅଧିକ ସମୟ ବ୍ୟସ୍ତ କରିଅଛନ୍ତି । ବହୁକାଳ ସାହିତ୍ୟ ସେବା ଫଳରେ ସେ ଉତ୍କଳ-ସାହିତ୍ୟ-ସମାଜର ସ୍ଥାୟୀ ସଭାପତି ପଦରେ ବରିତ ହୋଇ ଅଛନ୍ତି ।

ନବମ ପରିଚ୍ଛେଦ

ଉତ୍କଳ ସଭା

କଟକର 'ଉତ୍କଳସଭା' ବା 'ଓଡ଼ିଶାଆସୋସିଏସନ୍' ସହିତ ଗୌରୀଶଙ୍କରଙ୍କ ସମ୍ପର୍କ ଅତି ଘନିଷ୍ଠ ଥିଲା । ପ୍ରାୟ ତେତିଶ ବର୍ଷକାଳ ସେ ଏହି ସଭାର ସମ୍ପାଦକ ବା ପ୍ରଧାନପରିଚାଳକରୂପେ କିପରି କାର୍ଯ୍ୟ ନିର୍ବାହ କରିଥିଲେ, ସେ ବିଷୟରେ କିଛି କହିବାକୁ ହେଲେ ଉକ୍ତ ସଭାର ଟିକିଏ ପରିଚୟ ଏଠାରେ ଦେବା ଆବଶ୍ୟକ ବୋଧ ହେଉଅଛି । ଆମ୍ଭେମାନେ ପୂର୍ବ ପ୍ରସଙ୍ଗରେ 'ଉତ୍କଳୋନ୍ନତିବିଧାୟିନୀ' ସଭାର ପରିଚୟ ଦେଇ-ଅଛୁଁ । ତାହାର ସମକାଳରେ 'କଟକ ସୋସାଇଟୀ' ବୋଲି ଗୋଟିଏ ସଭା ମଧ୍ୟ ଥିଲା । ଶେଷୋକ୍ତ ସଭା ବିଶେଷତଃ ବଙ୍ଗାଳୀମାନଙ୍କ ଦ୍ୱାରା ପରିଚାଳିତ ହେଉ ଥିବାରୁ ବେଳେ ବେଳେ କାର୍ଯ୍ୟରେ ଗୋଟିଏ ଆରଟିର ବିରୁଦ୍ଧାଚରଣ କରୁଥିଲା । ଦୁଇ ସଭାକୁ ମିଳାଇ ଦେଲେ ବୃଥା ଶକ୍ତିକ୍ଷୟ ନ ହୋଇ ଦେଶହିତ-ସାଧନରେ ସୁବିଧା ହେବ ବୋଲି, ୧୮୭୦ ମସିହାର ଶେଷଭାଗରେ ଗୌରୀଶଙ୍କର ବାବୁ ଉଭୟଙ୍କୁ ଏକୀକୃତ କରିବା ପାଇଁ ପ୍ରଭୂତ ଯତ୍ନ କରିଥିଲେ ଏବଂ ଉଭୟ ସଭାରୁ ଦୁଇ ଦୁଇଜଣ ପ୍ରତିନିଧି ବସି ସେ ବିଷୟ ବିଚାର କରିବା ପାଇଁ ପ୍ରସ୍ତାବ କରିଥିଲେ । ତଦନୁସାରେ ତତ୍ପର ବର୍ଷରେ ଉକ୍ତ ଦୁଇସଭା 'ଓଡ଼ିଶା ସୋସାଇଟୀ' ନାମ ଧାରଣ କରି ନୂତନ ଭାବରେ ଅଗ୍ରସର ହୋଇଥିଲା ସତ୍ୟ; କିନ୍ତୁ ଦୁଇପକ୍ଷର ସଭ୍ୟମାନଙ୍କ ଚିତ୍ତ ଏକାପରି ନିର୍ମଳ ନ ଥିବାରୁ ଅଥବା ଏକର ଶକ୍ତି ଅନ୍ୟର ପ୍ରତୀପଗାମିନୀ ହେବାରୁ ସେ ଦୁଇର ମିଳନରେ ଅଧିକ ଉତ୍ସାହ ହେବା ଦୂରେଥାଉ, ତାହା କ୍ରମଶଃ ନିର୍ଜୀବପ୍ରାୟ ହୋଇ ନାମକୁ ଯାହା ରହିଥିଲା । ୧୮୮୨ ଖ୍ରୀଷ୍ଟାବ୍ଦରେ ମହାମତି ଲର୍ଡ଼ ରିପନଙ୍କ ଉଦାରତାର ନିଦର୍ଶନ ସ୍ୱରୂପ ଭାରତରେ

Digitized by srujanika@gmail.com

ସ୍ଥାନୀୟ ସ୍ୱାୟତ୍ତଶାସନର ଘୋଷଣା ହୁଅନ୍ତେ, ଉକ୍ତ ବର୍ଷର ଅଗଷ୍ଟମାସ ୧୬ ତାରିଖରେ ଏ ନଗରବାସୀ କେତେଜଣ ମୁଖ୍ୟ ବ୍ୟକ୍ତିଙ୍କ ଆହ୍ୱାନରେ ସର୍ବଶ୍ରେଣୀର ଭଦ୍ରବ୍ୟକ୍ତିମାନେ ଏକତ୍ର ସମ୍ମିଳିତ ହୋଇଥିଲେ । ଏହି ସମ୍ମିଳନରେ ସ୍ଥାନୀୟ ସ୍ୱାୟତ୍ତଶାସନପ୍ରବର୍ତ୍ତନ ଏବଂ କଟକଜିଲ୍ଲାର ତଥା ସମଗ୍ର ଉତ୍କଳର ହିତଚାନ୍ତି-ଉଦ୍ଦେଶ୍ୟରେ ଗୋଟିଏ ସାଧାରଣ ସଭା ନୂତନ ଗଠିତ ହୋଇଥିଲା ଏବଂ ତାହାର ନାମ 'ଓଡ଼ିଶା ଆସୋସିଏସନ୍' ବା 'ଉତ୍କଳ ସଭା' ରହିଲା । କର୍ମବୀର ଗୌରୀଶଙ୍କର ହିଁ ଉକ୍ତ ସଭାର ସମ୍ପାଦକ-କାର୍ଯ୍ୟର ସମ୍ପୂର୍ଣ୍ଣ ଯୋଗ୍ୟ ବୋଲି ବିବେଚିତ ହୋଇଥିଲେ । ପ୍ରଥମ ଯୁଗ ବା ବାରବର୍ଷରେ ଭିଙ୍ଗାରପୁରର ପ୍ରତିପତ୍ତିଶାଳୀ ଜମିଦାର ଶ୍ରୀଯୁକ୍ତ ଚୌଧୁରୀ କାଶୀନାଥ ଦାଶ ଏ ସଭାର ସ୍ଥାୟୀ ସଭାପତି ଥିଲେ ଏବଂ ତତ୍ପରେ ଉତ୍କଳର ସୁଯୋଗ୍ୟ ପୁତ୍ର ଶ୍ରୀଯୁକ୍ତ ମଧୁସୂଦନ ଦାସ ସି. ଆଇ. ଇ. ମହାଶୟ ଉକ୍ତ କାର୍ଯ୍ୟ ସୁଚାରୁରୂପରେ ପରିଚାଳନ କରିଥିଲେ । ସେତେବେଳେ କଟକର ସର୍ବସମ୍ପ୍ରଦାୟର ଭଦ୍ରବ୍ୟକ୍ତି ଏବଂ ପଦସ୍ଥ ସରକାରୀ କର୍ମଚାରୀମାନେ ଏ ସଭାର ସଭ୍ୟ ଶ୍ରେଣୀଭୁକ୍ତ ହୋଇଥିଲେ । ଗୌରୀଶଙ୍କରଙ୍କ ଅମଳରେ ଏହି ଉତ୍କଳସଭାରେ ସାଧାରଣ ଭାବରେ ଉତ୍କଳର ଏବଂ ବିଶେଷତଃ କଟକର ହିତକଳ୍ପେ ଯେ ଯେ ବିଷୟମାନ ଆଲୋଚନା ହୋଇଅଛି, ସେ ସମସ୍ତର ଟିକିଏ ସଂକ୍ଷିପ୍ତ ବିବରଣ ତଳେ ପାଠକଗଣଙ୍କ କୌତୂହଳ ନିବୃତ୍ତି ନିମନ୍ତେ ପ୍ରଦତ୍ତ ହେଉଅଛି ।

(୧) କଟକ ମ୍ୟୁନିସିପାଲ୍‌ଟି ଗଠନ, କମିଶନର ଓ ଚେୟାରମ୍ୟାନ ନିର୍ବାଚନର ବ୍ୟବସ୍ଥା ଏବଂ ଭୋଟରମାନଙ୍କର ଯୋଗ୍ୟତାନିର୍ଦ୍ଦେଶ । ମଫସଲର ମ୍ୟୁନିସିପାଲ୍‌ଟିରେ ନିର୍ବାଚନ ବ୍ୟବସ୍ଥା ପ୍ରବର୍ତ୍ତନ ।

(୨) ଜିଲ୍ଲାବୋର୍ଡ ଓ ଲୋକାଲବୋର୍ଡର ନିର୍ବାଚନ ପଦ୍ଧତି । ମଫସଲରେ ନିର୍ବାଚନସିଦ୍ଧ ଲୋକାଲ ବୋର୍ଡର ଗଠନ ।

(୩) ବଙ୍ଗୀୟ ପ୍ରଜାସତ୍ତ୍ୱ ଆଇନର ପାଣ୍ଡୁଲିପି ପାଠପୂର୍ବକ ବିଚାର ଏବଂ ସରକାରଙ୍କୁ ଲୋକମତ ଜ୍ଞାପନ ।

(୪) ଯଥାକାଳରେ ନାଳରେ ଜଳ ଯୋଗାଇବାର ପ୍ରତିବିଧାନ ଏବଂ ହିନ୍ଦୁ ବାଳିକାବିଦ୍ୟାଳୟରେ ଜ୍ୟାମିତି ଓ ବିଜ୍ଞାନ ଅଧ୍ୟୟନର ଅନାବଶ୍ୟକତା ପ୍ରତିପାଦନ ।

(୫) ପୁରୀ ଜଗନ୍ନାଥମନ୍ଦିରକାର୍ଯ୍ୟରେ ଉତ୍କୃଷ୍ଟ ବ୍ୟବସ୍ଥା ନିମନ୍ତେ ଗଭର୍ଣ୍ଣମେଣ୍ଟ ହସ୍ତକ୍ଷେପ କରିବାର ଅଭିପ୍ରାୟ ପ୍ରକାଶ କରିବାରୁ ଠାକୁରରାଜାଙ୍କର ଗୌରବରକ୍ଷାର୍ଥ ଦୃଢ଼ଭାବରେ ପକ୍ଷସମର୍ଥନ (ଖ୍ରୀ ୧୮୮୬) ।

(୬) ଭାରତୀୟ ବ୍ୟବସ୍ଥାପକସଭାରେ ଓଡ଼ିଶାର ପ୍ରତିନିଧିନିୟୋଗର ପ୍ରାର୍ଥନା ଏବଂ କଟକରୁ ଚାନ୍ଦବାଲି ଓ କଟକରୁ କଲିକତା ଯାଏ 'ଷ୍ଟିମାର' ଚଳାଇବାର ବ୍ୟବସ୍ଥାନିମନ୍ତେ ବଙ୍ଗର ଲେଫ୍‌ଟେନାଣ୍ଟଙ୍କ ନିକଟରେ ଆବେଦନ । (୧୮୮୬ ଖ୍ରୀ.

(୭) ଦୁର୍ଦ୍ଦୈବଘଟିତ ନରହତ୍ୟା ଅପରାଧରେ ସୁଧାଂଶୁ ନାମକ ଜଣେ ବ୍ୟକ୍ତିକୁ ବିଚାରରେ ଯାବଜ୍ଜୀବନ ଦଣ୍ଡାଦେଶ ହୋଇଥିବାରୁ, ତାହା ପ୍ରତି ଅନୁକମ୍ପାପ୍ରକାଶ କରିବାପାଇଁ ଏ ସଭା ଲେଫ୍‌ଟେନାଣ୍ଟ ମହୋଦୟଙ୍କ ନିକଟ ଆବେଦନ କରିଥିଲେ । ତହିଁର ଫଳରେ ଅପରାଧୀର ଲଘୁଦଣ୍ଡାଦେଶରେ ପାଞ୍ଚବର୍ଷ କାରାବାସ ହୋଇଥିଲା ।

(୮) ୧୮୯୩ ମସିହାରେ କଟକ କଲେଜର ପ୍ରିନ୍‌ସିପାଲ ହଲୱାର୍ଡ ସାହେବ ଦୁଇଜଣ ସ୍କୁଲ ଛାତ୍ରଙ୍କ (ରାଜକୁମାର) ପ୍ରତି ଅତି କର୍କଶ ବ୍ୟବହାର କରିଥିବାରୁ ତାହାର କାରଣପ୍ରଦର୍ଶନାର୍ଥ ତାଙ୍କ ନିକଟକୁ ପ୍ରତିନିଧି ପ୍ରେରଣ ସହ ସେ ବିଷୟରେ ପ୍ରତିକାର କରାଯାଇଥିଲା ।

Digitized by srujanika@gmail.com

(୯) ୧୮୯୫ ମସିହାରେ ମଧ୍ୟପ୍ରଦେଶର ସରକାର ବାହାଦୁର ସମ୍ବଲପୁରର କଚେରୀ ପ୍ରଭୃତିରୁ ଓଡ଼ିଆ ଭାଷା ଉଠାଇ ଦେବାର ଆଦେଶ ପ୍ରଚାର କରିବାରୁ ଏ ସଭା ସେଥିର ତୀବ୍ର ପ୍ରତିବାଦ କରି ସେ ପ୍ରକାର ଅନ୍ୟାୟ ଆଦେଶ ପ୍ରତ୍ୟାହାର କରିବା ନିମନ୍ତେ ମାନ୍ୟବର ବଡ଼ଲାଟ ମହୋଦୟଙ୍କ ନିକଟକୁ ଆବେଦନପତ୍ର ପ୍ରେରଣ କରିଥିଲେ ।

(୧୦) ୧୯୦୩ ଖ୍ରୀଷ୍ଟାବ୍ଦରେ ଗଞ୍ଜାମଜିଲାର ଅଧିବାସୀମାନେ ଗଞ୍ଜାମ ଓ ସମ୍ବଲପୁର ସହିତ ଓଡ଼ିଶାକୁ ମିଶାଇ ବଙ୍ଗଳା କିଂବା ଅନ୍ୟ କୌଣସି ପ୍ରଦେଶର ଲାଟଙ୍କ ଅଧୀନ ରଖିବାକୁ ପ୍ରସ୍ତାବ କରି 'ଉତ୍କଳସଭା'ର ମତ ଜିଜ୍ଞାସା କରିବାରୁ ଏ ସଭା ସେଥିରେ ଅକୃତ୍ରିମ ଏବଂ ଗଭୀର ସହାନୁଭୂତି ଦେଖାଇ ଦ୍ୱିଓଟି ନିର୍ଦ୍ଧାରଣରେ ଭାରତ ଗଭର୍ଣ୍ଣମେଣ୍ଟଙ୍କୁ ଏହା ଜଣାଇଥିଲେ ଯେ,

(୧) ଅତିଶୀଘ୍ର ସମ୍ବଲପୁର ଓଡ଼ିଆମାନଙ୍କ ପ୍ରତି ମାତୃଭାଷା ବ୍ୟବହାରରେ ସୁବିଚାର କରାଯାଉ ଏବଂ ଗଞ୍ଜାମ ଓଡ଼ିଆମାନଙ୍କ କଷ୍ଟଲାଘବର ଉପଯୁକ୍ତ ବିଚାର କରାଯାଉ ।

(୨) ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ଛୋଟନାଗପୁର ଓ ବଙ୍ଗଳାର ଅନ୍ତଃପାତୀ ଉତ୍କଳଭାଷୀ ପ୍ରଦେଶମାନଙ୍କୁ ମିଶାଇ ଆସାମପରି ଜଣେ ଚିଫ୍ କମିଶନରଙ୍କ ଅଧୀନରେ ରଖି କଲିକତା ହାଇକୋର୍ଟ ଅଧୀନରେ ବିଚାର ଅଦାଲତ ଏବଂ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ଶିକ୍ଷା ବ୍ୟାପାର ରଖାଯାଉ ।

(୧୧) କୋ-ଅପରେଟିଭ୍ ସୋସାଇଟୀ ବା ସମବାୟଋଣସମିତିର ପ୍ରଚାର ବିଷୟରେ ଏ ସଭା ଅଭିମତ ପ୍ରଦାନ କରିଥିଲେ ଏବଂ ସାମନ୍ତ ଚନ୍ଦ୍ରଶେଖର ସିଂହଙ୍କ ଉତ୍ତରକାଳୀନ ଦୁରବସ୍ଥା ଦୂରୀକରଣର ଉପାୟ ନିରୂପଣରେ ମନୋଯୋଗୀ ହୋଇଥିଲେ ।

ଉତ୍କଳସଭାର ଉଲ୍ଲିଖିତ ସମସ୍ତ କାର୍ଯ୍ୟରେ ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱର ପ୍ରଭାବ ବିଶେଷଭାବରେ ପ୍ରକାଶ ପାଇଥିଲା । ତେଇଶି ବର୍ଷକାଳ ଗୋଟିଏ ସାଧାରଣସଭା ଏକନିଷ୍ଠଭାବରେ ପରିଚାଳିତ ହୋଇ ଆସିଥିବାରୁ କ'ଣ ପ୍ରମାଣିତ ହେଉ ନାହିଁ ଯେ ପରିଚାଳକ ଗୌରୀଶଙ୍କର ତାହାର ଆତ୍ମାସ୍ୱରୂପ ଥିଲେ । ୧୯୦୫ ଖ୍ରୀଷ୍ଟାବ୍ଦରେ ସେ ଏହି ସଭାର କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ ଏବଂ ଉକ୍ତ ସଭା ତାହାଙ୍କୁ ବହୁକାଳ ସୁଚାରୁରୂପେ କାର୍ଯ୍ୟ ପରିଚାଳନ କରିଥିବା ଯୋଗୁଁ ବିହିତ ସମ୍ମାନରେ ବିଦାୟ ପ୍ରଦାନ କରିଥିଲେ । ଏହି ଉତ୍କଳସଭା ବ୍ୟତୀତ ତାଙ୍କର ଅନ୍ୟାନ୍ୟ ସଭା ପ୍ରତି ବିଶେଷ ସହାନୁଭୂତି ଥିଲା । କୌଣସି ସ୍ଥାନରେ ପାଞ୍ଚଜଣ ମିଳି ଗୋଟିଏ ସଭା ବା ବୈଠକ କରିବାର ଶୁଣିଲେ ସେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରୁଥିଲେ । ଯେତେବେଳେ ପରଲୋକଗତ ରାୟ ବାହାଦୁର ଗୋକୁଳାନନ୍ଦ ଚୌଧୁରୀ-ପ୍ରମୁଖ କେତେଜଣ ବିଶିଷ୍ଟ ସଭ୍ୟ ଉକ୍ତ ସଭାରୁ ବିଚ୍ଛିନ୍ନ ହୋଇ ଆସି 'ଓଡ଼ିଆ ଲୋକସଭା' ନାମକ ଗୋଟିଏ ନୂତନ ଦଳ ଗଠନ କରିଥିଲେ, ସେତେବେଳେ ସେ ନିଜପରିଚାଳିତ ସଭାର ବଳକ୍ଷୟ ଯୋଗୁଁ ଦୁଃଖିତ ନ ହୋଇ ବରଂ ଆଶାନ୍ୱିତ ହୋଇ ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ପ୍ରଶ୍ନରେ କହିଥିଲେ, "ଏହା ଶୁଭଲକ୍ଷଣ; ଏପରି ପାଞ୍ଚଜଣ ସଭାକୁ ଆସୁ ନ'ହାନ୍ତି, ଅଥଚ ଅନ୍ୟତ୍ର ବସି ଆଲୋଚନା କରନ୍ତି, ଅବଶ୍ୟ ତାହା ଫଳପ୍ରଦ ହେବ । ଏହିପରି ଅଭ୍ୟାସ ହୋଇଗଲେ ଦିନେ ସେହିମାନେ ପୁଣି ଏହି ସଭାର କାର୍ଯ୍ୟରେ ଆସି ମିଶି ପାରିବେ ।" ତାଙ୍କର ସର୍ବଦା ଏହି ମତ ଥିଲା ଯେ, ଗୋଷ୍ଠୀ ବା ସମ୍ପ୍ରଦାୟର ଉନ୍ନତି ଅଗ୍ରେ କର୍ତ୍ତବ୍ୟ । ନିଜ ଗୋଷ୍ଠୀର ଉନ୍ନତିବିଧାନରେ ଯେ ଅଭ୍ୟସ୍ତ ନୁହେଁ, ତାହା ହୃଦୟରେ ଜାତୀୟ ଉନ୍ନତିର ଅଙ୍କୁର କାହୁଁ ଆସିବ ? ସାମ୍ପ୍ରଦାୟିକ ଉନ୍ନତିର ଉପାଦାନ ହୋଇଥାଏ; କିନ୍ତୁ ଏହା ଉଦାର

Digitized by srujanika@gmail.com

ଭାବରେ ହେବା ବାଞ୍ଛନୀୟ । ଗୌରୀଶଙ୍କର କଟକରେ କାୟସ୍ଥମାନଙ୍କର ଉନ୍ନତିକଳ୍ପେ କାୟସ୍ଥସଭା ସ୍ଥାପନ କରି ବହୁକାଳଯାବତ୍ ତହିଁର ଅଧିନାୟକ ଥାଇ ତନ ମନ ଓ ଧନ ତିନିକି ନିୟୋଜିତ କରିଥିଲେ; କିନ୍ତୁ ତାହା ବୋଲି ସେ ଅନ୍ୟ ସମ୍ପ୍ରଦାୟର ଉନ୍ନତିର ପ୍ରତିରୋଧକ ନ ଥିଲେ, ବରଂ ପ୍ରବର୍ତ୍ତକ ଥିଲେ । ଯେଉଁମାନେ ତାଙ୍କର କୌଣସି ପ୍ରକାର ସାହାଯ୍ୟ ଲୋଡ଼ୁଥିଲେ, ଉତ୍ସାହସହକାରେ ସେମାନଙ୍କୁ ତାହା ପ୍ରଦାନ କରିବାରେ ତ୍ରୁଟି କରୁ ନ ଥିଲେ । ପୁରୁଷୋତ୍ତମକ୍ଷେତ୍ରରେ ଯେତେବେଳେ 'ବ୍ରାହ୍ମଣସମିତି' ସ୍ୱର୍ଗୀୟ ମହାତ୍ମା ରାମଚନ୍ଦ୍ର ଦାଶଙ୍କ ପ୍ରଯତ୍ନରେ ନୂତନ ପ୍ରତିଷ୍ଠିତ ହେଲା, ସେଥିରେ ସେ ଆନନ୍ଦ ପ୍ରକାଶ କରି ସେତେବେଳେ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରି ଯଥାଶକ୍ତି ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଏ ସମସ୍ତ ସାମ୍ପ୍ରଦାୟିକତା ସତ୍ତ୍ୱେ ଏକ ମହାଭାରତୀୟ ଜାତି ପ୍ରତି ସମସ୍ତଙ୍କର ଅଗ୍ରସର ହେବା ବିଷୟରେ ତାଙ୍କର ମତ ଦୃଢ଼ ଥିଲା । ଉତ୍କଳ ଭାରତବର୍ଷର ଗୋଟିଏ ଅଙ୍ଗ ଏବଂ ଭାରତ ହିତ ତାହାର ଯୋଗହିଁ ଜାତୀୟ ଉନ୍ନତିର ପ୍ରକୃତ ପନ୍ଥା ବୋଲି ସେ ହୃଦୟରେ ଉପଲବ୍ଧି କରି ପାରିଥିଲେ । ୧୮୭୦ ମସିହାରେ ଯେତେବେଳେ 'ଭାରତ ବର୍ଷୀୟ ସଭା' ପ୍ରଥମେ ପ୍ରତିଷ୍ଠିତ ହେଲା, ସେତେବେଳେ ଗୌରୀଶଙ୍କର ନବଗଠିତ 'ଓଡ଼ିଶା ସୋସାଇଟୀ'କୁ ତାହାର ଶାଖା କରିବାପାଇଁ ପ୍ରସ୍ତାବ କରିଥିଲେ; ଏଥିରେ ଅନେକ ସଭ୍ୟ ଆପତ୍ତି କରିଥିଲେହେଁ ତାଙ୍କର ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇଥିଲା । ପରେ ଭାରତର ଜାତୀୟ ମହାସଭା ବା କଂଗ୍ରେସ ସହିତ ଉତ୍କଳର ସମ୍ବନ୍ଧ ଜାଗ୍ରତ ରଖିବାପାଇଁ ସେ ପ୍ରତିବର୍ଷ ଉକ୍ତ ମହାସଭାକୁ ଉତ୍କଳ ସଭାରୁ ପ୍ରତିନିଧିପ୍ରେରଣର ପକ୍ଷପାତୀ ଥିଲେ ଏବଂ ବର୍ଷେ ବର୍ଷେ ଅନ୍ୟ କେହି ନ ବାହାରିଲେ ନିଜେ ସେଥିରେ ଯୋଗ ଦେଉଥିଲେ । ଜାତୀୟ ମହାସଭାପୀଠରେ ଯୋଗଦାନକୁ ସେ ଏପରି ପୁଣ୍ୟକାର୍ଯ୍ୟ ମନେ କରୁଥିଲେ ଯେ ୧୯୧୫ ଖ୍ରୀଷ୍ଟାବ୍ଦରେ ଅଧିବେଶନରେ ସେ ଜରାଜୀର୍ଣ୍ଣ ଦେହରେ ସୁଦୂର କରାଚିଠାକୁ ସୁଦ୍ଧା ଯାତ୍ରା କରିଥିଲେ ।

କେତେବର୍ଷ ପୂର୍ବରେ ଏକ ଭାରତୀୟ ଜାତି ଗଠନ କରିବାକୁ ହେଲେ ଏକ ଭାଷା ନ ହେଉ, ଆପାତତଃ ଏକଲିପି ସର୍ବତ୍ର ପ୍ରଚଳିତ ହେବା ବାଞ୍ଛନୀୟ ବୋଲି ଯେତେବେଳେ ବଙ୍ଗର ସୁସନ୍ତାନ କଲିକତା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଶ୍ରୀଯୁକ୍ତ ସାରଦା ଚରଣ ମିତ୍ର ଦେବନାଗର ଲିପି ପ୍ରବର୍ତ୍ତନର ପ୍ରସ୍ତାବ କରିଥିଲେ, ସେତେବେଳେ ଉତ୍କଳରୁ ଗୌରୀଶଙ୍କର କେବଳ ଅଗ୍ରେ ସେ ମତ ସମର୍ଥନ କରି, ଦେଶବାସୀମାନଙ୍କୁ ସେ ବିଷୟରେ ପ୍ରବର୍ତ୍ତିତ କରିଥିଲେ । ସେ ଉତ୍ତମରୂପେ ବୁଝି ପାରିଥିଲେ ଯେ, ଭାରତବର୍ଷର ବିବିଧ ଭାଷାର ଏହି ବହିରାବରଣ ଉନ୍ମୋଚନ ନ କଲେ ଲୋକମାନଙ୍କର ଅନ୍ତର୍ଦୃଷ୍ଟି ପ୍ରସାରିତ ହୋଇପାରିବ ନାହିଁ । ସୁତରାଂ ମହତ୍ ଉଦ୍ଦେଶ୍ୟରେ କ୍ଷୁଦ୍ରସ୍ୱାର୍ଥକୁ ବଳି ଦେବା ମନୁଷ୍ୟର କର୍ତ୍ତବ୍ୟ । ଏହି ବିଶ୍ୱଜନୀନ ଉଦାରଭାବହିଁ ତାହାଙ୍କୁ ମହାନ୍ କରିଥିଲା ।

Digitized by srujanika@gmail.com

ଦଶମ ପରିଚ୍ଛେଦ

ସଙ୍ଗୀତ ଚର୍ଚ୍ଚା

ପୂର୍ବରୁ ଉଲ୍ଲେଖ କରାଯାଇଅଛି ଯେ, ପ୍ରାଚୀନ ଓଡ଼ିଆସାହିତ୍ୟ ଚର୍ଚ୍ଚା ସମ୍ବନ୍ଧରେ ଗୌରୀଶଙ୍କରଙ୍କର ମନ ସଙ୍ଗୀତ ପ୍ରତି ସ୍ୱତଃ ଆକୃଷ୍ଟ ହୋଇଥିଲା । ସେତେବେଳେ ବହୁତ ଲୋକ ପ୍ରାଚୀନ କାବ୍ୟର ନାନାବୃତ୍ତରଚିତ ସରସ ଛାନ୍ଦମାନ ବିଶରେ ବୋଲିପାରୁଥିଲେ ଏବଂ ବିବିଧ ରାଗରାଗିଣୀରେ ସଙ୍ଗୀତ ଗାଇ ପାରୁଥିଲେ । ପ୍ରତିଗ୍ରାମରେ ପ୍ରାୟ ସଙ୍ଗୀତଚର୍ଚ୍ଚାର ଆଖେଡ଼ା ଥିଲା । ସେ ସଙ୍ଗୀତଚର୍ଚ୍ଚା ଦେଶରୁ କ୍ରମଶଃ ହ୍ରାସ ପାଇ ଏବେ ବିଲୟ ଭଜିବାକୁ ବସିଲାଣି । ଗୌରୀଶଙ୍କର ଦୂରଦୃଷ୍ଟି ବଳରେ ବହୁପୂର୍ବରୁ ଦିନେ ଏହି ଆଶଙ୍କା କରିଥିଲେ ଏବଂ ସେଥିପାଇଁ ଦେଶରେ ସଙ୍ଗୀତଚର୍ଚ୍ଚାର ଉନ୍ନତି ନିମନ୍ତେ ଆପଣାର ଧନ ମନ ନିୟୋଜିତ କରିଥିଲେ । ସଙ୍ଗୀତରସାସ୍ୱାଦନ କର୍ମକ୍ଳାନ୍ତ ଜୀବନର ଶାନ୍ତିସୁଧା ଏବଂ ମାନବଜୀବନରେ ସଙ୍ଗୀତର ମହୀୟାନ୍ ପ୍ରଭାବର ସତ୍ତା ସେ ନିଜେ ଉପଲବ୍ଧି କରିଥିଲେ ବୋଲି ଯୌବନରେ ସଙ୍ଗୀତଶିକ୍ଷାରେ ମନ ବଳାଇଥିଲେ । ସେହି ସଙ୍ଗୀତକଳା ତାଙ୍କର ଦୀର୍ଘ ଜୀବନରେ ଉପକରଣୀଭୂତ ହୋଇଥିଲା ବୋଲି ଆମ୍ଭମାନଙ୍କର ବିଶ୍ୱାସ । ଗାଇବା ଆଉ ବଜାଇବା ଉଭୟ କଳା ସେ ଉତ୍ତମରୂପେ ଜାଣିଥିଲେ । ସ୍ଥାନୀୟ ପ୍ରସିଦ୍ଧ ଗାୟକ ଏବଂ ବାୟକଙ୍କଠାରୁ ଯଥାସମ୍ଭବ ଶିକ୍ଷା ଲାଭ କଲା ଉତ୍ତାରେ, ତୃପ୍ତି ଲାଗି ଦୂରଦେଶରୁ ଗାୟକ ଡକାଇ ତାଙ୍କଠାରୁ ଉକ୍ତ କଳା ଶିକ୍ଷା କରିଥିଲେ । ଏପରି କି, ଅଦୂରରେ ସେପରି ଭଲ ଗୁରୁ ନ ମିଳିବାରୁ ସେ ପଞ୍ଜାବରୁ ଜଣେ ପ୍ରବୀଣ ଓସ୍ତାଦ ଅଣାଇ ବହୁକାଳ ଯାଏ ବେତନ ଦେଇ ରଖି ତାଙ୍କଠାରୁ ଗାନବାଦ୍ୟ ଶିକ୍ଷା କରିଥିଲେ । ଦେଶୀୟ ସର୍ବପ୍ରକାର ଯାତ୍ରା ଓ ସଙ୍ଗୀତ ଦଳରେ ଯୋଗଦାନ କରି ସେ ଉକ୍ତ ବ୍ୟବସାୟୀମାନଙ୍କୁ ଯଥେଷ୍ଟ ଅର୍ଥଦାନରେ ସମ୍ପ୍ରୋତ୍ସାହିତ କରୁଥିଲେ ଅଥବା ଦୂରରୁ କେହି ସଙ୍ଗୀତବିଶାରଦ ଏ ନଗରକୁ ଆସିଲେ ବନ୍ଧୁସମ୍ମିଳନରେ ତାଙ୍କର ଯଥୋଚିତ ସମାଦର କରୁଥିଲେ । ତାଙ୍କର ସଙ୍ଗୀତଚର୍ଚ୍ଚା ଏତିକରେ ପର୍ଯ୍ୟବସିତ ହୋଇ ନ ଥିଲା । ଏ ନଗରର ଗଣିକାମାନଙ୍କୁ ଉତ୍କୃଷ୍ଟରୀତିରେ ସଙ୍ଗୀତ ଶିକ୍ଷା ଦେବାପାଇଁ ସେମାନଙ୍କ ମଧ୍ୟରେ ପଶି ଅଜସ୍ର ଅର୍ଥ ବ୍ୟୟ କରିଥିଲେ ଏବଂ ବୈଠକରେ ସେମାନଙ୍କଠାରୁ ଗୀତ ଶୁଣି ଦୋଷାଦୋଷ ବିଚାରପୂର୍ବକ ଉତ୍ସାହ ଦେଉଥିଲେ । ଏହି ଉଦ୍ଦେଶ୍ୟରେ ପ୍ରତି ସପ୍ତାହର ଶନିବାର ଓ ମଙ୍ଗଳବାର ରାତିରେ ପ୍ରିଣ୍ଟିଙ୍ଗ୍ କୋମ୍ପାନୀର ଦ୍ୱିତଳଗୃହରେ ମିତ୍ରସମ୍ମିଳନ ହେଉଥିଲା । ଆମନ୍ତ୍ରିତ ବନ୍ଧୁମାନଙ୍କୁ ଗୌରୀଶଙ୍କର ନିଜ ବ୍ୟୟରେ ଉପାଦେୟ ଭୋଜ୍ୟାଦି ପ୍ରଦାନ କରୁଥିଲେ । ସନ୍ଧାନଦ୍ୱାରା ଯେତେଦୂର ବୁଝା ଯାଉଛି, ତାଙ୍କର ଅଭିପ୍ରାୟ ଏହି ଥିଲା ଯେ, ବେଶ୍ୟାମାନେ ସଙ୍ଗୀତ ଶିଖିଥିଲେ ଘରଆଡ଼େ ବୁଲି ପ୍ରଚାର କରିବେ । ନୋଚେତ୍ ପରିଣାମରେ ଦିନେ ଏ ଦେଶରୁ ସଙ୍ଗୀତଚର୍ଚ୍ଚା ଲୋପ ପାଇଯିବ; କିନ୍ତୁ ତାଙ୍କର ଏ ଉଦ୍ଦେଶ୍ୟ ସଫଳ ହୋଇ ନ ଥିଲା । ତଦାନୀନ୍ତନ ସମାଜର ରୁଚି ଆଉ ପଛକୁ ସେହିପରି ରହିଲା ନାହିଁ । ଏପରି ଦିନ ଆସିଲା ଯେ ସେଥିର ବିଷମୟ ପରିଣାମ ଦେଖି ବାଈନାଚ ବୈଠକରେ ବସି ଦେଖିବା ତେଣିକି ଥାଉ, ସେ କଥା କାନକୁ ଆଣିବା ଯେତେବେଳେ ଗୌରୀଶଙ୍କର ଆପଣାର ଉଦ୍ଦେଶ୍ୟ ବ୍ୟର୍ଥ ହୋଇଥିବାର ଜାଣି ପାରି କହିଥିଲେ, 'ଏମାନଙ୍କ ପିଛା ମୋହର ଏତେ ଅର୍ଥବ୍ୟୟ ଅକାରଣ ହେଲା । ସେହି

Digitized by srujanika@gmail.com

ବ୍ୟୟରେ ପୁରୁଷମାନଙ୍କୁ ଶିକ୍ଷା ଦେଇ ଗୋଟିଏ ସଙ୍ଗୀତଦଳ ପ୍ରସ୍ତୁତ କରିଥିଲେ, ତାହା ଅଧିକ ଫଳଦାୟକ ହୋଇଥାନ୍ତା ।' ସଚ୍ଛିଦ୍ର ପାତ୍ରରେ ତାଙ୍କର ମଧୁସଂଗ୍ରହର ପ୍ରୟାସ ବ୍ୟର୍ଥ ହେବା ଅବଶ୍ୟମ୍ଭାବୀ ଥିଲା । ଲୋକଙ୍କ ଘୃଣାଚକ୍ଷୁକୁ ଏଡ଼ି, ସମାଜର ଅଜସ୍ର କୁତ୍ସା ଅକାତରେ ସହି ଏ ଗୋଷ୍ଠୀର ସଂସ୍ରବ ପରିତ୍ୟାଗ କରି ନ ପାରିବାଦ୍ୱାରା ଅବଶ୍ୟ ସେ ଜନସାଧାରଙ୍କର କ୍ଷୋଭର କାରଣ ହୋଇଥିଲେ ।

କିନ୍ତୁ ଗୌରୀଶଙ୍କରଙ୍କ ତରୁଣଜୀବନର ରୁଚି ଭିନ୍ନ ପ୍ରକାର ଥିଲା । ଯେଉଁ ଉଚ୍ଛୃଙ୍ଖଳତା ଏବଂ ଅମିତର ପ୍ରସାର ଦେଖି ଲୋକେ ସନ୍ତାନମାନଙ୍କୁ ଇଂରାଜୀଶିକ୍ଷା ଦେବାକୁ କୁଣ୍ଠିତ ହେଉଥିଲେ, ତାହା ବଙ୍ଗଦେଶରେ ମାଇକେଲ ମଧୁସୂଦନଙ୍କ ଯୁଗରେ ଦିନେ ଯେପରି ଘଟିଥିଲା, ଉତ୍କଳରେ ଗୌରୀଶଙ୍କରଙ୍କ ଯୁଗରେ ସେହିପରି ଦେଖାଯାଇଥିଲା । ପଞ୍ଚମକାର ସେବାକୁ ସେତେବେଳେ କେତେକ ଯୁବକ ପରମପୁରୁଷାର୍ଥ ମନେ କରୁଥିଲେ । ଏହି ଯୁବକଗୋଷ୍ଠୀରେ କର୍ମୀ ଗୌରୀଶଙ୍କରଙ୍କର ଏତିକି ବିଶେଷତ୍ୱ ଥିଲା, ସେ ବଡ଼ ସଂଯତ ଏବଂ ହିସାବୀ ଥିଲେ । ଗୋଷ୍ଠୀର କେହି କେହି ମୁକ୍ତହସ୍ତ ଯୁବକ ଆପଣାର ଅମିତବ୍ୟୟ ଏବଂ ତାଙ୍କର ଏପରି ହିସାବ ପ୍ରତି ଲକ୍ଷ୍ୟ କରି କାରଣ ଜିଜ୍ଞାସା କରନ୍ତେ ଗୌରୀଶଙ୍କର କହିଥିଲେ, 'ମୁଁ ମୋହର ବାକ୍ସ ପ୍ରତି ଦୃଷ୍ଟି ରଖି ବ୍ୟୟ କରେଁ; କିନ୍ତୁ ତୁମ୍ଭମାନଙ୍କର ପରର ବାକ୍ସ ପ୍ରତି ଲୋଲୁପ ଦୃଷ୍ଟି ରହିଥାଏ ।' ଏହି ଗୁଣରୁ ସେ ଅଗମ୍ୟ ପିଚ୍ଛିଳ ପଥରେ ଯାଇ ସୁଦ୍ଧା କଚଡ଼ା ଖାଇ ଅକର୍ମଣ୍ୟ ହୋଇ ନ ଥିଲେ । ସ୍ୱୟଂ ସେ ପାନଗୋଷ୍ଠୀରେ ଥାଇ ସୁଦ୍ଧା ସରକାରଙ୍କ ଅବକାରୀ ବିଭାଗ ଏବଂ ମଦ୍ୟପାନ ପ୍ରତି କୂଳରେ ଦୀପିକାରେ କ୍ରମାଗତ ତୀବ୍ର ମନ୍ତବ୍ୟ ପ୍ରକାଶ କରୁଥିଲେ । ଏହି ପ୍ରସଙ୍ଗରେ କେହି ଜଣେ ଅନ୍ତରଙ୍ଗ ବନ୍ଧୁ ନିଜ ଦୋଷ ଦେଖାଇ ତାଙ୍କର ମତଜିଜ୍ଞାସୁ ହେବାରୁ ସେ କହିଥିଲେ—'ସଙ୍ଗପ୍ରଭାବରେ ମୋହର ଗୋଟାଏ ଦୋଷ ହୋଇଅଛି ବୋଲି କଣ ମୁଁ ଅନ୍ୟକୁ ସେଥିରେ ପ୍ରବର୍ତ୍ତାଇବି ?' ଏହି ଅତିପ୍ରବୃତ୍ତିଲବ୍ଧ ନିବୃତ୍ତିମୁଖୀ ସଂସ୍କାର ତାଙ୍କ ହୃଦୟରେ ଯେତିକି ଦୃଢ଼ଲଗ୍ନ ହେବାକୁ ଲାଗିଲା, ସେତିକି ସେ ଆପଣାକୁ ଦୋଷମୁକ୍ତ କରିବାକୁ ଚେଷ୍ଟା କରିଥିଲେ । ତେଣୁ ଅନ୍ତିମ ଜୀବନରେ ତାଙ୍କର ଚରିତ୍ର ଉତ୍କର୍ଷ ଲାଭ କରିଥିଲା । ଯେତେବେଳେ ସୁଚରିତ୍ର କବିବର ରାଧାନାଥ ଆପଣାର ଅକାଣ୍ଡ ସ୍ଖଳନରେ ଅନୁତପ୍ତ ହୋଇ 'ଆତ୍ମନିବେଦନ' ସର୍ବ ସମକ୍ଷରେ ପ୍ରକାଶ କରିଥିଲେ ଏବଂ ଅଗ୍ରଜସ୍ଥାନୀୟ ଗୌରୀଶଙ୍କରଙ୍କୁ ପ୍ରଥମେ ଭେଟିଥିଲେ, ସେତେବେଳେ ସେ ହୃଦୟ କବାଟ ଫିଟାଇ ମୁକ୍ତକଣ୍ଠରେ ଆପଣାର ପାପ ପ୍ରକାଶ କରିଥିଲେ । ସେହିଦିନଠାରୁ ସମ୍ଭବତଃ ତାଙ୍କର ସ୍ୱଭାବପରିବର୍ତ୍ତନର ସୂତ୍ରପାତ ହୋଇଥିଲା । ମୃତ୍ୟୁର ପ୍ରାୟ ଦଶବର୍ଷ ପୂର୍ବରୁ ସେ ସମସ୍ତ ଗର୍ହିତ ଅଭ୍ୟାସ ଏବଂ ମତ୍ସ୍ୟ, ମାଂସ ଭକ୍ଷଣ ସୁଦ୍ଧା ବର୍ଜନ କରିଥିଲେ । ସମସ୍ତ ଘଟନା ଯେଉଁମାନେ ପ୍ରତ୍ୟକ୍ଷ କରିଅଛନ୍ତି କିମ୍ବା ସମାଲୋଚନା କରିଅଛନ୍ତି, ସେମାନଙ୍କଠାରୁ ଏହା ଜଣାଯାଏ ଯେ, ଏପ୍ରକାର କାର୍ଯ୍ୟ ଭିତରେ ସୁଦ୍ଧା ଗୌରୀଶଙ୍କରଙ୍କର ଉଦାରତା ଲୁଚି ରହିଥିଲା । ସେମାନ ସ୍ମରଣ କଲେ ଲୋକ ସ୍ୱତଃ ତାଙ୍କର ଗୁଣ ପକ୍ଷପାତୀ ହୋଇପଡ଼ିବ ।

Digitized by srujanika@gmail.com

ଏକାଦଶ ପରିଚ୍ଛେଦ

ଗାର୍ହସ୍ଥ୍ୟ ଜୀବନ ଏବଂ ଦାନକୀର୍ତ୍ତି

ଅସାଧାରଣ ସାଧନାଫଳରେ ଭାଗ୍ୟଲକ୍ଷ୍ମୀଙ୍କ ପ୍ରସାଦରୁ ଗୌରୀଶଙ୍କର ଯଥେଷ୍ଟ ଧନ ମାନ ଲାଭ କରି ଦେଶପୂଜ୍ୟ ହୋଇଥିଲେ, କିନ୍ତୁ ଗାର୍ହସ୍ଥ୍ୟଜୀବନରେ ଭଗବାନ ତାହାଙ୍କୁ ସେପରି ସୁଖୀ କରି ନ ଥିଲେ । ଗୃହସ୍ଥାଶ୍ରମରେ ପ୍ରବେଶର ଅଳ୍ପକାଳ ପରେ ତାଙ୍କର ପିତାଙ୍କର ମୃତ୍ୟୁ ହେବାରୁ ପ୍ରଥମ ଯୌବନରେ ତାହାଙ୍କ ମସ୍ତକରେ ପାରିବାରିକ ଗୁରୁଭାର ପଡ଼ିଥିଲା । ମାତୃଦେବୀଙ୍କ ସହିତ ସେ ତିନି ସହୋଦରଙ୍କୁ ନିକଟରେ ରଖି ଶିକ୍ଷାଦିର ସମସ୍ତ ବ୍ୟୟ ନିର୍ବାହ କରିଥିଲେ । କେବଳ ମିତବ୍ୟୟିତାଗୁଣରୁ ସେ ଅତ୍ୟଳ୍ପ ଆୟରେ ସୁଦ୍ଧା ସଂସାରଯାତ୍ରା ନିର୍ଦ୍ଦୋଷଭାବରେ ଚଳାଇଥିଲେ ।

ତାଙ୍କର ପ୍ରଥମ ଅନୁଜ ଗଙ୍ଗାଶଙ୍କର ଯେପରି ତେଜସ୍ୱୀ ସେହିପରି ମାଧାବୀ ଥିଲେ । ତେଣୁ ବିଦ୍ୟାଳୟ ଶିକ୍ଷାରେ ସେ ସମସ୍ତଙ୍କ ଅପେକ୍ଷା ଅଧିକ ପ୍ରଶଂସାଭାଜନ ହୋଇଥିଲେ । ତାଙ୍କଠାରେ ଏହି ରାୟବଂଶର ବିଶେଷ ଆଶା ଥିଲା; ମାତ୍ର ଅଷ୍ଟାଦଶ ବର୍ଷ ବୟସରେ ସେ ଆଶାଲତାକୁ ନିର୍ମୂଳ କରିଦେଇ ଲୋକାନ୍ତର ପ୍ରସ୍ଥାନ କରିଥିଲେ ।

ତତ୍ପରବର୍ତ୍ତୀ ହରିଶଙ୍କର ରାୟ ବୟସରେ ଗୌରୀଶଙ୍କରଙ୍କଠାରୁ ଦଶବର୍ଷ ସାନ । ସେ ବଡ଼ ଉତ୍ସାହୀ ଥିବାରୁ କର୍ମକ୍ଷେତ୍ରରେ ଅଗ୍ରଜଙ୍କୁ ଅନେକ ବିଷୟରେ ସାହାଯ୍ୟ କରୁଥିଲେ । ଦୁଃଖର ବିଷୟ ଯେ ୧୮୯୨ ମସିହାରେ ସେ ଦୁଇଟି ଶିଶୁପୁତ୍ର (କୃଷ୍ଣଶଙ୍କର ଓ କାଳୀଶଙ୍କର) ରଖି ହୃଦ୍‌ରୋଗରେ ପ୍ରାଣ ବିସର୍ଜନ କରିଥିଲେ । କେବଳ ଏହିଭଳି ସଖା ସହୋଦର ଅକାଳରେ ହରାଇ ଯେ ଗୌରୀଶଙ୍କର ଜୀବନରେ ଦୁଃଖଭାଗୀ ହୋଇଥିଲେ, ଏହା ନୁହେ, ଗୃହସ୍ଥ ପକ୍ଷରେ ଯହିଁର କଳ୍ପନା ଦୁର୍ବିସହ, ସେହିଭଳି ଦାରୁଣ ଦୁଃଖ ସେ ୩୭ ବର୍ଷ ବୟସରୁ ଭୋଗ କରିଥିଲେ । ପିତାଙ୍କ ଦେହତ୍ୟାଗ ପୂର୍ବରୁ କଟକ ଜିଲ୍ଲାର ରଘୁନାଥପୁର-ନିବାସୀ ମାଣିକରାମ ମିଶ୍ରଙ୍କ ସହିତ ତାଙ୍କର ଶୁଭ-ପରିଣୟ ସମ୍ପନ୍ନ ହୋଇଥିଲା । ୧୮୬୧ ଖ୍ରୀଷ୍ଟାବ୍ଦରେ ତାଙ୍କର ପ୍ରଥମ ସନ୍ତାନ କୈଳାଶଚନ୍ଦ୍ର ଏ ଧରାଧାମକୁ ଆସି ଦୁଇ ଦିନକୁ ହସାଇ ଏଗାର ବର୍ଷ ବୟସରେ ମୃତ୍ୟୁଗ୍ରାସରେ ପତିତ ହୋଇଥିଲେ । ତତ୍ପରେ ଗୌରୀଶଙ୍କର ତିନୋଟି କନ୍ୟାସନ୍ତାନ ଲାଭ କରି-ଥିଲେ । ଜୀବନରେ ସେମାନଙ୍କ ସହିତ ତାଙ୍କର ସମ୍ବନ୍ଧ ଅବିଚ୍ଛିନ୍ନ ଥିଲା । ପରିଶେଷରେ ତାଙ୍କର ସହଧର୍ମିଣୀ 'ପୁତ୍ର ସମର୍ପି ପତି ପାଶେ, ଚଳିଲେ ସୁଖେ ସ୍ୱର୍ଗବାସେ ।' ୧୮୭୫ ଖ୍ରୀଷ୍ଟାବ୍ଦରେ ତାଙ୍କର ପତ୍ନୀ ନବଜାତ ଶିଶୁପୁତ୍ର ସହିତ ସୂତିକାଗାରରେ ଇହଧାମରୁ ବିଦାୟ ନେଇଥିଲେ । ଏପରି ଘୋର ସଙ୍କଟରେ ସୁଦ୍ଧା ଗୌରୀଶଙ୍କର କର୍ତ୍ତବ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ । ବୃଦ୍ଧା ଜନନୀଙ୍କ ପ୍ରବର୍ତ୍ତନାରେ ସୁଦ୍ଧା ସେ ଆଉ ଦ୍ୱିତୀୟ ଦାରପରିଗ୍ରହ କରି ନ ଥିଲେ ।

ସଂସାରରେ ତାଙ୍କର ଶେଷ ଆଶ୍ୱାସନାର ସ୍ଥଳ ଥିଲେ କନିଷ୍ଠ ଶ୍ରୀ ରାମଶଙ୍କର ରାୟ । ଏ ତାଙ୍କଠାରୁ ବୟସରେ ଷୋଳ ବର୍ଷ ସାନ ଥିଲେ ଏବଂ ତାଙ୍କରି ତତ୍ତ୍ୱାବଧାନରେ ସୁଶିକ୍ଷିତ ହୋଇଥିଲେ । ରାମଶଙ୍କର ବାବୁ ନିଜ ସ୍ଥିରବୁଦ୍ଧି ଏବଂ ଉଚ୍ଚ ଶିକ୍ଷାଗୁଣରେ ଯଥେଷ୍ଟ ଉପାର୍ଜନଦ୍ୱାରା ଗୃହର ଉନ୍ନତିବିଧାନ କରି ଟଙ୍କି ଭାବୀ ବଂଶଧରମାନଙ୍କ ଶିକ୍ଷା ଓ ପାରିବାରିକ ଗୁରୁଭାର ମେରୁସ୍ତମ୍ଭ ପ୍ରାପ୍ତ ବହନ କରିବାରୁ ଗୌରୀଶଙ୍କର

Digitized by srujanika@gmail.com

ସେ ବିଷୟରେ ନିଷ୍ଣାତ ହୋଇଥିଲେ । ରାମଶଙ୍କର ବାବୁ ଓକିଲ ବା ଆଇନବ୍ୟବସାୟୀରୂପେ ଯେ ପ୍ରତିପତ୍ତି ଅର୍ଜନ କରିଅଛନ୍ତି, ସାହିତ୍ୟସେବୀ ଏବଂ ନିୟମନିଷ୍ଠ କର୍ମୀରୂପରେ ତଦପେକ୍ଷା ଅଧିକ ଖ୍ୟାତି-ଲାଭ କରିଅଛନ୍ତି । ଉତ୍କଳଭାଷାରେ ନାଟ୍ୟସାହିତ୍ୟ ବା ଦୃଶ୍ୟ କାବ୍ୟର ସେ ପ୍ରବର୍ତ୍ତକ ଏବଂ ଗୁରୁସ୍ଥାନୀୟ । ଗୃହରେ ଏବଂ କର୍ମକ୍ଷେତ୍ରରେ ସେ ଗୌରୀଶଙ୍କରଙ୍କର ଜଣେ ପ୍ରଧାନ ସହକାରୀ ହୋଇଥିଲେ ।

ଗୌରୀଶଙ୍କରଙ୍କର ମାତୃଭକ୍ତି ଅସାଧାରଣ ଥିଲା । ଜନନୀଙ୍କ ଆଦେଶ ସେ ଶିରୋଧାର୍ଯ୍ୟ କରି ସର୍ବଦା କାର୍ଯ୍ୟତତ୍ପର ହେଉଥିଲେ । ତେଣୁ ଭଗବାନ୍ ତାହାଙ୍କୁ ସେହି ମାତୃ-ସୁଖରୁ ବଞ୍ଚିତ କରି ନ ଥିଲେ । ଶେଷ-ଜୀବନରେ ସୁଦ୍ଧା ଜନନୀଙ୍କର ସେହି ସ୍ନେହାଭିଷିକ୍ତ 'ଗୌର' ଡାକ ତାଙ୍କର କର୍ଣ୍ଣରସାୟନ ହୋଇଥିଲା । ୧୯୦୮ ମସିହାରେ ପଞ୍ଚାଶୀ ବର୍ଷ ବୟସରେ ତାଙ୍କର ଭାଗ୍ୟବତୀ ଜନନୀ ଚନ୍ଦ୍ର ସୂର୍ଯ୍ୟ ପରି ଦୁଇ ପୁତ୍ରଙ୍କୁ ରଖି ପରଲୋକ ଗମନ କରିଥିଲେ । କନିଷ୍ଠ ସହୋଦର ଏବଂ ପୋଷ୍ୟବର୍ଗଙ୍କ ପ୍ରତି ତାଙ୍କର ଯଥେଷ୍ଟ ସ୍ନେହ ଥିଲା । ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ସେ ସର୍ବଦା ଉଦାର-ଭାବ ପୋଷଣ କରୁଥିଲେ । ଦୁହିଁଙ୍କ ମଧ୍ୟରେ ଯଦି କେବେ କିଛି ମନୋମାଳିନ୍ୟ ଘଟିଥାଏ, ସେଥିରେ ତାଙ୍କର ଉଦାରଭାବହିଁ ଉପଲବ୍ଧ କରିଅଛୁ ।

ଗୌରୀଶଙ୍କର ସାଧାରଣ ଗୃହସ୍ଥ ପ୍ରାୟ ସରଳ ଏବଂ ନିରାଡ଼ମ୍ବର ଭାବରେ ଜୀବନଯାପନ କରିଥିଲେ । ଆପଣା ସୁଖ ଲାଗି କେବେ ସେ ଅତିରିକ୍ତ ବ୍ୟୟର ପକ୍ଷପାତୀ ନ ଥିଲେ । ସେ ଯୌବନରୁ ମିତବ୍ୟୟିତା ଅଭ୍ୟାସ କରିଥିଲେ ସତ୍ୟ; କିନ୍ତୁ ତାହା ବୋଲି ନିଜର ସୁଖ ନିରୋଧ କରି ନାହାନ୍ତି କିମ୍ବା ହୃଦୟହୀନ ହୋଇ କେଉଁଠି କାୟକୃଚ୍ଛ୍ରତା ପ୍ରକାଶ କରି ନାହାନ୍ତି । ଅତଏବ ନିଜପାଇଁ ଯେତେ ନୁହେଁ, ପର ଲାଗି ତହିଁ ବଳି ଅର୍ଥସଞ୍ଚୟ-ପ୍ରୟାସୀ ଥିଲେ । ଏହି ହେତୁରୁ ସେ ଜୀବନକାଳ ମଧ୍ୟରେ ଅନେକ ମହତ୍ କାର୍ଯ୍ୟ ସାଧନ କରି ପାରିଥିଲେ । ଗୌରୀଶଙ୍କରଙ୍କର ଦାନ ଅତି ପ୍ରଶସ୍ତ ଥିଲା । ତାଙ୍କର ଦାନ-କୀର୍ତ୍ତି ବର୍ତ୍ତମାନ ଆମ୍ଭମାନଙ୍କ ସମକ୍ଷରେ ସ୍ମୃତିସ୍ତମ୍ଭରୂପେ ଉଜ୍ଜ୍ୱଳ ବେଶରେ ଦଣ୍ଡାୟମାନ ରହିଅଛି । ଗୌରୀଶଙ୍କରଙ୍କର ପ୍ରଥମ ଏବଂ ପ୍ରଧାନ କୀର୍ତ୍ତି 'କଟକ ଟାଉନ ହଲ' ୧୯୦୯ ମସିହାରେ ପ୍ରତିଷ୍ଠିତ ହୋଇ ଏ ନଗରବାସୀମାନଙ୍କ ସମସ୍ତ ଅସୁବିଧା ବିସ୍ମରଣ କରାଇ ଦେଇଅଛି । ଏଥିରେ ତାଙ୍କର ବହୁକାଳର ଶ୍ରମାର୍ଜିତ ଧନରୁ ପ୍ରାୟ ଏଗାର ହଜାର ଟଙ୍କା ବ୍ୟୟିତ ହୋଇଥିଲା । ତତ୍ପର ବର୍ଷରେ ସେ ଏ ନଗରର କାଠଗଡ଼ା ସାହିଠାରେ 'କାୟସ୍ଥ-ଛାତ୍ରାବାସ' ନିର୍ମାଣ କରାଇ ନିଜ ସମ୍ପ୍ରଦାୟ ପ୍ରତି ତାଙ୍କର କର୍ତ୍ତବ୍ୟ ପାଳନ କରିଥିଲେ । ଏହି ବୋର୍ଡ଼ିଂ ବା ମଠର ସ୍ଥାୟିତ୍ୱ ନିମନ୍ତେ ସେ ସ୍ଥାୟୀ ବୃତ୍ତି ମଧ୍ୟ ଖଞ୍ଜି ଦେଇ ଯାଇଅଛନ୍ତି । ଏଥିରେ ଦାନଶୀଳ ଗୌରୀଶଙ୍କର ପ୍ରାୟ ଚୌଦ ହଜାର ଟଙ୍କା ଅକାତରେ ଦାନ କରିଅଛନ୍ତି । ୧୯୧୩ ମସିହା ତତ୍ପର ବର୍ଷରେ ସେ ନିଜ ଜନ୍ମସ୍ଥାନ 'ଘଷିତପଡ଼ା' ଗ୍ରାମରେ ପ୍ରତିବାସୀ ଜନସାଧାରଣଙ୍କର ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଉନ୍ନତିକଳ୍ପେ ଗୋଟିଏ ବାଳିକା ବିଦ୍ୟାଳୟ ଏବଂ କବିରାଜି ଡାକ୍ତରୀ ଔଷଧାଳୟ ସ୍ଥାପନ କରାଇ ଜନ୍ମଭୂମିର ଋଣ ପରିଶୋଧ କରିଥିଲେ । ଏ ଉଭୟ ଗୃହ ନିର୍ମାଣରେ ସେ ପ୍ରାୟ ସାତ ହଜାର ଟଙ୍କା ବ୍ୟୟ କରିଥିଲେ । କେବଳ ସେତିକି ନୁହେଁ, ଏ ଦୁଇ ଅନୁଷ୍ଠାନର ସ୍ଥାୟିତ୍ୱ କାମନାରେ ସେ ଯଥାକ୍ରମେ ତିନି ହଜାର ଏବଂ ସାତ ହଜାର ଟଙ୍କା ବ୍ୟାଙ୍କରେ ଗଚ୍ଛିତ କରି ଯାଇଅଛନ୍ତି । ଏହି ଟଙ୍କାର ସୁଧରେ ଏବେ ସେଥିର କାର୍ଯ୍ୟ ସୁଚାରୁରୂପେ ଚାଲୁଅଛି ।

ଏତଦ୍‌ବ୍ୟତୀତ ତାଙ୍କର କ୍ଷୁଦ୍ର କ୍ଷୁଦ୍ର ଦାନ ଅନେକ ଥିଲା । ଦେଶର ସର୍ବ ପ୍ରକାର ସଦନୁଷ୍ଠାନରେ ସେ ଯଥାଶକ୍ତି ଅର୍ଥଦାନ କରୁଥିଲେ ଏବଂ ଦରିଦ୍ର ଛାତ୍ରମାନଙ୍କୁ ପ୍ରୟୋଜନାନୁସାରେ ଅର୍ଥ ବା ପୁସ୍ତକଦ୍ୱାରା

Digitized by srujanika@gmail.com

ଯଥାସମ୍ଭବ ସାହାଯ୍ୟ କରିଅଛନ୍ତି । ଚିରାଶ୍ରିତ ସେବକ ଏବଂ ପୋଷ୍ୟ-ବର୍ଗ ଯେ ତାଙ୍କଠାରୁ ଯଥେଷ୍ଟ ଆର୍ଥିକ ସାହାଯ୍ୟ ଲାଭ କରିଥିଲେ, ଏ କଥା କହିବା ପୁନରୁକ୍ତି-ମାତ୍ର । ଜଳହୀନ ସ୍ଥାନରେ କୂପଖନନ, ପୁରାତନ ପୁଷ୍କରିଣୀର ପଙ୍କୋଦ୍ଧାର, ଭଗ୍ନଦେଉଳର ସଂସ୍କାର ଏବଂ ଶ୍ମଶାନ ଓ ପଥପ୍ରାନ୍ତରେ ବୃକ୍ଷରୋପଣ ତାଙ୍କ ଜୀବନର ପରମ ପ୍ରିୟକାର୍ଯ୍ୟ ଥିଲା । ଗୌରୀଶଙ୍କର ନାନାପ୍ରକାରେ ଦାନ କରୁଥିଲେ ସତ୍ୟ, କିନ୍ତୁ ସେ ଅବିଚାରିତ ଦାନର ପକ୍ଷପାତୀ ନ ଥିଲେ । କେହି ଯାଚକ ବା ସାହାଯ୍ୟପ୍ରାର୍ଥୀ ଉପସ୍ଥିତ ହେଲେ ତାଙ୍କର ଉଦ୍ଦେଶ୍ୟର ଗୁରୁତ୍ୱ ବୁଝି ବିଚାରପୂର୍ବକ ପରିମିତ ଦାନ କରୁଥିଲେ ଅଥବା ଅଭିରୁଚିତ ନ ହେଲେ ସ୍ପଷ୍ଟ ଭାଷାରେ ଆପଣାର ଅନିଚ୍ଛା ଜଣାଇ ଦେଉଥିଲେ । ଏକଦା ଜଣେ ସନ୍ନ୍ୟାସୀ ବହୁପ୍ରଶଂସା ପତ୍ର ଧରି କୌଣସି ସ୍ଥାନରୁ ପ୍ରାପ୍ତ ଦେବବିଗ୍ରହର ଗୋଟିଏ ନୂତନ ମନ୍ଦିର ନିର୍ମାଣ କରିବା ଅଭିପ୍ରାୟରେ ସାହାଯ୍ୟପ୍ରାର୍ଥୀ ହୋଇ କହିଲେ, 'ପ୍ରଭୁଙ୍କର ସ୍ୱପ୍ନାଦେଶରେ ବହୁଦୂର ଖୋଳି ଏ ବିଗ୍ରହଟି ପାଇଅଛୁ, ଗୋଟିଏ ନୂତନ ଦେଉଳରେ ଏହାଙ୍କର ପ୍ରତିଷ୍ଠା ଲାଗି ଭେଦା ଉଠାଉ-ଅଛୁ ।' ତତ୍ଶ୍ରବଣରେ ଗୌରୀଶଙ୍କର ତତ୍କ୍ଷଣାତ୍ କହିଥିଲେ, 'ଏପରି ହେଲେ ଆପଣ ଆମ୍ଭଠାରୁ କିଛି ପାଇ ପାରିବେ ନାହିଁ । କାରଣ ଆମ୍ଭ ଦେଶରେ କେତେ ଦେଉଳ, ମଠବାଡ଼ି କ୍ରମଶଃ ଭାଙ୍ଗି ଯାଉଅଛି, ସେ ସମସ୍ତ ପୁରାତନ କୀର୍ତ୍ତିର ରକ୍ଷା ହୋଇ ପାରୁ ନାହିଁ । ସେଥିର ଉଦ୍ଧାର ବା ସଂସ୍କାରରେ ସାହାଯ୍ୟ ନ କରି ନୂତନ ମନ୍ଦିର ନିର୍ମାଣରେ ପ୍ରଶ୍ରୟ ଦେବା ବିଡ଼ମ୍ବନା ! ଆପଣ ଏ ବିଗ୍ରହ କୌଣସି ଦେଉଳ ବା ମଠବାଡ଼ିରେ ରଖାଇ ଦେଇ ପାରନ୍ତି ।' ଏଥିରୁ ତାଙ୍କର ଉଦ୍ଦେଶ୍ୟର ମହତ୍ତ୍ୱ ଉତ୍ତମରୂପେ ପ୍ରତିପାଦିତ ହେଉଅଛି । ଏହି ପ୍ରସଙ୍ଗରେ ଆଉ ଗୋଟିଏ ଘଟଣା ଏଠାରେ ମନେ ପଡ଼ୁଅଛି । ନିୟତିର କଠୋର ତାଡ଼ନାରେ ଯେତେବେଳେ ତାଙ୍କର ଦୌହିତ୍ରୀ ଶୈଳବାଳା କୈଶୋର ବୟସରେ ଦାରୁଣ ବୈଧବ୍ୟ-ଦୁଃଖ ପ୍ରାପ୍ତ ହେଲେ, ସେତେବେଳେ ଗୌରୀଶଙ୍କର ଏ ନବବିଧବାର ସଦ୍‌ବୃତ୍ତି ନିର୍ଦ୍ଧାରଣନିମନ୍ତେ ଆପଣା ତତ୍ତ୍ୱାବଧାନରେ ରଖି ଏଠା ବାଳିକାବିଦ୍ୟାଳୟରେ ତାଙ୍କର ଉଚ୍ଚଶିକ୍ଷାବିଧାନର ବ୍ୟବସ୍ଥା କରିଥିଲେ ଏବଂ ତାଙ୍କ ସହିତ ଆଉ କେତୋଟି ନିରାଶ୍ରୟା ବିଧବାଙ୍କୁ ଆଶ୍ରୟ ଦେବାପାଇଁ ନିଜଗୃହ ନିକଟରେ ଗୋଟିଏ ବିଧବାଶ୍ରମ ସ୍ଥାପନର କଳ୍ପନା କରିଥିଲେ । ଚରମ-କାଳରେ ତାଙ୍କର ଏହି ଲକ୍ଷ୍ୟ ଥିଲା ଯେ, କଟକରେ ଗୋଟିଏ ବିଧବାଶ୍ରମ ସ୍ଥାପନ କରି ତହିଁର ସ୍ଥାୟିତ୍ୱର ସୁବ୍ୟବସ୍ଥା କରିଥାନ୍ତେ; କିନ୍ତୁ ତାହା ବିଧାତାଙ୍କ ଇଚ୍ଛାରେ ପୂର୍ଣ୍ଣ ହୋଇ ପାରିଲା ନାହିଁ । ସୁପୁରୁଷ ଗୌରୀଶଙ୍କର ଅନେକଙ୍କୁ ଏହିପରି ଶିକ୍ଷା ଏବଂ ସାହାଯ୍ୟ ଦେଇ ମନୁଷ୍ୟ କରି ଯାଇଅଛନ୍ତି । ସାମାନ୍ୟ ଆୟରୁ ଜଣେ ଅଧ୍ୟବସାୟ ବଳରେ ପ୍ରଭୂତ ବିତ୍ତ ଉପାର୍ଜନକ୍ଷମ ହୋଇ ମିତବ୍ୟୟ ଏବଂ ସଞ୍ଚୟଦ୍ୱାରା ଜୀବନରେ କିପରି ମହତ୍ କାର୍ଯ୍ୟମାନ ସାଧନ କରିପାରନ୍ତି, ତହିଁର ଉଜ୍ଜ୍ୱଳ ଆଦର୍ଶ ଗୌରୀଶଙ୍କର ଦେଖାଇ ଯାଇଅଛନ୍ତି ।

Digitized by srujanika@gmail.com

ଦ୍ୱାଦଶ ପରିଚ୍ଛେଦ

ବ୍ରହ୍ମୋପାସନା ଓ ସମାଜସଂସ୍କାର

ଊନବିଂଶ ଶତାବ୍ଦୀର ପ୍ରଥମପାଦରେ ରାଜା ରାମମୋହନ ରାୟଙ୍କ ପ୍ରବର୍ତ୍ତିତ ବ୍ରାହ୍ମଧର୍ମ କଲିକତାରେ ନବୋଦିତ ହୋଇ କ୍ରମେ ଚତୁର୍ଦ୍ଦିଗରେ ଜ୍ୟୋତିବିସ୍ତାର କରିବାକୁ ଲାଗିଲା । ଓଡ଼ିଶାରେ ସେହି ନଅଙ୍କ ମହାମାରୀର ପରବର୍ତ୍ତୀ ଜାଗରଣରେ ଏହି ଧର୍ମଜ୍ୟୋତିର ସ୍ପର୍ଶ ନୂତନ ଅନୁଭୂତ ହୋଇଥିଲା । ପୌତ୍ତଳିକ ଧର୍ମରେ ବିଶ୍ୱାସ ନ ଥିବାରୁ ବ୍ରାହ୍ମମାନଙ୍କୁ ସେ ସମୟରେ ଲୋକେ ନାସ୍ତିକ ବୋଲି ପ୍ରଚାର କରୁଥିଲେ । କଟକରେ ସେତେବେଳେ ଯେଉଁ କେତେଜଣ ଉତ୍ସାହପ୍ରାଣ ଯୁବକ ସମାଜଭୟକୁ ତୁଚ୍ଛ ଜ୍ଞାନକରି ଏହି ନବୀନ ଧର୍ମର ଉଚ୍ଚ ଆଦର୍ଶ ହୃଦୟରେ ଧାରଣ କରିଥିଲେ, ସେମାନଙ୍କ ମଧ୍ୟରେ ସ୍ୱର୍ଗୀୟ ଜଗମୋହନ ରାୟ, ହରିହରାନନ୍ଦ ଦାସ ଏବଂ ଗୌରୀଶଙ୍କରହିଁ ପ୍ରଧାନ ଥିଲେ । ୧୮୬୦ ଖ୍ରୀଷ୍ଟାବ୍ଦରେ ଏହି ନବଗଠିତ ସମାଜର ଅଗ୍ରଣୀ ଜଗମୋହନ ରାୟଙ୍କ ଯତ୍ନରେ ଏଠା ଗଙ୍ଗାମନ୍ଦିର ପୁଷ୍କରିଣୀର ଉପରେ ଗୋଟିଏ ବ୍ରହ୍ମମନ୍ଦିର ପ୍ରତିଷ୍ଠିତ ହୋଇଥିଲା ଏବଂ ସେଥିରେ ନବଧର୍ମଦୀକ୍ଷିତ ଭଦ୍ରବ୍ୟକ୍ତିମାନେ ସପ୍ତାହରେ ଥରେ ଯାଇ ବ୍ରହ୍ମୋପାସନା କରୁଥିଲେ । ବର୍ତ୍ତୀତ ସମୟରେ ଶ୍ରୀଯୁକ୍ତ ହଣ୍ଟର୍ ସାହେବ ଓଡ଼ିଶାକୁ ଆସି ପ୍ରସିଦ୍ଧ ସ୍ଥାନମାନ ଭ୍ରମଣ କରି ଏ ଦେଶର ଐତିହାସିକ ଉପକରଣ ସଂଗ୍ରହ କରୁଥିଲେ । କଟକରେ ହରିହରାନନ୍ଦ ଓ ଗୌରୀଶଙ୍କରଙ୍କଠାରୁ ବିଶେଷ ସାହାଯ୍ୟ ପ୍ରାପ୍ତ ହୋଇଥିବାରୁ ସହୃଦୟତାବଶତଃ କଟକରେ ବ୍ରହ୍ମମନ୍ଦିର ପରିଦର୍ଶନ କରିଥିଲେ ଏବଂ ତତ୍ରତ୍ୟ ଉପାସନାରେ ଯୋଗ ଦେଇ ପ୍ରୀତ ହୋଇଥିଲେ । ସେତେବେଳେ ତ୍ରୈଲୋକ୍ୟନାଥ ମୁଖୋପାଧ୍ୟାୟ ନାମରେ ଜଣେ ପୁଲିସ ସବ୍ ଇନ୍‌ସ୍ପେକ୍ଟର ବ୍ରାହ୍ମସମାଜର ଉତ୍ସାହୀ ସଭ୍ୟ ଥିଲେ । ସାହେବ ମହୋଦୟ ଉକ୍ତ ଯୁବକଙ୍କ ଭିତରେ ବିଶେଷ ସମ୍ଭାବନା ଦର୍ଶନ କରି ତାଙ୍କୁ ନିଜର ସହକାରୀ କରି ସଙ୍ଗରେ ନେଇଗଲେ । ପରେ ଏହି ମୁଖୋପାଧ୍ୟାୟ ମହାଶୟ ଉଚ୍ଚବେତନରେ ସରକାରଙ୍କର ଜଣେ ବିଶିଷ୍ଟ କର୍ମଚାରୀ ହୋଇଥିଲେ ଏବଂ ଭାରତର ପ୍ରତିନିଧିସ୍ୱରୂପ ବିଲାତର ଗୋଟିଏ ପ୍ରଦର୍ଶନୀକୁ ପ୍ରେରିତ ହୋଇଥିଲେ ।

ମହର୍ଷି ଦେବେନ୍ଦ୍ରନାଥ ଠାକୁର ମହୋଦୟ ସ୍ୱୀୟ ଜମିଦାରୀ ପରିଦର୍ଶନ କରିବାକୁ ଆସି କଟକରେ ସର୍ବପ୍ରଥମେ ବ୍ରାହ୍ମସମାଜର ପ୍ରତିଷ୍ଠା କରିଥିଲେ । ତାହା କଲିକତାସ୍ଥ ଆଦି-ବ୍ରାହ୍ମସମାଜର ଗୋଟିଏ ଶାଖାରୂପେ ପରିଗଣିତ ହୋଇଥିଲା । ସ୍ଥାନୀୟ ଯେଉଁମାନେ ସେଥିରେ ଯୋଗ ଦେଇଥିଲେ, ତନ୍ମଧ୍ୟରେ ସ୍ୱର୍ଗୀୟ ଜଗନ୍ମୋହନ ରାୟ ମହାଶୟ ପ୍ରଧାନ । ଗୁଡମାରିଡ଼ଙ୍କର ବର୍ତ୍ତମାନ ଡାକଘର ନିକଟରେ ଗୋଟିଏ ପୁରାତନ ଗୃହରେ ସାପ୍ତାହିକ ଉପାସନା କାର୍ଯ୍ୟ ନିର୍ବାହିତ ହେଉଥିଲା । ପରେ ଜଗନ୍ମୋହନ ବାବୁଙ୍କ ଉଦ୍ୟମରେ ସ୍ଥାନୀୟ ବ୍ରହ୍ମମନ୍ଦିରଟି ନିର୍ମିତ ହେଲା । ଏଥିପାଇଁ ମହର୍ଷି ଦେବେନ୍ଦ୍ରନାଥ ଯଥେଷ୍ଟ ଅର୍ଥ ସାହାଯ୍ୟ କରିଥିଲେ । ସେତେବେଳକୁ ଆମ୍ଭମାନଙ୍କ ଗୌରୀଶଙ୍କର ତଦୀୟ ବନ୍ଧୁ ସ୍ୱର୍ଗୀୟ ଜଗଦ୍‌ବନ୍ଧୁ ଘୋଷ, ଜଗମୋହନ ଲାଲ, ପରମାନନ୍ଦ ଘୋଷ ପ୍ରଭୃତିଙ୍କ ସହିତ ବ୍ରାହ୍ମସମାଜର କାର୍ଯ୍ୟରେ ପରମ ଉତ୍ସାହରେ ଯୋଗ ଦେଇ ସାରିଥିଲେ ।

ଏହା ସଙ୍ଗେ ସଙ୍ଗେ କଟକରେ ବ୍ରାହ୍ମସମାଜର ଆଉ ଗୋଟିଏ ଦଳ ଗଠିତ ହୋଇଥିଲା । ଏ ଦଳଟି

Digitized by srujanika@gmail.com

ମହାତ୍ମା କେଶବଚନ୍ଦ୍ରଙ୍କ ପ୍ରବର୍ତ୍ତିତ ଅଗ୍ରବର୍ତ୍ତୀ ଦଳର ଅନ୍ତର୍ଭୁକ୍ତ । ସାଧାରଣତଃ କଲେଜର ଅନେକଗୁଡ଼ିଏ ଉତ୍ସାହୀ ଯୁବକ ଏଥିରେ ଯୋଗ ଦେଉଥିଲେ ଏବଂ ସ୍ୱର୍ଗୀୟ ଭକ୍ତକବି ମଧୁସୂଦନ ଓ ସ୍ୱନାମଧନ୍ୟ ପ୍ୟାରୀ ମୋହନ ଆଚାର୍ଯ୍ୟ ଏମାନଙ୍କ ମଧ୍ୟରେ ପ୍ରଧାନ ଥିଲେ । ଅନେକ ଦିନ ପର୍ଯ୍ୟନ୍ତ କୌଣସି ଭଦ୍ରବ୍ୟକ୍ତିଙ୍କ ବସାଘରର ବାହାରମେଲରେ ଏମାନଙ୍କର ଉପାସନା କାର୍ଯ୍ୟ ଚଳୁଥିଲା । ମନ୍ଦିରଟି ନିର୍ମିତ ହେବାରୁ ଏମାନେ ସେଠାରେ ସାପ୍ତାହିକ ଉପାସନାପାଇଁ ଜଗନ୍ମୋହନ ବାବୁଙ୍କ ନିକଟରେ ପ୍ରାର୍ଥୀ ହେଲେ । ଉଦାରଚେତା ବାବୁ ମହୋଦୟ ଅକୁଣ୍ଠିତଚିତ୍ତରେ ସେମାନଙ୍କ ପ୍ରାର୍ଥନା ଗ୍ରହଣ କଲେ ଏବଂ ସ୍ୱୀୟ ଦଳପାଇଁ ଶନିବାର ସନ୍ଧ୍ୟାକାଳ ନିର୍ଦ୍ଦେଶ କରିଦେଇ ରବିବାରଟି ଯୁବକ-ଦଳଙ୍କୁ ଛାଡ଼ି ଦେଲେ । ପରେ ଗୋଟିଏ ଟ୍ରଷ୍ଟ ଡ଼ିଡ଼ (Trust Deed) କରି ଦେଇ ଉଭୟ ଦଳଙ୍କ ହାତରେ ମନ୍ଦିରଟି ସମର୍ପଣ କରିଦେଲେ ।

ଜଗନ୍ମୋହନ ବାବୁ ଆଦିସମାଜ ଦଳର ଅଗ୍ରଣୀ ହେଲେହେଁ ଗୌରୀଶଙ୍କର ପ୍ରାୟ ସକଳ ବିଷୟରେ ଏ ସମାଜର ଚାଳକ ଥିଲେ ଏବଂ ଜଗନ୍ମୋହନ ବାବୁ ଏହାଙ୍କ ସୂକ୍ଷ୍ମ ବିଚାର, ନ୍ୟାୟପରତା ଓ ଗମ୍ଭୀର କର୍ତ୍ତବ୍ୟନିଷ୍ଠା ପ୍ରତି ଚିରଦିନ ପ୍ରଗାଢ଼ ଆସ୍ଥା ଓ ଶ୍ରଦ୍ଧା ପ୍ରଦର୍ଶନ କରୁଥିଲେ । ଗୌରୀଶଙ୍କରଙ୍କ ପରି ନିଷ୍ଠାବାନ୍ ସଭ୍ୟ ଓ ଉପାସକ କଟକ ବ୍ରାହ୍ମସମାଜରେ ଅନ୍ୟ କେହି ନ ଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ଯେତେ ଅସୁବିଧା ଥିଲେ ମଧ୍ୟ ଶନିବାର ସାନ୍ଧ୍ୟ ଉପାସନାରେ ଉପସ୍ଥିତ ହେବାରେ ତାଙ୍କର ତ୍ରୁଟି ଘଟୁ ନ ଥିଲା—ଘୋର ଝଡ଼ବୃଷ୍ଟିରେ ଗାଢ଼ ଅନ୍ଧକାର ମଧ୍ୟରେ ଛତାଟିଏ ଧରି ଲୁଗା ଟେକଟାକ ଦେଇ ଗୌରୀଶଙ୍କର ଏକାକୀ ମନ୍ଦିର ଅଭିମୁଖରେ ଚାଲିଅଛନ୍ତି । ଗାଡ଼ି ଚଢ଼ିବା ତ ଦୂର କଥା, ଲଣ୍ଠନଟିଏ ମଧ୍ୟ ସଙ୍ଗରେ ନିଅନ୍ତି ନାହିଁ । କେହି ଉପସ୍ଥିତ ନ ଥିଲେ ଏକାକୀ ଉପାସନା କାର୍ଯ୍ୟ ଶେଷ କରି ପୁଣି ସେହିପରି ଅନ୍ଧକାରରେ ଗୃହକୁ ଫେରନ୍ତି । ପ୍ରାଣପ୍ରତିମ କନିଷ୍ଠ ଜାମାତା ଅକ୍ଷୟକୁମାର ଘୋଷଙ୍କ ମୃତ୍ୟୁରେ ସୁଦ୍ଧା ଅବିଚଳିତ ଚିତ୍ତରେ ଏକାକୀ ବ୍ରହ୍ମୋପାସନାରେ ନିମଗ୍ନ ଥିବାର ଯେ ଗୌରୀଶଙ୍କରଙ୍କୁ ଦେଖିଅଛନ୍ତି, ସେ ଜୀବନରେ ତାଙ୍କର ଭକ୍ତିଭାବ ଭୁଲି ପାରିବେ ନାହିଁ । ମନ୍ଦିରରେ ସଙ୍ଗୀତ ଗାଇବାବେଳେ ଦରଦର ଧାରରେ ତାଙ୍କ ଚକ୍ଷୁରୁ ଲୋତକ ପ୍ରବାହିତ ହେବାର ବରାବର ଦେଖା ଯାଇଅଛି ।

କେବଳ ସେତିକ ନୁହେ । ଅନ୍ୟ ଦଳର ଉତ୍ସବାଦିରେ ଏବଂ ବିଶେଷ ବିଶେଷ ଅନୁଷ୍ଠାନରେ ଗୌରୀଶଙ୍କର ପ୍ରାୟ ନିୟମିତରୂପେ ଯୋଗ ଦେଉଥିଲେ । ମନ୍ଦିରର ରକ୍ଷଣାବେକ୍ଷଣ ଓ ସାପ୍ତାହିକ ଉପାସନାର ବ୍ୟୟପାଇଁ ନିୟମିତ ଅର୍ଥସାହାଯ୍ୟ ଛଡ଼ା ଅନ୍ୟ ଦଳର ସର୍ବପ୍ରକାର ଅନୁଷ୍ଠାନାଦି ପାଇଁ ମଧ୍ୟ ଗୌରୀଶଙ୍କର ଅର୍ଥ ସାହାଯ୍ୟ କରିବାକୁ ସର୍ବଦା ତତ୍ପର ଥିଲେ । ସାମ୍ପ୍ରଦାୟିକ ଭାବ ତାଙ୍କ ମନରେ ଆଦୌ ନ ଥିଲା । କେବଳ ଅନୁଷ୍ଠାନଟିର ଗୁରୁତ୍ୱ ବୁଝିଲେ ସାଧ୍ୟାନୁସାରେ ଅର୍ଥସାହାଯ୍ୟ କରିବାରେ ତାଙ୍କର କିଛି ମାତ୍ର କୁଣ୍ଠା ନ ଥାଏ । ଜୀବନର ଶେଷ ପର୍ଯ୍ୟନ୍ତ ସେ କଟକ ବ୍ରହ୍ମମନ୍ଦିରର ଅନ୍ୟତମ ଟ୍ରଷ୍ଟୀ ଥାଇ ଏହାର ରକ୍ଷା ଓ ଉନ୍ନତିପାଇଁ ଚିନ୍ତା ଓ ଯତ୍ନ କରି ଯାଇଅଛନ୍ତି ।

ଗୌରୀଶଙ୍କର ବ୍ରାହ୍ମସମାଜର ରକ୍ଷଣଶୀଳ ବିଭାଗର ଅନ୍ତର୍ଭୁକ୍ତ ଥିଲେ । ସୁତରାଂ ହିନ୍ଦୁସମାଜ ସହିତ ତାଙ୍କର ବିଚ୍ଛେଦ କେବେ ଘଟି ନ ଥିଲା । ବସ୍ତୁତଃ ସେ ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ହିନ୍ଦୁଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ । ଫସାରଦ୍ୱାରା ନାନା ଅସାର ଅଂଶ ଓ ଆବର୍ଜନା ଦୂର କରି ସରଳ ଶୁଦ୍ଧ ବ୍ରହ୍ମଧର୍ମ ଗ୍ରହଣ କରିବା ଓ ଜୀବନରେ ବ୍ରହ୍ମୋପାସନାକୁ ସାର

Digitized by srujanika@gmail.com

ବୋଲି ଅବଲମ୍ବନ କରିବା ହିନ୍ଦୁର କର୍ତ୍ତବ୍ୟ ବୋଲି ସେ ମନେ କରୁଥିଲେ; କିନ୍ତୁ ଉଗ୍ରସଂସ୍କାରପଥକୁ କୌଣସି କାଳେ ସେ ପସନ୍ଦ କରୁ ନ ଥିଲେହେଁ ସର୍ବପ୍ରକାର ସଂସ୍କାର କାର୍ଯ୍ୟରେ ତାଙ୍କର ସହାନୁଭୂତି ଚିରଦିନ ଅକ୍ଷୁଣ୍ଣ ଥିଲା । ସମାଜର କ୍ଷୁଦ୍ର କ୍ଷୁଦ୍ର ସଂସ୍କାରକାର୍ଯ୍ୟରେ ସେ ଅନେକ ସ୍ଥଳରେ ଅଗ୍ରଣୀରୂପେ କାର୍ଯ୍ୟ କରିଅଛନ୍ତି, ନାନା ପ୍ରତିକୂଳତା ସତ୍ତ୍ୱେ ବଙ୍ଗୀୟ କାୟସ୍ଥକୁଳର ପ୍ରଚଳିତ ୩୦ ଦିନବ୍ୟାପୀ ମୃତାଶୌଚକୁ ୧୨ ଦିନରେ ପର୍ଯ୍ୟବସିତ କରିଥିଲେ ଏବଂ ସ୍ୱୀୟ ଜନନୀଙ୍କ ଶ୍ରାଦ୍ଧକ୍ରିୟା ୧୩ ଦିନରେ ସମ୍ପନ୍ନ କରିଥିଲେ ।

କାର୍ଯ୍ୟତଃ ବେଶି କିଛି କରି ନ ଥାନ୍ତୁ ପଛକେ ତାଙ୍କ ମନଟା ସଂସ୍କାରପ୍ରବଣ ଥିଲା ଏବଂ ସଂସ୍କାରର ପକ୍ଷ ସମର୍ଥନ କରିବାକୁ ସେ କେବେ ପଶ୍ଚାତ୍‌ପଦ ହେଉ ନ ଥିଲେ । ବସ୍ତୁତଃ ସେ ରକ୍ଷଣଶୀଳ ଓ ଉନ୍ନତିଶୀଳ ଉଭୟ ଦଳର ମଧ୍ୟବର୍ତ୍ତୀ ପଥ ଅବଲମ୍ବନ କରି ଜୀବନ କଟାଇ ଦେଇଥିଲେ ।

ତ୍ରୟୋଦଶ ପରିଚ୍ଛେଦ

ନାନା କଥା

ଗୌରୀଶଙ୍କର ନିଜ ଗୃହରେ ନୈଷ୍ଠିକ ହିନ୍ଦୁଭାବରେ ଜୀବନଯାପନ କରୁଥିଲେ । ଦୁର୍ଗାପୂଜା, ଗଣେଶପୂଜା ପ୍ରଭୃତିରେ ସେ ନିଜର ପରିବାରସ୍ଥ ବାଳକବାଳିକାମାନଙ୍କୁ ବିଶେଷଭାବରେ ଉତ୍ସାହିତ କରୁଥିଲେ ଓ ଦୁର୍ଗାପୂଜା ସମୟରେ ନିଜର ଗ୍ରାମସ୍ଥ ସମସ୍ତେ କିପରି ଗ୍ରାମକୁ ଯାଇ ପୂଜାର ଆନନ୍ଦରେ ଯୋଗ ଦେଇ ପାରିବେ, ତାହାର ବିଶେଷ ଚିନ୍ତା ନେଇ ନିଜେ ଡଙ୍ଗା ଭଡ଼ା କରି ଅସମର୍ଥ ଲୋକଙ୍କୁ ନେଇ ଗ୍ରାମରେ ଉପସ୍ଥିତ ହେଉଥିଲେ । ପୂଜା ସମୟରେ ନିଜେ ସମସ୍ତ ଉପବାସାଦି ନିୟମ ପାଳନ କରି ନିରତିଶୟ ଶୁଦ୍ଧଭାବରେ ଓ ପବିତ୍ରାତ୍ମାର ଓ ଭକ୍ତିସହିତ ପୂଜାକାର୍ଯ୍ୟରେ ବ୍ୟାପୃତ ରହୁଥିଲେ ଓ କିପରି ଭଲ ପଣ୍ଡିତଙ୍କଦ୍ୱାରା ବିଶୁଦ୍ଧଭାବରେ ମନ୍ତ୍ରପାଠ ହେବ, କିପରି ନିଷ୍ଠାର ସହିତ ସକଳ କାର୍ଯ୍ୟ ସମ୍ପନ୍ନ ହେବ, ତାହାର ସବିଶେଷ ସନ୍ଧାନ ନେଇ ଯଥାବିହିତ କାର୍ଯ୍ୟ କରୁଥିଲେ; କିନ୍ତୁ ତାଙ୍କର ଏହି ନିଷ୍ଠା ମଧ୍ୟରେ ସଂକୀର୍ଣ୍ଣତାର ଲେଶ ମାତ୍ର ନ ଥିଲା । ହିନ୍ଦୁଧର୍ମରେ ଯାହା ମନ୍ଦ ଓ ହିନ୍ଦୁର ଆଚାର ବ୍ୟବହାରରେ ଯାହା କିଛି ଅନ୍ୟାୟ ବୋଲି ସେ ମନେ କରୁଥିଲେ, ନିଜେ ଦୃଢ଼ଭାବରେ ତାହାର ବିପକ୍ଷତା ଆଚରଣ କରି ତାହାର ସଂସ୍କାରରେ ବ୍ରତୀ ହେଉଥିଲେ ଓ ସେଥି ନିମନ୍ତେ ସମସ୍ତ ବାଧା ବିଘ୍ନ ଉପେକ୍ଷା କରି ଅବିଚଳିତଭାବରେ ନିଜର କର୍ତ୍ତବ୍ୟ ପାଳନ କରୁଥିଲେ ।

୧୯୦୫ ଖ୍ରୀଷ୍ଟାବ୍ଦରେ କାୟସ୍ଥମାନଙ୍କର କ୍ଷତ୍ରିୟତ୍ୱ ପ୍ରତିପାଦନ ନିମନ୍ତେ ବଙ୍ଗଦେଶରେ ଆନ୍ଦୋଳନ ଆରମ୍ଭ ହେଲା ଓ ଅନ୍ୟାନ୍ୟ ପ୍ରଦେଶର କାୟସ୍ଥ ଓ କରଣମାନେ ଉପବୀତରେ ଅଧିକାରୀ ଥିବା ସ୍ଥଳେ କେବଳ ବଙ୍ଗଦେଶରେ କାୟସ୍ଥମାନେ କାହିଁକି ବିନା ଉପବୀତରେ ଶୂଦ୍ର ବୋଲି ପରିଚିତ ହେବେ, ଏହି ତର୍କ ଉପସ୍ଥିତ ହେଲା । ଏ ବିଷୟରେ ବଙ୍ଗଦେଶର ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ବୋଷ ପ୍ରାଚ୍ୟବିଦ୍ୟାମହାର୍ଣ୍ଣବ ମହାଶୟ ଅଗ୍ରଣୀ ଥିଲେ । ସେ ସମୟରେ ଗୌରୀଶଙ୍କର କଟକରେ କାୟସ୍ଥ ସଭାର ସଭାପତି; ଓଡ଼ିଶାର କାୟସ୍ଥମାନଙ୍କ

Digitized by srujanika@gmail.com

ଉପରେ ତାଙ୍କର ପ୍ରଭାବ ଅତ୍ୟଧିକ ଥିବାରୁ ବଙ୍ଗଦେଶର ଉପବୀତଗ୍ରହଣେଚ୍ଛୁ କାୟସ୍ଥମାନେ ଗୌରୀଶଙ୍କରଙ୍କୁ ସହାୟସ୍ୱରୂପ ପାଇବାକୁ ଚେଷ୍ଟା କରିଥିଲେ । ବହୁଦିନ ପର୍ଯ୍ୟନ୍ତ ଏଠା କାୟସ୍ଥସଭାର ସଭ୍ୟମାନଙ୍କ ସହିତ ଗୌରୀଶଙ୍କରଙ୍କର ପରାମର୍ଶ ଚାଲିଲା ଓ କେତେକ ଲୋକ ଉପବୀତ ଗ୍ରହଣର ପକ୍ଷପାତୀ ହୋଇ ଅନୁକୂଳ ମତ ପ୍ରକାଶ କରିଥିଲେହେଁ ପ୍ରକାଶ୍ୟଭାବରେ ଉପବୀତ ଗ୍ରହଣ କରିବାକୁ ଅଗ୍ରସର ହେବାକୁ ସାହସୀ ହେଉ ନ ଥିଲେ । ସମାଜଚ୍ୟୁତି ଭୟ ପ୍ରବଳ ଥିବାରୁ ଓ ମଫସଲସ୍ଥ କାୟସ୍ଥମାନେ ଉପବୀତ ଗ୍ରହଣ ପ୍ରସ୍ତାବର ବିରୋଧୀ ଥିବାରୁ ଏ ବିଷୟରେ କିଛି କର୍ତ୍ତବ୍ୟ ସ୍ଥିର ହୋଇ ପାରି ନ ଥିଲା । ଏଥିମଧ୍ୟରେ ବଙ୍ଗଦେଶରୁ କେତେକ ଥର କାୟସ୍ଥନେତା ଓ ପଣ୍ଡିତମାନେ ଆସି ଏଠାରେ ପ୍ରକାଶ୍ୟ ସଭାରେ କାୟସ୍ଥମାନଙ୍କର ଉପବୀତ ଗ୍ରହଣର ଅଧିକାର ଓ ପ୍ରୟୋଜନୀୟତା ସମ୍ବନ୍ଧରେ ନାନାପ୍ରକାର ବକ୍ତୃତା ଦେଇ ଏଠା ବିରୁଦ୍ଧବାଦୀମାନଙ୍କର ମତବାଦ ଧ୍ୱଂସ କରିବାରେ ଚେଷ୍ଟା କରିଥିଲେ, କିନ୍ତୁ କେହି ସାହସ କରି ଅଗ୍ରସର ହୋଇ ଉପବୀତ ଗ୍ରହଣ କରିବାକୁ ପ୍ରସ୍ତୁତ ନ ହେବାରୁ ଗୌରୀଶଙ୍କର ନିଜେ ଉପବୀତ ଗ୍ରହଣ କରିବାର ସଂକଳ୍ପ କରିଥିଲେ ।

ଇତିମଧ୍ୟରେ ୧୯୦୮ ଖ୍ରୀଷ୍ଟାବ୍ଦରେ ତାଙ୍କର ମାତୃବିୟୋଗ ହେଲା । ମାତାଙ୍କର ବିୟୋଗସମୟ ପର୍ଯ୍ୟନ୍ତ ସେ ଉପବୀତ ଗ୍ରହଣ କରି ନ ଥିଲେ । ତାଙ୍କର ମାତାଙ୍କ ମୃତ୍ୟୁର ପ୍ରାୟ ଏକସପ୍ତାହକ ପୂର୍ବରୁ ତାଙ୍କ ଭ୍ରାତୃଷ୍ପୁତ୍ରଙ୍କର ବିବାହୋପଲକ୍ଷରେ କଟକରେ ତାଙ୍କର ସମସ୍ତ ଜ୍ଞାତିମାନେ ଏକତ୍ରିତ ହୋଇଥିଲେ । ମାତୃବିୟୋଗର ଅବ୍ୟବହିତକାଳପରେ ଗୌରୀଶଙ୍କର କ୍ଷତ୍ରିୟାଚାରରେ ମାତାଙ୍କର ତ୍ରୟୋଦଶାହ ଶ୍ରାଦ୍ଧ କରିବା ସଂକଳ୍ପ କରି ଜ୍ଞାତିମାନଙ୍କର ମତାମତ ଲୋଡ଼ିଥିଲେ; କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ଅନୁକୂଳ ମତ ଦେଲେ ସୁଦ୍ଧା ସମାଜଚ୍ୟୁତି ଭୟରୁ ଗୌରୀଶଙ୍କରଙ୍କୁ ପ୍ରସ୍ତାବିତ କାର୍ଯ୍ୟରୁ ବିରତ କରିବାକୁ ଚେଷ୍ଟା କରିଥିଲେ । ମାତ୍ର ଗୌରୀଶଙ୍କର ଯାହା ଥରେ ଉତ୍ତମ ବୋଲି ଗ୍ରହଣ କରୁଥିଲେ, ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ତାହା ସମ୍ପନ୍ନ କରିବାରେ ସଚେଷ୍ଟ ହେଉଥିଲେ । ଏଣୁ ଜ୍ଞାତିମାନଙ୍କ କଥାରେ ବିରତ ନ ହୋଇ ସ୍ୱୀୟ କନିଷ୍ଠ ସହୋଦରଙ୍କ ସହିତ ପରାମର୍ଶ କରି ତ୍ରୟୋଦଶାହ ଶ୍ରାଦ୍ଧ କରିବାର ଆୟୋଜନ କରିବାକୁ ଲାଗିଲେ । ଏଥିରେ ସମଗ୍ର ଓଡ଼ିଶାରେ ହଠାତ୍ ହଲ୍‌ହଲ ଉଠିଲା । ଯେଉଁ କାୟସ୍ଥମାନେ ପୂର୍ବେ ଏଥିର ସପକ୍ଷରେ ମତ ଦେଇଥିଲେ, ସେମାନଙ୍କ ମଧ୍ୟରୁ କେତେକ ଗୌରୀଶଙ୍କରଙ୍କ ହଠକାରିତା ଦେଖି ବିପକ୍ଷଦଳରେ ଯୋଗଦେଲେ । ଯେଉଁ ଜ୍ଞାତିମାନେ ଶ୍ରାଦ୍ଧରେ ଯୋଗଦେଲେ, ସେମାନଙ୍କ ମଧ୍ୟରୁ କେହି କେହି ସ୍ୱଗ୍ରାମରେ ବିରୁଦ୍ଧଦଳର ପ୍ରତାପ ଦେଖି ଗୌରୀଶଙ୍କରଙ୍କର ଗୃହକୁ ଆସିବା କଥା ସର୍ବୈବ ଅସ୍ୱୀକାର କଲେ । କଟକର ତତ୍କାଳୀନ ପ୍ରବୀଣ ପଣ୍ଡିତ ସ୍ୱର୍ଗତ ବିଶ୍ୱନାଥ ଶତପଥୀ ମହୋଦୟ କ୍ଷତ୍ରିୟୋଚିତ ତ୍ରୟୋଦଶାହ ଶ୍ରାଦ୍ଧର ବ୍ୟବସ୍ଥା ଦେଇଥିଲେ ସୁଦ୍ଧା ଭରସା କରି ଶ୍ରାଦ୍ଧସଭାରେ ଯୋଗ ଦେଇ ପାରିଲେନାହିଁ । ୧୯୦୮ ଖ୍ରୀଷ୍ଟାବ୍ଦର ମାର୍ଚ୍ଚମାସ ୪ ତାରିଖରେ ଏହି ତ୍ରୟୋଦଶାହ ଶ୍ରାଦ୍ଧକ୍ରିୟା ଅନୁଷ୍ଠିତ ହୋଇଥିଲା ଓ ତାହାର କିଛିଦିନ ପରେ ଗୌରୀଶଙ୍କର ଓ ତାଙ୍କର ପରିବାରସ୍ଥ ସମସ୍ତେ ଦ୍ୱାରକାନାଥ ପଟ୍ଟନାୟକ, ସ୍ୱର୍ଗତ ଅକ୍ଷୟକୁମାର ଘୋଷ ପ୍ରଭୃତିଙ୍କ ସହିତ ବିଧିମତେ ବ୍ରାତ୍ୟପ୍ରାୟଶ୍ଚିତ୍ତ ସମ୍ପନ୍ନ କରି ଉପବୀତ ଗ୍ରହଣ କରିଥିଲେ । ତ୍ରୟୋଦଶାହ ଶ୍ରାଦ୍ଧ ପରେ ଯେଉଁ ତୁମୁଳ ଆନ୍ଦୋଳନ ଉପସ୍ଥିତ ହୋଇଥିଲା, ତାହା ବର୍ତ୍ତମାନ ତୁମୁଳତର ହୋଇ ଉଠିଲା ଓ କାୟସ୍ଥସମାଜ ଗୋଟିଏ ସାଧାରଣ ସଭା ଆହ୍ୱାନ କରି ଗୌରୀଶଙ୍କରଙ୍କୁ ସମାଜଚ୍ୟୁତ କରିବାର ପ୍ରସ୍ତାବ ଧାର୍ଯ୍ୟ କଲେ; କିନ୍ତୁ ଗୌରୀଶଙ୍କର ତଥାପି ଅଟଳ । ଅନେକେ ତାଙ୍କୁ ସମାଜ

Digitized by srujanika@gmail.com

ନିକଟରେ ନିଜର ତ୍ରୁଟି ସ୍ୱୀକାର କରି ପ୍ରାୟଶ୍ଚିତ୍ତ କରିବାର ପରାମର୍ଶ ଦେଇଥିଲେ; କିନ୍ତୁ ସେ ସମସ୍ତ ଯୁକ୍ତି ଅଗ୍ରାହ୍ୟ କରି ନିଜେ ଅଟଳ ରହି ତାଙ୍କ ଦଳସ୍ଥ ଅନ୍ୟ ଉପରୋକ୍ତଧର୍ମା କାୟସ୍ଥମାନଙ୍କୁ ଅଭୟଦାନ କରିବାକୁ ଲାଗିଲେ । ଏହି ସମସ୍ତ ମଧ୍ୟରେ ନିଜେ ସମାଜଚ୍ୟୁତ ହୋଇଥିଲେ ସୁଦ୍ଧା ସେ କାୟସ୍ଥସମାଜର ସଭାପତି ଓ ତାଙ୍କର ଜାମାତା ସ୍ୱର୍ଗତ ଅକ୍ଷୟକୁମାର ଘୋଷ କାୟସ୍ଥ-ସଭାର ସମ୍ପାଦକ ଥିଲେ । ସାଧାରଣ କାୟସ୍ଥ ବାଳକ-ମାନଙ୍କୁ ସାହାଯ୍ୟ କରିବାରେ ମଧ୍ୟ ସେ ବିରତ ହୋଇ ନ ଥିଲେ, ବରଂ ସମସ୍ତ ସମୟରେ ନିଜେ ସମାଜଚ୍ୟୁତ ଥାଇ ସୁଦ୍ଧା ବିରୁଦ୍ଧବାଦୀ କାୟସ୍ଥ ସମାଜର ନେତୃ-ସ୍ଥାନୀୟମାନଙ୍କୁ ସାମାଜିକ ବ୍ୟାପାରରେ ଯଥାଶକ୍ତି ସାହାଯ୍ୟ କରୁଥିଲେ । ଏହିପରି ସମାଜଚ୍ୟୁତଭାବରେ ଏକ ବର୍ଷ ରହିଲା ପରେ କାୟସ୍ଥସଭା ପୁଣି ସ୍ୱେଚ୍ଛାକ୍ରମେ ସାଧାରଣ ସଭା ଆହ୍ୱାନ କରି ତାଙ୍କୁ ଆପ୍ୟାୟିତ କରିଥିଲେ ଓ ସମାଜଚ୍ୟୁତ ରଦ୍ଦ କରିଥିଲେ ।

ଆଉ ଗୋଟିଏ ଉଦାହରଣରୁ ମଧ୍ୟ ତାଙ୍କ ମତର ଉଦାରତା ଓ ଦୃଢ଼ତା ପ୍ରମାଣିତ ହୋଇ ପାରିବ । ତାଙ୍କର ଦୌହିତ୍ରୀ ଶ୍ରୀମତୀ ଶୈଳବାଳା ଅଳ୍ପ ବୟସରେ ବିଧବା ହୋଇଥିଲେ । ସେତେବେଳେ ବାଳିକାମାନଙ୍କ ଶିକ୍ଷାପ୍ରତି ସମସ୍ତ ହିନ୍ଦୁ ସମାଜ ଏକ-ପ୍ରକାର ଉଦାସୀନ ଓ ହିନ୍ଦୁ ବିଧବାର ସ୍କୁଲରେ ପଢ଼ିବା ଏକପ୍ରକାର ଅସମ୍ଭବ ସ୍ୱପ୍ନ ପ୍ରାୟ ଥିଲା । ଯେତେ-ବେଳେ ଗୌରୀଶଙ୍କର ଶୈଳବାଳାକୁ ସ୍ୱଗୃହକୁ ଆଣି ବାଳିକା ବିଦ୍ୟାଳୟରେ ତାହାର ପଢ଼ାପଢ଼ିର ବ୍ୟବସ୍ଥା କରିବାକୁ ଲାଗିଲେ, ସେତେବେଳେ ପୁଣି କାୟସ୍ଥ-ମାନଙ୍କ ମଧ୍ୟରେ ଚହଳ ଉଠିଲା । ପୁଣି ଗୌରୀଶଙ୍କରଙ୍କୁ ସାମାଜିକ ନିର୍ଯ୍ୟାତନର ଭୟ ଦେଖାଇ ଉକ୍ତ କାର୍ଯ୍ୟରୁ ବିରତ କରିବାର ଚେଷ୍ଟା ହୋଇଥିଲା । ମାତ୍ର ସେ ଚେଷ୍ଟା ମଧ୍ୟ ସଫଳ ହୋଇ ପାରିଲା ନାହିଁ । ଗୌରୀ-ଶଙ୍କର ଏକାଦିଗରେ ହିନ୍ଦୁ ବିଧବାର ବ୍ରହ୍ମଚର୍ଯ୍ୟପାଳନ ଓ ସଂଯତ ଆହାରବିହାରର ପକ୍ଷପାତୀ ଥାଇ ଶୈଳ-ବାଳାକୁ ବିଧବାର ସମସ୍ତ ନିଷ୍ଠାନିୟମ ଆଦି ପାଳନ କରିବାରେ ବାଧ୍ୟ କରିଥିଲେ ଏବଂ ଶୈଳବାଳାକୁ ହବିଷ୍ୟ ଉପବାସାଦି ସମସ୍ତ କଠୋର ନିୟମମାନ ପାଳନ କରି ନଗ୍ନପାଦ ଓ ନିରଳଙ୍କାରଭାବରେ ପ୍ରତ୍ୟହ ସ୍କୁଲକୁ ଯିବାକୁ ହେଉଥିଲା । ସେ ଏହି-ଭାବରେ ପ୍ରବେଶିକା (Matriculation) କ୍ଲାସ ପର୍ଯ୍ୟନ୍ତ ପଢ଼ି ଗୌରୀଶଙ୍କରଙ୍କ ମୃତ୍ୟୁ ପରେ ପାରିବାରିକ ଅସୁବିଧାବଶତଃ ପଢ଼ାପଢ଼ି ଛାଡ଼ିବାକୁ ବାଧ୍ୟ ହୋଇଥିଲା ।

ଗୌରୀଶଙ୍କର କୃଷି ଓ ସଙ୍ଗୀତ ଏ ଦୁଇଟିରେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ସଙ୍ଗୀତ ବିଷୟ ଏଥିପୂର୍ବେ ଲେଖା ଯାଇଅଛି । ତାଙ୍କର ଗ୍ରାମରେ ଗୋଟିଏ ବଗିଚା ଥିଲା ଓ ସେ ଗ୍ରାମରେ ଥିବା ସମୟରେ ପ୍ରତ୍ୟହ ନିୟମିତଭାବରେ ଉକ୍ତ ବଗିଚାକୁ ଯାଉଥିଲେ । ଝଡ଼, ବର୍ଷା, ତୋଫାନ କିଛି ପ୍ରତି ଦୃକ୍‌ପାତ ନାହିଁ । ଏକନିଷ୍ଠଭାବରେ ଏ ବଗିଚାକୁ ପ୍ରତ୍ୟହ ଯାଇ ତାହା ଉନ୍ନତିବିଧାନରେ ସେ ସର୍ବଦା ସଚେଷ୍ଟ ଥିଲେ । ଏ ବିଷୟରେ ତାଙ୍କର ଏତେ ଯତ୍ନ ଥିଲା ଯେ, ଉକ୍ତ ବଗିଚାରୁ ମାଟି ଖୋଳା ହୋଇ ନିୟମିତଭାବରେ ରାସାୟନିକ ବିଶ୍ଳେଷଣ ନିମନ୍ତେ କଲିକତା ପଠାଯାଉ ଥିଲା ଓ ସେଠା ରିପୋର୍ଟ ଅନୁଯାୟୀ ଏଠାରେ ଖତ ଆଦି ପ୍ରୟୋଗ କରାଯାଉଥିଲା । କେତେକ ବର୍ଷ ମଧ୍ୟରେ ଯେଉଁ ଜମିରେ ବେଣାଚେର ଗଜୁରୁ ନ ଥିଲା, ତାହା ତାଙ୍କର ଚେଷ୍ଟାରେ ଆମ୍ବ, ପଣସ, ନାଗେଶ୍ୱରାଦି ବହୁ ବୃକ୍ଷର ସୁନ୍ଦର ଉଦ୍ୟାନରେ ପରିଣତ ହୋଇଅଛି । ତାଙ୍କର ଡାଏରୀରେ (Diary) କୃଷିର ନାନା ତଥ୍ୟ ସେ ଲିପିବଦ୍ଧ କରି ରଖୁଥିଲେ ଓ ତାହାର ପ୍ରୟୋଗ କରିବାରେ ମଧ୍ୟ ସଚେଷ୍ଟ ହେଉଥିଲେ । ଏହିପରି ନାନା ଉପାୟରେ ସେ ନିଜର କୃଷିକ୍ଷେତ୍ରମାନଙ୍କର ଉନ୍ନତିବିଧାନ କରିବାକୁ ଚେଷ୍ଟା କରୁଥିଲେ ଓ ନିଜର

Digitized by srujanika@gmail.com

ତତ୍ତ୍ୱାବଧାନରେ କୃଷକମାନଙ୍କର ଉନ୍ନତି ନିମନ୍ତେ ନିଜ ଗ୍ରାମର ଅଦୂରବର୍ତ୍ତୀ ସମବାୟ ନାମକ ସ୍ଥାନରେ (Co-operative Society) ସ୍ଥାପନ କରିଥିଲେ । କୃଷିପ୍ରଦର୍ଶନୀ ପ୍ରଭୃତିରେ ତାଙ୍କର ଅତ୍ୟନ୍ତ ଉତ୍ସାହ ଥିଲା ଓ ସେ ଅନେକ ଥର ନିଜ ଉଦ୍ୟାନରେ ଉତ୍ପନ୍ନ ପଦାର୍ଥମାନ ପ୍ରଦର୍ଶନୀରେ ଉପସ୍ଥିତ କରିଥିଲେ ।

ଲୋକସେବାରେ ସେ ନିର୍ଭୀକ ଭାବରେ ସ୍ୱକାର୍ଯ୍ୟ ସାଧନ କରୁଥିଲେ । ତାଙ୍କର ଗ୍ରାମ ନିକଟରେ ଏକ ସ୍ଥାନରେ ରାସ୍ତା ଭାଙ୍ଗି ଯାଇ ଅନେକ ଦିନରୁ ଗୋଟିଏ ଘାଇ ହୋଇ ରହିଥିଲା ଓ ସେ ବାଟେ ଲୋକମାନଙ୍କର ଯିବା ଆସିବାର ଅସୁବିଧା ହେଉଥିଲା । ଗୌରୀଶଙ୍କର ଏହି ଅସୁବିଧା ଦୂର କରିବା ଲାଗି ସେହି ସ୍ଥାନରେ ଗୋଟିଏ ପକ୍କା ପୋଲ କରିବାର ସଂକଳ୍ପ କରି ସ୍ଥାନଟିର ସତ୍ତ୍ୱାଧିକାରୀର ଅନୁମତି ଲୋଡ଼ିଥିଲେ । ମାତ୍ର ନାନା କାରଣରୁ ସେ ଅନୁମତି ଦେବାକୁ ଅସ୍ୱୀକାର କରିବାରୁ ଗୌରୀଶଙ୍କର ଲୋକମାନଙ୍କର ଅସୁବିଧା ଦୂର କରିବା ସକାଶେ ସେ ସ୍ଥାନରେ ପକ୍କା ପୋଲ ତିଆର କରିବା ନିମନ୍ତେ ବଦ୍ଧପରିକର ହୋଇ ଅବିଳମ୍ବେ କାର୍ଯ୍ୟ ଆରମ୍ଭ କଲେ । ସତ୍ତ୍ୱାଧିକାରୀ ତାଙ୍କ ବିରୁଦ୍ଧରେ ଫୌଜଦାରୀ ଅଦାଲତରେ ନାଲିସ ଦାଏର କଲେ ଓ ପ୍ରଥମେ ଗୌରୀଶଙ୍କରଙ୍କ ନିଯୁକ୍ତ ଲୋକମାନଙ୍କର କାରାଦଣ୍ଡ ଆଦେଶ ହେଲେହେଁ ପରେ ଅପିଲରେ ତାଙ୍କର ସଦିଚ୍ଛା ପ୍ରମାଣିତ ହେବାରୁ ସମସ୍ତଙ୍କୁ ଅବ୍ୟାହତି ଦିଆ ଯାଇଥିଲା ।

ଚତୁର୍ଦ୍ଦଶ ପରିଚ୍ଛେଦ

ଶେଷଜୀବନ ଓ ମୃତ୍ୟୁ

ଗୌରୀଶଙ୍କର ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କର ସ୍ଥାପିତ Printing Company କୁ ନିଜର ଘରଭୁଲି ଜ୍ଞାନ କରି ସେହିଠାରେ ଅଧିକାଂଶ ସମୟ ଅତିବାହିତ କରୁଥିଲେ । ଏମନ୍ତ, କି, ବାର୍ଦ୍ଧକ୍ୟବଶତଃ କାର୍ଯ୍ୟରୁ ଅବ୍ୟାହତି ଗ୍ରହଣ କରିଥିଲେ ମଧ୍ୟ ସେ ପ୍ରେସ ଗୃହରେ ଅଧିକାଂଶ ସମୟ ଯାପନ କରୁଥିଲେ । ୧୯୧୫ ଖ୍ରୀଷ୍ଟାବ୍ଦରେ ନାନାପ୍ରକାର ପାରିବାରିକ ଅଶାନ୍ତି ଓ ଜରାଜନିତ ଶାରୀରିକ ଅଶକ୍ତି ଯୋଗୁଁ ସେ ଆଉ ପ୍ରେସର ଭାର ନିଜ ହସ୍ତରେ ରଖିବାକୁ ଅନିଚ୍ଛୁକ ହୋଇ ସୁଦାମ ବାବୁଙ୍କୁ ସମସ୍ତ ହିସାବ ବୁଝାଇ ଦେଇ ଦୀପିକାର ସମ୍ପାଦକ ପଦର ପରିତ୍ୟାଗ କରିଥିଲେ । ୧୯୧୬ ଖ୍ରୀଷ୍ଟାବ୍ଦରେ ସରକାର ତାହାଙ୍କୁ ରାୟ ବାହାଦୂର ଉପାଧିରେ ଭୂଷିତ କରିଥିଲେ । ଏହି ଉପାଧିର ତାରବାର୍ତ୍ତା ଯେତେବେଳେ ତାଙ୍କ ନିକଟରେ ପହଞ୍ଚିଲା, ସେତେବେଳେ ଗୌରୀଶଙ୍କର ତହିଁ ଉପରେ "This is another infliction on me" ଅର୍ଥାତ୍ ଏହା ମୋ ଉପରେ ପୁନରାୟ ଅତ୍ୟାଚାର, ଏହି କଥାଗୁଡ଼ିକ ଲେଖି ନିଜ କନିଷ୍ଠ ସହୋଦରଙ୍କ ନିକଟକୁ ପଠାଇ ଦେଇଥିଲେ ।

ଯାହାହେଉ ୧୯୧୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ଏକ ପ୍ରକାର ସଂସାରରେ ନିର୍ଲିପ୍ତଭାବରେ କାଳାତିପାତ କରୁଥିଲେ । ଏହି ବର୍ଷ ମାର୍ଚ୍ଚ ମାସ ୫ ତାରିଖରେ ପ୍ରେସ ଗୃହରେ ବସିଥିବା ସମୟରେ ହଠାତ୍ ଅଜ୍ଞାନ ହୋଇ ପଡ଼ିଗଲେ ଓ ଏହାପରେ ସଂଜ୍ଞାଶୂନ୍ୟ ଅବସ୍ଥାରେ ପ୍ରାୟ ତିନିଦିନ ରହି ଓ କେତେକ୍ଷଣ ଜ୍ଞାନଲାଭ କରି

Digitized by srujanika@gmail.com

ନିଜର ଚରମ ପତ୍ରିକା ରେଜେଷ୍ଟ୍ରାରୀ କରାଇ ପୁଣି ସଂଜ୍ଞା ହରାଇଲେ ଓ ମାର୍ଚ୍ଚ ମାସ ୭ ତାରିଖରେ ରାତ୍ର ପ୍ରାୟ ୯½ ଘଟିକାରେ ଇହଲୀଳା ସଂବରଣ କରିଥିଲେ । ସଙ୍ଗେ ସଙ୍ଗେ ତାଙ୍କର ମୃତ୍ୟୁସଂବାଦ ଗୃହଆଡ଼େ ରାଷ୍ଟ୍ର ହୋଇଗଲା ଓ ସେହି ରାତ୍ରରେ ଶବସତ୍କାରାଦି ସମସ୍ତ ଔର୍ଦ୍ଧ୍ୱ୍ୟକ କାର୍ଯ୍ୟ ସମ୍ପନ୍ନ ହୋଇଗଲା ।

ଗୌରୀଶଙ୍କର ଜୀବନର ପ୍ରଥମଭାଗରେ କଲିକତାରୁ ଫେରିବା ସମୟରେ ମଧ୍ୟପଥରେ ବାଲେଶ୍ୱର ସ୍କୁଲରେ କିଛିଦିନ ଶିକ୍ଷକତା ଗ୍ରହଣ କରିଥିଲେ । ସେ ସମୟରେ ମଧୁ ବାବୁ (ଉତ୍କଳର ସୁପରିଚିତ ମାନ୍ୟବର ମଧୁସୂଦନ ଦାସ ସି. ଆଇ. ଇ.) ସେଠାରେ ଛାତ୍ର ଥିଲେ ଓ ତେଣୁ ଆଜୀବନ ଗୌରୀଶଙ୍କରଙ୍କୁ ମାଷ୍ଟର ବୋଲି ଡାକୁଥିଲେ । ଗୌରୀଶଙ୍କରଙ୍କ ଇହଜୀବନର ଅବସାନ ସଂବାଦ ପାଇ ମଧୁ ବାବୁ ନିତାନ୍ତ ଦୁଃଖାର୍ତ୍ତହୃଦୟରେ ଶ୍ମଶାନ ପର୍ଯ୍ୟନ୍ତ ଶବାନୁଗମନ କରିଥିଲେ ।

ତାଙ୍କ ଜୀବନର ବିଶେଷତ୍ୱ ନିରାଡ଼ମ୍ବର କର୍ତ୍ତବ୍ୟ-ପ୍ରିୟତା । ସଂସାରର ସମସ୍ତ ବାଧାବିଘ୍ନ ତୁଚ୍ଛ କରି, ନିଜର ସୁଖ ସୁବିଧା ପ୍ରତି ଦୃଷ୍ଟି ନ ରଖି ଦୃଢ଼ଭାବରେ ନିଜ ଦେଶ ପ୍ରତି, ନିଜର ଗ୍ରାମ ପ୍ରତି, ନିଜର ଗୋଷ୍ଠୀ ଓ ନିଜର ସମାଜ ପ୍ରତି କର୍ତ୍ତବ୍ୟପାଳନର ପ୍ରୟାସ ତାଙ୍କ ଜୀବନରେ ସର୍ବଦା ଲକ୍ଷିତ ହେଉଥିଲା । ସେ ନିଜେ ଏକପ୍ରକାର ନିର୍ଲିପ୍ତଭାବରେ ସଂସାରରେ ବାସ କରୁଥିଲେ ଓ ପ୍ରଚୁର ଧନ ଉପାର୍ଜନ କରି ତାହାର ସଦ୍‌ବ୍ୟୟରେ ବ୍ୟାପୃତ ଥିଲେ । ନିଜର ସୁବିଧା ବା ବିଳାସ ନିମନ୍ତେ ଧନ ବ୍ୟୟ କରିବାକୁ ସେ ସର୍ବଦା ଅନିଚ୍ଛା ପ୍ରକାଶ କରୁଥିଲେ । ନିଜ ନିଜର କ୍ଷେତ୍ରୋପଯୁକ୍ତ ମୋଟଗୁଡ଼ଳର ଘର ବରାବର ବ୍ୟବହାର କରୁଥିଲେ ଓ ମୋଟ ଦେଶୀ ଲୁଗା, ଛିଣ୍ଡା ଛତା ଖଣ୍ଡିଏ ଓ ପୁରୁଣାକାଳିଆ ଜାମା ତାଙ୍କର ଅଙ୍ଗଭୂଷଣ ଥିଲା । ସେ ଗାଡ଼ି ଖୁବ୍ କ୍ୱଚିତ୍ ବ୍ୟବହାର କରୁଥିଲେ ଓ ଲାଟ ସାହେବଙ୍କ ଦରବାରକୁ ବଳଦଗାଡ଼ିରେ ଯିବାପାଇଁ ଲଜ୍ଜିତ ହେଉ ନ ଥିଲେ । କିନ୍ତୁ ପରର ସୁବିଧା ସକାଶେ ସେ ସର୍ବଦା ମୁକ୍ତହସ୍ତ । କିଏ ଇଞ୍ଜିନିଅରିଂ ପଢ଼ିବ, କିଏ ଡାକ୍ତରୀ ପଢ଼ିବ, ସେମାନଙ୍କର ସମସ୍ତ ଖର୍ଚ୍ଚ ବହନ କରି ପଢ଼ିବାରେ ସାହାଯ୍ୟ କରିବା ଲାଗି ସେ କେବେହେଁ କୁଣ୍ଠିତ ହେଉ ନ ଥିଲେ ।

ନିଜେ ନିଜର କର୍ତ୍ତବ୍ୟ ପ୍ରତି କେତେଦୂର ଜାଗରୂକ ଥିଲେ, ତାହା ତାଙ୍କର Diaryରୁ ପ୍ରମାଣିତ ହୋଇ ପାରିବ । ୧୮୯୩ ଖ୍ରୀଷ୍ଟାବ୍ଦର ପ୍ରଥମ ଦିନ ବର୍ଷାରମ୍ଭ ଉପଲକ୍ଷରେ ସେ ନିଜର Diaryରେ ଲେଖିଛନ୍ତି—"Thank God for the new year which I entered today—for what purpose is only known to Him. May He bless me and bring me to a sense of my duties and responsibilities so that I may move forward to Him and love and respect Him the more is my humble prayer on this New-year's-day". ଅର୍ଥାତ୍ ଆଜ ଯେଉଁ ନବବର୍ଷର ପ୍ରଥମ ଦିନରୁ ପଦାର୍ପଣ କରିଅଛି, ସେଥି ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ । ଏ ବର୍ଷର ଉଦ୍ଦେଶ୍ୟ କେବଳ ତାହାଙ୍କୁ ଜଣା । ଈଶ୍ୱର ମୋତେ ଆଶୀର୍ବାଦ କରି ମୋର କର୍ତ୍ତବ୍ୟ ଓ ସଂସାରରେ ମୋର ଦାୟିତ୍ୱଜ୍ଞାନ ମୋ ମନରେ ଜାଗରୂକ କରନ୍ତୁ, ଯେପରି କି ମୁଁ ତାଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କୁ ଅଧିକତର ପ୍ରୀତି ଓ ସମ୍ମାନ ଅର୍ପଣ କରି ପାରିବି ଏହାହିଁ ମୋର ଏହି ନବବର୍ଷର ନୂତନ ଦିନରେ ଈଶ୍ୱରଙ୍କୁ ସବିନୟ ପ୍ରାର୍ଥନା । ଏହି କର୍ତ୍ତବ୍ୟପ୍ରିୟତା ଓ ନିର୍ଲିପ୍ତତା ତାଙ୍କ ଜୀବନର ଗୋଟିଏ ପ୍ରଧାନ ଶିକ୍ଷଣୀୟ ବିଷୟ ଓ ଏହାହିଁ ତାଙ୍କୁ ଉତ୍କଳରେ ଏତେଦୂର ସମ୍ମାନିତ ଓ ଆଦୃତ କରିଥିଲା ।

Digitized by srujanika@gmail.com

ପଞ୍ଚଦଶ ପରିଚ୍ଛେଦ

କୀର୍ତ୍ତିର୍ଯସ୍ୟ ସ ଜୀବତି

ଗୌରୀଶଙ୍କର ସମାଧି ପ୍ରଭୃତି ଆଡ଼ମ୍ବରପୂର୍ଣ୍ଣ ସ୍ମୃତିମନ୍ଦିର ଆଦର ଅତ୍ୟନ୍ତ ବିରୋଧୀ ଥିଲେ । ବାସ୍ତବରେ ଆଡ଼ମ୍ବରଶୂନ୍ୟତା ତାଙ୍କ ଜୀବନର ଗୋଟିଏ ପ୍ରଧାନ ଉପକରଣ ଥିଲା । ସେଥିପାଇଁ ସେ ନିଜର କୌଣସି ଜ୍ଞାତିର କୌଣସିଠାରେ କୌଣସି ସ୍ମୃତିଚିହ୍ନ ରଖିବାକୁ ଅନିଚ୍ଛୁକ ଥିଲେ । ଏଠା ଖାନନଗର ଶ୍ମଶାନରେ ପ୍ରଥମରେ ଯେତେବେଳେ ସମାଧିସ୍ତମ୍ଭ ନିର୍ମିତ ହେଲା, ତେତେବେଳେ ଗୌରୀଶଙ୍କର ତହିଁର ବିରୋଧ କରି କହିଥିଲେ, "ସମାଧିସ୍ତମ୍ଭ ଗୋଟାଏ କ'ଣ ? ମରିଗଲା ଉତ୍ତାରୁ ସେ ଯେଉଁ କୀର୍ତ୍ତି କରିଯାଇଥାନ୍ତି ତାହା କି ସ୍ତମ୍ଭ ନୁହେଁ ? ସମାଧିସ୍ତମ୍ଭ କି କୀର୍ତ୍ତିସ୍ତମ୍ଭଠାରୁ ବଳେ ?" ଏହି ଉକ୍ତିଟି ଖାନନଗର ଶ୍ମଶାନରେ ନିଜର ମାତାଙ୍କ ସମାଧିସ୍ତମ୍ଭ ନିର୍ମାଣ କରିବା ନିମନ୍ତେ ଅନୁରୁଦ୍ଧ ହୋଇ ମାତାଙ୍କ ଚିତା ନିକଟରେ ତାଙ୍କର ପ୍ରାଣର ଆବେଗପୂର୍ଣ୍ଣ ଉକ୍ତି । ଏପରି କି ଯେଉଁ ଟାଉନ ହଲ ସେ କଟକରେ ଜନସାଧାରଣଙ୍କ ଉପକାର ସକାଶେ ପ୍ରସ୍ତୁତ କରିଥିଲେ, ସେଥିରେ ମଧ୍ୟ ସେ ନିଜର ଅଥବା ନିଜର ଜ୍ଞାତିମାନଙ୍କର କାହାରି ନାମ ସଂଯୋଗ କରିନାହାନ୍ତି । କଟକର ପ୍ରସିଦ୍ଧ ଉକିଲ ସ୍ୱର୍ଗତ ଯଜ୍ଞେଶ୍ୱରଚନ୍ଦ୍ର ଚନ୍ଦ୍ର ପ୍ରାୟ ଟ୧୫୦୦୦ଙ୍କା ବ୍ୟୟରେ ଅନେକ ପୁସ୍ତକ ସଂଗ୍ରହ କରିଥିଲେ । ଯେତେବେଳେ ଗୌରୀଶଙ୍କର ଟାଉନହଲ ପ୍ରସ୍ତୁତ କରିବାକୁ ଆରମ୍ଭ କଲେ, ତେତେବେଳେ ଦୁଇ ବନ୍ଧୁ ମଧ୍ୟରେ ପରାମର୍ଶ ହୋଇଥିଲା ଯେ ଗୌରୀଶଙ୍କର ଗୃହ ନିର୍ମାଣ କରିଦେବେ ଓ ଯଜ୍ଞେଶ୍ୱର ବାବୁ ନିଜର ପୁସ୍ତକମାନ ଉକ୍ତ ଗୃହରେ ରଖାଇବାର ବନ୍ଦୋବସ୍ତ କରି ସେ ସମସ୍ତ ସାଧାରଣଙ୍କୁ ଦାନ କରିଦେବେ । ମାତ୍ର ଗୃହଟି ପ୍ରସ୍ତୁତ ହେବାପରେ ଯଜ୍ଞେଶ୍ୱର ବାବୁ ଉକ୍ତ ଗୃହକୁ 'ଅନ୍ନପୂର୍ଣ୍ଣା' ହଲ ନାମ ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ, କାରଣ ତାଙ୍କର ଓ ଗୌରୀଶଙ୍କରଙ୍କର ଉଭୟଙ୍କର ସ୍ତ୍ରୀଙ୍କ ନାମ ଅନ୍ନପୂର୍ଣ୍ଣା । ଅତଏବ ଉକ୍ତ ଗୃହକୁ ଅନ୍ନପୂର୍ଣ୍ଣା ହଲ ନାମ ରଖିଲେ ଉଭୟ ବନ୍ଧୁଙ୍କର ମାତାଙ୍କର ସ୍ମୃତି ରକ୍ଷିତ ହୋଇ ପାରିବ । ମାତ୍ର ଗୌରୀଶଙ୍କର ଏପରି ସାଧାରଣ କାର୍ଯ୍ୟରେ ନିଜର ଜ୍ଞାତିର ନାମ ଜଡ଼ିତ କରିବାକୁ ଅନିଚ୍ଛୁକ ହେବାରୁ ଉକ୍ତ ପୁସ୍ତକ ସଂଗ୍ରହଟି ଟାଉନ ହଲ ସଙ୍ଗେ ହୋଇ ଧାରିଲା ନାହିଁ ।

ସେ ନିଜେ ଏପରି ସ୍ମୃତିମନ୍ଦିର ଆଦର ବିରୋଧୀ ଥିଲେହେଁ କୀର୍ତ୍ତି ତାଙ୍କର ଚିରକାଳ ଜୀବିତ ରଖିବ । ଉତ୍କଳପାଇଁ ସେ ଯାହା କରିଯାଇଛନ୍ତି ତାହା ସାମାନ୍ୟ ନୁହେଁ । ଉତ୍କଳ ଭାଷାର ସଂରକ୍ଷଣ ଓ ପୁଷ୍ଟି ତାଙ୍କର ଅଦମ୍ୟ ଚେଷ୍ଟାର ଫଳ, ଉତ୍କଳ ଭାଷାର ଆଦର ବଢ଼ାଇବାପାଇଁ ତାଙ୍କର ଯେପରି ଚେଷ୍ଟା ଥିଲା, ତାହା ଅନ୍ୟତ୍ର ଦୁର୍ଲ୍ଲଭ । ଏହା ଛଡ଼ା ନାନା ପ୍ରକାର ଦାନ ଓ ଜାତିଧର୍ମ ନିର୍ବିଶେଷରେ ବାଳକମାନଙ୍କୁ ପଠନ କାଳରେ ସାହାଯ୍ୟ କରିବାଦ୍ୱାରା ସେ ଉତ୍କଳୀୟ

Digitized by srujanika@gmail.com

ମାନଙ୍କର ଶ୍ରଦ୍ଧା ଓ ଭକ୍ତି ଆକର୍ଷଣ କରିବାକୁ ସମର୍ଥ ହୋଇଥିଲେ । ନିଜର ଧନ, ମନ ଲୋକ ସେବାରେ ନିଯୁକ୍ତ କରି ପରର ଉପକାର ନିମନ୍ତେ ତାଙ୍କର ଅତୁଳନୀୟ ପ୍ରୟାସ ଥିଲା । ସେ ସାଧାରଣ ଗୃହସ୍ଥ ଓ ଉତ୍କଳର ଅନେକ ଲୋକଙ୍କ ଅପେକ୍ଷା ନିର୍ଦ୍ଧନ ଥାଇ ମଧ୍ୟ ଦାନ କରିବାରେ ମୁକ୍ତହସ୍ତ ଥିଲେ, ବିଳାସବ୍ୟସନ ମଧ୍ୟରେ ବାସ କରି ସୁଦ୍ଧା ନିଜକୁ ସେ ସମସ୍ତଙ୍କଠାରୁ ଭିନ୍ନ ରଖି ପାରୁଥିଲେ ଓ ସଂସାରର ସକଳପ୍ରକାର ଝଞ୍ଜା ମଧ୍ୟରେ ଅବିଚଳିତ ଭାବରେ ନିଜର କର୍ତ୍ତବ୍ୟ କରିବାରେ ପ୍ରୟାସୀ ଥିଲେ, ଏହା ବି ତାଙ୍କର ପ୍ରଧାନ କୀର୍ତ୍ତି । କଟକର ଟାଉନହଲ ଓ କାୟସ୍ଥ ଛାତ୍ରାବାସ ଆଦି ନିର୍ମାଣଦ୍ୱାରା ସେ ଜୀବଦ୍ଦଶାରେ ନିଜର ଅକ୍ଷୟ ସ୍ମୃତିସ୍ତମ୍ଭ ନିଜର କରି ଯାଇଅଛନ୍ତି ଓ ଏହି କୀର୍ତ୍ତିଗୁଡ଼ିକ ତାଙ୍କୁ ଉତ୍କଳରେ ଚିରଦିନ ଅମର କରି ରଖିଥିବ ।

Digitized by srujanika@gmail.com

ଉତ୍କଳ ପତ୍ରିକା

(ଊନବିଂଶ ଶତାବ୍ଦୀ)

UTKAL PATRIKA

Late Pt. Mrutyunjaya Rath

Digitized by srujanika@gmail.com

ନିବେଦନ

ଉତ୍କଳ ସାହିତ୍ୟ ସମାଜର ଗୋଟିଏ ସାଧାରଣ ଅଧିବେଶନରେ ଆଲୋଚନା କରିବା ନିମିତ୍ତ ମୁଁ ଏ ପ୍ରବନ୍ଧଟି ଲେଖିଥିଲି । ଉକ୍ତ ସଭାରେ ପ୍ରବନ୍ଧଟି ପଢ଼ିବା ସମୟରେ କେତେକ ପ୍ରାଚୀନ ପତ୍ରିକାର ଆଦର୍ଶମାନ ସର୍ବସାଧାରଣଙ୍କୁ ପ୍ରଦର୍ଶନ କରି ସେମାନଙ୍କର କୌତୂହଳ ନିବାରଣ କରିଥିଲି । ପ୍ରବନ୍ଧଟି ଉତ୍କଳ ସାହିତ୍ୟ ମାସିକପତ୍ରରେ ପ୍ରଥମେ ସ୍ଥାନ ପାଇଥିଲା । ଅନେକ ସମ୍ବାଦପତ୍ରର ସମ୍ପାଦକ ନିଜ ନିଜ ପତ୍ରିକାରେ ଏହି ପ୍ରବନ୍ଧ ବିଷୟରେ ଆଲୋଚନା କରିଥିବାର ଏବଂ କେହି କେହି ଏହା କ୍ରମଶଃ ପ୍ରକାଶ କରିଥିବାର ଦେଖି ମୁଁ ଯୁଗପତ୍ ଆନନ୍ଦ ଅନୁଭବ କରିଅଛି, ସୁପରିଚିତ ପଣ୍ଡିତ ଶ୍ରୀ ନୀଳମଣି ବିଦ୍ୟାରତ୍ନ ମହାଶୟ ପୁଣି ଏ ପ୍ରବନ୍ଧପାଠରେ ଆନନ୍ଦିତ ହୋଇ ମୋହ ନାମରେ ତତ୍ସମ୍ପାଦିତ ଗଞ୍ଜାମ ଗୁଣଦର୍ପଣ ଓ ଉତ୍କଳମଧୁପ ବିନାମୂଲ୍ୟରେ ପ୍ରେରଣ କରୁଅଛନ୍ତି । ଏଣୁ ମୁଁ ଏହି ପତ୍ରିକାଚୟର ସମ୍ପାଦକମାନଙ୍କ ନିକଟରେ ଆନ୍ତରିକ କୃତଜ୍ଞ ରହିଅଛି । ମୋହର ଜନୈକ ବନ୍ଧୁ ପଣ୍ଡିତ ଶ୍ରୀ ଦୀନବନ୍ଧୁ ପଣ୍ଡା ଏ ପ୍ରବନ୍ଧଟିକୁ ପୁସ୍ତକାକାରରେ ମୁଦ୍ରଣ କରିବାପାଇଁ ଉତ୍କଳ ଦୀପିକାରେ ମୋତେ ଅନୁରୋଧ କରିଥିଲେ । କିନ୍ତୁ ଏ ବିଷୟରେ ମୁଁ କିଛି ଉତ୍ତର ନ ଦେଇ ନୀରବ ଥିଲି । ସମ୍ଭବତଃ ତାଙ୍କରି ପ୍ରବର୍ତ୍ତନାରେ ପ୍ରକାଶକ ମହାଶୟେ ଏହାକୁ ପୁସ୍ତକାକାରରେ ପ୍ରକାଶ କରିବାକୁ ଆଗ୍ରହୀ ହେବାରୁ ମୁଁ ଅଗତ୍ୟା ସମ୍ମତି ପ୍ରକାଶ କରିଅଛି । ଏଥିରେ ଯାହା ତ୍ରୁଟି ଥିବ ପାଠକମାନେ କ୍ଷମା କରିବେ ।

୨୧ । ୪ । ୨୦
କଟକ

ଲେଖକ

ଭୂମିକା

ଉତ୍କଳରେ ଐତିହାସିକଙ୍କ ସଂଖ୍ୟା ନିତାନ୍ତ ମୁଷ୍ଟିମେୟ । ତେଣୁ ଇତିହାସ ସଂକଳନ ଉତ୍କଳରେ ବିରଳ । ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କର ଅଶ୍ରୁତ କାହାଣୀ ଶୁଣିବାପାଇଁ ଯେପରି କୌତୂହଳ ଜାତ ହୁଏ, ସେହିପରି ନିଜର ପ୍ରାଚୀନ ସାହିତ୍ୟ ପ୍ରଭୃତିର ଇତିହାସ ପାଠ କରିବାକୁ ମନ ବ୍ୟଗ୍ର ହୁଏ । ଦୁଃଖର ବିଷୟ ଯେ ଆମ୍ଭମାନଙ୍କ ଉତ୍କଳ ସାହିତ୍ୟର ଧାରାବାହିକ ଇତିହାସ ଏପର୍ଯ୍ୟନ୍ତ ସଂକଳିତ ହୋଇନାହିଁ । ସେଥିପାଇଁ ଉତ୍କଳ ଭାଷାର ଗୌରବ ଏକାବେଳକେ ତିରୋହିତ ହୋଇଅଛି । ଯେ ପର୍ଯ୍ୟନ୍ତ ଉତ୍କଳୀୟମାନେ ନିଜ ଜାତି ତଥା ଭାଷାର ଇତିବୃତ୍ତସଂକଳନରେ ମନୋଯୋଗୀ ହୋଇ ତାହା ଦେଶବାସୀଙ୍କ ସମକ୍ଷରେ ଉପସ୍ଥାପିତ କରି ନାହାନ୍ତି, ସେପର୍ଯ୍ୟନ୍ତ ଉତ୍କଳୀୟମାନଙ୍କର ଜଡ଼ତା ଦୂର ହୋଇ ନାହିଁ ବୋଲି ବୁଝିବାକୁ ହେବ । ଯାହାହେଉ—ଈଶ୍ୱର କରନ୍ତୁ ସେ ଦିନ ଶୀଘ୍ର ଆସୁ ।

ଏଥିରେ ପ୍ରକାଶିତ ବିଷୟ ପ୍ରଥମେ ପ୍ରବନ୍ଧାକାରରେ ଉତ୍କଳସାହିତ୍ୟସମାଜର ତା ୧୧ । ୯ । ୧୯ ରିଖର ଅଧିବେଶନରେ ଲେଖକ ମହାଶୟଙ୍କଦ୍ୱାରା ପଠିତ ହୋଇଥିଲା । ପ୍ରବନ୍ଧଟିର ମୌଳିକତା ଓ ପାରିପାଟ୍ୟ ଦୃଷ୍ଟିରେ ତାହାକୁ ଶୀଘ୍ର ପତ୍ରିକାସ୍ଥ କରି ତାହା ଦେଶବାସୀଙ୍କୁ ଜଣାଇବା ନିମିତ୍ତ "ଉତ୍କଳସାହିତ୍ୟ"ର ପ୍ରବୀଣ ସମ୍ପାଦକମହାଶୟଙ୍କୁ ଉକ୍ତ ସଭାର ସଭାପତି ଶ୍ରୀଯୁକ୍ତ ରାମଶଙ୍କର ରାୟ ମହୋଦୟ ସ୍ୱୟଂ ଅନୁରୋଧ କରିଥିଲେ । ଆଉ ମଧ୍ୟ ଇତିମଧ୍ୟରେ କୌଣସି କୌଣସି ଉତ୍କଳୀୟ ତାହାକୁ ପୁସ୍ତକାକାରରେ ପ୍ରକାଶ କରି "ଉତ୍କଳପତ୍ରିକା"ର ଇତିହାସ ପ୍ରଣୟନ କରିବାପାଇଁ ଲେଖକ ମହାଶୟଙ୍କୁ ପତ୍ରିକା ସାହାଯ୍ୟରେ ଅନୁରୋଧ କରିଥିଲେ । ଲେଖକ ମହାଶୟ ହଠାତ୍ ସେ କାର୍ଯ୍ୟରେ ଅଗ୍ରସର ହେବାକୁ ଅକ୍ଷମତା ପ୍ରକାଶ କରିବାରୁ ମୁଁ ତାହାଙ୍କର ଏରୂପ କାର୍ଯ୍ୟରେ ଉତ୍ସାହବର୍ଦ୍ଧନ ଏବଂ ଅନୁରୋଧକାରୀଙ୍କ ଅନୁରୋଧ ରକ୍ଷା ନିମିତ୍ତ ଉକ୍ତ ପ୍ରବନ୍ଧଟିକୁ ନେଇ ବର୍ତ୍ତମାନ "ଉତ୍କଳପତ୍ରିକା" ନାମରେ ପୁସ୍ତକାକାରରେ ପ୍ରକାଶ କଲି । ଉତ୍କଳର ବିଭିନ୍ନ ଅଞ୍ଚଳର ପତ୍ରିକାର ସମ୍ପାଦକମାନେ ଏକମୁଖରେ ଏହି ପ୍ରବନ୍ଧର ପ୍ରଶଂସା କରିଥିବାରୁ ମୋର ପ୍ରକାଶରେ ଉତ୍ସାହ ଦ୍ୱିଗୁଣିତ ହୋଇଅଛି । ଯଦି ସମଗ୍ର ଉତ୍କଳରେ ପୁସ୍ତକଟି ସମାଦୃତ ହୁଏ, ତାହାହେଲେ ମୋର ପ୍ରକାଶୋଦ୍ଦେଶ୍ୟ ସଂସାଧିତ ହେବା ସଙ୍ଗେ ସଙ୍ଗେ ବିଂଶ ଶତାବ୍ଦୀର ପତ୍ରିକାମାନଙ୍କ ସମ୍ବନ୍ଧରେ ଆଲୋଚନା କରିବାକୁ ଉତ୍କଳୀୟ ଇତିବୃତ୍ତଜ୍ଞମାନେ ବିଶେଷ ଅନୁରାଗୀ ହେବେ । କେହି ଲେଖକ ସେ ବିଷୟରେ ଲେଖନୀ ଧାରଣ କଲେ, ତାହା ମୁଁ ପ୍ରକାଶ କରିବାକୁ ପ୍ରସ୍ତୁତ ଅଛି ।

ପ୍ରକାଶକ

Digitized by srujanika@gmail.com

ଉତ୍କଳ ପତ୍ରିକା

ଊନବିଂଶ ଶତାବ୍ଦୀ

୧ । ଉତ୍କଳ ଦୀପିକା

ଏ ଦେଶରେ ମୁଦ୍ରାଯନ୍ତ୍ର ଓ ସମ୍ବାଦପତ୍ରର ପ୍ରଥମ ପ୍ରଚାରର ପ୍ରଶଂସା ବୈଦେଶିକ ମିଶନେରୀମାନଙ୍କର ପ୍ରାପ୍ୟ । ସେହିମାନେ ଯେ ସର୍ବପ୍ରଥମେ ଏ ଦେଶକୁ ମୁଦ୍ରାଯନ୍ତ୍ର ଆଣାଇ ଦେଶୀୟ ଭାଷାରେ ପୁସ୍ତକ ମୁଦ୍ରଣ ଓ ସମ୍ବାଦ ପତ୍ର ପ୍ରଚାର କରାଇଥିଲେ, ଏ କଥା ଇତିହାସ ପାଠକମାନଙ୍କୁ ଅବିଦିତ ନାହିଁ । ଓଡ଼ିଶାରେ ମିଶନ ଯନ୍ତ୍ରାଳୟ ହିଁ ବୟସରେ ଜ୍ୟେଷ୍ଠ । ତାହାର ପ୍ରାୟ ତିରିଶ ବର୍ଷ ଉତ୍ତାରେ କଟକ ପ୍ରିଣ୍ଟିଙ୍ଗ୍ କୋମ୍ପାନୀର ଯନ୍ତ୍ରାଳୟ ସ୍ଥାପିତ ହୋଇଅଛି । ଏହି ଯନ୍ତ୍ରାଳୟ ସ୍ଥାପିତ ହେବାର ପ୍ରାୟ ବର୍ଷେକ ପୂର୍ବରୁ ଅନ୍ଧକାରମୟ ଉତ୍କଳ ଗଗନରେ 'ଉତ୍କଳଦୀପିକା' ପ୍ରଥମ ଜ୍ୟୋତିରେଖା ରୂପରେ ଦେଖା ଦେଇଅଛି । ଉତ୍କଳର ବାର୍ତ୍ତାବହ ସମାଜରେ ଏହି 'ଦୀପିକା' ହିଁ ଜ୍ୟେଷ୍ଠ ଏବଂ ଦୀର୍ଘାୟୁ । 'ଦୀପିକା' ତାହାର ସ୍ଥିତିକାଳ ମଧ୍ୟରେ କେତେ ସହଯୋଗୀ ବାର୍ତ୍ତାବହର ଜନ୍ମ, ଅଭ୍ୟୁତ୍ଥାନ ଏବଂ ଅକାଳମୃତ୍ୟୁ ଦେଖି ଆସିଅଛି, ଏ ନବଜାଗରଣ ଯୁଗରେ ଦେଶର ବିବିଧ ବିଭାଗର ପରିବର୍ତ୍ତନମାନ ଲକ୍ଷ୍ୟ କରି ଆସିଅଛି ଏବଂ ସ୍ୱଦେଶର କେତେ ସୁଖ ଦୁଃଖ ନିଜ ଅଙ୍ଗରେ ନିଇଅଛି । ଆଜି ୫୦ ବର୍ଷର ବୃଦ୍ଧ ସେହି ଦୀପିକା ସାହାଯ୍ୟରେ ଏ ଅକିଞ୍ଚନ ଲେଖକ ତାହାର ମୃତ ଜୀବିତ ବିଭିନ୍ନ ବୟସର ସହଯୋଗୀ ମାନଙ୍କର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିବାକୁ କଥଞ୍ଚିତ୍ ସମର୍ଥ ହୋଇଅଛି । ପୂର୍ବପୁରୁଷମାନଙ୍କର ଅତୀତ କାହାଣୀ ଶୁଣିବା ପାଇଁ ଶ୍ରୋତୃଗଣଙ୍କର ଯେପରି କୌତୂହଳ ଜନ୍ମିଥାଏ, ଏଥି ପ୍ରତି ସେମାନଙ୍କର ସେହିପରି ଆଗ୍ରହ ଜନ୍ମିବାର ଆଶା କରାଯାଏ, ଏହି ଆଶା-ବନ୍ଧ ହିଁ ଲେଖକକୁ ଲେଖନୀ ଧାରଣରେ ସାହସୀ କରାଇଅଛି ।

ଦିବ୍ୟସିଂହ ଦେବଙ୍କ ନଅ ଅଙ୍କ ବା ଖ୍ରୀଷ୍ଟାବ୍ଦ ୧୮୬୬ରେ ସଂଘଟିତ ଭୀଷଣ ଦୁର୍ଭିକ୍ଷର ରୋମହର୍ଷଣ କାହାଣୀ ଅଦ୍ୟାପି ଓଡ଼ିଶାବାସୀଏ ବିସ୍ମୃତ ହୋଇ ନାହାନ୍ତି, ଏବେ ସୁଦ୍ଧା ସେ ମହାମଡ଼କର ଦାରୁଣ ବାର୍ତ୍ତା କର୍ଣ୍ଣଗୋଚର ହେଲେ ଆମ୍ଭମାନଙ୍କର ସର୍ବାଙ୍ଗ ରୋମଞ୍ଚିତ ହେଉଅଛି । ଏହି ଖଣ୍ଡପ୍ରଳୟ କାଳରେ ଦେଶର ଚତୁଃପାର୍ଶ୍ୱର ଶୋଚନୀୟ ଘଟଣାମାନ ରାଜ-ପୁରୁଷବର୍ଗ ତଥା ଦେଶନାୟକଗଣଙ୍କ କର୍ଣ୍ଣଗୋଚର କରାଇବା ଲାଗି କେତେକ ଜଣ ଦେଶହିତୈଷୀଙ୍କ ଯତ୍ନରେ ଏ ନଗରରେ 'ଦୀପିକା'ର ସୃଷ୍ଟି ହୋଇଥିଲା । ତେତେବେଳେ ମୁଦ୍ରାଯନ୍ତ୍ର ଆସି ନ ଥିବାରୁ ପ୍ରଥମେ ପ୍ରସ୍ତର ଫଳକରେ ଲେଖି ମସୀ ଲେପନରେ ଛପା କରାଯାଉଥିଲା । ପ୍ରାୟ ବର୍ଷେ କାଳ ଏହି ହସ୍ତଲିଖିତ ପତ୍ରିକା ଦେଶରେ ପ୍ରଚଳିତ ହୋଇଥିଲା । ପ୍ରଥମ ଦୁଇ ବର୍ଷରେ ଏହାର ପ୍ରତ୍ୟେକ ସ୍ତମ୍ଭ କେବଳ ସେହି କରାଳ ଦୁର୍ଭିକ୍ଷର ମର୍ମବିଦାରଣ କାହାଣୀରେ ପୂର୍ଣ୍ଣ ଥିଲା । ଦୁଃଖରେ ଜନ୍ମି ଦୀପିକା ସେହି କାଳରୁ ଅତି ସଂଯତ ଭାବରେ ଜନନୀ ଉତ୍କଳ ଭୂମିର ଦୁଃଖ ଜଣାଇବାରେ ନିରତ ରହିଅଛି । ଦୀପିକା ଏପର୍ଯ୍ୟନ୍ତ କେଉଁ କେଉଁ

Digitized by srujanika@gmail.com

କାର୍ଯ୍ୟ କରିଅଛନ୍ତି, ସେ ସମସ୍ତ ବର୍ଣ୍ଣନ କରିବାକୁ ଗଲେ ଗୋଟିଏ ସ୍ୱତନ୍ତ୍ର ପ୍ରବନ୍ଧ ହୋଇପିବ । ଏଥିରେ ସେଥିକ ସ୍ଥାନ ଯୋଗାଇ ପ୍ରବନ୍ଧର ଆକାର ଦୀର୍ଘ କରିବା ସଙ୍ଗତ ବୋଧ ହେଉନାହିଁ । ତଥାପି ଦୀପିକାର ଜନ୍ମକଥା କହି ତାହାର ପ୍ରାଣ ପରିପୋଷକଙ୍କ ନାମୋଚ୍ଚାରଣ ନ କରି ଆଉ ଅଧିକ ଅଗ୍ରସର ହେବାକୁ ପ୍ରବୃତ୍ତି ହେଉନାହିଁ । ସେ କର୍ମଯୋଗୀ ଗୌରୀଶଙ୍କର ! ଏ ମହାତ୍ମା ରାଜ କାର୍ଯ୍ୟରେ ନିଯୁକ୍ତ ଥାଇ ପ୍ରାରମ୍ଭରୁ 'ଦୀପିକା'ର ସମ୍ପାଦକ ପଦ ଗ୍ରହଣ କରିଥିଲେ । ତାହାର ପରିପୁଷ୍ଟି ନିମିତ୍ତ ସେ ପ୍ରାଣପଣରେ ଶକ୍ତି ସାମର୍ଥ୍ୟ ବ୍ୟୟ କରି ଅଛନ୍ତି ଏବଂ ପ୍ରାୟ ପଚିଶ ବର୍ଷ କାଳ ଅଚଳକଳ୍ପ ଅଟଳ ଥାଇ ବଜ୍ରଦୃଢ଼ ଭାବରେ ସ୍ୱାଧୀନ ମତ ପ୍ରକାଶ କରି ଦେଶସେବାବ୍ରତ ଉଦ୍‌ଯାପନ କରି ଯାଇଅଛନ୍ତି । ତାଙ୍କର ଏହି ପତ୍ରିକା ପରିଚାଳନ ଓ ଯନ୍ତ୍ରାଳୟ ସ୍ଥାପନରେ ଦୁଇଜଣ କୃତୀ ପୁରୁଷ ପ୍ରଧାନ ସହାୟ ଏବଂ ପୃଷ୍ଠପୋଷକ ଥିଲେ । ସ୍ୱର୍ଗତ ମହାତ୍ମା ବିଚିତ୍ରାନନ୍ଦ ଦାସ ତନ୍ମଧ୍ୟରେ ପ୍ରଥମ ଏବଂ ସ୍ୱର୍ଗୀୟ ଜଗନ୍ମୋହନ ରାୟ ଦ୍ୱିତୀୟ । ଉତ୍କଳବନ୍ଧୁ ରେଭେନ୍‌ସା ସାହେବଙ୍କର ଦକ୍ଷିଣ ହସ୍ତ ଏହି ବିଚିତ୍ରାନନ୍ଦ ଅନେକ ଦେଶହିତକର ଅନୁଷ୍ଠାନର ପ୍ରବର୍ତ୍ତକ ଥିଲେ । ଏହି କୃତୀପୁରୁଷ ମାନଙ୍କ ଜୀବନବୃତ୍ତାନ୍ତ କେହି ପ୍ରକାଶ କଲେ ବର୍ତ୍ତମାନ ସମାଜର ପ୍ରଭୂତ ଉପକାର ହୁଅନ୍ତା ।

୧୮୬୬ ମସିହାର ଅଗଷ୍ଟ ମାସରୁ 'ଉତ୍କଳ ଦୀପିକା'ର ପ୍ରଚାର ଆରମ୍ଭ ହୋଇଥିଲା । ୧୮୬୭ର ଜାନୁଆରି ମାସଠାରୁ ପୁଣି ତାହାର ଦ୍ୱିତୀୟ ବର୍ଷର ଗଣନାରମ୍ଭ ହେଲା । ସେହି ବର୍ଷଠାରୁ ପ୍ରତି ଜାନୁଆରି ପହିଲାରୁ ଏହାର ବର୍ଷାରମ୍ଭ ହୋଇ ଆସୁଅଛି । ଖ୍ରୀଷ୍ଟୀୟ ୧୮୬୭ ଅବ୍ଦରେ ପ୍ରିଣ୍ଟିଙ୍ଗ୍ କୋମ୍ପାନୀ ଯନ୍ତ୍ରାଳୟ ପ୍ରତିଷ୍ଠିତ ହେଲାରୁ 'ଦୀପିକା' ସେଥିରେ ମୁଦ୍ରିତ ହେବାକୁ ଲାଗିଲା । ପ୍ରଥମେ ଏହାର ଆକାର ଚାରି ପୃଷ୍ଠା ମାତ୍ର ଥିଲା । ୧୮୮୩ ଖ୍ରୀଷ୍ଟାବ୍ଦରେ ଏହା ଦ୍ୱିଗୁଣ ଆକାର ଧାରଣ କଲା ବା ଆଠ ପୃଷ୍ଠା ହେଲା । ପୁଣି ୧୯୧୧ ମସିହାରେ ଦ୍ୱିଗୁଣ ଆୟତନବିଶିଷ୍ଟ କାଗଜର ଚାରି ପୃଷ୍ଠାରେ ତାହା ପ୍ରକାଶିତ ହେଲା । ବର୍ତ୍ତମାନ ସମ୍ପାଦକ ରାୟ ବାହାଦୁର ଶ୍ରୀଯୁକ୍ତ ସୁଦାମ ଚରଣ ନାୟକଙ୍କ କାର୍ଯ୍ୟ କାଳରେ ଗତ ୧୯୧୭ ଠାରୁ ପୁଣି ବର୍ତ୍ତମାନ ଆକାରକୁ ଆସିଅଛି । ଦୀପିକାର ଏତିକ ମାତ୍ର ପରିଚୟ ଦେଇ ବର୍ତ୍ତମାନ ଆମ୍ଭେମାନେ ତାହାର ମୃତ ଜୀବିତ ସହଯୋଗୀମାନଙ୍କ ବିଷୟ ଜ୍ୟେଷ୍ଠାନୁକ୍ରମରେ ସଂକ୍ଷେପତଃ ପ୍ରକାଶ କରିବୁଁ ।

୨ । ସମ୍ବାଦ ବାହିକା

ଉତ୍କଳଦୀପିକା ପ୍ରକାଶର ପ୍ରାୟ ଦୁଇ ବର୍ଷ ମଧ୍ୟରେ ବାଲେଶ୍ୱରରେ 'ସଂବାଦବାହିକା'ର ଜନ୍ମ । ସ୍ୱର୍ଗତ ଫକୀରମୋହନ ସେନାପତି ଏବଂ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ପ୍ରମୁଖ କେତେଜଣ ଦେଶହିତୈଷୀ ବ୍ୟକ୍ତି ଏହାର ପ୍ରବର୍ତ୍ତକ ଏବଂ ଆଦ୍ୟ ସମ୍ପାଦକ ଥିଲେ । ସର୍ବ ପ୍ରଥମେ ଏହା 'ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦ ବାହିକା' ନାମରେ ମାସିକ ପତ୍ରିକା ରୂପରେ ୧୮୬୮ ମସିହାର ଜୁଲାଇ ମାସଠାରୁ ଦେଖା ଦେଇଥିଲା । ତିନବର୍ଷ ସେହି ଭାବରେ ଅତିବାହିତ ହେବା ଉତ୍ତାରେ ଏହା ପୁଣି ପାକ୍ଷିକ ହୋଇଥିଲା । ତତ୍ପରେ ୧୮୭୨ ମସିହାର ଜୁନ ମାସଠାରୁ ତାହା ସାପ୍ତାହିକ ପତ୍ରିକାରେ ପରିଣତ ହୋଇଅଛି । ନାନା ବିଷୟକ ସାମୟିକ ଆଲୋଚନାରେ 'ବାହିକା' କେତେବେଳେ ଦୀପିକାର ଯଥାର୍ଥ ସହଯୋଗିନୀ ଥିଲା । ଉତ୍କଳର ଏହି ଦ୍ୱିତୀୟ ପତ୍ରିକାର ପୂର୍ବ ତେଜ କ୍ରମଶଃ ମ୍ଳାନ ହୋଇ ଆସୁଥିଲେହେଁ ବାଲେଶ୍ୱରର ପ୍ରସିଦ୍ଧ ସାମନ୍ତବଂଶଙ୍କ ପ୍ରସାଦରୁ ଯଥାକଥଞ୍ଚିତ୍ ପରିଚାଳିତ ହୋଇ ଆସୁଅଛି ।

୩ । ଉତ୍କଳ ହିତୈଷିଣୀ

ବାଲେଶ୍ୱରରେ ଯେତେବେଳେ ସମ୍ବାଦବାହିକାର ସୂତ୍ରପାତ, କଟକରେ ସେତେବେଳେ (୧୮୬୮ ଖ୍ରୀଷ୍ଟାବ୍ଦ) 'ଉତ୍କଳ ହିତୈଷିଣୀ' ନାମକ ସମ୍ବାଦପତ୍ର ତନ୍ନାମଧେୟ

Digitized by srujanika@gmail.com

ସନ୍ତୋଷପୁର ସ୍ୱତ୍ୱାଧିକାରୀ ଜମିଦାର ସ୍ୱର୍ଗୀୟ କାଳିପଦ ବନ୍ଦୋପାଧ୍ୟାୟଙ୍କ ଅଭିଭାବକତ୍ୱରେ ପ୍ରକାଶିତ ହୋଇ-ଥିଲା । ସହଯୋଗିନୀ ଉତ୍କଳ ଦୀପିକା ସହିତ ଏ ପତ୍ରିକାର ଅହିନକୁଳ ସମ୍ବନ୍ଧ ଥିଲାପରି ଜଣା ପଡ଼ୁଥିଲା । ଏହି ପତ୍ରିକାର ତୀବ୍ର ସମାଲୋଚନାରେ ପରଲୋକଗତ ମହାତ୍ମା ପ୍ୟାରୀମୋହନ ଆଚାର୍ଯ୍ୟଙ୍କ କୃତ 'ଓଡ଼ିଶା ଇତିହାସ'ର ବିଦ୍ୟାଳୟରେ ପ୍ରଚାର ସ୍ଥଗିତ ହୋଇଥିଲା । ହିତୈଷିଣୀ ଏହିରୂପେ ଅନେକଙ୍କର ବିଦ୍ୱେଷିଣୀ ହୋଇ ଅଳ୍ପ ଦିନରେ ବିଲୀନ ହୋଇଥିଲେ ।

୪ । ଉତ୍କଳ ଦର୍ପଣ

ସମ୍ବାଦବାହିକା ସାପ୍ତାହିକ ହେବାର ପ୍ରାୟ ବର୍ଷକ ପରେ (୧୮୭୩ ଖ୍ରୀଷ୍ଟାବ୍ଦରେ) ଆଉ ଖଣ୍ଡିଏ ମାସିକପତ୍ର ବାଲେଶ୍ୱରର ଉତ୍କଳ ପ୍ରେସରୁ ପ୍ରକାଶିତ ହୋଇଥିଲା । ସାହିତ୍ୟିକ ଗରିମାରେ ଉକ୍ତ ପତ୍ରିକା ତେତେବେଳେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ତାହାର ନାମ 'ଉତ୍କଳ ଦର୍ପଣ' । ପରଲୋକଗତ ରାଧାନାଥ, ମଧୁସୂଦନ, ଚତୁର୍ଭୁଜ ପ୍ରମୁଖ କେତେଜଣ ଭାଷାଭକ୍ତ ମନୀଷୀ ଏଥିର ପ୍ରଧାନ ଉଦ୍ୟୋକ୍ତା ଏବଂ କୁମାର ବୈକୁଣ୍ଠନାଥ ଦେ (ସ୍ୱର୍ଗୀୟ ମହାରାଜା ବାହାଦୁର) ପୃଷ୍ଠପୋଷକ ଥିଲେ । ଆଧୁନିକ ସାହିତ୍ୟର ଯୁଗପ୍ରବର୍ତ୍ତକ କବିବର ରାଧାନାଥଙ୍କର ପ୍ରାଥମିକ ଲେଖାବଳୀ ଏହି ଉତ୍କଳ ଦର୍ପଣରେ ପ୍ରତିଫଳିତ ହୋଇଥିଲା । ଯୁବକ ପାଠକ ମାନଙ୍କର କୌତୂହଳ ନିବାରଣପାଇଁ ଏଠାରେ ଉଲ୍ଲେଖ କରା ଯାଇପାରେ ଯେ, କବିବର ରାଧାନାଥଙ୍କ ମେଘଦୂତ, ପବନ, ଇଟାଲୀୟ ଯୁବା, ବିବେକୀ, କାଳିଦାସ ପ୍ରଭୃତି ଏବଂ ଭକ୍ତକବି ମଧୁସୂଦନଙ୍କର ଶ୍ମଶାନ, ନିଶୀଥଚିନ୍ତା, ନିର୍ବାସିତର ବିଳାପ, ଅଯୋଧ୍ୟା ପ୍ରତ୍ୟାଗମନ, ବୁଦ୍ଧଦେବ, ସୂର୍ଯ୍ୟ, ଜଳ୍‌କାପିଣ୍ଡ, ଶାସନ ପ୍ରଣାଳୀ, ଚନ୍ଦ୍ର ଓ ତାରା, ଚିତ୍ରଭକ୍ତି, ପ୍ରଣୟର ଅଦ୍ଭୁତ ପରିଣାମ ପ୍ରଭୃତି କାବ୍ୟ ଓ ପ୍ରବନ୍ଧମାନ ସେଥିରେ ପ୍ରକାଶିତ ହୋଇଥିଲା । ଏହା କହିଲେ ସମ୍ଭବତଃ ଅତ୍ୟୁକ୍ତି ହେବ ନାହିଁ ଯେ, 'ଉତ୍କଳ ଦର୍ପଣ' ହିଁ ଆଧୁନିକ ଉତ୍କଳ ସାହିତ୍ୟର ଆଦ୍ୟ ଲେଖକମଣ୍ଡଳୀ ପ୍ରସ୍ତୁତ କରିଅଛି । ପ୍ରାୟ ଚାରି ବର୍ଷ ଉତ୍ତାରେ ବା ୧୮୭୭ ଖ୍ରୀଷ୍ଟାବ୍ଦରେ ଉତ୍କଳ ଦର୍ପଣ ପାକ୍ଷିକ ହୋଇ ଦୁଇବର୍ଷ ପରେ ପୁଣି ସାପ୍ତାହିକ ପତ୍ରିକାରେ ପରିଣତ ହୋଇଥିଲା । ଜ୍ଞାନ ଚର୍ଚ୍ଚାରେ ଉତ୍କଳଦର୍ପଣ ପତ୍ରିକା ସମାଜରେ ଅଗ୍ରାସନ ଲାଭ କରିଥିଲେହେଁ ପ୍ରଧାନ ପରିଚାଳକଗଣଙ୍କ ସ୍ଥାନାନ୍ତର ଗମନରେ ଏବଂ ରାଜପୁରୁଷଙ୍କ କୋପ ଦୃଷ୍ଟିରେ ତ୍ରୟୋଦଶ ବର୍ଷରେ ବିଲୟ ପ୍ରାପ୍ତ ହୋଇଥିଲା ।

୫ । ଉତ୍କଳ ପୁତ୍ର

ବାଲେଶ୍ୱରରେ ଉତ୍କଳଦର୍ପଣ ଦେଖା ଦେବାର ଅଳ୍ପ ଦିନ ପରେ କଟକରେ 'ଉତ୍କଳପୁତ୍ର'ର ଆବିର୍ଭାବ । ଆଚାର୍ଯ୍ୟ ପ୍ୟାରୀମୋହନ ଏ ମାସିକ ପତ୍ରର ପ୍ରାଣ-ପ୍ରତିଷ୍ଠାତା ଓ ସମ୍ପାଦକ ଥିଲେ । ପ୍ରଥମେ ଏହା ହସ୍ତ-ଲିଖିତ ପତ୍ରିକା ରୂପରେ ପ୍ରଚଳିତ ହୋଇ ପଶ୍ଚାତ୍ ମୁଦ୍ରିତ ଆକାରରେ କ୍ରମେ ସାପ୍ତାହିକ ପତ୍ରିକାରେ ପରିଣତ ହୋଇଥିଲା । ସ୍ୱାଧୀନଚେତା ସ୍ୱର୍ଗୀୟ ପଣ୍ଡିତ ଗୋବିନ୍ଦ ରଥ ଏ ପତ୍ରିକାର ଜଣେ ଲେଖକ ଥିଲେ । 'ଉତ୍କଳପୁତ୍ରର' ପ୍ରତ୍ୟେକ ସମାଲୋଚନା ଅତ୍ୟନ୍ତ ଓଜସ୍ୱିନୀ ଥିଲା । ମହାତ୍ମା ପ୍ୟାରୀମୋହନଙ୍କ ତୁଲ୍ୟ ସ୍ପଷ୍ଟ ବାଦୀ ନିର୍ଭୀକ ସମାଲୋଚକ ତେତେବେଳେ ଉତ୍କଳରେ କେହି ନ ଥିଲେ ବୋଲି କହିଲେ ଚଳେ । ଅତ୍ୟଧିକ ଓଜସ୍ୱିତା ଯୋଗୁଁ ଅଥବା ପ୍ରଗଲ୍‌ଭତାବଶରୁ 'ଉତ୍କଳ ପୁତ୍ର' ତେତେବେଳେ ସମସ୍ତଙ୍କ କୋପଦୃଷ୍ଟିରେ ପଡି ଉତ୍କଳର ଦୁର୍ବଳ ସମାଜରେ ଅଧିକ କାଳ ସ୍ଥାୟୀ ହୋଇପାରି ନ ଥିଲା । ଏହି ପତ୍ରିକାର ସମାଲୋଚନାରେ ସହଯୋଗୀ 'ଉତ୍କଳଦର୍ପଣ' କହିଥିଲେ, "ସମ୍ପାଦକଙ୍କର ଯେ ନୈତିକ ସାହସ ଓ ଦେଶହିତୈଷିତା ଯଥେଷ୍ଟ, ତାହା ତାଙ୍କର ଲେଖା ହିଁ ପରିଚୟ ଦେଉଅଛି । × × ମାତ୍ର ପତ୍ରିକାର ଭାଷା କୌଣସି କୌଣସି ସ୍ଥଳରେ ଅତ୍ୟନ୍ତ ଉଦ୍ଧତ । ଏପରି ଉଦ୍ଧତ ଭାଷା ସାଧାରଣର ଆନୁକୂଲ୍ୟଲିପ୍ସୁ ନବୀନ ସମ୍ପାଦକଙ୍କୁ ଶୋଭନୀୟ ନୁହେ ।"

Digitized by srujanika@gmail.com

୬ । ବିଦେଶୀ

ଉତ୍କଳପୁତ୍ର ବ୍ୟତୀତ 'ବିଦେଶୀ' ନାମକ ଆଉ ଖଣ୍ଡିଏ ମାସିକ ପତ୍ର କଟକ ପ୍ରିଣ୍ଟିଙ୍ଗ୍ କୋମ୍ପାନୀ ଯନ୍ତ୍ରାଳୟରେ ଉକ୍ତ ବର୍ଷରେ ପ୍ରକାଶିତ ହୋଇଥିଲା । ସ୍ୱର୍ଗୀୟ ପାନନାଥ ବନ୍ଦୋପାଧ୍ୟାୟ ଏ ପତ୍ରିକାର ସମ୍ପାଦକ ଥିଲେ । ପାନନାଥ କପର ତେଜସ୍ୱୀ ଓ ନିର୍ଭୀକ ପୁରୁଷ ଥିଲେ, ତାହା ଏ ନଗରର ପ୍ରବୀଣ ବ୍ୟକ୍ତିଙ୍କ ମଧ୍ୟରୁ ଅନେକଙ୍କୁ ଉତ୍ତମ ଜଣାଥିବ । ଗଭର୍ଣ୍ଣମେଣ୍ଟଙ୍କଠାରୁ ଆପଣାର ପ୍ରିୟତମ ପୁତ୍ର ପର୍ଯ୍ୟନ୍ତ କେହି ତାହାଙ୍କ ତୀବ୍ର ସମାଲୋଚନା ଶସ୍ତ୍ରପ୍ରହାରରୁ ଛାଡ଼ ପାଇ ନ ଥିଲେ ।

ଉତ୍କଳଦର୍ପଣର ସମକାଳରେ ବାଲେଶ୍ୱରରେ ଆଉ ଦୁଇଖଣ୍ଡି ମାସିକପତ୍ର ପ୍ରକାଶିତ ହୋଇଥିଲା ।

୭ । ଶିକ୍ଷକ

୮ । ଧର୍ମବୋଧିନୀ

ଭକ୍ତକବି ମଧୁସୂଦନହିଁ ଏହି ଦୁଇ ପତ୍ରିକାର ଜନ୍ମଦାତା ଏବଂ ପ୍ରଧାନ ପୋଷକ ଥିଲେ । ତନ୍ମଧ୍ୟରୁ ପ୍ରଥମ ଖଣ୍ଡିକର ନାମ 'ଶିକ୍ଷକ'; ଏହା ପାଠଶାଳାର ଶିକ୍ଷକମାନଙ୍କ ଶିକ୍ଷାଦାନରେ ପରମ ସହାୟ ଥିଲା । ଦ୍ୱିତୀୟ ପତ୍ରିକା ଖଣ୍ଡିକ 'ଧର୍ମବୋଧିନୀ' ନାମରେ ପରିଚିତ ହୋଇଥିଲା; ଏଥିରେ ବ୍ରାହ୍ମଧର୍ମ ସମ୍ପୃକ୍ତ ଧର୍ମନୀତି ସମ୍ବଳିତ ପ୍ରବନ୍ଧମାନ ସ୍ଥାନ ପାଉଥିଲା । ଅତି ଶୈଶବରେ ଏ ଉଭୟେ ବିଲୟ ଭଜିଥିଲେ ।

୯ । ସ୍ୱଦେଶୀ

ଖ୍ରୀଷ୍ଟୀୟ ୧୮୭୬ ଅବ୍ଦରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରରୁ ସ୍ଥାନୀୟ ଖ୍ରୀଷ୍ଟୀୟାନମଣ୍ଡଳୀଙ୍କ ଉଦ୍‌ଯୋଗରେ 'ସ୍ୱଦେଶୀ' ନାମକ ଇଂରାଜି, ତେଲୁଗୁ ଏବଂ ଓଡ଼ିଆ ଭାଷାର ଖଣ୍ଡିଏ ତ୍ରିଭାଷୀ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା । ଏହି ପତ୍ରିକା ପୃଷ୍ଠରେ ଏହି ବଚନଟି ଲିଖିତ ଥିଲା—"ଯେ କେହି ଆପଣା ନିଜ ଦେଶକୁ ପ୍ରେମ ନ କରଇ, ସେ ତହିଁର ଏକ ନିବାସୀ ହେବା ନିମନ୍ତେ ଅଯୋଗ୍ୟ ଅଟଇ ।"

୧୦ । ଉତ୍କଳ ମଧୁପ

୧୮୭୮ ମସିହାରେ କଟକ ପ୍ରିଣ୍ଟିଙ୍ଗ୍ କୋମ୍ପାନୀ ଯନ୍ତ୍ରାଳୟରୁ 'ଉତ୍କଳ ମଧୁପ' ନାମକ ଖଣ୍ଡିଏ ମାସିକପତ୍ର ପ୍ରକାଶିତ ହୋଇଥିଲା । ଏଥିର ସମ୍ପାଦକ ଥିଲେ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପଟ୍ଟନାୟକ; କିନ୍ତୁ ସାହିତ୍ୟସମାଜର ବର୍ତ୍ତମାନ ସଭାପତି ଶ୍ରୀଯୁକ୍ତ ରାମଶଙ୍କର ରାୟ ହିଁ ସେହି ପତ୍ରିକାର ପ୍ରବର୍ତ୍ତକ ଏବଂ ଯଥାର୍ଥ ପରିଚାଳକ ଥିଲେ । ତତ୍‌କୃତ 'ସୌଦାମିନୀ' ଉପନ୍ୟାସ ଏଥିରେ କ୍ରମଶଃ ପ୍ରକାଶିତ ହୋଇଥିଲା । ପତ୍ରିକାର କପାଳରେ ନାମକରଣ ସୂଚକ ଏହି ଶ୍ଳୋକଟି ଲିଖିତ ଥିଲା—'ଖ୍ୟାତୋତ୍କଳୀୟକବି କାବ୍ୟପ୍ରସୂନସଙ୍ଘାତ୍, ପିତ୍ୱା ମଧୂନି ମଧୁରାଣି ପ୍ରଫୁଲ୍ଲଚିତ୍ତଃ । ସଂଖ୍ୟାବତାଂ ସୁରସଭାବିବଦାଂ ସମାଜେ, ବନ୍ତ୍ରମ୍ୟତେ ହି ମଧୁପୋ ନବଜାତପକ୍ଷଃ ।" ପ୍ରାୟ ଦୁଇ ବର୍ଷ ପରେ ମଧୁପ ଲୋପ ପାଇଥିଲା ।

୧୧ । ଓଡ଼ିଆ ଗେଜେଟ୍

୧୮୭୯ ମସିହାରେ କଟକରେ ଗଭର୍ଣ୍ଣମେଣ୍ଟଙ୍କ ଉତ୍କଳାନୁବାଦକଙ୍କ କାର୍ଯ୍ୟାଳୟରୁ ରାଜକୀୟ ବାର୍ତ୍ତା ସମ୍ବଳିତ ଓଡ଼ିଆ ଗେଜେଟ ପ୍ରଚରିତ ହୋଇଥିଲା; କିନ୍ତୁ ଏହା ପ୍ରଥମ ପ୍ରକାଶ ନୁହେ ବୋଲି ପ୍ରମାଣ ମିଳେ । ୧୮୫୧ ଖ୍ରୀଷ୍ଟାବ୍ଦରେ ଶ୍ରୀଯୁକ୍ତ କଲବିନ୍ ସାହେବଙ୍କ ଅମଳରେ ଏହା ପ୍ରକାଶିତ ହୋଇଥିଲା । ଅଳ୍ପ ବର୍ଷ ପୂର୍ବରେ ଏ ପତ୍ରିକାର ପ୍ରଚାର ସ୍ଥଗିତ ହୋଇଅଛି ।

୧୨ । ମୟୂରଭଞ୍ଜ

ଏହି ଦୁଇ ବର୍ଷରେ ମଧ୍ୟ ବାରିପଦାରୁ ମୟୂରଭଞ୍ଜ ନାମକ ଇଂରାଜୀ-ଓଡ଼ିଆରେ ଗୋଟିଏ ମୟୂରାଙ୍କିତ

Digitized by srujanika@gmail.com

ଦ୍ୱିଭାଷୀ ପତ୍ରିକା ପ୍ରକାଶିତ ହୋଇଥିଲା । ତତ୍ପରବର୍ଷରେ ମୟୂରଭଞ୍ଜର ଦାନଶୀଳ ମହାରାଜା (ଯାହାଙ୍କର ବଦାନ୍ୟତା ନବପ୍ରତିଷ୍ଠିତ ରେଭେନ୍‌ସା କଲେଜ ଗୃହ-ନିର୍ମାଣ ସମୟରେ ଦେଖା ଯାଇଅଛି) କୃଷ୍ଣଚନ୍ଦ୍ରଭଞ୍ଜଙ୍କ ମୃତ୍ୟୁ ଘଟିବାରୁ ଏହି ପତ୍ରିକାର ଅସ୍ତିତ୍ୱ ବିଲୁପ୍ତ ହୋଇଥିଲା ।

୧୩ । କୋହିନୂର

ଏହି ଅଚିରପ୍ରଭା ପତ୍ରିକାର ପଛେ ପଛେ କଟକରେ ପୁଣି କୋହିନୂର, କିନ୍ତୁ ଦିନକୁ ତାହାର ଔଜ୍ଜ୍ୱଲ୍ୟ ଦେଖାଇଲା । ୧୮୮୦ ଖ୍ରୀଷ୍ଟାବ୍ଦର ବୈଶାଖ ମାସଠାରୁ ତାହାର ଜନ୍ମସୂଚନା ହୋଇଥିଲା ।

୧୪ । ପୁରୁଷୋତ୍ତମ ଦୀପିକା

ଠିକ୍ ଏହି ସମୟରେ ପୁରୀରେ 'ପୁରୁଷୋତ୍ତମ ଦୀପିକା'ର ଆବିର୍ଭାବ । ଏହି ଦୀପିକା କେତେ ଦିନକୁ ଯେ ଦୀପ୍ତି ଦେଖାଇଥିଲା, ତାହା ଆମ୍ଭମାନଙ୍କ ଜ୍ଞାନର ଅଗୋଚର ।

୧୫ । ପୁରୁଷୋତ୍ତମ ପତ୍ରିକା

କିନ୍ତୁ ଉତ୍କଳ ଦୀପିକା ସାହାଯ୍ୟରେ ଜଣାଯାଏ ଯେ, ୧୮୮୨ ଖ୍ରୀଷ୍ଟାବ୍ଦର ବୈଶାଖମାସଠାରୁ ପୁରୀ ପ୍ରିଣ୍ଟିଙ୍ଗ୍-କୋମ୍ପାନୀ କର୍ତ୍ତୃକ 'ପୁରୁଷୋତ୍ତମ ପତ୍ରିକା' ନାମ୍ନୀ ଖଣ୍ଡିଏ ସାପ୍ତାହିକ ପତ୍ରିକା ନୂତନ ପ୍ରକାଶିତ ହୋଇଥିଲା ।

୧୬ । ପ୍ରଜାବନ୍ଧୁ

ସେହି ବର୍ଷରେ ମଧ୍ୟ ବାଲେଶ୍ୱରରୁ 'ପ୍ରଜାବନ୍ଧୁ' ନାମକ ଖଣ୍ଡିଏ ସମ୍ବାଦପତ୍ର ପ୍ରଜାସାଧାରଣଙ୍କର ହିତ-କାମନାରେ ପ୍ରବର୍ତ୍ତିତ ହୋଇଥିଲା । ସୁଖର ବିଷୟ ଯେ, ଏହି ପତ୍ରିକା ଶିଶୁଗଣ୍ଡି ଅତିକ୍ରମ କରି ପାରିଥିଲା । ୧୮୮୬ ମସିହାର 'ଦୀପିକା'ରେ ପ୍ରଜାବନ୍ଧୁର ବହୁଳ ପ୍ରଚାରପାଇଁ ଏହା ବିଜ୍ଞାପିତ ହୋଇଥିଲା ଯେ—'ଅଗଷ୍ଟ ୧୫ ଦିନ ମଧ୍ୟରେ ଯେଉଁମାନେ ୫୧୪ ଦେବେ, ସେମାନେ ଛ ମାସ ଯାଏ ଖଣ୍ଡେ ଖଣ୍ଡେ ପ୍ରଜାବନ୍ଧୁ ଏବଂ ପ୍ରସ୍ତାବିତ ଉପହାରରୁ ଗୋଟିଏ ପାଇବେ ।' ଏହି ସାପ୍ତାହିକ ସମ୍ବାଦପତ୍ର ଫରାସୀ ଅଧିକାରରେ ଲାଳିତ ପାଳିତ ଓ ଫରାସୀ ସାଧାରଣତନ୍ତ୍ରର ସ୍ନିଗ୍ଧଗୁପ୍ତାଶ୍ରିତ, ଅତଏବ, ସମସ୍ତଙ୍କର ଶ୍ରଦ୍ଧାର ପାତ୍ର । ଏହି ପ୍ରଜାବନ୍ଧୁରେ ବଙ୍ଗଳା ଭାଷାରେ ପ୍ରବନ୍ଧାଦି ମଧ୍ୟ ପ୍ରକାଶିତ ହେଉଥିଲା ।

୧୭ । ସେବକ

ପୂର୍ବୋକ୍ତ ୧୮୮୩ ମସିହାରେ କଟକ ମିଶନ ଯନ୍ତ୍ରାଳୟରୁ ସେବକ ଓ ସଂସ୍କାରକ ନ ମରେ ଯଥାକ୍ରମେ ଦୁଇ ଖଣ୍ଡି ମାସିକ ଓ ସାପ୍ତାହିକ ପତ୍ରିକା ପ୍ରକାଶିତ ହୋଇଥିଲା । ଉଭୟ ପତ୍ରିକା ତଦାନୀନ୍ତନ 'ସେବକସଭା'ର ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା । ବାବୁ ଚତୁର୍ଭୁଜ ପଟ୍ଟନାୟକ ସେହି ବର୍ଷ ସରକାରଙ୍କ ଉତ୍କଳାନୁବାଦକ ପଦରେ ନୂତନ ନିଯୁକ୍ତ ହୋଇ କଟକ ଆସିଥିବାରୁ ତାଙ୍କରି ଯତ୍ନରେ ଏହି ଦୁଇ ପତ୍ରିକାର ସୃଷ୍ଟି ହୋଇଥିଲା । 'ସେବକ' ଖଣ୍ଡି ସେବକସଭାର ସମ୍ପାଦକ ଶ୍ରୀ ଭବଗ୍ରାହୀ ଦାସଙ୍କଦ୍ୱାରା ସମ୍ପାଦିତ ହେଉଥିଲା ।

୧୮ । ସଂସ୍କାରକ

ଚତୁର୍ଭୁଜ ବାବୁ ହିଁ ରାଜନୀତି, ସାହିତ୍ୟ, ବିଜ୍ଞାନ ଓ ଶିଳ୍ପବିଷୟକ ସମ୍ବାଦପତ୍ର 'ସଂସ୍କାରକ'ର ପ୍ରଥମ ସମ୍ପାଦକ ଥିଲେ । ତୃତୀୟବର୍ଷରେ ସେବକ ସ୍ୱାତନ୍ତ୍ର୍ୟ ହରାଇ ସଂସ୍କାରକ ସହିତ ନାମତଃ ମିଶ୍ରିତ ହୋଇଥିଲା । ଏହି 'ସଂସ୍କାରକ ଓ ସେବକ' ଶୀର୍ଷକ ସମ୍ବାଦପତ୍ର ସାହିତ୍ୟ-ରସିକ ବାମଣ୍ଡାଧିପତି ସର୍ ବାସୁଦେବ ସୁଢ଼ଳ ଦେବଙ୍କ ଆନୁକୂଲ୍ୟରେ ପ୍ରକାଶିତ ହେଉଥିଲା । ଏହି ପତ୍ରିକାରେ ତେତେବେଳେ ଶ୍ରେଷ୍ଠ ଲେଖକମାନଙ୍କର ଇଂରାଜୀ ଏବଂ ଓଡ଼ିଆ ଭାଷାରେ ଲିଖିତ ନାନା ପ୍ରବନ୍ଧ ଓ ସମାଲୋଚନାମାନ ସ୍ଥାନ ପାଇଥିଲା । ପରଲୋକଗତ ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ବ୍ୟକ୍ତିଗତ

Digitized by srujanika@gmail.com

ଏଥିରେ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା, ବିଶ୍ୱନାଥ କର, ଗୋଳମଣିବିଦ୍ୟାରତ୍ନ ପ୍ରଭୃତିଲେଖକଙ୍କର ଅନେକ କବିତା, ପ୍ରବନ୍ଧ ଓ ସମାଲୋଚନା ପ୍ରକାଶିତ ହୋଇଥିଲା । 'ସଂସ୍କାରକ' ତାହାର ପ୍ରାୟ ପାଞ୍ଚ ବର୍ଷ ସ୍ଥିତିକାଳ ମଧ୍ୟରେ ସାହିତ୍ୟିକ ଏବଂ ବିବିଧବିଷୟକ ପ୍ରସଙ୍ଗର ସମାଲୋଚନାରେ ତଦାନୀନ୍ତନ ସମାଜର ଯଥେଷ୍ଟ ସଂସ୍କାର ବିଧାନ କରି ପାରିଥିଲା ।

୧୯ । ଧୂମକେତୁ

କଟକରେ 'ସଂସ୍କାରକ'କୁ ସମାଲୋଚନା କ୍ଷେତ୍ରରେ ଅବତୀର୍ଣ୍ଣ ହେବାର ଦେଖି ବାଲେଶ୍ୱରରେ 'ଧୂମକେତୁ' ଦେଖାଗଲା । ଏହି ପତ୍ରିକାଖଣ୍ଡିକ ଶ୍ରୀଯୁକ୍ତ ଦ୍ୱାରକାନାଥ ଦାସ ଓ ଶ୍ରୀଯୁକ୍ତ ଶିବ ନାରାୟଣ ନାୟକପ୍ରମୁଖ କେତେଜଣ ଉତ୍ସାହୀ ବ୍ୟକ୍ତିଙ୍କଦ୍ୱାରା ପରିଚାଳିତ ହୋଇଥିଲା । କବିବର ରାଧାନାଥଙ୍କ କନିଷ୍ଠ ଭ୍ରାତା ବାବୁ ସୀତାନାଥ ରାୟ ଏ ପତ୍ରିକାର ଜଣେ ମୁଖ୍ୟଲେଖକ ଥିଲେ । ପତ୍ରିକାର ଉପକ୍ରମରେ ଧୂମକେତୁର ଉକ୍ତି ଏହି ଥିଲା ଯେ, "କେହି କେହି ମନରେ କରନ୍ତି, ଧୂମକେତୁର ଉଦୟ ହେଲେ ନାନାପ୍ରକାର ଅମଙ୍ଗଳ ହୁଏ । ଏହି କାରଣରୁ ଅନେକ ଧୂମକେତୁକୁ ଦେଖିଲାକ୍ଷଣି ଭୀତ ଓ ଅସନ୍ତୁଷ୍ଟ ହୁଅନ୍ତି; ମାତ୍ର ଏହା ସମ୍ପୂର୍ଣ୍ଣ ଭ୍ରମ ଅଟେ । କୌଣସି ସ୍ଥାନରେ ଅମଙ୍ଗଳ ଘଟିବାର ପୂର୍ବରୁ ଧୂମକେତୁ ସମସ୍ତଙ୍କୁ ସାବଧାନ କରିଦିଏ । ଧୂମକେତୁ ଉପକାର ବ୍ୟତୀତ ଅନୁପକାର କରେ ନାହିଁ । ଏହା ଅମଙ୍ଗଳଦୋଷଛିଦ୍ରାଦି ପ୍ରକାଶ କରିଦିଏ ବୋଲି ଧୂମକେତୁ ପ୍ରତି ସମସ୍ତେ ବିରାଗ ପ୍ରଦର୍ଶନ କରନ୍ତି—ଇତ୍ୟାଦି ।" ଧୂମକେତୁ ବିରାଗଭାଜନ ହେଉ ବା ଅନୁରାଗଭାଜନ ହେଉ, ଅଳ୍ପଦିନ ପରେ ଆଉ ଦର୍ଶନ ନ ଦେଇ ନିଜ ନାମ ସାର୍ଥକ କରିଅଛି ।

୨୦ । ତାରକା

ଏହି ୧୮୮୪ ମସିହାରେ ମଧ୍ୟ ବାଲେଶ୍ୱରରୁ ଖ୍ରୀଷ୍ଟୀୟାନ୍‌ମଣ୍ଡଳୀ ପରିଚାଳିତ 'ତାରକା' ନାମକ ମାସିକପତ୍ରିକା ପ୍ରକାଶିତ ହୋଇଥିଲା ।

୨୧ । ପ୍ରଦୀପ

ଧୂମକେତୁ ପ୍ରକାଶର ପରବର୍ତ୍ତୀ ବର୍ଷରେ ଅଥବା ଖ୍ରୀଷ୍ଟାବ୍ଦ ୧୮୮୫ ରେ କଟକରେ 'ପ୍ରଦୀପ' ନାମକ ଖଣ୍ଡିଏ ମାସିକପତ୍ର ପ୍ରକାଶିତ ହେଲା । ନିମ୍ନଲିଖିତ କତିପୟ କୃତବିଦ୍ୟ ବ୍ୟକ୍ତି ତହିଁର ପ୍ରଧାନ ଲେଖକ ଓ ଉଦ୍‌ଯୋକ୍ତା ଥିଲେ । ସ୍ୱର୍ଗୀୟ ସାଧୁଚରଣ ରାୟ, ଶ୍ରୀଯୁକ୍ତ ବୈକୁଣ୍ଠନାଥ ଦତ୍ତ, ଶରଚ୍ଚନ୍ଦ୍ର ମୁଖୋପାଧ୍ୟାୟ, ମୃଗାଙ୍କଧର ରାୟ ଚୌଧୁରୀ, ଭୂପତିନାଥ ବସୁ । ରାୟ ଓ ରାଓ କବିଙ୍କର ଏଥି ପ୍ରତି ଆନ୍ତରିକ ସହାନୁଭୂତି ଥିଲା । ରାଓ କବିଙ୍କ 'ଆକାଶ ପ୍ରତି' କବିତାଟି ଏହି ପ୍ରଦୀପରେ ପ୍ରଥମେ ପ୍ରକାଶିତ ହୋଇଥିଲା । ଅଳ୍ପ କାଳଉତ୍ତାରେ ଏହି ପ୍ରଦୀପ ମଧ୍ୟ ନିର୍ବାଣପ୍ରାପ୍ତ ହୋଇଥିଲା ।

୨୨ । ଶିକ୍ଷାବନ୍ଧୁ

ପଚ୍ଛେ ପଚ୍ଛେ (୧୮୮୭ ମସିହାରେ) ଜ୍ଞାନାଞ୍ଜନଶଳାକା ହେନ ଶିକ୍ଷାବନ୍ଧୁ ଅବତୀର୍ଣ୍ଣ ହେଲା । ଆଜୀବନ ଶିକ୍ଷକତା-ବ୍ୟବସାୟୀ ମଧୁସୂଦନ ରାଓ ହିଁ ଏହି ମାସିକ ପତ୍ରର ପ୍ରବର୍ତ୍ତକ ଥିଲେ । କଟକ ଜିଲ୍ଲା ସ୍କୁଲ ସମୂହର ତଦାନୀନ୍ତନ ଡେପୁଟୀ ଇନ୍‌ସ୍ପେକ୍ଟର ମଧୁ ବାବୁ ବିଦ୍ୟାଳୟ ଶିକ୍ଷକମାନଙ୍କୁ ଅଧ୍ୟାପନାରେ ସାହାଯ୍ୟ କରିବା ନିମନ୍ତେ ଏଭଳି ପତ୍ରିକାର ପ୍ରଚାର ଏକାନ୍ତ ବାଞ୍ଛନୀୟ ମନେ କରିଥିଲେ । ତାଙ୍କ ବ୍ୟତୀତ ସ୍ୱର୍ଗୀୟ ସାଧୁଚରଣ ରାୟ, ଶ୍ରୀଯୁକ୍ତ ବିଶ୍ୱନାଥ କର, ବିଜୟଚନ୍ଦ୍ର ମଜୁମଦାର, ଶ୍ୟାମସୁନ୍ଦର ନନ୍ଦ ପ୍ରଭୃତି ସ୍କୁଲ ଶିକ୍ଷକମାନେ ଏହି ପତ୍ରିକାର ନିମାନ୍ୱୟୀ ଲେଖକ ଥିଲେ । ଶଂସିତ ବର୍ଷରେ ପାଠ୍ୟପୁସ୍ତକ ଆନ୍ଦୋଳନ ଓଡ଼ିଶାର ଶିକ୍ଷାବିଭାଗରେ ଗୋଟିଏ ଉଲ୍ଲେଖଯୋଗ୍ୟ ଘଟଣା । ପ୍ରଚଳିତ ପାଠ୍ୟ ପୁସ୍ତକାବଳୀ ବିପକ୍ଷରେ 'ଦୀପିକା'ରେ ବହୁ କାଳ ଯାବତ୍ ଯେଉଁ ସମାଲୋଚନା ପ୍ରକାଶିତ ହେଉଥିଲା, ସଂସ୍କାରକ ଓ ଶିକ୍ଷାବନ୍ଧୁରେ ସେ ସମସ୍ତର ସମର୍ଥ ପ୍ରତିବାଦ ହେଉଥିଲା ।

Digitized by srujanika@gmail.com

୨୩ । ନବ ସଂବାଦ

କିଛି କାଳ ଉତ୍ତାରେ 'ଶିକ୍ଷାବନ୍ଧୁ'ର ପ୍ରଚାର-ସ୍ଥଗିତ ହୋଇ ତାହାସ୍ଥଳରେ ପୂର୍ବୋକ୍ତ ମହାତ୍ମାଙ୍କ ଯତ୍ନ ଏବଂ ପ୍ରବର୍ତ୍ତନାରେ 'ନବସମ୍ବାଦ' ନାମକ ଖଣ୍ଡିଏ ନୂତନ ସମ୍ବାଦପତ୍ର କଟକ ଭିକ୍ଟୋରିଆ ପ୍ରେସରୁ ପ୍ରକାଶିତ ହୋଇଥିଲା । ସ୍ୱର୍ଗୀୟ ସାଧୁଚରଣ ରାୟ ଏଥିର ସମ୍ପାଦକ ଥିଲେ । ଏ ପତ୍ରିକାରେ ବିଶେଷତଃ ବ୍ରାହ୍ମଧର୍ମବିଷୟକ ପ୍ରବନ୍ଧହିଁ ସ୍ଥାନ ପାଉଥିଲା । ମଧୁବାବୁ, ସାଧୁବାବୁ, ବିଜୟ ବାବୁ ଏବଂ ବିଶ୍ୱନାଥ ବାବୁ ଏ ପତ୍ରିକାର ସ୍ଥାୟୀ ଲେଖକ ଥିଲେ । ପତ୍ରିକାର ଉପକ୍ରମରେ 'ଶୁଣ ନରେ ନବସମ୍ବାଦ ବାରେ ତେଜି ଶ୍ରବଣ । ନବଯୁଗ ବିଭୁ ବିଧାନେ ଆସୁଅଛି ବହନ' । ଏହି ଉଦ୍‌ବୋଧନ-ମୂଳକ ରାଓ କବିଙ୍କ କବିତାଟି ପ୍ରକାଶିତ ହୋଇଥିଲା । କଟକର ଶିକ୍ଷାବନ୍ଧୁ ଓ ନବସମ୍ବାଦକୁ ସେହି ମଧୁସୂଦନ ପ୍ରବର୍ତ୍ତିତ ବାଲେଶ୍ୱରର 'ଶିକ୍ଷକ ଓ ଧର୍ମବୋଧିନୀ'ର ପରବର୍ତ୍ତୀ ସଂସ୍କରଣ କହିଲେ କିଛି ଅସଙ୍ଗତ ହେବ ନାହିଁ । ସେ ଯାହାହେଉ 'ନବସମ୍ବାଦ' ଆଉ ଅଧିକ କାଳ ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରି ନ ଥିଲା ।

୨୪ । ଉଡ଼ିଆ

୧୮୮୭ ମସିହାର ଅକ୍ଟୋବର ମାସରେ ବାଲେଶ୍ୱରର ଦେଙ୍କ ଉତ୍କଳ ପ୍ରେସରୁ 'ଉଡ଼ିଆ' ନାମକ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା । ବାଲେଶ୍ୱରର ସ୍ୱର୍ଗୀୟ ମହାରାଜା ବାହାଦୂର ହିଁ ଏ ପତ୍ରିକା ପ୍ରଚାରକ, ଉଦ୍‌ଯୋକ୍ତା ଏବଂ ପ୍ରାଣପରିପୋଷକ ଥିଲେ । ତେତେବେଳେ ଏ ପତ୍ରିକା ସାଧାରଣରେ 'ଜଗନ୍ନାଥପତ୍ରିକା' ବୋଲି ପରିଚିତ ଥିଲା । ଜାହାଜରେ ଆସୁଥିବା ଜଗନ୍ନାଥ-ଦର୍ଶନାର୍ଥ ଯାତ୍ରୀମାନେ ଚାନ୍ଦବାଲିଠାରେ ଆଶ୍ରୟ ନ ପାଇ ଅତ୍ୟନ୍ତ କଷ୍ଟ ଓ ଅସୁବିଧା ଭୋଗ କରୁଥିଲେ । ସେହିମାନଙ୍କ କଷ୍ଟ ନିବାରଣ ଲାଗି ଏହି ପତ୍ରିକାର ସୃଷ୍ଟି ହୋଇଥିଲା । ପତ୍ରିକା ଲଲାଟରେ ସେତେବେଳେ ଏହି ଉଦ୍ଦେଶ୍ୟ ବଡ଼ ବଡ଼ ଇଂରାଜୀ ଅକ୍ଷରରେ ମୁଦ୍ରିତ ହୋଇଥିଲା—"Devoted for the welfare of Pilgrims visiting Jagannath via Chandbaly."

ବର୍ଷକ ପରେ କଟକର 'ନବ ସମ୍ବାଦ' ଏହା ସହିତ ମିଶିଲା ଏବଂ ସେହି ବର୍ଷଠାରୁ ଏହା 'ଉଡ଼ିଆ ଓ ନବସମ୍ବାଦ' ନାମ ଧାରଣ କରି ବାଲେଶ୍ୱର ରାଜ ବଂଶ ସାହାଯ୍ୟରେ ପରିଚାଳିତ ହୋଇ ଆସୁଅଛି । ଏ ସମ୍ବନ୍ଧରେ 'ଦୀପିକା' ତେତେବେଳେ ଯାହା ଲେଖି ଥିଲେ, ତାହା ଏଠାରେ ପ୍ରକାଶ କଲେ କଥାଟା ଆହୁରି ସ୍ପଷ୍ଟ ହେବ ।

"ଜଗନ୍ନାଥଯାତ୍ରୀଙ୍କ କଷ୍ଟ ନିବାରଣ ନିମନ୍ତେ ଶ୍ରୀଯୁକ୍ତ ଟୁଏନ୍ ସାହେବଙ୍କ ଯତ୍ନ ସଫଳକରିବା ଉଦ୍ଦେଶ୍ୟରେ ବାଲେଶ୍ୱରଠାରେ ଗୋଟିଏ ସଭା ହୁଏ, ସେଥିରେ ସ୍ଥିର ହେଲା ଯେ, 'ଜଗନ୍ନାଥ' ନାମରେ ଖଣ୍ଡିଏ ପୁସ୍ତିକା ସାଧାରଣରେ ପ୍ରଚାରିତ ହେବ । ଜଗନ୍ନାଥ ପୁସ୍ତିକା ବଦଳରେ ହଠାତ୍ 'ଉଡ଼ିଆ' ନାମରେ ଖଣ୍ଡିଏ ସମ୍ବାଦପତ୍ର ବାହାରି ପଡ଼ିଲା ।

× × ×

ଆମ୍ଭମାନଙ୍କର ସାହଯୋଗୀ 'ନବସମ୍ବାଦ' ଏ ନଗରରେ ନିର୍ବାହିତ ହୋଇ ନ ପାରି ବାଲେଶ୍ୱରର 'ଉଡ଼ିଆ' ସଙ୍ଗେ ମିଶି ଯାଇଅଛନ୍ତି । ଉତ୍କଳଦର୍ପଣର ମୃତ୍ୟୁ ଉତ୍ତାରୁ 'ଶିକ୍ଷାବନ୍ଧୁ' ପରିବର୍ତ୍ତରେ ଯେତେବେଳେ ନବସମ୍ବାଦର ସୃଷ୍ଟି ହେଲା, ସେତେବେଳକୁ ଆମ୍ଭେମାନେ ଏହାକୁ ଶିକ୍ଷାବିଭାଗର ପତ୍ରିକା ବୋଲି ବୁଝିଥିଲୁଁ । ଉଡ଼ିଆ ଯଦ୍ୟପି ଜଗନ୍ନାଥଙ୍କ ନାମ ଘେନି ଅବତୀର୍ଣ୍ଣ, ତଥାପି ତାହାକୁ ଗୋଟିଏ ଶିକ୍ଷା ବିଭାଗୀୟ ପତ୍ରିକାର ଅବତାର ବୋଲି ଧାରଣା କରିଥିଲୁଁ ।" (୭।୧।୮୮) ଏହି ଉଡ଼ିଆ ଓ ନବସଂବାଦର କଳେବର ମଧ୍ୟ ରାୟ ଓ ରାଓ କବିଦ୍ୱୟଙ୍କ ବିଭିନ୍ନ ସମୟ ଲିଖିତ ବିବିଧ ଲେଖାବଳୀରେ ଅଳଙ୍କୃତ ହୋଇଅଛି ।

Digitized by srujanika@gmail.com

୨୫ । ସାମ୍ୟବାଦୀ

ଐ ସମ୍ବତ ବର୍ଷରେ 'ସାମ୍ୟବାଦୀ' ନାମକ ଖଣ୍ଡିଏ ମାସିକ ପତ୍ର ଏହି ନଗରରୁ ପ୍ରକାଶିତ ହୋଇ ବିନା ମୂଲ୍ୟରେ ବିତରିତ ହେଉଥିଲା । ସମ୍ପାଦକ ଏବଂ ପ୍ରକାଶକ ଶ୍ରୀଯୁକ୍ତ ଲଳିତ ମୋହନ ଚକ୍ରବର୍ତ୍ତୀ । ସାମ୍ୟବାଦୀଧର୍ମ ଓ ମତର ପ୍ରଚାର ଉଦ୍ଦେଶ୍ୟରେ ଏହାର ପରିଚାଳକ ବ୍ରତୀ ହୋଇଥିଲେ । ଦଳବିଶେଷ ପ୍ରତି ବିଦ୍ୱେଷବଶତଃ ସେ ଜିଗୀଷାର ବଶବର୍ତ୍ତୀ ହୋଇ କେବଳ ଏହି ପତ୍ରିକାଟି ସାଧାରଣରେ ପ୍ରଚାରିତ କରି କ୍ଷାନ୍ତ ହୋଇ ନ ଥିଲେ, ତତ୍ସମକାଳରେ ଗୋଟିଏ ସାମ୍ୟବାଦୀ ସ୍କୁଲ ମଧ୍ୟ ବସାଇ ଥିଲେ ।

୨୬ । ବ୍ୟବସାୟୀ

୧୮୮୬ ମସିହାରେ ମୟୂରଭଞ୍ଜରୁ 'ବ୍ୟବସାୟୀ' ନାମକ ଖଣ୍ଡିଏ କୃଷିଶିଳ୍ପ ବାଣିଜ୍ୟ ବିଷୟକପତ୍ରିକା ଉକ୍ତ ରାଜ୍ୟର ବନ୍ଦୋବସ୍ତ କର୍ମଚାରୀଙ୍କଦ୍ୱାରା ପରିଚାଳିତ ହୋଇଥିଲା ।

27. Orissa Students

ସେହି ବର୍ଷରେ କେନ୍ଦ୍ରାପଡ଼ାଠାରୁ ବାବୁ ଲକ୍ଷ୍ମୀନାରାୟଣ ଦାସଗୁପ୍ତଙ୍କ ସମ୍ପାଦକତ୍ୱରେ 'Orissa students' ନାମକ ଖଣ୍ଡିଏ ଇଂରାଜୀ ସଂବାଦପତ୍ର ପ୍ରକାଶିତ ହୋଇଥିଲା । ଏହି ପତ୍ରିକା ଖଣ୍ଡିକ ତଦାନୀନ୍ତନ ଶିକ୍ଷକ ଓ ଛାତ୍ରସମାଜର ଗ୍ରାହକତାରେ କିଛି କାଳ ମାତ୍ର ଚଳିଥିଲା ।

28. Orissa Patriot

ବର୍ତ୍ତମାନ ଆମ୍ଭେମାନେ ୧୮୮୮ ମସିହାର ଘଟନା ପ୍ରତି ପାଠକ ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁଁ । ଉକ୍ତ ବର୍ଷରେ ପୂର୍ବବର୍ଣ୍ଣିତ 'ସଂସ୍କାରକର' ରୂପ ପରିବର୍ତ୍ତନ ଘଟିଥିଲା । ସେ ବିଷୟରେ ତହିଁର ସମ୍ପାଦକ ଶେଷରେ ଯେଉଁ କୈଫିୟତ୍ ପ୍ରଦାନ କରିଥିଲେ, ତାହା ଏହି—"ସଂସ୍କାରକ ପାଞ୍ଚ ବର୍ଷ ଚମତ୍କାର କାର୍ଯ୍ୟ କରି 'ଓଡ଼ିଶା ପେଟ୍ରିୟଟ୍' ହୋଇଥିବାରୁ ତାହାଙ୍କର ବନ୍ଧୁ ଓ ସ୍ୱଦେଶୀୟମାନେ ସନ୍ତୁଷ୍ଟ ହୋଇ 'ଉତ୍କଳ ହିତୈଷୀ' ନାମ ପ୍ରଦାନ କଲେ । ଅତଏବ ସଂସ୍କାରକ ଏଣିକି ନୂତନ ନାମ ଧାରଣ କଲେ ।" (୨୮-୪-୮୮ର ଦୀପିକା) ୧୮୮୮ ଅବ୍ଦର ପ୍ରାରମ୍ଭରେ ଏହି 'ଓଡ଼ିଶା ପେଟ୍ରିୟଟ୍' ଇଂରାଜୀ ପରିଚ୍ଛଦରେ ବାହାରିଥିଲେ ଏବଂ ବର୍ଷେ ପୂର୍ଣ୍ଣ ନ ହେଉଣୁ ଉଭେଇଗଲେ ।

୨୯ । ଆଶା

ନବୀନ ଉତ୍କଳ ହିତୈଷୀଙ୍କ ଆକସ୍ମିକ ତିରୋଧାନରେ ଦେଶବାସୀ ପାଠକ ସାଧାରଣ ସମ୍ପୂର୍ଣ୍ଣତଃ ହତାଶ ହୋଇ ନ ଥିଲେ । ନବପ୍ରକାଶିତ 'ଆଶା' ସେମାନଙ୍କର ଜ୍ଞାନଧର୍ମତୃଷ୍ଣା ନିବାରଣ କରିବାକୁ ସମ୍ପୂର୍ଣ୍ଣ ସମର୍ଥ ଥିଲା । ସ୍ୱର୍ଗୀୟ ସାଧୁଚରଣ ରାୟ ଏହି ପତ୍ରିକାର ସମ୍ପାଦକ ଏବଂ ଭକ୍ତକବି ମଧୁସୂଦନ ତାହାର ଉଦ୍‌ବୋଧକ ଥିଲେ । ତତ୍‌ପ୍ରଣୀତ 'ଆଶା' [କବିତା ପତ୍ରିକାର ଆଦ୍ୟରେ ପ୍ରକାଶିତ ହୋଇଥିଲା । ତହିଁର ପ୍ରତି ସଂଖ୍ୟାର ପୃଷ୍ଠଭାଗରେ କବିଙ୍କର ଏହି ଦୁଇ ପଂକ୍ତି ମୁଦ୍ରାଙ୍କିତ ଥିଲା ।

'ଦେଖରେ ନୟନ ଫେରି ମୋ ନୟନପ୍ରିୟ ଆଶା ପ୍ରଭାମୟୀ,
ବିନାଶି ତିମିର ରାଶି ବିଶ୍ୱାସସୁଲଭ ବିଶ୍ୱ ଉଜଳଇ ।'

ଏହି ପତ୍ରିକାରେ ଗ୍ରନ୍ଥ କବିଙ୍କ ନାନା ବିଷୟକ ପ୍ରବନ୍ଧ, କବିତା ଓ ସଙ୍ଗୀତ ବ୍ୟତୀତ ଶ୍ରୀଯୁକ୍ତ ବିଶ୍ୱନାଥ କର, ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର ଓ ସମ୍ପାଦକଙ୍କର ଅନେକ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ଶ୍ରଦ୍ଧେୟ ବିଶ୍ୱନାଥ ବାବୁଙ୍କର 'ସ୍ୱାଧୀନଚିନ୍ତା' 'ପ୍ରତିଜ୍ଞାର ବଳ' ଓ 'ମହାତ୍ମା ମ୍ୟାଟ୍‌ସିନ' ପ୍ରଭୃତି ପ୍ରବନ୍ଧ ଏଥିରେ ପ୍ରକାଶିତ ହୋଇଥିଲା । ତନ୍ମଧ୍ୟରୁ ଶେଷୋକ୍ତ ପ୍ରବନ୍ଧଟି ତତ୍କାଳୀନ ସାମୟିକ ପତ୍ରିକାମାନଙ୍କରେ ଆଲୋଚିତ ଓ ପ୍ରଶଂସିତ ହୋଇଥିଲା । କଟକ ଭିକ୍ଟୋରିଆ ପ୍ରେସରୁ ପ୍ରକାଶିତ ଏବଂ ଉତ୍କଳ ବ୍ରାହ୍ମସମାଜ ଦ୍ୱାରା ପରିଚାଳିତ ଧର୍ମ, ଶିକ୍ଷା ଓ ସାହିତ୍ୟବିଷୟକ ଏହି ମାସିକ ପତ୍ରଟି ତେତେବେଳେ ମୂଲ୍ୟରେ ସର୍ବାପେକ୍ଷା ସୁଲଭ ଥିଲେ ସୁଦ୍ଧା ପ୍ରାୟ ଦୁଇ ବର୍ଷ ମାତ୍ର ସୁନିୟମରେ ଚଳିଥିଲା ।

Digitized by srujanika@gmail.com

୩୦ । ସମାଲୋଚନା

୧୮୮୯ ମସିହାରେ 'ସାହିତ୍ୟ ସମ୍ମିଳନୀ-ସମାଲୋଚନା ପତ୍ରିକା' ନାମରେ ଖଣ୍ଡିଏ ସମ୍ବାଦପତ୍ର ଓଡ଼ିଶା ପେଟ୍ରିୟଟ୍ ପ୍ରେସରୁ ପ୍ରକାଶିତ ହେବାକୁ ଲାଗିଲା । ପାଠ୍ୟପୁସ୍ତକାବଳୀ ଓ ତତ୍କାଳ ପ୍ରକାଶିତ ଗ୍ରନ୍ଥମାନଙ୍କର ସମାଲୋଚନା ହିଁ ଏହାର ମୂଳମନ୍ତ୍ର ଥିଲା । ଏହି ପତ୍ରିକାର ପରିଚାଳକ ସାହିତ୍ୟ ସମ୍ମିଳନୀ ୧୮୮୬ ଅବ୍ଦରେ ନିମ୍ନଲିଖିତ ପ୍ରଧାନ ସଦସ୍ୟମାନଙ୍କୁ ନେଇ ଗଠିତ ହୋଇଥିଲା ।

ସ୍ୱର୍ଗତ	ରାୟବାହାଦୁର	ଗୌରୀଶଙ୍କର ରାୟ
,,	,,	ରାଧାନାଥ ରାୟ
,,	,,	ମଧୁସୂଦନ ରାଓ
,,	ପଣ୍ଡିତ	ନିମାଇବଲ୍ଲଭ ଭଟ୍ଟାଚାର୍ଯ୍ୟ
,,	,,	କପିଳେଶ୍ୱର ବିଦ୍ୟାଭୂଷଣ
,,	,,	ଗଦାଧର ତ୍ରିପାଠୀ
,,	ଶ୍ରୀଯୁକ୍ତ	କାଳୀପଦ ବନ୍ଦ୍ୟୋପାଧ୍ୟାୟ
,,	,,	ଜଗନ୍ମୋହନ ରାୟ
,,	,,	ଦୀନନାଥ ବନ୍ଦ୍ୟୋପାଧ୍ୟାୟ
,,	,,	ଚତୁର୍ଭୁଜ ପଟ୍ଟନାୟକ
ଏବଂ	,,	ରାମଶଙ୍କର ରାୟ

୩୧ । ଦୀପକ

ଉକ୍ତ ୧୮୮୯ ମସିହାରେ ମଧ୍ୟ ଏ ନଗରର ଭିକ୍ଟୋରିଆ ପ୍ରେସରୁ 'ଦୀପକ' ନାମକ ଖଣ୍ଡିଏ ସାପ୍ତାହିକ ପତ୍ରିକା ପ୍ରକାଶିତ ହୋଇଥିଲା । ଏ ପତ୍ରିକା ସମ୍ବନ୍ଧରେ ବିଶେଷ ବିବରଣ ଜଣା ନ ଥିବାରୁ 'ଦୀପିକା'ର ଏହି ଟିପ୍ପଣୀ ପାଠକ ସାଧାରଣଙ୍କର ଅବଗତି ନିମିତ୍ତ ଉଲ୍ଲେଖ କରୁଅଛୁଁ । "ଅନେକ ସମ୍ବାଦ ପତ୍ର ଲେଖକଙ୍କୁ ନିନ୍ଦୁକ, ସ୍ୱାର୍ଥପର ଓ ଅଯୋଗ୍ୟ କହିବାରୁ ଏ ପତ୍ରିକା ଉଚ୍ଚ ଆଦର୍ଶ ଦେଖାଇବାର ଆଶା କରାଯାଏ । ଅନେକ ବଡ଼ଲୋକ ଏହାର ସାହାଯ୍ୟକାରୀ ବୋଲି ଶୁଣାଯାଏ ।"

୩୨ । ସମ୍ବଲପୁର ହିତୈଷିଣୀ

ଉକ୍ତ ବର୍ଷରେ ଯେତେଖଣ୍ଡ ସମ୍ବାଦପତ୍ର ନୂତନ ପ୍ରକାଶିତ ହୋଇଅଛି, ତନ୍ମଧ୍ୟରେ 'ସମ୍ବଲପୁର ହିତୈଷିଣୀ' ହିଁ ଦୀର୍ଘ ଜୀବନ ଏବଂ ସର୍ବାପେକ୍ଷା ଅଧିକ ପ୍ରସିଦ୍ଧି ଲାଭ କରିଅଛି । ବାମଣ୍ଡାର ଜଗନ୍ନାଥବଲ୍ଲଭ ପ୍ରେସରୁ ଏହାର ଜନ୍ମ । ସୁଗୃହୀତନାମା ସାହିତ୍ୟରସିକ ମହାରାଜା ସୁଢ଼ଳ ଦେବ ହିଁ ଏହି ପତ୍ରିକାର ଜୀବନ-ଦାତା ଓ ପ୍ରଧାନ ଅଭିଭାବକ ଏବଂ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଆଦ୍ୟ ସମ୍ପାଦକ ଥିଲେ । 'ବିଦ୍ୱାନ୍-ମରାଳ-କୁଳ-ପଦ୍ମାକର' ଏହି ନୃପତିଙ୍କ ଆନୁକୂଲ୍ୟ ଏବଂ ବିଦ୍ୟାରତ୍ନଙ୍କ ଭଳି ଧୁରନ୍ଧର ସମ୍ପାଦକଙ୍କ କାର୍ଯ୍ୟ-କୁଶଳତାରେ ଏହି 'ହିତୈଷିଣୀ' ଖ୍ୟାତି ଓ ପ୍ରତିପତ୍ତିରେ ତଦାନୀନ୍ତନ ପତ୍ରିକାମଣ୍ଡଳରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା । ସାହିତ୍ୟବିଶାରଦ ସୁଢ଼ଳ ଦେବଙ୍କ ପ୍ରସାଦରୁ ବାମଣ୍ଡା ରାଜଧାନୀ ଦେବଗଡ଼ ସେତେବେଳେ ସାହିତ୍ୟ ଚର୍ଚ୍ଚାର ଗୋଟିଏ କେନ୍ଦ୍ରସ୍ଥଳ ହୋଇପଡ଼ିଥିଲା । ତେଣୁ ଉକ୍ତ ପତ୍ରିକା ସାହିତ୍ୟଚର୍ଚ୍ଚା ଓ ସାମୟିକ ବିବିଧପ୍ରସଙ୍ଗର ଆଲୋଚନାରେ ଅନ୍ୟ ସମସ୍ତ ସହ-ଯୋଗିମାନଙ୍କୁ ବଳି ପଡ଼ିଥିଲା । ଏଥିରେ ଲେଖକମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କର ନାନା ବିଷୟରେ ପ୍ରବନ୍ଧ ଓ ସମାଲୋଚନା ଧାରାବାହିକ ରୂପେ ପ୍ରକାଶିତ ହୋଇଥିଲା । ଶ୍ରଦ୍ଧେୟ ବିଶ୍ୱନାଥ ବାବୁଙ୍କୁ ସୁଲେଖକ ନ କହି ସୁନିପୁଣ ସମାଲୋଚକ କହିଲେ ବୋଧହୁଏ ଅଧିକ ସଙ୍ଗତ ହେବ । ଆଧୁନିକ ଉତ୍କଳ-ସାହିତ୍ୟ କ୍ଷେତ୍ରରେ ସେ ପ୍ରଥମ ସମାଲୋଚକ ନ ହୁଅନ୍ତି; କିନ୍ତୁ ସମାଲୋଚନାର ପ୍ରକୃତ ବିଚାରରେ ସେ ପ୍ରଥମ ସ୍ଥାନ ଅଧିକାର କରିବେ ବୋଲି ବିଶ୍ୱାସ କରେଁ । ତାଙ୍କର ଓଜସ୍ୱିନୀ ସମାଲୋଚନା ପ୍ରଭାବରେ ସେତେବେଳେ ଅନେକ ସମ୍ପ୍ରଦାୟରେ ଚୈତନ୍ୟୋଦୟ ହୋଇଥିଲା । ବିଶେଷତଃ ଶିକ୍ଷ ବିଭାଗରେ ଆଶୁସଂସ୍କାର ବିହିତ ହୋଇଥିଲା । ହିତୈଷିଣୀରେ ପ୍ରକାଶିତ ତାହାଙ୍କ ପ୍ରବନ୍ଧାବଳୀ ମଧ୍ୟରୁ ହିତବାଦନୀତି, ସାଧନା ଓ ସିଦ୍ଧି, ସାହିତ୍ୟଚର୍ଚ୍ଚା,

Digitized by srujanika@gmail.com

ସାହିତ୍ୟ ଓ ସମାଲୋଚନା, କବିବର ଉପେନ୍ଦ୍ର ଭଞ୍ଜ, ଶିକ୍ଷା, ପୁରାତନ, ବାଲ୍ୟଶିକ୍ଷା ପ୍ରଭୃତି କେତୋଟି ପ୍ରବନ୍ଧ ତାଙ୍କର 'ବିବିଧ ପ୍ରବନ୍ଧ' ପୁସ୍ତକରେ ସଙ୍କଳିତ ହୋଇ-ଅଛି । ହିତୈଷିଣୀ ପୂର୍ବ ଖ୍ୟାତି ପ୍ରତିପତ୍ତି ହରାଇଥିଲେ ହେଁ ବାମଣ୍ଡାର ସାହିତ୍ୟ ନୁରାଗୀ ରାଜବଂଶ ପ୍ରସାଦରୁ ନିୟମିତ ଭାବରେ ଆଜ ପର୍ଯ୍ୟନ୍ତ ଚାଲି ଆସୁଅଛି ।

୩୩ । ଉତ୍କଳ ପ୍ରଭା

ଊନବିଂଶ ଶତାବ୍ଦୀର ଶେଷ 'ଦଶନ୍ଧି' ବା ଦଶାବ୍ଦୀରେ ଉତ୍କଳ ସାହିତ୍ୟ ସଂସାରରେ ଯଥାର୍ଥ ଜାଗରଣ ଦେଖାଗଲା । ଯୁଗର ଶ୍ରେଷ୍ଠ କବି ଅମୃତ କଣ୍ଠରେ ଗାଇଲେ—

"ପାହିଲାଣି ଘୋର ତାମସୀ ଯାମିନୀ;
ଫୁଟିବ ଉତ୍କଳଭାଷା-କମଳିନୀ । + +
ରବିରୂପେ ଏବେ ଉଦୟ ଅଚଳେ
ରବି ବଂଶମଣି ଉଦିତ ଉତ୍କଳେ । + +
ବୀଣାପାଣି ପୂଜାଯୋଗ୍ୟ କଞ୍ଜକୁଳ
ଫୁଟିବାର ଏହି କାଳ ଅନୁକୂଳ ।
ସେ ପଦ୍ମ ଫୁଟିବ କବି ହୃଦସରେ
ନବୋଦିତ ଏହି ଭଞ୍ଜ-ରବିକରେ ।"

ପୁଣ୍ୟ ସ୍ୱଭାବ ସ୍ୱର୍ଗତ ମହାରାଜ ରାମଚନ୍ଦ୍ର ମୟୂର-ଭଞ୍ଜ ରାଜସିଂହାସନ ଅଳଙ୍କୃତ କରି ଆଦ୍ୟରୁ ମାତୃଭାଷା ଓ ସାହିତ୍ୟର ଶ୍ରୀବୃଦ୍ଧି ଲାଗି ବଦ୍ଧପରିକର ହୋଇଥିଲେ । ୧୮୯୧ ମସିହାର ପ୍ରାରମ୍ଭରେ ତାହାଙ୍କର ଏହି ଶୁଭ ଘୋଷଣା ସମ୍ବାଦପତ୍ର ମୁଖରେ ପ୍ରଚାରିତ ହେଲା ଯେ, "ଦେଶର ଶିକ୍ଷିତମଣ୍ଡଳୀ ଉତ୍ସାହ ଓ ଧନର ଅଭାବରୁ ପ୍ରବନ୍ଧ ଓ ଗ୍ରନ୍ଥାଦି ଲେଖିବାକୁ ଯତ୍ନବାନ୍ ହେଉ ନାହାନ୍ତି, ଏହି ଅଭାବ ଦୂର କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜରୁ 'ଉତ୍କଳ ପ୍ରଭା' ନାମ୍ନୀ ମାସିକ ପତ୍ରିକା ଆଗାମୀ ବୈଶାଖ ମାସଠାରୁ ପ୍ରକାଶ କରାଯିବ । ଏଥିରେ ସାହିତ୍ୟ, ବିଜ୍ଞାନ, ଦର୍ଶନ, ରାଜନୀତି, ସାଧାରଣ ଧର୍ମ ଓ ମତ ସମ୍ବନ୍ଧୀୟ ପ୍ରବନ୍ଧ-ମାନ ସନ୍ନିବେଶିତ ହେବ । ଉତ୍କୃଷ୍ଟ ପ୍ରବନ୍ଧ ଲେଖକ-ମାନେ ପୁରସ୍କୃତ ହେବେ । ବର୍ଷକ ମଧ୍ୟରେ ଛ ଜଣ ପଦ୍ୟ ଲେଖକଙ୍କୁ ୧୨୦ ଟଙ୍କା ଏବଂ ଛ ଜଣ ଗଦ୍ୟ ଲେଖକଙ୍କୁ ୧୨୦ ଟଙ୍କା ଗୁଣାନୁସାରେ ପ୍ରଦତ୍ତ ହେବ । କାବ୍ୟ, ନାଟକ ବା ଆଖ୍ୟାୟିକାର ଲେଖକ ଏବଂ ବୈଜ୍ଞାନିକ ବା ଐତିହାସିକ ପ୍ରବନ୍ଧ ଲେଖକମାନେ ପୁରସ୍କାରଯୋଗ୍ୟ ପୁସ୍ତକ ପତ୍ରିକାର ସମ୍ପୂର୍ଣ୍ଣ ପ୍ରକାଶ କଲେ ୨୦୦ ଟଙ୍କା ଏବଂ ଆଂଶିକ ପ୍ରକାଶ କଲେ ୬୦ ଟଙ୍କା ପୁରସ୍କାର ପାଇବେ । ଲେଖକମାନେ ପୁରସ୍କୃତ ପ୍ରବନ୍ଧ ବା ପୁସ୍ତକ ସ୍ୱତନ୍ତ୍ର ପ୍ରକାଶ କରିବାକୁ ଇଚ୍ଛାକଲେ ମୟୂରଭଞ୍ଜ ଯନ୍ତ୍ରାଳୟରେ କେବଳ କାଳୀ କାଗଜର ମୂଲ୍ୟ ଦେଇ ୫୦୦ ଖଣ୍ଡ ଛପା କରାଇ ପାରିବେ ।" ଏହି ଉତ୍ସାହବାଣୀରେ ସମୁତ୍ସାହିତ ହୋଇ ଅନେକ କୃତବିଦ୍ୟ ଲେଖକ ଲେଖାମାଧାରଣପୂର୍ବକ ଏ ପ୍ରତିଯୋଗିତା କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ବହୁ ସୁଲେଖକଙ୍କ ସୁଚିନ୍ତାପୂର୍ଣ୍ଣ ପ୍ରବନ୍ଧର ଦୀପ୍ତିରେ 'ଉତ୍କଳ ପ୍ରଭା' ଅପୂର୍ବ ସାରସ୍ୱତ ଶ୍ରୀ ଧାରଣ କରିଥିଲା । ଅଳ୍ପକାଳ ମଧ୍ୟରେ ନାନା ଶ୍ରେଷ୍ଠ କାବ୍ୟ, ନାଟକ, ଆଖ୍ୟାୟିକା, କବିତା, ପ୍ରବନ୍ଧ ଓ ଗଦ୍ୟାନୁବାଦରେ ଉତ୍କଳ ସାହିତ୍ୟ ଯେପରି ପୁଷ୍ଟି ଲାଭ କରିଥିଲା, ଏଥିପୂର୍ବରୁ ବହୁକାଳ ମଧ୍ୟରେ ସେପରି ହୋଇ ନ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିରେ ଶ୍ରେଷ୍ଠ କବି ଓ ଗ୍ରନ୍ଥକାରଙ୍କୁ ସମୁଚିତ ପୁରସ୍କାର ଦେବାଦ୍ୱାରା ଯୋଗ୍ୟତାର ଯେପରି ସମ୍ମାନ କରାଯାଇଥିଲା, ନୂତନ ଲେଖକମାନଙ୍କୁ ପୁରସ୍କୃତ କରି ସେହିପରି ଉତ୍ସାହ କରାଯାଇଥିଲା । ଦୁଃଖର ବିଷୟ ଯେ, ଏ ପତ୍ରିକା ୧୮୯୫ ମସିହା ପର୍ଯ୍ୟନ୍ତ ଜୀବିତ ଥିଲା । ଏହି ଚାରି ବର୍ଷ ମଧ୍ୟରେ ସେ କିପରି ସାହିତ୍ୟ ଉତ୍ପାଦନ କରିଥିଲା, ଏଠାରେ ତାହାର ଟିକିଏ ସୂଚନା କରାଯାଉ । 'ଉତ୍କଳ ପ୍ରଭାର' ପ୍ରଥମ ଭାଗର ଗୋଟିଏ ସଂଖ୍ୟା କବିବର ରାଧାନାଥଙ୍କ 'ଚିଲିକା' କାବ୍ୟରେ ଅଳଙ୍କୃତ ହୋଇଥିଲା । ଏହାର

Digitized by srujanika@gmail.com

ଦ୍ୱିତୀୟ ବର୍ଷରେ ତତ୍ପ୍ରଣୀତ 'ମହାଯାତ୍ରା' ମହାକାବ୍ୟ କ୍ରମଶଃ ପ୍ରକାଶିତ ହୋଇଥିଲା । ସୁହୃଦବର ଶ୍ରୀଯୁକ୍ତ ଶଶିଭୂଷଣ ରାୟଙ୍କ ମୁଖରୁ ଅବଗତ ହେଲି ଯେ, "ଶ୍ରବ୍ୟ ଅବଧାନେ ଆସୁ ଏ ଗୀତି ଭୂମ୍ବର, ହେ ଗଜେନ୍ଦ୍ର, ମନ୍ଦ୍ରନାଦୀ ପ୍ରପାତର ପତି, ବାମଣ୍ଡାମଣ୍ଡଳେଶ୍ୱର ଉତ୍କଳ-ମଣ୍ଡନ", ଷଷ୍ଠ ସର୍ଗର ଏହି ମୂଳାଂଶ ସର୍ବ ପ୍ରଥମେ ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ହୋଇଥିଲା । ଭକ୍ତକବି ମଧୁସୂଦନଙ୍କ 'ଋଷିପ୍ରାଣେ ଦେବାବତରଣ' ଏବଂ ଉତ୍କଳ ଭାଷା ଓ ସାହିତ୍ୟ ବିଷୟକ ପ୍ରବନ୍ଧ, * ଶ୍ରୀଯୁକ୍ତ ରାମଶଙ୍କର ରାୟଙ୍କ 'ବିବାସିନୀ' ଉପନ୍ୟାସ ମଧ୍ୟ ଏହି ପ୍ରଥମ ବର୍ଷରେ ପ୍ରକାଶିତ ହୋଇଅଛି । ଏମାନଙ୍କ ବ୍ୟତୀତ ଅନ୍ୟ ଯେଉଁ ପ୍ରବନ୍ଧଲେଖକମାନଙ୍କର ପ୍ରବନ୍ଧାଦି ଏଥିରେ ବାହାରିଥିଲା, ସେମାନଙ୍କ ନାମ ତାଲିକା ନିମ୍ନରେ ପ୍ରକାଶ କରୁଅଛୁଁ—

ସ୍ୱର୍ଗୀୟ ଫକୀରମୋହନ ସେନାପତିଙ୍କ—ଜନ୍ମ ମାଟି, ପ୍ରାର୍ଥନା, ଯୋସେଫାଇନ୍, ଜୀବନନଦୀ, ନିଦାଘ ନିଶୀଥ ସ୍ୱପ୍ନ, ବିଭାସରାଗିଣୀ ପ୍ରଭୃତି କ୍ଷୁଦ୍ର କ୍ଷୁଦ୍ର କବିତା ।

ସ୍ୱର୍ଗତ ଲାଲା ରାମନାରାୟଣ ରାୟଙ୍କ—କବି ଉପେନ୍ଦ୍ର ଭଞ୍ଜ ଓ ଭଞ୍ଜ କାବ୍ୟ ସମାଲୋଚନା ପ୍ରଭୃତି ।

ସ୍ୱର୍ଗତ ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କ—ମହାଭାରତର ଆଂଶିକ ଗଦ୍ୟାନୁବାଦ ।

ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ—ମହାସ୍ତୋତ୍ର, ରାକ୍ଷସ ଲୀଳା, ସ୍ତ୍ରୀ ଶିକ୍ଷା, ସ୍ୱାଧୀନତା, ଅନନ୍ତପ୍ରେମ ପ୍ରଭୃତି ପ୍ରବନ୍ଧ ।

ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣାଙ୍କ—ଖଣ୍ଡଗିରି ପ୍ରଭୃତି କବିତା ।

ଉଲ୍ଲିଖିତ ତାଲିକାରୁ ଦେଖାଯାଉଅଛି, ଉତ୍କଳପ୍ରଭା ଆଧୁନିକ ଉତ୍କଳ ସାହିତ୍ୟର ଆଦର୍ଶ ଧାରଣ କରିଥିଲା । ଏ ସମୟରେ ଉନ୍ନତ ଓ ମାର୍ଜିତ ରୁଚିର ସାହିତ୍ୟ ପାଇ ଅନେକ 'ସୁରୁଚିଧ୍ୱଜୀ' ଲେଖକ ପ୍ରାଚୀନ ଆଦିରସାଶ୍ରିତ ସାହିତ୍ୟ ପ୍ରତି ଅତିମାତ୍ର ବିଦ୍ୱେଷଭାବାପନ୍ନ ହୋଇ ପଡ଼ିଲେ । ସେ ଦଳ ମଧ୍ୟରେ ଲାଲା ରାମନାରାୟଣ ଅଗ୍ରଣୀ ଥିଲେ । ସେ ଉତ୍କଳପ୍ରଭାର ପ୍ରାରମ୍ଭରୁ ଭଞ୍ଜ କବିଙ୍କ ପ୍ରତି କଟାକ୍ଷ କରି 'କବି ଉପେନ୍ଦ୍ର ଭଞ୍ଜ' ପ୍ରସଙ୍ଗରେ ତଦୀୟ କାବ୍ୟାଦି କୁରୁଚିପୂର୍ଣ୍ଣ ଏବଂ କେବଳ ଅଶ୍ଳୀଳତା ଦୋଷଦୂଷିତ ବୋଲି କ୍ରମଶଃ ତୀବ୍ର ସମାଲୋଚନା କରିବାକୁ ଲାଗିଲେ । ଏ ଭଞ୍ଜୀୟ ଆନ୍ଦୋଳନରେ ଲାଲାଙ୍କ ବଜ୍ର ଲେଖନୀ ସମଗ୍ର ଉତ୍କଳ ଖଣ୍ଡରେ କିପରି ତୁମୁଳ ଲଙ୍କାକାଣ୍ଡ ଘଟାଇ ଥିଲା, ତାହା ନବୀନମାନଙ୍କୁ ଭଲ ଜଣା ନ ଥିଲେହେଁ ପ୍ରବୀଣମାନଙ୍କ ସ୍ମୃତିପଟରେ ଉଜ୍ଜ୍ୱଳରୂପେ ଅଙ୍କିତ ଥିବ । ତେତେବେଳେ ଲାଲାଙ୍କ ପ୍ରତ୍ୟେକ ପ୍ରବନ୍ଧରେ ଉତ୍ତେଜିତ ଭଞ୍ଜ ଭକ୍ତଗଣଙ୍କର ପ୍ରତିବାଦ ଉତ୍କଳ ଦୀପିକାରେ କ୍ରମଶଃ ପ୍ରକାଶିତ ହେବାକୁ ଲାଗିଲା । ଦଳେ ଭଞ୍ଜ କାବ୍ୟରେ କେବଳ ବୀଭତ୍ସ ଅଶ୍ଳୀଳ ଶବ୍ଦ ଦେଖି ଦୂରରୁ ନାସିକା କୁଞ୍ଚନ କରିବାକୁ ଲାଗିଲେ । ଅନ୍ୟେ ବ୍ୟାଖ୍ୟାଚ୍ଛଳରେ ପ୍ରତିପକ୍ଷର ଯୁକ୍ତି ଖଣ୍ଡନପୂର୍ବକ ତାହାକୁ ଆଦରଣୀୟ ସାମଗ୍ରୀ ବୋଲି ଚେତାଇ ଜୟଡିଣ୍ଡିମ ବଜାଇଲେ । ଏହିରୂପେ ଉତ୍କଳ ସାହିତ୍ୟ କ୍ଷେତ୍ରରେ 'ଅଦିବ୍ୟାପୀ ଶବ୍ଦମୟ ସମର' କ୍ରମଶଃ ଭୀଷଣତର ହେବାକୁ ଲାଗିଲା ।

୩୪ । ଇନ୍ଦ୍ରଧନୁ

ଦୀପିକାରେ ଏ ଯୁଦ୍ଧୋପକରଣମାନ ଆଉ ସମ୍ଭାଇ ନ ପାରିବାରୁ ଭଞ୍ଜଙ୍କ ପକ୍ଷ ସମର୍ଥନ ଉଦ୍ଦେଶ୍ୟରେ ହଠାତ୍ ସାହିତ୍ୟାକାଶରେ 'ଇନ୍ଦ୍ରଧନୁ'ର ଆବିର୍ଭାବ ହୋଇଥିଲା ।

* ରାଓ କବିଙ୍କ ଲିଖିତ ଦୁଇ ପ୍ରବନ୍ଧ ବଙ୍ଗଳାରେ 'ନବ୍ୟ ଭାରତ' ପତ୍ରିକାରେ ମଧ୍ୟ ପ୍ରକାଶିତ ହୋଇଥିଲା ।

Digitized by srujanika@gmail.com

୧୮୯୩ ସାଲର ଏହି ଅସାମୟିକ ପତ୍ରିକାର ଭାଲ ଦେଶରେ ଏହା ଲେଖାଥିଲା – "କିନ୍ତୁ ନିରୂପିତ କାଳେ ନ ଉଠିବ ନଭେ କେଉଁ ଏହି ଇନ୍ଦ୍ରଧନୁ, ନୁହେ ତାହା ଧର୍ମ । ଉପଯୁକ୍ତ ଉପକରଣ ଯୋଗହେବ ଯେବେ, ଉଦ୍ଭାସିବ ନଭେ ତେବେ ଏହା କେବେ କେବେ ।"

୩୫ । ବିଜୁଳି

କଟକରେ ଇନ୍ଦ୍ରଧନୁର ଖ୍ୟାତି ଦେଖି ବାମଣ୍ଡାରୁ 'ଅଶ୍ଳୀଳନାଶିନୀ' ବିଜୁଳି ବାହାରିଲା । ଉଭୟ ପକ୍ଷର ଲେଖକମାନେ ବାଦ ପ୍ରତିବାଦ ଟୀକା ଟିପ୍ପଣୀ ଓ ଭାଷ୍ୟ ଲକ୍ଷଣରେ କପରି ଅଶ୍ଳୀଳତାର ଚରମ ସୀମାକୁ ଯାଇଥିଲେ, ତାହା ମୁରାରିପଣ୍ଡାଧାରୀ ରାଓ କବିଙ୍କ ବ୍ୟଙ୍ଗାତ୍ମକ 'ସାବାସ୍ ସାହିତ୍ୟ ଚର୍ଚ୍ଚା ସାବାସ୍ ସାବାସ୍' ଓ 'ଭଣ୍ଡ ରସାୟନ କାବ୍ୟ' ପାଠକଲେ ଯୁବକ ପାଠକମାନେ ଅନୁମାନ କରି ପାରିବେ । ଇନ୍ଦ୍ରଧନୁ ଓ ବିଜୁଳିର ଦ୍ୱନ୍ଦ୍ୱ ଯୁଦ୍ଧରେ ଅନେକ ଲେଖନୀ-ପ୍ରହରଣ ବୀରପୁରୁଷ ରଣକ୍ଷେତ୍ରରେ ନୂତନ ଅବତୀର୍ଣ୍ଣ ହୋଇଥିଲେ । ଏ ସଙ୍ଘର୍ଷଣ ଅତ୍ୟନ୍ତ ଦୂଷଣୀୟ ହୋଇଥିଲେହେଁ ବିଷରୁ ଅମୃତୋତ୍ପତ୍ତି ପ୍ରାୟ ସେଥିରୁ ମଙ୍ଗଳ ମଧ୍ୟ ସମ୍ଭବ ଅଛି । ଏହି ବିପ୍ଳବ ଫଳରେ ପରବର୍ତ୍ତୀ ଶିକ୍ଷିତ ସମାଜର ରୁଚି ବହୁ ପରିମାଣରେ ପରିବର୍ତ୍ତିତ ଓ ମାର୍ଜିତ ହୋଇଅଛି ଏବଂ ସାହିତ୍ୟର ଲେଖକ ସଂଖ୍ୟା ବୃଦ୍ଧି ଲାଭ କରିଅଛି । ଏ ବିପ୍ଳବର ସଂକ୍ଷିପ୍ତ ଇତିହାସ ପ୍ରକାଶ ଏ ପ୍ରବନ୍ଧରେ ଅସମ୍ଭବ । ବରଂ ତାହା କୌଣସି ପ୍ରବନ୍ଧ ଲେଖକଙ୍କର ସ୍ୱତନ୍ତ୍ର ପ୍ରବନ୍ଧର ବିଷୟ ହୋଇ ପାରିବ । କଳହ ଶାନ୍ତ ଉତ୍ତାରେ 'ବିଜୁଳି' ଚଞ୍ଚଳା ନାମ ସାର୍ଥକ କରିଥିଲେହେଁ 'ଇନ୍ଦ୍ରଧନୁ' ମାସିକ ପତ୍ରିକା ରୂପରେ ଆଉ କିଛିକାଳ ସ୍ଥାୟୀ ହୋଇଥିଲା । ସେଥିରେ ଅନେକ ସୁଲେଖକ ଓ ରୁଚିଧ୍ୱଜୀ ଲେଖକଙ୍କର ମଧ୍ୟ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ସ୍ୱର୍ଗୀୟ ଗୋପାଳବଲ୍ଲଭ ଦାସଙ୍କ ଅମିତ୍ରାକ୍ଷର ଛନ୍ଦର 'ତାରକା ସଂହାର' କାବ୍ୟ, 'ରାୟ ବାହାଦୁର ନନ୍ଦକିଶୋର ଦାସଙ୍କ ଚରିତ', ରାମଶଙ୍କର ବାବୁଙ୍କ 'ଉନ୍ମାଦିନୀ' ଉପନ୍ୟାସ (ଅପୂର୍ଣ୍ଣ) ଏବଂ ମଧୁ ବାବୁଙ୍କର କେତୋଟି ଚତୁର୍ଦ୍ଦଶପଦୀ କବିତା ତନ୍ମଧ୍ୟରେ ଉଲ୍ଲେଖ ଯୋଗ୍ୟ ।

୩୬ । ବ୍ରାହ୍ମ

୧୮୯୨ ମସିହାରେ 'ଆଶା' ନାମ୍ନୀ ମାସିକପତ୍ରିକା ପୁନର୍ବାର ପ୍ରକାଶିତ ହୋଇଥିଲା । ଶ୍ରୀମତୀ ରେବା ରାୟ ଏହାର ସମ୍ପାଦିକା ଥିଲେ । ଦୀପିକାସମ୍ପାଦକ ପ୍ରାପ୍ତିସ୍ୱୀକାରସ୍ଥଳରେ କହିଥିଲେ, 'ଆଶାର ଲେଖା ଆଶାପ୍ରଦ ଆଶା କରୁଁ, ଏହା ସ୍ତ୍ରୀମଣ୍ଡଳୀରେ ଆଦୃତ ହେବ । ସମ୍ପାଦିକା ଆଶାର ଭାଷା ଆହୁରି ସରଳ କରିବେ ।' ଆମ୍ଭମାନଙ୍କର ସାହିତ୍ୟସମାଜର ସମ୍ପାଦକ ଶ୍ରୀଯୁକ୍ତ ଶଶିଭୂଷଣ ରାୟ ଏଥିର ଜଣେ ଲେଖକ ଥିଲେ । ଏହାର ଦୁଇ ବର୍ଷ ପରେ 'ଶିକ୍ଷାବନ୍ଧୁ' ମଧ୍ୟ ପୁନର୍ବାର ପ୍ରଚାରିତ ହୋଇଥିଲା । ଉକ୍ତ ବର୍ଷରେ ମଧ୍ୟ କଟକ ଭିକ୍ଟୋରିଆ ପ୍ରେସରୁ 'ବ୍ରାହ୍ମ' ନାମକ ଖଣ୍ଡିଏ ମାସିକପତ୍ର ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ସମ୍ପାଦକତ୍ୱରେ ପ୍ରକାଶିତ ହୋଇଥିଲା । ବ୍ରାହ୍ମଧର୍ମ ପ୍ରଚାର ଏହି ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିରେ ସମ୍ପାଦକ ଏବଂ ପ୍ରବର୍ତ୍ତକ ମଧୁବାବୁଙ୍କର ଅନେକ ବ୍ରାହ୍ମଧର୍ମବିଷୟକ ପ୍ରବନ୍ଧ, କବିତା ଓ ସଙ୍ଗୀତ ଏବଂ ଅନ୍ୟାନ୍ୟ ବ୍ରାହ୍ମଲେଖକଙ୍କ ତଦ୍‌ବିଷୟକ ପ୍ରବନ୍ଧମାନ ପ୍ରକାଶିତ ହୋଇଥିଲା ।

୩୭ । ଉତ୍କଳ ଚିକିତ୍ସକ

ଏହି ୯୪ ମସିହାରେ ମଧ୍ୟ ଆଉ ଖଣ୍ଡେ ମାସିକପତ୍ର ଏ ନଗରର ରାୟ ପ୍ରେସରୁ ପ୍ରକାଶିତ ହୋଇଥିଲା । ତାହା ଡାକ୍ତର ରାମକୃଷ୍ଣ ସାହୁଙ୍କ ସମ୍ପାଦିତ 'ଉତ୍କଳ-ଚିକିତ୍ସକ' । ଦେଶୀୟ ଆୟୁର୍ବେଦଶାସ୍ତ୍ରର ମର୍ମ ପ୍ରକାଶ, ଅଶିକ୍ଷିତ ବୈଦ୍ୟଙ୍କ ହାତରୁ ସାଧାରଣଙ୍କ ରକ୍ଷା ଏବଂ ଶାସ୍ତ୍ରାନୁମୋଦିତ ଚିକିତ୍ସା ଏହି ପତ୍ରିକା ପ୍ରଚାରର ଅଭିପ୍ରାୟ ଥିଲା । ନୟାଗଡ଼ର ରାଜା ଏବଂ କଟକର କେତେ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଆର୍ଥିକ ସାହାଯ୍ୟରେ ଏହା ପ୍ରକାଶିତ ହେଉଥିଲା ।

Digitized by srujanika@gmail.com

୩୮ । ଉତ୍କଳବନ୍ଧୁ

୧୮୯୭ ମସିହାରେ 'ଉତ୍କଳବନ୍ଧୁ' ନାମକ ଖଣ୍ଡିଏ ମାସିକପତ୍ର ତାଳଚେରଠାରୁ ରାଜା ଶ୍ରୀ କିଶୋରଚନ୍ଦ୍ର ବୀରବର ହରିଚନ୍ଦନଙ୍କ ଆନୁକୂଲ୍ୟରେ ପ୍ରକାଶିତ ହୋଇଥିଲା । ଶ୍ରୀଯୁକ୍ତ ବ୍ରଜବନ୍ଧୁ ମିଶ୍ର ଏହାର ସମ୍ପାଦକ ଏବଂ ପ୍ରବର୍ତ୍ତକ ଥିଲେ । କଟକସ୍ଥ ରାୟ ପ୍ରେସରେ ଏ ପତ୍ରିକା ମୁଦ୍ରିତ ହେଉଥିଲା ।

୩୯ । ପ୍ରଭାତୀ ତାରା

କଟକ ମିସନ ଯନ୍ତ୍ରାଳୟରୁ 'ପ୍ରଭାତୀ ତାରା' ନାମ୍ନୀ ମାସିକ ପତ୍ରିକା ବର୍ତ୍ତିତ ବର୍ଷରେ ମଧ୍ୟ ପ୍ରଥମ ପ୍ରକାଶିତ ହେଲା । ଉତ୍କଳର ଖ୍ରୀଷ୍ଟୀୟାନ ମଣ୍ଡଳୀଙ୍କଦ୍ୱାରା ଏହି ଧର୍ମ ଓ ନୀତିବିଷୟକ ପତ୍ରିକା ନିୟମିତରୂପେ ପରିଚାଳିତ ହୋଇ ଆସୁଅଛି ।

40. Ganjam News

ଏହି ୯୭ ସାଲରେ ଖଣ୍ଡିଏ ଇଂରାଜୀ ସମ୍ବାଦପତ୍ର ପାରଳାଖେମୁଣ୍ଡି ଗଜପତି ପ୍ରେସରୁ ପ୍ରକାଶିତ ହୋଇ-ଥିଲା । ତାହାର ନାମ ଥିଲା 'Ganjam News' । ମାତୃଭାଷାବତ୍ସଳ ସ୍ୱର୍ଗୀୟ ପଦ୍ମନାଭନାରାୟଣ ଦେବ ଏହି ପତ୍ରିକାର ଅଭିଭାବକ ଏବଂ ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁ ସମ୍ପାଦକ ଥିବାରୁ ପତ୍ରିକାଟି ଶୁଭ ଭବିଷ୍ୟତ ସୂଚନା କରିଥିଲା । 'ଗଞ୍ଜାମ ନିଉଜ୍' ଯେତେ କାଳ ଥିଲା, ନାନାବିଷୟକ ଆଲୋଚନାରେ ସ୍ୱଦେଶବାସୀଙ୍କ ମନରେ ନବଜାଗରଣ ଆଣିଥିଲା ଏବଂ ସମାଜରେ ମଧ୍ୟ ପ୍ରତିଷ୍ଠା ଲାଭ କରିଥିଲା । ଏହି ପତ୍ରିକାରେ କେତେକ ବର୍ଷ ଉତ୍ତାରେ ଗଞ୍ଜାମରୁ ଆଉ କେତେଖଣ୍ଡି ଉଲ୍ଲେଖ ଯୋଗ୍ୟ ପତ୍ରିକା ମଧ୍ୟ ଉପର୍ଯ୍ୟୁପରି ପ୍ରକାଶିତ ହୋଇ-ଥିଲା, ମାତ୍ର ସେ ସମସ୍ତ ପରବର୍ତ୍ତୀ ଶତାବ୍ଦୀରେ ପ୍ରବର୍ତ୍ତିତ; ତେଣୁ ସେମାନଙ୍କର ପରିଚୟ ଏଥିରେ ପ୍ରକାଶ୍ୟ ନୁହେ ।

୪୧ । ଉତ୍କଳ ସାହିତ୍ୟ

୧୮୯୭ ମସିହା ଆମ୍ଭମାନଙ୍କର ଗୋଟିଏ ସ୍ମରଣୀୟ ବର୍ଷ । ଏହିବର୍ଷରେ ଉତ୍କଳର ଶ୍ରେଷ୍ଠ ମାସିକ ପତ୍ର ଏବଂ ଆଧୁନିକ ପ୍ରବୀଣ ଓ ନବୀନ ଲେଖକମାନଙ୍କର ସାହିତ୍ୟସାଧନାର ପ୍ରଧାନ ସହଚର 'ଉତ୍କଳ-ସାହିତ୍ୟ'ର ଅଧିବାସୀମାନେ ଉତ୍କଳରେ ଖଣ୍ଡିଏ ମାସିକପତ୍ରର ନିତାନ୍ତ ଅଭାବ ଅନୁଭବ କରି ଆସୁଥିବାରୁ 'ଇନ୍ଦ୍ରଧନୁ' ଆଜଯାଏ ଅଦର୍ଶନ ଭଜି ନ ଥିଲା । ବର୍ତ୍ତମାନ 'ଉତ୍କଳ-ସାହିତ୍ୟ'ର ଉଦୟରେ ଇନ୍ଦ୍ରଧନୁ ସାହିତ୍ୟା-କାଶରେ ଅଦୃଶ୍ୟ ହୋଇଗଲା । ଏହି ମାସିକ ପତ୍ରିକାର ପ୍ରଚ୍ଛରରେ ସାହିତ୍ୟର ସମସ୍ତ ଅଭିଭାବକ ଓ ସାଧକମାନେ ଉଦ୍‌ଯୋଗୀ ହୋଇଥିଲେ । ଉତ୍କଳ ସାହିତ୍ୟ ପତ୍ରିକା କଥା କହିବାକୁ ଗଲେ ଏଠାରେ ଟ୍ରେନିଙ୍ଗ୍ ସ୍କୁଲର 'ଆଲୋଚନା ସଭା'ର ପରିଚୟ ଦେବା ଆବଶ୍ୟକ ମନେହୁଏ । ଏହି ସଭା ଟ୍ରେନିଙ୍ଗ୍ ସ୍କୁଲ ଗୃହମାନଙ୍କର ଉନ୍ନତି ଉଦ୍ଦେଶ୍ୟରେ ଉକ୍ତ ବିଦ୍ୟାଳୟର ତଦାନୀନ୍ତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ମଧୁସୂଦନ ରାଓଙ୍କ ଏକାନ୍ତ ଯତ୍ନ ଏବଂ ନେତୃତ୍ୱରେ ପ୍ରତିଷ୍ଠିତ ହୋଇଥିଲେହେଁ ସାଧାରଣ ଭାବରେ ସାହିତ୍ୟଚର୍ଚ୍ଚାର ତାହା ଗୋଟିଏ କେନ୍ଦ୍ରସ୍ଥଳ ଥିଲା । ଏହି ସଭାରେ ପଠିତ ଏବଂ ଆଲୋଚିତ ପ୍ରବନ୍ଧ ମାନ ତେତେବେଳେ 'ଉତ୍କଳ-ସାହିତ୍ୟ'ର କଳେବର ପୁଷ୍ଟ କରୁଥିଲା । ଶିକ୍ଷାବିଭାଗରେ ଯେଉଁ ସାହିତ୍ୟାନୁ-ରାଗୀ ବ୍ୟକ୍ତିମାନେ ବକ୍ତା, ଲେଖକ ଓ ପରିଚାଳକ ଭାବରେ କାର୍ଯ୍ୟ କରିଥିଲେ, ସେମାନଙ୍କ ମଧ୍ୟରେ ନିମ୍ନ ଲିଖିତ କେତେଜଣଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଶ୍ରୀଯୁକ୍ତ ବିଶ୍ୱନାଥ କର
,, ଚନ୍ଦ୍ରମୋହନ ମହାରଣା
,, ମଧୁସୂଦନ ଦାଶ
,, ନନ୍ଦକିଶୋର ବଳ
,, ଦାମୋଦର କର
,, କୃଷ୍ଣପ୍ରସାଦ ଚୌଧୁରୀ

Digitized by srujanika@gmail.com

ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ଶତପଥୀ
,, ଶ୍ୟାମସୁନ୍ଦର ନନ୍ଦ
,, ଦୈତାରି କର
,, ମୃତ୍ୟୁଞ୍ଜୟ ରଥ ।
ଏବଂ ,, ରାଜମୋହନ ବସୁ

ନଅ ବର୍ଷପରେ ଏହି ଆଲୋଚନାସମ୍ବନ୍ଧୀ ପ୍ରସ୍ତାବର ଭିତ୍ତି ଉପରେ ସ୍ଥାପିତ ହୋଇ ୧୯୦୩ ମସିହାଠାରୁ 'ଉତ୍କଳ ସାହିତ୍ୟ ସମାଜ' ନାମରେ ସମଗ୍ର ଉତ୍କଳର ସାହିତ୍ୟିକ ପରିଷଦରୂପେ ପରିଚିତ ହୋଇଅଛି । ଏ ସମାଜ ମଧ୍ୟ 'ଉତ୍କଳ ସାହିତ୍ୟ'ର ପୁଷ୍ଟିରେ କିଛି ସାହାଯ୍ୟ କରୁଅଛି; କିନ୍ତୁ ଏ ସମସ୍ତ ସତ୍ତ୍ୱେ 'ଉତ୍କଳ ସାହିତ୍ୟ'ର ଉନ୍ନତି କେବଳ ମେରୁଦଣ୍ଡପ୍ରାୟ ଅଟଳ ଧୈର୍ଯ୍ୟଧନ ସମ୍ପାଦକଙ୍କ ଉପରେ ବିଶେଷରୂପେ ନିର୍ଭର କରିଅଛି । ସହସ୍ର ବିଘ୍ନରାଶି ମଧ୍ୟରେ ତଳେ ତଳେ ଯୁଦ୍ଧ କରି ତାହାକୁ ଏତେ ଦୂରକୁ ଆଣି ତାହାର ସେହି ଉଚ୍ଚ ଲକ୍ଷ୍ୟକୁ ସ୍ଥିର ଏବଂ ଅବିଚଳିତ ରଖିପାରିବା ଅଳ୍ପ ଶ୍ଳାଘାର ବିଷୟ ନୁହେ । ଏଥି ମଧ୍ୟରେ କେତେଥର ତାହାର ଜୀବନନାଡ଼ିକାର ସ୍ପନ୍ଦନ ସ୍ଥଗିତ ହେବାକୁ ବସିଥିଲେହେଁ କେବଳ ସମ୍ପାଦକଙ୍କ ଅସୀମ ଧୈର୍ଯ୍ୟ ଓ ଉଦ୍ୟମ ବଳରେ ଅକାଳମୃତ୍ୟୁରୁ ରକ୍ଷା ପାଇଅଛି । ଏଥିଯୋଗୁଁ ଆମ୍ଭେମାନେ ସମ୍ପାଦକ ବିଶ୍ୱନାଥବାବୁଙ୍କ ଠାରେ ବିଶେଷରେ ଋଣୀ । ଏହି ତେଇଶ ବର୍ଷ ମଧ୍ୟରେ ଉତ୍କଳ-ସାହିତ୍ୟ ଶୁଦ୍ଧ ଓ ସୁସଂସ୍କୃତ ଥାଇ ଉତ୍କଳ ସାହିତ୍ୟରାଜ୍ୟରେ କିପରି ଯୁଗାନ୍ତର ଉପସ୍ଥିତ କରାଇଅଛି, କେତେ ନୂତନ ଲେଖକ ସୃଷ୍ଟି କରିଅଛି ଏବଂ ଗଣମାନ୍ୟ ଲେଖକ ତିଆରି କରିଅଛି, ସେ ସମ୍ବାଦ ଉତ୍କଳ ସାହିତ୍ୟର ପାଠକ ସାଧାରଣଙ୍କୁ ନିତାନ୍ତ ଅବିଦିତ ନାହିଁ । ସେ ବିଷୟରେ କିଛି ଆଲୋଚନା କରିବା ମଧ୍ୟ ଲେଖକର ଅଭିପ୍ରେତ ନୁହେଁ । ସଂକ୍ଷେପରେ ବିଗତ ଅର୍ଦ୍ଧଶତାବ୍ଦୀର ପତ୍ରିକାମାନଙ୍କର ଜନ୍ମମୃତ୍ୟୁ କାହାଣୀ ଶୁଣାଇବାହିଁ ଏ ପ୍ରବନ୍ଧର ଲକ୍ଷ୍ୟ ଥିଲା । ଅତଏବ ଆମ୍ଭେମାନେ ବର୍ତ୍ତମାନ ଶତାବ୍ଦୀର ଅବଶିଷ୍ଟ ବର୍ଷରେ ପ୍ରକାଶିତ ଆଉ ଦଶଟି ପତ୍ରିକାର ପରିଚୟ ମାତ୍ର ଦେଇ ଏ ପ୍ରବନ୍ଧର ଉପସଂହାର କରିବୁଁ ।

୪୨ । ଗଞ୍ଜାମ ଓଡ଼ିଆ ହିତବାଦିନୀ

ଉକ୍ତ ଦୁଇ ପତ୍ରିକା ମଧ୍ୟରେ 'ଗଞ୍ଜାମ ଓଡ଼ିଆ ହିତବାଦିନୀ' ଗୋଟିଏ ପାକ୍ଷିକପତ୍ର । ଏହା ୧୮୯୯ ମସିହାର ଜୁନମାସରେ ଗଞ୍ଜାମର ବ୍ରହ୍ମପୁରଠାରୁ ପ୍ରବର୍ତ୍ତିତ ହୋଇଥିଲା । ଶ୍ରୀଯୁକ୍ତ ବଙ୍ଗାଳୀଚରଣ ଗୁନ୍ଧିସ୍ୱାମୀ ଏହାର ପ୍ରଧାନ ଉଦ୍‌ଯୋକ୍ତା ଥିଲେ । କିଛିକାଳ ଉତ୍ତାରେ ପତ୍ରିକାଟି ସପ୍ତାହିକ ହୋଇ ପଣ୍ଡିତ ଶ୍ରୀ ଗଦାଧର ବିଦ୍ୟା-ଭୂଷଣଙ୍କଦ୍ୱାରା ସମ୍ପାଦିତ ହୋଇ ଥିଲା । ବିଦ୍ୟାଭୂଷଣ ମହାଶୟ ସମ୍ପାଦକ ପଦ ପରିତ୍ୟାଗ କଲାପରେ ଶ୍ରୀଯୁକ୍ତ ଚିନ୍ତାମଣି ମହାନ୍ତି ବିଂଶ ଶତାବ୍ଦୀ ପ୍ରାରମ୍ଭରେ ଏହି ପତ୍ରିକାର ସମ୍ପାଦକ ହୋଇଥିଲେ ।

୪୩ । ଆଲୋଚନା

ଖ୍ରୀଷ୍ଟାବ୍ଦ ୧୯୦୦ ରେ 'ଆଲୋଚନା' ନାମକ ଖଣ୍ଡିଏ ମାସିକପତ୍ର ବାମଣ୍ଡା ରାଜଧାନୀ ଦେବଗଡ଼ରୁ ପ୍ରବର୍ତ୍ତିତ ହୋଇଥିଲା । ଶ୍ରୀଯୁକ୍ତ ଜଳନ୍ଧର ଦେବ ଏହି ପତ୍ରିକାର ସମ୍ପାଦକ ଥିଲେ । ସାହିତ୍ୟାନୁରକ୍ତ ସ୍ୱର୍ଗତ ବାମଣ୍ଡାଧିପତି ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କଦ୍ୱାରା ପ୍ରତିଷ୍ଠିତ ଏବଂ ପରିଚାଳିତ ବାମଣ୍ଡାର ଆଲୋଚନା ସମିତିହିଁ ଏ ପତ୍ରିକାର ଜନ୍ମ ସୂଚନା କରିଥିଲେ । ଦୁଃଖର ବିଷୟ ଯେ, ରାଜକୁଳ ପ୍ରତି-ପାଳିତ ଏହି ପତ୍ରିକାଟି ମଧ୍ୟ ବହୁ କାଳ ସ୍ଥାୟୀ ହୋଇ ପାରିଲା ନାହିଁ ।

ବର୍ତ୍ତମାନ ଲେଖକର ନୀରସ ବର୍ଣ୍ଣନାପତ୍ରପାଠ ଶେଷ ହେଲା । ବିଗତ ପଚାଶ ବର୍ଷର ବୃତ୍ତାନ୍ତ ଆଲୋଚନା କରି ଦେଖା ଯାଉଅଛି, ଖ୍ରୀଷ୍ଟୀୟାନ ମିସନାରିମାନଙ୍କ ପରି ବ୍ରାହ୍ମସମାଜର ମୁଖ୍ୟ

Digitized by srujanika@gmail.com

ବ୍ୟକ୍ତିମାନେ ଏ ଦେଶରେ ନୂତନ ପତ୍ରିକା ପ୍ରଚାରରେ ବିଶେଷ ଯତ୍ନ କରିଅଛନ୍ତି । ଉପଯୁକ୍ତ ପରିଚାଳନାର ଅଭାବରୁ କେତେ ପତ୍ରିକାର ଉଦୟ ପରେ ପରେ ଅସ୍ତ ହୋଇଅଛି । ପତ୍ରିକା ପରିଚାଳନାରେ ଆପାତତଃ ଯେଉଁ ଅର୍ଥବଳ ନିତାନ୍ତ ଆବଶ୍ୟକ, ତାହା ଏ ଦେଶରେ ନାହିଁ । ଏହା ବ୍ୟତୀତ ସମ୍ପାଦକଙ୍କର ଯୋଗ୍ୟତା, ଧୈର୍ଯ୍ୟ ଓ ବିଚକ୍ଷଣତା, ଦାୟିତ୍ୱ-ଜ୍ଞାନସମ୍ପନ୍ନ ଲେଖକମାନଙ୍କର ପ୍ରବନ୍ଧାବଳୀର ସାରବତ୍ତା ଏବଂ ସର୍ବୋପରି ପାଠକ-ସମାଜର ଗ୍ରାହକତା ଉପରେ ପତ୍ରିକାର ସ୍ଥାୟିତ୍ୱ ଏକାନ୍ତ ନିର୍ଭର କରେ । କୌଣସି କୌଣସି ପତ୍ରିକାର ଅପମୃତ୍ୟୁର ଅନ୍ୟ କାରଣ ଥାଇ ପାରେ; କିନ୍ତୁ ଉଲ୍ଲିଖିତ ତିନୋଟି ସାଧାରଣ ଅଭାବରୁ ଅଧିକାଂଶ ପତ୍ରିକାର ବିଲୟ ଘଟିଅଛି । ଯେଉଁମାନେ ଏହି ସମସ୍ତ ଅଭାବର ନିରାକରଣ ପ୍ରତି ତୀକ୍ଷ୍ଣ ଦୃଷ୍ଟି ନ ରଖି ହଠାତ୍ ଉତ୍ସାହିତ ହୋଇ ପତ୍ରିକାର ପ୍ରଚାର ସୂଚନା କରିପକାନ୍ତି ସେମାନଙ୍କୁ ପଶ୍ଚାତ୍ ସମାଜରେ ବିଡ଼ମ୍ବିତ ହେବାକୁ ହୁଏ । ସେ ଯାହା ହେଉ ଅତୀତ କଥାରୁ ଏତିକି ମାତ୍ର କହି ଲେଖକ ମନ୍ତବ୍ୟ ପ୍ରକାଶରୁ କ୍ଷାନ୍ତ ହେଲେ । ଅତୀତ ଘଟଣାବଳୀର ସମାଲୋଚନା କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ, ଏହା ପୂର୍ବରୁ କୁହା ଯାଇଅଛି । ବରଂ ଏହାକୁ ପୂର୍ବପୀଠିକା କରି କେହି ଯଦି ସମାଲୋଚନା କରିବେ, ପଛେ କରନ୍ତୁ ।

Digitized by srujanika@gmail.com

ପ୍ରବନ୍ଧ ପାଠ

PRABANDHA PATHA

Late Pt. Mrutyunjaya Ratha
Baneebhusana, Kavyateerth, M. R. A. S.

Digitized by srujanika@gmail.com

ଭୂମିକା

ବିଶ୍ୱବିଦ୍ୟାଳୟର ପରୀକ୍ଷାମାନଙ୍କରେ ଓଡ଼ିଆ ପାଠ୍ୟପୁସ୍ତକର ପ୍ରୟୋଜନୀୟତା ଏବଂ ଓଡ଼ିଆ ଗଦ୍ୟ ପୁସ୍ତକର ଅଭାବ ଉପଲବ୍ଧି କରି କତିପୟ ବନ୍ଧୁଙ୍କ ଉପଦେଶକ୍ରମେ ମୁଁ ଏ ପୁସ୍ତକ ପ୍ରଣୟନ କରିବାକୁ ପ୍ରୟାସୀ ହେଲି । ଏହା ଯଦି ଶିକ୍ଷାବିଭାଗର କର୍ତ୍ତୃପକ୍ଷଙ୍କଦ୍ୱାରା ବିଦ୍ୟାଳୟର ପାଠୋପଯୋଗୀ ବୋଲି ବିବେଚିତ ହୁଏ, ତାହାହେଲେ ମୋର ସମସ୍ତ ଶ୍ରମ ସାର୍ଥକ ହେବ ।

ଏହି ପୁସ୍ତକସ୍ଥିତ ପ୍ରବନ୍ଧଗୁଡ଼ିକ ମଧ୍ୟରୁ କେତୋଟି ପ୍ରବନ୍ଧ ଏଥି-ପୂର୍ବେ ଉତ୍କଳସାହିତ୍ୟ, ମୁକୁର, ଉତ୍କଳମଧୁପ ଏବଂ ଉତ୍କଳବାସୀ ନାମକ ଉତ୍କଳର ସାମୟିକ ପତ୍ରମାନଙ୍କରେ ପ୍ରକାଶିତ ହୋଇଥିଲା । ଏଥିରେ ସେଗୁଡ଼ିକର କିଞ୍ଚିତ୍ ପରିବର୍ତ୍ତନ ହୋଇଅଛି । ମୁଁ ପୁସ୍ତକ ପ୍ରଣୟନରେ ବଙ୍ଗଳା, ରାଜସ୍ଥାନ, ବୋମ୍ବାଇଚିତ୍ର, ଶଙ୍କରଚରିତ ପ୍ରଭୃତି ପୁସ୍ତକ ଏବଂ 'ପ୍ରବାସୀ' ଓ 'ତତ୍ତ୍ୱବୋଧିନୀ' ପ୍ରଭୃତି ମାସିକପତ୍ରରୁ ଅନେକ ସାହାଯ୍ୟ ପାଇଥିବାରୁ ସେହି ସେହି ପୁସ୍ତକର ପ୍ରଣେତା ଓ ପତ୍ରିକା ସମ୍ପାଦକମାନଙ୍କ ନିକଟରେ ଋଣୀ । ପୁସ୍ତକର ବିଷୟନିର୍ବାଚନ ସମ୍ବନ୍ଧରେ ଏବଂ ଅନ୍ୟ କେତେ ବିଷୟରେ ମୁଁ ମୋର ଭକ୍ତିଭାଜନ ଗୁରୁଦେବ ଶ୍ରୀ ମଧୁସୂଦନ ରାଓ ମହୋଦୟଙ୍କଠାରୁ ଉପଦେଶ ପାଇ ତାଙ୍କଠାରେ ଆନ୍ତରିକ କୃତଜ୍ଞତା ସମର୍ପଣ କରୁଅଛି ।

ପରିଶେଷରେ ବକ୍ତବ୍ୟ ଏହି ଯେ, ମୋହର ଏହି ପ୍ରଥମ ଉଦ୍ୟମରେ ପୁସ୍ତକଟି ଅତି ଶୀଘ୍ର ପ୍ରକାଶିତ ହୋଇଥିବାରୁ ଏଥିରେ ସ୍ଥାନେ ସ୍ଥାନେ ପ୍ରମାଦ ଦୃଷ୍ଟ ହେବାର ସମ୍ଭାବନା । ଆଶା କରେଁ ସେଥିପାଇଁ ବିଜ୍ଞ ପାଠକ ମହୋଦୟଗଣ ମୋତେ କ୍ଷମା କରିବେ ।

୧୨-୧୦-୧୯୦୭
କଟକ

ଶ୍ରୀମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com

ବିଜ୍ଞାପନ

ମତ୍ପ୍ରଣୀତ ପ୍ରବନ୍ଧପାଠ ଶିକ୍ଷାବିଭାଗର କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରୁ ବିଶ୍ୱବିଦ୍ୟାଳୟ ପରୀକ୍ଷାର ପାଠ୍ୟପୁସ୍ତକରୂପେ ଗୃହୀତ ହୋଇଥିବାରୁ ଏହାର କିଞ୍ଚିତ୍ ଉତ୍କର୍ଷସାଧନାର୍ଥ ଅବସରକ୍ରମେ ପ୍ରବନ୍ଧମାନଙ୍କର ସ୍ଥଳେ ସ୍ଥଳେ ଯୋଗାଯୋଗ କରାଯାଇଥିଲା । ବର୍ତ୍ତମାନ ପ୍ରଥମ ସଂସ୍କରଣର ପୁସ୍ତକମାନ ନିଃଶେଷ ହୋଇଯିବାର ଦେଖି ଆଜି ତିନିଗୋଟି ପ୍ରବନ୍ଧ ଯୋଗ କରି ପ୍ରକାଶ କରାଗଲା । ଆହୁରି ମଧ୍ୟ ଏଥିରେ ବିଶ୍ୱବିଦ୍ୟାଳୟ ବିଧି ଅନୁସାରେ ପରୀକ୍ଷାର୍ଥୀମାନଙ୍କର ସୁବିଧା ନିମିତ୍ତ ପ୍ରତ୍ୟେକ ପ୍ରବନ୍ଧର ଶୀର୍ଷଭାଗରେ ତାହାର ସୂକ୍ଷ୍ମବିଭାଗାଦି ପ୍ରଦତ୍ତ ହେଲା । ୧୬ । ୭ । ୧୧

ଦ୍ୱିତୀୟ ସଂସ୍କରଣର ପୁସ୍ତକଗୁଡ଼ିକ ବର୍ତ୍ତମାନ ପ୍ରାୟ ନିଃଶେଷ ହୋଇଅଛି । ସେଥିପ୍ରତି କର୍ତ୍ତୃପକ୍ଷଙ୍କର ସୁଦୃଷ୍ଟି ଆକୃଷ୍ଟ ହୋଇଥିବାରୁ ଆଶାନ୍ୱିତ ହୋଇ ଏହାର ତୃତୀୟ ସଂସ୍କରଣ ପ୍ରକାଶରେ ସାହସୀ ହେଲି । ଏଥିସଙ୍ଗେ ମଧ୍ୟ ଗୋଟିଏ ନୂତନ ପ୍ରବନ୍ଧ ଯୋଗ କରାଗଲା । ୨୦-୫-୧୫

ପ୍ରଣେତା

Digitized by srujanika@gmail.com

ପ୍ରବନ୍ଧ ପାଠ

ବିଦ୍ୟା

ବିଦ୍ୟାନାମ ନରସ୍ୟ ରୂପମଧିକଂ
ପ୍ରଚ୍ଛନ୍ନଗୁପ୍ତଂ ଧନଂ
ବିଦ୍ୟା ଭୋଗକରୀ ଯଶଃସୁଖକରୀ
ବିଦ୍ୟା ଗୁରୁଣାଂ ଗୁରୁଃ ।
ବିଦ୍ୟା ବନ୍ଧୁଜନୋ ବିଦେଶଗମନେ
ବିଦ୍ୟା ପରଂ ଦୈବତଂ
ବିଦ୍ୟା ରାଜସୁ ପୂଜ୍ୟତେ ନହି ଧନଂ
ବିଦ୍ୟାବିହୀନଃ ପଶୁଃ ।

(ଭର୍ତ୍ତୃହରି)

ବିଦ୍ୟା ମାନବଜୀବନର ଏକପ୍ରକାର ଆଲୋକ । ଅତି ଶୈଶବକାଳରେ ମାନବର ମନୋବୃତ୍ତିସମୂହ ତମୋମୟ ଥାଏ । ବିଦ୍ୟାର ଉଜ୍ଜ୍ୱଳ ଜ୍ୟୋତିରେ ସେଗୁଡ଼ିକ କ୍ରମଶଃ ଉଜ୍ଜ୍ୱଳ ହୁଏ । ବିଦ୍ୟା କିପରି ପଦାର୍ଥ, ଊର୍ଦ୍ଧ୍ୱତନ ଶ୍ଳୋକରୁ ତହିଁର କିଞ୍ଚିତ୍ ଆଭାସ ଦିଆଯାଉ । ବିଦ୍ୟା ମନୁଷ୍ୟର ଗୋଟିଏ ଭୂଷଣାତିରିକ୍ତ ଶୋଭାବର୍ଦ୍ଧକ ବସ୍ତୁ । ଯଦି କେହି ବିନା ଭୂଷଣରେ ସୁନ୍ଦର ହେବାକୁ ଇଚ୍ଛା କରନ୍ତି, ତେବେ ବିଦ୍ୟା ତାହାଙ୍କର ଏକମାତ୍ର ଅବଲମ୍ବନ; ବିଦ୍ୟାଦ୍ୱାରା କୁରୂପ ସୁଦ୍ଧା ରୂପବାନ୍ ତୁଲ୍ୟ ପ୍ରସିଦ୍ଧି ଲାଭକରେ । ପୁଣି ବିଦ୍ୟା ମନୁଷ୍ୟର ପ୍ରୋତ୍ଥିତ ଧନରତ୍ନ ସ୍ୱରୂପ । ଯଦି କେହି ଅନ୍ୟର ପ୍ରତୀକ୍ଷା ନ କରି ନିରପେକ୍ଷଭାବରେ ସଞ୍ଚିତ ଧନରତ୍ନ ମଧ୍ୟରୁ ନିଜର ଇଚ୍ଛା ଓ ସୁବିଧା ଅନୁସାରେ ଅର୍ଥ ବ୍ୟବହାର କରିବାକୁ ବିଚାର କରନ୍ତି, ତାହାହେଲେ ସେ ବିଦ୍ୟା ଅଧ୍ୟୟନ କରନ୍ତୁ; ତାହାରି ଦ୍ୱାରା ଉକ୍ତ କାମନା ପୂର୍ଣ୍ଣ ହେବ । ସଂସାରରେ ଲୋକେ ଯାହାକୁ ସୁଖ ଭୋଗ ବୋଲି ମଣନ୍ତି, ତାହା ବିଦ୍ୟାଦ୍ୱାରା ଉପଲବ୍ଧ ହୋଇଥାଏ । ଏ ସଂସାରରେ ସୁଖୀ ଏବଂ ଯଶସ୍ୱୀ ହେବା ଅଭିଳାଷ ଥିଲେ ବିଦ୍ୟା ତତ୍ସିଦ୍ଧିର ଏକମାତ୍ର ସାଧନା । ଜଣେ ରାଜାଧିରାଜ ବିଶ୍ୱଜନୀନ ଭୂରି ଭୂରି ମହତ୍ କର୍ମ ସାଧନ କରି ଯେଉଁ କୀର୍ତ୍ତି ବା ଯଶଃ ଉପାର୍ଜନ କରନ୍ତି, ଜଣେ ମହାବୀର ମହାସଂଗ୍ରାମରେ ବିଜୟଲାଭ କରି ଯେଉଁ ଯଶଃ ଉପାର୍ଜନ କରନ୍ତି, ଜଣେ ସୁବିଦ୍ୟ କବି ବିଦ୍ୟାର ପ୍ରବୃତ୍ତିଦ୍ୱାରା ତତୋଽଧିକ ଯଶଃ ଉପାର୍ଜନ କରି ଜଗତରେ ଅମର ହୋଇଅଛନ୍ତି । ପ୍ରାଚୀନ ଆର୍ଯ୍ୟ-ମନୀଷୀମାନେ କହିଅଛନ୍ତି, "ନରତ୍ୱଂ ଦୁର୍ଲଭଂ ଲୋକେ ବିଦ୍ୟା ତତ୍ର ସୁଦୁର୍ଲଭା" ଅର୍ଥାତ୍ ସଂସାରରେ ମନୁଷ୍ୟ ଜନ୍ମ ଦୁର୍ଲଭ, ତହିଁରେ ପୁଣି ବିଦ୍ୟା ଅତି ଦୁର୍ଲଭ । ଏହି ବିଦ୍ୟାଦ୍ୱାରା ମାନବର ବିନା ଗୁରୁରେ ପରମପଦ ମୋକ୍ଷ-ପ୍ରାପ୍ତି ହୁଏ । ସୁତରାଂ ବିଦ୍ୟା ଗୁରୁଙ୍କର ଗୁରୁସ୍ୱରୂପ । ଦେଶଦେଶାନ୍ତର ଭ୍ରମଣରେ ବିଦ୍ୟା ଭ୍ରମଣକାରୀର ଏକମାତ୍ର ସହାୟ । କେବଳ ଧନ ସାହାଯ୍ୟରେ ଲୋକ ବିଦେଶରେ ନିଜ କାର୍ଯ୍ୟ ସ୍ୱଚ୍ଛନ୍ଦରେ ନିର୍ବାହ କରି ପାରିବ ନାହିଁ କିମ୍ବା ବୈଦେଶିକମାନଙ୍କ ସହ ସଖ୍ୟ ସ୍ଥାପନ କରି ପାରିବ ନାହିଁ; କିନ୍ତୁ କେବଳ ବିଦ୍ୟାସାହାଯ୍ୟରେ ଏତଦୁଭୟ ସୁଚାରୁରୂପେ ନିର୍ବାହିତ ହୋଇ ପାରିବ । ଅର୍ଥ ଏବଂ ମୈତ୍ରୀ ବିଦ୍ୱାନ୍ ଲୋକର ସଙ୍ଗରେ ପ୍ରଚ୍ଛନ୍ନଭାବରେ ରହିଥାଏ । ବିଦ୍ୟା ଏକାନ୍ତରେ ମାନବର ସଖା; ବିପଦରେ ଉପଦେଷ୍ଟା, ବିଚ୍ଛେଦାବସ୍ଥାରେ ପ୍ରିୟବାଦିନୀ ପତ୍ନୀ, ଉପଦେଶକାଳରେ ଗୁରୁ, ପାପାନୁଷ୍ଠାନରେ

Digitized by srujanika@gmail.com

ଶାସ୍ତା, ଭରଣପୋଷଣରେ ପିତା ଏବଂ କର୍ମପ୍ରବୃତ୍ତିରେ ସ୍ୱୟଂ ପରମାତ୍ମା । ବିଦ୍ୟା ବା ଜ୍ଞାନହିଁ ମାନବର ହୃଦୟସ୍ଥ ଆତ୍ମା-ସ୍ୱରୂପ । ସର୍ବତ୍ର ବିଦ୍ୟାର ପୂଜା ଓ ଆଦର । ରାଜା ସର୍ବତ୍ର ପ୍ରଜାମାନଙ୍କର ପୂଜ୍ୟ; କିନ୍ତୁ ପ୍ରଜାଙ୍କର ଯଦି କିଛି ରାଜପୂଜ୍ୟ ଗୁଣ ଥାଏ, ତେବେ ତାହା ବିଦ୍ୟା; ଧନ ବା ଐଶ୍ୱର୍ଯ୍ୟ କଦାପି ପୂଜାର ଯୋଗ୍ୟ ହୁଏ ନାହିଁ । ରାଜକୀୟ ସଭା ବା କର୍ମକ୍ଷେତ୍ରରେ ବିଦ୍ୱାନର ଯାଦୃଶ ଆଦର ହୁଏ, ଜଣେ ବିତ୍ତଶାଳୀର ତାଦୃଶ ଆଦର ଅସମ୍ଭବ । ଧର୍ମ ଯଥାର୍ଥ ମନୁଷ୍ୟଙ୍କୁ ବା ସଦ୍‌ଗତି ଲାଭର ଏକମାତ୍ର ପନ୍ଥା; କିନ୍ତୁ ଏହି ଧର୍ମ-ଲାଭର ପ୍ରଧାନ ସାଧନ ବିଦ୍ୟା । ବିଦ୍ୟା ଦୁଇପ୍ରକାର— ପରାବିଦ୍ୟା ଏବଂ ଅପରାବିଦ୍ୟା । ଆମ୍ଭେମାନେ ସାଧାରଣତଃ ଯାହାକୁ ବିଦ୍ୟା ବୋଲି ବୁଝୁଁ, ତାହା ଅପରାବିଦ୍ୟା । ଏହା ପରାବିଦ୍ୟା-ପ୍ରାପ୍ତିର ସୋପାନ, ସେହି ପରାବିଦ୍ୟା ବା ତତ୍ତ୍ୱଜ୍ଞାନଦ୍ୱାରା ମନୁଷ୍ୟର ସଦ୍‌ଗତି ବା ପରମାର୍ଥପ୍ରାପ୍ତି ସାଧିତ ହୁଏ । ଅତଏବ ପରମାର୍ଥପ୍ରାପ୍ତି ବିଦ୍ୟାଧ୍ୟୟନର ମୁଖ୍ୟ ଓ ଚରମ ଉଦ୍ଦେଶ୍ୟ ।

ମନୁଷ୍ୟ ଏ ସଂସାରରେ ଭୂମିଷ୍ଠ ହେଲାବେଳେ ନିତାନ୍ତ ଅଜ୍ଞାନ ଥାଏ, ସେତେବେଳେ ସେ ଏ ସଂସାର ସମ୍ବନ୍ଧରେ କିଛିମାତ୍ର ଶିକ୍ଷା କରି ନ ଥାଏ । ତଦନନ୍ତର ବୟୋବୃଦ୍ଧି କ୍ରମରେ ଗୁରୁଜନଙ୍କଠାରୁ ପରିଦୃଶ୍ୟମାନ ଜଗତର ସ୍ଥୂଳ ବସ୍ତୁମାନ ଚିହ୍ନିବାକୁ ସ୍ୱଭାବତଃ କୁତୂହଳୀ ହୁଏ ; କିନ୍ତୁ ଏ ମହାଶିକ୍ଷାସ୍ଥଳ ସଂସାରରେ ଏତେ ଅଧିକ ଶିକ୍ଷଣୀୟ ଏବଂ ଗବେଷଣୀୟ ବିଷୟ ଅଛି, ଯାହା କେବଳ ଗୁରୁଜନଙ୍କ ଉପଦେଶ ବଳରେ ହୃଦୟଙ୍ଗମ ହୋଇପାରିବ ନାହିଁ । ଏହି ଜଗତକୁ ଚିହ୍ନିବାକୁ ଯାଇ ସହସ୍ର ସହସ୍ର ମନୀଷୀ ସ୍ୱ-ଜୀବନକାଳ ମଧ୍ୟରେ ମହାପ୍ରୟାସୀ ପ୍ରତିଭାର ପ୍ରଭାବରେ ନାନା ନୂତନ ତଥ୍ୟ ଆବିଷ୍କାର କରି ସୁଦ୍ଧା ସିଦ୍ଧକାମ ହୋଇ ପାରି ନାହାନ୍ତି । ଜଗତର ପୂର୍ଣ୍ଣ ପରିଚୟ ଦେଣିକି ଥାଉ, ଉକ୍ତ ଆବିଷ୍କୃତ ତଥ୍ୟମାନ ଜାଣିବାକୁ ହେଲେ, ସେହି ସବୁ ମହାତ୍ମାମାନଙ୍କ ଜ୍ଞାନରତ୍ନର ମଞ୍ଜୁଷିକାରୂପୀ ଗ୍ରନ୍ଥରାଜି ସର୍ବାଦୌ ଅଧ୍ୟୟନ କରିବା ଆବଶ୍ୟକ । ବିଦ୍ୟାର ବିନା ସାହାଯ୍ୟରେ ଏ ସବୁର ଉପଲବ୍‌ଧି ମନୁଷ୍ୟ ପକ୍ଷରେ ଏକାନ୍ତ ଅସମ୍ଭବ । ପକ୍ଷାନ୍ତରେ ବିଦ୍ୟାଦ୍ୱାରା ସର୍ବବିଧ ଶିକ୍ଷା ଅଳ୍ପକାଳ ମଧ୍ୟରେ ଅପେକ୍ଷାକୃତ ଉଜ୍ଜ୍ୱଳଭାବରେ ସମାହିତ ହୋଇଥାଏ । ଏହି ପ୍ରକାର ନବ ନବ ଶିକ୍ଷା ସଙ୍ଗରେ ମନୁଷ୍ୟ-ହୃଦୟ ବିଦ୍ୟାର ଶୁଦ୍ଧ ଆନନ୍ଦରସରେ ସରସ ହେଉଥାଏ ଏବଂ କ୍ରମେ କ୍ରମେ ସଂଶୟଚ୍ଛେଦନ ସହ ସର୍ବଦିକ୍ ଉଜ୍ଜ୍ୱଳ ହେଉଥାଏ । ବିଦ୍ୟାବାନ୍ ଜ୍ଞାନଚକ୍ଷୁ ପ୍ରଭାବରେ ପୃଥିବୀର ଏକ କୋଣରେ ଥାଇ ସୁଦ୍ଧା ସମଗ୍ର ପୃଥିବୀର ରହସ୍ୟ ଜାଣିବାକୁ କ୍ଷମ ହୁଏ, କିନ୍ତୁ ମୂର୍ଖର ଦିଗ୍‌ବିଦିଗ୍‌ଜ୍ଞାନ ନ ଥାଏ । ବିଦ୍ୱାନ୍ ଓ ମୂର୍ଖର ହୃଦୟ ମଧ୍ୟରେ ସ୍ୱର୍ଗ ପାତାଳର ପ୍ରଭେଦ । ଜଣକର ହୃଦୟ ଶୁଦ୍ଧାନନ୍ଦମୟ ଏବଂ ଉଦ୍ଭାସିତ, ଅନ୍ୟଟିର ହୃଦୟ ନିରାନନ୍ଦ ଏବଂ ଅନ୍ଧତମସାଚ୍ଛନ୍ନ । ଏକର ହୃଦୟ ଉର୍ବର ବା ସରସ, ଅନ୍ୟଟିର ତାହା ମହାମରୁସମ ନୀରସ । ଅତଏବ ମନୁଷ୍ୟଜୀବନ ସାର୍ଥକ କରିବାକୁ ହେଲେ ବିଦ୍ୟା ସର୍ବଥା ଉପାର୍ଜନୀୟ ।

ବିଦ୍ୟା ଉପାର୍ଜନରେ ଲିଙ୍ଗ, ବୟସ ବିଚାର ନ ଥିଲେହେଁ ବାଲ୍ୟକାଳ ବିଦ୍ୟାର୍ଜନର ପ୍ରଶସ୍ତ କାଳ । କଥାରେ କହନ୍ତି, "ଯାହା ନୋହିଛି ବାଳକାଳେ, ତାହା ନୋହିବ କାଳେ କାଳେ ।" କାରଣ ଉକ୍ତ ସମୟରେ ବିକାଶୋନ୍ମୁଖୀ ଶକ୍ତିଗୁଡ଼ିକ ଉପଯୁକ୍ତ କ୍ରିୟା ନ ପାଇଲେ ନିଷ୍କ୍ରିୟ ହୋଇ ପଶ୍ଚାତ୍ ମରି ହୋଇଯାଏ । ଏହି ସୁକୁମାର ଅବସ୍ଥାରେ ମନୁଷ୍ୟର ଭବିଷ୍ୟତଜୀବନ ଗଠନର ଉପକ୍ରମ ହୋଇଥାଏ । ଏହି ଅନୁକୂଳ ସମୟରୁ ବିଦ୍ୟାର୍ଜନରେ ବ୍ରତୀ ହେଲେ ତତ୍ସଙ୍ଗରେ ସଦ୍‌ଗୁଣମାନ ବଶୀଭୂତ ହୋଇ ପ୍ରାୟ ଆସି ବିଦ୍ୟାର୍ଥୀକୁ ଭୂଷିତ କରେ ଏବଂ କୁସଙ୍ଗପ୍ରସୂତ ଦୁର୍ଗୁଣମାନ ଅବକାଶ ନ ପାଇ

Digitized by srujanika@gmail.com

କ୍ରମଶଃ ଉତ୍ତେଜିତ ହୋଇଯାଏ । ଗର୍ବ ବା ଅହଙ୍କାର ବିଦ୍ୟା-ପଥର ଗୋଟିଏ କଣ୍ଟକ । ଯତ୍ନ ସହକାରେ ତାହାକୁ ହୃଦୟରୁ ଅପସାରିତ କରି ବିନୟ ଅବଲମ୍ବନ କରିବା ଉଚିତ । ବିନୀତ ନ ହେଲେ ସଜ୍ଜନ ହେବା ଅସମ୍ଭବ ।

କେବଳ ବିଦ୍ୟାଧ୍ୟୟନ ମନୁଷ୍ୟତ୍ୱପ୍ରାପ୍ତି ପକ୍ଷରେ ଯଥେଷ୍ଟ ନୁହେଁ । ତାହାର ଉନ୍ନତି ସଙ୍ଗରେ ଚରିତ୍ରର ଉନ୍ନତ ହେବା ଏକାନ୍ତ ବାଞ୍ଛନୀୟ । ଚରିତ୍ର ଦ୍ୱାରା ବିଦ୍ୟାର ମାର୍ଗ ଉଜ୍ଜ୍ୱଳ ହୁଏ । ଚରିତ୍ରବାନ୍ ଲୋକ ଯଥାର୍ଥ ବିଦ୍ୱାନ୍ । ପ୍ରାଚୀନ ପଣ୍ଡିତଗଣ କହି ଅଛନ୍ତି, "ଯସ୍ତୁ କ୍ରିୟାବାନ୍ ପୁରୁଷଃ ସ ବିଦ୍ୱାନ୍ ।" ଚରିତ୍ରବାନ୍ ନ ହେଲେ ବିଦ୍ୟା କୁକ୍ଷେତ୍ରରେ ପତିତ ହୋଇ କଳଙ୍କିତ ଏବଂ ଦୂଷିତ ହୋଇଯାଏ । ବସ୍ତୁତଃ ଚରିତ୍ରହୀନ ଲୋକର ଜ୍ଞାନ ନିର୍ମଳ ନୁହେ । ଆହୁରି ମଧ୍ୟ ଚରିତ୍ରହୀନତାଦ୍ୱାରା ବୁଦ୍ଧି ଓ ସ୍ମୃତିର ତୀକ୍ଷ୍ଣତା ଅନେକାଂଶରେ ନଷ୍ଟ ହୋଇଯାଏ । ଫଳତଃ ସୁଦୁର୍ଲ୍ଲଭ ଶାଶ୍ୱତ ଉଜ୍ଜ୍ୱଳ ଜ୍ଞାନ ତାଦୃଶ ଲୋକକୁ କଦାପି ସ୍ପର୍ଶ କରେ ନାହିଁ । ଅତଏବ, ଦୁଶ୍ଚରିତ୍ର ବ୍ୟକ୍ତି ବିଦ୍ୱାନ୍ ହେଲେ ସୁଦ୍ଧା ମୂର୍ଖପ୍ରାୟ ଦିବ୍ୟ ଜ୍ଞାନ ଓ ସମ୍ମାନର ଅଧିକାରୀ ହୋଇପାରନ୍ତି ନାହିଁ । ସେଥିଲାଗି ପୂର୍ବେ ବିଦ୍ୟାର୍ଥୀମାନଙ୍କୁ ଦୃଢ଼ ବ୍ରହ୍ମଚର୍ଯ୍ୟ ଗ୍ରହଣ କରିବାକୁ ହେଉଥିଲା । ଉକ୍ତ ସମୟରେ ସଂସାରର କୌଣସି ପ୍ରକାର ବାଧା-ବିକାର ସେମାନଙ୍କୁ ସ୍ପର୍ଶ କରୁ ନ ଥିଲା । ସେମାନେ ଅଧ୍ୟୟନ ଛଡ଼ା ଅନ୍ୟ କିଛି କର୍ତ୍ତବ୍ୟ ଜାଣୁ ନ ଥିଲେ । ଉକ୍ତ ପ୍ରକାର ବ୍ରତଦ୍ୱାରା ବିଦ୍ୟାର୍ଥୀର ମନ ଅକ୍ଷୁଣ୍ଣ ବା ଅବିଭକ୍ତ ନ ରହିଲେ ବିଦ୍ୟାର୍ଜ୍ଜନର ପୂର୍ଣ୍ଣତା ଅସମ୍ଭବ । ସତ୍ସଙ୍ଗ ଏହି ସୁଚରିତ୍ର ଲାଭର ପ୍ରଧାନ ଉପାୟ । ବିଦ୍ୟାର୍ଥୀର ସତ୍ସଂସର୍ଗରେ ଅଧ୍ୟୟନ ସର୍ବଥା ଆବଶ୍ୟକ । ଉଲ୍ଲିଖିତ ରୀତିରେ ବିଦ୍ୟା ଅଧୀତ ନ ହେଲେ, କୃତ-ବିଦ୍ୟଲୋକେ ସଂସାରରେ ସମାଦୃତ ହୋଇ ପାରନ୍ତି ନାହିଁ ।

ମୁଦ୍ରାଯନ୍ତ୍ର

(ମୁଦ୍ରାଯନ୍ତ୍ରର ପ୍ରଥମ ଆବିଷ୍କାର ଏବଂ ପ୍ରଚାର — ଯନ୍ତ୍ର ନିର୍ମାଣର ପୂର୍ବ ମୁଦ୍ରଣ ଓ ମୁଦ୍ରଣ ମୁଦ୍ରାଯନ୍ତ୍ରର କ୍ରମିକ ଉନ୍ନତି — ତଦ୍ଦ୍ୱାରା ସମାଜର ଉପକାର — ଏ ଦେଶରେ ପ୍ରଥମ ମୁଦ୍ରଣ ଏବଂ ତଦ୍ଦ୍ୱାରା ଦେଶର ଉତ୍ତରୋତ୍ତର ଉନ୍ନତି ଓ ଶିକ୍ଷାର ସୁବିଧା)

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏହି ଭାରତରେ ଏକପ୍ରକାର ଶିଳ୍ପସମ୍ଭୂତ ଦେଶହିତକର ଯନ୍ତ୍ରର ପ୍ରତିଷ୍ଠା ହେଲା । ତାହାର ନାମ ମୁଦ୍ରାଯନ୍ତ୍ର; ଉକ୍ତ ଯନ୍ତ୍ର ସାହାଯ୍ୟରେ ପୁସ୍ତକାଦିର ମୁଦ୍ରଣ କାର୍ଯ୍ୟ ସମ୍ପାଦିତ ହୁଏ, ଏହା ସାଧାରଣଙ୍କ ନିକଟରେ ଛାପାକଳ ବୋଲି ପରିଚିତ । ଏବମ୍ବିଧ ଯନ୍ତ୍ରକୁ ସର୍ବପ୍ରକାର ଉନ୍ନତିର ଗୋଟିଏ ମାର୍ଗ ବୋଲି ନିର୍ଦ୍ଦେଶ କରାଯାଇ ପାରେ ।

ମୁଦ୍ରାଯନ୍ତ୍ରର ପ୍ରଥମ ଉଦ୍ଭାବନର ସମୟ ନିରୂପଣ ଦୁଷ୍କର । ୟୁରୋପ ଛାପାକଳର ଜନ୍ମସ୍ଥାନ । କେହି କେହି କହନ୍ତି ଜର୍ମାନଦେଶରେ ଏହା ସର୍ବପ୍ରଥମେ ସ୍ଥାପିତ ହୋଇଥିଲା । କିନ୍ତୁ ତାହା ଯଥାର୍ଥ କି ନୁହେ, ତାହା କୁହା ଯାଇ ନ ପାରେ; କାରଣ ଏହା ହଲାଣ୍ଡରେ ପ୍ରଥମେ ସ୍ଥାପିତ ହୋଇଥିଲା ବୋଲି ଡିନାମାରମାନେ କହନ୍ତି । ଡିନାମାରମାନଙ୍କ ମତରେ ମହାତ୍ମା ଲରେନ୍ସ କାଷ୍ଟର୍ ସେହି ଯନ୍ତ୍ର ଉଦ୍ଭାବନ କରିଥିଲେ । ତତ୍ପରେ ୧୪୨୦ ଖ୍ରୀଷ୍ଟାବ୍ଦରୁ ୧୪୨୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ହଲାଣ୍ଡରେ ସ୍ଥାପିତ ହୋଇଥିଲା ।

ଜର୍ମାନଙ୍କ ମତରେ ମହାତ୍ମା ଜନ୍ ଗାଏନ୍ସ ଫୀଲ୍ଡ୍ ଗଟେନ୍ବର୍ଗ ଖ୍ରୀଷ୍ଟୀୟ ୧୪୩୮ ଅବ୍ଦରେ

Digitized by srujanika@gmail.com

ମୁଦ୍ରାଯନ୍ତ୍ର ଉଦ୍ଭାବନ କରି ଜର୍ମାନୀ ଦେଶରେ ସ୍ଥାପିତ କରାଇଥିଲେ ଏବଂ ୧୪୫୦ ଖ୍ରୀଷ୍ଟାବ୍ଦରୁ ୧୪୫୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ଖ୍ରୀଷ୍ଟୀୟମାନଙ୍କର ପରମାଦରଣୀୟ ଆଦି ଧର୍ମଗ୍ରନ୍ଥ 'ବାଇବେଲ୍' ସେଥିରେ ସର୍ବପ୍ରଥମେ ମୁଦ୍ରିତ କରାଇଥିଲେ । ଗଟେନ୍‌ବର୍ଗଙ୍କ ମୁଦ୍ରାଯନ୍ତ୍ର ପ୍ରଥମେ ମାଇନ୍ ନାମକ ସ୍ଥାନରେ ସ୍ଥାପିତ ହୋଇଥିଲା । ଜର୍ମାନଙ୍କ ପୂର୍ବରୁ ଆସିରୀୟ ଏବଂ ଚୀନାବାସୀମାନେ ମୁଦ୍ରଣ କାର୍ଯ୍ୟ ଜାଣିଥିଲେ । ଆସିରୀୟମାନଙ୍କ ମୁଦ୍ରଣରେ ଅଭିଜ୍ଞତା ଥିବାର ଗୋଟିଏ ପ୍ରମାଣ ମିଳେ । ତାହା ଏହି, ବାବିଲନ୍‌ଦୁର୍ଗର ଭଗ୍ନାବଶିଷ୍ଟ ଇଷ୍ଟକ୍‌ମାନଙ୍କ ମଧ୍ୟରେ ସ୍ଥାନେ ସ୍ଥାନେ ନାନାବିଧ ଛାପାଅକ୍ଷର ଓ ମୂର୍ତ୍ତି ଦେଖାଯାଏ । ହିନାମାରମାନେ କହନ୍ତି, "ମହାତ୍ମା କାଷ୍ଟେର୍ ହାୟରଲେମ୍ ନାମକ ସ୍ଥାନରେ ମୁଦ୍ରାଯନ୍ତ୍ର ପ୍ରଥମେ ସ୍ଥାପନ କରିଥିଲେ, ତଦନ୍ତର ରୋମ୍, ଭିନସ୍, ଫ୍ଲରେନ୍‌ସ, ମାଇଲନ୍, ପାରିସ୍ ପ୍ରଭୃତି ସ୍ଥାନରେ ସ୍ଥାପିତ ହେଲା ।" ପ୍ରାୟ ୧୪୭୧ ଖ୍ରୀଷ୍ଟାବ୍ଦରେ କାକ୍‌ସଟନ୍ ନାମକ ଜଣେ ସାହେବ ଇଂଲଣ୍ଡର ଉଏଷ୍ଟମିନଷ୍ଟର୍ ଧର୍ମାଳୟରେ ପ୍ରଥମେ ମୁଦ୍ରାଯନ୍ତ୍ର ସ୍ଥାପନ କଲେ । ତାହାର ତିରିଶ ବର୍ଷ ଉତ୍ତାରେ ସ୍କଟଲଣ୍ଡରେ ଏବଂ ୧୫୯୧ ଖ୍ରୀଷ୍ଟାବ୍ଦରେ ଆୟାର୍ଲାଣ୍ଡ ଦ୍ୱୀପରେ ସ୍ଥାପିତ ହେଲା । ଇଂଲଣ୍ଡର ଧର୍ମ ସଂସ୍କାର ସମୟରେ ଅର୍ଥାତ୍ ଷୋଡ଼ଶ ଶତାବ୍ଦୀରେ ଏହାର ଉନ୍ନତିର ସୂଚନା ହୋଇଥିଲା । ବର୍ତ୍ତମାନ ନାନା ସ୍ଥାନରେ ଯେ ଏତେ ଯନ୍ତ୍ର ବିଦ୍ୟମାନ ତାହାର କାରଣ ଶିଳ୍ପର ଉନ୍ନତି । ଶିଳ୍ପ ଦ୍ୱାରା ବର୍ତ୍ତମାନ ଅନେକ ଅଦ୍ଭୁତ ପ୍ରକାର ଯନ୍ତ୍ର ନିର୍ମିତ ହେଉଅଛି । ପୂର୍ବକାଳର ଲୋକମାନେ ମଧ୍ୟ ଶିଳ୍ପ ବିଦ୍ୟାରେ ଅନେକ ପରିମାଣରେ ଉନ୍ନତି ଲାଭ କରିଥିଲେ, ସେମାନଙ୍କ ଶିଳ୍ପଘଟିତ ଅନେକ ସୁଦୃଶ୍ୟ ପଦାର୍ଥର ଭଗ୍ନାବଶେଷ ଅଦ୍ୟାବଧି ନାନା ସ୍ଥାନରେ ବିଦ୍ୟମାନ ଅଛି । ପ୍ରାଚୀନ ଶିଳ୍ପୀମାନେ ଅନ୍ୟବିଧ ଶିଳ୍ପକର୍ମରେ ଉନ୍ନତି ଲାଭ କରିଥିଲେହେଁ କଦାପି ଏପରି ଯନ୍ତ୍ରର ସୃଷ୍ଟି କରି ନାହାନ୍ତି । ମାନବଦ୍ୱାରା ଯେତେ ପ୍ରକାର ଶିଳ୍ପଘଟିତ ଯନ୍ତ୍ରର ସୃଷ୍ଟି ହୋଇଅଛି, ସେ ସମସ୍ତଙ୍କ ମଧ୍ୟରେ ମୁଦ୍ରାଯନ୍ତ୍ର ଅତୀବ ହିତକର ଏବଂ ଶ୍ରେଷ୍ଠ । ଆଧୁନିକ ଲୋକେ ଶିଳ୍ପ ଓ ବିଜ୍ଞାନର ସାହାଯ୍ୟରେ ନାନାପ୍ରକାର ହିତକର ଯନ୍ତ୍ର ନିର୍ମାଣ କରୁଅଛନ୍ତି । ଆଧୁନିକ ଯୁଗ ପୂର୍ବାପେକ୍ଷା ବିଜ୍ଞାନୋନ୍ନତି ନିମନ୍ତେ ପ୍ରସିଦ୍ଧ । ବିଜ୍ଞାନୋନ୍ନତିର ଆଦିମ ସ୍ଥାନ ଇଉରୋପର ଜର୍ମାନି, ଇଂଲଣ୍ଡ ପ୍ରଭୃତି ଦେଶରେ ଏହାର ଉତ୍ପତ୍ତି ହୋଇ ଅନ୍ୟାନ୍ୟ ଦେଶରେ ପ୍ରଚାର ହେଲା । ବିଜ୍ଞାନୋନ୍ନତିର ଉଚ୍ଚ ସୋପାନାରୂଢ଼ ଇଂରାଜମାନେ ଭାରତବର୍ଷରେ ବିଜ୍ଞାନସମ୍ଭୂତ ନାନା ପ୍ରକାର ଯନ୍ତ୍ରାଳୟ ସ୍ଥାପନ, ବାଷ୍ପୀୟଶକଟ ଓ ବାଷ୍ପୀୟପୋତ ଚାଳନା କରି ଭାରତବାସୀମାନଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି । ଏମାନଙ୍କ ସୁଶାସନରେ ଅସ୍ମଦ୍ଦେଶର ଅନେକ ବିଷୟରେ ଉନ୍ନତି ହୋଇଅଛି, ଏଥିରେ ସନ୍ଦେହ ନାହିଁ ।

ପୂର୍ବେ ଭାରତରେ ମୁଦ୍ରଣ କରିବାର କୌଣସି ଯନ୍ତ୍ର ନ ଥିଲା । କେବଳ ତାଳପତ୍ର ଓ ଲେଖନଦ୍ୱାରା ଲିଖନ କାର୍ଯ୍ୟ ସମ୍ପାଦିତ ହେଉଥିଲା । ଇଂରାଜଙ୍କ ଶାସନ କାଳରେ ଭାରତରେ ମୁଦ୍ରାଯନ୍ତ୍ର ସ୍ଥାପନର ସୂତ୍ରପାତ ହେଲା । ପ୍ରଥମ ବଡ଼ଲାଟ ହେଷ୍ଟିଂସ୍ ସାହେବଙ୍କ ସମୟରେ ମୁଦ୍ରଣ କାର୍ଯ୍ୟ ଅତ୍ୟଳ୍ପ ଭାବରେ ଏବଂ ଅପ୍ରକାଶ୍ୟ ଭାବରେ ସାଧିତ ହେଉଥିଲା । ପରେ ୧୮୩୫ ଖ୍ରୀଷ୍ଟାବ୍ଦରେ ମୁଦ୍ରାଙ୍କନ ଭାରତବାସୀମାନଙ୍କର ସୁପରିଚିତ ହେଲା । ପ୍ରଥମ ପ୍ରକାଶିତ ସମ୍ବାଦପତ୍ରରେ ସରକାରଙ୍କ କିମ୍ବା ଯେ କେହି ଇଂରାଜଶାସନକର୍ତ୍ତାଙ୍କ ରାଜ୍ୟଶାସନ ସମ୍ପୃକ୍ତ ବିଷୟ ପ୍ରକାଶିତ ହେଉ ନ ଥିଲା । ଲର୍ଡ କର୍ଣ୍ଣଓଆଲିସ୍‌ଙ୍କ ରାଜତ୍ୱକାଳରେ ସରକାରଙ୍କ ବିରୁଦ୍ଧରେ କୌଣସି ସମ୍ବାଦପତ୍ର ପ୍ରକାଶିତ ନ ହେବା ସକାଶେ ଗୋଟିଏ ବ୍ୟବସ୍ଥା ବିଧିବଦ୍ଧ ହୋଇଥିଲା ଏବଂ ସମ୍ବାଦପତ୍ର ପରୀକ୍ଷା କରିବା ନିମିତ୍ତ ଜଣେ ଇଂରାଜ କର୍ମଚାରୀ ନିଯୁକ୍ତ ହେଉଥିଲେ । କୌଣସି ଇଂରାଜୀ ପତ୍ରିକାର ସମ୍ପାଦକ ଶାସନକର୍ତ୍ତାଙ୍କ

Digitized by srujanika@gmail.com

ବିରୁଦ୍ଧରେ ଅଗ୍ରସର ହେଲେ ଭାରତରୁ ନିର୍ବାସିତ ହେଉଥିଲେ । ଲର୍ଡ଼ ମିଣ୍ଟୋଙ୍କ ଶାସନ ସମୟରେ ମିସନାରୀମାନେ ଶ୍ରୀରାମପୁରରେ ସର୍ବ ପ୍ରଥମେ ବଙ୍ଗଳା ପତ୍ରିକା ପ୍ରକାଶ କଲେ; କିନ୍ତୁ କୌଣସି ବଙ୍ଗଳା ବା ଇଂରାଜୀ ପତ୍ରିକାରେ ସ୍ୱାଧୀନଭାବରେ ମତ ଅଭିବ୍ୟକ୍ତ ହେଉ ନ ଥିଲା । ଭାରତର ରାଜପ୍ରତିନିଧି ଲର୍ଡ଼ ମେଟ୍‌କାଫ୍ ମୁଦ୍ରଣର ସ୍ୱାଧୀନତା ପ୍ରଦାନ କରି ଭାରତରେ ଚିରସ୍ମରଣୀୟ ହୋଇଅଛନ୍ତି । ତାହାଙ୍କର ନାମ ସ୍ମରଣାର୍ଥ ବଙ୍ଗବାସୀମାନେ ଚାନ୍ଦା ସଂଗ୍ରହ କରି ଗଙ୍ଗାକୂଳରେ ସାଧାରଣ ପାଠାଗାର ନିମନ୍ତେ ଗୋଟିଏ ସୁନ୍ଦର ଅଟ୍ଟାଳିକା ନିର୍ମାଣ କରାଇ ଦେଇ ଅଛନ୍ତି । ଉକ୍ତ ପୁସ୍ତକାଳୟରେ ମେଟ୍‌କାଫ୍‌ଙ୍କର ପାଷାଣମୟୀ ମୂର୍ତ୍ତି-ବିଦ୍ୟମାନ ଅଛି ଏବଂ ତାହାଙ୍କ ନାମାନୁସାରେ ସେହି ଅଟ୍ଟାଳିକାର ନାମ 'ମେଟ୍‌କାଫ୍ ହଲ୍' ହୋଇଅଛି ।

ମିସନାରୀମାନେ ଏହି ଉତ୍କଳ ପ୍ରଦେଶକୁ ମଧ୍ୟ ସର୍ବ ପ୍ରଥମେ ମୁଦ୍ରାଯନ୍ତ୍ର ଆନୟନ କରିଥିଲେ । ସେମାନଙ୍କ ନାମାନୁସାରେ ଉକ୍ତ ଯନ୍ତ୍ରାଳୟ ମିଶନ୍ ପ୍ରେସ୍ ବୋଲି ଆଖ୍ୟାତ । ମିଶନ୍ ପ୍ରେସ୍ ସ୍ଥାପନର କିଛି କାଳ ଉତ୍ତାରେ ଅର୍ଥାତ୍ ୧୮୬୭ ଖ୍ରୀଷ୍ଟାବ୍ଦରେ ପ୍ରିଣ୍ଟିଂକୋମ୍ପାନୀ ଯନ୍ତ୍ରାଳୟ ସ୍ଥାପିତ ହୋଇଅଛି । ବର୍ତ୍ତମାନ ଓଡ଼ିଶାରେ ଅନେକଗୁଡ଼ିଏ ଯନ୍ତ୍ରାଳୟରେ ମୁଦ୍ରଣକାର୍ଯ୍ୟ ସମ୍ପାଦିତ ହେଉଅଛି । ଯେଉଁ ପରମୋପକାରୀ ଯନ୍ତ୍ରସାହାଯ୍ୟରେ ପୃଥିବୀର ଜ୍ଞାନ, ଧର୍ମ ଓ ସାହିତ୍ୟାଦିର ପ୍ରଚାର ହେଉଅଛି, ନିମ୍ନୋକ୍ତ ଅତି ସାମାନ୍ୟ ଘଟଣାରୁ ସେହି ଯନ୍ତ୍ରରେ ମୁଦ୍ରଣର ସୂତ୍ରପାତ ହୋଇଥିଲା । ମହାତ୍ମା ଗଟେନ୍‌ବର୍ଗ୍ ଏକଦା କୌଣସି ଅରଣ୍ୟରେ ଭ୍ରମଣ କରୁଥିବାବେଳେ ବିନ୍ଦୁଯୁକ୍ତ ବୃକ୍ଷପତ୍ର ବା ଅନ୍ୟ କୌଣସି ଶୋଭା ଦେଖି କୌତୂହଳୀ ହୋଇ ଏକ ପ୍ରକାର ବୃକ୍ଷ ବଲ୍‌କଳରେ ଅକ୍ଷରଗୁଡ଼ିକ କାଗଜଦ୍ୱାରା ମୁଦ୍ରିତ କଲେ । ତରଳ ମସୀ ବ୍ୟବହାର କଲେ କାଗଜ ଆର୍ଦ୍ର ଏବଂ ଅପରିଷ୍କୃତ ହେବ ବୋଲି ଘନ ମସୀ ବ୍ୟବହାର କରିବାକୁ ଲାଗିଲେ । ତଦନନ୍ତର କାଷ୍ଠ ପଟାରେ ବର୍ଣ୍ଣମାନ ଖୋଳି ପୂର୍ବବତ୍ ତଦ୍ୱାରା କାଗଜ ମୁଦ୍ରିତ କଲେ । ସେହି ସମୟରେ ଅନ୍ୟାନ୍ୟ ଲୋକେ କାଷ୍ଠଫଳକରେ ପୃଥକ୍‌ରୂପେ ଅକ୍ଷର ଖୋଦିତ କରି ଉକ୍ତ ଖୋଦିତାକ୍ଷରମାନଙ୍କ ସମଷ୍ଟିରେ ମସୀ ଲେପନ ପୂର୍ବକ ମୁଦ୍ରାଙ୍କନ କାର୍ଯ୍ୟ ସମ୍ପାଦନ କରୁଥିଲେ । ଚୀନବାସୀମାନେ ପୂର୍ବୋକ୍ତ ପ୍ରକାରରେ ଛାପୁଥିଲେ, କିନ୍ତୁ ସେହିପରି ଛାପିବାଦ୍ୱାରା ଅନେକ ବ୍ୟୟ ଓ ବହୁ ପରିଶ୍ରମ ହେଉଥିଲା; କିନ୍ତୁ ସଫର୍ ନାମକ ଜଣେ ଶିଳ୍ପନିପୁଣ ବ୍ୟକ୍ତି ଧାତୁନିର୍ମିତ ଅକ୍ଷରେ ବ୍ୟବହାର କରି ମୁଦ୍ରାଯନ୍ତ୍ରର ଶ୍ରୀବୃଦ୍ଧି ସାଧନ କଲେ । ଷ୍ଟାନ୍‌ହୋପ୍ ନାମକ ଜଣେ ସୁଚତୁର ଶିଳ୍ପପଣ୍ଡିତ ବ୍ୟକ୍ତି ଲୌହ-ଯନ୍ତ୍ର ନିର୍ମାଣ କରି ମୁଦ୍ରଣର ସୁବିଧା କରି ଦେଇଥିଲେ । ଏହାଙ୍କ ଅନୁକରଣରେ କେତେକ ଶିଳ୍ପପଣ୍ଡିତ ଉତ୍କୃଷ୍ଟତର ଅନେକ ଲୌହଯନ୍ତ୍ର ନିର୍ମାଣ କରିଅଛନ୍ତି ।

ବର୍ତ୍ତମାନ ଲୌହଯନ୍ତ୍ରରେ ଧାତୁନିର୍ମିତ ଅକ୍ଷରୋପରି ମୁଦ୍ରଣ କାର୍ଯ୍ୟ ସମ୍ପାଦିତ ହେଉଅଛି । ସୀସକନିର୍ମିତ ଫଳକୋପରି ପ୍ରତ୍ୟେକ ଅକ୍ଷର ପୃଥକ୍‌ରୂପେ ଖୋଦିତ ହୋଇଥାଏ, ସାଧାରଣତଃ ତାହାକୁ ଇଂରାଜୀରେ ଟାଇପ କହନ୍ତି । କେତେଗୁଡ଼ିଏ ଅକ୍ଷର ବା ଏହି ଟାଇପ୍ ସଂଯୋଜିତ କଲେ ଗୋଟିଏ ପଂକ୍ତି ହୁଏ । ଏହିପରି କେତେକ ପଂକ୍ତି ସରଳଭାବରେ ଯଥାକ୍ରମେ ସ୍ଥାପିତ ହୋଇ ପୃଷ୍ଠାକାର ଧାରଣ କରେ । ତଦନନ୍ତର ତାହାକୁ ଚତୁରସ୍ର ଲୌହ ବା କାଷ୍ଠପଟାଚତୁଷ୍ଟୟ ମଧ୍ୟରେ ଏପରି ନିବିଡ଼ ଭାବରେ ରଖାଯାଏ ଯେ, ସେଥିରେ କୌଣସି ଆଘାତ କଲେ ମଧ୍ୟ ସଂଯୋଜିତ ବର୍ଣ୍ଣଗୁଡ଼ିକ ସ୍ୱସ୍ଥାନଭ୍ରଷ୍ଟ ହୁଏ ନାହିଁ । ଉକ୍ତ ବର୍ଣ୍ଣମୟ ପଟାକୁ ପରିଷ୍କାରପୂର୍ବକ ମୁଦ୍ରାଯନ୍ତ୍ର ଉପରେ ସ୍ଥାପନ କରାଯାଏ ଏବଂ ତଦୁପରି ଘନ ମସୀ ଘର୍ଷିତ ହୁଏ । ମସୀଲିପ୍ତ ହେଲେ ତଦୁପରି ପାତିତ କାଗଜ ଯନ୍ତ୍ର ସାହାଯ୍ୟରେ ଉଦ୍ଭିନ୍ନ ବର୍ଣ୍ଣ ହୁଏ । ବର୍ତ୍ତମାନ ମୁଦ୍ରାଯନ୍ତ୍ର

Digitized by srujanika@gmail.com

ସାହାଯ୍ୟରେ ପ୍ରତିଘଣ୍ଟାରେ ସହସ୍ର ସହସ୍ର କାଗଜ ମୁଦ୍ରିତ ହେଉଅଛି । ଆମ୍ଭମାନଙ୍କ ଦେଶରେ କେବଳ ମେସିନ୍ ବା ଛାପାକଳ ଉତ୍କୃଷ୍ଟ ବୋଲି ପରିଗଣିତ ହୁଏ, କିନ୍ତୁ ଏତଦପେକ୍ଷା ଆହୁରି ଉତ୍କୃଷ୍ଟତର କଳ ବିଲାତରେ ଚଳୁଅଛି, ଯାହା ଏ ପର୍ଯ୍ୟନ୍ତ ଏ ଦେଶକୁ ଆନୀତ ହୋଇ ନ ଥିଲା । ଏହି ପ୍ରକାର ଯନ୍ତ୍ର ଷ୍ଟିମ୍ ପ୍ରେସ୍ ବା ଧୂଆଁ କଳ ନାମରେ ଅଭିହିତ ହୋଇଥାଏ । ଏହି କଳ ସାହାଯ୍ୟରେ ବିଲାତରେ ପ୍ରତ୍ୟେକ ଘଣ୍ଟାରେ ଦଶସହସ୍ର ସଂଖ୍ୟକ ବଡ଼ କାଗଜ ମୁଦ୍ରିତ ହେଉଅଛି । ପାର୍ଲିଆମେଣ୍ଟ ମହାସଭାରେ ରାତିରେ ଯେଉଁ ସବୁ ଦୀର୍ଘ ବକ୍ତୃତା ଦିଆଯାଏ, ତାହା ଉକ୍ତ ପ୍ରକାର ଯନ୍ତ୍ରରେ ଏତେ ଶୀଘ୍ର ମୁଦ୍ରିତ ହୁଏ ଯେ, ପ୍ରାତଃକାଳରେ ସାଧାରଣ ଲୋକେ ଅବଗତ ହୁଅନ୍ତି । ସେହିପରି ଗୋଟିଏ ବକ୍ତୃତା ଏ ଦେଶପ୍ରଚଳିତ ଯନ୍ତ୍ରରେ ଛପାଇବାକୁ ଗଲେ ଅନ୍ତତଃ ଏକ ସପ୍ତାହରୁ ଊଣା ହେବ ନାହିଁ । ଏହା ଯେ କେଡ଼େ ଆଶ୍ଚର୍ଯ୍ୟଜନକ ଏଥିରୁ ତାହା ସମସ୍ତେ ଜାଣି ପାରିବେ । ଶିଳ୍ପ ଓ ବିଜ୍ଞାନର ଉନ୍ନତି ସଙ୍ଗରେ ଉକ୍ତ ଯନ୍ତ୍ରର କାର୍ଯ୍ୟକାରିଣୀ ଶକ୍ତି ଅପେକ୍ଷାକୃତ ଅଧିକ ହେବାର ଆଶା କରାଯାଏ ।

ମୁଦ୍ରାଯନ୍ତ୍ରଦ୍ୱାରା ଯେ ପୃଥିବୀରେ କୀଦୃଶ ଉପକାର ସାଧିତ ହେଉଅଛି ତାହା ସାଧାରଣଙ୍କୁ ଅବିଦିତ ନାହିଁ । ଏହା ସାହାଯ୍ୟରେ ଅତ୍ୟଳ୍ପ ସମୟ ମଧ୍ୟରେ ଅସଂଖ୍ୟ ପୁସ୍ତକ ମୁଦ୍ରିତ ହେଉଅଛି । ପୂର୍ବେ ଏ ଦେଶରେ ମୁଦ୍ରାଯନ୍ତ୍ର ସୃଷ୍ଟି ହୋଇ ନ ଥିବାରୁ ଲେଖନ ଓ ତାଳପତ୍ର ଦ୍ୱାରା ଯେଉଁ ପୁସ୍ତକ ବା ପୋଥି ଲେଖିବାକୁ ତିନ ଚାରି ମାସ ଲାଗୁଥିଲା ବର୍ତ୍ତମାନ ସେହିପରି ଅସଂଖ୍ୟ ପୁସ୍ତକ ଅଳ୍ପ ସମୟ ମଧ୍ୟରେ ମୁଦ୍ରିତ ହୋଇ ପ୍ରଚାରିତ ହେଉଅଛି । ପ୍ରାଚୀନ କାଳରେ ପୁସ୍ତକମାନ ଦୁଷ୍ପ୍ରାପ୍ୟ ଓ ବହୁମୂଲ୍ୟ ହେଉଥିଲା, ସମ୍ପ୍ରତି ଉକ୍ତ ଯନ୍ତ୍ର ପ୍ରସାଦରୁ ଅସଂଖ୍ୟ ପୁସ୍ତକ ଅତି ସୁଲଭ ମୂଲ୍ୟରେ ମିଳୁଅଛି । ବେଦ ହିନ୍ଦୁମାନଙ୍କର ଗୋଟିଏ ପବିତ୍ର ଆଦି ଧର୍ମ ଗ୍ରନ୍ଥ; କିନ୍ତୁ ଏହା ଏତେ ଅଳ୍ପସଂଖ୍ୟକ ଥିଲା ଯେ, ତାହା ସର୍ବସାଧାରଣଙ୍କୁ ଅବିଦିତ; କିନ୍ତୁ ଆଧୁନିକ ଯୁଗରେ ଉକ୍ତ ଯନ୍ତ୍ର ସାହାଯ୍ୟରୁ ତାହା ଜନସାଧାରଣଙ୍କର ଅନାୟାସଲଭ୍ୟ ହୋଇଅଛି । ମୁଦ୍ରାଯନ୍ତ୍ର ପ୍ରସାଦରୁ ନାନା ସ୍ଥାନରୁ ଧର୍ମ ଓ ଜ୍ଞାନାନୁଶୀଳନର ଫଳ ଦେଶ ଦେଶାନ୍ତରରେ ପ୍ରଚାରିତ ହେଉଅଛି ଏବଂ ତଦ୍ଦ୍ୱାରା ଦେଶ ବିଦେଶର ସମ୍ବାଦ ଲୋକମାନଙ୍କର ଶ୍ରୁତିଗୋଚର ହେଉଅଛି । ପୂର୍ବେ ଭାରତରେ କୌଣସି ପ୍ରକାର ସମ୍ବାଦପତ୍ର ନ ଥିଲା । ଇଂରାଜ ରାଜତ୍ୱର ପ୍ରାରମ୍ଭରେ ଅଥବା ହେଷ୍ଟିଂସ୍‌ଙ୍କ ସମୟରେ ଖଣ୍ଡିଏ ଇଂରାଜୀ ପତ୍ରିକା ପ୍ରଥମେ ପ୍ରକାଶିତ ହେଲା । ତହିଁ ଉତ୍ତାରେ ମିସନାରୀମାନେ ଶ୍ରୀରାମପୁରକୁ ଆସି ପ୍ରଥମେ ବଙ୍ଗଳା ସମ୍ବାଦ ପତ୍ରିକା ପ୍ରଚାର କଲେ । ମୁଦ୍ରଣଯନ୍ତ୍ରର ଉନ୍ନତି ସହକାରେ ବର୍ତ୍ତମାନ ଅନେକ ପତ୍ରିକା ପ୍ରକାଶିତ ହେଉଅଛି । ଏହି ଉତ୍କଳ ଖଣ୍ଡରେ ମଧ୍ୟ ମୁଦ୍ରାଯନ୍ତ୍ର ପ୍ରସାଦରୁ ଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ କେତେକ ଖଣ୍ଡ ସାପ୍ତାହିକ ଓ ମାସିକ ପତ୍ର ପ୍ରକାଶିତ ହୋଇ ପ୍ରଚାରିତ ହେଉଅଛି ।

ମୁଦ୍ରାଯନ୍ତ୍ର ସାହାଯ୍ୟରେ ବିଭିନ୍ନ ଦେଶର ଭାଷା, ରାଜନୀତି ଏବଂ ଇତିହାସାଦି ଅନାୟାସରେ ପାଠ କରିବାକୁ ମିଳୁଅଛି । ସେହି ଯନ୍ତ୍ରର ଉନ୍ନତି ସଙ୍ଗେ ଲୋକମାନଙ୍କର ସଭ୍ୟତା ବୃଦ୍ଧିପ୍ରାପ୍ତ ହେଉଅଛି । ଅନ୍ୟ ଦେଶ କଥା ଛେଡ଼ିକି ଥାଉ, ମୁଦ୍ରାଯନ୍ତ୍ରଦ୍ୱାରା ଉତ୍କଳର କେତେଦୂର ଉନ୍ନତି ସାଧିତ ହୋଇଅଛି, ତାହା ପ୍ରାୟ ସମସ୍ତେ ଜାଣିଥିବେ । ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବରେ ଉତ୍କଳର ଅବସ୍ଥା ସହିତ ଆଧୁନିକ ଅବସ୍ଥା ତୁଳନା କଲେ ଅନେକାଂଶରେ ପ୍ରଭେଦ ଲକ୍ଷିତ ହୁଏ । ସେତେବେଳେ ଉତ୍କଳରେ ଏତେ ପୁସ୍ତକ ନ ଥିଲା ଏବଂ ଯେ କେତେକ ଥିଲା ସେଗୁଡ଼ିକର ଆଲୋଚନା ମଧ୍ୟ ହେଉ ନ ଥିଲା । ଛାପାଖାନା ସ୍ଥାପନର ପୂର୍ବେ କୌଣସି ଦେଶର ଇତିହାସ ମଧ୍ୟ ମିଳୁ ନ ଥିଲା । ବର୍ତ୍ତମାନ ନାନା ଦେଶର ଇତିହାସ ପାଠ କରିବାକୁ ମିଳୁଅଛି; ବିଭିନ୍ନ ଦେଶର ଇତିହାସାଦି ପାଠଦ୍ୱାରା ଯେ କେତେ

Digitized by srujanika@gmail.com

ଉପକାର ସାଧିତ ହେଉଅଛି, ତାହା ଶିକ୍ଷିତ ଲୋକମାନେ ଅନୁଭବ କରିଥିବେ । ଆମ୍ଭେମାନେ ଦେଶ ବିଦେଶରେ ଇତିହାସ ପାଠ କରି ଦେଶୀୟ ଲୋକମାନଙ୍କର ସାମାଜିକ ଉନ୍ନତି, ସଭ୍ୟତା, ଆଚାର, ବ୍ୟବହାର ପ୍ରାଚୀନ ଏବଂ ଆଧୁନିକ ସମୟର ରାଜନୀତି ପ୍ରଭୃତି ଜାଣି ପାରୁଁ । କେଉଁ ଦେଶ ପୂର୍ବେ ଉନ୍ନତିଶୀଳ ଥିଲା; ବର୍ତ୍ତମାନ ଅବନତି ପ୍ରାପ୍ତ ହୋଇଅଛି, କି କାରଣରୁ ତାହାର ଅବନତି ହେଲା, ଏ ସମସ୍ତ ଜାଣିପାରୁଁ ।

ଭୂଗୋଳ ପାଠଦ୍ୱାରା ନାନା ଦେଶର ପ୍ରାକୃତିକ ଅବସ୍ଥା, କେଉଁଦେଶ ବାଣିଜ୍ୟଶାଳୀ ବା ଉର୍ବର, ତାହାର କାରଣ କଣ ଏବଂ କେଉଁ କାରଣରୁ ପୃଥିବୀରେ ପ୍ରସିଦ୍ଧ, ଏ ସମସ୍ତ ବିଷୟ ଅବଗତ ହେଉଁ । ଏହା ମଧ୍ୟ ଜ୍ଞାନବିସ୍ତାରର ଗୋଟିଏ ପଥପ୍ରଦର୍ଶକ । ପୂର୍ବେ ଲୋକେ କେଉଁ ଦେଶରେ କି କି ଘଟଣା ଘଟୁଅଛି ଏବଂ କି କି କାରଣରୁ ବିଭିନ୍ନ ଦେଶୀୟ ଲୋକମାନଙ୍କର ଉନ୍ନତି ବା ଅବନତି ହେଉଅଛି, ଏହା ସବୁ ଆଦୌ ଜାଣି ପାରୁ ନ ଥିଲେ । ଭିନ୍ନ ଦେଶର କଥା ଦୂରେ ଥାଉ ସ୍ୱଦେଶର ସମ୍ବାଦ ସୁଦ୍ଧା ଜାଣିବାକୁ ଅକ୍ଷମ ଥିଲେ, କିନ୍ତୁ ବର୍ତ୍ତମାନ ଛାପାଖାନା ସାହାଯ୍ୟରେ ଅନ୍ୟାନ୍ୟ ଦେଶର ସମ୍ବାଦ ପ୍ରତି ମାସରେ, ପ୍ରତି ସପ୍ତାହରେ ଓ ପ୍ରତିଦିନ ମିଳୁଅଛି ।

ମୁଦ୍ରାଯନ୍ତ୍ରଦ୍ୱାରା ଭାରତରେ ଆଉରି ଗୋଟିଏ ମହୋପକାର ସାଧିତ ହୋଇଅଛି । ପୂର୍ବେ ବ୍ରାହ୍ମଣମାନଙ୍କ ବ୍ୟତୀତ ଅନ୍ୟ କୌଣସି ଜାତିର ଶାସ୍ତ୍ରାଧ୍ୟୟନରେ ଅଧିକାର ନ ଥିଲା । ସେହି କାରଣରୁ ଅନ୍ୟ ଜାତିର ଲୋକମାନେ ଶାସ୍ତ୍ରଜ୍ଞାନ ଲାଭକରି ପାରୁ ନ ଥିଲେ । ସମ୍ପ୍ରତି ଛାପାଖାନାମାନଙ୍କରେ ସକଳ ପ୍ରକାର ପୁସ୍ତକ ମୁଦ୍ରିତ ହୋଇ ପ୍ରଚାରିତ ହେବାରୁ ତାହା ସର୍ବସାଧାରଣଙ୍କର ପାଠୋପଯୋଗୀ ହୋଇଅଛି । ଆମ୍ଭମାନଙ୍କ ଦେଶର ପ୍ରାଚୀନ ମହାକାବ୍ୟାଦି ସଂସ୍କୃତ ଭାଷାରେ ରଚିତ, ସେ ସମୟରେ ଯନ୍ତ୍ର ଅଭାବରୁ ଉକ୍ତ ଅମୂଲ୍ୟ ଗ୍ରନ୍ଥମାନ ସାଧାରଣଙ୍କର ଅପ୍ରାପ୍ୟ ଥିଲା, କିନ୍ତୁ ଛାପାଖାନା ପ୍ରସାଦରୁ ସେ ସମସ୍ତ ଅମୃତମୟ ଗ୍ରନ୍ଥ ସାଧାରଣଲଭ୍ୟ ହୋଇଅଛି । ଛାପାଖାନା ସ୍ଥାପନର ପ୍ରାରମ୍ଭରୁ ନାନା ବୈଦେଶିକ ଭାଷାର ବ୍ୟବହାର ହେଉଅଛି । ଏହା ମଧ୍ୟ ସାମାଜିକ ଉନ୍ନତିର ଗୋଟିଏ ମାର୍ଗ । କାରଣ ବିଭିନ୍ନ ଜାତିର ଭାଷା ଶିକ୍ଷା କରିବା ଦ୍ୱାରା ଆମ୍ଭେମାନେ ସେହି ଜାତିର ନୈତିକ ଓ ସାମାଜିକ ଉନ୍ନତି ଅବଗତ ହେଉଁ ଏବଂ ଯେଉଁ ଭାଷାର ସାହିତ୍ୟ ପରିପକ୍ୱ ବା ପୂର୍ଣ୍ଣାଙ୍ଗ ହୋଇଅଛି, ସେହି ଭାଷାର ସାହିତ୍ୟ ବିଜ୍ଞାନାଦି ପାଠ କରି ତଦନୁକରଣରେ ସ୍ୱଦେଶୀୟ ଭାଷା ଗଠନ କରିବାକୁ ତତ୍ପର ହେଉଁ । ଭାଷା ଓ ସାହିତ୍ୟର ଉନ୍ନତି ସଙ୍ଗରେ ସଭ୍ୟତା ଏବଂ ଧର୍ମର ମଧ୍ୟ ଉନ୍ନତି ସାଧିତ ହୁଏ ।

Digitized by srujanika@gmail.com

ପ୍ରତାପସିଂହ

(ପ୍ରତାପ ସିଂହଙ୍କର ଯଶୋବଂଶ ବର୍ଣ୍ଣନ—ସ୍ୱଦେଶ ପ୍ରେମ—ମାନସିଂହଙ୍କ ସହିତ ବିରୋଧ—ହଳଦିଘାଟ କ୍ଷେତ୍ରରେ ଆକବରଙ୍କ ସେନାସହ ପ୍ରଥମ ଓ ଦ୍ୱିତୀୟ ଥର ଯୁଦ୍ଧ—ଅରଣ୍ୟବାସ—ସାମାନ୍ୟ ଘଟଣାରେ ଧୈର୍ଯ୍ୟଲୋପ ଓ ପ୍ରାର୍ଥନାପତ୍ର ଲିଖନ—ବନ୍ଦୀଭୂତ ପୃଥ୍ୱୀରାଜଙ୍କ ପ୍ରତିପତ୍ରରେ ପୁନରୁତ୍‌ଥାନ ଏବଂ ମୋଗଲ ସୈନ୍ୟ ଧ୍ୱଂସ—ମନ୍ତ୍ରିବର ଭାମଶା ସାହାଯ୍ୟରେ ପୁନର୍ବାର ଯୁଦ୍ଧ ଓ ଦୁର୍ଗାଧିକାର—ପର୍ଣ୍ଣକୁଟୀରରେ ମୃତ୍ୟୁ)

ଯେଉଁ ମହାତ୍ମାଙ୍କର ଶୌର୍ଯ୍ୟ ଏବଂ କୀର୍ତ୍ତିକଳାପ ଲୋକପ୍ରସିଦ୍ଧ, ଅଦ୍ୟାପି ରାଜପୁତନାର ପ୍ରତି ଉପତ୍ୟକାରେ ଦେଦୀପ୍ୟମାନ ଯାହାଙ୍କର କୀର୍ତ୍ତିକଳାପକୁ ରାଜପୁତବୀରଗଣ ଜପମାଳା ପରି ଜପ କରୁଅଛନ୍ତି ଏବଂ ବୈଦେଶିକ ବୀରଗଣ ସର୍ବସ୍ୱପ୍ନେବରରେ ନିରୀକ୍ଷଣ କରନ୍ତି, ଯାବତୀୟ ଇତିହାସରେ ଯାହାଙ୍କର ବୀର୍ଯ୍ୟ-ମହିମା ପ୍ରତିପଦରେ ପ୍ରଶସ୍ତ ଭାବରେ ଉଦ୍‌ଘୋଷିତ ହୋଇଅଛି, ଯାହାଙ୍କର ଅମାନୁଷିକ ଶୌର୍ଯ୍ୟ ସନ୍ଦର୍ଶନରେ ତଦାମିନ୍ତନ ଯବନଯୋଧୃବୃନ୍ଦ ଚକିତ ଏବଂ ବିସ୍ମିତ ହୋଇଥିଲେ, ସେହି ଜନ୍ମଭୂମିବତ୍ସଳ ମହାବୀର ପ୍ରତାପସିଂହଙ୍କର ପବିତ୍ର ନାମ ଜଗତରେ ଶୌର୍ଯ୍ୟର ପୂଜା ଥିବାଯାଏ ପ୍ରତ୍ୟେକ ରାଜପୁତ ବୀର-ପୁରୁଷଙ୍କର ପ୍ରାତଃସ୍ମରଣୀୟ ଏବଂ ପ୍ରତ୍ୟେକ ଭାରତ-ବାସୀଙ୍କର ଚିରସ୍ମରଣୀୟ ହୋଇଥିବ । ଜନ୍ମଭୂମିର ଉଦ୍ଧାରଲାଗି କିପରି ପ୍ରାଣବଳି ଦେବାକୁ ହୁଏ, ତାହା ପ୍ରତାପସିଂହ ନିଜ ଜୀବନକାଳ ମଧ୍ୟରେ ଜଗତକୁ ଦେଖାଇଥିଲେ, ସ୍ୱାଧୀନତାଲକ୍ଷ୍ମୀର ଉଦାରମୂର୍ତ୍ତି ପ୍ରତାପ କେବଳ ପ୍ରତ୍ୟକ୍ଷ କରିଅଛନ୍ତି । ପ୍ରତାପଙ୍କର ହୃଦୟ କେବଳ ସର୍ବ ସୁଖ ସମ୍ଭୋଗରୁ ବିଚ୍ଛିନ୍ନ ହୋଇ ଜନ୍ମଭୂମିର ଦୁର୍ଦ୍ଦଶା ଲାଗି ନିରନ୍ତର କାନ୍ଦିଥିଲା । ପ୍ରତାପ ଏକା ପରାଧୀନ ଭ୍ରାତୃବର୍ଗଙ୍କୁ ଦାସତ୍ୱ-ଶୃଙ୍ଖଳରୁ ମୋଚନ କରିବାପାଇଁ ନିଜର ଅମୂଲ୍ୟ ମହାପ୍ରାଣ ପ୍ରଦାନ କରିଥିଲେ । ଜନ୍ମଭୂମିର ଉଦ୍ଧାରବ୍ରତରେ ବ୍ରତୀ ହୋଇ ପ୍ରତାପ କିପରି ଉଗ୍ର ତପଶ୍ଚର୍ଯ୍ୟା କରିଥିଲେ, ତାହା ସଂକ୍ଷେପରେ ପ୍ରକାଶ କରାଯାଉଛି ।

ପ୍ରବଳପ୍ରତାପ ଦିଲ୍ଲୀଶ୍ୱର ଆକବରଙ୍କ ରାଜତ୍ୱ ସମୟରେ ଅନେକ ହିନ୍ଦୁରାଜ୍ୟ ତାହାଙ୍କ କରଗତ ହୋଇ ମୋଗଲସାମ୍ରାଜ୍ୟର ପୁଷ୍ଟିସାଧନ କଲା । କ୍ରମେ ରାଜପୁତ ବୀରଗଣ ଦଳ ଦଳ ହୋଇ ତାହାଙ୍କ ବାହୁଚ୍ଛାୟାତଳେ ଆଶ୍ରୟ ନେଲେ । ଅତିଦୁର୍ଗମ ରାଜସ୍ଥାନ ମତ୍ତଗଜ-ଦଳିତ ଅରଣ୍ୟର ଦୁର୍ଦ୍ଦଶା ଧାରଣ କଲା, ଆଜିଯାଏ ସୁଦୃଢ଼ ଚିତୋରର ଦୁର୍ଗ ଅକ୍ଷୁଣ୍ଣ ଥାଇ ଦିଲ୍ଲୀଶ୍ୱରଙ୍କ ସୋତ୍ସାହ ହୃଦୟରେ ଭୟ ଏବଂ ବିସ୍ମୟ ଜନ୍ମାଇଥିଲା । କେବଳ ରାଜପୁତ କୁଳାଙ୍ଗାର ଉଦୟ ସିଂହ ତାହାର ଧ୍ୱଂସର କାରଣ ହେଲେ । ତାଙ୍କର ଅବିମୃଷ୍ୟକାରିତାରେ ଚିରପ୍ରସିଦ୍ଧ ଚିତୋରଦୁର୍ଗ ଶ୍ମଶାନଭୂମିରେ ପରିଣତ ହେଲା । ରାଜପୁତ ରମଣୀମାନଙ୍କ ଅନଳ-ସମୁଜ୍ଜ୍ୱଳ କଳେବରକୁ ଚିତୋର-ଚିତାନଳ ଗ୍ରାସ କଲା । ଉଦ୍‌ଭ୍ରାନ୍ତ ଉଦୟ ତତ୍ପୂର୍ବରୁ ନିଜର ନିର୍ଲ୍ଲଜ୍ଜ ଜୀବନ ଘେନି ଆରାବଳୀ ଶୈଳ ପାର୍ଶ୍ୱରେ ଆଶ୍ରୟ ଗ୍ରହଣ କରିଥିଲେ । ସେହି ଆଶ୍ରୟସ୍ଥଳ ଚତୁର୍ଦ୍ଦିଗରେ କଣ୍ଟକିତ ବିସ୍ତୃତ ହୋଇ ରାଜାଙ୍କ ନାମାନୁସାରେ ଉଦୟପୁର ନାମରେ ଅଭିହିତ ହେଲା । ଏହି ଉଦୟପୁର ରାଣା ଏବଂ ତଦୀୟ ବଂଶଧରଗଣଙ୍କର ଏକମାତ୍ର ସମ୍ବଳ ହେଲା । ଉଦୟସିଂହଙ୍କ ଚତୁର୍ବିଂଶତି ପୁତ୍ର ମଧ୍ୟରେ ପ୍ରତାପ ଜ୍ୟେଷ୍ଠ ଥିଲେ; ତଥାପି ରାଜା ସୁଯୋଗ୍ୟ ପୁତ୍ରଙ୍କୁ ରାଜ୍ୟଭାର ପ୍ରଦାନ ନ କରି କନିଷ୍ଠ ଜଗମଲ୍ଲଙ୍କ ଉପରେ ରାଜ୍ୟଭାର ନ୍ୟସ୍ତ କଲେ । ପିତାଙ୍କ ମୃତ୍ୟୁଣାନ୍ତେ ପ୍ରତାପ ଗୁଣଜ୍ଞ ସର୍ଦ୍ଦାରଗଣଙ୍କଦ୍ୱାରା ରାଜପଦ ପ୍ରାପ୍ତ ହୋଇଥିଲେହେଁ ସେ ତଦ୍ଦ୍ୱାରା ସମ୍ମାନ ବୋଧ ନ କରି

Digitized by srujanika@gmail.com

ବରଂ ବିଡ଼ମ୍ବନା ମନେ କଲେ । କାରଣ ରାଣା ପ୍ରତାପ ଯେତେବେଳେ ଚାରି ଆଡ଼କୁ ଦୃଷ୍ଟି ପକାଇ ଦେଖିଲେ ଯେ, ରାଜ୍ୟ ନାହିଁ କି ରାଜଧାନୀ ନାହିଁ କିମ୍ବା ରାଜ୍ୟୋଦ୍ଧାରର ଉପାୟ ନାହିଁ, ସବୁ ଯବନ-କର-କବଳିତ ହୋଇଅଛି ଏବଂ ଯାହା କିଛି ଅଛି, ତାହା ଯବନାଭିମୁଖୀ ହେଉଅଛି । ଯେଉଁ ବୀରମାନଙ୍କ ଜନ୍ମଭୂମି ପ୍ରତି ଆସ୍ଥା ଓ ମମତା ଥିଲା ସେମାନେ ତାଙ୍କୁ ଛାଡ଼ି ଯବନ-ପ୍ରତିପକ୍ଷ ଆଶ୍ରୟ କରୁଅଛନ୍ତି । ଏହା ପ୍ରତାପ ସ୍ୱଚକ୍ଷୁରେ ଦେଖି ସୁଦ୍ଧା କ୍ଷଣେ ମାତ୍ର ନିରୁତ୍ସାହ ବା ନୈରାଶ୍ୟଗ୍ରସ୍ତ ନ ହୋଇ ବିଜୟ ଲକ୍ଷ୍ମୀଙ୍କର ପ୍ରିୟତମ ତଦୀୟ ପୂର୍ବପୁରୁଷଗଣଙ୍କ ପଦାଙ୍କାନୁସରଣ-ମନ୍ତ୍ରରେ ଦୀକ୍ଷିତ ହେଲେ । ସେ ଯେତେବେଳେ ନିଜକୁ ନିଃସ୍ୱ, ନିଃସହାୟ ଏବଂ ପରମ ଶତ୍ରୁ ଆକବରସାହଙ୍କୁ ସୁସମ୍ପନ୍ନ, ସହାୟସମ୍ପନ୍ନ ଓ ମହାପ୍ରତାପଶାଳୀ ଜାଣି ସୁଦ୍ଧା ହୃଦୟରୁ ଉତ୍ସାହକୁ କେବେହେଁ ଦୂର କରି ନ ଥିଲେ । ବାଲ୍ୟକାଳରୁ ଏହି ମହାଶକ୍ତି ପ୍ରତାପଙ୍କ ଗଭୀର ହୃଦୟରେ କ୍ଷୀଣାକାରରେ ଥିଲା, ସେ କାବ୍ୟାଦିରେ ପୂର୍ବ ବୀରଗଣଙ୍କ ବୀରତ୍ୱର ଦୃଷ୍ଟାନ୍ତମାନ ପାଠ କରି ପ୍ରବୀଣପୁରୁଷବତ୍ ବୀରମଦରେ ଉନ୍ମତ୍ତ ହୋଇଥିଲେ, ତାହାଙ୍କର କୁସୁମ ସୁକୁମାର ହୃଦୟ ବୀରରସର ସଞ୍ଚାରଦ୍ୱାରା ପାଷାଣବତ୍ କଠିନ ହେଉଥିଲା । ସେ ଏହିପରି ପୂର୍ବପୁରୁଷଙ୍କ ବୀରତ୍ୱ ଓ କୀର୍ତ୍ତିକଳାପ ବାରମ୍ବାର ପାଠ କରି ଦୃଢ଼ରୂପେ ଏହା ଉପଲବ୍ଧି କଲେ ଯେ, ଚିତ୍ତେସ୍ଥିତ ଚିତୋର କଦାପି ଜଣେ ଶତ୍ରୁର ପ୍ରହାରରେ ରସାତଳଗାମୀ ହେବ ନାହିଁ । କ୍ରମେ ତାଙ୍କ ହୃଦୟ ଈଦୃଶ ଦୁର୍ଜୟ ପ୍ରତାପରେ ପୂର୍ଣ୍ଣ ହେଲା ଏବଂ ସେ ଚିତୋରର ପୁନରୁଦ୍ଧାର ଲାଗି ଶତ୍ରୁ ସମ୍ମୁଖରେ ସମରାନଳ ପ୍ରଜ୍ୱଳିତ କରିବାକୁ ଦୃଢ଼ପ୍ରତିଜ୍ଞ ହେଲେ ।

ପିତାମାତାଙ୍କ ମୃତ୍ୟୁରେ ପୁତ୍ର କନ୍ୟାମାନେ ଯେପରି ସର୍ବପ୍ରକାର ସୁଖ ସମ୍ଭୋଗ ଓ ବିଳାସବାସନା ପରିତ୍ୟାଗପୂର୍ବକ ଶୋକଚିହ୍ନ ଧାରଣ କରନ୍ତି, ସେହିପରି ପ୍ରତାପସିଂହ ଜନ୍ମଭୂମିର ଧ୍ୱଂସରେ ଶୋକଚିହ୍ନ ଧାରଣ କରି ସର୍ବବିଧ ଭୋଗବାସନା ବିସର୍ଜନ କରିଥିଲେ । ସେ ସୁବର୍ଣ୍ଣ ଓ ରଜତର ପାତ୍ରକୁ ଫିଙ୍ଗିଦେଇ ଭୋଜନ ସମୟରେ ବୃକ୍ଷପତ୍ର ବ୍ୟବହାର କରୁଥିଲେ ଏବଂ ବିଶ୍ରାମାର୍ଥ ସୁକୋମଳ ମହାର୍ଘ ଶଯ୍ୟା ପରିତ୍ୟାଗପୂର୍ବକ ତୁଚ୍ଛ ତୃଣ-ଶଯ୍ୟାରେ ଶୟନ କରୁଥିଲେ । ଜନ୍ମଭୂମିର ଦୁର୍ଦ୍ଦଶା ଦେଖି ସେ ଅନେକ ସମୟରେ ପ୍ରାୟ ଏହା କହୁଥିଲେ ଯେ, କାପୁରୁଷ ଉଦୟ ସିଂହ ଯଦି ଏ ବଂଶରେ ଜାତ ହୋଇ ନ ଥାନ୍ତେ, ତାହା ହେଲେ କୌଣସି ଯବନ ଏ ରାଜସ୍ଥାନର ବକ୍ଷରେ ପଦାଘାତ କରିବା ତେଣିକି ଥାଉ, ପଦାର୍ପଣ କରି ପାରି ନ ଥାନ୍ତା । ଯାହାହେଉ, ପ୍ରତାପ ସିଂହ ସେତେବେଳେ କତିପୟ ସାମନ୍ତଙ୍କ ସାହାଯ୍ୟରେ ସ୍ୱରାଜ୍ୟରେ କେତେକ ନୂତନ ବିଧି ପ୍ରଣୟନ ପୂର୍ବକ ସାମରିକ କର୍ମରେ ସହାୟତା ଲାଭ କରିବା ନିମିତ୍ତ ସୈନ୍ୟଗଣଙ୍କୁ ଭୂମି ବୃତ୍ତି ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କଲେ ଏବଂ ଗିରି ଦୁର୍ଗାଦି ସଂସ୍କାରର ସୂତ୍ରପାତ କଲେ । ଧୀରେ ଧୀରେ ସେ କାଳ ପୁଣି ପ୍ରାଚୀନର ଆର୍ଯ୍ୟ ଗୌରବ ଆଡ଼କୁ ଅଗ୍ରସର ହେଲା । ସେହି ମହାଶ୍ମଶାନଭୂମିର ଅଭ୍ୟନ୍ତରରୁ ପୁଣି ଯେପରି ଶତ ଶତ ଆର୍ଯ୍ୟବୀରଙ୍କର ଶୀର୍ଷଦେଶ ନିଃଶବ୍ଦରେ ଉତ୍ଥିତ ହେଲା । ଧୀରେ ଧୀରେ ମିବାର ମରୁଭୂମି ଉର୍ବର ଭୂମିରେ ପରିଣତ ହେବାକୁ ବସିଲା । ଭାବୀ ମହାସମରରେ ପ୍ରତାପ ବହୁ ବଳ ଆବଶ୍ୟକ ହେବ ଜାଣି ମାରବାର, ପଉନ ପ୍ରଭୃତି ରାଜ୍ୟସମୂହର ରାଜପୁତ୍ରମାନଙ୍କୁ ଅନୁସନ୍ଧାନ କରି ସେମାନଙ୍କ ସହ ସଖ୍ୟ ସ୍ଥାପନ କରିବାରେ ମନ ବଳାଇଲେ । ଉକ୍ତ ରାଜ୍ୟାଧିପତିମାନେ ମଧ୍ୟ ପ୍ରତାପଙ୍କ ସଖ୍ୟବନ୍ଧନରୁ କଦାପି ବିଚ୍ଛିନ୍ନ ହେଲେ ନାହିଁ ଏବଂ ସେମାନେ କିମ୍ବା ତଦୀୟ ବଂଶଧରମାନେ ମୋଗଲ ସମ୍ରାଟଙ୍କୁ କନ୍ୟାଦାନ କରିବା ଦୂରକୁ ଥାଉ, ମୋଗଲ-ପଦାଶ୍ରିତ ପତିତ ସ୍ୱଜାତିପୁଞ୍ଜ ସହିତ କୌଣସିପ୍ରକାର

Digitized by srujanika@gmail.com

ସମ୍ବନ୍ଧରେ ମିଳିତ ହୋଇ ନାହାନ୍ତି । ପତିତ ରାଜଗଣଙ୍କ ସହିତ କୌଣସି ସମ୍ପର୍କ ରଖିବେ ନାହିଁ ବୋଲି ପ୍ରତାପ ଦୃଢ଼ପ୍ରତିଜ୍ଞ ହୋଇଥିଲେ ଏବଂ ସେହି ପ୍ରତିଜ୍ଞା ରକ୍ଷା ଲାଗି ସେ ନାନା ବିପଦକୁ ଏମନ୍ତ କି ପ୍ରାଣହାନିକୁ ସୁଦ୍ଧା ହେୟ ମନେ କରିଥିଲେ । ପ୍ରତାପ ପତିତ ରାଜଗଣଙ୍କୁ କିପରି ଘୃଣାଚକ୍ଷୁରେ ଦେଖୁଥିଲେ, ଦିନକର ସାମାନ୍ୟ ଘଟନାରୁ ତାହା ସ୍ପଷ୍ଟ ପ୍ରତିପନ୍ନ ହେବ ।

ଦିନେ ଆକବରଙ୍କ ଦକ୍ଷିଣ ଦୋର୍ଦ୍ଦଣ୍ଡ ଅମ୍ବରପତି ମାନସିଂହ ଶୋଲାପୁର ଯୁଦ୍ଧରେ ଜୟଲାଭ କରି ଦିଲ୍ଲୀକୁ ଯାଉଥିବାବେଳେ ମାର୍ଗ ମଧ୍ୟରେ ରାଣା ପ୍ରତାପ ସିଂହଙ୍କ ନିକଟରେ ଆତିଥ୍ୟ ଗ୍ରହଣ କଲେ । ଯଥାସମୟରେ ଭୋଜ୍ୟ ସାମଗ୍ରୀ ଓ ଆସନାଦି ସମ୍ମୁଖରେ ସୁରକ୍ଷିତ ହେଲା । ଅମ୍ବରପତିଙ୍କର ଯଥାବିଧି ସମ୍ମାନନା ନିମିତ୍ତ ତାହାଙ୍କ ପୁତ୍ର କୁମାର ଅମର ସିଂହ ଉପସ୍ଥିତ ଥିଲେ । ପିତାଙ୍କର ଅନୁପସ୍ଥାନ ଜିଜ୍ଞାସିତ ହେଲାରୁ କୁମାର ପିତାଙ୍କୁ ଶିରଃପୀଡ଼ାରେ ପୀଡ଼ିତ ଥିବାର ଜଣାଇଲେ । ଉତ୍ତରରେ ମାନସିଂହ ସନ୍ତୁଷ୍ଟ ନ ହୋଇ ରାଜାଙ୍କୁ ଭୋଜନ ସ୍ଥାନରେ ଉପସ୍ଥିତ ହେବାକୁ ବାରମ୍ବାର ଅନୁରୋଧ କଲେ ସୁଦ୍ଧା ପ୍ରତାପ ନାନା ଛଳନାପ୍ରଦର୍ଶନପୂର୍ବକ ସେଠାକୁ ଆସିଲେ ନାହିଁ । ସେଥିରେ ମାନସିଂହଙ୍କର ସଂଶୟ ଉତ୍ତରୋତ୍ତର ବର୍ଦ୍ଧିତ ହେବାରୁ ସେ ଭୋଜନ ଅସ୍ୱୀକାର କରିବାକୁ ବସିଲେ; ତତ୍‌ଶ୍ରବଣରେ ଅଗତ୍ୟା ରାଣାଙ୍କୁ ଉପସ୍ଥିତ ହେବାକୁ ପଡ଼ିଲା । ସେ ନିର୍ଭୀକଭାବରେ ଆସି ମାନସିଂହଙ୍କ ସମ୍ମୁଖରେ କହିଲେ, "ଯେ ରାଜପୁତ ବଂଶରେ ଜନ୍ମଗ୍ରହଣ କରି ଯବନ ସହିତ ଏକତ୍ର ପାନ ଭୋଜନ କରେ ଏବଂ ଯେ ଯବନହସ୍ତରେ ସ୍ୱୀୟ ଭଗିନୀକି ଅମ୍ଳାନବଦନରେ ସମର୍ପଣ କରିଅଛି, ତାହା ସହିତ ପାନଭୋଜନ ସୂର୍ଯ୍ୟବଂଶୀୟ ରାଣାର କର୍ତ୍ତବ୍ୟ ନୁହେ ।"

ଅମ୍ବରପତି ଏହି ବାଗ୍‌ବାଣରେ ନିତାନ୍ତ କ୍ଷୁବ୍ଧ ହେଲେ ଏବଂ ଆପଣାକୁ ଏ ଅପମାନଲାଭର କାରଣ ବୋଲି ଜାଣି ଇଷ୍ଟଦେବଙ୍କୁ ନୈବେଦ୍ୟୀକୃତ ଅନ୍ନକଣିପୁଞ୍ଜକୁ ଉଷ୍ଣୀଷ ମଧ୍ୟରେ ରଖି ତତ୍‌କ୍ଷଣାତ୍ ସେ ସ୍ଥାନରୁ ଅଶ୍ୱାରୋହଣପୂର୍ବକ ପ୍ରସ୍ଥାନ କଲେ । ଯାହାସମୟରେ ସେ ପ୍ରତାପଙ୍କ ପ୍ରତି ଭ୍ରୂକୁଟି-କୁଟିଳ ମୁଖ ଦେଖାଇ ଏତିକି ମାତ୍ର କହିଲେ, "ଆପଣଙ୍କ ସମ୍ମାନ ରକ୍ଷାଲାଗି ଆମ୍ଭେମାନେ ଆତ୍ମସମ୍ମାନରେ ଜଳାଞ୍ଜଳି ଦେଇ ଯବନହସ୍ତରେ କନ୍ୟାଭଗିନୀ ସମର୍ପଣ କରିଅଛୁଁ; କିନ୍ତୁ ବର୍ତ୍ତମାନ ବୁଝିଲି, ଅନନ୍ତ କାଳ ବିପଦ ସଙ୍ଗରେ ଯୁଦ୍ଧ କରିବା ଆପଣଙ୍କର ଅଭିପ୍ରେତ—ତାହା ଅବଶ୍ୟ ଘଟିବ । ଆପଣଙ୍କୁ ଆଉ ଅଧିକ ଦିନ ଏ ରାଜ୍ୟରେ ବାସ କରିବାକୁ ହେବ ନାହିଁ । ମୁଁ ପ୍ରତିଜ୍ଞା କରି କହୁଅଛି, ଆପଣଙ୍କ ଗର୍ବ ଖର୍ବ କରି ନ ପାରିଲେ ଆଉ ଏଣିକି ମାନସିଂହ ବୋଲି ପରିଚୟ ଦେବି ନାହିଁ ।" ତତ୍‌କ୍ଷଣାତ୍ ତାହାର ପ୍ରତ୍ୟୁତ୍ତରରେ ପ୍ରତାପ କହିଲେ, 'ଆପଣଙ୍କ କଥାରେ ଅତୀବ ସନ୍ତୁଷ୍ଟ ହେଲି । ରଣକ୍ଷେତ୍ରରେ ଆପଣଙ୍କ ସହିତ ସାକ୍ଷାତ୍‌କାର ହେଲେ ବଡ଼ ସୁଖୀ ହେବି ।"

ଆମୂଳାନ୍ତ ସମସ୍ତ ବୃତ୍ତାନ୍ତ ଦିଲ୍ଲୀଶ୍ୱର ଆକବରଙ୍କ କର୍ଣ୍ଣଗୋଚର ହେଲାକ୍ଷଣି ସେ ଆପଣାକୁ ତତୋଽଧିକ ଅବମାନିତ ଜ୍ଞାନ କରି ରୋଷାନଳରେ ପ୍ରଜ୍ୱଳିତ ହୋଇ ଉଠିଲେ । ଅଳ୍ପକାଳ ମଧ୍ୟରେ ପ୍ରସିଦ୍ଧ ହଳଦିଘାଟରେ ମହାସଂଗ୍ରାମ ହେବାର ଆୟୋଜନ ହେଲା । ସମ୍ରାଟ୍ ଏହି ଯୁଦ୍ଧରେ ଯୁବରାଜ ସେଲିମକୁ ସେନାପତି ପଦରେ ବରଣ କରି ପ୍ରିୟତମ ମାନସିଂହ ଏବଂ ମହବତ୍ ଖାଁଙ୍କୁ ତତ୍ସହ ପ୍ରେରଣ କଲେ । ଏଣେ ହଳଦିଘାଟର ମନୋହର ଅଧିତ୍ୟକା ପ୍ରଦେଶରେ ଅସ୍ତ୍ରଶସ୍ତ୍ରଭୂଷିତ ରାଜପୁତବୀରଗଣ ଦଣ୍ଡାୟମାନ ହୋଇ ଚତୁଃପାର୍ଶ୍ୱସ୍ଥ ବିଶାଳ ସମତଳ କ୍ଷେତ୍ର ଆଡ଼େ ତୀକ୍ଷ୍ଣଦୃଷ୍ଟିରେ ମୋଗଲ ସେନାଧିକଙ୍କ ପ୍ରତୀକ୍ଷା କରି ରହିଥିଲେ । ୧୫୭୬ ଖ୍ରୀଷ୍ଟାବ୍ଦରେ ଶ୍ରାବଣ ମାସର ଘୋର ଦୁର୍ଦ୍ଦିନରେ ମୋଗଲ ସେନାଗଣ ରାଣାଙ୍କର

Digitized by srujanika@gmail.com

ସମ୍ମୁଖୀନ ହେଲେ । ଗୃହୁଁ ଦୃହୁଁ ଉଭୟ ପକ୍ଷରେ ଘୋର ସଂଗ୍ରାମ ଆରବ୍ଧ ହେଲା । ସିଂହବିକ୍ରମୀ ପ୍ରତାପ ସିଂହ ହଠାତ୍ ବିପକ୍ଷ ଦଳର ଅଗ୍ରବର୍ତ୍ତୀ ହୋଇ ରଣମତ୍ତ ରାଜପୁତଗଣଙ୍କ ସହିତ ମୋଗଲ ସେନାଙ୍କୁ ଭୀଷଣଭାବରେ ଆକ୍ରମଣ କଲେ । ପ୍ରତାପୀ ପ୍ରତାପଙ୍କ ଅଲୌକିକ ବିକ୍ରମ ଦର୍ଶନରେ ବିପକ୍ଷ ସେନା ଅବିଳମ୍ବେ ଛିନ୍ନଭିନ୍ନ ହୋଇଗଲା, ଦେଖୁ ଦେଖୁ ତାହାଙ୍କ ତୀକ୍ଷ୍ଣାସିଧାର ଶତ ଶତ ଯବନବୀରଙ୍କର ଶୋଣିତ ଆସ୍ୱାଦନ କଲା । ସୌଭାଗ୍ୟକ୍ରମେ କ୍ଷତ୍ରକୁଳାଙ୍ଗାର ମାନସିଂହ ସେତେବେଳେ ପ୍ରତାପଙ୍କ ଦୃଷ୍ଟିପଥରେ ପଡ଼ିଲେ ନାହିଁ; ତଥାପି ସେ ସମ୍ମୁଖରେ ଯୁବରାଜ ସେଲିମଙ୍କୁ ଦେଖି ମହାବିକ୍ରମରେ ଆକ୍ରମଣ କଲେ । ପ୍ରତାପଙ୍କ ଶୂଳାଘାତରେ ସେଲିମଙ୍କ ଗଜ-ରକ୍ଷକ ଧରାଶାୟୀ ହେବାରୁ ସେ କେବଳ ଆପଣା ପ୍ରାଣ ଘେନି ପଳାୟନ କଲେ । ପ୍ରତାପ ତାଙ୍କ ପଛେ ପଛେ ଅଶ୍ୱଚାଳନ କରୁଁ କରୁଁ ବିପକ୍ଷ ସେନା ମଧ୍ୟରେ ପତିତ ହେଲେ । ସେଠାରେ ମଦାନ୍ଧ ପ୍ରତାପ ଆତ୍ମ-ବିସ୍ମୃତ ହୋଇ କେବଳ କୁଳକଳଙ୍କ ମାନସିଂହର ଅନ୍ୱେଷଣରେ ବ୍ୟାପୃତ ହେଲେ । ଏଣେ ରାଜପୁତ ବୀରଗଣ ପ୍ରତାପଙ୍କୁ ଛାଡ଼ି କେବଳ ମୋଗଲ ସୈନ୍ୟ ନିପାତରେ ସୁଖ ଅନୁଭବ କଲେ । ଏହି ଅବସରରେ ସଂଗ୍ରାମ ଅତି ଭୀଷଣ ମୂର୍ତ୍ତି ଧାରଣ କଲା । ବର୍ତ୍ତମାନ ପ୍ରତାପଙ୍କର ଭବିଷ୍ୟତ୍ ମୁହୂର୍ତ୍ତ କିପରି ଆକାର ଧାରଣ କରିବ, ତାହା ବ୍ୟୋମଚାରୀମାନଙ୍କ ବ୍ୟତୀତ ଆଉ କାହାରି ଜାଣିବାର ସୁବିଧା ନାହିଁ । ପ୍ରତାପ କେଉଁଠାରେ ଆସି ପଡ଼ିଅଛନ୍ତି, ତାହା ସେ ନିଜେ ଜାଣନ୍ତି ନାହିଁ । ବିପତ୍କାଳ ଉପସ୍ଥିତ ହେଲେ ମହାପୁରୁଷମାନଙ୍କର ମଧ୍ୟ ବୁଦ୍ଧି-ବିଭ୍ରମ ହୋଇଥାଏ । ଏହିକ୍ଷଣି ପ୍ରତାପଙ୍କର ସେହି ଦଶା । ସମ୍ମୁଖରେ ମହାସଙ୍କଟ ଉପସ୍ଥିତ; ତାଙ୍କର ଚତୁଃପାର୍ଶ୍ୱ ଶତ୍ରୁପରି-ବେଷ୍ଟିତ, ଯେଉଁ ଆଡ଼କୁ ସେ ଦୃଷ୍ଟି ପକାଇଲେ ତେଣେ କେବଳ ଯବନ ମସ୍ତକ ଦେଖାଇଲା । ତଥାପି ପ୍ରତାପ ନିରୁଦ୍ୟମ ନ ହୋଇ ନିର୍ଭୀକଚିତ୍ତରେ ମଦମତ୍ତ ମତଙ୍ଗଜ ତୁଲ୍ୟ ରଣଭୂମିରେ ପରିଭ୍ରମଣ କରିବାକୁ ଲାଗିଲେ । ଶତ୍ରୁ ନିକ୍ଷିପ୍ତ ଭଲ୍ଲ, ଶୂଳ ଓ ତରବାରିରୁ ସପ୍ତ ସୁଦ୍ଧା ସାତୋଟି ଆଘାତ ପ୍ରାପ୍ତ ହୋଇ କ୍ଷତବିକ୍ଷତ ହୋଇ ପଡ଼ିଲେ, ତେତେବେଳେ ସେ ଆପଣାକୁ ନିତାନ୍ତ ଅସହାୟ ଦେଖି ପ୍ରାଣହାନି ଭୟରେ ଶତ୍ରୁ ବ୍ୟୂହ ଭେଦପୂର୍ବକ ପ୍ରସ୍ଥାନ କରିବାକୁ ବସି ଅଛନ୍ତି, ଏହି ସମୟରେ ହଠାତ ଅଦୂରରେ 'ଜୟ ପ୍ରତାପଙ୍କର ଜୟ' ଧ୍ୱନି ସମୁତ୍ଥିତ ହେଲା । ସେଥିରେ ରାଜା ପ୍ରତାପ ଦ୍ୱିଗୁଣ ଉତ୍ସାହରେ ସିଂହନାଦ କରି ଉଠିଲେ ଏବଂ ଗୃହୁଁ ଗୃହୁଁ ସମୁଜ୍ଜ୍ୱଳ ରାଜଛତ୍ର ତାହାଙ୍କ ମସ୍ତକୋପରି ଧାରିତ ହେଲା । ପ୍ରତାପଙ୍କ ପ୍ରାଣ ସଂଶୟ ଜାଣି ସୁଚତୁର ଝିଲାପତି ମାନ୍ନା ଉଲ୍ଲଙ୍ଘନ ପୂର୍ବକ ବ୍ୟୂହ ମଧ୍ୟରେ ପ୍ରତାପଙ୍କର ନିକଟବର୍ତ୍ତୀ ହୋଇ ରାଜଛତ୍ରକୁ ନିଜ ମସ୍ତକରେ ଧାରଣ କଲେ ଏବଂ ଲୋହିତ ପତାକା ଉଡ଼ାଇ ଶତ୍ରୁ ସୈନ୍ୟ ଅଭିମୁଖରେ ଯାତ୍ରା କଲେ । ରାଜଛତ୍ରରୁ ଶତ୍ରୁଗଣ ତାଙ୍କୁ ରାଣା ମନେ କରି ତଦଭି-ମୁଖରେ ପ୍ରଧାବିତ ହେଲେ । ଏହି ଅବସରରେ ମାନ୍ନା ଶତ ଶତ ଯବନ ନିପାତପୂର୍ବକ ସଦଳରେ ପ୍ରାଣ ବିସର୍ଜନ କରି ପ୍ରତାପଙ୍କ ପ୍ରାଣ ରକ୍ଷା କଲେ । ସେତେ-ବେଳେ ପ୍ରତାପଙ୍କ ସୈନ୍ୟ ଅପେକ୍ଷା ଶତ୍ରୁ ସୈନ୍ୟର ସଂଖ୍ୟା ଶତଗୁଣ ଅଧିକ ଥିଲା । ସୁତରାଂ ରାଣାଙ୍କର ସୈନ୍ୟକ୍ଷୟ ସ୍ୱାଭାବିକ । କ୍ରମେ କ୍ରମେ ଦ୍ୱାବିଂଶତି ସହସ୍ର ରାଜପୁତ ସୈନ୍ୟ ମଧ୍ୟରୁ ଚତୁର୍ଦ୍ଦଶ ସହସ୍ର ବୀର ରଣାଙ୍ଗନଶାୟୀ ହେଲେ ।

ହଲଦୀଘାଟରେ ପ୍ରଥମ ଦିନର ଯୁଦ୍ଧ ସମାପ୍ତ ହେଲା, ପ୍ରତାପ ଅତ୍ୟଧିକ ରଣଶ୍ରମରେ ନିତାନ୍ତ ଅବସନ୍ନ ଏବଂ କ୍ଷତବିକ୍ଷତ ହୋଇ ପ୍ରିୟତମ ଅଶ୍ୱ ଚୈତକ ପୃଷ୍ଠରେ ରଣଭୂମିରୁ ଏକାକୀ ପ୍ରସ୍ଥାନ କଲେ । ତଦ୍ଦର୍ଶନରେ ମୋଗଲବାହିନୀ ପ୍ରତାପଙ୍କ ଅନୁଗାମିନୀ ହେଲା । ଦୁଇ ଜଣ ଯବନବୀର ପ୍ରତାପଙ୍କ ପ୍ରାଣସଂହାର

Digitized by srujanika@gmail.com

ନିମିତ୍ତ ଧାବିତ ହେଲେ । ଏଣେ ଦ୍ରୁତଗାମୀ ଅଶ୍ୱରାଜ ଚୈତକ ଯୁଦ୍ଧରେ ଅତ୍ୟନ୍ତ ଦୁର୍ବଳ ଓ ପରିଶ୍ରାନ୍ତ ହୋଇ ପଡ଼ିଥିବାରୁ ପ୍ରଭୁଙ୍କୁ ଆଉ ପୂର୍ବବତ୍ ବେଗରେ ନେଇ ପାରୁ ନ ଥିଲା । ଇତ୍ୟବସରରେ ଜଣେକ ଅଶ୍ୱାରୋହୀ ବହ୍ନିକ ଶବ୍ଦ ପଛେ ପଛେ "ହୋ ନୀଲ୍ ଘୋଡ଼ାକା ଆଶୋଆର" (ହେ ନୀଳ ଅଶ୍ୱବାର !) ବୋଲି ଡାକି ପ୍ରତାପଙ୍କର ନିକଟବର୍ତ୍ତୀ ହେଲେ । ପ୍ରତାପ ଚମତ୍କୃତ ହୋଇ ପଛଆଡ଼କୁ ଚାହିଁ ଦେଖିଲେ ସେ ଅଶ୍ୱାରୋହୀ ତଦୀୟ ଅଭକ୍ତ ଭ୍ରାତା ‘ଶକ୍ତିସିଂହ ।’

ଶକ୍ତିସିଂହ ଏ ପର୍ଯ୍ୟନ୍ତ ଆକବରଙ୍କ ପକ୍ଷରେ ଥାଇ ଭ୍ରାତୃବିପକ୍ଷରେ ଯୁଦ୍ଧ କରୁଥିଲେ; କିନ୍ତୁ ଯୁଦ୍ଧରେ ଅଗ୍ରଜଙ୍କୁ ଅତୀବ ବିପନ୍ନ ଦେଖି ହଠାତ୍ ତାଙ୍କ ହୃଦୟ ଦୟାରେ ବିଗଳିତ ହୋଇ ଯିବାରୁ ସେ ତତ୍କ୍ଷଣାତ୍ ପୂର୍ବୋକ୍ତ ଭ୍ରାତୃସଂହାରାର୍ଥୀ ଛଦ୍ମବେଶୀ ଯବନ-ଷାରିଦ୍ୱୟଙ୍କୁ ମାର୍ଗରେ ବଧ କରି ଅଗ୍ରଜଙ୍କୁ ଭେଟିଲେ । ରାଣା ବିଦ୍ରୋହୀ ଭ୍ରାତାର ମୁଖାବଲୋକନ କରି କ୍ରୋଧରେ ଜର୍ଜର ହୋଇଗଲେ । ଶକ୍ତିସିଂହ ଏହି ଅବସରରେ ଅଗ୍ରଜଙ୍କୁ ଅଭିବାଦନ କରି ସାଶ୍ରୁନେତ୍ରରେ ନିଜ ଅପରାଧ ସ୍ୱୀକାର ଓ କ୍ଷମା ପ୍ରାର୍ଥନା କରିବାରୁ ପ୍ରତାପ ଅଭୂତପୂର୍ବ ଆନନ୍ଦରେ ଭ୍ରାତାଙ୍କୁ ଆଲିଙ୍ଗନ କଲେ । ଏହି ଭ୍ରାତୃମିଳନ-ଜନିତ ଆନନ୍ଦ ପଛେ ପଛେ ପ୍ରତାପଙ୍କ ପ୍ରିୟତମ ଅଶ୍ୱ ଚୈତକର * ମୃତ୍ୟୁ ହେବାରୁ ବିଷାଦରେ ତଦୀୟ ପ୍ରସନ୍ନ ବଦନ ପୁଣି ମଳିନ ହୋଇଗଲା । ଶକ୍ତିସିଂହ ଏହି ବିପତ୍ପ୍ରାନ୍ତରେ ଅଗ୍ରଜଙ୍କୁ ନିଜ ଅଶ୍ୱ ପ୍ରଦାନ କରି ସେମାନଙ୍କ ସଂଶୟ ଜନ୍ମିବା ଆଶଙ୍କାରେ ଅବିଳମ୍ବେ ସେମାନଙ୍କ ଶିବିରରେ ଉପସ୍ଥିତ ହେଲେ । ସମରାନଳ ନିର୍ବାପିତ ହେବାର ବର୍ଷେ ନ ହେଉଣୁ ମୋଗଲଗଣ ପୁଣି ଉତ୍ତେଜିତ ହୋଇ ଉଠିଲେ । ପୁନର୍ବାର ପ୍ରତାପଙ୍କୁ ମୋଗଲ ସେନା ବିରୋଧରେ ରଣାଙ୍ଗନରେ ଉପସ୍ଥିତ ହେବାକୁ ପଡ଼ିଲା ।

୧୫୭୭ ସାଲର ମାଘମାସ ସପ୍ତମ ଦିବସରେ ପୂର୍ବୋକ୍ତ ହଳଦୀଘାଟରେ ପୁଣି ଉଭୟପକ୍ଷରେ ଘୋରତର ଯୁଦ୍ଧ ଉପସ୍ଥିତ ହେଲା । ଏହି ଯୁଦ୍ଧରେ ସୈନ୍ୟସାମନ୍ତହୀନ ପ୍ରତାପ ପରାଜିତ ହୋଇ ଉଦୟପୁର ପରିତ୍ୟାଗପୂର୍ବକ ସଦଳରେ କଲମୀରକୁ ପ୍ରସ୍ଥାନ କଲେ । ସେଠାରେ ଦୁର୍ଦ୍ଦାନ୍ତ ଯବନଗଣଙ୍କ ଅତ୍ୟାଚାର ସହ୍ୟ କରି ନ ପାରି ପ୍ରତାପ ଅତି କଷ୍ଟରେ ସୈନ୍ୟଦଳ ସହ ଚୌନ୍ଦ ନାମକ ଗିରିଦୁର୍ଗ ଆଶ୍ରୟ କଲେ; କିନ୍ତୁ କାଳଚକ୍ରର ଆବର୍ତ୍ତନରେ ପ୍ରତାପ ସର୍ବତ୍ର ଯବନଦ୍ୱାରା ଅବରୁଦ୍ଧ ହୋଇପଡ଼ିଲେ । ଚୌନ୍ଦରେ ମଧ୍ୟ ତାହାଙ୍କୁ ଆଶ୍ରୟ ମିଳିଲା ନାହିଁ; କିନ୍ତୁ ସୌଭାଗ୍ୟବଶତଃ ତାହାଙ୍କୁ କେହି ବନ୍ଦୀ କରି ପାରି ନ ଥିଲେ । ବନ୍ଦୀ କରିବା ତେଣିକି ଥାଉ, ସେପରି ଅବସ୍ଥାରେ ଶତ ଶତ ଯବନ ସୈନ୍ୟ ପ୍ରତାପଙ୍କଦ୍ୱାରା ନିହତ ହେଲେ । ଅନନ୍ତର ବର୍ଷା କାଳରେ ବାଟ ଘାଟ ଦୁର୍ଗମ ହେବାରୁ ଯୁଦ୍ଧ କିଛିକାଳ ସ୍ଥଗିତ ରହିଲା । ଏହିପରି ପ୍ରତିବର୍ଷ ବର୍ଷାକାଳରେ ପ୍ରତାପଙ୍କୁ ମୋଗଲ ସେନାର ଉତ୍ପୀଡ଼ନ ସହ୍ୟ କରିବାକୁ ପଡ଼ିଲା । ସେ ନିରୁପାୟ ହୋଇ ଶେଷରେ ଅରଣ୍ୟ ଆଶ୍ରୟ କଲେ । ଅରଣ୍ୟରେ ସୁଦ୍ଧା ତଦୀୟ ପରିବାରଙ୍କୁ ଶତ୍ରୁହସ୍ତରେ ପଡ଼ିବାର ଉପକ୍ରମ ହେଉଥିଲା । ବିପତ୍ପାତ ଦେଖିଲେ ଭିଲ୍ଲମାନେ ରାଜପୁତ୍ରମାନଙ୍କୁ ବାଉଁଶ କୋଡ଼-ମେଇରେ ପୂରାଇ ବୃକ୍ଷଶାଖାରେ ଝୁଲାଇ ଦେଉଥିଲେ ପରିବାରବର୍ଗଙ୍କୁ ଟିଣ ଖଣିରେ ଲୁଚାଇ ରଖୁଥିଲେ । ଏହିପରି କରିବାଦ୍ୱାରା ସେମାନେ ଶତ୍ରୁ ଓ ହିଂସ୍ରଜନ୍ତୁ ମୁଖରୁ ରକ୍ଷା ପାଉଥିଲେ । ହାୟ କି ଦୁର୍ବିପାକ ! ସମଗ୍ର ମିବାର ରାଜ୍ୟ ଯାହାଙ୍କର ଛତ୍ରତଳେ ଥିଲା— ଆଜି ତାହାଙ୍କର ହିଂସ୍ରଜନ୍ତୁ ପରିପୂର୍ଣ୍ଣ କଣ୍ଟକମୟ ଅରଣ୍ୟ

* ରାଣା ପ୍ରତାପସିଂହ ଚୈତକର ଚିରସ୍ମରଣ ନିମିତ୍ତ ସେହିଠାରେ ‘ଚୈତକ ଚବୂତରା’ ନାମରେ ଗୋଟିଏ ବେଦୀ ନିର୍ମାଣ କରାଇଥିଲେ । ମିବାରର ପ୍ରାୟ ପ୍ରତ୍ୟେକ ଗୃହସ୍ଥର ଗୃହରେ ପ୍ରତାପଙ୍କ ଚିତ୍ରସହ ଚୈତକର ଚିତ୍ର ଅଙ୍କିତ ଅଛି ।

Digitized by srujanika@gmail.com

ରାଜଧାନୀ ! ମିବାର ରାଜ ପ୍ରସାଦ କାଲି ଯାହାଙ୍କଦ୍ୱାରା ଅଳଙ୍କୃତ ହେଉଥିଲା, ଆଜ ସାମାନ୍ୟ ବୃକ୍ଷଗୁଳ୍ମ ତାହାଙ୍କର କଷ୍ଟଲଭ୍ୟ ହୋଇଅଛି ! ନାନା ସୁମିଷ୍ଟ ସରସ ଖାଦ୍ୟରେ ଯାହାଙ୍କ ଶରୀର ପୁଷ୍ଟ ହୋଇଥିଲା ଆଜ ତାଙ୍କର ପ୍ରଧାନ ଖାଦ୍ୟ – ଅରଣ୍ୟର କଣ୍ଟକିତ ଫଳ ମୂଳ ! ଧନ୍ୟ ପ୍ରତାପ ! ଏପରି ଦୁର୍ଦ୍ଦଶାରେ ପଡ଼ି ସୁଦ୍ଧା ଦିନେମାତ୍ର ଉଦ୍‌ବେଗଗ୍ରସ୍ତ ହୋଇନାହଁ ।

ଦିନେ ପ୍ରତାପ ସ୍ୱୀୟ ପରିଜନବର୍ଗ-ପରିବେଷ୍ଟିତ ହୋଇ ଗୋଟିଏ ବୃକ୍ଷତଳେ ତୃଣାସନରେ ବସି ବନ୍ୟ ଫଳମୂଳ ଭକ୍ଷଣ କରୁଅଛନ୍ତି ଏବଂ ପରିଜନବର୍ଗ ତଦୀୟ ଶ୍ରୀକରରୁ ତହିଁରୁ କିଞ୍ଚିତ୍ କିଞ୍ଚିତ୍ ପ୍ରାପ୍ତ ହୋଇ ଆପଣାକୁ କୃତାର୍ଥ ମଣୁଅଛନ୍ତି, ଏହି ସମୟରେ ସମ୍ରାଟଙ୍କର ଜଣେ ଗୁପ୍ତଚର ଅତି ଗୋପନରେ ତାହା ଦେଖି ମନେ ମନେ ପ୍ରତାପଙ୍କୁ ଶତ ଧନ୍ୟବାଦ ଦେଇ ତତ୍‌କ୍ଷଣାତ୍ ଦିଲ୍ଲୀକୁ ପ୍ରତ୍ୟାଗମନ କଲେ ଏବଂ ସମ୍ରାଟଙ୍କୁ ରାଣାଙ୍କର ସମସ୍ତ ବୃତ୍ତାନ୍ତ ଜ୍ଞାପନ କଲେ । ସମ୍ରାଟ ପ୍ରତାପଙ୍କ ଗୁଣରେ ବିମୁଗ୍ଧ ହୋଇ ତାହାଙ୍କର ଭୂୟସୀ ପ୍ରଶଂସା କଲେ । ଯେଉଁ ରାଜପୁତ କୁଳାଙ୍ଗାରମାନେ ସ୍ୱଧର୍ମ ତ୍ୟାଗପୂର୍ବକ ଯବନପକ୍ଷ ଆଶ୍ରୟ କରିଥିଲେ ସେମାନେ ମଧ୍ୟ ତାହାଙ୍କ ମାହାତ୍ମ୍ୟ ଶ୍ରବଣରେ ପ୍ରଫୁଲ୍ଲ ହୋଇ ଉଠିଲେ । କଥିତ ଅଛି, ଦିଲ୍ଲୀଶ୍ୱରଙ୍କ ପ୍ରଧାନ ସାମନ୍ତ ଖାଁ ଖାନାନ୍ ପ୍ରତାପଙ୍କ ଗୁଣାବଳୀରେ ମୁଗ୍ଧ ହୋଇ ତଦୀୟ ଗୁଣ-କୀର୍ତ୍ତନ କରୁଁ କରୁଁ କହିଥିଲେ, "ସଂସାରରେ କିଛିହିଁ ସ୍ଥାୟୀ ନୁହେ, ସବୁ ଦିନେ ଲୟପ୍ରାପ୍ତ ହେବ, କିନ୍ତୁ ମହାପୁରୁଷ ପ୍ରତାପ ସିଂହଙ୍କର କୀର୍ତ୍ତି ଅନନ୍ତ କାଳ ଜଗତରେ ଏହିପରି କୀର୍ତ୍ତିତ ହେଉଥିବ ।"

ମିବାରେଶ୍ୱର ଏହିପରି ଦୀନ ଭିଖାରି ବେଶରେ ଅରଣ୍ୟକୁ ଅରଣ୍ୟ ବୁଲି ଦିନଯାପନ କରିବାକୁ ଲାଗିଲେ । ତଥାପି ତାହାଙ୍କର ଅଟଳହୃଦୟ ତିଳେମାତ୍ର ଟଳିଲା ନାହିଁ – ସେ ନିଜର କଷ୍ଟକୁ ଅତି ତୁଚ୍ଛ ମଣୁଥିଲେ, ତାହାଙ୍କ ଅନ୍ତରରେ କେବଳ ଏହି ଦୁଃଖାନଳ ପ୍ରଜ୍ୱଳିତ ହେଉଥିଲା, ଯେଉଁ ଚିରାଶ୍ରିତ ଅନୁଚରଗଣ ତାହାଙ୍କ ଲାଗି ପ୍ରାଣ ବିସର୍ଜ୍ଜନ କରିବାକୁ ପ୍ରସ୍ତୁତ, ସେମାନଙ୍କୁ ସାମାନ୍ୟ ଫଳମୂଳ ଭକ୍ଷଣରେ ଘୋର କ୍ଲେଶଭୋଗ କରିବାକୁ ହେଉଅଛି ଏବଂ ସ୍ୱକୁଟୁମ୍ବବର୍ଗ ଅସ୍ୱପ୍ନ ଅନଶନରେ କାଳଯାପନ କରୁଅଛନ୍ତି; ଏହି ଚିନ୍ତା ତାହାଙ୍କ ଅହରହ ଘୋର ଯନ୍ତ୍ରଣା ଦେଇ ସେହି ଜୀର୍ଣ୍ଣଶୀର୍ଣ୍ଣ କଳେବରକୁ କ୍ରମଶଃ ଶୋଷଣ କରୁଥିଲା । ଦିନେ ରାଣାଙ୍କର ମହିଷୀ ଏବଂ ବଧୂ ମାବାରଚୂର୍ଣ୍ଣରେ କେତେକ ଖଣ୍ଡି ପିଷ୍ଟକ ପ୍ରସ୍ତୁତ କରି ଏକାର୍ଦ୍ଧ ବାଳକବାଳିକାମାନଙ୍କୁ ପ୍ରଦାନ କରି ଅପରାର୍ଦ୍ଧ ଭବିଷ୍ୟତକୁ ସଞ୍ଚୟ କରି ରଖିଦେଲେ । ପୁତ୍ରକନ୍ୟାଗଣଙ୍କ ଭୋଜନ ସମୟରେ ରାଣା ପ୍ରତାପ ଗୋଟିଏ ତୃଣଶଯ୍ୟାରେ ପଡ଼ି ନିଜର ଦୁର୍ଭାଗ୍ୟ ବିଷୟ ଚିନ୍ତା କରୁଥିଲେ, ଏହି ସମୟରେ ହଠାତ୍ ତଦୀୟ କନ୍ୟାର ଆର୍ତ୍ତସ୍ୱର ତାହାଙ୍କ କର୍ଣ୍ଣକୁହରରେ ପ୍ରବେଶ କରି ଅଧୀର କଲା । ସେ ତତ୍‌କ୍ଷଣାତ୍ କନ୍ୟାର ରୋଦନପ୍ରତି ଦୃଷ୍ଟିପାତ କରି ଦେଖିଲେ ଯେ, ଗୋଟିଏ ବନ୍ୟ ମାର୍ଜାର କନ୍ୟାର ପିଷ୍ଟକ ଖଣ୍ଡିକ ଯେନି ବୁଲି ଯାଉଅଛି । ମହାଧୈର୍ଯ୍ୟ-ଶାଳୀ ପ୍ରତାପ ଏଥିପୂର୍ବେ ନାନା ବିପଦ ବିସମ୍ବାଦରେ ଦୃକ୍‌ପାତ କରି ନ ଥିଲେହେଁ ଏହି ସାମାନ୍ୟ ଘଟନାରେ ଆଉ ଧୈର୍ଯ୍ୟ ଧରି ପାରିଲେ ନାହିଁ । ସେ ତତ୍‌କ୍ଷଣରେ କ୍ଷେପ୍ତପ୍ରାୟ ଶଯ୍ୟାରୁ ଗାତ୍ରୋତ୍ଥାନ କରି କହିଲେ, "ମୋପରି ପାଷଣ୍ଡକୁ ଧିକ୍ ! ଏପରି ଦୁର୍ଦ୍ଦଶା ଦୃଷ୍ଟି-ଗୋଚର କରି ଯଦି ରାଜସମ୍ମାନ ରଖିବାକୁ ହୁଏ, ତେବେ ସେ ରାଜସମ୍ମାନକୁ ସହସ୍ର ଧିକ୍ !" ତହିଁ ଉତ୍ତାରେ ରାଣା ବ୍ୟଥିତ ହୃଦୟରେ ନିଜର ଆନୁପୂର୍ବିକ ସମସ୍ତ ଘଟନା ବର୍ଣ୍ଣନପୂର୍ବକ ଦିଲ୍ଲୀଶ୍ୱରଙ୍କ ନିକଟକୁ ସ୍ୱୀୟ କଷ୍ଟୋପଶମର ଉପାୟ ବିଧାନଲାଗି ଖଣ୍ଡିଏ ଦୀର୍ଘ ପ୍ରାର୍ଥନା ପତ୍ର ପ୍ରେରଣ କଲେ । ପତ୍ର ପାଇ ଦିଲ୍ଲୀଶ୍ୱରଙ୍କ ହୃଦୟ ଆନନ୍ଦ ରସରେ ଉଦ୍‌ବେଳ ହେଲା, ଏତେଦିନ ପରେ ତାହାଙ୍କର ଅଭୀଷ୍ଟ ସିଦ୍ଧ ହୋଇଅଛି । ଯାହାର

Digitized by srujanika@gmail.com

ଖଡ୍‌ଗାଘାତରେ ଶତ ଶତ ନରମୁଣ୍ଡ ଧରାଲୁଣ୍ଠିତ, ଯାହାର ଅମାନୁଷ ବିକ୍ରମ ଦର୍ଶନରେ ମହାବୀରଗଣ ଚମତ୍କୃତ ଏବଂ ଯାହା ଲାଗି ଶତ ଶତ ଉପାୟ ନିଷ୍ଫଳ ହୋଇଯାଇଅଛି, ସେହି ମହାପ୍ରତାପ ପ୍ରତାପ ଆଜି ତାହାଙ୍କର କୃପାପ୍ରାର୍ଥୀ । ଆକବରଙ୍କ ହୃଦୟରେ ଆଜି ଆନନ୍ଦର ସୀମା ରହିଲା ନାହିଁ, ଗୃହୁଁ ଗୃହୁଁ ସମଗ୍ର ନଗର ଆନନ୍ଦମୟ ହୋଇଗଲା; କିନ୍ତୁ ବିକାନୀର ରାଜଭ୍ରାତା ବନ୍ଦୀକୃତ ବୀର ପୃଥ୍ୱୀରାଜ ସେ ପତ୍ର ପାଠରେ ନିତାନ୍ତ ମର୍ମବେଦନା ଅନୁଭବ କଲେ । ସେହି ପତ୍ର ତାହାଙ୍କ ହସ୍ତଲିଖିତ ବୋଲି ତାହାଙ୍କର ଆଦୌ ବିଶ୍ୱାସ ହେଲା ନାହିଁ । ସେ ତତ୍‌କ୍ଷଣାତ୍ ନିର୍ଭୀକ ଚିତ୍ତରେ ଦିଲ୍ଲୀଶ୍ୱରଙ୍କୁ କହିଲେ, "ମୁଁ ପ୍ରତାପଙ୍କୁ ଭଲ କରି ଜାଣେ ଏବଂ ଦେବତା ଜ୍ଞାନରେ ଭକ୍ତି କରେ । ଆପଣ ସ୍ୱୟଂ ତାହାଙ୍କ ମସ୍ତକରେ ରାଜମୁକୁଟ ପିନ୍ଧାଇ ଦେଲେ ସୁଦ୍ଧା ସେ ଆପଣଙ୍କ ବଶ୍ୟତା ସ୍ୱୀକାର କରିବେ ନାହିଁ । ମୋହର ବିଶ୍ୱାସ ଏ ପତ୍ର ତାଙ୍କଦ୍ୱାରା ଲେଖା ହୋଇନାହିଁ ।" ଏତିକରେ ତେଜସ୍ୱୀ ପୃଥ୍ୱୀରାଜ ନୀରବ ନ ରହି ସମ୍ରାଟଙ୍କ ଅନୁମତି ଗ୍ରହଣପୂର୍ବକ ପ୍ରତାପଙ୍କ ନିକଟକୁ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପଦ୍ୟରେ ଏକ ଦୀର୍ଘ ପତ୍ର ପ୍ରେରଣ କଲେ । ତାହାଙ୍କର ସେହି ଓଜସ୍ୱିନୀ କବିତା ପାଠରେ ପ୍ରତାପସିଂହ ପୁଣି ସୁପ୍ତୋତ୍ଥିତ ସିଂହପ୍ରାୟ ପୁଣି ଉତ୍ସାହ ଏବଂ କୋପରେ ଉଦ୍ଦୀପ୍ତ ହୋଇ ଉଠିଲେ । ଏଣେ ସମ୍ରାଟ୍ ତାହାଙ୍କୁ ପଦାନତପ୍ରାୟ ମନେକରି ଦଳବଳ ସହିତ ଆମୋଦପ୍ରମୋଦରେ ପ୍ରବୃତ୍ତ ହେଲେ । ଏହି ଛିଦ୍ର ପାଇ ପ୍ରତାପ ହଠାତ୍ ଦିନେ ଦିଲ୍ଲୀ ଆକ୍ରମଣପୂର୍ବକ ଶତ ଶତ ମୋଗଲ ମୁଣ୍ଡରେ ଭୂଖଣ୍ଡ ମଣ୍ଡିତ କଲେ; କିନ୍ତୁ ପିପୀଲିକାବତ୍ ଦଳ ଦଳ ମୋଗଲ ସୈନ୍ୟ କ୍ରମଶଃ ମାଡ଼ି ଆସିବାର ଦେଖି ପ୍ରତାପ ହଠାତ୍ ଯୁଦ୍ଧ କ୍ଷେତ୍ରରୁ ଅନ୍ତର୍ହିତ ହେଲେ । ତାହାଙ୍କ ଅନ୍ୱେଷଣରେ ମୋଗଲଗଣ ଗ୍ରାମ, କାନନ, ଗିରି, କନ୍ଦର, ସର୍ବତ୍ର ବିଚରଣ କରି ସୁଦ୍ଧା ସଫଳକାମ ହୋଇ ପାରିଲେ ନାହିଁ, ବରଂ ପ୍ରତାପ ମଧ୍ୟ ମଧ୍ୟରେ ଅବସର ଦେଖି ମୋଗଲସୈନ୍ୟ କ୍ଷୟ କରୁଥିଲେ । ଏହିପରି କିଛି କାଳ ଅତୀତ ହୋଇଗଲା, କିନ୍ତୁ ପୁଣି ପୂର୍ବୋକ୍ତ ଶୋଚନୀୟ ଦଶା ଆସି ତାହାଙ୍କୁ ଗ୍ରାସ କରିବାକୁ ବସିଲା । ପ୍ରତାପ ସେହି ଜୀର୍ଣ୍ଣ ଶୀର୍ଣ୍ଣ ପରିଜନବର୍ଗଙ୍କୁ ଘେନି ପଶୁବତ୍ ପର୍ବତ କନ୍ଦରରେ ଆହାର ଖୋଜି ବୁଲିଲେ । ଈଶ୍ୱରଙ୍କର କି ଅପାର କରୁଣା, ଦିନେ ଆରାବଳୀ ପର୍ବତ ଶିଖରରୁ ଉକ୍ତ ଚିନ୍ତାରେ ଅବତରଣ କରି ମିବାର ମରୁଭୂମିରେ ପଦାର୍ପଣ କରୁଅଛନ୍ତି, ଏମନ୍ତ ସମୟରେ ତାଙ୍କ ସୁଚତୁର ମନ୍ତ୍ରୀ ଭାମଶା ପୂର୍ବସଞ୍ଚିତ ବହୁଳ ଧନଧାନ୍ୟ ଘେନି ତାହାଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲେ । ଏହି ବିପୁଳ ଧନରାଶିରେ ପ୍ରାୟ ପଞ୍ଚବିଂଶତି ସହସ୍ର ସୈନ୍ୟଙ୍କର ଦ୍ୱାଦଶ ବର୍ଷର ଗ୍ରାସାଚ୍ଛାଦନ ବ୍ୟୟ ଚଳିପିବ ଅନୁମାନ କରି ପ୍ରତାପ ମନେ ମନେ ଆନନ୍ଦ-ସାଗରରେ ଭାସମାନ ହେଲେ । ମନ୍ତ୍ରୀବର ଭାମଶା ମଧ୍ୟ ଉପଯୁକ୍ତ କ୍ଷଣରେ ପ୍ରଭୁଙ୍କ ହସ୍ତରେ ସେ ସମସ୍ତ ସମର୍ପଣ କରିବାଦ୍ୱାରା ମିବାରର ଉଦ୍ଧାରର ଅନ୍ୟତମ ପ୍ରଧାନ କାରଣ ହେଲେ । ଏଣେ ପ୍ରତାପ ଅଭାବନୀୟ ସମ୍ବଳ ଓ ସୁଯୋଗ ଲାଭ କରି ଅଳ୍ପକାଳ ମଧ୍ୟରେ ସୈନ୍ୟସାମନ୍ତ ସଂଗ୍ରହପୂର୍ବକ ମୋଗଲ ସେନା ବିରୋଧରେ ଯୁଦ୍ଧ ଆୟୋଜନ କଲେ । ଗୃହୁଁ ଗୃହୁଁ ବୀରସିଂହ ବତିଶଟି ଦୁର୍ଗ ଅଧିକାର କରିଥିଲେ । ତାଙ୍କ ନିଗଡ଼ବଦ୍ଧ କରିବାଲାଗି ଯେତେ ମୋଗଲ ସେନାନୀ ସଦଳରେ ଧାବିତ ହୋଇଥିଲେହେଁ ଆଉ ଦିଲ୍ଲୀକୁ ପ୍ରତ୍ୟାବୃତ୍ତ ହୋଇ ନ ଥିଲେ । କ୍ରମେ ରାଣା ଚିତୋର, ଆଜମୀର, ମଣ୍ଡଳଗଡ଼ ବ୍ୟତୀତ ପ୍ରାୟ ସମଗ୍ର ମିବାର ଅଧିକାରପୂର୍ବକ କୁଳାଙ୍ଗାର ମାନସିଂହର ବୈରନିର୍ଯାତନ ନିମିତ୍ତ ହଠାତ୍ ଅମ୍ବରରାଜ୍ୟ ଆକ୍ରମଣ କରି ତତ୍ରତ୍ୟ ବାଣିଜ୍ୟାଗାରାଦି ଲୁଣ୍ଠନ କଲେ । ଅନନ୍ତର ପିତୃରାଜଧାନୀ ଉଦୟପୁର ଅଳ୍ପ ଆୟାସରେ ତାହାଙ୍କର କରଗତ ହେଲା ।

ଏତେ ରାଜ୍ୟ ଅଧିକାର କରି ସୁଦ୍ଧା ପ୍ରତାପ ଶାନ୍ତି ଭୋଗ କରି ପାରିଲେ ନାହିଁ । ଚିରେପ୍ସିତ ପ୍ରିୟ ଚିତୋର

Digitized by srujanika@gmail.com

ଜୀବନକାଳ ମଧ୍ୟରେ ତାହାଙ୍କର ହସ୍ତଗତ ହୋଇ ନ ପାରିବାରୁ ତାହାଙ୍କ ହୃଦୟରୁ ସେହି ମହା ଅଶାନ୍ତି ଆଉ ଦୂରୀକୃତ ହେଲା ନାହିଁ । ନିଜର ବଳକ୍ଷୟକାରୀ ବାର୍ଦ୍ଧକ୍ୟ ଏବଂ ଚିତୋରର ଭାଗ୍ୟ ଉଦ୍ଧାରକର୍ତ୍ତାର ଅଭାବ ଦେଖି ବୀରମଣି ସର୍ବଦା ଚିନ୍ତାରେ ନାନା ଆଧିବ୍ୟାଧି ରୋଗକରି କ୍ଷୟପ୍ରାପ୍ତ ହେବାକୁ ଲାଗିଲେ । ତାହାଙ୍କ ଜୀବନ-ନାଟକରେ ଯବନିକା-ପତନର ସମୟ କ୍ରମଶଃ ଆସନ୍ନ ହୋଇ ଆସିଲା । ସେ ଇହଜଗତରୁ ବିଦାୟ ଗ୍ରହଣ କରିବା ପୂର୍ବରୁ ଗୋଟିଏ ସାମାନ୍ୟ କୁଟୀରରେ ସର୍ଦ୍ଦାରବର୍ଗ-ପରିବେଷ୍ଟିତ ହୋଇ ତୃଣ-ଶଯ୍ୟାରେ ଶୟାନ ଥିଲେ ଏବଂ ପୂର୍ବୋକ୍ତ ପ୍ରକାରେ ଚିନ୍ତା କରୁ କରୁ ସହସା ତାହାଙ୍କର ସେହି ଜୀର୍ଣ୍ଣ କଙ୍କାଳମୟ କଳେବରରୁ ଏକ ମହାଦୀର୍ଘ ନିଶ୍ୱାସ ବହିର୍ଗତ ହେବାର ଦେଖି ଉପସ୍ଥିତ ସର୍ଦ୍ଦାରଗଣ ଆଉ ଲୋତକ ସମ୍ବରଣ କରି ପାରିଲେ ନାହିଁ । ତତ୍‌କ୍ଷଣାତ୍ ଜଣେ ସାମନ୍ତ ବାଷ୍ପ ଗଦ୍‌ଗଦ୍ କଣ୍ଠରେ ଚିନ୍ତାର କାରଣ ଜିଜ୍ଞାସା କରିବାରୁ ଚିତୋରପ୍ରାଣ ରାଣା କ୍ଷଣେ ମୌନାବଲମ୍ବନ-ପୂର୍ବକ ଅତି କ୍ଷୀଣ ସ୍ୱରରେ ପ୍ରକାଶ କଲେ, "ସର୍ଦ୍ଦାର ଶିରୋମଣି ! ମୋହଦ୍ୱାରା ଚିତୋରର ଉଦ୍ଧାର ହୋଇ ପାରିଲା ନାହିଁ । ଯବନ-କବଳରୁ ଜନ୍ମଭୂମିକୁ ଉଦ୍ଧାର କରିବା ମୋର ପୁତ୍ର ଅମରସିଂହର ସାଧ୍ୟ ନୁହେ । ସେ କଦାପି ଏତେ କ୍ଲେଶ ସ୍ୱୀକାର କରିପାରିବ ନାହିଁ; କିନ୍ତୁ ତୁମ୍ଭ ନିକଟରେ ଗୋଟିଏ ଅନ୍ତିମ ଅନୁରୋଧ ଅଛି, ତାହା ପାଳନ କରିବାକୁ ସମ୍ମତ ହେଲେ ମୁଁ ସୁଖରେ ନୟନ ମୁଦ୍ରିତ କରିପାରିବି । ତୁମ୍ଭେମାନେ ଏହିକ୍ଷଣି କୌଣସି ସନ୍ଦେହ ବା ଛଳନା ନ ରଖି ଏହା ଶପଥ-ପୂର୍ବକ ପ୍ରତିଜ୍ଞା କର ଯେ, ଜୀବନ ଥାଉଁ ଥାଉଁ କଦାପି ଯବନ ହସ୍ତରେ ଜନ୍ମଭୂମିକି ଅର୍ପଣ କରିବନାହିଁ । ଏହା ମୋହର ପଶ୍ଚିମ ଅନୁରୋଧ ।" ପ୍ରତାପ ଏହା କହିବାର କ୍ଷଣକ ପରେ ସ୍ୱୀୟ ପ୍ରିୟତମ ପୁତ୍ର ଅମର ସିଂହର ଭାବୀ ଜୀବନ ସମ୍ବନ୍ଧରେ କେତେକ କଥା କହି ନୀରବ ହୁଅନ୍ତେ, ସର୍ଦ୍ଦାରଗଣ ତତ୍‌କ୍ଷଣାତ୍ ସମସ୍ୱରରେ କହିଲେ, "ମହାରାଜ, ବାପ୍ପାର ପବିତ୍ର ସିଂହାସନ ସ୍ପର୍ଶ କରି କହୁଅଛୁଁ ଯେ, ଜଣେ ମାତ୍ର ରାଜପୁତ ଜୀବିତ ଥିବା ଯାଏ ମିବାର ମାତୃଭୂମି କଦାପି ଯବନ ହସ୍ତଗତ ହେବ ନାହିଁ । ଯେତେ ଦିନ ଯାଏ ଆମ୍ଭେମାନେ ଜୀବିତ ଥିବୁଁ, କୁମାର ଅମରସିଂହ କଦାପି ଆପଣଙ୍କ ଆଦେଶ ଲଙ୍ଘନରେ ସମର୍ଥ ହେବେନାହିଁ । ଆଜ ଏହି ପ୍ରତିଜ୍ଞା କରୁଅଛୁ, ଯେଉଁଦିନ ପର୍ଯ୍ୟନ୍ତ ମିବାରର ସମ୍ପୂର୍ଣ୍ଣ ଉଦ୍ଧାର ନ ହୋଇଛି ସେପର୍ଯ୍ୟନ୍ତ ଏ କୁଟୀରରେ ଥାଇ ତୃପ୍ତି ଲଭ କରିବୁଁ, ଆଉ ଭୋଗବିଳାସରେ ମନ ବଳାଇବୁଁ ନାହିଁ ।" ସର୍ଦ୍ଦାରଗଣଙ୍କ ଆଶ୍ୱାସବାକ୍ୟରେ ପ୍ରତାପଙ୍କ ହୃଦୟରେ ଅପୂର୍ବ ଶାନ୍ତି ବିରାଜିତ ହେଲା, ମୃଦୁଁ ମୃଦୁଁ ତାଙ୍କ ଶୁଷ୍କ ଅଧରୋଷ୍ଠାନ୍ତରରେ କ୍ଷୀଣହାସ୍ୟ ଦେଖାଗଲା; କି ଏକ ଅଭୂତପୂର୍ବ ଦିବ୍ୟଜ୍ୟୋତି ଯେପରି ତାହାଙ୍କ ପାର୍ଥିବ ଦେହକୁ ଉଦ୍ଭାସିତ କରି ପକାଇଲା ଏବଂ ପଛେ ପଛେ ତାହାଙ୍କର ଭୌତିକ ଶରୀର ଉକ୍ତ ଜ୍ୟୋତିର୍ବିହୀନ ହୋଇ ଭୂତଳରେ ଜଡ଼ବତ୍ ପଡ଼ି ରହିଲା । ସେହି ସ୍ୱଦେଶବତ୍ସଳ ବୀରପୁରୁଷ ଅନନ୍ତକାଳ ପାଇଁ ଇହଧାମରୁ ବିଦାୟଗ୍ରହଣ କଲେ ।

ବୀରସିଂହ ପ୍ରତାପଙ୍କର ଅସାଧାରଣ ଶୌର୍ଯ୍ୟ ଏବଂ ଆତ୍ମବିସର୍ଜନ କଥା ଭାବିଲେ ନିର୍ବଳ ନିର୍ଜୀବ ହୃଦୟରେ ସୁଦ୍ଧା ନବପ୍ରାଣ ଓ ଅପୂର୍ବବଳର ସଞ୍ଚାର ହୁଏ । କତିପୟ ସୈନ୍ୟସାମନ୍ତ ଘେନି ପ୍ରବଳପ୍ରତାପାନ୍ୱିତ ଦିଲ୍ଲୀଶ୍ୱରଙ୍କ ସହିତ କ୍ରମାଗତ ପଞ୍ଚବିଂଶତି ବର୍ଷ ଘୋର ସମରରେ ଲିପ୍ତ ହେବା କେବଳ ତାଙ୍କର ପକ୍ଷରେ ସମ୍ଭବ । ତତ୍ପୂର୍ବରୁ ମଧ୍ୟ ମିବାର ଭୂମିରେ ବହୁବାର ସମରାଭିନୟ ହୋଇ ଯାଇଥିଲା; କିନ୍ତୁ ହଳଦିଘାଟ ମହାବୀର ପ୍ରତାପ ସିଂହଙ୍କ ଯୁଦ୍ଧାଭିନୟର ପ୍ରଧାନ କ୍ଷେତ୍ର । ଏହି ଦୁର୍ଗମ ପାର୍ବତ୍ୟ କ୍ଷେତ୍ରରେ ଏପରି ସ୍ଥାନ ଲକ୍ଷିତ ହୁଏ ନାହିଁ, ଯାହା ରାଣାଙ୍କ ଗୌରବଚିହ୍ନରେ ଅଳଙ୍କୃତ ନୁହେ । ଭାରତର ମହିମା ଯେ ପର୍ଯ୍ୟନ୍ତ ଏ ପୃଥିବୀରେ କୀର୍ତ୍ତିତ ହେଉଥିବ, ସେପର୍ଯ୍ୟନ୍ତ ପ୍ରତାପଙ୍କ ମହତ୍ତ୍ୱ ଓ ଆତ୍ମବିସର୍ଜନ କେହି ବିସ୍ମୃତ ହେବେନାହିଁ ।

Digitized by srujanika@gmail.com

ଲୋକ-ଚରିତ

(ଲୋକଚରିତ ପାଠର ପ୍ରୟୋଜନୀୟତା — ମହାତ୍ମାମାନଙ୍କର ଜୀବନ ଆଦର୍ଶ ଶିକ୍ଷାର ସ୍ଥଳ — ଜୀବନ ଚରିତପାଠ ଶିକ୍ଷାର ପ୍ରଧାନ ଅଙ୍ଗ)

ଆଦର୍ଶ ଓ ଅନୁକରଣ ବୋଲି ଦୁଇଟି କଥା ଅଛି । ଆଦର୍ଶ ଦେଖି ଅନୁକରଣ ହୋଇଥାଏ । ଯେ କୌଣସି ବିଷୟରେ ବିଚାର କଲେ ଦେଖାଯିବ, ଗୋଟିଏ ଆଦର୍ଶର ଅବଲମ୍ବନରେ ଅନ୍ୟଟି ପ୍ରସ୍ତୁତ ହୁଏ । ପିତା, ମାତା ଓ ଗୋଷ୍ଠୀର ଚରିତ୍ର ଦେଖି ଶିଶୁର ଚରିତ୍ର ପ୍ରଥମେ ଗଠିତ ହୁଏ । କାରିଗର ଆଗେ ଛାଞ୍ଚଟି ପ୍ରସ୍ତୁତ କରି ପଛେ ତହିଁରେ ନିଜ ଶିଳ୍ପବସ୍ତୁ ନିର୍ମାଣ କରେ । ତଥା ଅଧଃପତିତ ଜାତି ଉନ୍ନତ ଜାତିର ଅନୁକରଣରେ ଉନ୍ନତିର ଅଭିମୁଖୀନ ହୁଏ । ଏହିପରି ଦୃଷ୍ଟାନ୍ତ ବହୁତ ଦିଆଯାଇ ପାରେ ।

ମାନବର ଜ୍ଞାନପିପାସା ଅତି ବଳବତୀ । ସେ ଜ୍ଞାନରାଜ୍ୟରେ ଯେତିକି ଅଗ୍ରସର ହେଉଥାଏ, ଉକ୍ତ ପିପାସା ସେତିକି ବଢ଼ିବାକୁ ଲାଗେ । ପ୍ରତ୍ୟେକ ଜୀବନରେ ନାନାପ୍ରକାର ଅଭାବ ଓ ଶିକ୍ଷଣୀୟ ବିଷୟ ଅଛି । କାଳକ୍ରମେ ପରୀକ୍ଷାଲବ୍ଧ ଶିକ୍ଷା ବା ଜ୍ଞାନଦ୍ୱାରା ଉକ୍ତ ଅଭାବଗୁଡ଼ିକ ଅଂଶତଃ ପୂର୍ଣ୍ଣ ହେଉଥାଏ; ତଥାପି ଅଭାବର ଶେଷ ନାହିଁ । ପ୍ରକୃତିରୂପ ଅନନ୍ତଗ୍ରନ୍ଥ ଯେପରି ଆମ୍ଭମାନଙ୍କର ମହା ଶିକ୍ଷାସ୍ଥଳ, ସେହିପରି ମହାତ୍ମାମାନଙ୍କର ଜୀବନ ମଧ୍ୟ ଗୋଟିଏ ଶିକ୍ଷାସ୍ଥଳ । ସେମାନଙ୍କ ମାର୍ଗ ଅନୁସରଣ ନ କଲେ ଆମ୍ଭେମାନେ ଗନ୍ତବ୍ୟ ପଥ ନିରୂପଣ କରିବୁଁ ନାହିଁ କିମ୍ବା ପ୍ରକୃତ ମନୁଷ୍ୟତ୍ୱ ଲାଭ କରି ପାରିବୁଁ ନାହିଁ । ମନୁଷ୍ୟଚରିତ୍ର କେବଳ ଭ୍ରମ-ପ୍ରମାଦପୂର୍ଣ୍ଣ । ଯଥାସମ୍ଭବ ନିର୍ଦ୍ଦୋଷ ମାର୍ଗରେ ଜୀବନକୁ ଚଳାଇବାକୁ ହେଲେ ମହାତ୍ମାମାନଙ୍କର ଚରିତ୍ର ଗୋଟିଏ ପ୍ରଧାନ ଅବଲମ୍ବନ । ସେଥିପାଇଁ କଥାରେ କହନ୍ତି, 'ମହାଜନୋ ଯେନ ଗତଃ ସ ପନ୍ଥାଃ ।' ଯେପରି ଗୋଟିଏ ଛାଞ୍ଚରେ ପଦାର୍ଥଟି ସୁନ୍ଦର ଓ ସୁଗଠିତ ହୁଏ, ସେହିପରି ମହାତ୍ମାମାନଙ୍କ ଜୀବନର ଆଦର୍ଶରେ ଚରିତ୍ର ସୁଗଠିତ ହୋଇଥାଏ । ସମୁନ୍ନତ ଦେଶମାନଙ୍କରେ ଏ ବିଷୟରେ ଆଲୋଚନା ବହୁଳ ଭାବରେ ହେବାର ଦେଖାଯାଏ । ଏହି ଦେଶବାସୀମାନେ ବିବିଧ ଲୋକ-ଚରିତ ପାଳନ କରି ସେଥିରୁ ହଂସବତ୍ ସାର ଗ୍ରହଣ-ପୂର୍ବକ ସ୍ୱୀୟ ଜୀବନର ଉତ୍କର୍ଷ ସାଧନ କରନ୍ତି, ସେହି-ପରି ଗୋଟିଏ ଜାତି ଅନ୍ୟ ଜାତିର ଶ୍ରେଷ୍ଠ ବା ଶ୍ରେୟ ଗୁଣରାଶି ଗ୍ରହଣ କରି ପୁଷ୍ଟ ଓ ଉନ୍ନତ ହୁଏ । ଯେଉଁ ଜାତି ଆଜକାଲି ଅତି ଉଚ୍ଚ ସୋପାନରେ ଆରୂଢ଼, ସେ ଅବଶ୍ୟ ଅନ୍ୟାନ୍ୟ ଜାତିଠାରୁ ସାର ଗ୍ରହଣପୂର୍ବକ ନିଜର ଉତ୍କର୍ଷ ସାଧନ କରିଅଛି ।

ମହାତ୍ମାମାନଙ୍କ ଚରିତ ପାଠର ପ୍ରଥମ ପ୍ରୟୋଜନୀୟତା ଏହି ଯେ, ତାହା ପାଠକଲେ ପାଠକ-ହୃଦୟକୁ ଗୋଟିଏ ନବବଳ ଆସେ, ତାହାଙ୍କ ଜୀବନର ଛାୟା ପାଠକ-ହୃଦୟରେ କିଞ୍ଚିତ ପ୍ରତିଫଳିତ ହୁଏ । ଯେ ଯେତିକି ଅବହିତ ଓ ତଦ୍‌ଗତ ହୋଇ ଆଲୋଚନା କରିବେ, ସେ ସେତିକି ଉକ୍ତ ମହାତ୍ମାମାନଙ୍କର ମହାଭାବ ହୃଦୟଙ୍ଗମ କରି ପାରିବେ ଏବଂ ଉକ୍ତ ଛାୟା ତାଙ୍କ ହୃଦୟରେ ତଦ୍‌ବତ୍ ପରିସ୍ଫୁଟ ହେବ । ଭିନ୍ନ ଭିନ୍ନ ମହାତ୍ମାଙ୍କ ଚରିତପାଠରେ ବିଭିନ୍ନ ମନୋବୃତ୍ତିର ପୁଷ୍ଟି ସାଧିତ ହୁଏ । ଜଣେ ମହାବୀରଙ୍କ ଚରିତ ପାଠ କଲେ ଅପୂର୍ବ ଉତ୍ସାହ ଓ ସାହସ ଜନ୍ମେ, କର୍ମବୀରଙ୍କ ଚରିତ ପାଠରେ କର୍ମଶୀଳତା ବୃଦ୍ଧିପ୍ରାପ୍ତ ହୁଏ ଏବଂ ଧର୍ମାତ୍ମାଙ୍କ ଜୀବନବୃତ୍ତାନ୍ତ ପାଠଦ୍ୱାରା ଧର୍ମଭାବ ଦୃଢ଼ୀଭୂତ ହୁଏ । ଏହିପରି ନାନାପ୍ରକାର ଲୋକଚରିତ ପାଠଦ୍ୱାରା

Digitized by srujanika@gmail.com

ଜୀବନର ଗୋଟିଏ ଗୋଟିଏ ଅଭାବ ପୂର୍ଣ୍ଣ ହେଉଥିବ ଏବଂ ବାରମ୍ବାର ଆଲୋଚନାଦ୍ୱାରା ଉକ୍ତ ବୃତ୍ତିଗୁଡ଼ିକ ଦୃଢ଼ୀଭୂତ ହେଉଥିବ । ଏହି ବୃତ୍ତିମାନଙ୍କର ଦୃଢ଼ୀକରଣ ନିମିତ୍ତ ଆମ୍ଭମାନଙ୍କ ଦେଶର ପୁରାଣାଦିରେ ସର୍ବଗୁଣାଦର୍ଶ ପୁରୁଷ ଓ ସ୍ତ୍ରୀମାନଙ୍କର ଚରିତ ବର୍ଣ୍ଣିତ ହୋଇଅଛି । ରାମାୟଣ ଓ ମହାଭାରତ ଭାରତବାସୀମାନଙ୍କ ଚରିତ୍ରଗଠନ ପକ୍ଷରେ ପ୍ରଧାନ ସହାୟ ।

ଲୋକଚରିତ ପାଠ ଶିକ୍ଷାକର୍ମର ଅଙ୍ଗ ବିଶେଷ । କାରଣ କେଉଁ ମହାତ୍ମା ସ୍ୱଜୀବନକାଳ ମଧ୍ୟରେ କିପରି ଅଦମ୍ୟ ଅଧ୍ୟବସାୟ ପ୍ରଦର୍ଶନଦ୍ୱାରା ମହତ୍ କର୍ମମାନ ସାଧନ କରିଯାଇଅଛନ୍ତି, ତାହା ଆଲୋଚନା କଲେ ପ୍ରଭୂତ ଶିକ୍ଷା ମିଳେ, ଯାହା ଉପଦେଶ ପ୍ରଭୃତିଦ୍ୱାରା ହେବା ଅସମ୍ଭବ । ଆହୁରି ମଧ୍ୟ ମହାତ୍ମାମାନଙ୍କ ଚରିତ ପାଠରେ ଆନୁଷଙ୍ଗିକରୂପେ ତତ୍ତଦ୍ଦେଶର ଆଚାର ବ୍ୟବହାର, ରୀତି ନୀତି ଏବଂ ପୁରାବୃତ୍ତ ପ୍ରଭୃତିରେ ଅଭିଜ୍ଞତା ଜନ୍ମେ, ସେଥିପାଇଁ ଜୀବନ ବୃତ୍ତାନ୍ତ ପ୍ରଗାଢ଼ ଅଭିନିବେଶ ସହକାରେ ପାଠ କରିବା ଉଚିତ । ସାଧାରଣଙ୍କ ଅପେକ୍ଷା ତାଙ୍କର କି ବିଶେଷତ୍ୱ, ଶୈଶବ କାଳରେ ତାଙ୍କର ବୁଦ୍ଧିବୃତ୍ତି କେଉଁ ମାର୍ଗରେ ଗତି କରୁଥିଲା, କେଉଁ ବିଷୟରେ ତାଙ୍କର କି ପ୍ରକାର ମତ, ଏସବୁ ପ୍ରତି ପାଠକଙ୍କର ତୀକ୍ଷ୍ଣ ଦୃଷ୍ଟି ଥିବା ଆବଶ୍ୟକ । ପାଠାନ୍ତେ ଉକ୍ତ ମହାତ୍ମାଙ୍କର ଜୀବନସମ୍ବନ୍ଧରେ କିଛିକାଳ ଆଲୋଚନା କରିବା ଏବଂ ତତ୍ପ୍ରଦତ୍ତ ଉପଦେଶଗୁଡ଼ିକ ସମ୍ୟକ୍‌ରୂପେ ହୃଦୟଙ୍ଗମ କରି ପାଳନ କରିବା ନିମନ୍ତେ ଯଥାଶକ୍ତି ଚେଷ୍ଟା କରିବା ସର୍ବଥା ବିଧେୟ ।

ଉଇଲିୟମ୍ ହଣ୍ଟର

(ଜନ୍ମ ଓ ବଂଶପରିଚୟ—ଭାରତ ଆଗମନ—ସ୍କୁଲର ଇନସ୍ପେକ୍ଟର ଆଇ ପୁସ୍ତକର ଉପକରଣ ସଂଗ୍ରହ—କାର୍ଯ୍ୟ ଓ ପଦର ଉନ୍ନତି—ରାଜକୀୟ ଉପାଧି ଓ ପୁରସ୍କାର ଲାଭ—ବିବିଧ ପୁସ୍ତକ ପ୍ରଣୟନ ଓ ପ୍ରାଣତ୍ୟାଗ ।)

ଯେଉଁ ଇଂରାଜ ଶାସନକର୍ତ୍ତା ଏବଂ କର୍ମଚାରୀମାନେ ଉତ୍କଳର ହିତନିମିତ୍ତ ସବିଶେଷ ଯତ୍ନ କରିଅଛନ୍ତି ଏବଂ ଏ ଉତ୍କଳଲାଗି ଯେଉଁମାନଙ୍କ ଉତ୍ତମାଙ୍ଗରୁ ବିନ୍ଦୁ ବିନ୍ଦୁ ଘର୍ମପାତ ହୋଇଅଛି, ସେମାନଙ୍କ ମଧ୍ୟରେ ସର୍ ଉଇଲିୟମ୍ ଉଇଲସନ୍ ହଣ୍ଟରଙ୍କ ନାମ ଉଲ୍ଲେଖଯୋଗ୍ୟ ଉକ୍ତ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ କର୍ମକୁଶଳତା ଏବଂ ସାହିତ୍ୟିକ ଉତ୍କର୍ଷରେ ତାହାଙ୍କର ଖ୍ୟାତି ସର୍ବାପେକ୍ଷା ଅଧିକ । ଉତ୍କଳବାସୀ ତାଙ୍କଠାରେ କିପରି ଋଣୀ, ତାହା ପୁରାବୃତ୍ତବିତ୍ ଶିକ୍ଷିତ ମାତ୍ରକେ ଜାଣନ୍ତି । ହଣ୍ଟର୍ ସାହେବଙ୍କ ଜୀବନଚରିତ ପୁସ୍ତକାକାରରେ ଲିଖିତ ହୋଇ ନ ଥିବାରୁ ତାହାଙ୍କର ଜୀବନବୃତ୍ତାନ୍ତ ଜାଣିବା ସହଜ ନୁହେ । ସୁତରାଂ ଏ ପ୍ରବନ୍ଧରେ ତାହାଙ୍କର ପରିଚୟ ମାତ୍ର ଦିଆଯିବ ।

ଖ୍ରୀଷ୍ଟୀୟ ୧୮୪୦ ଅବ୍ଦର ଜୁଲାଇମାସ ପଞ୍ଚଦଶ ଦିବସରେ ହଣ୍ଟର୍ ଭୂମିଷ୍ଠ ହେଲେ । ସିପାହିବିଦ୍ରୋହ ଉତ୍ତାରେ ଯେଉଁ ଉଇଲସନ୍ ଜେମେସ୍ ସାହେବ ଭାରତବର୍ଷରେ ଅର୍ଥସଚିବ ନିଯୁକ୍ତ ହେଲେ, ସେ ହଣ୍ଟର୍ ସାହେବଙ୍କର ମାତୁଳ ଥିଲେ । ସୁତରାଂ ତାଙ୍କର ଭାରତାଗମନ ପୂର୍ବରୁ ଭାରତ ସହିତ ମାତୁଳକୁଳର ସମ୍ପର୍କ ଥିଲା । ହଣ୍ଟର୍‌ଙ୍କ ପିତାମାତା ତାଙ୍କର ଉତ୍ତମ ଶିକ୍ଷାପ୍ରଦାନ ବିଷୟରେ ସମଧିକ ଯତ୍ନବାନ୍ ଥିଲେ ।

Digitized by srujanika@gmail.com

ସେ ଗ୍ଲାସ୍‌ଗୋ, ପାରିସ୍ ଏବଂ ବନ୍ ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ୧୮୬୧ ଖ୍ରୀଷ୍ଟାବ୍ଦରେ ଯେଉଁ ପ୍ରତିଯୋଗିତାମୂଳକ 'ସିଭିଲସର୍ଭିସ୍' ପରୀକ୍ଷା ଗୃହୀତ ହୋଇଥିଲା, ସେଥିରେ ହଣ୍ଟର୍ ସାହେବ ଅତି ଉଚ୍ଚସ୍ଥାନ ଅଧିକାର କରିଥିଲେ । ଏହି ପରୀକ୍ଷାର ଫଳ ଅନୁସାରେ ଯେଉଁମାନେ ସିଭିଲିୟାନ୍ ବା ରାଷ୍ଟ୍ରମନ୍ତ୍ରୀଙ୍କ ନିର୍ବାଚିତ ହୁଅନ୍ତି, ସେମାନଙ୍କୁ ବର୍ଷେକପରେ ଆହୁରି ଗୋଟିଏ ପରୀକ୍ଷା ଦେବାକୁ ହୁଏ । ୧୮୬୨ ଅବ୍ଦରେ ଉକ୍ତ ଦ୍ୱିତୀୟ ପରୀକ୍ଷାରେ ହଣ୍ଟର୍ ସର୍ବୋଚ୍ଚସ୍ଥାନ ଅଧିକାର କରିଥିଲେ । ଦ୍ୱାବିଂଶତି ବର୍ଷ ବୟଃକ୍ରମ କାଳରେ ହଣ୍ଟର୍ ଭାରତାଭିମୁଖୀନ ହେଲେ । ଶୁଭ କ୍ଷଣରେ ସେ ଭାରତଭୂମି ସ୍ପର୍ଶ କରିଥିଲେ । ଏହି ଉଜ୍ଜ୍ୱଳ ଭାରତ-ଧାମରେ ସେ ଯେଉଁ ଯଶୋଧବଳ-ଜୀବନ ଲାଭ କରି-ଥିଲେ, ସେଥିପାଇଁ ସେ ଆମ୍ଭମାନଙ୍କର ତଥା ତଦୀୟ ଭାବୀ ବଂଶଧରଗଣଙ୍କର ଚିରସ୍ମରଣୀୟ ହୋଇଅଛନ୍ତି । ହଣ୍ଟର୍ ଭାରତକୁ ଆସି କେବଳ ରାଜକୀୟ କାର୍ଯ୍ୟଟି ବୁଝି ତୁଷ୍ଣୀମ୍ଭାବ ଅବଲମ୍ବନ କରୁ ନ ଥିଲେ । ଅଦମ୍ୟ ଅଧ୍ୟବସାୟ ଓ ଗବେଷଣା ବଳରେ ସେ ସ୍ୱକର୍ମକ୍ଷେତ୍ରରେ ପୁରାବୃତ୍ତସଂକଳନ ଏବଂ ଭାଷା ଶିକ୍ଷା କରୁଥିଲେ । କତିପୟ ଭାରତୀୟ ଭାଷାରେ ତାହାଙ୍କର ଆଶାନୁରୂପ ଅଧିକାର ଥିଲା ଏବଂ ସେ ଅତ୍ୟନ୍ତ ଆଗ୍ରହସହକାରେ ସଂସ୍କୃତ ଭାଷା ଶିକ୍ଷା କରିଥିଲେ । ତାଙ୍କୁ ଜିଲ୍ଲାର ଫୌଜଦାର (ମାଜିଷ୍ଟ୍ରେଟ୍) ବା ଅନ୍ୟପ୍ରକାର ଶାସନ କର୍ତ୍ତା ହୋଇ ଅଧିକ କାଳଯାପନ କରିବାକୁ ହୋଇ ନାହିଁ । ଅନ୍ୟାନ୍ୟ ଗୁରୁତର ରାଜକର୍ମରେ ତାହାଙ୍କ ସେବାର ଅଧିକାଂଶ ସମୟ ଅତିବାହିତ ହୋଇଥିଲା । ୧୮୬୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ଯେତେବେଳେ ଘୋର ଦୁର୍ଭିକ୍ଷ ପଡ଼ିଥିଲା, ତେତେବେଳେ ହଣ୍ଟର୍ ଓଡ଼ିଆ ଓ ଦକ୍ଷିଣ ପଶ୍ଚିମବଙ୍ଗସ୍ଥିତ ବିଦ୍ୟାଳୟ ସମୂହର ପରିଦର୍ଶକ କର୍ମରେ ନିଯୁକ୍ତ ହୋଇ ଆସିଥିଲେ । ତିନିବର୍ଷ କାଳ ଏହି କାର୍ଯ୍ୟ ତାଙ୍କଦ୍ୱାରା ସୁଚାରୁରୂପେ ସମ୍ପାଦିତ ହୋଇଥିଲା । ଏହି ଅତ୍ୟଳ୍ପ କାଳ କାର୍ଯ୍ୟ କରି ସୁଦ୍ଧା ସେ ଦୁର୍ଭିକ୍ଷଶେଷରେ ରାଜପୁରୁଷଙ୍କଠାରୁ ଧନ୍ୟବାଦ ପ୍ରାପ୍ତ ହୋଇଥିଲେ । ଅବଶ୍ୟ ଏହି ତିନିବର୍ଷ ମଧ୍ୟରେ ସେ କେବଳ ବିଦ୍ୟାଳୟ ପରିଦର୍ଶନ କରି କ୍ଷାନ୍ତ ନ ଥିଲେ । ନାନା ସ୍ଥାନରେ ପାଠଶାଳାମାନ ପରିଦର୍ଶନ କଲାବେଳେ ସେ ଏ ଦେଶର ଅନେକ ଐତିହାସିକ ଓ ସାମାଜିକ ତଥ୍ୟ ସଂଗ୍ରହ କରୁଥିଲେ । ଉକ୍ତ ଉପକରଣ ଘେନି ସେ ୧୮୬୮ ଅବ୍ଦରେ "ବଙ୍ଗ ଗ୍ରାମ୍ୟ ପ୍ରଥା ବିବରଣ" ନାମକ ପୁସ୍ତକ ପ୍ରଣୟନ କଲେ । ଏତଦ୍-ବ୍ୟତୀତ ସେ ଉକ୍ତ ଅବ୍ଦରେ ଭାରତବର୍ଷ ଏବଂ ଉତ୍ତର ଏସିଆ ପ୍ରଚଳିତ ଶତାଧିକ ଅନାର୍ଯ୍ୟଭାଷାର ଶବ୍ଦାବଳୀ ସଂକଳନଦ୍ୱାରା ଖଣ୍ଡିଏ ଅଭିଧାନ ପ୍ରଣୟନ କରିଥିଲେ; କିନ୍ତୁ ସେ ସବୁରେ ଅତିରିକ୍ତ ପରିଶ୍ରମ କରି ତାହାଙ୍କର ସ୍ୱାସ୍ଥ୍ୟହାନି ହୋଇଥିଲା । ସେ ଅବକାଶ ଗ୍ରହଣପୂର୍ବକ ସ୍ୱଦେଶକୁ ଯିବାକୁ ବାଧ୍ୟ ହୋଇଥିଲେ । ଅବକାଶାନ୍ତେ ଭାରତବର୍ଷକୁ ପ୍ରତ୍ୟାଗତ ହୋଇ ସେ ଭାରତର ରାଜ-ପ୍ରତିନିଧି ଏବଂ ପ୍ରଧାନ ସଚିବଙ୍କଠାରୁ ପୁନର୍ବାର ଧନ୍ୟ-ବାଦ ପ୍ରାପ୍ତ ହେଲେ ଏବଂ ତାହା ସଙ୍ଗରେ ବିଂଶତି ସହସ୍ର ମୁଦ୍ରା ମଧ୍ୟ ପୁରସ୍କାର ପ୍ରାପ୍ତ ହୋଇଥିଲେ । ଏହି ସବୁ କେବଳ ତାହାଙ୍କ ଅଦମ୍ୟ ଅଧ୍ୟବସାୟର ଫଳ । ତଦନନ୍ତର ପୁରସ୍କୃତ ହଣ୍ଟର୍ ବଙ୍ଗେଶ୍ୱରଙ୍କ ସଚିବପଦରେ ନିଯୁକ୍ତ ହେଲେ ଏବଂ ତତ୍ପର ବର୍ଷ ଅର୍ଥାତ୍ ୧୮୭୦ ଖ୍ରୀଷ୍ଟାବ୍ଦରେ ଭାରତଶାସନକର୍ତ୍ତାଙ୍କର ଅଧଃସ୍ତନ ସମ୍ପାଦକ ପଦରେ ନିଯୁକ୍ତ ହେଲେ । ୧୮୭୧ ଅବ୍ଦରେ ସେ ଭାରତର ଡିରେକ୍ଟର ଜେନେରେଲ୍ ଅଫ୍ ଷ୍ଟାଟିଷ୍ଟିକ୍ସ୍ ଅର୍ଥାତ୍ ଦେଶାବସ୍ଥା ନିରୂପଣର ସର୍ବ-ପ୍ରଧାନ କର୍ମଚାରୀପଦ ପ୍ରାପ୍ତ ହେଲେ । ବର୍ଷକୁ ବର୍ଷ ପଦୋନ୍ନତିରୁ ପାଠକମାନେ ଅନୁମାନ କରି ପାରିବେ, ହଣ୍ଟର କିପରି କର୍ମପରାୟଣ ଏବଂ ଅଧ୍ୟବସାୟୀ । ଉକ୍ତ ବିଭାଗରେ ସେ ପ୍ରଧାନ କର୍ମଚାରୀ ଥାଇ ସମଗ୍ର ଭାରତବର୍ଷସ୍ଥ ଭିନ୍ନ ଭିନ୍ନ ପ୍ରଦେଶର ଲୋକସଂଖ୍ୟା ଉଦ୍ଭିଜ୍ଜ, ଖନିଜ ଓ ଶିଳ୍ପଜାତ ଦ୍ରବ୍ୟ ଏବଂ ବାଣିଜ୍ୟ ପ୍ରଭୃତିର ବିବରଣ ସଂକଳନରୂପ ଦୁରୂହକାର୍ଯ୍ୟ

Digitized by srujanika@gmail.com

ପରିଚାଳନ କରୁଥିଲେ । ୧୮୮୦ ଅବ୍ଦରେ ଏହି କାର୍ଯ୍ୟ ସମାପ୍ତ ହେଲା ଏବଂ ୧୨୮ ଖଣ୍ଡ ପୁସ୍ତକରେ ସମୁଦାୟ ସଂଗୃହୀତ ବିବରଣ ପ୍ରକାଶିତ ହେଲା । ୧୮୮୧ ଖ୍ରୀଷ୍ଟାବ୍ଦରେ ଉକ୍ତ ଶତାଧିକ ପୁସ୍ତକର ସାରସଂଗ୍ରହ କରି 'ଭାରତୀୟ ରାଜକୀୟ ବାର୍ତ୍ତାବହ' ନାମକରଣପୂର୍ବକ ନଅ ଖଣ୍ଡ ପୁସ୍ତକରେ ତାହା ପ୍ରକାଶ କଲେ । ବର୍ଣ୍ଣିତ ସମୟରେ ସେ ଭାରତୀୟ ବ୍ୟବସ୍ଥାପକ ସଭାର ସଭ୍ୟ ନିର୍ବାଚିତ ହେଲେ । ୧୮୮୧ ରୁ ୧୮୮୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ଯେଉଁ ସବୁ ଭୂମିସଂଯୁକ୍ତ ଏବଂ ପ୍ରଜାସ୍ୱତ୍ୱ-ବିଷୟକ ବିଧି ନିବଦ୍ଧ ହେଲା, ସେଥିରେ ହଣ୍ଟର୍ ସାହେବ ବିଶେଷ ପରିଶ୍ରମ କରିଅଛନ୍ତି । ୧୮୭୨ ଅବ୍ଦରେ ଲର୍ଡ ମେୟୋଙ୍କ ଶାସନ କାଳରେ ଭାରତ-ବର୍ଷର ପ୍ରଥମ ଲୋକସଂଖ୍ୟା ଗୃହୀତ ହେଲା । ହଣ୍ଟର୍ ବିଂଶତି ଖଣ୍ଡ ପୁସ୍ତକରେ ବଙ୍ଗଦେଶର ଲୋକ ସଂଖ୍ୟାଦିର ବିବରଣୀ ଲେଖିଥିଲେ । ଏହି ପୁସ୍ତକ ଗୁଡ଼ିକ ପ୍ରକାଶିତ ହେବାର ଛ ବର୍ଷ ଉତ୍ତାରେ ଅର୍ଥାତ୍ ୧୮୭୮ ଅବ୍ଦରେ ସେ ଭାରତସମ୍ରାଜ୍ୟସହଚର (ସି, ଆଇ, ଇ,) ଉପାଧି ପ୍ରାପ୍ତ ହେଲେ । ଦୁର୍ଭିକ୍ଷର କାରଣ ନିର୍ଣ୍ଣୟ ଏବଂ ତନ୍ନିବାରଣର ଉପାୟ ନିର୍ଦ୍ଧାରଣ କରିବାଲାଗି ହଣ୍ଟର୍ ସାହେବ ବହୁତ ପରିଶ୍ରମ କରିଅଛନ୍ତି । ୧୮୮୨ ଖ୍ରୀଷ୍ଟାବ୍ଦରେ ସେ ଭାରତୀୟ ଶିକ୍ଷାସଂଘର ଅଧିନାୟକ ପଦରେ ବରିତ ହୋଇଥିଲେ । ଉକ୍ତ ସମିତିର ସଭାପତି ଏବଂ ବ୍ୟବସ୍ଥାପକ ସଭାର ସଭ୍ୟରୂପେ ସେ ଯେଉଁ କାର୍ଯ୍ୟ କରିଥିଲେ, ତାହା ମଧ୍ୟ କର୍ତ୍ତୃପକ୍ଷଙ୍କଦ୍ୱାରା ପୂର୍ବବତ୍ ପ୍ରଶଂସିତ ହୋଇଅଛି ।

ଏ ଦେଶରେ ଲୌହବର୍ତ୍ମର ବିସ୍ତାର ହେବାରୁ ଦେଶୀୟ ଶିଳ୍ପ ବାଣିଜ୍ୟାଦିର କିପରି ଉନ୍ନତି ହେଉଅଛି, ତାହା ନିରୂପଣ କରିବାପାଇଁ ୧୮୮୪ ଖ୍ରୀଷ୍ଟାବ୍ଦରେ ବିଲାତର ପାର୍ଲିମେଣ୍ଟନାମ୍ନୀ ମହାସଭାକର୍ତ୍ତୃକ ଗୋଟିଏ ସମିତି ସ୍ଥାପିତ ହେଲା । ଉକ୍ତ ସମିତି ସମକ୍ଷରେ ସାକ୍ଷ୍ୟ ଦେବାପାଇଁ ହଣ୍ଟର୍ ସାହେବ କେବଳ ଭାରତବର୍ଷରୁ ପ୍ରେରିତ ହୋଇଥିଲେ । ଏଥିରୁ ସ୍ପଷ୍ଟ ଅନୁମିତ ହେଉଅଛି ଯେ ହଣ୍ଟର୍ ସ୍ୱ କର୍ମଦକ୍ଷତା ଗୁଣରେ ଭାରତର ସର୍ବତ୍ର ପରିଚିତ ହୋଇ କର୍ତ୍ତୃପକ୍ଷଙ୍କର ପ୍ରୀତିଭାଜନ ହୋଇଥିଲେ । ୧୮୮୭ ଖ୍ରୀଷ୍ଟାବ୍ଦରେ ସେ 'କେ, ସି, ଆଇ, ଇ' ସାଙ୍କେତିକ ସମ୍ମାନସୂଚକ ରାଜକୀୟ ଉପାଧି ପ୍ରାପ୍ତ ହେଲେ ଏବଂ ସେହି ସମୟରେ ରାଜକାର୍ଯ୍ୟରୁ ଅବସର ଗ୍ରହଣ କଲେ । ପଚିଶ ବର୍ଷ କାଳ ଉକ୍ତ ରାଜକାର୍ଯ୍ୟମାନ ସୁନିପୁଣ ଭାବରେ ସମ୍ପାଦନ କରି ସୁଦ୍ଧା ତାହାଙ୍କର ଦେହ ତେତେବେଳେ ସବଳ ଥିଲା । କାର୍ଯ୍ୟରୁ ଅବସର ଲାଭ କରିଥିଲେହେଁ ହଣ୍ଟର୍ ପ୍ରିୟ ଭାରତବର୍ଷକୁ ତ୍ୟାଗ କରି ନ ଥିଲେ । ମୃତ୍ୟୁର ଦୁଇ ତିନି ବର୍ଷ ପୂର୍ବରୁ ତାହାଙ୍କୁ ଭାରତରୁ ବିଦାୟ ନେବାକୁ ହୋଇଥିଲା । ସ୍ୱଦେଶକୁ ଯାଇ ସେ "ରାଜକୀୟ ବାର୍ତ୍ତାବହ" ନାମକ ଉକ୍ତ ନଅ ଖଣ୍ଡ ପୁସ୍ତକ ପରିବର୍ଦ୍ଧିତ କରି ଚୌଦଖଣ୍ଡରେ ସମାପ୍ତ ଏବଂ ପ୍ରକାଶିତ କଲେ । ଏହା ଉତ୍ତାରେ ଆଉ ଅଧିକ କାଳ ତାହାଙ୍କୁ ନଶ୍ୱର ଶରୀର ଧାରଣ କରିବାକୁ ହୋଇ ନ ଥିଲା । ୧୮୯୮।୯୯ ଖ୍ରୀଷ୍ଟାବ୍ଦର ଶୀତକାଳରେ ସେ ଗୋଟିଏ ପୀଡ଼ିତ ପୁତ୍ରର ସେବା ଶୁଶ୍ରୂଷା ନିମିତ୍ତ କାଶ୍ମୀୟାନଗରବର୍ତ୍ତୀ ବାଲୁ ବନ୍ଦରକୁ ସସ୍ତ୍ରୀକ ହୋଇ ଯାଇଥିଲେ । ସେହି ସମୟରେ ଶୈତ୍ୟାଧିକ୍ୟ ଏବଂ ଅନ୍ୟାନ୍ୟ କାରଣବଶତଃ ତାହାଙ୍କର ଶାରୀରିକ ଏବଂ ମାନସିକ ବଳ କ୍ରମଶଃ ନିସ୍ତେଜ ହୋଇ ପଡ଼ିଲା । କର୍ମୀ ହଣ୍ଟର୍ କ୍ରମେ ଏହିପରି ରୋଗ କ୍ଷୀଣ ହୋଇ ୧୯୦୦ ଖ୍ରୀଷ୍ଟାବ୍ଦର ଫେବୃୟାରୀ ମାସରେ ଅକସ୍ମାତ୍ ଶ୍ଳୈଷ୍ମିକ ଜ୍ୱରାକ୍ରାନ୍ତ ହୋଇ ସ୍ୱୀୟ ଶରୀର ତ୍ୟାଗ କଲେ । ବାର୍ଦ୍ଧକ୍ୟରେ କଠିନ ପରିଶ୍ରମ ଏବଂ ନାନାପ୍ରକାର ମାନସିକ ଚିନ୍ତା ଏହି ରୋଗର ନିଦାନ ବୋଲି ଅନେକ ଅନୁମାନ କରନ୍ତି ।

ଉଲ୍ଲିଖିତ ପୁସ୍ତକ ସଙ୍କଳନ ବ୍ୟତୀତ ହଣ୍ଟର୍ ସାହେବ ଆଉ କେତେକ ଖଣ୍ଡ ପୁସ୍ତକ ମଧ୍ୟ

Digitized by srujanika@gmail.com

ଲେଖିଥିଲେ । ତନ୍ମଧ୍ୟରୁ କେତେକ ଖଣ୍ଡ ଏହି— ଭାରତୀୟ ମୁସଲମାନଗଣ, ଲର୍ଡ ମେୟୋଙ୍କ ଚରିତ, ଲର୍ଡ ଡେଲହୌସୀଙ୍କ ଚରିତ, ଭାରତସାମ୍ରାଜ୍ୟର ପୁରାବୃତ୍ତ ଅଧିବାସୀ ଏବଂ ଶସ୍ୟପଣ୍ୟାଦିର ବିବରଣ, ଓଡ଼ିଶାର ଇତିହାସ, ଭାରତର ଇତିହାସ । ଶେଷୋକ୍ତ ଗ୍ରନ୍ଥଦ୍ୱୟ ଏ ଦେଶବାସୀ ଶିକ୍ଷିତମାନଙ୍କ ନିକଟରେ ଅଧିକ ପରିଚିତ ଏବଂ ସମାଦୃତ; କିନ୍ତୁ ହଣ୍ଟର୍ ତାଙ୍କର ଭାରତ ଇତିହାସ ସଂପୂର୍ଣ୍ଣ କରି ପାରି ନାହାନ୍ତି । ତହିଁରୁ ଖଣ୍ଡେ ପ୍ରକାଶ କରି ଅପର ଖଣ୍ଡର ଉପକରଣ ସଂଗ୍ରହପୂର୍ବକ ବାଷ୍ପୀୟ ପୋତରେ ଯାତ୍ରା କରୁଥିବା ସମୟରେ ତାହା ସମୁଦ୍ରର ଗର୍ଭସାତ୍ ହୋଇଥିଲା । ପୁନର୍ବାର ଉପକରଣ ସଂଗ୍ରହ କରିବାକୁ ସେ ଆଉ ସମୟ ଏବଂ ସୁବିଧା ପାଇ ନାହାନ୍ତି ।

ହଣ୍ଟରଙ୍କ କର୍ମମୟ ଜୀବନ ଆଲୋଚନା କରି ଆମ୍ଭେମାନେ ବର୍ତ୍ତମାନ ଏହା କହିପାରୁ ଯେ, ତାଙ୍କ ସମାନ ମତିମାନ୍ ଏବଂ କର୍ମପ୍ରାଣ ଲୋକ ପୃଥିବୀରେ ଅତି ବିରଳ ଲକ୍ଷିତ ହୁଅନ୍ତି । ଲୋକ କାର୍ଯ୍ୟକ୍ଷେତ୍ରରେ ସ୍ୱୀୟ ଗୁଣ ବଳରେ କିପରି ଅଗ୍ରସର ହୋଇ ମହତ୍ତର କର୍ମମାନ ସମ୍ପାଦନ କରିପାରେ, ତହିଁର ସେ ଜଣେ ଆଦର୍ଶ । ତାହାଙ୍କୁ ଯେଉଁମାନେ ଭଲ କରି ଜାଣନ୍ତି, ତନ୍ମଧ୍ୟରୁ ଅନେକେ କହନ୍ତି ତାଙ୍କର ଗଭୀର ପାଣ୍ଡିତ୍ୟ ନ ଥିଲା; କିନ୍ତୁ ଅନ୍ୟର ପାଣ୍ଡିତ୍ୟକୁ ସେ ପାଠକସମାଜ ସମ୍ମୁଖରେ ମନୋହର ବେଶରେ ଉପସ୍ଥାପିତ କରି ପାରୁଥିଲେ । ଅନେକେ ତାହାଙ୍କୁ ଉଚ୍ଚଶ୍ରେଣୀର ଐତିହାସିକ ବୋଲି ମଧ୍ୟ ସ୍ୱୀକାର କରନ୍ତି ନାହିଁ । କିନ୍ତୁ ସେ ଯାହାହେଉ, ସେ ପ୍ରଗାଢ଼ ଅଧ୍ୟବସାୟ ଓ ଗବେଷଣା ବଳରେ ଦଶଜଣଙ୍କର କର୍ମ କରିଛନ୍ତି । ତତ୍କୃତ ପ୍ରତ୍ୟେକ ପୁସ୍ତକରେ ଶ୍ରମଶୀଳତା, ବୁଦ୍ଧିମତ୍ତା ଏବଂ ରଚନାନୈପୁଣ୍ୟର ପରିଚୟ ମିଳେ । ସେ ଅନେକ ସମୟରେ ବନ୍ଧୁମାନଙ୍କ ନିକଟରେ ପ୍ରସଙ୍ଗକ୍ରମେ ଏହି କଥା କହନ୍ତି ଯେ, "ମୁଁ କଣ ଏପରି ଅନୁଭବ କରେଁ—ଯାହା ମୋତେ ସର୍ବଦା କର୍ମ କରିବାକୁ ଉତ୍ତେଜିତ କରେ ।"—ହଣ୍ଟର ସୁବକ୍ତା ଏବଂ ସଦାଳାପୀ ଥିଲେ । ସେ ସାନ ବଡ଼ ସମସ୍ତଙ୍କ ସହିତ ଜଣେ ହୋଇ ମିଶି ପାରୁଥିଲେ । ଉଚ୍ଚପଦରେ ଥାଇ ଏବଂ ବିରାଟ ଗ୍ରନ୍ଥମାନ ରଚନା କରି ସୁଦ୍ଧା ତାଙ୍କର କିଛି ମାତ୍ର ଆତ୍ମଶ୍ଲାଘା ନ ଥିଲା ।

ଘଟୀଯନ୍ତ୍ର

(ଘଟୀଯନ୍ତ୍ରର ପ୍ରୟୋଜନୀୟତା—ପ୍ରଥମ ଆବିଷ୍କାର—ପ୍ରାଚ୍ୟ ଘଟୀଯନ୍ତ୍ର—ଆଧୁନିକ ଘଡ଼ିର ପ୍ରଥମ ଆବିଷ୍କ୍ରିୟା ଓ ପ୍ରଚାର—ଯନ୍ତ୍ରର ବର୍ଣ୍ଣନା, କ୍ରମିକ ଉନ୍ନତି ଓ ବୈଦ୍ୟୁତିକ ଘଡ଼ିର ପ୍ରଚଳନ ।)

ଗ୍ରହ ଉପଗ୍ରହାଦିର ନିୟମିତ ଗତି ଦେଖି ଗଣନାର ସୁବିଧା ନିମିତ୍ତ ସମୟକୁ ପ୍ରଥମତଃ ବର୍ଷ, ମାସ ଓ ଦିନ ପ୍ରଭୃତି ବିଭାଗରେ ବିଭକ୍ତ କରା ଯାଇଥିଲା । ତଦନନ୍ତର ଯେତେବେଳେ ଦିନକୁ ଆହୁରି କ୍ଷୁଦ୍ରତର ଅଂଶରେ ବିଭକ୍ତ କରିବାର ପ୍ରୟୋଜନ ହେଲା, ତେତେବେଳେ ସୁବିଧା ନିମିତ୍ତ ନାନାକୌଶଳର ଉଦ୍ଭାବନ ହେଲା । ସେହି ସମୟାଂଶ ଅର୍ଥାତ୍ ଘଟିକା ଯେଉଁ ଯନ୍ତ୍ର ସାହାଯ୍ୟରେ ଜ୍ଞାପିତ ହୁଏ, ତାହାର ନାମ ଘଟୀଯନ୍ତ୍ର ।

ସର୍ବାଦୌ କେଉଁ ଦେଶରେ ଘଟୀଯନ୍ତ୍ର ଉଦ୍ଭାବିତ ହୋଇଅଛି, ତାହା ସ୍ଥିର କରିବାର କୌଣସି ସନ୍ତୋଷଜନକ ପ୍ରମାଣ ନାହିଁ; ତଥାପି ଅନୁମାନଦ୍ୱାରା

Digitized by srujanika@gmail.com

ଏହା ସିଦ୍ଧ ହୋଇଅଛି ଯେ, ଯେଉଁ ସମୟରେ ଅନ୍ୟ ଦେଶୀୟ ଲୋକମାନେ କାଳଜ୍ଞାପକ କୌଣସି ଯନ୍ତ୍ରର କଥା କିଛି ଅବଗତ ହୋଇ ନ ଥିଲେ, ସେତେବେଳେ ମଧ୍ୟ ଭାରତରେ ତାହାର ପ୍ରଚଳନ ଥିଲା । ଅନେକ ପ୍ରାଚୀନ ଗ୍ରନ୍ଥରେ ଘଟୀଯନ୍ତ୍ରର ଉଲ୍ଲେଖ ଦେଖାଯାଏ । ପ୍ରାଚୀନ ଭାରତୀୟ ଆର୍ଯ୍ୟଗଣ ସ୍ୱୀୟ ବହୁତୋମୁଖୀ ପ୍ରତିଭା ପ୍ରଭାବରେ କାଳନିର୍ଣ୍ଣାୟକ ବିବିଧଯନ୍ତ୍ର ସୃଷ୍ଟି କରିଥିଲେ । ଯଥା—(୧) ଛାୟା ଯନ୍ତ୍ର (୨) କପାଳକ ଯନ୍ତ୍ର (୩) ବାଲୁକାଯନ୍ତ୍ର (୪) ମୟୂରଯନ୍ତ୍ର (୫) ଜଳଯନ୍ତ୍ର ।

ଲମ୍ବଭାବରେ ପ୍ରୋଥିତ ଗୋଟିଏ ବଂଶଶଳାକା ବା କାଷ୍ଠଦଣ୍ଡର ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଛାୟା ସଂପାତକୁ କେତେକ ସମଭାଗରେ ବିଭକ୍ତ କରି ଦଣ୍ଡାଦି ନିରୂପଣ କରାଯାଏ, ତାହା ଛାୟାଯନ୍ତ୍ର । ନିମ୍ନଲିଖିତରୂପେ କପାଳକଯନ୍ତ୍ରର ନିର୍ମାଣ ହୁଏ । ଘଟର ଅଧୋଭାଗାକୃତି ଗୋଟିଏ ତାମ୍ରପାତ୍ରର ନିମ୍ନରେ ଏପରି ଗୋଟିଏ ସୂକ୍ଷ୍ମ ଛିଦ୍ର ଥାଏ, ଯଦ୍ଦ୍ୱାରା ଅଭ୍ୟନ୍ତରକୁ ଜଳ ଧୀରେ ଧୀରେ ପ୍ରବେଶ କଲେ ଠିକ୍ ଏକ ଦଣ୍ଡରେ ପାତ୍ରଟି ପୂର୍ଣ୍ଣ ହୋଇ ନିମଗ୍ନ ହେବ । ପାତ୍ରରେ ଜଳ ପ୍ରବେଶାରମ୍ଭଠାରୁ ନିମଜ୍ଜନ ପର୍ଯ୍ୟନ୍ତ ସମୟ ଯେପରି ଏକ ଦଣ୍ଡରୁ ଅଧିକ ନ ହୁଏ, ସେଥିପାଇଁ ବିଶେଷ ଦୃଷ୍ଟି ରଖି କାର୍ଯ୍ୟ କରିବାକୁ ହେବ । ଯେଉଁ ପାତ୍ରଟି ଏକ ଅହୋରାତ୍ରରେ ଷାଠିଏ ଥର ନିମଗ୍ନ ହୁଏ, ତାହାକୁ ଶୁଦ୍ଧ ମନେ କରିବାକୁ ହେବ । ତଦନନ୍ତର ଏକ ଜଳପୂର୍ଣ୍ଣ ଭାଣ୍ଡରେ ଉକ୍ତ ପାତ୍ରଟିକୁ ସଂସ୍ଥାପନ କରି, ଜଳରେ ପାତ୍ରର ନିମଜ୍ଜନାନୁସାରେ କାଳ ପରିମାଣ ସ୍ଥିରୀକୃତ ହୁଏ । *

ଅନ୍ୟ କତିପୟଙ୍କ ମତରେ ଦଶ ପଳ ତାମ୍ରଦ୍ୱାରା ଘଟାଧସ୍ତନଭାଗ ସଦୃଶ ଏପରି ଗୋଟିଏ ପାତ୍ର ନିର୍ମାଣ କରି, ତାହାର ଉଚ୍ଚତା ଯେପରି ୬ ଅଙ୍ଗୁଳ ଏବଂ ମୁଖର ବିସ୍ତାର ଦ୍ୱିଗୁଣ ହେବ । ସାର୍ଦ୍ଧତିମାସ ସ୍ୱର୍ଣ୍ଣଦ୍ୱାରା ଚତୁରଙ୍ଗୁଳପରିମିତ ଶଳାକା ପ୍ରସ୍ତୁତ କରି ପାତ୍ରରେ ବିଦ୍ଧ କରି । ଏହା ମଧ୍ୟ ଗୋଟିଏ ଘଟୀଯନ୍ତ୍ର । ଉକ୍ତ ପାତ୍ରଟିକୁ କୌଣସି ଏକ ଜଳପୂର୍ଣ୍ଣ ପାତ୍ରରେ ରଖିଲେ, ତାହା ଏକ ଦଣ୍ଡରେ ଜଳପୂର୍ଣ୍ଣ ହେବ । ଅନ୍ୟ ଏକ ପ୍ରକାର ଘଟୀଯନ୍ତ୍ର ଏଠାରେ ଉଲ୍ଲେଖଯୋଗ୍ୟ । ପୂର୍ବୋକ୍ତ ପାତ୍ରବତ୍ ଏକ ସଚ୍ଛିଦ୍ର ପାତ୍ର ନେଇ ଗୋଟିଏ ଜଳପୂର୍ଣ୍ଣ କୁଣ୍ଡରେ ରଖ । ଏହି ପାତ୍ରର କୌଣସି ନିର୍ଦ୍ଦିଷ୍ଟ ପରିମାଣ ନାହିଁ, ଇଚ୍ଛାନୁଯାୟୀ କରାଯାଇ ପାରେ । ବିଶେଷରେ ଏହା ଦେଖିବାକୁ ହେବ ଯେ, ତାହା ଦିବା-ରାତ୍ର ମଧ୍ୟରେ କେତେଥର ନିମଗ୍ନ ହୁଏ । ଯେତେଥର ନିମଗ୍ନ ହୁଏ ତାହାର ଅନୁପାତାନୁସାରେ ପ୍ରତ୍ୟେକ ଥରରେ ଯେତେ ସମୟ ହୁଏ, ତାହା ସ୍ଥିର କରାଯାଏ ।

ତଦ୍ରୂପ ଯେଉଁ ସଚ୍ଛିଦ୍ର ବାଲୁକାପୂର୍ଣ୍ଣ ପାତ୍ରଦ୍ୱାରା ସମୟ ଜ୍ଞାପିତ ହୁଏ, ତାହାକୁ ବାଲୁକାଯନ୍ତ୍ର କହନ୍ତି । ମୟୂରଯନ୍ତ୍ର ମଧ୍ୟ ଜଳ ସାହାଯ୍ୟରେ ଚାଳିତ ହୁଏ । ଏହିପରି ନାନା ଉପାୟରେ ପ୍ରାଚୀନ ଆର୍ଯ୍ୟମାନେ କାଳ ନିରୂପଣ କରୁଥିଲେ ।

ପାଶ୍ଚାତ୍ୟ ଦେଶର ଲୋକମାନେ ମଧ୍ୟ ଏହି ଉପାୟରେ ଦିବସକୁ କେତେକ ସମଭାବରେ ବିଭକ୍ତ କରିଥିଲେ । ଛାୟାଯନ୍ତ୍ର ପରେ ସୂର୍ଯ୍ୟଘଡ଼ି ବା ରବିଚକ୍ର ଜଳଘଡ଼ି ଓ ବାଲୁକାଘଡ଼ି ଉଦ୍ଭାବିତ ହୋଇଥିଲା । ରବିଚକ୍ରରେ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଛାୟା ସମ୍ପାତ ଦେଖି ସମୟ ନିରୂପଣ କରାଯାଏ; କିନ୍ତୁ ତାହା ସବୁ ସମୟରେ ପ୍ରକୃତ ସମୟ ଦର୍ଶାଏ ନାହିଁ । ରବି-ଚକ୍ର ଦର୍ଶିତ ସମୟ ଓ ସାଧାରଣ ଘଡ଼ିର ସମୟ ମଧ୍ୟରେ ପାର୍ଥକ୍ୟ ଲକ୍ଷିତ ହୁଏ; ଯେତେବେଳେ ସୂର୍ଯ୍ୟ ପୃଥିବୀର ଅଳ୍ପ ଦୂରରେ ଥାଏ, ସେତେବେଳେ ଅଧିକତର

* ତାମ୍ରପାତ୍ରମଧଶ୍ଛିଦ୍ରଂ ନ୍ୟସ୍ତଂ କୁଣ୍ଡେଽମଳାମ୍ବୁନି । ଷଷ୍ଟିର୍ମଜ୍ଜତ୍ୟହୋରାତ୍ରେ ସ୍ଫୁଟଂ ଯନ୍ତ୍ରଂ କପାଳକଂ । (ସୂର୍ଯ୍ୟସିଦ୍ଧାନ୍ତ)

Digitized by srujanika@gmail.com

ତର ଗତି ହେତୁରୁ ଭବଚକ୍ରର ସମସ୍ତ ଘଡ଼ିର ସମସ୍ତ ଅପେକ୍ଷା ଚଞ୍ଚଳ ଏବଂ ସୂର୍ଯ୍ୟ ଦୂରରେ ଥିବାବେଳେ ଗତିର ଅଳ୍ପତା ହେତୁରୁ ସୂର୍ଯ୍ୟଘଡ଼ିର ସମସ୍ତ ଅପେକ୍ଷା କିଞ୍ଚିତ ବିଳମ୍ବୀ । ଉକ୍ତ ଯନ୍ତ୍ର ଖ୍ରୀଷ୍ଟପୂର୍ବ ୫୫୦ ଅବ୍ଦରେ ମହାତ୍ମା ଆନେକ୍ ସାମିଣ୍ଡରଙ୍କଦ୍ୱାରା ଆବିଷ୍କୃତ ହୋଇଥିଲା ।

ଜଳଘଡ଼ିରେ ଦୁଇଟି ଆଧାର ଥାଏ । ତନ୍ମଧ୍ୟରେ ଗୋଟିଏ ଜଳପୂର୍ଣ୍ଣ, ଅନ୍ୟଟି ଶୂନ୍ୟଗର୍ଭ । ପାତ୍ରଦ୍ୱୟ ଏପରି ଦୃଢ଼ସଂଲଗ୍ନ ହୋଇଥାଏ ଯେ, ତନ୍ମଧ୍ୟରେ ବହିଃସ୍ଥ ବାୟୁ ଓ ତାପାଦି ପ୍ରବେଶ କରିପାରେ ନାହିଁ । ଉଭୟ ଆଧାରର ସଂଯୋଗ ସ୍ଥଳରେ ଯେଉଁ ସୂକ୍ଷ୍ମ ଛିଦ୍ର ଥାଏ, ତଦ୍ଦ୍ୱାରା ଏକ ଆଧାରର ଜଳ କ୍ରମଶଃ ନିଃସୃତ ହୋଇ ଅନ୍ୟଟିରେ ସଞ୍ଚିତ ହୁଏ । ଏକ ପାତ୍ରରୁ ଅନ୍ୟ ପାତ୍ରର ଗମନକାଳକୁ ସମୟର କୌଣସି ନିର୍ଦ୍ଦିଷ୍ଟ ଅଂଶ ଧରି ନେବାକୁ ହୁଏ । ବାଲୁଘଡ଼ି ଠିକ୍ ଏହି ପ୍ରଣାଳୀରେ ପ୍ରସ୍ତୁତ ହୁଏ । ପ୍ରଭେଦ ଏହି ଯେ, ତହିଁରେ ଜଳ ପରିବର୍ତ୍ତରେ ସୂକ୍ଷ୍ମ ଶୁଷ୍କ ବାଲୁକା ବ୍ୟବହୃତ ହୁଏ । କିନ୍ତୁ ଏଥିରେ ସୂକ୍ଷ୍ମରୂପେ କାଳ ନିରୂପିତ ହୋଇ ନ ପାରେ, କାରଣ ଉକ୍ତ ଘଡ଼ିରେ ଜଳର ଭାର ବାହାରର ତାପାଦି, ଜଳର ଘନତା ଓ ତାରଲ୍ୟ ବାଲୁକାର ଶୁଷ୍କତା ଓ ସୂକ୍ଷ୍ମତା ଏବଂ ସଂଯୋଗସ୍ଥଳସ୍ଥ ଛିଦ୍ରଟିର କେନ୍ଦ୍ରର ହ୍ରାସବୃଦ୍ଧି ଅନୁସାରେ ଅନେକ ବ୍ୟତ୍ୟୟ ଘଟେ ।

ବର୍ତ୍ତମାନ ଘଡ଼ି କହିଲେ ଯାହା ବୁଝୁଁ, ତାହା ପାଶ୍ଚାତ୍ୟ-ଦେଶ-ପ୍ରସ୍ତୁତ ଏବଂ ଗତି ବିଜ୍ଞାନ ସାହାଯ୍ୟରେ ଗଠିତ । ଉକ୍ତ ପ୍ରକାର ଯନ୍ତ୍ର ଯାବତୀୟ ଉଦ୍ଭାବିତ କାଳଜ୍ଞାପକ ଯନ୍ତ୍ର ମଧ୍ୟରେ ଶ୍ରେଷ୍ଠ । ସାଧାରଣତଃ ଘଡ଼ି ତ୍ରିବିଧ । ପ୍ରଥମଟି ବଡ଼ ଘଡ଼ି, ଏହାର ଚକ୍ର ସମାନ ଦ୍ୱାଦଶ ଏବଂ ଷଷ୍ଟିସଂଖ୍ୟକ କ୍ଷୁଦ୍ରତର ଅଂଶରେ ବିଭକ୍ତ । ଯନ୍ତ୍ରମଧ୍ୟସ୍ଥିତ ଶଙ୍କୁଦଣ୍ଡରେ ଦୁଇଟି କ୍ଷୁଦ୍ର ଲୌହଶଳାକା ସଂଲଗ୍ନ ଥାଏ । ତନ୍ମଧ୍ୟରେ କ୍ଷୁଦ୍ରଟି ଦ୍ୱାଦଶାଂଶ ଅର୍ଥାତ୍ ଘଣ୍ଟାର ଜ୍ଞାପକ, ଅନ୍ୟଟି ଷଷ୍ଟ୍ୟଂଶ ଅର୍ଥାତ୍ କଳାର ଜ୍ଞାପକ । ପ୍ରଥମଟିର ପ୍ରତ୍ୟେକ ଅଂଶ ଏବଂ ଶେଷଟିର ପ୍ରତି ଦ୍ୱାଦଶ ଅଂଶ ଉତ୍ତୀର୍ଣ୍ଣ ହେବା ପରେ ଘଣ୍ଟା ଧ୍ୱନି ହୁଏ । ଉକ୍ତ ଧ୍ୱନିର ସଂଖ୍ୟା ସମୟ ଜ୍ଞାପନ କରିଦିଏ । ବୃହତ୍ ଘଡ଼ିମାନଙ୍କରେ ଉକ୍ତ ଶଳାକାଦ୍ୱୟ ବ୍ୟତୀତ ଅନ୍ୟ ଏକ ଦୀର୍ଘତମ ଶଳାକା ଥାଏ, ତାହା ଦିବସ ଜ୍ଞାପକ, ଏକ ଅହୋରାତ୍ରରେ ତାହା ଏକ ଭାଗ ଅତିକ୍ରମ କରେ । ଦ୍ୱିତୀୟଟି ଟାଇମ୍‌ପୀସ୍ ବା ହାତଘଡ଼ି; ଏଥିରେ ଉକ୍ତ ଉପାୟରେ କେବଳ ଦିନାଂଶ ନିରୂପିତ ହୁଏ; ଘଣ୍ଟାଧ୍ୱନି ହୁଏ ନାହିଁ । ତୃତୀୟଟି ପକେଟ୍ ଘଡ଼ି; ଏହା ଅତି କ୍ଷୁଦ୍ରକାୟ ଏବଂ ଯଥେଚ୍ଛା ବ୍ୟବହାର୍ଯ୍ୟ । ସେଥିରେ ପୂର୍ବୋକ୍ତ ଉପାୟରେ ଅପେକ୍ଷାକୃତ ଅତି କ୍ଷୁଦ୍ର ଯନ୍ତ୍ର ସାହାଯ୍ୟରେ ସମସ୍ତ ଦିବାଭାଗ ଜ୍ଞାପିତ ହୁଏ, ମାତ୍ର ଘଣ୍ଟାଧ୍ୱନି ହୁଏନାହିଁ । କ୍ଷୁଦ୍ର ଘଡ଼ିରେ ଘଣ୍ଟାଧ୍ୱନି ନ ଥିଲେହେଁ ଇଚ୍ଛାନୁସାରେ ବାଦନବ୍ୟବସ୍ଥା କରାଯାଇ ପାରେ । ସେଥିରେ ଏପରି ଏକପ୍ରକାର ନିର୍ଘୋଷ ଯନ୍ତ୍ର ସଂଲଗ୍ନ କରାଯାଇ ପାରେ, ଯଦ୍ଦ୍ୱାରା ବ୍ୟବହାରକ ବ୍ୟକ୍ତିର କୌଣସି ଆବଶ୍ୟକ ସମୟରେ ଏହି ଯନ୍ତ୍ର ବାଦିତ ହୋଇ ପାରିବ । ଏତଦ୍ଦ୍ୱାରା ନିଦ୍ରାଳୁ, ଅନ୍ୟମନସ୍କ ଓ ଅଳସ ବ୍ୟକ୍ତିର ବଡ଼ ସୁବିଧା ଓ ଉପକାର ହୁଏ । ଉକ୍ତ ଯନ୍ତ୍ର ସାହାଯ୍ୟରେ ସେମାନେ ପ୍ରୟୋଜନୀୟ ସମୟରେ ତାହାର ଦ୍ରୁତ ଓ କର୍କଶ ଶବ୍ଦ ଶୁଣି ନିଜ ନିଜ କର୍ମରେ ପ୍ରବୃତ୍ତ ହେବାକୁ ଚଞ୍ଚଳ ହୁଅନ୍ତି । ସୁତରାଂ, ଏହା ଚୈତନ୍ୟୋତ୍ପାଦକ ଆଖ୍ୟା ପାଇବାର ଯୋଗ୍ୟ ।

ସର୍ବ ପ୍ରଥମେ ଯେଉଁ ବ୍ୟକ୍ତି ଏହା ଉଦ୍ଭାବନ କରିଥିଲେ, ତନ୍ନିରୂପଣର କୌଣସି ଉପାୟ ନାହିଁ । ପୂର୍ବ କାଳରେ ୟୁରୋପରେ ବଡ଼ ଘଡ଼ି ପ୍ରଚଳିତ ଥିବାର ପ୍ରମାଣ ମିଳେ । ଧ୍ୱନିଯୁକ୍ତ ଘଡ଼ି ପୂର୍ବେ ଯେଉଁ ଯେଉଁ ଦେଶରେ ବ୍ୟବହୃତ ହେଉଥିଲା, ତନ୍ମଧ୍ୟରେ ଇଟାଲି ଦେଶର ଇତିହାସରେ ସର୍ବାପେକ୍ଷା ପ୍ରାଚୀନ

Digitized by srujanika@gmail.com

କଥା ମିଳେ । ସେଠାରେ ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗରେ ଘଡ଼ିର ବ୍ୟବହାର ଥିଲା । ଖ୍ରୀଷ୍ଟପଣ୍ଡଲେମ ୧୫୮ ଅବ୍ଦରେ ସିପି ଓ ନାସିକାକଙ୍କଦ୍ୱାରା ପ୍ରାଚ୍ୟ ଦେଶରୁ ରୋମକୁ ଜଳଘଡ଼ି ନୀତ ହୋଇଥିଲା । କେହି କେହି କହନ୍ତି, ଭେରୋନାର ଆର୍ଚଡ଼ିକନ୍ ପାଶିଫିସକ୍, ନବମ ଶତାବ୍ଦୀରେ ଏହି ଘଡ଼ି ନିର୍ମାଣ କରିଥିଲେ; କିନ୍ତୁ ତାହା ପ୍ରମାଣସିଦ୍ଧ ନୁହେଁ । ୧୨୩୨ ଖ୍ରୀଷ୍ଟାବ୍ଦରେ ଇଜିପ୍ଟର ସୁଲତାନ ସମ୍ରାଟ୍ ଫେଡ଼ରିକଙ୍କ ନିକଟକୁ ଏକପ୍ରକାର ଘଡ଼ି ପଠାଇ ଥିଲେ । ତତ୍ସମ୍ବନ୍ଧରେ ଏହା ଲିଖିତ ଅଛି ଯେ, ତାହା ଗୋଟିଏ ଖଗୋଳକ ସଦୃଶ । ଭାର ଓ ଚକ୍ରଦ୍ୱାରା ଏଥିରେ ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହମାନେ ଚାଳିତ ହେଉଥିଲେ ଏବଂ ତଦ୍ଦ୍ୱାରା ଘଣ୍ଟା, ଦିନ ଓ ରାତ୍ରି ନିର୍ଦ୍ଦିଷ୍ଟରୂପେ ଜଣା ଯାଉଥିଲା । ଇଂଲଣ୍ଡର ଇତିହାସରୁ ଜଣାଯାଏ ଯେ, ୧ ୮୮ ଖ୍ରୀଷ୍ଟାବ୍ଦରେ କିଙ୍ଗ୍ସବେଞ୍ଚ ନାମକ ଅଦାଲତର ପ୍ରଧାନ ବିଚାରକଙ୍କର ଯେଉଁ ଅର୍ଥଦଣ୍ଡ ହୋଇଥିଲା, ତହିଁରେ ସେ ଓଏଷ୍ଟ୍ ମିନଷ୍ଟର ପ୍ରାସାଦ ନିକଟସ୍ଥ ବିଖ୍ୟାତ ଘଡ଼ି ଘରରେ ପ୍ରଥମେ ଗୋଟିଏ ଘଡ଼ି ପ୍ରସ୍ତୁତ କରିଥିଲେ । ତାହା ଆଧୁନିକ ଘଡ଼ିପରି । ଇଂଲଣ୍ଡରାଜ ଷଷ୍ଠ ହେନେରି ସେଣ୍ଟ୍ ଷ୍ଟିଫେନ୍ସ ଗୀର୍ଜାର ପ୍ରଧାନ ଯାଜକ ଉଇଲିୟମ ଓଆର୍ବିଙ୍କ ଏହି ଘଡ଼ି ନିମିତ୍ତ ପ୍ରତିଦିନ ଛ ଅଣା ଖରଚ ଦିଅନ୍ତି । ୧୨୯୨ ଅବ୍ଦରେ କାଣ୍ଟରବରିର ଧର୍ମାଧିକରଣରେ ପ୍ରାୟ ଅର୍ଦ୍ଧଶତ ମୁଦ୍ରା ମୂଲ୍ୟବିଶିଷ୍ଟ ଏକ ଘଡ଼ି ସ୍ଥାପିତ ହୋଇଥିବା କଥା ଲିଖିତ ଅଛି । ସେଣ୍ଟ୍ରାଲ ଆଲବାନ୍ସ ଓଆଲିଙ୍ଗ୍ଫୋର୍ଡ ୧୩୨୬ ଅବ୍ଦରେ ଗୋଟିଏ ଘଡ଼ି ସଂସ୍ଥାପନ କରିଥିଲେ । ୧୩୪୮ ଅବ୍ଦରେ ଡୋବରଦୁର୍ଗରେ ନିର୍ମିତ ଏକ ଘଡ଼ିର କଥା ଆଡ଼ମିରଲ୍ ସ୍ମିଥ୍ ପ୍ରକାଶ କରିଅଛନ୍ତି । ହେନେରି ଡିଓଆଇକ୍ ନାମକ ଜଣେ ଜର୍ମାନ୍ ଶିଳ୍ପୀ ଫ୍ରାନ୍ସରାଜ ପଞ୍ଚମ ଚାର୍ଲସଙ୍କ ପ୍ରାସାଦରେ ୧୩୬୪ ଅବ୍ଦରେ ଗୋଟିଏ ଘଡ଼ି ସ୍ଥାପନ କରିଥିଲେ । ଏ ମହାତ୍ମାଙ୍କଦ୍ୱାରା ପୂର୍ବ ପ୍ରଚଳିତ ଘଡ଼ିର ଅନେକାଂଶରେ ଉନ୍ନତି ସାଧିତ ହୋଇଥିଲା ।

ପୂର୍ବବର୍ଣ୍ଣିତ ଘଡ଼ିମାନଙ୍କରେ ଗତି ନିମିତ୍ତ ବର୍ତ୍ତମାନ ପରି ଦୋଳକ ନ ଥିଲା । ଗୋଟିଏ ଦୀର୍ଘ ଗୋଲସ୍ତମ୍ଭ ମୁଖରେ ଏକ ଗୁଚ୍ଛ ରଜ୍ଜୁ ଯୋଗେ ତାହାର ଏକ ପ୍ରାନ୍ତରେ ଗୋଟିଏ ଭାର ଝୁଲାଇ ଦିଆ ହୋଇଥାଏ । ଆଠ ଦିନକୁ ସେଥିରେ ଷୋଳ ଥର ଘେର ଦିଆଯାଏ । ଉକ୍ତ ଭାରବଶତଃ ରଜ୍ଜୁ ଗୁଚ୍ଛରୁ ଫାଙ୍ଗୁଡ଼ିକ ଫିଟିବାବେଳେ ତତ୍ସଂଲଗ୍ନ ଅନ୍ୟାନ୍ୟ ଚକ୍ରମାନ ଗତି ଉତ୍ପନ୍ନ କରନ୍ତି । ଦୋଳକଯନ୍ତ୍ରର ଆଦିମ ଆବିଷ୍କାରକ କିଏ, ତାହା ଅଜ୍ଞାତ । ସମ୍ଭବତଃ, ବିଜ୍ଞାନର ଉନ୍ନତି ସଙ୍ଗେ ଅନେକ ଲୋକ ଏକ ସମୟରେ ଏହାର ବ୍ୟବହାର କରିଥିଲେ । ଫ୍ଲରେନ୍ସର ଗୀର୍ଜା ଘରେ ଗୋଟିଏ ଦୀପ ନିରୂପିତ ସମୟରେ ଏକ ପାଖରୁ ଅନ୍ୟ ପାଖକୁ ଝୁଲୁଥିବାର ଦେଖି ଗାଲିଲିଓ ସର୍ବପ୍ରଥମେ ଏହାର ବ୍ୟବହାର ଜାଣିଥିବାର ଲେଖାଅଛି । ସମ୍ଭବତଃ ତାଙ୍କର ପୁତ୍ର ଘଡ଼ିର ଗତି ନିରୂପଣ ନିମନ୍ତେ ସର୍ବପ୍ରଥମେ ତହିଁରେ ଦୋଳକ ସଂଲଗ୍ନ କରିଥିଲେ । ମହାତ୍ମା ଗାଲିଲିଓ ନିରୂପଣ କରିଥିଲେ ଯେ, କୌଣସି ଭାର ସମଦୀର୍ଘ ସୂତ୍ରରେ ଲମ୍ବିତ ହେଲେ ଅଗ୍ରପଶ୍ଚାତ୍ ଯେଉଁ ଗତି ଉତ୍ପାଦନ କରେ; ତହିଁରେ ପ୍ରଥମ ଦୋଳନଦ୍ୱାରା ଯେତିକ ସମୟ ଅତୀତ ହୁଏ, ଦ୍ୱିତୀୟ ଥର ଦୋଳନରେ ମଧ୍ୟ କାଳର ପରିମାଣ ସେତିକ ଥାଏ । ହାରିସ୍ ନାମକ ଜଣେ ଲଣ୍ଡନର ଶିଳ୍ପୀ ୧୬୪୧ ଅବ୍ଦରେ ଉକ୍ତ ଦୋଳକ ନିର୍ମାଣ କଲେ ଏବଂ ଉକ୍ତ ଅବ୍ଦରେ ତାହାଙ୍କଦ୍ୱାରା ଦୋଳକଯୁକ୍ତ ଘଡ଼ି ନିର୍ମିତ ହୋଇଥିଲା । ଦୋଳକ ଆବିଷ୍କୃତ ହେବା ଉତ୍ତାରେ ହାଇଗେନ୍ସ ନାମକ ଏକ ବ୍ୟକ୍ତି ଜେମ୍ମା ଫ୍ରିସିୟସ୍ଙ୍କ ମତ ଅନୁସରଣ କରି ନାବିକଗଣଙ୍କ ବ୍ୟବହାର ନିମିତ୍ତ ଦେଶାନ୍ତର ନିରୂପକ ଘଡ଼ି ନିର୍ମାଣ କଲେ । ସେ ଏହି ଯନ୍ତ୍ର ସାହାଯ୍ୟରେ ପୃଥିବୀର ଆକାର ନିରୂପଣ କରିଥିଲେ । ଏହା ବିଷୁବରେଖାର ଯେତେ ନିକଟବର୍ତ୍ତୀ ହେଉଥିଲା, ତେତେ ଦୋଳକର ଗତି ହ୍ରାସ ହୋଇ ଯାଉଥିଲା । ଏହାଦ୍ୱାରା ସେ ସ୍ଥିର କରିଅଛନ୍ତି,

Digitized by srujanika@gmail.com

ପୃଥିବୀ ପୃଷ୍ଠ ବର୍ତ୍ତୁଳାକାର ନୁହେଁ; ତାହା ମେରୁଦଣ୍ଡର ଉତ୍ତର ଓ ଦକ୍ଷିଣଦିଗରେ କିଞ୍ଚିତ ଚେପ୍ଟା ।

ଘଡ଼ିର ଆବିଷ୍କ୍ରିୟା ସମ୍ବନ୍ଧରେ କେତେକ କଥା ଉପରେ ଲିଖିତ ହେଲା । ବର୍ତ୍ତମାନ ତାହାର ପ୍ରଚାର ବିଷୟ ଆଲୋଚ୍ୟ । ଅନୁସନ୍ଧାନଦ୍ୱାରା ଜଣାଯାଏ, ପଞ୍ଚଦଶ ଶତାବ୍ଦୀରେ ଇଉରୋପର ପ୍ରାୟ ସମସ୍ତ ଦେଶର ବହୁ ଜନାଳୟରେ ଘଡ଼ି ବ୍ୟବହୃତ ହେଉଥିଲା । ଏଥିରୁ ଅନୁମିତ ହେଉଅଛି ଯେ, ହେନରି ଉଇଆଇକଙ୍କ ଘଡ଼ି ପ୍ରସ୍ତୁତ ହେବାର ଦେଢ଼ଶ ବା ଦୁଇଶ ବର୍ଷ ପୂର୍ବରେ କେହି ଘଡ଼ିକୁ ବିସ୍ମୟୋତ୍ପାଦକ ଓ ନୂତନ ବସ୍ତୁ ବୋଲି ମନେ କରୁ ନ ଥିଲେ । ସାଧାରଣ ଲୋକଙ୍କ ଗୃହରେ ସୁଦ୍ଧା ଘଡ଼ିର ବ୍ୟବହାର ଥିଲା । ପ୍ରଥମେ ଅର୍ଥାତ୍ ତ୍ରୟୋଦଶ ଶତାବ୍ଦୀରେ ଯେଉଁ ସ୍ଥାନରେ ଘଡ଼ି ସ୍ଥାପନର ପ୍ରୟୋଜନ ହେଉଥିଲା ସେହି ସ୍ଥାନରେ ତାହା ପ୍ରସ୍ତୁତ ହେଉଥିଲା, ଅର୍ଥାତ୍ ଏତେ ବୃହତ୍ ଓ ଗୁରୁ ଥିଲା ଯେ, ତାହାକୁ ସ୍ଥାନାନ୍ତରିତ କରିହେଉ ନ ଥିଲା; କିନ୍ତୁ ପଞ୍ଚଦଶ ଶତାବ୍ଦୀର ଶେଷଭାଗରେ ଯେତେବେଳେ ସାଧାରଣ ବ୍ୟବହାର୍ଯ୍ୟ ହୋଇଗଲା, ସମ୍ଭବତଃ ସେତେବେଳେ ଘଡ଼ି ସ୍ଥାନାନ୍ତରକରଣୋପଯୋଗୀ ହୋଇଥିଲା । ଜେମ୍ମ ଫ୍ରିସିୟସ୍ ୧୫୩୦ ଖ୍ରୀଷ୍ଟାବ୍ଦରେ ସମୁଦ୍ରରେ ଦେଶାନ୍ତର ନିରୂପଣାର୍ଥ ସ୍ଥାନାନ୍ତରକରଣୋପଯୋଗୀ ଘଡ଼ି ନିର୍ମାଣର ପ୍ରସ୍ତାବ କଲେ । ୧୫୬୦ ଅବ୍ଦରେ ଯେଉଁ କେତୋଟି ଘଡ଼ି ପ୍ରସ୍ତୁତ ହୋଇଥିଲା, ତନ୍ମଧ୍ୟରେ ଘଟିକାଦି ଜ୍ଞାପନର ଉପାୟ ଥିଲା । ସୁତରାଂ, ଷୋଡ଼ଶ ଶତାବ୍ଦୀରେ ଘଡ଼ି କିଞ୍ଚିତ୍ ଉନ୍ନତାବସ୍ଥା ପ୍ରାପ୍ତ ହୋଇଥିଲା । ଦ୍ୱିତୀୟ ଶତାବ୍ଦୀରେ ରୋମରେ ପୃଥିବୀର ଏକମାତ୍ର ଘଡ଼ି ଥିଲା ବୋଲି କଥିତ ହୁଏ । ପ୍ରଥମ ଶତାବ୍ଦୀରେ ମହାବୀର ଜୁଲିୟସ୍ ସିଜର ଇଂଲଣ୍ଡ ଆକ୍ରମଣ କାଳରେ ସେଠାରେ ଗୋଟିଏ ଘଡ଼ି ଥିବାର ଦେଖିଥିଲେ । ପଞ୍ଚଦଶ ଶତାବ୍ଦିରେ ୟୁରୋପରେ ପକେଟ୍ ଘଡ଼ିର ପ୍ରଚାର ହେଲା । ୧୪୭୭ ଅବ୍ଦରେ ନୁରେମ୍ବର୍ଗ ନାମକ ପ୍ରଦେଶରେ ଏହାର ପ୍ରଥମସୃଷ୍ଟି । ପକେଟ୍‌ଘଡ଼ି ଇଂଲଣ୍ଡରେ ଡାକ୍ତର ହୁକ୍‌ଙ୍କଦ୍ୱାରା ଏବଂ ହଲାଣ୍ଡର ହାଇଗେନ୍ ସାହେବଙ୍କଦ୍ୱାରା ଆବିଷ୍କୃତ ହୋଇଥିବାର କଥିତ ଅଛି । ଅଧ୍ୟାପକ ହ୍ୱେଟଷ୍ଟୋନ୍ ୧୮୪୦ ରେ ତାଡ଼ିତ ଘଡ଼ି ପ୍ରସ୍ତୁତ କରିଥିଲେ । ୧୮୫୧ ଅବ୍ଦରେ ପ୍ରଦର୍ଶନୀରେ ଆଲେକଜାଣ୍ଡର ବେନ୍ ଓ ସେଫର୍ଡ଼ ଉକ୍ତ ବୈଦ୍ୟୁତିକ ଘଡ଼ି ପ୍ରଦର୍ଶନ କରିଥିଲେ । ୧୮୫୨ ରେ ତାହା ଲଣ୍ଡନରେ ବ୍ୟବହୃତ ହେଲା । ସପ୍ତଦଶ ଶତାବ୍ଦୀରେ ଯେଉଁ ଦୋଳକଯୁକ୍ତ ଘଡ଼ିର ପ୍ରଚଳନ ଥିଲା, ତାହା ବିଶୁଦ୍ଧ ନୁହେଁ । କାରଣ, ଶୈତ୍ୟ ଓ ତାପର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଦୋଳକଧାତୁର ଆକୁଞ୍ଚନ ଓ ପ୍ରସାରଣଦ୍ୱାରା ଗତିର ତାରତମ୍ୟ ଘଟେ, ସୁତରାଂ, ସମୟ ବିଶୁଦ୍ଧରୂପେ ପ୍ରଦର୍ଶିତ ହୋଇ ନ ପାରେ । ଜର୍ଜ ଗ୍ରେହମ ନାମା ଜଣେ ବୈଜ୍ଞାନିକ ପଣ୍ଡିତ ୧୭୧୫ ଅବ୍ଦରେ ଏହି ମହାଦୋଷ ସଂଶୋଧନ କଲେ । ତଦନନ୍ତର ହ୍ୟାରିସନ୍ ନାମକ ଜଣେ ବ୍ୟକ୍ତିଙ୍କଦ୍ୱାରା ଉକ୍ତ ବ୍ୟବସ୍ଥା ଆହୁରି ସଂସ୍କୃତ ହୋଇଥିଲା । ସେହି ଦିନଠାରୁ ପ୍ରାୟ ଦେଢ଼ଶ ବା ଦୁଇଶ ବର୍ଷ ମଧ୍ୟରେ ତାହା କ୍ରମଶଃ ଉନ୍ନୀତ ହୋଇ ବର୍ତ୍ତମାନ ବହୁ ଉଚ୍ଚତର ଭିତ୍ତି ଆସିଅଛି ।

ଶିଳ୍ପ ଓ ବିଜ୍ଞାନର ଭୂୟସୀ ଉନ୍ନତି ସଙ୍ଗେ ସଙ୍ଗେ ନାନାବିଧ ବିସ୍ମୟୋତ୍ପାଦକ ଘଟୀଯନ୍ତ୍ର ପ୍ରତ୍ୟହ ଦୃଷ୍ଟି-ବିଷୟୀଭୂତ ହେଉଅଛି । ସେଥିରେ ଯେ କେବଳ ଘଟିକାଦି ଜଣାଯାଏ, ତାହା ନୁହେଁ, ବୃହତ୍ ଘଡ଼ିରେ ବିକଳା ଅପେକ୍ଷା ସୂକ୍ଷ୍ମ ସୂକ୍ଷ୍ମ ଅଂଶ ନିରୂପିତ ହୋଇ ପାରେ । ଏତଦ୍ଭିନ୍ନ ବର୍ଷ ଅନ୍ତର୍ଗତ ଋତୁ, ମାସ, ପକ୍ଷ, ସପ୍ତାହ ଓ ଦିନ ନିରୂପଣର ଉପାୟ ମଧ୍ୟ ଅଛି । କ୍ଷୁଦ୍ର କ୍ଷୁଦ୍ର ଘଡ଼ିରେ ମଧ୍ୟ ଘଣ୍ଟା, ଦିନ, ସପ୍ତାହ ଓ ମାସ ଜ୍ଞାପନର କୌଶଳ ପ୍ରଦର୍ଶିତ ହୋଇଥିବାର ଦେଖାଯାଏ । ବୈଦ୍ୟୁତିକବଳ-ଚାଳିତ ଘଡ଼ି, ତାରବିଭାଗ ଏବଂ ଜ୍ୟୋତିର୍ବିତ୍ମାନଙ୍କ ବ୍ୟବହାର ନିମିତ୍ତ ପ୍ରସ୍ତୁତ । ବର୍ତ୍ତମାନ ମାର୍ଜିତଘଡ଼ି ବିଚିତ୍ର ଆକାରରେ ଆମ୍ଭମାନଙ୍କ

Digitized by srujanika@gmail.com

ଦୃଷ୍ଟିପଥାରୂଢ଼ ହେଉଅଛି । ତାହା ନାନା ଦୃଶ୍ୟରେ ବିଭୂଷିତ । କୌଣସି ଘଡ଼ି ମୂର୍ତ୍ତିକାକୃତ । କୌଣସି ଘଡ଼ିରେ ଘଣ୍ଟାବାଦନ କାଳରେ ତାହାର ଏକଦେଶରେ ଗୋଟିଏ କ୍ଷୁଦ୍ର ଗର୍ତ୍ତ ଫିଟିଯାଏ ଏବଂ ତଦଭ୍ୟନ୍ତରସ୍ଥ ଗୋଟିଏ ପକ୍ଷୀ ବାହାରି ଯଥା-ସଂଖ୍ୟକ ନିଜର ଜାତୀୟ ଶବ୍ଦ କରେ । କୌଣସି ଘଡ଼ିରେ ସେହିପରି ବାନର ବା ମନୁଷ୍ୟ ମୂର୍ତ୍ତି ସଂଲଗ୍ନ ଥାଏ । ୟୁରୋପରେ ସୁଇଜରଲାଣ୍ଡ, ଜର୍ମାନି ଓ ଇଂଲଣ୍ଡ ପ୍ରଭୃତି ଦେଶ କଳଘଡ଼ିର କେନ୍ଦ୍ରସ୍ଥଳୀ । ସେହି ସମସ୍ତ ଘଡ଼ି ମଧ୍ୟରେ ଲଣ୍ଡନର ଘଡ଼ି ଶ୍ରେଷ୍ଠ । ବର୍ତ୍ତମାନ ପରିବର୍ତ୍ତିତ ସହଜବୋଧ ସୂକ୍ଷ୍ମ ଘଡ଼ିର ନିର୍ମାଣ ଏବଂ ସୁଲଭତାର ବୃଦ୍ଧି ହେଉଅଛି । ଭାରତବର୍ଷରେ ଇଂରାଜମାନଙ୍କ ବହୁଳ ପ୍ରସାର କାଳରେ କଳଘଡ଼ିର ବ୍ୟବହାର ଆରବ୍ଧ ହେଲା । ଏହି ଅଳ୍ପ କାଳ ମଧ୍ୟରେ ତାହାର ପ୍ରଚୁର ଯେପରି ବୃଦ୍ଧିପ୍ରାପ୍ତ ହୋଇଅଛି, ସେଥିରୁ ସମ୍ଭାବନା ହେଉଅଛି, ଆଉ କେତେକ ସମୟ ପରେ ତାହା ଆମ୍ଭମାନଙ୍କ ଦେଶର ମଧ୍ୟ ସାଧାରଣ ବ୍ୟବହାର୍ଯ୍ୟ ହୋଇଯିବ ।

ପ୍ରଥମ ନିର୍ମିତ ବୃହତ୍ ଘଡ଼ି ମାର୍ଜିତ ଓ ପରିବର୍ତ୍ତିତ ହୋଇ ବର୍ତ୍ତମାନ ଅତିକ୍ଷୁଦ୍ର ଆକାର ଧାରଣ କରିଅଛି । ତାହାର ଯଦି ଏହିପରି ଭୂୟୋଭୂୟ ଉନ୍ନତି ହୁଏ, ତାହାହେଲେ ଭବିଷ୍ୟତରେ କି ଅଦ୍ଭୁତ ଆକାର ଧାରଣ କରିବ, ତାହା କଳ୍ପନାତୀତ ।

ଘଡ଼ିର କାର୍ଯ୍ୟପ୍ରଣାଳୀ ଶବ୍ଦଦ୍ୱାରା ସାଧାରଣଙ୍କର ବୋଧଗମ୍ୟ କରିବା ଦୁଃସାଧ୍ୟ । ସୁତରାଂ, ତାହାର ବ୍ୟାଖ୍ୟା ଏଠାରେ ଅନାବଶ୍ୟକ । ତେବେ ସଂକ୍ଷେପରେ ଏତିକି କୁହାଯାଇ ପାରେ ଯେ, କେତେଗୁଡ଼ିଏ ଦନ୍ତୁର ଚକ୍ରର ଚଳନ ଅନୁସାରେ ଚକ୍ରିରେ ସମୟ ନିର୍ଦ୍ଧାରିତ ହୁଏ । ଷ୍ଟ୍ରିଙ୍ଗ୍ ବା କୁଣ୍ଡଳୀକୃତ ଗୋଟିଏ ପାତଳ ଲୌହପତ୍ର ଗୋଟିଏ ମେରୁଦଣ୍ଡର ଚାରିଆଡ଼େ ଘେର ଖାଇ ଥାଏ । ମେରୁଦଣ୍ଡରେ ଚାବି ଦେଲେ ସେ କୁଣ୍ଡଳୀକୃତ ପତ୍ରଟି ସଙ୍କୁଚିତ ହୁଏ । ଉକ୍ତ ମେରୁଦଣ୍ଡରେ ଆଉ ଗୋଟିଏ ଦନ୍ତୁର ଚକ୍ର ସଂଲଗ୍ନ ଥାଏ । ଚାବି କାଢ଼ି ନେଲେ ସେ ଷ୍ଟ୍ରିଙ୍ଗ୍, ବା କମାଣି ଫିଟିବାକୁ ଚେଷ୍ଟା କଲରୁ ଉକ୍ତ ମେରୁଦଣ୍ଡ ଲମ୍ବଭାବରେ ବୁଲେ ଓ ତାହା ସଙ୍ଗେ ସଙ୍ଗେ ତତ୍ସଂଲଗ୍ନ ଦନ୍ତୁର ଚକ୍ରଟି ବୁଲେ ।

ସେ ଦନ୍ତୁର ଚକ୍ରଟି ଅନ୍ୟ ଚକ୍ରମାନଙ୍କ ପରି ଚାଳିତ ହୁଏ । ଏହି ପରିଚାଳନକୁ ସଂଯତ କରିବା ନିମନ୍ତେ ନିୟାମକ ଯନ୍ତ୍ରର ସୃଷ୍ଟି । ତାହାଦ୍ୱାରା ଚକ୍ରମାନଙ୍କର ଗତି ନିୟମିତରୂପେ ଚାଳିତ ହୁଏ ଓ ପ୍ରେରିତ ପତ୍ରଟି ଧୀରେ ଧୀରେ ଫିଟେ ।

ନିୟାମକ ଚକ୍ରରେ ଷଷ୍ଟି ସଂଖ୍ୟକ ଦନ୍ତ । ଉପରେ ଆକୁଞ୍ଚନ ପ୍ରସାରଣ ବିଶିଷ୍ଟ ସଦଂଶାକୃତି ଧାତୁଖଣ୍ଡ ସ୍ଥାପିତ । ତାହା ଚକ୍ରର ଦନ୍ତକୁ ଆଘାତ କରୁଥାଏ । ସେହି ଆଘାତ ଜନିତ କ୍ଷୀଣଧ୍ୱନି ଆମ୍ଭମାନଙ୍କ ଶ୍ରୁତିଗୋଚର ହୁଏ । ଏକଦନ୍ତ ଆଘାତରେ ସମୟ ଏକ 'ସେକେଣ୍ଡ' ବା 'ବିକଳା', ଏକ କଳାରେ ସମଗ୍ର ଚକ୍ରଟି ଉକ୍ତ ସଦଂଶଦ୍ୱାରା ଥରେ ଚାଳିତ ହୁଏ । ସଦଂଶ ଉପରିସ୍ଥିତ ଶଙ୍କୁ ଦଣ୍ଡରେ ଶଳାକାଦ୍ୱୟ ନିହିତ ଥାଏ ଏବଂ ଉକ୍ତ ଚକ୍ର ଓ ଅନ୍ୟାନ୍ୟ ଚକ୍ରମାନଙ୍କଦ୍ୱାରା ଚାଳିତ ହୁଏ । ସେହି ଚକ୍ରମାନଙ୍କ ଗତ୍ୟୁତ୍ପାଦନ ନିମିତ୍ତ ନିର୍ଦ୍ଦିଷ୍ଟ ସମୟରେ ବଳ ପ୍ରଯୁକ୍ତ ହୁଏ ଅର୍ଥାତ୍ ଚାବି ଦିଆଯାଏ ।

ଘଡ଼ିର ଉପକାରିତା ସମସ୍ତ ଶିକ୍ଷିତ ଲୋକଙ୍କୁ ଅଳ୍ପାଧିକ ପରିମାଣରେ ଜଣାଅଛି । ସ୍ଥୂଳତଃ ଏହା କୁହାଯାଇ ପାରେ ଯେ, ତାହା ଆମ୍ଭମାନଙ୍କର ସମୟ-ସଦ୍‌ବ୍ୟବହାର-ଶିକ୍ଷକ । ତାହା ଅଳସକୁ କାର୍ଯ୍ୟତତ୍ପର ବିଶୃଙ୍ଖଳକୁ ସୁଶୃଙ୍ଖଳାବାନ୍ ଏବଂ ଦୀର୍ଘସୂତ୍ରୀକୁ ଚଞ୍ଚଳ କରେ । ସମସ୍ତ ବିଭାଗପୂର୍ବକ ନିର୍ଦ୍ଦିଷ୍ଟ ସମୟରେ ସ୍ୱକର୍ମ ପାଳନରେ ନିୟମାଧୀନ କରିବା ବିଷୟରେ ଘଟୀଯନ୍ତ୍ର ପ୍ରଧାନ ଶାସ୍ତା । ଘଟିକାଦ୍ୱାରା ଆମ୍ଭେମାନେ ଗତିଶୀଳ ପଦାର୍ଥର ନିର୍ଦ୍ଦିଷ୍ଟ ସମୟର ଗତିନିରୂପଣ, ଶୀତଗ୍ରୀଷ୍ମାଦି ଋତୁରେ ଦିବାରାତ୍ରିର ହ୍ରାସବୃଦ୍ଧି ଜ୍ଞାନ ଗ୍ରହାଦିର ଉଦୟାସ୍ତକାଳନିରୂପଣ ଓ ଦିବାରାତ୍ରିର ଅଂଶ-ନିର୍ଣ୍ଣୟ ପ୍ରଭୃତି ବିଷୟରେ ସାହାଯ୍ୟ ପ୍ରାପ୍ତ ହେଉଁ । ସୂର୍ଯ୍ୟ-ଘଡ଼ିଦ୍ୱାରା ସୂର୍ଯ୍ୟଗତିର ନ୍ୟୂନାଧିକ୍ୟ ଏବଂ ପୃଥିବୀଠାରୁ ତାହାର ଦୂରତ୍ୱାଦି ସ୍ଥିରୀକୃତ ହୁଏ । ଅନେକ ଘଡ଼ିରେ ପୃଥିବୀର ଆକାର ମଧ୍ୟ ସ୍ଥିର କରାଯାଏ ।

Digitized by srujanika@gmail.com

ଅଭ୍ୟାସ

ଏହି ପୃଥିବୀରେ ପରସ୍ପର ବିରୁଦ୍ଧଭାବାପନ୍ନ ଦୁଇ ଶ୍ରେଣୀର ଲୋକ ଦେଖାଯାନ୍ତି । ଜଣେ ନାନା ଜୀର୍ଣ୍ଣବସ୍ତ୍ର ପରିଚ୍ଛନ୍ନ ହୋଇ ଶୈତ୍ୟର ଘୋର ଯନ୍ତ୍ରଣା ସହ୍ୟ କରି ପାରୁ ନାହିଁ; କିନ୍ତୁ ଅନ୍ୟ ଜଣକ ତାହା ମୁକ୍ତଦେହରେ ଅକାତରରେ ସହୁଅଛି; ଜଣେ ନାନା ସୁସ୍ୱାଦୁ ଉପାଦେୟ ଖାଦ୍ୟଦ୍ୱାରା ଯେପରି ତୃପ୍ତିଲାଭ କରେ; ଆଉ ଜଣେ ସୁଲଭ ଶାକଫଳାଦିଦ୍ୱାରା ସେହିପରି ତୃପ୍ତି ଅନୁଭବ କରେ; ଜଣକର ଦୁଗ୍‌ଧଫେନନିଭ ସୁକୁମାର ଶୟନରେ ନିଦ୍ରା ହେଉ ନାହିଁ; କିନ୍ତୁ ଅନ୍ୟର ସାମାନ୍ୟ ତୃଣ ଶଯ୍ୟାରେ ସୁନିଦ୍ରା ହୋଇଯାଏ ଏବଂ ଦଳେ ବିଦ୍ୱାନ ହୋଇ ନାନା ଶାସ୍ତ୍ର ପାଠଦ୍ୱାରା ଜଗତର ରହସ୍ୟମାନ ଜାଣି ଚିତ୍ତ ବିନୋଦନ କରୁଅଛନ୍ତି, ଆଉ ଦଳେ ଅଜ୍ଞତା ବଶତଃ ଦିଗ୍‌ବିଦିଗ୍ ଜ୍ଞାନଶୂନ୍ୟ ହୋଇ ନାନାପ୍ରକାର ପାଶବିକ କ୍ରିୟାରେ କାଳଯାପନ କରୁଅଛନ୍ତି । ଏହିପରି ଶତ ଶତ ଘଟଣା ଆମ୍ଭମାନଙ୍କର ନିତ୍ୟ ପ୍ରତ୍ୟକ୍ଷୀଭୂତ ହେଉଛନ୍ତି । ଏହି ବୈଷମ୍ୟ ଘଟିବାର ପ୍ରଧାନ କାରଣ କେବଳ ସେମାନଙ୍କର ସ୍ୱକୃତ ଅଭ୍ୟାସ । ଅଭ୍ୟାସଦ୍ୱାରା ଚିତ୍ତବୃତ୍ତିର ଦୃଢ଼ତା ଓ କର୍ମସାଧନ କ୍ଷମତା ଜନ୍ମେ । ଜଣେ ଅଭ୍ୟାସବଶତଃ ପ୍ରତ୍ୟହ କଠିନ ପରିଶ୍ରମପୂର୍ବକ ନାନା ସତ୍କର୍ମ ସାଧନଦ୍ୱାରା ନିଜ ଜୀବନକୁ ସାର୍ଥକ କରୁଅଛି । ମାତ୍ର ଅନ୍ୟ ଜଣକ ଅଭ୍ୟାସ ଅଭାବରୁ ତାହାର ଆଂଶିକ କର୍ମ କରିବାକୁ ଅସମର୍ଥ ହୋଇ ଅତି ହୀନ ଭାବରେ ଜୀବନ ଯାପନ କରୁଅଛି । ସମାଜ ମଧ୍ୟରେ ବିଦ୍ୱାନ୍, ଧନୀ, କର୍ମଜ୍ଞ, ବୀର, ସାଧକ, ଜିତେନ୍ଦ୍ରିୟ, ବାଗ୍ମୀ, ଶିକ୍ଷକ, କଳାବିତ୍ ପ୍ରଭୃତି ବିଶିଷ୍ଟ ବ୍ୟକ୍ତି ହେବା ଶୈଶବଗତ ଅଭ୍ୟାସ ଉପରେ ନିର୍ଭର କରେ । ବିନା ଅଭ୍ୟାସରେ ଏହିସବୁ ବିଶିଷ୍ଟ ପଦର ଅଧିକାରୀ ହେବା ଦୂରକୁ ଥାଉ, ତହିଁର ଅର୍ଥବୋଧ କରିବା ଅସମ୍ଭବ । ଆଉ କଥା ତେଣିକି ଥାଉ ଅନଭ୍ୟାସରେ ସର୍ବବିଧ ମାର୍ଗ ପ୍ରଦର୍ଶନର ପ୍ରଥମ ସାଧନ ବିଦ୍ୟା ସୁଦ୍ଧା ବିଷବତ୍ ପ୍ରତୀୟମାନ ହୋଇଥାଏ ।

ଅଭ୍ୟାସ ମନୁଷ୍ୟର ଅପର ପ୍ରକୃତି । ବାଲ୍ୟକାଳରୁ ଯେଉଁ ବିଷୟରେ ଅଭ୍ୟାସ କରାଯାଏ ତାହା କ୍ରମେ ସ୍ୱାଭାବିକ ହୋଇପଡ଼େ । ପଶ୍ଚାତ୍ ଆଉ ସେଥିରେ କିଛି ମାତ୍ର କଷ୍ଟ ଜଣାଯାଏ ନାହିଁ । ହୃଦୟରେ ଉଚ୍ଚ ଆକାଂକ୍ଷା ବଳବତୀ ଥିଲେ ଅଥବା ମହତ୍ କର୍ମସାଧନଦ୍ୱାରା ଜୀବନକୁ ଧନ୍ୟ କରିବାର ବାସନା ଥିଲେ ବାଲ୍ୟକାଳରୁ ମହାତ୍ମା ବା ବିଶିଷ୍ଟ ବ୍ୟକ୍ତିଙ୍କର ଜୀବନଚରିତ ଆଲୋଚନା କରି ତାଙ୍କରି ପରି ନିଜ ଜୀବନରେ କାର୍ଯ୍ୟ କରିବାକୁ ଅଭ୍ୟାସ କରିବା ଉଚିତ । ଅଭ୍ୟାସ ଅନୁସାରେ କାର୍ଯ୍ୟସିଦ୍ଧି ହୋଇ ପାରିବ; କିନ୍ତୁ ଏଥିରେ ସତ୍‌ସଙ୍ଗ ପ୍ରଧାନ ସହାୟ । ସେଥିପାଇଁ ଅଗ୍ରେ ସତ୍ସଙ୍ଗ ନିର୍ବାଚନ କରି ତଦନୁଯାୟୀ ଅଭ୍ୟାସ କରିବା ବିଧେୟ । ଅନ୍ୟଥା ଅସତ୍ସଙ୍ଗ ଜନିତ ଦୁରଭ୍ୟାସ ସହଜରେ ଗୁଢ଼ ନ ହୋଇ ନିଜର ଅମୂଲ୍ୟ ଜୀବନକୁ କଳଙ୍କିତ କରିବ । ସୁତରାଂ, ଅଭ୍ୟାସ କାଳରେ ତତ୍ପ୍ରତି ଦୃଷ୍ଟି ରଖି ସାବଧାନ ଭାବରେ ବିଚାରପୂର୍ବକ କର୍ମାନୁଷ୍ଠାନ କର୍ତ୍ତବ୍ୟ । ସର୍ବପ୍ରକାର କର୍ମାନୁଷ୍ଠାନରେ ମନର ଦୃଢ଼ସଂଯୋଗ ଅତୀବ ଆବଶ୍ୟକ । ମନକୁ ଆୟତ୍ତ ନ ରଖିଲେ କାର୍ଯ୍ୟସିଦ୍ଧି ଅସମ୍ଭବ । ଶାସ୍ତ୍ରରେ କଥିତ ଅଛି, ମନୁଷ୍ୟର ମନ ଅତି ଚଞ୍ଚଳ ଏବଂ ବଳଶାଳୀ ପ୍ରବଳ ପ୍ରଭଞ୍ଜନର ଗତିରୋଧ ଯେପରି ଅସାଧ୍ୟ, ମନର ଗତିରୋଧ ମଧ୍ୟ ସେହିପରି । କିନ୍ତୁ ଅଭ୍ୟାସଦ୍ୱାରା ତାହାକୁ ଧୀରେ ଧୀରେ ଦମନ କରାଯାଇ ପାରେ । ଏହି ଅଭ୍ୟାସଦ୍ୱାରା ସୁଖ ଦୁଃଖାଦି ଅନୁଭବର ତାରତମ୍ୟ ଲକ୍ଷିତ ହୁଏ । ଜଣକ ପକ୍ଷରେ ଯାହା ସୁଖକର, ଅନ୍ୟପ୍ରତି ତାହା ବିପରୀତ ବୋଧ

Digitized by srujanika@gmail.com

ହୋଇପାରେ । ଅଭ୍ୟାସବଶତଃ ଶ୍ରମଶୀଳ ବ୍ୟକ୍ତି ନିରନ୍ତର ପରିଶ୍ରମକୁ ସୁଖ ବୋଲି ମଣେ ଏବଂ ତଦଭାବରେ ନିରାନନ୍ଦ ହୋଇ ଅନୁତାପ କରେ; କିନ୍ତୁ ଶ୍ରମକାତର ବ୍ୟକ୍ତି ତାହାକୁ ମହାଦୁଃଖ ମଣେ, ତାହା ପକ୍ଷରେ ଆଳସ୍ୟ ଏବଂ ନିଦ୍ରା ପରମ ସୁଖ ।

ଅଭ୍ୟାସ ମନୁଷ୍ୟକୁ ଅପୂର୍ବ ଶକ୍ତି ପ୍ରଦାନ କରେ । ଏ ସମ୍ବନ୍ଧରେ ଅନ୍ୟ ଦୃଷ୍ଟାନ୍ତ ନ ଦେଇ ଏହା କହିଲେ ଯଥେଷ୍ଟ ହେବ ଯେ, ଅଭ୍ୟାସଦ୍ୱାରା ଆମ୍ଭେମାନେ ବାକ୍‌ଶକ୍ତି ପର୍ଯ୍ୟନ୍ତ ଲାଭ କରିଅଛୁଁ । ଶିଶୁର ଅସ୍ଫୁଟ ବଚନ ଅଭ୍ୟାସଦ୍ୱାରା କିପରି ଅର୍ଦ୍ଧସ୍ଫୁଟ ଆକାର ଧାରଣ କରି କ୍ରମେ ସୌଷ୍ଠବାନ୍ୱିତ ଭାଷାରେ ପରିଣତ ହୁଏ, ତାହା ସମସ୍ତଙ୍କୁ ଜଣାଅଛି । ପିଞ୍ଜରସ୍ଥ ଶୁକ ଅଭ୍ୟାସଦ୍ୱାରା ମନୁଷ୍ୟ ପରି କହିଶିଖେ ଏବଂ ଈଷତ୍ କହିପାରେ; କିନ୍ତୁ ସଜାତିସ୍ଥ ବନ୍ୟ ଶୁକ ତାହା କରିପାରିବ କି ? ଅଭ୍ୟାସଦ୍ୱାରା ଇତର ଜନ୍ତୁମାନେ ମଧ୍ୟ ମନୁଷ୍ୟ ନିକଟରେ ନାନାପ୍ରକାର ବିସ୍ମୟଜନକ କ୍ରୀଡ଼ା ପ୍ରଦର୍ଶନ କରିଥାନ୍ତି । ଉକ୍ତ ଗୁଣଦ୍ୱାରା ଐନ୍ଦ୍ରଜାଲିକ ଲଘୁହସ୍ତତା ଶିକ୍ଷା କରି ପ୍ରତି ପକ୍ଷ୍ମପାତରେ ଲୋକନେତ୍ରରେ ବିସ୍ମୟ ଜନ୍ମାଇ ଦିଏ । ଅଭ୍ୟାସଦ୍ୱାରା ଯୋଗୀ ନବଦ୍ୱାର ନିରୋଧପୂର୍ବକ ପ୍ରାଣବାୟୁକୁ ସ୍ୱବଶରେ ରଖି ନାନା ଲୋକୋତ୍ତର କର୍ମମାନ ସମ୍ପାଦନ କରନ୍ତି । ଅଭ୍ୟାସର ଅସାଧ୍ୟ କିଛି ନାହିଁ । ସୁତରାଂ, ଅଭ୍ୟାସ ସର୍ବଥା କରଣୀୟ, କିନ୍ତୁ ଏ ଅଭ୍ୟାସର ଗୋଟିଏ ସୀମା ବା ଇୟତ୍ତା ଅଛି; ତାହା ଅତିକ୍ରମ କଲେ ପରିଣାମ ସୁଫଳପ୍ରଦ ହେବ ନାହିଁ । ବର୍ତ୍ତମାନ ଅବସ୍ଥାରେ ଯଦ୍ଦ୍ୱାରା କିଞ୍ଚିତ୍ ସୁଖ ହେବ ସେହିପରି ଅଭ୍ୟାସ କରିବା ଶ୍ରେୟସ୍କର । ତଦ୍ଦ୍ୱାରା ଉର୍ଦ୍ଧ୍ୱାୟନର ମଧ୍ୟ ବାଧା ପଡ଼ିବ ନାହିଁ । ସାମାନ୍ୟ କାର୍ଯ୍ୟ ଲାଗି ସତତ ପରର ସାହାଯ୍ୟାପେକ୍ଷୀ ହେବା କଦାପି ଉଚିତ ନୁହେଁ; କିନ୍ତୁ ଏପରି ଆନୁପୂର୍ବିକ ଅଭ୍ୟାସ ନ କରି ପ୍ରାରମ୍ଭରୁ ଅତ୍ୟୁଚ୍ଚ ଶୃଙ୍ଗ ଧାରଣ କରିବାକୁ ଉଦ୍ୟତ ହେଲେ ଅବଶ୍ୟ ଆଶୁ ପତନ ହେବ । ଉଦାହରଣ ସ୍ୱରୂପ, ଜଣେ ଯଦି ଉଚ୍ଚପଦସ୍ଥ ହେବା ଆଶାରେ ପ୍ରଥମରୁ ତଦୁଚିତ ଯୋଗ୍ୟତାର ଛଳନା କରି ତଦନୁରୂପ ବ୍ୟୟାଡ଼ମ୍ବରାଦି ଅଭ୍ୟାସ କରେ ଏବଂ ସାମାନ୍ୟ କାର୍ଯ୍ୟରେ ସୁଦ୍ଧା ଭୃତ୍ୟମୁଖାପେକ୍ଷୀ ହୁଏ, ତେବେ ସେ ଏଥିରେ ଉକ୍ତ ଉଚ୍ଚପଦ ଲାଭରେ ସମର୍ଥ ହେବେ କି ? ବରଂ ଯାହା ଥାଏ, ସ୍ୱୀୟ ବୁଦ୍ଧି ଦୋଷରୁ ତତୋଽଧିକ କଷ୍ଟରେ ପଡ଼ିପାରେ । କାରଣ ସେପରି ବ୍ୟବହାର ତାହା ପକ୍ଷରେ ସ୍ୱାଭାବିକ ବା ସଙ୍ଗତ ନୁହେଁ । ଛଳନା ବା ଆଡ଼ମ୍ବର ଏହି ଅଭ୍ୟାସ ମାର୍ଗରେ ଗୋଟିଏ କଣ୍ଟକ, ଏହାକୁ ଧୀରେ ଧୀରେ ତହିଁରୁ ଦୂର କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ।

Digitized by srujanika@gmail.com

ଏଲିଫାଣ୍ଟା ବା ଗଜଦ୍ୱୀପ

(ଭୌଗୋଳିକ ଅବସ୍ଥାନ—ଦୃଶ୍ୟ ବର୍ଣ୍ଣନା—ଇତିହାସ)

ଏଲିଫାଣ୍ଟା ବା ଗଜଦ୍ୱୀପ ବୋମ୍ବାଇ ନଗର ନିକଟବର୍ତ୍ତୀ ଗୋଟିଏ ଦର୍ଶନୀୟ ସ୍ଥାନ । 'ଏଲିଫାଣ୍ଟା' ନାମଟି ପର୍ତ୍ତୁଗୀଜମାନଙ୍କଦ୍ୱାରା ପ୍ରଦତ୍ତ ହୋଇଅଛି । ଏହି ଦ୍ୱୀପର ଅବତରଣ ସ୍ଥାନରେ ପୂର୍ବେ ଗୋଟିଏ ପାଷାଣମୟୀ ପ୍ରକାଣ୍ଡ ହସ୍ତିମୂର୍ତ୍ତି ଥିଲାବୋଲି ଭାରତ-ପ୍ରବାସୀ ପର୍ତ୍ତୁଗୀଜଗଣ ଏହାର ଏପରି ନାମକରଣ କରିଅଛନ୍ତି । ବର୍ତ୍ତମାନ ସେଠାରେ ଏହି ଶିଳାମୂର୍ତ୍ତି ନାହିଁ, ତହିଁର ଭଗ୍ନାବଶେଷ ଭିକ୍ଟୋରିଆ ଉଦ୍ୟାନରେ ରକ୍ଷିତ । ଗଜଦ୍ୱୀପ ପଶ୍ଚିମ ସମୁଦ୍ରର ଉପକୂଳ ପ୍ରଦେଶରେ ଅବସ୍ଥିତ । ଏହାର ସ୍ଥାନୀୟ ନାମ ଘାରପୁରୀ । ବୋମ୍ବାଇ ପାର୍ଶ୍ୱବର୍ତ୍ତୀ ଆପଲୋ ବନ୍ଦର-ଠାରୁ ନୌକା ସାହାଯ୍ୟରେ ଗଲେ କେତେକ ଦଣ୍ଡ ଭିତରେ ଏହି ସୁରମ୍ୟ ଦ୍ୱୀପର ତରଙ୍ଗାପ୍ଲୁତ ପାଦଦେଶ ଏବଂ ଅବତରଣ ସ୍ଥାନଠାରୁ ଗୁହାମୁଖ ପର୍ଯ୍ୟନ୍ତ ସୋପାନପରମ୍ପରା ଦୂରରୁ ଯାତ୍ରୀଙ୍କର ଦୃଷ୍ଟିପଥାରୂଢ଼ ହୁଏ । ଏହି ସୋପାନଶ୍ରେଣୀ ଅତିକ୍ରମପୂର୍ବକ ଉପରକୁ ଉଠିଲେ ଆଗ ଗୁହାମନ୍ଦିରର ସମ୍ମୁଖସ୍ଥ ପ୍ରାଙ୍ଗଣ ପଡ଼େ । ସେଠାରୁ ଆଉ କେତେକ ପାଦ ଉପରକୁ ଉଠିଲେ ସମ୍ମୁଖରେ ସୁନୀଳ ରତ୍ନାକର ଏବଂ ବିବିଧ ଅର୍ଣ୍ଣବଯାନ-ପରିବୃତ ବୋମ୍ବାଇ ନଗରର ମନୋରମ ଦୃଶ୍ୟ ଦୃଷ୍ଟି-ଗୋଚର ହୁଏ । ଗୁହାର ପ୍ରବେଶଦ୍ୱାର ଅତି ପ୍ରଶସ୍ତ, ଏହି ଦ୍ୱାରଠାରୁ ମନ୍ଦିରପର୍ଯ୍ୟନ୍ତ ଧାଡ଼ି ଧାଡ଼ି ଶିଳାସ୍ତମ୍ଭ ମସ୍ତକରେ ଅତିଭାର ପାଷାଣଚ୍ଛାଦ ବହନକରି ରହିଅଛି । ସାନବଡ଼ ହୋଇ ସେଥିରେ ବତିଶଟି ସ୍ତମ୍ଭ ହେବ, ତନ୍ମଧ୍ୟରେ କେତୋଟି ଭଗ୍ନ ଏବଂ ଜୀର୍ଣ୍ଣ ଅବସ୍ଥାପନ୍ନ । ମନ୍ଦିରର ପ୍ରବେଶଦ୍ୱାରଠାରୁ ଶେଷ ପର୍ଯ୍ୟନ୍ତ ଦୀର୍ଘରେ ଏକଶ ତିରିଶପାଦ, ପୂର୍ବଦ୍ୱାରଠାରୁ ପଶ୍ଚିମଦ୍ୱାରର ଦୈର୍ଘ୍ୟ ମଧ୍ୟ ସେତିକ ।

ଏହି ବହୁମନ୍ଦିର ସମନ୍ୱିତ ଦ୍ୱୀପଟି ଶିବଙ୍କ ଅଧିଷ୍ଠାନ ହେତୁରୁ ହିନ୍ଦୁମାନଙ୍କର ଗୋଟିଏ ତୀର୍ଥସ୍ଥାନ ଥିଲା । କିନ୍ତୁ ବର୍ତ୍ତମାନ ସେ ପୂର୍ବ ଗୌରବ ବହୁ ପରିମାଣରେ ଲୁପ୍ତ ହୋଇଅଛି । ପୂର୍ବ ଧର୍ମବିଶ୍ୱାସ ଏବଂ ସମାଗମ-ଆଡ଼ମ୍ବର ଏବେ ଆଉ ନାହିଁ । ବର୍ତ୍ତମାନ ନାନାଜାତୀୟ ଲୋକ ଶିଳ୍ପନୈପୁଣ୍ୟ ଦର୍ଶନ ଏବଂ ଭୋଜ୍ୟବିହାରାଦି-ଦ୍ୱାରା ଚିତ୍ତବିନୋଦନ ଉଦ୍ଦେଶ୍ୟରେ ଗଜଦ୍ୱୀପଯାତ୍ରୀ ହୁଅନ୍ତି ; ତଥାପି ପ୍ରତି ଶିବରାତ୍ରି ଦିବସରେ ଏଠାରେ ହିନ୍ଦୁମାନଙ୍କର ଗୋଟିଏ ମେଳା ହୁଏ । ମନ୍ଦିର ମଧ୍ୟରେ ଅସଂଖ୍ୟ ହିନ୍ଦୁ ଦେବଦେବୀ-ମୂର୍ତ୍ତି । ତନ୍ମଧ୍ୟରେ ଶୈବ ମୂର୍ତ୍ତି ଅଧିକ । ଗୋଟିଏ ଚତୁର୍ଦ୍ୱାରବିଶିଷ୍ଟ ଦେବାଳୟରେ ଶିବଲିଙ୍ଗ ପ୍ରତିଷ୍ଠିତ । ତାହାର ଚତୁଃ-ପାର୍ଶ୍ୱରେ ଦ୍ୱାରପାଳଗଣ ଦୀର୍ଘ ଦଣ୍ଡହସ୍ତରେ ଦଣ୍ଡାୟ-ମାନ, ମନ୍ଦିରର ଭିତ୍ତିର ମୁଖସ୍ଥ ମଣ୍ଡପରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ମୂର୍ତ୍ତିତ୍ରୟ ବିରାଜିତ । ମଧ୍ୟରେ ନାନା-ଳଙ୍କାରଭୂଷିତ କମଣ୍ଡଳୁଧାରୀ ବ୍ରହ୍ମା, ତାଙ୍କର ବାମ ଭାଗରେ ଶଙ୍ଖପଦ୍ମାଦିଯୁକ୍ତ ବିଷ୍ଣୁ ଏବଂ ଦକ୍ଷିଣରେ ନୃମୁଣ୍ଡମଣ୍ଡିତ ପନ୍ନଗଭୂଷଣ ଶିବ । ଏହି ତ୍ରିମୂର୍ତ୍ତିର ଦକ୍ଷିଣ ପାର୍ଶ୍ୱରେ ବାମାର୍ଦ୍ଧଜାୟା ଅର୍ଦ୍ଧନାରୀଶ୍ୱର ବିଦ୍ୟମାନ । ମୂର୍ତ୍ତିର ଉଭୟ ପାର୍ଶ୍ୱରେ ହଂସବାହନ ଚତୁରାନନ ବ୍ରହ୍ମା ଏବଂ ଗରୁଡ଼ବାହନ ଚତୁର୍ଭୁଜ ବିଷ୍ଣୁ, ଊର୍ଦ୍ଧ୍ୱ ଏବଂ ପୃଷ୍ଠଦେଶରେ ଐରାବତ, ପୃଷ୍ଠା-ସୀନ ଦେବରାଜ ଇନ୍ଦ୍ରଙ୍କ ସହିତ ଅନ୍ୟାନ୍ୟ ଦେବ ଓ ଦେବର୍ଷିଗଣ ବିରାଜିତ । ତ୍ରିମୂର୍ତ୍ତିର ବାମପାର୍ଶ୍ୱରେ ହରପାର୍ବତୀଙ୍କର ଯୁଗଳ ମୂର୍ତ୍ତି । ଏଠାରେ ଧୂର୍ଜଟିଙ୍କ ଜଟାଜୂଟରୁ ତ୍ରିସ୍ରୋତା ଗଙ୍ଗା, ଯମୁନା, ସରସ୍ୱତୀର ନିର୍ଗମନ ଅଭିନୀତ । ତ୍ରିପୁରାନ୍ତକ ରୁଦ୍ରଙ୍କ ହସ୍ତଭରର ମହାନ୍ଧ ଅନ୍ଧକ ଅଭିନୀତ । ପ୍ରଥମଗଣପରିବୃତ ଏହି

---

* Tagor's Bombay Skethcs.

ହରମୂର୍ତ୍ତି ପାର୍ଶ୍ୱରେ ପାର୍ବତୀ ମଧ୍ୟ ସେହିପରି ଗୋଟିଏ ଅସୁରୋପରି ହସ୍ତଭରାର୍ପଣପୂର୍ବକ ଦଣ୍ଡାୟମାନ । ଉକ୍ତ ତ୍ରିମୂର୍ତ୍ତିର ନାତିଦୂରସ୍ଥ ପଶ୍ଚିମଦେବାଳୟରେ ହର-ପାର୍ବତୀଙ୍କ ବିବାହସଜ୍ଜା ଏବଂ ଉତ୍ତରଦିଗ୍‌ସ୍ଥିତ ମଣ୍ଡପରେ ଗଣେଶଙ୍କର ଜନ୍ମାଭିନୟ । ଶୁଭ୍ରଶୈଳ କୈଳାସୋପରି ଶିବଗୌରୀ ସମାସୀନ । ଊର୍ଦ୍ଧ୍ୱରୁ ଦେବଗଣ ପୁଷ୍ପବର୍ଷଣ-ତତ୍ପର । ଗୌରୀଙ୍କ ପୃଷ୍ଠଦେଶରେ ଗୋଟିଏ ସ୍ତ୍ରୀ ମୂର୍ତ୍ତି ଅଙ୍କରେ ସଦ୍ୟୋଜାତ ଶିଶୁଶାୟିତ । ଅନ୍ୟ ଏକ ମଣ୍ଡପରେ ଶୈବ ରାବଣର କୈଳାସୋତ୍ତୋଳନ ଦୃଶ୍ୟ । ଉପରେ କୈଳାସେଶ୍ୱର କମ୍ପମାନ ଶିବ ଏବଂ ତଳେ ମହାବଳଶାଳୀ ଭୀମରୂପ ରାବଣର ଗଠନରୁ ଶିଳ୍ପ-ନୈପୁଣ୍ୟର ଯଥେଷ୍ଟ ପରିଚୟ ମିଳେ । ଏହି ମଣ୍ଡପର ପଶ୍ଚିମଭାଗସ୍ଥିତ ଗୋଟିଏ ପ୍ରକୋଷ୍ଠରେ ଦକ୍ଷଯଜ୍ଞର ଅବିକଳ ଚିତ୍ର ଖୋଦିତ ହୋଇଅଛି । କପାଳମାଳା-ବଳୟିତ ରୁଦ୍ରମୂର୍ତ୍ତି ବୀରଭଦ୍ର ଦକ୍ଷବିନାଶରେ ନିଯୁକ୍ତ, ତଦୁପରିସ୍ଥ ଗୋଟିଏ ମହାଲିଙ୍ଗ ଚତୁଃପାର୍ଶ୍ୱରେ ଦେବଗଣ ସେହି ହତ୍ୟାକାଣ୍ଡକୁ ସନ୍ତ୍ରସ୍ତଭାବରେ ଦେଖୁ-ଅଛନ୍ତି, ଏହି ମହାଲିଙ୍ଗ ଉପରେ ଗୋଟିଏ ସଙ୍କେତ ଅଛି, ତାହା ଓଁକାରପ୍ରତିପାଦକ ଚିହ୍ନ ବୋଲି ପଣ୍ଡିତ-ମାନେ ଅନୁମାନ କରନ୍ତି । ଏହି ସ୍ଥାନର କେତେକ ପାଦ ଅନ୍ତରରେ ପ୍ରବେଶଦ୍ୱାରଠାରେ ମହାଦେବଙ୍କର ଅଷ୍ଟଭୁଜବିଶିଷ୍ଟ ଭୈରବମୂର୍ତ୍ତି ଏବଂ ଯୋଗାସନସ୍ଥିତ ମହାଯୋଗୀ ବିରାଜମାନ । ଏହି ମୂର୍ତ୍ତିମାନଙ୍କ ବ୍ୟତୀତ କାହିଁ ନାନା ଦେବ ଦେବୀ, ଅସୁର ଅସୁରୀ, କାହିଁ ବା ଯକ୍ଷକିନ୍ନରବୃନ୍ଦ, କାହିଁ ପଦ୍ମାସନା ଲକ୍ଷ୍ମୀ ସରସ୍ୱତୀ, କାହିଁ ବା ହରଜଟାଭ୍ରଷ୍ଟ ମୂର୍ତ୍ତିମତୀ ଗଙ୍ଗା, କାହିଁ ଦେବସେନାପତି କାର୍ତ୍ତିକେୟ, ସିଦ୍ଧିଦାତା ଲମ୍ବୋଦର ଗଣେଶ, କାହିଁ ବା ବିଶ୍ୱମୋହନ କାମଦେବ, କାହିଁ ରାମାନନ୍ଦତିଳକଭୂଷିତ ବୀର ହନୁମାନ, କାହିଁ ବା ସାଧୁ ଜଟାୟୁ ଇତ୍ୟାଦିଙ୍କର ନାନାମୂର୍ତ୍ତି ବିଦ୍ୟମାନ ।

ଏହି ମହାମନ୍ଦିରର ସମସ୍ତ ମୂର୍ତ୍ତି ବର୍ଣ୍ଣନା କରି ବସିଲେ ବହୁ ସ୍ଥାନ ବ୍ୟାପିଯିବ । ସର୍ବପୁରାଣବର୍ଣ୍ଣିତ ମୂର୍ତ୍ତିମାନ ଏହିଠାରେ ଏକସ୍ଥ । ତେଣୁ ଏହାକୁ ପୁରାଣ ବର୍ଣ୍ଣିତ କଥାରେ ଗୋଟିଏ ସ୍ଥାୟୀ ଆଲେଖ୍ୟପଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଚିତ୍ରଫଳକ ନିରୀକ୍ଷଣ କଲେ ଦର୍ଶକ କଳ୍ପନାଯାନରେ ଥରେ ସେହି ପୁରାଣବର୍ଣ୍ଣିତ ଅଶାଧ୍ୟୁ ରାଜ୍ୟ ବିଚରଣ କରି ଆସେ । ଦୁଃଖର କଥା, ବର୍ତ୍ତମାନ ଏହି ଚିତ୍ରଫଳକ ଅବିକଳ ନାହିଁ । କେବଳ କାଳହାର ଏହାର ବିଶେଷରେ କ୍ଷୟ ହୋଇ ନ ଥିଲେହେଁ କାଳରୂପୀ ଯବନଙ୍କ ଅତ୍ୟା-ଚାରରେ ଏହାର ବହୁତର ମୂର୍ତ୍ତି ବିକଳାଙ୍ଗ ହୋଇଅଛି । କେବଳ ଏତିକ ନୁହେଁ, ସେମାନଙ୍କ ଉତ୍ପୀଡ଼ନରେ ମନ୍ଦିରର ନିତ୍ୟ ନିୟମିତ କ୍ରିୟା ମଧ୍ୟ ବହୁକାଳରୁ ଲୁପ୍ତପ୍ରାୟ ହୋଇଅଛି । ସୁତରାଂ, ତାହା ବର୍ତ୍ତମାନ ଆମୋଦପ୍ରମୋଦର ସ୍ଥାନରେ ପରିଣତ ହୋଇଅଛି । ଆମ୍ଭମାନଙ୍କ ବର୍ତ୍ତମାନ ସମ୍ରାଟ୍ ଯେତେବେଳେ ଭାରତ ଦର୍ଶନ ଉପଲକ୍ଷରେ ବୋମ୍ବାଇରେ ପଦାର୍ପଣ କରିଥିଲେ ସେତେବେଳେ ତାହାଙ୍କର ସମ୍ମାନ ନିମିତ୍ତ ଏହିଠାରେ ଗୋଟିଏ ଭୋଜ୍ୟୋତ୍ସବ ହୋଇଥିଲା । ବର୍ତ୍ତମାନ ଏହି ସବୁ ମୂର୍ତ୍ତିରେ ବାର୍ଦ୍ଧକ୍ୟର କ୍ଷୀଣ ସୌନ୍ଦର୍ଯ୍ୟ କେବଳ ସେଠାରେ ବିଦ୍ୟମାନ, ପୂର୍ଣ୍ଣ ଯୌବନର ମହାସୌନ୍ଦର୍ଯ୍ୟ ଏବଂ ସୌଷ୍ଠବ କଳ୍ପନାରାଜ୍ୟରେ କେବଳ ସମ୍ଭବ ।

ଗଜଦ୍ୱୀପର ଜନ୍ମକାଳ ନିରୂପଣ କରିବା ଦୁଃସାଧ୍ୟ । କଥିତ ଅଛି, ଏହାର ପ୍ରବେଶପଥରେ ଗୋଟିଏ ଶିଳା-ଲିପି ଥିଲା; ତାହା ପର୍ତ୍ତୁଗାଲ ଅଧିପତିଙ୍କ ଆଦେଶ ଅନୁସାରେ ଲିସ୍‌ବନ୍‌ରାଜଧାନୀକି ପ୍ରେରିତ ହୋଇଥିଲା । କିନ୍ତୁ ତାକୁ ପାଠକରି ସେଠାରେ କେହି ଅର୍ଥବୋଧ କରି ପାରି ନାହାନ୍ତି । ଏହା ମନ୍ଦିରର ପ୍ରାଚୀନତ୍ୱର ଗୋଟିଏ ପ୍ରମାଣ; ତଥାପି ପଣ୍ଡିତମାନେ ଅନୁମାନଦ୍ୱାରା ସ୍ଥିର କରିଅଛନ୍ତି ଯେ, ଏହାର ବୟସ ସହସ୍ର ବର୍ଷରୁ ନ୍ୟୂନ ନୁହେ । ୧୭୮୨ ଖ୍ରୀଷ୍ଟାବ୍ଦରେ ଅର୍ଥାତ୍ ପ୍ରଥମ ମରହଟ୍ଟା ଯୁଦ୍ଧର ପେଶୋବା ରାଘବଙ୍କ ସନ୍ଧିଅବସରେ ଏହି ଦ୍ୱୀପ ଅନ୍ୟ ତିନୋଟି କ୍ଷୁଦ୍ରଦ୍ୱୀପ ସହିତ ଇଂରେଜ-ମାନଙ୍କ ଅଧିକାରକୁ ଆସିଥିଲା ।

Digitized by srujanika@gmail.com

ସର୍ ଉଇଲିୟମ୍ ଜୋନ୍‌ସ୍

(ଆବିର୍ଭାବ କାଳ, ବାଲ୍ୟଶିକ୍ଷା ଓ କଲେଜରେ ଅଧ୍ୟୟନ—ଆର୍ଥିକ ଅବସ୍ଥା—ଭାରତାଗମନ ଓ କାର୍ଯ୍ୟକ୍ଷେତ୍ର—ପ୍ରାଚ୍ୟ ଶାସ୍ତ୍ର, ବିଶେଷତଃ ଭାଷାବିଜ୍ଞାନର ଆଲୋଚନା—ବଙ୍ଗର ଆସିୟାଟିକ୍ ସୋସାଇଟି ସ୍ଥାପନ ଓ ତହିଁର ସଭାପତିତ୍ୱ—ମୃତ୍ୟୁକାଳ—ସଂକ୍ଷିପ୍ତ ଆଲୋଚନା ।)

ଯେଉଁ ମହାତ୍ମାମାନେ ସ୍ୱୀୟ ପ୍ରତିଭାବଳରେ ପୃଥିବୀର ମୁଖ ଉଜ୍ଜ୍ୱଳ କରି ଅମରତ୍ୱ ଲାଭ କରିଅଛନ୍ତି ଏବଂ ଯେଉଁ ଅଗାଧବିଦ୍ୟ ପାଶ୍ଚାତ୍ୟ ମନୀଷୀମାନେ ଭାରତର ବିପୁଳ ଶାସ୍ତ୍ରସମୂହ ସମ୍ୟକ୍ ଅଧ୍ୟୟନ ଓ ଆଲୋଚନାପୂର୍ବକ ଅଭିନବ ବେଶରେ ସାଧାରଣଙ୍କ ସମ୍ମୁଖରେ ଉପସ୍ଥିତ କରିଅଛନ୍ତି; ତନ୍ମଧ୍ୟରେ ସର୍ ଉଇଲିୟମ୍ ଜୋନ୍‌ସ୍‌ଙ୍କର ନାମ ଉଲ୍ଲେଖଯୋଗ୍ୟ । ତାହାଙ୍କଦ୍ୱାରା ପ୍ରତିଷ୍ଠିତ ରୟେଲ୍ ଆସିୟାଟିକ୍ ସୋସାଇଟି ନାମକ ରାଜକୀୟ ମହାସଭା ବର୍ତ୍ତମାନ ପ୍ରାଚ୍ୟ ଜ୍ଞାନ ବିଜ୍ଞାନର କିପରି ଉନ୍ନତି ଏବଂ ପୁଷ୍ଟି-ସାଧନ କରୁଅଛି, ତାହା ଶିକ୍ଷିତ ବ୍ୟକ୍ତି ମାତ୍ରକେ ଅଲ୍ପାଧିକ ପରିମାଣରେ ଅବଗତ ଅଛନ୍ତି । ଏହି ମହାତ୍ମା ନିଜର ଜୀବନକାଳ ମଧ୍ୟରେ ପୃଥିବୀର ଭାଷା-ରାଜ୍ୟରେ କି ପ୍ରକାର ଯୁଗାନ୍ତର ଉପନୀତ କରିଅଛନ୍ତି, ତାହା ତାହାଙ୍କ କର୍ମମୟ ଜୀବନର ଆଲୋଚନାରୁ ପ୍ରତିପନ୍ନ ହେବ ।

ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଖ୍ରୀଷ୍ଟୀୟ ୧୭୪୬ ଅବ୍ଦର ସେପ୍ଟେମ୍ବର ମାସ ବିଂଶତିତମ ଦିବସରେ ସର୍ ଉଇଲିୟମ୍ ଜୋନ୍‌ସ୍ ଭୂମିଷ୍ଠ ହେଲେ । ଲଣ୍ଡନ ମହାନଗରୀ ତାହାଙ୍କର ଜନ୍ମଭୂମି ଥିଲା । ଅତି ଶୈଶବାବସ୍ଥାରେ ତଦୀୟ ଜନକ କାଳ-ଗ୍ରାସରେ ପତିତ ହେବାରୁ, ଜନନୀଙ୍କ ଉପରେ ତାହାଙ୍କର ଶିକ୍ଷାଦି ନିର୍ଭର କଲା । କଥିତ ଅଛି, ଉକ୍ତ ଅବସ୍ଥାରେ ଯେତେବେଳେ ସେ କୌଣସି ବିଷୟରେ ଜିଜ୍ଞାସୁ ହୋଇ ଜନନୀଙ୍କି ପ୍ରଶ୍ନ କରୁଥିଲେ, ତେତେବେଳେ ପ୍ରଜ୍ଞାବତୀ ଜନନୀ ସର୍ବଦା ଏହି ପ୍ରତ୍ୟୁକ୍ତିଦ୍ୱାରା ତାହାଙ୍କର ନୈସର୍ଗିକ କୁତୂହଳ ଉଦ୍ରିକ୍ତ କରୁଥିଲେ— "ବତ୍ସ, ପଢ଼ିଲେ ନିଜେ ସବୁ ଜାଣି ପାରିବୁ ।" ଫଳତଃ ଏହି ଉକ୍ତିଦ୍ୱାରା ତାହାଙ୍କର ବିଦ୍ୟାପ୍ରତି ଅନୁରାଗ ପ୍ରବୃଦ୍ଧ ହୋଇ ଉଠିଲା । ସେ ସପ୍ତମ ବର୍ଷରେ ହାରୋ ନଗରସ୍ଥ ପାଠଶାଳାରେ ପଦାର୍ପଣ କରି ଯଥା-ସମୟରେ ତହିଁର ସମଗ୍ର ଅଧୀତବ୍ୟ ବିଷୟ ହୃଦୟଙ୍ଗମ କଲେ ଏବଂ ଅଷ୍ଟାଦଶ ବର୍ଷ ବୟଃକ୍ରମରେ ଅର୍ଥାତ୍ ୧୭୬୪ ଅବ୍ଦରେ ସୁପ୍ରସିଦ୍ଧ ଅକ୍‌ସ୍‌ଫୋର୍ଡ ବିଦ୍ୟାଳୟରେ ବିଦ୍ୟାର୍ଥୀରୂପେ ପ୍ରବେଶ ଲାଭ କଲେ । ଏହି ବିଦ୍ୟାମନ୍ଦିରରେ ସେ ଅନ୍ୟାନ୍ୟ ଅଧ୍ୟାୟୀଙ୍କ ପରି ବୃଥା କାଳକ୍ଷେପ ନ କରି ପ୍ରଗାଢ଼ ନିଷ୍ଠା ସହକାରରେ ଅଧ୍ୟୟନ କର୍ମରେ ବ୍ରତୀ ହୋଇଥିଲେ । ସେ ନିଜ ଶ୍ରମଶୀଳତା ଓ ତୀକ୍ଷ୍ଣ ମେଧାବଳରେ ସେଠାରେ ବିଦ୍ୟାଳୟର ନିର୍ଦ୍ଦିଷ୍ଟ ପାଠ ଅପେକ୍ଷା ବହୁଗୁଣ ଅଧିକ ଶିକ୍ଷା କରିଥିଲେ । ତାହାଙ୍କର ଏହି ଅଧ୍ୟବସାୟ ଦର୍ଶନରେ ଜଣେ ଅଧ୍ୟାପକ ନିରୂପଣ କରି କହିଥିଲେ ଯେ, "ଏହି ବାଳକ ଏକାକୀ ନଗ୍ନ ଅବସ୍ଥାରେ ସାଲିସ୍‌ବରି ପ୍ରାନ୍ତରରେ ପତିତ ହେଲେ ସୁଦ୍ଧା ଖ୍ୟାତିମାନ୍ ଏବଂ ଐଶ୍ୱର୍ଯ୍ୟବାନ୍ ହୋଇପାରିବ ।" ଜୋନ୍‌ସ୍ ଉକ୍ତ ସମୟରେ ଚା କିମ୍ବା କାଫି ସେବନଦ୍ୱାରା ରାତ୍ରି-ଜାଗରଣପୂର୍ବକ ପାଠ୍ୟ ବିଷୟ ଅଧ୍ୟୟନ କରୁଥିଲେ ଏବଂ ମଧ୍ୟେ ମଧ୍ୟେ ଅବକାଶ ବା ଅନଧ୍ୟାୟ ଦିବସରେ ବ୍ୟବହାର-ଶାସ୍ତ୍ରର ଆଲୋଚନା ମଧ୍ୟ କରୁଥିଲେ ।

Digitized by srujanika@gmail.com

ଅଳ୍ପକାଳ ମଧ୍ୟରେ ସେ କୌଣସି କୌଣସି ବ୍ୟବହାର ଶାସ୍ତ୍ରରେ ଏତେ ବ୍ୟୁତ୍ପନ୍ନ ହୋଇଥିଲେ ଯେ, ତତ୍ତତ୍ ଶାସ୍ତ୍ରରେ ପ୍ରବୀଣ ବ୍ୟବହାରଦର୍ଶୀଙ୍କୁ ସୁଦ୍ଧା ତଦନ୍ତର୍ଗତ ବ୍ୟବହାରବିଷୟକ ପ୍ରଶ୍ନଦ୍ୱାରା ଚମତ୍କୃତ ଏବଂ ପରିତୁଷ୍ଟ କରିଥିଲେ ।

ବାଲ୍ୟକାଳରୁ ଭାଷା ଶିକ୍ଷା ପ୍ରତି ଜୋନ୍‌ସ୍‌ଙ୍କର କୁତୂହଳ ସ୍ୱତଃ ପ୍ରଧାବିତ ହୋଇଥିଲା; କିନ୍ତୁ ତାହା ବୋଲି ଯେ ସେ ଭାଷା ଶିକ୍ଷାରେ କେବଳ ନୈପୁଣ୍ୟ ପ୍ରଦର୍ଶନ କରିଥିଲେ, ତାହା ନୁହେ । ଫସ ର ବ୍ୟବହାରୋପଯୋଗୀ ନାନାବିଧ ଶାସ୍ତ୍ର ଏବଂ ସୁକୁମାରବିଦ୍ୟାରେ ତାହାଙ୍କର ପ୍ରଶଂସନୀୟ ଅଭିଜ୍ଞତା ଥିଲା । ଅକ୍‌ସ୍‌ଫୋର୍ଡ଼୍‌ରେ ଅଧ୍ୟୟନ କାଳରେ ସେ ପ୍ରାଚୀନ ଗ୍ରୀକ୍ ଓ ଲାଟିନ୍ ଭାଷାରେ ସମ୍ୟକ୍ ବ୍ୟୁତ୍ପନ୍ନ ହୋଇଥିଲେ ସତ୍ୟ; କିନ୍ତୁ ସେତିକରେ ତାହାଙ୍କର ଦୁର୍ବାର କୁତୂହଳ ଶାନ୍ତ ହୋଇ ନ ଥିଲା । ପ୍ରାଚ୍ୟଦେଶୀୟ ଭାଷାମାନ ଶିକ୍ଷା କରିବାପାଇଁ ତାହାଙ୍କର ପ୍ରବୃତ୍ତି ବଳବତୀ ହେବାରୁ ସେ ସ୍ୱବ୍ୟୟରେ ଆରବୀ-ଶିକ୍ଷକ ରଖି ଆଗେ ଆରବୀ ଭାଷା ଶିକ୍ଷା କଲେ । ଅବକାଶାବଦରେ ଇଟାଲୀୟ, ସ୍ପେନୀୟ, ଫରାସି, ପର୍ତ୍ତୁଗୀଜ ପ୍ରଭୃତି ଭାଷାନିବଦ୍ଧ ସଦ୍‌ଗ୍ରନ୍ଥମାନଙ୍କର ଅଧ୍ୟୟନଦ୍ୱାରା ଏବଂ ମଧ୍ୟେ ମଧ୍ୟେ ବୀଣାବାଦନ ପ୍ରଭୃତି-ଦ୍ୱାରା ମଧ୍ୟ ଚିତ୍ତବିନୋଦନ କରୁଥିଲେ । ମହାମତି ଜୋନ୍‌ସ୍ ଶାରୀରିକ ଚର୍ଚ୍ଚା ଏକାବେଳକେ ପରିତ୍ୟାଗ କରି ନ ଥିଲେ । ସମୟ ସମୟରେ ଅଶ୍ୱାରୋହଣ ଓ ତରବାରିଖେଳଦ୍ୱାରା ଆତ୍ମରକ୍ଷାର ଉପାୟ ଶିକ୍ଷା କରୁଥିଲେ ।

ଆର୍ଥିକ ଅବସ୍ଥା ଆଶାନୁରୂପ ନ ଥିବାରୁ ଜୋନ୍‌ସ୍‌ଙ୍କ ଶିକ୍ଷାର ଯାବତୀୟ ବ୍ୟୟଭାର ବହନ କରିବା ତାଙ୍କ ଜନନୀଙ୍କ ପକ୍ଷରେ ଅତି କଷ୍ଟକର ହୋଇ ଥିଲା । ଜନନୀଙ୍କର ଉକ୍ତ କଷ୍ଟ ଦୂର କରିବାପାଇଁ ସୁଧୀ ଜୋନ୍‌ସ୍ ଛାତ୍ରବୃତ୍ତି ପାଇବା ଉଦ୍ଦେଶ୍ୟରେ ନାନା ବିଷୟକ ଅଧ୍ୟୟନରେ ସର୍ବଦା ବ୍ୟାପୃତ ଥିଲେ । ମାତ୍ର ଈପ୍‌ସିତ ବିଷୟରେ ସଫଳକାମ ହୋଇ ନ ଥିବାରୁ ୧୭୬୫ ଅବ୍ଦରେ ଲର୍ଡ଼ ଆଲ୍‌ଥର୍ପଙ୍କର ଉପାଧ୍ୟାୟତ୍ୱ ଅଙ୍ଗୀକାର କରିବାକୁ ବାଧ୍ୟ ହେଲେ । ତଦ୍ଦ୍ୱାରା ତାହାଙ୍କୁ ଜର୍ମାନସ୍ପାନ୍ ନାମକ ସ୍ଥାନରେ ଅବସ୍ଥିତି କରିବାକୁ ହେଲା ଏବଂ ଏହି ସୁଯୋଗରେ ସେ ଜର୍ମାନ ଭାଷା ଶିଖିନେଲେ । ଭାଷାଶିକ୍ଷା ଜୋନ୍‌ସ୍‌ଙ୍କ ପକ୍ଷରେ ଅନାୟାସସାଧ୍ୟ କର୍ମ ଥିଲା । କିଛି କାଳ ଉତ୍ତାରେ ସେ ପ୍ରୋକ୍ତ ସ୍ଥାନରୁ ପ୍ରତ୍ୟାଗମନ କରି ଡିଉକ୍ ଆବ୍ ଗ୍ରାଫ୍‌ଟନ୍‌ଙ୍କ ଅନୁରୋଧ କ୍ରମେ ପାରସୀ ଭାଷାରେ ଲିଖିତ ନାଦିରଶାହଚରିତ ଫରାସୀ ଅନୁବାଦ କଲେ । ତାହାଙ୍କର ଏହି ହସ୍ତଲିଖିତ ପୁସ୍ତକକୁ ସ୍ୱୟଂ ଡେନ୍‌ମାର୍କ୍‌ର ରାଜା ସାଦରେ ଗ୍ରହଣ କରିଥିଲେ ।

୧୭୭୨ ଖ୍ରୀଷ୍ଟାବ୍ଦରେ ଜୋନ୍‌ସ୍ କତିପୟ ପ୍ରାଚ୍ୟ କାବ୍ୟ ସଂଗ୍ରହ କରି ଖଣ୍ଡିଏ ପୁସ୍ତକ ପ୍ରକାଶ କଲେ । ସେଥିରେ ଆସୀୟିକ କବିଗଣପ୍ରଣୀତ କାବ୍ୟମାନଙ୍କର ସାରସନ୍ଦର୍ଭ ପ୍ରଦତ୍ତ ହୋଇଥିଲା । ଉକ୍ତ ଗ୍ରନ୍ଥର ପ୍ରଚାର-ଦ୍ୱାରା ସେ ରେୟଲ୍ ସୋସାଇଟିନାମ୍ନୀ ବିରାଟ ସଭାର ସଦସ୍ୟ ପଦରେ ବରିତ ହେଲେ । ପ୍ରାୟ ଦୁଇ ବର୍ଷ ଅତୀତ ନ ହେଉଣୁ ତତ୍କୃତ "ଡିପୋଏସି ଏସିୟାଟିକା" ନାମକ ବୃହତ୍ ଗ୍ରନ୍ଥ ପ୍ରକାଶିତ ହେଲା । ଏଥିରେ ଜୋନ୍‌ସ୍ ବହୁଶ୍ରମ ସ୍ୱୀକାରପୂର୍ବକ ଆସିୟାର ସର୍ବ-ଜାତୀୟ କାବ୍ୟର ବ୍ୟାଖ୍ୟା ପ୍ରଦର୍ଶନ କରିଥିଲେ । କିୟତ୍‌କାଳ ପରେ ସେ ଧର୍ମାଧିକରଣରେ ନିଯୁକ୍ତ ହେଲେ । ଏହି ସମୟରେ ସେ ଇଂଲଣ୍ଡଦେଶୀୟ ମୌଳିକ ବ୍ୟବସ୍ଥାର ସ୍ୱାଧୀନତା ପକ୍ଷରେ ଅନୁକୂଳ ଥିଲେ । ଆହୁରି ମଧ୍ୟ ଆମେରିକା ସହିତ ଇଂଲଣ୍ଡର ଯେଉଁ ଯୁଦ୍ଧ ହୋଇଥିଲା, ସେଥିରେ ସୁଦ୍ଧା ସେ ସାହସ-ବ୍ୟଞ୍ଜକ ଏକ ଲାଟିନସନ୍ଦର୍ଭଦ୍ୱାରା ସ୍ୱାଧୀନତାଦଳର ପକ୍ଷପାତିତା ପ୍ରକାଶ କରିଥିଲେ । ଐତିହାସିକ ଗବେଷଣାର ପ୍ରଗାଢ଼ତାଦ୍ୱାରା ବିଷୟର ଗୁଣଦୋଷ ବିଚାରପୂର୍ବକ ସୁପଣ୍ଡିତ ଜୋନ୍‌ସ୍ ଇସିୟୁସ୍‌ଙ୍କ ବକ୍ତୃତାର

Digitized by srujanika@gmail.com

ବ୍ୟାଖ୍ୟା ଓ ବୃତ୍ତି ସମ୍ବଳିତ ଯେଉଁ ସରଳ ଇଂରାଜୀ ଅନୁବାଦ ପ୍ରକାଶ କରିଥିଲେ, ସେଥିରେ ସେ ଆପଣାର କୃତିତ୍ୱ ଲାଗି ତେତାମାନ୍ତନ ଶିକ୍ଷିତସମାଜଠାରୁ ଯଥେଷ୍ଟ ସାଧୁବାଦ ଲାଭ କରିଥିଲେ ।

୧୭୮୦ ଅବ୍ଦରେ ଯେଉଁ ରାଷ୍ଟ୍ରବିପ୍ଳବ ସଂଘଟିତ ହୋଇଥିଲା, ତାହାର ନିବାରଣ ନିମିତ୍ତ ଜୋନ୍‌ସ୍ ଖଣ୍ଡିଏ ଧର୍ମଶାସ୍ତ୍ରାନୁମୋଦିତ କ୍ଷୁଦ୍ର ପୁସ୍ତକ ରଚନା କରିଥିଲେ ଏବଂ ବର୍ଷେ ଅତୀତ ନ ହେଉଣୁ ଆରବୀୟ ପ୍ରସିଦ୍ଧ ସପ୍ତକାବ୍ୟର ଅନୁବାଦ କର୍ମରେ ଆତ୍ମାକୁ ନିୟୋଜିତ କରି ଅଳ୍ପକାଳ ମଧ୍ୟରେ ସଫଳକାମ ହେଲେ । ଏହା ଛଡ଼ା ସେ ସାମୟିକ ପ୍ରସଙ୍ଗରେ ନାନା ସାରଗର୍ଭ ପ୍ରବନ୍ଧ ଓ ଗାଥା ରଚନା କରି ଜନସାଧାରଣଙ୍କର ପ୍ରୀତି ଆକର୍ଷଣ କରୁଥିଲେ । ୧୭୮୨ ଅବ୍ଦରେ ସେ ପାର୍ଲିଆମେଣ୍ଟନାମ୍ନୀ ମହାସଭାର ସଂଶୋଧନପକ୍ଷାବଲମ୍ବୀମାନଙ୍କ ମଧ୍ୟରେ ସୁଖ୍ୟାତି ପ୍ରାପ୍ତ ହୋଇ "ସୋସାଇଟି ଫର୍ କନଷ୍ଟିଚ୍ୟୁଶନାଲ୍ ଇନ୍‌ଫର୍‌ମେଶନ୍" ନାମକ ସଭାର ସଭ୍ୟରୂପେ ନିର୍ବାଚିତ ହେଲେ । ବର୍ଣ୍ଣିତ ସମୟରେ ସେ ଜଣେ କୃଷକ ଏବଂ ଜନପଦବାସୀ ଭଦ୍ରଲୋକଙ୍କ କଥୋପକଥନ ଛଳରେ ରାଜ୍ୟଶାସନ-ପ୍ରଣାଳୀର ମୂଳସାଧନବିଷୟକ ଖଣ୍ଡିଏ ଗ୍ରନ୍ଥ ପ୍ରଣୟନ କଲେ । ଏହି ଗ୍ରନ୍ଥ ପ୍ରକାଶଦ୍ୱାରା ଜଣେ ପ୍ରଧାନ ରାଜପୁରୁଷଙ୍କଦ୍ୱାରା ସେ ରାଜବିଦ୍ରୋହୀ ବୋଲି ଧର୍ମାଧିକରଣରେ ଅଭିଯୁକ୍ତ ହୋଇଥିଲେ । ସୌଭାଗ୍ୟକ୍ରମେ ଅଳ୍ପଦିନ ମଧ୍ୟରେ ଉକ୍ତ ଅଭିଯୋକ୍ତାଙ୍କ ଭଗିନୀସହିତ ଜୋନ୍‌ସ୍‌ଙ୍କର ଶୁଭପରିଣୟ ସମାହିତ ହେଲା । ଉକ୍ତ ସୁଯୋଗରେ ସେ ଆତ୍ମଗୋପନ ନ କରି ଆପଣାକୁ ଗ୍ରନ୍ଥକର୍ତ୍ତା ବୋଲି ପରିଚୟ ଦେଇ ସ୍ୱପକ୍ଷ ସମର୍ଥନ ଲାଗି ଚେଷ୍ଟାର ନାମକ ଧର୍ମାଧିକରଣର ପ୍ରଧାନ ପ୍ରାଡ୍‌ବିବେକଙ୍କ ନିକଟକୁ ଖଣ୍ଡିଏ ପତ୍ର ପ୍ରେରଣ କଲେ । ଅନନ୍ତର ରାଜମନ୍ତ୍ରୀଙ୍କ ଆନୁକୂଲ୍ୟରୁ ଜୋନ୍‌ସ ୧୭୮୩ ଖ୍ରୀଷ୍ଟାବ୍ଦରେ କଲିକତା ନଗରସ୍ଥ ସୁପ୍ରିମ୍‌କୋର୍ଟ ନାମକ ରାଜକୀୟ ଧର୍ମାଧିକରଣର ପ୍ରାଡ୍‌ବିବେକ ବା ବିଚାରକର୍ତ୍ତୃପଦ ପ୍ରାପ୍ତ ହେଲେ । ଉକ୍ତ ପଦକୁ ସେ ବହୁକାଳରୁ କାମନା କରୁଥିଲେ । ବର୍ତ୍ତମାନ ଏହି ଗୌରବାନ୍ୱିତ ପଦ ସଙ୍ଗେ ସମ୍ମାନସୂଚକ ନାଇଟ୍ ଏବଂ ତତ୍‌ପ୍ରଯୁକ୍ତ ସର୍ ଉପାଧିରେ ମଧ୍ୟ ଭୂଷିତ ହେଲେ ।

ସପ୍ତତ୍ରିଂଶତ୍ ବର୍ଷ ବୟଃକ୍ରମ କାଳରେ ଅର୍ଥାତ୍ ଖ୍ରୀଷ୍ଟୀୟ ୧୭୮୩ ଅବ୍ଦର ସେପ୍‌ଟେମ୍ବର ମାସରେ ଜୋନ୍‌ସ୍ କଲିକତା ରାଜଧାନୀରେ ପଦାର୍ପଣକରି ଦେଖିଲେ ଯେ; ସ୍ୱୀୟ ବିଦ୍ୟା ବୁଦ୍ଧି ପ୍ରଦର୍ଶନ କରିବାର ଉପଯୁକ୍ତ କର୍ମକ୍ଷେତ୍ର ପ୍ରାପ୍ତ ହୋଇଅଛନ୍ତି । ଅଳ୍ପକାଳ ଅବସ୍ଥାନ ଉତ୍ତାରେ ସେ ଲଣ୍ଡନ ନଗରସ୍ଥ ରଏଲ ସୋସାଇଟିନାମ୍ନୀ ମହାସଭାର ଅନୁକରଣରେ ଗୋଟିଏ ମହାସଭା କଲିକତାରେ ସ୍ଥାପନ କରିବାକୁ ଯତ୍ନବାନ ହେଲେ ଏବଂ ତାହାଙ୍କ ଅସାଧାରଣ ଉତ୍ସାହ ଓ ଉଦ୍ୟମର ଫଳସ୍ୱରୂପ କଲିକତା ରାଜଧାନୀରେ ଆସିୟାଟିକ୍ ସୋସାଇଟିନାମ୍ନୀ ମହାସଭା ପ୍ରତିଷ୍ଠିତ ହେଲା । ଜୋନ୍‌ସ୍ ଜୀବିତ ଥିବା ପର୍ଯ୍ୟନ୍ତ ଉକ୍ତ ମହାସଭାର ସଭାପତିତ୍ୱ ଦକ୍ଷତା ସହକାରେ ପରିଚାଳନ କରୁଥିଲେ ଏବଂ ବର୍ଷକୁ ବର୍ଷ ସ୍ୱୀୟ ଅଧ୍ୟବସାୟ ଗୁଣରେ ଏତଦ୍ଦେଶୀୟ ଶବ୍ଦଶାସ୍ତ୍ର ଏବଂ ପ୍ରତ୍ନତତ୍ତ୍ୱାଦିର ଅନୁସନ୍ଧାନଦ୍ୱାରା ଉକ୍ତ ସଭାର କାର୍ଯ୍ୟକୁ ଅପେକ୍ଷାକୃତ ଉଜ୍ଜ୍ୱଳ ଏବଂ ପରିପୁଷ୍ଟ କରିଥିଲେ । ଧର୍ମାଧିକରଣ ବିଚାର କର୍ମରେ ବ୍ୟାପୃତ ଥିବାରୁ ତାହାଙ୍କୁ ଅବକାଶ ଦିବସ ବ୍ୟତିରେକେ ଆଉ ଅଧ୍ୟୟନ ଲାଗି ଅବସର ମିଳୁ ନ ଥିଲା । ଦୀର୍ଘ ଅବକାଶରେ ସୁଦ୍ଧା ସେ ଅତି ପରିପାଟୀରେ ଦିନଯାପନ କରୁଥିଲେ । ପ୍ରତିଦିନ ସକାଳେ ଆପେ ଖଣ୍ଡିଏ ପତ୍ର ଲେଖି ସ୍ୱଧର୍ମଗ୍ରନ୍ଥ ବାଇବେଲର କେତେକ ଅଧ୍ୟାୟ ପାଠ କରନ୍ତି । ତଦନନ୍ତର ସଂସ୍କୃତ ବ୍ୟାକରଣ ଓ ଧର୍ମ ଶାସ୍ତ୍ରର ଆଲୋଚନା । ମଧ୍ୟାହ୍ନରେ ଭାରତବର୍ଷର ଭୌଗୋଳିକ ଆଲୋଚନା । ଅପରାହ୍ଣରେ ରୋମ ରାଜ୍ୟର ପୂର୍ବବୃତ୍ତ ପାଠ, ତତ୍ପରେ କିଛିକ୍ଷଣ

ଶତରଞ୍ଜୀ କ୍ରୀଡ଼ା ଏବଂ ଅପର କୌଣସି ସଦ୍‌ଗ୍ରନ୍ଥ ପାଠଦ୍ୱାରା ଦିବସର ଅବଶିଷ୍ଟାଂଶ ଯାପନ । ଏହିପରି ନିୟମରେ ଥାଇ କାଳକ୍ରମେ ସେ ଏତଦ୍ଦେଶୀୟ ଜଳବାୟୁ ଦୋଷରୁ ଅଥବା ଅନ୍ୟ କୌଣସି ପ୍ରାକୃତିକ କାରଣରୁ କ୍ରମଶଃ ଅସୁସ୍ଥ ହୋଇ ପଡ଼ିଲେ । ବିଶେଷତଃ ତାହାଙ୍କର ଚକ୍ଷୁ ଏତେ ନିସ୍ତେଜ ହୋଇ ପଡ଼ିଲା ଯେ; ସେ ସ୍ନିଗ୍ଧ ମହମବତୀ ଆଲୋକରେ ସୁଦ୍ଧା ପଢ଼ିପାରୁ ନ ଥିଲେ ; ତଥାପି କିଞ୍ଚିନ୍ମାତ୍ର ସାମର୍ଥ୍ୟ ଥିବାଯାଏ ଅଧ୍ୟୟନ କର୍ମରୁ ବିରତ ହେଉ ନ ଥିଲେ । ଏହି ସମୟରେ ସ୍ୱାସ୍ଥ୍ୟୋଦ୍ଧାର ନିମିତ୍ତ ଭିଷଗ୍‌ଗଣଙ୍କ ଉପଦେଶ ଅନୁସାରେ ତାହାଙ୍କୁ କିୟତ୍କାଳ ପର୍ଯ୍ୟଟନ କରିବାକୁ ପଡ଼ିଥିଲା । ଏହି ଅବକାଶରେ ସେ ଇଟାଲି, ଗ୍ରୀସ୍ ଏବଂ ଭାରତବର୍ଷର ସମସ୍ତ ଦେଶମାନଙ୍କ ବିଷୟରେ ଏକ ମହାଗ୍ରନ୍ଥ ପ୍ରଣୟନ କଲେ । କେତେକ ଦିନ ଏହିପରି ଅତୀତ ହେଲା ଉତ୍ତାରେ ସେ କିଞ୍ଚିତ୍ ସୁସ୍ଥହୋଇ ପୂର୍ବବତ୍ ପୁନର୍ବାର ଯତ୍ନ ଓ ଉଦ୍ୟମ ସହକାରେ ବିଚାରାଳୟର କାର୍ଯ୍ୟ ଓ ଅଧ୍ୟୟନରେ ମନୋନିବେଶ କଲେ । ତେତେବେଳେ ତାଙ୍କର ନିଜ ଭବନ କଲିକତାଠାରୁ ଅଢ଼େଇ କ୍ରୋଶ ଦୂରରେ ଅବସ୍ଥିତ ଥିଲେହେଁ ସେ ପ୍ରତିଦିନ ଯଥାନିୟମରେ ଆସି ବିଚାର କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରୁଥିଲେ । ତେତେବେଳେ ସେ ଏତେ ପ୍ରତ୍ୟୁଷରୁ ଉଠୁଥିଲେ ଯେ, ପଦବ୍ରଜରେ ଆସି ଅରୁଣୋଦୟ ବେଳକୁ କଲିକତାସ୍ଥ ଆବାସରେ ଉପସ୍ଥିତ ହୋଇ ଧର୍ମାଧିକରଣକୁ ଯିବା ପୂର୍ବରୁ ଅଧ୍ୟୟନାଦି କାର୍ଯ୍ୟ ସୁଶୃଙ୍ଖଳ ଭାବରେ ସମାଧାନ କରୁଥିଲେ । ଅବକାଶ ଦିବସରେ ସୁଦ୍ଧା ତାଙ୍କର ଏକାପରି କାର୍ଯ୍ୟ ଥିଲା । ୧୭୮୭ ଅବ୍ଦର ଦୀର୍ଘ ଅବକାଶ କାଳରେ ସେ କୃଷ୍ଣାନାମକ ସ୍ଥାନରେ ବିଶ୍ରାମ କରି ଲେଖିଥିଲେ ଯେ, ଆମ୍ଭେମାନେ ଏହି ପଲ୍ଲୀ କୁଟୀରରେ ବାସ କରି ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଅଛୁ । ତିନିମାସ କର୍ମରୁ ଅବସର ମିଳିଅଛି ସତ୍ୟ, କିନ୍ତୁ ମୁଁ ଦିନେ ସୁଦ୍ଧା କର୍ମଶୂନ୍ୟ ହୋଇନାହିଁ । ପ୍ରୟୋଜନାନୁରୂପ ଅଧ୍ୟୟନଦ୍ୱାରା ସ୍ୱକୀୟ କର୍ମର ସବିଶେଷ ସାହାଯ୍ୟ ପ୍ରାୟଶଃ ଘଟି ନ ଥାଏ; କିନ୍ତୁ ଏଠାରେ ସୌଭାଗ୍ୟକ୍ରମେ ମୋହର ତାହା ଘଟିଅଛି । ମୁଁ ଏହି କୁଟୀରରେ ଥାଇ ଆରବୀ ଓ ସଂସ୍କୃତ ଗ୍ରନ୍ଥ ଅଧ୍ୟୟନଦ୍ୱାରା ଧର୍ମାଧିକରଣର କାର୍ଯ୍ୟ କରିଅଛି । ଏଣିକି ସାହସପୂର୍ବକ କହିପାରେ, ହିନ୍ଦୁ ମୁସଲମାନ ବ୍ୟବସ୍ଥାଶାସ୍ତ୍ରଜ୍ଞମାନେ ଆଉ ମିଥ୍ୟା ବ୍ୟବସ୍ଥା ପ୍ରଦାନଦ୍ୱାରା ଆମ୍ଭମାନଙ୍କୁ ପ୍ରତାରଣା କରି ପାରିବେ ନାହିଁ; ଏହି ଉକ୍ତିରୁ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ, ଜୋନ୍‌ସ୍ ସର୍ବଦା ଏହିପରି ସତ୍‌ପରିଶ୍ରମରେ ନିଯୁକ୍ତ ଥାଇ ଆନନ୍ଦ ଏବଂ ଶାନ୍ତିରେ କାଳଯାପନ କରୁଥିଲେ ।

୧୭୮୯ ଖ୍ରୀଷ୍ଟାବ୍ଦରେ ଜୋନ୍‌ସ ମହାକବି କାଳିଦାସକୃତ ଅଭିଜ୍ଞାନଶକୁନ୍ତଳା ନାମକ ସୁପ୍ରସିଦ୍ଧ ନାଟକ ନିଜ ଭାଷାରେ ଅନୁବାଦପୂର୍ବକ ପ୍ରକାଶ କଲେ । ତହିଁର ପ୍ରାୟ ପାଞ୍ଚବର୍ଷ ପରେ ମନୁପ୍ରଣୀତ ଧର୍ମ ଓ ବ୍ୟବସ୍ଥା ଶାସ୍ତ୍ରର ଇଂରାଜୀ ଅନୁବାଦ ପ୍ରକାଶିତ ହେଲା । ସେଥିରେ ପ୍ରାଚୀନ ଭାରତର ଆଇନର ବ୍ୟବହାରବିଧି ବିଶଦରୂପେ ବିବୃତ ହୋଇଥିଲା । କି ବିଚାର କର୍ମ, କି ବିଦ୍ୟାନୁଶୀଳନ, ଉଭୟରେ ଅବିଶ୍ରାନ୍ତ ପରିଶ୍ରମ କରି ଏ ମହାତ୍ମା ଦୀର୍ଘଜୀବୀ ହୋଇ ପାରି ନ ଥିଲେ । ଅଷ୍ଟଚତ୍ୱାରିଂଶ ବର୍ଷ ବୟଃକ୍ରମରେ ୧୭୯୪ ଖ୍ରୀଷ୍ଟାବ୍ଦ ଅପ୍ରେଲ ମାସର ଶେଷ ସପ୍ତାହରେ ମହାତ୍ମା ଜୋନ୍‌ସ୍ ଏ ନଶ୍ୱର ଶରୀର ପରିତ୍ୟାଗ କଲେ । ମୃତ୍ୟୁର କିଛିଦିନ ପୂର୍ବରୁ ତାହାଙ୍କର ଯକୃତ୍ ସ୍ଫୀତ ହୋଇଥିବାର କଥିତ ହୁଏ ।

ସର୍ ଉଇଲିୟମ୍ ଜୋନ୍‌ସ୍‌ଙ୍କର ଜୀବନ-କାଳ ଆଲୋଚନା କଲେ ମନରେ ସ୍ୱତଃ ଏହି ପ୍ରଶ୍ନର ଉଦୟ ହୁଏ ଯେ, ସେ ଏତେ ଅଳ୍ପକାଳ ମଧ୍ୟରେ କିପରି ଏଡ଼େ ଗୁରୁତର କାର୍ଯ୍ୟମାନ ନିଷ୍ପାଦନ କରୁଥିଲେ । ତାହାଙ୍କ ଜୀବନରେ ଏପରି କି ବିଶେଷତ୍ୱ ଅଛି ? ଆଲୋଚନାରୁ ଜଣାଯାଏ, ପାରିପାଟ୍ୟ ଏବଂ ନିୟମାନୁବର୍ତ୍ତିତା ତାହାଙ୍କ ଜୀବନର ପ୍ରଧାନ ଲକ୍ଷଣ । ସେ କତିପୟ ନିର୍ଦ୍ଧାରିତ

Digitized by srujanika@gmail.com

ନିୟମ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଥିବାରୁ ମହତ୍ କାର୍ଯ୍ୟମାନ ସାଧନ କରିବାକୁ ସମର୍ଥ ହୋଇଥିଲେ । ତନ୍ମଧ୍ୟରେ ଗୋଟିଏ ଏହି ଯେ, ବିଦ୍ୟାଚର୍ଚ୍ଚାର ସୁଯୋଗ ପାଇଲେ, କଦାପି ତାହା ଉପେକ୍ଷା କରିବେ ନାହିଁ; ଅପରଟି ଏହି, ଆଜିମାନେ ଯେଉଁ ବିଷୟରେ ସଫଳକାମ ହୋଇ ଅଛନ୍ତି, ମୁଁ ଅବଶ୍ୟ ଯତ୍ନକଲେ ସେଥିରେ ସଫଳକାମ ହେବି । ସେ ପୃଥକ୍ ପୃଥକ୍ କର୍ମ ନିମିତ୍ତ ପୃଥକ୍ କାଳ ନିରୂପଣ କରି ନିର୍ଦ୍ଧାରିତ ସମୟରେ ତାହା ସମ୍ପାଦନ କରୁଥିଲେ । ସ୍ୱେଚ୍ଛାପୂର୍ବକ ସେ କଦାପି କୌଣସି ନିୟମର ବ୍ୟତିକ୍ରମ କରି ନ ଥିଲେ । ଏହି ନିୟମାନୁବର୍ତ୍ତିତା ଗୁଣ ହିଁ ତାହାଙ୍କୁ ଏତେ ବିଷୟରେ ଅଧିକାରୀ କରାଇଥିଲା ।

ସର୍ ଉଇଲିୟମ୍ ଜୋନ୍ସ୍‌ଙ୍କ ଅକାଳମୃତ୍ୟୁରେ ଏ ଦେଶର ମଧ୍ୟ ଭୂୟସୀ କ୍ଷତି ହୋଇଅଛି । ତାହାଙ୍କ ପରି ବହୁଭାଷାବିତ୍ ପୁରୁଷ ଦୁର୍ଲ୍ଲଭ । ଭାଷାତତ୍ତ୍ୱ ଅନୁସନ୍ଧାନରେ ସେ ଯେପରି ନୈପୁଣ୍ୟଲାଭ କରିଥିଲେ ତଦାନୀନ୍ତନ ଅନ୍ୟ କେହି ସେପରି ଲାଭକରି ପାରି ନାହାନ୍ତି । କେବଳ ଭାଷାତତ୍ତ୍ୱ ସମ୍ବନ୍ଧରେ ନୁହେ, ପ୍ରତ୍ନତତ୍ତ୍ୱ, ଧର୍ମଶାସ୍ତ୍ର, ସ୍ମୃତି, ଦର୍ଶନ ଏବଂ ନାନାଜାତିର ରୀତିନୀତି ସମ୍ବନ୍ଧରେ ମଧ୍ୟ ତାଙ୍କର ଯଥେଷ୍ଟ ଅଭିଜ୍ଞତା ଥିଲା । ଏଣେ ତାଙ୍କର ଯେପରି ଅସାଧାରଣ ପାଣ୍ଡିତ୍ୟ ଥିଲା, ସେହିପରି ମଧ୍ୟ କବିତ୍ୱଶକ୍ତି ଥିଲା । ଉକ୍ତ ଶକ୍ତିର ସୁନ୍ଦରସ୍ଫୁରଣ ନିମିତ୍ତ ଉପଯୁକ୍ତ ଅବସର ପାଇଥିଲେ, ସେ ମଧ୍ୟ ଜଣେ ଗଣନୀୟ କବି ହୋଇ ପାରିଥାନ୍ତେ । କେବଳ ଏତିକି ନୁହେଁ, ତାହାଙ୍କର ଚରିତ୍ର ଅତି ବିଶୁଦ୍ଧ ଥିଲା, ଜୀବନଚରିତଲେଖକଗଣ ତାହାଙ୍କ ଚରିତ୍ରରେ ଦୋଷାରୋପ କରି ନାହାନ୍ତି । ସେ ସ୍ୱଭାବତଃ ଦାନଶୀଳ ଏବଂ ତେଜସ୍ୱୀ ଥିଲେ । ତାହାଙ୍କର ଚିରସ୍ମରଣ ଉଦ୍ଦେଶ୍ୟରେ ବର୍ତ୍ତମାନ ଲଣ୍ଡନ ଏବଂ କଲିକତାରେ କୀର୍ତ୍ତିସ୍ତମ୍ଭ ଓ ପାଷାଣମୟୀ ମୂର୍ତ୍ତି ସନ୍ନିବେଶିତ ଅଛି । ଅଧିକନ୍ତୁ ତାହାଙ୍କ ସହଧର୍ମିଣୀ ତାଙ୍କର ସମଗ୍ର ଗ୍ରନ୍ଥ ଛଅଖଣ୍ଡି ବୃହଦାକାର ପୁସ୍ତକରେ ମୁଦ୍ରିତ କରି ବିଶାଳ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଅଛନ୍ତି ।

ଆଡ଼ମ୍ବର

(ଆଧୁନିକ ଯୁଗର ଆଡ଼ମ୍ବରପ୍ରିୟତା—ତଦ୍ଦ୍ୱାରା ଆଭ୍ୟନ୍ତରିକ ଅବନତି—ଛଳନାବଶତଃ ଆଧୁନିକ ଯୁଗର ଧର୍ମ, ସାହିତ୍ୟ ପ୍ରଭୃତିରେ ଦୂଷଣ—ଛଳନା ବିସର୍ଜନରେ ଶ୍ରେୟଃ ।)

ଆଡ଼ମ୍ବରପ୍ରିୟତା ଏ ଯୁଗର ଗୋଟିଏ ଲକ୍ଷଣ । କି ରାଜନୀତି, କି ଧର୍ମନୀତି, କି ସମାଜନୀତି, ସବୁଥିରେ କିଛି ହେଲେ ଆଡ଼ମ୍ବର ରହିଅଛି । ସମସ୍ତଙ୍କ ଦୃଷ୍ଟିଟା ଯେପରି କି ବାହାରେ ପଡ଼ିଅଛି । ବାହାରର ଉନ୍ନତିରେ ସମସ୍ତେ ପ୍ରବୃତ୍ତ । ନୀଚ ଉଚ୍ଚପଦସ୍ଥଠାରୁ ପ୍ରଥମେ ବାହ୍ୟ ବିଷୟ କେବଳ ଅନୁକରଣ କରୁଅଛି । ବହିର୍ବସ୍ତୁ ଅନୁକରଣରେ କାହାରି ବା ଦିବ୍ୟଦୃଷ୍ଟି ନାହିଁ ! କିନ୍ତୁ ଏହିପରି ବାହାର ଦୃଷ୍ଟିରେ ଭିତରର କି ଦୁରବସ୍ଥା ହେଉଅଛି, ତାହା ଲୋକେ ଚକ୍ଷୁ ଥାଇ ସୁଦ୍ଧା ପ୍ରତ୍ୟକ୍ଷ କରିପାରୁ ନାହାନ୍ତି । ମନ ଏହି ଆଡ଼ମ୍ବର-ସ୍ରୋତରେ ସଦା ଭାସମାନ ହୋଇ ବେଳେ ବେଳେ ମୂଳ ବା ଆଶ୍ରୟ ସ୍ଥଳରୁ ବିଚ୍ୟୁତ ହୋଇ ଯାଉଅଛି । ଯେ କୌଣସି ବିଷୟରେ ବିଚାରିକଲେ, ଦେଖାଯିବ, ମୂଳ ଦୃଢ଼ ନ ଥିଲେ, ସମଗ୍ର ବସ୍ତୁଟି କଦାପି ସ୍ଥିର ହୋଇ

Digitized by srujanika@gmail.com

ରହି ପାରିବ ନାହିଁ । ସମସ୍ତେ ଯଦି ଏହି ସ୍ରୋତରେ ଭାସି ମୂଳକୁ ଅବହେଳା ଯାନ୍ତି, ତାହା ହେଲେ ପରିଣାମ ଅଧଃପତନ ବିନା ଆଉ କଅଣ ହୋଇପାରେ ?

ଲୋକେ ଏହି ଛଳନାର ବଶବର୍ତ୍ତୀ ହୋଇ ପ୍ରକୃତ କଥା ପ୍ରାୟ ଗୋପନ କରିଥାନ୍ତି । ଫଳତଃ ଏହି ଛଳନାରୁ ମିଥ୍ୟା ପ୍ରଚାର ଏବଂ ପ୍ରତାରଣା ସମାଜରେ ବୃଦ୍ଧି ଲାଭ କରେ । ଯେ ଯାହା ଥାଏ, ସେ ତଦପେକ୍ଷା ଆପଣାକୁ ବଡ଼ ବୋଲି ଦେଖାଇ ହେଲେ, ଲାଭ ଅପେକ୍ଷା କ୍ଷତି ଅଧିକ । ବାହାବା ନେବା କିମ୍ବା କେବଳ ପଦପ୍ରାପ୍ତିରେ ଦୃଷ୍ଟି ରହିଲେ ଆଉ ତଦୁପଯୁକ୍ତ ଯୋଗ୍ୟତା ଉପାର୍ଜନରେ ଲୋକଙ୍କର ମନ ବଳେନାହିଁ । କେବଳ ଉପରେ ଉପରେ ଭାସିଲେ ରତ୍ନଲାଭ ଅସମ୍ଭବ । ଆଉ ଯାହା ଅଭ୍ୟନ୍ତର ପ୍ରଦେଶରୁ ଆସିନାହିଁ, ତାହା ସ୍ଥାୟୀ ବା ଦୃଢ଼ ନୁହେ ଏବଂ ତଦ୍ଦ୍ୱାରା କୌଣସି କାର୍ଯ୍ୟ ସୁସାଧିତ ହୋଇ ନ ପାରେ । ଲୋକଙ୍କର ଦୃଷ୍ଟି ଆଗେ ପଦାର୍ଥର ବାହାରେ ପଡ଼େ; ପଛେ ତାହାର ଭିତରେ— ଗୋଟିଏ ଜାତି ଅପର ସଭ୍ୟତାର ଜାତିଠାରୁ କେବଳ ବହିର୍ବିଷୟ ଆଗେ ଅନୁକରଣ କରେ; କିନ୍ତୁ ଅଭ୍ୟନ୍ତର ସମାନ ବା ଏକ ନ ହେଲେ ବାହାରକୁ ସଦୃଶ କରିବା ସୁସଙ୍ଗତ ନୁହେ । ଆଡ଼ମ୍ବରପ୍ରିୟତାଦ୍ୱାରା ଏହି ଅନୁକୃତିପରତନ୍ତ୍ରତା ଗତି କ୍ରମେ ସମାଜରେ ପ୍ରବେଶ କରିଅଛି ।

କିଞ୍ଚିତ୍ ରୂପ ଆଡ଼ମ୍ବର ଆବଶ୍ୟକ; କିନ୍ତୁ ଲଘୁଚିତ୍ତ ହୋଇ ଆପଣାକୁ ସୀମାତିରିକ୍ତ ପ୍ରଖ୍ୟାପନ କରିବା କଦାପି ଭଲ ନୁହେ । ଚାକଚକ୍ୟପ୍ରିୟତା ହେତୁରୁ ଆମ୍ଭେମାନେ ଅନେକ ସମୟରେ ଦ୍ରବ୍ୟର ପ୍ରକୃତ ମହତ୍ତ୍ୱ ବୁଝିପାରୁନାହିଁ । ଏହାର ଦୃଷ୍ଟାନ୍ତ ବହୁଳ ଭାବରେ ଆମ୍ଭମାନଙ୍କର ନିତ୍ୟ ପ୍ରତ୍ୟକ୍ଷୀଭୂତ ହେଉଅଛି । ଅନେକ ସ୍ଥାୟୀ ଦେଶୀୟ ଦ୍ରବ୍ୟ ପରିବର୍ତ୍ତରେ ସୁଦୃଶ୍ୟ ବୈଦେଶିକ ଦ୍ରବ୍ୟ ବ୍ୟବହାରର ବାହୁଲ୍ୟ କିଣ ତନ୍ମଧ୍ୟରେ ଗୋଟିଏ ପ୍ରଧାନ ନୁହେ ? ଦେଶୀ ଦ୍ରବ୍ୟ ଉପଯୋଗୀ ନ ହେଲେ ତାହାକୁ ଉନ୍ନତ ଏବଂ ଯୁଗଉପଯୋଗୀ-ନୋଚିତ କରିବା ଉଚିତ । କିନ୍ତୁ ଆମ୍ଭମାନଙ୍କର ବିକୃତ ରୁଚି ସେଥିକି ଅଗ୍ରସର ନ ହୋଇ ମନୋହର ବୈଦେଶିକ ଦ୍ରବ୍ୟ ପ୍ରତି ଧାବିତ । ଫଳତଃ ଏହି ଆପାତ ମଧୁର ଚାକଚକ୍ୟପ୍ରିୟତାର ପରିଣାମ କିପରି ଭୟଙ୍କର ଏବଂ ଅଶୁଭପ୍ରଦ, ତାହା ଚିନ୍ତାଶୀଳ ବ୍ୟକ୍ତିମାତ୍ରକେ ପ୍ରତ୍ୟକ୍ଷ କରି ପାରିବେ ।

ଛଳନା ଯୋଗୁଁ ଧର୍ମର ମଧ୍ୟ ଉନ୍ନତି ହୋଇ ପାରୁନାହିଁ । ଶିଖା ତିଳକାଦି ଧାରଣ ଯଥାର୍ଥ ଧର୍ମ ନୁହେ । ଅନ୍ତର ଶୁଦ୍ଧ ଥିଲେ କୌଣସି ପ୍ରକାର ବାହ୍ୟ ଆଡ଼ମ୍ବର ବା ଛଳନା ସ୍ପର୍ଶ କରିପାରେ ନାହିଁ । ବାହ୍ୟ ଆଡ଼ମ୍ବରରେ ଅଧିକାଂଶ ସମୟ ନଷ୍ଟକରି ବର୍ତ୍ତମାନ ଆମ୍ଭମାନଙ୍କର ଉପରଟି ଚିକ୍କଣ; କିନ୍ତୁ କଳୁଷିତ ଏବଂ କୀଟଦଷ୍ଟ ଭିତରଟି ଐନ୍ଦ୍ରଜାଲିକପରି ପ୍ରକୃତିକୁ ଅନ୍ୟ ପ୍ରକାର ପ୍ରଦର୍ଶନ କରିବା କଦାପି ଭଲ ନୁହେ । ପ୍ରାଣ ସର୍ବଦା ନୂତନ ଲଭିବାପାଇଁ ବ୍ୟାକୁଳ, ସ୍ଥାନଗୌରବ ପୁରାତନରେ ଆଉ ତାହାର ତୃପ୍ତି ହୁଏ ନାହିଁ; କିନ୍ତୁ ଏହି ମାନସନିହିତ ବାସନାକୁ ଅବଶ୍ୟ ଆଡ଼ମ୍ବର ବୋଲିହେବନାହିଁ । ଉଲ୍ଲିଖିତ ପ୍ରସଙ୍ଗ ବ୍ୟତୀତ ଆଧୁନିକ ରୀତିନୀତି ମଧ୍ୟ କଳ୍ପିତ ଛଳନାଯୁକ୍ତ ।

ସାହିତ୍ୟ ସମ୍ବନ୍ଧରେ ମଧ୍ୟ ଆଲୋଚନା କଲେ ଦେଖାଯିବ, ତାହା ଘୋର ଛଳନାବୃତ । ଆଜିକାଲି ସାହିତ୍ୟ-କ୍ଷେତ୍ରରେ ବିଶେଷତଃ ଉପନ୍ୟାସ ପ୍ରହସନାଦିର ସଂଖ୍ୟା ଯେପରି ବୃଦ୍ଧିଲାଭ କରୁଅଛି, ସେଥିରୁ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ, ଲୋକେ ସୁଲଭ କଳ୍ପନା ରାଜ୍ୟରେ ବିଚରଣ କରିବାକୁ ଉଦ୍ୟତ । ପ୍ରାଚୀନ ଆର୍ଯ୍ୟମାନେ ଗଣିତ, ଜ୍ୟୋତିଷ, ଦର୍ଶନ, ନ୍ୟାୟ, ସ୍ମୃତି ପ୍ରଭୃତି ଚିନ୍ତା ଓ ଗବେଷଣାସାଧ୍ୟ ଜଟିଳ ଶାସ୍ତ୍ର ପ୍ରଣୟନରେ ଅଧିକ ନିବିଷ୍ଟ ଥାଇ ତହିଁର ପୁଷ୍ଟି ସାଧନ କରୁଥିଲେ; କିନ୍ତୁ ବର୍ତ୍ତମାନ ତାଦୃଶ କଠିନ ଶ୍ରମସାଧ୍ୟ ତତ୍ତ୍ୱଚିନ୍ତା ପ୍ରାୟ ନାହିଁ । ଲେଖକବୃନ୍ଦ ସ୍ୱୀୟ ରଚନାକୁ ଭାଷାରେ ଚାକଚକ୍ୟଶାଳୀ କରିବା ବିଷୟରେ ସମଧିକ ଯତ୍ନବାନ୍ ।

Digitized by srujanika@gmail.com

ଲେଖାରେ ସାରବସ୍ତୁ ଥାଉ ବା ନ ଥାଉ, ବାକ୍ୟଗୁଡ଼ିକ ଆପାତତଃ ଶ୍ରୁତିମଧୁର ଏବଂ ସାଧାରଣ ଚିତ୍ତରଞ୍ଜକ ହେଲେ ଉଦ୍ଦେଶ୍ୟ ସିଦ୍ଧ ହେଲା । ଏପରି ଆଡ଼ମ୍ବର୍ଯ୍ୟ-କାରିତାଦ୍ୱାରା କଣ ସାହିତ୍ୟର ନିସର୍ଗ ଲାବଣ୍ୟ ନଷ୍ଟ ହେଉନାହିଁ ? ଯେଉଁ ସାହିତ୍ୟରେ ସତ୍ୟକଥା ବା ବିଶ୍ୱ-ଜନୀନ ବିଷୟ ଯେତେ ଅଧିକ ଥାଏ, ତାହା ତେତେ ଅଧିକ କାଳସ୍ଥାୟୀ । ବାକ୍‌ଛଟାପୂର୍ଣ୍ଣ ସାହିତ୍ୟ କଦାପି ଚିରସ୍ଥାୟୀ ହେବ ନାହିଁ । ପ୍ରସ୍ତର ପ୍ରସ୍ତର ଏବଂ ତଦୁପରି କୃତ ରଞ୍ଜନ କାର୍ଯ୍ୟ ମଧ୍ୟରେ ଯେପରି ସମ୍ବନ୍ଧ, ସ୍ଥାୟୀ ସାହିତ୍ୟ ଏବଂ ବାକ୍‌ଛଟା ମଧ୍ୟରେ ସେହିପରି । ପ୍ରସ୍ତରର ରଙ୍ଗ ତାହାର ସୌନ୍ଦର୍ଯ୍ୟ ବୃଦ୍ଧିରେ ସାହାଯ୍ୟ କରେ ସତ୍ୟ; ମାତ୍ର ସ୍ଥାୟିତ୍ୱ ସମ୍ବନ୍ଧରେ ତାହାର କିଛି ମାତ୍ର ଶକ୍ତି ନାହିଁ । ଯାହା ମୂଳରୁ ସୁନ୍ଦର ନୁହେଁ, ତାହାକୁ କୃତ୍ରିମ ଉପାୟଦ୍ୱାରା ସୁନ୍ଦର କରିବାକୁ ଗଲେ ସୁଦ୍ଧା ନୈସର୍ଗିକ ସୌନ୍ଦର୍ଯ୍ୟଶାଳୀ ହୋଇ ନ ପାରେ; କିନ୍ତୁ ସମସ୍ତେ ଏହି ନିସର୍ଗ ସୌନ୍ଦର୍ଯ୍ୟର ପକ୍ଷପାତୀ । ଅତଏବ ସମସ୍ତଙ୍କର ବାହ୍ୟ ଚାକଚକ୍ୟ ଆଡ଼କୁ ଦୃଷ୍ଟି ନ ଦେଇ ଅନ୍ତଃସାର ପ୍ରତି ଅଧିକ ଦୃଷ୍ଟି ଦେବା ଉଚିତ । ଛଳନାକୁ ମନୋମଧ୍ୟରୁ ଶୀଘ୍ର ଦୂରକରିବା ବୁଦ୍ଧିମାନର ସର୍ବଥା କର୍ତ୍ତବ୍ୟ ।

ଭୂମିକମ୍ପ

(ଭୂମିକମ୍ପର ନିଦାନ—ଆଗ୍ନେୟଗିରି ସହିତ ଭୂମିକମ୍ପର ସମ୍ବନ୍ଧ ଏବଂ ଆଧୁନିକ ଭୂମିକମ୍ପର କାରଣ ସମ୍ବନ୍ଧରେ ଲର୍ଡ଼ କେଲଭିନ୍‌ଙ୍କ ମତ ।)

ଆମ୍ଭମାନଙ୍କପରି ପୃଥିବୀକୁ ମଧ୍ୟ ନାନା ଉପଦ୍ରବ ସହ୍ୟ କରିବାକୁ ହୁଏ । ଆମ୍ଭମାନଙ୍କ ଶରୀରପ୍ରତି ବାତ-ଜ୍ୱର, କମ୍ପନ, କ୍ଷତାଦି ଯେପରି, ପୃଥିବୀ ପ୍ରତି ଭୂମିକମ୍ପ ଅଗ୍ନ୍ୟୁଦ୍‌ଗମ, ଭୂଗର୍ତ୍ତାଦି ଠିକ୍ ସେହିପରି । ସୃଷ୍ଟି ପ୍ରାରମ୍ଭରୁ ପୃଥିବୀ ସଙ୍ଗେ ଭୂମିକମ୍ପ ପ୍ରାୟ ଲାଗି ରହିଅଛି । ତେବେ ପୂର୍ବେ ଯେପରି ଭୂମିକମ୍ପ ଘନ ଘନ ହେଉଥିଲା, ବର୍ତ୍ତମାନ ସେପରି ଲକ୍ଷିତ ହୁଏ ନାହିଁ । କାରଣ ପୃଥିବୀ ପୂର୍ବେ ଅଗ୍ନିବତ୍ ଅତି ଉଷ୍ଣ ଅବସ୍ଥାରେ ଥିଲା ଏବଂ ସେହି ଅଗ୍ନିମୟ ପୃଥିବୀ କ୍ରମଶଃ ତେଜ ବିକିରଣପୂର୍ବକ ବର୍ତ୍ତମାନ ଅଗ୍ନିଗର୍ଭ ହୋଇଅଛି । ଏହି ଜଠରାଗ୍ନି ନୈସର୍ଗିକନିୟମରେ କ୍ରମଶଃ ଶାନ୍ତ ହେଉଥିଲେହେଁ ଅଦ୍ୟାପି ପୃଥିବୀ ତଜ୍ଜନିତ ବ୍ୟାଧିରୁ ମୁକ୍ତିଲାଭ କରି ନାହିଁ ।

ଅଗ୍ନ୍ୟୁଦ୍‌ଗମ ଭୂମିକମ୍ପର ସହଚର । ଅନେକ ସ୍ଥଳରେ ଭୂମିକମ୍ପ ସମକାଳରେ ସନ୍ନିହିତ ଆଗ୍ନେୟ-ଗିରିରୁ ଅଗ୍ନ୍ୟୁତ୍ପାତ ହେଉଥିବାର ପ୍ରମାଣ ମିଳେ । ଏହି ସବୁ ଦୈବ ଉପଦ୍ରବଦ୍ୱାରା ଆମ୍ଭମାନଙ୍କ ଆବାସ ଭୂମି ପୃଥିବୀରେ ଅଚିନ୍ତନୀୟ ପରିବର୍ତ୍ତନମାନ ସଂଘଟିତ ହୁଏ । କାହିଁ ମହାସାଗର ବିଶାଳ ମରୁଭୂମିରେ, ଗଭୀର ହ୍ରଦ ପର୍ବତରେ ଏବଂ ଉଚ୍ଚଭୂମି ସାଗର ତଳରେ, କାହିଁକା ସଂଶ୍ଳିଷ୍ଟ ସ୍ଥାନ ଗଭୀର ଗର୍ତ୍ତରେ ଏବଂ ବହୁଜନାକୀର୍ଣ୍ଣ ନଗର ମହାମରୁରେ ପରିଣତ ହୁଏ । ଅତଏବ ଅଧୁନାତନ ଅନେକ ଉନ୍ନତ ପର୍ବତ, ସାଗର, ମରୁଭୂମି, ଗର୍ତ୍ତ, ପ୍ରସ୍ରବଣାଦି ଉକ୍ତ ଉତ୍ପାତର ଗୋଟିଏ ଗୋଟିଏ ସ୍ଥିରତର କୀର୍ତ୍ତି । ଏହି ପ୍ରାକୃତିକ ଉତ୍ପାତ-ମାନଙ୍କରୁ ପରିତ୍ରାଣ ପାଇବାର ଉପାୟ ମାନବ ବୁଦ୍ଧିର

Digitized by srujanika@gmail.com

ଅଗମ୍ୟ । ତଥାପି ତତ୍ତ୍ୱାନୁସନ୍ଧିତ୍ସୁମାନେ ତହିଁର କାରଣ ଅନୁସନ୍ଧାନରେ ସର୍ବଦା ତତ୍ପର । ଭୂମିକମ୍ପର ଉତ୍ପତ୍ତି ସମ୍ବନ୍ଧରେ ବୈଜ୍ଞାନିକମାନେ ଯେଉଁ କାରଣ ନିର୍ଦ୍ଦେଶ କରିଅଛନ୍ତି, ତାହା ପ୍ରକାଶ କରିବାକୁ ହେଲେ ଆଗେ ସୃଷ୍ଟିର କ୍ରମ ଜାଣିବା ଆବଶ୍ୟକ ।

ପ୍ରାଚୀନ ଆର୍ଯ୍ୟମାନେ ସୃଷ୍ଟିପ୍ରକ୍ରିୟା ସମ୍ବନ୍ଧରେ ଏହିପରି ସ୍ଥିର କରିଅଛନ୍ତି ଯେ, ସର୍ବ ପ୍ରଥମେ ମନରୁ (ସୂକ୍ଷ୍ମପରମାଣୁ ବିଶେଷ)ମହା ଆକାଶର ଉତ୍ପତ୍ତି ଏବଂ ଏହି ଆକାଶରୁ ବାୟୁ (ବାଷ୍ପାଦି), ତହିଁରୁ ପୁଣି ତେଜ କ୍ରମଶଃ ଉତ୍ପନ୍ନ ହେଲା । ଏହି ତେଜ କ୍ରମଶଃ ଶୀତଳ ଓ ଘନୀଭୂତ ହୋଇ ଜଳ ଏବଂ ଜଳରୁ ଆମ୍ଭମାନଙ୍କ ଆଧାରଭୂତା ପୃଥିବୀର ଉତ୍ପତ୍ତି ହୋଇଅଛି । ଆଧୁନିକ ପଣ୍ଡିତମାନଙ୍କ ମତରେ ସର୍ବପ୍ରଥମେ କେବଳ ସୂକ୍ଷ୍ମ ପରମାଣୁ କୋଟି କୋଟି ଯୋଜନ ବିସ୍ତୃତ ଥିଲା । ସମ୍ଭବତଃ ଏହି ଚଳିଷ୍ଣୁ ପରମାଣୁମାନଙ୍କର ଗୋଟିଏ କେନ୍ଦ୍ରାଭିମୁଖୀ ଗତି ଥିଲା ଏବଂ ଏହି ଗତିଦ୍ୱାରା ସେ ସମସ୍ତ କ୍ରମଶଃ ସନ୍ନିହିତ ଓ ସଂହତ ହୋଇ ବାୟୁ ଅପେକ୍ଷା ଅତି ଲଘୁ କୌଣସି ଦ୍ରବ୍ୟରେ ପରିଣତ ହେଲା । ପଶ୍ଚାତ୍ ସେହି ଲଘୁ ପଦାର୍ଥ କ୍ରମଶଃ ଘନୀଭୂତ ହୋଇ ବାୟୁଜଳାଦି ପରିଚିତ ଯୌଗିକ ପଦାର୍ଥର ଆକାର ଧାରଣ କଲା; କିନ୍ତୁ ଉକ୍ତ ଚଳିଷ୍ଣୁ ପରମାଣୁଗୁଡ଼ିକ କେନ୍ଦ୍ରାଭିମୁଖୀ ଗତିଦ୍ୱାରା ପରସ୍ପର ଆହତ ପ୍ରତିହତ ହୋଇ ସମଗ୍ର ପଦାର୍ଥ ମଧ୍ୟରେ ଏକ ଗତି ବା କମ୍ପନ ଉତ୍ପାଦନ କରୁଥିବାରୁ ସୃଷ୍ଟିର ନିତ୍ୟ ଚଞ୍ଚଳତା ବହୁକାଳଯାଏ ଥିଲା । କହିବାକୁ ଗଲେ ସେତେବେଳେ ଭୂମିକମ୍ପ ଦୈନନ୍ଦିନ ଘଟନାର ଅନ୍ତର୍ଗତ ଥିଲା, କିନ୍ତୁ ବର୍ତ୍ତମାନ ସେ ଚଞ୍ଚଳତା ନାହିଁ । ଏ ସମ୍ବନ୍ଧରେ ବର୍ତ୍ତମାନ ଲର୍ଡ଼ କେଲଭିନ୍ ନାମକ ଜଣେ ବୈଜ୍ଞାନିକ ଏହି କାରଣରୁ ନିର୍ଦ୍ଦେଶ କରନ୍ତି ଯେ, କାଳକ୍ରମେ ଉକ୍ତ ପରମାଣୁଗୁଡ଼ିକ ଯେତେବେଳେ ଅଣୁରେ ପରିଣତ ହେଲା, ତେତେବେଳେ ପୃଥିବୀର ପୂର୍ବ ଚଞ୍ଚଳତା ଅନ୍ତର୍ହିତ ହୋଇଗଲା ଏବଂ ସେହିଠାରୁ ସୃଷ୍ଟିର ପ୍ରାରମ୍ଭ । ଏହି ସମୟରେ ପୃଥିବୀ ଅତ୍ୟୁଷ୍ଣ ତରଳ ଅବସ୍ଥାରେ ଥିଲା । କ୍ରମେ ତାହା ସଙ୍କୁଚିତ ହେବାରୁ ଉପରଭାଗ ଅଧିକ ଶୀତଳ ଏବଂ ଘନ ହେଉଥିଲେହେଁ, ଅଭ୍ୟନ୍ତରରେ ସେହି ତରଳ ପଦାର୍ଥ ଅଛି ଏବଂ ତହିଁର ଉଷ୍ଣତା ଊଣା ହେବା ତେଣିକି ଥାଉ ବରଂ ସଙ୍କୋଚନଜନିତ ତାପଦ୍ୱାରା ଅଧିକ ଉଷ୍ଣ ହେଉଅଛି । ଉପରେ କଠିନ ଏବଂ ଭିତରେ ତରଳ ପଦାର୍ଥ ରହିବାଯୋଗୁଁ ଏଥିରେ ନାନା ଉତ୍ପାତ ହେବାର ସମ୍ଭାବନା । ଆଧୁନିକ ବୈଜ୍ଞାନିକଙ୍କ ମତରେ ସ୍ଥାନେ ସ୍ଥାନେ ଉପରସ୍ଥ କଠିନ ପଦାର୍ଥ ଯେତେବେଳେ ଉକ୍ତ ତରଳ ସ୍ରୋତରେ ନିପତିତ ହୁଏ ସେତେବେଳେ ସେହି ସ୍ରୋତ ସ୍ଥାନାବରୋଧବଶତଃ ଊର୍ଦ୍ଧ୍ୱକୁ ଉଠି ବହିର୍ଗମନର ମାର୍ଗ ଅନ୍ୱେଷଣ କରେ ଏବଂ କୌଣସି ଛିଦ୍ର ପାଇଲାମାତ୍ରେ ଉଦ୍‌ଗତ ହୁଏ, ତାହା ଅଗ୍ନ୍ୟୁତ୍ପାତ । ଆଉ ସେହି ଉଦ୍‌ଗମନଜନିତ କମ୍ପନ ଏବଂ ଅତଃପାତରେ ଭୂମିକମ୍ପ ସଂଘଟିତ ହୁଏ । ମାତ୍ର ଏହି ତରଳସ୍ରୋତ କ୍ରମଶଃ ଘନୀଭୂତ ହେଉଥିବାରୁ ଭବିଷ୍ୟତରେ ଅଗ୍ନ୍ୟୁତ୍ପାତ ଏବଂ ଭୂମିକମ୍ପର ଆଶଙ୍କା ଅତି ଅଳ୍ପ । ବୈଜ୍ଞାନିକ ପଣ୍ଡିତମାନେ ଆଲୋଚନା କରି ଦେଖିଅଛନ୍ତି ଯେ, ପୂର୍ବେ ଯେତେ ଅଗ୍ନ୍ୟୁତ୍ପାତ ହେଉଥିଲା, ବର୍ତ୍ତମାନ ତେତେ ନାହିଁ । ଆଗ୍ନେୟଗିରିର ସଂଖ୍ୟା ଯଥେଷ୍ଟ ଊଣା ହୋଇ ଆସିଲାଣି । ଭୂମିକମ୍ପର ଭୀଷଣତା ମଧ୍ୟ ବହୁପରିମାଣରେ ଊଣା ପଡ଼ିଅଛି । ଏଥିରୁ ଅନେକ ଅନୁମାନ କରନ୍ତି, ପୃଥିବୀ କ୍ରମଶଃ ଶୀତଳ ହେଉ ହେଉ ଯେତେବେଳେ ସର୍ବତୋଭାବରେ କଠିନ ହୋଇଯିବ, ତେତେବେଳେ ଭୂମିକମ୍ପ ଏବଂ ଅଗ୍ନ୍ୟୁତ୍ପାତ ଏକାବେଳକେ ଲୁପ୍ତ ହେବ; କିନ୍ତୁ ଏ ସମ୍ବନ୍ଧରେ ଉକ୍ତ ବୈଜ୍ଞାନିକ ପଣ୍ଡିତ ଏହି ମୀମାଂସା କରିଅଛନ୍ତି ଯେ, ଭବିଷ୍ୟତରେ ଆଗ୍ନେୟଗିରିର ଅଗ୍ନ୍ୟୁତ୍ପାତ ଅବଶ୍ୟ ଲୋପପ୍ରାପ୍ତ ହୋଇଯିବ ଏବଂ ଯେଉଁ ସବୁ ସଜୀବ ଆଗ୍ନେୟଗିରି ଅଛି, ତାହା କାଳକ୍ରମେ ନିର୍ବାପିତ ହୋଇଯିବ; କିନ୍ତୁ ଭୂମିକମ୍ପର ଲୋପ

Digitized by srujanika@gmail.com

ସମ୍ବନ୍ଧରେ କୌଣସି ଆଶା ଦିଶୁନାହିଁ, କାରଣ ପୃଥିବୀ ଟାଣ ବାନ୍ଧି କ୍ରମେ କଠିନତର ହେଲେ ମଧ୍ୟ ଭୂଗର୍ଭର ଆନ୍ତ୍ର ନ ସ୍ଥଗିତ ହେବ ନାହିଁ। ଏହି ଆକୁଞ୍ଚନ ଯୋଗୁଁ ସ୍ଥାନେ ସ୍ଥାନେ ବଡ଼ ବଡ଼ ଗର୍ତ୍ତ ବା ଫାଟର ସୃଷ୍ଟି ହେଉଥିବ। ଏହି ସବୁ ତଳର ଗର୍ତ୍ତ ବା ଶୂନ୍ୟ ସ୍ଥାନ ପୂର୍ଣ୍ଣ କରିବାଲାଗି ମଧ୍ୟେ ମଧ୍ୟେ ଉପରୁ ମୃତ୍ତିକା ପ୍ରସ୍ତର ପ୍ରଭୃତି ଭୂଷୁଡ଼ି ପଡ଼ିବ। ଏହିପରି ଭଙ୍ଗପାତ ଦ୍ୱାରା ମଧ୍ୟ ଭୂମିକମ୍ପ ପୂର୍ଣ୍ଣମାତ୍ରାରେ ହୋଇପାରିବ। ସୁମାତ୍ରା ଦ୍ୱୀପ ପ୍ରଭୃତିରେ ଆଧୁନିକ ଭୂମିକମ୍ପ ଲର୍ଡ଼ କେଲଭିନ୍‌ଙ୍କ ଏହି ମତର ପୋଷକତା କରୁଅଛି। ବିଗତ ସୁମାତ୍ରା-ଭୂମିକମ୍ପରେ ଭୂପୃଷ୍ଠର କେତେକ ଅଂଶ ନୀଚ ହୋଇ ଯାଇଅଛି ଏବଂ ଏହି ନିମ୍ନଭୂମିରେ ଗୋଟିଏ ନଗରର ଏକ ଅଂଶ ସମୁଦ୍ରସାତ୍ ହୋଇଅଛି। ଜାପାନରେ ମଧ୍ୟ ଅଳ୍ପ କାଳ ହେଲା ସେହିପରି ଗୋଟିଏ ଭୂମିକମ୍ପ ହୋଇଅଛି। ସେଥିରେ ଗୋଟିଏ ସ୍ଥାନ ପ୍ରାୟ ତେର ହାତ ତଳକୁ ଦବି ଯାଇଅଛି। ଏହି ସବୁ ସ୍ଥାନର ଅଧଃସ୍ଥିତ ମୃତ୍-ପାଷାଣାଦି କଠିନାଂଶ ପୂର୍ବବତ୍ ବିଚ୍ଛିନ୍ନ ହୋଇ ନ ଥିଲେ ଏପରି କଦାପି ଘଟି ନ ଥାନ୍ତା।

ଉଲ୍ଲିଖିତ ଦୈବ ଉପଦ୍ରବର କଥା ଶୁଣିଲେ ମାନବସମାଜରେ ଘୋର ଆତଙ୍କ ଉପସ୍ଥିତ ହୁଏ। ମାନବ ବୁଦ୍ଧିବଳରେ ଏଥିର କାରଣ ମାତ୍ର ଅନୁମାନ କରିଅଛି; କିନ୍ତୁ ସେଥିରେ ସୃଷ୍ଟିକର୍ତ୍ତାଙ୍କର କି ଗୂଢ଼ ଉଦ୍ଦେଶ୍ୟ ସାଧିତ ହେଉଅଛି, ତାହା ମାନବ ବୁଦ୍ଧିର ଅଗମ୍ୟ।

ରାଣୀ ଅହଲ୍ୟା ବାଈ

(ବଂଶପରିଚୟ—ବୈଧବ୍ୟ ଏବଂ ରାଜକାର୍ଯ୍ୟ ଗ୍ରହଣ—ଶାସନନୀତି ଏବଂ ଦୈନିକ କାର୍ଯ୍ୟପ୍ରଣାଳୀ—ଚରିତ୍ରର ମହତ୍ତ୍ୱ ଏବଂ ଅନ୍ତିମ କାଳ।)

ଜଗତରେ କେବଳ ଦୟା, କ୍ଷମା, ପ୍ରେମ ଭକ୍ତି ବାତ୍ସଲ୍ୟାଦି ଗୁଣରେ ଯେ ନାରୀଜାତି ପୁରୁଷଙ୍କ ଅପେକ୍ଷା ଉତ୍କର୍ଷ ଦେଖାଇ ଅଛନ୍ତି, ତାହା ନୁହେ। ଅସାଧାରଣ ପାଣ୍ଡିତ୍ୟ, ଧୀମତ୍ତା, ଶୌର୍ଯ୍ୟ, ସୌରାଜ୍ୟ ଏବଂ ସାର୍ବଭୌମ ଆଧିପତ୍ୟରେ ମଧ୍ୟ ସେମାନେ ପୁରୁଷଜାତିଙ୍କୁ ବଳି ପଡ଼ିଅଛନ୍ତି। ବ୍ରହ୍ମଜ୍ଞା ଆର୍ଯ୍ୟା ମୈତ୍ରେୟୀ, ବିଦୁଷୀ ଲୀଳାବତୀ, ବୀରବୃନ୍ଦବନ୍ଦ୍ୟା ବୀର୍ଯ୍ୟବତୀ ଦୁର୍ଗାବତୀ, ଗୁଣବତୀ ଏଲିଜାବେଥ୍, ସର୍ବଗୁଣାଳଙ୍କୃତା ମହାରାଣୀ ଭିକ୍ଟୋରିୟା ପ୍ରମୁଖ ବିଭିନ୍ନ ଯୁଗର ନାରୀଗଣ ତହିଁର ଦୃଷ୍ଟାନ୍ତସ୍ଥଳ। ଏ ସ୍ଥଳରେ ବର୍ତ୍ତମାନ ସେହିପରି ଜଣେ ଆଦର୍ଶ ନାରୀଙ୍କର ଶିକ୍ଷାପ୍ରଦ ଜୀବନ ଆଲୋଚିତ ହେଉଅଛି।

ଆମ୍ଭେମାନେ ପ୍ରତ୍ୟହ ବହୁ ଲୋକଙ୍କର ମୃତ୍ୟୁସମ୍ବାଦ ଶୁଣୁଅଛୁଁ। ସେଥିପାଇଁ ମନରେ ସବିଶେଷ ଦୁଃଖ ହୁଏ ନାହିଁ କିମ୍ବା ହେଲେ ଅଧିକକାଳ ସ୍ଥାୟୀ ହୁଏ ନାହିଁ। କିନ୍ତୁ ଜଣକ ମୃତ୍ୟୁରେ ସମଗ୍ର ରାଜ୍ୟ କାହିଁକି ହାହାକାରପୂର୍ଣ୍ଣ ହୋଇଯାଏ? ମହାରାଣୀ ଭିକ୍ଟୋରିୟାଙ୍କ ଲୋକାନ୍ତର ଗମନରେ କାହିଁକି ପୃଥିବୀବ୍ୟାପୀ ଶୋକୋଚ୍ଛ୍ୱାସ ଅଭ୍ୟୁତ୍ଥିତ ହେଲା। ପ୍ରାୟ ଶତାଧିକ ବର୍ଷ ପୂର୍ବରୁ ରାଣୀ ଅହଲ୍ୟା ବାଈଙ୍କର ମୃତ୍ୟୁ ହେଲାଣି; ତେବେ ଆଜି କାହିଁକି ତାହାଙ୍କର ପବିତ୍ର ନାମ ସ୍ମୃତିପଥାରୂଢ଼ ହେଲା? ଏମାନଙ୍କର ଅବଶ୍ୟ କିଛି ସ୍ମରଣୀୟ ଗୁଣ ଅଛି, ଯଦ୍ଦ୍ୱାରା ସମସ୍ତେ ମୁଗ୍ଧ ଏବଂ

Digitized by srujanika@gmail.com

ଉପକୃତ । ତେଣୁ ସେମାନଙ୍କର ବିୟୋଗ ଲୋକଙ୍କର ଅସହ୍ୟ ହୋଇ ପଡ଼ିଅଛି ।

ରାଣୀ ଅହଲ୍ୟାବାଈଙ୍କର * ଯଶୋଗୁଣ ବର୍ତ୍ତମାନ ଭାରତବ୍ୟାପ୍ତ । ମହାରାଷ୍ଟ୍ର ଦେଶରେ ନାନା ଶ୍ରେଣୀର ଲୋକମୁଖରେ ତାଙ୍କର ନାମ ସହ ଯଶୋରାଶି ଅଦ୍ୟାପି ଗୀତ ହେଉଅଛି । ତାହାଙ୍କର କର୍ମକୁଶଳତା ଏବଂ ସୁଖ୍ୟାତିବର୍ଣ୍ଣନ ପୂର୍ବରୁ ଟିକିଏ ବଂଶର ପରିଚୟ ପ୍ରଦାନ ଆବଶ୍ୟକ । ମହାରାଷ୍ଟ୍ର ଦେଶରେ ପେଶୋବା ଶାସନ ନିର୍ଜୀବ ଓ ଅନ୍ତଃସାରଶୂନ୍ୟ ହୋଇ ପଡ଼ିବାରୁ ରାଜ୍ୟରେ ଯେତେବେଳେ ନାନା ବିପ୍ଳବ ସଂଘଟିତ ହେଲା, ସେତେବେଳେ ହୋଲକାରବଂଶଜ ମରହଟ୍ଟାମାନେ ସ୍ୱୀୟ ପ୍ରଭାବ ବିସ୍ତାର କଲେ । ପୁନା ପ୍ରଦେଶାନ୍ତର୍ଗତ ନୀରା ନଦୀ ତୀରବର୍ତ୍ତୀ ହୋଲ ନାମକ ପଲ୍ଲୀରେ ସେମାନଙ୍କ ଆଦିମ ଅଧିବାସ ଥିବାରୁ ସେମାନେ ହୋଲକାର ନାମରେ ଆଖ୍ୟାତ । ଏହି ବଂଶର ସମୁଜ୍ଜ୍ୱଳମଣି ମଲ୍‌ହର ରାଓ ସପ୍ତଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟକାଳରେ ସେ ମାତୁଳଙ୍କର ମେଷପାଳକ ଥିଲେ । କଥିତ ଅଛି, ଦିନେ ସେ ଗୋଟିଏ ବୃକ୍ଷମୂଳରେ ଶୋଇଅଛନ୍ତି, ଏମନ୍ତ ସମୟରେ ଗୋଟିଏ ଅଜଗର ଆସି ସ୍ୱୀୟ ବିସ୍ତୃତ ଫଣାକୁ ଆତପତ୍ର ସ୍ୱରୂପ ତାହାଙ୍କ ମସ୍ତକ ଉପରେ ଉତ୍ତୋଳନ କରିଅଛି । ମଲ୍‌ହର ଏହି ଶୁଭ ଶକୁନ ଦର୍ଶନରେ ଆଶାନ୍ୱିତ ଆଉ ରାଜସେବା ଅନ୍ୱେଷଣରେ ଯତ୍ନବାନ୍ ହୋଇ ସିଦ୍ଧକାମ ହେଲେ ଏବଂ କାଳକ୍ରମେ ନିଜ ଅଧ୍ୟବସାୟ ଓ ବାହୁବଳରେ ମାଳବର ଆଧିପତ୍ୟ ଲାଭକଲେ । ଅହଲ୍ୟାବାଈ ଏହି ଆମ୍ନୋନ୍ନତିଶୀଳ ମଲ୍‌ହର ରାଓଙ୍କର ପୁତ୍ରବଧୂ ।

ପ୍ରଥମ ମାଳବରାଜ ଉକ୍ତ ମଲ୍‌ହରଙ୍କର ଏକମାତ୍ର ପୁତ୍ର ଖଣ୍ଡେରାଓ ପତିବ୍ରତା ଅହଲ୍ୟାବାଈଙ୍କର ପାଣିଗ୍ରହଣ କରିଥିଲେ; କିନ୍ତୁ ଅହଲ୍ୟାଙ୍କୁ ଅଧିକକାଳ ପତିପତ୍ନୀ ହେବାକୁ ହୋଇ ନ ଥିଲା । କୌଣସି ଯୁଦ୍ଧକୁ ତାହାଙ୍କର ସ୍ୱାମୀ ପିତାଙ୍କ ନିୟୋଗ କ୍ରମେ ସେନାପତି ହୋଇ ଯାଇ ମାର୍ଗ ମଧ୍ୟରେ ବଜ୍ରନିର୍ଘାତଦ୍ୱାରା ବହୁଜନବାଞ୍ଛିତ ପ୍ରାଣ ହରାଇଥିଲେ । ଏଥିରେ ଏକାପତ୍ୟ ବୃଦ୍ଧ ମଲ୍‌ହର ଏବଂ ପତିପ୍ରାଣା ଅହଲ୍ୟାଙ୍କ ମନରେ ଯେ କିପରି ନିଦାରୁଣ କଷ୍ଟ ହୋଇଥିଲା, ତାହା ସହଜରେ ଅନୁମେୟ । ସେତେବେଳେ ଅହଲ୍ୟାଗର୍ଭଜାତ ମାଲୀ ରାଓ, ମାତା ଏବଂ ପିତାମହ ଉଭୟଙ୍କର ଏକମାତ୍ର ସନ୍ତାନ । ସେ ପୁଣି ସ୍ଥୂଳବୁଦ୍ଧି, ଅକର୍ମଣ୍ୟ ଏବଂ କ୍ଷିପ୍ତପ୍ରାୟ ନାନା କୁକର୍ମରତ । ପୁତ୍ରର ମନ୍ଦାଚରଣ ଅହଲ୍ୟା ଦେବୀଙ୍କର ଦ୍ୱିଗୁଣ ଦୁଃଖ ଥିଲା । ସ୍ନେହମୟୀ ଜନନୀ ଏହି ଚିନ୍ତାରେ କ୍ରମଶଃ ଶୀର୍ଣ୍ଣ ହେଉଥିଲେହେଁ ପୁତ୍ର ପ୍ରତି ବିମୁଖ ନ ହୋଇ ତାହାର ସୁବୁଦ୍ଧି ନିମିତ୍ତ ପ୍ରାଣପଣରେ ଚେଷ୍ଟା କରୁଥିଲେ; କିନ୍ତୁ ସେ ସମସ୍ତ ଚେଷ୍ଟା ଊଷରରେ ବୀଜ-ବପନପରି ନିଷ୍ଫଳ ହୋଇଥିଲା । ଏଥି ଉତ୍ତାରେ ଷଟ୍‌ସପ୍ତତିତମ ବର୍ଷ ବୟସରେ ବୃଦ୍ଧ ରାଜାଙ୍କର ମୃତ୍ୟୁ ହେବାରୁ ମାଲୀ ତାହାଙ୍କର ଏକମାତ୍ର ଉତ୍ତରାଧିକାରୀ ହେଲେ । ରାଜପଦ ଲାଭରେ ସୁଦ୍ଧା ତାହାଙ୍କର ସେହି ସ୍ୱାଭାବିକ ଚପଳତା ଓ କ୍ଷିପ୍ତତା ଶାନ୍ତ ନ ହୋଇ ବରଂ ବୃଦ୍ଧି ପ୍ରାପ୍ତ ହେଲା ଏବଂ ଏହି ଅତିବୃଦ୍ଧି ଅଚିରେ ଅକାଳ ମୃତ୍ୟୁରେ ପରିଣତ ହେଲା । ବର୍ତ୍ତମାନ ରାଜମାତା ଅହଲ୍ୟା ଦ୍ୱିବିଧ ମହାଦୁଃଖରେ ଅବସନ୍ନା, ତାହାଙ୍କର ଚତୁଃପାର୍ଶ୍ୱ ମହାସଙ୍କଟଗ୍ରସ୍ତ । ବିଧାତା କାହିଁକି ତାହାଙ୍କୁ ଏପରି ସହାୟସମ୍ବଳଶୂନ୍ୟ କଲେ, ତାହା ସ୍ଥିର କରିବା ମାନବ ବୁଦ୍ଧିର ସାଧ୍ୟ ନୁହେଁ । ବୋଧହୁଏ ଦୟାବତୀ ଅହଲ୍ୟାଙ୍କ କୋମଳ ହସ୍ତରେ ରାଜ୍ୟ ଶାସନଭାର ଅର୍ପଣ କରିବା ବିଧାତାଙ୍କର ଅଭିପ୍ରେତ ଥିଲା । ଆଉ ଜଗତର ପରମପତି ଈଶ୍ୱର ଯାହାର ସହାୟ, ତାହାର ଅନ୍ୟ ସଖା ସମ୍ପତ୍ତିରେ ପ୍ରୟୋଜନ କଣ ? ସେଥିପାଇଁ ତେଜସ୍ୱିନୀ ଅହଲ୍ୟା ଏପରି ସଙ୍କଟରେ ପଡ଼ି ସୁଦ୍ଧା କିଂକର୍ତ୍ତବ୍ୟବିମୂଢ଼ା ଏବଂ ଅଧୀରା ନ ହୋଇ ପ୍ରଜାଗଣଙ୍କର

* ବାଈ ଏହି ଶବ୍ଦଟି ମହାରାଷ୍ଟ୍ର ଭାଷାରେ ସ୍ତ୍ରୀମାନଙ୍କ ସମ୍ମାନସୂଚକ । ଏହା ନାମର ପୂର୍ବେ ବା ପରେ ଯୁକ୍ତ ହୋଇଥାଏ ।

Digitized by srujanika@gmail.com

ମଙ୍ଗଳ କାମନାପୂର୍ବକ ରାଜ୍ୟଭାର ଗ୍ରହଣ କରିବାକୁ ପ୍ରସ୍ତୁତ ହେଲେ । ସେ ଅନ୍ୟ ରାଜପୁରୁଷର ଅପେକ୍ଷା ନ କରି ଏକମାତ୍ର ସେନାପତି ତୁକାଜୀ ରାଓଙ୍କୁ ଘେନି କପରି ତିରିଶ ବର୍ଷକାଳ ରାଜ୍ୟ ସୁଶାସନ କଲେ, ତାହା ଭାବଲେ ବିସ୍ମିତ ହେବାକୁ ହୁଏ ।

ରାଜକାର୍ଯ୍ୟ ପରିଚାଳନାରେ ରାଣୀ ଅହଲ୍ୟାଙ୍କର ପ୍ରଶଂସନୀୟ ପାଟବ ଥିଲା । ସେ ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଧର୍ମାଧିକରଣକୁ ଆସି ବିଚାରାସନ ଗ୍ରହଣ-ପୂର୍ବକ ନ୍ୟାୟ ବିଚାର କରୁଥିଲେ । ଅର୍ଥୀ ପ୍ରତ୍ୟର୍ଥୀଙ୍କର ବ୍ୟବହାର ଆମୂଳ ନିଜେ ଶ୍ରବଣ କରି ତହିଁର ଯଥୋ-ଚିତ ପ୍ରତିବିଧାନରେ ତତ୍ପର ହେଉଥିଲେ । ଧନୀ ବା ବଳବାନ୍ ପ୍ରତି ଶ୍ରଦ୍ଧାପ୍ରଦର୍ଶନ ଏବଂ ନିର୍ଧନ ବା ଦୁର୍ବଳ ପ୍ରତି ଅନାସ୍ଥା ପ୍ରଦର୍ଶନ ତାହାଙ୍କର ନ୍ୟାୟାନୁମୋଦିତ ନୁହେ । ଅତିରିକ୍ତ କରଭାରରୁ ପ୍ରଜାମାନଙ୍କୁ ଅବ୍ୟାହତି ପ୍ରଦାନ ଏବଂ ଭୂସ୍ୱାମୀମାନଙ୍କର ସମ୍ପତ୍ତିରକ୍ଷା ଏ ଉଭୟ ପ୍ରତି ତାହାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ରାଜ୍ୟ ମଧ୍ୟରେ କୂପଜଳାଶୟାଦି ଖନନ, ମନ୍ଦିର, ରାଜମାର୍ଗ ପାନ୍ଥଶାଳାଦି ନିର୍ମାଣଦ୍ୱାରା ଜନସାଧାରଣଙ୍କର ସୁବିଧା କରିବାପାଇଁ ସେ ସର୍ବଦା ଉନ୍ମନା ଥିଲେ । ଶୁଦ୍ଧଚରିତ୍ରା ଅହଲ୍ୟା ଦୁଶ୍ଚରିତ୍ର ଅଯୋଗ୍ୟ କର୍ମଚାରୀଙ୍କଦ୍ୱାରା ନିଜ ନ୍ୟାୟପର ଶାସନ ଦୂଷିତ ହୋଇଯିବା ଆଶଙ୍କାରେ ନିଜେ ନିରପେକ୍ଷଭାବରେ ଉପଯୁକ୍ତ ଲୋକ ନିର୍ବାଚନ କରି ନିଯୁକ୍ତ କରୁଥିଲେ । କାହାରି ତୋଷାମୋଦ ବା ଚାଟୁଉକ୍ତିରେ କର୍ଣ୍ଣପାତ କରୁ ନ ଥିଲେ । ଫଳତଃ ଅକର୍ମଣ୍ୟ ଚାଟୁକାରମାନେ ତାହାଙ୍କ ଶାସନରେ ହତାଶ ହୋଇ ପଡ଼ିଲେ । ରାଣୀ ଏଣେ ସ୍ୱରାଜ୍ୟସ୍ଥ ପ୍ରଜାମାନଙ୍କର ସୁଖ ଶାନ୍ତି ବର୍ଦ୍ଧନରେ ସମଧିକ ଯତ୍ନ-ବତୀ ଥାଇ ସୁଦ୍ଧା ପ୍ରତ୍ୟାସନ୍ନ ରାଜ୍ୟ ସହିତ ସଖ୍ୟ-ସ୍ଥାପନରେ ତ୍ରୁଟି କରୁ ନ ଥିଲେ । ସେ ତୁକାଜୀ ରାଓଙ୍କୁ ଦାକ୍ଷିଣାତ୍ୟର କାର୍ଯ୍ୟଭାର ପ୍ରଦାନ କରି ନିଜେ ଉତ୍ତରସ୍ଥ ରାଜ୍ୟ ସମୂହର ତତ୍ତ୍ୱାବଧାନ ଏବଂ କରଦ ରାଜ୍ୟର କର ଗ୍ରହଣ ଭାର ବହନ କରିଥିଲେ । ତୁକାଜୀ ଉତ୍ତର ପ୍ରଦେଶକୁ ପରିଦର୍ଶନାର୍ଥ ଗଲେ, ରାଣୀ ଏକା ମାଳବ ସହିତ ସମଗ୍ର ଦାକ୍ଷିଣାତ୍ୟର କାର୍ଯ୍ୟ ସୁଚାରୁରୂପେ ଚଳାଉଥିଲେ । ରାଜକୋଷର ପର୍ଯ୍ୟବେକ୍ଷଣ ଏବଂ ଆୟ ବ୍ୟୟ ନିର୍ଦ୍ଧାରଣର ଯଥାବିଧି ରକ୍ଷା ତାଙ୍କର ହସ୍ତରେ ଥିଲା । ସେ କୌଣସି ଗୁରୁତର କାର୍ଯ୍ୟଭାର ମନ୍ତ୍ରୀ ବା ଅନ୍ୟ କର୍ମଚାରୀଙ୍କ ହସ୍ତରେ ଅର୍ପଣ କରି ନିଶ୍ଚିନ୍ତ ରହୁ ନ ଥିଲେ । ତହିଁର ସୁବିଚାର ହୋଇଅଛି କି ନାହିଁ ତାହା ସଦୟ ଏବଂ ପ୍ରସନ୍ନ ଭାବରେ ବୁଝୁଥିଲେ । ଫଳତଃ ପ୍ରଜାବତ୍ସଳା ଅହଲ୍ୟା ସର୍ବପ୍ରକାର ମଙ୍ଗଳ ସାଧନଦ୍ୱାରା ପ୍ରଜାମାନଙ୍କର ଜନ୍ମଦାତ୍ରୀ ନ ହେଲେହେଁ ଜନନୀ ପଦବାଚ୍ୟା ଥିଲେ ।

କଥିତ ଅଛି, ରାଣୀ ଯେତେବେଳେ ରାଜ୍ୟଭାର ଗ୍ରହଣ କରିବାକୁ ବସିଲେ, ସେତେବେଳେ ତାହାଙ୍କର ପୁରୋହିତପ୍ରମୁଖ କତିପୟ ବ୍ୟକ୍ତି ସ୍ୱ ସ୍ୱ ଅଭୀଷ୍ଟ ସାଧନ ଉଦ୍ଦେଶ୍ୟରେ ନାନାକାରଣ ପ୍ରଦର୍ଶନପୂର୍ବକ ତାହାଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରିବାକୁ ପ୍ରବର୍ତ୍ତିତ କଲେ; କିନ୍ତୁ ପ୍ରଜ୍ଞାବତୀ ଅହଲ୍ୟା ସେମାନଙ୍କ ଦୁରଭିସନ୍ଧି ବୁଝିପାରି ଏବଂ ପୋଷ୍ୟପୁତ୍ର ଗ୍ରହଣର କିଛି ମାତ୍ର ପ୍ରୟୋଜନ ନ ଦେଖି ନିର୍ଭୀକ ଚିତ୍ତରେ ସଯୁକ୍ତିକ ଉତ୍ତର ପ୍ରଦାନଦ୍ୱାରା ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଲେ । ତତ୍କାଳୀନ ମରହଟ୍ଟା ରାଜା ରାଘବ ରାଓ ମଧ୍ୟ ଏ ବିଷୟରେ ହସ୍ତକ୍ଷେପ କରି ସଫଳକାମ ହୋଇପାରି ନ ଥିଲେ । ସେ ରାଣୀଙ୍କର ଓଜସ୍ୱୀ ବାକ୍ୟ ଶ୍ରବଣରେ ସାତିଶୟ କ୍ରୁଦ୍ଧ ହୋଇ ତାହାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ରାଣୀ ମଧ୍ୟ ଯୁଦ୍ଧ ନିବାରଣାର୍ଥ ଉପଯୁକ୍ତ ପ୍ରତ୍ୟୁତ୍ତର ଦେଇ ରଣସଜ୍ଜାରୁ ନିବୃତ୍ତ ହୋଇ ନ ଥିଲେ । ସୌଭାଗ୍ୟବଶତଃ ଅବଶ୍ୟ ଯୁଦ୍ଧ ହୋଇ ନ ଥିଲା; ତଥାପି ଅହଲ୍ୟାଙ୍କ ଅସାଧାରଣ ସାହସପ୍ରଦର୍ଶନରେ ତତ୍କାଳୀନ ଲୋକେ ବିସ୍ମୟାପନ୍ନ ହୋଇଥିଲେ । ତୁକାଜୀଙ୍କ ସାହାଯ୍ୟରୁ ରାଜତ୍ୱ କାଳମଧ୍ୟରେ ତାହାଙ୍କୁ

Digitized by srujanika@gmail.com

ବିଶେଷ କଷ୍ଟବୋଧ କରିବାକୁ ହୋଇନାହିଁ । ତଥାପି ଭୁକାଜୀ ସ୍ଥଳେ ସ୍ଥଳେ ରାଣୀଙ୍କ ବିନା ପରାମର୍ଶରେ କାର୍ଯ୍ୟ କରି ପାରୁ ନ ଥିଲେ । ଅହଲ୍ୟାଦେବୀ ଯେପରି ସୁଚରିତା ଥିଲେ, ସେହିପରି ମଧ୍ୟ ଆତ୍ମାକୁ ସତତ ଧର୍ମକାର୍ଯ୍ୟରେ ନିଯୋଜିତ କରୁଥିଲେ । ସେ ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ଗାତ୍ରୋତ୍ଥାନ କରି ପ୍ରାତଃକ୍ରିୟା ସମାପନପୂର୍ବକ କିଛିକ୍ଷଣ ଧର୍ମଶାସ୍ତ୍ର ଏବଂ ପୁରାଣାଦି ନିୟମିତରୂପେ ଅଧ୍ୟୟନ କରନ୍ତି । ତତ୍ପରେ କତିପୟ ବ୍ରାହ୍ମଣଙ୍କୁ ଭୋଜନରେ ପରିତୃପ୍ତ କରାଇ କିଛିକ୍ଷଣ ବିଶ୍ରାମାନ୍ତେ ରାଜପରିଚ୍ଛଦ ପରିଧାନପୂର୍ବକ ଧର୍ମାଧିକରଣକୁ ପ୍ରସ୍ଥାନ କରନ୍ତି । ସେଠାରେ ସନ୍ଧ୍ୟାଯାଏ ନିବିଷ୍ଟ ମନରେ ରାଜକାର୍ଯ୍ୟମାନ ବୁଝି ପୁନର୍ବାର ବିଶ୍ରାମ ଉତ୍ତାରେ ରାଜ୍ୟର ଅନ୍ୟାନ୍ୟ ବିଷୟ ତତ୍ତ୍ୱାବଧାନ କରନ୍ତି । ନିଶୀଥ ପର୍ଯ୍ୟନ୍ତ ସେ ଏହିପରି ରାଜ୍ୟର ସୁଖ ଦୁଃଖ ବୁଝି ନିଜର ଅମୂଲ୍ୟ ଶରୀରରୁ ରକ୍ତ କ୍ଷୟ କରୁଥାନ୍ତି, ତଥାପି ସେ ପ୍ରଜାମାନଙ୍କୁ ଦୀର୍ଘକାଳ ସୁଖଶାନ୍ତିରେ ରଖି ଷଷ୍ଟିତମ ବର୍ଷ ବୟଃକ୍ରମରେ ଅର୍ଥାତ୍ ୧୭୯୫ ଖ୍ରୀଷ୍ଟାବ୍ଦରେ ସେମାନଙ୍କୁ ଘୋର ଶୋକସାଗରରେ ଭସାଇ ସାନନ୍ଦରେ ନିତ୍ୟଧାମକୁ ଚାଲିଗଲେ । ମୃତ୍ୟୁପୂର୍ବରୁ ପୁଣ୍ୟାତ୍ମା ଅହଲ୍ୟା ବ୍ୟାଧିଗ୍ରସ୍ତା ହୋଇ ନାହାନ୍ତି । ତାହାଙ୍କର ଶୁଦ୍ଧାତ୍ମା ଅକ୍ଳେଶରେ ସେହି ଅକଳୁଷିତ ପିଣ୍ଡରୁ ବହିର୍ଗତ ହୋଇ ଲକ୍ଷ୍ୟ ସ୍ଥାନକୁ ପ୍ରସ୍ଥାନ କଲା ।

ଦୟା ଏବଂ ନ୍ୟାୟ ଅହଲ୍ୟାଙ୍କ ଶାସନର ମୂଳ-ମନ୍ତ୍ର ଥିଲା । କୌଣସି ଅପରାଧୀକୁ ପ୍ରାଣହାନିଦଣ୍ଡ ଦେବାକୁ ହେଲେ ସେ ଏହା କହି ବାରଣ କରୁଥିଲେ ଯେ, ଆମ୍ଭେମାନେ କେବଳ ସାମାନ୍ୟ ମନୁଷ୍ୟ, ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ବସ୍ତୁ ମାନବକୁ ନଷ୍ଟ କରିବା ଆମ୍ଭମାନଙ୍କ କ୍ଷମତାର ବହିର୍ଭୂତ । ଏପରି ଦୟାମିଶ୍ରିତ ବିଚାର କେବଳ ସେହି ନାରୀସୃଷ୍ଟିରେ ଲକ୍ଷିତ ହୁଏ । ମହାରାଣୀ ଭିକ୍ଟୋରିଆ ତହିଁର ଅନ୍ୟତମ ନିଦର୍ଶନ । ଚାଟୁବାକ୍ୟ ବା ଅଯଥା ପ୍ରଶଂସା ଅହଲ୍ୟାଙ୍କର କର୍ଣ୍ଣ-ଶୂଳ ଥିଲା । କଥିତ ଅଛି, ଥରେ ଜଣେ ତାହାଙ୍କର ସବିସ୍ତାର ପ୍ରଶଂସା ବର୍ଣ୍ଣନପୂର୍ବକ ଖଣ୍ଡିଏ ପୁସ୍ତକ ପ୍ରଣୟନ କରିଥିଲେ । ରାଣୀ ଜାଣିପାରି ଅଚିରେ ତାହା ଚିରାଇ ଦେବାକୁ ଆଦେଶ ଦେଇଥିଲେ । ସଦା ପ୍ରସନ୍ନତା ଅହଲ୍ୟାଙ୍କର ଗୋଟିଏ ସ୍ୱାଭାବିକ ଭୂଷଣ । ବିପଦ ସମୟରେ ସୁଦ୍ଧା ତାହାଙ୍କର ପ୍ରଫୁଲ୍ଲତା ଓ ତେଜସ୍ୱିତା ହ୍ରାସପ୍ରାପ୍ତ ହେଉ ନ ଥିଲା । ଫଳତଃ ତାଙ୍କପରି ଧର୍ମପ୍ରାଣା ଏବଂ ଗୁଣବତୀ ରାଜ୍ଞୀ ନିଖିଳ ପୃଥିବୀ ମଣ୍ଡଳରେ ଅତି ବିରଳ ।

ଆଲୋକ ସହିତ ଉଦ୍ଭିଦର ସମ୍ବନ୍ଧ

(ତାପ ପ୍ରଭୃତିଦ୍ୱାରା ଉଦ୍ଭିଦର ପରିବର୍ତ୍ତନ—ଉଦ୍ଭିଦର ବର୍ଣ୍ଣ, ବୃଦ୍ଧି ଏବଂ ଆକୁଞ୍ଚନ ପ୍ରସାରଣାଦିର କାରଣ)

ଏହି ପରିବର୍ତ୍ତନଶୀଳ ପୃଥିବୀ ପୃଷ୍ଠରେ ପାର୍ଥିବ ଜୀବ ଏବଂ ଉଦ୍ଭିଦ ରାଜ୍ୟର କେତେ ପରିବର୍ତ୍ତନ ଘଟୁ-ଅଛି, ତାହା ଆମ୍ଭମାନଙ୍କ ଜ୍ଞାନର ସୀମା ସ୍ପର୍ଶ କରି ନ ଥାଏ । ଗୂଢ଼ କଥା ଜାଣିବା ତେଣିକି ଥାଉ ସମ୍ମୁଖରେ ଉଦ୍ଭିଦମାନଙ୍କର ଯେଉଁ ସବୁ ଦୈନନ୍ଦିନ ପରିବର୍ତ୍ତନ ହେଉଅଛି, ତାହା ସୁଦ୍ଧା ଆମ୍ଭେମାନେ ଚକ୍ଷୁ ଥାଇ ଦେଖିପାରୁ ନାହିଁ; କିନ୍ତୁ ଉଦ୍ଭିଦତତ୍ତ୍ୱଜିଜ୍ଞାସୁମାନେ ପର୍ଯ୍ୟବେକ୍ଷଣଦ୍ୱାରା ଉକ୍ତ ପରିବର୍ତ୍ତନ ଏବଂ ତହିଁର କାରଣ ଅବଗତ ହୋଇ ସେଥିପ୍ରତି ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛନ୍ତି । ଏହି ସବୁ କୌତୁକଜନକ ବ୍ୟାପାର ଅନୁଶୀଳନ ଏବଂ ପରିଦର୍ଶନ କଲେ ପ୍ରକୃତିର ଲୀଳା ଏବଂ ଲୀଳାମୟ ପରମେଶ୍ୱରଙ୍କର ମହିମା

Digitized by srujanika@gmail.com

ହୃଦୟରେ ଅନୁଭୂତ ହୁଏ । ପ୍ରକୃତିର ଏହି ବିଚିତ୍ରଲୀଳା ସହଜରେ ହୃଦୟଙ୍ଗମ କରିବାପାଇଁ ଜ୍ଞାନପିପାସୁ ମାନବକୁ ପ୍ରଥମେ ପୁସ୍ତକାଦି ଅଧ୍ୟୟନ କରିବାକୁ ହୁଏ । ପ୍ରକୃତି ରାଜ୍ୟର ନାନା ପରିବର୍ତ୍ତନ ମଧ୍ୟରୁ ଏଠାରେ ଗୋଟିଏ ପରିବର୍ତ୍ତନର ଆଭାସ ମାତ୍ର ଦିଆ ଯାଉଅଛି ।

ଜଳବାୟୁ ତାପାଦିର ଯୋଗ ବିୟୋଗଦ୍ୱାରା ଉଦ୍ଭିଦର ନିତ୍ୟଶଃ ନାନା ପରିବର୍ତ୍ତନ ଘଟୁଅଛି । ତନ୍ମଧ୍ୟରେ ଆଲୋକଘଟିତ ପରିବର୍ତ୍ତନ ଅପେକ୍ଷାକୃତ ସ୍ପଷ୍ଟ ଏବଂ କୌତୁକାବହ । ଆମ୍ଭେମାନେ ପ୍ରତ୍ୟହ ପ୍ରତ୍ୟକ୍ଷ କରୁଅଛୁଁ ଯେ କୌଣସି ଉଦ୍ଭିଦର ବର୍ଣ୍ଣ ବିବିଧ, ପୁଣି କାହାର ଶାଖାଗ୍ର ଓ ପୁଷ୍ପମାନ ସୂର୍ଯ୍ୟର ଅଭିମୁଖୀନ, କାହାର ଡାଳ ଧନୁପରି ବଙ୍କା, କାହାର ପତ୍ରଗୁଡ଼ିକ ପ୍ରସାରିତ, କାହାର ବା ମୁଦ୍ରିତ ଏବଂ ମ୍ଳାନ । ଏପରି ଘଟିବାର କାରଣ କଣ ? କେବଳ ଆଲୋକର ଉତ୍ତେଜନାରେ ଉଦ୍ଭିଦର ଏହି ବର୍ଣ୍ଣ ପରିଗ୍ରହ ବକ୍ରୀଭବନ, ଗତି, ନିଦ୍ରା ଜାଗରଣ ପ୍ରଭୃତି ପରିବର୍ତ୍ତନ ସଂଘଟିତ ହୁଏ ।

ବର୍ଣ୍ଣର କାରଣ ଆଲୋକ । ଆମ୍ଭେମାନେ ଆଲୋକରେ ପଦାର୍ଥର ଯେଉଁ ସବୁ ବର୍ଣ୍ଣ ଦେଖୁଁ, ଅନ୍ଧକାରରେ ତାହା କିଛି ଦିଶେ ନାହିଁ । ସବୁ ଏକା-ପରି ଜଣାଯାଏ । ଅତଏବ, ପଦାର୍ଥର କୌଣସି ନିର୍ଦ୍ଦିଷ୍ଟ ବର୍ଣ୍ଣ ନାହିଁ । ଆଲୋକରୁ ତହିଁର ଉତ୍ପତ୍ତି ହୁଏ । ଯଦି ଆଲୋକରୁ ବର୍ଣ୍ଣ ହେଲା, ତେବେ ଆଲୋକିତ ପଦାର୍ଥ ଆଲୋକବତ୍ ଏକ ବର୍ଣ୍ଣ ନ ହୋଇ ବିବିଧ ବର୍ଣ୍ଣ ଦିଶେ କାହିଁକି ? ଏ ସମ୍ବନ୍ଧରେ ପଦାର୍ଥତତ୍ତ୍ୱବିତ୍ ପଣ୍ଡିତ-ମାନଙ୍କର ମତ ଅନୁସରଣୀୟ । ତାହା ଏହି ଯେ, ଆମ୍ଭେମାନେ ଆଲୋକର ଯେଉଁ ବର୍ଣ୍ଣ ଦେଖୁଁ, ତାହା ଗୋଟିଏ ବର୍ଣ୍ଣ ନୁହେଁ; କେତୋଟି ମୌଳିକ ବର୍ଣ୍ଣର ସମଷ୍ଟିରେ ଉତ୍ପନ୍ନ । ପଦାର୍ଥତତ୍ତ୍ୱଜ୍ଞ ପଣ୍ଡିତମାନେ ସୂର୍ଯ୍ୟ କିରଣକୁ ବିଶ୍ଳେଷଣ କରି ସାତୋଟି ବର୍ଣ୍ଣ ଆବିଷ୍କାର କରିଅଛନ୍ତି । ତ୍ରିକୋଣ କାଚଦ୍ୱାରେ ଏହା ସ୍ପଷ୍ଟ ପ୍ରତ୍ୟକ୍ଷ କରିଯାଏ । ପାର୍ଥିବ ଉଦ୍ଭିଦାଦି ଆଲୋକ ଶୋଷଣ କରନ୍ତି, କିନ୍ତୁ ସମସ୍ତେ ଏକାପରି ଶୋଷଣ କରିପାରନ୍ତି ନାହିଁ । ଏହି ଶୋଷଣ କ୍ରିୟାର ବିଭିନ୍ନତା ଯୋଗୁଁ ସେମାନଙ୍କର ବର୍ଣ୍ଣର ପରିବର୍ତ୍ତନ ହୁଏ । ଯେ ଉକ୍ତ ସପ୍ତ ବର୍ଣ୍ଣକୁ ଏକାବେଳକେ ଶୋଷଣ କରିପାରେ, ସେ ଅବଶ୍ୟ ମିଶ୍ରିତ ରୂପ ଧାରଣ କରିବ ଅର୍ଥାତ୍, ଧଳା ଦିଶିବ । ଯାହାର ସେପରି କ୍ଷମତା ନାହିଁ, ସେ ଯେଉଁ ବର୍ଣ୍ଣଟି ଶୋଷଣ କରି ନ ପାରେ, ତାହାର ରୂପ ଧାରଣ କରିବ । ଦୁଇ ବା ତତୋଧିକ ବର୍ଣ୍ଣ ଶୋଷଣ କରି ନ ପାରିଲେ ସେ ସବୁ ବର୍ଣ୍ଣର ମିଶ୍ରିତ ରୂପ ଧାରଣ କରିବ । ଉଦ୍ଭିଦର ହରିଦ୍ବର୍ଣ୍ଣ ପତ୍ର ସୂର୍ଯ୍ୟକିରଣରୁ ସେହି ବର୍ଣ୍ଣଟି ଶୋଷଣ କରି ପାରେନାହିଁ । ଯେଉଁ ବସ୍ତୁ ଲୋହିତ ବର୍ଣ୍ଣ ତାହା ଆଲୋକରୁ ଲୋହିତ ଅଂଶ ଶୋଷଣରେ ଅକ୍ଷମ । ଏହି ଶୋଷଣଶୀଳତାର ତାରତମ୍ୟାନୁସାରେ ଉଦ୍ଭିଦର ଭିନ୍ନ ଭିନ୍ନ ଅଙ୍ଗରେ ବିଭିନ୍ନ ବର୍ଣ୍ଣ ପରିଲକ୍ଷିତ ହୁଏ; କିନ୍ତୁ ଯେତେ ଅଧିକ ବର୍ଣ୍ଣ ହେଉ ପଛକେ ତାହା ଏହି ସପ୍ତବର୍ଣ୍ଣର ଅନ୍ତର୍ଗତ । ଏତଦତିରିକ୍ତ ବର୍ଣ୍ଣ ପୃଥିବୀରେ ପରିଦୃଷ୍ଟ ହୋଇ ନ ଥାଏ ।

ଆଲୋକ ଉଦ୍ଭିଦର ହର୍ଷବିଷାଦର କାରଣ । ଅନେକ ଉଦ୍ଭିଦର ପତ୍ର ମୁଦ୍ରିତ ହୋଇଥାଏ, ଆଲୋକ ପାତରେ ପୁଣି ପ୍ରସାରିତ ହୁଏ । ଅନ୍ୟ କେତେକ ତୀବ୍ର ଆଲୋକ ସହ୍ୟ କରି ନ ପାରିବାରୁ ମୁଦ୍ରିତ ହୋଇଯାଇ ମଧ୍ୟାହ୍ନର ପ୍ରଖର ତେଜରୁ ଉଦ୍ଧାର ଲାଭ କରନ୍ତି । ଏହାକୁ ବୃକ୍ଷର ଦିବାନିଦ୍ରା କହନ୍ତି । ଏହି ଆଲୋକର କାର୍ଯ୍ୟ ପତ୍ର ଓ ଡାଳ ଉପରେ ସମାନ ନୁହେଁ, ଆଲୋକ ପାତରେ ଲତାଦି ଶାୟିତ ଉଦ୍ଭିଦର ପତ୍ର ପ୍ରାୟ ସେପରି ଥାଏ, କିନ୍ତୁ ଡାଳ ବଙ୍କେଇ ଯାଏ । ତହିଁର କାରଣ ଆଲୋକରେ ଉକ୍ତ ଅଙ୍ଗର ଉତ୍ତେଜନଶୀଳତା ବା ପ୍ରସାରଣ ଅଳ୍ପ ଏବଂ ଅନ୍ଧାରରେ ଅଧିକ । ଅନେକେ ଅବଶ୍ୟ ଦେଖିପାରିଥିବେ ଯେ ଅନ୍ଧାରରେ ଆଳୁ

Digitized by srujanika@gmail.com

ଗଜାର ପତ୍ର ସାନ ସାନ ହେଲେହେଁ ଓଙ୍କ ବଡ଼ ଲମ୍ବ ହୋଇଥାଏ । ଶାପ୍ରିତ ଲତାର ଏକପାର୍ଶ୍ୱ ଆଲୋକ ସମ୍ମୁଖରେ ଉନ୍ମୁକ୍ତ ଥାଏ ଏବଂ ଅପର ପାର୍ଶ୍ୱ ବିପରୀତ ଆଡ଼କୁ ଥାଏ । ସୁତରାଂ, ଆଲୋକ ପଡ଼ିବା ହେଲକ୍ଷଣି ଉପର ପାର୍ଶ୍ୱର ଉତ୍ତେଜନଶୀଳତା ଉଣା ହୋଇଯାଏ, ମାତ୍ର ନିମ୍ନାର୍ଦ୍ଧରେ ଆଲୋକ କାର୍ଯ୍ୟ କରି ନ ପାରିବାରୁ ତହିଁର ପ୍ରସାରଣ-ଶୀଳତା ଅଧିକ ହୁଏ । ଉଭୟ ପାର୍ଶ୍ୱର ଏପରି ବିଷମ ପ୍ରସାରଣହେତୁ ଲତାଙ୍ଗ କୋଦଣ୍ଡାକାର ଧାରଣ କରେ ଅର୍ଥାତ୍, ତାହାର ନ୍ୟୁବ୍ଜପୃଷ୍ଠ ସୂର୍ଯ୍ୟରଶ୍ମିର ଅଭିମୁଖୀନ ଥାଏ । ଏହି କାରଣରୁ କାଗଜପତ୍ର ପ୍ରଭୃତିର ତଳେ ଚାପ ପ୍ରୟୋଗ କଲେ ତାହାର ଉପର ପାର୍ଶ୍ୱ ତତ୍‌କ୍ଷଣାତ୍ ଧନୁପରି ବଙ୍କା ହୋଇଯାଏ; କିନ୍ତୁ ଏହି ଉତ୍ତେଜନଶୀଳତା ବା ପ୍ରସାରଣ ଉଦ୍ଭିଦର ସର୍ବ ଅଂଶରେ ସମାନ ନୁହେ । କେତେକ ଉଦ୍ଭିଦରେ ତାହା ପରିବାହନଦ୍ୱାରା ଅନ୍ୟତ୍ର ନୀତ ହୁଏ ।

ବୃକ୍ଷର ନିଦ୍ରା ସମ୍ବନ୍ଧରେ ଆଧୁନିକ ବୈଜ୍ଞାନିକ ପଣ୍ଡିତଗଣ ଏହି ମତ ପ୍ରକାଶ କରିଅଛନ୍ତି ଯେ, ଯେଉଁ ସବୁ ବୃକ୍ଷର ପତ୍ର ମୁଦ୍ରିତ ହୋଇଯାଏ, ସେ ସବୁ ପତ୍ର ମୂଳଯୁକ୍ତ ବୃକ୍ଷ । ପ୍ରତ୍ୟେକ ପତ୍ରମୂଳରେ * ନିମ୍ନାର୍ଦ୍ଧ ଉପରାର୍ଦ୍ଧ ଅପେକ୍ଷା ଅଧିକ ଉତ୍ତେଜନଶୀଳ ଏବଂ ପରିବାହନ ଶକ୍ତି ଅତ୍ୟନ୍ତ ଅଧିକ । ଏଥିଯୋଗୁଁ ସୂର୍ଯ୍ୟ କିରଣ ଉପରେ ପଡ଼ିଲେ ତାହା ପରିବହନଦ୍ୱାରା କ୍ରମେ ନିମ୍ନଭାଗରେ ଉପସ୍ଥିତ ହୁଏ । ତହୁଁ ପତ୍ରମୂଳ ଅଧିକ ଉତ୍ତେଜନଶୀଳ ପତ୍ର ସହିତ ନିମ୍ନଆଡ଼କୁ ବଙ୍କେଇ ଯାଏ । ଲଜ୍ଜାବତୀ ଶିରିଷ ପ୍ରଭୃତି ଗଛରେ ମଧ୍ୟାହ୍ନର ପ୍ରଖର ତେଜରେ ଏପ୍ରକାର ନିଦ୍ରା ହୋଇଥାଏ । ଆଉ ଯେଉଁ ଯେଉଁ ବୃକ୍ଷର ପତ୍ରମୂଳରେ ପରିବାହନ ଶକ୍ତି ଅତି ଅଳ୍ପ ତାହାର ପତ୍ରମୂଳରେ ଆଲୋକ ପଡ଼ିବା ହେଲେ ନିମ୍ନାର୍ଦ୍ଧକୁ ଯାଇପାରେ ନାହିଁ । ଫଳତଃ ଅଧିକ ଉତ୍ତେଜନଶୀଳ ନିମ୍ନାର୍ଦ୍ଧ ପତ୍ର ସହିତ ବଙ୍କା ହୋଇ ଉପର ଆଡ଼କୁ ଯୋଡ଼ ହୋଇଯାଏ ଏବଂ ଉଭୟ ପାର୍ଶ୍ୱର ପତ୍ରଫଳକ ଲାଗିଯାଇ ଊର୍ଦ୍ଧ୍ୱମୁଖରେ ନିଦ୍ରା ଅନୁଭବ କରେ । ଅପରାଜିତାର ଏକ ପ୍ରକାର ଦିବା ନିଦ୍ରା ପଣ୍ଡିତମାନେ ପରୀକ୍ଷା କରି ଦେଖିଅଛନ୍ତି । ସୂର୍ଯ୍ୟ ଆକାଶରେ ଯେଉଁ ଦିଗରେ ଥାଏ, ଏହି ଲତାର ପତ୍ର ସେହି ଆଡ଼କୁ ଯୋଡ଼ ବାନ୍ଧିଥାଏ । ସୂର୍ଯ୍ୟମୁଖୀ ଗଛର ପୁଷ୍ପ ଏବଂ ଅଗ୍ରଭାଗ ସୂର୍ଯ୍ୟର ଗତି ଅନୁସାରେ ପରିବର୍ତ୍ତିତ ହେଉଥାଏ । ଲାଉ, କଖାରୁ ପ୍ରଭୃତି କେତେକ ଲତାର ଓଙ୍କ ପ୍ରାୟ ସୂର୍ଯ୍ୟ ଆଡ଼କୁ ଶାଖା ଟେକି ଥିବାର ଦେଖାଯାଏ । ପୂର୍ବାହ୍ଣରେ ସେହି ସବୁ ଓଙ୍କର ଅଗ୍ରଭାଗ ଯେଉଁ ଆଡ଼କୁ ଥାଏ ଅପରାହ୍ଣରେ ପ୍ରାୟ ତହିଁର ବିପରୀତ ଦିଗକୁ ମୁଖ କରିଥାଏ । ଅଗସ୍ତି, ଚକୁଣ୍ଡା ପ୍ରଭୃତି ଯେଉଁ ସବୁ ଗଛର ସୂର୍ଯ୍ୟାସ୍ତ ଉତ୍ତାରେ ନିଦ୍ରା ହୁଏ, ତହିଁର କାରଣ ସେମାନଙ୍କ ପତ୍ରମୂଳର ସ୍ୱାଭାବିକ ଅସମ ପ୍ରସାରଣ । ନିମ୍ନାର୍ଦ୍ଧ ଅଧିକ ଉତ୍ତେଜନଶୀଳ ଥିବାରୁ ପତ୍ର ସବୁ ବଙ୍କେଇ ଯୋଡ଼ ହୋଇଯାଏ । ଆଲୋକ ପାତରେ ଉକ୍ତ ଅସମତା ଦୂର ହୋଇଯାଏ ବୋଲି ଦିବସରେ ସେପରି ଘଟେନାହିଁ ।

ପୂର୍ବେ ବୋଲାଯାଇ ଅଛି ଯେ, ପତ୍ର ଓ ଓଙ୍କରେ ଆଲୋକର କ୍ରିୟା ଭିନ୍ନ । ଆଲୋକ ଅଭାବରେ ପତ୍ର ପ୍ରସାରିତ ଏବଂ ସତେଜ ହୁଏନାହିଁ । ଛାୟା ବା ଅନ୍ଧାରରେ ପତ୍ର ଅପେକ୍ଷାକୃତ କ୍ଷୁଦ୍ର ଏବଂ ରୁଗ୍‌ଣ ଥାଏ । ଏଥିରୁ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ, ଉଦ୍ଭିଦର ଭିନ୍ନ ଭିନ୍ନ ଅଙ୍ଗ ବିଭିନ୍ନ ଗୁଣବିଶିଷ୍ଟ । ଉଦ୍ଭିଦତତ୍ତ୍ୱ-ଜିଜ୍ଞାସୁ ପଣ୍ଡିତମାନଙ୍କ ପରୀକ୍ଷାଦ୍ୱାରା ଏ ସମ୍ବନ୍ଧରେ ଆହୁରି ନୂତନ ତଥ୍ୟ ଆବିଷ୍କୃତ ହେବା ସମ୍ଭାବନା ।

* ଲଜ୍ଜାବତୀ ପ୍ରଭୃତି ଗଛର ଯେଉଁଠାରେ ଶାଖା ସହିତ ପତ୍ର ସଂଯୁକ୍ତ ଥାଏ, ସେଠାରେ ପତ୍ରମୂଳ (Pulvinus) ନାମକ ବିଶେଷ ଅଙ୍ଗ ଅଛି । ତାହାଦ୍ୱାରା ପତ୍ରର ଉତ୍ଥାନ ପତନ ନିୟମିତ ହୁଏ ।

Digitized by srujanika@gmail.com

ସ୍ୱାସ୍ଥ୍ୟରକ୍ଷା

(ସ୍ୱାସ୍ଥ୍ୟରକ୍ଷାର ପଦ୍ଧତି—ଆହାର, ନିଦ୍ରା, ବ୍ୟାୟାମ, ପ୍ରଭୃତିରେ ନିୟମ ପ୍ରଚାର—ଅସ୍ୱାସ୍ଥ୍ୟର କାରଣ—ସ୍ୱାସ୍ଥ୍ୟର ବ୍ୟବସ୍ଥା—ସ୍ୱାସ୍ଥ୍ୟର ମୂଲ୍ୟ ଓ ଫଳାଫଳ ।)

କେବଳ ଖାଦ୍ୟପର୍ଯ୍ୟାପ୍ତି ଜୀବନ ପରିରକ୍ଷଣର କାରଣ ନୁହେ । ନୀରୋଗରେ ଜୀବନ ଯାପନ କରିବାକୁ ହେଲେ ଶରୀରର ସ୍ୱାସ୍ଥ୍ୟରକ୍ଷା ନିତାନ୍ତ ଆବଶ୍ୟକ । ସ୍ୱାସ୍ଥ୍ୟ ସମ୍ବନ୍ଧରେ ବହୁ ଲୋକ ବହୁ କଥା କହି ଯାଇ-ଅଛନ୍ତି । ଏଠାରେ ଅଧିକ କିଛି ବୋଲିଯାଇ ନାହିଁ, ସେଥିର ଚର୍ବିତ ଚର୍ବଣ ମାତ୍ର । ତଥାପି ସର୍ବାଦୌ ବକ୍ତବ୍ୟ ଏହି ଯେ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ପୁସ୍ତକାଦିରେ ଯେଉଁ ବିଧିମାନ ବର୍ଣ୍ଣିତ ଥାଏ, ତାହା ସୁନିଶ୍ଚିତ ନୁହେ । ଅନେକ ସ୍ଥାନରେ ତାହାର ବ୍ୟତିକ୍ରମ ଦେଖାଯାଏ । ସମସ୍ତ ମାନବର ଖାଦ୍ୟ ଯେପରି ଏକ ନୁହେଁ, ସେହିପରି ସ୍ୱାସ୍ଥ୍ୟରକ୍ଷା ବିଷୟକ ଏକ ପ୍ରକାର ନିୟମ ସମସ୍ତଙ୍କ ପ୍ରତି ଉପଯୋଗୀ ନୁହେ । ବିଭିନ୍ନ ଧାତୁମାନ୍ ଲୋକର ଆହାର ଭିନ୍ନ ପ୍ରକାର, ଜଣକ ପ୍ରତି ଯାହା ସ୍ୱାସ୍ଥ୍ୟକର ଆଉ ଜଣକ ପ୍ରତି ତାହା ବିପରୀତ ପରି ବୋଧ ହୋଇଥାଏ । ସ୍ୱାସ୍ଥ୍ୟ ଅନୁଭବଜ୍ଞେୟ । ଅନୁଭବଦ୍ୱାରା ଲୋକେ ତାଙ୍କ ପ୍ରତି କଣ ସ୍ୱାସ୍ଥ୍ୟକର ବା ଅସ୍ୱାସ୍ଥ୍ୟକର ଅବଗତ ହୋଇ ପାରନ୍ତି । ସ୍ୱାସ୍ଥ୍ୟ ରକ୍ଷା କରିବାକୁ ଗଲେ ଅନ୍ତତଃ ତିନୋଟି ବିଷୟରେ ଯଥାନିୟମ କାର୍ଯ୍ୟ କରିବା ବିଧେୟ, ଯଥା—ଆହାର, ବ୍ୟାୟାମ ଓ ନିଦ୍ରା ।

ସର୍ବସ୍ଥଳରେ ପ୍ରସନ୍ନତାହିଁ ସ୍ୱାସ୍ଥ୍ୟ । ପାନଭୋଜନାଦିରେ ମନ ପ୍ରଫୁଲ୍ଲ ନ ଥିଲେ ସ୍ୱାସ୍ଥ୍ୟହାନି ହୁଏ । ଆମ୍ଭମାନଙ୍କ ଦେଶରେ ପାନଭୋଜନ ସମ୍ବନ୍ଧରେ ବହୁତ ଅତ୍ୟାଚାର ହୋଇଥାଏ । ଫଳତଃ ଲୋକେ ସେହି ଅତ୍ୟାଚାର ଦ୍ୱାରା ମହାରୋଗଗ୍ରସ୍ତ ହୋଇଥାନ୍ତି । ଅନେକ ଲୋକ ବିଶେଷତଃ ଯୁବକ ନାନା ଅତ୍ୟାଚାର ଅତିକ୍ରମ ପୂର୍ବକ କହି ବୁଲନ୍ତି ଯେ, ଆମ୍ଭମାନଙ୍କର ସ୍ୱାସ୍ଥ୍ୟଭଙ୍ଗ ବା ରୋଗ ହେବନାହିଁ, କାରଣ ଆମ୍ଭମାନଙ୍କର ଅଗ୍ନି-ଶକ୍ତି ପ୍ରବଳ, କିନ୍ତୁ ଏହା ବଡ଼ ଭ୍ରାନ୍ତ ଧାରଣା । ସେମାନଙ୍କୁ ସମୟରେ ଉକ୍ତ ଅତ୍ୟାଚାରର ପ୍ରାୟଶ୍ଚିତ୍ତ ଭୋଗ କରିବାକୁ ହେବ । ଯେତେବେଳେ ରକ୍ତ ଟିକିଏ ସତେଜ ଥାଏ ବୋଲି ସବୁ ଅତ୍ୟାଚାର ସହ୍ୟ ହୋଇ-ଯାଏ, କୌଣସି ରୋଗ ଆକ୍ରମଣ କରିପାରେ ନାହିଁ । ମାତ୍ର ପରବର୍ତ୍ତୀ ଜୀବନରେ ଯେତେବେଳେ ରକ୍ତ କ୍ରମଶଃ ନିସ୍ତେଜ ହୋଇ ଆସେ, ସେତେବେଳେ ସମସ୍ତ ରୋଗ ରୁଣ୍ଡ ହୋଇ ସେମାନଙ୍କୁ ଅଳ୍ପକାଳ ମଧ୍ୟରେ ଜୀର୍ଣ୍ଣ କରି ପକାଏ । ପୂର୍ବର ଅତ୍ୟାଚାରର ପରିଣାମରେ ଏହିପରି ଭୀଷଣ ପ୍ରତିଫଳ ଦିଏ । ସୁତରାଂ, ସବୁ ସମୟରେ ସାବଧାନ ହୋଇ ରହିବା ଉଚିତ । ରକ୍ତ ସତେଜ ଥିଲେ ସୁଦ୍ଧା ଅନିୟମିତ ଭୋଜନ ଅଶୁଭପ୍ରଦ । ଆହାର ଅପେକ୍ଷା ଜଳବାୟୁର କଥା ବିଶେଷ ଭାବରେ ଆଲୋଚନା କରିବା ଆବଶ୍ୟକ । ଜଳ ଓ ବାୟୁ-ଦୋଷରେ ଲୋକ ଚିରରୋଗୀ ହୁଏ । ସେହି ଦୋଷରୁ ଅନେକ ଲୋକ ଅକାଳରେ କାଳକବଳିତ ହୋଇଥାନ୍ତି । "ବସ୍ତ୍ରପୂତଂ ପିବେତ୍ ଜଳଂ" ବା "ପାଣି ପିଇବ ଛାଣି"—ଲୋକେ ଏହା କଥାରେ କହୁଥାନ୍ତି ସତ୍ୟ, ମାତ୍ର ସମସ୍ତଙ୍କୁ କାର୍ଯ୍ୟରେ ପରିଣତ କରିବାର ଦେଖା-ଯାଏ ନାହିଁ । ଏ ଦେଶୀୟ ପ୍ରାଚୀନ ଆର୍ଯ୍ୟମାନଙ୍କର ସର୍ବ ପ୍ରକାର ବିଧାନ ଧର୍ମାନୁପ୍ରାଣିତ ଥିଲା । ସେମାନେ ସ୍ୱାସ୍ଥ୍ୟବିଧାନ ଅର୍ଥାତ୍ ଆଚାରକୁ ଧର୍ମର ମୂଳୀଭୂତ କରି ଯାଇଅଛନ୍ତି । "ଆଚାର ମୂଳକୋଧର୍ମଃ"—ଆମ୍ଭମାନଙ୍କ ପୂର୍ବ ପୁରୁଷମାନେ ଧର୍ମ ବିଶ୍ୱାସରେ ସଦାଚାରପ୍ରତି

Digitized by srujanika@gmail.com

ବିଶେଷ ଭାବରେ ଦୃଷ୍ଟି ରଖିଥିଲେ । ସ୍ୱାସ୍ଥ୍ୟବିଧାନ ପାଳନ କଲେ ଶରୀରର କିପରି ଉନ୍ନତି ହେବ, ତାହା ସେମାନଙ୍କୁ ଜଣା ନ ଥିଲେହେଁ, ସେଥିରେ କୌଣସି ପ୍ରକାର କ୍ଷତି କରିବାର ଦେଖାଯାଇ ନ ଥାଏ । ଲକ୍ଷ୍ମୀ ଗୁଡ଼ିଯିବେ ବୋଲି ସେମାନେ ଗୃହର ପରିଷ୍କରଣ ଓ ପାରିପାଟ୍ୟ ବିଷୟରେ ଅତି ସାବଧାନ ଥାଆନ୍ତି । ଭସ୍ମ ଦ୍ୱାରା ପାତ୍ର ମାର୍ଜ୍ଜନ ନ କଲେ ତାହା ଅଶୁଦ୍ଧ ବା ଅପବିତ୍ର ହୋଇଯିବ, ବିଶୁଦ୍ଧ ଜଳରେ ସଦା ସ୍ନାନ କଲେ ପୁଣ୍ୟ ହେବ, ବସ୍ତ୍ର ପ୍ରତ୍ୟହ ନ ଧୋଇଲେ ସ୍ପର୍ଶ ଦୂଷିତ ହେବ, ପବିତ୍ର ପାତ୍ରରେ ଅନ୍ନ ପ୍ରୀତମନରେ ଖାଇଲେ ଅମୃତ ହେବ ଏବଂ ସ୍ନାନର ଅବ୍ୟବହିତ ପରେ କିଛି ଖାଇ କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଚିତ ଇତ୍ୟାଦି କଥା ସେମାନେ ଭଲ କରି ଜାଣନ୍ତି ଏବଂ କରନ୍ତି । ମଧ୍ୟରେ ଯେତେବେଳେ ଧର୍ମଭାବ କ୍ରମଶଃ କ୍ଷୀଣ ହୋଇଆସିଲା ତାହା ସଙ୍ଗରେ ଆଚାର ମଧ୍ୟ ମ୍ଳାନ ହୋଇଗଲା । ଫଳତଃ କେତୋଟି କୁସଂସ୍କାର ମାତ୍ର ରହିଥିଲା, ଆଚାର ବିସ୍ମୃତିଗର୍ଭରେ ଅଦୃଶ୍ୟ ହୋଇ ଗଲା । ଆଜିକାଲି ଅନେକ କୁସଂସ୍କାରଜଡ଼ିତ ଲୋକ କୌଣସି ରୋଗ ହେଲେ ତାହାକୁ ଦୈବକୃତ ବୋଲି କହି ନିଶ୍ଚିନ୍ତହୋଇ ରହନ୍ତି, ନିଜକୃତ ଅତ୍ୟାଚାରର ଫଳ ବୋଲି ବୁଝିନ୍ତି ନାହିଁ । କେବଳ ଶିକ୍ଷିତଗଣ ପାଶ୍ଚାତ୍ୟ ଜ୍ଞାନାଲୋକରେ ସ୍ୱାସ୍ଥ୍ୟବିଜ୍ଞାନର ମର୍ମ ବୁଝି-ବାକୁ ଟିକିଏ ସମର୍ଥ ହୋଇଅଛନ୍ତି, କିନ୍ତୁ ଏପରି ଲୋକର ସଂଖ୍ୟା ଅତି ଅଳ୍ପ । ସେମାନଙ୍କ ମଧ୍ୟରୁ ପୁଣି ଅଧିକାଂଶ ନଗରବାସୀ । ତେଣୁ ପଲ୍ଲୀ ଅପେକ୍ଷା ସେଠାରେ ସ୍ୱାସ୍ଥ୍ୟରକ୍ଷା ପ୍ରତି ଅଧିକ ପରିମାଣରେ ଯତ୍ନ ହୋଇଥାଏ । ତଥାପି ଦେଖାଯାଏ ପଲ୍ଲୀବାସୀ ଅପେକ୍ଷାକୃତ ସୁସ୍ଥ ଏବଂ ସବଳ । ଏହାର ପ୍ରଧାନ କାରଣ ଏହି ଯେ, ନଗରରେ ଅତି ଅଳ୍ପସ୍ଥାନ ମଧ୍ୟରେ ବହୁଲୋକଙ୍କର ବାସ, ବୃକ୍ଷାଦିର ଅଭାବ ବହୁତ ନିଶ୍ୱାସ ପ୍ରଶ୍ୱାସ ଏବଂ ମୂତ୍ରନାଳ ପ୍ରଭୃତିର ଗନ୍ଧ ଓ ବାୟୁ ଗମନାଗମନର ଅସୁବିଧା ଇତ୍ୟାଦି ଯୋଗେ ବିଶୁଦ୍ଧ ବାୟୁ ମିଳେ ନାହିଁ । ନାନା କାରଣବଶତଃ ମଳମୂତ୍ର ରୋଧ ହେଲେ ମନ ଅପ୍ରସନ୍ନ ଥାଏ । କିରାସିନ ତେଲ ଏବଂ ଅନ୍ୟାନ୍ୟ ପଦାର୍ଥର ବହୁଳ ଦାହଦ୍ୱାରା ବାୟୁ ଅତ୍ୟନ୍ତ ଦୂଷିତ ହୋଇଯାଏ । ଏଗୁଡ଼ିକ ସହରବାସୀଙ୍କ ସ୍ୱାସ୍ଥ୍ୟହାନିର ନିଦାନ । ପଲ୍ଲୀବାସୀମାନେ ଅଧିକ ଅତ୍ୟାଚାରୀ ବା ନିୟମ ଲଙ୍ଘନକାରୀ ହେଲେହେଁ ସେମାନଙ୍କର ସ୍ୱାସ୍ଥ୍ୟ ମନ୍ଦ ନ ଥାଏ । ବିସ୍ତୀର୍ଣ୍ଣ ଭୂମିରେ ଅଳ୍ପ ଲୋକର ବାସ, ସୁଖକର ଭ୍ରମଣ, ଭୋଜନାଦିରେ ନିଶ୍ଚିନ୍ତତା ଓ ନିରୁଦ୍‌ବେଗ ଭାବ; ଚତୁଃପାର୍ଶ୍ୱସ୍ଥିତ ଉଦ୍ଭିଦ ରାଜ୍ୟରୁ ବିଶୁଦ୍ଧ ବାୟୁପ୍ରାପ୍ତି, ପ୍ରାକୃତିକ ଦୃଶ୍ୟର ବହୁଳତା ଏବଂ ଉପଯୁକ୍ତରୂପେ ଶରୀର ସଞ୍ଚାଳନ ପ୍ରଭୃତି କାରଣରୁ ସେମାନେ ଟିକିଏ ସୁସ୍ଥ ।

ବାସଗୃହ, ଜଳ ଓ ବାୟୁର ବ୍ୟବହାର ସମ୍ବନ୍ଧରେ ପଲ୍ଲିବାସୀମାନେ ଅତି ଶୋଚନୀୟ ଅବସ୍ଥାରେ ଅଛନ୍ତି । ଉଚ୍ଚ ଭୂମିରେ ବାସ କରିବା ବିଧେୟ, କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ଅଲୋକିତ ଗୃହର ମୂଳ ପତନ ସୁଦ୍ଧା ନ ଥାଏ ଏବଂ ଗୃହ ମଧ୍ୟରେ ବାୟୁ ଗମନାଗମନ ନିମିତ୍ତ ଜଳାଦଞ୍ଜିର ନ ଥାଏ । ଏଣେ ଗୃହ ସଂକୀର୍ଣ୍ଣ ସୀମାବଦ୍ଧ ଏବଂ ବିଶୃଙ୍ଖଳ, ତହିଁରେ ପୁଣି ବାୟୁସଞ୍ଚାରର ଅସୁବିଧା, ଫଳତଃ ଗୃହବାସୀମାନଙ୍କୁ ବିଶୁଦ୍ଧ ବାୟୁ ମିଳେନାହିଁ । ଜଳ ସମ୍ବନ୍ଧରେ ମଧ୍ୟ ସେହିପରି । ଅଧିକାଂଶରେ ଗ୍ରାମ-ବାସୀମାନେ କୂପ ଏବଂ ପୁଷ୍କରିଣୀରୁ ସର୍ବଦା ଜଳ ବ୍ୟବହାର କରିଥାନ୍ତି । କୂପ ସବୁ ଅଳ୍ପ ଗଭୀର, ତୀର ପାଖରେ ନାନାପ୍ରକାର ମଳ ବସିଥାଏ । ମୃତ୍ତିକାସ୍ତର ବାଟେ ତାହାର ଦ୍ରବ କୂପଣ୍ଟର ସଙ୍ଗେ ମିଶି ଜଳକୁ ଦୂଷିତ ଏବଂ ବିସ୍ୱାଦ କରିଦିଏ । ପୁଣି ପ୍ରତିବର୍ଷ ତାହା ଉଜ୍ଜ୍ୱଳୀକୃତ ହେଉ ନ ଥିବାରୁ ଜଳ ପଙ୍କପଚ୍ୟ, କୀଟ-ଦୂଷିତ ହୋଇଯାଏ । ସେପରି ଜଳକୁ ସୁଦ୍ଧା ଶୋଧନ ନ କରି ପାନ କରନ୍ତି । ଦଳମାଳାୟମାନ ଜଳାଶୟର ଦଶା ତତୋଽଧିକ । ତାହାର ଆୟତନ ଯେପରି କ୍ଷୁଦ୍ର, ଗଭୀରତା ମଧ୍ୟ ସେହିପରି ଅଳ୍ପ । ଅନେକ ପୁଷ୍କରିଣୀରେ

Digitized by srujanika@gmail.com

ବାୟୁ ସଞ୍ଚାର ନ ଥାଏ ଏବଂ ସୂର୍ଯ୍ୟକିରଣର ପ୍ରବେଶର ଉପାୟ ନ ଥାଏ । ଯେଉଁ ଜଳାଶୟରେ ବାୟୁର ସଞ୍ଚାର ନ ଥାଏ ଏବଂ ସୂର୍ଯ୍ୟକିରଣ ପ୍ରବେଶ କରି ନ ପାରେ, ତହିଁର ଜଳ ଯେ ଦୂଷିତ ହେବ ଏହା ନିଃସନ୍ଦେହ । କାରଣ ସୂର୍ଯ୍ୟକିରଣଦ୍ୱାରା ଜଳର ଜୈବିକ ଅଣୁମାନ ନଷ୍ଟ ହୋଇଯାଏ ଏବଂ ବାୟୁଦ୍ୱାରା ଜଳରୁ ସର୍ବପ୍ରକାର ଅନିଷ୍ଟକାରୀ ମଳ ଦୂରୀକୃତ ହୁଏ । ବିଶେଷତଃ, ପୁଷ୍କରିଣୀରେ ଗ୍ରାମବାସୀମାନଙ୍କର ସବୁ କଥା ଚଳେ, ଗୋ ମହିଷ ଦି ତହିଁରେ ବୁଡ଼ି ରହନ୍ତି । ସମୟ ସମୟରେ ଗ୍ରାମବାସୀମାନେ ବହୁତ ଦୁର୍ଗନ୍ଧ ପଦାର୍ଥ ତହିଁରେ ନିକ୍ଷେପ କରନ୍ତି । ଚାରିଆଡ଼ୁ ନାନା ପ୍ରକାର ମଳ ଝର ସଙ୍ଗେ ଆସି ଜଳରେ ମିଶ୍ରିତ ହୁଏ । ଏଥିରେ କି ଜଳ ବିଶୁଦ୍ଧ ଅବସ୍ଥାରେ ରହିପାରେ ? ସ୍ଥାନୀୟ ଲୋକମାନେ ସେହି ଜୀବାଣୁ ଦୂଷିତ ବିଷମୟ ଜଳ ପାନ କରି ବଞ୍ଚନ୍ତି । କରୁଣାମୟ ପରମେଶ୍ୱରଙ୍କ ଅନୁପମ କରୁଣା ବଳରେ ସେମାନେ ବିଷାକ୍ତ ଶରୀର ଘେନି ସମସ୍ତ କାର୍ଯ୍ୟ ନିର୍ବାହ କରନ୍ତି । ପ୍ରଶସ୍ତ ସ୍ଥାନ ଏବଂ ବିଶୁଦ୍ଧ ବାୟୁଯୋଗୁଁ ସେମାନଙ୍କର ଅନେକ ଦୋଷ କଟିଯାଏ । ସ୍ଥାନେ ସ୍ଥାନେ ଏକ ହସ୍ତ ଗଭୀର ପଲ୍ୱଳରୁ ବିଷମୟ ଉଷ୍ଣଜଳ ପାନ କରିବାର ଦେଖାଯାଏ । ଏଥିରେ ସେମାନଙ୍କ ଦୀର୍ଘଜୀବନ ଅସମ୍ଭବ । ଦୂଷିତ ଜଳ ପାନ କରି ସଙ୍ଗେ ସଙ୍ଗେ ଯଦ୍ୟପି ସେମାନଙ୍କର କୌଣସି ଅନିଷ୍ଟ ନ ହୁଏ, ତଥାପି ତାହାର ଫଳସ୍ୱରୂପ ଏହା ହୁଏ ଯେ, କୌଣସି ଗୋଟିଏ ସଂକ୍ରାମକ ରୋଗ ଉପସ୍ଥିତ ହେଲେ ତାହା ସମଗ୍ର ବ୍ୟାପିଯାଏ ଏବଂ ସେଥିରୁ ମୁକ୍ତିଲାଭ ଦୁଷ୍କର ହୋଇପଡ଼େ ।

ଉପରେ ଆହାର ବ୍ୟବହାର ବିଷୟ ଘେନି କେତେକ କଥା ଲିଖିତ ଅଛି । ବର୍ତ୍ତମାନ ନିଦ୍ରା ପ୍ରକରଣର ବିଶେଷ ଆଲୋଚ୍ୟ ବିଷୟ । ସ୍ୱାସ୍ଥ୍ୟ ଭଲ ଥିଲେ ସୁନିଦ୍ରା ହୁଏ । ନିଦ୍ରା ହେବାବେଳେ କୌଣସି ପ୍ରକାରେ ବାଧା ଦେବା ଉଚିତ ନୁହେ । ଅନିଦ୍ରା ଅସ୍ୱାସ୍ଥ୍ୟର ଲକ୍ଷଣ ଏବଂ ନିଦାନ । ଦିବାନିଦ୍ରା ସ୍ୱାସ୍ଥ୍ୟ ପକ୍ଷରେ ଭଲ ନୁହେ । ରାତି ବିଶ୍ରାମର ସମୟ; ଅଧିକ ନିଦ୍ରା ଓ ଅଳ୍ପ ନିଦ୍ରା ଅସ୍ୱାସ୍ଥ୍ୟକର । ଭୋଜନର ଅବ୍ୟବହିତ ପରେ ନିଦ୍ରା ଯିବା ଅନୁଚିତ । ନିର୍ଦ୍ଦିଷ୍ଟ ସମୟରେ ନିଦ୍ରା ନ ଗଲେ ଆହାର୍ଯ୍ୟ ଦ୍ରବ୍ୟ ପରିପାକ ପ୍ରାପ୍ତ ହୁଏ ନାହିଁ, ଫଳତଃ ସ୍ୱାସ୍ଥ୍ୟଭଙ୍ଗ ହୁଏ । ସର୍ବଦା ଉପଯୁକ୍ତ ପରିଶ୍ରମ କରିବା ସୁନିଦ୍ରାର ଗୋଟିଏ ଉପାୟ । ନିଦ୍ରାଦୋଷରୁ ଲୋକେ ଅନେକ କଷ୍ଟ ଭୋଗ କରିଥାନ୍ତି ।

ସ୍ୱାସ୍ଥ୍ୟରକ୍ଷା କରିବାକୁ ହେଲେ ସର୍ବଦା ଶରୀରର ରକ୍ତ ସଞ୍ଚାଳିତ ହେବା ଆବଶ୍ୟକ । ତାହା ନ ହେଲେ ଦେହରୁ ଦୂଷିତ ରକ୍ତ ବହିଷ୍କୃତ ହୋଇ ପାରେ ନାହିଁ । ଫଳତଃ ଅଙ୍ଗରେ ନାନା ରୋଗ ଜନ୍ମେ । ବ୍ୟାୟାମ ରକ୍ତ ସଞ୍ଚାଳନର ଗୋଟିଏ ପ୍ରଧାନ ଉପାୟ, ସେଥିପାଇଁ ପ୍ରତି ଦିନ ନିୟମିତ ରୂପେ ବ୍ୟାୟାମ କରିବା ଉଚିତ । ଯେଉଁମାନେ ଶାରୀରିକ ପରିଶ୍ରମ କରନ୍ତି, କାର୍ଯ୍ୟତଃ ସେମାନଙ୍କର ବ୍ୟାୟାମ ହୋଇଯାଏ । ତେଣୁ କୃଷକମାନେ ସୁସ୍ଥ ଏବଂ ସବଳ । ଯେଉଁମାନେ ସବୁବେଳେ ମାନସିକ ପରିଶ୍ରମ କରନ୍ତି, ବ୍ୟାୟାମ ସେମାନଙ୍କର ଏକାନ୍ତ ଆବଶ୍ୟକ । ପରିମିତ ଭାବରେ ଶରୀର ଓ ମନ ଉଭୟର ସମ୍ୟକ୍ ଚାଳନା ସ୍ୱାସ୍ଥ୍ୟର ଉପଯୋଗୀ, କେବଳ ମନର ଚାଳନା କଲେ ନାନା ପ୍ରକାର ମସ୍ତିଷ୍କ-ରୋଗ ଜନ୍ମିପାରେ । କାରଣ ତଦ୍ୱାରା ଅଙ୍ଗବିଶେଷରେ ଚାରିଆଡ଼ୁ ରକ୍ତ ଆସି ସଞ୍ଚିତ ହୋଇଯାଏ; ସର୍ବତଃ ସଞ୍ଚାଳିତ ହୋଇପାରେ ନାହିଁ । ସର୍ବାଙ୍ଗରେ ଉପଯୁକ୍ତ ରୂପେ ରକ୍ତ ସଞ୍ଚାଳିତ ନ ହେଲେ ଅଙ୍ଗ ସବୁ ଦୁର୍ବଳ ହୋଇଯାଏ ଏବଂ ତହିଁର କାର୍ଯ୍ୟକାରିତା ଶକ୍ତି ଧୀରେ ଧୀରେ ଊଣା ହୋଇଯାଏ । ସୁତରାଂ, କେବଳ ମାନସିକ ପରିଶ୍ରମ ଦ୍ୱାରା ଶରୀର ଦୌର୍ବଲ୍ୟ ବୃଦ୍ଧିପ୍ରାପ୍ତ ହୁଏ । ଆଜି କାଲି ଯେଉଁମାନେ ରାଜଦ୍ୱାର ଓ ବିଦ୍ୟାଳୟକୁ ଯିବାପାଇଁ ଦଶଟାବେଳେ ତରତର ହୋଇ ପୁଞ୍ଜାଏ

Digitized by srujanika@gmail.com

ଖାଇ ଧାଉଁଛନ୍ତି ସେମାନଙ୍କର କେତେଦୂର ସ୍ୱାସ୍ଥ୍ୟହାନି ହେଉଅଛି । ଦିନସାକ କେବଳ ମାନସିକ ପରିଶ୍ରମ, କିନ୍ତୁ ଶାରୀରିକ ପରିଶ୍ରମର ଦେଖା ନାହିଁ । ବହୁକ୍ଷଣ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଆବଦ୍ଧ ହୋଇ ରହିବା-ଦ୍ୱାରା ସମସ୍ତ ସମୟରେ ମଳମୂତ୍ରାଦିର ରୋଧ ହୋଇଥାଏ । ଏଥିରେ ମଧ୍ୟ ଆମ୍ଭମାନଙ୍କର ସ୍ୱାସ୍ଥ୍ୟଭଙ୍ଗ ଦ୍ୱାରା କ୍ରମଶଃ ଶରୀରର କ୍ଷୟ ଏବଂ ବଳବୀର୍ଯ୍ୟର ହାନି ହେଉଅଛି । ଏପରି ହେଲେ ଆମ୍ଭେମାନେ ଯେ ଅଳ୍ପ କାଳରେ ନିସ୍ତେଜ ଏବଂ ଅକ୍ଷମ ହୋଇପଡ଼ିବୁଁ, ସେଥିରେ ଆଉ ସନ୍ଦେହ କଣ ? ଶ୍ରମଜୀବୀମାନଙ୍କର ଏହି କାର୍ଯ୍ୟକାରିତା ଶକ୍ତି ଆମ୍ଭମାନଙ୍କ ଅପେକ୍ଷା ବହୁତ ଅଧିକ । ଆମ୍ଭମାନଙ୍କର ଶାରୀରିକ ଚାଳନା ଯେ ନିତାନ୍ତ ଆବଶ୍ୟକ, ଏହା କହିବା ନିରର୍ଥକ । ଅନ୍ତତଃ ଅଧିକ କିଛି ନ ପାରିଲେ ପ୍ରତିଦିନ କିଛି କାଳ ଯଥେଷ୍ଟ ଭ୍ରମଣ କରି ଶରୀରର ଚାଳନା କଲେ ମନ୍ଦ ହେବ ନାହିଁ ।

ଆଲୋକ ଏକ ପ୍ରକାର ସ୍ୱାସ୍ଥ୍ୟ । ଜ୍ୟୋତ୍ସ୍ନାମୟୀ ରଜନୀରେ ମନ ଓ ଶରୀର କିପରି ପ୍ରଫୁଲ୍ଲ ଏବଂ ସୁସ୍ଥ ଥାଏ, ତାହା ପ୍ରାୟ ସମସ୍ତେ ଅନୁଭବ କରିଥିବେ । କେବଳ ମନୁଷ୍ୟମାନେ ନୁହନ୍ତି, ଇତର ପ୍ରାଣୀମାନେ ମଧ୍ୟ ଆଲୋକରେ ସେହିପରି ଆନନ୍ଦ ପ୍ରକାଶ କରନ୍ତି । ଅନ୍ୟଥା ଆଲୋକ ଅଭାବରେ ମନର ସଙ୍କୋଚ ବା ଅପ୍ରସନ୍ନତା ଯୋଗୁଁ ପୀଡ଼ା ହେବାର ସମ୍ଭାବନା । ଉଦ୍ଭିଦ ସୁଦ୍ଧା ଅନ୍ଧକାରରେ ସ୍ୱଚ୍ଛନ୍ଦରେ ବଢ଼ିପାରେ ନାହିଁ । ସର୍ବଦା ଆଲୋକରେ ଅବସ୍ଥାନ ଏବଂ ପରିଶ୍ରମ ଏହି ଦ୍ୱନ୍ଦ୍ୱାଚରଣକୁ ଶରୀରତତ୍ତ୍ୱବିଦ୍‌ମାନେ ଆୟୁଷ୍ୟ ଏବଂ ସ୍ୱାସ୍ଥ୍ୟକର ବୋଲି ନିର୍ଦ୍ଦେଶ କରି ଯାଇଅଛନ୍ତି ।

ସ୍ନାନଭୋଜନାଦି ନିତ୍ୟକର୍ମଗୁଡ଼ିକ ନିର୍ଦ୍ଦିଷ୍ଟ ସମୟରେ ସୁଶୃଙ୍ଖଳ ଭାବରେ ହେବା ଉଚିତ । ସମସ୍ତ କାର୍ଯ୍ୟ ସାନନ୍ଦରେ ନିର୍ବାହ କଲେ ସ୍ୱାସ୍ଥ୍ୟର ଉନ୍ନତି ହୁଏ । କ୍ରୋଧ ଅନେକ ସମୟରେ ଅସୁସ୍ଥତାର କାରଣ ହୋଇଉଠେ । ସର୍ବଦା ଚିନ୍ତା କଲେ ମାରୋଗରେ ଜୀବନଯାପନ କରି ହେବ ନାହିଁ । ବାସଗୃହ ପରିଷ୍କୃତ ନ ଥିଲେ ସ୍ୱାସ୍ଥ୍ୟହାନି ହୁଏ । ଗୃହର ପରିଷ୍କରଣ ଓ ସଙ୍ଗୀଜନିତ ସୌନ୍ଦର୍ଯ୍ୟଦ୍ୱାରା ଏକପ୍ରକାର ଆନନ୍ଦ ଅନୁଭୂତ ହୁଏ ଏବଂ ତଦ୍ଦ୍ୱାରା ଶାରୀରିକ ଓ ମାନସିକ ଉଭୟବିଧ ସ୍ୱାସ୍ଥ୍ୟର ଉନ୍ନତି ହୋଇଥାଏ ।

ସ୍ୱାସ୍ଥ୍ୟ କିପରି ଅମୂଲ୍ୟ ଧନ, ତାହା ରୁଗ୍‌ଣ ବ୍ୟକ୍ତି ଭଲ କରି ଜାଣେ । ସ୍ୱାସ୍ଥ୍ୟଧନ ଅଭାବରେ ଧନବାନ୍ ବ୍ୟକ୍ତି ଐଶ୍ୱର୍ଯ୍ୟରେ ଥାଇ ସୁଦ୍ଧା ନିଜକୁ ଦରିଦ୍ରଠାରୁ ଅଧିକ କଷ୍ଟଭାଗୀ ମଣନ୍ତି । ଚିରରୁଗ୍‌ଣ ଲୋକ ସୁସ୍ଥ ଲୋକଙ୍କୁ ସ୍ୱର୍ଗବାସୀ ପରି ମନେ କରେ । ମାତ୍ର ସ୍ୱାସ୍ଥ୍ୟ ଲାଭ କଲାକ୍ଷଣି ଲୋକ ପୂର୍ବ ଦୁଃଖମାନ ବିସ୍ମୃତ ହୋଇ ଯାଏ, କିନ୍ତୁ ଏକାବେଳେ ପାସୋର ପକାଇଲେ ପୁନର୍ବାର ଅତ୍ୟାଚାରର ମାର୍ଗରେ ଯିବାର ସମ୍ଭାବନା । ଅତଏବ ପୂର୍ବାନୁଭୂତ ଦୁଃଖକୁ ସର୍ବଦା ସ୍ମରଣାଧୀନ ରଖି ଶ୍ରେୟସ୍କର କାର୍ଯ୍ୟ କରିବା ଉଚିତ ।

ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ନାନାପ୍ରକାର ବିଧି ନାନା ଗ୍ରନ୍ଥରେ ଲିଖିତ ହୋଇଅଛି । ଏ ପ୍ରବନ୍ଧରେ ସେ ସବୁର ଉଲ୍ଲେଖ ନିଷ୍ପ୍ରୟୋଜନ । ସ୍ୱାସ୍ଥ୍ୟରକ୍ଷା ପ୍ରତି ବିଶେଷ ଭାବରେ ଦୃଷ୍ଟି ଆକର୍ଷଣ କରିବା କେବଳ ଏଥିର ଉଦ୍ଦେଶ୍ୟ । ଶରୀର ସୁସ୍ଥ ନ ଥିଲେ ଜୀବନର କୌଣସି କାର୍ଯ୍ୟ ସୁସମ୍ପାଦିତ ହୋଇ ପାରିବ ନାହିଁ । କବିକୁଳଗୁରୁ କାଳିଦାସଙ୍କର "ଶରୀରମାଦ୍ୟଂ ଖଳୁଧର୍ମ ସାଧନଂ" ଏହି ଉକ୍ତିଟି ନିତ୍ୟ ସ୍ମରଣୀୟ । ଧର୍ମାର୍ଥକାମାଦିର ସାଧନଭୂତ ଏହି ଶରୀରକୁ ଉତ୍ତମରୂପେ ରକ୍ଷା ନ କଲେ ଅନ୍ତର୍ନିହିତ ଶକ୍ତି ସମ୍ପୂର୍ଣ୍ଣରୂପେ କାର୍ଯ୍ୟ କରି ପାରିବ ନାହିଁ । ରୋଗ ମାନସିକ ଓ ଶାରୀରିକ ଉଭୟ ଶକ୍ତିର କ୍ଷୟସାଧନ କରେ । ରୋଗ ନିବାରଣର ଉପାୟ ଅନ୍ୱେଷଣ କରିବା ଅପେକ୍ଷା ତାହାର ନିଦାନ ବୁଝି ସାବଧାନ ହେବା ବରଂ ଭଲ । ତତ୍ତ୍ୱାନୁସନ୍ଧାନପୂର୍ବକ ସର୍ବଦା ପ୍ରକୃତ ପଥରେ ଯିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ପ୍ରକୃତିର ନିୟମ ଲଙ୍ଘନପୂର୍ବକ ଅମାର୍ଗରେ ଗଲେ, ତାହାର କଠିନ ଶାସ୍ତି ଭୋଗ କରିବାକୁ ହେବ । ମଙ୍ଗଳମୟ ଈଶ୍ୱରଙ୍କ ଶୁଭବିଧାନ ନିକଟରେ ପ୍ରଣତ ହୋଇ ଆମ୍ଭେମାନେ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ଯେତିକି ମନୋଯୋଗୀ ହେବୁ ସେତିକି ଆମ୍ଭମାନଙ୍କର ମଙ୍ଗଳ ।

Digitized by srujanika@gmail.com

ଶଙ୍କରାଚାର୍ଯ୍ୟ

(ବଂଶପରିଚୟ — ଆବିର୍ଭାବ କାଳ = ବାଲ୍ୟଶିକ୍ଷା — ସନ୍ନ୍ୟାସଗ୍ରହଣ — ଗୋକର୍ଣ୍ଣ ତୀର୍ଥ, ବାରାଣସୀ, ବଦରିକାଶ୍ରମ, ପ୍ରୟାଗ ପ୍ରଭୃତି ପ୍ରସିଦ୍ଧ ସ୍ଥାନରେ ପ୍ରଚାର — ରାଜଗୃହଠାରେ ପଣ୍ଡିତପ୍ରବର ମଣ୍ଡନଙ୍କ ସହିତ ବିଚାର — ହସ୍ତମଲକାଦି ଶିଷ୍ୟଲାଭ — ଶିଷ୍ୟଗଣଙ୍କର ଦାକ୍ଷିଣାତ୍ୟଠାରୁ ହିମାଳୟ ପର୍ଯ୍ୟନ୍ତ ତଦୀୟ ଧର୍ମଗତ ବା ଗ୍ରନ୍ଥର ବ୍ୟାଖ୍ୟା ପ୍ରଚାର — ଶଙ୍କରଙ୍କ ଦିଗ୍ବିଜୟ ଯାତ୍ରା — ହିମାଳୟର କେଦାର ତୀର୍ଥରେ ଅନ୍ତିମକାଳ ଯାପନ — ପୀଠ ଚତୁଷ୍ଟୟ ସ୍ଥାପନ ଓ ଉପସଂହାର ।)

ସପ୍ତମ ଅଷ୍ଟମ ଶତାବ୍ଦୀରେ ଯେତେବେଳେ ବୌଦ୍ଧପ୍ରଭାବ ଭାରତବ୍ୟାପ୍ତ ହୋଇଗଲା ଏବଂ ବୌଦ୍ଧ ଧର୍ମପ୍ରସୂତ ତାନ୍ତ୍ରିକତା ନାସ୍ତିକତାଦି ଉପଧର୍ମଗ୍ରାସରେ ବୈଦିକ କ୍ରିୟାକଳାପ କ୍ରମଶଃ ଲୁପ୍ତ ହୋଇ ହିନ୍ଦୁଜଗତ୍ ଘୋର ତମିସ୍ରାବୃତ ହୋଇ ପଡ଼ିଲା, ସେତେବେଳେ ପଣ୍ଡିତପ୍ରବର ଭଟ୍ଟପାଦ * ଅରୁଣବତ୍ ଉଦିତ ହୋଇ ହିନ୍ଦୁଜଗତ୍ ପ୍ରକାଶର ସୂଚନା କଲେ । ତାଙ୍କ ପଛରେ ପ୍ରଚଣ୍ଡ ମାର୍ତ୍ତଣ୍ଡତୁଲ୍ୟ ଭଗବାନ୍ ଶଙ୍କରଙ୍କର ଆବିର୍ଭାବ ହେଲା । ଆଚାର୍ଯ୍ୟ ଶଙ୍କରଙ୍କର ଅଲୌକିକ ପାଣ୍ଡିତ୍ୟ, ମହାବ୍ରହ୍ମଜ୍ଞତା, ଆଜନ୍ମଶୁଦ୍ଧ ବୈରାଗ୍ୟ ଏବଂ ଅଟଳ ସନ୍ନ୍ୟାସବ୍ରତ ଭାରତପ୍ରସିଦ୍ଧ ହେଲେହେଁ ତଦାମାନ୍ତନ କୌଣସି ଭାରତବାସୀ ଅନଭ୍ୟାସବଶତଃ ତାହାଙ୍କର ଆନୁପୂର୍ବିକ ଚରିତ ଲେଖି ନାହାନ୍ତି । ତଦୀୟ ଶିଷ୍ୟନିଯୁକ୍ତ ରଚିତ ଶଙ୍କରବିଜୟ ନାମକ ଗ୍ରନ୍ଥହିତୟରୁ ଜଣାଯାଏ, ସପ୍ତମ ଶତାବ୍ଦୀର ଶେଷଭାଗ ଶଙ୍କରଙ୍କର ଆବିର୍ଭାବ-କାଳ । *

ମାଲବାର ଉପକୂଳବର୍ତ୍ତୀ କେରଳରାଜ୍ୟ ଅନ୍ତର୍ଗତ କାଲଟି ବା କାଲାଡି ନାମକ ଗ୍ରାମରେ ସର୍ବ-ବେଦବେଦାଙ୍ଗପାରଗ ଶିବଗୁରୁ ନାମକ ଜଣେ ଶୈବ ବ୍ରାହ୍ମଣ ଥିଲେ । ତାହାଙ୍କର ସହଧର୍ମିଣୀଙ୍କର ନାମ ସତୀ, କାହାରି କାହାରି ମତରେ ଭଦ୍ରା । ବୟସ ଅତିକ୍ରାନ୍ତ ହେଲାକ୍ଷଣି ଦମ୍ପତି ପୁତ୍ରମୁଖଦର୍ଶନରେ ବ୍ୟାକୁଳ ହୋଇ ବହୁକାଳ ଇଷ୍ଟଦେବ ଶିବଙ୍କର ଆରାଧନା କଲେ ଏବଂ ତତ୍ପ୍ରସାଦରେ ଶିବଗୁରୁ ବୈଶାଖ ଶୁକ୍ଳ ଦଶମୀର ଶୁଭମୁହୂର୍ତ୍ତରେ ‡ ସ୍ୱଗୃହିଣୀଙ୍କ ଗର୍ଭରୁ ସାକ୍ଷାତ୍ ଶଙ୍କରୋପମ ତେଜସ୍ୱୀ ପୁତ୍ର ଜାତ ହେବାର ଦେଖି ତାହାଙ୍କ ନାମ ଶଙ୍କର ଦେଲେ । କାହାରି କାହାରି ମତରେ ତଦୀୟ ପିତାଙ୍କ ନାମ ବିଶ୍ୱଜିତ୍ ଏବଂ ମାତାଙ୍କ ନାମ ବଶିଷ୍ଠା । ଶଙ୍କର ଅତି ଶୈଶବରୁ ପିତାଙ୍କ ମୁଖରୁ କାବ୍ୟପୁରାଣାଦି ଶ୍ରବଣ କରି ସ୍ୱୟଂ ଗ୍ରନ୍ଥାଦି ଅଧ୍ୟୟନ କରିବାକୁ ବ୍ୟାକୁଳ ହେଲେ ଏବଂ ସେହି ନୈସର୍ଗିକ କୌତୂହଳରୁ ହିଁ ତାଙ୍କୁ

---

* ଏହି ଭଟ୍ଟପାଦହିଁ ମୀମାଂସା ବାର୍ତ୍ତିକକାର କୁମାରିଲଭଟ୍ଟ । ସେ ପ୍ରଥମେ ବେଦ ଉପନିଷଦାଦି 'ଅଧ୍ୟୟନପୂର୍ବକ ଅଗତ୍ୟା ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ଉକ୍ତ ଧର୍ମର ସମସ୍ତ ତତ୍ତ୍ୱ ଅବଗତ ହେଲେ ଏବଂ ପଶ୍ଚାତ୍ ବୌଦ୍ଧଙ୍କ ନିକଟରେ ବେଦର ନିନ୍ଦା ଶୁଣି ତଦ୍ଧିର ବିରୁଦ୍ଧରେ ଉପଯୁକ୍ତ ଯୁକ୍ତି ପ୍ରଦର୍ଶନ କରି ବୌଦ୍ଧଗଣଙ୍କୁ ପରାସ୍ତ କରିବାକୁ ଲାଗିଲେ ।

* ବିଶ୍ୱକୋଷସଙ୍କଳୟିତା ନାନା ଯୁକ୍ତିର ଅବତାରଣାଦ୍ୱାରା ସପ୍ରମାଣ କରିଅଛନ୍ତି ଯେ ଶଙ୍କର ଖ୍ରୀଷ୍ଟୀୟ ୬୮୬ ଅବ୍ଦରେ ଆବିର୍ଭୂତ ହୋଇଥିଲେ ।

* ପ୍ରାମୃତ ଋଷ୍ୟ ଶରଦାମତ ଯାତବତ୍ୟାମେକାଦଶାଧିକଶତୋନଚତୁଃସହସ୍ରାସ୍ୟାଂ ସଂବତ୍ସରେ ବିଭବନାମ୍ନି ଶୁଭେ ମୁହୂର୍ତ୍ତେ ରାଧେ ସିତେ ଶିବଗୁରୋର୍ଗୃହିଣୀ ଦଶମ୍ୟାଂ ।

Digitized by srujanika@gmail.com

ବର୍ଷରେ ବର୍ଣ୍ଣଶିକ୍ଷାରେ ସାମର୍ଥ୍ୟ ଲାଭ କରି ଯଥାସମୟରେ ବୃତ୍ତଚୂଳ ହେଲେ । ଲିପିଶିକ୍ଷାନ୍ତେ ଅର୍ଥାତ୍ ପଞ୍ଚମ ବର୍ଷରେ ଶଙ୍କର ଉପନୀତ ହୋଇ ଗୁରୁଗୃହକୁ ପ୍ରେରିତ ହେଲେ । ଚୂଡ଼ାକରଣ ଓ ଉପନୟନଦ୍ୱାରା ଅପୂର୍ବ ଶ୍ରୀଧାରଣପୂର୍ବକ ଜ୍ଞାନରଙ୍କ ଶଙ୍କର ସେଠାରେ ବିଦ୍ୟାଧ୍ୟୟନରେ ଚିତ୍ତ ନିବିଷ୍ଟ କଲେ । କ୍ରମେ ଉଜ୍ଜ୍ୱଳ ବ୍ରହ୍ମ-ଋଷି ବେଶରେ ସେ ସମସ୍ତ ବେଦାଙ୍ଗ ବେଦ ପୂର୍ବ-ମୀମାଂସା ନ୍ୟାୟ ବେଦାନ୍ତ ସାଙ୍ଖ୍ୟ ପାତଞ୍ଜଳ ପ୍ରଭୃତି ଶାସ୍ତ୍ରରେ ସମୀଚୀନ ବ୍ୟୁତ୍ପତ୍ତି ଲାଭ କଲେ ଏବଂ ଏହି ସବୁ ଶାସ୍ତ୍ରାଲୋଚନାଦ୍ୱାରା ତାଙ୍କର ଅଦ୍ୱୈତ ମତ ବା ଏକେଶ୍ୱରବାଦ ଦୃଢ଼ୀଭୂତ ହେବାକୁ ଲାଗିଲା । ଅଦ୍ୱୈତ ଜ୍ଞାନର ଅନୁପମ ସୁଖ ଅନୁଭବ କରି ଶଙ୍କର ଆନନ୍ଦ-ସାଗରରେ ଭାସମାନ ହେଲେ । କୂପବତ୍ ବୈଷୟିକ ସୁଖପ୍ରତି ତାହାଙ୍କର ଥରେ ମାତ୍ର ଦୃଷ୍ଟି ରହିଲା ନାହିଁ । ଶଙ୍କରଙ୍କ ସ୍ୱଗୃହପ୍ରତ୍ୟାଗମନ ପୂର୍ବରୁ ତଦୀୟ ପିତା ପୁତ୍ରର ବିଭବଦର୍ଶନରୁ ବଞ୍ଚିତ ହୋଇ ପରଲୋକଗାମୀ ହୋଇଥିଲେ । ସୁତରାଂ, ଗୁରୁଭକ୍ତ ଶଙ୍କରଙ୍କୁ ଗୃହରେ କେବଳ ଜନନୀଙ୍କର ପରିଚର୍ଯ୍ୟା କରିବାକୁ ହୋଇଥିଲା । ଶୈଶବରୁ ବୈରାଗ୍ୟ ତାହାଙ୍କ ହୃଦୟକୁ ଅଧିକାର କରିଥିଲେହେଁ ସେ ତଦ୍‌ଗତପ୍ରାଣ ବୃଦ୍ଧା ଜନନୀଙ୍କର ବିନା ଅନୁମତିରେ ସନ୍ନ୍ୟାସ ଗ୍ରହଣ କରି ପାରୁ ନ ଥିଲେ । ଅନନ୍ୟଗତିକା ଜନନୀ ଏକମାତ୍ର ଗତିସ୍ୱରୂପ ପୁତ୍ରକୁ ସନ୍ନ୍ୟାସଗ୍ରହଣରେ ଅନୁମତି ଦେବେ, ଏହା କି ସମ୍ଭବ ! କିନ୍ତୁ ତତ୍ତ୍ୱଜିଜ୍ଞାସୁ ପକ୍ଷରେ ଏ ବିଘ୍ନ ଅତି ଅକିଞ୍ଚିତ୍କର । ଅଦ୍ଭୁତ କୌଶଳରେ ଶଙ୍କର ଜନନୀଙ୍କଠାରୁ ଅନୁମତି ଗ୍ରହଣ କରିଥିଲେ । ଦିନେ ଗୃହସମୀପସ୍ଥ ଜଳାଶୟରେ ସ୍ନାନ କରୁଥିବା ବେଳେ ଶଙ୍କର ହଠାତ୍ ଆର୍ତ୍ତସ୍ୱରରେ ଜନନୀଙ୍କୁ ଆବାହନ କଲେ । ଜନନୀ ତତ୍‌ଶ୍ରବଣରେ ଅଧୀର ଭାବରେ ସେଠାକୁ ଯାଇ ପୁତ୍ର ମୁଖରୁ ଶୁଣିଲେ ଯେ, ସେ କୁମ୍ଭୀରଦ୍ୱାରା ଆକ୍ରାନ୍ତ ହୋଇଅଛନ୍ତି । ତତ୍କ୍ଷଣାତ୍ ଜନନୀଙ୍କର ଚତୁର୍ଦ୍ଦିଗ ଘୋର ଅନ୍ଧକାର ମୟ ହୋଇଗଲା । ଶଙ୍କର କିଂକର୍ତ୍ତବ୍ୟବିମୂଢ଼ା ଜନନୀଙ୍କି ସମ୍ବୋଧନ କରି କହିଲେ, "ମୋହର ଉଦ୍ଧାରର ଗୋଟିଏ ଉପାୟ ଏହି ଅଛି, ସନ୍ନ୍ୟାସଗ୍ରହଣରେ କେବଳ ଅନୁମତି ପ୍ରଦାନ ।" ପୁତ୍ରର ଜୀବନାକାଙ୍କ୍ଷିଣୀ ଜନନୀ ଅଗତ୍ୟା ବାଧ୍ୟ ହୋଇ ଅନୁମତି ଦେଲେ । ଶଙ୍କର ମନେ ମନେ ସେଠାରେ ଦୃଢ଼ ସନ୍ନ୍ୟାସବ୍ରତ ଗ୍ରହଣପୂର୍ବକ କୁମ୍ଭୀରକବଳରୁ ମୁକ୍ତି ଲାଭ କଲେ ଏବଂ ତାହାଙ୍କର ଚିରପୋଷିତ ଅଭୀଷ୍ଟ ଏତେ ଦିନରେ ସିଦ୍ଧ ହେଲା । ତତ୍ତ୍ୱବିତ୍ ପଣ୍ଡିତମାନେ କହନ୍ତି ଯେ, ଶଙ୍କର ଭବସିନ୍ଧୁରେ ପ୍ରଲୋଭନରୂପ କୁମ୍ଭୀରଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଜନନୀଙ୍କ ଅନୁମତିକ୍ରମେ ସନ୍ନ୍ୟାସ ଗ୍ରହଣ କରି ସେଥିରୁ ମୁକ୍ତି ପାଇଲେ ।

ଅନନ୍ତର ଶଙ୍କର ଲଲାଟରେ ତ୍ରିପୁଣ୍ଡ୍ରକ, ସ୍କନ୍ଧରେ ଉଜ୍ଜ୍ୱଳ ଯଜ୍ଞୋପବୀତ, କକ୍ଷଦେଶରେ ମୃଗଚର୍ମାବୃତ ଶାସ୍ତ୍ର, କଟିରେ ମେଖଳା ଓ କୌପୀନ ଏବଂ ହସ୍ତରେ କମଣ୍ଡଳୁ ଧାରଣପୂର୍ବକ ବ୍ରହ୍ମଜ୍ଞାନଲାଭାର୍ଥ ପ୍ରଥମେ ନର୍ମଦାତୀରବର୍ତ୍ତୀ ଆଶ୍ରମସ୍ଥିତ ଗୋବିନ୍ଦନାଥ ନାମକ ପରମହଂସଙ୍କ ନିକଟରେ ଉପସ୍ଥିତ ହେଲେ । ପରମହଂସ ତେଜସ୍ୱୀ ଶଙ୍କରଙ୍କୁ ଦେଖି ପ୍ରଥମେ ତାଙ୍କର ପରିଚୟଜିଜ୍ଞାସୁ ହେଲେ ଏବଂ ଉତ୍ତରରୁ ତାଙ୍କର ସର୍ବଶାସ୍ତ୍ରଜ୍ଞତାର ପ୍ରମାଣ ପାଇ ସାଦରେ ସମ୍ବୋଧନ କରି କହିଲେ, "ଶଙ୍କର, ତୁମ୍ଭେ ଯଥାର୍ଥରେ ପ୍ରଜ୍ଞାବାନ୍ । ମୁଁ ସମାଧି-ବଳରେ ଜାଣି ପାରିଅଛି ଯେ, ତୁମ୍ଭେ ଭୂତଳରେ ଅଦ୍ୱୈତ ମତର ପ୍ରଚାର ନିମିତ୍ତ ଜନ୍ମଗ୍ରହଣ କରିଅଛ ।" ସେଠାରେ ପରମହଂସଙ୍କଠାରୁ ତତ୍ତ୍ୱଜ୍ଞାନ ସମ୍ବନ୍ଧରେ କେତେକ ଉପଦେଶ ପାଇ ଶଙ୍କର ଗୁରୁଚରଣ ବନ୍ଦନ-ପୂର୍ବକ ବାରାଣସୀ ଅଭିମୁଖରେ ଯାତ୍ରା କଲେ । ସେଠାରେ କିଛିକାଳ ଅବସ୍ଥାନ ଉତ୍ତାରେ ସନନ୍ଦନାଦି ସୁଧୀବୃନ୍ଦ ତାହାଙ୍କର ଅନୁବର୍ତ୍ତୀ ହେଲେ । ଦିନେ ଶିଷ୍ୟପରିବୃତ ହୋଇ ଶଙ୍କର ପବିତ୍ରଗର୍ଭା ଜାହ୍ନବୀ କୂଳରେ ଭ୍ରମଣ କରୁଅଛନ୍ତି, ଏହି ସମୟରେ ଅକସ୍ମାତ ବ୍ୟାସୋପମ ଜଣେ ଶ୍ମଶ୍ରୁଳବୃଦ୍ଧ ସେଠାରେ ଉପସ୍ଥିତ

Digitized by srujanika@gmail.com

ହୋଇ ଶଙ୍କରଙ୍କ ସହିତ ଆଳାପ କରୁ କରୁ ବେଦାନ୍ତ-ଶାସ୍ତ୍ରରେ ବିଚାର ଆରମ୍ଭ କଲେ ଏବଂ ସେଥିରେ ସନ୍ତୁଷ୍ଟ ହୋଇ ତାହାଙ୍କୁ ଯଥାର୍ଥ ବ୍ରହ୍ମଜ୍ଞାନୀ ବୋଲି ସ୍ୱୀକାରପୂର୍ବକ ବ୍ରହ୍ମସୂତ୍ରର ବିଶୁଦ୍ଧ ବ୍ୟାଖ୍ୟା ପ୍ରଚାର କରିବାକୁ ଅନୁରୋଧ କଲେ । ଶଙ୍କର ବୃଦ୍ଧଙ୍କ ଉପଦେଶକ୍ରମେ ବ୍ରହ୍ମସୂତ୍ରର ବିକୃତ ବ୍ୟାଖ୍ୟାର ଧ୍ୱଂସ ଏବଂ ବିଶୁଦ୍ଧ ବ୍ୟାଖ୍ୟାର ପ୍ରଚାରରେ କୃତସଙ୍କଳ୍ପ ହୋଇ ଶିଷ୍ୟଗଣ ସହିତ ସେଠାରୁ ପବିତ୍ର ବଦରିକାଶ୍ରମକୁ ପ୍ରସ୍ଥାନ କଲେ । ଏହି ସ୍ଥାନରେ ସେ ଶାରୀରକଭାଷ୍ୟ ନାମକ ବ୍ରହ୍ମସୂତ୍ରର ପ୍ରସିଦ୍ଧଭାଷ୍ୟ ପ୍ରଣୟନ କରିଥିଲେ । ବଦରିକାଶ୍ରମର ପ୍ରାକୃତିକ ଅବସ୍ଥାନ ଶଙ୍କରଙ୍କ ମନର ଅତୀବ ଅନୁକୂଳ ହେବାରୁ ସେ ଏହିଠାରେ ଅଧିକ କାଳ ରହି କ୍ରମେ ସମସ୍ତ ଉପନିଷଦର ଭାଷ୍ୟ ଏବଂ ତହିଁର ସାରଭୂତ ଭଗବଦ୍‌ଗୀତାର ପାଣ୍ଡିତ୍ୟପୂର୍ଣ୍ଣ ମହାଭାଷ୍ୟ ତଥା ଅନ୍ୟାନ୍ୟ କତିପୟ ଶାସ୍ତ୍ରର ବ୍ୟାଖ୍ୟା କଲେ । ଉକ୍ତ ବେଦାନ୍ତ-ଭାଷ୍ୟ ଉଦିତ ହେଲାକ୍ଷଣି ଦୁଷ୍ଟବାଦୀମାନଙ୍କର ସମସ୍ତ ବ୍ୟାଖ୍ୟା ଅନ୍ଧକାରବତ୍ ଲୟପ୍ରାପ୍ତ ହୋଇଗଲା । ଏଥିରେ ଶଙ୍କରଙ୍କ ପ୍ରତି ଅନେକେ ଈର୍ଷାନ୍ୱିତ ହୋଇ ତାଙ୍କର ଅନିଷ୍ଟସାଧନରେ ପ୍ରବୃତ୍ତ ହେଲେ, ମାତ୍ର ଶଙ୍କର ସେଥିରେ କିଛିମାତ୍ର ବିଚଳିତ ବା ବିକୃତ ହୋଇ ନ ଥିଲେ । ଏହି ନିର୍ବିକାର ଭାବହିଁ ତାହାଙ୍କୁ ଏତେ ମହତ୍କର୍ମ ସାଧନରେ ଅଗ୍ରସର କରିଥିଲା । ଅନନ୍ତର ଶଙ୍କର ସେଠାରେ ପାଶୁପତମାନଙ୍କର ମତ ଖଣ୍ଡନପୂର୍ବକ କାଶୀକୁ ପ୍ରତ୍ୟାଗତ ହେଲେ ଏବଂ ସେଠାରୁ ନାନା ଯୋଗୀ ମହାପୁରୁଷାଧ୍ୟାସିତ ପ୍ରୟାଗ ତୀର୍ଥକୁ ଗମନ କଲେ ଏବଂ ସେଠାରେ ବୌଦ୍ଧପ୍ରପୀଡ଼ିତ ତୁଷାନଳ-ପ୍ରବିଷ୍ଟ ପ୍ରସିଦ୍ଧ ଭଟ୍ଟପାଦଙ୍କ ସହିତ ସାକ୍ଷାତ୍କାର ହେଲା । ସେହି ଅନ୍ତିମ ଦର୍ଶନରେ ମଧ୍ୟ ଶଙ୍କର ଭଟ୍ଟପାଦଙ୍କ ଅନୁଭୂତ ବୃତ୍ତାନ୍ତରୁ ସ୍ୱମତପ୍ରଚାର ସମ୍ବନ୍ଧରେ ଯଥେଷ୍ଟ ସାହାଯ୍ୟ ପାଇଲେ ଏବଂ ପରସ୍ପର ଅକାଳଦର୍ଶନରେ ଉଭୟେ ଅତ୍ୟନ୍ତ ଦୁଃଖିତ ହେଲେ । ତଦନନ୍ତର ମୁମୂର୍ଷୁ ଭଟ୍ଟପାଦ ଶଙ୍କରଙ୍କୁ ରାଜଗୃହନିବାସୀ ଦାର୍ଶନିକଶିରୋମଣି ମହାପଣ୍ଡିତ ମଣ୍ଡନ ମିଶ୍ରଙ୍କ ସହିତ ଆଳାପ କରିବାକୁ ଉପଦେଶ ଦେଇ ଶଙ୍କରୋଚାରିତ ତାରକବ୍ରହ୍ମନାମ ସହ ସ୍ୱଦେହ ବିସର୍ଜନ କଲେ । ତହୁଁ ଶଙ୍କର ସେ ସ୍ଥଳ ବିସର୍ଜନ କରି ସଶିଷ୍ୟରେ ମାହିଷ୍ମତୀ ପୁରକୁ ପ୍ରଧାବିତ ହେଲେ । ସେଠାରେ ମଣ୍ଡନଙ୍କର ପରିଚାରିକା ପର୍ଯ୍ୟନ୍ତ ଦର୍ଶନ ଶାସ୍ତ୍ରରେ ପରିଚୟ ଲାଭ କରିଥିବାର ଦେଖି ଶଙ୍କର ଜ୍ଞାନଭିକ୍ଷାର୍ଥ ଭିକ୍ଷୁକବେଶରେ ଦର୍ଶମାପୂ ମିଶ୍ରଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ପ୍ରଥମେ କଥାପ୍ରସଙ୍ଗରେ ଉଭୟଙ୍କର ନାନା ତର୍କ ବିତର୍କ ହୋଇଥିଲା । କିନ୍ତୁ ଅଭିମାନସ୍ଫୀତ ମଣ୍ଡନ ସେଥିରେ ସନ୍ତୁଷ୍ଟ ନ ହୋଇ ସଭା ମଧ୍ୟରେ ଦୀର୍ଘକାଳ ବିଚାର କରିବାର ପ୍ରସ୍ତାବ କଲେ । ତଦନୁସାରେ ପରବର୍ତ୍ତୀ ଦିବସରେ ସୁଧୀବୃନ୍ଦ-ପରିବୃତ ପରିଷଦରେ ଉଭୟେ ସମାସୀନ ହେଲେ । ଜୟ ପରାଜୟର ବିଚାରଭାର ମଣ୍ଡନଙ୍କ ପତ୍ନୀ ଭାରତୀ-ସ୍ୱରୂପିଣୀ ଉଭୟଭାରତୀଙ୍କ ଉପରେ ନ୍ୟସ୍ତ ହେଲା । ମହା ବିଚାରର ଉପକ୍ରମ ହେଲା, ସଭାସଦ୍‌ବର୍ଗ ନିବିଷ୍ଟ ମନରେ ତାହା ଶୁଣୁଥିଲେ । ଉଭୟଭାରତୀ ଉଭୟଙ୍କ କଣ୍ଠଦେଶରେ ମଧ୍ୟ ମଧ୍ୟରେ ପୁଷ୍ପମାଳା ଲମ୍ବାଇ ଦେଉ-ଥିଲେ, ବିଚାର ଶେଷରେ ମଣ୍ଡନଙ୍କ ମୁଖଶ୍ରୀ ବିଷାଦରେ ମଳିନ ହୋଇଗଲା ଏବଂ ପଛେ ପଛେ ସେହି କଣ୍ଠ-ଲମ୍ବିତ ପୁଷ୍ପମାଳ ମଧ୍ୟ ମଉଳି ଗଲା । ଉଭୟଭାରତୀ ପତିଙ୍କର ପରାଜୟ ସ୍ୱୀକାରପୂର୍ବକ ନିଜ ସହିତ ବିଚାର କରିବାଲାଗି ଶଙ୍କରଙ୍କୁ ପ୍ରାର୍ଥନା କଲେ । କାମିନୀବିରୋଧୀ ଶଙ୍କର ତାଙ୍କ ସହିତ ବିଚାର କରିବାକୁ ପ୍ରଥମେ ଅସମ୍ମତ ହୋଇଥିଲେହେଁ ପଶ୍ଚାତ୍ ତଦୀୟ ଗୁଣରେ ମୁଗ୍ଧ ହୋଇ ବିଚାର ଅଙ୍ଗୀକାର କଲେ । ଉଭୟଭାରତୀ ଶାସ୍ତ୍ରୀୟ ବିଚାରରେ ପରାସ୍ତ ହୋଇ ଏବଂ ଶଙ୍କରଙ୍କୁ ଆଜନ୍ମ ସନ୍ନ୍ୟାସୀ ଦେଖି ଶେଷରେ ଦାମ୍ପତ୍ୟ ସମ୍ବନ୍ଧ-ମୂଳକ କତିପୟ ପ୍ରଶ୍ନ ଉତ୍‌ଥାପନ କଲେ । ଶଙ୍କର ଏହି ଅଜ୍ଞାତ ଏବଂ ଅଶ୍ରୁତପୂର୍ବ କଥାର ଉତ୍ତର ଦାନରେ ଅସମର୍ଥ ହୋଇ ସେଥିନିମିତ୍ତ ଏକମାସ ଅବକାଶ ପ୍ରାର୍ଥନାପୂର୍ବକ ସେଠାରୁ ସଶିଷ୍ୟରେ ବହିର୍ଗତ ହେଲେ ।

Digitized by srujanika@gmail.com

ମାର୍ଗମଧ୍ୟରେ ଅମରକ ନାମକ ରାଜାଙ୍କର ମୃତଦେହ ଦାସଦାସୀଗଣବେଷ୍ଟିତ ଦେଖି ଶିଷ୍ୟଗଣଙ୍କୁ ସ୍ୱଶରୀରକୁ ଯତ୍ନପୂର୍ବକ ରଖିବାପାଇଁ ଉପଦେଶ ଦେଇ ଯୋଗ ବଳରେ ଉକ୍ତ ରାଜଦେହରେ ପ୍ରବେଶପୂର୍ବକ କିଛିକାଳ ଐଶ୍ୱର୍ଯ୍ୟ ଭୋଗ କଲେ । ଏହି ଅବକାଶରେ ସେ ଭାରତୀପୃଷ୍ଟ ପ୍ରଶ୍ନର ଉତ୍ତର ଦାନରେ ସାମର୍ଥ୍ୟ ଲାଭ କଲେ ଏବଂ ନିଜ ଦେହରେ ଅନୁପ୍ରବିଷ୍ଟ ହୋଇ ନିର୍ଦ୍ଦିଷ୍ଟ ସମୟରେ ଆସି ତାହାଙ୍କୁ ଉତ୍ତର ପ୍ରଦାନ କଲେ । ଶଙ୍କରଦର୍ଶନ ଉତ୍ତାରେ ଭାରତୀ ଭାରତରୁ ବିଦାୟ ଗ୍ରହଣ କରିଥିଲେ । ଶଙ୍କର ତାଙ୍କର ଶାରଦା ନାମକରଣପୂର୍ବକ ସେଠାରେ ଗୋଟିଏ ପୀଠ ସ୍ଥାପନ କଲେ ଏବଂ ସେହି କାଳରୁ ତାହା ଶାରଦାପୀଠ ନାମରେ ଆଖ୍ୟାତ ହୋଇଅଛି । ବିପତ୍ନୀକ ମଣ୍ଡନ ବିନୀତ ଭାବରେ ଶିଷ୍ୟତ୍ୱ ଗ୍ରହଣପୂର୍ବକ ସନ୍ନ୍ୟାସୀ ବେଶରେ ଶଙ୍କରଙ୍କ ଅନୁଗାମୀ ହେଲେ ।

ଅନନ୍ତର ଶିଷ୍ୟଗଣ ସହିତ ଶଙ୍କର ମହୀଶୂର ରାଜ୍ୟାନ୍ତର୍ଗତର ସୁରମ୍ୟ ଶ୍ରୀପର୍ବତରେ ଉପସ୍ଥିତ ହେଲେ । ସେଠାରେ ଦିନେ ଉଗ୍ରଭୈରବ ନାମକ ଜଣେ ତାନ୍ତ୍ରିକ ଶଙ୍କରଙ୍କ ମୁଖରୁ ଶାରୀରକ ଭାଷ୍ୟର ବ୍ୟାଖ୍ୟା ଶୁଣି ତାହାଙ୍କୁ ମହାପଣ୍ଡିତ ବୋଲି ଜାଣିପାରି ସ୍ୱ-ଅଭୀଷ୍ଟ ସାଧନ ନିମିତ୍ତ ସମ୍ମୁଖକୁ ଆସି ଶଙ୍କରଙ୍କ ମସ୍ତକ ପ୍ରାର୍ଥନା କଲା । ଶଙ୍କରର ତହିଁର ଉତ୍ତରରେ କହିଲେ, "ସାଧକ, ତୁମ୍ଭର ଉପକାର ନିମିତ୍ତ ମୁଁ ଏ ମସ୍ତକକୁ ଆନନ୍ଦରେ ଦେଇପାରେ । କାରଣ ଏ ନଶ୍ୱର ମସ୍ତକ ଆଜି ନ ହେଲେ କାଲି କାଳଦ୍ୱାରା ଆକୃଷ୍ଟ ହେବ । କିନ୍ତୁ ମୋହର ଏ ଶିଷ୍ୟବୃନ୍ଦ ମୋତେ ତାହା କରାଇ ଦେବେ ନାହିଁ ।" କାପାଳିକ ତତ୍‌ଶ୍ରବଣରେ ନିର୍ଜନତା କାର୍ଯ୍ୟସିଦ୍ଧିର ପ୍ରକୃଷ୍ଟ ସମୟ ଜାଣି ଦିନେ ଶିଷ୍ୟଗଣଙ୍କ ଅନୁପସ୍ଥିତି କାଳରେ ସମାଧିସ୍ଥ ଶଙ୍କରଙ୍କ ଶିରଶ୍ଛେଦନ ନିମିତ୍ତ ଖଡ୍ଗ ଉତ୍ତୋଳନ କରୁଅଛି, ଏମନ୍ତ ସମୟରେ ଘଟନାକ୍ରମେ ପ୍ରିୟ ଶିଷ୍ୟ ସନନ୍ଦନ ସେଠାରେ ଉପସ୍ଥିତ ହୋଇ କାପାଳିକର ପ୍ରାଣସଂହାର କଲେ । ଯୋଗଭଙ୍ଗାନ୍ତେ ଶଙ୍କର ପ୍ରିୟ ଶିଷ୍ୟଙ୍କ ଈଦୃଶ ହିଂସାମିଶ୍ର ବ୍ୟବହାରରେ ଅସନ୍ତୋଷ ପ୍ରକାଶପୂର୍ବକ ଭବିଷ୍ୟତରେ ତାହା ପରିହାର କରିବା ନିମିତ୍ତ ଉପଦେଶ ଦେଲେ । ତହିଁ ଉତ୍ତାରେ ଶିଷ୍ୟଗଣ ଶ୍ରୀପର୍ବତ ପରିତ୍ୟାଗ କରି ଗୁରୁଙ୍କର ପଶ୍ଚାତ୍ ପଶ୍ଚାତ୍ ସହ୍ୟାଦ୍ରି ସନ୍ନିହିତ ଗୋକର୍ଣ୍ଣ ତୀର୍ଥରେ ଉପସ୍ଥିତ ହେଲେ ଏବଂ ସେଠାରେ କିଛିକାଳ ଅବସ୍ଥାନ କରି ଶ୍ରୀବଳୀନାମ୍ନୀ ଗୋଟିଏ ବ୍ରାହ୍ମଣ ପଲ୍ଲୀକୁ ପ୍ରସ୍ଥାନ କଲେ । ସେଠାରେ ପ୍ରଭାକର ନାମକ ଜଣେ ପ୍ରସିଦ୍ଧ ପଣ୍ଡିତ ନିଜର ଜଡ଼ଭାବାପନ୍ନ ପୁତ୍ରକୁ ଦେଖାଇ ଶଙ୍କରାଚାର୍ଯ୍ୟଙ୍କୁ ତହିଁର କାରଣ ପଚାରିଲେ । ଶଙ୍କର ପରିଚୟ ଜିଜ୍ଞାସା କରନ୍ତେ ବାଳକ ବେଦାନ୍ତ ସମ୍ମତ ସ୍ୱରଚିତ ଦ୍ୱାଦଶଟି ଶ୍ଳୋକର ଆବୃତ୍ତି ଦ୍ୱାରା ପରିଚୟ ଦେଇ ଶ୍ରୋତୃବୃନ୍ଦଙ୍କୁ ବିସ୍ମିତ କରାଇଲେ । ଶଙ୍କର ତାହାଙ୍କୁ ଆଜନ୍ମବିରାଗୀ ଦେଖି ପିତାଙ୍କ ଅନୁମତିକ୍ରମେ ଶିଷ୍ୟରୂପେ ଗ୍ରହଣ କଲେ * ଏବଂ ସେଠାରୁ ଋଷ୍ୟଶୃଙ୍ଗତପଃପୂତଃ ତୁଙ୍ଗଭଦ୍ରାତୀରବର୍ତ୍ତୀ ଶୃଙ୍ଗଗିରି ବା ଆଧୁନିକ ଶୃଙ୍ଗେରୀକୁ ପ୍ରସ୍ଥାନ କଲେ । ଏହିଠାରେ ସେ ଶିଷ୍ୟଗଣଙ୍କୁ ଜୀବାତ୍ମା ଓ ପରମାତ୍ମାଙ୍କର ଐକ୍ୟ ସମ୍ବନ୍ଧରେ ବହୁଦିନବ୍ୟାପୀ ଉପଦେଶ ପ୍ରଦାନ କରିଥିଲେ । କିଛିଦିନ ଉତ୍ତାରେ ଜଣେ ତତ୍ତ୍ୱଜିଜ୍ଞାସୁ ଶଙ୍କରଙ୍କର ଶିଷ୍ୟତ୍ୱ ଗ୍ରହଣକରି ସମସ୍ତ ଶିଷ୍ୟଙ୍କ ଅପେକ୍ଷା ସମଧିକ ଗୁରୁଶୁଶ୍ରୂଷାପରାୟଣ ହେଲେ । ଏହି ଶିଷ୍ୟ ତୋଟକାଚାର୍ଯ୍ୟ ନାମରେ ଖ୍ୟାତ ।

ଅନନ୍ତର ପଦ୍ମପାଦ, ମଣ୍ଡନ, ହସ୍ତାମଲକ, ତୋଟକ ଏବଂ ଆନନ୍ଦଗିରି ଏହି ପ୍ରଧାନ ଶିଷ୍ୟଗଣ ଗୁରୁଙ୍କ ଅନୁମତିକ୍ରମେ ତଦୀୟ ଗ୍ରନ୍ଥ ଓ ଭାଷ୍ୟର ବ୍ୟାଖ୍ୟା

* ଏହି ବାଳକ ସେହିଦିନଠାରୁ ହସ୍ତାମଲକ ନାମରେ ଅଭିହିତ ହେଲେ । ତାହାଙ୍କ ରଚିତ ଶ୍ଳୋକଦ୍ୱାରା ହସ୍ତର ଅମଲକ ଫଳବତ୍ ବ୍ରହ୍ମଲାଭର ସମ୍ଭାବନା ଥିଲା ବୋଲି ଏପରି ନାମ ହୋଇଥିଲା ।

Digitized by srujanika@gmail.com

ବାର୍ତ୍ତିକ ଓ ରଚନା କରି ପ୍ରଚାରାର୍ଥ ନାନାସ୍ଥାନ ଭ୍ରମଣ କଲେ । କିଛିକାଳ ଉତ୍ତାରେ ହଠାତ୍ ଏକାକୀ ଯୋଗାସୀନ ଶଙ୍କରଙ୍କ ବୃଦ୍ଧା ଜନନୀଙ୍କ କଥା ସ୍ମୃତିପଥାରୂଢ଼ ହେଲା । ସେ ଯୋଗବଳରେ ମା ତାଙ୍କୁ ସ୍ମରଣ କରୁଥିବାର ଜାଣିପାରି ତତ୍କ୍ଷଣାତ୍ ସେ ସ୍ଥାନ ପରିତ୍ୟାଗପୂର୍ବକ ଜନନୀଙ୍କ ଦର୍ଶନ ଆଶାରେ ଧାବମାନ ହେଲେ । ପ୍ରିୟ ପୁତ୍ରର ମୁଖ ସନ୍ଦର୍ଶନରେ ମୁମୂର୍ଷୁ ଜନନୀଙ୍କର ସମସ୍ତ ଯନ୍ତ୍ରଣା କୁଆଡ଼େ ତିରୋହିତ ହୋଇଗଲା । ଦେହତ୍ୟାଗ ପୂର୍ବରୁ ସେ କିଛି ଧର୍ମୋପଦେଶ ଦେବାପାଇଁ ପୁତ୍ରଙ୍କୁ ଅନୁରୋଧ କଲେ । ଶଙ୍କର ନିର୍ଗୁଣ ବ୍ରହ୍ମର ବିଷୟ ବ୍ୟାଖ୍ୟା କଲେ । କିନ୍ତୁ ସେଥିରେ ଜନନୀଙ୍କ ଅନ୍ତଃକରଣ ଅନୁରକ୍ତ ନ ହେବାରୁ ବାଧ୍ୟହୋଇ ତାହାଙ୍କର ସେ ଚରମ ମୁହୂର୍ତ୍ତରେ ମହାଦେବଙ୍କର ଅଷ୍ଟମୂର୍ତ୍ତି ବର୍ଣ୍ଣନା କଲେ । ସେଥିରେ ବୃଦ୍ଧା ତାହାଙ୍କ ମନ ନ ମାନିବା ଦେଖି ଶେଷରେ ଶଙ୍କର ବିଷ୍ଣୁଙ୍କର ମହିମା କୀର୍ତ୍ତନ କଲେ । ତାହା ଶ୍ରବଣ କରି ଜନନୀଙ୍କର ମୁଖ ପ୍ରସନ୍ନ ହେଲା ଏବଂ ସେହି ମୂର୍ତ୍ତି ଭାବୁ ଭାବୁ ସେ ଦେହତ୍ୟାଗ କଲେ । ତତ୍ତ୍ୱଦର୍ଶୀ ଶଙ୍କର ସେଥିରେ କିଛିମାତ୍ର ଶୋକ ପ୍ରକାଶ ନ କରି ମାତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ନିମିତ୍ତ ଜ୍ଞାତି ଓ ବନ୍ଧୁଗଣଙ୍କୁ ଆମନ୍ତ୍ରଣ କଲେ । କିନ୍ତୁ ସନ୍ନ୍ୟାସିବେଶୀ ଶଙ୍କରଙ୍କ ଆହ୍ୱାନରେ କେହି ନ ଆସି ବରଂ ତାହାଙ୍କୁ ତିରସ୍କାର କଲେ । † ତହୁଁ ଶଙ୍କର ସ୍ୱଗୃହର ଏକ ପାର୍ଶ୍ୱରେ ଶୁଷ୍କକାଷ୍ଠରୁ ଅଗ୍ନି ମନ୍ଥନପୂର୍ବକ ମାତାଙ୍କର ଦାହକ୍ରିୟା ସମ୍ପାଦନ କରି ନିଶ୍ଚିନ୍ତ ହେଲେ ଏବଂ ଅନ୍ୟାନ୍ୟ ସମସ୍ତ ମତ ଖଣ୍ଡନପୂର୍ବକ ଏକମାତ୍ର ଅଦ୍ୱୈତ * ମତର ପ୍ରତିଷ୍ଠା ଲାଗି ପ୍ରଚାରକ ଶିଷ୍ୟ-ଗଣଙ୍କ ପ୍ରତୀକ୍ଷା କରି ରହିଲେ ।

ଅନନ୍ତର ଶଙ୍କର ଦିଗ୍ବିଜୟଯାତ୍ରାର୍ଥ ସଶିଷ୍ୟରେ ବହିର୍ଗତ ହୋଇ ଭାରତର ନାନା ସ୍ଥାନରେ ବିଭିନ୍ନ ସମ୍ପ୍ରଦାୟର ମତ ଖଣ୍ଡନପୂର୍ବକ ଅଦ୍ୱୈତମତର ପ୍ରାଧାନ୍ୟ ସ୍ଥାପନ କଲେ ଏବଂ ପ୍ରତ୍ୟେକ କ୍ଷେତ୍ରର ଯତି ସନ୍ନ୍ୟାସୀଗଣଙ୍କୁ ଯୁକ୍ତିଦ୍ୱାରା ପରାସ୍ତକରି ସେମାନଙ୍କୁ ସ୍ୱ ମତରେ ଦୀକ୍ଷିତ କରାଇଲେ । ଏହି ପ୍ରକାରେ ସେ ସେତୁବନ୍ଧ ରାମେଶ୍ୱରଠାରୁ ଆରମ୍ଭ କରି ଯଥାକ୍ରମେ ଦାକ୍ଷିଣାତ୍ୟର ସୁବ୍ରହ୍ମଣ୍ୟ, ପାଣ୍ଡ୍ୟ, ଚୋଳ, ଦ୍ରାବିଡ଼, ଗଣରବପୁର, ତେଲଙ୍ଗ, ବିଦର୍ଭ (ବିଦର ବା ବେରାର), କର୍ଣ୍ଣାଟ, ମଲ୍ଲପୁର ଏବଂ ଉତ୍ତରଖଣ୍ଡର ପାଟଳୀପୁତ୍ର, ଯମପ୍ରସ୍ଥପୁର ପ୍ରଭୃତି ସ୍ଥାନ ଭ୍ରମଣ କରି ଗଙ୍ଗା, ଯମୁନା ଓ ସରସ୍ୱତୀର ସଙ୍ଗମସ୍ଥଳ ପବିତ୍ର ପ୍ରୟାଗ କ୍ଷେତ୍ରରେ ଉପସ୍ଥିତ ହେଲେ । ପ୍ରତ୍ୟେକ ସ୍ଥାନରେ ପ୍ରତିଦ୍ୱନ୍ଦୀମାନେ ଦଳେ ଦଳେ ଆସି ସ୍ୱମତ ସମର୍ଥନ-ପୂର୍ବକ ତର୍କବିତର୍କ ଆରମ୍ଭ କରୁଥିଲେ, ମାତ୍ର ଶଙ୍କର ଉପଯୁକ୍ତ ଯୁକ୍ତିଦ୍ୱାରା ସେମାନଙ୍କ ସଂଶୟ ଛେଦନପୂର୍ବକ ସ୍ୱ ମତର ପ୍ରାଧାନ୍ୟ ସ୍ଥାପନ କଲେ । ବିଶେଷତଃ ପ୍ରୟାଗତୀର୍ଥର ସମସ୍ତ ବିରୁଦ୍ଧମତାବଲମ୍ବୀଙ୍କୁ ସ୍ୱ ମତକୁ ଆଣି ସେଠାରୁ ଶିଷ୍ୟସହ ପଶ୍ଚିମାଭିମୁଖରେ ଯାତ୍ରା କଲେ ଏବଂ କ୍ରମେ ସୌରାଷ୍ଟ୍ର, ଦ୍ୱାରକା, ଉଜ୍ଜୟିନୀ, ବାହ୍ଲିକ ବା ବଲ୍କ, ଗୋମତୀତୀରସ୍ଥ ପୁଣ୍ୟ ନୈମିଷା-ରଣ୍ୟ ଏବଂ ଆସାମ ଅନ୍ତର୍ଗତ କାମରୂପରେ ଧର୍ମ ପ୍ରଚାର

† ଉକ୍ତ ବ୍ରାହ୍ମଣମାନଙ୍କୁ ଶଙ୍କର ଏହି ଅଭିଶାପ ଦେଇଥିଲେ ଯେ, ଏମାନେ ବେଦବହିଷ୍କୃତ ହେବେ ଏବଂ ଯତିମାନେ ଏମାନଙ୍କ ଗୃହରୁ ଭିକ୍ଷା ଗ୍ରହଣ କରିବେ ନାହିଁ । ଆଜିଠାରୁ ଏମାନଙ୍କ ଗୃହରେ ଶ୍ମଶାନ ଭୂମି ବିରାଜିତ ରହିବ । ପୂର୍ବୋକ୍ତ କଥା ବୃଇଟିର ସତ୍ୟାସତ୍ୟ ଜଣା ଯାଇ ନ ଥିଲେହେଁ ଅଦ୍ୟାପି ନମ୍ବୁରିବଂଶ (ନମ୍ବୁରି) ବ୍ରାହ୍ମଣ ଗୃହର ଏକପାର୍ଶ୍ୱରେ ଶବଦାହ ହେଉଥିବାର ପ୍ରମାଣ ମିଳେ ।

* ଏକ ପରମାତ୍ମା ଅନ୍ତର୍ବହିଃ ସର୍ବତ୍ର ବିଦ୍ୟମାନ, ସୁତରାଂ ପ୍ରତ୍ୟେକ ଜୀବର ହୃଦୟରେ ଅବସ୍ଥିତ । ତତ୍ତ୍ୱଦର୍ଶୀମାନେ ଜୀବ ପରମର ଐକ୍ୟଦର୍ଶନ କରନ୍ତି ।

Digitized by srujanika@gmail.com

କଲେ । କଥିତ ଅଛି, ଏହି ଶେଷୋକ୍ତ ଦେଶରେ ଅଭିନବଗୁପ୍ତ ନାମକ ଜଣେ ତାନ୍ତ୍ରିକ ବ୍ୟକ୍ତି ତାଙ୍କ ପ୍ରତି ଈର୍ଷାନ୍ୱିତ ହୋଇ ମନ୍ତ୍ର ପ୍ରୟୋଗ କଲେ । ଏହି ଅଭିଚାର କ୍ରିୟା ସମ୍ପନ୍ନ ହେଲା ପରେ ଶଙ୍କର କ୍ଷୟରୋଗ-ଗ୍ରସ୍ତ ହୋଇ କ୍ରମଶଃ କ୍ଷୀଣ ହେବାକୁ ଲାଗିଲେ । ସେ ବାରମ୍ବାର ଚିକିତ୍ସା ନିଷେଧ କରୁଥିଲେହେଁ ଶିଷ୍ୟଗଣଙ୍କ ଆହ୍ୱାନକ୍ରମେ ନାନା ସ୍ଥାନରୁ ସୁଚିକିତ୍ସକ ଆସି ବହୁ ଦିନଯାଏ ତାଙ୍କର ଚିକିତ୍ସା କଲେ, କିନ୍ତୁ ସେଥିରେ ରୋଗୋପଶମ ହେଲା ନାହିଁ । ଦିନେ ବ୍ରହ୍ମପୁତ୍ରର ସୁବିଶାଳ ଶୁଭ୍ରସୈକତରେ ଶଙ୍କର ଶିଷ୍ୟଗଣପରିବେଷ୍ଟିତ ହୋଇ ବ୍ରହ୍ମୋପାସନା କରୁଅଛନ୍ତି, ଏମନ୍ତ ସମୟରେ ତାହାଙ୍କ ସମସ୍ତ ଯନ୍ତ୍ରଣାର କ୍ରମଶଃ ଉପଶମ ହେଲା । ଏହି ଘଟନା କିୟତ୍କାଳ ମଧ୍ୟରେ ଉକ୍ତ ଦେଶବାସୀ-ମାନଙ୍କ କର୍ଣ୍ଣଗୋଚର ହୁଅନ୍ତେ ସେମାନେ ଶଙ୍କରଙ୍କ ପ୍ରତି ଭକ୍ତିମାନ୍ ହୋଇ ତଦୀୟ ଧର୍ମମତ ଗ୍ରହଣ କଲେ ।

ତଦନନ୍ତର ଶଙ୍କର ବୌଦ୍ଧ ପଣ୍ଡିତମାନଙ୍କ ପରାଜୟ ଉଦ୍ଦେଶ୍ୟରେ ବୌଦ୍ଧପ୍ରଧାନ ମିଥିଳା, ଅଙ୍ଗ, ବଙ୍ଗ, ଗୌଡ଼ ଏବଂ ଉତ୍କଳର ପ୍ରସିଦ୍ଧ ସ୍ଥାନରେ ଉପସ୍ଥିତ ହୋଇ ସେମାନଙ୍କ ସହିତ ତର୍କ ଆରମ୍ଭ କଲେ । ସେଥିରେ ଧର୍ମଗୁପ୍ତ ପ୍ରଭୃତି ପ୍ରସିଦ୍ଧ ବୌଦ୍ଧ-ଦାର୍ଶନିକବୃନ୍ଦ ପରାଜୟ ସ୍ୱୀକାର କରିଥିଲେ ଏବଂ ତତ୍ସଙ୍ଗେ ବୌଦ୍ଧବିହାର ପରିବର୍ତ୍ତରେ ହିନ୍ଦୁମନ୍ଦିର ଏବଂ ମଠମାନ ସ୍ଥାପିତ ହେଲା । ପ୍ରଚାର କାଳରେ ମଧ୍ୟ ମଧ୍ୟରେ ଅନେକ ବୁଦ୍ଧଧର୍ମପ୍ରାଣ ସନ୍ତ ଶଙ୍କରଙ୍କ ନିକଟରେ ଉପସ୍ଥିତ ହୋଇ ଏବଂ ତତ୍କୃତ ବେଦାନ୍ତ ବ୍ୟାଖ୍ୟା ଶ୍ରବଣରେ ସନ୍ତୁଷ୍ଟ ହୋଇ ତାହାଙ୍କର ଦୀର୍ଘ-ଜୀବନ କାମନା କରୁଥିଲେ । କିନ୍ତୁ ଶଙ୍କର ଆଉ ଦୀର୍ଘ-ଜୀବୀ ହୋଇପାରିଲେ ନାହିଁ । ଦ୍ୱାତ୍ରିଂଶ ବର୍ଷରେ କୃତାନ୍ତ କାଳ ତାହାଙ୍କର ଅନ୍ତ ସାଧନ କଲା ।

ଦିନେ ଶଙ୍କର ଗଙ୍ଗାକୂଳରେ ଶିଷ୍ୟସହ ଭ୍ରମଣ କରୁଅଛନ୍ତି, ଏମନ୍ତ ସମୟରେ କେତେକ ଯାତ୍ରୀଙ୍କ ମୁଖରୁ ଶୁଣିଲେ ଯେ, ପୃଥିବୀ ମଧ୍ୟରେ ଜମ୍ବୁଦ୍ୱୀପ ପ୍ରଧାନ, ସେଥିରେ ଭାରତବର୍ଷ ଶ୍ରେଷ୍ଠ ଏବଂ ତହିଁରେ ପୁଣି କାଶ୍ମୀର ଶିରୋମଣି ସ୍ୱରୂପ । ଏହା ଶୁଣିଲାକ୍ଷଣି ଶଙ୍କର କାଶ୍ମୀର ଦର୍ଶନଲାଳସାରେ ସେଠାରେ ସଶିଷ୍ୟ ଉପସ୍ଥିତ ହେଲେ ଏବଂ ତତ୍ରତ୍ୟ ସାଙ୍ଖ୍ୟମତାବଲମ୍ବୀ ବୌଦ୍ଧ ଏବଂ ଅନ୍ୟାନ୍ୟ ପ୍ରତିଦ୍ୱନ୍ଦୀମାନଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କଲେ । ତହୁଁ ସେ କିଛି କାଳ ଶାରଦାପୀଠରେ ଅବସ୍ଥାନ କରି ପୁଣି ବଦରିକାଶ୍ରମକୁ ପ୍ରତ୍ୟାଗତ ହେଲେ ଏବଂ ଏହିଠାରେ ସମସ୍ତ ପଣ୍ଡିତଙ୍କୁ ନିଜ ମତର ଅନୁଗାମୀ କରାଇ ଶିଷ୍ୟସହ ଭ୍ରମଣ କରୁ କରୁ ଅବଶେଷରେ ହିମାଳୟ ଅନ୍ତର୍ଗତ ସୁପ୍ରସିଦ୍ଧ କେଦାର ତୀର୍ଥରେ ଉପସ୍ଥିତ ହୋଇ ସେଠାରେ ଅନ୍ତିମ କାଳ ଯାପନ କଲେ । ଏହି ସ୍ଥାନରେ ଶିଷ୍ୟମାନଙ୍କୁ ଦାରୁଣ ଶୀତଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥିଲା । କିନ୍ତୁ ଶଙ୍କର ସର୍ବଦା କୈଳାସର ହିମଶୁଭ୍ର ଶୃଙ୍ଗର ଅପୂର୍ବ ଦୃଶ୍ୟ ଦେଖି ଦେଖି ଯୋଗମଗ୍ନ ହୋଇ ବ୍ରହ୍ମାନନ୍ଦ ଉପଭୋଗ କରୁଥିଲେ । ମୃତ୍ୟୁ ପୂର୍ବରୁ ମଧ୍ୟ ଏହିପ୍ରକାର ନିର୍ବିକଳ୍ପ ସମାଧି ଆଶ୍ରୟ କରି ସେ ମର୍ତ୍ତ୍ୟଧାମ ପରିତ୍ୟାଗ କଲେ ।

ଶଙ୍କରଙ୍କର ଶାରୀରିକ ଏବଂ ମାନସିକ ଶକ୍ତି ଅସାଧାରଣ ଥିଲା । ଯେତେବେଳେ ସେ ଧର୍ମ ପ୍ରଚାର କରିବାକୁ ବସିଲେ, ସେତେବେଳେ ଦେଶର ପ୍ରାୟ ସମସ୍ତେ ତାଙ୍କର ପ୍ରତିଦ୍ୱନ୍ଦୀ । ଭାରତବର୍ଷରେ ବିବିଧ ଉପଧର୍ମର ସୃଷ୍ଟିଦ୍ୱାରା ବୈଦିକ ଧର୍ମ ଏବଂ କ୍ରିୟାକଳାପ ଏକାବେଳକେ ଲୁପ୍ତପ୍ରାୟ ହୋଇଥିଲା । ତେଣୁ ନାନା ବାଧାବିଘ୍ନ ଆସି ତାହାଙ୍କୁ ଗ୍ରାସ କରିବାକୁ ବସିଲା, କିନ୍ତୁ ମହାପୁରୁଷ ଶଙ୍କର ନିର୍ବିକାରଚିତ୍ତରେ ତାହା ଅତିକ୍ରମ କରି ସ୍ୱକର୍ମ ସାଧନରେ ବ୍ରତୀ ହୋଇଥିଲେ । ସୌଭାଗ୍ୟ-କ୍ରମେ ଶତ ଶତ ଲୋକ ତାହାଙ୍କ ମତର ଅନୁଗାମୀ ହୋଇ ପଡ଼ିଲେ । ସେ ପଦବ୍ରଜରେ ଭାରତର ବହୁ ସ୍ଥାନ ଭ୍ରମଣ କରିଥିଲେ, ଏହା ତାହାଙ୍କ ଶାରୀରିକ ଶକ୍ତିର ଗୋଟିଏ ସୁଲଭ ନିଦର୍ଶନ । ବିପକ୍ଷଦଳର କଣ୍ଟ-

Digitized by srujanika@gmail.com

କଥା ଏବଂ ବସ୍ତୁର ବ୍ୟବହାରରେ ସେ କିଛିମାତ୍ର ବିଚଳିତ ହେଉ ନ ଥିଲେ ଏବଂ ସେହିପରି ହେବା-ପାଇଁ ଶିଷ୍ୟଗଣଙ୍କୁ ପୁନଃ ପୁନଃ ଉପଦେଶ ପ୍ରଦାନ କରୁଥିଲେ । ସେ ସର୍ବଦା ନିର୍ଗୁଣ ବ୍ରହ୍ମ ଏକମାତ୍ର ଉପାସ୍ୟ ବୋଲି ପ୍ରଚାର କରି ସାଧାରଣଙ୍କୁ ଏହିପରି ବୁଝାଇ ଦେଉଥିଲେ ଯେ "ଏକ ବୀଜରୁ ଯେପରି ତତ୍ସଦୃଶ ବହୁ ବୀଜର ଉତ୍ପତ୍ତି ହୁଏ, ସେହିପରି ଏକ ପରମାତ୍ମାଙ୍କ ଠାରୁ ବହୁ ଜୀବାତ୍ମାର ସୃଷ୍ଟି ହୋଇଅଛି । ସୁତରାଂ ଜୀବ ଏବଂ ପରମ ମଧ୍ୟରେ ଐକ୍ୟ ନିରନ୍ତର ଅଛି ।" କିନ୍ତୁ ଏହି ଅଦ୍ୱୈତ ମତ ପ୍ରଚାର ତାହାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଲେହେଁ ସେ କଦାପି ମନ୍ଦିରରେ ଶିବ ଗଣେଶାଦି ପୂଜାର ନିନ୍ଦା କରୁ ନ ଥିଲେ, କାରଣ ସେ ସର୍ବତ୍ର ବ୍ରହ୍ମଦର୍ଶନ କରୁଥିଲେ ଏବଂ ବ୍ରହ୍ମଜ୍ଞାନ ଅଜ୍ଞାନସାଧାରଣଙ୍କର ଦୁରଧିଗମ୍ୟ ବୋଲି ବୁଝିପାରି ଥିଲେ । ଦେବମନ୍ଦିରରେ ଉପସ୍ଥିତ ହେଲେ ସେ ଦେବତାଙ୍କୁ ସମ୍ବୋଧନ କରି ଏହା କହୁଥିଲେ, "ଅଧମ ଲୋକେ ତୁମ୍ଭର ବାହ୍ୟପୂଜା କରନ୍ତି ଏବଂ ମଧ୍ୟମଗଣ ତୁମ୍ଭଙ୍କୁ ହୃଦୟରେ ଧ୍ୟାନ କରନ୍ତି । କିନ୍ତୁ ତତ୍ତ୍ୱଜ୍ଞାନୀ-ମାନେ ତୁମ୍ଭଠାରେ ଆତ୍ମାର ଐକ୍ୟ ଦେଖନ୍ତି ।" ଏହି ପ୍ରକାରେ ଶଙ୍କର ସ୍ୱଜୀବନକାଳ ମଧ୍ୟରେ ଭାରତରେ ତଦାନୀନ୍ତନ ଧର୍ମମତକୁ ଏକାବେଳକେ ବିପର୍ଯ୍ୟସ୍ତ କରି ବୈଦିକ ଧର୍ମର ପୁନଃପ୍ରତିଷ୍ଠା କଲେ ।

ଶଙ୍କର ପ୍ରତିଷ୍ଠିତ ପ୍ରଧାନ ପୀଠ ଚତୁଷ୍ଟୟ ବର୍ତ୍ତମାନ ହିନ୍ଦୁମାନଙ୍କର ପ୍ରସିଦ୍ଧ ତୀର୍ଥରୂପେ ପରିଗଣିତ ହେଉଅଛି ଏବଂ ସେଥିରେ ପରମ୍ପରାକ୍ରମେ ଜଣେ ଜଣେ ସନ୍ନ୍ୟାସୀ ଶିଷ୍ୟତ୍ୱ କରି ଆସୁଛନ୍ତି । ଉକ୍ତ ମଠ-ଚତୁଷ୍ଟୟରେ ଶଙ୍କରଙ୍କ ପ୍ରଧାନ ଚାରି ଶିଷ୍ୟଙ୍କର ଅଭିଷେକ ହୋଇଥିଲା । ତନ୍ମଧ୍ୟରୁ ଦ୍ୱାରକାସ୍ଥ ଶାରଦା-ପୀଠରେ ପ୍ରିୟତମ ଶିଷ୍ୟ ମଣ୍ଡନଙ୍କର ସୁରେଶ୍ୱରାଚାର୍ଯ୍ୟ ନାମକରଣ ଏବଂ ଉତ୍ତମାଶ୍ରମ ଦୀକ୍ଷାପ୍ରଦାନ, ପୁରୁଷୋତ୍ତମକ୍ଷେତ୍ରସ୍ଥ ଗୋବର୍ଦ୍ଧନ ମଠରେ ପଦ୍ମପାଦା-ଚାର୍ଯ୍ୟ ବା ସନନ୍ଦନଙ୍କର ଅଭିଷେକ, ଜ୍ୟୋତିର୍ମଠରେ ତୋଟକାଚାର୍ଯ୍ୟ ଏବଂ ଶୃଙ୍ଗଗିରି ମଠରେ ହସ୍ତାମଳକଙ୍କର ଅଭିଷେକ ହୋଇଥିଲା ।

ମାନସ ହ୍ରଦ

(ଭୌଗୋଳିକ ବିବରଣ — ଶତଦ୍ରୁ ପ୍ରଭୃତି ନଦୀର ଉତ୍ପତ୍ତି ପ୍ରସଙ୍ଗ — ନାମକରଣରହସ୍ୟ — ତୀର୍ଥଖ୍ୟାତି ।)

ଗିରିରାଜ ହିମାଳୟର ଉତ୍ତରଦିଗ୍‌ବର୍ତ୍ତୀ କଳହଂସ-କାକଳୀପୂରିତ ସ୍ୱଚ୍ଛୋଦ ମାନସର ଭାରତର ନାନା ପ୍ରାଚୀନ କାବ୍ୟ ମହାକାବ୍ୟରେ ତଥା ବିଭିନ୍ନ ତାତାର ପ୍ରଭୃତି ଦେଶର ଗ୍ରନ୍ଥବିଶେଷରେ କୀର୍ତ୍ତିତ ହୋଇଅଛି । ଭିନ୍ନ ଭିନ୍ନ ଦେଶର ପ୍ରସିଦ୍ଧ ପରିବ୍ରାଜକ ଏବଂ ଦୂରଦର୍ଶୀ ଲେଖକମାନେ ମଧ୍ୟ ମାନସର ନାମ ଉଲ୍ଲେଖ କରି-ଅଛନ୍ତି । ଦୁର୍ଗମ ହିମାଳୟ ଅତିକ୍ରମ ନ କଲେ ମାନସ-ସନ୍ଦର୍ଶନ ଭାରତବାସୀଙ୍କ ପକ୍ଷରେ ଅସମ୍ଭବ । ଏହାର ଏକପାର୍ଶ୍ୱରେ ହିମାଳୟର ଅତ୍ୟୁଚ୍ଚ ପର୍ବତମାଳା ଏବଂ ତୁଷାରମୁକୁଟ ଶୁଭ୍ର ଶୈଳ କୈଳାସ, ଅପରପାର୍ଶ୍ୱରେ ତିବ୍ବତର ଟଙ୍କଶୈଳାଦି ପ୍ରାଚୀରବତ୍ ଦଣ୍ଡାୟମାନ ।

ମାନସର ପରିଧି ପ୍ରାୟ ପଚାଶ କୋଶ । ଏହାର ଚତୁର୍ଦ୍ଦିଗରେ ଶ୍ୟାମଳ ତୃଣ ଗୁଲ୍ମପୂର୍ଣ୍ଣ ପ୍ରାନ୍ତର । ତଟଦେଶର ଭୂମି ଶୁଷ୍କ ଏବଂ ପାଷାଣବତ୍ ଦୃଢ଼ । ଜଳ ଅତି ସ୍ୱଚ୍ଛ ଏବଂ ଦଳଶୈବାଳବିହୀନ । ଜଳଜ ଉଦ୍ଭିଦ ସବୁ ଅବିରତ ତରଙ୍ଗାଘାତରେ ଉତ୍କ୍ଷିପ୍ତ ହୋଇ କୂଳକୁ ଆଶ୍ରୟ କରୁଥାଏ । ସମୟ ସମୟରେ ପ୍ରବଳ ବାତ୍ୟାଜନିତ ଭୀଷଣ ତରଙ୍ଗାଘାତଦ୍ୱାରା ଏଥିର

Digitized by srujanika@gmail.com

ମତ୍ସ୍ୟାଦି ଜଳଜନ୍ତୁମାନେ ମଧ୍ୟ ତଟଦେଶକୁ ଉତ୍କ୍ଷିପ୍ତ ହେଉଥାନ୍ତି, କିନ୍ତୁ ଏହି ସବୁ ମତ୍ସ୍ୟକୁ ସେଠାର ଅଧିବାସୀମାନେ ତୀର୍ଥମତ୍ସ୍ୟ ବୋଲି ଭକ୍ଷଣ କରନ୍ତି ନାହିଁ । ତେଣୁ ଭକ୍ଷ୍ୟପ୍ରାଚୁର୍ଯ୍ୟ ଆଶାରେ ଏହା ହଂସ ପ୍ରଭୃତି ନାନାଜାତୀୟ ପକ୍ଷୀଙ୍କର ଆଶ୍ରୟସ୍ଥଳ ହୋଇ ପଡ଼ିଅଛି । ମାତ୍ର ଏହି ପକ୍ଷୀମାନେ ସର୍ବଦା ସେଥିରେ ବାସ କରି ପାରନ୍ତି ନାହିଁ । ଶୀତକାଳ ଉପସ୍ଥିତ ହେଲେ ଏହାର ଜଳ ଶୈତ୍ୟାଧିକ୍ୟ ଯୋଗୁଁ କ୍ରମଶଃ ବସିଯାଏ, ପୌଷ ମାଘ ମାସରେ ଏହି ହ୍ରଦର ଆସ୍ତରଣ ଏପରି ଶିଳୀଭୂତ କଠିନ ହିମାବରଣରେ ପରିଣତ ହୁଏ ଯେ ତହିଁରେ ଗୋମେଷାଦି ପଶୁମାନେ ଅନାୟାସରେ ଯାତାୟାତ କରି ପାରନ୍ତି । ଚୈତ୍ର ବୈଶାଖ ମାସରେ ସଞ୍ଚିତ ତୁଷାରରାଶି ସୂର୍ଯ୍ୟକିରଣ ଯୋଗେ ଖଣ୍ଡ ଖଣ୍ଡ ହୋଇ ଇତସ୍ତତଃ ଭାସୁଥାଏ । ବର୍ଣ୍ଣିତ ସମୟରେ ଉକ୍ତ ଜଳଚର ପକ୍ଷୀମାନେ ଜଳ ପ୍ରଦେଶର ସୁବିଧା ନ ଦେଖି ହ୍ରଦତ୍ୟାଗପୂର୍ବକ ଦକ୍ଷିଣକୁ ବା ଭାରତବର୍ଷକୁ ଦଳ ଦଳ ହୋଇ ଚାଲିଆସନ୍ତି । ପୁଣି ବର୍ଷାରମ୍ଭରେ ହ୍ରଦ ଯେତେବେଳେ ଜଳପୂର୍ଣ୍ଣ ହୁଏ, ସେତେବେଳେ ହ୍ରଦକୁ ବାହୁଡ଼ି ଯାନ୍ତି । ପ୍ରତିବର୍ଷ ଏହି ସାମୟିକ ସୁନ୍ଦର ଦୃଶ୍ୟ ଦେଖି କାଳିଦାସପ୍ରମୁଖ ଭାରତୀୟ ମହାକବିମାନେ ସ୍ୱରଚିତ ମହାକାବ୍ୟାଦିରେ ହଂସମାନଙ୍କର ମାନସଗମନ (୧) କଥା ଉଲ୍ଲେଖ କରିଅଛନ୍ତି, ଆଉ ମଧ୍ୟ ତତ୍ପ୍ରଣୀତ ରଘୁବଂଶ ନାମକ ମହାକାବ୍ୟରୁ ଏହା ଜଣାଯାଏ ଯେ, ପୁରାଣ ମତରେ ମାନସ ହ୍ରଦ ସରଯୂନଦୀର (୨) ଉତ୍ପତ୍ତି ସ୍ଥାନ । କେହି କେହି କହନ୍ତି, ଶତଦ୍ରୁ ମାନସରୁ ଉତ୍ପନ୍ନ ହୋଇଅଛି; କିନ୍ତୁ ଆଧୁନିକ ଦର୍ଶକମାନେ କହନ୍ତି, ମାନସ ଶତଦ୍ରୁର ଉତ୍ପତ୍ତି ସ୍ଥାନ ନୁହେଁ । ରାବଣ ହ୍ରଦରୁ ତାହାର ଉତ୍ପତ୍ତି । ଯାହା ହେଉ ଆଧୁନିକ ପର୍ଯ୍ୟଟକମାନେ ସେଠାରେ କୌଣସି ନଦୀ ଦେଖି ନାହାନ୍ତି, କିନ୍ତୁ ପୂର୍ବେ ରାବଣ ସହିତ ମାନସର ସଂଯୋଗ ଥିଲା ବୋଲି କେହି କେହି ମାତ୍ର ଶୁଣି ଅଛନ୍ତି । ଏଥିରୁ ଅନୁମାନ ହେଉଅଛି, ପୂର୍ବେ ଉକ୍ତ ହ୍ରଦଦ୍ୱୟ ଗୋଟିଏ ନଦୀଦ୍ୱାରା ସଂଯୁକ୍ତ ହୋଇଥିଲା । କାଳକ୍ରମେ ଶୁଷ୍କ ହୋଇ ବର୍ତ୍ତମାନ ଅଦୃଶ୍ୟ ହୋଇଅଛି । ତିବ୍ବତବାସୀମାନଙ୍କର ବିଶ୍ୱାସ ଯେ, ଭୂଗର୍ଭବାଟେ କୌଣସି ଜଳମାର୍ଗ ସହିତ ଏହାର ସଂଯୋଗ ଅଛି । ଏ ସମ୍ବନ୍ଧରେ ଚୀନଦେଶୀୟ ଜଣେ ରାଜପୁରୁଷଙ୍କର ମତ ଏହି ଯେ, ପୂର୍ବେ ଏ ହ୍ରଦରେ ଅନେକ ନଦୀ ପତିତ ହୋଇଥିଲା; କିନ୍ତୁ କାଳ କ୍ରମେ ସେହି ସବୁ ଜଳମାର୍ଗ ଶୁଷ୍କ ହୋଇ ଗଲାଣି । ଯାହା ହେଉ, ଏ ସବୁ କଥା ଏକାନ୍ତ ଅବିଶ୍ୱାସ୍ୟ ନୁହେ । କାରଣ କୌଣସି ନଦୀ ବା ପ୍ରସ୍ରବଣର ସଂଯୋଗ ନ ଥିଲେ ଏ ହ୍ରଦର ଜଳ ଏତେ ସ୍ୱଚ୍ଛ ଏବଂ ସ୍ୱାଦୁ ହୁଅନ୍ତା ନାହିଁ । ବିଶ୍ୱାସର ଆହୁରି ଗୋଟିଏ କାରଣ ଏହି ଯେ, କେହି କେହି ପର୍ଯ୍ୟଟକ ମଧ୍ୟ ମାନସର ବେଳାଜନିତ ହ୍ରାସ ବୃଦ୍ଧି ନିରୂପଣ କରିଅଛନ୍ତି । ଏହି ହ୍ରାସବୃଦ୍ଧି କୌଣସି ଜଳମାର୍ଗର ଅସ୍ତିତ୍ୱ ସମ୍ବନ୍ଧରେ ଗୋଟିଏ ଅପରିହାର୍ଯ୍ୟ ପ୍ରମାଣ ।

ମାନସର ଅନ୍ୟତର ନାମ ବ୍ରହ୍ମସର । ବ୍ରହ୍ମା ବା ସ୍ରଷ୍ଟାଙ୍କର ମନରୁ ସଂଭୂତ ବୋଲି ଏହାର ନାମ ମାନସ ଏବଂ ତଦୁତ୍ପନ୍ନ ନଦର ନାମ ବ୍ରହ୍ମପୁତ୍ର ହୋଇଅଛି । ବ୍ରହ୍ମପୁତ୍ରର ଉତ୍ପତ୍ତି ସ୍ଥାନ ବର୍ତ୍ତମାନ ଏହି ହ୍ରଦର ନିକଟବର୍ତ୍ତୀ । ତାହା ବ୍ୟତୀତ ସିନ୍ଧୁ, ଶତଦ୍ରୁ ଏବଂ ସରଯୂ ମଧ୍ୟ ଏହାର ସନ୍ନିହିତ ସ୍ଥାନରୁ ଉତ୍ପନ୍ନ ହୋଇଅଛନ୍ତି । ଏତଦ୍ଦ୍ୱାରା ମାନସ ଯେ ଅତି ଉଚ୍ଚଭୂମି, ତାହା ସ୍ପଷ୍ଟ ପ୍ରତିପନ୍ନ ହେଉଅଛି । ପୃଥିବୀର ଯେତେ ସ୍ଥାନରେ ମନୁଷ୍ୟ ବସତି ଅଛି ସେ ସମସ୍ତ ଅପେକ୍ଷା

(୧) ମାନସଂ ଯାନ୍ତି ହଂସାଃ କୃତତ୍ୱରଗୋନାଂ ପ୍ରିୟମାନସାନାଂ । ରଘୁବଂଶ ।

(୨) ବ୍ରାହ୍ମଂସରଃ କାରଣମାବାଚ୍ୟ ବୁଦ୍ଧେରବ୍ୟକ୍ତମୁଦାହରନ୍ତି । ୧୩ଶ ସର୍ଗ ।

Digitized by srujanika@gmail.com

ଏହାର ତଟଭୂମି ଉନ୍ନତ ବୋଲି ପଣ୍ଡିତମାନେ ନିରୂପଣ କରିଅଛନ୍ତି ।

ବହୁ ପ୍ରାଚୀନ କାଳରୁ ଅଦ୍ୟାବଧି ମାନସରୋବର ଗୋଟିଏ ପ୍ରସିଦ୍ଧ ତୀର୍ଥସ୍ଥାନରୂପେ ପୂଜା ପାଇ ଆସୁଅଛି । କେବଳ ତିବ୍ବତରୁ ନୁହେ, ତାତାର ପ୍ରଭୃତି ଦୂର ଦେଶରୁ ମଧ୍ୟ ବର୍ଷକୁ ବର୍ଷ ବହୁ ସଂଖ୍ୟକ ଯାତ୍ରୀ ମାନସ ଦର୍ଶନାର୍ଥ ବହିର୍ଗତ ହୁଅନ୍ତି । ସ୍ଥାନୀୟ ଲୋକମାନଙ୍କର ବିଶ୍ୱାସ ଯେ, ଏହି ସରୋବର ପ୍ରଦକ୍ଷିଣ କଲେ ପାପୀର ସର୍ବ ପ୍ରକାର ପାପ ନଷ୍ଟ ହୋଇଯାଏ । ସର୍ବଦା ଏ ପ୍ରକାର ମୁମୁକ୍ଷୁ ଯାତ୍ରୀମାନଙ୍କର ବହୁ ସମାଗମ ଦେଖି ଅନେକ ବୌଦ୍ଧ ଯାଜକ ଏବଂ ସନ୍ନ୍ୟାସୀ ଏହାର ତଟଦେଶ ଆଶ୍ରୟ କରି ଯାତ୍ରୀମାନଙ୍କ ପ୍ରଦତ୍ତ ଖାଦ୍ୟାଦିରେ ଉଦର ପୂର୍ତ୍ତିପୂର୍ବକ ସ୍ୱଚ୍ଛନ୍ଦରେ ବାସ କରି ଅଛନ୍ତି । ଏହାର ଶ୍ରମକାନ୍ତ ଦୃଶ୍ୟ ଚିତ୍ତାକର୍ଷକ ଏବଂ ଗମ୍ଭୀର ଭାବର ଦ୍ୟୋତକ ।

ଭାଷା ରହସ୍ୟ

(ପୃଥିବୀ ସଙ୍ଗେ ଭାଷାର ସାଦୃଶ୍ୟ—ଜାତିର ଉନ୍ନତି ଅନୁସାରେ ଭାଷାରେ ଉନ୍ନତି—ନଦୀ ବୃକ୍ଷାଦିପରି ଭାଷାର ଶାଖା ପ୍ରଶାଖା—କ୍ଷୟ ବୃଦ୍ଧି ପରିବର୍ତ୍ତନାଦିର କାରଣ ଏବଂ ମନୋଜଗତ୍ ସହିତ ଭାଷାର ସମ୍ବନ୍ଧ ।)

ଏ ଜଗତ ପରିବର୍ତ୍ତନଶୀଳ, ଏ କଥା କାହାରିକୁ ଅବିଦିତ ନୁହେ । ନାନା କାରଣବଶତଃ ଆମ୍ଭମାନଙ୍କର ଆବାସଭୂତ ଏହି ପୃଥିବୀରେ ବହୁ ପରିବର୍ତ୍ତନ ଘଟୁଅଛି, କିଛିକାଳ ପୂର୍ବେ ଗୋଟିଏ ବସ୍ତୁ ଯେପରି ଅବସ୍ଥାରେ ଥିଲା, ଆଜି ତାହା ଠିକ୍ ସେହିପରି ଅବସ୍ଥାରେ ନାହିଁ । ଆଜି ଗୋଟିଏ ପଦାର୍ଥକୁ ଯେପରି ଦେଖୁଅଛୁଁ, ତାହା ଯେ ଭବିଷ୍ୟତରେ ସେହିପରି ଅକ୍ଷୁଣ୍ଣ ରହିବ, ଏହା ବୋଲିଯାଇ ନ ପାରେ । ତେବେ ନିତ୍ୟ ପ୍ରତ୍ୟକ୍ଷୀକୃତ କିମ୍ବା କଳାପରୁ ଅନୁମିତ ହେଉଅଛି, ତାହାର ଅବଶ୍ୟ କିଛି ପରିବର୍ତ୍ତନ ଘଟିବ । ଏହି ପରିବର୍ତ୍ତନ କେବଳ ଜଡ଼ ଜଗତରେ ନୁହେ, ପ୍ରାଣି ଜଗତ୍ ଓ ମନୋଜଗତରେ ମଧ୍ୟ ଅଛି ।

ଭାଷା ସମ୍ବନ୍ଧରେ ଆଲୋଚନା କରିବାକୁ ଗଲେ, ତହିଁରେ ମଧ୍ୟ ଉକ୍ତ ପ୍ରକାର ପରିବର୍ତ୍ତନ ଲକ୍ଷିତ ହେବ । କାଳକ୍ରମେ ଭାଷାର ପରିବର୍ତ୍ତନ ହେଉଅଛି; ତାହା ଅନିବାର୍ଯ୍ୟ । ସେ ସମ୍ବନ୍ଧରେ ପୃଥିବୀ ସହିତ ଭାଷାର ଅନେକ ସୌସାଦୃଶ୍ୟ ଅଛି । ପୃଥିବୀ ଆମ୍ଭମାନଙ୍କର ଆବାସ ଭୂମି । ଜନନୀସ୍ୱରୂପ ସର୍ବଦା ଆମ୍ଭମାନଙ୍କୁ ଅମୃତମୟ କୋଳରେ ଧାରଣ କରିଅଛି; ଭାଷା ମଧ୍ୟ ସେହିପରି ଅଙ୍କ ଦେଶରେ ଆଶ୍ରୟ ଦେଇଅଛି । ତାହାକୁ ଆଶ୍ରୟ ନ କରି ଆମ୍ଭେମାନେ ମୁହୂର୍ତ୍ତେ ଚଳି ପାରିବୁ ନାହିଁ । ପୃଥିବୀ ସୌନ୍ଦର୍ଯ୍ୟରାଶିର ଆଧାର ଏବଂ ନାନା ଦୃଶ୍ୟରେ ପରିପୂର୍ଣ୍ଣ । ଭାଷାରେ ମଧ୍ୟ ସୌନ୍ଦର୍ଯ୍ୟ ଏବଂ ବିଚିତ୍ର ଦୃଶ୍ୟମାନ ରହିଅଛି, ଦେଖିଲେ ଦର୍ଶକ ମୁଗ୍ଧ ନ ହୋଇ ରହି ପାରିବ ନାହିଁ । ପରନ୍ତୁ ପୃଥିବୀରେ ଯେଉଁ ଦୃଶ୍ୟ ଏକସମୟରେ ବିଦ୍ୟମାନ ଥିଲା, ତାହା ଭାଷାରାଜ୍ୟରେ ସନାତନ ଦୃଶ୍ୟରୂପେ ବିଦ୍ୟମାନ । ପ୍ରାଚୀନ ଭାରତ ଏବଂ ରୋମର ସମୃଦ୍ଧିସମ୍ପନ୍ନ ନଗର, ମହାଭାରତ-ନିକଷ କୁରୁକ୍ଷେତ୍ର, ସ୍ୱଚ୍ଛସଲିଳା ବେଦମାତା ସରସ୍ୱତୀ, ପ୍ରାଚୀନ ମିଶର ଗ୍ରୀସ ପ୍ରଭୃତି ଦେଶର ଇତିହାସପ୍ରସିଦ୍ଧ ଦୃଶ୍ୟମାନ ବର୍ତ୍ତମାନ ପୃଥିବୀପୃଷ୍ଠରେ କାହିଁ ?

Digitized by srujanika@gmail.com

ଭାଷାରାଜ୍ୟରେ ବିଚରଣ ନ କଲେ ସେହି ସବୁ କୌତୂହଳୋଦ୍ଦୀପକ ବିଲୁପ୍ତ ମନୋହର ଚିତ୍ର ଦର୍ଶକର ପ୍ରତ୍ୟକ୍ଷୀଭୂତ ହୋଇ ପାରିବ ନାହିଁ । ପୃଥିବୀପୃଷ୍ଠରେ ନାନା ନଦୀ ବା ଜଳସ୍ରୋତ ପ୍ରବାହିତ । ଭାଷାରାଜ୍ୟରେ ମଧ୍ୟ ସେହିପରି । ନଦୀପ୍ରବାହଦ୍ୱାରା ଯେପରି ଏକ ସ୍ଥାନରୁ ମୃତ୍ତିକା ଆନୀତହୋଇ ଅନ୍ୟ ସ୍ଥାନରେ ସଞ୍ଚିତ ହେଉଅଛି ଏବଂ ବହୁଦୂରରୁ ଉଦ୍ଭିଦବୀଜ ଆସି ଅନ୍ୟତ୍ର ଅଙ୍କୁରିତ ହେଉଅଛି, ଭାଷାପ୍ରବାହଦ୍ୱାରା ମଧ୍ୟ ସେହିପରି ଏକ ଦେଶର ଭାବ ଦେଶାନ୍ତରକୁ ଆନୀତ ହୋଇ ତାହାର ପୁଷ୍ଟିସାଧନ କରୁଅଛି । ବର୍ତ୍ତମାନ ଇଂରାଜୀ ଭାଷାପ୍ରବାହଦ୍ୱାରା ଆନୀତ ଉତ୍ପତ୍ତି ସ୍ଥାନର ବୀଜ ଗଡ଼ପଥର ପାର୍ଶ୍ୱରେ ଅଙ୍କୁରିତ ହେଉଥିବାର ଦୃଷ୍ଟାନ୍ତ ଆମ୍ଭେମାନେ ନିତ୍ୟ ପ୍ରତ୍ୟକ୍ଷ କରୁଅଛୁଁ । ସମୟରେ ଏ ମହାନଦୀ ତଟସ୍ଥ ଉଦ୍ଭିଦଦ୍ୱାରା ଦେଶାନ୍ତରକୁ ସୁଶୋଭିତ କରିବ, ଏହା ବର୍ତ୍ତମାନ ଭାଷାବିଜ୍ଞାନବିଦ୍‌ମାନଙ୍କର ଉଚ୍ଚତମ ଆଶା ଏବଂ ଆଦର୍ଶରେ ସ୍ଥିତିଲାଭ କରିଅଛି । ଯାହାହେଉ, ଏକ ଦେଶର ବୀଜ କାଳ ଓ ସଭ୍ୟତା ପ୍ରଭାବରେ ଦେଶାନ୍ତରରେ ଉପନୀତ ହେଲେ, ତଦୁତ୍ପନ୍ନ ଉଦ୍ଭିଦ ଶେଷୋକ୍ତ ଦେଶର ମୃତ୍ତିକା ପ୍ରଭାବରେ ଯେ କିଞ୍ଚିତ ପରିବର୍ତ୍ତିତ ନ ହେବ, ତାହା କିଏ କହିପାରେ ? ନଦୀ ପୃଥିବୀପୃଷ୍ଠରେ ପ୍ରବାହିତହୋଇ ପାର୍ଶ୍ୱବର୍ତ୍ତୀ ଭୂମିର ଉର୍ବରତା ବୃଦ୍ଧିପୂର୍ବକ ସମୁଦ୍ର ସହିତ ମିଳିତ ହେଉଅଛି । ଭାଷା-ସରିତ୍ ସେହିପରି ଜନସମାଜରେ ପ୍ରବାହିତ ହୋଇ ପ୍ରତ୍ୟେକ ଲୋକଙ୍କ ହୃଦୟକୁ ସରସ କରି କେଉଁ ଅକୂଳ ଅଗମ୍ୟ ମହାସମୁଦ୍ର ଆଡ଼କୁ ଧାବମାନ ହେଉଅଛି, ତାହା ଆମ୍ଭମାନଙ୍କର ଧାରଣାତୀତ ।

ଭୂମିକମ୍ପ ଉପସ୍ଥିତ ହେଲେ ଭୂପୃଷ୍ଠରେ ମହାବିପର୍ଯ୍ୟୟର ସୂତ୍ରପାତ ହୁଏ । କାହିଁ ଉନ୍ନତର ଅଧଃପାତ ଏବଂ କାହିଁ ବା ଅଧସ୍ତନର ଉନ୍ନତି । କାହିଁ ମହା ମରୁସ୍ଥଳୀ ଅତଳସ୍ପର୍ଶ ସାଗରରେ ଏବଂ କାହିଁ ବା ସମୁନ୍ନତ ଗିରି ଗଭୀର ହ୍ରଦରେ ପରିଣତ ହୋଇପାରେ ଭାଷାରାଜ୍ୟରେ ମଧ୍ୟ ଏହି ବିବର୍ତ୍ତନ ଘଟୁଅଛି । ମାନବସମାଜରେ କୌଣସି ବିପ୍ଳବ ଉପସ୍ଥିତ ହେଲେ, ଭାଷାରେ ମଧ୍ୟ ମହାବିପର୍ଯ୍ୟୟ ସଂଘଟିତ ହୁଏ । ଗୋଟିଏ ଭାଷା ଅନ୍ୟକୁ ଗ୍ରାସକରି ତାହାର ସ୍ଥାନ ଅଧିକାର କରିପାରେ । ବୌଦ୍ଧଯୁଗର ଧର୍ମବିପ୍ଳବ ଯୋଗୁଁ ସଂସ୍କୃତ ଭାଷାର ଅନେକାଂଶରେ ପରିବର୍ତ୍ତନ ଘଟିଥିଲା । ଓଡ଼ିଶାରେ ମୁସଲମାନଙ୍କ ରାଜତ୍ୱକାଳରେ ଟୋଡରମଲ୍ଲଙ୍କ ପ୍ରବର୍ତ୍ତନ ଦ୍ୱାରା ଓଡ଼ିଆ ଶବ୍ଦ ପରିବର୍ତ୍ତରେ ପାରସିକ ଶବ୍ଦର ପ୍ରଚଳନ ତାହାର ଅନ୍ୟତର ଦୃଷ୍ଟାନ୍ତ । 'ଗ୍ରାମ' 'ଦଣ୍ଡପାଟ' ପ୍ରଭୃତି ଶବ୍ଦ ସ୍ଥଳରେ 'ମୌଜା' 'ପ୍ରଗନା' ପ୍ରଭୃତି ଶବ୍ଦ ଉକ୍ତ ସମୟରେ ବସି ଯାଇଥିବାର ବର୍ତ୍ତମାନ ଆମ୍ଭେମାନେ ଇତିହାସ ସାହାଯ୍ୟରେ ଜାଣି ପାରୁଅଛୁଁ ସତ୍ୟ, କିନ୍ତୁ ପୂର୍ବର ସେହି 'ଗ୍ରାମ' 'ଦଣ୍ଡପାଟ' ପ୍ରଭୃତି ଆଉ କାହାର ଦୃଷ୍ଟିଗୋଚର ହେଉନାହିଁ । 'ମୌଜା' 'ପ୍ରଗନା' ପ୍ରଭୃତି ଶବ୍ଦ ନିଜର ଅସ୍ତିତ୍ୱରେ ସେଗୁଡ଼ିକର ଲୋପ କରିଅଛି । ବର୍ତ୍ତମାନ ସେହିପ୍ରକାର ବସ୍ତୁକୁ ଉଦ୍ଧାର କରିବା ସହଜ ନୁହେ । ପୁଣି ଏହା ଉପରେ ଆଉ କେଉଁ ସ୍ତର ମାଡ଼ିଯିବ, ତାହା କିଏ କହିପାରେ ?

ଜଳ, ବାୟୁ, ଭୌଗୋଳିକ ଅବସ୍ଥାନ ଓ ଶୀତୋଷ୍ଣର ପରିମାଣଭେଦରେ ପାର୍ଥିବ ଜୀବସମୂହ ଭିନ୍ନରୂପ ହୋଇଯାନ୍ତି । ଭିନ୍ନ ଭିନ୍ନ ଦେଶର ପ୍ରାଣୀ ଏବଂ ଉଦ୍ଭିଦର ରୂପ ଓ ଗୁଣ ମଧ୍ୟରେ ବହୁତ ପାର୍ଥକ୍ୟ । ଶୀତମଣ୍ଡଳରେ ପ୍ରାଣୀ ଓ ଉଦ୍ଭିଦର ରୂପ ଏକପ୍ରକାର, ଗ୍ରୀଷ୍ମମଣ୍ଡଳରେ ତାହା ଅନ୍ୟ ପ୍ରକାର । ଏକ ବୀଜରୁ ଉଦ୍ଭିଦ ଏ ଦେଶରେ ଯେପରି ହେବ, ଇଂଲଣ୍ଡରେ ସେପରି ହେବ ନାହିଁ । ପ୍ରତିଦେଶରେ ବିଚିତ୍ର ଦୃଶ୍ୟ ଦେଖା ଯାଉଥିବ । ଉକ୍ତ ପ୍ରାକୃତିକ ନିୟମରେ ପୃଥିବୀର ଭାଷା ଶତ ଶତ । ପ୍ରତ୍ୟେକର ରୂପ ଓ ଗୁଣ ଭିନ୍ନ ଭିନ୍ନ । କେଉଁ ଭାଷା ଓଜସ୍ୱିନୀ, କେଉଁ ଭାଷା ବୀର୍ଯ୍ୟବତୀ

Digitized by srujanika@gmail.com

କଏ ବା ଲଳିତ, କଏ ବା ଝଙ୍କାରବିଶିଷ୍ଟ । କାହିଁରେ କର୍କଶତା, କାହିଁରେ କୋମଳତା, କାହିଁରେ ବୀର୍ଯ୍ୟବତ୍ତା, କାହିଁରେ ବା ପବିତ୍ର ଭାବ ଓ ଗାମ୍ଭୀର୍ଯ୍ୟ ରହିଅଛି । କାହା ସହିତ କାହାର ପୂର୍ଣ୍ଣ ସାଦୃଶ୍ୟ ନାହିଁ । ତଥାପି ଏକା ନିୟମରେ ସମସ୍ତଙ୍କର ଉତ୍ପତ୍ତି ପୁଷ୍ଟି ଓ କ୍ଷୟ । ଉଦ୍ଭିଦ ପରି ଏକ ଦେଶର ଭାଷା ଅନ୍ୟ ଦେଶର ଉପାଦାନରେ ସ୍ୱଚ୍ଛନ୍ଦ ଭାବରେ ବଢ଼ିପାରିବ ନାହିଁ । ହେଲେ ତାହା ବିଳୀନ ହେବ, ନୋହିଲେ ବିରୂପ ଓ ବିବର୍ଣ୍ଣ ହୋଇଯିବ । ବିଦେଶରେ ମାତୃଭାଷାକୁ ସ୍ୱଚ୍ଛନ୍ଦ ଭାବରେ ଜୀବିତ ରଖିବା ପ୍ରବାସୀ ପକ୍ଷରେ ଅତି କଷ୍ଟକର ନୁହେ କି ?

ଉପରୋକ୍ତ କତିପୟ କାରଣ ଓ ସ୍ଥାନମାହାତ୍ମ୍ୟ ଯୋଗୁଁ ଲୋକମାନଙ୍କ ଭାବ ଓ କ୍ରିୟାକଳାପରେ ଅନୈକ୍ୟ ଦେଖାଯାଏ । ଶୀତପ୍ରଧାନ ଦେଶରେ ଲୋକେ ଖୁବ୍ ପରିଶ୍ରମୀ । ଶରୀରରକ୍ଷାର ଉପଯୋଗୀ ପ୍ରଭୂତ ତାପ ଆବଶ୍ୟକ ହେବାରୁ ସେମାନେ ତାପଜନକ ଉଷ୍ଣ ଖାଦ୍ୟ ଭୋଜନ ଏବଂ ଅପେକ୍ଷାକୃତ ଅଧିକ ପରିଶ୍ରମ କରି ତାପ ଉତ୍ପାଦନ କରନ୍ତି । ଶୀତରେ ତାପଉତ୍ପାଦନ ନିମିତ୍ତ ଅଧିକ ପରିଶ୍ରମ କରିବାକୁ ପ୍ରବୃତ୍ତି ହୁଏ, ଏହା ଆମ୍ଭେମାନେ ମଧ୍ୟ ଅନୁଭବ କରିଅଛୁଁ । ପକ୍ଷାନ୍ତରେ ଗ୍ରୀଷ୍ମମଣ୍ଡଳରେ ତାପର ପ୍ରାଚୁର୍ଯ୍ୟ ଯୋଗୁଁ ଦୈହିକ ତାପର ଲଘୁକରଣ ନିମିତ୍ତ ବିଶ୍ରାମ ଓ ଆମୋଦପ୍ରମୋଦ କରିବାକୁ ଇଚ୍ଛା ହୁଏ । ଅଧିକ ପରିଶ୍ରମ କରିବାକୁ ପ୍ରାୟ ମନ ବଳେ ନାହିଁ । ତେଣୁ ଇଂରେଜମାନେ କର୍ମଶୀଳ ଏବଂ ଭାରତବାସୀ ବିଶ୍ରାମଲାଳସୀ । ଇଂରେଜମାନେ କହୁଛନ୍ତି, କର୍ମସ୍ରୋତରେ ସର୍ବଦା ଭାସମାନ ହୁଅ, କର୍ମ ମାନବର ଜୀବନ ଏବଂ ତାହାର ଅଭାବ ମୃତ୍ୟୁସ୍ୱରୂପ । କିନ୍ତୁ ଏଣେ କେହି କେହି ପ୍ରାଚୀନ ଭାରତବାସୀ ତାହାର ବିପରୀତ ଭାବ ପ୍ରଚାର କରିଅଛନ୍ତି । ତେବେ ଗୀତାକାର ଅବଶ୍ୟ ପ୍ରକାଶ କରିଅଛନ୍ତି ଯେ, କେହି ଏ ଜଗତରେ କର୍ମ ନ କରି ରହି ପାରେ ନାହିଁ । ଏହିପରି ନାନା ବିଷୟରେ ବିଭିନ୍ନଧର୍ମୀ ଲୋକମାନଙ୍କର ମତଭେଦ ଲକ୍ଷିତ ହୁଏ ।

ଜାତିର ଉନ୍ନତି ଅନୁସାରେ ଜାତୀୟ ଭାଷାର ଉନ୍ନତି ହୋଇଥାଏ । ଜାତି ସହିତ ଜାତୀୟ ଭାଷାର ଘନିଷ୍ଠ ସମ୍ପର୍କ ଅଛି । ଆଜିକାଲି ସଭ୍ୟଜଗତରେ ବିଭିନ୍ନ ଜାତିର ଆଚାର ବ୍ୟବହାର କ୍ରମଶଃ ସମାନ ହୋଇ ଆସୁଅଛି, ସୁତରାଂ ତାହାଦ୍ୱାରା ଜାତୀୟତାର କୌଣସି ପରିଚୟ ମିଳିବ ନାହିଁ । ମିଳିଲେ କେବଳ ଜାତୀୟ ଭାଷାଦ୍ୱାରା ମିଳି ପାରିବ । ଧନ ରତ୍ନ ଐଶ୍ୱର୍ଯ୍ୟ ପ୍ରଭୃତି ସମୟରେ ବିଚ୍ଛିନ୍ନ ହୋଇଯିବ । କିନ୍ତୁ ଜାତୀୟ ଭାଷା ଆଜୀବନ ଅବିଚ୍ଛିନ୍ନ ରହିବ । ଜାତୀୟଭାବ ଓ ରୀତିନୀତି ଭାଷାରୁ ଅନୁମିତ ହୋଇପାରେ । ଇଂରେଜମାନେ ଯେପରି କର୍ମଶୀଳ ଏବଂ କର୍ମସ୍ରୋତରେ ସଦା ଭାସମାନ, ସେମାନଙ୍କର ଭାଷା ସେହିପରି ପ୍ରବାହାନ୍ୱିତ ଏବଂ ଶକ୍ତିସମ୍ପନ୍ନ । ସେମାନେ ଯେପରି ଉନ୍ନତ ଏବଂ ଉଚ୍ଚାଧିକାର ପ୍ରାପ୍ତ ହୋଇଅଛନ୍ତି, ସେମାନଙ୍କ ଭାଷା ସେହିପରି ଉନ୍ନତ ଏବଂ ବ୍ୟାପକ । ରାଜପୁତମାନଙ୍କର ଜାତୀୟ ଭାଷା ସେମାନଙ୍କର ବୀର୍ଯ୍ୟବତ୍ତାର ପରିଚୟ ଦିଏ । ସଂସ୍କୃତ ଭାଷାରୁ ସେହିପରି ପ୍ରାଚୀନ ଆର୍ଯ୍ୟମାନଙ୍କର ସମୁନ୍ନତ ଦେବଭାବ ସ୍ପଷ୍ଟ ଜଣାପଡ଼େ । ସେଥିରେ ବ୍ୟାକରଣର କଠୋର ଅନୁଶାସନ ହିନ୍ଦୁସମାଜର ସୁଦୃଢ଼ତାର ପରିଚୟ ଦେଉଅଛି । ଏହିପରି ଅନେକ ରହସ୍ୟ କଳ୍ପନା କରାଯାଇ ପାରେ । ବୃଷ୍ଟି, ନଦୀ, ବାୟୁ ଓ ଜୀବଜନ୍ତୁ ପ୍ରଭୃତିଦ୍ୱାରା ଭୂପୃଷ୍ଠର କ୍ଷୟ ସାଧିତ ହେଉଅଛି । ବାଣିଜ୍ୟର ଚଞ୍ଚଳତା, ଶିକ୍ଷାବିହୀନତା ଏବଂ ରାଷ୍ଟ୍ରବିପ୍ଳବ ପ୍ରଭୃତିର ସଂଘର୍ଷଣଦ୍ୱାରା ଭାଷାର ମଧ୍ୟ କ୍ଷୟ ବା ଅପଭ୍ରଂଶ ହେଉଅଛି । କାଳକ୍ରମେ ପ୍ରତ୍ୟେକଭାଷାରୁ ଏକ ଏକ ଅପଭାଷାର ସୃଷ୍ଟି ହୋଇଅଛି । ପର୍ବତରୁ ବହୁକୋଣୀ ଉପଳଖଣ୍ଡ ନଦୀସ୍ରୋତରେ ଗଡ଼ି ଆସି ଯେପରି ସମୟରେ ଭିନ୍ନରୂପ ଅର୍ଥାତ୍ ଡିମ୍ବାକାର ଧାରଣ କରେ, ସେହିପରି ଅନେକ ଦୁରୁଚ୍ଚାର୍ଯ୍ୟ ଘଟନା-

Digitized by srujanika@gmail.com

ସ୍ରୋତରେ ବହି ଆସି ବର୍ତ୍ତମାନ ଭିନ୍ନ ଆକାର ଧାରଣ କରିଅଛି । ଉଦାହରଣ ସ୍ୱରୂପ ମୌକ୍ତିକ ଶବ୍ଦଟି ମୂଳ ସଂସ୍କୃତରୁ କାଳ-ସ୍ରୋତରେ ଭାସି ଆସି ପ୍ରଥମେ ମୋତିଅ ଆକାର ଧାରଣ କଲା । ପରେ ପୁଣି କ୍ଷୟପ୍ରାପ୍ତ ହୋଇ ବର୍ତ୍ତମାନ ମୋତି ଆକାରରେ ପରିଣତ ହୋଇଅଛି । ଏହିପରି ଉଦାହରଣ ଯଥେଷ୍ଟ ମିଳିବ । ଉପଯୁକ୍ତ କତିପୟ କାରଣ ଏବଂ ଦୁରୁଚ୍ଚାର୍ଯ୍ୟତା ଯୋଗୁଁ ସଂସ୍କୃତରୁ ନାନା ଅପଭ୍ରଂଶର ସୃଷ୍ଟି ହୋଇଅଛି । ଏହି ପରିବର୍ତ୍ତନ ଯେ ଅସ୍ୱାଭାବିକ, ତାହା ନୁହେ । ଯୁଗ-ଯୁଗାନ୍ତରରେ ସମାଜର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଭାଷାର ପରିବର୍ତ୍ତନ ଅବଶ୍ୟ ଘଟୁଥିବ । ସବୁବେଳେ ଏହିପରି ପରିବର୍ତ୍ତନ ଏକାନ୍ତକ୍ରମରେ ଘଟୁଅଛି ।

ଉପରେ କେବଳ ଆକାରରେ ପରିବର୍ତ୍ତନ ସମ୍ବନ୍ଧରେ ଯାହା କିଛି ଲେଖା ହୋଇଅଛି । ବର୍ତ୍ତମାନ ଭାବ ବା ଅର୍ଥର ମଧ୍ୟ କିପରି ପରିବର୍ତ୍ତନ ଘଟିଥାଏ । ଦେଖାଯାଉ—ପର୍ବତରୁ ଉପଳଖଣ୍ଡ ଗଡ଼ି ଆସିଲାବେଳେ ତାହାର କେବଳ ଆକୃତିର ପରିବର୍ତ୍ତନ ହୁଏନାହିଁ; ଗୁଣର ମଧ୍ୟ ପରିବର୍ତ୍ତନ ଘଟିଥାଏ । ଯୋଡ଼ିଏ ପଦାର୍ଥ ଏକତ୍ର ବହୁକାଳ ରହିଲେ ପରସ୍ପରର ସମ୍ପୂର୍ଣ୍ଣ ଗୁଣ ପ୍ରାପ୍ତ ହୋଇପାରେ ନାହିଁ, ବହୁ ପରିମାଣରେ ନଷ୍ଟ ହୋଇଯାଏ । ଏପରି ବସ୍ତୁ ମଧ୍ୟ ଅଛି—ଯାହା ଅନ୍ୟର ଗୁଣ ବା ଦୋଷକୁ ବହୁପରିମାଣରେ ହରଣ କରି ନେଇ ପାରେ । ଭାଷାସ୍ରୋତ ମଧ୍ୟରେ ନାନା ସଂଘର୍ଷଣବଶତଃ ଅନେକ ଶବ୍ଦ ପ୍ରକୃତ ଅର୍ଥରୁ ପରିଭ୍ରଷ୍ଟ ହୋଇଥିବାର ଦେଖାଯାଏ । କେଉଁ ଅର୍ଥ ଭିନ୍ନ, କେଉଁଟି ବା ସମ୍ପୂର୍ଣ୍ଣ ବିପରୀତ ହୋଇଅଛି । ସଂସ୍କୃତର ଅଙ୍ଗୁଷ୍ଠ ଶବ୍ଦରୁ ଉତ୍ପନ୍ନ ଆଙ୍ଗୁଠି ବର୍ତ୍ତମାନ ପ୍ରକୃତ ଅର୍ଥରୁ ବଞ୍ଚିତ ହୋଇନାହିଁ କି ? ଯାତ୍ ଧାତୁର ବର୍ତ୍ତମାନ ଅର୍ଥଟି ପୂର୍ବତନ ଅର୍ଥର ସମ୍ପୂର୍ଣ୍ଣ ବିପରୀତ ।

ପୃଥିବୀର ନଦୀ, ଉଦ୍ଭିଦ ପ୍ରଭୃତି ବହୁ ଶାଖା ପ୍ରଶାଖା ବିଶିଷ୍ଟ । ନଦୀର ଶାଖା ପ୍ରଶାଖା ବହୁ ଦୂର ବିସ୍ତୃତ ହୋଇ ବହୁ ଭୂଖଣ୍ଡର ଉର୍ବରତା ସମ୍ପାଦନ କରୁଅଛି । ବୃକ୍ଷ ଏକ ସ୍ଥାନରେ ଥାଇ ଲମ୍ବ ଶାଖା ପ୍ରଶାଖାଦ୍ୱାରା ବହୁଦୂର ପର୍ଯ୍ୟନ୍ତ ଛାୟା ପ୍ରଦାନ କରି ପାର୍ଶ୍ୱବର୍ତ୍ତୀ ପ୍ରାଣିବର୍ଗର ହିତ ସାଧନ କରୁଅଛି । ଭାଷା ଜଗତରେ ମଧ୍ୟ ସେହିପରି ଶାଖା ପ୍ରଶାଖାମାନ ଅଛି । ପ୍ରକୃତିଭୂତ ଏକ ଶବ୍ଦରୁ ବହୁ ଶବ୍ଦ ଉତ୍ପନ୍ନ ହୋଇ ବିଭିନ୍ନ ଭାବ ପ୍ରକାଶ କରି ଜନସମାଜର ପ୍ରଭୂତ କଲ୍ୟାଣ ସାଧନ କରୁଅଛି । ଜଡ଼ଜଗତ ଓ ପ୍ରାଣିଜଗତର ସୃଷ୍ଟି ପ୍ରକ୍ରିୟା ସହିତ ଭାଷାଜଗତର ଏହି ସୃଷ୍ଟିପ୍ରକ୍ରିୟାର ସାମଞ୍ଜସ୍ୟ ଅଛି । ବହିର୍ଜଗତ ପରି ଏହି ଭାଷାଜଗତର କେନ୍ଦ୍ରସ୍ଥଳରେ ଅବଶ୍ୟ ଏକ ଶକ୍ତି ପ୍ରଚ୍ଛନ୍ନ ରହିଅଛି । ଶକ୍ତି ବିନା କ୍ରିୟା ଅସମ୍ଭବ । ହୃଦୟାକାଶରେ ପ୍ରତିମୂହୂର୍ତ୍ତ ନାନା ଭାବର ଲୟ ଉଦୟ ହେଉଅଛି । ଉକ୍ତ ଶକ୍ତିଦ୍ୱାରା ଭାବନିଚୟ-ପରିସ୍ଫୁଟିତ ହୋଇ ଭାଷାରେ ପ୍ରକାଶମାନ ହେଉଅଛି । ଭାଷାଦ୍ୱାରା ଆମ୍ଭେମାନେ ପରସ୍ପର ଭାବ ବିନିମୟ କରୁ-ଅଛୁଁ । ଭାଷାସମାଜର ଚିର ସହଚର ଏବଂ ସମାଜର ଛାୟା ତାହା ଉପରେ ପଡ଼େ । ସମାଜର କୁସଂସ୍କାର ଏବଂ ସଂକୀର୍ଣ୍ଣତା ଦୂର ହେବା ସଙ୍ଗେ ସଙ୍ଗେ ଭାଷାରେ ଥିବା ଅନେକ କୁସଂସ୍କାର ମଧ୍ୟ ଅପସାରିତ ହୋଇ ଯାଉଅଛି । ପୂର୍ବେ ଯେଉଁ ଶବ୍ଦ ଗୋଟିଏ ସଂକୀର୍ଣ୍ଣ ସୀମାରେ ଆବଦ୍ଧ ଥିଲା, ଆଜି ତାହା ନାନା ସ୍ଥାନରେ ପ୍ରଯୁକ୍ତହୋଇ ପ୍ରଶସ୍ତ ହୋଇଅଛି । ଶାଖା ଶବ୍ଦ କେବଳ ବୃକ୍ଷଠାରେ ପ୍ରଯୁକ୍ତ ହେଉନାହିଁ, ନଦୀର ଶାଖା, ସଙ୍ଘର ଶାଖା, ଧର୍ମର ଶାଖା ଇତ୍ୟାଦି ନାନାପ୍ରୟୋଗ ହେଉଅଛି । 'ସ୍ରୋତ' କଥାଟି କେବଳ ଜଳରେ ଆବଦ୍ଧ ନ ରହି ପକ୍ଷ ପ୍ରସାରଣପୂର୍ବକ କାଳ, ଘଟନା, ସମାଜ, ଭାଷା ପ୍ରଭୃତି ସହିତ ମିଶ୍ରିତ ହେଲାଣି । ଏହିଦ୍ୱାରା ଭାଷା ଯେତିକି ପୁଷ୍ଟ ଏବଂ ବଳିଷ୍ଠ ହେଉଥିବ, ତେତିକି ସେ ନିଜର ପ୍ରଶସ୍ତ ମାର୍ଗଗଠନରେ ସମର୍ଥ ହେଉଥିବ । ଯେଉଁ ଭାଷାର ଉକ୍ତ ପ୍ରକାର ସ୍ୱାଚ୍ଛନ୍ଦ୍ୟରେ ପ୍ରତିବନ୍ଧକ ଅଛି, ତାହାର ବହୁଳପ୍ରଚାର ଅସମ୍ଭବ ।

Digitized by srujanika@gmail.com

ପଦାର୍ଥରେ ତାପ ପ୍ରୟୋଗ କଲେ ତାହାର ଆୟତନ ବୃଦ୍ଧି ଉଷ୍ଣତା ବୃଦ୍ଧି ଏବଂ ଭାବାନ୍ତର ପ୍ରାପ୍ତି ଏହି ତିନୋଟି ପରିବର୍ତ୍ତନ ଘଟିବାର ଦେଖାଯାଏ । ସମାଜର କୌଣସି ମହାସଂଘର୍ଷଣ ବା ବିପ୍ଳବ ଉପସ୍ଥିତ ହେଲେ ତଜ୍ଜନିତ ତାପଦ୍ୱାରା ଭାଷା ଅପେକ୍ଷାକୃତ ପ୍ରସାରିତ ହୁଏ । ସେହି ସମୟରେ ଭାଷାର ଦ୍ରୁତଗାମୀ ପ୍ରବାହ ଦେଖାଯାଏ ଏବଂ ଚିରକାଳ ଉକ୍ତ ତାପ ପ୍ରଚୁର ପରିମାଣରେ ପାଇଲେ ଭାଷାର ରୂପାନ୍ତର ହେବା ସମ୍ଭବ ନୁହେ । ଯୋଡ଼ିଏ ଶୀତୋଷ୍ଣ ପଦାର୍ଥ ପରସ୍ପର ସନ୍ନିହିତ ହେଲେ ଉଷ୍ଣ ପଦାର୍ଥର ତାପ ଶୀତଳ ପଦାର୍ଥକୁ ଧୀରେ ଧୀରେ ଚାଲିଯାଏ । ସେହିପରି ଦୁଇଟି ଭାଷା ପରସ୍ପର ସନ୍ନିହିତ ହେଲେ ଗୋଟିକର ଭାବ ଅନ୍ୟ ଆଡ଼କୁ ଧୀରେ ଧୀରେ ସଂକ୍ରମିତ ହୁଏ ।

ବିଜ୍ଞାନବିତ୍ ପଣ୍ଡିତମାନେ ବହୁ ଗବେଷଣାଦ୍ୱାରା ସ୍ଥିର କରିଅଛନ୍ତି ଯେ ସୂର୍ଯ୍ୟ ନିଜେ ଜ୍ୟୋତିର୍ମୟ ନୁହେ, ତାପମୟ କୃଷ୍ଣ ଗୋଲକ ମାତ୍ର । ଏକ ଜ୍ୟୋତିର୍ମୟ ବାଷ୍ପୀୟ ଆବରଣଦ୍ୱାରା ଜ୍ୟୋତିଷ୍ମାନ ହୋଇଅଛି । ଉକ୍ତ ଆବରଣ ଯେପରି ସୂର୍ଯ୍ୟର ଦ୍ୟୋତକ, ସେହିପରି ଭାଷା ମନୋଜଗତର ପ୍ରକାଶକ । ଭାଷା ନ ଥିଲେ ତାହା କଦାପି ପ୍ରକାଶିତ ହୋଇ ପାରନ୍ତା ନାହିଁ । ପକ୍ଷାନ୍ତରେ ମନର ଭାବ ନ ଥିଲେ ଭାଷାର ଅସ୍ତିତ୍ୱ ଉପଲବ୍ଧି ହେବ ନାହିଁ । ବିଜ୍ଞାନ କ୍ରମେ ନାନା ଅଦ୍ଭୁତ ଆବିଷ୍କ୍ରିୟା କରୁଅଛି । କିନ୍ତୁ ବିଜ୍ଞାନର ଅଗମ୍ୟ କଳ୍ପନା ରାଜ୍ୟର ତତ୍ତ୍ୱ କେବଳ ଭାଷାର ସାଧ୍ୟ ।

ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

[ଜନ୍ମବୃତ୍ତାନ୍ତ—ବାଲ୍ୟଶିକ୍ଷା ଓ ସଂସ୍କୃତ କଲେଜରେ ଅଧ୍ୟୟନ—ରାଜସେବା – ସ୍ୱାଧୀନତା—ଶିକ୍ଷାସଂସ୍କାର – ସମାଜସଂସ୍କାର—(ବିଧବାବିବାହ ଓ ବହୁବିବାହ)—ଦାନ ଏବଂ ତେଜସ୍ୱିତା – ଚରମ କାଳ ।]

ଆଧୁନିକ ଆଲୋକପ୍ରାପ୍ତ ବଙ୍ଗଭୂମିର ବିଷୟ ଆଲୋଚନା କଲେ ଆମ୍ଭେମାନେ ତହିଁରେ ଦୁଇଟି ଜ୍ୟୋତିର ପ୍ରଭାବ ଅନୁଭବ କରୁଁ । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ସେହି ଦୁଇ ଜ୍ୟୋତି ଅଗ୍ରପଶ୍ଚାତ୍ ପ୍ରାଦୁର୍ଭୂତ ହୋଇ ବଙ୍ଗର ମୁଖ ଉଜ୍ଜ୍ୱଳ କରିଅଛନ୍ତି । ପ୍ରଥମ ଜ୍ୟୋତି ରାଜା ରାମମୋହନ ରାୟ; ପରବର୍ତ୍ତୀ ଜ୍ୟୋତି ଆମ୍ଭମାନଙ୍କ ମତରେ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ।

ଖ୍ରୀଷ୍ଟୀୟ ୧୮୨୦ ଅବ୍ଦ ଅଥବା ୧୭୪୨ ଶକାବ୍ଦର ଆଶ୍ୱିନର ଦ୍ୱାଦଶ ଦିବସରେ ବିଦ୍ୟାସାଗର ଈଶ୍ୱରଚନ୍ଦ୍ର ହୁଗୁଳି ଜିଲ୍ଲା ଅନ୍ତର୍ଗତ ବୀରସିଂହ ଗ୍ରାମନିବାସୀ ଜଣେ ସାମାନ୍ୟ ବ୍ରାହ୍ମଣ ଗୃହରେ ଭୂମିଷ୍ଠ ହୋଇଥିଲେ । ତାହାଙ୍କର ପିତା ଠାକୁର ଦାସ ବନ୍ଦ୍ୟୋପାଧ୍ୟାୟ କଥଞ୍ଚିତ ସାମାନ୍ୟ ଇଂରାଜୀ ଶିକ୍ଷା କରି ସେ କାଳରେ କଲିକତା ନିବାସୀ ଜଣେ ପରଲୋକଗତ ବୃତ୍ତୀଶ୍ୱରଙ୍କ ବିଷୟାଦିର ତତ୍ତ୍ୱାବଧାନରେ ନିଯୁକ୍ତ ଥିଲେ ଏବଂ ତହିଁରୁ ସାମାନ୍ୟ ଉପାର୍ଜ୍ଜନଦ୍ୱାରା ପରିବାର ପ୍ରତିପାଳନ କରୁଥିଲେ । ତଦୀୟ ଗର୍ଭଧାରିଣୀ ଭଗବତୀ ଦେବୀ ଅତି ଦୟାବତୀ, ଗୃହକର୍ମରତା ଏବଂ ପରମ ଆତିଥେୟୀ ଥିଲେ । କଥିତ ଅଛି, ସେ ଗର୍ଭଧାରଣ ଅବଧି ଉନ୍ମାଦଗ୍ରସ୍ତା ହୋଇ ପଡ଼ିଥିଲେ । ପିତାମହ ରାମଜୟ ବନ୍ଦ୍ୟୋପାଧ୍ୟାୟ ତତ୍-

Digitized by srujanika@gmail.com

ପୂର୍ବରୁ ସନ୍ନ୍ୟାସ ଗ୍ରହଣପୂର୍ବକ ସୁଦୂର ବନରେ ଭ୍ରମଣ କରୁଥିଲେ । ଈଶ୍ୱରଚନ୍ଦ୍ରଙ୍କ ଜନ୍ମର କେତେଦିନ ପୂର୍ବେ ସେ ସ୍ୱପ୍ନରେ ଏହିପରି ଆକାଶବାଣୀ ଶ୍ରବଣ କଲେ,—"ତୁମ୍ଭେ କାହିଁକି ଗୃହତ୍ୟାଗୀ ହୋଇ ଏପରି ଭ୍ରମଣ କରୁଅଛ, ତୁମ୍ଭ ବଂଶରେ ଏକ ସୁପୁରୁଷ ଜନ୍ମ ଗ୍ରହଣ କରିଅଛନ୍ତି—ତାହାଙ୍କଦ୍ୱାରା କୁଳ ଉଜ୍ଜ୍ୱଳ ହେବ; ଅତଏବ ତୁମ୍ଭେ ଏପରି ଅବସ୍ଥାରେ ସତ୍ୱର ଗୃହକୁ ଯାଇ ପରିବାରଙ୍କୁ ସାହାଯ୍ୟ କର ।" ତତ୍‌କ୍ଷଣରେ ରାମଜୟ ବିଶେଷରେ ଆନନ୍ଦିତ ଏବଂ ଉତ୍କଣ୍ଠିତ ହୋଇ ସତ୍ୱର ଗୃହକୁ ପ୍ରତ୍ୟାବୃତ୍ତ ହେଲେ ଏବଂ ନବଜାତ ପୌତ୍ରର ନାଡ଼ୀ ଛେଦନାଦି ସମସ୍ତ ଜାତସଂସ୍କାର ସ୍ୱହସ୍ତରେ ସମ୍ପାଦନ କଲେ । ତାହାଙ୍କଠାରୁ ପୂର୍ବୋକ୍ତ ସ୍ୱପ୍ନବୃତ୍ତାନ୍ତ ଶୁଣି ସମସ୍ତ ଆତ୍ମୀୟ ଏବଂ ଗୁରୁଜନଙ୍କର ଏହି ପୁତ୍ର ଠାରେ ଅସାଧାରଣ ସମ୍ଭାବନା ରହିଲା ଏବଂ ଅତି ଯତ୍ନରେ ସେହି ଶିଶୁର ଶୈଶବ ଯାପନ କଲେ । ତଦୀୟ ପିତା ମଧ୍ୟ ପ୍ରାଥମିକ ଶିକ୍ଷା ଲାଗି ପୁତ୍ରକୁ ସାଧାରଣ ପାଠଶାଳାର ଶିକ୍ଷକଙ୍କ ହସ୍ତରେ ଅର୍ପଣ ନ କରି ଜଣେ ସୁଯୋଗ୍ୟ ଆତ୍ମୀୟ ନିର୍ବାଚନପୂର୍ବକ ତାହାଙ୍କ ଉପ-ଦେଶାଧୀନ କଲେ । ଅଳ୍ପକାଳ ମଧ୍ୟରେ ଶିକ୍ଷାର ସୁଫଳ ଦେଖି ପରମ ସନ୍ତୁଷ୍ଟ ହୋଇ ଉକ୍ତ ଉପାଧ୍ୟାୟ ମହାଶୟ ଈଶ୍ୱରଙ୍କୁ କଲିକତାକୁ ନେଇ ଯିବାପାଇଁ ତଦୀୟ ପିତାଙ୍କୁ ପୁନଃ ପୁନଃ ଅନୁରୋଧ କଲେ ଏବଂ ତଦନୁସାରେ ଉକ୍ତ ଉପାଧ୍ୟାୟଙ୍କ ସହିତ ନବବର୍ଷର ପୁତ୍ରକୁ ସଙ୍ଗରେ ନେଇ ପଚାଶ କୋଶ ପୂର୍ବବର୍ତ୍ତୀ କଲିକତା ଅଭିମୁଖରେ ଯାତ୍ରା କଲେ । କଥିତ ଅଛି ବାଳକ ଈଶ୍ୱରଚନ୍ଦ୍ର ସେକାଳରେ ଅତି ଦୁର୍ଗମ ପଥରେ ପଦବ୍ରଜରେ ଯାଉଁ ଯାଉଁ ମଧ୍ୟେ ମଧ୍ୟେ ମାଇଲ ପଥରରୁ ଇଂରାଜୀ ଅଙ୍କ ଦେଖି କଲିକତାରେ ପହଞ୍ଚିଲାବେଳକୁ ଇଂରାଜୀ ଅଙ୍କତକ ଶିକ୍ଷା କରି ସାରିଥିଲେ । କଲିକତାରେ ସମସ୍ତେ ଏହି ଅଳ୍ପ ବୟସ୍କ ବାଳକର ଧୀଶକ୍ତି ଦେଖି ବଡ଼ ଆନନ୍ଦିତ ହୋଇ ତାହାର ସମାଦର କଲେ । ଅନେକେ ଏପରି ବାଳକକୁ ଜନ୍ମାବଚ୍ଛିନ୍ନ କରିଥିବାରୁ ପିତାଙ୍କୁ ବଡ଼ ନିଷ୍ଠୁର ବୋଲି ତିରସ୍କାର କଲେ । କିନ୍ତୁ ପିତା ସେ ସବୁ ପ୍ରତି କର୍ଣ୍ଣପାତ ନ କରି ପୁତ୍ରର ଶିକ୍ଷାବିଧାନ ଲାଗି ବଡ଼ ବ୍ୟାକୁଳ ଥିଲେ । କେଉଁ ବିଦ୍ୟାଳୟରେ ପୁତ୍ରକୁ ଶ୍ରେଣୀଭୁକ୍ତ କରିବେ ଏବଂ କେଉଁ ଶିକ୍ଷା ପ୍ରଥମେ ଦେବେ, ଏହା ସ୍ଥିର କରିବାପାଇଁ ସେ ଅତିଶୟ ଚିନ୍ତାକୁଳ ହୋଇ ଆପ୍ତ ବନ୍ଧୁଗଣଙ୍କ ସହିତ କିଛିକାଳ ପରାମର୍ଶ କଲେ । ସେ ନିଜେ କେବଳ ପରିବାର ପ୍ରତିପାଳନାର୍ଥ ଇଂରାଜୀ ଶିକ୍ଷା କରିଥିଲେହେଁ ବଂଶପରମ୍ପରାଗତ ସଂସ୍କୃତ ଶିକ୍ଷା ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି ଥିବାରୁ ପରିଶେଷରେ ପୁତ୍ରକୁ ସଂସ୍କୃତ ଶିକ୍ଷା ଦେବା ସିଦ୍ଧାନ୍ତ କଲେ ।

୧୮୨୯ ଖ୍ରୀଷ୍ଟାବ୍ଦରେ ବାଳକ ଈଶ୍ୱରଚନ୍ଦ୍ର ପଟଲ-ଡାଙ୍ଗାସ୍ଥିତ ରାଜକୀୟ ସଂସ୍କୃତ କଲେଜରେ ତୃତୀୟ ଶ୍ରେଣୀ ପ୍ରବେଶଲାଭ କଲେ । ସଂସ୍କୃତ କଲେଜରେ ପ୍ରବିଷ୍ଟହୋଇ ସେ ପ୍ରାୟ ତିନି ବର୍ଷରେ ବ୍ୟାକରଣ ଶ୍ରେଣୀ ଅତିକ୍ରମ-ପୂର୍ବକ ଦ୍ୱାଦଶ ବର୍ଷ ବୟଃକ୍ରମରେ ସାହିତ୍ୟ ଶ୍ରେଣୀରେ ପ୍ରବିଷ୍ଟ ହେଲେ । ଏହି ଶ୍ରେଣୀରେ ଅଧ୍ୟୟନକାଳରେ କଲେଜର ଅଧ୍ୟାପକ ଏବଂ ଅଧ୍ୟାପୟିବର୍ଗ ତାହାଙ୍କର ବୁଦ୍ଧି ବୈଲକ୍ଷଣ୍ୟ ଉତ୍ତମରୂପେ ହୃଦୟଙ୍ଗମ କରିପାରି-ଥିଲେ, ଆହୁରି ମଧ୍ୟ ତଦାନୀନ୍ତନ କଲେଜ ଅଧ୍ୟକ୍ଷ ମାର୍ଶେଲ ସାହେବ ତାହାଙ୍କୁ ଜଣେ ଅସାଧାରଣ ଧୀଶକ୍ତି-ସମ୍ପନ୍ନ ଓ ବ୍ୟୁତ୍ପନ୍ନ ପଣ୍ଡିତ ବୋଲି ଦୃଢ଼ରୂପେ ଜାଣି-ଥିଲେ । ସାହିତ୍ୟରେ ବ୍ୟୁତ୍ପନ୍ନ ହୋଇ ଈଶ୍ୱର ପଞ୍ଚଦଶ ବର୍ଷ ବୟସରେ ଅଳଙ୍କାରଶାସ୍ତ୍ର କିଛିକାଳ ଅଧ୍ୟବସାୟ ସହକାରେ ଅଧ୍ୟୟନ କଲେ । ଅନନ୍ତର ସ୍ମୃତି, ନ୍ୟାୟ ଓ ବେଦାନ୍ତାଦି ଉତ୍ତମରୂପେ ଅଧ୍ୟୟନକରି ସର୍ବଶେଷରେ ପ୍ରସିଦ୍ଧ ପଣ୍ଡିତମାନଙ୍କର 'ଲ' କମିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେହି ସମୟରେ ସ୍ମୃତି, ନ୍ୟାୟ ଓ ବେଦାନ୍ତ ଅଧ୍ୟାୟୀମାନଙ୍କର ଗୋଟିଏ ବାର୍ଷିକ ଗଦ୍ୟ ପଦ୍ୟ ରଚନା ପରୀକ୍ଷା ଥିଲା—ସେ ପ୍ରକାର ପରୀକ୍ଷାରେ ବର୍ଷକୁ ବର୍ଷ ସେ ସର୍ବୋଚ୍ଚ ସ୍ଥାନ ଅଧିକାର କରି ଶତ

Digitized by srujanika@gmail.com

ଶତ ଟଙ୍କା ପୁରସ୍କାର ପ୍ରାପ୍ତ ହୋଇଥିଲେ । ଏହି ଟଙ୍କା ଦ୍ୱାରା ସେ ସେତେବେଳେ ଅଳ୍ପଆୟୁକ୍ତ ପିତାଙ୍କର ଏବଂ ମଧ୍ୟ ମଧ୍ୟରେ ପୁସ୍ତକକ୍ରୟାଦିଦ୍ୱାରା ଦୁର୍ଗତ ସହାଧ୍ୟାୟୀମାନଙ୍କର ସାହାଯ୍ୟ କରୁଥିଲେ । କେବଳ ଏତିକି ନୁହେ, କଲିକତା ପ୍ରବାସ କାଳରେ ସେ ସ୍ୱହସ୍ତରେ ପାକାଦି କରି ପିତାଙ୍କର କଷ୍ଟ ଲାଘବ କରୁଥିଲେ । ବିଶ୍ରାମ ସମୟରେ ବ୍ୟୁତ୍ପନ୍ନ ଅଧ୍ୟାୟୀ ଏବଂ ବିଶିଷ୍ଟ ପଣ୍ଡିତମାନଙ୍କ ଗୃହକୁ ଯାଇ ନାନା ଶାସ୍ତ୍ରର ଆଲୋଚନା କରୁଥିଲେ । ଅବକାଶ ସମୟରେ ଦେଶକୁ ଗଲେ ସେଠାରେ ଦେଶବାସୀଙ୍କ ସହିତ ମିଶି କାର୍ଯ୍ୟ କରୁଥିଲେ । କେବେ କେବେ କୃଷକମାନଙ୍କ ସହିତ ଧାନ୍ୟ ଛେଦନ କରି ସହୋଦରମାନଙ୍କୁ ସେହିପରି କରିବାକୁ ଉପଦେଶ ଦେଉଥିଲେ । ସେକାଳରେ ତାଙ୍କର ଚାରିଗୋଟି କନିଷ୍ଠ ସହୋଦର ମଧ୍ୟରୁ ତିନିଜଣ ପଛେ ପଛେ କଲିକତାରେ ଅଧ୍ୟୟନ କରୁଥିଲେ । ଜ୍ୟେଷ୍ଠ ଈଶ୍ୱର ସେମାନଙ୍କର ସମସ୍ତ ବିଷୟର ତତ୍ତ୍ୱାବଧାନ କରୁଥିଲେ । ତନ୍ମଧ୍ୟରେ ଚତୁର୍ଥ ସହୋଦରଙ୍କର ବିସୂଚିକା ରୋଗରେ ଅକାଳ ମୃତ୍ୟୁ ହେବାରୁ ସେ ନିରତିଶୟ ଶୋକାକୁଳ ହୋଇ ପଡ଼ିଥିଲେ । ଅଥଚ ସେ ସମୟରେ ବିସୂଚିକା ନଗରର ଘରଆଡ଼େ ବ୍ୟାପି ଯିବାରୁ ସେ ଘରେ ଘରେ ବୁଲି ରୋଗୀର ଚିକିତ୍ସା କରୁଥିଲେ ଏବଂ କୌଣସି କୌଣସି ରୋଗୀକୁ ସ୍ୱବାସକୁ ଆଣି ପ୍ରାଣପଣେ ତାହାର ଚିକିତ୍ସା କରୁଥିଲେ । ବାଲ୍ୟକାଳରୁ ତାହାଙ୍କ ହୃଦୟରେ ଏହି ଦୟା ଓ ସହାନୁଭୂତି ଗୁଣ ଜାଗରିତ ହୋଇଥିଲା ।

ବିଦ୍ୟାସାଗର କଲେଜ ତ୍ୟାଗ କରି ନିଜର ଦାରିଦ୍ର୍ୟନିବନ୍ଧନ କର୍ମପ୍ରାର୍ଥୀ ହୋଇଥିଲେହେଁ ଅଧିକ ଦିନ ବସି ନ ଥିଲେ । ସେତେବେଳେ ଅର୍ଥାତ୍ ଖ୍ରୀଷ୍ଟୀୟ ୧୮୪୧ ଅବ୍ଦରେ ଫୋର୍ଟ ଉଇଲିୟମ କଲେଜରେ ସିଭିଲିୟାନ ଛାତ୍ରମାନଙ୍କର ସଂସ୍କୃତ ଓ ବଙ୍ଗଳା ଶିକ୍ଷାର୍ଥୀ ଜଣେ ଅଧ୍ୟାପକର ପ୍ରୟୋଜନ ହେବାରୁ ଉକ୍ତ କଲେଜର ଅଧ୍ୟକ୍ଷ ମାର୍ଶେଲ ସାହେବ ପୂର୍ବପରିଚିତ ଈଶ୍ୱରଚନ୍ଦ୍ରଙ୍କୁ ସେ ପଦର ଉପଯୁକ୍ତ ବିବେଚନା କରି ନିଯୁକ୍ତ କଲେ । ଏହି ପଦରେ ଥାଇ ସାହେବମାନଙ୍କୁ ଶିକ୍ଷା ଦେବାଲାଗି ବିଦ୍ୟାସାଗର ମହାଶୟ ସବିଶେଷ ଯତ୍ନପୂର୍ବକ କାର୍ଯ୍ୟୋପଯୋଗୀ ହିନ୍ଦୀ ଏବଂ ଇଂରାଜୀ ଶିକ୍ଷା କରି ନେଲେ । କେବଳ ତାହା ନୁହେଁ, ସେତେବେଳେ ଛାତ୍ରମାନଙ୍କର ଉପଯୁକ୍ତ ବଙ୍ଗଳା ପାଠ୍ୟ ପୁସ୍ତକ ନ ଥିବାରୁ ସେ ପ୍ରୋକ୍ତ ସାହେବଙ୍କ ପରାମର୍ଶାନୁସାରେ ହିନ୍ଦୀ ବେତାଳ ପଞ୍ଚବିଂଶତିର ଏବଂ ଇଂରାଜୀ ଭାରତ ଇତିହାସର ପ୍ରାଞ୍ଜଳ ବଙ୍ଗଳା ଅନୁବାଦ ପ୍ରକାଶ କଲେ । ଏ ପୁସ୍ତକଦ୍ୱୟ ତଦାନୀନ୍ତନ ପାଠକ ସମାଜଦ୍ୱାରା ବିଶେଷରୂପେ ଆଦୃତ ହୋଇଥିଲା । ଏହି କର୍ମ ବିଦ୍ୟାସାଗର ମହାଶୟ ପାଞ୍ଚ ବର୍ଷରୁ ଅଧିକ କରି ନ ଥିଲେ, କିନ୍ତୁ ଏହି ଅଳ୍ପକାଳ ମଧ୍ୟରେ ସେ ସାହେବ ସମାଜରେ ଉତ୍ତମରୂପେ ପରିଚିତ ଏବଂ ସମାଦୃତ ହୋଇଥିଲେ । ତେଣୁ ତାହାଙ୍କ ହସ୍ତକୁ ଅନେକ କାର୍ଯ୍ୟ ଆସୁଥିଲା, ସମସ୍ତ କାର୍ଯ୍ୟରେ ସେ ପରିଚିତ ବ୍ୟୁତ୍ପନ୍ନ ବନ୍ଧୁ ଏବଂ ଦୁର୍ଗତ ଯୋଗ୍ୟ ବ୍ୟକ୍ତିମାନଙ୍କୁ ବାଛି ବାଛି ନିଯୁକ୍ତ କରାଇ ଦେଉଥିଲେ । ଏହି ପରୋପକାର ମାନସରେ ସେ ସ୍ୱୟଂ କାର୍ଯ୍ୟ ଗ୍ରହଣ କରୁଥିଲେ କହିଲେ ଅସଙ୍ଗତ ହେବନାହିଁ । କାରଣ ସେ ଯେଉଁ କାର୍ଯ୍ୟ ଗ୍ରହଣ କରୁଥିଲେ, ସେଥିରେ ଅନ୍ୟକୁ ନିଯୁକ୍ତ କରାଇ ଅଳ୍ପ କାଳରେ ତାହାକୁ ତ୍ୟାଗ କରୁଥିଲେ । ୧୮୪୬ ଖ୍ରୀଷ୍ଟାବ୍ଦରେ ସେ ସଂସ୍କୃତ କଲେଜର ଆସିଷ୍ଟାଣ୍ଟ ସେକ୍ରେଟେରି ପଦରେ ନିଯୁକ୍ତ ହୋଇ ପ୍ରିୟତମ କଲେଜକୁ ଆସିଲେ । ତାହାର ପ୍ରାୟ ଚାରିବର୍ଷ ଉତ୍ତାରେ ଉକ୍ତ କଲେଜର ସାହିତ୍ୟ ଅଧ୍ୟାପକ ପଦରେ ନିଯୁକ୍ତ ହେଲେ । ତାହାଙ୍କର ପରାମର୍ଶ ଅନୁସାରେ କିଛିକାଳ ପରେ ସଂସ୍କୃତ କଲେଜରେ ସେକ୍ରେଟେରି ପଦ ଉଠିଗଲା ଏବଂ ବିଦ୍ୟାସାଗର ମହାଶୟ ସର୍ବପ୍ରଥମେ ଏହି କଲେଜର ଅଧ୍ୟକ୍ଷ ବା ପ୍ରିନ୍ସିପାଲ ପଦରେ ନିଯୁକ୍ତ ହେଲେ । କଲେଜର ଅଧ୍ୟକ୍ଷ ହୋଇ ବିଦ୍ୟାସାଗର

Digitized by srujanika@gmail.com

କଲେଜର ଅନେକ ବିଷୟରେ ସଂସ୍କାର ବିଧାନ କଲେ ଏବଂ ପୂର୍ବବିଧି ଉଠାଇ ଦେଇ ହିନ୍ଦୁମାତ୍ରେ ଏ କଲେଜରେ ଅଧ୍ୟୟନ କରି ପାରିବେ ବୋଲି ନିୟମ କଲେ । ତେତେବେଳେ ସେ ସଂସ୍କୃତ ଅଧ୍ୟାୟୀମାନଙ୍କର ଶିକ୍ଷାର ଅସୁବିଧା ଦେଖି ଉପକ୍ରମଣିକା ବ୍ୟାକରଣ ଏବଂ ମହାଭାରତ, ବିଷ୍ଣୁପୁରାଣ, ହିତୋପଦେଶ ପ୍ରଭୃତି ଗ୍ରନ୍ଥରୁ ସରଳ ଗଦ୍ୟ ଓ ପଦ୍ୟ ସଂକଳନ କରି ଋଜୁପାଠ ତିନି ଖଣ୍ଡ ପ୍ରକାଶ କଲେ ୧ । ଏତଦ୍ଦ୍ୱାରା ସଂସ୍କୃତ ମୁଗ୍ଧବୋଧ ପଞ୍ଚତନ୍ତ୍ର ବା ରଘୁବଂଶ ଘରେ ଅଭ୍ୟସ୍ତ ସଂସ୍କୃତ ଶିକ୍ଷାର୍ଥୀମାନଙ୍କର ଯଥେଷ୍ଟ ସୁବିଧା ହେଲା, ଏଥିରେ ସନ୍ଦେହ ନାହିଁ । ତେଣୁ ବିଦ୍ୟାସାଗରଦର୍ଶିତ ସେହି ପଦ୍ଧତି ଏ ପର୍ଯ୍ୟନ୍ତ ଅବ୍ୟାହତ ରହିଅଛି । ବର୍ଣ୍ଣିତ ସମୟରେ ବିଦ୍ୟାସାଗର ଶିକ୍ଷାସଂସଦର ତଦାନୀନ୍ତନ ସଭାପତି ମହାମତି ବେଥୁନ ସାହେବଙ୍କୁ ଧରି ସ୍ତ୍ରୀଶିକ୍ଷା ପ୍ରଚାରରେ ଯତ୍ନ କରିଥିଲେ ଏବଂ ତାହାର ଫଳରେ ଉକ୍ତ ସାହେବଙ୍କ ଆନୁକୂଲ୍ୟରେ କଲିକତାରେ ଗୋଟିଏ ବାଳିକା ବିଦ୍ୟାଳୟ ସ୍ଥାପିତ ହେଲା ୨ । ବିଦ୍ୟାସାଗର ତେତେବେଳେ ଘରେ ଘରେ ଅଭିଭାବକଗଣଙ୍କୁ ସ୍ୱ ସ୍ୱ କନ୍ୟା ପ୍ରେରଣରେ ପ୍ରବର୍ତ୍ତିତ କରି ବିଦ୍ୟାଳୟର ଉନ୍ନତି ବିଷୟରେ ବହୁତ ପରିଶ୍ରମ କରିଥିଲେ ଏବଂ ବାଳିକାମାନଙ୍କର ପାଠୋପଯୋଗୀ ପୁସ୍ତକ ନ ଥିବାରୁ ସ୍ୱୟଂ ବର୍ଣ୍ଣପରିଚୟ ପ୍ରଣୟନ କଲେ ଏବଂ ପଛେ ପଛେ ନିମ୍ନଶ୍ରେଣୀର ଉପଯୁକ୍ତ ବୋଧଦାୟକ ଓ ନୀତିବୋଧ ପ୍ରକାଶ କଲେ । ସ୍ଥୂଳତଃ ଏହା ବୋଲାଯାଇ ପାରେ ଯେ, ବଙ୍ଗର ନାରୀସମାଜ ବିଦ୍ୟାସାଗର ଏବଂ ବେଥୁନ ସାହେବଙ୍କଠାରେ ଋଣୀ ।

କଲିକତାର ବାଳିକାବିଦ୍ୟାଳୟ ବ୍ୟତୀତ ବିଦ୍ୟାସାଗର ନାନା ସ୍ଥାନରେ ବିଦ୍ୟାଳୟ ସ୍ଥାପନ କରିବାକୁ ଲାଗିଲେ । ତେତେବେଳେ ସେ କଲେଜର ପ୍ରିନ୍ସିପାଲ ଥିଲେହେଁ ପ୍ରିୟ ରାଜପୁରୁଷଙ୍କ କର୍ତ୍ତୃକ ହୁଗୁଳୀ, ନଦୀୟା, ବର୍ଦ୍ଧମାନ ଓ ମେଦିନୀପୁର ଜିଲ୍ଲାଚତୁଷ୍ଟୟର ସ୍ପେଶିୟାଲ ସ୍କୁଲ ଇନ୍ସପେକ୍ଟରର ପଦରେ ମଧ୍ୟ ନିଯୁକ୍ତ ଥିଲେ । ତେଣୁ ସେ ନିଜ ଅଧୀନରେ ଚାରି ଜଣ ବିଶ୍ୱସ୍ତ ଯୋଗ୍ୟବ୍ୟକ୍ତିଙ୍କୁ ଜିଲାର ଡେପୁଟି ଇନ୍ସପେକ୍ଟର ନିଯୁକ୍ତ କରି ସେମାନଙ୍କଦ୍ୱାରା ଏବଂ ନିଜେ ଗ୍ରାମକୁ ଗ୍ରାମ ଭ୍ରମଣ କରି ନୂତନ ବିଦ୍ୟାଳୟର ସଂଖ୍ୟା ଏତେ ବୃଦ୍ଧିପ୍ରାପ୍ତ କରାଇଥିଲେ ଯେ; ତଦାନୀନ୍ତନ ନୂତନ ଡିରେକ୍ଟର ଏତେ ଟଙ୍କା ସାହାଯ୍ୟ ଦେବାକୁ ଅସ୍ୱୀକାର କରିଥିଲେ । ବିଦ୍ୟାଳୟର ସ୍ଥାପନ ବିଷୟରେ ତାଙ୍କର ଅମତ ହେବାରୁ ବିଦ୍ୟାସାଗର କ୍ରୋଧାନ୍ୱିତ ହୋଇ ପରିଶେଷରେ ୧୮୫୮ ଅବ୍ଦରେ ସଂସ୍କୃତ କଲେଜର ଅଧ୍ୟକ୍ଷ ପଦ ପରିତ୍ୟାଗ କଲେ । ଏହି ପଦରକ୍ଷା ଲାଗି ସମସ୍ତ ବନ୍ଧୁ ଏବଂ ପରମ ହିତୈଷୀ ଲାଟ ସାହେବ ହେଲିଡ଼େ ପର୍ଯ୍ୟନ୍ତ ତାହାଙ୍କୁ ଅନୁରୋଧ କଲେହେଁ ସେ କାର୍ଯ୍ୟ ଗ୍ରହଣ ନ କରି ନିଜ ପ୍ରତିଜ୍ଞା ଦୃଢ଼ ରଖିଲେ । ଏହି ଦୃଢ଼ପ୍ରତିଜ୍ଞତା ବାଲ୍ୟକାଳରୁ ତାହାଙ୍କର ଜୀବନରେ ପରିଲକ୍ଷିତ ହୋଇଥିଲା । କାର୍ଯ୍ୟ ତ୍ୟାଗ କରି ସେ ସ୍ଥାପିତ ବିଦ୍ୟାଳୟମାନଙ୍କର ସାହାଯ୍ୟାର୍ଥ ପ୍ରାୟ ଚାରି ସହସ୍ର ଟଙ୍କା ଋଣ କରି ପ୍ରଦାନ କରିଥିଲେ । ଏସବୁ ବିଦ୍ୟାଳୟ ସଙ୍ଗରେ କେତେକ ସ୍ଥାନରେ ସେ ଶ୍ରମଜୀବୀ କୃଷକମାନଙ୍କର ଶିକ୍ଷାବିଧାନାର୍ଥ ନୈଶବିଦ୍ୟାଳୟ ସ୍ଥାପନ କରି ଉପଯୁକ୍ତ ଶିକ୍ଷକମାନ ନିଯୁକ୍ତ କରି ଦେଇଥିଲେ । ଏହି ସବୁ ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଇଂରାଜୀ ବିଦ୍ୟାଳୟକୁ ଉପଯୁକ୍ତଶିକ୍ଷକ ଯୋଗାଇବା ଲାଗି ତାହାଙ୍କ ଯତ୍ନରେ କଲିକତାରେ ନର୍ମାଲ ସ୍କୁଲ ପ୍ରଥମେ ସ୍ଥାପିତ ହେଲା । ଏପ୍ରକାର ବିଦ୍ୟାଳୟର ଉପଯୁକ୍ତ ପାଠ୍ୟପୁସ୍ତକ ନ ଥିବାର ଦେଖି ବିଦ୍ୟାସାଗର ସଂସ୍କୃତ ଉତ୍ତର ରାମଚରିତ

---

୧ । ଏହା ବ୍ୟତୀତ ଚରିତାବଳୀ, କଥାମାଳା, ବ୍ୟାକରଣକୌମୁଦୀ ପ୍ରଭୃତି କେତେକ ଖଣ୍ଡ ଉପାଦେୟ ପୁସ୍ତକ ଏବଂ ଶକୁନ୍ତଳା, ଉତ୍ତରରାମଚରିତ ପ୍ରଭୃତିର ସରଳ ସଂସ୍କୃତ ଟୀକା ପ୍ରଣୟନ କରିଥିଲେ ।

୨ । ଏହି ବିଦ୍ୟାଳୟ ବର୍ତ୍ତମାନ ବେଥୁନ କଲେଜ ନାମରେ ଆଦର୍ଶ ବାଳିକା ବିଦ୍ୟାଳୟରେ ପରିଣତ ହୋଇଅଛି ।

Digitized by srujanika@gmail.com

ଓ ଶକୁନ୍ତଳା ନାଟକର ଗଦ୍ୟାନୁବାଦ ପ୍ରକାଶ କଲେ । ଶିକ୍ଷା ମର୍ଯ୍ୟାଦାରେ ତାହା ଏପର୍ଯ୍ୟନ୍ତ ବଙ୍ଗଳାରେ ଅପରିବର୍ତ୍ତନୀୟ ପାଠ୍ୟପୁସ୍ତକରୂପେ ରହିଅଛି । ୧୮୫୯ ଅବ୍ଦରେ ସ୍ଥାପିତ ଟ୍ରେନିଙ୍ଗ୍ ବିଦ୍ୟାଳୟର କାର୍ଯ୍ୟକାରୀ ସଦସ୍ୟମାନଙ୍କ ମତାନୈକ୍ୟ ହେତୁରୁ ଦୁଇ ଭାଗରେ ବିଭକ୍ତ ହେବାରୁ ଗୋଟିଏ ଭାଗର * ଭାର ବିଦ୍ୟାସାଗର ସ୍ୱୟଂ ବହନକରି ତାହାର ନାମ ମେଟ୍ରୋପଲିଟାନ୍ ଇନଷ୍ଟିଚ୍ୟୁଶନ ଦେଲେ ଏବଂ ସେଥିରେ ସୁଦକ୍ଷ ଶିକ୍ଷକ ନିଯୋଗ ଏବଂ ବେତନ ସୁବିଧା କରିଦେବାରୁ ଅଚିରେ ବିଦ୍ୟାଳୟରେ ବହୁ ସଂଖ୍ୟକ ଛାତ୍ର ପ୍ରବିଷ୍ଟ ହୋଇ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଉତ୍ତୀର୍ଣ୍ଣ ଛାତ୍ରମାନେ ପ୍ରବେଶାର୍ଥ ପ୍ରେସିଡେନ୍ସି କଲେଜରେ ଆଶ୍ରୟ ନେଉଥିବାର ଦେଖି ବିଦ୍ୟାସାଗର ଅସାଧାରଣ ଧୈର୍ଯ୍ୟ ସହକାରେ ତାହାକୁ ଧୀରେ ଧୀରେ ପ୍ରଥମ ଶ୍ରେଣୀର କଲେଜରେ ପରିଣତ କଲେ । ଏହି କଲେଜ ପ୍ରଥମ ବର୍ଷ ଅର୍ଥାତ୍ ୧୮୭୯ ରେ ବି. ଏ. ପରୀକ୍ଷାରେ ଏବଂ ୧୮୮୫ ଅବ୍ଦରେ ବି. ଏଲ୍. ପରୀକ୍ଷାରେ ସର୍ବୋଚ୍ଚ ଫଳ ପ୍ରଦର୍ଶନ କରି ଗଭର୍ଣ୍ଣମେଣ୍ଟଙ୍କ କର୍ତ୍ତୃକ ପ୍ରଶଂସିତ ହୋଇଥିଲା । ବିଦ୍ୟାସାଗରଙ୍କ ପରି ରିକ୍ତହସ୍ତ ପରିଚାଳକଙ୍କଦ୍ୱାରା କଲେଜର ଅଚିରେ ଏପରି ଉତ୍ତରୋତ୍ତର ଉନ୍ନତି ଦେଖି ଦେଶୀୟ ଓ ବିଦେଶୀୟ ସମସ୍ତେ ଅତୀବ ବିସ୍ମିତ ହୋଇଥିଲେ ଏବଂ ଏ ଲୋକୋତ୍ତର ଧୈର୍ଯ୍ୟ ଦର୍ଶନରେ ତାହାଙ୍କ ପ୍ରତି ହୃଦୟରେ ଭକ୍ତି ସ୍ଥାପନ କରିଥିଲେ ।

ସାଧାରଣଙ୍କ ଶିକ୍ଷା ଲାଗି ବିଦ୍ୟାସାଗର ଯେପରି ବ୍ୟାକୁଳ ଥିଲେ, ସମାଜସଂସ୍କାର ପ୍ରତି ସେହିପରି ଉନ୍ମୁଖ ଥିଲେ । ଏଥିପୂର୍ବେ ତାହାଙ୍କୁ ନାରୀଜାତିର ପରମବନ୍ଧୁ ବୋଲି ପ୍ରତିପନ୍ନ କରା ଯାଇଅଛି । ଯଥାର୍ଥରେ ସେ ସ୍ତ୍ରୀମାନଙ୍କର ଦୁର୍ବିଷହ ଯନ୍ତ୍ରଣା ଦେଖି ମର୍ମେ ମର୍ମେ ବଡ଼ ବ୍ୟଥା ପାଉଥିଲେ ଏବଂ ଯେଉଁ ସମୟରେ ଲୋକେ ବିଧବା ବିବାହ ପ୍ରସ୍ତାବ ମୁଖରେ ଧରିବାକୁ କୁଣ୍ଠିତ, ସେତେବେଳେ ସେ ନିର୍ଭୀକଭାବରେ ବିଧବାବିବାହ ଶାସ୍ତ୍ରସିଦ୍ଧ ବୋଲି ପ୍ରମାଣିତ କଲେ । ୧୮୮୫ ଅବ୍ଦରେ ତାହାଙ୍କର ବିଧବାବିବାହ ବ୍ୟବସ୍ଥା ପୁସ୍ତକ ପ୍ରକାଶିତ ହେଲାକ୍ଷଣି ସମାଜ ମଧ୍ୟରେ ବହୁଳ ଭାବରେ ପ୍ରଚାରିତ ହେବାର ଦେଖି ସେ ବଡ଼ ଆଶାନ୍ୱିତ ହେଲେ । କିନ୍ତୁ ଅନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ତାହାଙ୍କର ଆଶା ପୂର୍ଣ୍ଣ ହୋଇ ନ ଥିଲା । ଦିନେ ଗ୍ରାମଠାରେ ତାଙ୍କ ପିତାମାତାଙ୍କର ସମ୍ମୁଖରେ ହଠାତ୍ ଗୋଟିଏ ନବବିଧବା ଆସି ବିଳାପକରିବାରୁ ସେମାନେ ଶୋକାକୁଳ ହୋଇ ତହିଁର ପ୍ରତିକାର ନିମିତ୍ତ ପୁତ୍ରଙ୍କୁ ଅନୁରୋଧ କଲେ । ବିଦ୍ୟାସାଗର ବିଧବାର ପରିଣୟ ବିଷୟରେ ମାନ୍ୟତମ ପିତାମାତାଙ୍କର ଯଥେଷ୍ଟ ଆନୁକୂଲ୍ୟ ଏବଂ ପୋଷକତା ଦେଖି ସେହି ଦିନଠାରୁ ବିବାହ ଅନୁଷ୍ଠାନରେ ଦୃଢ଼ବ୍ରତ ହେଲେ ଏବଂ ମୃତପତିର ସମ୍ପତ୍ତିରେ ବିଧବା ଅଧିକାରିଣୀ ହେବା ବିଷୟରେ ଗୋଟିଏ ଆଇନ୍ କରି ତାହା ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ଅନୁମୋଦିତ କରାଇ ଥିଲେ‡ । ତାହାଙ୍କ ଯତ୍ନରେ ୧୮୫୬ ଅବ୍ଦରେ କଲିକତାଠାରେ ଗୋଟିଏ ବିଧବା ବ୍ରାହ୍ମଣକନ୍ୟାର ପରିଣୟ ମହାସମାରୋହ ସହକାରେ ସମ୍ପନ୍ନ ହେଲା । † ତାହା ପଛେ ପଛେ ଅନେକ ବ୍ରାହ୍ମଣ ଏବଂ କାୟସ୍ଥ ବିଧବାଙ୍କର ବିବାହ ହୋଇଗଲା । ସେ ସବୁଥିରେ ବିଦ୍ୟାସାଗର ସ୍ୱୟଂ ଉପସ୍ଥିତ ଥିଲେ ଏବଂ ନିଜ ହସ୍ତରୁ ପ୍ରଚୁର ବ୍ୟୟ କରିଥିଲେ । ସର୍ବଶେଷରେ ତାହାଙ୍କର ଏକମାତ୍ର ପୁତ୍ର ସୁଦ୍ଧା କ୍ରମେ ଗୋଟିଏ ବିଧବାର ପାଣି ଗ୍ରହଣ କରି

* ଅନ୍ୟ ଭାଗର ନାମ ଟ୍ରେନିଙ୍ଗ ଏକାଡେମୀ ରହିଲା ।

‡ ଏହା ୧୮୫୬ ସାଲର ୧୫ ଆଇନ ବୋଲି ବିଖ୍ୟାତ ।

† ପଣ୍ଡିତ ଶ୍ରୀ ଶରଚ୍ଚନ୍ଦ୍ର ବିଦ୍ୟାରତ୍ନ ତାହାର ପାଣି ଗ୍ରହଣ କରିଥିଲେ । ସେତେବେଳେ ସେ ସଂସ୍କୃତ କଲେଜର ସହକାରୀ ସମ୍ପାଦକ ଏବଂ ସାହିତ୍ୟର ଅଧ୍ୟାପକ ଥିଲେ ।

Digitized by srujanika@gmail.com

ପିତାଙ୍କର ସମ୍ମାନ ରକ୍ଷା କଲେ । ଅନନ୍ତର ଆଉ ଗୋଟିଏ ସଂସ୍କାରର ପ୍ରୟୋଜନ ସେ ଅତ୍ୟନ୍ତ ଅନୁଭବ କରିଥିଲେ । ଅବକାଶ କାଳରେ ଦେଶ ମଧ୍ୟରେ କୁଳୀନ ବଧୂମାନଙ୍କର ଘୋର ଦୁର୍ଦ୍ଦଶା ଦେଖି ସେ କୁଳୀନମାନଙ୍କର ବହୁ ବିବାହ ପ୍ରଥା ଦେଶରୁ ଉଠାଇ ଦେବା ପାଇଁ କୃତସଂକଳ୍ପ ହେଲେ ଏବଂ ଏହା ଶାସ୍ତ୍ରସିଦ୍ଧ ନୁହେ ବୋଲି ସପ୍ରମାଣ କରି ରାଜପୁରୁଷଙ୍କଦ୍ୱାରା ତନ୍ନିବାରକ ନୂତନ ବିଧି ପ୍ରଚଳିତ କରାଇଲେ । ବିଦ୍ୟାସାଗରଙ୍କ ତଦ୍‌ବିଷୟକ ପୁସ୍ତକ ପ୍ରକାଶିତ ହେଲାକ୍ଷଣି ଅନେକ ପ୍ରସିଦ୍ଧ ପଣ୍ଡିତ ତାଙ୍କର ବିପକ୍ଷ ହୋଇ ଉଠିଲେ; କିନ୍ତୁ ସେ ଏକାନ୍ତ ନିରପେକ୍ଷ ଥିବାରୁ ଆରବ୍ଧ କର୍ମରେ କୌଣସି ବ୍ୟାଘାତ ହେଉ ନ ଥିଲା ।

ସମାଜସଂସ୍କାର ଅପେକ୍ଷା ବିଦ୍ୟାସାଗରଙ୍କର ଦାନପ୍ରସଙ୍ଗ ବିଶେଷରେ ଉଲ୍ଲେଖଯୋଗ୍ୟ । ନାନା ଲୋକଙ୍କୁ ନାନା ଭାବରେ ସାହାଯ୍ୟ କରିବାଦ୍ୱାରା ସେ ସାଧାରଣ ମୁଖରେ ବିଦ୍ୟାସାଗର ପରିବର୍ତ୍ତେ ଦୟାସାଗର ଉପାଧିରେ ଭୂଷିତ ହୋଇଥିଲେ । କାହିଁ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କୁ ସ୍ଥାୟୀ ଅନ୍ନସତ୍ରଦ୍ୱାରା, କାହିଁ ଅନ୍ଧ ବା କାହିଁ କୁଷ୍ଠୀ ପ୍ରଭୃତି ଅଶକ୍ତ ଲୋକଙ୍କୁ ଯଥେଷ୍ଟ ଅର୍ଥ ବିତରଣଦ୍ୱାରା, କାହିଁ ବା ଋଣଗ୍ରସ୍ତ ଶୂନ୍ୟ ହସ୍ତ ଲୋକଙ୍କୁ ଶତ ସହସ୍ର ମୁଦ୍ରା ପ୍ରଦାନଦ୍ୱାରା କାହିଁ ବା ଦୁର୍ଗତ ପରିବାରକୁ ମାସିକ ନିୟମିତ ଅର୍ଥ ସାହାଯ୍ୟଦ୍ୱାରା ଦରିଦ୍ର ସାଧାରଣଙ୍କର ପରମ ବନ୍ଧୁ ହୋଇଥିଲେ । ବଙ୍ଗକବିତିଳକ ମଧୁସୂଦନଙ୍କଠାରୁ ସାମାନ୍ୟ ଭିକ୍ଷୁକ ପର୍ଯ୍ୟନ୍ତ କେହି ତାହାଙ୍କର ଏହି ଅଜସ୍ର ଦାନରୁ ବଞ୍ଚିତ ନ ଥିଲେ । ପ୍ରତିବର୍ଷ ଦଶହରାକୁ ସେ ସହସ୍ର ସହସ୍ର ଟଙ୍କାର ବସ୍ତ୍ର ଦୁର୍ଗତ ଲୋକମାନଙ୍କୁ ବିତରଣ କରୁଥିଲେ । କଥିତ ଅଛି ଜଣେ ବସ୍ତ୍ର ବିକ୍ରେତା କେବଳ ତାହାଙ୍କୁ ବସ୍ତ୍ର ଯୋଗାଇ ଯଥେଷ୍ଟ ଲାଭବାନ୍ ଏବଂ ସମ୍ପତ୍ତିଶାଳୀ ହୋଇଥିଲେ । ଅଧିକାଂଶ ଦାନ ତାଙ୍କର ଗୋପନରେ ସମ୍ପନ୍ନ ହେଉଥିଲା । ଏହି ଗୋପନ କାରଣ କେହି ପଚାରିଲେ ସେ ଉତ୍ତର କରିଥାନ୍ତି "ସାକ୍ଷାତରେ ଦେଲେ କେ ଜାଣି କେହି ଗ୍ରହଣ କରିବାକୁ କୁଣ୍ଠିତ ହେବେ, ଏଥିପାଇଁ ଗୋପନରେ ଦିଏ ।" କି ଅନୁପମ ଉଦାରତା ! ଯଥାର୍ଥରେ ଏ ଯୁଗରେ ତାହାଙ୍କର ଏହି ଉଦାରତା ଏବଂ ଦୟାର ପଟାନ୍ତର ନାହିଁ । ଏହି ଦୟା ଯେ କେବଳ ନରନାରୀ ପ୍ରତି ଥିଲା ତାହା ନୁହେ, ପଶୁମାନଙ୍କ ପ୍ରତି ମଧ୍ୟ ସେ ସଦୟ ଥିଲେ । ଏପରିକି ଗାଈର ବାଛୁରୀକୁ ବଞ୍ଚିତ କରି ତାହାର ଦୁଗ୍ଧ ପାନ କରିବା ସ୍ୱାର୍ଥପର ମାନବର ଅତି ଗର୍ହିତ କର୍ମ ବୋଲି ହୃଦୟଙ୍ଗମ କରି ଏକ ସମୟରେ ଗୋଦୁଗ୍ଧ ସୁଦ୍ଧା ବର୍ଜନ କରିଥିଲେ । ଦୟାସାଗର ଈଶ୍ୱରଚନ୍ଦ୍ର ଯେ କେବଳ ଅର୍ଥଦାନଦ୍ୱାରା ଲୋକଙ୍କର ଅଭାବ ମୋଚନ କରୁଥିଲେ ତାହା ନୁହେ, ରୋଗୀର ଚିକିତ୍ସା ଲାଗି ସେ ବଡ଼ ବ୍ୟାକୁଳ ଥିଲେ । ତେତେବେଳେ ସେ ନବପ୍ରଚଳିତ ହୋମିଓପ୍ୟାଥିକ ଚିକିତ୍ସାରେ ଆଦର ନ ଦେଖି ଏବଂ ତାହାଦ୍ୱାରା ଅଳ୍ପ ବ୍ୟୟରେ ସାଧାରଣଙ୍କର ଅଧିକ ଉପକାର ହେବାର ହୃଦୟଙ୍ଗମ କରି ସ୍ୱୟଂ ଏବଂ କେତେକ ଆତ୍ମୀୟଙ୍କୁ ପ୍ରବର୍ତ୍ତିତ କରି ସେ ଚିକିତ୍ସା ପ୍ରଚାର କଲେ । ଏଥିରେ ବିଦ୍ୟାସାଗର ପ୍ରଚୁର ଅର୍ଥ ବ୍ୟୟ କରିବାରୁ ସେ କାଳରେ ବିସୂଚିକାଗ୍ରାସରୁ ଅନେକ ଲୋକ ମୁକ୍ତିଲାଭ କଲେ । ରୋଗୀର ପଥ୍ୟ ଓ ଔଷଧାଦିର ଅର୍ଥବ୍ୟୟ ସଙ୍ଗରେ ସ୍ଥଳେ ସ୍ଥଳେ ତାହାର ଚିକିତ୍ସା ଶୁଶ୍ରୂଷାଦି ସ୍ୱହସ୍ତରେ ସମ୍ପାଦନ କରି ବିଦ୍ୟାସାଗର ଯେଉଁ ଆଦର୍ଶ ପ୍ରଦର୍ଶନ କରିଛନ୍ତି, ତାହା ସର୍ବଦା ସ୍ମରଣୀୟ ଏବଂ ଅନୁକରଣୀୟ । ତାଙ୍କର ଚେଷ୍ଟାରେ ତେତେବେଳେ ଅନେକ ଚିକିତ୍ସକ ବଙ୍ଗରେ ଦେଖା ଦେଇଥିଲେ ଏବଂ ବଙ୍ଗର ପ୍ରସିଦ୍ଧ ଭିଷକ୍ ଡାକ୍ତର ମହେନ୍ଦ୍ରଲାଲ ସରକାର ତାଙ୍କର ଯୁକ୍ତିବଳରେ ଏଲୋପାଥିକ୍ ଚିକିତ୍ସା ପରିତ୍ୟାଗ କରି ଶେଷରେ ହୋମିଓପ୍ୟାଥିକ ଚିକିତ୍ସାରେ ଖ୍ୟାତନାମା ହୋଇଥିଲେ ।

ବିଦ୍ୟାସାଗର ବଡ଼ ସ୍ୱାଧୀନଚେତା ଲୋକ ଥିଲେ । ସେ ପରବଶତା ବା ସେବକତାକୁ ଆଦୌ ହୃଦୟରେ

Digitized by srujanika@gmail.com

ସ୍ଥାନ ଦେଉ ନ ଥିଲେ । ତଥାପି ସେ କେତେକ ସମୟ କର୍ମ ଗ୍ରହଣ କରିଥିଲେ, ସେଥିରେ ତାହାଙ୍କର ସ୍ୱାଧୀନ ଭାବ ସ୍ପଷ୍ଟ ପ୍ରତିଭାତ ହେଉଥିଲା—ଯେଉଁଠାରେ ତହିଁରେ ବ୍ୟାଘାତ ହେଉଥିଲା, ସେ ସ୍ଥଳରେ ସେ କାର୍ଯ୍ୟ ପରିତ୍ୟାଗ କରୁଥିଲେ । ଶିକ୍ଷା ସଂସ୍କାର, ଯୋଗ୍ୟଶିକ୍ଷକ ଗଠନ ଏବଂ ଦେଶବାସୀମାନଙ୍କର ନାନା କର୍ମରେ ନିଯୁକ୍ତିଦ୍ୱାରା ଉନ୍ନତିବିଧାନ ତାହାଙ୍କର କର୍ମ ଗ୍ରହଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବସ୍ତୁତଃ ସେ ପଦସ୍ଥ ହୋଇ କେତେକ ଜଣ ହିତୈଷୀ ରାଜକର୍ମଚାରୀଙ୍କ ଦ୍ୱାରା * ଅନେକ କାର୍ଯ୍ୟୋଦ୍ଧାର କରାଇ ସ୍ୱୀୟ ଉଦ୍ଦେଶ୍ୟ ସଫଳ କରିଥିଲେ । ଏ ସବୁ କାର୍ଯ୍ୟ ସାଧନରେ ତାହାଙ୍କର ଶାରୀରିକ ଶକ୍ତି ମଧ୍ୟ ଯଥେଷ୍ଟ ପ୍ରଶଂସନୀୟ ଥିଲା । ଅତି ସାମାନ୍ୟ ଦରିଦ୍ର କୁଟୀରଠାରୁ ଦୁର୍ଗମ ରାଜଦ୍ୱାର ପର୍ଯ୍ୟନ୍ତ ସର୍ବତ୍ର ତାହାଙ୍କର ପ୍ରବେଶ ଅବାରିତ ଥିଲା । ଲୋକେ ଯାହା ମନେ କରନ୍ତୁ, ସେଥିପ୍ରତି ସେ ଭ୍ରୂକ୍ଷେପ ନ କରି ଏକ ସରଳ ସୁନ୍ଦର ସାମାନ୍ୟ ବେଶରେ ସର୍ବତ୍ର ଉପସ୍ଥିତ ହେଉଥିଲେ । ଦିନେ ଲୋକପ୍ରିୟ ଲାଟସାହେବ ହେଲିଡ଼େ ଏହି ବେଶ ପରିବର୍ତ୍ତନ କରି ଅର୍ଥାତ୍ ସେହି ସଦୃଶ ଲୁଗା, ସହଣ ଚାଦର ଓ ଚଟିଯୋତା ପରିବର୍ତ୍ତରେ ପେଣ୍ଟାଲୁନ୍, ଚପକନ୍, ପଗଡ଼ି ଏବଂ ଯୋତା ବ୍ୟବହାର କରି ଆସିବା ପାଇଁ ଆଦେଶ କରନ୍ତେ ତତ୍ପର ଦିନ ବିଦ୍ୟାସାଗର ଅତି କଷ୍ଟରେ ସେହି ବେଶ ଧାରଣ କରି ସାହେବଙ୍କୁ କହିଲେ,—"ଆପଣଙ୍କ ସହିତ ମୋର ଏହି ଶେଷ ସାକ୍ଷାତ୍କାର, ମୁଁ ଆଉ ଏପରି ପ୍ରିୟବେଶରେ ଆସି ପାରିବି ନାହିଁ ।" ତାହା ଶୁଣି ଗୁଣଜ୍ଞ ସାହେବ ସନ୍ତୁଷ୍ଟ ହୋଇ ଅଭ୍ୟସ୍ତ ବେଶରେ ଆସିବାକୁ କହିଲେ । ନିଜର କଥା ବା ସମ୍ମାନରକ୍ଷାରେ ବିଦ୍ୟାସାଗର ଏହିପରି ବଜ୍ରପ୍ରାୟ ଦୃଢ଼ ଥିଲେ । ସଂସ୍କୃତ କଲେଜରେ ଥିବା ସମୟରେ ଦିନେ ବିଦ୍ୟାସାଗର କୌଣସି କାର୍ଯ୍ୟୋପଲକ୍ଷରେ ହିନ୍ଦୁ କଲେଜର ପ୍ରିନ୍‌ସିପାଲ୍ କାର୍ ସାହେବଙ୍କ ସହିତ ଦେଖା କରିବାକୁ ଯାଇଥିଲେ । ସାହେବ ତାହାଙ୍କୁ ବସିବାକୁ ନ କହି କାଷ୍ଠପୀଠ ଉପରେ ସୋପାନ ଉପରେ ପାଦଦ୍ୱୟ ରଖି କଥାବାର୍ତ୍ତା କରିବାକୁ ଲାଗିଲେ । ବିଦ୍ୟାସାଗର ସେଦିନ ଗମ୍ଭୀରଭାବରେ ପ୍ରତ୍ୟାବର୍ତ୍ତନ କରି ଅନ୍ୟ ଦିନ ତାହାର ପ୍ରତିଶୋଧ ନେଲେ । ଯେତେବେଳେ କାର୍ ସାହେବ ତାଙ୍କ ପାଖକୁ ଦେଖା କରିବାକୁ ଗଲେ ତେତେବେଳେ ସେ ସେହିପରି ଚଟି ଯୋତାକୁ ପୀଠ ଉପରେ ରଖି ପୂର୍ବ ଦର୍ଶିତ ଶିଷ୍ଟାଚାରରେ ସାହେବଙ୍କୁ ଶିକ୍ଷାଦେଲେ । ଏଣେ ସମ୍ମାନରକ୍ଷାରେ ଯେ ଏତେ ଦୃଢ଼, ସେ ପୁଣି ହୃଦରେ କୋମଳତା ବଶତଃ ଅତି ଘୃଣିତ ସ୍ଥାନରେ ସମାନ୍ୟ ଲୋକ ସହିତ ବସି ଲୋକ ସମକ୍ଷରେ କଥାବାର୍ତ୍ତା କରିବାକୁ ମାନହାନି ମନେ କରୁ ନ ଥିଲେ । ଆଉ ଅଧିକ କଣ ପିତାଙ୍କର କାଶୀବାସକାଳରେ ସେ ଭୃତ୍ୟକୁ ନ ପଠାଇ ସ୍ୱୟଂ ବିପଣୀରୁ ଦ୍ରବ୍ୟାଦି କ୍ରୟ କରି ଆଣୁଥିଲେ । ଏହା ପିତୃଭକ୍ତିର ଗୋଟିଏ ନିଦର୍ଶନ । ସେ ପିତାମାତାଙ୍କୁ ସାକ୍ଷାତ୍ ଦେବତା ଜ୍ଞାନ କରୁଥିଲେ । କାଶୀର ପଣ୍ଡା ସହିତ ବିଶ୍ୱେଶ୍ୱରଙ୍କ ସମ୍ବନ୍ଧରେ ଅନେକ ତର୍କ ହେବା ଉତ୍ତାରେ ପୂଜକ ପଣ୍ଡାମାନେ ତୁମ୍ଭର ବିଶ୍ୱେଶ୍ୱର କିଏ ପ୍ରଶ୍ନ କରନ୍ତେ ବିଦ୍ୟାସାଗର ତତ୍‌କ୍ଷଣାତ୍ ଅଙ୍ଗୁଳି ନିର୍ଦ୍ଦେଶପୂର୍ବକ ଜନକଜନନୀଙ୍କୁ ଦେଖାଇ ଦେଲେ । ତାହାଙ୍କର ଜନନୀ ବିବିଧ ଗୁଣଶାଳିନୀ ଥିଲେ । ତେଣୁ ସେ ସର୍ବାପେକ୍ଷା ଜନନୀଙ୍କୁ ଅଧିକ ଭକ୍ତି କରୁଥିଲେ ଏବଂ ତାହାଙ୍କର ପ୍ରତ୍ୟେକ କଥା ଜୀବନର ମହାବ୍ରତ ସ୍ୱରୂପ ପାଳନ କରୁଥିଲେ । ଜନନୀବତ୍ସଳତା ଯୋଗୁଁ ସେ ନାରୀଜାତିର ଅଧିକ ପ୍ରିୟ ଥିଲେ ଏହା କହିଲେ ଅତିଶୟୋକ୍ତି ହେବ ନାହିଁ । ତାଙ୍କରିଠାରୁ ସେ ଦୟା ଏବଂ ସ୍ୱାଧୀନ ଭାବ

* ଲେଫ୍ଟେନାଣ୍ଟ ହେଲିଡ଼େ, ଗ୍ରାଣ୍ଟ ଏବଂ ସିସିଲବୀଡ଼ନ, ଶିକ୍ଷା ବିଭାଗର ପ୍ରେସିଡ଼େଣ୍ଟ ବେଥୁନ୍, ସେକ୍ରେଟେରୀ ମଏଟ୍ ସାହେବ, କଲେଜର ଅଧ୍ୟକ୍ଷ ମାର୍ଶେଲ ଓ ଟଫଜନ୍‌ଷ୍ଟିସ କଲଭିନ ବିଦ୍ୟାସାଗରଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ ଏବଂ ତାହାଙ୍କ କଥାରେ ଆସ୍ଥା ସ୍ଥାପନ କରୁଥିଲେ ।

Digitized by srujanika@gmail.com

ମନରେ ଲାଭ କରିଥିଲେ । ତେଣୁ ଜନନୀଙ୍କ ମୃତ୍ୟୁରେ ସେ ମହାପଣ୍ଡିତ ହୋଇ ମଧ୍ୟ ବହୁକାଳଯାଏ ବାଳକ-ତୁଲ୍ୟ ରୋଦନ କରୁଥିଲେ ଏବଂ ତାହାଙ୍କର ସ୍ମରଣାର୍ଥ ବୀରସିଂହରେ ଭଗବତୀ ବିଦ୍ୟାଳୟ ମହା ଆଗ୍ରହ-ସହକାରେ ସ୍ଥାପନ କରି ତାହାର ସମସ୍ତ ସୁବ୍ୟବସ୍ଥା କରି ଦେଇଥିଲେ । ସେ ଏତେ ଜନ୍ମଭୂମିବତ୍ସଳ ଥିଲେ ଯେ ବୀରସିଂହର ମମତା କାଳେ ଲୁପ୍ତ ହୋଇଯିବ ଏଥିପାଇଁ କଲିକତାରେ ବହୁକାଳ ଭଡ଼ାଘରେ ରହି ମଧ୍ୟ ସ୍ଥାୟୀବାସ ନିର୍ମାଣ କରାଇ ନ ଥିଲେ ଏବଂ ସେହି ଜନ୍ମଭୂମିର ସର୍ବବିଧ ଉନ୍ନତି ଲାଗି ଅକାତରେ ବହୁ ଅର୍ଥ ବ୍ୟୟ କରିଥିଲେ । ଏହି ଜନ୍ମସ୍ଥାନ ବ୍ୟତୀତ କେତୋଟି ଦେଶୀୟ ରାଜାଙ୍କ ପ୍ରତି ମଧ୍ୟ ତାହାଙ୍କର ସୁଦୃଷ୍ଟି ଥିଲା । ବର୍ଦ୍ଧମାନ ଓ ପାଇକପଡ଼ାରେ ରାଜପରିବାର ସହିତ ତାହାଙ୍କର ଘନିଷ୍ଠ ସମ୍ପର୍କ ଥିବାରୁ ଏ ଉଭୟ ରାଜବାଟିରେ ମଧ୍ୟ ମଧ୍ୟରେ ଅବସ୍ଥାନ କରି ଉପଦେଶ ଦ୍ୱାରା ରାଜ୍ୟର ଅନେକ ସୁବିଧା କରାଇଥିଲେ । ପାଇକ୍‌ପଡ଼ାର ରାଜ୍ୟରକ୍ଷା ଲାଗି ବିଦ୍ୟାସାଗର ଯେତେ ନିଃସ୍ୱାର୍ଥ ପରିଶ୍ରମ କରି ଅଛନ୍ତି, ତାହା ଏ ଯୁଗରେ ଦୁର୍ଲଭ । ଯାହାହେଉ ଏହିପରି ନାନା ହିତକର୍ମରେ ସର୍ବଦା ପରିଶ୍ରମ କରି ବିଦ୍ୟାସାଗର ଚରମକାଳରେ ଅତ୍ୟନ୍ତ ଅସୁସ୍ଥ ହୋଇ ପଡ଼ିଲେ । କିଛିକାଳ ସେ ଦୁରାରୋଗ୍ୟ ଜ୍ୱର ଓ ହିକ୍‌କା ରୋଗରେ ପୀଡ଼ିତ ରହି ପରିଶେଷରେ ୧୨୯୮ ସାଲ ବା ୧୮୯୮ ଅବ୍ଦର ଶ୍ରାବଣ ତ୍ରୟୋଦଶୀ ଦିବସରେ ସ୍ୱଦେହ ବିସର୍ଜନ କଲେ । ଯେ ଦିନ ମଧ୍ୟାହ୍ନର ପ୍ରଖର ତେଜରେ ଏହି ଧରଣୀ ପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ, ସେ ପୁଣି ଅନ୍ୟଦିନ ନିଶୀଥରେ ଚତୁର୍ଦ୍ଦିଗ ଅନ୍ଧକାରମୟ କରି ସ୍ୱ-ଧାମକୁ ପ୍ରସ୍ଥାନ କଲେ । ବସ୍ତୁତଃ ସେହି ଦିନଠାରୁ ଜଣେ ସ୍ୱଦେଶବତ୍ସଳ ହିତୈଷୀ ପୁରୁଷଙ୍କର ସୁଲଭ ସଦୟ ଆନନଶ୍ରୀ ବଙ୍ଗ-ଭୂମିରୁ ଅଦୃଶ୍ୟ ହୋଇ ଯାଇଅଛି ।

ମୃତ୍ୟୁ-ଚିନ୍ତା

[ମୃତ୍ୟୁ ଅମୃତତ୍ୱ ଲାଭର ପନ୍ଥା – ପୁରାଣ ପୁରୁଷମାନଙ୍କର ମୃତ୍ୟୁବରଣର—ମୃତ୍ୟୁର ପ୍ରୟୋଜନୀୟତା—ମୃତ୍ୟୁଦ୍ୱାରା ବିଶ୍ୱର ମଙ୍ଗଳ ସାଧନ ।]

'ତୋର ମଙ୍ଗଳ ବିଧାନ
କରିଅଛି ମରଣକୁ ଅମୃତସୋପାନ ।' [ମଧୁସୂଦନ]

ବିଧାତାଙ୍କ ମଙ୍ଗଳ ବିଧିରେ ମୃତ୍ୟୁଦ୍ୱାରା ଅମୃତ ଲାଭ ହୁଏ । ବସ୍ତୁତଃ ମୃତ୍ୟୁ ଭିନ୍ନ ଏ ସଂସାରରେ ଅମୃତ ଲାଭର ଅନ୍ୟ ଉପାୟ ନାହିଁ; କିନ୍ତୁ ମହାଜନମାନଙ୍କର ଏହି ଆପ୍ତ ବାକ୍ୟରେ ହଠାତ୍ ବିଶ୍ୱାସ ଜନ୍ମେନାହିଁ । ଯେଉଁ ମୃତ୍ୟୁ ଏହି ସଂସାରରେ ଏକମାତ୍ର ବିଭୀଷିକା, ଯାହାର ନାମମାତ୍ର ଶ୍ରବଣରେ ପ୍ରାଣିବର୍ଗ ନିତ୍ୟ ସଂକୁଚିତ ଏବଂ ସନ୍ତ୍ରସ୍ତ, ଯାହାର ଅତର୍କିତ ଓ ନିରପେକ୍ଷ ଆକ୍ରମଣ ଅବ୍ୟର୍ଥ ଏବଂ ଅବଶ୍ୟମ୍ଭାବୀ ପୁଣି ଯାହାର କରାଳକବଳରେ ଜୀବକୁଳ ଅଣୁପରମାଣୁବତ୍ କ୍ଷଣକେ ଲୀନ ହୋଇ ଯାଉଛନ୍ତି, ସେହି ବିଶ୍ୱସଂହାରିଣୀ ଶକ୍ତି ମୃତ୍ୟୁ କିପରି ଅମୃତର ସୋପାନ ହେଲା, ଏହି ଆଶଙ୍କା ଆମ୍ଭମାନଙ୍କ ମନରେ ସ୍ୱତଃ ଉଦିତ ହୁଏ; କିନ୍ତୁ ଆଶଙ୍କା ନିରାଶ ନିମିତ୍ତ ଆମ୍ଭେମାନେ କେବେ ବ୍ୟଗ୍ର ହେଉନାହିଁ । ଏହାର ଯଥାର୍ଥ ଉତ୍ତର ପାଇ-ବାକୁ ହେଲେ ଅଗ୍ରେ ସେହି ଅମୃତାଧିକାରୀ ମହାତ୍ମା-ମାନଙ୍କର ଅଭିମତ ଅନୁସନ୍ଧେୟ । ଆମ୍ଭେମାନେ

Digitized by srujanika@gmail.com

ସାଧାରଣତଃ ମୃତ୍ୟୁକୁ ଯେପରି ବିଶ୍ୱସଂହାରକର୍ତ୍ତାଙ୍କର ରୁଦ୍ରମୂର୍ତ୍ତି ବୋଲି ମନେ କରନ୍ତି, ତତ୍ତ୍ୱଦର୍ଶୀ ମହାତ୍ମାମାନେ ସେପରି ମନେ କରନ୍ତି ନାହିଁ । ସେମାନେ ଏହି କରୁଣ-କୋମଳମୂର୍ତ୍ତିର ପଶ୍ଚାଦ୍ଦେଶରେ ଭଗବାନଙ୍କ ଅମୃତମୟ ଶ୍ରୀକର ସ୍ପର୍ଶର ସତ୍ତା ଉପଲବ୍ଧି କରନ୍ତି ଏବଂ ସେହି ଅମୃତସନ୍ଧାନ ନିମିତ୍ତ ସେମାନେ ମୃତ୍ୟୁକୁ ଆଲିଙ୍ଗନ କରିବାକୁ ବ୍ୟାକୁଳ ହୋଇଅଛନ୍ତି । ତହିଁର ଦୃଷ୍ଟାନ୍ତ ଏହି ପବିତ୍ର ଭାରତ ଭୂମିରେ ବିରଳ ନୁହେଁ । ଏହି ଅମୃତ ସୋପାନର ଅଭିମୁଖୀନ ହୋଇ ଧର୍ମରାଜ ଯୁଧିଷ୍ଠିର ମହାପ୍ରୟାସଲବ୍ଧ ବିଶାଳସାମ୍ରାଜ୍ୟର ଭୋଗସ୍ପୃହା ଏବଂ କୋଟି କୋଟି ପ୍ରଭୁଭକ୍ତ ପ୍ରଜାଙ୍କର ଅନୁରଞ୍ଜନଜନିତ ଉଦାର ସୁଖରେ ଜଳାଞ୍ଜଳି ଦେଇ ପ୍ରିୟତମ ଭ୍ରାତୃଚତୁଷ୍ଟୟ ଏବଂ ପତ୍ନୀଙ୍କ ସହିତ ଅମୃତ-ଭିକ୍ଷାର୍ଥ ବଲ୍କଳଧାରୀ ଭିକ୍ଷୁକବେଶରେ ତୀର୍ଥ ତୀର୍ଥାନ୍ତରକୁ ପ୍ରଧାବିତ ହୋଇଥିଲେ । ଏହି ଅମୃତ ଆଶାରେ ପ୍ରାଚୀନ ଆର୍ଯ୍ୟର୍ଷିମାନେ କଠୋର ଯୋଗାଭ୍ୟାସଦ୍ୱାରା ତନୁତ୍ୟାଗ କରିବାକୁ ପ୍ରୟାସୀ ହୋଇଥିଲେ । ଏହି ମୃତ୍ୟୁର ଅମୃତ ଆମନ୍ତ୍ରଣ ପାଇଁ ପ୍ରସିଦ୍ଧ ସୂର୍ଯ୍ୟବଂଶାବତଂଶ ନୃପତିମାନେ ଚରମକାଳରେ ରାଜଭୋଗାଦି ପରିତ୍ୟାଗ କରି ପୁଣ୍ୟ ଆରଣ୍ୟକବ୍ରତ ଗ୍ରହଣପୂର୍ବକ ବନେ ବନେ ବିଚରଣ କରୁଥିଲେ । କେତେ କେତେ ମହାତ୍ମା ଏହି କର୍ମ ଭୂମିରେ ସ୍ୱକର୍ମ ସାଧନ କରି ପରିଶେଷରେ ଅନଳ ପ୍ରବେଶ, ଭୃଗୁପତନ ଅଥବା ସମୁଦ୍ରମଜ୍ଜନଦ୍ୱାରା ମୃତ୍ୟୁକୁ ଆଲିଙ୍ଗନ କରିଅଛନ୍ତି । ମୃତ୍ୟୁର ଏତେ ସମାଦର କାହିଁକି ? ଏ ଗୂଢ଼ ରହସ୍ୟ ଭେଦ କରିବାକୁ ଆମ୍ଭେମାନେ ଅକ୍ଷମ ।

ଦୟାମୟ ପରମେଶ୍ୱର ଆମ୍ଭମାନଙ୍କର ସୃଷ୍ଟି ଓ ସ୍ଥିତିର ଦେବତା ଏବଂ ସେହି ମଧ୍ୟ ମୃତ୍ୟୁର ଦେବତା । ବିଶ୍ୱର ମଙ୍ଗଳ ନିମିତ୍ତ ସେ ମୃତ୍ୟୁକୁ ପ୍ରେରଣ କରନ୍ତି । ଏହି ମୃତ୍ୟୁ ଯଥାର୍ଥରେ ଆମ୍ଭମାନଙ୍କର ସତ୍ପଥପ୍ରଦର୍ଶକ । ମୃତ୍ୟୁର ଭୟ ନ ଥିଲେ କେହି ସେ ଅମୃତ ସନ୍ଧାନରେ ପ୍ରଯତ୍ନଶୀଳ ହୁଅନ୍ତେ ନାହିଁ । ସଂସାରୀମାନଙ୍କ ମହାମୋହରୋଗର ଏହା ପରମ ମହୌଷଧ । ମୋହଗ୍ରସ୍ତ ହୋଇ ସମସ୍ତେ ଏ ସଂସାରରେ ଦୟାମୟଙ୍କ ଦୟାର୍ପିତଦ୍ରବ୍ୟମାନ ଉପଭୋଗ କରି ସୁଖ ଶାନ୍ତିରେ କାଳଯାପନ କରନ୍ତି । ଦୟାମୟ ପ୍ରତିମୁହୂର୍ତ୍ତରେ ଯେତେ ଦୟା ପ୍ରକାଶ କରନ୍ତି, ତାହା ମନୁଷ୍ୟର ପ୍ରତ୍ୟୟାତୀତ । କ୍ଷୁଦ୍ର ମାନବ ସେହି ଅପାର କରୁଣା ଉପଲବ୍ଧି କରିବାକୁ ଅକ୍ଷମ ହୋଇ ସେହି ପରମଦୟାଳୁଙ୍କୁ ବିସ୍ମୃତ ହୋଇ କ୍ଷୁଦ୍ର ପାର୍ଥିବ ପ୍ରେମରେ ତୁଚ୍ଛ ଜୀବନକୁ ଧନ୍ୟ ମନେ କରେ । ଈଶ୍ୱରଙ୍କର ଏତେ ଅପରିମେୟ କରୁଣା ଓ ପ୍ରେମ ଯେ, ତାହାର ଅତିରେକ ଆମ୍ଭମାନଙ୍କୁ ଈଶ୍ୱରାଭିମୁଖୀନ କରାଇ ଦିଏ ନାହିଁ କିମ୍ବା ସେଥିରେ ମନୁଷ୍ୟର ମୋହନିଦ୍ରା ଭାଙ୍ଗେନାହିଁ । ସେ ସୁଖସୁପ୍ତ ପ୍ରାୟ ପ୍ରଶାନ୍ତଭାବରେ କାଳ ହରଣ କରେ, ତାହାର ଜାଗରଣ ପାଇଁ ନିତ୍ୟ ଜାଗରୂକ ପରମାତ୍ମା ନାନା ଉପାୟ ବିଧାନ କରନ୍ତି; କିନ୍ତୁ ସେଥିରେ ହଠାତ୍ ଚିର ମୋହନିଦ୍ରାଭିଭୂତ ମାନବର ଚୈତନ୍ୟ ହୁଏ ନାହିଁ, ମାତ୍ର ମୁହୂର୍ତ୍ତକେ ମୃତ୍ୟୁ ଆସି ସମସ୍ତଙ୍କର ମୋହନିଦ୍ରା ଭାଙ୍ଗି ଦିଏ । ମୃତ୍ୟୁର ତରଙ୍ଗ ଉତ୍ଥିତ ହେଲେ ପୂର୍ବ ନିସ୍ତରଙ୍ଗ ଭାବ କୁଆଡ଼େ ତିରୋହିତ ହୋଇଯାଏ । ମନୁଷ୍ୟ ଆଉ ପୂର୍ବବତ୍ ନିଦ୍ରା ଉପରେ ଆସ୍ଥା ସ୍ଥାପନ କରି ରହି ପାରେନାହିଁ । ଅପୂର୍ବ ବୈରାଗ୍ୟ ଉଦୟ ସଙ୍ଗରେ ସେ ବ୍ୟାକୁଳ ହୋଇ ଗୃହଆଡ଼େ ଆଶ୍ରୟ ଅନ୍ୱେଷଣ କରେ । କ୍ରମେ ତାହାର ଊର୍ଦ୍ଧ୍ୱଦୃଷ୍ଟି ଧର୍ମ ଏବଂ ଈଶ୍ୱରଙ୍କ ପ୍ରତି ଯାଏ । ସଂସାରରେ ସୁଖଶାନ୍ତିର ପଶ୍ଚାତ୍ ଘନ ଘନ ରୋଗ ବିପଦ ଏବଂ ପ୍ରେମମିଳନ ପଛରେ ଦୁଃସହ ବିରହ ବିଚ୍ଛେଦ ନ ଥିଲେ ମନୁଷ୍ୟର ଚୈତନ୍ୟୋଦୟ ହୁଅନ୍ତା କି ନାହିଁ ସନ୍ଦେହର ବିଷୟ । ଶିଶୁ ଯେତେବେଳେ ସ୍ନେହମୟୀ ଜନନୀର ଅଙ୍କରେ ଥାଇ ତାହାର ହୃଦୟ ନିସୃତ ସ୍ନେହଧାରା ଲାଭକରି ଯେତେବେଳେ ସେହି ସର୍ବସଂହାରରୂପିଣୀ ମାତାର ବକ୍ଷରେ ଅବାଧରେ ସ୍ୱଚ୍ଛନ୍ଦରେ

Digitized by srujanika@gmail.com

ନାନା କ୍ରୀଡ଼ା କୌତୁକ କରୁଥାଏ, ଆଉ ଯେତେବେଳେ ସେ ମାତାର ଉଦାର କ୍ରୋଡ଼ରେ ସୁଖ ନିଦ୍ରିତ ଥାଏ, ତେତେବେଳେ ସେ ଜନନୀଙ୍କ ଚିନ୍ତା ମାତ୍ରେ ନାହିଁ, କିନ୍ତୁ କ୍ଷଣକରେ ମାତାର ବିଚ୍ଛେଦ ଉପସ୍ଥିତ ହେଲେ, ତାହାକୁ ଜଗତ ଅନ୍ଧକାରମୟ ଦିଶେ, ତେତେବେଳେ ଶିଶୁ ମାତାର ଅପୂର୍ବ ମହିମା ଉପଲବ୍ଧି କରି ବ୍ୟାକୁଳ ଭାବରେ ରୋଦନ ପୂର୍ବକ ତାହାର ଅନ୍ୱେଷଣ କରେ । ବିଚ୍ଛେଦ ନ ହେଲେ, ପ୍ରେମରେ ପ୍ରଶାନ୍ତ ହେବା ଅସମ୍ଭବ ତଥାପି ଶିଶୁ ମାତା ସେହି ଅକୃତ୍ରିମ ପ୍ରେମ ହୃଦୟଙ୍ଗମ କରିବାକୁ ତେତେବେଳେ ସମ୍ପୂର୍ଣ୍ଣ ଅକ୍ଷମ । ବୟୋବୃଦ୍ଧି କ୍ରମେ ଯେତେବେଳେ ତାହାର ଜ୍ଞାନର ଉନ୍ନତି ହୁଏ, ତେତେବେଳେ ସେ କିଞ୍ଚିତ୍ କିଞ୍ଚିତ୍ ପ୍ରଶଂସା କରେ । ଆମ୍ଭେମାନେ ସେହିପରି ସେହି ଆଦି ଜନନୀଙ୍କ ମହୋଦାର ଅମୃତମୟ କ୍ରୋଡ଼ରେ ସର୍ବଦା ଶିଶୁବତ୍ କ୍ରୀଡ଼ାସୁପ୍ତି ଅନୁଭବ କରୁଅଛୁଁ । ତାହାଙ୍କର ଅପରିସୀମ ଦୟା ଓ ପ୍ରେମ ଯୋଗୁଁ ଆମ୍ଭମାନଙ୍କୁ କିଛି ଅଭାବ ବୋଧ ହୁଏ ନାହିଁ । ତାହାଙ୍କର କରୁଣା ବା ମଙ୍ଗଳ ଇଚ୍ଛାର ଅଭାବ ହେଲେ, କ୍ଷଣକେ ଏ ବିଶ୍ୱବ୍ୟାପୀ ଜୀବନସ୍ରୋତ ସ୍ଥଗିତ ହୁଅନ୍ତା । କିନ୍ତୁ ତାହାଙ୍କର ଦୟା ଓ ପ୍ରେମର ମାତ୍ରା ଏତେ ଅଧିକ ଯେ, ସେହି ଆଧିକ୍ୟ ଆମ୍ଭମାନଙ୍କୁ ତାହାଙ୍କ ଦୟା ପ୍ରେମ ଉପଲବ୍ଧି କରାଇ ଦିଏ ନାହିଁ । କେବଳ ବହୁଳ ମଧୁର ଦ୍ରବ୍ୟର ଆସ୍ୱାଦନରେ ମାଧୁର୍ଯ୍ୟର ଉପଲବ୍ଧି କାହୁଁ ହେବ ? ମନୁଷ୍ୟ ଯେତେବେଳେ ସେହି ମାଧୁର୍ଯ୍ୟ-ମଦିରା ପାନରେ ଚିରକାଳ ମୋହ-ନିଦ୍ରାଭିଭୂତ ହୋଇ କେବଳ ମଧ୍ୟ ଭ୍ରାନ୍ତିର ବିଳାସ ଅଙ୍ଗୀକାର କରେ, ତେତେବେଳେ ମଙ୍ଗଳମୟ ସେହି ମଙ୍ଗଳଭାବର ବଶବର୍ତ୍ତୀ ହୋଇ ମୃତ୍ୟୁଦ୍ୱାରା ତାହାକୁ ଜାଗରିତ କରାଇ ଦିଅନ୍ତି । ବସ୍ତୁତଃ ଏହି ମୃତ୍ୟୁ-ଚିନ୍ତା ଭିନ୍ନ ଆମ୍ଭମାନଙ୍କର ଏହି ମୋହ-ନିଦ୍ରାଭଙ୍ଗ ଏବଂ ଚୈତନ୍ୟୋତ୍ପାଦନର ସହଜ ଉପାୟ ଆଉ ନାହିଁ । ଏହି ଚିନ୍ତା ହୃଦୟରେ ବୈରାଗ୍ୟ ବହ୍ନି ପ୍ରଜ୍ୱଳିତ କରାଏ, ଏହା ପ୍ରଭାବରେ ଗର୍ବ ଅଭିମାନ ସବୁ କାହିଁ ଚାଲିଯାଏ ଏବଂ ଦୁର୍ଦ୍ଦମରିପୁକ୍ରମେ ନଷ୍ଟ ଭୂତ ହୋଇଯାଏ । ଏହି ମୃତ୍ୟୁଚିନ୍ତା ହିଁ ଭଗବାନଙ୍କ ପ୍ରତି ଊର୍ଦ୍ଧ୍ୱ ଦୃଷ୍ଟି ନିକ୍ଷେପ କରିବାପାଇଁ ମନୁଷ୍ୟକୁ ଇଙ୍ଗିତ କରେ । ଏଥିପାଇଁ ଅନେକ ସୁଖ ସମ୍ପଦ ଅପେକ୍ଷା ବିପଦ ଓ ବିଚ୍ଛେଦକୁ ଅଧିକ ଭଲ ପାନ୍ତି । କାରଣ ବିପଦରେ ମାନବ ଆଉ ଆତ୍ମନିର୍ଭରଶୀଳ ନ ହୋଇ; ସେହି ସ୍ରଷ୍ଟା ପିତାଙ୍କୁ ସ୍ମରଣ କରିବାକୁ ଶିଖେ । ମହାଭାରତରେ ଧର୍ମରାଜଜନନୀ କୁନ୍ତୀ ଅଭୀଷ୍ଟ ଜିଜ୍ଞାସିତ ହୁଅନ୍ତେ ଉତ୍ତର କରିଥିଲେ, ପ୍ରଭୋ, ସେହି ବିପଦ ମୋହର ସର୍ବଦା ଥାଉ, ଯହିଁରେ ଭଗବଦ୍ଦର୍ଶନ ହେଉଥିବ, କିନ୍ତୁ ଏ ଭବଦର୍ଶନ ଆଉ ନ ହେବ । ଉକ୍ତିଟି ଅତି କ୍ଷୁଦ୍ର ହେଲେହେଁ ଏଥିରେ ଅନ୍ତର୍ନିହିତ ଭାବ ମନୁଷ୍ୟର ସ୍ମୃତିର ଅତି ଉଜ୍ଜ୍ୱଳ ଜ୍ୟୋତି ପ୍ରାପ୍ତ ପ୍ରଶାନ୍ତ ହେଉଅଛି ଏବଂ ଏହା ସମସ୍ତଙ୍କର ପରିଚିନ୍ତନୀୟ ।

ଏ ସଂସାର ଅନିତ୍ୟ, ଏହାର ଐଶ୍ୱର୍ଯ୍ୟ ସୌନ୍ଦର୍ଯ୍ୟ କିଛିହିଁ ଚିରସ୍ଥାୟୀ ନୁହେ । ଦିନେ ଏ ସମସ୍ତ କାଳର ଗର୍ଭସାତ୍ ହେବ । ମନୁଷ୍ୟର ଜୀବନ ମଧ୍ୟ ଅଚିରସ୍ଥାୟୀ । ଏହି ଅଳ୍ପକାଳ ମଧ୍ୟରେ ତାହାକୁ ରାଶୀଭୂତ ବିଘ୍ନ ଅତିକ୍ରମ କରି ଏହି କର୍ମଭୂମିରେ କର୍ମ କରିବାକୁ ହେବ । ସୁତରାଂ ଉକ୍ତ ଚିନ୍ତାପ୍ରତି ଲକ୍ଷ୍ୟ ନ ରଖିଲେ ସ୍ୱଳ୍ପ ଜୀବନକାଳରେ କୃତକାର୍ଯ୍ୟ ହେବା ଅବା ମନୁଷ୍ୟତ୍ୱ ଲାଭ କରିବା ଦୁରୂହ । ପୂର୍ବକାଳରେ ଏ ଦେଶରେ ଅନେକେ ଏହି ଚିନ୍ତାକୁ ହୃଦୟରେ ସ୍ଥାନ ଦେଇ ଆଦର୍ଶ ପୁରୁଷତ୍ୱ ଲାଭ କରିଅଛନ୍ତି ଏବଂ ତାହା ପ୍ରତ୍ୟେକଙ୍କର କରଣୀୟ ବୋଲି ବଦ୍ଧବନ୍ଧ ଥିବାର ଆଭାସ ମିଳୁଅଛି । ବ୍ରାହ୍ମଣମାନଙ୍କ ଭୋଜନପୂର୍ବରେ ପ୍ରତ୍ୟହ ଯେ ଧର୍ମରାଜ

ବିପଦଃ ସନ୍ତୁ ତାଃ ଶାଶ୍ୱତ୍ ତତ୍ର ତତ୍ର ଜଗଦ୍ଗୁରୋ, ଭବତୋ ଦର୍ଶନଂ ଯତ୍ ସ୍ୟାତ୍ ଅପୁନର୍ଭବଦର୍ଶନଂ । ମ ।

ଧନ୍ୟ କହିବା ବିପତ୍ତିକି । ଯହିଁ ଲଭନ୍ତି ଶ୍ରୀପତିଙ୍କି ।। (ଦୀନକୃଷ୍ଣ ।)

Digitized by srujanika@gmail.com

ଓ ଚନ୍ଦ୍ରପ୍ରଭଙ୍କ ନାମ ଉଚ୍ଚାରଣ କରାଯାଏ, ତାହା ବୋଧହୁଏ ଉକ୍ତ ଉଦ୍ଦେଶ୍ୟରେ ବିହିତ ଅଛି । ଭୋଜନ ପୂର୍ବରେ ମୃତ୍ୟୁସ୍ମରଣ କଲେ ଅଖାଦ୍ୟ ଗ୍ରହଣ କିମ୍ବା ଅକାର୍ଯ୍ୟକରଣରେ ପ୍ରବୃତ୍ତି ଜନ୍ମିବ ନାହିଁ । ବର୍ତ୍ତମାନ ଯଦ୍ୟପି ତାହା ସଂସାରମାନଙ୍କରେ ରହି ପାଳିତ ହେଉ ନାହିଁ, ତଥାପି ସେଥିରେ ଯେ ଉକ୍ତ ମତ ନିଗୂଢ଼ ରହିଅଛି, ଏଥିରେ ସନ୍ଦେହର କୌଣସି କାରଣ ନାହିଁ । ଆହୁରି ମଧ୍ୟ ଏ ଦେଶରେ ଅଗ୍ନିହୋତ୍ରୀ ବା ସାଗ୍ନିକ ବୋଲି ଏକ ସମ୍ପ୍ରଦାୟ ବ୍ରାହ୍ମଣ ଥିଲେ । ସେମାନେ ପ୍ରତ୍ୟହ ଅଗ୍ନିରେ ଆହୁତି ପ୍ରଦାନ କରି ଅଗ୍ନିକୁ ଜୀବିତ ରଖନ୍ତି ଏବଂ ସେହି ଆଜୀବନ ପୋଷିତ ଅଗ୍ନିରେ ସେମାନଙ୍କ ଶରୀର ଅନ୍ତିମ ଆହୁତିରୂପେ ଅର୍ପିତ ହୁଏ । ଅତଏବ ସେମାନେ ପ୍ରତ୍ୟହ ତ୍ରିସନ୍ଧ୍ୟାରେ ସେହି ଅନ୍ତକରୂପୀ ଅଗ୍ନିକୁ ନିରୀକ୍ଷଣ କରି ଅନ୍ତଃକରଣକୁ ବିଶୁଦ୍ଧ କରୁଥିଲେ । ମୃତ୍ୟୁ ସହିତ ଯାହାର ପ୍ରତ୍ୟହ ଭେଟ ହୁଏ, ତାହା ମନରେ ପାପବାସନା ବା ଅଧର୍ମାଚରଣ ଆଦୌ ସ୍ଥାନ ପାଇବ ନାହିଁ । ଅତଏବ ଧର୍ମାଚରଣର ପ୍ରକୃତ ପନ୍ଥା ଏହି । — ସୁପଣ୍ଡିତ ବିଷ୍ଣୁଶର୍ମା କହିଅଛନ୍ତି ଯେ, 'ଗୃହୀତ ଇବ କେଶେଷୁ ମୃତ୍ୟୁନା ଧର୍ମମାଚରେତ୍' ଅର୍ଥାତ୍ ମୃତ୍ୟୁକୁ ନିକଟସ୍ଥ ଜାଣି ଧର୍ମାଚରଣ କରିବ । ଯଥାର୍ଥରେ ମୃତ୍ୟୁଚିନ୍ତା ମନୁଷ୍ୟକୁ ଅଧର୍ମରୁ ନିବୃତ୍ତ କରିବ । ଏହାପରି ଧର୍ମରେ ପ୍ରବୃତ୍ତ କରିବାର ଅନ୍ୟ ପ୍ରକୃଷ୍ଟ ଉପାୟ ନାହିଁ । ଦିଲ୍ଲୀର ଜଣେ ପ୍ରସିଦ୍ଧ ସମ୍ରାଟ ଏହି ମୃତ୍ୟୁଚିନ୍ତା ବ୍ୟତୀତ ଚିତ୍ତଶୁଦ୍ଧିର ଉପାୟାନ୍ତର ନ ଦେଖି ଗୋଟିଏ ସୁନ୍ଦର ବ୍ୟବସ୍ଥା କରିଥିଲେ । କଥାଟି ବଡ଼ କୌତୂହଳଜନକ * । ସମ୍ରାଟ ପ୍ରତ୍ୟହ ସୁଖଶୟନରୁ ଉଠି ଅନ୍ତଃପୁରରୁ ରାଜଦରବାର ଅଭିମୁଖରେ ଯାଉଥିବାବେଳେ ପ୍ରବେଶପଥରେ ଜଣେ ଦୌବାରିକ ହଠାତ୍ ଆସି ଉପସ୍ଥିତହୋଇ ଏହି ପ୍ରଶ୍ନ କରି ଚାଲି ଯାଏ, "ଜାହାଁପନା, କେଉଁଠାରେ ଆପଣଙ୍କର କବର ଖୋଳା ହେବ ଦେଖାଇ ଦିଅନ୍ତୁ ।" ଏତାଦୃଶ ଅତୁଳ ଐଶ୍ୱର୍ଯ୍ୟ ଏବଂ ଶୋକପାଶୋଦ୍ଭବ ଅପ୍ସରା ରାଜ୍ୟମଧ୍ୟରେ ଏ କି ବିଭୀଷିକା ! ବାଦଶାହଙ୍କ ହୃଦୟରେ ପ୍ରତ୍ୟହ ଏହି ବିଭୀଷିକା ଉଦିତ ହେଲାକ୍ଷଣି ସର୍ବାଙ୍ଗ କଣ୍ଟକିତ ହୋଇ ଯାଉଥିଲା । ପ୍ରଭୁତ୍ୱ, ଅଭିମାନ, ଅହମିକା, ସମସ୍ତ କୁଆଡ଼େ ତତ୍କ୍ଷଣାତ୍ ଅନ୍ତର୍ଦ୍ଧାନ ହେଉଥିଲା । ତେଣୁ ଅତ୍ୟାଚାରର ଲେଶ ରହୁ ନ ଥିଲା । ଏହି ମୃତ୍ୟୁଚିନ୍ତା ତାହାଙ୍କୁ ସର୍ବ ସଦ୍‌ଗୁଣରେ ଭୂଷିତ କରୁଥିଲା । ଅତଏବ ମୃତ୍ୟୁ ସମାଜର ଗୁରୁ, ଶାସ୍ତା ଏବଂ ସନ୍ମାର୍ଗପ୍ରଦର୍ଶକ । ମୃତ୍ୟୁ ମଙ୍ଗଳମୟଙ୍କର ମଙ୍ଗଳସନ୍ଦେଶହର । ଈଶ୍ୱରଙ୍କ ଯେଉଁ ମଙ୍ଗଳଭାବରେ ଜୀବର ଉତ୍ପତ୍ତି ଓ ସ୍ଥିତି, ସେହି ମଙ୍ଗଳଭାବରେ ମଧ୍ୟ ମୃତ୍ୟୁ, ଏହା ଆପ୍ତବାକ୍ୟ । ବସ୍ତୁତଃ ମୃତ୍ୟୁ ପରେ ସେପରି କିଛି ଦୁଃଖ, ବେଦନ ବା ନୈରାଶ୍ୟ ନାହିଁ ବରଂ ମୃତ୍ୟୁର ଏକ ପାର୍ଶ୍ୱରେ ତମଃ ଅପର ପାର୍ଶ୍ୱରେ ଜ୍ୟୋତିଃ । ମୃତ୍ୟୁର ସୀମା ଅତିକ୍ରମ କଲେ ସେହି ଜ୍ୟୋତିର୍ମୟ ଧାମରେ ପ୍ରବେଶ ହୁଏ । ଅତଏବ ଏହି ମୃତ୍ୟୁର ଭୟ ଆମ୍ଭମାନଙ୍କ ଅନ୍ତଃକରଣରେ ଉଦିତହୋଇ ଆମ୍ଭମାନଙ୍କର ଚୈତନ୍ୟ ସମ୍ପାଦନ କରୁ — ଆମ୍ଭମାନଙ୍କ ସମ୍ମୁଖରେ ସେହି ଉଜ୍ଜ୍ୱଳ ଆଦର୍ଶ ପ୍ରତିଭାତ କରୁ — ଆମ୍ଭମାନଙ୍କୁ ସେ ଅମୃତପଦବୀ ଲାଭ କରିବାରେ ଅଧିକାରୀ କରୁ, ଏହି ପ୍ରାର୍ଥନା ।

---

* ତତ୍ତ୍ୱବୋଧିନୀ ପତ୍ରିକା — ୭୮୨ ସଂଖ୍ୟା ।

ଛାୟା

(ଛାୟାର ସ୍ୱରୂପ—ଏବଂ ପ୍ରକୃତିଭେଦ—ଛାୟାର ଆଦର୍ଶ ଅନୁକରଣୀୟ)

ଆମ୍ଭେମାନେ ପ୍ରତିମୁହୂର୍ତ୍ତ ଛାୟାର ଖେଳା ପ୍ରତ୍ୟକ୍ଷ କରୁଅଛୁଁ । ପ୍ରତ୍ୟେକ ପରପ୍ରକାଶ ଦ୍ରବ୍ୟର ପଶ୍ଚାଦ୍-ଭାଗରେ ଏକ ଶୂନ୍ୟ କଳାମୂର୍ତ୍ତି ବିଦ୍ୟମାନ ଥାଏ । ଏଥିରେ ପ୍ରତ୍ୟେକ ଜଡ଼ର ଆକାର ମାତ୍ର ଲକ୍ଷିତ ହୁଏ । ବୃକ୍ଷର ଛାୟାରେ ଯେପରି କେବଳ ବୃକ୍ଷର ଆକାର, ମନୁଷ୍ୟର ଛାୟାରେ ସେହିପରି କେବଳ ମନୁଷ୍ୟର ଆକାର ପ୍ରତିଭାତ । ସେଥିରୁ ଗୁଣ ଅବସ୍ଥାଦିର କିଛି ସନ୍ଧାନ ମିଳେ ନାହିଁ । ମନୁଷ୍ୟ ଛାୟାରେ ଆଉ ତାହାର ମୂର୍ତ୍ତି, ଅଳଙ୍କାର, ହାସ୍ୟ, ରୋଦନ, କ୍ରୋଧ ଆଦିର ଅସ୍ତିତ୍ୱ ନାହିଁ । ବୃକ୍ଷର ଛାୟାରେ ସେଥିର ଆକାର ଭିନ୍ନ ଫଳପୁଷ୍ପପଲ୍ଲବାଦି କିଛି ଦିଶେନାହିଁ । ଏଥିର ରହସ୍ୟ କଣ ? ଏହା କି ପଦାର୍ଥ ? କେହି କେହି କହନ୍ତି, ଏହା ଦ୍ରବ୍ୟ ପଦବାଚ୍ୟ ନୁହେ, ଦ୍ରବ୍ୟର ଅଭାବ ମାତ୍ର । ଆଲୋକର ଅଭାବରେ ଛାୟାର ଉତ୍ପତ୍ତି । ଆର୍ଯ୍ୟ ପଣ୍ଡିତମାନେ ତାହାର ଏହି ପରିଚୟ ଦେଇ ଅଛନ୍ତି ଯେ, ଛାୟା ସୂର୍ଯ୍ୟପ୍ରିୟା "କାନ୍ତିଃ ପ୍ରତିବିମ୍ବ ମନାତପମ୍" ଅର୍ଥାତ୍ ଆଲୋକର ଅଭାବ ଛାୟା । ସୂର୍ଯ୍ୟର ଆଲୋକରେ ଦିବସ ଏବଂ ତଦଭାବରେ ରାତ୍ରି; ଅତଏବ, ଏହି ରାତ୍ରି ଛାୟାର ସମଷ୍ଟି ମାତ୍ର । ରାତ୍ରି ସମଗ୍ର ପୃଥିବୀର ଛାୟା । ଏହି ମହାଛାୟାର ଆକାର ପ୍ରତ୍ୟକ୍ଷ କରିବା ଅତି କ୍ଷୁଦ୍ର ମାନବ ପକ୍ଷରେ ଅସମ୍ଭବ । ଏହି ମହାଛାୟା ମଧ୍ୟରେ ପୁଣି କେତେକ କ୍ଷୁଦ୍ର ଛାୟା ? ସମସ୍ତ ପାର୍ଥିବ ଦ୍ରବ୍ୟରାଶି ଏଥିରେ ମଗ୍ନ । ଛାୟା ମଧ୍ୟରେ ଏହି ଗୂଢ଼ ରହସ୍ୟ ନିରୀକ୍ଷଣ କରି ତାହାକୁ କେବଳ ଦ୍ରବ୍ୟର ପ୍ରତିବିମ୍ବ ବୋଲି ସ୍ୱୀକାର କରିବାକୁ ମାନବର ମନ ମ ନେନାହିଁ । ମନୁଷ୍ୟର ମନ ସେଥିରୁ ନୂତନ ତତ୍ତ୍ୱ ଜାଣିବାକୁ ସର୍ବଦା ତତ୍ପର । ଯଥାର୍ଥରେ କଣ ଛାୟା କେବଳ ପ୍ରତିବିମ୍ବ, ଆଉ କିଛି ନୁହେଁ ? ଅବଶ୍ୟ ଆଉ କିଛି ହେବ ।

ଛାୟା ସୂର୍ଯ୍ୟ ପ୍ରିୟା, ଅର୍ଥାତ୍ ପୁରୁଷ ସହିତ ନାରୀର ଅଥବା ବୃକ୍ଷସହିତ ଲତାର ଯେପରି ସମ୍ବନ୍ଧ, ସୂର୍ଯ୍ୟ ସହିତ ଛାୟାର ସେହିପରି ସମ୍ବନ୍ଧ । ତେବେ ଛାୟା ସ୍ୱତନ୍ତ୍ର ବସ୍ତୁ, ଛାୟା-ଜଗତ୍ ସୌରଜଗତରୁ ପୃଥକ୍ । ସୌରଜଗତରେ ପୁରୁଷପ୍ରକୃତିବତ୍ ପ୍ରଚଣ୍ଡତା, ଉଷ୍ଣତା, ନିଷ୍ଠୁରତାଦି ବିଦ୍ୟମାନ । ଛାୟାଜଗତରେ ନାରୀପ୍ରକୃତି-ବତ୍ ସ୍ନିଗ୍ଧତା, ଶୀତଳତା, ସଦୟତାଦି ନିତ୍ୟ ବିଦ୍ୟମାନ । ଲୋକେ ସୌର କିରଣର ପ୍ରଖରତାଦି ସହ୍ୟ କରି ନ ପାରି ଗୃହାଦି ନିର୍ମାଣଦ୍ୱାରା ଛାୟାରେ ବାସ କରନ୍ତି । ଆତପତାପିତ ପଥିକ ବୃକ୍ଷର ସୁଶୀତଳ ଛାୟାର ଆଶ୍ରୟ ଗ୍ରହଣ କରି ଶ୍ରାନ୍ତି-ସନ୍ତାପରୁ ମୁକ୍ତ ଲାଭକରେ । ଏହି ଛାୟା ବଡ଼ କମନୀୟ ଏବଂ ଉଦାର । ଦୟାମୟ ଈଶ୍ୱର ସୃଷ୍ଟିପଦାର୍ଥମାନଙ୍କ ପ୍ରତି ଦୟା ପ୍ରକାଶ କରି ନିଶ୍ଚୟ ଏ ଜଡ଼ ଜଗତ ସହିତ ଏକ ନୂତନ ଜଗତର ସୃଷ୍ଟି କରିଅଛନ୍ତି । ବୋଧହୁଏ ଏହି ଛାୟା-ଜଗତ ସୃଷ୍ଟି ହୋଇ ନ ଥିଲେ ଜଡ଼ ଜଗତର ରକ୍ଷା ହୋଇ ପାରନ୍ତା ନାହିଁ । ଏହି ମହାଛାୟାରେ ଭଗବାନଙ୍କର ଛାୟା ପ୍ରତିଫଳିତ ହେଲା ପରି ବୋଧ ହୁଏ । ଜଡ଼ଜଗତର ପୂର୍ବେ ଅର୍ଥାତ୍ ସୃଷ୍ଟିର ପ୍ରାକ୍-କାଳରେ ଏହି ଛାୟାମୟୀ ମୂର୍ତ୍ତିର ସତ୍ତା ଅନୁମିତ ହୁଏ । ତାହାହିଁ ବେଦବର୍ଣ୍ଣିତା ଘୋରରାତ୍ରି । "ତତୋ ରାତ୍ରି ଅଜାୟତ ।" ଏହି ଛାୟା ମଧ୍ୟରେ ଆଉ ଏକ ଗୂଢ଼ ଶିକ୍ଷା ନିହିତ ଅଛି । ଭିନ୍ନ ଭିନ୍ନ ଦ୍ରବ୍ୟର ଭିନ୍ନାକାର

Digitized by srujanika@gmail.com

ଛାୟାମାନ ଏକ ମହାଛାୟାର ଅନ୍ତର୍ଗତ ଏବଂ ଉଭୟ ଏକ ରୂପ ଓ ଅଭିନ୍ନ ଆଲୋକ ଯୋଗୁଁ ଯାହା ଭେଦ, ଏହି ଆଲୋକ ଜାଲରୁ ବିମୁକ୍ତ ହେଲେ, ସମସ୍ତ ଛାୟା ସେହି ମହାଛାୟାରେ ମିଳିତ ବା ଲୀନ ହୁଅନ୍ତି । ଏ ଉଭୟ ମଧ୍ୟରେ କିଛିମାତ୍ର ପ୍ରଭେଦ ନ ଥାଏ । ଜୀବାତ୍ମା ଓ ପରମାତ୍ମା ମଧ୍ୟରେ ସେହିପରି ଭେଦ । ମାୟା ବିମୁକ୍ତ ହେଲେ ସମସ୍ତ ଜୀବାତ୍ମାରେ ଲୀନ ହେବ । ଏ ଉଭୟର ରୂପାନ୍ତରେ କିଛି ଭେଦନାହିଁ ବୋଲି ମହାତ୍ମାମାନେ ପ୍ରମାଣ କରିଅଛନ୍ତି ।

ଛାୟାର ଆକାର ପ୍ରଶାନ୍ତ, ସରଳ ଏବଂ ସୁନ୍ଦର । ଏଥିରେ କୌଣସି ପ୍ରକାର ବିକାରର ସତ୍ତା ନାହିଁ । ଗର୍ବ, ଦମ୍ଭ ଅଭିମାନ ରୂପ, ଲାବଣ୍ୟ, ଜରା, ଯୌବନ ପ୍ରଭୃତି ଯାହା ଅସତ୍ ତାହା ସବୁ ମନୁଷ୍ୟର ଛାୟା ପରିତ୍ୟାଗ କରିଅଛି । ଛାୟାରେ ରକ୍ତିମା, ପ୍ରୀତିମା ବା ମଳିନମା, ଶୁଷ୍କତା, ପୁଷ୍ଟତା ବା ସିକ୍ତତା କିଛିହିଁ ଲକ୍ଷିତ ହୁଏ ନାହିଁ । କାରଣ ସେ ସବୁ ଅସତ୍ । କିନ୍ତୁ, ଛାୟା ଅସତ୍ ବର୍ଜିତ, ଅତଏବ, ତାହା ସତ୍ । ତାହାହେଲେ କିଣ ଛାୟା ସତ୍ ପଦାର୍ଥ ? ସତ୍ ଓ ଅସତ୍ ମଧ୍ୟରେ ପ୍ରଭେଦ କଣ ? ଗୀତାକାର କହିଅଛନ୍ତି, "ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତ" ଅର୍ଥାତ୍, ଅସତ୍‌ର ସତ୍ତା ବା ଅସ୍ତିତ୍ୱ ନାହିଁ ଏବଂ ସତ୍‌ର ଅଭାବ ବା ଅସତ୍ତା ନାହିଁ । ଛାୟା ଯଦି ଦ୍ରବ୍ୟର ଅଭାବ ହେଲା ତାହାହେଲେ ତାହା ସଜ୍ଞାନୁସାରେ ଅସତ୍ ; କିନ୍ତୁ ଯଥାର୍ଥରେ ତାହା କଣ ! ତେବେ କଣ ଏ ଜଡ଼ଜଗତ୍ ସତ୍ ? ନା, ତାହା ନୁହେ । ଏହି ପରିବର୍ତ୍ତନଶୀଳ ସ୍ଥୂଳଜଗତ୍ ଯଥାର୍ଥରେ ଅସତ୍ । ଏହାର ଅସ୍ତିତ୍ୱ ଛାୟାରେ ବିଦ୍ୟମାନ । ଏହି ସ୍ଥୂଳ ଜଡ଼ର ସ୍ଥୂଳତାଦି ନଷ୍ଟ ହେଲେ ସୁଦ୍ଧା ସୂକ୍ଷ୍ମ ଛାୟା ନଷ୍ଟ ହେବ ନାହିଁ । ଛାୟା ସେହି ଛାୟା ହୋଇ ରହିବ । ମନୁଷ୍ୟର ସ୍ଥୂଳ ଶରୀର ଅନିତ୍ୟ;କିନ୍ତୁ ସୂକ୍ଷ୍ମ ଶରୀର ମନ ଅନିତ୍ୟ ନୁହେ । ଯାହା ସ୍ଥୂଳ ତାହା ଅନିତ୍ୟ । ଏହି ଛାୟା ପ୍ରତ୍ୟେକର ଅନିତ୍ୟତା ନିତ୍ୟ ଜ୍ଞାପନ କରୁଅଛି । ଯୋଗୀମାନେ କହନ୍ତି, ମୁହୂର୍ତ୍ତେ ଛାୟାପାତରେ ଆୟୁଃ କ୍ଷୟ ହୁଏ । ଯଦି ତାହା ସତ୍ୟ ହୁଏ, ତାହା ହେଲେ ଜଡ଼ର ଏହି ଛାୟାପାତ ତାହାର ନଶ୍ୱରତାର ପରିଚାୟକ । ଛାୟା କେବଳ ଅବିନଶ୍ୱର, ଯାହା ସବୁ ଲୁପ୍ତ ବା ବିନଷ୍ଟ ହୋଇଅଛି ତାହାର ଛାୟା ଅଛି । ମନୋଜଗତର କଥା ଆଲୋଚନା କଲେ ମଧ୍ୟ ଏହି ଛାୟାପାତର ନିଦର୍ଶନ ପାଇବୁଁ । ପିତାର ଛାୟାପାତରେ ପୁତ୍ରର ଉଦୟ ଏବଂ ପିତାର କ୍ଷୟ ଲକ୍ଷିତ ହୁଏ । ଏଥିପାଇଁ ଶାସ୍ତ୍ରରେ କଥିତ ଅଛି ଯେ, ପିତା ପୁନଃ ପୁନଃ ପୁତ୍ର ରୂପରେ ଜାୟା ଗର୍ଭରେ ଜାତ ହୁଅନ୍ତି । "ଆତ୍ମା ବୈ ଜାୟତେ ପୁତ୍ରଃ" ସେହିପରି ଗୁରୁଙ୍କର ଛାୟା ଅନ୍ତେ-ବାସୀଠାରେ ପତିତ ହୁଏ । ଯୁବତୀ ଅନିତ୍ୟ ଯୌବନ ହରାଏ ସତ୍ୟ; କିନ୍ତୁ ସେ ଯୌବନର ଛାୟା ତାହାର କନ୍ୟାଠାରେ ପ୍ରତିବିମ୍ବିତ ହୁଏ । ପୂର୍ବ ପୁରୁଷଙ୍କର ଛାୟା ସେହିପରି ଭାବୀ ବଂଶଧରଗଣଙ୍କ ଉପରେ ଅଂଶତଃ ପତିତ ହେଉଥାଏ । ଛାୟା ପତିତ ନ ହେଲେ, ପୂର୍ବ-ଭାବାପନ୍ନ ହେବା ଅସମ୍ଭବ । ଛାୟାହିଁ ମୃତ୍ୟୁସଞ୍ଜୀବନୀ । ଏହାର ରହସ୍ୟ ବୁଝିବା ବଡ଼ କଠିନ । ଜୀବର ମରଣାନ୍ତେ ବୋଧହୁଏ ତାହାର ସୂକ୍ଷ୍ମଶରୀର ବା ଛାୟା ଏହି ଛାୟା-ଜଗତରେ ସୁଖରେ ବିଚରଣ କରେ । ଅତଏବ ଏହି ଛାୟା-ଜଗତରେ ବହିର୍ଜଗତର ସମସ୍ତ ଛାୟାଂଶ ବିଦ୍ୟମାନ । ଏହି ଛାୟାରେ ଯଥାର୍ଥ ସତ୍ତା, ଛାୟାହିଁ ଜୀବନର ପରିଣାମ । ଅତଏବ ଛାୟା ଆମ୍ଭମାନଙ୍କର ଆଦର୍ଶ । ଆଦର୍ଶ ଜୀବନ ଲାଭ କରିବାକୁ ହେଲେ ଏହି ଛାୟାପରି ସର୍ବତ୍ୟାଗୀ ହୋଇ ଶାନ୍ତ, ଶୁଦ୍ଧ, ନିର୍ବିକାର ହେବାକୁ ହେବ । ଯାହା ଛାୟାରେ ନାହିଁ, ସେସବୁ ବର୍ଜନୀୟ । ଏହି ଛାୟାପ୍ରାପ୍ତି ଜୀବର ଚରମ ଲକ୍ଷ୍ୟ । ପ୍ରତି ମୁହୂର୍ତ୍ତେ ଏହି ଛାୟାର ଖେଳାରୁ ଭଗବାନଙ୍କର ବିଚିତ୍ର ଲୀଳାର ଉପଲବ୍ଧି କରିବାକୁ ହେବ । ଏହି ଛାୟା ଆମ୍ଭମାନଙ୍କୁ ଯଥେଷ୍ଟ ଶିକ୍ଷା ଦେବ । ଏହାକୁ ଅନୁସରଣ କଲେ ଏହା ଅବଶ୍ୟ ସନ୍ମାର୍ଗ ପ୍ରଦର୍ଶନ

Digitized by srujanika@gmail.com

କରିବ । ଅତଏବ ଆମ୍ଭମାନଙ୍କ ଶରୀର ସହିତ ନିତ୍ୟ ସମ୍ବନ୍ଧ ଏହି ଛାୟାକୁ କେବଳ ପ୍ରତିବିମ୍ବ ବୋଲି ସ୍ୱୀକାର କରି ନିଶ୍ଚିନ୍ତ ହେବା ଆମ୍ଭମାନଙ୍କର ଉଚିତ୍ ନୁହେ । ଏହାର ତତ୍ତ୍ୱ ଅନୁଧ୍ୟାନ କଲେ ଯଥେଷ୍ଟ ସୁଖ ଓ ଆନନ୍ଦ ମିଳିବ, ହିନ୍ଦୁମାନେ ଛାୟାର ବଡ ପକ୍ଷପାତୀ, ଛାୟା ହିନ୍ଦୁ ସମାଜର ପରିଚିତ । ଏହାକୁ ହେୟଜ୍ଞାନ କରିବା ହିନ୍ଦୁର କଦାପି ଉଚିତ ନୁହେ । ଛାୟା ହିନ୍ଦୁର ଦେବୀ—

"ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ
ଯା ଦେବୀ ସର୍ବଭୂତେଷୁ ଛାୟାରୂପେଣ ସଂସ୍ଥିତା ।"

ମଙ୍ଗଳ

(ମଙ୍ଗଳର ଅବସ୍ଥିତି—ପୃଥିବୀ ସହିତ ସମ୍ବନ୍ଧ—ଆକୃତି, ଗତି, କକ୍ଷ ଓ ପରିମାଣ ୧୮୯୨ ଅବ୍ଦର ଆବିଷ୍କାର ଏବଂ ଜ୍ୟୋତିର୍ଜ୍ଞମାନଙ୍କର ତତ୍ତ୍ୱ ସମ୍ବନ୍ଧରେ ତର୍କ ।)

ଆମ୍ଭମାନଙ୍କ ଆବାସଭୂତା ପୃଥିବୀ ଯେପରି ଏକ ନିର୍ଦ୍ଦିଷ୍ଟକାଳ ମଧ୍ୟରେ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରେ, ସେହିପରି ଅନ୍ୟ କେତୋଟି ଗ୍ରହ ସ୍ୱ-ସ୍ୱ-କକ୍ଷରେ ପରିଭ୍ରମଣ କରୁଅଛନ୍ତି । ଉକ୍ତ ଗ୍ରହମାନଙ୍କ ମଧ୍ୟରେ ବୁଧ ସୂର୍ଯ୍ୟର ଅତି ନିକଟବର୍ତ୍ତୀ । ସୂର୍ଯ୍ୟଠାରୁ ଯେତେ ଦୂରରେ ବୁଧ ଅବସ୍ଥିତ ତାହାର ପ୍ରାୟ ଦ୍ୱିଗୁଣ ଦୂରରେ ଶୁକ୍ର, ପ୍ରାୟ ତିନିଗୁଣ ଦୂରରେ ପୃଥିବୀ ଏବଂ ପାଞ୍ଚଗୁଣ ଦୂରରେ ମଙ୍ଗଳ ଅବସ୍ଥିତ । ଅତଏବ, ଏହି ପୃଥିବୀର ପଶ୍ଚାତ୍ ଯେଉଁ ଗ୍ରହ ଅଛି, ସେ ହିଁ ମଙ୍ଗଳ । ବୃହସ୍ପତି ପ୍ରଭୃତି ଗ୍ରହମାନଙ୍କର କକ୍ଷ ତାହାର ବହୁ ଦୂରରେ ଅବସ୍ଥିତ । ମଙ୍ଗଳ ସର୍ବାପେକ୍ଷା ପୃଥିବୀର ଅତି ସନ୍ନିକଟ ଥିବାରୁ ତାହା କୁଜ ଅର୍ଥାତ୍ ପୃଥିବୀପୁତ୍ର ନାମରେ ଆଖ୍ୟାତ, ଆଧୁନିକ ପ୍ରସିଦ୍ଧ ଜ୍ୟୋତିର୍ବିଦ୍‌ଗଣ ଏହି ମଙ୍ଗଳ ଗ୍ରହର ଦିଦୃକ୍ଷାରେ ଉତ୍କୃଷ୍ଟତର ବ୍ୟୋମଯାନ ସାହାଯ୍ୟରେ ବହୁବାର ଆକାଶ ମାର୍ଗରେ ବିଚରଣ କରିଅଛନ୍ତି ଏବଂ ତହିଁର ସବିଶେଷ ବିବରଣମାନ ଅନୁମାନଦ୍ୱାରା ଜାଣିବାକୁ ଚେଷ୍ଟା କରୁଅଛନ୍ତି ।

ମଙ୍ଗଳ ଗ୍ରହର ବର୍ଣ୍ଣ ଦଗ୍ଧାଙ୍ଗାରବତ୍ ଲୋହିତ । ତେଣୁ ତାହାକୁ ଏ ଦେଶୀୟ ପ୍ରାଚୀନ ଜ୍ୟୋତିର୍ଜ୍ଞ ପଣ୍ଡିତମାନେ ଅଙ୍ଗାରକ ଆଖ୍ୟା ପ୍ରଦାନ କରିଅଛନ୍ତି । ଏହି ରକ୍ତିମା ସମ୍ବନ୍ଧରେ ପଣ୍ଡିତମାନେ ଏହା ଅନୁମାନ କରନ୍ତି ଯେ, ମଙ୍ଗଳ ସର୍ବଦା ଘନ ବାଷ୍ପରାଶିରେ ଆଚ୍ଛନ୍ନ ହୋଇ ରହିଥିବାରୁ ତାହାର ଜ୍ୟୋତି ଆମ୍ଭମାନଙ୍କୁ ଏପରି ଦିଶେ । ଏହି ଗ୍ରହ ସୂର୍ଯ୍ୟଠାରୁ ପ୍ରାୟ ଚୌଦ କୋଟି ଷାଠିଏ ଲକ୍ଷ ମାଇଲ ଦୂରରେ ଅର୍ଥାତ୍ ପୃଥିବୀର କକ୍ଷଠାରୁ ପ୍ରାୟ ପାଞ୍ଚ କୋଟି ମାଇଲ ଦୂରରେ ଅବସ୍ଥିତ । ଏହାର ବ୍ୟାସ ପରିମାଣ ପ୍ରାୟ ଚାରିହଜାର ଏକଶ ମାଇଲ ଅର୍ଥାତ୍, ପୃଥିବୀର ବ୍ୟାସାର୍ଦ୍ଧ ଅପେକ୍ଷା କିଞ୍ଚିତ୍ ଅଧିକ । ପୃଥିବୀପରି ମଙ୍ଗଳର ମଧ୍ୟ ଆହ୍ନିକ ଏବଂ ବାର୍ଷିକ ଉଭୟବିଧ ଗତି ଅଛି । ସେ ୨୪ ଘଣ୍ଟା ୩୭ କଳା ୨୩ ବିକଳାରେ ଥରେ ଅକ୍ଷୋପରି ଆବର୍ତ୍ତନ କରେ ଏବଂ ଏକ ବର୍ଷ ୩୨୧ ଦିନ ୧୭ ଘଣ୍ଟା ୩୦ କଳା ଅର୍ଥାତ୍ ୬୮୭ ଦିନରେ ସ୍ୱୀୟ କକ୍ଷବାଟେ ଥରେ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରି ଆସେ । ଏଥିରୁ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ ମଙ୍ଗଳର ଗତି ପୃଥିବୀ ତୁଳନାରେ ମନ୍ଥର ଏବଂ ପୃଥିବୀର ଗତି ଦ୍ରୁତତର; କିନ୍ତୁ ମଙ୍ଗଳ ପୃଥିବୀ ପରି ସର୍ବଦା ପଶ୍ଚିମରୁ ପୂର୍ବକୁ ଗତି କରେ ନାହିଁ । କେତେବେଳେ ପଶ୍ଚିମରୁ ପୂର୍ବକୁ

Digitized by srujanika@gmail.com

କେତେବେଳେ ବା ପୂର୍ବରୁ ପଶ୍ଚିମକୁ ଗତି କରେ ଏବଂ କେବେ କେବେ ମଧ୍ୟ ନିଶ୍ଚଳ ଥାଏ । କେତେବେଳେ ମଙ୍ଗଳ ସୂର୍ଯ୍ୟୋଦୟର ବହୁକ୍ଷଣ ପୂର୍ବରୁ ଉଦିତ ହୁଏ, କେବେ ବା ସୂର୍ଯ୍ୟାସ୍ତର ବହୁ କ୍ଷଣପରେ ଅସ୍ତମିତ ହୁଏ ।

ବେଳେ ବେଳେ ମଙ୍ଗଳ ପୃଥିବୀର ସମସୂତ୍ରରେ ଅବସ୍ଥିତ ହୁଏ । ଯେତେବେଳେ ସୂର୍ଯ୍ୟ ଏବଂ ପୃଥିବୀର ସମସୂତ୍ରରେ ମଙ୍ଗଳ ଅବସ୍ଥିତି କରେ, ତେତେବେଳେ ଆମ୍ଭେମାନେ ତାହାକୁ ନିଶୀଥରେ ମସ୍ତକୋପରି ଦେଖି ପାରୁଁ । ଏହି ରୂପେ ମଙ୍ଗଳଗ୍ରହ ସ୍ୱକକ୍ଷରେ ୭୮୦ ଦିନ ଆକାଶ ମଣ୍ଡଳରେ ପରିଭ୍ରମଣକଲେ ପୁଣି ସୂର୍ଯ୍ୟ ଏବଂ ମଙ୍ଗଳ ମଧ୍ୟରେ ପୃଥିବୀର ସମାଗମ ହୁଏ ।

ଖ୍ରୀଷ୍ଟୀୟ ୧୮୯୨ ଅବ୍ଦରେ ମଙ୍ଗଳ ପୃଥିବୀର ଅତି ସନ୍ନିହିତ ହୋଇଥିଲା । ଏହି ଥର ନୂତନ ଯନ୍ତ୍ର ସାହାଯ୍ୟରେ ଯେଉଁ ପର୍ଯ୍ୟବେକ୍ଷଣ ହୋଇଥିଲା, ତହିଁରେ ଜ୍ୟୋତିର୍ବିଦମାନେ ଅନେକ ନୂତନ ତଥ୍ୟ ଆବିଷ୍କାର କରିଅଛନ୍ତି । ମଙ୍ଗଳ ତୁଳନାରେ ଆମ୍ଭମାନଙ୍କର ଆବାସଭୂତା ପୃଥିବୀ ସୂର୍ଯ୍ୟର ନିକଟତର । ଏଣୁ ପୃଥିବୀ ଯେଉଁ ବୃତ୍ତାଭାସ ବା ପ୍ରତିବୃତ୍ତି ପଥରେ ସୂର୍ଯ୍ୟକୁ ପ୍ରଦକ୍ଷିଣ କରେ ତାହା ମଙ୍ଗଳର କକ୍ଷ ଭିତରେ ପଡ଼ିଯାଏ । ଏହି ଦୁହିଙ୍କର ଅବସ୍ଥାନ ଏପରି ବିଚିତ୍ର ଯେ, ମଙ୍ଗଳ ଯେତେବେଳେ ସୂର୍ଯ୍ୟର ନିକଟତମ ସ୍ଥାନ ଅଧିକାର କରେ, ତେତେବେଳେ ପୃଥିବୀ ସୂର୍ଯ୍ୟଠାରୁ ବହୁ ଦୂରରେ ପଡ଼ିଯାଏ । ଗ୍ରହ ଦ୍ୱୟର ଭ୍ରମଣ ପଥବର୍ତ୍ତୀ ଯେଉଁ ଦୁଇ ସ୍ଥାନର ଦୂରତ୍ୱ ସର୍ବାପେକ୍ଷା ଅଳ୍ପ, ଉକ୍ତ ବର୍ଷରେ ସେହିଠାରେ ମଙ୍ଗଳ ଓ ପୃଥିବୀ ପରସ୍ପରକୁ ଭେଟିଥିଲେ ।

ପୃଥିବୀର ଭ୍ରମଣ ପଥ ଯେଉଁ ସମତଳରେ ଅବସ୍ଥିତ ସେଥିରେ ସେ ସରଳରେଖା ଭାବରେ ଗମନାଗମନ କରେ ନାହିଁ, କିନ୍ତୁ ବକ୍ରଭାବରେ ଗତି କରେ । ଏହାର ଅକ୍ଷରେଖା ସମତଳ ସହିତ ୨୩ ଡିଗ୍ରୀ ପରିମିତ କୋଣ କରିଥାଏ ବୋଲି ଜ୍ୟୋତିର୍ବିଜ୍ଞ ପଣ୍ଡିତମାନେ ନିର୍ଦ୍ଦେଶ କରିଅଛନ୍ତି । ଏହି ବକ୍ରତା ଯୋଗୁଁ ପୃଥିବୀରେ ଶୀତ ଗ୍ରୀଷ୍ମାଦି ନାନା ଋତୁର ଆବିର୍ଭାବ ହୁଏ । ମଙ୍ଗଳ ଗ୍ରହରେ ମଧ୍ୟ ସେହିପରି ବକ୍ରତା ଲକ୍ଷିତ ହୋଇଅଛି ଏବଂ ମାଙ୍ଗଳିକ ଦିନ ଓ ପାର୍ଥିବ ଦିନ ମଧ୍ୟରେ ଐକ୍ୟ ନିରୂପିତ ହୋଇଅଛି । ଗଣନାରେ ମାଙ୍ଗଳିକ ଦିନ ପାର୍ଥିବ ଦିନ ଅପେକ୍ଷା ଛୁଳିଶ କଳା (ମିନିଟ୍)ରୁ ଅଧିକ ଦୀର୍ଘ ନୁହେ । ପୃଥିବୀ ସହିତ ମଙ୍ଗଳର କେବଳ ଏହି ବିଷୟରେ ଯେ ଐକ୍ୟ ଅଛି ତାହା ନୁହେ, ବର୍ତ୍ତମାନ ଅନେକ ବିଷୟରେ ଏକତା ଥିବାର ପ୍ରମାଣ ମିଳିଅଛି । ମଙ୍ଗଳର ବ୍ୟାସ ୨୧୦୦ କ୍ରୋଶ ବା ୪୨୦୦ ମାଇଲ; ସୁତରାଂ ପୃଥିବୀ ଅପେକ୍ଷା କ୍ଷୁଦ୍ର, ଗୁରୁତ୍ୱରେ ମଧ୍ୟ ଲଘୁ । ପୃଥିବୀ ତଦୁପରିସ୍ଥ ପଦାର୍ଥକୁ ଯେତେ ବଳରେ ଆକର୍ଷଣ କରେ, ମଙ୍ଗଳ ତାହାର ଦ୍ୱିପଞ୍ଚମାଂଶ ବଳରେ ଟାଣେ । ଅତଏବ ପାର୍ଥିବମାନବ ମଙ୍ଗଳଗ୍ରହ ଉପରେ ଅପେକ୍ଷାକୃତ ଅଧିକ ଊର୍ଦ୍ଧ୍ୱକୁ ଲମ୍ଫ ପ୍ରଦାନ କରିପାରିବ ଏବଂ ତାହାର ହସ୍ତପ୍ରକ୍ଷିପ୍ତ ଲୋଷ୍ଟ୍ର ପୃଥିବୀ ତୁଳନାରେ ଅଢ଼ାଇ ଗୁଣ ଉପରକୁ ଉଠି ଧୀରେ ଧୀରେ ତଳେ ପଡ଼ିବ । ଆଉ ମଧ୍ୟ ପଣ୍ଡିତମାନେ ଗଣନା ଦ୍ୱାରା ସ୍ଥିର କରି ଅଛନ୍ତି ଯେ, ଏକ ମହଣ ପଞ୍ଚତ୍ରିଂଶ ସେରଭାରର ପାର୍ଥିବ ମନୁଷ୍ୟ ସେଠାରେ ଅର୍ଦ୍ଧ ମହଣରୁ ଅଧିକ ହେବ ନାହିଁ ।

ପରୀକ୍ଷାଦ୍ୱାରା ସପ୍ରମାଣ କରା ଯାଇଅଛି ଯେ, ବଡ଼ ବଡ଼ ଜ୍ୟୋତିଷ୍କମାନଙ୍କର ଚତୁଃପାର୍ଶ୍ୱ ଅତିଲଘୁ ବାଷ୍ପ ଦ୍ୱାରା ଆବୃତ । ପୃଥିବୀ ପ୍ରଭୃତି ଯେଉଁ ଗ୍ରହମାନଙ୍କର ଆକର୍ଷଣ ଅପେକ୍ଷାକୃତ ଦୁର୍ବଳ, ସେମାନେ ଏହି ଲଘୁତର ବାଷ୍ପୀୟ ଆବରଣକୁ ନିଜ ନିଜ ଆକାଶମଣ୍ଡଳରେ ଆବଦ୍ଧ ରଖିବାକୁ ଅକ୍ଷମ । ସୁତରାଂ, ଏହି ବାଷ୍ପ ବହୁକାଳରୁ ପୃଥିବୀକୁ ତ୍ୟାଗକରି ମହାକାଶକୁ ଚାଲି ଯାଇଅଛି । ମଙ୍ଗଳ ସମ୍ବନ୍ଧରେ ମଧ୍ୟ ଏହି ଅନୁମାନ ପ୍ରଯୁଜ୍ୟ । ମଙ୍ଗଳର ଆକାଶରେ ପୃଥିବୀବତ୍ ଗୁରୁବାଷ୍ପ

Digitized by srujanika@gmail.com

ଥିବାର ଶଂସିତ ଅବରେ ସପ୍ରମାଣ ହୋଇଅଛି । ଆଜ ମଧ୍ୟ ପୃଥିବୀ ପ୍ରାୟ ସେଥିରେ ଶୀତକାଳ ଉପସ୍ଥିତ ହେଲେ ମେରୁ ପ୍ରଦେଶ ତୁଷାରାଚ୍ଛନ୍ନ ହୋଇଯାଏ । ଗ୍ରୀଷ୍ମକାଳରେ ପୁଣି ତୁଷାରରାଶି ଦ୍ରବୀଭୂତ ହୋଇ ମେରୁର ଶୁଭ୍ରତା ନଷ୍ଟ କରେ । ମେରୁର ଏହି ଶୁଭ୍ର ମୁକୁଟକୁ ଏଥିପୂର୍ବେ ଅନେକ ପଣ୍ଡିତ ଅଙ୍ଗାର ବାଷ୍ପ ବୋଲି ସ୍ଥିର କରିଥିଲେ । ପୃଥିବୀର ଜଳୀୟ ଭୂମି ଓ ସମୁଦ୍ର ଯେପରି ଅଗଭୀର, ମଙ୍ଗଳର ସମୁଦ୍ରମାନ ମଧ୍ୟ ସେହିପରି । ଶୀତ ଉତ୍ତାରେ ବସନ୍ତ ଆସିଲାକ୍ଷଣି ଗଳିତ ତୁଷାର ସ୍ରୋତ ମଙ୍ଗଳର ନିମ୍ନ ଭୂମିକୁ ଜଳପ୍ଲାବିତ କରେ । ଏ ସମ୍ବନ୍ଧରେ କେହି ଆଧୁନିକ ପଣ୍ଡିତ କହନ୍ତି ମଙ୍ଗଳ ଗର୍ଭରୁ ଯେଉଁ ଜଳୀୟ ବାଷ୍ପ ଉଠୁଅଛି, ତାହା ଉନ୍ନତ ମେରୁପ୍ରଦେଶରେ ସଞ୍ଚିତ ହୋଇ ତୁଷାରରାଶି ଉତ୍ପନ୍ନ କରେ; ସେଥିରେ କେତେଗୁଡ଼ିଏ ସୁବିନ୍ୟସ୍ତ ରେଖା ଲକ୍ଷିତ ହୁଏ । ସେଗୁଡ଼ିକର ତଥ୍ୟ ନିରୂପଣ ଲାଗି କେତେ କାଳରୁ ଜ୍ୟୋତିର୍ବିଦମାନଙ୍କର ଗବେଷଣା ଲାଗିଅଛି ।

ଦୂରବୀକ୍ଷଣଯନ୍ତ୍ର ସାହାଯ୍ୟରେ ନିରୀକ୍ଷଣ କରି ଜଣେ ଜ୍ୟୋତିର୍ବିଦ୍ ତତ୍ସମ୍ବନ୍ଧରେ ଏହି ମତ ପ୍ରକାଶ କରି-ଅଛନ୍ତି ଯେ, ଏହି ରେଖାଗୁଡ଼ିକ ମଙ୍ଗଳ ଅନ୍ତର୍ଗତ ବଡ଼ ବଡ଼ ଖାଲ ଭିନ୍ନ ଆଉ କିଛି ନୁହେ । ତୁଷାର ଗଳିତ ଜଳକୁ ମେରୁପ୍ରଦେଶରୁ ଦୂରକୁ ନେଇ ଯିବାପାଇଁ ମାଙ୍ଗଳିକ ପ୍ରାଣିଗଣ ବୋଧହୁଏ ଏହି ଖାତଗୁଡ଼ିକ ନିର୍ମାଣ କରିଅଛନ୍ତି । ଏହି ଯୁକ୍ତି ଉପରେ ନିର୍ଭରକରି ସେମାନେ ଏହା ମଧ୍ୟ ପ୍ରକାଶ କରୁଅଛନ୍ତି ଯେ, ମଙ୍ଗଳରେ ପୃଥିବୀର ମନୁଷ୍ୟ ଅପେକ୍ଷା ଅଧିକ ବୁଦ୍ଧିମାନ୍ ପ୍ରାଣୀ ବାସ କରୁଅଛନ୍ତି । ମଙ୍ଗଳସ୍ଥ କୃଷ୍ଣ ରେଖା-ମାନ ନିଶ୍ଚୟ ଜଳପ୍ରଣାଳୀ, ଏଥିରେ ସନ୍ଦେହ କରିବାର କାରଣ ନାହିଁ । ଜ୍ୟୋତିର୍ବିଦମାନେ କହନ୍ତି, ତୁଷାର ଜଳରେ ଖାଲଗୁଡ଼ିକ ପୂର୍ଣ୍ଣ ହୋଇଗଲେ ଉଭୟ ତଟର ସିକ୍ତ ମୃତ୍ତିକାରେ ଯେଉଁ ବର୍ଦ୍ଧିଷ୍ଣୁ ଉଦ୍ଭିଦମାନ ଉତ୍ପନ୍ନ ହୁଏ, ସେ ସବୁ ଉକ୍ତ ଖାଲକୁ ସ୍ପଷ୍ଟ କରି ଦେଖାଇ ଦିଏ । ଏହି ମତ ବିରୁଦ୍ଧରେ କେହି କେହି ପଣ୍ଡିତ ଏପରି କହିଥାନ୍ତି ଯେ, ଯେଉଁ ପ୍ରାକୃତିକ ଶକ୍ତି ପ୍ରଭାବରେ ନିର୍ଜୀବ ଚନ୍ଦ୍ର ମଧ୍ୟରେ ଅନେକ କୃଷ୍ଣରେଖା ଦୃଷ୍ଟ ହୁଏ, ସେହି କାରଣରୁ ମଧ୍ୟ ମଙ୍ଗଳରେ ଦେଖା ଯାଇଥାଏ । ଜଳ-ସ୍ଥଳନା ଲାଗି ଯଦି ଖାଲ ଖୋଳା ହୋଇଥାଏ, ତାହା ହେଲେ ଏହି ସବୁ ଖାତ ଖନନର କୌଣସି ସାର୍ଥକତା ନାହିଁ । ଆଜ ମଧ୍ୟ ଯେଉଁ ପ୍ରାଣୀ ସମୁଦ୍ର ଗର୍ଭରେ ଖାଲ ଖୋଳି ପାରେ, ତାହାକୁ କଦାପି ସୁବୁଦ୍ଧିମାନ୍ ପ୍ରାଣୀ ବୋଲିଯିବ ନାହିଁ । ମଙ୍ଗଳ ଗ୍ରହ କୌଣସି ବୁଦ୍ଧିମାନ୍ ପ୍ରାଣୀଙ୍କଦ୍ୱାରା ଅଧ୍ୟୁଷିତ କି ନୁହେ, ତାହା ବର୍ତ୍ତମାନ ଜ୍ୟୋତିଃଶାସ୍ତ୍ରଜ୍ଞମାନଙ୍କର ଉଦ୍ଦେଶ୍ୟ ରହିଅଛି । ପୁନର୍ବାର ମଙ୍ଗଳ ପର୍ଯ୍ୟବେକ୍ଷଣର ସୁଯୋଗ ଆସିଲେ ଅବଶ୍ୟ ଅନେକ ରହସ୍ୟ ଉଦ୍‌ଘାଟିତ ହେବ ଏବଂ ସୃଷ୍ଟିକର୍ତ୍ତା-ଙ୍କର ସୃଷ୍ଟି ବୈଚିତ୍ର୍ୟ କ୍ରମେ ଏ କ୍ଷୁଦ୍ର ମାନବର ମାନସ-ଗୋଚର ହେବ ।

Digitized by srujanika@gmail.com

ସନ୍ତୋଷ

(ଉପକ୍ରମଣ — ସନ୍ତୋଷର ଉପକାରିତା — ସନ୍ତୋଷ ଲାଭର ଉପାୟ ଏବଂ ଉପସଂହାର)

"ଯଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ ।
ସମଃ ସିଦ୍ଧା ବସିଦ୍ଧୌ ଚ କର୍ମଭିର୍ନସ ବଧ୍ୟତେ ।" ଗୀତା ।

ଦୈବଗତିରେ ଯାହା ମିଳେ, ସେଥିରେ ଯେ ତୃପ୍ତ ହୁଅନ୍ତି ଏବଂ ସୁଖ ଦୁଃଖରେ ଲିପ୍ତ ନ ହୋଇ ଯେ ବିଦ୍ୱେଷଭାବ ବର୍ଜନ କରିଥାନ୍ତି, ଯାହାଙ୍କର କାର୍ଯ୍ୟସିଦ୍ଧି ବା କାର୍ଯ୍ୟନାଶ ଉଭୟରେ ସମାନ ଭାବ ଥାଏ ସେ ଯଥାର୍ଥ ସନ୍ତୋଷ ଉପଭୋଗ କରନ୍ତି । ତାଦୃଶ ପୁରୁଷ ସଂସାରର କର୍ମ ଜଞ୍ଜାଳରେ ଆଉ ଆବଦ୍ଧ ହୋଇ ପାରନ୍ତି ନାହିଁ । ସନ୍ତୁଷ୍ଟ ଲୋକର ଜୀବନ ସର୍ବଦା ସୁଖମୟ । ଯଦି ସଂସାରରେ ସମସ୍ତେ ସନ୍ତୋଷ ବୃତ୍ତିକି ହୃଦୟରେ ଧାରଣ କରି ପାରନ୍ତେ, ତାହା ହେଲେ ଆଉ ଏତେ ଦୁଃଖ ହାହାକାର ଶୁଣାଯାନ୍ତା ନାହିଁ । ଜଣେ ଦରିଦ୍ର ବ୍ୟକ୍ତି କେବଳ ସନ୍ତୋଷ ଯୋଗେ ଯେ ପରମ ସୁଖ ବା ଆନନ୍ଦ ଅନୁଭବ କରେ, ତାହା ଜଣେ ରାଜା ବା କୋଟୀଶ୍ୱର ସ୍ୱପ୍ନରେ ସୁଦ୍ଧା ପାନ୍ତି କି ନାହିଁ ସନ୍ଦେହର ବିଷୟ । ଅନ୍ତରରେ ସନ୍ତୋଷ ଥିଲେ, ନୃପ ଭିକ୍ଷୁକ, ଯୋଗୀ ଭୋଗୀ ଏକାପରି ସୁଖୀ । ଜଣେ ମୁଖ୍ୟ ଦୁକୂଳରେ ଯେପରି ସନ୍ତୁଷ୍ଟ, ଅନ୍ୟ ବୃକ୍ଷ ବଲ୍କଳରେ ସେହିପରି ତୁଷ୍ଟ, ଜଣକର ଦ୍ୱିତଳ ପ୍ରାସାଦରେ କୋମଳ ତୁଳୀ ତଳ୍ପରେ ଯେ ପରିତୋଷ ଅନ୍ୟର ବୃକ୍ଷ ତଳେ ସାମାନ୍ୟ ତୃଣଶଯ୍ୟାରେ ମଧ୍ୟ ସେହିପରି ତୋଷ; ବିବିଧ ଚର୍ବ୍ୟ ଚୋଷ୍ୟ ଲେହ୍ୟ ପେୟରେ ରାଜାଙ୍କର ଯେ ତୃପ୍ତି ସାମାନ୍ୟ ଶାକାନ୍ନରେ ମଧ୍ୟ ଦରିଦ୍ରର ସେହିପରି ତୃପ୍ତି । ତେବେ ଧନୀ ଦରିଦ୍ର ମଧ୍ୟରେ ଆଉ ପ୍ରଭେଦ କଣ ? ଯେ ସନ୍ତୋଷ-ଧନ ଅର୍ଜନ କରିଅଛି, ତାକୁ କଦାପି ଦରିଦ୍ର ବୋଲିଯାଇ ନ ପାରେ ? ସେ ଐଶ୍ୱର୍ଯ୍ୟଶାଳୀ ଅପେକ୍ଷା ବହୁ ଗୁଣରେ ସୁଖୀ । ତେବେ ଦରିଦ୍ର କିଏ ? ଯାହାର ଆଶା ବା ତୃଷ୍ଣା ଅଧିକ । ଏହି ତୃଷ୍ଣା ଯୋଗେ ସଂସାରରେ ଧନୀ ଦରିଦ୍ର ଭେଦ ରହିଅଛି । ମନରୁ ତୃଷ୍ଣାକୁ ଦୂରକରି ନ ପାରିଲେ ଲୋକ ଆପଣାର ଦୁଃଖକୁ କଦାପି ଦୂର କରି ପାରିବ ନାହିଁ । ଯୋଗୀମାନେ ଅଭ୍ୟାସ ବଳରେ ଏହି ତୃଷ୍ଣାକୁ କ୍ରମଶଃ ତ୍ୟାଗ କରି ଉତ୍ତରୋତ୍ତର ସୁଖ ଲାଭ କରୁଥାନ୍ତି ଏହି ତୃଷ୍ଣା ପରିତ୍ୟାଗ ହିଁ ସନ୍ତୋଷ ।

ଅନେକ ସନ୍ତୋଷ ଏବଂ ତୃପ୍ତି ଏକ ବୋଲି ମନେ କରନ୍ତି; କିନ୍ତୁ ଏ ଦୁଇ ମଧ୍ୟରେ ଅତି ସୂକ୍ଷ୍ମ ପ୍ରଭେଦ ଅଛି । ମନୁଷ୍ୟ ଯାହା ଯାହା ଖୋଜେ ତାହା ପାଇଲେ ତାହାର ତୃପ୍ତି ଜନ୍ମେ । ସୁତରାଂ, ତାହା ଆରୋପିତ ବୃତ୍ତି ମାତ୍ର, ତାହା ବାହ୍ୟ ବସ୍ତୁ ଉପରେ ନିର୍ଭର କରେ; କିନ୍ତୁ ସନ୍ତୋଷ ତାହା ନୁହେ ! ଅଧିକ ନ ଲୋଡ଼ିବା ବା ଆଶା ନ କରିବାର ବୃତ୍ତିହିଁ ସନ୍ତୋଷ, ଏହା ଆଭ୍ୟନ୍ତରୀଣ ।

ଆମ୍ଭେମାନେ ସର୍ବଦା ନାନାପ୍ରକାର ଆଶା କରିଥାଉଁ, ଗୋଟିଏ ପୂର୍ଣ୍ଣ ନ ହେଉଣୁ ଆଉ ଗୋଟିଏ ଆସି ଦେଖା ଦିଏ; କିନ୍ତୁ ସେଥି ମଧ୍ୟରୁ ଅତିଅଳ୍ପ ଫଳବତୀ ହୋଇଥାଏ । ଆଶା ପୂର୍ଣ୍ଣ ନ ହେଲେ, କାହାର ଅସନ୍ତୁଷ୍ଟ ହେବା ଉଚିତ ନୁହେ । ଲୋକର ଉଚ୍ଚ ଆକାଙ୍କ୍ଷା ବାଞ୍ଛନୀୟ ସତ୍ୟ, କିନ୍ତୁ ପୂର୍ଣ୍ଣକାମ ନ ହେଲେ ସେ ଅସନ୍ତୁଷ୍ଟ ହୁଏ, ନିଶ୍ଚୟ ସେ ଘୋର ଦୁଃଖ ଭୋଗ କରିବ । ଅସନ୍ତୁଷ୍ଟ ଲୋକ ଉତ୍ତମ ଅବସ୍ଥାପନ୍ନ ପ୍ରତିବାସୀ ଲୋକ ପ୍ରତି ଈର୍ଷାପରବଶ ହୁଏ । ଏହି ଈର୍ଷାଦ୍ୱାରା ତାହାର ଶରୀରକ୍ଷୟ ଭିନ୍ନ ଆଉ କିଛି ଫଳ ହୁଏନାହିଁ ।

Digitized by srujanika@gmail.com

ବରଂ ସେ ମନରେ ଶାନ୍ତିଭଙ୍ଗ କରି ଜୀବନ୍ତ ଅବସ୍ଥାରେ ମୃତ୍ୟୁଯନ୍ତ୍ରଣା ଭୋଗ କରେ । ଅତଏବ, ପ୍ରତ୍ୟେକଙ୍କର ଆପଣାର ଉପସ୍ଥିତ ଅବସ୍ଥାରେ ସନ୍ତୁଷ୍ଟ ରହିବା ଉଚିତ । ସନ୍ତୁଷ୍ଟର ହୃଦୟରେ ଶାନ୍ତି ଜନ୍ମେ; ସେ ବିନୟ କୃତଜ୍ଞତା ପ୍ରଭୃତି ସଦ୍‌ଗୁଣରେ ଭୂଷିତ ହୁଏ ଏବଂ ବିଶ୍ୱ-ପ୍ରେମିକ ହୋଇ ଭଗବଦ୍ ଭକ୍ତି ଲାଭ କରେ । ଅସନ୍ତୁଷ୍ଟ ଯାବତ୍ କୁକର୍ମ ଓ ପାପର ଆବର୍ତ୍ତରେ ପଡ଼ି ଆତ୍ମାର ମହତ୍ତ୍ୱ ହରାଏ ଏବଂ ପୁଣ୍ୟଚରିତ୍ରର ଉଜ୍ଜ୍ୱଳ ପଥ ହରାଇ କ୍ରମେ ସ୍ୱର୍ଗରୁ ନରକଆଡ଼କୁ ଅଗ୍ରସର ହେଉଥାଏ ।

ସନ୍ତୋଷ ଲାଭ କରିବାକୁ ହେଲେ, ସାଧୁଭାବରେ ଜୀବନଯାପନ କରିବାକୁ ହେବ । "କର୍ମଣ୍ୟେ-ବାଧିକାରସ୍ତେ ମା ଫଳେଷୁ କଦାଚନ" ଗୀତାର ଏହି ବଚନ ସ୍ମରଣ କରି କେବଳ ଫଳାପେକ୍ଷୀ ନ ହୋଇ କର୍ମ ସାଧନକଲେ ହୃଦୟ ମଧ୍ୟରେ ସନ୍ତୋଷ ବିରାଜ କରେ । ସନ୍ତୋଷଲାଭର ପ୍ରଥମ ଉପାୟ ଏହି ଯେଉଁ ଲୋକ ଅସନ୍ତୁଷ୍ଟ ହୁଅନ୍ତି, ତାହାଙ୍କର ଭାବିବା ଉଚିତ ତାଙ୍କଠାରୁ ଆଉ କେତେ ଅଧିକ ଦୁଃଖୀ ଓ ଅଭାବଗ୍ରସ୍ତ ବା ହତାଶ ଲୋକ ଏ ସଂସାରରେ ଅଛନ୍ତି । ଉଚ୍ଚତର ଲୋକମାନଙ୍କ ଅବସ୍ଥା ପ୍ରତି ଦୃଷ୍ଟି ନ ଦେଇ ସର୍ବଦା ତଳଆଡ଼କୁ ଚାହିଁଲେ ଆଉ ଅସନ୍ତୋଷ ହୃଦୟରେ ସ୍ଥାନ ପାଇବ ନାହିଁ । କାଳକ୍ରମେ ଶାନ୍ତି ସେ ସ୍ଥାନକୁ ଅଧିକାର କରିବ । ଏ ବିଷୟରେ ଅନ୍ଧର ସେ ଉକ୍ତି ବଡ଼ ଶିକ୍ଷାପ୍ରଦ ହେବ । ଜଣେ ଅନ୍ଧ ନିତ୍ୟ ମହୋଲ୍ଲାସରେ ଗାନ କରି ରାଜାଧିରାଜଙ୍କଠାରୁ ବଳି ସୁଖଶାନ୍ତି ଅନୁଭବ କରୁଥିଲା, ତାହା ଆଗରେ ଜଣେ ଦୁଷ୍ଟ ଗର୍ବୀ ଚତୁର୍ଦ୍ଦିଗର ସୁନ୍ଦର ଦୃଶ୍ୟ ଓ ଶୋଭାସମ୍ପଦମାନଙ୍କର ବର୍ଣ୍ଣନାକରି ବାହାଦୁରି ଦେଖାଉଥିଲା । ଅନ୍ଧ ପ୍ରତ୍ୟୁତ୍ତରରେ କହିଲା—ଯାହା ମୋହର ନାହିଁକି ହୋଇ ପାରିବ ନାହିଁ, ତାହା କହି ମୋହର ଶାନ୍ତି ଭଙ୍ଗକରି ନାହିଁ । ମୁଁ ଏହି ଗାନ କରି ରାଜସୁଖ ଭୋଗ କରୁଅଛି । ଯଥାର୍ଥରେ ଅନ୍ଧର ଆନନ୍ଦ ଚିତ୍ତଶାନ୍ତି ଚକ୍ଷୁଷ୍ମାନଠାରୁ ଅଧିକ । ପ୍ରତ୍ୟେକର ଏହି ଅନ୍ଧ ପରି ଚିତ୍ତଶାନ୍ତି ଅର୍ଜ୍ଜନ କରିବା ଉଚିତ । ଏହାରି ଉପରେ ମନୁଷ୍ୟର ସମସ୍ତ ସୁଖ ନିର୍ଭର କରେ । ତେଣୁ ସମସ୍ତ ଚିନ୍ତାଶୀଳ ଲୋକେ କହିଅଛନ୍ତି ଯେ, 'ସନ୍ତୋଷଠାରୁ ବଳି ପରମ ସୁଖ ଆଉ ନାହିଁ ।'

Digitized by srujanika@gmail.com

ଅଦ୍ଭୁତ ପରିଣାମ

ADBHUTA PARINAM

Late Pt. Mrutyunjaya Rath

୬୮

Digitized by srujanika@gmail.com

ଉତ୍ସର୍ଗ

ଉତ୍କଳର
ଉପନ୍ୟାସ-ବିଧାତା
ବ୍ୟାସକବି ଶ୍ରୀ ଫକୀରମୋହନ ସେନାପତିଙ୍କ
ଶ୍ରୀକରକମଳରେ ଏହି କ୍ଷୁଦ୍ର ପୁସ୍ତିକା ଖଣ୍ଡି
ଆନ୍ତରିକ ଭକ୍ତିର ନିଦର୍ଶନସ୍ୱରୂପ
ଅର୍ପିତ ହେଲା ।

Digitized by srujanika@gmail.com

ଭୂମିକା

ମୂଳରୁ ମୁଁ ଉପନ୍ୟାସପ୍ରିୟ ନୁହେଁ । କେବେ ହେଲେ ଗୋଟିଏ ଗଳ୍ପ ସୁଦ୍ଧା ଲେଖି ନାହିଁ । କିଛିକାଳ ପୂର୍ବେ ଗୋଟିଏ ସତ୍ୟ ଘଟଣାରେ ଉତ୍ତେଜିତ ହୋଇ ହଠାତ୍ ଏ ଗଳ୍ପଟି ହସ୍ତାଭ୍ୟାସସ୍ୱରୂପ ଲେଖିଥିଲି । ଏହା ରେଭେନ୍‌ସା କଲେଜିଏଟ୍ ସ୍କୁଲର ଛାତ୍ରମାନଙ୍କ ହସ୍ତଲିଖିତ 'ଛାତ୍ରବନ୍ଧୁ' ନାମକ ମାସିକ ପତ୍ରିକାରେ କ୍ରମଶଃ ବାହାରିଥିଲା । ଏହା ଯେ ପୁସ୍ତକାକାରରେ ପ୍ରକାଶିତ ହେବ, ଏହା ମୁଁ କେବେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନାହିଁ । ଉକ୍ତ ପତ୍ରିକାର ପାଠକ କେତେଜଣ ଛାତ୍ରଙ୍କ ନିର୍ବନ୍ଧାତିଶୟ ଏବଂ ଉଦ୍‌ଯୋଗରେ ଏହା ବର୍ତ୍ତମାନ ମୁଦ୍ରିତ ହେଲା । ତେଣୁ ମୋହର ଦାୟିତ୍ୱ ଅଂଶତଃ ବିଭକ୍ତ ହୋଇଯିବାରୁ ମୁଁ ପାଠକ-ସମାଜ ସମକ୍ଷରେ ନାମ ପ୍ରକାଶ କରିବାକୁ ସାହସୀ ହେଲି । ବିଜ୍ଞ ପାଠକମାନଙ୍କଠାରୁ କ୍ଷମା ନ ପାଇବାଯାଏ ମୋହ ମନରେ ଶାନ୍ତି ନାହିଁ । ଛାତ୍ରମାନେ ଏହାର ପ୍ରକାଶରେ ଆଗ୍ରହୀ ହୋଇଅଛନ୍ତି । ସେମାନଙ୍କର ଯଦି ଏହା ପଢ଼ି କିଛି ଶିକ୍ଷା ହୁଏ, ତାହାହେଲେ ମୋହର ଶ୍ରମ ପଣ୍ଡ ହେବନାହିଁ ବୋଲି ବିଶ୍ୱାସ ।

ତା ୧୩ । ୪ । ୧୯୧୫
କଟକ

ଗ୍ରନ୍ଥକାର

Digitized by srujanika@gmail.com

ଅଦ୍ଭୁତ ପରିଣାମ

ପ୍ରଥମ ପରିଚ୍ଛେଦ

ବାଲୁବଜାର ଛକ—ପାଦ୍ରି ସାହେବ

ଆଜକୁ ଅନ୍ଦାଜ ପଚାଶ ବର୍ଷ ତଳର କଥା—ଦିନେ ବେଳ ବୁଡ଼ିବାକୁ ଘଡ଼ିଏ ଖଣ୍ଡେ ଅଛି, ଛକଟାରେ ଭାରି ଚହଳ ପଡ଼ିଛି । ମଣ୍ଡଳାକାରରେ କେତେଗୁଡ଼ିଏ ଲୋକ ସାପୁଆ କେଳାକୁ ଘେରିଥିଲା ପରି ଠିଆ ହୋଇଛନ୍ତି । ଜଣ କେତେ ମଧ୍ୟ ବସି ପଡ଼ିଛନ୍ତି—କେହି କେହି ବା ଦୋକାନ ପଟାରେ ଅଣ୍ଟାଭରା ଦେଇ ରହି ଯାଇଛନ୍ତି । ଥୋକାଏ ଦୋକାନରେ ସଉଦାକଣା ଛାଡ଼ି ଏକଆଖିଆ ହୋଇ କଣ ଦେଖୁଛନ୍ତି । ମଧ୍ୟେ ମଧ୍ୟେ ଅଶ୍ଵଶକଟର ଘର୍ଘରଶବ୍ଦ ସଙ୍ଗେ ସାରଥିର ହେଇଓ—ହେଇଓ—ବିକଟ ଚିତ୍କାର ଶୁଣି ସେ ଦଳରୁ ଜଣକେତେ ଏଣେ ତେଣେ ପୃଷ୍ଠଭଙ୍ଗ ଦେଉଛନ୍ତି । ବେଳେ ବେଳେ କାହାକୁ ମଧ୍ୟ ଧକ୍କା ଉପହାର ଦେଇ ପେଲ ଦେବାକୁ ହେଉଅଛି । ଏଥି ଭିତରେ ଗୋଟିଏ ଦୁଇଟି କୁକୁର ମଧ୍ୟ ଆସି ଉଚ୍ଚସ୍ଵରରେ ବୀରରସର ବକ୍ତୃତା କରି ପ୍ରହାର ପୁରସ୍କାର ସହ ଚାଲି ଯାଉଅଛନ୍ତି । ଅଧିକାଂଶ ଲୋକଗୁଡ଼ାକ କଳାମୁଣ୍ଡିଆ; ଅଶିକ୍ଷିତ—ଅଧା-ପାଠୁଆ ଆଉ ମଫସଲିଆ । ମଝିରେ ଗୋଟିଏ ଧଳାପୋଷାକ ସେଣ୍ଟ୍. ଧୂଳିମିଶା ମଳୀମସ ପୋଷାକଗୁଡ଼ା ମଧ୍ୟରେ 'ବକ ମଧ୍ୟେ ହଂସ ପ୍ରାପ୍ତ' ଦିଶୁଅଛି । ଖଣ୍ଡେ ଖଣ୍ଡେ କମିଜ ଗଳାଇ ଦୁଇ ଚାରି ଚପମାଧାରୀ ମଧ୍ୟ ସେଣ୍ଟ-ଠାରେ ଉପହାସବ୍ୟଞ୍ଜକ ସ୍ମିତ ମୁଖଟା ମହିଷବତ୍ ଉପରକୁ ଟେକି ଟିକିଏ ସେଆଡ଼କୁ, ଟିକିଏ ପୁଣି ବନ୍ଧୁ ଆଡ଼କୁ ଚୂର୍ଣ୍ଣ ସ୍ମିତବକାଶରେ କେତେ କଣ ସଙ୍କେତ କରୁଅଛନ୍ତି । ପାଖକୁ ଆସି ଦେଖାଗଲା, ଖଡ଼ିଶୈଳର ଗୋଟିଏ ରାଜଶିଳା ପରି—ଅଥବା ଶଙ୍ଖମଲମଲ ପଥରର ଗୋଟିଏ ଉଭାମୂର୍ତ୍ତି ପରି ଜଣେ ଗୌରାଙ୍ଗ ବା ଧବଳାଙ୍ଗ ପୁରୁଷ ଦଣ୍ଡାୟମାନ । ଧବଳପୋଷାକ ଉପରେ କୃଷ୍ଣାଭ ଲମ୍ବ ଶ୍ମଶ୍ରୁ ବଢ଼ି ମାନୁଛି । କବିଙ୍କ ଭାଷାରେ କୈଳାସଶୃଙ୍ଗରେ ଖଣ୍ଡେ କଳାମେଘ ଲାଗି ଯାଇଥିଲା ପରି ଦିଶୁଅଛି । ସାହେବ ଧୀର ଗମ୍ଭୀର-ଭାବରେ ଉଭା—ଉଭୟ ପାର୍ଶ୍ଵରେ ଦୁଇ ଜଣ କୃଷ୍ଣାଙ୍ଗ ଏକ ରେଖାରେ ଦଣ୍ଡାୟମାନ । ନାସିକା ତଳେ ପଟାଏ ପଟାଏ ଛଟା ନଶ—ପାଦରେ ଯୋଡ଼ାଏ ଚକ୍ଘସା କାନବସ ଯୋତା । କଟିଦେଶରେ ଖଣ୍ଡେ ଖଣ୍ଡେ ବାଇଶିଶ ଏକାଶୀ ନମ୍ବରର ଗୋଷ୍ଟମାର୍କା ଧୋତି ଘେର ଖାଇଛି । ଦେହରେ ଜଣକର କାଲର ଲଗା ଖଣ୍ଡିଏ କମିଜ—ଆଉ ଜଣକର ମାଟିଆ ରଙ୍ଗର ଦଫାଦାରି କୋଟ । ତିନିଙ୍କ ହାତରେ ତିନି ଖଣ୍ଡି ବହି ମେଲା ହୋଇ ରହିଅଛି ଏବଂ ସେଥିରୁ ବକ୍ତୃତାର ପୂର୍ବରଙ୍ଗ ସ୍ଵରୂପ ଭକ୍ତିସଙ୍ଗୀତ ବୋଲା ଯାଉଅଛି । ସାହେବଙ୍କର କଟକଟାସ୍ଥିତ ଗୀତ ସ୍ଵରକୁ ସେ ଦୁଇଜଣ ଯାକ ପାଲରେ ପାଳିଆ ଗାୟକର ସ୍ଵରକୁ ଛଡ଼ାଇ ନେଲା ପରି ସଙ୍ଗେ ସଙ୍ଗେ ସାହେବଙ୍କ

Digitized by srujanika@gmail.com

ଭୁଣ୍ଡରୁ ଛଡ଼ାଇ ନେଇ ସମସ୍ୱରରେ ଗାଉଅଛନ୍ତି । ଆମ୍ଭେମାନେ ଗଲାବେଳକୁ ଗୀତ ପ୍ରାୟ ସରି ଆସିଥିଲା । ଭାଗ୍ୟକୁ ଯେଉଁ ପଦକ ଶୁଣାଗଲା, ତାହା ଶେଷ ପଦ, କି (ଘୋଷା) ଧ୍ରୁବପଦ, କହି ପାରିବୁଁ ନାହିଁ—ତେବେ ସାହେବ ତାଙ୍କର କପିଳ-ଡୋଳା ଯୋଡ଼ିକ ଉପରକୁ ଖୋଷିଦେଇ ଭାବନାସ୍ତିମିତନେତ୍ରରେ ଏତିକ ଗାଉ-ଥିଲେ—ଶୁଣିଅଛୁଁ ।

ସେ ଯିଶୁ ପ୍ରାଣପତି ଦିଅନ୍ତି ଶାନ୍ତି
ତାଙ୍କୁ ସମର୍ପ ଦେହପ୍ରାଣ କାନ୍ତି ।

ଏହି ପଦକ ପରେ ଘୋଷା—
ନାହିଁ ନାହିଁ ଅନ୍ୟ ଗତି
ମନ କର ଯିଶୁଖ୍ରୀଷ୍ଟର ସଙ୍ଗେ ପ୍ରୀତି ।

ପାଳିଆ ଦୁହେଁ ଏହାକୁ ଅନ୍ୟ ପ୍ରକାରେ ଅର୍ଥ ର୍ ସ୍ୱାଭାବିକ ସ୍ୱରରେ ବୋଲିସାରିଲା ପରେ ସାହେବ ବହି ମୁଦିଦେଇ ପାଖବାଲାଙ୍କ ହାତକୁ ବଢ଼ାଇଦେଇ ବକ୍ତୃତା ଆରମ୍ଭ କଲେ—"ଭାଇମାନେ, ଆମ୍ଭେ ସାତ୍ ସମୁଦ୍ର ପାର ହୋଇ ଆସିଅଛୁ । ତୁମ୍ଭମାନଙ୍କ ନିମନ୍ତେ—ଯେ ଲୋକ ପାପୀ ଅଛନ୍ତି, ତାଙ୍କୁ ପରିତ୍ରାଣ ବାଟ କହି ଦେବାକୁ, ପ୍ରଭୁ ଯୀଶୁଖ୍ରୀଷ୍ଟ ପାପୀମାନଙ୍କ ପରିତ୍ରାଣ ନିମନ୍ତେ ଏ ଜଗତକୁ ଅବତାର ହୋଇ ଆସିଥିଲେ । ସମସ୍ତଙ୍କୁ ଉଦ୍ଧାର କରି ସେ ସ୍ୱର୍ଗକୁ ଯାଇଛନ୍ତି । ସେ ଯାହା ପରିତ୍ରାଣର ବାଟ କହିଛନ୍ତି—ତାହା ମୁଁ ମାନେ କହୁଅଛୁ—ତୁମ୍ଭେ ମନ ଦେଇ ଶୁଣ ।

(ହଠାତ୍ ଗୋଳମାଳ ଭିତରୁ ପ୍ରଶ୍ନ ଉଠିଲା, ପ୍ରଭୁ ଯିଶୁ କିଏ ?) ଅମ୍ଭେ ଯାହା କହୁଛୁ ଆଗେ ଶୁଣ—ଗୋଲମାଲ କରନାହିଁ । (ପୁନର୍ବାର ସେହି ପ୍ରଶ୍ନ) ଖଣ୍ କହୁଛ—ପ୍ରଭୁ ଯୀଶୁଖ୍ରୀଷ୍ଟ କିଏ ? ତେବେ ଆମ୍ଭେ ଯାହା କହୁଛୁ ଶୁଣ । ପ୍ରଭୁ ଯୀଶୁ ଈଶ୍ୱରଙ୍କର ପୁତ୍ର, ପାପୀମାନଙ୍କୁ ପରିତ୍ରାଣ କରିବାପାଇଁ ଏ ଜଗତକୁ ଆସି-ଥିଲେ । (ଜଣେ ସ୍କୁଲ ପିଲା ସେ ବକ୍ତୃତାଟି ମନ ଦେଇ ଶୁଣୁଥିଲା, ସେ ଏହିଠାରେ ହଠାତ୍ ପଚାରିଲା) "ଆଚ୍ଛା, ତାଙ୍କର କଣ ମାତା ଅଛନ୍ତି ?"

ସାହେବ—ହଁ ଅଛନ୍ତି—ତାଙ୍କ ନାମ ମେରି ।

ପିଲା—ଆଚ୍ଛା, ଆପଣ ତ ସେଦିନ ବକ୍ତୃତାରେ କହି-ଥିଲେ, ଈଶ୍ୱରଙ୍କର ରୂପ ନାହିଁ, କି ତାହାଙ୍କୁ କେହି ଦେଖି ନାହିଁ । ତାଙ୍କର ପୁଣି ମେରିଙ୍କ ଗର୍ଭରୁ କପରି ପୁତ୍ର ଜାତ ହେଲା ? ଆଚ୍ଛା, ଆଉ, ଗୋଟିଏ କଥା—ସେ ସିନା ଈଶ୍ୱରଙ୍କର ପୁତ୍ର, ଆମ୍ଭର ଶ୍ରୀକୃଷ୍ଣ ତ ସ୍ୱୟଂ ଈଶ୍ୱର ଥିଲେ ।

ସା—ନା, ତା ହୋଇ ପାରଇ ନାହିଁ । ସେ ଜଣେ ସାମାନ୍ୟ ଲୋକ ଥିଲେ । ତାଙ୍କର ଚରିତ୍ର ମଧ୍ୟ ଭଲ ନ ଠିଲା । ସେ ମନୁଷ୍ୟ, ଦେବତା କେବେ ନୁହନ୍ତି !
(ହଠାତ୍ ଜଣେ ବାହାରପଡ଼ି ଉଚ୍ଚସ୍ୱରରେ କହିଲା, କଣ, ଆମ୍ଭ ଜଗନ୍ନାଥେ ଈଶ୍ୱର ନୁହନ୍ତି ?)

ସା—ଗୋଲମାଲ କରନାହିଁ । ଶୁଣ, ଜଗନ୍ନାଥଙ୍କୁ ତୁମେ ହିନ୍ଦୁମାନେ ପୂଜା କରନ୍ତି । ସେ ଏଡ଼େଶର ନାଥ ହେବେ—ସେ ଭାରତର ନାଥ, ଜଗତର ନାଥ କେବେ ନୁହନ୍ତି । ଆଉ ସେ ଦେବତା ନୁହନ୍ତି—ସେ କାଠ—

ପି—ତେବେ ଈଶ୍ୱର କିଏ, ଆଉ ସେ କେଉଁଠି ଥାନ୍ତି ?

ସା—ଈଶ୍ୱର ସମସ୍ତଙ୍କର ପିତା—ସବୁଙ୍କୁ ଖାଇବାକୁ ପିନ୍ଧିବାକୁ କାର୍ଯ୍ୟ କରିବାକୁ ବୁଦ୍ଧି ଦେଉଛନ୍ତି, ସେ ସ୍ୱର୍ଗରେ ଥାନ୍ତି । ପାପୀମାନେ ତାଙ୍କୁ ଦେଖି ପାରନ୍ତି ନାହିଁ । ମନୁଷ୍ୟ ପରିତ୍ରାଣ ପାଇଲେ ସେଠାକୁ ଯାଇ ଦେଖି ପାରିବେ ।

ପି—ଆଚ୍ଛା, ଆପଣ ଈଶ୍ୱରଙ୍କୁ ଦେଖିଛନ୍ତି ।

ସା—(କ୍ଷଣେ ଚିନ୍ତା ଅଭିନୟରେ) ହଁ, ଆମ୍ଭେ ଦେଖିଛୁଁ । (ପିଲାର ଆଗ୍ରହ ଦେଖି) ତୁମେ ଆମ୍ଭ

Digitized by srujanika@gmail.com

କୋଠିକୁ ଗଲେ ସବୁ ବତାଇ ଦେବୁଁ । ଉତ୍ତର ନେଲେ ସବୁ ଆପେ ଜାଣି ପାରିବ । ଆମ୍ଭ କୋଠିକୁ ଗଲେ ଆମ୍ଭର ସ୍ତ୍ରୀ, କନ୍ୟା ଅଛନ୍ତି— ସେମାନେ ତୁମ୍ଭଙ୍କୁ ଆଦର କରି ବସାଇବେ, ଖାଇବାକୁ ମଧ୍ୟ ଦେବେ ।

ପି—ସାହେବ, ଆମେ ତ ଆପଣଙ୍କ ହାତରେ ଖାଇବୁଁ ନାହିଁ, ଆମ ଜାତି ଯିବ ।

ସା—ସେଠିରେ କି ଦୋଷ ଅଛି ? ସେମାନେ ସଫା କରିଦେବେ । (ଉତ୍ତରରେ—'ନା') ଆଚ୍ଛା, ତେବେ ତୁମ୍ଭ ଜାତିର ଏକ ଲୋକ ଆମ୍ଭ ପାଖରେ ଅଛି, ସେ ସବୁ ସଫା କରିଇ, ତା ହାତରେ ଖାଇବ ।

ପି—ନା—ନା, ସେ ଛୁଇଁଲେ ଆମେ ଖାଇବୁଁ ନାହିଁ ।

ସା—ଆଚ୍ଛା—ସେ ଛୁଇଁବ ନାହିଁ ।

ପି—ସେ ଅତି ହୀନ ଜାତି -ସେ ଚଣ୍ଡାଳ । ଆମ୍ଭେମାନେ ତା ହାତରେ କେବେ ଖାଇବୁ ନାହିଁ ।

ସାହେବ ଏ ଜାତିର ରହସ୍ୟ ବୁଝି ନ ପାରି କ୍ଷଣ କାଳ ଅବାକ୍ ହୋଇ ନିର୍ବାତ ନିସ୍ପନ୍ଦ ହ୍ରଦ ପରି ରହିଗଲେ । ଏଣେ ଅନ୍ଧକାର ଘୋଟି ଯିବାରୁ ଲୋକେ ମହାକୋଳାହଳ କରି ଯେ ଯାହା ସ୍ଥାନକୁ ପଳାଇବାକୁ ଲାଗିଲେ । ଗୃହୁଁ ଗୃହୁଁ ସେ ସ୍ଥାନ ନିର୍ମକ୍ଷିକ ହୋଇଗଲା । ପିଲାଟି ପ୍ରତି ସାହେବଙ୍କର ଘନ ଘନ ସ୍ନେହଦୃଷ୍ଟି ପଡ଼ୁଥିବାର ଦେଖି—ବାହୁଡ଼ିବା ବେଳେ ଜଣେ କୃଷ୍ଣାଙ୍ଗ ସାହେବଙ୍କ ତୁଷ୍ଟିସାଧନ ଲାଗି ତାହା କାନରେ କଣ ଗୁଡ଼ାଏ ଗୁଣୁ ଗୁଣୁ କରି କହିଦେଲେ । ଆମ୍ଭେମାନେ ଅତି କଷ୍ଟରେ—ଚେଷ୍ଟା କରି ଶୁଣିପାରିଲୁଁ— "କୋଠିକୁ ଗଲେ ବେନ ମାମା ବଡ଼ ପ୍ରେମ କରିବେ । ତାଙ୍କ ପରି କାହାରି ଦୟା ନାହିଁ । ରୋଗ କି ଅଭାବ ହେଲେ ସେ ସବୁ ବିଷୟରେ ସହାୟତା କରନ୍ତି ।" କଥାଟାରୁ ଅନୁମାନରେ ଜଣାଗଲା, ସେ ସାହେବଙ୍କର ନାମ ବୋଧହୁଏ ରେଭରଣ୍ଡ ବେନ୍ (Rev : Bain) ହେବ ।

ଦ୍ୱିତୀୟ ପରିଚ୍ଛେଦ

ଶୀତଳପୁର ଗ୍ରାମ

ଦୟାନଦୀ କୂଳରେ ଖୋରଧା ଅଞ୍ଚଳରେ ଶୀତଳପୁର ବୋଲି ଗୋଟିଏ ମଧ୍ୟବିତ୍ତ ଗାଁ ଅଛି । ଏ ଗାଁଟାରେ ଲଗାଏତ ଘର ନାହିଁ । ସବୁ ବୁଦବୁଦିକା, ଆଗେ ବନ୍ଧ ମୂଳକୁ ଗୋଟାଏ ଧୋବା ଘର । ଗାଁ ପରିମଳ ଏହିଆଡ଼ୁ ଆଗେ ଜଣାପଡ଼େ । ଖଣ୍ଡେ ଦୂରରେ ଗୋଟାଏ ଦଉଡ଼ା କେଉଟ ଘର ଅଛି । ସବୁବେଳେ ଚୂଡ଼ା ଖଡ଼ୁ ପଡ଼ୁଅଛି । ଢେଙ୍କିର କେଙ୍କାର ଶବ୍ଦରେ ବନ୍ଧ ବାଟୋଇଙ୍କ କାନ ବଧିର ପଡ଼ିଯାଏ । ସବୁ ଜାତି ଭିତରେ ଏ ଜାତିଟା ବଡ଼ କାମିକା । ଗୋଟାଏ ଦଉଡ଼ା ମର୍ଦ୍ଦନାମା ପିଣ୍ଡାରେ ବସି ଜାଲ ମରାମତି ବା ନୂଆ ଜାଲ ବୁଣାରେ ଠୁକାଠ କରୁଛନ୍ତି । ବାଟରେ ଗୁଲି-ଗଲେ ମଧ୍ୟ ତାଙ୍କର ଏହିକାମ—ରାତିରେ ମାଛକୁ ବାହାରିଲେ ତ ସ୍ତ୍ରୀଙ୍କର ସାରିରାତି ଶୋଇବାକୁ ଆଶା ନାହିଁ, କି ଶୀତ ବରଷାକୁ ପରୁଆ ନାହିଁ କି, ଜନ୍ତୁଜନ୍ତା ଭୂତ ପ୍ରେତଙ୍କୁ ଡର ନାହିଁ । ଏଣେ ପୁଣି ରାତି ପହରେ ଥାଉଁ କେଉଟାଣୀ ଚେତାଇ ହୋଇ ଚୂଡ଼ା ପାହାର ପକାଏ । ସ୍ୱାମୀଙ୍କ ଦେହକୁ ଟିକିଏ ଅଳସ ଛୁଇଁନାହିଁ । ଏମାନେ ପରି ଜାହାଜ ବେପାରୀ ଥିଲେ—ଆଗେ

Digitized by srujanika@gmail.com

କେଉଁଠି ଏହି ଜାଗାରୁ ପଞ୍ଚାଏ ଦୂରକୁ ଯାଇ ଗୋଟାଏ ମୁଲକ ଦଖଲ କରି ପକାଇଥିଲେ । ଏବେ ସେ ସବୁ କୁଆଡ଼େ ଲଭିଗଲାଣି—ତେବେବେ କେଉଟ କେବେ ମାଗି ଖାଇବାର ଦେଖାଯାଏ ନାହିଁ । ଏବେ ମାଛ ଶୁଖୁଆ ବେପାରରେ କି ଭୁଜାଭୁଜ କାରବାରରେ କେଉଟୁଣୀର ଦଉଡ଼ କମନୁହେ । ତେଣୁ କେଉଟ ସାହିଟା ଆଖିରେ ପଡ଼ି କେତେ ଆଶା ଉତ୍ସାହର କଥା ମନକୁ ଆସେ । ଅଳ୍ପ ଛଡ଼ାରେ ଗୋଟିଏ ଗଉଡ଼ ଘର । ଘର ସ୍ୱର ପାଖରେ ବନ୍ଧ ଉପରେ ବେହେରାଣୀ ବସି କେତେବେଳେ ଘଷି ପାରୁଥାଏ । କେଳେ ବେଳେ ଦୁଧ ଠେକାଟାଏ ବା ଦହି ହାଣ୍ଡିଟାଏ ଘେନି ଗାଁ ଭିତରେ ବୁଲି ଆସେ । କେବେ ମଧ୍ୟ ବାଡ଼ି ଖଣ୍ଡିଏ ଧରି ବେହେରାକୁ ଖଲାସ କରିବାପାଇଁ ଗୋଠକୁ ଯାଏ । ବେହେରା ସବୁବେଳେ ପ୍ରାୟ ଚରା ବୁଲାରେ ଥିବାରୁ ଘରେ ବେହେରାଣୀ ମାଲିକ । ଦହି ଦୁଧ ଘିଅର ପଇସାତକ ସବୁ ତାହାର ହାତପେଠ ହୁଏ । ପୁଣ୍ୟ ପର୍ବ କି ନିମନ୍ତ୍ର ପଡ଼ିଲେ ସମସ୍ତେ ଦିନେ ଦି'ଦିନ ଆଗରୁ ବେହେରାଣୀ ପିଛା ଧରନ୍ତି । ରାଣୀଙ୍କୁ ନ ପଚାରି ବେହେରାଏ କେଉଁଠି ଜବାବ ଦେବାକୁ ଭରସି ପାରନ୍ତି ନାହିଁ ।

ଏ ଗାଁଟାରେ ଚଷା ଘର ବହୁତ । ଗାଁ ସେମୁଣ୍ଡରେ ଗୋଟିଏ ପତିତପାବନ ମନ୍ଦିର । ସଞ୍ଜବଳତା ଲାଗିଲେ ଏଠାରେ ଗାଁବାଲାଙ୍କର ବୈଠକ ହୁଏ । ଗାଁର ନ୍ୟାୟ ନିଶାପ ପଡ଼େ । ନିତି ଅଧ୍ୟାୟେ ଭାଗବତ ବୋଲାଯାଏ, ଆଉ ଟିକିଏ ଟିକିଏ ଚରଣ ତୁଳସୀ ମିଳେ । ଏହି ମନ୍ଦିର ଖଣ୍ଡିକ ଗ୍ରାମର ବହୁତ କାମରେ ଆସେ । ଆଜକାଲିକା ସଭ୍ୟ ଜଗତର ଚର୍ଚ୍ଚ କହ—ଟାଉନ୍‌ହଲ କହ—ବା ଟାଉନ୍ ଲାଇବ୍ରେରୀ କହ, ସବୁ ଏହି ଠାଆକରେ ଅଛି । ଦେଉଳର ସେବା ନିତି ବୁଝିବାପାଇଁ ଘରେ ଦି'ଘର ଦେଉଳିଆ ପଣ୍ଡା ବି ଏଠାରେ ସ୍ୱଳ ବାନ୍ଧି ପଡ଼ିଛନ୍ତି । କେଳେ ବେଳେ ପଣ୍ଡାଏ ଧନ୍ଦାରେ ବାହାରିଗଲେ ପଣ୍ଡିଆଣୀ ଦିଅଁଙ୍କ ସେବା ପୂଜା ଚଳାଇ ନିଅନ୍ତି ।

ଚଷାସାହିର ପଚ୍ଛପଟକୁ ସ୍ୱରି ପାଞ୍ଚ ଘର ତନ୍ତୀ ଅଛନ୍ତି । ଏହିମାନଙ୍କ ଯୋଗେ କେଳେ ବେଳେ ଲଙ୍କାରେ ହରି ଶବ୍ଦ ଶୁଣାଯାଏ । ଜଣାଯାଏ, ତାଙ୍କର ଯେ ଗେ ପତିତପାବନଙ୍କ ମନ୍ଦିରଟି ଏଗାଁରେ ଅଛି । ମଉଛବ ହେଲେ ଅବା ଗାଁରେ କିଛି ଗୋଳମାଳ ଲାଗିଲେ, ଏମାନେ ଖୋଳ, ଝାଞ୍ଜ ପିଟି ଖୁବ୍ ନାମ-ସଂକୀର୍ତ୍ତନ କରନ୍ତି । ତାଙ୍କଠୁଁ ଦେଖି ଏବେ ଚଷାଏ ମଧ୍ୟ ଖଞ୍ଜଣିମାଡ଼ି କରି ଭଜନ ଗାଇଲେଣି । ଏ ଦୁଇ ଜାତି ଦୁହିଙ୍କ ପାଇଁ ବନ୍ଧା । ଚଷା କପା ସ୍ୱଷ କରି ଯାହା ହାତ ପେଠ କରେ, ସେଥିରେ ତାର ହାଣ୍ଡି ଖରଚ ବେଶ ଚଳେ । ସ୍ୱଷୁଣୀ ପୁଣି ଦିନ ରାତି ଲାଗି ସୂତା କାଟି ତାହା ତନ୍ତୀ ଘରକୁ ଦିଏ । ତନ୍ତୀ ସେଥିରେ ବର୍ଷକ ଦରକାରମାଫିକେ ଗାମୁଛା, ଖଦ୍ଦ, ଗୃହର, ମାଠମାନ ବୁଣିଦେଇ ଚଷାକୁ ଭେଟାଏ । ଆଉ ତାହାଠାରୁ ଧାନ ଆଣି ବରଷକ ଚଳେ । ଏବେ ସେ ସ୍ୱଷ ଉଠିଯିବାକୁ ବସିବାରୁ ଦୁଇ ଜାତି କରଜଦାମ କରି ବଡ଼ ଦୁଃଖରେ ଚଳୁଛନ୍ତି । କେତେ ତନ୍ତୀଘର ବି ଛୁଡ଼ି ଗଲେଣି ।

ଏହିପରି କରି କେହି ଗାଁରୁ ବେଶି ବାହାରକୁ ଯାନ୍ତି ନାହିଁ । ଗାଁକଥାମାନ ଗାଁରେ ପ୍ରାୟ ଚଳିଯାଏ । କଳଗୋଳ ହେଲେ ସେହି ଗାଁର ଜଣେ ପୁରୁଣା ମୁଖିଆ ଲୋକ ବସି ରାମାୟଣ ମହାଭାରତର କଥାମାନ ନଜିର ଥୋଇ ଭାଗବତରୁ ପଦେ ଅଧେ ଉପଦେଶ ଦେଇ ସବୁ ନିଷ୍ପତ୍ତି କରିଦିଏ । କିଛି ଦଣ୍ଡ ପଡ଼ିଲେ ଠାକୁରଙ୍କ ଖରଚକୁ ଆସେ । ଠାକୁରଙ୍କ ନାଁରେ ଏଇଟା ହେଲା ଗାଁର କୋଠ ଜମା ।

ବୁଝି ବସିଲେ ଏଗୁଡ଼ିକ ଓକିଲ ମୁକ୍ତିଆରଙ୍କର ବଡ଼ ଶତ୍ରୁ । ସେମାନେ ଯେ ଏତେ ଟଙ୍କା ଉଡ଼ାଇ ଶଗଡ଼େ ଶଗଡ଼େ ବହି ପଢ଼ି ପାସ୍ କଲେ, ଏମାନେ ଏପରି କଲେ ସେମାନେ ଆଉ କଣ କରିବେ ! ସେ ଯାହା ହେଉ ହରି ସ୍ୱାଇଁ ଏ ଗାଁ ଭିତରେ ଜଣେ ପୁରୁଣା

Digitized by srujanika@gmail.com

ମାମଲତ୍କାର । ତାହାର କଷ୍ଟ ସ୍ବଚ୍ଛ ବାସ ଅଛି । ବରଷକ ଖରଚ ବେଶ ଚଳେ । ଘରେ ଚାରି ପ୍ରାଣୀ । ପୁଅ ମାଇପଙ୍କୁ ଛାଡ଼ିଦେଲେ ଆଉ ଗୋଟିଏ ଚାକରିଆ ଟୋକା । ଦାଣ୍ଡ ଦୁଆରେ ଢ଼ୋଚାରି ଖଣ୍ଡ ପଥର ତା ଉପରକୁ ତା ଉପର ପଡ଼ି ଟିକିଏ ଉଚ୍ଚ ପାହାଚ ହୋଇଛି । ଦୁଇ ପାଖରେ ଗୋଟାକେତେ ଭଙ୍ଗା ଦରଭଙ୍ଗା ଲଙ୍ଗଳ ଢ଼େର ହୋଇଛି । ଦାଣ୍ଡ ଘରଟା ଗୁହାଳ । ହଳ୍ପା ଛଅଟି ପଘରେ ବନ୍ଧା । ଦୁଇ ହଳକୁ ଗୋଟାଏ ବଳଦ ଉଣା ହୁଏ ବୋଲି ଦିନେ ଛଡ଼ା ଦିନେ ଗୋଟିଏ ବଦଳ ଆଣି କାମ ଚଳାଇ ନିଏ । ଗୁହାଳର ଗୋଟିଏ ପାଖ କାନ୍ଥକୁ ଲାଗି ଗୋଟିଏ ଉଚ୍ଚ ପିଣ୍ଡି ଅଛି । କେହି ବ୍ରାହ୍ମଣ ବା ବୈଷ୍ଣବ ଆସିଲେ ଏହି ଗୁହାଳ ଘରେ ଖଡ଼ିକା ପୁଞ୍ଜାଏ ପୂରାଇ ଦେଇ ପିଣ୍ଡି ଉପରେ ପଡ଼ଯାନ୍ତି । ଘର ଭିତରେ ପିଣ୍ଡାସାରା ସବୁଥିରେ ଗୋଟାକେତେ ଓଳିଆ – ଆଉ କେତେ-ଗୁଡ଼ିଏ ପୁଡ଼ା ଅଛି । କୋଡ଼, କାଙ୍କ, ଶାବଳ, ଦା, କଟୁରି, ବେତା, ଟୋକେଇ, ନହଆ, ଗଣ, ଥାଳି, କଂସା ଆଉ ଜଣବେଢ଼ୁଆ, ଶପର ମସିଣା ଆଦି ଘରକରଣା ଜିନିଷପତ୍ର ତ କେତେ ଅଛି । ବାଡ଼-ପଟରେ ଗୋଟିଏ ଗ୍ରୋଟ ପାଳଗଦା । ପ୍ରଧାନ ଘରଣୀ ଆଉ ଆଉ ପ୍ରଧାନ ଝିଅଙ୍କ ପରି ଦେଢ଼ ବଣାର ପିତଳ ବାହି ଖଡ଼ୁକ ବଧାଏ ବହଳର ଶାଢ଼ୀପିନ୍ଧି ନାହାନ୍ତି । ଏହାଙ୍କର ଅଳଙ୍କାର ଓ ଲୁଗାପିନ୍ଧା ଆଉ ସମସ୍ତଙ୍କ-ଠାରୁ ଟିକିଏ ଛାଡ଼ିଯିବ । ଆଉ ଅଧିକ କହି କଣ ହେବ—ତାଙ୍କ ନାକରେ ମୟୂରବସା ଗୁଣା, ଗୋଡ଼ରେ ରୁପାର ପାହୁଡ଼ ରହିଲାଣି । ଦକ୍ଷିଣୀ ସରୁ କୁମ୍ଭ ଶାଢ଼ୀ ନିତ ପରିଧାନ ହେଉଛି । ଆଗେ କିଛି ନ ଥିଲା—ବଡ଼ ଦୁଃଖର ଘର ଥିଲା । ହରି ସ୍ବାଇଁ ପାରିଲା ଦିନୁ ଏ ସବୁ ସମ୍ପତ୍ତି ମାଡ଼ିଗଲା । ସ୍ବାଇଁ କଚ୍ଛେରିଦିନ ପିଆଦାଗିରି କରି ବହୁତ ପଇସା ଗୁଣି ଆଣିଥିଲେ । ଏକୁଟିଆ ହେବାରୁ ପଛକୁ ଘର ଅଚଳ ହେବାର ଦେଖି ଦୁଇ ବର୍ଷ ହେଲା ଚାକିରି ଛାଡ଼ି ଦେଇ ଘରେ ବସିଛନ୍ତି ।

ପୁଅ ବୋଲି ଗୋଟିଏ । ବାପ ମାଙ୍କର ବଡ଼ ଗେହ୍ଲା—ବାଛି ବାଛି ନାଁ ଦେଇଛନ୍ତି 'ମହନ,' ସାଧୁଭାଷାରେ ମୋହନ । ହରି ସହରରେ ଥିଲାବେଳେ ତାଙ୍କୁ ସଙ୍ଗରେ ରଖି ପଢ଼ାଉଥିଲେ । ଏବେ ତାଙ୍କୁ ପଢ଼ର ଯାଇଁ ଷୋଳ ପଶିଛି । ଏବେ ସେଠାରୁ ଆସି କଟକ ହାଇ ସ୍କୁଲରେ ପଢ଼ୁଛି । ସ୍ବାଇଁ ବନା ଦରମାରେ ପୁଅର ପଢ଼ିବା ବନ୍ଦୋବସ୍ତ କରିଦେଇ ଯାଇଛନ୍ତି । ସେ ପୁଅକୁ ଗୋଟିଏ ଚହ୍ଲା ଡେପୁଟୀଙ୍କ କୋଠି ଦେଖାଇ ଦେଇଛନ୍ତି ! ବେଳେ ବେଳେ ସେଠାକୁ ଯାଇଁ ଦୁଃଖ ଓଜର କଲେ, ସେ ସବୁ ହାଲ ଶୁଣିବେ । ଯେତେହେଲେ ହରି ଆଉ ଘରେ ଥୟ ହୋଇ ରହି ପାରନ୍ତି ନାହିଁ । ପ୍ରତିଦିନ, ମହନା ମା କାନ୍ଦ କାନ୍ଦ ତାଙ୍କୁ ପୁଅକୁ ଦେଖି ଆସିବାପାଇଁ ଚଢ଼ଉଥାଏ । ତେଣୁ ହରି ସାତ ଆଠ ଦିନରେ ଥରେ ଆସି ସବୁ ହାଲ ହକିକତ ବୁଝି ଚାଲିଯାଏ ।

ପ୍ରିୟ ପାଠକେ ! ବେଶି କହିବୁଁ ନାହିଁ । ଅକାରଣେ ପୋଥି ବଢ଼ିଯିବ । ଏ ପିଲାକୁ ଆପଣମାନେ ଆଗରୁ ଚହ୍ନିଛନ୍ତି । ଏହି ପିଲାଟି ସେ ଦିନ ପାଦ୍ରି ସାହେବଙ୍କ ସଙ୍ଗରେ ଯୁକ୍ତି ତର୍କ କରୁଥିଲା ।

Digitized by srujanika@gmail.com

ତୃତୀୟ ପରିଚ୍ଛେଦ

ପାଦ୍ରି ସାହେବଙ୍କ କୋଠି

ବାରବାଟୀ କିଲ୍ଲା ପଡ଼ିଆରେ ସାହେବଙ୍କର ଗୋଟିଏ ବଡ଼ କୋଠି । ଘେର ପାଖରେ ଗୋଟିଏ ଇଟା ପାଚେରି ବୁଲିଅଛି । ଫାଟକ ଡେଇଁଲେ କୋଠି ଆଗ ପଟକୁ ଗୋଟିଏ ମଞ୍ଜୁଆଡ଼ି ବାଡ଼ ଘେରି ଗୋଲ ବଗିଚା ପଡ଼େ । କୋଠି ସମ୍ମୁଖରେ ଅର୍ଥାତ୍ ଦକ୍ଷିଣରେ ଗୋଟିଏ ବଡ଼ ବରଣ୍ଡା ଓ ଗାଡ଼ି ରହିବାର ମେଲ୍ ଅଛି । ଯୋଡ଼ିଏ ଦ୍ୱାର—ଦୁଇଟାଯାକରେ ଯୋଡ଼ାଏ ହଂସ-ପକ୍ଷିଆ ଧୋବ ଫରଫର ଜାଲି ପରଦା ଅର୍ଦ୍ଧପତିତ ଅବସ୍ଥାରେ ଅଛି । ଭିତରେ ସେହିପରି ଗୋଟାକେତେ ପରଦା ମଧ୍ୟ ପୂରି ପଡ଼ିବାର ଦିଶୁଥାଏ । ଗୋଟାଏ ଦଓଟା ଦ୍ୱାରରେ ମଧ୍ୟ ବାଇଗଣିଆ ଡାଳିମ୍ବ ଛପା ଛିଟ ପରଦା ଦେଖାଗଲା । ପ୍ରଥମେ ଗୋଟିଏ ମେଲ୍ ଘର ବା ହଲ୍ । ମଝିରେ ଗୋଟାଏ ନେଳୀ ବନାତ ବିଛା ମେଜ ଘେର-ପାଖରେ କେତେଗୋଟି ଧଳା ପୋଷାକ ପିନ୍ଧା କଳା ମଟମଟ ଗୋଲ ଚଉକି ପଡ଼ିଛି । ଘେରପାଖରେ କାନ୍ଥକୁ ଲାଗି ଘେରଟା ଗଦିଦିଆ ବୈଠକୀ ଆସନ । କାନ୍ଥରେ ଗୋଟାଏ ବଡ଼ ଚୌହାଡିଆ ଦର୍ପଣ—ଦ୍ୱାରମୁହଁକୁ କେହି ଆସିଲେ ଘର ଭିତର ଲୋକକୁ ହଠାତ୍ ଦେଖାଇ ଦିଏ । ତାହା ଉପରକୁ ଗୋଟିଏ ବଡ଼ କଳା ଘଡି ଟଙ୍ଗା ହୋଇ ସବୁଦା ଟଙ୍ଗ୍ ଟଙ୍ଗ୍ ଶବ୍ଦ କରୁଅଛି । ତା ପାଖରେ ଇଂରାଜୀ ମାସ, ଦିନ, ବାର ଜଣାଇବାପାଇଁ ଗୋଟାଏ କଳା ମୁଣ୍ଡି ପରି କଣ ଟିନପଟା ଦେଖାଇ ଦେଉଅଛି ! କଣ ପାଖରେ ଗୋଟାଏ ଦଓଟି ଆଲମାରି ବିବିଧ ବାଇବେଲ୍ ପୁସ୍ତକ ଓ ଡିକ୍ସନାରୀରେ ପୂର୍ଣ୍ଣ । ଏହା ଉତ୍ତରକୁ ଯେଉଁ ସାନ ହଲ୍‌ଟି ଅଛି, ତାହା ମଝିରେ କୁକୁଡ଼ା ଡିମ୍ବ ପରି ଗୋଟିଏ ଗୋଲ ଆସିଆ ଟେବୁଲ । ଉପରେ ଧୋବ ଫରଫର ଘେରର ବିଛଣା—ଘେର-ପାଖରେ ଧୋବ ପୋଷ ପିନ୍ଧା କେତୋଟି ଚୌକି—ଅଳ୍ପ ଛଡ଼ାରେ ଗୋଟିଏ କାଚ ଆଲମାରିରେ କେତେ କଣ ଘନ ତରଳ ଜିନିଷ କାଚପାତ୍ରରେ ରଖାଯାଇ ଅଛି—ବାଟି, ଥାଳିଆ, ଗିଲାସ, ଚାମଚ ଆଦି କେତେ ଖାଦ୍ୟ-ପାତ୍ର ଓ ହାତହତିଆର ଖଞ୍ଜା ହୋଇ ରଖା ଯାଇଅଛି । ଏଇଟା ଖାନାର ଟେବୁଲ ହେବ ଟର ! ଏହି ଦୁଇ ହଲର ପଶ୍ଚିମ ପାଖର ଦୁଇଟା ବଖରା ମଧ୍ୟରୁ ସାନ ବଖରାଟି ଗୋସଲଖାନା ବା ସ୍ନାନମଣ୍ଡପ । ବଡ଼ଟି ବାଇବେଲ୍ ତର୍ଜମା ଅଫିସ । ଗୋଟିଏ ମୋଟା ନିଶୁଆ କଳା ଲୋକ ସେ ଘରେ ସାହେବଙ୍କ ପାଖରେ ବସି ସକାଳବେଳେ ବାଇବେଲ୍ ତର୍ଜମା କରୁଥାଏ । ସାହେବ ପଦ ପଦ କରି ଧୀରେ ଧୀରେ ଓଡ଼ିଆ ଡାକୁଥାନ୍ତି—ସେ ତାହାକୁ ବେଦବାକ୍ୟ ମଣି ଅବିକଳ ସେହିପରି ଲେଖୁଥାଏ । ଟିକିଏ ଓଲୋମ ବିଲୋମ ହେଲେ ଚଳିବ ନାହିଁ । ସାହେବ ଯେଉଁଠି 'ପ୍ରେମ' କହୁଛନ୍ତି, ତୁମେ ସେଠାରେ 'ସ୍ନେହ' କହିଲେ ଚଳିବ କାହିଁ ? ଯେଉଁଠି 'ଦୂରତା' ହେବ—ସେଠାରେ ତୁମେ କହିବ 'ଦୂରତ୍ୱ' ? ସକାଳେ ତର୍ଜମା କାମ ଆରମ୍ଭ ହେବା ପୂର୍ବରୁ ସାହେବ ଉଠି ନିତ୍ୟକର୍ମ ପରେ ଟିକିଏ ଚାହା ପାଣି କରିଦେଇ କେବେ କେବେ ବାରଣ୍ଡାରେ ସ୍ନେହର କୁକୁର ସଙ୍ଗେ ଖେଳ ଖେଳି ବୁଲୁଥାନ୍ତି—କେବେ ବା ଖବରକାଗଜ ଘେନି ବୈଠକଖାନାରେ ପଢ଼ି ବସନ୍ତି । ଦିନେ ଦିନେ ମଧ୍ୟ ବଡ଼ ସକାଳୁ ଉଠି ହାଓଆ ଖାଇବାକୁ ବାହାରିଯାନ୍ତି ।

ପୂର୍ବପାଖର ଦୁଇ ବଖରା ମଧ୍ୟରୁ ସାନଟିରେ ପୋଷାକ ଆଦି ଥାଏ, ବଡ଼ଟି ମେମ୍ ସାହେବଙ୍କର

Digitized by srujanika@gmail.com

କାରବାରି ଘର । ଗୋଟି ଗୋଟି ହୋଇ ସକାଳୁ ସନ୍ଧ୍ୟା ଯାଏ ଏଠାକୁ ବହୁତ ଲୋକ ଆସୁଥାନ୍ତି । ଅଧିକାଂଶ ଗରିବ—ଖ୍ରୀଷ୍ଟାନ ହେବେ ପରା ! କେହି ପିଲା ଆସି କିଛି ପଇସା ମାଗି ନଏ—କେହି ପିଲା କାଶେଇ ଆସି ଶିଶିରେ ଟିକଏ ଔଷଧ ନେଇଯାଏ । କାହାରି ପିଲା କାନ୍ଦିଲେ ସାକ୍ଷାତ୍ ଦୟାର ଅବତାର ମେମ୍ ସାହେବଙ୍କଠୁଁ ଗୋଟିଏ ଦିଓଟି ପାଚିଲା କଦଳୀ, କେବେ ପିଜୁଳି ବା ଆତ ନେଇ ପିଲାଙ୍କୁ ବୁଝାନ୍ତି । କେହି ବା ଦୁଃଖୀ ଆସି ଆପଣାର ଦୁଃଖ ହାଲ କହି ଉପଯୁକ୍ତ ଉପଦେଶ ପରାମର୍ଶ ପାଇ ଚାଲିଯାଏ । କେତୋଟି ବାଳକା ଖାତାପତ୍ର ନେଇ ଆସି ନମସ୍କାର କରି ତାଙ୍କ ପାଖରେ ପଡ଼ି ବସନ୍ତି । କେହି କେହି ମଧ୍ୟ ଛୁଞ୍ଚିର କାମ ଶିଖୁଥାନ୍ତି । ଦିନେ ସାହେବ ସେ ମହଲକୁ ଆସି ଗୋଟିଏ ଗୋଟିଏ ପିଲା ଗୁଡ଼ିଦେଇ ଯାନ୍ତି । କୁକୁଡ଼ା ପାଳିଲା ପରି ସେଥିରୁ ବହୁତଗୁଡ଼ିଏ 'ମାମା' ଏହିପରି ପାଳନ୍ତି । ଗଲାବେଳେ କାହା ହାତରେ କଦଳୀ ଖଣ୍ଡେ—ଡାଳିମ୍ବଟାଏ, କାହାକୁ ବା ଗ୍ଲୁ ରୁଟି ଆଦି ସ୍ନେହରେ ଦିଆଯାଏ । କିଏ ଯେ କେତେ କିତାବ, କାଗଜ, ପେନ୍‌ସିଲ, କଲମ, ଦୁଆତ, ରୁମାଲ, ଥାନଫଡ଼ା ଧୋତି, କମ୍ବଳ ଓଗେର ପାନ୍ତି, ତାହାର ସଂଖ୍ୟା କିଏ ରଖୁଛି । ବୈଠକଖାନା ପଛଆଡ଼େ ଅର୍ଥାତ୍ ପୂର୍ବ ପାଖରେ ଗୋଟାଏ ବଡ଼ ପୋଖରୀ । ସେଥିର ଗୋଟାଏ ପାଖରେ ଦୁଇ ଜଣ ପଠାଣ ଯୁବା ଠିଆ ଠିଆ ବନଶୀ ପକାଇ ମଧ୍ୟେ ମଧ୍ୟେ ହଠାତ୍ ଗୋଟିଏ ଗୋଟିଏ ଧଳା ଫରଫର ଜୀବ ପୋଖରୀ ଭିତରୁ ଟାଣି ଆଣୁଛନ୍ତି । ମେମ୍ ସାହେବଙ୍କର ଅନେକ ସମୟରେ ସେହି ପୋଖରୀ ଉପରେ ଆଖି ଥାଏ । ବେଳେ ବେଳେ ମାଛ ମନ୍ଦା ଖେଳାଉଥିବାର ଦେଖିଲେ, ବୋଧହୁଏ ଭାବୁଥାନ୍ତି, ପ୍ରଭୁ, କେବେ ଏହିପରି କାମ ମୋତେ ଦେବେ । ଗୋଟାଏ ସାନ୍ତାଳ ଟୋକା ମେମ୍ ସାହେବଙ୍କର ଧରମ ପୁଅ । ସେ ଭାରି ମାଛ ଧରି ପାରେ, ଆଉ ଗାଣ୍ଠ ଦୁହିଁ ପାରେ । ପ୍ରତିଦିନ ମେମ୍ ସାହେବ ନିଜେ ତାର ଖାଇବାର ତତ୍ତ୍ୱ ନିଅନ୍ତି । ଏହିପରି ଲେଖାରେ କେତେ ପୁଅ ଝିଅ ତାଙ୍କ ପାଖରେ ବନ୍ଧା ଅଛନ୍ତି । ଆଉ ସେ ସବୁ ବେଶି କହିଲେ ପାଠକମାନେ ବିରକ୍ତ ହେବେ !

ଦିନେ ମେଘ ଅନ୍ଧାର—ଝିପି ଝିପି ବରଷା ହେଉଅଛି—ବେଳ ଅନ୍ଦାଜ ପହରେ ହେବ । ପିଲାଟିଏ ଫାଟକ ପାଖକୁ ଆସି ଶଙ୍କି ଶଙ୍କି ଠିଆ ହେଲା । ଭିତରକୁ ଯିବାକୁ ମନ ଥିଲେ ସୁଦ୍ଧା ବାରଣ୍ଡାରେ ସାହେବ ଏବଂ ତାଙ୍କ କୁକୁରକୁ ଦେଖି ପଶିବାକୁ ଭରସି ପାରିଲା ନାହିଁ । ସାହେବ ବରଣ୍ଡାରେ ଥାଇ ଦୂରରୁ ତାହା ଉପରେ ଧୀର ପ୍ରଶାନ୍ତ ଦୃଷ୍ଟି ଢାଳିବାକୁ ଲାଗିଲେ । ସିଂହର ସୁଦ୍ଧା ଏପରି ଦୃଷ୍ଟି ପଡ଼ିଲେ ଲୋକ ବିଶ୍ୱାସ କରି ପାଖକୁ ଚାଲିଯିବ । ପିଲାଟି ସହରରେ ରହି ହୁସିଆର ହୋଇ ଗଲାଣି । ମନେ ମନେ ଯୁକ୍ତି ଧରି ଧୀର ବିମ୍ରୀତଭାବରେ ଯାଇ ସାତ ହାତ ଦୂରରୁ ଗୋଟିଏ ମୀରବ ସଲାମ କଲା । ସାହେବ ଏତେଦିନେ ଶିକାର ଥୋପ ଗିଳୁଛି ଦେଖି ଆଗରୁ ଖୁସି ହୋଇ ପଡ଼ିଥିଲେ । ପାଖକୁ ଗଲାକ୍ଷଣି ହଠାତ୍ ଚହ୍ଲିପାରିଲା ପରି ପାଖକୁ ଆସି ପିଲାର ସଲାମ ହାତଟାକୁ ଆର ହାତରେ ଲଗାଇ ଦେଇ କହିଲେ, ସଲାମ କାହିଁକି—ନମସ୍କାର କହ 'ନମସ୍କାର' । ବେଶି କଥାବାର୍ତ୍ତାକୁ ଆଉ ବେଳ ନାହିଁ । ଘଣ୍ଟୁଁ ଘଣ୍ଟୁଁ ଠନ୍ ଠନ୍ ହୋଇ ଗିରିଜା ଘଣ୍ଟା ବାଜିଲା । ସାହେବ ବାଇବେଲ ଅନୁବାଦ କରିବାଲାଗି ପୂର୍ବୋକ୍ତ ପ୍ରକୋଷ୍ଠକୁ ଚାଲିଗଲେ । ଗଲାବେଳେ ମେମ୍ ସାହେବଙ୍କୁ ବୈଠକଖାନାରେ କଣ ଦି ପଦ କହିଦେଇ ପିଲାଟିକୁ ଗୁଡ଼ିଦେଇ ଗଲେ । ବାଳକ ଏଥର ମାମାଙ୍କୁ ନମସ୍କାର କହିବାରୁ ସେ ଆନନ୍ଦରେ ନମସ୍କାର—ନମସ୍କାର କହି ପାଖରେ ଗୋଟିଏ ବେଞ୍ଚରେ ବସିବାକୁ କହିଲେ । ପିଲାଟି ମେମଙ୍କୁ ଦେଖି ମନେ ମନେ ଅଳ୍ପ ହସିଲା—ଦେଖିଲା ଯେ, ଉଚ୍ଚତାରେ ସାହେବଙ୍କଠାରୁ କିଛି ଊଣା ହେଲେହେଁ ସ୍ଥୂଳତାରେ ଢେର ବେଶି । ମୁଣ୍ଡରେ କଳା ଧଳା ବାଳର ଗୋଟିଏ ବର୍ତ୍ତୁଳ ଚନ୍ଦ୍ରିକ କବରୀ—ଦେହରେ ଗୋଟିଏ କଳା ଛିଟର ଫାଶଦିଆ କୁର୍ତ୍ତା

Digitized by srujanika@gmail.com

ପୋଷାକ—କଟିଦେଶରେ ବନ୍ଧା ହୋଇଥିବାରୁ ପାଲ-କାଲର ଘେର ପରି ତଳକୁ ଝୁଲି ଖାସା ମାନୁଅଛି । ଡାକବାଲାର ଥଳୀ ପରି ଗୋଟାଏ କାଳିଆ ଥଳୀ ଚମ ପଇତାରେ ଅଣ୍ଟା ତଳକୁ ଝୁଲୁଅଛି । କେହି ଗରିବ ପିଲା ଆସିଲେ ସେଥିରେ ମଧ୍ୟେ ମଧ୍ୟେ ହାତ ପଶେ । ଆମ୍ଭର ଏ ବାଳକଟିର ରୂପ ସେତେ ଭଲ ନ ଥିଲେ କଣ ହେଲା—ଦେହର ବର୍ଣ୍ଣଟା ଗୋରା—ଗଠନଟି ଖାସା ସରଳ ସୁନ୍ଦର । ସେ ଘରେ ପଶିଲାବେଳକୁ ଦୁଇଗୋଟି ବାଳିକା କଣ ଶିଲଟରେ ଲେଖୁଥିଲେ । ସମସ୍ତେ କଣ ଆଖିରେ ଟିକିଏ କେହି ନ ଜାଣି ଚାହିଁନେଲେ । ଗୋଟିଏ କଲମ ଥରେ ଦି ଥର ଚାହିଁଦେଇ ଶେଷକୁ ଶିଲଟଫଳ ଉପରେ ଚିବୁକ ରଖିଦେଇ ଥକ୍କା ହୋଇଗଲା । ସେଥିରୁ ମୁହଁ ଉଠାଇବା ଆଗରୁ ସେଥିରେ ବାଳକର ଆଖି ପଡିଗଲା—ଚାରି ଚକ୍ଷୁ ମିଳନ ହୋଇଗଲା । ମନୁଷ୍ୟଙ୍କୁ ଏହି ଚାରିଚକ୍ଷୁ ରୋଗ ଧରିଲେ ପଛକୁ ବଡ଼ ଘାରି ପକାଏ । ପାଠକମାନେ ବୁଝିପାରୁଥିବେ ଯେ, ବାଳିକାଗୁଡ଼ିକ ଅବଶ୍ୟ ପଞ୍ଚବର୍ଷୀୟା ନୁହନ୍ତି—କାହାକୁ ଦଶ, କାହାକୁ ଏଗାର, କାହାକୁ ବା ବାର । ମାମା ଅଭ୍ୟାଗତ ବାଳକଟିକୁ ବଡ଼ ଆଦର ଗୌରବ କରି ଘର କଥା, କଟକ କଥା ସବୁ ପଚାରିଗଲେ—ସବୁ ବୁଝି ଶେଷରେ ଆଶା ଦେଇ କହିଲେ, "ତୁମ୍ଭର କାଗଜ କଲମ ବହି ଆଦି ଯେତେବେଳେ ଯାହା ଦରକାର ହେଉଥିବ, ସେତେବେଳେ ମୋ ପାଖକୁ ଆସୁଥିବ, ମୁଁ ସବୁ ଦେବି, କିଛି ଭୟ କରିବ ନାହିଁ । ସାହେବ ତୁମ୍ଭଙ୍କୁ ଖୁବ୍ ଭଲ ଚାହାନ୍ତି ।" ଏତିକରେ ପିଲାଟି ସେଦିନ ଗୋଟିଏ ଡାଳିମ୍ବ ଉପହାର ପାଇ ଆପଣା ସ୍ଥାନକୁ ମୁହଁ କଲା । ମେମ୍ ସାହେବ ମଝି ଘରଯାଏ ଉଠି ଆସିଲେ । ପିଲାଟି ଖଞ୍ଜାରେ ଆଖି ପକାଇ ଦେଖିଲା ଯେ, ଗୋଟିଏ ବାଳିକା ତାହାକୁ ଏକଦୃଷ୍ଟିରେ ଚାହିଁଥିଲା, ହଠାତ୍ ଆଖି ପିଚ୍ଛାଡ଼ି ନେଲା ।

ଚତୁର୍ଥ ପରିଚ୍ଛେଦ

କଟକ ପିଟିନ୍ ସାହି

ଏ ପଡ଼ା ଖଣ୍ଡକରେ ଖ୍ରୀଷ୍ଟାନ—ପଠାଣ—ତେଲଙ୍ଗା ଆଦି ନାନା ଜାତିଙ୍କର ବାସ । ଗୋଟିଏ କଚ୍ଚା ରାସ୍ତା ବା ମାଟି ସଡ଼କ ତାହା ମଧ୍ୟରେ କୁଞ୍ଚିତ ଗତିରେ ଯାଇଅଛି । ମଧ୍ୟରେ ଏହି ରାସ୍ତା ଉପରୁ ଉତ୍ତରକୁ ଗୋଟିଏ ଗଳି ବାଟ ଫିଟିଅଛି, ଏହି ଗଳି ମୁଣ୍ଡରେ ଗୋଟିଏ ମହୁଡ଼ମରା ଖୁଲଘର । ଚାରିଆଡ଼େ ବାଡ଼ ଘେରା ଅଛି । ପଛପଟରେ ଗୋଟିଏ ସାନ ପୋଖରୀ—ଜଳ ଉପରେ ଗୋଟିଏ ସୁନ୍ଦର କଳମ୍ବ-ଆବରଣ । ଜଣେ କୃଷ୍ଣକାୟ ଯୁବା କଣପଟରେ ବନଶୀଟାଏ ଧରି ଏକାତାନରେ ଉଭା । ଦକ୍ଷିଣ ହସ୍ତରେ କାମିଜ ଖଣ୍ଡି ଭିତରେ ମୋଡ଼ହୋଇ କହୁଣୀଯାଏ ଯାଇଅଛି—ଆଉ ହାତରେ କୁକୁରଝୁଲା କାନ ପରି ଫାଳେ ଝୁଲୁଛି । ଯୁବକର ଜଳ ଉପରେ ସ୍ଥିର ଦୃଷ୍ଟି । ସାରା ସଂସାର ସେତେବେଳେ ତୁଚ୍ଛ—ଯୋଗୀର ବ୍ରହ୍ମପଦଲାଭରେ ଏତେ ଏକାଗ୍ରତା ଥାଏ କି ନାହିଁ ସନ୍ଦେହ । ବରଂ ଯୋଗୀର ବ୍ରହ୍ମାନନ୍ଦ ଅପେକ୍ଷା ବେଳେ ବେଳେ ଯେହ୍ନେ ସେ ଅଧିକ ଆନନ୍ଦ ପାଏ । ବନଶୀର ସୂକ୍ଷ୍ମକମ୍ପନ ସଙ୍ଗେ ସଙ୍ଗେ ଯୁବକର ହୃଦୟପୁରରେ ଅପୂର୍ବ ପୁଲକ ଜନ୍ମେ—ତାହା ପଛେ ପଛେ ଗୋଟିଏ ଜ୍ୟୋତିର୍ମୟ ବସ୍ତୁ ଦେଖି ସେ ସର୍ବାଙ୍ଗରେ ଯେଉଁ ପୁଲକ ଅନୁଭବ କରେ, ତାହା ଋଷିପ୍ରାଣରେ ଅନୁଭୂତ ହୋଇଥିବ କି ନାହିଁ ସନ୍ଦେହ ! ଦାସୀଟିଏ ଆସି (ସେହ ପୋଷାକରୁ ତେଲଙ୍ଗାଣୀ ପରି

Digitized by srujanika@gmail.com

ହିଶୁଥିଲା) ଧୀରେ ଶଙ୍କିତଭାବରେ ସେହି କଳମ୍ବ-ମଣ୍ଡଳ ପାଖକୁ ଆସି ପକ୍ୱଶାଳି ପ୍ରାପ୍ତ ଆନତ ଉତ୍ତମାଙ୍ଗରେ ଉଭା ହେଲା । ଥରେ ଯୁବକ ମୁହଁକୁ ଦୃଷ୍ଟି, ଥରେ କଳମ୍ବ ଉଙ୍କ ପଦରେ ମୁଷ୍ଟି ପକାଇ ସ୍ୱକାର୍ଯ୍ୟ ସାଧନ କରି ଚାଲିଗଲା । ସଂସାରରେ କେତେଜଣ ଏହିପରି ବ୍ରହ୍ମପଦରେ ଦୃଷ୍ଟି ଏବଂ ସଂସାରକର୍ମରେ ହସ୍ତ ଦେଇ ନୀରବରେ ସେବକ ଭାବରେ କାର୍ଯ୍ୟ ସାଧନ କରି ଯାନ୍ତି । ଘର ପଛଆଡ଼େ ଦେଖାଗଲା, କେତେଟା ଯୁବତୀ କୁକୁଡ଼ା ସାନ ସାନ ଭାଇ ଭଉଣୀଙ୍କି ଘଉଡ଼ାଇ କକ୍ କକ୍ ରଡ଼ି ଗୁଡ଼ି ଦଉଡ଼ୁଛନ୍ତି । ପାର୍ଶ୍ୱଦେଶରେ ଦେଖାଗଲା, ଗୃହିଣୀ ଫାଳଟା ଉପରେ ଆପଣା ଲୁଗାରେ କମର କଷିଦେଇ ବୀରାଙ୍ଗନାର ବେଶ ଧାରଣ କରିଅଛନ୍ତି ଏବଂ ଗୋଟାଏ ଅଣ୍ଡଶାଳିନୀ କୁକୁଡ଼ାକୁ ମାଡ଼ି ବସି ଡିମ୍ବ ନିଷ୍କାଶନରେ ତତ୍ପର ଅଛନ୍ତି । ଏକ ଆଡ଼େ ବିଚେଷ୍ଟମାନା କୁକ୍କୁଟୀର ପଦନଖପ୍ରହାର ସହ ଆର୍ତ୍ତନାଦ—ଅପରପାର୍ଶ୍ୱରେ ଗୃହିଣୀ-ଆନନ୍ଦବର୍ଦ୍ଧନ ଶୁଭ୍ର ସୁଡ଼ୋଳ ଡିମ୍ବାବଳୀର ପତନ । ଘର ସମ୍ମୁଖରେ ଗୋଟିଏ ବାଉଁଶର ଧାରଣା—ତାହା ଉପରେ କେତେଟା କୁରୁତା, କାମିଜ—ଜ୍ୟାକେଟ—ଶେମିଜ୍—ଗେଞ୍ଜି—ପାଇଜାମା ଇତ୍ୟାଦି ନୂଆ ପୁରୁଣା ପୋଷାକ ଖରା ଦିଆ ହୋଇଅଛି । ସୂର୍ଯ୍ୟଦେବଙ୍କ ଶୋଷଣୀ ଶକ୍ତି ସେଥିରୁ ପୂତିମଳ ଶୋଷଣ କରି ନେଉଅଛି । ସୂର୍ଯ୍ୟ ନ ଥିଲେ ଏ ସମସ୍ତର ଅବସ୍ଥା କଣ ହୁଅନ୍ତା । ସଂସାରଟା ପାକ ତ ଦୂଷିତ ମଳ—ଜଳ—ପଙ୍କ—କଳଙ୍କ ଲେପି ହୋଇ ରହିଅଛି । ସେ ସମସ୍ତ ଧ୍ୱଂସ-ଭସ୍ମ କରିଦେବାପାଇଁ ଏକ ମହାଅଗ୍ନିକୁଣ୍ଡ ବିଶ୍ୱହିତ ଅର୍ଥେ ଶୂନ୍ୟରେ ଜଳୁଅଛି । ତାହା ଆଗରେ ଯାହା ପଡ଼ିବ, ତାହା ଶୁଦ୍ଧ ହୋଇଯିବ ଅତଏବ ହେ ପାପୀ—ତାପୀ—ପଙ୍କୀ—କଳଙ୍କୀ, ତୁମ୍ଭେ ମାନେ ସମସ୍ତେ ସେହି ଜ୍ୟୋତିର୍ମୟଙ୍କ ଆଡ଼କୁ ଅଗ୍ରସର ହୁଅ—ଯଦି ଶୁଦ୍ଧ ପୂତ ହେବ । ଓହୋ ! ଏ ଉଦ୍ଧତ ମନଟା କାହିଁରୁ କେଣିକି ଝାଙ୍କି ନେଉଛି । ପାଠକେ, ପ୍ରସଙ୍ଗବ୍ୟତିକ୍ରମ ଦୋଷଟା କ୍ଷମା କରୁଥିବେ ।

ସେହି ବସ୍ତ୍ରାବଳୀର ଅନ୍ତରାଳରେ ସମ୍ମୁଖ ଗବାକ୍ଷ ସ୍ଥଳରେ ଗୋଟିଏ ଚିତ୍ରାର୍ପିତ ପ୍ରତିମା ଦେଖାଗଲା । ପ୍ରକୋଷ୍ଠଟି ନିର୍ଜନ ବୋଧହୁଏ ବାଳିକା ଉପରେ ଉକ୍ତ ପୋଷାକଗୁଡ଼ିକରେ ଆଖି ରଖିବା ଭାର ଅଛି । ପୋଷାକ ଉପରେ ବାଳିକାର ସ୍ଥିର ନୟନ ଦିଓଟି ପଡ଼ିଅଛି ସତ, ମାତ୍ର ନ ଥିଲା ପରି ବୋଧ ହେଉ ନାହିଁ । ତେଣୁ ସେ ଆଖି ଆଗରେ ପଡ଼ୁଥିବା ଲୋକଙ୍କୁ ଦେଖି ସୁଦ୍ଧା ଦେଖୁନାହିଁ—ପାଖରେ କିଏ ଜଣେ କହିଯାଉଛି, ଶୁଣି ସୁଦ୍ଧା ଶୁଣି ପାରୁନାହିଁ । ମନର ଯୋଗ ନ ଥିଲେ କୌଣସି ଇନ୍ଦ୍ରିୟ କାର୍ଯ୍ୟ କରି ପାରେ କି ? କ୍ଷଣକୁକ୍ଷଣ ଦୀର୍ଘନିଶ୍ୱାସ ପକାଇ ବାଳିକା କେତେବେଳେ କରତଳନ୍ୟସ୍ତକପୋଳା, କେତେ-ବେଳେ ଅଧଃକୃତନୟନଯୁଗଳା, କ୍ଷଣେ ଭାବନାସ୍ତିମିତ ନୟନା, କ୍ଷଣେ ପୁସ୍ତକୋଦ୍ଘାଟନପରାୟଣା, କ୍ଷଣେ ଧୀରା, କ୍ଷଣେ ଗମ୍ଭୀରା । କାହିଁକି ଏପରି ବାହ୍ୟଜ୍ଞାନ-ଶୂନ୍ୟା ? ପାଠକେ ! ପୂର୍ବେ ଏହାକୁ କେବେ ଦେଖି-ଅଛନ୍ତି କି ? ମେମ୍ ସାହେବଙ୍କ ପାଖରେ ଯେଉଁ କେତୋଟି ବାଳିକାଙ୍କୁ ସେଦିନ ଦେଖିଥିଲେ, ସେଥି ମଧ୍ୟରୁ ଏ ଜଣେ ହେବ ! ସରଳା ବାଳିକାର କୋମଳ ମନର ଘନ ଘନ ଏ କି ପରିବର୍ତ୍ତନ ! ଏହାର ହୃଦ-କେଦାରରେ ଅମୋଘ ପ୍ରେମବୀଜ ରୋପିତ ହୋଇଅଛି କି ? ପ୍ରେମ ବିନା ଆଉ କିଏ ମାନବହୃଦୟରେ ଏପରି ବିକାର ଆଣି ପାରେ ? ବାତ୍ୟା ବିନା ଆଉ କିଏ ଧୀର ସାଗର ଗର୍ଭକୁ ଉତ୍ତୁଙ୍ଗତରଙ୍ଗଭଙ୍ଗରେ ବିକ୍ଷୋଭିତ କରି ପାରେ ? ଦାବାଗ୍ନି ଭିନ୍ନ ଆଉ କିଏ ସମଗ୍ର ଗିରି ବନରେ ଘୋର ଅଶାନ୍ତି ଜନ୍ମାଇ ପାରେ ? ବଜ୍ର ଛଡ଼ା ଆଉ କେହି ପର୍ବତ ବିଦାରଣ କରି ପାରିବ କି ? ଜ୍ୱର ବିନା ଆଉ କାହିଁରେ ସର୍ବାଙ୍ଗରେ ତାପ ଉପୁଜିବ କି ? ଥାଉ, ସେ କଥାରୁ ଆମ୍ଭଙ୍କୁ କଣ ମିଳିବ ? ଦେଖୁ ଦେଖୁ ଗୃହକର୍ତ୍ତ୍ରୀ ସେ ପ୍ରକୋଷ୍ଠକୁ ଆସି ଅନ୍ୟ-ମନସ୍କା କନ୍ୟାକୁ 'ଲଲି' ବୋଲି ଗୋଟିଏ ଡାକ

Digitized by srujanika@gmail.com

ଦେଲେ । ପରେ ଜଣାଗଲା, ବାଳକାର ପ୍ରକୃତ ନାମ 'ଲୀଳାବତୀ' । ଓଲଟାଇ ପଡିଥିବା ଖଣ୍ଡିଏ ଚିଠିର ଲଫାପା ବା ଖାମକୁ ଦେଖି ବୁଝିପାରିଲି ଯେ, ଏ ଘରର ମାଲିକ ରେଭରେଣ୍ଡ ଫିଲିପଚନ୍ଦ୍ର ରାଉତ । ଫିଲିପ ବାବୁ ଜଣେ ଖ୍ରୀଷ୍ଟଧର୍ମ ପ୍ରଚାରକ । ସୁତରାଂ ଭୂମିବୃତ୍ତି କିଛି ନ ଥିଲେହେଁ ମିଶନାରୀ ବୃତ୍ତିରୁ କଷ୍ଟକରେ କଥଞ୍ଚିତ୍ କୁଟୁମ୍ବ ପୋଷଣ କରନ୍ତି । ଏପ୍ରକାର ବୃତ୍ତି ଅନେକଙ୍କୁ ଆଜଯାଏ ପୋଷଣ କରି ଆସୁଅଛି । ଖ୍ରୀଷ୍ଟାନଧର୍ମରେ ଦୀକ୍ଷିତ ହେଲେ, ଏ ଗୋଟାଏ ବଡ଼ ସୁବିଧା । ଏପରି ଲୋଭନୀୟ ବସ୍ତୁର ମାୟା କିଏ ଏ ସଂସାରରେ ସହଜରେ ଏଡ଼ି ପାରେ ? ଗୁଢ଼ ସେ କଥା—ବର୍ତ୍ତମାନ 'ପ୍ରକୃତମନୁସରାମଃ' ।

ପଞ୍ଚମ ପରିଚ୍ଛେଦ

କାଠଯୋଡ଼ୀବନ୍ଧ—ସନ୍ଧ୍ୟା

ମୋହନ ଆଜ ବଡ଼ ଚିନ୍ତାମଗ୍ନ । ଥରେ ଊର୍ଦ୍ଧ୍ୱମୁଖ, ଥରେ ଅଧୋମୁଖ । କେବେ ପଶ୍ଚିମର ଶୈଳପ୍ରାଚୀର ଉପରେ ଦୃଷ୍ଟି—କେବେ ଦୂରପ୍ରସାରି ସୈକତଶୟନରେ-କେବେ ଦକ୍ଷିଣର ତରୁ-ଗୁଳ୍ମମୟ ଶ୍ୟାମଳ ପ୍ରଦେଶରେ—କେବେ ଅସ୍ତରବିକରପାଟଳ ବାରୁଣୀଲଲାଟରେ—କେବେ ପୁଣି ଦ୍ୱିତୀୟନକ୍ଷତ୍ର ମଣ୍ଡିତ ସ୍ୱଳ୍ପ ପ୍ରକାଶ ଆକାଶରେ ସେହି ଦୃଷ୍ଟି ପଡ଼ୁଅଛି । ସ୍ଥଳ୍ ସ୍ଥଳ୍ କେବେ ଚକ୍ଷୁ ଉନ୍ମୀଳିତ—କେବେ ଅର୍ଦ୍ଧମୀଳିତ—କେବେ ବା ନିମୀଳିତ । କେତେବେଳେ ଅଧର ଦଂଶନ—କେତେବେଳେ ନୀରବତାବ୍ୟଞ୍ଜକ ଅଧରୋଷ୍ଠମୁଦ୍ରଣ । ମଧ୍ୟେ ମଧ୍ୟେ ଦୃଢ଼ତାବ୍ୟଞ୍ଜୀ ନୀରବ ତର୍ଜନୀ ଦର୍ଶନ !

"ଏକାକୀ ଯୁବକ ବସି ନଦୀ ବନ୍ଧେ
କି ଭାବନା ଭାବୁଅଛି ନାନାଛନ୍ଦେ !"

ତୁମ୍ଭେ ଭାବୁଛ ଏହି ସଂସାରରେ ସବୁ ସୁଖ ଅଛି । କେବଳ ସେଥିରେ ପ୍ରତିବନ୍ଧକ ଥିବାରୁ ଲୋକେ ଭୋଗ କରି ନ ପାରି ସବୁକାଳେ 'ସଂସାର ଦୁଃଖମୟ' ବୋଲି ହାହାକାର କରି ଆସୁଅଛନ୍ତି । ମନର ଗତି ଯେଉଁଆଡ଼େ ହେଲା, ସେଥିରେ ଏତେ ବାଧା କାହିଁକି ? ହେଲେ ଏସବୁ ପ୍ରତିବନ୍ଧକ ନଦୀସ୍ରୋତମୁଖରେ ସେତୁ ପରି ହେବା ଉଚିତ ।

ପ୍ରିୟ ପାଠକ ଅବଧାନ ! ପାଦ୍ରି ସାହେବଙ୍କ କୋଠିରେ ସେହି ସରଳା ବାଳକାଟିକୁ ଦେଖିଲା ଦିନୁ ମୋହନର ଏପରି ଭାବନା ଓ ପରିବର୍ତ୍ତନ କି ? ପ୍ରେମର କି ଅଦ୍ଭୁତ ଶକ୍ତି । ସେହି ବୈଦ୍ୟୁତିକ ଶକ୍ତି ମୋହନର ଧମନୀରେ ପ୍ରବାହିତ ହୋଇ ତାହାର ପ୍ରତି ଅଙ୍ଗ ଉପାଙ୍ଗକୁ ତଡ଼ିତ୍ତରଳ କରି ଦେଉଅଛି । ସେହିଦିନଠାରୁ ତାହାର ମନ ଚଞ୍ଚଳ ଆଉ ଅବ୍ୟବସ୍ଥିତ । କେତେବେଳେ ତାହାର ମନ ଲତାକୁଞ୍ଜରେ—ଗିରିପୁଞ୍ଜରେ, କେତେବେଳେ ତାରକାଗୁମ୍ଫିତ ଅନ୍ତରୀକ୍ଷରେ ବା ଚନ୍ଦ୍ରିପ୍ରସୁମଣ୍ଡିତ ନଦୀବକ୍ଷରେ । ଥରେ ସ୍ନିଗ୍ଧ ସୁଉଜ୍ଜ୍ୱଳ ଚନ୍ଦ୍ରମଣ୍ଡଳରେ– ଥରେ ସରଳାର ଅମଳଗଣ୍ଡ-ଫଳକରେ । କେବେ କୁମାରୀର ବିଶ୍ରାମସଦ୍ମରେ, କେବେ ବା ଜନକ ଜନନୀଙ୍କ ପାଦପଦ୍ମରେ । କିନ୍ତୁ ଅଧିକାଂଶ ସମୟ ଲୀଳାବତୀର ମଧୁର ହାସ, ସରସଭାଷା ଓ ମିଳନ ଆଶାରେ । କେତେବେଳେ ଭାବି ବସେ, "ଆହା ! କି ସୁନ୍ଦର ମଧୁର ଆଳାପ ! କି ଶୁଭକ୍ଷଣରେ କଟକରେ ପଦାର୍ପଣ—ପଥରେ ପାଦ୍ରୀ ସାହେବଙ୍କର ଦର୍ଶନ—ଇଂରାଜୀରେ ଉଚ୍ଚ ଶିକ୍ଷା ସଙ୍ଗେ ସଙ୍ଗେ ଏପରି ମଧୁର ପରିବର୍ତ୍ତନ । କିନ୍ତୁ ପିତା ମାତାଙ୍କ କଥା ଭାବିଲେ ହୃଦୟରେ ଅକାଳ ସନ୍ଧ୍ୟା ଉପସ୍ଥିତ ହେଉଅଛି । ଆଉ

Digitized by srujanika@gmail.com

ସେ କଥା ମନକୁ ଆଣିବି ନାହିଁ—ଆଉ ଗ୍ରାମକୁ ବାହୁଡ଼ିବି ନାହିଁ । ସେ ପଲ୍ଲୀମରୁରେ ମୋହର ଜୀବନ-ବୃକ୍ଷ ଆଉ ଜୀବିତ ରହି ପାରିବ ନାହିଁ । ଏକମାତ୍ର ପୁତ୍ର ବୋଲି ତାଙ୍କ ମନରେ ଦୁଃଖ ହୋଇପାରେ । ଏ ସଂସାରରେ ଏହିପରି କେତେ ତ ଦୁଃଖ ଭୋଗ କରୁ-ଛନ୍ତି । ମହାତ୍ମାମାନେ ସଂସାରରେ ଏ ସବୁ ମୋହବନ୍ଧନ ପ୍ରତି ଭ୍ରୂକ୍ଷେପ କରନ୍ତି ନାହିଁ । ତେବେ ମୁଁ କିଆଁ ଏତେ ଚିନ୍ତିତ ? ଏ ସଂସାରରେ ପିତା ମାତା କି ପୁତ୍ର କନ୍ୟା କେହି କାହାରି ନୁହନ୍ତି । ସମସ୍ତେ ପରସ୍ପରକୁ ଘେନି ସ୍ୱାର୍ଥର ଖେଳ ଖେଳୁଅଛନ୍ତି । ଆପଣାର କାର୍ଯ୍ୟ ସାଧନ ଲାଗି ଜୀବର ସୃଷ୍ଟି । ମୁଁ ମୋହର ମାର୍ଗ ଦେଖିବି । ପିତା ମାତାଙ୍କୁ ଜଣାଇ ଆଉ ଏ ମୋହର ସ୍ୱାଧୀନ ଉନ୍ମୁକ୍ତ ହୃଦୟକୁ ବୃଥା କଷ୍ଟ ଦେବି ନାହିଁ । ବର୍ତ୍ତମାନ ଲୀଳାବତୀର ଅମଳ ଧବଳ ପ୍ରତିବିମ୍ବ ମୋହର ହୃଦୟ-ସରରେ ଖେଳୁଅଛି । ତାହାର ମୁଖର ମଧୁର ହାସ୍ୟ ଓ ମଧୁର ଭାଷା ମୋହର ଚକ୍ଷୁ କର୍ଣ୍ଣକୁ ତୃପ୍ତ କରିଅଛି । ତାହାର ପତ୍ରଲେଖା ଛଟା ମୋହହୃଦୟରେ ସବୁ ଚିତ୍ର ଆଣି ପ୍ରକଟିତ କରୁଅଛି । ସ୍ନେହର ପ୍ରସ୍ରବଣ ମୋ ଆଡ଼କୁ ଧାବିତ । ମୁଁ ପାମର କେବଳ ତାହାର ପ୍ରତିଦାନ ନ କରି ଅନ୍ୟାୟ କରୁଅଛି । କେବଳ ରୂପଶ୍ରୀ ଦେଖି କଣ ସବୁ ବିସର୍ଜନ କରିବାକୁ ହେବ, ତାହା ନୁହେଁ । ଯେଉଁମାନେ ରୂପଜ ମୋହରେ ପ୍ରତାରିତ ହୋଇଥାନ୍ତି, ସେମାନଙ୍କର ପରିଣାମ ଶୋଚନୀୟ ହୋଇ ଉଠେ । ଲୋକେ କେବଳ ଶରୀରର କାନ୍ତି ଓ ମୁଖର ଗଠନରେ ରୂପର ବିଚାର କରୁଥାନ୍ତି । କିନ୍ତୁ ତାହା ବଡ଼ ଭ୍ରମ । ରୂପର ବାସ କେଉଁଠି—ତାହା ମୁଖ ନାସିକା ଛଟାରେ—କର ପଦ ଅଙ୍ଗୁଳିରେ—ଦନ୍ତପଂକ୍ତିରେ—କେଶବେଶ ସଂସ୍କାରରେ—ହାସ ଭାଷ ଚାଲି ଚଳନରେ ଏବଂ ଠାଣି ଗୃହାଣିରେ । ଏ ସବୁଥିରେ ଥାଉଁ ଥାଉଁ କେବଳ ବର୍ଣ୍ଣବଦନବିଚାର ବଡ଼ ତୁଚ୍ଛ କଥା । ଆଉ ଯାହାର ନାନା ଗୁଣ ଅଛି, ତାର ରୂପଶ୍ରୀ ତ କାହୁଁ କାହୁଁ ଫୁଟି ଆସିବ । ତେବେ ମୁଁ ତାହାକୁ ହତାଶ କରିବି ନାହିଁ । ବିବାହଟା ହେଲେ ପାଦ୍ରୀ ସାହେବ ବଡ଼ ସନ୍ତୁଷ୍ଟ ହୋଇଯିବେ । ପେଟପାଟଣାର ଆଉ କଷ୍ଟ କିଛି ରହିବ ନାହିଁ । ଆପାତତଃ ଏପ୍ରକାର ବିବାହର ସୁଯୋଗଟା ତ ବଡ଼ବା ଉଚିତ ହେଉଅଛି । ଶିକ୍ଷିତ ଦମ୍ପତିର କି ସୁଖ, କି କି ଉଚ୍ଚ ଆନନ୍ଦ, ତାହା ବକ୍ତୃତାଦିରୁ ଶୁଣିଅଛି—ମନେ ମନେ କଳ୍ପନା କରିଅଛି; ମାତ୍ର ଅନୁଭବ କରି ନାହିଁ । ଆମ୍ଭ ଜାତିଟାରେ ସେପରି ସୁଖ ଏ ଜନ୍ମରେ ଅସମ୍ଭବ । ତେବେ କେବଳ ପିତା ମାତାଙ୍କୁ ସନ୍ତୁଷ୍ଟ କରିବାପାଇଁ ଏତେବଡ଼ ସୁଖସମ୍ଭାରଟା କଣ ଛାଡ଼ିଦେଇ ବସିବି ! ନା, ସେଉଟା ବଡ଼ ଅବିବେକୀର କାର୍ଯ୍ୟ ହେବ । ମହାକବି କାଳିଦାସ କହିଅଛନ୍ତି ପରା—"ଅଳ୍ପସ୍ୟ ହେତୋର୍ବହୁହାତୁମିଚ୍ଛନ୍ ବିଚାରମୂଢ଼ଃ ପ୍ରତି-ଭାସି ମେ ତ୍ୱଂ ।" ଏକଥା ଅକ୍ଷରେ ଅକ୍ଷରେ ସତ୍ୟ । ବିଷୟର ଗୁରୁତ୍ୱ ନ ବୁଝିବା ନିତାନ୍ତ ଗଣ୍ଡମୂର୍ଖର କାର୍ଯ୍ୟ । ଓହୋ ! କେତେ ପ୍ରଭେଦ ! ଏକଆଡ଼େ ସ୍ୱର୍ଗର ସ୍ନିଗ୍ଧ ଆଲୋକ—ଅନ୍ୟଆଡ଼େ ପାତାଳର ଘୋରାନ୍ଧକାର ! ଏକଆଡ଼େ ପୁଷ୍ପିତ ଉପବନ—ଅନ୍ୟଆଡ଼େ କଣ୍ଟକ-ମୟ ଅରଣ୍ୟ ! ଏଣେ ସ୍ୱଚ୍ଛତୋୟା ତରଙ୍ଗିଣୀ—ତେଣେ ବଦ୍ଧଜଳା ପୁଷ୍କରିଣୀ ! କାହିଁ କଟକର ଲୀଳାବତୀ-କକ୍ଷ—କାହିଁ ଶୀତଳପୁରର ସେ ଚଷାସାହି । କାହିଁ ପାଦ୍ରୀ ବେନ୍ ସାହେବ—କାହିଁ ସାମାନ୍ୟ ପାଇକ ହରି ସ୍ୱାଇଁ । ଏଣେ ଶିକ୍ଷିତ ଖ୍ରୀଷ୍ଟିୟାନ୍ ଯୁବକ ବନ୍ଧୁ—ତେଣେ ବର୍ବର ଚଷା ଭାଇ ! ଏ ମହାନ୍ତରର ଜାଣି ଶୁଣି ସୁଦ୍ଧା ଯଦି ଗ୍ରହଣ ନ କରେଁ, ତାହାହେଲେ ମୋହର ଜୀବନ ଅକାରଣ, ଏ ଶିକ୍ଷା ନିଷ୍ଫଳ, ବୁଦ୍ଧି ମୃତ୍ପିଣ୍ଡଠାରୁ ସ୍ଥୂଳ ଏବଂ ମୋହର ଏ ମନୁଷ୍ୟତ୍ୱ ବ୍ୟର୍ଥ । ଆଜି ନଦୀ-ବନ୍ଧରେ ମୋହର ଏହି ପ୍ରତିଜ୍ଞା—କଳକଳନାଦିନୀ ଏହି କଲ୍ଲୋଳିନୀର କଲ୍ଲୋଳ ପରି ମୋ ହୃଦୟକନ୍ଦରରେ ଏଥର ପ୍ରେମନିର୍ଝରିଣୀ ବହିଯିବ । ଆଉ ପୂର୍ବ ପ୍ରବାହିତ ସେହି ପ୍ରସ୍ରବଣ ସହିତ ମିଶି ଅପୂର୍ବ ପୁଲକରେ ଊର୍ଦ୍ଧ୍ୱ-ମୁଖରେ ସେହି ଅନନ୍ତ ଆକାଶ ଆଡ଼କୁ ଶୀଘ୍ର ପ୍ରଧାବିତ ହେବ ।"

Digitized by srujanika@gmail.com

ଷଷ୍ଠ ପରିଚ୍ଛେଦ

କଟକ ପିଟନ ସାହି—ଗଳି, ବବଜାନ୍

ପିଟନ ସାହି ରାସ୍ତାର କଣମୁଣ୍ଡରେ ଅଳ୍ପ ଅଳ୍ପ ଛଡ଼ାରେ ଯୋଡ଼ାଏ ଖୋଲ ଘର ଅଛି । ଗୋଟିକର ବାରିପାଖରେ କେତୋଟି ଫଳଶୂନ୍ୟନତ ଆତ-ଗଛ— ଦାଣ୍ଡ ବଡ଼ ଘରଟିରେ ଦୁଇପହର ଛଡ଼ା ସବୁବେଳେ ଛେଳି ମେଣ୍ଢାଙ୍କର କର୍ଣ୍ଣବଧିରକ ମ୍ୟାଁ ମେଁ— ମାଁ ଶବ୍ଦ ଶୁଣାଯାଏ । ଭିତର ପାଖର ସାନ ବଖରାଟିରେ ବୁଢ଼ୀ ବବଜାନ୍‌ର ସମସ୍ତ ଘର କରଣା ଜିନିଷପାତି ରହିଅଛି । ସଞ୍ଜ ହେଲେ ବବଜାନ୍ ଛେଳି ମେଣ୍ଢାଙ୍କର ସେହି ବକଟାଳ ରଡ଼ି ଭିତରେ ଆଉ ମଳମୂତ୍ରର ସେ ଉତ୍କଟ ଦୁର୍ଗନ୍ଧ ଭିତରେ ନାକ କାନକୁ ପଥର କରିଦେଇ ଦାଣ୍ଡ ଘରର ଦୁଆରେ ବସି ରାସ୍ତାରେ ଯିବା ଲୋକଙ୍କୁ ଚକାଇ ବସିଥାଏ । ଆଗରେ ଗୋଟିଏ ବାଉଁଶ ଟୋକାଇରେ କେତେଗୁଡ଼ାଏ ଗଛପାଚିଲା ଆତ ବିକିବାପାଇଁ ଥୁଆ ହୋଇଥାଏ । ଦିନବେଳେ ବୁଢ଼ୀ କେତେଗୁଡ଼ାଏ ଗୁଲି ଆଉ ଟିକିଆ ଟୋକେଇରେ ପୂରାଇ ପଡ଼ୋଶୀ ଗୁଡ଼ାଖୁସେବୀମାନଙ୍କର ଦ୍ୱାର ଦ୍ୱାର ବୁଲି ଆପଣା ଉଦରପୂରଣର ଉପାୟଟା କରିପକାଇଥାଏ । ସନ୍ଧ୍ୟା ବୈଠକରେ ପାଖ ପଡ଼ୋଶୀ ରମିଆମା ଆସି ବିଶ୍ୱାସ କଥା ଭାଷାରେ ମିଳିଯାଏ । ପାଠକେ, ବୋଧହୁଏ ଏହାର ପରିଚୟ ପାଇବାପାଇଁ ଉନ୍ମୁଖ ହେବେ । ସେଥିପାଇଁ ସଂକ୍ଷେପରେ ଏତିକି କହି ପାରୁଁ ଯେ, ରମିଆର ବାପ କେଉଁ ଶଙ୍କର ବାବୁଙ୍କ ବଗିଚାରେ ମାଳି ଥିବାରୁ ସେହିଠାରେ ଥାଏ । ଶନିବାର ରବିବାର ଦେଖି ଖଞ୍ଜାଖଞ୍ଜରେ ଖସି ଆସି ଥରେ ଘରଦ୍ୱାର ବୁଲି ଚାଲିଯାଏ । ରମିଆମାର ଉଭୟ ଲିଙ୍ଗର ଦୁଇ ଗଣ୍ଡା ପିଲା । ଠିକ୍ ଆମ୍ଭ ରେଭରେଣ୍ଡ ଫିଲିପ ବାବୁଙ୍କର ସେ ଲୁଙ୍ଗୁଡ଼ାର ଗୋଠ ପରି ଥାନ୍ତି । ଝିଅଟା ବଡ଼—ସେ ସାନ ପିଲାଗୁଡ଼ାକ ଧରମାରି ସମ୍ଭାଳିବାରୁ ମା ଟିକିଏ ଫୁରୁସତ ପାଇଯାଏ । ତେଣୁ ସଞ୍ଜବତି ଲାଗିଲାକ୍ଷଣି ପିଲାଙ୍କର ତୋରାଣୀ ବ୍ୟବସ୍ଥା କରିଦେଇ କେତେଟାଙ୍କୁ ନିଦ୍ରାଭିଭୂତ ଆଉ କେତେଟାଙ୍କୁ ଅର୍ଦ୍ଧ-ନିଦ୍ରିତ ଅବସ୍ଥାରେ ସେହି ମଶାଙ୍କ ମେଳରେ ପକାଇଦେଇ ବବଜାନ୍ ପାଖରେ ଆସି ନିଃଶ୍ୱାସ ମାରେ । ଦୁଇ ସଖୀ ମିଳିଗଲେ କେତେ ଦୁଃଖ ସୁଖ; ଆଉ ରାଇଜର କଥା ପଡ଼ିଯାଏ । ସେ ଦୁହିଙ୍କ ବୈଠକରେ ଯାହା ପଡ଼େ, ଦେଶର କୌଣସି ମହାସଭାରେ ତେତେ କଥାର ଆଲୋଚନା ହୁଏ କି ନାହିଁ ସନ୍ଦେହ ! କେତେବେଳେ ଛେଳି କୁକୁଡ଼ାଙ୍କ ଜନ୍ମମୃତ୍ୟୁ କଥା—କେତେବେଳେ ଆପଣାର ପେଟପାଟଣା କଥା—କେବେ ରମିଆ ବାପ ବା ସେହିଭଳି ଚାକରଙ୍କ ଦୁଃଖ ଜଞ୍ଜାଳର କଥା—କେବେ ବା ସହରର କଥା—କେବେ କେବେ କେଉଁ ଧର୍ମ ବା ଜାତିର କଥା—କେବେ ବା ସାହେବ ସୁବା ଓ ବାବୁ ଭୟାଙ୍କ କଥା—ଇତ୍ୟାଦି ନାନା କଥାର ଆଲୋଚନା ଆଉ ସାଙ୍ଗେ ସାଙ୍ଗେ ତହିଁର ନିର୍ଦ୍ଧାରଣ ସେହିଠାରେ ହୋଇଯାଏ । ଦୁଃଖର କଥା ଯେ, କେହି ରିପୋର୍ଟର ନ ଥିବାରୁ ସେ ସବୁ କାହାରି କାନକୁ ଆସିପାରେ ନାହିଁ । ଦିନେ ଆମ୍ଭେ ଅତି କୌଶଳରେ—ବଡ଼ ହୁସିଆରରେ ତାଙ୍କର ଦରବାରର କଥା ହାସଲ୍ କରିଅଛୁଁ । ଏଠାରେ ତାହା ପାଠକମାନଙ୍କୁ ଉପହାର ଦେବାକୁ ମନ ବଳାଇଅଛୁଁ ।

ରମିଆମା ଆଜିକାଲି ଦୁନିଆର ହାଲଚାଲ ଦେଖି ବଡ଼ ଦୁଃଖ ଓ କ୍ଷୋଭରେ ପ୍ରିୟସଙ୍ଗିନୀ ବବଜାନ୍‌କୁ କହିଲା, "ବବ, ଆଜିକାଲିକା କଥା ବେଳକୁବେଳ

Digitized by srujanika@gmail.com

ଧରମଛଡ଼ା ହେଲ । ତୁମେ ଆମେ ତ ବଖତବେଳେ କେବେ ବଜାରକୁ ବାହାରି ନ ଥିଲେଇଁ । ପରଲୋକକୁ ପଦେ କଥା କହିବାକୁ ତ ତୁମ ଆମ ଧରମରେ ମନା । ଗୁଲଶ ବରଷରେ ଏବେ ସିନା ଫିଲ୍‌ଏ ପାରିବାରୁ ଆମେ ବଜାରମୁହଁ ଦେଖୁଥାଇଁ—ତୁମ ଶାଶୁ ଥିବାଯାଏ କେଉଁଠି କାହିଁ ବାହାରୁଥିଲ ? ଏବେ ଭଲ ଦେଖିଲ, ଏ ସାହି ଟୋକାଗୁଡ଼ାକ ଏଣେ ତେଣେ କଣ ହଉଛନ୍ତି ! ଏ ଖୀରସ୍ତାନ ଗୋଟାଏ କି ଜାତି—ୟାଙ୍କର ତ କିଛି ଠିକଣା ନାହିଁ—ଜାତିପତିର ବିଗ୍ଭର ଯେମିତି ନାହିଁ—ଥାନ ଅଥାନର ବି ବାରଣ ନାହିଁ । ହେଲେ ଆପଣା ଇଜ୍ଜତ ହୁରୁମତକୁ ଟିକିଏ ଆଖି ନ ଥାନ୍ତା ! ଏଇଠେଇଁ ଦେଖୁ ନାହିଁ, ସେ ଫିଲିପ ବାବୁ ଘର କଥା କଣ ହେଉଛି ।

ବିବି—ହିଁ ହିଁ, ଦେଖୁ ନାହିଁ କଣ ? ପାଠ ପଢ଼ାଇଲେତ ମାଇକିନିଆମାନେ ବାବୁ ବନିଯାନ୍ତି । ସେ ବେଟୀର ଗ୍ଭଲି ଚଳଣି ଦେଖିଲେ ମୋ ହାଡ଼ ଜଳେ । ବେଳେ ବେଳେ ମୋ ଦୁଆରକୁ ଆତ ନବାପାଇଁ ଆସିବ, ତେବେ ସେହିଆଡ଼ୁ ଗୋଟିଏ ରୁମାଲ କନାରେ ମୁହଁ ନାକ ବନ୍ଦ କରି ଆସୁଥିବ । ପୁଣି କି ହାକିମି ! ଜଲଦି ଦେ—ତା ନାକରେ ଏମିତି ଗନ୍ଧ ପଶି ଯାଉଛି !

ଗ୍ଭମିଆମା—ତା ସତ, ଖାଲି କଣ ସେତିକି—ତା କଥା ତ କେଉଁଠୁ କେଉଁଯାଏ ଗଡ଼ି ଗଲାଣି—ତୁମକୁ ଜଣା ନାହିଁ ପରା ?

ବିବି—ମୁଁ ଜାଣେ ନାହିଁ—ସେ ବଗୁଲିଆ ଟୋକାଟା କେତେ ଏଠିକି ଆସୁଛି । ତାହା ସାଙ୍ଗରେ କେତେ ହସ, ଖେଳ, ଥଟା, ଟାପରା । ହାତ ଧରାଧରି ହୋଇ ସଭିଙ୍କ ଆଗୁଟାରେ ପରା ବୁଲୁଥାନ୍ତି ।

ଗ୍ଭ—ସେ କଣ ୟାକୁ ବାହା ହବ ବୋଲି କଥା ହଉଛି । ବାହା ନ ହଉଣୁ ଏମିତି !

ବିବି—କେବେ ଭଲ ବାହାଘର ହେବ ?

ଗ୍ଭ—ତାଙ୍କର କଣ ଆମ ଜାତି ପରି ଭଲ ମାସ କି ଭଲ ଦିନ ଲଗ୍ନ ଅଛି କି ଲୋ ? ମାସର ପହିଲି କି ଛୁଟି ଦିନ ଦେଖିକରି ସେଥିରେ ତାଙ୍କର ବାହାଘର କରିଦିଅନ୍ତି । ୟାଙ୍କର କେବେ ହେବ କେଜାଣି—ମୁଁ ସେତେ କଥା ବୁଝିବାକୁ ଯାଏ ନାହିଁ । ଅଦାବେପାରୀର ଜାହାଜ କାରବାରରୁ କଣ ମିଳିବ ?

ବିବି—ହେଉ, ଛାଡ଼ ସେ କଥା, ଆମକୁ ସେଥିରୁ କିଛି ଫାଇଦା ନାହିଁ ।

ଗ୍ଭମିଆମା ଆଉ ଅବା କଣ କହିଥାନ୍ତା, ଏତିକି-ବେଳେ ପିଲଟାଏ ଭଡ଼ ଗ୍ଭଡ଼ିବାରୁ ଗ୍ଭମିଆମା ତରତର ହୋଇ ସେଠାରୁ ଗ୍ଭଲିଗଲା । ଏକାକିନୀ ବିବିଜାନ୍ ରାତି ବେଶି ହୋଇଯିବାର ଦେଖି ଦାଣ୍ଡ ଦୁଆରରେ ଚାଟିକି ଲଗାଇଦେଇ ଅନ୍ତଃପୁରକୁ ଗ୍ଭଲି ଗଲା । ତେଣୁ ଆଉ ଅଧିକ ଶୁଣିବା ଆମ୍ଭମାନଙ୍କ ଭାଗ୍ୟରେ ଘଟିଲା ନାହିଁ ।

Digitized by srujanika@gmail.com

ସପ୍ତମ ପରିଚ୍ଛେଦ

ଅଦାଲତ କଚେରି—ବାହାର

ଆଜ ଅଦାଲତରେ ଲୋକାରଣ୍ୟ । ଓଳତଳ କଣ, ଗଛମୂଳ କଣ, ବାଟ ବରଣ୍ଡା କଣ, ସବୁଠାରେ ଗଞ୍ଜା ଗଞ୍ଜା ଲୋକ । କେଉଁଠି ଦଳେ ଓକିଲ ଘରପାଖରେ —କାହିଁ ଦଳେ ମୋହରିର ଘରପାଖରେ—କାହିଁ ବା ଦଳେ ଦଳେ ଅମଲା, ମାମଲତକାର ଘରପାଖରେ ଘେରିଖାଇ ବୁଲୁଅଛନ୍ତି । ଗଛମୂଳରେ ଗଞ୍ଜାଏ ଜଣ କେତେ କଲମଖୋରଙ୍କୁ (ଖୋର କହିବାର ଉଦ୍ଦେଶ୍ୟ ଏହି ଯେ, ନିଶାଖୋର ଯେପରି ନିଶା ଛାଡ଼ି ପାରେ ନାହିଁ, ଏମାନେ ସେହିପରି କଲମ ଛାଡ଼ିଲେ ମୁହୂର୍ତ୍ତେ ବଞ୍ଚି ପାରିବେ ନାହିଁ ।) ବେଢ଼ି ବସି ପଢ଼ୁଅଛନ୍ତି । କଲମୀମାନେ ଆଣ୍ଠୁ ଉପରେ ଖଣ୍ଡେ ଖଣ୍ଡେ ପଇସିକିଆ କାଗଜ ବିବିଧ ଭଙ୍ଗରେ ଭାଙ୍ଗି ଅଧିକ ଅର୍ଜନ ଆଶାରେ ଅତି ତରତରରେ ଆପଣାର ମୁଖର କଲମରେ ଚର ଚର ଗାରେଇ ପକାଉଅଛନ୍ତି । ବରଣ୍ଡାରେ ଜଣେ ଜଣେ ମୋହରିର ମୟୂର ପକ୍ଷୀକଲମ କାନରେ ଖୋଷିଦେଇ ବେକାଏ ବେକାଏ କାଗଜ ହାତରେ ଧରି ଏ ଘର ସେ ଘର ଦୁଇ ତିନି ଅନୁଚର ସହ ପଶି ଯାଉଅଛନ୍ତି । ଆଗପଟରେ ଜଣକେତେ ଟଉଟୀ ମଶାଣିରେ କୁଆ ଶାଗୁଣା ବା ଶ୍ୱାନ ଶୃଗାଳ ପରି ଲୋକଙ୍କୁ ଘେନି ଟଣା ଓଟରା ଲଗାଇଅଛନ୍ତି । ଯାତ୍ରୀଙ୍କି ଦେଖିଲେ ଅର୍ଥାଶୀ ପଣ୍ଡାପଡ଼ିଆମାନେ ଯେପରି ଆଚରଣ କରନ୍ତି, ନୂଆ ମହକିଲ ଦେଖି ଗଞ୍ଜାଏ ସେପରି ବ୍ୟବହାର କରିବାରେ କିଛିମାତ୍ର ତ୍ରୁଟି କରୁ ନାହାନ୍ତି । ଆଜ ବରଣ୍ଡାରେ କେତେଗୁଡ଼ାଏ ଉତ୍ତରୀୟ-ବିହୀନ କୋଟ କାମିଜଧାରୀ ଏକବାଛୁଆ ଲୋକ ଦଣ୍ଡାୟମାନ । କେହି ଛତ୍ରହସ୍ତ, କେହି ବେତ୍ରହସ୍ତ କେହି ମସ୍ତକହସ୍ତ, କେହି ବା ପୁସ୍ତକହସ୍ତ, କେହି ଯଷ୍ଟିକର, କେହି ଘଟୀ-ଧର । କଚେରି ପଛପଟରେ ଗୋଟିଏ ବଟବୃକ୍ଷ ମୂଳରେ କେତେଗୁଡ଼ାଏ ଧବଳବସନା ମହିଳା ଉଙ୍କ-ସଶଙ୍କ ନୟନରେ ଦଣ୍ଡାୟମାନା । ବରଣ୍ଡାରେ କେତେ-ଗୁଡ଼ାଏ ମଫସଲି ସାକ୍ଷୀ ଦେଖଣାହାରୀ ରୁଣ୍ଡ ହୋଇ କଚେରିର ଗୋଟିକ ଗୋଟି ବଖରା ନଠେଇ ନଠେଇ ଦେଖି ଗପି ଗପି ଅନ୍ୟମନସ୍କ ଭାବରେ ଯାଉଥିବା ବେଳେ ଜଜ ସାହେବଙ୍କ ମିସଲର ଆଗଦ୍ୱାରଠାରେ ଚପରାଶି 'ଚୁପ୍‌ଚୁପ୍' ହୁକୁମ ସହିତ ଧକ୍କାଦେଇ ତଳେ ଗଡ଼ ଯିବାକୁ କହୁଅଛି । ଏହି ସମୟରେ ଜ୍ୟେଷ୍ଠ କନିଷ୍ଠ ଜଣକେତେ ଓକିଲ ମୁଣ୍ଡରେ ପାଲ୍ଲ-ପଗଡ଼ି ବସାଇ ଦେଇ ବ୍ୟଗ୍ର ଭାବରେ ସେ ଘରେ ଲସର ପସର ହୋଇ ପଶିଗଲେ । ପଛେ ପଛେ ସଙ୍କେତ ପାଇ ଫିଲାପ ବାବୁଙ୍କ ସଙ୍ଗରେ ସେହି ରୁଣ୍ଡୀଭୂତ ଦଳଟି ଗଡ୍ଡଳିକା-ପ୍ରବାହ ପରି ଗୋଟି ଗୋଟି ହୋଇ ଚାଲିଗଲେ । ନାଟରଙ୍ଗ ବା ହଟଚମଟ ଦେଖିବାର ଥିଲେ ଲୋକେ ଯେପରି ହୁଅନ୍ତି, ଅନେକେ ସେହିପରି ସେହିଆଡ଼କୁ ଦ୍ରୁତପଦରେ ଅଗ୍ରସର ହେବାକୁ ଲାଗିଲେ । ଏହି ସମୟରେ ଚପରାଶି 'ଜନମୋହନ ସ୍ୱାଇଁ ହାଜର ହୋ' ଡାକ ଦଅନ୍ତେ ତତ୍‌କ୍ଷଣାତ୍ ପୂର୍ବରୁ ସାବଧାନ ପାଠକ-ମାନଙ୍କ ପୂର୍ବପରିଚିତ ମୋହନ କିଞ୍ଚିତ୍ ଅନାଦରରେ ହାଜର ହାଜର କହି ନିଜ ଓକିଲ ପଛେ ପଛେ ମିସଲ ଭିତରକୁ ଟଣା ହୋଇ ଗଲା ପରି ପ୍ରବେଶ କଲେ । ଆମ୍ଭେମାନେ ମଧ୍ୟ ଏହି ଗହଳରେ ପଶିଗଲୁଁ, ଦେଖିଲୁ ଉଭୟ ପାର୍ଶ୍ୱରେ ଦୁଇଦଳ ନୂଆ ପୁରୁଣା ଓକିଲ—କେତେକ ବ୍ୟବହାରୀ, ଆଉ କେତେକ ଦେଖଣାହାରୀ ।

Digitized by srujanika@gmail.com

ବାଦୀର ପାର୍ଶ୍ୱଭାଗରେ ଓକିଲଙ୍କ ସଂଖ୍ୟା ପ୍ରାୟ ଦୁଇଗୁଣ ଥିଲା । ଅପର ପାର୍ଶ୍ୱରେ ଓକିଲସଂଖ୍ୟା ଅଳ୍ପ ଥିଲେହେଁ ପ୍ରତିବାଦୀର ପ୍ରଧାନ ଓକିଲ ବାବୁ ପି' ସି. ମିତ୍ର ସ୍ଥୂଳକାୟ ଥିବାରୁ ଦୁଇ ତିନିଜଣଙ୍କର ଅଭାବ ପୂରଣ କରୁଥିଲେ । ପ୍ରତିବାଦୀ ଉପସ୍ଥିତ ହେବା ମାତ୍ରେ ଅର୍ଗଳି ମଧ୍ୟରେ ପ୍ରବେଶ କରି କାଠବାଡ଼ରେ ବାହୁଭର ଦେଇ ଲଜ୍ଜାକ୍ଷୋଭରେ ହୃଦୟ ଜର୍ଜରିତ ହେଉଥିଲେହେଁ ଆପଣାକୁ ନିରପରାଧ ବୋଲି ପରିଚୟ ଦେବାପାଇଁ ଦମ୍ଭଭାବରେ ନିର୍ଭୀକବତ୍ ଠିଆ ହେଲେ । ତତ୍‌କ୍ଷଣାତ୍ ସତ୍ୟଶ୍ରାବଣ କରାଗଲା—ତହୁଁ ବାଦୀର ପ୍ରଧାନ ଓକିଲ ବାବୁ ଜ. ବ. ଚୌଧୁରୀ ଠିଆ ହୋଇ ପଢ଼ୁଥିବା ନଥିବଡ଼ାଟା ଟେବୁଲ ଉପରେ ଥୋଇ ଦେଇ—ସୁନାଶିକୁଳିଲଗା ଚଷମାଟା ଛାତି ଉପରେ ଝୁଲାଇ ଦେଇ ଅଳ୍ପ ଆନତବଦନରେ ପ୍ରତିବାଦୀକୁ ପ୍ରଶ୍ନ କଲେ ତୁମ୍ଭର ନାମ ?

ପ୍ରତି—ଜନମୋହନ ସ୍ୱାଇଁ । (ଏଣେ ଉଭୟପକ୍ଷରେ ଦୁଇ ଜଣ ସାନ ଓକିଲ ଟେବୁଲ ଉପରେ ପୁଳାଏ କାଗଜ ଥୋଇ ତରତରରେ କଣ ଟିପିବାକୁ ଲାଗିଲେ ।)

ଓ—ପିତାର ନାମ ?

ପ୍ରତି—ହରିହର ସ୍ୱାଇଁ ।

ଓ—ବୟସ ?

ପ୍ରତି—ପଚାଶ ବର୍ଷ ।

ଓ – ବାସସ୍ଥାନ ?

ପ୍ରତି—ଖୋରଧା ଅନ୍ତର୍ଗତ ଶୀତଳପୁର ।

ଓ—ଜାତି ?

ପ୍ରତି—(ଟିକିଏ ଇତସ୍ତତଃ ହୋଇ ଚନ୍ଦ୍ରାଭିନୟରେ) ହିନ୍ଦୁ !

ଓ—ବ୍ୟବସାୟ ?

ପ୍ରତି—ଚାକିରି ।

ଓ—ଆଚ୍ଛା, ତୁମ୍ଭେ ଏଠା ହାଇ ସ୍କୁଲରେ ପଢ଼ୁଥିଲ ?

ପ୍ରତି—ହଁ ।

ଓ—ତେତେବେଳେ ତୁମ୍ଭର ନାମ ମୋହନ ସ୍ୱାଇଁ ଥିଲା ନା ?

ପ୍ରତି—ହଁ ।

ଓ—ତେବେ 'ଜନମୋହନ' କିପରି ହେଲା ? ତାହାହେଲେ ତୁମ୍ଭେ କଣ ଖ୍ରୀଷ୍ଟାନ ଧର୍ମ ଗ୍ରହଣ କରିଅଛ ?

ପ୍ରତି—ନା, ପଢ଼ିବା ସମୟରେ ମୋହର ଗୋଟାଏ ସେଆଡ଼କୁ 'ଟେଣ୍ଡେନ୍‌ସି' ଥିଲା । (ପାଠକମାନଙ୍କୁ ଏଠାରେ ସତର୍କ କରି ଦେଉଅଛୁଁ ଯେ ଆମ୍ଭମାନଙ୍କର ଏ ଆସାମୀ ଅନ୍ୟ ଦୋଷୀ ପରି ଭୀତଭାବରେ ବା ଗଦ୍‌ଗଦ କଣ୍ଠରେ କିଛି କହୁ ନ ଥିଲେ । ଅଥବା ପଦେ କହିପକାଇ ଅନ୍ୟଥା ପ୍ରଶ୍ନିତ ହେବା ଶଙ୍କାରେ ଅଧରସ୍ଫୁରଣ ସହକାରେ ଆଉ ପଦେ କହିବାକୁ ବ୍ୟଗ୍ର ହେଉ ନ ଥିଲେ । ନିର୍ବିକାରଚିତ୍ତରେ କଞ୍ଚିତ୍ ରୋଷକଷାୟିତ ଦୃଷ୍ଟିରେ ମିତଭାଷୀ ପରି ଅଳ୍ପ କଥାରେ ଯେତେକ ସତ୍ୟଶୁଦ୍ଧ ଉତ୍ତର ପ୍ରଦାନ କରୁଥିଲେ ।)

ଓ—ଆଚ୍ଛା, ତୁମ୍ଭେ ଯେ ପୈତୃକ ନାମ ପରିବର୍ତ୍ତନ କରିଅଛ, ଆଫିଡେବିଟ୍ କରିଥିଲ ?

ପ୍ରତି—ନାହିଁ ।

ଓ—ଆଚ୍ଛା, ରେଭରେଣ୍ଡ ବେନ ସାହେବଙ୍କୁ ଜାଣ ?

ପ୍ରତି—ଜାଣେ ।

ଓ—କେବେ ତାଙ୍କ କୋଠିକି ଯାଇଅଛ ? ସପ୍ତାହରେ କେତେ ଦିନ ଯାଅ ?

ପ୍ରତି—କେବେ କେବେ ଯାଇଅଛୁ । କୌଣସି ନିର୍ଦ୍ଦିଷ୍ଟ ଦିନ ନାହିଁ ।

ଓ—ତାଙ୍କର ମେମ୍ ସାହେବଙ୍କଠାରୁ ତୁମ୍ଭେ ଅନେକ ଥର ସାହାଯ୍ୟ ପାଇଅଛ ?

ପ୍ରତି—ପାଇଛୁ ।

Digitized by srujanika@gmail.com

ଓ—ଆଚ୍ଛା, ତାଙ୍କ ପାଖରେ କେତୋଟି ଖ୍ରୀଷ୍ଟାନ ବାଳକାଙ୍କୁ ତୁମେ ଦେଖିଥିଲ ?

ପ୍ରତି—ହଁ, କେତେଜଣ ପଢ଼ୁଥିବାର ଦେଖିଥିଲି ।

ଓ—ସେଥି ମଧ୍ୟରୁ କାହା ସହିତ ତୁମର ପରିଚୟ ବା ଘନିଷ୍ଠତା ଜନ୍ମିଅଛି ?

ପ୍ରତି—ନାହିଁ ।

ଓ—ତୁମେ ଲୀଳାବତୀ ଗଜପତିଙ୍କୁ ଜାଣ ?

ପ୍ରତି—ନାମ ଶୁଣିଅଛି, ଦେଖା ବା କଥାଭାଷା କିଛି ହୋଇ ନାହିଁ ।

ଓ—ଆଚ୍ଛା, ତୁମେ ବାଇବେଲ ପଢ଼ିଅଛ ? କେତେ ଥର ? ଆଉ ସାହେବଙ୍କଠାରୁ ସମୟ ସମୟରେ ଧର୍ମୋପଦେଶ ପାଇଅଛ କି ?

ପ୍ରତି—ପଢ଼ିଛି, କେତେ ଥର ମନେନାହିଁ । ପ୍ରଥମେ ପ୍ରଥମେ ସାହେବ ମୋତେ କେତେକ ଉପଦେଶ ଦେଇଥିଲେ ।

ଓ—କେତେଦିନ ହେଲା ତୁମେ ସେ ଉପଦେଶରୁ ବଞ୍ଚିତ ହୋଇଅଛ ?

ପ୍ରତି—ମୁଁ ପ୍ରାୟ ବର୍ଷେ ହେଲା ତାଙ୍କ କୋଠିକି ଯାଇ ନାହିଁ ।

ଓ—ଆଚ୍ଛା, ତୁମ ନାମରେ ଯେଉଁ ଅଭିଯୋଗ ହୋଇଅଛି, ତାହା ତେବେ ସତ୍ୟ ?

ପ୍ରତି—ଏ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ।

ତହୁଁ ଓକିଲ ବାବୁ ମୁହଁ ଫେରାଇ ତାହାଙ୍କ ହସ୍ତଲିଖିତ ପତ୍ରାଦି କଣ ଅଛି ବୋଲି ଫିଲିପ ବାବୁଙ୍କୁ ମାଗିବାରୁ ସେ ନଥିରୁ ଖଣ୍ଡିଏ ପତ୍ର ଦେଖାଇଦେଇ ସମସ୍ତେ ନ ଶୁଣିଲା ପରି କହିଲେ, "ଏହି ଖଣ୍ଡିକ ତାଙ୍କର ଶେଷ ପତ୍ର ଏବଂ ଏତିକ ମୋ ପାଖରେ ଥିବାରୁ ଦାଖଲ କରିଥିଲି ।" ଓକିଲ ବାବୁ ହଠାତ୍ ନାକରେ ଚଷମା ଲଗାଇଦେଇ ଥରେ ପତ୍ରଖଣ୍ଡିକ ଘୁଞ୍ଚିଦେଲେ ଏବଂ ପତ୍ରର ସମସ୍ତ ଲିପି ପରୋକ୍ଷରେ ରଖି କେବଳ ସ୍ୱାକ୍ଷର ଅଂଶଟି ଦେଖାଇ ପଚାରିଲେ—ଏ ତୁମର ସ୍ୱାକ୍ଷର ତ ?

ପ୍ରତି—ହଁ, ମୋହର ସ୍ୱାକ୍ଷର ପରି ଦିଶୁଛି । (କହିସାରି କ୍ଷଣିକ ଚିନ୍ତାଭିନୟ ।)

ଓ—ଗତ ବର୍ଷ ତୁମେ ଏ ପତ୍ର ଶ୍ରୀମତୀ ଲୀଳାବତୀ ଗଜପତିଙ୍କ ନିକଟକୁ ଲେଖିଅଛ ? ତୁମର ତାହା ହେଲେ ତାଙ୍କ ସହିତ ବିବାହ ପ୍ରସ୍ତାବ ଧାର୍ଯ୍ୟ ହୋଇଥିଲା ?

ପ୍ରତିବାଦୀ କିଛି ଉତ୍ତର ନ ଦେଉଣୁ ତାଙ୍କର ଓକିଲ ହଠାତ୍ ଉଠିପଡ଼ି ବାଧା ଦେଇ ହାକିମଙ୍କ ଆଡ଼କୁ ଅନାଇ କହିଲେ, "ହଜୁର ! ଏ ପତ୍ରଖଣ୍ଡି ଏଠାରେ ପାଠ କରାଯାଉ ।" ସଙ୍କେତରେ ପତ୍ରଧାରୀ ଓକିଲ ତାହା ପାଠ କରିବାକୁ ଆରମ୍ଭ କଲେ ।

ମୋହର ପ୍ରିୟ ଲିଲି,

ପ୍ରଭୁ ତୁମକୁ ଆଶୀର୍ବାଦ କରନ୍ତୁ ।

ମୁଁ ତୁମକୁ କାହିଁକି ଯେ ଏତେ ପ୍ରେମ କରେଁ, ତାହା ମୁଁ ଜାଣି ପାରଇ ନାହିଁ । ଜଗତରେ ଲୋକେ ସୁନ୍ଦର ରୂପ ଦେଖି ଯେତେ ଟଳନ୍ତି, ମୁଁ ତୁମ ଗୁଣରେ ତାହାଠାରୁ ଅଧିକ ଟଳିଅଛି—ଜାଣ । କହିବାକୁ ମନ ବଳୁନାହିଁ ଯେ, ମୁଁ ବର୍ତ୍ତମାନ ତୁମଠାରୁ ଅନ୍ତର ହେବାକୁ ବସିଅଛି । ମୋହର ମନର ଅବସ୍ଥା ଭଲ ନୁହେ—ପିତା ମାତାଙ୍କ କଥା ଭାବି ମନ ବଡ଼ ଅସ୍ଥିର ହେଉଅଛି । ନାନା କାରଣରୁ ମୁଁ ଏ ସ୍ଥାନ ପରିତ୍ୟାଗ କରିବାକୁ ବାଧ୍ୟ ହୋଇ ଚାକିରି ନିମିତ୍ତ ସ୍ଥାନାନ୍ତରକୁ ଯିବି । ମୋହ ପ୍ରତି ତୁମେ ଯେଉଁ ପ୍ରେମ ଭାବ ରଖିଥିଲ ତାହା ମୁଁ କେବେହେଁ ପାସୋରି ପାରିବି ନାହିଁ । ଏତିକରେ ତୁମଠାରୁ ବିଦାୟ ନେଲି ।

ମୁଁ ତୁମର ପ୍ରେମପାଶବଦ୍ଧ
ଜନମୋହନ ।

ପୁନଶ୍ଚ—ତୁମର ଉପନ୍ୟାସ ବହି ଦୁଇଖଣ୍ଡି ପରେ ପଠାଇଦେବି ।

ଜ. ମୋ.

Digitized by srujanika@gmail.com

ପତ୍ରପାଠାନ୍ତେ ପ୍ରତିବାଦୀର ଉକିଲ ଥରେ ଅପର ପକ୍ଷ ଉକିଲଙ୍କ ମୁହଁକୁ, ଥରେ ହାକିମଙ୍କ ଆଡ଼କୁ ଅନାଇ ଦୁଇ ତିନି ଥର ଅଧର ସ୍ଫୁରଣ ପରେ କହିଲେ, "ହଜୁର ! ଏ ପତ୍ରରୁ କୌଣସି ଚୁକ୍ତି ଥିବାର ଅନୁମାନ ହେଉନାହିଁ । ଅତଏବ ଏହି ପତ୍ରବଳରେ ବିବାହ ପ୍ରସ୍ତାବ ହୋଇଥିଲା ବୋଲି କହିବା ଅସଙ୍ଗତ ଅଟେ । ଆଉ ମଧ୍ୟ ମୋହର ମହକିଲ ବାଦିନୀ ସହିତ କୌଣସି ସମ୍ପର୍କ ଥିଲା ବୋଲି ସ୍ୱୀକାର କରିନାହିଁ ।"

ଅବଜ୍ଞାବ୍ୟଞ୍ଜକ ସ୍ମିତସହକାରେ ପ୍ରତିପକ୍ଷଙ୍କ ସେ ଯୁକ୍ତି ଶ୍ରବଣ କରି ଚୌଧୁରୀ ମହାଶୟ ଦୁଇ ତିନିଟା ବଡ଼ ବଡ଼ ଆଇନ ବହି ତରତରରେ ମେଲାଇ ପକାଇ କିଛି କ୍ଷଣ କାଳ ମନେ ମନେ ଗୁଣି ଦୁଇ ତିନିଥର ଦୃଢ଼ତା-ବ୍ୟଞ୍ଜକ ତର୍ଜନୀ ନିର୍ଦ୍ଦେଶପୂର୍ବକ ମୁଖ ଉତ୍ତୋଳନ କଲେ ଏବଂ ହାକିମ ଆଡ଼କୁ ଚାହିଁ କ୍ଷଣିକ ସ୍ତିମିତଭାବରେ କହିଲେ, "ହଜୁର ! ଶେଷରେ ମୋହର କିଛି ବକ୍ତବ୍ୟ ଅଛି । ଅନୁମତି ହେଲେ ମୁଁ ଗୋଟିଏ ଶିଶୁ ସନ୍ତାନକୁ ଏଠାକୁ ଅଣାଇ ତାହା ଦ୍ୱାରା ପ୍ରମାଣ କରାଇ ପାରିବି ଯେ, ଏହାଙ୍କର ବାଦିନୀ ସହିତ ପ୍ରକୃତ ପ୍ରଣୟ ଥିଲା ।"

ବିସ୍ମୟସ୍ତିମିତ ନେତ୍ରରେ କେହି କେହି ଅଧୋ-ବଦନରେ ଏହା ଶ୍ରବଣ କଲେ । ପ୍ରତିବାଦୀ ନୀରବ ହୋଇ କ୍ଷଣକ ପରେ ଆପଣା ଉକିଲଙ୍କୁ କଣ ସଙ୍କେତ କଲେ । ଉକିଲ ବାବୁ ଠିଆ ହୋଇ ବାଦୀ ପକ୍ଷର ଉକିଲଙ୍କ କଥାର ପ୍ରତିବାଦ କରି ଯୁକ୍ତିବଳରେ ତାହା ଖଣ୍ଡନ କରିବାକୁ ଚେଷ୍ଟା କଲେ । ମାତ୍ର ବୃଥା କାଳ-କ୍ଷେପ ଭୟରେ ହାକିମ ଆଉ ଉକିଲଙ୍କ ଯୁକ୍ତିତର୍କମୟ ବକ୍ତୃତାରେ କର୍ଣ୍ଣପାତ ନ କରି ମଧ୍ୟେ ମଧ୍ୟେ କଲମଟା ଅଧରୋଷ୍ଠ ମଧ୍ୟରେ ଚାପି ରାୟ ଲେଖିବାକୁ ଆରମ୍ଭ କଲେ । ପରିଶେଷରେ ସର୍ବସମକ୍ଷରେ ସେହି ରାୟ ପଠିତ ହୋଇ ସାରିବା ପରେ ସୁଖେ ଦୁଃଖେ ଏକେ ଏକେ ସେ ପ୍ରକୋଷ୍ଠ ତ୍ୟାଗ କଲେ ଏବଂ କ୍ଷଣକରେ ସେ ଗୃହ ବିରଳତାରକ ନିଶାନ୍ତକାଳ ପରି ଅଥବା ବକ୍ତୃତାନ୍ତସ୍ଥିତ ସଭାକକ୍ଷ ପରି ବିରଳ ଶୋଭା ଧାରଣ କଲା । ପାଠକମାନେ କେଜାଣି ଶୁଣିବାକୁ ଆଗ୍ରହୀ ଥିବେ ଏଥିପାଇଁ ଆମ୍ଭେମାନେ ସେ ରାୟର ସାରାଂଶ ଏଠାରେ ପ୍ରକାଶ କରୁଅଛୁଁ ।

"ଆମ୍ଭେ ଏ ମକଦ୍ଦମାଘଟିତ ସମସ୍ତ କଥା, ଭଦ୍ର-ବ୍ୟକ୍ତିମାନଙ୍କର ସାକ୍ଷ ଏବଂ ଉଭୟ ପକ୍ଷର ଉକିଲ ବାବୁ ଗୋଷ୍ଠବିହାରୀ ଚୌଧୁରୀ ଓ ବାବୁ ପ୍ରତାପଚନ୍ଦ୍ର ମିତ୍ରଙ୍କ ଯୁକ୍ତି ତର୍କ ଆଦି ମନୋଯୋଗ ସହକାରେ ଶୁଣିଅଛୁଁ । ସେ ସମସ୍ତରୁ ଏବଂ ସମ୍ମାନିତ ପାଦ୍ରି ନବୀନ ସାହେବଙ୍କ ପତ୍ରରୁ ଏବଂ ପ୍ରଶଂସିତ ଚୌଧୁରୀଙ୍କ ବଳବତ୍ତର ପ୍ରମାଣରୁ ଆମ୍ଭର ଦୃଢ଼ ବିଶ୍ୱାସ ହୋଇଅଛି ଯେ, ଏ ମକଦ୍ଦମାଘଟିତ କଥା ସମ୍ପୂର୍ଣ୍ଣ ସତ୍ୟ ଅଟେ । ଅତଏବ ଆମ୍ଭେ ଏହି ଆଦେଶ ପ୍ରଚାର କରୁଅଛୁଁ ଯେ, ପ୍ରତିବାଦୀ ଜନମୋହନ ସ୍ୱାଇଁ ପୂର୍ବ ପ୍ରସ୍ତାବମତେ ଶ୍ରୀମତୀ ଲୀଳାବତୀ ରାଉତଙ୍କୁ ବିବାହ କରିବାକୁ ବାଧ୍ୟ । ଯଦି ତାହା ନ କରନ୍ତି, ତାହାହେଲେ ଆଇନ ଅନୁସାରେ ତାଙ୍କର ପ୍ରତିପୋଷଣର ସମସ୍ତ ଭାର ବହନ କରିବେ ଏବଂ ବାଦୀ ବାବୁ ଫିଲିପଚନ୍ଦ୍ର ରାଉତଙ୍କୁ ଏଥିର କ୍ଷତି-ପୂରଣସ୍ୱରୂପ ପାଞ୍ଚ ଶତ ଟଙ୍କା ପ୍ରଦାନ କରିବେ ଅଥବା ଏ ଉଭୟ ଉଦ୍ଦେଶ୍ୟରେ ଏକକାଳୀନ ୧୫୦୦ ଟଙ୍କା ଆଜି ତାରିଖରୁ ୬ ସପ୍ତାହ ମଧ୍ୟରେ ପ୍ରଦାନ କରିବେ ।"

Digitized by srujanika@gmail.com

ଅଷ୍ଟମ ପରିଚ୍ଛେଦ

ମହାନଦୀ କୂଳ—ମନ୍ତ୍ରଣା

ଆଜି ନିଶାବସାନ ନ ହେଉଣୁ ଜନମୋହନ ଆସି ମହାନଦୀର ମନୋହର ପୁଳିନରେ ସମାସୀନ। ଖଣ୍ଡିଏ ଶିଳା ଉପରେ ବସି ମହାନଦୀର ବକ୍ଷ ପ୍ରତି ସ୍ଥିରଦୃଷ୍ଟି ରଖିଅଛନ୍ତି। ଦେଖୁଁ ଦେଖୁଁ ଅସିତ ଆବରଣ ପ୍ରାୟ ନିଶାନ୍ତ ଅନ୍ଧକାର ନଦୀଶଯ୍ୟାରୁ ଅନ୍ତର୍ଦ୍ଧାନ ଭଜିବାକୁ ଲାଗିଲା। ସୁବିଶଦ ବାଲୁକାଶଯ୍ୟା ପ୍ରାନ୍ତରେ ସୁନୀଳ ସୁପ୍ରଶାନ୍ତ ମହାନଦୀ ଜଳ ଦୃଷ୍ଟିଗୋଚର ହେଲା। ଝୁହୁଁ ଝୁହୁଁ ପ୍ରଭାତର ମନ୍ଦ ସମୀରଣ ପରଶରେ ତାହା ଉପରେ ଲହରୀମାଳା ଦେଖା ଦେଲା। ବୀଚି ପରେ ବୀଚି ମାନ ଆସି ତଟଦେଶରେ ଶିର ପିଟି ଲୁଚିବାକୁ ଲାଗିଲେ। ଏହି ବୀଚିଲୀଳା ବହୁକ୍ଷଣ ନିରୀକ୍ଷଣ କରି ଜନମୋହନ ଯେହ୍ନେ ତନ୍ମୟ। ଅନ୍ତର ମଧ୍ୟରେ ଯେହ୍ନେ ସେ ଏହି ଚିତ୍ର ଅବିକଳ ଦେଖି ପାରୁଥିଲେ। ସେ ତରଙ୍ଗାୟିତ ନଦୀବକ୍ଷ, ସେ ପ୍ରଭାତ ସମୀରଣ ଏବଂ କୂଜନକାରୀ ପକ୍ଷିଗଣ ଯେହ୍ନେ ତାହାଙ୍କୁ କେତେ କଣ ସଙ୍କେତ କରୁଅଛନ୍ତି ବୁଝି, ଯୁବକ ନାନା ଚିନ୍ତା କରିବାକୁ ଲାଗିଲେ। କିନ୍ତୁ କିଛି ନିର୍ଣ୍ଣୟ ହୋଇ ନ ପାରିବାରୁ ଚିନ୍ତା ଭାରରେ ହୃଦୟ ଅବସନ୍ନପ୍ରାୟ। 'ବିବାହ କରିବି କି ନାହିଁ' ଏହି ଗୁରୁତର ସମସ୍ୟାରେ ପଡ଼ି ଯୁବକଙ୍କର ଚିତ୍ତ ଆଲୋଡ଼ିତ ହୋଇଗଲା। ପ୍ରଭାତର ଶୀତଳ ଉପଚାରରେ ପ୍ରକୃତିର ମଧୁର ସଙ୍କେତରେ ମନ କିଞ୍ଚିତ୍ କୋମଳ ଏବଂ ସ୍ନେହପ୍ରବଣ ହେବାକୁ ଲାଗିବାରୁ ଯୁବକ ବହୁ ଭାବନା ପରେ ସ୍ଥିର କଲେ, ବରଂ ବିବାହ ଶ୍ରେୟଃ। ବିପରୀତ ମାର୍ଗରେ ଗଲେ ତତୋଽଧିକ କଷ୍ଟ। ଆଉ କଥା କେତେ ଥାଉ, ଏତେ ଅର୍ଥ ବା କାହୁଁ ପାଇବି? ବିବାହରେ ମୋହର ପ୍ରଭୁତ୍ୱ, ଅନ୍ୟଥା ମୋହର ବନ୍ଧନ ଅବଶ୍ୟମ୍ଭାବୀ। ତେବେ ଜାଣୁଁ ଜାଣୁଁ କାହିଁକି ଦୁଃଖରାଶିକୁ ଆବାହନ କରିବି? ଏହିପରି ଆଲୋଚନା କରି ଯୁବକ ଏବେ ଚୁରିଆଡ଼କୁ ଟିକିଏ ଆଖି ଫେରାଇଲେ। ପଶ୍ଚିମଦିଗରେ ଦେଖିଲେ ଦୁଇ ଜଣ ବ୍ୟକ୍ତି ରାଜମାର୍ଗରୁ ବନ୍ଧକୁ ଉଠି ତାହାଙ୍କ ଆଡ଼କୁ ଅଗ୍ରସର ହେଉଅଛନ୍ତି। କିଛି ପଥ ଅଗ୍ରସର ହୁଅନ୍ତେ ଯୁବକ ଚିହ୍ନି ପାରିଲେ ଯେ ଜଣେ ତାଙ୍କର ଭାବୀ ଶ୍ୱଶୁର ଫିଲିପ ବାବୁ, ଅନ୍ୟ ଜଣକ ତାଙ୍କର ପରମ ବନ୍ଧୁ ଯୋଶେଫ ବାବୁ। ନିକଟରେ ଦେଖି ଜନମୋହନ ଶିଷ୍ଟ ବାଳକ ପ୍ରାୟ ଦଣ୍ଡାୟମାନ ହୋଇ ନମସ୍କାର କଲେ। ସରଳପ୍ରାଣ ଫିଲିପ ବାବୁ ଆଜି ଯୁବକଙ୍କ ପୂର୍ବ ଭାବର ପରିବର୍ତ୍ତନ ଦେଖି ମୁଗ୍ଧ ହୋଇଗଲେ। ଯୋଶେଫ ବାବୁ ଯୁବକଙ୍କ ହାତ ଧରି ସସ୍ନେହରେ ପଚାରିଲେ, "ତୁମ୍ଭେ ଏକାକୀ କି ନିମନ୍ତେ ଏଠାକୁ ଆସିଅଛ? କେତେକାଳ ହେଲା ଆସିଲଣି?"

ଯୁ—ଆଜି ରବିବାର ଥିଲା ବୋଲି ଟିକିଏ ଆଗରୁ ଉଠି ଏଠାକୁ ବୁଲି ଆସିଥିଲି।

ଯୋ—ଉତ୍ତମ କଥା, ଏ ସବୁ ସୁନ୍ଦର ଦୃଶ୍ୟମାନ ଦେଖି ମନକୁ ଭୁଲାଇବା ଉଚିତ। ବାବୁ, ମୁଁ ତୁମ୍ଭଙ୍କୁ ଖୋଜୁଥିଲି। ସାହେବ ମୋତେ ଦିନେ ତୁମ୍ଭଙ୍କୁ କୋଠିକି ନେଇଯିବାକୁ କହିଥିଲେ। ଆଜି ଦୁଇ ବନ୍ଧୁ ପ୍ରାତଃକାଳରୁ କବର ଦର୍ଶନ କରି ଫେରୁଥିଲୁଁ। ଗିର୍ଜାଘଣ୍ଟା ବାଜିବା ପୂର୍ବରୁ ଏହିକ୍ଷଣି ସାହେବଙ୍କ କୋଠିକି ଯାଉଅଛୁଁ, ବାଟରେ ତୁମ୍ଭ

Digitized by srujanika@gmail.com

ସହିତ ଦେଖା ହେଲା, ଭଲ ହେଲା । ବର୍ତ୍ତମାନ ଆମ୍ଭ ସଙ୍ଗରେ ଆସ, ସାହେବଙ୍କ ସହିତ ଦେଖା ହେବ ।

ଉପରେ ଆମ୍ଭେମାନେ କହିଅଛୁଁ ଯେ ଯୁବକଙ୍କର ମନ ଆଗରୁ ଏମାନଙ୍କ ଅଭିପ୍ରାୟର ଅନୁକୂଳ ହୋଇ ଅଛି । ତେଣୁ ଏ ପ୍ରସ୍ତାବରେ ସେ ଆଉ ପ୍ରତିକୂଳଭାବ ନ ଦେଖାଇ ବିନା ଆପତ୍ତିରେ ସେ ବେନଙ୍କ ଅନୁଗମନ କଲେ । ପଥ ମଧ୍ୟରେ ଯୁବକଙ୍କଠାରୁ ନାନା ପ୍ରଶ୍ନର ଆଶାନୁରୂପ ଉତ୍ତର ପାଇ ଦୁଇ ବନ୍ଧୁ ଭାବୀ ସୁଖ ସମ୍ପଦର କେତେ କଳ୍ପନା କରିବାକୁ ଲାଗିଲେ । କିନ୍ତୁ କିଏ ଜାଣେ, ସେ ଯାହା ଭାବେ, ତାହା ଅବଶ୍ୟ ଘଟିବ ? କାଳର କି କୁଟିଳା ଗତି ! ସେ ଏତେ ଲୋକଙ୍କୁ ଘେନି କେତେ ରଙ୍ଗରେ କେତେ କ୍ରୀଡ଼ା କରେ ! ତାହାର ପ୍ରଭାବରେ ମାନବ ହୃଦୟରେ କେତେ ବେଳେ କି ଭାବ ! ଏହି କାଳପ୍ରତାରିତ ହୋଇ ପୁଣି କେତେ ତାହାର କରାଳକବଳରେ ପତିତ ହେଉଅଛନ୍ତି ! ଭ୍ରାନ୍ତ ମନୁଷ୍ୟ ତାହା କଳନା କରିବାକୁ ଅକ୍ଷମ ।

ନବମ ପରିଚ୍ଛେଦ

ଗିର୍ଜାଘର-ବିବାହ

ଆଜି ଗିର୍ଜାଘରେ ଘନ ଘନ ଘଣ୍ଟା ଠନ୍ ଠନ୍ । ଚାରିଆଡ଼ୁ ମୂର୍ତ୍ତିମତୀ ଶାରଦ ଶୁଭ୍ରତା ପ୍ରାପ୍ତ ଧାଡ଼ି ଧାଡ଼ି ହୋଇ କେତେ ସ୍ତ୍ରୀ ପୁରୁଷ ମାଡ଼ି ଆସୁଅଛନ୍ତି, କେହି କେହି ବରଣ୍ଡାରେ ଦଣ୍ଡାୟମାନ, କେହି ବା ଫାଟକ ପାଖରେ ଉଭା, କେହି ଛନ୍ ଛନ୍, କେହି ବି କନ୍ କନ୍; କାହାର ଶୂନ୍ୟ ମନ—କାହାର ରଣଝଣ୍; କେହି ଗମ୍ ଗମ୍—କେହି ବା ଝମ୍ ଝମ୍ । ସମସ୍ତଙ୍କର ଏକ-ଆଡ଼କୁ ପ୍ରାପ୍ତ ଦୃଷ୍ଟି ପଡ଼ୁଅଛି । କାହାକୁ ଯେପରି ସତୃଷ୍ଣନୟନରେ ପ୍ରତୀକ୍ଷା କରି ରହିଅଛନ୍ତି । ମଧ୍ୟେ ମଧ୍ୟେ ସେହି ଯୌବନସୁଲଭ ଚପଳତାରେ ଗୋଟିଏ କଣ ଅସମ୍ଭାଳରେ ଦେଖା ଦେଇ ପଛେ ପଛେ ଆପଣାର ଭ୍ରମ ବୁଝି ପାରି ଅନ୍ତରରେ ଲଜ୍ଜା ଅନୁଭବ କରିଅଛି । କାହା ହୃଦୟରେ ଉତ୍ସାହ-ଅଗ୍ନିଶିଖା ଦପ୍ କରି ଉଠି ପୁଣି ଦବି ଯାଉଅଛି । ଠାବେ ଠାବେ ଜଣେ ଦି ଜଣ ଠିଆ ହୋଇ ତର୍କ ବିତର୍କରେ କଣ ଗୋଟାଏ ଗୋଟାଏ ସିଦ୍ଧାନ୍ତ କରି ପକାଉଛନ୍ତି । ଗୋଟିଏ ରକ୍ତବସ୍ତ୍ର ପରିଧାନ ଦେଖିଲେ ଦୂରରୁ ମହିଷପଲ ଯେପରି ଶୃଙ୍ଗ ମୁଖ ଉତ୍ତୋଳନ କରି ତାହା ଆଡ଼କୁ ଚାହିଁ ରହନ୍ତି, ଠିକ୍ ସେହିପରି ଝୁହୁଁ ଝୁହୁଁ ଗୋଟିଏ ଫିଟିନ ଗାଡ଼ି ଆସି ପହଞ୍ଚିଗଲା । ଦୁଇଜଣ ଶ୍ୱେତବସ୍ତ୍ରାବୃତା ରମଣୀ ଆଉ ଜଣେ ଶୁଭ୍ରଶ୍ମଶ୍ରୁଳ ବୃଦ୍ଧଙ୍କ ମଧ୍ୟରେ, ତାରାପୁଞ୍ଜ ମଧ୍ୟରେ ଆର୍ଦ୍ରାନକ୍ଷତ୍ର ପରି—ଅଥବା ପୁଣ୍ଡରୀକ ମଧ୍ୟରେ ମନୋହର କୋକନଦ ପରି ଗୋଟିଏ ରକ୍ତକଞ୍ଚନ-ବସନପରିଧାୟିନୀ ଅବଗୁଣ୍ଠନବତୀ ଶୋଭା ପାଉଥିଲେ । ସେ ପାଟଳ ବସ୍ତ୍ର ଭିତରେ ଧବଳ ଅଙ୍ଗରକ୍ଷିଣୀ ଉଷାର ରକ୍ତ ମେଘାବରଣ ଭିତରେ ସୂର୍ଯ୍ୟ ଆଲୋକ ପରି ଫୁଟି ଦିଶୁଅଛି । ଯାନଟା ତୋରଣଦ୍ୱାରରେ ରହିଲାକ୍ଷଣି ଧବଳା ମହିଳାମାନେ ଆସି ତାଙ୍କୁ ଘେନି ଗିର୍ଜା ଭିତରକୁ ଚାଲିଗଲେ ଏବଂ ବାମଭାଗର ସମ୍ମୁଖ ଆସନରେ ବସିଗଲେ । ସହଯାତ୍ରୀମାନେ ସେହି ପାଖରେ ପଛକୁ ପଛ ବସିଗଲେ । ପାଠକେ, ଅବଶ୍ୟ ଏହାଙ୍କୁ ଚିହ୍ନି ପାରିବେଣି । ଏମାନେ ଆସିଲାକ୍ଷଣି ଅନେକଙ୍କୁ, ବିଶେଷତଃ

Digitized by srujanika@gmail.com

ସେହି ଶ୍ମଶ୍ରୁଳଙ୍କୁ ବଡ଼ ଉଦ୍‌ବିଗ୍ନ ଥିବାର ଦେଖାଗଲା । ବର ମଞ୍ଚର ଆଗେ ଉପସ୍ଥିତ ହେବାର ବିଧି । ଆଜି ଏତେବେଳଯାଏ ବରର ଦେଖା ନାହିଁ । ଏ ପୁଣି କି ଦୁର୍ଘଟନା ! ତେଣୁ ଆମ୍ଭମାନଙ୍କର ସଭାପତି ରେଭରେଣ୍ଡ ବେନ୍ ସାହେବ ବଡ଼ ଚିନ୍ତାକୁଳ । କ୍ଷଣେ ଭିତରେ—କ୍ଷଣେ ବାହାରେ, ଶେଷରେ ପୁଣି ବରଣ୍ଡାର ଏକ-ପ୍ରାନ୍ତକୁ ଆସି କପିଳ ଚକ୍ଷୁଯୁଗଳରୁ ଦୂରପ୍ରସାରିତ ଦୃଷ୍ଟିରେଖା ଦକ୍ଷିଣଦିଗର ପଥ ଉପରେ ପାତିତ କଲେ । ଲୋକେ ନାନାପ୍ରକାର ତର୍କଣା କରିବାକୁ ଲାଗିଲେ । କେହି କହିଲେ, ସେ ଦିନ ସାହେବଙ୍କ ନିକଟରେ ସତ୍ୟ-ପ୍ରତିଜ୍ଞା କରି ଆସିଥିଲା ପରା ! କେହି କହିଲେ, ଆଜି କାଲିକା ଯୁବକଙ୍କୁ ବିଶ୍ୱାସ ନାହିଁ । କେହି ପ୍ରକାଶ କଲେ, ନ ବୁଝି ନ ଶୁଣି ଏପରି ଲୋକଙ୍କୁ ଏତେ ପ୍ରେମ କରିବା ଉଚିତ ହୋଇ ନାହିଁ । କେହି କହିବାକୁ ଲାଗିଲେ, ଆହା ! ବେନ ମାମା ତାକୁ ପୁଅଠାରୁ ବଳି ସ୍ନେହ କରନ୍ତି । ସେଥିରେ ପୁଣି ଏପରି କପଟ ଆଚରଣ କଲା ! ସମବେତ ଲୋକଙ୍କର ଇତ୍ୟାଦି ପ୍ରକାର ନାନା ଭାବନା, ସାହେବଙ୍କର ଚିରପ୍ରସାରିତ ଦୃଷ୍ଟି ଏବଂ କନ୍ୟାପକ୍ଷର ଗଭୀର ଚିନ୍ତା ଓ ଉଦ୍‌ବେଗର ଶେଷ-ଭାଗରେ ହଠାତ୍ ଗୋଟିଏ ଗାଡ଼ି ଦେଖାଦେଲା । ଏଥିରେ ନିଶ୍ଚୟ ବର ଥିବ, ଜାଣିପାରି ସେଥି ମଧ୍ୟରୁ କେତେକ ଗିର୍ଜା ଭିତରେ ପ୍ରବେଶ କଲେ । ଦେଖୁଁ ଦେଖୁଁ ସାକ୍ଷାତ୍ ମାତୃରୂପିଣୀ ବେନ୍ ମେମ୍ ସାହେବ ବରବେଶୀ ମୋହନଙ୍କୁ ଘେନି ଫାଟକ ନିକଟରେ ଉପସ୍ଥିତ ହୁଅନ୍ତେ, ସାହେବ ପ୍ରସନ୍ନମନରେ ହାତ ଧରି ଭିତରକୁ ନେଇ ଦକ୍ଷିଣପାର୍ଶ୍ୱର ନିର୍ଦ୍ଦିଷ୍ଟ ଆସନରେ କନ୍ୟା ସମ୍ମୁଖରେ ଉପବେଶନ କରାଇଲେ । ଜନମୋହନର ମୁଖ ଆଜି ଘୋର ଘୃଣା ଓ ପ୍ରତିହିଂସାରେ ଭ୍ରୂକୁଟି କୁଟିଳ । ସମବେତ ସ୍ତ୍ରୀ ପୁରୁଷ ସ୍ୱ ସ୍ୱ ଆସନରେ ଉପ-ବେଶନ କରନ୍ତେ, ସଭାପତି ରେଭରେଣ୍ଡ ବେନ୍ ସାହେବ ଆସନରୁ ଉଠି ଲୀଳାବତୀ ଏବଂ ଜନମୋହନ-ଙ୍କର ଶୁଭବିବାହର ବାର୍ତ୍ତା ଗୋଟିଏ କ୍ଷୁଦ୍ର ବକ୍ତୃତାରେ ଘୋଷଣା କଲେ । ସାହେବ ଆସନ ଗ୍ରହଣ କରନ୍ତେ, ଯଥାଶ୍ୱଳିତ ପ୍ରାପ୍ତ ପୂର୍ବୋକ୍ତ ରେଭରେଣ୍ଡ ଆଲବର୍ଟ ବନ୍ସ ସାହେବ ଗାତ୍ରୋତ୍‌ଥାନ କରି ବରକୁ ସମ୍ବୋଧନ କରି କହିଲେ, ଦେଖ ଜନମୋହନ ! ଆଜି ଶ୍ରୀମତୀ ଲୀଳାବତୀ ସାହୁଙ୍କ ସହିତ ତୁମ୍ଭର ବିବାହ ହେବ । ଏହା ଅବଶ୍ୟ ତୁମ୍ଭେ ପୂର୍ବରୁ ଜାଣିଅଛ । ଆଜି ଏ ସରଳା ବାଳିକା ସର୍ବ ସମକ୍ଷରେ ତୁମ୍ଭର ହସ୍ତରେ ସମର୍ପିତା । ତୁମ୍ଭେହିଁ ଏହାଙ୍କର ସୁଖ ଦୁଃଖରେ ସହାୟ ହେବ । ତାହାହେଲେ ପ୍ରଭୁ ଯୀଶୁ ତୁମ୍ଭଙ୍କୁ ସହାୟ ହେବେ । ଅଭିଭାଷଣ ସାଙ୍ଗ ହେଲା; କିନ୍ତୁ ଜନମୋହନ ନୀରବ-ଭାବରେ ତଥାବସ୍ଥିତ । ତହୁଁ ସାହେବ ମୁହଁ ଫେରାଇ କନ୍ୟାକୁ ଆହ୍ୱାନ କରି ସେହିପରି କହିଲେ । କନ୍ୟାର ଭକ୍ତିଭରେ ଉପଦେଶ ଶ୍ରବଣ ଓ ସମ୍ମତିଦାନ ଜାଣି ସାହେବ ପରସ୍ପରକୁ ସୁନାମୁଦି ପିନ୍ଧାଇ ଦେବାକୁ ଆଦେଶ ଦେଲେ । ପୃଷ୍ଠଦେଶରୁ ମେମ ସାହେବଙ୍କ ପ୍ରବର୍ତ୍ତନାରେ ଜନମୋହନ ଲୀଳାର ଏବଂ ଲୀଳାବତୀ ମୋହନର କରାଙ୍ଗୁଳରେ ମୁଦ୍ରିକା ପିନ୍ଧାଇଦେଲେ । ଅନନ୍ତର ବଡ଼ ସାହେବ ଗୋଟାଏ ମୋଟା କାଗଜରେ ବର କନ୍ୟାଙ୍କର ସ୍ୱାକ୍ଷର ଏବଂ ପଛେ ପଛେ ଉଭୟ ପକ୍ଷର ସାକ୍ଷୀ କେତେଜଣ ପ୍ରସିଦ୍ଧ ଖ୍ରୀଷ୍ଟଭକ୍ତଙ୍କର ସ୍ୱାକ୍ଷର କରାଇ ନେଲେ ।

ହେ ଖ୍ରୀଷ୍ଟଶିଷ୍ୟଗଣ ! ତୁମ୍ଭମାନଙ୍କର ଏ ସ୍ୱାକ୍ଷର-କରଣରେ କି ଫଳ ଅଛି ? ତୁମ୍ଭେ ଶତ ସ୍ୱାକ୍ଷର କର ବା ନାମ ରେଜିଷ୍ଟରି କର ଅଥବା ଯେତେ ଯାହାଙ୍କୁ ସାକ୍ଷୀ ରଖ, ହୃଦୟଠାରୁ ବଳି ବଡ଼ ସାକ୍ଷୀ କେହି ନାହିଁ । ହିନ୍ଦୁ ଅଗ୍ନିକି ସାକ୍ଷୀ କରି ବା ଧର୍ମକୁ ସାକ୍ଷୀ ରଖି ଯେ ଅପରି-ହାର୍ଯ୍ୟ ବିଶ୍ୱାସ ଲାଭକରେ, ତାହା ତୁମ୍ଭର ଏ ପଦ୍ଧତିରେ କେତେଦୂର ଅଛି ? ତୁମ୍ଭେ ମୋହନର ହୃଦୟ ପରୀକ୍ଷା କରିଅଛ ? ବାହାରେ ଯେତେ ବିଧି-ବିଧାନ ବା ବ୍ୟବସ୍ଥା କର, ତଦ୍ୱାରା ଭିତରର ବନ୍ଧନ ଦୃଢ଼ ହେବନାହିଁ । ଅନ୍ତରର ବିପ୍ଲବକୁ ବାହାରର ଶାସନରେ ଆୟତ୍ତ ରଖିବା ସମ୍ଭବ କି ? ବରଂ ଏହା

Digitized by srujanika@gmail.com

ହାରା ସମୟରେ ସତ୍ୟର ଅପଳାପ ହେବ । ଗୁରୁଜନମାନଙ୍କର ଅବମାନନା ଏବଂ ଧର୍ମଧ୍ୱଜୀମାନଙ୍କର ପରାଭବ ମଧ୍ୟ ହୋଇପାରେ । ଉଭୟର ହୃଦୟକୁ ସ୍ପର୍ଶୀ କରି ତାହା ଉପରେ ଏ ଘର ପ୍ରଦାନ କରିବା ଆହୁରି ନିରାପଦ ଏବଂ ଶୋଭନୀୟ ନୁହେ କି ? ଧର୍ମରେ ଅଧର୍ମର ଆଶଙ୍କା କରି ଏପରି ଲୋକଭୁଲାଣିଆ ଛଳନା କାହିଁକି ?

ଏହି ଶୁଭକର୍ମ ନିଷ୍ପନ୍ନ ହୁଅନ୍ତେ କେତୋଟି ବାଳିକା ଦଣ୍ଡାୟମାନା ହୋଇ ଏହି ବିବାହମଙ୍ଗଳସଙ୍ଗୀତ ସମସ୍ୱରରେ ଗାନକଲେ, ମଧ୍ୟେ ମଧ୍ୟେ ଅନ୍ୟ ମହିଳାମାନେ ମଧ୍ୟ ସ୍ୱର ମିଶାଇ ଦେଉଥିଲେ ।

କୃପାନିର୍ଝରଠାରୁ ।
ବର କନ୍ୟାଙ୍କୁ କରୁଣା ସଦା ଆବରୁ ।
ମୃତ୍ୟୁ ବିନା ଏ ବେହିଙ୍କୁ କେ ଭିନ୍ନ ନ କରୁ ।
ଯେଉଁ ପ୍ରଭୁ ସ୍ଥାପିଛନ୍ତି ଏହି ନିୟମ,
ତାଙ୍କ ଆଶୀର୍ବାଦଦୃଷ୍ଟି ହେଉ ଉପରୁ । ୧ ।

କାନା ବିବାହରେ ଯେ ଥିଲେ ନିମନ୍ତ୍ରିତ,
ତାହାଙ୍କ ପ୍ରସନ୍ନଦୃଷ୍ଟି ହେଉ ଊର୍ଦ୍ଧ୍ୱରୁ । ୨

ଆଉ ଶାନ୍ତିଦାତା ଧର୍ମ-ଆତ୍ମାଙ୍କଠାରୁ
ଶାନ୍ତି ଆନନ୍ଦ ଓହ୍ଲାଇ ବେଷ୍ଟନ କରୁ ।

ଏ ଦୁଇ ପ୍ରତି କଲ୍ୟାଣ ହେଉ ଉପରୁ,
ଯେଣେ ଗଲେ ତେଣେ ତାଙ୍କ କରୁଣା ଘେରୁ ।୪।

ଏକାପ୍ରେମେ ଏକବାରେ ମନହିଁ ମିଳୁ,
ମୃତ୍ୟୁ ବିନା କେବେ କେହି ଭିନ୍ନ ନ କରୁ । ୫ ।

ପରିଶେଷରେ ସଭାପତି ଜାନୁପାତ ପୂର୍ବକ ଗଦ୍‌ଗଦ କଣ୍ଠରେ ପ୍ରାର୍ଥନା କଲେ ଏବଂ ଉଭା ହୋଇ ଏହି ଅଭିଭାଷଣ କଲେ —"ଆଜି ପ୍ରିୟତମ ଶ୍ରୀମାନ୍ ଜନମୋହନ ଏବଂ ଶ୍ରୀମତୀ ଲୀଳାବତୀଙ୍କର ଶୁଭବିବାହବନ୍ଧନ ହୋଇଗଲା । ପ୍ରଭୁ ଯୀଶୁ ଏମାନଙ୍କୁ ଆଶୀର୍ବାଦ କରିବେ ଆଉ ଏମାନଙ୍କ କଣ୍ଟକମୟ ଜୀବନମାର୍ଗରେ ସହାୟ ହୁଅନ୍ତୁ । ଆଜିଠାରୁ ଲୀଳାବତୀଙ୍କ ନାମ ଶେଷରେ ଗୁଜରି ବଦଳରେ ସ୍ୱାଇନ୍ ବସିବ ଏବଂ ଆଜିଠୁଁ ଏ ଦୁହେଁ ପ୍ରଭୁ ଯୀଶୁଙ୍କର ପୁତ୍ର କନ୍ୟା ହେଲେ । ଆଜି ଏ ଦୁହେଁ ସମସ୍ତଙ୍କ ଆଗରେ ଶପଥ କଲେ ଯେ, କେହି ଜାତିସାରରେ କାହାର ଅନିଷ୍ଟ କରିବେ ନାହିଁ । ଏମାନେ ଗୃହଧର୍ମ ପାଳନ କରି ପରସ୍ପରଙ୍କ ସେବା କରିଲେ ପ୍ରଭୁ ତାଙ୍କର ମଙ୍ଗଳ କରିବେ ।"* ସାହେବ ବକ୍ତୃତାରୁ ନିବୃତ୍ତ ହୁଅନ୍ତେ ପୁନର୍ବାର ସଙ୍ଗୀତ-ଉଚ୍ଛ୍ୱାସ ଉଠିଲା । ଶେଷରେ ବରକନ୍ୟା ଦୁହେଁ ଏକ ଯାନରେ ବସି ନଗର ଭ୍ରମଣ କରି କନ୍ୟା ଗୃହକୁ ପ୍ରସ୍ଥାନ କଲେ ।

---

* ଚତୁର ପାଠକମାନେ—ସାହେବ ଉଚ୍ଚାରଣରେ ତ ବର୍ଗ ସ୍ଥାନରେ ଟ ବର୍ଗ ଥିଲା ବୁଝିନେବେ ।

ଦଶମ ପରିଚ୍ଛେଦ

ପ୍ରବାସ

ଗଞ୍ଜାମ ଜିଲ୍ଲାରେ ପାଟଣାପୁର ଗୋଟିଏ ଦର୍ଶନୀୟ ସ୍ଥାନ । ନାନା ଜାତି ଏବଂ ନାନା ବ୍ୟବସାୟୀ ଲୋକଙ୍କର ଏଠାରେ ଏକତ୍ର ବାସ ଅଛି । ସାହେବଙ୍କ କୃପାରୁ ଜନମୋହନ ଖଣ୍ଡିଏ ପୁଲିସ ଦାରୋଗା କାମ ପାଇ ଏଠାକୁ ଆସିଅଛନ୍ତି । ବର୍ତ୍ତମାନ ସେ ବିବିଜାନର ଭାଷାରେ ବଟୁଲିଆ ଟୋକା ନୁହନ୍ତି—ଜଣେ ହୁକୁମଦିଆ ହାକିମ । ଏଣେ ତ ସେ କାମଟାରେ ପଶିଗଲେ ଭଲ ଲୋକର ମିଜାଜ କଡ଼ା ହୋଇଥାଏ । ମୋହନର ତ ଆହୁରି କଡ଼ା ହେବାର କଥା । ତହିଁରେ ପୁଣି ମନର ସ୍ଥିରତା ନାହିଁ—ସର୍ବଦା ଉଦାସୀନ ଭାବ । କାର୍ଯ୍ୟବେଳେ କଣ, କଥାବାର୍ତ୍ତାବେଳେ କଣ, ଅନାସକ୍ତ ଭାବ ଫୁଟି ଜଣା ପଡ଼ୁଥାଏ । ମନଭିତରେ ବନରେ ଦାବାନଳ ପ୍ରାୟ କିଏ ଗୋଟାଏ ଯେମିତି ପଶି ସବୁ ମରୁଡ଼ି ପକାଉଅଛି । କ୍ରମେ ବୁଦ୍ଧି, ବିନୟ, ସୌଜନ୍ୟ, ବାଧିତାଦି ବୃତ୍ତି ପରାଜୟ ଭଜୁଅଛି । ସର୍ବୋପରି ପ୍ରତିହିଂସା ମହାବିକ୍ରମରେ ଜୟଭେରୀ ବଜାଇ ଉଠୁଅଛି । ଜନମୋହନ ବର୍ତ୍ତମାନ ସେହି ପ୍ରତିହିଂସାନାମଧାରିଣୀ ଭୈରବୀଙ୍କୁ ଆରାଧନା କରିବାକୁ ବସିଲେଣି । ବେଳେ ବେଳେ ତାହାଙ୍କୁ ଧ୍ୟାନରେ ଜଣାଉଅଛନ୍ତି—'ଦେବି ପ୍ରତିହିଂସେ ! ତୁମ୍ଭ ବିନା ଏବେ ମୋହର ଅନ୍ୟ ଆଶ୍ରୟ ନାହିଁ । ତୁମ୍ଭେ ସର୍ବସୁରେନ୍ଦ୍ରବନ୍ଦିତା, ନଗ ନର-ରକ୍ଷ-ବାନରସେବିତା, ଆର୍ଯ୍ୟ-ଅନାର୍ଯ୍ୟ-ରଜସ୍ୱୀ-ତେଜସ୍ୱୀ-ପୂଜିତା । ତୁମ୍ଭଙ୍କୁ ଯେ ସାମାନ୍ୟ ମନେ କରେ, ସେ ନରାଧମ । ତୁମ୍ଭେ ତ୍ରେତାଯୁଗରେ ରାମଚନ୍ଦ୍ରଙ୍କର ସହାୟଭୂତା ହେବାରୁ ରାବଣବଧ ସାଧିତ ହେଲା । ଦ୍ୱାପରରେ ଶକୁନି ତୁମ୍ଭଙ୍କୁ ଆଶ୍ରୟ କରି କୌରବବଂଶର ଧ୍ୱଂସସାଧନଦ୍ୱାରା ଅଭୀଷ୍ଟ ସିଦ୍ଧି ଲାଭ କରିଥିଲା—ଯୁଗେ ଯୁଗେ ଦେଶେ ଦେଶେ ତୁମ୍ଭେ ବୀରପୁରୁଷହୃଦୟରେ ବାସ କରି ବିଜୟଲକ୍ଷ୍ମୀ ପ୍ରଦାନ କରିଅଛ । ସାମାନ୍ୟ ବାନରଯୂଥପତି ତୁମ୍ଭରି ଯୋଗେ ସର୍ବସହାୟସମ୍ପନ୍ନ ନଢପତିଙ୍କି ନିର୍ବଂଶ କରାଇ ଦାଣ୍ଡର ଭିଖାରୀ କରିଥିଲା । ବର୍ତ୍ତମାନ ମୁଁ ତୁମ୍ଭଠାରେ ଶରଣ ପଶୁଅଛି । ତୁମ୍ଭରି ବଳରେ ଏ ସଙ୍କଟରୁ ପାରି ହୋଇ ଇଷ୍ଟଫଳ ଲାଭ କରିବି ।

ପ୍ରାୟ ୩ ବର୍ଷ ହେଲା କଟକ ଛାଡ଼ିଲାଣି । ଗୃହିଣୀର କୌଣସି ସମ୍ବାଦ ନାହିଁ । ପାଠକଗଣ ! ବର୍ତ୍ତମାନ କଟକ ପିଟନ ସାହିକୁ ଆସି ସେଠା ଖବର ଅନ୍ତର ବୁଝିଯାନ୍ତୁ । ଏଥି ମଧ୍ୟରେ ଗୋଟିଏ ପୁତ୍ର ମଧ୍ୟ ହୋଇଅଛି । ଜ୍ୟେଷ୍ଠ ଜନଚନ୍ଦ୍ର ବର୍ଣ୍ଣଶିକ୍ଷା ଆରମ୍ଭ କଲାଣି । ନବଜାତ ଶିଶୁଟିର ନାମ ଫିଲିପ ବାବୁ ଜନ୍ ସାମସେନଚନ୍ଦ୍ର ଦେଇଅଛନ୍ତି । ନବ ପୁତ୍ର ହେବା ପରେ ଯେତେ ପତ୍ରଦେଲେ ସୁଦ୍ଧା ପ୍ରବାସୀ ପିତାଙ୍କଠାରୁ କୌଣସି ଉତ୍ତର ନାହିଁ । ଫିଲିପବାବୁଙ୍କ କୁଟୁମ୍ବ ଏବଂ ଖ୍ରୀଷ୍ଟମଣ୍ଡଳୀ ମଧ୍ୟରେ ମହାଚନ୍ତାର ଚହଳ ପଡ଼ିଗଲା । ଲଳିର ପାଣ୍ଡୁର ଗଣ୍ଡ ଅମଣ୍ଡନ ରହିଲା । କଣ ପ୍ରତିକାର କରିବାକୁ ହେବ, ଆଗାମୀ ବୈଠକରେ ଠିକ୍ କରିବାର କଥା ହେଲା; ମାତ୍ର ବୈଠକଯାଏ କଥା ଗଲାନାହିଁ । ହଠାତ୍ ଦିନେ ଜନମୋହନ ବାବୁ ପିଟନସାହିରେ ଉପସ୍ଥିତ ହେଲେ । ସତେ ଅବା ଲଳିର କପାଳ ଫିଟିଲା । ସେହିଦିନ ରାତିରେ ପୁତ୍ରକଳତ୍ର ସମଭିବ୍ୟାହାରରେ ଆମ୍ଭର ଦାରୋଗା ବାବୁ ପାଟଣାପୁର ଅଭିମୁଖରେ ଯାତ୍ରା କଲେ । ଏବେ ପ୍ରବାସରେ ଲଳିର ସ୍ୱାମୀସହବାସରେ ହର୍ଷ କି ବିଷାଦ, ତାହା ଚତୁର ପାଠକମାନେ ବିଚାର କରିବେ । ପାଖରେ ଦୁଃଖ ସୁଖ ପଦେ ହେବାକୁ ସୁଦ୍ଧା ଜଣେ କେହି ନାହିଁ । ଏକମାତ୍ର

Digitized by srujanika@gmail.com

ସେ ସକଳ ଦୁଃଖ ଦୂର କରି ପାରନ୍ତେ, ତାଙ୍କର ମତି ଗତି ଭିନ୍ନପ୍ରକାର । ସେ ଦେଖି ମଧ୍ୟ ଦେଖୁ ନାହାନ୍ତି, କି ଶୁଣିଲେ ମଧ୍ୟ ଶୁଣୁ ନାହାନ୍ତି । ସର୍ବଦା ତାଙ୍କର ଦୂରରେ ଅବସ୍ଥାନ—ନିଜ ନିଜ ଆତ୍ମଗୋପନ—ପ୍ରତ୍ୟହ ରକ୍ତଚକ୍ଷୁ ଏବଂ ଅଳ୍ପ ଅଳ୍ପ କଥା ! ଏ କଣ ଦାରୋଗାଗିରିର ଲକ୍ଷଣ, ନା ଆଉ କିଛି ? ଦାରୋଗା ହେଲେ କଣ ପୁତ୍ରସ୍ନେହ ମଧ୍ୟ ଲୋକ ଭୁଲିଯାଏ । ଏ କି ପରିବର୍ତ୍ତନ ! ତେଣୁ ଗୃହିଣୀ ଅନୁକ୍ଷଣ ଶଙ୍କିତା । ତଥାପି ଜଡ଼ଯନ୍ତ୍ର ପରି ନୀରବଶ୍ରବରେ ପତି ସେବାରତା ।

ନଳି ! ତୁମେ ଆଜି ଚିନ୍ତା କରୁଅଛ ? ତୁମର ପ୍ରିୟତମଙ୍କର ମନ ପରି ଧରି ପାରୁନାହଁ ? ତୁମର ଭବିଷ୍ୟତ ବିଷମ ସମସ୍ୟାମୟ । ତୁମ ମସ୍ତକ ଉପରେ ଏବେ ବିଷଧର ଫଣୀ ଗର୍ଜନ କରୁଅଛି । ତାହାର ଔଷଧ କାହିଁ ଯାଇଁ ସୁଦୂର ହିମାଳୟ ଶିଖରରେ । ତୁମ୍ଭେ ଚନ୍ଦନଭ୍ରମରେ ଗୋଟିଏ ବିଷଦ୍ରୁମ ଆଶ୍ରୟ କରିଅଛ ! ପୁଷ୍ପମାଳା ଭ୍ରମରେ ସର୍ପକୁ ଗଳାରେ ଲମ୍ବାଇଅଛ । ମର୍କଟ ହସ୍ତରେ ବହୁମୂଲ୍ୟ ମଣି । ହା ରଜ୍ଜୁବିଶ୍ୱାସିନି ! କି ବିଶ୍ୱାସରେ କି ହା ହସ୍ତରେ ହଠାତ୍ ଆତ୍ମସମର୍ପଣ କଲ ? ହା ଅପରିଣାମଦର୍ଶିନି ! ପରିଣାମ ନ ଭାବି ଆପାତମଧୁର ପଦାର୍ଥରେ ହଠାତ୍ ଭୁଲିଗଲ ! ସେ ଦୁଃସାହସର ବିଷମୟ ଫଳ ଅବଶ୍ୟ ଦିନେ ଫଳିବ ! ତୁମ୍ଭେ ଜାଣିଛ କି ବର୍ତ୍ତମାନ ସ୍ୱାମୀଭ୍ରମରେ ଗୋଟିଏ ରାକ୍ଷସର ହସ୍ତଗତା ? ଏ କୁଟିଳ ସଂସାରରେ ତୁମର ଦର୍ଶିତ ସରଳତାର ଯଥାର୍ଥ ବିଚାର ହେବନାହିଁ । ତାହାର ବିଚାର ଦୟାମୟ ପ୍ରଭୁ ପରମେଶ୍ୱରଙ୍କ ହସ୍ତରେ—ତାଙ୍କର ଆଶ୍ରୟ ଭିନ୍ନ ଆଉ ତୁମର ରକ୍ଷା ନାହିଁ ।

ଦୁଇ ତିନି ଦିନ ହେଲା ଦାରୋଗା ବାବୁ ମଫସଲ ଗସ୍ତରେ ବାହାରି ଯାଇଥିବାରୁ ଆଜି ଘରେ ଶାନ୍ତି ବିରାଜ କରୁଅଛି । ଗୃହିଣୀ ଏକାକିନୀ ବସି ଆପଣାର କଥା ଭାବୁଅଛନ୍ତି—ଏମନ୍ତ ସମୟରେ ଡାକବାଲା ଡାକ ଆଣି ଖଣ୍ଡିଏ ଘରୋଇ ଚିଠି ଦେଇଗଲା । ସମସ୍ତ ଏବଂ ସୁଯୋଗ ପାଇ ନଳି ପତ୍ରଖଣ୍ଡିକର ଆବରଣ ପୁନଃ ପୁନଃ ନିରୀକ୍ଷଣ କରି ଦେଖିଲେ ଯେ, ତାହା କୌଣସି ଆତ୍ମୀୟ ସ୍ୱଜନଙ୍କର ଲେଖା ନୁହେଁ । ଅପରିଚିତ ବ୍ୟକ୍ତିର ଅକ୍ଷର, ବିଶେଷତଃ କୌଣସି ସ୍ତ୍ରୀ ହାତର ଲେଖା ପରି ଜଣା ପଡ଼ିବାରୁ ମନରେ ସନ୍ଦେହ ହେଲା । କ୍ଷଣକାଳ ଏଣେ ତେଣେ ହୋଇ ଶେଷରେ ଏକ ସାହସରେ ଫିଟାଇ ଦେଖିଲେ ଯେ—ପତ୍ରର ଶୀର୍ଷ-ଦେଶରେ ଗୋଟିଏ ଶୁକମୁଖରେ ଦୁଇଟି ପଂକ୍ତି ପଦ୍ୟରେ ଲେଖା ଅଛି ।

"ଉଡ଼ିଯା ରେ ଶୁକବର ଭେଟିବୁ ବନ୍ଧୁଙ୍କୁ,
ପ୍ରତ୍ୟୁତ୍ତରେ ଫୁଲାଇବୁ ମୋ ପ୍ରେମସିନ୍ଧୁକୁ ।"

ଏହାକୁ ପଢ଼ି ସନ୍ଦେହ ବଢ଼ନ୍ତେ ନଳି ସମସ୍ତ ପତ୍ରଟି ଜଗି ଜଗି ପଢ଼ି ଚମକିପଡ଼ିଲେ ଏବଂ ଦେଖିଲେ "ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।" ପତ୍ନୀ ପତ୍ରଖଣ୍ଡିକ ଅତି ଯତ୍ନରେ ଗୋପନରେ ରଖି ପତିଙ୍କର ଆଗମନ ପ୍ରତୀକ୍ଷା କରି ରହିଲେ । ପତ୍ରଟା ଶୁଣିବାପାଇଁ ଅନେକ ପାଠକ ବଡ଼ ବ୍ୟଗ୍ର ହେବେଣି—ଆପାତତଃ ସେମାନଙ୍କ ଉତ୍କଣ୍ଠା ନିବାରଣପାଇଁ ତାହା ଏଠାରେ ପଢ଼ି ଶୁଣାଇ ଦେଉଅଛୁଁ ।

ମୋର ପ୍ରିୟ ବନ୍ଧୁ,

ପ୍ରଭୁଙ୍କର ନାମ ସ୍ମରଣ କରି ଲେଖୁଅଛି । ତୁମର ସବୁ ପତ୍ର ପାଇ ବଡ଼ ସୁଖିନୀ ଅଛି । ଦୂରତା ହେତୁରୁ ମୁଁ ତୁମ୍ଭଙ୍କୁ ମନର କଥାମାନ ଜଣାଇ ପାରୁନାହିଁ । ତୁମ୍ଭେ ମୋତେ ଏତେ ସନ୍ଦେହ କରୁଛ; କିନ୍ତୁ ମୁଁ ତୁମ୍ଭଙ୍କୁ ଯେମନ୍ତ ପ୍ରେମ କରେଁ, ତାହା ଏଥିରେ ଲେଖି କିସ ହେବ ? ତୁମ୍ଭର ଯେପରି ବିଘ୍ନ ଅଛି, ସେଥିରେ ତୁମ୍ଭେ କିଛି କରିପାରିବ ନାହିଁ । ମୁଁ ଜାଣୁଅଛି, ତୁମ୍ଭେ ବାଧରେ ପଡ଼ି ଯାଇଅଛ । ବର୍ତ୍ତମାନ ତୁମ୍ଭର ଭିନ୍ନ

Digitized by srujanika@gmail.com

ହେବାର ଉପାୟ ନାହିଁ । ସେ ଯାହାହେଉ, ଏ ଅଧୀନା ସେହିପରି ପ୍ରେମ ରଖିଅଛି । ନିର୍ଦ୍ଦୟ ହେବ ନାହିଁ ।

ମୁଁ ତୁମ୍ଭର ପ୍ରେମାଧୀନା
ଶ୍ରୀମତୀ—

ପ୍ରିୟ ପାଠକେ ! ପତ୍ରଖଣ୍ଡି କେଉଁଠାରୁ ଆସିଲା, ଏଥିରୁ ଜଣାପଡୁ ନାହିଁ । ଉପରେ ଡାକ ମୋହର ଦେଖି ଜଣାଗଲା, ତାହା ବାଲେଶ୍ୱର ଜିଲ୍ଲାର କୌଣସି ପ୍ରସିଦ୍ଧ ସ୍ଥାନରୁ ଆସିଅଛି ।

ଏକାଦଶ ପରିଚ୍ଛେଦ

ସିଦ୍ଧାନ୍ତ

'ଅହୋ ! ସଂସାର କି ବିଷମ ! କି ଘୋର ଜଞ୍ଜାଳମୟ ! କାଳର କି କୁଟିଳ ଗତି ! ପ୍ରେମର କି ଅଦ୍ଭୁତ ପରିଣାମ ! ଆଶାର କି ଅପୂର୍ବ କୁହୁକ ! ସମାଜର କି ଅଭେଦ୍ୟ କପଟତା ! ଦୈବର କି ଭୀଷଣ ପ୍ରତିବନ୍ଧକ ! ଯେ ଯାହା ଚାହେଁ, ତାହା ପାଏ ନାହିଁ । ସଂସାରରେ ସବୁ ଦୈବାଧୀନ ବୋଲି କହୁଥାନ୍ତି । ଦେଖାଯାଉ ମୋହର ମନର ଗତି କିଏ ରୋଧିବ ? ଦୈବକୁ ଅପେକ୍ଷା କରିବା କାପୁରୁଷର କର୍ମ । ଆଉ କାଳ ବିଳମ୍ବ କରିବି ନାହିଁ । ପ୍ରତିହିଂସାର ଏ ଉପଯୁକ୍ତ ସମୟ । ରହସ୍ୟ ପ୍ରକାଶ ପାଇ ନ ଥିବାରୁ ଏତେଦିନ ଯାଏ ଭାବନାରେ କାଳକ୍ଷେପଣ କରୁଥିଲି । ଏଣିକି କାର୍ଯ୍ୟନାଶର ସମ୍ଭାବନା । ସୁତରାଂ 'ଶୁଭସ୍ୟ ଶୀଘ୍ରଂ' ବିଧି ମାନି ପ୍ରତିଜ୍ଞା ପାଳନ କରିବାକୁ ହେବ ।' ଏହିପରି ନାନା କଥା ଭାବି ଜନମୋହନ ବାବୁ ଏକ ସିଦ୍ଧାନ୍ତରେ ଆସି ଉପସ୍ଥିତ ହେଲେ । କାର୍ଯ୍ୟର ଅନୁଷ୍ଠାନ ପୂର୍ବେ ତାଙ୍କ କଥାରେ ପତ୍ନୀଙ୍କ ବିଶ୍ୱାସ ଜନ୍ମିବା ଏକାନ୍ତ ଆବଶ୍ୟକ । ପାଠକେ ! ଏତେଦିନେ ପ୍ରାଣପତି ବିବାହିତା ପତ୍ନୀଙ୍କର ଚିତ୍ତରଞ୍ଜନ କରିବାକୁ ମନସ୍ଥ କରୁଅଛନ୍ତି !

ପତିଙ୍କ ମନୋଭାବର ପରିବର୍ତ୍ତନ ଦେଖି ସରଳା ଲୀଳାବତୀ ସନ୍ଦେହର ଯଥେଷ୍ଟ କାରଣ ସତ୍ତ୍ୱେ ଅନ୍ତରରେ ଆନନ୍ଦ ଅନୁଭବ କରିବାକୁ ଲାଗିଲେ । ଆନନ୍ଦର ମାତ୍ରା ଯେତିକି ବଢ଼ିବାକୁ ଲାଗିଲା, ସେତିକି ସେ ସଂଶୟ ବା ଅବିଶ୍ୱାସ ମହାସିନ୍ଧୁରେ ପୋତବତ୍ ନିମଗ୍ନ ହେବାକୁ ଲାଗିଲେ । ପୋତ ମଗ୍ନ ହେଲେ ପୋତଯାତ୍ରୀର ପରିଣାମ ଯାହା ହୋଇଥାଏ, ଏଠାରେ ଲୀଳାଙ୍କର ତାହା ହିଁ ହେବା ଧ୍ରୁବ । ସେ ପତିଙ୍କର ଅପ୍ରତ୍ୟାଶିତ ମଧୁର ବ୍ୟବହାରରେ ମୁଗ୍ଧ ହୋଇ ପୂର୍ବ ଭାବର ବିସ୍ମରଣ ସଙ୍ଗେ ହିତାହିତବିଚାରଶୂନ୍ୟା ହୋଇ ପଡ଼ିଲେ । ପ୍ରିୟଭାଷୀ ସ୍ୱାମୀ ଦିନେ ପ୍ରିୟତମାଙ୍କ ନିକଟରେ ପ୍ରସ୍ତାବ କଲେ— 'ଦେଖ ଲୀଳା ! ଆସିଲାଦିନୁଁ ତୁମ୍ଭକୁ ସମୁଦ୍ର ଦେଖାଇବି ଦେଖାଇବି ବୋଲି ଆଶା ଦେଇ ଆଜିଯାଏ ପାରି ନାହିଁ । ବେବି (କନିଷ୍ଠ ପୁତ୍ରର ଡାକ ନାମ) ଅତି ସାନ ଥିବାରୁ ବୁଲି ଯିବାର ସୁବିଧା ହୋଇ ନ ଥିଲା । ଆଉ ମଧ୍ୟ ଏ ପୁଲିସ କାର୍ଯ୍ୟରେ ପଶିଲେ ଆଦୌ ଅବସର ମିଳେନାହିଁ । ଆସନ୍ତା ଗୁଡ୍ ଫ୍ରାଇଡ଼େ ଛୁଟିରେ ତୁମ୍ଭକୁ ନେଇଯିବାର ସ୍ଥିର କରିଅଛି । ଚଲିପାଟଣାଠାରେ ସମୁଦ୍ରକୂଳରେ ଗୋଟିଏ ସୁନ୍ଦର

Digitized by srujanika@gmail.com

କୋଠି ଅଛି । ସେହିଠାରେ ଦୁଇ ଦିନ ରହି ଏ ବର୍ଷ ଉତ୍ସବଟା ଭଲକରି କଟାଇବା ।' ଲୀଳା ମହୋଲ୍ଲାସରେ 'ତଥାସ୍ତୁ' କହିବାରୁ ଏହି ପ୍ରସ୍ତାବ ନିର୍ଦ୍ଧାରିତ ହେଲା ।

ସଂସାରଟା କି ଛଳନାମୟ ! ଯୁଗେ ଯୁଗେ କେତେ ପ୍ରତାରଣା ଓ ପ୍ରଲୋଭନର ଅଭିନୟ ଏ ଭୂପୃଷ୍ଠରେ ହୋଇ ଯାଇଅଛି । ପ୍ରଜାରଞ୍ଜନବ୍ରତୀ ରାମଚନ୍ଦ୍ର ସୀତା-ଦେବୀଙ୍କୁ ଭୁଲାଇ ପୂର୍ବବାଞ୍ଛିତ ଜାହ୍ନବୀତୀରରେ ଭ୍ରମଣ କରିବାପାଇଁ ରଥରେ ପଠାଇ ଦେଇଥିଲେ । ଏହା କଣ ସେହି ଜାତୀୟ ପ୍ରଲୋଭନ ? ନା ତତୋଽଧିକ ! ଏହା କେବଳ ଯେ ଏହିଠାରେ ଦେଖାଗଲା, ତାହା ନୁହେଁ; ଲୋକ ମଧ୍ୟରେ ଏହା କେବେ ପ୍ରବଞ୍ଚନାରୂପେ — କେତେବେଳେ ଜିଗୀଷାବୃତ୍ତିରୂପେ — କେବେ ବା କପଟତା ବା ସ୍ୱାର୍ଥସିଦ୍ଧି ରୂପରେ ନାନା ଭାବରେ ସଞ୍ଚରଣ କରୁଅଛି । କେବଳ ମନୁଷ୍ୟ ମଧ୍ୟରେ କାହିଁକି, ପଶୁ, ପକ୍ଷୀ, କୀଟ, ପତଙ୍ଗ ସମାଜରେ ମଧ୍ୟ ଅନୁସନ୍ଧାନ କଲେ ଦେଖିବ, ଏହି ବୃତ୍ତି ବରାବର ରହିଅଛି । ଉଦ୍ଭିଦ ମଧ୍ୟରେ ସୁଦ୍ଧା ଏହା ଦେଖାଯିବ । ଏକ ସ୍ୱାର୍ଥସିଦ୍ଧି ଲାଗି ଅନ୍ୟର ସର୍ବନାଶ କରୁଅଛି ! 'ଏକସ୍ୟ କ୍ଷଣିକା ପ୍ରୀତିଃ ଅନ୍ୟଃ ପ୍ରାଣୈର୍ବିମୁଚ୍ୟତେ ।' ସଂସାରରେ ଏହାର ଭୂରି ଭୂରି ଦୃଷ୍ଟାନ୍ତ ଦେଖି ମହାଭାରତରେ କବି ଠାଏ କହିଅଛନ୍ତି--'ଜୀବୋ-ଜୀବସ୍ୟ ଜୀବନଂ' ।

ଆଲୋଚନାକଲେ ଦେଖାଯାଏ, ସଂସାରର ପ୍ରତ୍ୟେକ ବିଷୟର ଆଦି ଅନ୍ତ ଏକା ପରି ନୁହେ । ତେଣୁ 'ଶରଦନ ସମାନ ନ ଯାଏ' କଥାଟା ଲୋକମୁଖରୁ ସବୁ କାଳେ ବାହାରିଥାଏ । ଯାହାକୁ ଦେଖିଛୁ କୋମଳ — ତାହାର ପରିଣାମ କଠୋର । ମଧୁରର ପରିଣାମ ତିକ୍ତ । ଅସମ୍ଭାବିତ ମଧୁର ଭାବ ଅବଶ୍ୟମ୍ଭାବୀ ବିଧୁର ଭାବର ସୂଚନା କରେ । ଜନ-ମୋହନର ଏ ଅତିଭକ୍ତି ଚୋରର ଲକ୍ଷଣ ନୁହେ ତ ?

ଦ୍ୱାଦଶ ପରିଚ୍ଛେଦ

ସମୁଦ୍ର କୂଳ — ପ୍ରତିହିଂସା

ବର୍ତ୍ତମାନ ନିଶା ଅବସାନ ପ୍ରାୟ । ଦେଖୁ ଦେଖୁ ସାଗରପୃଷ୍ଠ ଉପରେ ପୂର୍ବାକାଶ ଈଷତ୍ ରକ୍ତରଞ୍ଜିତ ହୋଇଗଲା ଏବଂ ପଛେ ପଛେ ମହାମାଣିକ୍ୟର ପ୍ରବାହ ଯେପରି ଊର୍ଦ୍ଧ୍ୱମୁଖରେ ଉଚ୍ଛୁଳି ପଡ଼ିଲା । ଜନମୋହନ ବାରଣ୍ଡାରେ ବସି ପ୍ରିୟତମାକୁ ଏହି ଅପୂର୍ବ ଦୃଶ୍ୟ ଦେଖାଇବାକୁ ଲାଗିଲେ । ଲୀଳାବତୀ ଦେଖିଲେ, ଏକ ବିଶାଳ ବର୍ତ୍ତୁଳାକାର ଅରୁଣଜ୍ୟୋତି ସମୁଦ୍ରର ସ୍ତବ୍ଧତର ଅଗାଧ ସଲିଳଗର୍ଭ ଭେଦ କରି ଅର୍ଦ୍ଧୋଦିତ ହେଲା ଏବଂ ତାହାର ଅରୁଣିମାରେ ସାଗର ରକ୍ତମୟ ହୋଇଗଲା ପରି ଜଣାଗଲା । କ୍ଷଣକ ପରେ ସେହି ବିଶାଳ ରକ୍ତଗୋଲକ ଜଳଆସ୍ତରଣରୁ କିଞ୍ଚିତ୍ ପୃଥକ ହୋଇ ଊର୍ଦ୍ଧ୍ୱ ଆକାଶରେ ଶୋଭା ବିସ୍ତାର କଲା । ଧୀରେ ଧୀରେ ସ୍ଥିର ସମୁଦ୍ର ବକ୍ଷରେ ଲଘୁଲହରୀମାଳା ସ୍ତରେ ସ୍ତରେ ଦେଖାଦେଲା । ପ୍ରତି ତରଙ୍ଗ ସେହି ରଙ୍ଗରେ ଛୁରିତ ହୋଇ କୂଳଯାଏ ଡଳ ଡଳ ଦିଶି ଆସିବାକୁ ଲାଗିଲା । ଜ୍ୟେଷ୍ଠ ଶିଶୁଟି ହଠାତ୍ ତର୍ଜନୀ ନିର୍ଦ୍ଦେଶ କରି ପଚାରିଲା—ଏ ଗୋଟାଏ ଶଗଡ଼ ଚକ ପରି କଣ ଲାଲ ଦିଶୁଛି ? ବାସ୍ତବରେ ସେମାନେ କେହି କେବେ ଏପରି ସୂର୍ଯ୍ୟୋଦୟ ଦେଖି ନାହାନ୍ତି । ସମସ୍ତଙ୍କର ଦୃଷ୍ଟି ସେହି ରକ୍ତଗୋଲକ ଉପରେ, ତେଣୁ ଜନମୋହନଙ୍କର

Digitized by srujanika@gmail.com

ଦୁଇ ରକ୍ତଚକ୍ଷୁଗୋଲକ ପ୍ରତି ତେତେବେଳେ କାହାର ଦୃଷ୍ଟି ପଡ଼ିଲା ନାହିଁ । ବାବୁ ମଧ୍ୟ ଦୃଶ୍ୟର ଆଲୋଚନା ଅବସରରେ ବଡ଼ ଚିନ୍ତିତ ଦେଖା ପଡ଼ୁଥିଲେ । ଦେଖୁ ଦେଖୁ ହଠାତ୍ ଭାବାବେଗରେ କହି ଉଠିଲେ, ଲିଲି, ଚାଲ ପିଲାଙ୍କୁ ନେଇ ଯିବା, ଏହି ଡକ୍ (ପୋତାଶ୍ରୟ ସେତୁ) ଉପରେ ଠିଆ ହୋଇ ଦେଖିବା । ଆଜି ପରି ଗୋଟିଏ ସକାଳ କେବେ ହେଲେ ଦେଖିଛ କି ? ଆଜି ପୁଣି ପହିଲା, ପିଲାମାନଙ୍କର ଗୋଟିଏ ପ୍ରଧାନ ପର୍ବଦିନ । ଉତ୍ସବ ପାଳନ କରିବାକୁ ହେବ । ଲିଲି କିଞ୍ଚିତ୍ ବିସ୍ମୟରେ ପଚାରିଲେ—"କି ଉତ୍ସବ ?"

ଜନ—ତୁମ୍ଭେ ଜାଣନାହିଁ ! ଆଜି ପରା ଏପ୍ରିଲଫୁଲ ଦିନ—ଆଜି ବନ୍ଧୁମାନେ ଅବାଧରେ କେତେ ମଧୁର ଖେଳ ଖେଳନ୍ତି ।

ଏହା କହୁଁ କହୁଁ ସେ ଆସନରୁ ଉଠି ଜ୍ୟେଷ୍ଠ-ପୁତ୍ରର ହାତଧରି ଡେକ୍‌ଆଡ଼କୁ ଅଗ୍ରସର ହେଲେ । କନିଷ୍ଠଟି ଜନନୀର ଅଙ୍କାସନରେ ଥାଇ ସେଠାକୁ ପଛେ ପଛେ ନୀତ ହେଲା । ଡେକ୍‌ର ବାଡ଼କୁ ଆଉଜି ଲିଲି କେତେବେଳେ ସୂର୍ଯ୍ୟୋଦୟର ଦୃଶ୍ୟ, କେବେ ଆକାଶର ଦୃଶ୍ୟ, କେବେ ବା ଆକାଶସାଗର ମିଳନର ଦୃଶ୍ୟ, କେବେ ସମୁଦ୍ରଲହରୀର, କେବେ ବା ଭାସମାନ କ୍ଷୁଦ୍ର-ପୋତର ଦୃଶ୍ୟ ଏବଂ ବେଳେ ବେଳେ ତରଙ୍ଗୋତ୍‌ଥିତ ଜଳଜନ୍ତୁର ଦୃଶ୍ୟ ଦେଖିବାକୁ ଲାଗିଲେ । ମାତ୍ର ଜିଘାଂସୁ ଜନମୋହନ କେବଳ ପତ୍ନୀର ଇଙ୍ଗିତ, ମନର ଗତି କଳନା କରି ଭିନ୍ନ ଦୃଶ୍ୟ ଦେଖୁଥିଲେ । ଶେଷକାଳରେ ସେହି ସବାଳକବତ୍ସା ଜନନୀ ଅଧୋବଦନରେ ସମୁଦ୍ର-ପୃଷ୍ଠରେ ସ୍ଥିର ଦୃଷ୍ଟି ନିକ୍ଷେପ କରି ଦେଖିଲେ ଯେ ତରଙ୍ଗ ଉପରେ ତରଙ୍ଗମାନ ଆସି ସେହିଠାରେ ଚୂର୍ଣ୍ଣିତମସ୍ତକ ହୋଇ ଶୁଭ୍ରଶୀକର ମୁକ୍ତାବଳୀ ପ୍ରକ୍ଷେପ କରୁଅଛି । ଦେଖୁ ଦେଖୁ ଅତି ତୁଙ୍ଗ ତରଙ୍ଗମାନ ସେଠାରେ ବିଳୟ ପ୍ରାପ୍ତ ହେଉଅଛି । ସେହି ଅକୂଳ ତରଙ୍ଗାୟିତ ବକ୍ଷରେ ଭାସମାନ କ୍ଷୁଦ୍ରତରୀମାନ କ୍ଷଣେ ନଗ୍ନ—କ୍ଷଣେ ମଗ୍ନ – କ୍ଷଣକେ ପୁଣି ଭଗ୍ନ ଅବସ୍ଥା ଭଳି ପୋତଗୁଡ଼ିକଙ୍କୁ ଆକୁଳିତ କରୁଅଛି । ଲିଲି ଭାଳିବାକୁ ଲାଗିଲେ, ଉଦଧିସିନ୍ଧୁ ଏହିପରି ଭୟଙ୍କର ସିନା ! ଦୃଶ୍ୟ ନିରୀକ୍ଷଣ କରୁ କରୁ ତାହାଙ୍କର ବାହ୍ୟଜ୍ଞାନ କ୍ରମଶଃ ଅପସୃତ ହେବାକୁ ବସିଲା । ନିଷ୍ଠୁର ନିର୍ମମ ଜନମୋହନ ବେଳକାଳ ବୁଝି ଆପଣାର ଚିର ଅଭିପ୍ସିତ କର୍ମ ସମ୍ପାଦନରେ ଅଗ୍ରସର ହେଲେ । ଏଥି ମଧ୍ୟରେ ଥରେ ଦୁଇଥର ଉଦ୍ୟତ ହୋଇ ପୁଣି ହସ୍ତ ସଙ୍କୁଚିତ କଲେଣି; କିନ୍ତୁ ସେଥି ପ୍ରତି କାହାର ଦୃଷ୍ଟି ନାହିଁ । ଶେଷରେ ସିଦ୍ଧାନ୍ତ ହେଲା, ଆଉ ବିଳମ୍ବ କାହିଁକି ? ଏହାର ଅଚିର ମରଣରେ ତ ନାଶିରହିଲଭ ହେବ ! କ୍ରୀଡ଼ା ଛଳନାରେ ଯାହା କରାଯାଏ, ତାହା ତ ନୃଶଂସ କର୍ମ ନୁହେ ! ହଠାତ୍ ସେହି ନିସ୍ତବ୍ଧ ଭାବ ମଧ୍ୟରେ ଜିଘାଂସୁ ସ୍ୱାମୀ କହି ପକାଇଲେ—ଦେଖ ଲିଲି ! ମୁଁ ତୁମ୍ଭ ସଙ୍ଗରେ ଏପ୍ରିଲ ଫୁଲ ଖେଳିଲି ! କହି ତ ହାର ନିତମ୍ବ ଦେଶରେ ହାତ ଦେଇ ସେତୁ ପୃଷ୍ଠରୁ ପାଦ ଦୁଇଟିକୁ ଉଠାଇ ଦଣ୍ଡାନ୍ତେ ଅଧୋମୁଖରେ ସବତ୍ସା ଜନନୀ ସମୁଦ୍ରରେ ପତିତ ହେଲେ ! ପଡ଼ିବା ମାତ୍ରକେ ଅନ୍ୟ-ମନସ୍କା ଜନନୀର ବକ୍ଷଦେଶରୁ ଶିଶୁଟି ସମୁଦ୍ରଗର୍ଭସାତ୍ ହେଲା । ଲୀଳାବତୀ ଉଦ୍ଧାର ଲାଗି ବ୍ୟାକୁଳ ଭାବରେ ହସ୍ତ ଉତ୍ତୋଳନ କରି ମସ୍ତକ ଦେଖାନ୍ତେ ନିର୍ମମ ସ୍ୱାମୀ ତାହାର ଜୀବନରକ୍ଷାରେ ପ୍ରତିକୂଳ ହୋଇ ପାର୍ଶ୍ୱସ୍ଥିତ ରୋରୁଦ୍ୟମାନ ଜ୍ୟେଷ୍ଠ ପୁତ୍ରଟିକୁ ମଧ୍ୟ (ତାହାର ପୁନଃ ପୁନଃ କାତର ପ୍ରାର୍ଥନା ନ ମାନି) ଉପରକୁ ନିକ୍ଷେପ କଲେ । ତତ୍‌କ୍ଷଣାତ୍ ପୁତ୍ରବତ୍ସଳା ମାତା ତାହାକୁ ଆଲିଙ୍ଗନ କରିପକାଇଲେ ସତ୍ୟ; କିନ୍ତୁ ଅଧିକକ୍ଷଣ ନୁହେ । ଜନନୀଙ୍କୁ କ୍ରମଶଃ ମଗ୍ନ ହେବାର ଦେଖି ପୁତ୍ରଟି କୋଳରୁ ବାହାରିଯାଇ କନିଷ୍ଠର ପଥ ଅନୁସରଣ କଲା ଏବଂ କ୍ଷଣକ ପରେ ଅଦୂରରେ ଦେଖାଗଲା, ସମୁଦ୍ର ତରଙ୍ଗ ତାକୁ ପକାଇ ଉଠାଇ ଅବଶ ଅବସ୍ଥାରେ ବହନ କରୁଅଛି । ମାତାର କାତର ଆହ୍ୱାନରେ ସେହି ଦିଗରୁ କେତୋଟି ତରୀ ଧାବିତ ହେଲା । 'ଯାହାକୁ

Digitized by srujanika@gmail.com

ରଖିବେ ଅନନ୍ତ, କି କରି ପାରେ ବଳବନ୍ତ ।' ତଥା ନିକଟକୁ ଆସନ୍ତେ ଆପଣାର ଅଭିସନ୍ଧି ବିଫଳ ହୋଇ ଯିବାର ଦେଖି ଚତୁର ଜନମୋହନ ଉପରୁ ହସ୍ତସଙ୍କେତ କରି ବ୍ୟାକୁଳଭାବରେ କହିବାକୁ ଲାଗିଲେ—ଶୀଘ୍ର ଉଦ୍ଧାର କର, ମୋହର ସ୍ତ୍ରୀଙ୍କର ପ୍ରାଣସଙ୍କଟ ଉପସ୍ଥିତ । ମୂଢ଼ ମାନବ ! କାହାକୁ ପ୍ରବଞ୍ଚନା ! ତୁମ୍ଭେ କିଣ ଜାଣ ନାହିଁ ଯେ, ତୁମ୍ଭର ଏ ସମସ୍ତ କାର୍ଯ୍ୟ ଜଣେ ଆମୂଳ ଦେଖି ଆସୁଛନ୍ତି ? ମନେ ମନେ ତୁମ୍ଭେ ଯେଉଁ ସୁଖବୃକ୍ଷର କଳ୍ପନା କରୁଅଛ, ତାହାର ବୀଜ କିଣ ତୁମ୍ଭର ଇଚ୍ଛାରେ ଅଙ୍କୁରିତ ହୋଇ ପାରେ ? ଜଣେ ସୃଷ୍ଟ ଜୀବ ହୋଇ ଗୋଟିଏ ସୃଷ୍ଟ ପ୍ରାଣୀର ବଧ ସାଧନ କରିବାରେ ତୁମ୍ଭର କି ଅଧିକାର ଅଛି ? ତୁମ୍ଭେ କିଣ ଜାଣି ନାହିଁ ଯେ, ପ୍ରକୃତି କ୍ଷଣେ ପ୍ରତିକୂଳ ରୂପ ଧାରଣ କଲେ ତୁମ୍ଭ ପରି ଶତ ଶତ ଲୋକ ନିମେଷକ ମଧ୍ୟରେ ବିଲୟ ପାଇଯିବେ ? ପିଲାଦିନେ ତୁମ୍ଭେ ଅବଶ୍ୟ ପୁରାଣରେ ଶୁଣିଥିବ, ବାଳକ ପ୍ରହ୍ଲାଦକୁ ସମ୍ପଦମଦଗର୍ବିତ ତାହାର ପିତା ଶତ ଘାତୁକଦ୍ୱାରା ଅଗ୍ନି, ଅସ୍ତ୍ର ଏବଂ ସମୁଦ୍ରରେ ନିକ୍ଷେପ କରି ଏବଂ ମତ୍ତଗଜପଦତଳେ ଦଳିତ କରି ସୁଦ୍ଧା ସେହି ଜଣକ ଯୋଗୁଁ କିଛିହିଁ କରି ପାରି ନ ଥିଲେ ? ତୁମ୍ଭେ ସେପରି ସହାୟସମ୍ପନ୍ନ ବଳଶାଳୀ ହୁଅ, ଦୈବରକ୍ଷିତର କିଣ କରି ପାରିବ ? ତୁମ୍ଭେ ଶତ ଚେଷ୍ଟାକଲେ ସୁଦ୍ଧା ଦୈବାନୁଗୃହୀତା ଲୀଳାବତୀ କଦାପି ଏ ଜଗତରୁ ଅପସୃତ ହେବନାହିଁ; କିନ୍ତୁ ପାଷଣ୍ଡ ! ଯେଉଁ ଦୁଇଟି ରତ୍ନ ହରାଇଲ, ସେ ବେନ ତ ତୁମ୍ଭର ଆତ୍ମା । କେବଳ ଲୀଳାର ଗର୍ଭରେ ଆଶ୍ରୟ ନେଇଥିଲେ । ଲୀଳାବତୀଠାରୁ ତୁମ୍ଭର ପ୍ରେମ ଅନ୍ତର୍ହିତ ହେବା ସଙ୍ଗେ ସଙ୍ଗେ ସେ ଦୁଇଟି ପ୍ରେମବୀଜ ଲୀଳାମୟଙ୍କ ଇଚ୍ଛା ଅନୁସାରେ କେଉଁଣେ ଉଭେଇ ଗଲେ । ବର୍ତ୍ତମାନ ତୁମ୍ଭେ ଆପଣାର ପରିଣାମ ଭାବ ! 'ଯେ ବା ଚିନ୍ତଇ ପରେ ମନ୍ଦ, ଅବଶ୍ୟ ବୁଝିବ ଗୋବିନ୍ଦ ।'

ତ୍ରୟୋଦଶ ପରିଚ୍ଛେଦ

ଶେଷ ଫଳ

ଏ ଧରାଧାମରେ ଦୟା ମାୟା—ଦାନ ଦାକ୍ଷିଣ୍ୟ ଏବଂ ହିଂସା ଜିଘାଂସାବୃତ୍ତିର ଆଶ୍ରୟ ନେଇ କିଏ କେତେ ଶୁଭାଶୁଭ କର୍ମ କରି ଚାଲି ଯାଉଅଛନ୍ତି; କିନ୍ତୁ ସେ ସମସ୍ତ କର୍ମର ଫଳାଫଳ ବିଚାର ବିଶ୍ୱରାଜଙ୍କ ଦର-ବାରରେ ଅଭ୍ରାନ୍ତଭାବରେ ହୋଇଥାଏ । କେହି ସ୍ୱକୃତ କର୍ମର ଫଳଭୋଗ ନ କରି ଏ ସଂସାରରୁ ଖସି ଯିବ ନାହିଁ । କର୍ମର ଫଳାଫଳ ବିଚାର ହେଉ ନ ଥିଲେ ଏ ଜଗତରେ ଆହୁରି କେତେ କେତେ ଅସତ୍ ଗର୍ହିତ କର୍ମର ଯେ ଅଭିନୟ ହେଉଥାନ୍ତା, ତାହାର ଇୟତ୍ତା କରି ହେବ ନାହିଁ । ଆତ୍ମକୃତ କର୍ମଫଳରେ ଆଜି ସରଳା ଅନାଥା ଲୀଳାବତୀ ଅକୂଳ ଅର୍ଣ୍ଣବଗର୍ଭରୁ ଜୀବନ ପାଇ ପୂର୍ବବତ୍ ସୁଖମୟ ପିତାଳୟରେ ବାସ କରିଅଛନ୍ତି । ଜନକ ଜନନୀଙ୍କର ଦ୍ୱିଗୁଣିତ ସ୍ନେହ ଓ ସଙ୍ଗିନୀମାନଙ୍କର ଗୋଷ୍ଠୀସୁଖରେ ତାଙ୍କର ପୂର୍ବ ଦୁଃଖ ସ୍ୱପ୍ନ ପ୍ରାୟ ବିସ୍ମୃତିଗର୍ଭକୁ ଯାଉଅଛି । କେବଳ ଜ୍ୟେଷ୍ଠ ସନ୍ତାନଟି ତହିଁରେ ରକ୍ଷା ପାଇଥିବା ସମ୍ଭବ ହେଲେହେଁ କୌଣସି ସନ୍ଧାନ ମିଳି ନ ଥିବାରୁ ଚିତ୍ତବୃତ୍ତି ଦୋଳା-ୟିତ ଅବସ୍ଥାରେ ଅଛି । ଏଣେ ସେହି କର୍ମଫଳରେ ଜନମୋହନ ତାଙ୍କର ମଦବବର୍ଦ୍ଧନପଦରୁ ଚ୍ୟୁତ ହୋଇ ଧର୍ମାଧିକରଣର ଅର୍ଗଳୀ ମଧ୍ୟରେ ପ୍ରବେଶ ଲଭି

Digitized by srujanika@gmail.com

କରିଅଛନ୍ତି । କେତେ ଦିନ ବନ୍ଦୀ ହେଲା ଉତ୍ତାରେ ବିଗୁରପତିଙ୍କର ଶେଷ ଆଦେଶ ହେଲା—"ଯାବଜ୍ଜୀବନ ଦ୍ୱୀପାନ୍ତରବାସ ।" ରାଜକୁଳର ବିଗୁରରେ ସାଗର-ପାରିରେ ଜନମୋହନଙ୍କର ବାସସ୍ଥାନ ନିର୍ଦ୍ଦେଶିତ ହେଲା । ସମସ୍ତ ଆଶାସୌଧ କ୍ଷଣକେ ଏହି ବାକ୍-ଭୂକମ୍ପରେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ! ସର୍ବାଙ୍ଗରୁ ମହାମଦ-ଜ୍ୱର ପ୍ରାୟ ଏତେଦିନେ ଦୂର ହୋଇଗଲା । ଜନମୋହନ, ବର୍ତ୍ତମାନ ନବୀନ ପ୍ରେମ ଅନୁଭବ କର । ତୁମ୍ଭେ ମଙ୍ଗଳମୟ ବିଭୁଙ୍କ ରାଜ୍ୟରେ ତାଙ୍କର ମଙ୍ଗଳ-ବିଧି ନ ମାନି ଆତ୍ମପ୍ରତିଷ୍ଠା କରିବାକୁ ମନ ବଳାଇଥିଲ — ଏବେ ବୁଝ ତାହା ଅସଙ୍ଗତ ଏବଂ ଅସମ୍ଭବ । ଭ୍ରାନ୍ତ ଯୁବକ ! ଆଜିଠାରୁ ଉଚ୍ଛୃଙ୍ଖଳତା ତ୍ୟାଗ କରି ମନେ ରଖ ଯେ—

ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ-ଡୋରି,
ନିଜ ଭାଗ୍ୟ-ଡୋରି କାଳହସ୍ତେ ଏହା
ପକାନ୍ତି ହେଳେ ପାସୋରି ।

Digitized by srujanika@gmail.com

ପରିଶିଷ୍ଟ

(ବିଭିନ୍ନ ପତ୍ରପତ୍ରିକାରୁ ସଂଗୃହୀତ)

Digitized by srujanika@gmail.com

ଜଗନ୍ନାଥ ଶିଳାଲିପି

(ମୁକୁର-ବୈଶାଖ, ୧୩୨୦, ୮ମ ଭାଗ, ୧ମ ସଂଖ୍ୟା)

ପୁରୀସ୍ଥ ଜଗନ୍ନାଥମନ୍ଦିରର ଭିତ୍ତି ଏବଂ ତଳ ଦେଶରେ କେତେଗୁଡ଼ିଏ ଲିପିମୟୀ ଶିଳା ଦେଖାଯାଏ । ତନ୍ମଧ୍ୟରୁ ଅନେକ ଲିପି ଆଧୁନିକ । ଭିତ୍ତି ଦେହରେ ଖୋଦିତ କେତୋଟି ଲିପି ପ୍ରାଚୀନ ବୋଲି ଜଣାଯାଏ । ଏହି ସବୁ ଲିପି ମଧ୍ୟରୁ କତିପୟ ଲିପି ଡାକ୍ତର ରାଜେନ୍ଦ୍ରଲାଲ ମିତ୍ର ସ୍ୱକୃତ ପ୍ରତ୍ନତତ୍ତ୍ୱ ପୁସ୍ତକରେ ସଂଗ୍ରହ କରି ଅଛନ୍ତି । ଉକ୍ତ ଲିପିମାନଙ୍କରେ ଗଜପତି ରାଜାମାନଙ୍କର ବିଶେଷ ଦାନ ବା ଆଜ୍ଞାର ବିବରଣ ପ୍ରକାଶ ପାଏ । ଆମ୍ଭେମାନେ ଏଠାରେ ତିନୋଟି ବିଭିନ୍ନ ସମୟର ଲିପି ପାଠକମାନଙ୍କୁ ଉପହାର ପ୍ରଦାନ କରୁଅଛୁଁ । ଏଥିମଧ୍ୟରୁ ଗୋଟିଏ କପିଳେଶ୍ୱର ବା କପିଳେନ୍ଦ୍ରଦେବଙ୍କର, ଦ୍ୱିତୀୟଟି ତତ୍ପୁତ୍ର ପୁରୁଷୋତ୍ତମଦେବଙ୍କର ଏବଂ ତୃତୀୟଟି ତତ୍ପୁତ୍ର ପ୍ରତାପୀ ପ୍ରତାପରୁଦ୍ରଦେବଙ୍କ ରାଜତ୍ୱକାଳରେ ଖୋଦିତ । ଲିପିତ୍ରୟର ଭାଷା ଓଡ଼ିଆ । ଆଜକୁ ପ୍ରାୟ ୬୦୦ ବର୍ଷ ପୂର୍ବରୁ ଭାଷା କି ପ୍ରକାର ଥିଲା, ତାହାର ଆଦର୍ଶ ଏଥିରୁ ଦେଖାଯିବ; କିନ୍ତୁ ଏହା ପ୍ରଚଳିତ ଭାଷାର ତତ୍କାଳୀନ ଯଥାର୍ଥ ଆଦର୍ଶ ନୁହେଁ । କାରଣ ରାଜକୀୟ ଲେଖାଦି ଏକାବସ୍ଥାରେ ଲେଖା ହେଉଥାଏ, ତାହାର ହଠାତ୍ କେହି କିଛି ପରିବର୍ତ୍ତନ ନ କରି କେବଳ ଅନୁବର୍ତ୍ତନ କରୁଥାନ୍ତି । ତାହାର ପ୍ରମାଣ ସ୍ୱରୂପ ଦେଖନ୍ତୁ—ଜନ୍ମପତ୍ରିକା ଲେଖାରେ ଅଦ୍ୟାପି ସେହି ରୀତି ଏବଂ ସେହି ଜାତୀୟ ଶବ୍ଦ ରହିଅଛି । ବହୁକାଳ ଧରି ଏକାବସ୍ଥ ରହିବା ଯେପରି ବିଚିତ୍ର, ସେହିପରି ଭାଷାର ଉନ୍ନତିପଥର କଣ୍ଟକ । ଯେଉଁ କପିଳେନ୍ଦ୍ରଦେବଙ୍କ ସମୟରେ ପ୍ରସିଦ୍ଧ ସାରଳାମହାଭାରତ ଜାତୀୟ ଭାଷା ଓ ସାହିତ୍ୟର ଆଦର୍ଶ ସେ ସମୟର ରାଜକୀୟ ଭାଷା କି ପ୍ରକାର ଥିଲା, ଲିପିରୁ ଦେଖନ୍ତୁ, ବୀର ଶ୍ରୀ ପ୍ରତାପ ପ୍ରଦତ୍ତ ଦାନ ଲିପି ପାଠରୁ କଣ ଜଣାଯିବ ଯେ ଏହି ଭାଷା ଭକ୍ତକବି ଜଗନ୍ନାଥଙ୍କ ଭାଗବତ ଭାଷାର ସମକାଳୀନ ଥିଲା ? ସର୍ବଦା ଏକା ବଦ୍ଧାବସ୍ଥ ପୋଷି ରଖିଲେ ପୃଥିବୀରେ କୌଣସି କ୍ଷେତ୍ରରେ ଉନ୍ନତି ହୁଏନାହିଁ, ଏହା ସ୍ୱତଃସିଦ୍ଧ କଥା । ଏକେ ପ୍ରାଚୀନ ଅଧିବାସୀଙ୍କ ଦେଶ ଭାଷା ପ୍ରତି ବୀତସ୍ପୃହତା ବା ଘୃଣାଭାବ, ଦ୍ୱିତୀୟରେ ଉଲ୍ଲିଖିତ କାରଣ ଏ ଉଭୟ ଯୋଗୁଁ ବହୁ ପ୍ରାଚୀନ ଉତ୍କଳଭାଷାର ଶ୍ରୀବୃଦ୍ଧିରେ ଯଥେଷ୍ଟ ବାଧା ଜନ୍ମିଅଛି ।

ବର୍ତ୍ତମାନ ଆମ୍ଭେମାନେ ଉକ୍ତ ତିନି ଲିପି ଟିପ୍ପଣୀ ସହ ଯଥାକ୍ରମେ ପ୍ରକାଶ କରୁଅଛୁଁ । ଏହାର ଅନେକାଂଶର ପାଠରେ ସ୍ପଷ୍ଟ ଥିବାର ସ୍ଥଳେ ସମ୍ପୂର୍ଣ୍ଣ ଅର୍ଥବୋଧ ହେବା କଠିନ ।

୧ । ଶ୍ରୀବୀର ପ୍ରତାପ କପିଳେଶ୍ୱର ନବକୋଟି କର୍ଣ୍ଣାଟୋତ୍କଳବରଗେଶ୍ୱର ଗଜପତି ଗୌଡ଼େଶ୍ୱର ଦେବ ମହାରାଜାଙ୍କ ବିଜେ ରାଜ୍ୟେ ସମସ୍ତ ୪ ଅଙ୍କ ସ୍ରାହି ଧନୁ ଶୁକ୍ଳ ସପ୍ତମୀ ରବିବାରେ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ଦେବଙ୍କ ପଦ୍ମପାଦକୁ ଭକ୍ତି ନିମିତ୍ତେ

୧—ଏହି ଲିପିରୁ ପ୍ରକାଶ ପାଉଅଛି ଯେ ରାଜା କପିଳେଶ୍ୱର ଦେବ (ଅନ୍ୟ ନାମ କପିଳେନ୍ଦ୍ରଦେବ) ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସେବା ନିମିତ୍ତ ବିବିଧ ମୁକୁଟ, ସୁବର୍ଣ୍ଣହାର, ମୁକ୍ତାମାଣିକ୍ୟାଦି ମଣିର ନାନାବିଧ ଜରି ଓ ମୁକ୍ତାର କଙ୍କଣ, ବାହୁଟି, ପାଦପଲ୍ଲବ ଦ୍ୱାର ପ୍ରଭୃତି କୋଠ ଭଣ୍ଡାରକୁ ପ୍ରଦାନ କରି ସେମାନ ମୁଣୋହିଁ ସମସ୍ତରେ ନନ୍ଦୀ ମହାପାତ୍ରଙ୍କଦ୍ୱାରା ଦେବଙ୍କୁ ଲାଗି କରାଇଥିଲେ ।

Digitized by srujanika@gmail.com

କପିଳେଶ୍ୱର ରାଜା ଏ ସେବା କରିଦେଲେ ରତ୍ନପେଡ଼ା ଝମାନ ଶ୍ରୀଭୁଜ ରଜତ ଶଙ୍ଖ ଚନ୍ଦ୍ର ପରମେଶ୍ୱରଙ୍କ ମୁଣ୍ଡହିକ ସୁନା ଯୋଗ ଡ଼ ଏମାନ ଆଣି ପ୍ରବେଶ କଲେ ହାଷିନ ମହାପାତ୍ର, ଚମସର ମହାପାତ୍ର, ବଣ୍ଣେଶ୍ୱର ମହାପାତ୍ର, କମ୍ବ ମହାପାତ୍ର,ନାଥ ମହାପାତ୍ର ଏତେଲେକ ପ୍ରବେଶ କଲେ ନନ୍ଦୀ ମହାପାତ୍ରଙ୍କ ଅଧିକାରେ ବସ୍ତ୍ରସମ ଘପେ ଚୌଦଶତ ପ୍ରକରଣ ଭୋଗୋଦ୍ୟମାର୍ଥ ସମସ୍ତଙ୍କୁ ଥଇ ଦେଲୁ ପ୍ରମାଣେ ଲଗି କରାଇଲେ ରତ୍ନମୁକୁଟ କାନଫୁଲ ତେଡ଼ିକା ମଧ୍ୟ କରି ୮୪ ଯୋଡ଼ା ହୀର ମାଣିକ ଝଟହମାଳ ୭ ନାନା ଏକ ମୁଦ୍ରି ୮୭ ମୁକ୍ତା ଜାଲ ୮ ମୁକ୍ତା ବଡ଼ କଣ୍ଠୀମାଳୀ ୪ ମାଣିକ ପୁତା ମାଣେ ମରକତ ଜାଳା । ମରକତ ମୁକ୍ତା ୫ ମାଣେ ନାନାରତ୍ନ ପଦକ ୪ ମରକତ ହିସର ସରେ ମାଣିକ ମୁକ୍ତା ସର ୪ ଅଙ୍କ ମୁକୁତା ହିସରା ଚଉତ୍ଥ ୨୨ କାଞ୍ଚନହାର ଏକ ମୁକ୍ତା ତୋଡ଼ର ୨ ପାଦ ପଲ୍ଲବ ୭ ନାନା ଏକ ବଙ୍କଟୀ ୮୨ ଯୋଡ଼ା ହୀର ମାଣିକ ବଳା ୩ ଯୋଡ଼ା ଜଂଲ୍ଲି ମେଦକ ୭ ରାଜା ପଦ୍ମହା ଏକ ହୋର ସିନ୍ଦର ୪ ମୁକ୍ତା କଙ୍କଣ ୯୭ ପଣ ହାନ୍ତ ଦର ନବରର ପଶ୍ଚିମେ ଖଳଜ ଗ୍ରମ ମିଳାଇ ମାଳ ୫ * * ଯୋଗୀବ୍ରତ * * * ଦର୍ଥ ଶଙ୍ଖ ଚନ୍ଦର ହାରି ତରି ୮୯ ସୁସୁନା * * * ଗୁଣ୍ଠୀଏ କପିଳେଶ୍ୱର ରାଜା ଏହି ଡୋଲ୍ * * * ତଙ୍କ ତଳ ତାହା ନେମୀ ବୋଲି ଯେ ରଖେ ଜଗନ୍ନାଥଙ୍କୁ ଦ୍ରୋହ କରେ ।

[Vol. pp. 166]

୨ । ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳେବରଗେଶ୍ୱର ପ୍ରତାପ ଶ୍ରୀ ପୁରୁଷୋତ୍ତମ ଦେବ ମହାରାଜା ସମସ୍ତ ସ୍ରାହ୍ମସ ମେଷ ସନ ଗୁରୁବାରେ (୧) ଶ୍ରୀ ପୁରୁଷୋତ୍ତମ କଟକେ (୨) ବଜେ ସମଏ ପୁରୁଷୋତ୍ତମ ଦେବ ମହାରାଜାଙ୍କର ଦକ୍ଷିଣଦ୍ୱାରେ ପାଟେ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ଦେବଙ୍କର ପ୍ରଣାମାଳା ଦେବ ମାନବେ ବଦାନସେ ବଦମାନଙ୍କର ଦେଶମାନର ପ୍ରେଟମେସୁରଙ୍କ ଲେଗ ଦେଶମାନ ଅବଦାନ ପ୍ରତ୍ୟସସୁରଙ୍କ ନିଦ୍ରାକୁ ସେବକମାନଙ୍କୁ ଦଧାରିଲ ୧୦ ଅଙ୍କ ୪ଟିକା ୨୦୦ କାମଳପୁର ଗ୍ରାମ ଏ ଦୋର୍ପକ ହଇଲ୍ଲ ପାଇବ ଦେବ ଅମାର୍ଜ ଆରୋପଣ ସମୟେ ବୈଶାହାଦେବଙ୍କ ଭୋଗରୁ ଦକ୍ଷିଣ ଦୈବଦଣ୍ଡ ପାଦେ ବା ଅଥ ଭ୍ରସବେଶେ ଗୋପପୁର ଶ୍ରୀ ମର୍ଦ୍ଦଳ୍ଲି ଏ ଅବଦାନମାନା ଯେ ଭୋଗଦେଶ ଯେ ହରଇ ସେ ଜଗନ୍ନାଥଙ୍କୁ ଦ୍ରୋହ କରଇ ।

୩ । ବୀର ଶ୍ରୀ ଗଜପତି ଗୌଡେଶ୍ୱର କର୍ଣ୍ଣାଟ କଳେବରଗେଶ୍ୱର ବୀରବର ପ୍ରତାପ ଶ୍ରୀ ରୁଦ୍ରଦେବ

୨—ଏହି ଲିପିର ପାଠ ନିତାନ୍ତ ଅସ୍ପଷ୍ଟ ଥିବାରୁ ସମ୍ପୂର୍ଣ୍ଣ ଅର୍ଥ ବୋଧ ହେଉ ନାହିଁ । ତେବେ ଅସ୍ପଷ୍ଟଭାବରେ ଏତିକ ଜଣା ଯାଉଅଛି ଯେ, ଜଗନ୍ନାଥ ଦେବଙ୍କ ସେବା ଲଗି ରାଜା ଶ୍ରୀ ପୁରୁଷୋତ୍ତମ ଦେବ କେନ୍ଦେଖଣ୍ଡି ଗ୍ରାମର ଭୂମି ପ୍ରଦାନକରିଅଛନ୍ତି । ଏହି ଦାନ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ମେଷମାସ ଗୁରୁବାର ଦିନ ମହାରାଜାଙ୍କ ବଜେ ହେବା ସମୟରେ ଅନୁଷ୍ଠିତ ହୋଇଥିଲା ।

(୧) ଅଦ୍ୟାପି ଏହିପରି ଲେଖା ରୀତି ପ୍ରଚଳିତ ଅଛି; ଯଥା—ଧ୍ରୁପ୍ରସ୍ଥମ ।

(୨) ଓଡ଼ିଶାର ରାଜଧାନୀ ପରବର୍ତ୍ତିରେ 'କଟକ' ଶବ୍ଦ ବ୍ୟବହୃତ ହୋଇଥିବାର ତାମ୍ରଶାସନମାନଙ୍କରୁ ଦେଖାଯାଏ । ଯଥା—ବାରାଣସୀ କଟକେ, ରେମୁଣା କଟକେ ଇତ୍ୟାଦି ଶେଷରେ କଟକହିଁ ଓଡ଼ିଶାର ରାଜଧାନୀ ରହିଲା ।

୩—ତୃତୀୟ ଲିପିର ବିଷୟ ଭିନ୍ନ ପ୍ରକାର । ଶ୍ରୀ ଚୈତନ୍ୟ ଶିଷ୍ୟ ପରମ ବୈଷ୍ଣବ ପ୍ରତାପରୁଦ୍ରଙ୍କର ଏ ଏକ ନୂତନ ବ୍ୟବସ୍ଥା । ତାହାଙ୍କ ରାଜତ୍ୱର ଚତୁର୍ଥ ବର୍ଷର କର୍କଟ ମାସ ବୁଧବାର ଦିନ ଏହି ଆଜ୍ଞା ହେଲା ଯେ, ପ୍ରତ୍ୟହ ସନ୍ଧ୍ୟା ଧୂପଠାରୁ ବଡ଼ ଶିଙ୍ଗାର ପର୍ଯ୍ୟନ୍ତ ନୃତ୍ୟସହ ଗୀତ ଗୋବିନ୍ଦ ଗାନ ହେବ । ଏ ଗାନ ନାଚ ସରିଲେ ତେଲଙ୍ଗୀ ବାଜା ବାଜିବ । ସେମାନେ ମଧ୍ୟ ଏହି ଗୀତ ବ୍ୟତୀତ ଅନ୍ୟ ଗୀତ ଗାଇବେ ନାହିଁ । କେବଳ ତେତିକ ନୁହେଁ, ଯେଉଁ ୪୧ ଜଣ ବୈଷ୍ଣବ ଅଛନ୍ତି ସେମାନେ ମଧ୍ୟ ଏହି ଗୀତ ଗୋବିନ୍ଦ ଗାଇବେ ଏବଂ ସେମାନଙ୍କଠାରୁ ଅଶିକ୍ଷିତ ସମ୍ପ୍ରଦାୟ ଶୁଣି ଏକସ୍ୱରରେ ଗାଇବାକୁ ଶିଖିବେ । ଏହି ଗୀତ ଭିନ୍ନ ଅନ୍ୟ ଗୀତ କେହି ଶିଖିବେ ନାହିଁ; କିମ୍ବା ମନ୍ଦିରରେ ବ୍ୟବହାର କରି ପାରିବେ ନାହିଁ; କଲେ ଜଗନ୍ନାଥ ଦ୍ରୋହୀ ହେବେ । କି ସୁନ୍ଦର ବ୍ୟବସ୍ଥା ! ସେହିକାଳରୁ ଏହି ଗୀତଗୋବିନ୍ଦ ଗାନବିଧି ଯଥାରୀତି ଚଳି ଆସୁଅଛି ।

Digitized by srujanika@gmail.com

ମହାରାଜାଙ୍କୁ ସମସ୍ତ ୪ ଅଙ୍କ ସ୍ରାହ୍ମ କର୍କଟ ମାସ ୧୦ ଦିନ ବୁଧବାର ଅବଧାନ ଆଜ୍ଞାପ୍ରମାଣେ ବଡଠାକୁରଙ୍କ ଗୀତ ଗୋବିନ୍ଦ ଠାକୁରଙ୍କ ଭୋଗବେଳେ ଏ ବା (ନା) ଟ ହୋଇବ ସନ୍ଧ୍ୟା ଧୂପଠାରୁ ବଡ଼ଶିଙ୍ଗାର ପର୍ଯ୍ୟନ୍ତେ ଏ ନାଟ ହୋଇବ ବଡ଼ଠାକୁରଙ୍କ ଶୟନ ବେଳେ କପିଳେଶ୍ୱରଠାକୁରଙ୍କ ଖିଳ (ଖଙ୍ଗିଳ) ନାଚଣଗାନ ପୁରାଣ ସରିଲେ ତେଲଙ୍ଗୀ ସଂପ୍ରଦାସମାନେ ସବୁ ବଡ଼ଠାକୁରଙ୍କ ଗୀତଗୋବିନ୍ଦ ହେବାର ଗୀତ ହି ଶିଖିବେ ଆନଗୀତମାନଙ୍କୁ ନ ଗାଇବେ ଆନ ନାଟ ହୋଇ ପରମେଶ୍ୱରଙ୍କ ଛାମୁରେ ନ ହୋଇବ ✳ ✳

✳ ✳ ଏ ବ୍ୟତିରେକେ ବୈରାଗୀ ଊନପଞ୍ଚଶ ଜଣ ଅଛନ୍ତି । ଏମାନେ ଗୀତହି ସେ ଗ ଇବେ ଏହାଙ୍କରଠ ରୁ ଅଶିକ୍ଷିତମାନେ ଏକ ସ୍ୱରରେ ଶୁଣି ଗୀତଗୋବିନ୍ଦ ଗୀତ ଶିଖିବେ ଆନ ଗୀତ ସେ ନ ଶିଖିବେ ଏହା ଯେ ପରିଛା ଆଚରିବେ ନାହିଁ ଆନ ଗୀତ ନାଟ କରାଇବେ ସେ ଜଗନ୍ନାଥଙ୍କୁ ଦ୍ରୋହ କରିବେ ।

ପ୍ରଥମ ଓ ଦ୍ୱିତୀୟ ଲିପିରେ ଯେ ପ୍ରକାର ଦାନ ପ୍ରସଙ୍ଗର ଉଲ୍ଲେଖ ଅଛି, ଶ୍ରୀ ଜଗନ୍ନାଥଦେବଙ୍କ ସେବାର୍ଥ ସେହିପରି କେତେ ମହାଦାନ ଜଗନ୍ନାଥ ଭକ୍ତ ବଦାନ୍ୟ ରାଜଗଣଙ୍କ ଦ୍ୱାରା ବିଭିନ୍ନ ଯୁଗରେ କରା ଯାଇଅଛି । ପ୍ରଥମୋକ୍ତ ପ୍ରକାର ଦାନଦ୍ୱାରା ଯେପରି କୋଠ ଭଣ୍ଡାର କ୍ରମଶଃ ପୂର୍ଣ୍ଣ ହୋଇଅଛି, ଦ୍ୱିତୀୟ ପ୍ରକ ର ଦାନ ଦ୍ୱାରା ସେହିପରି ଭୂସମ୍ପତ୍ତି ବହୁଗୁଣିତ ହୋଇଅଛି । କିନ୍ତୁ ଏହି ସବୁ ଦାନ ରକ୍ଷାର୍ଥେ ଭାବୀରାଜଗଣଙ୍କ ଅମଳରେ ଉପାୟାନ୍ତର ନ ଦେଖି ଧର୍ମଧ୍ୱଜୀ ରକ୍ଷକମାନଙ୍କୁ ପଦେ ପଦେ ଜଗନ୍ନାଥଙ୍କର ଶପଥ ଦିଆଯ ଇ ଅଛି । ‘‘ଏହାକୁ ଯେ ହରଇ ଜଗନ୍ନାଥ ଦେବଙ୍କୁ ଦ୍ରୋହ କରଇ ।” ଯଥାର୍ଥରେ ଧର୍ମର ଶାସନ ସର୍ବଯୁଗରେ ବଳବତ୍ତର ଥାଏ । ବର୍ତ୍ତମାନ ଯୁଗରେ ଏ ପ୍ରକାର ଦାନ ନାହିଁ କି ଏପରି ଶାସନର ସମାଦର ଆଉ ନାହିଁ । ତେଣୁ ଦତ୍ତ ଧନର ରକ୍ଷା ଦୂରେ ଥାଉ, ତାହାର ହରଣରେ ସମସ୍ତଙ୍କର ମତ ଚାଲୁଅଛି । ଗତ ବନ୍ଦୋବସ୍ତ ସମୟରେ ଏ ରହସ୍ୟ ଅନେକଙ୍କର ଜ୍ଞାନଗୋଚର ହୋଇଥିବ । ଗୋପଥ ଓ ଗୋଚର ଭୂମିର ଯେପରି କ୍ଷୟ ହେଉଅଛି ସେଥିରୁ ସେ କାଳର ଓ ଏ କାଳର ଚିତ୍ର ଜଣା ଯାଉଅଛି । ପାଠକେ ଭାବି ଦେଖନ୍ତୁ, ସେକାଳ ଲୋକଙ୍କ ମନ ଆଗରେ ଆମ୍ଭମାନଙ୍କର ମନ କି ତୁଚ୍ଛ ।

ଶ୍ରୀ ମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com

ଲୀଳାବତୀ

(ମୁକୁର-ଚୈତ୍ର, ୧୩୨୧, ୮ମ ଭାଗ, ୧୨ଶ ସଂଖ୍ୟା)

ଅୟି ଲୀଳାବତି ! ଯଶୋଗୁଣବତି
ଆର୍ଯ୍ୟ ଭାସ୍କର ପ୍ରିୟା,
ଜ୍ଞାନ ରତ୍ନହାର ଲମ୍ବାଇ ଗଳାର
କଲ ପତି ପ୍ରୀତି-ହିୟା ।

ବିଫଳ ସକଳ ଶାସ୍ତ୍ର, ଯେ କେବଳ
ତର୍କ ବିବାଦ ପୂରିତ,
ଦୃକ୍‌ସିଦ୍ଧ, ସରସ ଶୁଦ୍ଧ ସେ ଜ୍ୟୋତିଷ
ତହିଁ ନିବିଥିଲା ଚିତ୍ତ ।

ଗଣିତ କୋବିଦା ପତି ପାଶେ ସଦା
ତୁମ୍ଭେ ଜ୍ଞାନ ସହଚରୀ,
ନିତି ପତି ମୁଖେ ଶୁଣି ପ୍ରଶ୍ନ, ସୁଖେ
ଶ୍ଲୋକେ ଭାଷୁଥିଲେ, ସୁରି ।

ଅସମ ପ୍ରଯତ୍ନେ ସଦୁତ୍ତର ରତ୍ନେ
ସୁ ପଣ୍ଡିତା ପ୍ରଜ୍ଞାବତୀ ।
ସେ ରତ୍ନ ଗ୍ରଥନେ ଆର୍ଯ୍ୟ ସୁମନେ
ବିରଚିଲେ "ଲୀଳାବତୀ" ।

ନିରେଖି ତୁମ୍ଭର ଏ ବିଦ୍ୟା ସମ୍ଭାର
ବିଦ୍ୟାପତି ଅଗ୍ରଗଣ୍ୟ,
ସେ ଆର୍ଯ୍ୟ ଭାସ୍କର 'ଭଟ୍ଟ କବୀଶ୍ୱର
ହେଉଥିଲେ ଧନ୍ୟ ଧନ୍ୟ ।

ଯହିଁ ପ୍ରଣୟିନୀ ଶୟନ ସଙ୍ଗିନୀ
ଅବିଦ୍ୟାର ବିଳାସିନୀ,
ସେ ଦେଶେ ତାଦୃଶୀ ରମଣୀ ବିଦୁଷୀ
ପତି ହୃଦ-ପ୍ରହ୍ଲାଦିନୀ,

ଥିଲେ ଯେଉଁ ଯୁଗେ ଜ୍ଞାନାନନ୍ଦ ଭୋଗେ;
ନୁହେ ସେ କେଡ଼େ ଉଜ୍ଜ୍ୱଳ,
ସେ ଶୁଭ ମୂରତି ପ୍ରତିଫଳ ନିତି
ବିନାଶୁ ଅଜ୍ଞାନ ମଳ ।

ତମିସ୍ର ଗରଭେ ଏ ଭାରତ ନଭେ
ଫୁଟନ୍ତୁ ଗୋଟିକ ଗୋଟି,
ନାଶି ରତ୍ନତାରା ଭେଦ ବନ୍ଧ-କାରା,
ଚଉଦିଗ ଯାଉ ଯୋଟି ।

ଶ୍ରୀ ମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com

ପୁରାତନ ପୋଥି

(ଉତ୍କଳସାହିତ୍ୟ-ବୈଶାଖ, ୧୩୨୫, ୨୨ଶ ଭାଗ, ୧ମ ସଂଖ୍ୟା)

୧ । ଲୀଳାବତୀ

ଉତ୍କଳରେ ଅନେକ ପ୍ରାଚୀନ ପୋଥି ଅଛି, ସେଗୁଡ଼ିକ ପ୍ରକାଶିତ ହେବା ତେଣିକି ଥାଉ, ଏପର୍ଯ୍ୟନ୍ତ ଅନେକ ପୁସ୍ତକ ଆବିଷ୍କୃତ ହୋଇନାହିଁ । ବହୁସଂଖ୍ୟକ ପୁସ୍ତକ ଯେ ବିଲୁପ୍ତ ହେଲଣି, ଏଥିରେ ବିଶ୍ୱାସ ସ୍ଥାପନ କରିବାକୁ ପ୍ରମାଣ ଲୋଡ଼ା ନାହିଁ । ଦେଶର ଏହି ପ୍ରାଚୀନ ତାଳପତ୍ର ପୋଥିମାନ ସଂଗ୍ରହ କରିବା ନିମିତ୍ତ ଉତ୍କଳ-ସାହିତ୍ୟ-ସମାଜ ବହୁକାଳରୁ ଉଦ୍‌ଯୋଗୀ ଥିଲେ ହେଁ ସ୍ଥାୟୀ ଗୃହ ଅଭାବରୁ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟରେ ପରିଣତ ହୋଇ ପାରୁନାହିଁ; ତଥାପି ଏ ସଂଗ୍ରହ କାର୍ଯ୍ୟ ଅତି ଶୀଘ୍ର ହେବା ବାଞ୍ଛନୀୟ । ମଣି ପ୍ରୋକ୍ତ ସମାଜ ଏ ବର୍ଷ ଗୋଟିଏ 'ଅନୁସନ୍ଧାନ ସମିତି' ନିଯୁକ୍ତ କରିଅଛନ୍ତି । ଏହି ଉତ୍କଳର ସର୍ବାଞ୍ଚଳର ପ୍ରତ୍ନତତ୍ତ୍ୱାନୁରାଗୀ ସଭ୍ୟମାନଙ୍କଦ୍ୱାରା ଗଠିତ ଏହି ସମିତିଦ୍ୱାରା ଆଗାମୀ ବର୍ଷକୁ ଉକ୍ତ ସଂକଳନ କାର୍ଯ୍ୟ କିଛି ଅଗ୍ରସର ହେବ ବୋଲି ଆଶା କରାଯାଏ । ଆମ ଦେଶରେ ଅନେକ ଅଧିକାଂଶ ଏପରି ସଂସ୍କାରବଦ୍ଧ ଯେ, ଅନ୍ୟ ହସ୍ତକୁ ଘରର ପୋଥି ବଢ଼ାଇ ଦେବାକୁ ନିତାନ୍ତ ଅନିଚ୍ଛୁକ । ସେପରି ସ୍ଥଳରେ ପୋଥିର ସଂକ୍ଷିପ୍ତ ପରିଚୟ ଲାଭ କରି ପାରିଲେ ଏକ ପ୍ରକାରରେ ଉଦ୍ଦେଶ୍ୟ ସିଦ୍ଧି ହେବ ।

ଶୀର୍ଷଲିଖିତ ପୋଥି ଖଣ୍ଡି ମୋହର ଶ୍ରଦ୍ଧେୟ ବନ୍ଧୁ ଉକ୍ତ ନବଗଠିତ ସମିତିର ଜନୈକ ସଭ୍ୟ ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ମିଶ୍ର ମହାଶୟ ତିଲଦା ନିବାସୀ ଜଣେ ମୁସଲମାନ ଘରୁ ସଂଗ୍ରହ କରି ଦେଖିବାପାଇଁ ପଠାଇ ଦେଇଥିଲେ । ଅନ୍ୟ ସଭ୍ୟ ମହୋଦୟମାନେ ଏହିପରି ସଂଗ୍ରହ ତତ୍ପର ହେଲେ ଏ ସଂକଳନ କାର୍ଯ୍ୟ ସହଜରେ ସମାହିତ ହୋଇ ପାରିବ । 'ଲୀଳାବତୀ' ନାମକ ଛନ୍ଦୋନିବଦ୍ଧ ଅଙ୍କ ଗ୍ରନ୍ଥ ବହୁକାଳରୁ ଆମ୍ଭ ଦେଶରେ ଚଳି ଆସୁଥିବାର ପାଠକମାନଙ୍କୁ ପ୍ରାୟ ଜଣା ଅଛି । ଏହି ପ୍ରାପ୍ତ ପୁସ୍ତକଖଣ୍ଡି ତହିଁର ଉତ୍ତରଖଣ୍ଡ । ପୂର୍ବଖଣ୍ଡ ଆମ୍ଭମାନଙ୍କ ହସ୍ତଗତ ହୋଇନାହିଁ ।

କ୍ଷତ୍ରିୟବଂଶଜ ନାରାୟଣ ଦାସ ଏ 'ଲୀଳାବତୀ'କୁ ସଂସ୍କୃତରୁ ଅନୁବାଦ କରିଥିଲେ । କ୍ଷତ୍ରିୟବଂଶୀୟ ଅବଧାନମାନଙ୍କର ଅଙ୍କଶାସ୍ତ୍ରଚର୍ଚ୍ଚା ଏକ ପ୍ରକାର ଜାତୀୟ ବ୍ୟବସାୟ । ଏଥି ମଧ୍ୟରୁ ଅନେକ ଓଝା ବା ଉପାଧ୍ୟାୟ ଉପାଧିରେ ଭୂଷିତ । କଟକର ଝଙ୍କଡ଼ ଅଞ୍ଚଳରେ ଦାସ ସଂଜ୍ଞା ଧାରୀ ମାଟିବଂଶ ଅବଧାନ ଅଦ୍ୟାପି ଦେଖାଯାନ୍ତି । ଏମାନେ ବୈଷ୍ଣବଧର୍ମାବଲମ୍ବୀ । ସେମାନଙ୍କର କୌଳିକ ଉପାଧି ପଟ୍ଟନାୟକ, ନାୟକ ଓ ମହାନ୍ତି ଥିଲା; ସମ୍ଭବତଃ ବୈଷ୍ଣବଦୀକ୍ଷା ଗ୍ରହଣ ଉତ୍ତାରେ 'ଦାସ' ସଂଜ୍ଞା ହୋଇଅଛି । କବିଙ୍କର ଗ୍ରନ୍ଥଲିଖିତ ପରିଚୟରୁ ତାହା ସ୍ପଷ୍ଟ ବୁଝା ଯାଉଅଛି । ଏହି ଗ୍ରନ୍ଥ ଖଣ୍ଡି ଶକାବ୍ଦ ୧୬୭୭ ବା ଖ୍ରୀଷ୍ଟାବ୍ଦ ୧୭୫୫ରେ ଲିଖିତ । ପୁସ୍ତକଟି ଦ୍ୱାଦଶ ଛାନ୍ଦରେ ବିଭକ୍ତ ଏବଂ ପ୍ରତ୍ୟେକ ଛାନ୍ଦ ଭିନ୍ନ ଭିନ୍ନ ବୃତ୍ତରେ ଲିଖିତ । ଶେଷ ବା ଦ୍ୱାଦଶ ଛାନ୍ଦରେ ତାଙ୍କର ଏହିପରି ବଂଶପରିଚୟାଦି ପ୍ରଦତ୍ତ ହୋଇଅଛି ।

"ମୁଁ ସ୍ଥିର, ବୁଦ୍ଧି ଅଳ୍ପ କେତେ ମାତର,
କୃଷ୍ଣ କୃପାରେ ଏହା କଲି ବିସ୍ତର ।
ଲୀଳାବତୀ ଦ୍ୱାଦଶ ବ୍ୟବହାର,
ବାର ଛାନ୍ଦ ଗୀତେ ମୁଁ କଲି ବିସ୍ତାର ।୩୧।

Digitized by srujanika@gmail.com

ସାଧୁ ସୁଜନ ଜନେ ଶୁଣ ସୁଚିତେ,
ସଂସ୍କୃତ ଗ୍ରନ୍ଥଙ୍କ ଗୀତ କଲି ପ୍ରାକୃତେ ହେ ।
ପଣ୍ଡିତ ଅପଣ୍ଡିତ ବୁଝିବାପାଇଁ,
ନ ବୁଝି ଅବଗୁଣ ନ ଦେନ କେହି ହେ ।୩୨।
ଖଡ଼ କଲ୍ଲୋଳ ଗୀତ ଉତ୍ତରଖଣ୍ଡ,
ରାଧାକାନ୍ତ କୃପାରେ ହେଲା ଅଖଣ୍ଡ ।
ଶକାବ୍ଦ ଷୋଳଶ ସତଷଠି ସନେକ,
ଶୁଣ ଉତ୍ତର ଖଡ଼କାର ସ୍ମରକ୍ତି ହେ ।୩୩।
ଦେବୀଦାସଙ୍କଠାରୁ ଅବ୍ଦ ବିକ୍ରମ,
ବଳଭଦ୍ର ନାୟକ ତହୁଁ ଉତ୍ତମ ହେ ।
ମହାମହନ୍ତ ଉତ୍ତମ ନାରଣ ଦାସ,
ସୁବୁଦ୍ଧି ଖଡ଼କାର କୁଳାବତଂସ ହେ ।୩୪।
କବି କାହ୍ନୁ ପଟ୍ଟନାୟକଙ୍କ ସୁତ,
କୃଷ୍ଣ ମହାନ୍ତ ନାମେ ଜଗତେ ଖ୍ୟାତ ।
ତାହାଙ୍କ ଏକ ଶିଷ୍ୟ ନାରଣ ଦାସ,
କୃଷ୍ଣ ଚନ୍ଦ୍ର ଏ ଗୀତ କଲେ ପ୍ରକାଶ ।୩୫।

ଗ୍ରନ୍ଥାନ୍ତର୍ଗତ ଦ୍ୱାଦଶ ଛାନ୍ଦର ବୃତ୍ତ ଏବଂ ବର୍ଣ୍ଣିତ ବିଷୟ ନିମ୍ନରେ ପ୍ରଦର୍ଶିତ ହେଲା ।

ପ୍ରଥମ ଛାନ୍ଦ ମଙ୍ଗଳଗୁଜ୍ଜରୀ ବୃତ୍ତରେ ଲିଖିତ ଏବଂ ୧୧୧ ପାଦରେ ସମାପ୍ତ । ଏଥିରେ ରାଶିର ବର୍ଗ ଘନ ଆଲୋଚିତ ହୋଇଅଛି । ଦ୍ୱିତୀୟ ଛାନ୍ଦରେ ୧୧୧ ପଦ ଗୁଜ୍ଜରୀ ରାଗରେ ଲିଖିତ । ପରିକର୍ମା ବ୍ୟବହାର ଏଥିର ବର୍ଣ୍ଣିତ ବିଷୟ । ତୃତୀୟ ଛାନ୍ଦରେ ବଙ୍ଗଳାଶ୍ରୀ ବୃତ୍ତର ୮୭ଟି ପଦ ଅଛି । "ଖଣ୍ଡ ପ୍ରତିଖଣ୍ଡ ଏ ଜାତି ଲେଖାକୁ ବୋଲନ୍ତି ଗଣକଜନ ।" ଚତୁର୍ଥ ଛାନ୍ଦରେ ମଙ୍ଗଳ ରାଗର ୯୧ ପଦରେ ମିଶ୍ରାଙ୍କ ବ୍ୟବହାର ବା ମିଶ୍ରୀକରଣ ବର୍ଣ୍ଣିତ ହୋଇଅଛି । ପଞ୍ଚମରେ ମଧ୍ୟ ଉକ୍ତ ବିଷୟ ରାଗ କେଦାର ବା ଚକ୍ରକେଳି ବାଣୀରେ ୭୩ ପଦରେ ସମାହିତ ହୋଇଅଛି । "ବେନି ଛାନ୍ଦେ ମିଶ୍ରକ ବ୍ୟବହାର, କହେ ନାରାୟଣ ଚନ୍ଦ୍ର ଚକ୍ରଧର ।"

ଷଷ୍ଠ ଛାନ୍ଦରେ ଆଷାଢ଼ ଶୁକ୍ଳ ବାଣୀରେ ଲିଖିତ ୨୫ ପଦରେ 'ଶ୍ରେଢ଼ୀ ବ୍ୟବହାର' ଅନୁପାଳିତ ହୋଇଅଛି । ସପ୍ତମ ଓ ଅଷ୍ଟମ ଛାନ୍ଦରେ ଯଥାକ୍ରମେ ରାଗ କଳସା ଓ ବ୍ରେଖି ରାଗ ୫୫ ଓ ୫୪ ପଦରେ 'କ୍ଷେତ୍ର ପରିମାଣ' ଆଲୋଚିତ ହୋଇଅଛି । ଏଥିରେ ନାନାପ୍ରକାର ତ୍ରିଭୁଜ ଏବଂ ବିଷମ ଚତୁର୍ଭୁଜ ପଞ୍ଚଭୁଜାଦିର କ୍ଷେତ୍ରଫଳ ନିରୂପିତ ହୋଇଅଛି । ନବମ ଛାନ୍ଦରେ ମୁନିବର ବାଣୀରେ ଲିଖିତ ୫୭ ପଦରେ ବର୍ଗକ୍ଷେତ୍ର ଏବଂ ବୃତ୍ତର କ୍ଷେତ୍ରଫଳ ନିରୂପଣ ବର୍ଣ୍ଣିତ ଅଛି । "କ୍ଷେତ୍ର ବ୍ୟବହାର ଗୀତ, ତିନି ଛାନ୍ଦେ ସମାପତ ।" ଦଶମ ଛାନ୍ଦରେ ତ୍ରିକୋଣମିତିର ଅଙ୍କସାଧନ ପ୍ରଦର୍ଶିତ ହୋଇଅଛି । ଏଥିରେ ନାନା ବିଷମଭୁଜ କ୍ଷେତ୍ରର ପରିମାଣ ନିରୂପଣ କରା ଯାଇଅଛି । ଏହା ରାଗ କାମୋଦୀରେ ଲିଖିତ ଏବଂ ୨୭ଟି ପଦରେ ସମାପ୍ତ । ଏକାଦଶ ଏବଂ ଦ୍ୱାଦଶ ଛାନ୍ଦରେ କୁଟ୍ଟକ ବ୍ୟବହାର ବା କୁଟ୍ଟାବିଷୟକ ଅଙ୍କମାନ ସମାହିତ ହୋଇଅଛି । ତନ୍ମଧ୍ୟରୁ ପ୍ରଥମଟି ରାଗକଲ୍ୟାଣଆହାରୀ ୫୭ ପଦ ଏବଂ ଶେଷଟି ରାଗ କେଦାର କାମୋଦୀ ୩୫ ପଦରେ ସମାପ୍ତ । ଉଲ୍ଲିଖିତ ପ୍ରତ୍ୟେକ ଛାନ୍ଦରେ କଠିନ ଅଙ୍କର ପ୍ରଶ୍ନ ଓ ସମାଧାନ ପଦ୍ୟରେ ନିବଦ୍ଧ ହୋଇଅଛି ।

ଶ୍ରୀ ମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com

ଟିପ୍ପଣୀ

(ମୁକୁର—୮ମ ଭାଗ-୧୩୨୦-ଆଷାଢ଼ ୩ୟ ସଂଖ୍ୟା)

ପ୍ରିୟ ପାଠକଗଣ, ଗତ ଦଶହରା ଅବକାଶରେ 'ଯଥା ଗୃହଂ ତଥା ବନଂ' ଭାବ ନଦୀନାଳ-ମଞ୍ଜୁଳ ଶୀତଳ ଶାଳେପୁର ଅଞ୍ଚଳରେ ଆଶ୍ରୟ ନେଇଥିବା ଏଥିପୂର୍ବେ ଟିପ୍ପଣୀରେ ପ୍ରକାଶ କରିଥିଲି । ବର୍ତ୍ତମାନ ଗ୍ରୀଷ୍ମର ଚନ୍ଦନଯାତ୍ରା ପ୍ରାରମ୍ଭରେ "ଅସାରେ ଖଳୁ-ସଂସାରେ ସାରଂ ଶ୍ୱଶୁର ମନ୍ଦିରଂ" ନବୀଭୂତଭାବରେ ଅନୁଭବ କରିବାକୁ ଯାଇ ତପ୍ତ ବାଲୁକାମୟ 'ଘୋରଡ଼ିଆ' ଅଞ୍ଚଳରେ ସପ୍ତଦିବସ ଅବସ୍ଥାନ କରି ଟିପ୍ପଣୀର ଉପକରଣ ସଂଗ୍ରହ କରିଅଛି । ବାୟବ୍ୟ କୋଣରେ ଢେଙ୍କାନାଳର ଅଦୂରବର୍ତ୍ତୀ—

"ମଞ୍ଜୁଳ କୋକିଳ କୁଞ୍ଜେ ସୁରଞ୍ଜିତ
କାନ୍ଥିବା କୀଚକ—କୁଞ୍ଜେ ମେଚକିତ,
ବିବିଧ କାସାର ଶର ଶବଳିତ
ଦଧୀଚି ତଟିନୀ-ବୀଚି ପବିତ୍ରିତ" ।

ଘୋରଡ଼ିଆ ଗୋଟିଏ ବହୁ ଜନାକୀର୍ଣ୍ଣ ଗ୍ରାମ । ନାନା ବର୍ଣ୍ଣ ହିନ୍ଦୁ ଏବଂ ମୁସଲମାନ ପ୍ରାୟ ସହସ୍ରାଧିକ ବାସ କରୁଥିଲେହେଁ ହୀନ ବା ଅଧମ ବର୍ଣ୍ଣର ସଂଖ୍ୟା ଅତ୍ୟଧିକ ଥିବାରୁ ଏଥିରେ ସ୍କୁଲ୍‌ଶାଳୀ ଓ ମକ୍ତବର ସଂଖ୍ୟା ଅଦ୍ୟାପି ଗୋଟିଏ ଅଙ୍ଗୁଳିକୁ ଅତିକ୍ରମ କରି ନାହିଁ । ଏହି ଗ୍ରାମର ନାମ କେହି ଘୋରଡ଼ିହା, କେହି ବା 'ଘୋଡ଼ାଡ଼ିଆଁ' ବୋଲି ନିର୍ଦ୍ଦେଶ କରନ୍ତି । ସେ ଦିନ ଜଣେ ବୃଦ୍ଧ ପଣ୍ଡିତ ଆପଣାର ଗ୍ରାମ ପରିଚୟ ଯେଉଁ ଶ୍ଳୋକରେ ଦେଲେ, ତାହାର ଗୋଟିଏ ଚରଣ ଏହି ଯେ "ଘୋଟୀ ନାୟକ ବିଷମ ତଳେ ଦୁର୍ଗେ ସୋମେଶ୍ୱର"—ଏହାର ବ୍ୟୁତ୍ପତ୍ତିରୁ ଜଣାଗଲା ଗ୍ରାମର ନାମ 'ଘୋଟକ ବିଷମ' ବା ଘୋଡ଼ାଡ଼ିଆଁ । ସ୍ଥାନୀୟ ଜନଶ୍ରୁତିରୁ ବେଶ ବୁଝାଯାଏ ଯେ ଏ ସ୍ଥାନ ପୂର୍ବେ କେବଳ ଜଙ୍ଗଲମୟ ଥିଲା, ଏଥିରେ କୌଣସି ପ୍ରକାର ଲୋକାଳୟ ନ ଥିଲା । ପରେ ରାଜାଙ୍କ ଆଦେଶରେ ଅଦୂରବର୍ତ୍ତୀ କଟକର * ସମସ୍ତ ଲୋକମାନେ ଉଠି ଆସି ଏଠାରେ ବାସ କଲେ । ଏହା ଖୁବ୍ ସତ୍ୟ ବୋଲି ପ୍ରତୀତ ହେଉଅଛି, କାରଣ ଏ ଗ୍ରାମ ରାଜପ୍ରତିଷ୍ଠିତ ହୋଇଥିଲେ ଏଥିରେ ବ୍ରାହ୍ମଣାଦି ବିଭିନ୍ନ ବର୍ଣ୍ଣର ଲୋକଙ୍କ ଗୋଟିଏ ଶୃଙ୍ଖଳାବଦ୍ଧ ଅଧିବାସ ନିର୍ଦ୍ଦେଶିତ ହୋଇଥାନ୍ତା, କିନ୍ତୁ ଏଥିରେ ବିଭିନ୍ନ ଶ୍ରେଣୀର ଲୋକ ଯେପରି ବିଶୃଙ୍ଖଳଭାବରେ ରହିଅଛନ୍ତି, ସେଥିରୁ ଯଥାର୍ଥ ବୋଧ ହୁଏ, ଏମାନେ ଅନ୍ୟ ଏକ ଅଞ୍ଚଳରୁ ଏକାବେଳକେ ଉଠି ଆସି ଏଠାରେ କୌଣସିପ୍ରକାରେ ଆଶ୍ରୟ ନେଇ ଅଛନ୍ତି । ଏହିଠାରେ ରାଧାମୋହନ ଓ ରାଧାକାନ୍ତ ନାମରେ ଦୁଇଟି ମଠ ଅଛି । ଏ ଉଭୟରେ ଗୋପାଳମୂର୍ତ୍ତିର ପୂଜା ହୁଏ । ପ୍ରତିବର୍ଷ ଏଥିରେ ଦମନକ ଚତୁର୍ଦ୍ଦଶୀର ଯାତ୍ରା (ଦୟଣା ମେଳି) ହୋଇଥାଏ ଏବଂ ଏହା ଲାଗି ଏ ଗ୍ରାମ ବହୁକାଳରୁ ପ୍ରସିଦ୍ଧି ଲାଭ କରିଅଛି ।

୧୯ । ବିଶ୍ୱନାଥ ମୁଣ୍ଡିଆ

ଢେଙ୍କାନାଳ ରେଲ୍‌ଷ୍ଟେସନରେ ପହଞ୍ଚିବା ପୂର୍ବରୁ ବାମଭାଗରେ ଯେଉଁ ଦେଉଳ—କଣ୍ଟକୀ ପାହାଡ଼ଟି ଦୃଷ୍ଟିପଥାରୂଢ଼ ହୁଏ, ତାହାର ନାମ ବିଶ୍ୱନାଥ ମୁଣ୍ଡିଆ ।

* ଏହି 'କଟକ'ର କଥା ପରେ ଉଲ୍ଲେଖ କରାଯିବ ।

ଟୀପ୍ପଣୀ—ପୂର୍ବରୁ ପ୍ରକାଶିତ କେତେକ ଟିପ୍ପଣୀ ଆମର ହସ୍ତଗତ ହୋଇପାରିଲା ନାହିଁ — ପ୍ରକାଶକ ।

Digitized by srujanika@gmail.com

ଏହା ପ୍ରାୟ ୪୦୦ ପାଦ ଉଚ୍ଚ ହେବ, ଏ ଶୈଳଟି ଯେପରି 'ଶୁକ୍ଳଜଟାଧର', ସେହିପରି ଯଦି 'ହର' ଉପବୀତଧର' ହୋଇଥାନ୍ତା, ତାହାହେଲେ ଏହା ନାନାକୀର୍ତ୍ତି—ଭୂଷାରେ ଭୂଷିତ ହୋଇ ଥାନ୍ତା । ସ୍ୱର୍ଗୀୟ ରାୟକବି ପାର୍ବତୀରେ ମେଘାସନଠାରୁ ଗନ୍ଧମାଦନ ଗୋନାସିକା ବାଟେ ମଧ୍ୟରେ ସପ୍ତଶଯ୍ୟା ବରୁଣୀ ଦେଇ ନୀଳାଚଳ ପର୍ଯ୍ୟନ୍ତ ଅଗ୍ନିର ଯେଉଁ ପଥ ଆବିଷ୍କାର କରିଅଛନ୍ତି, ତହିଁର ଶେଷରେ ଏହି ଶୈଳର ନାମୋଲ୍ଲେଖ ଅଛି । ଏହି ଶୈଳଶିଖରରୁ ନୀଳାଚଳର ଦେଉଳ ଅତି ସ୍ପଷ୍ଟ ଭାବରେ ଦେଖାଯାଏ ।

"ଦକ୍ଷିଣରେ ତରୁ— ହୀନ ଟଙ୍କ ଯହିଁ
ନିଦାଘେ ମଧ୍ୟାହ୍ନକାଳେ,
ମାର୍ତ୍ତଣ୍ଡ ମୟୂଖେ ନୀଳ ମରୀଚିକା
ସଦା ଖେଳେ ତରବାଳେ ।
ଭରତିଆ-ରୂପେ ମୁଖର ସେ ଟଙ୍କ
ଭୂମି ଅତିକ୍ରମି ପଥେ,
ଆସିଅଛୁ ରଣି, ଶୁକ୍ଳ ଜଟାଧର
ବିଶ୍ୱନାଥ ପରବତେ ।"

ବସ୍ତୁତଃ ଏହି ଶୈଳଶିଖରରେ ଠିଆହୋଇ ଦେଖିଲେ ଲୁହିଆଡ଼େ, ସେହି 'ନିଦାଘ-ଅଗ୍ରଦୂତିକା' 'ମୃଗତୃଷ୍ଣିକା'ର ବିଳାସଭୂମି ପ୍ରସାରିତ ଦେଖାଯାଏ । ଉତ୍ତରମୁଖରେ ଚାହିଁଲେ ରଜତରସନାପ୍ରାୟ ଦୟାର କୁଞ୍ଚିତ ନୀରବେଣୀ ମନନେତ୍ର କିଣିନିଏ । ନୈଋତ କୋଣରେ ଜଗନ୍ନାଥମନ୍ଦିର ଚୂଡ଼ା ଯେପରି ସୁସ୍ପଷ୍ଟ ଦେଖାଯାଏ, ଐଶାନ୍ୟକୋଣରେ ସେହିପରି ଭୁବନେଶ୍ୱର ମନ୍ଦିର ଦୃଷ୍ଟିରେ ପଡ଼େ । ଅଗ୍ନିକୋଣରେ କୋଣାର୍କମନ୍ଦିର ମଧ୍ୟ ଦେଖାଯାଏ ବୋଲି ସ୍ଥାନୀୟ ସେବକମାନେ ଦୃଢ଼ତା ସହକାରେ ପ୍ରକାଶ କଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ଦେଖିହେଲା ନାହିଁ । ବାୟବ୍ୟକୋଣରେ ଟଙ୍କ ଭୂମି ଉପରେ ବରୁଣୀ ପାର୍ଶ୍ୱ ଶୈଳପଂକ୍ତିରେ ତରୁଣୀ ପ୍ରାୟ ଶୋଭା ବିଭବ ଦେଖାଉଥାଏ । ପର୍ବତଚୂଡ଼ାରେ ବିଶ୍ୱନାଥ ଶିବଙ୍କର ଯେଉଁ ପୂର୍ବମୁଖ ମନ୍ଦିର ଅଛି, ତାହା ପୁରାତନ ହେଲେହେଁ ବିକଳାଙ୍ଗ ହୋଇ ନାହିଁ । ମନ୍ଦିରର ଉଭୟପାର୍ଶ୍ୱରେ ଯେଉଁ ଶିଳା-ଆସ୍ତରଣ ଅଛି, ସେଥିରେ ବିଶ୍ରାମ କଲେ ସର୍ବପ୍ରକାର କ୍ଳେଶ-କ୍ଳାନ୍ତି ଅପସୃତ ହୋଇଯାଏ । ମଧ୍ୟାହ୍ନର ପ୍ରଖର ଗ୍ରୀଷ୍ମରେ ସୁଦ୍ଧା ଲୋକ ଏଠାରେ କିଛିମାତ୍ର ତାପକ୍ଳେଶ ନ ଜାଣି ଶୀତଳ ସମୀର ଯୋଗେ ଶାନ୍ତିରସ ଆସ୍ୱାଦନପୂର୍ବକ ଜଗତକୁ ସେ ସୁଖ ଭୋଗ ଲାଗି ମନେ ମନେ ଏହିପରି ଆମନ୍ତ୍ରଣ କରେ ।

କେତେ ଯତ୍ନେ ଭଲ ଲଭିବ ସଂସାରି
ଅଯତ୍ନ ଲବଧ ଏହି ଶାନ୍ତି ବାରି ।
ଏଠାର ମାଧୁରୀ ଏ ଦେଶ ସୁଷମା
ଏ ପୁଣ୍ୟ ବିଭୂତି ପ୍ରୀତି ନିରୁପମା ।
ଭୁଞ୍ଜିବାକୁ ବାଞ୍ଛା ଥିଲେ ଏ ସମ୍ପଦ
ଭଜ ଦିନେ ହେଲେ ଏ ଭଲ ଆସ୍ପଦ ।

ଏହି ମୁଣ୍ଡିଆଟି ବର୍ତ୍ତମାନ ପାରଳାଧିପତିଙ୍କ ଡେଲାଙ୍ଗ ଷ୍ଟେଟର ଅନ୍ତର୍ଗତ । ମନ୍ଦିର ଚତୁର୍ଦ୍ଦିଗରେ ଯେଉଁ ସମତଳ ସ୍ଥାନଟିକ ମୁକ୍ତ ରହିଅଛି, ସେଥିରେ ସ୍ୱଚ୍ଛନ୍ଦରେ ଗୃହ ନିର୍ମାଣ କରାଯାଇ ପାରେ । ଏହା ଯେପରି ରମଣୀୟ ସ୍ଥାନ, ଏଥିରେ ଯଦି ଜଳର ସୁବିଧା ଥାନ୍ତା, ତାହାହେଲେ ରାଜାଙ୍କର ଡେଲାଙ୍ଗ କଚେରିର ଉତ୍ତର ପୃଷ୍ଠସ୍ଥିତ ଏହି ପାହାଡ଼ ଶୈଳାଧିବାସର ସମ୍ପୂର୍ଣ୍ଣ ଉପଯୁକ୍ତ ହୁଅନ୍ତା । ବର୍ତ୍ତମାନ ଶୈଳ ଆରୋହଣରେ ପଥ ବଡ଼ ଦୁର୍ଗମ । ନବୀନ ନୃପତି ମହୋଦୟ ଯଦି ମଧ୍ୟେ ପାବଚ୍ଛହାରି ଏହି ଆରୋହଣ ପଥ ସୁଗମ କରାଇ ଦିଅନ୍ତି, ତାହାହେଲେ ଅନେକେ ଏହି ଶୈଳଶେଖରକୁ ଅନାୟାସରେ ଯାଇ ଶାନ୍ତି ସୁଖ ଅନୁଭବ କରି ପାରିବେ ।

୨୦ । ବଟେଶ୍ୱର ମୁଣ୍ଡିଆ

ପ୍ରୋକ୍ତ ବିଶ୍ୱନାଥ ମୁଣ୍ଡିଆର ପ୍ରାୟ ଏକକୋଶ ଉତ୍ତର ପଶ୍ଚିମରେ ଅଥବା ଘୋରଡ଼ିଆ ଗ୍ରାମର

Digitized by srujanika@gmail.com

ପୃଷ୍ଠଭାଗରେ ଯେଉଁ 'ଚଉକୂଟ' କ୍ଷୁଦ୍ର ଶୈଳଟି ଦେଖାଯାଏ, ତାହାର ନାମ ବନ୍ଧେଶ୍ୱର ମୁଣ୍ଡିଆ। ଏହି ମୁଣ୍ଡିଆର ପାଦଦେଶରେ ବନ୍ଧେଶ୍ୱର ଶିବଙ୍କର ମନ୍ଦିର ଅଛି। ଏହି ମନ୍ଦିରଟି ଅତି ପ୍ରାଚୀନ ଏବଂ ଅତି ସୂକ୍ଷ୍ମକାରୁକର୍ମରେ ଖଚିତ। ଏପରି ସୂକ୍ଷ୍ମ ଶିଳ୍ପ ଭୁବନେଶ୍ୱର ମନ୍ଦିର ଛଡ଼ା ଅନ୍ୟ କୁତ୍ରାପି ଲକ୍ଷିତ ହୁଏ ନାହିଁ। ମନ୍ଦିର ଶିଳାମାନ ସ୍ଥାନେ ସ୍ଥାନେ ଏପରି ଜୀର୍ଣ୍ଣ ଏବଂ କ୍ଷୟଶୀଳ ହୋଇ ପଡ଼ିଅଛି ଯେ ତାହା ଉପରୁ ଶିଳ୍ପ କେତେଦିନୁ ଅଦୃଶ୍ୟ ହେଲାଣି। ପାର୍ଶ୍ୱଦେବତାମାନଙ୍କ ଉପରେ ଗୋଟିଏ ଗୋଟିଏ ସୁନ୍ଦର କ୍ଷୁଦ୍ରମନ୍ଦିର ନିର୍ମିତ ହୋଇ ମୂଳ ମନ୍ଦିର ସହିତ ସଂଲଗ୍ନ ଅଛି। ଗୌରୀ, କାର୍ତ୍ତିକେୟ ଏବଂ ଗଣେଶଙ୍କର କମନୀୟ ମୂର୍ତ୍ତି ବିଚକ୍ଷଣ ସ୍ଥପତିର ହସ୍ତ ସୂଚନା କରୁଅଛି। ଗଣେଶମୂର୍ତ୍ତିର ଶିଳା ବର୍ତ୍ତମାନ ଅବଶଦ ହୋଇ ପଡ଼ିଥିଲେହେଁ ତେତେବେଳେ ଯେ ଅବିକଳ ଗଜଦନ୍ତର ବର୍ଣ୍ଣଧାରଣ କରିଥିଲା ଏହା ଦେଖିଲାକ୍ଷଣି ଅନୁମାନ କରାଯାଏ। ଏହି ପ୍ରାଚୀନ ମନ୍ଦିର ଅବଶ୍ୟ କୌଣସି କେଶରୀବଂଶୀୟ ବା ଗଙ୍ଗବଂଶୀୟ ରାଜାଙ୍କଦ୍ୱାରା ନିର୍ମିତ ହୋଇଥିବ। କିମ୍ବଦନ୍ତୀରୁ ପ୍ରକାଶ ପାଏ, ଏଠାରେ ପୂର୍ବେ ମଦନକାମଦେବ (ସମ୍ଭବତଃ ମଦନମହାଦେବ) ରାଜାଙ୍କର ଗଡ଼ଥିଲା। ସେ ଏ ଅଞ୍ଚଳରେ ଅଷ୍ଟଶମ୍ଭୁ ପ୍ରତିଷ୍ଠା କରିବାର ସଙ୍କଳ୍ପ କରି ସ୍ଥାନେ ସ୍ଥାନେ ଗୋଟିଏ ଗୋଟିଏ ଏହିପରି ଶିବମନ୍ଦିର ନିର୍ମାଣ କରାଇ ଥିଲେ। ଘୋରଡ଼ିଆ ଗ୍ରାମର ସୋମେଶ୍ୱର ମନ୍ଦିର ଏବଂ ଦୟାଷ୍ଟରବର୍ତ୍ତୀ ନୀଳକଣ୍ଠେଶ୍ୱରଙ୍କ ଜୀର୍ଣ୍ଣମନ୍ଦିର ପ୍ରଭୃତି ତନ୍ନତ। ଏହି ମଦନମହାଦେବଙ୍କର ମହିଷୀଙ୍କର ନାମ 'ତାରା'। ତାରାଦେବୀ ଏ ଅଞ୍ଚଳରେ ଜଳର ଅଭାବ ଦୂର କରିବା ପାଇଁ ଗୋଟିଏ ଦୀର୍ଘିକା ଖୋଳାଇ ଥିଲେ। ତାହା ଅଦ୍ୟାପି 'ତାରା ପୋଖରୀ' ନାମରେ ଆଖ୍ୟାତ ହୋଇ ଆସୁଅଛି। ଥରେ ମାତ୍ର ଏହାର ସଂସ୍କାର ବା ପଙ୍କୋଦ୍ଧାର କରିଦେଲେ ଏହା ଗୋଟିଏ ସୁଜଳା ଦୀର୍ଘିକା ହୁଅନ୍ତା ଏଥିରେ ସନ୍ଦେହ ନାହିଁ। ଏହାର କେତେକ ଅଂଶ ବର୍ତ୍ତମାନ କୌଶଲ୍ୟାଗଙ୍ଗ ପରି କ୍ରମଶଃ ଅଗଭୀର ହୋଇ ବର୍ତ୍ତମାନ କର୍ଷଣ ଯୋଗ୍ୟ ଭୂମିରେ ପରିଣତ ହେଉଅଛି। କାଳେ ଏହା କେବଳ ଶ୍ରୁତିରେ ନ ରହୁ ଏହା ଅଧିକାରୀମାନଙ୍କ ନିକଟରେ ନିବେଦନ। ଏହି ପୋଖରୀଟି ବର୍ତ୍ତମାନ ବନ୍ଧେଶ୍ୱର ଶୈଳର ନୀଳଦର୍ପଣପ୍ରାୟ ଶୋଭା ଧାରଣ କରିଅଛି। ଉକ୍ତ ମନ୍ଦିରର ପାର୍ଶ୍ୱବାଟେ ମୁଣ୍ଡିଆ ଉପରକୁ ଉଠିଲେ ଗୋଟିଏ ଅନୁଚ୍ଚ ଗୁଳ୍ମାତରୁ ଦୃଷ୍ଟିଗୋଚର ହୁଏ। ବୃକ୍ଷର ଦୀର୍ଘଶାଖାଗୁଡ଼ିକ ପର୍ବତଶଯ୍ୟାରୁ ଅଳ୍ପ ଉଚ୍ଚରେ ଚାରିଆଡ଼କୁ ଏପରି ପ୍ରସାରିତ ଯେ, ଗୋଟିଏ ଶିଶୁ ଅନାୟାସରେ ଚଢ଼ି ପାରିବ। ଗଛଟିକୁ କେହି ଚିହ୍ନିପାରି ନାହାନ୍ତି—କାରଣ ତାହା ବଟ ନୁହେଁ କି ଅଶ୍ୱତ୍ଥ ନୁହେ। ସ୍ଥାନୀୟ ଲୋକମାନେ ଏହାକୁ 'ଜାରିଗଛ' ବୋଲି କହିଥାନ୍ତି। ଯଥାର୍ଥରେ ଏହା ସେହି ପୁରାଣ ବର୍ଣ୍ଣିତ ଗୃଧ୍ରକୂଟ ଶିଖରସ୍ଥ ପର୍କଟୀ ବୃକ୍ଷ। ଏହାର ପତ୍ର କିଞ୍ଚିତ୍ ବଟଜାତୀୟ ହେଲେହେଁ ବଟ ଅପେକ୍ଷା ଲଘୁ ଏବଂ ଖର୍ବାକୃତି। ଏହାର ଫଳ ଅଶ୍ୱତ୍ଥ ଫଳ ପ୍ରାୟ କ୍ଷୁଦ୍ର, କିନ୍ତୁ ବଟଜାତୀୟ। ଭାଙ୍ଗିଦେଲେ ଭିତରେ ବଟଫଳର ଦାନାପରି ଦେଖାଯାଏ। ପତ୍ରର ବୃନ୍ତ ଲଘୁକଣ୍ଠ ବୃନ୍ତ ପ୍ରାୟ ଦିଶେ। ବଟପରି ଏହାର ଅବରୋହ ମଧ୍ୟ ଅଛି। କେବଳ ଗୃଧ୍ର ବାସ ନାହିଁ, ତାହାହେଲେ ଏହି ପର୍କଟୀବୃକ୍ଷ ଆବିଷ୍କାର କରି ପର୍ବତର ନାମ 'ଗୃଧ୍ରକୂଟ' ରଖିବାକୁ ଆଗ୍ରହୀ ହୋଇଥାନ୍ତି। ଏହି ବୃକ୍ଷମୂଳରେ ଅଥବା ଶୈଳ ଶିଖରରେ ଗୋଟିଏ ସୁନ୍ଦର ଶିଳା ଆସ୍ତରଣ ଏବଂ କୁଣ୍ଡ ଦେଖାଗଲା। ରାଜାଙ୍କ ରାଜତ୍ୱକାଳରେ ଏଠାରେ କେବେ କେବେ ହୋମାନୁଷ୍ଠାନ ହୋଇଥିବ। ଅବଶ୍ୟ ଏ ଅଞ୍ଚଳରେ ବୌଦ୍ଧ ଗନ୍ଧ କିଛି ଦେଖାଗଲା ନାହିଁ। ଉତ୍ତରମୁଖରେ ଠିଆ ହୋଇ ଦେଖିଲେ ସମ୍ମୁଖରେ ବରୁଣୀଶୈଳ ଅତି ବିଶଦ ଦେଖାଯାଏ, ମଧ୍ୟରେ ମଧ୍ୟରେ ରବିକର ସୁଭାସିତ ଦୟାସ୍ରୋତ ତରଳ ରଜତକାନ୍ତି ବିସ୍ତାର କରି କୁଞ୍ଚିତ ଗତିରେ ସୁଦୂର

Digitized by srujanika@gmail.com

ଚଲକାକୁ ଅଗ୍ରସର ହୋଇଅଛୁ । ଏଠାରେ ଚଲକା ପର୍ଯ୍ୟନ୍ତ ଦସ୍ପାର ଗଡ ଅତି ସୁନ୍ଦର ଦେଖାଯାଏ । ଏହି ଶିଖରରେ ମଧ୍ୟ ଏକପାର୍ଶ୍ୱରେ ଜଗନ୍ନାଥମନ୍ଦିର ଏବଂ ବିପରୀତ ପାର୍ଶ୍ୱରେ ଭୁବନେଶ୍ୱର ମନ୍ଦିର ସୁସ୍ପଷ୍ଟ ଦେଖାଗଲା । ଏହି ଦୁଇ ପାହାଡ଼ ପ୍ରେକ୍ଷ ପ୍ରସିଦ୍ଧ ମନ୍ଦିରଦ୍ୱୟର କେନ୍ଦ୍ରସ୍ଥଳରେ ଅବସ୍ଥିତ କହିଲେ କିଛି ଅସଙ୍ଗତ ହେବନାହିଁ ।

୨୧ । ଜଗତି

ବନେଶ୍ୱର ମୁଣ୍ଡିଆର ଅଦୂର ଉତ୍ତର ପଶ୍ଚିମରେ ରାଜା ମଦନମହାଦେବଙ୍କର ରାଜଧାନୀ ବିଦ୍ୟମାନ ଥିଲା । ଏହାର ସ୍ଥାନୀୟ ନାମ ସହଜପାଣି କଟକ । ବର୍ତ୍ତମାନ କଟକ ନାହିଁ । କଟକର ଲୋକମାନେ ଏକ ସମୟରେ ରାଜାଦେଶରେ ଯୋଉରଡ଼ଆକୁ ଉଠି ଆସିଥିଲେ ବୋଲି ଏଥି ପୂର୍ବ ପ୍ରସଙ୍ଗରେ ଉଲ୍ଲେଖ କରା ଯାଇଅଛି । ବର୍ତ୍ତମାନ ଏଠାରେ ରାଜପ୍ରାସାଦର ଯେଉଁ ଭଗ୍ନାବଶେଷ ଅଛି, ତାହା ଦେଖିଲେ ପଥିକ ବାଷ୍ପରୁଦ୍ଧ କଣ୍ଠରେ ଏହା ଉଚ୍ଚାରଣ ନ କରିବ କି "ଯଦୁପତେଃ କ୍ୱଗତା ମଥୁରାପୁରୀ । ରଘୂପତେଃ କ୍ୱଗତୋତ୍ତରଃ କୋଶଳଃ"—କଟକ ଜିଲ୍ଲାର ଛତିଆ ଗଡ଼ ଏବଂ ପୁରୀ ଜିଲ୍ଲାର ଏହି ସହଜପାଣି କଟକ ସାଧାରଣଙ୍କ ନିକଟରେ ଅପରିଚିତ । ଉଭୟର ଏକା ଦଶା । ଛତିଆର ମେଘନାଦ ପାଚେରୀ ପରି ଏହାର ବହିଃପ୍ରାଚୀରରେ ବର୍ତ୍ତମାନ ସ୍ତୂପୀକୃତ ପଥର ନାହିଁ, ସମ୍ଭବତଃ ତାହା କେତେଦିନରୁ ରାଜମାର୍ଗର ବା କାହାର ଅଟ୍ଟାଳିକାର କଳେବର ମଣ୍ଡନ କରି ସାରିଲାଣି । ତଥାପି ପ୍ରାଚୀରର ଯେଉଁ ଚିହ୍ନ ଅଛି, ତାହା ସ୍ପଷ୍ଟ ଜଣାଯାଏ ଏବଂ ଏହା ଦୈର୍ଘ୍ୟ ପ୍ରସ୍ଥରେ ପ୍ରାୟ ଅର୍ଦ୍ଧମାଇଲ ହେବ । ଚତୁରସ୍ରାକାର ପ୍ରାଚୀରର ବେଷ୍ଟନୀଟି ଏକ-କ୍ରୋଶ ହେବ ସନ୍ଦେହ ନାହିଁ । ଭିତର ପାଚେରୀ ଦୈର୍ଘ୍ୟରେ ଛତିଆର ମେଘନାଦ ପାଚେରୀ ପ୍ରାୟ ହୋଇପାରେ । ଭିତରବେଢ଼ା ଭିତରେ ପ୍ରାସାଦର ଭଗ୍ନାବଶେଷ, ଏହାକୁ ସ୍ଥାନୀୟ ଲୋକମାନେ ଜଗତି କହନ୍ତି । କଟକର ବାରବାଟୀ ପରି ଏଠାରେ ଗୋଟିଏ ମୃତ୍ତିକା ସ୍ତୂପ ଅଛି, ତାହା ଉପରେ ଠିଆ ହେଲେ ଉତ୍ତର ପଶ୍ଚିମାଂଶରେ ପ୍ରାସାଦର ଦୃଶ୍ୟ କଳ୍ପନା କରି ଦର୍ଶକ ମନରେ ସ୍ୱତଃ ଏହି ଭାବ ଜାତ ହୁଏ ।

"କୀର୍ତ୍ତିକଣ୍ଟକାଳ କେଉଁ କୀର୍ତ୍ତି ପ୍ରତି ନୁହଇ ବାମ
ଜଗତି ଗଲାଣି କାଳବକ୍ଷେ ତାର ରହୁଛି ନାମ ।"

ଏହି ପ୍ରାସାଦ ଚତୁରସ୍ରାକାର । ପ୍ରାୟ ଦୁଇଶ ପାଦ ଦୀର୍ଘ ହେବ । ଏହାର ଭିତ୍ତି-ପାବଚ୍ଛଆଦି ସବୁ ପ୍ରସ୍ତରନିର୍ମିତ । ଏହି ପ୍ରସ୍ତରଗୁଡ଼ିକ ଏକା ଛାଞ୍ଚରେ କଟା ହୋଇ ଥିଲାପରି ଦେଖାଗଲା । ବର୍ତ୍ତମାନ ଏହି ସ୍ତୂପ ମୂଳରୁ ଏତେ ପ୍ରସ୍ତର ଖୋଳା ହୋଇ ବାହାରୁଛି ଯେ, ତଦ୍ୱାରା ଏକାଧିକ ମନ୍ଦିର ନିର୍ମିତ ହୋଇ ପାରିବ । ଏ ପ୍ରସ୍ତର ସବୁ ବର୍ତ୍ତମାନ ଗ୍ରାମବାସୀମାନଙ୍କର ପିଣ୍ଡା ପାବଚ୍ଛ, କୋଠା କୋଠିର ଅଙ୍ଗ ମଣ୍ଡନ କରୁଅଛି । ଯେପରି ଭାବରେ ପଥର ବୁହା ଲାଗିଅଛି, ଦିନେ ତାହା ନିଃଶେଷ ହୋଇଯିବ, ଏଠାରେ ଆଉ ଜଗତିର ପତ୍ତା ରହିବ ନାହିଁ । କାଳକ୍ରମରେ ତାର ନାମ କେଜାଣି ରହିପାରେ, ଧରାପୃଷ୍ଠରେ ଆଉ କିଛି ଚିହ୍ନ ରହିବ ନାହିଁ । ଏଠାରେ ପଥର ଦେହରେ ଚୂନ ପୃଥକ୍ ଗୋଟିଏ ସ୍ତରପରି ଥିବାର ଦେଖାଗଲା । ତାହାର ଅର୍ଦ୍ଧ ଚୂନ ପ୍ରାୟ ଅଛି, ଅପରାର୍ଦ୍ଧ ଗେଙ୍ଗୁଟିର ଆକାର ଧରିଅଛି । ତଳସ୍ତରରେ କେବଳ ଏକପ୍ରସ୍ଥ ଗେଙ୍ଗୁଟି ଦେଖାଗଲା । ଭୂତତ୍ତ୍ୱବିତ୍‌ମାନେ ଏହିଠାରେ ଚୂନର ପୂର୍ବାପର ପ୍ରରୁଷ ଦେଖି ଆନନ୍ଦଲାଭ କରିପାରିବେ । ଏହି ପ୍ରସ୍ତର-ରାଶି ମଧ୍ୟରେ ଗୋଟିଏ ଗୋଟିଏ ପ୍ରାଚୀନ ଇଟା ଦେଖିଲୁଁ । ତାହା ଆଧୁନିକ 'ଟାଇଲ୍' ପରି ଚତୁରସ୍ର । ବେଧ ପ୍ରାୟ ପାଞ୍ଚଇଞ୍ଚ ହେବ । ଇଟା ଖଣ୍ଡିଏ ଭାଙ୍ଗି-ଦେଲେ ଭିତରେ କଳାକଲ ମାଟି ଏବଂ ସେଥିରେ ଧାନ ଓ ଧାନ ପତରର ଦାଗ ସୁସ୍ପଷ୍ଟ ଦେଖା ଯାଉଅଛି ।

Digitized by srujanika@gmail.com

ଏଥିରୁ ଗୋଟିଏ ଇଟା ଆଧୁନିକ ଅଡ଼େଇଟି ଇଟା ସଙ୍ଗେ ସମାନ ହୋଇ ପାରିବ । ଏହି ଜଗତୀର ଉତ୍ତର ପଶ୍ଚିମରେ ବହିଃପ୍ରାଚୀର କୋଣରେ ଗୋଟିଏ ଉଆସ ପୋଖରୀ ଏବଂ ତାହା ନିକଟରେ ହାତୀ ଖେଦା କରିବାର ଗୋଟିଏ ଖୋଦିତ ଗର୍ତ୍ତ ଅଛି । ରାଜଧାନୀର ପରିଚୟସୂଚକ ଆଉ ବିଶେଷ ଲକ୍ଷଣ କିଛି ଲକ୍ଷିତ ହେଉନାହିଁ । ସମ୍ଭବତଃ ଏଠାରେ ରାଜଧାନୀ ବହୁକାଳ ନ ଥିଲା । ଇତିହାସରୁ ଅନୁସନ୍ଧାନ କଲେ ଜଣାଯାଏ, ମଦନ ମହାଦେବ ଚାରିବର୍ଷ ମାତ୍ର ରାଜତ୍ୱ କରିଥିଲେ ।

ଏହାଙ୍କ ଉତ୍ତରେ (ଖ୍ରୀ ୧୧୭୫) ସୁପ୍ରସିଦ୍ଧ ଗଜପତି ଅନଙ୍ଗଭୀମଦେବ ରାଜା ହୋଇଥିଲେ । ଚୋଡ଼ଗଙ୍ଗଙ୍କ (୧୧୩୨-୧୧୫୨) ରାଜତ୍ୱପରେ ତତ୍ପୁତ୍ର ଗଙ୍ଗେଶ୍ୱର ଦେବ (୧୧୫୨-୬୬) ରାଜା ହୋଇଥିବାର ସମସ୍ତଙ୍କୁ ବିଦିତ ଅଛି । ଗଙ୍ଗେଶ୍ୱରଙ୍କ ରାଜଧାନୀ ପୁରୀ ଥିଲା । ତାହାଙ୍କ ପରେ ଅନଙ୍ଗଭୀମଦେବ ପୁରୀ ସିଂହାସନ ଆରୋହଣ କରିବାର ଇତିହାସ ପ୍ରସିଦ୍ଧ । ଏଥିମଧ୍ୟରେ ଦୁଇ ଜଣ ଅପ୍ରସିଦ୍ଧ ରାଜା କେତେକଦିନ ରାଜ୍ୟ ଶାସନ କରିବାର ପ୍ରମାଣ ମିଳେ । ହଣ୍ଟରଙ୍କ ମତରେ ଗଙ୍ଗେଶ୍ୱରଙ୍କଠାରେ ଏକଜଣ କାମଦେବ ପାଞ୍ଚବର୍ଷ (୧୧୬୬-୭୧) ଏବଂ ତତ୍ପରେ ମହାଦେବ ଚାରିବର୍ଷ (୧୧୭୧-୭୫) ରାଜତ୍ୱ କରିଥିଲେ । ତାମ୍ରଶାସନରେ ମହାଦେବଙ୍କର ନାମୋଲ୍ଲେଖ ନାହିଁ । ସେଥିରେ ପ୍ରତ୍ୟକ୍ଷ କାମରୂପୀ କାମାର୍ଣ୍ଣବଦେବଙ୍କ ନାମ ଦେଖାଯାଏ । କାମାର୍ଣ୍ଣବଙ୍କ ଅନ୍ତେ ଅନଙ୍ଗଭୀମ ଏବଂ ତଦନ୍ତେ ରାଜରାଜଦେବ ରାଜ୍ୟର ଉତ୍ତରାଧିକାରୀ ହୋଇଥିଲେ; କିନ୍ତୁ ମାଦଳାପାଞ୍ଜିରେ ମଦନମହାଦେବଙ୍କର ନାମୋଲ୍ଲେଖ ଅଛି । ଏହାଙ୍କ ସମୟରେ ବୌଦ୍ଧପଣ୍ଡିତମାନଙ୍କ ସହିତ ତର୍କ ବିତର୍କ ହୋଇଥିବାର ଶ୍ରୀଯୁକ୍ତ ମଧୁସୂଦନ ରାଓଙ୍କ ପ୍ରକାଶିତ ମାଦଳାପାଞ୍ଜିର ଏକପୃଷ୍ଠା ଶୀର୍ଷକ ପ୍ରବନ୍ଧରୁ ପ୍ରକାଶ ପାଏ । ଅନଙ୍ଗ ଭୀମଦେବ ତଦୀୟ ଦୀର୍ଘ ରାଜତ୍ୱକାଳରେ ବିଭିନ୍ନ ସ୍ଥାନରେ କଟକ ସ୍ଥାପନ କରିଥିବାର ଏଥିପୂର୍ବେ ଟିପ୍ପଣୀରେ ପ୍ରକାଶ କରିଅଛୁ । ତତ୍ପୂର୍ବବର୍ତ୍ତୀ ମଦନମହାଦେବ ଯେ ସ୍ୱୀୟ ଅଳ୍ପ ରାଜତ୍ୱକାଳ ମଧ୍ୟରେ ନିଜ କଟକ ସ୍ଥାପନ କରିଥିବେ, ଏଥିରେ କାହିଁକି ସନ୍ଦେହ ହେବ ! ରାଜାଙ୍କ ଆଧିପତ୍ୟ ପଛେ ପଛେ ଯଦି ଏଠାରୁ କଟକ ଉଠାଇ ନିଆଯାଇ ଥାଏ, ତାହାହେଲେ ପ୍ରାୟ ୭୦୦ବର୍ଷ ହେଲା ଏ ଜଗତୀ ବିଧ୍ୱସ୍ତ ହେଲାଣି । ଆଜି କେତେକ ଭଗ୍ନ ଇଟା, ପଥର ସ୍ତୂପ ତାହାର ସାକ୍ଷ୍ୟ ପ୍ରଦାନ କରୁଅଛି । ଏହି ପଥର ଖୋଳା ସମୟରେ ଯଦି ଏଠାରୁ କୌଣସି ତାମ୍ରଶାସନ ବା ଅନ୍ୟ ପ୍ରକାର ଲିପି ମିଳେ, ତାହାହେଲେ ଏଠାର ଇତିହାସ ସୁସ୍ପଷ୍ଟୀକୃତ ଭାବରେ ଆମ୍ଭମାନଙ୍କର ମାନସ-ଗୋଚର ହେବ । ଲିଖିତ ସ୍ଥାନ ଲେମ୍ବାଇ ପ୍ରଗନାର ଅନ୍ତର୍ଗତ । ଏହି ଲେମ୍ବାଇ ସାତୋଟି ମାହାଲରେ ବିଭକ୍ତ । ଏହା ବହୁକାଳ ଯାବତ୍ ଖୋର୍ଦ୍ଧାର ଭୋଇ-ବଂଶୀୟ ରାଜାମାନଙ୍କ ଅଧୀନରେ ଥିଲା । ତେଣୁ ଏହାକୁ ପୁରୀରାଜାଙ୍କ ଷ୍ଟେଟ୍ ବୋଲି ବ୍ରିଟିଶଯୁଗରେ ଲୋକେ ଜାଣୁଥିଲେ । ଅଳ୍ପକାଳ ହେଲା ଏହା ପୁରୀରାଜାଙ୍କ ହାତରୁ ପାରଳାରାଜାଙ୍କ ହାତକୁ ଯାଇଅଛି । ବର୍ତ୍ତମାନ ଏ ଅଞ୍ଚଳ ପାରଳାରାଜାଙ୍କର ସମ୍ପୂର୍ଣ୍ଣ ଅଧୀନ ।

ଶ୍ରୀ ମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com

ଟିପ୍ପଣୀ

(ମୁକୁର-୮ମ ଭାଗ—କାର୍ତ୍ତିକ, ୧୩୨୧, ୭ମ ସଂଖ୍ୟା)

ପ୍ରିୟ ପାଠକେ, ଗତ ଦଶହରା ଅବକାଶରେ ଦଶପଲ୍ଲାର ପ୍ରଧାନ ଶିଷ୍ୟଗଣଙ୍କ ସଙ୍ଗରେ ବଡ଼ମୂଳାଘାଟି ଓ ସପ୍ତଶୋଣୀଗଣ୍ଡର ଦର୍ଶନ ମନରେ ପାଞ୍ଚ କଟକରୁ ବାହାରି ଅଠମଲ୍ଲିକର ଟେଣ୍ଟଧାର ପର୍ଯ୍ୟନ୍ତ ଅଗ୍ରସର ହୋଇଅଛୁ । ମହାନଦୀଗର୍ଭରେ ନୌକାରେ ପକ୍ଷେ ସୌଖ୍ୟରେ କ୍ଷପଣ କରି ଯାହା ପର୍ଯ୍ୟବେକ୍ଷଣ କରିଅଛୁ ତାହା ସଂକ୍ଷେପତଃ ଏଥିରେ ପ୍ରଖ୍ୟାପନ କରୁଅଛୁ । ଆଶା କରେଁ ଏହା କ୍ଷମାଶୀଳ ପାଠକଗଣଙ୍କ ସମକ୍ଷରେ ଉପେକ୍ଷିତ ହେବନାହିଁ ।

୨୨ । ରତାଗଡ଼

ସୁବିଦିତ ସୁବର୍ଣ୍ଣପୁରର ଅଦୂର ପଶ୍ଚିମରେ ଏହି ଜଙ୍ଗଲସ୍ଥଳଟି ମହାନଦୀ ଉପରେ କ୍ରୋଶବ୍ୟାପୀ ଗୋଟିଏ ସେତୁ ପରି ସୁନ୍ଦର ଦିଶେ । ଏଠାରେ ଶରଣ୍ଡା ରାଜାଙ୍କର ଗୋଟିଏ ପ୍ରାଚୀନ ଦୁର୍ଗ ଥିଲା । ଶରଣ୍ଡା ରାଜ୍ୟର କଥା କହିବାକୁ ହେଲେ, ତତ୍ପୂର୍ବେ ବାଙ୍କୀର ଅତୀତ ଇତିହାସର କିଛି ପରିଚୟ ଦେବାକୁ ହେବ । ଅନେକଙ୍କୁ ବିଦିତ ଯେ ବାଙ୍କୀ ଯୁଗେ ଯୁଗେ ଉତ୍କଳର ଗୋଟିଏ ବୀରଜନକସ୍ଥଳୀ ଥିଲା । ଏହି ବୀରଭୂମି ମୁରାରିଙ୍କ (ମୂଳ ଧଳ) ପରି ମହାବୀର ଏବଂ ଶୁକଦେଈଙ୍କ ପରି ବୀର ରମଣୀ ପ୍ରସବ କରିଥିଲା । ତେଣୁ ଏହାର ଅତୀତ ଇତିହାସ ଅତି ଉଜ୍ଜ୍ୱଳ ଓ ମହାର୍ଘମଣି ଭୂଷିତ । ମାତୃଦୁଃଖହର ସ୍ୱଦେଶ ଗୌରବ ମୁରାରି ଧଳ ଯେତେବେଳେ ପ୍ରବଳ ଖୋର୍ଦ୍ଧାରାଜ କବଳରୁ ବାଙ୍କିକ ଝାଙ୍କି ଆଣି ସିଂହାସନରେ ବସିଥିଲେ, ସେକାଳର ଜାତୀୟ ରକ୍ତ ଏକାଳର ବଂଶଧରଙ୍କଠାରେ ଲେଶମାତ୍ର ନ ଥିଲେହେଁ କିଞ୍ଚିତ୍ ମାତ୍ର କଳ୍ପନା କରାଯାଇ ପାରେ । ମୂଳଧଳଙ୍କର ତିନି ପୁତ୍ରସନ୍ତାନ ହେବାରୁ ସେ ତିନିଖଣ୍ଡି ରାଜ୍ୟ ସେମାନଙ୍କୁ ବାଣ୍ଟି ଦେଲେ । ତଦନୁସାରେ ତିନିଭାଇ ବାଙ୍କି, ଡମପଡ଼ା ଓ ଶରଣ୍ଡାର ରାଜା ହେଲେ । ବର୍ତ୍ତମାନ ଏ ତିନି ରାଜ୍ୟ ମଧ୍ୟରୁ ଶରଣ୍ଡା ରାଜ୍ୟ ଆଉ ନାହିଁ । ରାଜସିଂହାସନ ଅତି ଉନ୍ନତପଦ ହେଲେ ମଧ୍ୟ ଅତି ନୀଚପଦରେ ପଶ୍ଚାତ୍ ଥାଏ । ରାଜ୍ୟ ଲାଗି କେତେ ଅକର୍ମ ଅଧର୍ମର ଅଭିନୟ ଏ ଭୂପୃଷ୍ଠରେ କାଳେ କାଳେ ହୋଇ ଯାଇଅଛି । ବହୁ ପ୍ରାଚୀନ କାଳରୁ ଦେଖାଯାଉ ଅଛି ଯେ ଏଥିଲାଗି କେତେ ଜ୍ଞାତି କୁଟୁମ୍ବ କ୍ଷୟ, କେତେ ଭ୍ରାତୃ ସହୋଦର ବଧ ଏବଂ କେତେ ଗୁରୁପିତୃ ହତ୍ୟା ମଧ୍ୟ ହୋଇଗଲାଣି । ଏଠାରେ ମଧ୍ୟ ସେହି ଚିରନ୍ତନ ବିଧି ଅନୁସୃତ ହୋଇଅଛି । କିଂବଦନ୍ତୀରୁ ପ୍ରକାଶ ପାଏ ଯେ ବାଙ୍କିର ଅଧିପତି ଏକଦା ସ୍ୱଭ୍ରାତା ଶରଣ୍ଡାପତିଙ୍କୁ ଆମନ୍ତ୍ରଣ କରି ତାଙ୍କ ସହିତ ଜଳକ୍ରୀଡ଼ା ପ୍ରସଙ୍ଗରେ ନୌକାରେ ବିହାର କରୁ କରୁ ଶେଷରେ ଶେଷଦେବଙ୍କ ଅଭିମୁଖରେ ନୌକାବାସୀ ସୋଦରଙ୍କୁ ରସାତଳକୁ ପ୍ରେରଣ କରିଥିଲେ । ଶରଣ୍ଡାରାଜ୍ୟର ଇତିହାସ ସେଥି ସଙ୍ଗେ ସଙ୍ଗେ ଅତଳ ଜଳ ଗର୍ଭରେ ବୁଡ଼ିଗଲା । ଶରଣ୍ଡା ରାଜ୍ୟଲୁପ୍ତ ହେଲା ସତ୍ୟ; କିନ୍ତୁ ବାଙ୍କି ଆଉ ଚିରକାଳ ସେ ପ୍ରତାପ ଦେଖାଇ ପାରିଲା ନାହିଁ । ଶରଣ୍ଡାପତି ବାଙ୍କି ହସ୍ତରେ ସେହି ଅଗାଧ ଗଣ୍ଡରେ ମୁଣ୍ଡ ଲୁଚାଇ ଥିଲେହେଁ ବହୁକାଳଯାଏ ଲୋକଚକ୍ଷୁରେ ସଙ୍କୀର୍ତ୍ତିତ ହେଉଥିବେ—ଇତିହାସର ପୃଷ୍ଠାରୁ ତାଙ୍କର ନାମ ପୋଛି ଯିବନାହିଁ । ମହାନଦୀ ଉପରେ ସଦର୍ପେ

Digitized by srujanika@gmail.com

ଦଣ୍ଡାୟମାନ ଖଣ୍ଡଶୈଳମୟ ଏହି ଲଚାଗଡ଼ ଶରଣ୍ଡା ରାଜାଙ୍କର ଗୋଟିଏ ଦୁର୍ଗ ଥିଲା । ବର୍ତ୍ତମାନ ଗଡ଼ର ଯେଉଁ ଭଗ୍ନାବଶେଷ ଅଛି, ସେଥିରୁ ଅନୁମାନ ହୁଏ, ଏହାର ଉତ୍ତର ବାହାରେ ଦୁଇଟି ମୃତ୍ପାଷାଣ ମିଶ୍ରିତ ପ୍ରଶସ୍ତ ଦୁର୍ଗମ ପ୍ରାଚୀର ଥିଲା । ବର୍ତ୍ତମାନ ଏଠାରେ ଅନ୍ୟାନ୍ୟ ଗଡ଼ ପରି ଗଡ଼ବାସୀ ପାଇକଙ୍କ ବଂଶଧର-ମାନେ ବାସ କରୁଅଛନ୍ତି । ଏହି ଧ୍ୱଂସାବଶିଷ୍ଟ ଗଡ଼ର ସନ୍ନିହିତ ସ୍ୱପ୍ନେଶ୍ୱର ଶିବ ମନ୍ଦିର ଅତି ଦୂରରୁ ନୌଚରମାନଙ୍କୁ ଅଭ୍ୟର୍ଥନା କରେ । ମନ୍ଦିରଟି ଅତି ପ୍ରାଚୀନ ଯୁଗର ନ ହେଲେ ହେଁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ବିଦ୍ୟମାନ । ଲଚାଗଡ଼ମୁଣ୍ଡିଆଟି ଅତି ଉଚ୍ଚ ନୁହେଁ । ଏହା ଶିଖରରେ ଠିଆହେଲେ, ପୂର୍ବୋତ୍ତର ମୁଖରେ ରାଜକୀର୍ତ୍ତିମଣ୍ଡିତ ଶରଣ୍ଡା ମୁଣ୍ଡିଆ ଏବଂ ତତ୍ପାଦବର୍ତ୍ତୀ ସୁରୁପା ଅଂଶୁପା ହ୍ରଦର କମ୍ରଦୃଶ୍ୟ ଦର୍ଶକର ମନୋନେତ୍ର ଆକର୍ଷଣ କରେ । ବାୟବ୍ୟ ଦିଗରେ ତିଗିରିଆରାଜ୍ୟର 'ଦେଉଳ କସାଠୀ' ରାଜଧାନୀ ଈଷତ୍ ସ୍ପଷ୍ଟ ଭାବରେ ଦୃଷ୍ଟ ହୁଏ । ପଶ୍ଚିମମୁଖରେ ଗୁହାଁଲେ ନାତିଦୂରରେ ମହାନଦୀଶରବର୍ତ୍ତୀ ବଡ଼ମ୍ବାର ଶ୍ୟାମାଙ୍ଗ ହାଷ୍ଟମଗ୍ନ ଦୃଷ୍ଟିରେଖାକୁ ପ୍ରତିବନ୍ଧକ ହୁଏ । ଏହି ଲଚାଗଡ଼ ମୁଣ୍ଡିଆରେ ଦୁଇଟି ଗୁମ୍ଫା ଅଛି । ଶିଖର ଦେଶର ଗୁମ୍ଫାଟି ଅନତି ବିସ୍ତୃତ; ଶିରାଜ ଗୁମ୍ଫାଠାରୁ ଆକାର ପ୍ରକାରରେ ଅବଶ୍ୟ ଶ୍ରେଷ୍ଠ । ଏ ସ୍ଥାନଟି କେବଳ ବଡ଼ ଥିବାରୁ ଏଥିରେ କେବଳ ଗଡ଼ଯୋଗ୍ୟ ଗଡ଼ନାୟକ ପାଇକ ସଂଖ୍ୟା ଅଧିକ ଏବଂ ସେମାନଙ୍କ ସେବାଲାଗି ଗଉଡ଼ ଭଣ୍ଡାରୀ ଧୋବା ଛଡ଼ା ଅନ୍ୟ ଜାତିର ବାସ ପ୍ରାୟ ନାହିଁ ।

୨୩ । ଚର୍ଚ୍ଚିକା

"ନାବକ ଅର୍ଚ୍ଚିତ ଚର୍ଚ୍ଚିକା ଦେବୀ ବାଙ୍କି ଈଶ୍ୱରୀ । ମହାନଦୀକୂଳେ ଯାହାଙ୍କ ଅଧିଷ୍ଠାନ ଶିଖରୀ ।" ଦେବୀଙ୍କ ଅଧିଷ୍ଠାନ ଯୋଗୁଁ ଏ ସ୍ଥାନର ନାମ ଚର୍ଚ୍ଚିକା । ଏହାର ରାଜକୀୟନାମ ବାଙ୍କି କହିଲେ ଆଠଗଡ଼ର ଲୋକ ବୁଝି ପାରିବେ । ବାଙ୍କି ଚର୍ଚ୍ଚିକା ପୃଥକ ସ୍ଥାନ ନୁହେଁ । ଏହା ବାଙ୍କି ଜିଲ୍ଲାର ରାଜଧାନୀ । ଏଠାର ଅଧିଷ୍ଠାତ୍ରୀ ଚର୍ଚ୍ଚିକା ଦେବୀ ଉତ୍କଳର ଅଷ୍ଟଚଣ୍ଡୀଙ୍କ ମଧ୍ୟରୁ ଗୋଟିଏ । ମନ୍ଦିରଟି ଗୋଟିଏ ମୁଣ୍ଡିଆ ଉପରେ ଅବସ୍ଥିତ । ମନ୍ଦିରକୁ ଯିବାପାଇଁ ତିନିଦିଗରେ ତିନୋଟି ସୋପାନ ପରମ୍ପରା ଅଛି । ଏବେ ଅନ୍ୟଦିଗ (ପଶ୍ଚିମ)ରେ ବାଙ୍କିର ବର୍ତ୍ତମାନ ଶାସକ ରାଜପୁରୁଷଙ୍କ ଯତ୍ନରେ ଗୋଟିଏ ନୂତନ ସୋପାନ ପରମ୍ପରା ନିର୍ମିତ ହେଉଅଛି । ସୁଖର କଥା ଯେ ଏହି ସୋପାନାବଳୀ ଉପରେ ଅଥବା ମନ୍ଦିର ପୃଷ୍ଠଦେଶରେ ଦର୍ଶକମାନଙ୍କର ଅବସର ବାସ ନିର୍ମିତ ହୋଇଅଛି । ଦେବୀଙ୍କର ସମ୍ମୁଖସ୍ଥ ଆସ୍ଥାନ-ମଣ୍ଡପ କାଷ୍ଠନିର୍ମିତ । କାଷ୍ଠମୟ ମଣ୍ଡପ ଉତ୍କଳର କୌଣସି କୌଣସି ଦେବମନ୍ଦିର ସ୍ଥାନରେ ଦେଖାଗଲେହେଁ ଏପରି ଶିଳ୍ପକଳା ପରିପୂର୍ଣ୍ଣ ମଣ୍ଡପ ଅନ୍ୟତ୍ର ବିରଳ । ଉତ୍କଳର ଶିଳ୍ପିକୁଳ କାଷ୍ଠଶିଳ୍ପରେ ମଧ୍ୟ ପାରଦର୍ଶୀ ଥିଲେ । କେବଳ ତାହାର ଅଚିରସ୍ଥାୟିତାରେ ଆଶଙ୍କିତ ହୋଇ ବୋଧହୁଏ ସ୍ଥାୟିତ୍ୱପ୍ରିୟ ଶିଳ୍ପୀମାନେ ଏହା ବର୍ଜନ କରି ଶିଳାଶିଳ୍ପକୁ ଅଧିକ ଆଶ୍ରୟ କରିଥିଲେ; ତଥାପି ଅନେକହିଁ ଏବଂବିଧ ବହୁକାଷ୍ଠ-ମଣ୍ଡପ କାଳର ସର୍ବଧ୍ୱଂସୀ ଗର୍ଭରେ ଆଶ୍ରୟ ପାଇଥିବ । ବର୍ତ୍ତମାନ ଭାରତବର୍ଷ ମଧ୍ୟରେ ବ୍ରହ୍ମଦେଶରେ କାଷ୍ଠଶିଳ୍ପର ଯେପରି ଆଦର ଓ ପ୍ରଚୁର ଦେଖାଯାଏ, ଅନ୍ୟ ଅଞ୍ଚଳରେ ସେପରି ନୁହେ ବୋଲି ଶୁଣାଯାଏ । କଲିକତାର ଚିତ୍ରଶିଳ୍ପଶାଳାର (Museum) ଦର୍ଶକମାନେ ଏହାର ସୁସ୍ପଷ୍ଟ ପରିଚୟ ପାଇଥିବେ । ପୁରୀର ବିମଳା ବା ଝଙ୍କଡ଼ର ସାରଳାଙ୍କ ପରି ଏହି ଚଣ୍ଡୀ ମଧ୍ୟ ବୈଷ୍ଣବୀ । ତେଣୁ ମହାଷ୍ଟମୀରେ ବିଧିବତ୍ ବଳିଦାନଦ୍ୱାରା ଚଣ୍ଡୀତ୍ୱ ଏବଂ କାର୍ତ୍ତିକ ପୂର୍ଣ୍ଣିମାରେ ହରସଂକୀର୍ତ୍ତନଦ୍ୱାରା ବୈଷ୍ଣବୀତ୍ୱ ବଜାୟ ରଖାଯାଏ । ବିଭିନ୍ନ ପର୍ବାହରେ ଜଗନ୍ନାଥଙ୍କର ବିବିଧ ବେଶ ପ୍ରାୟ ଏହାଙ୍କର ବିଭିନ୍ନ ଦିବସରେ ବେଶ ବିନ୍ୟାସ ହୋଇ-ଥାଏ । କୁମାରପୂର୍ଣ୍ଣିମାରେ ଏ ଦେବୀ କୁମାରୀ,

Digitized by srujanika@gmail.com

ଅଷ୍ଟମୀରେ ଅଷ୍ଟଭୁଜା ଦୁର୍ଗା ଏବଂ ବିଷୁବସଂକ୍ରାନ୍ତିରେ ଚତୁର୍ଭୁଜା ବେଶ ଧାରଣ କରନ୍ତି । ଶେଷୋକ୍ତ ଦିବସରେ ପ୍ରତିବର୍ଷ ଝାମଯାତ ଓ ମହାମେଳା ହୋଇଥାଏ । ଏଠାର ଝାମଯାତ ଅନ୍ୟାନ୍ୟ ସ୍ଥଳ ଅପେକ୍ଷା ଅଧିକ ଆଡ଼ମ୍ବରରେ ହୁଏ ବୋଲି ସ୍ଥାନୀୟ ଲୋକେ କହନ୍ତି । ଏ ଦିନ ଅନେକ ଜ୍ୱଳନ୍ତ ଅଗ୍ନିରେ ପ୍ରବେଶ କରନ୍ତି । ଅନ୍ୟାନ୍ୟ ପୀଠ ସ୍ଥାନରେ ମଧ୍ୟ ଏହି ଦିନ ଅଳ୍ପାଧିକ ପରିମାଣରେ ଝାମଯାତ ହୋଇଥାଏ । ସ୍ଥଳବିଶେଷରେ ସାଧକମାନଙ୍କର ବିଭିନ୍ନ ପ୍ରକାର ସାଧନା ମଧ୍ୟ ଦେଖାଯାଏ । ଉତ୍କଳର ଏହି ଝାମଯାତର ମୂଳ ଅନୁସନ୍ଧାନ କରିବାକୁ ଗଲେ ଆମ୍ଭେମାନେ ସ୍ଥଳକୂଳ ନ ପାଇ ଅନୁମାନକୁ ସମ୍ବଳ କରୁଁ । ମହା ନିଦାଘ ପ୍ରାରମ୍ଭରେ ଏକ କଠୋର ସାଧନା ! ବୌଦ୍ଧ-ଯୁଗର ଇତିବୃତ୍ତ ଆଲୋଡ଼ନ କଲେ ଜଣାଯାଏ ପୂର୍ବେ ବର୍ଷକୁବର୍ଷ ମହାମେଳା ସମକ୍ଷରେ ସାଧକମାନଙ୍କୁ ଏହିପରି କଠିନ ସାଧନାର ପରୀକ୍ଷା ଦେବାକୁ ହେଉଥିଲା । ଉତ୍କଳ ଯେ ଦିନେ ବୌଦ୍ଧବହୁଳ ଥିଲା ଏହା କାହାକୁ ଅବିଦିତ ନାହିଁ । ସେଠୀ (ଶ୍ରେଷ୍ଠୀ) ବୋଇ (ବୋଧୀ) ମହାରଣା ଉପାଧି ଧୋବା ବାଉରୀ ମାଳୀ ପ୍ରଭୃତି ଯେଉଁ ଜାତିରେ ଅଦ୍ୟାପି ବୌଦ୍ଧ ଅଭିଦମୀତର ଚିହ୍ନସ୍ଥାନ ଅଛି, ସେହିମାନେ ବର୍ଷକୁବର୍ଷ ଏହି ସାଧନା ଦେଖାଇ ଆସୁଛନ୍ତି । ଏହି ସାଧକମାନଙ୍କୁ ସାଧାରଣତଃ ପାଟୁଆ କୁହାଯାଏ । ପାଟୁଆମାନେ ଏହି ଦିବସ ପୂର୍ବରୁ ନିର୍ଦ୍ଦିଷ୍ଟ କରି ବ୍ରତ ଧାରଣ କରିଥାନ୍ତି ଏବଂ ତପଃଶୁଦ୍ଧ ଦେହରେ ଏହି ସବୁ ସାଧନା ପ୍ରଦର୍ଶନ କରନ୍ତି । କେହି ସ୍ତୂପୀକୃତ ଦୀର୍ଘ ପ୍ରଦୀପ୍ତ ଅଙ୍ଗାର ଉପରେ ନିର୍ବିକାର ଭାବରେ ଅନାବୃତ୍ତ ପଦରେ ଚାଲିଯାଏ । କେହି ବା ଲମ୍ବିତ ଜଳଦ୍ରୁ କେଶଗୁଚ୍ଛ ଜ୍ୱଳନ୍ତ ଅଗ୍ନିଶିଖା ଉପରେ ରଖି ଊର୍ଦ୍ଧ୍ୱର ପାଦ ବନ୍ଧନରେ ଝୁଲୁଥାଏ, ଏ ସାଧନାକୁ ଲୋକେ ଅଧୋଶିର ତପ କହନ୍ତି, କେହି ବା କାଠଗୋଡ଼ରେ ଠିଆ ହୋଇ ମସ୍ତକରେ ଜଳପୂର୍ଣ୍ଣ ଘଟ ସ୍ଥାପନପୂର୍ବକ ବାଦ୍ୟ ତାଳେ ତାଳେ ନୃତ୍ୟ କରେ । କେହି ପୁଣି ବିମାନ ଉପରେ ସ୍ଥାପିତ ଖଡ଼୍‌ଗଦ୍ୱୟ ଉପରେ ଠିଆ ହୋଇ ବାହକଗଣଙ୍କଦ୍ୱାରା ବାହିତ ହେଉଥାଏ । କାହାର କାହାର ପୁଣି ବାହାରେ କଣ୍ଟା ବା ଜୁଲୁଙ୍ଗ ବିଦ୍ଧକରି ଦଉଡ଼ିରେ ବାନ୍ଧି ଝୁଲାଇ ଦିଆଯାଏ । ଏହିଭଳି ନାନାପ୍ରକାର ଲୋମହର୍ଷଣ କାଣ୍ଡର ତାଣ୍ଡବ ଉକ୍ତ ଦିବସରେ ଅଭିନୀତ ହୋଇଯାଏ । ସୁଖରକଥା, ଏଣିକି ସେସବୁ କଠୋର ସାଧନା ଊଣା ହୋଇ ଆସୁଅଛି । ସାଧନା ଭେଦରେ ସାଧକମାନଙ୍କର ଘଟ ପାଟୁଆ, ଖଣ୍ଡାପାଟୁଆ, ନିଆଁପାଟୁଆ, କଣ୍ଟାପାଟୁଆ ପ୍ରଭୃତି ବିବିଧ ନାମ ଅଛି । ବ୍ରିଟିଶଶାସନରେ ଏସବୁ ନୃଶଂସ-କର୍ମ ନିଷିଦ୍ଧ ହୋଇଥିବାରୁ ଲୋକେ ଆଉ କରୁ ନାହାନ୍ତି ବୋଲି କୈଫିୟତ ଦେଇ ସ୍ଥାନୀୟ ଲୋକେ ଆତ୍ମ ଗୌରବ ଖ୍ୟାପନ କରନ୍ତି । କିନ୍ତୁ ଫଳରେ ଦେଖାଯାଉ ଅଛି ଯେ—ଅନେକ ସାଧନା ଅନଭ୍ୟାସ ଓ ଅକ୍ଷମତାବଶତଃ ଏଣିକି ଲୋପ ପାଇ ଆସିଲାଣି । ଶୈଶବରେ ଯାହା ଦେଖା ଯାଉଥିଲା ବର୍ତ୍ତମାନ ଆଉ ତାହା ନାହିଁ । ବର୍ତ୍ତମାନ ଯେଉଁ ପାଟୁଆମାନେ ଅଛନ୍ତି, ସେମାନଙ୍କ ଅନ୍ତେ ଯେ ଆଉ କେହି ସେପରି କରି ପାରିବେ ଏପରି ଆଶା ଅତି ଅଳ୍ପ । ଯେଉଁ କାଳରେ ଏ ସାଧନାର ସୃଷ୍ଟି ଓ ପୁଷ୍ଟି ହୋଇଥିଲା, ସେକାଳରେ ସାଧକଙ୍କର ଯୋଗବଳ ପ୍ରଧାନ ସମ୍ବଳ ଥିଲା । ଯେଉଁ ଦିନୁ ସେ ଯୋଗର ବିଯୋଗ ହେଲାଣି, ସେହିଦିନୁ ଏ ଶକ୍ତିର କ୍ରମଶଃ ବିଲୋପ ହେଉଅଛି । ସୁତରାଂ ଯୋଗୀର କର୍ମ ଏବଂବିଧ ଦୁଷ୍କରକର୍ମ ଭୋଗୀଙ୍କଦ୍ୱାରା ସାଧିତ ହେବା ଭିନ୍ନ ହେଲେ ସମ୍ଭବ କି ? ଅଭ୍ୟାସ-ଯୋଗବଳରେ ବର୍ତ୍ତମାନ ଯାହା କିଛି ସଂସ୍କାର ମହାରେ ରହିଅଛି, ତାହା ଚିରକାଳ ଏହିପରି ଗତିରେ ରହିବ ଏହା ସମ୍ଭବ ନୁହେ । ତେଣୁ ଚର୍ଚ୍ଚି-କାରେ ଦେଖାଯାଏ ୭।୮ ହାତ ଦୀର୍ଘ ଜ୍ୱଳନ୍ତ ଅଙ୍ଗାର ରେଖା ଉପରେ ଚାଲିଯିବା ପାଇଁ ଯଦି ୫୦ ଜଣ ପାଟୁଆ ବାହାରନ୍ତି, ତହିଁର ଦ୍ୱିଗୁଣ ବା ତ୍ରିଗୁଣ ଦୀର୍ଘ

Digitized by srujanika@gmail.com

ଅଗ୍ନିରେଖାରେ ପ୍ରବେଶକ୍ଷମ ପାଣ୍ଡୁଆର ସଂଖ୍ୟା ଚର୍ଚ୍ଚିର ଦ୍ୱିଭାଗ ହେବା ଦୂରେ ଥାଉ ସପ୍ତମ ବା ଅଷ୍ଟମାଂଶ ହେବ କି ନାହିଁ । ଚର୍ଚ୍ଚିକାର ବାର୍ଷିକ ଯାତ୍ରା ସମ୍ବନ୍ଧରେ ଏତିକି ଚର୍ଚ୍ଚାକରି ଆମ୍ଭେମାନେ ବାଙ୍କିର ବର୍ତ୍ତମାନ ଅବସ୍ଥା ସମ୍ବନ୍ଧରେ ଦୁଇକଥା କହିବାକୁ ଯାଉଅଛୁ । ଆଶା ହୁଏ, ପାଠକଙ୍କୁ ଏହା ନିତାନ୍ତ ଅପ୍ରାସଙ୍ଗିକ ବୋଧ ହେବନାହିଁ । ବାଙ୍କି ଗୋଟିଏ ସ୍ୱାସ୍ଥ୍ୟକର ଏବଂ ସୁଖକର ସ୍ଥାନ । ଏହା ବର୍ତ୍ତମାନ ପଲ୍ଲୀ ଅବସ୍ଥାରୁ ନଗର ଅଭିମୁଖରେ ଅଗ୍ରସର ହେଉଅଛି । କାର୍ଯ୍ୟ-କୁଶଳ ଶ୍ରୀଯୁକ୍ତ ବାଳମୁକୁନ୍ଦ କାନୁନଗୋଙ୍କ ଅମଳରେ ଏହାର ଅନେକ ସ୍ଥଳ ସୌଧ ଧବଳ ହୋଇ ଏ ଉଦ୍ଭିଦଶ୍ୟାମଳ ଅଞ୍ଚଳକୁ କିଞ୍ଚିତ୍ ଶବଳ କରିଅଛି । ଏହାଙ୍କ ନବ ବର୍ଷ ଶାସନରେ ବାଙ୍କି ନବୀନତ୍ୱ ଧାରଣ କଲଣି । ନବନିର୍ମିତ ବାଳିକା ବିଦ୍ୟାଳୟ,ଡାକ୍ତରଖାନା ଓ ସଂସ୍କୃତ ଟୋଲ ବାଳମୁକୁନ୍ଦଙ୍କ କୀର୍ତ୍ତିର ସୁନ୍ଦର ନିଦର୍ଶନ ।

ଏଥିପୂର୍ବେ ବୋଲାଯାଇଅଛି ଚର୍ଚ୍ଚିକାପୀଠ ଗୋଟିଏ ମୁଣ୍ଡିଆ ଉପରେ ଅବସ୍ଥିତ । ଏହାର ପ୍ରଚଳିତ ନାମ ରୁଚକ । ଏହାର ପାଦତଳେ ମହାନଦୀର ଯେଉଁ ଧାରଟି ବହିଯାଉଅଛି, ତାହାର ପୌରାଣିକ ନାମ ରେଣୁକା । ରେଣୁକା ତଟସ୍ଥ ଏହି ରୁଚକର ମୂଳ ବା ପୂର୍ବ ନାମ କଣ ଥିଲା, ତାହା ଜାଣିବାର କୌଣସି ପ୍ରମାଣ ଉପସ୍ଥିତ ହୋଇ ନ ଥିଲେହେଁ ତାହା ଯେ ଋଷିପୂର୍ବ କୌଣସି ନାମରୁ ଆସିଅଛି,ଏହା ଭାଷାତତ୍ତ୍ୱଜ୍ଞଙ୍କୁ ଅନାୟାସରେ ଜଣାଯାଏ । ରେଣୁକା ବର୍ତ୍ତମାନ ରୁଦ୍ଧମୁଖୀ ଏବଂ କ୍ଷୀଣଜୀବନା ହୋଇପଡ଼ିଥିଲେହେଁ ଯେତେବେଳେ ସେ ପୂର୍ଣ୍ଣଜୀବନ ଯୌବନରେ ବିଭ୍ରାଜମାନା ଥିଲା, ତେତେବେଳେ ତାହାର ରମ୍ୟତଟରେ ଏହି କମନୀୟ ଶୈଳଟି ଶୈଳପ୍ରିୟ ବୌଦ୍ଧଜାତ ବା ଋଷିମାନଙ୍କର ଯଥାର୍ଥ ଅତିପ୍ରିୟ ବା 'କାମ୍ୟ' ସ୍ଥାନ ହୋଇଥିବ । ବର୍ତ୍ତମାନ ଏ ଆଉ ସେହି 'ଋଷିକାମ୍ୟ' ନାମର ଯୋଗ୍ୟ ଅବସ୍ଥାରେ ନାହିଁ । ବହୁଦିନରୁ ପ୍ରକୃତ ବିକୃତିର ଯୋଗ ହୋଇଥିବାରୁ ତାହା ନବୀନ ଶ୍ରୀ ଧାରଣ କରିଅଛି ସତ୍ୟ, କିନ୍ତୁ ରେଣୁକାର କ୍ଷୀଣତା ବା ଲୀନତାଯୋଗେ ଏହାର କଳ୍ପନାଗମ୍ୟ ସେହି ପୂର୍ବଶ୍ରୀ ବହୁପରିମାଣରେ ଶ୍ରୀହୀନ ହୋଇ ପଡ଼ିଅଛି । ଏକ ସମୟରେ ଏହି ସ୍ଥାନ ଯେ ବୌଦ୍ଧବହୁଳ ବା ବୌଦ୍ଧଯୁଗରେ ଗୋଟିଏ କେନ୍ଦ୍ରସ୍ଥଳ ଥିଲା, ତାହା ପ୍ରତିବର୍ଷକୃତ ଏହି ଯାମଯାତ୍ରାର ବାହୁଲ୍ୟରୁ ସୂଚିତ ହେଉଅଛି ।

୨୪ । ସିଂହନାଥ

"ସ୍ରୋତେ ଶୈଳଶୃଙ୍ଗେ ଶଶାଙ୍କ ଶେଖର, ସିଂହନାଥ ପୁଣି ଧବଳଈଶ୍ୱର ।" ଅବିକଳ ଧବଳେଶ୍ୱର ପରି ମହାନଦୀ ଗର୍ଭରେ ସିଂହନାଥଙ୍କର ଉନ୍ନତ ମୁଣ୍ଡିଆଟି ମୁଣ୍ଡ ଟେକିଥାଏ; କିନ୍ତୁ ସିଂହନାଥ ଶିବଙ୍କର ମନ୍ଦିର ଏହି ଶୈଳର ପାଦଦେଶରେ ଅବସ୍ଥିତ । ଏହି ଶୈଳର କଳେବର ଯେପରି ବିରୂପ, ସେଥିରେ ଶୃଙ୍ଗ ଉପରେ ମନ୍ଦିର ନିର୍ମିତ ହୋଇ ପାରିବା ଅସମ୍ଭବ । ଯେଉଁଆଡ଼େ ଦେଖନ୍ତୁ କେବଳ ଘୋର ବିଭୀଷିକାମୟୀ 'କାଳୀ କରାଳୀ ବିରାଟଶିଳା ଅନ୍ୟୋନ୍ୟସ୍ପର୍ଦ୍ଧି' ଭାବରେ ଛିଡ଼ା ହୋଇଅଛି । ଉତ୍ତୁଙ୍ଗତାରେ ନଗଜର ତାଦୃଶ ଶିଳା ଅପେକ୍ଷା ଏଗୁଡ଼ିକ ଜ୍ୟେଷ୍ଠ । ଠାବେ ଠାବେ କମଠ ପୃଷ୍ଠାକାର କୃଷ୍ଣଶିଳାର ଦୁରାରୋହ ବିଶାଳ ଆସ୍ତରଣ । କାହିଁ କାହିଁ ତରୁଚୂଡ଼ ତୁଙ୍ଗଭୃଗୁ । ଏପରି ବୃହତ୍ ଶିଳା ଯେଉଁଠାରେ ସେଠାରେ ଗୁମ୍ଫା ଥିବା ସ୍ୱାଭାବିକ । ଏଥିରେ ସାନ ବଡ଼ ଅନେକ ଗୁମ୍ଫା ଅଛି । ତନ୍ମଧ୍ୟରେ ମହାନଦୀ କଲ୍ଲୋଳମୁଖର ଏହି ଶୈଳ କଟକସ୍ଥ 'ଦକ୍ଷିଣପାର୍ଶ୍ୱ ଗୁମ୍ଫା' ଅତି ଗମ୍ଭୀର ଏବଂ ପ୍ରଶସ୍ତ । ଏହାର ମଧ୍ୟଭାଗରେ ଯେଉଁ ଗୁହାଟି ଅଛି ତାହା ଧଉଳଗିରିର ଗୁହା ଅପେକ୍ଷା ପ୍ରସ୍ଥରେ କିଞ୍ଚିତ୍ ଅଧିକ ହେଲେହେଁ ଉନ୍ନତରେ ଅତି ଅଳ୍ପ । ଏହାର ମୁଖଦେଶ ବା ପ୍ରବେଶପଥ ବର୍ତ୍ତମାନ ବର୍ଷା ମୃତ୍ତିକାସ୍ତରରେ

Digitized by srujanika@gmail.com

ପ୍ରୋଥିତ ପ୍ରାୟ । ତଥାପି ସେ ଗୁହା ଯେ ନିମ୍ନପ୍ରକାଶ ହୋଇ କ୍ରମଶଃ ପାତାଳମୁଖୀ ହୋଇଅଛି, ତାହା ସ୍ପଷ୍ଟ ଜଣାଯାଏ । ସେବକମାନେ ଦୃଢ଼ତାବ୍ୟଞ୍ଜକ ସ୍ୱରରେ କହନ୍ତି ଯେ, ଏଥିରେ ଅଦ୍ୟାପି ଋଷିଅଛନ୍ତି । ସେମାନେ ସିଂହନାଥ ଦର୍ଶନାର୍ଥ ପ୍ରତିନିଶୀଥରେ ଗୁହାରୁ ବାହାରି ଆସନ୍ତି । ଋଷିଙ୍କି କେହି ସ୍ୱଚକ୍ଷୁରେ ଦେଖି ନାହାନ୍ତି ସତ୍ୟ, କିନ୍ତୁ ବର୍ଷରେ ଦୁଇ ଚାରିଥର ଅପୂର୍ବ ବର୍ଣ୍ଣର ମାର୍ଜାର ସବୁ ବାହାରି ଆସିଥାନ୍ତି, ସେସବୁ ଋଷିଙ୍କର ମାର୍ଜାର । ସେମାନଙ୍କର ଆଜି ଏକ ବର୍ଣ୍ଣ ହେଲେ କାଲି ଆଉ ଏକବର୍ଣ୍ଣ, ତତ୍ପର ଦିନ ପୁଣି ଅନ୍ୟ ବର୍ଣ୍ଣ । ଆମ୍ଭମାନଙ୍କ ମୁଖରେ 'ଅବିଶ୍ୱାସ ବ୍ୟଞ୍ଜିତ' ଦେଖି ଜଣେ ତତ୍କ୍ଷଣାତ୍ ଶପଥ କରି ସ୍ୱଚକ୍ଷୁରେ ଦେଖିଥିବାର କହିଲା । ସେ ଯାହା କହୁ, ଏହା ଯେ ପୂର୍ବେ ସିଦ୍ଧବାସ ଥିଲା ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ସିଂହନାଥ ମନ୍ଦିର ପ୍ରସଙ୍ଗରେ ସେ ସଂଶୟ ଦୂର କରିବାକୁ ପ୍ରୟାସୀ ହେବୁଁ । ଏହି ଗୁମ୍ଫାଦ୍ୱାରରୁ ଚାହିଁଲେ ସମ୍ମୁଖରେ ସମାନ ଦୂରରେ ଦୁଇଟି ମନ୍ଦିର ଶୈଳଦେହରେ ଦେଖାଯାଏ । ମହାନଦୀର ଦକ୍ଷିଣ ତଟରେ ପୂର୍ବବର୍ତ୍ତୀ ଶୈଳଶିଖରରେ ରାମନାଥ ମନ୍ଦିର ଏବଂ ପଶ୍ଚିମସ୍ଥିତ ବୈଦ୍ୟେଶ୍ୱର ଶୈଳ ମୂଳରେ ବୈଦ୍ୟନାଥ ମନ୍ଦିର ବିଦ୍ୟମାନ । ଏ ତିନିଙ୍କୁ ଦୃଷ୍ଟିରେଖାଦ୍ୱାରା ଯୋଗକଲେ ଗୋଟିଏ ସମବାହୁ ତ୍ରିଭୁଜ ହେବ । ନଦୀ ଗର୍ଭସ୍ଥିତ ଏହି ସିଂହନାଥ ମନ୍ଦିର ସେହି ତ୍ରିଭୁଜର ଶୀର୍ଷବିନ୍ଦୁ ଏବଂ ଅପର ମନ୍ଦିରଦ୍ୱୟ ତ୍ରିଭୁଜର ଭୂମିର ଅନ୍ୟ ଦୁଇ ପ୍ରାନ୍ତବିନ୍ଦୁ ହେବ । ରାମ, ଲକ୍ଷ୍ମଣ ଓ ସୀତାଦେବୀଙ୍କ ନାମରେ ଏହି ତିନି ମନ୍ଦିରର ପ୍ରତିଷ୍ଠା ହୋଇଅଛି । ସିଂହନାଥଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ଅଷ୍ଟଶମ୍ଭୁ ଅଛନ୍ତି । ସିଂହନାଥ ଶିବଲିଙ୍ଗ ଉପରେ ମାଳୀ ଲକ୍ଷ୍ମଣଙ୍କ ବର୍ଚ୍ଛା ଚିହ୍ନ ଦୃଢ଼ତା ସହକାରେ ଦେଖାଇ ଦେଲେହେଁ ଦୁର୍ଭାଗ୍ୟକ୍ରମେ ତାହା ସେହି ଘୋର ତମଗର୍ଭଗମ୍ଭୀର ମଧ୍ୟରେ ଦେଖିହେଲା ନାହିଁ । ମନ୍ଦିରଟି ଅତି ପ୍ରାଚୀନ, ତାହା ଏହାର ବହୁ ଶତାବ୍ଦୀ ପରେ ବିକୃତିଗ୍ରସ୍ତ ସୂକ୍ଷ୍ମ କାରୁକର୍ମ ଖୋଦିତ ପ୍ରତିମୂର୍ତ୍ତିରୁ ଦେଖାଯାଏ । ମନ୍ଦିରାଧିକାଂଶ ବିଡ଼ମ୍ବାପତି ବହଳ ଚୂନ ଲେପରେ ଏହାର ସଂସ୍କାର କରାଇ, ପ୍ରତ୍ୟୁତ ସମସ୍ତ କୀର୍ତ୍ତି ଏବଂ ସେ ସୂକ୍ଷ୍ମ କାରୁକର୍ମକୁ ତାହା ଭିତରେ ଲୁଚାଇ ଦେଇ ଅଛନ୍ତି । ଗୋଟିଏ ଦୁଇଟି ସ୍ଥାନରୁ ଚୂନର ଆବରଣ ଉଠି ନ ଥିଲେ ଆମ୍ଭେମାନେ ଏହାର ପ୍ରାଚୀନତାର ପ୍ରମାଣ ପାଇ ନ ଥାନ୍ତୁ । ଅନେକ ସୁନ୍ଦର ମୂର୍ତ୍ତି ଏହି ଚୂନ ବାଡ଼ ଉହାଡ଼ରେ ଛପି ରହିଅଛି । ମନ୍ଦିରର କାର୍ତ୍ତିକେୟ ଏବଂ ପାର୍ବତୀଙ୍କର ସୂକ୍ଷ୍ମ ସ୍ଥାପତ୍ୟ ମଣ୍ଡିତ ସୁନ୍ଦର ମୂର୍ତ୍ତି ଅତି ପ୍ରାଚୀନ ମନ୍ଦିର ଭିନ୍ନ ଅନ୍ୟତ୍ର ଦୁର୍ଲ୍ଲଭ । ମନ୍ଦିର ପୃଷ୍ଠଭାଗରେ ଯେଉଁ ପ୍ରାଚୀରଟି ଅଛି, ତାହା ସମ୍ଭବତଃ ଅଳ୍ପକାଳ ହେଲା ପୁରୁଣା ପଥରମାନ ଯୋଡ଼ି ନିର୍ମାଣ କରା ଯାଇଅଛି । ଏଥିରେ ଖଣ୍ଡିଏ ବଡ଼ଶିଳାରେ ସୁନ୍ଦର ବୁଦ୍ଧ ମୂର୍ତ୍ତି ଉତ୍କୀର୍ଣ୍ଣ ଦେଖି ବିସ୍ମୟ ଉଦିତ ହେଲା । ଏ ମୂର୍ତ୍ତି ଅନ୍ୟତ୍ର ଦୃଶ୍ୟ ମୂର୍ତ୍ତି ସଦୃଶ ନୁହେଁ, ଏଥିରେ ବୁଦ୍ଧ ମେଖଳାସନରେ ଆସୀନ । ବ୍ରାହ୍ମଣମାନେ ଯଜ୍ଞୋପବୀତ ଗ୍ରହଣ କଲାବେଳେ ଦୁଇ ଜାନୁରେ ଯେପରି ସୂତ୍ର ଗୁଡ଼ାଇ ଥାନ୍ତି, ଅବିକଳ ସେହି ଭଳି ମେଖଳା ବନ୍ଧନରେ ଜାନୁଦ୍ୱୟ ବଦ୍ଧ । ଗୋଟିଏ କରତଳ ଦକ୍ଷିଣ ଜାନୁ ଉପରେ ପ୍ରସାରିତ ଏବଂ ଅନ୍ୟଟି ନାଭି ଦେଶରେ ଉତ୍ତୋଳିତ; ସୁତରାଂ, ଧ୍ୟାନବ୍ୟଞ୍ଜକ । ଦେଉଳର ଚତୁପାଶରେ ଏ ଅଞ୍ଚଳ ଦୁର୍ଲ୍ଲଭ ନାରିକେଳ ଏବଂ ବକୁଳ ରସାଳର ମାଳ ମହାନଦୀକୂଳରେ ଗୋଟିଏ ସୁନ୍ଦର ଆଶ୍ରମ ସମାନ ଦିଶେ । ଏହି ମନ୍ଦିରଟି ବଡ଼ମ୍ବା ରାଜ୍ୟର ଅନ୍ତର୍ଗତ, ଅଥଚ ଅପରପାରି ଅଦୂରବର୍ତ୍ତୀ ଅନ୍ୟ ମନ୍ଦିର ଦୁଇ ବାଙ୍କି କିଲାର ସୀମାନ୍ତରେ ଅବସ୍ଥିତ । ଏ ସ୍ଥାନର ପ୍ରଥମ ନିର୍ବାଚନ ଏବଂ ଗୁମ୍ଫା ମନ୍ଦିର ନିର୍ମାଣାଦି ଯେ ବୌଦ୍ଧାନୁସାରେ ହୋଇଥିଲା, ସେଥିରେ ବିଶ୍ୱାସ ସ୍ଥାପନ କରିବାପାଇଁ ଆମ୍ଭେମାନେ ସର୍ବଦା ପ୍ରସ୍ତୁତ ଅଛୁ ।

କ୍ରମଶଃ

ଶ୍ରୀ ମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com

ଟିପ୍ପଣୀ

(ମୁକୁର—୮ମ ଭାଗ, ମାର୍ଗଶିର ଓ ପୌଷ, ୧୩୨୧, ୮ମ ଓ ୯ମ ସଂଖ୍ୟା)

୨୫ । ଭଟ୍ଟାରିକା

"ବସନ୍ତ ଉତ୍ତର ଖରେ ଭଟ୍ଟାରିକା" ବଡ଼ାମ୍ବା ରାଜ୍ୟର ଅନ୍ତର୍ଗତ ଭଟ୍ଟାରିକା ଗୋଟିଏ ପ୍ରସିଦ୍ଧ ଦେବୀ ପୀଠ । ଏଠାର ପଞ୍ଚକୋଶୀ ପୀଠମାନଙ୍କର କେନ୍ଦ୍ରସ୍ଥଳରେ ଭଟ୍ଟାରିକା ଅବସ୍ଥିତ । ସିଂହନାଥଙ୍କଠାରୁ ନୀଳମାଧବଙ୍କ ପର୍ଯ୍ୟନ୍ତ ଏହି ପଞ୍ଚକୋଶ ଧରାଯାଏ ।

ଦେବ୍ୟାସ୍ତୁ ଦକ୍ଷିଣେଖରେ
 ଦେବୀ ନାରାୟଣୀ ଭବେତ୍
ନାରାୟଣ୍ୟାଃ ପଶ୍ଚିମେତୁ
 ନୀଳମାଧବ ରୂପଧୃକ୍
ମାଧବ ସ୍ୟୋତ୍ତରେ ରମ୍ୟେ
 କାନନେ * ବିନ୍ଧ୍ୟବାସିନୀ ।
ତଥାତତ୍ ପୂର୍ବଭାଗେଽସ୍ୟାଃ
 ସିଂହନାଥୋ ମହେଶ୍ୱରଃ ।
ପଞ୍ଚ କୋଶମିଦଂ ଖ୍ୟାତଂ
 ପୁଣ୍ୟଂ ପାତକ ନାଶନଂ ।"

ମନ୍ଦିରଟି ମହାନଦୀର ସ୍ରୋତ ଉପରେ ଗୋଟିଏ ମୁଣ୍ଡିଆର ପାଦଦେଶରେ ସ୍ଥିତ । ଏହାର ଚତୁଃପାର୍ଶ୍ୱରେ ସୋମନାଥ, ଜଗ୍ରେଶ୍ୱର, ରାମେଶ୍ୱର ପ୍ରଭୃତି ନାମଧାରୀ ଅଷ୍ଟଶମ୍ଭୁ ଅଛନ୍ତି । ରାମେଶ୍ୱରଙ୍କ ସନ୍ନିହିତ ବୃହତ୍ ଶିଳାକୁ ପରଶୁରାମ ପୀଠ ବୋଲାଯାଏ । କିମ୍ବଦନ୍ତୀ ଅଛି ଯେ, ପରଶୁରାମ ଏଠାରେ ତପସ୍ୟା କରିଥିଲେ ଏବଂ ଧନୁସ୍ଥଳରେ ଯେଉଁ ମୂର୍ତ୍ତିଟି ଅଙ୍କିତ କରି ପୂଜା କରିଥିଲେ, ତାହା ଅଦ୍ୟାପି ରାମେଶ୍ୱର ନାମରେ ଅଭିହିତ । ଦେବୀ ପଶ୍ଚିମମୁଖୀ—ଲୋଚନର ଦୃଷ୍ଟି ପୂର୍ବମୁଖ ନୀଳମାଧବଙ୍କ ପ୍ରତି ପଡ଼ିଅଛି । ନୀଳମାଧବ ମନ୍ଦିରଠାରେ ଠିଆ ହେଲେ ମଧ୍ୟ ଦୂରରୁ ଏହାର ଦ୍ୱାରଦେଶ ସ୍ପଷ୍ଟ ଦେଖାଯାଏ । ଏ ଦେବୀ ସବ୍ୟେ ସନାଳ କମଳ ଧାରିଣୀ, ଜାନୁପୃଷ୍ଠେ ସବ୍ୟେତରକରତଳ ପ୍ରସାରିଣୀ, ସୂର୍ଯ୍ୟୋପାସନତତ୍ପରା ପାର୍ବତୀ, ଏଠାରେ ସୂର୍ଯ୍ୟପୂଜା ମଧ୍ୟ ହୁଏ । ପଞ୍ଚଦେବତା ମଧ୍ୟରୁ କେବଳ ନାରାୟଣଙ୍କ ପୂଜା ବ୍ୟତୀତ ଆଉ ସମସ୍ତ ଦେବତାଙ୍କର ପୂଜା ଏଠାରେ ହୋଇଥାଏ । ନାରାୟଣ ପୂଜା ହେବ ବା କିପରି ? ଦେବୀ ତ ବହୁକାଳରୁ ବଳିଭୁକ୍ ଚଣ୍ଡୀରୂପେ ପୂଜା ପାଇ ଆସୁଅଛନ୍ତି । ମହାଷ୍ଟମୀ ଦିନ ଏଠାରେ ସର୍ବସମକ୍ଷରେ ଅଜସ୍ର ବଳିଦାନ ହୁଏ, ଏହା ଛଡ଼ା ପରୋକ୍ଷ ବଳି ମଧ୍ୟ ଅଛି ।

* ବିନ୍ଧ୍ୟ ବାସିନୀ ମନ୍ଦିର ପୂର୍ବେ ଯେଉଁ ଜଙ୍ଗଲରେ ଥିଲା, ବର୍ତ୍ତମାନ ସେଠାରେ ନାହିଁ । କଥିତ ଅଛି ଜଣେ ଭକ୍ତ ସେଠାରୁ ଦେବୀଙ୍କୁ ଆଣିବା ସମୟରେ ଯେଉଁ ଯେଉଁ ସ୍ଥାନରେ ବିଶ୍ରାମ କରି ଆଣିଥିଲେ, ଦେବୀଙ୍କ ସ୍ୱପ୍ନାଦେଶ କ୍ରମେ ସେହି ସେହିଠାରେ ଗୋଟିଏ ଗୋଟିଏ ବିଗ୍ରହ ସେହି ନାମରେ ପ୍ରତିଷ୍ଠିତ କରି ଆସିଥିଲେ । ଏଣୁ ବହୁ ସ୍ଥାନରେ ବିନ୍ଧ୍ୟବାସିନୀ ନାମ ଶୁଣାଯାଏ । ମୂଳଦେବୀ ବର୍ତ୍ତମାନ ଦଶପଲ୍ଲାର ଜୋଡ଼ମ ଅନ୍ତର୍ଗତ କଳିଣ୍ଡା ଗ୍ରାମରେ ଅବସ୍ଥିତ । ଏ ଦେବୀଙ୍କ ପ୍ରତାପ ସ୍ଥାନୀୟ ଲୋକେ ବହୁମୁଖରେ ଘୋଷଣା କରନ୍ତି । ଧଳ ଉପାଧିଧାରୀ କ୍ଷତ୍ରିୟମାନେ ଏହାଙ୍କର ପୂଜା ସେବା କରୁଅଛନ୍ତି । କ୍ଷତ୍ରିୟଦ୍ୱାରା ଏ ବିଧି ଅନ୍ୟତ୍ର ଦେଖାଯାଏ ନାହିଁ, ବୋଧହୁଏ ଏ ବଣଦେବତା । ପ୍ରତି ଗୁରୁବାର ଦିନ ଏହାଙ୍କର ବିଶିଷ୍ଟ ପୂଜାବିଧି ଓ ଆଳତି ହୋଇଥାଏ ।

Digitized by srujanika@gmail.com

ଏହି ପାହାଡ଼ ଉପରେ ଯେଉଁ ଷୋଳବଖରା ଗୁମ୍ଫା ଅଛି, ସେହିଠାରେ ଦେବୀଙ୍କର ଗୁପ୍ତ ବଳିକ୍ରିୟା ହୁଏ। ଏଠାରେ ଅବଶ୍ୟ ସାଧାରଣ ବଧ୍ୟପଶୁ ବା ମହାପଶୁର ବଳି ନୁହେ—ସ୍ଥାନୀୟ ଲୋକଙ୍କ ମୁଖରୁ ଜଣାଯାଏ ଗୋଟିଏ ମହାପ୍ରାଣୀର ବଳି; କିନ୍ତୁ ଏହା ଅଦ୍ୟାପି କାହାର ନୟନଗୋଚର ହୋଇନାହିଁ। ଉକ୍ତ ଉତ୍ସବର ନିଶୀଥରେ ଦେବୀଙ୍କର କାଳସୀ ମନୁଷ୍ୟର ଅଗମ୍ୟ ଏକମାର୍ଗରେ ସେଠାକୁ ଯାଇ ଏହି ବଳି ପାନ୍ତି। ସେ ଯାହାହେଉ—ଏ ପର୍ଯ୍ୟନ୍ତ ଲୋକେ ଯେ ଅନ୍ଧ-ବିଶ୍ୱାସଦ୍ୱାରା ଏ ଯୁଗରେ ସୁଦ୍ଧା ଏ ପ୍ରକାର କିମ୍ବ-ଦନ୍ତୀକୁ ବଞ୍ଚାଇ ରଖିଅଛନ୍ତି—ଏହା ବଡ଼ ଆଶ୍ଚର୍ଯ୍ୟ। ଦେବୀଙ୍କର ପ୍ରତାପ ଏ ଅଞ୍ଚଳରେ ସର୍ବସ୍ୱ ବିଶ୍ରୁତ। ଏକାକୀ କେହି ଦେବୀଙ୍କ ସମ୍ମୁଖକୁ ଯିବାକୁ ଭରସି ପାରନ୍ତି ନାହିଁ; କିନ୍ତୁ ଭୟର କାରଣ ତ କିଛି ନ ଥାଏ। ଲୋକେ ଆପେ ଆପେ ସେ ବିଭୀଷିକା ଅର୍ଜନ କରନ୍ତି। ଯେଉଁ ଦେବୀ ଆଶୈବୀବତପୋରତା, ଭଟ୍ଟାରକ (ସୂର୍ଯ୍ୟ) ପୂଜା ତତ୍ପରା, ଚିରବ୍ରହ୍ମଚର୍ଯ୍ୟ-ଧାରିଣୀ, ତାହାଙ୍କ ବିଗ୍ରହ ଦର୍ଶନରେ ହୃଦୟରେ ଶାନ୍ତି ନ ଜନ୍ମି ଭୀତି ଜନ୍ମିବା ଅସ୍ୱାଭାବିକ ନୁହେଁ କି? ଏହି ଅଜସ୍ରବଳିଦାନରୂପ ଅତି ନୃଶଂସକାଣ୍ଡର ତାଣ୍ଡବହିଁ ଭୟର ଏକମାତ୍ର କାରଣ! ଧନ୍ୟ ଦେବୀପୂଜକମାନେ! କାହା ଆଗରେ କି ଅଭିନୟ! ତୁମ୍ଭର ଉପାସ୍ୟ ଦେବତା ଯଦି ପ୍ରାଣୀର ଶୋଣିତ ବିନା ତୃପ୍ତ ନ ହୁଅନ୍ତି, ତାହାହେଲେ ଆପଣା ରକ୍ତ ପ୍ରଦାନ କର। ଶତ ଶତ ନିରୀହ ଜୀବନ ଯୁଗପତ୍ ପ୍ରାଣଶୋଷଣରେ ତୁମ୍ଭର କି ଇଷ୍ଟସିଦ୍ଧି ହେଉଅଛି। କେଉଁ ଧର୍ମଶାସ୍ତ୍ର ବା ଜୀବ-ହିଂସାକୁ ଧର୍ମ କହେ? ଏହି ଅଜସ୍ରପଶୁଘାତ ଦର୍ଶନରେ ଅହିଂସାପରାୟଣ ଦୟାବୀର ଭଗବାନ୍ ବୁଦ୍ଧଦେବ ଜୀବନବ୍ୟାପୀ ଶୋକରେ ଯେଉଁ ମହାତପସ୍ୟା କରି ଯାଇଅଛନ୍ତି, ତାହାର ପ୍ରଭାବ ଅଦ୍ୟାପି ଲୁପ୍ତ ହେଲାଣି କି? ଏଥିଯୋଗୁଁ ତାଙ୍କର ଯଜ୍ଞୀୟ କର୍ମକାଣ୍ଡର ନିନ୍ଦା ଅଦ୍ୟାପି ଶତ ଶତ କଣ୍ଠରେ ପ୍ରତିଧ୍ୱନିତ ହେଉଅଛି, "ନିନ୍ଦସି ଯଜ୍ଞ ବିଧେ ରହହ ଶ୍ରୁତି ଜାତଂ—ସଦୟ ହୃଦୟ ଦର୍ଶିତ ପଶୁଘାତଂ—କେଶବ ଧୃତ ବୁଦ୍ଧଶରୀର ଜୟ ଜଗଦୀଶ ହରେ।" ତାଙ୍କର ପ୍ରିୟଭୂମିରେ ଜନ୍ମି ବେଦଧର୍ମର ଦୋହାଇ ଦେଇ ଏତେ ଜୀବହତ୍ୟା ପ୍ରିୟ ହେବା ତୁମ୍ଭର ପ୍ରକୃତି ବିପର୍ଯ୍ୟୟ ନୁହେ କି? ହେ ଧର୍ମଧ୍ୱଜଗଣ! ଉତ୍ତମରୂପେ ଆଲୋଚନା କରି ଦେଖ, ତୁମ୍ଭର ଏ କର୍ମ ବୈଧ କି ଅବୈଧ!

୨୬। ନୀଳମାଧବ

କଣ୍ଟିଲୋର ପ୍ରସିଦ୍ଧ ନୀଳମାଧବଙ୍କ ନାମ ପାଠକ-ଗଣ ପ୍ରାୟ ଶୁଣିଅଛନ୍ତି। 'ନୀଳାଦ୍ରୌ ନୀଳମାଧବଃ' ଏ ନୀଳାଚଳବାସୀ ଥିଲେ। ବସୁଶବର ପ୍ରଥମେ ଏହାଙ୍କର ପୂଜା କରୁଥିଲେ। ମହାରାଜ ଇନ୍ଦ୍ରଦ୍ୟୁମ୍ନ ନୀଳାଚଳରେ ଜଗନ୍ନାଥଦେବଙ୍କ ମନ୍ଦିର ନିର୍ମାଣ କରାଇଥିଲେ। ଏହା ପୁରାଣ ପ୍ରସିଦ୍ଧ; କିନ୍ତୁ ଏହାଙ୍କର ମନ୍ଦିର କିଏ ନିର୍ମାଣ କରାଇଥିଲେ ତାହା ପୁରାଣରେ ମଧ୍ୟ ଶୁଣା ନାହିଁ। କେହି ସ୍ଥାନୀୟଲୋକେ ଏହାର ଅତି ପ୍ରାଚୀନତା ପ୍ରମାଣିତ କରାଇଥିଲେ। ମନ୍ଦିରର ଉତ୍ତର ଓ ପୂର୍ବ ପଶ୍ଚିମ ଭାଗରେ ଅର୍ଦ୍ଧବ୍ୟାପୀ ମହାନଦୀର ସ୍ରୋତ ପ୍ରବାହିତ। ପୂର୍ବର ଅପରାର୍ଦ୍ଧ ଓ ଦକ୍ଷିଣରେ କୟୂଦଂଶ ଧରି କୁଆଁରିଆ ବା ଦଶପଲ୍ଲାର କୁମାରିକା-ନାମ୍ନୀ ଗିରିନଦୀ କଣ୍ଟାବଂଶ କୁଞ୍ଜମଧ୍ୟରେ ବହମାନା। ଅବଶିଷ୍ଟ ଯେଉଁ ଯେଉଁ ଅଂଶ ଯୋଜକ ପ୍ରାୟ ରହିଅଛି, ତାହାମଧ୍ୟ ବନ୍ୟାସମୟରେ ଜଳମୟ ହୋଇଯାଏ। ସେତିକି ସ୍ରୋତ ଅଧିକାର କଲେ କଣ୍ଟିଲୋ ଧବଳେ-ଶ୍ୱର ବା ସିଂହନାଥର ଦଳଭୁକ୍ତ ହୋଇଯିବ। ଏହିଠାରେ ଯେପରି ବହୁଲୋକଙ୍କ ବାସ, ସେମାନଙ୍କୁ ଏ ଅବଶ୍ୟମ୍ଭାବୀ ଆପତ୍ତିରୁ ରକ୍ଷା କରିବାକୁ ହେଲେ ନଦୀତୀରରେ ପଥରବନ୍ଧ ହେବା ଆବଶ୍ୟକ। ମନ୍ଦିରଟି ନୀଳାଚଳର ଚୂଡ଼ା ଉପରେ ଏପରିଭାବରେ ଗଠିତ ଯେ ତାହା ଶୈଳର ହିମସୂକ୍ଷ୍ମତା ଅକ୍ଷୁଣ୍ଣ ରଖି ଗୋଟିଏ ସୂଚିବଦ୍ଧ ପ୍ରତୀୟମାନ ହୁଏ। ମହାନଦୀ ଗର୍ଭରୁ

Digitized by srujanika@gmail.com

ଏହାର ପୂର୍ବ ଉତ୍ତର ପଶ୍ଚିମରୁ ନିମ୍ନପ୍ରଦେଶ ସୁଦୀର୍ଘ ସୋପାନ ପରମ୍ପରା ଅତି କମନୀୟ ଦିଶେ । ଦକ୍ଷିଣ-ପାର୍ଶ୍ୱ ସୋପାନାବଳୀ ନୈକାଳୟ ଅଭିମୁଖୀ । ଗ୍ରାମ ଭିତରୁ ଗୁହଁଲେ ଏହି ଦେଉଳର ମେଘନାଦ ପାଚେରୀ ପଞ୍ଚତଳ ପ୍ରାସାଦର ଭିତ୍ତିପ୍ରାପ୍ତ ଦର୍ଶକ ମନରେ ଭ୍ରମ ଜନ୍ମାଏ । ନୀଳମାଧବର ପ୍ରାକୃତିକ ଦୃଶ୍ୟ ଅତୀବ ମନୋନେତ୍ର ତୃପ୍ତିକର । ଏକଆଡ଼େ ମହାନଦୀର ନୀଳ-ପ୍ରବାହ ମେଦୁର ବିସ୍ତୀର୍ଣ୍ଣ ସୈକତ ଶୟନ, ଅନ୍ୟଆଡ଼େ ତରୁଗୁଳ୍ମ ବହୁଳ ଶ୍ୟାମଳ ଶୈଳାବଳୀ । ଏ ମନ୍ଦିର ଦୂରକୁ ଯେପରି ମନୋରମ ଦିଶେ, ଏଠାରୁ ସେହିପରି ବହୁଦୂର ଆସ୍ତରଣ ସୁନ୍ଦର ଦେଖାଯାଏ । ପୁରୀ ଜଗନ୍ନାଥଦେବଙ୍କ ପୂଜନର ଯାବତୀ ରୀତିବିଧି ଏଠାରେ ପ୍ରଚଳିତ ଅଛି । ରଥଯାତ୍ରା ବ୍ୟତୀତ ସ୍ନାନ ଚନ୍ଦନାଦି ସେଠାରେ ସମସ୍ତ ଯାତ୍ରା ମଧ୍ୟ ଏଠାରେ ଯଥାକାଳରେ ଅନୁଷ୍ଠିତ ହୋଇଥାଏ । ପୁରୀ ବଡ଼ଦେଉଳର ସକଳ ଦେବଦେବୀ ଏ ମନ୍ଦିରରେ ଯଥା ସ୍ଥାନରେ ସନ୍ନି-ବେଶିତ । ମନ୍ଦିର ବହିର୍ଦ୍ଦେଶରେ ପ୍ରଥମେ ପୁରୀପରି ଅରୁଣସ୍ତମ୍ଭ । ତହୁଁ ବାଇଶ ପାବଚ୍ଛରେ ଉଠି ବେଢ଼ା ଭିତରକୁ ଯିବାକୁ ହୁଏ । ଦକ୍ଷିଣ ପାର୍ଶ୍ୱର ଅଗ୍ରପଂକ୍ତିର ଦୁଇଟି କ୍ଷୁଦ୍ର ମନ୍ଦିରରେ କାଶୀବିଶ୍ୱନାଥ, ଅଜାଣନାଥ ମହାଦେବ ଅଛନ୍ତି । ପୃଷ୍ଠ ପଂକ୍ତିର ସେହିପରି ଛଅଟି ମନ୍ଦିରରେ ଯଥାକ୍ରମେ ଗଣେଶ, ବଟେଶ, ବଟମଙ୍ଗଳା, ଅନନ୍ତ ପୁରୁଷୋତ୍ତମ (ଅତି ସୁନ୍ଦର ବିଗ୍ରହ) କ୍ଷେତ୍ରପାଳ ଓ ନୃସିଂହ ବିଦ୍ୟମାନ । ଏହାର ପଶ୍ଚାଦ୍‌ଭାଗରେ ରୋଷଘର । ରୋଷଘରଠାରୁ ଊର୍ଦ୍ଧ୍ୱମୁଖରେ ଭୋଗ-ମଣ୍ଡପକୁ ଯେଉଁ ପଥ ସୋପାନାବଳୀରେ ନିର୍ଦ୍ଦେଶିତ ହୋଇଅଛି, ତାହା ମଧ୍ୟ ଦର୍ଶନୀୟ, ତଦୂର୍ଦ୍ଧ୍ୱ ପ୍ରାଙ୍ଗଣରେ] ପୁରୀ ଅନୁକରଣରେ ମୁକ୍ତିମଣ୍ଡପ ଓ ରୋହିଣୀକୁଣ୍ଡ ସମ୍ମୁଖରେ ସିଦ୍ଧେଶ୍ୱର ଶିବଙ୍କର ଆସ୍ଥାନ ମଣ୍ଡପ । ସ୍ଥାନୀୟଲୋକେ ଏହିପ୍ରକାରେ ଏହାଙ୍କର ମଧ୍ୟ କୀର୍ତ୍ତନ କରନ୍ତି ଯେ ଶକ୍ତି ଉପରେ ଜଳ ଢାଳିଲାକ୍ଷଣି ତାହା ରସାତଳଗାମୀ ହୁଏ । ଜଳର ପଶ୍ଚିମରେ ପୁରୀପରି ଦକ୍ଷିଣ ଭାଗରୁ ଯଥାକ୍ରମେ ବିମଳା, ଛାୟାଦେବୀ, ସାକ୍ଷି-ଗୋପାଳ (ସତ୍ୟବାଦୀର ଅନୁରୂପ) ଓ ଲକ୍ଷ୍ମୀଙ୍କର ମନ୍ଦିର । ଏ ମନ୍ଦିରଗୁଡ଼ିକ ମଧ୍ୟରୁ ଅନେକ ମନ୍ଦିର ଏଠାର ମହାଜନମାନଙ୍କଦ୍ୱାରା କାରିତ । ଉତ୍ତର ପାର୍ଶ୍ୱର ଗୋଟିଏ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତିନ ମୂର୍ତ୍ତିର ଆସ୍ଥାନ । ବଡ଼ଦେଉଳଭିତରେ ସିଂହାସନ ଉପରେ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ମାଧବଙ୍କର ନୀଳବିଗ୍ରହ ବିରାଜମାନ । ଦୁଇ-ପାର୍ଶ୍ୱରେ ଶିଳାଖୋଦିତ ଜୟ ବିଜୟ ଓ ଧାତୁମୟୀ ଲକ୍ଷ୍ମୀ ସରସ୍ୱତୀଙ୍କର ମୂର୍ତ୍ତି ବିଦ୍ୟମାନ । ଦକ୍ଷିଣଦ୍ୱାରରେ ଅଧୋଭାଗରେ ନବନିର୍ମିତ ରାଧାମୋହନ ମନ୍ଦିର । ଏହି ମନ୍ଦିର ଏବଂ ତତ୍ ସଂଲଗ୍ନ ପ୍ରାସାଦମାନ ଏଠା ମହାଜନ-ମାନେ ଭେଦା କରି ନିର୍ମାଣ କରାଇ ଅଛନ୍ତି । "ସଂହତିଃ ଶ୍ରେୟସୀପୁଂସାଂ ସ୍ୱକୁଳୈରଳ୍ପକୈରପି"ର ଦୃଷ୍ଟାନ୍ତ କଣ୍ଟିଲୋବାସୀମାନେ ଦେଖାଇ ପ୍ରଶଂସା ଭାଜନ ହୋଇ ଅଛନ୍ତି ।

(କ୍ରମଶଃ)

ଶ୍ରୀ ମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com

ଟିପ୍ପଣୀ

(ମୁକୁର—୧୦ମ ଓ ୧୧ଶ ସଂଖ୍ୟା ୮ମ ଭାଗ)

୨୬ । ନରସିଂହପୁର

ଗଡ଼ଜାତରେ ପ୍ରବେଶ କରିବା ପୂର୍ବରୁ ବନ୍ଧୁମାନଙ୍କ ଠାରୁ ଶୁଣି ଏହି ଧାରଣା ହୋଇଥିଲା ଯେ ଏସବୁ କେବଳ ଶୈଳ ଜଙ୍ଗଲମୟ ହିଂସ୍ର ଶାର୍ଦ୍ଦୂଳସଙ୍କୁଳ ଶ୍ୱାପଦ ସ୍ଥଳ । ଏ ଅଞ୍ଚଳର ଲୋକେ ସନ୍ଧ୍ୟା ହେଲାକ୍ଷଣି ସେହି ଶାର୍ଦ୍ଦୂଳସଙ୍କୁଳ ପଥରେ ପଦେମାତ୍ର ଏକାକୀ ଅଗ୍ରସର ହୋଇ ପାରନ୍ତି ନାହିଁ ଏବଂ ସମସ୍ତ ରଜନୀ ଯେହେତୁ ସେମାନଙ୍କ ଆକ୍ରମଣ ଭୟରେ ପ୍ରମାଦ ଗଣୁଥାନ୍ତି; କିନ୍ତୁ ନରସିଂହପୁରରେ ପ୍ରବେଶ କରି ସେ ଧାରଣା ଭ୍ରମାତ୍ମକ ବୋଲି ଜ୍ଞାନ ହେଲା । ଏହି ଗଡ଼ ମହାନଦୀଠାରୁ ପ୍ରାୟ ଏକ କ୍ରୋଶ ଉତ୍ତର ଭାଗରେ ଅବସ୍ଥିତ । ଏହାର ଚତୁର୍ଦ୍ଦିଗର ଦୃଶ୍ୟ ଅତି କମନୀୟ । କେତୋଟି କ୍ଷୁଦ୍ର ପାହାଡ଼ ଥିଲେହେଁ ତେତେ ଜଙ୍ଗଲମୟ ନୁହେଁ; ବରଂ ତନ୍ମଧ୍ୟରୁ କେତୋଟି ଶୈଳ ଗୃହହର୍ମ୍ୟତୁଲ୍ୟ ହୋଇ ରାଜଧାନୀର ଶ୍ରୀବୃଦ୍ଧି ସମ୍ପାଦନ କରୁଅଛି । ନରସିଂହପୁର, ବଡ଼ମ୍ବା, ତିଗିରିଆ, ହିନ୍ଦୋଳ, ଅନୁଗୁଳ, ଦଶପଲ୍ଲା ଓ ଖଣ୍ଡପଡ଼ା ଏହି ରାଜ୍ୟମାନଙ୍କର ଗୋଟିଏ କେନ୍ଦ୍ରସ୍ଥଳ । ଏହି ସବୁଗଡ଼କୁ ଏଠାରୁ ଯିବାର ସୁବିଧା ଅଛି । ହିନ୍ଦୋଳଗାମୀ ରାଜମାର୍ଗରେ ତିନକ୍ରୋଶ ଉତ୍ତରରେ ଏହାର ବୁଢ଼ାବୁଢ଼ୀ ଘାଟି ଗୋଟିଏ ଦର୍ଶନୀୟ ସ୍ଥାନ । ଏଠାରେ ଦୁଇଟି ପର୍ବତ ମଧ୍ୟରେ ଉନ୍ନତ ରାଜପଥ ଯେପରି କୁଟିଳ, ସୁଉଚ୍ଚ ଏବଂ ବିଚିତ୍ର ଗତିରେ ଯାଇଅଛି, ତାହା ପ୍ରତ୍ୟେକ ଦର୍ଶକର ମନୋନେତ୍ର ଆକର୍ଷଣ କରିବ । ଏହାର ପାଦ ଦେଶରୁ 'ଚତର' ନାମଧାରିଣୀ ଗୋଟିଏ ଗିରି ନିର୍ଝରିଣୀ ବହିଆସି ଏହି ନଗରୀର ପୃଷ୍ଠସଙ୍ଗିନୀ ହୋଇ ଅଦୂରରେ ମହାନଦୀ ସଙ୍ଗରେ ନିଜ ଅଙ୍ଗ ମିଶାଇ ଦେଇଅଛି । ବର୍ତ୍ତମାନ ଏ ଗଡ଼ ପୂର୍ବଆଡ଼କୁ ମାଡ଼ୁଅଛି । ସୁପରିଚିତ ଦେବାନ ଦାମୋଦର ପଟ୍ଟନାୟକଙ୍କର ଅମଳରେ ଏହାର ପୂର୍ବାଂଶ ଅପୂର୍ବଶ୍ରୀ ଧାରଣ କରିଅଛି । ଏଠାରେ ସ୍ଥାନନିର୍ବାଚନାଦିରେ ଯେଉଁ ପସନ୍ଦ ଦେଖାଗଲା, ତାହା ସହୃଦୟ ପାଠକମାନଙ୍କୁ ନ ଜଣାଇ ରହି ହେଲାନାହିଁ । ମହାନଦୀର ଉତ୍ତର କୂଳର ନାତିଦୂରବର୍ତ୍ତୀ ଗୋଟିଏ ଶୈଳ ଉପରେ କୈଳାସର ଶୁଭ୍ର ଶୃଙ୍ଗ ପ୍ରାୟ ଯେଉଁ ସୌଧଟି ଦେଖାଯାଏ—ତାହାର ନାମ ଇନ୍ଦ୍ରଭୁବନ । ୧୯୦୭ ଖ୍ରୀଷ୍ଟାବ୍ଦରେ ନିର୍ମିତ । ଯଥାର୍ଥ ଏହା ଇନ୍ଦ୍ରଭୋଗ୍ୟ ପ୍ରାସାଦ । ଏହାର ଚତୁର୍ଦ୍ଦିଗରେ ଶୋଭାମୟୀ, ପ୍ରକୃତିର ଅତି ମନୋରମ ଚିତ୍ରପଟମାନ ରହିଅଛି । ଦକ୍ଷିଣ ପାର୍ଶ୍ୱରେ ମହାନଦୀର ସୁଦୂର ପ୍ରସାରିତ ସିକତାମୟ (କେବେ) ବା ସଲିଳମୟ ବକ୍ଷ ଓ ଦଶପଲ୍ଲାର ସୁନୀଳ ଶୈଳାବଳୀ । ସେହି ଦନ୍ତୁରିତ ଶୈଳରେଖା ଉପରେ ତୁଙ୍ଗ ମଣିଭଦ୍ରା ତାହାର ମେଘମୁକୁଟ ମସ୍ତକକୁ ଉତ୍କଟାଇଅଛି । ବିପରୀତ ପାର୍ଶ୍ୱରେ ପ୍ରୋକ୍ତ ବୁଢ଼ାବୁଢ଼ୀ ଘାଟି ଓ ନରସିଂହପୁରର ଶୈଳମାନ । ଏହି ଇନ୍ଦ୍ରଭୁବନର ସମ୍ମୁଖ ପ୍ରାଙ୍ଗଣରେ କ୍ଷୁଦ୍ର ପାଷାଣଖଣ୍ଡମାନଙ୍କଦ୍ୱାରା ମହାନଦୀର ଗତିପଥ ପ୍ରଦର୍ଶିତ ହୋଇଅଛି । ସେଥିରୁ ଦର୍ଶକ ମହାନଦୀ କେଉଁଠାରେ କିପରି ଯାଇଅଛି ଅର୍ଥାତ୍ ତାହାର ଗତିପଥ କେଉଁଠି ସରଳ ବା ବକ୍ର, କେଉଁଠି ସଙ୍କୀର୍ଣ୍ଣ ଅଥବା ପ୍ରଶସ୍ତ ଏହା

Digitized by srujanika@gmail.com

ସହଜରେ କ୍ଷଣକ ମଧ୍ୟରେ ଜାଣି ପାରିବେ । * ଦାମୋଦରବାବୁଙ୍କର ବିଶିଷ୍ଟ ପସନ୍ଦ ପୂର୍ବପାଖର ଗୋଟିଏ ମୁଣ୍ଡିଆ ଉପରେ ତାଙ୍କର ଓଁକାର ସରସ୍ୱତୀଙ୍କର ନୂତନ ମନ୍ଦିର ନିର୍ମାଣ । ଏଥିରେ ଶ୍ୱେତପଦ୍ମାସୀନା ବୀଣାପୁସ୍ତକ ରଞ୍ଜିତ ହସ୍ତା ସରସ୍ୱତୀ ଗୋଟିଏ ଓଁ ବର୍ଣ୍ଣ ମଧ୍ୟରେ ଉତ୍କୀର୍ଣ୍ଣ ହୋଇଅଛନ୍ତି ! ଏହି ବିଦ୍ୟାଧିଷ୍ଠାତ୍ରୀ ଦେବୀଙ୍କ ସମ୍ମୁଖରେ ରାଜଧାନୀର ନବନିର୍ମିତ ବିଦ୍ୟାମନ୍ଦିର । ତତ୍‌ସମ୍ମୁଖରେ ପୁଣି ନବନିର୍ମିତ ଗୋଲମଣ୍ଡପ ଅଥବା ଜଗନ୍ନାଥ କୀର୍ତ୍ତନର ମଣ୍ଡପ । ଦାମୋଦର ବାବୁ ଭକ୍ତିରସରେ ଆପ୍ଳୁତ ହୋଇ ବର୍ତ୍ତମାନ ସ୍ୱତଃ ଜଗନ୍ନାଥ କୀର୍ତ୍ତନରେ ଜୀବନଯାପନ କରିବାଦ୍ୱାରା ଜଗନ୍ନାଥ ପରାୟଣା ଭକ୍ତିମତୀ ନାୟିକାର ସୁଲକ୍ଷଣା ଦେବୀଙ୍କର ସୁପୁତ୍ରତ୍ୱର ପରିଚୟ ପ୍ରଦାନ କରିଅଛନ୍ତି । ଏହି କୀର୍ତ୍ତନରେ ସେ ବୈଷ୍ଣବଙ୍କ ପରି ଗୋପୀରମଣ ଶ୍ରୀକୃଷ୍ଣଙ୍କ ଆଦର୍ଶ ନ ଧରି 'ଏକମେବ ଦ୍ୱିତୀୟଂ' ଜଗନ୍ନାଥଙ୍କ ଆଦର୍ଶ ଧରିଛନ୍ତି ଏବଂ ସମସ୍ତ ସାକାର ମୂର୍ତ୍ତିକୁ ଓଁ ବର୍ଣ୍ଣର ରୂପ ବୋଲି ପ୍ରତିପାଦନ କରିଅଛନ୍ତି । ଧର୍ମର ଉଦାରଭାବ ଏବଂ କୀର୍ତ୍ତନର ମୌଳିକତା ଦୃଷ୍ଟିରେ ଏହି କୀର୍ତ୍ତନ ପ୍ରଣେତା କବି ଆମ୍ଭମାନଙ୍କର ପ୍ରଶଂସନୀୟ ।

ପୂର୍ବୋକ୍ତ ସରସ୍ୱତୀମନ୍ଦିର, ଦକ୍ଷିଣରେ ବର୍ତ୍ତମାନ ଲକ୍ଷ୍ମୀମନ୍ଦିର ନିର୍ମାଣର ସୂତ୍ରପାତ ହୋଇଅଛି । ତାହା ସମ୍ମୁଖରେ ବିଦ୍ୟାଳୟ ସାମନାରେ ରାଜାଙ୍କର ଧାନ୍ୟାଗାର ବା ଖମାର । ତତ୍‌ସମ୍ମୁଖରେ ପୁଣି ପ୍ରଦର୍ଶନୀ ମଣ୍ଡପ ଓ ଧର୍ମଶାଳାର ନବନିର୍ମିତ ଗୃହ । ସ୍ଥୂଳତଃ କହିବାକୁ ଗଲେ ଲକ୍ଷ୍ମୀ ସରସ୍ୱତୀଙ୍କର ବାସ ଅତି ନିପୁଣଭାବରେ ନିର୍ବାଚିତ ହୋଇଅଛି । ନରସିଂହପୁରର ସିଂହଉପାଧିଧାରୀ ପଞ୍ଚମରାଜା କୃଷ୍ଣଚନ୍ଦ୍ର ସିଂହଙ୍କଦ୍ୱାରା ଖୋଦିତ ହନୁମନ୍ତସାଗର ନାମକ ଜଳାଶୟର ସାଧୁଚରଣ ଘାଟ ଏବଂ ତତ୍ତୀରସ୍ଥିତ ଦାମୋଦର ପାଠାଗାରର ବିଗତ ଦିଲ୍ଲୀଦରବାର ଅବସରରେ (୧୨।୧୨।୧୧) ପ୍ରତିଷ୍ଠାକୁ ବିଶେଷ ପସନ୍ଦ ମନେ କରୁଁ । ରାଜବାଟିର ଉଦ୍ୟାନରେ ଆଉ ଏକ ପସନ୍ଦ ଦେଖାଗଲା । ଏହାକୁ ନରସିଂହପୁର ରାଜ୍ୟର ମାନଚିତ୍ର କହିଲେ ଭଲ ହେବ । ଏହି ବଗିଚାରେ ରାଜ୍ୟ ଅନ୍ତର୍ଗତ ମହାନଦୀର ଗତିପଥ ପ୍ରଦର୍ଶିତ ହୋଇ, ତାହା ମୂଳରେ ଗଡ଼ର ସଙ୍କେତ ସ୍ୱରୂପ ଗୋଟିଏ କ୍ଷୁଦ୍ର ଚଉରା । ତାହାର ଯେଉଁ ଦିଗ ଯେଉଁ ପଥକୁ ଯାଇଅଛି ଅବିକଳ ସେହି ଆଦର୍ଶରେ ପଥମାନଙ୍କର ମଧ୍ୟେ ମଧ୍ୟେ ପାହାଡ଼ସ୍ଥାନରେ କ୍ଷୁଦ୍ର କୃତ୍ରିମପାହାଡ଼ ତଥା ନଦୀ ଓ ବଡ଼ ଗ୍ରାମ ପ୍ରଭୃତିର ସଙ୍କେତ ଦିଆଯାଇଛି । ପ୍ରତ୍ୟେକ ଗ୍ରାମ ସ୍ଥଳରେ ଗୋଟିଏ ଗୋଟିଏ କୁଣ୍ଡରେ ନାମ ଲେଖାଯାଇଅଛି; ଅଥଚ ତା ଉପରେ ଗଛ ରହି ବଗିଚାର ଶୋଭା ସମ୍ପାଦନ କରୁଅଛି । ପୁରାଣରେ ଶୁଣିଅଛୁଁ ଯେ ଗଣେଶ ବେଢ଼ାଗୁରିପାଖ ବୁଲି ଆସି ସମଗ୍ର ପୃଥିବୀ ବୁଲିଆସି ଥିବାର କହିଲେ । ସେହି ନ୍ୟାୟରେ ଲେଖକ ଏହି ବଗିଚାଟି ବୁଲିଆସି ସମଗ୍ର ନରସିଂହପୁର ରାଜ୍ୟ ବୁଲି ଆସିଅଛି ବୋଲି କହିପାରେ । ବଗିଚାର ମଧ୍ୟଭାଗରେ ପୁଣି ଭୂମଣ୍ଡଳର ମାନଚିତ୍ର ଅଙ୍କିତ । ତୃଣରେ ଦୁଇଟି ଗୋଲକାର ଭୂମି ପୂର୍ବ ଓ ପଶ୍ଚିମ ଗୋଲାର୍ଦ୍ଧର ସଙ୍କେତସ୍ୱରୂପ ହୋଇଅଛି । ସେଥିରେ ମହାସାଗରମାନଙ୍କର ନାମ ଅତି ସୁନ୍ଦର ରୂପେ ତୃଣରେ ରଚିତ ହୋଇଅଛି । ଦର୍ଶକଙ୍କୁ ପରିତୁଷ୍ଟ କରିବାର ଆଉ ଏକ କୌଶଳ ଏହି ଯେ, ତାହାର ପ୍ରବେଶଦ୍ୱାରର ଏକ ପାର୍ଶ୍ୱରେ 'ସ୍ୱାଗତ' ଓ ଅପର ପାର୍ଶ୍ୱରେ 'ବିଦାୟ' ପୂର୍ବୋକ୍ତ ପ୍ରକାରେ ତୃଣ ଓ ଶାକରେ ଅତି ନିପୁଣ ଭାବରେ ବର୍ଣ୍ଣିତ ବା

* ୧୯୦୭ ଅବ୍ଦର ନଭେମ୍ବର ମାସରେ ବଙ୍ଗର ଲେଫ୍‌ଟେନାଣ୍ଟ ମାନ୍ୟବର ସର୍ ଏଣ୍ଡ୍ରୁ ଫ୍ରେଜର ମହୋଦୟ ଯେତେବେଳେ ଓଡ଼ିଶା ଗଡ଼ଜାତ ଭ୍ରମଣରେ ଏଠାକୁ ଆସିଥିଲେ, ସେତେବେଳେ ସେ ଏହି ଇନ୍ଦ୍ରଭୁବନ ଦେଖି ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ ।

Digitized by srujanika@gmail.com

ରହିଛି, ଅଥବା ବାମଭାଗରେ Welcome ଏବଂ flowers to thee ଏବଂ ଦକ୍ଷିଣ ଭାଗରେ Adieu ଏବଂ ଧର୍ମ ଏବ ପୁଷ୍ପାଞ୍ଜଳି । * ନରସିଂହପୁରର ଏହି ସବୁ 'ପସନ୍ଦ' ଦେଖି ମନରେ ଆନନ୍ଦ ଜନ୍ମିଅଛି । ସେ ଯାହାହେଉ,ତତ୍ସମ୍ବନ୍ଧରେ ଅଧିକ ଲେଖି ଲକ୍ଷ୍ୟଭ୍ରଷ୍ଟ ହେବୁ ନାହିଁ । ଏଥିର ପ୍ରକୃତତତ୍ତ୍ୱ ପ୍ରକାଶ ଏ ପ୍ରସଙ୍ଗର ଉଦ୍ଦେଶ୍ୟ । ଇତିହାସାସ୍ପୃତ ଜନଶ୍ରୁତିରୁ ପ୍ରକାଶ ପାଉଅଛି ଯେ ଏ ରାଜ୍ୟର ପୂର୍ବ ନାମ 'ଅଟବି' ଥିଲା ଏବଂ ତାହା ତିନିଖଣ୍ଡରେ ବିଭକ୍ତ ଥିଲା । ନରସିଂହ ଜେନା, ପୁଷ୍ପ ଜେନା ଓ ଭାନୁପାଇକରାୟନାମକ ତିନିଭାଇ ସେହି ତିନିଖଣ୍ଡି ରାଜ୍ୟକୁ ଶାସନ କରୁଥିଲେ । ଏକଦା ଧର୍ମସିଂହ ନାମକ ରାଜପୁତାନା ଅନ୍ତର୍ଗତ ଜୟପୁର ରାଜବଂଶୀୟ କ୍ଷତ୍ରିୟ ଜଗନ୍ନାଥ ଦର୍ଶନାର୍ଥେ ଏହିବାଟେ ଯାଉ ଯାଉ ଏହିଠାରେ ଶୁଣିଲେ ଯେ, ଗୋଟିଏ ମହାବଳବାଘ ଏ ରାଜ୍ୟର ବହୁ ଗୋ ମନୁଷ୍ୟ ନଷ୍ଟ କରୁଅଛି, ରାଜା ତାହାକୁ ମାରି ପାରିଲେ ନାହିଁ । ସାର ଧର୍ମସିଂହ ଲୋକମାନଙ୍କର କାତରୋକ୍ତି ଶ୍ରବଣରେ ଦୟାପରବଶ ହୋଇ କିଛିକାଳ ରହି ସେ ମହାବଳକୁ ସଂହାର କରି ରାଜ୍ୟକୁ ନିରୁପଦ୍ରବ କରିଥିଲେ । ଏତତ୍ ଶ୍ରବଣରେ ରାଜା ନରସିଂହ ଜେନା ଈର୍ଷାକଳୁଷିତ ହୋଇ ତାଙ୍କୁ ଶୀଘ୍ର ରାଜ୍ୟରୁ ବହିଷ୍କୃତ କରିଦେବାକୁ ଆଦେଶ ଦେଲେ; କିନ୍ତୁ ଏଥିରେ ଧର୍ମସିଂହଙ୍କ ଗୁଣାନୁରକ୍ତ ପ୍ରଜାମାନେ ବିରକ୍ତ ହୋଇ ଧର୍ମସିଂହଙ୍କୁ ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇଲେ । ପ୍ରବାଦ ଅଛି—ପ୍ରଜା ମେଳକି ରାଜା ପାରନ୍ତି ନାହିଁ । ଫଳରେ ଧର୍ମସିଂହ ପ୍ରଜାମାନଙ୍କ ସାହାଯ୍ୟରେ ବିଜୟୀ ହୋଇ ନରସିଂହ ପ୍ରମୁଖ ତିନି ଭାଇଙ୍କୁ ବନ୍ଦୀ କଲେ । ତହୁଁ ସେମାନେ ମରଣକୁ ଭୟ ନ କରି କ୍ଷତ୍ରିୟୋଚିତ ଭାଷାରେ ପ୍ରକାଶ କଲେ ଯେ, 'ଆମ୍ଭମାନଙ୍କର ଶିରଚ୍ଛେଦନ କରି ତୁମ୍ଭେ ରାଜା ହୁଅ । କିନ୍ତୁ ଆମ୍ଭ ତିନି ଜଣଙ୍କ ନାମରେ ଏ ରାଜ୍ୟର ନାମ ଯେପରି ହୁଏ, ତାହା କରିବ । ସେମାନଙ୍କର ଏହି ଅନ୍ତିମ ପ୍ରାର୍ଥନା ଅନୁସାରେ ଧର୍ମସିଂହ ତିନି ଭାଇଙ୍କର ଶିରଚ୍ଛେଦନ କରି ଜ୍ୟେଷ୍ଠ ନରସିଂହଙ୍କ ନାମାନୁସାରେ ରାଜ୍ୟର ନାମ 'ନରସିଂହପୁର' ଏବଂ କନିଷ୍ଠ ପାଇକରାୟଙ୍କ ନାମାନୁସାରେ ଗଡର ନାମ 'ପାଇକ ପଡ଼ା' ଦେଇଥିଲେ । ଆଜି ରାଜଧାନୀର ଯେଉଁ ସ୍ଥାନରେ ସେହି ତିନି ମୁଣ୍ଡ ସ୍ଥାପନ କରିଥିଲେ, ସେ ସ୍ଥାନ ଅଦ୍ୟାପି 'ପୁରିଜେନା' ନାମରେ ଅଭିହିତ ହୋଇ ଆସୁଅଛି । ଏହି ଧର୍ମସିଂହଙ୍କଠାରୁ ସ୍ୱର୍ଗୀୟ ରାଜା ସଧୁଚରଣ ମାନସିଂହଙ୍କ ପର୍ଯ୍ୟନ୍ତ ପଚିଶ ଜଣ ସିଂହବଂଶୀ ରାଜା ରାଜତ୍ୱ କରିଅଛନ୍ତି । ଏଠାରେ ଯେପରି ଜୟପୁର ସିଂହଙ୍କ କଥା ଶୁଣାଗଲା, ସେହିପରି ଓଡ଼ିଶାର ପ୍ରତ୍ୟେକ ଦେଶୀୟ ରାଜ୍ୟର ପୂର୍ବ ରାଜବଂଶ ସମ୍ବନ୍ଧରେ ଗୋଟିଏ ପ୍ରକାର କିମ୍ବଦନ୍ତୀ ଶୁଣାଯାଏ । ସମସ୍ତେ ରାଜପୁତାନାରୁ ଆଗତ ଜଣେଜଣେ କ୍ଷତ୍ରିୟଙ୍କର ବଂଶଧର । ଜନଶ୍ରୁତିରୁ ପ୍ରକାଶ ପାଏ ଯେ, ଉତ୍କଳକୁ ପଶ୍ଚିମରୁ (ଯୋଧପୁର, ଜୟପୁର, ମିବାର, ଉଦୟପୁର, ଭୋଜପୁର ପ୍ରଭୃତି) ଚୌଦ ଘର କ୍ଷତ୍ରିୟ ଆସିଥିଲେ । ବ୍ରାହ୍ମଣ ଓ କରଣ-ମାନଙ୍କ ସମ୍ବନ୍ଧରେ ମଧ୍ୟ ଏହି ପଶ୍ଚିମରୁ ଆସିଥିବା କଥା ଶୁଣାଯାଏ । ବଙ୍ଗଦେଶକୁ ପଶ୍ଚିମରୁ ପଞ୍ଚ ବ୍ରାହ୍ମଣ ଓ ପଞ୍ଚ କାୟସ୍ଥ ଆସିଥିବା ଇତିହାସ ପ୍ରସିଦ୍ଧ । ଏହି ଜନଶ୍ରୁତିର ସତ୍ୟରୁ ଅନୁମିତ ହେଉଅଛି ଯେ, ଅଗ୍ରେ ସେହି ଉତ୍ତର ପଶ୍ଚିମ ଦେଶ ଆର୍ଯ୍ୟ ବସତି ଥିଲା । ତେଣୁ ବିଭିନ୍ନ ଅଞ୍ଚଳମାନଙ୍କରେ ବ୍ରାହ୍ମଣ କ୍ଷତ୍ରିୟାଦି ଆର୍ଯ୍ୟଜାତି ନ ଥିଲେ । ବଂଶବୃଦ୍ଧିକ୍ରମେ ସେମାନେ ଦୂର ଦେଶମାନଙ୍କରେ ବସତି ବିସ୍ତାର କରି ଅଛନ୍ତି । ଏହି ଐତିହାସିକ ସତ୍ୟ ଲୋକଙ୍କ କଳ୍ପନାରେ ସୁରଞ୍ଜିତ ଓ ପଲ୍ଲବିତ ହୋଇ ନାନାସ୍ଥାନରେ ନାନାପ୍ରକାର କିମ୍ବଦନ୍ତୀରୂପେ ସଞ୍ଚରଣ କରୁଅଛି ।

* ଏଥିପାଇଁ ନରସିଂହପୁରର ଭୂତପୂର୍ବ ଦେବାନ ମହମ୍ମଦ ଅତାହର ପ୍ରଶଂସାର ଯୋଗ୍ୟ ।

Digitized by srujanika@gmail.com

୨୮ । ଯୋଡ଼ମୁ ; (ଯୋଡ଼ମୁହଁ)

ଯୋଡ଼ମୁ ପଞ୍ଚକୋଶବ୍ୟାପୀ ଖଣ୍ଡିଏ ଦଣ୍ଡପାଟ । ଏହା ବର୍ତ୍ତମାନ ଦଶପଲ୍ଲା ରାଜ୍ୟର ଅନ୍ତର୍ଗତ ହେଲେହେଁ ଦଶପଲ୍ଲାର ପ୍ରାକୃତିକ ସୀମାର ବାହାରେ ଅର୍ଥାତ୍ ମହାନଦୀର ଉତ୍ତର ପାର୍ଶ୍ୱରେ ନରସିଂହପୁରର ସୀମାନ୍ତ ଏବଂ ଅନୁଗୁଳ ରାଜ୍ୟ ମଧ୍ୟରେ ଅବସ୍ଥିତ । ଏହା ପୂର୍ବେ ଅନୁଗୁଳ ରାଜ୍ୟର ଅନ୍ତର୍ଗତ ଥିଲା । କିଂବଦନ୍ତୀ ଅଛି, ଯେତେବେଳେ ନାଗପୁରର ଭୋଁସଲା ଓଡ଼ିଶାରେ ଆଧିପତ୍ୟ କରୁଥିଲେ, ସେତେବେଳେ ତାଙ୍କର ଜଣେ କର୍ମଚାରୀ ଅନୁଗୋଳ ବାଟେ ପୁରୀ ଦର୍ଶନକୁ ଯାଉଥିଲେ । ଅନୁଗୋଳର ତଦାନୀନ୍ତନ ରାଜା କୃଷ୍ଣଚନ୍ଦ୍ର ଜଗଦେବ ତାଙ୍କର କେତୋଟି ଘୋଡ଼ାକୁ ଲୁଟି ଆକ୍ରମଣ କରିବାରୁ ସେ ଏ ସମ୍ବାଦ ଶୀଘ୍ର ଭୋଁସଲା ରଘୁଜୀଙ୍କୁ ଜଣାଇଥିଲେ । ରଘୁଜୀ ସୈନ୍ୟ ପଠାଇ ଅନୁଗୋଳର ଜଗଦେବଙ୍କୁ ବନ୍ଦୀ କରିନେଇ ଯାଉଥିଲେ; କିନ୍ତୁ ଦଶପଲ୍ଲାର ରାଜା ତ୍ରିଲୋଚନ ଭଞ୍ଜଦେବ ବହୁ ଆୟାସ ସ୍ୱୀକାର କରି ତାହାଙ୍କୁ ମୁକ୍ତ କରାଇଥିଲେ । ଏହି ଉପକାରରେ ସନ୍ତୁଷ୍ଟ ହୋଇ ଜଗଦେବ ଭଞ୍ଜଙ୍କୁ ଯୋଡ଼ମୁ ଖଣ୍ଡ ଉପହାର ପ୍ରଦାନ କରିଥିଲେ । କେହି କେହି କହନ୍ତି ବର୍ଷେ ଘୋର ଦୁର୍ଭିକ୍ଷ ପଡ଼ିବାରୁ ଅନୁଗୋଳର ରାଜା ଦଶପଲ୍ଲାରୁ ବାଉଁଶେ ଧାନ ଏବଂ ଡାଳେ ଟଙ୍କା ନେଇଥିଲେ, ତାହାର ପ୍ରତ୍ୟୁପକାର ସ୍ୱରୂପ ସେ ଦଶପଲ୍ଲାକୁ 'ଯୋଡ଼ମୁ'କୁ ପ୍ରଦାନ କରିଥିଲେ । ବର୍ତ୍ତମାନ ଯେଉଁ ମୂଳ ବସତିକୁ ଯୋଡ଼ମୁ କହନ୍ତି, ସେଠାରେ ପୂର୍ବେ ଗୋଟିଏ ଦୁର୍ଭେଦ୍ୟ ଦୁର୍ଗ ଥିଲା, ବର୍ତ୍ତମାନ ତାହାର ଭଗ୍ନାବଶେଷ ଅଛି । ପ୍ରତ୍ୟାସନ୍ନ ନରସିଂହପୁର ଓ ଅନୁଗୋଳ ରାଜ୍ୟ ସହିତ ସୀମାବିବାଦର ଆଶଙ୍କା ସର୍ବଦା ଥିବାରୁ ସମ୍ଭବତଃ ଏହି ଦୁର୍ଗ ନିର୍ମିତ ହୋଇଥିଲା । ଏହି ଦୁର୍ଗଠାରେ ନରସିଂହପୁର ସହିତ ଦଶପଲ୍ଲାର ଘୋର ଯୁଦ୍ଧ ହୋଇଥିବାର ପ୍ରମାଣ ମିଳେ ।

"ଏହାଙ୍କ ରାଜତ୍ୱେ ଦଶପଲ୍ଲା ନୃପବର,
ଯୁଦ୍ଧ କରିଥିଲେ ତହିଁ ମହା ଘୋରତର ।
ପରାଜୟ ପାଇ ଦଶପଲ୍ଲାର ନରେଶ,
ସ୍ୱରାଜଧାନୀରେ ଯାଇ ହୋଇଲେ ପ୍ରବେଶ ।
ଯୋଡ଼ମୁ ଦୁର୍ଗକୁ ସୈନ୍ୟ କଲେ ଯେ ଲୁଣ୍ଠନ,
ସ୍ୱରାଜ୍ୟେ ଭୁକ୍ତ କରିବେ କଲେ ଆକ୍ରମଣ ।"

ନରସିଂହପୁର ଇତିହାସ ।

ନରସିଂହପୁରର ରାଜା ଶ୍ରୀ ଜଗନ୍ନାଥ ମାନସିଂହ ହରିଚନ୍ଦନ ମହାପାତ୍ର (୧୨୦୯-୧୨୬୭) ସ୍ୱୀୟ ମନ୍ତ୍ରୀଙ୍କ ବହୁ ସୈନ୍ୟସହ ଏହି ଦୁର୍ଗ ଆକ୍ରମଣ କରିବାକୁ ପଠାଇ ଥିଲେ । ଏଥିରେ ସ୍ୱୟଂ ମନ୍ତ୍ରୀ ଏବଂ ଅନେକ ସୈନ୍ୟ ନିହତ ହୋଇଥିଲେ; ତଥାପି ଅଳ୍ପମାନ ସୈନ୍ୟ ଯୁଦ୍ଧରେ ଅଗ୍ରସର ହୋଇ ଦୁର୍ଗ ଅଧିକାର କରିଥିଲେ । ଏହି ଗଡ଼ ସର୍ଦ୍ଦାରର ବର୍ତ୍ତମାନ ବଂଶଧର କହନ୍ତି ଯେ, ସେମାନେ ଯୋଡ଼ମୁ ଦୁର୍ଗରେ କଦାପି ପ୍ରବେଶ କରିନାହାନ୍ତି । ଅନୁଗୋଳ ମଧ୍ୟ (ଖାସ ହେବାର କେତେକ ବର୍ଷ ପୂର୍ବେ) ଏହି ଦୁର୍ଗ ଆକ୍ରମଣ କରିବାକୁ ଅଗ୍ରସର ହୋଇ କେବଳ ତୋପଧ୍ୱନି ଶ୍ରବଣରେ ପୃଷ୍ଠଭଙ୍ଗ ଦେଇଥିଲା । ଏହି ଗଡ଼ର ବହିର୍ଦ୍ୱାର ଉତ୍ତର ମୁଖ । ଦ୍ୱାରଦେଶର ଦୁଇ ପାଖରେ ଦୁଇଟି ମୃତ୍ତିକାସ୍ତୂପ (mount) ଥିଲା । ଅଦ୍ୟାପି ତାହାର କେତେକ ଅବଶେଷ ଅଛି । ବିପକ୍ଷ ପକ୍ଷରୁ ଗୋଳି ଆସିଲେ ଆଗେ ଏହି ସ୍ତୂପରେ ପଡ଼େ ଏବଂ ତଦ୍ଦ୍ୱାରା ଦୁର୍ଗ ଦ୍ୱାର ରକ୍ଷାପାଏ । ଏହା ଉପରେ ମଧ୍ୟ ତୋପ ବସାଇ ବିପକ୍ଷ ଆଡ଼କୁ ଲକ୍ଷ୍ୟ କରିବାକୁ ହୁଏ । ପୂର୍ବେ ଏ ଦେଶରେ ଦୁଇପ୍ରକାର କମାଣ ବା ତୋପର ବ୍ୟବହାର ଥିଲା । ସାଧାରଣ ତୋପ କାଠର ବୈଠକି ବା ଚକିଆ ଉପରେ ବନ୍ଧୁକ ପରି ଲାଗି ରହିଥାଏ । ଅତି ପ୍ରାଚୀନକାଳରେ ଯେଉଁ ବୃହତ୍ ନାଳୀକାସ୍ତ୍ରର ବର୍ଣ୍ଣନା ଶୁଣାଯାଏ, ଏହା ବୋଧହୁଏ ସେହି ଜାତୀୟ । ଦ୍ୱିତୀୟଟି ଗଣ୍ଡିଆ ତୋପ । ଏହା ସାଧାରଣ ତୋପ

Digitized by srujanika@gmail.com

ଅପେକ୍ଷା ଦୈର୍ଘ୍ୟରେ ଅଳ୍ପ, ସ୍ଥୂଳତାରେ ଅଧିକ ଏବଂ ଗ୍ରନ୍ଥିଳ । ଆଧୁନିକ ତୋପରେ ଯେପରି ଗୁଳିପୂର୍ଣ୍ଣ ଗୋଲମାନ ପ୍ରବେଶ କରାଇ ଟିପିଦେଲେ, ତାହା ଯେପରି ଦୂରରେ ଫାଟିଯାଇ ଗୁଳି ବୃଷ୍ଟି କରେ ଏ ତୋପରେ ବୋଧହୁଏ ସେପରି ହେଉ ନ ଥିବ । ଏ ସମ୍ବନ୍ଧରେ ଆଉ ଅଗ୍ରସର ହେବା ଆମ୍ଭମାନଙ୍କ ପକ୍ଷରେ ଅସମ୍ଭବ । ବର୍ତ୍ତମାନ ଏ ଗଡ଼ର ଅବସ୍ଥିତି ଓ ନିର୍ମାଣ କୌଶଳ ସମ୍ବନ୍ଧରେ ଦୁଇ ଚାରିକଥା କହୁଅଛୁଁ । ଏହି ଦୁର୍ଗ ଚୌଦହାତ ଉଚ୍ଚ ଓ ଚାରିହାତ ପ୍ରଶସ୍ତ ଗୋଟିଏ ବଡ଼ ମାଟିର ପାଚେରୀଦ୍ୱାରା ଦୁର୍ଭେଦ୍ୟ ଏବଂ ଗୋଟିଏ ଗଭୀର ପରିଖାବଳୟଦ୍ୱାରା ଦୁର୍ଗମ ଥିଲା । ବର୍ତ୍ତମାନ ପ୍ରାଚୀରର ନିଦର୍ଶନ ସ୍ୱରୂପ ସ୍ଥାନେ ସ୍ଥାନେ ମାଟିର କୁଢ଼ (ସ୍ତୂପ) ଅଛି । ପରିଖାର ପୂର୍ବ ଅଂଶ ବର୍ତ୍ତମାନ ଅଗଭୀର ନାଳ ପରି ଦେଖାଯାଉଅଛି । ଅନ୍ୟ ପାର୍ଶ୍ୱରେ ତାହା ପୋତାପଡ଼ି ଖାତ ପ୍ରାୟ ଦିଶୁଅଛି । ଦୁର୍ଗର ତୋରଣ ଯୋଡ଼ିଏ ଲୁହା ଗୋବଦିଆ ପ୍ରକାଣ୍ଡ କବାଟଦ୍ୱାରା ରୁଦ୍ଧ ଥିଲା । ଏହି କବାଟରୁ ବାଟ ପାଇଲେ ଦୁର୍ଗରେ ପଶିବା ପୂର୍ବରୁ ଆଉ ଦୁଇଟି ଦ୍ୱାର ଡେଇଁବାକୁ ହେଉଥିଲା । ଦୁର୍ଗଟି ଦୈର୍ଘ୍ୟ ଓ ପ୍ରସ୍ଥ ଯେ ଗରେ ପ୍ରାୟ ଏକ ସହସ୍ର ହସ୍ତ ହେବ । ଏହିଠାରେ ତେତେବେଳେ ସେନାପତି ବା ସର୍ଦ୍ଦାର ସିଂହଙ୍କ ଅଧୀନରେ ପ୍ରାୟ ପାଞ୍ଚଶତ ସୈନିକ ବାସ କରୁଥିଲେ । ଅଦ୍ୟାପି ସେହି ପାଇକ, ଗଡ଼ନାୟକ, ସିଂହସର୍ଦ୍ଦାର, ଉତ୍ତରକବାଟ ପ୍ରଭୃତିଙ୍କର ବଂଶଧରମାନେ ଏହି ଗଡ଼ ଭିତରେ ରହି ଅଛନ୍ତି । ଏହି ଗଡ଼ର ନିକଟସ୍ଥ ଗୋଟିଏ ମନ୍ଦିରରେ ଯେଉଁ ମହିଷାସୁରମର୍ଦ୍ଦିନୀ ଚଣ୍ଡୀ ଅଛନ୍ତି, ସେ ସମ୍ଭବତଃ ଗଡ଼ବାସୀଙ୍କର ରଣଦେବତାରୂପେ ପୂଜା ପାଉଥିଲେ । ଏହି ଯୋଡ଼ମ୍ବୁ ଅଞ୍ଚଳର ପ୍ରାଚୀନ କୀର୍ତ୍ତି ମଧ୍ୟରେ ଚାରୋଟି ବଡ଼ ପୋଖରୀ ଅଛି । ଏ ସମସ୍ତକୁ ସ୍ଥାନୀୟଲୋକେ ଡାହାଳିଆ କୀର୍ତ୍ତି କହନ୍ତି । ସିଂହନାଥ ଓ ବୈଦ୍ୟନାଥଙ୍କ ଠାରେ ମଧ୍ୟ ଏହି ଡାହାଳିଆ ନାମ ଶୁଣିଥିଲୁଁ । ଏହି ଡାହାଳିଆମାନେ ଯେ କିଏ, ତାହା ସ୍ଥିର କରିବା ବଡ଼ କଠିନ । କିମ୍ବଦନ୍ତୀରୁ ଜଣାଯାଉ ଅଛି ଯେ, ଡାହାଳିଆମାନେ ଯେଉଁ ସ୍ଥାନରେ ରହୁଥିଲେ, ସେଠାରେ ପୋଖରୀ ଖୋଳାଇ ସେଥିର ଜଳ କେବଳ ଗ୍ରହଣ କରୁଥିଲେ ଏବଂ ସ୍ୱୟଂ ଦେବମନ୍ଦିର ନିର୍ମାଣ କରାଇ ଦେବତା ପ୍ରତିଷ୍ଠା ପୂର୍ବକ ପୂଜା କରୁଥିଲେ । ଅନ୍ୟ ଜଳାଶୟର ଜଳ ବା ମନ୍ଦିର ଦେବତା ପ୍ରତି ବଡ଼ ଘୃଣା ପ୍ରକାଶ କରୁଥିଲେ । ଆଉ ମଧ୍ୟ ସେମାନେ ଗୋଟିଏ ସ୍ଥାନରେ ଅଧିକକାଳ ନ ରହି ସ୍ଥାନେ ସ୍ଥାନେ ଏହିପରି ଅବସ୍ଥାନ କରି ପୁରୀ ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ଯୋଡ଼ମ୍ବୁର ସର୍ଦ୍ଦାର ବଂଶଧର ବୃଦ୍ଧ ଦୀନବନ୍ଧୁ ସର୍ଦ୍ଦାରସିଂହ ଜଣେ ପ୍ରାଚୀନ ଇତିହାସଜ୍ଞ ଲୋକ । ସେ କହିଲେ ଯେ ଏହି ଡାହାଳିଆମାନଙ୍କର ରାଜପଣ ଆଜକୁ ପ୍ରାୟ ଦୁଇଶତବର୍ଷ ହେବ । ତାହାହେଲେ ଏହି ଡାହାଳିଆ ନାମରେ ସମ୍ଭବତଃ ମରହଟ୍ଟା ଅମଳର ସେହି ବର୍ଗୀମାନଙ୍କ ପ୍ରତି ଲକ୍ଷ୍ୟ ହେବ । ସେମାନେ ସଦଳରେ ଏହି ଉତ୍କଳକୁ ଆସିଥିବାର ଯଥେଷ୍ଟ ପ୍ରମାଣ ମିଳେ । ଆଜିକାଲି ମଧ୍ୟ ଦେଖାଯାଏ ମହାରାଷ୍ଟ୍ର ପ୍ରଭୃତି ପଶ୍ଚିମଖଣ୍ଡର ଲୋକମାନେ ଉତ୍କଳବାସୀମାନଙ୍କୁ ମତ୍ସ୍ୟଭୁକ୍ ବୋଲି ବଡ଼ ଘୃଣାଚକ୍ଷୁରେ ଦେଖନ୍ତି ଏବଂ ସେମାନଙ୍କ ହସ୍ତରୁ ଜଳ ସ୍ପର୍ଶ କରିବାକୁ କୁଣ୍ଠା ଅନୁଭବ କରନ୍ତି ।

ସୁଖର କଥା ଯେ ଏହି ଯୋଡ଼ମ୍ବୁ ଅଞ୍ଚଳରେ ଆମ୍ଭମାନଙ୍କର ଭକ୍ତିଭାଜନ ବୃଦ୍ଧକବି ଶ୍ରୀ ଫକୀରମୋହନଙ୍କର ନାମ ଗୋଟିଏ ପାହାଡ଼ ଓ ବନ୍ଧରେ ଚିରସ୍ମରଣୀୟ ହୋଇଅଛି । ଦଶପଲ୍ଲା ରାଜ୍ୟର ଦେବାନ ଥିବା ସମୟରେ ଏହି ଯୋଡ଼ମ୍ବୁ ହେନ ଅନୁଗୋଳ ସହିତ ପୁଣି ବିବାଦ ହୋଇଥିଲା ଏବଂ ତାଙ୍କର ଚେଷ୍ଟା ଓ ଅନୁକୂଳ କାର୍ଯ୍ୟବଳରେ ଏହା ନିରୁପଦ୍ରବ ହେବାରୁ ପ୍ରଜାମାନେ ଗୋଟିଏ ସୀମାନ୍ତ ଶୈଳକୁ ସେଇଦିନଠାରୁ ଅଦ୍ୟାପି ଫକୀରମୋହନ ଡୁଙ୍ଗୁରି' ବୋଲି

Digitized by srujanika@gmail.com

କହି ଆସୁଅଛନ୍ତି । ମହାନଦୀର ବନ୍ୟା ଯେଉଁ ନୂଆଣିଆ ଅଂଶରେ ଆସି ଏହି ଅଞ୍ଚଳ ଜଳପ୍ଲାବିତ କରି ପକାଉଥିଲା, ସେହି ଅଂଶରେ କର୍ମବୀର ଫକୀରମୋହନ ପ୍ରଜାମାନଙ୍କୁ ମିଳାଇ ଗୋଟିଏ ପଥର ବନ୍ଧ ନିର୍ମାଣ କରାଇ ଦେବାଦ୍ୱାରା ଏହାକୁ ବନ୍ୟାର ଉପଦ୍ରବରୁ ରକ୍ଷା କରିଥିବାରୁ ସ୍ଥାନୀୟଲୋକେ ତାହାକୁ ଫକୀରମୋହନ ବନ୍ଧ ବୋଲି କହିଥାନ୍ତି । ପ୍ରାଚୀନ ରୀତିର ଏହି ସହଜ ସୁନ୍ଦର ସୁରକ୍ଷା ପ୍ରସ୍ତାବ ଇଦାନୀନ୍ତନ ସଭ୍ୟସମାଜର ଶିକ୍ଷଣୀୟ ନୁହେଁ କି ?

(କ୍ରମଶଃ)

ଶ୍ରୀ ମୃତ୍ୟୁଞ୍ଜୟ ରଥ

ଟିପ୍ପଣୀ

ମୁକୁର—(୮ମ ଭାଗ, ଚୈତ୍ର ୧୩୨୧, ୧୨ଶ ସଂଖ୍ୟା)

୨୯ । ଦଶପଲ୍ଲା

ଦେଖାଅ ସେ ସ୍ଥାନ ପ୍ରଭୁ, ଅଧମେ, ଯେ ଦେଶେ
ପ୍ରକୃତି ସୁନ୍ଦରୀ ରାଜେ ମନୋହର ବେଶେ ।

ବିଭୁଙ୍କ କୃପାରୁ ପ୍ରକୃତିର ପ୍ରିୟ ନିକେତନ ଦଶପଲ୍ଲାର ଦର୍ଶନ ମୋ ଭାଗ୍ୟରେ ଘଟିଅଛି । ବାସ୍ତବରେ ଯେଉଁ ରାଜ୍ୟରେ ଉତ୍କଳ ପ୍ରସିଦ୍ଧ ବଡ଼-ମୂଳଘାଟି, ଋଷିବାସ ପୂତ ଭୃଙ୍ଗ ମଣିଭଦ୍ରା ଗିରି, ଖରସ୍ରୋତା, ବୃହତ୍ତରଙ୍ଗା, ଶୈଳାରଣ୍ୟବର୍ତ୍ତୀ କମନୀୟ ନନ୍ଦନୀଘାଟି, ଯେଉଁମୁ ଦୁର୍ଗର ଧ୍ୱଂସାବଶେଷ ବିଦ୍ୟମାନ ସେ ଦେଶର ବିଚିତ୍ର ଶୋଭା ଦର୍ଶକର ଚିତ୍ତାକର୍ଷିଣୀ । ସର୍ବପ୍ରଥମେ ଦଶପଲ୍ଲାର ଶିଖରସମାଜରୁ ଭୃଙ୍ଗ ମଣିଭଦ୍ରାଗିରି ଅଭ୍ୟର୍ଥନା କଲି । ମହାନଦୀର ଦକ୍ଷିଣ ତଟରେ ମଣିଭଦ୍ରା ଓ ଭୃଙ୍ଗଭଦ୍ରା ଭିତ୍ତିପ୍ରାୟ ଥାଇ ଦ୍ୱିଶିର ଶିଖରୀ ପ୍ରାୟ ହେଶେ । ଗୋଟିଏ ଲମ୍ବନାସୀ "ହର୍ ବାରଣ ଶୁଣ୍ଡାକାରେ" ଆସି ମହାନଦୀକ ସ୍ପର୍ଶ କରିଅଛି । ଦଶପଲ୍ଲାର ମହାତରଙ୍ଗିଣୀ ବୃହତ୍ତରଙ୍ଗା (ବୁଢ଼ଙ୍ଗ) ବାହୁଡ଼ପୁର ଦେଶରୁ ବହି ଆସି ଏହାର ପାଦଦେଶରେ ମହାନଦୀ ସହିତ ମିଶିଅଛି । କେନ୍ଦୁ, କୀଚକ, ଶାଳ, ରସାଳ, ଅସନ, ଅର୍ଜୁନ, କମଳା, କୋଚିଲା, ତେନ୍ତୁଳି, ଶେଫାଳି, ଫାସି, ପନାସୀ ପ୍ରଭୃତି ବିବିଧ ବୃକ୍ଷ ଗୁଳ୍ମରେ ଏହି ଶୈଳ ନିବଡ଼ଭାବରେ ଆଚ୍ଛାଦିତ ଥିବାରୁ ପାଦତଳଗାମୀ ଜଗନ୍ନାଥ ସଡ଼କର ଯାତ୍ରୀମାନଙ୍କୁ ଚିରକାଳ ବ୍ୟାଳଭୟ ଦେଖାଇ ଆସୁ-ଅଛି । ବର୍ତ୍ତମାନ ମୂଳଦେଶରୁ କେତେ ତରୁ ଗୁଳ୍ମ କଟୁରୀ ଦେଇଥିବାରୁ ସେ ତ୍ରାସ କିଞ୍ଚିତ୍ ହ୍ରାସ ହୋଇଅଛି । ଶୃଙ୍ଗଦେଶରେ ଯୋଡ଼ିଏ ବଡ଼ ବଡ଼ ଗୁମ୍ଫା ନଦୀଆଡ଼କୁ ଦେଖାଯାଏ । ବର୍ତ୍ତମାନ ଉଚ୍ଚ ଶୃଙ୍ଗକୁ ଉଠିବାର ଅଭ୍ୟାସ ଅଭାବରୁ ଏହାର ଦୁରାରୋହ ମାର୍ଗ ନାନା ଗୁଳ୍ମରୁଦ୍ଧ ଏବଂ ଖଣ୍ଡିତ ହୋଇ ପଡ଼ିଅଛି । ସାରଳା-ଦାସୀୟ ମହାଭାରତରେ ପାଣ୍ଡବମାନଙ୍କ ଗତିପଥରେ ମଣିଭଦ୍ରାର ନାମୋଲ୍ଲେଖ ଦେଖାଯାଏ । ଏହାର ଭୃଙ୍ଗଶୃଙ୍ଗ ଦେଶରେ ଋଷିମାନେ ତପସ୍ୟା କରୁଥିବାର ପୌରାଣିକ ପ୍ରମାଣ ମିଳୁଅଛି । ଲୌକିକ ଜନଶ୍ରୁତିରୁ ମଧ୍ୟ ଏଥିରେ ଋଷିବାସ ଥିବାର ଉପଲବ୍ଧି କରାଯାଏ ।

Digitized by srujanika@gmail.com

ମଣିଭଦ୍ରାଶୈଳେ ମୁନିକୁମାରଙ୍କ
ନବୀର ମୁଷ୍ଟି ଆସ୍ୱାଦ,
ସ୍ୱର୍ଗ ରାଜସଦ୍ମେ ଶିକୁଳିରେ ବନ୍ଧ
ଭଜନ୍ତି ଶୁକ ବିଷାଦ ।

ସ୍ଥାନୀୟ ଲୋକଙ୍କମଧ୍ୟରୁ କେହି କେହି ଏହିକ୍ଷଣି ଚକ୍ଷୁଷ ପ୍ରମାଣଦେଇ କହନ୍ତି ଯେ "କେବେ ଜଣିଥରେ ସେ ଜଣେ ସାଧୁଙ୍କୁ ଦେଖିଥିଲେ । ସେ ପୁଣି ଦର୍ଶନକୁ ଯାଉଥିବାବେଳେ ତାଙ୍କଠାରୁ ଟିକିଏ କ୍ଷୀର ମାତ୍ର ଗ୍ରହଣ କରିଥିଲେ ଏବଂ ଯେଉଁଦିନ ଫେଲିବେ କହିଥିଲେ, ଠିକ୍ ସେହିଦିନ ଦେଖା ଦେଇଥିଲେ ।" କେହି ପୁଣି କହନ୍ତି "ଏଠାରେ ଜଣେ ସାଧୁ ଗୋଟିଏ ଗଉଡ଼ ଘରୁ ସେ ନ ଥିବାବେଳେ କ୍ଷୀର ନେଇ ଘଡ଼ିଟି ରଖି ଦେଇଥିଲେ । ସେ ଆସି ଦେଖିଲା ଯେ ଘଡ଼ିଟି ପଇସାରେ ପୂର୍ଣ୍ଣ ହୋଇଅଛି ।" ଇତ୍ୟାଦି ପ୍ରକାର ପ୍ରକାର ସାଧୁମାହାତ୍ମ୍ୟବ୍ୟଞ୍ଜକ ନାନା କଥା ଶୁଣାଯାଏ । ଅଦ୍ୟାପି ଏଠାରେ ସାଧୁପୁରୁଷ ଅଛନ୍ତି ବୋଲି ଅନ୍ଧ ବିଶ୍ୱାସ ଭିନ୍ନ ଅନ୍ୟ କୌଣସି ପ୍ରମାଣ ନାହିଁ । ଜଣେ ସାଧୁ କିଛିକାଳ ଏହାର ପାଦଦେଶରେ ଆଶ୍ରମ ସ୍ଥାପନ କରି ରହିଥିଲେ । ବର୍ତ୍ତମାନ ତାହାଙ୍କ ମଠର ଭଗ୍ନାବଶେଷ ମାତ୍ର ଅଛି । ଏହି ଶୈଳ ସମ୍ବନ୍ଧରେ ଗୋଟିଏ କୌତୁକାବହ କମ୍ବଦନ୍ତୀ ଶୁଣାଗଲା ଯେ, ଏହାର ଶୃଙ୍ଗରେ ନାନା ଭୋଜ୍ୟଫଳ ଅଛି । ତାହା ବୃକ୍ଷ ମୂଳରେ ଭକ୍ଷଣ କଲେ ଅମୃତ ପ୍ରାପ୍ୟ ସ୍ୱାଦୁ ହୁଏ । ତଳକୁ ଆଣିଲେ ଅଭକ୍ଷ୍ୟ ହୋଇଯାଏ ଅଥବା ସେଠାରେ ଫଳ କେହି ଘରକୁ ଆଣି ପାରିବେ ନାହିଁ । ଆଉ ତୈଳ ଅଭ୍ୟଙ୍ଗ କରି ଶୃଙ୍ଗକୁ ଉଠିଲେ ଦେହରେ ଗୋରୁ ରୁମ ଉଡ଼ିଆସି ପଡ଼େ । ଏହିପରି ପ୍ରବାଦର ପୁରାଣବାଦ ଏହି ଯେ ଶୃଙ୍ଗ ଦୈତ୍ୟର ପ୍ରଚୁର ଲୋମାବଳୀ ଏହି ଶୈଳଦେହରେ ପଡ଼ିଥିଲା । ଦ୍ୱାଦଶବର୍ଷ ତପସ୍ୟାକାଳରେ ମହାବୀର ଅର୍ଜୁନ ଏହି ଗିରିଶିଖରରେ ବାସ କରୁଥିଲେ । ଗୋଶୃଙ୍ଗଦୈତ୍ୟ ସତ୍ୟଭାମାଙ୍କୁ ଅପହରଣ କରି ନେଉଥିବାବେଳେ ତାଙ୍କର ବିଳାପଧ୍ୱନି ଶୁଣି ଅସୁରକୁ ଲକ୍ଷ୍ୟ କରି ପଶ୍ଚିମଦିଗକୁ ଶରସନ୍ଧାନ କରିଥିଲେ । ଅସୁରର ଶବ ଯେଉଁ ଶୈଳଦେହରେ ପତିତ ହେଲା, ତାହାର ନାମ ବର୍ତ୍ତମାନ 'ଅସୁର ଖୋଲ' । ଏହି ଖୋଲରୁ ଯେଉଁ ଧବଳ ଶିଳାଖଣ୍ଡମାନ ଆଣି ବର୍ତ୍ତମାନ ପଥରଚୂନ ପ୍ରସ୍ତୁତ କରୁଅଛନ୍ତି, ତାହାକୁ ଅଦ୍ୟାପି ସାଧାରଣ ଲୋକେ ଅସୁରର ହାଡ଼ ବୋଲି ଦୃଢ଼ଜ୍ଞାନ କରିଅଛନ୍ତି । କେହି କେହି ପୁଣି ଏହି କମ୍ବଦନ୍ତୀର କିଞ୍ଚିତ୍ ପରିବର୍ତ୍ତନ କରି ଏହା କହନ୍ତି ଯେ—ଅର୍ଜୁନ ଏହାର ସୁଦୂର ପଶ୍ଚିମବର୍ତ୍ତୀ ମହେନ୍ଦ୍ରଗିରିରେ ବାସ କରୁଥିଲେ । ଦୈତ୍ୟକୁ ଲକ୍ଷ୍ୟକରି ଶୂନ୍ୟରେ ବଜ୍ରୋପମ ଯେଉଁ ମହାନାରାଚର ସନ୍ଧାନ କରିଥିଲେ, ତାହା ସେହି ମହାଦୈତ୍ୟର ବିରାଟ ଶବକୁ ପ୍ରୋକ୍ତ ଅସୁରଖୋଲ (ସାତକୋଣିଆର ଦକ୍ଷିଣ ପାର୍ଶ୍ୱବର୍ତ୍ତୀ) ଶୈଳରେ ପକାଇ ସମ୍ମୁଖସ୍ଥ ଉତ୍ତୁଙ୍ଗ ମଣିଭଦ୍ରା ଶୃଙ୍ଗରେ ବାଜି, ତତ୍‌କ୍ଷଣାତ୍ ତାକୁ ଛିନ୍ନଖଣ୍ଡ କରି ଆସି ନଗଜଠାରେ ପଡ଼ିଲା । ବର୍ତ୍ତମାନ ସେହି ଛିନ୍ନ ଦୁଇଶୃଙ୍ଗ ମଣିଭଦ୍ରା ଓ ଭୃଙ୍ଗଭଦ୍ରା ନାମରେ ପରସ୍ପର ଲଗ୍ନ ଦ୍ୱି-ଶିର ପ୍ରାପ୍ତ ରହିଅଛି । ଅପରଖଣ୍ଡି ଏହି ଦୁଇର ବ୍ୟବହିତ ଅଂଶରେ ଛିଟିକି ଯାଇ ମହାନଦୀ ଗର୍ଭରେ ପଡ଼ିଅଛି । କିଞ୍ଚିତ୍ ପୂର୍ବରେ ମହାନଦୀ ଗର୍ଭସ୍ଥିତ ପାଷାଣ ସ୍ତୂପାକାର ଏହି ଖଣ୍ଡଶୈଳ ବର୍ତ୍ତମାନ କୁଶଭଦ୍ରା ନାମରେ ଆଖ୍ୟାତ ହେଉଅଛି । ଏହି କମ୍ବଦନ୍ତୀ ମଣିଭଦ୍ରାଶୃଙ୍ଗର ତୁଙ୍ଗତା ଜ୍ଞାପକ ଏଥିରେ ସନ୍ଦେହ ନାହିଁ । ଲୋକ ମୁଖରେ ଏହାର ଏହି ବିଶେଷତ୍ୱ ମଧ୍ୟ ଉତ୍ତମରୂପେ ପ୍ରଚରିତ ।

ମଣିଭଦ୍ରା ଭୃଙ୍ଗଭଦ୍ରା ଆଉ ଭଦ୍ରା କିଏ ?
ମଣିଷ ବିଗୋଡ଼ ଚଢ଼େଇ ବିଗୋଡ଼
ଆଉରି ବିଗୋଡ଼ କିଏ ?

ଏହି ଶୈଳ ପାଦଦେଶରେ ଯେଉଁ ବୃଦ୍ଧଗଙ୍ଗ ବା ବୃଦ୍ଧଉରଙ୍ଗା ଆସି ମିଶିଅଛି, ସେ ଗିରିକନ୍ୟାଟି

Digitized by srujanika@gmail.com

ସୁନାମ ଧନ୍ୟା । ବର୍ଷା ହେଲେ ଏହାର ସ୍ରୋତ ଏପରି ସିଂହ ବିକ୍ରମ ପ୍ରଦର୍ଶନ କରେ ଯେ, ତାହାକୁ ଅତିକ୍ରମ କରିବା ପାଇଁ ମନୁଷ୍ୟ ସ୍ଥିରର ବା ଶକ୍ତି କେତେ ? ଏହି ବୃତ୍ତଙ୍ଗାଶିରରୁ ଗଡ଼ଯାଏ ବିଷମ ପଥର । ଉଭୟ ପାର୍ଶ୍ୱରେ ଏପରି ଭୀଷଣ ଜଙ୍ଗଲ ଯେ ଅଦ୍ୟାପି ପଦେ ପଦେ ଶ୍ୱାପଦର ଭୟ; କିନ୍ତୁ ସୁଦକ୍ଷ ଶାସକ ଶ୍ରୀବତ୍ସଗ୍ରାହୀ ଏହି ଦୁର୍ଗମ ପଥର ଉନ୍ନତି ବିଧାନ କରୁଅଛନ୍ତି, ସେଥିରେ ଅଳ୍ପବର୍ଷ ପରେ ଆଉ ଏ ଭୟ ରହିବ ନାହିଁ । ବର୍ତ୍ତମାନ ଚୁରିଆଡ଼େ ପ୍ରଶସ୍ତ ରାଜମାର୍ଗ ଏବଂ ମାର୍ଗର ଉଭୟ ପାର୍ଶ୍ୱରେ ଧାଡ଼ି ଧାଡ଼ି ଗଡଜାତ ଦୁର୍ଲଭ ପୁଲଙ୍ଗ, ପଣସ, ନଡ଼ିଆ ଗଛମାନ ଲଗୁଅଛି । ଏହା ପଛେ ପଛେ ପୁଣି ପ୍ରତିହିନ ଗୁରିକୋଶ ଅନ୍ତରରେ ଗୋଟିଏ କୂପ ଓ ପାନ୍ଥଶାଳା ରହିବାର କଳ୍ପନା, ସୁତରାଂ, ଦଶପଲ୍ଲାର ରାଜମାର୍ଗ ଏଣିକି କବି ଦୃଷ୍ଟିରେ ସ୍ୱତନ୍ତ୍ର ହଣିବ ।

> "ଯେଣେ ଦେଖ ତେଣେ ପ୍ରଶସ୍ତ ସରଣୀ
> ବାଳ ତରୁମାନ ହୋଇଛି ମଣ୍ଡଣି ।
> ପଞ୍ଜିରରେ ନାମହିଆ ଶୁଆ ପ୍ରାୟେ
> ବାଉଁଶ ଗୋରଡ ମଧ୍ୟେ ଶୋଭାପାଏ ।"

ଅଥଚ, ଏତେ ବଡ଼ କାର୍ଯ୍ୟ ଏଡ଼େ ଅଳ୍ପବ୍ୟୟରେ ହେଉଅଛି ଯେ, ସେ ଅନଳ୍ପ କୌଶଳ ଲଗି ଶ୍ରୀବତ୍ସଗ୍ରାହୀ ବାବୁଙ୍କୁ ଧନ୍ୟବାଦ ନ ଦେଇ ରହି ହେବ ନାହିଁ । ଅର୍ଥାତ୍ ଗ୍ରାମେ ଗ୍ରାମେ ପ୍ରଜାମାନଙ୍କୁ ନୂତନ ରାଜମାର୍ଗ ନିର୍ମାଣ କରିବା ପାଇଁ ଅଂଶ ବାଣ୍ଟି ଦିଆଯାଇଅଛି । ଗ୍ରାମର ପ୍ରଜାମାନେ ସ୍ୱନିର୍ଦ୍ଦେଶିତ ଅଂଶରେ ମାର୍ଗ ପ୍ରସ୍ତୁତ କରି ତାହାର ଦୁଇ ପାଖରେ ଯୋଗାଇବା ବିଭିନ୍ନ ଗଛମାନ ଲଗାଇ ବଢ଼ାଇବେ । ଅବଶ୍ୟ ସେହି-ମାନେ ଏହାର ଭବିଷ୍ୟତ୍ ଫଳଭାଗୀ । ବୃକ୍ଷର ପୁତ୍ରବତ୍ ପାଳନ ପ୍ରତି କର୍ତ୍ତାଙ୍କର ତୀକ୍ଷ୍ଣଦୃଷ୍ଟି ଥିବାରୁ ଏହି କର୍ମର ଶ୍ରୀବୃଦ୍ଧି ହେଉଅଛି, ଏହିପରି କରି ବର୍ତ୍ତମାନ ୩୦ ହଜାର ଗଛ ଅର୍ଥାତ୍ ପ୍ରଜା ସଂଖ୍ୟାର ଅର୍ଦ୍ଧ ହୋଇଛି । ଜଣେକେ ଗୋଟିଏ ଲେଖାଏଁ କରିବା ନିୟମ ହୋଇଥିବାରୁ ଏହା ୬୦ ହଜାର ପର୍ଯ୍ୟନ୍ତ ଯିବାର ଆଶା ଅଛି । ଆପାତତଃ ପାଞ୍ଚବର୍ଷରେ ଏସବୁ ଯେତେବେଳେ ସଫଳ ହେବ, ତଦ୍ୱାରା କେବଳ ଯେ ରାଜମାର୍ଗ ସୁନ୍ଦର ଓ ପଥିକ ଶ୍ରାନ୍ତିହର ହେବ, ତାହା ନୁହେଁ, ଏହାଦ୍ୱାରା ରାଜ୍ୟର ମଧ୍ୟ ଯଥେଷ୍ଟ ଆୟ ହେବ । ଦଶପଲ୍ଲାର ଏହି ବୃକ୍ଷ ରୋପଣ ପଦ୍ଧତି ଅନନ୍ୟ-ସାଧାରଣ ଏବଂ ଏହା ଅନ୍ୟମାନଙ୍କର ଅନୁକରଣୀୟ । ଗଡ଼ର ଦୃଶ୍ୟ ବର୍ତ୍ତମାନ ରମଣୀୟ, ଏହା କେତେକ-ବର୍ଷ ମଧ୍ୟରେ ଜଙ୍ଗଲରୁ ସହର ଆଡକୁ ଅଗ୍ରସର ହୋଇଅଛି । କଂଶୋର ନାରିକେଳମାନ ବର୍ତ୍ତମାନ ଏହାର ଅପୂର୍ବ ଶ୍ରୀ ସମ୍ପାଦନ କରୁଅଛି । ରାଜବାଟୀ ଏବଂ ତତ୍‌ଚତୁଃପାର୍ଶ୍ୱ ବିବିଧ ଦେବାଳୟ ପରିପୂର୍ଣ୍ଣ ଏବଂ ଅତିପ୍ରଶସ୍ତ । ଏଥିରେ ଅଦ୍ୟାପି ଯେଉଁ ସବୁ ପ୍ରାଚୀନତାର ଲକ୍ଷଣ ଅଛି, ତାହା ପ୍ରତ୍ନତତ୍ତ୍ୱଜ୍ଞ ଚକ୍ଷୁକୁ ବଡ଼ କମନୀୟ ହିଶେ । ଏଠାରେ ଅନ୍ୟତ୍ର ଦୁର୍ଲଭ ସୂକ୍ଷ୍ମ କାଷ୍ଠଶିଳ୍ପ ଅତି ପ୍ରଶଂସନୀୟ । ଠାବେ ଠାବେ ଶିଳ୍ପରଞ୍ଜିତ ଏହି ସବୁ କାଷ୍ଠମୟସ୍ତମ୍ଭ କୃଷ୍ଣଶିଳାସ୍ତମ୍ଭର ଭ୍ରମ ଜନ୍ମାଏ । ଦେଉଳମାନଙ୍କରେ ସ୍ଥାପିତ ବିଗ୍ରହମାନ ଅତି ସୁନ୍ଦର, ଦୂରଦେଶରୁ ବହୁ ବ୍ୟୟରେ ବହାହୋଇ ଆସିଅଛି । ପୂଜା ବିଧି ମଧ୍ୟ ସେହିପରି । ଗୋପୀନାଥ ଓ ରଘୁନାଥଙ୍କର ବିଗ୍ରହ ଏବଂ କାଷ୍ଠ-ନିର୍ମିତ ଗୌରାଙ୍ଗ ଓ ଜଗନ୍ନାଥଙ୍କର ବିଗ୍ରହ ଅତି କମନୀୟ ଏବଂ ଶ୍ରେଷ୍ଠ । ଏଠାରେ ଅନ୍ୟାନ୍ୟ ଯାତ୍ରା ମଧ୍ୟରେ ଜଗନ୍ନାଥଙ୍କର ରଥଯାତ୍ରା ଓ ରଘୁନାଥଙ୍କର ରାମନବମୀ ଯାତ୍ରା ପ୍ରସିଦ୍ଧ । ଶେଷୋକ୍ତ ଯାତ୍ରାର ଏଠାରେ ଏକ ଅଦ୍ଭୁତ ବିଶେଷତ୍ୱ ଅଛି । ସମସ୍ତ ପୁରାଣ ପୁରୁଷର ବିଗ୍ରହ କାଠରେ ପ୍ରକାଣ୍ଡ ପ୍ରକାଣ୍ଡ କରି ରଖା-ଯାଇଅଛି । ରାବଣର ଦଶଟି ମସ୍ତକ ଦଶଟି ଭୁଜ ଗୋଟିଏ ସ୍ଥାନରେ ଯୋଡ଼ା ହୋଇ ଜଟାୟୁ ବା ଗରୁଡ଼ର ବିରାଟ ପକ୍ଷପ୍ରାୟ ରଖାଯାଇ ଅଛି । ତାହା ଦଶଜଣ ଲୋକଦ୍ୱାରା ବାହିତ ହେବା କଠିନ ଏବଂ

Digitized by srujanika@gmail.com

ମନ୍ୟୋପିକ୍ଷେପ୍ୟଃ ଦଶପଲ୍ଲାର ଏ ସବୁ ଯାହାରେ ପ୍ରଚୁର ବ୍ୟୟ ହୁଏ । ଦଶପଲ୍ଲାର ରାଜବଂଶ ବଡ଼ ଧର୍ମପରାୟଣ । ସେ ବହୁକାଳରୁ ଯେ ଜଗନ୍ନାଥଙ୍କୁ ରଥ କାଠ ଯୋଗାଇ ଦେବସେବାର ପରାକାଷ୍ଠା ଦେଖାନ୍ତି, ତାହା ନୁହେଁ, ଏ କାର୍ଯ୍ୟରେ ଏ ରାଜ୍ୟର ରାଜସ୍ୱର ପ୍ରାୟ ଅର୍ଦ୍ଧାଂଶ ବ୍ୟୟିତ ହୁଏ । ପ୍ରତ୍ୟେକ ଠାକୁରଙ୍କ ପାଇଁ ଯଥେଷ୍ଟ ବୃତ୍ତି ବରାଦ୍ଦ ଅଛି । ରାଜମାର୍ଗରେ ବୃକ୍ଷରୋପଣ ପରି ଏ ରାଜ୍ୟର ଶିକ୍ଷାମାର୍ଗରେ ମଧ୍ୟ ଦେବାନ ବାବୁଙ୍କର ବୃକ୍ଷରୋପଣ ଲାଗିଅଛି । ତେଣୁ ଏହାଙ୍କ ଅମଳରେ ବର୍ତ୍ତମାନ ବାଳକ ସଂଖ୍ୟା ୫୦୦ ରୁ ପ୍ରାୟ [illegible]୦୦୦ ଏବଂ ବାଳିକା ସଂଖ୍ୟା ୨୦ ରୁ ୫୦୦ କୁ ଉଠିଲାଣି ।

ଦଶପଲ୍ଲା ନାମରେ ପୂର୍ବେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ନ ଥିଲା । କିମ୍ବଦନ୍ତୀରୁ ପ୍ରକାଶ ପାଉଅଛି ଯେ ଦଶପଲ୍ଲା ଓ ବୌଦର ରାଜବଂଶ ଏକ ଉଭୟେ ମୟୂରଧ୍ୱଜ ବଂଶୀୟ ଏବଂ ମୟୂରଭଞ୍ଜ ରାଜବଂଶପରି ଏବଂ ସବୁ ମଧ୍ୟ ମୟୂର ସନ୍ତକ । ଲୋକମୁଖରୁ ଜଣାଗଲା ପୂର୍ବେ ବୌଦର ରାଜା ବ୍ରାହ୍ମଣ ଥିଲେ ବୋଲି ପ୍ରତ୍ୟାସନ୍ନ ସମସ୍ତ ରାଜାମାନଙ୍କର ନମସ୍ୟ ଥିଲେ । ପୁଣି ପ୍ରତିବର୍ଷ ଦଶହରାଦିନ ସମସ୍ତଙ୍କୁ ଯାଇ ପ୍ରଣାମ କରିବାକୁ ହେଉଥିଲା । କାଳକ୍ରମେ ଦୂରକୁ ଯାଇ ଏପରି କରିବା ଅସୁବିଧାଜନକ ହେବାରୁ ଉକ୍ତ ରାଜ୍ୟମାନଙ୍କର ରାଜାମାନେ ମିଳି ବୌଦର ରାଜଭ୍ରାତା ଫକୀରଭଞ୍ଜଙ୍କୁ ଶିଖାଇ ନେଇ ଆସିଲେ ଏବଂ ତାଙ୍କୁ ରାଜା କରିବା ପାଇଁ ଯେଉଁ ସ୍ଥାନରେ ବଡ଼କରି ମୂଳ (ପ୍ରଥମ ପ୍ରସ୍ତାବ) କଲେ ସେହି ସ୍ଥାନ 'ବଡ଼ମୂଳ' ନାମରେ ବିଖ୍ୟାତ । ସେଠାରୁ ଆସି ଯେଉଁଠାରେ (ମଣିଭଦ୍ରା ପାଦଦେଶରେ) ଘୁମୁଣ୍ଡିଆ କରି ପ୍ରଜାମାନଙ୍କୁ ଡକାଇଆଣି ନୂତନ ରାଜାଙ୍କର ଅଭିଷେକ ବାର୍ତ୍ତା ଜଣାଇ ଦେଲେ, ସେହିସ୍ଥାନ ଅଦ୍ୟାପି ଘୁମୁଣ୍ଡିଆ ନାମରେ ଆଖ୍ୟାତ ହେଉଅଛି । ତତ୍ପରେ ସମସ୍ତ ଜମିଦାରଙ୍କୁ ସମ୍ମିଳିତ କରି ଯେଉଁଠାରେ ତାହାଙ୍କୁ 'ରାଜା' ବୋଲି ରାଜା କରାଇଲେ, ତାହାର ନାମ ବର୍ତ୍ତମାନ "ରାଜଙ୍ଗ୍" ପ୍ରଥମେ ରାଜାଙ୍କ ଲାଗି ଭିନ୍ନ ଭିନ୍ନ ରାଜ୍ୟେଶ୍ୱରମାନେ ଖଣ୍ଡେ ଖଣ୍ଡେ ପଲ୍ଲୀ ବା ପଡ଼ାଦେଲେ ଏବଂ ଏହି ନବରାଜ କେତେ ଜମିଦାରଙ୍କୁ ଜିଣି କେତେ ପଲ୍ଲୀ ଅଧିକାର କରିବାକୁ ଲାଗିଲେ । ଏହିପରି ଦଶଖଣ୍ଡି ପଲ୍ଲୀରେ ଗଠିତ ହୋଇଥିବାରୁ ରାଜ୍ୟ ନାମ 'ଦଶପଲ୍ଲା' ହୋଇଅଛି । ସର୍ବପ୍ରଥମେ ଯେ ବର୍ତ୍ତମାନ ସ୍ଥାନରେ ଗାଦିଥିଲା ତାହା ନୁହେ, ମହାନଦୀ ତୀର ସନ୍ନିକଟ 'ଗୋକୁଳ' ନାମକ ବର୍ତ୍ତମାନ ଯେଉଁ ଗ୍ରାମଟି ଅଛି, ତହିଁରେ ରାଜା ଗୋକୁଳଭଞ୍ଜ (ପ୍ରୋକ୍ତ ଫକୀର ଭଞ୍ଜଙ୍କ ପୌତ୍ର) ରାଜଧାନୀ ବସାଇ ଥିଲେ । ବର୍ତ୍ତମାନ ଗଡ଼ର ପ୍ରାୟ ଦୁଇକୋଶ ଦୂରବର୍ତ୍ତୀ ଅଗ୍ନିକୋଣସ୍ଥ ସ୍ଥାନଟି ପୁରୁଣା ଦଶପଲ୍ଲା ନାମରେ ଆଖ୍ୟାତ । ସେଠାରେ 'ଖିମର' ନାମକ କୂର୍ମପୃଷ୍ଠାକାର ମସୃଣ ମୁଣ୍ଡିଆରେ ପାଦଚିହ୍ନ ଦେଖାଇବାପାଇଁ ସ୍ଥାନୀୟ ଲୋକମାନେ ଦର୍ଶକଙ୍କୁ କୌତୂହଳୀ କରନ୍ତି । ଦଶପଲ୍ଲାରେ ଆଉ ଯାହା ଥାଉ ନ ଥାଉ, ଏହା ଯେ ପ୍ରାକୃତିକ ଦୃଶ୍ୟମାନଙ୍କର ଗୋଟିଏ ଭଣ୍ଡାର, ଏହା ଅସ୍ୱୀକାର କରି ହେବନାହିଁ । ଦଶପଲ୍ଲା ଯେପରି ଅଭ୍ୟର୍ଥନା କରିଅଛି, ତାହାର ସ୍ମୃତି ବହୁକାଳ ହୃଦୟରେ ନିହିତ ରହିବ ଏବଂ ଏହାର ବର୍ତ୍ତମାନ ଚିତ୍ରଚିତ୍ର ଚକ୍ଷୁ ସମକ୍ଷରେ ବହୁକାଳ ନୃତ୍ୟ କରିବ ।

'ମଣିଭଦ୍ରା ଗିରି ଯତ୍ର, ବୃତ୍ତରଙ୍ଗା ତରଙ୍ଗିଣୀ
ଦୁର୍ଗଂ ଯୋଟମୁଖ * ଯତ୍ର, ବଟମୂଳଂ ସୁତୋରଣଂ ।
ବନାନି ବନ୍ୟ ଭୀମାନି, ଭୂଧରା ଭୂରୁହାନ୍ୱିତାଃ ।
ରାଜମାର୍ଗାଃ ସୁବିସ୍ତାରାଃ, କଶୋର ତରୁ ମଣ୍ଡିତାଃ ।
ନାରାୟଣୋ ନୃପୋଧର୍ମୀ, ଶିବଗ୍ରାହୀ ନରୋତ୍ତମଃ ।
ସୁମନ୍ତ୍ରୀ ସର୍ବକର୍ମଜ୍ଞଃ, ପ୍ରଜାନାଂ ଭବ ଗ୍ରାହକଃ ।

(କ୍ରମଶଃ)

ଶ୍ରୀ ମୃତ୍ୟୁଞ୍ଜୟ ରଥ

* ଯୋଡ଼ମୁ ଦୁର୍ଗ ।

Digitized by srujanika@gmail.com

ଅରକ୍ଷିତ ଓ ମହୀମଣ୍ଡଳଗୀତା

(୨୪ଶ ଭାଗ, ୫ମ ସଂଖ୍ୟା, ଭାଦ୍ର, ୧୩୨୭)

୨। ସାଧନା ଓ ଧର୍ମମତ—

ଉକ୍ତ ଯୋଗସାଧନ ଅରକ୍ଷିତଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ଥିଲା; କିନ୍ତୁ ଜ୍ଞାନ ବିନା ଭକ୍ତିର ଭିତ୍ତି କାହିଁ, ପୂର୍ଣ୍ଣତା ବା କାହିଁ ? ଅଭ୍ୟାସ ମାର୍ଗ ଅପେକ୍ଷା ଜ୍ଞାନହିଁ ଶ୍ରେୟ । ତେଣୁ ଏ ମହାପୁରୁଷ ପ୍ରଥମେ ଜ୍ଞାନମାର୍ଗରେ ପଥିକ ହୋଇଥିଲେ । ଶ୍ରୀମଦ୍‌ଭଗବଦ୍‌ଗୀତାରେ ଯୋଗେଶ୍ବର ଶ୍ରୀକୃଷ୍ଣ କହି ଅଛନ୍ତି—

ଶ୍ରେୟାନ୍ଦ୍ରବ୍ୟମୟାଦ୍‌ଯଜ୍ଞାତ୍
ଜ୍ଞାନଯଜ୍ଞଃ ପରନ୍ତପ
ସର୍ବଂ କର୍ମାଖିଳଂ ପାର୍ଥ
ଜ୍ଞାନେ ପରିସମାପ୍ୟତେ ।

ଏହି ସଂସାରରେ ଧର୍ମ ନାମରେ କିଏ କେତେ ଅନୁଷ୍ଠାନ କରିଯାନ୍ତି । (୧) ବାହ୍ୟ ଅନୁଷ୍ଠାନର ଆଡ଼ମ୍ବରକ ସେମାନେ ବ୍ରହ୍ମଲାଭର ସାଧନା ବୋଲି ଲୋକଙ୍କୁ ପ୍ରଦର୍ଶନ କରନ୍ତି, କିନ୍ତୁ ଯେଉଁମାନେ ଯଥାର୍ଥ ଜ୍ଞାନର ଅଧୀନ ହୋଇ ଧ୍ୟାନ ଅନୁଷ୍ଠାନ କରନ୍ତି, ସେମାନଙ୍କ ଦୃଷ୍ଟି ଭଙ୍ଗୀରେ ଏପ୍ରକାର ସମସ୍ତ କର୍ମାଡ଼ମ୍ବର କୁହେଳିକା ପ୍ରାୟ ବିଲୟ ହୁଅଏ ।

ଯଥୈଧାଂସି ସମିଦ୍ଧୋଽଗ୍ନି
ର୍ଭସ୍ମସାତ୍ କୁରୁତେଽର୍ଜୁନ ।
ଜ୍ଞାନାଗ୍ନିଃ ସର୍ବ କର୍ମାଣି
ଭସ୍ମସାତ୍ କୁରୁତେ ତଥା । ୪ର୍ଥ-୩୭

---

(୧) କେ ଅବା ଅଗ୍ନି ହୋମ କରେ । ବୋଲାଏ ଯୋଗୀ ମୁଁ ସଂସାରେ ।
× କେ ଅବା ଜଟା ମୁଣ୍ଡେ ବାନ୍ଧେ । ତୁମ୍ଭ ଭକତ କାହିଁ ଦେଖେ ?
କେ ଅବା ସଖୀ ରୂପ ହୋନ୍ତି । ତୁମ୍ଭ ଭକତ ନ ଜାଣନ୍ତି ।
କେ ଅବା ଦୁର୍ଗା ସେବା କରେ । ତୁମ୍ଭ ଭକତ ନାହିଁ ତାରେ ।
କେ ଅବା ହନୁମାନ ଧ୍ୟାଇ । ଭଣ୍ଡୁଥାନ୍ତି ସଂସାର ସେହି ।
× କେ ଅବା ଭୂତ ପ୍ରେତ ସାଧି । କେ ଚଣ୍ଡୀ ଚାମୁଣ୍ଡା ଆରାଧି ।
କେ ଅବା ଚନ୍ଦ୍ର ସୂର୍ଯ୍ୟ ଭାବେ । କେ ଅବା ଜଳକୁ ଯେ ସେବେ ।
କେ ଅବା ପବନ ସାଧାଇ । ବୋଲଇ ବଡ଼ ଯୋଗୀ ମୁହିଁ ।
ଏମନ୍ତେ ସର୍ବେ ଯେ ଭ୍ରମନ୍ତି । ତୋତେ ନ ଭାବେ କେହି ଚିନ୍ତି । ୪୪ ଅଃ

ଅନ୍ୟତ୍ର—କେ ଅବା ତୀର୍ଥ କରି ଯାନ୍ତି । କେ ଅବା ଦେବତା ପୂଜନ୍ତି
କେବା ନାନା ପ୍ରତିମା ଧରି । ବୁଲନ୍ତି ତାଙ୍କୁ ପୂଜା କରି ।
କେ ଅବା ନାନା ମନ୍ତ୍ର ସ୍ମରେ । ନାମ ମାଳ ହୃଦରେ ଭରେ ।
× କେବା ବିଭୂତି ଅଙ୍ଗେ ଘଷି । ବୋଲଇ ଆମ୍ଭେ ଯେ ସନ୍ନ୍ୟାସୀ ।
କେ ଅବା ଜଳ ଖାଇ ରହେ । କେବା କୋମଳ ପତ୍ର ଖାଏ
କେ ଅବା ଉଲଗ୍ନେ ଭ୍ରମନ୍ତି । କେବା ବଚନ ନ କହନ୍ତି । ୪୫ ଅଃ

Digitized by srujanika@gmail.com

ଅର୍ଥାତ୍, ଜ୍ଞାନାଗ୍ନି ସମସ୍ତ କର୍ମଫଳକୁ ଭସ୍ମସାତ୍ କରିଦିଏ; କିନ୍ତୁ ଏ ଜ୍ଞାନ ଲାଭ ଅତୀବ ଦୁଷ୍କର। ସଂଯମୀ ଓ ଭକ୍ତିମାନ୍ ଲୋକେହିଁ ସେହି ଜ୍ଞାନରତ୍ନ ଲାଭ କରନ୍ତି।

ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ
ତତ୍ପରଃ ସଂଯତେନ୍ଦ୍ରିୟଃ।
ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତି
ମଚିରେଣାଧିଗଚ୍ଛତି। ୪ର୍ଥ-୩୯

କାର୍ଯ୍ୟ କାରଣ ସମ୍ବନ୍ଧ ହେତୁ ଏ ସଂସାରରେ ପୁଣି ଅନେକ ପ୍ରକାର ଭଜନ ଦେଖାଯାଏ। ଗୀତୋକ୍ତ ଚତୁର୍ବିଧ ଲୋକେହିଁ ସାଧାରଣତଃ ଈଶ୍ୱରଙ୍କୁ ଭଜୁଥିବାର ଦେଖାଯାଏ।

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ।
ଆର୍ତ୍ତୋ ଜିଜ୍ଞାସୁ ରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ।
ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ—
ଏକଭକ୍ତିର୍ବିଶିଷ୍ୟତେ। ୭ମ-୧୬।

ଅଭାବରେ ବା ଆପଦରେ ପଡ଼ିଲେ ସମସ୍ତେ ପ୍ରଭୁଙ୍କୁ ଡାକନ୍ତି। କେହି ସତ୍ତ୍ୱଧୀ ପୁଣି ପ୍ରମାଣ ବଳରେ ତତ୍ତ୍ୱ ଜାଣିବା ପାଇଁ କେହି ବା କୌଣସି କାମନା ପୂରଣ ଉଦ୍ଦେଶ୍ୟରେ ଈଶ୍ୱରଙ୍କୁ ଭଜଥାନ୍ତି। ସେମାନଙ୍କର ଭକ୍ତି କାର୍ଯ୍ୟ କାରଣ ସମ୍ବନ୍ଧଗତ ଥିବାରୁ ନିତାନ୍ତ ହୀନ ଏବଂ ଅଚିରସ୍ଥାୟୀ। ଅନେକ (୧) ରୋଗଯନ୍ତ୍ରଣାରେ ବା ସଂସାରର ବିଷମ ଜଞ୍ଜାଳରେ ଅଧୀର ହୋଇ ମଧ୍ୟ ହରି ଭଜନ ଆରମ୍ଭ କରିଥାନ୍ତି। କିନ୍ତୁ ଏ ସମସ୍ତଙ୍କ ମଧ୍ୟରେ ତତ୍ତ୍ୱଜ୍ଞାନୀର ଅଚଳା ଭକ୍ତିହିଁ ପ୍ରଶଂସ୍ୟ।

ଯେଉଁ ସାଧକ ଭକ୍ତିଯୁକ୍ତ ହୋଇ ତଦ୍‌ଗତ ଚିତ୍ତରେ ସେହି ପରମାତ୍ମାଙ୍କୁ ଧ୍ୟାନ କରେ, ସେହି ସାଧକ ତାଙ୍କର ପରମପ୍ରିୟ। ଗୀତାର ଷଷ୍ଠ ଅଧ୍ୟାୟରେ ଅଭ୍ୟାସଯୋଗ ପ୍ରସଙ୍ଗରେ ଉକ୍ତ ଅଛି :—

ତପସ୍ୱିଭ୍ୟୋଽଧିକୋ ଯୋଗୀ
ଜ୍ଞାନିଭ୍ୟୋଽପି ମତୋଽଧିକଃ
କର୍ମିଭ୍ୟଶ୍ଚାଧିକୋ ଯୋଗୀ
ତସ୍ମାଦ୍‌ଯୋଗୀ ଭବାର୍ଜୁନ।
ଯୋଗିନାମପି ସର୍ବେଷାଂ
ମଦ୍‌ଗତେନାନ୍ତରାତ୍ମନା।
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ
ସ ମେ ଯୁକ୍ତତମୋମତଃ।
୬ଷ୍ଠ-୪୬।୪୭

ନାନା ପ୍ରକାର ସାଧକ ନାନା ଭାବରେ ଯୋଗ ସାଧନ କରିଥାନ୍ତି; କିନ୍ତୁ ଯେ ଏ ସମସ୍ତ ଯୋଗକୁ ତ୍ୟାଗ କରି ଏକ ଭକ୍ତିରେ ପରଂବ୍ରହ୍ମଙ୍କଠାରେ ଆତ୍ମସମର୍ପଣ କରିଥାନ୍ତି, ସେହି ଯଥାର୍ଥ ଭକ୍ତ ଏବଂ ଭଗବାନଙ୍କର ଏକାନ୍ତ ପ୍ରିୟ। ଭକ୍ତ ଅରକ୍ଷିତ କେଉଁ ଶ୍ରେଣୀର ସାଧକ, ତାହା ତାଙ୍କର ନିମ୍ନୋଦ୍ଧୃତ ବଚନମାନଙ୍କରୁ ପ୍ରମାଣିତ ହୋଇ ପାରିବ।

କେବା ନାନା ଆଶ୍ରମେ ସ୍ଥିରେ
କେବା ନାନା ଯୋଗ ବସ୍ତୁରେ।
କେବା ନାନା ସାଧନା କରି
କେବା ପବନ ହୃଦେ ଭରି।
କେ ଅବା ପବନ ଭୁଞ୍ଜଇ
କେ ଅବା ଉଜାଣି ସାଧଇ।

---

(୧) କେ ଅବା ଘରେ ଦହା ପାନ୍ତି । କୌତୁକ ମାରି ସେ ପଳାନ୍ତି।
କେ ଅବା ବନ୍ଧୁ ଯେ ନୋହିଲେ । କୌତୁକ ମାରି ଯାନ୍ତି ଭଲେ।
କେ ଅବା ଅପବାଦ ପାଇ । କୌତୁକ ମାରି ଫେଇ ଯାଇ।
କାହାର ପୁଅ ଯେ ନୋହିଲେ । ଘରକୁ ତେଜି ଯାନ୍ତି ଗଲେ।
କେ ଅବା ରୋଗ ପାଇ ଦେହେ । କୌତୁକ ମାରି ଫେରିଯାଏ।
କେ ଅବା ଋଣ ପାଇ ଦେହେ । ପଳାନ୍ତି ଘର ଛାଡ଼ି କହେ। ୪୪ ଅ:

Digitized by srujanika@gmail.com

କେ ଅବା ବନ୍ଧକୁ ଜାଣିଣ,
କେବା କନ୍ଦର୍ପ ନାଶେ ପୁଣ ।
କେ ଅବା ମନକୁ ସାଧନ୍ତି,
କେ ଅବା ଦେହକୁ ଜଗନ୍ତି ।
କେ ଅବା ନିଦ୍ରାକୁ ଜଗଇ
କେ ଅବା ଜିହ୍ୱାକୁ ମାରଇ ।
କେ ଅବା କ୍ଷୁଧା ତୃଷା ମାରେ
ଭୋଗମାନଙ୍କୁ ଯେ ନିବାରେ ।
କେ ଶୀତ ବରଷା ସହନ୍ତି
ଆନ ନ ଲୋଡ଼ି ତନୁ ଥାନ୍ତି ।
× କେବା ଅନେକ ଶିଷ୍ୟ କରେ,
କୌପୁନ ଦ୍ୟନ୍ତି ତାଙ୍କୁ ଖରେ ।
ଏ ସବୁ କଥା ଛାଡ଼ି ମୁହିଁ
କୌଣସି କଥା ନ କରଇଁ ।
ହେ ବ୍ରହ୍ମ ତୋହ ଭରସାରେ
ନ ଜଗି ନ ସାଧି ମନରେ
ହେ ବ୍ରହ୍ମ ତୁମ୍ଭନାମେ ଆଶା
କରିଣ ଅଛି ମୁଁ ଭରସା । ୪୫ ଅ.
ଅନ୍ୟତ୍ର—ହେ ବ୍ରହ୍ମ ସବୁ ଆଶା ଛାଡ଼ି
ତୁମ୍ଭ ଚରଣେ ଅଛି ପଡ଼ି
× ହେ ବ୍ରହ୍ମ ରଖ ବା ନ ରଖ ।
ସବୁ ଛାଡ଼ିଦେଲି ନିରେଖ
× ହେ ବ୍ରହ୍ମ ତୁମ୍ଭର ନାମକୁ । (୩)
ଭରସା କରିଛି କାଳକୁ । ୪୭ ଅ.

ଭକ୍ତ ସକଳ ବାସନା ପରିତ୍ୟାଗ କରି କେବଳ ବ୍ରହ୍ମକୃପାହିଁ ଭିକ୍ଷା କରିଥିଲେ । ବ୍ରହ୍ମପଦରେ ଭକ୍ତିକୁହିଁ ସେ ମାନବ ଜୀବନର ପରମାର୍ଥ ମନେ କରିଥିଲେ । ଏହି ଭକ୍ତି ଯୋଗ ସାଧନରେ ତାଙ୍କର ପ୍ରାଣ କପରି ବ୍ୟାକୁଳ ଥିଲା, ତାହା ମହୀମଣ୍ଡଳ ଗୀତାର ଯେ କୌଣସି ଅଧ୍ୟାୟ ପାଠକଲେ ଅଳ୍ପାଧିକ ପରିମାଣରେ ଜଣା ପଡ଼ିବ । (୪)

କେବଳ ଭରସା ମୋହର
ଯେ ଇଚ୍ଛା ତାହା ତୁମ୍ଭେ କର ।
କେବଳ ଭରସା ତୁମ୍ଭରେ ।
ନ ଜାଣେ କିଛି ମୁଁ ମନରେ ।୪୨ ଅ,

ଯେଉଁ ସାଧକ ବ୍ରହ୍ମଲଭରେ ଦୃଢ଼ନିଷ୍ଠ ହୋଇ ସର୍ବବିଧ ଭୋଗତ୍ୟାଗରେ ସନ୍ତୁଷ୍ଟ ଥାଇ ପରମାତ୍ମାଙ୍କ-ଠାରେ ମନ ଓ ବୁଦ୍ଧି ସମର୍ପଣ କରିଥାନ୍ତି,

---

(୩) ଦେବତା କେବେ ନ ପୂଜଇଁ । ନାମ ଭରସାରେ ମୁଁ ଥାଇଁ ।
× ହୋମ ଜପ ଯଜ୍ଞାଦି ପୁଣ । ନ ସାଧି ନାମ ଆଶା ଜାଣ ।
× ଯନ୍ତ୍ର ମନ୍ତ୍ରହିଁ ଧ୍ୟାନ ଯେତେ । ନ କରି ନାମ ଆଶା ନିତ୍ୟେ । ୪' ଅଃ
ତୋ ନିଜ ନାମ ନ ଜାଣନ୍ତି । ଭକ୍ତେ ଦେବ ନାମ ଭଜନ୍ତି ।
× ମୋରେ ସୁଦୟା ଏବେ ହେଉ । ତୋ ନିଜ ନାମେ ଚିତ୍ତ ରହୁ ।
ଏ ନାମେ କରିବ ଯେ ଲୟ । ଆଉ ନ ଥିବ ଯମ ଭୟ । ୫୨ ଅଃ

ଅରକ୍ଷିତ ଦାସ ସର୍ବଦା ଏହି ବ୍ରହ୍ମ ନାମ ନିଦିଧ୍ୟାସନରେ ନିରତ ଥିଲେ । ଏହି ନାମ ସ୍ମରଣର ପ୍ରାଧାନ୍ୟ ବୈଷ୍ଣବ ସମ୍ପ୍ରଦାୟରେ ତଥା ଅରକ୍ଷିତଙ୍କ ଶିଷ୍ୟ ମଣ୍ଡଳରେ ପୂର୍ଣ୍ଣମାତ୍ରାରେ ରହିଅଛି । ଅରକ୍ଷିତଙ୍କର ଶିଷ୍ୟବର୍ଗ ବର୍ତ୍ତମାନ 'ନାମ' ଏହି ଦୁଇ ଅକ୍ଷରଚିହ୍ନିତ ତାମ୍ରପଦକ କଣ୍ଠଦେଶରେ ଲମ୍ବାଇ ଆପଣାକୁ ନାମଧର୍ମୀ ବୋଲି ବିଶେଷିତ କରୁଅଛନ୍ତି । ଏହି ନାମ-ପଦକ ଝୁଲାଇବା ସଂସ୍କାର ଧର୍ମରେ ପରିବର୍ତ୍ତିତ ନ ହେଲେ ରକ୍ଷା ।

(୪) ହେ ବ୍ରହ୍ମ ଭକ୍ତି ବିନୁ ମୁହିଁ । ଅନ୍ୟ ଯୋଗ ନ ସାଧେ କାହିଁ — ୭୮ ଅଃ
ଭକତି ଯୋଗ ବିନୁ ଆନ । ଆଉ ଯୋଗ ନ ସାଧେଁ ପୁଣ — ୭୪ ଅଃ
ଭକତି ଯୋଗ ବିନୁ ଶୁଣ । ମଲେ ନ ସାଧେଁ କେଉଁ ଜ୍ଞାନ । ୭୭ ଅଃ
ଯେବେ ମୋଠାରେ ଦୟା ଅଛି । ଭକତି ଦଅ ଆହେ କହ୍ନି । ୮୧ ଅଃ
ଆହେ ଚୈତନ୍ୟ ବ୍ରହ୍ମ ଗୁହ । ଭକତି ଯୋଗ ଦଅ କହ୍ନ ।
ଭକତି ଯୋଗରେ ମୋ ଆଶ । ସୁଜନେ ନ ଧରିବ ଦୋଷ । ୯୩ ଅଃ

Digitized by srujanika@gmail.com

ସେହି ଭକ୍ତ ଭଗବାନଙ୍କର ବିଶେଷରେ ପ୍ରିୟ ।

ସନ୍ତୁଷ୍ଟଃ ସତତଂ ଯୋଗୀ
ଯତାତ୍ମା ଦୃଢ଼ ନିଶ୍ଚୟଃ ।
ମଯ୍ୟର୍ପିତମନୋବୁଦ୍ଧି-
ର୍ଯୋ ମଦ୍‌ଭକ୍ତଃ ସ ମେ ପ୍ରିୟଃ ।୧୨ଶ-୧୪।

ଭକ୍ତ ଅରକ୍ଷିତ ଯେପରି ଜୀବନବ୍ୟାପୀ ସାଧନାରେ ବ୍ରହ୍ମପଦରେ ଆତ୍ମସମର୍ପଣ କରିଥିଲେ, ଆପଣାର ଦେହକୁ ଜଗତ୍ ସମକ୍ଷରେ ସେହିପରି ମୁକ୍ତଭାବରେ ପ୍ରଦାନ କରି ଅଛନ୍ତି । ତାଙ୍କର ଉନ୍ମୁକ୍ତ ହୃଦୟର ସ୍ୱଭାବ ସରଳ ବଚନାବଳୀ ପାଠକଲେ ଦେଖାଯାଏ, ସେ ଆପଣାର ବ୍ୟକ୍ତିତ୍ୱକୁ ସମାଜ ନିକଟରେ ବଳି ଦେଇଅଛନ୍ତି । ଇତର ଜନପ୍ରାୟ ସେ ଆପଣାକୁ ଜଗତର ବା ଜନସମାଜର କେନ୍ଦ୍ର ବୋଲି ମନେ ନ କରି ଅଥବା ଅନ୍ୟ ସମସ୍ତଙ୍କଠାରୁ ବିଶେଷିତ ନ କରି ସମସ୍ତଙ୍କ ସଙ୍ଗରେ ଆପଣାକୁ ମିଶାଇ ଦେଇଥିଲେ । ତାଙ୍କ ଦୃଷ୍ଟିରେ ବଡ଼ ସାନ ଅବା ସ୍ପୃଶ୍ୟ ଅସ୍ପୃଶ୍ୟ, ଏହି ଭେଦଜ୍ଞାନ ନ ଥିଲା । ଚଣ୍ଡାଳଠାରୁ ବ୍ରାହ୍ମଣ ସମସ୍ତ ଜାତିକୁ ସେ ଏକାଜାତି ପରି ସମଦୃଷ୍ଟିରେ ଦେଖୁଥିଲେ ଏବଂ ସର୍ବ ଜାତିରେ ବୌଦ୍ଧ ଅଭେଦମତ ପ୍ରଚାର କରିଥିଲେ । ଭଗବଦ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଅଛନ୍ତି—

ବିଦ୍ୟାବିନୟ ସମ୍ପନ୍ନେ
ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେ ଚ
ପଣ୍ଡିତାଃ ସମଦର୍ଶିନଃ ।୫ମ-୧୮।

ମହାମଣ୍ଡଳଗୀତାରେ ଅରକ୍ଷିତ ଦାସ—

ଚଣ୍ଡାଳୁ ବ୍ରହ୍ମଯାଏ ଶୁଣ (୫)
ଭକ୍ଷିଲି ସର୍ବ ଘରେ ପୁଣ ।
ତୁମ୍ଭେ ତ ସର୍ବଘଟେ ବସ
ତେଣୁ ମୁଁ ଭୁଞ୍ଜଇଁ ବିଶ୍ୱାସ ।୪୭ ଅ:
ନାନା ଗାବଟି କ୍ଷୀର ଶ୍ୱେତ
ନାନା ଜାତି ଏକ ରକତ ।—୪୭ ଅ:

ଅନ୍ୟତ୍ର—ଛୁଆଁ ଅଛୁଆଁ ନ ବାରିବୁ
ଏହାଙ୍କୁ ସମାନ ଦେଖିବୁ ।
ସାଧୁ ଅସାଧୁ ତୁ ନ ମଣ
ଏ ଦୁହେଁ ଅଟନ୍ତି ସମାନ ।
ସ୍ତ୍ରୀ ପୁରୁଷ ନ ବାରିବୁ
ଏ ଦୁହେଁ ସମାନ ଦେଖିବୁ । ୩୪ ଅ:

ଉକ୍ତ ଗୀତା ପାଠରୁ ଜଣାଯାଏ, ମହାପୁରୁଷ ଅରକ୍ଷିତ ଶିଷ୍ୟମାନଙ୍କୁ ଏହି ସମଜ୍ଞାନ ବା ଅଭେଦବୁଦ୍ଧି ବିଷୟରେ ଯଥେଷ୍ଟ ଉପଦେଶ ଦେଇଅଛନ୍ତି । ଅଦ୍ୟାପି ତଦୀୟ ଶିଷ୍ୟସମ୍ପ୍ରଦାୟରେ ଏହି ଅଭେଦ ମତ ପ୍ରତିପାଳିତ ହୋଇ ଆସୁଅଛି । (୬)

କେବଳ ଏହି ବିଷୟରେ ସେ ବୌଦ୍ଧଧର୍ମ ସହିତ ତାଙ୍କ ଧର୍ମମତର ସାମଞ୍ଜସ୍ୟ ଅଛି, ତାହା ନୁହେ; ସେ ମଧ୍ୟ ଶୂନ୍ୟ ମୂର୍ତ୍ତିର ଉପାସକ ଥିଲେ ।

ଶୂନ୍ୟରୂପଂ ନିରାକାରଂ
ସହସ୍ର ବିଘ୍ନନାଶନଂ ।
ସର୍ବପରଃ ପରୋ ଦେବଃ
ତସ୍ମାତ୍ତ୍ୱଂ ବରଦୋଭବ । (ଶୂନ୍ୟପୁରାଣ ।)

---

(୫) ଗୁପ୍ତଗୀତାରେ ବଳରାମ ଦାସ—
ଚଣ୍ଡାଳ ଘର ଅନ୍ନକୁ ଅବ୍ୟ ନ କରିବୁ ।
ସତ୍ୟଚିତ୍ତେ ଯାଚଦେଲେ ଆନନ୍ଦେ ଭକ୍ଷିବୁ । ୮ଅ:

(୬) ଓଳାଶୁଣିଠାରେ ଭକ୍ତ ଯାତ୍ରୀମାନଙ୍କର ମାନସିକ ଅନ୍ନ ପିଷ୍ଟକାଦି ଯାହା ଭୋଗ କରାଯାଏ, ତାହାକୁ ଜଗନ୍ନାଥଙ୍କ ମହାପ୍ରସାଦ ତୁଲ୍ୟ ସର୍ବଶ୍ରେଣୀର ଲୋକମାନେ ଏକତ୍ର ବସି ଭୋଜନ କରିବାର ଦେଖାଯାଏ । ଲେଖକ ଏ ଦୃଶ୍ୟ ସ୍ୱଚକ୍ଷୁରେ ଦର୍ଶନ କରିଅଛି ।

Digitized by srujanika@gmail.com

ନମୋ ବୁଦ୍ଧାୟ ଧର୍ମାୟ
ସଙ୍ଘରୂପାୟ ବୈ ନମଃ
ସ୍ୱୟମ୍ଭୂବେ ବୟୁଛାନ୍ତ—
ଭଜନବେ ଧର୍ମ ଧାତବେ ।
ଅସ୍ତିନାସ୍ତି ସ୍ୱରୂପାୟ
ଜ୍ଞାନ ରୂପସ୍ୱରୂପିଣେ
ଶୂନ୍ୟରୂପ ସ୍ୱରୂପାୟ
ନାମରୂପାୟ ବୈନମଃ ।
ସ୍ୱୟମ୍ଭୂପୁରାଣ । (୨)

ହେ ଶୂନ୍ୟ ଶୂନ୍ୟ ଶୂନ୍ୟ ଭୁବି
ଭକତ ଯୋଗ ମୁଁ ମାଗଇଁ ।
ଆହେ ଅରୂପାନନ୍ଦ ଶୁଣ
ଭକତ ମାଗୁଅଛି ପୁଣ । ୧୩ ଶ, ଅଃ
ସେ ମହାଶୂନ୍ୟ କଥା ମୁହିଁ
କସ କହିବ ତୋତେ ଫେଇ ।
ଶୂନ୍ୟରେ ପୃଥ୍ୱୀ ଆତଯାତ
ଶୂନ୍ୟରେ ପାଳୁଛି ଜଗତ ।
ଶୂନ୍ୟରେ ପୃଥ୍ୱୀ ରହିଛି
ସପ୍ତବ୍ରହ୍ମାଣ୍ଡ ଶୂନ୍ୟେ ଅଛି ।
ତେତିଶ କୋଟି ଦେବଗଣ
ଶୂନ୍ୟରେ ଆତଯାତ ପୁଣ ।
କୀଟରୁ ବ୍ରହ୍ମଯାଏ ଶୁଣ
ଶୂନ୍ୟରେ ଆତଯାତ ପୁଣ ।
ଛପନକୋଟି ଜୀବ ହୋଇ
ଶୂନ୍ୟରେ ଛନ୍ତି ସର୍ବେ ରହି ।
ରୂପ ଅରୂପ ମହାଶୂନ୍ୟ
ତହିଁରୁ ସବୁ ଯୋନି ପୁଣ ।
ଶୂନ୍ୟକୁ ଭୁବି ହେତୁ କରି
ଶୂନ୍ୟରୁ ଯାତ ଯେ ଓଙ୍କାର । ୭୮ ଅଃ

ଅନ୍ୟତ୍ର—ଆହେ ଚୈତନ୍ୟ ଶୂନ୍ୟଦେହୀ !
ତୋହର ରୂପ ବର୍ଣ୍ଣ ନାହିଁ ।
ଖେଳ ସରିଲେ ସର୍ବେ ଯାନ୍ତି
ଏକ ଅଙ୍ଗରେ ସେ ଚଳନ୍ତି ।
ମହାଶୂନ୍ୟରେ ସେ ମିଶିଣ
ଏକ ଅଙ୍ଗରେ ସେ ଗୋପନ । ୭୮ ଅଃ

ଆତ୍ମା ଭୌତିକ ଦେହ ତ୍ୟାଗ କଲେ ଏକ ସୂକ୍ଷ୍ମ ଦେହରେ ଶୂନ୍ୟକୁ ଯାଏ ଏବଂ ସେହି ଶୂନ୍ୟରେ ହିଁ ଲୀନ ହୁଏ ।

ବୌଦ୍ଧ ମାଧ୍ୟମିକ ଦର୍ଶନରେ ଶୂନ୍ୟକୁ ହିଁ ସର୍ବ ସୃଷ୍ଟିର ଆଦିକାରଣ ବୋଲି ନିର୍ଦ୍ଦେଶ କରାଯାଇଅଛି । ବୌଦ୍ଧ ଧର୍ମଶାସ୍ତ୍ରରେ 'ଶୂନ୍ୟତା ହିଁ ଆଦିମାତା' ।

୧ । ଶୂନ୍ୟତା ଶୂନ୍ୟତା ମୂର୍ତ୍ତି-
ବୁଦ୍ଧମାତା ପ୍ରକୀର୍ତ୍ତିତା ।

୨ । ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସଂହିତାରେ—
ଆଦ୍ୟ ଦେବତା ଶୂନ୍ୟ ବରଦାତା
ଏହାଙ୍କୁ ଶୂନ୍ୟଟି କହି ।

ବୌଦ୍ଧମାନଙ୍କର ଏହି ଶୂନ୍ୟବାଦ ଆମ୍ଭ ଦେଶର ବୈଷ୍ଣବ କବିଗଣଙ୍କ ଗ୍ରନ୍ଥରେ କି ପରିମାଣରେ ଅଛି, ସେଥିର ପ୍ରମାଣ ପ୍ରତ୍ନତତ୍ତ୍ୱବିତ୍ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ବସୁଙ୍କ ପ୍ରଣୀତ 'ଆଧୁନିକ ବୌଦ୍ଧଧର୍ମ ଏବଂ ତାହାର ଅନୁଗାମୀ ସମ୍ପ୍ରଦାୟ' (Modern Buddhism and its followers) ନାମକ ଗ୍ରନ୍ଥର ସାହାଚର୍ଯ୍ୟରେ ନିମ୍ନରେ ପ୍ରକାଶ କରାଗଲା ।

୧ । ଜଗନ୍ନାଥ ଦାସଙ୍କ ତୁଳାଭିଣାରେ—

(୧) ମହାଶୂନ୍ୟ ଯେ ଜ୍ୟୋତିରୂପ
ଜ୍ୟୋତିରୁ ଜାତ ଠୁଳରୂପ ।
ଠୁଳରୁ ଅର୍ଦ୍ଧମାତ୍ରା କଲି
ମାତ୍ରାରୁ ଓଙ୍କାର ଜନ୍ମିଲି ।
ଓଙ୍କାରୁ ବ୍ରହ୍ମ ଏ ଜଗତ
ଶୁଣ ପାର୍ବତୀ ଦେଇ ଚିତ୍ତ ।

---

(୨) ବୌଦ୍ଧ ଗ୍ରନ୍ଥବିଶେଷ । (See Modern Buddhisim. P.II)

Digitized by srujanika@gmail.com

(୨) ସକଳ ମନ୍ତ୍ର ତୀର୍ଥ ସ୍ନାନ
ବୋଇଲ ଶୂନ୍ୟ ଯେ ପ୍ରମାଣ ।
ଯେତେ କହିଲୁ ହେ ପାର୍ବତି !
ଏ ସର୍ବେ ଶୂନ୍ୟରେ ଅଛନ୍ତି ।
ମହାଶୂନ୍ୟରୁ ଶୂନ୍ୟ ଜାତ
ଶୂନ୍ୟରୁ ପ୍ରଣବ ସମ୍ଭୂତ ।
ପ୍ରଣବ ପରମକୁ କହି
ସକଳ ଶାସ୍ତ୍ର ସେ ବୋଲଇ ।

ଅନ୍ୟତ୍ର—ଏକାଙ୍ଗ ବ୍ରହ୍ମରୂପ ହୋଇ
ରାଧିକା ସଙ୍ଗେ ଭାବଗ୍ରାହୀ ।
ଗୋଲକ ନିତ୍ୟ ଏହା କହି
ଶୂନ୍ୟ ଦେଉଳ ଏ ବୋଲଇ ।
କୃଷ୍ଣର କ୍ରୀଡ଼ାରସ ଏହି
ଗୁପତ ବୃନ୍ଦାବନ କହି ।
ମଥୁରାପୁର ମହାଶୂନ୍ୟ
ଗୋପନଗର ସେହୁ ନାମ ।

୨ । ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସଂହିତାରେ—

ପରମ ଆତ୍ମାଟି ତାହା ଶୂନ୍ୟ ଦେଉଳରେ ଭାବ ।
ଜୀବଆତ୍ମା ରାଧା ବୋଲି ପରମ ମୁରାରି । ୨ୟ ଅଃ

ଅନ୍ୟତ୍ର—ବୋଇଲା ତୁମ୍ଭେ ଶୁଣ ହେ ରାଜନ !
ମନ୍ତ୍ର ନିରାକାର ଶୂନ୍ୟ ଭଜନ ।
ଆସନ ଶୁଦ୍ଧି ଅଙ୍ଗନ୍ୟାସ ନାହିଁ
ସ୍ଥାନଭଙ୍ଗ ବିଗବନ୍ଧନ ନାହିଁ ।
ଶୂନ୍ୟରେ ବସି ଭଜନ କରିବ
କାଳକୁ ନାଶି ଗୋଲକରେ ଠାବ ।

x x x

+ ମହାଶୂନ୍ୟ ଯହିଁ ରାତ୍ର ଦିବା ନାହିଁ
କୋଟି ସୂର୍ଯ୍ୟ ପରକାଶି ।
ଦେଖିଣ ଅଚେତ ହୋଇଲି ସଚେତ
ଜଳେ ଜଳ ଗଲା ମିଶି,
ତେଜରେ ତେଜ ମିଶିଲା ବଚପନ
ବାୟୁରେ ବାୟୁଟି ମିଶି ।
ପୃଥ୍ୱୀ, ଆପ, ତେଜ, ବାୟୁବ୍ୟ, ଆକାଶ
ପାଞ୍ଚ ମୂଳ ପଞ୍ଚଜନ,
ପ୍ରତ୍ୟକ୍ଷେ ପରମ ଅରୂପ ଅନାମ
ମହାଶୂନ୍ୟେ ହେଲା ଲୀନ ।
ମହାଶୂନ୍ୟ ଜ୍ୟୋତି ଅରୂପ ଅଗ୍ରୁତି
ରୂପରେଖ ନାହିଁ ନାହିଁ ।
ହୁତାଶନ ଅଗ୍ନି ମହାଶୂନ୍ୟ ହୋଇ
ଜ୍ୟୋତିରାନନ୍ଦ ବୋଲଇ । ୨୮ଶଃ

ଅନ୍ୟତ୍ର—ଭଲ ପଚାରିଲୁ ଗୁପତ ସନ୍ଧି
ଶୂନ୍ୟ ପୁରୁଷ ଶୂନ୍ୟପରେ ବନ୍ଦୀ ।
ଶୂନ୍ୟ ପୁରୁଷ ଉଦାସରେ ରହେ
ଶୂନ୍ୟ ପୁରୁଷ ସବୁ ମାୟା ହୁଏ ।
\+ ଶୂନ୍ୟ ପୁରୁଷ ଶୂନ୍ୟରେ ମାରଇ
ମାରି ଶୂନ୍ୟେ ପୁଣି ଗଢ଼ି କରଇ ।

x x x

ଦେଖିଲେ ଯେ ଶୂନ୍ୟବ୍ରହ୍ମ ସ୍ୱୟଂ ଜ୍ୟୋତି ହୋଇ
ଘଟେ ଘଟେ ବଜେ ଏହି ଶୂନ୍ୟ କାୟା ଦେହି ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ଯେତେ
ଶୂନ୍ୟ କାୟା ଶୂନ୍ୟ ଯନ୍ତ୍ର, ବଜେ ଘଟେ ଘଟେ ।
ବୁଦ୍ଧମାତା ଆଦିଶକ୍ତି ସଙ୍ଗ ଛନ୍ତି ରହି
ନିରାକାର ଭଜନେ ନିର୍ମଳ ଭକ୍ତି ପାଇ ।

୩ । ବଳରାମ ଦାସଙ୍କ ବ୍ରହ୍ମାଣ୍ଡ ଭୂଗୋଳରେ—
ଯେ କାଳେ ନ ଥିଲା ସଂସାର
ନ ଥିଲା ଚନ୍ଦ୍ର ଦିବାକର ।
ନ ଥିଲା ଆବର ପବନ
ନ ଥିଲେ ଶୂନ୍ୟେ ତାରାଗଣ ।
ନ ଥିଲେ ଦେବାସୁର ନର
ନ ଥିଲେ ସଂସାର, ସାଗର ।

Digitized by srujanika@gmail.com

+ ସେ କାଳେ ଶୂନ୍ୟ ରୂପ ମୋର
ଏମନ୍ତେ ଗଲା କେତେ କାଳ ।
ବ୍ରହ୍ମାଣ୍ଡ ମୋର ଗର୍ଭେ ନାହିଁ
ରଖିଲ ବ୍ରହ୍ମ ରୂପ ହୋଇ । ୧ମ:

ଅନ୍ୟତ୍ର—ଏମନ୍ତେ ମହାଶୂନ୍ୟ ହେଲା
ଶୂନ୍ୟରୁ ପ୍ରଣବ ହୋଇଲା ।
ପ୍ରଣବ ଓଙ୍କାରକୁ କହି
ଏକ ଅକ୍ଷରଟି ସେ ଅଟଇ ।
ଓଙ୍କାରୁ ନାମ ହେଲା ଜାତ
ନାମରୁ ଦେବଟି ସମ୍ଭୂତ ।
ଜ୍ୟୋତିରୂପେ ଯେ ମହାଶୂନ୍ୟ
ତାଠାରୁ କୋଟି କୋଟି ଜନ୍ମ ।
କୋଟି କୋଟି ଯେ ଜନ୍ମ ହୋନ୍ତି
ପୁଣି ଅନଳେ ଯେ ମିଶନ୍ତି । ୩୧ ଅ:

ତାଙ୍କର ଗଣେଶ ବିଭୂତିରେ—
ଅନାକାର ରୂପଂ ଶୂନ୍ୟଂ
ଶୂନ୍ୟମଧ୍ୟେ ନିରଞ୍ଜନଃ ।
ନିରାକାରମଧ୍ୟେ ଜ୍ୟୋତିଃ
ସ ଜ୍ୟୋତିର୍ଭଗବାନସ୍ୱୟଂ ।

ତତ୍‌କୃତ ସାରସ୍ୱତ ଗୀତାରେ—
ଅବ୍ୟକ୍ତ ପୁରୁଷ ନିରାକାର ହରି
ସର୍ବ ଘଟେ ଅଛୁ ବ୍ରହ୍ମରୂପ ଧରି ।
ନାହିଁ ରୂପ ରେଖ ତୋର ଶ୍ରୀବତ୍ସ ପୁରୁଷ ।
ବସ୍ତୁରୁ ଗୋଚର ହୋଇଛୁ ପ୍ରକାଶ ।
ମହାଶୂନ୍ୟକୁ ଯେ ବ୍ରହ୍ମ ବୋଲି କହି
ସେ ବ୍ରହ୍ମ ରୂପ ହୋଇଲା ନିରଞ୍ଜନଦେହୀ ।

୪ । ଅନ୍ୟ ବଳରାମ ଦାସଙ୍କ ଗୁପ୍ତଗୀତାରେ—
ସ୍ଥାବର ଜଙ୍ଗମ କୀଟ ପତଙ୍ଗରେ ଆଜ୍ଞା
ଯେ ମୋହର ମୂଳ,
ଆଗହୁଁ ଆଜ୍ଞା ପଛେ ହେଲା ଜଗତ
ଶୂନ୍ୟରୁ ହୋଇଛୁ ଠୁଳ ।

+ ପୂଜା ଜପ ଧ୍ୟାନ ନିତ୍ୟେ ରୂପକୁ ବସାଇ
ବ୍ରହ୍ମ ତାଙ୍କୁ ଅଗୋଚର ଗୋଚର ନୁହଇ ।
ନ ଜାଣନ୍ତି ଅରୂପ ବୋଲିଣ ବାସୁଦେବ
ପ୍ରତିମା ପିତୁଳା ପୂଜା କରୁଥାନ୍ତି ସବ । ୨୨ଶ ଅ:
+ ଆତ୍ମା ତ ଶୂନ୍ୟ ମଣ୍ଡଳ ଆକାର
ଅକ୍ଷୟ ଅବ୍ୟକ୍ତ ନିରାକାର । ୧୧ଶ ଅ:
+ ଶୂନ୍ୟ ଲିଙ୍ଗ ପରେ ଷଡ଼ଗୁଣ ପ୍ରକାଶ
ପଞ୍ଚ ମହାଲିଙ୍ଗ ଶୂନ୍ୟ;
ପରମ ଶୂନ୍ୟରୁ ଗୁଣ ପ୍ରକାଶୁଛି
ଶବଦ ଆକାରେ ଲୀନେ । ୧୬ଶ ଅ:

୫ । ଚୈତନ୍ୟ ଦାସଙ୍କ ନିଗମମାହାତ୍ମ୍ୟରେ—
ଏ ଆତ୍ମା ପରେ ଅଛି ବ୍ରହ୍ମ
ଚିହ୍ନିଲେ ଛୁଟଇ ବନ୍ଧନ ।
ଏ ଦେହ ଗଲେ ବ୍ରହ୍ମ ଯାଇ
ମହାଶୂନ୍ୟରେ ବିଶ୍ରାମଇ ।
× ପିଣ୍ଡରୁ ଛାଡ଼ିଗଲେ ପ୍ରାଣ
ସେ ଘଟ ହେବ ମହାଶୂନ୍ୟ ।
ଶୂନ୍ୟପୁରୁଷ ସଙ୍ଗେ ଯିବ
ଖୋଜିଲେ ଆଉ ନ ପାଇବ । ୧୬ ଅ:

ଅନ୍ୟତ୍ର—
ଅଗୋଚର ପୁରୁଷ ସେ ନାହିଁ ରୂପ ବର୍ଣ୍ଣ
ଏ ସ୍ଥିତି ନାହିଁ ତାର ଅଟେ ମହାଶୂନ୍ୟ ।
ରୂପ ବର୍ଣ୍ଣ ନ ହୋଇ ସେ ଅରୂପ ତାର ଦେହୀ
ଶୂନ୍ୟର ସଙ୍ଗତେ ସେ ଶୂନ୍ୟ ହୋଇ ଥାଇ ।
ଅରୂପ ଅବର୍ଣ୍ଣ ସେ ଲକ୍ଷ୍ୟଦେବାକୁ ନୋହିବ ଉପମା
ଚଉଦ କାଣ୍ଡ ଖୋଜିଲେ ନାହିଁ ପ୍ରତିସୀମା ।
× ଶୂନ୍ୟହିଁଟି ତାହାର ଅଟଇ ନିଜ ଘର
ଶୂନ୍ୟରେ ଥାଇ ସେ ଶୂନ୍ୟେ କରଇ ବିହାର ।

୬ । ମହାଦେବ ଦାସଙ୍କ ଧର୍ମଗୀତାରେ—
ଶୂନ୍ୟ ଶୂନ୍ୟ ମହାଶୂନ୍ୟ ସେ ଭୁବନ ସ୍ଥାନ
ଲକ୍ଷ୍ୟ ଜୁଣେ ମହାଶୂନ୍ୟ ହୋଇଛି ନିର୍ମାଣ ।

Digitized by srujanika@gmail.com

ନାହିଁ ସୂର୍ଯ୍ୟ ନାହିଁ ଚନ୍ଦ୍ର ଅଷ୍ଟଦିଗପାଳ
ନାହିଁ ଜନ୍ମ ମୃତ୍ୟୁ ନାହିଁ ତପତ ଶୀତଳ ।
× ଯୁଗ ପୃଥ୍ୱୀ ସୃଜିବାକୁ ମହାଭୟ କଲ
ନିରଞ୍ଜନ ବୋଲି ପୁଅ ଦେହୁ ଜାତ କଲ ।
+ ନିରଞ୍ଜନ ଏ ସଂସାର ସୃଜି ନ ପାରିଲ ।
ନିର୍ଗୁଣ ବୋଲିଣ ପୁଅ ଦେହୁ ଜାତ କଲ ।

ଇତ୍ୟାଦି ।

ବୌଦ୍ଧ ମହାଯାନ ସମ୍ପ୍ରଦାୟ ବ୍ରହ୍ମବାଦୀ ଥିଲେ । ଉଲ୍ଲିଖିତ ସମସ୍ତ ବୈଷ୍ଣବ କବିମାନେ ସ୍ୱଧର୍ମ ମତ ମଧ୍ୟରେ ଏହି ବେଦାନ୍ତ ସମ୍ମତ ବ୍ରହ୍ମବାଦକୁ କିପରି ପ୍ରଚାର କରିଅଛନ୍ତି, ତାହା ଉଲ୍ଲିଖିତ ପଦ ବଳରୁ ସ୍ପଷ୍ଟ ବୁଝାଯାଉଅଛି । ମହିମଣ୍ଡଳଗୀତା ପାଠକଲେ ଜଣାଯାଏ, ସେଥିରେ ଉଲ୍ଲିଖିତ ଭକ୍ତ କବିମାନଙ୍କର ମତବାଦର ପ୍ରତିବିମ୍ବ ପଡ଼ିଅଛି । ଏହି ବ୍ରହ୍ମଜ୍ଞାନର ସାଧନା ଏଥିରେ ଭକ୍ତି ବୋଲି ଘୋଷିତ ହୋଇଅଛି । ଉପନିଷଦ୍ ବର୍ଣ୍ଣିତ ବ୍ରହ୍ମବାଦହିଁ ଉଲ୍ଲିଖିତ ଧର୍ମମତର ଆଦର୍ଶ ବୋଲି ପ୍ରତୀୟମାନ ହୁଏ । ମୁଣ୍ଡକ ଉପନିଷଦରୁ ଅବିକଳ ସେହିପରି କେତୋଟି ବଚନ ଏଥିରେ ଉଦ୍ଧାର କରାଗଲା ।

ଯଥା ସୁଦୀପ୍ତାତ୍ପାବକାତ୍ ବିସ୍ଫୁଲିଙ୍ଗାଃ
ସହସ୍ରଶଃ ପ୍ରଭବନ୍ତେ ସରୂପାଃ ।
ତଥାକ୍ଷରାତ୍ ବିବିଧାଃ ସୌମ୍ୟଭାବାଃ
ପ୍ରଜାୟନ୍ତେ ତତ୍ର ଚୈବାପି ଯାନ୍ତି ।୧।

ଦିବ୍ୟୋହ୍ୟମୂର୍ତ୍ତଃ ପୁରୁଷଃ
ସ ବାହ୍ୟାଭ୍ୟନ୍ତରେ ହ୍ୟଜଃ
ଅପ୍ରାଣୋହ୍ୟମନାଃ ଶୁଭ୍ରଃ
ହ୍ୟକ୍ଷରାତ୍ ପରତଃ ପରଃ ।୨।

ଅର୍ଥାତ୍, ଜ୍ୱଳନ୍ତ ଅଗ୍ନିରୁ ବହୁ ସ୍ଫୁଲିଙ୍ଗ ଜନ୍ମିଲା ପରି ସେହି ଶୂନ୍ୟ ପୁରୁଷଙ୍କଠାରୁ ସହସ୍ର ସହସ୍ର ଭାବ (ଜୀବ) ଜନ୍ମୁଅଛନ୍ତି, ପୁଣି ସେଥିରେ ଲୀନ ହେଉଅଛନ୍ତି । ସେହି ଦିବ୍ୟପୁରୁଷଙ୍କର ରୂପ ନାହିଁ କି ଜନ୍ମ ନାହିଁ । ପ୍ରାଣ ନାହିଁ କି ଇନ୍ଦ୍ରିୟପ୍ରଧାନ ମନ ନାହିଁ । ସେ ଅନ୍ତରେ ବାହାରେ ବିରାଜିତ ଜ୍ୟୋତିର୍ମୟ ଏବଂ ହିରଣ୍ୟଗର୍ଭ ପୁରୁଷଙ୍କଠାରୁ ଶ୍ରେଷ୍ଠ । ତାଙ୍କଠାରୁ ପ୍ରାଣ, ମନ, ଇନ୍ଦ୍ରିୟ ଓ ପଞ୍ଚମହାଭୂତ ଜାତ ।

ଏତସ୍ମାତ୍ ଜାୟତେ ପ୍ରାଣୋ
ମନଃ ସର୍ବେନ୍ଦ୍ରିୟାଣି ଚ
ଖଂ ବାୟୁର୍ଜ୍ୟୋତିରାପଃ
ପୃଥିବୀ ବିଶ୍ୱସ୍ୟ ଧାରିଣୀ ।୩।
ଅଗ୍ନି ମୂର୍ଦ୍ଧା ଚକ୍ଷୁଷୀ ଚନ୍ଦ୍ରସୂର୍ଯ୍ୟୌ ଦିଶଃ
ଶ୍ରୋତ୍ରେ ବାକ୍ ବିବୃତାଶ୍ଚ ବେଦାଃ
ବାୟୁଃ ପ୍ରାଣୋ ହୃଦୟଂ ବିଶ୍ୱମସ୍ୟ
ପଦଭ୍ୟା ପୃଥିବୀ ହ୍ୟେଷସର୍ବ ଭୂତାନ୍ତରାତ୍ମା ।୪।

ତାଙ୍କଠାରୁ ସମସ୍ତ ଦେବ, ମନୁଷ୍ୟ, ପଶୁପକ୍ଷୀ, ବ୍ରୀହିଯବାଦି ସମସ୍ତ ଔଷଧି ଏବଂ ଶ୍ରଦ୍ଧା, ସତ୍ୟ, ବ୍ରହ୍ମଚର୍ଯ୍ୟାଦି ଉଦ୍ଭୂତ ହୋଇଅଛି ।

ତସ୍ମାଚ୍ଚ ଦେବା ବହୁଧା ସଂପ୍ରସୂତାଃ
ସାଧ୍ୟା ମନୁଷ୍ୟାଃ ପଶବୋବୟାଂସି ।
ପ୍ରାଣାପାନୌ ବ୍ରୀହିଯବୌ ତପଶ୍ଚ
ଶ୍ରଦ୍ଧା ସତ୍ୟଂ ବ୍ରହ୍ମଚର୍ଯ୍ୟାବିଧିଶ୍ଚ ।୭।
ପୁରୁଷ ଏବେଦଂ ବିଶ୍ୱଂ କର୍ମ
ତପୋବ୍ରହ୍ମ ପରାମୃତମ୍ ।
ଏତଦ୍ୟୋବେଦ ନିହିତଂ ଗୁହାୟାଂ
ସୋଽବିଦ୍ୟାଗ୍ରନ୍ଥିଂ ବିକିରତି ସୌମ୍ୟ ।୧୦।

ଅର୍ଥାତ୍ ଏହି ନିଖିଳ ବିଶ୍ୱ, ସମସ୍ତକର୍ମ ତପସ୍ୟାଦି ସେହି ପୁରୁଷଙ୍କ ଭିନ୍ନ ଆଉ କିଛି ନୁହେ । ଯେ ଏହି ଗୂଢ଼ ତତ୍ତ୍ୱ ଜାଣନ୍ତି, ସେ ଅବିଦ୍ୟାଗ୍ରନ୍ଥିକି ନାଶ କରନ୍ତି ।

ମହିମଣ୍ଡଳଗୀତାରେ ଏହି ବ୍ରହ୍ମବାଦ କିପ୍ରକାର ଅଛି, ଅନୁଶୀଳନ କରାଯାଉ ।

ଆହେ ଚୈତନ୍ୟ ବ୍ରହ୍ମ ତୁହି
ଉତ୍ପତ୍ତିଯୋଗ ଦିଅ କହି ।
ଆହେ ବୈକୁଣ୍ଠ ଶୂନ୍ୟନାଥ
ଭକତି ମାଗୁଅଛି ତାତ !

Digitized by srujanika@gmail.com

ସର୍ବ ପ୍ରକୃତି ତୁମ୍ଭେ ହେଲ
ସଂସାର ଯାକରେ ଘୋଟିଲ ।
ପୃଥିବୀ ଆକାଶ ମଣ୍ଡଳ
ତୋହର ଶରୀରୁ ସକଳ ।
ହେ ପ୍ରଭୁ ଜ୍ୟୋତି ରୂପଧର
କେତେ ଭଙ୍ଗିରେ ଲୀଳା କର ।
ଆକାଶ ମହାଶୂନ୍ୟ ହେଲୁ
ଏ ଅନ୍ଧକାରଟି ଘୋଟିଲୁ ।
ତେତିଶକୋଟି ଦେବ ତୁହି
ନକ୍ଷତ୍ରଗଣ ତୁମ୍ଭେ ହୋଇ ।
ସ୍ତିରୀ, ପୁରୁଷ ହେଲୁ ତୁହି
ଜାତ କରୁଛୁ ସର୍ବ ଦେହୀ ।
ନାନାବିଧ ପୁଷ୍ପ ତୁମ୍ଭେ ହେଲ
ନାନାବିଧ ବାସ ପ୍ରକାଶିଲ ।
ଆକାଶୁ ମହୀଯାଏ ପୂର
ଜୀବେ ଅଜୀବେ ସମସର ।
ରେଣୁ ପଡ଼ିବା ଠାବ ନାହିଁ
ସପ୍ତ ବ୍ରହ୍ମାଣ୍ଡ ପୂର ରହି ।
ଜାତ ହେଉଛୁ ତୁହି ପୁଣ (୮)
ମଲେ ମରୁଛୁ ହେ ଆପଣ । ୧୪ ଅ:

ଅନ୍ୟତ୍ର—ଜଳରେ କେଭେଁ ନ ବୁଡ଼ଇ
ଥାଇ ନ ଥାଇ ନ ଦିଶଇ ।
ଶୁଖଇ ନାହିଁ ସେହି ଶୁଣ
ଖଡ଼ଗେ ନ ତୁଟଇ ପୁଣ ।
ଅନଳେ କେଭେଁ ନ ପୋଡ଼ଇ
ପବନେ କେଭେଁ ନ ଉଡ଼ଇ । ୧୬ଅ:
ଅଗ୍ନିରେ କେବେ ନ ପୋଡ଼ିବୁ
ଜଳରେ କେବେ ନ ବୁଡ଼ିବୁ ।
ହାଣିଲେ କାଟି ହେବ ନାହିଁ (୯)
ପବନେ ଉଡ଼ିବୁଟି କାହିଁ ? ୧୬ଅ:

ପୁନଶ୍ଚ—ହସ୍ତ ପାଦହିଁ ତାର ନାହିଁ ।
ନୟନ ମୁଖ ବର୍ଣ୍ଣ କାହିଁ ?
ନାସାହିଁ ଶିର ନାହିଁ ଶୁଣ
ଅଜ୍ୟୋତି ଅବର୍ଣ୍ଣହିଁ ପୁଣ ।
ଅରୂପ ଅଜପା ଯେ ସେହି
ତାହାର ଥଳ କୂଳ ନାହିଁ । ୨୮ଅ:

ଉପନିଷଦରେ ମଧ୍ୟ ବ୍ରହ୍ମସ୍ୱରୂପ ଏହିପରି ବର୍ଣ୍ଣିତ ଅଛି—

ଅପାଣିପାଦୋ ଜବନୋ ଗ୍ରହୀତା ସ ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣଃ । ଅରୂପମସ୍ପର୍ଶମଶବ୍ଦମଗନ୍ଧବଚ୍ଛ ଯତ୍ ।

ଏକ ସୂର୍ଯ୍ୟଟି ଲକ୍ଷେ ହୋଇ
ଘଡ଼ିହାନ୍ତେ ସର୍ବ ଘଟେ ସେହି ।
ଦେଖ ପବନ ବହୁଅଛି
ସର୍ବଭୂତେ ବାଜି ଯାଉଛି । ୯୭ ଅ:
ପବନ ଯେ ରୂପେ ବହୁଛି
ତେହ୍ନା ରୂପ ନ ଦିଶଇ କିଛି ।
ଏହି ରୂପେ ଯେ ଆତ୍ମା ଥାଇ ।
ଭିନ୍ନ ତୁ ନ କରିବୁ କାହିଁ । ୧୬ଅ:

ଅରକ୍ଷିତ ଦାସଙ୍କର ବ୍ରହ୍ମସ୍ୱରୂପ ଜ୍ଞାନ ସମ୍ବନ୍ଧରେ ଇତ୍ୟାଦି ପ୍ରକାର ଉପଦେଶ କାଠୋପନିଷଦ୍ ନହିତ ଉପଦେଶର ଛାୟା, ଯଥା—

(୮) ସଜସ୍ୟାତ୍ମାନମାତ୍ମନା ଆତ୍ମନ୍ୟେବ ପ୍ରଲୀୟସେ ।

(୯) ଶ୍ରୀମଦ୍‌ଭଗବଦ୍‌ଗୀତାରେ—

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।
ଅଚ୍ଛେଦ୍ୟୋଽୟମଦାହ୍ୟୋଽୟ ମକ୍ଳେଦ୍ୟୋଽଶୋଷ୍ୟ ଏବ ଚ ।
ନିତ୍ୟଃ ସର୍ବଗତଃ ସ୍ଥାଣୁ ରଚଲୋଽୟଂ ସନାତନଃ ।

ବାୟୁର୍ଯଥୈକୋ ଭୁବନଂ ପ୍ରବିଷ୍ଟୋ
ରୂପଂ ରୂପଂ ପ୍ରତିରୂପୋ ବଭୂବ ।
ଏକସ୍ତଥା ସର୍ବଭୂତାନ୍ତରାତ୍ମା
ରୂପଂରୂପଂ ପ୍ରତିରୂପୋ ବହିଶ୍ଚ ।
କଠ—୨ୟ ବଲ୍ଲୀ ।

ଅନ୍ୟତ୍ର ସମ୍ଭବତଃ ଶିଷ୍ୟମାନଙ୍କ ନିକଟରେ ଅରକ୍ଷିତ ଏହିପ୍ରକାରେ ବ୍ରହ୍ମସ୍ୱରୂପ ବ୍ୟାଖ୍ୟା କରିଅଛନ୍ତି ।

"ବ୍ରହ୍ମକୁ କେହି ନ ଜାଣଇ । ତାଙ୍କର ରୂପ ବର୍ଣ୍ଣ ନାହିଁ, ମୁଖ ନାହିଁ, କର୍ଣ୍ଣ ନାହିଁ, ନାସିକା ନାହିଁ, ହସ୍ତ ପାଦହିଁ ନହିଁ, ପିଠି ନାହିଁ, କଟିନାହିଁ—ଶିର ଚର୍ମ ମାଂସ ରୂପ ବର୍ଣ୍ଣ ଚିହ୍ନହିଁ ନାହିଁ । ଅଶ୍ରୁତି—ଅବର୍ଣ୍ଣ—ଅରୂପ—ଅଜପା, ଏମନ୍ତ ବ୍ରହ୍ମକୁ କେହି ନ ଦେଖନ୍ତି । ଭକ୍ତିଭାବରେ ବଶ ହୋନ୍ତି । ବ୍ରହ୍ମରୁ ଝରି ଜୀବରୂପରେ ବିହାର କରନ୍ତି । ଏ ଦେହରୁ ଯାଇ ବ୍ରହ୍ମରେ ଲୀନ ହୁଅନ୍ତି । ତହିଁକ ଉପାୟ କହିବା ଶୁଣ—ପାଣିରେ ମିଷ୍ଟକ ଗୋଳି ପେଟଖଣ୍ଡିକ ନେଇଯିବା । ସେ ପାଣିକୁ ପୋଖରୀ ଭିତରେ ନିଇଡ଼ି ଦେଇ ପୁଣି ପାଣିକୁମ୍ଭେ ଆଣିବା । ସେ ପାଣି କି ମିଷ୍ଟକ ଲାଗିବ ? ଏହି ରୂପେଟି ଗଲେ ନ ଆସଇ – ବ୍ରହ୍ମରେ ଲୀନ ହୁଅଇ । ଏ ମଲେ ଜନ୍ମ ନ ହୁଅଇ—ଏ ଦେହ ଗଲେ ଆଉ ନ ପାଇ । ଯେବେ ଦେହକୁ ରଖିବ, ତେବେ ଏକାକ୍ଷର ବ୍ରହ୍ମକୁ ଚିହ୍ନ । (୧୦) ଏକାକାର ଭାବନା କର । ବିକାର ନ ରଖ । ବିକାର କଲେ କେଉଁ ବ୍ରହ୍ମ ନ ଚିହ୍ନଇ ।" (୧୧)

ଅରକ୍ଷିତଙ୍କ ମତରେ ବ୍ରହ୍ମ ନିରାକାର ବା ଅରୂପ । କିନ୍ତୁ ସମୟରେ ସେ ଭକ୍ତର ଉଦ୍ଧାର ବା ଉପକାର ନିମନ୍ତେ ରୂପ ଧରି ଦେଖାଯାନ୍ତି ।

ଭକତ ଆଗତେ ପଡ଼ିଲେ
ରୂପ ତୁ ଧରୁ ତେତେବେଳେ ।
ନୋହିଲେ ରୂପ ନାହିଁ ତୋର
ହେ ପ୍ରଭୁ ତୁହି ଦୟା କର । ୨୭ଅ:
ଭକତ କଷଣ ନ ସହି
ରୂପ ଯେ ଧରୁ ଭବଗ୍ରାହୀ । ୧୨ଅ:

ଅନ୍ୟତ୍ର—ବାଳକ ରୂପ ତୁ ପାଞ୍ଚିଲେ
ବାଳକ ରୂପ ଦେଖୁ ଭଲେ ।
ବୃଦ୍ଧ ରୂପକୁ ଇଛା ଯେବେ
ବୃଦ୍ଧ ରୂପ ହୋଇବୁ ତେବେ ।
+ଯେ ନାମ ଜାଣିଥିଲେ ତୁହି ।
ଯେତେ ରୂପ ପାଞ୍ଚିଲେ ହୋଇ । ୨୭ଅ:

ପ୍ରାଚୀନ ବ୍ରହ୍ମବାଦୀମାନେ ମଧ୍ୟ କହିଅଛନ୍ତି,
"ସାଧକାନାଂ ହିତାର୍ଥାୟ ବ୍ରହ୍ମଣୋରୂପକଳ୍ପନା"

ନିରାକାର ବ୍ରହ୍ମହିଁ ଅରକ୍ଷିତଙ୍କର ଏକ ମାତ୍ର ଉପାସ୍ୟ ଦେବତା ଥିଲେ । ସେ ବ୍ରହ୍ମ ସମସ୍ତ ବ୍ରହ୍ମାଣ୍ଡର ମୂଳାଧାର, ସର୍ବବ୍ୟାପୀ ଏବଂ ସନାତନ । ସେହି ଏକ ବ୍ରହ୍ମରୁ ସାଧକର ରୁଚି ଅନୁସାରେ ବହୁ ଦେବଦେବୀଙ୍କର ସୃଷ୍ଟି ହୋଇଅଛି । ତେଣୁ ଅରକ୍ଷିତ ଅନ୍ୟାନ୍ୟ ଦେବତାଙ୍କ ପ୍ରତି କିଛି ଆସ୍ଥାବାନ୍ ନ ଥିଲେ । ସର୍ବ ଦେବଦେବୀଙ୍କି ସେ ବ୍ରହ୍ମମୟ ଦେଖୁଥିଲେ । କାଷ୍ଠ-ପାଷାଣନିର୍ମିତ ମନୁଷ୍ୟ ପ୍ରତିଷ୍ଠିତ ଦେବତା ପ୍ରତିମାକୁ ସେ କାଷ୍ଠପାଷାଣ ଭିନ୍ନ ଆଉ କିଛି ବିଶେଷ ଜ୍ଞାନ କରୁ

(୧୦) ପଦ୍ୟ ମଧ୍ୟରେ ଏପରି ଗଦ୍ୟରେ ବ୍ୟାଖ୍ୟାନ ପ୍ରାଚୀନ ଭକ୍ତକବି ଜଗନ୍ନାଥ ଦାସଙ୍କ ତୁଳାଭିଣାରେ ଲକ୍ଷିତ ହୁଏ ।
(୧୧) ଏ ସ୍ଥଳରେ ବଳରାମ ଦାସ କହି ଅଛନ୍ତି—
ଏକାକାର କଲେ ମୋତେ ପାଇବୁ ଅର୍ଜୁନ । ବିକାର କଲ୍ପନାରେ ନାହିଁ ଦରଶନ । ଗୁ. ଗ. ୩୧ ଅଃ

Digitized by srujanika@gmail.com

ନଥିଲେ । (୧୨) କାଷ୍ଠ ପାଷାଣ ପ୍ରତିମାରେ ଦେବତ୍ୱ ନାହିଁ, ଏହା ତାଙ୍କର ଦୃଢ଼ ବିଶ୍ୱାସ ଥିଲା । ତେଣୁ ସେ ଦେବଦେବୀ ପୂଜା କରୁ ନ ଥିଲେ । ତେବେ ସର୍ବ ଘଟରେ ବ୍ରହ୍ମ ବିଦ୍ୟମାନ ଥିବାରୁ ସେପରି ପ୍ରତିମାରେ ମଧ୍ୟ ତାଙ୍କର ଅସ୍ତିତ୍ୱ ବିଶ୍ୱାସ କରୁଥିଲେ । ଅନେକ ଦେବମନ୍ଦିରରେ ସେ ଉପସ୍ଥିତ ହୋଇଅଛନ୍ତି; କିନ୍ତୁ ମନ ସେନ୍ଥି ବ୍ରହ୍ମପଦରେ ଲଗ୍ନ । କୌଣସି କୌଣସି-ଠାରେ ସେ ଚିତ୍ତ ଲଗ୍ନ ରହିବା ଲଗି ଦେବଦେବୀଙ୍କି ପ୍ରାର୍ଥନା କରିଅଛନ୍ତି । ବିଭିନ୍ନ ନାମରେ ଅନେକ ଦେବତା ଥିଲେହେଁ ଅରକ୍ଷିତ ସେ ସମସ୍ତ ନାମରେ ବ୍ରହ୍ମକୁ ବୁଝୁଥିଲେ ।

'ନାମରୂପାଭ୍ୟାଂ ତେ ନମଃ' ଶୂନ୍ୟବାଦିଙ୍କର ଏହି ମତକୁ ମଧ୍ୟ ଉକ୍ତ ମହାପୁରୁଷ ହୃଦୟରେ ପୋଷଣ କରିଥିଲେ । ଉପରେ ସଂକଳିତ ଅନେକ ବଚନରୁ ଜଣା ଯାଇଅଛି, ସେ ନାମକୁ ଭରସା କରିଥିଲେ । ନାମହିଁ ବ୍ରହ୍ମ । (୧୩) ଅକ୍ଷର ସଂଯୋଗରେ ନାମର ଉତ୍ପତ୍ତି ହୁଏ । ଅକ୍ଷର ଶବ୍ଦକୁ ବହନ କରେ । ପ୍ରାଚୀନ ଆର୍ଯ୍ୟର୍ଷିମାନେ ଅକ୍ଷରରେ ବ୍ରହ୍ମର ସତ୍ତା ଅନୁଭବ କରି ଅକ୍ଷରକୁ ବ୍ରହ୍ମ ବୋଲି ନିର୍ଦ୍ଦେଶ କରିଅଛନ୍ତି ।

ଏତଦ୍ଧ୍ୟେବାକ୍ଷରଂ ବ୍ରହ୍ମ,
ଏତଦେବାକ୍ଷରଂ ପରମ୍ ।
ଏତଦ୍ଧ୍ୟେବାକ୍ଷରଂ ଜ୍ଞାତ୍ୱା,
ଯୋ ଯଦିଚ୍ଛତି ତସ୍ୟ ତତ୍ ।
କଠ—୧୩ ବଲ୍ଲୀ ।

ଅକ୍ଷରଂ ପରମଂ ବିଦ୍ଧି ବ୍ରହ୍ମାକ୍ଷର ସମୁଦ୍ଭବଂ—
(ଗୀତା)

ଭକ୍ତ ଅରକ୍ଷିତଙ୍କ ଧର୍ମର ମୂଳମନ୍ତ୍ର ମଧ୍ୟ ଏହାହିଁ ।
ଅକ୍ଷରମାନ ହେଲୁ ତୁହି
ତହିଁ ଭିତରେ ତୁହି ରହି ।
× ହେ ବ୍ରହ୍ମ ସଂସାରେ ତୋ ଲୀଳା
ନ ଦେଖି ତୁମ୍ଭ ନାମେ ଭୋଳା । ୪୮ଅ:

ଏକାକ୍ଷରଂ ପରଂ ଜ୍ଞାନଂ
ଏକାକ୍ଷରଂ ପରଂ ତପଃ
ଏକାକ୍ଷରଂ ପରୋଧର୍ମଃ
ବ୍ରହ୍ମ ଏକାକ୍ଷରଂ ଗତି ।

ଅରକ୍ଷିତଙ୍କ ଶିଷ୍ୟମଣ୍ଡଳୀର ରସନାରେ ଏହି ସୂକ୍ତି ବିଶେଷରେ ନୃତ୍ୟ କରେ । ଭକ୍ତ ଅରକ୍ଷିତ ଓଁକାରକୁ ଅନ୍ୟାନ୍ୟ ସାଧକଙ୍କ ତୁଲ୍ୟ ଯେପରି ବ୍ରହ୍ମ ବୋଲି ବ୍ୟାଖ୍ୟା କରିଅଛନ୍ତି, ମହୀମଣ୍ଡଳ ଗୀତାର ୮୧ ଅଧ୍ୟାୟଠାରୁ ପ୍ରାୟ ଦଶ ଅଧ୍ୟାୟ ମଧ୍ୟରେ ଏହି ଅକ୍ଷରର ବ୍ରହ୍ମସ୍ୱରୂପ ଓ ମହିମା ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇ-ଥିବାରୁ ଏଠାରେ ସେଥିରେ ଉଲ୍ଲେଖ ନିଷ୍ପ୍ରୟୋଜନ ।

ଏପର୍ଯ୍ୟନ୍ତ ଆଲୋଚନା କରି ଦେଖାଗଲା ଯେ, ଅରକ୍ଷିତ ଦାସ ଜୀବନବ୍ୟାପୀ ସାଧନାରେ ବୁଦ୍ଧତ୍ୱ ଲାଭ କରି ଯେଉଁ ଧର୍ମ ଗ୍ରହଣ କରିଥିଲେ, ତାହା ଏବଂ ଆଧୁନିକ ବ୍ରହ୍ମଧର୍ମ ମଧ୍ୟରେ ବିଶେଷ କିଛି ଭେଦ ନାହିଁ । ଶେଷୋକ୍ତ ଧର୍ମରୁ କେବଳ ଖ୍ରୀଷ୍ଟାନ୍ ଧର୍ମର ପ୍ରତିବିମ୍ବ

---

(୧୨) ଆହେ ଚୈତନ୍ୟ ସର୍ବ ଦେବ । ସକଳ ଘଟେ ଶୁଭାଶୁଭ । ୬୭ଅଃ
ଦେବତା କେଭେ ନ ପୂଜଇଁ । ନାମ ଭରସାରେ ମୁଁ ଥାଇଁ । ୪୨ଅଃ
ମୁହିଁ ତ ତାଙ୍କ ଭରସାରେ । ଅନ୍ୟ ଦେବ ସେବା ନ କରେଁ । ୪୪ଅଃ
କାହାକୁ ସେବା ମୁଁ ନ କରେଁ । ନ ସେବେଁ ଦେବ ସୁର ନରେ । ୪୭ଅଃ
ସର୍ବଘଟରେ ଏକ ବ୍ରହ୍ମ । ଏହାକୁ ଚିତ୍ତେ ଅନୁମାନ । ୪୬ଅଃ

(୧୩) ଗୁପ୍ତଗୀତାରେ ବଳରାମ ଦାସ—
ନାମ ଆଦି ମାତ୍ରା ଅନାହତ ଧ୍ୱନି । ଧ୍ୱନି ସେ ଟି ପରଂବ୍ରହ୍ମ ବୋଲି ଜାଣି ।
ନାମ ବୋଲି କରି ବେନି ଦେବେ ଅଛି । ସର୍ବ ଜୀବେ ନାଦ ନାମ ରହିଅଛି ।

Digitized by srujanika@gmail.com

ବା ମୁଦ୍ରା ବିଶ୍ଳେଷଣ କରି ନେଲେ ଏ ଉଭୟ ଧର୍ମ ମଧ୍ୟରେ ଯଥେଷ୍ଟ ସାମଞ୍ଜସ୍ୟ ରହିବ । ଆଧୁନିକ ଉପାସନା ପଦ୍ଧତି ତୁଳନା ତାଙ୍କର ମଧ୍ୟ ଉପାସନା ବିଧି ଥିବାର ଅନୁମାନ କରାଯାଏ ।

ହେ ବ୍ରହ୍ମ ଭୟ ଯେ ନିର୍ଭୟ
ନ ଜାଣେ ଆହେ ମୃତ୍ୟୁଞ୍ଜୟ ।
ହେ ବ୍ରହ୍ମ ଜନ୍ମ ମୃତ୍ୟୁ ପୁଣ
ନ ଜାଣେ ଆଶ୍ରେ ଶ୍ରୀଚରଣ ।
ହେ ବ୍ରହ୍ମ କ୍ଷୁଧା ତୃଷା ମୁହିଁ
ନ ଜାଣେ ତୁମ୍ଭ ଆଶ୍ରେ ଥାଇଁ ।
ମୁହିଁ ତ ସଦା ଅପରାଧୀ
ତୁମ୍ଭେ ତ ଅଟ କ୍ଷମାନିଧି ।
ତୁମ୍ଭେ ବା ମୋତେ ଦୂର କର
ମୁହିଁ ନ ଛାଡ଼େ ନିରନ୍ତର ।
ଆହେ ଅଭୟ ପାଦପଦ୍ମ ।
ହରିବ ବିଷୟ ବିଷାଦ ।
ଆହେ ହେ କମଳଲୋଚନ !
ଦୁଃଖୀ ଲୋକର ଅଟୁ ଧନ ।
ଦରିଦ୍ର ଦୁଃଖୀ ମୁଁ ଅଟଇ !
ତୋ ନାମ ଭଜ ନ ପାରଇଁ ।
ତୋହର ରୂପ ବର୍ଣ୍ଣି ନାହିଁ ।
ମୋ ତହୁଁ ପାପୀ ଅନ୍ୟ କାହିଁ । ଇତ୍ୟାଦି ।

ପ୍ରକାର ବଚନାବଳିରୁ ଅନୁମାନ କରାଯାଏ, ଭକ୍ତଙ୍କର ନିତ୍ୟ ପ୍ରାର୍ଥନାର ଗୋଟିଏ ପଦ୍ଧତି ଥିଲା । ନିମ୍ନଲିଖିତ ପ୍ରସଙ୍ଗ ଏହି ଅନୁମାନର ପୋଷକତା କରୁଅଛି । ଭକ୍ତ ମହାପୁରୁଷଙ୍କର ଜନୈକ ଅବଧୂତ ଶିଷ୍ୟ ଦିନେ କୌଣସି ସ୍ଥାନରେ ଯେପରି ଭାବରେ ବ୍ରହ୍ମ ଉପାସନା କରିଥିଲେ, ତାହାର ଅବିକଳ ପ୍ରତିଲିପି ୨୩-୩-୮୯ ମସିହାର 'ଉତ୍କଳ ଦୀପିକା'ରେ ପ୍ରକାଶିତ ହୋଇଥିଲା । ବିଜ୍ଞ ପାଠକମାନଙ୍କୁ ତାହା ଏବେବେଳେ ପ୍ରୀତିକର ବୋଧ ହେବ ବୋଲି ଅନୁମାନ କରି ନିମ୍ନରେ ଉଦ୍ଧାର କରାଗଲା ।

"ଅଲେଖ ଅବ୍ୟୟଂ ଶୂନ୍ୟଂ
ଅଶ୍ରୁତି ପରମଂ ପଦଂ ।
ଅକୂଳଂ ଅମୂଳଂ ନାମ
ଅନାଦି ବ୍ରହ୍ମ ଉଚ୍ୟତେ ।"

ଅଲେଖ ଅଣାକାର ବ୍ରହ୍ମ ଅନାଦି ପରମେଶ୍ୱର ଜାଗ୍ରତ ଜୀବନ୍ତ ପରଂବ୍ରହ୍ମ ସତ୍ୟ ସନାତନ ମହାନ୍ ମହିମାସାଗର ଅବ୍ୟକ୍ତ ଅନନ୍ତ ଅନ୍ତର୍ଯାମୀ ଚତୁର୍ବର୍ଗ ଗତିମୁକ୍ତିଦାତା ଶରଣସୋଦର ଏକେଶ୍ୱର ପ୍ରଭୁ ଅଭୟ ପାଦପଦ୍ମରେ ଶରଣ ରକ୍ଷା କର । ଅନାମ ଓଁକାର ସୋଽହଂ ସ୍ୱୟଂ ଚିତ୍ ସତ୍ ଓଂ ଶାନ୍ତାମୃତଂ ବିରାଟ ବିଶ୍ୱପିତା ଓ ବ୍ରାହ୍ମଣ ପ୍ରସବିନୀ ବିଶ୍ୱଜନନୀ ପ୍ରାଣେଶ ପ୍ରାଣନାଥ ଆଦି ଧର୍ମାବତାର ମହାରାଜ ମହାଜ୍ଞାନ ମୂର୍ତ୍ତି ଅଧିତ ଗୁରୁ ପରିଧାନ ନିମିତ୍ତ ଆପଣଙ୍କର ଯେ ଅପାର ବିବେକଶକ୍ତି କରୁଣା କରି ଆମ୍ଭମାନଙ୍କୁ ଜ୍ଞାନ ଧର୍ମ ତପ ଯୋଗ ଭକ୍ତି ସାତ୍ତ୍ୱିକ କର୍ମ ପ୍ରଦାନ କର—ହେ ସତ୍ୟ ସ୍ୱରୂପ, ଆମ୍ଭମାନଙ୍କୁ ସତ୍ ଶାନ୍ତି ଦୟା କ୍ଷମା ଓ ପ୍ରେମ ପବିତ୍ରତା ପ୍ରଦାନ କରି ଆପଣଙ୍କ ନାମରେ ବିଶ୍ୱାସୀ କରାନ୍ତୁ । ହେ ପ୍ରଭୁ ଜ୍ଞାନମୟ ! ଆମ୍ଭମାନଙ୍କୁ ଅଜ୍ଞାନରୁ ଉଦ୍ଧାର କର । ହେ ପ୍ରଭୁ ! ଜାଜ୍ୱଲ୍ୟ ଜ୍ୟୋତିର୍ମୟ । ନିଗୂଢ଼ ଅନ୍ଧକାରରୁ ଉଦ୍ଧାର କର । ହେ ବିଭୁ, ମହାବ୍ରହ୍ମ ବିଦ୍ୟା ଆମ୍ଭମାନଙ୍କୁ ଅବିଦ୍ୟା ଅନ୍ଧକାରରୁ ଉଦ୍ଧାର କର । ହେ ପ୍ରଭୁ ! ବିଶ୍ୱ ଶ୍ରେଷ୍ଠ ବିଷ୍ଣୁ ! ଆମ୍ଭମାନଙ୍କୁ ବିଶ୍ୱମାୟା ଓ ଭବାର୍ଣ୍ଣବରୁ ପାର କର । ପ୍ରଭୋ ସଙ୍କଟ ଭଞ୍ଜନ ! ଆମ୍ଭମାନଙ୍କୁ ସମସ୍ତ ସଙ୍କଟରୁ ଉଦ୍ଧାର କର । ହେ ଗ୍ରହରାଜ ! ଆମ୍ଭମାନଙ୍କୁ ସମସ୍ତ ଗ୍ରହଭୟରୁ ରକ୍ଷାକର । ହେପ୍ରଭୋ ବିଘ୍ନନାଶନ ! ଆମ୍ଭମାନଙ୍କୁ ସମସ୍ତ ବିଘ୍ନରୁ ରକ୍ଷା କର । ହେ ପ୍ରଭୋ ! ଅନାଦି ଅନନ୍ତ କରୁଣାମୟ ! ଆମ୍ଭମାନଙ୍କୁ ଗତି ମୁକ୍ତି ପ୍ରଦାନ କରି ଅନ୍ତଃକାଳରେ ଆପଣଙ୍କ କୋଳରେ ଧାରଣ କର । ହେ ଦୟାଳୁ ପ୍ରଭୋ ! ଜ୍ୟୋତିଃ- ସିଂହାସନରେ ବିରାଜମାନ କରି ଆମ୍ଭମାନଙ୍କୁ

Digitized by srujanika@gmail.com

ସର୍ବଦା ରକ୍ଷା ଓ ଅଶାନ୍ତ ଚିତ୍ତକୁ ଶାନ୍ତ କର । ଓଁ ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ ଅମୃତମସ୍ତୁଂ ଶାନ୍ତଂ ଶିବମଦ୍ୱୈତଂ ମହାନନ୍ଦରୂପଂ ଶୁଦ୍ଧମପାପବିଦ୍ଧଂ ସେ ସୁହଂସଃ । ଓ ସତ୍ ହରି ଓଁ ସୋଽହଂ ସ୍ୱସ୍ତୁଂ ମଙ୍ଗଳମସ୍ତୁମ୍ । ଶାନ୍ତି ! ଶାନ୍ତି ! ଶାନ୍ତି ! ! !”

ଉଲ୍ଲିଖିତ ଉପାସନା ଟିକିଏ ଆଧୁନିକ ଥିବାରୁ ସେଥିରେ ବ୍ରାହ୍ମ ଉପାସନାର ଛାୟା ପଡ଼ିଅଛି ବୋଲି ବୋଧ ହୁଏ । ସେ ଯାହାହେଉ ଅରକ୍ଷିତଙ୍କ ଆଶ୍ରିତ ଧର୍ମ ଆଧୁନିକ ଯୁଗରେ ସମଧିକ ଆଦର ଓ ପ୍ରସାର ଲାଭ କରିବାର ଉପଯୋଗୀ । କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ଯେ, ତାଙ୍କ ତୁଲ୍ୟ ଜଣେ ସାଧକ ମହାପୁରୁଷ ଉତ୍କଳରେ ଜନ୍ମ ନଇଲ୍ଲା ସାଙ୍ଗକର ଯାହା ପ୍ରାନ୍ତବାସୀମାନଙ୍କ ନିକଟରେ ଅଦ୍ୟାବଧି ସୁପରିଚିତ ହୋଇପାରି ନାହାନ୍ତି, ଏହା କେବଳ ଦେଶବାସୀଙ୍କର ଔଦାସୀନ୍ୟ ଓ ଅଜ୍ଞତାର ପରିଚାୟକ ।

କବିଙ୍କ ଭାଷା ଏବଂ ରଚନାଭଙ୍ଗୀ—

ସମଗ୍ର ମହୀମଣ୍ଡଳ ଗୀତା ସରଳ ଭାଗବତ ବୃତ୍ତରେ ଲିଖିତ; କିନ୍ତୁ ଏ ଭାଗବତର ଭାଷା ଜଗନ୍ନାଥ ଦାସଙ୍କ ଭାଗବତର ଭାଷାଠାରୁ ଅଧିକ ସରଳ ଏବଂ ସୁବୋଧ । ଏ ଭକ୍ତ କବିଙ୍କର ରଚନାର ବିଶେଷତ୍ୱ ଏହି ଯେ, ତାଙ୍କର ବର୍ଣ୍ଣନାକାଳୀନ ଭାବୋଚ୍ଛ୍ୱାସ ସ୍ୱଭାବସୁଲଭ ଭାଷାରେ ଅବିକଳ ଅଭିବ୍ୟକ୍ତ ହୋଇଅଛି । ତାହାଙ୍କ ଜୀବନର ଯାବତ୍ ଅନୁଭବ ଏହି ଗୀତା ମଧ୍ୟରେ ପ୍ରକଟିତ ହୋଇଅଛି ।

ମୋହର ଅନୁଭବ ଯେତେ
ଗୀତାରୁ ଶୁଣ ହେ ସମସ୍ତେ । ୪୯ ଅ:

ଭାଷା ଯଥାର୍ଥରେ ଭାବର ପରିଚ୍ଛଦ ମାତ୍ର । ଯେଉଁ କବିଙ୍କର ଭାବରାଶି ଏହି ପରିଚ୍ଛଦ ସହ ବିନା ଆୟାସରେ ବାହାରି ଆସେ, ସେହି ଏକା ସ୍ୱଭାବ କବି । ମହାପୁରୁଷମାନଙ୍କର ଅନ୍ତର ବାହାର ଏକାପରି ।

ମନସ୍ୟେକଂ ବଚସ୍ୟେକଂ
କର୍ମଣ୍ୟେକଂ ମହାତ୍ମନାଂ ।
ମନସ୍ୟନ୍ୟତ୍ ବଚସ୍ୟନ୍ୟତ୍
କର୍ମଣ୍ୟନ୍ୟତ୍ ଦୁରାତ୍ମନାଂ ।

ତେଣୁ ଭକ୍ତ ଅରକ୍ଷିତଙ୍କର ରଚନାରେ ଏହି ନିସର୍ଗ ଲାବଣ୍ୟ ବହୁଳ ଦେଖିବାକୁ ମିଳେ । ତାହାଙ୍କ ରଚନାରେ କୃତ୍ରିମ ଅଳଙ୍କରଣ ନାହିଁ; ତଥାପି ତାହା ଶ୍ରୋତା ବା ପାଠକଙ୍କର ଚିତ୍ତ ଆକର୍ଷଣ କରେ । ଏ ସ୍ଥଳରେ ଅଧିକ ଉଦାହରଣ ଦେବାର ପ୍ରୟୋଜନ ନାହିଁ । କାରଣ ପୂର୍ବ ପ୍ରସଙ୍ଗମାନଙ୍କରେ ଉଦ୍ଧୃତ ତାହାଙ୍କ ବଚନାବଳୀରୁ ରଚନାର ଭଙ୍ଗି ଉତ୍ତମ ଜଣା ପଡ଼ୁଅଛି । ତଥାପି ପ୍ରସଙ୍ଗାନୁରୋଧରେ ଏଠାରେ ଗୋଟିଏ ଦୁଇଟି ସ୍ଥଳରୁ କେତେକ ପଂକ୍ତି ଉଦ୍ଧାର କରାଗଲା ।—

(୧) ଆକାଶ ନ ଥିଲେ ପବନ
କାହୁଁ ଏ ଜାତ ହୋନ୍ତା ଶୁଣ ।
ପବନ ନ ଥିଲେଟି କେହି
ଅଗ୍ନିଟି ଜାତ ହୋନ୍ତା କାହିଁ ।
ଅଗ୍ନି ନ ଥିଲେ ଜଳ ପୁଣି
କାହୁଁ ଏ ଜାତ ହୋନ୍ତା ଶୁଣ ।
ଜଳ ନ ଥିଲେ ପୃଥ୍ୱୀ କାହିଁ
ଜାତ ହୁଅନ୍ତା ଶୁଣ ଭାଇ ।
ଏ ପଞ୍ଚଭୂତରୁ ଗୋଟିଏ
ନ ଥିଲେ କାହୁଁ ଜନ୍ମ ନୋହେ ।
ଏ ପଞ୍ଚ ଭୂତରୁ ସଂସାର
ଜାତ ହୁଅନ୍ତି ଚରାଚର । ୫୧ ଅ:

(୨) ଅଲେଖ ଇଷ୍ଟଦେବ ମୁହିଁ
ନବଘନଟି ମୁଁ ବୋଲାଇ ।

Digitized by srujanika@gmail.com

କାଳପୁରୁଷ ମୁହିଁ ହେଲି
ଗର୍ବଗଞ୍ଜନ ବୋଲାଇଲି ।
କଦମ୍ବ ବିହାରୀଟି ମୁହିଁ
ମାରଧରଟି ମୁଁ ବୋଲାଇ ।
ଜଗତ ବଲ୍ଲଭଟି ଜାଣ
ନନ୍ଦୀଘୋଷ ବିହାରୀ ପୁଣ ।
ମହୀନ୍ଦ୍ରପତି ମୁଁ ଅଟଇ
ମହେନ୍ଦ୍ର ନାମଟି ବୋଲାଇ ।
ପାତାଳପତି ମୁହିଁ ଜାଣ
କଳ୍ପଦ୍ରୁମଟି ମୁହିଁ ପୁଣ ।
ପଦ୍ମଲୋଚନ ମୁଁ ବୋଲାଇ
ଅଭୟ ଚରଣଟି ମୁହିଁ । ୬ ଅ:

(୩) ନମୋ ନମସ୍ତେ ପରଂବ୍ରହ୍ମ
ମହା ଶୂନ୍ୟରେ ତୋ ବିଶ୍ରାମ ।
ନମୋ ନମସ୍ତେ ଦଇତ୍ୟାରି
ନମୋ ନମସ୍ତେ ଦେବହରି ।

\+ ନମୋ ନମସ୍ତେ ହର୍ତ୍ତାକର୍ତ୍ତା
ନମୋ ନମସ୍ତେ ମୋକ୍ଷଦାତା ।
ନମୋ ନମସ୍ତେ ଶିକ୍ଷାଗୁରୁ
ନମୋ ନମସ୍ତେ କଳ୍ପତରୁ ।

\+ ହେ ବ୍ରହ୍ମ ବୃକ୍ଷ ସଙ୍ଗ କରି
ତୁମ୍ଭ ଆଶ୍ରିତେ ନିତ୍ୟେ ଫେରି ।
ହେ ବ୍ରହ୍ମ ଜପ ହୋମ ବ୍ରତ
ନ ଜାଣେ ତୁମ୍ଭ ପାଦେ ରତ ।

\+ ହେ ବ୍ରହ୍ମ ଭଜନ ସ୍ମରଣ
ନ ଜାଣେ ତୁମ୍ଭ ଆଶ୍ରା ପୁଣ । ୪୯ ଅ:

(୪) ଅକ୍ଷର ନ ଲାଗିବ ଯହିଁ
ସେ ନାମ ଜନ୍ମିବଟି କାହିଁ ।
ଅକ୍ଷର ଶରୀରେ ପୂରିଛି
ଅକ୍ଷର ଲାଗି ମୁହିଁ ଅଛି ।
ଅକ୍ଷର ଦେହରୁ ଛାଡ଼ିଲେ
ନିଶବଦଟି ହେବ ଭଲେ ।

\+ ଅକ୍ଷର ଯେବେ ନ ଲାଗିବ
ମହାଶୂନ୍ୟଟି ବୋଲାଇବ ।
ଅକ୍ଷର ଯେବେ ରହୁଥାଇ
ଏ ଦେହ କେବେହେଁ ନ ଯାଇ ।

\+ ଅକ୍ଷରୁ ଶରୀର ଜନ୍ମିଲା
ଅକ୍ଷର ବ୍ରହ୍ମାଣ୍ଡ ଘୋଟିଲା ।
ଅକ୍ଷର ମାୟା କେ ଜାଣିବ
ଶୁଣି କହିବ ତାହା ଭାବ । ୮୫ ଅ:

\+ ଆପେ ତୁ ବିଶ୍ୱରୂପ ଧରୁ
ଆପେ ଅମୃତ ଜାତ କରୁ ।
ଆପକୁ ଆପେ କ୍ରୋଧ ହୋଇ
ଆପକୁ ଆପେ ଗାଳି ଦେଇ ।

\+ ଆପେ ରାଜା ପରଜା ହେଲୁ
ସେବକ ହୋଇଣ ଖଟିଲୁ ।
ଆପେ ବ୍ରାହ୍ମଣ ହାଡ଼ି ତୁହି
ଆପେ ସେବକ ପ୍ରଭୁ ହୋଇ ।
ଆପକୁ ଆପେ ଯୁଦ୍ଧ କରୁ
ଆପକୁ ଆପେ ଜିଣି ପାରୁ ।

\+ ଆପେ ତୁ ମରୁଛୁ ଜୀଉଛୁ
ଆପେ ଦେଖିଣ ଶୁଣୁଅଛୁ ।
ଆପେ ଦେବତା ରୂପ ଧରି
ଆପକୁ ଆପେ ପୂଜା କରି । ୧୫ ଅ:

ଉଲ୍ଲିଖିତ ଉଦ୍ଧୃତାଂଶମାନଙ୍କରୁ ବିଜ୍ଞ ପାଠକମାନେ ବିଚାର କରି ପାରିବେ, ସେଗୁଡ଼ିକ କବିଙ୍କର କି ପ୍ରକାର ସ୍ୱଭାବସୁଲଭ ଭାବୋଚ୍ଛ୍ୱାସ । ତାହା କୌଣସି ରଞ୍ଜନରେ ରଞ୍ଜିତ ନୁହେଁ କି ବନ୍ଧନରେ ଆବଦ୍ଧ ନୁହେ । ସେଥିରେ କବିତ୍ୱ ପ୍ରତି ଆଦୌ ଦୃଷ୍ଟି ନାହିଁ । ଏମାନ କବିତାରେ ସ୍ଥାନ ପାଇବ କି ନାହିଁ ତାହା ବିଚାର୍ଯ୍ୟ ବିଷୟ । ଧର୍ମୋପଦେଶରେ

Digitized by srujanika@gmail.com

ଆଳଙ୍କାରିକଙ୍କ ନିର୍ଦ୍ଦେଶିତ ରସର ସଞ୍ଚାର ବା କାହୁଁ ଆସିବ ? ତେଣୁ ଏ ପ୍ରକାର ଉପଦେଶକୁ ଆଳଙ୍କାରିକମାନେ କବିତା ମଧ୍ୟରେ ଗଣନା କରି ନ ଥାନ୍ତି ବା ସ୍ଥାନ ଦେଇ ନ ଥାନ୍ତି ।

ଉଦ୍ଧୃତ ସନ୍ଦର୍ଭମାନଙ୍କରେ ଚୈତନ୍ୟ ଓ ମନ ବକ୍ତା, ଶ୍ରୋତା । ଶ୍ରୀମଦ୍ ଭଗବଦ୍‌ଗୀତା ଶ୍ରୀକୃଷ୍ଣ ଏବଂ ଅର୍ଜ୍ଜୁନଙ୍କ ସମ୍ବାଦ ଅବଲମ୍ବନରେ ରଚିତ । ତଦନୁକରଣରେ ଉତ୍କଳର ଅନେକ ବୈଷ୍ଣବ କବି ସେ ଉଭୟଙ୍କୁ ବକ୍ତା ଶ୍ରୋତା କରି ଗୀତା ରଚନା କରି ଅଛନ୍ତି । ଜଗନ୍ନାଥ ଦାସଙ୍କ ତୁଳାଭିଣା ଏବଂ ବଳରାମଦାସଙ୍କ ଗୀତାଭିଧାନ ଏହି କ୍ରମରେ ଲିଖିତ । ମହୀମଣ୍ଡଳ ଗୀତାଦିରେ ସତ୍ୟଜ୍ଞାନର ପକ୍ଷପାତୀ କବି ସେ କ୍ରମର ପରିବର୍ତ୍ତନ କରି ଅଛନ୍ତି । ତାହା ବୋଲି ମନ ଚୈତନ୍ୟ ସମ୍ବାଦ ଯେ ଅରକ୍ଷିତ ଦାସଙ୍କର ନୂତନ ଉଦ୍ଭାବନ, ଏହା କହିବା ଠିକ୍ ନୁହେଁ । ଶାରଳା ଦାସ ପ୍ରଭୃତି କେତେକ ପୂର୍ବକବିଙ୍କ ଗ୍ରନ୍ଥରେ ମଧ୍ୟ ଏହି କ୍ରମ ଦେଖା ଯାଇଅଛି ।

ଭାଷା ପ୍ରୟୋଗ ବିଷୟରେ ଏକା ଅରକ୍ଷିତଙ୍କର କାହିଁକି, ପ୍ରାୟ ସମସ୍ତ ପ୍ରାଚୀନ କବିଙ୍କର ଗୋଟିଏ ବିଶେଷତ୍ୱ ଅଛି । ସେମାନଙ୍କ ଭାଷା ଯେପରି ସରଳ ସେହିପରି ପ୍ରାଣସ୍ପର୍ଶୀ । ଏହାର କାରଣ ଆଧୁନିକ କବିମାନେ ଯେପରି ଗୋଟିଏ ସୀମାବନ୍ଧନ ମଧ୍ୟରେ ଥାଇ ଚିନ୍ତନ କରି ଭାଷା ପ୍ରୟୋଗ କରନ୍ତି ଏବଂ ସେଥିରେ ପାଣ୍ଡିତ୍ୟର ଗରିମା ଫଳାଇବାକୁ ଚେଷ୍ଟା କରିଥାନ୍ତି, ବିନା ଅଳଙ୍କାର ପ୍ରଲେପନରେ ପ୍ରାଚୀନ କବିମାନେ ସେପରି ଅଭ୍ୟସ୍ତ ନୁହନ୍ତି । ଭଞ୍ଜ ପ୍ରମୁଖ କେତେ ଜଣ ପଣ୍ଡିତ କବିଙ୍କୁ ଛାଡି ଦେଲେ, ପ୍ରାୟ ଅନ୍ୟ ସମସ୍ତ କବିଙ୍କ କୃତିରେ ଏହି ଅଭ୍ୟାସ ଦେଖାଯିବ । ଭକ୍ତ କବିମାନେ ତ ଆହୁରି ନିରଙ୍କୁଶ । ପୂର୍ବ କବିମାନଙ୍କର ଭାବ ଯେପରି ଭାଷା ଯେଉଁ ଅନ୍ତରରୁ ଆସେ, ସେମାନେ ଅବିକଳ ସେହିପରି ପ୍ରକାଶ କରିଥାନ୍ତି । ଦ୍ୱିତୀୟ କଥା, ଲୌକିକ ଭାଷାରେ ପ୍ରାଚୀନ କବିମାନଙ୍କର ଅନୁଶୀଳନ ଅନ୍ୟ ତୁଳନାରେ ଅଧିକ ଥିଲା । ତେଣୁ ସେମାନେ ସାଧାରଣ ବୋଧ ଭାଷାରେ ସ୍ୱ ସ୍ୱ ହୃଦ୍‌ଗତ ଭାବରାଶି ଅନାୟାସରେ ପ୍ରକାଶ କରି ପାରୁଥିଲେ । ଆଧୁନିକ କବି ଓ ଲେଖକମାନଙ୍କର ସେପରି ଭାଷାରେ ଅଧିକାର ଅତି ଅଳ୍ପ ଦେଖାଯାଏ ।

ପ୍ରାଚୀନ କବିମାନଙ୍କର ଆଉ ଗୋଟିଏ ବିଶେଷତ୍ୱ ଏହି ଥିଲା, ସେମାନେ ରଚନାକୁ ଲେଖନୀ ଧାରଣ କଲାବେଳେ ତାଙ୍କ କଥା ପାଠକ ସମାଜରେ ଆଦର ପାଉ ବା ନ ପାଉ, ସେଥିପ୍ରତି ଦୃଷ୍ଟି ନ ରଖି ଯାହା ଜାଣୁଥିଲେ, ତାହା ଅସଙ୍କୁଚିତ ଚିତ୍ତରେ ପ୍ରକାଶ କରି ଯାଉଥିଲେ । ରଚନାରେ ଗ୍ରାମ୍ୟତା, ଅଶ୍ଳୀଳତା ଓ ଚ୍ୟୁତସଂସ୍କୃତି ଦୋଷ ପ୍ରତି ସେମାନଙ୍କର ଦୃଷ୍ଟି ନ ଥିଲା । ଆଜି କାଲିର ସମାଲୋଚନାର ଯୁଗରେ ଲେଖକମାନଙ୍କୁ ଯେପରି ଗୋଟିଏ ନିର୍ଦ୍ଦିଷ୍ଟ ଗଣ୍ଡି ମଧ୍ୟରେ ଆବଦ୍ଧ ରହି ଅତି ସଂଯତଭାବରେ କେବେ କେବେ ପୁଣି ସଶଙ୍କ ଭାବରେ ଲେଖିବାକୁ ପଡୁଥାଏ, ପୂର୍ବେ ସେପରି ଅଭ୍ୟାସ ନ ଥିଲା । ସମ୍ଭବତଃ ପ୍ରାଚୀନ କବିମାନଙ୍କୁ ଏପରି ରସନାସଂଯମ କଷ୍ଟ ଅନୁଭବ କରିବାକୁ ପଡ଼ୁନାହିଁ । ଭାଷା ପ୍ରୟୋଗରେ ପ୍ରାଚୀନ କବିମାନଙ୍କର ଉକ୍ତ ପ୍ରକାର ବିଶେଷତ୍ୱ ଅରକ୍ଷିତ ଦାସଙ୍କ ରଚନାରେ ପୂର୍ଣ୍ଣମାତ୍ରାରେ ରହିଅଛି । ପୂର୍ବୋଦ୍ଧୃତ ଉଦାହରଣ ମାନ ଏ ବିଷୟରେ ଯଥେଷ୍ଟ ଥିବାରୁ ଏଠାରେ ଆଉ ସ୍ୱତନ୍ତ୍ର ଦୃଷ୍ଟାନ୍ତର ପ୍ରୟୋଜନ ନାହିଁ ।

ଅରକ୍ଷିତ ଦାସଙ୍କ ବିଷୟରେ ଏହି ପ୍ରଥମ ଆଲୋଚନା ହେଉଥିବାରୁ ପ୍ରମାଣ ଲାଗି ପ୍ରାପ୍ତ ସବୁ ଗ୍ରନ୍ଥରୁ ବଚନମାନ ଉଦ୍ଧାର କରିବାକୁ ଯାଇ ଏ ପ୍ରବନ୍ଧଟି ଟିକିଏ ଦୀର୍ଘ ହୋଇ ପଡ଼ିଲା । ସେଥିପାଇଁ ଲେଖକ ବିଜ୍ଞ ପାଠକମାନଙ୍କ ନିକଟରେ କ୍ଷମା ଭିକ୍ଷା କରୁଅଛି ।

ଶ୍ରୀ ମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com